ତନ୍ତ୍ରାଭିଳାଷୀର ସାଧୁସଙ୍ଗ

ଲେଖକ

ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ

ଅନୁବାଦକ

ଶ୍ରୀରାମଚନ୍ଦ୍ର ବେହୁରା

ପ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ-୨

ତନ୍ତ୍ରାଭିଳାଷୀର ସାଧୁସଙ୍ଗ
Tantravilashira Sadhusanga

ଲେଖକ : ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ
ଅନୁବାଦକ : ଶ୍ରୀରାମଚନ୍ଦ୍ର ବେହୁରା
Writer : Pramod Kumar Chattopadhaya
Translated by : Sriramachandra Behura

ପ୍ରକାଶକ : ସହଦେବ ପ୍ରଧାନ
ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୭୫୩୦୦୨
Publisher : Sahadev Pradhan
Friends' Publishers, Binodbehari,
Cuttack-753 002, Odisha (India)

ପ୍ରଥମ ସଂସ୍କରଣ : ୨୦୦୪
ଦ୍ୱିତୀୟ ସଂସ୍କରଣ : ୨୦୧୩
First Edition : 2004
Second Edition : 2013

ପ୍ରଚ୍ଛଦ : ରଂଜିତ୍ ପରିଜା
Artist : Ranjit Parija

ଅକ୍ଷରସଜ୍ଜା : ୟୁନିଟେକ୍, କଟକ
Typeset : Unitech, Cuttack

ମୁଦ୍ରଣ : ଦି ଲକ୍ଷ୍ମୀ ପ୍ରେସ୍, କଟକ
Printer : The Lakshmi Press, Cuttack

ISBN 81-7401-516-7

Price : ₹ 325

ଉତ୍ସର୍ଗ

ଶ୍ରୀ ଅରବିନ୍ଦ

ହେ ମହାନ୍ !
କାଳ ଆବର୍ତ୍ତନେ ଯେବେ ଦେଶ ମଧ୍ୟେ ଗାଢ଼ ଆବରଣ
ସ୍ୱାର୍ଥୋନ୍ମତ୍ତ ସବଳର ଜ୍ଞାନ-ବିଦ୍ୟା-ବୁଦ୍ଧି ଖାଲି
ନିୟୋଜିତ ଦୁର୍ବଳ ପୀଡ଼ନେ
ହିଂସା-ଦ୍ୱେଷ-ଅଶାନ୍ତି ପ୍ଲାବନ ବହେ ସଭ୍ୟତାର ଚତୁର୍ଦ୍ଦିଗେ ଆଜି,
ଦରିଦ୍ରର ଜୀବନ ଆକୁଳ, ହାହାକାରେ
ଉଦ୍‌ବେଳିତ ହୋଇଉଠେ ଯେବେ
ତାପକ୍ଲିଷ୍ଟ ପୃଥିବୀର ଏ ବାୟୁମଣ୍ଡଳ,
କାହିଁ ମୁକ୍ତି, କାହିଁ ପ୍ରତିକାର ?
କେନ୍ଦ୍ରେ ଆଦ୍ୟା ମହାଶକ୍ତି ସର୍ବ ଅନ୍ତର୍ଯ୍ୟାମୀ କରୁଣାରେ ପରା ବିଚଳିତ
ସଙ୍ଗେସଙ୍ଗେ ମହାନ କଲ୍ୟାଣପ୍ରସୂ ଶୁଭେଚ୍ଛୁ ସ୍ଫୁଟନ ଏକ
ଓ ସେଥିରୁ ଉତ୍ସାରିତ ହୋଇଆସେ ଧରାପାନେ,
ଉପଯୋଗୀ ଶୁଦ୍ଧ ଦେହ କରି ସେ ଗ୍ରହଣ
ସାଧିବାକୁ ଇଚ୍ଛା ତାଙ୍କ ଶୁଣାନ୍ତି ଅଭୟ ବାଣୀ ପଥଭ୍ରଷ୍ଟ ବିପନ୍ନ ସମାଜେ ।
ସେହି ତୁମେ ! ତାଙ୍କ ଇଚ୍ଛା ମୂର୍ତ୍ତିମନ୍ତ, ଆସିଅଛ, ଜ୍ଞାତ କର୍ମୀଜନେ
ଜାତିର ଦୁର୍ଦ୍ଦଶା ଦୂର କରିବାକୁ, ପୋଛିବାକୁ ଜ୍ୱାଳା
ଦୁଃସହ ଗ୍ଲାନିର ।
ଅଭୟ ଶକ୍ତିର ବୀଜ ଦେଇଅଛ ପାଶବଦ୍ଧ ଭାରତର କର୍ଣ୍ଣେ
ଏବଂ ତା' ସାଙ୍ଗରେ ଆତ୍ମସମର୍ପଣ-ଯୋଗ, ସିଦ୍ଧିର ଅମୋଘ ବାଣୀ ।
ଧନ୍ୟ ଆମେ ! ତୁମେ ତ ଶ୍ରୀ ଅରବିନ୍ଦ
ଗୁରୁ ରୂପେ ପ୍ରକଟିତ ଭାରତ ଭୂମିରେ ।
ମରଲୋକେ ହେ ଚିର ଅମର !
ପ୍ରଦୀପ୍ତ ଭାସ୍କର ତୁମେ, ତୁମ ପାଖରେ ମୁଁ
ଅତି ଆକିଞ୍ଚନ ।
ଭକ୍ତି-ଅର୍ଘ୍ୟ ଆଜି ଏହି 'ସାଧୁସଙ୍ଗ' ତୁମ କର-କମଳରେ
ମୁଁ କରି ଅର୍ପଣ
ସାର୍ଥକ କରିବା ଲାଗି ଇଚ୍ଛାକରେ ନିଜର ଜୀବନ । ଘେନ ମୋ' ପ୍ରଣାମ ।

ପର୍ଯ୍ୟଟକ, ଚିତ୍ରକର ଓ ସାହିତ୍ୟିକ
ପ୍ରମୋଦ କୁମାର ଚଁଟ୍ଟୋପାଧ୍ୟାୟ



କିଛି ମୂଳକଥାର ସୂଚନା

୧୩୩୬ ସାଲରେ ହିମାଳୟ ପର୍ବତଶ୍ରେଣୀ ଅନ୍ତର୍ଗତ କୈଳାସ ଓ ମାନସରୋବର ତୀର୍ଥଆଦି-ସମ୍ପର୍କିତ ଭ୍ରମଣ କାହାଣୀଗୁଡ଼ିକର ସଂକ୍ଷିପ୍ତ ସଂସ୍କରଣ 'ପ୍ରବାସୀ' ପତ୍ରିକାରେ ପ୍ରକାଶିତ ହେଲା । ଏହାପରେ ଘନିଷ୍ଠ ବନ୍ଧୁବାନ୍ଧବ ଓ ଅନିସନ୍ଧିତ୍ସୁମାନେ ମୋ'ର ଅନ୍ୟାନ୍ୟ ପର୍ଯ୍ୟଟନ ସମ୍ବନ୍ଧୀୟ, ବିଶେଷତଃ ସେହି ସମୟରେ ସାଧୁସନ୍ଥମାନଙ୍କ ସହ ଅନୁଭୂତି ସମ୍ପର୍କିତ, କାହାଣୀ ଶୁଣିବା ଲାଗି ଆଗ୍ରହ ପ୍ରକାଶ କରନ୍ତି ।

ପ୍ରଧାନତଃ ମୁଁ ଜଣେ ଚିତ୍ରଶିଳ୍ପୀ । ମୋ'ର ବିଷୟବସ୍ତୁକୁ ରଙ୍ଗତୂଳୀ ମାଧ୍ୟମରେ ମୁଁ ଅଭିବ୍ୟକ୍ତ କରିଥାଏ । କିନ୍ତୁ ସାହିତ୍ୟର ପ୍ରକାଶ ପଦ୍ଧତି ତାହାଠାରୁ ଭିନ୍ନ ଓ କଷ୍ଟକର ବୋଲି ମୋର ମନେହୁଏ । ତେବେ, ଭ୍ରମଣ ବୃତ୍ତାନ୍ତମାନ ପ୍ରକାଶିତ ହେଲାପରେ ମୁଁ ତାକୁ ଏକ ପ୍ରେରଣା ବୋଲି ମନେକଲି । ଏହାପରେ ମୁଁ ଯେ ଆଉ କେବେ ସାହିତ୍ୟ ଲେଖିବାରେ ହାତ ଦେଇପାରିବି, ତା'ଛଡ଼ା ମୋର ଯେ ଆଉ କିଛି ଲେଖିବାର ବିଷୟ ଅଛି, ତାହା ସେତେବେଳେ ମୋ କଳ୍ପନାରେ ଅବଶ୍ୟ ନଥିଲା । ଆଉ ଗୋଟିଏ କଥା, ସେତେବେଳେ ଚିତ୍ରକଳା ମୋ'ର ଉପଜୀବିକା ନଥିଲା । କାରଣ, ସେ କାଳରେ ସଂସାର ପ୍ରତି ଭୟ ଓ ସେହି କାରଣରୁ ସଂସାରଠାରୁ ପଳାୟନ କରି ଘୂରିବୁଲୁଥିଲି, ଆଉ ସେହିପରି ଭ୍ରମଣ ଅବକାଶରେ ନାନାପ୍ରକାର ଓ ନାନା ଭାବରେ ସାଧୁସଙ୍ଗର ସୁଯୋଗ ମିଳିଥିଲା । କିନ୍ତୁ ଏବେ ମୁଁ ଏକ ନିରାଟ ସଂସାରୀ, ଚିତ୍ରକଳା ହିଁ ମୋ'ର ଅବଲମ୍ବନ, ତାକୁଇ ନେଇ ମୁଁ ଥାଏ ମଗ୍ନ । କେବଳ ଉପଜୀବିକା ନୁହେଁ, ମୋ'ର କେତେଗୁଡ଼ିଏ ବିଶେଷ ଧ୍ୟାନର ବିଷୟ ନେଇ ତାକୁ ଉଦ୍‌ଘାଟିତ କରିବାର ଚେଷ୍ଟାରେ ସମୟ ଅତିବାହିତ କରୁଛି । ସେତେବେଳେ ମୁଁ ଥିଲି ଯଥାର୍ଥରେ ସ୍ୱାଧୀନ—ଯେହେତୁ ବାହାରେ କେଉଁଠାରେ କିଛି ଚାକିରି ବା ଧରାବନ୍ଧା କାମ ନଥିଲା ।

ଏହି ସୂତ୍ରରେ ଦିନେ 'ଉତ୍ତରା'ର ପରିଚାଳକ ଶ୍ରୀମାନ୍ ସୁରେଶଚନ୍ଦ୍ର ମୋ' ଘରକୁ ଆସି ମୋ' ଆସନ ସମ୍ମୁଖରେ ଉପସ୍ଥିତ ହେଲେ । ସଣ୍ଡୁଆଶିର ଦୁଇପାଖ ଦେଇ ଯେପରି କୌଣସି ଜିନିଷକୁ ଧରି କାମ କରାଯାଏ, ସେହିପରି ପ୍ରବଳ ଯୁକ୍ତି ଦ୍ୱାରା ମୋତେ ସଜୋରେ ଧରି 'ଉତ୍ତରା' ଲାଗି ତନ୍ତ୍ରମତର ସାଧୁସଙ୍ଗ କଥା ଲେଖିବାକୁ ଉଦ୍‌ବୁଦ୍ଧ ଓ ବାଧ୍ୟ କଲେ । ତାଙ୍କର ପ୍ରଥମ ଅକାଟ୍ୟ ଯୁକ୍ତି ଥିଲା ଯେ ତନ୍ତ୍ର ସମ୍ବନ୍ଧୀୟ କଥା ବା ଆଲୋଚନା ବା ଜ୍ଞାନ,

ଯାହା କିଛି ଏତେଦିନର ପର୍ଯ୍ୟଟନ ଓ ଏତେସବୁ ସାଧୁସଙ୍ଗ ଫଳରେ ଲାଭ କରିଛି, ମୋଟ୍ କଥା, ଯାହାକିଛି ପାଇ ମୁଁ ଉପକୃତ ହୋଇଛି, ସେହି ଲାଭରେ ଦେଶବାସୀଙ୍କର ଭାଗ ଅଛି— ସୁତରାଂ ସେ ସମସ୍ତ ପ୍ରକାଶ କରିବାକୁ ମୁଁ ବାଧ୍ୟ ଏବଂ ତାହା ହେବ ଜାତୀୟ ସମ୍ପତ୍ତି । ଆଳସ୍ୟବଶତଃ ସେସବୁ ଉପେକ୍ଷା କରିବାରେ ମୋର କୌଣସି ଅଧିକାର ନାହିଁ । ପୁଣି ଦ୍ୱିତୀୟ ଯୁକ୍ତି ହେଲା, ଯେହେତୁ ମୋ'ର ବର୍ତ୍ତମାନ ଅବକାଶ ରହିଛି ଏବଂ ସଂପ୍ରତି 'ପ୍ରବାସୀ' ପତ୍ରିକାରେ କେତେକ ଭ୍ରମଣ ବୃତ୍ତାନ୍ତ ଲେଖିସାରିଛି, ପୁନଶ୍ଚ ତାହା ସାଧାରଣରେ ଆଦୃତ ହୋଇଛି, ତେବେ ମୁଁ ପ୍ରବାସୀ ବଙ୍ଗାଳୀଙ୍କ ମୁଖପତ୍ର 'ଉତ୍ତରା' ଲାଗି ତାହାର ପୃଷ୍ଠା ପରେ ପୃଷ୍ଠା, କାହିଁକି ପରିପୂର୍ଣ୍ଣ କରିବି ନାହିଁ ? ତା'ପରେ ଆଉ କଥା ଆଗେଇଲା ନାହିଁ । ବିଶେଷତଃ ଏହି ବ୍ୟକ୍ତିଙ୍କର ସଙ୍ଗୀ ଏବଂ ତାଙ୍କୁ ଯିଏ ଜାଣିଥିବେ, ଭଲ ଭାବେ ତାଙ୍କ କଥା ବୁଝିଥିବେ ।

ସେତେବେଳେ ମୋ'ର ଦୀର୍ଘକାଳ ପର୍ଯ୍ୟଟନ ସମୟରେ ଏକମାତ୍ର ସଙ୍ଗୀ ଥିଲା ଖଣ୍ଡେ ଖାତା ସହ ଗୁଣ୍ଡା ଏକ ପେନ୍‌ସିଲ୍ । ସେହି ଖାତାର ପତ୍ରେ ପତ୍ରେ ଥିଲା ସଙ୍ଗୀତ ଏବଂ ଅନେକ କଥା ନୋଟ୍ କରି ଲେଖା, ପୁଣି ଥିଲା ସାଧୁସଙ୍ଗ ଦ୍ୱାରା ନାନା ଆଲୋଚନାର ନୋଟ୍ । ଆହୁରି ସେଥିରେ ଅନେକଗୁଡ଼ିଏ ସାଧୁ-ସଜ୍ଜନଙ୍କର ରେଖାଚିତ୍ର—ଯେଉଁ ମୂର୍ତ୍ତିଗୁଡ଼ିକ ମୋ' ମାନସରେ ସତତ ଆଙ୍କି ହେଉଥିଲା । ୧୯୧୧ ସାଲ୍‌ଠାରୁ ୧୯୧୮ ସାଲ ପର୍ଯ୍ୟନ୍ତ ନାନା କଥାରେ ପୂର୍ଣ୍ଣ ଖାତାଖଣ୍ଡକ । କେଉଁଠି ପଡ଼ିରହିଥିଲା ସେ ଖାତାଟି । ବହୁ ଖୋଜାଖୋଜି ପରେ ବାହାର କଲି । ଏହାହିଁ ହେଲା 'ତନ୍ତ୍ରାଭିଳାଷୀର ସାଧୁସଙ୍ଗ'ର ମୂଳକଥା ।

—ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ

■■

ପ୍ରାକ୍ କଥନ

'ତନ୍ତ୍ରାଭିଳାଷୀର ସାଧୁସଙ୍ଗ' ଗ୍ରନ୍ଥର ଲେଖକ ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ ବଙ୍ଗଦେଶର ଜଣେ ପ୍ରସିଦ୍ଧ ସାହିତ୍ୟିକ ଏବଂ ଦକ୍ଷ ଚିତ୍ରକର ଭାବରେ ପ୍ରତିଷ୍ଠିତ ହୋଇଥିଲେ । ସେ କୁଳୀନ ବଙ୍ଗୀୟ ବ୍ରାହ୍ମଣ କୁଳରେ କଲିକତା ସହରର ଟାଲିଗଞ୍ଜସ୍ଥ ୧୧ ନମ୍ବର ରକ୍ଷା ରୋଡ୍ (ଦକ୍ଷିଣ)ରେ ଜନ୍ମଗ୍ରହଣ କରନ୍ତି । ବାଲ୍ୟକାଳରୁ ଆଧ୍ୟାତ୍ମିକତା ଓ ଧର୍ମଶାସ୍ତ୍ର ଆଲୋଚନାରେ ଭାଗନେବା ସହ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଦିଗ୍‌ଦର୍ଶନ, ମା' ସାରଦା ଦେବୀଙ୍କ ସନ୍ତାନବତ୍ସଳତା ଓ ସାନ୍ନିଧ, ଜନନୀ ଆନନ୍ଦମୟୀଙ୍କ ସ୍ନେହାଶୀର୍ବାଦ, ଜ୍ୟେଷ୍ଠ ମାତୁଳ ଆଦି ଶୁଭେଚ୍ଛୁମାନଙ୍କଠାରୁ ପ୍ରେରଣା ଲାଭ କରି ମାତ୍ର ୫ବର୍ଷର ବୈବାହିକ ଗାର୍ହ୍ୟସ୍ଥ୍ୟ ଜୀବନ ଅତିବାହିତ କରିବା ପରେ ପିତାମାତା ବନ୍ଧୁ-ପରିଜନ ତଥା ଗୁଣବତୀ ରୂପବତୀ ଧର୍ମପତ୍ନୀଙ୍କର ଆକର୍ଷଣକୁ ତ୍ୟାଗକରି ଭାରତର ବିଭିନ୍ନ ତୀର୍ଥସ୍ଥାନ, ଧର୍ମପୀଠ, ସାଧନା ପୀଠ, ସାଧୁ ସନ୍ଥମାନଙ୍କ ସାନ୍ନିଧ, ଆତିଥ୍ୟ ଲାଭ ସହ ବହୁ ଆଳାପ-ଆଲୋଚନା ମାଧ୍ୟମରେ ସନ୍ଦେହମୋଚନ ଓ ଅଭିଜ୍ଞତା ଲାଭ କରି ତା'କୁ ଦିନଲିପିରେ ଲିପିବଦ୍ଧ କରିବା ଏବଂ କାଗଜ-ପେନ୍‌ସିଲ୍‌ରେ ବହୁ ସ୍ଥାନ ଓ ସାଧୁସନ୍ନ୍ୟାସୀମାନଙ୍କ ଚିତ୍ରାଙ୍କନ କରିବା ଦ୍ୱାରା କେତେଗୁଡ଼ିଏ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ ଓ ଚିତ୍ରକଳା ପରବର୍ତ୍ତୀ କାଳରେ ପ୍ରକାଶିତ ହୋଇ ବଙ୍ଗସାହିତ୍ୟକୁ ସମୃଦ୍ଧ କରିପାରିଥିଲା ।

ବନ୍ଧୁ ଦେବାନନ୍ଦଙ୍କ ସହଯୋଗରେ ଲେଖକ ହିମାଳୟର ନୈନିତାଲଠାରେ ଏକ ଗୁମ୍ଫାରେ ସାଧନା ଆରମ୍ଭ କରିବା ଦ୍ୱାରା କେତେକ ଦିବ୍ୟ ଅନୁଭୂତି ଲାଭ କଲେ । ପର୍ଯ୍ୟଟକ ଚଟ୍ଟୋପାଧ୍ୟାୟ ମହାଶୟ ବହୁ ସ୍ଥାନ ମଧ୍ୟରୁ ଓଡ଼ିଶାର ଭୁବନେଶ୍ୱର ଓ ପୁରୀ ଆସି ତାନ୍ତ୍ରିକ ସାଧୁମାନଙ୍କ ସତ୍‌ସଙ୍ଗ ଲାଭ କରିଥିଲେ । ସିଦ୍ଧଯୋଗୀ ମୁକ୍ତିନାଥଙ୍କ ଠାରୁ ସେ ଦୀକ୍ଷା ନେବା ପୂର୍ବରୁ ବୈଦାନ୍ତିକ ଗୁରୁ ସ୍ୱାମୀ ପରମାନନ୍ଦଙ୍କ ନିକଟରେ ଧର୍ମଚର୍ଚ୍ଚାରେ ଲିପ୍ତ ଥିଲେ । ପ୍ରାୟ ତିନିଥର ତୀର୍ଥ ଭ୍ରମଣ ପରେ ଲେଖକ ଶେଷରେ ଫେରିଆସନ୍ତି କଲିକତାର ନିଜ ଗୃହକୁ । ଚିତ୍ରକଳା ଲେଖକଙ୍କର ଉପଜୀବିକା ହୁଏ । ଏହି ସମୟରେ କେତେକ ବିଶିଷ୍ଟ ପତ୍ରକାର, ପ୍ରକାଶକଙ୍କ ସହ ତାଙ୍କର ଯୋଗାଯୋଗ ହୁଏ, ଯାହା ଫଳରେ ଊନବିଂଶ ଶତାବ୍ଦୀର ଶେଷ-ଭାଗରେ ଲେଖକଙ୍କର କେତେକ ଲେଖା ବଙ୍ଗୀୟ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶିତ

ହୁଏ 'ଉତ୍ତରା', 'ପ୍ରବାସୀ' ଆଦି ପତ୍ରପତ୍ରିକାରେ ଏବଂ ପାଠକମାନଙ୍କ ଦ୍ୱାରା ଏହା ବିଶେଷ ରୂପେ ଆଦୃତ ହୁଏ । ଲେଖକଙ୍କ ଅନବଦ୍ୟ ଲେଖା ନିଜର ଦିନଲିପିରୁ ସଂଗୃହୀତ ହୋଇ ପୁସ୍ତକ ଆକାରରେ ମିତ୍ର ଆଣ୍ଡ ଘୋଷ ପବ୍ଲିଶର୍ସ ଓ ବିଶ୍ୱବାଣୀ ପ୍ରକାଶନୀ ଦ୍ୱାରା ଲୋକଲୋଚନକୁ ଆସେ– *ତନ୍ତ୍ରାଭିଳାଷୀର ସାଧୁସଙ୍ଗ, ଯମୁନୋତ୍ତରୀ ହତେ ଗଙ୍ଗୋତ୍ତରୀ ଓ ଗୋମୁଖ, ହିମାଲୟେର ପାରେ କୈଳାସ ମାନସରୋବର, ହିମାଲୟେର ମହାତୀର୍ଥ, ଅବଧୂତ ଓ ଯୋଗୀସଙ୍ଗ, ହରି ଯାକେ ରାଖେନ, ପ୍ରାଣକୁମାର, ଜଳାଧାରେର ଅନ୍ତରୀକ୍ଷେ, ମୁକ୍ତ ପୁରୁଷ* (ଇଂରେଜ ଲେଖକ ପିଅର୍ ଲେଟଙ୍କ ପୁସ୍ତକର ଆଧାରରେ) ଆଦି ପ୍ରକାଶିତ ପୁସ୍ତକ ଗୋଟିକ ପରେ ଗୋଟିଏ ବଙ୍ଗଭାଷୀ ପାଠକ-ପାଠିକାମାନଙ୍କ ନିକଟରେ ବିଶେଷ ରୂପେ ଆଦୃତ ହୁଏ । ଲେଖକ ବହୁ ବର୍ଷ ଜୀବିତ ରହି ଶେଷକାଳରେ ଗୁରୁ ଶ୍ରୀ ଅରବିନ୍ଦଙ୍କ ଚ଼ରଣାଶ୍ରିତ ହୋଇ ଶ୍ରୀ ଅରବିନ୍ଦ ଆଶ୍ରମ ପଣ୍ଡିଚ଼େରୀରେ କିଛି ବର୍ଷ ଅତିବାହିତ କରି ସ୍ୱଗୃହକୁ ଫେରିଆସନ୍ତି ଏବଂ କେତେ କାଳ ପରେ ଶରୀର ରକ୍ଷା କରନ୍ତି । ଶେଷ ଜୀବନରେ ଲେଖକ କତିପୟ ବନ୍ଧୁ ଓ ଦର୍ଶନାର୍ଥୀଙ୍କୁ ନିଜର ଅନ୍ତିମ ଇଚ୍ଛା ଓ ଉଦ୍ଦେଶ୍ୟ ଜଣାନ୍ତି ଯେ ତାଙ୍କର ଲେଖାମାନ ଭାରତର ବିଭିନ୍ନ ଭାଷାରେ ତଥା ଇଂରାଜୀରେ ଅନୁବାଦ କରାଯାଇ ଅନ୍ୟ ଭାଷାଭାଷୀ ପାଠକ-ପାଠିକାମାନଙ୍କ ନିକଟରେ ପହଞ୍ଚାଇ ପାରିଲେ ଭଲ ହୁଅନ୍ତା ।

ବହୁ ସାହିତ୍ୟିକ ବନ୍ଧୁଙ୍କର ପ୍ରରୋଚନା ଲାଭ କରି ଏକ ସାଧନାରୂପେ ଓଡ଼ିଆ ପାଠକ-ପାଠିକାମାନଙ୍କ ନିକଟରେ ପହଞ୍ଚାଇବାର ସତ୍‌ସଙ୍କଳ୍ପ ନେଇ ପ୍ରକାଶକର ଦାୟିତ୍ୱ ବହନ କଲେ ବିଶିଷ୍ଟ ପ୍ରକାଶକ ଫ୍ରେଣ୍ଡସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ଶ୍ରୀ ସହଦେବ ପ୍ରଧାନ, ଅନୁବାଦର ଦାୟିତ୍ୱ ନେଲେ ଶ୍ରୀ ଶ୍ରୀରାମଚନ୍ଦ୍ର ବେହୁରା ।

ଏହି ଅନବଦ୍ୟ ସାହିତ୍ୟସୃଷ୍ଟିକୁ ବଙ୍ଗଭାଷାରୁ ଓଡ଼ିଆ ଭାଷାରେ ଅନୁବାଦ ଲାଗି ପ୍ରୋତ୍ସାହନ ଦେଇଥିଲେ ଶ୍ରୀଅରବିନ୍ଦ ଆଶ୍ରମର ନମସ୍ୟ ଶ୍ରୀଯୁକ୍ତ ଏ. କେ. ଅନୁରକ୍ତା, କଲିକତା ଶ୍ରୀଅରବିନ୍ଦ ଇନ୍‌ଷ୍ଟିଚିଉଟ୍ ଅଫ୍ କଲଚର୍‌ର ପ୍ରଫେସର୍ ବିଶ୍ୱନାଥ ରାୟ, କଟକର ପ୍ରଫେସର୍ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ଶ୍ରୀ ଗଦାଧର ମିଶ୍ର, ଭୁବନେଶ୍ୱରର ଇଞ୍ଜିନିଅର ଶ୍ରୀ ହୃଷୀକେଶ ଆଚାର୍ଯ୍ୟ ପ୍ରଭୃତି ବହୁ ଉତ୍ସାହୀ ମାତୃପ୍ରେମୀ ବନ୍ଧୁଗଣ ତଥା ଦିବଂଗତ ଡାକ୍ତର ସୁଧାକର ଆଚାର୍ଯ୍ୟ ।

ଓଡ଼ିଶାର ପାଠକ-ପାଠିକାମାନଙ୍କ ଦ୍ୱାରା ଏହି ଅନୁବାଦ ଗ୍ରନ୍ଥ 'ତନ୍ତ୍ରାଭିଳାଷୀର ସାଧୁସଙ୍ଗ' ଆଦୃତ ହୋଇପାରିଲେ ଅନୁବାଦକ ଓ ପ୍ରକାଶକଙ୍କ ସମସ୍ତ ଶ୍ରମ ସାର୍ଥକ ଲାଭ କରିପାରିବ ।

■■

ମୂଳକଥାର ଭୂମିକା

କାହା କାହା ଜୀବନରେ ଏପରି ଏକ ସମୟ ଆସେ, ଯେତେବେଳେ ତା'ର ଗତାନୁଗତିକ ଜୀବନ ଏକାନ୍ତ ଦୁର୍ବିସହ ହୋଇଉଠେ । ମୋ' କ୍ଷେତ୍ରରେ ସେହିପରି ଅବସ୍ଥା କିଛି ଗୁରୁତର ହୋଇଥିଲା । ସେହି ସମୟରେ ମୁଁ ଜଣେ ପୂର୍ଣ୍ଣ ଯୁବକ—ପ୍ରଥମ ଅଭିବ୍ୟକ୍ତି, ଗୁରୁ ଅନୁସନ୍ଧାନର ପ୍ରବୃତ୍ତି । ବହୁ ତୀର୍ଥ ମୁଁ ବୁଲିଛି ମନମୁତାବକ ଗୁରୁଙ୍କ ସନ୍ଧାନରେ, ଯିଏ ମୋତେ ପଥପ୍ରଦର୍ଶନ କରିବେ; ମୋତେ ଅଜ୍ଞାନତାର ଆବର୍ତ୍ତରୁ ଚେତନା ରାଜ୍ୟରେ ପହଞ୍ଚାଇ ଦେଇପାରିବେ । ଶେଷରେ ଆତ୍ମଗ୍ଲାନିକୁ ସମ୍ବଳ କରି ଘରକୁ ଫେରିଆସିଛି । ଏହାପରେ ଆଶ୍ଚର୍ଯ୍ୟର କଥା, କିଛିଦିନ ପରେ ଏହି କଲିକତାରେ ଏକ ଅପୂର୍ବ ସୁଯୋଗରେ ମୋତେ ଗୁରୁ ମିଳିଗଲେ ।

ଇତ୍ୟବସରରେ ଘର ନିକଟରେ ଯେଉଁ ଗୁରୁପ୍ରାପ୍ତି ମୋ'ର ହୋଇଥିଲା, ସେ ହେଲେ ସ୍ୱାମୀ ପରମାନନ୍ଦ; ପୁରୀ ସମ୍ପ୍ରଦାୟର ସନ୍ନ୍ୟାସୀ, ଯିଏ ମୋତେ ବୈଦାନ୍ତିକ ମନ୍ତ୍ର ଦେଲେ, ''ଓଁ ସଚ୍ଚିଦେକଂ ବ୍ରହ୍ମ ଓଁ'' । ସେହି ସମୟରେ ଏହି ମନ୍ତ୍ର ବେଶ୍ କାମ ଦେଲା । କିନ୍ତୁ ଏହାପରେ ଏକସମୟରେ ପାଞ୍ଚଜଣ ଭକ୍ତଙ୍କ ଗହଣରେ ବସି ପରମହଂସଦେବଙ୍କ ପ୍ରସଙ୍ଗରେ ଗୁରୁଦେବ ମନ୍ତବ୍ୟ ଦେବାକୁ ଯାଇ ତାଙ୍କୁ ଧନଲୋଭୀ ଓ ଭଣ୍ଡ ପ୍ରକୃତିର ବୋଲି ଆକ୍ଷେପ କଲେ । ଏହା ଶୁଣି ତାଙ୍କ ପ୍ରତି ମୋ' ମନରେ ବିରୂପ ଭାବ ଆସିଲା ଏବଂ ତାଙ୍କ ସଙ୍ଗ ଆଦୌ ଭଲ ଲାଗିଲା ନାହିଁ । ବେଶ୍ ବୁଝିଗଲି ଯେ ତାଙ୍କର ମନ ନିର୍ମଳ ହୋଇନାହିଁ । ତେଣୁ ସେତେବେଳେ ପୁଣି ମନରେ ଅସ୍ଥିରତା ସୃଷ୍ଟିହୋଇ ପ୍ରାୟ ପାଗଳପ୍ରାୟ ଅବସ୍ଥା ହୋଇଗଲା । ଏହାପରେ ଯେଉଁ ଭାବରେ ମୁକ୍ତିନାଥଙ୍କର ଆଶ୍ରୟ ଲାଭ କଲି, ସେହି ଯୋଗାଯୋଗର ଘଟଣାଟି ପ୍ରଥମେ ପ୍ରକାଶ କରିବା କଥା, ତା'ପରେ ଅନ୍ୟ ଯାହାକିଛି ।

ପ୍ରାଣ ଯେତେବେଳେ ଖୁବ୍ ଅସ୍ଥିର ହୋଇପଡ଼େ, ଘରେ କୌଣସିରୂପେ ସ୍ଥିର ରହିପାରେ ନାହିଁ—ଛୁଟିଚାଲେ ଯୁଆଡ଼େ ନାଇଁ ସେଆଡ଼େ—ଗଙ୍ଗାକୂଳରେ ଯାଇ ବସେ, ରାତିରେ ଅନେକ ବିଳମ୍ବରେ ଘରକୁ ଫେରେ । ଦିନେ କ'ଣ ହେଲାନା, ଜାମାଟା ଗଳେଇଦେଇ ଘରୁ ବାହାରିଯାଇ ଏକମୁହାଁ ହୋଇ ପହଞ୍ଚିଲି ଫଟିକଦାଦାଙ୍କ ଅଫିସ୍‌ରେ । ଫଟିକଦାଦା ମୋ' ମନକଥା ଜାଣନ୍ତି । ହ୍ୟାରିସନ୍ ରୋଡ୍‌ରେ ବନ୍ଧୁବରଙ୍କର ମଦନର ଘର ସାମନାରେ ଅଫିସ୍ । ସେଠାକୁ ଯାଇ ଜଣେ ନୂତନ ବ୍ୟକ୍ତିଙ୍କର ଦେଖା ମିଳିଲା । ନାମ ତାଙ୍କର

ବିଷ୍ଣୁପଦ—ରୋଗା, ଦୁର୍ବଳ, କ୍ଷୁଦ୍ର ଗେଡ଼ା ଶରୀର, ପରିଷ୍କାର-ପରିଚ୍ଛନ୍ନ ଓ ସାଧାରଣ ତାଙ୍କର ବେଶଭୂଷା । କଥା ତାଙ୍କର ଖୁବ୍ ଉତ୍ସାହପୂର୍ଣ୍ଣ । ବସି ବସି ତାଙ୍କରି ପାଖରୁ ପ୍ରସଙ୍ଗକ୍ରମେ ଜାଣିଲି ଯେ ଏହିଠାରେ, ଏହି କଲିକତାରେ, ଏପରି ଜଣେ ସାଧୁ ଅଛନ୍ତି, ଯିଏ ଜନ୍ମ-ମୃତ୍ୟୁ-ରହସ୍ୟକୁ ଭେଦ କରିଛନ୍ତି । ସେ ଜୀବନ୍ମୁକ୍ତ ମହାପୁରୁଷ, ଯାହାଙ୍କ ସାକ୍ଷାତଲାଭ କରି ମୋ' ପରି ଜଣକର ଜୀବନ ଧନ୍ୟ ହେବ । ତାଙ୍କର ନିର୍ଜନ ବାସ—ସାଧାରଣଙ୍କର ଅଗୋଚର—ନାମ ବାବା ମୁକ୍ତିନାଥ । ମୁଁ ଆଗ୍ରହ ପ୍ରକାଶ କଲି, ଥରେ କ'ଣ ତାଙ୍କ ସହ ଦେଖାମିଳିବ ନାହିଁ ?

ସେ କହିଲେ, ଯାହାକୁ ତାକୁ ସେ ଦେଖା ଦିଅନ୍ତି ନାହିଁ । ତେବେ ଆଜି ମୁଁ ତାଙ୍କୁ କହି, ଯଦି ତାଙ୍କର ସମ୍ମତି ମିଳେ, କାଲି ଏହିପରି ସମୟରେ ଆସି ଆପଣଙ୍କୁ ନେଇଯାଇପାରିବି । ତାହାହିଁ ସ୍ଥିରକରି, ଫଟିକଦା'ଙ୍କ ନିକଟରୁ କାମ ଶେଷକରି, ପ୍ରବଳ ଉତ୍ସାହ ନେଇ ଘରକୁ ଫେରିଆସିଲି । ପରଦିନ ଯଥାସମୟରେ ବିଷ୍ଣୁପଦ ଆସି ଉପସ୍ଥିତ ହେଲେ । ତା'ପରେ ଦୁହେଁ ଗଲୁ ସାଧୁଙ୍କ ନିକଟକୁ । କର୍ଣ୍ଣଓ୍ୱାଲିସ୍ ଷ୍ଟ୍ରିଟ୍‌ର ଶ୍ରୀମାନି ବଜାରର ଉପର ଦୋତାଲାର ଗୋଟିଏ ଛୋଟ ଘରେ ପହଞ୍ଚିଲୁ । ଶିରରେ ଗୈରିକ କପଡ଼ାଗୁଡ଼ା ଶିରସ୍ତ୍ରାଣ, କଳା ଚକ୍ଷୁଆବରଣ, ସର୍ବାଙ୍ଗରେ ଗୈରିକ ବସନାବୃତ, କେବଳ ପିଠିପାଖ ଉନ୍ମୁକ୍ତ । ଦକ୍ଷିଣ ପାଖ ଖିଡ଼ିକି ସାମ୍ନାରେ ଖଣ୍ଡିଏ ଆସନରେ ସଳଖ ହୋଇ ସେ ଉଚ୍ଚାସୀନ, ମନେହୁଏ ଯେପରି ଏହିକ୍ଷଣି ଉଠିବା ଭାବ । ନିକଟକୁ ଯାଇ ପ୍ରଣାମ ଜଣାଇ ବସିଲି । ବିଷ୍ଣୁପଦ କହିଲେ, 'ଏହାଙ୍କ କଥା କାଲି ଆପଣଙ୍କୁ ଜଣାଇଥିଲି ।'

ସେ ପ୍ରଥମେ ମୋ'ଠାରୁ ମୂଳରୁ ଚୂଳଯାଏ ମୋ'ର ପରିଚୟ ପଚାରି ବୁଝିନେଲେ । ତା'ପରେ ପଚାରିଲେ, ''ବର୍ତ୍ତମାନ ମନର ଭାବନା କ'ଣ, ଖୋଲିକରି କୁହ ତ; ଏତେ ବାହାରକୁ ଯିବାର ଝୁଙ୍କ କାହିଁକି ? ମୁଁ ତୁମକୁ ଏମିତି ଜିନିଷ ଦେଇପାରିବି, ଯଦ୍ୱାରା ବାହାରକୁ ଯିବାର କୌଣସି ପ୍ରୟୋଜନ ପଡ଼ିବ ନାହିଁ, ଘରେ ବସି କାମ କରିଗଲେ ମଧ ଇଷ୍ଟଲାଭ ହେବ ।'' ମନେହେଲା, ମୋ'ର ବାହାରକୁ ଯିବାକୁ ସେ ଚାହାନ୍ତି ନାହିଁ; ଆଉ ଘରେ ରହି କାମ କଲେ ଯଦି ଶାନ୍ତି ମିଳିବ, ତା'ହେଲେ ବାହାରକୁ ଯିବାର ପ୍ରୟୋଜନ ବା କ'ଣ ? ଏକଥା ବୁଝିସାରି ତାଙ୍କ ନିକଟରୁ ଉପଦେଶ ନେବାକୁ ସମ୍ମତି ଜଣାଇଲି । ମନେହେଲା, ସେ ଯେପରି ଖୁସି ହେଲେ । ଏହାପରେ ମନ୍ତ୍ରରେ ଦୀକ୍ଷିତ ହେବାର ପ୍ରଶ୍ନ ଉଠିଲା । ସେ ଏପରି କେତେଗୁଡ଼ିଏ କଥା କହିଲେ, ଯଦ୍ୱାରା ନିଶ୍ଚିତ ରୂପେ ମୋ' ମନରେ ଦୃଢ଼ ଧାରଣା ହେଲା ଯେ ମହାସୁକୃତର ଫଳସ୍ୱରୂପ ଏହାଙ୍କ ସହ ଯୋଗାଯୋଗ ହେଲା । କାରଣ ସେ ଥିଲେ ସିଦ୍ଧବୀଜର ଅଧିକାରୀ ।

ଦିନେ ଦୁଇଦିନ ଯିବାଆସିବା ଭିତରେ ସେ ନାନା ପ୍ରଶ୍ନ ପଚାରି ବିଶେଷ ରୂପେ ମୋ' ମନର ଗତି ବିଷୟରେ ଜାଣିନେଲେ । ତା'ପରେ ଦୀକ୍ଷାଦାନର ଦିନ ଠିକ୍ ହେଲା ।

ସେତେବେଳେ ପ୍ରତିଦିନ ମୁଁ ଗଙ୍ଗାସ୍ନାନ କରୁଥିଲି । ସେ କହିଲେ, ''କାଲି ତୁମେ ଗଙ୍ଗାସ୍ନାନ ପରେ ସିଧା ଏଠାକୁ ଆସ । ମୋ'ର ଦକ୍ଷିଣା ଲାଗି ଅର୍ଥ ପ୍ରୟୋଜନ, ପଞ୍ଚଷଠି ଟଙ୍କା ନେଇ ଆସିଥିବ !''

ଏଥର ଭରସା ମିଳିଲା । ଟଙ୍କା କଥା ନେଇ ମୋ' ମନର ଭାବ କ'ଣ ହେଲା, ତାହା ମୋ'ର ମୁହଁକୁ ଚାହିଁ ଦେଖିଲାପରେ ସେ ବୁଝିପାରିଲେ । ଏତେ ବେଶୀ ଟଙ୍କା ପ୍ରୟୋଜନ, ଏହି କଥାରେ ମୋ' ମନରେ କୌଣସି ପ୍ରତିକ୍ରିୟାର ଲକ୍ଷଣ ଦେଖାଗଲା ନାହିଁ । ତାହା ଲକ୍ଷ୍ୟ କରି କହିଲେ, ''ମୋ'ର ମଧ୍ୟ ଅଭାବ ଅଛି, ତାହା ପୁଣି ପୂରଣ ହେବା ତ ଦରକାର; ନହେଲେ ଆଉ କାହା ପାଖକୁ ଯିବି ? ଅର୍ଥ ମୋ'ର ମଧ୍ୟ ପ୍ରୟୋଜନ । ଏହା ଏକବାର ସହଜ କଥା ।''

ହାତରେ ସେତେବେଳେ ସତରେ ପଇସା ନଥିଲା, ତେବେ ମଝିଆଁଭାଇ ହାବୁ ପାଖରେ ଥିବ । ଭାବିଲି, ତା'ଠାରୁ ଧାର୍‌ରେ ଆଣିପାରିବି । ତାହାହିଁ କଲି । ପରଦିନ ଗଙ୍ଗାସ୍ନାନ ଶେଷକରି ସିଧା ଆସି ପହଞ୍ଚିଲି ତାଙ୍କ ଘରେ । ଆଉ କେହି ସେଠାରେ ନଥିଲେ । ସେ ମୋତେ ତାଙ୍କ ଆସନ ସାମ୍ନାରେ ସିଧାହୋଇ ବସିବାକୁ କହିଲେ, ତା'ପରେ କହିଲେ ''ଦେହରୁ ଚାଦର ବାହାର କରିଦିଅ, ଅଣ୍ଟାର ପିନ୍ଧାଲୁଗା ଖୋସଣିକୁ ପୂରା ଖୋଲିଦିଅ ।''

ଏହାପରେ ପ୍ରାଣର କ୍ରିୟା ଦେଖାଇଲେ, ଯେଉଁ ଧାରାରେ ଜପ କରିବାକୁ ହେବ, ତାହା ମଧ୍ୟ ପ୍ରଦର୍ଶିତ କରାଇଲେ । ତା'ପରେ ଦେଲେ ବୀଜମନ୍ତ୍ର । ଏହି ମନ୍ତ୍ରଜପର ପ୍ରଣାଳୀ ଥିଲା ବିଚିତ୍ର । ଏହାପରେ ଜିହ୍ୱା ସଙ୍ଗେ ଜପର ମାତ୍ରାନୁସାରେ ଏକ କ୍ରିୟାକୁ ଦେଖାଇ କହିଲେ, ''ଏହି ଧାରାରେ ହିଁ ନିରବଚ୍ଛିନ୍ନ ଭାବେ ଜପ ପ୍ରତି କ୍ଷଣ ଚାଲିବ । ବାହ୍ୟ କାମଦାମ ସବୁ ଚାଲିବ, ଏଥିସହ ଜପ ମଧ୍ୟ । ଏହି ନିରବଚ୍ଛିନ୍ନ ଜପର ପରିଣାମ ହେବ ଜପସିଦ୍ଧିର ଅବସ୍ଥା, ଏହାପରେ ଧ୍ୟାନ ଅବସ୍ଥା—ନିଜ ଆସନରେ ବସି ସ୍ୱତଃ ଧ୍ୟାନର ଧାରା ସୃଷ୍ଟି ହେବ । ପବିତ୍ର ସ୍ଥାନରେ ପ୍ରାଣର କ୍ରିୟା ସହ ଏହି ଧାରାରେ ଜପ ଚାଲିଲେ ଯେଉଁ ଅବସ୍ଥା ଆସିବ, ସେତେବେଳେ ଏହି ସୃଷ୍ଟିର ରହସ୍ୟ ଓ ତା ସହ ତୁମର ସମ୍ପର୍କର ଉପଲବ୍ଧି ହେବ । ଫଳାଫଳ କଥା ଏବେ ମୁଁ କିଛି କହିବି ନାହିଁ, ତୁମେ ନିଜେହିଁ ଅନୁଭବ କରିବ । ତେବେ, ଏହାପରେ ଯାହା ଘଟିବ, ତାହା ତୁମ ନିଜ ଅଧିକାରର କଥା—ଅହଂ ପ୍ରବଳ ହେଲେ ବାହ୍ୟଭାବେ ଭଣ୍ଡାମି ଦ୍ୱାରା ଜଟାଜୁଟ ରଖି ଲାଲବସ୍ତ୍ର ପରିଧାନ କରି ପୂରା ଗଦିରେ ବାଘଛାଲ ପକାଇ ବସି, ସରଳବୁଦ୍ଧିସମ୍ପନ୍ନ ସାଧାରଣ ଗୃହସ୍ଥମାନଙ୍କୁ ନେଇ ବେଶ୍ ଚଳିଯାଇପାର । ସେପରି ଯୋଗାଯୋଗ ଥିଲେ, ଧନୀ ଶିଷ୍ୟ-ସେବକଗଣଙ୍କୁ ହାତକରି ଆଶ୍ରମ ପ୍ରତିଷ୍ଠା ଦ୍ୱାରା ଜଣେ ବେଶ୍ ପ୍ରତିଷ୍ଠାବାନ ହୋଇ ନିଜେ ସୁଖ ଭୋଗ କରିବା ସହ କିଛି ବିଷୟାବିଷୟ ଲାଭ ତଥା କେତେକ ବଡ଼ ବଡ଼ ଅଟ୍ଟାଳିକା କରି, ତା' ମଝିରେ ଶିବ ବା ଶକ୍ତି ପ୍ରତୀକର ମନ୍ଦିର ସ୍ଥାପନ କରି, ଭବଲୀଳା ସଙ୍ଗ କରିବାକୁ ଚାହିପାର । କିନ୍ତୁ ଯାହା ମିଳିଛି, ସେଥିରେ ନିରନ୍ତର

ଲାଗିରହିଲେ ନିଶ୍ଚୟ ଶକ୍ତିପ୍ରାପ୍ତ ହେବ । ଯଦି ସେ ସ୍ଥଳେ ସକଳ ଲୋଭ ତ୍ୟାଗ କରିପାର, ତେବେ ଇଷ୍ଟଲାଭର ସମ୍ଭାବନା ଅଛି । ନଚେତ୍ ଏହି ମଝିଦରିଆରେ ଉବୁଟୁବୁ ହେଉଥିବ । ତେବେ ମୋ'ର ଏକାନ୍ତ ଆଦେଶ ହେଲା, ଗୃହସ୍ଥାଶ୍ରମ କେବେହେଁ ତ୍ୟାଗ କରନାହିଁ । ତୁମଠାରେ ସନ୍ନ୍ୟାସୀର ଆଧାର ନାହିଁ, ତୁମେ ସହଜ ଅକପଟ ସରଳ ମନୁଷ୍ୟ, ଗୃହସ୍ଥାଶ୍ରମ ଦ୍ୱାରା ସେହି ଆଶ୍ରମର ହିଁ କଲ୍ୟାଣ ହେବ । ଏହାର ଫଳସ୍ୱରୂପ ତା' ଭିତରେ ତୁମର ସବୁ କିଛି ଲାଭର ସମ୍ଭାବନା ରହିବ ।''

ପ୍ରତିଦିନ ନିର୍ଦ୍ଧାରିତ ସମୟରେ, ବିଶେଷତଃ ସନ୍ଧ୍ୟାପୂର୍ବରୁ ଯାଇ, ତାଙ୍କ ସମ୍ମୁଖରେ ପ୍ରାଣାୟାମର କ୍ରିୟା-କର୍ମ କରେ, ଗୁହ୍ୟ ତତ୍ତ୍ୱମାନ ଶୁଣେ, ଏକ ଧ୍ୟାନର ଅବସ୍ଥା ଆସେ, ଧୀରେ ଧୀରେ କିଛି କିଛି ବିଚିତ୍ର ଅନୁଭୂତିମାନ ଆରମ୍ଭ ହୁଏ; ତାଙ୍କୁ ଜଣାଇବାରୁ ସେ କହିଲେ, ''ଆରମ୍ଭ ମାତ୍ର । କ୍ଷେତ୍ର ପ୍ରସ୍ତୁତ ଥିଲା ବୋଲି ଦୃଢ଼ ଭାବେ କାର୍ଯ୍ୟ ଆରମ୍ଭ ହୋଇଛି । ତେଣୁ ତୁମେ ବାରମ୍ବାର ଏଠାକୁ ଆସ, ନହେଲେ ତୁମପକ୍ଷେ ଏ ଉପଲବ୍ଧିକୁ ସମ୍ଭାଳିବା କଷ୍ଟସାଧ ହୋଇପଡ଼ିବ ।'' ଖାଇବା ମୋ'ର ଖୁବ୍ କମିଗଲା । ସେ କହିଲେ, ''ତା'ଦ୍ୱାରା ତୁମର କିଛି କ୍ଷତି ହେବନାହିଁ । ଟିକିଏ ଧୀରଭାବେ ଆଗାଅ, ଅନେକ କିଛି ସମ୍ଭବ ।''

ତାଙ୍କ ପାଖରୁ ଫେରିଆସି ଛାତି ଭିତରେ ଯେପରି ଏକ ଚାପ ସୃଷ୍ଟିହୋଇ ରହିଲା । ସବୁ କରେ ତାଙ୍କ ଉପଦେଶମତେ, ମାତ୍ର ସେହି ଗୁରୁଭାର ଆଉ ଯାଏନାହିଁ । ଏହା ପ୍ରାୟ ମାସଟିଏ ପରର ଘଟଣା ।

ତାହା ଆଉ କିଛି ନୁହେଁ, ଘର ଛାଡ଼ିବାର ପ୍ରବଳ ଚେଷ୍ଟା । ଏ ଘରେ, ଏହି ରକମର ଯେଉଁ ଆତ୍ମୀୟ-ସ୍ୱଜନ, ଏମାନଙ୍କ ଭିତରେ ରହି କେବେ କିଛି ହେବନାହିଁ, ଏହି ଧାରଣା ହିଁ ପ୍ରବଳ ହେବାକୁ ଲାଗିଲା । ସଂସାରର କୋଳାହଳଠାରୁ ବାହାରି ନଗଲେ କିଛି ହେବା ସମ୍ଭବ ନୁହେଁ—ଏହି ଭାବଟା କ୍ରମେ ବଦ୍ଧମୂଳ ହୋଇଗଲା । ଯେଉଁମାନଙ୍କ ସହ ଶୈଶବକାଳରୁ ଏକ ଗଭୀର ସମ୍ପର୍କ ଥିଲା, ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହୋଇ ଯିଏ ମତେ ଏତେ ବଡ଼ କରିଛନ୍ତି, ସେମାନଙ୍କଠାରେ ଆଉ ପ୍ରୀତି ରହିଲା ନାହିଁ, ଭଲପାଇବା ରହିଲା ନାହିଁ—ଏପରିକି ସେମାନଙ୍କୁ ଆଉ ଆପଣା ଲୋକ ବୋଲି ମନେହେଉ ନଥିଲା । ସେମାନେ ଯେପରି ସକଳ ଶାନ୍ତିର ପ୍ରତିବାଦୀ ବୋଲି ମନେହେଲେ । ସେମାନେ ଯଦି ମୋ'ର ଯଥାର୍ଥ ଆତ୍ମୀୟବନ୍ଧୁ, ତେବେ ମୋ'ର ଏହିଭଳି ଜୀବନକୁ କାହିଁକି ସମର୍ଥନ କରୁନାହାନ୍ତି ? କେବଳ ସେତିକି ନୁହେଁ, ମୁଁ କୁଆଡ଼େ ବୁଲିବୁଲି ମୁଣ୍ଡ ଖରାପ କରିଦେଇଛି—ମୁଁ ପାଗଳ, ଭଣ୍ଡ, ଅଳସୁଆ, ଅକର୍ମଣ୍ୟ—ଅର୍ଥ ଉପାର୍ଜନର କର୍ମକୁ ଛାଡ଼ି ପଳାୟନପନ୍ଥୀ ହୋଇ ବୁଲୁଛି—ଏଇସବୁ କଥା କେଜାଣି କାହିଁକି, ସେମାନେ ପ୍ରଚାର କରୁଥାନ୍ତି !

ଛାଡ଼ ସେମାନଙ୍କ କଥା, କାରଣ ସେମାନେ ସମସ୍ତେ ମୋ' ମନଠାରୁ ଦୂରେଇ ଯାଇଥିଲେ—କେବଳ ଯାହା ବିଷୟରେ ଏକ ବିଶେଷ ଚିନ୍ତା ଥିଲା, ସେ ହେଲେ ମୋ' ସ୍ତ୍ରୀ ।

ଅଳ୍ପ ଦିନର ନୁହେଁ, ଚାରି ପାଞ୍ଚ ବର୍ଷହେଲା ତାଙ୍କୁ ବିବାହ କରିଛି । ଅବଶ୍ୟ ଏହାପରେ ଯାହା ସ୍ୱାଭାବିକ କଥା– ଅର୍ଥାତ୍ ସେ ବେଶ୍ ଧୀରେ ଧୀରେ ମୋତେ ଜାବୁଡ଼ି ଧରିଛନ୍ତି, ଯେପରି ବାନ୍ଧି ରଖିବାକୁ ହୁଏ; ଆଉ ଏ କାର୍ଯ୍ୟରେ ତାଙ୍କର ପ୍ରକୃତି ହିଁ ସହାୟକ ହୁଏ । ମୋ'ଠାରୁ ପ୍ରତିଦାନର କୌଣସି ଆଶାଭରସା ନରଖି ସେ ଭଲକରି, ଯେପରି ଗଛକୁ ଲତା ଗୁଡ଼ାଇରଖେ, ଠିକ୍ ସେହିପରି ବାନ୍ଧିଧରିଥାନ୍ତି । ଏହି ଆକର୍ଷଣକୁ ବ୍ୟାହତ କରିବାର ପ୍ରୟୋଜନ ହୋଇଥିଲା । କାରଣ ତାହାହିଁ ଥିଲା ଏକମାତ୍ର ପ୍ରବଳ ବାଧା ।

ସେତେବେଳେ ତାଙ୍କ ଚେହେରା ଦେଖିଲେ ହିଁ ମନେହେଉଥିଲା, ସେ ଯେପରି ମୋ' ପାଦର ବେଡ଼ି, ଚିରଜୀବନ ଯେପରି ଅକାଟ୍ୟ-ଅଚ୍ଛେଦ୍ୟ ଶୃଙ୍ଖଳ, ଯାହାକୁ ସହଜରେ ଖୋଲିହେବ ନାହିଁ । ପୁଣି ଜୋର୍ କରି ଖୋଲିଲେ କୁଆଡ଼େ ପାପ ହୁଏ ବୋଲି ଶାସ୍ତ୍ର କହେ । ତାଙ୍କ ରୂପ ମଧ୍ୟରେ ଆଉ କିଛି ଦେଖିବାକୁ ଆରମ୍ଭ କରିଥିଲି–ଯୌବନ ପୁଣି ଲାବଣ୍ୟ, ଏହି ଦୁଇଟିର ଆକର୍ଷଣ ପରିପ୍ରେକ୍ଷୀରେ ମୋ'ର ସେତେବେଳେ ଦୃଷ୍ଟି କାର୍ଯ୍ୟକରେ– ମନେହେଉଥାଏ, ତାହା ଏକ ଅନନ୍ତ ଶାନ୍ତି, ଶକ୍ତି, ଜ୍ଞାନ ଓ ଆନନ୍ଦ ଲାଭରୁ ବଞ୍ଚିତ କରୁଛି ଓ ମୋତେ ସ୍ୱାର୍ଥଭରା ସଂସାର-ଆବର୍ତ୍ତରେ ଏପରି ଭାବରେ ପକାଇଦେବ, ଯେଉଁଠାରୁ ଆଉ ମୁକ୍ତିର ଉପାୟ ଜନ୍ମଜନ୍ମାନ୍ତର ଲାଗି ମଧ୍ୟ ମିଳିବ ନାହିଁ । ତାଙ୍କର ଭଲପାଇବା ଯେତେ ସ୍ୱାର୍ଥବିହୀନ ହେଉନା କାହିଁକି, ସେତେବେଳେ ଯେପରି ମନେହେଉଥିଲା, ତାହା ମଧ୍ୟ ସ୍ୱାର୍ଥଭରା ଉଦ୍ଦେଶ୍ୟ ନେଇ ହିଁ ମୋତେ ଧରିରଖିବାକୁ ଚାହେ । ତାଙ୍କର ସରଳ ଚକ୍ଷୁର ସେହି ସରଳ ଚାହାଣି, ତାହା ମଧ୍ୟ ମନେହେଉଥିଲା ଯେପରି ଜଣକୁ ପୂର୍ଣ୍ଣ ଅଧିକାର କରିବାର ଗର୍ବ ଦ୍ୱାରା ବିସ୍ଫାରିତ; ଯେପରି କହୁଛି ମୋ' ହାତରୁ ତୁମର ଆଉ ନିସ୍ତାର ନାହିଁ, ଯିବ ତୁମେ କୁଆଡ଼େ ! କିନ୍ତୁ ତାଙ୍କର କଥାବାର୍ତ୍ତାର ଭାବ ଏକ୍‌ବାର ହିଁ ବିପରୀତ । ସେ କହନ୍ତି, ''ତୁମର ଏପରି ହେଲା କାହିଁକି, ମୁଁ କ'ଣ ଅପରାଧ କରିଛି ? ତୁମର ହାବଭାବ ଦେଖି ମୋତେ ବଡ଼ ଭୟ ଲାଗେ । ତୁମେ ଘରେ ରୁହ, ମୁଁ ତୁମକୁ ହଇରାଣ କରିବି ନାହିଁ, ତୁମ ପାଖକୁ ଯିବିନାହିଁ । ଯଦି କୁହ, ତୁମ ସଙ୍ଗେ କଥା ମଧ୍ୟ କହିବି ନାହିଁ, ଯାହା କହିବ, ତାହା କରିବି–କେବଳ ତୁମେ ଘରେ ରହ; ଘରେ ଥାଇ କ'ଣ ଭଗବାନଙ୍କୁ ଡକାଯାଇପାରେନା ? ପରମହଂସ ଦେବ ଏକଥା କହନ୍ତି'' ଇତ୍ୟାଦି ଇତ୍ୟାଦି । ତାଙ୍କର କଥା ଯେତେହେଁ ଯୁକ୍ତିଯୁକ୍ତ ହୋଇଥାଉ, ତା'ର ଅସଲ ଉଦ୍ଦେଶ୍ୟ ହେଲା ବନ୍ଧନ–ପେଞ୍ଚ ଉପରେ ପେଞ୍ଚ, ଆଉ କିଛି ନୁହେଁ–ଏହି କଥା ହିଁ ସଦାସର୍ବଦା ମନ ମଧ୍ୟରେ ଯେପରି ନିଶ୍ଚିତ ସିଦ୍ଧାନ୍ତ ତୁଲ୍ୟ ହୋଇଯାଇଥିଲା । ତାଙ୍କର ଏହି କରୁଣ ମଧୁର ଭାଷା ଯେପରି ଥିଲା ଏକ ଆକର୍ଷଣର ତଥା ବନ୍ଧନର ଶୃଙ୍ଖଳ । ଏହା ବ୍ୟତୀତ ରାମକୃଷ୍ଣ ଦେବ ସଦାସର୍ବଦା ହିଁ ଅନ୍ତରର ଅନ୍ତରତମ ପ୍ରଦେଶରେ ରହିଛନ୍ତି–ସିଏ ଯେପରି ଧରିରଖିଛନ୍ତି । ତେଣୁ ଭୁଲ୍‌ରେ ମଧ୍ୟ ସେତେବେଳେ ତାଙ୍କର କଥାଗୁଡ଼ିକର ଅନ୍ୟ ଅର୍ଥ କରିନାହିଁ । ବାସ୍ତବିକ ସେତେବେଳେ ଘରଲୋକେ, ନିଜ ଲୋକ ବୋଲି ଯାହାକୁ କହନ୍ତି, ସେ ସମସ୍ତଙ୍କ ସଙ୍ଗେ ହିଁ ସମ୍ପର୍କ ଯେପରି ବଦଳିଗଲା ।

ସେତେବେଳର ଆତ୍ମୀୟସ୍ୱଜନଙ୍କ ସହ ସମ୍ବନ୍ଧ ସୂତ୍ରର ଏହି ଅଦ୍ଭୁତ ରୂପାନ୍ତର, ଜୀବନରେ ଏକ ବିଚିତ୍ର ଅଭିଜ୍ଞତା । ଏହିପରି ଅଭିଜ୍ଞତା ମୋ'ର ପରିଚିତ କାହାଠାରେ ହୋଇଥିଲା କି ନାହିଁ, ତାହା ଜାଣିନାହିଁ କି ଶୁଣିନାହିଁ, ତେବେ ଏହି ଅବସ୍ଥାରେ ଯିଏ ଧରାପଡ଼ିଥିବ, କାହାର ଯଦି ଏପରି ଘଟିଥିବ, ତେବେ ସେ ଠିକ୍ ବୁଝିଥିବ ଯେ ମୋ'ର ସେତେବେଳେ ଯଥାର୍ଥରେ ଅବସ୍ଥା କ'ଣ ହୋଇଥିଲା ।

× × ×

ସମସ୍ତେ ଜାଣନ୍ତି, ଭଗବାନଙ୍କର ଅନ୍ୟ ନାମ ବାଞ୍ଛାକଳ୍ପତରୁ । ସେହି ନାମଟି ଯେ କେତେଦୂର ସତ୍ୟ, ତାହା ଆସ୍ତିକମାନେ ତ ନିଶ୍ଚୟ ବିଶ୍ୱାସ କରନ୍ତି, ଆଉ ନାସ୍ତିକମାନେ ମଧ୍ୟ କରନ୍ତି—ତେବେ ସେମାନେ କରନ୍ତି ମନେମନେ । ଏହାର ପ୍ରତ୍ୟକ୍ଷ ପ୍ରମାଣ ଅନେକ କ୍ଷେତ୍ରରେ ପାଇଛି, ଅନେକ ବ୍ୟକ୍ତିଙ୍କୁ ଏହା ପାଇବାର ମଧ୍ୟ ଦେଖିଛି । ଯାହାହେଉ, ଏଥର ମୁଁ ଯେଉଁ ଭାବରେ ଏହି ବାଞ୍ଛା-କଳ୍ପତରୁର ପ୍ରମାଣ ପାଇଲି, ଏପରି ଆଉ କେହି ବୋଧେ ପାଇନଥିବେ ।

ସ୍ଥିର ହୋଇଗଲା, ଘରୁ ନ ବାହାରିଲେ ହେବନାହିଁ । କାରଣ ଘରେ ଥାଇ ଇଷ୍ଟଲାଭ ଯାହାର ହୁଏ, ସେ ପାତ୍ର ମୁଁ ନୁହେଁ । ମନର ଝୁଙ୍କରୁ ସଂକେତ ମିଳିପାରେ, କାହାର କେଉଁ ଭାବରେ ସେ ପଥରେ ଯିବା କଥା । ଶୁଣିଛି, ଅନେକ ଭାଗ୍ୟବାନ ଅଛନ୍ତି, ଯେଉଁମାନେ ଘରେ ବସି ସବୁ ପାଇଯାଆନ୍ତି—କିନ୍ତୁ ସେ ଭାଗ୍ୟ ତ ସମସ୍ତଙ୍କର ଘଟେନାହିଁ । ଏଥିରେ ଚମତ୍କାର କଥା ଏତିକି ଯେ ନିଜ ସଂକଳ୍ପରେ ପ୍ରତିଷ୍ଠିତ ହେବାକୁ ଯେତିକି ସମୟ, ସେଇଟି ମାତ୍ର ଯାହାକିଛି ଦ୍ୱନ୍ଦ୍ୱ, ଦୁଃଖ, ଅଶାନ୍ତି ବା ଅବ୍ୟବସ୍ଥିତ ଚିତ୍ତର ବ୍ୟାପାର । ଯେଉଁ ମୁହୂର୍ତ୍ତରେ ସିଦ୍ଧାନ୍ତ ନିଆଗଲା ଯେ ଘରେ ରହିବି ନାହିଁ ବା ଘରେ ରହିଲେ ଇଷ୍ଟଲାଭ ହେବନାହିଁ, ସଙ୍ଗେସଙ୍ଗେ ମନ ଅନୁସାରେ ଗୋଟିଏ ସ୍ଥାନ ମିଳିଗଲା । ସବୁଦିଗରୁ ମନୋମତ ଘରଠାରୁ ବହୁଦୂରରେ, ପ୍ରାଣଠାରୁ ପ୍ରିୟତମ କ୍ଷେତ୍ର—ଚିର-ଆକାଙ୍କ୍ଷିତ ଧନ—ସେହି ହିମାଳୟର କୋଳର ନୈନିତାଲରେ ଥିବା ମଲ୍ଲିତାଳ ନିକଟରେ, ତା'ଠାରୁ ଖୁବ୍ ବେଶୀ ୩/୪ ରଶି ଦୂରରେ ଏକ ଫାଙ୍କା ସ୍ତୂପାକାର ଉଚ୍ଚସ୍ଥାନ; ମାତ୍ର କେତୋଟି ଦେବଦାରୁ ବା ପାଇନ୍‌ଗଛ ବ୍ୟତୀତ ସେଠାରେ ଆଉ କୌଣସି ଗଛଲତା ନଥିଲା । ସେହି ତରୁବେଷ୍ଟିତ ଅଞ୍ଚଳଟି ଯେପରି ପ୍ରକୃତିଦ୍ୱାରା ଗଢ଼ା ଏକ ରମ୍ୟ ସାଧନକ୍ଷେତ୍ର । ସେହି କ୍ଷେତ୍ରଟିର ଠିକ୍ ମଧ୍ୟଭାଗରେ ଥିଲା ଏକ ବିରାଟ ଖୋଲାସ୍ଥାନ, ଯାହା ଦୂରସ୍ଥାନରୁ ଦୃଶ୍ୟମାନ ହୁଏନାହିଁ । ସେହି ଖୋଲାସ୍ଥାନଟି—ଖୋଲା ଏଇଥିପାଇଁ କହେ, କାରଣ ତାହା ଦେଖିବାକୁ ଫାଙ୍କାସ୍ଥାନ ପରି—ଅସଲ କଥା ପ୍ରବଳ ଜଳସ୍ରୋତର ଧାରା ପ୍ରବାହିତ ହୋଇ ବଡ଼ ବଡ଼ କର୍ତ୍ତିତ ଗହ୍ୱର ସୃଷ୍ଟି ହୋଇ କ୍ଷେତ୍ରଟି ହୋଇଯାଇଛି ଏକ ବିରାଟ ଫାଙ୍କା ସ୍ଥଳ— ପ୍ରବାହର ଏକ ଧାରା ଦେଇ ଓହ୍ଲାଇଯିବାକୁ ବେଶ୍ ଏକ ରାସ୍ତା ବା ପଥ ଅଛି । ସେହି ଫାଙ୍କ ବାଟଦେଇ ଉପରୁ ତଳକୁ ସ୍ତର ସ୍ତର କରି ଓହ୍ଲାଇ

ଆସିହୁଏ, ଯାହା ଉପରୁ ତଳ ପର୍ଯ୍ୟନ୍ତ ୩୫ରୁ ୪୦ ଫୁଟ ଗଭୀର । ସେହି ନିମ୍ନସ୍ଥାନରେ ଠିଆହେଲେ ପାଖରେ ଗୋଟିଏ ଗୁହା ଦେଖାଯାଏ । କେହି ସଂସାରବିରାଗୀ ସାଧୁମହାତ୍ମା କେବେ ହୁଏତ ତାହା ବ୍ୟବହାର କରିଥିବେ । ଜୀବନର ତପୋକାଳରେ ଆଶ୍ରୟସ୍ୱରୂପ ସେହି ଗୁହାଟି କେତେକାଳ ଧରି କେତେ କେତେ ତପସ୍ୱୀଙ୍କ ଠାରୁ ଯାଇ ଶେଷରେ ଯାହାଙ୍କ ହାତରେ ଥିଲା, ତାଙ୍କ ସଙ୍ଗରେ ଘଟିଲା ମୋ'ର ସମ୍ବନ୍ଧ । ସେ ମୋ' ଉପରେ ତାଙ୍କର ଗୁହାଶ୍ରମ ରକ୍ଷାର ଭାର ନ୍ୟସ୍ତ କରି ଅନିର୍ଦ୍ଦିଷ୍ଟ ଭାବେ ଦୀର୍ଘକାଳ ଲାଗି ଅନ୍ୟ ସ୍ଥାନକୁ ଚାଲିଯାଇଥିଲେ । ତାଙ୍କ ସମ୍ବନ୍ଧରେ ନାନା ବ୍ୟକ୍ତି ନାନା କଥା କହିବାର ଶୁଣିଛି । ଜନୈକ ସ୍ଥାନୀୟ ବ୍ୟକ୍ତି କହିଲେ, ''ସେହି ତପସ୍ୱୀ ଅନେକ ଦିନ ଧରି ସେହି ଗୁହାରେ ଥିଲେ । ଏବେ ସାରା ଭାରତର ଉତ୍ତର-ଦକ୍ଷିଣ ଓ ପୂର୍ବ-ପଶ୍ଚିମରେ ଯେତେ ତୀର୍ଥସ୍ଥାନ ଅଛି, ସେ ସମସ୍ତ ପ୍ରଦକ୍ଷିଣ କରିବାକୁ ବାହାରିଛନ୍ତି ।'' ପୁଣି ଦ୍ୱିତୀୟ ବ୍ୟକ୍ତି ଜଣକ କହିଲେ, ''ସେ ଜଣେ କେହି ପଲିଟିକାଲ୍ ଅଫେଣ୍ଡର (ରାଜନୀତି ଅଭିଯୁକ୍ତ ବ୍ୟକ୍ତି), ସାଧୁ ବେଶରେ ଏଠାରେ ଥିଲେ, ଏବେ ଧରାପଡ଼ିବା ଭୟରେ ଚାଲିଯାଇଛନ୍ତି ।'' ପୁଣି ତୃତୀୟ ବ୍ୟକ୍ତି ଜଣେ କହିଲେ—''ଜଣେ ଶୈବଧର୍ମୀ ଗୁରୁଙ୍କ ସହ ସେ ତାଙ୍କ ଶିଷ୍ୟ ରୂପେ ମୁଙ୍ଗେରରେ ଅନେକ ଦିନ ରହିଲେ, ତା'ପରେ ତାଙ୍କର ଏକ ଭୈରବୀଙ୍କ ସହ ଯୋଗାଯୋଗ ହେଲା । ସେ ଗୁରୁଙ୍କ ଆଶ୍ରମ ତ୍ୟାଗକରି ସେହି ଭୈରବୀଙ୍କୁ ନେଇ ଏଠାକୁ ଆସିଲେ, ଅନେକ ଦିନ ବାସ କଲେ । ଏହାପରେ ସେଇ ଭୈରବୀ ଗୋଟିଏ ରାତ୍ରିରେ ହଠାତ୍ ପଳାଇଗଲେ—ଏବେ ସେ ତାଙ୍କ ସନ୍ଧାନରେ ବାହାରିଯାଇଛନ୍ତି ।''

ମୋ' ସହ ଏହି ଗୁହାବାସୀ ସାଧୁଙ୍କର ବିଶେଷ କୌଣସି ସମ୍ବନ୍ଧ ନଥିଲା । ଯେତେବେଳେ ଗୃହତ୍ୟାଗ କରି ବାହାରିଯିବା ଲାଗି ଛଟପଟ ହେଉଛି, ସେହି ସମୟରେ ମୋ'ର ଜଣେ ପ୍ରିୟବନ୍ଧୁ—ନାମ ଦେବାନନ୍ଦ—ଯିଏକି ୟୁ.ପି. ସେକ୍ରେଟେରିଏଟ୍‌ରେ କାମ କରୁଥିଲେ ଏବଂ ସେତେବେଳେ ନୈନିତାଲରେ ଥିଲେ, ମୋ'ର ସବୁ କଥା ଜାଣିଥିଲେ, ମୋ'ର ସବୁ ଖବର ରଖୁଥିଲେ, ଫଟିକ ଦାଦାଙ୍କର ପତ୍ର ମାଧ୍ୟମରେ । ସେହିହିଁ ଏକ ପତ୍ରରେ ଏହି ସ୍ଥାନର ସନ୍ଧାନ ଦେଇ ଜଣାଇଲେ, ଯଦି ଦୀର୍ଘକାଳ ଲାଗି ହିମାଳୟର କୌଣସି ଗୁହାରେ ବାସ କରିବାକୁ ଇଚ୍ଛା ଏବଂ ସେହି ଗୁହାଟିର ରକ୍ଷଣାବେକ୍ଷଣ ଭାର ଗ୍ରହଣ କରିବାକୁ ରାଜି ଥାଅ, ତା'ହେଲେ ଚାଲିଆସ । ସେହିହିଁ ଏଠାକୁ ଆଣି ଗୁହା ଅଧିକାରୀଙ୍କ ସହ ମୋ'ର ପରିଚୟ କରାଇଦେଲେ ।

ତାଙ୍କୁ ବୃଦ୍ଧ କୁହାଯାଇପାରିବ—ତାଙ୍କ କଥାବାର୍ତ୍ତାରୁ ମନେହେଲା, ସେ ମଧ୍ୟ ଜଣେ ବଙ୍ଗାଳୀ, ଅତ୍ୟନ୍ତ ରୁଗ୍‌ଣ, ବୟସ ଯେପରି ଜଣାପଡ଼େ ପ୍ରାୟ ଷାଠିଏ ବର୍ଷ ହେବ । ସେ କହିଲେ, ''ବିଶେଷ କିଛି ଉଦ୍ଦେଶ୍ୟ ନେଇ ମୋତେ କିଛିଦିନ ବାହାରକୁ ଯିବାକୁ ପଡ଼ିବ, ହୁଏତ ଦୀର୍ଘକାଳ ଲାଗି ମଧ୍ୟ ହୋଇପାରେ । ଯେତେଦିନ ପର୍ଯ୍ୟନ୍ତ ମୁଁ ନ ଆସିଛି, ତୁମେ

ନିଜର ଭାବି ଗୁହାଟିକୁ ରଖିପାରିବ ?'' ଏହାହିଁ ତାଙ୍କର ଥିଲା ପ୍ରଶ୍ନ । କୌଣସି ନାରୀ ତାଙ୍କ ସଙ୍ଗେ ଥିବାର ମୁଁ ଦେଖିନାହିଁ । ବୟସରେ ସେ ଥିଲେ, ଯାହାକୁ କୁହାଯାଏ, ପ୍ରବୀଣ । ଯାହାହେଉ, ଏହାର ଉତ୍ତରରେ ଏହି କଥା ତାଙ୍କୁ ବୁଝାଇଦେବାକୁ ମୋ'ର କୌଣସି ସଂକୋଚ ରହିଲା ନାହିଁ ଯେ ମୁଁ ଠିକ୍ ଏହିପରି ଆଶ୍ରୟସ୍ଥଳ ଦରକାର କରୁଥିଲି ନିଜ ଅନ୍ତରରୁ, ଆଉ ତାଙ୍କର ଏହି ଅନୁଗ୍ରହକୁ ଭଗବାନଙ୍କର ଦାନ ବୋଲି ହିଁ ଧରିନେଇଛି ।

ବାସ୍, ପରଦିନ ସେ ଚାଲିଗଲେ, ମୁଁ ହେଲି ଗୁହାର ଅଧିକାରୀ । ଯେଉଁ କଥାକୁ କହିବା ଲାଗି ଏତେସବୁ କଥାର ଅବତାରଣା କରିବାକୁ ପଡ଼ିଲା, ତାହା ଏହି ଯେ ବହୁ ଜ୍ୱାଳା ସହ୍ୟକରି, ଅନେକ କଷ୍ଟ ସହ୍ୟକରିବା'ପରେ ଏହି ଚମତ୍କାର ସାଧନ ସ୍ଥାନଟି ଲାଭକରି ମୁଁ କୃତାର୍ଥ ହୋଇଗଲି । ମନେହେଲା, ଯେପରି ସିଦ୍ଧି ହାତପାଖକୁ ଚାଲିଆସିଛି; ଧନ୍ୟ ମଣିଲି—ଏତେଦିନ ପରେ ନିଜର ଜନ୍ମ ଓ ଜୀବନକୁ, ହେ ଦୟାମୟ ! ତୁମେ ସାର୍ଥକ କରିଛ—ମୋ' ପ୍ରତି ତୁମର ଅଶେଷ କୃପା—ଏତେ ଦୟା ତୁମେ ଆଉ କାହା ପ୍ରତି ପ୍ରକାଶ କରିନାହଁ ।

ସଫଳକାମୀ ପ୍ରତ୍ୟେକ ବ୍ୟକ୍ତି ହିଁ ଭଗବାନଙ୍କୁ ଲକ୍ଷ୍ୟକରି ଠିକ୍ ଏହିପରି କହିଥାଏ । ଯାହାହେଉ ଚାରିପାଞ୍ଚ ସପ୍ତାହ, ତା' ପରେ ପରେ ଦୁଇତିନି ମାସ କଟିଗଲା । ଏବେ ଆସନଟି ବେଶ୍ ଜମିଛି । ନିୟମାନୁସାରେ ସାଧନାର ସବୁ କିଛି ମଧ୍ୟ ଠିକ୍ ଚାଲିଛି ।

ପ୍ରତିଦିନ ଗୋଟିଏ ପ୍ରହର ପରେ ଭିକ୍ଷା ଲାଗି ବାହାରିଯାଏ—ଯେଉଁଦିନ ଯାହା ମିଳେ, ଜଣେ ଦୁଇଜଣ ଦାତାଙ୍କ କୃପାରୁ, ଦ୍ୱିପ୍ରହରରେ ଫେରିଆସି ତାହାକୁ ପ୍ରସ୍ତୁତ କରିନେଇ ଭୋଜନ ସମାପ୍ତି ପରେ ଜାଳ-କାଠକୁଟା ସଂଗ୍ରହରେ ଲାଗିଯାଏ । ଗୋଟିଏ ଦିନ ଓ ରାତି ପାଇଁ ଜାଳେଣିର ବ୍ୟବସ୍ଥା କରି କିଛି ଲେଖାପଢ଼ା କରିବାକୁ ବସିପଡ଼େ । ଅପରାହ୍ଣରେ ଜଣେ ଦୁଇଜଣ ଆସନ୍ତି, ଭଲ କଥା ସତ୍ୟବାକ୍ୟ ଶୁଣିବାକୁ । ବନ୍ଧୁବର ଆସନ୍ତି, ପ୍ରାୟ ହିଁ ପଚାରିବସନ୍ତି, କିପରି ଭୋଜନ ମିଳୁଛି । ଏହାଛଡ଼ା ଦୁଇ ଚାରିଜଣ ଆସିଥାନ୍ତି ସେମାନଙ୍କ ମଧ୍ୟରୁ କେହି କେହି କଦଳୀ, ମୂଳା ବା ଠେକିରେ କିଛି କ୍ଷୀର ନେଇ ଆସିଥାନ୍ତି । ଗ୍ରହଣ ନକଲେ ଦୁଃଖ କରନ୍ତି, ନେଲେ ଖୁସି ହୁଅନ୍ତି । ସେଥିଲାଗି ନେବାକୁ ପଡ଼ିଥାଏ । ଏହି ସମସ୍ତ ଉପହାର ରାତି ଲାଗି ରଖିଦିଏ । କେହି କେହି ଔଷଧ ମାଗନ୍ତି, ଭୋଗୁଥିବା କଠିନ ରୋଗ ଲାଗି ସାଧୁକୃପାରୁ ଆରୋଗ୍ୟ ହେବାର ବିଶ୍ୱାସରେ । ସେମାନଙ୍କଠାରୁ ମୁକ୍ତି ନମିଳିଲେ ଟିକିଏ ଜଳ ଦେଇ କୁହେ, ଭଗବାନଙ୍କର ନାମ ନେଇ ଏହାକୁ ପିଇଦେବ, ଭଲ ହୋଇଯିବ । ଜାଣିଥାଏ, ଏଥିରେ ତା'ର ରୋଗ ଉପଶମ ହେଉ ବା ନହେଉ, ଅନିଷ୍ଟ କେବେ ହେବନାହିଁ; ଅଥଚ ମୁଁ ରକ୍ଷା ପାଇଯିବି । କାରଣ ଏଠାରେ ଏକଥା ମଧ୍ୟ ଦେଖିଛି—କିଛି ନା କିଛି ନଦେଲେ ରକ୍ଷାନାହିଁ, ସେମାନେ କେବେହେଲେ ମାନିବେ ନାହିଁ, ବୁଝିବେ ନାହିଁ । ତେଣୁ ଯେତେ ସତ କହିଲେ ମଧ୍ୟ ସେମାନେ ଠିକ୍ ମନେକରିବେ ଯେ ସବୁ ଜାଣିଶୁଣି ପାପୀ ବୋଲି ସେମାନଙ୍କୁ ମୁଁ ବାଦ୍ ଦେବାକୁ ଚାହୁଁଛି, ଏଣୁ କିଛି ଦେବାକୁ ପଡ଼େ । ମନେମନେ ଭଗବାନଙ୍କୁ ଡାକେ,

''ହେ ଦୟାମୟ ! ତୁମେ ଅନ୍ତର୍ଯ୍ୟାମୀ, ତୁମକୁ ସବୁ ଜଣା, ଭଲ କରିବାର ଶକ୍ତି ମୋ'ର ନାହିଁ, ତୁମ ଦୟାରେ ହିଁ ଯେପରି ତାଙ୍କର ଭଲ ହୁଏ ।'' ଯାହାକୁ ଯାହା ଦେଇଥାଏ, ପରେ ଖବର ପାଏ, ସେମାନେ ପ୍ରକୃତରେ ଭଲ ହୋଇଯାଇଥାନ୍ତି; ବହୁ ଉତ୍ସାହରେ ସେମାନେ ନିଜେ ଆସି ଜଣାଇଥାଆନ୍ତି ।

ସନ୍ଧ୍ୟାରେ ଧୁନିକୁ ଭଲରକମ ଜାଳି ଗୁହା ମଧ୍ୟରେ ଆସନରେ ବସେ । ଗୋଟିଏ ପ୍ରହର ଅତୀତ ହେଲେ କିଛି କ୍ଷୀର ଖାଇ ଶୋଇପଡ଼େ । ଏହାପରେ ମଧ୍ୟରାତ୍ରିରେ ପୁଣି ଧୁନି ଜାଳି ଆସନରେ ବସିପଡ଼େ । ମଧ୍ୟରାତ୍ରିରେ ମନ୍ତ୍ରଜପର କାର୍ଯ୍ୟ ଖୁବ୍ ଭଲ ଭାବରେ ହିଁ ହୋଇଥାଏ । ପୁଣି ଶେଷରାତ୍ରରେ ଇଚ୍ଛା ହେଲା ତ ଶୋଇପଡ଼େ, ନହେଲେ ଆଉ ନଶୋଇ ଭୋର୍ ଆଡ଼କୁ ବାହାରକୁ ଚାଲିଯାଏ । ଏହି ଭାବରେ ମହାନନ୍ଦରେ ସାଧନାର ନିଶାରେ ମସ୍‌ଗୁଲ୍ ହୋଇ ଦିନଗୁଡ଼ିକ ବିତିଯାଉଥିଲା । ବର୍ତ୍ତମାନ ମୁଁ ଏହି ବାର୍ଦ୍ଧକ୍ୟର ଅବସନ୍ନ ଦିନଗୁଡ଼ିକରେ ଯେତେବେଳେ ଚିନ୍ତାକରି ବସେ, ସେତେବେଳେ ମନେହୁଏ ଯେ ସାରା ଜୀବନରେ ଯାହାକିଛି ଆନନ୍ଦ, ବୈଶିଷ୍ଟ୍ୟ, ପ୍ରାପ୍ତି ବା ସାର୍ଥକତା, ତାହା ଏହିଠାରେ ହିଁ ପ୍ରଥମ ଏବଂ ଏହାପରେ ବୃନ୍ଦାବନରେ ସେହି ସମୟରେ ହିଁ ହୋଇସାରିଛି । ଏହାଠାରୁ ଅଧିକ କିଛି ଏ ଜୀବନରେ ଆଉ ହୋଇନାହିଁ, ଯାହାର ଫଳସ୍ୱରୂପ ଅବଶିଷ୍ଟ ଜୀବନରେ ତାହା ଯାତ୍ରାପଥର ସମ୍ବଳ ହୋଇ ରହିଛି ।

× × ×

ବର୍ତ୍ତମାନ ଯାହା କହୁଛି—କେତେଦିନ ଧରି ଲକ୍ଷ୍ୟ କରୁଥିଲି, ଜନୈକ ପ୍ରୌଢ଼ ମଝିରେ ମଝିରେ ଆସୁଛନ୍ତି । ତାଙ୍କ ଉଦ୍ଦେଶ୍ୟ ଯେ କ'ଣ, ତାହା ବୁଝିବା ସମ୍ଭବ ନଥାଏ । କାରଣ ସେ ଆଦୌ କଥା କହନ୍ତି ନାହିଁ । କ୍ରମେ ପ୍ରତିଦିନ ତାଙ୍କୁ ଆସିବା ଦେଖିଛି, ଠିକ୍ ସମୟ କରି ଆସନ୍ତି ନାହିଁ, ଅନ୍ୟ ପାଞ୍ଚଜଣଙ୍କ ପରି କିଛି ଆଣି ମଧ୍ୟ ଆସନ୍ତି ନାହିଁ । ଯଦି ଦିନେ ଉପରବେଳ ତା'ପରଦିନ ଆସିବେ ସନ୍ଧ୍ୟାରେ, ତା'ପରଦିନ ଦ୍ୱିପ୍ରହରରେ, କେବେ କେବେ ସକାଳେ ମଧ୍ୟ ଆସି ହାଜିର୍ । ଆଜି ଭୋର୍‌ବେଳା ଆସିଛନ୍ତି । ସେତେବେଳେ ବାହାରକୁ ଯାଇଥିଲି—ଫେରିଆସି ଦେଖେ, ସେ ବସିଛନ୍ତି । ଆସନ୍ତି, ବସନ୍ତି; କିନ୍ତୁ କିଛି କହନ୍ତି ନାହିଁ, ଏଇଟା ହିଁ ବୈଚିତ୍ର୍ୟ । ଚୁପ୍ କରି ବସିରହନ୍ତି; ଏପଟସେପଟ ଗୁହାର ଭିତରକୁ ଲକ୍ଷ୍ୟ କରନ୍ତି—ଯେପରି କ'ଣ ଖୋଜୁଛନ୍ତି; ମୁହଁରେ କିଛି କଥା ନାହିଁ । ମୋ'ର ମଧ୍ୟ ତାଙ୍କ ସହ କଥା କହିବାର ଇଚ୍ଛା ହୁଏନା; ଆଜିସୁଦ୍ଧା ତାଙ୍କୁ କିଛି କଥା ଜିଜ୍ଞାସା କରିନାହିଁ । କିନ୍ତୁ କ୍ରମେ ତାଙ୍କ କଥାଟା ବେଶ୍ ଚିନ୍ତାର ବିଷୟ ହୋଇଉଠିଲା; ଅନ୍ୟ କିଛି କାରଣରୁ ନୁହେଁ, ତାହା ତାଙ୍କର ନିର୍ବାକ୍ ଅବସ୍ଥା ଯୋଗୁଁ । ଏ ବ୍ୟକ୍ତିଟି ପୁଣି କିଏ ? ହିନ୍ଦୁସ୍ଥାନୀ କି ବଙ୍ଗାଳୀ, ତା' ମଧ୍ୟ ଜାଣିପାରେନାହିଁ । ତେବେ ସେ ଯୁବା ନୁହନ୍ତି, ପ୍ରୌଢ଼; କଞ୍ଚା-ପାକଲା ଧୂଳିଧୂସରିତ କେଶ—ମୁଣ୍ଡ ବୁଦା ଜଙ୍ଗଲ ପରି; ତା' ମଝିରେ ଗଛର ଓହଳ ପରି ଚାରିପାଞ୍ଚଟା ଜଟା ଓହଳିଛି । ଶରୀର ଗୌରବର୍ଣ୍ଣ

ଥିଲା, ଏବେ ହୋଇଛି ତମ୍ବାଳିଆ, ମୁଖରେ ଅଳ୍ପ ଦାଢ଼ି—ଛାଗଳଦାଢ଼ି ପରି, ତାହା ମଧ୍ୟ କଞ୍ଚା-ପାକଲା ଚୂଳଭରା । ଦୀର୍ଘ ରୋଗା-ଶରୀର, ଟଳଟଳ ଲାଲଚକ୍ଷୁ, ଯେପରି କେଉଁ ଦିଗକୁ ସ୍ଥିର ଦୃଷ୍ଟି ନାହିଁ । ଆଖି ସହ ଆଖି ମିଶିଗଲେ ଜଣାପଡ଼େ ଯେପରି ଜଳଭରା । ଘନକୃଷ୍ଣ ଭ୍ରୂ, ପ୍ରଥମେ ସେଇଟାହିଁ ଆଖିରେ ପଡ଼େ । ଶରୀରରେ ଆବୃତ ଏକ କମ୍ବଳ ମାତ୍ର, ଭିତରେ କୌପୀନ ।

ମୋ'ର ନିୟମ ଥିଲା, କାହା ସହ ପ୍ରଥମେ କଥା ନକହିବା; ଆଉ ଯେତେ କମ୍ କଥାରେ କାମ ଶେଷ କରାଯାଇପାରିବ, ସେତିକି ମାତ୍ର କଥା କହିବା । ଏହି ଅବସ୍ଥାରେ ବାକ୍‌ସଂଯମ ଅତ୍ୟନ୍ତ ପ୍ରୟୋଜନ ଥିଲା । କେତେବେଳେ କେଉଁଠି ବେଶୀ କଥାର ଆରମ୍ଭ ଦେଖିଲେ, 'ଦୁହାଇ ବାବା' କହି ହାତଯୋଡ଼ି ତାଙ୍କୁ ବୁଝାଇଦେବାକୁ ହୁଏ ଯେ ''ସାଧୁଗିରି କରିବାକୁ ଆସିନାହିଁ, ଉଦ୍ଦେଶ୍ୟ କେବଳ ସାଧନାପଥରେ ଚାଲିବା । ମୁଁ ସାଧୁ ନୁହେଁ କି ସିଦ୍ଧ ନୁହେଁ, ସଂସାର ଅଛି, ଘରେ ସ୍ତ୍ରୀ, ମା', ବାପା, ଏପରିକି ଠାକୁରମା' ପର୍ଯ୍ୟନ୍ତ ଅଛନ୍ତି, କେବଳ କିଛିଦିନ ଲାଗି ସଂସାରର ଗୋଳମାଳଠାରୁ ବାହାରିଆସି ଟିକିଏ ସାଧନ ଭଜନ କରୁଛି ମାତ୍ର ।''

ଯାହାହେଉ, ଏବେ ଦେଖୁଛି ଏହି ଲୋକଟିର ନିର୍ବାକ୍ ବ୍ୟବହାର ସଙ୍ଗେ ମୋ'ର ବେଶ୍ କିଛି ମାନସିକ ଦ୍ୱନ୍ଦ୍ୱ ଆରମ୍ଭ ହୋଇଗଲା । କେଉଁଠାରୁ ଧୂମକେତୁ ପରି ଏହି ଅଦ୍ଭୁତ ଲୋକ ଆହୁରି ଅଦ୍ଭୁତ ରହସ୍ୟମୟ ନିର୍ବାକ୍ ଅସ୍ତିତ୍ୱ ନେଇ ଉପସ୍ଥିତ ହେଲେ, ଯେପରି ଏକ ଅଶାନ୍ତିର କାରଣ ହୋଇ ! ମୋ'ର ଆସ୍ଥାନକୁ ଆସି ନିୟମ ଶୃଙ୍ଖଳା ମଧ୍ୟରେ ବିକ୍ଷେପ ସୃଷ୍ଟି କରିବାକୁ ଚାହାନ୍ତି । ମୁଁ ମୋ' ନିୟମକୁ ଜଗି କଥା କହେନାହିଁ—କିନ୍ତୁ ସେ କାହିଁକି କହନ୍ତି ନାହିଁ କଥା ? ଏହି ପାଗଳାମି ଭାବ ଭିତରେ ତାଙ୍କର ଆଉ କେଉଁ ଉଦ୍ଦେଶ୍ୟ ଅଛି କି ନାହିଁ, କିଏ ଜାଣେ ?

ଏଠାରେ ଥିବା ଏହି ଗୁହାଟିର ଅଛି ଭିତର ଆଉ ବାହାର । ପ୍ରଥମେ ଏକ ମଞ୍ଚ—ପ୍ରାୟ ଦଶଫୁଟ ଉଚ୍ଚ ଆଉ ପାଞ୍ଚ ଛ'ଜଣ ବସିପାରିବା ପରି ଜାଗା । ତା'ର ଗୋଟିଏ ପାଖରେ ଧୁନି ଜଳେ । ସେହି ଗୁହା ଭିତରେ ଆଉ ଏକ ଗୁହା, ତାହା ଅନ୍ଧାର, ଛୋଟ ଓ ନୀଚା, ଭିତରଟି ପାଞ୍ଚଫୁଟ୍‌ରୁ ବେଶୀ ନୁହେଁ । ସିଧା ଠିଆହେବା ସମ୍ଭବ ନୁହେଁ । ବାହାରୁ ଭିତରଗୁହାକୁ ଯିବା ଲାଗି ପ୍ରାୟ ଦେଢ଼ହାତ ଚଉଖୁଣ୍ଟିଆ ପଥ, ତାହାହିଁ ଦ୍ୱାର, ଭିତରକୁ ଯାଇ ତାଟି ବନ୍ଦ୍ କଲେହିଁ ବେଶ୍ ଗରମ ଲାଗେ— ପାହାଡ଼ ଜାଗାର ଶୀତବେଳେ ଖୋଲାଦେହରେ ରହିହୁଏ । ପୁଣି ଗରମ ସମୟରେ ବେଶ୍ ଥଣ୍ଡା । ଭିତରେ ପ୍ରାୟ ଚାରିହାତ ଲମ୍ବା ଆଉ ତିନିହାତ ଚଉଡ଼ା ହେବ ଗୁହାଟି, ମୋ' ଆସନ—ଏହି ଭିତରର ଗୁହାଟିରେ । ସବୁ ସମୟରେ ତ ଭିତରେ ରହିହୁଏ ନାହିଁ, କେହି ଆସିଗଲେ ବାହାରକୁ ଆସି ବସେ । ଶୀତଦିନେ ନିଆଁଧୁନି ବାହାରେ ନହେଲେ ଚଳେନାହିଁ । ସେଥିଲାଗି ଏହି ଲୋକଟି ଯେତେବେଳେ ଆସନ୍ତି, ତାଙ୍କୁ ବାହାରେ

ବସିବାକୁ ପଡ଼େ, ଆଉ ସେ ଧୁନି ପାଖରେ ବସନ୍ତି । ସେ ଯେତେବେଳେ ହିଁ ବସନ୍ତି, ଦେଖେ ତାଙ୍କର ଦୃଷ୍ଟି ବେଶୀ ସମୟ ଭିତର-ଗୁହାରେ । ଯାହାହେଉ, ଏହାଙ୍କୁ ନେଇ ମନରେ ଯେଉଁ ଅବସ୍ଥା ସୃଷ୍ଟି ହେଲା, ସେଥିରେ ଚୁପ୍ କରି ରହିବା ସମ୍ଭବ ହେଲାନାହିଁ—ଠିକ୍‌କଲି ଆଜି ଏହାର ଏକ ଶେଷ ମୀମାଂସା, ଯା'ହେଉନା କାହିଁକି, କରିଦେବି । ପଚାରିବି, କାହିଁକି ସେ ଏଠାକୁ ଆସନ୍ତି, କ'ଣ ମତ୍‌ଲବ୍ ତାଙ୍କର ?

ମନରେ ଏହି ସଂକଳ୍ପ କରିବା ପରେ ହିଁ ପୁଣି ମନେହେଲା, ମୋ'ର ଧୈର୍ଯ୍ୟ ପରୀକ୍ଷା କରିବାକୁ ଭଗବାନଙ୍କର ଏହା ଏକ ଅଦ୍ଭୁତ ଛଳନା ନୁହେଁ ତ ? ଯଥାର୍ଥ ଭାବେ ମୋ'ର ସାଧନାରେ ମୁଁ ଅଭିନିବିଷ୍ଟ କି ନାହିଁ, ଏହିପରି ସାଧନାର ଧାରାରେ ବ୍ୟତିକ୍ରମ ହୁଏ କି ନାହିଁ, ମୋର ଇଷ୍ଟ କ'ଣ, ସେହି ପରୀକ୍ଷା କରୁନାହାନ୍ତି ତ ? ଏହିସବୁ ଚିନ୍ତା କରିକରି ପୁଣି ମୋ' ସଂକଳ୍ପରେ ଗୋଳମାଳ ହୋଇଗଲା— କ'ଣ କରିବି କିଛି ସ୍ଥିର କରିପାରିଲି ନାହିଁ ।

× × ×

ସେଦିନ ସେହି ବ୍ୟକ୍ତିଟି ଆସିଲେ ଠିକ୍ ସନ୍ଧ୍ୟା ସମୟରେ । ମୁଁ ସେତେବେଳେ ଗୁହା ଭିତରେ ଆସନରେ । ବାହାରେ ଧୁନି ଜଳା ହୋଇଥିଲା, ବୋଧହୁଏ କମ୍ ନିଆଁ ଥିଲା । ସଂକେତ ଠିକ୍ ମିଳିଲା ଯେ ସେ ଆସିଛନ୍ତି । ଧୁନି ପାଖରେ ଯେଉଁଠି ଚଟେଇ ପଡ଼ିଥିଲା, ସେଠି ବସିଲେ । ମନ ଚଞ୍ଚଳ ଥିଲା, ସେ ଆସିବା ପରେ ଆଉ ବେଶୀ ସମୟ ଆସନରେ ରହି ନପାରି ବାହାରକୁ ଆସି ଧୁନିକୁ ଭଲ ଭାବେ ଜଳାଇଦେଇ କେତେଖଣ୍ଡ କାଠ ପକାଇଦେଲି, ଯେପରି କିଛି ସମୟ ବେଶ୍ ନିଆଁ-ଆଲୁଅ ରହିବ । ମୋର କିଛି ଆଲୁଅ ନଥିଲା— ରାତିରେ ଯାହାକିଛି କାମ ଧୁନିର ଆଲୁଅରେ ଚଳିଯାଏ । ଖଣ୍ଡିଏ ମୃଗଚର୍ମ ଥିଲା । ସେଥିରେ ବସେ । ଆଉ କେହି ଆସିଲେ, ତାଙ୍କ ଲାଗି କେତେକ ଚଟେଇ ଥାଏ । ଆଣ୍ଠୁ ଉଠାଇ ଦୁଇପାଦ ମୋଡ଼ି ଦୁଇହାତରେ ସେହି ସରୁହାଡୁଆ ଆଣ୍ଠୁକୁ ଜାବୁଡ଼ି ଧରି ଲୋକଟି ବସିଥାନ୍ତି ।

ବିଚିତ୍ର ସନ୍ନ୍ୟାସୀ

ମନରେ ରାଜ୍ୟଯାକର ଦ୍ୱନ୍ଦ୍ୱ ଆସି ମହାଆଲୋଡ଼ନ ସୃଷ୍ଟି କଲା—କିପରି କଥାଟା ଆରମ୍ଭ କରିବି । ଆଶ୍ଚର୍ଯ୍ୟ କଥା, ମୋତେ କହିବାକୁ ପଡ଼ିଲା ନାହିଁ, ସିଏହିଁ ପ୍ରଥମେ କଥା କହି ମୋତେ ରକ୍ଷାକଲେ । ହିନ୍ଦୀରେ ସେ ପଚାରିଲେ । ଭାରି ଗମ୍ଭୀର ଥିଲା ତାଙ୍କ ସ୍ୱର— 'ବାବୁସାହେବ୍, କୋଲ୍‌କତାକା ଆଦ୍‌ମୀ ?' ମୁଁ, 'ଜୀ ହାଁ' କହି ତାଙ୍କ ମୁହଁକୁ ଚାହିଁରହିଲି ।

ସେତେବେଳେ ସେ ପୁଣି କହିଲେ—''ବାଙ୍ଗାଲୀ ବାବୁଲୋକ୍‌କୋ ଏଲମ୍ ବହୁତ ହୈ, ସାରା ହିନ୍ଦୁସ୍ଥାନମେ ଉସିକେ ବରାବର୍ କୋଇ ନହିଁ । ଆଂଗ୍ରେଜ୍ ଲୋକ ଭି ଉସିକୋ...''

ବାଧାଦେଇ ମୁଁ କହିଲି, ''ଆପ୍ କ୍ୟା ବୋଲ୍ ରହା, ମେରେ ସମଝ୍‌ମେ ନହିଁ ଆତା ।'' ସେ ସେହିପରି ବସି ସେହି ଢଙ୍ଗରେ କହିଲେ—''ମୟ୍‌ନେ ଇୟେ ବୋଲ୍ ରହା ହୁଁ—ଯେ, ଆପ୍ ବାଙ୍ଗାଲୀଓଁକୋ ଆଂଗ୍ରେଜ୍ ଭି ବହୋତ୍ ଡର୍‌ତେ ।'' ଏହା ଶୁଣି ମୁଁ ସାମାନ୍ୟ ବିରକ୍ତ ହୋଇ କହିଲି, ''ଇସବ୍ ବେଫାୟଦା ବାତ୍ ସତ୍ ସାଧୁସଙ୍ଗକୋ ୱାସ୍ତେ ନହିଁ । ଆପ୍‌କୋ କୋଇ ପ୍ରୟୋଜନକୀ ବାତ୍ ହୋ ତୋ ଆଚ୍ଛା, କହିୟେ !''

ସେ ସେତେବେଳଯାଏ ଧୁନି ଆଡ଼କୁ ଚାହିଁ କଥା କହୁଥିଲେ, ଏଥର ମୋ' କଥା ଶୁଣିଲାକ୍ଷଣି ମୋ' ଆଡ଼କୁ ମୁହଁ ଫେରାଇ ଦେଖିଲେ—ତାଙ୍କର ଚକ୍ଷୁରେ ଏକ ଅଦ୍ଭୁତ ଜ୍ୟୋତି । ଧୁନି ନିଆଁରେ ଯେତିକି ଦେଖାଯାଏ, ମୁଁ ତାହା ଦେଖି ଅନ୍ତରରେ ଯେପରି ଏକ କମ୍ପନ ଅନୁଭବ କଲି । ସଙ୍ଗେ ସଙ୍ଗେ ତାଙ୍କର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଯେପରି ମୋ' ପାଖରେ ସ୍ୱୀକୃତିଲାଭ କଲା । ସେ କହିଲେ, ''ଆପ୍ ସାୟଦ ହାମିକେ ବିସ୍‌ୱାସ୍ ନହିଁ କର୍‌ତେ !'' ଏହାଶୁଣି ମୁଁ କହିଲି, ''ୱ୍ୱ ବାତ୍ ନହିଁ, ୱ୍ୱ ସବ୍ ବାତ୍‌ସେ ହମାରା କୁଛ୍ କାମ୍ ନହିଁ, ୟହ ହାମ୍ ବୋଲ୍‌ତେ ହୈ, ଆପ୍ ଫିର୍ ଓହି ବାତ୍ ହମ୍‌ସେ ମତ୍ ବୋଲା କରୋ ଜୀ !''

—''କାହେ ମହାରାଜ ?''

ଲୋକଟା ପାଗଳ ନା କ'ଣ ? ପୁଣି ଏକ ବିରକ୍ତି ଭାବ ମୋ'ଠାରେ ଦେଖାଦେଲା । ତେବେ ମଧ୍ୟ ସଂଯତ ହୋଇ କହିଲି—''ସାଧୁ-ସେବକ୍ ଆଦ୍‌ମୀକୋ ୱ୍ୱ ବାତ୍‌ସେ କୁଛ୍ ଫାୟଦା ନହିଁ, ଇସିବାସ୍ତେ ।''

—''ଆପ୍ ଘର ଛୋଡ଼୍‌କେ ଆୟା କି ନହିଁ ?''

—''ଆୟା ତୋ ସହି ।''

—'ଅପ୍‌ନା ଦେଶକା କୁଛ କଲ୍ୟାଣ କେ ଲିୟେ ତୋ ଆୟା ହୋଗା ?'

ଏହି କଥାସବୁ କହିଦେଇ ସେ ଆସନପିଣ୍ଡିରେ ବେଶ୍ ମାଡ଼ିହୋଇ ବସିଲେ । ମୁଁ କହିଲି—''ପହଲା ଅପ୍‌ନା କଲ୍ୟାଣ, ପିଛେ ଦେଶକୀ ବାତ୍—ଫିର୍, ମୁଝେ ଅଜ୍ଞାନକୀ ଦରିୟାମେ ଫାସ୍ ରହାହୁଁ—ନା ମାଲୁମ କୈସି ଅପନା ଜାନ୍ ବଁଚାଉ—ହମ୍‌ସେ ଦେଶକୀ କଲ୍ୟାଣ କ୍ୟା ହୋ ସକ୍‌ତା, ବତଲାଓ ଜୀ !''

ସେ ତଥାପି ଦେଶକଥା ଛାଡ଼ିଲେ ନାହିଁ, କହିଲେ—''ଦେଶ୍‌କୀ ବାତ୍, ସବ୍‌କୋଇ କୋ ଅଧିକାର୍, ହୈ କି ନହିଁ ?''

—''ହାମାରା ୱ୍ୱାସ୍ତେ ନହିଁ'' କହିସାରି ମୁଁ ଏପରି ଭାବେ ଚୁପ୍ ହୋଇ ରହିଲି, ଯେପରି ଆଉ ସେ ପ୍ରସଙ୍ଗ ନଉଠେ ।

ଲୋକଟି କିଛିକ୍ଷଣ ଚୁପ୍ ରହିଲେ– ଯେପରି କ'ଣ କହିବେ, ତାହା ଭାବୁଛନ୍ତି । ମନେକଲି ବଞ୍ଚିଗଲି । କିନ୍ତୁ ଏତେ ସହଜରେ କ'ଣ ରକ୍ଷା ମିଳେ ! ପୁଣି ସେ ଆରମ୍ଭ କରିଦେଲେ । ଏଥର ଆଉ ହିନ୍ଦୀରେ ନକହି ମୋ ଭାଷାରେ କହିଲେ । ସେ କହିଲେ ''ଦେଶର କଲ୍ୟାଣ ସହ ଧର୍ମର ଘନିଷ୍ଠ ସମ୍ବନ୍ଧ ନାହିଁ କି ?''

ମୁଁ କହିଲି, ''ଦେଶ କଥାରେ ମୋ'ର କୌଣସି କୌତୂହଳ ନାହିଁ, ଆକର୍ଷଣ ମଧ୍ୟ ନାହିଁ । ମୋ' ସଙ୍ଗେ ଏ ସମସ୍ତ କଥା କହି ତୁମର କିଛି ଲାଭ ହେବନାହିଁ ।'' ମୁହଁ ଫେରାଇନେଇ ସେ ପୁଣି କହିଲେ, ''ତୁମେ ନିଶ୍ଚୟ ମୋତେ ଗୁପ୍ତଚର ମନେକରିଛ !'' ମୁଁ ତ ଅବାକ୍ । କହିଲି, ''ସେଥିରେ କ'ଣ ଅଛି ?'' ସେ ଏହା ଶୁଣି ମୃଦୁ ମୃଦୁ ହସି କହିଲେ– ''ହୁଏତ ସେଇଥିଲାଗି ତୁମେ ମୋ' ପାଖରେ ମନର କଥା ପ୍ରକାଶ କରୁନାହଁ !''

–''ମୋ' ମନରେ କିଛି କଥାହିଁ ନାହିଁ । ଆଉ ଯଦି କିଛି ଥାଏ, ସେ ସମ୍ବନ୍ଧରେ ଅସଲରେ ତୁମର କିଛି ସମ୍ପର୍କ ନାହିଁ ।'' ଏହା କହିବା ପରେ ସେ ଅନେକ ସମୟ ମୋ' ମୁହଁ ଆଡ଼କୁ ଏପରି ଭାବେ ଚାହିଁରହିଲେ, ଯେପରି ମୋ' ମନକଥା ଖୋଜି ବାହାର କରିନେବେ । ତା'ପରେ କହିଲେ–''କିପରି ଜାଣିଲ ?'' ମୁଁ କହିଲି–''ତୁମର ଆଳାପ ଆଲୋଚନା ଶୁଣି କଥାବାର୍ତ୍ତାର ବିଷୟବସ୍ତୁକୁ ଦେଖି, ଆଉ କ'ଣ ଦେଖିବା ଦରକାର, ତୁମେ ହିଁ କହୁନା ?''

ସେ କହିଲେ, ''ଏହା ତୁମର ଭୁଲ୍ । ତୁମକୁ ମୁଁ ଟିକିଏ ପରୀକ୍ଷା କରୁଥିଲି–ଯଥାର୍ଥ ସାଧୁ ନା ଭଣ୍ଡ ରାଜଦ୍ରୋହୀ, ତାହାହିଁ ଦେଖୁଥିଲି ।''

କହିଲି–''ମୋ' ସହ ରାଜନୀତିର କୌଣସି ସମ୍ବନ୍ଧ ନାହିଁ । ମୁଁ ନିଜ ଦୁଃଖରେ ଜଳିମରେ, ସେଥିଲାଗି ଘର ଛାଡ଼ି ବାହାରିଆସିଛି ଟିକିଏ ଶାନ୍ତି କାମନା କରି, କିପରି ଜ୍ଞାନର ଆଲୋକ ମିଳିବ !'' ବାଧାଦେଇ ସେ କହିଲେ, ''ତା'ହେଲେ ତ ତୁମର ଆହୁରି ଅଧିକ ସାଧୁସଙ୍ଗ ପ୍ରୟୋଜନ !''

''ସେ ତ' ଠିକ୍, ନିଶ୍ଚୟ ଦରକାର–କିନ୍ତୁ ସେ ସାଧୁଙ୍କୁ ପାଇବି କେଉଁଠି ?''

ଲୋକଟି ମୋ' ଆଡ଼କୁ ଏକବାର ତୀକ୍ଷ୍ଣଦୃଷ୍ଟିରେ ଚାହିଁ ଦେଖିଲେ, ତା'ପରେ ଆଉ ଟିକିଏ ନିକଟକୁ ଚାଲିଆସି ବସିଲେ । ତାଙ୍କର ସେହି ତୀକ୍ଷ୍ଣଦୃଷ୍ଟିରେ ମୋତେ ଯେପରି ଏକବାର ଅନୁଗତ କରିପକାଇଲେ । ଏଥର ସେ କହିଲେ–''ତୁମେ କ'ଣ ଯଥାର୍ଥରେ ତାହାହିଁ ଚାହ ? ଯଥାର୍ଥରେ କ'ଣ ତୁମେ ସାଧନପଥରେ ଆଗେଇ ଯିବାକୁ ଚାହ ? ଏକମାତ୍ର ଏହି ଉଦ୍ଦେଶ୍ୟରେ କ'ଣ ତୁମେ ଏଠାକୁ ଆସିଛ ?''

ମୁଁ କହିଲି, ''ଆପଣ କ'ଣ ଅନୁମାନ କରୁଛନ୍ତି ? ଆପଣ ତ ମହାନ୍ ବିଚକ୍ଷଣ ବ୍ୟକ୍ତି !''

ମୋ' କଥା ଶୁଣି ସେ ଖପ୍ କରି ମୋର ଗୋଟିଏ ହାତ ଧରିପକାଇଲେ, ତା'ହପରେ ମୋ' ମୁହଁ ଆଡ଼କୁ ଆଗ୍ରହପୂର୍ଣ୍ଣ ଦୃଷ୍ଟିରେ ଚାହିଁ କହିଲେ—''ବାବୁ ! ଆଜିକୁ ଦଶଦିନ ଧରି ମୁଁ ତୁମର ଅସଲ ଭାବକୁ ବୁଝିବାକୁ ଚେଷ୍ଟା କରୁଛି; କିନ୍ତୁ ସତ କହିବାକୁ ଗଲେ, ମୁଁ ଟିକିଏ ଧୋକାରେ ପଡ଼ିଥିଲି—କାରଣ ତୁମ ନିଜ ଭିତରେ ଏକ ପ୍ରବଳ ଦ୍ୱନ୍ଦ୍ୱ ଚାଲିଥିଲା, ସେହି କାରଣରୁ ତୁମର ଅନ୍ତରର ଭାବକୁ ମୁଁ କୌଣସି ରୂପେ ଠିକ୍‌ଭାବେ ବୁଝିପାରୁ ନଥିଲି— ଏଇମାତ୍ର ସେଇଟା ହିଁ ଜାଣିପାରିଛି । କୁହ, ତୁମ ଭିତରେ ଏକ ପ୍ରବଳ ଦ୍ୱନ୍ଦ୍ୱ ଚାଲିଥିଲା କି ନାହିଁ ?'' ମୁଁ ସ୍ୱୀକାର କଲି, ''ଏବେ ମଧ୍ୟ ଚାଲିଛି ।''

—''ତୁମେ ଯଦି କିଛି ମନେ ନକର, ତା'ହେଲେ କେଉଁଥିଲାଗି ତୁମର ଦ୍ୱନ୍ଦ୍ୱ, ତାହା ମୁଁ କହିଦେଇପାରିବି ।'' ଏହା ଶୁଣି ମୁଁ ଜିଜ୍ଞାସୁ ଭାବେ ତାଙ୍କ ମୁହଁକୁ ଚାହିଁଲି ।

ସେ ନିଃସଂକୋଚରେ କହିଲେ—''ଏହି ଯେ ଘର ଛାଡ଼ି ତୁମେ ଏଠାକୁ ଆସି ଯୋଗର ନିୟମରେ ଯେଉଁସବୁ କ୍ରିୟା ଆରମ୍ଭ କରିଛ, ତାହା ଠିକ୍ ଠିକ୍ ରୂପେ ହେଉଛି କି ନାହିଁ, ଏହି ସନ୍ଦେହ ତୁମ ମନ ଭିତରେ କେତେଦିନ ଧରି ବେଶୀ ଭାବରେ ଆନ୍ଦୋଳିତ ହୋଇ ତୁମକୁ କଷ୍ଟ ଦେଉଛି ।''

—''ଠିକ୍ ତାହାହିଁ ! ଆପଣ ଯେତେବେଳେ ବୁଝିପାରିଛନ୍ତି, ତେବେ ଏତେ ପରୀକ୍ଷା କଲେ କାହିଁକି ?''

—''ଠିକ୍ କ'ଣ ପାଇଁ ଦ୍ୱନ୍ଦ୍ୱ ଚାଲିଛି, ପୂର୍ବେ ତା'ର ସୂଚନା ପାଇନଥିଲି । କାରଣ ତୁମେ ମୋତେ ଏଡ଼ାଇଯିବାର ଇଚ୍ଛାରେ ସବୁବେଳେ ବିରୁଦ୍ଧଭାବ ନେଇ ମୋତେ ଦେଖିଆସିଛ, ସେଥିଲାଗି ତୁମ ଅନ୍ତରର ସମ୍ପର୍କ ପାଇନଥିଲି । ଏବେ ମୁଁ ତୁମକୁ ଧରିପାରିଛି— କୁହ, ବର୍ତ୍ତମାନ ମୁଁ ତୁମର କ'ଣ କରିବି ? ତୁମ ପରି ମୋ'ର ଜଣେ ପ୍ରୟୋଜନ । ତୁମ ନିକଟକୁ ଆସିବାର ଉଦ୍ଦେଶ୍ୟ ହେଲା, ତୁମକୁ ପରୀକ୍ଷା କରି ନେଇ ଆଗକୁ ତୁମ ଲାଗି କିଛି କରିବା, ତା'ପରେ ତୁମକୁ ମୋ' ଲାଗି କିଛି କରିବା ଲାଗି ଉପଯୁକ୍ତ ଭାବେ ପ୍ରସ୍ତୁତ କରିବା । କ'ଣ, ମୋ' କଥା ତୁମକୁ ଭଲ ଲାଗୁଛି ?''

ଏତେବେଳ ପର୍ଯ୍ୟନ୍ତ କିନ୍ତୁ ଏହାଙ୍କୁ ବନ୍ଧୁ ବୋଲି ମାନିନେବା ଲାଗି ପ୍ରାଣ ଚାହିଲା ନାହିଁ—ଏତେ କହିବା ପରେ ମଧ୍ୟ ସନ୍ଦେହ, ବିଶେଷତଃ ଶେଷ କଥାଟିରେ ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟର ସଂକେତ ପାଇ ମନଟା ଦବିଗଲା । ସାଧନ ରାଜ୍ୟରେ ଏ ସମସ୍ତ ଚୁକ୍ତି କଥା କେଉଁଠୁ ଉଠୁଛି ?

ମନରେ କେତେ କଥା ଉଦ୍ରେକ ହେବାକୁ ଲାଗିଲା—ଲୋକଟି ସ୍ଥିରଦୃଷ୍ଟିରେ ମୋ' ଆଡ଼କୁ ଦୃଢ଼ ଭାବେ ଚାହିଁରହିଲେ—କ'ଣ ବୁଝିଲେ କେଜାଣି, ମନେହେଲା ଯେପରି ମୋ' ମନରେ ଯାହାକିଛି ଭାବ ଆସୁଛି, ସେ ଯେପରି ଜାଣି ନେଉଛନ୍ତି । ଅନେକ କ୍ଷଣ ପରେ, ଯେପରି ନୂଆ କିଛି ପାଇଲେ, ସେହିପରି ଭାବରେ କହିଲେ—''ଦେଖ, ତୁମେ ଯେପରି

ମୋତେ ଠିକ୍ କରି ବୁଝିପାରିନାହଁ, ମୋ' ଲାଗି ଦ୍ୱନ୍ଦ୍ୱରେ ପଡ଼ିଛ, ମୁଁ ମଧ୍ୟ ସେହିପରି ତୁମକୁ ବୁଝିପାରିନାହିଁ ।'' ଏହାକହି ସେ ହୋ ହୋ କରି ଏକ ଅନର୍ଥକ ହସ ହସି ମୋତେ ଚମକାଇ ଦେବାକୁ ଆରମ୍ଭ କଲେ—ଯେପରି ଜଣେ ପାଗଳ । ପୁଣି, ତାଙ୍କର ମୁହଁର ଭାବ ବଡ଼ ଭୟଙ୍କର ହୋଇଉଠିଲା ।

ସହ୍ୟ କରିନପାରି, ଯଥାର୍ଥରେ ଭୟ ପାଇ କହିଲି—''ମୁଁ ଆପଣଙ୍କୁ ବୁଝିପାରିବି ନାହିଁ—ଆପଣ ମୋ'ଠାରେ ଖୁବ୍ ଉଦ୍‌ବେଗ ଓ ଅଶାନ୍ତି ସୃଷ୍ଟି କରିଛନ୍ତି, ଆଉ ଦରକାର ନାହିଁ, ଆପଣ ଦୟାକରି ଚାଲିଯାଆନ୍ତୁ, ତା'ହେଲେ ମୁଁ ଶାନ୍ତି ପାଇବି ।''

ସେ ପୁଣି ହୋ ହୋ କରି ସେହି ପୈଶାଚିକ ହସ ସଙ୍ଗେ ମୋତେ କିପରି ଅଦ୍ଭୁତ ଭାବେ ଚାହିଁରହିଲେ । ଅସହ୍ୟ ! ସେହି ଆଲୁଅ-ଅନ୍ଧାର ମଧ୍ୟରେ ତାଙ୍କର ଏହି ଭାବଟି ବଡ଼ ଭୟାନକ ଭାବେ କ୍ରିୟା କରିବାକୁ ଲାଗିଲା । ତାଙ୍କୁ ଅନେଇ ନିର୍ବାକ୍, ନିଷ୍ପନ୍ଦ ହୋଇ ବସିରହିଲି ।

''ପୁଣି ଭୟ ଅଛି ଦେଖୁଛି, ହେ ମୋ'ର ଶିଶୁ—ମେରେ ଲାଲା, ତୁ ଏତେ ଟିକିଏ ହୃତ୍‌ପିଣ୍ଡ ନେଇ ସାଧନା ଆରମ୍ଭ କରୁଛୁ ! ଟିକିଏ ମାତ୍ର ଗତାନୁଗତିକତାର ବ୍ୟତିକ୍ରମ ଦେଖୁଛୁ ତ ଭୟରେ କମ୍ପି ମରିଯାଉଛୁ, ଏହି କ'ଣ ତୋ'ର ପୁଞ୍ଜି ?'' —ଏଇ କଥାସବୁ କହି ମୋ' ଡାହାଣ ହାତକୁ ନେଇ ତାଙ୍କର ଦୁଇହାତ ମଝିରେ ଧରି ହଲାଇବାକୁ ଆରମ୍ଭ କରିଦେଲେ ।

ଏହିପରି ହାତଧରି ଝୁଲେଇବା ସଙ୍ଗେ ସଙ୍ଗେ ମୋ'ର ଭୟ ଦୂର ହୋଇଗଲା, କ୍ରମେ କ୍ରମେ ସାହସ ହେଲା । ବୁଝିଗଲି, ଅନ୍ତର ଅନ୍ତର ମଧ୍ୟରେ ବିଶ୍ୱାସ ସହ ଏହି ଭାବ ଆସିଲା ଯେ ଏହି ଲୋକ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି, ପାଗଳ ନୁହନ୍ତି କି ପିଶାଚ ମଧ୍ୟ ନୁହନ୍ତି । ମୋ' ସମ୍ମୁଖରେ ଏହି ଯେଉଁ ମୂର୍ତ୍ତି, ନିଶ୍ଚୟ ସେ କୌଣସି ସିଦ୍ଧ ମହାପୁରୁଷ । ଏହି କଥା ମନରେ ଆସିବା ସଙ୍ଗେ ସଙ୍ଗେ ସେ ହାତ ଛାଡ଼ିଦେଇ—''ଏହି ଦେଖ କହି,'' ପଛକୁ ଗୁହା ଭିତରକୁ ଦେଖିବାକୁ ଇଙ୍ଗିତ କଲେ ।

ପଛକୁ ଫେରି ଦେଖିଲି ଗୁହା ଭିତରକୁ—ବିଶେଷ କିଛି ଦେଖିବାକୁ ନପାଇ ତାଙ୍କ ଆଡ଼କୁ ବୁଲି ଦେଖେ ଯେ କେହି କୁଆଡ଼େ ନାହିଁ । ଅଥଚ କିଛି ମୁହୂର୍ତ୍ତ ପୂର୍ବେ କି ଭୟାନକ ଜୀବନ୍ତ ଭାବେ ଏକ ପ୍ରହସନ ଚାଲିଥିଲା । ଅବାକ୍ ହୋଇ ବସିରହିଲି କିଛିକ୍ଷଣ ଲାଗି ।

କିଏ ଜାଣେ, ଏହାମଧ୍ୟରେ ଏପରି କ'ଣ ଦେଖିଲି—ଆଖିରୁ ଝରଝର ହୋଇ ଲୁହ ବହିଚାଲିଲା । କ'ଣ ଚିନ୍ତାକରି ଯେ ଏପରି ହେଲା, ତାହା ବୁଝିପାରିନି । କେବଳ ଏହି କଥା ମନକୁ ଆସିଲା ଯେ, ''ତୁମର ମୋ' ଉପରେ ଏତେ ଦୟା ? ମୁଁ ଭୟ ପାଇଥିଲି, ତୁମର ଭୟାନକ ମୂର୍ତ୍ତି, ଭୟାନକ ହସ ଦେଖି; ତୁମେ ନିଜ ଗୁଣରେ ସେହି ଭୟରୁ ମୋତେ ମୁକ୍ତ କରିଦେଇଗଲ । ହାୟ ! କି କ୍ଷୁଦ୍ରଶକ୍ତି ମୋ'ର, ଏହି କ୍ଷୁଦ୍ରଶକ୍ତି ଦୁର୍ବଳ ମନବୁଦ୍ଧି ନେଇ ସେହି ଅଖଣ୍ଡ ସଚ୍ଚିଦାନନ୍ଦଙ୍କ ମହାସତ୍ତା ସନ୍ଧାନରେ ବାହାରିଛି ।'' ଧିକ୍କାର ଆସିଲା—ଦୁର୍ବଳ, କ୍ଷୁଦ୍ର

ଅସ୍ତିତ୍ୱର ଏହି ମହାପ୍ରୟାସ କଥା ଚିନ୍ତାକରି । ବାମନର ଯେପରି ଚାନ୍ଦକୁ ହାତ ! ନିଜକୁ ଯେତେ କ୍ଷୁଦ୍ର ମନେକଲି, ସେତିକି ଛାତିରେ ଏକ ଚିପୁଡ଼ା ଖାଇ ଆଖିରୁ ତତଲା ଲୁହଧାରା ଝରି ଚାଲିଲା—କେବଳ ତାଙ୍କର ଦୟାର କଥା ସ୍ମରଣକରି ଏବଂ ସେ ଯେ କେତେ ମହତ୍, ଏହାହିଁ ଅନୁଭବ କରୁଥିଲି ।

ଏହି ଅବସ୍ଥାରେ ବହୁ ସମୟ ହୁଏତ କଟିଗଲା ବୋଲି ଅନୁମାନ କଲି । ଦେଖିଲି, ଧୁନି ଶୀତଳ ହୋଇଗଲାଣି । ଉଠିପଡ଼ି ଗୁହାକୁ ଭିତରୁ ବନ୍ଦକରି ଶୋଇପଡ଼ିଲି— ପ୍ରାଣରେ ଏକ ଅପାର୍ଥିବ ସାଧନଲବ୍ଧ ଶକ୍ତିର ଅନୁଭୂତି ସଙ୍ଗେ ଶାନ୍ତିଲାଭ କରି ।

ବେଶ୍ କନକନିଆ ତୀବ୍ର ଶୀତ । କାର୍ତ୍ତିକ ମାସ, ତା' ପୁଣି ମୋ'ର ଜନ୍ମମାସ ।

ଗଭୀର ନିଦ୍ରାପରେ ସବୁଦିନ ପରି ଉଠିପଡ଼ିଲି । ତାଟି ଘୁଞ୍ଚାଇ ଗୁହା ବାହାରକୁ ଆସି ନିଆଁ ଲଗାଇବା ଉପକରଣ, ଶୁଖିଲା ସରୁ ସରୁ କାଠ ବା ପାଇନ୍‌ର ଡାଳପତ୍ର ଗଦା ପାଖରୁ ଆଣି ଅଗ୍ନିସଂଯୋଗ କରି ଛୋଟ କାଠ ସହ ବଡ଼ କାଠ ଖଣ୍ଡେ ଦେଇ ଧୁନି ଲଗାଇବା କାମ ଶେଷକଲି ।

ଏବେ ବାହାରକୁ ଯିବାକୁ ପଡ଼ିବ । ଗୁହାଠାରୁ ବାଁ ଆଡ଼କୁ କିଛିଦୂର ଯାଇଛି—ଯେଉଁଠାରୁ ମୁଣ୍ଡ ଉପରେ ଆକାଶ ଦେଖାଯାଏ । ସବୁଦିନେ ଥରେ ଆକାଶକୁ ଅନାଏ, ସେତେବେଳେ ମୁଣ୍ଡ ଉପରେ ଏହି ସମୟରେ ହିଁ କାଳପୁରୁଷ ଦେଖାଯାଏ । ଆଜି ଦେଖିଲି, ସେହିଠାରେ ଆକାଶ ଗାତ୍ରରେ ଆଉ ଏକ ମୂର୍ତ୍ତି ।

ଏହା କେଉଁ ମୂର୍ତ୍ତି, ଯାହାକୁ କେବେ ଦେଖିନାହିଁ ? ଯେପରି ଆକାଶ ଗାତ୍ରରେ ତାହା ଅଙ୍କିତ । ପଶ୍ଚାତ୍‌ରେ ଘୋର ଅନ୍ଧକାର ମଧ୍ୟରେ ଯେପରି ତାହା ଫୁଟିଉଠିଛି । ଆଜିଠାରୁ କିଛିଦିନଯାଏ ଏହି ସମୟରେ ଦେଖୁଥିଲି କାଳପୁରୁଷର ତାରକାପୁଞ୍ଜ ଅଳ୍ପ ପଶ୍ଚିମ ଦିଗକୁ ଢଳିଯାଇଛି । ତେଣୁ ଆଜି ମଧ୍ୟ ସେହି ଦୃଶ୍ୟ ଦେଖିବାର ଧାରଣା ନେଇ ଚାହିଁରହିଥିଲି । କିନ୍ତୁ ଯାହା ଦେଖିଲି, ସେ ତାରା ନୁହେଁ କି ନକ୍ଷତ୍ର ନୁହେଁ, ଏକ ଅନିର୍ବଚନୀୟ ମୂର୍ତ୍ତି । ଭଲ ଭାବେ ନିରୀକ୍ଷଣ କରିବାକୁ ପ୍ରୟାସ କରୁ କରୁ ତାହା ବିଲୀନ ହୋଇଗଲା । ମୂର୍ତ୍ତି ମିଳେଇଗଲେ ମଧ୍ୟ ତା'ର ରୂପର ଛଟା ଦୃଷ୍ଟିରେ କିଛିକ୍ଷଣ ଲାଗି ଧରାଦେଲା । ଉଜ୍ଜ୍ୱଳ ନୀଳ, ଆକାଶପାତାଳ ଆବୋରି ଶରୀର, ମସ୍ତିଷ୍କରେ କିରୀଟ, କର୍ଣ୍ଣରେ କୁଣ୍ଡଳ, ବକ୍ଷରେ ହାରସଂଯୁକ୍ତ ମଣି, ଚନ୍ଦ୍ରତୁଲ୍ୟ ତାହାର ସ୍ନିଗ୍ଧ ଜ୍ୟୋତି, କଟିତଟରେ ଉଜ୍ଜ୍ୱଳ ରତ୍ନମଣ୍ଡିତ ଅଳଙ୍କାର ପ୍ରଲମ୍ବିତ, ତା'ର ନିମ୍ନରେ ଝିନ ପୀତବସ୍ତ୍ର । ଗୋଟିଏ ହାତରେ ଗଦା— ତା'ର ଶେଷଭାଗ ବିରାଟ । ମନେହେଲା, ଯେପରି ତାଙ୍କର ଦୃଷ୍ଟି ମୋ' ଆଡ଼କୁ ।

ଯେତେବେଳେ ଏହି ମୂର୍ତ୍ତି ତିରୋଧାନ ହୋଇଗଲା, ସଙ୍ଗେ ସଙ୍ଗେ ମନେହେଲା, ଏହି ମୂର୍ତ୍ତି ମୋ'ର ଚିତ୍ତକ୍ଷେତ୍ରରେ ଦେବମୂର୍ତ୍ତିର କଳ୍ପନା, ହୁଏତ ମନର ସୃଷ୍ଟି । ତା'ର ଅସ୍ତିତ୍ୱ ସତ୍ୟ କି ନୁହେଁ, ତାହା ମୋ'ର କ୍ଷୁଦ୍ର ବୁଦ୍ଧିର ଅତୀତ । ମନ ଭିତରେ ନାରାୟଣ ବା ବିଷ୍ଣୁମୂର୍ତ୍ତିର

ଯେଉଁ କଳ୍ପନାମୂଳକ ଅନୁଭୂତି ଥିଲା, ତାହାହିଁ ଏହି ଶାନ୍ତିମୟ ଅବସ୍ଥାରେ ନିର୍ଜ୍ଜନ ଆକାଶପଟ୍ଟରେ ଦେଖାଦେଇଛି । ଏହି ମୂର୍ତ୍ତି ବିଷୟ ଏଠାରେ ଉଲ୍ଲେଖ କରିନଥାନ୍ତି—କେବଳ କଲି ଏଇଥିଲାଗି ଯେ, ଏହାପରେ ଯେଉଁ ଘଟଣାଟି ଘଟିଲା, ତା' ସହିତ ଏହାର ସମ୍ବନ୍ଧ କିଛି ଥାଇପାରେ—ଏହାହିଁ ମନେକରି ଏହି ବିଷୟଟି ଉଲ୍ଲେଖ କରୁଛି ।

ମୋଟ୍ ଉପରେ ଦେଖୁଛି, ଆଜି ସକାଳଠାରୁ ଯାହାକିଛି ଘଟିଚାଲିଛି, ତାହା ମୋ'ର ସାଧନାକ୍ଷେତ୍ରରେ ଯେପରି ବିଚିତ୍ର, ପୁଣି ଅଜ୍ଞାତ; ସେହି ମହାପୁରୁଷଙ୍କ କୃପା, ମୋ' ସହ ତାଙ୍କର ଯୋଗାଯୋଗ ଉପଲକ୍ଷ୍ୟରେ ଯାହାସବୁ ମୋ' ମାନସକ୍ଷେତ୍ରରେ ଘଟିଥିଲା, ସୌଭାଗ୍ୟ ଦିଗରୁ ମଧ୍ୟ ସେହିପରି ଅଦ୍ଭୁତ । ଯାହାହେଉ, ଏଥର ଧୁନିରେ ଆଉ କିଛି କାଠ ଦି'ଟା ପକାଇଦେଇ ଭିତରକୁ ଯାଇ ଆସନରେ ବସିରହିଲି ।

ଯେତେବେଳେ ଗୁହା ଭିତରେ ଆସନରେ ବସିବାକୁ ହୁଏ, ପ୍ରାଣାୟାମଆଦି କ୍ରିୟା ବେଳେ ଦରଜାଟି ଖୋଲିରଖିବା ପ୍ରୟୋଜନ ହୁଏ । କାରଣ ଆବଦ୍ଧ ସ୍ଥାନରେ, ଯେଉଁଠାରେ ବାୟୁର ପ୍ରବେଶ ନାହିଁ, ସେଠାରେ କୌଣସି ଯୌଗିକ କ୍ରିୟା ନିଷିଦ୍ଧ । ସେଥିଲାଗି ହିଁ ଶୋଇବା ସମୟ ବ୍ୟତୀତ ସବୁ ସମୟରେ ଗୁହାଦ୍ୱାର ଖୋଲାରଖିବାକୁ ପଡ଼େ ।

ବେଶ୍ ଏକ ସୁଖକର ସ୍ମୃତି; ଯାହାସବୁ ଆଜି ଭାଗ୍ୟରେ ଘଟିଗଲା, ଶେଷରେ ଆକାଶଗାତ୍ରରେ ଏକ ନାରାୟଣ ବା ବିଷ୍ଣୁମୂର୍ତ୍ତି ଦର୍ଶନର ମହାନନ୍ଦମୟ ଅନୁଭୂତି ନେଇ ଉପବେଶନ କରିଛି । ଧ୍ୟାନ ତ' ସହଜ ଭାବରେ ଚାଲିଛି—କାର୍ଯ୍ୟତଃ କୌଣସି ଆରମ୍ଭ ବା ଉଦ୍ଦେଶ୍ୟ ନରଖି ସ୍ୱାଭାବିକ ରୂପେ ପ୍ରାଣଚୈତନ୍ୟର ଗତି ଅନୁସରଣ କରି ଚାଲିଛି । ସଙ୍ଗେ ସଙ୍ଗେ ଆନନ୍ଦର ଏକ ଅପୂର୍ବ ଅନୁଭୂତି । ଏହି ଅବସ୍ଥାରେ କିଛିକ୍ଷଣ ବାହ୍ୟଶୂନ୍ୟ ଅବସ୍ଥାରେ କଟିଗଲା—ହଠାତ୍ ଧୁନିର କ୍ଷୀଣ ଆଲୋକରେ ଦେଖୁଛି କ'ଣ ! ଗୁହା ଭିତରେ କେହି ଜଣେ ଆସନରେ ବସିଛି, ନିଷ୍ପନ୍ଦ ଶରୀର, ଯେପରି ସମାଧିସ୍ଥ । ଇଏ କି ବ୍ୟାପାର ? ଏହି ଯେ ମୋ' ନିଜ ଶରୀର; ମୁଁ ତ ଟିକିଏ ଆଗରୁ ନିଦରୁ ଉଠି ବାହାରେ ବିଷ୍ଣୁମୂର୍ତ୍ତି ଦେଖୁଥିଲି; ପରେ ପରେ ନିୟମିତ ଆସନରେ ବସିଥିଲି । କିଛିକ୍ଷଣ ଧରି ବାହ୍ୟଜ୍ଞାନ ନଥିଲା, କୌଣସି ରକମ ଧ୍ୟାନମଗ୍ନ ଅବସ୍ଥାରେ ରହିଥିଲି—ଏବେ ଦେଖୁଛି, ଏହି ଅବସ୍ଥାରେ ଶରୀର ମଧ୍ୟରୁ ବାହାରି ଆସିଛି । ପୂର୍ବେ ଏପରି କେବେ ଘଟିନାହିଁ । ଏ କ'ଣ ହେଲା, କିପରି ଯେ ଏମିତି ହେଲା, କିଏ ଜାଣେ ? ମୋ' ପକ୍ଷେ ତ ଅଣିମା, ଲଘିମାଦିର ସିଦ୍ଧି ଏକବାର ସ୍ୱପ୍ନର ଅତୀତ କଥା, କେବେହେଲେ ସେ କଥା କଳ୍ପନା ମଧ୍ୟ କରିନାହିଁ । ଏହା ଅହଂର ଖେଳ ନୁହେଁ ତ ! ଆଶ୍ଚର୍ଯ୍ୟ ଲାଗିଲା, ଶରୀରର ଇନ୍ଦ୍ରିୟସବୁ ଏଠାରେ ଏହି ଆସନ ଉପରେ ସ୍ଥାଣୁ ହୋଇ ପଡ଼ିଛି, ପୁଣି ମୁଁ ତାହା ମଧ୍ୟ ଦେଖୁଛି, ଏଠାରୁ ଚକ୍ଷୁ ଦେଇ ଯେପରି ସବୁ ଦେଖାଯାଏ, ସବୁ ଠିକ୍ ସେହିପରି; ଅଥଚ ମୋ'ର ଚକ୍ଷୁ-ଇନ୍ଦ୍ରିୟ-ଯନ୍ତ୍ରଟି ନାହିଁ । ଏହା କିପରି ହେବ ? ଅସଲ ଚକ୍ଷୁର ତନ୍ମାତ୍ରା ଯେଉଁ ବସ୍ତୁ, ତାହା ଇନ୍ଦ୍ରିୟ ବିନା ରହିପାରେ କି ? ଚକ୍ଷୁ ଦେଇ ଯେପରି

ଷ୍ଟେରିଓସ୍କୋପ୍‌ରେ ଛବି ଦେଖାଯାଏ, ପୁନଶ୍ଚ କେବଳ ଚକ୍ଷୁରେ ସେହି ଛବି ଦେଖାଯାଏ, ଯନ୍ତ୍ର ମଧ୍ୟଦେଇ ଯେତେବେଳେ ଦେଖେ, ସେତେବେଳେ ସେହି ଯନ୍ତ୍ରର ଅନୁଗାମୀ ହୋଇ ହିଁ ଦେଖେ, ଯେତେବେଳେ ଯନ୍ତ୍ର ସାହାଯ୍ୟରେ ଦେଖେନାହିଁ, ସେତେବେଳେ ସ୍ୱାଭାବିକ ଦୃଷ୍ଟି । ଏ ଘଟଣା ମଧ୍ୟ ଠିକ୍ ସେହିପରି, ଯେତେବେଳେ ଚକ୍ଷୁ ଇନ୍ଦ୍ରିୟ ମଧ୍ୟରେ ଦେଖେ, ସେତେବେଳେ ତା'ର ଆଦେଶରେ ଯାହାକିଛି ଦୃଷ୍ଟିଗୋଚର ହୁଏ, ଆଉ ଯେତେବେଳେ ଚକ୍ଷୁ ବ୍ୟତିରେକେ ଦେଖେ, ସେତେବେଳେ ସ୍ୱାଭାବିକ ଦୃଷ୍ଟି ଖୋଲିଯାଏ । ସେଥିରେ ଯନ୍ତ୍ରର ପ୍ରଭାବ ନଥାଏ । ଯନ୍ତ୍ରଦ୍ୱାରା ଦେଖିଲେ ଯେତିକି ଦେଖାଯାଏ, ତା'ର ପ୍ରଭାବରେ ଆଖପାଖରେ ଓ ସାମ୍ନାରେ ବାଧା ଥିଲେ ଉଦ୍ଦିଷ୍ଟ ବସ୍ତୁ ଦେଖାଯାଏ ନାହିଁ, କିନ୍ତୁ ଏବେ ଆତ୍ମଚୈତନ୍ୟର ସ୍ୱାଭାବିକ ଦୃଷ୍ଟିରେ ଦେଖୁଛି, ସେଥିରେ କୌଣସି ବାଧା ନାହିଁ । ଏହି ଗୁହା ଭିତରେ ସବୁକିଛି ଦେଖିପାରୁଛି । ତା'ଛଡ଼ା ମଧ୍ୟ ଆଉ କିଛି ଦେଖିପାରୁଛି– ଦୃଷ୍ଟି ପ୍ରସାରିତ କଲେ ବିଶାଳ ପ୍ରାନ୍ତର, ନଦନଦୀ, ଦେଶ, ସାଗର, ଆକାଶ, ଗ୍ରହନକ୍ଷତ୍ରାଦି ସମସ୍ତ ଦେଖୁଛି, କୌଣସି ବାଧା ବିନା କେବଳ ଏକ ପ୍ରବଳ ବୋଧଶକ୍ତି ଅଛି, ଯାହାକୁ ସୁଖ ବୋଲି କୁହାଯିବ । ଶରୀରର ଭାର ଯେ କେତେ ଅଧିକ, ତାହା ଏବେ ବୁଝିପାରୁଛି । ବିଜ୍ଞାନମୟ କୋଷ କେବଳ ମୋ'ର ସକଳ ସ୍ମୃତି, ସକଳ ଅଭିଜ୍ଞତା ନେଇ ମୋ' ଆଧାରଟିରେ ଭରିରହିଛି । ଏହି ଦେହମୁକ୍ତ ଅବସ୍ଥା ଯେ କି ଆନନ୍ଦଦାୟକ, ତାହା କିପରି ବୁଝାଇପାରିବି ? ଥରେ ଥରେ ଯେପରି ଆନନ୍ଦର ତରଙ୍ଗ ଭାସିଆସି ମୋତେ ବିହ୍ୱଳ କରି ପକାଉଛି । ଏହା ଏକ ଅଦ୍ଭୁତ ଅଭିଜ୍ଞତା, ଆଗେ କେବେ ଘଟି ନଥିଲା । ସିଦ୍ଧ ସାଧୁ ମହାପୁରୁଷମାନଙ୍କ କ୍ଷେତ୍ରରେ ଏହି ଅବସ୍ଥା ସବୁ ସମୟରେ ଘଟିଥାଏ । ଏହି ଅବସ୍ଥାରେ ସେମାନେ ତ୍ରିଲୋକର ଖବର ଜାଣିପାରନ୍ତି । ତ୍ରିକାଳଜ୍ଞ ହୋଇପଡ଼ନ୍ତି ।

ଆଉ ଏକ ବିଚିତ୍ର ବ୍ୟାପାର ଘଟେ–ଯେତେବେଳେ ମୁଁ, କୌଣସି ଲକ୍ଷ୍ୟ ନେଇ ରହିଥାଏ, ସେତେବେଳେ ଶୁଦ୍ଧ ଦୃଷ୍ଟି ଓ ଦ୍ରଷ୍ଟା ଯେପରି ଏକ, ତନ୍ମଧ୍ୟରେ ଯନ୍ତ୍ର ନାହିଁ କି ଶରୀର ମଧ୍ୟ ନାହିଁ– ଶରୀରବୋଧ ମଧ୍ୟ ନାହିଁ । ଦୃଷ୍ଟ ବସ୍ତୁ ସହ ମୋର ସମ୍ବନ୍ଧ ମହାପ୍ରସାରିତ ହୋଇପଡ଼ିଛି, ଯେପରିକି ଲକ୍ଷ୍ୟବସ୍ତୁ ଆଉ ଲକ୍ଷ୍ୟ, ଯାହା ମୋ ସହ ବସ୍ତୁର ସଂଯୋଗ ରଖେ, ତାହା ଆଦୌ ପାର୍ଥିବ ଦୃଷ୍ଟି ନୁହେଁ କି ବସ୍ତୁ ମଧ୍ୟ ନୁହେଁ ।

ହଠାତ୍ ଭାବିଲି, ମୋ'ର ମୃତ୍ୟୁ ହୋଇନାହିଁ ତ ? ତା' ନହେଲେ ଶରୀର ଛାଡ଼ି କିପରି ବାହାରକୁ ଆସିଲି ? ଏହି ସୂତ୍ରେ ଦେହତ୍ୟାଗ ହୋଇଗଲା କି ? ତାହା କିପରି ସମ୍ଭବ ? ମୋ' ଦେହତ୍ୟାଗକୁ ମୁଁ ଜାଣିବି ନାହିଁ ? ତାହା କ'ଣ ହୋଇପାରେ ? କାହିଁକି ହେବନାହିଁ ? ଅନେକଙ୍କର ତ ହୋଇଥାଏ, ଯାହାର ଅତିବେଶୀ ଦେହାତ୍ମ-ବୁଦ୍ଧି, ସଜ୍ଞାନରେ ଶରୀର ତ୍ୟାଗ ତା' ପକ୍ଷରେ ଅସମ୍ଭବ ବୋଲି ପ୍ରକୃତିର ନିୟମଧାରାରେ ତା'ର ମୃତ୍ୟୁ-ମୂର୍ଚ୍ଛା ଆସିଥାଏ, ପୁଣି ସେହି ଅଜ୍ଞାନ ଅବସ୍ଥାରେ ହିଁ ଦେହତ୍ୟାଗ କରେ । ଏହାପରେ ତ ଆଉ ଶରୀରପ୍ରବେଶର

ଉପାୟ ତା' ହାତରେ ନଥାଏ—କାରଣ ସେ ଜଡ଼ଭୋଗୀ ଜୀବ ମାତ୍ର । ମୋ'ର କାହିଁକି ସେପରି ହେବ ? ନା ନା ନା—ଏ ମୃତ୍ୟୁ ନୁହେଁ, ଜୀବର ଯଥାର୍ଥ ଦେହତ୍ୟାଗ ପୂର୍ବେ କିଛି ଦ୍ୱନ୍ଦ୍ୱ ଥାଏ, ତା' ମୃତ୍ୟୁର ଏକ ଆଭାସ ଥାଏ, ମୃତ୍ୟୁ ସଂସ୍କାରଠାରୁ ତା' ମଧ୍ୟରେ ଏକ ଆନ୍ଦୋଳନ କିଛିକ୍ଷଣ ଲାଗି ଘଟିଚାଲେ— ସେ ସମସ୍ତ ମୋ' କ୍ଷେତ୍ରରେ କିଛି ହିଁ ଘଟିନାହିଁ । ସର୍ବୋପରି ବଡ଼ ପ୍ରମାଣ—ଏବେ ଦେହତ୍ୟାଗ ଯେ ହୋଇନାହିଁ, ତାହାର ବଡ଼ ପ୍ରମାଣ ମୋ' ଭାବନାରେ—ମୋ' ଚୈତନ୍ୟ ଏହି ଅବସ୍ଥାକୁ କେବେହେଁ ମୃତ୍ୟୁ ବୋଲି ସ୍ୱୀକାର କରୁନାହିଁ— ମୋ'ର ମୃତ୍ୟୁ ! ଏହା ଆଦୌ ନୁହେଁ । ଏବେ ବୁଝୁଛି, ସେହି ମହାପୁରୁଷଙ୍କର ନିଶ୍ଚୟ ଏହା ଶକ୍ତିର ପ୍ରଭାବ—ଏହା ତାଙ୍କର ସିଦ୍ଧିର ପ୍ରଭାବ । ସେ କୃପାକରି ମୋତେ ବିଦେହମୁକ୍ତିର ଆଭାସ ଦେଇଛନ୍ତି । ତାଙ୍କର ବାହ୍ୟ ଅନ୍ତର୍ଦ୍ଧାନରେ ମଧ୍ୟ ସେ ମୋତେ ତ୍ୟାଗ କରିନାହାନ୍ତି ।

କିପରି ଭାବେ ବାହାରି ଆସିଛି, ତାହା ଜାଣିନାହିଁ, କିପରି ଭାବେ ପୁନଃପ୍ରବେଶ କରିବି, ତା' ମଧ୍ୟ ଜାଣେନାହିଁ, ଏହା ସତ୍ତ୍ୱେ ଏହା ମୃତ୍ୟୁ ନୁହେଁ—କାରଣ ଆତ୍ମଚୈତନ୍ୟ ପ୍ରତିବାଦ କରୁଛି । ଯାହାହେଉ, ଏହିସବୁ ଉଦ୍‌ବେଗ ସଙ୍ଗେ ସଙ୍ଗେ ଯେପରି ଏକ ଅଦ୍ଭୁତ ଗତି ପରି ଅନୁଭୂତ ହେବାକୁ ଲାଗିଲା । ମନେହେଲା, ଯେପରି ଉପର ଆଡ଼କୁ ଟଣା ହୋଇଯାଉଛି—ନିଜ ଆଡୁ ଟଣା—ଏହା କୌଣସି ଅପର ଶକ୍ତିର ଆକର୍ଷଣ ନୁହେଁ । ମନେହେଲା, ଯେପରି ମୁଁ ଏକ ଉର୍ଦ୍ଧ୍ୱଲୋକର ବସ୍ତୁ, ଗତି ହିଁ ମୋ'ର ସେହି ଦିଗକୁ । ଏହାମଧ୍ୟରେ ମୋ'ର କିଛି ସଂସ୍କାରର କାମ ଅଛି କି ନାହିଁ, ତାହା ଜାଣେନା । ତେବେ ମୋ'ର ନିଜ ଆଡୁ ବେଶ୍ ଅନୁଭବ ହେଉଥିଲା, ମୁଁ ଯେହେତୁ ଏହି ସ୍ଥାନର ବା ଏହି ରାଜ୍ୟର ବିଷୟବସ୍ତୁ ନୁହେଁ, ତେବେ କାହିଁକି ଏଠାରେ ରହିଛି—ଏଠାରେ କିଏ ଥାଏ ? ଯିଏ ସ୍ଥୂଳ, ଅହଂସର୍ବସ୍ୱ, ଯିଏ ପଙ୍କିଳ, ଯିଏ କର୍ମବିପାକଗ୍ରସ୍ତ-ଭୋଗସର୍ବସ୍ୱ, ଦେହତ୍ୟାଗ ହେଲେ ମଧ୍ୟ ସେହିମାନେ ଏଠାରେ ରହିଥାନ୍ତି । ଯାହାର ଭୋଗାୟତନ ଦୂରୀଭୂତ ହୋଇଛି, ସେ ଏଠାରେ କାହିଁକି ରହିବ ? ରହିପାରିବ ହିଁ ନାହିଁ—ଦୁଃସହ ଏଠାରେ ରହିବା । ଏହି ସକଳ ଯୁକ୍ତି, ମୋ' ମନ-ବୁଦ୍ଧି ନେଇ ଭାସିଉଠିଛି ନିଶ୍ଚୟ, କିନ୍ତୁ ମୁଁ ତ ଏଠାରୁ ଟିକିଏ ମାତ୍ର ଘୁଞ୍ଚିଯିବାର ନାମ ନେଉନାହିଁ । ଅନ୍ତରରେ ଆନନ୍ଦ ତ ନିଶ୍ଚୟ ଅଛି, ଯଦି ଅଗ୍ରଗତି ହୁଏ, ତେବେ ସେହି ଆନନ୍ଦର ହିଁ ଅଗ୍ରଗତି ହେବ; କିନ୍ତୁ କାହିଁକି ମୋ'ର 'ମୁଁ' ଏଠାରୁ ଘୁଞ୍ଚିନାହିଁ—ହେଲା କ'ଣ ?

ହାୟରେ କପାଳ ! ଜିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟିବା ଛଡ଼ା ତା'ର ଆଉ କ'ଣ ଚିନ୍ତା ? କାହିଁକି ଏଠାରୁ ହଲିପାରୁନାହିଁ, ଟିକିଏ ଅନୁସନ୍ଧିତ୍ସୁ ମନନେଇ ବୁଝିଲି ଯେ, ଏହି ଯେଉଁ ଶରୀର ଏଠାରେ ପଡ଼ିରହିଛି, ତାକୁ ଛାଡ଼ିଯିବାକୁ ମୁଁ ଚାହେନା । ମମତା ଦେହତ୍ୟାଗରେ ଯାଏନାହିଁ; ଏହାକୁ ଦେଖାଇବାକୁ ଯାଇ ଏତେ ଉଦ୍‌ବେଗ ମଧ୍ୟ ଦେଇ ଯିବାକୁ ହେଲା, ପୁଣି ଏ ସ୍ଥାନରେ ଯେ ମୋ'ର ଦେହତ୍ୟାଗ ହୋଇନାହିଁ, ଏହାହିଁ ପ୍ରମାଣିତ ହୋଇଗଲା । କାରଣ ତାହା ଯଦି ହୋଇଥାନ୍ତା, ତା'ହେଲେ ଉର୍ଦ୍ଧ୍ୱଗତି ଦ୍ୱାରା ମୁଁ ନିଜେ ହିଁ

ଭାସିଯାଇଥାନ୍ତି । ଅସଲ କଥା ହେଲା, ଯଦି ଶରୀରରୁ ବାହାରିଆସି ଅବସ୍ଥାନ୍ତର ଦିଗକୁ ଗତି କରେ, ଶରୀର ଯେ ଅସହାୟ ଅବସ୍ଥାରେ ପଡ଼ିରହିଲା, କିଏ ତାକୁ ରକ୍ଷା କରିବ ! କେହି ବ୍ୟକ୍ତି ଏହା ଦେଖିଲେ ତ୍ୟକ୍ତ ଶରୀର ଭାବି ମାଟିତଳେ ପୋତିଦେବେ, ନହେଲେ ପୋଡ଼ିଦେବେ । ଦେହରକ୍ଷା ଯେ କରିବି, ଏପରି ବ୍ୟବସ୍ଥା ତ ମୁଁ କରି ଆସିନାହିଁ ? କିପରି ସେମିତି କରିଦେଇ ଆସିବି ? ଆଗରୁ କ'ଣ ଜାଣିଥିଲି ନା ଏଥିଲାଗି ପ୍ରସ୍ତୁତ ହୋଇ ପାରିଥିଲି ? ଯେତେବେଳେ ବୁଝିଲି, ଏହି ଦେହଟା ଲାଗି ହିଁ ଊର୍ଦ୍ଧ୍ୱଗତି ରୁଦ୍ଧ ହୋଇଛି, ସେତେବେଳେ ଶରୀରଟା ଯେ କେତେବଡ଼ ବନ୍ଧନ, ତାହାହିଁ ପ୍ରତ୍ୟକ୍ଷ କଲି । ଯେପରି ଏକ ବିବାଦ ଘଟିଗଲା; ଠିକ୍ କହିବାକୁ ଗଲେ ଯେପରି ଏକ ବିଷଣ୍ଣ ଭାବର ଅବସ୍ଥା; ଫାଲ୍‌ଗୁନ ମାସ ରାତ୍ରିଶେଷରେ ଭୋର୍ ସମୟରେ ଦେହଟା ଯେପରି ଶିର୍‌ଶିର୍ ହୋଇ ଶୀତେଇ ଉଠେ, ଠିକ୍ ସେହିପରି । ଯେପରି ଅଶାନ୍ତିର ପ୍ରବାହ ସ୍ରୋତ ମୋ' ମନ-ବୁଦ୍ଧି ଉପର ଦେଇ ବହିଚାଲିଲା, ପୁଣି ସଙ୍ଗେ ସଙ୍ଗେ ମୋ'ର ଊର୍ଦ୍ଧ୍ୱଗତି ଅନୁଭୂତ ହେଲା, ଯେପରି ଅନ୍ଧକାର ରାତ୍ରି ପରେ ଅରୁଣୋଦୟ ହେଲା ! ଆଃ, କି ଆନନ୍ଦ ! ଗଭୀର ପରିପୂର୍ଣ୍ଣ ଆତ୍ମପ୍ରସାର । କିପରି ତାହା ପ୍ରକାଶ କରିବି, ତାହା ମୁଁ ଜାଣେନା, ତାହା ମୋର ସାଧ୍ୟ ମଧ୍ୟ ନୁହେଁ ।

ଊର୍ଦ୍ଧ୍ୱଗତି କଥା ଶୁଣି କେହି ଯେପରି ମନେ ନକରନ୍ତି ଯେ ଉପରକୁ ଅର୍ଥାତ୍ ଆକାଶ ଦିଗକୁ ଗତି । ଆଦୌ ତାହା ନୁହେଁ । ଊର୍ଦ୍ଧ୍ୱଗତିକୁ ସହଜରେ ଏଠାରେ ବୁଝିବାକୁ ହେବ ଯେ, ତାହା ଚୈତନ୍ୟ ସତ୍ତାର ପ୍ରସାର । ତାହା କିପରି ? ଏଇ ଯେ ମୁଁ, ଏହି ବୋଧ ଯେପରି ଧୀରେ ଧୀରେ ତରଳ ହୋଇଗଲା, ସେଥିରେ ଆଉ କୌଣସି କଥା ରହିଲା ନାହିଁ । ଏହାଛଡ଼ା ଅନ୍ୟ ଭାବେ ବୁଝାଇବା ଏହି ସ୍ୱଳ୍ପ ଭାଷାରେ ସମ୍ଭବ ନୁହେଁ । ମୁଁ ଆଉ ଖଣ୍ଡସତ୍ତା ନୁହେଁ—ମୁଁ ବିଶାଳ, ଯେପରି ସକଳ ବାସ୍ତବତାକୁ ତ୍ୟାଗକରି ଏକ ମହାଆନନ୍ଦମୟ ଅସ୍ତିତ୍ୱ ଦ୍ୱାରା ତାହା ପରିପୂର୍ଣ୍ଣ । ପୂର୍ଣ୍ଣଜ୍ଞାନ ଆଉ ଆନନ୍ଦ ଏକମାତ୍ର ଅନୁଭୂତିର ବିଷୟ, ଆନନ୍ଦ ହିଁ କେବଳ ସମ୍ବଳ । ପୁଣି ପ୍ରବାହମୟ ସେ ଆନନ୍ଦ । ଢେଉ ପରେ ଢେଉ ଯେପରି ସାଗରରୁ ଅନେକ ଦୂରରୁ ଆସି ତୀରଦେଶରେ ମିଳେଇଯାଏ, ସେହିପରି ଅନନ୍ତ ଆନନ୍ଦର ରାଜ୍ୟ ମଧ୍ୟରୁ ଆନନ୍ଦର ଢେଉ ଗୋଟିଏ ପରେ ଗୋଟିଏ ନିରବଚ୍ଛିନ୍ନ ଭାବେ ଆସି ମୋ' ପାଖରେ ମିଳେଇଯାଉଛି । ଏହା ବର୍ଣ୍ଣନାତୀତ, କାରଣ ଏଥିଲାଗି ଭାଷା ନାହିଁ ।

ଏହିପରି ସେହି ବ୍ୟାପକ ଅବସ୍ଥାରେ ଆନନ୍ଦ-ସମୁଦ୍ରରେ, ତରଙ୍ଗ ପରେ ତରଙ୍ଗର ମହାନନ୍ଦ ଉପଭୋଗ ପରେ ପୁଣି ସେହି ପୂର୍ବ ଅବସ୍ଥାରେ ଆସି ପଡ଼ିଲି । ମୁଁ ଦେଖୁଛି, ଏହି ଶରୀର କେବଳ ରହିଛି । ପୁଣି ଯେପରି ଏକ ବିଷାଦର ଶୀତଳ ତରଙ୍ଗ ମୋ'ର ଉପର ଦେଇ ବହିଚାଲିଲା । ପୁନଶ୍ଚ ପରକ୍ଷଣରେ ସେହି ଆତ୍ମଚୈତନ୍ୟର ବିସ୍ତାର । ଆନନ୍ଦର ତରଙ୍ଗ, ତରଙ୍ଗ ଉପରେ ତରଙ୍ଗ ଆସି ମୋ'ଠାରେ ବିଲୀନ ହୋଇଯାଉଛି— ଦେଶକାଳପାତ୍ରକୁ ଅତିକ୍ରମ କରି ମୋ'ଠାରେ ମିଳାଇଯାଉଛି । ଏହାପରେ ପୁଣି ସଂକୁଚିତ ହୋଇ ପୂର୍ବାବସ୍ଥାକୁ

ଆସି ପଡ଼ିରହେ, ଏହି ମୋ' ଶରୀରଟି । ଏହିପରି ଚାଲିଥାଏ । ଏହାପରେ ଯେପରି ଏକ ଗୋଳମାଳ ହୋଇଗଲା, ଏହି ଶରୀରକୁ ନେଇ । ସ୍ଥୂଳଦେହକୁ ଛାଡ଼ି ଆତ୍ମଚୈତନ୍ୟ ପୂର୍ଣ୍ଣରୂପେ ଅନ୍ତର୍ହିତ ହେବାକୁ ଚାହେନାହିଁ । କ'ଣ ହେବ ମୋ' ଦେହର ଗତି, ଯଦି ମୁଁ ଶରୀର ମଧ୍ୟକୁ ଫେରି ନ ଆସିପାରେ ? ଅଥଚ ଏ ଦିଗରେ ଆତ୍ମଚୈତନ୍ୟ ମଧ୍ୟ ପ୍ରସାରମୁଖୀ ହୋଇ ରହିଛି—ଏହିପରି ଅବସ୍ଥା ଯେତେବେଳେ, ସେତେବେଳେ ଆଉ ଏକ ଘଟଣା ଘଟିଗଲା । ଯାହା ଘଟିଲା, ତାହା କୌଣସି ବାସ୍ତବ ଘଟଣା ନୁହେଁ । ତାହା ବର୍ଣ୍ଣନା କରିବାକୁ ହେଲେ କହିବାକୁ ହେବ, ଯେପରି ମାଛ ଧରିବାକୁ ବନ୍‌ଶୀରେ ଥୋପ ପକାଇ ବସିରହି ତେରଣ୍ଡାକୁ ଦେଖୁଦେଖୁ ଯେତେବେଳେ ମାଛ ବନ୍‌ଶୀକଣ୍ଟାର ଥୋପକୁ ଖାଇଲାବେଳେ ତେରଣ୍ଡା ଉଠପଡ଼୍ ହୁଏ ଓ ତା'ପରେ ହଠାତ୍ ଡୁବି ଅଦୃଶ୍ୟ ହୋଇଯାଏ, ଏହା ଠିକ୍ ସେହିପରି । ମୋ'ର ଚୈତନ୍ୟ, ଅର୍ଥାତ୍ 'ମୁଁ' ବୋଧ, ଏହି ମୋ' ଶରୀର ଆଉ ପୁଣି ମୁଁ, ସଙ୍ଗେ ସଙ୍ଗେ ମୋ'ର ବ୍ୟାପକ ସତ୍ତା ଏପରି ବୋଧକଲେ, ତେରଣ୍ଡା ଡୁବିଯିବା ପରି, ଘୋର ଅନ୍ଧକାର ମଧ୍ୟରେ; ଯେପରି ପୂରାପୂରି ଡୁବିଗଲି, ଜ୍ଞାନ ଚୈତନ୍ୟର କିଛି ହିଁ ବୋଧ ରହିଲା ନାହିଁ ।

ପରେ ଯେତେବେଳେ ଏହି ଅବସ୍ଥାର କଥା ଚିନ୍ତା କରିଛି, ସେତେବେଳେ ଯେପରି ମନେହୋଇଛି, ଏହି ଯେଉଁ ପ୍ରଗାଢ଼ ଅନ୍ଧକାର, ଆଲୋକ ଅଭାବରେ ଯେଉଁ ଅନ୍ଧକାରର ଅନୁଭୂତି, ସେପରି ଅନ୍ଧକାର ଏ ନୁହେଁ । ଚୈତନ୍ୟର ପ୍ରସାର ଯେତେବେଳେ ହୋଇଥିଲା, ସେତେବେଳେ ଯେପରି ମୁଁ ଚୈତନ୍ୟମୟ ସତ୍ତା, ଏହି ବୋଧ ପ୍ରସାରିତ ହୋଇ ଚୈତନ୍ୟର ଦୀପ୍ତିମୟ ଏକ ବିରାଟ ରୂପକୁ ଅନୁଭବ କରୁଥିଲି । ଏହା ଯେପରି ତାହାର ବିପରୀତ ଭାବ ଏକ ମୁଁତ୍ୱବୋଧର ଅଭାବ ବା ଶୂନ୍ୟତାକୁ ହିଁ ଅନ୍ଧକାର ବୋଲି ପ୍ରକାଶ କରୁଛି, ଯଦିଓ ସେହି ସମୟରେ ପ୍ରଥମେ ସେହି ଅବସ୍ଥାରେ ଅନ୍ଧକାରବୋଧ ହିଁ ହୋଇଥିଲା । ଆହୁରି ସରଳ କରି କହିଲେ, ଏହା କହିବାକୁ ହେବ ଯେ ପ୍ରଥମେ ଯାହା ଅନ୍ଧକାର ବୋଲି ମନେହୋଇଥିଲା, ପରେ ତାହା ଆତ୍ମଜ୍ଞାନ ବା ଅସ୍ତିତ୍ୱ ବା 'ମୁଁ ଅଛି', ଏହି ବୋଧର ଅଭାବ ରୂପେ ଜଣାପଡ଼ିଥିଲା । ଏବେ ପ୍ରଥମ ଅନୁଭବର ଯେଉଁ ଅନ୍ଧକାର, ତାହା ଏହି ମୁଁତ୍ୱର 'ବୋଧଶୂନ୍ୟ' ଭାବର ଆଭାସ ମାତ୍ର— ସେ ଅନ୍ଧକାର ଥିଲା ଖୁବ୍ ଚମତ୍କାର ।

ତା'ପରେ ମନେହେଲା, ଯେପରି ମୁଁ ଅଛି, ସେହି ଗାଢ଼ ଅନ୍ଧକାରର ଭିତରେ । ତାହା କିନ୍ତୁ ଭୟର ଅନ୍ଧକାର ନୁହେଁ, ଓତପ୍ରୋତ ବ୍ୟାପକ ଅସ୍ତିତ୍ୱର ଅଭାବଗତ ଅନ୍ଧାର । ଥରେ ଥରେ ଦେଖେ, ଯେପରି ମୁଁ ଅନ୍ଧକାର ଭିତରେ— ପୁଣି ଥରେ ଥରେ ଦେଖୁଛି, ମୁଁ ଏକ ବିରାଟ ଚୈତନ୍ୟମୟ ସତ୍ତା, ଆଉ କିଛି ସେଠାରେ ନାହିଁ—ସେଠାରେ ନା କଳ୍ପନା ଅଛି ନା ସଂସ୍କାର ଅଛି ନା କୌଣସି ଶବ୍ଦ ଅଛି, ଗନ୍ଧ ଅଛି । ମୋତେ ସ୍ପର୍ଶ କରିଥିବା ଯେପରି ଏକ ସୀମାହୀନ ବିରାଟ ଅସ୍ତିତ୍ୱର ଆଭାସକେବଳ—ସେଥିପାଇଁ ତାହାହିଁ ସେହି ଅନ୍ଧକାର । ଏହି ଅବସ୍ଥାକୁ ପ୍ରକାଶ କରିବାକୁ ଆଉ କିଛି ଭାଷା ନାହିଁ ବୋଲି ତାକୁ ଅନ୍ଧକାର କହୁଛି—କିନ୍ତୁ ଏ

କ୍ଷେତ୍ରରେ ମୁଁ ଅନ୍ଧକାର ବୋଲି ଯାହା ମନରେ ଭାବେ, ତାହା ତା' ନୁହେଁ, ତା' ନୁହେଁ, ତା' ନୁହେଁ । ସେ ବିରାଟ, ମହାନ୍, ପବିତ୍ର ଓ ସତ୍ୟ ହିଁ ତାହାର ଅସ୍ତିତ୍ୱ—କ'ଣ କହିବି, ସେହି ଅନ୍ଧକାର ତୁଳନାରେ ଆମର ଜାଗ୍ରତ ଅବସ୍ଥାରେ ଯେଉଁ ସୂର୍ଯ୍ୟ ଆଉ ଆଲୋକ, ତାହା ଯେପରି ଅଳୀକ ମିଥ୍ୟା । ଯେତେବେଳେ ଭାଷା ମାଧ୍ୟମରେ ଆଉ କୌଣସି ରୂପେ ବୁଝାଇପାରୁ ନାହିଁ, ସେତେବେଳେ ଏହାପରର ଘଟଣା କଥାଟା କହେ ।

କିଛିକାଳ ଏହି ଗାଢ଼ ଅନ୍ଧକାର ମଧ୍ୟରେ ଯେପରି ଅନ୍ଧକାର ରୂପେ ହିଁ ଥିଲି ଆଚ୍ଛନ୍ନତା ମଧ୍ୟରେ । ତା'ପରେ ଏକ ଶବ୍ଦମୟ ଅବସ୍ଥାରେ ପହଞ୍ଚିଲି । ପହଞ୍ଚିବା କଥା ନକହି ଜାଗି ଉଠିବା କହିଲେ ଠିକ୍ ହେବ । ଯେପରି ଜାଗ୍ରତ ପରି ଅବସ୍ଥା । ଅସଂଖ୍ୟ ଧ୍ୱନିର ସମଷ୍ଟି ଯେପରି ମୁଁ, ଏକାନ୍ତ ହିଁ ଏହି ଶବ୍ଦ ବା ଧ୍ୱନି ଅନୁଭବ କରୁଛି, କାନରେ ନ ଶୁଣିବା ପରି, ଯେପରି ଶବ୍ଦମୟ ଅସ୍ତିତ୍ୱ ଏବେ ମୋ'ର ହୋଇଯାଇଛି । ଅଦ୍ଭୁତ ସେ ଧ୍ୱନି, ଗମ୍ଭୀର, ଶତ ଶତ ଶଙ୍ଖଧ୍ୱନି ସଙ୍ଗେ ମେଘର ଗର୍ଜନ ମିଶିଗଲେ ଯେପରି ଶବ୍ଦ ଶୁଣାଯିବ, ସେହି ଧରଣର ଶବ୍ଦ—ଯାହାର ଅନ୍ୟ ଉପମା ନାହିଁ । ଏ ଶବ୍ଦ ଯେପରି ବିରାଟ ବିଶ୍ୱର ଆବର୍ତ୍ତନ ଶବ୍ଦ, ଦେଶକାଳର ଅତୀତ ଏହି ସମସ୍ତ ଅନୁଭୂତି ଯେତେହିଁ ପ୍ରତ୍ୟକ୍ଷ, ସେତେହିଁ ଗଭୀର, ଭୁଲିବାର ନୁହେଁ । ସେହି ଅବସ୍ଥାରେ ଏହି ଅସ୍ତିତ୍ୱ ନେଇ ଆଉ କେତେ ଯେ କ'ଣ ଅନୁଭବ କରିଛି କି ନକରିଛି, ସେକଥା କହି କିଛି ଲାଭ ନାହିଁ । କିପରି ସେହି ଅବସ୍ଥାରୁ ଫେରିଆସିଲି, ସେହି କଥା ହିଁ ଏବେ କହୁଛି ।

ଯେଉଁଭାବରେ ଅନ୍ଧକାର ମଧ୍ୟରେ ଡୁବିରହିଥିଲି, ସେହି ଅବସ୍ଥାରେ କିଛିକ୍ଷଣ ପରେ ଯେପରି ଠିକ୍ ହଠାତ୍ ଭାସିଉଠିଲି, ଆଉ ତା' ସଙ୍ଗେ ସଙ୍ଗେ ମୋ' ଶରୀର; ଯେପରି କେଉଁ ମହାନନ୍ଦମୟ ଏକ ସ୍ୱପ୍ନାବସ୍ଥାରୁ ଜାଗିଉଠିଲି ସ୍ମୃତିମୟ ଅନୁଭୂତିର ସ୍ପର୍ଶ ନେଇ । ଏହା କି ଅଦ୍ଭୁତ ଅନୁଭୂତି ! ସେହି ମହାପୁରୁଷ ମୋ' ଶରୀର ପାଖ ଆସନରେ ହିଁ ଉପବିଷ୍ଟ । ଚୈତନ୍ୟ ମଧ୍ୟରେ ସେତେବେଳେ ଏକ ପ୍ରବଳ ଆଲୋଡ଼ନ ସୃଷ୍ଟିହେବାକୁ ଲାଗିଲା, ଏହି ଶରୀରକୁ ଅଧିକାର କରି । ମୋ' ଦେହ ମଧ୍ୟକୁ ମୁଁ ଯିବାକୁ ଚାହୁଁଛି, ପୁଣି ସେହି ମହାତ୍ମାଙ୍କ ସଙ୍ଗଲାଭ କରିବାକୁ ଚାହୁଁଛି । ସେ ଅତି ଆତ୍ମୀୟ, ଯେପରି ସଙ୍ଗେ ସଙ୍ଗେ ଏକ ଚମତ୍କ୍ରପ୍ରଦ ଘଟଣା, ଦେଖୁଛି, ଏବେ ଶରୀର ଭିତରକୁ ଆସିଯାଇଛି । ଆଖିଖୋଲି ଦେଖୁଛି, ସେ ମହାପୁରୁଷ ମୃଦୁ ମୃଦୁ ହସୁଛନ୍ତି, ମୋ' ଆଡ଼କୁ ଲକ୍ଷ୍ୟକରି—ତାଙ୍କ ଭିତରେ ଯେପରି ଜଗତଭରା ରହସ୍ୟ । ବୁଝିଗଲି, ଏ ସମସ୍ତ ତାଙ୍କ ଶକ୍ତିର ଖେଳ । ଏହି ଦେହାତ୍ମବୋଧ ରାଜ୍ୟରେ, ଯେଉଁଠାରେ ରୋଗୀ, ଭୋଗୀ, କର୍ମୀ, ବାଳକ, ଯୁବା, ବୃଦ୍ଧ, ନରନାରୀ ନିର୍ବିଚାରରେ ଦେହାତ୍ମ ବୁଦ୍ଧି ନେଇ ଭୋଗ-କାମନାରେ ଉବୁଟୁବୁ ହେଉଛନ୍ତି; ସେ ମୋ'ର ଅସହାୟ ଅଜ୍ଞାନ ଅବସ୍ଥାକୁ ଦେଖି କୃପାକରି ଦେଖାଇଦେଲେ ଯେ ଶରୀରରୁ ମୁକ୍ତ ଅବସ୍ଥା କ'ଣ, ଆଉ ଏହି ଶରୀରହିଁ ମୋ' ସତ୍ତାର କେତେ ବଡ଼ ଏକ ବନ୍ଧନ !

ଏବେ ଏହି ଅବସ୍ଥା କଥା ବାବା ମୁକ୍ତିନାଥଙ୍କୁ ଜଣାଇବା ଲାଗି ପ୍ରବଳ ଆଗ୍ରହ ହେଲା । ସେହି ମହାତ୍ମାଙ୍କୁ ଗୁହାରେ ରଖାଇ ଏହାପରେ କୋଲ୍‌କାତା ଯାଇ ଥରେ ଫେରିଆସିବି ବୋଲି ଭାବିଲି ।

ବାବା ମୁକ୍ତିନାଥଙ୍କ ସହ ସାକ୍ଷାତ କରି ସମସ୍ତ କଥା ଜଣାଇଲି । ସେ କହିଲେ—''ତୁମ ଭିତରେ କେତେକାଳ ଧରି ଏହି ସାଧୁସନ୍ନ୍ୟାସୀ ଓ ବ୍ରହ୍ମଚାରୀମାନଙ୍କର ଜୀବନ-ରହସ୍ୟ, ସେମାନେ କିପରି ଥାଆନ୍ତି, କିପରି ସେମାନଙ୍କର କାର୍ଯ୍ୟକ୍ରମ ଚାଲେ, ଏହି ସମସ୍ତ କେବଳ ଦେଖାଶୁଣା କରିବା ନୁହଁ ବିଶେଷତଃ ଏହି ଗୃହସ୍ଥାଶ୍ରମ ସଙ୍ଗେ ପ୍ରଭେଦଟି କେଉଁଠାରେ, ତାହା ଠିକ୍ ରୂପେ ବୁଝିବା ଲାଗି ତୁମର ପ୍ରାଣ ଛଟପଟ ହେଉଥିଲା; ସେଥିଲାଗି ତୁମର ଘରୁ ବାହାରିଯିବାର ଏକ ଆଗ୍ରହ ଥିଲା । ଏବେ ତାହା ଏହି ଭାବରେ କିଛିକାଳ ଧରି ବେଶ୍ ଏକ ଧାରଣା ହୋଇସାରିଛି, କିନ୍ତୁ ତୁମର ଘୂରିବୁଲିବା ଲାଗି ପ୍ରବଳ ମୋହ ମଧ୍ୟ ରହିଛି । ପରିଣାମରେ ଏବେ ଆଉ ଘରେ ରହିବା ତୁମପକ୍ଷେ ମୁସ୍କିଲ୍ ବ୍ୟାପାର, ତାହା ତୁମେ ବୁଝିପାରୁଛ । ଏବେ ପୁଣି ବାହାରିଯିବାକୁ ହେବ, ତାହା ପୁଣି ଖୁବ୍ ଶୀଘ୍ର । କେବଳ ଏହି ଖବରସବୁ ମୋ' ଗୋଚରାର୍ଥେ ଏବଂ ସେଥିପାଇଁ ଅତିଶୀଘ୍ର କୋଲ୍‌କାତା ଆସିବା ନୁହେଁ କି ?''

ମନେମନେ ଜାଣିଲି, ସେ ସତକଥାହିଁ କହିଛନ୍ତି । କୌଣସି କଥା ନକହି ଚୁପ୍‌ଚାପ୍ ବସିଛି, ଅବଶ୍ୟ ଏହିପରି ଠିକ୍ ଭାବେ ବସିନାହିଁ, ଅନ୍ତରରେ ଠିକ୍ କାମ ଚାଲୁରହିଛି । ସେ ପୁଣି କହିଲେ, ''ଦେଖ, ତୁମେ ମୂର୍ତ୍ତି ଆଡ଼କୁ ଦେଖ ତ—ବିଶେଷ କିଛିଟା ଲକ୍ଷ୍ୟ ରଖିଥାଅ, ଯେତେବେଳେ ଏ ମୂର୍ତ୍ତି ଅନ୍ତର୍ହିତ ହୋଇଯିବ, ତା'ପରେ ହିଁ ସ୍ମୃତିରେ କି ଭାବରେ ତାକୁ ଧରି ରଖିହେବ, କେତେକାଳ ସ୍ପଷ୍ଟ ହୋଇ ରହିପାରିବ, ତାକୁ ଲକ୍ଷ୍ୟରଖ । ଯଦି ଦେଖିବ ଯେ ସ୍ମୃତିରେ କିଛି ପ୍ରଭାବ ନାହିଁ, ଠିକ୍ ସେହି ରୂପକୁ କୌଣସି ରୂପେ ମନରେ ଆଣିପାରୁନାହଁ, ତା'ହେଲେ ବୁଝିବ, ତୁମେ ସାକାରବାଦୀଙ୍କ ଦଳଭୁକ୍ତ ନୁହଁ ।''

ମୁଁ କହିଲି—''ଆର୍ଟ ସ୍କୁଲ୍‌ରେ ଯେତେବେଳେ ଥିଲି, ସେତେବେଳେ ମେମୋରୀ ଡ୍ରଇଂ କରିବା ଅଭ୍ୟାସ ଥିଲା । ସେଥିଯୋଗୁ, କୌଣସି ମୂର୍ତ୍ତି ଆଙ୍କିଥିଲେ, ତାହା ମେମୋରୀରେ ରଖିପାରୁଥିଲି ।'' ସେ ହସିହସି କହିଲେ, ''ଏହା ତୁମର ଆଙ୍କିବା ଷ୍ଟଡି-ମୂର୍ତ୍ତି ନୁହେଁ ଯେ ସ୍ମୃତିରେ ରହିଯିବ, ଏସବୁ ଯୋଗବିଭୂତିର ବିଷୟ । ଏ ମୂର୍ତ୍ତିର ଐଶ୍ୱର୍ଯ୍ୟ ସ୍ମୃତି ମଧ୍ୟରେ ଧରି ରଖିବା ସମ୍ଭବ ହୁଏନାହିଁ । ଦୈବମୂର୍ତ୍ତି ଠିକ୍ ଠିକ୍ ସ୍ମୃତିରେ ରଖିବା ହିଁ ସହଜ କଥା ନୁହେଁ । ତେବେ ସୁଦ୍ଧା ଯଦି ରଖିହୁଏ, ତେବେ ବୁଝିବାକୁ ହେବ ଯେ ତୁମର ବିଶେଷ ସାକାର ଭାବର ସିଦ୍ଧି ଘଟିଛି ।'' ଟିକିଏ ରହିଯାଇ ପୁଣି କହିଲେ, ''ସାଧନା ଅବସ୍ଥାରେ ଯେଉଁ ସମସ୍ତ ଦେବଦେବୀ ମୂର୍ତ୍ତି ଦେଖାଯାଏ, ତାହା ତ ରକ୍ତମାଂସ-ଗଢ଼ା ମୂର୍ତ୍ତି ନୁହେଁ ଯେ ସ୍ମୃତି

ମଧ୍ୟରେ ଧରାପଡ଼ିବ ! ଏହା ବିଭୂତିର ମୂର୍ତ୍ତି । ତୁମେ କ'ଣ କେବେ ଆଙ୍କିବାକୁ ଚେଷ୍ଟା କରିଥିଲ ?'' ମୁଁ କହିଲି, ''ଯାହାକୁ ଚିତ୍ତ ମଧ୍ୟରେ ଦେଖିଛି, ତାହା ଏପରି ବିଶାଳ, ଏପରି ବ୍ୟାପକ ଯେ ତାକୁ କାଗଜ ଓ ରଙ୍ଗରେ ଧରିରଖିବା ସମ୍ଭବ ନୁହେଁ ।'' ସେ ଯେପରି ଟିକିଏ କୌତୂହଳୀ ହୋଇ ପୁନରାୟ ଜିଜ୍ଞାସା କଲେ, ''ତା'ର ଆଉ କ'ଣ ବୈଶିଷ୍ଟ୍ୟ, କୁହତ ?'' ମୁଁ କହିଲି, ''ତାହାର ବ୍ୟାକ୍‌ଗ୍ରାଉଣ୍ଡ ନଥାଇ ସମସ୍ତ କ୍ଷେତ୍ରଟି ହିଁ ପରିପୂର୍ଣ୍ଣ ଥିଲା ।'' ସେ କହିଲେ, ''ଠିକ୍, ତାହା ଠିକ୍, ସତରେ ତୁମ ଦୃଷ୍ଟିର ଏକ ବୈଶିଷ୍ଟ୍ୟ ଅଛି । ବାହାରର କାହା ସଙ୍ଗେ ଆଲୋଚନା କରନାହିଁ । ଏ ସମସ୍ତ ଯିଏ ଦେଖେ, ତା'ର ଆଉ କାହା ସହ କୌଣସି ସମ୍ବନ୍ଧ ରହିନଥାଏ । ସେଥିଲାଗି ଆଲୋଚନା କରିବା ବିଫଳ ପ୍ରୟାସ । ତୁମେ ତ ଏକଥା ଜାଣିଛ, ତୁମକୁ ନ କହିଲେ ଚଳିବ, କିନ୍ତୁ ସେଇ ଯେ ବିଷ୍ଣୁପଦ, ଜାଣ ତ ? ସେ ପ୍ରଥମେ ପ୍ରଥମେ ଟିକିଏ ବେଶୀ ଏକାଗ୍ର ହୋଇ କାର୍ଯ୍ୟ କରୁଥିଲା, କିଛି ଉପଲବ୍‌ଧି ପାଇଥିଲା ମଧ୍ୟ । ମହାଉତ୍ସାହ ନେଇ ବନ୍ଧୁବାନ୍ଧବମାନଙ୍କ ସହ ଗର୍ବକରି ଆଲୋଚନା କରିବା ଆରମ୍ଭ କରିଦେଲା । ଫଳରେ ସେହି ପର୍ଯ୍ୟନ୍ତ ଯାଇ ରହିଗଲା, ଆଉ ଅଗ୍ରଗତି ତା'ର ହେଲାନାହିଁ । ତା'ପରେ ଏବେ ପ୍ରାୟ ବର୍ଷେ ହେବ ନିତ୍ୟନୈମିତ୍ତିକ ଆସି ଖୋସାମତ କରୁଛି, ଖାଇବା ଆଣୁଛି, ଲୁଗାପଟା ଆଣୁଛି, କେତେ କ'ଣ ସବୁ କରୁଛି । କହେ, ମୋତେ ଆଉ ଟିକିଏ ଆଗେଇ ଦିଅନ୍ତୁ । ହାତୀକୁ ହାତରେ ଠେଲି ଘୁଞ୍ଚାଇ ହୁଏ କି ? ତାହା ଏକ ହାତୀ ସଦୃଶ କାର୍ଯ୍ୟ ।''

ଜିଜ୍ଞାସା କଲି, ''ସେହି ବିଷ୍ଣୁ ତ ମୋତେ ଏଠାକୁ ଆଣିଥିଲା ? ଏହା ପୂର୍ବରୁ କ'ଣ ଏ ଘଟଣା ?'' ସେ କହିଲେ, ''ହଁ, ତା' ପୂର୍ବରୁ ଯାହାକିଛି ହବାକଥା, ସବୁ ହୋଇ ଶେଷ ହୋଇଯାଇଛି, ଏବେ ଟାଣିଟୁଣି ହୋଇ ଆଗେଇଛି; ଅସଲ ଗତିବେଗ ବନ୍ଦ୍—ଏଇ ପର୍ଯ୍ୟନ୍ତ ଯାଇ ତା'ର ସେସବୁ ସମାପ୍ତ ହୋଇଗଲା ।''

ଟିକିଏ ଦୁଃଖ ଲାଗିଲା, ଜିଜ୍ଞାସା କଲି, ''ଏହି ସାମାନ୍ୟ ଟିକିଏ ବହିର୍ମୁଖୀ ହୋଇଥିଲା ବୋଲି ତା'ର ଆଉ କିଛି ହେବନାହିଁ, ଏହା ତ ବଡ଼ ଭୟାନକ କଥା ।''

ସେ କହିଲେ, ''ମୁଁ ଆଉ କ'ଣ କରିବି ? ତା'ର ଯଦି ଦ୍ରୁତ ଉନ୍ନତିର ଶକ୍ତି ନଥାଏ, କିଛିଟା ଆଉ ଆଗେଇ ନଯାଇପାରେ, ମୁଁ କ'ଣ ତାକୁ ଟାଣି ଟାଣି ନେଇଯିବି ?''

ମୁଁ କହିଲି, ''ତା' ନକଲେ ଆପଣ କି ରକମ ଗୁରୁ ? ଆପଣ କଣ ତାକୁ ସାହାଯ୍ୟ କରିବେ ନାହିଁ, ଆବଶ୍ୟକ ହେଲେ ?'' ସେ ବସିଥିଲେ, ଉଠି ଠିଆହେଲେ ଏବଂ କହିଲେ, ''ସାହାଯ୍ୟ କରିବା ହୋଇପାରେ, ସେ କଥାଟି ଉଚିତ୍ ନିଶ୍ଚୟ; କିନ୍ତୁ ତାହାର ସବୁ କିଛି ସମ୍ପୂର୍ଣ୍ଣ କରି ଆଗକୁ ଠେଲିନେଇ ଉଠାଇଦେବା—ତାହା, ମୋ' କ୍ଷେତ୍ରରେ ହେଉ ବା ଅନ୍ୟଜଣଙ୍କର ଶକ୍ତିଦ୍ୱାରା ହେଉ, ତା'ର କ'ଣ ଅର୍ଥ ଅଛି ? ଏ କଥା ବୁଝିପାରୁଛ ନା ତୁମେ ତା'ର ପଙ୍ଗୁତ୍ୱ କାମନା କରୁଛ ?''

''ତାହା ବୁଝୁଛି, କିନ୍ତୁ ଏହି କଥାଟି ବୁଝିପାରୁନାହିଁ । ଯାହାର ଥରେ ଏଇ ଟିକିଏ ସ୍ଖଳନ ହୋଇଛି ବୋଲି ତାହାର ଆଉ ଉର୍ଦ୍ଧ୍ୱଗତି ହବନାହିଁ, ଏକବାର ବନ୍ଦ ହୋଇଗଲା ସମସ୍ତ ପଥ, ଏହା କ'ଣ ଠିକ୍ ବିଚାର ?'' ସେ ଜିଜ୍ଞାସା କଲେ, ''କାହାର ବିଚାର ?'' ଶୁଣିବାମାତ୍ରେ କହିବାକୁ ଯାଉଥିଲି, ଆପଣଙ୍କର । କିନ୍ତୁ ଠିକ୍ ଯେପରି ଏକ ବିଦ୍ୟୁତ୍‌ର ଆଘାତ ପାଇଲି ଏବଂ ତତ୍‌କ୍ଷଣାତ୍ ସଂଯତ ହୋଇଗଲି । ବୁଝିଲି, ଜୀବ ଓ ପ୍ରକୃତି ବା ଈଶ୍ୱରଙ୍କ ଲୀଳାଖେଳା ଚାଲିଛି, ତହିଁରେ ଗୁରୁ ଏକ ମଧ୍ୟବର୍ତ୍ତୀ ଅଂଶ ବା ଯନ୍ତ୍ର ମାତ୍ର । ତାଙ୍କର କର୍ତ୍ତବ୍ୟ ସୀମାବଦ୍ଧ । ପ୍ରକୃତିର ବିଧିନିୟମହିଁ ବଳଶାଳୀ । ଯେମିତି ସଂଯତ ହେଲି, ସେ ବୁଝିନେଲେ ଯେ ମୁଁ ସୂତ୍ରଟି ଠିକ୍ ଧରିପାରିଛି । ସେତେବେଳେ କହିଲେ, ''ଦେଖ, ଛୋଟ ଏକ ସ୍ଖଳନରେ ହିଁ ସବୁ ଶେଷ ହୋଇଯାଏନାହିଁ, ଯଦି ସେହି ପାତ୍ର ନିଜ ଭ୍ରମକୁ ଜାଣି, ପୁଣି ଶକ୍ତ ହୋଇ, ଠିକ୍ ରୂପେ ଚାଲିବାକୁ ଦୃଢ଼ପ୍ରତିଜ୍ଞ ହୋଇପାରେ । ଆମକୁ ସେହି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଏପରିକି ତା'ର ଯଦି ପ୍ରକୃତରେ ଅଗ୍ରସର ହେବାର ଇଚ୍ଛା ପ୍ରବଳ ନଥାଏ, ତା'ହେଲେ ଆମକୁ ହିଁ ତାକୁ ଛାଡ଼ିଦେବାକୁ ହେବ; ଅପାତ୍ରରେ କାହିଁକି ଶକ୍ତିକ୍ଷୟ କରିବି ? ଆଧ୍ୟାତ୍ମିକତାରେ ବିଧାତାଙ୍କର ଏହାହିଁ ବିଧାନ । ଯେତେ ବ୍ୟକ୍ତି ଆସନ୍ତି, ସମସ୍ତେ କ'ଣ ସିଦ୍ଧ ହୁଅନ୍ତି, ସମସ୍ତେ କ'ଣ ଲାଭ କରନ୍ତି ଇଷ୍ଟଙ୍କୁ, ଯିଏ ଇଷ୍ଟଙ୍କ ଇଙ୍ଗିତ କ'ଣ ବୁଝେନାହିଁ ?''

ମୁଁ ଚୁପ୍ ହୋଇଗଲି । ମନରେ ଏକ ମୀମାଂସା ହୋଇଗଲା । ସେତେବେଳେ ସେ ପୁଣି କହିଲେ, ''ଦେଖ, ତୁମେ ନିଜର ଅବସ୍ଥାଟିକୁ ଏହାସହ ଯୋଡ଼ି ତତ୍ତ୍ୱଟା ଯେ କ'ଣ, ତାହା ଜାଣିବାକୁ ଚାହିଥିଲ, ଅର୍ଥାତ୍ ତୁମର ମଧ୍ୟ ଯଦି ଏହିପରି ଅବସ୍ଥା ଘଟେ, ତା'ହେଲେ କ'ଣ ହେବ ? ଏହା ତୁମ ଗୋପନ ମନର କଥା, ତୁମେ ହୁଏତ ସ୍ପଷ୍ଟ ଏହାକୁ ଧରିପାରିନାହଁ, କିନ୍ତୁ ମୁଁ ତ ଜାଣିଛି । ଏଥର ତୁମେ ବୁଝିଛ– ଯାଅ ବାବା, ନିଜ ପଥରେ ନିଜ ଧାରାରେ ଚାଲ । ତୁମେ ଏ ବିଷୟରେ ଦୃଢ଼ । ତାହା ମୁଁ ଜାଣେ । ନିଜକୁ ସମ୍ଭାଳି ଆଗେଇପାରିବ, ତା'ପରେ ନିଜେ ଦୁଝିପାରିବ, ତୁମର ଅଗ୍ରଗତି କେତେଦୂର–ତା'ପରେ ଯାହା କରିବାକୁ ହେବ, ତାହା କାହାକୁ କହିଦେବାକୁ ପଡ଼ିବ ନାହିଁ । ତୁମେ ପୁନଶ୍ଚ ତ ବାହାରିଯିବ; ସେହି ତାଳରେ ଅଛ ? ତେବେ ଯାଅ, କୋଲ୍‌କାତା ଆସିବାକୁ ଯଦି ଥାଏ, ତେବେ ଖବର ଦେବ ।''

ବୁଝିଲି, ବିଦାୟ ଦେଉଛନ୍ତି । ମୁଁ କିଛିକ୍ଷଣ ଆଉ ରହିଲି– ଯଦି ଗୁରୁଙ୍କ ଠାରୁ ସାଧନାର ତତ୍ତ୍ୱ ଉପଦେଶ ମିଳେ, ଆଉ ଭବିଷ୍ୟତରେ ସାଧନାରେ ଜଟିଳତା ସୃଷ୍ଟି ନହୁଏ, ଚକ୍ଷୁ ସାମ୍ନାରେ ବନ୍ଧୁ ବିଷ୍ଣୁପଦର ଯେଉଁ ତ୍ରୁଟି ଦେଖିଲି ଓ ଶୁଣିଲି, ଏହାପରେ ଯଦି କାହାର ଚୈତନ୍ୟ ଉଦୟ ନହୁଏ, ତା'ହେଲେ ଆଉ କାହାକୁ ଦୋଷ ଦିଆଯିବ ?

ତାଙ୍କଠାରୁ ବିଦାୟ ନେଇ ଆସିବା ସମୟରେ ବାଟରେ ଠିକ୍ କଲି, କେଉଁଆଡ଼େ ଯିବି, ଘରେ ତ କୌଣସି ରକମ ରହିବା ସମ୍ଭବ ନୁହେଁ । ମଦନକୁ ଅଳ୍ପମୂଲ୍ୟରେ ଖଣ୍ଡେ ଛବି

ବିକ୍ରୟ କରି ସେହି ରାତ୍ରିରେ ପ୍ରୟାଗ ଅର୍ଥାତ୍ ଏଲାହାବାଦ ଯାତ୍ରା କଲି—ସେଠାରେ ବେଶୀଦିନ ରହିବା ସମ୍ଭବ ହେଲାନାହିଁ । ଘରେ ପ୍ରଘଟ ହୋଇସାରିଛି ଯେ ମୁଁ ସନ୍ନ୍ୟାସୀ ହୋଇଯାଇଛି ।

ମଉସାଙ୍କ ସହ ସାକ୍ଷାତ ହେବା ସଙ୍ଗେ ସଙ୍ଗେ କହିଲେ, ''ଏ କ'ଣ ସବୁ ଶୁଣୁଛି ?'' କହିଲି, ''ମୁଁ ଯେ ସନ୍ନ୍ୟାସୀ ହୋଇନାହିଁ, ତାହା ଆପଣ ଦେଖିପାରୁଛନ୍ତି, ତେବେ କିଛି ଦିନ ବାହାରେ ରହିବି ବୋଲି ସ୍ଥିରକରିଛି । ମୁଁ ଦୀକ୍ଷା ନେଇଛି—ଆଉ କିଛିଦିନ ସାଧନ ଭଜନ କରିବି, ତା' ପରେ ପୁଣି ଘରକୁ ଯିବି ।'' ସେ କ'ଣ ବୁଝିଲେ ଜାଣେନା, ତେବେ ମୋ କଥାରେ ସନ୍ତୁଷ୍ଟ ହେଲେନାହିଁ । କାରଣ ମାଉସୀମା'ଙ୍କଠାରୁ ଶୁଣିଲି, ସେ କହୁଛନ୍ତି, ''ଘରେ ବସି କ'ଣ ସାଧନ ଭଜନ ହୁଏନାହିଁ ? ଏଇ ତ ଆମେ କରୁଛୁ, ଆମେ ମଧ୍ୟ ଦୀକ୍ଷା ନେଇଛୁ— ସେଥିଲାଗି ଆମକୁ ଘରଠାରୁ ବାହାରି କେଉଁଠାକୁ ତ ଯିବାକୁ ହୋଇନାହିଁ ।'' ମୁଁ କହିଲି, ''ଏହି ତ ତୁମେମାନେ ମଝିରେମଝିରେ ଦୁଇଅଢ଼େଇମାସ ବାହାରକୁ ଚାଲିଯାଅ ।'' ମାଉସୀମା' କହିଲେ, ''ତାହା ତ ତୀର୍ଥ-ଧର୍ମ ପାଳନ କରିବା ଲାଗି ।'' ମୁଁ କହିଲି, ''ମୁଁ ମଧ୍ୟ ସେହି ତୀର୍ଥ-ଧର୍ମ ପାଳନ କରିଆସିବି କିଛିଦିନ ଲାଗି ।'' ଯାହାହେଉ, ସେହିଦିନଠାରୁ ପାଞ୍ଚଛଅ ବର୍ଷ କାଳ ଉତ୍ତରଭାରତ ହିମାଳୟର ନାନା ତୀର୍ଥ ପର୍ଯ୍ୟଟନରେ କଟିଛି । ଶେଷ କିଛିକାଳ କେଉଁ ମହାପୁରୁଷଙ୍କ କୃପାରେ ଶ୍ରୀବୃନ୍ଦାବନରେ ଆସନ ସ୍ଥାପନ କରି ଯଥାର୍ଥ ହିଁ ଇଷ୍ଟଲାଭ କରି ଯେତେବେଳେ ଗାର୍ହସ୍ଥ୍ୟ ଜୀବନକୁ ଫେରିଆସିଲି, ସେତେବେଳେ ଇଉରୋପରେ ପ୍ରଥମ ମହାସମର ସମାପ୍ତ ହୋଇସାରିଛି ।

ସେସବୁ ବିବରଣୀ ଅନ୍ୟ ଗ୍ରନ୍ଥରେ ଲିପିବଦ୍ଧ ହୋଇଛି ।

■■

ସୂଚୀ

ପ୍ରଥମ ଖଣ୍ଡ

- ପ୍ରଥମ ପରିଚ୍ଛେଦ ୧
- ଦ୍ୱିତୀୟ ପରିଚ୍ଛେଦ ୬
- ତୃତୀୟ ପରିଚ୍ଛେଦ ୧୯
- ଚତୁର୍ଥ ପରିଚ୍ଛେଦ ୨୯
- ପଞ୍ଚମ ପରିଚ୍ଛେଦ ୩୯
- ଷଷ୍ଠ ପରିଚ୍ଛେଦ ୪୮
- ସପ୍ତମ ପରିଚ୍ଛେଦ ୬୧
- ଅଷ୍ଟମ ପରିଚ୍ଛେଦ ୭୨
- ନବମ ପରିଚ୍ଛେଦ ୮୩
- ଦଶମ ପରିଚ୍ଛେଦ ୮୯
- ଏକାଦଶ ପରିଚ୍ଛେଦ ୯୯
- ଦ୍ୱାଦଶ ପରିଚ୍ଛେଦ ୧୧୨
- ତ୍ରୟୋଦଶ ପରିଚ୍ଛେଦ ୧୩୨
- ଚତୁର୍ଦ୍ଦଶ ପରିଚ୍ଛେଦ ୧୪୫
- ପଞ୍ଚଦଶ ପରିଚ୍ଛେଦ ୧୫୩
- ଷୋଡ଼ଶ ପରିଚ୍ଛେଦ ୧୬୦
- ସପ୍ତଦଶ ପରିଚ୍ଛେଦ ୧୬୯
- ଅଷ୍ଟାଦଶ ପରିଚ୍ଛେଦ ୧୮୨
- ଊନବିଂଶ ପରିଚ୍ଛେଦ ୧୯୧
- ବିଂଶ ପରିଚ୍ଛେଦ ୨୦୦
- ଏକବିଂଶ ପରିଚ୍ଛେଦ ୨୦୮
- ଦ୍ୱାବିଂଶ ପରିଚ୍ଛେଦ ୨୧୭
- ତ୍ରୟୋବିଂଶ ପରିଚ୍ଛେଦ ୨୨୫
- ଚତୁର୍ବିଂଶ ପରିଚ୍ଛେଦ ୨୩୭
- ପଞ୍ଚବିଂଶ ପରିଚ୍ଛେଦ ୨୫୭
- ଷଷ୍ଠବିଂଶ ପରିଚ୍ଛେଦ ୨୭୨
- ସପ୍ତବିଂଶ ପରିଚ୍ଛେଦ ୨୮୦
- ଅଷ୍ଟାବିଂଶ ପରିଚ୍ଛେଦ ୨୮୬
- ଊନତ୍ରିଂଶ ପରିଚ୍ଛେଦ ୩୦୪
- ତ୍ରିଂଶ ପରିଚ୍ଛେଦ ୩୧୮
- ଏକତ୍ରିଂଶ ପରିଚ୍ଛେଦ ୩୨୭

ଦ୍ୱିତୀୟ ଖଣ୍ଡ

ସିଦ୍ଧ-ଯୋଗୀ ବାବା ମୁକ୍ତିନାଥ ୩୩୭

ଅଗ୍ର-ପଣ୍ଡାତର
କେତେଗୋଟି କଥା ୩୩୯

ତନ୍ତ୍ରମତରେ ସାଧନର
ଉପଯୋଗିତା ୩୪୩

☞ ପ୍ରଥମ ପରିଚ୍ଛେଦ ୩୫୬

☞ ଦ୍ୱିତୀୟ ପରିଚ୍ଛେଦ ୩୬୮

☞ ତୃତୀୟ ପରିଚ୍ଛେଦ ୩୭୭

☞ ଚତୁର୍ଥ ପରିଚ୍ଛେଦ ୩୮୭

☞ ପଞ୍ଚମ ପରିଚ୍ଛେଦ ୩୯୭

☞ ଷଷ୍ଠ ପରିଚ୍ଛେଦ ୪୧୧

☞ ସପ୍ତମ ପରିଚ୍ଛେଦ ୪୨୨

☞ ଅଷ୍ଟମ ପରିଚ୍ଛେଦ ୪୨୮

☞ ନବମ ପରିଚ୍ଛେଦ ୪୩୨

☞ ଦଶମ ପରିଚ୍ଛେଦ ୪୩୮

☞ ଏକାଦଶ ପରିଚ୍ଛେଦ ୪୪୪

☞ ଦ୍ୱାଦଶ ପରିଚ୍ଛେଦ ୪୫୧

☞ ତ୍ରୟୋଦଶ ପରିଚ୍ଛେଦ ୪୫୮

☞ ଚତୁର୍ଦ୍ଦଶ ପରିଚ୍ଛେଦ ୪୬୩

☞ ପଞ୍ଚଦଶ ପରିଚ୍ଛେଦ ୪୭୦

☞ ଷୋଡ଼ଶ ପରିଚ୍ଛେଦ ୪୮୧

☞ ସପ୍ତଦଶ ପରିଚ୍ଛେଦ ୪୮୯

☞ ଅଷ୍ଟାଦଶ ପରିଚ୍ଛେଦ ୪୯୮

☞ ଉନ୍ନବିଂଶ ପରିଚ୍ଛେଦ ୫୦୬

☞ ବିଂଶ ପରିଚ୍ଛେଦ ୫୧୨

☞ ଏକବିଂଶ ପରିଚ୍ଛେଦ ୫୨୩

☞ ଦ୍ୱାବିଂଶ ପରିଚ୍ଛେଦ ୫୩୨

☞ ତ୍ରୟୋବିଂଶ ପରିଚ୍ଛେଦ ୫୪୧

☞ ଚତୁର୍ବିଂଶ ପରିଚ୍ଛେଦ ୫୪୮

☞ ପଞ୍ଚବିଂଶ ପରିଚ୍ଛେଦ ୫୮୦

☞ ଷଷ୍ଠବିଂଶ ପରିଚ୍ଛେଦ ୫୯୧

☞ ସପ୍ତବିଂଶ ପରିଚ୍ଛେଦ ୬୦୫

☞ ଅଷ୍ଟାବିଂଶ ପରିଚ୍ଛେଦ ୬୧୭

☞ ଉନ୍ନତ୍ରିଂଶ ପରିଚ୍ଛେଦ ୬୨୯

☞ ତ୍ରିଂଶ ପରିଚ୍ଛେଦ ୬୪୧

☞ ଏକତ୍ରିଂଶ ପରିଚ୍ଛେଦ ୬୫୪

☞ ଦ୍ୱାତ୍ରିଂଶ ପରିଚ୍ଛେଦ ୬୬୮

ତନ୍ତ୍ରାଭିଳାଷୀର ସାଧୁସଙ୍ଗ

ପ୍ରଥମ ଖଣ୍ଡ

ପ୍ରଥମ ପରିଚ୍ଛେଦ

– ତନ୍ତ୍ରାଭିଳାଷୀର ସାଧୁସଙ୍ଗ –

ତନ୍ତ୍ରଶାସ୍ତ୍ରର ଜଟିଳ ସାଧନା ସମ୍ବନ୍ଧରେ କିଛି ପ୍ରତ୍ୟକ୍ଷ ଜ୍ଞାନଲାଭର ଆକାଙ୍କ୍ଷା ପ୍ରାଣମଧ୍ୟରେ ପ୍ରବଳ ହେଲା । ସାଧନାସିଦ୍ଧ, ଶକ୍ତିସମ୍ପନ୍ନ, ଏପରି କୌଣସି ମହାପୁରୁଷଙ୍କ ସନ୍ଧାନ ଯଦି ପାଏ, ତାହାହେଲେ ଏ ଚଞ୍ଚଳ ପ୍ରାଣ ଓ ମନ, ବୋଧହୁଏ ସ୍ଥିର ହେବ । ତନ୍ତ୍ରର ପ୍ରସିଦ୍ଧ ସ୍ଥାନ ସକଳ ଅନ୍ୱେଷଣ କଲେ ତାହା କ'ଣ ମିଳିବ ନାହିଁ ? ବଙ୍ଗଳା ଓ ଓଡ଼ିଶାରେ ଯେତେ ପୀଠସ୍ଥଳ ଅଛି ବୁଲିଆସିବା ଲାଗି ସଂକଳ୍ପ କଲି । ଖୁବ୍ ଆଶା ଥିଲା କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ସନ୍ଧାନ ମିଳିଯିବ ।

ଅନ୍ୟ କେଉଁଆଡ଼େ ଯିବା ପୂର୍ବରୁ, କାହିଁକି କେଜାଣି ପୁରୀ ବା ଶ୍ରୀକ୍ଷେତ୍ର ଯିବାଲାଗି ଅନ୍ତର ମଧ୍ୟରେ ଏକ ଆକର୍ଷଣ ଅନୁଭବ କଲି । ସୁତରାଂ ଅବିଳମ୍ବେ ହିଁ ପୁରୀ ଯିବାର ଆୟୋଜନ କଲି ଏବଂ ପରଦିନ ପୁରୀରେ ଯାଇ ଉପସ୍ଥିତ ହେଲି । ପାଞ୍ଚ/ସାତ ଦିନ ଅତିବାହିତ ହୁଏ, ଏଆଡ଼େ-ସେଆଡ଼େ ଘୂରିବୁଲେ, ସମୁଦ୍ରରେ ସ୍ନାନ କରି ଜଗନ୍ନାଥ ଦର୍ଶନ କରେ, ମନ-ପ୍ରାଣଦେଇ ଜଗବନ୍ଧୁଙ୍କ ନିକଟରେ ବ୍ୟାକୁଳ ଭାବେ ପ୍ରାର୍ଥନା ଜଣାଏ ।

ଦିନେ ଅପରାହ୍ନରେ ମନ୍ଦିରର ସିଂହଦ୍ୱାର ପାର ହୋଇ ଜଗମୋହନଙ୍କ ସମ୍ମୁଖରେ ପହଞ୍ଚିଛି, ଜଣେ ଭୈରବ ମୂର୍ତ୍ତିଙ୍କଠାରେ ଆଖି ପଡ଼ିଗଲା । ସୁଦୀର୍ଘ ସ୍ଥୂଳ ବା ମାଂସଳ ଶରୀର, ଗୋଲଗାଲ ମୁଖ, ଟଳଟଳ ଚକ୍ଷୁ, ମୁଣ୍ଡରେ ଛୋଟ ଛୋଟ କଳାକେଶ ଉପରେ ଅଯତ୍ନରେ ଗୋଟିଏ ବସ୍ତ୍ର ଆବୃତ, କାର୍ତ୍ତିକେୟଙ୍କ ପରି ମୁଖକୁ ମାନିଲା ଭଳି ଦାଢ଼ି-ମୁଛ । ଲାଲ୍‌ବସ୍ତ୍ର ପରିହିତ, ତା'ଉପରେ ଲାଲ୍ ଚାଦର ବନ୍ଧା, ହାତରେ ସରୁବାଡ଼ିଟି ଶରୀର ଅନୁପାତରେ ଆଦୌ ମାନୁନଥାଏ । ନିଜ ଭାବନାରେ ଯେପରି ବିଭୋର, ଧୀରେ ଧୀରେ ଚାଲିଯାଉଥିଲେ । ମୁଁ ତାଙ୍କୁ ପଛେ ପଛେ ଅନୁସରଣ କଲି ।

ପୁରବୀଭୈରବ (ପୁରୀ)

ସେ ଜଗବନ୍ଧୁଙ୍କ ମନ୍ଦିରରେ ପ୍ରବେଶ କଲେ ଏବଂ ବହୁକ୍ଷଣ ଧରି ଠିଆରହି ଦର୍ଶନ କଲେ । ପରେ ଧୀରେ ଧୀରେ ବାହାରକୁ ଆସି ଯେତେବେଳେ ଚଉତରାର ଗୋଟିଏ ପାଖେ ବସିଲେ, ସେତେବେଳେ ମୁଁ ମଧ୍ୟ ତାଙ୍କଠାରୁ କିଛି ଦୂରରେ ବସିପଡ଼ିଲି ।

କ୍ରମେ ସେଠାରେ ଜଣେ ଦୁଇଜଣ କରି ସାତ/ଆଠଜଣ ବଙ୍ଗାଳୀ ଜୁଟିଗଲେ, ସେମାନଙ୍କ ମଧ୍ୟରୁ କେହି କେହି କିଛି ପଚାରିଦେଇ ବସିରହିଲେ, କେତେକେ କିଛି ପଚାରିବା ଲାଗି, ଆଉ କେହି ବା ଆହୁରି ନିକଟରେ ଯାଇ ବସିଲେ । ସେ କିନ୍ତୁ କୌଣସି କଥାବାର୍ତ୍ତା କାହା ସଙ୍ଗେ କଲେନାହିଁ, ଯେପରି ନିଜ ଭାବରେ ହିଁ ବିଭୋର, ବାହ୍ୟ ଜଗତ ସଙ୍ଗେ ସମ୍ବନ୍ଧ ନାହିଁ । ସେହି ଅବସ୍ଥାରେ ସ୍ଥିର ହୋଇ ବସିରହିଲେ । କିଛି ସମୟ ପରେ ଜନୈକ ଆଗନ୍ତୁକ ଅନ୍ୟ ଜଣଙ୍କ ଉଦ୍ଦେଶ୍ୟରେ ସେତେବେଳେ ଧୀରଗଳାରେ କହିଲେ, ଇଏ କଥା କହନ୍ତି ନାହିଁ ବୋଧହୁଏ, ଏବେ କିଛି ହୁଏତ କହିବେ ନାହିଁ । ଦେଖିଲି ସେମାନେ ଅବସ୍ଥାକୁ ଉପଲବ୍ଧି କରୁନାହାନ୍ତି । ଅନ୍ୟ ଜଣେ ଏକଥା ଶୁଣି ଉଠିଯାଇ ପ୍ରଣାମ ଜଣାଇ, ''ତା'ହେଲେ ଆସେ ବାବା'' କହି ଚାଲିଗଲେ । ଜଣକ ପରେ ଜଣେ ହୋଇ ସମସ୍ତେ ଉଠି ଚାଲିଗଲେ । ମୁଁ ସେତେବେଳ ପର୍ଯ୍ୟନ୍ତ ସ୍ଥିର ହୋଇ ବସିରହିଛି । ଦେଖୁଛି ସେ ନିର୍ବିକାର, ଗୋଟିଏ ଅବସ୍ଥାରେ ହିଁ ସନ୍ଧ୍ୟା ପର୍ଯ୍ୟନ୍ତ ସେ ବସିରହିଲେ । ସନ୍ଧ୍ୟାଦୀପ ଜଳିଉଠିଲାବେଳେ ସେ ଉଠିଲେ ଏବଂ ମନ୍ଦିର ବାହାରକୁ ଆସି ସମୁଦ୍ରପଥ ଧରି ଚାଲିବାକୁ ଲାଗିଲେ । ମୁଁ ତାଙ୍କ ପଛେ ପଛେ ଥାଏ ।

ଯେତେବେଳେ ସେ ସ୍ୱର୍ଗଦ୍ୱାର ଶ୍ମଶାନ ଉପରେ ଆସି ଠିଆହେଲେ, ସେତେବେଳେ ରାତ୍ରି ହେଲାଣି । ସମୁଦ୍ର ଗର୍ଜନ ଅବିରାମ ଶୁଣାଯାଉଥିଲା, ସେଥିରେ ପୁଣି ଚାରିଆଡ଼େ ଘୋର ଅନ୍ଧକାର । ଭୈରବ କିଛି ସମୟ ଠିଆହୋଇ ଶ୍ମଶାନ ଆଡ଼େ ବିହ୍ୱଳ ନେତ୍ରରେ ଚାହିଁ ରହିଲେ । ଗୋଟିଏ ମାତ୍ର ଚିତା ଜଳୁଥାଏ । ତା'ର ଆଖପାଖରେ ଯେପରି ଦୁଇ-ତିନିଜଣ ଘୋର କୃଷ୍ଣବର୍ଣ୍ଣ ଛାୟାପୁରୁଷ ଲମ୍ବା ଲମ୍ବା ଦଣ୍ଡା ହାତରେ ଧରି ଚିତାଗ୍ନିକୁ ଆଡ଼ଉଥାଆନ୍ତି । ଚିତାର ଆଲୋକରେ ଶ୍ମଶାନ ପ୍ରାନ୍ତରେ ଯାତ୍ରୀମାନଙ୍କ ଘର ଦେଖାଯାଉଥିଲା, ଘର ଭିତରେ ଆଲୋକର କୌଣସି ଆଭାସ ନଥିଲା ।

ଭୈରବ ରାସ୍ତାରୁ ଓହ୍ଲାଇବାକୁ ଲାଗିଲେ । ଦେଖିଲି, ଶ୍ମଶାନର ସେହି ଘରଟିକୁ ଲକ୍ଷ୍ୟକରି ଯେପରି ଚାଲିବାକୁ ଲାଗିଲେ ସେ । ମୁଁ ପଛେ ପଛେ ନିଃଶବ୍ଦରେ ଚାଲିଲି । ଶ୍ମଶାନ ଭୂମି ପାର ହୋଇ ସେ ହଠାତ୍ ସେହି ଘର ଭିତରକୁ ପ୍ରବେଶ କଲେ, ମୁଁ କିଛି ଦୂରରେ ଠିଆହୋଇ ଭାବିବାକୁ ଲାଗିଲି—ଏବେ ମୋ'ର କ'ଣ କରିବା ଉଚିତ !

କିଛିକ୍ଷଣ ପରେ ଦେଖିଲି ଭିତରେ ଆଲୁଅ, ଆଉ ଭିତରେ ଯେଉଁ ଦୁଇଟି ମୂର୍ତ୍ତି ହଲଚଲ କରୁଛନ୍ତି, ସେ ଦୁହେଁ ହିଁ ନାରୀ; କ୍ଷୀଣ ଆଲୁଅରେ ଦେଖିଲି, ତନ୍ମଧ୍ୟରୁ ଜଣେ ହୁଏତ ଯୁବତୀ । ଦୁହିଁଙ୍କର ବସ୍ତ୍ର ଲାଲ୍; ସୁତରାଂ ସେମାନେ ଭୈରବୀ ବୋଲି ଅନୁମାନ କଲି । ଯାହାହେଉ, ମୁଁ ଠିକ୍ କଲି ଯେ କାଲି ପ୍ରଭାତରେ ଆସି ସାକ୍ଷାତ କରିବା ଠିକ୍ ହେବ । ଆଜି ଏହି ପରିସ୍ଥିତିରେ

ସେଠାକୁ ଯାଇ ଉପସ୍ଥିତ ରହିବାକୁ ମନ ଆଗେଇଲା ନାହିଁ । ସେ ରାତିରେ ଅଗତ୍ୟା ଫେରିଆସିଲି ।

ପରଦିନ ସକାଳେ, ଠିକ୍ ସୂର୍ଯ୍ୟୋଦୟ ବେଳକୁ, ସ୍ୱର୍ଗଦ୍ୱାରରେ ଉପସ୍ଥିତ ହେଲି । ଶ୍ମଶାନ ଯାତ୍ରୀଙ୍କର ସେହି ଘରର ସାମ୍ନାରେ ଥିବା ବରଣ୍ଡା ପରି ସ୍ଥାନରେ ଦେଖିଲି, ଭୈରବ ନିଦ୍ରାରୁ ଉଠି ପୁରାତନ ଖଣ୍ଡେ ସତରଞ୍ଜି ଉପରେ ଅର୍ଦ୍ଧଶାୟିତ ଭାବେ ତକିଆରେ ଭରାଦେଇ ଗଡ଼ାଗଡ଼ି କରି ତମାଖୁ ଖାଉଛନ୍ତି । ଦେହ ଖୋଲା, ଗଳାରେ ପଇତା ଗୋଛାଏ ମାଳା ପରି ଝୁଲୁଛି, ଦଉଡ଼ି ପରି ଗୁଡ଼ାଇହୋଇ ମାଳା ପରି ତଳେ ପଡ଼ିଛି—ଲୁଙ୍ଗି ପରି ପିନ୍ଧା ବସନ । ସେହିଭଳି ଟୁଳଟୁଳ ଆଖି । ମୁଁ ପ୍ରଣାମ କରି ଅଳ୍ପ ଦୂରରେ ବସିଲି ।

ମୋ' ଆଡ଼କୁ ଥରେ ଅନାସକ୍ତ ଭାବେ ଦୃଷ୍ଟିପାତ କରି ସେ ନିଜେ ତମାଖୁ ଖାଇବାକୁ ଲାଗିଲେ । ଦୂରରେ ପେଡ଼ିପୁଟୁଳା, ଗୋଟାଏ ଟିଣର ଚେପା ମଇଳା ଟ୍ରଙ୍କବାକ୍ସ, ସାପପେଡ଼ି ପରି ବେତ ମୋଡ଼ାଥିବା ବଡ଼ ଟୋକେଇ ପରି ଗୋଟିଏ ଦୁଇଟି ଆଗକାଳର ପେଡ଼ି, ପୁରୁଣା ଲଣ୍ଠନ ଖଣ୍ଡେ, ତ୍ରିଶୂଳ, ଚନ୍ଦନପେଡ଼ି—ଏହି ରକମର ନାନାଦି ଜିନିଷ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଛି । ଭିତରେ ବୋଧହୁଏ ଚୁଲି ଲଗାଯାଇଛି, ଧୂଆଁ ବାହାରୁଛି । ମୁଁ କିଛିକ୍ଷଣ ବସିବା ପରେ ଲାଲ ବସ୍ତ୍ରାବୃତା ଜଣେ ଯୁବତୀ କଲାଇକରା ଡାଟିଆରେ ଚା' ଆଣି ସାମ୍ନାରେ ରଖି ମୃଦୁସ୍ୱରରେ, ''ବାବା ଚା' ଖାଆନ୍ତୁ'', କହି ସସଂକୋଚେ ଚାଲିଗଲେ । ବାବା କିନ୍ତୁ ଚା' ପିଇବାର କୌଣସି ଚେଷ୍ଟା ମଧ୍ୟ କଲେନାହିଁ ।

ମୋ' ମନର ଅବସ୍ଥା ସେତେବେଳେ ଜଟିଳ; ଏହାଛଡ଼ା ସାମ୍ନାରେ ବଡ଼ ରାସ୍ତା ଆଡ଼େ ହଠାତ୍ ଚାହିଁ ଦେଖେ ପହରାବାଲା ପରି ଜଣେ, ଆଉ ଦୁଇ-ତିନିଜଣଙ୍କୁ ସାଥିରେ ଧରି, ରାସ୍ତାରୁ ଓହ୍ଲାଇ ଏଆଡ଼େ ଦ୍ରୁତଗତିରେ ଆସୁଛନ୍ତି । ମୁଁ ଭାବିଲି, ରହିବି ନା ଚାଲିଯିବି, ଦେଖାଯାଉ, ଆଉ ଟିକିଏ ରହିଯାଏଁ, ଦୈବାତ୍ ଯଦି କଥାବାର୍ତ୍ତାର ସୁଯୋଗ ମିଳିଯାଏ ।

ପହରାବାଲା ଓ ତାଙ୍କ ସାଥିମାନେ ଆସିଗଲେ । ଦେଖିଲି, ଯେଉଁ ଗତିରେ ସେମାନେ ଶ୍ମଶାନ ଉପର ଦେଇ ଆସୁଥିଲେ, ଘର ପାଖକୁ ଆସି ଗତି ବହୁତ ଶିଥିଳ ହୋଇଗଲା । ତାହାପରେ ସମସ୍ତେ ଠିଆହୋଇ ରହିଲେ, କେହି ସେମାନଙ୍କ ଭିତରୁ କିଛି କହିଲେ ନାହିଁ ।

ଭୈରବ କିନ୍ତୁ କେଉଁଆଡ଼େ ନ ଅନାଇ ନିଜେ ତମାଖୁ ଟାଣିଚାଲିଥାନ୍ତି । ଏତେଜଣ ବ୍ୟକ୍ତି ଯେ ଏଠି ଠିଆରହି ତାଙ୍କ ଆଡ଼କୁ ଅନାଇ ଦେଖୁଛନ୍ତି, ସେ ଆଡ଼କୁ ତାଙ୍କର ଲକ୍ଷ୍ୟ ନାହିଁ । ସେହି ଦଳରୁ ଜଣେ ଟିକିଏ ଆଗେଇଆସି, କାଶି ଦେଇ ଗଳା ସଫାକରି, ''ଦେଖ ! ଏଠି ସାଧୁସନ୍ନ୍ୟାସୀଙ୍କର ରହିବାର ଜାଗା ନୁହେଁ'', କହି ତାଙ୍କ ଆଡ଼କୁ ଚାହିଁରହିଲେ । କୌଣସି ଇସାରା-ଶବ୍ଦ ନପାଇ ଅନ୍ୟ ଜଣେ କହିଲେ—''ଶୁଣୁଛନ୍ତି ?'' ତଥାପି ସେଥିରେ ତାଙ୍କର କୌଣସି ଭାବର ବ୍ୟତିକ୍ରମ ନଦେଖି ଆଉ ଜଣେ ପହରାବାଲାକୁ କହିଲେ, ''ଦେଖୁନା, ଭୟାନକ ମାତାଲ ଅବସ୍ଥା !''

ଭାବଟା ତାଙ୍କର ସତରେ ମାତାଲ ପରି । ଦଳର ସମସ୍ତେ ନିଜ ନିଜ ମଧ୍ୟରେ ନାନା ରକମ ମନ୍ତବ୍ୟ ପ୍ରକାଶ କରିବାକୁ ଲାଗିଲେ । ଏହିପରି ପ୍ରାୟ ଅଧଘଣ୍ଟାଏ ସମୟ କଟିଗଲା । କୌଣସି ମୀମାଂସାରେ ପହଞ୍ଚି ନପାରି ଓଡ଼ିଶାର ପ୍ରହରୀ ଜଣକ ଏଥର ଭିତରକୁ ଚାହିଁ ଡାକିଲେ, ''କିଏ ଅଛ ହେ ଭିତରେ ?''

ସେତେବେଳେ ଭିତରୁ ଜଣେ ଅର୍ଦ୍ଧବୟସ୍କା ଭୈରବୀ ମୂର୍ତ୍ତି ବାହାରକୁ ଆସିଲେ । ତାଙ୍କୁ ଦେଖିନେଇ ପ୍ରହରୀ କହିଲେ, ''ଦେଖ ! ଆଜିକୁ ଚାରିଦିନ ହୋଇଗଲା, ତୁମେମାନେ ଏଠାରୁ ଯାଉନାହଁ, କିନ୍ତୁ ଏବେ ଦାରୋଗାବାବୁ ହୁକୁମ ଦେଇଛନ୍ତି, ତୁମମାନଙ୍କୁ ଏଠାରୁ ବାହାର କରିଦେବାକୁ ହେବ । ଆମେ ସେଥିପାଇଁ ଆସିଛୁ ।''

ଭୈରବୀ ଏହାଶୁଣି କାତରକଣ୍ଠରେ କହିଲେ—''କ'ଣ କରିବା ବାବା, ଆମେ ଏଯାଏଁ କେଉଁଠି ଖଣ୍ଡେ ଜାଗା ଠିକ୍ କରିପାରିନାହୁଁ । ଆଜି ଦ୍ୱିପ୍ରହରରେ ଆମେମାନେ ଏଠୁ ଚାଲିଯିବୁ, ଠିକ୍ କହୁଛି ବାବା, କାଲି ଆଉ ତୁମେମାନେ ଆମମାନଙ୍କୁ ଏଠାରେ ଦେଖିବାକୁ ପାଇବ ନାହିଁ ।''

ପ୍ରହରୀ ଦଳ ଏହି କଥା ଶୁଣି, କାନ୍ଧ ସିଧାକରି, ଆଉ କିଛି ନକହି ଜଣେ ପରେ ଜଣେ ଧୀରେ ଧୀରେ ଚାଲିଗଲେ । ମୁଁ ସେତିକିବେଳେ ସଂକୋଚ ତ୍ୟାଗକରି ଭୈରବୀକୁ ପଚାରିଲି,—''ଆପଣମାନେ ଯିବେ କେଉଁଆଡ଼େ ?''

ସେ କହିଲେ—''ଜଗବନ୍ଧୁର ମନ୍ଦିର ନିକଟରେ କାଳୀକାଦେବୀ ସାହିରେ ପଣ୍ଡାମାନେ ଖଣ୍ଡେ ଜାଗା ଦେବେ ବୋଲି ତ କହିଛନ୍ତି, ଏବେ ସେହିଠାକୁ ହିଁ ଯିବାକୁ ହେବ ।''

ଏହି ସମୟରେ ଦେଖିଲି, ଭୈରବ ତକିଆ ଛାଡ଼ି ଉଠି ବସିଲେ ଏବଂ ଧୀରେ ଧୀରେ ଝୁଲିବାକୁ ଲାଗିଲେ, ଚକ୍ଷୁ ପ୍ରାୟ ବନ୍ଦ୍ ହୋଇଥାଏ ।

''ଚା' ଖାଆନ୍ତୁ ବାବା, ଖରାପ ହୋଇଗଲା ଯେ'', କହି ଭୈରବୀ ତାଟିଆଟି ଉଠାଇ ଧରିଲେ । ସେତେବେଳେ ଭୈରବ, ''ଆଁ'' କହି ଥରେ ଅନାଇ ତାକୁ ହାତରେ ନେଇଗଲେ ଠିକ୍, ମାତ୍ର ପୁଣି ଆଖିବୁଜି ଝୁଲିବାକୁ ଲାଗିଲେ । ମୁଁ ଭାବିଲି, ଏବେ ବୋଧହୁଏ ଚେଷ୍ଟାକଲେ ମୋ' ସହ ହୁଏତ କଥା କହିପାରିବେ । ଭୈରବୀ ସେତେବେଳେ ଘର ଭିତରକୁ ଯିବାର ଦେଖି ମୁଁ ଟିକିଏ ପାଖକୁ ଘୁଞ୍ଚିଯାଇ ବସିଲି ।

ସେ ତ' କଥା କହିବେ ନାହିଁ, ଅନେକକ୍ଷଣ ପରେ ସସଂକୋଚେ କହିଲି, ''ଆପଣ ବାବା ଟିକିଏ ଦୟାକରି ମୋ କଥା ଶୁଣିବେ ? ଅନେକ ଦୂରରୁ ଆସିଛି ।''

ସେ ଚକ୍ଷୁ ବନ୍ଦ କରି ଦେହ ହଲାଇ ଇଙ୍ଗିତ କଲେ ଯେ ସେ ଶୁଣିବେ । ସାହସ ପାଇ ସେତେବେଳେ ଧୀରେ ଧୀରେ ନିଜ କଥାସବୁ ସଜାଇ କହିବାକୁ ଲାଗିଲି, ''ତନ୍ତ୍ର ସାଧନର

ଲକ୍ଷ୍ୟ କ'ଣ ଏବଂ ସାଧନପଥ କେଉଁ ପ୍ରକାର ? ଏହି ମାର୍ଗର କୌଣସି ସାଧକ ବା ସିଦ୍ଧପୁରୁଷ ସହ ସଂଯୋଗର ଆଶା ରଖି ଘରଠାରୁ ବାହାରିପଡ଼ି ଘୂରୁଛି—ଏହିସବୁ କଥା ।'' ତାଙ୍କର ଭାବ ଦେଖି ବୁଝିପାରିଲି, ସେ ସବୁ ଶୁଣିଛନ୍ତି । ଅନ୍ୟ କୌଣସି ପରିବର୍ତ୍ତନ ଲକ୍ଷ୍ୟ କଲିନାହିଁ । କେବଳ ସେ ଚକ୍ଷୁ ବନ୍ଦ୍ ରଖି ଦୋହଲି ଦୋହଲି ମନେମନେ ଅଳ୍ପଅଳ୍ପ ହସିବାକୁ ଲାଗିଲେ ।

ଯେତେବେଳେ ଦେଖିଲି ସେ କିଛି କହିଲେ ନାହିଁ, ସେତେବେଳେ ଅନୁମାନ କଲି ଯେ ଅପେକ୍ଷା କରିବାକୁ ସେ ଇଙ୍ଗିତ କରୁଛନ୍ତି; ସୁତରାଂ ସ୍ଥିର ହୋଇ ବସିରହିଲି । ଏହିଭଳି ପ୍ରାୟ ଘଣ୍ଟାଏଯାଏ ରହିଲି, ତା'ପରେ ଦେଖିଲି, ସେ ଧୀରେ ଧୀରେ ଉଠିଲେ, ସେହିପରି ଢଳଢଳ ଆଖିରେ, ସାମାନ୍ୟ ହସିହସି ମାତାଲ ପରି ଟଳିଟଳି ଘର ଭିତରକୁ ପଶିଗଲେ । ପାଞ୍ଚ-ସାତ-ଦଶ ମିନିଟ୍‌ରୁ ବେଶୀ ହୋଇଗଲା—ସେ ଆଉ ବାହାରିଲେ ନାହିଁ ଦେଖି ସେଠାରୁ ଉଠି ବାହାରିପଡ଼ିଲି ।

■■

ଦ୍ୱିତୀୟ ପରିଚ୍ଛେଦ

ସେଦିନଟି ବିତାଇଥାନ୍ତି ନାନା ସ୍ଥାନରେ, ଆଉ ରାତ୍ରିରେ ରହିଥାନ୍ତି ଚକ୍ରତୀର୍ଥରେ ବାଲିଶଯ୍ୟାରେ, ଦେହରେ ଖଣ୍ଡେ ଚାଦର ଘୋଡ଼ିହୋଇ ଶୋଇଥାନ୍ତି । ଭୋର୍‌ରୁ ଉଠି ପୁଣି ସ୍ୱର୍ଗଦ୍ୱାର ଆଡ଼କୁ ଆସିଥାନ୍ତି ।

ହେଲେ ପରଦିନ ସକାଳେ ନଆସି ଅପରାହ୍ଣରେ ଆସିଲି, କିନ୍ତୁ କାହାକୁ ହିଁ ଦେଖିବାକୁ ପାଇଲି ନାହିଁ, କେଉଁଠି କିଛି ହିଁ ନାହିଁ । ଭାବିଲି, ଭୈରବ କାଳୀକାଦେବୀସାହିକୁ ହୁଏତ ଯାଇଛନ୍ତି । ଛୁଟିଲି ସେଇଆଡ଼େ । ରାସ୍ତାକୁ ଉଠିଲାବେଳେ ଜଣକୁ ପଚାରିଲି—''ଏଠାରେ ଯେଉଁ ଭୈରବ ଥିଲେ, କେଉଁଆଡ଼େ ଗଲେ ?''

ମୁଁ ଯାହାଙ୍କୁ ପଚାରିଲି, ତାଙ୍କୁ ଏହି ସ୍ୱର୍ଗଦ୍ୱାରରେ ଅନେକବାର ଦେଖିଛି, ଏକାସାଙ୍ଗରେ ଦୁଇ ତିନିଜଣ ସମୁଦ୍ରରେ ସ୍ନାନ ମଧ୍ୟ କରିଛୁ । ଏହିଠାରେ ତାଙ୍କର ଖଣ୍ଡେ ଛୋଟଘର ଅଛି, ଏବେ ସପରିବାର ଜଳବାୟୁ ପରିବର୍ତ୍ତନରେ ଆସିଛନ୍ତି ।

ସେ କହିଲେ—''ସେଇ ବାମାଚାରୀ ଭୈରବର କଥା ପଚାରୁଛନ୍ତି, ଯାହାଙ୍କ ସହ ଦୁଇଜଣ ଭୈରବୀ ଅଛନ୍ତି, ଶ୍ମଶାନର ଏହି ଘରଟିରେ ଆଡ୍ଡା କରୁଥିଲେ ତ ?''

''ତାଙ୍କରି କଥା ହିଁ ତ ପଚାରୁଛି !''

ସେ କହିଲେ, ''ଗୋଟାଏ ମଜାକଥା ହୋଇଛି । ଆମେ ସେହି ଭୈରବୀ ଦୁହିଁଙ୍କର ଖିଟ୍‌ଖିଟ୍ କଥା ଆଜିକୁ ଚାରିଦିନ ହେବ ଅନେକ ଥର ଶୁଣୁଥିଲୁ । ଛୋଟ ନାରୀଟି ଆଗେ ନଥିଲେ । ସେ ବ୍ରାହ୍ମଣ ଘରର ବାଳବିଧବା, କେତେମାସ ହେବ ଭୈରବ ତାଙ୍କୁ କୌଣସି ଗ୍ରାମରୁ ଧରି ଆଣିଛନ୍ତି । ବଡ଼ଟି ଅନେକ ଦିନରୁ ସାଙ୍ଗରେ ଥିଲେ । ସାନଟି ଆସିବାରୁ ବଡ଼ଟିର ସଙ୍ଗେ ଆଉ ଠିକ୍ ଚାଲିଲା ନାହିଁ, କ୍ରମେ ଦୁହିଁଙ୍କ ମଧ୍ୟରେ ଝଗଡ଼ାଝାଟିଠାରୁ ଆରମ୍ଭ ହୋଇ ଏବେ ଅଚଳ ଅବସ୍ଥାରେ ଆସି ପହଞ୍ଚିଛି । ସେଥିଲାଗି ତାଙ୍କୁ ବିଦାୟ ନେବାକୁ ପଡ଼ିଛି । ନଗଦ ପନ୍ଦରଟଙ୍କା ଦେଇ ବିଦାୟ, ତା'ପରେ କାଲି ଉପରବେଳା ସେମାନେ ସହରର ପଣ୍ଡାଙ୍କର ଆଶ୍ରୟ ନେଇ ଏଠାରୁ ଉଠିଯାଇଛନ୍ତି । କାଲି ଆମ ଘରର ସ୍ତ୍ରୀଲୋକେ ସ୍ନାନ କରିବାକୁ ଯାଇ ଶୁଣିଆସିଛନ୍ତି, ସେଇ ବଡ଼ଟି ମୁହଁରୁ ।''

ଆଉ ଠିଆ ନହୋଇ ଦ୍ରୁତଗତିରେ ସହର ଆଡ଼କୁ ଚାଲିଲି । ଅଳ୍ପକ୍ଷଣ ମଧ୍ୟରେ କାଳୀକାଦେବୀସାହି ଗଲି । ତା'ପରେ ସେହି ଭୈରବଙ୍କ ସନ୍ଧାନ ପାଇବାକୁ ବିଳମ୍ବ ହେଲାନାହିଁ ।

ଦେଖିଲି, ଚାରିଆଡ଼େ ଚାଳଘର, ଯାତ୍ରୀମାନଙ୍କ ଲାଗି, ଆଉ ଭୈରବ ଉଠାଣିରେ ସତରଞ୍ଜି ଉପରେ ତକିଆରେ ଢିରା ଦେଇ ତମାଖୁସେବା କରୁଛନ୍ତି । ଯିବାକ୍ଷଣି ସେ ଅତି ଯତ୍ନ ସହକାରରେ ''ଆସ, ବସ'' କହି ସସ୍ନେହ ହିଁ ଆହ୍ୱାନ କଲେ । ମୋ'ର ତ ଆନନ୍ଦର ଆଉ ସୀମା ନଥିଲା । ଆଜି ଭୈରବଙ୍କର ଆଉ ଏକରକମ ମୂର୍ତ୍ତି ।

ଅଳ୍ପ ସମୟ ବସିବା ପରେ ସେ ନିଜେହିଁ ଜିଜ୍ଞାସା କଲେ—''ଏଠାରେ କେଉଁଠି ଅଛ ? କିପରି ଭାବେ ଚଳୁଛ ?''

ତାଙ୍କ ପ୍ରଶ୍ନର ଯଥାଯଥ ଉତ୍ତର ଦେଲି । ତା'ପରେ ସେ ଜିଜ୍ଞାସା କଲେ, ''ଏପରି ଅବସ୍ଥା କେତେଦିନ ଧରି ?''

କହିଲି, ''ଆଜକୁ ଚାରିବର୍ଷ ଧରି କିଛି ଅଗ୍ରଗତି ଘଟିଛି, ନହେଲେ ଏହାପୂର୍ବରୁ ଘରେ ରହି ଆଲୋଚନା ଚାଲୁଥିଲା ।''

''ଆଚ୍ଛା, ତାନ୍ତ୍ରିକ ସାଧନା ଉପରେ ତୁମର ଏତେ ଅନୁରାଗ କେଉଁଠୁ ଆସିଲା ?''

''କିପରି ହେଲା କହିପାରିବି ନାହିଁ, ତେବେ ମୋର ମନେହୁଏ, ବୈଦିକ ଉପାସନା ଯେଉଁ ଲକ୍ଷ୍ୟରେ ପହଞ୍ଚାଏ, ତାନ୍ତ୍ରିକ ସାଧନା ହୁଏତ ଆଉ ଏକ ରହସ୍ୟମୟ ଅନ୍ୟ କିଛି ଅବସ୍ଥାରେ ପହୁଞ୍ଚାଇପାରେ । ଜାଣେନା, ସେ ଅବସ୍ଥା କେତେ ଅଦ୍ଭୁତ-ରହସ୍ୟମୟ । ତା'ଛଡ଼ା ପାତଞ୍ଜଳିର ଯୋଗଦର୍ଶନ ପ୍ରଭୃତି ଆର୍ଯ୍ୟ ବୈଦିକ ସମ୍ପ୍ରଦାୟର ସାଧନା ଆଉ ତାହାର ଫଳ ସ୍ପଷ୍ଟ ଭାଷାରେ କ୍ରମାନ୍ୱୟରେ ସବୁ ସ୍ଥାନରେ ଖୋଲିକରି ଲେଖାହୋଇଛି, ମାତ୍ର ତନ୍ତ୍ରର କ୍ଷେତ୍ରରେ ସକଳହିଁ ଗୁହ୍ୟ, ସେଥିପାଇଁ ରହସ୍ୟମୟ—ବିଶେଷତଃ ଆମ ନିକଟରେ ବେଶୀ କୌତୂହଳର କଥା ହୋଇ ପ୍ରତୀୟମାନ ହେଉଛି ।''

ସେ ସ୍ଥିର ଭାବେ ଥରେ ମୁଣ୍ଡ ହଲାଇଲେ, ଯେପରି ଠିକ୍ ରୂପେ ବୁଝିଛନ୍ତି ଏବଂ ମୋ ଉତ୍ତରଟି ସନ୍ତୋଷଜନକ—ଏହି ଭାବ । ତା ପରେ ଡାକିଲେ—''ହେମା ! କରାଟଟା ଦେଇଯାଅ, ଚାରିଟା ବାଜିଛି ବୋଧହୁଏ ।'' ତା'ପରେ ତମାଖୁ ନଳଟିକୁ ଛାଡ଼ି ଟିକିଏ ହାଇମାରି ଉଠିବସିଲେ ।

ଏଥର ଦେଖିଲି, ସେହି କନିଷ୍ଠା ଭୈରବୀ, ଗୋଟିଏ ଛୋଟ କଳା ଟିଣର କରାଟ ଓ ଗିଲାସେ ଜଳ ଆଣିଲେ । ସେ କରାଟ ଖୋଲି ଛୋଟ ମଟର ପରିମାଣର କଳା ଗୋଟିଏ ବଟିକା ପାଟିରେ ରଖି ଅଳ୍ପ ଜଳ ଖାଇ ତାକୁ ଗିଳି ପକାଇଲେ । ତା'ପରେ ଭୈରବୀ ଚା' ଆଣି ଦେବାରୁ ସେ ମୋତେ ପଚାରିଲେ, ''ଚା' ପିଇବ କି ?'' ସେତେବେଳେ ଚା' ପିଉ ନଥିଲି, ତେଣୁ କହିଲି, ''ଚା' ପିଏନାହିଁ ।'' ଚା' ପିଇବା ପରେ ସେ ତକିଆରେ ଆଉଜି ପଡ଼ି ମୋତେ ଜିଜ୍ଞାସା କଲେ—''ଆଚ୍ଛା, ତୁମେ ସନ୍ଧ୍ୟା ଆହ୍ନିକ କର କି ?''

"ଯେବେ ଉପନୟନ ହୋଇଥିଲା, ସେତେବେଳେ ନିୟମିତ ସନ୍ଧ୍ୟା ଆହ୍ନିକ ପ୍ରାୟ ବର୍ଷଟିଏ ପର୍ଯ୍ୟନ୍ତ କରିଥିଲି । ତା'ପରେ ପ୍ରାୟ ତିନିବର୍ଷ ଆଉ କରିନାହିଁ । ପରେ ମୋ ଭିତରେ ଏକ ପରିବର୍ତ୍ତନ ଆସିଲା, ଭଗବତ୍ ଉପାସନା ଆଉ ଧର୍ମପଥରେ ଯିବାର ପ୍ରେରଣା । ମୋର ମଉସା ମହାଶୟଙ୍କ ଗୁରୁ ଥରେ ମୋତେ କହିଥିଲେ ଯେ, ବ୍ରାହ୍ମଣ ସନ୍ତାନ ଭକ୍ତି ଭାବ ନେଇ ସନ୍ଧ୍ୟା ଆହ୍ନିକ ଆଉ ଗାୟତ୍ରୀ ଜପ କଲେ, ତାଙ୍କୁ ପାଇହେବ । ସେହି ସମୟରୁ ସନ୍ଧ୍ୟା ଆହ୍ନିକ ଉପରେ ଜୋର୍ ଦେଲି ।

ପୁରବୀଭୈରବ ସହ ଲେଖକ ଆଲୋଚନାରତ (ପୁରୀ)

ଏହା ଶୁଣି ଟିକିଏ ଉଚ୍ଚସ୍ୱରରେ ଅନ୍ତରାଳରେ ଥିବା ଭୈରବୀଙ୍କୁ ଉଦ୍ଦେଶ୍ୟ କରି କହିଲେ—"ହେମା ! ଏହାଙ୍କ କଥା ସବୁ ଶୁଣୁଛ ? ମନଦେଇ ଶୁଣିଥାଅ ।" ତା'ପରେ ମୋ ଆଡ଼କୁ ଚାହିଁ କହିଲେ—"ଆଚ୍ଛା, ସନ୍ଧ୍ୟାର କେଉଁ ଅଂଶ ତୁମକୁ ବେଶୀ ଆକୃଷ୍ଟ କରିଥିଲା, କୁହ ତ ବାବା, କିଛି ସଂକୋଚ କରନାହିଁ ।"

"ସୂର୍ଯ୍ୟଙ୍କ ପ୍ରସ୍ଥାନ ଆଉ ଗାୟତ୍ରୀ ଜପରେ ।"

"ସୂର୍ଯ୍ୟଙ୍କୁ କେଉଁ ଭାବ ନେଇ ଧାରଣା କର ? ଗାୟତ୍ରୀ ସହିତ ନା ଅଲଗା ?"

"ଧ୍ୟାନବେଳେ ଯେଉଁ ଗାୟତ୍ରୀର ବର୍ଣ୍ଣନା ଅଛି, ପ୍ରାତଃରେ, ମଧ୍ୟାହ୍ନରେ ଓ ସାୟାହ୍ନରେ ସୂର୍ଯ୍ୟମଣ୍ଡଳ ମଧ୍ୟରେ ଠିକ୍ ଠିକ୍ ରୂପେ ସେହି ରୂପ ହିଁ ଚିନ୍ତା କରୁଥିଲି, ଆଉ ସେ ଯେପରି ମୋ ହୃଦୟ ମଧ୍ୟଦେଇ ଉଦୟ ହେଉଛନ୍ତି, ଏହିପରି ପ୍ରତ୍ୟକ୍ଷ କରୁଥିଲି ।"

"ଆଚ୍ଛା, ତୁମର ବାପ, ମା', ସ୍ତ୍ରୀ ଏ ସମସ୍ତେ ତ ଅଛନ୍ତି ?"

"ଅଛନ୍ତି, ଠାକୁରମା' ମଧ୍ୟ ଅଛନ୍ତି ।"

ସେ ପୁନରାୟ ପଚାରିଲେ–''ସେମାନେ ତୁମର ରୋଜଗାର ଲାଗି ଜୋର୍ ଦେଇନାହାନ୍ତି ?''

ଉତ୍ତରରେ କହିଲି, ''ବାବା ମୋତେ ତାଙ୍କ କର୍ମକ୍ଷେତ୍ରରେ ଚାକିରିରେ ଭର୍ତ୍ତି କରାଇଥିଲେ–ଚାକିରିରେ ମନ ଲାଗିଲା ନାହିଁ, ତାଙ୍କ ମତ ବିରୋଧରେ ଚିତ୍ରବିଦ୍ୟା ଶିଖିବା ଲାଗି ଆର୍ଟ ସ୍କୁଲ୍‌କୁ ଗଲି । ତା'ପରେ ପାଞ୍ଚବର୍ଷରେ ସେଠାର କାର୍ଯ୍ୟ ଶେଷକରି, ବାହାରି ଆସିବା ପରେ ଏହି ସମସ୍ତ ଚିତ୍ରାଙ୍କନ କାର୍ଯ୍ୟ ହିଁ କରୁଥିଲି । ବର୍ତ୍ତମାନ ଅବସ୍ଥାରେ ଏବେ ଛବି ଆଙ୍କିବାକୁ ଆଉ ଭଲ ଲାଗୁନାହିଁ ।''

ଏସବୁ କଥା ଶୁଣି ସେ ସସ୍ନେହରେ ହିଁ କହିଲେ–''ତୁମେ ଛବି ଆଙ୍କିବା ଛାଡ଼ନାହିଁ ବାବା, ସେଥିରେ ଭଲ ହେବ ତୁମର । ତୁମର ଏକେ ତ ଉଚ୍ଚ ସଂସ୍କାରମାନ ରହିଛି, ତା'ପରେ ପୁଣି ଚିତ୍ରବିଦ୍ୟାର ଅଧିକାର ଥିବାରୁ ଭଗବତ୍ ମୂର୍ତ୍ତିର ଧାରଣା ତୁମର ସ୍ପଷ୍ଟ ହେବ, ଏଥିରେ ଧ୍ୟାନଧାରଣାଟି ହେବ, ବୁଝିଲ ? ତାକୁ ଛାଡ଼ ନାହିଁ ।'' ପୁଣି କହିଲେ, ''ଏହା ଭଗବାନଙ୍କର ଦାନ ବୋଲି ଜାଣିବ, କେବେହେଁ ଛାଡ଼ନାହିଁ ।''

ଚୁପ୍‌ଚାପ୍ ହୋଇ ତାଙ୍କ କଥାଗୁଡ଼ିକ ମନ ମଧ୍ୟରେ ତଉଲାତଉଲି କରିବାକୁ ଲାଗିଲି । ସେ କହିଲେ, ''ଆଚ୍ଛା ବାବା, ଧ୍ୟାନରେ ତୁମର କେଉଁ ମୂର୍ତ୍ତି ଉଭା ହୁଏ କି ?''

''ଆସେ ।''

ସେ ଜିଜ୍ଞାସା କଲେ, ''ସ୍ତ୍ରୀ ନା ପୁରୁଷ ?''

''ପୁରୁଷ ।''

ସେ ଅନେକ ସମୟ ପରେ କହିଲେ, ''ବାବା, ତୁମର ଶୈବ ଶରୀର ।''

କିଛି ସମୟ ଧରି ସମସ୍ତ ନୀରବ । ସେ ଯେପରି ହଠାତ୍ ଜିଜ୍ଞାସା କଲେ–''ଆଚ୍ଛା, ତୁମର କ'ଣ ଘରଦ୍ୱାର ଛାଡ଼ି, ଗୈରିକ ବସନ ପିନ୍ଧି ସନ୍ନ୍ୟାସୀ ହୋଇ ଜୀବନ ଅତିବାହିତ କରିବାକୁ ଇଚ୍ଛା ହୁଏ ?''

''ନା, ମୋ'ର କେବେ ସେପରି ଇଚ୍ଛା ହୁଏନାହିଁ । ମୁଁ ଉତ୍କୃଷ୍ଟ ଗାର୍ହସ୍ଥ୍ୟ ଜୀବନରେ ସନ୍ନ୍ୟାସୀର ଜ୍ଞାନ ଲାଭ କରିବାକୁ ଚାହେଁ ।''

ଏହା ଶୁଣି ସେ ଆନନ୍ଦିତ ହୋଇ କହିଲେ–''ବେଶ୍ ବାବା ବେଶ୍, ଖୁବ୍ ଭଲ ।'' ତା'ପରେ ଟିକିଏ ରହିଯାଇ ପଚାରିଲେ, ''ଆଉ ତପସ୍ୟା କଥା ?''

ମୁଁ ତତ୍‌କ୍ଷଣାତ୍ କହିଲି–''ଗାର୍ହସ୍ଥ୍ୟ ଜୀବନରେ ମଧ୍ୟ ତପସ୍ୟାର ଅଭାବ ନଥାଏ । ଏଠାରେ ମଧ୍ୟ ଦେଖୁଛି ପଦେ ପଦେ ତପସ୍ୟା ।''

ସେ ଯେପରି ଉତ୍ତେଜିତ ଅବସ୍ଥାରେ ଉଠି ବସିଲେ, କହିଲେ–''ବାବା, ତୁମକୁ ନିଶ୍ଚୟ ମିଳିବ, ଘରେ ରହି ମଧ୍ୟ ମିଳିବ ।''

"କିପରି ମିଳିବ, କହିଦିଅନ୍ତୁ । ଏବେ ମଧ୍ୟ ଅନେକଟା ଅନ୍ଧକାର ରହିଛି, ନିରାଶା ମଧ୍ୟ କମ୍ ନାହିଁ—ମଝିରେ ମଝିରେ ମନ ଅସ୍ଥିର ହୋଇଉଠେ । ମନରେ ସନ୍ଦେହ ହୁଏ ବିପଥରେ ଯାଉନାହିଁ ତ ?"

ସେ କହିଲେ, "ସେହି ଭାବରେ ହିଁ ପାଇବ, ଯେପରି ଖୋଜୁଛ, ଠିକ୍ ସେହିପରି ଖୋଜୁ ଖୋଜୁ ପାଇବ, ନିଶ୍ଚୟ ପାଇବ । ସନ୍ଦେହ ତ ଆସିବ, ତେବେ କାହିଁକି, ପ୍ରଥମେ ପ୍ରଥମେ ତ ଆସିବ—ଯେତେ ଆଗେଇବ, ସେତେ ବେଶୀ ଆସିବ, ଶେଷରେ ହେବ ସମସ୍ତ ସଂଶୟଚ୍ଛେଦ ।"

ତାଙ୍କ କଥା ଶୁଣି ଶ୍ରୀରାମକୃଷ୍ଣ-କଥାମୃତ ମଧ୍ୟରେ ଥିବା ଶ୍ରୀରାମକୃଷ୍ଣଙ୍କ ବାଣୀ ମନେପଡ଼ିଲା, ଠିକ୍ ଯେପରି ଗୋଟିଏ ସୁର୍‌ରେ ବନ୍ଧା । ପ୍ରାଣ ମୋର ଆନନ୍ଦରେ ପୂର୍ଣ୍ଣ ହୋଇଗଲା, ଶରୀରରେ ରୋମାଞ୍ଚ ଜାତ ହେଲା, ସଙ୍ଗେ ସଙ୍ଗେ ଚକ୍ଷୁ ଲୋତକପୂର୍ଣ୍ଣ ହୋଇ ଆସିଲା । ଏହି ରୂପେ କିଛି ସମୟ କଟିଗଲା ।

ଏବେ ମନେହେଲା, ଅସଲ କଥା ହିଁ ତ ଚାପା ପଡ଼ିଯାଉଛି । ମୁଁ ଟିକିଏ ଅଧୈର୍ଯ୍ୟ ହୋଇ ଜିଜ୍ଞାସା କଲି—"କାହିଁ, ମୋର ଅସଲ କଥା ସମ୍ବନ୍ଧରେ ତ କିଛି କହିଲେ ନାହିଁ ?"

ଉତ୍ତରରେ ପ୍ରସନ୍ନମୁଖରେ ସେ କହିଲେ, "ଆସ୍ତେ ! ବାବା ଆସ୍ତେ ! ଏତେ ଅଧୈର୍ଯ୍ୟ କାହିଁକି ?" ପରେ କହିଲେ, "ଏବେ ଅନେକ କିଛି ମୋତେ କହିବାକୁ ପଡ଼ିବ ତୁମକୁ ।"

ତାଙ୍କର ଏହି କଥା ଶୁଣି ପରୀକ୍ଷାର୍ଥୀ ଛାତ୍ର ପରି ପ୍ରଶ୍ନର ଅପେକ୍ଷାରେ ବସିରହିଲି । ସେ ତମାଖୁ ନଳୀ-ହସ୍ତେ ମୁଦ୍ରିତ-ନେତ୍ରରେ କେବଳ ଝୁଲିଝୁଲି ମୃଦୁମୃଦୁ ହସିବାକୁ ଲାଗିଲେ ।

କିଛିକ୍ଷଣ ପରେ ଭୈରବ କହିଲେ—"ଆଚ୍ଛା, କୁହ ତ, କାଳୀଙ୍କୁ ଦେଖି ତୁମର କ'ଣ ମନେହୁଏ ?"

କହିଲି—"ପ୍ରଥମ ଅବସ୍ଥାରେ, ଯେତେବେଳେ ବାଲ୍ୟକାଳ, ମାମୁଙ୍କ ଘରେ କାଳୀପୂଜା ହୁଏ, ମୁଁ ଦେଖେ । ସେତେବେଳେ କାଳୀମୂର୍ତ୍ତି ଦେଖିଲେ ହିଁ ଏକ ଅବୋଧ ଆତଙ୍କର ଭାବ ଉପସ୍ଥିତ ହୁଏ । ସେହି ଭାବ ଅନେକ ଦିନ ପର୍ଯ୍ୟନ୍ତ ସଂସ୍କାରଗତ ହୋଇଥିଲା । ତା'ପରେ ବଡ଼ ହେବାରୁ ଜ୍ଞାନ ହେଲା, ରାମପ୍ରସାଦଙ୍କ ଗାନ ଆଉ ପରମହଂସଦେବଙ୍କ କଥାମୃତର ସଙ୍ଗେ ପରିଚୟ ହେବାରୁ ସେ ଭାବଟି ଚାଲିଗଲା, ମୂର୍ତ୍ତିର ଭୟଙ୍କର ଭାବ ପରିବର୍ତ୍ତେ ଆସିଲା ମା'ଙ୍କର କରୁଣାମୟୀ ଏକ ଭାବ ।"

ଭୈରବ କହିଲେ—"କିଭଳି, ଖୋଲିକରି କୁହ ଦେଖି ବାବା, କୌଣସି କଥା ଯେପରି ବାଦ୍ ଦିଆ ନହୁଏ !"

"ପିଲାବେଳେ କାଳୀମୂର୍ତ୍ତି ଦେଖିଲେ ହିଁ ମନେହୁଏ, ଏହି ଭୟଙ୍କର ଦେବୀ କେବଳ ହିଂସାପ୍ରବଣ ରାକ୍ଷସୀ, ଏହାଙ୍କ ଚେହେରା ଓ ଭାବଭଙ୍ଗୀରେ ସମସ୍ତଟା ହିଁ ଆତଙ୍କର କାରଣ ।

ଏହାଙ୍କ ଦ୍ୱାରା କେବେ କାହାର ଅମଙ୍ଗଳ ଛଡ଼ା ଅନ୍ୟ କିଛି ହୁଏନାହିଁ । ଅଥଚ ଜିଜ୍ଞାସା କଲେ ସମସ୍ତେ କହନ୍ତି—କାଳୀ ଭଗବତୀ । ମନେକରୁଥିଲି, ଭୟରେ ଏହି ଭଗବତୀଙ୍କୁ ସମସ୍ତେ ପୂଜା କରନ୍ତି, ଉପାସନା କରନ୍ତି । ତା'ପରେ ଯେତେବେଳେ ମୋ' ମଧ୍ୟରେ ଧର୍ମର ପ୍ରେରଣା ଆସିଲା, ରାମପ୍ରସାଦ, ରାମକୃଷ୍ଣଙ୍କ ଭାବ ସହ ପରିଚୟ ହେଲା, ସେହି ସମୟରୁ ଏହି ଭୟଟି କ୍ରମେ କ୍ରମେ ଭକ୍ତିଭାବରେ ପରିଣତ ହେଲା । ସେତେବେଳେ ବୁଝିଲି ଏହି ମୂର୍ତ୍ତିର ଅସଲ ଭାବଟି ରୂପର ଏକ ବିଶାଳ ଆବରଣରେ ଆବୃତ ହୋଇଛି । କେବଳ ବାହାର ରୂପରୁ କାଳୀଙ୍କୁ ଧାରଣା କରିବା ସମ୍ଭବ ନୁହେଁ ।''

ଭୈରବ କହିଲେ, ''ଆଚ୍ଛା, ତୁମେ ତ ଦର୍ଶନଶାସ୍ତ୍ରର ଆଲୋଚନା କିଛି କରିଛ, ସେ ଦିଗରୁ କାଳୀଙ୍କୁ କେଉଁପରି ଧାରଣା କରିଛ, କେଉଁ ଭାବ ନେଇ ସାମଞ୍ଜସ୍ୟ କରି ନେଲ, କୌଣସି ବିରୋଧ ଘଟିଲା ନାହିଁ ତ ?''

''ନା, ସେଥିରେ ବିରୋଧ କଥା କିଛି ପାଇନାହିଁ । କାରଣ, ରାମପ୍ରସାଦ, କମଳାକାନ୍ତ, ରାମକୃଷ୍ଣ—ଏମାନଙ୍କ ଉପରେ ମୋ'ର ଆନ୍ତରିକ ଶ୍ରଦ୍ଧା ପ୍ରଥମରୁ ହିଁ ଥିଲା । ସେମାନେ ସଙ୍ଗୀତ ମଧ୍ୟରେ ଯେଉଁ ସକଳ ତତ୍ତ୍ୱ ରଖିଯାଇଛନ୍ତି, ସମ୍ପୂର୍ଣ୍ଣ ବୁଝି ନପାରିଲେ ମଧ୍ୟ ଆନ୍ତରିକ ଭକ୍ତିର ସହ ସେଗୁଡ଼ିକୁ ଗାନ କରୁଥିଲି, ଆଉ ଅନେକ ସମୟରେ ସେଗୁଡ଼ିକ ବିଶେଷ ରୂପେ ଆଲୋଚନା କରୁଥିଲି । ତେଣୁ ଜ୍ଞାନ ଦିଗରୁ କାଳୀତତ୍ତ୍ୱର ମୀମାଂସାରେ ଦ୍ୱନ୍ଦ୍ୱ ହୁଏନାହିଁ । ଆଉ ପଣ୍ଡିତ ଶଶଧର ତର୍କଚୂଡ଼ାମଣିଙ୍କ ନିକଟରୁ ଏହି କାଳୀତତ୍ତ୍ୱର ଯେଉଁ ଅପୂର୍ବ ବ୍ୟାଖ୍ୟା ଶୁଣିଥିଲି, ସେଥିରେ ମୋର ବିଷୟଟି ସହଜ ହୋଇଯାଇଥିଲା । ଦୃଷ୍ଟ-ଅଦୃଷ୍ଟ ଏହି ବିଶ୍ୱ, ଯେଉଁ ଶକ୍ତି ସମ୍ମୁଖରେ ସେହି ବିରାଟ ପ୍ରକୃତି ହିଁ କାଳୀ, ଏହି ଭାବରେ ହିଁ ଧାରଣା ହୋଇଗଲା ।''

ଭୈରବ କହିଲେ—''ଆଉ ଶିବଙ୍କ ସହ କାଳୀଙ୍କର ସମ୍ବନ୍ଧଟି କେଉଁ ଭାବରେ ମୀମାଂସା କଲ, ଶିବ ଶବ ହୋଇ ତାଙ୍କ ପଦତଳେ ପଡ଼ିଛନ୍ତି କାହିଁକି ?''

ମୁଁ କହିଲି—''ଏ କ୍ଷେତ୍ରରେ ସାଂଖ୍ୟ ଦର୍ଶନର ସିଦ୍ଧାନ୍ତ ସହ ବିଶେଷ ମେଳ—ପୁରୁଷ ନିଷ୍କ୍ରିୟ, ପ୍ରକୃତି ପୁରୁଷର ସଂଯୋଗରେ ହିଁ କ୍ରିୟାଶୀଳ । ସେଥିଲାଗି ସୃଷ୍ଟି ମଧ୍ୟରେ ସେଇହିଁ ପ୍ରଧାନ । ଶିବ ପୁରୁଷ, ନିଷ୍କ୍ରିୟ ବୋଲି ଶବ ହୋଇ ପଡ଼ିଛନ୍ତି ।''

ଭୈରବ କହିଲେ—''ତାହାହେଲେ ତୁମେ କାଳୀକୁ ମାତୃରୂପେ ଦେଖୁଛ ?''

''ହଁ, ନିଶ୍ଚୟ ।''

ଏହିକଥା ଶୁଣି ହିଁ ଭୈରବ କହିଲେ—''ତୁମେ ତ ବାବା ତନ୍ତ୍ରମତରେ ସାଧନ କେବେହେଁ କରିପାରିବ ନାହିଁ । ତୁମର ମାର୍ଗ ପୃଥକ୍ ।''

''ସେଥିରେ ମୋର ଦୁଃଖ ନାହିଁ, ତେବେ ଆପଣ ଅନୁଗ୍ରହ କଲେ ଏହି ମାର୍ଗର ସାଧନ ରହସ୍ୟ ତ ଜାଣିପାରିବି, ତାହାହେଲେ ମଧ୍ୟ ଚଳିବ ।''

ଏଣେ ସନ୍ଧ୍ୟା ହୋଇ ଆସିଲା, ସେ ଉଠିଲେ, କହିଲେ—''ଆଚ୍ଛା ବାବା କାଲି ତିନିଟା ବେଳେ ଆସ, କଥା ହେବ—କ'ଣ କହୁଛ ?''

''ଆଚ୍ଛା'', କହି ପ୍ରଣାମପୂର୍ବକ ବିଦାୟ ନେଲି ।

ମନ ମଧ୍ୟରେ ଏହି ସମସ୍ତ ବାର୍ତ୍ତାଳାପକୁ ତଉଲାତଉଲି କରି କରି କୌତୂହଳ ସହ ଫେରିଆସିଲି, କାଲି ତିନିଟା କେତେବେଳେ ହେବ ଏହି ଚିନ୍ତାରେ ।

ଆକାଙ୍କ୍ଷାର ବସ୍ତୁ ମିଳିବାରେ ଯେତେହେଁ ବିଳମ୍ବ ହେଉ, ସେ ବିଳମ୍ବ ପରେ, ତାହା ପାଇଥାଉ । ମୋର କୌଣସିରକମ ରାତ୍ରି ପାହିଗଲା, ପରଦିନର ବେଳା ମଧ୍ୟ କଟିଗଲା । ପୁଣି ଅନ୍ତରରେ ଅଦମ୍ୟ କୌତୂହଳ ନେଇ ଠିକ୍ ତିନିଟାର କିଛି ପୂର୍ବରୁ ହିଁ ଉପସ୍ଥିତ ହେଲି ।

ସେ ସହାସ୍ୟ ଆହ୍ୱାନ ଜଣାଇଲେ । ଆସନ ଗ୍ରହଣ କରିବା ସଙ୍ଗେସଙ୍ଗେ ହିଁ ମନ ମଧ୍ୟରେ ପ୍ରଶ୍ନଟିଏ ବ୍ୟାକୁଳ କରି ପକାଇଲା । ଦୁର୍ଦ୍ଦମନୀୟ କୌତୂହଳ, ଯେପରି କିଛିଟା ଅଧୈର୍ଯ୍ୟ ହୋଇଯାଇ ଜିଜ୍ଞାସା କରି ପକାଇଲି —

''କାଳୀଙ୍କୁ ଆପଣଙ୍କର କ'ଣ ମନେହୁଏ ?''

ସେ ହସିହସି କହିଲେ—''ତୁମକୁ ଏବେ ମଧ୍ୟ ଅନେକ ପ୍ରଶ୍ନ କରିବାର ଅଛି, ଏହାଭିତରେ ତୁମେ ମୋତେ ପ୍ରଶ୍ନ କରିବାକୁ ଆରମ୍ଭ କରିଦେଲ, ବାବା ?''

କହିଲି—''କାହିଁକି କେଜାଣି, ମୋ'ର ଧୈର୍ଯ୍ୟ ରହିଲା ନାହିଁ, ନହେଲେ ଏତେଶୀଘ୍ର, ଏକଥା ପଚାରିବା ଉଚିତ ହୋଇନାହିଁ । ଆପଣ କ୍ଷମା କରିବେ ।''

ସେ ସସ୍ନେହରେ କହିଲେ—''ଆରେ ବାବା, ଏହାକୁ କ'ଣ ଅପରାଧ ବୋଲି ଧରାଯିବ ? ଆଚ୍ଛା ବସ, ତୁମର ଯେତେବେଳେ ଏତେଯାଏ ଅଗ୍ରଗତି ହୋଇଛି, ଆଗେ ତୁମର ଛଟପଟ ଭାବକୁ ଥଣ୍ଡା କରି ଦିଆଯାଉ । କେମିତି ? ତୁମେ ଜାଣିବାକୁ ଚାହ, କାଳୀଙ୍କ ବିଷୟରେ ମୋର କ'ଣ ମନେହୁଏ—ଏହି ନା ? ପିଲାବେଳୁ କାଳୀକୁ ଆମର ସ୍ତ୍ରୀ ବୋଲି ମନେହେଉଥିଲା ।''

କେବଳ ଆଶ୍ଚର୍ଯ୍ୟ ନୁହେଁ; ସ୍ତମ୍ଭିତ ହେଲି, ଏହି ଭୟଙ୍କରୀ ମୂର୍ତ୍ତିକୁ ପୁଣି ବୋହୂ ! ସେ କିନ୍ତୁ ମୋ' ମନକଥାଟା ବୁଝିପକାଇ କହିଲେ—''ତୁମକୁ କ'ଣ ଏଇ କଥାଟା ଅଦ୍ଭୁତ ଲାଗିଲା ! ମୋର କିନ୍ତୁ ଛୋଟବେଳୁ ନିଜର ପୁରୁଷଭାବ ପ୍ରବଳ ଥିବା ଯୋଗୁଁ ମୋତେ କାଳୀଙ୍କୁ ସ୍ତ୍ରୀ, ରମଣୀ ବା ଭଲପାଇବାର ବସ୍ତୁ ବୋଲି ମନେହେଉଥିଲା ।''

ମୁଁ ସେତେବେଳେ କହିଲି—''ଆଶ୍ଚର୍ଯ୍ୟ ନିଶ୍ଚୟ ! ଆଚ୍ଛା, ଏବେ ଅନୁଗ୍ରହ କରି ମୋତେ କହନ୍ତୁ, ତାନ୍ତ୍ରିକ ସାଧନାର ବ୍ୟାପାର, ଆଉ ସେହି ସାଧନାର ଲକ୍ଷ୍ୟ ହିଁ ବା କ'ଣ ?''

ଭୈରବ କହିଲେ—''ତୁମର ବୈଦିକ ସାଧନାରେ ଯେପରି ଅଧିକାରଭେଦ ଅଛି, ଆମର ତନ୍ତ୍ର ସାଧନାରେ ମଧ୍ୟ ସେହିପରି ଅଛି । ଉତ୍ତମ, ମଧ୍ୟମ ଓ ଅଧମ ଅଧିକାରଭେଦରେ

ଦିବ୍ୟାଚାର, ବୀରାଚାର ଓ ପଶ୍ୱାଚାର । ତନ୍ତ୍ରରେ ସାଧାରଣ ଜୀବ କହିଲେ ପଶୁ, ଏଥିଲାଗି ଶିବ ହେଲେ ପଶୁପତି ।''

ଏତିକିମାତ୍ର ଶୁଣି ମୁଁ କହିଲି–''ସେହି ଅଧିକାରଭେଦ ହିଁ ଯଦି ବ୍ୟବସ୍ଥା, ତେବେ ତନ୍ତ୍ରର ପ୍ରୟୋଜନ କ'ଣ, ବୈଦିକ ପ୍ରଣାଳୀରେ ସାଧନ କଲେ ତ ସକଳ ପ୍ରକାର କାର୍ଯ୍ୟ ହୋଇପାରେ ?''

''ତୁମର ବୈଦିକ ପ୍ରଣାଳୀର ସାଧନ ମଧ୍ୟରେ''–ଉତ୍ତରରେ ଭୈରବ କହିଲେ– ''ଅନାର୍ଯ୍ୟ, ଶୂଦ୍ର, ନାରୀ, ଏମାନଙ୍କର ସାଧନାର ସ୍ପଷ୍ଟ ଅଧିକାର କେଉଁଠି ? ଏମାନଙ୍କର ଯେ ଦେବମନ୍ଦିରରେ ପ୍ରବେଶ ଅଧିକାର ହିଁ ନାହିଁ; ତେବେ ପୂଜା କରିବେ କିପରି, କୁହ ଦେଖି ? ଏହିଠାରେ ହିଁ ଦେଖିବାକୁ ପାଇବ ଶିବ କେତେ ଉଦାର, କାହିଁକିନା ସେ ମହାଦେବ । ସେ ଯେଉଁ ସାଧନ ପ୍ରଣାଳୀର ପ୍ରବର୍ତ୍ତନ କରିଛନ୍ତି, ତାହା ବ୍ରାହ୍ମଣ-କ୍ଷତ୍ରିୟାଦିର ଲାଗି ବା ଆର୍ଯ୍ୟବଂଶାଭିମାନୀ କୁଳୀନମାନଙ୍କ ଲାଗି ନୁହେଁ–ସର୍ବସାଧାରଣଙ୍କ ଲାଗି ।''

ମୁଁ କହିଲି–''ତାହା ସତ, କିନ୍ତୁ ସେଥିରେ ପ୍ରବୃତ୍ତିକୁ ଏତେ ବେଶୀ ଉତ୍କଟ ପ୍ରଶ୍ରୟ ଦିଆଯାଏ କାହିଁକି ?''

ଭୈରବ କହିଲେ–''ତାହାହେଲେ ତ ସିଧାକଥା ହେଲା ଯେ ସାଧାରଣ ଜୀବର ଭୋଗ ନହେଲେ ତ୍ୟାଗ ଆସିବ କିପରି ? ସେଥିଲାଗି ପ୍ରଥମରେ ଅଧିକାରୀର ପଶ୍ୱାଚାର । ଭୋଗର ଉତ୍କଟ ଆକାଙ୍କ୍ଷା ଯାହା ଭିତରେ ଛଟପଟ କରୁଛି, ବାକ୍-ଚାତୁରୀରେ ତାକୁ ତା'ଠାରୁ କି ସହଜରେ ହଟାଇଦେଇ ହେବ ? ତେଣୁ ପାଞ୍ଚୋଟି ପଞ୍ଚମକାର–ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ ସାଧନର ଅଙ୍ଗ ରୂପେ ଉପଦେଶ ଦେଇଛନ୍ତି । ଯିଏ ମୋହାନ୍ଧ ହୋଇ ନିର୍ବିଚାରରେ ଇନ୍ଦ୍ରିୟଭୋଗ ମଧ୍ୟରେ ଡୁବିରହିଛି, ସିଏ ସାଧନାର ଅଙ୍ଗ ବୋଲି ଏ ସବୁକୁ ବ୍ୟବହାର କରିବ ।''

ମୋ'ର ଯୁକ୍ତିତର୍କ କରିବାର ଉଦ୍ଦେଶ୍ୟ ଆଦୌ ନଥିଲା । ସହଜ ବୁଦ୍ଧି ଦ୍ୱାରା ଯେତିକି ଟିକିଏ ବୁଝିପାରିଛି, ତର୍କକୁ ବଢ଼ାଇବା ଲାଗି, ତାହା ମଧ୍ୟରେ କୁଟିଳ ପ୍ରଶ୍ନ ଉଠାଇବାକୁ ମୋତେ ଭଲ ଲାଗେନାହିଁ । ତା' ବଦଳରେ ଚୁପ୍ ହୋଇ ରହିଲେ ଅନେକ କିଛି ଶୁଣିବାକୁ ଓ ଜାଣିବାକୁ ମିଳିଥାଏ–ଏଥିଲାଗି ଚୁପ୍ ରହିଲି । ସେ କହିବାକୁ ଲାଗିଲେ–

''ଅସଲ କଥା 'ପାଶବଦ୍ଧୋ ଭବେତ୍ ଜୀବଃ, ପାଶମୁକ୍ତ ସଦା ଶିବଃ ।' ପାଶମୁକ୍ତ ହେବାହିଁ ତନ୍ତ୍ରର ସାଧନ ଓ ଲକ୍ଷ୍ୟ । ଏହି ବନ୍ଧନ ହିଁ ଆମକୁ ଆଧ୍ୟାତ୍ମିକ ସ୍ୱରୂପକୁ ପ୍ରକାଶ କରିବାକୁ ଦିଏନାହିଁ, ପରନ୍ତୁ ପ୍ରତି ପଦେ ପଦେ ବାଧା ଦେଉଥାଏ । ଲଜ୍ଜା, ଘୃଣା, କ୍ଷୁଧା, ତୃଷ୍ଣା, ନିଦ୍ରା, ଭୟ, କ୍ରୋଧ, କାମ ପ୍ରଭୃତିର ବନ୍ଧନ ଅଛି, ଜାଣ ତ ? ସେହି ବନ୍ଧନମାନଙ୍କରୁ ମୁକ୍ତ ହେବା ଲାଗି ପଶ୍ୱାଚାର ପରେ ସାଧକମାନେ ବୀର ଭାବେ ଉତ୍କଟ ସାଧନ କରନ୍ତି । ଯେପରି, ଧରାଯାଉ ଭୟ । ଏହି ଭୟକୁ ପୂର୍ଣ୍ଣରୂପେ ଦୂର କରିବା ଲାଗି ଘୋର ଅମାବାସ୍ୟାର

ନିଶାରେ ଶବ ଉପରେ ବସି ସାଧନାର ପ୍ରବର୍ତ୍ତନ । ଏହିଭାବରେ ସାଧନା ପରେ ସାଧକ କ'ଣ ଆଉ ଜଗତର କୌଣସି ବସ୍ତୁକୁ କୌଣସି ପ୍ରକାର ଭୟ ରହିବ ? ସେହିପରି କାମକୁ ଜୟ କରିବା ଲାଗି ସମ୍ପୂର୍ଣ୍ଣ ଉତ୍ତେଜିତ ଉଲଗ୍ନ ଅବସ୍ଥାରେ ପୂର୍ଣ୍ଣ ଯୁବତୀ ସଙ୍ଗେ ମୈଥୁନରତ ରହି ଜପଦ୍ୱାରା ତନ୍ମୟ ହୋଇଯିବା । ଘୃଣା କଥା ମଧ ସେହିପରି । ଯେତେ ଘୃଣାବସ୍ତୁ ଅଛି, ସେ ସକଳ ସହ ବ୍ୟବହାର ଦ୍ୱାରା ମନର ସଂକୋଚ, ଶୁଚି-ଅଶୁଚି ଭାବକୁ ଦୂର କରିବା । ଏହିପରି ସକଳ ବନ୍ଧନକୁ ଗୋଟିକ ପରେ ଗୋଟିଏ ପ୍ରକୃତିର ଅନୁକୂଳ କ୍ରିୟାଯୋଗ ଦ୍ୱାରା ଓ ବିପରୀତ ଭାବେ ଉତ୍କଟ ସାଧନା ଦ୍ୱାରା ମନୋରାଜ୍ୟରୁ ସମୂଳେ ଉତ୍ପାଟିତ କରି ସାଧକ ପୂର୍ଣ୍ଣ ଜ୍ଞାନର ଅଧିକାରୀ ହୋଇପାରିଥାଏ । ସେତେବେଳେ ଏହି ପଞ୍ଚ 'ମ'କାରର ଅର୍ଥ ଭିନ୍ନ ହୋଇଯାଏ ।''

ମୁଁ କୌତୂହଳୀ ହୋଇଯାଇ ଜିଜ୍ଞାସା କଲି, ''ଭିନ୍ନ ଅର୍ଥ କିପରି କହନ୍ତୁନା ?'' ସେତେବେଳେ ସେ ଅତି ମଧୁର ଭାବରେ ଖୋଲାଖୋଲି ଉଚ୍ଚାରଣ କରି କହିଲେ—

''ମଦ୍ୟ ସେତେବେଳେ ଆଉ ଉତ୍ତେଜକ ମଦ୍ୟ ନୁହେଁ, ଶିବ ପାର୍ବତୀଙ୍କୁ କହୁଛନ୍ତି—

୧) ସୋମଧାରା କ୍ଷରେଦ୍ ଯାତୁ ବ୍ରହ୍ମରନ୍ଧ୍ରାଦ୍ ବରାନନେ ।
ପିତ୍ୱାନନ୍ଦମୟ ସ୍ତାଂ ଯଃ ସ ଏବ ମଦ୍ୟ ସାଧକଃ ॥
(ମଦ୍ୟ) ବ୍ରହ୍ମରନ୍ଧଠାରୁ ଯେଉଁ ସୁଧା କ୍ଷରେ ଅନିବାର,
ପାନେ ମତ୍ତ ସଦାନନ୍ଦେ ସେ ମଦ୍ୟସାଧକ ସାର ॥

ତା'ପରେ ମାଂସ କ'ଣ—

୨) ମାଶବ୍ଦାଦ୍ରସନା ଜ୍ଞେୟା ତଦଂଶାନ୍ ରସନାପ୍ରିୟାନ୍ ।
ସଦା ଯୋ ଭକ୍ଷୟେଦ୍ଦେବି ସ ଏବ ମାଂସସାଧକ ॥
(ମାଂସ) ମା' ଶବ୍ଦେ ରସନା ବୁଝ, ବାକ୍ୟ ଅଂଶ ହୁଏ ତା'ର,
ସେହି ବାକ୍ୟ ଅତି ପ୍ରିୟ ସୁନିଶ୍ଚୟ, ରସନାର,
ସେ ବାକ୍ୟ ଭକ୍ଷଣ କରି ବାକ୍ ସଂଯତ ଯେ କରଇ ।
ସେ ନିର୍ବାକ୍ ମହାସାଧୁ ମାଂସ ସାଧକ ବୋଲାଇ ॥

ତା'ପରେ ମତ୍ସ୍ୟ —

୩) ଗଙ୍ଗାଯମୁନୟୋର୍ମଧ୍ୟେ ମତ୍ସ୍ୟୌ ଦ୍ୱୌ ଚରତଃ ସଦା ।
ତୌ ମତ୍ସ୍ୟୌ ଭକ୍ଷୟେଦ୍ ଯସ୍ତୁ ସ ଭବେନ୍ମାତ୍ସ୍ୟସାଧକଃ ॥
(ମତ୍ସ୍ୟ) ଗଙ୍ଗା ଯମୁନାର ମଧ୍ୟେ ଦୁଇ ମତ୍ସ୍ୟ ଚରେ ଅବିରାମ,
ଇଡ଼ା ଓ ପିଙ୍ଗଳା ସେହି ଦୁଇ ନଦୀ ଅଟେ ଅନୁପମ,
ରଜ, ତମ ଦୁଇ ମତ୍ସ୍ୟ ଗତାୟତ ତାହାର ମଧ୍ୟରେ,
ସେହି ମତ୍ସ୍ୟ ଦୁଇଟିକୁ ଯେ ସାଧକ ଭକ୍ଷ କରିପାରେ,
ସେହି ସେ ସାତ୍ତ୍ୱିକ-ବୀର ସଦାସ୍ଥିର ସୁଷୁମ୍ନା-ବିମାନେ,
ମତ୍ସ୍ୟର ସାଧକ ଶ୍ରେଷ୍ଠ ମାନ୍ୟ ମିଳେ ତାକୁ ଯୋଗିଗଣେ ।

ତା'ପରେ ମୁଦ୍ରା, ତାହା ଏହିପରି–

୪) ସହସ୍ରାରେ ମହାପଦ୍ମେ କର୍ଣ୍ଣିକା ମୁଦ୍ରିତା ଚରେତ୍ ।
ଆତ୍ମା ତତ୍ରୈବ ଦେବେଶି କେବଳଂ ପାରଦୋପମମ୍ ।
ସୂର୍ଯ୍ୟକୋଟିପ୍ରତୀକାଶଂ ଚନ୍ଦ୍ରକୋଟିସୁଶୀତଳମ୍,
ଅତୀବ କମନୀୟଞ୍ଚ ମହାକୁଣ୍ଡଳିନୀଯୁତମ୍,
ଯସ୍ୟ ଜ୍ଞାନୋଦୟ ସ୍ତତ୍ର ମୁଦ୍ରାସାଧକ ଉଚ୍ୟତେ ।
(ମୁଦ୍ରା) ସହସ୍ରାର ମହାପଦ୍ମେ କର୍ଣ୍ଣିକାର ମୁଦ୍ରା ଯେ ବିରାଜେ,
ଶ୍ୱେତବର୍ଣ୍ଣ ସୁନିର୍ମଳ ଢଳଢଳ ପାରଦ ତୁଲ୍ୟହିଁ ସାଜେ,
ଚନ୍ଦ୍ର ସୂର୍ଯ୍ୟ ହୋଇଥାଇ ରଶ୍ମି ଯା'ର ହୁଏ ଜ୍ୟୋତିସ୍ମାନ,
ଅତୀବ କୋମଳ ସ୍ନିଗ୍ଧ କୁଣ୍ଡଳିନୀ ମହାଶକ୍ତିମାନ,
ଏହି ଯେ ଅପୂର୍ବ ଆତ୍ମା ତାହାକୁ ଯେ ହୁଏ ଅବଗତ,
ସେହି ସେ ମହାନ ପ୍ରାଜ୍ଞ ମୁଦ୍ରାର ସାଧକ ନାମେ ଜଗତେ ବିଦିତ ।

ତାହାପରେ ଚରମ ହେଲା ମୈଥୁନ । ସେହି ମୈଥୁନର ତତ୍ତ୍ୱ ଶିବମୁଖନିସ୍ରୁତ–

୫) ମୈଥୁନଂ ପରମଂ ତତ୍ତ୍ୱଂ ସୃଷ୍ଟିସ୍ଥିତ୍ୟନ୍ତକାରଣମ୍ ।
ମୈଥୁନାଜ୍ଜାୟତେ ସିଦ୍ଧିର୍ବ୍ରହ୍ମଜ୍ଞାନଂ ସୁଦୁର୍ଲଭମ୍ ॥
ରେପଂସ୍ତୁ କୁଙ୍କମାଭାସଂ କୁଣ୍ଡମଧ୍ୟେ ବ୍ୟବସ୍ଥିତଃ ।
ମକରାଶ୍ଚ ବିନ୍ଦୁରୂପୋ ମହାଯୋଗୌ ସ୍ଥିତଃ ପ୍ରିୟେ ॥
ଆକାରହଂସମାରହ୍ୟ ଏକତା ଚ ଯଦା ଭବେତ୍ ।
ତଦା ଜାତଂ ମହାନନ୍ଦଂ ବ୍ରହ୍ମଜ୍ଞାନଂ ସୁ-ଦୁର୍ଲଭମ୍ ॥
(ମୈଥୁନ) ମୈଥୁନ ପରମତତ୍ତ୍ୱ ସୃଷ୍ଟି ସ୍ଥିତି ପ୍ରଳୟ କାରଣ,
ତହିଁରେ ହୋଇଲେ ସିଦ୍ଧି ସୁଦୁର୍ଲଭ ଲଭେ ବ୍ରହ୍ମଜ୍ଞାନ,
ନାଦ ବିନ୍ଦୁ କରି ଯୋଗ ଯେ' ଯୁକ୍ତ ପୁରୁଷ ଧୀମାନ୍,
ଶିବାଶିବ ରମଣରେ ମୈଥୁନର କରେ ଅବସାନ ।
ଆତ୍ମା ଆଉ କୁଳକୁଣ୍ଡଳିନୀଶକ୍ତି ରମଣର ମୂଳ ଉପାଦାନ,
ଏ ମୈଥୁନେ ରତ ଯିଏ ମୈଥୁନର ସେହି ଅଟେ ସାଧକ ପ୍ରଧାନ ।''

''କ'ଣ ବାବା, ତନ୍ତ୍ରର ସାଧନ କଥା ଶୁଣିଲ ତ ? ସହଜ କଥାରେ ସ୍ୱଚ୍ଛଭାବରେ ତନ୍ତ୍ର ସମ୍ବନ୍ଧରେ ଏତିକିମାତ୍ର କୁହାଯାଇଥାଏ ।''

ମୁଁ କହିଲି, ''ଏ ଅତି ଅପୂର୍ବ ତତ୍ତ୍ୱ, ପ୍ରକୃତରେ ବୈଦିକ ପ୍ରଣାଳୀର ସାଧନାଲବ୍ଧ ସିଦ୍ଧିର ସହ ତ କୌଣସି ପ୍ରକାର ବ୍ୟତିକ୍ରମ ନାହିଁ !''

''ତାହା କିପରି ହେବ ? ପ୍ରକୃତରେ ତୁମେମାନେ ସମସ୍ତେ ଯାହାକୁ ବ୍ରହ୍ମଜ୍ଞାନ କୁହ, ସେହି ବ୍ରହ୍ମଜ୍ଞାନ ହିଁ ଯେ ସକଳ ସାଧନାର ଚରମ ଲକ୍ଷ୍ୟ ।''

ମୋର ଧାରଣା ଥିଲା ତନ୍ତ୍ରର ଲକ୍ଷ୍ୟ ଭିନ୍ନ, ସେ ବିଷୟରେ ଏହି କଥାସବୁ ତାଙ୍କଠାରୁ ଶୁଣି ମୋ ପ୍ରାଣରେ ସମ୍ୟକ୍ ଭାବର ଏକ ଅପୂର୍ବ ଆନନ୍ଦ ଆସି ଉପସ୍ଥିତ ହେଲା; ମୁଁ ଅନେକକ୍ଷଣ ଧରି ନିର୍ବାକ୍ ହୋଇ ରହିଗଲି ।

କେତେକ୍ଷଣ ପରେ ସେ ନିଜେ ହିଁ କହିଲେ—''ସବୁ ତ ହେଲା, ତେବେ ଏବେ ମଧ୍ୟ ତୁମ ମନରେ ଟିକିଏ ଖଟ୍‌କା ଛପି ଛପି ଲାଗି ରହିଛି ଯେ ବାବା !''

ଦେଖିଲି ସେ ସତ କହିଛନ୍ତି, ତଥାପି ତାଙ୍କ ମୁହଁରୁ ଶୁଣିବା ଲାଗି କହିଲି—''କ'ଣ କୁହନ୍ତୁ ତ ?''

ସେ କହିଲେ—''ଆମେ ନାନାପ୍ରକାର ଭୈରବୀଙ୍କୁ ନେଇ ଘର କରୁ, ତାହା ତୁମର ବ୍ୟଭିଚାର ବୋଲି ମନେହେବ, ତା' ଉପରେ ପୁଣି ସେମାନଙ୍କୁ ମା' ବୋଲି ଡାକୁ, ସେମାନେ ଆମକୁ ବାବା ଡାକନ୍ତି, ଏସବୁ କିପରି କଥା ? କ'ଣ ଏହି ଦ୍ୱନ୍ଦ୍ୱ ନା ?''

ଅସ୍ୱୀକାର କରିପାରିଲି ନାହିଁ । କହିଲି—''ବାସ୍ତବିକ, ଏହା ବଡ଼ ବୀଭତ୍ସ ଜଣାପଡ଼େ । ସ୍ୱାମୀ-ସ୍ତ୍ରୀ ଭାବେ ଘର ବାନ୍ଧିବା, ତାଙ୍କୁ ହିଁ ପୁଣି ମାତୃ ରୂପେ ସମ୍ବୋଧନ !''

ସେ କହିଲେ—''ହଁ, ଏଇଟା ଭିନ୍ନ ଧର୍ମାବଲମ୍ବୀମାନଙ୍କୁ ଖୁବ୍ ହିଁ ବିଷମ କଥା ବୋଲି ପ୍ରତୀୟମାନ ହୋଇଥାଏ ।''

ଜିଜ୍ଞାସା କଲି—''ଆପଣମାନଙ୍କର ତନ୍ତ୍ରମତରେ ବୋଧହୁଏ କାମିନୀ ଓ ଜନନୀର ସମ୍ବନ୍ଧ ଅଭିନ୍ନ । ଯଦି ମନରେ କିଛି ନଭାବନ୍ତି, ତେବେ ଏ ରହସ୍ୟଟି ଜାଣିବାକୁ ବଡ଼ କୌତୂହଳ ଜାଗେ ।''

ସେ ହସି ହସି କହିଲେ—''ଏହି ରହସ୍ୟ ଆଦୌ ଶକ୍ତ ନୁହେଁ, ଆମମାନଙ୍କ ପକ୍ଷରେ ତାହା ଅତୀବ ସହଜ । କେବଳ ଯେଉଁମାନଙ୍କ ପକ୍ଷରେ ନୈତିକ ହିସାବରେ ସ୍ତ୍ରୀ ଓ ଜନନୀ ପୃଥକ୍ ବୋଲି ସଂସ୍କାରରେ ବଦ୍ଧମୂଳ ଧାରଣା ଥାଏ, ସେମାନଙ୍କ ପକ୍ଷରେ ଏହି କଥାକୁ ଧାରଣା କରିବା ଖୁବ୍ ଶକ୍ତ ।''

ବିସ୍ମିତ ହୋଇ ଜିଜ୍ଞାସା କଲି—''ଆପଣ କ'ଣ ଜନନୀ ଓ କାମିନୀ ଏହି ଦୁଇଟିର ସମ୍ବନ୍ଧ ଏକ ବୋଲି ହିଁ କହୁଛନ୍ତି ନା କ'ଣ ?''

ଭୈରବ ତତ୍‌କ୍ଷଣାତ୍ କହିଲେ—''ମୁଁ କହୁଛି ମାନେ ? ଏହି ଦୁଇଟିର ମୂଳରେ ଏକଇ ସେହି ନାରୀ ନୁହେଁ କି ? ପ୍ରକୃତି ଭିତରେ କ'ଣ ଏହି ଦୁଇଟି ଭାବ ପୃଥକ୍ ଅଛି ନା କ'ଣ ?''

''ଯଦି ତାହା ନଥାଆନ୍ତା, ତେବେ ମନୁଷ୍ୟସମାଜ ମଧ୍ୟରେ ଏ ଭାବ ଆସିଲା କିପରି ?''

ଭୈରବ—''ତାହା ତ ମନୁଷ୍ୟ ହିଁ ସୃଷ୍ଟି କରିନେଇଛି, ମାତୃଭାବ ଓ କାମିନୀଭାବ ପୃଥକ୍ ଭାବେ ଆସ୍ୱାଦନ ଲାଗି, ଆଉ ସମାଜରେ ନୈତିକ ଶୃଙ୍ଖଳା ରଖିବା ପାଇଁ ମାତୃଭାବ

ମଧ୍ୟରେ ପବିତ୍ରତା ଓ ସ୍ତ୍ରୀ ବା ରମଣୀଭାବ ମଧ୍ୟରେ ସେପରି ପବିତ୍ରତା ରଖାଯାଇ ନାହିଁ । ଏହା କ'ଣ ତୁମ ସମାଜର ବା ଧର୍ମର ଯଥାର୍ଥ ଭାବ ?''

''ସ୍ତ୍ରୀ ବା କାମିନୀ ଭାବ ମଧ୍ୟରେ ଏକ ସମ୍ଭୋଗର ପ୍ରବଣତା ବା ଉନ୍ମାଦନା ପୁରୁଷ ଠାରେ ଉତ୍କଟ ଭାବରେ ଥାଏ । ଏଣୁ କାର୍ଯ୍ୟତଃ ସେହି ଭାବ ମାତୃଭାବ ସଙ୍ଗେ କିଭଳି ଏକ ହୋଇପାରିବ ?''

ଭୈରବ ସେତେବେଳେ କହିଲେ—''କହୁଛି ବାବା, ମାତୃଭାବ କଥା କୁହ ବା କାମିନୀ ଭାବ କଥା ହିଁ କୁହ, ଦୁଇଟି ହିଁ ଆରୋପିତ ଭାବ । ଅସଲ କଥା ସେହି ଏକହିଁ କାମିନୀର ତ ଦୁଇଟି ରୂପ ବା ଭାବ । ତା'ପରେ ମୂଳରୁ ହିଁ ତ ପ୍ରକୃତି ହେଉଛି କାମିନୀ; ସୃଷ୍ଟିରେ ସମ୍ଭୋଗାର୍ଥରେ ହିଁ ତାହାର ସାର୍ଥକତା । ତା'ପରେ ଯେତେବେଳେ ସୃଷ୍ଟି ଆରମ୍ଭ ହୋଇଗଲା, ସେହି ସୃଷ୍ଟ ଜୀବର ଅସହାୟ ଓ ଦୁର୍ବଳ ଅବସ୍ଥାରେ ତାହାର ଲାଳନପାଳନ ଓ ବୃଦ୍ଧି ଲାଗି ହିଁ ତ ଜନନୀ ଭାବର ଯଥାର୍ଥତା, ନୁହେଁ କି ?''

ମୁଁ କହିଲି—''ତାହାହେଲେ ଏଥିରୁ ସ୍ପଷ୍ଟ ହିଁ ବୁଝାଯାଉଛି ଯେ ପୁରୁଷ ଜନକ ନିକଟରେ ପ୍ରକୃତି ବା ସ୍ତ୍ରୀ ମୂଳତଃ ସମ୍ଭୋଗର ବସ୍ତୁ ହେଲେହେଁ ସେହି ପ୍ରକୃତି, ଯିଏ ଜୀବଟି ଗର୍ଭରେ ଧାରଣ କରି ପ୍ରସବ କଲେ, ଶିଶୁ ଅବସ୍ଥାରେ କହନ୍ତୁ ଆଉ ଯୁବା ଅବସ୍ଥାରେ କହନ୍ତୁ, ସକଳ ଅବସ୍ଥାରେ ତାହା ସହ ଜନନୀ-ସମ୍ବନ୍ଧ ବ୍ୟତୀତ ଅନ୍ୟ କୌଣସି ଭାବ ଆସିପାରେ କି ? ତା' ନିକଟରେ ଚିରକାଳ ହିଁ ସେ ସେହି ମା' । ପୁରାଣ କଥାରେ କାର୍ତ୍ତିକେୟଙ୍କର କାହିଁକି ଦାରପରିଗ୍ରହ କରିବାକୁ ପ୍ରବୃତ୍ତି ହେଲାନାହିଁ ! ନାରୀମାତ୍ରେ ହିଁ ପରମା ପ୍ରକୃତି, ଆଦ୍ୟାଶକ୍ତିର ଅଂଶ, ଏହି ତତ୍ତ୍ୱଟି ହିଁ ତ ତାଙ୍କର ବିବାହ ବ୍ୟାପାରରେ ବୈରାଗ୍ୟର କାରଣ ହୋଇଥିଲା !''

ଭୈରବ କହିଲେ, ''ଟିକିଏ ସୂକ୍ଷ୍ମ ଭାବରେ ବିଚାର କରି ଦେଖିବାକୁ ହେବ ବାବା । ମନୁଷ୍ୟ ସମାଜର ଏକ ନୈତିକ ସଂସ୍କାରକୁ ସନାତନ ସତ୍ୟ ସିଦ୍ଧାନ୍ତ ବୋଲି ମାନିନେଲେ ତତ୍ତ୍ୱ ଦିଗରୁ ସତ୍ୟକୁ ଉଦ୍ଧାର କରିବା ଅସମ୍ଭବ ହେବ । ପ୍ରକୃତରେ ପୁରୁଷବ୍ୟକ୍ତିର ସମସ୍ତ ହିଁ ଯଥାର୍ଥ ପୁରୁଷତ୍ୱ ନୁହେଁ, ପୁଣି କାମିନୀର ସମସ୍ତ ହିଁ ପ୍ରକୃତି ନୁହେଁ, ଏହି ହେଲା ପ୍ରଥମ କଥା । ତା'ପରେ ଏହା ମଧ୍ୟ ଦେଖିବାକୁ ପଡ଼ିବ, ସମାଜ ମଧ୍ୟରେ ନୈତିକ ଶୃଙ୍ଖଳା ବଜାୟ ରଖିବା ଲାଗି କାମିନୀ ମଧ୍ୟରେ ଏହି ଦୁଇଟି ମୂଳ ଭାବର ସମ୍ବନ୍ଧ ପୁରୁଷରୂପକ ଜୀବ ଲାଗି ବ୍ୟବହାରିକ ଭାବେ ଆରୋପିତ ହୋଇଛି । କଥାଟିକୁ ବେଶୀ ନ ବଢ଼ାଇ ଏହାହିଁ ମାତ୍ର କୁହାଯାଇପାରେ ଯେ ସମାଜ ପରିବାର ମଧ୍ୟରେ ନୈତିକ ବ୍ୟବହାର ଆଉ ପ୍ରଜାସୃଷ୍ଟିର ଅନନ୍ତ ଧାରା ମଧ୍ୟରେ ସତେଜ ଭାବେ ଶୃଙ୍ଖଳା ବଜାୟ ରଖିବା ଲାଗି ଆମର ପ୍ରାଚୀନ ଋଷିକଳ୍ପ ପୁରୁଷଗଣ ଏହି ଦୁଇଟି ସମ୍ବନ୍ଧକୁ ଧାରାବାହିକ ଭାବେ ପୃଥକ୍ ଓ ବଦ୍ଧମୂଳ କରିଯାଇଛନ୍ତି । କିନ୍ତୁ ତାହା ସତ୍ତ୍ୱେ ହିଁ ଦେଖିବାକୁ ପାଇବ ଯେ, ଏ ଜଗତର ସକଳ ସମାଜରେ ପୁରୁଷ ମଧ୍ୟରେ ପ୍ରକୃତିକୁ କାମିନୀ ଭାବେ ସମ୍ଭୋଗର ସ୍ପୃହାଟି ଏତେ ପ୍ରବଳ ଯେ, ଏପର୍ଯ୍ୟନ୍ତ ତାହାର ଧାରା ତିଳେମାତ୍ର କ୍ଷୀଣ ହୁଏନାହିଁ—ଯଦିଓ ସଭ୍ୟତାର ଗର୍ବରେ ଏବେ ପୃଥିବୀର

ସକଳ ଜାତି ହିଁ ଏକବାର ଗର୍ବର ସହ ପ୍ରଗତିଶୀଳ ଭାବି ଗ୍ରୀବା ବକ୍ର କରି ରହିଅଛନ୍ତି । ଏହି ଭାବଧାରାକୁ ତ୍ୟାଗ କରିବା ଏକ ମହାତପସ୍ୟାର ବ୍ୟାପାର ହୋଇ ରହିଛି । କେବଳ ଜନ୍ମ-ମରଣର କାର୍ଯ୍ୟକ୍ରମକୁ ଶେଷରେ ପହଞ୍ଚାଇବାର ଚେଷ୍ଟା ଯାହାର ଅଛି, ମୁମୂକ୍ଷୁତ୍ୱ ଆସିଛି, ଯିଏ ବୁଝିପାରିଛି ଯେ, ପ୍ରକୃତିକୁ କେବଳ କାମିନୀ ରୂପେ ଦେଖିବା ଅର୍ଥ ନିଜେ ପୁନଃ ପୁନଃ ଜନ୍ମନେବା, ଇନ୍ଦ୍ରିୟର ଦାସତ୍ୱ କରିବା ସଙ୍ଗେ ସଙ୍ଗେ ପୁନଃ ପୁନଃ ଜନ୍ମଜନ୍ମାନ୍ତରର ସୃଷ୍ଟି କରିବା, ସେଇ ହିଁ କେବଳ ପ୍ରକୃତିର ଜନନୀରୂପଟି ହିଁ ଦୃଢ଼ରୂପେ ଧରିରଖିଥାଏ; ତଦ୍ୱାରା ଧୀରେ ଧୀରେ କାମିନୀର ମୋହନାଶ କରିବା ସହଜ ହୁଏ ।''

''ତାହାହେଲେ ତ ଏହା ଠିକ୍ କଥା ଯେ ପ୍ରକୃତି ମଧ୍ୟରେ ଜନନୀଭାବ ହିଁ ଏକମାତ୍ର ପବିତ୍ର ଓ ସତ୍ୟ ଭାବ ।''

''ପ୍ରକୃତରେ ତାହା ନୁହେଁ ବାବା, ମାତୃଭାବ ହିଁ ପ୍ରକୃତିର ଏକମାତ୍ର ଭାବ ନୁହେଁ, ଆଉ ସତ୍ୟ ଭାବ ମଧ୍ୟ ନୁହେଁ । ମୁକ୍ତିଲାଭ ଲାଗି ମନୁଷ୍ୟ ମଧ୍ୟରେ ଏହି ଭାବଟି ପ୍ରତିକ୍ରିୟା-ବଶରେ ଟାଣ କରି ଧରିଥାଏ, ଅସଲରେ ତାହା ଆଂଶିକ ଭାବ ମାତ୍ର । ଜ୍ଞାନର ବା ଜୀବନମୁକ୍ତି ପରେ ଆଉ ସେହି ଭାବ ରହେନାହିଁ ।''

''ସେତେବେଳେ ଆଉ କେଉଁ ଭାବ ଆସେ ?''

''ସେହିଟା ହିଁ ପ୍ରକୃତିର ଅସଲ ଭାବ, ଅତି ଗୁହ୍ୟ, ଅନିର୍ବଚନୀୟ । କେବଳ ଆନନ୍ଦମୟୀ ଭାବ । ତାହାର ବର୍ଣ୍ଣନା ନାହିଁ ।''

''ସେଥିଲାଗି ଏକସମୟରେ ପରମହଂସ ମା' ଠାକୁରାଣୀଙ୍କ (ପରମହଂସଙ୍କର ପତ୍ନୀ ସାରଦାଦେବୀଙ୍କୁ)ର ପ୍ରଶ୍ନ 'ମୁଁ ତୁମର କିଏ' ଏହି ଉତ୍ତରରେ କହିଥିଲେ—ତୁମେ ମୋର ଆନନ୍ଦମୟୀ ଗୋ !''

ଭୈରବ କହିଲେ—''ତୁମେ ହିଁ ଏବେ ଭାବିଦେଖ ।''

''ପ୍ରକୃତିର ଅସଲ ଭାବଟି, ତାହାହେଲେ କଥାରେ କହିବାକୁ ଗଲେ ଏହାହିଁ କହିବାକୁ ପଡ଼େ ଯେ, କୌଣସି ପ୍ରକାର ସମ୍ଭୋଗ କାମନାବିହୀନ ହେଲେ ଆନନ୍ଦମୟୀ, ଯେଉଁଠାରେ ରମଣୀ ଓ ଜନନୀ ଦୁଇଟି ଭାବ ଏକ ହୋଇଯାଇଛି ।''

ଭୈରବ କହିଲେ, ''ସାବାସ୍ ବେଟା, ଚୈତନ୍ୟମୟ ପୁରୁଷର କେବଳ ଆନନ୍ଦଦାୟିନୀ । ସେହି ଆନନ୍ଦ ଅନୁଭବର କଥା, କ୍ରିୟା-ସମ୍ଭୋଗକାରୀ ହିଁ ନୁହେଁ ।''

ଏହି ସମସ୍ତ କଥା ପରେ ଆଉ ଭୈରବଙ୍କ ପାଖକୁ ପ୍ରାୟ ସପ୍ତାହେ କାଳ ଯାଇନାହିଁ । ତା'ପରେ ଦିନେ ଗଲି, ଶୁଣିଲି, ସେ ପୁରୀର ନିକଟରେ ଖଣ୍ଡେ ଜାଗା ବ୍ୟବସ୍ଥା କରି ଗୋଟିଏ ଆଶ୍ରମ ପ୍ରତିଷ୍ଠା କରିବାର ଚେଷ୍ଟାରେ ଅଛନ୍ତି—ଏଠାର ଅବସ୍ଥାପନ୍ନ ଦୁଇ ତିନିଜଣ ବ୍ୟକ୍ତିଙ୍କଠାରୁ ଏହି ଉଦ୍ୟମରେ ସହାୟତା ମଧ୍ୟ ପାଇଛନ୍ତି ।

■■

ତୃତୀୟ ପରିଚ୍ଛେଦ

ପୁରୀରେ ପ୍ରାୟ ଅଢ଼େଇମାସ ରହିଥିଲି । ପୂର୍ବରୁ କହିଛି, ଦିନତମାମ୍ ସ୍ୱର୍ଗଦ୍ୱାର ଆଉ ଉପରବେଳାଠାରୁ ଚକ୍ରତୀର୍ଥ ଆସୁଥାଏ, ରାତ୍ରିରେ ମହାକାଳଙ୍କ ମନ୍ଦିରଧାରରେ ବାଲି ଉପରେ ରାତ୍ରିଯାପନ । ସମୁଦ୍ରତୀରରେ ଗରମ ସମୟ ଆରାମରେ କଟୁଥାଏ ।

ଚକ୍ରତୀର୍ଥଠାରେ ଗୋଟିଏ ଘର ଜନୈକ ବନ୍ଧୁ ବ୍ୟବସ୍ଥା କରିଥିଲେ, ସେମାନେ ଅଜିମ୍‌ଗଞ୍ଜର ଅଧିବାସୀ । ବଡ଼ଲୋକ, ବ୍ୟବସାୟୀ, ମାରୱାଡ଼ି । ଉପରବେଳା ତାଙ୍କ ଘରକୁ ଆସୁଥାଏ । ସତ୍-ପ୍ରସଙ୍ଗ ଉପରେ ଆଲୋଚନା ଚାଲେ । ମୁନିବଜୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଯୁବା । ସେମାନେ ମୋତେ ସାଧୁ ତୁଲ୍ୟ ଦେଖିଥାନ୍ତି ଓ ଅନୁରୂପ ବ୍ୟବହାର କରିଥାନ୍ତି । ମୋଟ ଉପରେ ମୋ' ସହ ସେମାନେ ସାଧୁ-ସଙ୍ଗ ଫଳଲାଭର ପ୍ରୟାସ କରିଥାନ୍ତି ।

ପୁଣି ସ୍ୱର୍ଗଦ୍ୱାରରେ ମଧ ଏକ ଆଡ୍ଡା ଥିଲା, କଲିକତା ହାଟଖୋଲାର କେହି ଜଣେ ଧନୀ ମହାଜନର ଗୃହରେ । ସେଠାରେ ରହୁଥିଲେ କାଳୀବାବୁ, ବଡ଼ ଭଦ୍ରଲୋକ, ସାଧୁ ସ୍ୱଭାବର । ସେ ଯନ୍ତ୍ରସଂଗୀତ ଚର୍ଚ୍ଚା କରନ୍ତି । ସରୋଦ୍ ବାଦନ ତାଙ୍କର ବୋଧହୁଏ ଜୀବନରେ ଅଧିକ ପ୍ରିୟ ଥିଲା । ସେଠାରେ ଆହୁରି ପାଞ୍ଚଜଣ ଜାଣିବାଶୁଣିବା ବ୍ୟକ୍ତି ଏକଜୁଟ ହୁଅନ୍ତି । ଧର୍ମ ଆଲୋଚନା ଲାଗି ମଧ ଦୁଇ-ଚାରିଜଣ ଯେ ନଥିଲେ, ଏପରି ନୁହେଁ । ଗାନ୍ ମଧ ହୁଏ, ଅବଶ୍ୟ ଭଜନ ସଙ୍ଗୀତ; ଟପ୍ପା, ଠୁମ୍‌ରୀ ଗାନ କରିବାବାଲା ସେଥିରେ କେହି ନଥିଲେ । ପାଞ୍ଚଜଣଙ୍କ ମଧରେ ଜଣେ ହୋଇ ମୋ'ର ମଧ ସେଠାରେ ସ୍ଥାନଟିଏ ଥିଲା । ଗାନ୍-ବାଜଣା କରେ, ଶୁଣେ, ଧର୍ମର ନାନା ପ୍ରସଙ୍ଗ ବିଷୟରେ ଆଳାପ-ଆଲୋଚନା ମଧ ଚାଲେ । ମୋଟ ଉପରେ ସେଠାରେ ଦିନଗୁଡ଼ିକ ଭଲରେ କଟିଯାଏ । ଦୁଇମାସରୁ ଅଧିକ ସମୟ ଏହିଭାବରେ କଟାଇ ବେଶ୍ ଏକ ଆତ୍ମୀୟ ସମାଜ ପରି ମଧ ମମତା ଜମି ଯାଇଥିଲା । ଏହିପରି ସେଠାରେ ଅନେକ ମାସ କିପରି ଯେ କଟିଗଲା, ବୁଝିପାରିଲି ନାହିଁ । ତା'ପରେ ଦିନେ ହଠାତ୍ ବୃନ୍ଦାବନର କେଶବାନନ୍ଦଜୀ ଓ କାଶୀର ଜ୍ଞାନାନନ୍ଦଜୀଙ୍କର ଆବିର୍ଭାବ ହେଲା । ମୋ ସହ କେଶବା-ନନ୍ଦଜୀଙ୍କର ଘନିଷ୍ଠ ପରିଚୟ ଥିଲା । ଏହି କ୍ଷେତ୍ରରେ ତାଙ୍କ ସହ ମିଳନର ଫଳସ୍ୱରୂପ ମୋତେ ପୁରୀ ତ୍ୟାଗ କରିବାକୁ ପଡ଼େ ।

କେଶବାନନ୍ଦଜୀ ବ୍ରହ୍ମଚାରୀ ନାମରେ ପ୍ରଥମେ ପରିଚିତ ଥିଲେ । ଆଜିକାଲି ସ୍ୱାମୀ ନାମରେ ପରିଚିତ । ଯେଉଁମାନେ ପ୍ରବ୍ରଜ୍ୟା ଗ୍ରହଣ କରିନଥାନ୍ତି, ବିରଜା ହୋମାଗ୍ନିରେ ଶିକ୍ଷା-

ସୂତ୍ର ତ୍ୟାଗ ଓ ଭସ୍ମ ନକରିଥାନ୍ତି, ସେମାନେ ସନ୍ନ୍ୟାସୀ ବା ସ୍ୱାମୀ ନୁହନ୍ତି, ସେମାନଙ୍କୁ ବ୍ରହ୍ମଚର୍ଯ୍ୟାଶ୍ରମୀର ଶ୍ରେଣୀରେ ସ୍ଥାନ ମିଳେ—ଏହାହିଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରବର୍ତ୍ତିତ ସନ୍ନ୍ୟାସୀ-ସମ୍ପ୍ରଦାୟଙ୍କ ପାଇଁ ନିୟମ । କିନ୍ତୁ ଭାରତର ଆଧୁନିକ ସକଳ ସମାଜରେ ସନାତନ ନିୟମର କେତେ ନା କେତେ ବ୍ୟତିକ୍ରମ ଘଟିଛି ଓ ଘଟୁଛି ମଧ୍ୟ । ଗୃହତ୍ୟାଗୀ କ୍ଷେତ୍ରରେ ମଧ୍ୟ ସେହିପରି ନିୟମର କମ୍ ବ୍ୟତିକ୍ରମ ହୋଇନାହିଁ । ଯାହାହେଉ, କେଶବାନନ୍ଦଜୀ ମୋତେ ସ୍ନେହଚକ୍ଷୁରେ ଦେଖିଥାନ୍ତି ।

କେଶବାନନ୍ଦଜୀଙ୍କର ବୃନ୍ଦାବନରେ, ହରିଦ୍ୱାରରେ ଏବଂ ଅଧୁନା ଭୁବନେଶ୍ୱରରେ ଗୋଟିଏ ଗୋଟିଏ ଆଶ୍ରମ ଅଛି । ତାଙ୍କର ବୃନ୍ଦାବନର ଆଶ୍ରମକୁ ଅନେକବାର ଯାଇଛି ଏବଂ ଅନେକ ଦିନ ସେଠାରେ ଅତିବାହିତ କରିଛି । ସେଠାରେ ଦୁର୍ଗାନନ୍ଦ, ନିତ୍ୟାନନ୍ଦ ଓ କାଳିକାନନ୍ଦଜୀଙ୍କ ସହ ବିଶେଷ ଘନିଷ୍ଠତା ଜମିଯାଇଥିଲା ।

କେଶବାନନ୍ଦଜୀ ଓ ଲେଖକ

ବୟସ ଦୃଷ୍ଟିରୁ କିଛି ବେଶୀ ଜଣାପଡ଼ିଲେହେଁ ଜ୍ଞାନାନନ୍ଦଜୀ କେଶବାନନ୍ଦଜୀଙ୍କ ଶିଷ୍ୟ ବୋଲି ପରିଚିତ । କେଶବାନନ୍ଦଜୀ ବଡ଼ମହାରାଜ ଓ ଜ୍ଞାନାନନ୍ଦଜୀ ଛୋଟମହାରାଜ ବୋଲି କାଶୀ ଭାରତଧର୍ମ ମହାମଣ୍ଡଳ ଆଶ୍ରମରେ ପରିଚିତ, ଯଦିଓ ଜ୍ଞାନାନନ୍ଦଜୀ ହିଁ ସେହି ପ୍ରତିଷ୍ଠାନର ଆଦି, ମଧ୍ୟ ଓ ଅନ୍ତ, ସବୁକିଛି । ଦରଭଙ୍ଗାର ମହାରାଜ ଆଦି ବିଖ୍ୟାତ ଧର୍ମପ୍ରାଣ ଧନପତିମାନଙ୍କ ଅର୍ଥରେ ଓ ବହୁସଂଖ୍ୟକ କର୍ମୀଙ୍କର ସାମର୍ଥ୍ୟ ଦ୍ୱାରା ମଣ୍ଡଳଟି ପ୍ରତିଷ୍ଠିତ ଏବଂ ଜ୍ଞାନାନନ୍ଦଜୀଙ୍କ ଇଚ୍ଛାନୁସାରେ ପରିଚାଳିତ, ଏକଥା ସକଳ ପରିଚିତ ସାଧାରଣ ହିଁ ଜାଣିଥାନ୍ତି ।

ଯିଏ ସଂସାରତ୍ୟାଗୀ ସାଧୁ ତାଙ୍କର ଯଦି ସାଧାରଣ ସଂସାରୀ ପରି ଆଚାର-ବ୍ୟବହାର ଦେଖାଯାଏ, ତାହା ସର୍ବସାଧାରଣଙ୍କ ଦୃଷ୍ଟିକୁ ତୀବ୍ର ଭାବରେ ଆକର୍ଷଣ କରେ ଏବଂ ଜନସମାଜରେ ସେ ସମସ୍ତଙ୍କର ଆଲୋଚନାରେ ମଧ୍ୟ କମ୍ ତୀବ୍ରତା ଘଟେନାହିଁ । ବସ୍ତୁତଃ କେଶବାନନ୍ଦଜୀ ଓ ଜ୍ଞାନାନନ୍ଦଜୀଙ୍କ ସମ୍ବନ୍ଧରେ ନାନା ଆଲୋଚନା ନାନା ସମାଜ ଭିତରେ ହେଲେ ମଧ୍ୟ ମୁଁ କେଶବାନନ୍ଦଜୀଙ୍କ ଠାରୁ ଏକସମୟରେ, ବୈରାଗ୍ୟର ପ୍ରଥମ ପାଦରେ, ତାଙ୍କର ବୃହତ୍ତର ତପସ୍ୟା କଥା ଶୁଣିଥିଲି ବୋଲି ତାଙ୍କୁ ତପସ୍ୱୀ, ଆଉ ଜ୍ଞାନାନନ୍ଦଜୀଙ୍କୁ ଦାର୍ଶନିକ ପଣ୍ଡିତ ବୋଲି ଜାଣିଥିଲି ଓ ମାନୁଥିଲି ।

ତା'ପରେ ବାଟରେ ହଠାତ୍ ଯେତେବେଳେ ଦିନେ ସକାଳେ ଦେଖାହେଲା, ପ୍ରଣାମ କରି ଜିଜ୍ଞାସା କଲି, ''ଦାଦା ମହାଶୟ, କେବେ ଏଠାକୁ ଆସିଲେ ?'' ଶ୍ୱଶୁରଘର ଆତ୍ମୀୟ ସମ୍ପର୍କରେ ସେ ଥିଲେ ଦାଦା ମହାଶୟ । ଏହା ତାଙ୍କର ପୂର୍ବାଶ୍ରମର କଥା; ଅଭ୍ୟାସ ଯୋଗୁ ଦାଦାମହାଶୟ କହିବାରୁ ଦେଖିଲି, ସେ ଟିକିଏ କ୍ଷୁବ୍ଧ ହେଲେ । ଯାହାହେଉ ସେ କହିଲେ, ''ମୋତେ ଆଉ ଦାଦାମହାଶୟ କୁହନାହିଁ, 'ସ୍ୱାମୀଜୀ' ବୋଲି କହିବ । ଆଉ ତୁମେ ଉପରବେଳା ଚକ୍ରତୀର୍ଥର ଅମୁକ ବାବୁଙ୍କ ଘରେ ମୋ' ସହ ଦେଖା କରିବ, କଥାହେବା । ବର୍ତ୍ତମାନ ତରବରରେ ଅଛି, ମୁଁ ସହର ଆଡ଼େ ଯାଉଛି—ତୁମେ ଏଠାରେ କେତେଦିନ ଅଛ ?''

ଯଥାଯଥ ଉତ୍ତର ଦେଇ ସେତେବେଳ ପାଇଁ ଚାଲିଗଲି । କଥାନୁସାରେ ଅପରାହ୍ଣରେ ଠିକଣା ସ୍ଥାନରେ ପହଞ୍ଚିଲି । ପ୍ରକାଣ୍ଡ ଘର । ଗୋଟିଏ ପଟେ କେଶବାନନ୍ଦଜୀ, ଅନ୍ୟ ପାଖରେ ଜ୍ଞାନାନନ୍ଦଜୀଙ୍କର ଆବାସସ୍ଥଳ । ମଧ୍ୟସ୍ଥଳରେ ଜ୍ଞାନାନନ୍ଦଜୀଙ୍କ ପାଖ ଘରେ ଜଣେ ଗୌରବର୍ଣ୍ଣା ଅର୍ଦ୍ଧବୟସୀ ସ୍ଥୂଳାଙ୍ଗୀ, ବହୁମୂଲ୍ୟ ବେଶଭୂଷାରେ ଭୂଷିତା ନାରୀଙ୍କ ରହଣିସ୍ଥଳ । ଶୁଣିଲି, ସେ ଖୈରୀଗଡ଼ର ରାଣୀ—ଗୁରୁଦେବଙ୍କ ସହ ସମୁଦ୍ରର ହାୱା ଖାଇବାକୁ ଆସିଛନ୍ତି ।

ଗୋଟିଏ ପରିଷ୍କାର ବିଛଣା ଉପରେ ପ୍ରକାଣ୍ଡ ଏକ ବ୍ୟାଘ୍ରଚର୍ମ ବିସ୍ତୃତ, ତାହା ଉପରେ କେଶବାନନ୍ଦଜୀଙ୍କୁ ଦେଖିଲି । ସେ କହିଲେ—

''ଏପରି ଭାବେ କେତେଦିନ ଚାଲିବ, ତୁମେ ଗୈରିକ ବସ୍ତ୍ର ପିନ୍ଧ, ସାଧାରଣ ବସ୍ତ୍ରରେ ଏସବୁ ଚଳିବ ନାହିଁ । ଖାଇବାପିଇବା ଚଳୁଛି କିପରି ?''

''ଥରେ ମାତ୍ର ଖାଏ, ତାହା ପୁଣି ଯେଉଁଠି ହେଉ; ସାମାନ୍ୟ ଚେଷ୍ଟାରେ ଯାହା ମିଳେ, ସେଥିରେ ଚଳାଇନିଏ ।''

''ଏପରି କଲେ ଶରୀରରକ୍ଷା ହେବନାହିଁ ।'' କେଶବାନନ୍ଦ କହିଲେ—''ଗୈରିକ ବସ୍ତ୍ରରେ ତୁମେ ଗୃହସ୍ଥର ଘରେ 'ନାରାୟଣ ହରି' କହି ଠିଆହେଲେ ଭିକ୍ଷା ମିଳିବ । କିନ୍ତୁ ଏ ଆଶ୍ରମରେ ରହିବାକୁ ହେଲେ ଭେକ ଦରକାର, ଲାଲ୍ ଲୁଗା ପିନ୍ଧିବାକୁ ହେବ ।''

''କ୍ଷମା କରିବେ, ଗୈରିକ ପିନ୍ଧିବା ଲାଗି ମୋର ଆଦୌ ଇଚ୍ଛା ନାହିଁ । ଏହି ସାଦାଲୁଗାରେ ଯାହା ହେବା କଥା, ତାହା ହେବ । ଆପଣ ମୋତେ ନିରୋଳାରେ ରହି

କାମ କରିବା ଲାଗି ଆପଣଙ୍କର ଭୁବନେଶ୍ୱର ଆଶ୍ରମରେ ସାମାନ୍ୟ ଟିକିଏ ସ୍ଥାନ ଦିଅନ୍ତୁ, ଆଉ କିଛି ଚାହୁଁନାହିଁ ।''

''ମୋ'ର ଭୁବନେଶ୍ୱର ଆଶ୍ରମରେ ଏବେ ଦୋତାଲା ଘର ତିଆରି ହେଉଛି । କାଳିକାନନ୍ଦ ସେଠାରେ ଅଛି, ସବୁ କାମ ଦେଖାଶୁଣା କରୁଛି, ଆଉ ଶିବାନନ୍ଦ ଉପରେ ଆଶ୍ରମର ଭାର୍ ଦିଆଯାଇଛି । କାଳିକାନନ୍ଦ ଆଉ ସେଠାରେ ରହିବାକୁ ଚାହୁଁନାହିଁ, ତୁମେ ଯଦି ତା' ସ୍ଥାନରେ କାମ କରିପାରିବ ତ, ଯାଇପାର ।''

ଜିଜ୍ଞାସା କଲି—''କେଉଁପରି କାମ ?''

କେଶବାନନ୍ଦ—''କାମ ସେପରି କିଛି ନୁହେଁ, ଲ୍ୟାଟାରାଇଟ୍ ପଥରର କାମ । କେତେ ପଥର ଆସିଲା, ଆଉ ଖଟୁଥିବା ମିସ୍ତ୍ରୀ-ମଜୁରିଆଙ୍କ ହିସାବ ରଖିବା, ମଜୁରି ଦେବା, ଠିକ୍ ରୂପେ ସବୁ କାମ ଚାଲୁଛି କି ନାହିଁ ଲକ୍ଷ୍ୟ ରଖିବା—ଏହିସବୁ ହେଲା କାମ । ସେକଥା ତୁମକୁ କାଳିକାନନ୍ଦ ସବୁ ବୁଝାଇଦେବ । ଘଣ୍ଟାଏ ଦି'ଘଣ୍ଟାର କାମ—ଅନେକ ସମୟ ତୁମକୁ ମିଳିବ । ଆଉ ହଜୁରୀ ପଣ୍ଡା ସେଠାରେ ଅଛି, ସେ ତୁମର ସବୁ ବ୍ୟବସ୍ଥା କରିଦେବ ।''

ପରେ ଜାଣିଲି, ହଜୁରୀ ପଣ୍ଡା ତାଙ୍କର ଜଣେ ଅନୁଗତ । ତା' ସାହାଯ୍ୟରେ ସେ ସେଠାରେ ଅନେକ ଜମିଜାଗା ସଂଗ୍ରହ କରିଛନ୍ତି ।

ଅନ୍ୟାନ୍ୟ କଥାବାର୍ତ୍ତା ପରେ ସେ ମୋତେ ଦୁଇଟି ଟଙ୍କା ଦେଇ କହିଲେ—''ଆଚ୍ଛା, ତାହାହେଲେ ଏଠାରେ ସ୍ନାନଯାତ୍ରା ଦେଖି ଚାଲିଯାଅ ।''

''କିନ୍ତୁ ଟଙ୍କାପଇସା ମୁଁ ରଖିପାରିବି ନାହିଁ, ଅନ୍ୟ କାହା ଉପରେ ସେ ଦାୟିତ୍ୱ ଦେବେ ।''

ସେ କହିଲେ—''ତେବେ ଶିବାନନ୍ଦ ପାଖରେ ଟଙ୍କାପଇସା ରହିବ ।''

''ତାହାହେଲେ ଭଲ'' କହି ମୁଁ ସେହି ପ୍ରସଙ୍ଗ ଶେଷ କଲି ।

ଅନ୍ୟାନ୍ୟ ଅନେକ କଥାବାର୍ତ୍ତା ହେଲା । ଉଠିଲାବେଳେ ପୁଣି ଥରେ କଥାହେଲା ଯେ ମୁଁ ଦୁଇ ଚାରିଦିନ ମଧ୍ୟରେ ତାଙ୍କର ଭୁବନେଶ୍ୱର ଆଶ୍ରମକୁ ଯାଇ ରହିବି ଓ କାଳିକାନନ୍ଦଜୀଙ୍କ କାମଟିର ଦାୟିତ୍ୱ ନେବି ଏବଂ କାଳିକାନନ୍ଦଜୀ ବୃନ୍ଦାବନ ଆଶ୍ରମ ଚାଲିଯିବେ ।

ଚକ୍ରତୀର୍ଥ ଓ ସ୍ୱର୍ଗଦ୍ୱାରର ଆଙ୍ଗାରେ ଯେତେବେଳେ ଜଣାପଡ଼ିଲା, ମୁଁ ଏଠାରୁ ସ୍ନାନଯାତ୍ରା ପରେ ହିଁ ଚାଲିଯାଉଛି, ସେତେବେଳେ ମନ୍ତ୍ରୀ କାଳୀବାବୁଙ୍କର ବଡ଼ ଭାବାନ୍ତର ହେଲା – ସେ ମ୍ରିୟମାଣ ହୋଇପଡ଼ିଲେ । ତାଙ୍କ ସହ ମୋ'ର ଘନିଷ୍ଠତା କିଛି ବେଶୀ ହୋଇଯାଇଥିଲା । କରୁଣନୟନରେ ମୋ' ଆଡ଼କୁ ଅନାଇ ହସିଦେଇ କହିଲେ—''ଆଉ କେବେ ଦେଖାହବ କିଏ ଜାଣେ, ଆପଣଙ୍କୁ ତ ଧରିରଖିବା ସମ୍ଭବ ନୁହେଁ ।''

''ବଞ୍ଚିଥିଲେ ପୁଣି ଦେଖାହବ, ଆପଣଙ୍କର ବାଜଣା ଶୁଣିବାର ମୋହ ମୁଁ ସହଜରେ ଭୁଲିପାରିବି ନାହିଁ । ନିଶ୍ଚୟ ହିଁ ପୁଣି ଆମର ଦେଖାହେବ ।''

ଘରେ ମା', ଭାଇ ଆଦି ଆତ୍ମୀୟବର୍ଗ ଥିଲେ ମଧ୍ୟ କାଳୀବାବୁ ଘରକୁ ଯାଆନ୍ତି ନାହିଁ । ସନ୍ନ୍ୟାସୀର କୌଣସି ବାହ୍ୟ ଲକ୍ଷଣ ତାଙ୍କର ନଥିଲା, ମାତ୍ର ବ୍ୟବହାରିକ ଜୀବନରେ ସେ ସନ୍ନ୍ୟାସୀ ପରି ହିଁ ଥିଲେ । ସାଦା ବସ୍ତ୍ର, ଲମ୍ବାଜାମା, ଜୋତା ପିନ୍ଧୁଥିଲେ, ଟେରୀ କାଟୁଥିଲେ । ଅଧିକ ରାତ୍ରିରେ ଗୋପନରେ ଜପଧ୍ୟାନ କରୁଥିଲେ, କେହି ତାହାର ଟେର୍ ପାଉନଥିଲେ । ସାଧୁ ଚରିତ୍ର, ତାଙ୍କଠାରେ ବାଳକସୁଲଭ ସରଳତା, ସେ ଚିରକୁମାର ଥିଲେ । ସରୋଦ୍ ବାଦ୍ୟଯନ୍ତ୍ରଟି ହିଁ ତାଙ୍କର କେବଳମାତ୍ର ଆକର୍ଷଣର ବସ୍ତୁ ଥିଲା । କାଳୀବାବୁଙ୍କ ସହ ପୁରୀରେ ଏହି ଯେଉଁ ଆଳାପ ଓ ଆତ୍ମୀୟତା, ଏହା ଯେପରି ଚିରକାଳ ଲାଗି ।

ଏହାର ଦୁଇବର୍ଷ ପରେ କଲିକତା ଶୋଭାବଜାର ରାଜବାଟୀ ତଳେ, ଏକ ଛୋଟଘରେ, ସଙ୍ଗୀତ ଆସରରେ ପୁଣି କାଳୀବାବୁଙ୍କ ସହ ମୋର ଦେଖାସାକ୍ଷାତ ହେବା ସଙ୍ଗେ ସଙ୍ଗେ ସେ ଆନନ୍ଦରେ ଅଧୀର ହୋଇଗଲେ । ପୁରୀଠାରେ ସେହି ଆନନ୍ଦମୟ ଜୀବନଯାପନ ବିଷୟରେ କଥାବାର୍ତ୍ତା ହେଲୁ । ସେହି ଆଲୋଚନାରେ ସେଦିନ କଟିଗଲା । ଏହାପରେ ଆଉ ବହୁଦିନ ଧରି ତାଙ୍କ ସହ ଦେଖାହୋଇନାହିଁ । ପ୍ରାୟ ଛ' ସାତ ବର୍ଷ ପରେ ପୁଣି ଟାଲିଗଞ୍ଜଠାରେ କାଳୀବାବୁଙ୍କ ସହ ଦେଖାସାକ୍ଷାତ । ସ୍ୱର୍ଗୀୟ ରାଣୀ ରାସମଣିଙ୍କ ଜାମାତା ସ୍ୱର୍ଗତ ମଥୁରବାବୁଙ୍କ ପୌତ୍ର ଶ୍ରୀଯୁକ୍ତ ଶିବନାଥ ବାବୁଙ୍କ ଘରେ । ଟାଲିଗଞ୍ଜ ସହ ମୋ'ର ମଧ୍ୟ କମ୍ ସମ୍ବନ୍ଧ ନଥିଲା । ଶିବବାବୁ ଥିଲେ ଆମର ପ୍ରତିବେଶୀ । ଦେଖିଲି, ତାଙ୍କ ଘରବାହାରର ଚାଳିଘରେ କାଳୀବାବୁ ଯନ୍ତ୍ରପାତି ନେଇ ଅବସ୍ଥାନ କରୁଅଛନ୍ତି । କିଛିଦିନ ପାଇଁ ମଝିରେ ମଝିରେ ତାଙ୍କର ବାଦ୍ୟଯନ୍ତ୍ରାଳାପ ଶୁଣିବାର ସୌଭାଗ୍ୟ ଜୁଟିଲା । କିନ୍ତୁ ତାହା ବେଶୀଦିନ ପାଇଁ ନୁହେଁ । ଦିନେ ଶୁଣିଲି, କାଳୀବାବୁ ଅତିଶୟ ଜ୍ୱର ଭୋଗୁଛନ୍ତି– ଆତ୍ମୀୟସ୍ୱଜନଙ୍କ ପାଖକୁ ଯିବାଲାଗି, ସେମାନଙ୍କୁ ଦେଖିବାର ଆଗ୍ରହାତିଶଯ୍ୟରେ ସେ ସେମାନଙ୍କ ନିକଟକୁ ଚାଲିଯାଇଛନ୍ତି । ତାହାର ଏକସପ୍ତାହ ପରେ ଶୁଣିଲି, ମେଡିକାଲ କଲେଜ ଡାକ୍ତରଖାନାରେ ତାଙ୍କର ଭବଯନ୍ତ୍ରଣାର ଅବସାନ ଘଟିଛି । ତାଙ୍କର କାହା ଉପରେ ମମତା ନଥିଲା; ସ୍ୱରସାଧନା କରି, ସେ ସୁରଲୋକ ହିଁ ଯାଇଛନ୍ତି । ତାଙ୍କ ବିୟୋଗରେ ପ୍ରାଣରେ ମର୍ମାନ୍ତିକ ବେଦନା ପାଇଲି । ଅନେକଙ୍କ ସହ ସଙ୍ଗତ କରିଛି, ମାତ୍ର ତାଙ୍କ ପରି ପ୍ରଚ୍ଛନ୍ନରୂପୀ ସାଧୁ ଦେଖିନାହିଁ ।

ପୁରୀରେ ଆଉ ଦୁଇଜଣଙ୍କ ସହ ସାଧୁସଙ୍ଗ ହୋଇଥିଲା । ଯାହାର ସଂକ୍ଷିପ୍ତ ବିବରଣୀ ଏହିପରି–ଜନୈକ ଗୌରବର୍ଣ୍ଣ ବୃଦ୍ଧ ଓଡ଼ିଶାବାସୀ, ମହାପଣ୍ଡିତ ନାମରେ ଖ୍ୟାତ । ଗୃହୀ, ତାଙ୍କର ବଡ଼ ବଡ଼ ପୁଅ, ଝିଅ, ବୋହୂ, ଦାସଦାସୀ–ବିଶାଳ ସଂସାର; ସ୍ତ୍ରୀ ନାହାନ୍ତି । ଅଲଗା ଏକ ସ୍ଥାନରେ ରହନ୍ତି । ଘର ସହ ତାଙ୍କର କୌଣସି ସମ୍ବନ୍ଧ ନାହିଁ । ସେ ତାନ୍ତ୍ରିକ, ପୁଣି ବୈଷ୍ଣବ । ଗଳାରେ ରୁଦ୍ରାକ୍ଷ, ପୁଣି ତୁଳସୀମାଳା ମଧ୍ୟ ଅଛି । ଦେହରେ ଓଁକାରର ଛାପ ଆବରଣ । କଥାବାର୍ତ୍ତାରେ ଯେପରି ସର୍ବଧର୍ମ ସମନ୍ୱୟର ହିଁ ଭାବ । ତୀର୍ଥ କରିବାରେ ତାଙ୍କର ବାକି ନଥାଏ । ଦେଶ-ବିଦେଶର ଅଭିଜ୍ଞତା ମଧ୍ୟ ଅଛି । ତାଙ୍କ ପାଖକୁ ମୁଁ ଦୁଇଦିନ ଲାଗି ଯାଇଥିଲି ।

ସେ ଜପର ପକ୍ଷପାତୀ– କହନ୍ତି, ''ଜପାତ୍ ସିଦ୍ଧିଃ, ଜପାତ୍ ସିଦ୍ଧିଃ, ଜପାତ୍ ସିଦ୍ଧିଃ ନ ସଂଶୟଃ । ବିନା ଜପରେ କେବେହେଁ ଇଷ୍ଟଲାଭ ହୁଏନାହିଁ । କାଳୀ କୁହ, କୃଷ୍ଣ କୁହ, ଯାହା କୁହ, ଇଷ୍ଟସାଧନାର ସିଦ୍ଧି ପାଇବାକୁ ଗଲେ ଜପ ବ୍ୟତୀତ ଆଉ ଅନ୍ୟ ପଥ ନାହିଁ । ଜପଦ୍ୱାରା ହିଁ ମୂର୍ତ୍ତି ସାକ୍ଷାତକାର ହୁଏ । ଯିଏ ମୂର୍ତ୍ତି ଦର୍ଶନ କରେ, ସେ ମହାଭାଗ୍ୟବାନ ।''

ବୁଝିଲି, ସେ ମୂର୍ତ୍ତିକୁ ହିଁ ଚରମ ବୋଲି ଧରିଛନ୍ତି, ଆଉ ଜପ ଦ୍ୱାରା ହିଁ ପାଇଛନ୍ତି ।

ଆଉ ଜଣେ ବ୍ୟକ୍ତି ପାଗଳ ପରି, ଅନେକ ଭାବରେ ନିଃସଂକୋଚ । ରାସ୍ତାରେ ରାସ୍ତାରେ ଘୂରିବୁଲିବା ତାଙ୍କ କାମ । ହଠାତ୍ ଜଣେ ଲୋକର ମୁହଁକୁ ଚାହିଁ ତାହାକୁ ଆକର୍ଷଣ କରି କଥା ଆରମ୍ଭ କରିଦିଅନ୍ତି । ସେକଥା ଶୁଣିଲେ ତାହାକୁ ପାଗଳ ବୋଲି କହିବାକୁ ସାହସ ହେବନାହିଁ । ତୈଳଙ୍ଗୀବାବା ବୋଲି ଅନେକେ ତାଙ୍କୁ ଡାକନ୍ତି । ସେ କହନ୍ତି, ''ଯେତେ ମଠାଶ୍ରୟୀ ସାଧୁ ଅଛନ୍ତି, ସମସ୍ତେ ହିଁ ଭଣ୍ଡ, ଚୋର, ଧର୍ମ ନାମରେ ଧୁମ୍‌ଧାମ୍ କରି ପାଞ୍ଚଲୋକଙ୍କୁ ଆକର୍ଷିତ କରିବା ହିଁ ସେମାନଙ୍କ ଫନ୍ଦି । ବିଷୟବୁଦ୍ଧି ଆଉ ଭୋଗ ହିଁ ସେମାନଙ୍କର ଜୀବନର ଉଦ୍ଦେଶ୍ୟ ।'' ମୋତେ କୌଣସି ମଠାଶ୍ରୟୀ ସାଧୁ ସହ ଯିବାକୁ ନିଷେଧ କଲେ । ସେ କହନ୍ତି–''ଭଗବାନଙ୍କୁ ମନୁଷ୍ୟ କେବେହେଁ ଚାହେନାହିଁ । ଚାହେ କେବଳ ଶକ୍ତି–ଭୋଗର ବସ୍ତୁ ସଂଗ୍ରହ, ବିଷୟ ଆକର୍ଷଣ କରିବାର ଶକ୍ତି ଏବଂ ଲୋକମାନଙ୍କ ଉପରେ ନିରବଚ୍ଛିନ୍ନ ପ୍ରଭାବ ବିସ୍ତାର କରିବାର ଶକ୍ତି । ଯିଏ କହେ, ମୁଁ ଭଗବାନଙ୍କୁ ପାଇବାକୁ ଚାହେ, ତା'ର ଭିତରର କଥା ଏହାହିଁ ।'' ସେ କେଶବାନନ୍ଦଜୀଙ୍କୁ ଜାଣନ୍ତି, ତାଙ୍କର ବୃନ୍ଦାବନ ଆଶ୍ରମରେ ଅନେକ ଥର ହିଁ ଅତିଥି ହୋଇ ରହିଥିଲେ ।

ତାଙ୍କ ସଙ୍ଗେ ଅନେକ ଦିନ ଧରି ବୁଲିଥିଲି । ପିନ୍ଧୁଥିଲେ ଖଣ୍ଡେ କୌପୁନୀ, ତାହା ଉପରେ ସର୍ବାଙ୍ଗକୁ ଆବୃତ କରି ଗୋଟିଏ ଛିଣ୍ଡା କମ୍ବଳ । ସେ କହିଲେ–''ଘୂରାଘୂରି କରି ଯେତେ ବୁଲାଯାଇପାରେ, ସେତେହିଁ ଭଲ । ଦେଶବିଦେଶ ଭ୍ରମଣରେ ଚିତ୍ତ ନିର୍ମଳ ରହେ । ଗୋଟିଏ ଜାଗାରେ ବସିରହିଲେ ବିପଦ । ଯେତେ ଭୋଗ, ରୋଗ, ଆଳସ୍ୟ, ଆରାମ ଲାଗି ଇଚ୍ଛା, ନାନା କର୍ମରେ ପ୍ରବୃତ୍ତି, ନାନା ମତଲବ ଓ ଦୁଶ୍ଚିନ୍ତା ଆଶ୍ରୟ କରିବହିଁ କରିବ । ସାଧୁବ୍ୟକ୍ତିର ଏହା ଅପେକ୍ଷା ଅଶାନ୍ତିର କାରଣ ଆଉ କିଛି ନାହିଁ ।''

ବୁଝିଲି, ଏହା ତାଙ୍କର ବ୍ୟକ୍ତିଗତ ଜୀବନର ବିଶିଷ୍ଟ ଅଭିଜ୍ଞତା । ସେ କହନ୍ତି ଯେ ନାନା ଶାସ୍ତ୍ର ଅଧ୍ୟୟନରେ କେବଳ ବୃଥା ସମୟ ନଷ୍ଟ । ଯିଏ ଆଳସ୍ୟପରାୟଣ, ସିଏ ବସି ବସି ଅତ୍ୟଧିକ ଅଧ୍ୟୟନର ପକ୍ଷପାତୀ । ଯେଉଁ ବ୍ୟକ୍ତିଙ୍କର କେବଳ ପୁସ୍ତକ ଦିଗକୁ ବୁଝିବାକୁ ହେବ ସେମାନଙ୍କର କର୍ମଶକ୍ତି ପକ୍ଷାଘାତଗ୍ରସ୍ତ । ସାଧୁର କର୍ମ ହିଁ କେବଳ ଅବଲମ୍ବନ ହେବା ଉଚିତ୍– ''ଅଧ୍ୟୟନର ଆଡୁଆଳରେ କର୍ମକୁ ଫାଙ୍କିଦେବା ପ୍ରବୃତ୍ତି ଆଦୌ ଭଲ ନୁହେଁ । ପରେ ଘୋର ବିପଦ ଆସିବ ।''

ଦେଖିଲି, ସେ କର୍ମର ହିଁ ବେଶୀ ପକ୍ଷପାତୀ, କହନ୍ତି—''ଭଗବତ୍ ଉପାସନାଠାରୁ ଉତ୍ତମ ଓ ପୂର୍ଣ୍ଣ ଉତ୍ସାହ ନେଇ କର୍ମରେ ପ୍ରବୃତ୍ତ ହେଲେ ଉପାସନାଠାରୁ ତାହା ବେଶୀ କାମ ଦିଏ । ଏହି ଯେଉଁ ସନ୍ନ୍ୟାସୀସମ୍ପ୍ରଦାୟ ଦେଖୁଛ, କର୍ମର ନାମ ନାହିଁ, କେବଳ ପେଟ ବଢ଼ାଇବାର ଫନ୍ଦି ହିଁ ଚାଲିଛି, ଏମାନଙ୍କୁ ଭାଗ୍ୟବାନ ବୋଲି ଭାବନାହିଁ । ଏମାନଙ୍କର ଦୁର୍ଭାଗ୍ୟ ଅସାଧାରଣ । ମାନବଙ୍କ ଅଶ୍ରଦ୍ଧା ହିଁ ସେମାନଙ୍କର ପ୍ରାପ୍ୟ । କର୍ମତ୍ୟାଗୀ ସନ୍ନ୍ୟାସୀର ବେଶରେ ସେମାନେ କାପୁରୁଷ-ଚୋର । ଶାସ୍ତ୍ରର କେତେଗୁଡ଼ିଏ ବନ୍ଧାଗତ କଥା ମୁଖସ୍ଥ କରି ଗୃହୀ ଲୋକମାନଙ୍କୁ ଠକାଇବା ହିଁ ସେମାନଙ୍କର ପ୍ରଧାନ କାର୍ଯ୍ୟ । କାନରେ ମନ୍ତ୍ର ଦେବା ଆଉ ଏକରକମ୍ ଠକେଇ ବ୍ୟାପାର । ଅନେକେ ସେହି ପ୍ରତାରଣା ମଧ୍ୟରେ ପଡ଼ିଥାଆନ୍ତି, ଶେଷରେ ଗୁରୁଶିଷ୍ୟଙ୍କ ମରାମରି । ଏମାନଙ୍କର ଅଦୃଷ୍ଟରେ ଶେଷ ସମୟରେ ମାଡ଼-ଠେଙ୍ଗା, ଏହିସବୁ ଥାଏ । ଏମାନେ ସମସ୍ତେ ସମାଜର ବିପଦ ବୋଲି ଜାଣିବ ।''

ତାଙ୍କ ସଙ୍ଗେ ଆଉଥରେ ବୃନ୍ଦାବନରେ ସାକ୍ଷାତ ହୋଇଥିଲା । ସେକଥା ପରେ କହିବି ।

ଏବେ ଏଠାରେ ସ୍ନାନଯାତ୍ରା କଣ ଦେଖିବି ?—ଲୋକମାନଙ୍କ ଗହଳିରେ ଶ୍ରୀକ୍ଷେତ୍ର ଯଥାର୍ଥରେ ହିଁ ଏକ ଭୀଷଣ କୋଳାହଳମୟ ଅଶାନ୍ତିକର କ୍ଷେତ୍ର ହୋଇପଡ଼ିଛି । ଏସବୁ ଦେଖି ପ୍ରାଣ ଅଶାନ୍ତ ହୋଇଉଠିଲା । ସମସ୍ତଙ୍କଠାରୁ ବିଦାୟ ନେଇ ସେହି ରାତ୍ରିରେ ହିଁ ଭୁବନେଶ୍ୱର ଯାତ୍ରା କଲି — ସଙ୍ଗରେ ଖଣ୍ଡେ କମ୍ବଳ, ଗୋଟିଏ ଗୀତଖାତା, କେତେଗୋଟି ବହି, ଆଉ ଗୋଟିଏ ପେନ୍‌ସିଲ୍ ।

କାଳୀକାନନ୍ଦଜୀ ମୋତେ ଦେଖି ମହାଖୁସି । ଏହା ଭିତରେ ବଡ଼ମହାରାଜ ତାଙ୍କୁ ମୋ' ଯିବା କଥା ଲେଖି ଜଣାଇଥିବେ । ଯେପରି ବୋଧହେଲା ସେ ମୋ ପ୍ରତୀକ୍ଷାରେ ଥିଲେ । ଏଠାରୁ ମୁକ୍ତି ପାଇବା ଆଶାରେ ସେ ଆନନ୍ଦରେ ମୋତେ ତାଙ୍କ କାମଗୁଡ଼ିକୁ ବୁଝାଇ ଦେବାରେ ଲାଗିଗଲେ । ମୁଁ ମଧ୍ୟ ଯଥାସାଧ୍ୟ ବୁଝିନେବାରେ ଲାଗିଗଲି । ଟଙ୍କାପଇସା ସବୁ ଶିବାନନ୍ଦଙ୍କ ପାଖରେ ରହିବ, ମୁଁ କେବଳ ହିସାବ ରଖିବି । ଶିବାନନ୍ଦ ବଜାର କରିବେ, ରୋଷାଇ କରିବେ, ଘରସଂସାରର ସକଳ ଦାୟିତ୍ୱ ତାଙ୍କ ଉପରେ ।

ଖାଇବା କଥାଟା ଚୁପ୍‌କରି କହିରଖେ । ପରିବା ଭିତରେ ସେତେବେଳେ ସାରୁ ହିଁ ମିଶାଯାଏ — ସେହି ଝୋଳ ଆଉ ଛୋଟ ଗୋଲ୍ ମୋଟା ଲାଲ୍ ଚାଉଳର ଭାତ । ଦୁଇବେଳା ହିଁ ଏହି ଖାଦ୍ୟ, ବାସ୍ ।

ସେତେବେଳେ ଆଷାଢ଼-ଶ୍ରାବଣ, ବର୍ଷାଦିନ । ଭୁବନେଶ୍ୱରରେ ପ୍ରାୟ ଦେଢ଼ମାସ ଯାଏ ରହିଥିଲି, ସେହି ସମୟରେ କେଉଁଦିନ ହେଲେ ସୂର୍ଯ୍ୟଦେବଙ୍କର ମୁଖ ଦର୍ଶନ କରିଛି ବୋଲି ମନେପଡ଼େନାହିଁ । କାର୍ଯ୍ୟତଃ କେଉଁ ଦିଗଟା ପୂର୍ବ, କେଉଁ ଦିଗଟା ପଶ୍ଚିମ, ତାହା ବୁଝିପାରେ ନାହିଁ । ଭୁବନେଶ୍ୱର ମନ୍ଦିର ଅନେକଥର ଯିବାକୁ ପଡ଼େ ଏବଂ ଗ୍ରାମର ଶେଷ

ଦିଗରେ ଗୌରୀକୁଣ୍ଡ । ଏହି ପ୍ରସିଦ୍ଧ ଗୌରୀକୁଣ୍ଡର ଅତି ନିକଟରେ ଆମର କେଶବାନନ୍ଦ ବ୍ରହ୍ମଚାରୀଙ୍କ ଆଶ୍ରମ । ଆଶ୍ରମର ଏକମହଲାରେ ସେତେବେଳେ ଦୁଇଗୋଟି ପକ୍କା ପଥରଘର ଥିଲା, ଆଉ ଦୁଇଟି ଟିଣଛାତର ଚାଳିଘର । ଆମେ ସେହି ଘରେ ହିଁ ବାସକରୁଥିଲୁ । ପକ୍କାଘରଗୁଡ଼ିକରେ ମହାରାଜଙ୍କ ସକଳ ଆସବାବପତ୍ର ଥିଲା – ଆରାମ୍ ଚୌକି, ଖଟ, ପଲଙ୍କ, ବିଛଣାପତ୍ରରେ ଘରଗୁଡ଼ିକ ପୂର୍ଣ୍ଣ । ଏବେ ଦୋତାଲା ପାଇଁ ସିଡ଼ିଘର ଶେଷ ହୋଇ ଦୋତାଲା ଘର ଆରମ୍ଭ ହୋଇଛି ।

ପ୍ରଥମେ ପ୍ରଥମେ ଭୁବନେଶ୍ୱର ଆବହାଓ୍ୱା ମଧ୍ୟରେ ଏକ ଅନିର୍ବଚନୀୟ ଆନନ୍ଦରେ ପ୍ରାଣ ପୂର୍ଣ୍ଣ ଥିଲା । ଗୌରୀକୁଣ୍ଡରେ ସ୍ନାନ ଓ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣର ନିର୍ଜନତା ଯେ କି ଆନନ୍ଦ, ବିସ୍ମୟ, ଉଦାସ ଭାବକୁ ଘନୀଭୂତ କରୁଥିଲା, ତାହା ଯଥାର୍ଥରେ କେବେହେଁ ଭୁଲିବାର ନୁହେଁ । ଭାଷାରେ ତାହା ବର୍ଣ୍ଣନାତୀତ, ତେଣୁ ସେ ଦିଗକୁ ଚେଷ୍ଟା ନକରି ବରଂ ଅନ୍ୟ କଥା କହେ ।



ମୁକ୍ତେଶ୍ୱର ମନ୍ଦିର (ଭୁବନେଶ୍ୱର)

ଇଚ୍ଛା ହେଉଥାଏ, ଦିବାରାତ୍ର ଏହି ସ୍ଥାନରେ ହିଁ କଟାନ୍ତି । ଏକ ପ୍ରସ୍ତର ବେଦୀ, କୁଣ୍ଡର ଗୋଟିଏ ପଟେ ଘାଟର ଧାର, ତା'ର ଚତୁର୍ଦ୍ଦିଗରେ ସୁସମତଳ ଭୂମି ଉପରେ ହରିତ୍‌ବର୍ଣ୍ଣର ଘନ ତୃଣ ଆଚ୍ଛାଦନ—ଯେପରି ସବୁଜ ଘାସର ଗାଲିଚା-ବିଛଣା, ଦେଖିଲେ ଆଖି ଲାଖିଯାଏ । ସେହି କୁଣ୍ଡର ପାର୍ଶ୍ୱରେ ମୁକ୍ତେଶ୍ୱର ମନ୍ଦିର । ମନ୍ଦିରଟି ଖୁବ୍ ଛୋଟ କି ଖୁବ୍ ବଡ଼ ନୁହେଁ । କିନ୍ତୁ

ତାହାର ପ୍ରସ୍ତରଭିତ୍ତିକ କାରୁକାର୍ଯ୍ୟ ଭୁବନବିଦିତ । ନାନା ଦେଶବାସୀ ଶିଳ୍ପପ୍ରିୟ ଅନୁସନ୍ଧିତ୍ସୁ ବ୍ୟକ୍ତିଙ୍କପାଇଁ ତାହା ଆକର୍ଷଣର ବସ୍ତୁ । ସେହି ମନ୍ଦିରଗାତ୍ରରେ ସ୍ଥୂଳ ଓ ସୂକ୍ଷ୍ମ ଉଭୟବିଧ କାରୁକାର୍ଯ୍ୟର ତୁଳନା ନାହିଁ ।

ମନ୍ଦିରର ଗୋଟିଏ ଦ୍ୱାର ଗୋଟିଏ ପାଖେ, ଅନ୍ୟ ତିନିପାଖ ବନ୍ଦ୍ । ଭିତରେ କିନ୍ତୁ ଭୂତ, ପିଶାଚ ରାଜ୍ୟ । ଭିତର ଛାତରେ ସୁନ୍ଦର ଅପୂର୍ବ କାରୁବିଗ୍ରହ ସକଳ, ଆଳଙ୍କାରିକ ଶିଳ୍ପ-ସୌନ୍ଦର୍ଯ୍ୟର ପରାକାଷ୍ଠା ଏକସମୟରେ ସାଧାରଣଙ୍କର ମନହରଣ କରୁଥିଲା । ତୈଳଦୀପର ଧୂଆଁରେ ସେ ସକଳ କୀର୍ତ୍ତି କୃଷ୍ଣବର୍ଣ୍ଣ ହୋଇପଡ଼ିଛି । କେବେହେଲେ ପରିଷ୍କାର କରାଯାଇନାହିଁ ।

ଯାହାହେଉ, ଦିନତମାମ୍ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣ ହିଁ ଥିଲା ମୋ'ର ଆସନ । ନିକଟରେ ହିଁ ଆଉ ଏକ ଛୋଟ ମନ୍ଦିର ଅଛି, କୋଣରେ, ମୁକ୍ତେଶ୍ୱର କୁଣ୍ଡର ଯେଉଁ ଘାଟ, ତା ଉପରେ । ସେହି ମନ୍ଦିର ଅଭ୍ୟନ୍ତରରେ କେବେ କେବେ ସକାଳ ସନ୍ଧ୍ୟାରେ ବସିଥାଏ । ବହୁ ସୌଭାଗ୍ୟ ଫଳରୁ ଭୁବନେଶ୍ୱର କ୍ଷେତ୍ରକୁ ଆସିବାର ଯୋଗାଯୋଗ ଘଟିଛି, ଏକଥା କରି ମନେମନେ ଅନ୍ତର୍ଯ୍ୟାମୀଙ୍କ ନିକଟରେ କୃତଜ୍ଞତା ପ୍ରକାଶ ସହ ପ୍ରାଣକୁ ଶାନ୍ତ କରୁଥାଏ ।

ଏହି ଯେଉଁ ସୌଭାଗ୍ୟର କଥା କହୁଛି, ତାହା ଭିତରେ କିଛି ବିପର୍ଯ୍ୟୟ ମଧ୍ୟ ଥିଲା । ମଝିରେମଝିରେ ତାହା ଯଥେଷ୍ଟ ମନକଷ୍ଟର କାରଣ ହେଉଥିଲା ।

ଶିବାନନ୍ଦ ହିଁ ଥିଲେ ଆଶ୍ରମର ମୁଖ୍ୟ । ତାଙ୍କର ଗୁରୁ ଅଥବା ଗୁରୁଭକ୍ତି ଅସାଧାରଣ ଥିଲା । ଗୁରୁଦେବ ତାଙ୍କ ଉପରେ ଯେ ଆଶ୍ରମର ସକଳ ଦାୟିତ୍ୱ ଦେଇଥିଲେ, ସେ ବିଷୟରେ ତାହାଙ୍କର ଦାୟିତ୍ୱବୋଧ ଅତିରିକ୍ତ ଥିଲା । ସେହି ଅତିମାତ୍ରା ହିଁ ସମୟ ସମୟରେ ମୋ ପକ୍ଷରେ କଷ୍ଟକର ପ୍ରତିକ୍ରିୟାର ଫଳ ସୃଷ୍ଟି କରୁଥିଲା । ଶିବାନନ୍ଦ ଦେଖିବାକୁ ବେଶ୍ ଗୌରବର୍ଣ୍ଣ, କ୍ଷୀଣକାୟ ଯୁବକ, ମସ୍ତକରେ ଜଟାମୁକୁଟ, ଟିକିଏ ଏକଗୁଇଁଆ ପ୍ରକୃତିର, କିନ୍ତୁ ଏକବାର୍ ସ୍ନେହହୀନ ନଥିଲେ ।

ପ୍ରଥମେ ପ୍ରଥମେ ମୁଁ ଯେତେବେଳେ ସକାଳେ କାର୍ଯ୍ୟକ୍ରମ ସାରି ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବସେ, ସେ କିଛି ଆପତ୍ତି କରନ୍ତି ନାହିଁ । ତା'ପରେ ସେ ଯେତେବେଳେ ଦେଖିଲେ ଯେ ମୁଁ ସବୁଦିନେ ତାହା କରିଚାଲିଛି ଏବଂ କ୍ରମଶଃ ଫେରିଆସିବାରେ ଯଦି ବିଳମ୍ବ କରୁଥାଏ, ସେତେବେଳେ ସେ ଧୀରେ ଧୀରେ କହିବାକୁ ଆରମ୍ଭ କରନ୍ତି—''କାଳୀକାନନ୍ଦଜୀ ତୋ କଭି ଐସା ନହିଁ କର୍‌ତେ ଥେ''; ଅର୍ଥାତ୍ କାଳୀକାନନ୍ଦଜୀ କେବେହେଁ ଆଶ୍ରମଠାରୁ ବାହାରକୁ ଯାଇ ଏତେ ସମୟ କେଉଁଠି ରହୁନଥିଲେ ।

ମୁଁ କହିଲି, ''ସକାଳେ ଆଶ୍ରମ ଭିତରେ ସବୁ ସମୟରେ ରହିବାକୁ ମୋତେ ଭଲ ଲାଗେନାହିଁ—ଯଦି ପାଖ ମୁକ୍ତେଶ୍ୱର ପ୍ରାଙ୍ଗଣରେ ଯାଇ ବସେ, ସେଥିରେ କ୍ଷତି ବା କ'ଣ ?'' ସେ କହିଲେ—''କ୍ଷତି ନୁହେଁ ସତ, ତେବେ ଆଶ୍ରମ ଭିତରେ ରହିଲେ ମିସ୍ତ୍ରୀମାନଙ୍କ କାର୍ଯ୍ୟକ୍ରମ

ଦେଖିହୁଅନ୍ତା । ଶଗଡ଼ବାଲା ଆସିଲେ ପଥର କେତେ ଆସିଲା, ତାହାର ହିସାବ ରଖାହୁଅନ୍ତା । ନିଜ ହାତକାମକୁ ଛାଡ଼ିଦେଇ ମୋତେ ଡାକିବାକୁ ଦଉଡ଼ିବାକୁ ହୁଅନ୍ତା ନାହିଁ'', ଇତ୍ୟାଦି । ଅବଶ୍ୟ ସତ କହିଲେ, ରାନ୍ଧିବା ବ୍ୟତୀତ ତାଙ୍କ ହାତରେ ଅନ୍ୟ କିଛି କାମ ନଥିଲା ।

ପର ଆଶ୍ରୟରେ ଥିଲେ ଏହି ଅସୁବିଧା ରହିବ । ଯାହାହେଉ ମୁଁ କହିଲି—''ଆଚ୍ଛା, ମୁଁ ଶୀଘ୍ର ଶୀଘ୍ର ଆସିବି ।'' ମନରେ କିନ୍ତୁ ଏକ ଅଶାନ୍ତିର ଛାୟା ଆସି ଦେଖାଦେଲା ।

ସକାଳେ ତାଙ୍କର ସ୍ନାନ-ପୂଜାଦି ସମାପନ ହେଲା ପରେପରେ ପ୍ରାୟ ଆଠଟା ପାଖାପାଖି ରାନ୍ଧିବା ଆରମ୍ଭ ହୁଏ, ନଅଟା ସାଢ଼େନ'ଟା ବେଳକୁ ଶେଷ ହୋଇଯାଏ । ଗୋଟାଏ ସାରୁଝୋଳ ଆଉ ଭାତ—କେତେ ସମୟ ଲାଗନ୍ତା ? ରାନ୍ଧଣା ଶେଷ ହୋଇଗଲେ ହିଁ ମୋତେ ଖାଇବାକୁ ଦେବାକୁ ଓ ସେ ନିଜେ ଖାଇବା ସାରିବାକୁ ଚାହାନ୍ତି । ବୋଧହୁଏ ତାଙ୍କୁ ଭୋକ ହୁଏ ।

ମୋ'ର ଯେ ଭୋକ ହୁଏନାହିଁ, ଏପରି ନୁହେଁ; କିନ୍ତୁ ସେଠାରେ ମାତ୍ର ଦୁଇଥର ଭାତ ଖାଇବାର ବନ୍ଦୋବସ୍ତରେ, ସେଥିରେ ପୁଣି ଯଦି ଏତେ ସକାଳୁ ଖାଏ, ତାହାହେଲେ ଦୁଇଟା ତିନିଟା ବେଳକୁ ପୁଣି ଭୋକ ଲାଗେ । କିନ୍ତୁ ସନ୍ଧ୍ୟା ବା ରାତ୍ରି ନହେଲେ ତ' ଆଉ ଦ୍ୱିତୀୟ ଥର ଖାଇବାକୁ ମିଳିବ ନାହିଁ, ସେହି କାରଣରୁ ମୁଁ ସକାଳ ସମୟରେ ଟିକିଏ ବିଳମ୍ବରେ ଖାଇବାକୁ ଚାହେ । ସିଏ କିନ୍ତୁ ତାହା ପସନ୍ଦ କରନ୍ତି ନାହିଁ । ଭୁବନେଶ୍ୱରକୁ ଆସି ଦିନା କେତେ ପ୍ରାୟ ଏକପକ୍ଷକାଳ, କ୍ଷୁଧାର ତାଡ଼ନାଟା ବେଶୀ ଅନୁଭବ କରୁଥିଲି । ବୋଧହୁଏ ଜଳବାୟୁର ଗୁଣ । ଉପରବେଳା ଖାଇବା ପାଇଁ କିଛି ହିଁ ବନ୍ଦୋବସ୍ତ ନଥାଏ ବା ଏହି ଆଶ୍ରମର ନିୟମବିରୁଦ୍ଧ । ସଂଯମ ଅଭ୍ୟାସ, ବିଶେଷତଃ ଆହାରବ୍ୟାପାର ନେଇ ସେତେବେଳେ କଷ୍ଟକର ମନେହେଉଥିଲା ।

ଆଉ ଏକ ଅସୁଖର କାରଣ ମଧ୍ୟ ଥିଲା । ଶିବାନନ୍ଦ ଭଲ ରାନ୍ଧୁଣିଆ । ପ୍ରତ୍ୟହ ସକାଳ ସନ୍ଧ୍ୟାରେ, ଭୋଜନ ଶେଷରେ ଆସନରୁ ଉଠିବା ସମୟରେ ଖାଇବା ରୋଷେଇ କିପରି ହୋଇଛି ବୋଲି ଜିଜ୍ଞାସା କରୁଥିଲେ । ସେତେବେଳେ ସଜଳନୟନରେ ''ବହୁତ ଆଚ୍ଛା ହୁଆ'' କହିବାକୁ ପଡୁଥିଲା । ଏକମାତ୍ର ଉପକରଣ, ସେଥିରେ ପୁଣି ନିରାମିଷ, ଘୃତବର୍ଜିତ, ତେଲରେ ରନ୍ଧା ବୋଲି ବୋଧହୁଏ ଶିବାନନ୍ଦ ଅତିରିକ୍ତ ଲଙ୍କାର ଭକ୍ତ ହୋଇପଡ଼ିଥିଲେ, ଯାହା ମୋ ପକ୍ଷେ ଶେଷବେଳକୁ ପୀଡ଼ା ଓ ସ୍ଥାନତ୍ୟାଗର କାରଣ ହୋଇଥିଲା । ମୋ' ଲାଗି ତ ଆଉ ପୃଥକ୍ ବନ୍ଦୋବସ୍ତ ହୋଇପାରିବ ନାହିଁ ।

■■

ଚତୁର୍ଥ ପରିଚ୍ଛେଦ

ଜଣେ ପ୍ରୌଢ଼ ବୟସର ସାଧୁମୂର୍ତ୍ତି ସକାଳେ କେଶବାନନ୍ଦ ଆଶ୍ରମରେ ଆସି ଉପସ୍ଥିତ ହେଲେ । ସେ ଏହି ଭୁବନେଶ୍ୱରରେ ରହନ୍ତି, ବିନ୍ଦୁସାଗର କୂଳରେ ଗୋଟିଏ ଘରେ । ପୂର୍ବବଙ୍ଗର ଲୋକ, ତମ୍ବାରଙ୍ଗର ଦେହ, କଞ୍ଚା-ପାକଲା ମିଶା ଦାଢ଼ି-ମୁଛ, ଲମ୍ବା କ୍ଷୀଣ ଶରୀର, ନାମ ତାଙ୍କର ଯାହା ବି ହେଉ, ନାଗ ମହାଶୟ ନାମରେ ପରିଚିତ ।

ମୋ' ସଙ୍ଗେ ପରିଚୟ ହେବା ପରେ ସେ ଦିନେ ତାଙ୍କର ଆଶ୍ରମକୁ ଯିବାକୁ ଅନୁରୋଧ ଜଣାଇଲେ । ମୁଁ ସାନନ୍ଦରେ ରାଜି ହୋଇଗଲି । ସେ ମୋତେ 'ଦାଦା' ବୋଲି ସମ୍ବୋଧନ କରିବାକୁ ଆରମ୍ଭ କରିଦେଲେ, ଯଦିଓ ସେ ମୋ ବାପାଙ୍କ ବୟସର । ମନେହୁଏ, ସେ ମୋତେ ଜାତିରେ ବ୍ରାହ୍ମଣ ଜାଣିପାରି ଏପରି ସମ୍ବୋଧନ କରୁଥିଲେ । ଅତ୍ୟନ୍ତ ବିନୟ ସ୍ୱଭାବ ତାଙ୍କର, କିନ୍ତୁ କଥାବାର୍ତ୍ତା ଖୁବ୍ ତେଜପୂର୍ଣ୍ଣ ।

ନାଗ ମହାଶୟ (ଭୁବନେଶ୍ୱର)

ପୂର୍ବବଙ୍ଗର ସିଦ୍ଧ ମହାପୁରୁଷ, ବାରଦିୟାର ବ୍ରହ୍ମଚାରୀ ଲୋକନାଥଙ୍କ କଥା ଅନେକେ ଜାଣନ୍ତି । ତାଙ୍କର ଅନେକ ଶିଷ୍ୟ । ପୂର୍ବେ ତାଙ୍କ ସମ୍ବନ୍ଧରେ ଅନେକ କାହାଣୀ ମଧ୍ୟ ଶୁଣିଥିଲି । ନାଗ ମହାଶୟ ହିଁ ତାଙ୍କର ଶିଷ୍ୟ, ଏହି କଥା ଘନିଷ୍ଠ ପରିଚୟ ପ୍ରସଙ୍ଗରେ ଜାଣିପାରିଲି । ଲୋକନାଥ ବ୍ରହ୍ମଚାରୀ ମହାଶୟଙ୍କ ସମ୍ବନ୍ଧରେ ଆଉ ଅଧିକ କିଛି ଶୁଣିବା ଅଭିପ୍ରାୟରେ ତାହାଙ୍କ ନିକଟକୁ ବେଶୀ ସମୟ ଯିବାଆସିବା କରୁଥିଲି । ସେ ଆଗ୍ରହର ସହ ମୋତେ ତାଙ୍କର ଜ୍ଞାତ ଥିବା ସକଳ କଥା ହିଁ ଶୁଣାଉଥିଲେ । ତାଙ୍କ କଥାରେ ବେଶ୍ ପୂର୍ବବଙ୍ଗର ଛାପ ରହିଥିଲା ।

ସନ୍ନ୍ୟାସୀର ବେଶ ଦେଖି ନାଗ ମହାଶୟଙ୍କୁ ଠିକ୍ ବୁଝିବାର ସମ୍ଭାବନା ନଥିଲା । ଘନିଷ୍ଠ ଭାବେ ମିଳାମିଶା ପରେ ତାଙ୍କୁ କିଛିଟା ଜାଣିପାରିଲି । ଅସଲରେ ସେ ଜଣେ ବୈଜ୍ଞାନିକ । ତାଙ୍କର ଉଦ୍ଦେଶ୍ୟ ଜପ, ତପ, ଯୋଗ, ଧ୍ୟାନ ଆଦି । ସାଧାରଣତଃ ସାଧୁ-

ସନ୍ନ୍ୟାସୀଙ୍କର ଏହି ସକଳ ଅଭ୍ୟାସର ଅନୁରୂପ ନୁହେଁ; ଦିନେ ମୋ' ସହ ଘନିଷ୍ଠ ଭାବେ କଥାପ୍ରସଙ୍ଗରେ ଯେଉଁସବୁ କଥା କହିଲେ, ସେହିଥିରୁ ତାଙ୍କର ଅସଲ ଉଦ୍ଦେଶ୍ୟ ଓ ଧର୍ମଭାବର ପ୍ରକାଶ ପାଇଗଲି, ଯାହା ମୋତେ ବିସ୍ମିତ କରିଥିଲା ।

କଥାବାର୍ତ୍ତାରେ ସେଦିନ ପ୍ରସଙ୍ଗକ୍ରମେ ସେ କହିଲେ—''ଦେଖନ୍ତୁ, ଭଗବାନଙ୍କ ଉଦ୍ଦେଶ୍ୟରେ ଜପ, ତପ,ଧ୍ୟାନ-ସାଧନା ଆଉ ଏବେ ମୋର ଧର୍ମ ନୁହେଁ; ମୋର ଧର୍ମ ହେଲା, କିପରି ଏକବିଘା ଜମିରେ ପନ୍ଦରଠାରୁ କୋଡ଼ିଏ ମହଣ ଧାନ ଉତ୍ପନ୍ନ ହୋଇପାରିବ । ଭଗବାନଙ୍କ ପ୍ରାପ୍ତିର କୌଣସି ଚିନ୍ତା ହିଁ ନାହିଁ । ତାଙ୍କୁ ଲାଭ କରି ଆନନ୍ଦ ସ୍ରୋତରେ ଡୁବିଯିବି, ଅମୃତତ୍ୱ ଲାଭକରି ବ୍ୟକ୍ତିଗତ ଜୀବନରୁ ମୁକ୍ତ ହୋଇ ଜଗତର ଯେତେ ସୁଖ-ଦୁଃଖଠାରୁ ସମ୍ପର୍କ ଛିନ୍ନ କରିବି, ଏବେ ମୋର ଆଉ ସେସବୁର ପ୍ରୟୋଜନ ନାହିଁ । ଆମ ଦେଶରେ ଜମିର ଉର୍ବରଶକ୍ତି କିପରି ବୃଦ୍ଧି ପାଇବ, ଆଉ ପତିତ ଜମିରେ କେଉଁ ଫସଲ ଉତ୍ପନ୍ନ କରାଯାଇ ପାରିବ, ପୁଣି କି ଉପାୟରେ ଦେଶର ସକଳ ଜମିରେ ହିଁ ଉତ୍କୃଷ୍ଟ ଚାଷ ହୋଇ ଆବାଦର ଫଳସ୍ୱରୂପ ଦେଶର ଦୁଃଖ-ଦାରିଦ୍ର୍ୟ ଦୂର ହେବ, ତାହାହିଁ ମୋର ଏକମାତ୍ର କାମ୍ୟ ଏବଂ ତାହା ଫଳବତୀ ହେଲେ ମୋତେ ଭଗବାନ ପ୍ରାପ୍ତ ହେବେ ।''

ମୁଁ ଜିଜ୍ଞାସା କଲି—''ଆପଣ ଦେଶତ୍ୟାଗ କରି ଏ ରାଜ୍ୟରେ କାହିଁକି ? ଦେଶ ମଧ୍ୟରେ ଆପଣଙ୍କର ଏହି ପରୀକ୍ଷା କରିବା ଲାଗି ଉତ୍କୃଷ୍ଟ କ୍ଷେତ୍ର କ'ଣ ମିଳିନଥାନ୍ତା ?''

ସେ କହିଲେ—''ଏହି ଓଡ଼ିଶା ରାଜ୍ୟରେ ଅନେକ ପତିତ ଜମି ଅଛି, ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ତାହାଛଡ଼ା ଆମ ବାଂଲାରେ, ଯାହାହେଉ, ଦୁଇ ଚାରିଜଣ କର୍ମୀ ତ' ଏହି କର୍ମରେ ଅଛନ୍ତି, ମାତ୍ର ଓଡ଼ିଶାରେ ବର୍ତ୍ତମାନ କେହି ନାହାନ୍ତି । ଏହି ଓଡ଼ିଶାର ଶ୍ରବଜୀବୀଙ୍କର ଉଦ୍ୟମହୀନତା ହିଁ ଏଠାରେ ମୋତେ କର୍ମକ୍ଷେତ୍ର ଗଠନ ଲାଗି ଆକୃଷ୍ଟ କରିଛି । ଏମାନେ ଏତେ ଅଳସୁଆ ଓ ଅକର୍ମଣ୍ୟ ହୋଇପଡ଼ିଛନ୍ତି ଯେ କୌଣସି ରକମ ଗୋଟିଏ ସନ୍ଧ୍ୟା ଖାଇବା ଲାଗି କିଛି ଯୋଗାଡ଼ ହୋଇଗଲେ ହିଁ ଆଉ ପରିଶ୍ରମ କରିବାକୁ ଯିବେ ନାହିଁ । ଖଣ୍ଡେ ପାନ ଓ ଟିକିଏ ଗୁଣ୍ଡିରେ ହିଁ ଏମାନେ ସନ୍ତୁଷ୍ଟ, ଅଥଚ ଏମାନେ ବାଂଲା ତୁଳନାରେ ବେଶୀ ନିରକ୍ଷର ନୁହନ୍ତି, କିନ୍ତୁ ଆଳସ୍ୟତା ଦିଗରେ ବାଂଲାଠାରୁ ଉର୍ଦ୍ଧ୍ୱରେ ।''

''ଏ ଦିଗରୁ କିଛି ଆଭାସ ପାଇଛନ୍ତି କି ନାହିଁ''—ଜିଜ୍ଞାସା କଲି । ନାଗ ମହାଶୟ ପ୍ରସନ୍ନତା ସହକାରେ କହିଲେ—''ହଁ, ଏଠାରେ ଉଦୟଗିରି ରାସ୍ତା ପାଖରେ ଖଣ୍ଡେ ଜମି ପାଇଛି, ଆଉ ଆଠଜଣ ଗ୍ରାମବାସୀ ମଧ୍ୟ ମିଳିଛନ୍ତି; କାର୍ଯ୍ୟଟି ଗତବର୍ଷଠାରୁ ଆରମ୍ଭ କରିଦେଇଛି, ଦେଖାଯାଉ । ଏଠାକାର ବ୍ୟାପାର କ'ଣ ଜାଣନ୍ତି, ଏମାନେ ଜମି ପରୀକ୍ଷା କରନ୍ତି ନାହିଁ—ପୁଣି ଜମିରେ କେବେହେଲେ ସାର ପ୍ରୟୋଗ କରନ୍ତି ନାହିଁ । ଖୁବ୍ ହେଲେ, କେହି କେବେ କିଛି ଗୋବର-ସାର ଦିଅନ୍ତି । ଏମାନେ ଟିକିଏବି ବୁଝନ୍ତି ନାହିଁ ଯେ ଜମିର ଉର୍ବର ଶକ୍ତି କ୍ରମଶଃ ହିଁ କମିଯାଇଥାଏ । କେଉଁ ଜମିର ମାଟି କିପରି, ସେଥିରେ କେଉଁଥିରୁ

କ'ଣ ଅଛି, ତାକୁ ବୁଝିସାରି ଚାଷ କରିବା, ଏ ସମସ୍ତ ଜାଣିବା ଏବେ ସେମାନଙ୍କର ପ୍ରୟୋଜନ । ମୁଁ ଅନେକ ଭଲ ଭଲ ଚାଷୀଙ୍କ ସଙ୍ଗେ ଆଳାପ କରିଛି । ଦେଖିଲି, ଜମିର ଉର୍ବର ଶକ୍ତି କମିଯାଇଛି, ଏକଥା ଆଜିକାଲି କେହିକେହି ବୁଝନ୍ତି ସତ, କିନ୍ତୁ କ'ଣ କଲେ ଉର୍ବରଶକ୍ତି ବଢ଼େ, ସେ ଦିଗରେ କାହାର ଲକ୍ଷ୍ୟ ନଥାଏ । ଏବେ ଏମାନଙ୍କ ସହ କାମକରି ବୈଜ୍ଞାନିକ ଉପାୟରେ ପରୀକ୍ଷା ଦ୍ୱାରା ଦେଖିବାକୁ ହେବ ଯେ କିଛି କିଛି ରାସାୟନିକ ଔଷଧ ପ୍ରୟୋଗ କଲେ ଜମିରେ ଖୁବ୍ ଉତ୍ପାଦନ ବଢ଼ିପାରିବ, ଆଉ ତାହା ଅଳ୍ପ ଖର୍ଚ୍ଚରେ ମିଳିପାରିବ ।''

''ଏହି କାର୍ଯ୍ୟରେ ତ ଆପଣଙ୍କର ଅର୍ଥର ପ୍ରୟୋଜନ, ତାହା କେଉଁ ଉପାୟରେ ଯୋଗାଡ଼ ହେବ ?''

''ଭିକ୍ଷାକରି, ପୁଣି ଜଣେ ଦୁଇଜଣ ମଧ୍ୟବିତ୍ତ ଅବସ୍ଥାର ବ୍ୟକ୍ତି କିଛି କିଛି ସାହାଯ୍ୟ କରନ୍ତି, ଦେଖୁଛି ଏମାନଙ୍କର ବରଂ ଦୟା-ଦାକ୍ଷିଣ୍ୟ, ବିବେଚନା ଅଛି, ମାତ୍ର ବଡ଼ଲୋକଙ୍କର ସେସବୁ କିଛି ନାହିଁ । ମୁଁ ପ୍ରଥମେ ଜଣେ ଜମିଦାର, ରାଜା ଉପାଧିଧାରୀଙ୍କ ନିକଟରେ ମୋର ପ୍ଲାନ୍ ନେଇ ଉପସ୍ଥିତ ହୋଇଥିଲି । ତିନିଦିନ ଫେରିବା ପରେ ଦିନେ ଦେଖାସାକ୍ଷାତର ସୁଯୋଗ ଦେଲେ । ତାଙ୍କୁ ସକଳ ବ୍ୟାପାର ଭଲକରି ବୁଝାଇ ହିସାବ ସହ ଦେଖାଇଦେଲି । ଶେଷରେ କିଛି ଜମି ଓ ପ୍ରୟୋଜନୀୟ ରସାୟନାଦି (କେମିକାଲ୍) କ୍ରୟ ଆଉ ଚାଷର ବ୍ୟବହାର ସହ ଦଶଜଣ ଶ୍ରମଜୀବୀଙ୍କୁ ଯୋଗାଇଦେବାର ପ୍ରାର୍ଥନା କଲି । ବିବେଚନା କରି ଦେଖିବି ବୋଲି ସେ କହିଲେ । ଏକପକ୍ଷ ପର୍ଯ୍ୟନ୍ତ ଧାଁଧଉଡ଼ କରିବା ପରେ ମ୍ୟାନେଜରବାବୁଙ୍କ ଦ୍ୱାରା କହି ପଠାଇଲେ ଯେ ଏସବୁ ସାଧୁ ସନ୍ନ୍ୟାସୀଙ୍କର କାମ ନୁହେଁ, ଏହା ଅପେକ୍ଷା ଆପଣ ଯାଇ ଜପତପ କରନ୍ତୁ ।''

''ଆମ ଦେଶରେ ବଡ଼ଲୋକମାନେ ପ୍ରାୟ ହିଁ ଅଚେତନ, ବିଶେଷତଃ ଗରିବମାନଙ୍କ ସମ୍ପର୍କରେ ।''

ମୁଁ କହିଲି—''ଆପଣ ଅଚେତନ ଶବ୍ଦଟି ବ୍ୟବହାର କଲେ କାହିଁକି ? ବିମୁଖ କହିଥିଲେ କ'ଣ ଠିକ୍ ହୋଇନଥାନ୍ତା ?''

ନାଗ୍—''ନା, ଗରିବଙ୍କ ଦେହର ରକ୍ତକୁ ପାଣିକରି ଯେଉଁ ଅର୍ଥ ଉତ୍ପନ୍ନ ହେଉଛି, ତାହାକୁ ଶୋଷଣ କରି ହିଁ ସେମାନେ ଅର୍ଥବାନ, ବଡ଼ଲୋକ ବା ଜମିଦାର ହୋଇ ଭୋଗବିଳାସର ଉଚ୍ଚସ୍ତରରେ ବସିଛନ୍ତି, ଏହି ଯେଉଁ ମର୍ମାନ୍ତିକ ସତ୍ୟ, ଏ ସମ୍ବନ୍ଧରେ ସେମାନେ ପୂରାପୂରି ଅଚେତନ, ତେଣୁ ଏହି ଅଚେତନ ଶବ୍ଦକୁ ବ୍ୟବହାର କରୁଛି ।''

ତାଙ୍କ ଅନ୍ତଃକରଣରେ ଗରିବ ଦେଶବାସୀଙ୍କ ପ୍ରତି ସହାନୁଭୂତି ଦେଖି ଅନ୍ତର ମଧ୍ୟରେ କୃତଜ୍ଞତା ବୋଧ କଲି । ମୁଁ ଏ ଧରଣର ସାଧୁ ଦେଖିନାହିଁ । ଜିଜ୍ଞାସା କଲି—''ଆପଣ ଏଠାରେ ଚଳନ୍ତି କିପରି ?''

ନାଗ୍–''ଏହି ଦେଖନ୍ତୁନା, ଗୋଟିଏ ଛୋଟ କାଠଚୁଲି, ସେଥିରେ ଥରେ ଦି'ଟା ଚାଉଳ-ଡାଲି ଫୁଟାଇନିଏ, ଥରେ ରୋଷାଇ କଲେ ଯାହା ହୁଏ । ଟିକିଏ ଘିଅର ଯୋଗାଡ଼ କରାହୋଇଥାଏ । ତାକୁ ଦେଇ ଆରମ୍ଭ କରିଦିଏ ଭୋଜନ । ଆଉ ଶେଷରେ ଟିକିଏ ଦହି କିମ୍ବା ଦୁଧ । ଏହି ଯେଉଁସବୁ ଲୋକ ଦେଖୁଛନ୍ତି, ସମସ୍ତେ ଶ୍ରମଜୀବୀ ଏବଂ ଅନେକ କାମ କରିଦିଅନ୍ତି । ମୁଁ କାହାକୁ ଦିନରେ ଶୋଇବାକୁ ଦିଏନାହିଁ ।''

''ଏଠାରେ ତ ଦେଖୁଛି, ଆମ ବଙ୍ଗଳା ଦେଶ ପରି ଭାତ ଖାଇଦେଲେ ସମସ୍ତେ ଶୁଅନ୍ତି–ନ ଶୋଇଲେ ରହିପାରନ୍ତି ନାହିଁ ।''

ନାଗ୍–''ଦିନବେଳା ଏମାନଙ୍କଠାରୁ ନିଦ ତଡ଼ିବା ଚେଷ୍ଟାରେ ଅଛି । ମୁଁ ଏମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି, ବେଶୀ ପରିଶ୍ରମରେ ବେଶୀ ପଇସା । କର୍ମ ହିଁ ମୂଳ, ଆଉ ତାହାରି ମାଧ୍ୟମରେ ପଇସା । ଯଦି ସେମାନେ ଦିନରେ ନଶୋଇ ବା ଅତି ଅଳ୍ପ ସମୟ ଶୋଇ ତା'ପରେ ପରିଶ୍ରମ କରନ୍ତି, ତେବେ ସେମାନେ କେବେହେଁ ଦରିଦ୍ର ହୋଇ ରହିବେ ନାହିଁ ।''

ମୁଁ–''କେବଳ ଜମି କାମରେ ତ ସବୁ ସମୟ କଟେନାହିଁ !''

ନାଗ୍–''ହଁ, ତାହାହିଁ ସତ । କ୍ଷେତକାମ ହୋଇଗଲେ ସଙ୍ଗେ ସଙ୍ଗେ ଦେଶରେ ଯାହାକିଛି ବ୍ୟବହାର ଉପଯୋଗୀ ସେହି ଦିଗକୁ ମନ ଦେବାକୁ ହେବ । କେହି କେହି ଲୁହାର କାମ କରିଥାଆନ୍ତି । ଯେପରି କାନ୍ଥର ଆଙ୍କୁଶୀ, କଣ୍ଟା, କୋଦାଳ, ଟାଙ୍ଗିଆ; ପୁଣି କାଠ ଜିନିଷ ମଧ୍ୟ ତିଆରି କରନ୍ତି । ଆଉ କେହି କେହି ତୁଳାର କାମ ମଧ୍ୟ କରିଥାନ୍ତି । ଚରଖା ଚଲାଇବା ଏମାନଙ୍କ ମଧ୍ୟରେ ଏବେ ମଧ୍ୟ ଖୁବ୍ ପ୍ରଚଳନ । ସେ ଦିଗରେ ମଧ୍ୟ କାମ ଚାଲିଥାଏ ।''

''ମୁଁ ସେମାନଙ୍କୁ ଟିକିଏ ବୁଝାଇବାକୁ ଚେଷ୍ଟାକରେ ଯେ ଚାଷକାମ ଛଡ଼ା ଅନ୍ୟାନ୍ୟ ଅନେକ କିଛି ଫୁରୁସତ୍ ସମୟରେ କରିବା ଦରକାର, ଯାହା ନକଲେ ଦାରିଦ୍ର୍ୟ ଘୁଞ୍ଚିବ ନାହିଁ । କେବଳ ଧାନ-ଚାଉଳ ବ୍ୟବସ୍ଥା କଲେ ଚଳିବ ନାହିଁ । ତେବେ ସେ ଦିଗରେ ମୁଁ ବିଶେଷ କିଛି ସାହାଯ୍ୟ କରିପାରେ ନାହିଁ । ପ୍ରୟୋଜନ ଯାହାକିଛି ହେବ, ତାହା କରିବାକୁ ପଡ଼ିବ, ଶୋଇରହିଲେ ଚଳିବ ନାହିଁ । ଆମ ବାଂଲାଦେଶ ମଧ୍ୟରେ ଯେଉଁ ଟିକକ ପ୍ରଭାବ ପଡ଼ିଛି, ମୁଁ ତାହାହିଁ ଏଠାରେ ପ୍ରୟୋଗ କରିବାକୁ ଚାହେ । ତେବେ, ତା' ଭିତରେ ରାଜନୈତିକ ଚିନ୍ତା କିଛି ରହିବ ନାହିଁ । ଦେଖୁଛି ଏମାନେ ଯଥାର୍ଥରେ ଭଲପାଆନ୍ତି, ତେଣୁ ଠିକ୍ କରିଛି, ଯେତେଦିନ ଏମାନେ ମୋ'ର ପ୍ରୟୋଜନ ଉପଲବ୍ଧି କରିବେ, ସେତେଦିନ ଏଠାରେ ଏମାନଙ୍କର କାମରେ ଲାଗିରହିବି ।''

ମୁଁ–''ଆପଣ ଚାଷକୁ ଆବାଦ କରିବାର ଉତ୍କର୍ଷ ଲାଗି ଏହି ଯେ ଉଦ୍ୟମ ବା ପ୍ରଚେଷ୍ଟା କରୁଛନ୍ତି, ତାହା ନିଶ୍ଚୟ ଜୟଯୁକ୍ତ ହେବ, ଏହା ମୋର ଆନ୍ତରିକ ବିଶ୍ୱାସ । କାରଣ ଯେଉଁ

ସମୟରେ ଯାହା ଉପଯୋଗୀ, ଭଗବାନ ଉପଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ମାନବ ସମାଜ ମଧ୍ୟରେ ତାହାର ହିଁ ପ୍ରବର୍ତ୍ତନ କରିଥାନ୍ତି । ତଦ୍ୱାରା ମାନବସମାଜ ସେମାନଙ୍କ ଜୀବନଯାତ୍ରାରେ ବଞ୍ଚିଯାଇଥାନ୍ତି ।''

ନାଗ୍–''ଯେଉଁମାନେ ଗ୍ରହଣ କରିଥାନ୍ତି, ସେହିମାନେ ହିଁ ବଞ୍ଚିଯାଆନ୍ତି । ଯିଏ ଅଳସୁଆ, ସିଏ ଆଳସ୍ୟ ଭୋଗ କରି କରି ମରିବାକୁ ଭଲପାଏ, ତାହା ମଧ୍ୟ ଦେଖୁଛି ।''

ଆଉ ଦିନେ ନାଗ୍ ମହାଶୟ ମୋତେ ତାଙ୍କର ଜମି ଦେଖାଇବାକୁ ନେଇଗଲେ– ତାହା ଭୁବନେଶ୍ୱର ଗ୍ରାମଠାରୁ ପ୍ରାୟ ଏକକୋଶରୁ ବେଶୀ ହେବ । ଦରିଦ୍ରପଲ୍ଲୀ ମଧ୍ୟରେ ରାସ୍ତା । ଆମେ ଦୁହେଁ କଥା କହିକହି ଚାଲୁଥିଲୁ ।

ମୁଁ ଜିଜ୍ଞାସା କଲି–''ଆଚ୍ଛା, ଏହି ଯେ ଓଡ଼ିଶାରେ ଏତେ ଦୁର୍ଭିକ୍ଷ ହୁଏ, କେତେ ଲୋକ ଖାଇବାକୁ ନପାଇ ମରନ୍ତି, ଦୟାଳୁ ଭଗବାନଙ୍କର ସୃଷ୍ଟିରକ୍ଷା ସଙ୍ଗେ ତାହାର ସାମଞ୍ଜସ୍ୟ କେଉଁଠାରେ ରହିଲା, ସେ ଦୟାବାନ ନା ନିଷ୍ଠୁର; କ'ଣ ମନେହୁଏ ଆପଣଙ୍କର ? କାରଣ ମୁଁ ସାଧାରଣ ଭାବେ ବିଚାର ଦୃଷ୍ଟିରୁ ଏକଥା କହୁଛି ।''

ନାଗ୍–''ସେ ଯଦି ଦୟାବାନ, ତାହାହେଲେ ନିଷ୍ଠୁରତାଟି କାହାର, କେଉଁଠାରୁ ବା ଆସେ ? ସିପାହୀ ବା ଯାତ୍ରୀମାନଙ୍କୁ ନେଇ ଗୋଟିଏ ଜାହାଜ ସମୁଦ୍ର ମଝିରେ ଝଡ଼ ତୋଫାନରେ ଡୁବିଗଲା, ଖବର ଆସିଲା, ଅଢ଼େଇହଜାର ଲୋକ ମରିଯାଇଛନ୍ତି, ଏକଥା ଯାହା, ସେଟା ହିଁ ତାହା ।''

''ଜାହାଜ ଡୁବି ମରିଯିବା, ସେଟା ତ' ଦୈବିକ ବା ଆକସ୍ମିକ ଘଟଣା, ସେଥିରେ କାହାର ହାତ ନାହିଁ; କିନ୍ତୁ ଆମ ଦେଶରେ, ବଙ୍ଗଳା ବା ଓଡ଼ିଶାରେ ଯିଏ ମରେ, ଦୁର୍ଭିକ୍ଷରେ, ଦାରିଦ୍ର୍ୟରେ, ଖାଇବାକୁ ନପାଇ, ରୋଗଭୋଗ କରି, ତାହା ଯେ ବଡ଼ ଭୟାନକ, ଏହା କେଉଁ ପାପର ଦଣ୍ଡ ?''

''ପ୍ରୟୋଜନଠାରୁ ଅତିରିକ୍ତ ଜନ୍ମହେଲେ ହିଁ ନଷ୍ଟ ହେବା ଅବଶ୍ୟମ୍ଭାବୀ–ଏହା ତ ଜଣାକଥା, ସେଠାରେ ଭୋଗରେ ସଂଯମ ନାହିଁ, କେବଳ ଉପଭୋଗ ହିଁ ଚାଲିଛି–ସେଠାରେ ଏହିପରି ହିଁ ଜନ୍ମ ନିଅନ୍ତି, ଆଉ ଯେଉଁଠାରେ ଏହିଭାବେ ଉଚ୍ଛୃଙ୍ଖଳ ଜନ୍ମହାର, ମରଣ ମଧ୍ୟ ସେହିପରି ଦେଖିବାକୁ ମିଳିଥାଏ । ପ୍ରକୃତିର ଏହା ତ ସାଧାରଣ ନିୟମ ।''

''ଜାଣନ୍ତି ତ ବଙ୍ଗଳା ଦେଶରେ ପ୍ରତିବର୍ଷ ଲୋକେ ମ୍ୟାଲେରିଆ ରୋଗରେ କେତେ ମରନ୍ତି ?''

''ତାହା ଅନେକଟା ସ୍ୱକୃତ । ହୋଇଛି କ'ଣ ଜାଣନ୍ତି ? ଭୋଗି ଭୋଗି ଅଭ୍ୟାସ ହୋଇପଡ଼ିଛି । ଭୋଗୁଛନ୍ତି, ସେଟା ଭଲ; ହେଲେ, ପ୍ରତିବିଧାନ ଲାଗି ଶକ୍ତିବ୍ୟୟ କରିବେ ନାହିଁ । ଏହି ପରିସ୍ଥିତି ହିଁ ସବୁଠାରୁ ଅତି ଦୁଃଖଦ ଘଟଣା ନୁହେଁ କି ?''

''ଶକ୍ତି ଥିଲେ ତ' ବ୍ୟୟ କରିବେ ?''

''ଦାଦା, ଶକ୍ତିଟା କ'ଣ ଏତେଗୁଡ଼ିଏ ଲୋକ ରୋଗ ଭୋଗିବା ଏବଂ ତା' ପୁଣି କେବଳ କୁଇନାଇନ୍ ଖାଇ ହିଁ ଚାଲିଗଲା ? ଯାହାର ଅଧିକାରରେ ଯେତିକି ଜମି ଅଛି, ଅଳ୍ପ ଅଳ୍ପ କରି ଯଦି ସମସ୍ତେ ମିଳିମିଶି ପରିଷ୍କାର କରିବାକୁ ଆରମ୍ଭ କରିବେ, ତାହାହେଲେ ଶରୀରଟି ମଧ୍ୟ ଭଲ ରହିବ, ଦେଶର ଶ୍ରୀ ମଧ୍ୟ ଫେରି ଆସିବ, ରୋଗ ମଧ୍ୟ ଯେ ଚାଲିଯିବ, ଏଟା କ'ଣ ଅସମ୍ଭବ—କହନ୍ତୁ ନା ?''

''ଜଙ୍ଗଲ ତ କମ୍ ନାହିଁ, କେତେଦିନ ଧରି ବଢ଼ିଚାଲିଛି ।''

''କ'ଣ ଯେ କହୁଛନ୍ତି ଦାଦା ! ପ୍ରତି ଗ୍ରାମରେ ବେକାର ପିଲା କେତେ ଅଛନ୍ତି—ଘରୁ ଭାତ ଖାଇ, ଫାଜିଲାମି କରିକରି ଯାତ୍ରା, ଥିଏଟର, କନ୍‌ସର୍ଟ ଆଡ୍ଡାରେ ଆଡ୍ଡା ମାରି, ତାସ୍-ପଶାରେ ମାତି, ପୁଣି ଶୋଇରହି କେତେ ଅକର୍ମରେ ଦିନ କାଟୁଛନ୍ତି । ତାହାର ଖବର ରଖିଛନ୍ତି କି ? ବିନା ପରିଶ୍ରମରେ ଅନ୍ନ ମିଳୁଛି, କାର୍ଯ୍ୟତଃ ପରିଶ୍ରମର ଗୌରବରୁ ଚିରକାଳ ବଞ୍ଚିତ ରହି, ମ୍ୟାଲେରିଆର ଶିକାର ହୋଇ ତିଳତିଳ ହୋଇ ମରୁଛନ୍ତି । ଆଳସ୍ୟ, ଆରାମପ୍ରିୟତା ଏହି ସକଳ ପୁରୁଷାନୁକ୍ରମିକ ମଜ୍ଜାଗତ ଦୁର୍ବଳତାହିଁ ଏହାର ରୂପାନ୍ତର ।''

''ମାସିକ ପତ୍ରପତ୍ରିକାରେ ଷ୍ଟାଟିଷ୍ଟିକ୍ସ ଦେଖିଛନ୍ତି, କେତେ ଲୋକ ଅର୍ଦ୍ଧାହାରରେ, କେତେ ଲୋକ ଖାଇବାକୁ ନପାଇ, ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ମରିଥାଆନ୍ତି !''

ନାଗ ମହାଶୟଙ୍କ ଅମଳିନ ଶାନ୍ତ ମୁଖମଣ୍ଡଳଟି ଅଶାନ୍ତ ଭାବ ଧାରଣ କଲା । ଭ୍ରୂକୁଟି କରି କହିଲେ—''ଦାଦା, ଆମ ଦେଶର ମାସିକ ପତ୍ରିକାର ଖବର କଥା କହିବେ ନାହିଁ । ଦେଶବିଦେଶର ନାନା ଖବର, ଶିଳ୍ପ-ସାହିତ୍ୟ-କାବ୍ୟ, ଜ୍ଞାନ-ବିଜ୍ଞାନ, ନାନା ସାମାଜିକ ଧର୍ମ ଓ କର୍ମର ଖବର ସେଥିରେ ସେମାନେ ବହୁତ ଦେଇପାରନ୍ତି, ଆଉ ମୁଖରୋଚକ ଗଳ୍ପ-ସାହିତ୍ୟ ଯୋଗାଇ ଦେଇପାରନ୍ତି; ମାତ୍ର ଏହି ଯେଉଁ ପଲ୍ଲୀଗ୍ରାମର ସର୍ବନାଶ କରି ସହରମାନ ସୃଷ୍ଟି ହେଉଛି, ତାହାର କିଛି ମୀମାଂସା କଥା କେଉଁଠି ପାଇବେ କି ? ବୈଜ୍ଞାନିକ ଭାବେ ଭୋଗ-ବିଳାସର ଇନ୍ଧନ କେବଳ ପ୍ରଥମ ପୃଷ୍ଠାର ବିଜ୍ଞାପନଠାରୁ ଶେଷପୃଷ୍ଠା ପର୍ଯ୍ୟନ୍ତ । କେବଳ ଅର୍ଥକରୀ ପାଶ୍ଚାତ୍ୟ କୃତ୍ରିମ ଜୀବନର ଅନୁକରଣକରି ସବୁ ହିଁ ପାଇବେ; ଆଉ ଏହି ସକଳର ପ୍ରୟୋଜନୀୟତା ଭାରତୀୟ ଜୀବନରେ ଏବେ ଐକାନ୍ତିକ ଭାବେ ଗ୍ରହଣୀୟ, ତାହା ମଧ୍ୟ ପାଇବେ, କେବଳ ପାଇବେ ନାହିଁ ଦେଶର ବାସ୍ତବ ଜୀବନର ସରଳ ଧାରାର ଖବର । ନିଜର ଗ୍ରାମ୍ୟ ଜୀବନକୁ ଶକ୍ତିଶାଳୀ କରିବାର ଦୃଢ଼ଲକ୍ଷ୍ୟ ବା ତାହାର ସ୍ପଷ୍ଟ ନିର୍ଦ୍ଦେଶ କେଉଁଠାରେ ହେଲେ ପାଇବେ କି ନାହିଁ, ଏହା ମଧ୍ୟ ସନ୍ଦେହଜନକ ।''

ମୁଁ କହିଲି—''ଆପଣ ହୁଏତ ଏ କଥା ଲକ୍ଷ୍ୟ କରିଥିବେ, ଏପରି ରାଷ୍ଟ୍ରନୈତିକ ସମସ୍ୟା ଦେଶବାସୀଙ୍କ ମନରେ କ୍ରମଶଃ ଏପରି ବଳବତ୍ତର ହୋଇଉଠିଛି ଯେ ଆମର ପଲ୍ଲୀ ଜୀବନର ଭିତ୍ତି ସତ୍ୟ ଓ ସତ୍ୟ ହିଁ ସର୍ବାଙ୍ଗୀନ କଲ୍ୟାଣର କାରଣ, ଏହି ଧାରଣା ଆସିବା ଲାଗି ଅବକାଶ

ମିଳୁନାହିଁ । ରାଜନୈତିକ ଆନ୍ଦୋଳନର ଚାପରେ ପଲ୍ଲୀ ସଂସ୍କାରର ସକଳ ଆନ୍ଦୋଳନ ହିଁ ଏତେ କ୍ଷୀଣ କରି ପକାଉଛି ଯେ ଏହା ଏବେକାର ଦିନରେ ଖୁବ୍ ହିଁ ସ୍ପଷ୍ଟ । ତେବେ ଏ ଦିଗରେ କାର୍ଯ୍ୟ କରିବା ଲାଗି ଲୋକଙ୍କର ସଂଖ୍ୟା ଅଭାବ ହିଁ ଖୁବ୍—କେବଳ ଜଣେ ଦୁଇଜଣଙ୍କ କଥା ଆମର ମର୍ମସ୍ଥଳ ସ୍ପର୍ଶ କରିଥାଏ ।''

''ମୋର ଆକ୍ଷେପ ଏତିକି ଯେ ଆମ ଦେଶରେ ଆଜିକାଲି ଅନୁକରଣର ହାଓ୍ୱା ହିଁ ଚାଲିଛି । ସକଳ ବିଭାଗରେ, ଭଲମନ୍ଦ ସବୁ କ୍ଷେତ୍ରରେ, ତାହା ଅତି ପ୍ରବଳ ଭାବରେ ଚାଲିଛି । ସାହିତ୍ୟରେ, ଶିଳ୍ପରେ, ଏପରିକି ଶେଷରେ ମରାମରି, ଚୋରିଡକାୟତି ପର୍ଯ୍ୟନ୍ତ ।''

''ଅନ୍ୟ ଦେଶ ସହ ତୁଳନା କଲେ ଯେଉଁଠି ଆମର ଦୁଃଖର ଓ ଦୁଃଖମୋଚନ ପନ୍ଥାର ମେଳ ଦେଖିବାକୁ ପାଉ, ଆମର କର୍ମ ସ୍ୱଭାବତଃ ତଦନୁଯାୟୀ ଚାଲିଥାଏ । ତାହା ଅନୁକରଣ ପରି ଦେଖାଗଲେ ମଧ୍ୟ ତାହା ବ୍ୟତୀତ ଆମର ଅନ୍ୟ ଉପାୟ ବା ଗତି ଦେଖିବାକୁ ମିଳେନାହିଁ, ଆଉ ସେଥିଲାଗି ଦୋଷ ହିଁ ବା କ'ଣ ? ତେବେ ଏହା ଠିକ୍ ଯେ ଆମ ଦୃଷ୍ଟି ଏବେ ମଧ୍ୟ ଇଉରୋପ ଦିଗରେ ସର୍ବତୋଭାବେ ନିବଦ୍ଧ ।''

''ଏହିଠାରେ ହିଁ ଦୋଷ—ଯେଉଁଠାରେ ଅନ୍ତର ମଧ୍ୟରେ ଦୁଃଖବୋଧ, ଆଉ ତାହାର ନିରାକରଣ ଲାଗି ପ୍ରେରଣା ଅନ୍ତର ମଧ୍ୟରୁ ଆସେନାହିଁ । କୌଣସି ଦେଶ ସହ ଆମ ଦେଶର ଯେତେହେଁ ମେଳ ଥାଉ, ବିପଦରୁ ଉଦ୍ଧାର ପନ୍ଥା ଅନୁକରଣର ତ୍ରୁଟି ଏହିଠାରେ ଯେ ଆମର ଜାତିଧର୍ମ ନିର୍ବିଶେଷରେ ସେହି ପନ୍ଥା ଖାପ୍ ଖାଇବ କିପରି ? ମଝିରାସ୍ତାରେ ଗତିହୀନ ହେବାର ଆଶଙ୍କା ଖୁବ୍ ସମ୍ଭବ ।''

ଆମେ ଦୁହେଁ ଯାଉଯାଉ କଥା କହିଚାଲିଥିଲୁ । ଲକ୍ଷ୍ୟ କରୁଥିଲୁ, ରାସ୍ତାରେ ଯେଉଁ ଲୋକମାନେ ଚାଲୁଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ହିଁ ସୁସ୍ଥ ନୁହନ୍ତି । ଗୋଦର ଓ ଗଳଗଣ୍ଡ ରୋଗ ଯେପରି ବେଶୀ ଆମ ଆଖିରେ ପଡୁଥିଲା । ମନେହେଲା, ଏ ସକଳ ଜଳବାୟୁ ଦୋଷରୁ ଘଟିଚାଲିଛି । ଏ ବିଷୟରେ ତାଙ୍କର ଅଭିପ୍ରାୟ କ'ଣ ବା ମୀମାଂସା କିପରି, ଜାଣିବା ଲାଗି ପଚାରିଲି—''ଦେଖନ୍ତୁ, ଆମେ ମାଇଲିଏଠାରୁ କିଛି ଅଧିକ ବାଟ ଚାଲିଆସିଲୁଣି । ଏହାଭିତରେ ପ୍ରାୟ ପଚିଶରୁ ତିରିଶ ଜଣଙ୍କୁ ବାଟରେ ଦେଖିଲୁ, ଅନ୍ଦାଜରେ କହୁଛି । ତନ୍ମଧ୍ୟରୁ ଦୁଇଜଣ ଗଳଗଣ୍ଡରେ, ତିନିଜଣଙ୍କର ପାଦ ଗୋଦର ଦେଖିଲି । ପ୍ରାୟ ପ୍ରତ୍ୟେକଙ୍କର ଦେଖୁଛି ଦେହରେ ରକ୍ତହୀନତା, ବିମର୍ଷତା, କାହାର ଶରୀରସାରା ଯାଦୁ, କାହାର ପେଟର ଯକୃତରେ ପ୍ଲୀହା—ଏହି ଯେଉଁସବୁ ଅସୁସ୍ଥତା, ସତରେ କ'ଣ ଏଗୁଡ଼ିକ ଜଳବାୟୁ ଯୋଗୁଁ ନୁହେଁ ? ଦେଶବାସୀଙ୍କର ଏଥିରେ ଉପାୟ କ'ଣ ଅଛି ? ଏହିପରି ଅସହାୟ ଅବସ୍ଥାରେ ପଡ଼ି ଏମାନେ ଯେ ବାଧ୍ୟହୋଇ ରୋଗ ଭୋଗି ମରୁଛନ୍ତି, ତାହାର ଉପାୟ କ'ଣ ବୋଲି ମନେକରୁଛନ୍ତି ଆପଣ ?''

ନାଗ୍ ମହାଶୟ କ୍ଷଣମାତ୍ର ଚିନ୍ତା ନକରି କହିଲେ–''ଏଥିରେ ଦେଶବାସୀଙ୍କର ହିଁ ଏକମାତ୍ର ହାତ, ଆଉ ଅନ୍ୟ କାହାର ହାତ ରହିବ ! ଏହି ଆଳସ୍ୟ ଓ ଶ୍ରମବିମୁଖତା ହିଁ ତ ଅସୁସ୍ଥତାର ମୂଳ କାରଣ । ଏହା ବହୁଦିନରୁ ଚାଲିଆସିଛି, ସେଥିଲାଗି ଏମାନଙ୍କର ଏହି ସମସ୍ତ ସହ୍ୟ କରିବାର ଅଭ୍ୟାସ ହୋଇଯାଇଛି । ଯଦି ପ୍ରତିବିଧାନ ଉପରେ ଲକ୍ଷ୍ୟ ଥାଆନ୍ତା, ଦେଖିଥାଆନ୍ତେ ଦେଶର ଚେହେରା ଅନ୍ୟରକମ ହୋଇଥାଆନ୍ତା । ଦେଖୁଛନ୍ତି ତ ସର୍ବସାଧାରଣର ପ୍ରୟୋଜନୀୟତାରୁ କିଛି ଅଧିକ ପ୍ରତିଷ୍ଠା ଲାଭ କରିବା ଲାଗି ସରକାରୀ ସାହାଯ୍ୟ ପାଇବାକୁ ନିୟମ କ'ଣ ? ଗ୍ରାମବାସୀ ନିଜ ପକ୍ଷରୁ ଏକତୃତୀୟାଂଶ ବ୍ୟୟ ଯୋଗାଡ଼ କରି ସରକାରଙ୍କୁ ଜଣାଇଲେ ସରକାରଙ୍କଠାରୁ ବାକି ଅର୍ଥ ନେଇ ସେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା କାମରେ ସାହାଯ୍ୟ ମିଳିପାରିବ । ପ୍ରକୃତି ବା ଭଗବାନଙ୍କ ରାଜ୍ୟରେ ମଧ୍ୟ ଚିରକାଳ ଏହିପରି ନିୟମ । ସେହି ନିୟମକୁ ନେଇ ହିଁ ତ ଏଭଳି ନିୟମ । ଆପଣ କୌଣସି ମହତ୍ ଉଦ୍ଦେଶ୍ୟ ଲାଗି ପ୍ରାଣକୁ ପଣ କରି ଲାଗନ୍ତୁ । ତାହାପରେ ବାକିଟା ତାଙ୍କ ପାଖରୁ ଆସି ନିଜର ଉଦ୍ଦିଷ୍ଟ କର୍ମକୁ ସଫଳ କରିଦେଇ ପାରିବ । ମନୁଷ୍ୟ ହାତରେ କର୍ମର ଫଳାଫଳ ନିର୍ଦ୍ଧାରିତ ହେବାର ଶକ୍ତି ନାହିଁ, ତାହା ତାଙ୍କ ହାତରେ ହିଁ ସଦାସର୍ବଦା ରହିଛି । ତେବେ ମନୁଷ୍ୟକୁ ପ୍ରଥମେ (କୌଣସି କଲ୍ୟାଣକର କାର୍ଯ୍ୟରେ) ତାହାର ଦୃଢ଼ ସଂକଳ୍ପର ପୁଞ୍ଜିକୁ ନେଇ ଓହ୍ଲାଇବାକୁ ପଡ଼ିବ, ଦେଖିବେ ସାଫଲ୍ୟ ଲାଗି ବାକିଟା ତାଙ୍କର ଅନନ୍ତଶକ୍ତିର ଭଣ୍ଡାରରୁ ମିଳିଯିବ । ବ୍ୟକ୍ତିଗତ ଯେପରି, ସମଷ୍ଟିଗତ ଉଦ୍ୟମ ମଧ୍ୟ ସେହିପରି । ଏହି ରୋଗ ନିରାକରଣ ବ୍ୟାପାରରେ ମଧ୍ୟ ଦେଖିବେ, ଦେଶର ଲୋକେ, ଯାହାଙ୍କ ମଧ୍ୟରେ ଅଶାନ୍ତି, ସେହି ଅଶାନ୍ତିକୁ ପ୍ରତିହତ କରିବା ଲାଗି ଯେତେବେଳେ ବଦ୍ଧପରିକର ହୋଇଛନ୍ତି, ସେତେବେଳେ ଯାହା ନହେଉ, କାଳର ମଧ୍ୟ ଦେଇ ସମବେତ ଚେଷ୍ଟାରେ ସେହି ଅଶାନ୍ତି ଦୂର ହେବାକୁ ବାଧ୍ୟ, ଏହି ଗ୍ରହପତି ସୂର୍ଯ୍ୟଦେବ ହିଁ ତାହାର ସାକ୍ଷୀ । ପୁଣି ସକଳ କାର୍ଯ୍ୟ ହିଁ ଯେ ଅର୍ଥସାପେକ୍ଷ, ତାହା ମନେକରିବେ ନାହିଁ । ସମବେତ ମନ ଓ ଶରୀରର ପରିଶ୍ରମରେ ମୁଖ୍ୟ କର୍ମଟି ହୋଇଯାଇଥାଏ, ସେ ଦିଗଟିକୁ ଦେଖୁନାହାନ୍ତି କାହିଁକି ?''

ମୁଁ–''ଆପଣଙ୍କ କଥା ଶୁଣିଲେ ମନରେ ଖୁବ୍ ବଳ ଆସେ, ଆଉ ଆପଣଙ୍କର ଏ ସମସ୍ତ କଥା ଅମୂଲ୍ୟ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆମ ଦେଶର ଲୋକେ ଏତେ ଅସହାୟ ଓ ଅବସନ୍ନ, ତାହା ଦେଖିଲେ ଆମମାନଙ୍କ ମନରେ ବଡ଼ ଅବସାଦ ଆସେ–କିପରି ଦେଶର ଲୋକଙ୍କ ମଧ୍ୟରୁ ଏହି ଅବସନ୍ନତା କଟିବ !''

ନାଗ–''ପ୍ରଥମରେ ଦୁଃଖବୋଧ, ତା'ପରେ ତାହାଠାରୁ ଉଦ୍ଧାର ପାଇବାର ଚେଷ୍ଟା । ସମ୍ମୋହିତ ଅବସ୍ଥାରେ ପ୍ରତିକାରର ଚେଷ୍ଟା ଆସେନାହିଁ । ଭାରତବର୍ଷର ସକଳ ପ୍ରଦେଶରେ ତାହାହିଁ ଦେଖୁଛି, ସାଧାରଣ ଲୋକେ ଦୁଃଖରେ ମୁହ୍ୟମାନ ହୋଇପଡ଼ନ୍ତି । ସକଳ ବ୍ୟାପାରରେ ଏହି ଭାବରେ ମୁହ୍ୟମାନ ହେବାଟା ହିଁ ଯେପରି ଭାରତର ବିଶେଷତ୍ୱ । ସୁଖରେ

ହେଉ ବା ଦୁଃଖରେ ହେଉ, ଏହି ମୁହ୍ୟମାନ ଭାବଟି ହିଁ ଜଗତର ଅନ୍ୟାନ୍ୟ ସ୍ୱାଧୀନ ଦେଶର ଲୋକମାନଙ୍କ ସହ ସମତାଳରେ ଚଳିବା ପଥରେ ସର୍ବାପେକ୍ଷା ବିଷମ ବାଧା ନୁହେଁ କି ? ଦେଖନ୍ତୁ ଦାଦା, ଜଳବାୟୁର ପ୍ରଭାବରେ ଅଶାନ୍ତି ଭୋଗକରିବା ସକଳ ଦେଶରେ ଅଳ୍ପ ବହୁତ ଦେଖାଯାଏ; କିନ୍ତୁ ଏଠାର ଲୋକେ ମୁହ୍ୟମାନ ଅବସ୍ଥାରେ ଯେପରି ଭାବରେ ସମୟ କଟାଇଥାନ୍ତି, ଅନ୍ୟ ଦେଶର ଲୋକେ ସେପରି ନକରି ସଙ୍ଗେ ସଙ୍ଗେ ସେ ଅଶାନ୍ତିର ପ୍ରତିବିଧାନ କରିପକାନ୍ତି ।''

ମୁଁ–''ଏହା କ'ଣ ସତ ନୁହେଁ ଯେ ଅନ୍ୟାନ୍ୟ ସ୍ୱାଧୀନ ଦେଶର ଲୋକେ ଯେଉଁ ବିଷୟରେ ସେମାନଙ୍କ ଗଭର୍ଣ୍ଣମେଣ୍ଟଠାରୁ ସାହାଯ୍ୟ ପାଆନ୍ତି, ଆମ ଦେଶର ଲୋକେ ସେଥିରୁ ବଞ୍ଚିତ !''

ନାଗ–''ଆହା ! ଶୁଣନ୍ତୁ, ମୁଁ ସେଆଡ଼କୁ ଦୃଷ୍ଟି ଦେଉନାହିଁ, ସାହାଯ୍ୟ ପାଇବା ନପାଇବା କଥାଟା ନିଶ୍ଚୟ ଏ କ୍ଷେତ୍ରରେ ମୁଖ୍ୟ ନୁହେଁ । ଏଠାରେ ଅସଲ କଥାଟା ମୁହ୍ୟମାନ ହୋଇପଡ଼ିବା, ଆଉ ସେହି ଅବସ୍ଥାରେ ଅନେକ କାଳ କଟାଇବା । ଆଉ ସରକାରଙ୍କର ସାହାଯ୍ୟର କଥା ଯାହା କହୁଛନ୍ତି, ଦାଦା, ଏହି ସରକାରଙ୍କଠାରୁ ସାହାଯ୍ୟ ନ ମିଳିଲା ବୋଲି କହିବା କାହିଁକି ! ସରକାରଙ୍କ ସାହାଯ୍ୟରୁ କିଏ ବଞ୍ଚିତ କରିପାରିବ ? ଅସଲ କଥା ଅକର୍ମଣ୍ୟ ମନୁଷ୍ୟଙ୍କର ଏହା ଏକ ଛଳନା, ଅନ୍ୟ ପାଞ୍ଚଜଣଙ୍କ ଆଗରେ ନିଜ ଦୁର୍ବଳତାର କୈଫିୟତ ମାତ୍ର, ଭଗବାନ ଯେ ଏଥିଲାଗି ବିରୂପ, ଏହା ତାହାର ଲକ୍ଷଣ । ମୁଁ ଦାଦା, ଏପରି ତାଳିପକା ଚୂନଲଗା କୈଫିୟତକୁ ପ୍ରଶ୍ରୟ ଦେବାକୁ ଆଦୌ ରାଜି ନୁହେଁ ।''

''ଆପଣ ତାହାହେଲେ କୌଣସି ବ୍ୟାପାରରେ ରାଜତନ୍ତ୍ରର ସାହାଯ୍ୟ ଅପେକ୍ଷାରେ ରହିବାକୁ ରାଜି ନୁହନ୍ତି ?''

''ଗୋଟିଏ ଗୋଟିଏ ଗ୍ରାମରେ ଗୋଟିଏ ଗୋଟିଏ ରାଜତ୍ୱ, ଗ୍ରାମବାସୀମାନେ ହିଁ ତାହାର କର୍ତ୍ତା, ଏହାହିଁ ପ୍ରାକୃତିକ ନିୟମ । ଏ କ୍ଷେତ୍ରରେ ହସ୍ତକ୍ଷେପ କରିବାରେ କାହାର ଅଧିକାର ନାହିଁ, ଯଦି ଗ୍ରାମବାସୀ ସେମାନଙ୍କର ଶୁଭାଶୁଭ ଲାଗି ସକଳ କର୍ମରେ ବଦ୍ଧପରିକର ହୁଅନ୍ତି ସଂଘବଦ୍ଧ ଭାବେ । ମୁଁ ସାଦାସିଧା କଥା ହିଁ ବୁଝେ, ଜଟିଳ ପଥକୁ ଯିବି କାହିଁକି ? ସହଜ, ସରଳ, ସତ୍ୟ କଥାଟି ଯାହା, ତାହାକୁ ବୁଝି ଦେଖନ୍ତୁ, ସାମାଜିକ ଜୀବ ମନୁଷ୍ୟ ସମାଜବଦ୍ଧ ହୋଇ ବାସକରିବ ଏବଂ ତାହାହିଁ ତାହାର ସାର୍ଥକତା । ଏଠାରେ ପ୍ରାକୃତିକ ନିୟମରେ ହିଁ ସଂଘବଦ୍ଧ ହେବାକୁ ପ୍ରେରଣା ମିଳେ କି ନା ! ସଂଘବଦ୍ଧ ନ ହେବାଟା ହିଁ ପ୍ରକୃତି ବିରୋଧରେ ଯିବା, ଯାହାର ଫଳ ଚିରକାଳ ଅଶାନ୍ତି । ଏହାପରେ ମଧ୍ୟ ସହଜ ବୁଦ୍ଧି ସାହାଯ୍ୟରେ ବୁଝାଯାଏ, ମାନବ ଶରୀରକୁ ପରିଶ୍ରମଉପଯୋଗୀ କରାଯାଇ ସୃଷ୍ଟି କରାଯାଇଛି । ସେଠାରେ ଯେତେହେଁ ବ୍ରେନ୍ ଥାଉ, ଯେତେହେଁ ଇଣ୍ଟେଲିଜେନ୍ସ ଥାଉ,

ନାନାପ୍ରକାର ଅଚିନ୍ତ୍ୟପୂର୍ବ ରୋଗଠାରୁ ପରିତ୍ରାଣ ନାହିଁ । କାର୍ଯ୍ୟତଃ ପ୍ରତି ପଦକ୍ଷେପରେ ଦେଖିବାକୁ ମିଳୁଛି ଯେ ପ୍ରକୃତିର ନିୟମ ବିରୋଧରେ ଗଲେ ହିଁ ସର୍ବନାଶ ହେବ, ଜୀବନର ଉଦ୍ଦେଶ୍ୟ ବିଫଳ ହେବ । କିନ୍ତୁ ମନ-ପ୍ରଧାନ ମନୁଷ୍ୟ ଯେତେବେଳେ ବିବେକ ଓ ବୁଦ୍ଧିକୁ ସକଳ କ୍ଷେତ୍ରରେ ସମ୍ବଳ କରି ଚଳିପାରେ ନାହିଁ, ସେତେବେଳେ ତାହାର ଫଳସ୍ୱରୂପ ହିଁ ମନୁଷ୍ୟ ଭିତରେ ଯେତେ ଛୋଟବଡ଼, ଉଚ୍ଚନୀଚ, ସୁଖୀଦୁଃଖୀ, ଅତ୍ୟାଚାରୀ, ନିଗୃହୀତ ଇତ୍ୟାଦି ଅବସ୍ଥାର ତାରତମ୍ୟ ଘଟିଯାଉଛି ।''

''ଏଠାରେ ଦେଖିଲି, ରାମକୃଷ୍ଣ ମିଶନ୍‌ର କାମ ମଧ୍ୟ ଆରମ୍ଭ ହୋଇଛି । ସେଠାରେ ମଧ୍ୟ ଅନେକ ରୋଗଗ୍ରସ୍ତ ବ୍ୟକ୍ତି ଚିକିତ୍ସାରେ ସାହାଯ୍ୟ ପାଉଛନ୍ତି ।''

''ଆହା ଶୁଣନ୍ତୁ, ଅସଲ କଥାଟା ବୁଝିନାହାନ୍ତି ଦାଦା, ଦେଶ ଭିତରେ ଅନେକ ଡାକ୍ତର, ହାସପାତାଳ, ଡିସ୍‌ପେନ୍‌ସରୀ ଥିଲେ ଏହିସବୁ ରୋଗର କ'ଣ ନିରାକରଣ ହେବ ? ଏହି ଯେଉଁ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁକରଣରେ ଏତେ ଡାକ୍ତର, ଔଷଧ, ହାସପାତାଳ ହୋଇଛି, ଆଉ ହେଉନାହିଁ ବୋଲି ଖବରକାଗଜରେ ସରକାର ବିରୋଧରେ କେତେ ଅଭିଯୋଗ ହେଉଛି, ଏହାଦ୍ୱାରା କ'ଣ ଦେଶରେ ରୋଗସଂଖ୍ୟା କିଛିମାତ୍ର କମୁଛି ? ଏତେ ଆଇନ, ଏତେ ଅଦାଲତ, ବର୍ଷକୁ ବର୍ଷ ପଲପଲ ହୋଇ ଓକିଲ ବାହାରୁଛନ୍ତି, ଏତେ ମାମଲା, ମୋକଦ୍ଦମା, ବିରୋଧ କ'ଣ ତିଳେମାତ୍ର କମୁଛି ? ଏତେ ଡାକ୍ତର, ଏତେ ଓକିଲ ସୃଷ୍ଟିକରି ଦେଶର କ'ଣ କଲ୍ୟାଣ ହେଉଛି, ସେ ବିଷୟରେ, ଯାହାର ସାମାନ୍ୟ ବୁଦ୍ଧି ଅଛି, ସେ ଭାବି ଦେଖିଲେ ହିଁ ବୁଝିପାରିବ । ଏହାଦ୍ୱାରା ଦେଶର ସର୍ବନାଶ, ଅକଲ୍ୟାଣ ହିଁ ହୋଇଛି, ଆହୁରି ମଧ୍ୟ ହେବ । କାରଣ ଯଥାର୍ଥରେ ସମସ୍ତଙ୍କର ଉପକାରର ଦିଗକୁ ଲକ୍ଷ୍ୟ ରହିବ ନାହିଁ । ଅର୍ଥ ଉପାର୍ଜନ କ୍ଷେତ୍ରରେ ଅର୍ଥଟା ହିଁ ହେବ ମୂଳଲକ୍ଷ୍ୟ, ଜ୍ଞାନ-ବିଜ୍ଞାନ ବଦଳରେ ହେବ ଦରିଦ୍ରପୀଡ଼ନ; ଏହାଦ୍ୱାରା ଦେଶର କଲ୍ୟାଣ ତ ଆଦୌ ଦେଖିବାକୁ ମିଳୁନାହିଁ ।''

■■

ପଞ୍ଚମ ପରିଚ୍ଛେଦ

ନାଗ ମହାଶୟଙ୍କର ଆଶ୍ଚର୍ଯ୍ୟ ସ୍ମରଣଶକ୍ତି । କେବେ କେଉଁ ସାଲରୁ ଆମ ଦେଶରେ ଓ ଓଡ଼ିଶାରେ କେଉଁ କେଉଁଠାରେ ଜଳପ୍ଲାବନରେ ଓ ଜଳଅଭାବରେ ଦୁର୍ଭିକ୍ଷ ହୋଇଥିଲା, କେଉଁ ସମୟରେ ମହାମାରୀରେ କେତେ ଲୋକକ୍ଷୟ ହୋଇଥିଲେ, ଏସବୁ ତାଙ୍କର ସ୍ମୃତିମଧ୍ୟରେ ଗଭୀର ରେଖାପାତ କରିଛି । ସେ କହୁଥିଲେ—''ଏହି ଯେଉଁ ଗୋଟିଏ ଗୋଟିଏ ଧକ୍କାରେ ଦେଶରୁ ଏତେସଂଖ୍ୟକ ପ୍ରାଣୀଙ୍କର ଅକାଳରେ ମୃତ୍ୟୁହେଲା ତାହା ଏକ ଜାତି ପକ୍ଷେ କେତେ କ୍ଷତିକାରକ, ଜାଣନ୍ତି ? ଏବେ ମଧ୍ୟ ଏହି ସମସ୍ତର ପ୍ରତିବିଧାନ ଲାଗି ଲୋକେ ସରକାରଙ୍କ ମୁହଁକୁ ଅନେଇ ରହିଛନ୍ତି ।''

ମୁଁ ପୁନରାୟ କହିଲି—''ନ ଅନେଇ ଉପାୟ ବା କ'ଣ ?''

ନାଗ୍—''ତଥାପି ଆପଣ ଏହା କହିବେ ? କାହିଁକି, ସଙ୍ଗବଦ୍ଧ ହେବାଟା ଆବେଦନ-ନିବେଦନଠାରୁ ଏବେ ମଧ୍ୟ ଆପଣଙ୍କର ସର୍ବପ୍ରକାର ପ୍ରୟୋଜନୀୟ ବୋଲି ମନେହେଉନାହିଁ ? ସେଥିରେ ହିଁ କେବଳ ସକଳ ଅମଙ୍ଗଳରୁ ନିସ୍ତାର ହୋଇପାରିବ । ମୁଁ ଜାଣେ, ଦେଶରେ ଶରୀରକୁ ସୁସ୍ଥ, କର୍ମଠ, ସବଳ ଓ ଶ୍ରମତତ୍ପର କରିବାକୁ ହେବ, ପୁଣି କୃଷିର ସର୍ବାଙ୍ଗୀନ ଉନ୍ନତି କରିବାକୁ ହେବ, ପ୍ରତ୍ୟେକ ବୁଦ୍ଧିମାନ ଦେଶବାସୀଙ୍କର ଏହି କର୍ତ୍ତବ୍ୟ ସମ୍ମୁଖରେ ରହିଛି । ଯେଉଁମାନେ ଅବହେଳା କରିବେ, ସାଧସାଧନା ଥାଇ ମଧ୍ୟ କର୍ମରୁ ବିମୁଖ ହେବେ, ବିଧାତାଙ୍କ ଅଭିଶାପ ସେମାନଙ୍କ ଅଦୃଷ୍ଟରେ ନିଶ୍ଚିତ । ଏତେ ଦୁରବସ୍ଥା ମଧ୍ୟରେ ଯିଏ ସଂଘବଦ୍ଧ ହେବାର ପ୍ରୟୋଜନୀୟତା ଏବେ ସୁଦ୍ଧା ଅନୁଭବ ନକରୁଛି, ଆପଣ କ'ଣ ସେମାନଙ୍କୁ ସଭ୍ୟ କିମ୍ବା ଭଗବାନଙ୍କ ନାମ ନେବା ଲାଗି ଉପଯୁକ୍ତ ମନୁଷ୍ୟ ବୋଲି ମନେକରନ୍ତି ?''

ମୁଁ—''ମନେହୁଏ, ଆମ ଦେଶରେ ଏବେ ମଧ୍ୟ କିଛି କାମ ଆରମ୍ଭ ହୋଇଛି, ଯେତେବେଳେ ଆପଣଙ୍କ ପରି ଜଣେ ବ୍ୟକ୍ତି ଏହି କାମ ଲାଗି ଆଗେଇଛନ୍ତି !''

ସେ ବାଧାଦେଇ କହିଲେ, ''ଭିନ୍ନ ଭିନ୍ନ ବିଭାଗରେ କାମ କରିବା ପାଇଁ ଭିନ୍ନ ଭିନ୍ନ ବ୍ୟକ୍ତିର ପ୍ରୟୋଜନ—କେତେଜଣ ଏ କାମରେ ବାହାରି ପଡ଼ିଛନ୍ତି ? ଆପଣ ହୁଏତ ମନେକରନ୍ତି ଯେ ସମସ୍ତେ ଘରଦ୍ୱାର ଛାଡ଼ି ଗୀତାଟିଏ କାଖରେ ଜାକି, ଦେହରେ ଚାଦର ଘୋଡ଼େଇହୋଇ, ଖାଲିପାଦରେ ଆସି ଏ କାମରେ ବାହାରି ପଡ଼ିବେ ? ଅସଲ କଥା ତାହା

ନୁହେଁ । ଯିଏ ପଣ୍ୟବିଭାଗ ଅଫିସ୍‌ରେ କାମ କରୁଛି, ସେହି କିରାଣିଠାରୁ ଆରମ୍ଭ କରି ଯିଏ ଗୋଡ଼ ଉପରେ ଗୋଡ଼ ରଖି ଭୋଗବିଳାସ ଓ ସୁଖରେ ହୁକୁମ ଚଲେଇ ଜୀବନଯାତ୍ରାର କାମ କରି ନିଶ୍ଚିନ୍ତ ରହିଛନ୍ତି, ସେମାନଙ୍କୁ ମଧ ଏ କାମରେ ବାହାରି ଆସିବାକୁ ପଡ଼ିବ, ତେବେଯାଇ ଦେଶର ଲକ୍ଷ୍ମୀ ପ୍ରସନ୍ନ ହେବେ ।''

''ଯଦି ସେକଥା ସତକୁ ସତ ହୁଏ, ଆମର ଏହି ସମାଜର ସକଳ ଶ୍ରେଣୀର ଲୋକେ ଯଦି ଏହିସବୁ କାର୍ଯ୍ୟକୁ ଆଗଭର ହୋଇ ଓହ୍ଲାଇପଡ଼ିବେ, ତେବେ କ'ଣ ଶୁଭଦିନ ଆସିବ ଆମ ଦେଶରେ ! ତାହା କ'ଣ ସହଜରେ ସମ୍ଭବ ?''

ସେ ମହାଉତ୍ସାହ ସହ କହିଲେ—''ତାହା ଅଚିରେ ଘଟିବ । ଆପଣ ଦେଖିବାକୁ ପାଇବେ, ଏପରି ଅବସ୍ଥା ଦେଶରେ ଆସିଛି, ଯଦ୍ୱାରା ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକେ ସଂଘବଦ୍ଧ ହେବାର ପ୍ରୟୋଜନୀୟତା ପ୍ରାଣେପ୍ରାଣେ ଉପଲବ୍ଧି କରିବେ । ଯଦି ବିଧାତା ବୋଲି କେହି ଥାଆନ୍ତି, ତେବେ ଏହା ଅବଶ୍ୟ ହିଁ ଘଟିବ, ଘଟିବାକୁ ବାଧ । ଭେଦ, ବିଭେଦ, ଦଳାଦଳି ଓ ଦୁର୍ବଳତା ଚରମରେ ଆସି ଅଟକି ରହିଛି । ଏବେ ଏହା ନ ଘଟିଲେ ଆଉ ଉପାୟ ନାହିଁ ।''

ଶାନ୍ତ ଭାବେ ଏହି ଉତ୍ତେଜନାକୁ ଅନୁଭବ କଲି । କେବେ ଆମ ଦେଶର ଲୋକେ ଶ୍ରମର ଗୌରବକୁ ନିଜ ନିଜ ଜୀବନରେ ପ୍ରାଣ ଦେଇ ବରଣ କରିବେ ? ଏହା ଥିଲା ୧୯୧୫-୧୬ ସାଲର କଥା ।

ଦିନେ ନାଗ୍ ମହାଶୟଙ୍କ ଗୁରୁ ଲୋକନାଥ ବ୍ରହ୍ମଚାରୀଙ୍କ କଥା ଶୁଣିବା ଲାଗି ଜିଦ୍ ଧରି ବସିଲି । ସେ କହିଲେ—''ଏଠାକାର ଲୋକେ କିଛି ଅଲୌକିକ ଦେଖିବା ଲାଗି ଲାଳାୟିତ । ଅଲୌକିକ କିଛିଟା ନଦେଖିଲେ ସାଧାରଣତଃ ବିଶ୍ୱାସ ହୁଏନାହିଁ । ସେଥିଲାଗି ମୋ' ଗୁରୁ ମଝିରେ ମଝିରେ ଆମକୁ ଅନେକ କିଛି ଦେଖାଇଛନ୍ତି । ସେ କହିଥାନ୍ତି ଯେ ଏ ଦିଗରେ ଲକ୍ଷ୍ୟ ଥିଲେ ଇଷ୍ଟଲାଭ ହେବନାହିଁ । ଯାହାଙ୍କର ଅତି ସ୍ଥୂଳବୁଦ୍ଧି ତାଙ୍କର ହିଁ କେବଳ ଏ ଦିଗକୁ ମନ ଆଉ ଆକର୍ଷଣ । ଭଗବାନଙ୍କ ଐଶ୍ୱର୍ଯ୍ୟରେ ହିଁ ସେମାନେ ମୁଗ୍ଧ ହୋଇ ରହିଥାନ୍ତି । ଐଶ୍ୱର୍ଯ୍ୟର ମୋହ କଟିଲେ ହିଁ ଚୈତନ୍ୟ ରାଜ୍ୟରେ ପ୍ରବେଶ କରାଯାଇପାରେ ।''

''ରାମକୃଷ୍ଣ ଦେବଙ୍କର ମଧ ଏହି ମତ ଥିଲା ।''

''ସବୁ ଶିଆଳଙ୍କ ଏକା ଡାକ, ପ୍ରତ୍ୟେକ ସିଦ୍ଧ ମହାପୁରୁଷଙ୍କ ମୂଳକଥା ଏକ । ତାହାସତ୍ତ୍ୱେ ଦେଖିବେ, ସାଧାରଣଙ୍କୁ ଐଶ୍ୱର୍ଯ୍ୟର ମୋହ କେତେ ବେଶୀ ଗ୍ରାସ କରିଅଛି । ସାଧୁଙ୍କ ନିକଟକୁ କେତେ କେତେ ଲୋକ ଆସନ୍ତି । ସେମାନଙ୍କ ଭିତରେ ଅଳ୍ପ କେତେକ ଲୋକ ଯଥାର୍ଥ ଇଷ୍ଟଙ୍କର ସନ୍ଧାନରେ ଆସିଥାନ୍ତି । ଗୁରୁ ଯିଏ, ସିଏ ଉପଯୁକ୍ତ ଆଧାରକୁ ଲକ୍ଷ୍ୟକରି ତାଙ୍କର ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରନ୍ତି ।''

''ଥରେ କ୍ରମାନ୍ୱୟରେ କିଛିଦିନ ଧରି ବ୍ରହ୍ମଚାରୀ ଲୋକନାଥ, କେବଳ ସକଳ ଜୀବ ମଧ୍ୟରେ ସମବୁଦ୍ଧି ସମ୍ବନ୍ଧରେ ପ୍ରବଚନ ଦେଉଥିଲେ । ସକଳ ଜୀବଙ୍କଠାରେ ଯଦି ସମାନ ବୁଦ୍ଧି ନଆସେ, ବୁଝିବାକୁ ହେବ ଯେ ସାଧନା ଠିକ୍ ହୋଇନାହିଁ । ସାଧନା ଶେଷରେ ଜ୍ଞାନଲାଭ ହେଲେ ସର୍ବଜୀବରେ ଏକହିଁ ସତ୍ତା ରହିଛି, ଏହି ବୁଦ୍ଧି ଆସିଥାଏ । କିନ୍ତୁ ସାଧନ ତ ସମସ୍ତଙ୍କର ହିଁ ହଠାତ୍ ପୂର୍ଣ୍ଣ ଭାବେ ହୁଏନାହିଁ, ସେଥିଲାଗି ସେ କହୁଥିଲେ ଯେ ସକଳ ଜୀବଙ୍କ ମଧ୍ୟରେ ତୁମର ସତ୍ତା – ତୁମର ଆତ୍ମା ଆଉ ସକଳ ପ୍ରାଣୀର ଆତ୍ମାର ଉପାଦାନ ହିଁ ଏକ, ବିଶେଷ କରି ଭାବନାରେ ଏହାକୁ ଆୟତ୍ତ କରିବାକୁ ତୁମେ ତତ୍ପର ହୁଅ । ତଦ୍ୱାରା ସାଧନାର ପଥ ସୁଗମ ହେବ । ଏହି ଭାବଟି ହିଁ ଆମ ମନରେ ଯେପରି ବଦ୍ଧମୂଳ ହୁଏ, ସେଥିପାଇଁ ସେ କିଛିଦିନ ଧରି ଚେଷ୍ଟା କରୁଥିଲେ ।''

''ଏହିପରି ସମୟରେ ଦିନେ ଆମ ଗୁରୁଭାଇଜଣଙ୍କର ପିତୃବିୟୋଗ ଘଟେ । ଯେଉଁଦିନ ତାଙ୍କର ପିତୃଶ୍ରାଦ୍ଧ, ସେଦିନ ବ୍ରହ୍ମଚାରୀଙ୍କୁ ଶ୍ରାଦ୍ଧବାସରରେ ଉପସ୍ଥିତ ହେବା ଲାଗି ସେ ବିଶେଷ ଜିଦ୍ କରିବା ଆରମ୍ଭ କରିଦେଲେ । ବ୍ରହ୍ମଚାରୀ ଆଜିକାଲି କୁଆଡ଼େ ଯାଆନ୍ତି ନାହିଁ । କହନ୍ତି, ମୋତେ ତୁମେମାନେ କେଉଁଆଡ଼େ ଯିବା ଲାଗି ଟଣାଟଣି କରନାହିଁ । କିନ୍ତୁ ଭକ୍ତର ଜୋର୍ ବେଶୀ, ସେମାନେ ସମସ୍ତେ ମିଶି ଜିଦ୍ କରି ବସିଲେ ଯିବା ଲାଗି । ଶେଷରେ ବହୁ ମିନତି ପରେ ବ୍ରହ୍ମଚାରୀ ମହାଶୟ କହିଲେ–''ବେଶ୍, ମୁଁ ଯିବି ସତ; କିନ୍ତୁ ମୁଁ ଏକଲା ଯିବି, ଯେକୌଣସି ସମୟରେ ଯିବି, ତୁମେ କେହି ମୋତେ ସାଙ୍ଗରେ ନେଇଯିବାକୁ ଆସନାହିଁ ।''

ସେଥିରେ ରାଜିହୋଇ ସମସ୍ତେ ମହାଖୁସି ହୋଇ ଯିଏ ଯାହା ଘରକୁ ଗଲେ । ପରେ କାମ ଦିନ ସକାଳଠାରୁ ଆଗ୍ରହ-ଉଦ୍ଦୀପନା ସହ ସମସ୍ତେ ଅପେକ୍ଷା କରି ରହିଲେ । ସେହି ଶ୍ରାଦ୍ଧବାସରରେ ଅନେକେ ହିଁ ତାଙ୍କୁ ଦେଖିବା ଲାଗି ଉପସ୍ଥିତ ହୋଇଥିଲେ । ଯେତେବେଳେ ଶ୍ରାଦ୍ଧବେଦୀରେ ବସି କାର୍ଯ୍ୟ ଆରମ୍ଭ ହୋଇଛି, ସେହି ସମୟରେ ଦୌଡ଼ିଆସି ଏକ କଳାକୁକୁର ଶ୍ରାଦ୍ଧବାସରରେ ଠିଆହେଲା । ସମସ୍ତେ 'ମାର ମାର' କହି ଛୁଟିଲେ । ଜଣେ ଗୋଟିଏ ଚାଳକାଠ ବାଡ଼ିରେ କୁକୁରଟାକୁ ପାହାର ବସାଇଦେଲା । କୁକୁରଟି ମାଡ଼ଖାଇ ଆସ୍ତେ ଆସ୍ତେ ତଳକୁ ଆସି ବେଦୀଉପରର କର୍ମକର୍ତ୍ତାଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁ ହଠାତ୍ ବାହାରିଗଲା, ଆଉ କାହାକୁ କିଛି କରିବାକୁ ହେଲାନାହିଁ । ଏଆଡ଼େ କିନ୍ତୁ ଶ୍ରାଦ୍ଧର ସକଳ କାର୍ଯ୍ୟ ହୋଇଗଲା, ଦିନ ବିତିଗଲା, ବ୍ରହ୍ମଚାରୀ ଆସିଲେ ନାହିଁ । ସେ କେବେହେଲେ ମିଥ୍ୟାକଥା କହନ୍ତି ନାହିଁ । ଯାହାର ପିତୃଶ୍ରାଦ୍ଧ, ସେ ଭାବିଲେ ନିଶ୍ଚୟ ହିଁ କିଛି ଅସୁସ୍ଥତା ହୋଇଥିବ, ସେଥିଲାଗି ବୋଧହୁଏ ଆସିପାରିଲେ ନାହିଁ–ଏହି ଚିନ୍ତାରେ ସନ୍ଧ୍ୟାପରେ ସମସ୍ତ କାର୍ଯ୍ୟକ୍ରମ ସରିଗଲା ଉତ୍ତାରୁ, ସେ ତାଙ୍କ ଆଶ୍ରମ ଆଡ଼େ ଗଲେ । ଦେଖିଲେ, ସେ ଶୋଇଛନ୍ତି । ତାଙ୍କର ନଯିବାର କାରଣ ପଚାରିବାରୁ ସେ କହିଲେ–''ବାବା, ଏତେ ଆଦର କରି ଶେଷକାଳରେ ପ୍ରହାର !'' ତାହା ଶୁଣି କର୍ତ୍ତା ଆଶ୍ଚର୍ଯ୍ୟ ହୋଇଗଲେ । ବ୍ରହ୍ମଚାରୀ କହିଲେ–''ବାବା, କଳାକୁକୁରଟି

କ'ଣ ଅପରାଧ କରିଥିଲା ଯେ ତାକୁ ଏତେ କଠିନ ଅଭ୍ୟର୍ଥନା କରି ତଡ଼ିଦେଲ ?'' ସମସ୍ତେ ଏକଥା ଶୁଣି ବିସ୍ମୟରେ ଅଭିଭୂତ ହୋଇପଡ଼ିଲେ, କାହା ମୁହଁରୁ ଶବ୍ଦଟିଏ ମଧ୍ୟ ବାହାରିଲା ନାହିଁ ।

ଆମର ଗୁରୁଭାଇ, ତାଙ୍କ ସହ ଯିଏ ସର୍ବଦା ରହିଥାନ୍ତି, ତାଙ୍କରିଠାରୁ ପରେ ଏକଥା ଶୁଣିଥିଲି । ସେଦିନ ଦ୍ୱିପ୍ରହର ପରେ ବ୍ରହ୍ମଚାରୀଙ୍କ ଘର ଭିତରୁ ଗୋଟିଏ କଳାକୁକୁର ବାହାରି ଚାଲିଗଲା—ଘର ଭିତରେ ଆଉ ବ୍ରହ୍ମଚାରୀଙ୍କ ଦେଖା ମିଳିଲା ନାହିଁ । ଅଳ୍ପକ୍ଷଣ ପରେ ସେହି କୁକୁର ପୁଣି ଆସି ଘରେ ପଶିଲା । ସେତେବେଳେ ଘରକୁ ଆସି ଜଣାଗଲା, ଯେପରି ସେ ବାହାରକୁ ଯାଇ ଆସିଛନ୍ତି । ଦେଖାହେବାମାତ୍ରେ କହିଲେ—''ଶ୍ରାଦ୍ଧଘରୁ ବେଶ୍ କିଛି ମୁଁ ଖାଇଆସିଲି ।''

ନାଗ୍ ମହାଶୟ ଶେଷରେ କହିଲେ, ''ଏହିପରି ଅନେକ କିଛି ଆମେ ଦେଖିଛୁ ।''

ମୁଁ ପଚାରିଲି, ''ଆପଣ କ'ଣ ଏସବୁ ବିଶ୍ୱାସ କରୁଛନ୍ତି ? ଜଣେ ମଣିଷ କିପରି କୁକୁର ହୋଇଗଲେ ! ଭଗବାନର କ୍ଷେତ୍ରରେ ଅବଶ୍ୟ...''

ନାଗ୍—''ଆପଣ ବୋଧହୁଏ ଯୁକ୍ତି ବାଢ଼ି କୌଣସି କଥା ବୁଝିବାକୁ ପ୍ରସ୍ତୁତ ନୁହନ୍ତି ? ଆମେମାନେ ଯେ ତାଙ୍କର କେତେରକମ ଐଶ୍ୱର୍ଯ୍ୟ ଦେଖିଛୁ, କାରଣ ତାଙ୍କ ସହ ଯେ ଅନେକ ଦିନ ମୋର କଟିଛି । ଏହାଛଡ଼ା ଜଳ, ସ୍ଥଳ, ଅନ୍ତରୀକ୍ଷରେ ଯେତେସବୁ ବ୍ୟାପାର, ଆମେ କ'ଣ ସବୁ ଜାଣିପାରୁ ?''

''ତାହା ବୋଲି ଜଣେ ମଣିଷର ଶରୀର କୁକୁରର ଶରୀରରେ ପରିଣତ ହୋଇଗଲା, ଏ କଥାକୁ ବୁଦ୍ଧି ସହ ଖାପ୍ ଖୁଆଇଲେ କିପରି ?''

''ହଁ, ସେଥିରେ ଆଉ ଆଶ୍ଚର୍ଯ୍ୟ ଅଛି କ'ଣ ? ତାଙ୍କର ଯେ ଅଣିମା-ଲଘିମାଦି ସିଦ୍ଧି ଥିଲା । ସେ ଅକୁମାର ବ୍ରହ୍ମଚାରୀ, ହିମାଳୟର ଗୁରୁଗୃହରେ ତାଙ୍କର ପ୍ରାୟ ସମ୍ପୂର୍ଣ୍ଣ ଯୌବନଅବସ୍ଥା କେବଳ ସାଧନରେ ହିଁ କଟିଥିଲା—ତାଙ୍କ ପକ୍ଷରେ ଶରୀର ପରିବର୍ତ୍ତନ କ'ଣ ଖୁବ୍ ବଡ଼ କଥା ? ମନେକରନ୍ତୁ ତ, ଏ ଶରୀର ସବୁ ବା କ'ଣ ?''

''ହାଡ଼, ମାଂସ, ରକ୍ତ, ମଜ୍ଜା, ନାଡ଼ି, ଶିରା, ନଖ, ଚୂଳର ଏକ ସମଷ୍ଟି ଖଡ ଆକୃତି; ଅସଲରେ ତ ତାହା ଭୌତିକ ବା ଯୌଗିକ ପଦାର୍ଥ । ତାହାପରେ ପରମେଶ୍ୱରଙ୍କୁ ଯିଏ ଲାଭ କରିଥାଏ, ସେ ତ ତାହାହିଁ ହୋଇଯାଆନ୍ତି, ତାଙ୍କର ଇଚ୍ଛାଶକ୍ତି କ'ଣ ସାଧାରଣ ? ଗୋଟିଏ କାୟାର ପରିବର୍ତ୍ତନ ତାଙ୍କର ତ ଇଚ୍ଛାଧୀନ, ଆମର କିନ୍ତୁ ଭୋଗ କିମ୍ବା କର୍ମର ମୋହ । ଶୁଭାଶୁଭର ବା କର୍ତ୍ତୃତ୍ୱର ମୋହ, ଯାହା ଆମକୁ ଜର୍ଜର କରି ରଖିଦେଇଛି, ସେଥିଲାଗି ତାହା ଆମପକ୍ଷେ ଅସମ୍ଭବ ବ୍ୟାପାର । ଶୁଣିବାକୁ ସବୁ ଯାଦୁଖେଳ ପରି, କିନ୍ତୁ ମହାପୁରୁଷଙ୍କ କ୍ଷେତ୍ରରେ ତାହା ତ ତୁଚ୍ଛ, ବରଂ କିଛିହିଁ ନୁହେଁ ।''

''କିଛି ମନେକରିବେ ନାହିଁ, ଗୋଟିଏ କଥା ପଚାରୁଛି । ଯଦି ସେ ଏତେ ଶକ୍ତିମାନ ଥିଲେ, ତାହାହେଲେ ତ ସିଏ ଦୁଇହଜାର ବର୍ଷ ଶରୀର ଧାରଣ କରି ରହିପାରିଥାନ୍ତେ, ନାନା କର୍ମଭୋଗ କରି ଜଗତର କେତେ କଲ୍ୟାଣ କରିପାରିଥାନ୍ତେ !''

''ହଁ, ତାହା ତ ସେ ପାରିଥାନ୍ତେ; ମାତ୍ର ସେ କାହିଁକି ପ୍ରାକୃତିକ ନିୟମ ବିରୋଧରେ ଯାଇ ସାଧାରଣ ଜୀବଙ୍କ ମଧ୍ୟରେ ଅହେତୁକ ବାଧା ସୃଷ୍ଟିକରି ଗତିର ଅନ୍ତରାୟ ହେବେ ?''

''ତାହାହେଲେ ମାନବ ଶରୀରକୁ ପଶୁ ଶରୀରରେ ପରିବର୍ତ୍ତିତ କରି ପ୍ରାକୃତିକ ନିୟମର ବିରୋଧରେ ଯାଇ ଲୋକ ମନରେ ଭ୍ରମ ସୃଷ୍ଟି କଲେ କାହିଁକି ?''

''ଏହା ତାଙ୍କର ପ୍ରୟୋଜନ ଥିଲା । ଜୀବର କଲ୍ୟାଣ ଲାଗି ସେ ଯାହାକିଛି ପ୍ରୟୋଜନ ମନେକରିଛନ୍ତି, ସେତିକି ମାତ୍ର ସେ କରିଛନ୍ତି । ମୁଁ ମୁକ୍ତକଣ୍ଠରେ କହିବି, ଯେତିକି ମାତ୍ର ଐଶ୍ୱର୍ଯ୍ୟ ସେ ଦେଖାଇଛନ୍ତି, ସେଥିରେ ସଂଶ୍ଳିଷ୍ଟ ସେହି ଜନସମାଜର କଲ୍ୟାଣ ହିଁ କେବଳ ସାଧିତ ହୋଇଛି—ଅକଲ୍ୟାଣ କିଛି ମାତ୍ର ହୋଇନାହିଁ । ଆଉ ତାହା ଭ୍ରମ କାହିଁକି ହେବ ! ତାହା କହିବା ତ ଠିକ୍ ନୁହେଁ । କାରଣ ତାଙ୍କର ତପସ୍ୟାର ସତ୍ୟତା ଆମେ ଅନେକ ଜାଣିଛୁ, ଶୁଣିଛୁ, କଠୋରରୁ କଠୋରତର ଯୋଗସାଧନ ଓ ଐଶ୍ୱର୍ଯ୍ୟପ୍ରାପ୍ତି; ଏ ସମସ୍ତ ସେହି ସମାଜ ମଧ୍ୟରେ ପରୀକ୍ଷିତ ସତ୍ୟତୁଲ୍ୟ ବିଶ୍ୱାସର ବସ୍ତୁ । ତାଙ୍କର ଭକ୍ତସକଳଙ୍କର ଧାରଣା ଯେ ଯୋଗ-ସିଦ୍ଧି ଫଳସ୍ୱରୂପ ଏହି ସକଳ ଐଶ୍ୱର୍ଯ୍ୟ ସମସ୍ତଙ୍କୁ ହିଁ ମିଳିଥାଏ । ତାହା ଲୋକନାଥ ବ୍ରହ୍ମଚାରୀଙ୍କ କ୍ଷେତ୍ରରେ କ'ଣ, ଆଉ ରାମଚନ୍ଦ୍ର ମାଇତିଙ୍କ କ୍ଷେତ୍ରରେ ବା କ'ଣ ! ତେବେ ରାମକୃଷ୍ଣ ଯେପରି ଏହି କଥା ବାରମ୍ବାର କହୁଥିଲେ ଯେ ଯୋଗେ-ଐଶ୍ୱର୍ଯ୍ୟ ଆଡ଼କୁ ଲକ୍ଷ୍ୟ ଥିଲେ ଏହାହିଁ ତାହାର ଗତି—ଉଚ୍ଚଲକ୍ଷ୍ୟ ଆଡ଼େ ଯିବା ଆଉ ସମ୍ଭବ ନୁହେଁ, ଲୋକମାନଙ୍କୁ ସେହି ଲକ୍ଷ୍ୟ ଦିଗକୁ ପହୁଞ୍ଚାଇ ଦିଆଯାଏ ମାତ୍ର । ବ୍ରହ୍ମଚାରୀ ମଧ୍ୟ କହନ୍ତି—ବାବା, ଏସବୁ ଆଡ଼େ ଲକ୍ଷ୍ୟ ରଖିବ ନାହିଁ, ଜଗଦମ୍ବାକୁ ପାଇଲେ ଏ ସମସ୍ତ ଆପେଆପେ ଆସିଯିବ । ସେତେବେଳେ 'ସମ୍ଭାଳ ସମ୍ଭାଳ' କହି ଡାକପକାଇବାକୁ ହେବ ଯେ !''

''ସମ୍ଭାଳ ସମ୍ଭାଳ ବୋଲି ଡାକପକାଇବାକୁ ହେବ କାହିଁକି ?''

''ଆରେ ଦାଦା, ଏଇଟିକକ କଥା ବୁଝିଲେ ନାହିଁ ? ଏହି ଯୋଗ-ଐଶ୍ୱର୍ଯ୍ୟ ପ୍ରାପ୍ତି ପରେ ଶକ୍ତି-ଚାଞ୍ଚଲ୍ୟ କେଉଁ ଭାବରେ ଉପସ୍ଥିତ ହୋଇଥାଏ ? ଆଧାର ଯଦି ରଜୋଗୁଣୀ ହୁଏ, ତାହାହେଲେ ଏହି ଯୋଗୈଶ୍ୱର୍ଯ୍ୟ ଫଳର ସ୍ୱରୂପ ଆଧିପତ୍ୟ, ଭୋଗଲାଳସା, ଉଚ୍ଚ ଉଚ୍ଚତର ଶକ୍ତିର ଆତଯାତ—ଏ ସମସ୍ତ ଆପେଆପେ ଆସିଯାଏ । ତଦ୍ୱାରା ତାହା ତାଙ୍କୁ ଭ୍ରଷ୍ଟ କରିବହିଁ କରିବ । ଲକ୍ଷ୍ୟଭ୍ରଷ୍ଟ ହେଲେ ଯେ କି ଦୁଃଖ, ତାହା ଯିଏ ଭୋଗେ, ସେହି ହିଁ ଜାଣେ । ଉଚ୍ଚ ସତ୍ତ୍ୱଗୁଣୀର ଆଧାର ନହେଲେ ମଧ୍ୟ ଏହି ଯୋଗୈଶ୍ୱର୍ଯ୍ୟ ମୋହରେ ଅନେକଙ୍କର ଲକ୍ଷ୍ୟଭ୍ରଷ୍ଟ ହେବା ସହ ଲଟପଟ ହେବାକୁ ପଡ଼େ । ଜାଣନ୍ତି ତ ବିଶ୍ୱାମିତ୍ରଙ୍କ ଘଟଣା ? ଏହା ବଡ଼ ଜଟିଳ ସମସ୍ୟା । ଏ ମାଟିରେ କ'ଣ ସହଜରେ ଇଷ୍ଟସିଦ୍ଧି ହେବାର ଶକ୍ତି ଅଛି ଦାଦା ?

ବସୁନ୍ଧରାର ମୃତ୍ତିକାରେ ଅନେକ ଗୁଣ—ମାଧ୍ୟାକର୍ଷଣଟି ତାହାର ସ୍ଥୂଳଭାବ କେବଳ—ସେହି କାୟା ମଧ୍ୟରେ ଅନେକ କିଛି ରହିଛି ।''

ଅଳ୍ପକ୍ଷଣ ରହିଯାଇ ସେ ପୁନରାୟ କହିଲେ—''ଏବେ ମୋ କଥାଟି କହେ, ଯେଉଁ ପରିମାଣରେ ମନର ସଂଯମ ପ୍ରୟୋଜନ, ମୁଁ ଇଷ୍ଟଲାଭ ଲାଗି କ'ଣ ତାହା କରିପାରିଛି ? ମାତ୍ର ଚାରିବର୍ଷ କଟାଇଛି—ତାହା ପରେ ବାପ୍‌ରେ ବାପ୍ କହି ପଳେଇ ଆସିବାକୁ ହେଲା । ଏହିପରି ନାଗମହାଶୟଙ୍କ ପୂର୍ବବର୍ତ୍ତୀ ସାଧକ ଜୀବନର କେତେକ କଥା ସରଳ ଭାବେ ଖୋଲି କହିଦେଲି ।''

ମୁଁ ପଚାରିଲି—''କ'ଣ ଭୟଙ୍କର କିଛି ଦେଖିଥିଲେନା କ'ଣ ?''

ନାଗ୍—''ଭୟଙ୍କର ଆଉ କ'ଣ ! ଆଧାର ପ୍ରସ୍ତୁତ ନହୋଇପାରି ଯାହା ହୋଇଥାଏ ! ଯେଉଁ ତାଳରେ, ଯେଉଁ ମାତ୍ରାରେ ଅଗ୍ରସର ହେବା କଥା, ତା ନ କରି ଶୀଘ୍ରଶୀଘ୍ର ପହଞ୍ଚିବି ବୋଲି ଭାବିନେଇ ଯଦି ବେଶୀ ଦଉଡ଼ାଯାଏ, ତାହାହେଲେ ଶୀଘ୍ରଶୀଘ୍ର ପ୍ରାଣଶକ୍ତିର ପୁଞ୍ଜି ଖାଲି ହୋଇଯାଏ କି ନାହିଁ ? ପ୍ରାଣଶକ୍ତି କ'ଣ ଖେଳିବା ଜିନିଷ ? ଏହି କ୍ରିୟା ଦ୍ରୁତ ହେଲେହେଁ ସର୍ବନାଶ । ଏହାର ଲୟ ଯେତେ ବିଳମ୍ବ ହୁଏ, ତାହା ସେତେ ନିଶ୍ଚିତ ହୋଇଥାଏ ଏବଂ ସେତିକି ଦୃଢ଼ ଭାବେ ତାହାର ଅଧିକାରକରିବା ମଧ୍ୟ ଦୃଢ଼ହୁଏ । ଗୁରୁଙ୍କ ସହ ରହିଲେ ଏହି ସୁବିଧା; ସେ ରଜ୍ଜୁକୁ ଖୁବ୍ ଦୃଢ଼ ଭାବେ ମୁଠାରେ ଧରିରଖିଥାନ୍ତି । ବ୍ରହ୍ମଚାରୀଙ୍କ ସିଦ୍ଧିର ସୁଯୋଗ-ସୁବିଧା ତ ଏଥିଲାଗି ମିଳିଥିଲା, ଗୁରୁ ବରାବର ହିଁ ସଙ୍ଗରେ, କିନ୍ତୁ ଆମର ତ ତାହା ନୁହେଁ । ଏକୁଟିଆ ଗଉଁ କରି ଚାଲୁଥିଲି—ତାଳ ସାମଞ୍ଜସ୍ୟ ରଖିପାରିଲି ନାହିଁ ।''

ନାଗ୍ ମହାଶୟଙ୍କ ସରଳତାରେ ମୁଗ୍ଧ ହୋଇଗଲି । ବିଶେଷ କୌତୂହଳବଶତଃ ଜିଜ୍ଞାସା କଲି, ''ତାହାପରେ କ'ଣ ହେଲା ?''

''ଲାଭ ଏତିକି ମାତ୍ର ହେଲା ଯେ ଗତିଭଙ୍ଗ ହେଲା, ଏହି ଯାତ୍ରା ସେହି ପର୍ଯ୍ୟନ୍ତ ହେଲା । ଯେତିକିମାତ୍ର ପୁଞ୍ଜି ହୋଇଥିଲା, ତାକୁହିଁ ସମ୍ବଳ କରି ଏହି ସତ୍‌କର୍ମ ମାର୍ଗରେ ଓହ୍ଲେଇପଡ଼ିଛି । କୌଣସି ପ୍ରକାର ଇନ୍ଦ୍ରିୟ ମୋହରେ ପଡ଼ିବା ଆଗରୁ ଗୁରୁଙ୍କ କୃପାରେ ସମ୍ଭାଳି ପାରିଥିଲି—ଏବେ ତାଙ୍କ କୃପାରେ କାୟମନୋବାକ୍ୟରେ କର୍ମ ମଧ୍ୟରେ ନିମଗ୍ନ ରହିବାର ଚେଷ୍ଟାରେ ଅଛି ।''

ଯେତେବେଳେ ସେ ଏତେକଥା କହିଗଲେ, ସେତେବେଳେ ତାହାଙ୍କୁ ଆଉ ଟିକିଏ ଧରିବସିଲି, ''ଇନ୍ଦ୍ରିୟଜ ମୋହଟା କ'ଣ ସକଳ ତପସ୍ୟାର ହିଁ ଅନିବାର୍ଯ୍ୟ ପରିଣାମ ?''

ନାଗ୍ ମହାଶୟ ମୋ' ମୁହଁଆଡ଼େ ଚାହିଁ ଅନ୍ତର ଭିତରର କଥାଟା ଯେପରି ତଳେଇକରି ଦେଖିବାକୁ ଚେଷ୍ଟା କରୁଥିଲେ, ପରେପରେ ଧୀରେଧୀରେ କହିଲେ—''ଏକଥା ପଚାରିଲେ କାହିଁକି, କୁହନ୍ତୁ ତ ?''

''ମହାଭାରତର ସେହି ବିଶ୍ୱାମିତ୍ରଙ୍କ ତପୋଭଙ୍ଗଠାରୁ ଆରମ୍ଭ କରି ବୁଦ୍ଧ ଆଦି ବଡ଼ବଡ଼ ମହାତ୍ମା ଇନ୍ଦ୍ରିୟଜ ମୋହରେ ପଡ଼ିବାର ଅନେକ କାହାଣୀ ଶୁଣିଆସିଛି । ଏହାବ୍ୟତୀତ ଛୋଟକାଟର ମହାତ୍ମା ଇନ୍ଦ୍ରିୟଜ ମୋହରେ ପଡ଼ିବାର କାହାଣୀ ମଧ୍ୟ କମ୍ ଶୁଣିନାହିଁ । କାର୍ଯ୍ୟତଃ ଉତ୍କଟ ତପସ୍ୟାର ପରିଣାମରେ ସମସ୍ତଙ୍କର ଅନ୍ତତଃ ଥରଟିଏ ଯେ ଇନ୍ଦ୍ରିୟଜ ମୋହର ଫାନ୍ଦରେ ପଡ଼ିବାର ସମ୍ଭାବନା ଥାଏ, ନିଶ୍ଚିତ ଭାବରେ ମନେହୁଏ ଏହା ଯେପରି ସଂସ୍କାରଗତ ହୋଇଯାଇଛି । ସେଥିପାଇଁ ବିଶେଷ କରି ଏହା ଜାଣିବା ଅଭିପ୍ରାୟ ନେଇ ଆପଣଙ୍କୁ ଧରିବସିଛି ।''

''ଯାହା କହୁଛନ୍ତି, ତାହା ଅନେକାଂଶରେ ସତ୍ୟ । ଯାହାର ତପସ୍ୟାର ଜୋର୍ ଯେତେ ବେଶୀ, ବୈରାଗ୍ୟ ପ୍ରାବଲ୍ୟ ଅନୁପାତରେ ଏହି ଇନ୍ଦ୍ରିୟସୁଖର ଲାଳସାଟି ତାକୁ ସେତେ ପ୍ରବଳ ଭାବେ ଆକ୍ରମଣ କରିବାକୁ ବାଧ୍ୟ । ଏହାର କାରଣ ଅନ୍ୟକିଛି ନୁହେଁ, ଯାହାର ଅହଂକାର ଭିତରେ ଭୋଗଲାଳସା ଯେତିକି ଲେପିହୋଇଥାଏ, ଯଦି ଶୁଦ୍ଧ ଭାବର ଆଲୋକ ସେତେବେଳେ ତାକୁ ସ୍ପର୍ଶ କରେ, ତେବେ ସେହି ଲାଳସାର ମଳିନତା ତା'ର ଅହଂକୁ ସେତିକି କମାଇଦିଏ । ତଦ୍ଦ୍ୱାରା ଏହି ଭୋଗକୁ ଆସକ୍ତ କରି ଆଉ ସେହି ଇନ୍ଦ୍ରିୟସୁଖ ବା ଉପଜ ମୋହର ଗଭୀରତା ଓ ଅନିତ୍ୟତା ସମ୍ୟକ୍‌ବୋଧ ଜଗାଇଦିଏ । ଠିକ୍ ସେତିକିବେଳେ ହିଁ ତାହାର କ୍ରିୟା ଶେଷ ହୋଇଯାଏ ।''

''କ୍ରିୟା ହୋଇଯାଏ ? କ୍ରିୟାର ପ୍ରୟୋଜନ କ'ଣ ? ବୁଝିନେଲେ ତ ହୋଇଗଲା, ଯେଉଁମାନେ ବୁଦ୍ଧିମାନ, ସେମାନେ ତା'ଠାରୁ ବିରତ ରହିଯାଇ ଇନ୍ଦ୍ରିୟଘଟିତ କର୍ମଠାରୁ ନିଜକୁ ପୃଥକ୍ କରିପାରିବେ ।''

''ନା ନା, ଠିକ୍ ତାହା ଘଟେନାହିଁ । ଅସଲ ବ୍ୟାପାରଟା ଏହି ଯେ କେବଳ ମନଠାରେ ହିଁ ତାହା କ୍ଷାନ୍ତ ହୁଏନାହିଁ—ଶରୀର ପର୍ଯ୍ୟନ୍ତ ନ ଜଡ଼ାଇଲେ ତାହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏନାହିଁ । ଶରୀରଠାରୁ ଆରମ୍ଭ କରି ସ୍ନାୟୁ ଓ ଇନ୍ଦ୍ରିୟ ମଧ୍ୟଦେଇ ମନ ପର୍ଯ୍ୟନ୍ତ ତାହାର ଯେଉଁ କ୍ରିୟା, ତାହାହିଁ ହେଲା ଏକ ସମ୍ପୂର୍ଣ୍ଣ କ୍ରିୟା । ବୁଦ୍ଧି ହିଁ ଏହାକୁ ନିଶ୍ଚିତ ରୂପେ ବୁଝାଇଦିଏ, ଆଉ ଆତ୍ମା ଥାଏ ସାକ୍ଷୀ । ଆମର ଏହି ଯେଉଁସବୁ ଭୋଗମୂଳକ କର୍ମ, ତାହା ଏହି କ୍ରମରେ ଘଟିଥାଏ । ସାଧାରଣ ମନୁଷ୍ୟର ପ୍ରଥମେ ମନେହୁଏ, ତା'ପରେ ସଂସ୍କାରବଦ୍ଧ ସେହି ମନ ତାହାର ସୁଖକର ସ୍ମୃତି ସାହାଯ୍ୟରେ ସେହି ସୁଖକୁ ପୁନର୍ବାର ଭୋଗ କରିବାର ଇଚ୍ଛାକୁ ସତେଜ କରିରଖେ । ତା'ପରେ ଭୋଗବସ୍ତୁପ୍ରାପ୍ତି ଲାଗି ଯେତିକି ବିଳମ୍ବ ହୁଏ, ତା'କୁ ସେହିପରି ଅବସ୍ଥାରେ ପାଇବାରେ ବିଳମ୍ବ ହୁଏନାହିଁ । ମାନସମୂର୍ତ୍ତି ସଶରୀରେ ହିଁ ପ୍ରତ୍ୟକ୍ଷ ରୂପେ ଆବିର୍ଭୂତ ହୁଏ । ସେତେବେଳେ ଆଉ ତାକୁ ଅଟକାଇବ ବା କିଏ ? ସେତେବେଳେ ତା'ର ଭୋଗ ବ୍ୟତୀତ ଯେ ଆଉକିଛି ଗତି ନଥାଏ ।''

ମୁଁ କହିଲି, ''ଏହିଠାରେ ହିଁ ତ ପତନ ହେଲା ।''

ନାଗ୍ ମହାଶୟ ଈଷତ୍ ହସି କହିଲେ—''ତାହା ଦେଖାଯାଏ ସତ, କିନ୍ତୁ ଯଦି ଉଚ୍ଚ ଆଧାର ହୁଏ, ତାହାହେଲେ ବୁଝାପଡ଼େ ଯେ ଭିତର ତ୍ରୁଟି କଟିଗଲା, ଆଉ ପତନ ହେବନାହିଁ । ସେତେବେଳେ ତା' ବ୍ୟତୀତ ଇନ୍ଦ୍ରିୟଜ ମୋହର ଅସାରତା, ଆଉ କିଏ ଭଲଭାବେ ବୁଝିପାରିବ ? ସେ ଭବିଷ୍ୟତକୁ ଏପରି ଭାବରେ ନିୟନ୍ତ୍ରିତ କରିପାରେ ଯେ ମନରେ ଇନ୍ଦ୍ରିୟସୁଖର ଇଚ୍ଛାସ୍ଫୁଟନ ଆଉ ଉଠିବହିଁ ନାହିଁ । ମନରେ ଉଦ୍ରେକ ହେଲେ ସିନା ଇନ୍ଦ୍ରିୟକୁ ଭୟ, ନହେଲେ ଭୟ କ'ଣ ?''

''ତାହାହେଲେ ଦେଖନ୍ତୁ, ସାଧାରଣଙ୍କ ମଧ୍ୟରେ ଏ ସମ୍ବନ୍ଧରେ ଏକ ଭ୍ରମ ଧାରଣା ଅଛି । ସେମାନେ ଭାବନ୍ତି, ଯେପରି ଯୋଗୀ ଓ ତପସ୍ୱୀଙ୍କର ସାଧନା ଅବସ୍ଥାରେ ମନ ଭିତରେ କାମ-ଇନ୍ଦ୍ରିୟଭୋଗର ଇଚ୍ଛା ହେଲେ ମଧ୍ୟ ସେମାନେ ଜୋର୍ କରି ସେହି କର୍ମଠାରୁ ବିରତ ରହନ୍ତି ତାହାହିଁ ସଂଯମ ।''

ନାଗ୍ ମହାଶୟ ହସିପକାଇଲେ ଏବଂ କହିଲେ—''ମନରେ ଯଦି ନାରୀସମ୍ଭୋଗର, ଇନ୍ଦ୍ରିୟସୁଖର ଲୋଭ ବା ଇଚ୍ଛା ଆସେ, ତେବେ ସଂଯମ ରହିପାରିବ କିପରି ? ସଂଯମ କଥାର ମହିମା ରହିବ କେଉଁଠାରେ ? ଏହି ସଂଯମ ଶବ୍ଦାତ୍ମକ ଭାବଟି ମଧ୍ୟରେ କି ଅପୂର୍ବ ବସ୍ତୁର ସନ୍ଧାନ ଦେଇଛି ଯୋଗଶାସ୍ତ୍ର ।''

''ଆଚ୍ଛା ଯୋଗଭ୍ରଷ୍ଟ ହେଲାମାତ୍ରେ କ'ଣ ତା'ର ସକଳ ସଞ୍ଚିତ କର୍ମଗତ ଶୁଭଫଳ ନଷ୍ଟ ହୁଏ ?''

ନାଗ୍ ମହାଶୟ କହିଲେ—''ତାହା ହେବ କାହିଁକି ? ମନୁଷ୍ୟ ତପସ୍ୟା ଦ୍ୱାରା ଯାହାକିଛି ଉପାର୍ଜନ କରେ, ତା' କେବେହେଁ ନଷ୍ଟ ହୁଏନାହିଁ । ମନୁଷ୍ୟର ଏହି ଯେଉଁ ତପସ୍ୟାର ପ୍ରବୃତ୍ତି, ତା' ମଧ୍ୟରେ ଯେ ଭଗବାନଙ୍କ ଏକ ଅଭିପ୍ରାୟ ଥାଏ । ତାହା ହୁଏତ ମନୁଷ୍ୟ ସବୁ ସମୟରେ ବୁଝିପାରେ ନାହିଁ କିମ୍ବା ମନେରଖିପାରେ ନାହିଁ । ଅହଂକାର ସବୁ କର୍ମର ମୂଳରେ ଥାଏ— ବସ୍ତୁତଃ ଯାହାକିଛି କରୁଛି, ତାହା ମୁଁ କରୁଛି, ଏହିଭାବ ନେଇ ମଣିଷ ଚାଲେ । ମଝିବାଟରେ ପ୍ରବୃତ୍ତିର କେଉଁ ଏକ ବିଶେଷ ପ୍ରାବଲ୍ୟ ଯୋଗୁ ସେ ଅଟକିଯାଏ । ସେଥିରେ ମଧ୍ୟ ଅନ୍ତର୍ଯ୍ୟାମୀ ଭଗବାନଙ୍କର କୌଣସି ଅଭିପ୍ରାୟ ରହିଥାଏ; ଯେଉଁ ତପସ୍ୟାର ଗତିଭଙ୍ଗ ହୁଏ, ସେଥିରେ ମଧ୍ୟ ଏକ କଲ୍ୟାଣମୟ ଅଭିପ୍ରାୟ ରହିଥାଏ । ତାହାର ଫଳସ୍ୱରୂପ ସେଥିରେ ଆମେ କୌଣସି ଏକ ମହତ୍‌ଭାବ ଦେଖିବାକୁ ପାଉ । ଯେପରି ବିଶ୍ୱାମିତ୍ରଙ୍କ ତପୋଭଙ୍ଗର ଫଳସ୍ୱରୂପ ଶକୁନ୍ତଳାଙ୍କର ଜନ୍ମ, ସେହି ଶକୁନ୍ତଳାଙ୍କ ଔରସରୁ ଭରତଙ୍କ ଉତ୍ପତ୍ତି, ଆଉ ଭରତଙ୍କ ଯୋଗୁଁ ଭରତ ବଂଶର ସୃଷ୍ଟି, ଆଉ ତଦ୍ୱାରା ବଂଶବିସ୍ତୃତି, ପୁଣି ତାହା ଯୋଗୁଁ ଭାରତବର୍ଷ—ଠିକ୍ ଯେପରି ତପୋଭଙ୍ଗର ଏକ ଧାରାବାହିକ ସ୍ଥାୟୀ ଇତିହାସ ଏହି ଭାରତବର୍ଷର ନାମ ସହ ଜଡ଼ିତ ଅଛି । ତାହାପରେ ବିଶ୍ୱାମିତ୍ରଙ୍କ ଦିଗରୁ ଦେଖିବାକୁ ଗଲେ ମଧ୍ୟ ଆମେ ଦେଖିବାକୁ ପାଉ ଯେ ବିଶ୍ୱାମିତ୍ରଙ୍କୁ ଆଉ ଏହି ମୋହଚକ୍ରରେ ପଡ଼ିବାକୁ ହୋଇନାହିଁ । ତା'ପରେ କ୍ରୋଧ,

ହିଂସା ପ୍ରଭୃତିର ଜନ୍ମ ଯେ ପତନର କାରଣ, ତା'ର ଫଳ ମଧ୍ୟ କମ୍ ନୁହେଁ । ଅନ୍ତିମ ସମୟରେ ଯେତେବେଳେ ତାଙ୍କର ସକଳ ମୋହ କଟିଗଲା, ସେତିକିବେଳେ ବିଶ୍ୱାମିତ୍ର ହୋଇଗଲେ ଋଷି । ଗାୟତ୍ରୀ ମନ୍ତ୍ରର ପ୍ରଥମରେ ହିଁ ବିଶ୍ୱାମିତ୍ର ଋଷିଙ୍କର ନାମ ଲିପିବଦ୍ଧ ହେଲା । ତା'ହେଲେ ଏକଥା ଆମେ ସୁନ୍ଦର ଭାବେ ହିଁ ବୁଝିପାରୁ ଯେ ତପସ୍ୟାରେ ଯଦି ବାଧା ଆସେ, ତେବେ ସେ ବାଧା ନିଜର ଉତ୍କଟ ଭୋଗର ଆକାଙ୍କ୍ଷା ପ୍ରବୃତ୍ତିଠାରୁ ହିଁ ଆସିବ, ଆଉ ତାହା ନ କଟିଲେ କେବେହେଁ ଅଗ୍ରସର ହେବା ସମ୍ଭବ ନୁହେଁ ।''

ମୁଁ ପଚାରିଲି, ''ମନୁଷ୍ୟ ଭିତରେ ଏହି ଯେଉଁ କାମ-ଇନ୍ଦ୍ରିୟଭୋଗର ଉତ୍କଟ ସ୍ପୃହା, ତାହା ଯେପରି ସକଳ ଭୋଗ ଯୋଗୁ ହିଁ ହୁଏ, ତାହାର ପ୍ରାବଲ୍ୟ ଏତେ ବେଶୀ ଯେ ଅନ୍ୟ ଯାହାକିଛି, ତାହା ତୁଳନାରେ ଯେପରି କିଛିହିଁ ନୁହେଁ । ଏଇଠି ଆମର ସଂଶୟ ହୁଏ ଯେ ମନୁଷ୍ୟର କାମେନ୍ଦ୍ରିୟ ଏତେ ପ୍ରବଳ କାହିଁକି ? ସକଳ ଆଧ୍ୟାତ୍ମିକ ଉନ୍ନତିର ଯେପରି ଏହାହିଁ ସବୁଠାରୁ ବଡ଼ ବାଧା ।''

ନାଗ୍—''ମୈଥୁନ ହେଉଛି ସୃଷ୍ଟିର ଆଦ୍ୟ ଏବଂ ତାହାହିଁ ସୃଷ୍ଟିର ବ୍ୟାପାର । ସେହି କ୍ଷେତ୍ରରେ ମନୁଷ୍ୟର ନାରୀମାନଙ୍କ ଉପରେ ଟାଣ୍, ପୁଣି ଯେଉଁଠାରେ ସୃଷ୍ଟି ନିବୃତ୍ତିର ବ୍ୟାପାର, ସେ କ୍ଷେତ୍ରରେ ମଧ୍ୟ ପୂର୍ବ ସଂସ୍କାରର ପ୍ରବଳ ଉତ୍ତେଜନା । ଏତେଦିନର ସଂସ୍କାର କ'ଣ ଟିକିଏ କଥାରେ ଚାଲିଯିବାର ଅଛି ? ତାହା ଯାଉଯାଉ ଯେ ଆମର ଅନେକଗୁଡ଼ିଏ ସୃଷ୍ଟି ହୋଇଯାଇଥାଏ, ତାହାର ଧାରାରେ କେତେ ବଂଶର ଉତ୍ପତ୍ତି ହୋଇଥାଏ, ଯେପରି ବିଶ୍ୱାମିତ୍ରଙ୍କ କ୍ଷେତ୍ରରେ ଆମେ ଦେଖିଛୁ । ପ୍ରବୃତ୍ତିର ଉଦ୍ଦାମ ଛନ୍ଦରେ ମନୁଷ୍ୟ ଯେତେବେଳେ ଭାସିଯାଏ, ସେତେବେଳେ ହିଁ ତାହାର ସୃଷ୍ଟିର ଛାପ ବା ସଂକେତ ରଖିରଖି ଚାଲିଥାଏ, ପୁଣି ଯେତେବେଳେ ନିବୃତ୍ତିର ଛନ୍ଦରେ ତ୍ୟାଗମାର୍ଗରେ ଚାଲେ, ସେତେବେଳେହିଁ ତାହାର ଛାପ ସେ ପୁଣି ରଖିରଖି ଚାଲେ । ମୁକ୍ତ ପୁରୁଷର ଆଧ୍ୟାତ୍ମିକ ପଥରେ ଯାତ୍ରା ମଧ୍ୟରେ କାୟିକ ଭୋଗର କର୍ମ ବନ୍ଦ୍ ହୋଇଗଲେ ମଧ୍ୟ ତାହାର ଚିନ୍ତାପ୍ରବାହ ନୂତନତମ ତରଙ୍ଗ ସୃଷ୍ଟି କରିଥାଏ । ସେହି ଧାରା ଶୁଦ୍ଧମନର ସାହାଯ୍ୟ ଅନୁସରଣ କଲେ ହିଁ ଆତ୍ମାକୁ ଧରାଯାଇପାରେ ।''

''ତା'ହେଲେ ଆଧ୍ୟାତ୍ମିକ ଜୀବନରେ ମନୁଷ୍ୟର ସ୍ଥୂଳ କାମ ବା ଇନ୍ଦ୍ରିୟର ମୋହ ଟ୍ରାନ୍ସଫର୍ମଡ୍ ହୋଇଯାଏ ?''

ବାଧାଦେଇ ନାଗ୍ ମହାଶୟ କହିଲେ—''ଟ୍ରାନ୍ସସେଣ୍ଡ କରିଥାଏ—ଇଂରାଜୀର କଥା ଏ ନୁହେଁ, ଦାଦା—ମନ ଚୈତନ୍ୟମୁଖୀ ହେଲେହେଁ ଅନ୍ତରରେ ଯେତେ କିଛି ଭୋଗର ପ୍ରେରଣା ତାହା ଆଦୌ ସ୍ଥୂଳ ବସ୍ତୁମୁଖୀ ହୋଇ ରହିପାରେନାହିଁ – ସ୍ୱଭାବତଃ ହିଁ ବିଜ୍ଞାନମୁଖୀ ହୋଇ ସୂକ୍ଷ୍ମତତ୍ତ୍ୱରେ ତାହାର ସକଳ ପ୍ରବୃତ୍ତିର ଅର୍ଥବୋଧ ହୁଏ ।''

■■

ଷଷ୍ଠ ପରିଚ୍ଛେଦ

କେହି ଜଣେ ମହତ୍ ଉଦ୍ଦେଶ୍ୟ ନେଇ କୌଣସି କାର୍ଯ୍ୟ କରୁଥିବାର ଦେଖିଲେ, ସାଧାରଣତଃ ସମସ୍ତେ ନହେଲେ ମଧ୍ୟ, ଅଧିକ ସଂଖ୍ୟକ ଲୋକ ତା' ପ୍ରତି ଆକୃଷ୍ଟ ହୁଅନ୍ତି । ବିଶେଷତଃ ଯେଉଁମାନେ ଦେଶର ବା ଦଶର ଆଡ଼କୁ ଟିକିଏ ଦୃଷ୍ଟି ରଖି ଚାଲିବାକୁ ଇଚ୍ଛା କରନ୍ତି, ସେମାନଙ୍କ ସେହିସବୁ ମାନବୀୟ ଗୁଣକୁ ସମସ୍ତେ ଗ୍ରହଣ କରିପାରନ୍ତି । ଆମର ନାଗ୍ ମହାଶୟଙ୍କର ଏଠାରେ ବନ୍ଧୁର ଅଭାବ ନଥିଲା । ଏକେ ତ ତାଙ୍କର ଗରିବ ଲୋକଙ୍କ ସହ କାରବାର, ତା'ଛଡ଼ା ଶ୍ରମଜୀବୀ ସାଧାରଣ ଲୋକେ ତାଙ୍କ କଥା ଶୁଣି ଜୀବନରେ ଉତ୍ସାହ ଅନୁଭବ କରନ୍ତି । ତା' ବ୍ୟତୀତ ଭୋଗ, ନିଜ ସୁଖ-ସ୍ୱାଚ୍ଛନ୍ଦ୍ୟ ଉପରେ ତାଙ୍କର ଲକ୍ଷ୍ୟ ନଥିବାରୁ ତାଙ୍କ ଚରିତ୍ରର ପ୍ରଭାବ ମଧ୍ୟ ସ୍ଥାନୀୟ ସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ ରୂପେ ସକଳ ସମୟରେ ଜଳଜଳ ହୋଇ ଦେଖାଯାଏ । ଅନେକ ବ୍ୟକ୍ତି ନିଜ ନିଜ ମଧ୍ୟରେ କୌଣସି ବିବାଦର ମୀମାଂସା ଲାଗି ତାଙ୍କ ନିକଟକୁ ଆସନ୍ତି । ସେ ସେମାନଙ୍କର ବିବାଦରେ ଦେଶକାଳପାତ୍ରକୁ ବିଚାର କରି ଅତି ସୁନ୍ଦର ଭାବେ ମୀମାଂସା କରିଦିଅନ୍ତି ।

ଦିନେ ଗୋଟିଏ ମୀମାଂସାର ବ୍ୟାପାର ନେଇ ଦଳେ ଲୋକ ତାଙ୍କ ନିକଟରେ ଉପସ୍ଥିତ ହେଲେ । ଏମାନେ ସମସ୍ତେ ଅଭିଯୋଗକାରୀ । ତାଙ୍କର ଅଭିଯୋଗ ଜନୈକ ବ୍ରହ୍ମଚାରୀଙ୍କ ବିରୋଧରେ । ମୁଁ ସମସ୍ତ ବ୍ୟାପାର ଶୁଣି ମର୍ମାହତ ହେଲି । ମାତ୍ର ନାଗ୍ ମହାଶୟଙ୍କର ମୀମାଂସା ଦେଖି ଚମତ୍କୃତ ହେଲି ।

ନାଗ୍ ମହାଶୟଙ୍କର ମଧ୍ୟ ଗଭୀର ତୀକ୍ଷ୍ଣବୁଦ୍ଧି ଓ ସେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି । ଯେତେବେଳେ ସେ କୌଣସି ବିଷୟରେ ମନୋନିବେଶ କରନ୍ତି, ସେତେବେଳେ ଘଟଣାର ଶେଷାନ୍ତ ପର୍ଯ୍ୟନ୍ତ ଦେଖିପାରନ୍ତି ଏବଂ ତାହାର ଯେପରି ସିଦ୍ଧାନ୍ତ ନିଅନ୍ତି, ସେଥିରୁ ତାଙ୍କର ପବିତ୍ର ଅନ୍ତର୍ଦୃଷ୍ଟିର ପରିଚୟ ମିଳିଥାଏ ।

''ବ୍ରହ୍ମଚାରୀଙ୍କ ଉପରେ ତୁମମାନଙ୍କର ଏତେ ରାଗ କାହିଁକି ?''

ତାଙ୍କ ମଧ୍ୟରୁ ଜଣେ କହିଲା—''କେହି ଯଦି ସାଧୁ-ସନ୍ନ୍ୟାସୀ ନିକଟରେ ସୁନ୍ଦରୀ ଯୁବତୀ ଦେଖିବ, ତାହାହେଲେ ସାଧାରଣତଃ କ'ଣ ମନେହେବ ?''

ନାଗ୍ ମହାଶୟ ହସିଦେଇ କହିଲେ—''ତୁମେମାନେ କ'ଣ ସାଧୁସନ୍ନ୍ୟାସୀମାନଙ୍କୁ କେବଳ ପୁରୁଷଜାତିର ଭୋଗସମ୍ପତ୍ତି ବୋଲି ମନେକର ନା କ'ଣ ? ଗୃହସ୍ଥ ପୁରୁଷମାନେ ଯେଉଁ ଉପକାର ପାଆନ୍ତି, ଆମମାନଙ୍କ ଘରର ଲକ୍ଷ୍ମୀମାନେ କ'ଣ ସେ ସୁଯୋଗରୁ ବଞ୍ଚିତ ହୁଅନ୍ତି ନାହିଁ ?

''ତାହା ପାଆନ୍ତୁ ସତ, କିନ୍ତୁ ଜଣଙ୍କ ସହ ଯଦି ବେଶୀ ଘନିଷ୍ଠତା ଦେଖାଯାଏ !''

''ତା'ହେଲେ ବା କ'ଣ ହେଲା ? ଗୁରୁଙ୍କୁ ସେବାକରିବା ଏବଂ ନିଜ ସାଧନାର ଉତ୍କର୍ଷ ଲାଗି ଯଦି କେହି କୁଳଲକ୍ଷ୍ମୀ ନିରନ୍ତର ଗୁରୁସଙ୍ଗ କାମନା କରନ୍ତି, ଆଉ ତାହା ଯଦି ଗୁରୁ ସମୀଚୀନ ମନେକରନ୍ତି, ତାହାହେଲେ ସେଥିରେ ଦୋଷଟା କ'ଣ, ତାହା ବୁଝିପାରିଲି ନାହିଁ ତ !''

''ଆଚ୍ଛା, ଲୋକଚକ୍ଷୁରେ ଏଟା କେମିତି ...''

''ସେ ଘଟଣା ଯାହାର, ସେଇ ହିଁ ବିବେଚନା କରିବେ, ତୁମେମାନେ ଏ ବିଷୟରେ ମୁଣ୍ଡ ଘୂରାଇବା ଦ୍ୱାରା କ'ଣ ବୁଝାଉଛି ଜାଣ ? ନାରୀଜାତି ପ୍ରତି ତୁମମାନଙ୍କର ଦୃଷ୍ଟି ପବିତ୍ର ନୁହେଁ, ମାତୃଜାତି ପ୍ରତି ତୁମମାନଙ୍କର ମନ୍ଦ ମନୋଭାବ ଏବେ ସୁଦ୍ଧା ରହିଛି,'' କହି ସେ ମଧୁର ହସ ହସି ମୋ ଆଡ଼କୁ ଚାହିଁଲେ ।

ଅଭ୍ୟାଗତଙ୍କ ପ୍ରତି ସସ୍ନେହ ଦୃଷ୍ଟି ରଖି ପୁଣି କହିଲେ—''ଯିଏ ନିଜ ଘରେ ନ୍ୟାୟ-ଧର୍ମର ପ୍ରତିଷ୍ଠା କରିପାରେନାହିଁ, ଯାହାର ସଂଘବଦ୍ଧ ହେବାର ଉଦ୍ୟମ ନାହିଁ ଯାହାର, ସେ ଅନ୍ୟ ଆଶ୍ରମର ସମାଲୋଚନା ନାମରେ ଏହି ସମସ୍ତ କୁତ୍ସା ଆଲୋଚନା କରିବା ଶୋଭାପାଏ କି ?''

ଯାହାଙ୍କ ପ୍ରତି ଲକ୍ଷ୍ୟକରି ଏହି କଥାଗୁଡ଼ିକ କୁହାଗଲା, ସେମାନଙ୍କର ମୁଖର ଭାବ ପରିବର୍ତ୍ତିତ ହେଲା । ସେମାନଙ୍କ ମଧ୍ୟରୁ ଜଣେ ଅପ୍ରତିଭ ହସ ହସି ମୃଦୁସ୍ୱରରେ କହିଲେ—''ଆମେସବୁ ଅନେକ କିଛି ନାଲିସ୍ କରିବା ଲାଗି ଆସିଥିଲୁ, ଆପଣ ଏକାଥରକେ ସବୁ ଶେଷ କରିଦେଲେ ।''

ନାଗ୍—''ବେଶ୍ ତ, ଯେତେସବୁ ଆଇଟମ୍, ସବୁଗୁଡ଼ିକ କହିଯାଅନା, ସବୁଗୁଡ଼ିକର ମୀମାଂସା ଏବେ ହେବ । କୁହ ତ, ତା' ପରର ଦ୍ୱିତୀୟ ଦଫା !''

ସେ—''ସାଧୁ-ସନ୍ନ୍ୟାସୀ ହୋଇ ଏତେ ବିଷୟାଦି ଦିଗକୁ ନଜର କାହିଁକି ? ଜମିଜମା ଅନେକ କିଛି କରିଛନ୍ତି ଓ କରୁଛନ୍ତି ମଧ୍ୟ । ପୁଣି ଜୋର୍ କରି ସେଦିନ ଏକ କୁଣ୍ଡ ଦଖଲ କରିନେଲେ ।''

''ଆଶ୍ରମ କରିବାକୁ ହେଲେ ତାକୁ ସ୍ଥାୟୀ କରିବାର ଉପାୟ ମଧ୍ୟ କରିବାକୁ ହୁଏ ତ ? ସେ ସଂସ୍ଥା ଚଳିବ କିପରି ? ଜମିଜମା ଥିଲେ ତାହାର ଆୟ-ଉପସ୍ୱତ୍ୱକୁ ନେଇ ଆଶ୍ରମ ଚଳିଯିବ । ଏଥିରେ ଦୋଷ କ'ଣ ? ପାଞ୍ଚଜଣ ସାଧୁସଜ୍ଜନ ପ୍ରତିପାଳିତ ହେବେ, ଏଗୁଡ଼ିକ

ତ ଆଶ୍ରମ କରିବାକୁ ଗଲେ ହିଁ ଦରକାର ହୋଇଥାଏ । ଯାହାଙ୍କର ଏ ସମସ୍ତ ସ୍ଥାୟୀ ଭାବେ ବନ୍ଦୋବସ୍ତ କରିବାର ସୁଯୋଗସୁବିଧା ଅଛି, ସେ ତାହା ନକରି ଛାଡ଼ିବେ କାହିଁକି ?''

ସେ–''ଆଉ ଜୋର୍‌କରି ଜାଗା ଦଖଲ କରିବା, କୁଣ୍ଠଟିକୁ ଜୋର୍‌କରି ନିଜ ଇଲାକା ମଧ୍ୟକୁ ନେଇଯିବା ?''

''ସେ ସମସ୍ତର ବିଚାର ଧର୍ମାଧିକରଣଙ୍କ ନିକଟରେ ହେବ, ଏଠାରେ କାହିଁକି ? ସମ୍ପତ୍ତିର ଅଧିକାର-ଅନଧିକାର ସାବ୍ୟସ୍ତ ହେବ ବିଚାରାଳୟରେ । ଆପତ୍ତିର ସୂକ୍ଷ୍ମ ବିଚାର ସେହିଠାରେ ହିଁ ହେବ ।''

ସେ–''ତାହା ହୁଏନାହିଁ । ଆଜିକାଲି ଟଙ୍କା ଜୋର୍‌ରେ, ଯାହା ଅସମ୍ଭବ, ଯେଉଁଟା ଅନ୍ୟାୟ, ତାହା ମଧ୍ୟ ସମ୍ଭବ ହୁଏ, ନ୍ୟାୟ ବୋଲି ଗ୍ରହଣ କରାଯାଏ ।''

ନାଗ୍ ମହାଶୟ ତତ୍‌କ୍ଷଣାତ୍ ଉତ୍ତରରେ କହିଲେ–''ତାହା ହୁଏତ ଆପାତତଃ ହେଲା, କିନ୍ତୁ ତାହା କେବଳ ତୁମମାନଙ୍କର ଏକତାର ହିଁ ଅଭାବରୁ । ସଂଘଶକ୍ତିବିମୁଖ ହୋଇଛ ବୋଲି ନା ତୁମେମାନେ ଏକ ସାମାଜିକ ଅନ୍ୟାୟର ପ୍ରତିବିଧାନ କରିପାରୁନାହଁ ! ଅଦାଲତକୁ କାହିଁକି ଯିବାକୁ ହୁଏ ତୁମମାନଙ୍କୁ ? ତା'ପରେ ବିଚାର ଉପରେ ମଧ୍ୟ ବିଚାର ଅଛି ତ ?''

ସେ–''ଆପାତତଃ ଅଧର୍ମର ଜୟ ହେଲା ତ ?''

ଶୁଣିନେଇ ନାଗ୍ ମହାଶୟ ହସିକରି କହିଲେ–''ସବୁ କାମରେ ହିଁ ସଦ୍ୟ ଫଳ ମିଳିଥାଏ କି ? ତା'ପରେ ଜାଣୁନା କାହିଁକି, ବୀରଭୋଗ୍ୟା ବସୁନ୍ଧରା ବୋଲି ଗୋଟାଏ କଥା ଅଛି, ଜାଣ ତ ? ଏଠାରେ ଯାହାର ଶକ୍ତି ବେଶୀ, ସେଇ ହିଁ ମନୋମତ ଭୋଗର ଉପାଦାନ ସଂଗ୍ରହ କରିବ । ସେଥିରେ ଯଦି କାହାର କୌଣସି ବାଧା ନଥାଏ, ସେତେବେଳେ କ'ଣ ବୁଝିବାକୁ ହେବ ? ମୁଣ୍ଡ ତଳକୁ ହେବା ବ୍ୟତୀତ ଆଉ ଉପାୟ ନାହିଁ । ନ୍ୟାୟ-ଅନ୍ୟାୟ କଥା କହୁଛ, କିନ୍ତୁ ତୁମେ ହୋଇଥିଲେ କ'ଣ କରିଥାନ୍ତ ? ପ୍ରବଳ ବିଷୟାସକ୍ତର ତୃଷ୍ଣା ଥିଲେ ଆଉ ତା'ର ଉପଯୋଗୀ ଶକ୍ତି ଥିଲେ, ତୁମେ କ'ଣ କୌଣସି କ୍ଷୁଦ୍ର ପ୍ରତିବନ୍ଧକକୁ ଗ୍ରାହ୍ୟ କରନ୍ତ ? ଗୋଟିଏ ବଡ଼ ଦୃଷ୍ଟାନ୍ତ ଦେଖୁନାହଁ ? ଏହି ବଙ୍ଗଳାର ରାଜତ୍ୱ କେଉଁ ଭାବରେ, କାହା ହାତରୁ ଆସି କାହା ହାତରେ ପଡ଼ିଛି ! ଏଠାରେ ନ୍ୟାୟ-ଅନ୍ୟାୟର ବିଚାର କରିବ ବା କିଏ, ମାନିବ ବା କିଏ ! ପ୍ରବଳ ଶକ୍ତି ଦୁର୍ବଳକୁ ସ୍ତମ୍ଭିତ କରି ନିଜ ଉଦ୍ଦେଶ୍ୟ ସଫଳ କରିବ । ତାହାର ପଶ୍ଚାତ୍‌ରେ ଅବଶ୍ୟ ଜନମତର ସମର୍ଥନ ଥିଲା ବୋଲି ସିନା ଏହା ସମ୍ଭବ ହୋଇଛି ।''

''ଏ କଥା ଅଲଗା, ରାଜତ୍ୱ ବ୍ୟାପାର ନେଇ–''

ନାଗ୍ ମହାଶୟ ବାଧାଦେଇ କହିଲେ–''କାହିଁକି, ଅଲଗା କାହିଁକି ? ଏହା ମଧ୍ୟ ନିଜ ଶକ୍ତିମତ୍ତାର ହିଁ କଥା, ଜୋର୍ କରି ଦଖଲ କରିବା ବ୍ୟାପାର ହିଁ ଆସୁଛି !''

ସେ କହିଲେ– ଯିଏ ''ସାଧୁ-ସନ୍ନ୍ୟାସୀ, ସଂସାରତ୍ୟାଗୀ ଯିଏ, ସେମାନଙ୍କର କାହିଁକି ପରଧନ ଲାଗି, ପରର ସମ୍ପତ୍ତି ପାଇଁ ଲୋଲୁପ ଦୃଷ୍ଟି ? ଧର୍ମ-ରାଜ୍ୟରେ କ'ଣ ତାହା ଅନ୍ୟାୟ ନୁହେଁ ?''

ନାଗ୍ ମହାଶୟ କହିଲେ–''ବିଷୟର ବ୍ୟାପାର ଯେଉଁଠାରେ, ସେଠାରେ ସାଧୁ ବା କ'ଣ ଆଉ ସନ୍ନ୍ୟାସୀ ବା କ'ଣ ! ବିଷୟଟା ବିଷୟ, ସମ୍ପତ୍ତିଟା ସମ୍ପତ୍ତି । ଅଧିକାର ନେଇ ହିଁ ଏକଥା ନୁହେଁ କି ? ସମ୍ପତ୍ତି ବା ବିଷୟର ବ୍ୟାପାରରେ ଅଧିକାରର ଯେ ଆକାଙ୍କ୍ଷା, ତାହାର ମୂଳ ହିଁ ହେଲା ଲୋଭ । ସମ୍ପତ୍ତିର ଆସ୍ପୃହା ସମ୍ପତ୍ତିକୁ ହିଁ ଟାଣିବ । ସମ୍ପତ୍ତିଲୋଲୁପ ମନ, ତାହା ସହ କର୍ମଶକ୍ତି ଯଦି ଅନୁକୂଳ ଥାଏ, ତାକୁ କିଏ ବାଧାଦେବ ? ବାଧା ଦେବାକୁ ଗଲେ ତାହାଠାରୁ ପ୍ରବଳ ଶକ୍ତିର ପ୍ରୟୋଜନ, ବାକ୍-ବିତଣ୍ଡାର କାମ ନୁହେଁ ତ !''

''ତାହାହେଲେ ସାଧୁସନ୍ନ୍ୟାସୀ ଓ ଗୃହୀ ମଧ୍ୟରେ ପ୍ରଭେଦ କ'ଣ ରହିଲା ?''

ନାଗ ମହାଶୟ କହିଲେ–''ଯେଉଁଠି ବିଷୟ-ବ୍ୟାପାରର କଥା, ସେ କ୍ଷେତ୍ରରେ କୌଣସି ପ୍ରଭେଦ ତ ନାହିଁ । ବିଷୟ ଥିଲେ ବିଷୟରକ୍ଷା କରିବା ଲାଗି ଶକ୍ତି ପ୍ରୟୋଜନ । ବ୍ୟକ୍ତିତ୍ୱ, ଜନବଳ ଓ ଅର୍ଥବଳ–ଏହି ତିନୋଟି ତାହାର ମୁଖ୍ୟ ପ୍ରୟୋଜନ । ସେଗୁଡ଼ିକ ଯାହାର ଅଛି, ତା'ର ବିଷୟ ଉପାର୍ଜନର ଅଧିକାର ରହିବ ଓ ସେ ତା'ର ରକ୍ଷା ସେ କରିପାରିବ ।''

''ତା'ହେଲେ ସନ୍ନ୍ୟାସ ଆଶ୍ରମର ସାର୍ଥକତା ପୁଣି କ'ଣ ?''

ନାଗ ମହାଶୟ ବାରମ୍ବାର ପ୍ରଶ୍ନ ଯୋଗୁଁ ଯେପରି ଟିକିଏ ବିରକ୍ତ ହେଲେ; କିନ୍ତୁ ଶାନ୍ତ ଭାବରେ କହିଲେ–''ପ୍ରଭେଦ ଦେଖିପାରୁଛ ତ ଭାଇ, ଯେଉଁଠି ବିଷୟର ପ୍ରଶ୍ନ, ସେଠାରେ ପ୍ରଭେଦ କେଉଁଠି ? ବିଷୟମୂଳକ କର୍ମ ଯେତେକ୍ଷଣଯାଏ ରହିଛି, ସେତେକ୍ଷଣଯାଏ ଲାଲବସ୍ତ୍ର ପରିଧାନ କର ବା ସାଦା ବସ୍ତ୍ର ପିନ୍ଧ, ଫଳ ଯେ ସମାନ; ଏକଥା କ'ଣ ଆଜିକାଲି ଦିନରେ କାହାକୁ ବୁଝିବାକୁ ଆଉ ଜଣଙ୍କର ସହାୟତା ଦରକାର ହୁଏ ? ସଂସାର ବ୍ୟତୀତ, ବିଷୟ ତ୍ୟାଗ କରିବା କଥା, ଏହା ତ କରିବା ଭିତରେ, କର୍ମ ଭିତରେ ଗଲା । ଆଉ ଯେତେବେଳେ ଜଣଙ୍କର କର୍ମ ଏତେ ପ୍ରବଳ, ସେତେବେଳେ ଆଉ ସନ୍ନ୍ୟାସ କଥାର ପ୍ରୟୋଜନ କ'ଣ ?''

''ନିଷ୍କାମ କର୍ମ ହିଁ ତ ସନ୍ନ୍ୟାସୀଙ୍କର । ଗୃହୀଙ୍କର...''

ବାଧାଦେଇ ନାଗ୍ ମହାଶୟ କହିଲେ–''ନିଷ୍କାମ କର୍ମ ଯଦି ସମ୍ଭବ ହୁଏ, ତେବେ ଗୃହୀଙ୍କ କ୍ଷେତ୍ରରେ ହେବନାହିଁ କାହିଁକି ? ପୁଣି ଗୃହୀ ଆଉ ସନ୍ନ୍ୟାସୀ ମଧ୍ୟରେ ପ୍ରଭେଦ କ'ଣ– ଗୃହୀ ଅବସ୍ଥାର ପରିଣତି ହିଁ ତ ସନ୍ନ୍ୟାସ ? ଗୃହୀ ମଧ୍ୟ ପରିପକ୍ୱ ଜ୍ଞାନର ଅବସ୍ଥାରେ ସନ୍ନ୍ୟାସୀ ହୁଅନ୍ତି, ନା କ'ଣ ? ସନ୍ନ୍ୟାସୀ ପୁଣି କ'ଣ ଅନ୍ୟ ଲୋକରୁ ଏଠାକୁ ଆସିଥାନ୍ତି ?''

ସେ ବ୍ୟକ୍ତି ଯେପରି ଟିକିଏ ଗୋଳମାଳରେ ପଡ଼ିଗଲେ । କହିଲେ–''ଏହି ଯେଉଁ ଏଠାକାର ସନ୍ନ୍ୟାସୀ ସମ୍ପ୍ରଦାୟ, ଏମାନେ ସମସ୍ତେ ତ ଗାର୍ହସ୍ଥ୍ୟର ପରିପକ୍ୱ ଅବସ୍ଥାରେ

ସନ୍ନ୍ୟାସୀ ହେଉନାହାନ୍ତି—ଏମାନେ କେହି କେହି ଅର୍ଦ୍ଧପକ୍ୱତା ଅବସ୍ଥାରେ, କେହି କେହି ବା ଏକବାର କଞ୍ଚା ଅବସ୍ଥାରେ, ଅଳ୍ପ ବୟସରେ ସନ୍ନ୍ୟାସୀର ଦଳରେ ଭର୍ତ୍ତି ହୋଇପଡ଼ିଛନ୍ତି, ସେଇଥିଲାଗି ତ ଯେତେସବୁ ଗୋଳମାଳ ।''

ନାଗ୍ ମହାଶୟ—''ଆରେ ଭାଇ, ଏବେ ସେହି ପୁରାତନ କାଳର ଚତୁରାଶ୍ରମ ତ ଆଉ ନାହିଁ ! ଦେଶ ମଧ୍ୟରେ ସମାଜର ଆମୂଳଚୂଳ ପରିବର୍ତ୍ତନ ହୋଇଯାଇଛି ଯେ ! ସେ କାଳରେ ପ୍ରାକୃତିକ ନିୟମରେ ହିଁ ଆମର ମାନବସମାଜର ଆଶ୍ରମ ନିୟମିତ ହେଉଥିଲା, ଯେହେତୁ ସେତେବେଳର ମାନବ ପ୍ରକୃତିର କୋଳରେ ହିଁ ମଣିଷ ହେଉଥିଲେ । ଚତୁରାଶ୍ରମ ମଧ୍ୟରେ ସନ୍ନ୍ୟାସ ଥିଲା ଚତୁର୍ଥ ଆଶ୍ରମ । ଜୀବନରେ ଭୋଗ ଓ କର୍ମ ପୂର୍ଣ୍ଣ ହେଲାପରେ ବୈରାଗ୍ୟ ଆସିଲେ, ତା'ପରେ ଆସେ ତ୍ୟାଗ । ମହାଭାରତ ଯୁଗ ପରଠାରୁ ବର୍ତ୍ତମାନ ଇତିହାସ ମଧ୍ୟରେ ପ୍ରଥମେ ହିଁ ମହାବୀର ଜୈନ ସମ୍ପ୍ରଦାୟୀ ସନ୍ନ୍ୟାସୀ ଦଳ ଗଠନ କଲେ । ସଙ୍ଗେ ସଙ୍ଗେ ବୁଦ୍ଧଦେବଙ୍କର ଆଉ ଏକ ସଂଘ ବା ପ୍ରକାଣ୍ଡ ଶ୍ରମଣ ଦଳ ସୃଷ୍ଟି ହୋଇଗଲା । ଧର୍ମର ଯେପରି ଏକ ପ୍ରବଳ ବନ୍ୟା ପ୍ଲାବିତ ହେଲା । ତାହାଦ୍ୱାରା ଦେଶରେ ଗୃହୀ ଅଗୃହୀ ନିର୍ବିଚାରରେ ବୈରାଗୀ ଦଳ ବୈରାଗ୍ୟ ରାଜ୍ୟରେ ପଶିଗଲେ । ବୈରାଗ୍ୟ-ଧର୍ମ ନାମରେ ଯେପରି ଏକ ବିରାଟ ମୋହ ସୃଷ୍ଟିହେଲା ରାଜ୍ୟର ସବୁଆଡ଼େ । ଶେଷରେ ସମ୍ରାଟ ଅଶୋକଙ୍କ ପ୍ରଭାବରେ ତାହାର ବହୁ ପ୍ରସାର ଘଟିଲା । ସେତେବେଳଠାରୁ ଦେଶରେ ଆଶ୍ରମ କ୍ଷେତ୍ରରେ ବ୍ୟଭିଚାର ଆରମ୍ଭ ହେଲା; ମାତ୍ର ପ୍ରାକୃତିକ ନିୟମ ଠିକ୍ ହିଁ ରହିଲା । କ୍ଷଣିକ ବୈରାଗ୍ୟର ଝୁଙ୍କ ଅଥବା ରାଜାନୁଗ୍ରହ ଲାଭର ଲୋଭରେ ଯେଉଁମାନେ ସଂଘ ମଧ୍ୟରେ ପ୍ରବେଶ କଲେ, ସେମାନଙ୍କର ମୋହ କଟିଗଲା; ପରେ ପ୍ରକୃତ ଭୋଗର କ୍ଷୁଧା ଜାଗ୍ରତ ହେଲା । ସେହି ସମୟରୁ ହିଁ ସଂଘର ପ୍ରତିଷ୍ଠିତ ଆଇନ କାନୁନର ଫାଙ୍କ ଭିତରେ ବେଶ୍ କିଛି ଭୋଗର ହାଓ୍ୱା ପଶିଲା ଏବଂ ସମୟକ୍ରମେ ଏହାର ଝଡ଼ ବହିବାକୁ ଆରମ୍ଭ କରିଦେଲା । କ୍ରମେ ସଂଘର ଗୋଟିଏ ଦିଗ ବିକୃତ ହୋଇ ପ୍ରକୃତିର ନିୟମରେ ହିଁ ଦେଶର ଓ ସମାଜର ଏକ ବିପଦ ହୋଇ ଠିଆହେଲା । ଠିକ୍ ସେହି ଅବସ୍ଥାରେ ଶଙ୍କରଙ୍କ ଆବିର୍ଭାବ । ସନାତନ ଧର୍ମକୁ ମାୟାର କବଳରୁ ଉଦ୍ଧାର କରିବାକୁ ଯାଇ ସେ ବି ନୂତନ ଭାବେ ସମ୍ପ୍ରଦାୟ ଗଢ଼ିଚାଲିଲେ । ପୁରାତନ ବୌଦ୍ଧତନ୍ତ୍ରର କ୍ଷୟ-ଅପଚୟ ଧାରାରେ ଯେଉଁମାନେ ଜାତି, ଗୋଷ୍ଠୀ ହରାଇ ଆଉଲ, ବାଉଲ, ସ୍ୱାମୀ, କର୍ତ୍ତା ଆଦି ନାନା ଛାଞ୍ଚରେ ଗଢ଼ା ସହଜ-ଧର୍ମର ଧାରାରେ ବଣ-ଜଙ୍ଗଲ ସୃଷ୍ଟି ହୋଇ ଗଜାମାରି ବଙ୍ଗଳାର ନାନା ଦିଗକୁ ବିସ୍ତାର ଲାଭ କଲା ।''

''ଶଙ୍କରଙ୍କର ଅଦ୍ୱୈତ ତତ୍ତ୍ୱଜ୍ଞାନ ଭେଦର ଏକ ଏକ ମୀମାଂସା ନେଇ ବିରାଟ ସମ୍ପ୍ରଦାୟ, ବିରାଟ ଦଳ ଗଢ଼ିଉଠିବାକୁ ଆରମ୍ଭ କଲା । ଶଙ୍କରଙ୍କ ସମ୍ପ୍ରଦାୟର ଆଦର୍ଶ ବହୁଭାବରେ ବିଭିନ୍ନ ରୂପ ନେଲା । କୁଳୀନ, ଗିରି, ପୁରୀ, ଭାରତୀ, ଆରଣ୍ୟ ଆଦି ଦଶ-ନାମଧାରୀଠାରୁ ବଂଶଜ ବହୁ ନାମଧାରୀ ଓ ନାନାପନ୍ଥୀ ହୋଇ ଭାରତସାରା ଆନନ୍ଦର ହାଟ-ବଜାର ବିଛାଇ ଦେଲେ । ନାଥ ସମ୍ପ୍ରଦାୟର ଯୋଗୀଗୁରୁ ଗୋରଖନାଥଙ୍କ ସମ୍ପ୍ରଦାୟଙ୍କ

ସଂଖ୍ୟା ତନ୍ମଧ୍ୟରେ ଖୁବ୍ କମ୍ ନଥିଲା । ସେହି ସମୟରୁ ଏ ପର୍ଯ୍ୟନ୍ତ ଯୋଗୀ ବା ସନ୍ନ୍ୟାସୀଙ୍କ ରାଜ୍ୟରେ ନିଷ୍କାମ-କର୍ମର ଯୋଗଫଳ ଏହିପରି କ୍ରମାଗତ ଭାବେ ବୃଦ୍ଧି ପାଇ ଏବେ ରାମକୃଷ୍ଣ-ବିବେକାନନ୍ଦଙ୍କ ସମ୍ପ୍ରଦାୟ, କେବଳ ଭାରତରେ ନୁହେଁ, ନୂତନ ପୃଥିବୀ ଆମେରିକା ପର୍ଯ୍ୟନ୍ତ ପ୍ରବେଶ କରିଛି—ତାହା ଦେଖୁଛ ତ ?''

ସେ—''ତା'ହେଲେ ଏହି ଯେଉଁ ପ୍ରାଚୀନ ଓ ନୂତନ ସନ୍ନ୍ୟାସୀଙ୍କର ନାନା ସମ୍ପ୍ରଦାୟ, ସେମାନଙ୍କର କର୍ମପନ୍ଥା ମଧ୍ୟ ବିଭିନ୍ନ ଦେଖାଯାଏ, ସେମାନଙ୍କର ଆଦର୍ଶ ଯାହା ଥାଉନା କାହିଁକି । ଗୃହୀମାନଙ୍କଠାରୁ କେବଳ ଗୋଟିଏ ବସ୍ତ୍ରର ରଙ୍ଗ ଦ୍ୱାରା ବ୍ୟବଧାନ ବ୍ୟତୀତ ଆଉ କ'ଣ ବ୍ୟବଧାନ, ତାହା ତ ଦେଖିବାକୁ ପାଉନାହୁଁ ।''

ନାଗ୍ ମହାଶୟ କହିଲେ—''ତାହା ତ ବାହାରୁ ଦେଖିବାକୁ ମିଳୁଛି । ମୁଁ କିନ୍ତୁ ଆଉ କିଛି ବ୍ୟବଧାନ ଦେଖିବାକୁ ପାଉଛି । ତାହା ହେଲା, ଯୁବକସଂଘମାନଙ୍କ ମଧ୍ୟରେ ବିଦ୍ୟାନୁରାଗ, ବିଳାସ ତ୍ୟାଗ ଏବଂ କୌମାର ଅବସ୍ଥା ନେଇ ସନ୍ତୋଷ ଲାଭ ଏବଂ ଗୌରବବୋଧ । ଏହା କମ୍ ଗୌରବର କଥା ନୁହେଁ । ପୁଣି ଏହା ମଧ୍ୟ ଏକ ବିଶେଷ ଶୁଭ ଯୋଗାଯୋଗ ନୁହେଁ କି ? ଏହା ଫଳରେ ଦେଶର ନାନାଦି କର୍ମରେ ଦେଶର ଯୁବ-ସମ୍ପ୍ରଦାୟ କେତେଜଣ ଆତ୍ମନିର୍ଭରଶୀଳ ହୋଇ କାର୍ଯ୍ୟ କରିପାରୁଛନ୍ତି । ଏହି ଯେଉଁ ପରାର୍ଥ-କର୍ମର ଯୋଗ, ଏହା କ'ଣ ସହଜ କଥା ? ଏହା ପୂର୍ବ-ପଶ୍ଚିମର ମିଳନର ସେତୁ । ବିବେକାନନ୍ଦ ପୁରାତନ ସନ୍ନ୍ୟାସୀ ସଂଘର ଆଭିମୁଖ୍ୟ ବଦଳାଇଦେଇ ଯାଇଛନ୍ତି, ତାଙ୍କର ଏହି ନୂତନ ଦଳ ଗଢ଼ି । ଏହାମଧ୍ୟରେ ସ୍ରଷ୍ଟାର ଏକ ଅଭିପ୍ରାୟ ରହିଛି, ଦେଖୁଛନା ?''

ଏହିପରି ପ୍ରସଙ୍ଗର ବାର୍ତ୍ତାଳାପରେ ଆମେସବୁ ବିଶେଷ କୌତୂହଳୀ ହେଲେହେଁ ସେ ବିଷୟଟିକୁ ନେଇ ଆଉ ଅଧିକ ସମୟ କ୍ଷୟ କରିବାକୁ ଚାହିଁଲେ ନାହିଁ, କହିଲେ—''ଆଜି ଏହି ପର୍ଯ୍ୟନ୍ତ ଥାଉ, ପୁଣି ସମୟାନ୍ତରରେ ଆଲୋଚନା ହେବ ।''

ତା'ପରେ ମୋ' ହାତକୁ ଧରି କହିଲେ—''ଚାଲନ୍ତୁ ଦାଦା, ଆଜି ଆପଣଙ୍କୁ ଏକ ନୂତନ ଜିନିଷ ଦେଖାଇବି !''

ଏକ ଜୀର୍ଣ୍ଣ ପୁରାତନ ମନ୍ଦିର—ତାହାର ଅଳ୍ପ ଦୂରରେ ଏକ ବହୁ ପ୍ରାଚୀନ ନିମ୍ବଗଛ । ସେତେବେଳେ ଆଷାଢ଼ ମାସ, ଗଛରେ ପକ୍ୱ ଫଳପୂର୍ଣ୍ଣ । ଭୂମିରେ ଅସଂଖ୍ୟ ମଞ୍ଜି ସ୍ତୂପାକାରରେ ଗଦାହୋଇ ରହିଛି । ନାଗ୍ ମହାଶୟ ନିମ୍ବଗଛ ଉପରେ ଚଢ଼ିବାକୁ ଆରମ୍ଭ କରିଦେଲେ ।

''ଆସନ୍ତୁ ଦାଦା'' କହି ଗୋଛାଏ ପକ୍ୱ ନିମ୍ବଫଳ ହାତରେ ଧରି ଗୋଟାଏ ଦୁଇଟା କରି ପାଟିରେ ପୂରାଇବାକୁ ଆରମ୍ଭ କଲେ । ମୁଁ ଅବାକ୍ ହୋଇ ପଚାରିଲି—''ଇଏ କ'ଣ, ପିତା ଲାଗୁନାହିଁନା ?''

''ଗୋଟାଏ ଖାଇ ଦେଖନ୍ତୁନା, ମନ-ରସନାର ବିବାଦ-ଭଞ୍ଜନ ହୋଇଯିବ ।''

ଆଶ୍ଚର୍ଯ୍ୟ—ଏପରି ମଧୁର, ଏକବାର ତିକ୍ତ-ସ୍ୱାଦଶୂନ୍ୟ, ନିମ୍ବଫଳ ଯେ ଏତେ ମିଷ୍ଟ ତାହା ମୋ' ଜୀବନରେ କେବେହେଁ ଆସ୍ୱାଦନ କରିନଥିଲି । ଭୁବନେଶ୍ୱର ଆସି ଏହି ଏକ ଅପୂର୍ବ ବସ୍ତୁ ଦେଖିଲି । ନାଗ୍ ମହାଶୟ ଆଜି ଆଉ ଅନ୍ୟ କିଛି ଖାଇଲେ ନାହିଁ, ଏହି ଫଳହିଁ

ନିମ୍ବଗଛ ନିକଟସ୍ଥ ପୁରାତନ ଜୀର୍ଣ୍ଣ ମନ୍ଦିର (ଭୁବନେଶ୍ୱର)

ହେଲା ତାଙ୍କର ଆଜି ପାଇଁ ଆହାର । ମୁଁ ମଧ୍ୟ କିଛି କିଛି ଖାଇନେଲି । ଆମେ ଦୁହେଁ ଗଛରୁ ଓହ୍ଲାଇବା ପୂର୍ବରୁ ଦେଖିଲୁ, ଗୋଟିଏ ଦୁଇଟି କରି ଅନେକଗୁଡ଼ିଏ ମହାବୀର ଆସି ଗଛତଳେ ଜମା ହେବାକୁ ଲାଗିଲେ । ନାଗ୍ ମହାଶୟ ଏହା ଦେଖିନେଇ କହିଲେ—''ଦାଦା, ଆଉ ନୁହେଁ, ଅଧିକାରୀମାନେ ଆସିଛନ୍ତି, ଆମର ଆଉ ଏଠାରେ ସ୍ଥାନ ନାହିଁ ।''

ତଳକୁ ଓହ୍ଲାଉ ନ ଓହ୍ଲାଉଣୁ ଗୋଟି ଗୋଟି କରି ସେମାନେ ଛନଛନ ହୋଇ ଗଛ ଉପରକୁ ଉଠିପଡ଼ିଲେ । ଆମେ ନିକଟସ୍ଥ ଦେଉଳ ମଣ୍ଡପରେ ବସିଯାଇ କଥାବାର୍ତ୍ତା କରିବାକୁ ଆରମ୍ଭ କରିଦେଲୁ । ସେତିକିବେଳେ ପଶ୍ଚିମାକାଶରେ ବାଦଲ ଫାଙ୍କରେ ଥରେ ଦିବାକର ମଧ୍ୟ ଦର୍ଶନ ଦେଲେ । ଭୁବନେଶ୍ୱରକୁ ଆସିବା ଭିତରେ ମନେହେଲା ଆଜି ପ୍ରଥମ ସୂର୍ଯ୍ୟଙ୍କ ଦର୍ଶନ କଲି । ଉଜ୍ଜ୍ୱଳ କିରଣରାଶି ଯେପରି ଆନନ୍ଦ ବର୍ଷଣ କରି ଚତୁର୍ଦ୍ଦିଗରେ ନୃତ୍ୟର ଛନ୍ଦ ସୃଷ୍ଟିକଲା ଏବଂ ମନରୁ ସକଳ ଅବସାଦ ଯେପରି କଟିଗଲା । କହିଲି—''ଦେଖିଲେ ଆମ ମନରୁ ଯେପରି ସମସ୍ତ ଦୁଃଖ ଦୂରକରି ଏତେଦିନ ପରେ ଆଜି ମାର୍ତ୍ତଣ୍ଡଦେବ ଦେଖାଦେଲେ, କେତେ ଆନନ୍ଦ ଲାଗୁଛି, କହନ୍ତୁ ତ !''

ନାଗ୍ ମହାଶୟ ଲାବଣ୍ୟୋଜ୍ଜ୍ୱଳ ଛଳଛଳ ନେତ୍ରରେ ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ଏକ ଧ୍ୟାନ ପ୍ରାର୍ଥନାକୁ ଆବୃତ୍ତି କଲେ । କି ସୁନ୍ଦର ତାଙ୍କର ସଂସ୍କୃତ ଉଚ୍ଚାରଣ !

''ଭାସ୍ୱଦ୍ରତ୍ନାଟ୍ୟମୌଳୀ ସ୍ଫୁରଦଧରରଚା ରଞ୍ଜିତଶ୍ଚାରୁବେଶୋ,
ଭାସ୍ୱାନ୍ ଯୋ ଦିବ୍ୟତେଜାଃ କରକମଳଯୁତଃ ସ୍ୱର୍ଣ୍ଣବର୍ଣ୍ଣଃ ପ୍ରଭାଭିଃ–
ବିଶ୍ୱାକାଶାବକାଶ ଗ୍ରହପତିଶିଖରେ ଭାତି ଯଶ୍ଚୋଦୟାଦ୍ରୌ,
ସର୍ବାନନ୍ଦପ୍ରଦାତା ହରିହୟନମିତଃ ପାତୁ ମାଂ ବିଶ୍ୱଚକ୍ଷୁଃ ।''

''ସିଏ ଯେ ଆମର ମୂର୍ତ୍ତିମାନ କଲ୍ୟାଣ, ଆମ ଜୀବ-ସମାଜର ଏହାଠାରୁ ଆଉ କିଏ ବଡ଼ ନିଜର ଆତ୍ମୀୟ ଅଛି ! ଜାଣନ୍ତି ଦାଦା, ଆର୍ଯ୍ୟମାନେ ଯେତେଦିନ ପର୍ଯ୍ୟନ୍ତ ଏହି ପ୍ରତ୍ୟକ୍ଷ ଦେବତାଙ୍କୁ ଜୀବନ୍ତ ଭାବେ, ବ୍ୟକ୍ତିଗତ ତଥା ଜାତିଗତ ଭାବେ ଜୀବନକାଳରେ ଧରିରଖିଥିଲେ, ସେତେଦିନ ପର୍ଯ୍ୟନ୍ତ ସେମାନେ ବିଶ୍ୱବରେଣ୍ୟ ଥିଲେ, ତାହାପରେ ଧୀରେଧୀରେ ଏହାଙ୍କୁ ଛାଡ଼ି ନାନା ମୂର୍ତ୍ତି ଦିଗକୁ, ଅନାର୍ଯ୍ୟଙ୍କ ମିଶ୍ରଣ ଫଳରେ, ରଜୋଗୁଣ ପ୍ରଭାବରେ ବିସ୍ତୃତ ହେବାରେ ଲାଗିଲେ । ସେହିଦିନଠାରୁ କ୍ରମେ କ୍ରମେ ଶୌର୍ଯ୍ୟ, ବୀର୍ଯ୍ୟ, ଆତ୍ମଜ୍ଞାନ, ଔଦାର୍ଯ୍ୟ କ୍ଷୟ ହେବାକୁ ଲାଗିଲା, ଯାହାର ଶେଷ ପରିଣାମ ଏହି ବର୍ତ୍ତମାନର ଅବସ୍ଥା ।''

''ଶିବ ନାରାୟଣ ସ୍ୱାମୀଙ୍କର ମତରେ ଜୀବର ଏହା ଏକମାତ୍ର ପ୍ରତ୍ୟକ୍ଷ ଆଦି ଦେବ– ଏଇ ହିଁ ଅଦ୍ୱିତୀୟ ଈଶ୍ୱର ଏବଂ ପରମଗତି ।''

''ସନାତନ ଧର୍ମର ତ ଏହି ହିଁ ଆଦିଦେବତା, ସେଥିଲାଗି ସେ ହେଉଛନ୍ତି ଅଜ, ତା'ପରେ ଆଦିତ୍ୟ, ସେହି ହିଁ ଏକମାତ୍ର ସତ୍ୟ ଏବଂ ପ୍ରତ୍ୟକ୍ଷ ଦେବତା ।

'ଏଷ ବିଷ୍ଣୁ ଶିବଶ୍ଚୈବ ବ୍ରହ୍ମାଚୈବ ପ୍ରଜାପତିଃ,
ମହେନ୍ଦ୍ରଶ୍ଚୈବ କାଳଶ୍ଚ ଯମୋ ବରୁଣ ଏବଚ ।
ନକ୍ଷତ୍ର ଗ୍ରହତାରା ନାମାଧିପୋ ବିଶ୍ୱତାପନଃ...
ଏଷ ଭୂତାତ୍ମକୋ ଦେବଃ ସୂକ୍ଷୋହବ୍ୟକ୍ତଃ ସନାତନଃ ।
ଈଶ୍ୱରଃ ସର୍ବଭୂତାତ୍ମା ପରମେଷ୍ଠୀ ପ୍ରଜାପତିଃ,
ଜନ୍ମମୃତ୍ୟୁ ଜରା ବ୍ୟାଧି ସଂସାର ଭୟନାଶନଃ ।
କାଳାତ୍ମା ସର୍ବଭୂତାତ୍ମା ଦେବାତ୍ମା ବିଶ୍ୱତୋମୁଖଃ,
ଦାରିଦ୍ର୍ୟବ୍ୟସନଧ୍ୱଂସୀ ଶ୍ରୀମାନ୍ ଦେବୋ ଦିବାକରଃ ।'

ଏଥିମଧ୍ୟରୁ କୌଣସିଟି ହିଁ ଅତିରଞ୍ଜିତ ବିଶେଷଣ ନୁହେଁ । ପ୍ରତ୍ୟେକଟି ଋଷିଗଣଙ୍କର ଉପଲବ୍ଧ ସତ୍ୟ ।''

ନାଗ୍ ମହାଶୟ ଆନନ୍ଦ ଗଦ୍‌ଗଦ କଣ୍ଠରେ କହିବାକୁ ଲାଗିଲେ–''ଯେପରି ଜଣେ ବାଳକ ଆନନ୍ଦରେ ଉନ୍ମତ୍ତ ହୋଇ ନିଜର ସଙ୍ଗୀକୁ ପ୍ରିୟ ସମ୍ଭାଷଣ କରୁଅଛି ।''

''କ'ଣ କହିବି, ଅଧଃପତନର କାଳିମା ଆମ ଜାତିପାଇଁ ଆଜି ଆଉ ମୁଣ୍ଡ ଟେକିବାର ଜୁ ରଖିନାହିଁ । ତାହା ନହୋଇଥିଲେ, ଆଜି ଜଗତକୁ ଡାକି, ଗଳାରେ ଯେତେ ଜୋର୍ ଅଛି

ତାକୁ ଖଟାଇ ଚିତ୍କାରକରି କହିବା କଥା ଯେ ଆମମାନଙ୍କର ସୂର୍ଯ୍ୟଦେବ ସନାତନ । ଏବେ ପାଶ୍ଚାତ୍ୟ କ୍ଷେତ୍ରରେ ଯାହାଙ୍କ ଦ୍ୱାରା ରୋଗକୁ ଆରୋଗ୍ୟ କରିବା ଶକ୍ତି ନେଇ ଆଲୋଚନା ଚାଲିଛି, ପୁଣି ଆମର ପୂର୍ବପୁରୁଷମାନେ ବହୁଶତ ବର୍ଷ ପୂର୍ବେ ଯାହାଙ୍କୁ ଏକମାତ୍ର ଆୟୁ, ଆରୋଗ୍ୟ, ଐଶ୍ୱର୍ଯ୍ୟର ଦେବତା ବୋଲି ଜୀବନ୍ତ ଭାବରେ ପୂଜା କରିଯାଇଛନ୍ତି, ସେ ହିଁ ନାରାୟଣ, ଜୀବଙ୍କର ସର୍ବକାଳର ପରମଗତି ।''

''ଆମର ତ୍ରିସନ୍ଧ୍ୟା ଗାୟତ୍ରୀ ତ କେବଳ ହିଁ ସୂର୍ଯ୍ୟୋପାସନା; ମାତ୍ର ଯଥାର୍ଥ ଉପଦେଶ ଅଭାବରେ ଆମେ ଗାୟତ୍ରୀ ମଧ୍ୟ ଭୁଲିଯାଇଛୁ, ଅଥଚ ଏବେ ମଧ୍ୟ ଆମର ଉପନୟନ ସଂସ୍କାରଟି ପ୍ରଥାନୁସାରେ ବଜାୟ ରହିପାରିଛି ।''

''ମନ୍ଦ ମଧ୍ୟରୁ ଏତିକି ଭଲ ଯେ ଉପାସନାର ଏହି ମହାନ୍ ସତ୍ୟଟି ପ୍ରଥା ଭିତରେ ଏବେ ମଧ୍ୟ ରହିଛି । ହୁଏତ କୌଣସି ଯୋଗାଯୋଗ ଦ୍ୱାରା ପୁଣି ପୁନଃଉଦ୍ଦୀପ୍ତ ହୋଇପାରେ ।''

''ହୋଇପାରେ ନୁହେଁ, କୁହନ୍ତୁନା 'ହେବ' । 'ହୋଇପାରେ' ଶୁଣିଲେ ମନଟା ଖରାପ ହୋଇଯାଏ ।''

ନାଗ୍ ମହାଶୟ ହସିହସି କହିଲେ—''ଦାଦା, ଏହା ବ୍ୟକ୍ତିଗତ କଥା ତ ନୁହେଁ, ଏହା ଜାତିର କଥା । ସମଷ୍ଟି, ଗୋଷ୍ଠୀ, ସର୍ବଜନଙ୍କ କଥା କହୁଛି, କାଳର ବ୍ୟବଧାନ ମଧ୍ୟଦେଇ ତାହା ସମ୍ଭବ ! ତେବେ, ହେବ ବୋଲି କ'ଣ, ନହେଲେ ସନ୍ଧ୍ୟା ଗାୟତ୍ରୀର କୌଣସି ଅସ୍ତିତ୍ୱ ହିଁ ନଥାନ୍ତା । ଜାତିଗତ ଭାବରେ କୁହନ୍ତୁ ବା ସମାଜଗତ ଭାବରେ କୁହନ୍ତୁ, ପୁରାତନ ବୋଲି ଯେଉଁଟିର ଅସ୍ତିତ୍ୱ ଅଛି, ଯେଉଁପରି ହେଉନା କାହିଁକି, ତାହାର ହିଁ ପ୍ରୟୋଜନ ରହିଛି । ଏହି ଜାତିର ପଦ୍ଧତି, ଆଚାର—ଏ ସମସ୍ତ ହିଁ ମାନବ-ସମାଜର ଚୈତନ୍ୟ ଓ ଉନ୍ନତତର ଅଧିକାରର ଲକ୍ଷଣ । ଯେତେ ସମୟ ପର୍ଯ୍ୟନ୍ତ ଏହାର ପ୍ରୟୋଜନ ରହିଛି, ସେତେ ସମୟ ପର୍ଯ୍ୟନ୍ତ ଏଗୁଡ଼ିକୁ ସେହିହିଁ ରକ୍ଷା କରିବେ । ମନୁଷ୍ୟ ନାନା ଷଡ଼ଯନ୍ତ୍ର କରି ମଧ୍ୟ ଏହାକୁ ଲୋପ କରିପାରିବ ନାହିଁ ।''

ମୁଁ—''ଆଚ୍ଛା ଆପଣଙ୍କର କ'ଣ ମନେହେଉନାହିଁ ଯେ ଆମର ପ୍ରକୃତ ଧର୍ମ ସେହି ପୂର୍ବପୁରୁଷମାନଙ୍କର ଅଧିକୃତ, ସାଧନଲବ୍ଧ ଅନୁଭୂତିକୁ ନେଇ ପ୍ରାପ୍ତ, ଯାହା ଆମେ ଏତେଦିନ ଧରି ହରାଇବସିଛୁ ? ମୋର ସ୍ୱତଃ ହିଁ ମନେହୁଏ, ଆମ ଅନ୍ତରର ଆକାଙ୍କ୍ଷା ହିଁ ଧର୍ମ, ଯାହାର ଗତି ସେହି ହୃତ ପୂର୍ବଜ ସିଦ୍ଧ ମହାପୁରୁଷଗଣଙ୍କର ଉପଲବ୍ଧ ତତ୍ତ୍ୱ ଦିଗରେ ।''

ନାଗ୍ ମହାଶୟ ଆନନ୍ଦରେ, ଦୀର୍ଘ ବାହୁବେଷ୍ଟନ କରି ସ୍ନେହଭରେ ମୋର ଶ୍ମଶ୍ରୁରେ ହସ୍ତଚାଳନ କରି କହିଲେ—''ଦାଦା, ଆଜି ଏହି ନିର୍ଜନରେ ମୋତେ ଯେଉଁ ଆନନ୍ଦ ଦେଲେ, ସେକଥା ଆଉ କ'ଣ କହିବି ! ଆମର ପୂର୍ବପୁରୁଷ ଋଷିଗଣଙ୍କର ଏହି ଯେଉଁ ମହାନ୍ ତତ୍ତ୍ୱଜ୍ଞାନ, ତାହା କେବଳ ଜାଗ୍ରତ ସୂର୍ଯ୍ୟ-ଉପାସନାର ଫଳ ଦ୍ୱାରା ସମ୍ଭବ ହୋଇଥିଲା । ମାନବର

ଚୈତନ୍ୟ ସେତେବେଳେ ଏହାଠାରୁ ଆଉ ବରିଷ୍ଠ ଧାରଣା କରିପାରିନାହିଁ । ସେଥିଲାଗି ଆଉ ଆଗେଇ ଯାଇପାରିନାହିଁ । ବଂଶାନୁକ୍ରମେ ନିମ୍ନଦିଗରେ ହିଁ ଅନେକଙ୍କ ମଧ୍ୟରେ ବିସ୍ତୃତ ହୋଇ ପଡ଼ିଛି । ପ୍ରାଚୀନତମ ଉପାସନାର ପଦ୍ଧତି, ଯାହା ଆର୍ଯ୍ୟ ସଭ୍ୟତାର ଏକମାତ୍ର ଚରମ ପରିଣତି, ତାହା କେବଳ ସୂର୍ଯ୍ୟୋପାସନାର ମଧ୍ୟରେ ହିଁ ରହିଛି ।''

ମୁଁ—''ପରବର୍ତ୍ତୀ ଯୁଗରେ ଉପନିଷଦର ବା ବେଦାନ୍ତର ଯେଉଁ ବ୍ରହ୍ମଜ୍ଞାନ, ତାହା ଯେ ସୂର୍ଯ୍ୟୋପାସନାର ପ୍ରତ୍ୟକ୍ଷ ଫଳ, ତାହା ଆମେ ଟିକିଏ ଗଭୀର ଆଲୋଚନା କଲେହିଁ ବୁଝିପାରୁ ।''

ନାଗ୍—''ଯୋଗଦର୍ଶନରେ ତ ସ୍ପଷ୍ଟ ହିଁ ନିର୍ଦ୍ଦେଶ ଅଛି ଯେ ସୂର୍ଯ୍ୟଙ୍କଠାରେ ମନଃସଂଯମ କଲେ ବିଶ୍ୱଜଗତର ଜ୍ଞାନ ପ୍ରାପ୍ତ ହୁଏ । ଏହି ସୂର୍ଯ୍ୟଙ୍କୁ ଆଶ୍ରୟ କଲେ କୌଣସି କଥା ଜାଣିବାକୁ ବାକି ରହେନାହିଁ । ପାଶ୍ଚାତ୍ୟ ଜଗତର ବୁଦ୍ଧି ବସ୍ତୁତାନ୍ତ୍ରିକ, ସେଥିପାଇଁ ହିଁ ପ୍ରଥମ ସୂର୍ଯ୍ୟ ମଧ୍ୟରେ ଆରୋଗ୍ୟକାରୀ ଶକ୍ତି ଉପରେ ଲକ୍ଷ୍ୟ ଦେଇଛି । ରୋଗମୟ ମାନବସମାଜରେ ଆରୋଗ୍ୟ ହିଁ ଐକାନ୍ତିକ କାମ୍ୟ । ସେଥିଲାଗି ଚିକିତ୍ସା ପାଇଁ ଦଳେ ତାଙ୍କୁ ଧରିଛନ୍ତି, ପୁଣି ଏପରି ସମୟ ଆସିବ ଯେ ବସ୍ତୁ-ବିଜ୍ଞାନବିତ୍‌ମାନେ ଏହି ସୂର୍ଯ୍ୟକୁ ଧରି ବିଶ୍ୱର ସକଳ ତତ୍ତ୍ୱକୁ ଆୟତ୍ତ କରିବେ, ଟେଲିସ୍କୋପ୍ ଆଉ କାମରେ ଲାଗିବ ନାହିଁ । ଅଧିକନ୍ତୁ ସେତେବେଳେ ବିଦ୍ୟୁତ ଦ୍ୱାରା ପ୍ରସ୍ତୁତ କରିବାକୁ ଆଉ କୌଣସି ଯନ୍ତ୍ର ବା କିଛି ଡାଏନାମୋ ପ୍ରୟୋଜନ ହେବନାହିଁ । ସେତେବେଳେ ଅସଲ ଡାଏନାମୋର ସମ୍ପର୍କ ସେହିଠାରୁ ମିଳିପାରିବ ।''

''ଭାରତର ଅନୁସନ୍ଧାନର ପଦ୍ଧତି ପୃଥକ୍; ଏମାନେ ଏପରି ଏକ ବସ୍ତୁର ଅନୁସନ୍ଧାନରେ ଥିଲେ, ଯାହାକୁ ପାଇଲେ ଆଉ କିଛି ପାଇବାର ପ୍ରଶ୍ନ ଉଠିବ ନାହିଁ । ଏମାନଙ୍କର ବୁଦ୍ଧି ଯନ୍ତ୍ର ନିର୍ମାଣ ଆଡ଼କୁ ଯାଏନାହିଁ—ସେମାନେ ମୂଳରୁ ହିଁ ବୁଝୁଥିଲେ ଯେ ଯନ୍ତ୍ର କେବେହେଁ ସକଳ ଅଭାବ ପୂର୍ଣ୍ଣ କରିପାରେ ନାହିଁ । ଯାହାକୁ ଜାଣିଲେ ଆଉ କିଛି ଜାଣିବା ବାକି ରହେନାହିଁ, ସେମାନେ ସେପରି ହିଁ ଏକ ବସ୍ତୁର ଆବିଷ୍କାରରେ ସମାହିତ ହୋଇଥିଲେ । ସେହି ତେଜୋମୟ ମଣ୍ଡଳଟି ହେଲା, ବାହ୍ୟ ଶରୀରରେ ତାଙ୍କର ତେଜ, ଅନ୍ତର ସ୍ତରରେ ଶୁଦ୍ଧ ସର୍ବବ୍ୟାପୀ ଚୈତନ୍ୟ । ଏହାହିଁ ତାଙ୍କର ଚରମ ଆବିଷ୍କାର—ସେହି ଆବିଷ୍କାରକୁ ଆଧୁନିକ ମାନବର ଜାତିଗତ ଜୀବନରେ ଉପଲବ୍ଧି କରିବାକୁ, ପ୍ରତ୍ୟକ୍ଷ କରିବାକୁ ଅନେକ କାଳହିଁ ହୁଏତ ଲାଗିଯିବ ।''

''ଦେଖନ୍ତୁ, ପରମହଂସ ଶିବନାରାୟଣ ସ୍ୱାମୀ ଏହି ସୂର୍ଯ୍ୟ ଉପାସନା ବିଷୟରେ ଅନେକ ଦିନରୁ କହିଛନ୍ତି (୧୯୧୧ ସାଲ୍‌ରୁ), ମାତ୍ର ଖୁବ୍ କମ୍ ଲୋକ ହିଁ ତାହାକୁ ଗ୍ରହଣ କରିପାରିଛନ୍ତି ।''

ନାଗ୍ ମହାଶୟ କିଛି ସମୟ ଯେପରି ଅନ୍ୟମନସ୍କ ହୋଇ ରହିଲେ, ତା'ପରେ ଧୀରେ ଧୀରେ କହିଲେ—''ଦେଖନ୍ତୁ ତାଙ୍କର ତପସ୍ୟା, ସାଧାରଣଲୋକଙ୍କ ନିକଟରେ ସତ୍ୟବସ୍ତୁରେ

ନିଷ୍ଠା ଜାଗ୍ରତ କରିବାର ତାଙ୍କର ଯେଉଁ ପ୍ରଚେଷ୍ଟା, ତାହା କେବେହେଲେ ବୃଥା ହେବନାହିଁ । ତେବେ କ'ଣ ଜାଣନ୍ତି, ଏହି ବସ୍ତୁତନ୍ତ୍ର ଯୁଗରେ ଭାରତର ସନ୍ତାନଙ୍କ କଥା ? ପାଶ୍ଚାତ୍ୟ ଅନୁକରଣତତ୍ପର ଆଧୁନିକ ଯୁଗରେ ଭାରତର ଜନସମାଜ ଏହି କଥାକୁ ପ୍ରଥମେ କେବେହେଁ କାନକୁ ନେବେନାହିଁ । ଏହି ତତ୍ତ୍ୱ ପାଶ୍ଚାତ୍ୟ ଦେଶର ସଭ୍ୟ ସମାଜ ଆୟତ୍ତ କରି ଯେତେବେଳେ ଭାରତ-ସନ୍ତାନକୁ ଉପଦେଶ ଦେବ, ସେତେବେଳେ ଯାଇ ଏଠାରେ ଏହି ତତ୍ତ୍ୱ ଜନସମାଜରେ ପ୍ରାଧାନ୍ୟ ଲାଭ କରିବ ।''

କହିଲି, ''କି ଦୁଃଖଦାୟକ କଥା...''

ନାଗ୍ ମହାଶୟ ଅବିଚଳିତ ଭାବେ କହିଲେ—''ସୁଖ-ଦୁଃଖର ତ କଥା ନୁହେଁ, ଅସଲ କଥା ହେଉଛି ତତ୍ତ୍ୱଜ୍ଞାନର ତରଙ୍ଗ ପୂର୍ବଦିଗରୁ ଉତ୍ଥିତ ହୋଇ କାଳର ଗତିରେ ପଶ୍ଚିମଦିଗକୁ ଯିବା ସହ ପୁନଶ୍ଚ ପଶ୍ଚିମକୁ ପ୍ଲାବିତ କରିସାରି ପୂର୍ବଦିଗରେ ଆସି ସମାହିତ ହୁଏ । ଏହାହିଁ ଜଗତ-ତତ୍ତ୍ୱର ଖେଳ, ଯାହା ଆବହମାନ କାଳରୁ ଚାଲିଆସିଛି । ଏହି ସ୍ଥାନର ଜ୍ଞାନ ଏହି ଭାବରେ ଗୋଟିଏ ଜାତିର ତପସ୍ୟାର ଫଳସ୍ୱରୂପ ସେହି ଦେଶର ଏକ ଦିଗରୁ ଉଦ୍ଭାସିତ ହୋଇ ସେହି ଜାତିକୁ, ସଭ୍ୟତାକୁ ସଫଳ କରି ଦେଶ-ଦେଶାନ୍ତରରେ ସଂକ୍ରମିତ ହୋଇ ଅନ୍ୟ ଜାତିକୁ ସଫଳ କରି ତୋଳିଥାଏ । ଶେଷରେ ଜଗତ ସଭ୍ୟତାକୁ ବେଷ୍ଟନ କରି ତାହାକୁ ପୂର୍ଣ୍ଣ କରିବା ସହ ତାହା ମଧ୍ୟରେ ସମାହିତ ହୋଇଯାଏ; ସକଳ ତତ୍ତ୍ୱଜ୍ଞାନର ଏହିହିଁ ଇତିହାସ । କେତେ ଜାତିର ଉତ୍‌ଥାନ, କେତେ ଜାତିର ପତନ ହୁଏ; ମାତ୍ର ବେଦ ହେଲା ସନାତନ । ଏହି କ୍ରିୟା ଅପ୍ରତିହତ ଭାବେ ଚାଲିଛି । ଆମ ପୂର୍ବପୁରୁଷଙ୍କର ଉପଲବ୍ଧ ଜ୍ଞାନ ବୋଲି ଯାହାକୁ କୁହାଯାଉଛି ତାହାତ ଏକ ଜାତିର ସଂକୀର୍ଣ୍ଣ ଗଣ୍ଡି ଭିତରେ ଚିରକାଳ ଆବଦ୍ଧ ରହିବ ନାହିଁ, ଏକ ଜନସମାଜକୁ ଆଲୋକିତ କରିବା ସହ ଉପଯୁକ୍ତ ଅପର ଜନସମାଜ ବା ସଭ୍ୟତାକୁ ଆଲୋକିତ କରିବ । ଏହି ଭାବରେ ସୃଷ୍ଟିରେ ବେଦର ଉଦ୍ଦେଶ୍ୟ ସଫଳ ହୋଇଥାଏ ।''

ମୁଁ—''ତା'ହେଲେ, ଆମେ ଯାହାକୁ ଶ୍ଳେଷ ବୋଲି କହିଥାଉ, ଯାହା ଆମର ଅଧଃପତନର ଫଳ କହି ଯାହାକୁ ଆମେ ହାଲ୍‌କା ମନୋଭାବର ପରିଚୟ ବୋଲି ଜାଣିଥାଉ ବା ମନେକରୁ, ତା' ଭିତରେ କେତେକ ସତ୍ୟ ନିହିତ ଅଛି । ତା'ର ଅନ୍ତରାଳରେ ସ୍ରଷ୍ଟାର ଏକ ଉଦ୍ଦେଶ୍ୟ ରହିଛି—ସେହି ବିଷୟରେ ଆମେ ସାଧାରଣତଃ ପୂର୍ଣ୍ଣରୂପେ ଅନ୍ଧ ।''

ନାଗ୍—''ତାହା ମଧ୍ୟ ହୋଇପାରେ । ଆରେ ଦାଦା, ଏତେ କଥା ଚିନ୍ତାକରି କିଏ ବା ଦେଖୁଛି, ଏତେ ମୁଣ୍ଡ କାହାର ଘୂରୁଛି ! କିନ୍ତୁ ଯିଏ ଦେଖେ, ସିଏ ପାଏ—ଯିଏ ବୁଝିବାକୁ ଚାହେ, ସେହିହିଁ ବୁଝିପାରେ । ଚୈତନ୍ୟରାଜ୍ୟର ରାସ୍ତା ଏକବାର ସିଧା । ତା'ପରେ ଦେଖନ୍ତୁ, ଏକଥା ଆମେ ସହଜରେ ବୁଝିପାରୁ ଯେ ଆମର ପୂର୍ବପୁରୁଷ ଆର୍ଯ୍ୟଋଷିଗଣ, ଯାହାଙ୍କର ବଂଶଧର ବୋଲି ଆମେ ଗୌରବାନ୍ୱିତ ମନେକରିଛୁ ବା କରୁଛୁ, ସେମାନଙ୍କର

ଉପଲବ୍ଧ ଜ୍ଞାନ ଆମେ ପାଇନାହୁଁ ବୋଲି ତ ଏବେ ଏଠାକୁ ପୁଣି ପାଇବା ଲାଗି ଆସିଛୁ । ଆମର ସେହି ତତ୍ତ୍ୱର ବା ଜ୍ଞାନର ପ୍ରୟୋଜନ ବୋଲି ହିଁ ଆମର ଏହି ଜାତିରେ, ଏହି ସମାଜରେ, ଏହି ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଆସି ଆମେ ପହଞ୍ଚିଛୁ, ଯଦ୍ୱାରା ସେହି ବସ୍ତୁଟିକୁ ପାଇବା ଆମ ପକ୍ଷରେ ସହଜ ହୁଏ । ଏହି ଯେଉଁ ଆକର୍ଷଣ, ଟାଣ ଗୋଟିଏ ଗୁଣର ସମ୍ପର୍କକୁ ନେଇ—ଏହି ଯେଉଁ ଆର୍ଯ୍ୟଋଷିଗଣଙ୍କ ପ୍ରତି ଶ୍ରଦ୍ଧାନୁରକ୍ତି, ଏହାର ଫଳସ୍ୱରୂପ ସିଦ୍ଧି ପରା ଆମର ନିକଟତର ହେଉଛି । ଏହା ଏହି ଭାରତର ବାୟୁମଣ୍ଡଳରେ କେତେ ବଡ଼ ଏକ ମହତ୍ ଗୁଣ ! ଅବଶ୍ୟ ଜୀବ ଯେଉଁଠାରେ ଜନ୍ମ ନେଉ, ସେହି ଦେଶର, ସମାଜର, ସେହି ପରିବାରର ବିଶିଷ୍ଟ ଗୁଣମାନ ପାଇଥାଏ, ଯଦ୍ୱାରା ତାହାର ନିଜ ଜୀବନର ଉଦ୍ଦେଶ୍ୟ ସଫଳ କରିପାରେ । ଆମେ ମଧ୍ୟ ତାହାହିଁ କରିବା ଲାଗି ଆସିଛୁ—କ'ଣ କହୁଛନ୍ତି ଦାଦା !''

ମୁଁ କହିଲି—''ଗୋଟିଏ କଥା ମୋ' ମନକୁ ଆସୁଛି, ସେକଥା କହିପକାଏ, ହାଲୁକା ଭାବିବେ ନାହିଁ ତ ?'' ଶୁଣିଦେଇ ନାଗ୍ ମହାଶୟ ହସିପକାଇ କଳାଧଳା ଲମ୍ବାଦାଢ଼ିର ଚୁଳ ଉପରେ ଅଙ୍ଗୁଳିଚାଳନା କରିବାକୁ ଲାଗିଲେ । କହିଲେ—''କହିପକାନ୍ତୁ ଦାଦା, ମନ ଭିତରେ ଯେପରି କିଛି ରଖି ନ ଦିଅନ୍ତି !''

ମୁଁ କହିଲି—''ଦେଖନ୍ତୁ, ଆଜକୁ ପ୍ରାୟ ଦଶ/ବାର ଦିନ ହେବ ଏହି ଭୁବନେଶ୍ୱରକୁ ଆସିଛି, ଆଜି ଏବେ ସୂର୍ଯ୍ୟଙ୍କର ମୁଖ ଦେଖିଲି । ସେହି ମୂର୍ତ୍ତି ଦେଖିବା ସଙ୍ଗେ ସଙ୍ଗେ ଆମ ମନରେ କି ଅପୂର୍ବ ଆନନ୍ଦ । ଏତଦ୍‌ବ୍ୟତୀତ ଯେଉଁ ତତ୍ତ୍ୱଟିର ଆଲୋଚନା ହେଲା, ତା' ମୂଳରେ ଏହି ଦିବାକର; ତା'ହେଲେ ସେହି ଯେ ଏକମାତ୍ର ଜାଗ୍ରତ ଉପାସ୍ୟ ଦେବତା, ତାହା କ'ଣ ପ୍ରମାଣ ହେଲାନାହିଁ ?''

ଏହାଶୁଣି ନାଗ୍ ମହାଶୟ ସେତେବେଳେ ଗମ୍ଭୀର ହୋଇଗଲେ । ଅସ୍ତମିତ ସୂର୍ଯ୍ୟଆଡ଼କୁ ଚାହିଁ ଧ୍ୟାନସ୍ତିମିତ ନେତ୍ରରେ ନିରୀକ୍ଷଣ କରି କିନ୍ନର କଣ୍ଠରେ ଆବୃତ୍ତି କରିବାକୁ ଆରମ୍ଭ କରିଦେଲେ—

''ଓଁ ଅଜାୟ ଲୋକତ୍ରୟପାବନାୟ, ପୂତାତ୍ମନେ ଗୋପତୟେ ବୃଷାୟ,
ସୂର୍ଯ୍ୟାୟ ଲୋକ ପ୍ରଳୟାନ୍ତକାର ନମୋ ମହାକାରଣିକୋତ୍ତମାୟ ।
ଓଁ ବିବସ୍ୱତେ ଜ୍ଞାନଭୃବସ୍ତରାତ୍ମନେ, ଜଗତପ୍ରଦୀପ୍ତାୟ ଜଗଦ୍ଧିତୈଷିଣେ ।
ସ୍ୱରସ୍ତୁବେ ଦୀପ୍ତସହସ୍ରଚକ୍ଷୁଷେ, ସୁରୋତ୍ତମାୟାମିତତେଜସେ ନମଃ ।
ଓଁ ସୁରୈରନୈକୈଃ ପରିସେବିତାୟ, ହିରଣ୍ୟଗର୍ଭାୟ ହିରନ୍ମୟାୟ,
ମହାତ୍ମନେ ମୋକ୍ଷପ୍ରଦାୟ ତୁଭ୍ୟମ୍ ନମହସ୍ତତେ ବାସରକାରଣାୟ ।
ଓଁ ଯନ୍ନମଣ୍ଡଳମ୍ ଜ୍ଞାନମୟମ୍ ପବିତ୍ରମ୍ ତ୍ରିଲୋକ୍ୟପୁଣ୍ୟମ୍ ତ୍ରିଗୁଣାତ୍ମରୂପମ୍,
ସମସ୍ତ ତେଜୋମୟଦିବ୍ୟରୂପମ୍ ପୁନାତୁ ମାଂ ତତ୍ ସବିତୁର୍ବରେଣ୍ୟମ୍ ।''

କ୍ରମେ ତାଙ୍କର ଦୁଇଚକ୍ଷୁରୁ ଲୋତକ ଧାରା ବହିବାକୁ ଲାଗିଲା । ଗଦ୍‌ଗଦ କଣ୍ଠରେ ସେ ଗାଇବାକୁ ଲାଗିଲେ । ଏପରି ଆନନ୍ଦମୟ ସ୍ତୋତ୍ର ମୁଁ ଜୀବନରେ କେବେହେଁ ଶୁଣିନାହିଁ । ଆବୃତ୍ତି ଆଗେଇ ଚାଲିଲା—ଆଦିତ୍ୟ-ହୃଦୟର ଶେଷାଂଶ ସେ ସମସ୍ତଟିକୁ ଆବୃତ୍ତି କରି ଶେଷକଲେ—

''ଓଁ ଯନ୍ମଣ୍ଡଳମ୍ ବ୍ରହ୍ମବିଦ୍ୟା ବଦନ୍ତି, ଗାୟନ୍ତି ଯଚ୍ଚାରଣସିଦ୍ଧସଂଘା ।
ଯନ୍ମସ୍ତିଣୋ ବେଦବିଦାଃସ୍ମରନ୍ତି, ପୁନାତୁ ମାଂ ତତ୍ ସବିତୁର୍ବରେଣ୍ୟମ୍ ।
ଓଁ ଯନ୍ମସ୍ତ୍ରିଣୋ ବେଦବିଦୋପଗୀତମ୍ ଯଦ୍‌ଯୋଗିନାଂ ଯୋଗପଥାନୁଗମ୍ୟମ୍ ।
ତତ୍‌ସର୍ବବେଦମ୍ ପ୍ରଣମାମି ସୂର୍ଯ୍ୟମ୍, ପୁନାତୁ ମାଂ ତତ୍‌ସବିତୁର୍ବରେଣ୍ୟମ୍ ।''

''ସକଳ ବର୍ଣ୍ଣ, ସକଳ ରସର ଆକର ଏହି ଜଗତପ୍ରାଣ ତେଜୋମୟ ଦିବାଦେବଙ୍କୁ ଲୋକେ କେଉଁଦିନ ଚିହ୍ନିବେ ? କେତେଦିନରେ, ହେ ଜାଗ୍ରତ ଦେବତା, ତୁମ ଆଡ଼କୁ ପ୍ରଜ୍ଞାସମଷ୍ଟି ଦୃଷ୍ଟି ଫେରାଇବେ ? ହେ ଅନ୍ତର୍ଯ୍ୟାମୀ ! ତୁମର ଅଗୋଚର କିଛିହିଁ ନାହିଁ, ତୁମଠାରେ ନିଷ୍ଠା ଥିଲେ ସକଳ ହିଁ ପ୍ରାପ୍ତ ହୁଏ, ଜୀବନ ସଫଳ ହୁଏ, ତୁମ ପ୍ରତି ବିମୁଖ ହୋଇ ହିଁ ଆମେ ରୋଗ, ଶୋକ, ଜରାଗ୍ରସ୍ତ ଅବସ୍ଥାରେ ଅକାଳେ, ଅସମ୍ପୂର୍ଣ୍ଣ କ୍ଷୁଦ୍ର ଜ୍ଞାନୀ ହୋଇ ଗତାୟୁ ହେଉଅଛୁ—କିଏ ଏକଥା ବୁଝିବ ?''

ଆମେ ବହୁ ସମୟ ପର୍ଯ୍ୟନ୍ତ ଶାନ୍ତଚିତ୍ତ ସହ ଆନନ୍ଦଘନର ଅନୁଭବକୁ ଉପଲବ୍ଧି କରି କଟାଇଦେଲୁ । କ୍ରମେ ଅନ୍ଧକାର ହୋଇ ଚାଲିଲା । ନାଗ୍ ମହାଶୟ କିଛି ନକହି ସେହି ଅବସ୍ଥାରେ ବସିରହିଲେ । ନିରୁଦ୍‌ବିଗ୍ନଚିତ୍ତରେ ଅନେକ ସମୟ କଟିଗଲା, ଶେଷରେ ନାଗ୍ ମହାଶୟ ଉଠିପଡ଼ିଲେ, କହିଲେ—''ଚାଲନ୍ତୁ, ଯିବା, ରାତି ହୋଇଗଲା !''

ମୁଁ କହିଲି—''ହେଲା ତ ହେଲା, ଏଠାରେ ଆମର ତ କିଛି ହିଁ ବନ୍ଧନ ନାହିଁ, ଆମେ ଏବେ ମୁକ୍ତ । ଯଦି ଇଚ୍ଛା ଅଛି ରହନ୍ତୁନା—ମୋ'ର ଯିବାଲାଗି କୌଣସି ବ୍ୟଗ୍ରତା ନାହିଁ ।''

କହିଦେଲି ସତ, କିନ୍ତୁ ମନ ଭିତରେ ଶିବାନନ୍ଦଙ୍କ କଥା ଉଙ୍କିମାରିଲା । କୁଆଡ଼େ ଯଦି ଯାଏ, ଫେରିବାରେ ରାତି ହୋଇଗଲେ, ଶିବାନନ୍ଦ ମହାବ୍ୟସ୍ତ ଓ ବିରକ୍ତ ହୁଅନ୍ତି, କୈଫିୟତ୍ ଚାହାନ୍ତି । କହନ୍ତି—''ଆଶ୍ରମକୁ ସନ୍ଧ୍ୟା ପୂର୍ବରୁ ହିଁ ଫେରିବାର ନିୟମ । ଏକଥା ବାରମ୍ବାର ତୁମକୁ କହିବାକୁ ପଡ଼େ କାହିଁକି ?''

ଯାହାହେଉ, ନାଗ୍ ମହାଶୟ ଆଉ ରହିବାକୁ ଚାହିଁଲେ ନାହିଁ, କହିଲେ—''ଦାଦା, ଆଜି ଏତିକି ।'' ଆଜିର ଏହି ସୂର୍ଯ୍ୟଦେବ ପ୍ରସଙ୍ଗ ମନେମନେ ଆଲୋଚନା କରି କରି ମୁଁ ମଧ୍ୟ ସେହି ରାତ୍ରିରେ ଆଶ୍ରମ ଫେରିଆସିଲି ।

■■

ସପ୍ତମ ପରିଚ୍ଛେଦ

ଆଶ୍ରମରେ ପ୍ରବେଶ କରିବା ପୂର୍ବେ ହିଁ ଶିବାନନ୍ଦଙ୍କଠାରୁ କିପରି ସମ୍ଭାଷଣ ମିଳିବ, କିଛିଟା ଅନୁମାନ କରିସାରିଥିଲି । କିନ୍ତୁ ପ୍ରକୃତରେ ସେଦିନ ସେତେ କିଛି ଘଟି ନଥିଲା । ତେବେ ଦ୍ୱାରଦେଶରେ ପହଞ୍ଚିବା ସଙ୍ଗେସଙ୍ଗେ ଶିବାନନ୍ଦ ଆରମ୍ଭ କଲେ—

''ତୁମ୍‌କୋ ଆଜ୍ ରାଜ୍‌ମଜଦୁର ଲୋକ୍‌କୋ ହିସାବ ସବ୍ ଠିକ୍ କର୍‌ନା ପଡ଼େଗା । ଆଜ୍ ଛୟ ରୋଜ୍ ପୂରା ହିସାବ କିୟା ନହିଁ ।''

ମୁଁ ତ 'ବହୁତ ଆଚ୍ଛା' କହି ଲାଗିପଡ଼ିଲି । କୃତଜ୍ଞତା ସହ ମନରେ ସେତେବେଳେ ପରମେଶ୍ୱରଙ୍କୁ ଏହା ଚିନ୍ତାକରି ସ୍ମରଣ କଲି ଯେ, ଶିବାନନ୍ଦଙ୍କ କୋପଠାରୁ ଯାହାହେଉ ଆଜି ରକ୍ଷା ପାଇଗଲି । କିନ୍ତୁ ପ୍ରକୃତରେ ତାହା ନୁହେଁ । ମୋର ଅଦୃଷ୍ଟ !

ଆଶ୍ରମର ଶିବାନନ୍ଦ (ଭୁବନେଶ୍ୱର)

କହିବାକୁ ପଡ଼ିବ ନାହିଁ ଯେ, ମୋ' ଉପରେ ରାଜମିସ୍ତ୍ରୀ ମୂଲିଆଙ୍କ ମଜୁରି ହିସାବ କରିବାର ଦାୟିତ୍ୱ ଦିଆଯାଇଛି । ଆଶ୍ରମର ଯେଉଁ ନୂଆଘର ସିଡ଼ିର ନିର୍ମାଣ କାମ ଚାଲିଛି, ତାହାର ଖବରଅନ୍ତର ମଧ୍ୟ ଅଳ୍ପବହୁତେ ମୋ'ର କର୍ତ୍ତବ୍ୟ ଭିତରେ । କିନ୍ତୁ କ୍ରମେ କ୍ରମେ ମୁଁ ଦାୟିତ୍ୱପୂର୍ଣ୍ଣ ଏହି କର୍ମକୁ ଆଡ଼େଇଯାଉଛି, ତାହା ଶିବାନନ୍ଦ ଲକ୍ଷ୍ୟ କରୁଥିଲେ । ଆଜି ସେ କହିବସିଲେ ଯେ ମହାରାଜଙ୍କୁ ଏକଥା ଲେଖି ଦେଇଛନ୍ତି । ମୁଁ 'ଆଚ୍ଛା' କହି ହିସାବକରିବାରେ ମନଦେଲି ।

ପ୍ରାୟ ଦେଢ଼ଘଣ୍ଟା ଉପରେ ବସିଯାଇ ଅନେକ ହିସାବ ଶେଷକଲି । ସବୁ ଖର୍ଚ୍ଚର ହିସାବ ଠିକ୍ ହେଲା—ମାତ୍ର ଗତକାଲି ତାରିଖର ସାଢ଼େତିନିଟଙ୍କାର ଖର୍ଚ୍ଚଟି ହିସାବ ଭିତରେ

କୌଣସି ରକମ ମିଳାଇପାରିଲି ନାହିଁ । ପୂର୍ବ ସପ୍ତାହରେ ମଧ୍ୟ ମୋ' ହିସାବରେ କିଛି ଭୁଲ୍ ହୋଇଥିଲା—ତାହା ମଧ୍ୟ ଅମେଳ ହୋଇ ରହିଛି । ଟଙ୍କାସବୁ ଥାଏ ଶିବାନନ୍ଦଙ୍କ ନିକଟରେ, ଆଉ ହିସାବ କରେ ମୁଁ । ସୁତରାଂ ମୋ' ଦ୍ୱାରା ତୋଷରପାତର ଭୟ ନଥିଲା, କିନ୍ତୁ ଶିବାନନ୍ଦ ଦୋଷଟି ମୋ' ଉପରେ ଲଦିଦେବାକୁ ଚାହେ, ଏୟାକହି ଯେ ସେ ଦେଇଥିବା ଖର୍ଚ୍ଚକୁ ମୁଁ ତା'ର କହିବା ସତ୍ତ୍ୱେ ମନୋଯୋଗ ଦେଇ ଲେଖିନାହିଁ; ସୁତରାଂ ମହାରାଜଙ୍କ କାର୍ଯ୍ୟରେ ଗଫଲ୍‌ତି କରିଛି । ମୁଁ ଅବଶ୍ୟ ଜ୍ଞାତସାରରେ ହିସାବ କାର୍ଯ୍ୟରେ ଅମନୋଯୋଗୀ ହୋଇନାହିଁ । ତେବେ, ଯୋଗଫଳରେ ଭୁଲଭାଲ୍ ହେବା ମୋ' ଦ୍ୱାରା ଯେ ଅସମ୍ଭବ, ତା' ନୁହେଁ । ମା' ସରସ୍ୱତୀ ଅଙ୍କବିଦ୍ୟାକୁ ପାଠଶାଳା ଜୀବନରୁ ମୋତେ ମୁକ୍ତି ଦେଇଥିଲେ । ସେଥିଲାଗି ଅଙ୍କ ସାଙ୍ଗରେ ମୋର ଚିରବିରୋଧ । କ'ଣ କରିବି, ଏ କ୍ଷେତ୍ରରେ ଦଫା ଦଫା କରି ମିଳାଇଲେ ମଧ୍ୟ ଯେତେବେଳେ କିଛି କରିପାରିଲି ନାହିଁ, ସେତେବେଳେ ଶିବାନନ୍ଦଙ୍କ ସ୍ମରଣଶକ୍ତି ପାଖରେ ଶରଣାପନ୍ନ ହେଲି, କହିଲି—''ତୁମର କାଲିର ଖର୍ଚ୍ଚ ସବୁକୁ ଆଉ ଟିକିଏ ମନେକରି କୁହ ଦେଖି !'' ଶିବାନନ୍ଦଙ୍କ ଧାରଣା ଯେ ତାଙ୍କର କିଛି ହିଁ ଭୁଲ୍ ହୁଏନାହିଁ ।

ତାଙ୍କୁ ପୁନରାୟ ସ୍ମରଣ କରାଇ ଦେଖିବାକୁ କହିବାରୁ ଶିବାନନ୍ଦ ତ ଏକବାର ଅଗ୍ନିଶର୍ମା, ''ଏତ୍‌ନା ଦଫା ବୋଲ୍ ଚୂକା, ତୁମ୍‌ହାରା ଖିଆଲ୍ ନହିଁ ରହତା ? —ଲେଓ, ଫିର୍ ଲିଖୋ, ଫିର୍ ମିଲାଓ । ପଢ଼ାଶୁନା କୁଛ୍ କିୟା ନହିଁ, ବାଙ୍ଗାଲୀ ତୋମ୍, କଲେଜ ମେଁ ପଢ଼୍‌କେ କ୍ୟା ଶିଖା'' ଇତ୍ୟାଦି । ଯାହାହେଉ, ସେ ପୁଣି କହିଗଲେ, ପୁଣି ଦଫା ଦଫା କରି ମିଶାଇଲି, କିନ୍ତୁ ସେମିତି କାଲି ପରି ତହବିଲରେ ସାଢ଼େତିନିଟଙ୍କା ଭୁଲ୍ ରହିଗଲା । ତା'ପରେ ମୁଁ ତାଙ୍କୁ ପୁଣି ଯେତେବେଳେ ଭଲ ଭାବେ ମନେପକାଇ ଦେଖିବାକୁ କହିଲି, ସେ କୌଣସି କଥା ନକହି, ଉଠିପଡ଼ି ଟଙ୍କାପଇସା ଥଳିଟା ଝଣ୍ କରି ମୋ' ସାମ୍‌ନାରେ ପକାଇଦେଇ ଚାଲିଗଲେ ।

ମୁଁ ଭାବିନେଇ ଦେଖିଲି ଯେ ଏପରି ହେଲେ ତ ବେଶୀଦିନ ଆଉ ଚଳିବ ନାହିଁ ! ସବୁକଥା ମହାରାଜଙ୍କୁ ଲେଖିବି ବୋଲି ଠିକ୍ କଲି । ଯାହାହେଉ ଏଥର ଉଠିଲି, ଶିବାନନ୍ଦଙ୍କୁ କହିଲି, ''ଦେଖ, ହିସାବରେ ଏହିପରି ଟିକିଏ ଭୁଲଭାଲ୍ ହୋଇଥାଏ, ସେଥିଲାଗି ରାଗିବା କ'ଣ ଦରକାର ! ଏବେ ଟଙ୍କାପଇସା ଧରି ଚାଲ, ମୋତେ ଖାଇବାକୁ ଦେବ । ଏ ଆଶ୍ରମରେ ଆମେ ମାତ୍ର ଦୁଇପ୍ରାଣୀ । ଦି'ଜଣଙ୍କ ମଧ୍ୟରେ ରଗାରଗି ଗୋଳମାଳ କ'ଣ ଭଲ ?''

ସେ ମୋ' କଥା ଶୁଣିଲେ, ଟଙ୍କାଥଳିଟି ଉଠାଇ ବାକ୍ସରେ ବନ୍ଦ୍ କରି ମୋତେ ଭାତ ଦେଉଦେଉ କହିଲେ—''ମହାରାଜ୍ କ୍ୟା ସମ୍‌ଝେଗା, ହମାରା ପାସ୍ ରୁପେୟା ରହତା, ହମ୍‌କୋ ଚୋର୍ ସମ୍‌ଝେଗା । ତୋମାରା କ୍ୟା—''

ମୁଁ କହିଲି—''ଯଦି ୟାଦ୍ ଭୁଲ ହୋ ଯାୟ ତୋ କ୍ୟା ହୋଗା ?'' ସେହି ୟାଦ୍ ଭୁଲ କଥା କହିବାରୁ, ପୁଣି ସେ ମହାଗରମ ହୋଇଗଲେ, କହିଲେ—''ହାମ୍ ଏତନା ରୋଜସେ

ଇହାଁ ରହା, ହମାରା ଇୟାଦ୍ କଭି ଭୁଲ୍ ନେହିଁ ହୋତା, ତୋମାରା ଲିଖନେ କୋ ଭୁଲ ହୁଆ । ମହାରାଜକୋ ପୟସା ଯେସାହି ଯାଏଗା ?''

ଯାହାହେଉ, ଆହାରାଦି ପରେ ମହାରାଜଙ୍କୁ ଏହି ଭାବରେ ଖଣ୍ଡେ ପତ୍ର ଲେଖିଦେଲି '' ହିସାବକରିବା କାମରେ ମୋ'ର ଭୁଲ୍ ହୁଏ, ଠିକ୍ ମିଳାଇପାରେ ନାହିଁ । ଆପଣ ଅନ୍ୟ ବ୍ୟବସ୍ଥା କରନ୍ତୁ । ଆଉ, ଏଠାକୁ ମୁଁ ଯେଉଁ ଶାନ୍ତିର ଆଶା ନେଇ ଆସିଛି, ତାହା ମୋ' ଭାଗ୍ୟରେ ସମ୍ଭବ ନୁହେଁ । ଯେଉଁ ବିଷୟକୁ ତ୍ୟାଗକରି ଘରୁ ବାହାରିଛି, ଏଠାରେ ଯଦି ମୋତେ ତାକୁ ହିଁ ନେଇ ପୁଣି ମୁଣ୍ଡଘୂରାଇବାକୁ ପଡ଼େ, ତା'ହେଲେ ମୋ'ର ହେଲା କ'ଣ ? ମୁଁ କ'ଣ ଏହିସବୁ କରିବା ଲାଗି ଘରଛାଡ଼ି ଏଠାକୁ ଆସିଛି ? ଆପଣ ମୋତେ ମୁକ୍ତି ଦେବେ ।''

ପରଦିନ ଯଥାସମୟରେ ପତ୍ର ଖଣ୍ଡିକ ନିଜ ହାତରେ ଡାକରେ ପଠାଇଦେ । ଏ ମଧ୍ୟରେ ମୁଁ ଟିକିଏ ସ୍ୱାଧୀନ ଭାବରେ ବୁଲିବାକୁ ଲାଗିଲି । ରାଜମୂଲିଆ ଆଦିଙ୍କର କାମର ତଦାରଖ ଏକରକମ ଛାଡ଼ିଦେଲି । ଆଶ୍ରମର ବାହାରେ ନାଗ୍ ମହାଶୟଙ୍କ ପାଖରେ ଅଥବା ଅନ୍ୟ କେଉଁଠି ଅଧିକାଂଶ ସମୟ କଟାଉଥିଲି ।

ବିନ୍ଦୁସରୋବର କୂଳରେ ଦିନେ ଉପରବେଳା ଏକ କ୍ଷୁଦ୍ର ପୁରାତନ ଜୀର୍ଣ୍ଣ ମନ୍ଦିର ନିକଟରେ ବସିଗଲି । ହଠାତ୍ ଦଳେ ନବାଗତ ଯାତ୍ରୀ ଦେଖିବାକୁ ମିଳିଲେ । ସେମାନେ ବିନ୍ଦୁସରୋବର କୂଳରେ ଥିଲେ ଏବଂ ମୋ' ଆଡ଼କୁ ଆସିବା ଦେଖି ମୁଁ ଆଗେଇଲି । ନିକଟକୁ ଯାଇ ଦେଖେ, ସେମାନଙ୍କ ଭିତରେ ଆମର ଭାଗବତ ରତ୍ନ କୁଳପ୍ରସାଦ ମଲ୍ଲିକ ଭୁବନେଶ୍ୱର ଆସିବା ପୂର୍ବରୁ ଦିନେ ଦୁଇଦିନ ପୁରୀରେ ଏମାନଙ୍କୁ ଦେଖିଥିଲି । ନିର୍ଜନ ଭୁବନେଶ୍ୱରରେ ସେମାନଙ୍କୁ ଦେଖି ମହାଆନନ୍ଦରେ ସେମାନଙ୍କ ନିକଟସ୍ଥ ହେଲି । ସେମାନେ ମଧ୍ୟ ଯେତେବେଳେ ଆଳାପ କରିବା ଲାଗି ଆସିଲେ, ସେତେବେଳେ ଆମେ ଏକାଠି ହେଲୁ । ଏହିଠାରେ ହିଁ ସେମାନଙ୍କ ସହ ମୋ'ର ଘନିଷ୍ଠ ପରିଚୟ ହେଲା ।

ତାଙ୍କର ବକ୍ତୃତା ଥିଓସଫିକାଲ୍ ସୋସାଇଟିରେ କେତେଥର ଶୁଣିଛି, ଦେବାଳୟରେ ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବହୁଥର ଶୁଣିଛି । ତାଙ୍କ ମୁଖରେ ଭାଗବତର ବ୍ୟାଖ୍ୟାନ ବଡ଼ ମଧୁର ଓ ଚିତ୍ତାକର୍ଷକ । ଦର୍ଶନଶାସ୍ତ୍ରର ପ୍ରତିପାଦ୍ୟ ତତ୍ତ୍ୱ ସହ ଏକତ୍ର କରି ତାଙ୍କର ଭାଗବତର ଏପ୍ରକାର ବ୍ୟାଖ୍ୟାନ ସେ କାଳରେ ବିଦ୍ୱାନ୍ ସମାଜରେ ବିଶେଷ ଆଗ୍ରହ-ସୃଷ୍ଟିକାରୀ ଓ ଆନନ୍ଦର ବିଷୟ ଥିଲା । ଏହି ପବିତ୍ର ତୀର୍ଥକ୍ଷେତ୍ରରେ ନିର୍ଜନତା ମଧ୍ୟରେ ତାଙ୍କୁ ପାଇ ଧନ୍ୟ ହେଲି । ତାଙ୍କ ସହ ସଙ୍ଗ ଓ ସଂଯୋଗ ଫଳରେ ମୁଁ ଅନେକ କିଛି ଅଭିଜ୍ଞତା ଲାଭକଲି ।

ସେ ସଦାଳାପୀ, ସରଳ, ଅକପଟ ଓ ସୁଚତୁର । ବୟସ ପ୍ରାୟ ବତିଶ ବର୍ଷ ପାଖାପାଖି, ଖର୍ବାକୃତି, ଶ୍ୟାମବର୍ଣ୍ଣ, ପୂର୍ଣ୍ଣ ମୁଖମଣ୍ଡଳ, ଦୀର୍ଘ ଲଲାଟ, କେଶରାଜି ଦୀର୍ଘ—ପ୍ରାୟ ପିଠି

ଉପରେ ଦୋଳାୟିତ । ମୋ' ଆଖିକୁ ତାଙ୍କର ମୂର୍ତ୍ତିଟି ଭଲ ଲାଗିଲା । ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ ବସି ସେଠାରେ ଆମର ଆଳାପ ଚାଲିଲା ।

ପରିଚୟ ପ୍ରସଙ୍ଗରେ ଜାଣିବାକୁ ପାଇଲି—ଏଠାରେ ମହାପାତ୍ର ନାମରେ ଜଣେ ଭଦ୍ର ଗୃହସ୍ଥ ଓ ସାହିତ୍ୟିକ, ଯାହାଙ୍କର ସାମାଜିକ ସଂସ୍କାର ପାଇଁ ଅଦମ୍ୟ ଉତ୍ସାହ, ସେହିହିଁ ଭାଗବତ ରତ୍ନଙ୍କୁ ଏଠାକୁ ଆଣିଛନ୍ତି; ସୁତରାଂ ସେ ତାଙ୍କର ଅତିଥି । ଆଜି ମନ୍ଦିରରେ ସନ୍ଧ୍ୟାରେ ସେ ଭାଗବତ ଉପରେ ବକ୍ତୃତା ଦେବେ ।

ଭାଗବତ ରତ୍ନଙ୍କ ଘର ବୀରଭୂମିର ସିଉଡିରେ । ତନ୍ତ୍ରର ସ୍ଥାନମାନ ଦେଖିବା ଓ ତାନ୍ତ୍ରିକ ସାଧୁସଙ୍ଗ କରିବା ଲାଗି ମୋ'ର ପ୍ରବଳ ଆକାଙ୍କ୍ଷା କଥା ଶୁଣି ସେ ତାଙ୍କ ଘରକୁ ନେଇଯିବା ଲାଗି ଆଗ୍ରହ ପ୍ରକାଶ କଲେ । କହିଲେ—ଆମ ବୀରଭୂମିରେ ତନ୍ତ୍ରର ଅନେକଗୁଡ଼ିଏ ପ୍ରତିଷ୍ଠାନ ଅଛି—ସେଠାକୁ ଆପଣଙ୍କୁ ନେଇଯିବି, ଆଉ ସେଠାରେ ଆପଣ ଅନେକ କିଛି ଦେଖିବେ, ଜାଣିବାକୁ ପାଇବେ । ଏଠାରେ କେଉଁଠି ଅଛନ୍ତି ? ମୁଁ କେଶବାନନ୍ଦ ଆଶ୍ରମ କଥା କହିଲି । ତା'ପରେ ସେହି ଘଟଣା ବିଷୟରେ ସବୁକଥା କହିଲି । ମୋ'ର ଏଠାକାର ଅବସ୍ଥାଟିକୁ ସେ ଠିକ୍ ଉପଲବ୍ଧି କରିପାରିଲେ ।

ସମସ୍ତ କଥା ଶୁଣି ସେ କହିଲେ—''ଚାଲନ୍ତୁ, ମୋ' ସଙ୍ଗରେ ଚାଲନ୍ତୁ ।'' ମୁଁ କହିଲି—''ତାହା ତ ହେବନାହିଁ, ମହାରାଜଙ୍କ ଆଦେଶ ପାଇଲା ପରେ ହିଁ ଯିବି । ତେବେ ମୁଁ ନିଶ୍ଚୟ ଆପଣଙ୍କ ସଙ୍ଗେ ବୀରଭୂମି ଯିବି । ବୀରଭୂମିର ପୀଠସ୍ଥାନମାନ ଦେଖିବାକୁ ପଡ଼ିବ । ଆଜିହିଁ ଚାଲନ୍ତୁ, ମନ୍ଦିରରେ ଆପଣଙ୍କ କଥା ଶୁଣିଆସେ ।''

କିଛି ସମୟ ଲାଗି ନାନା ବିଷୟରେ ଆମ ଦୁହିଁଙ୍କର ଆଳାପ-ଆଲୋଚନା ଚାଲିଲା । କଥାପ୍ରସଙ୍ଗରେ କହି ପକାଇଲି ଯେ ତାଙ୍କର ବକ୍ତୃତାରେ ଆମେ ମୁଗ୍ଧ ହୋଇଥାଉ । ତାଙ୍କର କହିବାର ଢଙ୍ଗ ସୁନ୍ଦର, ତା' ଭିତରେ କିଛିଟା ଯେପରି ବିପିନଚନ୍ଦ୍ରଙ୍କ (ପାଲ୍) ପ୍ରଭାବ ଦେଖିବାକୁ ମିଳେ । ସେ ଶୁଣିଲା ପରେ କହିଲେ, ପାଲ୍‌ଙ୍କର ବଙ୍ଗଳା ବକ୍ତୃତା ଅତୀବ ଓଜସ୍ୱିନୀ ଓ ପ୍ରାଞ୍ଜଳ—ଆମେ ତାଙ୍କର ଗୁଣମୁଗ୍ଧ, ସେଥିରେ କିଛି ହିଁ ସନ୍ଦେହ ନାହିଁ । ସେହି ସୂତ୍ରରେ କିଛି ପ୍ରଭାବ ମୋ'ଠାରେ ଆସି ପଡ଼ିବାରେ ଆଶ୍ଚର୍ଯ୍ୟ କିଛି ନାହିଁ । ତେବେ ଆଜିକାଲି ଦିନରେ ପାଲ୍ ଯେ ବଙ୍ଗଳାରେ ଜଣେ ଅଦ୍ୱିତୀୟ ବ୍ୟକ୍ତି, ଏଥିରେ ସମସ୍ତେ ହିଁ ଏକମତ ।

ଏ କଥା ସତ୍ୟ ଯେ ପାଲ୍ ମହାଶୟଙ୍କ ବକ୍ତୃତା ସେ ସମୟରେ ଉତ୍ତେଜନା ସୃଷ୍ଟି କରୁଥିଲା ପ୍ରଚଣ୍ଡ ଭାବେ । ତେବେ ତାହା ମଧ୍ୟରେ କିନ୍ତୁ ଟିକିଏ ଅଭାବ ଥିଲା ବୋଲି ମନେହୁଏ । ଅନେକେ କହନ୍ତି, ଗଭୀର ଚିନ୍ତାପ୍ରସୂତ ଜ୍ଞାନ ଓ ଆନ୍ତରିକତା ଥିଲେ ତାଙ୍କ ବକ୍ତୃତା ଯଥାର୍ଥରେ ଉତ୍କୃଷ୍ଟ ହେଉଥାନ୍ତା । ଅସଲ କଥା, ଏବେ ଉତ୍ତେଜନାମୂଳକ ବକ୍ତୃତାର ହିଁ ଯୁଗ । ତେଣୁ ଏବେ ତାହାର ପ୍ରଭାବ ଅଛି—ନୁହେଁ କି ? ଶେଷରେ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିଲୁ ଯେ ଯାହାର କର୍ମ ଯେତେ ପରିମାଣରେ ଆନ୍ତରିକ, ଯାହାଙ୍କର ତ୍ୟାଗର ଦୃଢ଼ତା ଅଛି,

ଚିନ୍ତା ଯାହାଙ୍କର ଗଭୀର, ସେହିହିଁ ଦେଶର କଲ୍ୟାଣ କରିପାରିବେ । ଉତ୍ତେଜନାମୂଳକ ବକ୍ତୃତାର ପ୍ରଭାବ ବେଶୀଦିନ ରହିବ ନାହିଁ । ଋତୁ ପରିବର୍ତ୍ତନ ପରି ତାହା ବିଲୀନ ହୋଇଯିବ ।

ସନ୍ଧ୍ୟାର ଘଣ୍ଟାଏ ପୂର୍ବରୁ ଆମେ ସମସ୍ତେ ଭୁବନେଶ୍ୱର ନାଟ୍ୟମନ୍ଦିରଠାରେ ସମବେତ ହେଲୁ । ବଙ୍ଗାଳୀ ଆଠ ଦଶଜଣ ଥିଲେ, ତାଙ୍କ ଭିତରେ ଥିଲେ ଭୁବନେଶ୍ୱର ସମ୍ପତ୍ତିର ତତ୍ତ୍ୱାବଧାରକ । ଭଦ୍ରବ୍ୟକ୍ତି ଜଣକ ପ୍ରବୀଣ, ଯାହାଙ୍କ ଚେହେରାରେ ସମ୍ଭ୍ରାନ୍ତ ସ୍ୱାକ୍ଷରର ସୂଚନା ମିଳେ । ଶୁଣିଲି, ସିଏ ଜଣେ ଅବସରପ୍ରାପ୍ତ ସବ୍‌ଜଜ୍, କେତେବର୍ଷ ଧରି ଭୁବନେଶ୍ୱର ଷ୍ଟେଟ୍‌ର କାର୍ଯ୍ୟରେ ଏହିଠାରେ ନିଯୁକ୍ତ ଅଛନ୍ତି । ଶ୍ରୋତାମାନଙ୍କ ମଧ୍ୟରେ ଅଧିକାଂଶ ସ୍ଥାନୀୟ ଉତ୍କଳବାସୀ—ତାଙ୍କ ମଧ୍ୟରେ ପଣ୍ଡାମାନେ ହିଁ ପ୍ରଧାନ । ସର୍ବମୋଟ ପଚିଶ ତିରିଶ ଜଣ । ତାଙ୍କ ଭିତରେ କେତେକ ପ୍ରବୀଣ ଶାସ୍ତ୍ରଜ୍ଞ ପଣ୍ଡିତ ଥିଲେ । ବଙ୍ଗଳା ଭାଷାରେ ଆଲୋଚନା ହେଲା । ତେବେ ସାମାଜିକ, ପ୍ରାଦେଶିକ ଓ ଭାଷାଗତ ବୈଷମ୍ୟ ଥିବାରୁ ଭଲଭାବେ ଜମିପାରିଲା ନାହିଁ । ମଝିରେ ମଝିରେ କିଛି ବିତର୍କ ମଧ୍ୟ ହୋଇଥିଲା ।

ଭାଗବତ ବିଷୟକୁ ନେଇ ବକ୍ତୃତା । ରାଧା ଓ କୃଷ୍ଣତତ୍ତ୍ୱ ହିଁ ସେଥିରେ ମୁଖ୍ୟ । ଏହି ଭାବକୁ ନେଇ ବକ୍ତୃତାଟି ବ୍ୟାଖ୍ୟାନ ମଧ୍ୟ ଦେଇ ଚାଲିଥିଲା । ଜନୈକ ବୃଦ୍ଧ ପଣ୍ଡିତ ସଂସ୍କୃତ ଭାଷାରେ ହଠାତ୍ ଏକ ପ୍ରତିବାଦସୂଚକ ପ୍ରଶ୍ନ କରିବସିଲେ । ରାଧାଙ୍କୁ ପାଇଲେ କେଉଁଠୁ ? ଭାଗବତରେ ରାଧାଙ୍କ କଥା ନାହିଁ; ସୁତରାଂ ରାଧା ଅପ୍ରମାଣ୍ୟ ।

କୁଳଦା'ବାବୁ ସେତେବେଳେ ଉତ୍ତରରେ ଟୀକାକାରଙ୍କ କଥା କହିଲେ – ପ୍ରଧାନତଃ ଗୋପୀଙ୍କୁ ହିଁ ରାଧା କୁହାଯାଇଛି । ଯାହାହେଉ ବକ୍ତୃତା ସମାପ୍ତ ହେଲା । ସେତେବେଳେ ଭୁବନେଶ୍ୱର ଷ୍ଟେଟ୍‌ର ମ୍ୟାନେଜର ମହାଶୟ ଆମ ସହ ପରିଚିତ ହେଲେ ଏବଂ ଆମ ଦୁହିଁଙ୍କୁ ଆଗାମୀକାଲି ତାଙ୍କ ଆବାସରେ ମଧ୍ୟାହ୍ନଭୋଜନ ଲାଗି ନିମନ୍ତ୍ରଣ କଲେ ।

ପରଦିନ ଶିବାନନ୍ଦଙ୍କୁ ଆଶ୍ରମରେ ଆହାର କରିବି ନାହିଁବୋଲି କହି ଚାଲିଆସିଲି । କୁଳଦା'ବାବୁଙ୍କ ବସାକୁ ଯାଇ କଥାବାର୍ତ୍ତାରେ ଦ୍ୱିପ୍ରହରଯାଏ କଟାଇଦେଲି । ତା'ପରେ ମ୍ୟାନେଜର ମହାଶୟଙ୍କ ଆଡ଼େ ଯିବାକୁ ପଡ଼ିଲା ।

ଆଶ୍ଚର୍ଯ୍ୟର କଥା, ସେଠାରେ ମଧ୍ୟ ସେହି ବିଷୟୀ ସାଧୁଙ୍କ ସମ୍ପର୍କରେ କଥାବାର୍ତ୍ତା ହେଲା । ଯେଉଁ ବ୍ରହ୍ମଚାରୀ ସାଧୁର କଥା ସ୍ଥାନୀୟ କେତେଜଣ ନାଗ୍ ମହାଶୟଙ୍କ ନିକଟରେ ଉତ୍‌ଥାପନ କରିଥିଲେ, ମ୍ୟାନେଜର ମହାଶୟ ତାଙ୍କରି କଥା ଉତ୍‌ଥାପନ କଲେ । ଏପରି ବିଷୟୀ, ମାମଲାବାଜ ସାଧୁ ତ ଦେଖାଯାଆନ୍ତି ନାହିଁ ! ଜାଗା-ଜମି ଉପରେ ଲୋଲୁପ ଦୃଷ୍ଟି, ଅନ୍ୟାୟ ଅଧିକାର କରିବା କଥା ମଧ୍ୟ କହିଲେ । ସାଧୁଙ୍କ ଅନ୍ୱେଷଣ ମୋ'ର କାମ—ମୁଁ ପୂର୍ବେ ଥରେ ତାଙ୍କର ଅନ୍ୱେଷଣରେ ଆସିଥିଲି । ସେ ସେତେବେଳେ ପୁରୀକୁ ରଥଯାତ୍ରା ଦେଖି ଯାଇଥିଲେ । କାର୍ଯ୍ୟତଃ ମୋ'ର ଆଉ ତାଙ୍କ ସଙ୍ଗଲାଭର ସୌଭାଗ୍ୟ

ଘଟିଲା ନାହିଁ । ପରେ ତାଙ୍କ ସମ୍ବନ୍ଧରେ ଏହିସବୁ ଶୁଣି ମୋ'ର ତାଙ୍କୁ ଦେଖିବାର ଇଚ୍ଛା ନଥିଲା । ମାତ୍ର ପୁଣି ଏଠି ମଧ ଯେତେବେଳେ ଶୁଣିଲି, ଟିକିଏ ବିଚଳିତ ହେଲି ।

ସେହି ସାଧୁଙ୍କ ପରିଚୟ ଯଥାର୍ଥ ରୂପେ ଜାଣିବା ଲାଗି ମୋ'ର ଖୁବ୍ ଆଗ୍ରହ ହେଲା । ଏତେ ଲୋକଙ୍କର ଅଭିଯୋଗ ସତ କି ନୁହେଁ, ଜାଣିବା ଲାଗି ଅନ୍ତରରେ ଚାଞ୍ଚଲ୍ୟ ସୃଷ୍ଟି ହେଲା । ସଂକଳ୍ପ କଲି, ଆଜି ଉପରବେଳା ଥରେ ଯିବି । ଏତେଦିନ ପରେ ସେ ପୁରୀରୁ ନିଶ୍ଚୟ ଫେରିଆସିଥିବେ ।

ମ୍ୟାନେଜର ମହାଶୟଙ୍କ ସୌଜନ୍ୟରୁ ଏହି ବିଦେଶରେ ସ୍ୱଦେଶୀୟ ଅତିଥିଙ୍କ ପ୍ରତି ଯତ୍ନରେ ତ୍ରୁଟି ରହିଲା ନାହିଁ । ପରିତୋଷ ଆହାରାଦି ପରେ କିଛି ସମୟ ବିଶ୍ରାମ ନେଇ ମୁଁ ସେଠାରୁ ବିଦାୟ ନେଇ ବାହାରିଲି ଏବଂ ଅଳ୍ପକ୍ଷଣ ପରେ ସେହି ବ୍ରହ୍ମଚାରୀଙ୍କ ଦ୍ୱାରପ୍ରାନ୍ତରେ ଉପସ୍ଥିତ ହେଲି ।

ସେତେବେଳେ ସେ ସଦ୍ୟ ନିଦ୍ରାରୁ ଉଠିଥିଲେ । ବୟସ ପ୍ରାୟ ଷାଠିଏ ପାଖାପାଖି । ସ୍ଥୂଳ ଶରୀର, ଗାଢ଼ ଶ୍ୟାମବର୍ଣ୍ଣ, ଦେଖିବାକୁ ଅନେକଟା ତାନ୍ତ୍ରିକ କାପାଳିକ ପରି । ଗୋଟିଏ ପ୍ରକାଣ୍ଡ ଇଜି-ଚେୟାରରେ ଶୋଇରହିଥିଲେ । ଗଳାର ସ୍ୱର ଖୁବ୍ ମଧୁର । ମୋତେ ପଚାରିଲେ—''କ'ଣ କରାଯାଉଛି, କେଉଁଠି ରହୁଛି, କେଉଁ ଉପଲକ୍ଷ୍ୟେ ଆଗମନ, ପଢ଼ାପଢ଼ି କେତେଦୂରଯାଏ, ବିବାହ ହୋଇଛି କି ନାହିଁ, ଦୀକ୍ଷା ମିଳିଛି କି ନାହିଁ'' ଇତ୍ୟାଦି ।

ଏହି ସକଳ ପ୍ରଶ୍ନର ଯଥାଯଥ ଉତ୍ତର ଦେଇ ମୁଁ କହିପକାଇଲି—''ଆପଣଙ୍କ ନାମରେ କିଛି ଅଭିଯୋଗ ଅଛି ।'' ଏତେବେଳଯାଏ ଠିଆ ହୋଇରହିଥିଲି, ଏଥର ସେ ମଝିରେ ତକିଆ ପଡ଼ିଥିବା ସ୍ଥାନକୁ ଦେଖାଇ ବସିବା ଲାଗି ଇଶାରା ଦେଲେ ।

ଏପରି କୌଣସି କଥା ହଠାତ୍ ଜଣେ ଆଗନ୍ତୁକ ମୁହଁରୁ ଶୁଣିବା ଲାଗି ସେ ଆଶା କରିନଥିଲେ । ସେ ଯେପରି ଟିକିଏ ବିସ୍ମିତ ହେଲେ ଓ କହିଲେ, 'କି ପ୍ରକାର ଅଭିଯୋଗ ?' କହିଲି, ''ସାଧୁ ବା ସନ୍ନ୍ୟାସୀମାନେ ଏପରି ଭାବରେ ବଦ୍ଧ ବିଷୟୀ ପରି ବ୍ୟବହାର କରିବା କଥା ଶୁଣି ମୋତେ ଦୁଃଖ ଲାଗିଛି । ତେଣୁ ଆପଣଙ୍କ ପାଖରୁ ସତ୍ୟ ଘଟଣାଟି ଜାଣିବା ଲାଗି ଆସିଛି ।''

ସେ ଅଳ୍ପ ସମୟ ଗମ୍ଭୀର ହୋଇଗଲେ ଓ ପରେ ମୃଦୁ ହସି କହିଲେ—''ତୁମର ଏସବୁ କଥାରେ ଲାଭ କ'ଣ ? ତୁମେ ଜଣେ ଭଦ୍ରବ୍ୟକ୍ତି ବୋଲି ମନେହେଉଛି, ଯାହାତାହା କଥାରେ କାନଦେଇ କିଛି ଲାଭ ନାହିଁ । ହାଥୀ ଚଲେ ବାଜାର୍ ମେଁ, କୁତ୍ତା ଭୁଖେ ହାଜାର— ସାଧୁଓଁ କୋ ଦୁର୍ଭାବ ନେହିଁ, ଯବ୍ ନିନ୍ଦେ ସଂସାର ।''

ସେ ଏପରି ଭାବେ କହିଲେ ଯେ ସେହି ପ୍ରସଙ୍ଗ ଉପରେ ଆଲୋଚନାର ପ୍ରବୃତ୍ତି ଆଉ ରହିଲା ନାହିଁ । ଯେପରି ଏହିଠାରୁ ହିଁ ତାହାର ଯବନିକା ପଡ଼ିଗଲା । ମୁଁ କିନ୍ତୁ ଶାନ୍ତି ପାଇପାରିଲି

ନାହିଁ, ଅଥଚ କ'ଣ ଯେ ପୁଣି କହିବି, ତାହା ସ୍ଥିର କରିପାରିଲି ନାହିଁ । କିଛି ସମୟ ଚୁପ୍ ରହିବା ପରେ ସେ ପଚାରିଲେ—''କାହା ମୁହଁରୁ ଏହିସବୁ ଖବର ଶୁଣିଛ ?''

ଚିନ୍ତାକରି ଦେଖିଲି, ଯଦି ନାଗ୍ ମହାଶୟ ପାଖରୁ ଏହିସବୁ ଶୁଣିଛି ଅଥବା ମ୍ୟାନେଜରଙ୍କ ଘରେ ତାଙ୍କ ମୁଖରୁ ଏ ସମସ୍ତ ଶୁଣିଛି କହେ, ତାହାହେଲେ ସେମାନଙ୍କ ପ୍ରତି ହୁଏତ ସେ ମନ୍ଦ ଭାବ ପୋଷଣ କରିପାରନ୍ତି ଏବଂ ଭାବିପାରନ୍ତି ଏହିମାନେ ତାଙ୍କ ବିରୋଧରେ ଦଳ ଗଢୁଛନ୍ତି । ଏହିସବୁ କଥା ଚିନ୍ତାକରି କହିଲି—''ସେକଥା ଠିକ୍ ଭାବେ କହିପାରିବି ନାହିଁ, ତେବେ ଏଠାର ସାଧାରଣ ଲୋକଙ୍କ କଥାବାର୍ତ୍ତାରୁ ଶୁଣିଛି । ଏ ସ୍ଥାନର କୌଣସି ବ୍ୟକ୍ତି ସହ ମୁଁ ପରିଚିତ ନୁହେଁ, ମୋର ମଧ୍ୟ କେହି ପରିଚିତ ଏଠାରେ ନାହାନ୍ତି । ଆପଣଙ୍କ ପ୍ରସଙ୍ଗ ଏହି ସ୍ଥାନରେ ଅନେକଙ୍କର ଆଲୋଚନାର ବିଷୟ । ପୂର୍ବେ ଆପଣ ଯେତେବେଳେ ପୁରୀକୁ ଯାଇଥିଲେ, ସେତେବେଳେ ଥରେ ଆପଣଙ୍କୁ ଖୋଜିବାଲାଗି ଏଠାକୁ ଆସିଥିଲି ।''

ଆଉ କିଛି ସମୟ ବସିବା ପରେ ମନେହେଲା, ମୋ'ର ଏଥିପାଇଁ ଏତେ ମୁଣ୍ଡବ୍ୟଥା କାହିଁକି ! ସିଏ ଯେମିତି ଅଛନ୍ତି, ସେମିତି ଥାଆନ୍ତୁ । ମୁଁ ଦେଖିବି, ଯଦି କିଛି ସାଧୁସଙ୍ଗ ଫଳ ମିଳେ ! ଲୋକଙ୍କର ଅଭିଯୋଗ କଥା ସତ୍ୟ କି ମିଥ୍ୟା, ସେଥିରେ ମୋର କ'ଣ ଯାଏ ଆସେ ! ଏହି କଥା ଭାବୁଛି, ଏହାଙ୍କ ସଂସ୍ରବରେ ଆସି କାହିଁକି କେମିତି ମନର ଭାବଟା ବଦଳିଗଲା, ଆଉ ତାଙ୍କର ନିନ୍ଦା କଥା ଶୁଣିବାକୁ ବା ବିଶ୍ୱାସ କରିବାର ପ୍ରବୃତ୍ତି ହିଁ ରହିଲା ନାହିଁ । ଏହିସବୁ କଥା ମନରେ ତୋଡ଼ପାଡ଼ କରୁଛି, ସେ କହିଲେ—''ତୁମର ପିତାମାତା ଅଛନ୍ତି କି ନାହିଁ ?''

ତା'ପରେ କହିଲେ, ''ତୁମର ଦୀକ୍ଷା ଦିଆସରିଛି ? କେଉଁଠାରୁ ଦୀକ୍ଷା ନେଇଛ ?''

—''ଉପନୟନ ହିଁ ତ ଦୀକ୍ଷା, ଆଉ ପୁଣି ଦୀକ୍ଷା କ'ଣ ?''

ସେ କହିଲେ, ''ସିଏ ତ ବୈଦିକ ଦୀକ୍ଷା, ତାନ୍ତ୍ରିକ ଦୀକ୍ଷା ତ ହୋଇନାହିଁ !''

କହିଲି, ''ଦୀକ୍ଷା ତ ଥରେ ପାଇଲେ ହେଲା । ଆଉ ପ୍ରଣବହିଁ ଶ୍ରେଷ୍ଠମନ୍ତ୍ର !''

ସେ କହିଲେ—''ସଂସାରତ୍ୟାଗୀ ବ୍ରହ୍ମଚାରୀଙ୍କର ବୈଦିକ ଦୀକ୍ଷାରେ ହିଁ କାମ ଚଳିଯାଏ, କିନ୍ତୁ ଗୃହୀଙ୍କର ତାନ୍ତ୍ରିକ ଦୀକ୍ଷା ପ୍ରୟୋଜନ ।''

ମୁଁ ଶୁଣିଥିଲି, ବୌଦ୍ଧତନ୍ତ୍ରର ପ୍ରଭାବ କେବଳ ସନ୍ନ୍ୟାସ ନୁହେଁ, ଆମର ଗାର୍ହସ୍ଥ୍ୟ ଜୀବନକୁ ମଧ୍ୟ ପ୍ରଭାବିତ କରିଦେଇଛି । ଶଙ୍କରାଚାର୍ଯ୍ୟଙ୍କ ଆବିର୍ଭାବରେ ବୌଦ୍ଧଧର୍ମର ସଙ୍ଘାଦି ସନ୍ନ୍ୟାସର ପ୍ରତିଷ୍ଠାନସମୂହ ଦେଶରୁ ଚାଲିଗଲା ସତ୍ୟ, କିନ୍ତୁ ଗାର୍ହସ୍ଥ୍ୟ ବିଭାଗରେ କୁଳଗୁରୁମାନଙ୍କର ଶାସନ ଅତୁଟ ରହିଗଲା । ନାନା ଦିଗରୁ ତାନ୍ତ୍ରିକ ସାଧନର ସାରତତ୍ତ୍ୱ ସକଳ ଜାତି ମଧ୍ୟରେ ଏ ଦେଶର ଗାର୍ହସ୍ଥ୍ୟ ଜୀବନକୁ ଆଚ୍ଛନ୍ନ କଲା—ଆଜି ମଧ୍ୟ ତାହାର ପ୍ରଭାବ ସ୍ପଷ୍ଟ ଭାବେ ପ୍ରତୀୟମାନ । ସେ ଯାହାହେଉ, କହିଲି—''ଯଦି ମୋ' ଉପନୟନର

ଦୀକ୍ଷାରେ ହିଁ ଦୃଢ଼ ଭାବେ ଗାର୍ହସ୍ଥ୍ୟ ଜୀବନରେ ପ୍ରଣବର ସାଧନ କରିପାରେ, ତେବେ କ୍ଷତି କ'ଣ ?''

ବିରକ୍ତ ହୋଇ ବ୍ରହ୍ମଚାରିଜୀ କହିଲେ—''ତୁମର ପିତା-ପିତାମହ ଯାହା କରିଯାଇଛନ୍ତି, ତାହା କରିବ, ନା ନିଜର ଯାହା ଖୁସି, ଧର୍ମର ବ୍ୟଭିଚାର କରିବାକୁ ଚାହିଁବ ? ତୁମେମାନେ ଦୁଇଧାଡ଼ି ଇଂରାଜୀ ପଢ଼ିଦେଇ ଭାବୁଛ ସମସ୍ତେ ଜଣେ ଜଣେ ଅବତାର ।''

ତାଙ୍କର ଏ ପ୍ରକାର ମନ୍ତବ୍ୟ ଭିତ୍ତିହୀନ—ଏହା ଜ୍ଞାନର ଅଭାବ କଥା ହିଁ ସୂଚନା ଦିଏ । ଯାହାହେଉ, ତାଙ୍କର ଏହି ଭାବନାଟି ମୋତେ ଭଲ ଲାଗିଲା ନାହିଁ । ମୁଁ ମଧ୍ୟ ମନେମନେ ବିରକ୍ତ ହୋଇଥିଲି, ସୁତରାଂ ଦୃଢ଼ଭାବରେ କହିଲି—''ବୈଦିକ ଦୀକ୍ଷା ହିଁ ହେଲା, ତାହା ଉପରେ ପୁଣି ତାନ୍ତ୍ରିକ ଦୀକ୍ଷା ମଧ୍ୟ ଗୋଟାଏ ଚାପିଦେବାର ବ୍ୟବସ୍ଥା । ଦୁଇଟିର ପ୍ରୟୋଜନ କ'ଣ, ତାହା ଜାଣିବାର କୌତୂହଳ କ'ଣ ବ୍ୟଭିଚାର ? ପିତା, ପିତାମହ ଯାହା ଭଲ ବୁଝୁଥିଲେ, ତାହା କରିଛନ୍ତି, ତାଙ୍କର କାର୍ଯ୍ୟର ଜବାବ ସେମାନେ ଦେବେ, ଆମ ...''

ସେ—''ତୁମମାନଙ୍କର ପିତା-ପିତାମହଙ୍କଠାରୁ ତୁମେମାନେ ବେଶୀ ଜ୍ଞାନୀ ବୋଲି ଭାବୁଛ ନା କ'ଣ ?''

ମୁଁ—''ଆପଣଙ୍କର କଥାର ଉଦ୍ଦେଶ୍ୟ ଏହି ଯେ ଆମେମାନେ କ୍ରମାଗତ ବଂଶବିସ୍ତୃତିର ସଙ୍ଗେ ସଙ୍ଗେ ଅଜ୍ଞାନୀ ହୋଇହିଁ ଚାଲିଛୁ । ସହଜ କଥାରେ ଆପଣଙ୍କ ମତରେ ବର୍ତ୍ତମାନ କାଳର ଗୃହସ୍ଥ ଭଦ୍ର ବଂଶଧରମାନେ କ୍ରମେ ଅଧଃପତନ ଦିଗକୁ ଯାଉଛନ୍ତି, ଆଉ ଘୋରତର ଅଜ୍ଞାନୀ ହୋଇପଡୁଛନ୍ତି । ଏଇଆ ତ ?''

ସେ—''ହଁ, ସେଇଆ, ତାହା ତ ହୋଇଛି; ଦୁଇଧାଡ଼ି ଇଂରାଜୀ ପଢ଼ି ବକ୍ତୃତା ଦେଇପାରିଲେ କ'ଣ ଜ୍ଞାନଲାଭ ହୁଏ ? ପୂର୍ବପୁରୁଷଙ୍କର ପ୍ରଥାକୁ ଅନୁସରଣ କରିବାର ପ୍ରବୃତ୍ତି ନାହିଁ, ଦେବ-ଦ୍ୱିଜଙ୍କ ଠାରେ ଭକ୍ତି ନାହିଁ, ସାଧୁ-ସନ୍ନ୍ୟାସୀଙ୍କ ପ୍ରତି ସମ୍ମାନ ନାହିଁ, ପୂଜାକର୍ମ ନାହିଁ ... ଦେଶ ତ ଏବେ ଉଚ୍ଛନ୍ନ ହେବାକୁ ବସିଲାଣି ।''

ମୁଁ—''ମୋ'ର ମନେହୁଏ, ପୁରାତନ କ୍ରିୟାକର୍ମ, ଆଚାର ଆଦି ଉପରେ ଆପଣଙ୍କର ଅନ୍ଧ ଆକର୍ଷଣ ହିଁ ସେହି ରକ୍ଷଣଶୀଳ ମନୋବୃତ୍ତିର ବ୍ୟାପାରଟିକୁ ଠିକ୍ ଭାବେ ଦେଖିବାକୁ ଦେଉନାହିଁ ଏବଂ ଆପଣଙ୍କର ସତ୍ୟ-ଦୃଷ୍ଟିକୁ ଅନ୍ଧ କରିଦେଇଛି ।''

ସେ ଉତ୍ତେଜିତ ହୋଇଯାଇ ଚିତ୍କାର କରି କହିଲେ—''ଦେଖ, ତୁମେ ଯେ ମୂର୍ଖ, ତାହାର ପ୍ରମାଣ ହେଲା ଯେ ତୁମେମାନେ ସାଧୁ-ଗୁରୁ ଏମାନଙ୍କୁ ସମ୍ମାନ ଦେବା ଜାଣନାହିଁ । ସେମାନଙ୍କ ସହ କିପରି କଥା କହିବାକୁ ହେବ, ତାହା ମଧ୍ୟ ଜାଣନାହିଁ ।''

ମୁଁ—''ମୋ'ର ମଧ୍ୟ ବିଶ୍ୱାସ ଯେ ଆପଣ ଭଗବାନଙ୍କ ସତ୍ୟର ନିୟମର ବ୍ୟଭିଚାର କରୁଛନ୍ତି, ଆଉ ମୁଁ ଯଦି ମୂର୍ଖ ହିଁ ହୁଏ, ସେଥିରେ କିଛି ବେଶୀ ଦୁଃଖ ନାହିଁ; କିନ୍ତୁ ଆପଣ ଯଦି ମୂର୍ଖ ହୁଅନ୍ତି କି ଭଣ୍ଡ ହୁଅନ୍ତି, ତାହା ଅତି ବେଶୀ ଦୁଃଖର କଥା ନୁହେଁ କି ?''

ହଠାତ୍ ତାଙ୍କର ଚକ୍ଷୁଦୁଇଟି ମହାନ୍ ରୋଷଦ୍ୱାରା ଜଳିଉଠିଲା । ମନେହେଲା, ଯେପରି ଭସ୍ମ କରିଦେବାର ଇଚ୍ଛା ! ଯେପରି ମୂର୍ତ୍ତିମାନ କ୍ରୋଧ ! ସେହି ଚଣ୍ଡମୂର୍ତ୍ତି ଦେଖି ମୋ'ର ଲୋକଟି ଉପରେ ଯେଉଁ ଟିକକ ଶ୍ରଦ୍ଧା ଥିଲା, ତାହା ପୂରାପୂରି ଚାଲିଗଲା । ସେ ଚିତ୍କାର କରି କହିଲେ—''ଦେଖ''—କହି ହଠାତ୍ ସମ୍ଭାଳି ନେଲେ । ସେହି ଅବସ୍ଥାର ପରିବର୍ତ୍ତନ ଟିକିଏ ଦେଖିବା ଜିନିଷ । ସେ ହଠାତ୍ ଗମ୍ଭୀର ହୋଇଗଲେ, କିଛିକ୍ଷଣ ପରେ ମୁହଁରେ ହସ ଫୁଟାଇ କହିଲେ—''ତୁମେ ବାଳକ, ତୁମ ଉପରେ ରାଗ କରିବି ନା ଦୁଃଖ କରିବି, କିଛି ବୁଝିପାରୁନାହିଁ ।''

କିଛି କଥା ନକହି ଗାଲରେ ହାତଦେଇ ବସିରହିଲି ଦେଖି ସେ କହିଲେ—''ଥାଉ, ଛାଡ଼ ଏସବୁ । ଯଦି ତୁମର କିଛି ଜାଣିବାର ଥାଏ, ତେବେ ସେହି କଥା କୁହ, ମୁଁ ବୁଝାଇଦେବି ! ଆମେ ନ ବୁଝାଇଲେ କିଏ ତୁମକୁ ବୁଝାଇଦେବ ? ତେବେ ସାଧୁ-ଗୁରୁଙ୍କଠାରୁ କିଛି ଜାଣିବାକୁ ଗଲେ ବିନୟର ସହ କହିବା ଦରକାର, ଅନୁଗତ ହେବା ପ୍ରୟୋଜନ । ଆଜ୍ଞାଧୀନ ଭାବ ନେଇ ସେମାନଙ୍କ ପାଖରେ ପ୍ରଶ୍ନ କରିବାକୁ ହୋଇଥାଏ ।''

ଆଉ କାହିଁକି, ଏଥର ଉଠିଯିବାହିଁ ତ ଭଲ ହେବ, ଆଉ ଉଠିଯିବାକୁ ମଧ୍ୟ ମୋର ଇଚ୍ଛା ହେଉଥିଲା ନିଶ୍ଚୟ; ମାତ୍ର ଯଦି ତାହା କରେ, ତା'ହେଲେ ଏ ବ୍ୟକ୍ତି ମନରେ ଆଘାତ ଲାଗିବ, ଆଉ ମୋ' ପକ୍ଷେ ହୁଏତ ଅସୌଜନ୍ୟ ପ୍ରକାଶ ପାଇବ । ଏହା ଉପରେ ଆଉ କିଛି କଥା କହିବାର ଥିଲା । ଦେଖାଯାଉ, ଶେଷ ପର୍ଯ୍ୟନ୍ତ ଯଦି କିଛି ଖବର ମିଳିପାରେ, ଏଠିକୁ ଆସିବାଟା ଏକବାର ହିଁ କ'ଣ ବୃଥା ହେବ ! ଅନେକକ୍ଷଣ ଚୁପ୍ ରହିଛି ଦେଖି ସେ ପଚାରିଲେ—''କୁଳଗୁରୁଙ୍କ ଉପରେ ବିଶ୍ୱାସ ଅଛି କି ?''

ସଙ୍ଗେ ସଙ୍ଗେ ମୁଁ ଉତ୍ତର ଦେଲି, ''ନା ।''

ସେ ପୁଣି ପଚାରିଲେ, ''କାହିଁକି ?''

ମୁଁ—''ଆମ ମନ ମଧ୍ୟରେ ଗୁରୁଙ୍କର ଯେଉଁ ଆଦର୍ଶ ଅଛି, ତାହା କୁଳଗୁରୁଙ୍କ ସମ୍ପର୍କରେ ଆସି ବାଧାପାଏ । ସେମାନେ ଆମ ପରି ଗୃହୀ, ଆମ ପରି ଲୋଭୀ, ସେମାନଙ୍କର ଆମରି ପରି ଧନଲୋଲୁପ ଭାବ, ଆମର ସକଳ ଦୁର୍ବଳତା ହିଁ ସେମାନଙ୍କ ପାଖରେ ଅଛି । ଏହାଦେଖି ହିଁ ଯଦି ସେମାନଙ୍କ ପ୍ରତି ଆପଣ ଆମର ଭକ୍ତି-ଶ୍ରଦ୍ଧା ଦାବି କରନ୍ତି, ତା'ହେଲେ ମୋ'ର ଅନିଚ୍ଛା ସତ୍ତ୍ୱେ ଏ ସ୍ଥାନରୁ ଉଠିଯିବାକୁ ହେବ ।''

''ଆରେ ହେ, ତୁମର କ'ଣ ଏମିତିକା କଥା ! କାହିଁକି ? ହୁଅନ୍ତୁ ନା ସେ ଖରାପ, ହୁଅନ୍ତୁ ନା ସେ ଗୃହୀ, ସେଥିରେ ଆମର କ'ଣ ଯାଏଆସେ; ଆମର ମନ୍ତ୍ରହିଁ ତ ସବୁ । ଯଦ୍ୟପି ଆମ ଗୁରୁ ଶୁଣ୍ଡି ଘରକୁ ଯାଆନ୍ତି, ତଥାପି ଆମର ଗୁରୁ ନିତ୍ୟାନନ୍ଦ ରାୟ । ଏହି ଭାବଟି କେମିତି କୁହ ଦେଖି ?''

"ପୂର୍ବେ, ସେକାଳରେ ଏହି ଭାବଟିର ମାହାତ୍ମ୍ୟ ଯେପରି ସେମାନେ ବୁଝୁଥିଲେ, ଆମେ ଏ କାଳରେ ସେପରି ବୁଝିପାରୁନାହୁଁ, ବୁଝିବାର ପ୍ରବୃତ୍ତି ମଧ୍ୟ ହୁଏନାହିଁ । ଅସତ୍ୟ ସହ ଆପୋଷ କରିବାଟା ଭଲ ମନେହୁଏ ନାହିଁ, ଯଦିଓ ଭାବଟି ସହଜ ଓ ସରଳ ନିଶ୍ଚୟ ।"

–"ତୁମର କୁଳଗୁରୁ ଅଛନ୍ତି ?"

–"ଅଛନ୍ତି, ସେ ମୋ' ମାଆଙ୍କ ଗୁରୁ ।"

–"ତାଙ୍କର ପିଲାପିଲି ଅଛନ୍ତି ?"

–"ହଁ, ଛଅଟି ପୁଅ, ଚାରୋଟି ଝିଅ ।"

–"ତାଙ୍କ ପୁଅ ଭିତରୁ ବାପାଙ୍କ କାମରେ କେହି ଅଛନ୍ତି କି ନାହାନ୍ତି, ପୁଅମାନେ କ'ଣ କରନ୍ତି ?" ସେ ପଚାରିଲେ ।

ମୁଁ କହିଲି–"ଯେତେଦୂର ଜାଣିଛି, ବଡ଼ଟି ଛାପାଖାନାରେ କମ୍ପୋଜିଟର କାମକରେ, ବାରଟଙ୍କା ଦରମାରେ–ତାହାର ବିବାହ ଦେଇଛନ୍ତି ଗତବର୍ଷ, ମଝିଆଁଟି ଚା', ସିଗାରେଟ୍, ପାନ, ବିଡ଼ିର ଦୋକାନ କରିଛି, ତା'ର ତଳଟି ମଟର ଚଳାଇବା ଶିଖିଛି; ଆଉ ଜଣେ ଥିଏଟର କରେ, ତା'ପରଟି ପାଠଶାଳାକୁ ଯାଏ, ଛୋଟଟି ସାତ ଆଠବର୍ଷର ।"

–"ତା' ହୋଇଥାଉ, ଗୁରୁ ତ୍ୟାଗ କରିବା ଉଚିତ୍ ନୁହେଁ–ତେବେ ତାଙ୍କଠାରୁ ମନ୍ତ୍ର ନେଇ ପରେ କ୍ରମ-ଦୀକ୍ଷା ନେଇପାର ।"

–"କାହାର ଗୁରୁ ?"

ସେ ଆଶ୍ଚର୍ଯ୍ୟ ହୋଇ କହିଲେ, "କାହିଁକି, ତୁମ ବଂଶର ଗୁରୁ, କୁଳଗୁରୁ !"

ମୁଁ କହିଲି–"ଆମର ବଂଶର ସକଳଙ୍କୁ ନିର୍ବିଚାରରେ କ'ଣ ତାଙ୍କୁହିଁ ଗୁରୁ କରିବାକୁ ପଡ଼ିବ, ଏପରି କେଉଁ ଭଗବାନଙ୍କର ନିୟମ ରହିଛି ? ସେ ଯୋଗ୍ୟ କି ନୁହେଁ, ଯୋଗ୍ୟତା ଅଛି କି ନାହିଁ..."

ସେ ଯେପରି ପୁଣି ରାଗିବାକୁ ଆରମ୍ଭ କରିଦେଲେ, ଏହା ପ୍ରକୃତିଗତ ବା ସ୍ୱଭାବଗତ ଦୋଷ ବା ଗୁଣ, ଯାହା ହୋଇଥାଉନା କାହିଁକି । କହିଲେ–"କାହିଁକି ! ଗୁରୁଙ୍କ ଯୋଗ୍ୟତା ତୁମେ ବିଚାର କରିବ ! ଏହା ତ ବଡ଼ ସ୍ପର୍ଦ୍ଧାର କଥା !"

–"ସେ ବିଚାର ମୋ' ବ୍ୟତୀତ ଆଉ କିଏ କରିବ ? ଯିଏ ଗୁରୁ ହେବେ, ମୋର ସକଳ ସଂଶୟ ଯଦି ଦୂର କରି ନପାରନ୍ତି, ମୋ' ଶ୍ରଦ୍ଧାକୁ ଯଦି ସେ ଆକର୍ଷଣ କରି ନ ପାରନ୍ତି, କିପରି ସେ ମୋ'ର ଗୁରୁ ହେବେ ?"

–"ନା ନା, ଏସବୁ ବଡ଼ବଡ଼ିଆପଣ ଧର୍ମରାଜ୍ୟରେ ଚଳିବ ନାହିଁ । କୁଳପ୍ରଥାକୁ ତ୍ୟାଗକଲେ ସର୍ବନାଶ ହେବ । ଗୁରୁଙ୍କ ଅଭିଶାପରେ ବଂଶ ଧ୍ୱଂସ ହେବ । ଆଜିକାଲିର ସବୁ ପିଲା ଏହାହିଁ କରି ଉଚ୍ଛନ୍ନ ହେଲେଣି । ନିଜେ ପସନ୍ଦ କରି ବିବାହ କରିବେ, ନିଜ ପସନ୍ଦରେ

ଗୁରୁ କରିବେ । ଆରେ, ତାହା ଯଦି ହେବ, ତେବେ ଶାସ୍ତ୍ରରେ କୁଳଗୁରୁ କଥା କୁହାଯାଇଛି କାହିଁକି ? ହଁ, ଯଦି ଗୁରୁବଂଶରେ କେହି ନଥାନ୍ତି, ତା'ହେଲେ ଅବଶ୍ୟ କଥା ଅଲଗା ।''

ମୁଁ କହିଲି—''ତା' ଯଦି ଠିକ୍, ତା'ହେଲେ ଆମ ଗୁରୁବଂଶରେ କେହି ନାହାନ୍ତି, ମୋ' ପିତା ସେଥିଲାଗି ଦୀକ୍ଷା ନେଇନାହାନ୍ତି ।''

ସେ—''ତେବେ ଏହି ଯେଉଁ କଥା କହିଲ, ତୁମ ମା'ଙ୍କର ଗୁରୁ ଅଛନ୍ତି ।''

ମୁଁ କହିଲି—''ଆମ ପିତୃକୁଳର ଗୁରୁବଂଶ ଲୋପ ହୋଇଯିବାରୁ ମା' କେବଳ ଆମ ବଡ଼ମା'ଙ୍କ ମାମୁଙ୍କର ଗୁରୁପୁତ୍ରଙ୍କଠାରୁ ଦୀକ୍ଷା ନେଇଛନ୍ତି । ମୁଁ ପ୍ରଥମେ ତାଙ୍କୁ ହିଁ କୁଳଗୁରୁ ବୋଲି ଧାରଣା କରିଥିଲି—ଏତେକଥା ଭାବି ଦେଖି ନଥିଲି ।''

ସେ ତାହା ଶୁଣି କହିଲେ—''ଯାହାହେଉ, ତୁମର ଯଦି କୁଳଗୁରୁ ନଥାନ୍ତି, ତା'ହେଲେ ଭିନ୍ନ କଥା, କିନ୍ତୁ ତାହା ବୋଲି ଗୃହୀ ଲୋକଙ୍କର ସନ୍ନ୍ୟାସୀଗୁରୁ କରିବା ଠିକ୍ ନୁହେଁ, ଗୃହୀ-ଗୁରୁ ହିଁ ଦରକାର ।''

ମୁଁ କହିଲି—''ସବୁ ରୋଗୀଙ୍କର କ'ଣ ଗୋଟିଏ ଔଷଧ ? ଗୃହୀଗୁରୁ ଯେ କେଉଁଠାରେ ମିଳିବ, ଖୋଜିବାକୁ ଯିବି ?''

ସେ କହିଲେ—''ଚେଷ୍ଟା କରି, ଯଦି ନପାଇଲେ, ତେବେ ଅନ୍ତତଃ ପୂର୍ବେ ଗୃହୀ ଥିଲେ, ପରେ ବ୍ରହ୍ମଚାରୀ ହେଲେ; ଏପରି ଦେଖି ଗୁରୁ କରିବାକୁ ପଡ଼ିବ । ମୂଳରୁ ସନ୍ନ୍ୟାସୀ ଥିବା ଗୁରୁ କରାଯିବ ନାହିଁ ।''

ଯାହାଙ୍କ ସହ ଆଳାପ ହେଉଥିଲା, ସେ ଆଗେ ଗୃହୀ ଥିଲେ, ଗୋଟିଏ ପୁଅ ଅଛି, ସ୍ତ୍ରୀ ବିୟୋଗାନ୍ତେ ବ୍ରହ୍ମଚାରୀ ହୋଇଛନ୍ତି—ଏହିପରି ଏକ ଖବର ଶୁଣିଥିଲି, ଏହାଙ୍କ ସହ ସାକ୍ଷାତ ପୂର୍ବରୁ ।

ମୁଁ—''ସେ କଥା ଥାଉ, ଅସଲ ମନ୍ତ୍ର ନେବାର କଥା ନୁହେଁ, ତାନ୍ତ୍ରିକ ଦୀକ୍ଷାର ଉଦ୍ଦେଶ୍ୟ ବା କ'ଣ, ବୈଦିକ ଦୀକ୍ଷାର ହିଁ ବା ଉଦ୍ଦେଶ୍ୟ କ'ଣ, ତାହା ଜାଣିବାକୁ କୌତୂହଳ ଥିଲା ।''

ସେ—''ଗୃହୀ ଲୋକଙ୍କର ତାନ୍ତ୍ରିକ ଦୀକ୍ଷା ଦ୍ୱାରା କେତେଦୂର ଫଳ ମିଳେ, ତାହା ଚଟ୍ କରି ଏବେ ତୁମକୁ କିପରି କହିବି ? ଦୀକ୍ଷା ନିଅ, ମନ୍ତ୍ର ପାଅ, ଜପ କର, ଅଭିଷେକ ହେଉ, ପୁରଶ୍ଚରଣ କର, ଲକ୍ଷେ ଜପ କର, ତେବେ ଜାଣିବ ଯେ ବ୍ୟାପାର କ'ଣ—ଶକ୍ତି ରାଜ୍ୟ ମଧ୍ୟରେ ପ୍ରବେଶ କଲାପରେ ଗୁରୁ ସମ୍ବନ୍ଧରେ ସବୁ ବୁଝିପାରିବ ।''

ଆଉ ନୁହେଁ, ଏଥର ଉଠିପଡ଼ିଲେ ହିଁ ରକ୍ଷା । ଭଗବାନ ମୋତେ ରକ୍ଷାକରନ୍ତୁ ।

■■

ଅଷ୍ଟମ ଅଧ୍ୟାୟ

ଏହାମଧ୍ୟରେ ମହାନନ୍ଦ ନାମକ ଜଣେ ଅପୂର୍ବ ସାଧୁଙ୍କ ସହ ସାକ୍ଷାତ ହେଲା । ପ୍ରଥମ ଯେଉଁଦିନ ଗଲି, ସେ ସେଦିନ କଥା କହିଲେ ନାହିଁ । ଅନେକ କ୍ଷଣ ପର୍ଯ୍ୟନ୍ତ ବସି ବସି ଚାଲିଆସିଲି । ଦୁଇଜଣ ବ୍ୟକ୍ତି ଥିଲେ, ସେମାନଙ୍କ ସହ ମଧ୍ୟ ସେ ମନୋଯୋଗ ଦେଇ କଥା କହିଲେ, ତାହା ମଧ୍ୟ ବୁଝିହେଲା ନାହିଁ; ଗୋଟିଏ ଦୁଇଟି କଥା କହିଲେ, ତାହା ପୁଣି ଏତେ ଆସ୍ତେ ଯେ ମୋତେ ଶୁଣାଗଲା ନାହିଁ ।

ଲେଖକ ମହାନନ୍ଦସହ ଆଶ୍ରମ କୁଟୀରରେ (ଭୁବନେଶ୍ୱର)

ସେ ଆସନରେ ବସିଥିଲେ । ନିମ୍ନାଙ୍ଗ ପୂର୍ଣ୍ଣରୂପେ ସ୍ଥିର, କେବଳ ହାତ ଦୁଇଟି ମଝିରେ ମଝିରେ ହଲୁଥିଲା । ମୁଣ୍ଡିତମସ୍ତକର ଉପରେ ଯତ୍‌ସାମାନ୍ୟ ଛୋଟ ଛୋଟ କଳା-ଧଳା ଚୁଟି ଗଜୁରିଥିଲା । ଗୌରବର୍ଣ୍ଣ ଚେହେରା, ଅନେକଟା ଯେପରି ହରିଦ୍ୱାରର ଭୋଳାନନ୍ଦ

ଗିରି ପରି, ଭ୍ରୂଦ୍ୱୟ ଗାଢ଼ କଳା । ଲମ୍ବା ହୋଇ ମୁଖ । ପରିଧାନରେ ସାଧାରଣ ବସ୍ତ୍ର—ଗୈରିକ ସହ ସମ୍ପର୍କ ନାହିଁ । ଗଳାରେ ଗୋଟିଏ ମାଳା । ଛୋଟ ଛୋଟ ରୁଦ୍ରାକ୍ଷ ଓ ସ୍ଫଟିକ ମିଶି ଗୋଟିଏ ପରେ ଗୋଟିଏ ଗୁନ୍ଥା । କ୍ଷୀଣ ଶରୀର ।

ତା' ପରଦିନ ଗଲି । କ୍ଷୁଦ୍ର ଏକ କୁଡ଼ିଆ, ଚତୁର୍ଦ୍ଦିଗରେ ବଗିଚା । ଘରଟିର ଦ୍ୱାର ଉପରେ ସେ ଦିନସାରା ଆସନରେ ଉପବେଶନ କରିଥାନ୍ତି । ମୁଁ ସେଦିନ ଯେତେବେଳେ ଗଲି, ସେଠାରେ କେହି ନଥିଲେ । ନିର୍ଜନତା, ଆଶ୍ରମରେ ଅନ୍ୟ କାହାକୁ ନଦେଖି ଭାବିଲି, ଭଲ ହୋଇଛି, କଥାବାର୍ତ୍ତା ହେବାକୁ ବେଶ୍ ସୁଯୋଗ ମିଳିବ । ପ୍ରଣାମ ଜଣାଇ ବସିଲି । ସେ ଅଭୟମୁଦ୍ରାରେ ଆଶୀର୍ବାଦ କଲେ, ଆଉ କୌଣସି କଥା କହିଲେ ନାହିଁ । ମୋ' ମୁହଁକୁ ଚାହିଁରହିଲେ, ତା'ପରେ ଦୃଷ୍ଟି ଫେରାଇ ସ୍ଥିର ହୋଇ ବସିଲେ । ମନେହେଲା, ଯେପରି ମୋ କଥା ହିଁ ମନେମନେ ବିଚାର କରୁଛନ୍ତି । ମୁଁ ମଧ୍ୟ ସ୍ଥିର ହୋଇ ବସିରହିଲି । କଥା ହେବା ପାଇଁ ପ୍ରବୃତ୍ତି ହିଁ ହେଲା ନାହିଁ । ଏହି ଅବସ୍ଥାରେ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଅତିବାହିତ ହୋଇଗଲା । ଏହି ସମୟରେ ଜନୈକ ମୋଟାସୋଟା ରେଶମ ପଞ୍ଜାବି ଓ ଚାଦର ଆବୃତ ବଙ୍ଗାଳୀ ଭଦ୍ରବ୍ୟକ୍ତି ଆସିଲେ ଓ ପ୍ରଣାମ କରି ବସିରହିଲେ ।

ଆଗନ୍ତୁକ ଜଣେ ଧନବାନ ବିଷୟୀ ବ୍ୟକ୍ତି ବୋଲି ମନେହେଲା । ସାଧୁ କିନ୍ତୁ ତାହାଙ୍କ ସହ ମଧ୍ୟ କୌଣସି କଥା କହିଲେ ନାହିଁ । ସେ କିଛି ସମୟ ବସିରହି ଛଟପଟ ହେବାକୁ ଲାଗିଲେ, ଯେପରି କଥା କହିବାର ଉପାୟ ନାହିଁ ! ପରେ ଯେପରି ଅଧୈର୍ଯ୍ୟ ହୋଇ କହିଲେ—''ସ୍ୱାମିଜୀ, ତାହାହେଲେ କ'ଣ ଆଜି ଅପରାହ୍ଣରେ ଆମର ସେଆଡ଼େ ଯିବେ ?''

ଟିକିଏ ଚିନ୍ତାକରି ସାଧୁ ବଙ୍ଗଳାରେ କହିଲେ—''ନା, ଦରକାର ନାହିଁ ।'' ଭଦ୍ରଲୋକ ସେତେବେଳେ ଟିକିଏ କାଶିଦେଇ ଗଳା ପରିଷ୍କାର କରି କହିଲେ—''କାହିଁକି, କାଲି ତ ମୁଁ କହିଯାଇଛି, ଆପଣ ମଧ୍ୟ—''

—''ତୁମ ଘରକୁ ମୋତେ ନେଇଗଲେ କି ଉପକାର ହେବ ? ସେହି ଅସୁସ୍ଥ କଥା ମୁଁ ପୂର୍ବରୁ ହିଁ ତ କହିଛି—ଏବେ ଭଲ ହେବନାହିଁ । ଯେଉଁ କାରଣରୁ ଏହା ଘଟିଛି, ତାହାର ଭୋଗିବା ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ କାହାର ସାଧ୍ୟ ନାହିଁ ଯେ, ଆରୋଗ୍ୟ କରିପାରିବ ।''

ଏହାଶୁଣି ସେ କହିଲେ—''ଆପଣ ଇଚ୍ଛା କଲେ ଅନେକ କିଛି କରିପାରିବେ ।'' ଏହାଶୁଣି ସାଧୁ ପୁଣି କହିଲେ—''ଯଦି କେହି ମନ୍ତ୍ରଶକ୍ତି ଦ୍ୱାରା ଆରୋଗ୍ୟ କରିଦେବ, ତାକୁ ହିଁ କଠିନ ଭୋଗିବାକୁ ପଡ଼ିବ । ଫାଙ୍କିଦେଇ କୌଣସି କଠିନ କାର୍ଯ୍ୟ ହୁଏନାହିଁ, ହେବାର ମଧ୍ୟ ସାଧ୍ୟ ନାହିଁ ।''

ଏକଥାଗୁଡ଼ିକ ଶୁଣି ଭଦ୍ରବ୍ୟକ୍ତି ମୋ' ଆଡ଼କୁ ଥରେ ଚାହିଁଲେ ଏବଂ କିଛିଟା ବିମର୍ଷ ହୋଇପଡ଼ିଲେ । ମନେହେଲା ଯେପରି ସେ ଅନ୍ତରରେ କ୍ଷୁବ୍ଧ ହେଲେ । ଅନେକକ୍ଷଣ ପରେ

ମୁଣ୍ଡ ଉଠାଇ କହିଲେ–''ତା'ହେଲେ କ'ଣ ଆପଣଙ୍କ ଦୟାରେ କିଛି ହୋଇପାରିବ ନାହିଁ ? ଆପଣ ମହାପୁରୁଷ, ଇଚ୍ଛାକଲେ ଦୟା କରିପାରନ୍ତେ !''

ସାଧୁ ଯେମିତି ବସିଥିଲେ, ଠିକ୍ ସେହି ଅବସ୍ଥାରେ ସ୍ଥିର ଭାବେ କହିଲେ–''ଦୟା, ଦୟାର କଥା କହୁଛନ୍ତି ? ତାହା ପାଇଁ ପାତ୍ରହିଁ ତ ଠିକ୍ ଥିବ ?''

ଭଦ୍ର–''ଆମେମାନେ କ'ଣ ଏତେ ହିଁ ଅଧମ ? ଏପରି ତ କୌଣସି କାର୍ଯ୍ୟ କରିନାହିଁ, ଯାହାଲାଗି...''

ସାଧୁ–''ତେବେ ଏହି କଠିନ ଭୋଗିବାଟା ଆସିଲା କେଉଁଠାରୁ ? ପ୍ରକୃତି ରାଜ୍ୟରେ ସମସ୍ତ ସୁଶୃଙ୍ଖଳ ନିୟମର ଅଧୀନ, ଏଥିରେ କିଛି ଅବିଚାର ହେବାର କ'ଣ ସାଧ ଅଛି ?''

ଭଦ୍ର–''ଆମେ ଅନେକ କିଛି ଭଲ କାର୍ଯ୍ୟ ହିଁ କରିଥାଉ । ଦୋଳ-ଦୁର୍ଗାଉତ୍ସବ ତିନିପୁରୁଷଠାରୁ କରି ଚାଲିଛୁ । ଅନେକ କାଙ୍ଗାଳି-ଭୋଜନ କରାଯାଇଥାଏ, ଗରିବ-ଦୀନଦୁଃଖୀଙ୍କୁ ଦାନ ମଧ୍ୟ କରାଯାଇଥାଏ–''

ସାଧୁ ଯେପରି କିଛି କହିବାକୁ ଚେଷ୍ଟାକରି, ଚୁପ୍ ରହିଲେ, ଆଉ କୌଣସି କଥା କହିଲେ ନାହିଁ । ଭଦ୍ରବ୍ୟକ୍ତି ଆଉ ଥରେ ଦି'ଥର କିଛି କଥା ଯେପରି କହିଲେ; ମନଦେଇ ମୁଁ ତାହା ଶୁଣିନାହିଁ; କିନ୍ତୁ ସାଧୁମୁଖରୁ କିଛି ନଶୁଣିବା ଦେଖି ସେ ବ୍ୟକ୍ତି ଉଠିପଡ଼ି ଚିନ୍ତିତ ମନରେ ଚାଲିଗଲେ । ଯିବା ସମୟରେ ଆଉ ପ୍ରଣାମ ମଧ୍ୟ କଲେନାହିଁ ।

ମୁଁ ଆଉ କିଛି ସମୟ ରହିଲି; କିନ୍ତୁ ସେ କଥା ନ କହିବାରୁ ପ୍ରଣାମ ଜଣାଇ ମୁଁ ମଧ୍ୟ ଉଠିପଡ଼ିଲି । ଯେତେବେଳେ ରାସ୍ତାକୁ ଆସିଲି, ସେତେବେଳେ ଦେଖିଲି ଝାମ୍ପୁରା ହୋଇ କେଶ, ଚଦରାବୃତ ଜଣେ ଯୁବକ ବଗିଚା ଭିତରକୁ ପ୍ରବେଶ କଲେ । ହାତରେ ତାଙ୍କର ଜିନିଷପତ୍ର ଥିଲା । ତାଙ୍କୁ ମୁଁ ପ୍ରଶ୍ନ କଲି–''ଏହାଙ୍କ ସହ ବାର୍ତ୍ତାଳାପ କରିବା ତ ମୁସ୍କିଲ୍ କଥା ଦେଖୁଛି, ଆପଣ ବୋଧହୁଏ ତାଙ୍କ ସହ ରହିଛନ୍ତି ।''

ସେ–''ହଁ, ପ୍ରାୟ ଦୁଇବର୍ଷକାଳ ମୁଁ ପିତାଙ୍କ ଆଜ୍ଞାରେ ଏହାଙ୍କ ସହିତ ରହିଛି । ମୋ ସହିତ ମଧ୍ୟ ସେ କଥା ଖୁବ୍ କମ୍ କହନ୍ତି । ମୋତେ ଯେ ସିଏ କଥା କହିବାକୁ ନିଷେଧ କରିଛନ୍ତି, ତା' ନୁହେଁ । କିନ୍ତୁ ଏହାଙ୍କ ସହ ରହି କଥା କହିଲାବେଳେ ମୋ'ର ନିଷ୍ପ୍ରୟୋଜନ କଥା କହିବାର ପ୍ରବୃତ୍ତି ହିଁ ହୁଏନାହିଁ । ଏଠାରେ ଏହାଙ୍କ ସଙ୍ଗ ଯୋଗୁ ପ୍ରତ୍ୟକ୍ଷ ଫଳ କ'ଣ ଜାଣିପାରିଛି ।''

ମୁଁ–''ଯଦି କାହା ସହ କଥା କହିବାକୁ ପଡ଼େ !''

ସେ–''ସେହି ସମୟରେ ମୁଁ ଠିକ୍ ବୁଝିପାରେ, ଅଳ୍ପ କେତେ କଥା କହିବା ଦରକାର !''

ମୁଁ କହିଲି–''ଯଦି କୌଣସି ବିଷୟରେ ଆଲୋଚନା...''

ମୁହଁରୁ କଥା ଶେଷହେବା ପୂର୍ବରୁ ସେ କହିଲେ—''ନିଷ୍ପ୍ରୟୋଜନ । ତଦ୍ୱାରା ବାକ୍ୟ ନଷ୍ଟ ହୁଏ ଓ ଶକ୍ତି କ୍ଷୟ ହୁଏ ।''

ଶୁଣିସାରି ମୁଁ କହିଲି—''କାହାସଙ୍ଗେ କୌଣସି ପ୍ରକାର ସତ୍ ଆଲୋଚନା ନକରି କିପରି ବା ରୁହନ୍ତି ! ସମସ୍ତଙ୍କ ସହ ନହେଉ ପଛେ, ଉତ୍ତମ ସଙ୍ଗୀ ପାଇଲେ କଥା କହିବା ଲାଗି ପ୍ରାଣ ଛଟପଟ ହୁଏନାହିଁ କି ?''

ସେ—''ଏଠାରେ ସମସ୍ତ ଆଲୋଚନା ହିଁ ନିଜର ମନ ସହିତ । ମନେମନେ ଯେତେସବୁ ତର୍କ-ବିତର୍କ କରି, ବୁଦ୍ଧିର କ୍ରିୟା ଯୋଗୁ ଯେତେବେଳେ ତାହାର ମୀମାଂସା ହୋଇଯାଏ, ସେତେବେଳେ କେତେ ଆନନ୍ଦ ! ଆଉ ଏହାଙ୍କ କଥା ଏହି ଯେ ଗଦାଗଦା ଗୀତାର କଥା, ନାନାପ୍ରକାର ଯୋଗଶାସ୍ତ୍ରର କଥା ଏହାଙ୍କଠାରୁ ଯଦି ଶୁଣିବାକୁ ଚାହାନ୍ତି, ତା'ହେଲେ ନିରାଶ ହେବାକୁ ପଡ଼ିବ ।'' ଏହା ଶୁଣି ମୁଁ ପ୍ରଶ୍ନ କଲି, ''ତାହାହେଲେ ?''

ମୋତେ କଥା କହିବାକୁ ଅବକାଶ ନଦେଇ ସେ କହିଲେ—''ଯଦି ପ୍ରତ୍ୟକ୍ଷ କିଛି ପାଇବାକୁ ଚାହାନ୍ତି, ତେବେ ଦୁଇ ଚାରିଦିନ ଯିବାଆସିବା କରନ୍ତୁ, କଥା ନହେଲେ ମଧ୍ୟ ଏହାଙ୍କ ନିକଟକୁ ଆସି ଟିକିଏ ସ୍ଥିର ହୋଇ ବସିରହିଲେ ଅନେକ କିଛି ହିଁ ପାଇପାରିବେ ।'' ଏହା କହି ସେ ଚାଲିଗଲେ । କଥାଟା ମୋ' ଅନ୍ତର ମଧ୍ୟରେ ପ୍ରବେଶ କରିଗଲା ।

ତାଙ୍କ ପ୍ରତି ମୋ'ର ଟିକିଏ ଆନ୍ତରିକ ଭକ୍ତିଭାବ ଆସିଗଲା, ଆଉ ମନରେ ବେଶ୍ ଟିକିଏ ତାଙ୍କର ସଙ୍ଗଲାଭ କରିବାର ତାଡ଼ନା ମଧ୍ୟ ଅନୁଭବ କରୁଥିଲି । ଏଣେ ପୁଣି କୁଳଦା'ବାବୁଙ୍କର ମଧ୍ୟ କଲିକତାକୁ ଯିବାର ସମୟ ପାଖେଇଆସିଲା । ମୋ'ର ଏପର୍ଯ୍ୟନ୍ତ ମହାରାଜଙ୍କଠାରୁ ଆଦେଶ ଆସିନାହିଁ—କାର୍ଯ୍ୟତଃ ମୋ'ର ତାଙ୍କ ସହ ଯିବା ସମ୍ଭବ ହେଲାନାହିଁ । ତାଙ୍କ ସହିତ କଥା ସ୍ଥିର ହେଲା ଯେ ମହାରାଜଙ୍କ ଆଦେଶ ଆସିବା ସଙ୍ଗେ ସଙ୍ଗେ ମୁଁ କଲିକତାକୁ ତାଙ୍କ ଠିକଣା ସ୍ଥାନକୁ ଯାଇ ସେଠାରେ ତାଙ୍କୁ ସାକ୍ଷାତ କରିବି । ତା'ପରେ ତାଙ୍କ ସହ ସିଉଡ଼ିକୁ ଯିବାକୁ ପଡ଼ିବ । ବୀରଭୂମିର ତାନ୍ତ୍ରିକ ପୀଠସ୍ଥଳୀମାନ ଦେଖିବାର ସୁଯୋଗ ପାଇବି । କୁଳଦା'ବାବୁ ମଧ୍ୟ ଏଭିତରେ ଚେନ୍‌କାନଳ ହୋଇ କଲିକତାରେ ଉପସ୍ଥିତ ହେବେ । ସେଠାରେ ତାଙ୍କୁ ବକ୍ତୃତା ଦେବାଲାଗି ନିମନ୍ତ୍ରଣ ଥିଲା ।''

ମୁଁ ଠିକ୍, କଲି ଏହି ସମୟ ଭିତରେ ମହାନନ୍ଦଙ୍କ ସହ, ଯେତେଦୂର ସମ୍ଭବ, ମିଳିତ ହେବାର ସୁଯୋଗକୁ ହାତଛଡ଼ା କରିବି ନାହିଁ । କୁଳଦା'ବାବୁଙ୍କୁ ବିଦାୟ ଦେଇ ମୁଁ ସେହିଦିନ ହିଁ ଅପରାହ୍ନରେ ମହାନନ୍ଦଙ୍କ ଆଶ୍ରମରେ ଉପସ୍ଥିତ ହେଲି । ଠିକ୍ ପୂର୍ବପରି ଆସନରେ ସେହି ଘରର ଦ୍ୱାରପାଖରେ ସେ ବସିଥିଲେ । ପ୍ରଣାମ କରି ଟିକିଏ ଦୂରରେ ବସିଗଲି ।

ଆଶ୍ଚର୍ଯ୍ୟ ହୋଇ ଦେଖିଲି, ଅଳ୍ପକ୍ଷଣ ମଧ୍ୟରେ ଆସନରେ ଶରୀରଟି ମୋ'ର ପୂର୍ଣ୍ଣ ରୂପେ ହିଁ ସ୍ଥିର ହୋଇଯାଇଛି । କୌଣସି ଅଙ୍ଗପ୍ରତ୍ୟଙ୍ଗ ଯେପରି ହଲିବାର ସାଧ ନାହିଁ । ଆକଣ୍ଠ ଯେପରି ପୂରାପୂରି ପଥର, ପ୍ରାଣର କୌଣସି କ୍ରିୟା ନାହିଁ । ଏହି ଅବସ୍ଥା ଅନୁଭବ

କରିବା ସଙ୍ଗେ ସଙ୍ଗେ ହିଁ ଅନ୍ତର ଭିତରୁ ଯେପରି ପ୍ରଶ୍ନ ସଞ୍ଚିତ ହେଲା—କେଉଁ ଉଦ୍ଦେଶ୍ୟ ନେଇ ଏଠାକୁ ଆସିଛି ?

''କେଉଁ ଉଦ୍ଦେଶ୍ୟରେ ଆସିଛି ?'' —ପ୍ରଥମରେ ଏହି ଉତ୍ତର ମିଳିଲା, ''ପ୍ରାଣର ଚାଞ୍ଚଲ୍ୟ, ଯେଉଁଥିଲାଗି ଅସ୍ଥିର ହୋଇ ସାଧୁ-ସାଧକ ବା ତପସ୍ୱୀଙ୍କ ପାଖକୁ ଛୁଟୁଛି, ସେହି ଅସ୍ଥିରଚିତ୍ତକୁ ସ୍ଥିର କରିବାର ଉପାୟ ଜାଣିବାକୁ ଏଠାକୁ ଆସିଛି ।'' ପୁଣି ପ୍ରଶ୍ନ— ''ଯୋଗଶାସ୍ତ୍ରରେ ଏହାର ଉପାୟ ହିଁ ନାନାଭାବରେ ବ୍ୟାଖ୍ୟା କରାଯାଇଛି । ସେ ସକଳ ହିଁ ଅଧ୍ୟୟନ କରିଛି, ସେହି ସକଳ ଉପାୟ ମଧ୍ୟରୁ କୌଣସି ଗୋଟିକୁ ଅବଲମ୍ବନ କରିପାରିଲେ ତ ହେବ ।''

ଉତ୍ତର—''ସେଥିରେ ଲିପ୍ତ ରହିପାରୁନାହିଁ । ଛପା ପୁସ୍ତକ ମଧ୍ୟରେ ନିହିତ ଉପାୟ ଅବଲମ୍ବନ କରିବାକୁ ପ୍ରାଣ ଚାହେନାହିଁ । କାହିଁକି ନଚାହେ, ତାହା ଚିନ୍ତାକରି ଦେଖିନାହିଁ ।''

ପ୍ରଶ୍ନ—''ଭାବି ଦେଖିଲେ କ'ଣ ମିଳିପାରିବ ?''

ଉତ୍ତର—''ପୋଥିରେ ପ୍ରଣବ ମନ୍ତ୍ର ଶ୍ରେଷ୍ଠମନ୍ତ୍ର ବୋଲି ନିର୍ଦ୍ଦେଶ କରାଯାଇଛି । ସେହି ମନ୍ତ୍ର ଈଶ୍ୱରବାଚକ; ଏହାକୁ ଜପ କରିବା ଦ୍ୱାରା ଚିତ୍ତ ସ୍ଥିର ହେବ, ଏହା ସ୍ପଷ୍ଟ ଲେଖାହୋଇଛି ।''

''କିନ୍ତୁ ତାହାକୁ ମୋ' ପ୍ରାଣ ତ ଚାହେନାହିଁ, ସର୍ବଦା ହିଁ ଜଣେ ଶ୍ରେଷ୍ଠ ମନୁଷ୍ୟ ବା ସିଦ୍ଧଯୋଗୀର ପଶ୍ଚାତ୍‌ରେ ଅବିରାମ ମୁଁ ଚାଲିଛି ।''

ପ୍ରଶ୍ନ—'କାହିଁକି ?'

ଉତ୍ତର—''ସାଧାରଣ ନିୟମ ଜାଣି ମଧ୍ୟ ମୋ' ପ୍ରାଣ ସନ୍ତୁଷ୍ଟ ନୁହେଁ । ଜଣେ ଜୀବିତ ବ୍ୟକ୍ତିର ନିକଟରୁ ଜୀବନ୍ତ ଶକ୍ତିମାନ ନିର୍ଦ୍ଦେଶ ଯେପରି ମୁଁ ଚାହୁଁଛି ।''

ପ୍ରଶ୍ନ—''ତା'ହେଲେ ଗୁରୁ କରିବାର କଥା ହିଁ ତ ହେଲା !''

ଉତ୍ତର—''ହଁ, ତାହା ଅବଶ୍ୟ ।''

ପ୍ରଶ୍ନ—''ତା'ହେଲେ ଗୁରୁଙ୍କ ପ୍ରତି ବିଶ୍ୱାସ ଅଛି କି ନାହିଁ, ତାହା ଅନ୍ତର ମଧ୍ୟରେ ସ୍ପଷ୍ଟ ପ୍ରତୀତ ହେବା ଉଚିତ୍ ।''

ଉତ୍ତର—''ଯେତେବେଳେ ନିଜ ଶକ୍ତି ଦ୍ୱାରା ସମର୍ଥ ହୋଇପାରେନାହିଁ, ସେତେବେଳେ ଗୁରୁ ରୂପେ ଜଣକୁ ଗ୍ରହଣ କରିବାକୁ ହିଁ ହେବ ।''

ପ୍ରଶ୍ନ—''ଏହା ଯେପରି ବାଧ୍ୟ ବାଧକତାରେ ପଡ଼ି ମାନିବା ପରି ହେଲା ନା ନାହିଁ ?''

ଉତ୍ତର—''ତା' ଅବଶ୍ୟ ସତ, ମାତ୍ର ଯେପରି ସମ୍ପୂର୍ଣ୍ଣ ବିଶ୍ୱାସ ବା ଗୁରୁଙ୍କ ପ୍ରତି ଭକ୍ତି ତ ଆସୁନାହିଁ !''

ପ୍ରଶ୍ନ—''ମୋ' ସୁବିଧା ଲାଗି ଜଣଙ୍କର ସାହାଯ୍ୟ ପ୍ରୟୋଜନ; କିନ୍ତୁ ତାଙ୍କର ଶ୍ରେଷ୍ଠତ୍ୱ, ମୋ' ପ୍ରତି କୃପା ପାଇଁ ନିର୍ମଳ କୃତଜ୍ଞତା, ତା' ମଧ୍ୟ ସ୍ୱୀକାର କରିବି ନାହିଁ, ଏଇଟା କେଉଁ ଭାବର ପରିଚୟ ?''

ଉତ୍ତର—''ଜ୍ଞାନରାଜ୍ୟରେ ମାନବ-ଗୁରୁଙ୍କ କଥା ନାହିଁ । ମାନବ ସକଳ ଅଳ୍ପବହୁତେ ଅସମ୍ପୂର୍ଣ୍ଣ, ତାଙ୍କର ଜ୍ଞାନ ସଂକୀର୍ଣ୍ଣ ବୋଲି ଆଖିରେ ପଡ଼େ । ଏସବୁ ଦେଖି ସେପରି ଲୋକଙ୍କୁ କିପରି ଗୁରୁଜ୍ଞାନ କରି ସମ୍ପୂର୍ଣ୍ଣ ମନପ୍ରାଣ ଉତ୍ସର୍ଗ କରିଦେଇ ଆଇଡିଆଲ୍ ହିସାବରେ ପୂଜା କରିବି ?''

ପ୍ରଶ୍ନ—''ଜ୍ଞାନରାଜ୍ୟରେ ଏଇଟା ହିଁ କ'ଣ ପ୍ରକାଣ୍ଡ ବାଧା ନୁହେଁ ? ତତ୍ତ୍ୱଜ୍ଞାନ ଯେ ଗୁରୁମୁଖୀ । ଯାହାଙ୍କର ସେହି ଜ୍ଞାନ ହୋଇଛି, ସେହିହିଁ ତାହାକୁ ଅନ୍ୟ ଜଣକୁ ଦେଇପାରନ୍ତି; ଆଉ ନିଃସନ୍ଦେହ ବୁଦ୍ଧି ଦ୍ୱାରା, ନିର୍ମଳ ଚିତ୍ତ ଦ୍ୱାରା ହିଁ ତାହାର କ୍ରିୟା ହୋଇଥାଏ, ଅନ୍ୟଥା ଶୁଭ ଫଳ ଘଟିବ କିପରି ?''

ଉତ୍ତର—''ତାହା ବୁଝି ପାରୁଛି, ମାତ୍ର ତେବେ ମଧ୍ୟ ମନୁଷ୍ୟକୁ ଗୁରୁରୂପେ ସ୍ୱୀକାର କରିବାକୁ କ'ଣ ପ୍ରାଣ ଚାହେନାହିଁ ? ଏ ରୋଗର ନିଦାନ କ'ଣ ?''

ପ୍ରଶ୍ନ—''ଏକଥା ବୁଝିପାରୁ ଯେ ଏଯାବତ୍ ଯାହାକିଛି ଜ୍ଞାନରାଜ୍ୟରେ ପ୍ରକାଶିତ ହୋଇଛି, ତାହାହିଁ ମନୁଷ୍ୟର ଚୈତନ୍ୟ ମଧ୍ୟଦେଇ ଘଟିଛି । ତା'ହେଲେ ଯାହା ନିକଟରେ ଅନ୍ତରର ସକଳ ସଂଶୟ ଦୂରୀଭୂତ ହୁଏ, ତାହାକୁ ଗୁରୁ ବା ଶ୍ରେଷ୍ଠ ବା ଆମର ଆଦର୍ଶ ବୋଲି ବିଶ୍ୱାସ କରିବାରେ ବାଧା କ'ଣ ଅଛି ?''

ଉତ୍ତର—''ଏବେ ମନେହେଉଛି ଯେ ବାଧା ଅନ୍ୟ କିଛି ନୁହେଁ, କେବଳ ଯେଉଁ ବ୍ୟକ୍ତି ମୋ' ମଧ୍ୟରେ ସକଳ ଭେଦକୁ ଘୁଞ୍ଚାଇପାରିବେ, ସେହି ବ୍ୟକ୍ତିର ସାକ୍ଷାତ ନ ପାଇବା ହିଁ ଏକମାତ୍ର ବାଧା ।''

ଏକଥା ତ' ଠିକ୍ । ତାହାହେଲେ ଏକଥା ହିଁ ସ୍ଥିର ହେଲା ଯେ ଗୁରୁଙ୍କୁ ପାଇବାକୁ ହେଲେ ତାହାଙ୍କ ପ୍ରତି ମନପ୍ରାଣ ଉତ୍ସର୍ଗ କରିବାରେ ବାଧା ନାହିଁ । ସେଥିପାଇଁ ହିଁ ଏତେ ଖୋଜାଖୋଜି ।

ବୁଦ୍ଧି ଏବେହିଁ ସ୍ଥିର ହେଲା । ନିର୍ମଳ ଆକାଶରେ ଯେପରି ପୂର୍ଣ୍ଣଚନ୍ଦ୍ରର ଉଦୟ ହେଲା । ସ୍ପଷ୍ଟ ଧାରଣା ମଧ୍ୟରେ ସ୍ଥିର କଲି, ଗୁରୁହିଁ ମୋ'ର ସକଳ ଭେଦକୁ ଦୂର କରିବେ, ଯଦ୍ୱାରା ସେତେବେଳେ ଚିତ୍ତ ସମାହିତ ହେବ—ସେତେବେଳେ ହିଁ ଶାନ୍ତି ପ୍ରାପ୍ତ ହୋଇପାରିବ ।

ସେତେବେଳେ ଏହି କଥା ମନେହେଲା, କେଉଁଠି ସିଏ, ଯିଏକି ଅଶାନ୍ତ ହୃଦୟର ସକଳ ପ୍ରଶ୍ନକୁ ମୀମାଂସା ଦ୍ୱାରା ଶାନ୍ତ କରିପାରିବେ !

ମନ ଭିତରେ ଏହି ସମାଧାନର ଉତ୍ତର ପାଇଲି ଯେ ସମୟ ଆସିଲେ ଗୁରୁପ୍ରାପ୍ତି ହେବ । ଅନ୍ତରରେ ତୀବ୍ର ଆକାଙ୍କ୍ଷା ସୃଷ୍ଟି ହେଲେହିଁ ଏହି ଯୋଗାଯୋଗ ଘଟିପାରିବ ।

ତାହା ଭାବିଲେ ମଧ୍ୟ ସ୍ଥିର ହୋଇ ରହିହୁଏନାହିଁ, ଅନ୍ତର ମଧ୍ୟରେ ଆକୁଳ ତୃଷ୍ଣା କ'ଣ ନାହିଁ ? ମନରେ ହୁଏତ ଏହା ତୀବ୍ର ଭାବରେ ରହିଛି । ଏ ଜଗତକୁ ଆସିଛୁ ତ ତତ୍ତ୍ୱର ମୀମାଂସା

ପାଇଁ ! ଯଦ୍ୟପି ମୁଁ କିଏ—କାହିଁକି ଜଗତକୁ ଆସିଛି—ମୋ' ଗତି କେଉଁଆଡ଼େ ? —ଏହି ତିନିଗୋଟି ପ୍ରଶ୍ନର ମୀମାଂସା ନହେଲେ, ଜୀବନଧାରଣ ବୃଥା !

ଏ ପ୍ରଶ୍ନର ଉତ୍ତର ହିଁ ଏକରକମ ମୋଟାମୋଟି ଭାବରେ ଜଣାପଡୁଛି । ମୁଁ କିଏ ? ଏହାର ଉତ୍ତର—ମୁଁ ଆତ୍ମା, ପରମାତ୍ମାଙ୍କ ଏକ ଅଂଶ ।

କାହିଁକି ଏଠାକୁ ଆସିଛି ? ଏହାର ଉତ୍ତର—ଭୋଗକରିବାକୁ ଆସିଛି, ଭୋଗର ସମ୍ପର୍କରୁ ପ୍ରକୃତିର ପରିଚୟ ଲାଭ କରିବାକୁ ନିଜ ପ୍ରକୃତିର ପରିଚୟ ପାଇବାକୁ ଆସିଛି । ଲକ୍ଷ୍ୟ ମୋର ପୂର୍ଣ୍ଣଜ୍ଞାନ, ଆନନ୍ଦ ଓ ଶାଶ୍ୱତ ଅବସ୍ଥା ହିଁ ଭୂମାନନ୍ଦର କ୍ଷେତ୍ର । ଯେତେସବୁ ପାର୍ଥିବ ବିଷୟ ଅଛି, ସେ ସକଳର ଅତିରିକ୍ତ ଯେଉଁ ଆନନ୍ଦ, ଅର୍ଥାତ୍ ଯେଉଁ ଆନନ୍ଦ ବିଷୟୀଭୂତ ନୁହେଁ, ଯେଉଁ ଆନନ୍ଦରେ ବାଧା ନାହିଁ, ସେହି ଆନନ୍ଦହିଁ ମୋର ଏକମାତ୍ର କାମ୍ୟ । ତାହାର ଅଭାବରେ ହିଁ ବିଷୟୀଭୂତ ଆନନ୍ଦକୁ ଅବଲମ୍ବନ କରି କ୍ଷୀର ସ୍ୱାଦକୁ ଘୋଳଦହି ଦ୍ୱାରା ଲାଭ କରିବାର ଚେଷ୍ଟା କରୁଛି, ଏହାଦ୍ୱାରା ହିଁ ବୁଝିପାରୁଛି ଯେ ବିଷୟମୁଖୀ ମନ ଥିଲେ ଭୂମାର ସନ୍ଧାନ ମିଳିପାରିବ ନାହିଁ । ପୁଣି ଏ ଦିଗରେ ବିଷୟକୁ ଜୋର୍ କରି ତ୍ୟାଗ କରାଯାଇ ପାରିବ ନାହିଁ । ବିଷୟରେ ଲିପ୍ତ ରହୁରହୁ ପରିବର୍ତ୍ତନଶୀଳ ବିଷୟର ଅନିତ୍ୟତାବୋଧ କ୍ରମାଗତ ଭାବେ ଅନ୍ତରରେ ଯେତେ ବଦ୍ଧମୂଳ ହେବ, ସେତେହିଁ ବିଷୟୀଭୂତ ଆନନ୍ଦ, ଆକାଙ୍କ୍ଷାଠାରୁ ପୃଥକ୍ ହୋଇପାରିବ । ଅଧିକନ୍ତୁ ବିଷୟର ଆନନ୍ଦ ଯେତେ ପରିମାଣରେ ପୃଥକ୍ ହୋଇପାରିବ, ଭୂମା ସେତେ ହିଁ ଚିତ୍ତକ୍ଷେତ୍ରକୁ ଅଧିକାର କରିବ । ଏହା ମଧ୍ୟ ବୁଝିପାରେ; କିନ୍ତୁ ବିଷୟଭୋଗ କଟିବାକୁ କେତେଦିନ ଲାଗିବ ? କ୍ଷୁଦ୍ରର ମୋହ ସମ୍ପୂର୍ଣ୍ଣ କଟିଗଲେ ସିନା ସର୍ବାତ୍ମିକା ଜ୍ଞାନ ଫୁଟିଉଠିବ ! ତାହା ଉପରେ ହିଁ ଭୂମାର ଖେଳ, ପୂର୍ଣ୍ଣ ଆନନ୍ଦ ଲାଭ ଦ୍ୱାରା ତାହାର ପରିଶେଷ । ଆମର ଏତେ କର୍ମ କ'ଣ ସହଜରେ ଆଉ ଅଳ୍ପ ସମୟରେ କ୍ଷୟ ହୋଇପାରିବ ? ତାହା ତ ହେବନାହିଁ, ତେବେ ମୁଁ କରିବି କ'ଣ ?

ଏହିଠାରେ ହିଁ ସାଧନାର ପ୍ରୟୋଜନ । ତପସ୍ୟାକୁ ଆଧାର କରି ରହିବାକୁ ପଡ଼ିବ, ଲକ୍ଷ୍ୟ ସର୍ବଦା ହିଁ ରହିବ ଭୂମା ଦିଗକୁ । କର୍ମକୁ ଶୃଙ୍ଖଳିତ କରିବାକୁ ହେବ, ଭାଗ କରି ଦେଇପାରିଲେ ସହଜ ହୁଏ ଏବଂ ଆହୁରି ସହଜ ହୁଏ, ସକଳ କର୍ମରେ କର୍ମକ୍ଷୟ ଉପରେ ଲକ୍ଷ୍ୟ ରଖିଥିଲେ । କର୍ମର ବିସ୍ତୃତି ନହେଉ । କାରଣ କର୍ମ ବିସ୍ତାର ଲାଭ କଲେ ହିଁ ବିଷୟକୁ ବେଶୀ ଘାଣ୍ଟିବାକୁ ପଡ଼ିବ, ଅଧିକନ୍ତୁ ବିଷୟର ଅଧିକ ବ୍ୟବହାର ଫଳରେ ହିଁ ମୁକ୍ତିଠାରୁ ଦୂରେଇଯିବା । ସହଜ ଓ ସରଳ ବୁଦ୍ଧି ତୀବ୍ର ଭାବେ ସକଳ ସମୟରେ ଜାଗ୍ରତ ରଖିବାକୁ ପଡ଼ିବ । ଏହାହିଁ ତ ତପସ୍ୟା, ଆଉ ତପସ୍ୟା କ'ଣ ? ମୁଁ ଜୀବ, କର୍ମ ଓ ବିଷୟଭୋଗରେ ଲିପ୍ତଥାଏ, ମୋ'ର କର୍ମ ବିଷୟମୂଳକ, ଯାବତୀୟ ଭୋଗରୁ ନିବୃତ୍ତ ହେବାର ଚେଷ୍ଟା, ମୋ'ର ସ୍ୱଭାବରେ ବା ସ୍ୱରୂପରେ ସ୍ଥିତ ରହିବାର ଯେଉଁ ଐକାନ୍ତିକ ଯତ୍ନ ଏବଂ ତାହାକୁ ନେଇ ଯେଉଁ ଉଦ୍ୟମ, କ୍ରମାନ୍ୱୟରେ କାଳ ମଧ୍ୟଦେଇ ଯେଉଁ ଗତି, ତାହାହିଁ ତପସ୍ୟା । ଯାହାକୁ ଆବୁରି ନେଇ ମୁଁ ଅଶାନ୍ତି ମଧ୍ୟରେ କାଳଯାପନ କରୁଛି, ଏହି ଯେଉଁ ବିଷୟକାମନା, ଯାହା ପ୍ରାଣୀକୁ

ବିଷୟମୁଖୀ କରି ନିରନ୍ତର ଚାଳନା କରୁଥାଏ, ଅଭାବମୋଚନ ହେଲେ ସୁଖ, ପୁନରାୟ ଅଭାବଗ୍ରସ୍ତ ହେଲେ ଦୁଃଖବୋଧ ଏବଂ ତାହାର ପ୍ରତିକାର ଲାଗି ଯେଉଁ ତୀବ୍ର କର୍ମପ୍ରବାହ ଦ୍ୱାରା ନିରନ୍ତର ଉଦ୍ୟମ କରିଚାଲିଛୁ, ସେହି ପ୍ରୟାସଠାରୁ ନିବୃତ୍ତିର ଚେଷ୍ଟା—ତାହାହିଁ ହେଲା ତପସ୍ୟା । ପୂର୍ଣ୍ଣ ଭାବେ ଉପଲବ୍ଧ ନହେଲେ ମଧ୍ୟ ସ୍ୱରୂପର ଯେଉଁ ବିମଳାନନ୍ଦମୟ ଆଭାସକୁ ସମ୍ବଳ କରି ଓ ତହିଁରେ ଅନୁରକ୍ତ ହୋଇ ସେହି ଲକ୍ଷ୍ୟ ସ୍ଥିର ରଖି ଇନ୍ଦ୍ରିୟବିଷୟଠାରୁ ନିଷ୍କୃତି ଲାଭର ଯେଉଁ ଉଦ୍ୟମ ଓ ତଦନୁଯାୟୀ କର୍ମ, ତାହାହିଁ ଆମର ତପସ୍ୟା ହେବ ।

ଗୁରୁ ସ୍ୱରୂପରେ ଥାଇ ସାକ୍ଷାତରେ ବା ନିକଟରେ ଉପସ୍ଥିତ ଥାଆନ୍ତୁ ବା ନଥାଆନ୍ତୁ, ତଥାପି ସେ ଗୁରୁ । ସେଥିରେ ସନ୍ଦେହ ଆଦୌ ନାହିଁ । କାରଣ ଅଧ୍ୟାତ୍ମପଥ ଦେଖାଇବା ଲାଗି ସକଳ ଧର୍ମରେ ଗୁରୁ ଏକାନ୍ତ ପ୍ରୟୋଜନ । ଲକ୍ଷ୍ୟରେ ବା ଅଲକ୍ଷ୍ୟରେ ଗୁରୁଙ୍କର ଆଶ୍ରୟ ବ୍ୟତୀତ ଆଗେଇବାର ଅନ୍ୟ ଉପାୟ ନାହିଁ । ପିତାମାତା ହାତଧରି, ମଣିଷ କରି, ପାର୍ଥିବ କର୍ମପଥ ଦେଖାଇଦିଅନ୍ତି, କିନ୍ତୁ ଅଧ୍ୟାତ୍ମପଥ ଦେଖାଏ କିଏ ? କେହି ତାହା ନଦେଖାଇଲେ ଯିବାର ପଥ, ପାଦ ପକାଇ ଆଗେଇବାର ଉପାୟ କ'ଣ ? ଜୀବ ହିଁ ଜନ୍ମାବଧିରୁ ଅସହାୟ । ବାଲ୍ୟକାଳରେ, ଯୌବନରେ, ବାର୍ଦ୍ଧକ୍ୟରେ, ସକଳ ଅବସ୍ଥାରେ ହିଁ ସେ ସାହାରା ଦରକାର କରେ ଏବଂ ପାଏ—ତେବେଯାଇ ସେ ଅଗ୍ରଗତି କରେ । ଯେପରି ଜଗତରେ ଓ ସଂସାରରେ ପିତା, ମାତା, ସ୍ତ୍ରୀ, ଧନ, ଜନ, ସହାୟ, ଅଧ୍ୟାତ୍ମପଥରେ ମଧ୍ୟ ସେହିପ୍ରକାର ସହାୟତା ଦରକାର, ସାହାଯ୍ୟ ଦରକାର । ସେ ସହାୟକ କେବଳ ଗୁରୁ । ଯାହାର ମନୋବୃତ୍ତି ଯେପରି, ଯେଉଁ ଭାବରେ ତାହାର ସଂସ୍କାର ଗଠିତ ହୋଇଛି, ତାହାକୁ ସେହି ଭାବରେ ସାହାଯ୍ୟ ମିଳିଥାଏ । ଯାହାର ଦୃଶ୍ୟ ବା ପ୍ରତ୍ୟକ୍ଷ ସାହାଯ୍ୟ ପ୍ରୟୋଜନ, ଜୀବନ୍ତ ରୂପ ମଧ୍ୟଦେଇ ନହେଲେ ଯିଏ ଅନ୍ୟ ଭାବରେ ସହାୟତାର ବିଶ୍ୱାସୀ ନୁହେଁ, ସେ ଦେହଧାରୀ ବ୍ୟକ୍ତି ବା ଦେହଧାରୀ ଗୁରୁ ହିଁ ପାଇଥାଏ । ଯେଉଁ ବ୍ୟକ୍ତି ଜୀବନ୍ତ ଗୁରୁଙ୍କୁ ବିଶ୍ୱାସ କରେନାହିଁ, ସେ ତାହାର ଚୈତନ୍ୟ ଶକ୍ତିକୁ ଆଧାର କରି ଅଲକ୍ଷ୍ୟରେ ତଦ୍ରୂପ ସାହାଯ୍ୟ ପାଇଥାଏ । ଯେତିକି ପାଇଥାଏ, ପୁରୁଷାର୍ଥର ସହାୟତା ଦ୍ୱାରା ପୁନଶ୍ଚ ସେତିକି ଅଗ୍ରସର ହୋଇଥାଏ । କିନ୍ତୁ ପ୍ରକୃତରେ ନାମରୂପାତ୍ମକ ଯେଉଁ ମୁଁ—ସେହି ମୁଁ ଯେ ଆତ୍ମଚୈତନ୍ୟ ସ୍ୱରୂପ ସର୍ବଜ୍ଞ 'ମୁଁ' ନୁହେଁ, ଏହି କଥା ତାହାର ପ୍ରତ୍ୟେକ ଅଗ୍ରଗାମୀ ପଦକ୍ଷେପ ଦ୍ୱାରା ପ୍ରମାଣିତ ହୋଇଯାଇଥାଏ । କେଉଁ ଭାବରେ ?—ଦୁଃଖର ଆଘାତରେ । ଅଭାବ ହିଁ ଦୁଃଖ, ଅଭାବମୋଚନ ହିଁ ସୁଖ । ନାମରୂପାତ୍ମକ 'ମୁଁ' ଯେ ମୋ'ର ସକଳ ଅଭାବମୋଚନରେ ସମର୍ଥ ନୁହେଁ, ପୁରୁଷାର୍ଥ ବିଫଳ ହେଲେ ହିଁ ତାହା ପ୍ରମାଣିତ ହୋଇଥାଏ । ଯେତେ କିଛି ଜ୍ଞାନ, ବୁଦ୍ଧି, କର୍ମଶକ୍ତି ଆମର ଅଛି, ସକଳ ହିଁ ପ୍ରୟୋଗ କରି ଚେଷ୍ଟା କଲେହେଁ 'ମୁଁ' ମୋର ଦୁଃଖ ନିବାରଣ କରିପାରେ ନାହିଁ । ଏହିପରି ସକଳ ଯୋଗାଯୋଗ ଅପେକ୍ଷା କରିଥାଏ, ଯାହା ଉପରେ ଆମର କୌଣସି କର୍ତ୍ତୃତ୍ୱ ନାହିଁ । ଏହି ସମସ୍ତ ଦେଖିଲେ ହିଁ ସ୍ପଷ୍ଟ ମନେହୁଏ, ଏହାକୁ ପ୍ରମାଣ କରିବାକୁ ବାକ୍‌ବିତଣ୍ଡାର ପ୍ରୟୋଜନ ନଥାଏ ।

ପୁନଶ୍ଚ ଜୀବସକଳ କାହିଁକି ସୃଷ୍ଟି ହୋଇଛି, ଅବା ହେଉଅଛି ? ଏହି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ସ୍ଥୂଳକୁ ତ୍ୟାଗକରି ଏହାର କାରଣର ଦିଗଆଡ଼େ ଯିବାକୁ ପଡ଼ିବ । ଯଦି 'ମୁଁ' କାହିଁକି ଆସିଛି, ମୋ' ସୃଷ୍ଟିର ଏହି କାରଣକୁ ବୁଝିପାରୁଥାଏ, ତା'ହେଲେ ସମସ୍ତଙ୍କର ଏଠାକୁ ଆସିବାର କାରଣ କ'ଣ ତାହା ଜାଣିପାରିବା । ଏହି ସହଜ କଥା ବୁଝିବାକୁ ବେଶୀ ମୁଣ୍ଡ ଖେଳାଇବା ଦରକାର ନାହିଁ । କେବଳ ଏହି 'ମୁଁତ୍ୱ'ର ରହସ୍ୟକୁ ଭେଦ କରିପାରିଲେ ସକଳ 'ମୁଁତ୍ୱ'ର ରହସ୍ୟମାନ ହିଁ ଭେଦ କରିହେବ । ସୁତରାଂ ବାହ୍ୟସ୍ଥ ବିସ୍ତୃତ ରହସ୍ୟର ମୂଳକୁ ନଯାଇ ଅନ୍ତର ମଧ୍ୟରେ ଅନୁସନ୍ଧାନ କରିବା ହିଁ ଏକମାତ୍ର ସହଜ ପଥ । ଏହାହିଁ ଭାରତୀୟ ଆର୍ଯ୍ୟପ୍ରଥା । ଏହି ପ୍ରଥା ମଧ୍ୟରେ ଏକ ସହଜ, ସରଳ ପଥ ରହିଛି; ଯେଉଁଥିରେ ମୁଁ ସକଳ ଜଗତ ରହସ୍ୟର ଚରମ ମୀମାଂସା କରିସାରି ମୋର ଜନ୍ମ ସଫଳ କରିପାରିବି । ଏ ବିଷୟରେ ମୋ'ର କୌଣସି ସନ୍ଦେହର ଅବକାଶ ନାହିଁ । ସୁତରାଂ ମୁଁ ଏହି 'ମୁଁତ୍ୱ'ର ଭିତରେ ମର୍ମାହତ ହେଲେ ଗୁରୁ ମୋତେ ପଥପ୍ରଦର୍ଶନ କରାଇବେ । ଯେତେବେଳେ ଅହଂକାରରେ ପ୍ରମତ୍ତ ହୋଇ ମୋ'ର ଯାହା ଶ୍ରେୟଃ, ତାହା ଲକ୍ଷ୍ୟଭ୍ରଷ୍ଟ ହେଲେ ଦୁଃଖର କଷାଘାତ ଦେଇ ସେହିଁ ହିଁ ମୋ'ର ଚୈତନ୍ୟ ଉଦୟର ସମ୍ପାଦନ କରିଦେବେ । ଯେବେ ଅଜ୍ଞାନ-ଅନ୍ଧକାର ଦ୍ୱାରା ଦୃଷ୍ଟିହୀନ ହୋଇ ଆତ୍ମଶକ୍ତିର ଅଭାବରେ ମୁହ୍ୟମାନ ହେବି, ସେଇ ହିଁ ଚୈତ୍ୟଶକ୍ତିର ପ୍ରେରଣା ଯୋଗାଇ ମୋତେ ଶକ୍ତିମାନ କରିଦେବେ । ମୁଁ ବେଶ୍ ବୁଝିଛି— ଯୌବନ-ଗର୍ବରେ ଯେଉଁ ଶକ୍ତିଚାଳନା ଦ୍ୱାରା ମୁଁ ନିଜକୁ ଶକ୍ତିମାନ ଜ୍ଞାନକରି ସକଳକର୍ମରେ ଅଗ୍ରସର ହୁଏ, ସଫଳତା ଲାଭକରି ମନେମନେ ଦାମ୍ଭିକତା ଅନୁଭବ କରେ, ସେହି ଶକ୍ତି ମୋ'ର ନୁହେଁ । ଋତୁ ପରିବର୍ତ୍ତନ ପରି ତାହା ଆସି ପୁଣି ଅନ୍ତର୍ଦ୍ଧାନ ହୋଇଯାଏ । ତାହା ଯଦି ମୋର ଶକ୍ତି ହୋଇଥାନ୍ତା, ତେବେ ମୋ'ର ହୋଇ ସର୍ବଦାହିଁ ରହିଥାଆନ୍ତା, କେବେହେଁ ତାହା ଯୋଗୁଁ ଅଭାବବୋଧ କରୁନଥାନ୍ତି । ଶକ୍ତି ଯେତେବେଳେ ମୋ'ର ଆଜ୍ଞାଧୀନ ନୁହେଁ, ସେଥିରୁ ହିଁ ଏହା ପ୍ରମାଣିତ ହେଉଛି ଯେ ତାହା ମୋ'ର ନୁହେଁ । ଏହି ସ୍ଥାନର ଜଳବାୟୁରେ ଯିଏ ପ୍ରବେଶ କରିବ, ତା'ଠାରେ ହିଁ ଋତୁତୁଲ୍ୟ ବିଶେଷ ଶକ୍ତିର ପ୍ରଭାବ ଅନୁଭୂତ ହେବ । ଏହି ସ୍ଥାନର ଭୌତିକ ପଦାର୍ଥର ଯୋଗାଯୋଗ ଦ୍ୱାରା ଯେପରି ଶରୀର, ମନ ଓ କର୍ମ ଆଦିର ଉଦ୍ୟମ ରହିଥାଏ, ସେହିପରି ତାହାର ପୁଣି ଅଭାବ ମଧ୍ୟ ଘଟିଥାଏ । ଯେଉଁ ଯୋଗାଯୋଗ ଦ୍ୱାରା ମୁଁ ଶକ୍ତିମାନ, ମୋ' ଭାଗ୍ୟକୁ ମୁଁ ଲାଭକରେ, ସେହି ଶକ୍ତି ପୁଣି ଯୋଗାଯୋଗ ଅଭାବରେ ଅକ୍ଷମତାର ପରିଚୟ ଦେଇ ମୋତେ ହତୋତ୍ସାହିତ କରିଥାଏ । ନୈରାଶ୍ୟ ମଧ୍ୟରେ ଶକ୍ତିହୀନ ଓ ଅପଦାର୍ଥ ହୋଇ ରହିବାକୁ ହୋଇଥାଏ । ସେତେବେଳେ ହିଁ ଅହଂକାର ଚମକି ଉଠେ, ଅଜ୍ଞାନର ଆବରଣ ଅପସରି ଯିବାକୁ ଆରମ୍ଭ କରେ ଏବଂ ଜଡ଼ତା ମଧ୍ୟରେ ମୁଗ୍ଧ ହୋଇ ରହିବାକୁ ଦିଏନାହିଁ । ସେତେବେଳେ ଦେଖେ, ତୁମର ହିଁ ଶକ୍ତିଟିକୁ ତୁମେ ଦେଲେହିଁ ମୋତେ ଶକ୍ତି ମିଳିବ, ନଦେଲେ ତାହା କେବେହେଁ ପ୍ରାପ୍ତ ହେବନାହିଁ । ଏହି ବୋଧ ପ୍ରଭାତରେ ସୂର୍ଯ୍ୟୋଦୟ ତୁଲ୍ୟ ସ୍ପଷ୍ଟ ହୋଇ ଆନନ୍ଦ ଦେଇଥାଏ ।

ଏହି ସ୍ଥାନର ମିଆଦ କେତେକ୍ଷଣ ମାତ୍ର । ଏହି ସମୟ ମଧ୍ୟରେ ବାଲ୍ୟ-କୈଶୋର-ଯୌବନ ପରେପରେ ପ୍ରୌଢ଼ ଓ ବାର୍ଦ୍ଧକ୍ୟ । କେତେଜଣ ବାର୍ଦ୍ଧକ୍ୟ ଭୋଗକରନ୍ତି ? ପ୍ରୌଢ଼ାବସ୍ଥାରେ ବା କେତେଜଣ ପହଞ୍ଚିପାରନ୍ତି ? ପୁନଶ୍ଚ ଯୌବନ କେତେଜଣ ଭୋଗ କରିବାର ମିଆଦ ପାଇଥାନ୍ତି ? ତା'ହେଲେ ଦାୟିତ୍ୱଜ୍ଞାନସମ୍ପନ୍ନ 'ମୁଁ' କତିପୟଙ୍କ ମଧ୍ୟରେ । ଯନ୍ତ୍ରପୁତ୍ତଳିକା ସମ ଦାୟିତ୍ୱହୀନ ଜୀବନଯାପନ ମଧ୍ୟ ବହୁ ବୃଦ୍ଧଙ୍କଠାରେ ମୁଁ ଲକ୍ଷ୍ୟ କରିଛି । 'ମୁଁ' କିଏ ବା 'ମୁଁ' ଏଠାରେ କାହିଁକି ? ଏହିପରି ପ୍ରଶ୍ନ ବା ଜାଗିଉଠେ କେତେଜଣ ବ୍ୟକ୍ତିଙ୍କଠାରେ ? ଯାହାଙ୍କର ବା ଏହି ଚେତନା ଜାଗିଉଠେ, ତାଙ୍କ ମଧ୍ୟରୁ କେତେଜଣ ବ୍ୟକ୍ତିଙ୍କର ଅନ୍ତରରେ ତାହା ତୀବ୍ର ଭାବେ ତାଡ଼ନା ଦିଏ ? ଯେଉଁ ପୃଥିବୀରେ ଖାଇବା-ପିନ୍ଧିବା ସମସ୍ୟାର ସମାଧାନ ଲାଗି ଜନସମୂହ ଲାଳାୟିତ, ସେଠାରେ କେତୋଟି ଜୀବ 'ମୁଁ' କ'ଣ, କିଏ ଓ କାହିଁକି, ଏହି ଆତ୍ମଚିନ୍ତନ ଲାଗି ମୁଣ୍ଡ ଘୂରାଇବାକୁ ଯିବେ ?

ହଁ, ଏହାହିଁ ଯୁକ୍ତିଯୁକ୍ତ କଥା ଯେ ତୁମ ସହ ଭଗବାନଙ୍କର କିଛି ହିଁ ସମ୍ପର୍କ ନାହିଁ । ପ୍ରକୃତିର ରାଜତ୍ୱରେ ତୁମେ ପ୍ରାକୃତିକ ଜୀବ । ଭୋଗ, କର୍ମ, ଜ୍ଞାନ—ଏହି ତିନିଗୋଟିର ତୁମେ ଅଧିକାରୀ । ଇନ୍ଦ୍ରିୟ-ମନ-ଶରୀର ନେଇ ହିଁ ତୁମର କାରବାର, ଏଠାରେ ଭଗବାନ ବା ଈଶ୍ୱରଙ୍କୁ କେଉଁଠୁ ଅବା ପାଉଛ ?

ତେବେ 'ସର୍ବମ୍ ଖଲ୍ୱିଦ୍ୱମ୍ ବ୍ରହ୍ମ,' ଏହାର ତାତ୍ପର୍ଯ୍ୟ ହେଉଛି—ସମସ୍ତେ ବ୍ରହ୍ମ । ଏହାର ତାତ୍ପର୍ଯ୍ୟ ସରଳ—ବ୍ୟବହାରରେ, କର୍ମରେ ବ୍ରହ୍ମ କେଉଁଠାରେ ? ବ୍ରହ୍ମ ଯଦି ଭାବୁଛ, ତେବେ କର୍ମ କହୁଛ କାହିଁକି ? ତୁମ କର୍ମ ବ୍ୟାପାରରେ ବ୍ରହ୍ମ ସହ ସମ୍ବନ୍ଧ କେଉଁଠି ? ତା'ପରେ ଭଗବାନ ବା ଈଶ୍ୱର; ତାହା ତ ସମଷ୍ଟିର କଥା, ବିରାଟ ବ୍ୟାପାର । ତୁମେ ଜଣେ ଜୀବ, ତୁମର ନାମ, ରୂପ, ଗୁଣ ଓ ସଂସ୍କାର ମଧ୍ୟରେ ତୁମେ ବନ୍ଧା, ପ୍ରକୃତିର ଶକ୍ତି ଗ୍ରହଣ କରି କର୍ମକର, ଭୋଗକର, ଜ୍ଞାନଲାଭ କର, ମନ-ବୁଦ୍ଧି-ଚିତ୍ତର ସାହାଯ୍ୟରେ ତୁମର ଅହଂକାରକୁ ସମ୍ବଳ କରି; ଏଠାରେ ଭଗବାନଙ୍କୁ ହିଁ ପାଉଛ କେଉଁଠି ? ତାହାଙ୍କୁ ଶବ୍ଦ-ସ୍ପର୍ଶ-ରୂପ-ରସ ଓ ଗନ୍ଧ ମଧ୍ୟରେ କେଉଁ ରୂପରେ ପାଉଛ ?

କ'ଣ, ବୁଦ୍ଧି ଦ୍ୱାରା ? ବୁଦ୍ଧି ଦ୍ୱାରା ନିଶ୍ଚୟ କରିପାର ଯେ, ସେ ଅଛନ୍ତି କି ନାହାନ୍ତି—ତାହା ମଧ୍ୟ କଳ୍ପନାର ରଙ୍ଗଦେଇ ତା' ମଧ୍ୟରୁ କେତେ, ତାହା କ'ଣ କେବେ ବିଚାର କରିଦେଖିଛ ? ଅଗ୍ର-ପାର୍ଶ୍ୱ-ନିମ୍ନ ସର୍ବ ଯାହାର କଳ୍ପନାକୁ ଆଶ୍ରୟ କରି ପରିଚାଳିତ ହୋଇଥାଏ, ତାହାର ବୁଦ୍ଧି ଯେ ଶୁଦ୍ଧବୁଦ୍ଧି, ତାହାର ପ୍ରମାଣ କ'ଣ ? ପ୍ରତିଷ୍ଠା, ଧନ, ମାନ ଓ ଇନ୍ଦ୍ରିୟ-ବିଷୟ-ଭୋଗ ମଧ୍ୟରେ ଯାହାର ବୁଦ୍ଧି ନିରନ୍ତର ଘୂରି ବୁଲୁଥାଏ, ତା'ର ବୁଦ୍ଧିକୁ କ'ଣ ବିଶ୍ୱାସ କରିହେବ କି ?

ଯେଉଁ ସାଧୁ ମହାପୁରୁଷଗଣ ଏହା କହିଛନ୍ତି, ଭଗବାନ ହିଁ ସୃଷ୍ଟିର କର୍ତ୍ତା—ଆଉ ସେ ମିଳିପାରନ୍ତି । ସେ ହିଁ ପିତା, ଆମେ ତାଙ୍କର ସନ୍ତାନ—ଆମେ ତାଙ୍କର ଅଂଶବିଶେଷ !

ଆହା, ସେମାନଙ୍କର ଯାହା ଅନୁଭୂତିର ବ୍ୟାପାର, ତାହାହିଁ କେବଳ ତୁମର କ'ଣ ଶୁଣିବା କଥା ? ତା'ସହିତ ତୁମର ପ୍ରକୃତ ସମ୍ପର୍କ କ'ଣ ? ସତ୍ୟକୁ ଧରିହିଁ ତୁମର ପ୍ରତ୍ୟୟତ ? ମାତ୍ର ସତ୍ୟକୁ କ'ଣ ତୁମେ ପାଇଛ ? କାର୍ଯ୍ୟତଃ ତୁମର ଆତ୍ମପ୍ରତ୍ୟୟ କେଉଁଠି ? ତା'ପରେ ଯେଉଁଠି ଗୋଟାଏ ହାଟ ବସିଛି, ସେଠାରେ କେତେ ମନୁଷ୍ୟ, କେତେ ଗାଡ଼ି, ଘୋଡ଼ା, ଗାଈ, ଛେଳି ଇତ୍ୟାଦି କେତେ ପଶୁ-ପକ୍ଷୀ, କେତେ ରକମର କେତେକେତେ ଦ୍ରବ୍ୟାଦି ନେଇ କାରବାର ଚାଲିଛି ! ହାଟରେ ଯେଉଁମାନେ ଅଛନ୍ତି, ସେମାନେ ହାଟକୁ ଗୋଟିଏ ରକମ ଦେଖନ୍ତି, ପୁଣି ହାଟର ବାହାରୁ ଯେଉଁମାନେ ଆସିଥାନ୍ତି, ସେମାନେ ହାଟକୁ ଅନ୍ୟରକମ ଦେଖନ୍ତି । ଏକଥା ସହଜରେ ବୁଝାପଡ଼ିଥାଏ । ସେହିପରି ଏହି ସୃଷ୍ଟି ଭିତରେ ଯେଉଁମାନେ ଅଛନ୍ତି, ସେମାନେ ଏହି ସୃଷ୍ଟିକୁ ଗୋଟିଏ ରୂପରେ ଦେଖିଥାନ୍ତି ଏବଂ ଯିଏ ବାହାରି ଯାଇଛନ୍ତି, ସେମାନେ ଆଉ ଅନ୍ୟ ରୂପରେ ଦେଖିଥାନ୍ତି । ଯିଏ ଭିତରେ ଅଛନ୍ତି, ସେମାନେ ଯିଏ ଯାହାର ବିଷୟଟିକୁ ଦେଖୁଛନ୍ତି—ସମ୍ୟକ୍ ରୂପେ ଦେଖୁନାହାନ୍ତି, କାର୍ଯ୍ୟତଃ ସେମାନେ ସମସ୍ତେ ଦେଖିଥାନ୍ତି ଆଂଶିକ, ପୁଣି ଯେଉଁମାନେ ସୃଷ୍ଟି ଭିତରୁ ବାହାରି ଯାଇଛନ୍ତି, ସେମାନେ ସମ୍ୟକ୍ ରୂପେ ଦେଖିଛନ୍ତି । ସମ୍ମୁଖ-ପାର୍ଶ୍ୱ-ନିମ୍ନ ସମସ୍ତ ହିଁ ସେମାନଙ୍କର ଚୈତନ୍ୟ ମଧ୍ୟରେ ସମ୍ୟକ୍ ଦୃଷ୍ଟିରେ ତାହାକୁ ଧରିରଖିଛି, ସେମାନଙ୍କର ସେହି ଦୃଷ୍ଟିର ଖବର ତୁମ-ଆମ ପାଖରେ କେତେଟା ସତ୍ୟ—ଯେତେକ୍ଷଣ ପର୍ଯ୍ୟନ୍ତ ଆମେ ଏହାମଧ୍ୟରେ ଗୋଟିଏ ଗୋଟିଏ କରି ସଂକୀର୍ଣ୍ଣ ଉଦ୍ଦେଶ୍ୟ ନେଇ ସଂସ୍କାରର ରାଶିକୁ ବଢ଼ାଇଦେଇ ହିଁ ଚାଲୁଅଛୁ ।

ତା'ପରେ ତାଙ୍କୁ ପାଇବା କଥା । ସେ କ'ଣ ଟଙ୍କାପଇସା ନା ବିଷୟପ୍ରାପ୍ତିର କଥା ଯେ ପାଇବା ? ଆତ୍ମାର ସହିତହିଁ ତାଙ୍କର ସମ୍ବନ୍ଧ । ତୁମେ ଆତ୍ମା । ପ୍ରଥମରୁ ତୁମର ଏହି ତତ୍ତ୍ୱଟି ସତ୍ୟ ହୋଇନପାରିଲେ ଭଗବାନଙ୍କ ସଙ୍ଗେ ସମ୍ବନ୍ଧ କେଉଁଠାରୁ ବା ପାଉଛ ? କଳ୍ପନା ମଧ୍ୟରେ ଧରିରଖିଲେ ତ ପ୍ରକୃତରେ ଧରାହେଲାନାହିଁ ! ବୁଝି ଦେଖ—

ଚିତ୍ତଶୁଦ୍ଧି ହେଲେହିଁ ତ ତାଙ୍କୁ ଧରାଯାଇପାରେ !

ହଁ, ଚିତ୍ତଶୁଦ୍ଧିଟି କି ବସ୍ତୁ ? ଚିତ୍ତକ୍ଷେତ୍ରରେ ଯେଉଁ ସଂସ୍କାରର ଆବର୍ଜନା ଓ ମଇଳାସବୁ ରହିଛି, ସେ ସମସ୍ତ ପରିଷ୍କାର ହେଲେ, ପବିତ୍ରତା ପ୍ରତିଷ୍ଠିତ ହେଲେ 'ମୁଁ ଚିଦାନନ୍ଦ ସ୍ୱରୂପ' ବୋଲି ବୋଧ ଜାଗ୍ରତ ହେବ । ନାମ-ରୂପ ହିଁ ସଂସ୍କାର, କଳ୍ପନାର ରାଜ୍ୟ, ଯାହା କିଛି ମନୋମୟ ବସ୍ତୁ ତାହା ସହ ଜଡ଼ାଇ ହୋଇ ରହିଛି, ସେ ସମସ୍ତ ପରିଷ୍କାର ନହେଲେ କ'ଣ ସ୍ୱରୂପ ପ୍ରସ୍ଫୁଟିତ ହୋଇପାରିବ ? କଳ୍ପନାରେ ସୁଖ ଥାଇପାରେ ସତ, କିନ୍ତୁ ବସ୍ତୁଲାଭ ହେଉଛି ଅନ୍ୟ କଥା । ଭଲ ଭାବରେ ବୁଝିକରି ଦେଖ ଦେଖି !

■■

ନବମ ପରିଚ୍ଛେଦ

ମହାନନ୍ଦଙ୍କର ଅଦ୍ଭୁତ ଶକ୍ତିର ପରିଚୟ ପାଇବା ପରେ, ଏକ ଶୁଭ ଆଶା, ଜୀବନର ସାଫଲ୍ୟ, କାଳ୍ପନିକ ହେଲେ ମଧ୍ୟ ଅନୁଭବ କରିସାରି, ମୋ'ର ଅନ୍ତର ମଧ୍ୟରେ ଏକ ଶାନ୍ତିମୟ ପ୍ରବାହ ସକଳ ସମୟରେ ବହମାନ ହେବାକୁ ଲାଗିଲା । ଯେପରି ଏକ ସର୍ବାର୍ଥ ସିଦ୍ଧିର ଆଭାସ ! ଆନନ୍ଦ ମଧ୍ୟରେ କି ଅପୂର୍ବ ଶକ୍ତିର ଅନୁଭବ ! ମୋ' ଅନ୍ତରରେ କେତେ କେତେ ମହତ୍ ଶକ୍ତିର ସମ୍ଭାବନା ବିକାଶୋନ୍ମୁଖ ହୋଇ ରହିଅଛି, ତାହାକୁ ଯେପରି ମୁଁ ସ୍ପଷ୍ଟ ରୂପେ ଦେଖିବାକୁ ପାଉଛି । ମହାନନ୍ଦଙ୍କର ଗୁରୁଭାବ ତାହା ମଧ୍ୟରେ ବିରାଜମାନ । ଏହି ଅପୂର୍ବ ସାଧୁ ଜଣଙ୍କ ଚୁପ୍‌ଚାପ୍ ନିଜ ଆସନରେ, ନିଜ ଭାବରେ ସମାହିତ, ବାହ୍ୟଜଗତର ଅସ୍ତିତ୍ୱ ତାଙ୍କ ନିକଟରେ ଅଛି କି ନାହିଁ, କିଏ ଜାଣିବ ? କିଏ ବୁଝିବ କେଉଁ ଭାବରେ, କେଉଁ ଶକ୍ତିର ପ୍ରବାହକୁ କେଉଁ ଦିଗରେ ସେ ପରିଚାଳନା କରୁଛନ୍ତି !

ନାଗରିକ ଜୀବନରେ, ନିଜ ଘରେ ଥାଇ, ଆମେ ବିଭିନ୍ନ ଧରଣର ସାଧୁ ସନ୍ନ୍ୟାସୀଙ୍କର ସାକ୍ଷାତ ଲାଭ କରୁ । ଏପରି ସବୁକିଛି ଉଦ୍ଦେଶ୍ୟ ନେଇ ଆମ୍ଭମାନଙ୍କ ନିକଟରେ ସେମାନେ ଉପସ୍ଥିତ ହୁଅନ୍ତି, ଅନର୍ଥକ ବାକ୍‌ଚାତୁରିର ଅବତାରଣା କରନ୍ତି, ଏପରିକି ସାଂସାରିକ ଭୋଗ, ଆସକ୍ତି ଓ ଅର୍ଥଲୋଲୁପତାର ପରିଚୟ ଦିଅନ୍ତି, ଯଦ୍ୱାରା ତ୍ୟାଗୀ ସାଧୁ-ସମ୍ପ୍ରଦାୟମାନଙ୍କ ପ୍ରତି ଅଶ୍ରଦ୍ଧାର ଭାବ ସଞ୍ଚିତ ହୋଇ ସରଳ ଗୃହସ୍ଥଙ୍କ ମନକୁ ଭାରାକ୍ରାନ୍ତ କରି ତୋଳେ । ଫଳତଃ ସାଧୁସଙ୍ଗ ଫଳଲାଭରୁ ବଞ୍ଚିତ ହେବାକୁ ପଡ଼ିଥାଏ । ସେଥିରୁ ବୁଝିଥାଉ—ଗାର୍ହସ୍ଥ୍ୟ ଜୀବନକାଳରେ ଯଥାର୍ଥ ରୂପେ ସାଧୁସଙ୍ଗର ପ୍ରୟୋଜନ କେତେ ଗଭୀର, ତାହା ଅନୁଭବ କରିବାର ମନୋଭାବ ମଉଳିଯାଏ । ସ୍ୱାର୍ଥପର ଜୀବନର ଦ୍ୱନ୍ଦ୍ୱରେ ଅବସାଦଗ୍ରସ୍ତ ଓ ଆସୁରିକ ଭାବରେ ଜାଜ୍ୱଲ୍ୟମାନ ଏହି ଯେଉଁ ଏଠାକାର ଦୁର୍ବଳ ସଂସାରୀ ବ୍ୟକ୍ତିଙ୍କର ମନୋବୃତ୍ତି, ତଦ୍ୱାରା ନିର୍ମଳ ଆନନ୍ଦ ଓ ଶାନ୍ତିର ଆସ୍ୱାଦନରୁ ବିମୁଖ ହୋଇ ମନେହୁଏ, ଯେପରି ଦିବାନିଶି ଅନ୍ତଃଜ୍ୱାଳାରେ ଜଳିପୋଡ଼ି ଯାଉଛି, କାହାକୁ ଦେଖାଇ ପାରୁନାହିଁ କି ଜଣାଇ ପାରୁନାହିଁ । ଜଣାନାହିଁ, କେଉଁଠାରେ ସେହି ଶାନ୍ତିର ଧାରା, ଯାହା ସ୍ପର୍ଶରେ ଏହି ଦଗ୍ଧଜୀବନ ସୁସ୍ଥ ହୋଇଥାଏ, ମଧୁମୟ ହୋଇଥାଏ । ଭୋଗସର୍ବସ୍ୱ କର୍ମର ପ୍ରବାହରେ ଏତେବେଶୀ ଡୁବିରହିଲେ ସାଧୁସଙ୍ଗ ଲାଭ କିପରି ଭାବେ ସମ୍ଭବ ହେବ ? କିନ୍ତୁ ଏକଥା ମଧ୍ୟ ଭୁଲିବାର ନୁହେଁ ଯେ ଏହି ଦେଶରେ ସାଧୁ ସମ୍ପ୍ରଦାୟଙ୍କ

ମଧ୍ୟରେ କାମନାକାମୀ, ସଂସାରମନା, ଅର୍ଥ-ଆସକ୍ତ ସାଧୁଙ୍କ ସଂଖ୍ୟା ଅନେକ ହେଲେ ମଧ୍ୟ ଯଥାର୍ଥ ଲୋକକଲ୍ୟାଣରତ, ତ୍ୟାଗୀ ସନ୍ନ୍ୟାସୀଙ୍କର ମଧ୍ୟ ଅଭାବ ନାହିଁ, ଯେଉଁମାନେ ଏହି ନିରନ୍ତର କର୍ମକ୍ଲିଷ୍ଟ, ଦୁର୍ବଳ ସଂସାରୀ ବ୍ୟକ୍ତିଙ୍କ ପ୍ରତି କର୍ତ୍ତବ୍ୟରେ ସର୍ବଦା ଜାଗ୍ରତ ଥାଆନ୍ତି । ଯଥାର୍ଥ ସାଧୁସଙ୍ଗ ବ୍ୟକ୍ତିଗତ ପ୍ରବଳ ଆକାଙ୍କ୍ଷା ଓ ଧର୍ମାରତିର ଯୋଗାଯୋଗକୁ ଅପେକ୍ଷା କରେ ।

ଯାହାହେଉ, ମହାନନ୍ଦଙ୍କ କୁଟୀର-ଆଶ୍ରମକୁ ଯାତାୟାତ କରୁ କରୁ ଅନେକ କିଛି ହିଁ ଲକ୍ଷ୍ୟକଲି । ଆଶ୍ରମର ପରିସ୍ଥିତି ଏପରି ଯେ ସାଧୁସଙ୍ଗର ପ୍ରବଳ ଆକାଙ୍କ୍ଷା ନଥିଲେ କେହି ଏ ଆଡ଼କୁ ଆକୃଷ୍ଟ ହେବେନାହିଁ । ନିତାନ୍ତ ପ୍ରୟୋଜନୀୟ ଦ୍ରବ୍ୟ ବ୍ୟତୀତ ସେଠାରେ କିଛି ଅନାବଶ୍ୟକ ସାମଗ୍ରୀ ନାହିଁ । ଶୋଇବା ଲାଗି ଖଣ୍ଡେ ଖଟିଆ, ବିଛଣା ପର୍ଯ୍ୟନ୍ତ ନାହିଁ; କେବଳ ସେ ଯୁବା ସାଧୁଙ୍କର ଖଣ୍ଡେ ଚଟେଇ ଉପରେ କମ୍ବଳ ବିଛାଯାଇଛି । ଅନ୍ୟ ସମୟରେ ତାହା ଉଠାଇ ଦିଆଯାଇଥାଏ, ଶୟନକାଳରେ ବିଛାଇ ଦିଆଯାଏ । ଏତଦ୍‌ବ୍ୟତୀତ ସାଧାରଣଙ୍କୁ ଆକୃଷ୍ଟ କରିବା ଉପଯୋଗୀ ନାନା ଭାବର ବାକ୍ୟଛଟାର ଆଡ଼ମ୍ବର ନଥିବାରୁ ସାଧାରଣ ଭାବରେ ବେଶୀ ଲୋକଙ୍କର ପ୍ରବେଶ ନଥାଏ । ଏହି ଭାବରେ ତାଙ୍କର ନିଜ ଆଶ୍ରମଟି ଅପୂର୍ବ କୌଶଳରେ ବାହ୍ୟ ଅନଧିକାରଠାରୁ ରକ୍ଷାପାଇଛି ।

ଯେତେ ସମୟ-ସୁବିଧା ମିଳେ, ତାଙ୍କ ନିକଟରେ ବସିଥାଏ । ଆବାହନ ନାହିଁ କି ବିସର୍ଜନ ମଧ୍ୟ ନାହିଁ । କାହାକୁ ହିଁ କିଛି ଜିଜ୍ଞାସାବାଦର ମଧ୍ୟ ପ୍ରୟୋଜନ ନାହିଁ । କେତେ ସମୟ ବସିବା ପରେ ମନରେ ସନ୍ତୋଷ ଆସିଲେ ଉଠିପଡ଼େ । ଏହି ଭାବରେ ଅପାର୍ଥିବ ଆନନ୍ଦର ଆଭାସ ପାଇ ତା'ଙ୍କ ପ୍ରତି ଯେତେ ବେଶୀ ଆକୃଷ୍ଟ ହେବାକୁ ଲାଗିଲି, ତତୋଽଧିକ ତାହାଙ୍କୁ ଗୁରୁଙ୍କ ଆସନରେ ପ୍ରତିଷ୍ଠିତ କରିବାର ଆଗ୍ରହ ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ଏହି ସମ୍ବନ୍ଧରେ ତାଙ୍କର ଅଭିପ୍ରାୟ ଓ ଗୁରୁଭାବ ବିଷୟରେ ନିଗୂଢ଼ ଭାବେ ଜାଣିବା ଲାଗି ଦିନେ ସଂକଳ୍ପ କରି ଯଥାସ୍ଥାନରେ ଆସନ ଗ୍ରହଣ କଲି । ଅନ୍ୟଦିନମାନଙ୍କରେ ଯେପରି ହୋଇଥାଏ, ମନ ମୋର ସ୍ଥିର ହୋଇଗଲା । ସେତେବେଳେ ମୋ'ର ପ୍ରଥମ ପ୍ରଶ୍ନ ଥିଲା–

''ଏଠାକୁ ଆସିବା ପରଠାରୁ ଯେତେବେଳେ ମନ ମୋ'ର ସ୍ଥିର ହୋଇଯାଏ, ଅନେକ ଜଟିଳ ବିଷୟର ସରଳ, ଆଶାନୁରୂପ ମୀମାଂସା ମଧ୍ୟ ସହଜରେ ହୋଇଯାଏ, ନାନାଦିଗରୁ ମନକୁ ଆସେ, ଆପଣ ହିଁ ମୋର ଗୁରୁ ।''

ଉତ୍ତର–''ବୁଦ୍ଧି ବା ବିବେକ ପ୍ରଜ୍ୱଳିତ ହେଲେ ଯେଉଁଠାରେ ହିଁ ଆସନରେ ବସିବା ହୋଇଥାଉ ନା କାହିଁକି, ଠିକ୍ ସେହି ସ୍ଥାନରେ ହିଁ ଚିତ୍ତ ସ୍ଥିର ହେବ, ପୁଣି ମନର ସକଳ ପ୍ରଶ୍ନଗୁଡ଼ିକର ମଧ୍ୟ ମୀମାଂସା ସହଜରେ ହୋଇଯିବ ।''

ପ୍ରଶ୍ନ—''କିନ୍ତୁ ଏଠାରେ ଯେ ମୁଁ ବିଶେଷ କିଛି ଉପଲବ୍ଧି କରିଛି !''

—''ତାହା ନିଜଗୁଣରେ ହିଁ ପ୍ରାପ୍ତ ହୋଇଛି । ଯେଉଁ ଯେଉଁ ବିଷୟର ମୀମାଂସା ଲାଗି ଅନ୍ତର ଅସ୍ଥିର ହୋଇଉଠିଛି, ସ୍ଥିର ଏକାଗ୍ରଚିତ୍ତରେ ବସିବା ସଙ୍ଗେସଙ୍ଗେ ଅନ୍ତରାତ୍ମାର ପ୍ରେରଣା ଦ୍ୱାରା ସହଜରେ ହିଁ ତାହାର ମୀମାଂସା ହୋଇଯାଇଛି । ବ୍ୟକ୍ତିବିଶେଷଙ୍କୁ ଗୁରୁ ରୂପରେ ଲକ୍ଷ୍ୟକଲେ ହିଁ ଅସଲରେ ଏହା ସକଳ ବ୍ୟକ୍ତିଗତ ଜାଗ୍ରତ ଆତ୍ମାର ହିଁ ଅଭିବ୍ୟକ୍ତି । ଗୁରୁ ରୂପେ ବ୍ୟକ୍ତିଙ୍କୁ ଧରି ଟଣାଟଣି କରିବାର ରୋଗଟି ହେଉଛି ଦୁର୍ବଳ ହିନ୍ଦୁ ସମାଜରେ ଅଧିକାଂଶ ଲୋକଙ୍କର ସଂସ୍କାରଗତ ।''

ସତ ତ ! ଅବସ୍ଥାବିଶେଷରେ ସାତ୍ତ୍ୱିକ ଭାବରେ ଆକୃଷ୍ଟ ହୋଇ ହଠାତ୍ କୌଣସି ସାଧୁଙ୍କୁ ଗୁରୁ ବୋଲି ଜାବୁଡ଼ି ଧରିବାର ପ୍ରବୃତ୍ତି ଆମ ହିନ୍ଦୁମାନଙ୍କର ଯେପରି ଅସ୍ଥିମଜ୍ଜା-ଗତ । ପରେ ପରେ ଘନିଷ୍ଠତା ବୃଦ୍ଧି ସଙ୍ଗେ ସଙ୍ଗେ ବ୍ୟବହାରିକ କୌଣସି ଦୁର୍ବଳତାର ପରିଚୟ ପାଇ ପୁଣି ଅଶ୍ରଦ୍ଧା ଆସିବାରେ ବିଳମ୍ବ ହୁଏନାହିଁ । ଅନେକ ସଂସାରୀ ବ୍ୟକ୍ତି ଏହିପରି ହଠାତ୍ ଭକ୍ତିମାନ ହୋଇ ଗୁରୁଙ୍କୁ ଗ୍ରହଣ କରିବା, ପୁନଶ୍ଚ କୌଣସି କାରଣରୁ ବୀତଶ୍ରଦ୍ଧ ହୋଇ ଗୁରୁଙ୍କୁ ତ୍ୟାଗ କରିବା ଦେଖିଛି । ସେହି କାରଣରୁ ପୂର୍ବେ ଆମର ଗୁରୁ ଗ୍ରହଣ କରିବାର ପ୍ରବୃତ୍ତି ନଥିଲା ।

—''ତେବେ କ'ଣ ମୋ ଅଦୃଷ୍ଟରେ ଯଥାର୍ଥ ନିଷ୍ଠା ବା ଗୁରୁଲାଭ ନାହିଁ ?''

—''ଜୀବଭାବର ଉନ୍ନତ ଅବସ୍ଥାରେ ଧର୍ମଜୀବନର ପ୍ରାରମ୍ଭରେ ଗୁରୁଶକ୍ତି ଆସିଲେ ତାକୁ ବାଧାଦେବ ବା କିଏ ? ଆତ୍ମଚୈତନ୍ୟ ଉଦ୍‌ବୁଦ୍ଧ ହେଲେହିଁ କୌଣସି ତତ୍ତ୍ୱର ବିକାଶ ଅବସ୍ଥାର ଉପଲକ୍ଷ୍ୟ ହୋଇ ଯିଏ ସମ୍ମୁଖକୁ ଆସନ୍ତି, ଅନ୍ତରରେ ଗୁରୁଙ୍କ ସ୍ଥାନରେ ତାଙ୍କୁ ହିଁ ଦେଖାଯାଏ । ସେହି ତତ୍ତ୍ୱବୋଧ ଉପଲକ୍ଷ୍ୟରେ କିଛିକାଳ ତାଙ୍କ ସହ ଆନନ୍ଦ-ସମ୍ଭୋଗ ଚାଲେ, ତା'ପରେ ପୁନଶ୍ଚ ଅବସ୍ଥାନ୍ତର ହେଲେ, କାହାକୁ ଉପଲକ୍ଷ୍ୟ କରି କେଉଁ ତତ୍ତ୍ୱର ପ୍ରସ୍ଫୁଟନ ଘଟିବ, କିଏ ଜାଣିଛି ?''

—''ତେବେ କ'ଣ ଗୁରୁ ଏକ ନୁହେଁ, ଗୋଟିଏ ଗୋଟିଏ ତତ୍ତ୍ୱର ଉପଲବ୍ଧି ଲାଗି ଭିନ୍ନ ଭିନ୍ନ ଗୁରୁର ପ୍ରୟୋଜନ ?''

—''ମୂଳରେ ହିଁ ଆତ୍ମା, ଗୁରୁ ବା ଇଷ୍ଟ ତ ଏକଇ, କିନ୍ତୁ ଚଞ୍ଚଳମତି ଜୀବନର ଅସମାନ କର୍ମବୈଚିତ୍ର୍ୟ ଲାଗି ଅବସ୍ଥାର ପରିବର୍ତ୍ତନ ସଙ୍ଗେସଙ୍ଗେ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱର ସହଯୋଗ ପ୍ରୟୋଜନ । ତାଙ୍କୁ ହିଁ ଏକାଧିକ ଗୁରୁ ମିଳିଯାଆନ୍ତି । କାହା କାହା କ୍ଷେତ୍ରରେ ଜଣେ ଗୁରୁଙ୍କୁ ଉପଲକ୍ଷ୍ୟ କରି ସକଳ କର୍ମର ହିଁ ସମାପ୍ତି ଘଟେ, ସକଳ ତତ୍ତ୍ୱର ହିଁ ସାକ୍ଷାତକାର ଘଟେ । ଯାହାର ଚିତ୍ତ ସତ୍ୟନିଷ୍ଠ ଓ ସକଳ ଅନୁଭବ ଯାହାର ତୀକ୍ଷ୍ଣ, ସକଳ ବ୍ୟବହାର ଦ୍ୱାରା ଯେଉଁ ବ୍ୟକ୍ତି ନ୍ୟାୟାନୁରାଗୀ ଓ ଦୁର୍ବଳତାଶୂନ୍ୟ, କର୍ମ ଯାହାର ଏକ ଧାରାରେ ଚାଲିଛି ଓ ଅନ୍ତର୍ଦୃଷ୍ଟି ଯାହାର ଗଭୀର, ତାହାର ହିଁ ଏକମାତ୍ର ବ୍ୟକ୍ତିବିଶେଷଙ୍କୁ ଉପଲକ୍ଷ୍ୟ କରି ଆତ୍ମତତ୍ତ୍ୱର

ସାକ୍ଷାତକାର ଘଟିଥାଏ । ଏ କ୍ଷେତ୍ରରେ ଭଲମନ୍ଦ, ଛୋଟବଡ଼ର କିଛି କଥା ନାହିଁ । ସମସ୍ତଙ୍କ କର୍ମର କ୍ରମ ହିଁ ତ ସମାନ ନୁହେଁ, ଏକମୁଖୀ ମଧ୍ୟ ନୁହେଁ । ଶକ୍ତିମାନ ସିଦ୍ଧଗୁରୁ ମିଳିଲେ ସେହି ଜଣଙ୍କ ଦ୍ୱାରା ହିଁ ଜୀବନ ସାର୍ଥକ ହୁଏ । ପୁନଶ୍ଚ ଉଚ୍ଚ ଆଧାର ନହେଲେ ଶକ୍ତିମାନ ଗୁରୁଙ୍କ ସହ ଯୋଗାଯୋଗ ଘଟିବ କିପରି ?''

ଗୋଟିଏ କଥା ପରିଷ୍କାର ହୋଇଗଲା, ଆନନ୍ଦ ମିଳିଲା, କିନ୍ତୁ ଆଉ ଗୋଟିଏ କଥା ମନ ଭିତରେ ଆନ୍ଦୋଳିତ ହେବାକୁ ଲାଗିଲା । ସେଇଟି ହେଲା ଗୁରୁ-ଶିଷ୍ୟ ସମ୍ପର୍କ ଓ ବ୍ୟବହାରର ତଥ୍ୟ ।

–''ଚିତ୍ତ ମଧ୍ୟରେ ଯଦି କୌଣସି ତତ୍ତ୍ୱ ଉତ୍ପନ୍ନ ହୁଏ, ସେହି ତତ୍ତ୍ୱର ଉପଲବ୍ଧି ପାଇଁ ସାକ୍ଷାତକାର ଲାଗି, ପ୍ରାଣ ଯେତେବେଳେ ଉତ୍କଣ୍ଠିତ ହେବାକୁ ଲାଗିବ, ସେତେବେଳେ ପୂର୍ବରୁ ଯାହାଙ୍କର ସେହି ତତ୍ତ୍ୱର ଉପଲବ୍ଧି ଘଟିଛି, ତାହାର ହିଁ ଅନ୍ତରରୁ ଉତ୍ତର ମିଳେ । ତା'ପରେ ଆମର ଯେଉଁ ପ୍ରକୃତି ଅଛି, ଯାହାର ଅସଲ କାର୍ଯ୍ୟ ହେଲା ସହକର୍ମୀ ଜଣଙ୍କ ସହ ଅନ୍ୟମାନଙ୍କର ଯୋଗାଯୋଗ ଘଟାଇବା, ଯେପରି ଚୁମ୍ବକ ଦ୍ୱାରା ଲୌହର ଯୋଗାଯୋଗ, ତାହା ଠିକ୍ ସେହିପରି ଯୋଗାଯୋଗର ସମ୍ପର୍କ ଘଟାଇ ଦେଇଥାଏ ।''

–''ତା'ହେଲେ ଏ କାର୍ଯ୍ୟରେ ଆଉ ଜଣଙ୍କର ମଧ୍ୟ ହାତ ଅଛି ।''

–''ଅଛି ମାନେ କ'ଣ ! ନହେଲେ ପୁରୁଷ-ପ୍ରକୃତିର ରାଜତ୍ୱ ଚାଲିବ କିପରି ! ଯିଏ ଚୋର, ତା' ସହ ଚୋରିର ଯୋଗାଯୋଗ, ହନ୍ତବ୍ୟ ସହ ହତ୍ୟାକାରୀର ଯୋଗାଯୋଗ, ପ୍ରଣୟୀ ସହ ପ୍ରଣୟିନୀର ଯୋଗାଯୋଗ, କର୍ମୀ ସହ ଅଭୀଷ୍ଟ କର୍ମର ଯୋଗାଯୋଗ, ସେହି ସମସ୍ତ ପ୍ରକୃତି ହିଁ ଅବଲୀଳାକ୍ରମେ ଏହି ଯୋଗାଯୋଗକୁ ସର୍ବଦା ଘଟାଇଥାନ୍ତି । ଏହି କ୍ଷେତ୍ରରେ ଦୂର ବା ନିକଟର କୌଣସି ପ୍ରଶ୍ନ ହିଁ ନାହିଁ । ଏହି ଘଟଣା ସମ୍ପର୍କରେ ପୃଥିବୀର ଗୋଟିଏ ପ୍ରାନ୍ତରୁ ଆଉ ଏକ ପ୍ରାନ୍ତରେ ଅବସ୍ଥିତ ବସ୍ତୁ ବା ପ୍ରାଣୀ ସହ ନିଶ୍ଚିତ ରୂପେ ଯୋଗାଯୋଗ ଘଟିଥାଏ । ଅପୂର୍ବ ଏହି ପ୍ରକୃତି–ଯାହାକୁ ଅନିର୍ବଚନୀୟ ବୋଲି କୁହାଯାଇଛି–ତାହାକୁ ଏହି ଭାବରେ ହିଁ ସ୍ପଷ୍ଟ ରୂପେ ଧରାଯାଏ । ପୂର୍ବକାଳର ପୂର୍ବଦ୍ରଷ୍ଟା ମହାପୁରୁଷମାନେ ଏହି ଭାବରେ ସୃଷ୍ଟି-ସ୍ଥିତି-ପ୍ରଳୟ ବ୍ୟାପାରରେ ତାଙ୍କୁ ଧରିଛନ୍ତି ।''

–''ସକଳ ବ୍ୟାପାରରେ ହିଁ ପ୍ରକୃତି ତା'ହେଲେ କ'ଣ ମଧ୍ୟବର୍ତ୍ତିନୀ ?''

–''ସବୁ ବିଷୟରେ ଯୋଗାଯୋଗର ଏଇଟାହିଁ ଯେ ମୂଳ, ନହେଲେ କ'ଣ କିଛି କରିହେବ ? ପ୍ରକୃତି ସହ ପୁରୁଷର ମୂଳ-ସମ୍ବନ୍ଧ ଏପରି ଯେ କେବଳ ଜଣଙ୍କ ଦ୍ୱାରା କିଛି ହେବା ସମ୍ଭବ ନୁହେଁ । ପୁରୁଷ ଇଚ୍ଛା କରେ–ଆଉ ପ୍ରକୃତି ସେହି ଇଚ୍ଛାନୁସାରେ ଯୋଗାଯୋଗ ଘଟାଏ । ଦୁହିଁଙ୍କ ଆନନ୍ଦରୁ ପ୍ରବୃତ୍ତି ବା ସ୍ଫୁଟ ଉତ୍ଥିତ ହୁଏ, ଆନନ୍ଦମୟ ପୁରୁଷର ଆନନ୍ଦ ମଧ୍ୟରୁ ପୁରୁଷର ଇଚ୍ଛାର ସ୍ଫୁଟ ଉଠେ, ପୁଣି ଆନନ୍ଦମୟୀ ପ୍ରକୃତିର ଆନନ୍ଦରୁ ପୁରୁଷର ଇଚ୍ଛାନୁରୂପ ଯୋଗାଯୋଗ ଘଟାଇବା ଲାଗି ପ୍ରବୃତ୍ତି ହୁଏ । ତଦ୍ୱାରା ସୃଷ୍ଟିର ମଧ୍ୟରେ ହିଁ

ଉଭୟର ଅସ୍ତିତ୍ୱ ବ୍ୟଷ୍ଟି ଓ ସମଷ୍ଟି ଦୁଇଭାବରେ ହିଁ ସାର୍ଥକ ହୁଏ । ଏଥିରୁ ଭାରତର ସକଳ ଶୈବ ଓ ବୈଷ୍ଣବ ଧର୍ମର ହିଁ ଉତ୍ପତ୍ତି । ରୂପର ଆବରଣରେ ଏହି ତତ୍ତ୍ୱ ହିଁ ତ ମୂଳରେ ରହିଛି ।''

—''ତା'ହେଲେ ଏହାମଧ୍ୟରେ ପୁଣି ଗୁରୁତତ୍ତ୍ୱ ଆସିଲା କେଉଁଠାରୁ ?''

—''ଏଥର ଏହାକୁ ଭଲରୂପେ ମର୍ମେ ମର୍ମେ ବୁଝିନେବାକୁ ପଡ଼ିବ ଯେ ସୃଷ୍ଟିର ଆରମ୍ଭରୁ ନିଜକୁ ହରାଇ ଜୀବ ବହିର୍ମୁଖୀ-ପ୍ରକୃତି ରାଜ୍ୟରେ ମନ, ବୁଦ୍ଧି ପ୍ରଭୃତି ଅନ୍ତଃକରଣ ମଧ୍ୟଦେଇ ଇନ୍ଦ୍ରିୟ ସମ୍ପର୍କରେ ଯେତେ ସମସ୍ତ ଭୋଗ, ତାହାକୁ କାମନା କରି ତାହାର ପୁନଃ ପୁନଃ ଯାତାୟାତ ଘଟିଥାଏ । ତାହା ମଧ୍ୟଦେଇ ପ୍ରକୃତି ସହ ତାହାର ପରିଚୟ ଘଟୁଛି । ପୁନଶ୍ଚ ନାନାବିଧ କର୍ମ ଓ ଭୋଗର ଫଳ ଦ୍ୱାରା କ୍ରମେ କ୍ରମେ ଆତ୍ମଜ୍ଞାନ ସଞ୍ଚୟ ହେଉଛି । ଆତ୍ମଚୈତନ୍ୟ ଯେ କ୍ରମେ ସ୍ୱରୂପଚ୍ୟୁତ ହୋଇ ଜୀବ ଭାବରେ ଏହି ଇନ୍ଦ୍ରିୟ ବିଷୟ ମଧ୍ୟରେ ଆସି କର୍ମଭୋଗରେ ପଡ଼ିଛନ୍ତି, ତାହାହିଁ ହେଲା ଅନୁଲୋମଗତି—ପୁଣି ଭୋଗାନ୍ତରେ ଯେ କ୍ରମେ କ୍ରମେ ଚୈତନ୍ୟ ସ୍ୱରୂପରେ ମିଶିଯାଉଛି, ତାହାହିଁ ବିଲୋମ ଗତି । ଏହି ଅନୁଲୋମ ଓ ବିଲୋମ ଗତିରେ ଯାତାୟାତ ଯେପରି ଅନନ୍ତକାଳ ଧରିହିଁ ଚାଲିଛି ।''

''ଏବେ ଗୁରୁର କଥା—

ଏହି ପରିସ୍ଥିତିରେ ଏହି ଭାବରେ ଗତାଗତିର ଫଳରେ କର୍ମ ଓ ଭୋଗର ଚରମ ଅର୍ଥାତ୍ ପରିସମାପ୍ତି ଅବସ୍ଥାରେ ଆତ୍ମାର ଯେଉଁ ଯେଉଁ ସୃଷ୍ଟି ରହସ୍ୟ ଭେଦ ହୋଇଛି, ତାହା ଶେଷରେ ଆତ୍ମଚୈତନ୍ୟରେ ପ୍ରତିଷ୍ଠିତ ହେଲେ ମଧ୍ୟ ଯେଉଁମାନେ ପରମାତ୍ମାଙ୍କଠାରେ ବିଲୟ ହୋଇଯାଆନ୍ତି ନାହିଁ, ସେମାନଙ୍କର ଉପଲବ୍ଧି ତତ୍ତ୍ୱ ସକଳ, ଏବଂ ଯେଉଁ କ୍ରମରେ ସେମାନଙ୍କର ଜ୍ଞାନଲାଭ ହୋଇଛି, ତାହାର ଧାରା ନିରନ୍ତର ସୂକ୍ଷ୍ମ ଭାବେ ଆକାଶର ମଧ୍ୟଦେଇ ଜୀବସମାଜରେ ପ୍ରବହମାନ ରହିଛି । ସେମାନେ ହିଁ ସଦ୍‌ଗୁରୁ । ଆତ୍ମା ଦ୍ୱାରା ହିଁ ଆତ୍ମାର ମୁକ୍ତିପଥ । ଶୁଦ୍ଧ, ବୁଦ୍ଧ, ମୁକ୍ତ ଆତ୍ମା ହିଁ ଗୁରୁ । ଏଠାରେ ଆତ୍ମାରାମର ହିଁ ଖେଳ । ଯାହା କିଛି ଜ୍ଞାନ, କର୍ମ ଏବଂ ଭୋଗ ଏହି ସୃଷ୍ଟିର ମଧ୍ୟରେ ନିରବଚ୍ଛିନ୍ନ ଚାଲିଛି କିମ୍ବା ସୃଷ୍ଟିକୁ ସୌନ୍ଦର୍ଯ୍ୟମୟ କରି ତୋଳିଛି, ତାହା ସମସ୍ତ ହିଁ ଆତ୍ମା ସହ ଆତ୍ମାର ସମ୍ପର୍କ ଧରିହିଁ—କେତେବେଳେ ଏକ ସହ ଅନ୍ୟର ବିଚ୍ଛିନ୍ନ ଭାବରେ ନୁହେଁ । ତଦ୍ୱାରା ହିଁ ସୃଷ୍ଟିର ସାର୍ଥକତା । ପରମାତ୍ମା ଓ ସୃଷ୍ଟି ମଧ୍ୟରେ ଶକ୍ତିମାନ ଚୈତନ୍ୟମୁଖୀ ଜୀବସମୂହର ମଧ୍ୟବର୍ତ୍ତୀ କେନ୍ଦ୍ର ହୋଇ ସେମାନେ ଅବସ୍ଥିତ । ସେମାନଙ୍କର ଆତ୍ମଜ୍ୟୋତିଃଠାରୁ ଚୈତନ୍ୟରଶ୍ମି ପ୍ରାକୃତିକ ନିୟମରେ ହିଁ ବୈରାଗ୍ୟବାନ, ଚୈତନ୍ୟମୁଖୀ, ସାତ୍ତ୍ୱିକ-ପ୍ରକୃତି ପୁରୁଷର ଅନ୍ତରରେ ଦୀପ୍ତି ଦେଇଥାଏ । ସର୍ବଦେଶ, ସର୍ବକାଳବ୍ୟାପୀ ତାହାର ପ୍ରଭାବ ଜାତି-ଧର୍ମ-ନିର୍ବିଶେଷରେ ।''

''ପୃଥିବୀର ଆକର୍ଷଣ, ଧରିତ୍ରୀର ଆକର୍ଷଣ, ଏକ ବଡ଼ ଆକର୍ଷଣ-ଧରଣୀ ସହଜରେ ହିଁ ଏହିଠାରୁ ଜଣେ ସନ୍ତାନକୁ କ'ଣ ପୂର୍ଣ୍ଣଭାବେ ମୁକ୍ତି ଦେବାକୁ ଚାହେଁ ? ନାନାଭାବରେ ବାଧାଦିଏ । କାରଣ ଏ ଭାବର ଉଚ୍ଚସ୍ତରରେ ଜୀବକୁ ନେଇ ତାହାର ଅନେକ କାର୍ଯ୍ୟ ହୁଏ ।

ତ୍ରିଗୁଣର ଅତୀତ ହେବା ପୂର୍ବରୁ ଗୁଣମୟୀ ପ୍ରକୃତିର ରାଜ୍ୟରେ ଶେଷ ସତ୍ତ୍ୱଗୁଣର ଗଣ୍ଡିକୁ ତ୍ୟାଗ କରିବାକୁ ଯାଇ ଯେଉଁମାନେ ମୁମୁକ୍ଷୁ, ସେମାନେ ସର୍ବଶେଷ ବାଧା ପାଆନ୍ତି । ସେମାନେ ଲୋକକଲ୍ୟାଣ, ଜୀବଜଗତର କଲ୍ୟାଣ କାମନା କରିବସନ୍ତି । ଏହି ଯେଉଁ ଜଗତରେ ସଂସାରସ୍ଥ ଜୀବକୋଟି ଅଜ୍ଞାନ ମଧ୍ୟରେ ନିରନ୍ତର ଭୋଗ, କାମନା ଓ ତ୍ରିତାପରେ ଦଗ୍ଧ ହେଉଛି, ତାଙ୍କର ଅଜ୍ଞାନ ଦୂରକରି ପରମପଦ ଆତ୍ମସ୍ୱରୂପର ଅପାର ଆନନ୍ଦମୟ ଅବସ୍ଥାରେ ତାହାକୁ ଉନ୍ନିତ କରିବା ଲାଗି ବ୍ୟାକୁଳ ହୁଅନ୍ତି । ସେମାନେ ସାଯୁଜ୍ୟ, ମୋକ୍ଷ ଏ ସକଳ ସେତେବେଳେ ଚାହାନ୍ତି ନାହିଁ । ସେମାନେ ପରମାତ୍ମାର ସଂସ୍ପର୍ଶ ଦ୍ୱାରା ଜଗତ ମଧ୍ୟରେ ଚୈତନ୍ୟର ବିସ୍ତୃତିକୁ ପ୍ରତ୍ୟକ୍ଷ କରିବାକୁ ଚାହାନ୍ତି । ସେହି ଗୁରୁଧାରା ସହ ନିରନ୍ତର ସଂଯୋଗ ଫଳରେ ସେମାନେ ମଧ୍ୟ ସାକ୍ଷାତ ଗୁରୁପଦବାଚ୍ୟ । ଅପରାପର ନବୀନ ଅଧିକାରୀମାନେ ଆତ୍ମଚୈତନ୍ୟ ସ୍ଫୁରଣରେ ତାଙ୍କର ସାକ୍ଷାତ ପ୍ରଭାବ ଓ ସହାୟତା ପାଇଥାନ୍ତି । ପରେ ସେମାନେ ପୁଣି ଆଦର୍ଶ ହୋଇଯାଆନ୍ତି । ଏହିଭାବେ ଗୁରୁଧାରାର ପାରମ୍ପର୍ଯ୍ୟ ରକ୍ଷାହୋଇ ଚାଲିଛି । ସୃଷ୍ଟିର କ୍ରମବିକାଶ ମଧ୍ୟ ଚାଲିଛି ।''

ଅପୂର୍ବ ଏହି ଗୁରୁତତ୍ତ୍ୱ ! ଆଜି ଯେଉଁ ବସ୍ତୁଟି ପାଇଲି, ଜାଣେନା ଜନ୍ମଜନ୍ମାନ୍ତରରେ କେତେ ସୁକୃତି ଥିଲେ ଏହି ତତ୍ତ୍ୱର ସାକ୍ଷାତକାର ଘଟେ । ମୋର ଜୀବନ ଧନ୍ୟ ବୋଧହେଲା । ଏବେ ଯେଉଁ ବସ୍ତୁକୁ ଅନ୍ତରରେ ଲାଭକଲି, ପ୍ରତ୍ୟକ୍ଷ ସାକ୍ଷାତକାର ହେଲେ, ସତ୍‌ଗୁରୁଙ୍କ ସହ ପ୍ରତ୍ୟକ୍ଷ ସଂଯୋଗ ଘଟିଲେ ମୋ ଜୀବନ ସାର୍ଥକ ହେବ । ମୋ' ମଧ୍ୟରେ କିନ୍ତୁ ଏହାପରେ ହିଁ ପୁଣି ପ୍ରଶ୍ନ ଉଠିଲା—କୁଳଗୁରୁ ପ୍ରଥାର ବ୍ୟାପାରଟି କିପରି ?

■■

ଦଶମ ପରିଚ୍ଛେଦ

ଏହାପରେ କୁଳଗୁରୁର କଥା । ଏବେ ବିସ୍ତୃତ ଭାବରେ ବେଶୀ କଥାକୁ ନଯାଇ ଅଳ୍ପ କଥାରେ ଶେଷ କରିବି । ଏ କାଳର ସମାଜରେ କୁଳଗୁରୁର ଅସ୍ତିତ୍ୱ, କୁଳପୁରୋହିତମାନଙ୍କ ପରି ଶକ୍ତିହୀନ । ଆଧ୍ୟାତ୍ମିକ ପ୍ରେରଣା ପରିବର୍ତ୍ତେ ବଂଶଗତ ସଂସ୍କାର ବଶରେ ଚାଲୁରହିଛି । ଏବେ ବର୍ଣ୍ଣାଶ୍ରମର ଓ ବୃତ୍ତିର ବ୍ୟଭିଚାର ଘଟିଛି । ସେତେବେଳେ ଅଧ୍ୟାତ୍ମ ମାର୍ଗର ଗତି କେଉଁଆଡ଼କୁ ?

''ତୀବ୍ର ବୈରାଗ୍ୟର ନିକଟରେ ଗୃହୀ କୁଳଗୁରୁ ବା ସନ୍ନ୍ୟାସୀ ଗୁରୁଙ୍କ ମଧ୍ୟରେ ଭେଦାଭେଦ ନାହିଁ । ଗୌଣ ବୈରାଗ୍ୟ ଅଧିକାରରେ କୁଳଗୁରୁଙ୍କ ସାହାଯ୍ୟରେ ମନ୍ତ୍ରଦୀକ୍ଷାର ଅନୁଷ୍ଠାନ ବଂଶଗତ ସଂସ୍କାରକୁ ନେଇ ଏଯାବତ୍ ଚଳିଆସୁଛି । କୁଳ ଅର୍ଥ ପାରିହେବା, ବଂଶଧାରାର ମହାନ୍ ସୃଷ୍ଟିପ୍ରବାହ, ଜୀବର ମୂଳ ଚୈତନ୍ୟ ଶକ୍ତି ଆଦି ଏହିପରି ବହୁ ଭାବରେ ବ୍ୟବହାରର ବ୍ୟବସ୍ଥା ଥାଏ । କୁଳ ଶବ୍ଦରୁ କୌଳ, ଅର୍ଥାତ୍ ଯେଉଁମାନେ ସିଦ୍ଧ ହୋଇଛନ୍ତି । ଯଥାର୍ଥ ସନ୍ନ୍ୟାସୀ, ମନ୍ତ୍ରସିଦ୍ଧ, ତାନ୍ତ୍ରିକ, କୌଳ ଏବେ ଦୁର୍ଲଭ । ମାତ୍ର ଏପରି ସମୟ ଥିଲା, ଯେତେବେଳେ ଏହି ଦେଶରେ କୁଳଧର୍ମର ପ୍ରାବଲ୍ୟ ଓ କୌଳଗଣଙ୍କର ପ୍ରଭାବ କିଛି କମ୍ ନଥିଲା । ସମୟକ୍ରମେ ଏହି ନାମଟି ସମ୍ପ୍ରଦାୟଗତ ହୋଇଯାଇଛି । ତନ୍ତ୍ରର ପ୍ରଭାବ କ୍ଷୟ ହେବା ସଙ୍ଗେ ସଙ୍ଗେ କୁଳଗୁରୁର ପ୍ରାଧାନ୍ୟ ମଧ୍ୟ କ୍ଷୀଣ ହୋଇ ବର୍ତ୍ତମାନ ଅବସ୍ଥାରେ ଆସି ପହଞ୍ଚିଛି । ଏବେ କୁଳପ୍ରଥାନୁସାରେ କୁଳଗୁରୁ ନିକଟରୁ ଦୀକ୍ଷା ଗ୍ରହଣ କରିବାର ବ୍ୟାପାର ସମାଜରେ ସେପରି ପ୍ରଭାବଶାଳୀ ନୁହେଁ । ଯେଉଁ ଯେଉଁ ଠାରେ ତାହା ସଂସାର ମଧ୍ୟରେ ରହିଛି, ସେଠାରେ କେବଳ ପ୍ରଥା ହିସାବରେ ହିଁ ରହିଛି । ଜନ୍ମଲଗ୍ନ ଓ ରାଶି ଆଦିକୁ ବିଚାରକୁ ନେଇ ଜାତକର ଇଷ୍ଟ ନିରୂପଣପୂର୍ବକ ମନ୍ତ୍ରଦାନର ବ୍ୟବସ୍ଥା ରହିଛି । ମନ୍ତ୍ର କହିଲେ ବୀଜ...ତାହାର ନାନା ଭେଦ-ବୈଚିତ୍ର୍ୟ ଅଛି । ଏହି କୁଳଗୁରୁ ଦୀକ୍ଷା ପ୍ରଥାରେ, ଜପଦ୍ୱାରା ସିଦ୍ଧିହିଁ ହେଲା ଅସଲ କଥା । ସାଧନ ପ୍ରଣାଳୀର ମୁଖ୍ୟ କର୍ମ ହେଲା-ଜପ । ଜପସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ପୁରଶ୍ଚରଣ, ଅଭିଷେକାଦି କ୍ରିୟାଫଳଲାଭର ବ୍ୟବସ୍ଥା ଅଛି ।''

''ଏହାଦ୍ୱାରା ଭଗବାନ ଲାଭ ବା ବ୍ରହ୍ମଚୈତନ୍ୟରେ ସମାହିତ ହେବା ସମ୍ଭବ କି ? ଏହାଦ୍ୱାରା ମୁକ୍ତିଲାଭ ହୁଏ କି ?''

"ଶକ୍ତିଲାଭ ହୁଏ ଏକଥା ସତ୍ୟ—ଭଗବାନପ୍ରାପ୍ତି ଅନ୍ୟ କଥା । ଈଶ୍ୱରପ୍ରାପ୍ତି କୌଣସି କ୍ରିୟାସାପେକ୍ଷ ନୁହେଁ, ଏହି କଥାରେ ଆଜିପର୍ଯ୍ୟନ୍ତ ସନ୍ଦେହ ରହିଛି ନା କ'ଣ ? ଯଦି ତାହା ଥାଏ, ତେବେ ଏହା ବଡ଼ ହିଁ ମାରାତ୍ମକ ।"

"ମୁଁ ଜାଣିବାକୁ ଚାହୁଁଛି, ଏହି ଯେଉଁ ଜପାତ୍‌ସିଦ୍ଧି, ଏହି ସିଦ୍ଧି କ'ଣ ? ଏହି ସିଦ୍ଧି କ'ଣ ଭଗବତ୍‌ପ୍ରାପ୍ତି ନୁହେଁ ?"

"ତନ୍ତ୍ର ମତାନୁସାରେ ଯାହାକିଛି କ୍ରିୟା ସମାଜ ମଧ୍ୟରେ ଏଯାବତ୍ ପ୍ରଚଳିତ ଅଛି, ସମସ୍ତ ହିଁ ଶକ୍ତିପ୍ରାପ୍ତିର ଲକ୍ଷ୍ୟ ନେଇ । ଫଳସ୍ୱରୂପ ଯଥାର୍ଥ ବୈରାଗ୍ୟ ଓ ଭକ୍ତିର ଅବର୍ତ୍ତମାନରେ କୁଳପ୍ରଥାର ଦୀକ୍ଷା ଗ୍ରହଣର ଉପକାରିତା ଓ ଜପାଦି କ୍ରିୟା ଅଭ୍ୟାସର ଫଳ ହେଲା ଶକ୍ତିଲାଭ । ଉତ୍ତରୋତ୍ତର କ୍ରିୟାର ପ୍ରବଳ ଅଭ୍ୟାସ ଦ୍ୱାରା ବିପୁଳ ଶକ୍ତିଲାଭ । ଶକ୍ତି କହିଲେ ମନଃଶକ୍ତି; ତଦ୍ଦ୍ୱାରା ଉଚ୍ଚରୁ ଉଚ୍ଚତର ଜାଗତିକ ଭୋଗବାସନାପୂର୍ଣ୍ଣ ହେବା ଲାଗି ଅନୁକୂଳ ଅବସ୍ଥା ଲାଭ । ସଂଯମର ଦୃଢ଼ତା ନଥିଲେ ବିପଦରେ ପଡ଼ିବାକୁ ହୁଏ । ପୂର୍ବେ ତାନ୍ତ୍ରିକ ଦୀକ୍ଷାରେ ଗୁରୁଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ଶିଷ୍ୟର କୁଳକୁଣ୍ଡଳିନୀକୁ ଜାଗ୍ରତ କରାଇବା ।"

"ଏହା କିପରି ?"

"ସାଧାରଣ ଜୀବର ଅଧାତ୍ମ ଚୈତନ୍ୟଶକ୍ତି ସୁପ୍ତ ଥାଏ । ତାହାର ପ୍ରମାଣ ହେଲା, ଜୀବର ଏହି ବହିର୍ମୁଖୀ ଗତି, ଧନୈଶ୍ୱର୍ଯ୍ୟ ଓ ସମ୍ପଦର ଆକାଙ୍କ୍ଷା ନେଇ । ନିରନ୍ତର ଅଭାବବୋଧ, ସ୍ୱାର୍ଥପରତା, ଈର୍ଷା, ବିଦ୍ୱେଷ ଓ ଅବିରାମ ପରିବର୍ତ୍ତନ ହିଁ ଯାହାର ଗତି, ତାହାର ସେହିହିଁ କେବଳ ପାଶବଦ୍ଧ ଅବସ୍ଥା । ଏହି ସମସ୍ତ ଯେ ଦୁଃଖର ହେତୁ, ଏହି ବୋଧହିଁ ନଥାଏ । ଏଣୁ କୁଣ୍ଡଳିନୀ ଜାଗରଣ ଦ୍ୱାରା ଅଧାତ୍ମ୍ୟ ଜୀବନର ବିକାଶପ୍ରାପ୍ତି ହୁଏ । ଯେଉଁ ସକଳ ପାର୍ଥିବ ବିଷୟକୁ ସୁଖର ହେତୁ ବୋଲି ଧାରଣା ଥିଲା, ଅଧାତ୍ମ୍ୟଜୀବନରେ ସେହି ସକଳ ବିଷୟ ହିଁ ଦୁଃଖର ହେତୁ; ଏହା ଅନୁଭୂତ ହୁଏ । ପୂର୍ବଜୀବନ ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇଯାଇଥାଏ । ଅର୍ଥ ସମ୍ପଦାଦି ତୁଚ୍ଛ ବୋଧହୁଏ । ଏହି ଅବସ୍ଥା ହିଁ ହେଲା କୁଳକୁଣ୍ଡଳିନୀ ଜାଗରଣର ପ୍ରଥମ ଲକ୍ଷଣ । ଏହି ଆଖିରେ, ଏହି ନୟନର ସ୍ଥୂଳଦୃଷ୍ଟିରେ ଯାହା ଏତେଦିନ ଧରି ଦେଖାଯାଇଅଛି, ତାହାସବୁ ହିଁ ଭ୍ରମ । ସେତେବେଳେ ହିଁ ଏହିକଥା ବୁଝିପାରୁ, ଆମର ଯେତେବେଳେ ଉପନୟନ ହୁଏ । ଉପନୟନର ତତ୍ତ୍ୱ ହିଁ ଏହି ଅଧାତ୍ମ୍ୟ ଚୈତନ୍ୟର ଉଦ୍‌ବୋଧନ । କାରଣ ଏହା ନେତ୍ରର ପ୍ରକୃତ ଉନ୍ମୀଳନ ।"

"ସୁପ୍ତ କୁଳକୁଣ୍ଡଳିନୀ ଶକ୍ତିକୁ ଉଜ୍ଜୀବିତ କରିବାର କେତେଗୁଡ଼ିଏ ପ୍ରକ୍ରିୟା ତନ୍ତ୍ରମତରେ ରହିଛି । ଏହି ଶକ୍ତିକୁ ଜାଗ୍ରତ କରିଦେଲେ ଯେ ସବୁକିଛି ହୋଇଗଲା, ତାହା ନୁହେଁ । କୌଣସି କ୍ରିୟାଶକ୍ତି ଫଳରେ ଏହି ଶକ୍ତି ଉଜ୍ଜୀବିତ ହେଲେ ମଧ୍ୟ ଯଦି ଊର୍ଦ୍ଧ୍ୱଗାମୀ ନହୁଏ, ଅର୍ଥାତ୍ ଯଥାର୍ଥ ଆତ୍ମଚୈତନ୍ୟର ଦିଗରେ ସକଳ ଆକାଙ୍କ୍ଷା ଗତିଶୀଳ ନହୁଏ, ତେବେ ଏହା ପୁନଶ୍ଚ ସୁପ୍ତ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥାଏ । କାରଣ ପ୍ରଥମରୁ ବହୁକାଳ ଧରି ସୁପ୍ତ ଭାବେ ରହିବା

ତାହାର ସ୍ୱଭାବଗତ । ତୁମର ବିଷୟ ଦିଗରେ ବା ଭୋଗବାସନା ଦିଗରେ ଆକର୍ଷଣ ଥିବ, ଏଣେ ପୁଣି ଏ ଦିଗରେ ଭଗବତ୍‌ପ୍ରାପ୍ତି ଲାଗି ସାଧନା ମଧ୍ୟ ଚାଲିଥିବ । ତାହା କିପରି ସମ୍ଭବ, ପୁଣି ସେ ସାଧନାର ଫଳ ବା କିପରି ରୂପ ନେବ ?''

''ତା'ହେଲେ କ'ଣ ଏହାଦ୍ୱାରା ଗୃହସ୍ଥ ଜୀବନରେ କିଛି ହିଁ ଉପକାର ହେବନାହିଁ ?''

''ଉପକାର କିଛି ଅଛି ନିଶ୍ଚୟ । ତାହା ନହେଉଥିଲେ ଏବେ ମଧ୍ୟ ଏହାର ଧାରା ଏହି ସମାଜରେ ତେବେ ରହିଛି କାହିଁକି ? ଗୃହସ୍ଥର ତୀବ୍ର ବୈରାଗ୍ୟର ଅଭାବରେ ଏହି କ୍ଷେତ୍ରରେ ବ୍ୟକ୍ତିଗତ ଓ ବଂଶଗତ ଅଭ୍ୟୁଦୟ କାମନାରେ ସସ୍ତ୍ରୀକ ମନ୍ତ୍ରଗ୍ରହଣ ଏବଂ ଜପଆଦିର କ୍ରିୟା ଫଳରେ ମନ ସଂଯମ ହୁଏ ଏବଂ ଶକ୍ତିଲାଭ ମଧ୍ୟ ହୁଏ । ଏହିଭାବରେ ବଂଶଗତ ସଂସ୍କାର ବଂଶଧରଙ୍କର ପାର୍ଥିବ କଲ୍ୟାଣର ହେତୁ ହୁଏ । ପିତୃ-ପିତାମହ ଯେତେବେଳେ ଏହି ଅନୁଷ୍ଠାନ କରିଯାଇଛନ୍ତି, ସେତେବେଳେ ଆମର କର୍ତ୍ତବ୍ୟ ହେଉଛି, ଏହି ସଂସ୍କାରକୁ ନେଇ ମନ୍ତ୍ରଗ୍ରହଣ ସମ୍ପନ୍ନ କରିବା । ଏହାଦ୍ୱାରା ଅକଲ୍ୟାଣ ତ ହୁଏନାହିଁ, ପରନ୍ତୁ ଇହ ଏବଂ ପର ଦୁଇକାଳ ପର୍ଯ୍ୟନ୍ତ ପ୍ରବଳ ରୂପେ ଏକ ସହାୟ ଓ ସମ୍ବଳ ହୋଇ ରହିଥାଏ, ଯେହେତୁ କୁଳଗୁରୁମାନଙ୍କର ଆଦେଶବାଣୀ ଏହିପରି ଯେ ବ୍ରାହ୍ମଣବଂଶରେ ଜନ୍ମଗ୍ରହଣ କରି ମନ୍ତ୍ରଗ୍ରହଣ ନକରି ଦେହତ୍ୟାଗ ହେଲେ ପରଲୋକରେ ମୁକ୍ତି ମିଳେନାହିଁ—ଏଣୁ ମନ୍ତ୍ରଗ୍ରହଣ ହିଁ ନିତାନ୍ତ ପ୍ରୟୋଜନ । ମନ୍ତ୍ରଗ୍ରହଣ ନକଲେ ପଶୁଜନ୍ମ ଆର୍ ମିଳେନାହିଁ । ତନ୍ତ୍ରମତରେ ସଂସ୍କାରହୀନ ଦେହଗତ ବୁଦ୍ଧି ଥିବା ଜୀବ ହିଁ ପଶୁତୁଲ୍ୟ ।''

''କାନରେ ମନ୍ତ୍ର ପହଞ୍ଚାଇଦେଲେ କ'ଣ ପଶୁତ୍ୱ ଘୁଞ୍ଚିଯାଇଥାଏ ?''

''ମନ୍ତ୍ର ବା ବୀଜ, ଶବ୍ଦ ମାତ୍ର—ସାଧନା ଫଳରେ ଏହି ମନ୍ତ୍ର ବା ବୀଜ ଚୈତନ୍ୟ ଶକ୍ତି ଦ୍ୱାରା ଶକ୍ତିମାନ ହୁଏ । ଶୁଦ୍ଧ ଚିତ୍ତରେ, ଐକାନ୍ତିକ ଯତ୍ନ ଦ୍ୱାରା, ଯଥାର୍ଥ ଭକ୍ତିଭାବରେ, ଅତି ଗୋପନରେ ନିଜ ନିଜର ସାଧନା ଦ୍ୱାରା ମନ୍ତ୍ରକୁ ଉଜ୍ଜୀବିତ କରିବାକୁ ହୁଏ । ସେତେବେଳେ ହିଁ ତାହାରି ଦ୍ୱାରା ପଶୁଜନ୍ମର ଅନ୍ତ ହୁଏ ବା ଅନେକ କିଛି ମଧ୍ୟ ହୋଇଥାଏ । ଶକ୍ତିମାନ ଗୁରୁଙ୍କଠାରୁ ଜାଗ୍ରତ ଶକ୍ତିମନ୍ତ୍ର ମିଳିଲେ ଏବଂ ଭକ୍ତିମାନ ଶିଷ୍ୟ ମଧ୍ୟରେ ସେହି ବୀଜ ପତିତ ହେଲେ ତଦ୍ୱାରା ଯେତେବେଳେ ହେଲେ କଲ୍ୟାଣ ପ୍ରାପ୍ତି ଅବଶ୍ୟମ୍ଭାବୀ । ବୀଜ ମାତ୍ରେହିଁ ନିଜେ ଶକ୍ତିଶାଳୀ ବା ଜାଗ୍ରତ ନୁହେଁ । ତୀବ୍ର ଆକାଙ୍କ୍ଷା ସହ ପ୍ରବଳ ଚେଷ୍ଟା ନରହିଲେ ଯେପରି ବିଷୟବସ୍ତୁ ଲାଭ ସମ୍ଭବ ହୁଏନାହିଁ, ସେହିପରି ତୀବ୍ର ଆକର୍ଷଣ ଅନୁଭୂତ ନହେଲେ ଜାଗ୍ରତ ମନ୍ତ୍ରଶକ୍ତିସମ୍ପନ୍ନ ଗୁରୁଙ୍କ ଯୋଗାଯୋଗ ମଧ୍ୟ ଘଟି ପାରେନାହିଁ ।''

''ମୋର ଏବେ କୁଳଗୁରୁଙ୍କ କଥା ଆଉ ପ୍ରୟୋଜନ ନାହିଁ । ପାର୍ଥିବ ସୁଖ, ଐଶ୍ୱର୍ଯ୍ୟ, ସମ୍ପଦ, ଆଧିପତ୍ୟ ଲାଭ, ନାନାବିଧ ଶକ୍ତିଲାଭ, ଯାହା ଭଗବାନଙ୍କ ବିଭୂତି, ସେସବୁ ମୋ'ର ପ୍ରୟୋଜନ ନାହିଁ । ଏବେ ଅନୁଗ୍ରହ କରି ଏତିକିମାତ୍ର ସଂଶୟ ଛେଦନ କରନ୍ତୁ,— ଯିଏ ବାକ୍ୟ ମନର ଅଗୋଚର, ମହାନ୍, ଯିଏ ଶୁଦ୍ଧ, ବୁଦ୍ଧ ଏବଂ ମୁକ୍ତ ସ୍ୱଭାବଯୁକ୍ତ, ଅନନ୍ତ

ଚୈତନ୍ୟଜ୍ୟୋତିଃ ରୂପେ ଯିଏ ସର୍ବବ୍ୟାପୀ, ବିରାଟ, ନିୟନ୍ତା, ସ୍ରଷ୍ଟା, ରକ୍ଷକ, ଧାତା, ଯିଏ ଆମର ମନ, ବୁଦ୍ଧି, ଆଦି ଜ୍ଞାନ ଓ କର୍ମ ଇନ୍ଦ୍ରିୟର ଅଗୋଚର, ଯିଏ ସେହି ଅନନ୍ତ ପୂର୍ଣ୍ଣ ସଚ୍ଚିଦାନନ୍ଦଘନ, ତାହାଙ୍କୁ ଆମର କୌଣସି ପ୍ରକାର ଧରିବାର ସାଧ ନାହିଁ, ଅଥଚ ତାଙ୍କ ସମ୍ପର୍କରେ ହିଁ ଜଗତର ସକଳ ବସ୍ତୁ ସହ ସମ୍ବନ୍ଧ ଓ ଆସ୍ୱାଦନ ଚାଲୁଅଛି—ତାହାଙ୍କ ସହ ଆମର ପ୍ରତ୍ୟକ୍ଷ ଯୋଗ କ'ଣ କେବେହେଲେ ଘଟିବାର ସମ୍ଭାବନା ନାହିଁ ? ଯେତେବେଳେ ଇଚ୍ଛା ବା ଚେଷ୍ଟା କରି ମଧ୍ୟ ତାହାଙ୍କୁ ପାଇପାରିବୁ ନାହିଁ, ତେବେ କ'ଣ ନିରନ୍ତର ଜନ୍ମ, ମୃତ୍ୟୁ ଆଉ ନାନାବିଧ ତୁଚ୍ଛ ମୋହ ଅନ୍ଧକାରରେ ମୁଁ ଆଚ୍ଛନ୍ନ ହୋଇ ରହିଥିବି—ତାଙ୍କ ସହ ମୋର ଏହି ବ୍ୟବଧାନ କ'ଣ ଘୁଞ୍ଚିବ ନାହିଁ ?''

''ଏହାର ଉତ୍ତର ଏହି ଯେ—

ତୁମର ତାଙ୍କୁ ଧରିବାର, ଜାଣିବାର ବା ଅନୁଭବ କରିବାର ସାଧ ନାହିଁ—କ୍ଷୁଦ୍ର ତୁମର ଶକ୍ତି, ତୁମେ ତାଙ୍କ ନିକଟରେ ପହଞ୍ଚିପାର ନାହିଁ, ଏହା ସତ୍ୟ—କିନ୍ତୁ ସେ ତୁମ ଅନ୍ତରରେ ପ୍ରକାଶିତ ହୋଇପାରନ୍ତି, ଜନ୍ମଜନ୍ମାନ୍ତରର ବ୍ୟବଧାନ ଘୁଞ୍ଚାଇଦେଇ ତୁମକୁ ଆତ୍ମସାତ୍ କରିପାରନ୍ତି । ତୁମେ ଏହା ପାରନାହିଁ, ସେ ତାହା ପାରନ୍ତି । ଏଣୁ ତୁମର ତାହାହିଁ ଭରସା ।''

''ବାଦଲ ଦ୍ୱାରା ଆବୃତ ସୂର୍ଯ୍ୟ ଯେପରି ଜଗତସାରା ଆଲୋକ ବିକିରଣ କରନ୍ତି, ମେଘଲୋକ ଭେଦକରି ତାଙ୍କର ଆଲୋକ ଆମକୁ ଯେପରି ମିଳିଥାଏ, ଦିନ ଓ ରାତ୍ରିର ଗାଢ଼ ଅନ୍ଧକାର ଯେପରି ନଥାଏ, ସେହିପରି ପରମାତ୍ମାଙ୍କର ଚୈତନ୍ୟ-ଜ୍ୟୋତିର ନିରବଚ୍ଛିନ୍ନ ଅଭାବ ହୁଏନାହିଁ, ଯଦିଓ ସାଧାରଣଙ୍କ କ୍ଷେତ୍ରରେ ଅଜ୍ଞାନାନ୍ଧକାର ଦ୍ୱାରା କେତେକ ସ୍ତର ଆବୃତ ରହିଥାଏ ।''

ମହାରାଜଙ୍କ ପତ୍ର ଆସିଯାଇଛି । ମୋ' ପ୍ରତି ସେ ଅତ୍ୟନ୍ତ ରୁଷ୍ଟ ହୋଇଛନ୍ତି । କାଳିକାନନ୍ଦଙ୍କ ଦ୍ୱାରା ସେ ଲେଖାଇଛନ୍ତି । ଆଦେଶ ମିଳିଛି ଯେ ହଜାରୀ ପଣ୍ଡାଙ୍କ ନିକଟରେ ସବୁ ବୁଝାଇଦେଇ ଯେପରି ଚାଲିଯାଏ । ଆଉ କେବେ ତାଙ୍କର କୌଣସି ଆଶ୍ରମରେ, ବିଶେଷତଃ ବୃନ୍ଦାବନର ରାଧାବାଗସ୍ଥ ଆଶ୍ରମରେ, ମୁଁ ଯେପରି ଆଉ ପ୍ରବେଶ ନକରେ, ଅର୍ଥାତ୍ ତାଙ୍କର ଆଶ୍ରମରୁ ମୋ'ର ଚିରବିଦାୟ । ଭାଷା ଆହୁରି ଅଧିକ କଠିନ ଥିଲା, ହେଲେ ଟିକିଏ ସଂଯତ ରହି କହିଲି । ଶିବାନନ୍ଦ ଆନନ୍ଦିତ କି ଦୁଃଖିତ ହେଲେ ବୁଝିପାରିଲି ନାହିଁ । ତାଙ୍କର ମୁହଁଟି ଗମ୍ଭୀର ଦେଖାଯାଉଥିଲା ।

ମୁକ୍ତି ମିଳିବା ପରେ ମୁଁ ଆଉ ବିଳମ୍ବ କଲିନାହିଁ । ନାଗ୍ ମହାଶୟଙ୍କ ନିକଟକୁ ଗଲି । ସେ ନଥିଲେ, ଲୋକମାନଙ୍କୁ ନେଇ ଆବାଦ ଜମିରେ ବ୍ୟସ୍ତ ଥିଲେ । ତା'ପରେ ମହାନନ୍ଦଙ୍କର କୁଟୀରାଶ୍ରମକୁ ଯାଇ ଏଥର ଶେଷ ବିଦାୟ ନେଇ ଆସିଲି । ଲାଠି କମ୍ବଳାଦି ଧରି ଯାତ୍ରା ଆରମ୍ଭ କରିଦେଲି ।

ମନରେ ଏକ ବିଷମ ବେଦନା ନେଇ ଚାଲିଲି । ସେହି ବେଦନା ଟିକକ ହେଲା– ଦୁଇମାସ ଧରି ଯେ ଏହି ଭୁବନେଶ୍ୱରରେ କଟାଇଲି, ଏହି ଭୂମିର ରୂପ, ରସ, ଗନ୍ଧ, ମୁକ୍ତବାୟୁ, ପ୍ରାଚୀନ ଶିବାଳୟପୂର୍ଣ୍ଣ ସ୍ଥାନର ମହାତ୍ମ୍ୟରେ ମହୀୟାନ ଅନିର୍ବଚନୀୟ, ବିଶାଳ ଓ ଗଭୀର ଜଙ୍ଗଲବେଷ୍ଟିତ ନାନା ଧ୍ୱଂସସ୍ତୂପ ଦ୍ୱାରା କରୁଣ ଦୃଶ୍ୟରେ ପୂର୍ଣ୍ଣ ସୁନ୍ଦର ଭୁବନେଶ୍ୱର କ୍ଷେତ୍ର ଆଉ ତାହାର କୁଣ୍ଠମାନ ପ୍ରାଣ ମଧ୍ୟରେ ଯେଉଁ ପ୍ରଭାବ ବିସ୍ତାର କରିଥିଲା, ଏହି କ୍ଷେତ୍ର ତ୍ୟାଗ କରିବା କାଳରେ ତାହା ତୀବ୍ର ଭାବେ ଅନୁଭବ କଲି । ଏହି ସ୍ଥାନରେ ମୋ ଜୀବନର ଦିନଗୁଡ଼ିକ କଟିଯାଇଥାନ୍ତା କି ! କିନ୍ତୁ ନିୟତି ଅନ୍ୟତ୍ର ଟାଣିନେଇଗଲା । ଯଦି ଏହି ବ୍ରହ୍ମଚାରୀଙ୍କ ଆଶ୍ରମ ସମ୍ପର୍କରେ ଏଠାକୁ ଆସିନଥାନ୍ତି, ତା'ହେଲେ ଅଶାନ୍ତି ଭୋଗ କରିବାକୁ ପଡ଼ି ନଥାନ୍ତା । ମନେହୁଏ, ଏତେ ସହସା ଯିବାକୁ ମଧ୍ୟ ପଡ଼ି ନଥାନ୍ତା ।

ଆହୁରି ମଧ୍ୟ ଆକ୍ଷେପ ରହିଛି କାହିଁକି ? କ'ଣ ପ୍ରୟୋଜନ ଏତେ ଘୂରାଘୂରି କରିବା ? ଗୋଟିଏ ସ୍ଥାନରେ ବସିଗଲେ ତ ସବୁ ଅଡୁଆ ତୁଟିଯାଇଥାନ୍ତା ! ଏପରି କ୍ଷେତ୍ରରେ ନିଭୃତରେ, ନୀରବ ଓ ଶାନ୍ତିପୂର୍ଣ୍ଣ ପରିବେଶରେ ମନର ସକଳ ଚାଞ୍ଚଲ୍ୟ ଯେପରି ସ୍ୱତଃ ହିଁ ଶାନ୍ତ ହୋଇଯାଏ । ଏହିଠାରେ ଯଦି ରହିଯାଇପାରିଥାନ୍ତି, ତାହାହେଲେ ଆଉ ପ୍ରାର୍ଥନା ବିଷୟରେ ମୋର ଚିନ୍ତା କ'ଣ ଥାଆନ୍ତା ?

କିନ୍ତୁ ଏହା ହେବାର ନୁହେଁ । ସାତଘାଟର ପାଣି ପିଇବାକୁ ହେବ । ଗୁରୁ ମଧ୍ୟ ଅନେକ ମିଳିଯିବେ; କିନ୍ତୁ ଏହାର ମର୍ମ ବୁଝିବ କିଏ ? ଏହି ଧରିତ୍ରୀ ଅନ୍ତର୍ଗତ ସକଳ ବସ୍ତୁ ସେହି ଅନନ୍ତ ଚୈତନ୍ୟ ସତ୍ତା ଦିଗକୁ ଲକ୍ଷ୍ୟ କରିବାକୁ ଇଙ୍ଗିତ କରୁଛି–ପ୍ରତ୍ୟେକ ଦୃଶ୍ୟମାନ ବସ୍ତୁ, ପ୍ରତ୍ୟେକ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ, ସେହି ସତ୍ତା ଦିଗକୁ ଲକ୍ଷ୍ୟ ଫେରାଇବାକୁ ପ୍ରେରଣା ଦେଉଅଛି । ସେଆଡ଼କୁ ତ ଆଉ ଦେଖିବି ନାହିଁ । ତାହା କଲେ ତ ମୋର କର୍ମ କ୍ଷୟ ହୋଇଯିବ, ଶାନ୍ତି ଲାଭ କରିପାରିବି । ଦୌଡ଼ାଦୌଡ଼ିର ବ୍ୟାପାର ଶେଷ ହେବ । ହାୟ, ହାୟ ! କର୍ମ ନ ସରିଲେ ପ୍ରାରବ୍ଧ, ସଞ୍ଚିତ ଓ କ୍ରିୟମାଣ କର୍ମ, କର୍ମଫଳରୁ ଭୋଗ ଶେଷ ହେବ କିପରି ! ଦେଖିବାର ଓ ଶୁଣିବାର ଭୋଗ ଆଉ କେତେ ଅଛି, କିଏ ଜାଣେ !

ଏହି ସକଳ ମହତସଙ୍ଗ । ଏଇଥିଲାଗି ପ୍ରାଣ ମୋର ବ୍ୟାକୁଳ । ଯଦି ମହାରାଜଙ୍କ ପତ୍ର ଆହୁରି ଅନେକ ବିଳମ୍ବରେ ଆସିଥାନ୍ତା, ତାହାହେଲେ ତ ଭଲ ହୋଇଥାନ୍ତା । କିନ୍ତୁ ସେହି ପତ୍ର ଖଣ୍ଡିକ ଏପରି ବାର୍ତ୍ତାବହ ଯେ ଏହାର ପ୍ରାପ୍ତି ସଙ୍ଗେ ସଙ୍ଗେ ଆଉ ଏଠାରେ ମୁହୂର୍ତ୍ତେ ରହିବା ସମ୍ଭବ ନୁହେଁ । ଏହିପରି ବିଷୟରେ ସ୍ୱାର୍ଥବିଷ ଦ୍ୱାରା ଜର୍ଜରିତ ସେହି ପତ୍ରଖଣ୍ଡିକ ଏବଂ ତାହାଙ୍କର ଜଣେ ଏପରି ଉପଦେଷ୍ଟାଙ୍କ ଯୋଗୁ, ଏହି ପତ୍ର ମାଧ୍ୟମରେ ନିର୍ଦ୍ଦେଶ ରୂପେ ଆସିଛି । ପୁନଶ୍ଚ ଯଦି କେବେ ଏହି ପୁଣ୍ୟକ୍ଷେତ୍ରକୁ ଆସିବାର ହୁଏ ତ, ଯୋଗାଯୋଗ ଘଟିବ– ତେବେ ଆଉ କ୍ଷୁଦ୍ରସ୍ୱାର୍ଥଜର୍ଜରିତ କୌଣସି ଅଧିକାରୀର ଆଶ୍ରମକୁ ନୁହେଁ, ବରଂ ମୁକ୍ତସ୍ଥାନରେ ବିନା ଚୁକ୍ତିରେ ଯେଉଁଠାରେ ରହିହେବ, ସେହିପରି ଏକ ମୁକ୍ତ ସ୍ଥାନକୁ ଆସିବି, କୌଣସି ବାଧା ନମାନି ଏହି ବିମୁକ୍ତ କ୍ଷେତ୍ରରେ ନିଜେ ନିମଗ୍ନ ରହିଥିବି ।

ଭୁବନେଶ୍ୱର ନିକଟରୁ ବିଦାୟ ନେଇ ଷ୍ଟେସନ ଦିଗକୁ ଯାତ୍ରା ଆରମ୍ଭ କଲି । ଅଧାବାଟ ଆସିଛି, ପଛରୁ କେହି ଯେପରି ଅଙ୍ଗସ୍ପର୍ଶ କଲା—ପଛରୁ ମୋତେ ଦୃଢ଼ଭାବେ ଜଡ଼ାଇ ଧରିଲା । ଦେଖେ ଯେ, ସେ ହେଉଛି ସନାତନ—ଜଣେ ପଣ୍ଡାର ପୁଅ । ସେ ମୋତେ ଭଲ ପାଉଥିଲା—ବଡ଼ ଅନୁରକ୍ତ ଥିଲା । ମଝିରେ ମଝିରେ ମନ୍ଦିର ଗଲେ ସେ ଆସି ପାଖରେ ବସେ, କେତେ କଥା କୁହେ । ମାତ୍ର କିଛି ଜୁଲୁମ କରେନାହିଁ—ମଝିରେ ମଝିରେ ମୋ ସାଥିରେ ଯିବା କଥା କହୁଥାଏ । କଲିକତା ଯିବା ଲାଗି ତାହାର ବଡ଼ ଆଗ୍ରହ । ଜଣେ କେହି ତାହାର ଆତ୍ମୀୟ କଲିକତାକୁ ଯାଇଛି, ସେହିଠାରେ ରହିଛି, ସେଥିଲାଗି ତା' ମନରେ ସେଠାକୁ ଯିବାର ପ୍ରବଳ ଆକାଙ୍କ୍ଷା । ଘରେ ରହିବାକୁ ତା'ର ମନ ଲାଗେ ନାହିଁ । ଭୁବନେଶ୍ୱର ଛାଡ଼ି ମୁଁ ଚାଲିଯାଉଛି ବୋଲି ସେ କିପରି ଜାଣିଲା ? ଚୁପ୍ କରି ଏତେ ବାଟ ମୋ' ପଛେ ପଛେ ଆସିବା କଥା ମୁଁ ମଧ୍ୟ ଜାଣି ପାରିନଥିଲି ।

ଲେଖକଙ୍କ ଭୁବନେଶ୍ୱରରୁ ପ୍ରସ୍ଥାନ — ସନାତନର ପଶ୍ଚାତ୍ ଧାବନ

ସେ ପିନ୍ଧିଥାଏ ଗୋଟିଏ ମାତ୍ର କୌପୀନ ପରି ବସ୍ତ୍ର; ଘରେ ଯାହା ପିନ୍ଧିଥାଏ । ତାକୁହିଁ ପିନ୍ଧି ସେ ଆସିଛି । ଏବେ କଅଣ କହି ତାକୁ ଫେରାଇଦେବି ! ଗତିଭଙ୍ଗ ହେଲା । ନାନାକଥା କହି ତାକୁ ବୁଝାଇବାରେ ଲାଗିଲି ଯେ ଏବେ ମୋ' ସାଙ୍ଗରେ ଯିବା ଆଦୌ ସମ୍ଭବ ନୁହେଁ । ମୋ'ର ରହିବା ସ୍ଥାନର କିଛି ଠିକଣା ନାହିଁ, ତାକୁ ନେଇଯାଇ କେଉଁଠି ରଖିବି ! ଆଉ ଟିକିଏ ବଡ଼ ହୋଇଗଲେ କାମଦାମ ଶିଖିସାରି କଲିକତା ଗଲେ ଭଲ ହେବ । ଯାହାକିଛି କହିଲେ ମଧ୍ୟ ତାହାର ଆଉ କିଛି କଥା ନାହିଁ; କେବଳ କହୁଛି ମୁଁ କଲିକତା ଯିବି । ତାକୁ ଦୁଇଅଣା ପଇସା ଦେଲି ଏବଂ କହିଲି, ପୁଣି ଯେତେବେଳେ ଆସିବି ତାକୁ ସାଙ୍ଗରେ ନେଇଯିବି । ସେ କିନ୍ତୁ ଫେରିଯିବାକୁ ରାଜି ନୁହେଁ । ଆଚ୍ଛା ବିପଦ, ଏବେ କରିବି କ'ଣ, କିପରି ତା' ହାତରୁ ଉଦ୍ଧାର ପାଇବି !

ଫେରି ପଡ଼ିଲି, ଶୀଘ୍ର ଫେରିପଡ଼ି ଅନେକ ଦୂର ଆସି ଦେଖୁଛି—ସନାତନ ମୋ' ଆଡ଼କୁ ପୁଣି ଫେରିଆସୁଛି । ମୁଁ ଚାଲିବାକୁ ଲାଗିଲି । ଗ୍ରାମ ମଧ୍ୟକୁ ପ୍ରବେଶ କରି ଦେଖୁଛି, ସନାତନର ପିତା ସଙ୍ଗରେ ଜନୈକ ଚାଦରଧାରୀ ଲାଠି ଧରି ଚାଲିଛନ୍ତି । ମନେହେଲା, ତାକୁ ହିଁ ଖୋଜିବାକୁ ଯାଉଛନ୍ତି । ନିକଟବର୍ତ୍ତୀ ହୋଇ ପ୍ରଶ୍ନ କରିବାରୁ ଜାଣିବାକୁ ପାଇଲି ଯେ ସନାତନ ସମ୍ବନ୍ଧରେ ସେମାନେ କୌଣସି ଖବର ରଖନ୍ତି ନାହିଁ । ସକଳ ବିଷୟ ଖୋଲି କହିବାରୁ ତାହାର ପିତା କହିଲେ, ''ମୁଁ ତ ସାକ୍ଷୀଗୋପାଳ ଯାଉଛି, ଏଠାରୁ ଫେରିଯାଇପାରିବି ନାହିଁ । ଶଳା କୁତ୍ତା କ'ଣ କରୁଚି ? ଯାଉ, ମରୁ, କଣ କରିବି ?''

ମନ୍ଦ ନୁହେଁ ତ ! ଅଧିକ କିଛି ନକହି ପାଖରେ ଥିବା ଏକ ଗଛ ତଳେ ଉପବେଶନ କଲି । ସେହି ସଙ୍ଗେ ସଙ୍ଗେ ସେମାନେ ଚାଲିଗଲେ । ବାଟରେ ନିଶ୍ଚୟ ତାକୁ ପାଇଥିବେ । ମାତ୍ର କିପରି ସମ୍ଭାଷଣ କରିବେ, ତାହାହିଁ ଭାବିବାକୁ ଲାଗିଲି । ମନରେ ଚିନ୍ତା କଲି, ଯଦି ମାରଧର କରନ୍ତି ! ବିଚାରା ସନାତନର କି ନିଗ୍ରହ ଅବସ୍ଥା !

ଅଳ୍ପକ୍ଷଣ ପରେ ଦେଖିଲି, ସନାତନ ଦୌଡ଼ି ଚାଲିଛି—ପ୍ରାଣପଣେ ତାହାର ଗାଁ ଆଡ଼କୁ ପଳାୟନ । ବୋଧହୁଏ ତାଡ଼ନା ପାଇଛି । ଆଉ ତାକୁ ନଡାକି ଅଳ୍ପକ୍ଷଣ ବିଶ୍ରାମ ନେଇ ଉଠିପଡ଼ିଲି ।

ସନାତନର ପଳାତକ ମନ । ଗୃହରେ, ଯେଉଁଠାରେ ନିରନ୍ତର ଇଚ୍ଛା ବିରୁଦ୍ଧରେ କର୍ମ, ତାଡ଼ନା ଭୋଗିବା ହୋଇଥାଏ, ସେଠାରେ ସେ ରହିପାରିବ ନାହିଁ । ମୋର ନିଜ ବାଲ୍ୟଜୀବନର ଯେଉଁ ଦୁଃସହ ଦୁଃଖମୟ ଅଭିଜ୍ଞତା ସଞ୍ଚିତ ଅଛି, ତାହା ସଙ୍ଗେ ମିଳାଇ ଦେଖିଲେ ଜଣାଯାଏ, ବୋଧହୁଏ ମୋ' ଜୀବନ ସହ ଯେପରି ସନାତନର କେଉଁଠି ଏକ ଐକ୍ୟସୂତ୍ରର ଯୋଗାଯୋଗ ରହିଛି, ଯାହାକୁ ଉପେକ୍ଷା କରିପାରିବି ନାହିଁ । ଘରେ ମୋର ମଧ୍ୟ ମନ ଲାଗୁନଥିଲା । ଘରର କାହାର ମଧ୍ୟ ମୋ' ପ୍ରତି ସ୍ନେହମମତା ନଥିଲା, କେବଳ ଜଣେ ଠାକୁରମା'ଙ୍କ ବ୍ୟତୀତ ମୋ' ଉପରେ କାହାର ମଧ୍ୟ କର୍ତ୍ତୃତ୍ୱ ନଥିଲା । ପିତା, ମାତା ବା କାହାରି ସ୍ନେହଧାରାରେ ମୋ' ବାଲ୍ୟଜୀବନ ସିକ୍ତ ହୋଇପାରିନାହିଁ, ଅଥଚ ମୋର କ'ଣ ନଥିଲା ! ସବୁ ତ ଥିଲା—ନଥିଲା କ'ଣ ! ଏବେ ମଧ୍ୟ ଅଛି ।

ଏବେ ସେମାନେ କେଉଁଠି, ମୁଁ ପୁଣି କେଉଁଠି ! କେହି ମୋ ବିଷୟ ଚିନ୍ତା କରନ୍ତି କି ନାହିଁ, କିଏ ଜାଣେ ! ତେବେ ଏହି ଟିକକ ଜାଣିଛି, ଜଣେ ଅଛନ୍ତି, ସିଏ ମୋ ବ୍ୟତୀତ ଆଉ କାହାକୁ ହିଁ ଜାଣନ୍ତି ନାହିଁ—ସେ ବିଷଣ୍ଣ ଜୀବନ ନେଇ ପିତ୍ରାଳୟରେ ପ୍ରତି ମୁହୂର୍ତ୍ତରେ ମୋତେ ହିଁ ସ୍ମରଣ କରି ଦିନ ବିତାଉଛନ୍ତି ।

ଦ୍ରୁତପଦରେ ଚାଲିବାକୁ ଆରମ୍ଭ କଲି । ଆଉ କିଛିଦୂର ଆଗେଇଆସି ଦୂରରୁ ଦେଖିଲି, ଛଅ ସାତଜଣ ବ୍ୟକ୍ତି ଗୋଟିଏ ଗଛତଳେ ବସିଛନ୍ତି । ଗଛମୂଳର ଟିକିଏ ଉଚ୍ଚସ୍ଥାନରେ ଜନୈକ ଖର୍ବାକୃତି ଜଟାଜୁଟ ଯୁବକ କଥା କହୁଛନ୍ତି । ବାକି ପାଞ୍ଚଜଣ ତଳେ ତାହାଙ୍କୁ ଘେରିବସି

କଥା ଶୁଣୁଛନ୍ତି ଏବଂ କ'ଣ ଗୋଟିଏ ପଦାର୍ଥକୁ ନିରୀକ୍ଷଣ କରୁଛନ୍ତି । ସେମାନଙ୍କ ନିକଟରେ ଯାଇ ପହଞ୍ଚିଲି ।

ସେଦିନ ଥଣ୍ଡା ଥିଲା, ଆକାଶରେ ଭରାବାଦଲ । ମାତ୍ର ଯାହାକିଛି ବୃଷ୍ଟି ଗତକାଲି ରାତିରେ ହୋଇଯାଇଛି, ଥଣ୍ଡା ହାଓ୍ୱା ବହୁଛି । ଯେଉଁ କେତେଜଣ ଲୋକ ବସିଥିଲେ, ସେମାନେ ଓଡ଼ିଶାର, ତେବେ ସେମାନେ ଏ ଅଞ୍ଚଳର ଅର୍ଥାତ୍ ଭୁବନେଶ୍ୱରର ବାସିନ୍ଦା ନୁହନ୍ତି । ବୈଷ୍ଣବ ଏବଂ ଶୈବ ସନ୍ନ୍ୟାସୀ ସମ୍ପ୍ରଦାୟର ଲୋକ ପରି ମନେହେଉଥିଲେ । ସମସ୍ତେ ଚାଦର ଘୋଡ଼ାଇ ହୋଇଥିଲେ । ମଝିରେ ଟିକିଏ ଉଚ୍ଚ ଆସନରେ ବସି ଯିଏ କଥା କହୁଥିଲେ, ଠିକ୍ ତାଙ୍କ ସମ୍ମୁଖରେ ଜଣେ ସ୍ଥୂଳକାୟ ବ୍ୟକ୍ତି । ମୁଣ୍ଡର ମଝିରେ କିଛି ଚନ୍ଦା । ସେ ହାତରେ ଗଞ୍ଜାଇକଲିରୁ ମଞ୍ଜି ବାଛୁଥାଆନ୍ତି ଏବଂ ତାଙ୍କ ପାଖରେ ବସିଥିବା ବ୍ୟକ୍ତି ଜଣକ ଭାଙ୍ଗ ବାଟୁଥିଲେ, ଅନ୍ୟ ଜଣେ ପାଣିନୋଟା ଆଦି ନେଇ ବ୍ୟସ୍ତହୋଇ ସାହାଯ୍ୟ କରିବାକୁ ଆଗଉଥିଲେ । ଦେଖିଲି, ଭାଙ୍ଗ ସଙ୍ଗେ ଗଞ୍ଜେଇ ମିଶାଇ ବାଟିବା ପୁଣି ଆରମ୍ଭ ହେଲା । ଗଞ୍ଜେଇ ଓ ଭାଙ୍ଗ ଏକାଠି ବାଟି ଖାଇବାଟା ଏହି ଓଡ଼ିଶା ମୁଲକରେ ହିଁ ଦେଖିଲି । ଏତେଦିନ ଯାଏ କେହି କେହି ଗୋଟିଏ କରି ନିଶାଦ୍ରବ୍ୟ ସେବନ କରିବାର ଦେଖିଛି, ଏଥର ଦୁଇଟା ତୀବ୍ର ମାଦକ ଦ୍ରବ୍ୟ, ଗୋଟିକୁ ବାଟି ଛାଣିଦେଇ ପାନ କରିବା ଏବଂ ଅନ୍ୟଟିକୁ ଅଗ୍ନିସଂଯୋଗ କରି ଧୂମ୍ରପାନ କରିବା ଏଠାରେ ପ୍ରସିଦ୍ଧ ବୋଲି ଜାଣିଥିଲି—ଏବେ ଏହି ଦୁଇଟିକୁ ମିଶାଇ ପାନକରିବାର ବ୍ୟାପାର ଦେଖି ଆଶ୍ଚର୍ଯ୍ୟ ହେଲି । ଏତେ ପ୍ରଚଣ୍ଡ ନିଶାଦ୍ରବ୍ୟକୁ ଏମାନେ କିପରି ସମ୍ଭାଳି ପାରନ୍ତି !

କିୟତ୍‌କ୍ଷଣ ଏଠାରେ ଥିଲି । ଉଦ୍ଦେଶ୍ୟ ଥିଲା ଅନ୍ୟ କିଛି, ଭାଙ୍ଗ ଖାଇସାରିବା ପରେ କଅଣ କରନ୍ତି, ତାହା ଦେଖିବାର ଆଗ୍ରହ ନେଇ । ମୋତେ ବସି ରହିବା ଦେଖି ସେମାନେ ଭାବିଲେ, ମୁଁ ସେମାନଙ୍କ ମଧ୍ୟରୁ ଜଣେ । ଏହି ଭ୍ରମ କିନ୍ତୁ ସେମାନଙ୍କର ବେଶୀ ସମୟ ପର୍ଯ୍ୟନ୍ତ ରହିଲା ନାହିଁ । ସେମାନଙ୍କର ପାନୀୟ ଆସର ଶେଷହେବା ପରେ ମୁଁ ଯେତେବେଳେ ସେମାନଙ୍କ ନିକଟରୁ କିଛି ଭଗବତ୍ କଥା ଶୁଣିବାକୁ ଇଚ୍ଛା କଲି, ସେମାନେ ପରସ୍ପରର ମୁହଁକୁ ଚାହାଁଚାହିଁ ହେବାକୁ ଲାଗିଲେ । ଏହାପରେ ତନ୍ମଧ୍ୟରୁ ଜଣେ କହିଲେ, ''ଆମେ କ'ଣ ଜାଣୁ, ମୂର୍ଖ ଲୋକ, ବିଦ୍ୟା ନାହିଁ ନା ବୁଦ୍ଧି ନାହିଁ ।''

ମୁଁ ପ୍ରଶ୍ନ କଲି, ''ଆପଣମାନେ କେଉଁ ଦେବତାଙ୍କୁ ଉପାସନା କରନ୍ତି, କୁହନ୍ତୁ ତ ?''

ମଧ୍ୟସ୍ଥିତ ସ୍ଥୂଳକାୟ ବ୍ୟକ୍ତି କହିଲେ, ''ମହାବିଷ୍ଣୁ—ତାଙ୍କ ଉପରେ ଆଉ କେଉଁ ଦେବତା ଅଛନ୍ତି କି ?''

ଏଥର ଉଚ୍ଚାସନରେ ଉପବିଷ୍ଟ ଜଟାଧାରୀ ଯୁବକଟି ଗଳାର ରୁଦ୍ରାକ୍ଷମାଳାକୁ ଆନ୍ଦୋଳିତ କରି ହୁଙ୍କାର ଛାଡ଼ି କହିଲେ—''ସିଏ କି କଥା, ଶିବ-ଶିବ-ମହାଦେବ-ଶଙ୍କର, ସୃଷ୍ଟି-ସ୍ଥିତି-ପ୍ରଳୟକର୍ତ୍ତା, ତାଙ୍କ ଉପରେ ଆଉ ଶ୍ରେଷ୍ଠ ଭଗବାନ କିଏ ଅଛି ନା କ'ଣ ?''

ଅନ୍ୟଜଣେ ପାଟିରେ ଖଣ୍ଡେ ଦି'ଖଣ୍ଡ ପାନ ପୂରାଇ ଟିକିଏ ଗୁଣ୍ଡି ହାତରେ ନେଇ କହିଲେ—''ହଁ, ସମସ୍ତଙ୍କର ଦେବତା ସମସ୍ତଙ୍କ ନିକଟରେ ଶ୍ରେଷ୍ଠ, ଯାହାର ଯେପରି ଭକ୍ତି, ତାକୁ ନେଇ । ସମସ୍ତେ ହିଁ ବଡ଼, କେହି ଛୋଟ ନୁହନ୍ତି ।''

ଏହିପରି ବାର୍ତ୍ତାଳାପ ସମୟରେ ଦେଖିଲି, ଜନୈକ ଓଭରକୋଟ୍‌ପିନ୍ଧା କଲିକତାର ଅଜୀର୍ଣ୍ଣ ରୋଗୀ, ଶୀର୍ଣ୍ଣକାୟ ହସ୍ତଦୁଇଟିକୁ ପକେଟ ଭିତରେ ପୂରାଇ, ଧୀରେ ଧୀରେ ବଡ଼ରାସ୍ତାରୁ ସେହି ଆଡ଼କୁ ଆସୁଛନ୍ତି । ବଙ୍ଗାଳୀ ବୋଲି ଜାଣି କିପରି ଟିକିଏ ଆନନ୍ଦ ଲାଗିଲା, କଥା କହିବାକୁ ଇଚ୍ଛା ହେଲା; ମାତ୍ର ଏବେ ଟିକିଏ ସଂଯତ ହେଲି । ସେ ମଧ୍ୟ ଯେତେବେଳେ ମୋତେ ବଙ୍ଗାଳୀ ବୋଲି ସନ୍ଦେହ କରି ପୁନଃ ପୁନଃ ମୋ' ମୁହଁ ଆଡ଼କୁ ଅନେଇବାକୁ ଲାଗିଲେ, ସେତେବେଳେ ଟିକିଏ ନିକଟକୁ ଆଗେଇଯାଇ ପ୍ରଶ୍ନ କଲି—''ଏଠାକୁ ସ୍ୱାସ୍ଥ୍ୟ ପରିବର୍ତ୍ତନ ଲାଗି ଆସିଛନ୍ତି ବୋଧହୁଏ ?'' ସେ ହଁ କହି ଟିକିଏ ଜୋର୍‌ରେ ହସିଲେ ।

ମୁଁ ସମ୍ମୁଖରେ ଥିବା ସାଧୁମଣ୍ଡଳୀଙ୍କୁ ଦେଖାଇ କହିଲି—''ଏଠାରେ ଏଇମାନଙ୍କ କଥା ଶୁଣୁଛି ।''

ସେ—''ଏମାନେ ଗଞ୍ଜେଇଖୋର, ଘୋର ମୂର୍ଖ, ପୌତ୍ତଳିକ ଟୋକାଙ୍କର କଥା କ'ଣ ଶୁଣିବେ ? ଏମାନଙ୍କ କଥା କ'ଣ ଶୁଣିବାଯୋଗ୍ୟ ? ହେଁ !''

ମନେକଲି, ସେ ବ୍ରାହ୍ମଣ ହେବେ । କହିଲି—''ଏମାନଙ୍କର କଥା ଶୁଣିଲେ କିଛି ତ କ୍ଷତି ନାହିଁ । ଦେଖାଯାଉ, ଏମାନେ କ'ଣ କହୁଛନ୍ତି ।''

''ଏମାନେ ଅକାଟ୍ୟ ମୂର୍ଖ, ଫିଲୋସଫି ପଢ଼ିନାହାନ୍ତି, ରିଲିଜିଏନ୍ କଥା କ'ଣ ବୁଝନ୍ତି ? ଓ୍ୱାରଥ୍‌ଲେସ୍'', କହିଦେଇ ସେ ଟିକିଏ ହସିଦେଇ ମୁହଁ ବୁଲାଇନେଲେ ।

ଏଆଡ଼େ ସେତେବେଳେ, ସେହି ପ୍ରଥମ ବକ୍ତା ଦ୍ୱିତୀୟକୁ ଲକ୍ଷ୍ୟକରି କହିଲେ—''ତୁମ ଶିବଙ୍କର ରୂପ ବର୍ଣ୍ଣନା କର ତ ! ତାଙ୍କର ରୂପ କିପରି ? କେଉଁ ରୂପରେ ତାଙ୍କୁ ଧ୍ୟାନକର, କୁହ ତ ?''

ପୂର୍ଣ୍ଣ ଉତ୍ସାହ ସହ ଶୈବଭକ୍ତ ଆରମ୍ଭ କରିଦେଲେ—''କାହିଁକି, ଶିବଙ୍କର ଚାରିହାତ, ପଞ୍ଚମୁଖ, ଦିଗମ୍ବର, ତ୍ରିନେତ୍ରଧାରୀ, ଶୁଭ୍ରବର୍ଣ୍ଣ'' ଇତ୍ୟାଦି ଇତ୍ୟାଦି ।

ଟିକିଏ ମୁରୁକି ହସି ସେହି ବୈଷ୍ଣବ ସାଧୁ କହିଲେ—''ଏହା ତ ସାକାର ରୂପ, ସେ କେବେହେଲେ ଶ୍ରେଷ୍ଠ ଦେବତା ହୋଇ ନପାରନ୍ତି—ପାଞ୍ଚମୁଣ୍ଡ, ଚାରିହାତ, ତ୍ରିନୟନ, ଏ ସମସ୍ତ ଯେତେ ବଡ଼ ହେଲେହେଁ କ'ଣ ହେବ, ସେ ପୂର୍ଣ୍ଣ ଶକ୍ତିମାନ ଅନନ୍ତ କେବେହେଁ ହୋଇପାରିବେ ନାହିଁ । ଗୋଟିଏ ରୂପକୁ କଳ୍ପନା କଲେ ହିଁ ତ ଅନନ୍ତତ୍ୱରେ ବାଧା ସୃଷ୍ଟି ହୁଏ ।''

ସେତେବେଳେ ଶୈବଭକ୍ତ ପ୍ରଶ୍ନ କଲେ—''ତୁମ ବିଷ୍ଣୁଙ୍କର ଚତୁର୍ଭୁଜ ରୂପହିଁ ତ ସାକାର । କୁହ ତ, ଏହିଭାବେ ଧ୍ୟାନ କର କି ନାହିଁ ?

—''ଆମର ମହାବିଷ୍ଣୁ ନିରାକାର, ବିଶ୍ୱବ୍ୟାପୀ, ଅନନ୍ତ, ବିରାଟ, ସଚ୍ଚିଦାନନ୍ଦ ବିଗ୍ରହ ଇତ୍ୟାଦି, ତାଙ୍କର କୌଣସି ଖଣ୍ଡିତ ରୂପକୁ ଆମେ ଧ୍ୟାନ କରୁନା ।''

ଦଳ ମଧ୍ୟରୁ ଚନ୍ଦନଟିକାତିଳକ ମାଳାବିହୀନ ଜଣେ ବ୍ୟକ୍ତି ସେତେବେଳେ ପ୍ରଶ୍ନ କଲେ— ''ଅନନ୍ତ-ନିରାକାର-ବିରାଟ—ଏସବୁ କଥା ଯାହା କହିଲ, ଏହି ସକଳକୁ ନେଇ ଧ୍ୟାନ କର କିପରି ?''

ତାଙ୍କ ମୁହଁ ଶୁଖିଗଲା । ଟିକିଏ ଥାଥା-ମାମା ହୋଇ କହିଲେ—''ଧ୍ୟାନ କାହିଁକି ହେବନାହିଁ ? ନିରାକାର—ଯେପରି ଆକାଶ—ଏହିପରି ତ'ଧ୍ୟାନ କରାଯାଏ ।''

ସେତେବେଳେ ମଧ୍ୟସ୍ଥ ଜଣେ ପ୍ରଶ୍ନ କଲେ —ଅନନ୍ତର ଧ୍ୟାନ କିପରି କର ?

ନିରାକାର ମହାବିଷ୍ଣୁଙ୍କ ଭକ୍ତ କହିଲେ—''ଅନନ୍ତଙ୍କ ଧ୍ୟାନ କ'ଣ କରାଯାଇ ପାରିବ ?''

ତାହାଙ୍କର ଆଉ ସେହି ଭାବ ନାହିଁ । ଏବେ ବେଶ୍ ସାହସ ହୋଇଛି ଦେଖି ଆନନ୍ଦିତ ହେଲି ।

କଲିକତା ବାବୁ ଜଣକ ଟିକିଏ ଅତିଷ୍ଠ ହୋଇପଡ଼ିଲେ । ଗମନୋଦ୍ୟତ ହୋଇ କହିଲେ, ''ଚାଲନ୍ତୁ, ଆମେ ସେ ଆଡ଼କୁ ଯାଇ ଟିକିଏ କଥାବାର୍ତ୍ତା ହେଉଁ । ଏହି ଟୋକାଙ୍କର ପୁଣି ଧର୍ମ-ମୀମାଂସା !'' ହସିଦେଇ କହିଲି—''ଆଉ ଟିକିଏ ରହନ୍ତୁ !''

ମଧ୍ୟସ୍ଥ ବ୍ୟକ୍ତି ସେତେବେଳେ ଉତ୍ସାହ ସହ କହିବାକୁ ଲାଗିଲେ—''ଠିକ୍ କଥା । ଅନନ୍ତଙ୍କର ଧ୍ୟାନ କ'ଣ ହୋଇପାରେ ? ଆମର ମନ-ବୁଦ୍ଧି ସଂକୀର୍ଣ୍ଣ, ବିଶ୍ୱବ୍ୟାପୀ ଅନନ୍ତ ସତ୍ତାକୁ କିପରି ଧରିପାରିବୁ, କୁହନ୍ତୁ ତ ବାବୁ !''

ବାବୁଙ୍କ ମୁଖରୁ ଆଉ କଥା ନାହିଁ, ମୋ' ଆଡ଼କୁ ଫେରିଚାହିଁ ମୃଦୁସ୍ୱରରେ କହିଲେ ''ଚାଲନ୍ତୁ ଚାଲନ୍ତୁ ।''

ମୁଁ କହିଲି, ''ଆହା, ଏମାନେ ଆପଣଙ୍କ ନିକଟରେ ଯେଉଁ କଥାଟି ଉପସ୍ଥାପନା କରିଛନ୍ତି, ସେକଥାର କ'ଣ ସମାଧାନ ?''

ସେ ଯାହା କହିଲେ, ସେ କଥାରେ ଆଉ କାନ ନଦେଇ ସେହି ମହାବିଷ୍ଣୁ ଭକ୍ତଙ୍କ କଥା ଲକ୍ଷ୍ୟ କଲି । ସେ କହିଲେ—''ଆମେ ମନୁଷ୍ୟ, ଛୋଟମନ ନେଇ ଛୋଟ ଛୋଟ ଜିନିଷ ବ୍ୟବହାର କରୁ—ଲେଖାପଢ଼ା ଯେତେ କରିଥାଉ, ପଣ୍ଡିତ ହୋଇଥାଉ, ଶହେଟା ଯଦି ପାସ୍ କରିଦେଉ, ତାହାହେଲେ ମଧ୍ୟ ସେହି ଛୋଟ ରହିବୁ, ବିଶ୍ୱବ୍ୟାପୀ ପରଂବିଷ୍ଣୁ ଭଗବାନଙ୍କୁ ଧାରଣା କରିବା ଲାଗି ଉପଯୁକ୍ତ ମନ-ବୁଦ୍ଧି-ଇନ୍ଦ୍ରିୟ କେବେହେଲେ ପାଇବୁ ନାହିଁ—ସେଥିଲାଗି ଆମେ ଜ୍ୟୋତିଃକୁ ଧ୍ୟାନକରୁ । ମନୁଷ୍ୟ ଶରୀର ଭଗବତ୍ ଧ୍ୟାନର ଉପଯୁକ୍ତ ନୁହେଁ ।''

ପ୍ରଶ୍ନ କଲି, ''ଆପଣ କେଉଁ ସମ୍ପ୍ରଦାୟର ?''

—''ମୁଁ ମାଧବାଚାର୍ଯ୍ୟଙ୍କର । ଗୁରୁଙ୍କଠାରୁ ଇଷ୍ଟଙ୍କୁ ମାନବରୂପରେ ଧ୍ୟାନର ଉପଦେଶ ପାଇନାହିଁ ।''

ବାବୁଙ୍କ ମୁଖକୁ ଦୃଷ୍ଟିପାତ କରି ଦେଖିଲି, ଏକେ ତ ରୁଗ୍ଣ, ତା' ସାଙ୍ଗକୁ ପୁଣି ଏକବାର ରକ୍ତଶୂନ୍ୟତା ।

■■

ଏକାଦଶ ପରିଚ୍ଛେଦ

ବର୍ତ୍ତମାନ ୟୁରୋପୀୟ ସଭ୍ୟତାର ପ୍ରବଳ ପ୍ରଭାବ ଦ୍ୱାରା ଏହି ଦେଶର ପ୍ରବୀଣ ଶିକ୍ଷିତ ମାନବଶ୍ରେଣୀଙ୍କ ମଧ୍ୟରେ ବିଦ୍ୟାର ଅଭିମାନ ଏବଂ ଅଶିକ୍ଷିତ ଜନସମାଜ ପ୍ରତି ଅବଜ୍ଞା ଏତେ ପ୍ରବଳ ରୂପେ ଦୃଷ୍ଟିଗୋଚର ହୋଇଥାଏ ଯେ ଲକ୍ଷ୍ୟକଲେ ଲଜ୍ଜିତ ନହୋଇ ରହିହୁଏ ନାହିଁ । ମାତ୍ର ପାଶ୍ଚାତ୍ୟ ସମାଜରେ ଏହିପରି ଘଟି ନଥାଏ । ସେହି କ୍ଷେତ୍ରରେ ଯଥାର୍ଥ ବିଦ୍ୱାନ ବ୍ୟକ୍ତି ସମାଜର ସକଳ ସ୍ତରର ମନୁଷ୍ୟଙ୍କର କୌଣସି ନା କୌଣସି ଭାବରେ ଉପକାରରେ ଆସିଥାନ୍ତି । ଅଳ୍ପଶିକ୍ଷିତ ସମାଜ ପ୍ରତି ଉଚ୍ଚଶିକ୍ଷିତ ଲୋକଙ୍କର ଘୃଣା ବା ଉପେକ୍ଷା ନଥାଏ ।

ଏକେ ତ ଅର୍ଥକରୀ ବିଦ୍ୟା ଓ ଆଧୁନିକ ଶିକ୍ଷାପଦ୍ଧତିର ଜଟିଳତା ଦ୍ୱାରା ଦୁଃଖ ପାଉ, ଯଥାର୍ଥରେ କହିବାକୁ ଗଲେ, ପ୍ରକୃତ ଶିକ୍ଷାର ଅଭାବରେ ଆମେ ସଂସାର, ସମାଜ ଓ ଧର୍ମଜୀବନରେ ଆନ୍ତରିକତା ହରାଇଛୁ । ଆଳସ୍ୟ, ଆପାତତଃ ଆମେ ସୁଖମୟ ମିଥ୍ୟା ବସ୍ତୁର କୁହୁକରେ ସର୍ବଦା ଆଚ୍ଛନ୍ନ, ପୁଣି ସର୍ବନାଶ ପଥରେ ଦ୍ରୁତ ଅଗ୍ରସର ହେଉଅଛୁ । ବ୍ୟକ୍ତିଗତ ଓ ଜାତୀୟ ଜୀବନରେ ଆମେ କେତେ ଯେ ଶକ୍ତିହୀନ, ତାହା ବୋଧହୁଏ ନିତ୍ୟ ହିଁ ଅନୁଭବ କରୁଛି; ମାତ୍ର କେହି ଚିନ୍ତା କରୁଛନ୍ତି କି, ଏହି ଦୁନିର୍ବାର ବ୍ୟାଧି, ଏହି ମଜ୍ଜାଗତ ଦୁର୍ବଳତା ରୋଗର ବିରାମ କ'ଣ କେବେହେଲେ ହେବନାହିଁ ? ସର୍ବାପେକ୍ଷା ଶୋଚନୀୟ ଅବସ୍ଥା ଏହି ଯେ ଆମର ଏପର୍ଯ୍ୟନ୍ତ ଏ ବିଷୟରେ ସଚେତନ ହେବାର କୌଣସି ଲକ୍ଷଣ ଦେଖାଯାଉନାହିଁ । କିପରି ଆଶ୍ଚର୍ଯ୍ୟ ଔଦାସୀନତା ବଙ୍ଗବାସୀଙ୍କର ସ୍ୱଭାବରେ ଦୃଢ଼ ଭାବେ ପ୍ରତିଷ୍ଠିତ ହୋଇଅଛି, ଯାହାର ପ୍ରତିବିଧାନ ଲାଗି ସକଳ ପଥ ହିଁ ଆଜି ବିଧାତାର ଅଭିଶାପରେ କଠିନ ରୂପେ ଅବରୁଦ୍ଧ ।

ଏବେ ଯାହା କହୁଥିଲି—ଆମର ଏହି ପ୍ରବୀଣ ନୂତନ ଭଦ୍ରଲୋକ, ଯିଏ ସ୍ୱାସ୍ଥ୍ୟଲାଭ ପାଇଁ ଏଠାକୁ ଆସିଛନ୍ତି ବୋଲି ଜାଣିଲି, କଲିକତାର ଅଧିବାସୀ ଫିଲୋସଫି ବାବୁ ଜଣକ, ଏମାନଙ୍କର ସର୍ବବ୍ୟାପୀ, ନିରାକାର, ମହାବିଷ୍ଣୁର ଉପାସନା ସମ୍ବନ୍ଧରେ ଜ୍ୟୋତିର ଧ୍ୟାନ କରିବା କଥା ଶୁଣି ଗମ୍ଭୀର ହୋଇଗଲେ । ପରେ ଯେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ବାବୁଙ୍କୁ ଲକ୍ଷ୍ୟକରି କହିଲେ—''ବାବୁ, ଆପଣମାନେ ବିଦ୍ୱାନ, ପଣ୍ଡିତ ଲୋକ, ଆପଣମାନେ ଭଗବାନଙ୍କୁ କେଉଁ ଭାବରେ ଉପାସନା କରନ୍ତି, ଦୟାକରି ଯଦି କହିଦିଅନ୍ତେ, ତେବେ କିଛି

ଶିଖିପାରନ୍ତୁ । ଆମର ଗୁରୁ ମହାରାଜ କହନ୍ତି—ସମସ୍ତଙ୍କ ନିକଟରୁ କିଛି ନା କିଛି ଶିକ୍ଷା କରିବାର ଅଛି ।''

ବାବୁ ଜଣକ ତାଙ୍କର ଅସୁସ୍ଥ ବିରସ ମୁଖଟିକୁ ବିକୃତ କରି ଗର୍ବରେ କହିଲେ—''ଆମମାନଙ୍କ କଥା ତୁମେମାନେ କ'ଣ ବୁଝିବ, ଧର୍ମ ଧର୍ମ କହୁଛ ଯେ, ଫିଲୋସଫି ପଢ଼ିଛ ? ତୁମମାନଙ୍କର ଶିକ୍ଷା ହେବ କିପରି ! ତୁମମାନଙ୍କ ଗୁରୁ ମଧ୍ୟ ଗଞ୍ଜାଖୋର, ମୂର୍ଖ, ଜୁଆଚୋର ଲୋକ । ତୁମମାନଙ୍କର ମୋଟା ମଜୁରି, ଭଦ୍ରଲୋକଙ୍କର ଘରେ ଚାକିରି କରିବାର ହିଁ କଥା, ତାହା ନକରି ଗଞ୍ଜେଇ ଖାଇ ସାଧୁ ସାଜି ଲୋକମାନଙ୍କୁ ପ୍ରବଞ୍ଚିତ କରୁଛ । ତୁମେମାନେ ବଦମାସ, ଚୋର, ଶଠ, ଇମ୍ପୋଷ୍ଟର । ତୁମମାନଙ୍କ ସଙ୍ଗେ କଥା କହିଲେ ସମୟ ନଷ୍ଟ ।'' ଏହା କହି ସେ ଚାଲିଯିବା ଲାଗି ଆଗେଇଲେ ।

ହଠାତ୍ ଯେ ତାଙ୍କର ମିଜାଜ୍ ଏତେ ଖରାପ ହେବ, ଭାବିନଥିଲି । ଅଜୀର୍ଣ୍ଣ ରୋଗୀମାନେ ପ୍ରାୟତଃ କ୍ରୋଧୀ, ଖିଟ୍‌ଖିଟ୍ ସ୍ୱଭାବର ହୁଅନ୍ତି ବୋଲି ଜାଣିଛି । ମନୋମତ ନହେଲେ ନିଆଁ ହୋଇଯାଆନ୍ତି—ଇଚ୍ଛା ବିରୋଧରେ କିଛିମାତ୍ର ତାଙ୍କର ଅସହ୍ୟ । କିନ୍ତୁ ଆଶ୍ଚର୍ଯ୍ୟ ହୋଇ ଦେଖିଲି, ଏଠାରେ ତାହାର ଔଷଧ ମଧ୍ୟ ଅଛି ।

ବିମୂଢ଼ଚିତ୍ତ ବଙ୍ଗୀୟ ବାବୁଙ୍କ ପଥରୋଧକାରୀ ସାଧୁ (ଭୁବନେଶ୍ୱର)

ଯେମିତି ସେ ଘୃଣାବିକୃତ ମୁଖ କରି ଅଗ୍ରସର ହେବେ, ଜଣେ ଯାହାକୁ ଉଦ୍ଦେଶ୍ୟ କରି କହିଥିଲେ, ଉଠିପଡ଼ି ଗୋଟିଏ ଡିଆଁମାରି ତାଙ୍କ ସମ୍ମୁଖରେ ପଥରୋଧ କରି ଠିଆହେଲେ ଏବଂ ବଜ୍ରମୁଷ୍ଟିରେ ତାଙ୍କ ହାତ ଧରିପକାଇ ପ୍ରଶ୍ନ କଲେ—''କ'ଣ କହିଲେ ବାବୁ ! ଆମେମାନେ ଚୋର, ବଦମାସ, ଛୋଟଲୋକ, ଶଠ, ଇମ୍ପୋଷ୍ଟର ? ଯିଏ ଏହି କଥାସବୁ କହିଲେ, ସେ ମୂର୍ଖ ତ କେବେହେଁ ନୁହନ୍ତି; ବରଂ ସେ ଯେ ଜଣେ ପଣ୍ଡିତ, ତାହା ତାଙ୍କର ସ୍ପଷ୍ଟ ଉଚ୍ଚାରଣରୁ ଜଣାପଡ଼ିଲା ।''

ବାବୁଙ୍କର ସେହି ତେଜ ସେତେବେଳେ ଦର୍ପ, ଦୁର୍ବାର ଦାମ୍ଭିକ ବଚନ, ଜିଜ୍ଞାସାର ଘନୀଭୂତ ରୂପ ଗଲା କୁଆଡ଼େ ! ବାବୁଙ୍କ ମୁଖରେ ଭାଷା ନାହିଁ, ଚକ୍ଷୁ ନିସ୍ତେଜ, ଭୟରେ ମୁହଁଟି ଏଡ଼େ ଟିକିଏ ହୋଇଗଲା । ମଡ଼ା ପରି ବିବର୍ଣ୍ଣ ମୁଖରେ ମୋ' ଆଡ଼କୁ ଅନେଇ କହିଲେ—

''ଦେଖନ୍ତୁ ତ, ଏସବୁ ଅନର୍ଥକ ବ୍ୟାପାର କ'ଣ ? ଅସଭ୍ୟତା, ବର୍ବରତା । ଛାଡ଼ିଦିଅ ମୋ' ହାତ ।'' ଏହାକହି ହାତ ଛଡ଼ାଇବାର ବିଫଳ ପ୍ରୟାସ କଲେ ।

ମୁଁ କିଛି କହିବା ପୂର୍ବରୁ ସେହି ସାଧୁ ଜଣକ ମୋ ଆଡ଼କୁ ଅନାଇ, ତାଙ୍କ ହାତକୁ ନଛାଡ଼ି କହିଲେ—''ଆପଣଙ୍କୁ ମୁଁ ପଚାରୁଛି, ଆପଣ କହନ୍ତୁ, ଏହି ବାବୁ ଜଣକ ଆମର ଗୁରୁଙ୍କୁ ଏବଂ ସମ୍ପ୍ରଦାୟଙ୍କୁ କେବଳ ଆକ୍ରମଣ କରିନାହାନ୍ତି, ଅଯଥା କୁତ୍ସିତ ଗାଳି ଦେଇଛନ୍ତି କି ନାହିଁ ! ଧର୍ମଦରବାରରେ ଯଦି ଯଥାର୍ଥ ବିଚାର ହୁଏ, କୁହନ୍ତୁ ତ, କିଏ ଅପରାଧୀ ସାବ୍ୟସ୍ତ ହେବେ ? ଛୋଟଲୋକ କିଏ, କିଏ ବଦମାସ୍ ? ବଙ୍ଗାଳୀବାବୁଙ୍କର ଖୁବ୍ ଅହଙ୍କାର—''

ଲଜ୍ଜାରେ ମୁଁ ମରିଗଲି ।

ସାଧୁ ବ୍ୟକ୍ତି ଜଣକ ମୋ'ର ଲଜ୍ଜାଭାବକୁ ଠିକ୍ ଅନୁଭବ କରିପାରିଲେ—ସେତେବେଳେ ବାବୁଙ୍କ ଆଡ଼କୁ ଅନେଇ କହିଲେ—''ଆପଣମାନେ ସବୁ କ'ଣ ମନେକରନ୍ତି, ଆପଣମାନଙ୍କର ଏହି ବିଦ୍ୟା କ'ଣ ଚତୁର୍ଦ୍ଦିଗସ୍ଥ ଭୂତ ରୂପକ ଦାସତ୍ୱଠାରୁ ମୁକ୍ତ ହେବାଲାଗି କିଛି ସହାୟତା କରେ ନା ଅଧିକ ଭାବେ ଦାସତ୍ୱକୁ ଧରି କ୍ରୀତଦାସ ହେବା ପଥକୁ ପ୍ରଶସ୍ତ କରିଦିଏ ? ଆପଣ ଫିଲୋସଫି ପଢ଼ିଛନ୍ତି, ସେହି ଅହଙ୍କାରରେ ସାଧୁ ସମ୍ପ୍ରଦାୟଙ୍କ ଉପରେ ଏହି ନୀଚ ମନୋଭାବ ପୋଷଣ କରିଛନ୍ତି । ଏହା କ'ଣ ଫିଲୋସଫି ଅଧ୍ୟୟନର ପରିଚୟ ? ଏହି ଭାରତର ଦର୍ଶନଶାସ୍ତ୍ର ଉପରେ ଆପଣଙ୍କର ଜ୍ଞାନ କେତେ ? ଆପଣମାନେ ତ ପଲ୍ଲବଗ୍ରାହୀ, ଆପଣଙ୍କ ପରି ବ୍ୟକ୍ତିର ଦର୍ଶନଶାସ୍ତ୍ର ଅଧ୍ୟୟନର ଅଧିକାର ଯେ ଅଛି, ତାହା ମୁଁ ସ୍ୱୀକାର କରେନାହିଁ । ଯେଉଁ ବ୍ୟକ୍ତି ଇହସର୍ବସ୍ୱ, ଅର୍ଥଉପାସକ ଜାତିର ପଦଲେହନ କରେ, ତାହାଙ୍କର ପଦାଙ୍କ ଅନୁସରଣ ବ୍ୟତୀତ ଗୋଟିଏ ପାଦ ଯିଏ ଅଗ୍ରସର ହୋଇପାରେ ନାହିଁ, ତା'ର ଫିଲୋସଫି ଅଧ୍ୟୟନ କରିବାରେ କ'ଣ ଫଳ ? ଟିକିଏ ଆଭାସ ମାତ୍ର ପାଇଯାଇ ତ ଏମିତି ! ଧ୍ୟାନ-ଧାରଣା ନାହିଁ, ବିବେକ-ବୈରାଗ୍ୟ ନାହିଁ, ଚିତ୍ତଶୁଦ୍ଧିର କିଛି ଉପକରଣ ସଂଗ୍ରହ ନକରି ଦର୍ଶନଶାସ୍ତ୍ର ଅଧ୍ୟୟନ କରିବାକୁ ଗଲେ ଏହି ଅବସ୍ଥା ହୋଇଥାଏ । ଶକୁନ ତୁଲ୍ୟ ଆକାଶର ଉଚ୍ଚକୁ ଉଠିଲେ କ'ଣ ହୁଏ ? ମନ ଯେ ବିଷୟବିଭବ ଓ ଭୋଗବିଳାସ ନେଇ ଛଟପଟ କରେ । ସଂଯମ କାହିଁ ? ନାରୀଜାତିକୁ ମାତୃଜ୍ଞାନ କରିବାକୁ ଶିଖିଛନ୍ତି ? ଧର୍ମାଧର୍ମ ଜ୍ଞାନଶୂନ୍ୟ ହୋଇ ଅର୍ଥ ପଛରେ, ଇନ୍ଦ୍ରିୟଭୋଗ ପଛରେ ଛୁଟି ଚାଲିବେ ଉନ୍ମାଦଙ୍କ ପରି, ପୁଣି ଦାର୍ଶନିକ ପଣ୍ଡିତ ମଧ୍ୟ ହେବେ, ଏହା କ'ଣ ସମ୍ଭବ ? କୁହନ୍ତୁ, ମୁଁ ଆପଣଙ୍କୁ ପଚାରୁଛି, କିଏ ବଦମାସ୍, କିଏ ଶଠ, କିଏ ଇମ୍ପୋଷ୍ଟର ?'' ଏହାକହି ତାଙ୍କ ହାତଟି ମୃଦୁ ଭାବେ ହଲାଇଦେଲେ ।

ବାବୁଙ୍କ ମୁଖମଣ୍ଡଳରେ ଏକ ଅପୂର୍ବ ଭାବ—ନା ରାଗ, ନା ଦ୍ୱେଷ, ନା ଦମ୍ଭ, କେବଳ କିଛି ଭୟମିଶ୍ରିତ ବିସ୍ମୟର ଚିହ୍ନ ତାଙ୍କର ମୁହଁରେ ପ୍ରକାଶ ପାଇଲା । ସେ କୌଣସି ଉତ୍ତର ନଦେଇ ସାଧୁଙ୍କ ଆଡ଼କୁ କେବଳ ଚାହିଁରହିଲେ ।

କି ବିପଦ, କେଉଁ କୁକ୍ଷଣରେ ସେ ଏଆଡ଼େ ଆଜି ବୁଲିବାକୁ ଆସିଥିଲେ ! ନିରୁତ୍ତର ଦେଖି ପ୍ରଶ୍ନକର୍ତ୍ତା ପୁନରାୟ କହିଲେ–''ଆପଣ ରୋଗୀ, ଦୁର୍ବଳ, ବିକ୍ଷିପ୍ତଚିତ୍ତ; ସେଥିଲାଗି ହିଁ ଅସଂଯତବାକ୍–ଏଣୁ ଦୟାର ପାତ୍ର । ଯେଉଁ ବିଦ୍ୟାର ଅହଙ୍କାରରେ ଆପଣଙ୍କର ସାଧୁ ସନ୍ନ୍ୟାସୀ ସମ୍ପ୍ରଦାୟଙ୍କ ଉପରେ ଏହିପରି ଘୃଣିତ ମନୋଭାବ ଉତ୍ପନ୍ନ, ସେହି ବିଦ୍ୟା ଅଧିକାରରେ ଆପଣଙ୍କର ନିଜର କ'ଣ କଲ୍ୟାଣ ହୋଇଛି କହିପାରିବେ ? ଇହକାଳରେ ହିଁ ବା କ'ଣ ଫଳ ପାଇଛନ୍ତି, ଆଉ ପରକାଳ ପାଇଁ ବା କ'ଣ ପାଥେୟ ସଞ୍ଚୟ କରିଛନ୍ତି ? ଏହି କଥାରୁ ପ୍ରତ୍ୟକ୍ଷ ରୂପେ କିଛି ଦେଖିପାରୁଛି ଯେ ଅବୈଧ ଇନ୍ଦ୍ରିୟ ସମ୍ଭୋଗ ଫଳରେ ଏହାଭିତରେ ଶରୀରକୁ ଜୀର୍ଣ୍ଣ, ରୋଗପୂର୍ଣ୍ଣ କରି ରଖିଛନ୍ତି, ସ୍ୱାସ୍ଥ୍ୟ ଫେରି ପାଇବା ଲାଗି ଅର୍ଥବ୍ୟୟ କରି ଏ ଦେଶ ସେ ଦେଶ ହୋଇ ଘୂରି ବୁଲୁଛନ୍ତି–ଯଦି କିଞ୍ଚିତ୍ ମାତ୍ରାରେ ସ୍ୱାସ୍ଥ୍ୟ ଫେରିପାଇଯାଆନ୍ତି, ତେବେ ପୁନଶ୍ଚ ସେହି ଭୋଗ ନେଇ ଲାଗିପଡ଼ିବେ । ଏହି ବିଦ୍ୟାର ପରିଣାମ ଏହାହିଁ ତ–ଧିକ୍ ଆପଣଙ୍କ ବିଦ୍ୟା, ଯେଉଁ ବିଦ୍ୟା ମନୁଷ୍ୟ ହୋଇ ମନୁଷ୍ୟକୁ ଭଲ ପାଇବାକୁ ଶିକ୍ଷା ଦେଇନଥାଏ, ପଶୁତୁଲ୍ୟ ହିଂସ୍ର ସ୍ୱଭାବ ନେଇ ସମାଜରେ ରହିବାକୁ ପଡ଼େ । ଆପଣଙ୍କ ପରି ବିଦ୍ୱାନ ଆଉ ପଶୁ ମଧ୍ୟରେ ପ୍ରଭେଦ କ'ଣ ରହିଲା ? ନିରୁତ୍ତର କାହିଁକି, ହଁ କୁହନ୍ତୁ, କୁହନ୍ତୁ, ଆପଣଙ୍କର କଥାଗୁଡ଼ାକ ସବୁ ଗଲା କୁଆଡ଼େ ?''

ଟିକିଏ ଜୋର୍ ଦେଇ ପୁଣି ସେ ହାତ ଛଡ଼ାଇନେଇ ପ୍ରସ୍ଥାନ କରିବାକୁ ଚେଷ୍ଟା କଲେ ଏବଂ ଶୁଷ୍କକଣ୍ଠରେ କହିଲେ–''ଛାଡ଼ିଦିଅ ମୋ ହାତ, ତୁମ ସହ କଥା କହିବାକୁ ଚାହୁଁନାହିଁ, ମୋତେ ଯିବାକୁ ଦିଅ କହିଦେଉଛି । ତୁମ ନାମରେ ପୁଲିସ୍ ନିକଟରେ ନାଲିସ୍ କରିବି, କେଶ୍ କରିବି, ଜେଲ୍ ଖଟେଇବି । ସେତେବେଳେ ପାଇଯିବ ମଜାଟା, ଭଦ୍ରଲୋକର ହାତ ଧରିନେଇ କେମିତି ସୁଖ !''

ସାଧୁ ଯୁବକଟି, ତାଙ୍କର ଏକଥାରେ ସାମାନ୍ୟମାତ୍ର ବିଚଳିତ ହେଲେ ବୋଲି ଜଣାପଡ଼ିଲା ନାହିଁ, ଆଉ ସେ ହାତ ମଧ୍ୟ ଛାଡ଼ିଲେ ନାହିଁ । ସ୍ଥିର ଅବିଚଳିତ କଣ୍ଠରେ କହିଲେ– ''ଆମେ ଯେତେବେଳେ ଚୋର, ବଦମାସ, ଇମ୍ପୋଷ୍ଟର, ସେତେବେଳେ ସେହିପରି ବ୍ୟବହାର ଆମ ପାଖରୁ ଆଶା କରିବା ଉଚିତ–ତାହାହିଁ ପାଇବେ । ଆମମାନଙ୍କୁ ବ୍ୟକ୍ତିଗତ ଭାବେ ଯାହା ଖୁସି, କହିପାରନ୍ତି, ଆମେ ସେସବୁ ଗ୍ରାହ୍ୟ କରିବୁ ନାହିଁ, କିନ୍ତୁ ଆପଣ ଆମ ଗୁରୁଙ୍କୁ ଲକ୍ଷ୍ୟକରି ଅଯଥା ଗାଳି ଦେଇଛନ୍ତି, କୁବାକ୍ୟ କହିଛନ୍ତି, ସେଥିଲାଗି ଆମେ ଆପଣଙ୍କୁ କ୍ଷମା ଦେଇପାରିବୁ ନାହିଁ । ଆପଣମାନେ ଗୁରୁହୀନ, ଭ୍ରଷ୍ଟାଚାରୀ, ଅଧଃପତିତ, ମ୍ଲେଚ୍ଛ ସଂସର୍ଗରେ କଳୁଷିତ । ଗୁରୁ, ମହାପୁରୁଷଙ୍କ ମର୍ମ ଆପଣ କ'ଣ ବୁଝିବେ ? ଆପଣମାନେ ସଂଘ-ଶକ୍ତିହୀନ, ସଂଘର ମହାନ୍ ଧର୍ମ, ତାହାର ପବିତ୍ରତା କ'ଣ ବୁଝିବେ ? ଏହି ଯେଉଁ ପାପକଥା ଆମର ଗୁରୁ ଓ ସମ୍ପ୍ରଦାୟକୁ ଲକ୍ଷ୍ୟକରି ଉଚ୍ଚାରଣ କରିଛନ୍ତି, ଏଥିଲାଗି ଆପଣଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ । ଯେଉଁ ମୁହଁରୁ ଆମେ ଗୁରୁନିନ୍ଦା ଶୁଣିଛୁ, ସେହି ମୁହଁରୁ ରସନାକୁ

ଚିମୁଟାରେ ବାହାର କରିନେଇ ଅଗ୍ନିରେ ଦଗ୍ଧ କରିବା ଦ୍ୱାରା ଏହି ପାତକର ପ୍ରାୟଶ୍ଚିତ୍ତ କରିବାକୁ ହେବ । ଆପଣ ପ୍ରସ୍ତୁତ ହୋଇଯାଆନ୍ତୁ ।''

ବାବୁଙ୍କ ମୁଖରେ ଏବେ ବିଷାଦର ଛାୟା ସ୍ପଷ୍ଟ—ତେବେ ମଧ୍ୟ ନରମ ଭାବ ହେଲାନାହିଁ । ଶୁଷ୍କକଣ୍ଠରେ କହିଲେ—''ଏଇଟା ମୋଗଲ ମୁଲକ ନୁହେଁ, ଇଂରେଜ ରାଜତ୍ୱ, ଦରକାର ହେଲେ ତୁମେ ଅଦାଲତରେ ଅଭିଯୋଗ କରିପାର, ରାଜାହିଁ ଦଣ୍ଡ ଦେବାର କର୍ତ୍ତା, ଜଣକୁ ଧରି ବେଆଇନ ଭାବେ ଅଟକ ରଖିବାର ବା ଦଣ୍ଡ ଦେବାର କୌଣସି ଅଧିକାର ତୁମମାନଙ୍କର ନାହିଁ । ଛାଡ଼ିଦିଅ ମୋତେ !''

ତାଙ୍କ ହାତକୁ ଛାଡ଼ି ନଦେଇ ଯୁବାସାଧୁ କହିଲେ—''ଆପଣ ଆମ ପାଖରେ ଅପରାଧୀ । ଏପରି ଦୁର୍ବଳ କାପୁରୁଷ ମୁଁ ନୁହେଁ ଯେ ନିଜର ସାଧ ମଧ୍ୟରେ ଥାଇ ଅପରାଧୀକୁ ଦଣ୍ଡ ନଦେଇ ଛାଡ଼ିଦେବି ଏବଂ ତା'ପରେ ଏହାର ବିଚାର ଲାଗି ବ୍ୟବସାୟୀର ଦ୍ୱାରସ୍ଥ ହେବି ! ସେଠାରେ ଯାହାର ପଇସା ବେଶୀ, ସେହିହିଁ ଜୟଲାଭ କରିବ । ସେସବୁ ଆପଣମାନଙ୍କୁ ଶୋଭାପାଏ, ଆପଣମାନେ ସଭ୍ୟ, ବିଦ୍ୱାନ, ଆମେ ଆପଣମାନଙ୍କର ଜ୍ଞାନ, ବିଦ୍ୟା, ବୁଦ୍ଧି ଓ ଶିକ୍ଷାରେ ବିଶ୍ୱାସୀ ନୋହୁଁ । ଆପଣ ପ୍ରସ୍ତୁତ ହୁଅନ୍ତୁ ।'' ଏହାପରେ ସେ ତାଙ୍କର ସାଥୀମାନଙ୍କ ଆଡ଼େ ଚାହିଁ ନିଆଁ ଜଳାଇବାକୁ ଇଙ୍ଗିତ କଲେ ।

ଏତେବେଳଯାଏ ମୁଁ ଏକଦୃଷ୍ଟିରେ ଏହି ଦୁଇଜଣଙ୍କ ଆଡ଼େ ଚାହିଁରହିଥିଲି ଆଉ କଥାବାର୍ତ୍ତା ଶୁଣୁଥିଲି । ଏବେ ଦଳ ଆଡ଼କୁ ଅନେଇ ଦେଖିଲି—ଇଙ୍ଗିତ ମାତ୍ରକେ ଦଳସ୍ଥ ଜଣେ ଧୁନି ନିଆଁରେ ପଙ୍ଖା କରିବାକୁ ଲାଗିଲେ, ଅନ୍ୟ ଜଣେ ଖଣ୍ଡିଏ ଲମ୍ବାକାଠ ସେଥିରେ ପକାଇଦେଲେ । ଯୁବକ ତାଙ୍କ ହାତଧରି ଦଣ୍ଡାୟମାନ । ବାବୁଙ୍କ ମୁହଁ ଆତଙ୍କରେ ଭୀଷଣ ହୋଇଉଠିଲା, ଆଉ ପ୍ରତିବାଦର କୌଣସି ଶକ୍ତି ତାଙ୍କର ନଥିଲା । କେବଳ ଥରେ ଦୁଇଥର ମୋ' ଆଡ଼କୁ କାତର ନୟନରେ ଦୃଷ୍ଟିପାତ କରିବାକୁ ଲାଗିଲେ ।

ମୋ' ମନରେ ଥରକୁ ଥର ସନ୍ଦେହ ହେବାରେ ଲାଗିଲା । ସତରେ କ'ଣ ଏମାନେ ବାବୁଙ୍କର ଜିଭ ଟାଣି ପୋଡ଼ିଦେବେ ନା କ'ଣ ? ଯଦି ପ୍ରକୃତରେ ତାହା ଘଟେ, ତେବେ ମୋ'ର ଏଠାରେ କିଛି କର୍ତ୍ତବ୍ୟ ଅଛି, ଏତେକଥା ଏଠାରେ ହେବାକୁ ଦିଆଯିବ ନାହିଁ । କିନ୍ତୁ ଯୁବାସାଧୁ ମୁହଁରେ ସାତ୍ତ୍ୱିକ ଭାବର ଲାବଣ୍ୟ ଏବଂ ଅନ୍ତରରେ ପବିତ୍ରତା ଲକ୍ଷ୍ୟକରି ତାଙ୍କ ଦ୍ୱାରା ଏପରି ଏକ କାମ କେବେହେଁ କୌଣସି ଅବସ୍ଥାରେ ହୋଇପାରିବ, ଏକଥା ବୋଧହେଲା ନାହିଁ—ଅନ୍ତରରେ ହୃଦୟଙ୍ଗମ କଲି ଯେ ଏହା କେବଳ ତାଙ୍କର ଅଭିନୟ—କିନ୍ତୁ ଏପରିକି ତାଙ୍କର ଦୃଢ଼ ସଂଯମ ଏବଂ ଗମ୍ଭୀର ଭାବଟି ବୁଝିବାରେ ସମ୍ଭବ ନଥିଲା ।

ଏଥର ବାବୁଙ୍କର ଚକ୍ଷୁରେ ଜଳ ଆସିଗଲା—ସେ ଦେଖୁଥିଲେ, ଏଠାରେ ତାଙ୍କର କୌଣସି ବୁଦ୍ଧି, ଧମକଚମକ ଖଟିଲା ନାହିଁ, ଏବେ ନିଶ୍ଚିତ ଭାବେ ବିଶ୍ୱାସ ହୋଇଛି, ଏମାନେ ତାଙ୍କ ବ୍ୟବହାରରେ ଏପରି ମର୍ମାହତ ହୋଇଛନ୍ତି ଯେ ପ୍ରତିଶୋଧ ନନେଇ ଛାଡ଼ିବେ ନାହିଁ—

ଆଉ ମୋ' ଦ୍ୱାରା ତାଙ୍କ ପକ୍ଷ ସମର୍ଥନ କରିବା ପ୍ରଥମରୁ ହିଁ ସମ୍ଭବ ହେଲାନାହିଁ; ଯେହେତୁ ତାଙ୍କର କୌଣସି ମନ୍ତବ୍ୟକୁ ମୁଁ ଅନୁମୋଦନ କରିପାରିଲି ନାହିଁ । ବରଂ ସେଥିଲାଗି ବିରକ୍ତିର ଭାବ ହିଁ ମୋ' ମୁହଁରେ ପରିସ୍ଫୁଟ, ତାହା ସେ ଦେଖିପାରିଥିଲେ । ତଥାପି ସଜଳନୟନରେ ମୋତେ ଲକ୍ଷ୍ୟକରି କହିଲେ—''ଏମାନେ ସତରେ ମୋ' ଜୀବନ୍ତ ମୁଖରେ ନିଆଁ ଲଗାଇଦେବେ ନା କ'ଣ ? ଏମାନଙ୍କର କ'ଣ ଜେଲର ଭୟ ନାହିଁ ?''

ମୁଁ ମୃଦୁସ୍ୱରରେ କହିଲି—''ଆପଣହିଁ ଏମାନଙ୍କୁ ଅପମାନ କରିଛନ୍ତି, ମର୍ମସ୍ଥଳରେ ଆଘାତ ଦେଇଛନ୍ତି; ତାହା ସେମାନଙ୍କୁ ବିଷମ ଭାବେ ଆଘାତ ଦେଇଛି । ଆପଣ ଅନୁତପ୍ତ ହେବା ନିତାନ୍ତ ଉଚିତ । ଜେଲର ଭୟ ଯେ ସେମାନଙ୍କର ଆଦୌ ନାହିଁ, ତାହା ତ ଆପଣ ବେଶ୍ ବୁଝିପାରିଛନ୍ତି । ଏହି ପରିସ୍ଥିତିରେ ଭୟ ଦେଖାଇ କିଛି ଲାଭହେବ ନାହିଁ ।''

ସେତେବେଳେ ସେ ସାଧୁଙ୍କ ଆଡ଼କୁ ବୁଲିପଡ଼ି କହିଲେ—'ମୁଁ ନହେଲା ବା ଏପୋଲଜି ମାଗୁଛି ।'

ଯୁବାସାଧୁ ଜଣକ ଗମ୍ଭୀର ଭାବେ କହିଲେ—''ଆପଣ ଯେ ଅନୁତପ୍ତ ହୋଇଛନ୍ତି, ତାହା ଜଣାପଡୁନାହିଁ, ଏହିଭାବେ ମୌଖିକ ଏପୋଲଜି ଆମ ପ୍ରାଣକୁ ଛୁଉଁନାହିଁ ।''

ଏଥର ସେ ସାଧୁଙ୍କର ଦୃଢ଼ତାକୁ ଉପଲବ୍ଧି କରି ନରମିଗଲେ । ସେତେବେଳେ ହାତଯୋଡ଼ି କହିଲେ—''ଯଥାର୍ଥରେ ଯଦି ଆପଣମାନେ ମୋ' କଥାରେ ମନରେ ଆଘାତ ପାଇଥାନ୍ତି, ସେଥିଲାଗି ମୁଁ ଦୁଃଖିତ ଏବଂ ଅନୁତପ୍ତ—ମୋ'ର ଅନ୍ୟାୟ ହୋଇଛି, ଏବେ ମୁଁ ତାହା ହୃଦୟଙ୍ଗମ କରିପାରୁଛି ।''

ଏଥର ଯୁବାପୁରୁଷ ତାଙ୍କ ହାତଟି ପରିତ୍ୟାଗ କରିଦେଇସାରି କହିଲେ—''ଯଦି ସତରେ ଆପଣ ବୁଝିପାରିଥାନ୍ତି ଯେ କେତେ ଅନ୍ୟାୟ କରିଛନ୍ତି, ତା'ହେଲେ ପ୍ରତିଜ୍ଞା କରନ୍ତୁ, ଭବିଷ୍ୟତରେ ଆଉ କେବେହେଲେ ଭଲ ଭାବେ ନଜାଣି ନଶୁଣି ସାଧୁସନ୍ଥଙ୍କର ସଂଘ ଏବଂ ଗୁରୁଙ୍କୁ ଲକ୍ଷ୍ୟକରି କୌଣସି ପ୍ରକାର ଅଯଥା କଥା କହିବେ ନାହିଁ—କୁବାକ୍ୟ ମୁଖରେ ଧରିବେ ନାହିଁ ।''

ସେ ଯୋଡ଼ହସ୍ତେ ବିନୀତ ଭାବେ କହିଲେ—''ତାହା ସ୍ୱୀକାର କରୁଛି ।''

ସେତେବେଳେ ଯୁବାସାଧୁ ଜଣକ କୋମଳ ଅଥଚ ଦୃଢ଼ସ୍ୱରରେ କହିଲେ—''ଏହା ଆପଣ ଜାଣି ରଖିବା ଉଚିତ ଯେ ଏହି ହିନ୍ଦୁସ୍ଥାନର ସାଧୁ ସମ୍ପ୍ରଦାୟ କୌଣସି ପ୍ରକାର ଆପଣମାନଙ୍କର ଗୃହସ୍ଥ ସମାଜର କ୍ଷତି କେବେହେଁ କରନ୍ତି ନାହିଁ, ବରଂ ଅଶେଷ କଲ୍ୟାଣ ହିଁ କରିଥାଆନ୍ତି । ଟିକିଏ ଅନୁସନ୍ଧାନ କରିପାରିଲେ ପୃଥିବୀର ସମସ୍ତ ସଭ୍ୟଦେଶରେ ଯେପରି, ଏଠାରେ ମଧ୍ୟ ସେହିପରି ଦେଖିପାରିବେ—ସକଳ ଦିଗରେ ଏହି ଭାରତରେ ସାଧୁ ସମ୍ପ୍ରଦାୟ ଗୃହସ୍ଥଙ୍କର ଅଶେଷ କଲ୍ୟାଣମୟ କାର୍ଯ୍ୟରେ ବହୁ ପୂର୍ବକାଳରୁ ରତ ରହିଛନ୍ତି । ଏହାର ବିନିମୟରେ ସେମାନେ ଯାହା ପାଆନ୍ତି, ତାହା ଅତି ନଗଣ୍ୟ । ବ୍ୟକ୍ତିଗତ ଅନ୍ୟାୟ

ଯେ କେହି ସାଧୁଙ୍କର ହୁଏନାହିଁ, ତାହା କହୁନାହିଁ—ସମ୍ପ୍ରଦାୟ କଥା କହୁଛି । ଏହି ସାଧୁ ସମ୍ପ୍ରଦାୟର ସୃଷ୍ଟି—ଆପଣ କିମ୍ବା ଆମେ କରିନାହୁଁ—ଏହାର ସୃଷ୍ଟିମୂଳରେ ପରମାତ୍ମାଙ୍କର କିଛି ଅଭିପ୍ରାୟ ଅଛି । କ'ଣ ସେହି ଅଭିପ୍ରାୟ, ତାହାକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଏହି ବିଶାଳ ଜ୍ଞାନ ଓ ଶକ୍ତି ରାଜ୍ୟରେ ଯିଏ ଯେଉଁ ତତ୍ତ୍ୱର ହିଁ ଅନୁସନ୍ଧାନ କରିଥାଏ, ସିଏ ଅବଶ୍ୟ ହିଁ ତାକୁ ପାଇଥାଏ, ପାଇଆସିଛି, ପୁଣି ଭବିଷ୍ୟତରେ ମଧ୍ୟ ପାଇବ । ଆନ୍ତରିକ ଇଚ୍ଛା ସହକାରେ ଲାଗିରହିଲେ ହିଁ ହେଲା । ଆପଣ ରୋଗୀ ବୋଲି ଆପଣଙ୍କୁ ପଚାରୁଛି—ଆପଣ କ'ଣ ଦୈବୀଶକ୍ତି ଦ୍ୱାରା ଆରୋଗ୍ୟ ହେବାର ବିଶ୍ୱାସ କରନ୍ତି ?''

ସେ ଥଥ-ମମ ହୋଇ କହିଲେ—''ଏ ସମସ୍ତ ବାଜେକଥାକୁ ମୁଁ ମାନେନାହିଁ ।''

ଯୁବା ଜଣକ କହିଲେ—''ନ ମାନନ୍ତି ବା ବିଶ୍ୱାସ ନ କରନ୍ତି, ସେଥିରେ କୌଣସି କ୍ଷତି ନାହିଁ—ଥରେ ପରୀକ୍ଷା କରି ଦେଖନ୍ତୁନା—ଏହି ଗୋଟିକ ଔଷଧ ଆପଣଙ୍କୁ ଦେଉଛି, ଆପଣ କାଲି ସ୍ନାନକରି, ଭଗବାନଙ୍କୁ ସ୍ମରଣ କରି ଏହାକୁ ଗୋଟିଏ ଡେଉଁରିଆରେ ଧାରଣ କରିବେ, ଦକ୍ଷିଣହସ୍ତରେ ପିନ୍ଧିବେ, କିଛି ଖାଇବେ ନାହିଁ । ଦିନେ ଦୁଇଦିନ ଭିତରେ ଏହାର ଗୁଣ କ'ଣ ବୁଝିପାରିବେ । ମୋ'ର ଏହି ଛୋଟ ଡେଉଁରିଆଟି ହାତରେ ରଖିଲେ କିଛି ଅସୁବିଧା ହେବନାହିଁ । ଅନ୍ତତଃ ତିନୋଟି ଦିନ ପିନ୍ଧି, ଏହାପରେ ଯେଉଁ ଜାମା ପିନ୍ଧିବେ, ତାହାର ଛାତି ପକେଟରେ ରଖିଦେଲେ ମଧ୍ୟ ହେବ ।''

ସେ ତାଙ୍କର ଆସନକଡ଼ରେ ଗୋଟିଏ ଝୁଲାମୁଣିରୁ କ'ଣ ଗୋଟିଏ ପଦାର୍ଥ ବାହାରକରି ବାବୁଙ୍କ ହାତରେ ଦେଲେ । ବାବୁ ତାକୁ ହାତରେ ନେଇ ଥରେ ଦେଖିଦେଇ ପକେଟରେ ରଖି କହିଲେ—''ଆଚ୍ଛା, ପରେ ଦେଖିବି ।'' ଏହାପରେ ଟିକିଏ ହସି ''ଆଚ୍ଛା, ତାହାହେଲେ ଆସୁଛି—ଥ୍ୟାଙ୍କ୍ସ, ମେନି ଥ୍ୟାଙ୍କ୍ସ'' କହିଦେଇ ଉନ୍ନତ ମସ୍ତକରେ ନାକସିଧା ହାତ ହଲାଇ ଧୀରେ ଧୀର ଚାଲିଲେ ।

ଦୁଇ ଚାରିପାଦ ଚାଲିଯାଇ କ'ଣ ଭାବି ସେ ପୁଣି ଫେରିଆସିଲେ । ପୁନରାୟ ସେହି ସ୍ଥାନକୁ ଆସି ପଚାରିଲେ—''ଆପଣମାନେ ଏହି ଟ୍ୟାଲିସ୍‌ମ୍ୟାନ୍ ଲାଗି କେତେ ଚାର୍ଜ କରିବେ—ଯଦି ଫଳପ୍ରାପ୍ତି ହୁଏ ?''

ଯୁବାସାଧୁ ଜଣକ ହସିପକାଇଲେ । କହିଲେ—''ଏହା ଆମର ବେପାର ନୁହେଁ । ଗୃହସ୍ଥମାନଙ୍କର କଲ୍ୟାଣ ଲାଗି ଉପଯୁକ୍ତ ପାତ୍ର ଦେଖି ଆମେ ଏହାକୁ ଦେଇଥାଉ, ଏଥିପାଇଁ ଚାର୍ଜ କଲେ କିଛି ଫଳ ମିଳିବ ନାହିଁ । ତେବେ ଆପଣଙ୍କର ପୀଡ଼ା ଆରୋଗ୍ୟ ହେଲେ ଗରିବ ଦୁଃଖୀମାନଙ୍କୁ କିଛି ଦାନ କରିଦେବେ, ଯଦି ତାହା ଇଚ୍ଛା କରନ୍ତି ।''

''ବେଶ୍'', କହି ବାବୁଜଣକ ଆଗେଇଲେ ଏବଂ ଦୁଇ ଚାରିପାଦ ଆଗେଇ ପୁଣି ସେ ଫେରିବାର ଦେଖାଗଲା । ଏଥର ଆଉ ଏକ ନୂଆକଥା—''ଆପଣମାନେ ଗଞ୍ଜେଇ, ଭାଙ୍ଗ ଖାଆନ୍ତି କାହିଁକି ? ନ ଖାଇଲେ କ'ଣ ହୁଏ, ଖାଇଲେ ବା କ'ଣ ହୁଏ ?''

—''ଆପଣମାନଙ୍କ ପରି ତ ଆମର ଘରବାରି ନାହିଁ, ଜଳବୃଷ୍ଟିରୁ ଶରୀରକୁ ରକ୍ଷା କରିବା ଲାଗି ଆମକୁ ସବୁ ସମୟରେ ସ୍ଥାନ ମିଳେନାହିଁ । ଶୀତ ଓ ଗ୍ରୀଷ୍ମରେ ହୁଏତ ବଣଜଙ୍ଗଲରେ, ପଡ଼ିଆରେ, ରାସ୍ତାରେ, ନାନା ଦେଶରେ, ବିଭିନ୍ନ ପ୍ରକାର ଜଳବାୟୁରେ ମଶାକାମୁଡ଼ା ଖାଇ ପଡ଼ିରହିବାକୁ ହୁଏ । ଖାଇବାକୁ ସବୁ ସମୟରେ ମିଳେନାହିଁ, ଦୁଇ ଚାରିଦିନ ବିନା ଆହାରରେ ମଧ୍ୟ ସମୟ କଟାଇବାକୁ ପଡ଼େ, ହୁଏତ କିଛି ଯଦି ମିଳିଲା ଭଲ, ନୋହିଲେ ନାହିଁ । ଆମ ମଧ୍ୟରୁ କାହାର କାହାର ମଧ୍ୟ ଅଜଗର ବୃତ୍ତି, କାହାର ଅବା ସାଧୁ ପରି ବୃତ୍ତି ଆଦି ଅଛି, ସେଥିଲାଗି ଗଞ୍ଜେଇ ବା ଭାଙ୍ଗ ଖାଇବାରେ ଆମକୁ ଅଭ୍ୟସ୍ତ ହେବାକୁ ପଡ଼େ, ଯଦ୍ଦ୍ୱାରା ଆମେ ଆମର ଶରୀରକୁ ତପସ୍ୟାର ଉପଯୋଗୀ କରି ଗଢ଼ି ନେଇଥାଉ । ତପସ୍ୟା ଦୃଷ୍ଟିରୁ ଏହି ନିଶାଦ୍ରବ୍ୟମାନ ଅଶେଷ ଫଳପ୍ରଦ, ଆମର ସଂସାର ଏହିପରି ବୋଲି ଜାଣିବେ; କିନ୍ତୁ ଭୋଗ ଦିଗରେ ନୁହେଁ । ଭୋଗ ପକ୍ଷରେ ଏଗୁଡ଼ିକ ବିଷମୟ ଫଳ ପ୍ରଦାନ କରେ, ନାନା ରୋଗ ମଧ୍ୟ ଉତ୍ପନ୍ନ କରେ ।''

ବାବୁ ଜଣକ ସେହି ଆର୍ଦ୍ର ତୃଣଗୁଳ୍ମ-ବିସ୍ତୃତ କଙ୍କରମୟ ସ୍ଥାନରେ ବସିପଡ଼ିଲେ, କହିଲେ, ''ସତ କି ? କିନ୍ତୁ ଆମେ ତ ଭାବିଥାଉ, ଏସବୁ ନିଶା ଲାଗି ଖିଆଯାଏ—ତା'ହେଲେ ତ ବାସ୍ତବିକ ଆମେ ଭୁଲ ଧାରଣା କରି ଆପଣମାନଙ୍କ ଉପରେ ନାନା ଅବିଚାର କରୁ । ବାସ୍ତବିକ, ତାହାହିଁ ତ ହୁଏ । ତେବେ ଏଗୁଡ଼ିକର ଏକ ମେଡିସିନାଲ କ୍ୱାଲିଟି ଅଛି । ଆପଣଙ୍କ କଥା ମୋ'ର ଏବେ ବିଶ୍ୱାସ ହେଉଛି ନିଶ୍ଚୟ । ତା'ହେଲେ ତ ଆପଣମାନଙ୍କୁ ଅନେକ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ଆପଣମାନେ ଏଠାରେ କେତେଦିନ ପାଇଁ ଅଛନ୍ତି ?''

—''କାଲି ପ୍ରାତଃରେ ଆଉ ଆମକୁ ଏଠାରେ ଦେଖିବାକୁ ପାଇବେ ନାହିଁ । ବର୍ଷାର ଚାରିମାସ ବ୍ୟତୀତ ଆମେ କେଉଁଠାରେ ତ୍ରିରାତ୍ର ଯାପନ କରୁନା । ଏହି ଆମର ନିୟମ ।''

—''ତେବେ, ତେବେ ତ ମୋର ଇଚ୍ଛା ହେଉଥିଲା, ଆପଣମାନଙ୍କ ସହିତ ଆଉ କିଛି କଥାବାର୍ତ୍ତା କରିଥାନ୍ତି । ହେଲେ, ଆପଣମାନେ ଏତେଶୀଘ୍ର ଚାଲିଯିବେ !''

ବାବୁ ଜଣକ ଆଉ କିଛିକ୍ଷଣ ବସିରହି ମୁଣ୍ଡ ନୁଆଁଇ ନମସ୍କାର କରି ବିଷଣ୍ଣ ମୁଖରେ ଉଠିପଡ଼ିଲେ – ଧୀରେ ଧୀରେ ଚାଲିଗଲେ, ଆଉ ଫେରିଲେ ନାହିଁ ।

ସାମ୍ନାରେ ଏହି ଯେଉଁ ଘଟଣାଟି ଘଟିଗଲା, ତାହାର ଆଦ୍ୟ-ଅନ୍ତ ସମସ୍ତ ହିଁ ମୋ' ଭିତରେ ଆନ୍ଦୋଳନ ସୃଷ୍ଟି କରିବାକୁ ଲାଗିଲା । ମୁଁ ମଧ୍ୟ ଜଣ ଜଣକୁ ନମସ୍କାର କରି ଷ୍ଟେସନ୍ ଦିଗକୁ ଆଗେଇ ଚାଲିଲି । ସେହି ଔଷଧ ଦ୍ୱାରା ବାବୁଙ୍କର କିଛି ଫଳ ମିଳିଲା କି ନାହିଁ, ଅଥବା ଔଷଧଟି ମୂଳରୁ ଧାରଣ କଲେ କି ନା, ତାହା ଜାଣିବା ଆଉ ସମ୍ଭବ ହେଲାନାହିଁ ।

ପରଦିନ କଲିକତାରେ ପହଞ୍ଚି କୁଳଦା'ବାବୁଙ୍କ ବସାରେ ଉପସ୍ଥିତ ହେଲି । ସିଏ ଆଗ୍ରହ ସହକାରେ ମୋତେ ଗ୍ରହଣ କଲେ । ସ୍ଥିର ହେଲା, ଆମେ ପରଦିନ ନବଦ୍ୱୀପ ଯିବୁ । ସେଠାରେ ଦିନଟିଏ ରହି ପରେ ସିଉଡ଼ିରେ ଥିବା ତାଙ୍କର ଆଳୟରେ ଉପସ୍ଥିତ ହେବାକୁ ପଡ଼ିବ । ଏହାପରେ ସେହିଠାରୁ ବୀରଭୂମିର ପୀଠସ୍ଥାନଗୁଡ଼ିକୁ ଯିବାକୁ ପଡ଼ିବ ।

× × ×

ଆମେ ନବଦ୍ୱୀପକୁ ଆସି ଯେଉଁଠାରେ ଯାଇ ରହିଲୁ, ତାହା ଏକ ମେଟାର୍‌ନିଟି ହସ୍‌ପିଟାଲ, ଏହି ପ୍ରତିଷ୍ଠାନର ନାମ ମାତୃମନ୍ଦିର । କୁଳଦା'ବାବୁ ଆଦିଙ୍କ ଦ୍ୱାରା ଏହି ଆଶ୍ରମଟି ସର୍ବସାଧାରଣ ବ୍ୟକ୍ତିଙ୍କ ଭିକ୍ଷାଲବ୍ଧ ଅର୍ଥରେ ଗଢ଼ାଯାଇପାରିଛି । ଏକ ବିଶେଷତ୍ୱ ଏଠାରେ ଏହି ଯେ, ଏ ଧରଣର ପ୍ରତିଷ୍ଠାନ ଆମର ବଙ୍ଗଳାରେ କେଉଁଠି ଅଛି କି ନାହିଁ ଜାଣେନାହିଁ – କିଛିଟା ଯେପରି ୟୁରୋପର ଅରଫାନେଜ୍ ପରି ।

୧୯୧୪-୧୫ ସାଲରେ ଆମେ କୁଳଦା'ବାବୁଙ୍କର ଭାଗବତ ସମ୍ବନ୍ଧୀୟ ବକ୍ତୃତାମାନ କଲିକତାର ନାନାସ୍ଥାନରେ ଅନେକଥର ଶୁଣିଛୁ । ସେହି ସମୟରେ ଭାଗବତ-ପ୍ରସଙ୍ଗରେ ବକ୍ତୃତା ପରେ ଶେଷରେ ପୃଥକ୍ ଭାବରେ ଏହି ପ୍ରତିଷ୍ଠାନ ପ୍ରତି ସର୍ବସାଧାରଣଙ୍କର ଦୃଷ୍ଟିଆକର୍ଷଣ କରିବା ଅଭିପ୍ରାୟରେ ଶ୍ରୋତୃବର୍ଗଙ୍କ ନିକଟରେ ଉପସ୍ଥାପନ କରିବାର ଅନେକ ଥର ଶୁଣିଥିଲି । ନବଦ୍ୱୀପରେ ମେଳା-ମହୋତ୍ସବ ଉପଲକ୍ଷ୍ୟରେ ବହୁ ନରନାରୀଙ୍କର ସମାଗମ ହୋଇଥାଏ । ଉକ୍ତ ଉତ୍ସବକୁ ଅନେକ ପଥଭ୍ରଷ୍ଟ ନରନାରୀ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ବହୁ ଗର୍ଭବତୀ ନାରୀ ଲୋକଲଜ୍ଜା ଭୟରେ ସେମାନଙ୍କ ସମାଜରୁ ପଳାଇଆସି ଏଠାରେ ଭ୍ରୂଣହତ୍ୟାଦି ପାତକରେ ଲିପ୍ତ ହୁଅନ୍ତି । ଅବୈଧ ପ୍ରଣୟର କଣ୍ଟକ ବୋଲି ଚିନ୍ତାକରି ଏହି ପବିତ୍ର ତୀର୍ଥକ୍ଷେତ୍ରରେ ସନ୍ତାନ ପ୍ରସବ କରି କେହି ରାସ୍ତାଘାଟରେ ପକାଇ ଦେଇଥାନ୍ତି, କେହି କେହି ବା ଗଙ୍ଗାରେ ଭସାଇ ଦେଇଥାନ୍ତି । ଏହିପରି ଅନେକ ଜୀବ ଏହି ପୃଥିବୀର ଆଲୋକ ଦେଖିବା ପୂର୍ବରୁ ପରଲୋକକୁ ପୁନଶ୍ଚ ପ୍ରସ୍ଥାନ କରନ୍ତି । ପ୍ରତ୍ୟେକ ବର୍ଷ ଏହିପରି ଯେତେ ସଂଖ୍ୟାରେ ଶିଶୁହତ୍ୟା ହୁଏ, ତାହାର ପରିମାଣ କମ୍ ନୁହେଁ । କୁଳଦା'ବାବୁ ପ୍ରମୁଖ କତିପୟ ମହତ୍‌ପ୍ରାଣ ଓ ଭକ୍ତିମାନ କର୍ମଯୋଗୀ ଏହି ଅସହାୟ ଶିଶୁମାନଙ୍କର ରକ୍ଷାଲାଗି କୃତସଂକଳ୍ପ ହୋଇ ଏହି ମାତୃମନ୍ଦିର ପ୍ରତିଷ୍ଠା କରନ୍ତି ଏବଂ ଏହି ଦିଗକୁ ସର୍ବସାଧାରଣଙ୍କ ଦୃଷ୍ଟି ଓ ସହାନୁଭୂତି ଆକର୍ଷଣ କରି ଭିକ୍ଷାଲବ୍ଧ ଅର୍ଥ ଓ ଉପକରଣ ସାହାଯ୍ୟରେ ଶିଶୁମାନଙ୍କର ରକ୍ଷାବ୍ୟବସ୍ଥା କରିଥାନ୍ତି । ସେମାନଙ୍କର ଏହି କର୍ମରେ ଯେଉଁ ପ୍ରବୃତ୍ତି ହୁଏ, ତାହା ମୂଳରେ ଥାଏ ଭଗବତ୍ ପ୍ରେରଣା । ଏହାମଧ୍ୟରେ ଅନେକ ସଂଖ୍ୟକ ଶିଶୁଙ୍କୁ ମୃତ୍ୟୁମୁଖରୁ ଉଦ୍ଧାର କରି ଯଥାଶକ୍ତି ସେମାନଙ୍କର ପ୍ରତିପାଳନର ଭାର ନେଇଅଛନ୍ତି । ଏଠାରେ ଅଭିଜ୍ଞ ଚିକିତ୍ସକଙ୍କ ଅଧୀନରେ ଯଥାରୀତି ପ୍ରସବ କରାଇବାର ବ୍ୟବସ୍ଥା ରହିଛି । ଯେତେଦିନ ମାତୃକୋଳର ଆଶ୍ରୟ ପ୍ରୟୋଜନର ଚିନ୍ତା କରାଯାଏ, ସେତେଦିନ ପର୍ଯ୍ୟନ୍ତ ଶିଶୁଙ୍କ ସଙ୍ଗେ ଜନନୀମାନଙ୍କର ପ୍ରତିପାଳନର ବ୍ୟବସ୍ଥା ଥାଏ । ପରେ ପୃଥକ୍ କରାଯାଏ । ଯେଉଁ ଜନନୀମାନେ ଏହାପରେ ସତ୍‌ଉପାୟରେ ଜୀବନଯାପନର ଉଦ୍ଦେଶ୍ୟ ନେଇ ସମାଜରେ ରହିବାକୁ ଚାହାନ୍ତି, ଏଠାରେ ସେମାନଙ୍କ ପାଇଁ ପୃଥକ୍ ବିଭାଗରେ କର୍ମ କରିବାର ବ୍ୟବସ୍ଥା ରହିଛି । କ୍ରମେ କ୍ରମେ ଏଠାରେ ଏହି ଆଶ୍ରମ ପ୍ରତି ଅନେକେ ସହାନୁଭୂତିସମ୍ପନ୍ନ ହେବାର ଦେଖାଯାଏ । ଆଶ୍ରମର ଆଠ ଦଶଜଣ ସନ୍ତାନକୁ ନେଇ ରହିବା ଲାଗି ବ୍ୟବସ୍ଥା ବର୍ତ୍ତମାନ ହୋଇଛି, କ୍ରମେ ବଢ଼ିବାର ଆଶା ମଧ୍ୟ ରହିଛି ।

ଆମେ ସନ୍ଧ୍ୟାପରେ ନବଦ୍ୱୀପରେ ପହଞ୍ଚି ଆଶ୍ରମସଂଶ୍ଳିଷ୍ଟ କାର୍ଯ୍ୟାଳୟକୁ ଗଲୁ । ମାତୃମନ୍ଦିରଠାରୁ ଏହା ପୃଥକ୍ । କର୍ମୀ ଓ ବାହାରର କେହି ଆସିଲେ ଏଠାରେ ରହିବାର ବ୍ୟବସ୍ଥା ଅଛି । ଅତ୍ୟନ୍ତ ସହଜ ସରଳ ଜୀବନଯାପନ ପ୍ରଣାଳୀ ସେଠାରେ– ଭୋଗବାସନା ଆଦିର ଜଟିଳତା ନାହିଁ । ଯତ୍‌ସାମାନ୍ୟ ନେଇ ପ୍ରାଣ ଧାରଣ କରାଯାଇପାରେ, ସେତିକି ମାତ୍ର ଅଛି । କୁଲଦା'ବାବୁ କର୍ମୋପଲକ୍ଷେ ଆସିଲେ ଏହିଠାରେ ରହନ୍ତି । ଏବେ ଏଠାରେ ଉପସ୍ଥିତ ରହି କୁଲଦାବାବୁ ସହକର୍ମୀମାନଙ୍କ ନିକଟରୁ ସମସ୍ତ ଖବର ସଂଗ୍ରହ କରିବାରେ ଲାଗିପଡ଼ିଲେ । ସେମାନେ ସମସ୍ତ ପ୍ରୟୋଜନୀୟ ଖବର ଜଣ ଜଣ କରି ଦେବାକୁ ଲାଗିଲେ । କେତେ କ'ଣ କାମ ହୋଇଛି, ତଥା ମାତୃମନ୍ଦିରର ନାନାଦି କାର୍ଯ୍ୟ ବିଷୟରେ ଯେଉଁ ସମସ୍ତ ବ୍ୟବସ୍ଥା, ଏହିସବୁ ବ୍ୟାପାରରେ ।

ଆହୁରି ବିଚିତ୍ର କଥାମାନ ଶୁଣିଲି । କେହି କେହି ପ୍ରସୂତି ପ୍ରସବାନ୍ତେ ପ୍ରାୟ ଦଶଦିନଯାଏ ରହି ଟିକିଏ ସୁସ୍ଥ ହୋଇଗଲେ, ଆଉ ରହିବାକୁ ଚାହୁନାହାନ୍ତି, କେହି କେହି ବା ପଳାଇ ଯାଉଛନ୍ତି, ପୁଣି କେହି ପଳାଇବାକୁ ଚାହାନ୍ତି । ଏହାମଧ୍ୟରେ କେହି କେହି ସୁବିଧା ସୁଯୋଗ ଦେଖି ପଳାଇଗଲେଣି । ସେଥିଲାଗି ସ୍ତ୍ରୀ ଲୋକଙ୍କ ପ୍ରତି ଟିକିଏ ସତର୍କ ଦୃଷ୍ଟି ରଖିବାକୁ ପଡ଼େ । ଏହି ସମସ୍ତ ଦୂଷିତ, ଅପରିଣତ ବୁଦ୍ଧିର ନାରୀ, ଜନନୀ ଗୁଣରେ ଅଯୋଗ୍ୟା ହେଲେ ମଧ୍ୟ ବିଧାତାଙ୍କ ବିଧାନରେ ସେମାନେ ଜନନୀ । ନିଜର ଗର୍ଭଜାତ ସନ୍ତାନ ପ୍ରତି ଏମାନଙ୍କର ଆଦୌ ମମତା ବା ସ୍ନେହ ନଥାଏ । ଯେତେଦିନ ପର୍ଯ୍ୟନ୍ତ ସୁସ୍ଥ ହୋଇ ନଥାନ୍ତି, ଦୁର୍ବଳତା ଯେତେଦିନଯାଏ ଥାଏ, ସେତେଦିନଯାଏ ବାଧ୍ୟହୋଇ ଆଶ୍ରମରେ ରହନ୍ତି, ପରମୁହୂର୍ତ୍ତରେ ଧୀରେ ଧୀରେ ବଳ ପାଇଗଲା ସେମାନେ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି । ଯେତେଦିନ ପର୍ଯ୍ୟନ୍ତ ରହନ୍ତି, ଅଧିକାଂଶ ମାଆ ସନ୍ତାନପାଳନରେ ଅବହେଳା ବ୍ୟତୀତ ଅନ୍ୟ କିଛି ଆଗ୍ରହ ଦେଖାନ୍ତି ନାହିଁ । କର୍ତ୍ତୃପକ୍ଷ ଯେତେଦୂର ପାରନ୍ତି, ସେତେଦିନଯାଏ ଶିଶୁମାନଙ୍କର ଜୀବନରକ୍ଷା ତଥା ପୁଷ୍ଟି ଲାଗି ମାତୃସ୍ତନ ପ୍ରୟୋଜନକୁ ଉପଲବ୍‌ଧି କରି ସେମାନଙ୍କୁ ଅଟକାଇ ରଖିବାକୁ ଚେଷ୍ଟା କରନ୍ତି । ଯେତେବେଳେ ମାଆମାନେ ନିତାନ୍ତ ହିଁ ନିଜ ସନ୍ତାନ ପ୍ରତି ବିମୁଖ ହୁଅନ୍ତି, ସେତେବେଳେ ଅଗତ୍ୟା ବାଧ୍ୟହୋଇ କୃତ୍ରିମ ଉପାୟରେ ଗୋଦୁଗ୍ଧାଦିର ସାହାଯ୍ୟ ନେଇ ବଞ୍ଚାଇରଖିବାକୁ ଚେଷ୍ଟା କରାଯାଏ । ତେବେ ଅର୍ଥାଭାବରେ ଓ ଯଥାର୍ଥ ଉପଯୋଗୀ ଉପକରଣ ଅଭାବରେ, ସମୟସମୟରେ ଦକ୍ଷ ସେବାର୍ଥୀର ଅଭାବରେ ସୁଶୃଙ୍ଖଳିତ ଭାବେ ସ୍ୱାସ୍ଥ୍ୟଧର୍ମ-ଅନୁମୋଦିତ ଉପାୟ ଦ୍ୱାରା ସକଳ କର୍ମନିର୍ବାହ କରିବା ସମ୍ଭବ ହୁଏନାହିଁ । ସେଥିପାଇଁ ଏ ବିଷୟରେ ଦେଶବାସୀଙ୍କର ଅନେକ ପରିମାଣରେ ମନୋଯୋଗ ଓ ଧ୍ୟାନ ପ୍ରୟୋଜନ । ଅନେକ ବର୍ଷ ପୂର୍ବର କଥା ଲେଖୁଛି, ଜାଣେନା ଏବେ ସେ ପ୍ରତିଷ୍ଠାନର ଅବସ୍ଥା କ'ଣ !

ଯାହାହେଉ, ଅତ୍ୟନ୍ତ ମଶା ଉପଦ୍ରବରେ ରାତ୍ରି ଅତିବାହିତ କରି ପରଦିନ ପ୍ରାତଃରେ ଗଙ୍ଗାସ୍ନାନ ଲାଗି ଗଲି । ସେହି ସ୍ଥାନରେ ଗଙ୍ଗାର ଅବସ୍ଥା ଶୋଚନୀୟ । ନିର୍ଦ୍ଦିଷ୍ଟ ଘାଟଠାରୁ

ନଦୀଗର୍ଭ ପ୍ରାୟ ଦୀର୍ଘ ଏକମାଇଲ ରାସ୍ତା । ଅନେକ ପ୍ରାଚୀନ ଘାଟ ଜୀର୍ଣ୍ଣ । ଘାଟକୂଳର ଗୋଟିଏ ପାଖରେ ଅତି କ୍ଷୁଦ୍ର ଜୀର୍ଣ୍ଣ ଏକ କୁଟୀର । ତାହାର ଛାତରେ କେତେକ ଅଖାଚଟ, କେତେଖଣ୍ଡ ଟିଣର ଜୀର୍ଣ୍ଣାଂଶ, ପତ୍ର ଦ୍ୱାରା ନିମ୍ନଅଂଶ ଛୁଆଣି, ତାହା ମଧ୍ୟ ଠିକ୍ ନାହିଁ । ଏହିପରି ଦୁରବସ୍ଥା । ଦେଖିଲି, ତା' ଭିତରେ ଏକ କ୍ଷୀଣ-ଶରୀର ତପଃକ୍ଲିଷ୍ଟ ଯୁବାଶରୀର । ଶୀର୍ଣ୍ଣକାୟ ତପସ୍ୱୀ ସମ୍ପୂର୍ଣ୍ଣ ଉଲଗ୍ନ, କୁଟୀର ସମ୍ମୁଖ ଉନ୍ମୁକ୍ତ, ଦରଜା ପରି ପ୍ରାୟ ଦୁଇହାତର ଚାରିକୋଣିଆ ଖଣ୍ଡେ ଚଟେଇ, ପ୍ରୟୋଜନାନୁସାରେ ବାହ୍ୟଜଗତ ସହ ସମ୍ବନ୍ଧରହିତ କରିବାର ବ୍ୟବସ୍ଥା । ଏଣେ ଦେଖିଲି, ହାତରେ ଗଞ୍ଜେଇ ଚିଲମଧରା, ଧ୍ୟାନସ୍ତିମିତ ନେତ୍ର— ବାହାରକୁ କିଛି ଲକ୍ଷ୍ୟ ନାହିଁ ଏବଂ ସେ ସ୍ଥିର ଭାବେ ଆସୀନ । ମୁଁ କିଛି ସମୟ ଠିଆହୋଇ ଦେଖିବାକୁ ଲାଗିଲି । ଆହୁରି ଅନେକେ ସେଠାକୁ ଆସିଲେ ଓ ଫେରିଗଲେ, ବାହାରୁ ପ୍ରଣାମ କରି; ମାତ୍ର ତାଙ୍କର କେଉଁଆଡ଼େ ଲକ୍ଷ୍ୟ ନାହିଁ । ହାତରେ ଥିବା ଚିଲମଟି ହାତରେ ଅଛି—ଅନେକ କ୍ଷଣ ପରେ ଧୀରେ ଧୀରେ ଥରେ ହାତକୁ ଟେକି ଓ ମୁହଁ ପାଖକୁ ନେଇ, ଆଗକୁ ଟିକିଏ ଝୁଙ୍କିପଡ଼ି ଥରେ ଗଞ୍ଜେଇ ଟାଣିଲେ, ଧୂଆଁ ବାହାରିଲା ନାହିଁ । ଏବେ ହାତ ତଳକୁ ନେଇ ସ୍ଥିର ରହିଲେ । ପ୍ରାୟ ଘଣ୍ଟାଏ ପରେ ମୁଁ ସ୍ନାନ ଲାଗି ଚାଲିଆସିଲି । ବେଶ୍ ଆରାମରେ ସ୍ନାନ ଶେଷକଲି, ଫେରିଆସି ଦେଖିଲି, ସେ ଠିକ୍ ପୂର୍ବପରି ବସିରହିଛନ୍ତି ।

ନବଦ୍ୱୀପସ୍ଥ ସାଧୁ ଓ ତାଙ୍କ କୁଟୀର

ହାତରେ ମୋ'ର ଓଦାଲୁଗା, ମୁଣ୍ଡରେ ଗୁଡ଼ାଯାଇଛି ଭିଜାଗାମୁଛା । କିଛି ସମୟ ଠିଆହୋଇ ରହିଲି, କିଛି ହଇଚଇ ନାହିଁ । ଜଣେ ଆସି ପ୍ରଣାମ କରି, ଆଣିଥିବା ଦୁଗ୍ଧପାତ୍ର ଆଗରେ ଥିବା ପଥର ଉପରେ ରଖିଦେଲେ । ଟିକିଏ ପରେ 'ପାତ୍ର ଏଇଠି ଥାଉ, ପରେ ନେଇଯିବି' କହି ଚାଲିଆସିଲେ । ମୁଁ ତାଙ୍କ ପଛରେ ଆସି ପଚାରିଲି—''ଆପଣ ଏହାଙ୍କୁ ଜାଣନ୍ତି କି ?''

ସେ—''ଚିହ୍ନିଲି ଆଉ କେଉଁଠୁ ! ସେ ପୂର୍ବବଙ୍ଗର ଲୋକ, ଗଳାରେ କଣ୍ଠିର ମାଳା ।''

ମୁଁ—''କେତେଦିନରୁ ଏଠାରେ ଅଛନ୍ତି ?''

ସେ–''ଦୁଇବର୍ଷ ହେଲା ଦେଖୁଛି ଏହି ଗଙ୍ଗାଧାରରେ, ପୂର୍ବେ ବରିଶାଲରେ ଥିଲେ, ଜମିଦାରଙ୍କ ଏକମାତ୍ର ସନ୍ତାନ, ବିବାହ ହୋଇଥିଲା । ବୈରାଗ୍ୟ ଦେଖି ପିତା ବିବାହ କରିଦେଲେ, ହେଲେ ଫଳ ହେଲା ବିପରୀତ ।''

ମୁଁ–''ଖିଆପିଆ କିପରି ହୁଏ ?''

ସେ–''ଆସନ ତ୍ୟାଗକରି ସେ କେଉଁଆଡ଼େ ଯାଆନ୍ତି ନାହିଁ–ମୁଁ ପାଏ କ୍ଷୀର ଆଣି ଦେଇଯାଏ–ଆଉ କେହି କେତେବେଳେ କ'ଣ ଦେଲେ, ଫଳମୂଳ, ମିଠା, ତାହା ମଧ୍ୟ ଏପରି ଖାଇବାର ଦେଖିନାହିଁ–ଅନ୍ୟ କାହାକୁ ଦେଇଦିଅନ୍ତି । କଥା କହନ୍ତି ଖୁବ୍ କମ୍ ।''

ମୁଁ–''କିଛି ଉପଦେଶ କାହାକୁ କ'ଣ ଦିଅନ୍ତି ?''

ସେ–''ନା, କେବେ ତ ଦେଖିନି, ଶୁଣିହିଁ ନାହିଁ । ବେଶୀ ବେଶୀ ଜିଦ୍ କଲେ କହନ୍ତି–ସତ୍‌ପଥରେ ରହି ସଂସାରଧର୍ମ ପାଳନ କର, ଭୋଗବିଳାସ ଯେପରି ଆସିବ, ସେପରି ଅଧିକ ଅର୍ଥ ଉପାର୍ଜନର ଚେଷ୍ଟା କରନାହିଁ–ସନ୍ତାନମାନଙ୍କୁ କେବେ ମିଥ୍ୟା କହିବାକୁ ଶିଖାଅ ନାହିଁ, ଏମିତି ସବୁ ।''

ଆଶ୍ରମକୁ ଆସି ଦେଖିଲି, କୁଳଦା'ବାବୁ ଦୁଇଜଣ ବୈରାଗୀଙ୍କ ସହ କଥାବାର୍ତ୍ତାରେ ବ୍ୟସ୍ତ । ଜଣେ ଭେକଧାରୀ, ଗଳାରେ କଣ୍ଠି, କପାଳରେ ତିଳକ, ହୃଷ୍ଟପୁଷ୍ଟ ଶରୀର । ମୋତେ ଦେଖାଇ କହିଲେ, ଏ ମଧ୍ୟ ଆମ ମଧ୍ୟରୁ ଜଣେ, ଆଳାପ କରନ୍ତୁ ।

ଏହି ସମୟରେ ଖୋଳ-କରତାଳ ବଜାଇ ନାମ କରି କରି ଏକ କ୍ଷୁଦ୍ର ନଗରକୀର୍ତ୍ତନ ଦଳ ଆସି ପହଞ୍ଚିଲେ । ନାମ ବନ୍ଦ୍ ହେବାପରେ କୁଳଦା' ପଚାରିଲେ–''କ'ଣ କଥା, ଆଜି କେତେ ହେଲା ?''

''ଝୁଡ଼ିଏ ଚାଉଳ ଓ ଟଙ୍କାଏ ନଅଅଣା ପଇସା ମହାଜନମାନଙ୍କ ଘରୁ ମିଳିଲା ।''

ଏହି ଆଶ୍ରମରେ ଅର୍ଥସଂଗ୍ରହର ଯେତେଗୁଡ଼ିଏ ଉପାୟ ଅଛି, ସେଥିରେ ନଗରକୀର୍ତ୍ତନ ଅନ୍ୟତମ । ଏମାନେ କୀର୍ତ୍ତନ କରି ନଗରସ୍ଥ ଗୃହସ୍ଥମାନଙ୍କ ଗୃହରୁ ଭିକ୍ଷା, ଚାଉଳ, ଡାଲି, ଲୁଗା, ପଇସା ସଂଗ୍ରହ କରି ଆଶ୍ରମରେ ଜମା ଦିଅନ୍ତି । ପର୍ବପର୍ବାଣିରେ ବେଶ୍ କିଛି ମିଳିଯାଇଥାଏ । ଅନ୍ୟ ସମୟରେ କିଛି ସେପରି ହୁଏନାହିଁ । ପୂର୍ବବଙ୍ଗର ଅନେକ ବୈଷ୍ଣବ ମହାଜନ ନବଦ୍ୱୀପ ଧାମରେ ଘର କରିଛନ୍ତି–ସେମାନେ ହିଁ ଅଧିକ ଦାନ କରନ୍ତି । ଏଠାର ପୁରାତନ ଅଧିବାସୀମାନଙ୍କଠାରୁ କିଛି ମିଳେନାହିଁ । ସେମାନଙ୍କର ଏଭଳି ସତ୍‌କର୍ମ ଉପରେ ଆସ୍ଥା ନାହିଁ, କେବଳ ସମାଲୋଚନା କରିହିଁ ଖଲାସ ।

ଯିଏ ନୂତନ ଭେକଧାରୀ, ସେମାନେ କୁଳଦା'ବାବୁଙ୍କ ଅନୁରୋଧରେ ଗୀତ ଗାଇଲେ । ମଧୁର କୀର୍ତ୍ତନ, କଣ୍ଠ ମଧ୍ୟ ମଧୁର, ତା' ଉପରେ ପୁଣି ଅନ୍ତରରେ ବୈରାଗ୍ୟ ଓ ପ୍ରବଳ ଭଗବତ୍ ଅନୁରାଗ–ତଦ୍ୱାରା ବାୟୁମଣ୍ଡଳ ମଧୁମୟ ହୋଇଉଠିଲା । ପ୍ରଥମ ଦୁଇଧାଡ଼ି ମୋ' କାନରେ ଏବେ ମଧ୍ୟ ଗୁଞ୍ଜରଣ ହେଉଛି–

''ଶୟନେ ଗୌର, ସ୍ୱପନେ ଗୌର, ଗୌର ନୟନ ତାରା
ଜୀବନେ ଗୌର, ମରଣେ ଗୌର, ଗୌର ଗଳାର ହାରା ।''

ସମସ୍ତ ଦ୍ୱିପ୍ରହରଟି କୀର୍ତ୍ତନରେ କଟିଲା, ଏହାପରେ ଅପରାହ୍ଣରେ ଥରେ ଘାଟ ଆଡ଼କୁ ଗଲି, ସେହି ସାଧୁଙ୍କ ପାଖକୁ ।

ଯାଇ ଦେଖିଲି, ଦ୍ୱାର ବନ୍ଦ୍ ଥିଲା, ଏବେ ଖୋଲିଲେ—ମୁଁ ନମସ୍କାର କରି ଠିଆହେଲି ।

ଅନେକକ୍ଷଣ ମୋ' ଆଡ଼କୁ ଅନେଇ ନିଜ ମନକୁ ମନ ମୃଦୁ ହସି ଅତି ଧୀରେ ଧୀରେ ଝୁଲିବାକୁ ଲାଗିଲେ । ମୁଁ କିଛି ସମୟ ଅପେକ୍ଷା କରି ସସଂକୋଚ କହିଲି—''ଆପଣଙ୍କ ନିକଟକୁ ଆସିଥିଲି—ଦୟାକରି ଯଦି କିଛି କୁହନ୍ତେ !''

ହସିହସି କହିଲେ—''ବାବା, ଆପଣଙ୍କୁ ତ ପଥ ମିଳିଯାଇଛି । ଏହି ଲଲାଟରେ ଦେଖୁଛି । ବେଶ୍ ପରିଷ୍କାର ରାସ୍ତା ପଡ଼ିଛି ବାବା, ଗୁରୁ-ସଂଗତ ହୋଇଛି, ଭିତରେ ଆନନ୍ଦର ତ ଅଭାବ ନାହିଁ ।''

ମୁଁ—''ମନ ସ୍ଥିର ହୋଇନାହିଁ—କ୍ଷଣକ ପାଇଁ କେବେ କେବେ ହେଲା ତ କେବେ କେବେ ହେଲାନାହିଁ ।''

ସେ—''ଏହି ଯେ ବସିରହିଛି ବାବା, ଏହାଭିତରେ ଯେ କି ଚାଞ୍ଚଲ୍ୟ, ତାହା କ'ଣ କହିବି, ବୁଲାବୁଲିରେ ତ ଆଉ କଥା ନାହିଁ—ଝଡ଼ ପରି ଓଲଟପାଲଟ କରି ପକାଇବା । କ୍ଷଣମାତ୍ର ସ୍ଥିର ।''

—''ଆପଣ ଦୟା କରନ୍ତୁ, ତାହାହିଁ ମୁଁ ଚାହେ, ତାହାହେଲେ ହିଁ ମୋ'ର ଚଳିବ ।''

—''ଦୟା ଏହି ଖୋଳ ଭିତରୁ ହିଁ ଆସିବ । ଯିଏ ଯେପରି ଯେଭଳି ଚାହେ, ଠିକ୍ ସେହିଭଳି ହିଁ ସେ ଯୋଗାଡ଼ କରିନେବେ—କାହିଁକି ଚଞ୍ଚଳ ହବା ତାହା ଲାଗି !'' କିଛିକ୍ଷଣ ସ୍ତବ୍ଧ ହେବାପରେ ପୁଣି କହିଲେ—''ଅହଂକାର ନେଇ ଘରୁ ବାହାରିଛି, ସେଥିଲାଗି ଏହି ଦଣ୍ଡ—ଏହିପରି ଚାଲିଛି କେତେଦିନଧରି । ମୁଁ ତପସ୍ୟା ବଳରେ ପାଇବି, ଏହାଠାରୁ ବୁଦ୍ଧିଭ୍ରମ ଆଉ କିଛି ନାହିଁ—ସେହି ଭୁଲ୍ କରିଛି ବାବା । ଏହା ତ ଅହଂକାରର ଜୋର୍—ଏବେ ମଧ; ଏ ସମସ୍ତ ବୁଝିପାରିଛି, ତେବେ ମଧ କେଉଁଥିରେ ନିସ୍ତେଜ ହୋଇନାହିଁ । ମୁଁ ମଧ ସହଜରେ ଛାଡ଼ିବାର ପାତ୍ର ନୁହେଁ ।''

■■

ଦ୍ୱାଦଶ ପରିଚ୍ଛେଦ

ନବଦ୍ୱୀପରେ ତିନିଜଣ ସାଧୁଙ୍କର ଦର୍ଶନ ମିଳିଥିଲା । ତନ୍ମଧ୍ୟରୁ ପ୍ରଥମରେ ଏହି ସାଧୁ ଜଣକ, ଯିଏ ସଂଯତବାକ୍, ସକଳ ପ୍ରଶ୍ନର ଉତ୍ତର ଦିଅନ୍ତି ନାହିଁ, ଅଥଚ ମନେହୁଏ ସବୁ କଥା ଶୁଣିଥାନ୍ତି । ତାଙ୍କ ସହ ଆଉ ମଧ୍ୟ କିଛି କଥା ହୋଇଥିଲା । ଯେଉଁ ସୂତ୍ରରେ ହୋଇଥିଲା, ସେକଥା ଆଗେ କହିବି ।

ଦ୍ୱିତୀୟ—ନାମଟି ତାଙ୍କର ଜାଣିବାର ସୁଯୋଗ ହୋଇନାହିଁ । ଜନୈକ ବ୍ୟକ୍ତି, ସେତେବେଳେ ଶ୍ରୀବାସ-ଅଙ୍ଗନର ନିକଟରେ ରହୁଥିଲେ—ଗଙ୍ଗାକୂଳରେ ହିଁ ପରିଚୟ ହେଲା । ସାଧୁ ତ ନିଶ୍ଚୟ, ବୈଷ୍ଣବ ସମ୍ପ୍ରଦାୟର ବୋଲି ମନେହେଲା । ଗଳାରେ ମାଳା । ଏମ୍.ଏ., ବି.ଏଲ୍., ଓକିଲ, ପ୍ରୌଢ଼, ବୟସ୍କ, ସ୍ତ୍ରୀ-ବିୟୋଗାନ୍ତେ ବୈରାଗୀ ହୋଇ ନାନା ଦେଶ, ବିଶେଷତଃ ବୈଷ୍ଣବ ତୀର୍ଥସ୍ଥାନ ଭ୍ରମଣ କରି ଏବେ ଏହିଠାରେ ହିଁ କେତେବର୍ଷ ଧରି ରହିଛନ୍ତି । ଶୁଣିଛି, ନାନା ଶାସ୍ତ୍ର, ପୁରାଣ, ଯୋଗଶାସ୍ତ୍ର, ଉପନିଷଦ ଆଦି ରୀତିମତ ସେ ଅଧ୍ୟୟନ କରିଛନ୍ତି । ଶରୀର କୃଶ, ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ, ଚକ୍ଷୁଦ୍ୱୟ ଦୀପ୍ତିମାନ, ହାସ୍ୟମୁଖେ ବାର୍ତ୍ତାଳାପ କରନ୍ତି ।

ସେଦିନ ପ୍ରଥମେ ସେହି ଘାଟ ଉପର କୁଟୀର ଭିତରର ସାଧୁଙ୍କ ନିକଟକୁ ଯାଇଥିଲି—ତା' ପରଦିନ ଭୋର୍ ସମୟରେ ଉଠିପଡ଼ି ଗଙ୍ଗାକୂଳକୁ ଗଲି । ଦରଜା ବନ୍ଦ୍ ଥିବା ଦେଖି ତଳକୁ ଯାଇ ବାଲୁକାମୟ ପ୍ରାନ୍ତର ଉପରେ ପଦଚାରଣା କରିବାକୁ ଲାଗିଲି । ଦୁଇଟି ହାତ ପଶ୍ଚାତ୍ ଦିଗରେ ମୁଷ୍ଟିବଦ୍ଧ, ଖଣ୍ଡେ ପତଳା ରେଶମର ଧଳା ଚାଦର ଦେହକୁ ଆବୃତ୍ତ କରି ରହିଛି, କଦମ୍ବ ପୁଷ୍ପତୁଲ୍ୟ କଳା-ଧଳା ଘନକେଶଦାମ, ଖାଲିପାଦରେ ଜଣେ ବ୍ୟକ୍ତି ମୋ ସମ୍ମୁଖରେ ପଦଚାରଣା କରି ଚାଲିଛନ୍ତି । ପଛକୁ ଫେରି ମୋତେ ଦେଖିଦେଇ ସେ ଧୀର ପଦକ୍ଷେପରେ ଚାଲିବାକୁ ଆରମ୍ଭ କଲେ । ମନେହେଲା, ଆଳାପ କରିବା ଉଦ୍ଦେଶ୍ୟରେ ସେ ହୁଏତ ତାଙ୍କର ଗତିକୁ ଏପରି ଶିଥିଳ କରିଦେଇଥିଲେ—ମୁଁ ଯେତେବେଳେ ତାଙ୍କର ନିକଟବର୍ତ୍ତୀ ହୋଇଗଲି, ସେ ହସିଦେଇ ମୋ' ଆଡ଼କୁ ଫେରିଯାଇ ଠିଆହେଲେ । ମୋତେ ମଧ୍ୟ ସେହିପରି କରିବାକୁ ପଡ଼ିଲା ।

ସେ ହିଁ ପ୍ରଥମେ ପ୍ରଶ୍ନ କଲେ, ''ଆପଣ ପୂର୍ବପରିଚିତ ପରି ମନେହେଉଛନ୍ତି ଯେ !''

ମୁଁ କହିଲି—''ହୋଇପାରେ, କିନ୍ତୁ ମୁଁ ଆପଣଙ୍କୁ ପୂର୍ବେ କେଉଁଠାରେ ଦେଖିଛି ବୋଲି ତ ମନେପଡୁନାହିଁ !''

ସେ କିନ୍ତୁ ଛାଡ଼ିଲେ ନାହିଁ, ମୁଁ ଆଗେଇବାରୁ ସେ ଚାଲିଆସି ପ୍ରଶ୍ନକଲେ—''ପୂର୍ବେ ଏଠାକୁ କେବେ ଆସିଥିଲେ କି ?'' ମୁଁ ସ୍ୱୀକାର କଲି । ପ୍ରାୟ ତିନିବର୍ଷ ପୂର୍ବେ ଥରେ ଏଠାକୁ ଆସି ପ୍ରାୟ ଦୁଇମାସ ରହିଥିଲି ।

—''ମହାପ୍ରଭୁପଡ଼ାକୁ ଯାଉଥିଲେ କି ?''

—''କୀର୍ତ୍ତନ କିମ୍ବା ଭଗବତ୍ କଥା ଶୁଣିବାକୁ କେତେବେଳେ କେମିତି ଯାଇଛି ।''

—''ତେବେ ଠିକ୍ କଥା—ସେହିଠାରେ ହିଁ ଦେଖିଛି ଆପଣଙ୍କୁ, ମୋ'ର ମନେଅଛି ।'' ତା'ପରେ ନାନା କଥାବାର୍ତ୍ତା । ସେହି ଆଲୋଚନା ମଧ୍ୟରେ ଆମେ ପରସ୍ପରଙ୍କର ପରିଚୟ ପାଇଗଲୁ ।

ଦେଖିଲି, ଯେତେଦିନଯାଏ ମନୁଷ୍ୟର ସେହି ପରାବସ୍ତୁର ସାକ୍ଷାତକାର ହୁଏ, ସେତେଦିନ ପର୍ଯ୍ୟନ୍ତ ସଙ୍ଗକାମନା ହୁଏ ଦୁର୍ଦ୍ଦମନୀୟ, ଲୋକସଙ୍ଗର ସ୍ପୃହା ତ୍ୟାଗ କରିହୁଏ ନାହିଁ । ମୋ' ସହ ତାଙ୍କର ବାର୍ତ୍ତାଳାପ ଆରମ୍ଭ, ପରିଚୟାଦି କେବଳ ଲୋକସଙ୍ଗ ଲାଳାସାରୁ—ବାକ୍ୟର ମଧ୍ୟ ସଂଯମ ରହେନାହିଁ । ସେ ଏପରି ସବୁ କଥା ଅବତାରଣା କରିବାକୁ ଲାଗିଲେ, ଯାହା ଏ କ୍ଷେତ୍ରରେ ନିତାନ୍ତ ନିଷ୍ପ୍ରୟୋଜନ । ଉପରେ ଯାହା କହିଛି, ତାଙ୍କ ସମ୍ବନ୍ଧରେ ଏତେ କଥାବାର୍ତ୍ତା ମଧ୍ୟରୁ ଏହି ଟିକକ ମିଳିଲା । ଶେଷରେ ଯେତେବେଳେ ଫେରିବା ଲାଗି ଗତିକୁ ସଂଯତ କଲି, ସେତେବେଳେ ସେ କହିଲେ—''ନା, ଆଉ ଆଗେଇବା ସମ୍ଭବ ନୁହେଁ, ଉତ୍କଟ ଦୁର୍ଗନ୍ଧ ନା ? ପୂରାପୂରି ଗଙ୍ଗାତୀରକୁ ନରକ କରି ରଖାଯାଇଛି, ଟିକିଏ ବିଚାର ନାହିଁ, ବ୍ୟବସ୍ଥା ମଧ୍ୟ ନାହିଁ ।''

ଫେରୁ ଫେରୁ ମୁଁ କହିଲି—''ଏହା ତ ସନାତନ ବ୍ୟବସ୍ଥା, ଗ୍ରାମର ବାହାରେ ଖୋଲା ଜାଗାରେ ତ ଏହି ବାହ୍ୟକର୍ମ ଚିରକାଳ ଚାଲିଆସିଛି ।''

—''ପୂର୍ବେ ଏତେ ବେଶୀ ନଥିଲା, ଏହି କେତେବର୍ଷ ଧରି ଲୋକସଂଖ୍ୟା ବହୁସଂଖ୍ୟାରେ ବୃଦ୍ଧି ପାଇବା ଆରମ୍ଭ କରିଛି; ପୂର୍ବବଙ୍ଗର ଯେତେ ବାଙ୍ଗାଲ-ବେଟାସବୁ ନବଦ୍ୱୀପକୁ ଆସି ପୂରାପୂରି ପୁତିମୟ କରିସାରିଲେଣି । ବୁଝିଛନ୍ତି ?''

ମୁଁ କିଛି ଉତ୍ତର ନଦେଇ ସମ୍ମୁଖ ଦିଗକୁ ଦ୍ରୁତ ପଦକ୍ଷେପରେ ଆଗେଇଲି ।

ସେ ମଧ୍ୟ ତାଙ୍କ ଗତିକୁ ଦ୍ରୁତ କଲେ ଏବଂ ପୁନର୍ବାର କହିଲେ—''ପୁଣି, ଏବେ ତ ଇଏ ଅସଲ ନବଦ୍ୱୀପ ନୁହେଁ, ତେଣୁ ଏସବୁ ଚାଲିଛି ।''

–''ଅସଲ ନବଦ୍ୱୀପଟି କେଉଁଠି, ଆପଣ କୁହନ୍ତୁ ?''

–''ତାହା ତ ବହୁକାଳରୁ ଗଙ୍ଗାକୂଳ ଲଙ୍ଘି ଆରପାରିରେ ଯାଇ ପଡ଼ିଛି ।''

–''ତେବେ ଏଇ ଯେଉଁ ମହାପ୍ରଭୁଙ୍କ ଘର, ଶ୍ରୀବାସାଙ୍ଗନ, ଏହିସବୁ ସେକାଳର ଥିବା କଥା କହି ନାନା ସ୍ଥାନ ଦେଖାନ୍ତି ଏମାନେ ।''

–''ଏହା ତ ତାଙ୍କର ବ୍ୟବସାୟ । ଜାଣନ୍ତି ନାହିଁ, ବିଶ୍ୱମ୍ଭରର ପିତା ଜଗନ୍ନାଥ ମିଶ୍ରଙ୍କର ଘର, ଶ୍ରୀବାସ ବାଡ଼ି, ଗଙ୍ଗାଧରଙ୍କ ଟୋଲ୍ ଏସବୁଠାରେ କ'ଣ ଏତେ କୋଠାବାଡ଼ି ଥିଲା ? ସବୁ ଥିଲା ମାଟିଘର । ଚାଳଘର ନଡ଼ାଛାଉଣି ଥିଲା । ଧନବାନ ନହେଲେ କ'ଣ କେହି ସେ ସମୟରେ କୋଠା କରିପାରିଥାନ୍ତା ?''

ମୁଁ ଚିନ୍ତା କରିବାକୁ ଲାଗିଲି । ତାହା ଦେଖି ସେ କହିଲେ–''ଆପଣଙ୍କର ମୋ' କଥାରେ ସନ୍ଦେହ ହେଉଛି ନା କ'ଣ ?'' ମୁଁ କହିଲି–''ଟିକିଏ ସନ୍ଦେହ ହେଉଛି ଯେ, ହୁଏତ ଘରଗୁଡ଼ିକ ଚାରି ପାଞ୍ଚଶହ ବର୍ଷର ନୁହେଁ, କିନ୍ତୁ ସେହି ସ୍ଥାନରେ ହିଁ ହୁଏତ ପରେ ଏବର ଘରଗୁଡ଼ିକ କୌଣସି ସମୟରେ ହୋଇଥିବ !''

–''ଅସଲ କଥା, କେବଳ ଘର ନୁହେଁ, ସମସ୍ତ ନବଦ୍ୱୀପ ନଗରକୁ ବହୁକାଳ ପୂର୍ବେ ଗଙ୍ଗା ଗ୍ରାସ କରିଦେଇଛି । ଏବେ ଏହି ପାଞ୍ଚଶହ ବର୍ଷ ମଧ୍ୟରେ ଗଙ୍ଗାନଦୀର ଗତିରେ କିଛି ପରିବର୍ତ୍ତନ ହୋଇଛି । କେହି କେହି କହନ୍ତି, ଏହିଠାରୁ ଅଢ଼େଇକୋଶ ଉତ୍ତର-ପୂର୍ବ କୋଣରେ ପୂର୍ବର ନବଦ୍ୱୀପ ଥିଲା । ଆଗକାଳର ନବଦ୍ୱୀପ ଏହାଠାରୁ ଢେର୍ ବଡ଼ ନଗର ଥିଲା, ଏତେ ଛୋଟ ନଥିଲା । ସମୟ ଥିଲା, ସମଗ୍ର ଗୌଡ଼ମଣ୍ଡଳର ରାଜଧାନୀ ସେଇଠି ଥିଲା ।''

–''ମୋ'ର ମନେହୁଏ, ଗଙ୍ଗା ଯେପରି ଘୁଞ୍ଚିଘୁଞ୍ଚି ଯାଇଛି, ନବଦ୍ୱୀପ ମଧ୍ୟ ସେହିପରି ଘୁଞ୍ଚିଘୁଞ୍ଚି ବର୍ତ୍ତମାନ ଏହି ସ୍ଥାନରେ ଆସି ପହଞ୍ଚିଛି ।''

କଥାବାର୍ତ୍ତା କରୁକରୁ ଆମେ ସେହି ଘାଟ ସମ୍ମୁଖରେ ଆସି ପହଞ୍ଚିଛୁ, ଦୂରରୁ ଦେଖିଲୁ, ସେହି ସାଧୁଙ୍କ ଘରର ଆଗଟି ଖୋଲା, ଜଣେ ଦୁଇଜଣ ସାମ୍ନାରେ ଠିଆ ହୋଇଛନ୍ତି ।

ମୋତେ ସେହି ଆଡ଼କୁ ଯିବାର ଦେଖି ମୋ' ସାଥୀ କହିଲେ–''ଆପଣ ବୋଧହୁଏ ଏହାଙ୍କ ନିକଟକୁ ଯାଉଛନ୍ତି ?''

ମୁଁ କହିଲି–''ହଁ, ତାହା ଠିକ୍ । ଆମେ ହୁଏତ ଆଜି ଉପରବେଳା, ନହେଲେ କାଲି ଚାଲିଯିବୁ, ଆଉ ଦେଖା ହେବନାହିଁ–ଥରେ ଯାଇ ଦେଖାକରି ଆସେ ।''

ସେ କହିଲେ–''ଚାଲନ୍ତୁ, ଆପଣଙ୍କୁ ଆଉ ଜଣେ ସାଧୁଙ୍କ ପାଖକୁ ନେଇଯାଏ, ଦେଖିବେ ସେ କିପରି ଲୋକ ! ଏହାଙ୍କ ସହ ପରେ ଦେଖାକରିବେ । ଇଏ ତ କଥା ବେଶୀ କୁହନ୍ତି ନାହିଁ–ଏହାଙ୍କଠାରୁ ପାଇବେ କ'ଣ ?''

ଦେଖିଲି ଏହାଙ୍କ ପାଖରେ ସେହିପରି ଜଣେ ଦୁଇଜଣ ବ୍ୟକ୍ତି ଠିଆହୋଇଛନ୍ତି । ଭାବିଲି, ଇତ୍ୟବସରରେ ଥରେ ସେହି ସାଧୁଙ୍କ ପାଖକୁ ଯାଏ ! କହିଲି—''ବେଶ୍, ଚାଲନ୍ତୁ ଦେଖିଆସିବା ।''

ସିତିକଣ୍ଠ ବାଚସ୍ପତି ଯେଉଁଠି ରହନ୍ତି, ତାଙ୍କ ଘର ପାଖରେ ଥିବା ଏକ କୋଠାଘରେ ଏହି ସାଧୁ ଜଣକ ରହନ୍ତି । ଆମେ ଯାଇ ଦେଖିଲୁ, ଦୁଇତିନିଜଣ ଲୋକ ବସିରହିଛନ୍ତି, ସେ ସେମାନଙ୍କ ସହ କଥାବାର୍ତ୍ତାରେ ବ୍ୟସ୍ତ । ଆମେ ଦୁହେଁ ପ୍ରଣାମ କରି ଟିକିଏ ଦୂରରେ ବସିଲୁ । ସେ ଆମକୁ ଲକ୍ଷ୍ୟକଲେ ଏବଂ ହାତ ଉଠାଇ ଆଶୀର୍ବାଦ କଲେ ।

ମୁଣ୍ଡିତମସ୍ତକ, ଶିଖାନାସ୍ତି, ଗୈରିକ ବସ୍ତ୍ରରେ ଶରୀର ଆବୃତ, ପ୍ରୌଢ଼ ବୟସ, କ୍ଷୀଣ ଶରୀର, ଗୌରବର୍ଣ୍ଣ, ଗଳାର ଆଓ୍ୱାଜ ଖୁବ୍ ଜୋର, ବେଶ୍ ତେଜସ୍ୱୀ ରୂପ । ଆସନରେ ଉପବେଶନ କରି ଜଣେ ଯୁବକ ଆଡ଼େ ମୁଖ ଫେରାଇ କଥା କହୁଛନ୍ତି । ମୁଖର ସମ୍ମୁଖଭାଗ ଉପରଦାନ୍ତ ଦୁଇଟି ନାହିଁ ।

ମୃତ୍ୟୁ ସମ୍ବନ୍ଧରେ କଥାବାର୍ତ୍ତା ହେଉଥିଲେ ।

ସେ କହୁଥିଲେ—''ପ୍ରକୃତରେ ଯିଏ ବଦ୍ଧଜୀବ, ସ୍ଥୂଳ ବିଷୟକୁ ନେଇ ଭୋଗୁଛି, ସାଧାରଣତଃ ସିଏ ଦେହତ୍ୟାଗ ସମୟରେ ତା'ର ଅହଂ ଜ୍ଞାନକୁ ହରାଇଥାଏ ।''

ଯୁବକଟି ପ୍ରଶ୍ନ କଲେ—''ବିଷୟ ନେଇ ଭୋଗୁଛି ମାନେ କ'ଣ ?''

ସେତେବେଳେ ସେ ହସ୍ତ ପ୍ରସାରିତ କରି ବାମହାତ ତଳେ ଡାହାଣହାତର ତର୍ଜନୀ ଓ ଅନାମିକା ଆଙ୍ଗୁଳିକୁ ଆଘାତ କରିକରି କହିଲେ—''ଆମର ଓ ଆମ ଇନ୍ଦ୍ରିୟଗ୍ରାହ୍ୟ ଯାହାକିଛି, ତାହାହିଁ ହେଲା ବିଷୟ । ବିଷୟର ଏହି ଅର୍ଥଟି ସର୍ବଦା ହିଁ ମନେରଖିବାକୁ ହେବ, ଭୁଲିଗଲେ ଚଳିବ ନାହିଁ । ଯାହାକିଛି ଆମେ ଦେଖିବାକୁ ପାଉ, ଶୁଣିବାକୁ ପାଉ, ଗନ୍ଧ ପାଉ, ସ୍ପର୍ଶ ଓ ଆସ୍ୱାଦନ କରିଥାଉ, ଗୋଟିଏ କଥାରେ, ଏ ସମସ୍ତ ହିଁ ବିଷୟ । ତା'ପରେ ଇନ୍ଦ୍ରିୟକୁ ଚାଳିତ କରିଥାଏ ମନ—କାର୍ଯ୍ୟତଃ ମନର ଧର୍ମ ହେଲା ବିଷୟକୁ ଘାଣ୍ଟିବା, ବିଷୟକୁ ନେଇ ତାହାର ସଂକଳ୍ପ-ବିକଳ୍ପ ଯାହାକିଛି ଘଟିଥାଏ । ଭଲ ଭାବେ ବୁଝିଯାଅ ଏବେ । ଏହି ମନ ସହ ସମ୍ବନ୍ଧଯୁକ୍ତ ଆମର ଏହି ଅହଂଟି—ଅହଂ କହିଲେ 'ମୁଁ', ଏହି ଜ୍ଞାନବୋଧଟି ନିରନ୍ତର ବିଷୟର କାମନା କରିଥାଏ । ପ୍ରାପ୍ତି ଦ୍ୱାରା ଆମର ସୁଖ ଓ ଅପ୍ରାପ୍ତିରେ ଦୁଃଖ, ଏହାହିଁ ମନ ଭୋଗ କରୁଛି—ଏହାହିଁ ତ ବିଷୟକୁ ନେଇ ଭୋଗ । ବୁଝିଲ ?''

ଯୁବକଜଣକ କହିଲେ—''ହଁ, ଏହା ବୁଝିଲି, କିନ୍ତୁ ଏଠାରେ ସକଳଙ୍କର ତ ଅହଂକାର ପ୍ରବଳ ଭାବେ ଦେଖାଯାଇଥାଏ; ମୁଁ—ମୋ'ର ବୋଧଟା ଖୁବ୍ ହିଁ ତୀକ୍ଷ୍ଣ—ତେବେ ସେହି ଅବସ୍ଥାରେ ଅହଂ ଜ୍ଞାନକୁ ହରାଇଦେବା କିପରି ?''

ଉତ୍ତରରେ ସେ ତତ୍‌କ୍ଷଣାତ୍ କହିଲେ–

''ଆମର ଅହଂ ସତ୍ତା, ଚୈତନ୍ୟ ସ୍ୱରୂପ, ତା' ସହିତ ଜଡ଼ ବିଷୟର ସମ୍ପର୍କ କ'ଣ ? ଆତ୍ମାର ଅସଲ ବିଷୟ ହେଲା ତତ୍ତ୍ୱଜ୍ଞାନ ଆଉ ଆନନ୍ଦ, ଏହି ଆତ୍ମା ସହ ନିରନ୍ତର ଏହି ବିଷୟରେ ସମ୍ବନ୍ଧ ଘଟେ କେଉଁ ଭାବେ । ମଝିରେ ଇନ୍ଦ୍ରିୟମାନଙ୍କୁ ଚାଳିତ କରୁଥିବା ମନ ଥିବା ଯୋଗୁଁ ଆତ୍ମାର ବାହ୍ୟ ବିଷୟ ସହ ସମ୍ବନ୍ଧ ରହିପାରୁଛି । ଆତ୍ମା ଯେପରି ତା'ର ସଚ୍ଚିଦାନନ୍ଦ ସ୍ୱରୂପକୁ ଭୁଲିଯାଇ ପ୍ରକୃତିର ଅନ୍ତର୍ଗତ ବିଷୟ ମଧ୍ୟରେ ହିଁ ପୂର୍ଣ୍ଣ ଆନନ୍ଦକୁ ଖୋଜିଥାଏ, ତାହା କ'ଣ ଏଇ ଜୀବଜଗତର ସମ୍ବନ୍ଧ ବ୍ୟାପାର ? କାର୍ଯ୍ୟତଃ ଜଡ଼ବସ୍ତୁରେ ଅଭିନିବେଶ ଫଳରେ ସ୍ଥୂଳବସ୍ତୁରେ ପ୍ରୟୋଜନ-ବୁଦ୍ଧି ଆସୁଛି । ଇଟା, କାଠ, ମାଟି, ପଥର, ସୁନା, ରୁପା ପ୍ରଭୃତି; ପୁଣି ସ୍ତ୍ରୀ ପୁତ୍ରାଦି ଆତ୍ମୀୟସ୍ୱଜନ ପ୍ରଭୃତିରେ ମମତା ବୃଦ୍ଧିକୁ ନେଇ ନାନାପ୍ରକାର ଭୋଗ ଚାଲିଛି, ଯାହାର ଶେଷ ହେଲା ମୃତ୍ୟୁ । ଏହି ମୃତ୍ୟୁଟି କ'ଣ ? ବିଷୟସଙ୍ଗଠାରୁ ସମ୍ବନ୍ଧତ୍ୟାଗ ନୁହେଁ କି ? ଜଡ଼ ବିଷୟାଦିକୁ ନିବିଡ଼ ଭାବରେ ଅବଲମ୍ବନ କରି ଆମର ଯେ ଏତେକାଳ ଅତିବାହିତ ହୋଇଛି, ତାହାର ଫଳସ୍ୱରୂପ ଦେହ ବା ଇନ୍ଦ୍ରିୟାଦିରେ ହିଁ ଆତ୍ମବୁଦ୍ଧି ହୋଇଯାଇଛି । 'ମୁଁ' କହିଲେ ଏହି ଦେହ ବା ଇନ୍ଦ୍ରିୟ ଜ୍ଞାନ ହିଁ ଉଦୟ ହୋଇଥାଏ–ତାହାର ଶରୀର ନାଶରେ ହିଁ ମୋ'ର ନିଜର ନାଶ–ଏହି କଳ୍ପନା ହିଁ ଦୃଢ଼ ହୋଇଯାଏ । ସେତେବେଳେ ଦେହତ୍ୟାଗର ପୂର୍ବେ ବା ଦେହତ୍ୟାଗ ସମୟରେ ବା ତାହାର ଅବ୍ୟବହିତ ପରେ ହିଁ ଆଉ ସିଏ ଅହଂ-ତତ୍ତ୍ୱ ଦ୍ୱାରା ଚେତନ ଅର୍ଥାତ୍ 'ମୁଁ' ଅଛି, ଏହି ଜ୍ଞାନକୁ ସଜାଗ କରି ରଖିପାରେ ନାହିଁ । ଏକ ସ୍ଥୂଳ ଦୃଷ୍ଟାନ୍ତ ଦ୍ୱାରା ଏହି କଥାଟି ବେଶ୍ ବୁଝାଯାଇପାରିବ । ଯେପରି, ଯିଏ ଶାରୀରିକ ପରିଶ୍ରମ କରି ଜୀବିକାନିର୍ବାହ କରିଥାଏ, ଅର୍ଥାତ୍ ଯିଏ ଶ୍ରମଜୀବୀ, ସିଏ ଶଯ୍ୟାରେ ପଡ଼ିଯିବା ସଙ୍ଗେସଙ୍ଗେ ଶୋଇପଡ଼େ । ଶୋଇପଡ଼ିଲେ ଆଉ ନିଦ୍ରାଭଙ୍ଗ ହୋଇପାରେ ନାହିଁ । ଏକବାର ଗାଢ଼ନିଦ୍ରାରେ ଅର୍ଥାତ୍ ସୁଷୁପ୍ତିରେ ପୂରାରାତି କଟାଇଦିଏ–ସେହିପରି ।''

ପ୍ରଶ୍ନ–''ତାହାହେଲେ ଜାଗ୍ରତ, ସ୍ୱପ୍ନ ବା ସୁଷୁପ୍ତି ଅବସ୍ଥା ସଙ୍ଗେ ଠିକ୍ ରୂପେ କ'ଣ ଜୀବନମୃତ୍ୟୁର ତୁଳନା ହୋଇପାରେ ?''

ଉତ୍ତର–''ତୁଳନା କ'ଣ, ଅସଲ କଥା ତାହାହିଁ ଠିକ୍ ! ଏକହିଁ ଅବସ୍ଥା, କେବଳ ଅଳ୍ପ ବିସ୍ତାରିତ କାଳର ହିଁ ପ୍ରଭେଦ । ଗୋଟିଏ ସ୍ୱଳ୍ପକାଳ, ଅପରଟି ଦୀର୍ଘକାଳ–ଏତିକି ଯାହା । ଆଉ ଗୋଟିକରେ ଶରୀର-କ୍ରିୟା ଚଳେ, ଅନ୍ୟଟିରେ ଚଳେନାହିଁ–ଏକବାର ହିଁ ବନ୍ଦ୍ ହୋଇଯାଏ । ଅହଂକୁ ମନଇନ୍ଦ୍ରିୟ ଦ୍ୱାରା ଯେତେବେଳେ ଜଗତ ସହ ବ୍ୟବହାର କରିବାକୁ ପଡ଼େ, ସେତେବେଳେ ହେଲା ଜାଗ୍ରତ ଅବସ୍ଥା, ତା'ପରେ ଜ୍ଞାନଶୂନ୍ୟ ନିଦ୍ରିତ ଅବସ୍ଥା ହେଲା ସୁଷୁପ୍ତିର ଅବସ୍ଥା । ପୁଣି ଜାଗ୍ରତ ଓ ସୁଷୁପ୍ତିର ଅବସ୍ଥା ମଧ୍ୟବର୍ତ୍ତୀ ଅବସ୍ଥା ଯାହା, ତାହା ହେଲା

ତନ୍ଦ୍ରା । ସେହି ଅବସ୍ଥା ବେଳେ ଜାଗ୍ରତ ସମୟର ସ୍ପଷ୍ଟ ବିଷୟଭୋଗାଦି ବ୍ୟବହାର ବା କର୍ମ କିଛି ନଥାଏ ନିଶ୍ଚୟ, କିନ୍ତୁ ତାହାର ପ୍ରଭାବ ଥାଏ, ପୁନଶ୍ଚ ସେ ଦିଗରେ ମଧ୍ୟ ସୁଷୁପ୍ତିର ଲୟ ବା ଅଜ୍ଞାନତା ନଥାଏ; କିନ୍ତୁ ତାହାର ଆଭାସଟି ଥାଏ । ସେହିପରି ଜୀବନ ଓ ମୃତ୍ୟୁ ମଧ୍ୟରେ ଏକ ଅବସ୍ଥା ଥାଏ । ତାହାକୁ ଜୀବନ କୁହାଯାଏ ନାହିଁ କି ମୃତ୍ୟୁ ବା ଅହଂ କର୍ତ୍ତୃତ୍ୱର ଲୋପ ମଧ୍ୟ କୁହାଯାଏ ନାହିଁ ।''

ପ୍ରଶ୍ନ—''ସେ ଅବସ୍ଥା କେତେ ସମୟ ପର୍ଯ୍ୟନ୍ତ ଥାଏ, ତା' କ'ଣ ଜଣାଯାଏ ?''

ଉତ୍ତର—''ଅତ୍ୟନ୍ତ ଶ୍ରମକ୍ଳାନ୍ତ ବ୍ୟକ୍ତିର ଗଭୀର ନିଦ୍ରା ବା ସୁଷୁପ୍ତି ଯେପରି ଅଳ୍ପକାଳ ମଧ୍ୟରେ ଆସିଥାଏ, ସ୍ୱପ୍ନ ବା ତନ୍ଦ୍ରାବସ୍ଥା ତା'ଠାରୁ ଅତି ସ୍ୱଳ୍ପକ୍ଷଣ ମାତ୍ର । ସ୍ଥୂଳ, ସୂକ୍ଷ୍ମ, କାରଣ, ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଏହି କ୍ରମାନ୍ୱୟରେ । ସ୍ଥୂଳ ସ୍ତରରୁ କାରଣକୁ ଯିବାକୁ ହେଲେ ସୂକ୍ଷ୍ମ ଅବସ୍ଥା ମଧ୍ୟଦେଇ ଯିବାକୁ ହୁଏ, ଅନ୍ୟ ପନ୍ଥା ନାହିଁ । ଏ ଦିଗରେ ମଧ୍ୟ ସେହିପରି ଅତ୍ୟନ୍ତ ସ୍ଥୂଳ ବିଷୟାସକ୍ତ ଜୀବର ଅଳ୍ପ ସମୟ ମଧ୍ୟରେ ଅହଂର ଲୟ ଘଟିଥାଏ । ପୁନଶ୍ଚ, ଯିଏ ଶାରୀରିକ ଶ୍ରମବିମୁଖ, ସେ ଶରୀରଠାରୁ ମସ୍ତିଷ୍କର କାର୍ଯ୍ୟ ବେଶୀ କଲେ ତାହାର ଯେପରି ଗଭୀର ନିଦ୍ରା ବା ସୁଷୁପ୍ତି ହଠାତ୍ ଆସିପାରେ ନାହିଁ ଓ ବିଳମ୍ବରେ ନିଦ୍ରା ଆସିଥାଏ, ସେହିପରି ଯାହାର ମନ କେତେକ କ୍ଷେତ୍ରରେ ବିଷୟମୁଖୀ ଓ କିଛିଟା ଚୈତନ୍ୟମୁଖୀ, ତା'ର ଅହଂର ଲୟ ବିଳମ୍ବରେ ଘଟିଥାଏ । ସେଥିଲାଗି ଅଧିକ ଚିନ୍ତାଶୀଳ ଜୀବର ଅହଂ ମୃତ୍ୟୁପରେ ବହୁକାଳ ଜାଗ୍ରତ ଥାଏ, ସହଜରେ ତା'ର ଲୟ ଘଟି ନଥାଏ ।''

ପ୍ରଶ୍ନ—''ଆଚ୍ଛା, କେହି କେହି କହନ୍ତି, ମୃତ୍ୟୁ ବଡ଼ ଭୟାନକ, ପୁଣି କେହି କେହି କହନ୍ତି, ମୃତ୍ୟୁ ଶାନ୍ତିମୟ ଅବସ୍ଥା—କେଉଁଟା ସତ୍ୟ ?''

ଉତ୍ତର—''ମୃତ୍ୟୁ ସମସ୍ତଙ୍କର ସମାନ ନୁହେଁ । ଯିଏ ସଂସାରରେ ବଡ଼ କଷ୍ଟ ପାଏ, ଦୁଃଖ-ଦାରିଦ୍ର୍ୟ, ଭୋଗ, ରୋଗ, ଶୋକ ଇତ୍ୟାଦିରେ କାତର ହୋଇଥାଏ, ତାହାର ମୃତ୍ୟୁ କିପରି ଜାଣ ? ଉତ୍କଟ ଶାରୀରିକ ଓ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଥାଏ, ଏପରି ଯେଉଁ ରୋଗୀ, ତାହାର ଯଦି ଗଭୀର ନିଦ୍ରା ଆସେ, ସେହି ନିଦ୍ରା ସୁଖର ନା ଦୁଃଖର ହେବ !''

ପ୍ରଶ୍ନ—''ତା'ହେଲେ କ'ଣ ମୃତ୍ୟୁ ଯଥାର୍ଥରେ ହିଁ ଜୀବିତକାଳଠାରୁ ଏତେ ଶାନ୍ତିମୟ ଅବସ୍ଥା ?''

ଉତ୍ତର—''ଏଥିରେ ସନ୍ଦେହର ଅବକାଶ କାହିଁ ! ତେବେ ମୃତ୍ୟୁର ଠିକ୍ ପୂର୍ବ ଅବସ୍ଥା ପର୍ଯ୍ୟନ୍ତ, ଯେତେବେଳେ ଜୀବ ବୁଝିପାରେ ଯେ ଏଥର ଶରୀର ତ୍ୟାଗ କରିବାକୁ ହେବ, ମାୟାର ଆକର୍ଷଣ ଯାହାର ଯେତେ ବେଶୀ, ଶରୀର ତ୍ୟାଗ କରିବାରେ ତାକୁ ସେତେ ବେଶୀ କଷ୍ଟବୋଧ ହୋଇଥାଏ । ସେ ଏତେ ଦୁଃଖ ପାଏ ଯେ ଚକ୍ଷୁରୁ ଅଶ୍ରୁମୋଚନ ହୁଏ । କେହି

କେହି 'ଆଦୌ ଶରୀର ତ୍ୟାଗ କରିବୁ ନାହିଁ' ଇଚ୍ଛା ପ୍ରକାଶ କରନ୍ତି । ଯେତେ ହେଁ ବୁଝିଥାଇପାରୁ ଯେ ଏ ଯାତ୍ରାରୁ ଅବ୍ୟାହତି ମିଳିବ ନାହିଁ, ସେତେହିଁ ଜୀବ କାତର ହୁଏ– ଅନ୍ତଃକାଳରେ ମୃତ୍ୟୁ-ମୂର୍ଚ୍ଛା ଉପସ୍ଥିତ ହୋଇ ଭୟ, ଦୁଃଖ ଆଦିରୁ ପ୍ରାଣୀକୁ ମୁକ୍ତି ବା ପରିତ୍ରାଣ କରିଦିଏ । ଜୀବନର ଏପାରିରୁ ସେପାରିର ବ୍ୟାପାର ଯାହାକିଛି, ତାହା ତ କଳ୍ପନା । ପୁଣି ଯାହାର ମନ ଯେପରି, ତାହାର କଳ୍ପନାବିଳାସ ସେହିପରି । ଅସଲ କଥା ହେଲା, ଚୈତନ୍ୟରାଜ୍ୟରେ ଦୁଃଖଭୋଗ କେଉଁଠି ? ଭୟର କ୍ରିୟା ମଧ୍ୟ କେଉଁଠି ? ଶରୀର ଥିଲେ ସ୍ନାୟୁଗୁଚ୍ଛ ଥାଏ, ତା'ପରେ ସ୍ମୃତିକୁ ଆଶ୍ରୟ କରି–ତା'ଦ୍ୱାରା ହିଁ ଭୟର କ୍ରିୟା, ହୃତ୍‌ପିଣ୍ଡରେ ତା'ର ଘାତ-ପ୍ରତିଘାତ । ଶରୀର ନଥିଲେ ଭୟ ବା କ'ଣ ? ଭୟ ତ ଶରୀରକୁ ହିଁ ନେଇ । ହିନ୍ଦୁଙ୍କର ଜନ୍ମାନ୍ତରବାଦର ସମସ୍ତହିଁ ଧର୍ତ୍ତବ୍ୟ ନୁହେଁ; କର୍ମର ଜଟିଳତା ଯାହାର ଅଛି, ତାହାର ଜନ୍ମ ପୁନର୍ବାର ହେବ । ଅସଲ କଥା, ଜୀବଙ୍କ ମଧ୍ୟରେ ଏକ ଶ୍ରେଣୀର ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜଗତକୁ ଭଲପାଆନ୍ତି–ନଆସି ରହିପାରନ୍ତି ନାହିଁ । ପ୍ରକୃତରେ ଯା'ର ଇଚ୍ଛା ଥାଏ, ସେ ଆସେ – ଯାହାର ଇଚ୍ଛା ହୁଏନାହିଁ, ସେ ଈଶ୍ୱରତ୍ୱ ପାଏ ।''

ପ୍ରଶ୍ନ–''ମୋ'ର ମନେହୁଏ, ଯାହାର କାର୍ଯ୍ୟରେ ତ୍ରୁଟି ଥାଏ, ସେହିହିଁ ଭୟକୁ କଳ୍ପନା କରିଥାଏ ।''

ଉତ୍ତର–''ପ୍ରକୃତରେ ସମସ୍ତ ହିଁ କଳ୍ପନାବିଳାସ ବୋଲି ଦେଖାଯାଏ । ବାସ୍ତବକୁ ବିଶ୍ଳେଷଣ କଲେ କେବଳ ଦେଖାଯାଏ ତାହା କଳ୍ପନା ମାତ୍ର । ଯେଉଁ ସୂତ୍ରରୁ ଯିଏ ଭୟକୁ କଳ୍ପନା କରିଥାଏ, ସେହି ସୂତ୍ରକୁ ଆଧାର କରି ସେହି କଳ୍ପନାକୁ ମୂର୍ତ୍ତିମାନ ରୂପେ ଦେଖିଥାଏ– ତା'ପରେ ଯେଉଁ ସମୟରେ ତାହା କଳ୍ପନା ବା ମିଥ୍ୟା ବୋଲି ଜ୍ଞାନ ହୋଇଥାଏ, ସେତେବେଳେ ସେ ଶାନ୍ତି ପାଇଥାଏ ।''

ପ୍ରଶ୍ନ–''ଭୂତପ୍ରେତର ବ୍ୟାପାର ମଧ୍ୟ କ'ଣ ତାହାହେଲେ ସତ୍ୟ ?''

ଉତ୍ତର–''ସତ୍ୟ କାହିଁକି ହେବନାହିଁ ! ଅଧ୍ୟାତ୍ମ-ତତ୍ତ୍ୱର ବିକାଶ ଘଟି ନଥାଏ । କୌଣସି ଏକ ଜଟିଳ ଭୋଗ-ବିଷୟରେ ଗଣ୍ଠି ପକାଇ ସେ ରଖିଥାଏ । ଯିଏ ସୁଖ କହିଲେ ଇନ୍ଦ୍ରିୟ ବିଷୟ ବ୍ୟତୀତ ଅନ୍ୟ କିଛି ବୁଝେନାହିଁ, ଏହିପରି ଏକ ଶ୍ରେଣୀର ଜୀବ ମଧ୍ୟ ଅଛନ୍ତି । ସେମାନେ ଦେହତ୍ୟାଗ ପରେ ପ୍ରେତ ଅବସ୍ଥାରେ ଥାଆନ୍ତି, ସେମାନଙ୍କର ପ୍ରିୟ ବିଷୟ ପ୍ରତି ଆକର୍ଷଣର ଫଳସ୍ୱରୂପ ସେହି ସ୍ଥାନର ଚତୁର୍ଦ୍ଦିଗରେ ସେ ଘୂରି ବୁଲୁଥାନ୍ତି, ସୂକ୍ଷ୍ମ ରୂପେ ସେହି ସେହି ଭୋଗର ଆସ୍ୱାଦନ ପାଇବା ଲାଗି ।''

ପ୍ରଶ୍ନ–''ଏହି ଯେଉଁ କଥା କହିଲେ, ବିଷୟମୁଖୀ ମନପ୍ରଧାନ ଜୀବନର ଅହଂଜ୍ଞାନ ହଠାତ୍ ଲୋପ ହୋଇଥାଏ !''

ଉତ୍ତର—''ହଁ । ଯାହାର ଅତି ଜଡ଼ବୁଦ୍ଧି, ସାଧାରଣତଃ ତା'ର ତାହାହିଁ ଘଟେ । ତେବେ ଯିଏ ମୃତ୍ୟୁକାଳଯାଏ କୌଣସି ଏକ ବିଶେଷ ବିଷୟକୁ ନେଇ ଆବୋରି ବସିଥାଏ, କୌଣସି ରୂପେ ତ୍ୟାଗ କରିବାକୁ ଚାହେନାହିଁ, ତାହାର ଅହଂଜ୍ଞାନ ସହ ସେ ତାକୁ ଏପରି ଭାବରେ ଗଣ୍ଠି ପକାଇ ଧରିରଖିଥାଏ ଯେ ତା' ହଠାତ୍ କୋହଳ ହୋଇପାରେ ନାହିଁ— ସେଥିଲାଗି ଏହାକୁ ଗଣ୍ଠି ପକାଇ ରଖିବା କଥା କହୁଛି । ସେ ଦେହତ୍ୟାଗ ପରେ ସ୍ୱପ୍ନାବସ୍ଥା ତୁଲ୍ୟ ପ୍ରେତଲୋକରେ ସେହି ବିଷୟର କଳ୍ପନା ନେଇ ଚେତନଶୀଳ ଥାଏ । ବସ୍ତୁତଃ ନାନାପ୍ରକାରର ମୃତ୍ୟୁ ଅଛି, ଯେପରି ନାନା ରକମର ଜୀବନ । ତାହାର ହିସାବ ମୋଟାମୋଟି ଭାବେ ଚାଲେ । ତାକୁ ଅତି ବିଶ୍ଳେଷଣପୂର୍ବକ ବୁଝିବାକୁ ହେଲେ ବେଶୀ ଘାଣ୍ଟିବାକୁ ପଡ଼ିଥାଏ, ଅନେକ କିଛି ସହ୍ୟ କରିବାକୁ ହୋଇଥାଏ, ସେଥିରେ କିଛି ଲାଭ ନାହିଁ । ଜୀବନକାଳ ମଧ୍ୟରେ କର୍ମହିଁ ହେଲା ପ୍ରକୃତରେ ଅସଲ ବଳବାନ—ସେଥିପ୍ରତି ଲକ୍ଷ୍ୟ ଠିକ୍ ଥିଲେ, ସମସ୍ତ ଯେତେବେଳେ ଠିକ୍ ରୂପେ ସମ୍ପନ୍ନ ହୁଏ, ସେତେବେଳେ ପୁଣି ଶତ ଶତ ଭାବନା କାହିଁକି, କୁହ ତ ଦେଖି ! ଏଣୁ କର୍ମାନୁସାରେ ହିଁ ଆମର ଗତି ।''

ପ୍ରଶ୍ନ—''ଆଚ୍ଛା, ରୋଗ ସହ ଜୀବନର ଭୋଗ ଆଉ ମୃତ୍ୟୁର କ'ଣ ସମ୍ପର୍କ ଅଛି କି ?''

ଉତ୍ତର—''ନାହିଁ କାହିଁକି ? ନିଶ୍ଚୟ ହିଁ ଅଛି । ଯାହାର ଶରୀରର ଯେଉଁ ଯନ୍ତ୍ରର ବା ଯେଉଁ ଇନ୍ଦ୍ରିୟର ଭୋଗ ଅଧିକ, ତାହାର ଶରୀର-ଶକ୍ତି କ୍ଷୟ ସେତେ ବେଶୀ । ତାହାର ସେହି ସ୍ଥାନରୁ ମୃତ୍ୟୁବାହକ ରୋଗ ଉତ୍ପନ୍ନ ହୁଏ, ଯେଉଁଥିଲାଗି ତାକୁ ଶରୀର ଛାଡ଼ିବାକୁ ପଡ଼େ । ଭୋଗର ବୈଷମ୍ୟରୁ ହିଁ ତ ଆମର ରୋଗର ଉତ୍ପତ୍ତି, ଆଉ ଏ କଥା ବୁଝିବାକୁ ସହଜ ଯେ ଯାହାର ଯେଉଁ ଇନ୍ଦ୍ରିୟ ବ୍ୟାପାର ନେଇ ଲାଳସା ଅଧିକ, ତା'ର ସେହି ଭୋଗ ନେଇ ରୋଗ ଜନ୍ମନେବ, ଆଉ ଦେହତ୍ୟାଗ ସମୟରେ ସାଧାରଣ ଭାବେ ସେହି ଇନ୍ଦ୍ରିୟ ଭୋଗ ବ୍ୟାପାରରେ ଅଳୀକତାକୁ ତା'ର ଚୈତନ୍ୟରେ ପ୍ରତିପନ୍ନ କରିଥାଏ, ଯଦ୍ୱାରା ତାକୁ ସେହି ଭୋଗଟି ତ୍ୟାଗ କରିବାକୁ ସାହାଯ୍ୟ କରିବ । ଏଠାରେ ସେହି ଅଧଃସ୍ତରର ଜୀବଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର, ଦେବଭାବର ଜୀବ ପର୍ଯ୍ୟନ୍ତ ସର୍ବପ୍ରକାରର ଥାଏ, କାର୍ଯ୍ୟତଃ ଜୀବନ ଓ ମୃତ୍ୟୁ, ପୁନଶ୍ଚ ମୃତ୍ୟୁପରର ଅବସ୍ଥା ମଧ୍ୟ ନାନାପ୍ରକାରର ଥାଏ । ଏହା କର୍ମ ଓ ଭୋଗର ଅକୂଳ ସମୁଦ୍ର । ଗୋଟିଏ ଗୋଟିଏ ଜୀବ, ଚିନ୍ତା ଓ କର୍ମକୁ ନେଇ ଯେପରି ଗୋଟିଏ ଗୋଟିଏ ଜଗତ ।''

ପ୍ରଶ୍ନ—''ଆଚ୍ଛା, ଯାହାର ହଠାତ୍ ମୃତ୍ୟୁ ହୁଏ ବା ଅକାଳମୃତ୍ୟୁ ହୁଏ ?''

ଉତ୍ତର—''ଯାହାର ଭୋଗର ପ୍ରାବଲ୍ୟ ଘଟିନାହିଁ, ବିଷୟ ସହ ନିବିଷ୍ଟ ସମ୍ବନ୍ଧ ଘଟିନାହିଁ, ଅଥଚ ଶରୀରର ସକଳ ଯନ୍ତ୍ରହିଁ ସତେଜ, ତା'ର ତ ଅକାଳରେ ମରିବା କଥା ନୁହେଁ । ଇନ୍ଦ୍ରିୟଭୋଗର ଅବସର ଯାହାର ଘଟିନାହିଁ, ଯାହାର ସକଳ ଇନ୍ଦ୍ରିୟ ସତେଜ ଥାଏ, ଏପରି

ଅବସ୍ଥାରେ ଯଦି ମୃତ୍ୟୁ-ଯୋଗ ଉପସ୍ଥିତ ହୁଏ, ବୁଝିବାକୁ ହେବ ଯେ ଶରୀର ଯନ୍ତ୍ର, ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ପ୍ଲୀହା, ଯକୃତ ଆଦି କୌଣସି ନା କୌଣସି ଶରୀର-ଯନ୍ତ୍ରର ଦୁର୍ବଳତା ବା ଅପୂର୍ଣ୍ଣତା ହିଁ ଦେହତ୍ୟାଗର କାରଣ । ସେହି ସୂତ୍ରର ଆଧାରରେ ତା' ମୃତ୍ୟୁ-ରୋଗର ଯୋଗ ଉତ୍ପନ୍ନ ହୋଇଛି ।''

ପ୍ରଶ୍ନ—''ଆଚ୍ଛା ଅପଘାତ ମୃତ୍ୟୁ ବେଳକୁ ?''

ଉତ୍ତର—''ଅତ୍ୟନ୍ତ ଅସ୍ଥିରଚିତ୍ତ, ଚଞ୍ଚଳ ପ୍ରକୃତି, ଅଥଚ ଯାହାର ବିବିଧ ପ୍ରକାର ଭୋଗର ଅବକାଶ ଘଟିନଥାଏ, କୌଣସି ଶରୀର-ଯନ୍ତ୍ର ଦୁର୍ବଳ ନଥିଲେ ମଧ୍ୟ, ତା'ର କାଳ ପୂର୍ଣ୍ଣ ହୋଇଗଲେ ଅପଘାତ ସୂତ୍ରରେ ଦେହତ୍ୟାଗ ଘଟିଥାଏ ।''

ପ୍ରଶ୍ନ—''ଆଉ ଶିଶୁଙ୍କର ?''

ଉତ୍ତର—''ସେମାନଙ୍କର କୌଣସି ଶରୀରଯନ୍ତ୍ରର ଦୁର୍ବଳତା ଥିବାରୁ ମୃତ୍ୟୁ-ରୋଗର ଉତ୍ପତ୍ତି । ସମସ୍ତ ଶିଶୁଙ୍କର ସମସ୍ତ ଯନ୍ତ୍ର ତ ସୁସ୍ଥ ବା ସତେଜ ନଥାଏ । ପିତାଙ୍କର ବୀର୍ଯ୍ୟ ଦୁର୍ବଳ ଥିଲେ, ପିତାଙ୍କର କୌଣସି ଯନ୍ତ୍ର ଦୁର୍ବଳ ଥିଲେ, ସନ୍ତାନକୁ ସେହି ପାପ ଭୋଗ କରିବାକୁ ପଡ଼ିଥାଏ । ଆୟୁକ୍ଷୀଣ, ଅକାଳମୃତ୍ୟୁ ହିଁ ତାହାର ଫଳ—ଏହା ସରଳ ସତ୍ୟ ।''

ପ୍ରଶ୍ନ—''ପ୍ରକୃତରେ ତା'ହେଲେ ତ ଦେଖାଯାଉଛି, ଭୋଗ ବ୍ୟାପାରରେ ପ୍ରକୃତିର ସହଜ ନିୟମର ସୀମା ଅତିକ୍ରମ କଲେ ହିଁ ରୋଗ, ଶୋକ, ଦୁଃଖ, ଅଶାନ୍ତି ଯେତେ ଯାହା ସହ୍ୟ କରିବାକୁ ହେବ ।''

ଉତ୍ତର—''ଏହି ଜ୍ଞାନର ସାରତତ୍ତ୍ୱ, ଭୋଗ ଓ କର୍ମ ବ୍ୟାପାରରେ, ସତ୍ୟ-ଧର୍ମକୁ ଆଶ୍ରୟ କଲେ, ଯେପରି ଗୁରୁଙ୍କର ପ୍ରଭାବ କଲ୍ୟାଣକର ଓ ଲୋକସମାଜ ପାଇଁ ହିତକର, ଅସତ୍ୟର ମଧ୍ୟ ତଦ୍ରୂପ ପ୍ରଭାବ । ଯଥେଚ୍ଛାଚାରୀ, ଇନ୍ଦ୍ରିୟପରାୟଣ, ଅସଂଯତ କର୍ମୀମାନଙ୍କ ଅସତ୍ ଭାବର ସକଳ କର୍ମର ବୀଜ, ଦୁର୍ବଳଚିତ୍ତ ମନୁଷ୍ୟମାନଙ୍କ ମଧ୍ୟରେ ପ୍ରଭାବ ବିସ୍ତାର କରେ । ଏହିରୂପେ ଅସତ୍ ଲୋକଙ୍କର ଦଳ ବୃଦ୍ଧି ପାଏ । ପ୍ରଥମରୁ ହିଁ ପ୍ରକୃତିର ନିୟମାନୁଗାମୀ ହେଲେ ଜୀବ ନିଜେ ନିଜ ଦ୍ୱାରା ମୁକ୍ତିରାଜ୍ୟରେ ଯାଇ ପହଞ୍ଚିବ । ମାତ୍ର ମନୁଷ୍ୟ ମଧ୍ୟରେ ବୁଦ୍ଧି ଓ ସ୍ୱାଧୀନ କର୍ମବୃତ୍ତି ଥିବାରୁ ମନୁଷ୍ୟ ଏପରି ହିଁ ଅନ୍ଧ ଯେ ଇଚ୍ଛାର ଖିଆଲରେ ସେ ପ୍ରକୃତିର ସହଜ ନିୟମ ଭାଙ୍ଗିବାରେ ପ୍ରବୃତ୍ତ ହୁଏ । ତା'ଫଳରେ ଘାତପ୍ରତିଘାତ ଖାଇ ଖାଇ ପ୍ରକୃତିର ନିୟମ ଦ୍ୱାରା ଯେତେବେଳେ ସେ ବିଜ୍ଞାନମୁଖୀ ହୁଏ, ସେତେବେଳେ ପ୍ରକୃତିର ସକଳ ନିୟମକୁ ମଥାନତ କରିନେଇ ଶିକ୍ଷାକରେ—ପୁଣି ଯିଏ ତାହାପରି ଯଥେଚ୍ଛାଚାର ଦ୍ୱାରା ରତ ଥାଏ, ତା'ର ହିଁ ସେ ଉପଦେଷ୍ଟା ହୋଇଥାଏ । ଏହା ପୁଣି ବହୁପୂର୍ବରୁ ଦେଖାଯାଇଥାଏ । ଶରୀରଘଟିତ ସକଳ ବ୍ୟାପାରରେ ମିତାଚାର ହେଲା

ଯଥାର୍ଥ ମନୁଷ୍ୟତ୍ୱ । ତାହା ଜନ୍ମ-ଜନ୍ମାନ୍ତରୀଣ ଉତ୍କର୍ଷର ହିଁ ବିଶିଷ୍ଟ ଫଳ । ଉନ୍ନତତର ଜୀବନର ଗତି ହିଁ ପ୍ରକୃତିକୁ ଅର୍ଥାତ୍ ପ୍ରାକୃତିକ ବସ୍ତୁକୁ ଅତିକ୍ରମ କରିଚାଲେ, ଆତ୍ମଜ୍ଞାନ ବା ମୁକ୍ତି ଦିଗକୁ । ଯେଉଁଠାରେ ଅବାଧ ଭୋଗ, ଯଥେଚ୍ଛାଚାର, ସେଠାରେ ସଂଯମର ଶକ୍ତି ଓ ଆନନ୍ଦମୟ ଫଳପ୍ରାପ୍ତି ହେବ କିପରି ? ଆମର ଧର୍ମଶାସ୍ତ୍ରରେ ଭୋଗ ଓ କର୍ମମୟ ଜଗତରେ ସଂଯମର ମହିମା ବର୍ଣ୍ଣନା ରହିଛି, ଉଦ୍ଦେଶ୍ୟ—ଭୋଗ ମଧ୍ୟରେ ଲିପ୍ତ ରହିବାକୁ ପ୍ରଶ୍ରୟ ନଦେବା । ଜୀବନ ବ୍ୟାପାରରେ ଯେତେବେଳେ ଭୋଗ ଓ କର୍ମଗତ ବ୍ୟବହାର ସଂଯତ ହୋଇଥାଏ, ସେତେବେଳେ ଜୀବନର ଅନ୍ତରରେ ଗୁରୁଙ୍କର ପ୍ରତିଷ୍ଠା । ସକଳ ଦିଗରେ ତାଙ୍କର ଶକ୍ତି ଅତୀବ ମଧୁର ଓ କଲ୍ୟାଣମୟ ଫଳ ପ୍ରଦାନ କରେ । ଇହ ଏବଂ ପର ଦୁଇକାଳରେ ସେହି ଜୀବ ଆଦର୍ଶ ରୂପେ ଅପରାପର ବୃହତ୍ତର ଉନ୍ନତକାମୀ ଜୀବର ଲକ୍ଷ୍ୟସ୍ଥଳ ହୋଇ ରହନ୍ତି । ସେଇ ହିଁ ଗୁରୁ । ତା'ପରେ ଚିତ୍ତଶକ୍ତିର ପରାକାଷ୍ଠା ହେଲେ ଈଶ୍ୱରତ୍ୱପ୍ରାପ୍ତି, ଯେପରି ଏଠାକାର ସିଭିଲିଆନ୍‌ମାନେ ସକଳ ବିଭାଗରେ କର୍ମକରି ଶେଷରେ ଗଭର୍ଣ୍ଣର ହୁଅନ୍ତି, ଆଡ୍‌ମିନିଷ୍ଟ୍ରେଟିଭ୍ ପଦରେ ରହିଥାନ୍ତି ।''

ପ୍ରଶ୍ନ—''ଆଚ୍ଛା, ଏ କ୍ଷେତ୍ରରେ ପ୍ରଭିନ୍‌ସିଆଲ୍ ଗଭର୍ଣ୍ଣରଙ୍କ ସହ ଗୁରୁଙ୍କ ତୁଳନା, ତେବେ ଭାଇସ୍‌ରାୟ କିଏ ହେବେ ?''

ଉତ୍ତର—''ଏଠାରେ ଯଦି କୁହେ, ଅବତାର ହିଁ ହେଲେ ଭାଇସ୍‌ରାୟ, ଯଦିଓ ଅବତାର କହିଲେ ତାଙ୍କର ସ୍ୱୟଂ ଆବିର୍ଭାବ ହେବାହିଁ ବୁଝାଏ, ରିପ୍ରେଜେଣ୍ଟେଟିଭ୍ ନୁହେଁ !''

ପ୍ରଶ୍ନ—''ଅବତାରକୁ ଯଦି ନମାନେ ?''

ଉତ୍ତର—''ସେକଥା କିପରି ? ଏ ଦିଗରେ ଏତେ ଭୂତପ୍ରେତକୁ ମାନିଲ, ସେମାନଙ୍କର ଅସ୍ତିତ୍ୱ ବୁଝିଲ, ସ୍ୱୀକାର କଲ, ଆଉ ଈଶ୍ୱର ଅବତାର, ଏସବୁ ବୁଝିବ ନାହିଁ କିପରି ? ଅବତାର ନମାନ, ଜଗତଗୁରୁ ବୋଲି ତ ମାନିପାର ?''

ପ୍ରଶ୍ନ—''ସେକଥା ନିଶ୍ଚୟ ଠିକ୍, କିନ୍ତୁ ଅବତାର ବୋଲି ମାନିବା ସଙ୍ଗେ ସଙ୍ଗେ ଯେପରି ଏକ କୁସଂସ୍କାରର ଧାରା ମଧ୍ୟରେ ଆସି ପଡ଼ିବାକୁ ହୁଏ । ଜାଣନ୍ତି ତ, ଏଠାକାର ଇଉରୋପୀୟ ଗୁରୁଙ୍କ ଦ୍ୱାରା ପ୍ରଭାବିତ ସଭ୍ୟଜଗତ ଭକ୍ତିମାର୍ଗ ଉପରେ କେତେ ହେୟଦୃଷ୍ଟି ରଖିଛନ୍ତି ? ଏଠାକାର ସଭ୍ୟଜଗତର ସାହିତ୍ୟରେ ଭକ୍ତିମାର୍ଗର କୌଣସି ଆଲୋଚନା ହୁଏନାହିଁ । ଆମେ କେବଳ ଦାସ—ହଜାର ବର୍ଷ ଊର୍ଦ୍ଧ୍ୱ ସମୟରୁ ପ୍ରଭୁଙ୍କ ଆନୁଗତ୍ୟ ହିଁ ଆମର ଦୀର୍ଘ ଜୀବନର କାରଣ । ସାହେବମାନେ ନକହିଲେ ଆମେ ମାନିପାରିବୁ ନାହିଁ, କ୍ଷମା କରିବେ ।''

ଉତ୍ତର—''ଭଲ ତ, ଯଦି କୁସଂସ୍କାର ମନେହୁଏ, ତେବେ ତାକୁ ବାଦ୍ ଦେବ । ବିଜ୍ଞାନର ଚାଲୁଣିରେ ତାକୁ ଛାଣିନେବ । ବିଚାର କରି ମାନିବାକୁ ହେଲେ ସୁବିଚାର କରିବାକୁ ହେବ ।

ଅପ୍ରାପ୍ତ ବୟସରେ ସମସ୍ତ ହିଁ ଯୁକ୍ତିମୂଳକ ଅନୁମାନ । ଯିଏ ସତ୍ୟବସ୍ତୁକୁ ଦେଖିଛି, ପାଇଛି, ଆଉ ତା'ର ଜୀବନରେ ଯେଉଁ ପ୍ରକାଶର ଉପଲବ୍ଧି ଘଟିଛି, ତାହାହିଁ ହେଲା ଆଚାର୍ଯ୍ୟ ବା ଗୁରୁ—ସେ ଲୋକ ଶିକ୍ଷାରେ ବ୍ରତୀ । ଏହି ଜଗତରେ ତାଙ୍କର ଚରିତ୍ର ହିଁ ହେଲା ଆଦର୍ଶ ।''

ପ୍ରଶ୍ନ—''ଦେଖନ୍ତୁ, ଅକପଟ କରି କହୁଛି—ଏହି ଇଂରାଜୀ ଶିକ୍ଷାପ୍ରାପ୍ତ ହୋଇ ଆମେ ବିଶ୍ୱାସକୁ ହରାଇଦେଇ ପ୍ରତ୍ୟେକ ଜ୍ଞାନ, ଭକ୍ତି, ଅନୁଭୂତିମୂଳକ ବିଷୟକୁ ଅବିଶ୍ୱାସ କରିବାକୁ ଶିକ୍ଷା କରିଛୁ, ଯାହା ପୂର୍ବର ଦାସତ୍ୱକାଳରେ ଘଟି ନଥିଲା । ତେଣୁ ଜୀବର ଅବସ୍ଥାରେ ପରାକାଷ୍ଠା ହିଁ ହେଲା ଈଶ୍ୱର ବା ଭଗବତ୍ ପ୍ରାପ୍ତି, ଏହା ମାନିବାକୁ ବା ବିଶ୍ୱାସ କରିବାକୁ ଆମର ଇଂରାଜୀ-ବିଧି-ଦତ୍ତ ଜ୍ଞାନ ସେତେଟା ବାଧା ପାଏନାହିଁ; କିନ୍ତୁ ଏ ଅବତାର...''

ଉତ୍ତର—''କାହିଁକି, ପ୍ରଭେଦଟା କ'ଣ ବୁଝି ଦେଖିଲେ ହିଁ ହେଲା ! ଏହି ସମୟର କର୍ମରୁ ଅଭିଜ୍ଞତା ସଞ୍ଚୟ କଲେ, ବିଚାର ବିଭାଗ ବା ଅନ୍ୟାନ୍ୟ ରାଷ୍ଟ୍ର ବିଭାଗରେ କର୍ମଦକ୍ଷତା ଲାଭକଲେ, ଶେଷରେ କୌଣସି ପ୍ରଦେଶର ଶାସନକର୍ତ୍ତା ନିଯୁକ୍ତ ହେବା ଆଇ.ସି.ଏସ୍.ର ଚରମ ସାର୍ଥକତା; କିନ୍ତୁ ଭାଇସ୍‌ରୟ ତାହା ନୁହେଁ । ତାଙ୍କୁ ହୋମ୍ ଦ୍ୱାରା ନିର୍ବାଚିତ କରାଯାଇଥାଏ ଏବଂ ସେହିଠାରୁ ହିଁ ଆସିବା ପ୍ରୟୋଜନ । ସକଳ ବିଭାଗରେ ହିଁ ତାଙ୍କର ଶକ୍ତି ଅବାଧ, ସେ ଏଠାକାର ସର୍ବବିଧ ରାଷ୍ଟ୍ରକର୍ମର ନିୟନ୍ତା । ସେହିପରି ଏ ଦିଗରେ ଅଧ୍ୟାତ୍ମ ଦିଗର ଗୁରୁ ବା ଅବତାର । ଅବଶ୍ୟ ଅବତାର ଠିକ୍ ଭାଇସ୍‌ରୟ ପରି ନୁହନ୍ତି, ପ୍ରତିନିଧି ନୁହନ୍ତି—ଅବତାର କହିଲେ ସ୍ୱୟଂ ଭଗବାନଙ୍କର ଅବତୀର୍ଣ୍ଣ ସ୍ୱରୂପକୁ ହିଁ ବୁଝାଇଥାଏ । ଜୀବ ଅବସ୍ଥାର ଚରମ ହେଲା ଗୁରୁତ୍ୱ ଏବଂ ଭଗବତ୍ ପ୍ରାପ୍ତି । ତାହାପରେ କର୍ମକ୍ଷୟ ଦ୍ୱାରା ସେ ଭଗବାନଙ୍କର ସମୀପବର୍ତ୍ତୀ ହୋଇଯାଆନ୍ତି । ପୁଣି ତାଙ୍କଠାରେ ସେ ବିଲୟ ହୋଇଯାଆନ୍ତି । ଅବତାର କିନ୍ତୁ ଜୀବଅବସ୍ଥାର ପରିଣତି ନୁହେଁ । ସେ ସାକ୍ଷାତ୍ ଗୋଲୋକ ବା ନିତ୍ୟଧାମରୁ ସ୍ୱଇଚ୍ଛାରେ ଅବତୀର୍ଣ୍ଣ ହୁଅନ୍ତି । ସମୟସମୟରେ ତାଙ୍କର ଇଚ୍ଛାରେ ପୁଣି ତାଙ୍କର ସାଥୀ କେହି ଏହି ଜଗତକୁ ଆସନ୍ତି, କୌଣସି ଉଚ୍ଚ ପ୍ରୟୋଜନକୁ ସିଦ୍ଧ କରିବାକୁ । ସେହିହିଁ ହୁଅନ୍ତି ଜଗତଗୁରୁ ।''

ପ୍ରଶ୍ନ—''ସେ ପ୍ରତିନିଧି ବା କର୍ମଚାରୀ ଦ୍ୱାରା ହିଁ ତ କାର୍ଯ୍ୟ କରାଇପାରନ୍ତେ, ନିଜେ ମାନବ ଶରୀର ଧରି ଆସିବାକୁ ପଡ଼ିବ କାହିଁକି ?''

ଉତ୍ତର—''ଯିଏ ରାଜାଙ୍କର ରାଜା, ରାଜେଶ୍ୱର, ସେ ତାଙ୍କ ରାଜ୍ୟକୁ ଆସିବେ—ତାଙ୍କର ଖୁସି, ତାଙ୍କର ଇଚ୍ଛା—କୌଣସି କର୍ମବାଧ୍ୟତା ସୂତ୍ରରେ ସେ ବାଧକ ତ ନୁହନ୍ତି ! କାହିଁକି ନା ସେ ସବୁହିଁ କରିପାରନ୍ତି—ସେ ସର୍ବଶକ୍ତିମାନ, ସର୍ବନିୟନ୍ତା । ମାନବ ଶରୀର ଧରି ଏହି ଜଗତକୁ ଆସିବାରେ ବାଧା କ'ଣ ?''

ଯୁବକ କହିଲେ—''ସେ ଆସନ୍ତି କେତେବେଳେ ?''

ଉତ୍ତର—''କେବେ ଆସନ୍ତି, କହିବା କିମ୍ବା ନିର୍ଦ୍ଧାରଣ କରିବା ଆମ ପକ୍ଷେ ସମ୍ଭବ ନୁହେଁ—ତେବେ ଆସିଥାନ୍ତି, ଯେପରି ପୂର୍ବେ କେତେଥର ଆସିଛନ୍ତି । ତା'ର ପ୍ରମାଣ ମଧ୍ୟ ଅଛି ।''

ପୁଣି ଯୁବକ ପ୍ରଶ୍ନ କଲେ—''ଆଚ୍ଛା, ତାଙ୍କର ନିଜର ଆସିବା ଆଉ ପ୍ରତିନିଧି ବା ଜଗତଗୁରୁଙ୍କର ଆସିବାର ସେପରି କିଛି ବିଶିଷ୍ଟ ଲକ୍ଷଣ ଅଛି କି, ଯାହାଦ୍ୱାରା ଠିକ୍ ଜଣାଯାଇପାରିବ ?''

ଉତ୍ତର—''ଅଛି-ନାହିଁ କ'ଣ ? ପ୍ରତିନିଧି ଯିଏ ଆସନ୍ତି, ସେମାନେ ବିଶେଷ କେତେକ ଅଧିକାରୀଙ୍କ ମଧ୍ୟରେ ଆଲୋକ ବିତରଣ କରିଥାନ୍ତି । ସେମାନେ ଯେଉଁ ଧର୍ମପ୍ରଚାର କରନ୍ତି, ତା'ର ତାତ୍ପର୍ଯ୍ୟ ହେଲା—ଏକମାତ୍ର ଭଗବାନ ହିଁ ଜୀବର ପରମଗତି, ସେହି ଅଖଣ୍ଡ ସଚ୍ଚିଦାନନ୍ଦଙ୍କ ପ୍ରାପ୍ତି ହିଁ ଜୀବର ପରମଲକ୍ଷ୍ୟ । ସେମାନେ ସେହି ଅନୁରୂପ ସାଧନପଥରେ ଆଲୋକ ଦେଖାଇଥାନ୍ତି । ଆଉ ଯେତେବେଳେ ସେ ସ୍ୱୟଂ ଆବିର୍ଭୁତ ହୁଅନ୍ତି, ସେତେବେଳେ ଅଧିକାରୀଭେଦ ରହେନାହିଁ, ସେ ସକଳଙ୍କୁ ହିଁ କହନ୍ତି—ମୋତେ ହିଁ ଭଜନ କର, ମୁଁ ହିଁ ସେହି, ଯାହାକୁ ତୁମେ ଚାହ, ଯାହାକୁ ଆଶ୍ରୟ କଲେ କୃତାର୍ଥ ହେବ । ମୋ' ବ୍ୟତୀତ ଦ୍ୱିତୀୟ କେହି ନୁହନ୍ତି । ଏହାହିଁ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ।''

ସେହି ଯୁବକ ସ୍ଥିର ହୋଇ ସକଳ କଥା ଶୁଣିଲା ପରେ କହିଲେ—''ଦେଖନ୍ତୁ, ପୁଣି କହୁଛି— ଯାହା ପ୍ରତ୍ୟକ୍ଷ ନୁହେଁ, ଇଂରାଜୀ ସଭ୍ୟତାର ହାଓ୍ୱାରେ ଆମେ ତା'କୁ ଅବିଶ୍ୱାସ କରିବାକୁ ଶିଖିଛୁ । ଅଧିକନ୍ତୁ ବିଚାରବୁଦ୍ଧି ଦ୍ୱାରା ଯେଉଁ ବସ୍ତୁ ଧରାଯାଏନାହିଁ, ତା'କୁ କଳ୍ପନାରେ ଧାରଣା କରି, ଅନନ୍ତପଥରେ ଅଗ୍ରସର ହେବାକୁ ଯେଉଁ ସମସ୍ତ ବିଶ୍ୱାସ ଆମର ପୂର୍ବପୁରୁଷଗଣ ସମ୍ବଳ କରିଥିଲେ, ତାକୁ ମଧ୍ୟ ଆମେ ଏବେ ଉପେକ୍ଷା କରିବାକୁ ଶିଖିଛୁ । ଯାହାକିଛି ଇନ୍ଦ୍ରିୟଗ୍ରାହ୍ୟ ତାହା ଗ୍ରହଣଯୋଗ୍ୟ, ତାହା ବ୍ୟତୀତ ସକଳ ତ୍ୟାଜ୍ୟ; ଅବିଶ୍ୱାସ ମଧ୍ୟରେ ଆମେ ନିଜକୁ ପକାଇଦେବାରେ ଅଭ୍ୟସ୍ତ । ସେଥିଲାଗି ହଠାତ୍ ଏହି ସମସ୍ତ ଅବତାର କଥା ମାନି ନେଇପାରିବୁ ନାହିଁ, ଯଦିଓ ଏହି ସମସ୍ତ କଥା ଶୁଣିଲେ ମଧ୍ୟ ଆନନ୍ଦ ଲାଗେ ଏବଂ ଚିନ୍ତା କରିବା ଲାଗି ଭଲ ଲାଗେ ।''

ସେ କହିଲେ—''ତାହା କିପରି ପାରିବ ? ଜୀବ-ଚୈତନ୍ୟର କେତେଦୂର ପରିପକ୍ୱତା ଲାଭହେଲେ ଯାଇ ଗୁରୁ, ଈଶ୍ୱର ବା ଅବତାର ବିଷୟକ ଜ୍ଞାନ ହୁଏ । ଅପକ୍ୱ, ବିଶ୍ୱାସହୀନ ଅବସ୍ଥାରେ ମାନିନେଲେ ବିପରୀତ ପରିସ୍ଥିତି ଉତ୍ପନ୍ନ ହେବ ଯେ ! କିଛିଟା ଶକ୍ତିମାନ ହେଲେ ଯାଇ ବିଶ୍ୱାସ ବସ୍ତୁଟି ଆସେ । ବିଶ୍ୱାସହୀନତା ଦୁର୍ବଳଙ୍କର ହିଁ ସମ୍ବଳ, ତାଙ୍କର ଯୁକ୍ତି ବା ପ୍ରତ୍ୟକ୍ଷ ପ୍ରମାଣ ହିଁ ହେଲା ଅବଲମ୍ବନ । ପ୍ରମାଣ ବିନା ତାଙ୍କର ଆଗେଇବାର ରାସ୍ତା ନାହିଁ ।''

ଯୁବକ ଜଣକ ସେତେବେଳେ ଧୀରେ ଧୀରେ କହିଲେ—''ଦେଖନ୍ତୁ, ପ୍ରକୃତରେ ଏହି ସକଳ ତତ୍ତ୍ୱ ସତ୍ୟ ହେଉ ବା ନହେଉ, ଭଗବାନଙ୍କ ସମ୍ପର୍କରେ କଳ୍ପନା ଯେ କେତେଦୂର ପ୍ରସାରିତ ହୋଇପାରେ, ତାହାର ହିଁ ଏକ ମହତ୍ ଦୃଷ୍ଟାନ୍ତ । ମୋ'ର ଏବେ ଏହାହିଁ ମନେହେଉଛି—ଆପଣ ଗଭର୍ଣ୍ଣର, ଭାଇସରୟ ପ୍ରଭୃତିଙ୍କର ଦୃଷ୍ଟାନ୍ତ ଦେଇ ଖୁବ୍ ସୁନ୍ଦର ଭାବରେ ବୁଝାଇଦେଲେ । ପ୍ରକୃତରେ କ'ଣ ଏହିପରି ଭାବରେ ବ୍ୟାପାର ଘଟିଥାଏ ?''

ସେ—''ଆହା, ଏଠାର ଯେଉଁ ଆଡ୍‌ମିନିଷ୍ଟ୍ରେଟିଭ୍ ସିଷ୍ଟମ୍, ତାହା ମଧ୍ୟ ସଭ୍ୟତାର କ୍ରମବିକାଶର ହିଁ ଫଳ । ଏହା ସବୁ କେଉଁଠାରୁ ଆସିଲା ? ଏହା ମନୁଷ୍ୟଙ୍କ ସୃଷ୍ଟି ବୋଲି ମନେକର ନା କ'ଣ ? ଚରାଚର ବିଶ୍ୱସୃଷ୍ଟି ମଧ୍ୟରେ ଯେଉଁ ସକଳ ନିୟମ ଗୁହ୍ୟ ବା ରହସ୍ୟ ଦ୍ୱାରା ଆବୃତ ହୋଇଅଛି, ମନୁଷ୍ୟର ବୁଦ୍ଧିବୃତ୍ତି ସଂକୀର୍ଣ୍ଣ ବୋଲି, ତାହାର ଉଦ୍‌ଘାଟନ ସମ୍ଭବ ହୁଏନାହିଁ । ସଭ୍ୟତାର ଉତ୍କର୍ଷ ଦ୍ୱାରା ଉପଯୁକ୍ତ ପର୍ଯ୍ୟାୟରେ ଉନ୍ନତ ହେଲେ, ଯିଏ ମାନବସମାଜର ବିଶିଷ୍ଟ ଚିନ୍ତାଶୀଳ ଜୀବ, ତାଙ୍କ ମଧ୍ୟରେ କିଛିକିଛିଟା ପ୍ରକାଶ ହୋଇପାରିଥାଏ । ସେତେବେଳେ ସେହି ସକଳ ପ୍ରାକୃତିକ ନିୟମର ସମ୍ପଦ, ମାନବ-ସମାଜର ବ୍ୟବହାରିକ ଭାବେ ସୁଖ-ସ୍ୱାଚ୍ଛନ୍ଦ୍ୟ ବୁଦ୍ଧିର ସହାୟକ ହୋଇଥାଏ । ପ୍ରକୃତପକ୍ଷେ ଏଠାରେ କେହି ଅବାନ୍ତର ବା କେଉଁ ନୂତନ ପଦାର୍ଥର କଳ୍ପନା ବା ସୃଷ୍ଟି କରିପାରେ ନାହିଁ । ସୃଷ୍ଟିରେ ଯେକୌଣସି ଭାବରେ ଯାହା ଥାଏ, ତାହାର ଆଭାସ ପାଇ ମନୁଷ୍ୟ କିଛି ଆବିଷ୍କାର କରେ । ତେଣୁ ତାହା ସଭ୍ୟସମାଜ ମଧ୍ୟରେ ବିସ୍ମୟ ସୃଷ୍ଟି କରିଥାଏ । ମନୁଷ୍ୟର ସୃଷ୍ଟି ଏକ ଯନ୍ତ୍ରକଣ୍ଢେଇ ପରି, ଶକ୍ତିମୟ ବିରାଟ ସୃଷ୍ଟି-ବୈଚିତ୍ର୍ୟର ଅତି ଅଯୋଗ୍ୟ କ୍ଷୀଣ ଅନୁକରଣ ମାତ୍ର । ମନୁଷ୍ୟର ସୃଷ୍ଟି ଏକ ବଡ଼ ଦାମ୍ଭିକର ବା ଅଜ୍ଞାନର କଥା । ନହୋଇଥିଲେ ଦେଖୁନ, ଏହି ଗ୍ରାଭିଟେସନ୍, ଇଲେକ୍‌ଟ୍ରିସିଟି, ଏୟାରପ୍ଲେନ୍, ଟେଲିଗ୍ରାଫ୍, ଗ୍ରାମ୍ଫୋନ୍, ରେଡିୟମ୍, ଓୟାରଲେସ୍, ଜାହାଜ, ରେଳ—ଏ ସମସ୍ତ ମନୁଷ୍ୟର ସ୍ଥୂଳସୃଷ୍ଟିର ବାହାରେ ପ୍ରକୃତିର ଯେ ଅସୀମ ସୃଷ୍ଟିକୌଶଳ ରହିଛି, ତା'ଠାରୁ ଯେ କେତେ ସ୍ୱଳ୍ପ, ତାହାର ତୁଳନା ହିଁ ହୋଇପାରିବ ନାହିଁ । ମନୁଷ୍ୟ ତା'ଠାରୁ ସାମାନ୍ୟ ଟିକିଏ ଲାଭ କରିଛି ବା କାମରେ ଲଗାଇଛି । ଧରାଯାଉ, ଏହି ଯେଉଁ ବିଦ୍ୟୁତ, ତାହା ଏହି ସ୍ପେସ୍ ମଧ୍ୟରେ ସର୍ବତ୍ର ପରିପୂର୍ଣ୍ଣ—ତାହାକୁ କାମରେ ଲଗାଇବା ପାଇଁ କେତେ ମୁଣ୍ଡବ୍ୟଥା, କେତେ ଡାଇନାମୋର ପ୍ରୟୋଜନ, କେତେ କେତେ ପଦାର୍ଥର ଯୋଗାଯୋଗକୁ ଅପେକ୍ଷା କରେ ।''

ଯୁବକ—''ସ୍ପେସ୍ ମଧ୍ୟରେ ଯାହା ଅଛି, ତାହା ତ ସ୍ଥିର ଷ୍ଟାଟିକ୍ ବିଦ୍ୟୁତ, ଡାଇନାମିକ୍ ନୁହେଁ ତ, ଏଣୁ କାମରେ ଲଗାଇବାକୁ ଗଲେ...''

ସେ—''ଆହା, ତା'ହେଲେ ତ ଦେଖିପାରୁଛ, ଷ୍ଟାଟିକ୍‌କୁ ଡାୟନାମିକ୍ କରିବାକୁ ଏପର୍ଯ୍ୟନ୍ତ କୌଣସି ସହଜ ପନ୍ଥା ଆବିଷ୍କୃତ ହୋଇନାହିଁ, କିନ୍ତୁ ପ୍ରକୃତି କିପରି ବିନା

ଆଡ଼ମ୍ବରରେ, ଏହି ଷ୍ଟାଟିକ୍‌କୁ ଡାୟନାମିକ୍ କରିନେଇ କାମ ଚଳାଇଛି, ସେହି ଗୁହ୍ୟ ରହସ୍ୟର ସନ୍ଧାନ କ'ଣ ମନୁଷ୍ୟ ଏବେଯାଏ ପାଇଛି ? ଆମର ଅଧିକ ଭାଗ ମନୁଷ୍ୟ ହିଁ ଅଜ୍ଞାନ, ସେଥିଲାଗି ଏବେ ଯାହା ଆବିଷ୍କୃତ ହୋଇପାରିଛି, ସେତିକିରେ ଆମେ ମନେକରୁ, ଅନେକ କିଛି ହୋଇପାରିଛି । ପ୍ରକୃତପକ୍ଷେ ବିଜ୍ଞାନର ଉନ୍ନତି ଦ୍ୱାରା ଏତେ ଯେଉଁ ଆବିଷ୍କାର, ଏତେ ଯେଉଁ ବିସ୍ତାର ଘଟିଛି, ତା'ଦ୍ୱାରା ମନୁଷ୍ୟର କ'ଣ ଦୁଃଖ ଦୂର ହୋଇଛି ? ଏହିସବୁ ଉନ୍ନତି ଫଳରେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଆକ୍ରୋଶ, ସ୍ୱାର୍ଥପରତା, ଜୀବନ-ସଂଘର୍ଷ ବଢ଼ିଚାଲିଛି । ଏହା କ'ଣ ଯଥାର୍ଥ ଉନ୍ନତି ?''

ଯୁବକ ଏବେ ପ୍ରଫୁଲ୍ଲମନରେ କହିଲେ—''ପୂର୍ବକାଳ ତୁଳନାରେ ଏବେକାର ଏତେ ଉନ୍ନତିକୁ ସ୍ୱୀକାର କରିବାକୁ ହୁଏ ନିଶ୍ଚୟ । ଏବର ଏହି ଉନ୍ନତିର ସମୟଠାରୁ ସେକାଳର ଦିନ, ସେକାଳର ଅବସ୍ଥା କଥା ମନେପକେଇଲେ ବୋଧହୁଏ ଯେପରି ଅତୀତ ସମୟର ଜଗତ ଅଧିକ ଅନ୍ଧକାର ଥିଲା ।''

ସେ—''କିନ୍ତୁ ଏ କାଳର ଆଲୋକରେ ଅଳ୍ପ ବୟସରେ ଚକ୍ଷୁ-ମସ୍ତିଷ୍କ ନଷ୍ଟ ହେବାର କିପରି ସୁବିଧା ହୋଇଛି, କୁହ ଦେଖି ? କେତେ କେତେ ବାଳକ-ବାଳିକାଙ୍କର ଚଷମାର ପ୍ରୟୋଜନ ହୋଇପଡ଼ିଛି ! ରୋଗ, ଶୋକ, ଦୁଃଖ, ଦାରିଦ୍ର୍ୟ; ଏ ଚାରିଗୋଟି ଅବସ୍ଥା ଜଗତଠାରୁ କେତେକାଂଶ ଏହି ଆଲୋକିତ ସମୟରେ ହ୍ରାସ ପାଇଛି ମୋତେ ଦେଖାଇଦେବ !''

ଯୁବକ—''ନା, ତାହା ପାରିବି ନାହିଁ, ସେ ଅବସ୍ଥା ବରଂ ପୂର୍ବଠାରୁ ଏବେ ଅନେକ ଅଧିକ । ତେବେ କେବଳ ଏତିକି କହିପାରେ ଯେ ସେ ସମୟଠାରୁ ଏବେ ଲେଖାପଢ଼ାର ଚର୍ଚ୍ଚା ଲୋକମାନଙ୍କ ମଧ୍ୟରେ ବୃଦ୍ଧି ପାଇଛି । ନହେଲେ ପୂର୍ବେ ଲୋକମାନଙ୍କର ସ୍ୱାସ୍ଥ୍ୟ ଭଲ ଥିଲା, ସରଳ ଜୀବନଯାପନ ପ୍ରଣାଳୀ ତଥା ଅଧିକ ପରିମାଣରେ ମନୁଷ୍ୟତ୍ୱ ଥିଲା । ସାଧାରଣଙ୍କ ମଧ୍ୟରେ ମନର ଜଟିଳତା ଏତେ ନଥିଲା । ମନେହୁଏ ସ୍କୁଲ୍, କଲେଜଠାରୁ ପିଲାଙ୍କର ଶରୀର ନଷ୍ଟ ହେବାକୁ ଆରମ୍ଭ କରିଛି । ଖୁବ୍ ଅଳ୍ପ ପିଲା ସ୍କୁଲ୍, କଲେଜରେ କୁସଂସର୍ଗର ପ୍ରଭାବଠାରୁ ରକ୍ଷାପାଇବା ଦେଖାଯାଉଛି । ବର୍ତ୍ତମାନ ଏସବୁ କଥା ବୁଝାପଡୁଛି । ଏବେ ଏ ଦେଶର ବାପାମାନେ ସନ୍ତାନଙ୍କର ଯଥାର୍ଥ କଲ୍ୟାଣ ଦିଗକୁ ଦୃଷ୍ଟିଦେବା ପରିବର୍ତ୍ତେ ପିଲାମାନେ କିପରି ଗୋଟାପଣେ ପାସ୍ କରି ବିବାହବଜାର ଗରମ କରିବେ ଆଉ କାହାଠାରୁ ଶୀଘ୍ର କିଛି ଅର୍ଥ ଆଣିପାରିବେ, ଏହି ଚିନ୍ତା ମୁଖ୍ୟ ହୋଇଛି— ଏଣେ ପିଲାଙ୍କର ଶରୀରରେ ଘୁଣ ଖାଉ, ଉଚ୍ଛନ୍ନ ହୁଅନ୍ତୁ, ସେ ଦିଗକୁ ଲକ୍ଷ୍ୟ ନଥାଏ । ମୋଟ ଉପରେ ଆମ ଜେନେରେସନ୍‌ର ଏହି ପିତାମାନେ ସ୍ୱର୍ଗଧାମ ନଗଲେ ଏ ଦେଶର କିଛି ସୁବିଧା ହେବନାହିଁ । ଏକଥା ଆମେ ବୁଝିଛୁ ଯେ ଦେଶରେ ବହୁ ଓକିଲ ଆଉ

ଡାକ୍ତରଙ୍କ ବୃଦ୍ଧି ଘଟି ଦେଶର ଅପକାର ଯେତେ ହୋଇଛି, ଉପକାର ତାହା ତୁଳନାରେ ଢେର୍ କମ୍ ହୋଇଛି; ଏହା କହିପାରିବୁ । ଓକିଲ ଆଉ ଡାକ୍ତର ଏତେ ଅଧିକ ନହୋଇ ଯଦି ଏହାର ଦୁଇଗୁଣ ଇଞ୍ଜିନିଅର ଓ ସାଇଣ୍ଟିଷ୍ଟ ଅଧିକ ହୋଇଥାନ୍ତେ, ତେବେ ଆମେ ରକ୍ଷାପାଇଯାଇଥାନ୍ତୁ । ଏହି ଦୁର୍ଦ୍ଦିନରେ, ଜାଣନ୍ତି କାମାନ୍ଧ ସ୍ୱାର୍ଥପର ପିତାମାନେ ସନ୍ତାନମାନଙ୍କୁ ଓକିଲାତି ଓ ଡାକ୍ତରୀ ଲାଗି ପଠାଉଛନ୍ତି ! ଛି...ଛି...''

ସେ–''ଦେଖ, କିଛି ସମୟ ଅପେକ୍ଷା କର, ଦେଖିବ ଏହି ଦୁଇଟି ବୃତ୍ତି ନିତାନ୍ତ ହିଁ ନିସ୍ତେଜ ହୋଇପଡ଼ିବେ, ଏପରି ଅବସ୍ଥା ଦେଶରେ ଘଟିବ, କେହି ଆଉ ଓକିଲଙ୍କୁ ଡାକିବେ ନାହିଁ, ଡାକ୍ତରମାନଙ୍କୁ ମଧ ଉନ୍ନତ ହେବାକୁ ପଡ଼ିବ, ନହେଲେ ହାୟ ହାୟ କରିବାକୁ ପଡ଼ିବ । ପ୍ରକୃତି କେବେହେଲେ ବେଶୀଦିନ ମନୁଷ୍ୟର ବ୍ୟଭିଚାର ବରଦାସ୍ତ କରିପାରିବ ନାହିଁ ।''

ଯୁବକ–''କିପରି ଯେ ଏହା ହେବ, ବୁଝିପାରୁନାହିଁ–ଦେଶର ଲୋକଙ୍କର ମୋରାଲ୍ ଷ୍ଟାଣ୍ଡାର୍ଡ କିଛିଟା ଉନ୍ନତ ହେଲେ ଆଉ ଶରୀର କିଛିଟା ସ୍ୱାସ୍ଥ୍ୟପୂର୍ଣ୍ଣ ହେଲେ ସିନା ଘରେଘରେ ଓକିଲ ଡାକ୍ତରଙ୍କର ପ୍ରୟୋଜନବୋଧ କମ୍ ହେବ–ଏ ମୋହ କଟିବାର କୌଣସି ଲକ୍ଷଣ ତ ବର୍ତ୍ତମାନ ଦେଖୁନାହୁଁ, ପୁଣି ବିଶ୍ୱାସ ମଧ ହୁଏନାହିଁ ।''

ସେ–''ଆମେ ଠିକ୍ ରୂପେ ବୁଝିପାରୁନାହୁଁ–କେଉଁଥିରୁ କ'ଣ ହୁଏ, ତେବେ ଏ କାଳର ଏହି ବିଷମ ଭୋଗ, ବ୍ୟଭିଚାରର ଉନ୍ମାଦନା, ଦେଶସାରା ଶରୀର-ନୀତି, ପାରିବାରିକ ନୀତି, ସମାଜନୀତି–ସମାଜରେ ଧର୍ମ ନାମରେ ଯାହାକିଛି ରହିଛି, ତାହାକୁ ଭାଙ୍ଗିଦେବାର ପ୍ରବଳ ଉତ୍ତେଜନା–ଏହି ଚରମ ଅବସ୍ଥାରେ ଆସି ପହଞ୍ଚିଛି । ଅପେକ୍ଷାକର, କେଉଁ ରୂପେ ଯେ ଆସି ପହଞ୍ଚିବ, ତାହା ଏବେ ଠିକ୍ କୁହାଯାଇପାରିବ ନାହିଁ, ତେବେ ଏହାର ପ୍ରତିବିଧାନ ଆଗକୁ ଆସୁଛି । ଏହି ଯୁଦ୍ଧର ବଜାରରେ (୧୯୧୪-୧୮ର ମହାଯୁଦ୍ଧ) ଟଙ୍କାର ମୂଲ୍ୟ କେତେ ଶସ୍ତା ହୋଇପଡ଼ିଛି ଦେଖୁଛ ? ଏହାର ପରିଣାମ ଯେ କେତେ ଭୟାନକ, ତାହା କେହି ଏବେ ଦେଖିପାରୁନାହାନ୍ତି । ସର୍ବନାଶ ସମୟ ଏହିପରି ହିଁ ଆସେ । ପୁନଶ୍ଚ ସୁଦୂର ପଶ୍ଚିମଦେଶରେ ଏତେ ଯନ୍ତ୍ରର ଉଦ୍ଭାବନ ଓ ପରିଚାଳନା–ମାନବ ବିନାଶ କାର୍ଯ୍ୟରେ ନିୟୋଜନ ଦ୍ୱାରା କି ଭୟାବହ ଫଳ ଉତ୍ପନ୍ନ କରିବ, କିଏ କହିପାରିବ ! ତା'ହେଲେ ଦେଖ, ନିମ୍ନତର ପଶୁଠାରୁ ଆରମ୍ଭ କରି ରାଜ୍ୟର ଉଚ୍ଚତମ ମାନବ ପର୍ଯ୍ୟନ୍ତ ହିଂସାରାଜ୍ୟର ଜୀବ, ହିଂସା ଦ୍ୱାରା ହିଁ ଜୀବନର ଉଦ୍ଦେଶ୍ୟକୁ ବଜାୟ ରଖୁଛନ୍ତି । ପୂର୍ବେ ପୃଥିବୀରେ ଯେତେ ଭୟାନକ ତାହା ହିଂସ୍ର ପ୍ରାଣୀବଂଶ ଥିଲା, ତାହା ଲୋପପାଇ ତାଙ୍କର ଗୁଣଗତ ବୈଶିଷ୍ଟ୍ୟ ମନୁଷ୍ୟଙ୍କ ମଧରେ ଛାଡ଼ିଦେଇ ଯାଇଛନ୍ତି । ହତ୍ୟା, କେତେକାଳ ଧରି ମନୁଷ୍ୟର ଅଭ୍ୟାସ, ହତ୍ୟା କରି କରି ନିଜ ଦ୍ୱାରା ସୃଷ୍ଟ ଯନ୍ତ୍ର ସାହାଯ୍ୟରେ ଅତିମାତ୍ରାରେ ହିଂସା, ପ୍ରତିହିଂସାର ଅଧିକାରୀ

କରି ସେମାନଙ୍କୁ ତୋଳିଛି ! ଦେଖନା ଏହି ପଶୁରାଜ୍ୟରେ ଯାହା ନଖ, ଦାନ୍ତ, ଶିଙ୍ଗ—ସଭ୍ୟ ମନୁଷ୍ୟର ରାଜତ୍ୱରେ ସେ ସମସ୍ତ ତୀର-ଧନୁ, କୁଠାର, ବର୍ଚ୍ଛା, ଭୁଜାଲି, ତରବାରି; ପୁଣି ଏବେକାର ଆହୁରି ଉଚ୍ଚତର ସଭ୍ୟତାରେ ସେଗୁଡ଼ିକ ବନ୍ଧୁକ, ପିସ୍ତଲ, କମାଣ, ପୁନଶ୍ଚ ଚରମ ଉତ୍କର୍ଷର ସ୍ୱରୂପ ପୟେଜନାସ୍ ଗ୍ୟାସ୍‌ର ଆବିଷ୍କାର ହେଲାଣି ।''

ଯୁବକ—''ଅବଶ୍ୟ ଏ ଦିଗରେ ଯାହାହେଉ, କିନ୍ତୁ ଲାଇଫ୍‌କୁ ଏନ୍‌ଜୟ କରିବାଟା ସେମାନେ ଜାଣନ୍ତି—ଏସବୁ ମାନବ ବିନାଶ କଥା ଛାଡ଼ିଦେଲେ, ସେମାନେ ବିଜ୍ଞାନର ଯେତେ ଉନ୍ନତି କରିଛନ୍ତି, ତାହାର ଶତଭାଗରୁ ଏକଭାଗ ଆମର ପ୍ରାଚୀନ ବା ଆଧୁନିକ ଭାରତରେ ହୋଇପାରି ନାହିଁ ।''

ସେ—''ପ୍ରାଚୀନ ଭାରତୀୟମାନେ ଭୂତ ବା ପଦାର୍ଥ ବିଜ୍ଞାନର ସନ୍ଧାନ ମଧ୍ୟ ଜାଣିଥିଲେ । ପ୍ରୟୋଜନବେଳେ କାର୍ଯ୍ୟରେ ଲଗାଉଥିଲେ, ତା'ର ଭୂରିଭୂରି ପ୍ରମାଣ ରହିଛି । ତେବେ ସେମାନେ ଏହି ସମ୍ବନ୍ଧରେ ଡିଟେଲ୍‌ଡ ଇନ୍‌ଫରମେସନ୍ ରଖିଯାଇନାହାନ୍ତି । ସାମାନ୍ୟ ଯାହା ରହିଛି—ମାରଣ, ଉଚ୍ଚାଟନ, ଭୂତ-ବଶୀକରଣ ଇତ୍ୟାଦି—ପ୍ରାୟତଃ ବର୍ତ୍ତମାନ ସେସବୁ ଅବ୍ୟବହାର୍ଯ୍ୟ । ଅବଶ୍ୟ ଏହି ପରାଧୀନ ଅବସ୍ଥାରେ ଏକ ଶ୍ରେଣୀର ଲୋକଙ୍କ ନିକଟରେ ଏହାର କୌଣସି ମୂଲ୍ୟ ନାହିଁ ବୋଲି ମନେହୁଏ—କିନ୍ତୁ ଏହି ବିଶାଳ ସୃଷ୍ଟିର ରହସ୍ୟ—ସୃଷ୍ଟି ମଧ୍ୟରେ ଜୀବର ଉତ୍ପତ୍ତିର କାରଣ, ମନୁଷ୍ୟର ଉତ୍ପତ୍ତି ଏବଂ ବର୍ତ୍ତମାନ ଅବସ୍ଥାର ପରିଣତି, ଭୋଗାୟତନ ଶରୀର, ଇନ୍ଦ୍ରିୟାଦିର ସୂକ୍ଷ୍ମ ବିଶ୍ଳେଷଣ, ଭୋଗ ଓ କର୍ମର ରହସ୍ୟ, ପାଶବଦ୍ଧ ଅବସ୍ଥାରେ ବିଚାରମୁକ୍ତି ଓ ତା'ର ପଥ—ସ୍ରଷ୍ଟା ବା ଈଶ୍ୱର, ସ୍ରଷ୍ଟା ସହ ସୃଷ୍ଟିର ସମ୍ବନ୍ଧ, ଏହି ସମସ୍ତ ଅତି ଗଭୀର ତତ୍ତ୍ୱ ପ୍ରାଚୀନ ଭାରତରେ ହିଁ ଆବିଷ୍କୃତ ହୋଇଥିଲା । ମୁଁ ଆଉସବୁ ଜଡ଼ ପଦାର୍ଥ ବିଜ୍ଞାନର କଥା, ଚିକିତ୍ସା, ଆୟୁର୍ବେଦ, ଧନୁର୍ବେଦ, ଅଙ୍କଶାସ୍ତ୍ର, ରସାୟନ ଆଦି ବହୁବିଧ ଜ୍ଞାନର ବିଭାଗ ଛାଡ଼ିଦେଉଛି—ଯାହା ପରେ ଆଉ ଜ୍ଞାନ ନଥାଏ, ମନୁଷ୍ୟର ଚରମ ଜ୍ଞାନ ଯେଉଁ ଆତ୍ମତତ୍ତ୍ୱ ବା ଭଗବତ୍-ତତ୍ତ୍ୱ ପରିଚୟ, ସଭ୍ୟତାର ଚରମ ଉତ୍କର୍ଷର ଅମୃତଫଳ, ତାହା ଏହି ଭାରତ ହିଁ ଜଗତକୁ ଦେଇଛି । ଭଗବାନଙ୍କୁ କେତେ ଭାବରେ, ପାର୍ଥିବ ସର୍ବବିଧ ସମ୍ପର୍କରେ, ବିବିଧ ପ୍ରକାର ଆସ୍ୱାଦନରେ, ପୁଣି ସକଳ ସମ୍ପର୍କରେ ତା'ର ସାର୍ଥକତା ତାହା କୌଣସି ଜାତି ଅନୁଭବ କରିଥିଲା ? ତୁଚ୍ଛ ସ୍ୱଳ୍ପ ବିଦ୍ୟାମୋହରେ ଏ ସମସ୍ତ ଅବିଚାର କଲେ ଚଳିବ କିପରି ? କେଉଁ ସଭ୍ୟତାରେ ଏତେ ଅଧିକ ଚୈତନ୍ୟର ପ୍ରସାର ହୋଇଥିଲା ! ଲଘୁ, ଗୁରୁ-ଜ୍ଞାନହୀନ ବ୍ୟକ୍ତି ଏସବୁକୁ ଉଡ଼େଇ ଦେଇପାରେ; କିନ୍ତୁ ଯେଉଁମାନେ ବିଚାରବନ୍ତ ଉନ୍ନତିକାମୀ, ସେମାନେ କେବେହେଲେ ଏ ସକଳ ପୂର୍ବଗୌରବକୁ ଏବେ ମୂଲ୍ୟହୀନ ବୋଲି ତୁଚ୍ଛ ଧାରଣା କରିପାରିବେ ନାହିଁ । ଯିଏ ଏତେ ଅଧିକ ଗଭୀର ଚୈତନ୍ୟସମାହିତ ହୋଇ ପ୍ରକୃତିର ଗୁହ୍ୟତମ ରହସ୍ୟର ଆବିଷ୍କାର କରିପାରିଥିଲେ—ସାଂଖ୍ୟ, ପାତଞ୍ଜଳି, ବେଦାନ୍ତ

ଦର୍ଶନର ତତ୍ତ୍ୱସକଳକୁ ଆବିଷ୍କାର କରିପାରିଥିଲେ—ସେମାନଙ୍କ ନିକଟରେ ରେଲୱେ, ଏୟାରପ୍ଲେନ୍, ଇଲେକ୍‌ଟ୍ରିସିଟି, ଗ୍ରାମ୍ଫୋନ୍, ରେଡିଓ, ଗ୍ରାଭିଟେସନ୍, ରିଲେଟିଭିଟି ଆଦିର ସନ୍ଧାନ କ'ଣ ନଥିଲା ? ସେମାନଙ୍କ ପକ୍ଷରେ ଏହି ସକଳ ଆବିଷ୍କାର କ'ଣ କଠିନ କାର୍ଯ୍ୟ ଥିଲା ?''

''ଯାହାର ଯେଉଁଭଳି ପ୍ରକୃତି, ତା'ର ସଭ୍ୟତାର ଗତି ମଧ୍ୟ ସେହିଭଳି । ଏବେ ପାଶ୍ଚାତ୍ୟର ପରି ଏକସମୟରେ ଭାରତର ମଧ୍ୟ ସାମ୍ରାଜ୍ୟ ମୋହ ପ୍ରବଳ ହୋଇଥିଲା । କିନ୍ତୁ ତାହା ଭାରତଭୂମି ମଧ୍ୟରେ ସୀମାବଦ୍ଧ ଥିଲା । ତା'ପରେ ସେହି ଗତିର ଦିଗ ବଦଳିଗଲା । କ୍ରମେ ଆତ୍ମଜ୍ଞାନ ଭଗବତ୍ ତତ୍ତ୍ୱ ହିଁ ପ୍ରାଧାନ୍ୟ ଲାଭ କଲା । ମୋକ୍ଷମାର୍ଗ ସହ ଆସକ୍ତି ଓ ଭୋଗବାଦର ବିବାଦ ଆରମ୍ଭ ହେଲା, ଇହକାଳ ସହ ପରକାଳ ବିବାଦରେ ଭାରତର ବାହୁବଳ ନିଃଶେଷିତ ହୋଇଗଲା । କିନ୍ତୁ ଏବେ ମଧ୍ୟ ପାଶ୍ଚାତ୍ୟର ଚିନ୍ତାଶୀଳ ବ୍ୟକ୍ତି ପଦାର୍ଥ ବିଜ୍ଞାନ ରାଜ୍ୟରେ ଯାହାକିଛି ଆବିଷ୍କାର କରିଛନ୍ତି, ତାହା ଇହକାଳର ସୁଖସ୍ୱାଚ୍ଛନ୍ଦ୍ୟ, ଅନ୍ନବସ୍ତ୍ର ସମସ୍ୟାର ସମାଧାନ କାର୍ଯ୍ୟରେ, ଭୋଗବିଳାସ, ପ୍ରଭାବ, ପ୍ରତିପତ୍ତି ବିସ୍ତାର କର୍ମରେହିଁ ଉପଯୋଗୀ ଥିଲା । ଇହଲୋକର ସୁଖ ବ୍ୟତୀତ ଜଗତରେ ତାଙ୍କର ଆଉ କିଛି ହିଁ ନଥିଲା । କିନ୍ତୁ ଭାରତର ଜ୍ଞାନୀଜନ ଭୋଗମୂଳକ ଆୟତନ ବୃଦ୍ଧି ଚାହିନଥିଲେ । ସେମାନେ କର୍ମକୁ ଓ ଭୋଗ-ସୁଖର ବ୍ୟବହାରକୁ ସଂକ୍ଷେପ କରିଦେବାକୁ ଚାହିଥିଲେ । ସେମାନେ ଭଲ ଭାବରେ ଏକଥା ବୁଝିଥିଲେ ଯେ ଏହି ସଂସାରରେ ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଆରାମର କୁହୁକଠାରୁ ନିବୃତ୍ତି ଦିଗରେ ଯିବା ଯେତେଟା ସମ୍ଭବ ହେବ, କର୍ମକୁ ଯେତେ ସମ୍ଭବ କମ୍ କରାଯାଇପାରିବ, ସେତେହିଁ ଆଧ୍ୟାତ୍ମିକ କଲ୍ୟାଣ ଲାଭହେବ । ସେମାନଙ୍କର ଇହସର୍ବସ୍ୱ-ବୁଦ୍ଧି ତ ନଥିଲା, ବରଂ ସେମାନଙ୍କ ବୁଦ୍ଧି-ବୃତ୍ତି, ଚୈତନ୍ୟ ପର ବା ପରାମାର୍ଗରେ ହିଁ ଗତି କରିଥିଲା । ସେମାନଙ୍କ ଜୀବନଗତିକୁ ଆଲୋଚନା କଲେ ଏହାହିଁ କେବଳ ପରିଷ୍କାର ଭାବେ ଧାରଣା କରାଯାଇଥାଏ । ସେମାନେ ଯେଉଁ ବସ୍ତୁକୁ ମୁଖ୍ୟ କରି ଦେଖିଛନ୍ତି, ତାହାର ହିଁ ଡିଟେଲ୍‌ଡ ଇନ୍‌ଫର୍‌ମେସନ୍ (Detailed Information– ସର୍ବଶେଷ ବିବରଣୀ) ରଖିଯାଇଛନ୍ତି । ହିନ୍ଦୁଧର୍ମରେ ଚତୁରାଶ୍ରମ କି ଅପୂର୍ବ ସଂସ୍କାର ! ଭାରତୀୟ ସଭ୍ୟତା କ୍ଷେତ୍ରରେ ମୃତ୍ୟୁର କି ଅପୂର୍ବ ବୈଜ୍ଞାନିକ ବିଶ୍ଳେଷଣ ! ସେମାନେ କେହି ଘର ଭିତରେ ଆତ୍ମୀୟସ୍ୱଜନଙ୍କ ଦ୍ୱାରା ପରିବୃତ ହୋଇ ଦେହତ୍ୟାଗ କରିବାକୁ ଚାହୁନଥିଲେ । ସମସ୍ତେ ହିଁ ବାନପ୍ରସ୍ଥ ବା ସନ୍ନ୍ୟାସ ଅବଲମ୍ବନ କରି ଶେଷଜୀବନ ପରମେଶ୍ୱରଙ୍କ ଚିନ୍ତାରେ ନିମଗ୍ନରହି, ବନ ମଧ୍ୟରେ ଦେହତ୍ୟାଗ କରୁଥିଲେ । ମୃତ୍ୟୁକୁ ସେମାନେ ପରମଗତିର ସହଜ ପଥ ବୋଲି ଜାଣିଥିଲେ । ତାହା କୌଣସି ଶୋକ ବା ମୋହର ବ୍ୟାପାର ନଥିଲା, ପରନ୍ତୁ ଜୀବନର ପୂର୍ଣ୍ଣ ପରିଣତି ଓ ଚରମ ସାର୍ଥକତା ବୋଲି ଜାଣିଥିଲେ । ଭାରତୀୟ ସଭ୍ୟତାର

ବୈଶିଷ୍ଟ୍ୟ ହିଁ ଏହିଠାରେ । କିନ୍ତୁ ଏବେ ପୂର୍ବର ସେହି ମହାନ ଆଦର୍ଶ ନାହିଁ । ଏବେ ପଦାର୍ଥ ବିଜ୍ଞାନ, ଅର୍ଥନୀତି ବିଜ୍ଞାନ ଏହି ସମସ୍ତ ପାଶ୍ଚାତ୍ୟ ଆଦର୍ଶ କାମ ଦେଉଛି—ପାର୍ଥିବ ଜୀବନ ଦ୍ୱନ୍ଦ୍ୱରେ ଜୟୀ ହେବାର ପ୍ରବଳ ପ୍ରଚେଷ୍ଟା ଆରମ୍ଭ ହୋଇଯାଇଛି । ଏବେ ଜଡ଼ ବିଜ୍ଞାନର ଉନ୍ନତି ଘଟିବାରେ ଆଉ ବାଧା ନାହିଁ । ତୁମେ ଶୀଘ୍ର ହିଁ ଦେଖିବ, ପାଶ୍ଚାତ୍ୟରେ ସ୍ଥିତ ଭାରତୀୟ ଶିଷ୍ୟମାନେ ଏବେ ଠିକ୍ ଏହିପରି ନାନା ଆବିଷ୍କାରମାନଙ୍କରେ ଜଗତ ମଧ୍ୟରେ ଭାରତବାସୀଙ୍କ ଭିତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବେ, ଏହା ସତ୍ୟ, ଏଥିରେ ସନ୍ଦେହ ନାହିଁ—ନିଶ୍ଚୟ ହିଁ ସମ୍ଭବ ହେବ । ତେବେ ଏ କଥା ମଧ୍ୟ ଠିକ୍ ଜାଣିବା ଉଚିତ ଯେ ଏହି ଜୀବନ-ଦ୍ୱନ୍ଦ୍ୱରେ ଏକ ଘାତ-ପ୍ରତିଘାତ ସହ୍ୟ କରିବାର ଶକ୍ତି ସଙ୍ଗେ ସଙ୍ଗେ ଅର୍ଜନ ନ କଲେ ବଞ୍ଚିବା ମୁସ୍କିଲ ହେବ । ଅନ୍ଧାୟାସରେ ଏହି ପଙ୍ଗୁ ଜୀବନକୁ କଠିନ ଦ୍ୱନ୍ଦ୍ୱରେ ସହ୍ୟ ନ କଲେ ଶୀଘ୍ର ହିଁ ଭାଙ୍ଗି ପଡିବାକୁ ହେବ । ଗୋଟିଏ ଦିଗରୁ ଏହି ସମୟ ମଧ୍ୟରେ ହିଁ ଭାଙ୍ଗିଯିବା ଆରମ୍ଭ ହୋଇଛି ।''

ଯୁବକ : ''ମୃତ୍ୟୁ ବିଷୟରେ ଆହୁରି ଟିକିଏ ଜାଣିବାର ଅଛି । ଆମର ଯେ ମୃତ୍ୟୁ ହେବ, ତାହା ଆମେ ଜାଣୁ । ତେବେ ମୃତ୍ୟୁକୁ ଏତେ ଭୟ ଲାଗେ କାହିଁକି । ଏହି ଭୟକୁ ଏଡ଼ାଇ ଦେବା କିପରି ?''

ସେ : ''ଚିରକାଳ ହିଁ ଯାହାର ତୁଚ୍ଛ-ଇନ୍ଦ୍ରିୟ ବିଷୟବ୍ୟାପାରରେ କଟିଥାଏ, ଜୀବନରେ କେବେ ହେଁ କୌଣସି ମହତ ଚିନ୍ତା ହୋଇ ନ ଥାଏ, କୌଣସି ମହତ ଭାବର ଆସ୍ୱାଦନ ପାଇ ନ ଥାଏ, ତା' ହେଲେ ମୃତ୍ୟୁ ଭୟ ଯିବ କିପରି ? କୌଣସି ମହତ୍ ଆଶ୍ରୟ ନ କଲେ ମୃତ୍ୟୁଭୟ ଯିବା କଥା ନୁହେଁ । ଦେଖ, ଏଠାରେ ମନୁଷ୍ୟ ତିନୋଟି ପ୍ରକାରେ ଉନ୍ନତପ୍ରାଣ ବା ମହତ-ଆଶ୍ରିତ ହୋଇପାରେ । ପ୍ରଥମେ, ମୁଁ କିଏ ଓ କାହିଁକି ଆସିଛି ? ଏହି ଜିଜ୍ଞାସା ଯାହା ମନରେ ଜାଗ୍ରତ ହୁଏ, ଆଉ ଏହି ଅନୁସନ୍ଧାନ ହିଁ ଯାହାର ଜୀବନର ମୁଖ୍ୟ କର୍ମ ହୁଏ, ସେ ମହତ୍ ପ୍ରାଣ । ଦ୍ୱିତୀୟ—ପ୍ରକୃତି ହେଉ ବା ଭଗବାନ ହୁଅନ୍ତୁ, ତା'କୁ ଅବଲମ୍ବନ କରି ଏହି ବିଶାଳ ସୃଷ୍ଟିପ୍ରବାହର ଅନନ୍ତ ଶକ୍ତି ଅନନ୍ତ ବୈଚିତ୍ର୍ୟମୟ ଉତ୍ସର ଅନୁସନ୍ଧାନରେ ଯିଏ ଜୀବନର ଗତିକୁ ଚାଳନା କରୁଥାଏ, ସେ ମହତ୍ ପ୍ରାଣ । ପୁଣି ତୃତୀୟରେ—ମନୁଷ୍ୟ ହୋଇ ମନୁଷ୍ୟର ଦୁଃଖକୁ ଅନୁଭବ କରିବା ସହ, ସେବାବ୍ରତ ଅବଲମ୍ବନ କରି ଯିଏ ମହତ୍ ଆଶ୍ରିତ ହୋଇଥାଏ, ସେ ମହତ୍ ପ୍ରାଣ । ସକଳ ମାନବ ଯେ ଏକହିଁ ସତ୍ୟ, ଜଣକର ଦୁଃଖ ଯେ ମୋ'ର ଦୁଃଖ, ଏହି ଅନୁଭବ ଯାହାର ହୁଏ, ସେ ମହତ୍ । ସ୍ୱାର୍ଥକୁ ପରାର୍ଥରେ ବିସ୍ତୃତ କରିବା ହେଉଛି ମହତ୍ ଗୁଣ । ଏହି ତିନିଗୋଟି ଉପାୟରେ ମନୁଷ୍ୟର ଅସ୍ତିତ୍ୱ ମହାନ ହୁଏ । ମୃତ୍ୟୁଭୟକୁ ଦୂର କରିବାର ଏହି ତିନିଗୋଟି ହେଉଛି ପ୍ରଧାନ ଉପାୟ । ଆସନ୍ନ ମୃତ୍ୟୁ ବେଳେ ମଧ୍ୟ ଏହି ତିନୋଟି ମଧ୍ୟରୁ ଯଦି ଗୋଟିଏ ଭାବର ଜ୍ଞାନୋଦୟ ହୁଏ, ତେବେ ମଧ୍ୟ ମୃତ୍ୟୁଭୟକୁ ଦୂରକରି ହେବ । କିନ୍ତୁ ଜୀବନସାରା ଅନ୍ୟ କର୍ମ କରିଥିଲେ ଶେଷ ସମୟରେ ମନରେ ଏହି ଭାବ ଆସିବା କଷ୍ଟକର ହୋଇପଡ଼େ ।''

''ସାରା ଜୀବନ ଯେଉଁ ବିଷୟକୁ ଆସ୍ୱାଦନ କରିବାର ପ୍ରବୃତ୍ତି ଯଦି ନ ହେଲା, ଏବେ ଏହି ଜୀବନର ସନ୍ଧିକ୍ଷଣରେ ସେ ଦିଗକୁ ମନ ନ ଯିବାର ହିଁ କଥା । ତେବେ ଏହି ତିନିଗୋଟି ମହତ୍ ବିଷୟର କଥା ଜାଣିରଖିବା ଭଲ । ଏହା ମଧ୍ୟରେ ଆତ୍ମାକୁ ନେଇ ଏବଂ ପ୍ରକୃତିକୁ ନେଇ ସ୍ୱଭାବର ମଧ୍ୟ ଦେଇ ହିଁ ହୋଇଥାଏ, ସୁତରାଂ ମଝିରେ ଅବିଶ୍ୱାସ ବା ସଂଶୟ ଆସି ନିଜର ଜ୍ଞାନଲବ୍ଧ ପ୍ରମାଣକୁ ଓ ବିଶ୍ୱାସକୁ ଯେପରି ନଷ୍ଟ ନ କରେ, ସେ ଦିଗରେ ତୀକ୍ଷ୍ଣ ଲକ୍ଷ୍ୟ ରଖିବାକୁ ପଡ଼ିଥାଏ । କିନ୍ତୁ ଭଗବାନଙ୍କୁ ଗ୍ରହଣ କରିବା, ବିଶ୍ୱାସ କରିବା, ଅବଲମ୍ବନ କରିବା ବଡ଼ କଠିନ ବ୍ୟାପାର । କାରଣ ଏକମାତ୍ର ବିଶ୍ୱାସ ବ୍ୟତୀତ ତା'ର ଅନ୍ୟ କୌଣସି ପ୍ରମାଣ ନାହିଁ । ଭଗବାନଙ୍କ ସମ୍ବନ୍ଧରେ ମନୁଷ୍ୟର କୌଣସି ପ୍ରତ୍ୟକ୍ଷ ଜ୍ଞାନ ହିଁ ନଥାଏ । ଯିଏ ଇନ୍ଦ୍ରିୟ ବିଷୟକୁ ଅର୍ଥାତ୍ ବାହ୍ୟଭୋଗର ବସ୍ତୁକୁ ତୁଚ୍ଛ କରିଥାନ୍ତି, ତାଙ୍କୁ ହିଁ ଜୀବନର ଅବଲମ୍ବନ କରିଥାନ୍ତି, ସେହି ବ୍ୟକ୍ତିଙ୍କ କଥା ହିଁ ଭଗବାନଙ୍କ ଅସ୍ତିତ୍ୱର ଏକମାତ୍ର ପ୍ରମାଣ : ଭକ୍ତଙ୍କର କଥା ତାଙ୍କ ନିଜର ପ୍ରତ୍ୟକ୍ଷ ହୋଇପାରେ, କିନ୍ତୁ ତୁମ-ଆମ ପାଖରେ ତାହା ଅନୁମାନ ହିଁ କେବଳ । ଆମେ ପରୀକ୍ଷା-ନିରୀକ୍ଷା ବୁଦ୍ଧି ଦ୍ୱାରା ହୁଏତ ବ୍ୟାପାରଟିକୁ ଦେଖିବାକୁ ଯିବୁ । କାର୍ଯ୍ୟତଃ ଏହାକୁ ନେଇ ଆଗେଇବା କଷ୍ଟକର ।''

ଯୁବକ : ''ଆଚ୍ଛା, ଭକ୍ତି-ଶାସ୍ତ୍ରରେ ହିଁ ଦେଖିବାକୁ ପାଉ ଯେ କର୍ମ ଓ ବିଷୟଭୋଗାଦି ତ୍ୟାଗ ନ କରି ମଧ୍ୟ ଭଗବାନଙ୍କ ସହ ଘନିଷ୍ଠ ସମ୍ବନ୍ଧ ରଖାଯାଇପାରେ । ସେହି ହିଁ ସବୁ କରୁଛନ୍ତି, ଆମେ ଯନ୍ତ୍ର ମାତ୍ର—ଏହି ଜ୍ଞାନ ଥିଲେ ହିଁ ଯଥେଷ୍ଟ ।''

ସେ : ଏହିଠାରେହିଁ ତ ବିପଦ । 'ମୁଁ' କୁ କେନ୍ଦ୍ର କରି ଯେତେ ଯେତେ କାମ ହେଉଛି, ସେହି ସକଳର କର୍ତ୍ତା 'ମୁଁ, ଆମର ଏଇ ଯେଉଁ ସ୍ୱାଭାବିକ ଜ୍ଞାନ, ଯେତେକ୍ଷଣ ପର୍ଯ୍ୟନ୍ତ 'ମୁ'ତ୍ୱ ଯିବ ନାହିଁ ମୋତେ ଗ୍ରାସ କରିବା ପରି ବିରାଟ ଏକ 'ମୁଁ'ର ସାକ୍ଷାତକାର ଯେପର୍ଯ୍ୟନ୍ତ ନ ହୋଇଛି, ଏପରି ହେବାର ପୂର୍ବକ୍ଷଣ ପର୍ଯ୍ୟନ୍ତ ଭଗବାନ କର୍ତ୍ତା ରୂପେ ମୁହଁରେ କୁହାଯାଇପାରେ । ମାତ୍ର କାମ ବେଳକୁ, ସେହି ମୋହର ଏହି 'ମୁଁ' ଟିକକ ପ୍ରତ୍ୟକ୍ଷ ହୋଇଥାଏ । ଯେପରି ସୂର୍ଯ୍ୟର ପ୍ରକାଶ ନ ହେବାଯାଏ ଚନ୍ଦ୍ରର କର୍ତ୍ତୃତ୍ୱ ହିଁ ପ୍ରବଳ ଥାଏ ଓ ତାହା ଯେପରି ଯିବାର ନୁହେଁ, ଏହା ମଧ୍ୟ ସେହିପରି । ସେହି ଯେ ଅଛନ୍ତି ଏବଂ ସକଳ କ୍ଷେତ୍ରରେ କର୍ତ୍ତା ରୂପେ ଅଛନ୍ତି, ତାଙ୍କର ଅସ୍ତିତ୍ୱର ଜ୍ଞାନ ତୁମ-ଆମଠାରେ କେଉଁଠି ଅଛି ? କଳ୍ପନା ଦ୍ୱାରା ତ କାମ ହୁଏ ନାହିଁ । ପଦେ ପଦେ ଭ୍ରମ, ଅବିଶ୍ୱାସ ହାତରୁ ଆମକୁ ପରିତ୍ରାଣ ମିଳେ ନାହିଁ । କାର୍ଯ୍ୟତଃ ସେଥିଲାଗି ଯିଏ ଭଗବାନଙ୍କୁ ଏକମାତ୍ର ଜୀବନର ଉଦ୍ଦେଶ୍ୟ ବୋଲି ଗ୍ରହଣ କରିଥାନ୍ତି, ତାଙ୍କ ଠାରେ ହିଁ ସେ ସକଳ ଆକାଂକ୍ଷା ସମର୍ପଣ କରିବେ, ସେଇ ହିଁ ନିଜ ମଧ୍ୟରେ ତାଙ୍କୁ ଆବିଷ୍କାର କରିପାରିବେ । ତାଙ୍କର ଜନ୍ମ, ଜୀବନ ଓ ମୃତ୍ୟୁ ସାର୍ଥକ ହେବ ଏଥିରେ ସନ୍ଦେହ ନାହିଁ । ସାଧାରଣଙ୍କର ତ ଏ ଦିଗରେ ଲକ୍ଷ୍ୟ ନ ଥାଏ, ନିଜର ଯେଉଁ ଦେହ ମନ, ବୁଦ୍ଧି, ଶକ୍ତି ଟିକକ ଅଛି, ତାହାକୁ ନେଇ ସେ ମସ୍‌ଗୁଲ ଥାଆନ୍ତି । ସମଗ୍ର ଜୀବନଟା ତାହାରି ମଧ୍ୟରେ ହିଁ ତାଙ୍କର ଘୂରୁଥାଏ—କାର୍ଯ୍ୟତଃ—

'ଯତନେ ଯେତେକ ଧନ, ପାପେ ବାଟାୟନୁ
ସବ ପରିଜନ ମେଲି ଖାୟ,
ମରଣ କୋ ବେରି, କୋଇନା ପୁଛଇ, କରମ ସଙ୍ଗେ ଚଲିଯାୟ ।'
ଅର୍ଥାତ୍ 'ଯତନେ ଯେତେକ ଧନ, ପାପେ ବାଣ୍ଟିଦେଲି ସବୁ
ପରିଜନ ଖା'ନ୍ତି ତାକୁ ମିଳି, ଯେଣୁ ମରଣକୁ ଛାଡ଼ି କେହି, ନ ପଚାରେ
କରମ ସାଥେ ସରବ ଯାଇ ଥାଏ ଚାଲି ।'

ଯୁବକ : 'ଆହୁରି ପୁଣି ଶେଷ ଶମନ ଭୟେ ତୋର ବିନୁ ଗତି ନାହିଁ ଆଉ ।'

ଯୁବା : ''ପୁଣି, ଶେଷ ଶୟନ ଭୟେ ତୁୟା ବିନୁ ଗତି ନାହିଁ ଆରା' ଥାଇ – ଏହା ତ ପୁଣି ଅଛି !''

ସେ : କାହାର ଅଛି, କିଏ କହୁଛି ଏ କଥା ? ଯିଏ ଏକଥା କହିଛନ୍ତି, ସେ କହି ପାରନ୍ତି, ସେ ଜୀବନରେ ତାଙ୍କୁ ଆସ୍ୱାଦନ କରିଛନ୍ତି, କାମରେ ଯାହାକିଛି ଭୁଲ ଅଛି ଏହି ସମୟରେ ସେହିଟିକକୁ କ୍ଷୟ କରି ନେବାକୁ ପଡ଼ିବ । ତାହା ହିଁ ତ ଆତ୍ମନିବେଦନ । କିନ୍ତୁ ଚିରଜୀବନ ଯେଉଁ ବ୍ୟକ୍ତି ଅସ୍ତିତ୍ୱକୁ ଅବିଶ୍ୱାସ କରି ହିଁ ଆସିଛି, ତା'ର ଗତି କ'ଣ ହେବ ? ତାହାର ସେହି 'ମୁଁ' ତ ଏବେ ନିଶ୍ଚିତରେ କର୍ମଫଳାଧୀନ ।''

ଯୁବକ : ''ତାହା ହିଁ ତ ? ଭଗବାନଙ୍କୁ ଭଜନ ନକରି ଆପଣମାନେ ଛାଡ଼ିବେ ନାହିଁ ଦେଖୁଛି । ଅନ୍ୟ କେଉଁ ଉପାୟରେ ଯେତେବେଳେ ନହେଲା, ସେତେବେଳେ ମୃତ୍ୟୁଭୟ ଦେଖାଇ କାର୍ଯ୍ୟୋଦ୍ଧାର ।''

■■

ତ୍ରୟୋଦଶ ପରିଚ୍ଛେଦ

ଆମେ ନବଦ୍ୱୀପରୁ କାଲି ହିଁ ଯିବା, ସୁତରାଂ ଗଙ୍ଗାତୀରସ୍ଥ ସେହି କଠୋର ତପସ୍ୱୀଙ୍କ ପାଖକୁ ଥରେ ଯିବାକୁ ମନସ୍ଥ କଲି । ସୁଯୋଗ କରି ଉପରବେଳା ତାଙ୍କ ପାଖକୁ ଯାଇଥିଲି ଏବଂ ଭାଗ୍ୟକ୍ରମେ ସାକ୍ଷାତ ମଧ୍ୟ ପାଇଥିଲି ।

ସେ ବିଶେଷ କିଛି କହିବାକୁ ଅନିଚ୍ଛୁକ—ସେଦିନ ପରି ମିଞ୍ଜାସ୍ ନାହିଁ । ଆଜି ଆଉ ଅନ୍ୟ ଏକ ରକମ ତାଙ୍କୁ ଦେଖିଲି । ତାଙ୍କର ଏହି ବିଶେଷତ୍ୱ ଯେ ତିନିଥର ତାଙ୍କର ସାକ୍ଷାତ ପାଇଥିଲି, ଜଣାଗଲା ତିନିଥରରେ ହିଁ ସେ ତିନି ପ୍ରକାରର ବ୍ୟକ୍ତି । ଶେଷରେ ଯେଉଁ ମଣିଷଟିକୁ ପାଇଲି, ନିତାନ୍ତ ହିଁ ସମସ୍ତ ବିଷୟ ନେଇ ତାଙ୍କର ବିରକ୍ତି ଭାବଟି ହିଁ ଲକ୍ଷ୍ୟ କଲି ।

ତାଙ୍କର ଭାବଥିଲା ଏହିପରି—କାହିଁକି, ଏତେ କଥା କହିବା ଲାଗି ବ୍ୟସ୍ତ କାହିଁକି ? ଯେଉଁସବୁ ବିଷୟ ଆଲୋଚନା କରିବାକୁ ଚାହଁ, ନିଜେ ଟିକିଏ ଚିନ୍ତା କରି ଦେଖୁନାହଁ କାହିଁକି ? ଅନର୍ଥକ ପ୍ରଶ୍ନ ପଚାରି ଜଣକୁ ଉତ୍ୟକ୍ତ କରିବା କ'ଣ ପ୍ରୟୋଜନ ? ସକଳଙ୍କ ସଙ୍ଗେ ସବୁ କଥା କହିବାକୁ ମନ ବାଧାଦିଏ—ଇଚ୍ଛା ହୁଏ ନାହିଁ । ପୁଣି ନିଜ ମନକଥା କହିବାକୁ ଲୋକ ବା କାହାନ୍ତି !

ମୋତେ ତାଙ୍କର ଏହି ଭାବଟି ଭଲ ଲାଗିଲା—କାରଣ ଅଭିଜ୍ଞତା ଫଳରେ ସାଧାରଣ ମନୁଷ୍ୟଙ୍କ ମଧ୍ୟରେ ଦେଖିଛି ଯେ ସେମାନଙ୍କ ଜିଜ୍ଞାସାର ଅନ୍ତ ନାହିଁ । କେତେ ରକମ କେତେ କଥାର ଅବତାରଣା କରିଥାନ୍ତି ଯେ, ଇଚ୍ଛାହୁଏ ସେମାନଙ୍କୁ ସ୍ପଷ୍ଟଭାବେ କହିଦିଏ, ବାପ, ପ୍ରଥମେ ବାଜେ କଥା ଗୁଡ଼ାକୁ ତ୍ୟାଗ କର, କେଉଁ କଥା ପ୍ରୟୋଜନ, କେଉଁଟା ନିଷ୍ପ୍ରୟୋଜନ, ଆଗେ ତାହାକୁ ସ୍ଥିର କର, ତା'ପରେ ପ୍ରଶ୍ନ ପଚାରିବାକୁ ଆସ । ସାଧୁଙ୍କୁ ଦେଖିଲେ ହିଁ ଆମ ଦେଶର ସାଧାରଣ ଲୋକଙ୍କର ଯେପରି ମୁହଁ କୁଣ୍ଡାଇ ହୁଏ ! ପ୍ରାୟ ସବୁ ଶ୍ରେଣୀର ଲୋକଙ୍କ ଭିତରେ ଅନର୍ଥକ ଗ୍ରାମ୍ୟ କଥାର ପ୍ରଭାବଟା ବେଶୀ ଦେଖାଯାଏ । ପୁନଶ୍ଚ ସେମାନଙ୍କ ମଧ୍ୟରେ ଏପରି ଏକ ପ୍ରକାରର ବ୍ୟକ୍ତି ଅଛନ୍ତି, ଯେଉଁମାନେ କଥା କହିବାକୁ ନଯାଇ ଶୁଣିବାକୁ ଭଲପାଆନ୍ତି । ଶୁଣିବାର ଆସକ୍ତି ତାଙ୍କର ଏତେ ବେଶୀ ଯେ ଆଡ଼ା ସ୍ଥଳରେ ଅସାର ଗ୍ରାମ୍ୟ ଆଲୋଚନା ଶୁଣିବା ଲାଗି ଦୂରଦୂରାନ୍ତରରୁ ଆସର ଜମାଇବାକୁ ଆସିଥାନ୍ତି । ଶ୍ରୋତା ନ ରହିଲେ ଯେପରି କୌଣସି କୌଣସି ପାଲା ଜମେ

ନାହିଁ, ଏହି ଗ୍ରାମ୍ୟ-କଥାବାଗୀଶଙ୍କର ଆସରରେ ଶ୍ରୋତା ଅଭାବ ଥିଲେ, ସେଦିନର ଆସର ବି ସେମିତି ବୃଥା ହୋଇଯାଏ । ବିଶେଷତ ଯେଉଁମାନେ ପଲ୍ଲୀଗ୍ରାମର ଅଧିବାସୀ, ସେମାନଙ୍କର ଅନର୍ଥକ କଥା କହିବା ଓ କଥା ଶୁଣିବାର ପାଗଳାମି ଅନେକ ବେଶୀ । ସେହି କାରଣରୁ ସାଧୁଙ୍କୁ ପାଇଲେ, ଅନ୍ତତଃ ନାନା ପ୍ରକାର ନୂଆ ନୂଆ କଥା ଶୁଣିବା ଲାଗି ସେମାନେ ସାଧୁସଙ୍ଗ ଆକାଂକ୍ଷା କରିଥାଆନ୍ତି । ସାଧାରଣ ସାଧୁ ହେଲେ ବେଶ୍ ଆସର ଜମେ, ଆଉ ଯଥାର୍ଥ ତପସ୍ୱୀ ହେଲେ ଉଭୟ ପକ୍ଷର ହିଁ ଭାବର ବୈଷମ୍ୟ ଉପସ୍ଥିତ ହୁଏ । ତାହାର ପରିଣାମ ଅଶାନ୍ତିକର ।

ଏ କ୍ଷେତ୍ରରେ ଏତିକି ବୁଝିଲି ଯେ ଏହି ସ୍ଥାନରେ ସେହିପରି କୌଣସି ଗ୍ରାମ୍ୟ ବାକ୍ୟବିଶାରଦଙ୍କ ଅତ୍ୟାଚାର ହିଁ ଏହାଙ୍କର ଏହି ବିରକ୍ତିର କାରଣ ହୋଇଥିବ । ସେହି କାରଣରୁ ମୋତେ ଆଜି ଧରାଛୁଆଁ ଦେଉନାହାନ୍ତି ।

ଅବଶ୍ୟ ଶେଷରେ ମୋର ଐକାନ୍ତିକ ପ୍ରଯତ୍ନ ଦ୍ୱାରା କିଛି କଥା କହିଥିଲେ । ତାହାର ତାତ୍ପର୍ଯ୍ୟ ଏହିପରି—ସାଧୁଙ୍କୁ ଦେଖିଲେ ବା ପାଇଲେ ତାହାଙ୍କର ସଙ୍ଗ ଭଲ ନିଶ୍ଚୟ, କିନ୍ତୁ ସେ କଥା କହିବା ଲାଗି ଅବକାଶ ନ ଦେଲେ, କିଛି ପଚାରିବାର ଅଧିକାର ବା ଅନୁମତି ନ ଦେଲେ, କିଛି କହିବାର ପ୍ରୟୋଜନ ହୁଏନାହିଁ । ପରନ୍ତୁ ଏହା ଅନ୍ୟାୟ—ଏହାଦ୍ୱାରା ତାଙ୍କୁ ବିରକ୍ତ କରିବା ଠିକ୍ ନୁହେଁ । ସାଧୁ ବିରକ୍ତ ହେଲେ ସାଧୁସଙ୍ଗର କୌଣସି ସୁଫଳ ମିଳେ ନାହିଁ । ସାଧୁଙ୍କୁ ପାଇଲେ ଯଦି କିଛି ପଚାରିବାକୁ ଥାଏ, ତେବେ ସେଥିଲାଗି ଅବସର ଖୋଜିବାକୁ ହୁଏ, ଆଉ ଆନ୍ତରିକତା ଥିଲେ ତାହା ମିଳିଥାଏ । ଆଉ ସେତେବେଳେ ହିଁ ଯଥାର୍ଥ ଲାଭ ମିଳିଥାଏ ।

ଆମର ଯେଉଁ ଶକ୍ତି ଟିକକ ଅଛି, ତାହାର ଅଧିକାଂଶ ଅଯଥା ବାକ୍ୟବ୍ୟୟ ଦ୍ୱାରା କ୍ଷୟ ହୋଇଯାଏ, ଆମେ ଯଦି ପ୍ରୟୋଜନ ନ ଥାଇ କଥା ନ କହିବାକୁ ଅଭ୍ୟାସ କରୁ, ତା'ହେଲେ ଅନେକାଂଶରେ ଶକ୍ତି ସଞ୍ଚୟ କରିପାରିଥାଉ । ଯେଉଁମାନେ ବେଶୀ କଥା କହନ୍ତି ଓ ଅନର୍ଗଳ ବକାବକି କରନ୍ତି, ସେମାନଙ୍କର ପ୍ରକୃତି ଭୀରୁ, ସେମାନେ ଅତ୍ୟନ୍ତ ଦୁର୍ବଳଚିତ୍ତ—ତାଙ୍କ ନାଡ଼ୀରେ ତେଜ ନ ଥାଏ । ସେହି କାରଣରୁ ସେମାନେ ବେଶୀ କଥା କହି ସ୍ନାୟୁଗୁଚ୍ଛକୁ ସତେଜ ରଖିବା ଲାଗି ଚେଷ୍ଟାକରିଥାନ୍ତି । ବାକ୍ୟର ଶକ୍ତି ଅସୀମ ଓ ଅସାଧାରଣ । ଅଯଥା ବାକ୍ୟ ଯେପରି ଶକ୍ତି କ୍ଷୟକାରୀ, ପୁଣି ଅଯଥା, ସେମାନଙ୍କର ଆହାରବିହାର ମଧ୍ୟ ସେହିପରି । ଯେଉଁ ବ୍ୟକ୍ତି ଯା ଇଚ୍ଛା ତାହା କହେ, ପୁଣି ଯାହା ଇଚ୍ଛା ତାହା ଖାଏ, ତାହାର ପରିଣାମ ଭୟାବହ ହୋଇଥାଏ । ବାକ୍ୟ ଓ ଭୋଜନରେ ସଂଯମ ସର୍ବପ୍ରଥମ ଏବଂ ପ୍ରଧାନ ପ୍ରୟୋଜନ—ସର୍ବବିଧ ସାଧନାର ତାହା ମୂଳ କଥା । ଭୋଜନରେ ସଂଯମର ପ୍ରୟୋଜନ ନାହିଁ—ଏହି ସମ୍ବନ୍ଧରେ ଯେଉଁ ବୈଜ୍ଞାନିକ ବ୍ୟାଖ୍ୟା କରି ସାଧାରଣଙ୍କ ମନରେ ଭ୍ରମ ଉତ୍ପାଦନ କରନ୍ତି, ଧର୍ମରାଜ୍ୟରେ ସେ ଅପରାଧୀ, ସୁତରାଂ ଦଣ୍ଡଯୋଗ୍ୟ ।

ନାନା ସ୍ଥାନ ଭ୍ରମଣ, ଏ ଜଗତରେ କର୍ମକ୍ଷୟ କରିବାର ଗୋଟିଏ ଚମତ୍କାର ପନ୍ଥା । ତାହାର ଉପକାରିତା ମଧ୍ୟ ଅଛି ଏବଂ ତାହା ଶାରୀରିକ ଓ ମାନସିକ ଉଭୟ ଦିଗରୁ କଲ୍ୟାଣପ୍ରଦ । ତେବେ କେଉଁ କେଉଁଠାରେ ବିଶେଷ ସାଧନା ସମୟର କ୍ଷେତ୍ରରେ ଭ୍ରମଣ ବା ନାନାସ୍ଥାନକୁ ଯାତାୟାତ ଉଚିତ ନୁହେଁ । ସେହି ସକଳ ଉପଯୁକ୍ତ କ୍ଷେତ୍ରରେ ସହଜ ନିୟମରେ ହିଁ ସମାଧାନ ହୋଇଯାଇଥାଏ । ଏତିକି ପର୍ଯ୍ୟନ୍ତ କହି ସେ ଚୁପ୍ ହୋଇଗଲେ ।

ବୁଝିନେଲି, ତାଙ୍କର ଏବେ ଆସନରୁ ଉଠିବାର ଉପାୟ ନାହିଁ, ଆସନ ତାଙ୍କୁ ସ୍ଥିର ରଖିବାକୁ ପଡ଼ିବ, ଯେତେଦିନ ପର୍ଯ୍ୟନ୍ତ କୌଣସି ବିଶେଷ ପ୍ରେରଣା ନ ମିଳେ । ପ୍ରକୃତିର ନିୟମ ଲଙ୍ଘନ କରି ଯେଉଁ ସକଳ ବ୍ୟଭିଚାର ସଂସ୍କାରଗତ ହୋଇଯାଇଛି, ସେ ସମସ୍ତ ସମୂଳେ ଉତ୍ପାଟିତ କରିବା ଲାଗି, ଜାଣେ ନାହିଁ କେତେ କାଳ ପର୍ଯ୍ୟନ୍ତ, ଏକାସନରେ ରହିବାକୁ ପଡ଼ିବ । ସେ ଏହାହିଁ ମୋତେ ବୁଝାଇ କହିଲେ ।

ତାଙ୍କ କଥା ଶେଷ ହେଲାପରେ ମୁଁ ଆଉ ନ ବସି ପ୍ରଣାମ କରି ତାଙ୍କ କଥାକୁ ଚିନ୍ତା କରିକରି ପ୍ରସ୍ଥାନୋଦ୍ୟତ ହେଲି । ସେ ସେତେବେଳେ କହିଲେ : ''ବାବା, ଶୁଭ ଇଚ୍ଛା ରଖିବେ, ଦୟା ଯେପରି ଥାଏ । ଏହା ଏକ ସତ୍ୟ ଯେ ଏ ଜଗତରେ କାହା ସହ ତିଳେ ମାତ୍ର ମନରେ ଗୋଳମାଳ ଥିଲେ ଇଷ୍ଟଲାଭ ହେବ ନାହିଁ, ସକଳଙ୍କର ଆଶୀର୍ବାଦ ପ୍ରୟୋଜନ । ଏକ ଶିଶୁ ବା କ୍ଷୁଦ୍ର ବାଳକ ପର୍ଯ୍ୟନ୍ତ ଆମର କୌଣସି ବ୍ୟବହାରରେ ଯଦି ଦୁଃଖ ପାଇଲେ, ଆମ ବିରୁଦ୍ଧରେ କିଛି ନା କିଛି ଭାବ କେବଳ ମନରେ ପୋଷଣ କଲେ, ତଦ୍ଦ୍ୱାରା ଆମର ଇଷ୍ଟଲାଭ ହେବ ନାହିଁ, ଏହା ମନେ ରଖିବେ । ଜୀବ ସହ ଜୀବର କିପରି ଯେ ଘନିଷ୍ଠ ସମ୍ବନ୍ଧ, ତାହା ଏହାରି ମଧ୍ୟରେ ହିଁ ମିଳିପାରିବ ।''

× × × × ×

ଏଥର କୁଳଦା'ବାବୁଙ୍କ ସଙ୍ଗରେ ସିଉଡ଼ି ଯାଉଛି । ନବଦ୍ୱୀପରୁ କାଟୋୟା, ସେଠାରୁ ଛୋଟ ରେଳ ଲାଇନରେ ବର୍ଦ୍ଧମାନ । ଏହି ଲାଇନ୍‌ରେ ଗାଡ଼ିର ସ୍ପ୍ରିଙ୍ଗ ନାହିଁ, ସୁତରାଂ ଧକ୍କା ଓ ଝାଙ୍କ ଖାଇଖାଇ ଅବଶ ଶରୀର ନେଇ ବର୍ଦ୍ଧମାନ, ତା'ପରେ ଅଣ୍ଡାଲେ ଆସିଲୁ । ସେଠାରୁ ଲୁପ୍ ଲାଇନ୍ ଦେଇ ଗାଡ଼ିରେ ସିଉଡ଼ି ଯିବାକୁ ପଡ଼ିବ । ମୁଁ ଯିବି ବକ୍ରେଶ୍ୱର ପୀଠକୁ, ସିଉଡ଼ି ଆଗରେ ଥିବା ଦୁବରାଜପୁର ଷ୍ଟେସନରେ ଓହ୍ଲାଇ ଦୁଇକୋଶ ଦୂର ଚାଲିଲେ ହିଁ ସେଠାରେ ପହଞ୍ଚିହେବ । କିନ୍ତୁ ଏବେ କୁଳଦା'ବାବୁଙ୍କ ଘରକୁ ଯିବାକୁ ପଡ଼ିବ, ସେଥିଲାଗି ପ୍ରଥମେ ସିଉଡ଼ି ଯିବାକୁ ହେଲା । କୁଳଦା'ବାବୁଙ୍କ ଅତିଥି ହୋଇ ଦୁଇଦିନ ସେଠାରେ କଟାଇଲି ।

ସିଉଡ଼ି ନଗରଟି ବେଶ୍ ଭଲ, ଶୁଷ୍କ ଉଚ୍ଚ ସ୍ଥାନ, ଅନେକ କୋଠାବାଡ଼ି, ମେଦିନୀପୁର ପରି । କୁଳଦା'ବାବୁ ତାଙ୍କର ଜଣେ-ଦୁଇଜଣ ଅନ୍ତରଙ୍ଗ ବନ୍ଧୁଙ୍କ ସହ ମୋ'ର ପରିଚୟ କରେଇଦେଲେ । ସେମାନଙ୍କ ମଧ୍ୟରୁ ସେଠାର ଶ୍ରୀଯୁକ୍ତ ଶିବରତନ ମିତ୍ର ମହାଶୟଙ୍କ କଥା ହିଁ ମନେ ଅଛି । ସେ ସେଠାର ସର୍ବଶ୍ରେଷ୍ଠ ବ୍ୟକ୍ତି ଥିଲେ ଏବଂ ସିଉଡ଼ିର ଗୌରବ ମଧ୍ୟ ।

ଏଠାରେ ପ୍ରାୟ ସକଳଙ୍କର କେତେକ ପ୍ରଗତିଶୀଳ ପ୍ରତିଷ୍ଠାନ ସହିତ ଥିଲା ତାଙ୍କର ସମ୍ବନ୍ଧ । ବିଶେଷତଃ ଏଠାକାର ପୁସ୍ତକାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଶ୍ରୀ ମିତ୍ରଙ୍କର ହାତଗଢ଼ା । ଲାଇବ୍ରେରୀର ବୃହତ୍ କକ୍ଷ ମଧ୍ୟରେ ତାଙ୍କ ସହ ବହୁକ୍ଷଣ ରହିଥିଲି । ସେତେବେଳେ ତାଙ୍କର ପ୍ରତ୍ୟେକ କଥାହିଁ ବେଶ୍ ମନେରହିଛି । ଲୋକଟି ଖୁବ୍ ଭଲ । ତାଙ୍କର ଉଦ୍ୟୋଗରେ ସେଠାର ପାଠାଗାରର ଉନ୍ନତି ହୋଇପାରିଛି । ସେ ଯେତେବେଳେ ମୋ'ର ଚିତ୍ରଶିଳ୍ପରେ ଅଧିକାର ଅଛି ବୋଲି ଶୁଣିଲେ, ସେତେବେଳେ ଧରିବସିଲେ ଯେ ଏଠାରେ ରହି କିଛି ଛବି ଆଙ୍କିଦେଲେ ଖୁବ୍ ଭଲ ହୁଅନ୍ତା । ମୁଁ କହିଲି : ''ଏବେ ମୋ' ମନ ଖୁବ୍ ଖରାପ ଅଛି—ଏହି ଗୋଳମାଳ ପରିସ୍ଥିତି ନେଇ ରହିପାରିବି ନାହିଁ ।'' ଏହି ଯୁକ୍ତିରେ ତାଙ୍କର ମନବୋଧ ହେଲାନାହିଁ; କହିଲେ, ''ଧେତ୍‌ତେରୀ ମନ ଖରାପ, ରଖନ୍ତୁ ଆପଣଙ୍କର ମନଖରାପକୁ । ସେସବୁ ପରେ, ଏବେ ଆପଣଙ୍କୁ ଆମେ ଛାଡ଼ିବୁ ନାହିଁ ।''

ଅସଲ କଥା, କୁଲଦା'ବାବୁଙ୍କର ମନୋମତ ଅଭିପ୍ରାୟଟିକୁ ମିତ୍ର ମହାଶୟଙ୍କର ମୁହଁରେ କୁହାଇଦେଇ ମୋତେ ଏଠାରେ ବାନ୍ଧିରଖିବାର ଚେଷ୍ଟାରେ ଥିଲେ ।

ଶିବରତନ ବାବୁ କହିଲେ : ''ଦେଖନ୍ତୁ ମୋର ସିଧା କଥା, ସିଧାସିଧା ଆପଣଙ୍କୁ କୁହେ—ଆପଣ ଏକେତ ଜଣେ ଆର୍ଟିଷ୍ଟ (ଚିତ୍ରକର), ସେଥିରେ ପୁଣି ଶିକ୍ଷିତ, ଧର୍ମଭାବାପନ୍ନ, ଆପଣ ଯେ ଏହି ଫକୀର ସନ୍ନ୍ୟାସୀର ଭେକ ନେଇ ଘୂରିବୁଲିବେ, ଏହା ସମାଜ ପ୍ରତି ଏକ କ୍ଷତିକାରକ ବ୍ୟାପାର; ଏସବୁକୁ ଆମେ ସହ୍ୟ କରିପାରିବୁ ନାହିଁ । ଆସି ଯାଇଛନ୍ତି ଯେତେବେଳେ, କିଛିଦିନ ଲାଗି ଏଠାରେ ରହନ୍ତୁ । ଆମେ କିଛି ଦିନ ଲାଗି ଆପଣଙ୍କର ସଙ୍ଗସୁଖ ଭୋଗ କରୁଁ ।''

ମୁଁ କହିଲି : ''ତାହା କିପରି ହେବ, ମୁଁ ଆସିଛି କେବଳ ମହାକୌତୂହଳ ନେଇ, ଏଠାକାର ତାନ୍ତ୍ରିକ ସାଧୁମାନଙ୍କ ସହ ଦେଖାଶୁଣା...''

ନିଃସଂକୋଚରେ ସେ ଧମକ ଦେଇ କହିଉଠିଲେ,—''ଧେତ୍‌ତେରୀ ତାନ୍ତ୍ରିକ ସାଧୁସଙ୍ଗ ! ଆପଣଙ୍କୁ ଏ ସବୁ କରିବାକୁ ଆମେ ଏଠାରେ ଦେବୁ ନାହିଁ ।''

ମୁଁ କହିଲି : ''ଦେଖନ୍ତୁ, ବହୁ ଦୂରରୁ କେତେ ଆଶା ନେଇ ଆସିଛି ।'' ସେ ପୁଣି ମୋତେ ବାଧା ଦେଇ କହିଲେ : ''ଧେତ୍‌ତେରୀ ଆପଣଙ୍କର ଆଶା ନେଇ ଆସିବା ।'' ମୁଁ କହିଲି—''ଏହି ତ ଏଠାରେ କୁଲଦା'ବାବୁ ଅଛନ୍ତି, କୁହନ୍ତୁ ନା ଭାଗବତରତ୍ନ ମହାଶୟ, ଏବେ ଚୁପ୍‌ଚାପ୍ କାହିଁକି ? ମୋତେ ରକ୍ଷା କରନ୍ତୁ—ମୋ ସାଧନା ପଥରେ ।''

ବାଧା ଦେଇ ମିତ୍ର ପୁଣି କହିଲେ : ''ଧେତ୍‌ତେରୀ ଆପଣଙ୍କର ସାଧନାର ପଥ, ଏଠାରେ ରହିବାକୁ ପଡ଼ିବ ହିଁ ପଡ଼ିବ, କିଛି ଦିନ ପାଇଁ ।'' କୁଲଦା'ବାବୁ ମୃଦୁମନ୍ଦ ହାସ୍ୟର ଆବରଣରେ ଧୂମପାନ ସୁଖରେ ବିଭୋର ହୋଇ ରହିଲେ । ସେତେବେଳେ ମୁଁ କହିଲି : ''କାଲି ହିଁ ଆମର ଯିବା ବ୍ୟବସ୍ଥା କରି ଦିଅନ୍ତୁ ।''

—''ଧେତ୍‌ତେରୀ ଆପଣଙ୍କର କାଲି ହିଁ ଯିବାର ବ୍ୟବସ୍ଥା, ସେ ସବୁ କଥା ଥାଉ, ଏବେ ଆପଣଙ୍କୁ କେଉଁଆଡ଼େ ଯିବାକୁ ହେବ ନାହିଁ, ଜାଣି ରଖନ୍ତୁ, ଗୋଟିଏ ମାସ ଆପଣଙ୍କୁ ଏଠାରେ ରଖିବୁ ଆମେ, ତା'ପରେ ସଯତ୍ନେ ବକ୍ରେଶ୍ୱର ପଠାଇ ଦେବୁ, ସେଠାକୁ ଯାଇ ଆପଣ ଯାହା ଖୁସୀ କରନ୍ତୁ ।''

ମୁଁ କିନ୍ତୁ ମହାବିପନ୍ନ ବୋଧକଲି, ଯେକୌଣସି ଯୁକ୍ତି କଲେ କ'ଣ ହେବ, ସେ ଏହି ଧେତ୍‌ତେରୀ, ଆପଣଙ୍କ ଯୁକ୍ତି-ଟୁକ୍ତି ରଖନ୍ତୁ କହି କୌଣସି କଥା ହିଁ ଶୁଣିବାକୁ ଚାହାନ୍ତି ନାହିଁ । କାର୍ଯ୍ୟତଃ ମୁଁ ବିପନ୍ନ ବୋଧକଲି ଏବଂ ମ୍ରିୟମାଣ ହେଲି । ମୋ ମୁଖମଣ୍ଡଳରେ ବିଷଣ୍ଣ ଭାବ ପ୍ରକାଶକୁ ଲକ୍ଷ୍ୟ କରି ଶିବରତନବାବୁ କହିଲେ : ''ହେଃ—ଆପଣଙ୍କ ସମ୍ବନ୍ଧରେ ସମସ୍ତ କିଛି ଆଶା ହିଁ ଆମର ନୈରାଶ୍ୟରେ ପରିଣତ ହେଲାଣି । ଆଚ୍ଛା, କୁହନ୍ତୁ ତ ଏହି ଭାବରେ ଏତେ କାଳ କଟାଇ ଆପଣଙ୍କର ଲାଭଟା କ'ଣ ହେବ ? —ଆପଣ ଢେର୍ କିଛି ବଡ଼ କାମ କରି ପାରନ୍ତେ ।''

ମୁଁ ଯଥାର୍ଥରେ ଅନୁତପ୍ତ ହେଲି, କହିଲି : ''ଆପଣ ମୋ ସମ୍ବନ୍ଧରେ କିପରି ଧାରଣ କରି ବସିଛନ୍ତି ଜାଣେନା, ହୁଏତ ମନେ ମନେ ମୋତେ ବ୍ରିଲିୟାଣ୍ଟ (Brilliant-ମେଧାବୀ) ବୋଲି ଗୋଟିଏ କିଛି ଧାରଣା ଆପଣଙ୍କର, ମାତ୍ର ଏ କଥା ନିଶ୍ଚିତ ରୂପେ ଜାଣିବେ ଯେ ମୋ ପାଖରେ ଯଥାର୍ଥ ରୂପେ ଯଦି କିଛି ସମାଜକୁ ଦେବା ଯୋଗ୍ୟତା ଥାଆନ୍ତା ତାହାହେଲେ ଏହି ଅବସ୍ଥାରେ ଏଠାକୁ ଆସିଥାନ୍ତି କାହିଁକି, ପୁଣି ପ୍ରକୃତ କାର୍ଯ୍ୟ ଛାଡ଼ି ଘୂରି ବୁଲି ମରୁଛି କାହିଁକି ?''

—''ଧୁତ୍‌ତେରୀ ଆପଣଙ୍କ ଘୂରିବୁଲି ମରିବା—ମୋଟ ଉପରେ ଆପଣ ଆଦୌ ପ୍ରେମିକ ଲୋକ ନୁହନ୍ତି'' କହି ଉଠି ପଡ଼ିଲେ । ତା'ପରେ ଦ୍ୱାର ଆଡ଼କୁ ଯାଉଯାଉ—''ଏବେ ଚୁପ୍ କରି, ଟିକିଏ ବସିଯାଆନ୍ତୁ—ଯେପର୍ଯ୍ୟନ୍ତ ନ ଫେରିଛି, କେଉଁଆଡ଼େ ଯେପରି ନଯାଆନ୍ତି,'' କହିଦେଇ କୁଳଦା'ବାବୁଙ୍କ ଆଡ଼କୁ ଚାହିଁ କିଛି ଇସାରା କଲେ ଏବଂ ପାଦରେ ଚଟି ଗଳେଇ ବାହାରିଗଲେ ।

ମୋ' ପକ୍ଷରୁ ମୁଁ ଯୁକ୍ତି ଯେତେ ଦର୍ଶାଏ ନା କାହିଁକି, ତାଙ୍କର ସେହି 'ଧେତ୍‌ତେରୀ—ରଖନ୍ତୁ ସେସବୁ ଆପଣଙ୍କର'—ଏହି ବକ୍ତବ୍ୟ ବ୍ୟତୀତ ଆଉ କିଛି ନଥାଏ । ଶେଷରେ ସାବ୍ୟସ୍ତ କଲେ ଯେ ମୋ' ମୁଣ୍ଡ ଠିକ୍ ନାହିଁ । ଯେଉଁ ଦୁଇଦିନ ରହିଲି, ତାଙ୍କ ପାଠାଗାର ହିଁ ଥିଲା ମୋ'ର ପ୍ରିୟ ଆଶ୍ରୟ । ଦେଖିଲି, କୁଳଦା'ବାବୁ ଏଠାରେ ମଧ୍ୟ କିଛି ନା କିଛି ଲୋକହିତକର କାର୍ଯ୍ୟରେ ସଂଶ୍ଳିଷ୍ଟ ।

କୁଳଦା'ବାବୁଙ୍କର ଘରକରଣାର କଥା ଟିକିଏ କହିବା ଦରକାର ମନେକରୁଛି । ସେ ଯେତେବେଳେ କଲିକତାରେ ନାନା କର୍ମରେ ଲିପ୍ତ ଥିଲେ, କିମ୍ବା ବାହାରକୁ କେଉଁଆଡ଼େ କୌଣସି ବ୍ୟାପାର ନେଇ ଘୂରାଘୂରି କରୁଥିଲେ, ସେତେବେଳେ ତାଙ୍କର ପରିବାରବର୍ଗ

ଏହିଠାରେ ରହୁଥିଲେ । ତାଙ୍କର ସକଳ କର୍ମ ହିଁ ଗୋଟିଏ ସୂତ୍ରରେ ବନ୍ଧାଥାଏ, ଏକ ହିଁ ଉଦ୍ଦେଶ୍ୟ ନେଇ ତାଙ୍କର ସକଳ ପ୍ରଚେଷ୍ଟା ସହିତ କରିଥାନ୍ତି । ଭଗବତ୍ ଧର୍ମ ହିଁ ତାଙ୍କ ଜୀବନର ସର୍ବାଧିକ ବ୍ୟାପାରର ମୂଳ ଅବଲମ୍ବନ । ବାହ୍ୟ-ବ୍ୟାପାରରେ ତାଙ୍କର ଅନ୍ୟ ଆସକ୍ତି କେଉଁଥିରେ ଦେଖିନାହିଁ, ଏକମାତ୍ର ତମାଖୁ-ଧୂମପାନ ବ୍ୟତୀତ ।

ସିଉଡ଼ିରେ ଦୁଇଦିନ ଥିଲି । କୁଲଦା'ବାବୁଙ୍କର ଘରେ ହିଁ ତାଙ୍କ ସଂସାର ଭିତରେ ମୋ'ର ଆହାର ବ୍ୟବସ୍ଥା ହୋଇଥିଲା । ସେହି ଆହାର ଭିତରେ କୌଣସି ଆଭିଜାତ୍ୟ ନଥିଲା । ଟିପ-ମୋଟା ବଗଡ଼ା ଚାଉଳର ଭାତ ସହ ଦୁଇତିନୋଟି ଅତି ସାଧାରଣ ତରକାରି । ଶେଷରେ ଦେଶୀ ଆମ୍ବ, ପଣସ ଓ ଦୁଗ୍ଧ । ପିଲାମାନେ ବେଶ୍ ହୃଷ୍ଟପୁଷ୍ଟ, ଭଲ ସ୍ୱାସ୍ଥ୍ୟକର ବାତାବରଣରେ ମଣିଷ ହେଉଛନ୍ତି । ସେ କାଳର ଚମତ୍କାର ଧରଣର ଗୃହସ୍ଥ । କୁଲଦା'ବାବୁ ବିଂଶ ଶତାବ୍ଦୀ ଅନ୍ତର୍ଗତ ସଭ୍ୟଜଗତର ବ୍ୟକ୍ତି, କିନ୍ତୁ କେତେବେଳେ ଘରସଂସାର ବା ସାଂସାରିକ ବ୍ୟବହାରରେ, ବେଶଭୂଷାରେ ବା ଆସବାବରେ, ତାଙ୍କର ସେପରି କୌଣସି ପରିଚୟ ନଥାଏ । ଅଥଚ ସେ ଯେ ଚେଷ୍ଟା କରି ଏହି ଚଳଣିକୁ ବଜାୟ ରଖିଛନ୍ତି, ତାହା ମଧ୍ୟ ନୁହେଁ । ଯେପରି ଚାଲିଛି, ଚାଲୁ—ସ୍ୱତଃପ୍ରବୃତ୍ତ ହୋଇ କୌଣସି ଆଧୁନିକ ବସ୍ତୁକୁ ସେ ନିଜ ସଂସାରରେ ପ୍ରବେଶ କରାଇ ନାହାନ୍ତି । ସହଜ ଭାବରେ ଯାହା ଆସିଯାଇଛି, ଯେପରି ଚା' ଖାଇବା—ସେଥିରେ ବୈରାଗ୍ୟ ନାହିଁ । ପିଲାପିଲି ଅବଶ୍ୟ ବୟସର ତାରତମ୍ୟର, ନଗ୍ନ ଶରୀରରେ, ଧୂଳିମାଟି ବୋଳି ହୋଇ, ବର୍ଷାରେ ଭିଜି, ଖରାରେ ସିଝି, ବେଶ୍ ସ୍ୱଚ୍ଛନ୍ଦରେ ମଣିଷ ହୋଇଛନ୍ତି । ତାଙ୍କ ପରିବାରର ସମସ୍ତ ନାରୀମାନେ ହିଁ ପୂର୍ଣ୍ଣ ଶାରୀରିକ ପରିଶ୍ରମ କରି ଦିନ ବିତାଇଥାନ୍ତି । ସଂସାରର ସକଳ କର୍ମ ହିଁ ମହିଳାମାନଙ୍କ ହାତରେ କରିବାକୁ ପଡ଼େ । କୌଣସି କାମ ଲାଗି ବାହାରର ଲୋକ ନଥାନ୍ତି । ଶେଷରେ ଏହାହିଁ ଦେଖିଲି, କେଉଁ ଦିଗରେ, କୁଲଦା'ବାବୁଙ୍କର ସଂସାରରେ ଗତାନୁଗତିକ ପ୍ରଥାର ପ୍ରୟୋଜନକୁ ପରିବର୍ତ୍ତନ କରି କୌଣସି ପ୍ରକାର ଆଧୁନିକତା ପ୍ରବେଶ ଲାଭ କରିପାରି ନାହିଁ । ମୋର ମନେ ହେଲା ତାଙ୍କର ଚଳଣି ଦେଶର ସକଳ ସାଧାରଣ ଗୃହସ୍ଥ ପରିବାରର ଚଳଣି ପରି ।

ଯାହାଙ୍କ ଯୋଗୁ ଆସିଛି, ତୃତୀୟ ଦିନରେ ସେହି କଥା ମନେ ପଡ଼ିଲା । ଏହିଥର ମୋତେ ବକ୍ରେଶ୍ୱର ପଠାଇ ଦିଅନ୍ତୁ କିମ୍ବା ରାସ୍ତା ବତେଇ ଦିଅନ୍ତୁ— ଏହି ଅନୁରୋଧ କଲି । ଯେତେବେଳେ ସେମାନେ ଦେଖିଲେ ଯେ ଆଉ ରଖି ହେବନାହିଁ, ସେତିକିବେଳେ ଜଣେ ଲୋକକୁ ସଙ୍ଗରେ ପଠାଇ ଦେଇ ବିଦାୟ ଦେଲେ ।

ସିଉଡ଼ିଠାରୁ ବକ୍ରେଶ୍ୱର ଯେଉଁ ରାସ୍ତା, ତାହା ପ୍ରଶସ୍ତ ଏବଂ ନୟନବିମୋହନକାରୀ । ରାସ୍ତାର ଦୁଇ ଧାରରେ ବଡ଼ ବଡ଼ ଗଛ । ବେଶୀ ଅର୍ଜୁନ ଗଛ । ଅଶ୍ୱତ୍ଥ, ବର, ପଣସ, ତେନ୍ତୁଳି ପ୍ରଭୃତି ବଡ଼ ବଡ଼ ଜାତିର ଗଛ ହିଁ ଚାରିଦିଗରେ ଦେଖିବାକୁ ମିଳିଥାଏ । ସେଆଡ଼େ

ସବୁ ଜମି ଉଚ୍ଚାନୀଚା, ଢେଉ ପରି ମାଳଭୂମି କହିଲେ ଆମେ ଯାହା ବୁଝିଥାଉ, ତାହା ଏହି ବୀରଭୂମି ଓ ବାଙ୍କୁଡ଼ାର ସବୁ ଆଡ଼େ । କେଉଁଠି କେଉଁଠି ମେଦିନୀପୁର ଓ ବର୍ଦ୍ଧମାନ ପରି ନାଲି ମାଟି ମଧ୍ୟ ଦେଖାଯାଏ । ନିମ୍ନବଙ୍ଗପରି ସନ୍ତସନ୍ତିଆ ଅବସ୍ଥା ଏଠାରେ ଏକବାର ହିଁ ନାହିଁ । ପ୍ରଭାତର ମେଘୁଆ ଆକାଶ ସହିତ ରାସ୍ତାର ଦୁଇଧାରରେ ଘନାଚ୍ଛାଦିତ ଶାଖାମୟ ତରୁର ବିସ୍ତୃତି ଓ ଦୂରର ଗହନ ଶାଳବଣ ସଙ୍ଗେ ଏକ ଆଶ୍ଚର୍ଯ୍ୟ-ଗଭୀର ସମ୍ବନ୍ଧ ଦେଖାଯାଏ, ଯାହାକୁ ଲକ୍ଷ୍ୟ କରି ପଥିକ ବିସ୍ମୃତ ହୋଇଯାଏ । ପଥଶ୍ରାନ୍ତି କଥା ମନରେ ସାମାନ୍ୟ ପ୍ରଭାବ ମଧ୍ୟ ପକାଇପାରେ ନାହିଁ । ପୁନଶ୍ଚ ତାହାର ମଧ୍ୟଭାଗ ଦେଇ ମଝିରେମଝିରେ ସୂର୍ଯ୍ୟ ଯେବେ ପ୍ରକାଶିତ ହେଉଥାଏ, ଅକସ୍ମାତ ତରୁ-ଗୁଳ୍ମଲତା-ପୂର୍ଣ୍ଣ ବନଭୂମିର ଶୋଭା ପରିବର୍ତ୍ତିତ ହୋଇଯାଏ ଏବଂ ମନେହୁଏ, ଯେପରି ବିଶ୍ୱ-ଆତ୍ମାର ସକଳ ପ୍ରକାଶ ଟିକକ ସ୍ପଷ୍ଟ ହୋଇ ଉଠିଲା, କେଉଁଠାରେ ଅସ୍ପଷ୍ଟତାର ଲେଶମାତ୍ର ରହିଲା ନାହିଁ– ଯେପରି ନୈସର୍ଗିକ ଅସ୍ତିତ୍ୱ ରୌଦ୍ରତାପ ମଧ୍ୟ ଦେଇ ଆତ୍ମପ୍ରକାଶ କଲା । ତା' ନିକଟରେ ତରୁତଳ ଛାୟାର ସ୍ନିଗ୍ଧତା, ଦୀପ୍ତାଂଶ ଜ୍ୱାଳାମୟ ହୋଇଉଠିଛି ।

ପ୍ରାୟ ଦୁଇ କୋଶ ଶେଷ ମୁଣ୍ଡରେ ବାଙ୍କ ମୁହଁରେ ଏକ ବିଶାଳ ଅର୍ଜୁନ ବୃକ୍ଷ । ତା' ତଳେ ଦୁଇ-ଚାରିଜଣ ଲୋକ ବସି କଥାବାର୍ତ୍ତା ହେଉଛନ୍ତି, ତମାଖୁ ଖାଉଛନ୍ତି, ଆଉ ଦୂର ପଡ଼ିଆ ଆଡ଼କୁ ମଝିରେ ମଝିରେ ଅନାଉଛନ୍ତି । ସେଠାରେ କାନ୍ଧରେ ହଳ ଥାଇ ଦୁଇ ହଳ ଗୋରୁ, ଚୁପ୍ କରି ଠିଆହୋଇ ଘୁମାଉଛନ୍ତି । ଜଣକୁ ପଚାରିଲି : ବକ୍ରେଶ୍ୱର କେଉଁ ବାଟରେ ଯିବି ?

–''ଆପଣ କେଉଁ ଗାଁର'' ? (ତାଙ୍କ ଭାଷାରେ, ଆପୁନି କୋନ୍ ଗାଁୟେର ବଟେ ?)

–''କଲିକତାରେ ହିଁ ଆମର ଘର ।''

–''କେଉଁଥିଲାଗି ବକ୍ଷୋମୁନିର ଆଡ଼େ ଯାଉଛନ୍ତି ? କିଛି ମାନସିକ ଅଛି ନା କ'ଣ ?'' (କିସେର୍ ଲେଗେ ବକ୍ଷୋମୁନିର ଥାନେ ଯାଇତେଛେନ ? ମାନତ ଆଛେ ବଟେ ?)

–''ପୀଠ ସ୍ଥାନ କିନା–ସେଥିଲାଗି ଯାଉଛି ।''

–''ଯାଆନ୍ତୁ, ସିଧା ଏହି ବାଟେ ଗାଁ ପାରିହୋଇ ଉଠିବେ । ଏହି ସେ ଗାଁଟି ଦିଶୁଛି– କେଉଁଆଡୁ ଆସିଛନ୍ତି ?'' (ଯାନ୍ କ୍ୟାନ୍ନେ ହୈ ସୋଜା ହୋ ବାଟେ,ଗାଁୟେ ଯେଁୟେ ଉଠିବେନ ଗା । ହୋହେ ଯେ ଗାଁ ଦିଶଛେ ।–କୋଥା ହତେ ଆଇଛେନ ?)

''ସିଉଡ଼ିରୁ ଆଜି ଆସିଛି'', କହି ଆଗେଇଲି, ପଛପଟୁ ଶୁଣିଲି–ମଣିଷଟା ଭଲ ହୋ (ମନିଷଟା ଭାଲ ବଟେଗୋ !) ଏବେ ବଡ଼ ରାସ୍ତା ଛାଡ଼ି ବାଁ ଆଡ଼େ ଚାଲିଲି । ଧୂ-ଧୂ ଖରାଟାରେ ଖୋଲା ପଡ଼ିଆ, ଦୂରରେ ଦୂରରେ ଗୋଟିଏ ଗୋଟିଏ କରି ଗ୍ରାମ ଦେଖାଯାଉଛି, ଘନରେଖା ପରି । ଉଚ୍ଚାନୀଚା ପଡ଼ିଆ, ତା' ମଝିରେ ଗୋଟିଏ ଦୁଇଟି ବଡ଼ ଗଛ । ବହୁ ଦୂରରେ ଈଷତ୍ ନୀଳ ରେଖା, କୌଣସି ପାହାଡ଼ ବୋଧହୁଏ ହେବ । ଦେଖୁ ଦେଖୁ

ବକ୍ରେଶ୍ୱରରେ ଆସି ପହଞ୍ଚିଲି । କୁଲଦା'ବାବୁ କହି ଦେଇଥିଲେ, କାଳୀବାଡ଼ିରେ ଯାଇ ରହିବାକୁ । ତାହାହିଁ ମୁଁ କଲି ।

ବଡ଼ ନ ହେଲେ ମଧ୍ୟ ଛୋଟ ନୁହେଁ, ମନ୍ଦିରଟି ଆଧୁନିକ ବଙ୍ଗୀୟ ମନ୍ଦିରର ସଂକ୍ଷିପ୍ତ ସଂସ୍କରଣ । ଜଗଦମ୍ବାଙ୍କ ମୂର୍ତ୍ତି ପ୍ରତିଷ୍ଠିତ । କଲିକତାନିବାସୀ କୌଣସି ବଡ଼ ବ୍ୟବସାୟୀ ବ୍ୟକ୍ତି, ସାଧୁ, ସନ୍ଥ, ଗୃହସ୍ଥ, ଯେଉଁମାନେ ଏହି ତୀର୍ଥକୁ ଆସି ନିଜକୁ ଅସହାୟ ବୋଲି ଭାବିବେ, ସେମାନଙ୍କ ପାଇଁ ଗୋଟିଏ ଓଳି ପ୍ରସାଦ ପାଇବାଲାଗି ବ୍ୟବସ୍ଥା କରି ଦେଇଛନ୍ତି । ଜଣେ ବ୍ରାହ୍ମଣ ବ୍ରହ୍ମଚାରୀ ଏଠାରେ ଅଛନ୍ତି, ସେହି ହିଁ ପୂଜା, ଭୋଗରାଗ, ସେବା ଆଦିର ବ୍ୟବସ୍ଥା କରିଦେଇଥାଆନ୍ତି । ନାମଟି ବୋଧହୁଏ ପୁଣ୍ଡରୀକାକ୍ଷ । ସଦାବେଳେ ହାସ୍ୟମୁଖ, ଖୁବ୍ ଭଲ ଲୋକ । ତିରିଶ-ବତିଶ ବର୍ଷ ମଧ୍ୟରେ ବୟସ, ଶାନ୍ତ, ସାତ୍ତ୍ୱିକ ପ୍ରକୃତିର ।

ପୂର୍ବରୁ କେହି ଏଠାକୁ ଖବର ଦେଇଥିଲା କି ନାହିଁ, ଭଲକରି ଜାଣିପାରିଲି ନାହିଁ । ପହଞ୍ଚି ଦେଖିଲି, କୌଣସି ରକମ ନିଜର ପରିଚୟ ବା ଏଠାରେ ରହିବାଲାଗି ସ୍ଥାନର କୌଣସି ଅନୁସନ୍ଧାନର ପ୍ରୟୋଜନ ହେଲା ନାହିଁ । ସବୁ ବ୍ୟବସ୍ଥା ଯେପରି ପୂର୍ବରୁ ଠିକ୍ କରାହୋଇ ଯାଇଛି ।

ଏଠାରେ ପାପହରା ନାମରେ ଏକ ପ୍ରବାହ ଅଛି, ତାହା ତୀରରେ ଶ୍ମଶାନ । ପାପହରାର କଥା କହିବା ପୂର୍ବରୁ ଏଠାରେ ଯେ ଦୁଇଟି କୁଣ୍ଡ ବା ଉଷ୍ଣ ଜଳ-ପ୍ରବାହ ଅଛି, ତାହାର ପରିଚୟ ହିଁ ପ୍ରଥମେ ଦିଏ, ଯେହେତୁ ଏହି କୁଣ୍ଡ କେତୋଟିର ଧାରାମାନଙ୍କରୁ ହିଁ ପାପହରାର ଜନ୍ମ ।

ପାପହରାକୁ ଗଙ୍ଗା କହିବାର ପ୍ରଥା ମଧ୍ୟ ଅଛି । ପ୍ରକୃତରେ ଗଙ୍ଗା ସହ ଯଦିଓ ପାପହରାର ଭୌଗୋଳିକ କୌଣସି ସମ୍ବନ୍ଧ ହିଁ ନାହିଁ, କିନ୍ତୁ ଗୋଟିଏ ବିଷୟରେ କିଛି ସମ୍ବନ୍ଧ ତାହାର ଅଛି, ଯାହା ଅସ୍ୱୀକାର କରିହେବ ନାହିଁ । 'ସଦ୍ୟପାତକସଂହନ୍ତ୍ରୀ', ଏହି ଯେଉଁ ଗଙ୍ଗାର ଗୁଣ, ଭାବ ଦିଗରୁ ହେଉ ବା ବିଜ୍ଞାନ ଦିଗରୁ ହେଉ, ଜଳର ଗୁଣରୁ ହେଉ ବା ଧର୍ମ ସଂସ୍କାର ଗୁଣରୁ ହେଉ, ସ୍ନାନ କଲେ ହିଁ ଶରୀର ଓ ମନ ଉପରେ ତାହାର କ୍ରିୟା ପ୍ରତ୍ୟକ୍ଷ ହୁଏ । ଅଧିକନ୍ତୁ ଅନେକ ଦିନ ସ୍ନାନ ଅଭ୍ୟାସ କଲେ ଶରୀର ନିରୋଗ ରହେ । ପାପହରାର ମଧ୍ୟ ତଦ୍ରୂପ ଗୁଣ ସ୍ପଷ୍ଟ ଏବଂ ପ୍ରତ୍ୟକ୍ଷ କରିଥିଲି, ଯଦିଓ ପୂର୍ବରୁ ଶୁଣି ବିଶ୍ୱାସ କରି ନଥିଲି । ଅନେକ ରୋଗୀ ବହୁ ଦୂରଦୂରାନ୍ତରରୁ ଏହି ପାପହରାରେ ସ୍ନାନ କରିବାକୁ ଆସନ୍ତି ଏବଂ ଫଳ ମଧ୍ୟ ପାଇଥାନ୍ତି । ଏଠାରେ ଯାତ୍ରୀଙ୍କ ସଂଖ୍ୟା ପ୍ରତ୍ୟହ ଖୁବ୍ ହିଁ କମ୍, ତଥାପି ମଝିରେମଝିରେ ବେଶ୍ ଯାତ୍ରୀ ହୁଅନ୍ତି । ସ୍ନାନ ଏହି ପାପହରାରେ, ଆଉ ଆହାର କାଳୀ ମା'ଙ୍କର ପ୍ରସାଦ ଅନ୍ନ । ରାତ୍ରିରେ ସାମାନ୍ୟ ଜଳଯୋଗ, ଦିନମାନଙ୍କରେ କେଉଁ କେଉଁ ଦିନ କିଛି ଅଧିକ ଜୁଟିଥାଏ, ସେକଥା ପରେ କହିବି ।

ଅନ୍ନଗତ ପ୍ରାଣ ବୋଲି କାଳୀବାଡ଼ିର କଥା ପ୍ରଥମେ କହିଲି, ଯେହେତୁ ସେହିଠାରେ ହିଁ ଦୈନନ୍ଦିନ ଅନ୍ନ ସଂସ୍ଥାନ ଥିଲା । ତେଣୁ ଦୁଇମାସ କାଳ ନିଃସଙ୍କୋଚରେ, ନିର୍ଦ୍ୱନ୍ଦ୍ୱରେ

ବିତାଇପାରିଲି । ବକ୍ରେଶ୍ୱରକୁ ଆସି ବକ୍ରେଶ୍ୱରଙ୍କ କଥା ହିଁ ଅବଶ୍ୟ ପ୍ରଥମ ଓ ପ୍ରଧାନ, ଏହା ପ୍ରଥମରୁ ଜଣା ଥିଲା । ଏଠାରେ ସତୀଙ୍କର ଅଙ୍ଗ ପଡ଼ିଥିବାରୁ ଏହି ପୀଠସ୍ଥାନର ମାହାତ୍ମ୍ୟ କିଛି କମ୍ ନୁହେଁ; ବକ୍ରେଶ୍ୱର ଭୈରବ ଏହି ସ୍ଥାନର ଅଧିପତି । ଏହା ବ୍ୟତୀତ ପୁଣି ମହାଯୋଗୀ ଅଷ୍ଟାବକ୍ର ଏହି ପୀଠରେ ସାଧନା ଓ ସିଦ୍ଧିଲାଭ କରିଥିଲେ । ସେହି କାରଣରୁ ଏହା ଏକ ସିଦ୍ଧ ପୀଠ । ତନ୍ତ୍ର ମତରେ ମହା ମହା କଠୋର ସାଧନର ସଫଳତା ଏହି ସିଦ୍ଧପୀଠରେ ବହୁକାଳରୁ ଅନୁଷ୍ଠିତ ହୋଇ ଚାଲିଛି । ସିଦ୍ଧାସନ ଏଠାରେ ବହୁକାଳରୁ ପ୍ରତିଷ୍ଠିତ ହୋଇଛି । ତେବେ, ଏବେ ଆଉ କେହି ସାଧକ ଏଠାରେ ନାହାନ୍ତି ।

ସିଦ୍ଧପୀଠର ପ୍ରତୀକ ରୂପେ ଏଠାରେ ଯେଉଁ କେତେଗୋଟି ସ୍ମୃତିରାଜି ରହିଛି, ତନ୍ମଧ୍ୟରୁ ଯେଉଁ ଏକ ବିଶାଳ ନିଦର୍ଶନ ଏବେ ମଧ୍ୟ ରହିଛି, ତାହା ବୋଧହୁଏ ଅନ୍ୟ କୌଣସି ପୀଠସ୍ଥଳରେ ନାହିଁ । ଏକ ଉଚ୍ଚ ପ୍ରକାଣ୍ଡ ଗୋଲାକାର ବେଦୀ, ମଧ୍ୟସ୍ଥଳରେ ଏକ ବିଶାଳୟତନ ମହୀରୁହ । ଏତେ ଲମ୍ବାଗଛ ମୁଁ କେଉଁଠି ଆଉ ଦେଖିନାହିଁ । କାଲିଫର୍ଣ୍ଣିଆର ଜଙ୍ଗଲରେ ଯେଉଁ ଦାନବାକୃତି ବୃକ୍ଷର କଥା ଶୁଣିଛି, ମନେହୁଏ ଏହା ଯେପରି ତାହାର ସାନ ଭାଇ । କାଣ୍ଡମାନ ଲମ୍ବି ଲମ୍ବି ଅସଂଖ୍ୟ ରେଖାପାତ କରିକରି ଊର୍ଦ୍ଧ୍ୱକୁ ଉଠିଯାଇଛି, ମଝିରେ କୌଣସି ଶାଖା ବା ପତ୍ର ନାହିଁ । ଶୀର୍ଷଦେଶରେ କେତେକ ଶାଖାପତ୍ରାଦି ସମନ୍ୱିତ, ପ୍ରାୟ ଗୋଟିଏ ଛତା ପରି । ଉପରକୁ ଅନାଇଲେ ମୁଣ୍ଡରୁ ପଗଡ଼ି ଖସିପଡ଼ିବ । ପତ୍ରଗୁଡ଼ିକ ବେଶ୍ ବଡ଼ ବଡ଼, ଛୋଟ ନୁହେଁ, ଅନେକଟା ଯେପରି ସାଗୁଆନ ପତ୍ର ପରି, ଆକୃତି ଟିକିଏ ଭିନ୍ନ ଧରଣର । ଏହି ବେଦୀରେ ହିଁ ଅନେକାନେକ ସାଧୁ ମହାପୁରୁଷଙ୍କର ପାଦଧୂଳି ପଡ଼ିଛି । ଗଛଟି ଯେ କେତେ କାଳର, ସେକଥା ସେଠାରେ କେହି ହିଁ ଜାଣନ୍ତି ନାହିଁ । ମୁଁ ୧୯୧୫/୧୬ ସାଲର କଥା କହୁଛି । ଏହି ବିଶାଳ ଶମୀ ବୃକ୍ଷଟି କେତେ କେତେ ଝଡ଼-ଝଞ୍ଝା ସହି ଏବେ ମଧ୍ୟ ନିଜ ଶକ୍ତିରେ ଠିଆ ରହିଛି, ଏଇଟି ଯେ କେତେ କାଳର, କେତେ କେତେ ଘଟଣାର ସାକ୍ଷୀ, ତାହା କେହି ଜାଣନ୍ତି ନାହିଁ ।

ବର୍ତ୍ତମାନ ଏହାର ଚାରିଆଡ଼େ ଜଙ୍ଗଲ ହୋଇଗଲାଣି । ଏଥିରେ ପୁଣି ରହିଛି ଏକ ବିଶାଳ ବଟବୃକ୍ଷ– ଠିକ୍ ଅଷ୍ଟାବକ୍ର ମୁନିଙ୍କର ସିଦ୍ଧାସନ ଉପରେ ହିଁ । ତା' ନିକଟରେ ହିଁ କୁଣ୍ଡ । ସବୁଆଡ଼େ କୁଣ୍ଡ ଗୁଡ଼ିକ ଯେପରି ଧରଣର ହୋଇଥାଏ, ଏଠାରେ ମଧ୍ୟ ସେହିଭଳି; କୁଣ୍ଡମାନଙ୍କରେ ବନ୍ଧ ଦିଆଯାଇଛି, ପାଞ୍ଚ ଛଅଟି ପାହାଚଦେଇ ଓହ୍ଲାଇଲେ କୁଣ୍ଡର ଜଳକୁ ଛୁଇଁ ହେବ । ଅଳ୍ପବହୁତେ ସବୁ କୁଣ୍ଡର ଜଳ ପ୍ରାୟ ଉଷ୍ଣ । ଏହି ଉଷ୍ଣପ୍ରସ୍ରବଣମାନ ହିଁ ବକ୍ରେଶ୍ୱରର ମାହାତ୍ମ୍ୟ । ପ୍ରଥମରୁ ଏକଥା ଭୁଲିଗଲେ ଚଳିବ ନାହିଁ, ଯେତେ ପୀଠସ୍ଥଳ ବା ତୀର୍ଥ ଆମର ଏହି ଭାରତବର୍ଷରେ ଅଛି, ସେଗୁଡ଼ିକର ସ୍ଥାନମାହାତ୍ମ୍ୟ ଯଥାର୍ଥରେ ଉନ୍ନତ ବୈଜ୍ଞାନିକ ଭିତ୍ତି ଉପରେ ପର୍ଯ୍ୟବସିତ । ବିଚାର ଦ୍ୱାରା ନିଃଶେଷରେ ଏହା ସତ୍ୟ ବୋଲି ହିଁ ନିଶ୍ଚିତ ମନେହୁଏ, ଯେଉଁଥିରେ କୌଣସି ପ୍ରକାର ସନ୍ଦେହର ଅବକାଶ ନାହିଁ ।

ଏହି କୁଣ୍ଡଟି ବକ୍ରେଶ୍ୱର-ଭୈରବ ମନ୍ଦିର ନିକଟରେ । ଦିନ ଥିଲା, ବହୁ ତାନ୍ତ୍ରିକ ସାଧକଙ୍କର ଏହି ପୀଠରେ ଉପସ୍ଥିତି ଥିଲା । ଏବେ, ଅର୍ଥାତ୍ ଯେତେବେଳେ କାଳଚକ୍ରର ଆବର୍ତ୍ତନରେ ଘୂରି ଘୂରି ମୁଁ ଏଠାରେ ଆସି ଏ ସମୟରେ ପହଞ୍ଚିଲି, ସେତେବେଳେ ଦୁଇଜଣଙ୍କୁ ଏଠାରେ ଦେଖିଲି । ଅବଶ୍ୟ ସେ ଦୁଇଜଣ ମୋତେ କିଛିମାତ୍ର ଆକୃଷ୍ଟ କରିପାରି ନଥିଲେ, ମୋର ମଧ୍ୟ କିଛି ଶ୍ରଦ୍ଧା ତାଙ୍କଠାରେ ଜନ୍ମିଲା ନାହିଁ—କାର୍ଯ୍ୟତଃ ଘନିଷ୍ଠତା କିଛି ହୋଇପାରିଲା ନାହିଁ । ଏହି ଦୁଇଜଣଙ୍କ ମଧ୍ୟରୁ ପ୍ରକୃତରେ କିଏ ଅସଲି, ଆଉ କିଏ ନକଲି, ତାହା ଚିହ୍ନି ପାରିବା ଶକ୍ତି ତ ମୋ ପରି ଲୋକର ନ ରହିବା କଥା, ତଥାପି ବିଚକ୍ଷଣତାର ଅଭିମାନ ତ ମୋର କିଛି ଥିଲା, ତାହା ଉପରେ ନିର୍ଭର କରି ମନେ କଲି, ଏହାଙ୍କ ଭିତରୁ ଜଣେ ଭଲ, ଅନ୍ୟଟି ନକଲି । ଯାହାଙ୍କୁ ଭଲ ବୋଲି ଅନୁମାନ କଲି, ତାଙ୍କଠାରୁ ପ୍ରଥମରୁ ଦୁଇ ଚାରିଟା କଥାଶୁଣି, ଅନ୍ୟ ଜଣଙ୍କ ସଙ୍ଗରେ ତୁଳନା କରି କିଛି ଭଲ ବୋଲି ଚିନ୍ତା କରି ମନପସନ୍ଦ ହେଲା, ନାମ ତାଙ୍କର ବୈଦ୍ୟନାଥ ବା ବୋଦେ ପାଗଳା । ଆଉ ଯାହା ପ୍ରତି ମନ ବିମୁଖ ହେଲା, ତାଙ୍କର ପୂର୍ବାଶ୍ରମର ନାମ ଅନୁକୂଳଚନ୍ଦ୍ର । ଜାତିରେ ଆଗୁରୀ, ଅର୍ଥାତ୍ ଉଗ୍ର କ୍ଷତ୍ରିୟ । ଏବେ ରଙ୍ଗିନ ଲୁଗା ପିନ୍ଧି ସେଇ ନାମରେ 'ଆନନ୍ଦ' ଯୋଡ଼ି ଅନୁକୂଳାନନ୍ଦ ହୋଇଛନ୍ତି । ଶରୀର ହିଁ ମନୁଷ୍ୟର ପ୍ରକୃତିଗତ ଗୁଣାବଳୀର ନିର୍ମଳ ଆଲେଖ୍ୟ, ଅବଶ୍ୟ କେହି ଦେଖିନେଇ ଜାଣିପାରିଲେ ହେଲା । ଯିଏ ନ ଜାଣେ, ତାଙ୍କ ନିକଟରେ ଅନୁକୂଳାନନ୍ଦ ସ୍ୱାମୀ ପ୍ରଥମରେ ଗ୍ରାହ୍ୟ ହେବେ, କିନ୍ତୁ ଅନ୍ୟପକ୍ଷରେ ବୈଦ୍ୟନାଥଙ୍କର କୌଣସି ଆକର୍ଷଣ ନ ଥିଲା । କଳା ରଙ୍ଗ, ପତଳା ରୋଗାଶରୀର, ଦାଢ଼ିମୁଛଭରା ମୁଖ, ଗଳାର ଆବାଜ୍ ଖାଦର ଷଡ଼ଜ ଠାରୁ ଗାନ୍ଧାର ପର୍ଯ୍ୟନ୍ତ ତିନିଗୋଟି ସ୍ୱର-ପରଦାର ସ୍ତର ନେଇ ଖେଳେ—ତାହା ଉପରକୁ ଆଉ ଉଠି ଉଗ୍ର ହେବା ଦେଖିନାହିଁ । କିନ୍ତୁ ଅନ୍ୟଜଣଙ୍କର ମୂର୍ତ୍ତି ରାଜସିକ, ଶକ୍ତିହୀନ ହେଲେ ମଧ୍ୟ ଲାଲ ରଙ୍ଗ ଏବେଯାଏ ରହିଛି, ଖର୍ବାକୃତି, ସାମ୍ନା ତଳପାଟିରେ ତିନି-ଚାରିଟା ଦାନ୍ତ ନାହିଁ । ତାଙ୍କ ଠାରୁ ଏ ସମ୍ବନ୍ଧରେ କୈଫିୟତ ସଙ୍ଗେ ସଙ୍ଗେ ହିଁ ଏହିପରି କଥା ଥାଏ—ସମସ୍ତେ ହିଁ କହନ୍ତି ବାନ୍ଧିଦେବାକୁ— ଛିଃ, ମୋ'ର ଏସବୁ ପସନ୍ଦ ନୁହେଁ—ରାମ୍ ରାମ୍ କି ହେବ ଦୁଇଟା ଦାନ୍ତକୁ ବାନ୍ଧି ଦେଇ, ଲୋକଙ୍କୁ ଦେଖାଇବାକୁ ଯେ ମୋ'ର ବୟସ ହୋଇନାହିଁ ! ଯଦିଓ ମୋର ଦାନ୍ତ ପଡ଼ିଯିବାର ଅନ୍ୟ କାରଣ ଅଛି; ମୋତେ ଏହି ଶ୍ରାବଣରେ ବୟାଳିଶ ପୂରିବ । ଖୁବ୍ ଅସୁସ୍ଥ ହୋଇଥିଲିକିନା ! —ଖୁବ୍ ଭୋଗିଥିଲି, ବଞ୍ଚିବାର ଆଶା ତ ନଥିଲା । ଓଃ, ସେ କି ଭୀଷଣ ଯନ୍ତ୍ରଣା—ଶଳା ଡାକ୍ତରଗୁଡ଼ାକ ଖୁବ୍ ଔଷଧର ଅର୍କ ଖୁଆଇଥିଲେ, ସେହି ଯୋଗୁହିଁ ତ ଦାନ୍ତଗୁଡ଼ିକ ଗଲା ।

ଆଉ ଗୋଟିଏ କଥା ତାଙ୍କ ମୁହଁରୁ ପ୍ରାୟ ବାହାରିଥାଏ—ଘରଛାଡ଼ି ବାହାରିଛି ଯେତେବେଳେ, ସେତେବେଳେ କ'ଣ କେଉଁ ଶଳାକୁ ପରୱା କରିଛି । କେଉଁ ବେଟା-ବେଟୀର ସାହାଯ୍ୟ ମୁଁ ଚାହେଁ ନାହିଁ । ତାହାଙ୍କ ଗଳାରେ ମୁଦାରା ଓ ତାରା ଦୁଇ ତାନ ଚାଲେ, ସଙ୍ଗୀତରେ ତାଙ୍କର ଯଥେଷ୍ଟ ହିଁ ଅନୁରାଗ ଅଛି, ପ୍ରାୟହିଁ ଏହି ପରିଚୟ ପାଇଥାଉ ।

ବୈଦ୍ୟନାଥ (ବକ୍ରେଶ୍ୱର)

ଆମର ଏହି ବୈଦ୍ୟନାଥ ଯେଉଁଠି ନାଇଁ ସେଠି ପଡ଼ିରହନ୍ତି, କେତେବେଳେ କେଉଁଠି ରହନ୍ତି, କେଉଁଠାରେ ରାତ୍ରି ଅତିବାହିତ କରନ୍ତି, ତାହାର କେବେହେଁ ଖବରଅନ୍ତର ନାହିଁ । କିନ୍ତୁ ଏହି ଅନୁକୂଳାନନ୍ଦ ଯେଉଁଠାରେ ଥାଆନ୍ତି, ସେହି ସ୍ଥାନଟି ପରିଷ୍କାର-ପରିଚ୍ଛନ୍ନ । ଦରଜାବିହୀନ ଗୃହ ମଧ୍ୟରେ ତାଙ୍କର ଲୁଗାପଟା ଝୁଲା ହୋଇଥାଏ । କମ୍ବଳ ଦ୍ୱାରା ଏକ ପରିଷ୍କାର ବିଛଣା ସେଠାରେ ଦେଖାଯାଏ । ତାହା ଶୋଇବା ବେଳେ ବିଛାଯାଏ, ଅନ୍ୟ ସମୟରେ ଗୋଛାଇ କରି ତୋଳି ରଖାଯାଏ । ଗୋଟିଏ ତଳିଆ, ତା' ଉପରେ ଖଣ୍ଡେ ଆସନ ପାରିଦେଇ ଦିନତମାମ ବସନ୍ତି । କାଳୀବାଡ଼ିରେ ପ୍ରସାଦ ପାଇବାକୁ ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ, ବେଶ୍ ଉଜ୍ଜ୍ୱଳ ଭାବରେ ମଜାହୋଇଥିବା ଗୋଟିଏ ଢାଳ ନେଇ ସେ ବାହାରିପଡ଼ନ୍ତି । ଶରୀର ସମ୍ବନ୍ଧୀୟ ସକଳ ବ୍ୟବହାରରେ ଏକ ପରିଷ୍କାର ପରିଚ୍ଛନ୍ନ ସୁସଜ୍ଜିତା ଘରଣୀଭାବ ସବୁ ସମୟରେ ତାଙ୍କଠି ପରିଲକ୍ଷିତ ହୁଏ ।

ପ୍ରତ୍ୟୁଷରେ ତାହାଙ୍କୁ ନଦୀତୀରରେ ଭ୍ରମଣ କରିବା ଦେଖାଯାଏ । ପ୍ରତ୍ୟେକ ଦିନ ତାଙ୍କର ଏହି ସତ୍ ଅଭ୍ୟାସ ଅନୁଯାୟୀ ଏହି କାର୍ଯ୍ୟ ସୁଚାରୁରୂପେ ହୋଇଥାଏ । କୌଣସି ବ୍ୟତିକ୍ରମ ହୁଏ ବୋଲି ମୁଁ କେବେ ହେଲେ ଦେଖି ନାହିଁ । ଏହା ବ୍ୟତୀତ ତାଙ୍କର ଟିକିଏ ଚା ପିଇବାର ଅଭ୍ୟାସ ଅଛି । ସେଥିଲାଗି ତାଙ୍କର ତୋଡ଼ଜୋଡ଼ କରିବାରେ ଅଭାବ ନଥାଏ । ଠିକ୍ ସମୟରେ ଗଞ୍ଜେଇ, ଚରସ ସେବନ କରିବାର ମଧ୍ୟ ଅଭ୍ୟାସ ଅଛି । ସେହି ସମୟରେ ବୈଦ୍ୟନାଥଙ୍କର ମଧ୍ୟ ଦେଖାମିଳେ, କାରଣ ଏହି ମହତ୍ ଅଭ୍ୟାସ ତାଙ୍କର ମଧ୍ୟ ଅଳ୍ପଦିନର ନୁହେଁ । ପୁନଶ୍ଚ ଏହି ସମୟ ବ୍ୟତୀତ ଦୁଇଜଣଙ୍କର ପ୍ରୀତି କିନ୍ତୁ ଆଉ ନଥାଏ । ବୈଦ୍ୟନାଥଙ୍କ ମୁଖରୁ କାହାର ନିନ୍ଦା ଶୁଣାଯାଏ ନାହିଁ, କିନ୍ତୁ ଅନୁକୂଳାନନ୍ଦଙ୍କ ମୁଖରୁ ବୈଦ୍ୟନାଥଙ୍କର ନିନ୍ଦା ଶୁଣାଯାଏ । ବେଟା, ଛୋଟ ଲୋକ, ରାଜବଂଶୀ, ବେଟା ମୁହଁରେ ଥୁ, ତା'ର ଆଉ କ'ଣ ହୋଇପାରିବ । —ଏହିପରି କଥା ।

ବକ୍ରେଶ୍ୱର-ଭୈରବ ମନ୍ଦିରରେ ଏହି ଦୁଇ ବ୍ୟକ୍ତିଙ୍କର ଅଧିଷ୍ଠାନ କାଳରେ ମୁଁ ଯେତେବେଳେ ଆସି କିଛିଦିନ ରହିବାର ଅଭିପ୍ରାୟ ଜଣାଇଲି, ବୈଦ୍ୟନାଥ ଆନନ୍ଦ ପ୍ରକାଶ କଲେ, ମୁଖମଣ୍ଡଳରେ ତାଙ୍କର ଖୁବ୍ ପ୍ରୀତିର ଲକ୍ଷଣ ପ୍ରକାଶ ପାଇଲା, କିନ୍ତୁ ଅନ୍ୟ ବ୍ୟକ୍ତି ଜଣକ ମୁଖ ଗମ୍ଭୀର କରି କହିଲେ, "ଏଠାରେ ରହିବା କ'ଣ ସୁବିଧା ହେବ ? ଜାଗା

କାହିଁ, ଆମର ଏହି ଟିକିଏ ସ୍ଥାନ ଭିତରେ ଦୁଇଜଣଙ୍କର ତ ଜାଗା ହେବ ନାହିଁ ।'' ଏହା ଶୁଣି ବୈଦ୍ୟନାଥ କହିଲେ, ''କାହିଁକି, ଜାଗାର ଅଭାବ କ'ଣ ! ମନ୍ଦିର ପଛରେ ଲମ୍ବା ଉଚ୍ଚା ବାରଣ୍ଡା ରହିଛି ତ ନିଶ୍ଚୟ–ଆହୁରି ମଧ୍ୟ କେତେ ଘର ରହିଛି, ରହିବାରେ ଅସୁବିଧା ହବ କାହିଁକି ?''

ଅନୁକୂଳାନନ୍ଦ ସେତେବେଳେ କହିଲେ, ''ହଁ, ମୁଁ ତାହାହିଁ କହୁଛି–ଆମର ଏଠାରେ ଜାଗା କମ୍‌ନା, ଦୁଇଜଣଙ୍କର ରହିବା...''

ବକ୍ରେଶ୍ୱର ମନ୍ଦିର ପଛରେ ଲମ୍ବା ବାରଣ୍ଡା, ତାହାର ଛାତ ଚାଳ, ବେଶ୍ ଉଚ୍ଚ ଛାତ ପରି । ଦେବାଲ ଓ ଛାତ ସବୁ ପକ୍କା, ବେଶ୍ ମୋଟା ଖୁଣ୍ଟ । ସେଥିଲାଗି ଛାତ ସହ ତାହା ଯୋଡ଼ା ହୋଇଛି ଭଲ ଭାବରେ, ଚଉଡ଼ା ପ୍ରାୟ ଛ'ହାତ ଲମ୍ବାର ଚାଳିଆଟି ଯାଇଛି । ସୁତରାଂ ସେଠାରେ ଅନେକ ଲୋକ ରହିପାରିବେ । ସେହିଠାରେ ହିଁ ମୋର ଶୋଇବାର ବ୍ୟବସ୍ଥା କରିନେଲି । ଦିନତମାମ୍ ସେହିଠାରେ ରହୁଥାଏ ।

ସେତେବେଳେ ବର୍ଷାଋତୁ, ଶ୍ରାବଣ ମାସ । ପ୍ରଖର ରୌଦ୍ର ଭୋଗ କରିବାର ବେଶୀଦିନ ସୁଯୋଗ ଘଟିନାହିଁ । ବାହାରେ ଶିବାଳୟର ଉଚ୍ଚ ଭୂମିର ନିମ୍ନଭାଗରେ କେତେକ ଉଷ୍ଣପ୍ରସ୍ରବଣ ଲମ୍ବି ଲମ୍ବି ବହିଚାଲିଛି । ଚତୁର୍ଦ୍ଦିଗରେ ପ୍ରାଚୀରବେଷ୍ଟିତ, ଗୋଟିଏ ଦିଗରେ ପାଣିଆଡ଼େ ତଳକୁ ଯିବାଲାଗି କେତୋଟି ପାହାଚ– ସେଠାରେ କିଛି ଖୋଲା ଜାଗା, ଚାରିକୋଣିଆ ବଡ଼ ଚୌବାଚା ପରି । ଫୁଟୁଥିବା ଜଳ ସଦାସର୍ବଦା ଉତୁରୁଥାଏ ଏବଂ ଏକ ପ୍ରଣାଳୀ ବାଟେ ପାପହରା ସଙ୍ଗେ ମିଶିଯାଉଥାଏ । ସବୁ ଧାରା ଏକରକମର । କୁଣ୍ଡଗୁଡ଼ିକର ଗୋଟିଏ ପଟେ ରାସ୍ତା, ଅନ୍ୟ ପାଖରେ ବେଲଗଛ, ଯେଉଁଥିରେ ଛୋଟ ଛୋଟ ଫଳ ଧରିଥାଏ । ଦୁଇ ଚାରିଟା ଆମ୍ବ, ଜାମୁ, ମୋରବା ଗଛ ମଧ୍ୟ ଅଛି । କୁଣ୍ଡଗୁଡ଼ିକ ଓ ପାପହରାର ମଝିରେ ଯିବାଆସିବା ରାସ୍ତା ଉଚ୍ଚାନୀଚା, ଘନ ତୃଣଗୁଳ୍ମଆଚ୍ଛାଦିତ, କେବଳ ଚାଲିବା ରାସ୍ତା ଟିକକ କଙ୍କର-ମାଟି, ପଥରଢଙ୍କା । ପାପହରାର ଆରପାରିରେ ଦକ୍ଷିଣ ଦିଗରେ ଶ୍ମଶାନ । ବାକି ସବୁ ସ୍ଥାନ ଜଙ୍ଗଲମୟ, ଏକବାରି ନଦୀ-ତୀରଯାଏ ବିସ୍ତୃତ ।

ବକ୍ରେଶ୍ୱର ପୀଠସ୍ଥାନର ଚତୁର୍ଦ୍ଦିଗରେ ନାନା ଧ୍ୱଂସାବଶେଷ । ମନ୍ଦିର, ଆବାସସ୍ଥାନ, ଇଟାରେ ତିଆରି ନାନା ପ୍ରକାର ଗୃହଗୁଡ଼ିକ ଯେପରି ଇତସ୍ତତଃ ବିକ୍ଷିପ୍ତ ଭାବେ ଦେଖାଯାଏ– ତାହା ଏକସମୟରେ ଘନ ଜନବସ୍ତିବହୁଳ ପଲ୍ଲୀ ଥିଲା, ବହୁଲୋକଙ୍କ ଅବସ୍ଥିତିର ଚିହ୍ନ ସ୍ୱରୂପ ଏବେ ମଧ୍ୟ ଜୀବନ୍ତ ରୂପେ ସେଗୁଡ଼ିକ ଦେଖିପାରୁଛି । ଏହି ଧ୍ୱଂସାବଶେଷର ଅସ୍ତିତ୍ୱ ଲୋପ ହେବାକୁ ଅନେକ ଦିନ ଲାଗିବ । ଅଶ୍ୱତ୍ଥ ଓ ବଟ ଏହି ଦୁଇଟି ବୃକ୍ଷହିଁ ଖୁବ୍ ଶୀଘ୍ର ସକଳ କୀର୍ତ୍ତିର ଧ୍ୱଂସଲୀଳାରେ ସହାୟତା କରୁଛି । ଏ ସ୍ଥାନରେ ମ୍ୟାଲେରିଆ ନାହିଁ, କିନ୍ତୁ ମଶାର ଉପଦ୍ରବ ଅତ୍ୟନ୍ତ ଅସହ୍ୟ ।

ଯଦି ପ୍ରାଚୀନ କାଳର କଥା ଧରାଯାଏ, ଏହି ଅଷ୍ଟାବକ୍ର ମହାଯୋଗୀଙ୍କର ଆଶ୍ରମଟି ଅତି ଛୋଟ ନଥିଲା । ଏଠାରେ ଖୁବ୍ କମ୍‌ରେ ସହସ୍ରାଧିକ ଆନୁଷ୍ଠାନିକ ଯୋଗୀ, ବ୍ରହ୍ମଚାରୀ, ପ୍ରବର୍ତ୍ତକ, ଶିଷ୍ୟ, ସେବକ ଆଦିଙ୍କର ମଧ୍ୟ ଅଧିଷ୍ଠାନ ଥିଲା । ବହୁ ଧନବାନ ଗୃହୀ, ବଣିକ, ନରପତିଙ୍କର ଯାତାୟାତ ମଧ୍ୟ ଥିଲା । ଏଠାରେ ଥିବା ଯେତେ ପ୍ରତିଷ୍ଠାନ, ଏକସମୟରେ କାଶୀ, କୋଶଳ, ଅବଧି ପର୍ଯ୍ୟନ୍ତ ବିସ୍ତୃତ ହୋଇ ଯୋଗମାର୍ଗର ବହୁସହସ୍ର ବ୍ୟକ୍ତିଙ୍କର ବିଶିଷ୍ଟ ଆକର୍ଷଣର ସ୍ଥଳ ଥିଲା । ସାଧନାର ଯେଉଁ ସକଳ ବିଶିଷ୍ଟ କ୍ଷେତ୍ର ଭାରତରେ ଅଛି, ଏକସମୟରେ ଏହି କ୍ଷେତ୍ରଟି ସେ ସବୁ ତୁଳନାରେ ଆଦୌ ନ୍ୟୂନ ନଥିଲା ।

■■

ଚତୁର୍ଦ୍ଦଶ ପରିଚ୍ଛେଦ

ବକ୍ରେଶ୍ୱର ଶିବମନ୍ଦିର, ମହାଯୋଗୀ ଅଷ୍ଟାବକ୍ରଙ୍କ ଦ୍ୱାରା ସ୍ଥାପିତ ସେହି ପୁରାତନ ମନ୍ଦିର କିନ୍ତୁ ଏଇଟି ନୁହେଁ, ଯଦିଓ ତାହାଙ୍କ ଦ୍ୱାରା ପ୍ରତିଷ୍ଠିତ ଶିବ ବିଗ୍ରହଟି ହିଁ ସେଇଠାରେ ନିଶ୍ଚୟ । ପ୍ରାଚୀନ ମନ୍ଦିର ଧ୍ୱଂସ ହୋଇଯାଇଛି ବହୁ ପୁରାତନ କାଳରୁ—ତାହାପରେ ଅବସ୍ଥାନୁଯାୟୀ ପୁଣି ନିର୍ମିତ ହୋଇଛି । କେତେଥର ଏହା ସମ୍ଭବ ହୋଇଛି, ତାହା ଜଣାପଡ଼େ ନାହିଁ । ଏଠିକାର ମନ୍ଦିରଟି ଅତି ସାଦାସିଧା, ବାଙ୍କୁଡ଼ାସ୍ଥ ମନ୍ଦିର ସ୍ଥାପତ୍ୟର ସରଳତମ ଅନୁକରଣ ଯେପରି; କେବଳ ମନ୍ଦିର ଚୂଡ଼ାରୁ ମଧ୍ୟସ୍ଥଳ ପର୍ଯ୍ୟନ୍ତ ଥାକ କରାହୋଇଛି । ତାହା ପରେ ହୋଇଛି ସାଧାରଣ ଘରବାଡ଼ିର କାନ୍ଥ ପରି । ଦ୍ୱାରରେ ମଧ୍ୟ କୌଣସି ଶିଳ୍ପ-ବୈଶିଷ୍ଟ୍ୟ ନାହିଁ । ଭିତରକୁ ପ୍ରବେଶ କଲେ ଅନ୍ଧକାରଭରା ଛୋଟ ସମଚତୁଷ୍କୋଣ ନାଟ ମନ୍ଦିରର ଅବୟବ । ତାହା ପରେ ହିଁ ଅନ୍ଧକାରମୟ ଗର୍ଭଗୃହ ।

ଏହି ମନ୍ଦିରରେ ଅଧିଷ୍ଠିତ ପ୍ରାଚୀନ ଲିଙ୍ଗର ପୂଜା ବ୍ୟବସ୍ଥା ପଣ୍ଡାମାନଙ୍କ ଦ୍ୱାରା ବହୁକାଳରୁ ହିଁ ରହିଛି । ପଣ୍ଡାଙ୍କର ବଂଶ କିଛି କମ୍ ନୁହେଁ । ସେମାନଙ୍କର ଉପାଧି ପୁତିତୁଣ୍ଡ, ବ୍ରାହ୍ମଣ ବଂଶଜ । ଏହି ଉପାଧିଧାରୀ ବ୍ରାହ୍ମଣ ଅନ୍ୟତ୍ର କେଉଁଠାରେ ଦେଖିଛି ବୋଲି ମନେହୁଏ ନାହିଁ, କେବଳ ଦକ୍ଷିଣବଙ୍ଗରେ ମୋ'ର ମାମୁଙ୍କର କେତେ ଘର ବର୍ତ୍ତମାନ ରହିଛି । ଯାହା ହେଉ, ଏଠାକାର ପଣ୍ଡାମାନେ ସମସ୍ତେ ହିଁ ଗୃହସ୍ଥ । ସେମାନଙ୍କଦ୍ୱାରା ଜଣଜଣଙ୍କ ଘର ଦାୟିତ୍ୱରେ ପାଳି କ୍ରମରେ ପ୍ରତ୍ୟେକଦିନ ଲାଗି ପୂଜା ଭୋଗରାଗ ଆଦି ନିର୍ଦ୍ଧାରିତ ହୋଇଛି । ନିର୍ଦ୍ଦିଷ୍ଟ ଦିବସରେ ଯାତ୍ରୀମାନଙ୍କ ନିକଟରୁ ଯାହା କିଛି ପୂଜା ଲାଗି ଆଦାୟ ହୁଏ ଓ



ବକ୍ରେଶ୍ୱର ଶିବମନ୍ଦିର

ପ୍ରଣାମୀ ଟଙ୍କାପଇସା ଆଦି ସମସ୍ତ ହିଁ ପ୍ରାପ୍ୟ ନିର୍ଦ୍ଦିଷ୍ଟ ଦିନର ପଣ୍ଡାର । ପ୍ରତିଦିନ ପ୍ରତ୍ୟୁଷରେ ଜଣେ ପଣ୍ଡା ମନ୍ଦିରରେ ଉପସ୍ଥିତ ହୋଇ ହଲ୍ଲାଗୁଲ୍ଲା କରୁଥାଏ । ତାହା ପ୍ରାୟ ଅଢ଼େଇପ୍ରହର ଧରି ଚାଲିଥାଏ । ଭୋଗ ଓ ଆରତିର କାର୍ଯ୍ୟମାନ ସମାପ୍ତ ହେବାକୁ ପ୍ରାୟ ଦୁଇଟା ବାଜିଯାଏ । ଯାତ୍ରୀମାନେ ବେଶୀ ଥିଲେ ଆହୁରି ବେଳା ଅଧିକ ହୋଇଯାଏ । ପୂଜାର ବ୍ୟାପାର ଯାହା ହେଉନା କାହିଁକି, ବକ୍ରେଶ୍ୱର ଶିବଙ୍କର ନିତ୍ୟ ପାୟସାନ୍ନ ବ୍ୟତୀତ ଅନ୍ୟ କିଛି ଭୋଗର ବ୍ୟବସ୍ଥା ଦେଖିନାହିଁ ।

ସେଠାରେ ମନ୍ଦିର ପଛ ବାରଣ୍ଡାରେ ଆଶ୍ରୟ ନେବାର ଦୁଇଚାରିଦିନ ଗତ ହେଲା ପରେ ଦିନେ କାଳୀବାଡ଼ିଠାରୁ ପ୍ରସାଦ ପାଇସାରି ଆସି ବସିଛି, ଜଣେ ପଣ୍ଡା ଛୋଟ ଗୋଟିଏ ଥାଳିରେ ଢଳାଯାଇଥିବା ପାୟସାନ୍ନ ଆଣି କହିଲେ, ''ପ୍ରସାଦ, ନେଇନିଅନ୍ତୁ ।''

ପାଖରେ କୌଣସି ପାତ୍ର ନଥିବା କଥା ଯେତେବେଳେ ମୁଁ କହିଲି, ସେତେବେଳେ ସେ କହିଲେ, ''ଏହି ପାତ୍ରଟି ହିଁ ଏବେ ଆପଣଙ୍କ ପାଖରେ ଥାଉ, କାଲି ନେଇଯିବି ।'' ଏହା କହି ସେ ଚାଲିଗଲେ । ଏପଟସେପଟ ଅନେଇ ଦେଖିଲି, ଆମର ବୈଦ୍ୟନାଥ ଆସୁଅଛନ୍ତି । ଏହିମାତ୍ର ଏକସଙ୍ଗରେ ଆମେ ଦୁହେଁ କାଳୀବାଡ଼ିର ପ୍ରସାଦ ପାଇ ଆସିଛୁ । ମୁଁ ତାଙ୍କୁ ଡାକିଲି ଏବଂ ପ୍ରସାଦ ଗ୍ରହଣ କରିବାକୁ ଅନୁରୋଧ କଲି ।

ବୈଦ୍ୟନାଥ କହିଲେ, ''ତାହା ହେବ ନାହିଁ—ଆପଣ ଖାଉ ନାହାନ୍ତି କାହିଁକି ? ଆପଣଙ୍କ ପାଇଁ ଆସିଛି, ମୁଁ ନେବି କାହିଁକି ?''

ମୁଁ କହିଲି, ''ଏଇମାତ୍ର ଖାଇ ଆସିଛି—''

ବାଧା ଦେଇ ବୈଦ୍ୟନାଥ କହିଲେ, ''ମୁଁ ମଧ୍ୟ ତ ଆପଣଙ୍କ ସଙ୍ଗେ ହିଁ ଖାଇ ଫେରୁଛି ।''

ତା' ହେଲେ କ'ଣ କରାଯିବ ! ଶେଷରେ ଦୁହେଁ ମିଶି ପ୍ରସାଦକୁ ଖାଇ ଶେଷ କରି ଦେବାକୁ ପଡ଼ିଲା ।

ସେହି ସମୟରୁ ପ୍ରତ୍ୟହ ଗୋଟିଏ ଥାଳିରେ ପାୟସାନ୍ନ ପ୍ରସାଦ ମୋ' ନିକଟକୁ ଆସିବାକୁ ଲାଗିଲା, ଦିନେ ହେଲେ ବାଦ୍ ଯାଇନାହିଁ ।

ଏବେ ବୈଦ୍ୟନାଥଙ୍କୁ ନେଇ କଥା ।

ପଚାରିଲି, ''ବୈଦ୍ୟନାଥ, ତୁମର ଭୈରବୀ ଅଛନ୍ତି ବୋଲି ଶୁଣିଲି ।''

''—ଅଛନ୍ତି ତ ନିଶ୍ଚୟ । କାଲି ଛାଡ଼ି ପରଦିନ ଯିବି, ନେଇ ଆସିବି ଏଠାକୁ । କାହିଁକି, ଆପଣ ଭୈରବୀଟିଏ ଆଣୁ ନାହାନ୍ତି ?— ଆପଣମାନଙ୍କର ସାଧନ କିପରି... ?''

ମୁଁ କହିଲି, ''ମୋ' ପଥ ଭିନ୍ନ ବୈଦ୍ୟନାଥ, ତେବେ ତୁମମାନଙ୍କର ଭଜନ ସାଧନ ଦେଖିବାକୁ ଏଠାକୁ ଆସିଛି । ଥରେ ତୁମେମାନେ ମୋତେ ଚକ୍ରକୁ* ନେଇଯିବ ?''

---

* ଚକ୍ର ମଧ୍ୟରେ ଜଣେ ମୁଖ୍ୟ ଥାଆନ୍ତି, ସେ ହେଲେ ଚକ୍ରେଶ୍ୱର ।

"—ସେଥିରେ କ'ଣ ଅଛି, ଆପଣ ଆସିଲେ ତ ହେବ, ତେବେ ଆମ ଚକ୍ରକୁ ଗଲେ ପଞ୍ଚ-ମକାର କରିବାକୁ ପଡ଼ିବ । ଆପଣ କରିପାରିବେ ତ ? ଆପଣଙ୍କର ତ ମଦ୍ୟମାଂସ ଚଳେ ନାହିଁ ।"

ମୁଁ କହିଲି, "କେବଳ ଦେଖିବି ।" ସେତେବେଳେ ବୈଦ୍ୟନାଥ କହିଲେ, "ତାହା କେମିତି ହବ, ବାପୁ ?— ଅନ୍ୟ ବୈରାଗୀଙ୍କୁ ଆମ ଭିତରେ ନେବୁ କିପରି ? ବାଧା ଅଛି । ତେବେ ଚକ୍ରେଶ୍ୱର ଯଦି ଇଚ୍ଛା କରନ୍ତି, ତେବେ ସମ୍ଭବ ହୋଇପାରେ ।"

ମୁଁ ପ୍ରଶ୍ନ କଲି, "ନଦୀତୀରସ୍ଥ ଏହି ଶ୍ମଶାନରେ ଯେଉଁ ଜଣେ ଉଲଗ୍ନ ସାଧୁ ଥାଆନ୍ତି, ତାଙ୍କର କେଉଁ ଗୋଷ୍ଠୀ ?"

ବୈଦ୍ୟନାଥ, "ସିଏ ଜଣେ ଅଘୋରୀ—ସେ କ୍ଷେପା ବାବା, ତାଙ୍କ କଥା ଛାଡ଼ନ୍ତୁ ।"

"ତାଙ୍କର ଭୈରବୀ ନାହାନ୍ତି ?"

"ନା, ତାଙ୍କର ସେ ସବୁ ଦରକାର ନାହିଁ, ସେ ସିଦ୍ଧ ।"

"କେତେ ଦିନରୁ ସେ ଏଠାରେ ଅଛନ୍ତି ?"

"ମୁଁ ପ୍ରାୟ ଦେଢ଼ବର୍ଷ ହେବ ଦେଖୁଛି, ସେ ତ ବରାବର ଏଠାରେ ରହନ୍ତି ନାହିଁ, ମଝିରେମଝିରେ ଚାଲିଯାଆନ୍ତି ।"

"କୁଆଡ଼େ ?"

ବୈଦ୍ୟନାଥ କହିଲେ, "ତାହା କହିବା ମୋ' ପକ୍ଷରେ କଷ୍ଟକର । ଚାଲନ୍ତୁନା, ତାଙ୍କ ପାଖକୁ ଯିବେ ?" ମୁଁ କହିଲି, "ଯିବି ନିଶ୍ଚୟ ଥରେ, ଏବେ ନୁହେଁ । ସେଦିନ ଯିଏ ତଡ଼ି ଦେଉଥିଲେ ଜଣଙ୍କୁ, ଜ୍ୱଳନ୍ତ କାଠ ନେଇ — ମୋ'ର ଭୟ ହୁଏ, ସେପରି ଭୟଙ୍କର କ୍ରୋଧୀ ଲୋକର ପାଖକୁ ଯିବାକୁ । ତୁମେ ଯେତେବେଳେ ଯାଅ, କିଛି କହନ୍ତି ନାହିଁ ?"

ବୈଦ୍ୟନାଥ ହସିଦେଇ କହିଲେ, "ତାଙ୍କର ରାଗ କାହିଁ ? ରାଗିବେ କାହିଁକି—ମଝିରେ ମଝିରେ ତାଙ୍କୁ ଯେଉଁମାନେ ବ୍ୟତିବ୍ୟସ୍ତ କରନ୍ତି, ବାବା ଅମୁକ ଦିଅ, ସମୁକ ଦିଅ ମୋ' ରୋଗ ଭଲ କରିଦିଅ କହି ହଇରାଣ କରନ୍ତି, ସେଥିଯୋଗୁ ସେମାନଙ୍କୁ ଟିକିଏ ଭୟ ଦେଖାନ୍ତି ।"

ମୁଁ ପଚାରିଲି, "ସେ କ'ଣ ରୋଗ ଭଲ କରିପାରନ୍ତି ? କବିରାଜି ଜାଣନ୍ତି ବୋଧହୁଏ ।"

"କି କବିରାଜି ? ତାଙ୍କର କବିରାଜି ଜାଣିବା ଦରକାର କ'ଣ, ସେ ଯେ ଭଗବାନ ! ଯାହାକୁ ଯାହା କହନ୍ତି, ଯାହାକୁ ଯାହା ଦିଅନ୍ତି, ତାହା କାମ ଦିଏ । ସେ ଥରେ ଜଣେ ଲୋକକୁ ଏକବାରେ ଖାଇପକାଇଲେ ।"

"ଖାଇଦେଲେ ? ଏହା କିପରି, ତାକୁ ମାରିଦେଇ କଞ୍ଚା ଖାଇଦେଲେ ନା କ'ଣ ?"

ବୈଦ୍ୟନାଥ କହିଲେ, ''ତା ହେବ କିପରି, ସେ ବ୍ୟକ୍ତି ଯେ ଏହାଙ୍କୁ ଏଠାରୁ ଉଠାଇଦେବା ଲାଗି କମ୍ପାନୀର ସାହେବକୁ କହିଥିଲେ ହୋ । ସେଥିଲାଗି ତାଙ୍କୁ ଖାଇଦେଇଛନ୍ତି । ତିନିଦିନ ଯାଇ ନାହିଁ, କଲେରାରେ ମରିଗଲା ହୋ । ବାବାଙ୍କୁ ରଗାଇଲେ ହିଁ ମୁସ୍କିଲ୍ । ସିଏ ମରିବ, ତାକୁ ଯମଘରକୁ ଯିବାକୁ ହିଁ ହେବ ।''

''ତାହାହେଲେ ଏପରି ଲୋକ ନିକଟକୁ ଯିବା ଦରକାର ନାହିଁ, କ'ଣ କହୁଛ ବୈଦ୍ୟନାଥ ?''

''ସେଟା କ'ଣ, କଥା, ଆପଣ ଚାଲନ୍ତୁନା, କିଛି ହେବାର ନାହିଁ । ଆପଣ ତ ଜଣେ ଭଲ ଲୋକ ।''

''ଯଦି ଯାଏ, ତୁମ ସଙ୍ଗରେ ହିଁ ଯିବି, ବୁଝିବିଚାରି ଦିନେ ଯିବି । ଆଚ୍ଛା ସେ ତ ଦିନ ବେଳା ବାହାରନ୍ତି ନାହିଁ, ସବୁବେଳେ ଦିନରେ ସେ କୁଣ୍ଡ ମଧ୍ୟରେ ହିଁ ରହନ୍ତି ?''

''ସେ'ତ ସେହିପରି ରହନ୍ତି, କଦାଚିତ୍ କେଉଁ କେଉଁ ଦିନ ବାହାରି ପଡ଼ନ୍ତି, କିନ୍ତୁ ଏହି ଶ୍ମଶାନ ଛାଡ଼ି କୁଆଡ଼େ ଯାଆନ୍ତି ନାହିଁ । ଦିନେ ଦିନେ ସକାଳଠାରୁ ପାଣିରେ ହିଁ ଥିବେ । କେତେବେଳେ ବୁଡୁଥାନ୍ତି, କେତେବେଳେ ଉଠୁଥାନ୍ତି, କେତେବେଳେ ବା ଭାସନ୍ତି ମଡ଼ା ପରି । ତାଙ୍କ କଥା କାହିଁକି କହୁଛନ୍ତି !''

''ଆଚ୍ଛା, ତୁମେ କ'ଣ ଠିକ୍ ଜାଣିଛ, ସେ ତାନ୍ତ୍ରିକ ନୁହନ୍ତି ?''

''ହଁ ଗୋ, ଠିକ୍ ଜାଣିବି ନାହିଁ କାହିଁକି– ତାହାହେଲେ ତ ଭୈରବୀ ଥାଆନ୍ତେ ! ଏତେଦିନ ଧରି ତ ଏଠାରେ ରହିଛନ୍ତି, କେବେହେଲେ ତ କୌଣସି ଭୈରବୀ ସାଙ୍ଗରେ କିଛି ଦେଖିଲି ନାହିଁ । ଥରେ ଜଣେ ଭୈରବୀ କ୍ଷେପାବାବାଙ୍କ ନିକଟକୁ ଯାଇଥିଲା, ସେତେବେଳେ ସେ ଘରଭିତରେ ଥିଲେ, ତା' ପରେ ବାହାରିଆସି ଗୋଟିଏ ଜାଗାରେ ବସିଗଲେ । ଭୈରବୀ ସ୍ତ୍ରୀଟି ମଧ୍ୟ ବସିଲା । ତା'ପରେ, ଅନେକ ବେଳଯାଏ ଆମେ ଏପାଖରୁ ଦେଖୁଛୁ, ବେଳ ସରିଆସୁଛି, ଭୈରବୀ ଆଖିରୁ ଲୁହ ପୋଛିପୋଛି ଚାଲି ଆସିଲା । ତା' ପରଠାରୁ ଆଉ କାହାକୁ ଦେଖିନାହିଁ ।''

''ଆଚ୍ଛା, ସେ ଖାଆନ୍ତି କ'ଣ ?''

''ଖାଇବେ ଥରେ ରାତିରେ । କେଉଁ କେଉଁ ରାତିରେ ହୁଏତ ଖାଆନ୍ତି ନାହିଁ । ଦେଖିଛି, ଯଦି ଖାଆନ୍ତି କେବଳ ରାତିରେ ହିଁ ।''

''ତୁମେ ରାତିରେ କେବେ ଯାଇଛ ?''

''ହେଁ, ଯିବି ନାହିଁ କାହିଁକି ! ସେ ତ ମୋତେ ଭଲପାଆନ୍ତି, ଦିନରେ ଯାଏ, ରାତିରେ ଯାଏ, ମୋତେ ସେ କେବେହେଲେ କିଛି କହନ୍ତି ନାହିଁ ।''

''–ତାଙ୍କର ସାଧନ ଭଜନ କେଉଁପରି–ଦେଖିଛ ?''

"—ତାଙ୍କର ପୁଣି ସାଧନା କ'ଣ, ସେସବୁ କ'ଣ ଦରକାର, ସେ ତ ସିଦ୍ଧ—ତାଙ୍କୁ କିଛି କରିବାକୁ ପଡ଼େ ନାହିଁ ।"

"—ତୁମକୁ କ'ଣ କହନ୍ତି ? କେତେବେଳେ କ'ଣ କିଛି ପଚାରିଥିଲେ କି ?"

"—ମୋ'ର କ'ଣ ଦରକାର, ମୁଁ ପଚାରିବି କାହିଁକି ? —ଯାଏ, ପ୍ରଣାମ ଜଣାଇ ବସେ, ଆଉ ତମାଖୁରୁ ପ୍ରସାଦ ପାଏ—କେବେ ବା ମଦ ମିଳିଯାଏ କିଛି । ସେ ଏକ କଳସୀ ଖାଇଲେ, କିଏ କହିବ ଯେ ବାବା ସେବନ କରିଛନ୍ତି ! ଥରେ ଜଣେ ଶବଦାହ କରିବାକୁ ଆସିଥିଲେ— ମୋ ସମ୍ମୁଖରେ ଦେଖିଛି, ଗୋଟିଏ କଳସୀ ପିଇବାକୁ ଦେଇଥିଲେ । ଯେମିତି କି ସେମିତି, ବାବାଙ୍କ ନିଶା କିଛି ହେଲା ନାହିଁ । କେତେ ସମୟ ପରେ ଥରେ ପରିସ୍ରା କଲେ, ବାସ୍ । ତା'ର କାରଣ ମଦ୍ୟସେବନ କରିବା ଦେଖି, ଦାତାର ନିଶା ଛାଡ଼ିଗଲା ହେ, କହିଲେ, ଏପରି ବାବା କେଉଁଠି ଦେଖିନାହିଁ ।"

"—ଆଚ୍ଛା ବୈଦ୍ୟନାଥ, ତୁମର ଏ ସବୁ ଦେଖି କ'ଣ ମନେହୁଏ, ଠିକ୍ କରି ମୋତେ କୁହ ଦେଖି ?"

ବୈଦ୍ୟନାଥ ମୁଣ୍ଡ କୁଣ୍ଡାଇକୁଣ୍ଡାଇ କହିଲେ, "ତାଙ୍କର ଶକ୍ତି ଅଛି ନିଶ୍ଚୟ । ଅଥଚ କୌଣସି ଭୈରବୀ ନାହାନ୍ତି । କୌଣସି ଶକ୍ତି ପାଖରେ ନ ଥାନ୍ତି । ତେବେ ସତ କହିଲେ ହେବ, ଏହି ସବୁ ଭୂତ-ପ୍ରେତ ସିଦ୍ଧି ବୋଲି ମନେହେବ । ତା' ନ ହେଲେ ଏପରି କରି ପାରିବେ, କ'ଣ କହୁଛନ୍ତି ଆପଣ ?"

"—ତୁମର ତାଙ୍କ ପ୍ରତି ଭକ୍ତି-ଶ୍ରଦ୍ଧା ଅନେକ ଅଧିକ ନା ?"

"—ତାହା ହେବ ନାହିଁ କିପରି, ଏତେ କ୍ଷମତା, ତାଙ୍କର କେଉଁ ଦୋଷର କଥା କହିପାରିବି ? କେଉଁଦିନ କିଛି ଦୋଷ ତାଙ୍କର ଦେଖିନାହିଁ— ନା, ମହାଶୟ । ସେ ଶିବ ନିଶ୍ଚୟ । ଦେଖିବେ, ଆପଣ ତ ଯିବେ, ନିଜେ ଦେଖିବେ ।"

ବୈଦ୍ୟନାଥଙ୍କ କଥା ଶୁଣି, ମୋର କୌତୂହଳ ବଢ଼ିଗଲା ସତ, କିନ୍ତୁ ଭୟ ମଧ୍ୟ କମ୍ ନଥିଲା । ଭାବିଲି, ବୈଦ୍ୟନାଥକୁ ସାଙ୍ଗରେ ନେଇ ଶୀଘ୍ର ଯିବି । ତେଣୁ ପଚାରିଲି, "ଆଚ୍ଛା, କେତେବେଳେ ଗଲେ ଦେଖା କରିବାର ସୁବିଧା ମିଳିବ, କୁହ ଦେଖି ।"

ସେ ହସିଦେଇ କହିଲେ, "ହେଇ ଦେଖନ୍ତୁ, ଆପଣଙ୍କର ଯେତେବେଳେ ଇଚ୍ଛା, ସେତେବେଳେ ଯାଇପାରିବେ ।"

"—ଆଚ୍ଛା, ରାତିରେ ସୁବିଧା ହୁଏ ନା ?"

"—ହେବ ନାହିଁ କାହିଁକି ! ସେ ତ ଶୁଅନ୍ତି ନାହିଁ, ତାଙ୍କର ନିଦ ନ ଥାଏ, ଏତେଦିନ ହେବ ଆମେ ଆସିଛୁ, କେତେବେଳେ ତାଙ୍କୁ ଶୋଇବାର ଦେଖି ନାହିଁ ।"

"—ସାରା ରାତି କରନ୍ତି କ'ଣ ?"

"—କେବେକେବେ ଚୁପ୍ ହୋଇ ବସିଥାଆନ୍ତି, କେବେକେବେ ଏହି ଶଶ୍ମାନ ଜଙ୍ଗଲରେ ଘୂରିବୁଲନ୍ତି, ଯେଉଁଠି ଖୁସି ସେଠି ।"

"—ତେବେ ଚାଲ, ଆଜି ରାତିରେ ଯିବା ।"

"—ଆଜି ପରା ମୁଁ ସାଇଁଥିୟା ଯିବି ଗୋ, ଭୈରବୀକୁ ଆଣିବାକୁ, କହିଥିଲି ନା ?"

"—ତାହାହେଲେ ତୁମେ ଆସିଲା ପରେ ଯିବା, କ'ଣ କହୁଛ ?"

"—ତାହା ହିଁ କରିବେ, ଆପଣ ଏକୁଟିଆ ଯାଉନାହାନ୍ତି, କ'ଣ ହେବ, ଖାଇ ପକାଇବେ ନା କ'ଣ, ବାଘ ନା ଭାଲୁ ?"

"—ଏଇ ଯେ କହିଲ, ସେ ଖାଇଛନ୍ତି ଜଣକୁ । କିଏ ଜାଣେ, ମୋତେ ଏକୁଟିଆ ଯିବାକୁ ଭରସା ହେଉ ନାହିଁ । କିପରି ଟିକିଏ ସଙ୍କୋଚ ଲାଗୁଛି—ତାହାହେଲେ ଥାଉ, ତୁମେ ଫେରିଆସିଲେ ସେତେବେଳେ ଯାହା ହେବ ।"

"—ମୁଁ କହିରଖୁଛି, ଶେଷରେ ମୋ ଦୋଷ ଦେବେ ନାହିଁ—ମୋ'ର ମଧ୍ୟ ବିଳମ୍ବ ହୋଇଯାଇପାରେ । ଦୁଇ-ଚାରିଦିନ ହୁଏତ ବିଳମ୍ବ ହେବ ।"

"—ଏତେ ଡେରି ହେବ କାହିଁକି—ତୁମେ ତ କହିଲ, ତାଙ୍କୁ ନେଇ ଚାଲିଆସିବ ?"

ବୈଦ୍ୟନାଥ କହିଲେ, "ତେବେ ଆପଣଙ୍କୁ କହୁଛି । ତାକୁ କାଠଫାଳିଆରେ ମୁଣ୍ଡକୁ ଖୁବ୍ ପିଟି ଦେଇଥିଲି, ତା'ର ଘା' ହୋଇଥିଲା, ସେ କେମିତି ଅଛି ଜାଣିପାରି ନାହିଁ । ହୁଏତ ତାକୁ ଡାକ୍ତରଖାନା ନେଇ ଯିବାକୁ ହେବ ।"

"—ଏପରି ମାରିଲ ଯେ ଘା' ହୋଇଗଲା ?"

"—ତାହା ହବ ନାହିଁ ? କଥା ଶୁଣେ ନାହିଁ ଯେ, ଗଉଁବାଜ ସ୍ତ୍ରୀଲୋକଟା ସିଏ । କହିଲି, ଏବେ ଯାଆ ନାହିଁ, ମୁଁ ଦୁଇ ଚାରିଦିନ ପରେ ନେଇ ଛାଡ଼ିଦେଇ ଆସିବି । ସେ ମୋ' କଥା ଶୁଣିଲା ନାହିଁ । ତେଣୁ ଦେଲି କସିକରି ପିଟି, ଯା' ମରି ଯା' ଚୁଲାରେ ଯା । ସେଇ ଯେ ଯାଇଥିଲି, ଆଉ ଯାଇନି ।"

ବୈଦ୍ୟନାଥ ପରଦିନ ସାଁଇଥିୟା ଗଲେ, ମୁଁ ଅନ୍ୟ ବିଷୟରେ ମନୋନିବେଶ କଲି । ମଝିରେମଝିରେ କ୍ଷେପାବାବାଙ୍କର ଗତିବିଧି ଲକ୍ଷ୍ୟ କରୁଥିଲି—ଦିନତମାମ୍ ତାଙ୍କୁ କୁଟୀର ବାହାରକୁ ବେଶୀ ଥର ଆସିବା ଦେଖିନାହିଁ ।

ସେଦିନ ଘନଘୋର ବର୍ଷା ଆସିଯାଇଛି । ଦିନସାରା ଅବିଶ୍ରାନ୍ତ ବୃଷ୍ଟି ଲାଗି ରହିଛି । ଲୁଗା ଆଉ ଶୁଖୁନାହିଁ । ମୁଁ ରହିଥିବା ବାରଣ୍ଡାର ଛାତରୁ ଟପ୍‌ଟପ୍ କରି ବର୍ଷା ପଡୁଛି । ଏକୁଟିଆ ଚୁପ୍ କରି ବସିଛି । ଦୁଇ-ଚାରି ଜଣ ଯାତ୍ରୀ ଆସିଲେ ଏବଂ ଏହିଠାରେ ହିଁ ଆଶ୍ରୟ ନେଲେ । ତାଙ୍କ ସହ ଜଣେ ନାରୀ । ଗୋଟିଏ ପିଲା ମଧ୍ୟ ଅଛି ସାଙ୍ଗରେ, ତାଙ୍କ ସଙ୍ଗେ ଦୁଇଜଣ ବେଶ୍ ଯବାନ୍ ପୁରୁଷ, ଦେଖିଲେ ମନରେ ଭୟ ଆସିବ ।

ଜଣେ ଆସି ପାଖରେ ବସିଯାଇ କହିଲେ, ''ଆଜି ବହୁତ ମେଘ ହେଉଛି ।'' ''ତାହାହିଁ ତ–'' କହି ଦେଇ ଟିକିଏ ଘୁଞ୍ଚିଯାଇ ତାଙ୍କୁ ବସିବାକୁ ସ୍ଥାନ ଛାଡ଼ିଦେଲି । ନିଜେ ଠିକ୍ ଭାବେ ଜାଗା କରି ଦ୍ୱିତୀୟ ବ୍ୟକ୍ତିକୁ ଡାକି କହିଲେ;– ''ଆସ, ବସ-ଜୀ, ଏହି ଯେ ଜାଗା ଅଛି ।'' କିନ୍ତୁ ପିଲାଟି ଓ ତାର ମା' ଠିଆହୋଇ ତିନ୍ତିବାକୁ ଲାଗିଲେ, ସେ ଆଡ଼େ ଲକ୍ଷ୍ୟ ନ କରି ସେ ବେଶ୍ ଆରାମରେ ଖଣ୍ଡେ ବିଡ଼ି ଲଗାଇଲେ ।

ମା'-ସନ୍ତାନ (ଭୈରବୀରେ ଭର୍ତ୍ତି ଉଦ୍ଦେଶ୍ୟରେ ବକ୍ରେଶ୍ୱରରେ)

ମୁଁ ସେତେବେଳେ କହିଲି, ''ସେମାନଙ୍କୁ ଟିକିଏ ଜାଗା କରିଦେଇ ବସିବାକୁ ଦିଅନ୍ତୁ ନା–ଠିଆ ହୋଇ ଭିଜୁଛନ୍ତି ଯେ, ଦେଖୁଛନ୍ତି ନା ?''

ବିଡ଼ି ମୁହଁରେ ଦେଇ ସେହି ବ୍ୟକ୍ତି ହାତରେ ଗୋଟିଏ କୋଣକୁ ଦେଖାଇ କହିଲେ : ''ବସ୍-ନା, ତୁମେମାନେ ବସିଯାଉନାହିଁ କାହିଁକି ?''

ବୁଝିପାରିଲି ନାହିଁ, ଏ ଦୁଇଜଣଙ୍କ ସହ ନାରୀଙ୍କର ସମ୍ବନ୍ଧ କ'ଣ ? ଦେଖିଲି ତାଙ୍କ କଥାରେ ନାରୀଜଣକ ଟିକିଏ ହଲିଲେ ନାହିଁ, ଗୋଟିଏ ଜାଗାରେ ଠିଆହୋଇ ରହି ତିନ୍ତିବାକୁ ଲାଗିଲେ; ଏହା ଦେଖି ପ୍ରଥମ ବ୍ୟକ୍ତି ଉଠିଯାଇ ତା' ପାଖକୁ ଯାଇ କହିଲେ, ''ଚ୍ୟାନ୍ଦଡକଲା ! ଏବେ ଏଠି ମଧ ଆରମ୍ଭ କରି ଦେଇଛ ! ଜାଗା ତ ଅଛି, ଯାଇ ବସ ହେ କେଉଁଠି !''

ସ୍ତ୍ରୀଲୋକଟି କୌଣସି କଥା କହିଲେ ନାହିଁ, ବାଳକର ହାତ ଧରି ମୁଣ୍ଡର ଓଢ଼ଣାକୁ ଗୋଟାଏ ହାତରେ ଟିକିଏ ଯାହା ଟାଣି ଦେଲେ । ଏହା ଦେଖି ସେହି ପୁରୁଷଟି ମୋ' ଆଡ଼କୁ ଅନାଇ କହିଲେ, ''ଦେଖୁଛନ୍ତି, ଇଏ ସହଜ ମାଇକିନା ନୁହେଁ !'' ଏହାଶୁଣି ନାରୀ ଜଣକ ଟିକିଏ ଚଞ୍ଚଳ ହେବାକୁ ଲାଗିଲେ ଏବଂ ତା' ଆଡ଼କୁ ପାଦେ ଆଗେଇ ଆସି ଅସ୍ପଷ୍ଟ ଭାଷାରେ ଯାହା କହିଲେ, ଶୁଣିପାରିଲି ନାହିଁ । ସେଥିପାଇଁ ଲୋକଟି ଚିତ୍କାର କରି କହିଲେ, ''ଏ ଯାଏ ପଣ୍ଡାମାନେ ଆସି ନାହାନ୍ତି–ସେମାନେ ଆସିଗଲେ ସିନା ବାବାଙ୍କ ନିକଟରେ ପୂଜା ଦିଆଯିବ, ସେତେବେଳଯାଏ ତୁମେ ଠିଆହୋଇ ରହିବ ନା କ'ଣ ?'' ପରେ ମୋ' ଆଡ଼କୁ ଚାହିଁ କହିଲେ, ''ହଁ ମହାଶୟ, ପଣ୍ଡାମାନେ ଏଠିକୁ କେତେବେଳେ ଆସିବେ ?''

ମୁଁ କହିଲି, ''ଆଜି ପ୍ରବଳ ବୃଷ୍ଟି ହେଉଛି ନା, ସେଥିଲାଗି ହୁଏତ ଆସିବା ବିଳମ୍ବ ହୋଇଛି । ନ ହେଲେ ଅନ୍ୟ ଦିନରେ ତ ଏଇ ସମୟରେ ଆସିଯାଆନ୍ତି ସମସ୍ତେ ।''

ସଙ୍ଗରେ ସେମାନଙ୍କର ପୁଟୁଳିଟାଏ ଥିଲା; ତାହା ଭିତରେ ରଖାହୋଇଥିଲା । ସ୍ତ୍ରୀ ଲୋକଟି ପିଲାଟିର ହାତଧରି ଭିତରଦୁଆର ବାରଣ୍ଡାକୁ ଉଠିଆସିଲେ ଏବଂ ସେହି ପୁଟୁଳି ଉପରେ ବସିପଡ଼ିଲେ । ପୁଅଟି ଏହି ଅବସରରେ ମା'ର ହାତ ଛାଡ଼ିଦେଇ ଟିକିଏ ଖେଳିବାକୁ ଚେଷ୍ଟା କରି ଆମ ଆଡ଼କୁ ଆସି ଏଣେତେଣେ ଚାହିଁବାକୁ ଲାଗିଲା ।

କେତେ ସମୟ ପରେ ବୃଷ୍ଟି ଟିକିଏ କମିଲା, ସଙ୍ଗେ ସଙ୍ଗେ ହିଁ ପୁତିତୁଣ୍ଡି ପଣ୍ଡା ମହାଶୟଙ୍କ ମଧ୍ୟରୁ ଜଣେ-ଦୁଇଜଣ ଦେଖାଗଲେ ।

ପଣ୍ଡା ତାଙ୍କ ମଧ୍ୟରୁ ଜଣକୁ ପଚାରିଲେ, ''ଆପଣମାନେ କେଉଁଠାରୁ ଆସିଛନ୍ତି ?''

''ଆମେ ଦୁବରାଜପୁରରୁ ଆସିଛୁ—ମାନସିକ ଅଛି, ବାବାଙ୍କ ପାଖରେ ।''

■■

ପଞ୍ଚଦଶ ପରିଚ୍ଛେଦ

ବର୍ଷା ବନ୍ଦ୍ ହେବା ପରେ, ପଣ୍ଡାମାନେ ଆସିଗଲା ଉତ୍ତାରୁ ଏବଂ ଆଉ ଦୁଇତିନି ଦଳ ଯାତ୍ରୀଙ୍କର ଆବିର୍ଭାବରେ ମନ୍ଦିରପ୍ରାଙ୍ଗଣ ପ୍ରାଣମୟ ହୋଇଉଠିଲା । ଆଜି ଯେଉଁ ଭାବେ ମେଘ ଆସି ପ୍ରଭାତର ବାତାବରଣକୁ ପରିବର୍ତ୍ତିତ କରି ଦେଇଥିଲା, କେହି ସେତେବେଳେ ଭାବି ନଥିଲେ ଯେ ଆଜି ଏଠାରେ ଅଧିକ ଜନସମାଗମ ହେବ । ଅଧିକନ୍ତୁ ଆଶ୍ଚର୍ଯ୍ୟ କଥା ଏହି ଯେ, ଅନ୍ୟ ଦିନ ତୁଳନାରେ ଆଜି ଲୋକସମାଗମ ଅନେକ ବେଶୀ । ଅନୁକୂଳାନନ୍ଦ ସ୍ୱାମୀ ଅଧିକ ଯାତ୍ରୀ ଆସିବା ଲାଗି ପାର୍ଥନା କରନ୍ତି । କାରଣ ପ୍ରକୃତରେ ସହଜ ନିୟମରେ ହିଁ, ପଣ୍ଡାମାନଙ୍କର ସୁବିଧା ହେବା ସଙ୍ଗେସଙ୍ଗେ, ତାଙ୍କର ମଧ ଆପେ ଆପେ ଅନେକଗୁଡ଼ିଏ ସୁବିଧା ହୋଇଯାଇଥାଏ, ଯେହେତୁ ଯାତ୍ରୀ ମାତ୍ରେ ହିଁ ଦେବତାଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ ହିଁ ଦେବସ୍ଥାନସ୍ଥ ଆଶ୍ରିତ ସାଧୁମାନଙ୍କଆଡ଼େ ମଧ ଦୃଷ୍ଟି ରଖିଥାନ୍ତି । ସମୟସମୟରେ ଦେବତାଙ୍କ ଅପେକ୍ଷା ଆକର୍ଷଣଟା ସାଧୁମାନଙ୍କ ଉପରେ ବେଶୀ ଲକ୍ଷ୍ୟ କରାଯାଇଥାଏ, କାରଣ ତୁଳନା କଲେ ମନ୍ଦିର ଅଭ୍ୟନ୍ତରରେ ଠାକୁର-ଦେବତା ଅପେକ୍ଷା ବାହାରର ସାଧୁଙ୍କୁ ବେଶ୍ ଜୀବନ୍ତ ମନେ କରାଯାଇଥାଏ । ଏତଦ୍‌ବ୍ୟତୀତ ପୁତ୍ରପ୍ରାପ୍ତି, ସ୍ୱାମୀଙ୍କୁ ବଶୀଭୂତ କରିବା, ନଣନ୍ଦ ବା ଶାଶୁଙ୍କର ମୁହଁ ବନ୍ଦ୍ କରାଇବା, ଜୁଆରେ ଟଙ୍କା ଲଗାଇ ଜିତିବା, ଉତ୍କଟ ବ୍ୟାଧିରୁ ଆରୋଗ୍ୟ ଲାଭକରିବା ଆଦି ବରପ୍ରାପ୍ତି ତ ମନ୍ଦିରସ୍ଥ ଦେବତାଙ୍କଠାରୁ ମିଳିପାରେ ନାହିଁ—ଲୋକକଲ୍ୟାଣ ଉଦ୍ଦେଶ୍ୟରେ ସାଧୁମାନେ ହିଁ ଏହି ସମସ୍ତ କାର୍ଯ୍ୟ କରିଥାନ୍ତି । ଆମ ଅନୁକୂଳାନନ୍ଦ ମହାଶୟ ଚା, ଚରସ୍, ତମାଖୁ, ଗଞ୍ଜେଇ ଆଦିର ଖର୍ଚ୍ଚ ଏବଂ ସମୟ ସମୟରେ, ଦୂର-ଦୂରାନ୍ତର ତୀର୍ଥ ଭ୍ରମଣ ଲାଗି ଯାତ୍ରୀମାନଙ୍କ ନିକଟରୁ ଏହି ଭାବରେ ହିଁ କିଛିକିଛି ଅର୍ଥ ସଂଗ୍ରହ କରିଥାଆନ୍ତି ଏବଂ କହନ୍ତି, ଏପରି କଲେ କିଛି ଦୋଷ ନାହିଁ; କାରଣ ଏମାନେ ସ୍ୱଇଚ୍ଛାରେ ଦାନ କରନ୍ତି । ନ ପାଇଲେ ଆମର ଚଳିବ କିପରି ! ଭଗବାନ ହିଁ ଆମର ପ୍ରତିପାଳନ ଲାଗି ଗୃହୀମାନଙ୍କୁ ସୃଷ୍ଟି କରିଛନ୍ତି । ଅନ୍ୟ ଏକ ବ୍ୟାପାର ଏଠାରେ ଅଛି, ତାହା ହେଲା ଭୈରବୀ ସନ୍ଧାନ । ଅର୍ଥାତ୍ କେହି ତାନ୍ତ୍ରିକ ସାଧୁଙ୍କର ଯଦି ଭୈରବୀର ପ୍ରୟୋଜନ ଥାଏ, ସେମାନେ ଥରେ ଥରେ ଏସବୁ ସ୍ଥାନକୁ ଅନୁସନ୍ଧାନରେ ଆସନ୍ତି । ତନ୍ତ୍ରମତରେ ଭୈରବୀଙ୍କ ମାଧମରେ ସାଧନାରୁ ଫଳ ଲାଭ କରାଯାଇଥାଏ । ତା' ଛଡ଼ା ଗୃହସ୍ଥ ନାରୀ-ଯାତ୍ରୀମାନଙ୍କ ମଧରୁ ଭୈରବୀ ମିଳିଥାନ୍ତି । ଏହା କିପରି ସମ୍ଭବ, ତାହାହିଁ କହୁଛି ।

ତା'ର ରୂପଟି ମନ୍ଦ ନହେଲେ ମଧ୍ୟ ଭୈରବୀ ହେବା ଲାଗି ଉପଯୁକ୍ତ ନୁହେଁ—କୃଶ, ଅନେକ କ୍ଷୀଣ, ବୟସ ଅନ୍ଦାଜରେ ପାଖାପାଖି ପଚାଶ ବର୍ଷ, ଦୁର୍ବଳ ଶରୀର, ଲାଲ୍ ଶାଢ଼ିପରିହିତା, ହାତରେ ତ୍ରିଶୂଳ, କପାଳରେ ସିନ୍ଦୂରର ଏକ ପ୍ରକାଣ୍ଡ ଟୀକା । ଅଧିକାଂଶ ପାକଲା ମୁଛଦାଢ଼ି । ସାଙ୍ଗରେ ବୁଜୁଳାଟିଏ ଅଛି । ତା' ଭିତରେ ଆସନ ଆଦି ପୂଜା ଲାଗି ନାନା ଉପକରଣ ଅଛି, ସେ ଆସି ଗୋଟିଏ ସ୍ଥାନରେ ଆସନରେ ବସିଗଲେ । କୌଣସି ଦିଗକୁ ଲକ୍ଷ୍ୟ ନାହିଁ, ମନକୁମନ ନିଜ କାର୍ଯ୍ୟରେ ଲିପ୍ତ ରହିଲେ । ଜଣେ-ଦୁଇଜଣ ତାଙ୍କ ନିକଟକୁ ଯିବାଆସିବା କରୁଥାନ୍ତି, ସେ କିନ୍ତୁ କାହା ସହିତ କଥାବାର୍ତ୍ତା କରୁ ନଥାନ୍ତି । ପରେ ଜଣେ ବ୍ୟକ୍ତି ତାଙ୍କ ପାଖକୁ ଆସି ଚୁପ୍ ଚୁପ୍ କରି କଥା କହିବାକୁ ଲାଗିଲା । କିନ୍ତୁ ସେ ତା' କଥାକୁ ବେଶୀ ମନୋଯୋଗ ଦେବାର ଜଣାପଡ଼ିଲା ନାହିଁ । କିଛିକ୍ଷଣ ପରେ ସେ ବ୍ୟକ୍ତି ଉଠିଗଲେ । ଆଜି ପ୍ରଥମେ ଯେଉଁ ନାରୀଟି ସଙ୍ଗେ ଯେଉଁମାନେ ଆସିଥିଲେ, ସେହି ମାନଙ୍କ ମଧ୍ୟରୁ ଜଣେ, ମୁଁ ଚିହ୍ନି ପାରିଲି । ଅଳ୍ପକ୍ଷଣ ପରେ ପୁଣି ସେହି ବ୍ୟକ୍ତି ଆସି ଭୈରବ ସଙ୍ଗେ କଥା ଆରମ୍ଭ କରିଦେଲେ ।

ଏହି ସମୟରେ ପ୍ରସାଦ ପାଇବା ଲାଗି ଘଣ୍ଟା ବାଜିଲା, ତେଣୁ ଉଠିବାକୁ ପଡ଼ିଲା । ସେଠାରେ ଘଣ୍ଟାଏ ପର୍ଯ୍ୟନ୍ତ ବିଳମ୍ବ ହେଲା । ଆହାର ଶେଷ ହେବା ପରେ ଆସି ସ୍ୱସ୍ଥାନରେ ଯେତେବେଳେ ବସିଲି, ସେତେବେଳେ ପ୍ରାୟ ଦୁଇଟା ବାଜିଛି, ଦେଖିଲି, ସେହି ଭୈରବ ନିଜ ଆସନରେ ବସି ଧୂମପାନ କରୁଛନ୍ତି, ତାଙ୍କ ଡାହାଣ ପଟେ କିଛି ଦୂରରେ ଏକ ପୃଥକ୍ ଆସନରେ ସେହି ନାରୀଟି ଉପବିଷ୍ଟା, ଆଉ ସେ ନାରୀ ସହ ଯେଉଁ ଦୁଇଜଣ ଭଦ୍ରଲୋକ ଥିଲେ, ତାଙ୍କ ମଧ୍ୟରୁ ଜଣେ ସେହି ଛୋଟ ପୁଅଟିକୁ କୋଳରେ ଧରି କିଛି ଦୂରରେ ତା' ସହ ଅନେକ କଥାବାର୍ତ୍ତା କରୁଛନ୍ତି । ପିଲାଟିର ହାତରେ କିଛି ଖାଇବା ଜିନିଷ ଦେଇ ପଚାରିଲେ, ''କ'ଣ, ଆଉ ଖାଇବୁ ? ତୋତେ ଆଉ କ'ଣ ଦେବି-ଚାଲ୍, ତୋତେ ସେ ଆଡ଼କୁ ନେଇ ଯାଏଁ—ଖାଇବାକୁ ଦେବି, ଖେଳନା ଦେବି, ଚାଲ୍, ତୁ ଖୁବ୍ ଭଲ ପିଲା ନା !''

କହିସାରି ପୁଅଟିକୁ ନେଇ ଗୋଟିଏ ଦିଗକୁ ଚାଲିଗଲେ । ଯିବା ସମୟରେ ପୁଅଟି 'ମା, ହେ ମା,' କହି ନାରୀଙ୍କ ଆଡ଼କୁ ହାତ ଦେଖାଇଲା । ସେତେବେଳେ ଦ୍ୱିତୀୟ ବ୍ୟକ୍ତି, ସେହିଠାରେ ଉପସ୍ଥିତ ଥିଲେ—ସେ ସେହି ସ୍ତ୍ରୀ ଆଡ଼କୁ ଚାହିଁ ମୃଦୁ ସ୍ୱରରେ ଅନେକ କଥା କହିବାକୁ ଲାଗିଲେ । ମୁଁ ଭାବିଲି, ବସିରହି ଏହି ସମସ୍ତ ଲକ୍ଷ୍ୟ କରିବା ଏକ ମହାପାତକ, ଆଜି କିନ୍ତୁ ମୋ'ର ଆସନ ଶାନ୍ତିପୂର୍ଣ୍ଣ ନଥିଲା—ମୋ'ର ପ୍ରାଣଟି ଆଉ କୌଣସି ପ୍ରକାର ସେଠାରେ ରହିବାକୁ ଉଚିତ୍ ମନେ କଲା ନାହିଁ, ଉଠି ପଡ଼ିଲି ଏବଂ ମନ୍ଦିର ପ୍ରାଙ୍ଗଣକୁ ପାର ହୋଇ ବାହାରକୁ ଆସି ବୁଲିବାକୁ ଲାଗିଲି ।

ଅନେକଗୁଡ଼ିଏ ଯାତ୍ରୀବାହୀ ଗୋରୁଗାଡ଼ି ଆସି ପହଞ୍ଚିଛି, ଗାଡ଼ିବାଲାମାନେ ସମସ୍ତେ ଖାଇବା-ପିଇବାର ଆୟୋଜନରେ ବ୍ୟସ୍ତ ଥିଲେ । କାରଣ ତାହାପରେ ହିଁ ଗାଡ଼ି ଛାଡ଼ିବା

କଥା । ଅନେକ ଗାଡ଼ି ବହୁଦୂରରୁ ଆସିଛି—ଫେରିବାକୁ ରାତି ହେବ । ମୁଁ ଗ୍ରାମ ଛାଡ଼ି ବହୁ ଦୂରକୁ ଚାଲିଗଲି ।

ପ୍ରାୟ ଚାରିଟା ବେଳକୁ ସବୁ ଶେଷ ହୋଇଛି ବୋଲି ଅନୁମାନ କରି ମୁଁ ଫେରିଆସିଲି । ମୋ' ଆସନକୁ ଆସି ଦେଖିଲି, ମନ୍ଦିରପ୍ରାଙ୍ଗଣ ଫାଙ୍କା ହୋଇଯାଇଛି । ମୁଁ ଅଳ୍ପ କ୍ଷଣ ବସି ନଦୀତୀର ଆଡ଼େ ବୁଲିବାକୁ ଯିବା ସମୟ ହୋଇଥିବାରୁ ଚାଦରଟିଏ ଘୋଡ଼ାଇହୋଇ ଉଠିପଡ଼ିଲି । ବାହାରକୁ ଆସି ହିଁ ଅନୁକୂଳାନନ୍ଦ ସ୍ୱାମୀଙ୍କ ଘର ପାଖରେ ଦୁଇଜଣ ଭଦ୍ରଲୋକଙ୍କୁ ଦେଖିଲି । ମୋତେ ଦେଖି ହିଁ ଅନୁକୂଳାନନ୍ଦ କହିଲେ, ''ଏଇ ଯେ, ଶୁଣୁଛନ୍ତି ଏମାନଙ୍କ କଥା ?''

ମୋତେ ଆଉ ପଚାରିବାକୁ ପଡ଼ିଲା ନାହିଁ—ଜଣେ ବ୍ୟକ୍ତି କହିଲେ, ''ଜଣେ ଯୁବତୀ ସ୍ତ୍ରୀ ସହ ଜଣେ ପୁଅ ଆସିଥିଲା, ଦେଖିଛନ୍ତି ?''

ମୁଁ ପଚାରିଲି, ''କ'ଣ ଘଟଣା, କୁହନ୍ତୁ ତ ?'' ଅନ୍ୟ ଭଦ୍ରବ୍ୟକ୍ତିଟି କହିଲେ, ''ମହାଶୟ, ଆଉ କହିବି ଦା କ'ଣ ? ଆମ ଘରର ଜଣେ ବିଧବା ସ୍ତ୍ରୀ ତା'ର ପୁଅ ସହିତ ଏଠାକୁ ପୂଜା କରିବାକୁ ଆସିଥିଲେ, ତାହାଙ୍କୁ ଖୋଜିବା ଲାଗି ଆମେ ଆସିଛୁ ।''

''—ତାଙ୍କ ସଙ୍ଗେ କ'ଣ ତାଙ୍କର କେହି ନିଜ ଲୋକ ନଥିଲେ ?''

''—ନାହିଁ- ହଁ, ଥିଲେ ନିଶ୍ଚୟ, ତେବେ ସେମାନେ ଆମର କେହି ନୁହନ୍ତି ।'' ମୁଁ ଯେତିକି ଦେଖିଥିଲି, ସେସବୁ କଥା କହିଲି, ଶେଷରେ ଭୈରବ ସହ ସାକ୍ଷାତ ପର୍ଯ୍ୟନ୍ତ ।

''—ହଁ—ଶେଷରେ ତାହାହେଲେ ଭୈରବ ହାବୁଡ଼ରେ ପଡ଼ିଛି—ଯାଃ, ସେମାନେ କେବେ ଚାଲିଗଲେ, କେଉଁ ଆଡ଼କୁ ଗଲେ ?''

''ମୁଁ ଆଉ କିଛି ଜାଣିନାହିଁ ।''

ସେମାନେ ଅତି ଦ୍ରୁତ ଗତିରେ ପ୍ରାଙ୍ଗଣ ପାର୍ ହୋଇଯାଇ ରାସ୍ତା ଆଡ଼କୁ ଧାଇଁଲେ ।

ଅନୁକୂଳାନନ୍ଦ କହିଲେ, ''ଦେଖୁଛନ୍ତି, କିପରି ମଜା ! ଆଉ ଢଙ୍ଗ ଦେଖାଇ ଖୋଜା-ଖୋଜି କରି ଲାଭ କ'ଣ ? ଏସବୁ ତ ଏଠାକାର ରୀତିଗତି—ଛିଃ !''

ବ୍ୟାପାରଟି ଏଠାରେ ଏହି ପର୍ଯ୍ୟନ୍ତ । ତା'ପରେ ସବୁ ଚୁପ୍‌ଚାପ୍ ।

ନଦୀତୀରକୁ ଯାଇ ନିଶ୍ୱାସ ମାରିଲି, ମାତ୍ର ମନ ମଧ୍ୟରେ କିପରି ଏକ କଷ୍ଟକର ଗ୍ଲାନି ଅନୁଭବ କରିବାକୁ ଲାଗିଲି । ସେ ପିଲାଟିକୁ ସେମାନେ କୁଆଡ଼େ ନେଇଗଲେ ? ଏପରି ଏକ ଘଟଣା ଏଠାରେ ଏତେ ସହଜରେ ଘଟିଗଲା, କେହି କିଛି ଅନୁଭବ କଲେ ନାହିଁ !

ପରଦିନ ସକାଳେ ବୈଦ୍ୟନାଥ ତାଙ୍କର ଭୈରବୀଙ୍କୁ ନେଇ ଆସିଲେ । ମୁଣ୍ଡରେ ତାଙ୍କର ବ୍ୟାଣ୍ଡେଜ, ପ୍ରକାଣ୍ଡ ଏକ ଆଜାନୁଲମ୍ବିତ ଜଟା । ବୟସ ପ୍ରାୟ ଚାଳିଶ-ବୈୟାଳିଶ

ବୈଦ୍ୟନାଥର ସ୍ତ୍ରୀ ଭୈରବୀ
(ବକ୍ରେଶ୍ୱର)

ହେବ । କଳା ଶରୀର, ମୋଟା-ସୋଟା ଗଠନ, ବେଶ୍ ଭଲ ମଣିଷଟି ବୋଲି ମନେ ହେଲା । ଡାହାଣ ହାତରେ ତ୍ରିଶୂଳ, ଆଉ ବାମ ହାତରେ ଏକ ବୋକଚା । ଦେଖା ହେବା ସଙ୍ଗେ ସଙ୍ଗେ ବୈଦ୍ୟନାଥ କହିଲେ, ''ଘା'ଟା ଖୁବ୍ ବେଶୀ ହୋଇଛି ଗୋ, ଭିତରେ ପୋକ ହୋଇଯାଇଛି, ଡାକ୍ତରଖାନା ନେଇଯିବାକୁ ପଡ଼ିବ ନା କ'ଣ—ଦେଖନ୍ତୁ ତ ?''

ମୁଁ କହିଲି, ''ଓଃ, ଏଠାରେ ଆଉ ଖୋଲି ଦେଖାଇ ଲାଭ କିଛି ନାହିଁ, ବନ୍ଧାହୋଇ ରହିଛି, ଭଲ ହୋଇଛି । ଏଠାରେ ଏପରି ଭାବରେ ପୁଣି ବନ୍ଧା ହୋଇପାରିବ ନାହିଁ ।''

''—ହାଁ, ତାହା ଠିକ୍ ଗୋ—''କହିଦେଇ ସେ ମୋ' କଥାରେ ସମ୍ମତି ଜଣାଇଲେ । ତାଙ୍କର ଭୈରବୀ କ୍ଷୀଣ ସ୍ୱରରେ କହିଲେ, ''ଭିତରେ ପୋକଗୁଡ଼ା ସାଲୁବାଲୁ ହେଉଛନ୍ତି ଗୋ, ବଡ଼ ଯନ୍ତ୍ରଣା ହେଉଛି ।''

ଯାହା ହେଉ, ଏବେ ଖୋଲାଖୋଲି କରିବା ଠିକ୍ ନୁହେଁ ବୋଲି ମୁଁ କହିଦେଇ ନିଜ ଆସନକୁ ଆସିଲି । ଏହି ଯେଉଁ ଏକ ଅଶାନ୍ତିକୁ ନେଇ ବୈଦ୍ୟନାଥ ହାଜର ହେଲେ, ସେଥିରେ ସେହି ଅଘୋରୀ ବାବା ସଙ୍ଗେ ଦେଖାଶୁଣାର ଚିନ୍ତା ମୋ'ର ଯେପରି ପାସୋର ହୋଇଗଲା । କ'ଣ କରିବି, ଥରେ ଏକୁଟିଆ ଯିବି ଭାବି, ଠିକ୍ କଲି । ମନରେ ଟିକିଏ ଯେପରି ସଙ୍କୋଚଭାବ । ବର୍ତ୍ତମାନ, ଅସଲ କଥା ବୈଦ୍ୟନାଥଙ୍କ ଭୈରବୀର ଘା', ଆଉ ସେ ଯନ୍ତ୍ରଣାରେ ଛଟପଟ ହେଉଛି,. ତାହାର ପ୍ରତିକାର କିପରି ହେବ ? ଏଠି କ'ଣ ଉପାୟ କରାଯାଇପାରେ କି ନାହିଁ, ତାହାର ବ୍ୟବସ୍ଥା କରିବା ଲାଗି । ବୈଦ୍ୟନାଥ ଯାହାକୁ ଦେଖୁଛନ୍ତି, ତା' ନିକଟରୁ ଯାଇ ପରାମର୍ଶ ଚାହୁଁଛନ୍ତି । ଠିକ୍ କଥା କେହି କିଛି କହି ପାରୁ ନାହାନ୍ତି, ତେବେ ସମସ୍ତେ କେବଳ ଗୋଟିଏ କଥା କହୁଛନ୍ତି ଯେ ତାକୁ ଏଠାକୁ ଆଣିବା ଠିକ୍ ହୋଇନାହିଁ । ନିରୁପାୟ ହୋଇ, କେଉଁ ଆଡୁ କାହାଠାରୁ ଏହି ବ୍ୟାପାରରେ କିଛି ସହାନୁଭୂତି ନ ପାଇ ବୈଦ୍ୟନାଥ ହତାଶ ହୋଇ କହିପକାଇଲେ, ''ଯାହା କରିବେ ବାବା ବକ୍ରୋମୁନି, ବାବା ବକ୍ରେଶ୍ୱର ଯାହା କରିବେ, ଏହିଠାରେ ହିଁ ରହିଯିବା ଗୋ ।''

କହିବା ଯେତେ ସହଜ, ବିଶ୍ୱାସ କରି ସହ୍ୟ କରିବା ସେତେ ସହଜ ନୁହେଁ । ଭୈରବୀ ଯେତେବେଳେ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି, ସେତେବେଳେ ବୈଦ୍ୟନାଥ କହନ୍ତି, ''ପୁଣି କ'ଣ ସିଉଡ଼ିକୁ ଫେରିଯିବି ନା ? ସେହିଠାରେ ଥିବା ଡାକ୍ତରଖାନାକୁ ଗଲେ ଭଲ ହୁଅନ୍ତା, ତୁ କ'ଣ କହୁଛୁ ?''

''ଯାହା କରିବାର, କର– ହେଲେ, ମୁଁ ତ ଆଉ ସହ୍ୟ କରିପାରୁ ନାହିଁ ।''

ପରଦିନ ପ୍ରାତଃକାଳରେ ଆସନ ତ୍ୟାଗ କରି ଯେତେବେଳେ ବାହାରିଲି, ସେତେବେଳେ ଦେଖେ ଯେ ମନ୍ଦିର ପଛରେ ଏକ ଭଗ୍ନ ଅଟ୍ଟାଳିକାର ବାରଣ୍ଡାରେ ଭୈରବୀ ଶୋଇରହିଛି, ଖଣ୍ଡେ ଚଟେଇ ବିଛାଇ । ମୁଣ୍ଡତଳେ ତାହାର ପୁଟୁଳିଟି । ବୈଦ୍ୟନାଥ ପାଖରେ ବସିଛନ୍ତି–ମୁଣ୍ଡର ବ୍ୟାଣ୍ଡେଜ୍ ଖୋଲା । ଧୀରେ ଧୀରେ ବୈଦ୍ୟନାଥ ପଦେ ଦି'ପଦ କରି କଥା କହୁଛନ୍ତି,–''କହ, କହ, କଥା କହୁନାହୁଁ କାହିଁକି ?''

ଯେତେବେଳେ ପାଖରେ ଯାଇ ଠିଆହେଲି, ଭୈରବୀ ସେତେବେଳେ କହୁଥିବାର ଶୁଣିଲି, ''ମୁଁ ଏଠାରୁ ଗୋଡ଼ କାଢ଼ିବି ନାହିଁ ।'' ମୋତେ ଦେଖିନେଇ ବୈଦ୍ୟନାଥ ଚଢ଼ାଗଳାରେ ଭ୍ରୂଭଙ୍ଗୀ କରି କହିଲେ, ''ଦେଖନ୍ତୁ ତ ଠାକୁର ମହାଶୟ, ଏତେ କରି କହୁଛି, ତୁ ଚାଲ୍, ତୋତେ ଛାଡ଼ି ଆସିବି ଲୋ । କହୁଛି ଏଠୁ ହଲିବି ନାହିଁ ।''

''–ମୁଣ୍ଡର ବ୍ୟାଣ୍ଡେଜ ଖୋଲା କାହିଁକି ? ଖୋଲି ରଖିବା ଠିକ୍ ନୁହେଁ,''–ମୁଁ କହିଲି ।

''–କାଲି ସାରା ରାତ୍ରିଟା ଯନ୍ତ୍ରଣାରେ ମରୁଛି–ଏବେ ଟିକିଏ ଶୋଇପଡ଼ିଛି ।''

''–ଆପଣ ଟିକିଏ ହେଲେ ଦେଖନ୍ତୁ ତ,'' କହି ଭୈରବୀ ଧୀରେ ଧୀରେ ଉଠି ବସିଲା । ମୁଁ କ'ଣ ଦେଖିବି, ମୁଁ ଜାଣିବି ବା କ'ଣ–ମହା ମୁସ୍କିଲ !

–ମୁଣ୍ଡକୁ ପୁଣି ମୋ' ଆଖି ଆଗକୁ ଆଣି ଦେଖାଇ କହିଲା, ''ଦେଖନ୍ତୁ ତ ପୋକ-ଜୋକ ଦେଖାଯାଉଛି କି ନାହିଁ, ଭିତରେ ଯେପରି କିଲିବିଲି ହେଉଛି ଗୋ ।''

–ଭଲକରି ଲକ୍ଷ୍ୟ କରି ଯାହା ଦେଖିଲି, ସେଥିରେ ଛାତି ମୋର ଧଡ୍‌ପଡ୍ କରି ଉଠିଲା । ଗୋଟିଏ ଲମ୍ବା, ପ୍ରାୟ ତିନି ଇଞ୍ଚ ଗଭୀର, ଫାଟ ମୁହଁଟା ଟିକିଏ ମେଲା, ତା' ଭିତରେ ଗୋଟାଏ ଧଳା ପୋକ ପ୍ରାୟ ଏକ ପବ ଲମ୍ବା, କିଲିବିଲି କରି ଭିତରକୁ ପଶିଗଲା । ଗୋଟାଏ ଚିମୁଟା ଥିଲେ ତାକୁ ଟାଣି ବାହାର କରାଯାଇ ପାରିଥାଆନ୍ତା । କିନ୍ତୁ ଚିମୁଟା ଏଠାରେ କେଉଁଠାରେ ମିଳିବ ! ଯେମିତି ସେହି ଜୀବଟା ଭିତରକୁ ଚାଲିଗଲା, ସେତେବେଳେ ଭୈରବୀ ''ଓଗୋ ଓଗୋ, ମୋତେ ରାତି ସାରା ଧରି ଖାଉଛି,'' କହି ଚିତ୍କାର କରି ଉଠିଲା । କହିଲା, ''ସେଟାକୁ ବାହାର କରି ଦିଅନ୍ତୁ, ଠାକୁର ମହାଶୟ । ମୁଣ୍ଡ ବାଡ଼େଇ ମରିଯିବାକୁ ଇଚ୍ଛା ହେଉଛି ଗୋ ।''

ନିରୁପାୟ ହୋଇ ମୁଁ ବୈଦ୍ୟନାଥଙ୍କୁ କହିଲି, ''ତୁମେ ଏହାକୁ ସିଉଡ଼ି ଡାକ୍ତରଖାନା ନେଇଯାଅ । ଡାକ୍ତରଙ୍କୁ ଦେଖାଇ ବ୍ୟବସ୍ଥା କରିବ । ଏଠାରେ ରହିଲେ ଖରାପ ହେବ, ଭିତରେ ପୋକ ଯେତେବେଳେ ହୋଇଛି, ଏଥିଲାଗି ବ୍ୟବସ୍ଥା ହେବା ଦରକାର ।''

''ହଁ, ତେବେ ଯିବି,'' କହି ବୈଦ୍ୟନାଥ ଦାନ୍ତଦେଖାଇ ମୁହଁ ଖେଙ୍କାଡ଼ି ଭୈରବୀକୁ ଲକ୍ଷ୍ୟ କରି କହିଲା, ''ତୁ ମରିଯାଉନାହୁଁ କାହିଁକି, ମରିଯାଆ ତୁ, ମୋତେ ଜଳାଇବାକୁ ଆସିଛୁ । ହୁଏତ ତୁ ମର, ନ ହେଲେ ମୁଁ ମରିଯାଏଁ । ଆଚ୍ଛା ବିପଦ ହେଲା ।''

ଭୈରବୀର ଏ କଥା ସହ୍ୟ ହେଲା ନାହିଁ, ଆଉ ଚୁପ୍ ହୋଇ ରହି ପାରିଲା ନାହିଁ– ମନର କ୍ଷୋଭ ଆଉ ରାଗରେ ସେ ଉତ୍ତେଜିତ ହୋଇ କମ୍ପିକମ୍ପି କହିଲା, ''ତୁ ତ ମୋ'ର ଏ ଦଶା କଲୁ,– ତୋତେ ଲାଜ ଲାଗୁ ନାହିଁ, ପୁଣି ରାଗ ଦେଖାଉଛୁ ଏ ମୁହଁରେ ଗାଲୁ ମାରୁଛୁ, ତୁ ରାକ୍ଷସ ମୋତେ ଜଳେଇପୋଡ଼େଇ ଖାଉଛୁ, ଖାଇ ଦେ ମୋତେ ତୁ, ମରିଥିଲେ ତ ବଞ୍ଚିଥାଆନ୍ତି, ଏକବାର ମାରି ଦେ, ଚୁଲ୍ଲାରେ ପକାଇ ନିଶ୍ଚିତ ହେବୁ ଯା ।''

ବୈଦ୍ୟନାଥଙ୍କ ମୁହଁରେ ଆଉ କଥା ନାହିଁ । ମୁହଁ ଶୁଖିଗଲା–ଗଳାର ଆଓ୍ୱାଜ କମ୍ କରି କହିଲେ, ''ଚାଲ, ତୋତେ ଏବେ ଛାଡ଼ି ଦେଇ ଆସେ ଗୋ–''

ମୁଁ କହିଲି, ''ସେଇଟା ଠିକ, ତୁମେ ଯାଅ, ଗୋଟାଏ ଗାଡ଼ି ନେଇ ଆସ–''

ଭୈରବୀ କହିଲା, ''ଆଉ ଗାଡ଼ି କାହିଁକି ବାବୁ–ମୁଁ ଚାଲି ଚାଲି ଯିବି ଯେ, ଗାଡ଼ି ଭଡ଼ା ପୁଣି କୋଉଠାରୁ ପାଇବା, ଏତିକି ତ ବାଟ, ମୁଁ ପାଦରେ ଚାଲିଯିବି ।'' ଅଲଗା ଭାବରେ ବ୍ୟାଣ୍ଡେଜ କନାକୁ ମୁଣ୍ଡରେ ଗୁଡ଼ାଇଦେଲି, ବୋକଚାଟି ବୈଦ୍ୟନାଥ ଗୋଟିଏ ହାତରେ ଧଇଲେ, ଆର ହାତରେ ତା'ର ହାତ ଧରି ଚାଲିଲେ । ''କାଲି ରାତିରୁ କିଛି ଖାଇ ନାହିଁ । କ୍ଷୀଣ ଶରୀରକୁ ନେଇ କିପରି ଅଢ଼େଇ-ତିନି କୋଶ ବାଟ ଯିବା ! ଛତାଟିଏ କାହିଁ !'' ଖରା ଅବଶ୍ୟ ସେତେ ନଥିଲା । ମେଘୁଆ ଆକାଶରେ ସୂର୍ଯ୍ୟ ଦେବତା ମଝିରେ ମଝିରେ ଆବିର୍ଭାବ ହେଉଛନ୍ତି, ତାହା ପୁଣି ଅଳ୍ପ ସମୟ ଲାଗି । ''ତେବେ ଯଦି ବେଶୀ ସମୟ ଖରା ହୁଏ, ଚାଲିବା ଅସମ୍ଭବ ହୋଇପଡ଼ିବ । ସେତେବେଳେ କେଉଁଠାରେ ଆଶ୍ରୟ ନେବା ଛଡ଼ା ଆଉ ଉପାୟ ନାହିଁ ।''

ସେମାନେ ଚାଲିଯିବା ପରେ, ପାପହରା ତୀରସ୍ଥ ଶ୍ମଶାନ ଆଡ଼େ ଥରେ ବାହାରି ଗଲି– ମନଟା ଖରାପ, ଆକାଶ ମେଘାଚ୍ଛନ୍ନ । ଆଖିଆଗରେ ଏହି ସବୁ ବିଷତୁଲ୍ୟ ଦୃଶ୍ୟ, ମୁଁ ତ ଦେଖିବାକୁ ଚାହେଁ ନାହିଁ– କିନ୍ତୁ ଦେଖିବାକୁ ପଡୁଛି, ଅଳ୍ପ-ବହୁତ ଦୁଃଖ ଓ ତାପ ଉପରେ ପୁଣି, ତାହା ମନ ଭିତରେ ବିଷାଦ ଆଣିବ, ପ୍ରତିବିଧାନରେ ହାତ ନାହିଁ । ସେଥିଲାଗି ମନ ଆହୁରି ହିଁ ବିଦ୍ରୋହୀ ହୋଇଉଠିଲା । ଆମର ଅହଂ କେବେହେଁ ନିର୍ଲିପ୍ତ ହୋଇ ରହିପାରିବ ନାହିଁ । ନିଜ ଭିତରେ ହିଁ ଜଳିପୋଡ଼ି ମରିବାକୁ ପଡ଼ିବ । ଘନେ ଅଶାନ୍ତି ତ୍ୟାଗ କରି ଆସି ଏଠି ସବୁ ପୁଣି ଦେଖିବା କାହାର ଦୁର୍ଭାଗ୍ୟ ? ଯେଉଁଆଡ଼େ ଯାଅ ନା କାହିଁକି ଏହିସବୁ ତ ସଙ୍ଗରେ ଥାଏ । ଭିତରେ ଥାଏ ବୋଲି ତ ବାହାରେ ଦେଖିବା, ଶୁଣିବା, ସ୍ପର୍ଶ କରିବାକୁ ହୁଏ । ଏସବୁ କଥା ବୁଝିପାରେ, କିନ୍ତୁ ସେଥିରେ ଆସେ କେତେ ଯାଏ କେତେ । ଏହି କଥା ବୁଝିବା ନବୁଝିବାର ତ ଫଳ ଏକ ହିଁ ଦେଖୁଛି ।

ସେଆଡ଼େ ଦେଖୁଛି ସେହି ଅଘୋରୀ ବାବା ଗୋଟିଏ ଗଛତଳେ ବସି ରହିଛନ୍ତି । ଯାଏ ଥରେ, ଦେଖେ କି ଅବସ୍ଥା– ଲେଶମାତ୍ର ମନରେ ଭୟ ଆସିଲା ନାହିଁ । ଏବେ ଏକଲା ହିଁ ଅଛନ୍ତି । ଏହି ଅବସ୍ଥାରେ ହିଁ ଯିବା ଭଲ । ପ୍ରଣାମ କରି, ଯାଇ ବସିପଡ଼ିଲି ।

ମୋ' ଆଡ଼େ ଥରେ ଦେଖିଦେଇ ଆପାଦମସ୍ତକ ନିରୀକ୍ଷଣ କଲେ, କିଛି କହିଲେ ନାହିଁ । ମୋ'ର ମଧ ପ୍ରଥମେ କିଛି କଥା କହିବା ଲାଗି ପ୍ରବୃତ୍ତି ହେଲା ନାହିଁ । ବସିରହି ତାଙ୍କ ରୂପକୁ ଦେଖିବାକୁ ଲାଗିଲି ।

ସ୍ଥୂଳ ଦୀର୍ଘ ଶରୀର, ଶ୍ୟାମବର୍ଣ୍ଣ, ମୁଣ୍ଡରେ ଚୂଳ ଖୁବ୍ ଛୋଟ ଛୋଟ, ପେଟରେ ମେଦର ପରିମାଣ କିଛି କମ୍ ନୁହେଁ । ସେଥିରେ ପୁଣି ଉଲଗ୍ନ, ବିଶାଳ ଚକ୍ଷୁର ନିମ୍ନଦୃଷ୍ଟି, ସ୍ଥିର ଅଚଞ୍ଚଳ ଶରୀର । ଯେପରି ପର୍ବତଟିଏ, ଗମ୍ଭୀର ପ୍ରକୃତି ଉଦାର ବକ୍ଷ ନେଇ ଦୃଢ଼ ପ୍ରତିଷ୍ଠିତ—କେତେ କାଳରୁ ତାହାର ଠିକଣା ନାହିଁ । ଅନେକକ୍ଷଣ ଧରି ହିଁ ଦେଖିଲି । ସେ ଥରେ ଟିକିଏ ହଲିଲେ, ମୋ' ଆଡ଼େ ଦୃଷ୍ଟିପାତ କଲେ, ମୃଦୁ ଗମ୍ଭୀର ସ୍ୱରରେ କହିଲେ, ''ଏଆଡ଼େ କ'ଣ ମନ କରି ଆସିଛୁ ?''

ମୋ' ମୁହଁରୁ କଥା ବାହାରିଲା ନାହିଁ । କ'ଣ କହିବି ବୋଲି ହଠାତ୍ ଠିକ୍ କରି ନ ପାରି ଚୁପ୍ ହୋଇ ରହିଲି । କେତେ ସମୟ ପରେ ମନକୁ ଗୋଟିଏ ଉତ୍ତର ଆସିଲା ସତ, କିନ୍ତୁ ଏତେ ସମୟ ପରେ କହିବା ଶୋଭନୀୟ ମନେ ନ ହେବାରୁ ଚୁପ୍ ରହିଲି । ସେ କିନ୍ତୁ ଆଉ ଚୁପ୍ ରହିଲେ ନାହିଁ, ମୁହଁ ଖୋଲିଲେ, ''ତୋ'ର କ'ଣ ଦରକାର ଏଠାରେ—ଶଳା, ତୁ ତ ବାଉଳା—ବ୍ରହ୍ମାବିଷ୍ଣୁର ପାଦ ପୂଜା କରିବୁ, ବର୍ଷକୁ ବର୍ଷ ଗୋଟିଏ ଗୋଟିଏ କରି ଜନ୍ମ ଦେବୁ—କମ୍ପାନୀର ଜୋତାମାଡ଼ ଖାଇବୁ, ତେଣେ, ମାଇକିନା ପାଖକୁ ଆସି ତୁମ୍ଭିତୋଫାନ କରିବୁ— ପୁଣି ରହିବୁ । ଏଠିକି ଆସିଛୁ କାହିଁକି ରେ ଶଳା ? କହ, ଏଠାରେ ତୋ'ର କ'ଣ ଦରକାର ?''

ତାଙ୍କର ଏ ପ୍ରକାର କ୍ରୋଧ ବା ରାଗର ଭାଷାରେ ମୋ'ର କିଛି ମାତ୍ର ଭୟ ହେଲା ନାହିଁ । ମନେହେଲା, ବୈଦ୍ୟନାଥ ଯାହା କହିଥିଲେ, ତାହାହିଁ ଠିକ୍, ସେ ଯେତେ ରାଗ କରନ୍ତି, ସେଥିରେ ତାଙ୍କର ରାଗ ନଥାଏ । ବାସ୍ତବିକ ତାଙ୍କ ଅନ୍ତରରେ କିଛି ହିଁ ମାତ୍ର କ୍ରୋଧର ଲେଶ ନଥିଲା, ଅଥଚ ମୁହଁର କଥାରେ କେତେ କ୍ରୋଧ ଓ ବିଦ୍ୱେଷର ରଙ୍ଗମଖା, ଯେପରି ଅଗ୍ନିର ରୂପ ! ଅପୂର୍ବ ଏହାଙ୍କ ଚରିତ୍ର ।

ପ୍ରାଣ ଭିତରେ ମୋର ଏକ ଅପୂର୍ବ ଆନନ୍ଦର ଉତ୍ସ ଉଠିଲା, ଯେପରି ଏକ ଅମୃତ ଧାରର ପାତ୍ର ମୋ'ର ଉତ୍ତପ୍ତ ମସ୍ତିଷ୍କ ଉପରେ ଢାଳିଦେଲେ ଏବଂ ତାହାର ସ୍ପର୍ଶମାତ୍ରକେ ଏକ ଘନ ଶୀତଳ ପ୍ରବାହ ମସ୍ତିଷ୍କରୁ ଖସିଆସି ଧୀରେ ଧୀରେ ସର୍ବାଙ୍ଗ ବ୍ୟାପ୍ତ ହୋଇଗଲା । ମୁଁ କିଛି ସମୟ ନିଜ ମଧରେ ନିଜେ ବୁଡ଼ି ରହିଗଲି, ବାହାର ସଙ୍ଗେ ଯେପରି କୌଣସି ସମ୍ବନ୍ଧ ରହିଲା ନାହିଁ ।

■■

ଷୋଡ଼ଶ ପରିଚ୍ଛେଦ

ଆଶ୍ଚର୍ଯ୍ୟ ଏହି ସାଧୁଙ୍କ ଭାବ । ମୁଖରେ କୁଭାଷାର ସ୍ରୋତ ଚାଲିଛି—କେହି ପାଖରେ ଠିଆହୋଇ ଶୁଣିଲେ ଭାବିବ ଯେ ସେ କ୍ରୋଧରେ ପୂରା ଅଗ୍ନିଶର୍ମା, ଯେପରି ତୀବ୍ର ବିଦ୍ୱେଷରେ ଜଣଙ୍କ ପ୍ରତି ତାଙ୍କର ଏପରି ଅଶ୍ରାବ୍ୟ କଟୁ ସମ୍ଭାଷଣ ଅନର୍ଗଳ ବାହାରିଚାଲିଛି—ମାତ୍ର ତାଙ୍କର ଏହି ବାକ୍ୟବାଣ ଯାହାଙ୍କ ଉପରକୁ ଭାସି ଆସୁଛି, ତା'ର ପ୍ରାଣ ମଧ୍ୟରେ ପରମ ପ୍ରୀତି ବ୍ୟତୀତ ଅନ୍ୟ କୌଣସି ଭାବନାର ହିଁ ଉଦ୍ରେକ ହେଉନାହିଁ । ସେଥିପାଇଁ କହୁଥିଲି, ସେଦିନ ବୈଦ୍ୟନାଥ ଏହାଙ୍କ ସମ୍ବନ୍ଧରେ ଯାହା କିଛି କହୁଥିଲେ, ତାହା ଠିକ୍ – ଅର୍ଥାତ୍ ତାଙ୍କର କି ରାଗ ! ସିଏ ଯେ ସିଦ୍ଧ ପୁରୁଷ । ଏହା କିପରି ସତ୍ୟ, ତାହା ଆଜି ଏଇମାତ୍ର ପ୍ରତ୍ୟକ୍ଷରେ ଅନୁଭବ କଲି । ଏହା କିପରି ଅଦ୍ଭୁତ ଭାବସିଦ୍ଧି— ଭିତର ଦେଇ ସେ ମୋ ପ୍ରାଣ ମଧ୍ୟରେ ଅମୃତ ସିଞ୍ଚନ କରୁଛନ୍ତି । ଯେପରି ମୋର ବହୁକାଳର ଅତି ପ୍ରିୟତମ ବନ୍ଧୁ, ଆପଣା ଲୋକ, ଏ କିଏ, ଯିଏ ଏହି ପ୍ରଥମ ସମ୍ଭାଷଣରେ ହିଁ ମୋତେ ଏକବାର ତାଙ୍କ ପ୍ରାଣ ମଧ୍ୟକୁ ଆକର୍ଷଣ କରିନେଲେ ! ତା'ପରେ ସେଦିନର କଥା ଆଉ ଯାହା କିଛି ଘଟିଗଲା, ସେଥିରୁ କିଛି କହିବି ।

''—ଆରେ ଶଳା—କହ ନା, କ'ଣ କରିବାକୁ ଏଠିକି ଆସିଲୁ ? ଶଳା, ତୁ ସାଧୁ ଘାଣ୍ଟିବାକୁ ଆସିଛୁ—ମୋ' ସାଙ୍ଗରେ ତୋଡ଼ପାଡ୍ କରିବୁ—ହାରାମଜାଦା, ତୋର ଯେ ସର୍ବନାଶ ହବରେ—କହ ଶଳା, କହ କ'ଣ ମନେକରି ଆସିଲୁ ତୁ, କହ ?''

ଗୋଟିଏ ଗୋଟିଏ ଅପ୍ରୀତିକର ବାକ୍ୟ ମଧ୍ୟରେ ମହାପ୍ରୀତିର ଉତ୍ସ ଅନୁଭବ କରୁଥିଲି । ସେ ଯେତେବେଳେ ଚୁପ୍ ହେଲେ, ମୁଁ ଆନନ୍ଦ ନିଶାରେ ଟଳମଳ । ମୋ' ଶରୀର ତରଙ୍ଗାୟିତ ହେବାକୁ ଲାଗିଲା । କି ଅଦ୍ଭୁତ ଅବସ୍ଥା ସେତେବେଳେ, ଏକବାର ସମ୍ମୁଖକୁ ଥରେ ପଛକୁ ହଲିଦୋହଲି, ଆନନ୍ଦରେ ବିହ୍ୱଳ ହୋଇ ମୁଁ କ'ଣ ଯେ କହିଲି, ତାହା ମୁଁ ନିଜେ ହିଁ ବୁଝିପାରିଲି ନାହିଁ—ମାତ୍ର ସେ ତା'ପରେ ଯାହା କହିଲେ, ତାହା ମୋ'ର ମନେଅଛି ।

''ଆଚ୍ଛା ତୁ ମୋ'ର ଗୋଟିଏ ପ୍ରଶ୍ନର ଉତ୍ତର ଦେ । ଏତେସବୁ ଧର୍ମ—ଏତେ ବ୍ୟାପାର ଥାଉଥାଉ, ତୁ ତନ୍ତ୍ର କଥା ଶୁଣିବା ଲାଗି, ତନ୍ତ୍ରମନ୍ତ୍ରର ସାଧନ ପ୍ରଣାଳୀ ଜାଣିବା ଲାଗି ଏତେ ବ୍ୟସ୍ତ ହେଉଛୁ କାହିଁକି ?''

''ଲୋକମାନେ ତନ୍ତ୍ରକୁ ଯେମିତି ହେୟ ମନେକରନ୍ତି, ଘୃଣା କରନ୍ତି, ମୋ'ର ଧାରଣା, ପୁଣି ନିଶ୍ଚିତ ଧାରଣା ଯେ ତନ୍ତ୍ର ତାହା ନୁହେଁ । ଏହି ତନ୍ତ୍ର ମଧ୍ୟରେ କିଛି ଅଛି, ଆଉ ନିଶ୍ଚୟ

ହିଁ ଅଛି, ଯାହା ମୋତେ ଜାଣିବାକୁ ପଡ଼ିବ । ନ ଜାଣି ପାରିଲେ ଯେପରି ମୋର ମୁକ୍ତି ନାହିଁ । ଏହାହିଁ ପ୍ରକୃତରେ ମୋ'ର ଅନ୍ତରର କଥା ।''

''—ତୋର ଧାରଣା ଯାହା, ତାହା ତୋ'ର ଅନୁମାନ ତ ?''

''—ହୁଏ ତ ତାହାହିଁ ହୋଇପାରେ, ମାତ୍ର ସେ ଅନୁମାନ ଗଭୀର ସତ୍ୟକୁ ହିଁ ଭିତ୍ତି କରିଥାଏ, ଏହା ମୋ'ର ବିଶ୍ୱାସ ।''

''—ସେ ବିଶ୍ୱାସ ମଧ୍ୟ ତୋ'ର ଏକବାର ହିଁ ଫାଙ୍କା ।''

ମୁଁ କହିଲି, ''କାହିଁକି ?''

''—ତୋର ସତ୍ୟ, ଯାହା ଗଭୀର ବୋଲି କହୁଛୁ, ସେଟା ମଧ୍ୟ ତୋ'ର ଅନୁମାନ । ଏଣୁ ଏଠାରେ ଅନୁସନ୍ଧାନ କରିବାକୁ ଯାଇ, ତୋ' ମତରେ, ଯାହା ଭଲ ନୁହେଁ, ଏପରି ଯଦି କିଛି ଦେଖିପାରୁଛୁ, ତାହାହେଲେ ତ ତାକୁ ମାନିପାରିବୁ ନାହିଁ ବା ବିଶ୍ୱାସ କରିବୁ ନାହିଁ– ନୁହେଁ କି ?''

''—ତା'ହେଲେ କ'ଣ ସେପରି କିଛି ସତ୍ୟାସତ୍ୟ ରହିନାହିଁ କି, ଏହି ତନ୍ତ୍ରସାଧନା ମଧ୍ୟରେ ?''

''—ସେକଥା କିନ୍ତୁ ନୁହେଁ, ଏଠାକାର କଥା ଏହା ଯେ, ତୁ ଏପରି ଏକ ତନ୍ତ୍ରଧର୍ମ ଖୋଜୁଛୁ, ଯାହା ତୋ'ର ମନୋଗତ ଧାରଣା ସହ ସମ୍ପୂର୍ଣ୍ଣ ମେଳ ରହିଥିବ ।''

''—ତନ୍ତ୍ରଧର୍ମ ସମ୍ବନ୍ଧରେ ଏଯାବତ୍ ଯାହା ଶୁଣିଛି ଓ ପଢ଼ିଛି, ତାହାଦ୍ୱାରା ମୋଟାମୋଟି ଭାବେ ଏକ ଭାବନା ଭିତରେ ଗଢ଼ିଉଠିଛି ସତ, ଆଉ ତାହାହିଁ ତ ସ୍ୱାଭାବିକ; ଆଉ ତାହା ଯେ ମୋ'ର ସଂସ୍କାରଗତ ଭାବରୁ ଉତ୍ପନ୍ନ, ତାହା ମଧ୍ୟ ସ୍ୱାଭାବିକ ।''

''—ସବୁଗୁଡ଼ିକ ହିଁ ସ୍ୱାଭାବିକ, ତାହା ସମସ୍ତେ ତ ମାନନ୍ତି—ଏବେ ତୋ' କଥା ତା'ହେଲେ ଏହା ହିଁ ହେଉଛି, ଯେ ତୋ' ଆଦର୍ଶ ଧର୍ମମତ ଯାହା, ତୁ ତନ୍ତ୍ରଧର୍ମ ମାଧ୍ୟମରେ ପାଇବାକୁ ବା ସମାପନ କରିବାକୁ ଚାହୁଁଛୁ ? ନୁହେଁ କି ?''

ଏହା ଶୁଣିଲା ପରେ ନ ବୁଝି ପାରିବାର ଆଉ ଉପାୟ ନାହିଁ । ଯାହା ସରଳ ସତ୍ୟ, ତାହା ଏହି ଯେ ମୋ'ର ଧର୍ମ-ଆଦର୍ଶକୁ ତନ୍ତ୍ରୋକ୍ତ ସାଧନର ମଧ୍ୟ ଦେଇ ସାର୍ଥକ କରିବାକୁ ଚାହେଁ, ପୁଣି ସେହି ଯୋଗୁ ତନ୍ତ୍ରମତଗ୍ରାହୀ ସାଧୁ-ସଙ୍ଗର ଅଭିଳାଷୀ ହୋଇଛି । ଏପରି ଯେ କେବଳ କୌତୂହଳ ବଶରେ ଯାହା ଜାଣିବାକୁ ଚାହିଁଥିଲି, ତାହା ନୁହେଁ, ତା' ସହିତ ଆହୁରି ଯେ ଅଳ୍ପ କିଛି ଗୁହ୍ୟ କାରଣ ଥିଲା, ତାହା ଆଜି ଏହି କଥୋପକଥନ ସୂତ୍ରରେ ପରିଷ୍କାର ହୋଇଗଲା ।

ସେତେବେଳେ ପୁଣି ପ୍ରଶ୍ନ ଉଠିଲା, ତନ୍ତ୍ରଧର୍ମ ଉପରେ ମୋ'ର ଏହି ଯେଉଁ ସହଜ ଶ୍ରଦ୍ଧା ବା ଆକର୍ଷଣ, ତାହାର ମୂଳ କେଉଁଠି ? ଆମେ ଶାକ୍ତବଂଶର ସନ୍ତାନ, ଆମ

ପିତୃପୁରୁଷଙ୍କର ଏହି ଧର୍ମ ସମ୍ବନ୍ଧରେ ଅନେକ ସାଧନଲବ୍ଧ ଜ୍ଞାନ ବା ସିଦ୍ଧିର ମହିମା ସଂସ୍କାରଗତ ହୋଇଯାଇଛି—ଆମ ପରି ବଂଶଧରଗଣଙ୍କ ମଧ୍ୟରେ ସମୟ ଓ ସୁଯୋଗ ନେଇ ଚିତ୍ତକ୍ଷେତ୍ରରେ ସେଗୁଡ଼ିକ ସ୍ପଷ୍ଟ ହୋଇଉଠେ ଏବଂ ଅନୁସନ୍ଧାନରେ ବ୍ରତୀ କରାଇଥାଏ । ଆମ ରକ୍ତରେ ଏହି ଶକ୍ତିମାର୍ଗର ସାଧନା ବା ଉପାସନାର ବୀଜ ବର୍ତ୍ତମାନ ମଧ୍ୟ ରହିଛି ।

ଏହି କଥାବାର୍ତ୍ତାରୁ ଆହୁରି ଜଣାଗଲା ଯେ ଏକରକମ ସାଧନାର ଧାରା ଆନ୍ତରିକ ଓ ବ୍ୟାବହାରିକ ଭାବରେ ବଂଶାନୁକ୍ରମେ ଚାଲିଥାଏ, ଯଦିଓ ଅଧିକାଂଶ କ୍ଷେତ୍ରରେ ବଂଶଧରମାନେ ଅନ୍ତର-ଅନ୍ତରରେ ଦେଶ-କାଳୋପଯୋଗୀ ବିଭିନ୍ନ ପଥ ଆବିଷ୍କାର କରି ନିଅନ୍ତି, ସେମାନଙ୍କର ବିଶିଷ୍ଟ ମନୋଧର୍ମର ପ୍ରେରଣାରେ । ଧର୍ମ ଯେପରି ହେଉ ନା କାହିଁକି, ଗୋଟିଏ ବଂଶ ମଧ୍ୟରେ ତାହାର କ୍ରିୟା ସମ୍ପୂର୍ଣ୍ଣ ହୋଇଗଲେ ତା'ର ଧାରା ବନ୍ଦ୍ ହୋଇଯାଏ, ସଙ୍ଗେ ସଙ୍ଗେ ସେହି ବଂଶର ଧାରା ମଧ୍ୟ ଲୁପ୍ତ ହୋଇଥାଏ । ଏହି ଭାବରେ ସୃଷ୍ଟିରେ ବଂଶ-ବୃକ୍ଷର ବୀଜ ବିଶାଳ ମହୀରୁହରେ ପରିଣତ ହୋଇଥାଏ । ଶେଷରେ କାଳହସ୍ତରେ ତାହା ନିମିଷକରେ ଲୋପ ପାଇଯାଇଥାଏ ।

''—ତନ୍ତ୍ରମତାନୁଯାୟୀ ସାଧନା ଦେଖିବାକୁ ଆସିଛୁ ଶଳା ଜୁଆଚୋର୍ । ଯେଉଁ ମତ ଉପରେ ତୋ'ର ଶ୍ରଦ୍ଧା ନାହିଁ, ଆନ୍ତରିକ ଆକର୍ଷଣରେ ତାହାର ସାଧନା-ପ୍ରଣାଳୀ ଦେଖିବାକୁ ତୋ'ର କେଉଁ ଅଧିକାର ଅଛିରେ ଶଳା ଚୋର ! ତୋତେ କିଏ ତାକୁ ଦେଖାଇବ ? — ଏଃ—କହ ଶଳା, ସାଧନ ପ୍ରଣାଳୀ, ପଦ୍ଧତି, ପ୍ରକରଣ, ଦେଖିଦେଲେ ତୋ'ର କ'ଣ ଲାଭ ହେବ ?''

ତାହା ତ ଠିକ୍—ପ୍ରକରଣ, ପ୍ରଣାଳୀ ବା ସାଧନ ପଦ୍ଧତି ଦେଖିନେଇ ମୋ'ର କି ଲାଭ ? ତା'ର ସିଦ୍ଧିର ପଠନ ଯାହା, ତା' ସଙ୍ଗେ ତ ମୋର ସିଦ୍ଧିର କୌଣସି ଭେଦ ନାହିଁ, ସେହି ଅଦ୍ୱୈତ ଚେତନାରେ, ନିତ୍ୟାନନ୍ଦ ରୂପେ ସ୍ଥିତି, ଆତ୍ମାର ଅଖଣ୍ଡ ସଚ୍ଚିଦାନନ୍ଦର ଅନୁଭୂତି—ନ ହେଲା ବା ଦେଖିବାକୁ ପାଇଲି ତନ୍ତ୍ରମତରେ ସାଧନ ପଦ୍ଧତି ।

ଏହି ଭାବନାର କଥା ହିଁ ମନଭିତରେ ଚାଲିଥିଲା । ସେ ପୁନର୍ବାର ଆରମ୍ଭ କଲେ,— ''ଏରେ ଶଳା, ଅମାବାସ୍ୟା ରାତ୍ରିରେ ଏକୁଟିଆ ଶ୍ମଶାନରେ ଶବର ଛାତି ଉପରେ ବସି ଜପ କରିପାରିବୁ ? ତୁ ମଦ ଖାଇ ପାରିବୁ, କହ ଶଳା—ମାଛମାଂସ ତୃପ୍ତିର ସହ ଖାଇ ପାରିବୁ ? —ସେସବୁ ଖାଇଦେଇ, ଅଣ୍ଟାଠାରୁ ଜୋର୍ କରି ଲଙ୍ଗଳା ହୋଇଯାଇ ସ୍ତ୍ରୀ ଲୋକ ସହ ଲାଗିକରି ବସିରହି ପାରିବୁ ? ତାହା ପରେ ଉଠିପଡ଼ି ନିର୍ବିକାର ଚିତ୍ତରେ ଚକ୍ରାମୃତ ପାନ କରିପାରିବୁ ? ଶଳା ତୁ ତନ୍ତ୍ରର ସାଧନ ଦେଖିବାକୁ ଆସିଛୁ, ଶଳା—ଯୋନିକୀଟ !''

ବୈଦ୍ୟନାଥଙ୍କ ଠାରୁ ଶୁଣିଥିଲି ଯେ ସେ ଜଣେ ଅଘୋରୀ—ତାନ୍ତ୍ରିକର ସାଧନା କଥା ସେ ପୁଣି ଜାଣିଲେ କିପରି ? ଅବଶ୍ୟ ଜାଣିବାଟା ଆଶ୍ଚର୍ଯ୍ୟ ନୁହେଁ । ତନ୍ତ୍ର ବ୍ୟାପାରରେ ପୂର୍ଣ୍ଣ ସମ୍ୟକ୍ ଜ୍ଞାନ ଏହାଙ୍କୁ ଯେତେବେଳେ ଜ୍ଞାତ, ତେବେ ଆଉ ଭାବନା କଣ ? ମନରେ

ଖୁବ୍ ଆନନ୍ଦ ଆସିଲା—ପରେ ପରେ ସେ ନିଜ ଗୁଣରେ ସକଳ କୌତୂହଳର ସମାଧାନ କରିଦେଲେ । ତାହା ଅବଶ୍ୟ ଶେଷ ବେଳକୁ ।

ଆମେ କ'ଣ ସକଳ ବ୍ୟାପାର ଜାଣିବାର ଅଧିକାରୀ ? ଭାବି ଦେଖିଲେ, ଏକଥା ବେଶ୍ ବୁଝାଯାଏ ଯେ ଆଗକୁ ଆଗେଇଯାଇ ଆମେ ଅନେକ ଗଭୀର ତତ୍ତ୍ୱ ଆଲୋଚନା କରିବାକୁ ଚାହୁଁ, ଆମେ ଜିଜ୍ଞାସୁ ହେଉ, ପୁନଶ୍ଚ ତାହାକୁ ଆଧାର କରି ବିଜ୍ଞଜନ ପରି ପାଞ୍ଚଜଣଙ୍କ ସହ ଅନେକ ତର୍କ-ବିତର୍କ ଓ ମତାମତ ପ୍ରକାଶ କରିଚାଲୁ । କିନ୍ତୁ ଆମର ଏହି କଥାଟି ପ୍ରାୟତଃ ମନକୁ ଆସେ ନାହିଁ ଯେ ବିଷୟଟିକୁ ନେଇ ମୁଁ ଏତେ କଥା କହୁଛି, ମାତ୍ର ସେହି ଆଲୋଚନା କରିବା ଲାଗି କିମ୍ବା ସେହି ତତ୍ତ୍ୱର ଉପଲବ୍ଧିରେ ମୋ'ର କେତେଦୂର ଦଖଲ ? ମୁଁ କେତେ ବେଶୀ ପ୍ରସ୍ତୁତ ଥାଇ ଏହି ଗଭୀର ତତ୍ତ୍ୱଭିତ୍ତିକ ଦର୍ଶନରେ ଅଗ୍ରସର ହୋଇପାରିଛି ?

ଆମର ଜୀବନର ସାଧନ, ଅର୍ଥାତ୍ ଆମ ଜୀବନରେ ଜ୍ଞାନକୃତ ଏବଂ ଅଜ୍ଞାନକୃତ ଯାହା ବି କିଛି କରିଛି, ତାହାହିଁ ତ ସାଧନ । ଏହି ସଂସାରରେ ସ୍ଥୂଳ କର୍ମଜୀବନରେ ସମସ୍ତ ହିଁ ଆମର ପ୍ରୟୋଜନ, ଯେପରି ଚୈତନ୍ୟମାର୍ଗ, ମନଃଶକ୍ତିର ସହାୟତାରେ ସହଜ ନିବୃତ୍ତିର ପଥ ଏବଂ ଅଧ୍ୟାତ୍ମ ଜୀବନର ପ୍ରୟୋଜନ ବ୍ୟାପାର । ଏହି ଦୁଇଟି ହିଁ ଯେତେକ୍ଷଣ ପର୍ଯ୍ୟନ୍ତ ଆମର ପୂର୍ଣ୍ଣ ଭାବରେ ଏହି ଜୀବନରେ ବୋଧଗମ୍ୟ ନ ହୋଇପାରିଛି, ସେତେ ସମୟ ପର୍ଯ୍ୟନ୍ତ ମୁଁ କୌଣସି ଗଭୀର ତତ୍ତ୍ୱର ଅଭ୍ୟାସ ବା ପ୍ରୟୋଗ କରିବାରେ ଜଣେ ଅନଧିକାରୀ । ପ୍ରୟୋଗ କଲେ ବା ହେବ କ'ଣ ? ଚିତ୍କାର କରି ଡାକିଲେ ମଧ୍ୟ କ'ଣ ଉତ୍ତର ମିଳିପାରିବ ? ଏହି କ୍ଷେତ୍ରରେ ଗଳା ଜୋରରେ କିଛି ହେବାର ନୁହେଁ । ବରଂ ଆଓ୍ୱାଜକୁ ନିମ୍ନ କରି ନିଜର ଲକ୍ଷ୍ୟ ସ୍ଥିର କଲେ ଅନେକ ଅଧିକ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇପାରିବ । କେତେ ଭାଗ୍ୟ-ଫଳରେ ମାନବର ସ୍ୱର ନମ୍ର ହୁଏ । ବିଜ୍ଞାନ ବା ଦର୍ଶନର ଅଭିମାନ ରୂପକ ବିଷରେ ଜର୍ଜରିତ ମନ ଏକ ବିଶାଳ ଆୟତନ ସତ୍ତାର ଆଭାସ ନ ପାଇଲେ କ'ଣ ସହଜରେ ଶାନ୍ତ ହୋଇପାରିବ ? ମୁଁ ଦେଖୁଛି, ମହାଶକ୍ତିମାନ ଜଣେ ପୁରୁଷ ନିକଟରେ ଉପବେଶନ କଲେ ଆମପରି ଜଣେ ଶାନ୍ତ ଭାବରେ ନିଜ ଅକ୍ଷମତା ନେଇ ସଚେତନ ହୋଇପାରେ । ସାଧୁସଙ୍ଗ ଫଳରେ ଆଉକିଛି ନ ହେଲେ ମଧ୍ୟ ଏହି ଟିକକ ହିଁ ପରମ ଲାଭ ।

ଏବେ ଏହି ମହାନ ଶକ୍ତିଧର ମନୁଷ୍ୟଟି ମୁହଁରୁ ଗୋଟିକ ପରେ ଗୋଟିଏ ଯେଉଁ କେତେଟି କଥା ଶୁଣିଲି, ତହିଁରେ ହିଁ ମୋ' ମନର ବକ୍ରଗତି ସରଳ ହୋଇଗଲା ।

''—ଆରେ ଶଳା କହ ତ, ତୋ'ର ବିଦ୍ୟା କେତେଦୂର, କ'ଣ ପାସ କରିଛୁ, କେତେ ବହି ପଢ଼ିଛୁ ?''

ମୁଁ ନିଃସଙ୍କୋଚରେ କହିଲି, ''ମୋ'ର କିଛି ବିଦ୍ୟା ନାହିଁ— ଯାହା ଟିକିଏ ପଢ଼ିଛି, ତାହାର ପରିଚୟ ଦେବାପରି କିଛି ହିଁ ନାହିଁ । ଆପଣ ମୋତେ କ୍ଷମା କରନ୍ତୁ—''

"—ଆରେ, ଏ ଶଳାର ପୁଣି ମୌଖିକ ବିନୟ ଭାବ ମଧ୍ୟ ରହିଛି ! ହେଁଃ—କହ ଦେଖି, ଏହି ସବୁ ଢଙ୍ଗ ଛାଡ଼ିଦେଇ, ତୋ' ମନରେ ଏବେ ପଢ଼ାଶୁଣାର ଅଭିମାନ ରହିଛି କି ନା ? —ସତ କହିବୁରେ ଶଳା, ଖବରଦାର,—ହାଁ ।"

ମୁଁ ଜାଣିପାରିଲି ଯେ ସେ ମୋ' ମନର ଅନ୍ତଃସ୍ଥଳ ପର୍ଯ୍ୟନ୍ତ ପରିଷ୍କାର ରୂପେ ଦେଖିପାରୁଛନ୍ତି । କହିଲି, "ମଝିରେମଝିରେ କେତେବେଳେ ମୋ'ର ଟିକିଏ ଅଭିମାନ ଆସେ ସତ, କିନ୍ତୁ ତାକୁ ମୁଁ କେବେ ପ୍ରଶ୍ରୟ ଦେଇନାହିଁ । ପିଲାବେଳୁ ଦର୍ଶନଶାସ୍ତ୍ର, ଆତ୍ମତତ୍ତ୍ୱ ସାକ୍ଷାତକାରର ଉପାୟ ଯେ ଯୋଗସାଧନ, ସେହି ସମ୍ବନ୍ଧରେ କୌତୂହଳ ତଥା ପଢ଼ାଶୁଣା ବା ଆଲୋଚନା କରିବା ଲାଗି ପ୍ରବୃତ୍ତି ଖୁବ୍ ହିଁ ପ୍ରବଳ ଥିଲା । ଏଣୁ ଏଇଥିଲାଗି ଏହି ପଥରେ କିଛି କିଛି ଜ୍ଞାନର ଆଭାସ ଯେପରି ସାମାନ୍ୟ ପାଇଛି ବୋଲି ମନେହୁଏ ସତ, କିନ୍ତୁ ମୋ' ଚିତ୍ତ ରାଗ-ଦ୍ୱେଷମୁକ୍ତ ହୋଇନାହିଁ—ଆକାଂକ୍ଷା ଲୋଭଲାଳସା ଏ ସମସ୍ତ ଠିକ୍ ପୂର୍ବପରି ରହିଛି, ପୁଣି ଏପରି ଅବସ୍ଥା ମୋ'ର ତ ହୋଇନାହିଁ, ଯେଉଁଥିପାଇଁ ମନେହେବ ମୋତେ ସମସ୍ତ ପ୍ରାପ୍ତ ହୋଇଛି କିମ୍ବା ସ୍ଥାୟୀ ଭାବରେ ମୋ'ର କର୍ମଶକ୍ତି ଚୈତନ୍ୟମୁଖୀ ହୋଇ ଅବିଚ୍ଛିନ୍ନ ଭାବରେ ସେହି ଦିଗକୁ ଆଗେଇ ଚାଲିଛି । କାର୍ଯ୍ୟତଃ ଏପରି ଅବସ୍ଥାରେ ମୋର ଯେ ଅତି ଉଦ୍‌ବିଗ୍ନ ଚିତ୍ତ—ଏହି ଅନୁଭବଟି ଅଧିକ ହୁଏ—ତା'ହେଲେ ଏପରି ଅବସ୍ଥାରେ ମୁଁ କିପରି ଅହଙ୍କାର ପୋଷଣ କରିପାରିବି ?"

"—ଆରେ ଶଳା, ବିକାରଗ୍ରସ୍ତ ଯାଯାବର, ତୁ ଏଇ ଯେଉଁ ବେଶ୍ ଅସଲ ଦୋଷର କଥାଗୁଡ଼ିକ ସାମ୍ନାରେ କହିଲୁ—ସାଧାରଣ ଲୋକଙ୍କ ଠାରୁ ତୋ'ର ଧର୍ମଜ୍ଞାନ ଅଧିକ ଅଛି, ତୁ ଏହି କଥାକୁ ଯେ ଲୁଚାଇଥିଲୁ ରେ ଶଳା, ମୋ' ପାଖରେ ଲୁଚାଇବୁ ? —ହେଁ ।"

"—ସେହି କଥାଗୁଡ଼ିକ ମଧ୍ୟ ପୂର୍ବେ ମୋ'ର ବେଶୀ ବେଶୀ ମନେପଡୁଥିଲା ସତ, ଏବେ ମଧ୍ୟ ହଠାତ୍ ପୂର୍ବ ଅଭ୍ୟାସ ଯୋଗୁ କେବେକେବେ ହୁଏତ ମନେପଡ଼େ, ତେବେ ମୁଁ ସେହି ଭାବନାକୁ କାଟି ଉଡ଼େଇଦେଇଥାଏ । ଏବେ ମୋତେ ଜଣାପଡ଼େ ଯେ ସେ କଥା ସବୁ ଆଉ ବେଶୀ ମନପଡୁନାହିଁ ବା ତାହାର ପ୍ରଭାବ ପଡୁନାହିଁ ।"

"—କାହିଁକି ?—ତୋ'ର ଏସବୁ କାଟିଦେବାର ମନ୍ତ୍ର କ'ଣ ଜାଣୁ, କହ ତ ଦେଖି ?"

"—ତାହା ଏହି, ଏବେ ମୁଁ ବୁଝିପାରିଛି ଯେ ଜୀବ ମୂଳ ସ୍ୱଭାବରେ ଏକ ହେଲେ ମଧ୍ୟ ବ୍ୟବହାରରେ ସମସ୍ତଙ୍କ ଜୀବନର ଉଦ୍ଦେଶ୍ୟ ସମାନ ନୁହେଁ । ପ୍ରତ୍ୟେକଙ୍କର କର୍ମ ଓ ଧର୍ମ-ଜୀବନରେ ପ୍ରଭେଦ, ବିଦ୍ୱାନ, ପଣ୍ଡିତ, ମୂର୍ଖ, ଚଷା-ଭୂଷା, ଉଚ୍ଚ-ନୀଚ ସମାଜରେ ଯେତେ ଜୀବ, ସମସ୍ତେ ପୃଥକ୍ ରୂପେ ଜଗତକୁ ଦେଖନ୍ତି, ବିଷୟ ଭୋଗ କରନ୍ତି । କାର୍ଯ୍ୟତଃ ଏଠାରେ ଏହି ଅହଙ୍କାରର ସ୍ଥାନ ଯେ ଆଦୌ ନାହିଁ, ଏପରିକି ମୁଁ ତା'ଠାରୁ ବେଶୀ ଜାଣିଛି ବା ମୁଁ ତା'ଠାରୁ ଶ୍ରେଷ୍ଠ ।"

ସେ ତତ୍‌କ୍ଷଣାତ୍ କହିଲେ, ''ତେବେ ତୋ'ର ଟିକିଏ କିଛି ଅଛିନା, ତାହାରି ଭିତରେ ସାମାନ୍ୟ ରକମର ଟିକିଏ—ଅବଶ୍ୟ ଏତେ ବଡ଼ କରି ଦେଖାନାରେ; କହ ଶଳା, ଠିକ୍ କରି, ସେହି ଭିତରେ ତୋ'ର ଟିକିଏ, ଅଛି କି ନାହିଁ—''

ମୁଁ କହିଲି, ''ହଁ, ବୋଧହୁଏ ସେପରି କିଛିଟା ରହିଛି । ଠିକ୍ କହୁଛନ୍ତି ଆପଣ—ତାହା ଯେପରି—''

ସେ ଚିତ୍କାର କରି କହିଲେ, ''ଏଇ ଟିକକ ଥରେ ବିରାଟ ହବ ରେ ଶଳା, ବିଷ ନାହୁଡ଼ର ଦଂଶନ ପାଇବୁ—ଏବେ ଫଣାଟା ଉଠି ଦଂଶନ ଲାଗି ଟେକିହୋଇ ରହିଲା ।''

ଏହାପରେ ପୁଣି କହିଲେ, ''ତୋ'ର ଗୁରୁଗିରି କରିବାର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଅଛି କି ନାହିଁ, କିଛି ଟେର୍ ପାଇଛୁ ? ସତ କହିବୁ—କହ ଶଳା, କିପରି ତୋତେ ଧରିଛି'',—କହିଦେଇ ହାଃ, ହାଃ ହୋଇ ଏକ ବିକଟ ହସ ହସି ମୋ' ଆଖି ଉପରେ ତାଙ୍କର ସେହି ତୀବ୍ର ଦୃଷ୍ଟି ଦ୍ୱାରା ଟିକିଏ ଆଘାତ କଲେ । ତା' ମୋ'ର ଅନ୍ତରରେ ଆଘାତ ଦେଇ ମୋତେ ଆନନ୍ଦରେ ବିହ୍ୱଳ କରିପକାଇଲା ।

କହିଲି, ''ଅନ୍ତରରେ, ଏବେ ପୁଣି ଦେଖନ୍ତୁ, ମୋ'ର ଏହି ବିଶ୍ୱାସ ମଧ୍ୟ ଅଛି ଯେ ଇଚ୍ଛା ଥିଲେ ମଧ୍ୟ ଗୁରୁ କରାଯାଇ ପାରେ ନାହିଁ । ମନୁଷ୍ୟସମାଜରେ ମଧ୍ୟ ଅର୍ଥକରୀ ବୃତ୍ତିରେ ଯେପରି ଅଧ୍ୟାପକ, ଡାକ୍ତର, ଓକିଲ, ବେଶ୍ୟାର କର୍ମରେ ସମସ୍ତେ ହିଁ ଯଥେଷ୍ଟ ପାରଦର୍ଶୀ ହୋଇପାରନ୍ତି ନାହିଁ, ସେହିପରି ଅଧ୍ୟାତ୍ମ ଧର୍ମରେ ଯେ କେହି ଇଚ୍ଛା କଲେ ମଧ୍ୟ ଗୁରୁ ହୋଇପାରିବ ନାହିଁ । ପରମହଂସ ଦେବଙ୍କ ଉପଦେଶକୁ ଟିକିଏ ଭଲ କରି ବୁଝିପାରିଛି । ଭଗବାନଙ୍କର ଅଭିପ୍ରାୟ ଯଦି ଥାଏ, ତେବେ ଯାଇ ସିଦ୍ଧକାମ ହୋଇ ମନୁଷ୍ୟ ଗୁରୁ ହୋଇପାରେ । ଏହା ବ୍ୟତୀତ ଆମର ଆହୁରି ଏକ ବିଶେଷ ଧାରଣା ସମ୍ପ୍ରତି ହୋଇଛି ଯେ ଅଧ୍ୟାତ୍ମ ପଥରେ ଗୁରୁମାତ୍ର ଜଣେ, ତାଙ୍କ ଛଡ଼ା ଆଉ କେହି ଗୁରୁ ନୁହନ୍ତି, ହୋଇନାହାନ୍ତି, ହୋଇପାରିବେ ନାହିଁ, ହୋଇପାରେ ନା ।''

ସେ କହିଲେ, ''ଶଳା ପୁଣି ଶାସ୍ତ୍ରକୁ ବାନ୍ତି କରୁଛୁ ? —କହ ଶଳା, ଠିକ୍ କରି—ତା' ଭିତରେ, ତାଙ୍କର ଶୁଭେଚ୍ଛା କଳ୍ପନା କରି, ଯଦି ଭବିଷ୍ୟତ ଜୀବନରେ ପ୍ରୟୋଜନ ହୁଏ, ସେ ଯଦି ସେହିପରି ବିଧାନ କରିଥାନ୍ତି, ଏଇଥିଲାଗି ଯେ ଟିକିଏ ଗୁରୁଗିରି ଇଚ୍ଛାରେ, ଯେପରି ମାଛ ଧରିବ, କିନ୍ତୁ ପାଣି ନ ଛୁଇଁବା ପରି, କହ ଶଳା ଠିକ୍ କରି—ଏହିଭଳି ଏକ ଇଚ୍ଛା ସରୁ ଚେର ପରି ଭିତରେ ଗଜୁରିଉଠିଛି କି ନାହିଁ ?''

କହିଲି, ''ସତ କଥା—ଏହି ଟିକକ ଅଛି ବୋଲି ଯେପରି ଜଣାପଡୁଛି ଏବେ । ଏହା ସର୍ବନାଶର କଥା—ମୁଁ କିନ୍ତୁ ତାହା ଚାହେଁନା ।''

ଶୁଣିଦେଇ ସେ ଏପରି ଆକାଶଫଟା ହସ ଆରମ୍ଭ କରିଦେଲେ ଯେ ମନେହେଲା, ଯେପରି ପାପହରାର ଆରପାରିରେ ତାହା ସ୍ପଷ୍ଟ ରୂପେ ଶୁଣାଯାଉଛି ।

ଏହି ସମୟରେ ପ୍ରସାଦ ମିଳିବାର ଘଣ୍ଟି ବାଜିଲା, ମୁଁ କିନ୍ତୁ ଉଠିବାକୁ ଚାହୁଁ ନ ଥିବା ଦେଖି ସେ କହିଲେ, ''କାହିଁକି ଉଠୁନାହୁଁ ଯେ !''

ମୁଁ କହିଲି, ''ଖାଇବାକୁ ଇଚ୍ଛା ନାହିଁ, ଭୋକ ମଧ୍ୟ ନାହିଁ, ଶୋଷ ମଧ୍ୟ ନାହିଁ, ପେଟରେ ସବୁ ଯେପରି ପୂରିରହିଛି ଏବେ ।

''ଯା' ଯା' ଶଳା–ନିୟମ ରକ୍ଷା କରିବା କ'ଣ ଦରକାର ନାହିଁ ? ତୋ' ଲାଗି ଯେ ସମସ୍ତେ ଅପେକ୍ଷାରେ ଅଛନ୍ତି !''

ବସ୍ତୁତଃ ମୁଁ ଉଠିପଡ଼ିଲି ।

ଆହାର ଶେଷ କରି ପାପହରା କୂଳରେ ଯେତେବେଳେ ଆସି ଠିଆହେଲି, ସେତେବେଳେ ସମୟ ପ୍ରାୟ ଅଢ଼େଇପ୍ରହର । ଅଘୋରୀ ଆଉ ସେଠି ନାହାନ୍ତି–ତେବେ ଶ୍ମଶାନର କିଛି ଦୂରରେ ଏକ ଭୈରବ ସହ ଭୈରବୀ ମୁହାଁମୁହିଁ ଠିଆହୋଇ କଥା କହୁଥିବାର ଦେଖିଲି । ଦୁହେଁ ହିଁ ଯବାନ୍ । ଅଘୋରୀ ସହ କ'ଣ ଏମାନଙ୍କର କିଛି ସମ୍ବନ୍ଧ ଅଛି ?

ଭୈରବ-ଭୈରବୀ ଦମ୍ପତି ଅଘୋରୀଙ୍କ ଅପେକ୍ଷାରେ (ବକ୍ରେଶ୍ୱର)

ପୁଣି ଇଚ୍ଛା ହେଉଥିଲା, ଥରେ ସେଆଡ଼େ ଯାଇ ଦେଖେ, ସେ କେଉଁଠି । କିନ୍ତୁ ଏହି ଯୁଗଳ ମୂର୍ତ୍ତି ଦେଖି ଆଉ ଯିବାକୁ ଗୋଡ଼ ଉଠିଲା ନାହିଁ ।

ଆଉ ଦିନେ ମୁଁ ଯାଉଥିଲି, ପୁଣ୍ଡରୀକ, କାଳୀବାଡ଼ିର ମ୍ୟାନେଜର ଆସି ମୋ' ହାତ ଧରି କହିଲେ,–''ଚାଲନ୍ତୁ, ଆଜି ଆପଣଙ୍କ ଯାଗାକୁ ଯାଇ ଟିକିଏ କଥାବାର୍ତ୍ତା କରାଯାଉ ।''

ଆହାର ପରେ ମୁଁ ପାଖରେ ଏପାଖସେପାଖ ବୁଲୁଥିଲି । କହିଲି, ''ଚାଲନ୍ତୁ, ଟିକିଏ ବୁଲାଯାଉ ।''

ଅନିଚ୍ଛାସତ୍ତ୍ୱେ ପୁଣ୍ଡରୀକ ଚାଲିଲେ । ମୁଁ ବାହାରିବା ବେଳେ ସେହି ନବାଗତ ଭୈରବ ଦମ୍ପତିକୁ ଦେଖାଇ ପଚାରିଲି, ''ଆପଣ ଏମାନଙ୍କୁ ଜାଣନ୍ତି, ଅଘୋରୀ ସଙ୍ଗେ ଏମାନଙ୍କର କିଛି ସମ୍ବନ୍ଧ ଅଛି କି ? ଅନୁମାନ କରୁଥିଲି ହୁଏତ ଚେଲା ହେବେ ।'' କିନ୍ତୁ ପୁଣ୍ଡରୀକଙ୍କ ମୁହଁରୁ ଶୁଣିଲି, ''ତାହା ନୁହେଁ–ଏଠାକୁ ଏମାନେ ଏହି ପ୍ରଥମ ଆସିଛନ୍ତି ।'' ଏବେ ଆମେ ଦେଖିଲୁ, ଆମ ପଛେ ପଛେ ସେ ଦୁଇଜଣ ଆସୁଛନ୍ତି ।

ଏହା ଦେଖି ପୁଣ୍ଡରୀକାକ୍ଷ ଠିଆ ହୋଇଗଲେ । ମୁଁ ମଧ୍ୟ ଠିଆ ହୋଇଗଲି ।

ସେମାନେ ଜଣକ ପଛରେ ଜଣେ ଆସି ପୁଣ୍ଡରୀକଙ୍କ ସମ୍ମୁଖରେ ପହଞ୍ଚିଲେ । ଭୈରବ ପ୍ରଥମେ କହିଲେ, ''ଆମେ କାମରୂପରୁ ଆସିଛୁ, ଏଠାରେ କିଛିଦିନ ରହିବାର ଇଚ୍ଛା ।''

ଏହା ଶୁଣି ପୁଣ୍ଡରୀକ ଯେପରି ବିଶେଷ ଚିନ୍ତିତ ହୋଇ କହିଲେ, ''ଆମେ କାଳୀବାଡ଼ିର ଲୋକ, ବକ୍ରେଶ୍ୱର ମନ୍ଦିର ସହ ଆମର କିଛି ସମ୍ପର୍କ ନାହିଁ । ଆପଣ ମନ୍ଦିରକୁ ଯାଇ, ବୁଝାବୁଝି କରି ଗୋଟିଏ ଜାଗା ଠିକ୍ କରିନେଇ ରହିପାରନ୍ତି—ଏଠାକୁ ଯେଉଁ ସାଧୁସନ୍ତ ଆସନ୍ତି, ସେମାନେ ନିଜେ ସବୁ ବ୍ୟବସ୍ଥା କରିନେଇ ରହନ୍ତି, କାହାର ଅନୁମତି ନେବାଲାଗି ପ୍ରୟୋଜନ ନ ଥାଏ ।'' ଏହା କହି ପୁଣ୍ଡରୀକ ଠାକୁରବାଡ଼ି ଆଡ଼େ ଦେଖାଇଦେଲେ । ସେମାନେ ମଧ୍ୟ ସେହି ଦିଗକୁ ଆଗେଇଲେ । ସେତେବେଳେ ପୁଣ୍ଡରୀକ ଭୈରବଙ୍କୁ ଲକ୍ଷ୍ୟ କରି ପ୍ରଶ୍ନ କଲେ, ''ଆପଣଙ୍କୁ କ'ଣ କହି ଆମେ ଡାକିବୁ ?''

ସେ କହିଲେ, ''ମୋ ନାଁ ସିଦ୍ଧ କରାଳୀ''— କହିଦେଇ ସେ ମନ୍ଦିର ଆଡ଼େ ଆଗେଇଲେ । ଆମେ ମଧ୍ୟ ରାସ୍ତାର ବାଙ୍କ ଆଡ଼େ ଚାଲିଲୁ ।

ବାଙ୍କ ଆଡ଼େ ବୁଲିଗଲା ବେଳେ ଏକ ସୁନ୍ଦର ଦୃଶ୍ୟ ଆଖିରେ ପଡ଼ିଲା । ଗୋଟିଏ ପ୍ରକାଣ୍ଡ ଅଶ୍ୱତ୍ଥ ଓ ବଟବୃକ୍ଷ ଏକସଙ୍ଗରେ ଦୁଇଟି । ତା' ତଳେ ଏକ କ୍ଷୁଦ୍ର ମନ୍ଦିର । ତାହା ଏତେ ଛୋଟ ଯେ ତା' ଭିତରେ ମଣିଷ ବା କୌଣସି ଜୀବଜନ୍ତୁ ପଶିପାରିବେ ନାହିଁ । କୌଣସି ବୃହତ୍ ମନ୍ଦିର ଗଢ଼ିତୋଳିବା ପୂର୍ବରୁ ପ୍ରାଚୀନ କାଳରେ ମିସ୍ତ୍ରୀମାନେ ଏହି ଧରଣର ଛୋଟ ଏକ ମନ୍ଦିରର ଛାଞ୍ଚ ଆଗେ ଗଢ଼ିତୋଳୁଥିଲେ । ପରେ ବଡ଼ ମନ୍ଦିର ଗଠନରେ ଏହା ସାହାଯ୍ୟ କରୁଥିଲା । ବଡ଼ ମନ୍ଦିର ଗଢ଼ାଯିବା ପରେ ମଧ୍ୟ ଛୋଟ ମନ୍ଦିରଟି ଆଦର୍ଶ ରୂପେ ରଖାଯାଉଥିଲା । ଅନେକ ସ୍ଥାନରେ ଏହିପରି ଛୋଟ ମନ୍ଦିର ରହିଛି, ପୁଣି ଏହା ସହିତ ଅନେକ ସୌସାଦୃଶ୍ୟ ମନ୍ଦିର ଅଛି । ବଡ଼ କିଛି ଗଢ଼ିବା ପୂର୍ବରୁ ଛୋଟ ମନୋମତ ଏକ ଆଦର୍ଶ ରୂପେ କିଛି ଗଢ଼ିତୋଳିବା ଏହି ପ୍ରଦେଶର ପ୍ରାଚୀନ ରୀତି ।

ଅଶ୍ୱତ୍ଥ ଓ ବଟବୃକ୍ଷ ତଳେ ଆଦର୍ଶ କ୍ଷୁଦ୍ର ମନ୍ଦିର (ବକ୍ରେଶ୍ୱର)

ଏହି ବକ୍ରେଶ୍ୱର ପୀଠରେ ଏପରି କୌଣସି ମହାନ ଶିଳ୍ପ ବା ସ୍ଥାପତ୍ୟର ଚିହ୍ନ ଏବେ ନାହିଁ, ଯାହାକୁ ନେଇ ଆମେ ବୁଝିପାରିବୁ ଯେ ଏହି ସ୍ଥାନ ଶିଳ୍ପ-ଗୌରବରେ କୌଣସି କାଳରେ ସମୃଦ୍ଧ ଥିଲା । କିନ୍ତୁ ଏହି ଶ୍ୟାମଳ ଧରାରେ ପୁରାତନ କ୍ଷୁଦ୍ର ଆଦର୍ଶ ଟିକକୁ ଦେଖି କେତେ କଥା ହିଁ ମନକୁ ଆସିଥାଏ ।

କେତେଗୁଡ଼ିଏ ତମ ସ୍ତ୍ରୀଲୋକ ଗୀତ ଗାଇଗାଇ ଚାଲିଛନ୍ତି, ନଦୀକୂଳର ଜଙ୍ଗଲ ଭିତର ଦେଇ, ସାଙ୍ଗରେ ଛୋଟ-ବଡ଼ କେତେକ ପିଲା । ସେମାନେ ଗଛରୁ ଫଳତୋଳି ଖାଉଛନ୍ତି, ମନ ଆନନ୍ଦରେ ଘୂରି ବୁଲୁଛନ୍ତି, ଆଉ ଗୀତ ଗାଇ ଚାଲୁଛନ୍ତି । କାନଦେଇ ଶୁଣିଲେ ଓ ତାଙ୍କ ଭାଷାକୁ ଲକ୍ଷ୍ୟ କଲେ କେଉଁ ସଭ୍ୟତା-ଅଭିମାନୀକୁ ହିଁ ଦ୍ୱିତୀୟବାର ଶୁଣିବାକୁ ପଡ଼ିବ ନାହିଁ । ସେମାନଙ୍କର ଆନନ୍ଦ ମନରେ ଏକ ଅପୂର୍ବ ବନ୍ୟ ରାଗିଣୀ ସହ ଏହି ଅଶ୍ରାବ୍ୟ ଶବ୍ଦାବଳୀ ମିଶି ସେମାନଙ୍କ କଣ୍ଠରୁ ଯେପରି ଅମୃତ ଝରୁଛି ! ନିସ୍ତବ୍ଧ ଦ୍ୱିପ୍ରହରରେ ସେହି ଗୀତ ପ୍ରାଣକୁ ଆକର୍ଷଣ କରେ । କି କରୁଣ ସେ ସ୍ୱର ! ଯେଉଁ ଭାଷା ଭିତରେ ପ୍ରିୟକୁ ଯଥେଚ୍ଛାଚାରୀ, ଲମ୍ପଟ ଓ ଅକ୍ଷମ ବୋଲି ଅନୁଯୋଗ କରାଯାଇଛି ଏବଂ ଯେଉଁ ବ୍ୟକ୍ତିର ବ୍ୟବହାର ଦୋଷରୁ ନାରୀ ସ୍ୱେଚ୍ଛାଚାରୀ ହୋଇଛି, ତାହାର ବର୍ଣ୍ଣନା ଯେଉଁ ଗୀତରେ କରା ହୋଇଛି, ତା'ର ଭାଷା ସମ୍ବନ୍ଧରେ ନ ଜାଣିବା ଉଚିତ୍ ହେବ ।

■■

ସପ୍ତଦଶ ପରିଚ୍ଛେଦ

ଅପେକ୍ଷା କରିବା କଷ୍ଟକର, ବିଶେଷତଃ ମୋ' ପରି ଯିଏ ଚଞ୍ଚଳ ପ୍ରକୃତିର ଲୋକ, ଅବଶ୍ୟ ତା' ପକ୍ଷେ । ଏହି ଯେଉଁ ଅଘୋରା ନିକଟରୁ ଟିକିଏ ଆନନ୍ଦ ଆସ୍ୱାଦନ କରିଥିଲି, ପୁଣି କେତେବେଳେ ଦେଖାମିଳିବ, ଏବେ ତାହାହିଁ ମୋ'ର ଚିନ୍ତା । ଲୋଭ ଲାଗିଛି । ଯେପରି ତାଙ୍କ ପାଖରେ ମୋ' ଗୁପ୍ତ ରତ୍ନଭଣ୍ଡାରର ଚାବିଟି ରହିଛି, ସେ ଖୋଲିଦେଲେ ହିଁ ମୋ'ର ସର୍ବାର୍ଥ-ସିଦ୍ଧି ମିଳିଯିବ ।

ସନ୍ଧାନରେ ରହିଛି, ପୁଣି କେତେବେଳେ ତାଙ୍କ ସହ ସାକ୍ଷାତ ହେବ । ବାହାରକୁ ଆସିଲେ ହିଁ ହେଲା, ଯାଇ ତାଙ୍କୁ ଧରିବି । ଯେଉଁ ଦୁଇଜଣ ଭୈରବ-ଭୈରବୀଙ୍କୁ ଦ୍ୱିପ୍ରହରରେ ଦେଖିଥିଲି, ସେମାନଙ୍କୁ ଏବେ ପୁଣି ଦେଖୁଛି, ତାଙ୍କ କୁଟୀର ଆଡ଼କୁ ଯିବାଆସିବା ଲଗାଇଛନ୍ତି । ଭାବିଲି, ଏମାନେ ଥିଲେ ତ ମୋ'ର ସୁବିଧା ହେବନାହିଁ, ମୁଁ ଚାହେଁ ତାଙ୍କୁ ନିରୋଳାରେ ଏକୁଟିଆ ଯେପରି ପାଇବି । ଚାଲିଲି ନଦୀକୂଳରୁ ଅନେକ ଦୂରକୁ । ଯେତେବେଳେ ଆଉ ଏମାନେ ନ ଥିବେ, ସେତେବେଳେ ଯାଇଁ ତାଙ୍କୁ ସାକ୍ଷାତ କରିବି । ରାତ୍ରି ସମୟରେ ଖୁବ୍ ସମ୍ଭବ ଦେଖା ହୋଇଯିବ, ସେତେବେଳେ ତ କେହି ନ ଥିବେ, ଠିକ୍ ହେବ ।

ରାତ୍ରି ଏକପ୍ରହର ସମୟ ମଧ୍ୟରେ ଏ ସ୍ଥାନରେ ସମସ୍ତ ନିରବ-ନିସ୍ତବ୍ଧ, ଆଉ କେହି ଜାଗ୍ରତ ନ ଥାନ୍ତି । ବିଶେଷତଃ ଏହି ସ୍ଥାନଟି ଗ୍ରାମ ବାହାରେ । ସେପରି କେହି ଏଆଡ଼େ ତ ଆସି ନଥାନ୍ତି, ତେବେ ଶବଦାହ କରିବାକୁ ଯେଉଁମାନେ ରାତିରେ ଆସନ୍ତି, ସେମାନେ ହୁଏତ ଯାହା ରହିଯାଇଥାନ୍ତି । ଏହି ସ୍ଥାନର ନିସ୍ତବ୍ଧତା ଭୟଙ୍କର ହେଲେ ହେଁ ନିଶ୍ଚିତରେ ଉପଭୋଗ୍ୟ । ଅନ୍ଧକାର ଆକାଶରେ ଅଗସ୍ତି ତାରକା ହିଁ ଦୀପ୍ତିମାନ—ଆଉ ସେହି ଗାଢ଼ କାଳିମାର ଛାୟାରେ ଯେପରି ସାରା ପୃଥିବୀ ଛାୟାମୟ । ଦୂରସ୍ଥ ବୃକ୍ଷରାଜି ଗାଢ଼କଳା, ତାହାପରେ ଆକାଶର ଛବି । ଏହି ସମୟରେ ଥରେ ଅଘୋରୀବାବାଙ୍କ ଉଦ୍ଦେଶ୍ୟରେ ବାହାରିଲି । କବିତାର ଭାଷାରେ ଯେପରି ଅଭିସାରରେ ଚାଲିଛି—ସାପହୁଙ୍କାରର ଭୟ ଏଠାରେ ଖୁବ୍ ବେଶୀ, କିନ୍ତୁ ମୋ' ପକ୍ଷେ ତା' ବଡ଼ ବୋଲି ମନେହୁଏ ନାହିଁ । ସ୍ତ୍ରୀ ଲୋକଙ୍କ ଗପରୁ ଗୋଟିଏ ଶୁଣିଥିଲି ପିଲାବେଳେ—ସାପର ଲେଖା ଆଉ ବାଘର ଦେଖା । ଯେଉଁ ବୟସରେ, ସେହି ମନର ଅବସ୍ଥା ବେଳେ, ଏହା ଶୁଣିଥିବାରୁ ତହିଁରୁ ଏହି ସାର ସତ୍ୟଟି,

ଯାହା ଅନ୍ତରରେ ବଦ୍ଧମୂଳ ହୋଇ ରହିଗଲା, ତା' ଆଉ ଦୂର ହେଲା ନାହିଁ । ଏବେ ମଧ୍ୟ ସ୍ଥିର ବିଶ୍ୱାସ ରହିଛି ଯେ ମୃତ୍ୟୁ ଯଦି ସର୍ପ ଦଂଶନରେ ହେବାର ଅଦୃଷ୍ଟରେ ଲେଖାଥାଏ, ତା' ହେଲେ ଆଉ କୌଣସି ଉପାୟରେ ତାକୁ ଏଡ଼ାଇ ଦେଇହେବ ନାହିଁ, ଆଉ ଯଦି ଭାଗ୍ୟଚକ୍ରରୁ ବାଘ ସହ ଏହିପରି ଏକ ନିରସ୍ତ୍ର ଅବସ୍ଥାରେ କାହାର ଚାକ୍ଷୁଷ ସାକ୍ଷାତକାର ଘଟେ, ତେବେ ବୁଝିବାକୁ ହେବ ଯେ ଭବଯନ୍ତ୍ରଣା ହସ୍ତରୁ ମୁକ୍ତି ପାଇବାର ସମୟ ଆସି ଉପସ୍ଥିତ ହୋଇଛି । ସୁତରାଂ ବିନା ପ୍ରତିବାଦରେ ସମ୍ମୋହିତ ହୋଇ ତାକୁ ଅସ୍ତିତ୍ୱ ଲୋପ ଲାଗି ସୁଯୋଗଟି ଦେଇଦେବା ହିଁ ଠିକ୍ ।

ଶ୍ମଶାନରେ ଶବଦାହ ପରେ ଅଘୋରୀଙ୍କ କାର୍ଯ୍ୟ (ପାପହରା-ବକ୍ରେଶ୍ୱର)

ପାପହରା ନିକଟରେ ଆସି ଠିଆହେଲି । ଦେଖିଲି, ସେମାରିର ଶ୍ମଶାନରେ ଏକ ଚୁଲି ଜଳୁଛି । ଯେତିକି ଆଲୁଅ ମିଳୁଛି, ସେଥିରୁ ବୁଝାଯାଉଛି ଯେ ଶବସତ୍କାରର ମଧ୍ୟ ଅବସ୍ଥା, ବେଶ୍ ଜୋର୍ ଆଲୁଅ— ତେବେ ଉଚ୍ଚ ଶିଖା ନୁହେଁ—ଚାରିଦିଗରୁ ଛୋଟ ଛୋଟ ଅନେକଗୁଡ଼ିଏ ଶିଖା ଉଠୁଛି, ଜୋର୍ ହାଓ୍ୱାରେ ଯେପରି ଥରେଥରେ ଲିଭିଯିବା ପରି ଦେଖାଯାଉଛି । ଦେଖାଗଲା, ଚୁଲିଠାରୁ ଟିକିଏ ଦୂରରେ ଦୁଇଜଣ ବ୍ୟକ୍ତି । ଜଣେ ସିଧା ହୋଇ ବସିଛି, ଅନ୍ୟଜଣେ ଲାଠି, ଧରି ଠିଆ ହୋଇଛି, ଆଉ ଚୁଲିମୁଣ୍ଡରେ ଠିଆ ହୋଇଛନ୍ତି ଅଘୋରୀ— ଗୋଟିଏ ହାତରେ ଲାଠି ଅନ୍ୟ ହାତରେ ଚିମୁଟା । ଆଉ କେହି ଦେଖାଗଲେ ନାହିଁ । ଭାବିନେଲି ଯେ ଆଜି ମୋ'ର ଉଦ୍ଦେଶ୍ୟ ସିଦ୍ଧିର ସମ୍ଭାବନା ଖୁବ୍ କମ୍ । ଅବଶ୍ୟ ଶବଦାହ କରିବା ଲାଗି ଶ୍ମଶାନରେ ଦୁଇଜଣ ମାତ୍ର ଲୋକ ଆସି ନାହାନ୍ତି, ଆହୁରି ଅନେକ ଅଛନ୍ତି । ସେମାନେ ହୁଏତ ନିକଟରେ କେଉଁଠି ଆଡ୍ଡା ମାରୁଛନ୍ତି ।

ପ୍ରାୟ ଅନେକ ଦୂର ସ୍ଥାନରୁ ଶବ ଆଣି ସତ୍କାର କରିବାକୁ ଏଠାକୁ ଆସିଥାନ୍ତି । ଯିଏ ଏହି ସତ୍କାର ଲାଗି ସାଙ୍ଗରେ ଆସନ୍ତି, ସେମାନେ ନିଜନିଜ ମଧ୍ୟରେ ବେଶ୍ କିଛି କାରଣାନନ୍ଦ (ମଦ) ବ୍ୟବହାର କରି ସତ୍କାର କରନ୍ତି । ତଦ୍ଦ୍ୱାରା ଶୋକ-ମୋହର ସ୍ପର୍ଶଟି ମଧ୍ୟ ସେମାନଙ୍କ ଦେହରେ ଏଥିଲାଗି ଲାଗିପାରେ ନାହିଁ । ଏ ଅଞ୍ଚଳରେ ସତ୍କାର ପ୍ରାୟ ଏହିପରି ହୋଇଥାଏ । ଏପରି ସ୍ଥଳେ ମୁଁ କ'ଣ କରିବି ? ତାହାହିଁ କିଛିକ୍ଷଣଯାଏ ଚିନ୍ତା କରିବାକୁ ଲାଗିଲି । ଫେରିଯିବି ନା ଥରେ ଯାଇ ଦେଖିବି, ଏହିପରି ଭାବୁଛି ବୋମା ଫୁଟିବା ପରି ଗୋଟାଏ ଶବ୍ଦ ହେଲା— ଶବର ମୁଣ୍ଡଟି ଫାଟିଗଲା । ଏହି ସମୟରେ ଦେଖିଲି, ଉଲଗ୍ନ ଅଘୋରୀଙ୍କ ପାଖରେ ଯେଉଁ

ଗୋଟିଏ ନରକପାଳ ପାତ୍ର ପଡ଼ିଥିଲା, ସେ କ୍ଷିପ୍ରହସ୍ତରେ ତାକୁ ଚୁମୁଟା ଦ୍ୱାରା ଉଠାଇନେଲେ ଏବଂ ଶବ ମଥାରୁ ଯେଉଁ ଗଳିତ ତରଳ ପଦାର୍ଥ ପଡ଼ିବାକୁ ଲାଗିଲା, ତାକୁ ସେହି ନରକପାଳ ପାତ୍ରରେ ଭରି ନେଲେ । ପ୍ରାୟ ଅଧା-ପାତ୍ର ପୂର୍ଣ୍ଣ ହୋଇଗଲା । ସେ ତାକୁ ନେଇଆସି କୁଟୀର ଆଡ଼କୁ ଚାଲିଲେ । ମୁଁ ତାଙ୍କର ଯିବା ଦେଖି ତରବର ହୋଇ ସେ ପାଖକୁ ଯାଇ ତାଙ୍କ ପଛରେ ଠିଆହେଲି । ସେ ମୁହଁବୁଲାଇ ଦେଖିଦେଇ କହିଲେ, ''ହଇରେ ଶଳା, ତୁ ରାତିଅଧରେ ଏଠି କ'ଣ କରିବାକୁ ଆସିଲୁ ? ହେଁ ।''

ମୁଁ କହିଲି, ''ଦିନତମାମ ତ ଦେଖା ମିଳିବା ସହଜ ନୁହେଁ, ଏଣୁ ଖୋଜିବାକୁ ପଡ଼ିଥାଏ ।''

ସେ ଆଉ କିଛି ନ କହି ତାଙ୍କର କୁଟୀର ଆଡ଼େ ଚାଲିଲେ, ମୁଁ ମଧ୍ୟ ଠିଆ ନ ହୋଇ ତାଙ୍କର ଅନୁଧାବନ କଲି । ସେ କୁଡ଼ିଆ ଭିତରକୁ ଗଲେ, ମୁଁ ମଧ୍ୟ ପଛେ ପଛେ ପଶିଲି ।

ଭିତର ଆଲୋକିତ– ଗୋଟିଏ ପ୍ରଦୀପ ଜଳୁଛି । ପାଖରେ ଗୋଟିଏ ମାତ୍ର ବଡ଼ ପତ୍ରରେ ଭାତ ବଢ଼ାହୋଇଛି, ବାମ୍ଫ ବାହାରୁଛି । ହାଣ୍ଡିଟିଏ ପାଖରେ ରଖାହୋଇଛି ।

ସେ କପାଳ-ପାତ୍ରଟିକୁ ଭାତ ପାଖରେ ରଖିଲେ । ତା'ପରେ ମୋତେ କହିଲେ, ''ତୁ କ'ଣ ମୋ ଖାଇବାକୁ ଦେଖିବାକୁ ଆସିଲୁ ନା କଣ–ତିନିଦିନ ପରେ ଆଜି ଅନ୍ନ ଭୋଗ ।''

ମୁଁ କହିଲି, ''ଆଜି ମୁଁ ତା'ହେଲେ ଆସୁଛି–ଆହାର ପରେ ତ ଆପଣ ବିଶ୍ରାମ କରିବେ !''

''ଏଠି ବିଶ୍ରାମ କରିବାର କ'ଣ ଦେଖିଲୁରେ ଶଳା–ତୋ' ପରି ଆମେ ଖାଇସାରି ସ୍ତ୍ରୀକୁ ଧରି ଶୋଇପଡ଼ିବୁ ନା କ'ଣରେ ଶଳା ? ଦେଖିନା, ଆସିଛୁ ତ ବସିକରି ଦେଖି, ଖାଇବା ପରେ କିଭଳି ବିଶ୍ରାମ । ବସ୍, ଏଇଠି ବସ୍ ।''

ମାଟି-ମେଜରେ ଗୋଟିଏ ମଇଳା ଚଟେଇ-ପଟି ପଡ଼ିଛି–ତା' ଉପରେ ମୁଁ ବସିଲି । ଏହିପରି ସମୟରେ ଦୁଇଜଣ ଲୋକ ଦରଜାରେ ଉଙ୍କିମାରି ପଚାରିଲେ, ''ବାବା, କାରଣ (ମଦ୍ୟ) ଆସିଛି, ଏହିଠାରେ କ'ଣ ସେବା ହେବ କି ?'' ସେ କହିଲେ, ''ନେଇ ଆ ଏ ଆଡ଼କୁ ।''

ଗୋଟିଏ ମଝିଲା ମାଟିକଳସୀ ଆଣି ସେ ବସାଇଦେଲା । ଘରର କୋଣକୁ ଦେଖାଇ ସେ କହିଲେ, ''ପାତ୍ରଟାକୁ ଏଠିକି ଆଣ ।'' ପାତ୍ର ଆସିଲା । ସେ ସେଇ କଳସ ଉପରେ କରାଙ୍ଗୁଳି ବୁଲାଇନେଇ ସେମାନଙ୍କୁ କହିଲେ : ତମର ପାତ୍ର କାହିଁ ? ସେମାନେ ପାତ୍ର ଆଣିବାରୁ ସେ ସେମାନଙ୍କ ପାତ୍ର ଭରିଦେଲେ, ତା'ପରେ ସେମାନଙ୍କୁ ପାନ କରିବାକୁ ଆଦେଶ ଦେଇ କଳସୀରେ ମୁହଁ ଲଗାଇ ସବୁକିଛି ହିଁ ଶେଷ କରିଦେଲେ । ପ୍ରାୟ ଦଶମିନିଟ ନିସ୍ତବ୍ଧ ଭାବରେ ଚୁପ୍ କରି ବସିରହିଲେ–ଯେଉଁମାନେ କାରଣ ଆଣିଥିଲେ ସେମାନେ

ପ୍ରଣାମ କରି ଉଠିପଡ଼ିଲେ—ସେ କିନ୍ତୁ 'ନା', 'ହଁ' କିଛି କହିଲେ ନାହିଁ, ସେହିପରି ବସି ରହିଲେ ।

ସେମାନେ ଚାଲିଗଲା ପରେ ସେ କଥା କହିଲେ,

''ତୋ'ର ମତଲବ କ'ଣ, କହ ଦେଖି ?''

''ଏଠାରେ ଭାତ ଯେ ପଡ଼ିରହିଲା ।''

''ଥାଉରେ, କାରଣାନନ୍ଦ ଚାଲିଛି, ଏବେ ଖାଇବାରେ ଆଗ୍ରହ ନାହିଁ—ତୁ ଖାଇଛୁ ?''

''ହଁ, ରାତ୍ରି ସମୟରେ ଟିକିଏ ଜଳଖିଆ କରେ, ତା' ପୁଣି ଅନେକ ଆଗରୁ ହୋଇଛି ।''

''ତା' ହେଉ, ତୋ'ର ପେଟରେ ତ ଭୋକ ଅଛି ।'' ମୁଁ ସ୍ୱୀକାର କଲି । ପରେ କହିଲି, ''କ୍ରମେ କ୍ରମେ କ୍ଷୁଧାବୋଧ ଆଉ ରହି ନଥାଏ ।''

''—ଖାଇବା ଜିନିଷ ଦେଖିଲେ ଲୋଭ ହୁଏ ନାହିଁ ? ଖାଇବାକୁ ଇଚ୍ଛା ହୁଏ ନାହିଁ ?''

''ତା ହୁଏତ ହୁଏ—କିନ୍ତୁ ସଂଯମ ହିଁ ଦରକାର ? ଖାଇବା ଧନ୍ଦାକୁ ନେଇ ଚାଲିବା ଠିକ୍ ନୁହେଁ ।''

''—ସଂଯମ କାହାକୁ କୁହନ୍ତି ? କ୍ଷୁଧା ସମୟରେ ଖାଦ୍ୟ ଦେଖିଲେ ଖାଇବାକୁ ଇଚ୍ଛା ହେବ, ତାକୁ ଚାପିରଖିବା ନାମ ସଂଯମ ନା କଣ ?—କ'ଣ କହୁଛୁ ?''

''—ଲୋଭ ଲାଗିଲେ କ'ଣ ତାକୁ ପ୍ରଶ୍ରୟ ଦେବା ଉଚିତ ? ତା'ହେଲେ ତ ପ୍ରବୃତ୍ତିର ଅଗ୍ନି ଆହୁରି ପ୍ରଜ୍ୱଳିତ ହୋଇଉଠିବ ।''

''—ତୁ ଯେ କ୍ଷୁଧା ସମୟରେ ଜୋର୍ କରି ନ ଖାଇ ରହିବୁ, ଆଉ ତାକୁ ପୁଣି ସଂଯମ ବୋଲି କହିବୁ ! ଏତ ବଡ଼ ଆଶ୍ଚର୍ଯ୍ୟ କଥା କହୁଛୁ—କେଉଁଠାରୁ ଏ ରକମର ସଂଯମ ଶିଖିଲୁ ?''

''କ୍ଷୁଧା ସମୟରେ ଯଦି ମୁଁ ଆହାର-ସଂଯମ ନକରେ, ତେବେ ସଂଯମ ଅଭ୍ୟାସ କେତେବେଳେ କରିବି, ଭୋକ ଲାଗିଲେ ପେଟ ପୂରାଇ ଖାଇବା ସଂଯମ ହୁଏ ନା କ'ଣ ?''

''ଆଚ୍ଛା, କାମ-ଇନ୍ଦ୍ରିୟ ସଂଯମ ସମୟରେ କେଉଁପରି ସଂଯମର ଅଭ୍ୟାସ କରୁ, କହ ତ ? ତା' ମଧ୍ୟ କ'ଣ ଏହିପରି, ଶରୀର ମନରେ ସ୍ୱାଭାବିକ ଭାବେ କାମଜନିତ ପ୍ରବଳ ଉତ୍ତେଜନା ରହିବ, ଉପଭୋଗ କରିବାର ଉପକରଣ ମଧ୍ୟ ସମ୍ମୁଖରେ ରହିଛି, ଅଥଚ ସେହି ସମୟରେ କଷିକରି ଲେଙ୍ଗୁଟି ଆଣ୍ଠିଦେଇ ରହିବାର ନାମ, ତୋ' ହିସାବରେ ସଂଯମ ନା କ'ଣ ? କ'ଣ କହୁଛୁ ? ଖୋଲିକରି ମୋତେ କହିଲୁ ଦେଖି ?''

''—ମୋ ପ୍ରବୃତ୍ତିକୁ ଯଦି ପ୍ରଶ୍ରୟ ଦିଏ, ତା'ହେଲେ ସଂଯମ ରକ୍ଷା ହେବ କିପରି ?''

''—ପ୍ରବୃତ୍ତିଟିର ଅସଲ ଉତ୍ପତ୍ତି କେଉଁଠୁ ? ମୋତେ ଆଗେ କହିଲୁ ।''

"—ମନ ମଧ୍ୟରେ ପ୍ରଥମେ ପ୍ରବୃତ୍ତିକୁ ଦେଖିବାକୁ ପାଇଥାଉ ।"

"—ତା'ପରେ ?"

"—ଶରୀରରେ ତାହାର ଭୋଗ !"

"—ତା'ହେଲେ ପ୍ରବୃତ୍ତିର ମୂଳ ହେଲା ତ ମନ, ସଂଯମ କେଉଁଠାରେ କାର୍ଯ୍ୟ କରେ ?"

"—ସଂଯମ ତ ମନରେ ହେବ !"

"—ବେଶ୍ ତ କହିଲୁ, କିନ୍ତୁ ଇନ୍ଦ୍ରିୟ ସଂଯମ ବେଳେ ଲେଙ୍ଗୁଟି କଷିଦେଇ ଆଣ୍ଠିବାକୁ ଯାଉ କାହିଁକି ? ସେଥିରେ ସଂଯମ ରକ୍ଷାହେବ କିପରି ?"

"—ମନରେ ଆସେ ଅସଲ ପ୍ରବୃତ୍ତି, କିନ୍ତୁ ଶରୀରରେ ହିଁ ତ ବେଡ଼ି ଦେବାକୁ ହେବ ?"

"—ଶରୀରରେ ବେଡ଼ି ଦେବା ଫଳରେ କାମପ୍ରବୃତ୍ତି ଆଉ ଆସେ ନାହିଁ, ତୁ ଏହି କଥା କହୁଛୁ—ଠିକ୍ କରି କହ ଦେଖି, ଏତେ ବନ୍ଧ ଦେବାପରେ ତୋ' ଭିତରେ, କୌଣସି ରକମ ସୁଯୋଗ ପାଇଲେ ବା ତିଳେମାତ୍ର ଉପଲକ୍ଷ୍ୟ ମିଳିଲେ, କାମ-ଉତ୍ତେଜନା ହୁଏ କି ନାହିଁ ?"

"—ତାହା ହୁଏ ।"

"—ସ୍ୱପ୍ନରେ ସ୍ଖଳନ ହୁଏ କି ନାହିଁ ?"

"—ମଝିରେମଝିରେ କେବେକେବେ ହୋଇଥାଏ ନିଶ୍ଚୟ ।"

"—ଯୁବତୀ ନାରୀ ଦେଖିଲେ ଇନ୍ଦ୍ରିୟ-ସୁଖର ଉପାଦାନ ଭାବି ମନ ରଙ୍ଗ ଧରେ କି ନାହିଁ ?"

"—ତାହା ମଧ୍ୟ ହୁଏ ।"

"—ତେବେ ତୋ'ର ସଂଯମର ଉପକାରଟା ହୁଏ କେଉଁପରି ? ଲେଙ୍ଗୁଟି ଭିଡ଼ିବାର ଫଳ ହିଁ ବା କ'ଣ ? ଭାବିକରି ଦେଖିଛୁ ?"

"—ମୋ'ର ଧାରଣା, ବର୍ତ୍ତମାନ ହୁଏତ କିଛିଦିନ ଧରି ଏହିପରି କିଛି କିଛି ପ୍ରତିଘାତ ମିଳିବ । ପରେ ଅଭ୍ୟାସ ହୋଇଗଲେ ଆଉ କୌଣସି ଚାଞ୍ଚଲ୍ୟ ରହିବ ନାହିଁ ।"

ସେ ଟିକିଏ ହସିଦେଇ କହିଲେ, "ତୁ କ'ଣ ମନେ କରିଛୁ ଯେ କାମ-ଇନ୍ଦ୍ରିୟକୁ ଲେଙ୍ଗୁଟି ଆଣ୍ଠିଦେଇ ଜୟକରି ପକାଇବୁ ? ତୁ ଜାଣିଛୁ ଏହି କାମ-ପ୍ରବୃତ୍ତି, ଇନ୍ଦ୍ରିୟ ଉତ୍ତେଜନାଟା କ'ଣ, ତାହା ସହିତ ତୋ'ର ସମ୍ବନ୍ଧ କ'ଣ ?"

"—ପ୍ରଜା-ବୃଦ୍ଧି ଲାଗି, ସୃଷ୍ଟିର ଧାରାରକ୍ଷା ଲାଗି ଏହି କାମ-ପ୍ରବୃତ୍ତି, ଏତିକି ମାତ୍ର ଜାଣେ ।"

"—ଥରେ ସଂସର୍ଗ ଦ୍ୱାରା ଏକ ବିନ୍ଦୁରୁ ହିଁ ତ ଏକ ସୃଷ୍ଟି ହୋଇଥାଏ, କିନ୍ତୁ ଏତେ ବଡ଼ ଉଦ୍ଦାମ ପ୍ରବୃତ୍ତି, ଏତେ ଶକ୍ତି ସାରା ଜୀବନରେ ମଧ ଯେପରି ଏହାର ଆଶା ମଉଳି ନ ଥାଏ, ଏପରି ଧାରାର ଏକ ଏକ ପ୍ରବାହ ପ୍ରତ୍ୟେକଙ୍କ ଜୀବନ ସଙ୍ଗେ ଜଡ଼ାଇଦେବାର ସାର୍ଥକତା କ'ଣ ? ପ୍ରକୃତି ପରି ହିସାବୀ ଆଉ କେହି ଅଛି ନା କ'ଣ ? ସେ ଏପରି କରିଛନ୍ତି କେଉଁ ପ୍ରୟୋଜନ ନେଇ ?"

"—ମୋ' ଭିତରେ ଏହି ଗୋଟିଏ ପ୍ରଶ୍ନ ଅଛି, ଆଜବଧି ଏହାର କିଛି ସଠିକ୍ ଉତ୍ତର ପାଇନାହିଁ । ଏହାର ଉତ୍ତର ତେଣୁ ଦେଇପାରିବି ନାହିଁ । ପ୍ରଶ୍ନଟା ଯେଣୁ ଆପଣ ଉତ୍ଥାପନ କରିଛନ୍ତି, ମୋର ମନେହୁଏ, ଆପଣଙ୍କର ଦୟାରେ ମୁଁ ଏହାର ମୀମାଂସା ପାଇପାରିବି ।"

"—ଆଚ୍ଛା କହିଲୁ ଦେଖି, କର୍ମେନ୍ଦ୍ରିୟ ମଧରେ କେଉଁଟି ପ୍ରଥମେ ?"

"—ବାକ୍, ରସନା ।"

"—ଅନ୍ତିମ ଇନ୍ଦ୍ରିୟ କିଏ ?"

"—ଉପସ୍ଥ ଅର୍ଥାତ୍ ଲିଙ୍ଗ ।"

ସେ କହିଲେ, "କର୍ମେନ୍ଦ୍ରିୟର, ମୂଳରୁ ଶେଷ ପର୍ଯ୍ୟନ୍ତ, ଯେଉଁ ଇନ୍ଦ୍ରିୟ ଦ୍ୱାରା ଯେଉଁ ଯେଉଁ ଶକ୍ତିର କାର୍ଯ୍ୟ ହୋଇଥାଏ, ସେଗୁଡ଼ିକ କ'ଣ ବସ୍ତୁତଃ ପୃଥକ୍ ପୃଥକ୍ ମନେହୁଏ ।"

"—ଶକ୍ତି କେବଳ ମାତ୍ର ଗୋଟିଏ—କର୍ମ ସମୟରେ ପୃଥକ୍ ପୃଥକ୍ ଯନ୍ତ୍ର ମଧ ଦେଇ କାର୍ଯ୍ୟ କରିଥାଏ । ଏହାକୁ ଭଲ ଭାବେ ବୁଝିପାରୁଛି ।"

"—ଠିକ୍ କହିଛୁ । ଏବେ କହ, ମନ ଆଉ ପ୍ରାଣ—ଏହାର ବିଶେଷତ୍ୱଟି କ'ଣ ?"

"—ମନକୁ ଇଚ୍ଛାଶକ୍ତି କହିପାରୁ, ଆଉ ସେ ପ୍ରାଣ, ଶରୀର ସହ ଯୁକ୍ତ ହୋଇ ଶରୀରର ସକଳ କ୍ରିୟା ହିଁ ସମ୍ପନ୍ନ କରୁଛି, କିନ୍ତୁ ମୂଳତଃ ପୃଥକ୍ ନୁହେଁ, ପ୍ରାଣର ହିଁ ଏକ ଭାଗ ମନ ହୋଇ ଆମର ଯାବତୀୟ କର୍ମକୁ ଚଳାଉଛି ।"

"—ବେଶ୍, ବର୍ତ୍ତମାନ ବୁଝ୍, ଏହି 'ମୁଁ' ବୋଲି ଯେଉଁ ସତ୍ତା କର୍ମଜଗତରେ ମନ ବୁଦ୍ଧି ଆଦି ଅନ୍ତଃକରଣ ମଧ ଦେଇ ଏଠାରେ କର୍ମଭୋଗ ଆଦି କରୁଛି, ଏହାର ମୂଳଶକ୍ତି, ବୁଦ୍ଧିଠାରୁ ଆରମ୍ଭ କରି ସମସ୍ତ ଇନ୍ଦ୍ରିୟର କ୍ଷେତ୍ରକୁ ବ୍ୟାପ୍ତ ହୋଇ ଉପସ୍ଥିତ ଇନ୍ଦ୍ରିୟ ପର୍ଯ୍ୟନ୍ତ କ୍ରିୟା କରୁଛି— ନୁହେଁ କି ? ଏହାକୁ ଅନୁଭବ କରିବାରେ କ'ଣ କିଛି ଗୋଳମାଳ ଅଛି ?"

ମୁଁ କହିଲି, "ନାହିଁ ଏକଥାଟି ପରିଷ୍କାର ଭାବେ ବୁଝି ପାରିଲି ।"

"ତାହାହେଲେ ବୁଝିସାରି ଦେଖ୍ ଯେ ଆଦି ଚୈତନ୍ୟଶକ୍ତି ଆମ ଭିତରେ ସୂକ୍ଷ୍ମ ରୂପେ ବୁଦ୍ଧିଠାରୁ ଆରମ୍ଭ କରି କ୍ରମଶଃ ସମସ୍ତ ଇନ୍ଦ୍ରିୟମାନଙ୍କ ମଧ ଦେଇ ସବୁ ବିଷୟରେ ଶକ୍ତିମୟ କରି ରଖିଛି । ଯୋଗଶାସ୍ତ୍ରର ମତ ଯେ ସେହି ଆଜ୍ଞାଚକ୍ରଠାରୁ ମୂଳାଧାର ପର୍ଯ୍ୟନ୍ତ ଯାହାର କ୍ରିୟା ଅବାଧ, ତାକୁ ତୁ କ'ଣ ମନେକରୁଛୁ ? ତନ୍ତ୍ରମତେ ତାହାହିଁ କୁଣ୍ଡଳିନୀ ।"

"—ଏହି ଯେଉଁ ଆମର ପ୍ରାଣ, କାମମୟ, କାମ-ବୀଜ ହିଁ ହେଲା ଆଦି, ଏହି ଶକ୍ତି ସୃଷ୍ଟି ଆରମ୍ଭରୁ ସ୍ଥିତି ବା ପୁଷ୍ଟି ଏବଂ ଲୟ ବା ମୁକ୍ତି ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଜୀବର ଜୀବନରେ କର୍ମ କରୁଛି । ଏହା ସଙ୍ଗେ ଅଚ୍ଛେଦ୍ୟ ସମ୍ବନ୍ଧ । ଜ୍ଞାନ ଓ କର୍ମେନ୍ଦ୍ରିୟର ଜୀବନ ହିଁ ହେଲା ଏହି କାମ, ଏହାକୁ ତୁ ଲେଙ୍ଗୁଟି ମାରିଦେଇ ବଶ କରିପାରିବୁ କିପରି ?"

ମୁଁ କହିଲି, "ନିମ୍ନରୁ ଊର୍ଦ୍ଧ୍ୱ ପଥରେ, ଧ୍ୟାନ-ଧାରଣାର ପଥରେ, ଚାଲିବା ଲାଗି ଏହି ଚେଷ୍ଟା । ଏହା ବ୍ୟତୀତ ଆଉ କ'ଣ ଉଦ୍ଦେଶ୍ୟ ଥାଇପାରେ ?"

"ତୋ' ମଧ୍ୟରେ ଜୀବସୃଷ୍ଟିର ଯେଉଁ ବୀଜ ଅଛି, ତାକୁ ବାହାରିବା ଲାଗି ପଥ ଦେବୁ ନାହିଁ ? ପ୍ରକୃତି ତୋ' ମଧ୍ୟ ଦେଇ ଯେଉଁ କେତୋଟି ଜୀବ ସୃଷ୍ଟି କରିବାର ବ୍ୟବସ୍ଥା କରି ରଖିଛି, ତାହାର ଅନୁକୂଳ ପଥରେ ନ ଗଲେ ତୋ'ର ଇଷ୍ଟଲାଭ କେମିତି ହେବ ? ତୁ ପ୍ରକୃତି ବିରୁଦ୍ଧରେ ଯାଇ ନିଜର ବା ଜଗତର କି କଲ୍ୟାଣ କରିବୁ ?"

"ଧରନ୍ତୁ, ମୁଁ ଯଦି ସ୍ଥୂଳ-ସୃଷ୍ଟି ବୃଦ୍ଧି କରିବା ଲାଗି ନ ଯାଇ ଉଚ୍ଚ ମାର୍ଗରେ ମୋ'ର ଚୈତନ୍ୟଶକ୍ତିକୁ ଚାଳନା କରିପାରିବି ?"

"ଆଗେ ତୋ' ପ୍ରକୃତିଗତ କର୍ମବୀଜକୁ ପ୍ରସ୍ଫୁଟିତ ନ କରି ଅନ୍ୟ ପଥରେ ଚୈତନ୍ୟ ଶକ୍ତିକୁ ଚାଳନା କରିପାରିବୁ କାହିଁକି ? ତାହା ଯେ ଅସମ୍ଭବ ହେବ । କେହି କେଉଁଠି କେବେହେଲେ ତାହା କରିପାରିଛି କି ? ଶଳା, ଖୁବ୍ ବଡ଼ ଗୋଟାଏ ଓସ୍ତାତ ହୋଇଛୁ, ସ୍ଥୂଳ-ସୃଷ୍ଟିକୁ ବଢ଼ାଇବୁ ନାହିଁ । କାହିଁକି ? ସେଟା କ'ଣ ଗୋଟାଏ ଅଦରକାରୀ ନା କ'ଣ ?"

"ପୁରୁଷାର୍ଥଟା କ'ଣ କିଛି ହିଁ ନୁହେଁ ? ମୋ'ର ଯଦି ସେଥିପ୍ରତି ଇଚ୍ଛା ନ ରହେ ?"

"ତା'ହେଲେ ବୁଝିବି, ତୋ'ର ଧ୍ୱଜଭଙ୍ଗ ହୋଇଛି—ତୁ ଅପବ୍ୟବହାର କରି ତୋ'ର ଇନ୍ଦ୍ରିୟ-ଶକ୍ତିକୁ ନଷ୍ଟ କରିଛୁ; ତାକୁ ଘୋଡ଼ାଇବାକୁ ଲୋକଙ୍କ ଆଖିରେ ଧୂଳିଦେବାକୁ ଢଙ୍ଗ ଦେଖାଇ ସାଧୁ ସାଜୁଛୁ । ଆହାରେ, ଏ ଶଳା କହୁଛି କ'ଣ ! ପ୍ରକୃତିର ବିଶାଳ ଶକ୍ତି ସମୁଦ୍ର ଭିତରେ କେଉଁଠି ଏକ ନଗଣ୍ୟ ବୁଦ୍‌ବୁଦର ପୁଣି ପୁରୁଷାର୍ଥ ! ଆରେ ଶଳା, ତୁ ଯେ ତାହାର ଅଭିପ୍ରାୟ ସିଦ୍ଧ କରିବାକୁ ଆସିଛୁ, କେଉଁ ଅହଙ୍କାର ନେଇ ଭୁଲିଗଲୁ କିରେ ? ସ୍ଥୂଳସୃଷ୍ଟିର ବୀଜ ଥାଇ ସଂସାର-ଆଶ୍ରମ ଛାଡ଼ି ସନ୍ନ୍ୟାସ ଆଶ୍ରମକୁ ଯାଇ କେତେ କେତେ ସନ୍ନ୍ୟାସୀ ବେଟା କାଳ କାଟି ଗୃହୀଙ୍କ ଉପରେ ମଳତ୍ୟାଗ କରୁଛନ୍ତି, ଦେଖିପାରୁ ନାହୁଁ ? ମୁଁ ଦେଖୁଛି, ତୁ ଶଳା ଯେମିତି ଆକାଶରୁ ପଡ଼ିଲା ପରି, ଏଁ—"

"ପ୍ରକୃତି ବିରୁଦ୍ଧରେ ଯିବା ମୋ'ର ଉଦ୍ଦେଶ୍ୟ ନୁହେଁ, ଆମେ ତାହାର ବିରୁଦ୍ଧରେ ଯାଇପାରିବୁ ନାହିଁ କିମ୍ବା ଆମେ ତା' ବିରୁଦ୍ଧରେ ଯାଇ କିଛି ହିଁ କରିପାରୁନା । ମୁଁ କେବଳ ଏତିକି କହୁଛି ଯେ, ଯଦି ମୁଁ ଏକ ମହତ୍ ଉଦ୍ଦେଶ୍ୟ ନେଇ କିଛି କରିବାକୁ ଯାଇପାରେ—"

ସେ ବାଧା ଦେଇ କହିଲେ, "ତୁ ବା ଯେଉଁ ଟିକକ ଶକ୍ତି ନେଇ ଆସିଛୁ, ଆଉ ତା' ସଙ୍ଗେ ତୋ'ର କର୍ମସଂସ୍କାର ଅନୁଯାୟୀ ତୋ'ର ସକଳ ବ୍ୟାପାର ଯେଉଁଠି ଉନ୍ମୋଚିତ

ହେବାର ସୁବିଧା ହେବ, ସେହିପରି କ୍ଷେତ୍ରରେ ସେ ତୋ' ଲାଗି ସେହି କର୍ମକ୍ଷେତ୍ରର ବ୍ୟବସ୍ଥା କରି ଦେଇଛନ୍ତି । ତୁ ଶିଶୁ ସମୟରେ ମା' କୋଳରେ ଯେପରି ମଣିଷ ହୋଇଥିଲୁ, ତୋ'ର ଅଭାବ ଅଭିଯୋଗ, ସକଳ ବ୍ୟାପାର ତୋ' ମା'ଙ୍କ ଉପରେ ଦେଖିବାର ଦାୟିତ୍ୱ ଥିଲା । ତୁ କ'ଣ ଜାଣିଥିଲୁ, କେଉଁଥିରେ କ'ଣ ହେବ ? ଠିକ୍ ସେହିପରି ବଡ଼ ହୋଇ ଗର୍ଭଧାରିଣୀର ଅଧିକାର ତ୍ୟାଗ କରି ନିଜର ଜ୍ଞାନ-ବୁଦ୍ଧି-ଶକ୍ତି ନେଇ ଯେ ତୋ' ବାଟରେ ତୁ ଚାଲୁଛୁ ବୋଲି ମନେ କରୁଛୁ, ସେଟା ମଧ୍ୟ ଆଉ ଏକ ମା' କୋଳରେ । ଶିଶୁକାଳରେ ଗର୍ଭଧାରିଣୀ ମା' ଯେପରି ତୋତେ ଧାରଣା ଦେଇଥାନ୍ତି ଯେ ସେହି ହିଁ ତୋ'ର ପ୍ରତିପାଳନ କର୍ତ୍ତା, ତାଙ୍କ ପାଖରୁ ତୋ'ର ପ୍ରୟୋଜନୀୟ ସମସ୍ତ କିଛି ପାଇଛୁ, ଯେପରି ସହଜ ନିୟମରେ ନିଜେ ନିଜର ସବୁ ପାଇଛୁ, ଏବେ ବଡ଼ ହୋଇ, ଜ୍ଞାନବାନ ହୋଇ, ତୋ' ଆତ୍ମଶକ୍ତି ଉପରେ ଆସ୍ଥାବୃଦ୍ଧି କରିବା ଲାଗି ଏହି ପ୍ରକୃତି-ମା' ତୋତେ ଜାଣିବାକୁ ଦିଅନ୍ତି ନାହିଁ ଯେ ସେହି ହିଁ ତୋର ସର୍ବ କର୍ମ ଓ ବୃଦ୍ଧିର ସହାୟ; ତୋ'ର ମନେ ହେଉଛି, ଯେପରି ତୁ ନିଜେ ନିଜ ଶକ୍ତିରେ ଯାଉଛୁ; କର୍ମ କରୁଛୁ, ଭୋଗ କରୁଛୁ, କେତେ ବଡ଼ ବଡ଼ କାମ କରୁଛୁ । ଠିକ୍ ସେହିପରି ଜାଣିବୁ ଯେ ଏହା ସକଳଙ୍କ କ୍ଷେତ୍ରରେ ଘଟିଥାଏ । ନ ହେଲେ ଏକଥା ବୁଝିପାରୁ ନାହୁଁ ଯେ ତୋ'ର ଯଦି ସକଳ ବ୍ୟାପାରରେ ସ୍ୱାଧୀନତା ରହିବ, ତେବେ ଏକ ବିଶେଷ ଉଦ୍ଦେଶ୍ୟରେ କାମ କରିବାକୁ ଯାଇ ତୋ'ର ଏତେ ବାଧା ଆସେ କାହିଁକି ବା କେଉଁଠାରୁ ଆସିଥାଏ ସେହି ବାଧା ? ପ୍ରକୃତି-ଜନନୀର କାମ ହେଲା, ଆଢୁଆଳରୁ ତା'ର ସ୍ୱରୂପଟି ତୋତେ ଜଣାଇ ଦେବା, ତୋତେ ତୋ'ର ଆତ୍ମ-ସ୍ୱରୂପରେ ଠିଆ କରାଇଦେବା, ତୋତେ ମୁକ୍ତିଦେବା ।''

ମୁଁ ଅନେକକ୍ଷଣ ନିର୍ବାକ୍ ଏବଂ ସ୍ଥିର ହୋଇ ରହିଗଲି । ଆଉ କୌଣସି କଥା କହିବାକୁ ପ୍ରବୃତ୍ତି ହେଲା ନାହିଁ । ତାଙ୍କର କଥା ମଧ୍ୟରେ ମୋ'ର ପ୍ରକୃତିମୟ ଜୀବନଧାରାର ସ୍ୱରୂପ ସ୍ପଷ୍ଟ ଉପଲବ୍ଧି କଲି । ତତ୍ତ୍ୱ ଉପଲବ୍ଧିର ଆନନ୍ଦ ମିଳିଲେ ଆଉ କିଏ କାହିଁକି ପ୍ରଶ୍ନ ପଚାରି ବ୍ୟାଘାତ ଘଟାଇବାକୁ ଚାହିଁବ ? ଯିଏ କହିବ, ତାଙ୍କ ସଙ୍ଗେ ମୋର ସମ୍ବନ୍ଧ ନାହିଁ । କାରଣ ସେତେବେଳେ ଆଉ ମୋତେ ପ୍ରଶ୍ନ କରିବାକୁ ଆସେ ନାହିଁ । ଯେପରି ସକଳ ଅଭାବ ହିଁ ପୂର୍ଣ୍ଣ ହୋଇଗଲା । ମନରେ ସେତେବେଳେ କ୍ରମେ କ୍ରମେ ଏହି ଭୟ ଆସେ—ଯଦି ଏହି ଅବସ୍ଥା, ଏହି ଅନୁଭୂତିକୁ ପୁଣି କର୍ମକ୍ଷେତ୍ରରେ ପଡ଼ିଯାଇ ହରାଇବାକୁ ହୁଏ !''

ସେ କିଛିକ୍ଷଣ ପରେ କହିଲେ, ''କିରେ, ତୋ'ର ମୁହଁ କାହିଁକି ବନ୍ଦ୍ ହୋଇଗଲା ?''

ମୁଁ ତଥାପି ଚୁପ୍ ହୋଇ ରହିଲି । ମୋତେ ନିରୁତ୍ତର ଦେଖି ସେ ଉଠିପଡ଼ି ଭୋଜନରେ ବସିଯାଇ କହିଲେ, ''ତୁ ତା'ହେଲେ ଏହି କଥାକୁ ଧରିନେଇ ରହିଥା, ମୁଁ ଏବେ କିଛି ଖାଇନିଏ ।''

ନର-କପାଳର ପାତ୍ରରୁ ସେହି ଶବର ମସ୍ତିଷ୍କରୁ ଆଣିଥିବା ଘିଅ ସଙ୍ଗେ ଅନ୍ନକୁ ପରମ ତୃପ୍ତିର ସହ ଆହାର କରିବାକୁ ଲାଗିଲେ । ଭୋଜନ ଶେଷ ପରେ ଅବଶିଷ୍ଟ ଅନ୍ନ ପତ୍ର

ସମେତ ବାହାରେ କୁକୁର ମୁହଁରେ ଧରାଇଦେଲେ । ତାଙ୍କ ଶରୀର ଅନୁପାତରେ ଏତେ ସ୍ୱଳ୍ପ ଆହାର ଦେଖି ବିସ୍ମିତ ହେଲି ।

ସେ ଆସି ବସିଲାପରେ ମୁଁ କହିଲି, ''ଆପଣଙ୍କଠାରୁ ମୁଁ ଅନେକ ବେଶୀ ଖାଏ ।''

ସେ କହିଲେ, ''ମୋ' ଖାଇବା ତ ଶେଷ ହୋଇ ଆସୁଛି, ଆଉ ତୋ'ର ଏବେ କେତେ ଖାଇବା ଚାଲିବ ।'' କିଛି ସମୟ ଚୁପ୍‌ଚାପ୍ ରହି ସେ କହିଲେ, ''ଆଚ୍ଛା କହ ତ ମୋତେ, ଲେଙ୍ଗୁଟି ଭିଡ଼ିଦେଇ ତୋ'ର ଇନ୍ଦ୍ରିୟ ଜୟ ହେବ, ଆଉ ରସନା ଜୟକରିବୁ କେମିତି ? ରସନାର ତୃପ୍ତି ତୋ'ର କାମ୍ୟ କି ନୁହେଁ ?''

ଏହାଙ୍କ ପାଖରେ କ୍ଷୁଦ୍ରତମ ଟିକିଏ ଛିଦ୍ର ମଧ୍ୟ କିଛି ଦୃଷ୍ଟିରୁ ବାଦ୍ ଯାଏ ନାହିଁ । କହିଲି, ''ମୁଁ ବୁଝୁଛି ଯେ କର୍ମେନ୍ଦ୍ରିୟର ଜୟ ସହ ରସନାର ଅତୀବ ଘନିଷ୍ଠ ସମ୍ବନ୍ଧ ଅଛି, କିନ୍ତୁ ମନେହୁଏ, ମଝିରେମଝିରେ ରସନାକୁ ଟିକିଏ ପ୍ରଶ୍ରୟ ଦେଲେ ବୋଧହୁଏ ସେତେ ବେଶୀ କ୍ଷତି ହେବ ନାହିଁ । ମୁଁ ତ ନିଜେ ଇଚ୍ଛାମତେ ଖାଦ୍ୟ ସଂଗ୍ରହ କରେ ନାହିଁ, ଯେପରି ଜୁଟିଥାଏ, ତାକୁ ନେଇ ରସନା ସମ୍ବନ୍ଧରେ ଏହି ଟିକକ ହିସାବ ରଖିଥାଏ ।''

''ଦେଖ୍ ଶଳା—ଇଚ୍ଛା କରି ଓଲଟା ରାସ୍ତାରେ ଯିବାର ଫଳ । ଯେଉଁଟା କୁପଥ, ସେହି ରାସ୍ତାରେ ତୋର ଯିବାର କିଛି ପ୍ରୟୋଜନ ନାହିଁ, ପାଞ୍ଚଜଣଙ୍କର ଦେଖାଦେଖି ସେହି ରାସ୍ତାରେ ଗଲେ, ଭିତରେ କେତେ ରକମର ଆପୋଷ ନେଇ କଳ୍ପନାଜଳ୍ପନା କରିବାକୁ ପଡ଼ିଥାଏ, ଜାଣୁ—ଶଳା ଜୁଆଚୋର୍ ?''

''ମୁଁ ଗୈରିକଧାରୀ ସନ୍ନ୍ୟାସୀ ହେବା ଲାଗି ତ ଘର ଛାଡ଼ିନାହିଁ । ସେ ଉଦ୍ଦେଶ୍ୟ ମୋ'ର କେଉଁ କାଳେ ହିଁ ନଥିଲା । କିନ୍ତୁ ସଂଯମ ଯେ ମୋ'ର ଗାର୍ହସ୍ଥ୍ୟ ଜୀବନରେ ମଧ୍ୟ ପ୍ରୟୋଜନ—''

ସେ କହିଲେ, ''ଦେଖ୍, ତୋ'ର ଯେତିକି କ୍ଷୁଧା, ତୋ'ର ଖାଇବା ପ୍ରବୃତ୍ତି ମଧ୍ୟ ସେତିକି ହେବ, ଆଉ ସେତିକି ଖାଇଲେ ତୋ'ର ପୁଷ୍ଟି ହେବ, ଉପକାର ହେବ, ଶରୀର ନୀରୋଗ ରହିବ । ମାତ୍ର ଲୋଭରେ ପଡ଼ି, ଯଦି ରସନାର ସୁଖ ଲାଗି, ଖାଇବାଟା ହୁଏ, ତା' ହେଲେ ପ୍ରକୃତିର ଅବାଧ ହେବାକୁ ପଡ଼ିଲା—ଯାହାର ଫଳ ହେଲା ରୋଗ । ତୋ'ର ଯେତିକି ପ୍ରାଣ-ଅଗ୍ନି ବା ହଜମ-ଶକ୍ତି, ତୁ ତୋ'ର ଲୋଭ ଯୋଗୁ ଲଦିଦେଲୁ, ସେଇ ଅତିରିକ୍ତ ବୋଝ ଫଳରେ, ତୋ'ର ସ୍ୱାସ୍ଥ୍ୟଭଙ୍ଗ ଯଦି ନ ହେବ, ତେବେ ଆଉ କାହାର ହବ ? ଏହି ସହଜ ବୁଦ୍ଧିର ବ୍ୟାପାରଟାରେ ଏତେ ଗଣ୍ଡଗୋଳ କାହିଁକି, କହିଲୁ ?''

''—ଯଦି ତାହା ଜାଣି ନେଇଥାନ୍ତି, ତେବେ ଏତେ ଭୁଲ୍ ହିଁ ମୋର ହେବ କାହିଁକି ? ଏତେ ଦଣ୍ଡ ଭୋଗ ହିଁ ବା କାହିଁକି ?''

''—ଦେଖ୍, ଯୌବନ ଏପରି ଏକ ମଧୁମୟ କାଳ, ମଧୁ କହିଲେ ମଦକୁ ମଧ୍ୟ ବୁଝାଏ ରେ—ବେଶ୍ ସର୍ବଶକ୍ତିମତ୍ତାର ଏକ ନିଶାରେ ଜୀବକୁ ବିଭୋର କରିଥାଏ । ପୁଣି

ସୁଖର ଚରମ ହେଲା ମୈଥୁନ, ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ ଏକାସଙ୍ଗରେ ଭୋଗ ହୋଇଥାଏ । ଏହା ବ୍ୟତୀତ ସେ ଅତୀବ ପାର୍ଥିବ ସୁଖ ତ ଆଉ କୌଣସିଠାରେ ଦେଇ ନାହାନ୍ତି । ଦୁଇଟି ପ୍ରାଣର ସକଳ ଇନ୍ଦ୍ରିୟ ଏକାକାର ହୋଇଯାଇ ଯେପରି ଏକସତ୍ତାରେ ପରିଣତ ହୋଇଯାଏ ।''

ଅନ୍ୟ ଯାହା କିଛି ସୁଖ, କେଉଁଟା କେବଳ ଶବ୍ଦରେ, କେଉଁଟା କେବଳ ରୂପକୁ ନେଇ, କେଉଁଟା ବା କେବଳ ରସରେ, କେଉଁଟା ବା ଗନ୍ଧରେ, କିନ୍ତୁ କେଉଁଥିରେ ଇନ୍ଦ୍ରିୟମାନଙ୍କର ପୂର୍ଣ୍ଣ ସୁଖ ନ ଥାଏ, କେବଳ ସେହି ଏକ ମୈଥୁନରେ ହିଁ, ତାହା ଥାଏ— ଆଦିରସ ଏହି ମୈଥୁନ, ଏହା ସୃଷ୍ଟିର ମୂଳ କାରଣ । ଜୀବସୃଷ୍ଟିର ପ୍ରକୃଷ୍ଟ ସମୟ ହିଁ ହେଲା ଯୌବନକାଳ, ବସ୍ତୁତଃ ସୃଷ୍ଟି କାର୍ଯ୍ୟରେ ଏହି ମୈଥୁନ ପରମ ସୁଖମୟ । ଜୀବସୃଷ୍ଟିର ମୋହ ନାଶହେଲେ ଉଚ୍ଚ ଉଚ୍ଚ ଭାବର ବିକାଶ, ଭାବସୃଷ୍ଟି ଓ ନାନା ପ୍ରକାର ରସସୃଷ୍ଟି ଆରମ୍ଭ ହୋଇଥାଏ । ସେହି ସମୟରେ ହିଁ ଚୈତନ୍ୟର ପ୍ରସାର । ଏହି ଯୌନ-ସମ୍ପର୍କ ମଧ୍ୟରେ ସେ ଏପରି ଏକ ଉନ୍ମାଦନା ଦେଇଛନ୍ତି, ଯଦ୍ୱାରା ସନ୍ତାନ କାମନା ନ କଲେ ମଧ୍ୟ ଏହାଦ୍ୱାରା ତାଙ୍କର ସୃଷ୍ଟି-ପ୍ରସାର କାର୍ଯ୍ୟ ଆଗେଇଚାଲିବ । ଏହାକୁ ଏଡ଼ାଇବାର ଜୁ' ନାହିଁ । ମନୁଷ୍ୟର ବୁଦ୍ଧି ଦ୍ୱାରା ଯେତେ ପ୍ରକାର ଫିକର କରୁଥାଉ ତାଙ୍କର ଉଦ୍ଦେଶ୍ୟ ଠିକ୍ ହିଁ ସିଦ୍ଧ ହେବ ।''

ମୁଁ ଜିଜ୍ଞାସା କଲି, ''ଏହି ଯେଉଁ ଇନ୍ଦ୍ରିୟ ସୁଖ—ଏହାର ବିନିମୟରେ ସୃଷ୍ଟିର ସହାୟତା କଥା କହିଲେ, ସେହି ସୁଖଟି ତ ଶରୀର ଆଉ ଇନ୍ଦ୍ରିୟ ମଧ୍ୟରେ ସୀମାବଦ୍ଧ, କୌଣସି ତତ୍ତ୍ୱ ଅନୁଭୂତିର ଯେଉଁ ଆନନ୍ଦ, ତାହା କ'ଣ ଏହି ମୈଥୁନଠାରୁ ଉଚ୍ଚସ୍ତରର ନୁହେଁ ?''

ସେ କହିଲେ, ''ସେଥିରେ ତ କୌଣସି ସନ୍ଦେହ ନାହିଁ । କିନ୍ତୁ ବିପଦ ଏଇଠି ଯେ ମନୁଷ୍ୟ ମଧ୍ୟରେ ଏକ ଦଳ, ବେଶ୍ ବଡ଼ ଏକ ଦଳ ଅଛନ୍ତି ଯେଉଁମାନେ ଇନ୍ଦ୍ରିୟ ସୁଖଟିକୁ ହିଁ ମୁଖ୍ୟ ବୋଲି ଧରିନେଇଛନ୍ତି । କେବଳ ଧରିନେବା କଥା ନୁହେଁ, ପୂରାଭାବରେ ସଂସ୍କାରଗତ କରି ନେଇଛନ୍ତି—ଏପରି ଧରିନେଇଛନ୍ତି, ଯେପରି ଏହି କର୍ମ ଲାଗି ହିଁ କେବଳ ବଞ୍ଚିରହିବା—''

''ଅବଶ୍ୟ ଅତ୍ୟନ୍ତ ଜଡ଼ବୁଦ୍ଧି ମୂର୍ଖ ପ୍ରକୃତିର ।''

ବାଧା ଦେଇ ସେ ଚିତ୍କାର କରି କହିଲେ, ''ହେଇରେ ଶଳା ବୋକାରାମ୍, ତୁ ଯେପରି ଆକାଶରୁ ପଡ଼ିଛୁ ! ତୁ ପାଗଳାମି କରନା । ତୋ'ର ଏହି ସଭ୍ୟ ଭଦ୍ର ଇଂରାଜୀ-ପଢ଼ା ଏଡୁକେଟେଡ୍ (Educated-ଶିକ୍ଷିତ) ବିଦ୍ୱାନ୍ ବୁଦ୍ଧିମାନ ସମାଜର ମନୁଷ୍ୟ ହିଁ ବେଶୀ ଭାଗରେ ଏହି ଦଳର । ଯେଉଁମାନେ ଯଥାର୍ଥରେ ଅସଭ୍ୟ ବା ମୂର୍ଖ, ଖଟିଖାଟି ଖାଆନ୍ତି, ସେମାନେ ଅନେକ ସଂଯତ ଭାବେ ଇନ୍ଦ୍ରିୟ ଭୋଗ କରନ୍ତି, ସେମାନେ ଏବେ ମଧ୍ୟ ପ୍ରକୃତି ବଶରେ ଅନେକାଂଶରେ ଚଳନ୍ତି, ପ୍ରକୃତି ସଙ୍ଗେ ସେମାନଙ୍କର ସମ୍ପର୍କର ଘନିଷ୍ଠତା ବେଶୀ ! ଏକଥା କ'ଣ ତୁ ଜାଣିନାହୁଁ, ଅଥଚ ସହରରେ ରହିଛୁ ! ଆଚ୍ଛା କହିଲୁ ଦେଖି, ପୁରୁଷତ୍ୱହୀନତା,

ଅଜୀର୍ଣ୍ଣ, ହୃଦରୋଗ, ସ୍ନାୟୁରୋଗ, ପକ୍ଷାଘାତ, ବାତ, ମୂତ୍ରରୋଗ, ଯକ୍ଷ୍ମା—ଏ ସମସ୍ତ ରୋଗ ଭଦ୍ରବ୍ୟକ୍ତିଙ୍କର ଅଧିକ ନା ଛୋଟ ଅଶିକ୍ଷିତ ଲୋକଙ୍କଠାରେ ଅଧିକ ?

''—ତାହା ସତ,—ଏହି ସବୁ ରୋଗ ଅବଶ୍ୟ ଭଦ୍ରଲୋକଙ୍କ ମଧ୍ୟରେ ବେଶୀ—ତାହା ଖବରକାଗଜ, ବିଜ୍ଞାପନରୁ ଜଣାପଡ଼େ ।''

''—ତୁ ଏକଥା ଜାଣୁନା, ବିଦ୍ୟା-ବୁଦ୍ଧି ସଙ୍ଗେ ବେଶୀ ପରିଚୟ ନ ହେଲେ ବେଶୀ । ସଭ୍ୟ ନ ହେଲେ, ଇନ୍ଦ୍ରିୟ ସୁଖର ଏତେ ବେଶୀ ବ୍ୟଭିଚାର ଆସିବ କେଉଁଠୁ ? ସରଳ ବୁଦ୍ଧି, ଅସଭ୍ୟ ମୂର୍ଖଲୋକେ ଏହି ସମସ୍ତ ଅବୈଧ ଇନ୍ଦ୍ରିୟଚାଳନା ପ୍ରବୃତ୍ତି, ସାହସ ପାଇବେ କେଉଁଠାରୁ ? ହେଇରେ ଶଳା, ତୁ ସୟତାନଙ୍କର ପରିଚୟ ଜାଣିନାହୁଁ, ସେମାନେ ଯେ ବିଦ୍ୟାବୁଦ୍ଧିରେ ଭଗବାନଙ୍କର ଆତ୍ମୀୟ, ସେମାନେ କ'ଣ ମୂର୍ଖ-ଅସଭ୍ୟ ଦଳଙ୍କୁ ନେଇ ବ୍ୟବସାୟ କରିଥାନ୍ତି ?''

''ଆପଣ କ'ଣ କହୁଛନ୍ତି ଯେ କାମେନ୍ଦ୍ରିୟ ଓ ରସନା ଆଦିର ସଂଯମ ତଥା ସଂସାର-ଠାରୁ ଟିକିଏ ପ୍ରଭେଦ ବା ପୃଥକ୍ ହୋଇ ସାଧନ କରିବାର କ'ଣ ପ୍ରୟୋଜନ ନାହିଁ ?''

''କାହିଁକି ଘରେ ଥାଇ ସଂଯମ ରକ୍ଷା କରିବାର ପ୍ରତିବନ୍ଧକଟି କେଉଁଠାରେ ? ଘରେ ଯଦି ବାଧା ଥାଏ, ତେବେ ବାହାରେ ତାହା ବାଧାହୀନ ହେବ କିପରି ? ଯାହା ଯଥାର୍ଥ ବାଧା, ତାହା ତ ତୋ' ସହିତ ଅଛି, ରହିବ ମଧ୍ୟ । ତନ୍ତ୍ର-ମତରେ ଯେଉଁ ସାଧନ, ସେଇଟା ଯେ ତୋ'ର ଗାର୍ହସ୍ଥ୍ୟ ଧର୍ମର ଅନୁକୂଳ—ମୁଁ ତୋତେ ତାହା ଗ୍ରହଣ କରିବାକୁ କହୁନାହିଁ, ତେବେ ତୁ ତନ୍ତ୍ରମତର ସାଧନାର ଉଦ୍ଦେଶ୍ୟ ଜାଣିବାକୁ ଚାହୁଁଥିବାରୁ ସେଥିଲାଗି କହୁଛି ।''

''ବାସ୍ତବିକ ଧର୍ମ ନାମରେ ବା ସାଧନା ଲାଗି ପଞ୍ଚ-ମ-କାରର ଅନୁଷ୍ଠାନ, ଯେଉଁଟା ରାଜସିକ ଓ ତାମସିକ ଭୋଗ ଓ ଅଧର୍ମ ବୋଲି ଆମେ ଜାଣିଛୁ, ତାକୁ ଧର୍ମ ବୋଲି ଗ୍ରହଣ କରିନେଇ ସାଧନା କରିବାର ଯଥାର୍ଥ ଉଦ୍ଦେଶ୍ୟ ହିଁ ବା କ'ଣ ତାହାହିଁ ଜାଣିବାକୁ ମୋ'ର କୌତୂହଳ ଜାଗ୍ରତ ହୁଏ । ଗୋଟିଏ ଧର୍ମରେ ଯେଉଁଠାରେ ସେ ସମସ୍ତ ତ୍ୟାଗ କରିବାକୁ ଉପଦେଶ ଦିଆଯାଇଥାଏ, ଅନ୍ୟ ଧର୍ମରେ ସେସବୁକୁ ସାଧନାର ଅଙ୍ଗ କହି ଉତ୍ସାହ ଦେବାଟା କାହିଁକି ହେଲା, ତାହା କ'ଣ ଆଲୋଚନାର ବିଷୟ ନୁହେଁ ? ଏହିସବୁ କଥା ଆମ ସମସ୍ତଙ୍କର ଭଲ ଭାବରେ ଜାଣିବା ପ୍ରୟୋଜନ—ମୋ'ର ତ ତାହା ହିଁ ମନେହୁଏ ।''

ସେ କହିଲେ, ''ଏଇଟା ଭଲ ବୁଦ୍ଧି—କେତେ ଅଧିକ ଭାଗ୍ୟ ଫଳରେ ଧର୍ମ ସମ୍ବନ୍ଧରେ ଅନୁସନ୍ଧାନର ଇଚ୍ଛା ଜାଗ୍ରତ ହୋଇଥାଏ, ତା'ପରେ ଏହି ସକଳ କଥା ଜାଣିବାର ଚେଷ୍ଟା ମନୁଷ୍ୟ ମଧ୍ୟରେ ସୃଷ୍ଟି ହୁଏ— ତାକୁ କ'ଣ ବାଦ୍ ଦେବା କଥା ? ତୁ କ'ଣ ଦେଖୁନାହୁଁ, ଏପରି ସୁନ୍ଦର ବ୍ୟାବହାରିକ ଧର୍ମ, ଏପରି ସହଜ ଓ ସତ୍ୟ ଭାବକୁ ନେଇ ପ୍ରତିଷ୍ଠିତ ଧର୍ମ ଆଉ କେଉଁଠି ଅଛି ? ମାନବ ପ୍ରକୃତି ସହ ମେଳ ରଖି ତନ୍ତ୍ର-ଶାସ୍ତ୍ରର ସାଧନ । ଏଥିରେ କିଛି ହିଁ ଅବାନ୍ତର, କୌଣସି ବାଜେ ଆଡ଼ମ୍ବର ନାହିଁ । ଦେଖୁନାହୁଁ, ମନୁଷ୍ୟର ଯୌବନ

ଆରମ୍ଭରେ ସାଧନାର ପ୍ରାରମ୍ଭ—ସେହି ସାଧନାରେ ଏପରି ପୁଷ୍ଟିକର ସ୍ୱାଭାବିକ ଉପକରଣ, ମନୋବୃତ୍ତିର ସଙ୍ଗେ ମିଳିତ କରି ସାଧନାର ଏହି ଅନୁଷ୍ଠାନ ରହିଛି ! ଆଉ କୌଣସି ଧର୍ମରେ ତାହା ନାହିଁ । ପ୍ରବୃତ୍ତିମାର୍ଗକୁ ନେଇ ତନ୍ତ୍ରର ସାଧନା, ଯାହାକୁ ନେଇ ପ୍ରକୃତି ସହ କୌଣସି ବିରୋଧ ନଥାଏ ।''

''ସମସ୍ତ ଧର୍ମର ଯେଉଁ ଉଦ୍ଦେଶ୍ୟ, ତନ୍ତ୍ରଧର୍ମର ମଧ୍ୟ ସେହି ଉଦ୍ଦେଶ୍ୟ—ମୁକ୍ତିଲବ୍ଧ ଜୀବର ସ୍ୱରୂପରେ ଅଖଣ୍ଡ ସଚ୍ଚିଦାନନ୍ଦର ଅନୁଭୂତି । ଯେତେବେଳେ ପାଶବଦ୍ଧ ଅବସ୍ଥାରେ ଥାଏ, ସେତେବେଳେ ସେ ଜୀବ, ପାଶମୁକ୍ତ ହେଲେ ହିଁ ସେ ଶିବ । ଏବେ ଏହି ପାଶରୁ ଜୋର୍ କରି ତ ମୁକ୍ତ କରି ହୁଏ ନାହିଁ, ଏହାର ଏକ କ୍ରମପଦ୍ଧତି ରହିଛି, ସେହି କ୍ରମରେ, ସେହି ଧାରାରେ ଚାଲିପାରିଲେ ପାଶମୁକ୍ତ ହେବାଟା ସହଜ ହୋଇପଡ଼େ । ଆଉ ତାହା ହିଁ ହେଲା ତନ୍ତ୍ରର ଧର୍ମ । ଯେଉଁ ଚୈତନ୍ୟଶକ୍ତି ଏହି ଜଗତର ପ୍ରପଞ୍ଚକୁ ଭେଦ କରିପାରେ, ତାହା ଆମର ପ୍ରତ୍ୟେକଙ୍କ ଭିତରେ ପ୍ରଥମେ ସୁପ୍ତ ଥାଏ, ଅବିକଶିତ ଅବସ୍ଥାରେ ଥାଏ । ଯେପରି, ଘୁମନ୍ତ ଅବସ୍ଥାରେ ଆମର ଜ୍ଞାନ ରହେ ନାହିଁ, ଜାଗ୍ରତ ହେଲେ ହିଁ ମୁଁତ୍ୱ ଜ୍ଞାନ, ଜଗତ ବିଷୟକ ଜ୍ଞାନ ଆସିଥାଏ, ସେହିପରି ଏହି କୁଣ୍ଡଳିନୀ ଶକ୍ତି ଯେତେବେଳେ ସୁପ୍ତ, ସେତେବେଳେ ଆତ୍ମଚୈତନ୍ୟ ଓ ଏ ସକଳ ଜଗତ ପ୍ରପଞ୍ଚର କାରଣ ଜ୍ଞାନ ମଧ୍ୟ ସୁପ୍ତ ଓ ଅବିକଶିତ ଅବସ୍ଥାରେ ଥାଏ । ଏହା ହିଁ ବୈଜ୍ଞାନିକ ସତ୍ୟ । ତନ୍ତ୍ରଧର୍ମ ପ୍ରକୃତରେ ଯୋଗଶାସ୍ତ୍ର-ଅନୁଗତ ଧର୍ମ । ତା' ଭିତରେ ନୈତିକ ଆବର୍ଜନାର କିଛି କଚଡ଼ା ନାହିଁ ବୋଲି ନୀତିବାଗୀଶଗଣ ମୂଳର ତନ୍ତ୍ରସାଧନକୁ ଘୃଣା କରନ୍ତି, ହେୟଜ୍ଞାନ କରନ୍ତି ।''

''ନୀତିକୁ ଆବର୍ଜନା କହୁଛନ୍ତି ? ସକଳ ଧର୍ମର ପ୍ରଥମ ପାବଚ୍ଛ ହେଲା ନୀତି, ନୁହେଁ କି ?''

''ଏହି ନୀତି-ଶାସ୍ତ୍ରର ଶାସନ ଦ୍ୱାରା ହିଁ ସକଳ ଧର୍ମ ବିକୃତ ହୋଇଛି । ପ୍ରକୃତି ସଙ୍ଗେ ପ୍ରତ୍ୟକ୍ଷ ସମ୍ବନ୍ଧ ଯେଉଁଠି, ସେଠି ନୀତିର ପ୍ରୟୋଜନ୍ ବା ଉପଯୋଗିତା କେଉଁଠାରେ ?— ପ୍ରତ୍ୟେକ ଧର୍ମରେ ହିଁ ଏହି ନୀତିର ବୋଝକୁ ଚାପିଦେବା ଫଳରେ ହିଁ ମନୁଷ୍ୟର ପ୍ରକୃତି ସଙ୍ଗେ ସଂଘର୍ଷ ସୃଷ୍ଟି ହୋଇଛି, ସେଥିଲାଗି ହିଁ ତ ଏତେ ଭାଣ୍ଡାମି, ମିଥ୍ୟାଚାର, ସମାଜରେ ନିର୍ଲଜ୍ଜ ଭାବେ ଚଳି ଯାଉଛି, ଯାହାର ପ୍ରତିବାଦର ଶକ୍ତି ପର୍ଯ୍ୟନ୍ତ ମଧ୍ୟ ମନୁଷ୍ୟର ଏବେ ନାହିଁ । ତନ୍ତ୍ର ସାଧନରେ ସେଥିଲାଗି ନୀତିର ଏତେ ଟଣାଟଣି ନାହିଁ । କାରଣ ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି ନେଇ ହିଁ ଏହାର ପ୍ରକୃତ କାର୍ଯ୍ୟ, ଆଉ ତାହାରି ସହ ହିଁ କେବଳ ସମ୍ବନ୍ଧ ।''

''ଜୀବଧର୍ମ ଅନୁସାରେ ଯୌବନ ସମୟରେ ଯେଉଁ ପ୍ରବୃତ୍ତିମାନ ଜାଗି ଉଠେ, ତାକୁ ହିଁ ନେଇ ଏହି ତାନ୍ତ୍ରିକ ସାଧନର ଆରମ୍ଭ । ଯୌବନରେ ପ୍ରଥମେ ଆକାଂକ୍ଷାର ବସ୍ତୁ କ'ଣ ? ପୁଷ୍ଟିକର ଖାଦ୍ୟ । ଯେଉଁ ସମୟରେ ଯେଉଁ ସମାଜରେ ତନ୍ତ୍ରର ଆବିର୍ଭାବ ହୋଇଥିଲା ସେ ସମୟରେ ମଦ୍ୟପାନ ସାଧାରଣଙ୍କ ଭିତରେ ପ୍ରଚଳିତ ଥିଲା । ଶରୀରର ସ୍ଫୂର୍ତ୍ତି ବଢ଼ାଇବା ଲାଗି ଏକସମୟରେ ଏହିପରି କିଛି ନା କିଛି ନିଶା ବା ମାଦକ ଦ୍ରବ୍ୟର ପ୍ରଚଳନ ଥିଲା ସକଳ

ସମାଜରେ । ତାହା ଦୋଷର ବ୍ୟାପାର ନଥିଲା । ମଦର ଦୋଷ ଅଛି, ସର୍ବକାଳରେ ଅଛି । ତାକୁ ଯିଏ ଖାଆନ୍ତି, ତାହାକୁ ନେଇ ସେହି ପ୍ରକୃତି ଘଟୁଥିଲା । ଯାହାର ଯେପରି ପ୍ରକୃତି ଦା ଗୁଣ, ମଦ ଖାଇଲେ ତାହାର ସେହି ଭାବର ଉଦ୍ଦୀପନା ହୋଇଥାଏ । ସ୍ୱାଭାବିକ ଶରୀର, ମନର ସ୍ଫୂର୍ତ୍ତି ଲାଗି ହିଁ ସେତେବେଳେ ତାହାର ବ୍ୟବହାର ଥିଲା, ଏବେ ମଧ୍ୟ ଅଛି । ସେଥିଲାଗି ମଦକୁ ପ୍ରଥମେ ହିଁ ରଖିଥିଲେ, ଯେଉଁଥିପାଇଁ ତାହା ସ୍ଫୂର୍ତ୍ତିର ମାତ୍ରା ବଢ଼େଇଦେଇଥାଏ । ତାହାପରେ ମତ୍ସ୍ୟ-ମାଂସ । ପୁଷ୍ଟିକର ଖାଦ୍ୟ ହିସାବରେ ମତ୍ସ୍ୟ-ମାଂସର କଥା କେଉଁ ଶକ୍ତିକୁ ନେଇ, ସେ କଥା ଆଉ ବେଶୀ ବୁଝାଇ ଦେବାକୁ ହେବ ନାହିଁ ।''

''ଶାକ୍ତଙ୍କ ବ୍ୟତୀତ ଆଉ ଯେଉଁମାନେ ଅଛନ୍ତି, ତାହାଙ୍କର ମଧ୍ୟ—''

''ସମସ୍ତେ ହିଁ ଶାକ୍ତ—ଯିଏ ଶକ୍ତି ଚାହେଁ, ଉପାସନା କରୁ ବା ନକରୁ, ପ୍ରତ୍ୟେକ ବ୍ୟକ୍ତି ହିଁ ଶାକ୍ତ । ମୁଁ ଜାଣିଛି, ସେ ସମୟରେ ଯେପରି ଥିଲା, ଏବେ ମଧ୍ୟ ସେହିପରି ଅଛି । ସମସ୍ତ ମନୁଷ୍ୟ ହିଁ ଅନ୍ତରରେ ଶାକ୍ତ । ଜୀବର ପ୍ରଥମ ପ୍ରବଣତା ଶକ୍ତିମୁଖୀ, ଯିଏ ତାହା ଅସ୍ୱୀକାର କରିବ, ସେ ଭଣ୍ଡ, ମିଥ୍ୟାଚାରୀ ।''

■■

ଅଷ୍ଟାଦଶ ପରିଚ୍ଛେଦ

ଅଘୋରୀଙ୍କ ବଚନ ବଡ଼ କଟୁ । ପ୍ରସିଦ୍ଧ ତାନ୍ତ୍ରିକ ସାଧୁ, ଯିଏ ସାଧାରଣଙ୍କ ମଧ୍ୟରେ ଉଚ୍ଚଶ୍ରେଣୀର ସାଧୁ ବୋଲି ପରିଚିତ, ସେମାନଙ୍କ ପ୍ରତି ଅନେକେ ଅବଜ୍ଞା ପ୍ରକାଶ କଲେ । ତାଙ୍କର ଆଜିକାଲିର ତାନ୍ତ୍ରିକ ଭୈରବ ବା କାପାଳିକଙ୍କ ପ୍ରତି ଆଦୌ ଶ୍ରଦ୍ଧା ନାହିଁ । କଥାପ୍ରସଙ୍ଗରେ ତାଙ୍କ ନିକଟରୁ ଯାହା କିଛି ଶୁଣିଲି, ସେଥିରୁ କେଉଁ କାରଣ ଯୋଗୁ, ସେମାନଙ୍କ ପ୍ରତି ଅଶ୍ରଦ୍ଧା, ତାହା ମୁଁ ନିଜ ଭାଷାରେ କହୁଛି ।

ତନ୍ତ୍ରମତରେ ସାଧନ ପଥରେ ଅଗ୍ରସର ହେଲେ, ଠିକ୍ ରୂପେ ନିଷ୍ଠାର ସହ ସାଧନ ଚାଲୁ ରହିଲେ, କେତେଗୁଡ଼ିଏ ଅଦ୍ଭୁତ ଶକ୍ତିର ବିକାଶ ହୁଏ । ସେହି ସମୟର ଗୁଣ ନେଇ ଅନେକଙ୍କର ଅଭିଚାର-କ୍ରିୟା ଉପରେ ପ୍ରବଳ ଅନୁରାଗ ଉପସ୍ଥିତ ହୁଏ । ମନ ମଧ୍ୟରେ ଶକ୍ତି ଚାଳନାର ପ୍ରବୃତ୍ତି ଦେଖାଯାଏ । ଅବଶ୍ୟ ତାହା ଲୋକଙ୍କର ଉପକାର ଲାଗି କରାଯାଏ । ଏହିପରି ଏକ ମନୋଭାବ ତାଙ୍କ ମଧ୍ୟରେ ପ୍ରଥମେ ଥାଏ ସତ, କିନ୍ତୁ ମନୁଷ୍ୟର ସ୍ୱଭାବରେ ଯେତେ କିଛି ରାଗଦ୍ୱେଷ, ତାହା ତ ତାଙ୍କ ମଧ୍ୟରେ ହିଁ ରହିଥାଏ, ସୁତରାଂ ସେମାନେ ନିଜ ସ୍ୱାର୍ଥରେ କ୍ରମଶଃ ତାହା ପ୍ରୟୋଗ କରିଥାଆନ୍ତି । ପ୍ରଧାନତଃ ସେମାନେ ଚାରିଗୋଟି ପ୍ରବଳ ଶକ୍ତିର ଚାଳନା କରନ୍ତି ଏବଂ ନିଜର ସର୍ବନାଶ କରି ଉଚ୍ଛନ୍ନ ହୋଇଯାଆନ୍ତି । ତାହା ହେଲା ମାରଣ, ଉଚ୍ଚାଟନ, ବଶୀକରଣ ଓ ସ୍ତମ୍ଭନ । ଏହା ବ୍ୟତୀତ ଅନ୍ୟ ଯାହା କିଛି, ତାହା ମଧ୍ୟ ଭୂତସିଦ୍ଧିର ଫଳ । ଅନେକାଂଶରେ ତାହା ମ୍ୟାଜିକ କିମ୍ବା ଭେଳିକିବାଜି ପରି—ତାହା ଦେଖି ଅତ୍ୟନ୍ତ ସ୍ଥୂଳବୁଦ୍ଧି ମନୁଷ୍ୟମାନେ ମୋହିତ ହୋଇଯାଆନ୍ତି—ଏହାଦ୍ୱାରା କର୍ମ-କର୍ତ୍ତାଙ୍କର ସାଧନ ଜୀବନରେ କିଛି କ୍ଷତି ହୋଇଥାଏ ସତ, କିନ୍ତୁ ସେତେ ବେଶୀ ନୁହେଁ । ମାତ୍ର ଯେଉଁମାନେ ଉଚ୍ଚଶକ୍ତିର ଚାଳନା କରନ୍ତି, ଆମର ସମସ୍ତ ମନୁଷ୍ୟଙ୍କ ଉପରେ ଶକ୍ତି ପ୍ରୟୋଗ କରି ନିଜ ସ୍ୱାର୍ଥସିଦ୍ଧି କରିଥାନ୍ତି, ସେମାନଙ୍କର ଦୁର୍ଗତିର ଆଉ ସୀମା ନ ଥାଏ । ପ୍ରକୃତିର ସାଧାରଣ ନିୟମ ଉପରେ ହସ୍ତକ୍ଷେପ କଲେ ତାହାର ଫଳ ଭୋଗକରିବାକୁ ପଡ଼ିଥାଏ । ସୃଷ୍ଟି ମଧ୍ୟରେ ସେହି ନିୟମଟି ଅଲଂଘନୀୟ—ଜୀବଙ୍କ ପକ୍ଷେ ତାହା କଲ୍ୟାଣକର । ତଦ୍ୱାରା ଯିଏ କଲ୍ୟାଣ କ'ଣ ଜାଣିପାରେ ନାହିଁ, ତାହାର ବୁଦ୍ଧିରେ କିଛିଟା ସଇତାନି ପ୍ରଭାବ ପଡ଼ିଛି ବୋଲି ବୁଝିବାକୁ ହେବ । ଯାହା କିଛି ବାସ୍ତବ ତା' ଉପରେ ନିରନ୍ତର ଅଭ୍ୟାସ ଫଳରେ ଅହଂ ଶକ୍ତିଗତ ହୁଏ—ତାହାକୁ ହିଁ କହିଥାଉ ସଇତାନ ।

ତନ୍ତ୍ର ମଧ୍ୟରେ ଆତ୍ମଜ୍ଞାନ ବା ମୁକ୍ତିର ସାଧନା ହିଁ ମୁଖ୍ୟ– ଅଭିଚାର ଆଦି ଗୌଣ ଓ ଅବାନ୍ତର । ପାତଞ୍ଜଳୀ ଯୋଗ-ଦର୍ଶନ ମଧ୍ୟରେ ଯେପରି ସାଧନାଦିର ଓ ଆତ୍ମତତ୍ତ୍ୱ-ଜ୍ଞାନ ଲାଭର ସୁନ୍ଦର ଉପାୟମାନ ନିର୍ଦ୍ଦେଶିତ ହୋଇଛି, ପୁଣି ସେଥିରେ ବିଭୂତିବାଦ ମଧ୍ୟ ଅଛି, କିନ୍ତୁ ତାହା ମୁଖ୍ୟ ନୁହେଁ । ତନ୍ତ୍ରପଥରେ ରଜ ଓ ତମୋଗୁଣୀ କେତେକ ସାଧକ କିଛିଦୂର ଅଗ୍ରସର ହୋଇସାରିବା ପରେ ଗୋପନରେ ଅଭିଚାର ପଥକୁ ଆଦରନ୍ତି । ଅହଂ ଶକ୍ତିମାନ–ଏହାର ପରିଚୟ ଥାଇ ଶିଷ୍ୟ ସମ୍ପ୍ରଦାୟଙ୍କ ଉପରେ ଆଧିପତ୍ୟ, ଅର୍ଥ ଓ ନାନାପ୍ରକାର ଭୋଗ-ସୁଖର ଏବଂ ପ୍ରତିପତ୍ତିର ଲୋଭ ସେମାନଙ୍କ ଜୀବନରେ ଜୀବନ୍ତ ହୋଇଉଠେ । ସେତେବେଳେ କେଉଁଆଡ଼େ ଥାଏ ମୋକ୍ଷସାଧନ, ଆଉ କେଉଁଠାରେ ବା ଥାଏ ଇଷ୍ଟଲାଭ ! ସେତେବେଳେ ରଜ ଓ ତମୋଗୁଣର ଲୀଳା ଅବାଧରେ ଚାଲିଥାଏ । ଫଳରେ ଆୟୁକାଳ ଶେଷ ହେଲେ, ସେମାନଙ୍କର ଯେଉଁ ଦୁର୍ଗତି ହୁଏ, ତାହା ଆଉ କହିବା କଥା ନୁହେଁ ।

ସାଧାରଣ ବ୍ୟକ୍ତି ସେମାନଙ୍କୁ ଦେଖି ଭଳିଯାଆନ୍ତି । ତାହାର କାରଣ ହେଲା, ସାଧନ ଅବସ୍ଥାରେ ସେମାନଙ୍କ ଶରୀରରେ ଲାବଣ୍ୟ ଫୁଟିଉଠେ । ମନୁଷ୍ୟ ମାତ୍ରେ ହିଁ, ଯେଉଁମାନଙ୍କର ଆତ୍ମଚୈତନ୍ୟର ବିକାଶ ଘଟି ନାହିଁ, ସେମାନଙ୍କ ରୂପ ଦେଖି ସହଜରେ ମଜିଯାଆନ୍ତି । ଉଜ୍ଜ୍ୱଳ ଚକ୍ଷୁ, ଜଟାଜୁଟ, ଶରୀରର ଲାବଣ୍ୟ ଦେଖିଦେଇ ଆକୃଷ୍ଟ ହୁଅନ୍ତି, ସେହି ରୂପର ପ୍ରଭାବରେ ସେମାନେ ଝାମ୍ପି ପଡ଼ନ୍ତି । ବସ୍ତୁତଃ ତଦ୍ଦ୍ୱାରା ସାଧନାର ଅହଂକାର ବୃଦ୍ଧି ପାଇଥାଏ । ପରିଣାମରେ ଯାହା ଘଟେ, ସେ ସମ୍ବନ୍ଧରେ ଆଲୋଚନା କରିବା ନିଷ୍ପ୍ରୟୋଜନ ।

ମୁଁ ଅଘୋରୀଙ୍କୁ ପ୍ରଶ୍ନ କଲି, ''ସାଧକର ଭୈରବୀ ରଖିବାର ଉଦ୍ଦେଶ୍ୟ କ'ଣ ?''

ସେ କହିଲେ, ''ଉଦ୍ଦେଶ୍ୟ ଏହି ଯେ ପୁରୁଷ-ଅଭିମାନୀ ପ୍ରକୃତି ଯାହାର, ତାହାର ନାରୀ-ପ୍ରକୃତିର ସଂଯୋଗ ଫଳରେ ଆତ୍ମଚୈତନ୍ୟର ଉଦ୍‌ବୁଦ୍ଧ କାର୍ଯ୍ୟରେ ସହାୟତା କରେ, ଦୁଇଟି ଆତ୍ମାର ମିଳନରେ ଯେଉଁ ମହତ୍ ଫଳ ଉତ୍ପନ୍ନ ହୁଏ, ତଦ୍ଦ୍ୱାରା ଦୁଇଟି ଜୀବନ ସାର୍ଥକତା ଲାଭ କରେ । ଯଥାର୍ଥ ସାଧକର ଲାମ୍ପଟ୍ୟ-ଦୋଷ ରହେ ନାହିଁ, ସେ ଜଣକୁ ନେଇ ତା'ର ସାଧନା ଶେଷ କରିପାରେ । ନର୍କକୁ ଘାଣ୍ଟିବା ତ ତା'ର ଉଦ୍ଦେଶ୍ୟ ନୁହେଁ–ଉଦ୍ଦେଶ୍ୟ ଆମର ବାହ୍ୟ କାମମୟ ଜୀବନର ପରିସମାପ୍ତି ଘଟାଇବା, ସଫଳକାମ ହେବା । ଏପରି ସାଧନା ଏହି ତନ୍ତ୍ର ମଧ୍ୟରେ ରହିଛି, ଯଦ୍ଦ୍ୱାରା ଊର୍ଦ୍ଧ୍ୱରେତା ହୋଇ, ବିନା ଭୈରବୀରେ କୌଣସି ସ୍ତ୍ରୀ-ସଙ୍ଗ ନ କରି ସିଦ୍ଧିଲାଭ କରାଯାଇଥାଏ । କିନ୍ତୁ ସେସବୁ ଏ ସମୟରେ କେହି ଚାହେଁ ନାହିଁ, ସ୍ଥୂଳ ଇନ୍ଦ୍ରିୟର ଏତେ ମୋହ ଥିଲେ ତା'ର ଆଦୌ ଊର୍ଦ୍ଧ୍ୱ ଦିଗକୁ ଲକ୍ଷ୍ୟ ଆଦୌ ଯିବ ହିଁ ନାହିଁ ।''

''ଇଚ୍ଛା ଥିଲେ କେହି କ'ଣ ଊର୍ଦ୍ଧ୍ୱରେତା ହୋଇପାରେ ?''

''ତା' କିପରି କରି ହେବ ! ଯାହାର କର୍ମକ୍ଷେତ୍ରରେ ଜୀବସୃଷ୍ଟିର ଅଳ୍ପ-ବିସ୍ତର ଯୋଗାଯୋଗ ରହିଛି ତା'ର ଊର୍ଦ୍ଧ୍ୱରେତା ହେବାର ସୁଯୋଗ ଘଟିବ ନାହିଁ । ଜନ୍ମ-ଜନ୍ମାନ୍ତରର କର୍ମପ୍ରବଣତା ଶେଷ ନ ହେଲେ କେହି ଊର୍ଦ୍ଧ୍ୱରେତା ହୋଇପାରିବ ନାହିଁ ।''

ଆସଲ କଥା, ଊର୍ଦ୍ଧ୍ୱରେତା ହେବାଟା ହିଁ ଉଦ୍ଦେଶ୍ୟ ନୁହେଁ । ଉଦ୍ଦେଶ୍ୟ ହେଲା, ଆମର ଆନନ୍ଦମୟ ଜୀବନ, ଦୁଃଖଠାରୁ ନିବୃତ୍ତି । ଯେଉଁ ସମୟରେ ଆମର ଯୌବନ-କାଳରେ ନାରୀ ପ୍ରତି ଆସକ୍ତି ସହଜ ଭାବେ ଆସିଥାଏ, ସେତେବେଳେ ସେଥିରୁ ଜୋର କରି ମନକୁ ଫେରାଇବା ପ୍ରବୃତ୍ତି ତନ୍ତ୍ର-ଶାସ୍ତ୍ରରେ ଅନୁମୋଦିତ ହୋଇନଥାଏ । ଅସ୍ୱାଭାବିକ ପଥରେ ଯିବାର କୌଣସି ଦରକାର ନଥାଏ । ତାହା ମଧ୍ୟ ସମ୍ଭବ ନୁହେଁ । ମାତ୍ର ମଣିଷଙ୍କ ମଧ୍ୟରେ ଯାହାର ମସ୍ତିଷ୍କ ଉର୍ବର, ସେ ଏକ ନୂତନ କିଛି କରିବା ବା ଦେଖିବା ପାଇଁ ଥରଟିଏ ମାତ୍ର ଦେଖିଚାହିଁ ଆଗେଇଥାଏ । ଯଦି ହଠାତ୍ ଥରେ ମାତ୍ର ଊର୍ଦ୍ଧ୍ୱରେତା ହୋଇପାରିବା ସମ୍ଭବ ହୁଏ, ଯଦି ପରିମିତ ନାରୀ ସଙ୍ଗ କରାଯାଏ ଓ ତଦ୍ୱାରା ବ୍ୟଭିଚାର ନ ହୁଏ, ତା'ହେଲେ ମନୁଷ୍ୟର ଅଧ୍ୟାତ୍ମମାର୍ଗ ଦ୍ୱାରା ଯେତେ କିଛି ଉନ୍ନତି ପ୍ରାପ୍ୟ, ସେ ସମସ୍ତ ହିଁ ନିର୍ବିବାଦରେ ଆସିଯାଇଥାଏ । ସେ ମାନବ ଜୀବନର ଫଳ ସ୍ୱରୂପ ଷୋଳ-ଅଣା (ସମ୍ପୂର୍ଣ୍ଣ ରୂପେ) ହିଁ ପାଇଥାଏ । ଅଧିକ ଆଗେଇଯିବା ସବୁ ସମୟରେହିଁ ଅନିଷ୍ଟକର । ବେଶୀ ଭାଗ ହେଲା, ମନୁଷ୍ୟର ଭୋଜନ ଓ ଇନ୍ଦ୍ରିୟ ସୁଖର ଲୋଭ ଅତ୍ୟଧିକ ଭାବେ ଏପରି ପ୍ରବଳ ଥାଏ ଯେ ଜୀବନର ଅନ୍ୟାନ୍ୟ କର୍ମ ଗୌଣ ହୋଇଯାଏ—ସେମାନେ ଏହି ଦୁଇଟି ଯୋଗୁ ହିଁ ଅନ୍ୟାନ୍ୟ କର୍ମମାନ କରିଥାନ୍ତି । ତା' ଲାଗି ସେ ଫଳ ଭୋଗ ମଧ୍ୟ କମ୍ କରେ ନାହିଁ । ପ୍ରକୃତି ସେମାନଙ୍କୁ ବ୍ୟବହାର କରି ବିସ୍ତର ଜୀବସୃଷ୍ଟି କରାଇନିଏ, ପ୍ରତିପାଳନ କରାଇନିଏ—ପୁଣି ସେହି ସନ୍ତାନଙ୍କ ଦୁର୍ବ୍ୟବହାର ଦ୍ୱାରା ତାଙ୍କୁ ଦଣ୍ଡିତ କରାଇଥାଏ । ମୋଟ୍ କଥା, ସେ ଇନ୍ଦ୍ରିୟ ସୁଖକୁ ମୁଖ୍ୟ ଭାବି ଯେଉଁ କଷ୍ଟ ଭୋଗ କରେ, ତଦ୍ୱାରା ତା'ର ଜୀବନରେ ଚୈତନ୍ୟ ଉଦୟ ହୋଇଥାଏ, ଯଦ୍ୱାରା ସେ ଜାଣେ ଯେ ତାହା ଯଥାର୍ଥରେ ସୁଖର କଥା ନୁହେଁ । ଶସକୁ ଯେପରି ବାଦ୍ ଦେଇ ଚୋପାଟା ହିଁ ଖାଇବାକୁ ପଡୁଛି । ଫଳରୁ ଯେପରି ଚୋପା ସହ ପ୍ରଥମ ପରିଚୟ, ତା'ପରେ ତାକୁ ଛଡ଼ାଇଦେଇ ଶସ ସଙ୍ଗେ ସମ୍ବନ୍ଧ କରିବାକୁ ପଡ଼ିଥାଏ, ସେହିପରି କେତେକେତେ ଜୀବଙ୍କ ଜୀବନରେ ସୁଖ କେବଳ ଏହି ଖୋସା ବା ଚୋପାଙ୍କୁ ନେଇ ହିଁ ଚଳିଯାଉଛି । ଚୋପା ବା ଖୋସା ଭିତରେ ହିଁ ଫଳର ସ୍ୱାଦ କିଛିଟା ଥାଏ, କିନ୍ତୁ ତାହା ଖାଦ୍ୟ ନୁହେଁ । ପୁଣି ଅନେକ ଫଳ ଅଛି ଯାହାର ଖୋସାକୁ ବାଦ୍ ନ ଦେଇ ଖିଆଯାଇଥାଏ । ଏହିରକମର ଫଳ ଏପରି ମଧୁର ଯେ ଏହାର ଖୋସାରେ ମଧ୍ୟ ଆକର୍ଷଣ ଥାଏ । ଚୋପା ସହ ଫଳ ଖାଇଲେ ମଧ୍ୟ ତା' ଭିତରେ ଥିବା ଜିନିଷଟି ଶରୀରର କାର୍ଯ୍ୟରେ ଲାଗିଥାଏ, ଅସାରଟି ନିଜେ ହିଁ ବାହାରି ଯାଇଥାଏ । ଏହି କାମ ରୂପକ ଫଳ ମଧ୍ୟ ସେହିପରି । ଖୋସା ସହ ଖାଇଲେ ମଧ୍ୟ ଠିକ୍ ସମୟରେ ତାହା ପୃଥକ୍ ହୋଇଯାଇଥାଏ । ସେମାନଙ୍କ କଥାକୁ ବାଦ୍ ଦେଇ ଅନ୍ୟମାନଙ୍କ କଥା କହୁଛି—ଯେଉଁମାନଙ୍କ ଜୀବନରେ ଯୌବନର କ୍ଷୁଧା, ଭୋଜନ ଓ ଇନ୍ଦ୍ରିୟସୁଖଦ୍ୱାରା ପର୍ଯ୍ୟବସିତ ନୁହେଁ, ଯେଉଁମାନେ ଅଧିକ କିଛି ଉଚ୍ଚତର

ଜ୍ଞାନ ଓ ଭୋଗର ଆକାଂକ୍ଷା ରଖିଥାନ୍ତି, ସେମାନଙ୍କ ପକ୍ଷରେ ଊର୍ଦ୍ଧ୍ୱରେତା ହେବା କଠିନ ନୁହେଁ । ପରିମିତ ଯୌନ ସମ୍ବନ୍ଧ ଥିଲେ ମଧ୍ୟ ସେମାନେ ଯେତେ ଅଧିକ ଉଚ୍ଚ ଆଦର୍ଶ ଦିଗରେ ଅଗ୍ରସର ହୁଅନ୍ତି, ସେତେ ହିଁ ସେମାନଙ୍କର ରେତ ଊର୍ଦ୍ଧ୍ୱଗାମୀ ହୋଇଥାଏ । ଏହାର ଫଳ ସ୍ୱରୂପ ସେମାନଙ୍କର ନାନା ତତ୍ତ୍ୱର ଉପଲବ୍ଧି ହୁଏ, ଆତ୍ମତତ୍ତ୍ୱର ସାକ୍ଷାତକାର ଘଟେ, ଜଗତବାସୀଙ୍କ ସହ ସେମାନେ ପ୍ରେମ ସମ୍ବନ୍ଧ ନେଇ ପ୍ରତିଷ୍ଠିତ ହୋଇଥାନ୍ତି । ସ୍ଥୂଳ ଶରୀରରେ ଯେଉଁ ମୈଥୁନର ସୁଖ, ତାହା ସହ ଏହାର ତୁଳନା ହୋଇନପାରେ । ସେମାନେ ସେତେବେଳେ ସେକଥା ବୁଝିପାରିଥାନ୍ତି, କିନ୍ତୁ ଦେହାଭିମାନୀ ମାନବ ତାହା କିପରି ବୁଝି ପାରିବ ? ସେମାନଙ୍କୁ ସେକଥା ବୁଝାଇବା ହିଁ ଅନ୍ୟାୟ । ଯାହାର ଚୈତନ୍ୟ ଶରୀର ଗଣ୍ଡିକୁ ଛାଡ଼ିପାରିନାହିଁ, ସେମାନଙ୍କ ପାଖରେ ଏହିସବୁ ପ୍ରସଙ୍ଗର କୌଣସି ମୂଲ୍ୟ ନଥାଏ । ବସ୍ତୁତଃ ଯେତେ ପ୍ରକାରର ମନୁଷ୍ୟ ଏହି ସୃଷ୍ଟିରେ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଶରୀରର କ୍ଷୁଧା ଓ ଇନ୍ଦ୍ରିୟ ଲାଳସା ଜୀବନର ମୁଖ୍ୟ ଲକ୍ଷ୍ୟ ନୁହେଁ, ସେମାନେ ଊର୍ଦ୍ଧ୍ୱରତାର ଫଳାଫଳ ଭୋଗ କରିଥାନ୍ତି । ଊର୍ଦ୍ଧ୍ୱରେତା ହୁଅନ୍ତି ବୋଲି ସେମାନଙ୍କ ସହ ନାରୀ ଥିଲେ ମଧ୍ୟ କୌଣସି କସରତ କରିବାର ପ୍ରୟୋଜନ ହୁଏ ନାହିଁ । କାରଣ, ପ୍ରକୃତିର ନିୟମଅନୁବର୍ତ୍ତିତା ହିଁ ସେମାନଙ୍କୁ ଉଚ୍ଚତର ଶକ୍ତି ଓ ଜ୍ଞାନର ଅଧିକାରୀ କରିଥାଏ । ବିଶ୍ୱସମାଜରେ ସେମାନେ ଶ୍ରେଷ୍ଠ ମାନବ ରୂପେ ଗଣ୍ୟ ହୁଅନ୍ତି । ଅନେକେ ହିଁ ତାଙ୍କର ଅନୁଗ୍ରହ ଲାଭର ଆକାଂକ୍ଷା କରିଥାନ୍ତି । ସେମାନଙ୍କ ମଧ୍ୟରେ ପୌରୁଷ ପ୍ରାଧାନ୍ୟ ଲାଭ କରେ । ଏହି ପୌରୁଷ ଭାବହିଁ ସାଧାରଣଙ୍କର ଆକାଂକ୍ଷାର ବସ୍ତୁ । ଜଣେ ମନୁଷ୍ୟ ପଛରେ, ତାହାକୁ ସନ୍ତୁଷ୍ଟ କରିବା ଲାଗି କେତେ ଆଗ୍ରହ, ଏହା ଯେଉଁଠାରେ ଦେଖା ଯାଇଥାଏ, ସେହିଠାରେ ହିଁ ବୁଝିବାକୁ ହେବ ଯେ ଏହି ଏକ ହିଁ ପୁରୁଷ ଏତେଗୁଡ଼ିଏ ଲୋକଙ୍କର ଆଶା ଭରସା ହୋଇଛନ୍ତି । ତାହା ଯେକୌଣସି ବିଭାଗରେ ହିଁ ହୋଇଥାଉ ପଛକେ, ସେହି ବ୍ୟକ୍ତିକୁହିଁ ନାୟକ କୁହା-ଯାଇଥାଏ ।''

''—ଆଚ୍ଛା ତନ୍ତ୍ରରେ କ'ଣ ବିବାହ ଅଛି ?''

''—ଆରେ ସେକଥା କ'ଣ କହୁଛୁ ! ତେବେ, ସେହି ବିବାହ ପ୍ରାକୃତିକ ନିୟମର ଅନୁକୂଳ ! ଜାତି, ବଂଶ, ଗୋତ୍ର ଲାଗି ଦ୍ୱିଧା ଏ ସମସ୍ତ ହିଁ ସେ କ୍ଷେତ୍ରରେ ଅସ୍ୱାଭାବିକ ମନେକରାଯାଏ । ଶୈବ ବିବାହ ଯଥାର୍ଥ ବିବାହ—ତାହାର ଫଳ କେବେହେଁ ଏଠାକାର ଭଣ୍ଡ ଆର୍ଯ୍ୟ ବର୍ଣ୍ଣାଶ୍ରମୀ ଗୃହସ୍ଥର ତୁଲ୍ୟ ବିଷମୟ ହୋଇ ନଥାଏ ।''

''ବର୍ଣ୍ଣାଶ୍ରମୀମାନଙ୍କୁ ଭଣ୍ଡ କୁହାଯାଏ ନାହିଁ । ସେମାନେ ମନରେ, ପ୍ରାଣରେ ଯାହା ବିଶ୍ୱାସ କରନ୍ତି, ସଂସ୍କାର ମତରେ ତାହା ହିଁ ଗ୍ରହଣ କରି ଆସିଥାନ୍ତି ତ ?''

''ଭଣ୍ଡ ବ୍ୟତୀତ ଆଉ କ'ଣ କହିବି ? ବ୍ରାହ୍ମଣଙ୍କ ବଂଶ କଥା ଧ'ରୁନା ରେ ଶଳା । ତୁ କେଡ଼େ ବଡ଼ ଭଣ୍ଡ—ବେଦର ମତକୁ ରଖିଛୁ, ଏଣେ ପୁଣି ତାନ୍ତ୍ରିକ ମତକୁ ମଧ୍ୟ ମାନୁଛୁ ! ଗୋଟିଏ ଉପନୟନରେ ହିଁ ତ କର୍ମଜୀବନର ସକଳ କାର୍ଯ୍ୟ ହୋଇପାରେ । ମାତ୍ର ସେ

ପଥକୁ ଅନୁସରଣ ନ କରି କୁଳଗୁରୁଙ୍କ ଠାରୁ ପୁଣି ତାନ୍ତ୍ରିକ ଦୀକ୍ଷାର କ'ଣ ପ୍ରୟୋଜନ ? ଓଁକାର ଜପ କଲେ ଯେଉଁ ଫଳ ମିଳିଥାଏ, ଅନ୍ୟାନ୍ୟ ବୀଜର କ୍ରିୟାରେ ମଧ୍ୟ ସେହି ଫଳ ପ୍ରାପ୍ତ ହୋଇଥାଏ । ମନ୍ତ୍ରକୁ ଜାଗ୍ରତ କରିବା ସାଧକର ନିଜ ଐକାନ୍ତିକ ଇଚ୍ଛା ଉପରେ ନିର୍ଭର କରେ, ତାହା ଯେକୌଣସି ମନ୍ତ୍ର ହେଉ ନା କାହିଁକି । ଏହି ତ ହେଲା ଧର୍ମ ଜୀବନରେ ଏକ ଭଣ୍ଡାମି । ତା' ପରେ—''

''ପୂର୍ବେ ତ ବୈଦିକ ଆଚାରବିଚାର ପ୍ରଚଳିତ ଥିଲା, କାହିଁକି କୁହନ୍ତୁ ତ ଦେଖି, ଏହା ସହିତ ପୁଣି ତାନ୍ତ୍ରିକତା ଆସିଗଲା ?''

''—ପୂର୍ବେ ଯେତେବେଳେ ଶରୀର ଓ ମନର ତେଜ ଥିଲା, ପଶ୍ଚିମ ଦେଶର ପାଣି-ପବନ ଗୁଣରେ ସେମାନଙ୍କର ସୂର୍ଯ୍ୟ-ଉପାସନା-ପ୍ରଧାନ ଏହି ବୈଦିକ ଜୀବନରେ ହିଁ ନିଷ୍ଠା ଥିଲା । ତାହା ପରେ ଧୀରେ ଧୀରେ ଝୁଲି ଝୁଲି ତନ୍ତ୍ରପ୍ରଧାନ ଏହି ବଙ୍ଗପ୍ରଦେଶରେ ଆସି ପହଞ୍ଚିଯିବା ଦ୍ୱାରା ବିଭିନ୍ନ ମତ ଗ୍ରହଣ କରିବାର ସୁଯୋଗ ଆସିଲା । ବଙ୍ଗଳାର ତାନ୍ତ୍ରିକମାନଙ୍କ ସହ କ୍ରମେ ପରିଚୟ ହେବାକୁ ଆରମ୍ଭ କଲା । ସେମାନଙ୍କର ସଂସର୍ଗ ଫଳରେ ବେଶୀ ସମୟ ରହୁରହୁ ତନ୍ତ୍ରର ଧର୍ମରେ ବୈଦିକ ବ୍ରାହ୍ମଣମାନଙ୍କ ଅନୁରାଗର ଅୟମାରମ୍ଭ ହେଲା । ପୂର୍ବେ ତ ତନ୍ତ୍ରର କୌଣସି ଗ୍ରନ୍ଥ ସଂସ୍କୃତ ଭାଷାରେ ବା ଲିପିରେ ଲେଖା ନଥିଲା, ବ୍ରାହ୍ମଣମାନେ ସେମାନଙ୍କର ବିଦ୍ୟାକୁ ତନ୍ତ୍ରଧର୍ମ ରୂପେ ଗ୍ରହଣ କରି ପ୍ରକାଶ କଲେ ଏବଂ ସଂସ୍କୃତ ଭାଷାରେ ତାକୁ ପୋଥିରେ ଲିପିବଦ୍ଧ କଲେ । ସେହି ସମୟରେ ଶିବ ହେଲେ ଆର୍ଯ୍ୟମାନଙ୍କର ଏକ ନୂତନ, ଅର୍ଥାତ୍ ଶେଷ ଦେବତା । ଏହି ଶିବଙ୍କର ମୁଖନିଃସୃତ ବାଣୀକୁ ଆଧାର କରି ତନ୍ତ୍ରର ଯାହା କିଛି ମାହାତ୍ମ୍ୟ ବର୍ଣ୍ଣନା କରାଗଲା । ବ୍ରହ୍ମାଙ୍କୁ ଶ୍ରୋତା କରି, ପୁଣି ପାର୍ବତୀଙ୍କୁ ଆଧାର କରି କେତେକ କଥା କୁହାହେଲା । ଏହି ଭାବରେ ଆଗମ-ନିଗମର ସୃଷ୍ଟିକରି ତନ୍ତ୍ରକୁ ଆଧାର କରି ତାହାକୁ ଚୂଡ଼ାନ୍ତ କରାଗଲା, ଅଥଚ ବୈଦିକ ଆଚାରବିଚାର ତ୍ୟାଗ କରାଗଲା ନାହିଁ । ତାହା ପ୍ରାଚୀନ, ଜାତିଗତ ସଂସ୍କାରର ଧର୍ମ, ପୈତୃକ ଧର୍ମ ବୋଲି ସେତେବେଳେ ସହଜରେ ହିଁ ନିଜସ୍ୱ ହୋଇପଡ଼ିଲା— ଗାର୍ହସ୍ଥ୍ୟ ଆଶ୍ରମର ପୂର୍ବକାଳ ପର୍ଯ୍ୟନ୍ତ ବୈଦିକ ଦୀକ୍ଷାର କର୍ମକୁ ନେଇ ଦାର-ପରିଗ୍ରହ କରି, ସେତେବେଳେ ବ୍ରାହ୍ମଣମାନେ ଦୀକ୍ଷା ଗ୍ରହଣ ସହ ତାନ୍ତ୍ରିକ ମତରେ ସାଧନା କରିବାରେ ବ୍ରତୀ ହେଲେ, ନିୟମ ମଧ୍ୟ ପ୍ରଣୟନ କଲେ । ଏହାପରେ ଆସିଲା ବୌଦ୍ଧପ୍ରଭାବ । ବୌଦ୍ଧମାନେ ଶେଷଆଡ଼କୁ ଏହି ତନ୍ତ୍ରମାର୍ଗକୁ ପ୍ରଧାନ ଅବଲମ୍ବନ କରିଥିଲେ, ଯାହାର ଅସଲ ଉଦ୍ଦେଶ୍ୟ ଥିଲା ବୈଦିକ ବ୍ରାହ୍ମଣଙ୍କ ଗୋଷ୍ଠୀ ଧର୍ମ କାରବାରକୁ ଧ୍ୱଂସ କରିବାର ପ୍ରୟାସ ନେଇ, ଏହି ତନ୍ତ୍ରକୁ ଧର୍ମର ଅଙ୍ଗ ମଧ୍ୟରେ ପ୍ରବେଶ କରାଇଦେବା । ମନ୍ତ୍ର ହେଲା ଗୁହ୍ୟ । ଘଟଣାଟି ଆହୁରି ଚମତ୍କାର ହେଲା, ଯେତେବେଳେ ଭୋଗ ସହିତ ଧର୍ମ ଏକାକାର ହେଲା, କ୍ରିୟାକର୍ମ ବୃଦ୍ଧିପାଇଲା । ଏହିପରି ବ୍ରାହ୍ମଣମାନଙ୍କର ହିନ୍ଦୁସମାଜରେ. ଉପଜୀବିକାର ସୁବିଧା ହୋଇଗଲା । ତେବେ ପୂର୍ବକାଳର ଯେଉଁ ବ୍ରାହ୍ମଣମାନେ ତନ୍ତ୍ରଧର୍ମ ଗ୍ରହଣ କରିଥିଲେ,

ସେମାନେ ସାଧୁ ଉଦ୍ଦେଶ୍ୟ ନେଇ କରିଥିଲେ । ସେମାନେ ଏହା ମଧ୍ୟରେ ଦେଖିଥିଲେ ଯଥାର୍ଥ ଧର୍ମ ଜୀବନର ପ୍ରାରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ସମସ୍ତ ହିଁ ପ୍ରାକୃତିକ ନିୟମାନୁକୂଳ । କୁଛ ସାଧନର ଅସାରତା ସମ୍ୟକ୍ ରୂପେ ପ୍ରତିପନ୍ନ ହୋଇପାରିଥାଏ ଏହି ତନ୍ତ୍ର ମାର୍ଗ ଦ୍ୱାରା । ପ୍ରବାଦ ଅଛି ଯେ ଶଙ୍କରାଚାର୍ଯ୍ୟ ସେଥିଲାଗି ତନ୍ତ୍ରକୁ ହେୟ ଜ୍ଞାନ କରି ପାରି ନଥିଲେ ବା ପ୍ରତିପାଦିତ କରିନଥିଲେ । ସୂକ୍ଷ୍ମ ଭାବରେ ସେମାନେ ଜାଣିଥିଲେ ଯେ ଭୋଗ ସହ ଯୋଗ ଏକତ୍ର ହିଁ ଧର୍ମ । ପୁଣି ଏହି କ୍ରମ ହିଁ ପ୍ରକୃତିର ଅଖଣ୍ଡ ସଚ୍ଚିଦାନନ୍ଦ ସ୍ୱରୂପ ଆତ୍ମାର ସ୍ୱଭାବ ସହ ରହିଛି ତାହାର ମିଳନ । ଜୀବଲୀଳାର କ୍ରମବିକାଶକୁ ଏହି ତନ୍ତ୍ରର ଆଦର୍ଶ ମଧ୍ୟରେ ଧରାଯାଇଛି । ତନ୍ତ୍ରଦ୍ୱାରା ପ୍ରତିପାଦିତ ସକଳ ତତ୍ତ୍ୱ ହିଁ ଦୃଢ଼ ଅବିସମ୍ବାଦିତ ନିର୍ମଳ ସତ୍ୟ ଉପରେ ପ୍ରତିଷ୍ଠିତ ।''

''ପ୍ରକୃତରେ ବୈଦିକ ଆର୍ଯ୍ୟ ବ୍ରାହ୍ମଣମାନଙ୍କର ଷ୍ଟାଣ୍ଡାର୍ଡ଼ ଖୁବ୍ ନିମ୍ନସ୍ତରକୁ ଚାଲିଯାଇଥିଲା ବୋଲି ସେତେବେଳେ ତନ୍ତ୍ରକୁ ଆପୋଷ ଭାବେ ଗ୍ରହଣ କରାଗଲା । ବୈଦିକ ଆଚାରବାନ ଆର୍ଯ୍ୟ ବ୍ରାହ୍ମଣ ଏ ଦେଶକୁ ଆସି ଖୁବ୍ ବେଶୀ ଦିନ ଆଉ ସେମାନଙ୍କର ପିତୃ-ପିତାମହଙ୍କର ଆଚାର-ଜ୍ଞାନ ଓ ବୀର୍ଯ୍ୟର ଅଧିକାରୀ ହୋଇ ରହିପାରିଲେ ନାହିଁ । ବଙ୍ଗଳା ମାଟିର ଏହା ହିଁ ହେଲା ଗୁଣ । ପୁନଶ୍ଚ ବୌଦ୍ଧଧର୍ମର ଅଧିକାରରେ ତନ୍ତ୍ରର ଉନ୍ନତି ଯେତେ ବେଶୀ ହୋଇଥିଲା, ଅବନତି ମଧ୍ୟ କମ୍ ହୋଇନାହିଁ ।''

''ଯାଦୁ ମନ୍ତ୍ରର କ୍ରିୟାଶକ୍ତି ଏତେଦୂର ଆଗେଇଯାଇଥିଲା ଯେ ପ୍ରତ୍ୟେକ କର୍ମରେ ତାହାର ବ୍ୟବହାର ହେଉଥିଲା; ଈର୍ଷା, ବିଦ୍ୱେଷ, ରାଗ, ଦ୍ୱେଷ, ସ୍ୱାର୍ଥପରତା, ଇନ୍ଦ୍ରିୟ ସମ୍ଭୋଗ, ନାରୀକୁ ଅବଲମ୍ବନ କରି ସମାଜ ମଧ୍ୟରେ ଯଥେଚ୍ଛାଚାର, ଏହି ସକଳକୁ ଯାଦୁମନ୍ତ୍ର କ୍ରିୟାର ସହାୟତା ନେଇ ଚରମ ସୀମାରେ ପହଞ୍ଚାଇ ଦିଆଯାଇଥିଲା । ସେତେବେଳେ ନାରୀ-ସମାଜରେ ସତୀତ୍ୱ ନାମରେ କିଛି ଆଦରଣୀୟ ବସ୍ତୁ ନ ଥିଲା, ଆଦରଣୀୟ ଥିଲା କେବଳ ଭ୍ରଷ୍ଟାଚାର । ତାହାହିଁ ଧର୍ମ, ତାହା ହିଁ କର୍ମ, ତାହା ହିଁ କାମ୍ୟ, ତାହା ହିଁ ସବୁ । ଏହି ସମସ୍ତ ଅବସ୍ଥା ଖୁବ୍ କମ୍ ଦିନ ଲାଗି ଚାଲିନାହିଁ । ଏହି ତନ୍ତ୍ରର ବ୍ୟଭିଚାର ହିଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରଥମ ଧକ୍କା ପାଇଥିଲା । ଏହାପରେ ଦ୍ୱିତୀୟ ଧକ୍କା ମିଳିଲା ଚୈତନ୍ୟଦେବଙ୍କ ସମୟରେ । ସେହି ଧକ୍କା ଦ୍ୱାରା ହିଁ ଏହାର ମୂଳକୁ ପୂରାପୂରି ପୃଥକ୍ କରିଦେଲା । ବଙ୍ଗଳାରେ ସେହି ସମୟରୁ ତନ୍ତ୍ରର ପ୍ରଭାବ ହୀନବଳ ହୋଇଯାଇ ବର୍ତ୍ତମାନ ଏଇ ଅବସ୍ଥାରେ ଆସି ପହଞ୍ଚିଛି । ତେବେ, ଏଆଡ଼େ ଯେପରି ତନ୍ତ୍ରଧର୍ମ ଲୋପହେବାକୁ ଆରମ୍ଭ କଲା, ବୈଷ୍ଣବ ଧର୍ମ ମଧ୍ୟ ସତେଜ ଭାବରେ ସେହିରୂପେ ଅଙ୍କୁରୋଦ୍ଗମ ହେବାକୁ ଲାଗିଲା, ଆଉ ତନ୍ତ୍ରର ଅନେକଗୁଡ଼ିଏ ଆବିଷ୍କାର—ଗୁହ୍ୟ ଏକାଙ୍ଗ ମୈଥୁନ ତତ୍ତ୍ୱ ରସତତ୍ତ୍ୱ ଆଦି ଆତ୍ମସାତ କରିନେଇ ତାହାର ଅଙ୍ଗ ବୃଦ୍ଧି କରିବାକୁ ଲାଗିଲା । ସହଜ ଭାବେ ଆଉଲ-ବାଉଲ ଆଦି ସମ୍ପ୍ରଦାୟ ତ ତନ୍ତ୍ରର ଭଙ୍ଗା ହାଟ୍‌ର ମାଲ୍‌କୁ, ବୈଷ୍ଣବ ଗୋଷ୍ଠୀର ମହାଜନମାନଙ୍କ ଗଦିଉପରେ ଜମା କରିଦିଆଯାଇଥିଲା ।''

''ଆଚ୍ଛା ତନ୍ତ୍ରର ସକଳ ବ୍ୟାପାର ଏତେ ବେଶୀ ଗୁହ୍ୟ କାହିଁକି ?''

''ଗୁହ୍ୟ ନ ଥିଲା, ପ୍ରଥମେ ତନ୍ତ୍ରସାଧନ ସହଜ ଏବଂ ସାଧାରଣଙ୍କର ଉପଯୋଗୀ ହିଁ ଥିଲା—ମାତ୍ର ଯେବେ ଏହି ମୈଥୁନାଦିର ପ୍ରକରଣ ଦ୍ୱାରା ନାନା ପ୍ରକାର ଏବଂ ଅଦୃଷ୍ଟପୂର୍ବ ଭାବରେ ଫଳାଫଳ ଆବିଷ୍କାର ହେବାକୁ ଲାଗିଲା, ସେହି ସମୟରୁ ଏହାକୁ ଗୋପନ କରିବାର ନିୟମ କରାହେଲା । କାରଣ ଅନ୍ୟ ସମ୍ପ୍ରଦାୟ ନିକଟରେ ଏହି ସମସ୍ତ କ୍ରିୟା ଘୃଣ୍ୟ ବସ୍ତୁ ରୂପେ ଅବଜ୍ଞାର ବିଷୟ ବୋଲି ଧାରଣା ହେବାର ସମ୍ଭାବନା ହିଁ ଅଧିକ ଥିଲା । ସ୍ୱଳ୍ପ ବ୍ୟକ୍ତି ହିଁ ଏଥିରୁ ସାରବସ୍ତୁ ପାଇଛନ୍ତି, ମାତ୍ର ବେଶୀ ଭାଗ ହିଁ ବିପଥରେ ଯାଇଛନ୍ତି, ବ୍ୟଭିଚାର କରିଛନ୍ତି । କାମ ସମ୍ବନ୍ଧୀୟ ଯେତେ କିଛି ବିକୃତ ଭାବର ଅଭିବ୍ୟକ୍ତି ହେବାକୁ ଲାଗିଲା, ତାକୁ ଗୁହ୍ୟ କରି ରଖିବା ଦ୍ୱାରା ଏହି ଦୋଷ ସୃଷ୍ଟିହୋଇଯାଇଛି । କେତେକ ସଙ୍କେତ ବ୍ୟତୀତ, ଏହି କାମ-ରାଜ୍ୟର ବିଚିତ୍ର ରହସ୍ୟ ସାଧାରଣଙ୍କ ନିକଟରେ ଅଜ୍ଞାତ ହୋଇ ରହିଯାଇଛି । ସ୍ତ୍ରୀ-ପୁରୁଷଙ୍କ ଏହି ଯେଉଁ ଏକତ୍ର ମିଳିତ ରମଣ, ଏହା ମଧ୍ୟରେ ଶରୀରଧର୍ମକୁ ନେଇ ସାଧାରଣଙ୍କର ପ୍ରବୃତ୍ତି । ମାତ୍ର ଶରୀର-ଧର୍ମ-ବର୍ଜିତ ପ୍ରେମ ବୋଲି ଯେଉଁ ସ୍ୱର୍ଗୀୟ ସୁଖ ରହିଛି, ତାହା ସାଧାରଣଙ୍କ ପାଖରେ ଗୁପ୍ତ, ଅପ୍ରକାଶିତ, ଅଜ୍ଞାତ । ସାଧାରଣ ମନୁଷ୍ୟର ଶରୀରଗତ ବା ଇନ୍ଦ୍ରିୟଗତ ସୁଖର ସଂସ୍କାର ପୁରୁଷାନୁକ୍ରମେ ଏତେ ବେଶୀ ପ୍ରବଳ ହୋଇଛି ଯେ ଏହି ସ୍ଥୂଳ ଶରୀରରେ ସମ୍ପର୍କଶୂନ୍ୟ ହୋଇ ମଧ୍ୟ ଆମ ପାଖରେ କେତେ ବେଶୀ ସୁଖର ଉପାୟ, ତାହାର କଳ୍ପନା ମଧ୍ୟ ଯେପରି ଅସମ୍ଭବ ହୋଇପଡ଼ିଛି । ଆଜି ଏହି ତାନ୍ତ୍ରିକଙ୍କର କିମ୍ବା ସହଜିୟାଙ୍କର ସର୍ବନାଶକ କାମ-ସାଧନାର ବିକୃତି ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । ଯେଉଁ ଧର୍ମରେ ଜଣେ ଦୁଇଜଣ ବ୍ୟକ୍ତି ସିଦ୍ଧିପ୍ରାପ୍ତ ହୁଅନ୍ତି ଓ ତା'ପରେ ତା'ର ପଦ୍ଧତିର କେତେକାଂଶ ବିକୃତ ହୋଇଆସେ, ଶେଷରେ ତା'ର ଏହିପରି ଶୋଚନୀୟ ପରିଣାମ ହୋଇଥାଏ, ଯାହାକୁ ଦେଖି କ'ଣ ମନେ ହୁଏ ନାହିଁ ଯେ ଏହାକୁ ଯିଏ ଆବିଷ୍କାର କରନ୍ତି, ତାହା କେବଳ ହିଁ ତାଙ୍କ ପାଇଁ । ଏହି କାରଣରୁ ହିଁ ଏହାକୁ ଆହୁରି ଗୁହ୍ୟ ରଖିବାର ବ୍ୟବସ୍ଥା ।''

''ମୋ'ର ମନେହୁଏ ଏହି ସମସ୍ତ ଗୁପ୍ତ ରଖିବା ଖୁବ୍ ହିଁ ଅନ୍ୟାୟ ।''

ସେ ବିରକ୍ତ ହୋଇ କହିଲେ, ''ଆରେ ଶଳା, ସେ ସମୟରେ କ'ଣ ଏ କାଳ ପରି ଛାପାଖାନା ଥିଲା ନା ବିଦ୍ୟାର ଏତେ ପ୍ରଚାର ହୋଇଥିଲା ଯେ ସାଧନର ଏହି ସକଳ ଗୁହ୍ୟ ରହସ୍ୟମୟ ବ୍ୟାପାର ସାହିତ୍ୟ ମାଧ୍ୟମରେ ସାଧାରଣଙ୍କ ନିକଟରେ ପହଞ୍ଚି ପାରିବ ! ପୁଣି ତଦ୍ଦ୍ୱାରା ଲାଭ ବା କ'ଣ ହୋଇଥାନ୍ତା ! ହଜାରେ ଭିତରୁ ଜଣେ ବ୍ୟକ୍ତି ହୁଏତ ସାଧନାର ପଥକୁ ଆଦରନ୍ତି, ଏତଦ୍‌ବ୍ୟତୀତ ଶରୀର ମଧ୍ୟରେ ଯେଉଁ ସକଳ ସୂକ୍ଷ୍ମ ସୂକ୍ଷ୍ମାତିସୂକ୍ଷ୍ମ ନାଡ଼ୀ, ପ୍ରାଣଶକ୍ତିର କ୍ରିୟା, ପୁଣି ଅନୁଭବର ନାନା ସ୍ତର, ସ୍ଥୂଳ ସାହିତ୍ୟ ଦ୍ୱାରା ଏହାକୁ କିପରି ବୁଝାଇ ଦିଆଯାଇ ପାରିବ ? ଅନୁଭବର କ'ଣ କିଛି ଭାଷା ଅଛି ? ତା'ପରେ ପୁଣି କାମମାର୍ଗର ବ୍ୟାପାର କେତେ ଯେ ଜଟିଳ— ଲିଙ୍ଗଠାରୁ ଆରମ୍ଭ କରି ମସ୍ତିଷ୍କ ପର୍ଯ୍ୟନ୍ତ ତାହାର କ୍ରିୟା, ରେତ ବା ଧାତୁକ୍ଷରଣର କେତେ ପ୍ରକାର ଭେଦ— ଅନ୍ତଃକ୍ଷରଣ, ବହିଃକ୍ଷରଣ,

କେଉଁ ସୂତ୍ରରେ କେଉଁକେଉଁ କ୍ରିୟା ଫଳରେ ଘଟିଥାଏ, ବହିର୍ଗତିକୁ ରୁଦ୍ଧ କରି ଅନ୍ତର ମାର୍ଗରେ ଗତିମାନ କରାଯାଇପାରେ, ଏହି ସକଳ ବ୍ୟାପାରକୁ ପ୍ରକୃତି ଯେତେବେଳେ ଗୁହ୍ୟ ରଖିଦେଇଛି, ସେ ଅବସ୍ଥାରେ ତାକୁ ପ୍ରଚାର କରିବା ଲାଗି ତୋ'ର କାହିଁକି ଏତେ ମୁଣ୍ଡବ୍ୟଥା, କହିଲୁ ଦେଖି ! —ଏହି କାମକଳା, ଯାହାକୁ ନେଇ ଏହି ବିରାଟ ସୃଷ୍ଟି-ସ୍ଥିତି ଓ ଲୟର ବ୍ୟାପାର ଦିବାରାତ୍ର ଚାଲିଥାଏ, ତାହାର ଯେତେସବୁ ରହସ୍ୟକୁ ନେଇ, ମନୁଷ୍ୟ ଶରୀର ମଧ୍ୟରେ ସ୍ତ୍ରୀ-ପୁରୁଷର ଭଲପାଇବାଠାରୁ ଆରମ୍ଭ ହୋଇ କାମ-ଉଦ୍ଦୀପନା, ଯେଉଁ ଭାବରେ ଦୁହିଁଙ୍କର ଉପରେ ଦୁଇଜଣଙ୍କର ଚୈତନ୍ୟଠାରୁ ଆରମ୍ଭ କରି ମନ ଭିତର ଦେଇ ଶରୀର ଉପରେ ଯେଉଁ ସବୁ ଆକର୍ଷଣ—ପରେ ମୈଥୁନରେ ଦୁହେଁ ଏକ ହୋଇଯିବା, ତା'ପରେ ପ୍ରାଣଶକ୍ତିର ଘନଘନ ସ୍ପନ୍ଦନର ଉଦ୍ଦାମଲୀଳା, ଶେଷରେ ଉଭୟଙ୍କର ସ୍ଖଳନ । ଯେଉଁ କ୍ରମରେ ପ୍ରଥମ ଅବସ୍ଥାରୁ ହିଁ ଶରୀରର ସୂକ୍ଷ୍ମ ନାଡ଼ିଗୁଡ଼ିକ ଭିତରେ ଯେଉଁ ଯେଉଁ ଭାବର କ୍ରିୟା ହୁଏ, ତା'ର ପ୍ରତ୍ୟେକ କ୍ରିୟାର ପ୍ରତ୍ୟେକ ପରିଣାମକୁ କେଉଁ ଭାଷାରେ କିପରି ବା ବ୍ୟକ୍ତ କରାଯାଇପାରିବ ? ଏ ସକଳ ହିଁ ଅନୁଭବସିଦ୍ଧ ବ୍ୟାପାର—ପୂର୍ଣ୍ଣ ବିଜ୍ଞାନ ଉପରେ ହିଁ ପ୍ରତିଷ୍ଠିତ । ତେଣୁ ସ୍ଥୂଳ ତୁଚ୍ଛ ବାସ୍ତବ ପ୍ରମାଣ ଦେଇ ଏସବୁକୁ ଲୋକ-ସମାଜରେ କିପରି ପ୍ରକାଶ କରାଯାଇ ପାରିବ ? କାମର ପ୍ରଥମ ଉଦ୍ଦୀପନାଠାରୁ ଆରମ୍ଭ କରି ପୂର୍ଣ୍ଣ ପରିଣତି ପର୍ଯ୍ୟନ୍ତ ଯେଉଁ ସକଳ ବ୍ୟାପାର, ତାହାହିଁ ତନ୍ତ୍ରର ପ୍ରତିପାଦ୍ୟ ବିଷୟ, ଏହି ସମସ୍ତ କେଉଁପରି ସକଳ ମାନର ସମଷ୍ଟିକୁ ଛ'କଡ଼ା-ନ'କଡ଼ା ହିସାବରେ ବୁଝାଇ ଦିଆଯାଇପାରିବ, ତୁ ମୋତେ ଟିକିଏ କହିଲୁ ?''

''ଆଚ୍ଛା, ସହଜ ବୁଦ୍ଧିରେ ବୁଝାଯାଏ ଯେ ମନୁଷ୍ୟର ଯୌବନ ଆସିଲେ, ନାରୀ ହୋଇଥିଲେ ପୁରୁଷଠାରେ, ଆଉ ପୁରୁଷ ହୋଇଥିଲେ ନାରୀଠାରେ ଏଇ ଆକର୍ଷଣ ସୃଷ୍ଟି ହୋଇଥାଏ । ତାହା କ'ଣ କେବଳ କାମ-ଚରିତାର୍ଥ କରିବାପାଇଁ—''

ସେ ବାଧା ଦେଇ କହିଲେ, ''ଅନ୍ୟ ସବୁ କଥା ପରେ ଶୁଣିବି, ଆଗେ ଗୋଟାଏ ଭୁଲ୍ ତୋର ସଂଶୋଧନ କରିବାକୁ ହେବ । ତୁ ଯାହା କହିଲୁ, ନାରୀ ଆଉ ପୁରୁଷ, ତାହା ହେଲା ନାରୀ-ପ୍ରକୃତି ଆଉ ପୁରୁଷ-ପ୍ରକୃତି, ନାରୀ ଓ ନର ଏହି କଥା କ'ଣ କହିବାକୁ ପଡ଼ିବ !''

''ତାହା ଆପଣମାନଙ୍କ କଥାରେ ଚାତୁରତା—ଯେଉଁପରି ଭାବରେ କହିଲେ ହେଁ ବୁଝାଇ ଦେଇପାରିଲେ ହେଲା ।''

''ପୁଣି ଶଳା ତୁ ନବୁଝି ପଣ୍ଡିତପଣିଆ ଦେଖାଉଛୁ । ଏହି ପ୍ରକୃତିର ରାଜ୍ୟରେ ପୁରୁଷ ବୋଲି କିଏ ଅଛି ନା ରେ ଶଳା ! ଯାହାଙ୍କୁ ତୁ ପୁରୁଷ କହୁଛୁ, ସେ ତ ପ୍ରାକୃତ ଜୀବ । ହାତେ-ଲମ୍ବା ଲିଙ୍ଗଟିଏ ଥିଲେ କ'ଣ ପୁରୁଷ କହିବା ? ପୁରୁଷର ଯେଉଁ ଗୁଣ, ତାହା ଅଂଶତଃ ନାରୀଠାରେ ତ ଅଛି । ଦେଖି ପାରୁନାହୁଁ, ଏକଇ ଭଗବାନଙ୍କୁ ହିଁ ସମସ୍ତେ ଚାହୁଁଛନ୍ତି । କାହିଁକି ଚାହୁଁଛନ୍ତି ? ସେହି ଏକମାତ୍ର ପୂର୍ଣ୍ଣ ପୁରୁଷୋତ୍ତମ ବୋଲି ସମସ୍ତେ କହିଥାନ୍ତି । ଯଦି କେହି ପୁରୁଷ ଏଠାରେ ଥାଆନ୍ତା, ସମସ୍ତେ ତାକୁ ଚାହୁଁଥାନ୍ତେ । ପୁରୁଷର ପ୍ରଥମ ଓ ପ୍ରଧାନ ଗୁଣ

ହେଲା ସେ ସକଳଙ୍କର ହିଁ ଆଶ୍ରୟ, ସମସ୍ତେ ହିଁ ତାଙ୍କୁ ଚାହାନ୍ତି, ନ ପାଇଲେ ଚଳେ ନାହିଁ । ଏକ ହିଁ ପୁରୁଷ, ମାତ୍ର ପୁରୁଷ ଦୁଇ ହେଲେ ସହ୍ୟ କରିପାରେ ନାହିଁ, ବିଶ୍ୱାସ କରିପାରେ ନାହିଁ । ପ୍ରକୃତି କୋଳରେ ଆମେ ଯେତେସବୁ ଜୀବ, ସମସ୍ତେ ଏହି ପୃଥିବୀର ମାଟିରେ ଜନ୍ମହୋଇଛୁ, ପ୍ରକୃତିର ପୁରୁଷ ସେହି ଗୁଣର ଅତି ସୂକ୍ଷ୍ମ କଣା-ପ୍ରମାଣ ଅଂଶ ବିଶେଷ ! ତାହାର ପ୍ରଭାବ ଏପରି ଯେ ଆମେ ପୁଣି ସ୍ୱତନ୍ତ୍ର ପୁରୁଷ ବୋଲି ପରିଚୟ ଦେଉଛୁ, କି ଲଜ୍ଜା ! ଏକ ହିଁ ସଦାଶିବ ପୁରୁଷ, ଆଉ କେହି କ'ଣ ପୁରୁଷ ଅଛନ୍ତି କିରେ ? ଗୁଣକୁ ନେଇ ବିଚାର କଲେ ଏହି ପ୍ରାକୃତ ପୁରୁଷର ନାରୀ ସଙ୍ଗେ ସମ୍ବନ୍ଧ ବେଳେ ହିଁ ଏହି ଗୁଣଟିକୁ ଦେଖିବାକୁ ମିଳିଥାଏ– ନାରୀ ସମ୍ପର୍କ ନେଇ ତା'ର ଅଧିକାର ପୂର୍ଣ୍ଣଭାବେ ରଖିବାକୁ ଚାହେଁ– ସେଠି ଆଉ କାହାର ଅଧିକାରକୁ ସେ ଗ୍ରାହ୍ୟ କରେ ନାହିଁ । ନାରୀର ମଧ୍ୟ ଠିକ୍ ସେହି ଗୁଣଟି ଅଛି–ସେ ମଧ୍ୟ ତା'ର ଭର୍ତ୍ତାର ଅନ୍ୟ ନାରୀସଙ୍ଗ, ପତିଠାରେ ଅନ୍ୟ ସ୍ତ୍ରୀ ଲୋକଙ୍କର ପ୍ରଭାବ ସହ୍ୟ କରିପାରେ ନାହିଁ–ଏହି ଯେଉଁ ପୁରୁଷ ସ୍ୱରୂପର ଗୁଣ, ଏହା ମଧ୍ୟ ପୁରୁଷ-ନାରୀ ଉଭୟଙ୍କ ମଧ୍ୟରେ ରହିଛି । ଏକମାତ୍ର ପ୍ରେମ କ୍ଷେତ୍ରରେ ଏହାର ହିଁ ପରିଚୟ । ମିଳନର କ୍ଷେତ୍ରରେ ଦୁଇଟି ହିଁ ଏକତନ୍ତ୍ର । ଅର୍ଥକୁ ବୁଝିନେଇ କଥା କହିଲେ ତ ଦେହରେ ଲାଗିବ ନାହିଁ, ଏବେ ଅସଲ ପୁରୁଷ ଆଉ ପ୍ରାକୃତ ପୁରୁଷର ପ୍ରଭେଦ ବୁଝିଲୁ ତ ?''

''ଏସବୁ ତ ବୈଷ୍ଣବ ଦର୍ଶନର କଥା ବୋଲି ହିଁ ମୋତେ ଜଣା ଅଛି ।''

''ସବୁ ଦର୍ଶନର ମୂଳକଥା ଯେ ଏକ୍ ରେ ଶଳା–ତତ୍ତ୍ୱରେ ପହଞ୍ଚିଲେ ସବୁ ହିଁ ଏକାପରି । ତଥ୍ୟର ପ୍ରକରଣ ଓ ପଦ୍ଧତିରେ ଯାହା କିଛି ପ୍ରଭେଦ, ସେଇଥିପାଇଁ କ'ଣ ତୁ ତନ୍ତ୍ରର ସାଧନପଦ୍ଧତି ଦେଖିବାକୁ ଆସିଛୁ !''

''ଶରୀର ତତ୍ତ୍ୱ ସହ ସାଧନାର ତ ବିଶେଷ ସମ୍ପର୍କ ଅଛି ?''

''ସାଧନ ତ ଶରୀରକୁ ହିଁ ନେଇ, କାର୍ଯ୍ୟତଃ ସୁସ୍ଥ ଶରୀର ସୁସ୍ଥ ମନ ନ ଥିଲେ ସାଧନାର ଅର୍ଥ ରହେ ନାହିଁ । ବିକୃତ ଶରୀରରେ ସାଧନାର ଅର୍ଥ ଶରୀରର ଚିକିତ୍ସା । କବିରାଜି ଔଷଧ ବଦଳରେ ଶରୀର ମଧ୍ୟରେ ଥିବା ନିୟମରେ, ବାୟୁର ଗତିକୁ ସ୍ଥିର ରଖି ତା'କୁ ସ୍ୱାସ୍ଥ୍ୟର ତାଳରେ ଚଳାଇବାର ସାଧନରୂପକ ବସ୍ତୁ ଏପରି ହିଁ କଲ୍ୟାଣକର ଯେ ସେଥିରେ, ଆଉ କିଛି ହେଉ ବା ନହେଉ, ଶରୀରର ସ୍ୱାସ୍ଥ୍ୟ ପୂର୍ଣ୍ଣ ମାତ୍ରାରେ ଆସିବହିଁ ଆସିବ । ସାଧନ କରୁଛ; ହେଲେ, ଶରୀର ଅସୁସ୍ଥ, ତେଣୁ ବୁଝିବାକୁ ହେବ ଯେ ଏହା ମରଣର ସାଧନ, ଜୀବନ ଲାଗି ନୁହେଁ । ସାଧନାର ପ୍ରଥମ ପ୍ରତ୍ୟକ୍ଷ ଫଳ ହେଲା ସ୍ୱାସ୍ଥ୍ୟ– ଆନନ୍ଦମୟ ମାନସିକ ଅବସ୍ଥା । ସବୁ ବିଷୟରେ ହିଁ ଆନନ୍ଦରେ ତା'ର ପରିସମାପ୍ତି । ମହାଦୁଃଖର ବ୍ୟାପାର ହେଲେ ମଧ୍ୟ ସାଧକର ପ୍ରାଣରେ ସେହି ଦୁଃଖର କାରଣ– ଯେଉଁ ଜ୍ଞାନ ଉଦ୍ଭାସିତ ହୋଇଥାଏ–ତାହାର ଫଳ ହେଲା ଆନନ୍ଦ । ଏ ଦୁଇଟି ହେଲା ସ୍ପଷ୍ଟ ଲକ୍ଷଣ ।''

■■

ଉନ୍ନବିଂଶ ପରିଚ୍ଛେଦ

ବକ୍ରେଶ୍ୱରର ଆକର୍ଷଣ ଏହା ମଧ୍ୟରେ ମୋ' ଅନ୍ତରରେ ଗଭୀର ଭାବରେ ହିଁ ରେଖାପାତ କରିଛି, ଏହି ଅଘୋରୀ ସାଧୁଙ୍କୁ ଉପଲକ୍ଷ୍ୟ କରି । ଧ୍ୟାନ-ଜ୍ଞାନ ଏବେ ସେହି ହିଁ କେବଳ । କି ଗଭୀର ଆକର୍ଷଣ ତାଙ୍କର, ସର୍ବକ୍ଷଣ ହିଁ ଅନ୍ତରରେ ତାଙ୍କର ରୂପ ଓ ତାଙ୍କର କଥା ହିଁ ଉଦ୍ରେକ ହୋଇ ମୋତେ ଅନନ୍ୟମନା କରି ରଖିଛି ।

ତାଙ୍କ ପ୍ରକୃତିର ଅପୂର୍ବ ବିଶେଷତ୍ୱ କେବେକେବେ ଦେଖେ । ସେ ଏପରି ଗମ୍ଭୀର ଯେ ସେ ମୂର୍ତ୍ତି ସମ୍ମୁଖରେ ଠିଆହୋଇ କଥା କହିବାକୁ ସାହସ ହୁଏ ନାହିଁ । କିପରି ଏକ ଭୟ, ଯାହା ତାଙ୍କର ସାକ୍ଷାତ ସମ୍ପର୍କରେ ଆସିବା ପୂର୍ବରୁ ଥିଲା, ସେହି ଭୟ ଲାଗିରହିଥିଲା । ଅଥଚ ଭୟ କରିବାର ସେପରି କୌଣସି ବ୍ୟବହାର ହିଁ ସେ ମୋ' ସହ କରିନାହାନ୍ତି । ବିଶେଷରୂପେ ତାଙ୍କର ବାହ୍ୟ ମୂର୍ତ୍ତିକୁ ଦେଖି ହିଁ ଏହିପରି ଲାଗେ । କଥାବାର୍ତ୍ତା କଲାପରେ ହିଁ ଆଉ ସେ ଭାବ ରହେ ନାହିଁ । ତାଙ୍କର ଚକ୍ଷୁ ଏପରି ଯେ ମନେହୁଏ, ତାଙ୍କର ପୂର୍ଣ୍ଣ ଦୃଷ୍ଟିର ପ୍ରଭାବ ସହ୍ୟ କରିବାକୁ କାହାର ମଧ୍ୟ ସାଧ୍ୟ ନାହିଁ । କିନ୍ତୁ ସାଧାରଣତଃ ଚକ୍ଷୁ ତାଙ୍କର ଅର୍ଦ୍ଧନିମୀଳିତ ହିଁ ରହିଥାଏ, ତଦ୍ଦ୍ୱାରା ତାଙ୍କର ଆଖିର ଗୋଲକଟି ଯେ କେତେ ବଡ଼, ତାହା ସାଧାରଣ ଭାବେ ଲକ୍ଷ୍ୟ କରାଯାଇପାରେ ନାହିଁ; କିନ୍ତୁ ପ୍ରତ୍ୟକ୍ଷ ହୁଏ ସେତିକିବେଳେ, ଯେତେବେଳେ ସେ କ୍ଷୁବ୍ଧ ଭାବ ନେଇ କାହା ଉପରେ ଦୃଷ୍ଟିପାତ କରିଥାନ୍ତି । ସେହି ସମୟରେ ସମସ୍ତଙ୍କୁ ହିଁ ଆଖି ନଇଁଦେବାକୁ ପଡ଼େ । ଅନେକ ସାଧୁଙ୍କ ଚେହେରା ଦେଖିଛି—ସହଜ ଭାବରେ ନୁହେଁ—ବିଶେଷ ରୂପେ ଦେଖିଛି—ବାଲ୍ୟକାଳରେ ପ୍ରଥମେ ସ୍ୱାମୀ ବିବେକାନନ୍ଦଙ୍କୁ । ଯେଉଁମାନେ ସର୍ବଦା ହିଁ ତାଙ୍କ ନିକଟକୁ ଯାତାୟାତ କରୁଥିଲେ, ସେମାନେ ମଧ୍ୟ ସେହି ଚକ୍ଷୁର ବିଶେଷତ୍ୱ ଧରିପାରିଥିଲେ କି ନାହିଁ ମୋ'ର ସନ୍ଦେହ ରହିଛି । ତା'ପରେ ଜଣେ ପଞ୍ଜାବୀ ସାଧୁଙ୍କୁ ହରିଦ୍ୱାରରେ ଦେଖିଥିଲି । ଏହାପରେ ଏହାଙ୍କୁ ଦେଖିଲି ପରବର୍ତ୍ତୀ କାଳରେ । ତାରାପୀଠରେ ବାମା-କ୍ଷେପାଙ୍କର ମୂର୍ତ୍ତିକୁ ଦେଖିଥିଲି—ଏହି ଯେଉଁ ଚାରୋଟି ମୂର୍ତ୍ତି, ପ୍ରତ୍ୟେକଙ୍କର ହିଁ ପୂର୍ଣ୍ଣଜ୍ୟୋତିବିଶିଷ୍ଟ ବିଶାଳାୟତନ ଚକ୍ଷୁ—ମାତ୍ର କାହା ସଙ୍ଗେ କାହାର ଚକ୍ଷୁରେଖାର ମେଳ ନ ଥିଲା । ପ୍ରତ୍ୟେକଙ୍କର ବୈଶିଷ୍ଟ୍ୟ ଓ ପାର୍ଥକ୍ୟ ଥିଲା ସୁସ୍ପଷ୍ଟ । ଏହାଙ୍କ ଚକ୍ଷୁ କିନ୍ତୁ ସର୍ବଦା ହିଁ ରକ୍ତବର୍ଣ୍ଣ ଓ ସ୍ଥିର, ପ୍ରଶାନ୍ତ । ତିଳେମାତ୍ର ଚାଞ୍ଚଲ୍ୟ ସେଥିରେ ନାହିଁ, ବୋଧହୁଏ ଯେପରି ପଲକ ମଧ୍ୟ ନାହିଁ । ମନେ ପଡ଼େ ନାହିଁ ଯେ ଏହାଙ୍କ ଚକ୍ଷୁରେ କେବେ ମଧ୍ୟ ପଲକ

ପଡ଼ିବାର ଦେଖିଛି । ଏତେ ସ୍ନେହ ଯେ ତାଙ୍କର ମୁଁ ପାଇଛି—ତଥାପି ସମୟ ସମୟରେ ତାଙ୍କର ଚେହେରା ଦେଖିଲେ ହିଁ ଭୟ ଆସିଯାଇଥାଏ । କିନ୍ତୁ ଥରେ କଥା ଆରମ୍ଭ ହେଲେ ଏକବାର ପ୍ରେମର ଉତ୍ସ ଛୁଟି ଚାଲେ ।

କେବେ କେବେ ଦେଖେ, ଏପରି ନିରପେକ୍ଷ, ଯେପରି କାହା ସହିତ ହିଁ ତାଙ୍କର କୌଣସି ସମ୍ବନ୍ଧ ନାହିଁ, ବା କେଉଁ କାଳେ ନଥିଲା, କିମ୍ବା ହୋଇପାରିବ ହିଁ ନାହିଁ—ଏହିପରି ଭାବ । ଜଗତ ସହ ତାଙ୍କର ଯେକୌଣସି ସମ୍ବନ୍ଧ ନାହିଁ, ଏହା ବୁଝିବାକୁ କାହାର ମଧ ଭ୍ରମ ହେବାର ସମ୍ଭାବନା ନଥାଏ । ସେ ସମୟରେ ଯଦି କେହି କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ନେଇ ଆସିଥାଏ, ତେବେ କଥା କହିବାକୁ ତା'ର ସାହସ ହୁଏ ନାହିଁ । ଦିନେ ଏହିପରି ଗୋଟିଏ ଘଟଣା ପ୍ରତ୍ୟକ୍ଷ କରିଥିଲି । ଜଣେ ପ୍ରୌଢ଼ ଭଦ୍ରବ୍ୟକ୍ତି ବାଟରେ ମୋତେ ପଚାରିଲେ, ''ଏଠାରେ ଜଣେ ଅଘୋରୀ ରହନ୍ତି, କେଉଁଠାରେ ରହନ୍ତି, ଜାଣନ୍ତି କି ?'' ତାଙ୍କୁ ନେଇ ବାବାଙ୍କ କୁଟୀରଦ୍ୱାରରେ ପହଞ୍ଚିଲି । ଦେଖିଲି, ସେ ବସିଛନ୍ତି, ଏକବାର ହିଁ ଉଦାସୀନ, ଜଗତ ବ୍ରହ୍ମାଣ୍ଡ ସହ ତାଙ୍କର ଯେପରି କୌଣସି ସମ୍ବନ୍ଧ ହିଁ ନାହିଁ । ବ୍ୟକ୍ତି ଜଣକ ପ୍ରଣାମ କରି ବସିଲେ; ସେ କିନ୍ତୁ ସ୍ଥିର ନିଶ୍ଚଳ । କେଉଁ ଆଡ଼କୁ ମଧ ଅନାଇଲେ ନାହିଁ ବା କିଛି ହିଁ କହିଲେ ନାହିଁ । ଠିଆହୋଇ ସବୁ କଥା ଦେଖିବାକୁ ଲାଗିଲି । ତା'ପରେ ମୋ'ର ମନେ ହେଲା ହୁଏତ ଏହି ବ୍ୟକ୍ତିଙ୍କର କିଛି ଗୋପନୀୟ କଥା ଥାଇପାରେ, ମୋ'ର ଚାଲିଯିବା ଭଲ । ଚାଲିଆସିଲି । ଅନେକ ସମୟ ପରେ ସେ ଫେରିଆସୁଥିବା ଦେଖିଲି । ମୋତେ ଦେଖି ଦେଇ ସେ ନିକଟକୁ ଆସି ପଚାରିଲେ, ''କିପରି ଲୋକ କୁହନ୍ତୁନା, ମୋ'ର ଆସିବାଟା ବୃଥା ହେଲା । ସେ ତ କିଛି ହିଁ କହିଲେ ନାହିଁ, ମୋ'ର ମଧ କଥା କହିବାକୁ ସାହସ ହେଲା ନାହିଁ; ପ୍ରବୃତ୍ତି ମଧ ହେଲା ନାହିଁ । ଆପଣ ଜାଣନ୍ତି ସେ କ'ଣ କଥା କହନ୍ତି ନାହିଁ ?''

''—କୁହନ୍ତି ନାହିଁ କାହିଁକି ? ଆପଣଙ୍କର ଯାହା ପଚାରିବା...''

ସେ ବାଧାଦେଇ କହିଲେ, ''ମହାଶୟ, ଅନେକ କିଛି ତ କହିବାର ଥିଲା ମୋ'ର, କିନ୍ତୁ ତାଙ୍କ ରୂପ ଦେଖି ତ ମୋ' କଥା ଶେଷ—କହିବି ଆଉ କ'ଣ ? ତାଙ୍କ ନିକଟରୁ ବଶୀକରଣର କିଛି ଉପାୟ ମିଳିବ ବୋଲି ଚିନ୍ତାକରି ଆସିଥିଲି—ଆଉ ଏଥିଲାଗି ଯେ ତାଙ୍କୁ କେତେ ଲାଭ ମିଳିଥାନ୍ତା, ତାହା ହୁଏତ ସେ ବୁଝିଲେ ନାହିଁ; ଏଥିଲାଗି ମୋତେ ଫେରିଯିବାକୁ ପଡ଼ିଲା ।''

କେଉଁପରି ଲାଭ ମିଳିଥାନ୍ତା, ପଚାରିବା ଲାଗି ଲୋଭ ସମ୍ବରଣ କରିପାରିଲି ନାହିଁ । ଉତ୍ତରରେ ସେ କହିଲେ, ''ମୁଁ ଏଥିଲାଗି ତାଙ୍କୁ ଦୁଇଶହ ଟଙ୍କା ପର୍ଯ୍ୟନ୍ତ ଦେଇଥାନ୍ତି ।''

''ହାୟ ସାଧୁସଙ୍ଗକାମୀ ! —ତୁମର ପୋଡ଼ା କପାଳ !''

× × × × ×

ଦିନେ ସକାଳେ, ପ୍ରାତଃକୃତ୍ୟ ଶେଷ କରି ଅଘୋରୀଙ୍କ ସନ୍ଧାନରେ ବାହାରିପଡ଼ିଲି ଦେଖିବାକୁ ଯେ ସେ ସକାଳ ସମୟରେ କେଉଁପରି ଭାବ ନେଇ ଥାଆନ୍ତି, କ'ଣ କରନ୍ତି, ଏହି ସବୁ ଚିନ୍ତା କରି । ନିଶ୍ଚୟ ହିଁ ଏପରି କିଛି ଦେଖିବି, ଯଦ୍ୱାରା ତାଙ୍କ ସମ୍ବନ୍ଧରେ ଆହୁରି କିଛି ଅଧିକ ଜାଣିପାରିବି । କୁଟୀରକୁ ଯାଇ ଦେଖେ, ଶୂନ୍ୟ କୁଟୀର । ଅବଶ୍ୟ ଦ୍ୱାରଟି ଖୋଲା ହିଁ ଥାଏ, କେତେବେଳେ ବନ୍ଦ୍ ଥିବା ଦେଖିନାହିଁ । ବାହାର ଆଡ଼େ ଏପାଖସେପାଖ ଚାହିଁ ଦେଖିବାକୁ ପାଇଲି, ଭୋଳା ଡମା ଏଇ ଆଡ଼କୁ ଆସୁଛି ତାକୁ ପ୍ରାୟ ଏହିଠାରେ ଦେଖାଯାଇଥାଏ । ଅଘୋରୀର ସେ ଜଣେ ଅତି ଅନୁଗତ ଭକ୍ତ । ଶ୍ମଶାନରେ କାମଦାମ କରେ, ଦୁଇ ଚାରିଅଣା ପାଏ, ମଦ-ପ୍ରସାଦ ମଧ୍ୟ ପାଇଥାଏ । ତା'ଛଡ଼ା ଆଉ କେହି ଅଘୋରୀ ବାବାଜୀଙ୍କ ସନ୍ଧାନ ତା' ପରି ରଖିପାରନ୍ତି ନାହିଁ । ଏଣୁ ତାକୁ ପଚାରିଲି, ''ସେ କେଉଁଠାରେ ଅଛନ୍ତି ?''

ସେ କହିଲା, ''ହେଇ ଦେଖିବ ଯାଅ, କାଲିଠାରୁ ଯାଇ ପଡ଼ିଛନ୍ତି ଶ୍ମଶାନରେ ।'' ମୁଁ ପୁଣି କହିଲି, ''କାଲି ରାତିରେ—ସେହିଠାରେ ଶୋଇଥିଲେନା କ'ଣ ?'' —ସେ କହିଲା, ''ତାଙ୍କର କ'ଣ ନିଦ ହୁଏନା କ'ଣ, ସେହିପରି ପଡ଼ିରହିଥାନ୍ତି ।''

ଆମ କଲିକତା ମହାନଗରୀର ସଭ୍ୟ ଅଧିବାସୀମାନେ, ଯାହାଙ୍କର ପଲ୍ଲୀଗ୍ରାମର ଶ୍ମଶାନ ବିଷୟରେ ଆଦୌ ଅଭିଜ୍ଞତା ନାହିଁ—ନିମତଲା, କେଓଡ଼ାତଲା, କାଶୀମିତ୍ର ଅଥବା କାଶୀପୁରର ଶ୍ମଶାନକୁ ଛାଡ଼ି ଯାହାର ଅଭିଜ୍ଞତା ଅଧିକ ଦୂର ଯାଇନାହିଁ—ରାତ୍ରି କଥା ଛାଡ଼, ଦ୍ୱିପ୍ରହରର ଦିବାଲୋକରେ ପଲ୍ଲୀଶ୍ମଶାନ ଯେ କି ରୂପ ଧାରଣ କରେ, ତାହା ସେମାନଙ୍କୁ ବୁଝାଇବା ସହଜ ନୁହେଁ । ବିଶେଷତଃ ଏହି ବୀରଭୂମିର ଶ୍ମଶାନ । ମନେହୁଏ, ଏପରି ଭୟଙ୍କର ଶ୍ମଶାନର ଦୃଶ୍ୟ ଅନ୍ୟ କେଉଁ ସ୍ଥାନରେ ନାହିଁ । ଯେଉଁମାନେ ବୀରଭୂମିର ଶ୍ମଶାନ ଦେଖିନାହାନ୍ତି, ସେମାନେ ଜାଣିରଖିବା ଠିକ୍ ହେବ ଯେ, ବୀରାଚାରର ପ୍ରତ୍ୟେକ ସ୍ଥାନ ତାନ୍ତ୍ରିକ ସାଧନର ପ୍ରକୃଷ୍ଟ କ୍ଷେତ୍ର ବୋଲି ପ୍ରତ୍ୟେକ ମହାପୀଠସ୍ଥାନରେ ଶ୍ମଶାନ ସଂଶ୍ଳିଷ୍ଟ ଥାଏ ।

ଆଖପାଖରେ ଜଙ୍ଗଲ, ନଦୀତୀର ଏଣେ ବିସ୍ତୃତ । ଅସ୍ଥି, ନର-କପାଳ, ଦଗ୍ଧ ଅଙ୍ଗାର, ଅର୍ଦ୍ଧଦଗ୍ଧ କାଠଖଣ୍ଡମାନ ଇତସ୍ତତଃ ପଡ଼ିରହିଥାଏ । କାଉ, ଚିଲ, ଶକୁନ, ଶୃଗାଳ, କୁକୁରଙ୍କର ଅବାଧ ଯାତାୟାତ । ଛୋଟ ଛୋଟ ଶିଶୁ ବା ବାଳକଶବକୁ ଏଠାରେ ଦାହ କରନ୍ତି ନାହିଁ, ଗାଡ଼ ଖୋଳି ମାଟିରେ ପୋତିଦେଇ ଚାଲିଯାଆନ୍ତି । ଶୃଗାଳ, କୁକୁର ପରି ସନ୍ଧାନୀ ଜୀବ, ଶ୍ମଶାନ ଜନଶୂନ୍ୟ ହେବାର ପର-ମୁହୂର୍ତ୍ତରେ, ମାଟିକୁ ଆମ୍ପୁଡ଼ି ଶବ ବାହାର କରି, ଭାଗ ଭାଗ କରି ଖାଇ ପକାନ୍ତି । କେବଳ ଅସ୍ଥିମାନ ଚାରିଆଡ଼େ ପଡ଼ିରହେ । ଚାରିଆଡ଼େ ଛୋଟ ଛୋଟ ବୁଦାତରୁ । ତା'ର ଆଡୁଆଳରେ ଏମାନେ ନିଜ ନିଜ କାର୍ଯ୍ୟ ଶେଷକରନ୍ତି । କେଉଁଠି କେଉଁଠି କିଛିଟା ଚୁଲିର ଗର୍ତ୍ତ ଖୋଳାହୋଇ ତାହା ଉପରେ ଅଧାପୋଡ଼ା କାଠ-କୋଇଲା ବିଛା ଯାଇଛି ।

ଗୋଦଡ଼ି-କନ୍ଥା, ଛିଣ୍ଡା ଲୁଗାପଟା, ଭଙ୍ଗା-ଫୁଟା କଳସୀ ପଡ଼ି ରହିଥାଏ । ଏହିପରି ପରିବେଶର ସ୍ଥାନ ହେଲା ଏଠାକାର ଶ୍ମଶାନ ।

ଶବାସନରେ ଅଘୋରୀ (ବକ୍ରେଶ୍ୱର ଶ୍ମଶାନ)

ଅଘୋରୀ କୁଟୀରଠାରୁ କିଛି ବାଟ ଯାଇ ଦେଖିଲି, ସେ ଛୋଟ ଛୋଟ ଗଛ ପାଖରେ ଶବାସନରେ ଶୋଇଛନ୍ତି । ଗୋଟିଏ ହାତ ମୁଣ୍ଡ ପାଖରେ ତକିଆ କାମ କରୁଛି । ଦେଖିବାମାତ୍ରେ ମୋ'ର ମନେ ହେଲା, ଯୋଗୀଶ୍ୱର ମହାଦେବ କ'ଣ ଏହିପରି ଶ୍ମଶାନରେ ଶୋଇଥାଆନ୍ତି ? ନିଜର ଧ୍ୟାନରେ ନିଜେ ବିଭୋର ରହି ଜଗତର ପ୍ରପଞ୍ଚ କଥା ଭୁଲିଯାଆନ୍ତି ? ଏହିପରି ଅବସ୍ଥାରେ କ'ଣ ଜଗଦମ୍ବା ନିଜର ଦକ୍ଷିଣ ଚରଣକୁ ତାଙ୍କ ବକ୍ଷରେ ସ୍ଥାପନ କରିଥିଲେ ! କେଉଁ ଧାତୁରେ ଏହିସବୁ ବ୍ୟକ୍ତିମାନେ ଗଢ଼ା ! ମୁଁ ବୁଝିପାରେ ନାହିଁ;

କେଉଁ ପରିସ୍ଥିତିରେ ଆମମାନଙ୍କ ମଧ୍ୟରୁ ଜଣ-ଜଣଙ୍କର ଏହିପରି ଅବସ୍ଥା ଘଟିଥାଏ । କାହିଁକି ବୁଝିପାରେ ନାହିଁ ? ଜାଣିବାରେ ପୁଣି ବାଧା କଣ ? ବାଧା ସେହିଠାରେ, ଯେଉଁଠାରେ ଆମେ ନିଜର ଦୋଷକୁ ନିର୍ଦ୍ଧାରଣ କରିବାରେ ଉଦାସୀନ, ପରଦୋଷ ଅନୁସନ୍ଧାନରେ ଉଦ୍ୟମରତ ଏବଂ ଅତି ତତ୍ପର । ଏହା ବ୍ୟତୀତ ପୁଣି ଯେଉଁଠି ଆମେ ଭଣ୍ଡ କାପୁରୁଷ, ପ୍ରେମହୀନ, ଅତୀବ ସ୍ୱାର୍ଥଦୁଷ୍ଟ ମନକୁ ନେଇ ଛୋଟ ଛୋଟ ବିଷୟରେ ଆବଦ୍ଧ ଥାଉ, ସେଠି କିପରି ଭାବେ ଏହି ତଥ୍ୟର ସମାଧାନ କରିପାରିବୁ ! ଏହି ତଥ୍ୟ ସମାଧାନ ନ ହେଲେ ମଧ୍ୟ ଏହାର ଆକର୍ଷଣ କିନ୍ତୁ କମ୍ ଅନୁଭବ କରେ ନାହିଁ । ଭାବିଲେ ହିଁ ଆନନ୍ଦ, ପ୍ରତ୍ୟକ୍ଷ କଲେ ହିଁ ଆନନ୍ଦ, ପାଞ୍ଚଜଣ ବନ୍ଧୁବାନ୍ଧବଙ୍କ ନିକଟରେ ପ୍ରକାଶ କରିବାରେ ମଧ୍ୟ ଆନନ୍ଦ । ଯଦିଓ ଜୀବନରେ ଥରେ କେତେଦିନ ଲାଗି ଏହାଙ୍କ ସଙ୍ଗ ପାଇଥିଲି, ତଥାପି ତା'ର ଫଳ ଜୀବନର ସ୍ମୃତି ମଧ୍ୟରେ ଚିରମୁଦ୍ରିତ ହୋଇ ରହିଛି ।

ଅତି ସଂଯତହୋଇ ଧୀରେ ଧୀରେ ପାଖରେ ଠିଆ ହେଲି, କିଛି ସମୟ ଏହିପରି ଠିଆ ହୋଇ ରହିଲି । ସେ ଜାଣିପାରିଲେ କି ନାହିଁ, ତା'ର କୌଣସି ଲକ୍ଷଣହିଁ ଦେଖାଗଲା ନାହିଁ । ତା'ପରେ ଧୀରେ ଧୀରେ ନିଃଶବ୍ଦରେ ଯାଇ ତାଙ୍କ ପାଖରେ ବସିପଡ଼ିଲି । ଅଳ୍ପକ୍ଷଣ ପରେ ସେ ମୋତେ ଚାହିଁରହିଲେ । ମୋତେ ଦେଖିଲେ ମଧ୍ୟ କିଛି କଥା କହିଲେ ନାହିଁ । ମୋ'ର ମଧ୍ୟ କିଛି ସେପରି କହିବା ଭଳି କଥା ନଥିଲା । ବସି ବସି ଅନେକ ବେଳହିଁ କଟିଗଲା । ଏଥର ସେ ହଲିଲେ ଓ ଗୋଟିଏ ଆଡ଼କୁ ପାଦ ବୁଲାଇ ରଖିଲେ । ମୋ'ର କେତେ ଧୈର୍ଯ୍ୟ, ତା'ର ଯେପରି ପରୀକ୍ଷା ଚାଲିଥିଲା ।

ବ୍ୟାପାରଟି ଯେପରି ମନେହେଲା ତାହା ହୁଏତ ଠିକ୍ ନ ହୋଇପାରେ । ବସି ବସି କେତେ କଥା ଚିନ୍ତା କରୁଥିଲି, ଅବଶ୍ୟ ଏହି ଅଘୋରୀଙ୍କର କଥା । ତାଙ୍କର ସଂସର୍ଗ ମୂଳରେ କିଛି ସତ୍ ଭାବର ପ୍ରେରଣା ଅଥବା ସାଧନପଥରେ କିଛି ଆଲୋକ ପାଇଲି କି ନାହିଁ, କେତେଦୂର ସ୍ଥୂଳ ଓ ଅସତ୍‌ର ମୋହ କଟାଇ ପାରିଛି, ତାଙ୍କ ଉପରେ ଆତ୍ମ-ନିବେଦନ କେଉଁ ଉପଲକ୍ଷ୍ୟରେ କିପରି ଭାବରେ ଆସେ, ତାହା ମଧ୍ୟ ଲକ୍ଷ୍ୟ କରୁଥିଲି । ସମ୍ମୁଖରେ ଏହି ଆଦର୍ଶକୁ କେନ୍ଦ୍ର କରି ମୋ' ଚୈତନ୍ୟ କ୍ରମେ କେନ୍ଦ୍ରସ୍ଥ ହେବାକୁ ଲାଗିଲା । ବେଶ୍ ବୁଝିପାରୁଛି, ମୋର ଏହି ଦୋଷଟି ମୁଣ୍ଡ ଭିତରେ କୌଣସି ସ୍ଥାନରେ ଯେପରି ଅନୁଭୂତ ହେଉଛି । ହଠାତ୍ ବିଦ୍ୟୁତ୍‌ର ପ୍ରକାଶ ହେଲା, ସେତେବେଳେ ଚଞ୍ଚଳ ହୋଇପଡ଼ିଲି । ହାୟ, କି ରତ୍ନକୁ ମୁଁ ଏବେ ହରାଇଲି !

ମୋ' ସମ୍ମୁଖରେ ଅଘୋରୀ ସେତେବେଳେ ଧୀରେ ଧୀରେ ଉଠିଯାଇ ବସିପଡ଼ିଲେ – ମୋ' ଦୃଷ୍ଟିରେ ତାଙ୍କର ଦୃଷ୍ଟିପଡ଼ିବା ମାତ୍ରେ ହିଁ ପୁଣି ଆନନ୍ଦରେ ମୁଁ ଆକୁଳ ହୋଇପଡ଼ିଲି ।

ଠିକ୍ ଏହି ସମୟରେ ଶବସତ୍କାର ଲାଗି ଦଳେ ବ୍ୟକ୍ତି ଆସି ଆମର ଅତି ନିକଟରେ ଖଟିଆଟି ଥୋଇଦେଲେ । ମୋ ଅନ୍ତରର ଚାଞ୍ଚଲ୍ୟ ଅଘୋରୀ ଲକ୍ଷ୍ୟ କଲେ– ପରେ ସେ

ମୋ' ଆଡ଼କୁ ଚାହିଁ କହିଲେ, ''ବାହାର ଶଳା ତୁ ଏଠୁ । କାହିଁକି ଏଠିକି ତୁ ଆସିଲୁ, ଯା ଚାଲିଯା ଏଠୁ, ମୁଁ ଏମାନଙ୍କ ସହିତ ଭଲରେ ରହିପାରିବି, ତୋ' ପରି ଏମାନେ ମନେମନେ ଏତେ ସବୁ ହିସାବ କରନ୍ତି ନାହିଁ । ପୁଣି ଏମାନଙ୍କ ସଙ୍ଗ ମୋତେ ଭଲ ଲାଗେ, ବାହାର ଶଳା, ଯା କହୁଛି, ତୁ ଏବେ ଯା ।''

ସେ ଯା' ଯା' ବୋଲି ବାରମ୍ବାର ଏପରି କହିଲେ ଯେ ମୋତେ ଉଠିବାକୁ ହିଁ ପଡ଼ିଲା । ଅଟକି ରହି ପାରିଲି ନାହିଁ । କୌଣସି ରକମ ମୋ'ର ସେଠାରେ ବସିବା ଆଉ ସମ୍ଭବ ହେଲାନାହିଁ । ଏଥିଲାଗି ମନରେ ଟିକିଏ ଦୁଃଖ ହେଲା ସତ, କିନ୍ତୁ ନିଜ ଆସନରେ ପହଞ୍ଚିବା ସଙ୍ଗେ ସଙ୍ଗେ ସକଳ ରହସ୍ୟ ଭେଦ ହୋଇଗଲା, କାହିଁକି ସେ ଏ ସମୟରେ ମୋତେ ଉଠାଇଦେଲେ ।

ଆସି ଦେଖିଲି, ମୁଣ୍ଡରେ ଜଟା ଥିବା ଜଣେ ଲାଠିଧାରୀ ବାଉଲ ନାଚି ନାଚି ଆସି ପହଞ୍ଚିଗଲେ । ଏହା ପୁଣି କି ଢଙ୍ଗ ! ମନ ମୋ'ର ନିରସ ଥିଲା । ଅଘୋରୀଙ୍କ ଠାରୁ ସଦ୍ୟ ତଡ଼ାଖାଇବା ପରେ ମନର ବେଦନା ମୋ'ର ମୁଖମଣ୍ଡଳରେ ବେଶ୍ ଭଲ ଭାବେ ପ୍ରକାଶ ପାଉଥିଲା ।

''ଇଏ କ'ଣ, ପୁଣି ଏପରି ଗମ୍ଭୀର ମୁହଁ କାହିଁକି – ସାଧୁ ଲୋକଙ୍କର ପୁଣି ହେଲା କ'ଣ ?''

ମୁଁ କହିଲି, ''ନା, ସେପରି କିଛି ନୁହେଁ, ଆପଣ ଏଠାକୁ କେଉଁଠୁ ଆସିଛନ୍ତି, ଜାଣିପାରେ କି ?''

ସେ କହିଲେ, ''ମୋତେ ଏଠାରୁ ଭଗେଇଦେବାର କାହିଁକି ଚେଷ୍ଟା କରୁଛ ବାବା, ମୁଁ କ'ଣ ବା ଆପଣଙ୍କର କରିଛି !''

ମୁଁ ଟିକିଏ ଅପ୍ରତିଭ ହୋଇ କହିଲି, ''ବସନ୍ତୁ ନା, ମୋ'ର ସେମିତି ଅଭିପ୍ରାୟ ନାହିଁ । ମୁଁ ମନେ କରୁଥିଲି ଯେ ହୁଏତ ଅନ୍ୟ କେଉଁଠାକୁ ଆସିଛନ୍ତି, କେହି ପରିଚିତ–''

ସେ ହସିଦେଇ କହିଲେ, ''ହେଲେ ବାବା, ମୋ'ର କେହି ଏଠାରେ ପରିଚିତ ନାହାନ୍ତି, ସେଥିଲାଗି ତୁମେ ଚିନ୍ତା କରିବା ଦରକାର ନାହିଁ । ଅପରିଚିତ ହେଲେ ମଧ୍ୟ ସମସ୍ତଙ୍କ ସହ ବେଶ୍ ପରିଚିତ ଭଳି ବ୍ୟବହାର କରିପାରିବି । ଏଠାରେ ଶୁଣିଲି ଯେ ଜଣେ-ଦୁଇଜଣ ଅଛନ୍ତି । ସେଥିଲାଗି ଆଳାପ କରିବା ଲାଗି ଆସିବାକୁ ହେଲା ।''

ପଚାରିଲି, ''ଆପଣ କେଉଁ ସମ୍ପ୍ରଦାୟର– ପଚାରିପାରେ କି ? ''

''– ହଁ, ତାହା ଜାଣିବେ ନାହିଁ କାହିଁକି ? ଆମେ ସାଧାରଣ ମନୁଷ୍ୟ, ଆମ ସମ୍ପ୍ରଦାୟ ଏବେ ମୃତପ୍ରାୟ, ବାବା ।''

ମୋ'ର ମନେହେଲା, ଏହି ଲୋକଟି ସଙ୍ଗେ ଆଳାପ କରିବା ଲାଗି ହିଁ ଅଘୋରୀ ମୋତେ ଏତେ ଜୋର୍ କରି ସେଠାରୁ ଉଠେଇ ଦେଲେ । ପୁଣି ମନେହେଲା, ଏହାଙ୍କ ସହ ମୋ'ର ସଙ୍ଗତି କେବଳ ହିଁ ଅଭିପ୍ରେତ ନୁହେଁ, ଏହା ଯେପରି ଅନ୍ତରର କାମ୍ୟ । ଚଣ୍ଡୀଦାସଙ୍କ ପଦ୍ୟା-ବଳୀ ପଢ଼ି ସହଜିୟାଙ୍କ କଥା ଏକ ସମୟରେ କେତେ ଭାବିଛି ଯେ ! ଏହି ସମୟରେ ବାଉଲ ଗୋଟିଏ ଗାନ କରି ଚାଲିଲେ –

''ଡୁବ୍‌ତେ କି ସବାଇ ପାରେ,
ରୂପ ସାଗରେ ତରଙ୍ଗେତେ ଯାୟ ରେ ଭେସେ ।''

ବାଉଲ ବାବାଜୀ (ବକ୍ରେଶ୍ୱର)

ଏହି ଗୀତିର ଗୋଟିଏ ଧାଡ଼ି ଶୁଣୁଶୁଣୁ ଯେପରି ସଂଞ୍ଜାଲୋପର ଉପକ୍ରମ ହେଲା, ଆନନ୍ଦର ପ୍ରବାହ ବହିଚାଲିବାକୁ ଲାଗିଲା । ସତରେ ମୁଁ ଏଥିରେ ବୁଡ଼ିରହିଲି ।

ଦ୍ୱିପ୍ରହରର ଆହାରାଦି ପରେ ବାବାଜୀ ଆସି ମୋ' ଆସନ ନିକଟରେ ବସିଗଲେ । କହିଲେ, ''ଆପଣ ଯେ ଆମର ନିଜ ଲୋକ, ଦେଖିଦେଲେ ଆମେ ଚିହ୍ନିପାରିବୁ ।''

''– ଆପଣ କ'ଣ ଜ୍ୟୋତିଷ ବିଦ୍ୟା ଜାଣନ୍ତି ?''

''– ଆରେ ବାବାଜୀ, ଜ୍ୟୋତିଷ ଶାସ୍ତ୍ର କ'ଣ ଏତେ ବଡ଼ ଯେ ଜଣଙ୍କର ପରିଚୟ ଜାଣିବାକୁ ହେଲେ ଶାସ୍ତ୍ରଘାଣ୍ଟିବାକୁ ପଡ଼ିବ ! ଆମର ଏସବୁ ଧନ୍ଦା ନୁହେଁ, ପ୍ରେମର ଦେବତା ହୃଦୟରେ ଥାଇ ସବୁ ସମୟରେ ଆଘାତ କରନ୍ତି– କିଏ କେଉଁ ଦଳର ମନୁଷ୍ୟ, ସେ ନିଜେ ହିଁ ଜଣାଇଦିଅନ୍ତି ।''

ମୁଁ କହିଲି, ''ଏଠାରେ ତନ୍ତ୍ରର ସାଧନ-ପଦ୍ଧତି ଦେଖିବି, ସାଧକମାନଙ୍କ ସହ ମିଶିବି ବୋଲି ଆସିଛି । ଏବେ ସେହିପରି ଜଣେ ସାଧୁଙ୍କ ପାଲରେ ପଡ଼ିଛି–''

''– ସେସବୁ କାହିଁକି ବାବା, ଯିଏ ଯେଉଁ ରାଜ୍ୟର ଲୋକ ନୁହନ୍ତି, ତାଙ୍କର ସେ ରାଜ୍ୟରେ ଠୋକ୍କର ମାରିବା ଦରକାର କ'ଣ ?''

''– ଜାଣିବାକୁ ଇଚ୍ଛା ହୁଏତ,'' ମୁଁ କହିଲି, ''ଜାଣିବାରେ ବା ଦୋଷ କ'ଣ ?''

''– ଦୋଷ ଏତିକି ଯେ କିଛିଟା ଘୂର୍ଣ୍ଣିପଥରେ ଯାଇ ଘୂର୍ଣ୍ଣନ ଖାଇ ପୁନଶ୍ଚ ନିଜ ସ୍ଥାନକୁ ଫେରି ଆସିବାକୁ ହେବ । ଆହୁରି ଜାଣିରଖ ବାବା, ତୁମ ସଂସାର ତ ବେଶ୍ ଭଲ ଭାବରେ ଅଛି ।''

ମୁଁ କହିଲି, ''ସିଏ କ'ଣ ? ମୋର ଇଚ୍ଛା, ଏହିପରି ଘୂରିବୁଲି ଜୀବନ କଟେଇଦେବି ।''

''– ମନ ତ ହୋଇଥାଏ ବାବା, କିନ୍ତୁ ସେପରି ହେବାକୁ ଦେବ କାହିଁକି ? ତୁମ ନିଜର ସବୁକୁ ଆଉ କିଛି ରଖିବାକୁ ଦେବେ ନାହିଁ ବାବା, ସମସ୍ତ ହିଁ ନିଗାଡ଼ି ବାହାର କରି ଦେଲାପରେ ହିଁ ସେମାନେ ଛାଡ଼ିବେ ।''

''– ଖୋଲି କରି କହନ୍ତୁ, ମୁଁ ଭଲ ଭାବେ ଜାଣିବାକୁ ଚାହେ !''

''– ଆରେ ବାବାଜୀ, ତୁମର ଏତେ କଷ୍ଟାର୍ଜିତ, ଏତେ ସଯତ୍ନ-ଉପାର୍ଜିତ ବୁଦ୍ଧିଚର୍ଯ୍ୟାର ସ୍ଥିତି କେଉଁଠି ରହିବ, ଏବେ କୁହ ତ ବାବା, ଯେତେବେଳେ ସେ ଘଣା ଭିତରେ ପେଶି ଦେଇ ଅସଲ ତେଲ ବାହାର କରିନେବେ ? ହାଃ ହାଃ ହାଃ ।''

ଏ ଲୋକ କହୁଛନ୍ତି କ'ଣ, ମୋର ଏତେ ଯତ୍ନଲବ୍ଧ ତପସ୍ୟା କ'ଣ ନଷ୍ଟ ହୋଇଯିବ ?

''– ଆରେ ବାବା, ଯତ୍ନଟା ଯେ ପ୍ରକୃତରେ ପ୍ରବାହକୁ ବାନ୍ଧିରଖିବା ଲାଗି ରହିଛି । ଯାହା ଏକବାର ହିଁ ଅସାର, ଯାହାର କୌଣସି ପ୍ରୟୋଜନ ନ ଥିଲା, ତାହା ଯେତେବେଳେ ଏପରି ହୋଇଛି, ଭଲ ହିଁ ହୋଇଛି – ଏଥିରେ ତାଙ୍କର ଏକ ଅଭିପ୍ରାୟ ଯେ ରହିଛି । ତେଣୁ ବାବା, ଜାଣି ରଖ, ଘରକୁ ଫେରିଯାଇ ତୁମକୁ ଅନେକ କୈଫିୟତ୍ ଦେବାକୁ ପଡ଼ିବ, ସଂସାରକୁ କାନ୍ଧେଇରଖି ।''

ଏବେ ସବୁ କଥା ମୋ' କାନକୁ ଭଲ ଲାଗୁ ନଥିଲା, ବରଂ ବିଷ ସଦୃଶ ଲାଗୁଥିଲା । ସେ ତାହାକୁ ଯେପରି ବୁଝାଇଦେଇ କହିଲେ, ''ଚାଲ ବାବା, ଏଠାରୁ ଟିକିଏ ଉଠିପଡ଼ି, ମନ୍ଦିରର ଅଗଣାକୁ ଯିବା – ଫାଙ୍କା ଅଛି ।''

ଭଗ୍ନ ବିଗ୍ରହ (ବକ୍ରେଶ୍ୱର)

ଯନ୍ତ୍ରଚାଳିତ ପରି ହିଁ ଚାଲିଲି । ସେ କହିଲେ, ''ଏହି ଗଛତଳେ ଜଙ୍ଗଲ ମଧ୍ୟରେ ଏକ ଭଗ୍ନବିଗ୍ରହ ଅଛି, କ'ଣ– ଦେଖିଛ ବାବା, –''

''– ମୁଁ ତ ଦେଖିନାହିଁ । କେଉଁଠାରେ, ଚାଲନ୍ତୁ ଯିବା–''

କୁଣ୍ଡର ଧାରରେ ଧ୍ୱଂସମୁଖୀ ଉଚ୍ଚ ଇଷ୍ଟକ-ନିର୍ମିତ ଅଳିନ୍ଦ ଥାଇ, ତାହା ଉପରେ ଅସଂଖ୍ୟ ଗଛବୁଦା ଚେର ମାଡ଼ିଯାଇଛି, ତାହାରି ପାଖରେ ଜଙ୍ଗଲ । ସେହି ଜଙ୍ଗଲରେ ଅନେକ ଶୃଗାଳ ବାସକରନ୍ତି । ତା'ପରେ ହିଁ କେତେକ ବନପଥ ।

ଆମେ ସେହି ବନପଥ ଧରି ଚାଲିଲୁ – ବାଟରେ ଆଉ କିଛି କଥା କହିବାକୁ ଇଚ୍ଛା ମଧ୍ୟ ହେଲା

ନାହିଁ । ଭବିଷ୍ୟତରେ ପୁଣି ସଂସାର ଆବର୍ତ୍ତନରେ ପଡ଼ିବା କଥା ଶୁଣି ଏବେ ଆଉ ପ୍ରାଣରେ ଆନନ୍ଦ ନ ଥିଲା । ସାଥୀ ବାବାଜୀ ଜଣଙ୍କ ମୋର ଦୁଃଖଟି କ'ଣ ତାହା ଅନୁଭବ କରିଛନ୍ତି ବୋଲି ଜଣାଗଲା । ଯେତେବେଳେ ସେ ଠିଆହେଲେ ତାଙ୍କୁ ପ୍ରଶ୍ନ କଲି, ''ଏହିଠାରେ ନା କ'ଣ ?''

''— ହଁ, ଆଉ ଟିକିଏ ଆଗକୁ ଗଲେ ହେବ । ଏଇ ଦେଖ ବାବା !'' ଦେଖିଲି ସତରେ ଏକ ଅତି ପ୍ରାଚୀନ ପୁରୁଷ ମୂର୍ତ୍ତି ଭଗ୍ନ ଏବଂ ସ୍ଥାନଚ୍ୟୁତ ନିମ୍ନରେ ପଦ୍ମାସନସ୍ଥ କେତେକ ଅଂଶ ଖସିପଡ଼ିଛି । ଅନେକଟାକୁ ମୂଳ ଚେର ବାନ୍ଧି ରଖିଛି । ତାହାର ଚାରିଦିଗରେ ଟୁକୁରାଟୁକୁରା ହୋଇ ଅନେକଗୁଡ଼ିଏ ପଥରଖଣ୍ଡ । ଯେଉଁଠାରେ ବେଦୀ ଥିଲା, ସେଠାରେ ଏକ ଉଞ୍ଚା ଢିପ ବ୍ୟତୀତ ଆଉ କିଛି ନାହିଁ । ଖୁବ୍ ସମ୍ଭବ, ଏଠାରେ ଏକ ମନ୍ଦିର ଥିଲା । ସମୟ ଥିଲା, ଯେତେବେଳେ ଏଠାରେ ଏହି ବିଗ୍ରହର ପୂଜା ସମ୍ଭବତଃ ହେଉଥିଲା; ତା'ପରେ ଧ୍ୱଂସର ବନ୍ୟା ଆସି ସବୁ ଶେଷ କରି ଦେଇଛି ।

ସେ ଖଣ୍ଡେ ପଥର ଉପରେ ବସିଯାଇ ମୋ'ର ହାତ ଧରିନେଲେ । କହିଲେ, ''ଆସ ଭାଇ, ବସାଯାଉ — ଆଜି ତୁମକୁ ବହୁତ ଦୁଃଖ ଦେଇଛି, — ପିଲା ଲୋକ କିନା, ସଂସାର ଏବେ ମଧ୍ୟ ତୁମ ନିକଟରେ ରହସ୍ୟ ହୋଇ ରହିଛି, ସେଥିଯୋଗୁଁ ଏତେ ବେଦନାବୋଧ ହେଉଛି । କିଛି ନୁହେଁ ଦାଦା, ସମସ୍ତ ହିଁ ଚମତ୍କାର, ଯେପରି ପ୍ରକୃତରେ ଏପଟେ, ସେହିପରି ମଧ୍ୟ ସେପଟେ ।''

■■

ବିଂଶ ପରିଚ୍ଛେଦ

ବାଉଲ ବାବାଜୀଙ୍କ ଗଳାଟି ମଧୁର, ତା'ପରେ ପୁଣି ଭାବରସରେ ତାଙ୍କର ପ୍ରାଣଟି ପୂର୍ଣ୍ଣ, ସେଥିଲାଗି ତାଙ୍କର ସଙ୍ଗୀତଗାନ ଶୁଣିଲେ ଚିତ୍ତ ସହଜରେ ଆକୃଷ୍ଟ ହୋଇଥାଏ । ମୋ' ସମ୍ବନ୍ଧରେ ତାଙ୍କର ଭବିଷ୍ୟତ ଉକ୍ତି ଶୁଣି ମୋ' ମନ ଯେ ଖରାପ ହୋଇଯାଇଛି ତାହା ଯେତେବେଳେ ବୁଝିପାରିଲେ, ସେତେବେଳେ ନାଚିନାଚି, ଅଙ୍ଗ ଆନ୍ଦୋଳିତ କରି ଗୀତଟିଏ ଆରମ୍ଭ କରିଦେଲେ,

''ସହଜ ପଥେ ଉଚ୍ଚାଟ ଲାଗେ, ଓରେ ମନ କାଣା;

(ଓ) ତୁ ଇ ଆପ୍‌ନି ସହଜ ନା ହଇଲେ ସହଜେର ପଥ୍ ପାବିନା ।''

ଏହି ଗୀତଟି ସତରେ ମନ୍ତ୍ର ପରି କାମ କଲା । ଆନନ୍ଦର ପ୍ରବାହ ବହିବାକୁ ଲାଗିଲା । ତତ୍‌ସଙ୍ଗେସଙ୍ଗେ ମନର ଅବସାଦ, ତାହାର ବକ୍ରଗତି ଜଡ଼ତା, ସବୁ କିଛି ସ୍ଥିର ଓ ସହଜ ହୋଇଗଲା । କିପରି ଭାବରେ ସହଜ ବ୍ୟାପାରକୁ ଜଟିଳ କରି ଆମେ ମାନସିକ ଅଶାନ୍ତି ସୃଷ୍ଟିକରୁ, ତାହା ବୁଝିଯିବା ପରେ ବିମଳ ଆନନ୍ଦ ପ୍ରାଣକୁ ପୂର୍ଣ୍ଣ କରିଦେଲା । ଅନ୍ତରରେ ନିଜର ଭୁଲ୍‌ଟି ଧରାପଡ଼ିଗଲା । ଏହିପରି ହୋଇଥାଏ । ଆମେ ନିଜ ନିକଟରେ କେତେ ଯେ ଅହେତୁକ ଅପରାଧୀ, ଯଦି ଥରେ ସ୍ଥିର ଅବସ୍ଥାରେ ଆମେ ଅନୁସନ୍ଧାନ କରୁ, ତା'ହେଲେ ଅନ୍ତରରେ ସମସ୍ତ ହିଁ ପରିଷ୍କାର ଭାବେ ଦେଖିବାକୁ ପାଇଥାଉ, ଯାହା ଫଳରେ ଅନେକ ଅହେତୁକ ଦୁଃଖ ଅବସାଦରୁ ରକ୍ଷା ପାଇପାରୁ । ଆମର ନିଜର ବେଦନାକୁ ତ ଦୂର କରିପାରିବୁ, ତତ୍ ସହ ଅନ୍ୟର ବେଦନା ଓ ଦୁଃଖ ମଧ୍ୟ ଅନେକାଂଶରେ ମୋଚନ କରିପାରିବୁ । ଅଧିକନ୍ତୁ ସର୍ବୋତ୍କୃଷ୍ଟ ନିଶ୍ଚିତ ଏହି ଫଳ ମିଳିଥାଏ ଯେ ଆମ୍ଭମାନଙ୍କର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କ ମନରେ ପୀଡ଼ା ଦେଇ ନ ଥାଉ । କିନ୍ତୁ ଆମର ସଂସର୍ଗଜ ସଂସ୍କାର, ଆମର 'ଅହଂ' ଏପରି ଦୁଷ୍ଟ ସ୍ୱଭାବର ଅଜବ୍ ଆବରଣରେ କଠିନ ଯେ ତାହା ସହଜରେ କମେନାହିଁ । ଆମ ଅଗ୍ରଗତି ସହ ବାହ୍ୟ ବିଷୟକୁ ସାମିଲ କରିବାକୁ ମନକୁ ନେଇ ମୁଁ ଏପରି ବ୍ୟସ୍ତ ଏବଂ ସମାହିତ ଯେ ସେହି କଠିନ ଆବରଣରୁ ମୁକ୍ତହେବା ଆହୁରି ଅଧିକ କଠିନତର ହୋଇପଡ଼େ ।

ସେ ଦୁଇଟି ପଙ୍‌କ୍ତିରୁ ଗାନ କରି ବନ୍ଦକଲେ । ମୁଁ କହିଲି, ''ଜାରିରଖନ୍ତୁ, ରହିଗଲେ କାହିଁକି ?'' ସେ କହିଲେ, ''ଏତିକି ହିଁ ଯଥେଷ୍ଟ, ଆଉ ଅଧିକ କ'ଣ ଦରକାର ?''

ସେତେବେଳେ ମୁଁ କହିଲି, ''କାହିଁକି କହନ୍ତୁନା, ଆପଣ ଦୁଇ ଧାଡ଼ିରୁ ଅଧିକ କ'ଣ ଗାନକରନ୍ତି ନାହିଁ ? ଏହି ଟିକିଏ ଆଗରୁ ଆପଣ କି ସୁନ୍ଦର ଗୋଟିଏ ଗୀତ ଗାଇଲେ, କି ଚମତ୍କାର ତାହାର ଭାବ ! କିନ୍ତୁ ଏହି ଦୁଇ ଲାଇନ ! ଗାନପରେ ଚୁପ୍‌ଚାପ୍ । କାହିଁକି ? ସବୁଯାକ ସଙ୍ଗୀତ ଗାଇଦେଲେ କ୍ଷତି କ'ଣ ?''

ସେ ଟିକିଏ ହସିଦେଇ ଗମ୍ଭୀର ହୋଇଗଲେ, ତା'ପରେ ଧୀରେ ଧୀରେ କହିଲେ, ''ଅସଲ ଗୀତଟି ତ ଏତିକି । ଗାଇବାର ଅସଲ ମର୍ମ ତ ଏହି ଦୁଇଟି ପଂକ୍ତିରେ ହିଁ ପ୍ରକାଶିତ ହୋଇଯାଇଛି । ତା'ପରେ ଯାହାସବୁ ତାହା କେବଳ କଥାର ଝୁଡ଼ି, କବିଙ୍କର ରଚନା ଆଉ ବୁଦ୍ଧିର କାରିଗରି, କଥାକୁ ଗୁଛିଦେଇ ବା ବାନ୍ଧିଦେଇ ଅସଲ ଏହି ଦୁଇ ଲାଇନ୍‌ରେ ବ୍ୟାପାରଟିକୁ ହିଁ ଫଳତଃ ବ୍ୟାଖ୍ୟା କରାଯାଇଛି । ଭାବର ସାମଞ୍ଜସ୍ୟକୁ ରକ୍ଷା କରି ସେ ସବୁ ନଥିଲେ ମଧ୍ୟ ଚଳିଥାନ୍ତା – କୌଣସି କ୍ଷତି ହୋଇ ନଥାନ୍ତା । ଭାବି ନେଇ ଦେଖ ନା ଦାଦା, ଠିକ୍ କି ନୁହେଁ । **କେବଳ...**''

ମୁଁ କହିଲି, ''**ତାହା ବୋଧହୁଏ ଅନେ**କ ସମୟରେ ଠିକ୍ ନିଶ୍ଚୟ, ତେବେ ପ୍ରଥମ ଦୁଇ ଲାଇନ୍‌ରେ ତ **ଅସଲ** ଭାବର **ସବୁ** କିଛି ପ୍ରକାଶ ହୁଏ ନାହିଁ, କାର୍ଯ୍ୟତଃ ପରବର୍ତ୍ତୀ କଥାରେ ତାହା...''

ବାଧାଦେଇ ସେ **କହିଲେ,** ''ଆରେ ଦାଦାଭାଇ – ତାହାକୁ ଟାଣିଟୁଣି ବଢ଼ାଇ ଦିଆଯା**ଇଥାଏ** ମାତ୍ର, **ମୋ'ର** ମନେହୁଏ ବଢ଼ାଇବାକୁଯାଇ ଫଳ ଭଲ ହୁଏ ନାହିଁ, ଯଦିଓ ସ୍ୱରକୁ ଲମ୍ବାଇ **ଦିଆଯାଇଥାଏ** । ଆତ୍ମଚେତନାର ପ୍ରେରଣା ଯାହା, ତାହା ପ୍ରଥମଟିରେ ହିଁ ରହିଥାଏ । ତା'ପରେ **କବିର** ଯେପରି ଶକ୍ତି ଥାଏ, ସେହି ଶକ୍ତିର ଇଚ୍ଛାନୁରୂପ ବ୍ୟବହାର ହିଁ ତ ପୁଣି ରହିଛି । ଆତ୍ମା ଭିତରେ ଥାଇ ଯେଉଁ ଏକ ଭାବରସର ପ୍ରକାଶ ଘଟେ, ବିଦ୍ୟୁତ୍ ଠାରୁ ହିଁ କ୍ଷଣସ୍ଥାୟୀ ତାହାର ପ୍ରକାଶ । ତାହା ହୁଏ, ପ୍ରେରଣାଟି ବୁଦ୍ଧି କ୍ଷେତ୍ରରେ ଘଟିଲେ । ପ୍ରଥମରେ ଯେପରି ସେହି ପ୍ରେରଣା ବୁଦ୍ଧିକ୍ଷେତ୍ରରେ ଘଟି ଏକ ରୂପ ପାଇଥାଏ, କବି ସେତେବେଳେ ସେହି ଅନୁଭୂତିକୁ ତାଙ୍କର ସଂସ୍କାରଗତ ବୁଦ୍ଧି ମାଧ୍ୟମରେ ଧରିବାକୁ ଯାଇଥାନ୍ତି । ସଂସ୍କାରର ଯେଉଁ ପୁଞ୍ଜ, ତା'ର ଅଭିବ୍ୟକ୍ତି ହିଁ ଭାଷା, ପୁନଶ୍ଚ ଭାଷା ଉପରେ କବିର ଆଧିପତ୍ୟ ହିଁ ସବୁଠାରୁ ଅଧିକ । ସେତେବେଳେ କବି ଭାଷାକୁ ଆଧାର କରି ତାଙ୍କର ପ୍ରେରଣାକୁ ବ୍ୟକ୍ତ କରିବାକୁ ଯାଇଥାନ୍ତି । ସତ୍ୟର ପରଶ ତାଜା ତାଜା ଭାଷାରେ ପ୍ରଥମ ଉଦ୍ୟମକୁ ଆଶ୍ରୟ କରି ଯାହା କିଛି ବ୍ୟକ୍ତ ହେଲା, ତା'ର ଭାବରସ ହୋଇଥାଏ ଗଭୀର । ତତ୍‌ପରେ ମୂଳସ୍ଥ ଯେଉଁ ଚୈତନ୍ୟର ଜ୍ୟୋତି, ତାହା କ୍ରମଶଃ ଭାଷାର ଛାଞ୍ଚରେ ଯେପରି ମ୍ଳାନ ହୋଇଆସେ । ସେତେବେଳେ କବି ତାହାର ସଂସ୍କାରଗତ ବୁଦ୍ଧିର ତାପ ଦ୍ୱାରା ତାହାକୁ ଅନେକ ଭାବରେ ସତେଜ ରଖିବାକୁ ଚେଷ୍ଟା କରିଥାନ୍ତି । ତାହା ହିଁ ସେଗୁଡ଼ିକର ପରବର୍ତ୍ତୀ ଧାଡ଼ି ମଧ୍ୟରେ ବିସ୍ତୃତ ହୁଏ ସତ, କିନ୍ତୁ ସେଥିରେ ଆଉ ସେହି ଗଭୀର ଭାବ ନଥାଏ । କାରୁକଳା, ଭାଷାର ଆବେଷ୍ଟନୀ, ନୀତିକଥା, ତତ୍ତ୍ୱଜ୍ଞାନ, ଏହି ସମସ୍ତ ମିଳିଥାଏ

ପ୍ରଚୁର, କିନ୍ତୁ ଅସଲଟିର ଅନ୍ତ ହୋଇଯାଏ, ଖୁବ୍ ବେଶୀ ହେଲେ ସ୍ୱରକୁ ଭାଷା ସହ ଜୋଡ଼ା ହୋଇଥାଏ ବୋଲି କିଛିଟା ଶେଷାନ୍ତ ଥିବା ପରି ମନେହୋଇଥାଏ । କିନ୍ତୁ ଆମ ପକ୍ଷରେ ଦୁଇଟି ଲାଇନ୍ ହିଁ ଯଥେଷ୍ଟ । କ'ଣ ଭାବୁଛ ? କଥାଗୁଡ଼ିକ କ'ଣ ମନୋମତ ହେଲାନାହିଁ ?''

ମୁଁ ହସିଦେଇ କହିଲି, ''ହେବ ନାହିଁ କାହିଁକି, କଥାଟା ହୁଏତ ତାହା ହିଁ, ତେବେ ସଙ୍ଗୀତକୁ ଏତେ ବଡ଼ କରାଯାଇଛି କାହିଁକି ? ତାହାର' ଗୋଟାଏ କିଛି ଉଦ୍ଦେଶ୍ୟ ଅଛି ବୋଲିତ ?''

ସେ କହିଲେ, ''ହଁ ହଁ, ତାହାହିଁ ତ ରହିଛି । ଅନେକକ୍ଷଣ ପର୍ଯ୍ୟନ୍ତ ସ୍ୱର ସହିତ ବାକ୍ୟ ବା ଶବ୍ଦଚାତୁରୀକୁ ଭୋଗ କରିବାକୁ ଅନେକଙ୍କର ଉଦ୍ଦେଶ୍ୟ ଥାଏ କି ନା ? ଆରେ ଭାଇ, ତମେ କ'ଣ ଦେଖିବାକୁ ପାଇନଥାଅ, ଯିଏ ଯେଉଁ ପଦାର୍ଥକୁ ଭଲ ପାଏ, ତା' ବିଷୟରେ ସେ ଅଧିକ କହିବାକୁ ଚାହେଁ, କେହି ଶୁଣୁ ବା ନଶୁଣୁ ! ସାମାନ୍ୟ ସତ୍ୟର ସ୍ପର୍ଶ ବା ଆଭାସ ଯାହା କିଛି ପାଇଛି, ତା'କୁ ଯଥାଶକ୍ତି ପ୍ରକାଶ କରିଦେଇ ହିଁ ତା'ର ଆନନ୍ଦ । ଭାଷା ମାଧ୍ୟମରେ ତାକୁ ବନେଇଚୁନେଇ ଯେତେ ବଢ଼ାଯାଏ, ତା'ର ସେହି ଚେଷ୍ଟାରେ ତ୍ରୁଟି ରହେନାହିଁ । ଏହି ଜଗତର ଲୋକେ ବେଶୀ କଥା କହିବାକୁ ଭଲପାଆନ୍ତି, ନୁହେଁ କି ? କୌଣସି ଏକ ଭାବକୁ ନେଇ ଅନେକକ୍ଷଣ ପର୍ଯ୍ୟନ୍ତ ଭୋଗ କରିବାକୁ ଯାଇ ତ ଆମମାନଙ୍କ ଜୀବର ମୃତ୍ୟୁ ନିକଟତର ହୋଇଆସେ ! ସମୟ କଟିବ କିପରି, କ'ଣ ନେଇ ରହିପାରିବା, କୁହ ତ ଭାଇ,'' ହାଃ ହାଃ –

ଇଏ ଏକପ୍ରକାର ଅଦ୍ଭୁତ ପାଗଳ ଦେଖୁଛି !

ଆମର କଥାବାର୍ତ୍ତା ବେଶ୍ ଚାଲିଥିଲା । ଏହି ସମୟରେ ଦେଖିଲି, ରାସ୍ତାରେ ଏକ ଅପରୂପ ଭୈରବୀ ମୂର୍ତ୍ତି, ପ୍ରୌଢ଼ା, ରକ୍ତାମ୍ବରଧରା, ଧୀରେ ଧୀରେ ଆସୁଥିଲେ । ବାଉଲ ମୋ' ସମ୍ମୁଖରେ ବସିଥିଲେ; ତାଙ୍କର ପଶ୍ଚାତରେ ରାସ୍ତା, ତା'ପରେ ଅନେକ କିଛି ଉଚ୍ଚ-ନୀଚ ଭୂମି, ଗଛପତ୍ରରେ ପୂର୍ଣ୍ଣ । ସେ ତାଙ୍କୁ ଦେଖିପାରିଲେ ନାହିଁ । ଯିଏ ଆସିଲେ, ସେ ସିଧା ଆସି ବାଉଲ୍‌ଙ୍କ ପଛରେ ଠିଆ ହୋଇଗଲେ । ଅପୂର୍ବ ତାଙ୍କର ମୂର୍ତ୍ତି – ଦେଖି ନେଇ ମଧ ଆହୁରି ଦେଖିବାକୁ ଇଚ୍ଛା ହୁଏ, ବିଶେଷତଃ ତାଙ୍କର ଚକ୍ଷୁ ଦ୍ୱୟ – କରୁଣାଭରା, ସେପରି ଆଖି ମୁଁ ପୂର୍ବେ କେବେହେଲେ ଦେଖିନାହିଁ । ପଥଶ୍ରମ ଯୋଗୁ ରକ୍ତାକ୍ତ ମୁଖମଣ୍ଡଳ, ଅଧିକନ୍ତୁ ଯେପରି ସେ ଜ୍ୟୋତିର୍ମୟୀ । ସେହି ରୂପକୁ ଦେଖିଲେ ମହା ପାପିଷ୍ଠର ମଧ୍ୟ ପ୍ରାଣରେ ଶ୍ରଦ୍ଧା ଉତ୍ପନ ହେବ । ମୁଁ ତାଙ୍କ ଆଡ଼କୁ ଅବାକ୍ ହୋଇ ଅନେଇଲି, ବାଉଲ ବାବାଜୀ ମୋ' ଦୃଷ୍ଟିକୁ ଅନୁସରଣ କରି ପଛକୁ ବୁଲିପଡ଼ି ତାଙ୍କୁ ଦେଖିପକାଇଲେ ।

''ଆଃ–ମହେଶ୍ୱରୀ ମା !'' କହିଦେଇ ବାଉଲ ବିସ୍ମୟ-ଆବେଗ ସହ ଚିତ୍କାର କରି ତାଙ୍କ ପାଦ ନିକଟରେ ପ୍ରଣତି ଜଣାଇଲେ । ମୋ'ର ମଧ୍ୟ ପ୍ରଥମ ଦର୍ଶନରେ ଶ୍ରଦ୍ଧା

ଲାଗୁଥିଲା । ତା'ପରେ ଯେପରି ଭକ୍ତିଉଦ୍ରେକ ହୋଇ ହୃଦୟ ଅଧିକାର କରିନେଲା, କିନ୍ତୁ ତାଙ୍କୁ ପ୍ରଣାମ ଜଣାଇ ପାରିଲି ନାହିଁ । ଏଠାରେ ମୋର ଏତିକି ଭୁଲ୍ ହୋଇଗଲା । ଅନ୍ତରରେ ପ୍ରଶ୍ନ ଉଦ୍ରେକ ହେବାରେ ବିଳମ୍ବ ହେଲା ନାହିଁ, କିନ୍ତୁ କାହିଁକି କେଜାଣି, ମୁଁ ପ୍ରଣାମ ଜଣାଇ ପାରିଲି ନାହିଁ ।

ତା'ର ଉତ୍ତର ଏହାହିଁ ଯେ ଭୈରବୀଙ୍କ ସମ୍ବନ୍ଧରେ ଏଯାବତ୍ ଯେଉଁ ଧାରଣା ପୋଷଣ କରି ଆସିଥିଲି, ତାହା କେବେହେଁ ଭକ୍ତିର ଅନୁକୂଳ ନ ଥିଲା । ତାନ୍ତ୍ରିକ ସାଧକ ଓ ଭୈରବୀମାନଙ୍କର ଉଚ୍ଚସ୍ତରର ଜୀବନ ପବିତ୍ର ବୋଲି ମୋ'ର ଏପର୍ଯ୍ୟନ୍ତ ଧାରଣା ହୋଇପାରିନାହିଁ । ଆଉ ମଧ୍ୟ ଏକ ଗୁହ୍ୟ ଧାରଣା ମୋ' ମନ ମଧ୍ୟରେ ବଦ୍ଧମୂଳ ଥିଲା ଯେ ଭୈରବୀମାନେ ଏକ ଶ୍ରେଣୀର ଭ୍ରଷ୍ଟା ନାରୀ, ସମାଜରେ ପତିତା, ତାନ୍ତ୍ରିକ ସାଧକ ବ୍ୟତୀତ ଆଉ କୌଣସି ସମାଜରେ ସେମାନଙ୍କର ସ୍ଥାନ ନଥାଏ, ପ୍ରୟୋଜନ ମଧ୍ୟ ନଥାଏ ! ଏପର୍ଯ୍ୟନ୍ତ କୌଣସି ଭୈରବୀ ହିଁ ମୋ' ଶ୍ରଦ୍ଧା ଆକର୍ଷଣ କରିପାରିନାହାନ୍ତି । ସେହି କାରଣ ଯୋଗୁ ଏ ଭୈରବୀ ମୋ'ର ଶ୍ରଦ୍ଧା ଆକର୍ଷଣ କରିଥିଲେ ମଧ୍ୟ ତାହାଙ୍କୁ ପ୍ରଣାମ କରିପାରିଲି ନାହିଁ । ତେବେ ଏହି ଭୈରବୀଙ୍କ ଦ୍ୱାରା ହିଁ ମୋର ପୂର୍ବ ସଂସ୍କାର ଦୂରୀଭୂତ ହୋଇପାରିଥିଲା, ସେକଥା ପରେ କହିଛି ।

ଦୀର୍ଘ ପ୍ରଣାମାନ୍ତେ ବାଉଲ ବାବାଜୀ ଯେତେବେଳେ ଉଠିପଡ଼ିଲେ, ସେତେବେଳେ ଭୈରବୀ ତାଙ୍କୁ କୁଶଳ ପ୍ରଶ୍ନ ପଚାରିଲେ । ତାଙ୍କ କଥାରେ ଯେପରି ପୂର୍ବବଙ୍ଗର କିଛିଟା ପ୍ରଭାବ ଥିଲା, ଯେଉଁଥିଲାଗି ବୁଝିନେଲି ଯେ ସେ ସମ୍ଭବତଃ ସେହି ଦେଶର ହିଁ ବ୍ୟକ୍ତି ହେବେ । ମୋ' ଆଡ଼କୁ ଲକ୍ଷ୍ୟ ମଧ୍ୟ କଲେ ନାହିଁ । ତାଙ୍କ ଗଳାର ଶବ୍ଦ କୋମଳ ସତ, କିନ୍ତୁ କ୍ଷୀଣ ନାରୀସୁଲଭ ଦୁର୍ବଳ କଣ୍ଠ ନୁହେଁ । ପ୍ରତ୍ୟେକ ଶବ୍ଦ ଦୃଢ଼ ସ୍ପଷ୍ଟ ଓ ପରିମିତ । ମୋ' ଜୀବନକାଳ ମଧ୍ୟରେ ଯେତେ ନାରୀ ଦେଶ-ବିଦେଶରେ ଦେଖିଛି, କେଉଁଠାରେ ଏପରି ମାଧୁର୍ଯ୍ୟ ଓ ତେଜସ୍ୱିନୀତାର ଏକତ୍ର ସମାବେଶ ଦେଖି ନାହିଁ । ଭଲଭାବେ ବୁଝିପାରିଲି ଯେ ଭୈରବୀ ସମ୍ପର୍କରେ ଯେଉଁ ମନୋଭାବ ପୋଷଣ କରିଥିଲି, ଅନ୍ତରରେ ତା'ର ପରିବର୍ତ୍ତନ ଘଟିବାକୁ ଆରମ୍ଭ କରିଛି । ସେ କଥା କହି କହି ବକ୍ରେଶ୍ୱର ମନ୍ଦିର ଦିଗକୁ ଯିବାକୁ ଲାଗିଲେ । ପୁଣି ବୋଧହେଲା, ବାଉଲଙ୍କୁ ହିଁ ତାଙ୍କ ମନର ଅଜ୍ଞାତସାରରେ ଆକର୍ଷିତ କରିଚାଲିଲେ । ମୋ' ଭିତରେ ତାଙ୍କ ଯିବା ପଶ୍ଚାତରେ ଅନୁସରଣ କରିବାର ଏକ ଆକର୍ଷଣ ଅନୁଭବ କଲି, କିନ୍ତୁ

ମହେଶ୍ୱରୀ ଭୈରବୀ (ବକ୍ରେଶ୍ୱର)

ଆପାତତଃ ସେ ଇଚ୍ଛାଶକ୍ତିକୁ ଦମନ କଲି । ବୋଧହେଲା, ବାଉଲ ଥରେ ମଧ ମୋ' ଉପସ୍ଥିତି କଥା, ତାଙ୍କ ସ୍ମରଣକୁ ମଧ ଆଣିପାରିଲେ ନାହିଁ । କିଛି କ୍ଷଣ ପୂର୍ବେ ଅନେକ ଭାବରେ କେତେ ଆନନ୍ଦର କଥା ମୋ' ସହ ତାଙ୍କର ହେଉଥିଲା, ମୋ' ସଙ୍ଗେ ଯେପରି ତାଙ୍କର ସମ୍ବନ୍ଧ ଅନେକ ଘନୀଭୂତ ହୋଇଯାଇଛି ବୋଲି ମନେହେଉଥିଲା—ସେ ସମ୍ବନ୍ଧରେ ମୋର ଭ୍ରମ ଦୂର ହୋଇଗଲା । ଯିଏ ତ୍ୟାଗୀ ମନୁଷ୍ୟ, ସେମାନଙ୍କର ତ ଏହିପରି ସାମାଜିକତା, ବାହ୍ୟ ସୌଜନ୍ୟର ବନ୍ଧନ ନଥାଏ, ଯାହା ନ ହେଲେ ଆମର ସଭ୍ୟ-ସମାଜରେ ଚଳିବ ନାହିଁ । ମୁଁ କ'ଣ ଭାବି ବା କେଉଁ ଅଧିକାର ନେଇ ତାଙ୍କଠାରୁ ଏହି ଦାବି କରୁଛି, ତାହା ନିଜେ ବୁଝିପାରିଲି ନାହିଁ । ଟିକିଏ ଅଭିମାନର ଧୂଆଁ ଉଠି ମୋତେ ଯେପରି ବେଶ୍ କିଛିଟା ପୀଡ଼ିତ କରି ପକାଇଲା । ବାଃ ଏହା ତ ବଡ଼ ହିଁ ଆଶ୍ଚର୍ଯ୍ୟ ବ୍ୟାପାର, ମୋ'ର ଜଡ଼ତା କୌଣସି ଗୁଣରେ ତ କମ୍ ନୁହେଁ ! ଏହା ଏତେ ବେଶୀ ମୋତେ ଅଧିକାର କରିନେଇଛି ଯେ ପ୍ରବାସରେ ସାଧୁସଙ୍ଗ କରିବାକୁ ଆସି ମଧ ମୋତେ ସେଥିରୁ ନିଷ୍କୃତି ମିଳିନାହିଁ । ମନର ଆନ୍ଦୋଳନ କ୍ରମେକ୍ରମେ ଯେପରି କ୍ଷୟହେବାକୁ ଲାଗିଲା ।

ବାଉଲ ଓ ନବାଗତା ମହେଶ୍ୱରୀ ଭୈରବୀ ଆଖିଆଡୁଆଳ ହେଲା ପରେ ବସିବି କି ଉଠିବି, ଭାବୁଛି – ମନଟା ଅନେକ ଗ୍ଲାନିଶୂନ୍ୟ ବୋଧ ହେଲା । ରାସ୍ତା ଆଡ଼କୁ ଲକ୍ଷ୍ୟକରି ଦେଖେ ଯେ ଆଉ କେହି ଜଣେ ଆସୁଛନ୍ତି । ସେ ଜଣେ ଭୈରବ, ଲାଲ୍ ବସ୍ତ୍ର, ହାତରେ ଏକ ପତଳା ତ୍ରିଶୂଳ, ଆଉ ଲାଲ୍ ଲୁଗାର ଏକ ବୋକଚା । ସେ ତରବର ହୋଇ ସମ୍ମୁଖକୁ ଚାଲିଆସିଲେ । କୌତୂହଳପୂର୍ଣ୍ଣ ଦୃଷ୍ଟିରେ ତାଙ୍କ ମୁହଁକୁ ଦେଖୁଥିଲି – ସେ ମଧ ମୋ' ମୁହଁକୁ ଅନେଇବା ପରେ ମୋ'ର ଆପାଦମସ୍ତକ ଏକସଙ୍ଗେ ନିରୀକ୍ଷଣ କରି କହିଲେ, ''ମହେଶ୍ୱରୀ ମା' କ'ଣ ଏଆଡ଼େ ଯାଇଛନ୍ତି – ଆପଣ ଦେଖିଛନ୍ତି କି ?''

''– ହଁ, ମନ୍ଦିର ଆଡ଼େ ଯାଇଛନ୍ତି, ଏଇମାତ୍ର ତାଙ୍କୁ ଦେଖିଛି ।'' ଶୁଣିସାରି ସେ ସେଇଦିଗକୁ ଚାଲିଗଲେ ।

ମୋତେ ଆଉ ବସିରହିବାକୁ ହେଲା ନାହିଁ – ଅଳ୍ପକ୍ଷଣ ରହିବା ପରେ ଉଠିଲି । ସେଠାରୁ ବକ୍ରେଶ୍ୱର ମନ୍ଦିରକୁ ଆସିବା ବାଟରେ ମୋଡ଼ ଉପରେ ଗୋଟିଏ ପ୍ରକାଣ୍ଡ ବଟବୃକ୍ଷ ନଜରରେ ପଡ଼ିଲା । ଦେଖିଲି, ତା' ମୂଳରେ ତିନୋଟି ଛାୟାମୂର୍ତ୍ତି । ଜାଣିଲି – ବାଉଲ ଅଛନ୍ତି, ମହେଶ୍ୱରୀ ଅଛନ୍ତି ଏବଂ ଏବେ ଯିଏ ମୋ' ପାଖକୁ ଆସିଥିଲେ, ସେ ମଧ ଅଛନ୍ତି । ସେମାନଙ୍କୁ ଲକ୍ଷ୍ୟ ନ କରି ବାଟ କାଟି ମନ୍ଦିର ରାସ୍ତା ଧରିଲି ।

ଏକାଥରେ ନିଜ ଆସନରେ ପହଞ୍ଚିବି, ଏହାହିଁ ଅଭିପ୍ରାୟ ଥିଲା । ମାତ୍ର ଯେତେବେଳେ ସେମାନଙ୍କୁ ଅତିକ୍ରମ କରୁଛି, ପ୍ରଥମେ ମହେଶ୍ୱରୀ ମୋତେ ଲକ୍ଷ୍ୟ କରି ବାଉଲଙ୍କ ଆଡ଼କୁ ମୁହଁ ଫେରାଇ କିଛି କହିଲେ । ସେତିକିବେଳେ ବାଉଲ ଉଠିପଡ଼ି ମୋ' ଆଡ଼କୁ ଆସୁଆସୁ ଉଚ୍ଚଗଳାରେ କହିଲେ, ''ହଇ ହେ !—ଏ ଆଡ଼େ ଥରେ ଆସିବାକୁ ପଡ଼ିବ, ଭାଇ ।'' ତେଣୁ ସେ ଆଡ଼କୁ ଫେରି ଆସିବାକୁ ପଡ଼ିଲା ।

ଯାଇ ଠିଆହୋଇଛି, ମହେଶ୍ୱରୀ ଭୈରବୀ କହିଲେ, ''ଏହିମାତ୍ର ବାଉଲଙ୍କଠାରୁ ତୁମ କଥା ଜାଣିଲି, ଯଦି ବିଶେଷ କିଛି କାମ ନ ଥାଏ, ଆମ ସହ ଟିକିଏ ବସିଲେ କ୍ଷତି କ'ଣ ? ଏଠାକୁ ଖଣ୍ଡ ଭୈରବ ଆସିଛନ୍ତି, ତାଙ୍କୁ ଦେଖିଲେ ପୁଣ୍ୟ ମିଳେ ।'' ଏହା କହି ସେ ନବାଗତ ଭୈରବଙ୍କ ଆଡ଼କୁ ଦେଖାଇଦେଲେ । ପରିହାସ ଛଳରେ ଯେ ସେ କହିଲେ, ତାହା ନୁହେଁ, କହିଲେ ଗମ୍ଭୀରତା ସହ । କିନ୍ତୁ ଖଣ୍ଡ ଭୈରବ ତତ୍‌କ୍ଷଣାତ୍ ଏହା କହି କଥାଟାକୁ ଶେଷ କଲେ ଯେ ଯଦି ଦର୍ଶନ ଦ୍ୱାରା ପୁଣ୍ୟ ସଞ୍ଚୟ କରବାକୁ ଚାହାନ୍ତି, ତା'ହେଲେ ଏହି ମହେଶ୍ୱରୀ ମା'ଙ୍କୁ ଦର୍ଶନ କଲେ ତାହା ମିଳିପାରିବ– ବିଶ୍ୱାସ ନହେଲେ ପରୀକ୍ଷା କରି ଦେଖନ୍ତୁ ।

ଏବେ ଏତେ ବେଶୀ ଅପ୍ରସ୍ତୁତ ଥିଲି ଯେ ଏ କ୍ଷେତ୍ରରେ କ'ଣ କହିବି ବା କ'ଣ କରିବି, କିଛି ଠିକ୍ କରି ନ ପାରି ଭୈରବୀଙ୍କ ଆଡ଼କୁ ଯୋଡ଼-ହସ୍ତ ହୋଇ ନମସ୍କାର କରି ଦେଇ ଗୋଟିଏ କଣରେ ବସିପଡ଼ିଲି । ଅଳ୍ପକ୍ଷଣ ପରେ ଭୈରବୀ ତୀକ୍ଷ୍ଣ ଦୃଷ୍ଟିରେ ନିରୀକ୍ଷଣ କରୁକରୁ କହିଲେ, ''ପୂର୍ବାଶ୍ରମ ବିଷୟରେ କିଛି ଜିଜ୍ଞାସା କଲେ ଦୋଷ ହେବ କି ?''

କହିଲି, ''ମୋ'ର ପୂର୍ବାପର ଏକ ହିଁ ଆଶ୍ରମ, ଗୃହତ୍ୟାଗ କରିନାହିଁ କିମ୍ବା ସନ୍ନ୍ୟାସ ମଧ୍ୟ ଗ୍ରହଣ କରିନାହିଁ ।'' ଆପଣଙ୍କର ଯାହା ଖୁସି, ତାହା ପଚାରି ପାରନ୍ତି ।

ଶୁଣି ସାରି ସେ ଯେପରି ଆଶ୍ଚର୍ଯ୍ୟ ହୋଇଗଲେ, ପରମୁହୂର୍ତ୍ତରେ କହିଲେ, ''ତେବେ ? ଏପରି ଭାବରେ ତୁମେ ଫକୀର ପରି ରହୁଥିବାର ଉଦ୍ଦେଶ୍ୟ କ'ଣ ?'' କହିଲି, ''ସାଧୁସଙ୍ଗ ଲାଭ, ଆଉ କ'ଣ ?''

ସେ ସହଜରେ ଛାଡ଼ିଲେ ନାହିଁ, କହିଲେ, ''ଲଛମନ ଝୋଲା, ହରିଦ୍ୱାର, କାଶୀ, ପ୍ରୟାଗ, ନାସିକ ଏ ସମସ୍ତ ବଡ଼ ବଡ଼ ସାଧୁସଙ୍ଗ ସ୍ଥାନ ଛାଡ଼ି ଦେଇ ଏଠାରେ ଏ ରାଜ୍ୟରେ କାହିଁକି ?''

ସେତେବେଳେ ତନ୍ତ୍ର ମତର ସାଧୁସଙ୍ଗ କଥା କହିଲି । ଶୁଣି ନେଇ ସେ ପୁଣି ପ୍ରଶ୍ନ କଲେ, ''ସେଥିରେ ଲାଭ ?'' ଉତ୍ତର ଦେଇ କହିଲି, ''ଲୋକସ୍ୱାନ କଥା ଆଗରୁ ଚିନ୍ତା କରି କ'ଣ କିଏ କାରବାର କରେ ? ଲାଭ କଥାଟା ଯେ ମୂଳରୁ ଲୋକମାନେ ଧରିନିଅନ୍ତି, ଏଇକଥା ନା ? ତା' ପରେ ଯା ହୁଏ, ତା' ଶେଷରେ ଜଣାପଡ଼େ । ଅଥଚ ଏହାଦ୍ୱାରା କିଛି କ୍ଷତି ହେବାର ଆଶଙ୍କା ଯେ ଅଛି, ଏକଥା ପୂର୍ବରୁ ମୁଁ ବିଚାର କରିନାହିଁ ।''

ସେ କହିଲେ, ''ସେଇଟା ହିଁ ତ କଞ୍ଚା କାମ ହୋଇଛି । ଯାହାର ବୁଦ୍ଧି ପକ୍କା, ସେ ମୂଳରୁ ହିଁ ଲାଭ-କ୍ଷତିକୁ ଭଲ ରକମ ବିଚାର କଲା ପରେ ଯାଇ କାର୍ଯ୍ୟକୁ ଗ୍ରହଣ କରିଥାଏ ।''

''ମୁଁ କହିଛି ଯେ ଏ କାର୍ଯ୍ୟରେ କୌଣସି ପ୍ରକାର କ୍ଷୟକ୍ଷତିର ସମ୍ଭାବନା ଥାଇପାରେ, ସେ ଧାରଣା ମୋ'ର ଏ ପର୍ଯ୍ୟନ୍ତ ହୋଇନାହିଁ ।''

''ଏପରି ନ ହୋଇଥିବାରୁ ତ ମୋ'ର ବେଶୀ ଭୟ ହେଉଛି, ହୁଏତ ଲୋକସାନଟା ଗୁରୁତର ହୋଇପାରେ । ଅଘୋରୀ ନିକଟକୁ ଯାଇଥିଲ ବୋଲି ଶୁଣିଲି, ଏୟା ନା ?'' ସ୍ୱୀକାର କରିନେଇ ମୁଣ୍ଡ ହଲାଇଲି । ଭୈରବୀ କହିଲେ, ''ସେ ଏ ବିଷୟ ନେଇ ତୁମକୁ କିଛି କହିନାହାନ୍ତି ? ତାଙ୍କଠାରୁ ସୂଚନା ପାଇନାହଁ ବୋଧହୁଏ ?''

''ସୂଚନା ହୁଏତ କିଞ୍ଚିତ୍ ମିଳିଥିଲା, ତେବେ ତାଙ୍କୁ ତ ଇଚ୍ଛାନୁସାରେ ସାକ୍ଷାତ କରିବା ସମ୍ଭବ ହୁଏ ନାହିଁ, ତାଙ୍କର ସାକ୍ଷାତ୍ ପାଇବା ମୁସ୍କିଲ୍ ।''

ଭୈରବୀ କହିଲେ, ''ତାହା ହୋଇଥାଉ, ତାଙ୍କ ପାଖକୁ ଯିବାଟା ବଜାୟ ରଖ, ସେ ସମସ୍ତ ବୁଝାଇ ଦେବେ । ଭୟ ପାଇ ଯେପରି ତାଙ୍କୁ ତ୍ୟାଗ ନ କର – ପିଲାଲୋକ ନା ସେଥିଲାଗି ସାବଧାନ କରି ଦେଉଛି ।''

''– ଅବଶ୍ୟ ମଝିରେମଝିରେ ଭୟ ଲାଗେ, ମାତ୍ର ତଥାପି ଯାଇଥାଏ, କିନ୍ତୁ ଗଲେ ସେ ତାଙ୍କ ପାଖରେ ବେଶୀ ସମୟ ରହିବାକୁ ଦିଅନ୍ତି ନାହିଁ । ଧମକ ଦେଇ ତଡ଼ିଦିଅନ୍ତି ।'' ଶୁଣିସାରି ଭୈରବୀ କହିଲେ, ''ତାଙ୍କର ଧମକ ଖାଇବା ଆମର ଅଦୃଷ୍ଟରେ ଅନେକବାର ଘଟିଥାଏ–ଆମେ ଏକଥା ଭଲଭାବେ ଜାଣୁ ।'' ଏତକ କହି ବାଉଲ ଓ ଖଣ୍ଡ ଭୈରବଙ୍କ ଆଡ଼କୁ ଚାହିଁ ଯେପରି ଜାଣିବା ଲାଗି ଟିକିଏ ହସିଦେଲେ । ସେମାନେ ମଧ୍ୟ ହସିଦେଇ ସମ୍ମତି ଜଣାଇଲେ । ଭୈରବୀ ତା'ପରେ କହିଲେ, ''ସେ ଇଚ୍ଛା ନ କଲେ କେହି ତାଙ୍କ ପାଖରେ ବସି ପାରିବେ ନାହିଁ । ସେ ଇଚ୍ଛାମୟ, ମହାଶକ୍ତିମାନ ମାନବ । ତେବେ ତାଙ୍କର ତଡ଼ିଦେବା ଭିତରେ ଗୋଟିଏ ଉଦ୍ଦେଶ୍ୟ ଥାଏ । ତାଙ୍କର ଗାଳି ଖାଇଲେ ଲାଭ ମିଳିଥାଏ ।''

''ବୁଝିଲି – ଆଜି ମଧ୍ୟ ଗାଳି ଖାଇ ମହତ୍ କିଛି ଲାଭ ପାଇଛି ।'' ଯାହା ହେଉ ଶେଷରେ ସେ କହିଲେ, ''ଏଇ ଦେଖ, ତାଙ୍କ ଲାଗି ଏତେ କଷ୍ଟ କରି ହିଁ ଆମର ଏଠାକୁ ଆସିବା ।''

ଖଣ୍ଡ ଭୈରବ କହିଲେ, ''ତାଙ୍କର ଆକର୍ଷଣ ସହ୍ୟ କରିବାକୁ କାହାର ସାଧ୍ୟ ନାହିଁ, ଏଇ ଦେଖନ୍ତୁନା – ତାଙ୍କ ଆକର୍ଷଣରେ ଆମେ କେଉଁଠି ଥିଲୁ, ଆସି କେଉଁଠି ପଡ଼ିଛୁ !''

ମୁଁ ପଚାରିଲି, ''ଆପଣମାନେ କେଉଁଠାରୁ ଆସିଛନ୍ତି ?''

ଖଣ୍ଡ ଭୈରବ କହିଲେ, ''ଆମେ ସବୁ ପୂର୍ବବଙ୍ଗର ବିକ୍ରମପୁରରେ ଥିଲୁ । ସେଠାରେ ମା'ଙ୍କର ଗୋଟିଏ ଆଶ୍ରମ ଅଛି । ସେହିଠାରୁ ଆସିବା ହୋଇଛି ।''

ତା' ପରେ ଖଣ୍ଡ ଭୈରବଙ୍କ କଥା,-- ''ଏହି ଲୋକଟିର ସଂସର୍ଗରେ ଆସି ଏକ ମହତ୍ ଉପକାର ହୋଇଥିଲା, ସେଥିଲାଗି ତାଙ୍କ କଥା ଆଉ କିଛି କହିବି । ଏଠାକୁ ଆସିବା ମାତ୍ରେ ସେ ମୋତେ ପଚାରିନେଲେ ଯେ ଏଠାରେ କେତେଦିନ ରହିବି ।'' ଜଣାଇଦେଲି, ତାହାର କିଛି ଠିକ୍ ନାହିଁ, ମନ ହେଲେ ଉଠି ଚାଲିବି । ତାହା ଶୁଣି ସେ କହିଲେ, ''ଆମେ ଏଠାରେ ଚାରିଦିନ ରହିବୁ । ଅଘୋରୀଙ୍କ ସହ ସାକ୍ଷାତ ହେଲେ ସ୍ଥିର ହେବ, ଆହୁରି ଆଗରୁ

ଯିବୁ କି ନାହିଁ । ଏହିଠାରୁ ଆମେ କାମରୂପର କାମାକ୍ଷାପୀଠକୁ ଯିବୁ । ସେଠାରେ ମହେଶ୍ୱରୀ ମା'ଙ୍କ କନ୍ୟାର ଅଭିଷେକ ହେବ ।'' ମୋତେ ପୁଣି କହିଲେ, ''ବକ୍ରେଶ୍ୱର ପ୍ରାଙ୍ଗଣରେ ଆଜି ରାତିରେ ଆମର ଚକ୍ର ବସିବ । ଆପଣ ତ ମନ୍ଦିରରେ ରହନ୍ତି ? ଯଦି ଆପଣଙ୍କର ନିଦ୍ରାରେ ବ୍ୟାଘାତ ନ ଘଟେ, ତା'ହେଲେ ସନ୍ଧ୍ୟାପରେ ଥରେ ଅଘୋରୀଙ୍କ ପାଖକୁ ଯିବେ, ଅନେକ କିଛି ଦେଖିବାକୁ ପାଇବେ । ଆପଣଙ୍କର ଏ ବିଷୟରେ କୌତୂହଳ ଅଛି ଜାଣି ଏ କଥା କହୁଛି ।''

ଖଣ୍ଡ ଭୈରବ (ବକ୍ରେଶ୍ୱର)

ମହେଶ୍ୱରୀ ମାତା କହିଲେ, ''ତାଙ୍କୁ କ'ଣ ସେସବୁ ଭଲ ଲାଗିବ ? ହୁଏତ ଏଗୁଡ଼ିକ ବିପରୀତ ଧର୍ମ, ଅନାଚାର ବୋଲି ମନେହୋଇପାରେ ।''

କହିଲି, ''ମୁଁ ଏହି ସମସ୍ତ ସାଧନାର ଉଦ୍ଦେଶ୍ୟ ଜାଣିବା ଓ ଦେଖିବା ଲାଗି ତ ଆସିଛି – ଯଦି ତନ୍ତ୍ରୋକ୍ତ ସାଧନ ପ୍ରକ୍ରିୟା ଆଚାର ଅନୁଷ୍ଠାନ ନ ଦେଖିବି, ତେବେ ଏଠାକୁ ଆସିବା ବୃଥା ହେଲା ବୋଲି ମନେକରିବି, ଜାଣିରଖନ୍ତୁ ।''

ହସିଦେଇ ଖଣ୍ଡ ଭୈରବ କହିଲେ, ''ସେ ସମସ୍ତ ଆପଣ ସହଜରେ ଦେଖିପାରିବେ ନାହିଁ, ତେବେ ଅଘୋରୀ ପାଖରେ ଯାହା ଦେଖିବେ, ତାହା ସ୍ୱତନ୍ତ୍ର । କାରଣ ତାଙ୍କର କେହି ଗୁରୁ ନାହାନ୍ତି, ସେ ସିଦ୍ଧଯୋଗୀ ।''

■■

ଏକବିଂଶ ପରିଚ୍ଛେଦ

ଆଶାର ଚାଞ୍ଚଲ୍ୟ ଓ ଉଦ୍‌ବେଗ ସହ ମନରେ ସାମାନ୍ୟ ଭୟ ମଧ୍ୟ ଥିଲା । ସନ୍ଧ୍ୟା ପରେ ନିଜ ସ୍ଥାନରୁ କେବଳ ବାହାରୁଛି, ଇଚ୍ଛା ଥାଏ ଏବେ ଚାଲିଯାଏଁ, କିନ୍ତୁ ଏତେ ଆଗରୁ ଯାଇ କିଛି ଲାଭ ନାହିଁ ବୋଲି ଚିନ୍ତା କରି ପୁଣି ଭିତରେ ଯାଇ ବସିଛି– କୌଣସି ରୂପେ ସ୍ଥିର ରହିପାରୁ ନାହିଁ । ଆକାଶ ଘୋର ତମସାଚ୍ଛନ୍ନ, ମଝିରେ ମଝିରେ ତୀବ୍ରଭାବେ ପବନ ବହୁଛି । ଯେପରି ଝଡ଼ ହେବାର ଉପକ୍ରମ । ଏହିପରି ଜୋର୍‌ରେ ବାୟୁ ପ୍ରବାହିତ ହେଉଥିବାରୁ ମନେହୁଏ, ବୃଷ୍ଟି ହୋଇ ପାରୁନାହିଁ, ନତୁବା ଯେପରି ପୃଥିବୀକୁ ପରିପ୍ଲାବିତ କରିଦେବା ପରି ମେଘଡମ୍ବରୁ । ମଝିରେ ମଝିରେ ବିଜୁଳିର ଚମକ । ଉଦ୍‌ବେଗର ସୀମା ରହିଲା ନାହିଁ । ମନେହେଲା, ଯେପରି ମେଘ ବର୍ଷିଯାଇ ମୋ' ଉପରେ ବାଦ ସାଧିବ !

ରାତ୍ରିର ପ୍ରଥମ ପ୍ରହର କୌଣସି ରକମ ପାର ହୋଇଯିବା ପରେ ହିଁ ଆସନ ତ୍ୟାଗ କରି ବାହାରିପଡ଼ିଲି । ଆଉ ରହିପାରିଲି ନାହିଁ । ଏହି ଆସନର ରହସ୍ୟ କଥା ଏଠାରେ ଟିକିଏ କହି ରଖେ ।

ଯେକୌଣସି ଅବସ୍ଥାରେ ସାଧନ ଲାଗି ଆସନ ତୁଲ୍ୟ ସହାୟକ ଓ ମହାବନ୍ଧୁ ଆଉ କେହି ନୁହନ୍ତି । ଯେଉଁ ଆସନରେ ତୁମର ଚିତ୍ତ ସ୍ଥିର ରହି, କୌଣସି ତତ୍ତ୍ୱର ଗଭୀର ଅଭିନିବେଶ ମଧ୍ୟରେ ସହାୟତା ଲାଭ କରେ, ଯେଉଁ ଅବସ୍ଥାରେ ତତ୍ତ୍ୱଦର୍ଶନ ସେଠାରେ ସହଜ ହୋଇଥାଏ, ସେହି ଆସନର ଗୁରୁତ୍ୱ ଯେ କେତେ ବେଶୀ, ତାହା କାହାକୁ ବୁଝାଇବା କଷ୍ଟକର ହୁଏନାହିଁ । ଆସନ ଏକ ଜୀବନ୍ତ ସହାୟ । ତୁମ ପ୍ରାଣର ସ୍ପର୍ଶରେ ତାହା ଜୀବନ୍ତ ହୋଇଉଠେ, ଯେପରି ପୃଥକ୍ ଭାବେ ଏହାର ଶକ୍ତି ଜାଗ୍ରତ ହୋଇଥାଏ । ଯେଉଁ ଆସନରେ ବସି ତୁମେ ଦୀର୍ଘକାଳ କୌଣସି ବ୍ୟାପାରକୁ ନେଇ ସଂଯମ ଅଭ୍ୟାସ, ଧ୍ୟାନ ଏବଂ ଧାରଣା କରୁଥାଅ, ତାହା ତୁମର ଚୈତନ୍ୟ ସଙ୍ଗେ ଓତପ୍ରୋତ ଭାବେ ଘନିଷ୍ଠ ସମ୍ବନ୍ଧ ସୃଷ୍ଟି କରିଥାଏ । ତା'ର ସଂସର୍ଗରେ ଆସିବା ମାତ୍ରେ ତୁମର ଚିତ୍ତକ୍ଷେତ୍ର ସହଜରେ ସ୍ଥିର ଓ ସମାହିତ ହୋଇ ଲକ୍ଷ୍ୟସ୍ଥଳରେ ଏକାଗ୍ର ରହି ଧ୍ୟାନ ଦିଗରେ ପ୍ରସାରିତ ହୋଇଥାଏ । ଏପରି ଯେଉଁ ଆସନର ଗୁଣ, ତା'ର ଗୌରବ ଓ ପବିତ୍ରତାର କଥା ଆଉ ଅଧିକ କ'ଣ କହିବି, କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ ଆସନ ହିଁ ସାଧକର ପ୍ରାଣଠାରୁ ପ୍ରିୟତମ ବସ୍ତୁ । ଏହି ଆସନ ମାଧ୍ୟମରେ ତାହାର ସିଦ୍ଧି, ଋଦ୍ଧି ଓ କେବଳ ଆନନ୍ଦ ଲାଭର ଅବସ୍ଥା ଘଟିଥାଏ । ମୋଟ୍

କଥା ହେଲା, ସାଧକର ଯାହା କିଛି ଉଚ୍ଚ ଅବସ୍ଥା, ତାହା ଏହି ଆସନ ଗୁଣରୁ ଘଟିଥାଏ । ଯଦିଓ କୌଣସି ବିଶେଷ ସ୍ଥଳରେ, ବାହ୍ୟ ଭାବର ତରଙ୍ଗ ଦ୍ୱାରା ଅନ୍ତର କ୍ଷେତ୍ରରେ ଚାଞ୍ଚଲ୍ୟ ସୃଷ୍ଟି ହୁଏ, ସେତେବେଳେ ଆସନରେ ଉପବେଶନ କଲେ ତଦ୍ଦ୍ୱାରା ସ୍ଥିର ରହି ଶାନ୍ତ ହୋଇ ଆନନ୍ଦପ୍ରାପ୍ତି ହୋଇଥାଏ । ଏହି ଜାଗ୍ରତ ଆସନର ଆହୁରି ଏକ ବିଶେଷତ୍ୱ ଅଛି । ସେକଥା କହିବାକୁ ଯାଇ ପ୍ରଥମରୁ ଏତେ ବକ୍ତବ୍ୟ—ତାହା ଏହାହିଁ ଯେ ତୁମ ମନରେ ଯଦି କୌଣସି ଉତ୍କଟ ଆକାଂକ୍ଷା ଥାଏ, ଯାହା କର୍ମ ବ୍ୟତୀତ କେବେହେଁ ଶାନ୍ତ ହେବାର ନୁହେଁ, ତେବେ ସେହି ଅବସ୍ଥାରେ ତୁମର ଆସନ କୌଣସିଭାବରେ ତୁମକୁ ତା' ଉପରେ ଶାନ୍ତିରେ ରହିବାକୁ ଦେବ ନାହିଁ । ଅର୍ଥାତ୍ ତୁମର ଆତ୍ମଚୈତନ୍ୟ ସେହି ଆକାଂକ୍ଷା ତୃପ୍ତି ଲାଗି ନିରନ୍ତର ମନକୁ ସ୍ଥାନନ୍ତରେ, କର୍ମାନ୍ତରେ ଯିବାଲାଗି ପ୍ରବୁଦ୍ଧ କରୁଥିବ । ଯେତେବେଳ ପର୍ଯ୍ୟନ୍ତ ଏ ସମସ୍ତର ସମାପ୍ତି ନ ଘଟିଛି, ସେତେକ୍ଷଣଯାଏ ଆସନରେ ବସିରହି ଶାନ୍ତିଲାଭ କରିପାରିବ ନାହିଁ । ଠିକ୍ ଏହି କାରଣରୁ ହିଁ ଆଜି ମୁଁ ଆସନରେ ସ୍ଥିର ହୋଇ ରହିପାରୁ ନଥିଲି, କେବଳ ମାତ୍ର ଶ୍ମଶାନ କ୍ଷେତ୍ରରେ ଭୈରବୀ ଚକ୍ର ଦେଖିବାକୁ ପ୍ରାଣ ବ୍ୟାକୁଳ ହେଉଥିଲା । ଆସନ ଉତ୍ତପ୍ତ ହୋଇଉଠିଲା । ଯେତେଥର ମନକୁ ବାହ୍ୟ ବିଷୟର ଚିନ୍ତାରୁ ଦୂରେଇ ଆଣି ନିଜ ଭାବରେ ମଗ୍ନ ରଖିବାକୁ ଚେଷ୍ଟା କରୁଛି, ସେତେଥର ତାହା ନିଷ୍ଫଳ ହେବାରେ ଲାଗିଛି । ଫଳ ସ୍ୱରୂପ ଏବେ ପ୍ରବୃତ୍ତି ପ୍ରବେଗକୁ ଆଧାର କରି ହିଁ ଆସନ ଛାଡ଼ି, ନିରୁପାୟ ଭାବେ ବାହାରିପଡ଼ିଲି ।

ଅନ୍ଦାଜରେ ରାତ୍ରିର ପ୍ରଥମ ପ୍ରହର ମାତ୍ର ଉତ୍ତୀର୍ଣ୍ଣ ହୋଇଛି କି ନାହିଁ, ଚିନ୍ତାକଲି, ଏବେ ଶଶ୍ମାନ ଆଡ଼କୁ ନ ଯାଇ, କାଳୀବାଡ଼ିର ପୁଣ୍ଡରୀକଙ୍କ ନିକଟକୁ ଯାଇ କିଛିକ୍ଷଣ କଟାଇ ଦେବି, ପରେ ଧୀରେ ଧୀରେ ଗୋଟିଏ ଗୋଟିଏ ହୋଇ ଶ୍ମଶାନ ଦିଗକୁ ଯିବାକୁ ହେବ ।

ଶଶ୍ମାନ ଆଡ଼େ ଅନେଇଅନେଇ କାଳୀବାଡ଼ୀ ଆଡ଼କୁ ଅଗ୍ରସର ହେଉଛି, ଦେଖିଲି ଚତୁର୍ଦ୍ଦିଗ ଜନମାନବ ଶୂନ୍ୟ, ଘୋର ଅନ୍ଧକାର । ଦୂରସ୍ଥ ଅଘୋରୀ କୁଟୀର ମଧ୍ୟ ଅନ୍ଧକାରପୂର୍ଣ୍ଣ ହୋଇ ରହିଛି, କେଉଁଠାରେ ହେଲେ ଆଲୁଅ ତିଳେମାତ୍ର ନାହିଁ । ଏହା ଦେଖୁ ଦେଖୁ କାଳୀବାଡ଼ୀ ଭିତରେ ପହଞ୍ଚିଗଲି । ପୁଣ୍ଡରୀକ ଗୋଟିଏ ଲଣ୍ଠଣ ସମ୍ମୁଖରେ ଖାତାପତ୍ର ଧରି ବସିଛନ୍ତି । ହାତରେ ନାସରଖା ଡିବାଟିଏ । ମୋତେ ଦେଖିନେଇ ମୋ' ଆଡ଼କୁ ନାସଦାନିକୁ ବଢ଼େଇଦେଲେ ।

''ଆଜି ଏତେ ରାତିରେ, ଏଠିକୁ କ'ଣ ମନେ କରି ! ହଠାତ୍ ଏପରି ଭାବେ ଆବିର୍ଭାବର କାରଣଟା କ'ଣ ଜାଣିପାରେ କି ?''—ପଚାରିଦେଲେ ।

ମୁଁ କହିଲି, ''ଏତେ ରାତି କୁଆଡ଼େ ? ଏବେ ତ ପ୍ରଥମ ପ୍ରହର ଶେଷ ହୋଇନି—ଆଚ୍ଛା, ଆଜି ଶ୍ମଶାନରେ କିଛି ସ୍ୱର-ଶବ୍ଦ ନାହିଁ କାହିଁକି, କହନ୍ତୁ ଦେଖି ?''

ପୁଣ୍ଡରୀକ ନିଜ କାମରୁ ମୁଣ୍ଡ ନ ଉଠାଇ କହିଲେ, ''ଆଜି ଯେ ସେଠାରେ ଖୁବ୍ ଧୁମ୍‌ଧାମ୍ ଚାଲିଛି—କିଛି ଆଗରୁ ସିଦ୍ଧ କରାଳୀ ତାଙ୍କର ଭୈରବୀଙ୍କୁ ସଙ୍ଗରେ ନେଇଗଲେ—

ଉପରବେଳା ମହେଶ୍ୱରୀ ମା' ଆସିଛନ୍ତି, ଖଣ୍ଡ ଭୈରବ ଆସିଛନ୍ତି, ଆହୁରି କିଏ କିଏ ଆସିଛନ୍ତି, – ସମସ୍ତଙ୍କୁ ତ ମୁଁ ଜାଣି ନାହିଁ । ଆଜି ଯେ ଅଘୋରୀ ବାବାଙ୍କ ଦରବାରରେ ଚକ୍ର ବସିଛି– ବିରାଟ ଉତ୍ସବର ବ୍ୟାପାର !''

ମୁଁ ପ୍ରଶ୍ନ କଲି, ''ଉତ୍ସବରେ ଏତେ ଅନ୍ଧକାର କାହିଁକି ?''

''ଜାଣନ୍ତି ତ, ତାନ୍ତ୍ରିକମାନଙ୍କର ଇଷ୍ଟଗୋଷ୍ଠୀ ଅନ୍ଧକାର ମଧ୍ୟରେ ହିଁ ଅନୁଷ୍ଠିତ ହୋଇଥାଏ । ସେମାନଙ୍କର ତ ସବୁ ହିଁ ଗୁହ୍ୟ ବ୍ୟାପାର ।''

''ଆଚ୍ଛା, ତୁମେ କ'ଣ କେବେ କୌଣସି ଚକ୍ରରେ ଉପସ୍ଥିତ ରହିନ ?''

''ନା, ବାହାରୁ ଯାହା କିଛି ଶୁଣିଛି, ଚକ୍ର ଭିତରକୁ କେବେ ହେଲେ ପ୍ରବେଶ କରିନାହିଁ । ମୋତେ ଏସବୁ ଭଲ ଲାଗେ ନାହିଁ । ସେମାନଙ୍କର ଭଣ୍ଡାମି, ଯଥେଚ୍ଛାଚାର ମୋତେ ଆଦୌ ଭଲ ଲାଗେ ନାହିଁ । ସେମାନେ ପୁଣି ଏସବୁ କ'ଣ କରିଥାନ୍ତି ଯେ ଏହି ସମସ୍ତ କର୍ମକୁ କିପରି ଧର୍ମ ବୋଲି କହନ୍ତି, ତାହା ମୁଁ ବୁଝିପାରେ ନାହିଁ । ସେମାନଙ୍କର ସବୁ କଥା ହିଁ ବଜ୍ଜାତ୍‌ଗିରି । ସ୍ତ୍ରୀଲୋକଙ୍କୁ ନେଇ ପୁଣି କ'ଣ ଧର୍ମକର୍ମ ସାଧନା... ! ଛି –''

''–ଆଚ୍ଛା, ଅଘୋରୀଙ୍କୁ ଦେଖି କ'ଣ ତୁମର ମନେ ହୁଏ ?''

''–ଏ ଲୋକଟିର କଥା ଅଲଗା ।''

''–ଅଘୋରୀର ପୁଣି ତନ୍ତ୍ର ମଧ୍ୟକୁ ଯିବା କ'ଣ ପାଇଁ କୁହ ତ ? ମୁଁ ତ ବୁଝିପାରୁନାହିଁ, ତାନ୍ତ୍ରିକମାନଙ୍କ ସହ ତାଙ୍କର କାହିଁକି ଏତେ ଘନିଷ୍ଠତା ।''

''–ମୁଁ ଶୁଣିଛି ଯେ ସେ ତନ୍ତ୍ର ସାଧନାରେ ସିଦ୍ଧିଲାଭ କରିଛନ୍ତି । ଏବେ ସେ କୌଣସି ଏକ ବିଶେଷ ଭାବର ସାଧନ ଦ୍ୱାରା ଆବଦ୍ଧ ନୁହନ୍ତି । ତାଙ୍କର ଏବେ ସ୍ଥିତି ଖୁବ୍ ଉଚ୍ଚରେ, ଏ କଥା ସମସ୍ତେ କହନ୍ତି । ମାତ୍ର ମାସେ ଦୁଇମାସ ହେଲା ମୁଁ ଏଠାକୁ ଆସିଛି, ଏକହିଁ ଅବସ୍ଥାରେ ତାଙ୍କୁ ଦେଖୁଛି । କିନ୍ତୁ କେବେବି ତାଙ୍କ ପାଖକୁ ଯାଇ ସାହସ କରି ବସିପାରିଲି ନାହିଁ ।''

''– କାହିଁକି, କହିଲ ?''

''– କେମିତି ଟିକିଏ ଭୟ ହୁଏ । ଥରେ ଟିକିଏ ସାହସ କରି ଆଗେଇଯାଇଥିଲି । ଖଣ୍ଡେ କାଠ ନେଇ ସେ ଏପରି ଗୋଡ଼େଇଲେ ଯେ ଦେ ଦୌଡ଼ । ଆଉ ସେହିଦିନୁ ପାଖକୁ ଯିବାକୁ ସାହସ କରିନାହିଁ । ଦୂରରୁ ନମସ୍କାର କରେ । ମୋ ବିଚାରରେ ପାଗଳ (ବୈଦନାଥ) ତାଙ୍କର ବଡ଼ ଭକ୍ତ । ତା' ପାଖରୁ ତାଙ୍କ ବିଷୟରେ ଅନେକ କିଛି ଶୁଣିବାକୁ ମିଳେ ।''

ଏଠାରେ ଆଉ କେତେଦେଳଯାଏ ରହିବାକୁ ପଡ଼ିବ ? ଆଉ ଅଧିକ ସମୟ ରହିପାରିଲି ନାହିଁ । ସୁତରାଂ ପୁଣ୍ଡରୀକାକ୍ଷ ଯେତେବେଳେ କହିଲେ, ଆପଣ କ'ଣ ବର୍ତ୍ତମାନ ଏଇଠାରେ ରହିବେ କି, ନିଦରେ ତ ତା'ର ଆଖି ବୁଜି ହୋଇଯାଉଥିଲା, ସେହି ସୁଯୋଗରେ

ମୁଁ ସେଠାରୁ ଉଠିପଡ଼ିଲି । ପୁଣ୍ଡରୀକାକ୍ଷ ତତକ୍ଷଣାତ୍ ମଶାରି ଟଙ୍ଗାଇବାକୁ ଆରମ୍ଭ କରିଦେଲେ ।

ବାହାରକୁ ଆସି ମୁଁ ଶଶ୍ମାନ ରାସ୍ତା ଧରିଲି । ଗାଢ଼ ଅନ୍ଧକାର, ଅତି ପାଖରେ ଥିବା ମଣିଷ ମଧ୍ୟ ଦେଖାଯାଉନାହିଁ । ମଝିରେ ମଝିରେ ବିଜୁଳି ଚମକୁଛି – ଏକେ ତ ରାତ୍ରି, ସେଥିରେ ପୁଣି ଆକାଶରେ କଳାବାଦଲ, ତାରାଟିଏ ମଧ୍ୟ ନାହିଁ । ପାପହରା ପାର୍ ହୋଇ ଶ୍ମଶାନରେ ଯେତେବେଳେ ପାଦ ଦେଲି ଦେହଟା ଶୀତେଇ ଉଠିଲା । ମନଭିତରେ ଯେ ଭୟ ନ ଥିଲା, ତାହା କହିଲେ ଠିକ୍ ହେବ ନାହିଁ । ଚାଲିବାକୁ ଲାଗିଲି, ଅଘୋରୀଙ୍କ ଘର ଆଡ଼କୁ, – ଦୂରରେ ଯେପରି ମୃଦୁଗଳାରେ ମନୁଷ୍ୟର ଆବାଜ ପାଇଲି । ଅଘୋରୀଙ୍କ କୁଟୀରଯାଏ ଯିବାକୁ ପଡ଼ିଲା ନାହିଁ, ଯିବାବାଟ ମଝିରେ ଦେଖେ ଯେ, ଭୂମି ଉପରେ ଧାଡ଼ି କରି କେତେଜଣ ବସିଛନ୍ତି । ପ୍ରାୟ ଛ' ସାତ ଜଣ ହେବେ । କାହାକୁ ଚିହ୍ନିବା ସମ୍ଭବ ନଥିଲା । ତେବେ ସେମାନେ ଚକ୍ରାକାରରେ ବସିବା କଥା ଅନୁମାନ କରି ବୁଝିପାରିଲି । ଲୋକଙ୍କୁ ଦେଖିନେଇ ଅନ୍ତରରେ ସଙ୍କୋଚ କିମ୍ବା ଭୟ କିଛି ମାତ୍ର ରହିଲା ନାହିଁ । ତା' ପରିବର୍ତ୍ତେ ହୃଦୟରେ ସାହସ ଓ ବଳ ଆସି ମୋତେ ଶକ୍ତିମାନ କରିଦେଲା । ମୁଁ କିପରି ସେହି ସ୍ଥାନରେ ବସିବା ଜାଗା କରିନେବି, ଏବେ ତାହାହିଁ ହେଲା ମୋ'ର ଚିନ୍ତାର ବିଷୟ । ମୁଁ ଯେ ସେହି ପରିସ୍ଥିତିରେ ଜଣେ ବାହାର ଲୋକ, ଗୋପନରେ ଆସିଛି, ତାହା ତ ଭୁଲିବାର ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟ କଥା ଏହି ଯେ ଯେଉଁମାନେ ସେଠାରେ ବସିଥିଲେ, ମୋ'ର ଉପସ୍ଥିତି କଥା ସେମାନେ ନିଶ୍ଚିତ ରୂପେ ବୁଝିପାରିଲେ କି ନାହିଁ, ତାହା ଜାଣିପାରିଲି ନାହିଁ, କିମ୍ବା ସେମାନଙ୍କର ହାବଭାବରୁ କୌଣସି ପ୍ରକାର ଚାଞ୍ଚଲ୍ୟ ପରିଲକ୍ଷିତ ହେଲା ନାହିଁ । ମୁଁ ତଦ୍ଦ୍ୱାରା ସାମାନ୍ୟ ବିମନା ହେଲେ ହେଁ ଶେଷରେ ସାହସ ସଞ୍ଚୟ କଲି । ମାତ୍ର କେଉଁଠି ନିଜର ବସିବା ସ୍ଥାନ ଠିକ୍ କରିନେବି, ସେକଥା ଚିନ୍ତା କରୁକରୁ କିଛି ସମୟ କଟିଗଲା । ମୁଁ ବୁଝିନେଲି, ଏହି ନିର୍ବାକ୍ ସାଧକ ଦଳ ମଧ୍ୟରେ ମୁଁ କୌଣସି ବିଶେଷ ଉତ୍ତେଜନା ସୃଷ୍ଟି କରିନାହିଁ । ସେମାନଙ୍କ ଚକ୍ରଠାରୁ ସାତ-ଆଠ ହାତ ଦୂରରେ ଅଳ୍ପ ଉଚ୍ଚ ସ୍ଥାନ ଦେଖି କେତେକ ବୁଦାଳିଆ ଗଛଧାରରେ ନିଜ ସ୍ଥାନ ଠିକ୍ କରିନେଇ ନିଃଶବ୍ଦରେ ବସିପଡ଼ିଲି । ଯେତେବେଳେ ମୁଁ ବସିଗଲି, ଦେଖୁଛି ଅଘୋରୀଙ୍କ ଘରଆଡୁ ଦୁଇହାତରେ କିଛି ଭାରି ପଦାର୍ଥ ଧରି ଜନୈକ ବ୍ୟକ୍ତି ସେଠାରେ ଉପସ୍ଥିତ ହୋଇ କିଛି ସମୟ ସ୍ଥିର ଭାବେ ଠିଆ ହୋଇରହିଲା । ଠିକ୍ ସେହି ସମୟରେ ବିଜୁଳି ମାରିଲା, ସେ ବ୍ୟକ୍ତି ସ୍ଥାନଟିକୁ ନିରୀକ୍ଷଣ କରିନେଇ ଧରି ରଖିଥିବା ପଦାର୍ଥଟିକୁ ଓହ୍ଲାଇ ତଳେ ରଖିଦେଲା । ସେହି କ୍ଷଣପ୍ରଭାର ଆଲୋକରେ ଦେଖିଲି, ଚକ୍ର ସ୍ଥାନଟି ପରିଷ୍କୃତ, ଯେପରି କେହି ପୂର୍ବରୁ ସ୍ଥାନଟିକୁ ପରିଷ୍କାର ଓ ମାର୍ଜିତ-ସଜ୍ଜିତ କରି ରଖିଦେଇଛି । ଗୋଟିଏ ଝୁଣାଦାନିରେ ଝୁଣା ଜଳିବା ଦେଖୁଛି । ଚାରିଆଡ଼େ ଧୂପ ଓ ଝୁଣାର ସୁଗନ୍ଧ । ଚକ୍ର ମଧ୍ୟରେ ଅଘୋରୀ ବାବା ନାହାନ୍ତି । ଯେଉଁ ବ୍ୟକ୍ତି ଅନ୍ଧକାର ମଧ୍ୟରେ ଆସି ଠିଆ ହୋଇଥିଲା, ସେ ଆଉ କେହି ନୁହେଁ, ଆମ ଭୋଳା ଡମ– ମଦର କଳସ ଓ

ମଦ୍ୟପାତ୍ର ନେଇ ଆସିଛି । ବିଦ୍ୟୁତ୍ ଆଲୋକରେ ସ୍ଥାନଟିକୁ ଠିକ୍ କରି ସେ ସବୁ ଓହ୍ଲାଇ ରଖିଲା ଏବଂ ଟିକିଏ ଦୂରକୁ ଯାଇ ହାତଯୋଡ଼ି ବସିପଡ଼ିଲା ।

ବିଦ୍ୟୁତ୍-ଜ୍ୟୋତିର ସୁଯୋଗ ନେଇ ମୁଁ ଯେପରି ଉପସ୍ଥିତ ଏଠାର ସମସ୍ତଙ୍କୁ ଅସ୍ପଷ୍ଟଭାବେ ଦେଖିନେଲି, ସେମାନେ ମଧ ମୋ'ର ଆବିର୍ଭାବକୁ ଲକ୍ଷ୍ୟ କଲେ କି ନାହିଁ, ତାହା ଜଣାପଡ଼ିଲା ନାହିଁ । ସମସ୍ତ ନୀରବ ! ମଝିରେମଝିରେ ଦମକାଏ ପବନ ବୋହୁଥାଏ, ତାହାର ସୁଉ ସୁଉ ଶବ୍ଦ ଏହି ଶଶ୍ମାନ ସଙ୍ଗେ ଖାପଖୁଆଇ ସ୍ଥାନର ମାହାତ୍ମ୍ୟକୁ ବହୁଗୁଣରେ ବଢ଼ାଇଦେଉଛି ।

ଯେଉଁମାନେ ସେଠାରେ ବସିଛନ୍ତି, ସେମାନେ ଯେ ଆଳସ୍ୟଭାବେ ବସିଛନ୍ତି, ତାହା ଠିକ୍ ନୁହେଁ – ମନେ ହେଲା, ସେମାନେ ସ୍ଥିର ଆସନରେ କୌଣସି କର୍ମରେ ଲିପ୍ତ ଅଛନ୍ତି । ସେହି କର୍ମଟି ହେଲା ଜପ । ଅନୁମାନ କଲି ଯେ ଏଇମାତ୍ର ଆସନରେ ସେମାନଙ୍କର କର୍ମ ଆରମ୍ଭ ହୋଇଛି । ଅଘୋରୀ ବାବାଙ୍କର କିନ୍ତୁ ଅଭାବ, ସେ କେଉଁଠି ? ଏଠାରେ ସମସ୍ତେ କର୍ମୀ, କେବଳ ମୁଁ ଜଣେ ଦ୍ରଷ୍ଟା ।

ଅନ୍ଧକାର ମଧରେ କ୍ରମଶଃ ସାମାନ୍ୟ ଦେଖାଯିବାକୁ ଲାଗିଲା, ଅବଶ୍ୟ ସୂକ୍ଷ୍ମ ସୂକ୍ଷ୍ମ କିଛି ବ୍ୟାପାର ବ୍ୟତୀତ ମୋଟାମୋଟି ଭାବରେ କିଛିଟା ଦେଖାଯାଉଥିଲା । ଦେଖୁଛି, ମୋ' ସମ୍ମୁଖରେ ଦଶ-ବାର ହାତ ଦୂରରେ ଖଣ୍ଡ ଭୈରବ, ବାମପାର୍ଶ୍ୱରେ ମହେଶ୍ୱରୀ ମାତା-ଭୈରବୀ, ତାଙ୍କ ନିକଟରେ ସହଜିଆ ବାବାଜୀ କିଛି ଦୂରରେ ବସିଛନ୍ତି । ପ୍ରାୟ ଦୁଇ-ତିନି ହାତ ପରେ ସିଦ୍ଧ କରାଳୀର ଆସନ, ବାମପାର୍ଶ୍ୱରେ ତାଙ୍କର ନବୀନା ଭୈରବୀ, ତାଙ୍କ ପାଖରେ ଅନେକ କିଛି ଉପକରଣର ସମ୍ଭାର, ତାହା ମଧରେ ଭୋଳା ଆଣିଥିବା ମଦ୍ୟର କଳସୀଟିଏ ମଧ ରଖାଯାଇଛି । ଏହାପରେ କିଛି ଖାଲି-ଜାଗା, ଆସନ ପଡ଼ିଛି, ମାତ୍ର ତାହା ଫାଙ୍କା । ତା' ପରେ ପରେ ଜନୈକ ଅପରିଚିତ ଭୈରବ ଓ ତାଙ୍କର ଭୈରବୀ । ଏହାର ଅଳ୍ପ ତଫାତ୍‌ରେ ଭୋଳା ବସିଛି । ସିଧା ଉଠାଇ ଦେଇ ହାତ ଦୁଇଟି ସେ ଧରି ରଖିଛି । ଏହି ଭାବରେ ଚକ୍ର ବସିଛି । ପ୍ରତ୍ୟେକଙ୍କ ସାମ୍ନାରେ ଗୋଟିଏ ଲେଖାଁ ନର-କପାଳ ମାତ୍ର । ଗୋଟିଏ ତମ୍ବାର କୁଣ୍ଡ ମଧ ରଖାଯାଇଥିବାର ମନେହେଲା ।

ମୁଁ ଆସିବା ପରେ ପ୍ରାୟ ଘଣ୍ଟାଟିଏ ଅତୀତ ହୋଇଯାଇଛି । ଏହି ସମୟ ମଧରେ ସ୍ଥାନ-ମାହାତ୍ମ୍ୟର ଅନୁଭୂତି ବେଶ୍ ସ୍ପଷ୍ଟତର ହୋଇଚାଲିଛି । ବିଶେଷତଃ ଯେତେବେଳେ ବାୟୁର ବେଗ କିଛି କମ୍ ହେଉଛି ଅଥବା ଏକବାର ବନ୍ଦ୍ ହୋଇଯାଉଛି, ପଲପଲ ହୋଇ ମଶା ଆସି ସର୍ବାଙ୍ଗକୁ ଦଂଶନ କରୁଛନ୍ତି, ତାହା ସେହି ସମୟରେ ହିଁ ବିଶେଷଭାବେ ଜଣାପଡୁଛି । କେଜାଣି କିପରି ଭାବେ ସେମାନେ ଚକ୍ରରେ ସ୍ଥିର ରହିଛନ୍ତି ! ଯାହାହେଉ, ଦେଖିଲି ଯେ ଗୋଟିଏ ପାଖରୁ ଜଣେ ବିରାଟ ମୂର୍ତ୍ତି ଆସି ସେତେବେଳେ ଭୋଳା ପାଖରେ ଠିଆହେଲେ । ତାଙ୍କୁ ଦେଖି ଭୋଳା ଠିଆ ହୋଇଗଲା । ଆସନସ୍ଥ ଭୈରବ-ଭୈରବୀମାନେ ନିଜ ନିଜ ସ୍ଥାନରେ ରହି ମସ୍ତକ ନତ କଲେ । ଭୋଳା ପ୍ରଣାମ କଲା । ମୋ'ର ଛାତି

ଧଡ୍‌ପଡ୍ କରିବାକୁ ଲାଗିଲା । ଜଣାପଡ଼ିଲା, ଅଘୋରୀବାବା ଆସିଲେ । ମୋ' ଉପସ୍ଥିତିକୁ ସେ କେଉଁ ଭାବରେ ଗ୍ରହଣ କରିବେ । ମୋତେ ରହିବାକୁ ଦେବେ ନା ତଡ଼ିଦେବେ, ସେହି ଭୟ ଓ ଉଦ୍‌ବେଗରେ ନିଜକୁ ମୃତପ୍ରାୟ ଅନୁଭବ କଲି । କିପରି ଭାବେ ଏଠାରେ ଶେଷ ପର୍ଯ୍ୟନ୍ତ ସ୍ଥାନ ମିଳିବ, ବା ସମସ୍ତ କିଛି ଦେଖିବା ସମ୍ଭବ ହେବ ? ଭୟରେ ମାଟିରେ ମିଶିଯିବା ପରି ସଙ୍କୁଚିତ ହେବାକୁ ଲାଗିଲି—ଏହି ସମୟରେ ପୁଣି ବିଜୁଳି ଚମକିଲା । ମୋ' ସାମ୍ନାରେ ପ୍ରାୟ ଛାତି-ଉଚ୍ଚା ଗୋଟିଏ ବୁଦା— ଠିକ୍ ଜାଣିପାରିଲି ନାହିଁ, ସେ ମୋତେ ଦେଖିଲେ କି ନାହିଁ । କିନ୍ତୁ ମୁଁ ତାଙ୍କର ଯେଉଁ ମୂର୍ତ୍ତି ଦେଖିଲି, ତାହା ଜୀବନରେ କେବେହେଁ ଭୁଲିହେବ ନାହିଁ । ଶରୀରଟି ତାଙ୍କର ମୁକୁଳା, ଉଲଗ୍ନ, ସମ୍ପୂର୍ଣ୍ଣ ହିଁ ଦିଗମ୍ବର । ମୁଖମଣ୍ଡଳ ଶାନ୍ତ, ଅପଲକ ତାଙ୍କର ନେତ୍ର । ଖଣ୍ଡେ ଚିତାବାଘର ଛାଲ ସେହି ଶୂନ୍ୟ ଆସନରେ ପକାଯାଇଛି, ବାଉଲ ବାବାଜୀ ଉଠିପଡ଼ି ତାଙ୍କର ହାତ ଧରି ସେହି ଦିଗକୁ ଧୀରେଧୀରେ ନେଇଗଲେ ଏବଂ ଆସନ ନିକଟରେ ଠିଆ କରାଇଦେଲେ । ଠିକ୍ ସେତିକିବେଳେ ପୁଣି ବିଦ୍ୟୁତ୍ ଚମକିଉଠିଲା । ଆଗରୁ ଲକ୍ଷ୍ୟ କରି ନଥିଲି, ସେତେବେଳେ ଦେଖିଲି, ସମସ୍ତଙ୍କ ଦେହରେ ଖଣ୍ଡେ ଲେଖାଏଁ ରକ୍ତାମ୍ବର । ମନେହେଲା, ହୁଏତ ମଶା ଲାଗି, ନତୁବା ବାକି ସମସ୍ତ ଅଙ୍ଗ ଉଲଗ୍ନ ।

ଅଘୋରୀ ଯେତେବେଳେ ଆସନ ନିକଟରେ ଠିଆହେଲେ, ସେତେବେଳେ ମହେଶ୍ୱରୀ ମାତା ଶରୀରସ୍ଥ ବସ୍ତ୍ରଟିକୁ ତ୍ୟାଗ କରି ହାତରେ ଉପକରଣପୂର୍ଣ୍ଣ ଏକ ପାତ୍ର ନେଇ ଅଘୋରୀଙ୍କ ସମ୍ମୁଖରେ ଆସି ଠିଆହେଲେ । ପରେ ପାତ୍ରଟିକୁ ତଳେ ରଖି ପ୍ରଥମେ ପ୍ରଣାମ କଲେ ଏବଂ ତା'ପରେ ପାତ୍ରରୁ କିଛି ଉପକରଣ କାଢ଼ିନେଇ ତାଙ୍କର ପାଦପୂଜା କଲେ । ଅନୁମାନ କରି ଏକଥା ଜାଣିପାରିଲି, କିନ୍ତୁ ଉପକରଣ ଆଦି କିଛି ଦେଖାଗଲା ନାହିଁ । ବରଣ କରିବା ତୁଲ୍ୟ ଏକ ଅନୁଷ୍ଠାନ ହେଲା, ଏତିକି ମାତ୍ର ବୁଝାଗଲା । ଯାହାଙ୍କୁ ବରଣ କରାଗଲା, ସେ ଅଚଳ ଭାବେ ସ୍ଥିର ନିର୍ବିକାର । ଚାରିଦିଗ ନିସ୍ତବ୍ଧ, ଅନିର୍ବଚନୀୟ ଗାମ୍ଭୀର୍ଯ୍ୟ ସେହି ସ୍ଥାନରେ ବିରାଜିତ । ଯାହାହେଉ ବରଣ କାର୍ଯ୍ୟଟି ହୋଇଗଲା ପରେ ଭୈରବୀ ଅସ୍ପଷ୍ଟ ସ୍ୱରରେ କିଛି ଶବ୍ଦ ଉଚ୍ଚାରଣ କଲେ । ତନ୍ମଧ୍ୟରୁ 'ପିତୃ' ସମ୍ବୋଧନଟି ମାତ୍ର ଶୁଣିଲି । ତା'ପରେ ଅଘୋରୀ ଆସନ ଗ୍ରହଣକଲେ । ତା'ପରେ ଏଥର ଅଘୋରୀ ସମ୍ମୁଖରେ ଭୈରବୀ ସ୍ଥିର ପୁତ୍ତଳିକା ତୁଲ୍ୟ ଅପୂର୍ବ ଭଙ୍ଗୀରେ ଦଣ୍ଡାୟମାନ ହୋଇ ରହିଲେ । ମୁଁ ଏବେ ଅନେକ ପରିମାଣର ନିରୁଦ୍‌ବିଗ୍ନ ହୋଇଛି ସତ, କିନ୍ତୁ ଭୟ ଥିଲା, ଯଦି ହଠାତ୍ ଅନ୍ୟ କୌଣସି କାରଣ ଉପସ୍ଥିତ ହୁଏ, ସେଥିଲାଗି ମୋତେ ବିତାଡ଼ିତ ହେବାକୁ ପଡ଼ିବ; ମୁଁ ଯେହେତୁ ଚକ୍ରର ଠିକ୍ ପଶ୍ଚାତ୍‌ରେ ରହିଥିଲି—ଅବଶ୍ୟ ମଝିରେ କିଛିଟା ବ୍ୟବଧାନ ପରେ ।

ଯାହାହେଉ, ମୁଁ ଦେଖିବାକୁ ପାଇଲି—ଅଘୋରୀ ପାତ୍ର ମଧ୍ୟରୁ ଉପକରଣ ନେଇ ପ୍ରଥମେ ଭୈରବୀର ଚରଣ ପୂଜା କଲେ, ତା' ପରେପରେ ମଧ୍ୟଦେଶ, ବକ୍ଷ, କଣ୍ଠ, ଲଲାଟ ସ୍ପର୍ଶ କରି ପୂଜା କରିବାକୁ ଲାଗିଲେ । ଭୈରବୀ ଅନେକକ୍ଷଣ ପର୍ଯ୍ୟନ୍ତ ଦଣ୍ଡାୟମାନ

ହୋଇ ରହିଥିଲେ– ଅଘୋରୀ ତାଙ୍କୁ ପୂଜା କରିବାକୁ ଲାଗିଲେ । ଏହାପରେ (ଏହି ସମୟରେ ପୁଣି ଥରେ ବିଦ୍ୟୁତ୍ ଚମକିଉଠିଲା) ମୁଁ ଦେଖିଲି, ପାର୍ଶ୍ୱସ୍ଥ ଆଧାରରୁ, ଖୁବ୍ ସମ୍ଭବ ଚନ୍ଦନ ହେବ–ହାତରେ ନେଇ ପ୍ରଥମେ ଚରଣରୁ ଆରମ୍ଭ କରି ମଧ୍ୟଦେଶ, ପରେ ହୃଦୟ, ଶେଷରେ ଲଲାଟ ପର୍ଯ୍ୟନ୍ତ ଅନୁଲେପନ କଲେ । ତା'ପରେ ସେ ସ୍ଥିର ହୋଇ ନିଜ ଆସନରେ କିଛିକ୍ଷଣ ଲାଗି ଧ୍ୟାନସ୍ଥ ରହିଲେ ।

ଯେତେସମୟ ଧରି ସେ ସ୍ଥିର ରହିଥିଲେ, ସେତେବେଳଯାଏ ଆଉ କାହାର କୌଣସି ପ୍ରକାର ଚାଞ୍ଚଲ୍ୟ ଦେଖାଗଲା ନାହିଁ । ସମସ୍ତେ ଏହି ଭାବରେ ସ୍ଥିର ହୋଇ ରହିଲେ–ଏହିପରି ଅନେକ ସମୟ କଟିଗଲା । ଏତିକି ମାତ୍ର ଆଶ୍ଚର୍ଯ୍ୟ କଥା ଦେଖିଲି, ଦେହରେ ଚାଦର ଥିଲେ ମଧ୍ୟ ମଶକ-ଦଂଶନ ମୋତେ ମଝିରେମଝିରେ ଅତ୍ୟନ୍ତ ଅସ୍ଥିର କରି ତୋଳୁଥିଲା । ଅଘୋରୀ ବା ମହେଶ୍ୱରୀ ସେମାନେ ତ ସମ୍ପୂର୍ଣ୍ଣ ଉଲଗ୍ନ ଥିଲେ, କିନ୍ତୁ ଶ୍ମଶାନର ଏହି ଭୟଙ୍କର ମଶକ ଦଂଶନର ଜ୍ୱାଳା ଯେ ସେମାନେ ସହ୍ୟ କରୁଥିଲେ, ତାହା ମୋ'ର ମନେ ହେଲା ନାହିଁ । ମଶା ଯେତେବେଳେ ଟିକିଏ ଫାଙ୍କ ପାଉଥିଲେ, ଚାଦର ମଧ୍ୟରେ ପ୍ରବେଶ କରି ନିଃଶବ୍ଦରେ ମୋତେ ଦଂଶନ ଜ୍ୱାଳା ଦେଇଚାଲୁଥିଲେ । କିନ୍ତୁ ମୋ' ସମ୍ମୁଖରେ ଯେଉଁ ଦୁଇଟି ମୂର୍ତ୍ତି ରହିଥିଲେ, ସେମାନଙ୍କର କୌଣସି ରକମର ବି ଲକ୍ଷଣ ଦେଖିଲି ନାହିଁ । ସେମାନେ ଦୁଇଟି ପ୍ରସ୍ତର ମୂର୍ତ୍ତି ପରି ସ୍ଥିର ହୋଇ ରହିଥିଲେ– ଅଳ୍ପ ସମୟ ଲାଗି ନୁହେଁ, ଥିଲେ ଅନେକକ୍ଷଣ ଧରି, ନିଜ ଭାବରେ ସମାହିତ । ଏହା କ'ଣ ବାସ୍ତବିକ ଅଦ୍ଭୁତ ବ୍ୟାପାର ନୁହେଁ ? ଏହା ସତ୍ୟ ଯେ ମୁକ୍ତ ସ୍ଥାନରେ ସାଧନର ମହାବିଘ୍ନକାରକ, ଏହି ମଶକ ଦୌରାତ୍ମ୍ୟରେ ମୋ'ର ସେଠାରେ ବସିବା ଅସମ୍ଭବ ହୋଇଥାନ୍ତା, ଯଦି ପବନଦେବ ମଧ୍ୟେ ମଧ୍ୟେ ପ୍ରବଳରୂପେ ସେଗୁଡ଼ିକୁ ତାଡ଼ନା ନ ଦେଉଥାନ୍ତେ । ପ୍ରଥମ ଶତ୍ରୁ ମଶା, ତା'ପରେ ଶେଷରେ ପିପୀଲିକାର ଉତ୍ପାତ କମ୍ ହୋଇନାହିଁ । ସେଗୁଡ଼ିକ ବାହାରି ଆସି ଲୁଗା ଉପରେ, ପୁଣି ଦେହରେ ପ୍ରବେଶ କରି କାମୁଡ଼ିକାମୁଡ଼ି ଜର୍ଜରିତ କରିବାକୁ ଲାଗିଲେ । ମୋତେ ଅମ୍ଳାନ ବଦନରେ ସବୁ କିଛି ସହ୍ୟ କରିବାକୁ ପଡ଼ିଲା, ଯେତେବେଳ ପର୍ଯ୍ୟନ୍ତ ମୋ'ର ସହ୍ୟ କରିବାର ଶକ୍ତି ସମ୍ଭବ ହେଲା । ଯାହା ହେଉ, ଅନେକକ୍ଷଣ ପରେ ମୁଁ କ୍ରମଶଃ ଶରୀରର ଅନୁଭୂତି ହରାଇବାକୁ ଲାଗିଲି । ଯଦିଓ ମୁଁ ମୋ'ର କୌଣସି ଆସନରେ ନଥିଲି, ତଥାପି ମୋତେ ସ୍ୱଚ୍ଛ ପରିସରସ୍ଥ ତୃଣଆଚ୍ଛାଦିତ ସମତଳ ସ୍ଥାନଟି ମିଳିଯାଇଥିଲା ।

ଏଥର ବୁଝିପାରିଲି, କିପରି ଭାବେ ସାଧକମାନେ ଏହି ସବୁ ମଶା-ମାଙ୍କଡ଼ସାର ଅତ୍ୟାଚାରକୁ ଉପେକ୍ଷା କରି ନିଜର ଉଦ୍ଦେଶ୍ୟ ସଫଳ କରିଥାନ୍ତି । ତୁମର ଚୈତନ୍ୟ ଯେତେବେଳଯାଏ ଦେହଗତ ଥାଏ, ସେତେବେଳଯାଏ ଶରୀରରେ ଦୁଃଖ ଓ ସୁଖର ବୋଧ ସ୍ପଷ୍ଟ ଜୀବନ୍ତ ଥାଏ । ଯଦି ଏହି ଚେତନାକୁ କୌଣସି ଏକ ଅନ୍ତରସ୍ଥ, ଦେହାତିରିକ୍ତ ବିଷୟରେ ସମାହିତ କରାଯାଇପାରିବ, ତେବେ ଶରୀରର ସକଳ ଆପଦ ଦୂରହେବ, ଦେହରେ କୌଣସି ପ୍ରକାର ଅସ୍ୱସ୍ତି ଅନୁଭବ ହେବ ନାହିଁ ।

ଏହି ସ୍ଥାନର କାର୍ଯ୍ୟକ୍ରମରେ ଅଘୋରୀଙ୍କର ତନ୍ମୟତା ଉପରେ ମୋ'ର ଐକାନ୍ତିକ ଲକ୍ଷ୍ୟ ଥିବାରୁ, ତାଙ୍କର ଅନୁଗ୍ରହ ହିଁ ଖୁବ୍ ସମ୍ଭବ ମୋ'ର ଦେହବୋଧକୁ ଦୂର କରିଦେଲା, ଅନେକ କିଛି ଅବସ୍ଥାକୁ ହଜମ କରିବାର ଶକ୍ତି ପାଇବାରେ ସାହାଯ୍ୟ ମିଳିଲା ।

ଯାହାହେଉ, ଏବେ ନିର୍ବିଘ୍ନରେ ମୁଁ ଚକ୍ରର କାର୍ଯ୍ୟକ୍ରମ ଦେଖିବାକୁ ଲାଗିଲି । ଅଘୋରୀ ଅନେକକ୍ଷଣ ପରେ ତାଙ୍କର ଦୁଇବାହୁକୁ ପ୍ରସାରିତ କଲେ ଏବଂ ଭୈରବୀଙ୍କୁ ଆଲିଙ୍ଗନବଦ୍ଧ କରି ଓ କୋଳରେ ବସାଇ ବକ୍ଷରେ ଧରିରଖିଲେ । ଏହି ଦୃଶ୍ୟଟି ଠିକ୍ ହର-ପାର୍ବତୀଙ୍କ ପ୍ରତିଛବି ତୁଲ୍ୟ ଅପୂର୍ବ ପ୍ରତୀୟମାନ ହେଲା । ଏହି ଅନ୍ଧକାର ମଧ୍ୟରେ ପବିତ୍ର ଓ ମଧୁର ଭାବରସର ଏହି ଦୃଶ୍ୟଟି ସମସ୍ତଙ୍କର ପ୍ରାଣରେ ଏକ ନିଷ୍କାମ ଶୁଦ୍ଧ ଏବଂ ସ୍ଥିର ସାତ୍ତ୍ୱିକ ଭାବର ପ୍ରଭାବ ବିସ୍ତାର କଲା । ତା'ପରେ ଅଘୋରୀ ଓ ଭୈରବୀଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସମସ୍ୱରରେ କେତୋଟି ତନ୍ତ୍ରର ମନ୍ତ୍ର ପଂକ୍ତି ଆବୃତ୍ତି କଲେ । ତା'ପରେ ଖଣ୍ଡ ଭୈରବ ଭୋଳାକୁ କିଛି କହିଲେ । ଭୋଳା ଉଠି ସେ ମଦ୍ୟଭାଣ୍ଡ ଆଣି ଅଘୋରୀଙ୍କ ସମ୍ମୁଖରେ ରଖିଦେଲା । କିନ୍ତୁ ଭୈରବୀଙ୍କୁ କୋଳରେ ଧରିଥିବା ଅଘୋରୀଙ୍କର ବାହ୍ୟ ଚୈତନ୍ୟର କୌଣସି ଲକ୍ଷଣ ଦେଖାଗଲା ନାହିଁ । ମୁଁ ଅବଧି ଏକଲକ୍ଷ୍ୟରେ ତାଙ୍କ ଆଡ଼କୁ ଚାହିଁରହିଥିଲି, ମାତ୍ର ପ୍ରାୟ ଘଣ୍ଟାଏ ମଧ୍ୟରେ ତାଙ୍କର କୌଣସି ପ୍ରକାର ଚାଞ୍ଚଲ୍ୟ ଦେଖିବାକୁ ପାଇଲି ନାହିଁ । ଭୈରବୀଙ୍କର ମଧ୍ୟ ତଦ୍ରୂପ ଅବସ୍ଥା ।

ମାତ୍ର ଅନ୍ୟ କାହାରି ସେପରି ଅବସ୍ଥା ନଥିଲା । କାର୍ଯ୍ୟତଃ ସେମାନେ ଅନେକକ୍ଷଣ ଅପେକ୍ଷା କଲେ । ତା'ପରେ ଖଣ୍ଡ ଭୈରବ ଅନ୍ୟମାନଙ୍କ ଅନୁମତି ନେଇ ମନ୍ତ୍ର ଆବୃତ୍ତି ସହ ମଦ୍ୟ ଶୋଧନ କରି ଭୈରବୀ ଓ ଅଘୋରୀଙ୍କୁ ଉତ୍ସର୍ଗ କଲେ । ଆଶ୍ଚର୍ଯ୍ୟ, ଏହି ଚକ୍ରର ଅନ୍ୟ ସାଧକବୃନ୍ଦ ସେତେବେଳେ ମଦ୍ୟପାତ୍ରସ୍ଥ ମଦ୍ୟକୁ ଅଘୋରୀଙ୍କ ମୁଖ ନିକଟରେ ତୋଳି ଧରିଲେ । ଅଳ୍ପ ସମୟ ଧରିବା ପରେ ତାଙ୍କର ବାହ୍ୟଜ୍ଞାନଶୂନ୍ୟ ଅବସ୍ଥା ଦେଖି ମୃଦୁସ୍ୱରରେ କାନ ପାଖରେ କୌଣସି ବିଚିତ୍ର ଶବ୍ଦ ଉଚ୍ଚାରଣ କଲେ । ଏହା ମୋତେ ଦୁଃସହ ମନେହେଲା । ମୋ'ର ଧାରଣା ଏପରି ହେଲା ଯେ ଅଘୋରୀ ଯେଉଁ ଆନନ୍ଦ ଅନ୍ତରକ୍ଷେତ୍ରରେ ଉପଭୋଗ କରୁଛନ୍ତି, ଏହି ମଦ୍ୟ ତା' ତୁଳନାରେ ତୁଚ୍ଛ । ସୁତରାଂ ଏହିପରି ଏକ ଆନନ୍ଦମୟ ଅବସ୍ଥାରେ ଉପାସନାର ବାହ୍ୟନିୟମକୁ ରକ୍ଷା କରିବା ଲାଗି ତାଙ୍କୁ ବିରକ୍ତ କରିବାଟା କ'ଣ ନ୍ୟାୟାନୁରୂପ କର୍ମ ! —ଚକ୍ର ମଧ୍ୟରେ ଆଉ କାହାର ତ ସେପରି ଅବସ୍ଥା ହୋଇନାହିଁ, ସେମାନଙ୍କ ମଧ୍ୟରେ ମଦନିଶାର ଆକର୍ଷଣ ହିଁ ଅତ୍ୟଧିକ, ଏପରିକି ସେମାନଙ୍କୁ ମଦ ଅଧୈର୍ଯ୍ୟ କରିଦେଇଛି । ବାଉଲ ବାବାଜୀ କେବଳ ଏକମାତ୍ର ହିଁ ଅଚଞ୍ଚଳ ଥିଲେ ।

ଯାହାହେଉ, କ୍ରମେ ଅଘୋରୀଙ୍କ ବାହ୍ୟ ଚେତନାର ଲକ୍ଷଣ ଦେଖାଗଲା । ସେ ନିଜ ହାତରେ ପାତ୍ର ନେଇ ଭୈରବୀଙ୍କ ମୁଖ ନିକଟରେ ଧରିଲେ ଏବଂ ଏହାପରେ ନିଜେ ପାନ କଲେ । ଏହାକୁ କେବଳ ନିୟମ ରକ୍ଷା ହିଁ କୁହାଯିବ ।

ଏଥର ସିଦ୍ଧ କରାଳୀ ଭୈରବୀର ପାଳି । ତାଙ୍କର ଭୈରବୀ ମଧ୍ୟ ଗାତ୍ର-ଆଚ୍ଛାଦନ ତ୍ୟାଗ କରି ତାଙ୍କ ସମ୍ମୁଖରେ ଉଠି ଠିଆହେଲେ । ସେତେବେଳେ କରାଳୀ ଭୈରବ ତାଙ୍କୁ ପ୍ରଣାମପୂର୍ବକ ପୂଜା ଆରମ୍ଭ କଲେ । ପୂଜା ପରେ ଗନ୍ଧାନୁଲେପନ ଶେଷ କରି ସେହିପରି ପ୍ରାୟ ଅଧଘଣ୍ଟାଏ ପୂର୍ବୋକ୍ତମତେ ଧ୍ୟାନ ଚାଲିଲା । କାହିଁକି କହିପାରିବି ନାହିଁ, ସମ୍ଭବତଃ ମଶାର ଉତ୍ପୀଡ଼ନରେ ଭୈରବୀ ମଝିରେମଝିରେ ଚଞ୍ଚଳ ହେବାକୁ ଲାଗିଲେ । ଏହାପରେ ଧ୍ୟାନ ଶେଷାନ୍ତେ ଭୈରବ ଭୈରବୀଙ୍କୁ କୋଳରେ ଧରି ବସିଲେ । ମଦ୍ୟପାତ୍ର ପୂର୍ଣ୍ଣ କରି ଭୈରବୀଙ୍କୁ କିଛିଟା ପାନ କରାଇଦେଇ ଅବଶିଷ୍ଟାଂଶ ନିଜେ ପାନ କଲେ । ମୋ'ର ପରିଚିତଙ୍କ ମଧ୍ୟରେ ବାଉଲ ବାବାଜୀଙ୍କୁ ଦେଖେ ଯେ ସେ ମଦ୍ୟପାତ୍ରରେ ଅଙ୍ଗୁଳି ସ୍ପର୍ଶପୂର୍ବକ ଲଲାଟରେ ଧାରଣ କଲେ । ସେ ନା ମଦ୍ୟ ପାନ କଲେ, ନା ତାଙ୍କର ପୃଥକ୍ କିଛି ପାତ୍ର ରହିଥିଲା । ଏହାପରେ ଅପରିଚିତ ଭୈରବ ଭୈରବୀର ସେହିପରି ପୂଜା, ଧ୍ୟାନ, ଗନ୍ଧାନୁଲେପନ ଓ ଶେଷରେ ମଦ୍ୟପାନ ଚାଲିଲା । ଭୋଳା ହାତ ପ୍ରସାରିତ କରି ମଦ୍ୟ-ପ୍ରସାଦ ଶେଷରେ ଗ୍ରହଣ କଲା, ତାହା ମଧ୍ୟ ଦେଖିପାରିଲି । ମଦ୍ୟପାତ୍ର ତିନି ତିନି ଥର ଚକ୍ର ପ୍ରଦକ୍ଷିଣ କଲା । ଶେଷରେ ମଦ୍ୟକଳସ ଅଘୋରୀଙ୍କ ସମ୍ମୁଖରେ ରଖାଗଲା । ସେତେବେଳେ ସେ କଳସକୁ ଗୋଟିଏ ହାତରେ ଧାରଣ କରି ଗଳାଧଃକରଣ କରି ଚାଲିଲେ ଏବଂ ସମ୍ପୂର୍ଣ୍ଣ ନିଃଶେଷ ପରେ କଳସ ରଖିଦେଲେ ।

ଏହାପରେ ଆଉ ଏକ ମଦ୍ୟପାତ୍ର ପହଞ୍ଚିଲା । ମନେହେଲା ମାଛମାଂସାଦି ଆହାର କରିବା ଆରମ୍ଭ ହୋଇଗଲା । ଭୋଜନର ପଦ୍ଧତି ଅପୂର୍ବ । ସେତେବେଳେ ପ୍ରତ୍ୟେକ ଭୈରବ ଭୈରବୀର ମୁଖରେ ପ୍ରଥମେ ଆହାର ଧରାଇ ଦେବାପରେ ଭୈରବୀ ପୁଣି ଭୈରବ ମୁଖରେ ଆହାର ଧରାଇଦେଲେ । ଏହି କ୍ଷେତ୍ରରେ ଭୋଜନ ବ୍ୟାପାରରେ ଯେଉଁ ଆନନ୍ଦର ଧାରା ବହିଚାଲିଲା, ତାହା ବର୍ଣ୍ଣନାତୀତ । ଆନନ୍ଦର ସ୍ରୋତ ଯେପରି ପ୍ରବାହିତ ହେବାକୁ ଲାଗିଲା ।

■■

ଦ୍ୱାବିଂଶ ପରିଚ୍ଛେଦ

ଏକ ମତ୍ତଭାବହିଁ ଚକ୍ରର ସମସ୍ତଙ୍କୁ ଚଞ୍ଚଳ କରି ତୋଳୁଥିବାର ଦେଖୁଥିଲି । ଏହି ମତ୍ତ ଅବସ୍ଥାରେ ହିଁ ମୁଦ୍ରାର ପ୍ରକ୍ରିୟା ଚାଲିଥାଏ । କେବଳ ହଲଚଲ ହେବାଟା ଦେଖି ପାରୁଥିଲି, ମାତ୍ର ବିଶେଷ କିଛି ଲକ୍ଷ୍ୟ କରାଯାଇ ପାରୁ ନଥାଏ । କେବଳ ବାଉଲ ବାବାଜୀ, ଅଘୋରୀ ଓ ମହେଶ୍ୱରୀ ଭୈରବୀଙ୍କ ଅବସ୍ଥା ସ୍ୱତନ୍ତ୍ର । କାରଣ ପୂଜା ପରଠାରୁ ଭୈରବୀ ଯେ ଅଘୋରୀଙ୍କ କୋଳରେ ବସି ରହିଥାନ୍ତି, ତା ପରେ ମତ୍ସ୍ୟ-ମାଂସାଦି ଗ୍ରହଣ, ଭୋଜନ ପୂର୍ଣ୍ଣମାତ୍ରାରେ ଚକ୍ର ମଧ୍ୟରେ ଚାଲୁ ରହିଥାଏ । ସ୍ଫୂର୍ତ୍ତି ମଧ୍ୟରେ କ୍ରମେ ଚାଞ୍ଚଲ୍ୟ, ଏକ ଉନ୍ମାଦନାର ଭାବ ଅନ୍ୟ ସମସ୍ତଙ୍କ ମଧ୍ୟରେ ଦେଖାଯାଉଥିଲା । କିନ୍ତୁ ଏ ସମସ୍ତଙ୍କ ମଧ୍ୟରେ କେବଳ ସେହି ଦୁଇଜଣଙ୍କର ସମ୍ପୂର୍ଣ୍ଣ ନିରାସକ୍ତ ଭାବ, ଦୁହେଁ ସୁସଂଯତ, ନିର୍ବିକାର, ସ୍ଥିର ଏବଂ ଆତ୍ମସ୍ଥ । ଯେପରି ପ୍ରସ୍ତରନିର୍ମିତ ହରପାର୍ବତୀ—ଏହି ବିଗ୍ରହ ସମ୍ମୁଖରେ ମଦ୍ୟପାନର ପ୍ରଭାବରେ ଉନ୍ମତ୍ତ କେତେଜଣ ମନୁଷ୍ୟ ଭୋଗ-ସମ୍ଭୋଗକୁ ନେଇ ମାତିଉଠିଥିଲେ । ସେହି ଅପୂର୍ବ ସମାହିତ ମୂର୍ତ୍ତି ଆଡ଼କୁ କାହାରି ଲକ୍ଷ୍ୟ ନଥିଲା— ନିଜ ନିଜ କାର୍ଯ୍ୟକୁ ନେଇ ସମସ୍ତେ ଉନ୍ମତ୍ତ । ଏହି ସମୟରେ ହଠାତ୍ ଥରେ ବିଦ୍ୟୁତର ଚକ୍‌ମକ୍ ଆବିର୍ଭାବରେ ସେହି କ୍ଷଣିକ ଜ୍ୟୋତି ହିଁ ଏହି ଏକୀଭୂତ ଦେବମୂର୍ତ୍ତିଦ୍ୱୟଙ୍କୁ ଯେପରି ପ୍ରକଟିତ କରିଦେଲା ! ତାହା ସମସ୍ତଙ୍କ ଦୃଷ୍ଟିସମ୍ମୁଖରେ ସେମାନଙ୍କୁ ଜୀବନ୍ତ କରିତୋଳିଲା । ଏହାଦ୍ୱାରା ଯେପରି ଅପ୍ରତ୍ୟାଶିତ ଭାବେ ଚମତ୍କାର ଫଳପ୍ରାପ୍ତି ହେଲା ! ଉଲଗ୍ନ ଭୈରବ-ଭୈରବୀମାନଙ୍କର ପାନୀୟ-ଭୋଜନାଦିର ଉଲ୍ଲାସ, କିଏ ଜାଣେ ଏହାର ଗତି କେଉଁ ଆଡ଼େ ନିବିଷ୍ଟ ଥିଲା, ଏହି ପବିତ୍ର ଯୁଗ୍ମ ମୂର୍ତ୍ତିର ପ୍ରତି ଲକ୍ଷ୍ୟକରିବା ମାତ୍ରେ ହିଁ ସଙ୍ଗେ ସଙ୍ଗେ ସସମଙ୍କ ଚାଞ୍ଚଲ୍ୟ କେଉଁଆଡ଼େ ଲୋପହୋଇଗଲା ଏବଂ ସମସ୍ତଙ୍କ ଦୃଷ୍ଟି ସେହି କେନ୍ଦ୍ରସ୍ଥଳରେ ନିବଦ୍ଧ ହୋଇ ରହିଗଲା । ଫଳସ୍ୱରୂପ ସେମାନଙ୍କ ଶରୀର ମଧ୍ୟ ସ୍ପନ୍ଦନରହିତ ମନେହେଲା ଆସରର ସ୍ଫୂର୍ତ୍ତି, ଉତ୍ତେଜନାଟି ସମସ୍ତଙ୍କ ଅନନ୍ତରୁ ତିରୋହିତ ହେଲା, ଏବେ ସମସ୍ତେ ଯେପରି ପ୍ରସ୍ତର ମୂର୍ତ୍ତିର ଅବସ୍ଥା ପ୍ରାପ୍ତ ହେଲେ— ସ୍ଥିର, ଶାନ୍ତ ଓ ସମାହିତ ।

କି ଅପୂର୍ବ ପରିବର୍ତ୍ତନ ଘଟିଗଲା ଏହି ଅଳ୍ପ ସମୟ ମଧ୍ୟରେ ! ତେବେ ଏହା ଅଧିକ କାଳ ରହିପାରିଲା ନାହିଁ । କ୍ରମେ ଦେଖିଲି, ଅଘୋରୀଙ୍କ ବାହ୍ୟଜ୍ଞାନ ଆସିଗଲା, ସେ ତାଙ୍କର ଦକ୍ଷିଣ ହସ୍ତଟି ଭୈରବୀଙ୍କ ଶରୀରରୁ କାଢ଼ିନେଇ ପ୍ରଥମେ ଭୂମି ଉପରେ ଓ ପରେ ନିଜର ଜାନୁ ଉପରେ ରଖିଲେ—ମହେଶ୍ୱରୀ ତେବେ ମଧ୍ୟ ସ୍ଥିର । ତା'ପରେ ସେ ପୁଣି କିଛି ସମୟ ଲାଗି ସ୍ଥିର ରହିଲେ । ଏଆଡ଼େ ଚକ୍ରର ଅନ୍ୟ ସମସ୍ତେ ଏତେବେଳଯାଏ ସେମାନଙ୍କ

ଆଡ଼କୁ ସ୍ଥିର ଅପଲକ ଦୃଷ୍ଟିରେ ଚାହିଁରହିଥିଲେ । ତାଙ୍କର ହାତଟି ହଲିବା ସଙ୍ଗେସଙ୍ଗେ ସମସ୍ତଙ୍କର ଯେପରି ବାହ୍ୟଜ୍ଞାନ ଆସିଗଲା । ସେମାନେ ହଲଚଲ ହେଉଥିବାର ଦେଖିପାରିଲି ।

ବାଉଲ ବାବାଜୀଙ୍କ କଥା ଟିକିଏ ଭିନ୍ନ । ସେ ତ ମଦ୍ୟ ସ୍ପର୍ଶ ମାତ୍ର କରିଥିଲେ—କିନ୍ତୁ ମାଂସ-ମତ୍ସ୍ୟାଦି ଯେ କେଉଁଭାବେ ବ୍ୟବହାର କଲେ, ବୁଝିହେଲା ନାହିଁ । ତେବେ ସମସ୍ତେ ଯେତେବେଳେ ଚଞ୍ଚଳ, ମଦ୍ୟପାନର ପ୍ରଭାବରେ ମତ୍ତ ଓ ବିହ୍ୱଳ, ସେ କିନ୍ତୁ ସେତେବେଳେ ସ୍ଥିର, ଶାନ୍ତ ହିଁ ଥିଲେ । ସେ ସାଧକ ଭିନ୍ନ ମାର୍ଗର । କାହିଁକି ଯେ ସେ ଏ ଦଳରେ ଯୋଗ ଦେଇଥିଲେ, ତାହା ମଧ ବୁଝିପାରିଲି ନାହିଁ । ପରେ ଏ ବିଷୟରେ ତାଙ୍କୁ ପଚାରିଥିଲି । ସେକଥା ପରେ କହିବି ।

ଏହି ସ୍ଥାନରେ ସେ ଓ ଭୋଳା ଦୁଇଜଣମାତ୍ର ଭୈରବୀବିହୀନ—କିନ୍ତୁ ଆଉ ଅନ୍ୟ ସମସ୍ତଙ୍କ ନିକଟରେ ଭୈରବୀ ଦେଖୁଥିଲି । ଭୋଳା ସବୁପ୍ରକାର ପ୍ରସାଦ ପାଇଲା, ସମସ୍ତଙ୍କ ସହ ସମାନ ଭାବରେ ନିଜ ଭାଗକୁ ଗ୍ରହଣ କଲା, ଏହି ହିସାବରେ ତାନ୍ତ୍ରିକମାନଙ୍କୁ କସମୋପଲିଟାନ୍ ବା ବିଶ୍ୱଜନୀନ କୁହାଯାଇପାରେ । ଉଦାରତା ଗୁଣରେ ସେମାନେ ସମସ୍ତଙ୍କ ସହ ବ୍ୟବହାର କରିଥାନ୍ତି । ଶିବଙ୍କ ସଂସ୍ପର୍ଶକୁ ନେଇ ଯେତେ କିଛି କର୍ମର ଉଦ୍ଭବ ହୋଇଛି, ତାହା ଏକ ଉଦାର ଚିନ୍ତାଧାରା, ସର୍ବପ୍ରକାର ଜାତି ଓ ସମାଜଗତ ସଂକୀର୍ଣ୍ଣତା-ଶୂନ୍ୟ । ଏହି ବ୍ୟାପାରଟି ବିଶେଷ ରୂପେ ଲକ୍ଷ୍ୟ କରିବା କଥା । ସ୍ଥାନାନ୍ତରେ ଏହାର ଆଲୋଚନା କରିବି ।

ଏବେ ଏହି ବାବାଜୀଙ୍କ କଥା ଯାହା କହୁଥିଲି—ଏ ଦିଗରେ ଯେବେ ସମସ୍ତେ ମଦର ପ୍ରଭାବରେ ସୁଖୋଲ୍ଲାସରେ ଉନ୍ମତ୍ତ, ସେତେବେଳେ ମୁଁ ବିଶେଷ ଭାବରେ ଲକ୍ଷ୍ୟ କରୁଥିଲି, ବାଉଲ ବାବାଜୀ ନିଜ ଆସନରେ ସ୍ଥିରହୋଇ ବସିଥିଲେ, ପରେ କ୍ରମେ କ୍ରମେ ବାମ ଓ ଡାହାଣକୁ ଟିକିଏ ଝୁଲିବାକୁ ଲାଗିଲେ, ତା'ପରେ ରୀତିମତ ଘଣ୍ଟାର ପେଣ୍ଡୁଲମ୍ ପରି ଦୁଇ ଦିଗକୁ ଝୁଲିବାକୁ ଲାଗିଲେ । ଆଉ କୌଣସି ଭାବ ନାହିଁ, କେବଳ ତାହାହିଁ ଚାଲିଲା, ଯେତେକ୍ଷଣ ପର୍ଯ୍ୟନ୍ତ ଉକ୍ତ ବ୍ୟାପାରଟି ସମ୍ପନ୍ନ ନ ହୋଇଥିଲା । ଯେତେବେଳେ ଅଘୋରୀ ମାହେଶ୍ୱରୀଙ୍କୁ କୋଳରେ ବସେ ସ୍ଥିର ସୁଖାସନରେ ଆସୀନ ଥିଲେ, ଅନ୍ୟ ସମସ୍ତ ଭୈରବ-ଭୈରବୀ ମତ୍ସ୍ୟ-ମାଂସାଦି ଭୋଜନାନ୍ତେ ମୁଦ୍ରା ପ୍ରକ୍ରିୟାରେ ମତ୍ତ ଥିଲେ, ସେତେବେଳେ ବାଉଲ ବାବାଜୀ ସୁଖାସନରେ ଏହିପରି ଝୁଲୁଥିଲେ । ଏହି ସମୟରେ ବିଦ୍ୟୁତ ଚମକ ଫଳରେ ଯେତେବେଳେ ସମସ୍ତେ ଅଘୋରୀକୁ ଲକ୍ଷ୍ୟକରି ସ୍ଥିରହୋଇ କିଛିକ୍ଷଣ ଲାଗି ତନ୍ମୟ ରହିଥିଲେ, ତାଙ୍କର ବିଚ୍ୟୁତି ପର୍ଯ୍ୟନ୍ତ ବାବାଜୀ ବାଉଲଙ୍କ ଝୁଲିବା ଚାଲୁ ରହିଥିଲା । ଶେଷରେ ସେ ପୂର୍ଣ୍ଣ ରୂପେ ସ୍ଥିର ହୋଇଗଲେ, ଝୁଲିବା ବନ୍ଦ୍ ହୋଇଗଲା । ଯେପରି ସମାଧିସ୍ଥ ଯୋଗୀ—କୌଣସି ବାହ୍ୟଜ୍ଞାନ ନାହିଁ, ମେରୁଦଣ୍ଡ ଏକବାର ସିଧା, ନିଷ୍ପନ୍ଦ ଶରୀର ! ସେ ଏହିଭାବରେ ଅନେକ କ୍ଷଣ ଧରି ରହିଥିଲେ ।

ମୋ' ମନର ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ହୋଇଥିଲା । ମୁଁ ଯେ ସେହି ତାନ୍ତ୍ରିକମାନଙ୍କର ଚକ୍ରରେ ସାଧନ ଦେଖିଆସିଛି, ତାହା ଆଉ ମୋ'ର ମନରେ ନଥିଲା । ମୁଁ କ'ଣ ଦେଖୁଛି ! ବୋଧହୁଏ ମୋ'ର ସେ ଜ୍ଞାନ ମଧ୍ୟ ଥରେ ଥରେ ଲୋପ ପାଇବାକୁ ଲାଗିଲା । ଅତିରିକ୍ତ ମସ୍ତିଷ୍କଚାଳନା ଫଳରେ ଯେପରି ସ୍ଥିତି ଲୋପପାଇବାକୁ ଲାଗିଲା । ମନେକର ଘୋର ଅନ୍ଧକାର ମେଘାଚ୍ଛନ୍ନ ଆକାଶରେ ଟିକିଏ ମଧ୍ୟ ତାରାର ଚିହ୍ନବର୍ଣ୍ଣ ନାହିଁ, କୌଣସି ପ୍ରକାର ଆଲୋକର ସଂସ୍ରବ ନାହିଁ, ତଥାପି ମୁଁ ଏହି ମନୁଷ୍ୟମାନଙ୍କର ହଲଚଲ ଦେଖିବାକୁ ପାଉଛି । ଦୁଇ ଚକ୍ଷୁରୁ କିଛି ଶକ୍ତିର ଅତିରିକ୍ତ ଅପଚୟ ଘଟିଛି । ମଧ୍ୟେ ମଧ୍ୟେ ବିଦ୍ୟୁତ୍ ଚମକ ସଙ୍ଗେସଙ୍ଗେ ଯଦିଓ କିଛି ସ୍ପଷ୍ଟ ଦେଖିବାକୁ ପାଉଥିଲି, ତହିଁରୁ ଏବେ ମଧ୍ୟ କିଛି ଫଳ ମିଳିନାହିଁ । ଦୃଷ୍ଟି ଦ୍ୱାରା ନିରୀକ୍ଷଣ କରିବା ସଙ୍ଗେସଙ୍ଗେ ଜଗତକୁ ଅନ୍ଧକାର କରି ଆଉ କିଛି ସମୟ ଲାଗି ଅନ୍ଧ ହୋଇ ରହିବାକୁ ପଡ଼ିଲା । ତା'ପରେ ସେହି ଅନ୍ଧକାରର ପ୍ରଭା ପୁଣି ଚକ୍ଷୁକୁ ଅଭ୍ୟସ୍ତ କରିବାରେ କିଛି ସମୟ କଟିଯାଏ । ଯାହା ହେଉ, ଏହିପରି ଅନେକକ୍ଷଣ କଟିଗଲା । ପ୍ରଥମରୁ ମୁଁ ଚକ୍ରର ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଏତେବେଳଯାଏ ଦେଖିଲି । ମୁଦ୍ରାରେ ଯେଉଁ ବିଶେଷତ୍ୱ ଅଛି, ତାହା ସମ୍ପୂର୍ଣ୍ଣ ରୂପେ ଅନୁଧାବନ କରିପାରି ନଥିଲି । କିନ୍ତୁ ବାହ୍ୟ କର୍ମେନ୍ଦ୍ରିୟାଦିର ପ୍ରେରଣା ଦେଖି ମୋ'ର ଧାରଣା ହେଲା ଯେ ମୁଦ୍ରା ପ୍ରକରଣ ମୈଥୁନର ପୂର୍ବାବସ୍ଥା । ନାନା ଭଙ୍ଗୀ ଦ୍ୱାରା ଅଙ୍ଗପ୍ରତ୍ୟଙ୍ଗର ଚାଳନା । ତା' ଭିତରେ ପ୍ରଥମେ ଶିବପୂଜା ଲାଗି ବ୍ୟବହୃତ କେତେକ ପରିଚିତ ମୁଦ୍ରା ମଧ୍ୟ ଥିଲା । ମୋ'ର ସେତେବେଳର ମନର ଅବସ୍ଥାରେ ସେଗୁଡ଼ିକର ଖୁଣ୍ଟିନାଣ୍ଟି ଲକ୍ଷ୍ୟ କରି ପାରି ନଥିଲି ବା ବିଶେଷ ଆକର୍ଷଣ ମଧ୍ୟ ଅନୁଭବ କରିପାରି ନଥିଲି । ସେକଥା ଲାଗି ମୋର ମନଯୋଗୀ ନ ହେବାର ଆଉ ଏକ ବିଶେଷ କାରଣ ଏହାହିଁ ଥିଲା ଯେ ଚକ୍ର ମଧ୍ୟରେ ଯେତେବେଳେ ମୁଦ୍ରା-ପ୍ରକରଣ ଅନୁଷ୍ଠିତ ହେଉଥିଲା, ମୋ' ମନ ସେତେବେଳେ ଅଧିକାଂଶ ସମୟ ହିଁ ଅଘୋରୀଙ୍କ ଉପରେ ନିବିଷ୍ଟ ଥିଲା । ତେବେ, ସେହି ସମୟ ମଧ୍ୟରେ ଯାହା କିଛି ଦେଖିଛି ତାହାହିଁ କହୁଛି ।

ସୁସ୍ଥ ଶରୀର, ସୁସ୍ଥ ମନ ଯେପରି ପୂର୍ଣ୍ଣ ଯୌବନର ସ୍ୱାଭାବିକ ପରିଣତି, ଏହି ମୁଦ୍ରାପ୍ରକରଣ ମଧ୍ୟ ସେହିପରି ଯୌନକ୍ରିୟାର ସହଜାତ ପୂର୍ବ-ସଂସ୍କାର । ମଦ୍ୟ, ମାଂସ, ମତ୍ସ୍ୟ ଇତ୍ୟାଦି ପଞ୍ଚ-ମକାର ସାଧନରେ ପୂର୍ଣ୍ଣ ପରିଣତ ସ୍ଥିତି ହିଁ ମୁଦ୍ରା-ସାଧନର ଅବସ୍ଥା । ସ୍ତ୍ରୀ ପୁରୁଷର ସାନ୍ନିଧ୍ୟବଶତଃ ଉଭୟଙ୍କର ହିଁ ଶରୀର-ମନ ସ୍ଫୁର୍ତ୍ତିରେ ଯେତେବେଳେ ଉତ୍‌ଫୁଲ୍ଲ ହୋଇଉଠେ, ସେତେବେଳେ ହିଁ ମୁଦ୍ରାର ଏହିପରି ଅବସ୍ଥା । ଏହି ମୁଦ୍ରା ମଧ୍ୟରେ ଅଶେଷ ସଂଯମର ମଧ୍ୟ ଦେଇ ମୈଥୁନର ସଙ୍କେତଟି ବର୍ତ୍ତମାନ । ମଦ୍ୟ-ମାସାଂଦିର ପ୍ରଭାବରେ ଶରୀରର ସ୍ଫୁର୍ତ୍ତି ପୂର୍ଣ୍ଣ ଅନୁଭୂତ ହେଲେ ଯେ ସେହି ସମୟରେ ହିଁ ମୈଥୁନ ଇଚ୍ଛା ଦ୍ୱାରା କର୍ମରେ ନିବିଷ୍ଟ ହେବାକୁ ପଡ଼ିବ ତାହା ନୁହେଁ । ଏହି ମୁଦ୍ରାପଥରେ ସଂଯମର ଦୃଢ଼ ଅନୁଷ୍ଠାନ ସହ—ଶେଷରେ ମୈଥୁନ ପ୍ରବୃତ୍ତି ଚରିତାର୍ଥ କରିବାର ନିର୍ଦ୍ଦେଶ ଦିଆଯାଇଛି ।

ଯାହା ହେଉ, ଅତିରିକ୍ତ ସ୍ନାୟବିକ ଉତ୍ତେଜନା ଫଳରେ ବୋଧହୁଏ ଏ କ୍ଷେତ୍ରରେ ସଂଜ୍ଞା ଲୋପ ପାଇବାକୁ ଲାଗିଲା । ଆଳସ୍ୟ ସହିତ ଏ ଅବସ୍ଥାର କୌଣସି ସମ୍ବନ୍ଧ ନାହିଁ, କିମ୍ବା ଏହା ନିଦ୍ରାର ପୂର୍ବାଭାସ ମଧ୍ୟ ନୁହେଁ, ଅର୍ଥାତ୍ ତନ୍ଦ୍ରା ମଧ୍ୟ ନୁହେଁ । ସେ ସମୟରେ ରାତ୍ରି ଉଜାଗର ମୋ' ପକ୍ଷେ ସହଜ ଥିଲା । କାର୍ଯ୍ୟତଃ ଏଠାକାର ଏଇ ଯେଉଁ ଧୀରେ ଧୀରେ ଆଚ୍ଛନ୍ନ ହେବା ଅବସ୍ଥା, ତାହାର କାରଣ ଅନ୍ୟ କିଛି ହୋଇଥାଇପାରେ । ଅନ୍ତତଃ ଏହାହିଁ ସେତେବେଳେ ମୋ'ର ମନେହେଉଥିଲା । କୌଣସି ପ୍ରକାରେ ଆଉ ଚୈତନ୍ୟକୁ ଜାଗ୍ରତ ରଖିବା ସମ୍ଭବ ହେଲାନାହିଁ । ଏପରି ଅବସ୍ଥା କାହିଁକି ହେଲା ମୋ'ର ! ନିଜ ସ୍ଥାନରେ ଠିକ୍ ଭାବେ ବସିଛି, ଶରୀର ମଧ୍ୟ ସ୍ଥିର ଅବିଚଳିତ ରହିଛି, ଏହି ସମୟରେ, ଠିକ୍ ମନେ ଅଛି, ଏକ ତୀବ୍ର ବିଦ୍ୟୁତାଲୋକର ଚମକ ସଙ୍ଗେସଙ୍ଗେ ହିଁ ମୋ'ର ସ୍ମୃତି ଓ ସଜ୍ଞା ଲୋପ ପାଇଗଲା ।

ଅବଶ୍ୟ ସେହି ଆଲୋକରେ କିଛି ଦେଖିବାକୁ ମିଳିଲା । ଯାହା ଦେଖିଲି, ତାହା ସମ୍ପୂର୍ଣ୍ଣ ରୂପେ ବର୍ଣ୍ଣନାକରିବା ସମ୍ଭବ ନୁହେଁ । ତେବେ ତାହା କେତେକାଂଶରେ ଏହିପରି : ଯେପରି ଏକ ଜ୍ୟୋତିର୍ମୟ କ୍ଷେତ୍ର, ଉଜ୍ଜ୍ୱଳ-ଶରୀରରେ ନିସଙ୍କୋଚ କେତେଗୁଡ଼ିଏ ଉଲଗ୍ନ ଦେବଦେବୀଙ୍କର ମୂର୍ତ୍ତି ଲୀଳା-ଆବେଶରେ ଚଳଚଞ୍ଚଳ; ସେମାନଙ୍କ ମଧ୍ୟରେ ଏକ ଅପୂର୍ବ ଓ ବିରାଟ ହରଗୌରୀର ମୂର୍ତ୍ତି, ହିମାଳୟ ତୁଲ୍ୟ ସ୍ଥିର, ଧୀର ଏବଂ ଗମ୍ଭୀର, ନିଷ୍କ୍ରିୟ ଅବସ୍ଥାରେ ସୁଖାସନରେ ଆସୀନ ।

କେତେବେଳ ପର୍ଯ୍ୟନ୍ତ ଯେ ସଂଜ୍ଞାହୀନ ଅବସ୍ଥାରେ ଥିଲି, ତାହା ଅନୁମାନ କରିପାରିଲି ନାହିଁ । ତେବେ ସକାଳର କ୍ଷୀଣ ଆଲୋକରେ ପୂର୍ବଦିଗ ଉଦ୍ଭାସିତ ହେବା ଦେଖୁ ଦେଖୁ ଚକ୍ଷୁଉନ୍ମୀଳନ କଲି । ପୂର୍ବସ୍ମୃତି ଚିତ୍ତକ୍ଷେତ୍ରରେ ଜାଗରିତ ହେଉଣୁ ନ ହେଉଣୁ, ମୁଁ ଚତୁର୍ଦ୍ଦିଗକୁ ଥରେ ଅବଲୋକନ କରିନେଇ ପୁନଃଶ୍ଚ କିଛି ସମୟ ଲାଗି ଚକ୍ଷୁ ବନ୍ଦ୍ କଲି । ମୁଣ୍ଡ ଭାରି ଲାଗୁଛି; ଶରୀରରେ ଯେପରି କର୍ମ-ବାତଜ୍ୱର ଅବସ୍ଥା ଅନୁଭବ କରୁ କରୁ ପୁଣି ଯେମିତି ଜାଗିଉଠିଲି । ସେତେବେଳେ ପୂର୍ବାକାଶ ଆହୁରି କିଛି ଫର୍‌ଚା ହୋଇଯାଇଛି, ସାମ୍‌ନାରେ କେତେଗୁଡ଼ିଏ କାଉ ସଶବ୍ଦେ ଦଉଡ଼ା-ଦଉଡ଼ି କରୁଛନ୍ତି, ଆଉ କେହି ହେଲେ ସେ ସ୍ଥାନରେ ନାହାନ୍ତି । ଗତ ରାତ୍ରିର ସବୁ ଘଟଣା ସ୍ମୃତିରେ ଉଦୟ ହେବାମାତ୍ରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରି ଦେଖିବାରେ ଲାଗିଲି । ଭୁକ୍ତ-ଅବଶିଷ୍ଟ କିଛି ଉଚ୍ଛିଷ୍ଟ ଖାଦ୍ୟାଂଶ ଇତସ୍ତତଃ ପଡ଼ିରହିଛି, ମାତ୍ର ଆଉ କୌଣସି ଚିହ୍ନବର୍ଣ୍ଣ ନାହିଁ ।

ଶରୀର ଖୁବ୍ ଭାରୀ ଅନୁଭୂତ ହେବା ସହ ସକାଳର ଥଣ୍ଡା ପବନ ସାଙ୍ଗକୁ ଅନ୍ତର ମଧ୍ୟ ଗୁରୁଭାରାକ୍ରାନ୍ତ ହୋଇପଡ଼ିଲା । ଆନନ୍ଦ ତିଳେମାତ୍ର ନଥିଲା । ଏକ ଦୁର୍ବଳତାଜଡ଼ିତ ଅବସାଦରେ ଶରୀର ଓ ମନ ଯେପରି ଅବସନ୍ନ । ସେତେବେଳେ ଉଠି ନ ଯାଇ, ବସିରହି ଗତ ରାତ୍ରିର ସବୁ ଦୃଶ୍ୟ, ଯାହା ମୋ' ଚକ୍ଷୁ ସମ୍ମୁଖରେ ଘଟିଯାଇଛି, ସେହି ସବୁ କଥା ଭାବୁଥିଲି ।

ଦେଖିଲି, ସାମ୍ନାରୁ କିଛି ଦୂରରୁ ଭୋଳା ଡମ ଆସୁଛି, ମୁଣ୍ଡରେ ଗାମୁଛା ବନ୍ଧାହୋଇଛି ।ଖାଲି ଦେହ, କୌପୀନ-ପରିହିତ ନିମ୍ନାଙ୍ଗ । ମୋ'ର ନିକଟତର ହୋଇ ଆସୁଥିବାର ମନେହେଲା । ଅତି ନିକଟକୁ ଆସିବାରୁ ଦେଖିଲି, ତାହାର ଛୋଟ ଛୋଟ ଦୁଇ ଚକ୍ଷୁ ଜବାଫୁଲ ପରି ଲାଲ୍, କଞ୍ଚା-ପାକଲା ନିଶ ହଳକ ବିଶୃଙ୍ଖଳ । ହାତରେ ତା'ର ବାଉଁଶ ଲାଠିଟି ଠିକ୍ ଧରିଛି । ମୋ' ଆଗକୁ ଆସି ବିଚିତ୍ର ଭଙ୍ଗୀରେ ଅଶେଷ ଉକ୍ତିପୂର୍ଣ୍ଣ ଭାବରେ ପ୍ରଣାମର ଅଭିନୟ କରି ଜଡ଼ିତ କଣ୍ଠରେ କହିଲା, ''ଠାକୁରଦା, ବାବା କହିଛନ୍ତି ଯେ...''

ଭୋଳାଡମ (ବକ୍ରେଶ୍ୱର)

''କ'ଣ କହିଛନ୍ତି ବାବା ?''

''ବାବାଙ୍କ କଥା କ'ଣ ଆମେ ଠିକ୍ ଭାବେ ବୁଝିପାରୁ !''

ବେଟା ମାତାଲ୍ ହୋଇଛି, ଜ୍ଞାନ କିଛି ନାହିଁ, ବୋଧହୁଏ ଭୁଲିଯାଇଛି ।

ମୁଁ ପଚାରିଲି, ''ସେ ଏବେ କେଉଁଠି ଅଛନ୍ତି ?'' ସେ କହିଲା, ''ସେହି ଘରେ ଅଛନ୍ତି— କହିଲେ, ଦେଖିଆସିବୁ ଯା, ସେଠି ଆପଣ ଅଛନ୍ତି କି ନାହିଁ ।''

ମୁଁ ଉଠିପଡ଼ି କହିଲି, ''ଚାଲ, ତାଙ୍କ ପାଖକୁ ଯାଏଁ ।''

ସେ କହିଲା, ''ନା ନା, ତାହା ହବ ନାହିଁ, ବାବା ସେ କଥା ତ କହିନାହାନ୍ତି ।''

ମୁଁ ପଚାରିଲି, ''ତେବେ ସେ କ'ଣ କହିଛନ୍ତି ?'' ସେ କହିଲା, ''ଏବେ କ'ଣ ସେ କଥା କହିଲି ନାହିଁନା ?''

ତା' ସହିତ କଥା କହିବା ବୃଥା, ଏ ଅବସ୍ଥାରେ ତା' ପାଖରୁ କିଛି ଜାଣି ହେବ ନାହିଁ ଭାବି ମୁଁ ଅଘୋରୀ କୁଟୀର ଆଡ଼କୁ ଆଗେଇଲି ।

ଭୋଳା ମୋତେ ଯିବାକୁ ନ ଦେଇ ବାଟ ଓଗାଳି ବସିଲା । କହିଲା, ''ଏବେ ସେଠାକୁ ଯିବାକୁ ହେବ ନାହିଁ, ସେଠାରେ ମା' ଅଛନ୍ତି ପରା ।''

ମୁଁ ପଚାରିଲି, ''ମା ! କେଉଁ ମା ?'' ସେ କହିଲା, ''ମହେସାରୀ ଭୈରବୀ ମା ।'' ବୁଝିଲି, ମହେଶ୍ୱରୀ, ସେ ଏପର୍ଯ୍ୟନ୍ତ ସେଠାରେ ରହିଛନ୍ତି । କହିଲି, ''ସେ ଥାଆନ୍ତୁ-ନା, ମୁଁ ଯିବି ।''

ସେ କହିଲା, ''ତାହା ହବ ନାହିଁ ବାବା, ଏବେ ସେମାନେ ଲଙ୍ଗଳା ଅଛନ୍ତି ଯେ' ! ତୁମେ ସେଠାକୁ କେମିତି ଯିବ, ସେମାନେ ପୂଜା କରୁଛନ୍ତି ଯେ କରୁଛନ୍ତି ।''

ସେତେବେଳେ ମୁଁ ନିରସ୍ତ୍ର ହେଲି । ଏବେ ସେଠାକୁ ଯିବା ସଙ୍ଗତ ହେବ ନାହିଁ ବୋଲି ଭାବିଲି ।

ଚିନ୍ତାକଲି, ଏବେ ଆଉ ସେଠାକୁ ନ ଯାଇ ନିଜ ଜାଗାକୁ ଯିବା ହିଁ ଠିକ୍ ହେବ; ପରେ ସମୟ କରି ଅପରାହ୍ନରେ ଅଘୋରୀଙ୍କ ପାଖକୁ ଯିବି, ଯାଇ ଜାଣିନେବି ବ୍ୟାପାର କ'ଣ । ଏହାହିଁ ମନେକରି ନିଜ ସ୍ଥାନକୁ ଚାଲିଲି । ସେତେବେଳେ ଭୋଳା' ପୁଣି ପଥରୋଧ କରି ଠିଆହେଲା । କହିଲା, ''ତାହା ହେବ ନାହିଁ ଠାକୁର ମଶାୟ,– ଆପଣ ଏଠାରୁ ଯାଇପାରିବେ ନାହିଁ ।''

ମୋତେ ହସଲାଗିଲା–ଭଲ ଆପଦରେ ପଡ଼ିଗଲି, ଇଏ ମୋତେ ଧରି କରିବ କ'ଣ ? ବେଟା ମଦନିଶାରେ ଏକେବାର ବେହେଡ଼ା ହୋଇପଡ଼ିଛି । ମୋତେ ଯିବାକୁ ଦେବ ନାହିଁ ଦେଖୁଛି ।

କ'ଣ କରିବି, ତାହାହିଁ ଭାବୁଛି । ଏହି ବିପଦ ବେଳେ ବାଉଲ୍ ବାବାଜୀ ଆସି ମୋ'ର ସହାୟ ହେଲେ । ସେ ଅଘୋରୀଙ୍କ ଘର ଆଡୁ ଆସୁଥିଲେ, ପଚାରିଲେ, ''କଥା କ'ଣ ?'' ମୁଁ ସବୁ କଥା କହିଲି । ସେ ତାକୁ କହିଲେ, ''ଅଘୋରୀ ବାବା ତାଙ୍କୁ କହିଥିଲେ, ଶ୍ମଶାନରେ କେହି ଶବ ଦାହ କରିବାକୁ ଆସିଛନ୍ତି କି ନାହିଁ, ଦେଖି ଆସିବାକୁ । ଆଜି ତାଙ୍କର ଏକ ଶବର ପ୍ରୟୋଜନ ଅଛି ।''

ସେତେବେଳେ ମୁଁ ବୁଝିନେଲି, କହିଲି, ''ଭାଗ୍ୟକୁ ଆପଣ ଆସିଗଲେ, ନହେଲେ ମୁସ୍କିଲ ହୋଇଥାନ୍ତା ।'' ବୈରାଗୀ ବାବାଜୀ କହିଲେ, ''ସେ ତ ମୋତେ ପଠାଇଲେ, କାରଣ ଭୋଳା ତ ଏବେ ପ୍ରକୃତିସ୍ଥ ନାହିଁ, କାଲି ରାତିରେ ପ୍ରସାଦଟା ଅଧିକ ମିଳିଯାଇଛି, ଏଣୁ ତାକୁ କୌଣସି କାମରେ ତ ଏବେ ସମ୍ପୂର୍ଣ୍ଣ ବିଶ୍ୱାସ କରାଯାଇ ପାରିବ ନାହିଁ, ସେଥିଲାଗି ସେ ପୁଣି ମୋତେ ଦେଖିବାକୁ କହିଲେ, କାରଣ ଏହିପରି ହେବ ବୋଲି ସେ ଆଶଙ୍କା କରିଥିଲେ । ଯାଏଁ, ଏବେ ତାଙ୍କୁ ସବୁ ଯାଇ କହେ । ଚାଲ ଭୁଲୋ–କାମ ଅଛି ।'' ମୋ' ଆଡ଼କୁ ଚାହିଁ କହିଲେ,–''ଆଚ୍ଛା ବାବା, ଏବେ ଏଠାରେ ଆମର କାମ ଅଛି, ପୁଣି ଦେଖା ହେବ ।'' କହିଦେଇ ଚାଲିଗଲେ ।

ଭୁଲୋ ବିଚାରା ଅପ୍ରତିଭ ଅବସ୍ଥାରେ ଶେଷରେ ଡଗ୍‌ଡଗ୍ କରି ବାବାଜୀଙ୍କ ପଛେ ପଛେ ଚାଲିଲା । କିଛି ଦୂରକୁ ଗଲା ପରେ ଭୁଲୋ କାକୁତି-ମିନତି ଆରମ୍ଭ କରିଦେଲା; ତା'ର ହାବଭାବରୁ ଯାହା ଅନୁମାନ କରିନେଲି ।

ମୁଁ ଆଉ ଏଠାରେ କ'ଣ କରିବି ଭାବି ନିଜ ସ୍ଥାନକୁ ଫେରିଆସିଲି । ମନେମନେ ଭାବିଲି, ଆଜି ମଧ୍ୟ ହୁଏତ କିଛି ବିଶେଷ ବ୍ୟାପାର ଅଛି । ଶବର ଯେତେବେଳେ ପ୍ରୟୋଜନ

ଅଛି, ପୁଣି ମହେଶ୍ୱରୀ ଯେତେବେଳେ ସେଠାରେ ରହିଛନ୍ତି, ତେବେ ନିଶ୍ଚୟ କିଛି କାର୍ଯ୍ୟକ୍ରମ ଅଛି । କିନ୍ତୁ ମୋ'ର ତ ଏ କାର୍ଯ୍ୟରେ କିଛି ଅଧିକାର ନାହିଁ ।

କାଲି ରାତ୍ରିରେ ଚକ୍ର-ସନ୍ନିଧାନରେ ମୋ'ର ଉପସ୍ଥିତି ଓ ସମସ୍ତ ଦୃଶ୍ୟ, ଯାହାକୁ ମୁଁ ଚୈତନ୍ୟଲୋପର ପୂର୍ବ ଅବସ୍ଥା ପର୍ଯ୍ୟନ୍ତ ଦେଖିବାକୁ ପାଇଥିଲି, ତାହା ଗୋଟି ଗୋଟି କରି ମନେପଡ଼ିଲା । ସେଦିନ ସକାଳେ କୌଣସି କାମ ଠିକ୍ ଭାବେ କରିହେଲା ନାହିଁ– ଯେପରି ଏକ ନିଶାଗ୍ରସ୍ତ ଅବସ୍ଥା, ତା' ଉପରେ ପୁଣି ମୁଣ୍ଡ ଭାରୀ ଭାରୀ, ଗରମ ନିଶ୍ୱାସପ୍ରଶ୍ୱାସ, ଯେପରି ଅବସନ୍ନ ଭାବ ।

ଅନେକ କିଛି ପ୍ରଶ୍ନ ଥିଲା, ଯଦି ଥରେ ଅଘୋରୀ ବାବାଙ୍କୁ ଏକୁଟିଆ ପାଇଥାନ୍ତି । ଜାଣେନା, କେବେ, କେତେବେଳେ ସେ ସୁଯୋଗ ମିଳିବ । ତେବେ ନିଜ ମଧ୍ୟରେ ସେତେବେଳେ ଏକ ମୀମାଂସାର ପ୍ରବାହ ସ୍ୱତଃ ହିଁ ଚାଲିବାକୁ ଲାଗିଲା, ତାହାର ଚୂଡ଼ାନ୍ତ ବୃତ୍ତାନ୍ତ କହୁଛି ।

ପ୍ରଥମ କଥା ଏହି ଯେ–ତନ୍ତ୍ର ମଧ୍ୟରେ ଏହି ଯେଉଁ ପଞ୍ଚ-ପ୍ରକାରର ସାଧନା, ତାହା କେବଳ ସେହି ସମୟ ପାଇଁ, ଯେଉଁ ସମୟରେ ସାଧାରଣ କ୍ଷେତ୍ରରେ ମଦ୍ୟ-ମାଂସ ପ୍ରଚୁର ପରିମାଣରେ ଚାଲୁଥିଲା । ମଦ୍ୟ-ମାଂସ ବ୍ୟତୀତ ସେତେବେଳର ଲୋକଙ୍କର ଆନନ୍ଦରେ ଜୀବନ ଅତିବାହିତ କରିବାର ଅନ୍ୟ କୌଣସି ଧାରଣା ହିଁ ନ ଥିଲା । ସେତେବେଳେ ଜନସାଧାରଣଙ୍କ ମଧ୍ୟରେ ସୂକ୍ଷ୍ମ ଅନୁଭୂତି ଓ ସଂଯତ ବୁଦ୍ଧିର ଅଭାବ ଥିଲା । ସେତେବେଳର ସମାଜରେ ମଦ୍ୟ-ମାଂସ ନିନ୍ଦନୀୟ ନଥିଲା ।

ଦ୍ୱିତୀୟ କଥା–ମଦ୍ୟ-ମାଂସ ସହ ସ୍ତ୍ରୀ-ସମ୍ଭୋଗ ଏକାନ୍ତ ସୁଖର ବିଷୟ ବୋଲି ସାଧାରଣଙ୍କର ଧାରଣାଥିଲା । ଏତଦ୍‌ବ୍ୟତୀତ ସ୍ତ୍ରୀ-ସମ୍ଭୋଗ ଯେ ସମ୍ପୂର୍ଣ୍ଣ ନୁହେଁ, ଏହି ଧାରଣା ମଧ୍ୟ ସେତେବେଳକାର ସମାଜରେ ବଦ୍ଧମୂଳ ଥିଲା ।

ତୃତୀୟ କଥା–ସାଧାରଣଙ୍କ ମଧ୍ୟରେ ଅଧ୍ୟାତ୍ମ ଧର୍ମର ଅଥବା ଈଶ୍ୱର ଉପାସନାର ଅଭାବ-ବୋଧ କରି ଯିଏ ପ୍ରଥମ ତନ୍ତ୍ରୋକ୍ତ ଉପାସନା ସାଧାରଣଙ୍କ ମଧ୍ୟରେ ପ୍ରଚାର କରିଥିଲେ, ସେ ଜନସାଧାରଣଙ୍କୁ ଧର୍ମ ଦିଗକୁ ଆକର୍ଷିତ କରିବାକୁ ଅର୍ଥାତ୍ ଧର୍ମପଥରେ ପ୍ରଲୋଭିତ କରିବା ଲାଗି ଏଥିରେ ପଞ୍ଚ-ମକାର ସାଧନକୁ ଯୋଗ କରିଦେଇଥିଲେ । ତଦ୍ୱାରା ଏତିକି ମହତ୍ ଉପକାର ହୋଇଛି ଯେ ଅଧ୍ୟାତ୍ମ ଧର୍ମ ଓ ଉପାସନା ଆମର ଦୈନନ୍ଦିନ ଜୀବନଠାରୁ ଯେ ସ୍ୱତନ୍ତ୍ର, ଏପରି କିଛି ନୁହେଁ, ପରନ୍ତୁ ଆମର ପ୍ରତିଦିନର ସହଜ ଜୀବନଯାପନ ପରି ହିଁ ପ୍ରୟୋଜନୀୟ । ଏହି ବୋଧ ଦ୍ୱାରା ସେତେବେଳର ସମାଜ ଆକୃଷ୍ଟ ଓ ଅନୁରକ୍ତ ହେଉଥିଲେ ।

ଚତୁର୍ଥ–ସ୍ତ୍ରୀ ଓ ପୁରୁଷ ଏହି ଦୁହିଁଙ୍କର ତୁଲ୍ୟାଧିକାର ତନ୍ତ୍ରମତର ବୈଶିଷ୍ଟ୍ୟ । ନାରୀ ଅପେକ୍ଷା ପୁରୁଷ ଶ୍ରେଷ୍ଠ, ଏହି ବୁଦ୍ଧିର ପ୍ରତିବାଦ ଦ୍ୱାରା ହିଁ ତନ୍ତ୍ରଧର୍ମର ଯେତେ କିଛି କର୍ମର

ନିର୍ଦ୍ଦେଶ । ଅଥବା ନର ବା ନାରୀ କେବଳ ଏକୁଟିଆ ରହିଲେ କାହାର ହିଁ ମୁକ୍ତି ସମ୍ଭବ ନୁହେଁ । ସାଧନଠାରୁ ସିଦ୍ଧିର ଅବସ୍ଥା ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷ ଯୁକ୍ତ ହୋଇ ପ୍ରତ୍ୟେକଟି କର୍ମ କରିବେ, ଏହାହିଁ ଈଶ୍ୱରଙ୍କ ନିର୍ଦ୍ଦେଶ ଏବଂ ଏହାହିଁ ଧର୍ମ । ଏଇଥିରେ ହିଁ କଲ୍ୟାଣ, ଶୁଭ ଏବଂ ସିଦ୍ଧି, ଅନ୍ୟଥା ଏହାର ବିପରୀତ ହେଲା ଅଧର୍ମ ।

ପଞ୍ଚମ—ସ୍ତ୍ରୀ ଓ ପୁରୁଷ ବ୍ୟତୀତ ମଣିଷଜାତି ଭିତରେ ଅନ୍ୟ କୌଣସି ଜାତିର ଅସ୍ତିତ୍ୱ ତନ୍ତ୍ରଧର୍ମରେ ନାହିଁ । ସେହି ହିସାବରେ ଏହା ବୈଦିକ ଅଥବା ବ୍ରାହ୍ମଣ୍ୟଧର୍ମର ପ୍ରତିବାଦୀ ସ୍ୱରୂପ କର୍ମ ସଂସ୍କାର ହିସାବରେ ଅର୍ଥାତ୍ ଗୁଣ ଓ କର୍ମ ହିସାବରେ ଜାତିର କଥା, ଶ୍ରେଷ୍ଠ ଓ ନିକୃଷ୍ଟ, ଉଚ୍ଚ ଓ ନିଚର କଥା, ତନ୍ତ୍ରୋକ୍ତ ଧର୍ମରେ ପୃଥକ୍ ଭାବରେ ବା ଅର୍ଥରେ ଗୃହୀତ ହୋଇଥାଏ । ସାଧକ ଜୀବନର ଉତ୍କର୍ଷ ଓ ଅପକର୍ମ ହିସାବରେ ହିଁ ତନ୍ତ୍ରଶାସ୍ତ୍ରର ଛୋଟ-ବଡ଼ ଭାବ । ତନ୍ତ୍ରରେ ମନୁଷ୍ୟ-ସାଧାରଣ ଭାବେ ହିଁ ପଶୁ, ଧର୍ମ ଜୀବନର ଉତ୍କର୍ଷ ହେଲେ ଶକ୍ତିମାନ ହୋଇ ସେ ବୀର ଆଖ୍ୟା ପ୍ରାପ୍ତ ହୁଏ, ତା'ପରେ ଦିବ୍ୟଭାବର ଉତ୍କର୍ଷ ଦ୍ୱାରା ଦେବ ଆଖ୍ୟା ପ୍ରାପ୍ତ ହୋଇଥାଏ । ସାଧକ ଜୀବନର ଚରମ ଉତ୍କର୍ଷ ହିଁ ଦେବଭାବ । ଏହି ଅବସ୍ଥାରେ ଜୀବ ହିଁ ବ୍ରାହ୍ମଣ, ନଚେତ୍ ବ୍ରାହ୍ମଣର ପୁତ୍ର ଯେ ବ୍ରାହ୍ମଣ ହେବ, ଏହି ଭାବ ଓ ବଂଶଗତ ପ୍ରାଧାନ୍ୟର କଥା ତନ୍ତ୍ରରେ ଅନୁମୋଦିତ ହୋଇନଥାଏ ।

■■

ତ୍ରୟୋବିଂଶ ପରିଚ୍ଛେଦ

ମୂଳ ତନ୍ତ୍ର-ଧର୍ମ ମଧ୍ୟରେ କେବଳ ଯେ ନର-ନାରୀଙ୍କର ସମାନ ଅଧିକାର ଥାଏ ତାହା ନୁହେଁ, ଏହା ମୂଳରେ ନାରୀର କର୍ତ୍ତୃତ୍ୱ, ଦୈବାନୁକୂଳ ବୋଲି ପ୍ରସିଦ୍ଧି ରହିଛି । ନାରୀକୁ ଶକ୍ତିର ପ୍ରତୀକ ବୋଲି କୁହାଯାଏ, ଯାହାର ଅଭାବରେ ମନୁଷ୍ୟ ଓ ସମାଜର ପ୍ରଗତି ଅଚଳ ହୋଇପଡ଼େ । ଏହାପରେ ତନ୍ତ୍ର-ସାଧନ ନାରୀ ବ୍ୟତୀତ ସମ୍ଭବ ନୁହେଁ । ଏହି ଯେଉଁ ନାରୀ, ତାହା ସହ ସମ୍ବନ୍ଧ ହିଁ ପୁରୁଷର ସାଧନଜୀବନରେ ଅଗ୍ରଗତିର ପ୍ରଥମ ପାହାଚ । ତନ୍ତ୍ରମତରେ ଉଭୟଙ୍କର ଇଚ୍ଛାର ଅଭାବ ବ୍ୟତୀତ ବିବାହରେ ଆଉ କୌଣସି ବାଧା ନଥାଏ । ଜାତି-ବିଜାତି, ଗୋତ୍ର, ମେଳକ, କୁଳୀନ-ବଂଶଜ, ଦାନ, ପଣ, ଅଳଙ୍କାର ଇତ୍ୟାଦି ମନୁଷ୍ୟକୃତ କୃତ୍ରିମ ବାଧା କିଛିହିଁ ନଥାଏ, ଯେହେତୁ ଅସଲ ତନ୍ତ୍ରମତରେ ସଦାଶିବ ହିଁ ଏକମାତ୍ର ପୁରୁଷ ଏବଂ ଆଦ୍ୟାଶକ୍ତି ଭଗବତୀ ପାର୍ବତୀ ବା କାଳୀ ହିଁ ତାଙ୍କର ଏକମାତ୍ର ଶକ୍ତି ଓ ଆଧାର । ସୃଷ୍ଟିମୂଳରେ ସମଷ୍ଟି ରୂପେ ପୂର୍ଣ୍ଣ ଏକ ହିଁ ଏହି ଦୁଇ ଦେବ-ଦେବୀ, ଉପାସ୍ୟ ଗୁରୁ, ଯାହାଦ୍ୱାରା ସମସ୍ତ କିଛି ହିଁ ସମ୍ଭବ । ଉପାସକ ଜୀବ ହେଉଛି ଶିବ ଓ ଶକ୍ତିର ହିଁ ବ୍ୟଷ୍ଟିରୂପ । ପ୍ରଥମ ଅବସ୍ଥାରେ ଜୀବ ଯେତେବେଳେ ବିଷୟାମୁଖୀ, ସେତେବେଳେ ସେ ପଶୁ– ସେଥିପାଇଁ ଶିବ ହେଲେ ପଶୁପତି । ଉପାସନାର ଅସଲ କଥା ହେଲା ଜୀବନର ପାଶମୁକ୍ତିର ଅବସ୍ଥାରେ ଆତ୍ମା ମଧ୍ୟରେ ଅଖଣ୍ଡ ସଚ୍ଚିଦାନନ୍ଦମୟ ଶିବରୂପ ବା ସତ୍ତାର ଉପଲବ୍ଧି । କାରଣ, ତାହା ହିଁ ଜୀବର ସ୍ୱରୂପ । ଶରୀର ମଧ୍ୟରେ ସୂକ୍ଷ୍ମ ରୂପରେ ଜଗତ-ସୃଷ୍ଟି ବର୍ତ୍ତମାନ, ସେଥିପାଇଁ ସୃଷ୍ଟିର ବୃଦ୍ଧି ଏବଂ ସୃଷ୍ଟିରକ୍ଷାରେ ଜୀବ ସହାୟତା କରିପାରେ ।

ଅଘୋରୀ କହନ୍ତି ଯେ ଏହି ଯେଉଁ ଜୀବରୂପୀ ସାମାଜିକ ପୁରୁଷ, ତାହା ସହ ଯେଉଁ ନାରୀର ପ୍ରଣୟ ହେବ, ସେ ହେବ ତା'ର ସ୍ତ୍ରୀ, ସହଧର୍ମିଣୀ, ଉତ୍ତର-ସାଧିକା, ଭୈରବୀ, ଯାହା କିଛି ସେ ସବୁ । ପରସ୍ପର ପ୍ରତି ଆକୃଷ୍ଟ ହୋଇ ଉଭୟ ଉଭୟଙ୍କୁ ଗ୍ରହଣ କରିବାର ତାତ୍ପର୍ଯ୍ୟ ହେଲା, ଉଭୟଙ୍କ ଜୀବନର ଗତି ଏକ ହୋଇଯିବା, ପୁରୁଷ ଶକ୍ତିମାନ ହେବା, ନାରୀ ଶକ୍ତିସ୍ୱରୂପା ହେବା । ଉଭୟଙ୍କ ଜୀବନରେ ହିଁ ସମ୍ପୂର୍ଣ୍ଣତାର ଗତିପ୍ରାପ୍ତି, ଚରମ ଗତି ମାର୍ଗର ଉପଯୁକ୍ତ ହେବା, କର୍ମଜଗତରେ ଉନ୍ନତ ଅବସ୍ଥା ପ୍ରାପ୍ତି ଇତ୍ୟାଦି । ସୃଷ୍ଟି ମଧ୍ୟରେ ସ୍ରଷ୍ଟାର ଯେଉଁ ଉଦ୍ଦେଶ୍ୟ ଅଛି, ଯେଉଁ ମହାନ୍ ଇଚ୍ଛାର ନିର୍ଦ୍ଦେଶ ନିହିତ ଅଛି, ଯୁକ୍ତ ଭାବେ ସ୍ତ୍ରୀ-ପୁରୁଷ ଉପାସନା ଦ୍ୱାରା ସେହି ଇଚ୍ଛାର ଗତିରେ ମିଳିତ ହେବା ଏବଂ ମାନବ ଜୀବନକୁ ହିଁ ସାର୍ଥକ କରିବା । ସେଥିଲାଗି ବିବାହ ପରେ ଗାର୍ହସ୍ଥ୍ୟ ଜୀବନରେ ତାନ୍ତ୍ରିକ ଦୀକ୍ଷାର ରୀତି

ଏବେ ମଧ୍ୟ ହିନ୍ଦୁ ସମାଜରେ ପ୍ରଚଳିତ ଅଛି । ଧର୍ମଜୀବନ ଓ ଦୈନନ୍ଦିନ ଜୀବନର ସବୁକଥାକୁ ହିଁ ଆଧାର କରି ଏହି ତନ୍ତ୍ରମତ ରହିଛି । ଧର୍ମ ବା ଅଧ୍ୟାତ୍ମ କର୍ମ ପୃଥକ୍ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ । ଧର୍ମ ହେଲା ଜୀବନମୟ, ଏହାହିଁ ତନ୍ତ୍ରମତର ପ୍ରକୃଷ୍ଟ ଅନ୍ତର୍ନିହିତ ସତ୍ୟ ।

କୁମାର-କୁମାରୀ ଅବସ୍ଥାରେ ମନୁଷ୍ୟ ଅପୂର୍ଣ୍ଣ; ସମାଜରେ ସେମାନଙ୍କର ପୂର୍ଣ୍ଣ କର୍ମାଧିକାର ନ ଥାଏ । ବିବାହ ପରେ ସେମାନଙ୍କର ପୂର୍ଣ୍ଣତା, କର୍ମ, ଧର୍ମାଦିର ସାଧନ ହିଁ ଗଣନୀୟ ହୋଇଥାଏ ।

ବୈଦିକ ଆର୍ଯ୍ୟ ବ୍ରାହ୍ମଣସମାଜରେ, ତନ୍ତ୍ରର ସାଧନ ପଦ୍ଧତି ଗ୍ରହଣ କରିବା ପରେ ଏହାର ସ୍ୱାଭାବିକ ଉପଯୋଗିତା ବୁଝିସାରି, ବିବାହିତ ବା ଯୁକ୍ତ ଜୀବନରେ ହିଁ ତାନ୍ତ୍ରିକ ଦୀକ୍ଷାର ବ୍ୟବସ୍ଥା ଏବଂ ଅବିବାହିତ କୌମାର୍ଯ୍ୟ ଜୀବନରେ ବୈଦିକ ଦୀକ୍ଷାର ନିୟମ କରାଯାଇଥିଲା । ବୈଦିକ ଦୀକ୍ଷାର ଗୁରୁତ୍ୱ ଏବଂ ଦାୟିତ୍ୱ ଅଧିକ, ଏହି ନିୟମ ପ୍ରବର୍ତ୍ତନ ଦ୍ୱାରା ଏହି ଧାରଣା ହିଁ ଉଦ୍‌ବୁଦ୍ଧ କରାଯାଇଥିଲା, ଏହାହିଁ ସ୍ପଷ୍ଟ; ତନ୍ତ୍ରମତରେ ପ୍ରାତଃକାଳରେ ଶଯ୍ୟାତ୍ୟାଗ କରି ରାତ୍ରିରେ ନିଦ୍ରାର ପୂର୍ବ ପର୍ଯ୍ୟନ୍ତ ଯେଉଁ ସକଳ କର୍ମ ଅନୁଷ୍ଠିତ ହୁଏ, ସେହି ସକଳ ହିଁ ଉପାସନା, ସୁତରାଂ ଏକ ଯୁକ୍ତଜୀବନର ପ୍ରାଥମିକ ସାଧନ ଠାରୁ ଆରମ୍ଭ କରି (ଅର୍ଥାତ୍—ଶୌଚ-ଅଶୌଚ, କ୍ଷୁଧା-ତୃଷ୍ଣା, ରାଗ-ଦ୍ୱେଷ, ଭୟାଦିର ପାଶ) ମୁକ୍ତି ପର୍ଯ୍ୟନ୍ତ ଆଗକୁ-ଆଗକୁ ସମସ୍ତ ହିଁ ଏକ ପୂର୍ଣ୍ଣ ଜୀବନ ବୋଲି ବୁଝିବାକୁ ପଡ଼ିବ ।

ଅନ୍ୟାନ୍ୟ ବିଧି-ନିଷେଧ ବ୍ୟତୀତ ଯଦି କେବଳ ନରନାରୀର ମିଳନ ବା ବିବାହ-ବିଧିଟିକୁ ନେଇ ବିଚାର କରାଯାଏ, ତା'ହେଲେ ଦେଖାଯିବ ଯେ ଏହାପରି ଉଦାର, ସ୍ୱାଭାବିକ, (ଅର୍ଥାତ୍—ପ୍ରକୃତି-ଅନୁକୂଳ) ସଂକୀର୍ଣ୍ଣତାଶୂନ୍ୟ ବିବାହ-ପଦ୍ଧତି ଜଗତରେ ଆଉ କେଉଁଠାରେ ବିଧିବଦ୍ଧ ହୋଇନାହିଁ । ସୋଭିଏଟ୍ ରାଷ୍ଟ୍ରର ଜନ୍ମ, ସଭ୍ୟ ଜଗତରେ ଯାହାର ଫଳ ସ୍ୱରୂପ ବିବାହ ବ୍ୟାପାରକୁ ନେଇ ସମ୍ପ୍ରତି ଏତେ ଭୟାନକ ଆନ୍ଦୋଳନ, ଘଟିଯାଇଛି । ମାତ୍ର ନର-ନାରୀଙ୍କର ସ୍ୱାଭାବିକ ଅଧିକାର ଏବଂ କଲ୍ୟାଣମୟ ତନ୍ତ୍ରମତରେ ବିବାହ-ବିଧି ଆଜିଠାରୁ କେଉଁ ଶହ ଶହ ଯୁଗ ପୂର୍ବରୁ ବିଧିବଦ୍ଧ ହୋଇଛି । ଆମର ବିଦ୍ୱାନ ଶିକ୍ଷିତ ସମାଜର କେହି ମନୁଷ୍ୟ ଆଧୁନିକ ପଦ୍ଧତିରେ ତନ୍ତ୍ର ସମ୍ବନ୍ଧରେ କିଛି ଅନୁସନ୍ଧାନ କରିନାହାନ୍ତି । ଦୁଇ ଚାରିଜଣ ଇଉରୋପୀୟ ପଣ୍ଡିତ ଯାହା କିଛି କରିଛନ୍ତି, ତାହାର ମୂଳ ଅନ୍ୟ ଦିଗରୁ ନିରୂପଣ କରିବାକୁ ପଡ଼େ । ଭାରତବାସୀ କେହିହେଲେ ସଂସ୍କୃତି କ୍ଷେତ୍ରରେ ତନ୍ତ୍ର ସମ୍ବନ୍ଧରେ ଆଜବଧି କୌଣସି ଅନୁସନ୍ଧାନ କରିନାହାନ୍ତି ବୋଲି ଜାଣିଛି । ଏବେ ଯାହା ହୋଇପାରି ନାହିଁ, ତାହା ଯେ କେବେ ହେବ ନାହିଁ, ତାହା ମଧ୍ୟ କୁହାଯାଇ ପାରିବ ନାହିଁ । ତଥାପି ଆଶା ରଖିବା ଉଚିତ ।

ଯାହା ହେଉ, ଏବେ ଏହି ଯେଉଁ ସେକାଳର (ଯେତେବେଳେ ତନ୍ତ୍ରର ପ୍ରଭାବ ପୂର୍ଣ୍ଣରୂପେ ଏ ଦେଶରେ ଆଜବଧି ରହିଥିଲା) ତନ୍ତ୍ର ସମାଜରେ ପ୍ରଚଳିତ ବିଧି, ମନ ଭାଙ୍ଗିଲେ ବିବାହ ବା ସମ୍ବନ୍ଧ ଭଙ୍ଗ—ଏ କାଳର ଏହି ଦାସତ୍ୱ-ଧର୍ମ-ଜର୍ଜରିତ କ୍ଲିଷ୍ଟ ହିନ୍ଦୁ ସମାଜରେ

ବିବାହ-ବିଧି ସଙ୍ଗେ ତୁଳନା କଲେ, ଅନୁମାନ କରିବା ଶକ୍ତ ନୁହେଁ ଯେ ସେହି ସମୟର ରାଷ୍ଟ୍ର ବା ସମାଜ କେତେ ସ୍ୱାଧୀନ ଏବଂ ଶକ୍ତିଶାଳୀ ଥିଲା । ପୂର୍ଣ୍ଣ ସ୍ୱାଧୀନ ଏକ ଶକ୍ତିମାନ ସମାଜ ନ ହେଲେ ତନ୍ତ୍ର ପରି ଧର୍ମର ଜନ୍ମଲାଭ ସମ୍ଭବ ନୁହେଁ ।

ଏବେ ଯାହା କହୁଥିଲି, ଯେତେବେଳେ ଉଭୟେ ପରସ୍ପର ମଧ୍ୟରେ ପ୍ରୀତି ଏବଂ ଆକର୍ଷଣର ଅଭାବ ଉପଲବ୍ଧି କରିବେ, ସେତେବେଳେ କେହି କାହାକୁ ଦେଖିବାକୁ ଇଚ୍ଛା କରିବେ ନାହିଁ, ପରସ୍ପର ସଂସର୍ଗରେ ବୀତରାଗ ହେବ । ସେତେବେଳେ ବୁଝିବାକୁ ହେବ ଯେ ଉଭୟଙ୍କର ବ୍ୟବହାରିକ ସମ୍ବନ୍ଧରେ ଭଙ୍ଗା ପଡ଼ିଛି । ସେତେବେଳେ ଉଭୟ ହିଁ ପୁନରାୟ ମନୋମତ ପାତ୍ର ବା ପାତ୍ରୀ ସନ୍ଧାନ କରିନେଇ ପାରିବେ । ଜଣେ ଭୈରବ ବା ସାଧକ ନିଜର ସାଧକ ଜୀବନରେ ଏକାଧିକ ଶକ୍ତି ଗ୍ରହଣ କରି ନିଜ ସାଧନାକୁ ପୂର୍ଣ୍ଣ କରିଛନ୍ତି, ଏହିପରି ଅନେକ କଥା ଶୁଣିଛୁ । ନାରୀ କ୍ଷେତ୍ରରେ ମଧ୍ୟ ତଦ୍ରୂପ । ଏହାହିଁ ତନ୍ତ୍ରର ସତ୍ୟବିଧି ।

ତନ୍ତ୍ରର ଏହି ଉଦାର ବିବାହ-ପଦ୍ଧତି ଆର୍ଯ୍ୟ ବ୍ରାହ୍ମଣମାନେ ଗ୍ରହଣ କରିନାହାନ୍ତି, ତାହାକୁ ପରିତ୍ୟାଗ କରିଛନ୍ତି ।

କେବଳ ବିବାହ ପଦ୍ଧତି ନୁହେଁ, ତନ୍ତ୍ରର ଜାତିବିହୀନତା, ଅତିରିକ୍ତ ବାହ୍ୟ ଶୌଚାଚାରର ନିଷ୍ପ୍ରୟୋଜନୀୟତା ଓ ଅନ୍ୟାନ୍ୟ ଅତି ପ୍ରୟୋଜନୀୟ ଅଙ୍ଗମାନଙ୍କୁ ବାଦ୍ ଦେଇ, କେବଳ ନିଜର ବୈଦିକ ସଂସ୍କାରମାନଙ୍କ ସହ ଯାହା କିଛି ଖାପ୍ ଖାଇ ପାରିବ, ବ୍ରାହ୍ମଣଙ୍କର ଶ୍ରେଷ୍ଠତ୍ୱ ବଜାୟ ରହିପାରିବ, କେବଳମାତ୍ର ସେଗୁଡ଼ିକୁ ଗ୍ରହଣ କରିଛନ୍ତି । ସେଥିଲାଗି ତନ୍ତ୍ରର ପୂର୍ଣ୍ଣ ପ୍ରଭାବ ବା ପୂର୍ଣ୍ଣ-ରୂପଟି ବୌଦ୍ଧ-ଯୁଗ ପରେ ଆଉ ଦେଖିବାକୁ ମିଳେ ନାହିଁ । ସେଗୁଡ଼ିକ ବ୍ରାହ୍ମଣ୍ୟଧର୍ମ ସହ ମେଳ ଖାଏ ନାହିଁ । ତାହା ବୌଦ୍ଧଧର୍ମ ସଙ୍ଗେ ଅତି ଉତ୍ତମ ଭାବେ ମେଳ ଖାଉଥିଲା । ସେଥିପାଇଁ ବୌଦ୍ଧଧର୍ମ ଯେତେଦୂର ତନ୍ତ୍ରକୁ ଆତ୍ମସାତ୍ କରିଛି, ଅନ୍ୟ କେଉଁଠାରେ ସେପରି ଘଟି ନାହିଁ । ଆର୍ଯ୍ୟ ହିନ୍ଦୁମାନେ ପ୍ରଥମରୁ ହିଁ ତନ୍ତ୍ରର ଆଂଶିକ ଅନୁଷ୍ଠାନ ଗ୍ରହଣ କରିଥିଲେ ବୋଲି ନିଜ ଧର୍ମ ମଧ୍ୟରେ ମଧ୍ୟ ଜାତିର ଏକ ପୂର୍ଣ୍ଣ ରୂପ ଦେଇପାରି ନାହାନ୍ତି । ବୌଦ୍ଧଯୁଗ ପରେ ସେମାନେ ତନ୍ତ୍ରକୁ ଗ୍ରହଣ କରିଥିଲେ, ମାତ୍ର ହିନ୍ଦୁଧର୍ମ ସାଙ୍ଗରେ ସେମାନଙ୍କର ଗୃହୀତ ତନ୍ତ୍ରର ଅନୁଷ୍ଠାନ ମାର୍ଗର ସାମଞ୍ଜସ୍ୟ ରକ୍ଷା ହୋଇପାରି ନାହିଁ । ସେହି କାରଣରୁ ଏକ ସମ୍ପୂର୍ଣ୍ଣ ଧର୍ମପ୍ରାଣ ଶକ୍ତିସମ୍ପନ୍ନ ଜାତି ପରିବର୍ତ୍ତେ ଏକ ଅଭିଶପ୍ତ ସଙ୍ଘଶକ୍ତି-ହୀନ ଭଣ୍ଡ ରାଷ୍ଟ୍ର ପରିଚାଳନାରେ ଦୁର୍ବଳ ଜାତି ହିଁ ଗଢ଼ି ଦେଇଯାଇଛନ୍ତି । ଏହା ମୂଳରେ ବୈଦିକ ବ୍ରାହ୍ମଣ ଜାତିର ଚତୁର୍ବର୍ଣ୍ଣ, ବ୍ରାହ୍ମଣଙ୍କର ଶ୍ରେଷ୍ଠତ୍ୱ ଆଚାର ଅନୁଷ୍ଠାନ ଓ ସଂସ୍କାରର ଗଭୀର ପ୍ରଭାବ ଥିବାରୁ, ତନ୍ତ୍ରୋକ୍ତ ଧର୍ମ ଗ୍ରହଣ କାଳରେ ସେମାନେ ସବୁ କିଛି ଗ୍ରହଣ କରିପାରି ନାହାନ୍ତି । ପରେ ସେମାନଙ୍କର ସମାଜ ନିଜର ଉଦାରତା ପ୍ରଭାବରେ ବ୍ୟଭିଚାରପୁଷ୍ଟ ହୋଇ ଶ୍ରେଷ୍ଠତ୍ୱ ହରାଇବସେ କିମ୍ବା ଉଚ୍ଛୃଙ୍ଖଳ ହୋଇ ଅଧଃପତିତ ହୋଇଥାଏ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ସେମାନଙ୍କର ପ୍ରକୃତିଗତ ସଙ୍କୋଚ ଓ କ୍ଷୁଦ୍ରତା ହିଁ ସେତେବେଳର ସମାଜରେ ପ୍ରତିଫଳିତ ହୋଇ ଏବକାର ସମାଜକୁ ବହୁ ଭାବରେ ଉଚ୍ଛୃଙ୍ଖଳ, ବ୍ୟଭିଚାରପୁଷ୍ଟ

କରି ଜଗତର ଚକ୍ଷୁ ସାମ୍ନାରେ ହୀନ କରି ଦେଇଛି । ଏବେ ଏହା ଦେଖିଲେ, ତାହା ଦୁଃଖର କାରଣ ହୋଇ ନଥାଏ କି ?

ଅଘୋରୀଙ୍କ ମୁଖରୁ ଶୁଣିଛି, ପ୍ରାଚୀନ ବା ମୂଳ ତନ୍ତ୍ରଶାସ୍ତ୍ର ମଧ୍ୟରେ ସେତେବେଳର ସମାଜରେ ନର-ନାରୀଙ୍କ ଉଦାର ବ୍ୟବହାରର ଯେଉଁ ସମସ୍ତ ସ୍ୱାଭାବିକ ସୁନ୍ଦର ରୀତି-ନୀତିର କଥା ବର୍ଣ୍ଣିତ ହୋଇଛି, ବ୍ରାହ୍ମଣମାନେ ସେସବୁକୁ ଆମୂଳଚୂଳ ପରିବର୍ତ୍ତନ କରିଦେଇ ସ୍ୱଧର୍ମର ଜାତୀୟ ସଂସ୍କାର, ଯଥା ବ୍ରାହ୍ମଣ-କ୍ଷତ୍ରିୟ-ବୈଶ୍ୟ-ଶୂଦ୍ର ଆଦି ଭର୍ତ୍ତି କରିଦେଇଛନ୍ତି— ବ୍ରାହ୍ମଣର ଜାତୀୟ ଶ୍ରେଷ୍ଠତ୍ୱର କଥା ଶିବଙ୍କ ମୁଖରେ ପ୍ରକାଶ କରାଇ ତନ୍ତ୍ର ମଧ୍ୟରେ ବରାବର ବ୍ରାହ୍ମଣମାନଙ୍କ ପ୍ରଭାବ ରହିପାରିବ, ତା'ର ବ୍ୟବସ୍ଥା କରିଦେଇଛନ୍ତି । ଏହା କସ୍ମିନ୍‌କାଳରେ ତନ୍ତ୍ର ମଧ୍ୟରେ ନଥିଲା । ସେମାନେ ତାଙ୍କର ଜାତିଗତ ସଂସ୍କାରକୁ ଉପେକ୍ଷା କରିପାରିନାହାନ୍ତି । ସେହି କାରଣରୁ ତନ୍ତ୍ରୋକ୍ତ ପ୍ରକୃତ ଧର୍ମ ଏହି ବଙ୍ଗରେ ତଥା ଭାରତରେ ଆଉ ସ୍ୱାଧୀନ ଭାବେ ମୁଣ୍ଡ ଟେକି ପାରିନାହିଁ । ଫଳରେ ଦୁଇଟିଯାକ ଧର୍ମ ହିଁ ନଷ୍ଟ ହୋଇଯାଇଛି । ତନ୍ତ୍ର ତ ଯାଇଛି, ତା' ସାଙ୍ଗରେ ବୈଦିକ ଆର୍ଯ୍ୟ ହିନ୍ଦୁଧର୍ମ ମଧ୍ୟ ଯାଇଛି । ଏବେ ଯାହା ଆମ ଦେଶରେ ରହିଛି, ତାହାକୁ ତନ୍ତ୍ର କୁହାଯିବ ନାହିଁ କି ବୈଦିକ ଧର୍ମ ମଧ୍ୟ କୁହାଯାଇ ପାରିବ ନାହିଁ । ତଦ୍ୱାରା ଆମର ଏ ସମାଜର ଶକ୍ତି ତ ନାହିଁ, ଦୃଢ଼ ଭିତ୍ତି ମଧ୍ୟ ନାହିଁ, ନିଜ ଲାଗି ଗ୍ରହଣ କରିବା ପରି କିଛି ନାହିଁ, ଅନ୍ୟମାନଙ୍କ ପାଖରେ ପରିଚୟ ଦେବାଭଳି ମଧ୍ୟ କିଛି ନାହିଁ ।

ଅଘୋରୀ କହନ୍ତି, ତନ୍ତ୍ରର ଭାବ, ଭାଷା ଓ ଉଦ୍ଦେଶ୍ୟ ବୁଝିବାକୁ ହେଲେ ପୂର୍ଣ୍ଣ ପ୍ରାଣରେ ପକ୍ଷପାତଶୂନ୍ୟ ଅନୁସନ୍ଧିତ୍ସା ପ୍ରୟୋଜନ । ଯିଏ ପ୍ରଥମରୁ ମନ ମଧ୍ୟରେ ଘୃଣା, ସଙ୍କୋଚ, ଉପେକ୍ଷାକୁ ଧାରଣା କରି ଅଥବା ବିଦ୍ୱେଷ-ଦୁଷ୍ଟ ମନରେ ଉପଯୁକ୍ତ ଭାବେ ଅଧ୍ୟବସାୟ ସହକାରେ ଆଲୋଚନା ନ କରି ପାରିବ, ଏହି ଅପୂର୍ବ ଧର୍ମଶାସ୍ତ୍ର ମଧ୍ୟରେ ତା'ଙ୍କର ପ୍ରବେଶ ଅସମ୍ଭବ ହେବ । ଅଘୋରୀଙ୍କୁ ମୁଁ ଦେଖିଛି ସେ ଅଳ୍ପଶିକ୍ଷିତ ସାଧାରଣ ଲୋକଙ୍କର ଉପରେ ଯେତେଟା ନୁହେଁ, ସେତେ ବେଶୀ ବିଦ୍ୱାନ-ପଣ୍ଡିତଙ୍କ ଉପରେ ନାରାଜ । ପ୍ରଥମେ ପରିଚୟ ପାଇଗଲେ, କେବେହେଁ ସେପରି ବ୍ୟକ୍ତିମାନଙ୍କ ସହ କଥାବାର୍ତ୍ତା ହେବେ ନାହିଁ, ପାଖରେ ବସିବାକୁ ମଧ୍ୟ ଦେବେ ନାହିଁ । କହିବେ, ସେହିମାନେ ହିଁ ଦେଶର ଧର୍ମକୁ ନଷ୍ଟ କରି ଦେଇଛନ୍ତି । ଦିନେ ଏହି ବୀରଭୂମିରେ ଜଣେ ପଣ୍ଡିତଙ୍କୁ କାଠଫାଳିଆ ଧରି ମାରିଗୋଡ଼ାଇଥିଲେ । କାହିଁକି ଯେ ତାଙ୍କର ଏତେ କ୍ରୋଧ, ସାଧାରଣରେ କେହି ବୁଝିପାରନ୍ତି ନାହିଁ । ପରେ ଅଘୋରୀ କହିଥିଲେ ଯେ ପଣ୍ଡିତ ବୋଲି ପରିଚୟ ଦେଇ, ସେ ଆସିଥିଲେ ତନ୍ତ୍ର ସମ୍ବନ୍ଧରେ ତର୍କ କରିବାକୁ । ଯାହା ହେଉ, ଅଘୋରୀଙ୍କ କଥାକୁ କିଛି ବାଦ୍ ନ ଦେଇ, ତିଳେମାତ୍ର ବିକୃତ ନ କରି ବିଶେଷ ସାବଧାନତା ସହ ମୁଁ ଯଥାସାଧ୍ୟ ସାଧାରଣଙ୍କ ନିକଟରେ ଉପସ୍ଥାପନ କରୁଛି । ଏହି କଥାରୁ ପ୍ରକୃତ ତନ୍ତ୍ରଶାସ୍ତ୍ରର କଥା ସମସ୍ତେ ଜାଣିପାରିବେ ଓ ବୁଝିପାରିବେ, ଯାହା ଫଳରେ ବର୍ତ୍ତମାନର ପ୍ରଚଳିତ ତନ୍ତ୍ର ଓ ତନ୍ତ୍ରଶାସ୍ତ୍ର ସମ୍ବନ୍ଧରେ ଛପା ପୋଥିପୁସ୍ତକ ଭିତରେ ବିସ୍ତର ପ୍ରଭେଦ ଦେଖାଯାଇଥାଏ । ସେ କହନ୍ତି ଅସଲ କଥା ଆଦୌ

ସ୍ଥାନ ପାଇ ନାହିଁ, କାର୍ଯ୍ୟତଃ ତା' ମଧ୍ୟରୁ ସାଧାରଣଙ୍କ ପକ୍ଷେ ସତ୍ୟକୁ ଉଦ୍‌ଘାଟନ କରିବାର ସାଧ୍ୟ ନାହିଁ । ମନୁଷ୍ୟର ସହଜ ପ୍ରବୃତ୍ତିରୁ ଯେଉଁ ସକଳ କର୍ମ ଉଦ୍‌ଭୂତ ହୋଇଅଛି, ସେହି ସକଳକୁ ଅବଲମ୍ବନ କରି ହିଁ ତନ୍ତ୍ରର ସାଧନ ପ୍ରାରମ୍ଭ ହୋଇଛି, ପରକାଳରେ ପ୍ରକୃତି'ର ନିୟମରେ ହିଁ ତହିଁରୁ ନିବୃତ୍ତିମୂଳକ ସାଧନ, ଶେଷରେ ସିଦ୍ଧି, ତାହା ମଧ୍ୟ ସହଜ ନିୟମର ମଧ୍ୟ ଦେଇ । ସଂସ୍କାରାନ୍ଧ ମନୁଷ୍ୟର ବୁଦ୍ଧିର ତୀକ୍ଷ୍ଣତା ନଥାଏ । ମୋଟା ବୁଦ୍ଧି ଯୋଗୁ, ତନ୍ତ୍ରର ପ୍ରତ୍ୟେକ କ୍ରିୟା ଯେ ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ, ତାହା ବୁଝିବାକୁ ସେମାନଙ୍କ ମୁଣ୍ଡ ଖରାପ ହୋଇଯାଏ । ଏହା ବ୍ୟତୀତ ତନ୍ତ୍ରର ସକଳ ବ୍ୟାପାର ଗୁହ୍ୟ ବୋଲି ହିଁ କୌଣସି ଛପା ପୁସ୍ତକରେ ଅସଲ କଥା ଖୋଲି ଲେଖାଯାଇ ନାହିଁ, ସଙ୍କେତ ମଧ୍ୟ ସେଥିରେ ବିଶେଷ କିଛି ନାହିଁ; ପଣ୍ଡିତ ହଜାରେ ବିଦ୍ୱାନ ହୁଅନ୍ତୁ, ସେ ବୁଝିବେ କିପରି ? ଗୁରୁ ବା ଆଚାର୍ଯ୍ୟ କୌଳିକ ନହେଲେ, ପୁଣି ଶିଷ୍ୟ ଅନୁଗତ ନ ହେଲେ, ପ୍ରକୃତ ଦୀକ୍ଷା ନ ମିଳିଲେ କିଛି ଜାଣିବାର ସାଧ୍ୟ ନାହିଁ । ଏ ପର୍ଯ୍ୟନ୍ତ ତାନ୍ତ୍ରିକ ବୋଲି ମଦ୍ୟର ଯନ୍ତ୍ର ବା ମଦ୍ୟର ବୋତଲ ଯାହା ହାତରେ ଦେଖାଯାଏ, ସେମାନେ ମଦ ଲାଗି ହିଁ ତାନ୍ତ୍ରିକ—ସେମାନେ ସାଧକ ନୁହନ୍ତି, ଶାସ୍ତ୍ରସମ୍ମତ ତନ୍ତ୍ର ସାଧନ ଏକରକମ ଲୋପ ପାଇବାକୁ ବସିଛି ।

ଅଘୋରୀ କହନ୍ତି, ତନ୍ତ୍ର ଜଗତରେ ବା ଅଧିକାର ମଧ୍ୟରେ ଘୃଣ୍ୟ ବସ୍ତୁ ବୋଲି କିଛି ନାହିଁ, ମନୁଷ୍ୟ ମଧ୍ୟରେ କେହି ଅସ୍ପୃଶ୍ୟ ନୁହନ୍ତି,—ଜାତି କହିଲେ ପୁରୁଷ ଓ ନାରୀ— ଏହି ଦୁଇ ଜାତି ବ୍ୟତୀତ ମଣିଷସମାଜ ଭିତରେ ଆଉ ଜାତି ବୋଲି କିଛି ନାହିଁ । ଏକଥା ଏବକାର ଭ୍ରଷ୍ଟାଚାରୀ ତାନ୍ତ୍ରିକମାନେ ବୁଝନ୍ତି କି ନାହିଁ ସନ୍ଦେହ । ତା'ପରେ ଶବ-ସାଧନା ତଥା ପଞ୍ଚମୁଣ୍ଡି ଆସନ, ମଦ୍ୟ-ମତ୍ସ୍ୟ-ମାଂସର ବ୍ୟବହାର ତ ଆର୍ଯ୍ୟ ବ୍ରାହ୍ମଣଙ୍କର ଧାରଣାରେ ଭ୍ରଷ୍ଟାଚାର । ବୈଦିକ ବ୍ରାହ୍ମଣଙ୍କର ମଧ୍ୟରେ ଶୁଦ୍ଧାଚାରର ଗର୍ବ ଦେଖିନେଲେ ସହଜରେ କ'ଣ ଧାରଣା ହୁଏ ନାହିଁ ଯେ ଏସବୁକୁ ପୃଥକ୍ ଏକ ଧର୍ମର ସାଧନା ବା ଅନୁଷ୍ଠାନରୁ ଗ୍ରହଣ କରାଯାଇଛି ! ଭ୍ରଷ୍ଟାଚାରୀ ଆର୍ଯ୍ୟମାନେ ଯେତେଦିନ ବଙ୍ଗଦେଶକୁ ଆସିନାହାନ୍ତି, ସେତେଦିନଯାଏ ସେମାନଙ୍କର ଏହିପରି ଯେ ଏକ କର୍ମସାଧନ ଅଛି, ଏବଂ ସେହି ଧର୍ମର ସାଧନ-ପ୍ରକରଣ ସେମାନଙ୍କର ଏକ ଗୋଷ୍ଠୀ ଗ୍ରହଣ କରି ଭବିଷ୍ୟତରେ ଆହୁରି ଏକ ଧର୍ମ ସୃଷ୍ଟି କରିଦେବେ, ଏ କଥା କଳ୍ପନାରେ ମଧ୍ୟ ଆଣିପାରି ନାହାନ୍ତି । ବଙ୍ଗଦେଶ ତ ଚିରକାଳ ପଶ୍ଚିମ ଦେଶୀୟ ବୈଦିକ ବ୍ରାହ୍ମଣମାନଙ୍କ ନିକଟରେ ହେୟ, ଘୃଣିତ ହୋଇ ରହିଥିଲା, ତାହାର ଏ ପର୍ଯ୍ୟନ୍ତ ଅସ୍ତିତ୍ୱର ଅବଶିଷ୍ଟାଂଶ ରହିଛି । ଏହାପରେ ବଙ୍ଗଳାର ବ୍ରାହ୍ମଣମାନେ ବସବାସ କରି ଯେତେବେଳେ ସ୍ଥାୟୀ ଅଧିବାସୀ ହୋଇ ପଡ଼ିଲେ, ସେତେବେଳ ଠାରୁ ତ ସେମାନେ ପଶ୍ଚିମା ଜାତି-ଭାଇଙ୍କ ନିକଟରେ ଏକଘରିଆ ହୋଇପଡ଼ିଲେ । ତା'ପରେ ତନ୍ତ୍ର-ଧର୍ମ ଗ୍ରହଣ କରି କ୍ରମେ କ୍ରମେ ସେମାନେ ଅନାର୍ଯ୍ୟ ହିଁ ହୋଇପଡ଼ିଲେ—ସେମାନଙ୍କର ବୈଦିକ ଧର୍ମର ଗୁମର ଆଉ ରହିଲା କ'ଣ ? ସେମାନଙ୍କର ସକଳ ବାହ୍ୟ କର୍ମ, ଦଶବିଧ ସଂସ୍କାରମାନଙ୍କରେ ବଜାୟ ରହିଲା ସେହି ବୈଦିକ ବ୍ରାହ୍ମଣତ୍ୱ, ଆଉ ବିବାହ ପରେ ତାନ୍ତ୍ରିକ କୁଳଗୁରୁର କାନ-

ଫୁଙ୍କା ମଧ୍ୟରେ ସୀମିତ ରହିଲା କିଛି ତାନ୍ତ୍ରିକତା । ଏହି ହେଲା ବଙ୍ଗଳାର ବୈଦିକ ବ୍ରାହ୍ମଣଙ୍କର ବଂଶର ତାନ୍ତ୍ରିକ ଧର୍ମ । ସେମାନଙ୍କ ମଧ୍ୟରୁ କେହି କେହି ବଂଶ ମଧ୍ୟରୁ ବାହାରି ଆସି ତାନ୍ତ୍ରିକ କୁଳଗୁରୁର ଶିଷ୍ୟ ହୋଇ ଭୈରବୀଙ୍କୁ ଧରି ସାଧକ ଜୀବନ ଆରମ୍ଭ କରିଛନ୍ତି । ମାତ୍ର ଏବେ ସେ ସମସ୍ତ ଆଉ ଏତେଟା ବେଶୀ ହେଉ ନାହିଁ । କାରଣ ବୈଦାନ୍ତିକ ଧର୍ମ ଏବେ ମୁଣ୍ଡ ଟେକିଛି ।

ତାନ୍ତ୍ରିକମାନଙ୍କ ମଧ୍ୟରେ ଏପରି ପ୍ରବାଦ ଅଛି ଯେ ବେଦର ପ୍ରାଚୀନତା ତନ୍ତ୍ର ହିସାବରେ ଅନେକ କମ୍ । ଏମାନେ କହନ୍ତି ଯେ ବେଦ ଉତ୍ପତ୍ତିର ବହୁ ସହସ୍ରାବ୍ଦୀ ପୂର୍ବେ ତନ୍ତ୍ରର ଉତ୍ପତ୍ତି । ଆମେ ଯେଉଁ ସ୍ତରର ମନୁଷ୍ୟ, ସେଥିରେ ଏ ସମ୍ବନ୍ଧରେ ମତାମତ ପ୍ରକାଶ କରିବାର କଳ୍ପନା ମଧ୍ୟ ଅତି ଅଖ୍ୟାତି ବ୍ୟାପାର, ଯଦିଓ ମନ ମଧ୍ୟରେ ଏକ ଆକୁଳତା ଥାଏ– ଏହାର ସୁମୀମାଂସା ଲାଗି । ଅଘୋରୀ କହନ୍ତି, ବେଦ ପୁରାତନ କିମ୍ବା ତନ୍ତ୍ର ପୁରାତନ, ଏ କଥାରେ ସାଧକର କୌଣସି ପ୍ରୟୋଜନ ନାହିଁ । କିନ୍ତୁ, ଏ ସମ୍ବନ୍ଧରେ ତାହାଙ୍କର କିଛି ନିଜ ମତ ଅଛି କି ନାହିଁ, ମୁଁ ଖୁବ୍ ଆଗ୍ରହ ଦେଖାଇ ଜାଣିବାକୁ ଇଚ୍ଛା ପ୍ରକାଶ କରିବାରୁ ସେ କହିଲେ ଯେ ବେଦ ଆଗେ କି ତନ୍ତ୍ର ଆଗେ, ତାହା ମୁଁ ଜାଣିବାକୁ କେବେ ଚାହିଁନାହିଁ– ମୋ'ର ତା' ସହ କୌଣସି ସମ୍ପର୍କ ମଧ୍ୟ ନାହିଁ । ତେବେ ଏକଥା ଠିକ୍ ଜାଣିଛି ଯେ ବେଦାଚାରୀ ବ୍ରାହ୍ମଣମାନେ ଏ ଦେଶକୁ ଆସିବା ପରେ କ୍ରମେ କ୍ରମେ ପରିଚୟ ପାଇ ଓ ତନ୍ତ୍ର-ଧର୍ମ ଗ୍ରହଣ କରି ତନ୍ତ୍ରକୁ ବିସ୍ତର ଭାବରେ ବ୍ୟଭିଚାର କରି ପ୍ରକୃତ ତନ୍ତ୍ରର ମୁଣ୍ଡ ଖାଇଦେଇ କେବଳ ଚୋପାଟା ପକାଇ ରଖିଛନ୍ତି ।

ମୁଁ ପଚାରିଲି, ''କିପରି, କେଉଁ ଭାବରେ ?''

ସେ, ''ଏହିପରି ଭାବରେ ଯେ, ସେମାନେ ଯେତିକି ମାତ୍ର ହଜମ କରିପାରିବେ, ସେତିକି ଟିକକୁ ଆଧାର କରି ତାହା ଉପରେ ନିଜର ବୈଦିକ ଆଚାର, ସଂସ୍କାରକୁ ଚାପି ଦେଇ, କେତେକ ଏଭାବରେ ଆଉ କେତେକ ଅନ୍ୟ ଭାବରେ ଜଗା-ଖେଚୁଡ଼ି କରି ପକାଇଲେ । ଏ କଥା ମଧ୍ୟ ଆଗରୁ କହିଛି ।''

ମୁଁ, ''ଆପଣଙ୍କ ମତରେ କ'ଣ ବୌଦ୍ଧଧର୍ମର ପତନ ପରେ ବ୍ରାହ୍ମଣମାନେ ତନ୍ତ୍ର-ଧର୍ମ ଗ୍ରହଣ କରିଥିଲେ ?''

ସେ, ''ତାହାହିଁ କହୁଛି, କାହିଁକି ନା, ସେ କଥା ଯେ ଘଟିଥିଲା ତାହାର ଅନେକ ପ୍ରମାଣ ଆଧୁନିକ ଅନେକ ତନ୍ତ୍ର ପୁସ୍ତକ ମଧ୍ୟରେ ଲିପିବଦ୍ଧ ହୋଇଛି । ପ୍ରଥମରେ ଦେଖିବୁ, ତନ୍ତ୍ରଶାସ୍ତ୍ରରେ ଜାତି କହିଲେ ନରନାରୀ, ପଶୁ-ପକ୍ଷୀ, ଜଳଚର-ଭୂଚର-ଖେଚର ଏହି ସମସ୍ତ, ଧର୍ମାନ୍ଧ ଭଣ୍ଡ ଜାତିର ଗର୍ବୀ ବଙ୍ଗାଳୀ ବ୍ରାହ୍ମଣମାନେ ତାହା ଭିତରେ ଇଏ ବ୍ରାହ୍ମଣ, ଇଏ କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଜାତି ଭାବରେ ପୂରାଇ ଦେଇ ନିଜ ନିଜର ବୈଦିକ ଛାଞ୍ଚରେ ତନ୍ତ୍ରକୁ ଗଢ଼ି ନେଇ ଅସଲ ବା ମୂଳ ତନ୍ତ୍ର-ଧର୍ମର ଉଚ୍ଛେଦ କରି ବସିଛନ୍ତି । ଏବେ ତନ୍ତ୍ରଶାସ୍ତ୍ରକୁ

ଖୋଜିବାକୁ ଗଲେ ବୌଦ୍ଧଧର୍ମର ପୋଥି ଖୋଜିବାକୁ ପଡ଼ିବ—ସଂସ୍କୃତ ଭାଷାରେ ଆଗମ ନିଗମ ତନ୍ତ୍ରସାର, ତାହାପରେ ୩୬୫ଟି ତନ୍ତ୍ରର ଯେଉଁ ବହି, ସେ ସମସ୍ତ ଏହି ବେଦାଚାରର ଛାଞ୍ଚରେ ଗଢ଼ା ବ୍ୟଭିଚାରୀ ବ୍ରାହ୍ମଣମାନଙ୍କର ସୁବିଧାଜନକ ଭାବେ ଶିଷ୍ୟ ଜୁଟାଇବା ଲାଗି ପ୍ରକାଶ ହୋଇଛି । ଭାଷାକୁ ଦେଖିଲେ ବୁଝାଯାଇଥାଏ ଯେ କେତେ ହାଲୁକା ବଙ୍ଗଳାର ଛାଞ୍ଚରେ, ଅସଲରେ ସାଂଖ୍ୟ, ପାତଞ୍ଜଳୀ, ଉପନିଷଦ, ବେଦାନ୍ତର ଭାବ ସମସ୍ତ କେବଳ ନକଲ ବ୍ୟତୀତ ଆଉ କିଛି ନୁହେଁ । ଶିବ ଆଉ ପାର୍ବତୀ, ଈଶ୍ୱର ବା ଈଶ୍ୱରୀ, ବକ୍ତା ବା ଶ୍ରୋତା, ଠିକ୍ ଯେପରି ମହାଭାରତରେ ଲେଖାଥିବା ଛାଞ୍ଚ ପରି ନୁହେଁ କି ? ମହାଭାରତ ପରେ ଆଉ ବୈଦିକ ବ୍ରାହ୍ମଣଙ୍କର ଗର୍ବ କରିବା ଭଳି ଧର୍ମ-ସଂକ୍ରାନ୍ତ ଖଣ୍ଡେ ହିଁ ହେଲେ ପୁସ୍ତକ ରଚିତ ହୋଇପାରିଛି କି ? ଯାହା କିଛି ହୋଇଛି କେବଳ ଛାଞ୍ଚ ବା ନକଲ ମାତ୍ର ।''

ସେ ଯାହା କହନ୍ତି, ତାହା ବଡ଼ ହିଁ ଅଦ୍ଭୁତ ଲାଗେ, ଏବେ କାଳର ତନ୍ତ୍ରର ସକଳ ଗ୍ରନ୍ଥ ହିଁ ପ୍ରକୃତ ତନ୍ତ୍ର-ଧର୍ମର ପରିପନ୍ଥୀ !

ମୁଁ ପଚାରିଲି, ''ବ୍ରାହ୍ମଣମାନେ ତନ୍ତ୍ରଧର୍ମ ଗ୍ରହଣ କରିବା ପୂର୍ବରୁ ତନ୍ତ୍ରର ଭାଷା କିପରି ଥିଲା ? କେଉଁ ଭାଷାରେ ତାହାର ପ୍ରଚାର ହେଉଥିଲା ? ଆପଣଙ୍କର ଧାରଣା କଣ ?''

''ଅନାର୍ଯ୍ୟ କହି ଆର୍ଯ୍ୟମାନେ ଯାହାକୁ ଘୃଣା କରୁଥିଲେ, ସେମାନଙ୍କର ଭାଷା ଦ୍ରାବିଡ଼ । ସେହି ଭାଷାରେ ଯାହା କିଛି ବ୍ୟବହାର ତନ୍ତ୍ରରେ ଥିଲା । ପୋଥି ବହି ସେତେବେଳେ ତ ନଥିଲା, ବେଦପରି ହିଁ କେବଳ ଲୋକଙ୍କର ପରମ୍ପରାରେ ମୌଖିକ ଭାଷାରେ ପ୍ରଚାର ହେଉଥିଲା । ତାହା ସାଧକଙ୍କର ସ୍ମୃତି ମଧ୍ୟରେ ହିଁ ଆବଦ୍ଧ ଥିଲା । ତା' ଭିତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଜାତିର ନାମଗନ୍ଧ ହିଁ ନ ଥିଲା । କାରଣ ତନ୍ତ୍ରର କାରବାର କେବଳ ମାତ୍ର ମାନବସମାଜକୁ ନେଇ । ସେଥିମଧ୍ୟରେ ଜାତି କଥା କେଉଁଠାରେ ନଥିଲା । ସାଧାରଣ ମଣିଷର ଧର୍ମ-କର୍ମକୁ ନେଇ ହିଁ ତନ୍ତ୍ରର ସାଧନା ।''

ସେତେବେଳେ ମୁଁ ପୁଣି ପଚାରିଲି, ''ମନ୍ତ୍ର ଥିଲା ତ ? ସେ ମନ୍ତ୍ରର ଭାଷା କ'ଣ ଥିଲା ?''

ଅଘୋରୀ କହିଲେ, ''ବୋଧହୁଏ ମନ୍ତ୍ର କିଛି ଥିଲା, ହୁଏତ ଥିଲା ସେମାନଙ୍କ ଚଳିତ କଥିତ-ଭାଷାରେ । ତା'ପରେ ବୌଦ୍ଧମାନେ ସେ ସମସ୍ତ ମନ୍ତ୍ରର ଅର୍ଥ, ଶବ୍ଦକୁ ପାଲିଭାଷାରେ ଲିପିବଦ୍ଧ କରିଥିଲେ । ସେହି ପାଲିରୁ ବ୍ରାହ୍ମଣମାନେ ପୁଣି ସଂସ୍କୃତ ଭାଷାରେ ଭାଷାନ୍ତର କରିପକାଇଲେ ।''

''ଆଚ୍ଛା, ତନ୍ତ୍ର ନାମଟି କ'ଣ ସଂସ୍କୃତ ଭାଷା ନୁହେଁ ?''

''କେତେଗୁଡ଼ିଏ ଭିନ୍ନ ଭାଷାର ଶବ୍ଦ ସଂସ୍କୃତ ଭାଷା ମଧ୍ୟରେ ବ୍ରାହ୍ମଣମାନେ ଭର୍ତ୍ତି କରି ଦେଇଛନ୍ତି, ତା'ର କ'ଣ ଇୟତ୍ତା ଅଛି ? ଏହିପରି ଏକ ବ୍ୟାପାର ମଧ୍ୟ ଏହି ନାମ ମଧ୍ୟରେ ଘଟିଥାଇପାରେ ।''

''ମାରଣ, ଉଚ୍ଚାଟନ, ସ୍ତମ୍ଭନ, ବଶୀକରଣ, ଏ ସମସ୍ତ ହିଁ ତ ସଂସ୍କୃତ ଶବ୍ଦ ।''

''ହଁ ହଁ, ପ୍ରକୃତ ଶବ୍ଦମାନ ସଂସ୍କୃତ ଭାବାନୁବାଦ ।''

ମୁଁ ଶେଷରେ କହିଲି, ''ତନ୍ତ୍ର ମଧ୍ୟରେ ଯେତେ ମନ୍ତ୍ର ଅଛି ବା ସମସ୍ତ ମୂଳତଃ ସଂସ୍କୃତ ବା ସଂସ୍କୃତ ଶବ୍ଦରୁ ହିଁ ହୋଇଥାଏ, ତାହାହେଲେ ଏଥିରୁ କ'ଣ ସ୍ପଷ୍ଟ ବୁଝାଯିବ ଯେ ତନ୍ତ୍ରଧର୍ମ ବ୍ରାହ୍ମଣମାନଙ୍କର ସୃଷ୍ଟି ?''

ସେ ବାଧା ଦେଇ କହିଲେ, ''ପ୍ରକୃତରେ ତନ୍ତ୍ର ତ ମନ୍ତ୍ରମୂଳକ ନୁହେଁ, ତାହା କ୍ରିୟାମୂଳକ । କାର୍ଯ୍ୟତଃ ନାମରୁ ହିଁ ବୁଝାଯିବ ଯେ ତନ୍ତ୍ର ଯାହା, ତାହା ମନ୍ତ୍ର ନୁହେଁ । ତାକୁ ମନ୍ତ୍ର ସହ ସମ୍ବନ୍ଧଯୁକ୍ତ କରାଯାଇଛି ଅନେକ ବିଳମ୍ବରେ । ଆର୍ଯ୍ୟ ବ୍ରାହ୍ମଣଙ୍କ ମସ୍ତିଷ୍କରେ ଢୁକିବା ପରେ ନା ତା' ଭିତରେ ଚାତୁର୍ବର୍ଣ୍ଣ ଓ ସର୍ବଶ୍ରେଷ୍ଠ ଯେଉଁ ବ୍ରାହ୍ମଣ ଇତ୍ୟାଦିଙ୍କ କଥା ଭର୍ତ୍ତି କରାଯାଇଛି, ସେହି ଏକଥା କହିଛି ? ନାନା ପ୍ରକାର ଅଧିକାରୀ, ଶ୍ରେଷ୍ଠ, ମଧ୍ୟମ, ନିକୃଷ୍ଟ ପ୍ରଭୃତି ଅଧିକାରୀର କଥା ମଧ୍ୟ ତା' ଭିତରେ ପୂରାଇ ଦିଆଯାଇଛି, ଅସଲ କଥା ସେ ଧର୍ମରେ ଅଧିକାରୀ ଭେଦ ନାହିଁ, ଧର୍ମ କେବଳ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ।''

''ବଡ଼ ଅଦ୍ଭୁତ କଥା ଆପଣ ଏଠାରେ କହୁଛନ୍ତି । ଏସବୁ କଥା ପଣ୍ଡିତମାନେ ବିଶେଷତଃ ଇଉରୋପୀୟ ପଣ୍ଡିତମାନଙ୍କର ଯିଏ ଶିଷ୍ୟ, ଯେଉଁମାନେ ସେମାନଙ୍କ ପଦାଙ୍କ ଅନୁସରଣ କରନ୍ତି, ପ୍ରମାଣ ମଧ୍ୟରେ ଏକମାତ୍ର ପ୍ରତ୍ୟକ୍ଷକୁ ହିଁ ମୂଳ ଭାବେ ଗ୍ରହଣ କରି ସକଳ ବିଷୟରେ ଅନୁସନ୍ଧାନ କରି ଲବ୍ଧପ୍ରତିଷ୍ଠ ହୋଇଛନ୍ତି, ସେମାନେ ଆପଣଙ୍କର ଏହି ସମସ୍ତ ମତାମତକୁ ହେୟ ବା ଉପେକ୍ଷଣୀୟ ମନେକରିବେ ।''

''ସେଥିରେ ମୁଁ କ'ଣ କରିବି ! ଏହା ଅନେକ କାଳର କଥା । ଏବେ ଏହାର ପ୍ରତ୍ୟକ୍ଷ ପ୍ରମାଣ କେଉଁଠାରୁ ପାଇବି ? ଆମେ ଗୁରୁପରମ୍ପରା ଦ୍ୱାରା ଯାହା ଶୁଣିଆସିଛୁ, ଆଉ ଆମେ ଆଲୋଚନା ମାଧ୍ୟମରେ ଯାହା ସତ୍ୟ ବୋଲି ଗ୍ରହଣ କରିପାରିଛୁ, ତାହା ହିଁ ତ କହୁଛି । ବ୍ରାହ୍ମଣମାନେ କେତେ କେତେ ବାହ୍ୟ ଜିନିଷକୁ ଆତ୍ମସାତ କରି ଆପଣାର ସମାଜରେ ଓ ଭାଷା ମଧ୍ୟରେ ପୂରାଇଦେଇ ବଡ଼ ହୋଇଛନ୍ତି, ତା'ର ଖବର କିଏ ରଖିବାକୁ ଯାଉଛି ! ତନ୍ତ୍ର, ଭାରତର ଧର୍ମ ନିଶ୍ଚୟ, କିନ୍ତୁ ବ୍ରାହ୍ମଣମାନଙ୍କର ନୁହେଁ, ଏହା ଯେପରି ମନେରହେ ।''

ମୁଁ ଆଉ ଗୋଟିଏ କଥା ପଚାରିବା ଲାଗି ଛଟ୍‌ପଟ୍ ହେଉଛି ଦେଖି ସେ କହିଲେ, ''ଯାହା ତୁ କହ ନା କାହିଁକି, ତନ୍ତ୍ରର କାଳ ଆଉ ନାହିଁ । ଯଦି କେତେବେଳେ ପ୍ରକୃତ ତନ୍ତ୍ରର ସନ୍ଧାନ ମିଳିପାରେ. ସେଥିରୁ ଯାହାକୁ ବ୍ରାହ୍ମଣମାନେ ତନ୍ତ୍ର କହି ବ୍ୟବହାର କରୁଛନ୍ତି, ତାକୁ ବାଦ୍ ଦେଇ, ଯେଉଁ ଅଂଶକୁ ବ୍ରାହ୍ମଣମାନେ ଗ୍ରହଣ କରିନାହାନ୍ତି—ତିବ୍‌ବତ୍, ଚୀନ, ବୌଦ୍ଧ କ୍ରିୟାକାଣ୍ଡ ସହ ମିଶିରହିଛି—ତା'କୁ ଯଦି ଉଦ୍ଧାର କରାଯାଇପାରେ, ଯାହାଲାଗି ହୁଏତ ଜଣେ-ଦୁଇଜଣଙ୍କର ଜୀବନବ୍ୟାପୀ ସାଧନା ପ୍ରୟୋଜନ, ତା'ହେଲେ ବିଶ୍ୱବାସୀଙ୍କର

ସେହି ସମୟରେ ଉପଲବ୍ଧ ହେବ ଯେ ତନ୍ତ୍ର-ଧର୍ମ କିପରି ଏକ ବିରାଟ ଧର୍ମ । ଶିବ ଯେ କେତେ ଉଦାର, ଯିଏ ଏହି ସାର୍ବଜନୀନ ଧର୍ମର ସୃଷ୍ଟି କରିଥିଲେ, ଏହି ଗୋଟିଏ ମାତ୍ର ଧର୍ମ ମାଧ୍ୟମରେ ଜଗତର ସକଳ ଜୀବଙ୍କର ଯୋଗ, ଭୋଗ ଶେଷ କରି ମହା ଶକ୍ତିଶାଳୀ ହୋଇ ଆନନ୍ଦମୟ ଶିବ ହିଁ ହୋଇଯାଇପାରନ୍ତେ ।''

''ଆଚ୍ଛା, ଏକସମୟରେ ସବୁ ବ୍ରାହ୍ମଣ ହିଁ ତ ଆଉ ତନ୍ତ୍ରଧର୍ମ ଗ୍ରହଣ କରିନାହାନ୍ତି, ବାକି...''

ସେ ବାଧାଦେଇ କହିଲେ, ''ବାକି-ଟାକି ନୁହେଁ, ବଙ୍ଗଳାର ବ୍ରାହ୍ମଣ-ସମାଜ ଏକ ସମୟରେ କୌଳିକମାନଙ୍କର ମୁଠା ଭିତରେ ଥିଲା । ଯେଉଁମାନେ ବୈଷ୍ଣବ, ବ୍ରାହ୍ମଣଙ୍କ ବଂଶ ମଧ୍ୟରୁ ବିଷ୍ଣୁମନ୍ତ୍ରରେ ଦୀକ୍ଷିତ ଥିଲେ, ସେମାନେ ମଧ୍ୟ ତନ୍ତ୍ରକୁ ଅଳ୍ପ ଅନୁପାନରେ ନିଜ ମଧ୍ୟରେ ମାନି ନେଇଥିଲେ । ତାହା ହେଲା ନିରାମିଷତନ୍ତ୍ର । ଗୋପନ କଥା କହିବାର ନୁହେଁ, ତେବେ ତୋ' କାନରେ କହିଦେଉଛି—ବଡ଼ ଗୋସାଇଁମାନେ ମଧ୍ୟ ତନ୍ତ୍ରମତରେ, ଶକ୍ତିମନ୍ତ୍ରରେ ଦୀକ୍ଷିତ । 'ଅନ୍ତଃଶାକ୍ତଂ ବହିଃ ଶୈବଂ ସଭାୟାଂ ବୈଷ୍ଣବଂ ମତମ୍'— ଏହାହିଁ ହେଲା ବଙ୍ଗଳାର ଭଣ୍ଡ ସମାଜର ଧର୍ମ । ଏଇଥିରୁ ବୁଝିପାରିବୁ, କେଉଁ ସଂଘଶକ୍ତି ଏମାନଙ୍କର କେଉଁଠାରୁ ଆସିବ, ଦାସତ୍ୱ ହିଁ ବା ଘୁଞ୍ଚିବ କିପରି ? ଯିଏ ପର ନିକଟରେ ଦାସତ୍ୱ କରେ, ତା'ର ମୁକ୍ତି କେଉଁ କାଳରେ ହେଲେ ହେବାର ସମ୍ଭାବନା ହୁଏତ ଥାଏ, କିନ୍ତୁ ଯିଏ ନିଜ ମଧ୍ୟରେ ଭଣ୍ଡାମିର ଦାସତ୍ୱବରଣ କରିଛି, ତା'ର ମୁକ୍ତି କେଉଁ କାଳରେ ମଧ୍ୟ ହେବାର ସମ୍ଭାବନା କେଉଁଠି !''

''ତନ୍ତ୍ର କହିଲେ ହିଁ ଶିବତନ୍ତ୍ର ବୋଲି ବୁଝିବାକୁ ହେବ, ଅର୍ଥାତ୍ ଶିବ ହେଉଛନ୍ତି ଧର୍ମ-କର୍ମ-ସଂଘତ୍ୱର ପ୍ରବର୍ତ୍ତକ ।''

ମୁଁ ପଚାରିଲି, ''ଏହି ଶିବ କିଏ ? ବ୍ରହ୍ମା, ବିଷ୍ଣୁ, ମହେଶ୍ୱର—ଏହି ମହେଶ୍ୱର ହିଁ ତ ଶିବ ?''

''ଶିବଙ୍କୁ ପ୍ରଥମରେ ବୈଦିକ-ଆର୍ଯ୍ୟ ବ୍ରାହ୍ମଣମାନେ ଭଗବାନ ରୂପେ ପାଇନାହାନ୍ତି କି ସ୍ୱୀକାର ମଧ୍ୟ କରିନାହାନ୍ତି, ସେ ଅନାର୍ଯ୍ୟଙ୍କର ନାୟକ, ଦେବତା ଥିଲେ । ଆର୍ଯ୍ୟଙ୍କ ହିସାବରେ ଶିବଙ୍କ ଦଳ ବ୍ରାତ୍ୟ ଅର୍ଥାତ୍ ପତିତ । ବୈଦିକ ଆର୍ଯ୍ୟଙ୍କ ସଙ୍ଗେ ତୁଳନାରେ ଶିବ ଆଚାର-ଭ୍ରଷ୍ଟ, ଅନାର୍ଯ୍ୟ—ଯେଉଁଠିସେଠି ଥାଆନ୍ତି, ଯାହା-ତା ଖାଆନ୍ତି, କୌଣସି ନିୟମ ନ ଥାଏ, ଶ୍ମଶାନ ତାଙ୍କର ବଡ଼ ପ୍ରିୟ ସ୍ଥାନ, ବସ୍ତ୍ର ପିନ୍ଧନ୍ତି ନାହିଁ, ଗୋଟିଏ ବ୍ୟାଘ୍ରଛାଲ ପିନ୍ଧନ୍ତି ଲୋକାଳୟକୁ ଯିବା ବେଳେ, ନତୁବା ଉଲଗ୍ନ । ଏପରି ଉଦାର ସ୍ୱଭାବ ଯେ ଯାହା-ତାହା ଘରେ ବିନା ଆହ୍ୱାନରେ ଉପସ୍ଥିତ ହୋଇ ଯେଉଁମାନେ ଦୁଃଖୀ ବା ପୀଡ଼ିତ, ତାଙ୍କର ସେବା କରନ୍ତି, ଔଷଧ-ପଥ୍ୟର ବ୍ୟବସ୍ଥା କରନ୍ତି, ନିଜର ବ୍ୟକ୍ତିଗତ ଯତ୍ନ ଦ୍ୱାରା ତାକୁ ଆରୋଗ୍ୟ କଲାପରେ ସେ ସ୍ଥାନ ତ୍ୟାଗ କରନ୍ତି । ତାଙ୍କର ଅଦ୍ଭୁତ ଯୋଗସିଦ୍ଧିର କଥା ଯେତେବେଳେ ଆର୍ଯ୍ୟମାନେ ଶୁଣିଲେ ଯେ ଶୀତ କି ଗ୍ରୀଷ୍ମରେ କୌଣସି ବସ୍ତ୍ର ବା ଆଚ୍ଛାଦନ

ଅଙ୍ଗରେ ଧାରଣ କରନ୍ତି ନାହିଁ, ଯେଉଁଠିକୁ ଇଚ୍ଛା ସେଠିକୁ ଯାଆନ୍ତି, ଦୁଇମାସର ରାସ୍ତାକୁ ଅଳ୍ପ ସମୟ ମଧ୍ୟରେ ଅତିକ୍ରମ କରନ୍ତି, ମାଦକ ସେବନ କରନ୍ତି, ନିଶାଗ୍ରସ୍ତ ହେବାରୁ ସବୁ ସମୟରେ ଟୁଳୁଟୁଳୁ ଅଥଚ ଅନାର୍ଯ୍ୟମାନେ ତାଙ୍କୁ କହନ୍ତି ଭଗବାନ । ସମ୍ବତ୍ସରର ଅର୍ଦ୍ଧେକ, ଯେତେବେଳେ ଗ୍ରୀଷ୍ମ, ବର୍ଷା, ଶରତରତୁ, ସେ ଥାଆନ୍ତି କୈଳାସରେ । ସେ ଦେଶର ଲୋକେ ତାଙ୍କୁ ଏହି ସମୟରେ ନିକଟରେ ପାଆନ୍ତି । ହିମାଳୟରେ ସେ ରହନ୍ତି ନାହିଁ ! କାରଣ ହିମାଳୟ ଥିଲା ଆର୍ଯ୍ୟଙ୍କର ସ୍ୱର୍ଗ, ସେଠାରେ ସେମାନଙ୍କର ହିଁ ଅଧିକାର । ତେବେ ଏହି ହିମାଳୟର ଏକ ଝିଅକୁ ସେ ବିବାହ କରନ୍ତି । ଆର୍ଯ୍ୟଙ୍କର ଏକ ପ୍ରଜାପତିଙ୍କ କନ୍ୟା, ତାଙ୍କର ଗୁଣଗ୍ରାମ କଥା ଶୁଣି, ତାଙ୍କ ଗଳାରେ ମାଳା ଦେବା ଲାଗି ବହୁ ତପସ୍ୟା କରିଥିଲେ । ସାଙ୍ଗୋପାଙ୍ଗ ସହ ଯେତେବେଳେ ସେ କୈଳାସରେ ଥିଲେ, ସେତେବେଳେ ମଧ୍ୟ ଉତ୍ତର-ପଶ୍ଚିମ ଭାରତର, ପୁଣି ପୂର୍ବର ଅର୍ଥାତ ବଙ୍ଗଳା-ବିହାରର ମଧ୍ୟ ବହୁ ଭକ୍ତ ହିମାଳୟ ପାର୍ ହୋଇ ତାଙ୍କ ପାଖକୁ ଆସିବାଲାଗି ତୀର୍ଥଯାତ୍ରାରେ ବାହାରୁଥିଲେ । ଆର୍ଯ୍ୟମାନେ ଏପରି ଏକ ଅଦ୍ଭୁତ ବ୍ୟକ୍ତି ପୂର୍ବେ ଦେଖି ନଥିଲେ । ସେମାନଙ୍କ ଦଳର ଦେବତା ଆଉ ନିଜ ନିଜର ସଭ୍ୟତାର ଶ୍ରେଷ୍ଠତ୍ୱକୁ ଗୁଣିଗୁଣି ମରୁଥାନ୍ତି ସେମାନେ—ଏ ଜଣେ ଅନାର୍ଯ୍ୟ ମୂର୍ଖ, ଅଶିକ୍ଷିତ ବ୍ୟକ୍ତି—ଆଚାର ମାନନ୍ତି ନାହିଁ, ବେଦ ମାନନ୍ତି ନାହିଁ, ପୂଜା, ହୋମ, ଯାଗ, ଯଜ୍ଞ ଆଦି ତାଙ୍କର କୌଣସି ଅନୁଷ୍ଠାନ ହିଁ ନଥିଲା; ଏପରି ଜଣେ ବ୍ୟକ୍ତିଙ୍କୁ ଆର୍ଯ୍ୟମାନଙ୍କ ମତରେ ଚୁଜନ ପିପୁଲ୍ ଅଫ୍ ଗଡ୍ (Choosen People of God) ଅର୍ଥାତ୍ ଈଶ୍ୱର ନିର୍ବାଚିତ ମନୁଷ୍ୟ କିପରି ମାନିବେ ବା ଶ୍ରେଷ୍ଠ ବୋଲି ସ୍ୱୀକାର କରିପାରିବେ ? ତା'ପରେ ଯେତେବେଳେ ଉମାଙ୍କର ବିବାହ ଶିବଙ୍କ ସଙ୍ଗେ ହୋଇଗଲା, ଆର୍ଯ୍ୟ ଦେବତାମାନେ ରାଗିଯାଇ ଏକବାର ଖୁନ୍—କ'ଣ ? ଏତେବଡ଼ ସ୍ପର୍ଦ୍ଧା ଶିବର ! ଆର୍ଯ୍ୟ ପ୍ରଜାପତିର କନ୍ୟାକୁ ବିବାହ କରିଛି ! ସମୁଚିତ ଦଣ୍ଡ ଦେବା ଲାଗି ବା ଶକ୍ତିପରୀକ୍ଷା ଲାଗି ଏହାହିଁ ଥିଲା ସୁଯୋଗ ! ସେଥିଯୋଗୁ ଦକ୍ଷଯଜ୍ଞର ବ୍ୟାପାର ଘଟିଲା । ଶିବଙ୍କର ଐଶ୍ୱରିକ ମହାଶକ୍ତିର ପରିଚୟ ଆର୍ଯ୍ୟମାନେ ଯେତେବେଳେ ପାଇଲେ, ସେତେବେଳେ ସେମାନଙ୍କର ଆଉ ଗର୍ବ ରହିଲା ନାହିଁ । ଶିବଙ୍କ ନିକଟରେ ମଥା ନତ କରିବାକୁ ପଡ଼ିଲା । ଶିବ ସେତେବେଳେ ମହେଶ୍ୱର ନାମ ବହନ କଲେ, ସେହି ସମୟରୁ ଶିବଙ୍କ ଲାଗି ଯଜ୍ଞରେ ଭାଗ ନେବା ନିର୍ଦ୍ଦିଷ୍ଟ ହେଲା ।''

''ତା' କେତେଦିନର ଘଟଣା ?'' ସେ ଏଥିରେ ବିରକ୍ତ ହୋଇ କହିଲେ, ''ପାଞ୍ଜିପତ୍ର ନେଇ କ'ଣ ମୁଁ ସେହି ସମୟରେ ବସିଥିଲି ରେ ଶଳା ? ପୁଣି ଏପରି ବାଜେ କଥା କହିବୁ ନାହିଁ, ନ ହେଲେ ଆଉ କିଛି ଶୁଣିବାକୁ ପାଇବୁ ନାହିଁ—''

''ନା-ନା ଅପରାଧ ହୋଇଛି, କ୍ଷମା କରନ୍ତୁ—'' କହି ହାତଯୋଡ଼ିଲି; ତାହା ଶୁଣି ସେ ଆହୁରି ବିରକ୍ତ ହୋଇ କହିଲେ, ''ପୁଣି ଶଳା ତୁ ମୋ' ପାଖରେ ବାହ୍ୟ ଶିଷ୍ଟାଚାରର ବାହାନା କରୁଛୁ ?''

ମୁଁ କହିଲି, ''ମୋ'ର ଏଇଟା କିପରି ଗୋଟାଏ ଅଭ୍ୟାସ ହୋଇଯାଇଛି । ଆଉ ସେ ସବୁ କଥା କହିବି ନାହିଁ । ଏବେ ଆପଣ କହନ୍ତୁ ।''–ସେ ଆଉ କିଛି କହିଲେ ନାହିଁ । ଅନେକ କ୍ଷଣ ନିରବ ରହିବା ପରେ ପୁଣି କହିଲେ, ''ଏହାପରେ ଆଉ କ'ଣ, ସେହି ସମୟରୁ ହିଁ ଆର୍ଯ୍ୟଙ୍କର ସମାଜରେ ଶିବଙ୍କର ପୂଜା-ଅର୍ଘ୍ୟ ବନ୍ଦୋବସ୍ତ ହେଲା, ଶିବଙ୍କୁ ସେମାନଙ୍କ ଦଳକୁ ଟାଣିନେଇ ସେମାନେ ଉନ୍ନତତର ସଭ୍ୟତା ଲାଭ କଲେ । ଶିବଙ୍କ ନିକଟରୁ ସେମାନେ ଆୟୁର୍ବେଦ, ଧନୁର୍ବେଦ ଯୋଗାଦି ପ୍ରାପ୍ତ ହେଲେ । ଏ ସମସ୍ତ ସେମାନଙ୍କ ମଧ୍ୟରେ କସ୍ମିନକାଳେ ମଧ୍ୟ ନ ଥିଲା, ହିମାଳୟ ମଧ୍ୟରୁ ଶିବ ବହୁ ଭେଷଜ ପରୀକ୍ଷା କରିସାରି ମାନବସମାଜକୁ ଦେଇ ଯାଇଛନ୍ତି । ଦୁଃସାଧ୍ୟ ରୋଗାଦିର ଔଷଧ ସେତେବେଳେ କିଏ ଜାଣିଥିଲା ?''

ମୁଁ ପ୍ରଶ୍ନ କଲି, ''କାହିଁକି, ଦେବତାଙ୍କର ତ ଅଶ୍ୱିନୀକୁମାର ଥିଲେ । ଶୁଣାଯାଏ ଯେ ସେ ଅନେକ କଠିନ ରୋଗରୁ ମୁକ୍ତ କରି ଦେଉଥିଲେ ।''

''ହୁଁ, ବହୁ ପୂର୍ବେ ସେ ତାହା କରିଥିଲେ ସତ, କିନ୍ତୁ ସେ ସମସ୍ତ ଦୈବଶକ୍ତିର ପ୍ରଭାବରେ ହିଁ ସମ୍ଭବ ହୋଇଥିଲା । ଲୋକସମାଜର କଲ୍ୟାଣ ଲାଗି ସେ କିଛି ପ୍ରଚାର ତ କରି ନ ଥିଲେ, ତାଙ୍କର ତିରୋଧାନ ସଙ୍ଗେ ସଙ୍ଗେ ହିଁ ଦୈବୀଚିକିତ୍ସାର ମଧ୍ୟ ଲୋପ ହୋଇଯାଇଥିଲା । ସେ ସ୍ଥାୟୀ ଭାବରେ କିଛି ପ୍ରବର୍ତ୍ତନ କରି ଯାଇନାହାନ୍ତି । ଶିବ କିନ୍ତୁ ମୃତସଞ୍ଜୀବନୀ ଆବିଷ୍କାର କରିଥିଲେ । ଏଥିସହ ସେ ରସାୟନ ଶାସ୍ତ୍ରର ପ୍ରବର୍ତ୍ତକ ମଧ୍ୟ । ତାଙ୍କ ପୂର୍ବରୁ ରସାୟନ ଯେ କେତେ ବିରାଟ ଅଦଭୂତ ଆବିଷ୍କାର, ତାହା କାହାର ଧାରଣାରେ ନଥିଲା । ପାରଦ ସ୍ୱର୍ଣ୍ଣ ଆଦିର ଧାତୁଭସ୍ମ, ଏ ସମସ୍ତ ଶିବଙ୍କର ଦାନ । ଏହା ବ୍ୟତୀତ ଧନୁର୍ବେଦର ସିଦ୍ଧ ତନ୍ତ୍ରାଦି, କେତେକ ଅସ୍ତ୍ର ବା ବାଣ, ସମ୍ମୋହନ, ଉଦ୍‌ମୋହନ ପ୍ରଭୃତି, ଯାହାକୁ ବ୍ୟବହାର କରି ଯୁଦ୍ଧ ସମୟରେ ବିରୁଦ୍ଧ ପକ୍ଷର ପ୍ରାଣହାନି ନ କରି ମଧ୍ୟ ଜୟ କରାଯାଇପାରେ, ଏହି ସମସ୍ତ ଶିବ ହିଁ ଆବିଷ୍କାର କରିଥିଲେ । ଏତଦ୍‌ବ୍ୟତୀତ ଯୁଦ୍ଧ ଲାଗି ଏପରି ସାଂଘାତିକ, ମାରାତ୍ମକ ଅସ୍ତ୍ର ସେ ଆବିଷ୍କାର କରିଥିଲେ, ଯାହାର ପ୍ରଭାବକୁ ସେହି ସମୟରେ କାହାର ସହ୍ୟ କରିବାର କ୍ଷମତା ନଥିଲା । ତା'ପରେ ସମସ୍ତ ଯୋଗଶାସ୍ତ୍ର ମଧ୍ୟ ପୂର୍ଣ୍ଣରୂପେ ଶିବଙ୍କର ନିଜ ଆବିଷ୍କାର । ଆର୍ଯ୍ୟମାନଙ୍କର ଧାରଣା ହିଁ ନଥିଲା ଯେ ସଭ୍ୟ-ସମାଜର ମନୁଷ୍ୟ ନ ହେଲେ ମଧ୍ୟ, ଜ୍ଞାନ ଓ ବିଦ୍ୟା ନ ଥିଲେ ମଧ୍ୟ, ସଂସ୍କୃତ ଦେବଭାଷାର ବାହ୍ୟ ଭାବରେ ସ୍ତୁତି, ଉପାସନା ନ କରି ମଧ୍ୟ, ପ୍ରାଣ-କ୍ରିୟାର ସଂଯମ ଦ୍ୱାରା, ଇଚ୍ଛା କଲେ, ସାଧାରଣ ମଣିଷ ଈଶ୍ୱରଙ୍କ ସହ ମିଳିତ ହେବାର ମଧ୍ୟ ଉପାୟ ଅଛି । ଶିବଙ୍କର ଏହି ଯୋଗପନ୍ଥାର ଅନ୍ୟ ନାମ ହେଲା ତନ୍ତ୍ର । ଏହାଙ୍କର ଅଦ୍ଭୁତ ଶକ୍ତି ପ୍ରତ୍ୟକ୍ଷ କରି ହିଁ ଆର୍ଯ୍ୟ, କ୍ଷତ୍ରିୟ, ବ୍ରାହ୍ମଣମାନେ ତାଙ୍କୁ ଦେବତା ରୂପେ ଧାରଣା କରିଥିଲେ । ଯଥାର୍ଥ ଜ୍ଞାନପିପାସୁ ଗୁଣଗ୍ରାହୀ ଆର୍ଯ୍ୟଦଳ ଶିବଭକ୍ତ ହୋଇଥିଲେ । ସେତେବେଳେ ଏହି ଶିବଙ୍କର ପ୍ରଭାବ ହିଁ ଆର୍ଯ୍ୟ ଅନାର୍ଯ୍ୟ ଦୁଇ ଦଳ ମଧ୍ୟରେ ଶେଷକାଳ ପର୍ଯ୍ୟନ୍ତ ଥିଲା । ଯେତେ ଅଧିକ ଉପେକ୍ଷା ତାଙ୍କୁ ପ୍ରଥମରେ

କରାଯାଇଥିଲା, ତା'ର ବହୁଗୁଣ ଭକ୍ତି, ସମୂଳ-ସୁଧ ରୂପେ, ଆଜବଧି ଆଦାୟ ହୋଇଛି । ଅଧିକନ୍ତୁ ସଙ୍ଗୀତ କ୍ଷେତ୍ରରେ ରାଗ-ରାଗିଣୀର ବିଭିନ୍ନ ସୁରର ବୈଜ୍ଞାନିକ ସାଧନାର ମଧ୍ୟ ଆଦିପ୍ରବର୍ତ୍ତକ ହେଲେ ଶିବ । ମୋଟ ଉପରେ ଏହି ଏକମାତ୍ର ଶିବଙ୍କୁ ପାଇ ଆର୍ଯ୍ୟ ସଭ୍ୟତା ଗୌରବର ସର୍ବୋଚ୍ଚ ଶିଖରରେ ଉପନୀତ ହୋଇଥିଲା । ଶିବଙ୍କର ଯାହା କିଛି ଅବଦାନ, ତାହା ଅପୂର୍ବ ବୈଜ୍ଞାନିକ ଭିତ୍ତି ଉପରେ ସ୍ଥାପିତ । ତାଙ୍କର ଐଶ୍ୱରିକ ଶକ୍ତି ବଳରେ ସେ ସେହି ସମୟର ଲୋକସମାଜକୁ ଆତ୍ମସାତ କରିନେଇଥିଲେ । ସେ କାଳରେ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କର ଯେଉଁଭଳି ବିଷମୟ ଶତ୍ରୁତା ଥିଲା, ତାହା ଆମେ ଧାରଣା କରିପାରିବା ନାହିଁ । ରାମଚନ୍ଦ୍ରଙ୍କର ବହୁପୂର୍ବରୁ ଏହି ଶିବ ଥିଲେ ଉଭୟ ଶ୍ରେଣୀର ମିଳନ-ସେତୁ । ଆର୍ଯ୍ୟ ଓ ଅନାର୍ଯ୍ୟ, ଏହି ଦୁଇ ଜାତିକୁ ନେଇ ଏକ ବିଶାଳ ସଭ୍ୟ-ଜଗତ ସୃଷ୍ଟିର ବୀଜ ଏହି ଶିବ ହିଁ ରୋପଣ କରିଥିଲେ । ସେ ସେହି ଯୁଗରେ ଏପରି ଏକମାତ୍ର ପୁରୁଷ ଥିଲେ, ଯାହାଙ୍କର ଗୁଣ, ଜ୍ଞାନ ଓ ଶକ୍ତିର ପରିମାପ ଆଜିସୁଦ୍ଧା ହୋଇ ପାରିନାହିଁ । ବସ୍ତୁତଃ ଶିବ ଯେ କି ବିରାଟ ଦେବତା, ତାହାର ଆକଳନ କରିବାକୁ ଯାଇ ଗନ୍ଧର୍ବରାଜ ମହିମା-ସ୍ତବରେ ଏହି ଯେଉଁ କଥାଟି କହିଥିଲେ, ତାହା ପରେ ଆଉ କିଛି ବକ୍ତବ୍ୟ ନାହିଁ :

"ଅସିତଗିରିସମଂ ସ୍ୟାତ୍ କଜ୍ଜଳମ୍ ସିନ୍ଧୁପାତ୍ରମ୍
ସୁରତରୁବର-ଶାଖାଲେଖନୀ ପତ୍ରମୂର୍ବ୍ୱୀ ।
ଲିଖତି ଯଦି ଗୃହୀତ୍ୱା ସାରଦା ସର୍ବକାଳମ୍
ତଦପି ତବ ଗୁଣାନାମିଶ ପାରଂ, ନ ଯାତି ।"

■■

ଚତୁର୍ବିଂଶ ପରିଚ୍ଛେଦ

ଥରେ ମହେଶ୍ୱରୀ ମା'ଙ୍କ ସଙ୍ଗେ କଥା କହିବାକୁ, ଟିକିଏ ବିଶେଷ ଭାବରେ ଆଳାପ କରିବାକୁ ସୁଯୋଗର ଆକାଂକ୍ଷା କରିଥିଲି, ଆଜି ତା'ର ସୁଯୋଗ ଉପସ୍ଥିତ ହେଲା । ଖଣ୍ଡ ଭୈରବଙ୍କ ସହ ସେ ବକ୍ରେଶ୍ୱର ମନ୍ଦିର ଅଗଣାରେ ଆସି ବସିଥିଲେ । ଆଉ କେହି ସେଠାରେ ନ ଥିଲେ ସତ, ତେବେ ଦୂରରେ ଦୁଇ-ତିନି-ଜଣ ମନ୍ଦିରର ପଣ୍ଡା ତମାଖୁର ଧୂମପାନ କରୁ କରୁ ନିଜନିଜ ମଧ୍ୟରେ କଥାବାର୍ତ୍ତାରେ ମସ୍ତ ଥିଲେ । ସେମାନଙ୍କର କଥାବାର୍ତ୍ତାକୁ ଦୂରରୁ ଯେ କେହି ଶୁଣିଲେ ଏତିକିମାତ୍ର ମନେ କରିବ ଯେ କିଛି କଳହ ବା ଝଗଡ଼ା ଚାଲିଛି ।

ଏହି ମନ୍ଦିରର ପ୍ରବେଶ ଦ୍ୱାର ବାମ ଦିଗରେ । ଭୂମି ଉପରେ ଖଣ୍ଡେ ଚଟେଇ ପଡ଼ିଛି, ତା' ଉପରେ ହିଁ ଭୈରବୀ ଉପବିଷ୍ଟା । ଯେଉଁ ଦିଗକୁ ମହେଶ୍ୱରୀ ମୁଖ କରିଥିଲେ, ସେ ଦିଗରେ ଛୋଟଛୋଟ କେତେକ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ । ତା' ମଧ୍ୟରେ ଏକ ଅତି ଛୋଟ ମନ୍ଦିର– ବୋଧହୁଏ ହାତ ବଢ଼େଇଲେ ତାହାର ଚୂଡ଼ା ଛୁଇଁହେବ । ମନ୍ଦିରର ଆକୃତି ଥିଲେ ହେଁ ଯେପରି ତାହା ମନ୍ଦିର ନୁହେଁ । ଭିତରେ କୌଣସି ମୂର୍ତ୍ତି ବା ଲିଙ୍ଗ ନାହିଁ । ଦୁଇହାତର ସମଚତୁଷ୍କୋଣ ଚଟାଣରେ ଜଣେ ଲୋକ ଆସନ ପକାଇ ସେଠାରେ ବସିପାରେ, ମାତ୍ର ହାତେ ଉଚ୍ଚର ମଥା ଉପରେ ଅଛି ଶୂନ୍ୟ ସ୍ଥାନ । ପ୍ରବେଶଦ୍ୱାର ମଧ୍ୟ ଦୁଇହାତରୁ ଅଧିକ ନୁହେଁ– ଶରୀରକୁ ବହୁ ସଙ୍କୁଚିତ କରି ଭିତରକୁ ଯାଇହେବ । ଭିତର ଓ ବାହାର ଶିଉଳି ଦ୍ୱାରା ଚିତ୍ରିତ, ଏକ ତୀବ୍ର ସନ୍ତସନ୍ତିଆ ଗନ୍ଧ, ପାଖରେ ଠିଆ ହେଲେ ଜଣାପଡ଼େ । ଏହା ଏକ ସାଧନ ଗୃହ । ଯେତେବେଳେ ବକ୍ରେଶ୍ୱରପୁରୀର ଅବସ୍ଥା ଭଲ ଥିଲା, ସେତେବେଳେ ଏହା ସାଧନ କାର୍ଯ୍ୟରେ ବ୍ୟବହାର ହେଉଥିଲା, ଏବେ କିନ୍ତୁ ତାହା ଭିତରେ ରହିବା ବା ଅଳ୍ପକ୍ଷଣ ବସିବା ବିପଦ୍‌ଜନକ । ମୁଁ ବୁଲାବୁଲି କରି ଏହିସବୁ ଦେଖିଥିଲି । ଏହା ଭିତରେ କିଛି ସମୟ ବସିବା ଲାଗି ଚେଷ୍ଟା କରିଥିଲି, କିନ୍ତୁ ଭିତରେ ଏପରି ଏକ ବିଷାକ୍ତ ଦୁର୍ଗନ୍ଧ ଯେ ପାଞ୍ଚମିନିଟ ମଧ୍ୟ ବସି ରହିହେବନାହିଁ । ଏବେ ଯାହା କହୁଛି, ଏହି ମନ୍ଦିର ଭିତରେ ଜଣେ କେହି ବ୍ୟକ୍ତି ବୋଧହୁଏ ଥିଲେ । କାରଣ ମହେଶ୍ୱରୀ ଅଙ୍ଗୁଳି ନିର୍ଦ୍ଦେଶ କରି କ'ଣ କହୁଥିଲେ । ସେତେବେଳେ ଖଣ୍ଡ ଭୈରବ ଉଠିପଡ଼ି ସେହି ଦିଗକୁ ଗଲେ । ଏହି ଅବସରରେ ମୁଁ କିଛି ବାଟ ଭୈରବୀଙ୍କ ଆଡ଼କୁ ଆଗେଇଚାଲିଲି ।

ସେ ସ୍ନେହସିକ୍ତ କଣ୍ଠରେ ମୋତେ ଡାକିଲେ, କହିଲେ, ''କେତେଦିନ ଧରି ତୁମ କଥା ଭାବୁଥିଲି, କହୁଥିଲି, କାଲି ହୁଏତ ଚାଲିଯିବି, ଆଉ ଦେଖା ହେବ କି ନାହିଁ, ହେଇ ଦେଖ–ଠିକ୍ ଦେଖା ହୋଇଗଲା ।''

ମୁଁ ନମସ୍କାର କରି କହିଲି, ''ଆପଣଙ୍କ ଦୟା ।''

ସେ ହସିଦେଇ କହିଲେ, ''ହଁ, ତାହା ଠିକ୍, ଆମେମାନେ ତ କେବଳ ମହତ୍ ଲୋକର ଦୟା ହିଁ ଚାହିଁଆସିଛୁ । ତେବେ ଆଉ କେତେ ଦିନ ଏଠାରେ ରହିବ ?''

''ଏବେ ଯିବାର ତ ଇଚ୍ଛା ହୋଇନାହିଁ, ଅଘୋରୀ ବାବାଙ୍କ ସଙ୍ଗ ତ ସେପରି ମିଳିଲା ନାହିଁ–''

''ଆମେ ମଧ୍ୟ କେବେ ତାଙ୍କ ସଙ୍ଗ ବେଶୀ ଦିନ ଲାଗି ପାଇନାହୁଁ, ଦୁଇ ଦିନ କିମ୍ବା ଖୁବ୍ ଜୋର୍ ତିନୋଟି ଦିନ ତାଙ୍କ ସଙ୍ଗ ମିଳିଛି କି ନାହିଁ ସନ୍ଦେହ । ପାଖରେ କାହାକୁ ରହିବାକୁ ଦିଅନ୍ତି ନାହିଁ, ଖୁସିରେ କାହାକୁ ନିଜେ ନ ଡାକିଲେ କାହାର ଯିବାର ଜୁ ନାହିଁ ।''

''ସେ ହିସାବରେ ମନେହୁଏ, ସେ ମୋତେ ଯଥେଷ୍ଟ ଅନୁଗ୍ରହ କରିଛନ୍ତି,–''

''ତାହା ତ ଆମର ପ୍ରତ୍ୟେକଙ୍କର ମନେହୁଏ । ଖଣ୍ଡ ଭୈରବ ମଧ୍ୟ ସେହିକଥା କହୁଥିଲେ ଯେ ତାଙ୍କ ସଙ୍ଗ ଯିଏ ପାଏ ବା ପାଇଛି, ସେହି ଲୋକମାନଙ୍କଠାରୁ ଏ କଥା ଶୁଣିଛି ।''

''ମୋ'ର କିନ୍ତୁ ଏବେ ମଧ୍ୟ ତାଙ୍କ ନିକଟରୁ ଅନେକ କିଛି ପାଇବାର ଆକାଂକ୍ଷା ଅଛି ।''

ସେ ହସିଦେଇ କହିଲେ, ''ମୋ'ର ମଧ୍ୟ ସେ ଦିଗରେ କୌଣସି ଗୁଣରେ କମ୍ ନୁହେଁ । କିନ୍ତୁ ପ୍ରକୃତ କଥା କ'ଣ ଜାଣ, ତୁମର ଯାହା ଜାଣିବାର ଇଚ୍ଛା ଥାଏ, ସେ ବିଷୟ ଯେ ତାଙ୍କୁ ପଚାରିଲେ ଉତ୍ତର ମିଳିବ, ସେକଥା ଯେପରି ମନରେ ନ ଭାବ ! ଆମେ ତାହା ପାଇ ନାହୁଁ । ତୁମର ଏବେ ଅନ୍ତରର କାମନା ଯେ ତନ୍ତ୍ର-ସମୁଦ୍ରଟିକୁ ଏକେବାର ପେଟ ପୂରାଇ ଖାଇ, ବାନ୍ତି କରିକରି ଘରକୁ ଯିବ, ବାବା, ସେ କଥା କିନ୍ତୁ ହବ ନାହିଁ, ଭାବୁଛି ।''

''ପ୍ରକୃତରେ ମୋତେ ଆହୁରି ଅନେକ କିଛି ଜାଣିବାକୁ ଅଛି । ତାଙ୍କ ପାଖରୁ ନ ଜାଣିଲେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରୁ ସେପରି ଜାଣିବାର ସମ୍ଭାବନା ନାହିଁ ।''

''ଆଚ୍ଛା, ଗୋଟିଏ କଥା ମୋତେ କୁହ ତ, ତନ୍ତ୍ର ସମ୍ବନ୍ଧରେ ଯାହା ହେଲେ କିଛି ଜାଣିବାକୁ ଚାହ ତ ? ଦେଖାଯାଉ ମୁଁ ତୁମ ମନକୁ ପାଇବା ପରି କିଛି ହେଲେ କହି ପାରିବି କି ନାହିଁ ।''

ଯେତେବେଳେ ପ୍ରଥମେ ଏହାଙ୍କ ସାକ୍ଷାତ ମିଳେ, ସେତେବେଳେ ଭାବିଥିଲି, ଜଣା-ନାହିଁ– ଏହାଙ୍କର କେତେ ଗମ୍ଭୀର ପ୍ରକୃତି–ହୁଏତ ମୋ' ପରି ଜଣେ ଲୋକ କିଛି ପଚାରିବାକୁ ସାହସ କରିବ ନାହିଁ । ହୁଏତ ସାମାନ୍ୟ କଥାକୁ ଉପେକ୍ଷା କରି ପଦେ ଦି'ପଦ କଥା କହି

ପ୍ରତ୍ୟାଖ୍ୟାନ କରିଦେବେ । ମାତ୍ର ଆଜିର ପ୍ରଥମ ଆଳାପରେ ହିଁ ସେ ମୋତେ ଏକାଥରେ ଏତେ ଆପଣାର କରିନେଲେ ଯେ ମୁଁ ସକଳ କାଳ୍ପନିକ ପାର୍ଥକ୍ୟକୁ ପୂରା ଭୁଲିଗଲି । ତାଙ୍କ କଥାରେ ମୁଁ ହସିଦେଇ କହିଲି, ''ମୁଁ କିନ୍ତୁ ଆପଣଙ୍କୁ କିଛି ପଚାରିବାକୁ ପଛାଉଥିଲି, ଯଦିଓ ଆପଣଙ୍କ ସହ କଥା କହିବାକୁ ପ୍ରଥମରୁ ହିଁ ମୋର ଆକାଂକ୍ଷା ଥିଲା । ତା'ପରେ ଜାଣିବାକୁ ଇଚ୍ଛା ଥିଲା, ଆପଣଙ୍କ ମହତ ସାଧନାର କଥା–''

''ତା'ହେଲେ ତୁମ ମନରେ କିଛି ଯଥାର୍ଥ ଜିଜ୍ଞାସା ଉଠିଛି ନା ? ଏକଥା ଠିକ୍ କି ନୁହେଁ ?''

''ତାହା ମନେହୁଏ ଠିକ୍ ନୁହେଁ, କେତେଗୁଡ଼ିଏ ଏପରି ବିଷୟ ଅଛି, ଯାହା ମୁଁ ଆପଣଙ୍କ ପାଖରେ କହିବାକୁ ସଙ୍କୋଚ ବୋଧ କରୁଛି । ସମସ୍ତଙ୍କ ସହ ସବୁ କଥା ତ କହିହୁଏ ନାହିଁ ।''

''ଆମର ଧର୍ମ ସମ୍ବନ୍ଧରେ ତୁମେ ଏତେ ଦିନ ଧରି ଶୁଣିବା ପରେ ମଧ୍ୟ ଅଘୋରୀଙ୍କ ପାଖରୁ କ'ଣ ଏକଥା ଜାଣିନାହଁ ଯେ ଲଜ୍ଜା, ମାନ, ଭୟ, ଏ ସବୁକୁ ଦୂର ନ କଲେ ତନ୍ତ୍ରଶାସ୍ତ୍ରର ମୂଳତତ୍ତ୍ୱରେ କେହି ମଗ୍ନ ହୋଇପାରିବ ନାହିଁ ? ନିଃସଙ୍କୋଚ ନହେଲେ କିଛି ହେବ ନାହିଁ ।''

''ତାହା ମୁଁ ଶୁଣିଛି ଏବଂ ଜାଣିଛି ଯେ ସକଳ ବିଷୟରେ ସକଳ ଧର୍ମରେ ଏହି କଥାହିଁ ପ୍ରଯୁଜ୍ୟ–କିନ୍ତୁ ଏପର୍ଯ୍ୟନ୍ତ...''

ବାଧା ଦେଇ ସେ କହିଲେ, ''କୌଣସି ନାରୀଠାରୁ ତନ୍ତ୍ରଧର୍ମ କଥା ଶୁଣିବାର ସୁଯୋଗ ହୋଇନି, ଏହି କଥା ତ ?''

ମୁଁ କହିଲି, ''ଏହି କଥା ହିଁ ସତ । ମୋ'ର ପ୍ରଥମ କଥା ଏହି ଯେ ଆପଣ ଗୃହୀ ନା ସନ୍ନ୍ୟାସୀ, ଜାଣିବା ଲାଗି ଇଚ୍ଛା ହୁଏ ।''

''ତନ୍ତ୍ରଧର୍ମ ଯିଏ ପ୍ରବର୍ତ୍ତନ କରିଥିଲେ, ସେ ଏହା ଭିତରେ ଗୃହୀ-ସନ୍ନ୍ୟାସୀ ବୋଲି କୌଣସି ଭେଦ ରଖି ନଥିଲେ–ଯଦିଓ ବର୍ତ୍ତମାନ ତାହା ହୋଇଯାଇଛି, ବୁଦ୍ଧଦେବ ଓ ଶଙ୍କରାଚାର୍ଯ୍ୟଙ୍କ ପରଠାରୁ ।'' କଥାଟିକୁ ଶୁଣି ମୁଁ ଚମତ୍କୃତ ହେଲି । ପରେ ପଚାରିଲି, ''ଏବେ ଯଦି ଗୃହୀ ଓ ସନ୍ନ୍ୟାସୀର ପ୍ରଭେଦ ହୋଇଛି, ସେଥିଲାଗି ମୁଁ କ'ଣ ପଚାରିପାରେ କି, ଆପଣ କେଉଁ ଆଶ୍ରମର ?''

''ମୁଁ ବୋଲି କେବଳ ନୁହେଁ, ଏବେ ଏପରି ଏକ ଦଳ ଅଛନ୍ତି, ଯେଉଁମାନେ ମୂଳ ଶିବତନ୍ତ୍ରର ମତକୁ ନେଇ ସାଧନ କରନ୍ତି । ସେମାନଙ୍କର ଏବେ ମଧ୍ୟ କୌଣସି ଦଳର ଭେଦାଭେଦ ରଖିନାହାନ୍ତି । ମୁଁ ସେହି ଦଳର ।''

''ତାହାହେଲେ ଆପଣମାନଙ୍କର ସମ୍ପ୍ରଦାୟ କ୍ଷୁଦ୍ର–ବେଶୀ ଭାଗ ତ ଏବେ ଗୃହୀ ଦେଖୁଛି...''

''ସେକଥା ମୁଁ ଠିକ୍ କହିପାରିବି ନାହିଁ, ଆମ ଦଳ ଛୋଟ କି ଅନ୍ୟ ଦଳ ଛୋଟ । ତେବେ ଏତିକି କହିପାରିବି, ଆମେ କୌଳିକ ତାନ୍ତ୍ରିକର ଶିଷ୍ୟ ।'' ମୁଁ ସେତେବେଳେ କୌଳିକ କେଉଁମାନେ ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ''ତନ୍ତ୍ରସାଧନାରେ ସ୍ଥିତାବସ୍ଥା ହେଲେ ହେଁ କୌଳିକ । ଏତିକି ମାତ୍ର ଜାଣିଲେ ହେଲା ।''

''ସ୍ତ୍ରୀମାନଙ୍କ ବ୍ୟତୀତ ତନ୍ତ୍ରମତରେ ସାଧନ ତ ହୋଇପାରିବ ନାହିଁ—''

''ତାହା ତ ନିଶ୍ଚୟ, ସ୍ତ୍ରୀ ପୁରୁଷର ଯୁକ୍ତ ଜୀବନ ହିଁ ସମ୍ପୂର୍ଣ୍ଣ ଜୀବନ । ତନ୍ତ୍ର ଅଧିକାର ଦ୍ୱାରା ପ୍ରଥମ ପ୍ରବର୍ତ୍ତକର ଏକା-ଏକା ସାଧନା ହୁଏ ନାହିଁ ।''

''ଯଦି କୌଣସି ସାଧକର ସ୍ତ୍ରୀଙ୍କ ସହ ବେଶୀଦିନ ଯାଏ ଭଲପାଇବା ନଥାଏ—ଦୁଇଜଣଙ୍କର ମେଳ ଠିକ୍ ନ ହୁଏ—ତା'ହେଲେ ତ ସ୍ତ୍ରୀ ପରିତ୍ୟାଗ କରିବାର ବ୍ୟବସ୍ଥା ଅଛି ବୋଲି ଶୁଣିଛି ।''

''ତନ୍ତ୍ରରେ ସ୍ତ୍ରୀ ବା ନାରୀ ଜାତି ହିଁ ଶକ୍ତି । ସ୍ତ୍ରୀ ଗ୍ରହଣ ବୋଲି ନ କହି କୁହାଯାଏ ଶକ୍ତିକୁ ଗ୍ରହଣ, ଯାହା ସହ ଯୋଗାଯୋଗ ଠିକ୍ ହେଲା । କିଛି କାଳ ପରେ ଯଦି ଦେଖାଯାଏ ଦୁଇଜଣଙ୍କର ମେଳ ନାହିଁ, ତା'ହେଲେ ଉଭୟ ଛଡ଼ାଛଡ଼ି ହେବା ଭଲ—ଶାସ୍ତ୍ର ବିଧାନର ଜୋରରେ ଧରି ରଖିବାର ସାର୍ଥକତା କ'ଣ ଥାଏ ?''

''ତାହା ଠିକ୍ କଥା, କିନ୍ତୁ ଏହି ନାରୀ-ଶକ୍ତିଟିର ଜୀବନ ଯେ ଖରାପ ହୋଇଗଲା ?''

''ଖରାପ ହେବ କାହିଁକି ? ତା' ପାଇଁ ଅନ୍ୟ ସହ ପୂନରାୟ ଜୀବନକୁ ନିୟନ୍ତ୍ରିତ କରିବାର ସୁଯୋଗ ତ ରହିଛି ।''

''ଯଦି ସନ୍ତାନ ଥାଏ, ସେ ସନ୍ତାନ କାହା ପାଖରେ ରହିବ ?''

''ଯଦି ଦୁଗ୍ଧପୋଷ୍ୟ ହୁଏ, ତେବେ ମା'କୁ ଛାଡ଼ି ରହିବ କିପରି, ସନ୍ତାନ ମା' ନିକଟରେ ରହିବ, ପିତା ସେମାନଙ୍କର ଭରଣ-ପୋଷଣର ପାଇଁ ଦାୟୀ ରହିବେ ।—''

ମୁଁ କହିଲି, ''ଏହା ପରେ ଯଦି ଅନ୍ୟ କାହା ସଙ୍ଗେ ଯାଏ, ତା'ହେଲେ ତାକୁ ଆଉ ସତୀ କୁହାଯିବ କି ? ଜଣକୁ ତ୍ୟାଗ କରି ଆଉ ଜଣକୁ ଗ୍ରହଣ କରିବା, ତା' ସହ ମଧ୍ୟ ସେ ସାରା ଜୀବନ ଚଳିବ ବୋଲି କ'ଣ ନିଶ୍ଚିତତା ଅଛି ?''

''ଯେଉଁଠାରେ ଶକ୍ତି ସହ ଯୋଗାଯୋଗର କଥା ଉଠୁଛି—ଯାହାର ଉଦ୍ଦେଶ୍ୟ ହେଲା ସିଦ୍ଧି, ସେଠାରେ ତୁମ ସମାଜ ଯାହାକୁ ସତୀତ୍ୱର ଆଖ୍ୟା ଦିଏ, ସେଠି ତା'ର କୌଣସି ମୂଲ୍ୟ ନାହିଁ । ଏହା ବ୍ୟତୀତ ସବୁ ସମାଜରେ ସମସ୍ତେ ସତୀ ହୁଅନ୍ତି ନାହିଁ । କେଉଁ ଅଭାବ ଯୋଗୁ, କେଉଁ ସ୍ୱଭାବକୁ ନେଇ ଜଣେ ଅସତୀ ହୋଇଥାଏ । ତାକୁ ବାଧା ଦେବାକୁ କାହାର ସାଧ ନାହିଁ । ତା'ପରେ ପୁରୁଷଙ୍କର ସତୀତ୍ୱ ବୋଲି ଯେତେବେଳେ କୌଣସି ଅଙ୍କୁଶ ନାହିଁ, ସେତେବେଳେ ନାରୀମାନଙ୍କ କ୍ଷେତ୍ରରେ ଏତେଟା ସତୀତ୍ୱ ନେଇ ବାଦାନୁବାଦ କ'ଣ ଦରକାର ?''

''ତା'ହେଲେ ତ ଏହା ଭ୍ରଷ୍ଟାଚାର ହେଲା । ସମାଜ ମଧ୍ୟରେ ଘୋର ବ୍ୟଭିଚାର ଉତ୍ପନ୍ନ ହେବାକୁ ବାଧ–ତଦ୍ଦ୍ୱାରା ତ ସମାଜ ଉଚ୍ଛନ୍ନ ହୋଇଯିବ ।''

''ଏହିସବୁ କଥା ବୋଧହୁଏ ତୁମର ମୂଳରୁ ପ୍ରଶ୍ନ ଥିଲା ? ନାରୀ ବୋଲି ମୋ ପାଖରେ ଏକଥା ପ୍ରକାଶ କରିବାକୁ ଚାହିଁ ନଥିଲ, ଏବେ ତ ବେଶ୍ କହୁଛ ଦେଖୁଛି–''

''ଆପଣ ହିଁ ତ ମୋ'ର ସଙ୍କୋଚକୁ ଦୂର କରିଦେଲେ, ସେଥିଲାଗି କହିବାକୁ ସାହସ ପାଇଲି ।''

ସେ ହସିଦେଇ କହିଲେ, ''ଭଲ ତ, ତୁମେ ନିଃସଙ୍କୋଚରେ ସବୁକଥା କହୁ ନାହଁ କାହିଁକି ? କିଛି ବାଦ୍ ଦିଅ ନାହିଁ, କୁହ ।''

ଏହି ସମୟରେ ଖଣ୍ଡ ଭୈରବ ସେହି କ୍ଷୁଦ୍ର ମନ୍ଦିରଠାରୁ ଜଣକୁ ସଙ୍ଗରେ ଆଣି ଉପସ୍ଥିତ ହେଲେ । ସେହି ନବାଗତ ବ୍ୟକ୍ତିଙ୍କୁ ଦେଖାଇ ମହେଶ୍ୱରୀ କହିଲେ, ''ଏଇ ଦେଖ ଏହାଙ୍କୁ, ତିନୋଟି ପୁଅ ଓ ଗୋଟିଏ ଝିଅ ଜନ୍ମ ପରେ, ଖାଇବାକୁ ଦେବା ଭୟରେ ଏଠାକୁ ପଳାଇ ଆସି ଗମ୍ଭୀରାରେ ପ୍ରବେଶ କରି ସାଧନ କରିବାକୁ ଲାଗିପଡ଼ିଛନ୍ତି ।''

ଯିଏ ଆସିଲେ, ସେ ଶ୍ୟାମବର୍ଣ୍ଣ, ରୋଗା, ଲମ୍ବା, ପତଳା ଶରୀର, କଞ୍ଚା ପାକଲା ଦାଢ଼ି-ମୁଛ, ଚକ୍ଷୁ ଦୁଇଟିରେ କୁଟିଳତା ଭରା, ମାତ୍ର ଜ୍ୟୋତି ନାହିଁ–ପରିଧାନ ରକ୍ତ ଏକାମ୍ବର–ଭୀଷଣ ମଇଳା–ସେ ଆସି ମହେଶ୍ୱରୀଙ୍କୁ ପ୍ରଣାମ କରି ପାଦରେ ହାତ ଛୁଆଁଇବାକୁ ଗଲାବେଳେ, ଭୈରବୀ ପାଦକୁ ଘୁଞ୍ଚାଇନେଇ କହିଲେ, ''ଖୁବ୍ ହେଲା, ଭଲ ହେଲା, ଥାଉଥାଉ–ଏବେ ଏଠାରେ ଆଉ କେତେଦିନ ରହିବାର ଅଛି ?''

ସେ କହିଲେ, ''ଏଠାରେ ମନ ଖୁବ୍ ଲାଗିଯାଇଛିନା, ସେଥିପାଇଁ ମୋ'ର ଏବେ ଆଉ କେଉଁଆଡ଼େ ଯିବାର ଇଚ୍ଛା ନାହିଁ ।''

ମହେଶ୍ୱରୀ କହିଲେ, ''ଯେତେବେଳେ ସେମାନେ ଆସି ଏଠାରୁ ଘଉଡ଼ାଇବେ, ସେତେବେଳେ କ'ଣ ଏଠାରେ ଆଉ ରହିବାକୁ ମନ ହେବ ?''

ସେ କହିଲେ, ''ଏଠାକୁ ସେମାନଙ୍କର ଆସିବା ଦରକାର କ'ଣ ? ସେମାନଙ୍କର ଖାଇବା-ପିନ୍ଧିବା ବ୍ୟବସ୍ଥା ତ ହୋଇଯାଇଛି ।''

''–ବ୍ୟବସ୍ଥା କେମିତି ହେଲା, ସେକଥା କାହିଁ ଶୁଣି ନାହିଁ ତ ।''

''–କାହିଁକି, କାଳୀକିଙ୍କର ଘୋଷାଲ ସହିତ ଠିକ୍ କରା ହୋଇଛି ।''

''–ସିଏ ପୁଣି କିଏ ?''

''–ମୋ'ର ଜଣେ ଶିଷ୍ୟ । ସେ କହିଦେଇଛି, ସେମାନଙ୍କର ଖାଇବା-ପିନ୍ଧିବା ଦାୟିତ୍ୱ ନେବ ବୋଲି ।''

ଖଣ୍ଡ ଭୈରବ (ବକ୍ରେଶ୍ୱର)

ଏବେ ଦେଖିଲି, ଭୈରବୀ ଟିକିଏ ଭ୍ରୂକୁଟି ସହ ତା' ଆଡ଼କୁ ଚାହିଁଲେ—ଏବଂ କ୍ରୋଧ ପ୍ରକାଶ କରି କହିଲେ, ''ତୁମକୁ ହୁଏତ ଟିକିଏ ହେଲେ ଲଜ୍ଜା ନାହିଁ, କିନ୍ତୁ ଯେଉଁ ଜଣଙ୍କର ସେମାନେ ଗଳଗ୍ରହ ହୋଇ ରହିବେ, ସେମାନଙ୍କର ତ ପୁଣି ଟିକିଏ ଲଜ୍ଜା ଅଛି । ଏଠାରୁ ତୁମେ ଯାଅ—ତୁମେ ଯାହା କହିବାର ଥିଲା, କହିଲ—ଏଠାରେ ପୁରୁଷାର୍ଥର ପ୍ରୟୋଗ ନ କରି, ଅନ୍ୟକୁ ସୁଖୀ କରିବା ତ ଦୂର କଥା, ତୁମେ ନିଜେ ମଧ ଗୋଟିଏ ମୁହୂର୍ତ୍ତ ଲାଗି ସୁଖୀ ହୋଇପାରିବ ନାହିଁ । କିଛିଦିନ ଫାଙ୍କିଦେଇ ତୁମ ସଂସାରକୁ ଆଉ ଜଣଙ୍କର ବେକରେ ବାନ୍ଧିଦେଇ ସେଥିରେ ଯେଉଁ ସୁଖ, ତାକୁ ଭଲ ଭାବେ ବିଚାର କରିଛ ? ସେ ଦିଗକୁ ଦ୍ୱାର ତ ବନ୍ଦ୍ । ସେମାନଙ୍କର ଦାୟିତ୍ୱକୁ ଆଡ଼େଇ ଦେଇ କ'ଣ ତୁମେ ପାର୍ ପାଇବ ?''

ସେହି ବ୍ୟକ୍ତି ଜଣକ, ବୋଧ ହେଲା, ମୋ' ପରି ଜଣେ ଅପରିଚିତ ଲୋକ ସାମ୍ନାରେ ଏପରି କଥା ଶୁଣିବାକୁ ଆଶା କରି ନ ଥିଲେ—ଭୈରବୀଙ୍କୁ ପ୍ରଣାମ ଜଣାଇ ଧଡ଼ପଡ଼ କରି ଚାଲି ଯାଉଯାଉ କହିଲେ,—''ଆପଣ ରାଗୁଛନ୍ତି, ମୁଁ ସେମାନଙ୍କ କାମରେ ଫାଙ୍କି ଦେଇ ନାହିଁ, ଜଗଦମ୍ବା ଜାଣନ୍ତି, ମୁଁ ସାଧନା କରିବି ବୋଲି, କ୍ରିୟା-କର୍ମ କରିବି ବୋଲି ଆସିଛି ।'' ସଙ୍କୋଚ ସହ ଏହି କଥାଗୁଡ଼ିକ କହି, ଯେଉଁଆଡୁ ଆସିଥିଲେ, ସେହି ଦିଗକୁ ପ୍ରସ୍ଥାନ କଲେ । ଖଣ୍ଡ ଭୈରବ ହାତ ଧରି ତାଙ୍କୁ ମଧ ନେଇଗଲେ । ସେତେବେଳେ ଭୈରବୀ ମୋ' ଆଡ଼କୁ ଚାହିଁ କହିଲେ, ''ତୁମର ମଧ କ'ଣ ଘରସଂସାର ଅଛି ନା କ'ଣ ? ପିଲାପିଲି ?''

ମୁଁ କହିଲି, ''ସଂସାର ଅଛି ସତ, ପିଲାପିଲି ନାହାନ୍ତି ।''

କଥା ମଝିରେ ଯେ ଏପରି ଗୋଟାଏ ବ୍ୟାପାର ଘଟିଗଲା, ଏହାଦ୍ୱାରା ଆମର ପୂର୍ବ ଆଲୋଚିତ କଥାର ସୂତ୍ର ଛିନ୍ନ ହେଲା ସତ, ମାତ୍ର ସେ ଏହି ଭାବେ ଆରମ୍ଭ କଲେ,

''—ଏଇ ଦେଖ, ତୁମ ସାମ୍ନାରେ ଏହି ଲୋକଟିକୁ । ଯେଉଁ ଭାବରେ ସେ ନିଜର ଶକ୍ତିକୁ କ୍ଷୟ କରୁଛି, ତା'ର ପରିଣାମ ଯେ କେତେ ଭୟଙ୍କର, ତାହା ଏପର୍ଯ୍ୟନ୍ତ ବୁଝି ପାରୁନାହିଁ । ପ୍ରକୃତିର ପ୍ରତିଶୋଧ-ନିୟମର କଥା ତାକୁ ଜଣା ନାହିଁ ।''

''ପ୍ରକୃତି ଜନନୀ, ସିଏ ତ ଦୟାମୟୀ, ସନ୍ତାନ ଉପରେ ତାଙ୍କର ପୁଣି ପ୍ରତିଶୋଧ କ'ଣ ?''

''ସତ କଥା, ତାଙ୍କର ଯଦି ତାହା ନ ଥାନ୍ତା, ତେବେ ଜଗତରେ ପ୍ରତିହିଂସା ପ୍ରତିଶୋଧ କାମରେ ଏହି ଭାବଟି ଆସିଲା କିପରି ? ସେ ଯେତେ ଦୟାଳୁ, ପୁଣି ସେତେ ହିଁ ନିଷ୍ଠୁର,

ନିର୍ମମ । ଦଣ୍ଡଦେବା ସମୟରେ ତାଙ୍କର ରୂପ ଖୁବ୍ ଭୟଙ୍କର ହୋଇଯାଏ । ତେବେ ସେହି ଦଣ୍ଡର ଫଳ ହିଁ କଲ୍ୟାଣମୟ । ତଦ୍ୱାରା କାହାର ଅକଲ୍ୟାଣ ହୁଏ ନାହିଁ ।''

କିଛି ସମୟ ନୀରବତା । କିଛି କଥାବାର୍ତ୍ତା ହେଲା ନାହିଁ । ମୁଁ ପ୍ରଥମେ ପଚାରିବା ଆରମ୍ଭ କଲି, ''ଆମର ଯେଉଁ କଥା ଚାଲିଥିଲା—ସ୍ତ୍ରୀଲୋକ ଭ୍ରଷ୍ଟା ହେଲେ...''

ଏତିକି ମାତ୍ର ଶୁଣିଦେଇ ସେ ଧମକ ଦେଇ କହିଲେ, ''ହଁ ହଁ, ତୁମେମାନେ ସ୍ତ୍ରୀ ଲୋକଙ୍କୁ ବଡ଼ ଶାସନ କରି ରଖିବାକୁ ଭଲପାଅ, ହିନ୍ଦୁଶାସ୍ତ୍ରରେ ନାରୀମାନଙ୍କୁ ସତୀତ୍ୱ ରକ୍ଷା ଲାଗି ଖୁବ୍ କଠିନ ନିୟମ କରାଯାଇଛି, କିନ୍ତୁ ମୂଳ କଥାଟି ଯାହା, ସେ ଦିଗରେ ପ୍ରତିବନ୍ଧକ କ'ଣ ?''

ମୁଁ କହିଲି, ''ପୁରୁଷ କ୍ଷେତ୍ରରେ ଜଣେ ବିବାହିତ ସ୍ତ୍ରୀ ବ୍ୟତୀତ ଅନ୍ୟ କେଉଁ ନାରୀକୁ ତ ମନ୍ଦ ଦୃଷ୍ଟିରେ ଦେଖିବା ଲାଗି ନିଷେଧ ଅଛି ।''

''ନିଷେଧ ନିଶ୍ଚୟ ଅଛି ସତ, କିନ୍ତୁ ନିୟମଟିକୁ କେବଳ ନାରୀ କ୍ଷେତ୍ରରେ କ'ଣ କଡ଼ାକଡ଼ି ଭାବେ ଜୋର୍ ଦିଆଯାଏ ନାହିଁ କି ? ଏହା କାହିଁକି ହୁଏ, କହିପାରିବ ?''

''ଏ କଥାଟି ନିଶ୍ଚୟ ସହଜରେ ଜଣାପଡ଼େ—ନାରୀ ଭ୍ରଷ୍ଟା ହେଲେ ସମାଜ ଯେ ଏକବାର ଉଚ୍ଛନ୍ନ ହୋଇଯାଏ, ଯେହେତୁ ନାରୀମାନେ ଏକେ ତ କୋମଳ-ହୃଦୟ, ସ୍ୱଳ୍ପ ବୁଦ୍ଧିସଂପନ୍ନ, ଦୁର୍ବଳ ଜାତି ବୋଲି ମନେହୁଏ । ଏଣୁ ସେମାନଙ୍କ ଲାଗି ନିୟମଟା ଏତେ ଗୁରୁତର କରାଯାଇଛି ।''

ନାରୀର ଦୁର୍ବଳତା ସମ୍ବନ୍ଧରେ ମୋ'ର ପ୍ରତ୍ୟେକ ବାକ୍ୟରେ ତାଙ୍କର ଚକ୍ଷୁ ବିସ୍ଫାରିତ ହୋଇ ଜଳିଉଠୁଥିଲା । ପରେ ସେ ସ୍ଥିର ଭାବରେ କହିଲେ, ''ଏବେ କେଉଁ ଗୋଟିଏ ସମାଜକୁ ମୋତେ ଦେଖାଇ ପାରିବ, ଯେଉଁଠାରେ କଠିନ ନିୟମ କରିଦେଇ ନର-ନାରୀଙ୍କର ଭ୍ରଷ୍ଟାଚାର ବନ୍ଦ୍ କରି ଦିଆଯାଇପାରିଛି ? ଗୋଟିଏ ଶ୍ରେଣୀର ମନୁଷ୍ୟ ଅଛନ୍ତି, ଯେଉଁମାନେ ସାଧାରଣ ନିୟମରେ ବନ୍ଧାହୋଇ ରହିପାରନ୍ତି ନାହିଁ । ଭ୍ରଷ୍ଟ ନର-ନାରୀ ନଥିବା ସମାଜ ନାହିଁ । ଭ୍ରଷ୍ଟାଚାର ଯଦି ନ ଥାଆନ୍ତା, ତେବେ ସଦାଚାରର ଅସ୍ତିତ୍ୱ ହିଁ ଥାଆନ୍ତା କେଉଁଠି ! ଗୋଟିଏକୁ ଅନ୍ୟଟି ଯେ ଅବଲମ୍ବନ କରି ରହିଥାଏ । ସମାଜକୁ ଭ୍ରଷ୍ଟାଚାରରୁ ରକ୍ଷା କରିବାର ଉପାୟ ଏହି ତନ୍ତ୍ରଶାସ୍ତ୍ର ମଧ୍ୟରେ ଅଛି, ହିନ୍ଦୁଙ୍କର ଅନ୍ୟ କେଉଁ ଶାସ୍ତ୍ରରେ ନାହିଁ । ପ୍ରକୃତରେ ଯେବେ ସମାଜରେ ପୁରୁଷଙ୍କର ନୈତିକ ଅଧଃପତନ ହୋଇଥିଲା, ସେହି ସମୟରେ ଏହି ସମସ୍ତ ନିୟମର ପ୍ରବର୍ତ୍ତନ ହୋଇଥିଲା । ତାହା ପୂର୍ବରୁ ଯେତେବେଳେ ସମାଜ ନିଜେ ଶକ୍ତିମାନ ଥିଲା, ସେତେବେଳେ ଏ ସମସ୍ତ ନିୟମର ପ୍ରବର୍ତ୍ତନ କଥା ହିଁ ନଥିଲା—ଏବେ କିନ୍ତୁ ଥରେ ଯାଇ ଘରେଘରେ ଦେଖନା, ଦେଖିବାକୁ ପାଇବ ଉଭୟ ପକ୍ଷରେ କେତେ ବ୍ୟଭିଚାର ଅଛି, ଆଉ ସେ ସବୁକୁ ଚପାଇ ଦେବାକୁ କେତେ ରକମର ଉପାୟ ମଧ୍ୟ ସୃଷ୍ଟି ହୋଇଛି । ପୂର୍ବେ ନାରୀ-ପୁରୁଷ ସମାନ ଭାବରେ ଶିକ୍ଷା-ଦୀକ୍ଷାର ଅଧିକାରୀ

ଥିଲେ । ନାରୀଙ୍କର ପତି-ନିର୍ବାଚନ ପର୍ଯ୍ୟନ୍ତ ଅଧିକାର ଥିଲା, ସେସବୁ ସ୍ୱାଭାବିକ ରୂପେ ହିଁ ଥିଲା ତ ? ସେ ସମସ୍ତ ଉଚ୍ଚ ଆଦର୍ଶ ଗଲା କୁଆଡ଼େ ?''

ମୁଁ କହିଲି, ''ମନେହୁଏ, ଯେତେବେଳେ ହିଁ ଏହି ତନ୍ତ୍ରଧର୍ମ ପ୍ରଭାବର ଶେଷ ସମୟ, ସେତେବେଳେ ଦେଶରେ ବ୍ୟଭିଚାର ଆରମ୍ଭ ହୋଇଥିଲା, ସମାଜରେ ଯଥେଚ୍ଛା ବ୍ୟବହାର ଚାଲିଥିଲା, ବିଧିନିଷେଧର କୌଣସି ଅଙ୍କୁଶ ନଥିଲା, ସେହି ସମୟରେ ହିଁ ହିନ୍ଦୁ-ସମାଜପତିମାନେ ଏହି ସମସ୍ତ ନିୟମ ସୃଷ୍ଟିକରି ସମାଜକୁ ଧ୍ୱଂସମୁଖରୁ ବଞ୍ଚାଇ ପାରିଥିଲେ ।''

''ବଞ୍ଚାଇଲେ କେଉଁଠି ? ଏହି ସମାଜ ମଧ୍ୟରେ କର୍ମ-ଶକ୍ତି, ଜାତିଗତ ଏକତା, ନିୟମାନୁବର୍ତ୍ତିତା, ଇହ-ଲୋକରେ ଜୀବନ-ଯାପନର ଲାଗି ଉନ୍ନତିର କୌଣସି ପଥ କ'ଣ ଆବିଷ୍କାର ହୋଇଥିଲା ? ସେହି ବର୍ଣ୍ଣାଶ୍ରମ ଧର୍ମର ନୀତିକୁ ଆହୁରି ଜୋର୍‌ରେ ବିଧିବଦ୍ଧ କରାଗଲା । ତାହା କରିଦେଇ କ'ଣ ଉନ୍ନତି ହୋଇଥିଲା, କହିଲ ଦେଖି ?''

''ଏକ ଉଦ୍ଦାମ ସର୍ବନାଶ ପଥରେ ବାଧା ସୃଷ୍ଟି କରାହୋଇଥିଲା କେବଳ, ଅବଶ୍ୟ ଅନ୍ୟ ଦିଗରେ ସମାଜର ଆଉ କୌଣସି ଉନ୍ନତି ହୋଇନାହିଁ । ଦେଶ ସେତେବେଳେ ହିଁ ତ ପରାଧୀନ ହୋଇ ପଡ଼ିରହିଥିଲା । ବିଧର୍ମୀ ଯବନ ରାଜାଙ୍କ ଆଶ୍ରୟରେ ଏହି ଜାତିର କୌଣସି ଉନ୍ନତି କ'ଣ ସମ୍ଭବ ଥିଲା ?''

''ନାରୀର ସ୍ୱାଭାବିକ ଅଧିକାରକୁ ଖର୍ବ କରିବା ହିଁ କ'ଣ ଦେଶ ପରାଧୀନ ହେବାର ମୂଳ କାରଣ ନୁହେଁ ?''

ମୁଁ କହିଲି, ''ଦେଶ ପରାଧୀନ ହେବାର ଅନେକ ପରେ ହିଁ ତ ନାରୀର ଅଧିକାର ବା ସ୍ୱାଧୀନତା ଖର୍ବ କରା ହୋଇଥିଲା ।''

''ଏହିଠାରେ ତୁମ ଆଖିରେ ଆଙ୍ଗୁଠି ଗେଞ୍ଜି ଏଇଟା ଦେଖାଇ ଦିଆଯାଉଛି ଯେ କେଉଁ ସମୟରେ କେଉଁ ସମାଜରେ ନାରୀ କର୍ତ୍ତା ନଥିଲା, ପ୍ରଥମ ସମୟରୁ ହିଁ କର୍ତ୍ତୃତ୍ୱଟା ନାରୀ-ଧର୍ମର ବିଗର୍ହିତ ଥିଲା । ପୁରୁଷ-ସମାଜ ଯେଉଁ ଆଡ଼େ ଚାଲେ, ନାରୀ-ସମାଜ ମଧ୍ୟ ସେହି ପଥରେ ଚାଲେ, ପୁରୁଷଙ୍କୁ ଅବଲମ୍ବନ କରି, ପ୍ରେମ ଭିତରେ ଯୋଗାଇଥାଏ ଶକ୍ତିର ପ୍ରେରଣା । ସୃଷ୍ଟି ମଧ୍ୟରେ ସର୍ବତ୍ର ହିଁ ପୁରୁଷଙ୍କ ଅଧିକାର ସ୍ପଷ୍ଟ ଚକ୍ଷୁରେ ଏବେ ମଧ୍ୟ ପ୍ରବଳ ରୂପେ ପ୍ରତୀୟମାନ ହୁଏ । ପୁରୁଷ ହିଁ ପରିଚାଳକ, ଏ କଥା ଆମେ ପୃଥିବୀର ସର୍ବତ୍ର ହିଁ ଦେଖିପାରୁ । ସମାଜର ଯେଉଁଯେଉଁ ଅବସ୍ଥାରେ ପୁରୁଷ ନିର୍ଭୀକ, କର୍ମଶକ୍ତିମାନ— ବୀରା ନାରୀ ମଧ୍ୟ ଠିକ୍ ସେହି ଧାରାରେ ଗୁଣବତୀ, ଶକ୍ତିମତୀ । ତାହା ପରେ ଗୋଟିଏ ଗୋଟିଏ ଭାବ, କର୍ମ-ଉଦ୍ୟମ ସମାଜରେ ଗୋଟିଏ ଗୋଟିଏ ସମୟରେ ଆସି ସାମାଜିକ ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ । ସମାଜରେ ନର-ନାରୀ ତଦ୍ୱାରା ଅର୍ଥାତ୍ ସେହି ଭାବର ଆନନ୍ଦରେ ଅନୁପ୍ରାଣିତ ହୋଇ ସେମାନଙ୍କର ଜୀବନଟିକୁ ଭସାଇଦିଅନ୍ତି । ଏହି କ୍ରମଧାରା

ଦ୍ୱାରା ଏକ ଏକ ଉନ୍ନତମୁଖୀ ଭାବଧାରା ସମାଜରେ କିଛି କାଳ ଚାଲେ । ତା'ପରେ ପ୍ରତ୍ୟେକ କର୍ମ ବା ଭାବ ହିଁ ଏ କ୍ଷେତ୍ରରେ ପ୍ରତିକ୍ରିୟାମୂଳକ ହୋଇଥାଏ, ଯାହା ଫଳରେ ସମାଜରେ ଏକ ଅବସାଦ ଆସିବାକୁ ବାଧ୍ୟ । ସେତେବେଳେ ସମସ୍ତ ଓଲଟପାଲଟ ହୋଇଯାଏ । ସେହି ସମୟରେ ସଂସାରରେ ଚିନ୍ତାଶୀଳ ବ୍ୟକ୍ତିମାନେ ଆସି, ମହାପୁରୁଷମାନେ ଅବତୀର୍ଣ୍ଣ ହୋଇ, ଯଥାର୍ଥ ପଥପ୍ରଦର୍ଶକ ହୁଅନ୍ତି । କେଉଁ ପଥ ଧରିଲେ ସମାଜ ବା ଜାତି ରକ୍ଷା ପାଇବ, ତାହାର ଇଙ୍ଗିତ କରିଥାନ୍ତି । ମାତ୍ର ପରଲୋକ ଓ ଅଧ୍ୟାତ୍ମ ଧର୍ମ, ଏହା ହିଁ ଏ ଦେଶ ମାଟିରେ ଏପରି ଚେର ମାଡ଼ି ରହିଛି ଯେ ଇହଲୋକର ଏପରି ଅନେକ ଉପକାରୀ ବୀର, ମଝିରେମଝିରେ ଆସି ଦେଶ ମଧ୍ୟରେ ସଂଘ ବା ରାଷ୍ଟ୍ରଶକ୍ତିକୁ ଜାଗ୍ରତ କରି ସୁଦ୍ଧା, ସ୍ଥାୟୀଭାବେ ତାହାକୁ ଉନ୍ନତ କରିପାରି ନାହାନ୍ତି । ବୌଦ୍ଧ-ଧର୍ମ ସଙ୍ଗେ ତନ୍ତ୍ର-ଧର୍ମ ମିଳିତ ହୋଇ ଅନେକ କାଳ ଧରି ଏ ଦେଶର ସମାଜକୁ ବାନ୍ଧିଦେଇଛି, ଏବେ ମଧ୍ୟ ତାହାର ପ୍ରଭାବ ରହିଛି । ତେବେ ଉପନିଷଦର ତତ୍ତ୍ୱ ବା ଶ୍ରୀମଦ୍‌ଭଗବତ୍ ଗୀତା ମଧ୍ୟରେ ବୈଦାନ୍ତିକ ଧର୍ମର ପ୍ରଭାବ ଆଜି ମଧ୍ୟ ସମାଜ ଉପରେ ଖୁବ୍ ଅଧିକ । ଜ୍ଞାନର ଯୁଗ ଏବେ ଚାଲିଛି । କାର୍ଯ୍ୟତଃ ବୌଦ୍ଧ ବା ତନ୍ତ୍ର-ଧର୍ମ ଏବେ ନିମ୍ନଗାମୀ ହୋଇପଡ଼ିଛି । ସେତେବେଳେ ଯେପରି ଥିଲା, ଏବେ ମଧ୍ୟ ସମାଜରେ ସେହିପରି ନର ବା ପୁରୁଷପ୍ରାଧାନ୍ୟ ରହିଛି—କିନ୍ତୁ ମୂଳତଃ ପୁରୁଷ ସହ ନାରୀର ସଂଯୋଗ ବା ଯୋଗ ଏବେ ମଧ୍ୟ ଅବାଧ ନୁହେଁ । ସେଥିଲାଗି ଯେଉଁ ବାଧା ସୃଷ୍ଟି ହୋଇଛି, ତଦ୍ୱାରା କ'ଣ ସମାଜ ଶକ୍ତିକୁ ପଛେଇ ଦେଇନାହିଁ ? ସେଥିଲାଗି କ'ଣ ଏ ଦେଶର ପୁରୁଷଜାତି ବହୁ ପରିମାଣରେ କର୍ମଶକ୍ତିହୀନ ହୋଇନାହାନ୍ତି ? ଆଉ ତାହା ହିଁ କ'ଣ ଅଧଃପତନର ମୂଳ କାରଣ ନୁହେଁ ?''

ପୂର୍ବ ଆଲୋଚନାର ବିଷୟକୁ ପରିଷ୍କାର କରିବା ଲାଗି ମୁଁ ପଚାରିଲି, ''ନାରୀ ପକ୍ଷରେ ସ୍ୱାଧୀନତା ଖର୍ବ ହୋଇଥିଲା ବୋଲି କ'ଣ ସମାଜରେ ବା ରାଷ୍ଟ୍ର ମଧ୍ୟରେ ପୁରୁଷମାନେ ଶକ୍ତିହୀନ ହୋଇଥିଲେ ? ଆପଣ କ'ଣ ଏହାହିଁ କହୁଛନ୍ତି ?''

''ସମାଜରେ ପୁରୁଷ ଗୋଷ୍ଠୀ ଯେତେବେଳେ ସବୁକାଳରେ ଶ୍ରେଷ୍ଠ ଏବଂ ପ୍ରଧାନ, ସେତେବେଳେ ସମାଜରେ ଶୃଙ୍ଖଳା ଆଣି ପରିଚାଳିତ କରିବାର କର୍ତ୍ତା ଯେଉଁ ପୁରୁଷ ଆଉ ଉଚ୍ଛୃଙ୍ଖଳତା ସୃଷ୍ଟି କଲାବେଳେ କ'ଣ ସେହି ପୁରୁଷକର୍ତ୍ତୃତ୍ୱ ଦାୟୀ ନୁହେଁ ?''

''ଏଥିରୁ ତ ପୁରୁଷର ଦାୟିତ୍ୱ କଥାଟି ବୁଝିହେଲା, କିନ୍ତୁ ନାରୀର ସ୍ୱାଧୀନତା ଖର୍ବ ଯୋଗୁଁହିଁ ଯେ ଦେଶ ବା ରାଷ୍ଟ୍ର ଶକ୍ତିହୀନ ହୋଇଛି, ସେ କଥା ତ ବୁଝିହେଲା ନାହିଁ ।''

''ପୁରୁଷର ସକଳ କର୍ମ କେବଳ ମାତ୍ର ତାହାର ନୁହେଁ, ତା' ସଙ୍ଗରେ ତ ନାରୀ ମଧ୍ୟ ଅଛି !''

''ତା' ତ ନିଶ୍ଚୟ କଥା । ସ୍ତ୍ରୀ ପୁରୁଷ ଯୁକ୍ତ ହୋଇ ହିଁ ତ ଏକ ସମ୍ପୂର୍ଣ୍ଣ ଜୀବନ, ତାହା ବୁଝୁଛି ।''

''ତେବେ ପୁରୁଷ ଯେଉଁଠାରେ ନାରୀର ଅଧିକାରକୁ ସୀମାବଦ୍ଧ କରିଦେଇ ସମସ୍ତ ଦିଗରୁ ନିଜ ଭାଗରେ ଅବାଧଶକ୍ତି ରଖିଦିଏ, ତଦ୍ଦ୍ୱାରା ତା'ର କ'ଣ ଅନ୍ୟ ଅଂଶରେ ଦୁର୍ବଳତା ପ୍ରଶ୍ରୟ ପାଏ ନାହିଁ ? ତାହାର ସେ ଦୁର୍ବଳତା କ'ଣ ସମାଜ ଉପରେ ପ୍ରଭାବ ପକାଏ ନାହିଁ, ତାହାର କ'ଣ ଫଳାଫଳ କିଛିନାହିଁ ?''

''—କଥାଟା ଏହାହିଁ ଯେ ଉଚ୍ଛୃଙ୍ଖଳ ସମାଜକୁ ସୁନିୟନ୍ତ୍ରିତ କରିବାକୁ ହେଲେ, ନାରୀପକ୍ଷେ ଯେଉଁ ବ୍ୟଭିଚାର ହୋଇଛି, ନାରୀପକ୍ଷେ ସ୍ୱାଧୀନତା ରକ୍ଷା କରିବା ଲାଗି ଯେଉଁ ସମସ୍ତ ଅଶୁଭ ଫଳାଫଳ ଘଟିଯାଇଛି, ସେଥିରେ ଦେଶ ବା ସମାଜକୁ ବଞ୍ଚାଇବାକୁ ହେଲେ ନାରୀ ପକ୍ଷରେ ଅବାଧ ବ୍ୟବହାରକୁ କ'ଣ ସଂଯତ କରିବାର ଦରକାର ନଥିଲା ?''

''ତାହା ମଧ୍ୟ ଯେପରି ପ୍ରୟୋଜନ ଥିଲା, ପୁରୁଷ ପକ୍ଷରେ ହିଁ ତ ତାହାର ସେହି ଅବାଧ ବ୍ୟବହାରକୁ ସଂଯତ କରିବାର ପ୍ରୟୋଜନ ସେହିପରି ଥିଲା । ତାହା ନକରି ସମାଜର ଉଚ୍ଛୃଙ୍ଖଳତା ଲାଗି ନାରୀକୁ ଦାୟୀ କରି ଶକ୍ତିମାନ ପୁରୁଷ-ମଡ଼େଲ୍‌ମାନେ ନାରୀ ଅଧିକାରକୁ ସବୁଦିଗରୁ ଖର୍ବ କରି,ବାଲ୍ୟ ବା ଶିଶୁବିବାହର ନିୟମ କରିଦେଇ କ'ଣ ନିଜ ପକ୍ଷର ଦୁର୍ବଳତାକୁ ଅଧିକ ପ୍ରଶ୍ରୟ ଦେଇନାହାନ୍ତି ? ପୁଣି ତଦ୍ଦ୍ୱାରା କ'ଣ ଦେଶ ବା ରାଷ୍ଟ୍ରଶକ୍ତି ଆହୁରି ଅଧିକ ହୀନ ହୋଇପଡ଼ିନାହିଁ କି ?''

''ମୋତେ ଏ ବିଷୟ ଅତ୍ୟନ୍ତ ବିସଦୃଶ ବୋଧ ହୋଇଥାଏ— ଚିରକାଳ ହିଁ ପୃଥିବୀର ସକଳ ସମାଜରେ ବିବାହ କାଳରେ ଯୌବନକୁ ନେଇ ନିୟନ୍ତ୍ରିତ ହୋଇଚାଲିଛି ଏହି ଭାରତରେ ମଧ୍ୟଯୁଗରେ ହଠାତ୍ ଏହାର ବ୍ୟତିକ୍ରମ କାହିଁକି ଯେ ଘଟିଗଲା, ସେହି କଥା ଚିନ୍ତା କରି କୂଳକିନାରା ପାଇବା ଦୁଷ୍କର ।''

''ବେଶୀ ଚିନ୍ତାର କାରଣ କ'ଣ, କୂଳ କିନାରା ତ ହାତପାଆନ୍ତାରେ ରହିଛି । ଯେଉଁ ଜାତିର ପୁରୁଷ ନାରୀକୁ ଆଦ୍ୟାଶକ୍ତିର ଶକ୍ତି ବୋଲି ଧାରଣା କରିଥାନ୍ତି, ବୈବାହିକ ଜୀବନକୁ ପୂର୍ଣ୍ଣ ଓ ଶକ୍ତିମାନ ଜୀବନ କହି ଉଚ୍ଚ ସ୍ୱରରେ ଶାସ୍ତ୍ରମାନଙ୍କରେ ପ୍ରଚାର କରିଯାଇଛନ୍ତି, ତା'ପରେ ଶକ୍ତିମାନ ଜୀବନରେ ପୂର୍ଣ୍ଣ ଶକ୍ତିର ଫଳ ମଧ୍ୟ ଭୋଗ କରିଛନ୍ତି, ସେହିମାନେ ହିଁ ଶେଷରେ ଶକ୍ତିର ବ୍ୟଭିଚାର ଦ୍ୱାରା ଅବସନ୍ନ ହୋଇ, ଶକ୍ତିହୀନ ହୋଇ ପ୍ରତିକ୍ରିୟା ଫଳରେ ନାରୀଜାତିଙ୍କୁ ଗୋ-ଜାତି ତୁଲ୍ୟ, ପଘା ଖୋଲି ଦେଲେ କାଳେ ଚରି ବୁଲିବେ, 'ବିଶ୍ୱାସୋ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ' ଏହି ସମସ୍ତ ଚିନ୍ତା ପୁରୁଷମାନଙ୍କ ଭିତରେ ଯଦି ନ ଆସିବ ତ ଆଉ କାହା ଭିତରେ ଆସିବ, କୁହ ତ ? 'ବିନାଶ କାଳେ ବିପରୀତ ବୁଦ୍ଧି' ହୋଇଥାଏ, ଜାଣିଛ ତ ଏକଥା ? କାର୍ଯ୍ୟତଃ ଏହି ନାରୀଙ୍କୁ ସମାଜ-ଜୀବନରେ ପଙ୍ଗୁ କରିଦିଅ । କେବଳ ପୁରୁଷଙ୍କ ଭୋଗ ଲାଗି ଯେତିକି ପ୍ରୟୋଜନ, ସେତିକି ହିଁ ରହୁ । ପୂର୍ଣ୍ଣରୂପେ ପଙ୍ଗୁ କରିଦେବାର ଉତ୍କୃଟ ଉପାୟ ହେଲା ଶିଶୁ ଅବସ୍ଥାରୁ ହିଁ ବାନ୍ଧିପକାଇବା । ସେମାନଙ୍କର ସ୍ୱାଧୀନ ଭାବ ବିକଶିତ ହେବା ପୂର୍ବରୁ ହିଁ ମାରିଦିଅ—ଏହି ସବୁ ଯେତେ ବ୍ୟଭିଚାରର ବୀଜ । ବାଘ ବା

ସିଂହକୁ ଛୋଟବେଳୁ ଅଫିମ ଖୁଆଇ ଶିଆଳ-କୁକୁର କରିବାର ଗପ ଜାଣିଛ ? ଏ କାର୍ଯ୍ୟ ସେହି ଭଳି ନା ଆଉ କ'ଣ !''

''—ଏହି ପରିସ୍ଥିତିରେ ମଧ୍ୟ ବହୁ ନାରୀ ଗରୀୟସୀ ଜୀବନ ପାଇଛନ୍ତି, ତାହା ଦେଖିବାକୁ ମିଳେ ।''

''—ଆହାଃ, ତୁମେ ତମ ଘର ଭିତରେ କେଉଁ ସମୟରେ ଯାହା କିଛି ଖୁସି, ଯଥେଚ୍ଛାଚାର କରିପାର, କିନ୍ତୁ ସବୁ ସମୟରେ କ'ଣ ସମସ୍ତଙ୍କ ଉପରେ ତୁମର ଆଧିପତ୍ୟ ଖଟିବ, ନା ଖଟିପାରେ ? ସବୁ ପୁରୁଷ ତ ଶକ୍ତିମାନ ନୁହନ୍ତି ! ପ୍ରକୃତି ନିୟମର ବ୍ୟଭିଚାର— ଜଣେ-ଦୁଇ-ଚାରିଜଣ ଶକ୍ତିଶାଳୀ ବ୍ୟକ୍ତି କେଉଁ ସମୟରେ କୌଣସି ସମାଜରେ ହୁଏତ କରିପାରିଥାନ୍ତି, ମାତ୍ର ତାହାର କ'ଣ ଶେଷ ନାହିଁ, ଅବସାନ ହେବ ନାହିଁ ! ତାଙ୍କର ଶେଷ ଇଚ୍ଛା ତ ପୂର୍ଣ୍ଣ ହେବ ! ପ୍ରକୃତରେ ଦେଶର ପୁରୁଷମାନେ ନିଜେ ହିଁ ସମାଜକୁ ଗଢ଼ିଛନ୍ତି — ଭାଙ୍ଗିଛନ୍ତି । ସ୍ତ୍ରୀ ଅଥବା ଶକ୍ତି ସଙ୍ଗେ ଯୁକ୍ତ ହୋଇ ହିଁ ତ ଗୋଟିଏଗୋଟିଏ ଜୀବନ, ପୁଣି ସେହି ଜୀବନର ସମଷ୍ଟି ହିଁ ତ ସମାଜ ବା ଦେଶ । ଯେତେବେଳେ ସେଠାରେ ଉଭୟଙ୍କର ଅଗାଧ ସ୍ୱାଧୀନତା ଫଳରେ ବ୍ୟଭିଚାର ଘଟି ସମାଜ ଉଚ୍ଛୃଙ୍ଖଳ ହୋଇପଡ଼ିଲା, ପୁରୁଷମାନେ ଇନ୍ଦ୍ରିୟ ସୁଖଟିକୁ ହିଁ ମୁଖ୍ୟ କରିଦେଇ, ନାରୀ ବୋଲି ଯେଉଁ ଶକ୍ତି, ତାହାକୁ ଭୁଲିଯାଇ ସମାଜରେ ଯଥେଚ୍ଛା ଭାବେ ଶକ୍ତିର ଅପବ୍ୟବହାର କରି ନିଜକୁ ଭସାଇଦେଲେ, ନିଆଁ ସହ ଖେଳ ଆରମ୍ଭ କରିଦେଲେ, ତାହାର ଫଳସ୍ୱରୂପ ଯାହା ହୁଏ, ଭସ୍ମ ହେଲା ତାଙ୍କର ବଳ, ବୀର୍ଯ୍ୟ, ସଦ୍‌ବୁଦ୍ଧି, ଉଦାରଭାବ, ସେହି ନିଆଁରେ । ସେତେବେଳେ ବିକୃତ ସମାଜକୁ ପୁଣି ପଦାନତ କରିଦେବା—ତାହା କ'ଣ ବେଶୀ ଆଶ୍ଚର୍ଯ୍ୟର କଥା ? ତାହାହିଁ ହୋଇଥାଏ । 'ବୀର ଭୋଗ୍ୟା ବସୁନ୍ଧରା'— ଜାଣିଛ ତ ଏ କଥା ? ତୁମ ଦେଶର ପୁରୁଷ ବ୍ୟକ୍ତିମାନେ ତ ବୀର ନ ଥିଲେ, ସେମାନଙ୍କର ସମସ୍ତ ବୀର୍ଯ୍ୟ ହିଁ ଇନ୍ଦ୍ରିୟ-ସୁଖ ଦିଗରେ ଯଥେଚ୍ଛା ଭାବରେ ନାରୀଶକ୍ତିର ଅପବ୍ୟବହାର ଦ୍ୱାରା ନିଃଶେଷ କରିଦେଇଥିଲେ; ପୁଣି ଧର୍ମ ନାମରେ, ମହାପାତକର ଆବର୍ତ୍ତରେ ପଡ଼ି, ଉବୁଟୁବୁ ହେଉଥିଲେ । ପ୍ରକୃତରେ ଅନ୍ନପୂର୍ଣ୍ଣା ଦେଶରେ କେବେ ହେଁ ଅନ୍ନ-ସମସ୍ୟା ଘଟି ନାହିଁ । ତାହା ହୋଇଥିଲେ ହୁଏତ ଅଧଃପତନ ଏତେ ବେଶୀ ହୋଇ ନଥାନ୍ତା । ଯେଉଁ ଦେଶରେ ଅନ୍ନ-ସମସ୍ୟା ଅଛି, ସେ ଦେଶର ମନୁଷ୍ୟ ଶକ୍ତିଶାଳୀ ହୋଇଥାଏ । ସେମାନେ ନାରୀଶକ୍ତିକୁ ଯଥାଯଥ ଭାବରେ ବ୍ୟବହାର କରନ୍ତି, ଏପରି ଭାବରେ ହେୟ ଜ୍ଞାନ କରନ୍ତି ନାହିଁ । ଏହିଠାରେ ହିଁ ନାରୀ ମଧ୍ୟରେ ଶକ୍ତିର ଆବିଷ୍କାର ଘଟିଥିଲା, ପୁଣି ତାହାର ବ୍ୟଭିଚାର ମଧ୍ୟ ଏହିଠାରେ ହିଁ ଚରମ ସୀମାରେ ଉପନୀତ ହୋଇଥିଲା, ଏବେ ମଧ୍ୟ ତାହାର ପ୍ରଭାବ ପୂର୍ଣ୍ଣଭାବରେ ଏହିଠାରେ ହିଁ ଜାରି ରହିଛି ।''

''ଏହି ଦେଶରେ ବ୍ରହ୍ମଚର୍ଯ୍ୟର ମହିମା ଏପରି ଭାବରେ ପ୍ରଚାର ଘଟିଥିଲା, ଯାହା ପୃଥିବୀର ଅନ୍ୟ କେଉଁଠାରେ ହୋଇପାରି ନାହିଁ ।''

''ଆହା, ତାହାହିଁ ତ ହେ, ବ୍ରହ୍ମଚର୍ଯ୍ୟର ଅନ୍ୟ ଦିଗଟାକୁ ମଧ୍ୟ ପୁଣି ତାକୁ ହିଁ ନା ପ୍ରଚାର କରିବାକୁ ହେବ । ବ୍ରହ୍ମଚର୍ଯ୍ୟ ଥିଲେ ଯାହା ହୋଇଥାଏ, ତାହାର ଦୃଷ୍ଟାନ୍ତ ଯେପରି ରହିଛି, ତାହାର ବ୍ୟଭିଚାର ଦ୍ୱାରା ଯାହା ଘଟିଥାଏ, ତାହାର ମଧ୍ୟ ଦୃଷ୍ଟାନ୍ତ ସେହିପରି ରହିଛି— ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ପ୍ରକୃତ ପକ୍ଷେ ଏହା ଲକ୍ଷ୍ୟ କରିବା କଥା ଯେ ଦଳେ ମନୁଷ୍ୟ ତାଙ୍କର ଜୀବନ ଦେଇ ଏତେଗୁଡ଼ିଏ ଅପୂର୍ବ ଶକ୍ତି ଆବିଷ୍କାର କରି ଦେଇଗଲେ, ତା'ପରେପରେ ଯିଏ ଆସିଲେ, ସେମାନେ ଜୀବନ ଦେଇ ତା'ର ପରୀକ୍ଷା (Experiment) କରିଚାଲିଲେ, ତା'ପରେ ଯେଉଁମାନେ ଆସିଲେ, ସେମାନେ ପୁଣି ଜୀବନ ଦେଇ ତାହାର ବ୍ୟଭିଚାର କରିଗଲେ । ତିନିପୁରୁଷ ଧରି ଶେଷ ହୋଇଗଲା ସେହି ଶକ୍ତିର ଖେଳ । ଏହି ଭାବରେ ହିଁ ତ ସବୁକଥା ଚାଲିବ ।''

ମୁଁ କହିଲି, ''ଆପଣଙ୍କ ନିକଟରୁ ଆଜି ଯେଉଁ କଥାଗୁଡ଼ିକ ଶୁଣିଲି, ପୂର୍ବେ ଆଉ କାହାଠାରୁ ମନେହୁଏ, ଏପରି ଭାବରେ ଶୁଣିନାହିଁ—ଆମ ଦେଶର ନାରୀ, ଏତେ ପରାଧୀନତା ମଧ୍ୟରେ କଣରେ ପଡ଼ି ଏବେ ମଧ୍ୟ ମହିମାମୟୀ—ମୁଁ କୌଣସି ଜ୍ଞାନୀ ପୁରୁଷଙ୍କ ଠାରୁ ଏକଥା ଶୁଣିଲେ ମଧ୍ୟ ଏତେ ଆଶ୍ଚର୍ଯ୍ୟ ହୋଇନଥାନ୍ତି ।''

''ଆଚ୍ଛା ହେଉ, ଓଲଟା ମୁଁ ତୁମ ମୁହଁରେ ଟିକିଏ ମିଠେଇ ଦେଇଦିଏ—ମୁଁ କହେ, ତୁମ ପରି ପିଲା ମୁଁ ଦେଖିନାହିଁ, ଏପରି ଖୋଲାଖୋଲି ଭାବେ କେହି ମୋତେ ଏସବୁ କଥା ପଚାରି ନାହିଁ, ବେଶୀ ଭାବରେ ସମସ୍ତେ ଚୁପ୍‌ସଇତାନ ଦଳ । ପାଖକୁ ଆସି କେହି କିଛି ପଚାରିବେ ନାହିଁ । ଏକବାର ଦୁର୍ବଳମନା, ଯେପରି କିଛି ତାଙ୍କର ଜାଣିବାର ନାହିଁ, ଜାଣିବା ଲାଗି ଶକ୍ତି ନାହିଁ କି ଇଚ୍ଛା ମଧ୍ୟ ନାହିଁ । ଦାଢ଼ି-ମୁଛ ଥିବା ଅନେକ ପ୍ରକାର ପୁରୁଷ ବ୍ୟକ୍ତି, ଦେଖିଛି ଦଳେ ଅଛନ୍ତି, ତନ୍ମଧ୍ୟରୁ ଯଦି କାହାର ଟିକିଏ ରକ୍ତ-ମାଂସରେ ତେଜ ଥାଏ, ହୃଷ୍ଟପୁଷ୍ଟ ଶରୀର ହୋଇଥାଏ, ତାଙ୍କ ଆଖିକୁ ଅନାଇ ଦେଖେ, କୁତ୍ସିତ ଇନ୍ଦ୍ରିୟସୁଖ ଲାଳସାରେ ଚକ୍ଷୁ ରକ୍ତବର୍ଣ୍ଣ, ଯେପରି ନାରୀ ପାଖରୁ ଆଉ କିଛି ପାଇବାର ନାହିଁ, ଯେପରି ଆଉ କୌଣସି ସମ୍ବନ୍ଧ ହିଁ ନାହିଁ । ତାଙ୍କ ମୁହଁରେ ନିଆଁ ଲଗାଇ ଦେଇ ଦାଢ଼ି-ମୁଛ ସବୁ ପୋଡ଼ିଦେବାକୁ ଇଚ୍ଛା ହୁଏ । ପୁଣି ଆଉ ଏକ ଦଳ ଅଛନ୍ତି, ଟିକିଏ ଦୁର୍ବଳ ଶରୀର, ପାଖରେ ଆସି ବସିଲେ ତ ଏକବାର ଯେପରି କ୍ରୀତଦାସ, ଯାହା କହିବି, ତାହା ଯେପରି ଏକବାର ହିଁ ସିଦ୍ଧାନ୍ତ । ସେମାନଙ୍କ ଦ୍ୱାରା ଯା ଖୁସି ତାହା କରାଇନିଅ, ସେଥିରେ ଆପତ୍ତି ନଥାଏ । ଘୃଣା ଲାଗେ, ଏ ଦେଶର ପୁରୁଷଙ୍କୁ ଦେଖିଦେଖି, ପୋଡ଼ା କପାଳ !''

''ସବୁ ମାଟି କରିଦେଲେ ଆପଣ, ଭଲ କହୁଥିଲେ, ଏବେ କିନ୍ତୁ କେଉଁଠୁ ଏସବୁ ପୁରୁଷମାନଙ୍କ କଥା ପଶିଆସି...''

''ହଜାର କୃତିତ୍ୱ ଥାଇ ମଧ୍ୟ, ଆମେ ନାରୀ, କଥା ପଡ଼ିଲେ ନ କହି ଯେ ରହି ପାରୁନାହୁଁ—ଜାଣିଛ ତ ସ୍ତ୍ରୀଲୋକଙ୍କ ପେଟରେ ଲୁଣ ମିଳାଏ ନାହିଁ, ମୋର ଗୋଟାଏ କଥା

ମନେ ହେଉଥିଲା ଯେ ତୁମେ ହୁଏତ ବିଜ୍ଞ ପରି ମୋ'ର ପଢ଼ାଶୁଣା କେତେ, ସେକଥା ହଠାତ୍ ପଚାରି ବସିବ ।''

''ଛି ଛି, ଆପଣଙ୍କର ପଢ଼ାଶୁଣା କଥା ବୁଝିବା ଲାଗି ଆଦୌ ମୋ'ର ଇଚ୍ଛା ନାହିଁ ! ତେବେ ମୁଁ ଭାବିଥିଲି ଯେ ଆପଣ ଆମ ଦେଶର ସାଧାରଣ ଲେଖାପଢା ଜାଣିଥିବା କିମ୍ବା ପାସ୍ କରିଥିବା ସ୍ତ୍ରୀଲୋକ ଯେପରି ହୁଅନ୍ତି, ଆପଣ ତାହା ନୁହନ୍ତି । ଆପଣଙ୍କ ଭିତରେ ଏକ ଐଶ୍ୱରିକ ଶକ୍ତି ରହିଛି ।''

''ଜନୈକ ହାଇକୋର୍ଟ ଜଜ୍, ନାମଟା କ'ଣ ବୋଧହୁଏ—ସାରଦା ମିତ୍ର । ତାଙ୍କ ସହ ଗତ ବର୍ଷ ଭୁବନେଶ୍ୱର ଠାରେ ଦେଖା—୧୯୧୭-୧୮ ସାଲର କଥା, ସେ ଚେଞ୍ଜରେ (Change) ଯାଇଥିଲେ, ବଡ଼ ସମ୍ଭ୍ରାନ୍ତ ବ୍ୟକ୍ତି ବୋଲି ତାଙ୍କୁ ଦେଖି ମନେହେଲା, ପରେ କଥାବାର୍ତ୍ତା କରି ପରିଚୟ ପାଇଲି, ସାଧନ-ଭଜନ ପ୍ରାଣଖୋଲି କରିପାରନ୍ତି ନାହିଁ, ସେଥିପାଇଁ ଏକ ପ୍ରଚ୍ଛନ୍ନ ବେଦନା ତାଙ୍କର ଥାଏ । ମୁଁ ତାଙ୍କୁ କହିଥିଲି, ଆପଣଙ୍କର ଏହି ଯେଉଁ ଅନ୍ତରର ଆକାଂକ୍ଷା, ସେଥିରେ ହିଁ ଆପଣଙ୍କର ସାଧନା କର୍ମ ହୋଇସାରିଛି, ଆଉ କୌଣସି ସାଧନାର ପ୍ରୟୋଜନ ହେବନାହିଁ । ହଁ, ଏବେ ସେହି ଛୋକରାଟିର କଥା କହୁଛି । ତାଙ୍କ ପାଖରେ ଦେଖିଥିଲି— ଏମ୍.ଏ. ପାସ୍‌କରା ଜଣେ ବ୍ୟକ୍ତି ରୋଗା, କ୍ଷୀଣଶରୀର, ଯେପରି ଆଉ କିଛି ସତ୍ତା ତାଙ୍କର ଶରୀରରେ ନାହିଁ । ଦିନେ ସେହି ପିଲାଟି ମୋ' ପାଖରେ ଆସି ଉପସ୍ଥିତ, ବ୍ୟାପାର କ'ଣନା, ଆପଣଙ୍କର ପଢ଼ା-ଶୁଣା କେତେ ଦୂର, କହିବାକୁ ପଡ଼ିବ । ଖୁବ୍ ପଢ଼ାଶୁଣା ନ ଥିଲେ ଆପଣ ଏତେ ବଡ଼ବଡ଼ କଥା କହିପାରି ନଥାନ୍ତେ ।''

ମୁଁ ତାଙ୍କୁ କହିଲି, ''କାହିଁକି ସାରଦାବାବୁ ତ କେବେ ମୋତେ ପଚାରି ନାହାନ୍ତି ?'' ସେ କହିଲା, ''ସେ ନ କହିଥାନ୍ତୁ, କିନ୍ତୁ ମୁଁ ଯେତେବେଳଯାଏ ଆପଣଙ୍କ ମୁଖରୁ ତାହା ନ ଶୁଣିଛି, ସେତେବେଳଯାଏ କୌଣସି ରକମ ସ୍ଥିର ରହିପାରୁନାହିଁ ।''

ମହେଶ୍ୱରୀ ମା' ହସିହସି କହିଲେ, ''ଦେଶରେ ଏହିସବୁ ପିଲା ଯଦି ଚାଷବାସ ଆବାଦ କରିବା କାମ ଶିଖିଥାନ୍ତେ କିମ୍ବା ଭଲ କିଛି ଶୁଭଙ୍କରୀ ଶିକ୍ଷା ଦ୍ୱାରା ପଣ୍ୟାଗାର-ରକ୍ଷକ ଆଦି କାର୍ଯ୍ୟ ଶିଖିଥାନ୍ତେ, ତା'ହେଲେ ଭଲ ହୋଇଥାନ୍ତା । ସେମାନଙ୍କର ବାପ-ମା' ଘଇସା ଲୋଭରେ ପାଠ ପଢ଼ାଇ ତାଙ୍କର ମୁଣ୍ଡ ଏକବାର ଖାଇଦେଇଛନ୍ତି । ଦେଖି ଖୁବ୍ ଦୁଃଖଲାଗିଲା ।''

ଭୈରବୀ କିଛି ସମୟ ଚୁପ୍ ରହିଲେ, ତା' ପରେ କହିଲେ, ''ଏତେ ସବୁ କଥା ତ ଶୁଣିଲ, କୁହ ତ ଦେଖି, ପ୍ରତିକ୍ରିୟାର କଥାଟା କିପରି ଭାବେ ଧାରଣା କଲ ?''

ମୁଁ କହିଲି, ''ଏତିକିମାତ୍ର ବୁଝିଲି ଯେ ଆମର ଯେତେ ଯାହା କର୍ମ, ସାଂସାରିକ, ସାମାଜିକ ବା କର୍ମ ସମ୍ବନ୍ଧରେ ସବୁ ପ୍ରକାର କ୍ରିୟାର ଏକ ପ୍ରତିକ୍ରିୟା ଅଛି, ଯାହାର ବ୍ୟତିକ୍ରମ କେବେ ହେଁ ଘଟେନାହିଁ । ଏହା ପ୍ରାକୃତିକ ନିୟମ ।''

''—ଏ କଥାଟା ଠିକ୍ ନିଶ୍ଚୟ, ଏହାପରେ ନର-ନାରୀଙ୍କର ବ୍ୟବହାର ସମ୍ପର୍କରେ ?''

ମୁଁ କହିଲି, ''ନର-ନାରୀ ଯୁକ୍ତ ହୋଇ ସଂସାର, ସମାଜ ବା ଧର୍ମମାର୍ଗରେ କାର୍ଯ୍ୟ କରିବା ଲାଗି ଆମ ପରମ ପ୍ରକୃତିର ବା ଭଗବାନଙ୍କର ହିଁ ନିର୍ଦ୍ଦେଶ । ଯେଉଁଠାରେ ନାରୀକୁ ତା'ର ପୂର୍ଣ୍ଣ ଅଧିକାରଠାରୁ ବଞ୍ଚିତ କରି ପୁରୁଷ ସେହି ଅଧିକାରକୁ ନିଜେ ଗ୍ରହଣ କରିବାକୁ ଯାଏ, ସେହି ସମାଜର ଧ୍ୱଂସ ଅନିବାର୍ଯ୍ୟ । ସେହି ସମାଜ ଜଗତ ନିକଟରେ, ନିଜ ନିକଟରେ ହୀନ ହୋଇଥାଏ, ଯେପରି ବର୍ତ୍ତମାନ ଆମ ସମାଜର ଅବସ୍ଥା ।''

''ନାରୀର ପୂର୍ଣ୍ଣ ଅଧିକାର ଅର୍ଥ କ'ଣ ବୁଝୁଛ, ଏଥର ମୋତେ କୁହ ତ, ବାବାଜୀ ।''

''ଚିରକାଳ, ଜନ୍ମଠାରୁ ଆମ ସମାଜରେ ନାରୀର ପୂର୍ଣ୍ଣ ଅନଧିକାର ହିଁ ଦେଖି ଶୁଣି ଆସିଛି । ସେମାନଙ୍କର ଏ କ୍ଷେତ୍ରରେ ପୂର୍ଣ୍ଣ ଅଧିକାର ଯେ କ'ଣ ଏକଥା ଚିନ୍ତା କରି ମୁଁ ତାହାର ସୂତ୍ର ହରାଇ ଦିଏ ।''

ସେ ହସିଦେଇ କହିଲେ, ''ତୁମର ଏହି ଅକପଟ ଭାବ ମୋତେ ଖୁବ୍ ଭଲ ଲାଗେ, ସତ କହୁଛି । ତୁମର ତନ୍ତ୍ରଶାସ୍ତ୍ର ମତର ସାଧନା ଦେଖିବା ଆକାଂକ୍ଷା କଥାଠାରୁ ଯେତେବେଳେ ଏତେ କଥା ଉଠୁଛି, ତେବେ ଗୋଟିଏ କଥା ତୁମକୁ ପ୍ରଶ୍ନ କରେ— ତନ୍ତ୍ରର ଅନେକ ପୁସ୍ତକ ତ ଅଛି, ତାହା ପଢ଼ିବାର ଇଚ୍ଛା ନ କରି ସାଧନ ଦେଖିବାର ଇଚ୍ଛା କାହିଁକି ହୁଏ ?''

ମୁଁ କହିଲି, ''ତନ୍ତ୍ର ସମ୍ବନ୍ଧରେ ଆମ ସମାଜରେ ବଡ଼ କିଛି କୁତ୍ସିତ ଧାରଣା ଅଛି, ମୋ'ର ମନେ ହେଉଥିଲା, ସତରେ କ'ଣ ଏହା ଏତେ କୁତ୍ସିତ ! ସେଥିପାଇଁ ଦେଖିବାର ଇଚ୍ଛା ନେଇ, ବୁଝିବା ଲାଗି ମୁଁ ବାହାରିପଡ଼ିଥିଲି । ତା'ପରେ ପଢ଼ିବା କଥା କହୁଛନ୍ତି, ତାହା ମଧ୍ୟ ମୁଁ କିଛି କିଛି ପଢ଼ିଛି । ଆଗମସାର, ନିଗମସାର, ତନ୍ତ୍ରସାର, ମହାନିର୍ବାଣତନ୍ତ୍ର ନାମରେ ଗୋଟିଏ ଗ୍ରନ୍ଥ ଅଛି । ସେସବୁ ପଢ଼ି ଦେଖିଛି । କିନ୍ତୁ ଏ ସମସ୍ତ ଦେଖିଥିଲେ ମଧ୍ୟ ଅସଲ ଧର୍ମର କିଛି ନିର୍ଦ୍ଦେଶ ମିଳିନାହିଁ । ବହି କେବଳ ପଢ଼ିଦେଲେ ସବୁ କିଛି ମିଳେନାହିଁ ।''

''ତୁମେ କ'ଣ ସଂସ୍କୃତ ପଢ଼ି ଭଲ ଭାବେ ବୁଝିପାର ?''

''ନା, ସାମାନ୍ୟ କିଛି ପାରେ । ତେବେ ଅନୁବାଦ ଅଛି; ତା'ର ସାହାଯ୍ୟ ନେଇ ଏକରକମ ବୁଝିନିଏ, ବିଶେଷ କିଛି ବାଧା ନାହିଁ । ମାତ୍ର ବହି ପଢ଼ି ଅସଲ କାମ ହୁଏ ନାହିଁ, ପ୍ରାଣ ତୃପ୍ତ ହୁଏ ନାହିଁ । ତେଣୁ ସାଧନ ଦେଖିବାକୁ ଆଗ୍ରହ ସହକାରେ ଚାହିଁଥିଲି । ଏବେ ଆପଣ ନାରୀର ପୂର୍ଣ୍ଣ ଅଧିକାର କ'ଣ, ତାହାହିଁ କହନ୍ତୁ—''

''ପୂର୍ଣ୍ଣ ଅଧିକାର ଠିକ୍ କ'ଣ, ତାହା ଜାଣିବା ପୂର୍ବରୁ ପୂର୍ଣ୍ଣ ମିଳନଟା ହିଁ ଦେଖାଯାଉ, ତେବେ ଯାଇ ତ ଅଧିକାରର ପ୍ରଶ୍ନ ! ଆଗରୁ ଯଦି ତୁମର ନାରୀ ସଙ୍ଗେ ମିଳନ ନ ହେଲା, ତେବେ ଅଧିକାରର ପ୍ରଶ୍ନ କଥା ଉଠିବ କାହିଁକି ।''

''ଧରି ନିଅନ୍ତୁ, ଯଦି ପୂର୍ଣ୍ଣ ମିଳନ ଠିକ୍ ଭାବରେ ହୋଇଯାଇଛି ।

ସେ ହସିଦେଇ କହିଲେ, ''ତା'ହେଲେ ପୂର୍ଣ୍ଣ ଅଧିକାର ମଧ୍ୟ ଠିକ୍ ହୋଇଯାଇଛି ।''

''ତେବେ କ'ଣ ବୁଝିବାକୁ ହେବ ଯେ, ପୂର୍ଣ୍ଣ ଭାବେ ମନର ମିଳନ ହେଲେ ପୂର୍ଣ୍ଣ ଅଧିକାର ସ୍ୱତଃ ହିଁ ସାବ୍ୟସ୍ତ ହୋଇଯିବ ?''

''ସେହି କଥା ତୁମର ବୁଝିବାରେ ଏତେ ବିଳମ୍ବ ହେବ, ମୁଁ ଏହା ଆଶା କରିନାହିଁ । ମୋଟାମୋଟି ଭାବରେ, ମନେକର ଗୋଟିଏ କଥା, ଯେଉଁ ଦୁଇ ପ୍ରାଣୀ ଦୁହିଁଙ୍କ ନିକଟରେ ପୂର୍ଣ୍ଣ ରୂପେ ଉଲଗ୍ନ ହୋଇପାରିବେ, ସେମାନଙ୍କ ମଧ୍ୟରେ କାହାର କେତେ ଅଧିକାର, ଏ ପ୍ରଶ୍ନ କ'ଣ ଆଉ ଉଠିପାରିବ କି ?''

''ତା'ହେଲେ ମୋର ଧାରଣା ଯେ ପୂର୍ଣ୍ଣ ରୂପେ ମିଳନ ଏପରି ଏକ ବସ୍ତୁ, ଯାହା ମାନବସମାଜରେ ଦୁଷ୍କର ।''

''ହଁ ହେ, ପୂର୍ଣ୍ଣ କଥା ଯେତେବେଳେ କହୁଛ, ସେତେବେଳେ ଏକ ଦୁଷ୍କର ଜିନିଷର କଳ୍ପନା କରୁନାହଁ କାହିଁକି ? ଏବେ ପୂର୍ଣ୍ଣକୁ ଛାଡ଼ି ଖଣ୍ଡିତ ମଧ୍ୟକୁ ଆସ, ଏଠାରେ କିଛି ହିଁ କ'ଣ ଦୁଷ୍କର ନଥାଏ !''

ସେ କହିବାକୁ ଲାଗିଲେ, ''ଏବେ ମିଳନର କଥା, ତା' ପରେ ଅଧିକାରର କଥା । ତନ୍ତ୍ରମତର କଥା ମୁଁ କହୁଛି—ତେବେ ପଦ୍ମିନୀ, ଶଙ୍ଖିନୀ, ଚିତ୍ରିଣୀ, ହସ୍ତିନୀ ବା ଶଶକ, ମୃଗ ଅଥବା ବୃଷାଦି ଜାତିର ସ୍ତ୍ରୀ ପୁରୁଷ— ଏ ସମସ୍ତ କଥା କହିବି ନାହିଁ । ତନ୍ତ୍ର ମଧ୍ୟରେ ନର-ନାରୀର ବିଚାର ଏପରି ସୁନ୍ଦର ଭାବରେ ଧରାଯାଇଛି, ଯାହାର କୌଣସି ପ୍ରତିବାଦର ସମ୍ଭାବନା ନାହିଁ । ଆଚ୍ଛା, ଆମେ ଏ କଥା ତ ବେଶ୍ ଦେଖିପାରୁ ଯେ ସମସ୍ତଙ୍କ ସହ ସମସ୍ତଙ୍କର ମିଳନ ହୋଇପାରେ ନାହିଁ ।''

''—ଏ ସମ୍ବନ୍ଧରେ କୌଣସି ଦ୍ୱିଧା ହିଁ ନାହିଁ ।''

''—ବେଶ୍, ଏ କଥା ତ ବୁଝିପାରୁଛ । ଯେତେବେଳେ ଯୌବନର ପ୍ରଭାବ ଆସେ, ସେତେବେଳେ ଖୋଲା ଆଖିରେ ଅର୍ଥାତ୍ ବାହ୍ୟଦୃଷ୍ଟିରେ ଯାହା ଦେଖାଯାଏ, ତଦ୍ୱାରା ମନେହୁଏ, ସମସ୍ତଙ୍କ ସହ ଯେପରି ମେଳ ଅଛି । ମନେକର, ଦୁଇଜଣ ଅବିବାହିତ କୁମାର-କୁମାରୀଙ୍କର କୌଣସି କାରଣରୁ ଗୋଟିଏ ସ୍ଥାନରେ ସାକ୍ଷାତ ହେଲା । ସେହି ପ୍ରଥମ ସାକ୍ଷାତରେ ସେମାନଙ୍କ ମଧ୍ୟରେ ଯଦି ରୂପର ସେପରି କୌଣସି ବିଶେଷ ତାରତମ୍ୟ ନ ଥାଏ, ତା'ହେଲେ ଗୋଟିଏ ଭାବର ଆଦାନପ୍ରଦାନ ଏହି ଦୁଇଜଣଙ୍କ ମଧ୍ୟରେ ହୁଏ କି ନାହିଁ ? ପ୍ରଥମରୁ ମନେହୁଏ, ସେମାନଙ୍କ ମଧ୍ୟରେ ଯେପରି ମିଳନ ସମ୍ଭବ, ଯଦିଓ ସ୍ପଷ୍ଟରୂପେ ଉଭୟଙ୍କ ମଧ୍ୟରେ କୌଣସି ପରିଚୟ ନ ଥାଏ ।''

''ତାହା ସମ୍ଭବ ହୋଇପାରେ ।''

ସେ କହିଲେ, ''ତାହା କିନ୍ତୁ ଘଟି ନଥାଏ । କାହିଁକି ଜାଣିଛ ? ମାନିବ କି ନ ମାନିବ, ଜାଣିରଖ ଯେ, ପ୍ରକୃତିର ହାତ ପୂର୍ଣ୍ଣ ଭାବରେ ଏହି ନର-ନାରୀର ମିଳନ

ମଧ୍ୟରେ ଥାଏ । ସେଥିଲାଗି ବଙ୍ଗଳାରେ କଥା ଅଛି–'ଜନ୍ମ ମୃତ୍ୟୁ ବିୟେ–ଏ ତିନ୍ ବିଧାତାକେ ନିୟେ'–ଏପରି କୌଣସି ମିଳନ ସେ କରାଇଦେବେ ନାହିଁ, ଯଦ୍ୱାରା ତାଙ୍କର ଅଭିପ୍ରାୟ ପୂର୍ଣ୍ଣ ହେବ ନାହିଁ । ଅର୍ଥାତ୍ ଏପରି ମିଳନର ଯୋଗାଯୋଗ ସେ ସୃଷ୍ଟି କରିଦେବେ, ଯଦ୍ୱାରା ତାଙ୍କର ସୃଷ୍ଟିର ଉଦ୍ଦେଶ୍ୟ ସିଦ୍ଧ ହେବ । ଏକଥା ପୁର୍ବରୁ ତନ୍ତ୍ରର ଋଷିମାନେ ଆବିଷ୍କାର କରିଥିଲେ ।''

''–ଅତ୍ୟନ୍ତ ଆଶ୍ଚର୍ଯ୍ୟ– ଆଗେ ପିଲାବେଳେ ଏହି କଥାଟା ସ୍ତ୍ରୀମାନଙ୍କ ମୁଖରୁ ଶୁଣିଆସିଛି, କିନ୍ତୁ ଏପରି ଭାବେ ତାହା ସତ ବୋଲି ଧାରଣା କରିପାରି ନ ଥିଲି ।''

''–ଏହା ପରେ ମଧ୍ୟ ଆହୁରି ଆଶ୍ଚର୍ଯ୍ୟ କଥା ଅଛି, ଶୁଣ–ମନୁଷ୍ୟ ତାଙ୍କର ସୃଷ୍ଟି, ତାଙ୍କ ରାଜ୍ୟରେ ବାସକରେ, ତାଙ୍କର ଅନ୍ନ ଖାଏ, ତାଙ୍କର ସୃଷ୍ଟ ସକଳ ସୁଖ-ସୁବିଧା ଭୋଗକରେ ସତ, କିନ୍ତୁ ଆଦରର ସନ୍ତାନକୁ ବାପ ବା ମା' ଯେପରି ଅନେକ ବେଶୀ ଅଧିକାର ଦିଅନ୍ତି, ସେହିପରି ଭଗବାନଙ୍କର ଶେଷ ଓ ଚମତ୍କାର ସୃଷ୍ଟି ଏହି ମନୁଷ୍ୟକୁ ଆଦରର ସନ୍ତାନ ପରି ଅନେକ ଅଧିକ ଅଧିକାର ଦେଇପକାଇଛନ୍ତି– ବୁଦ୍ଧି, ମନ, ଜାଗ୍ରତ ଆଶା ଦେଇଛନ୍ତି, ଅନନ୍ତ ସମ୍ଭାବନା ଦେଇଛନ୍ତି । କେବଳ ତାହା କାଳର ମଧ୍ୟ ଦେଇ ପ୍ରସ୍ଫୁଟିତ ହେବାର ନିୟମ କରିଛନ୍ତି ବୋଲି ରକ୍ଷା, ନ ହେଲେ ତାଙ୍କର ଏ ସୃଷ୍ଟି ରହି ନ ଥାନ୍ତା । ଅନୁକୂଳ ଅବସ୍ଥା ମିଳିଲେ ମନୁଷ୍ୟ ତାଙ୍କ ନିୟମ ବିରୁଦ୍ଧରେ ଯାଏ । ଏବେ ଧର, ଏପରି ଅବସ୍ଥାରେ ଯଦି କୌଣସି ମନୁଷ୍ୟ ପ୍ରକୃତି ନିୟମର ବାଧା ନ ମାନି ଇଚ୍ଛାନୁସାରେ ଯେକୌଣସି ଜଣେ ନାରୀକୁ ଚାହେ, ଭୋଗଦଖଲ କରିବାକୁ ଚାହେ, ତା' ଲାଗି ଉତ୍କଟ ପୁରୁଷାର୍ଥ ପ୍ରୟୋଗ କରେ, ସେତେବେଳେ ସେ କିପରି ଭାବରେ ତା'ର ବ୍ୟବସ୍ଥା କରନ୍ତି, ଜାଣ ? ସେଠାରେ ସେହି ମିଳନଟି କେବଳମାତ୍ର ଇନ୍ଦ୍ରିୟସୁଖ ଦ୍ୱାରାହିଁ ଶେଷ ହୋଇଯାଏ– ସେହି ମିଳନ ଫଳରେ ତା'ଠାରୁ କୌଣସି ଜୀବ ଉତ୍ପନ୍ନ ହୁଏ ନାହିଁ, ବଂଶ ଉତ୍ପନ୍ନ ହୁଏ ନାହିଁ । ସେହିଠାରୁ ଆରମ୍ଭ ଆଉ ସେହିଠାରେ ତାହାକୁ ଶେଷ କରିଦେଇ ସେହି ମିଳନକୁ ସେ ନିଶ୍ଚିହ୍ନ କରିଦିଅନ୍ତି ।''

''ତାହାହିଁ ଆମେ ଦେଖିବାକୁ ପାଉ ଯେ ଅନେକଙ୍କର ବଂଶ ରହେ ନାହିଁ, ବନ୍ଧ୍ୟା ହୋଇ ସେମାନେ ଜୀବନ କଟାଇଥାନ୍ତି ।''

''ଗୋଟିଏ କାରଣ ନେଇ ଯଦିଓ ତାହା ହୁଏ ନାହିଁ, ତାହାର ଆହୁରି ଅନେକ କାରଣ ଅଛି । ଏବେ ସେକଥା ଥାଉ, ଯାହା କହୁଛି, ପୁରୁଷଙ୍କ ମଧ୍ୟରେ କାହାର କାହାର ଏପରି ପ୍ରକୃତିର ବ୍ୟକ୍ତି କ'ଣ ଦେଖାଯାଏ ନାହିଁ କି, ଯାହାର ଗୋଟିଏ ରମଣୀ ଦ୍ୱାରା କାମନା ତୃପ୍ତ ହୋଇ ନଥାଏ ?''

''–ଏହା ତ ଆମେ ଖୁବ୍ ଦେଖିବାକୁ ପାଉ, ଯଦିଓ ସଂଖ୍ୟାରେ ସେମାନେ ଖୁବ୍ ବେଶୀ ନୁହନ୍ତି ।''

''—ଏହା ମଧ୍ୟରେ ସଭ୍ୟ-ଅସଭ୍ୟ, ବିଦ୍ୱାନ-ମୂର୍ଖ, ଏଥିରେ କୌଣସି ପ୍ରଭେଦ ନାହିଁ, ଏହା ସେମାନଙ୍କ ଅନ୍ତର ପ୍ରକୃତିକୁ ନେଇ ହିଁ କଥା । ଏହି ସମସ୍ତ ପୁରୁଷ କେବେ ହେଁ ଗୋଟିଏ ବିବାହିତ ସ୍ତ୍ରୀ ନେଇ ସୁଖୀ ହୋଇପାରନ୍ତି ନାହିଁ କିମ୍ବା ଗୋଟିଏ ନାରୀକୁ ନେଇ ସାରା ଜୀବନ କଟାଇ ପାରନ୍ତି ନାହିଁ ।''

''—ସେହିମାନେ ହିଁ ନିକୃଷ୍ଟ ଜୀବ ବୋଲି ମନେହୁଏ ।''

''—ତୁମକୁ ସେପରି ମନେ ହୋଇପାରେ, କିନ୍ତୁ ପରମା ପ୍ରକୃତି ବା ଭଗବାନଙ୍କୁ ତାହା ମନେହୁଏ ନାହିଁ । ସେଇ ହିଁ ତା'ର ଭୋଗ ନିମନ୍ତେ ଅନୁକୂଳ ଶକ୍ତି ବା ନାରୀ ଯୋଗାଇଦେଇଥାନ୍ତି । ତା' ମଧ୍ୟରେ ତାଙ୍କର ଏକ ଉଦ୍ଦେଶ୍ୟ ଥାଏ ଯେ ତାହାରି ମାଧ୍ୟମରେ ସେ ଅନେକଗୁଡ଼ିଏ ଜୀବ ସୃଷ୍ଟି ଓ ପାଳନ କରାଇଥାନ୍ତି । ଆମେ ଦାହାର ମନରେ ବିଚାର କରି ଆମର ସଂସ୍କାର ଅନୁଯାୟୀ ଯେଉଁ ଭାବେ ଗ୍ରହଣ କରୁ, ତା' ସହ ଆମରହିଁ ବ୍ୟବହାରର ସମ୍ବନ୍ଧ ତଦ୍ରୂପ ଥାଏ । ତାଙ୍କର ଉଦ୍ଦେଶ୍ୟ ପାଖ ଦେଇ ଆମେ ଯାଇପାରୁ ନାହିଁ ।''

''—ତା'ହେଲେ ଯେଉଁମାନେ ଅତ୍ୟନ୍ତ କାମୁକ, ବହୁ ସ୍ତ୍ରୀ-ପରାୟଣ, ଯାହାଙ୍କର ଧର୍ମ-ଅଧର୍ମ କିଛି ନାହିଁ ଓ ଯେଉଁମାନେ ସେହି ସ୍ୱଭାବର ସେମାନେ କ'ଣ ତାଙ୍କର ପ୍ରିୟ ବୋଲି କହୁଛନ୍ତି ?

''—ଏହି ସୃଷ୍ଟି ମଧ୍ୟରେ ଥିବା ଉଭୟ ଦିଗକୁ ଆମେ ଦେଖିବାକୁ ପାଉନାହୁଁ କି ?''

''ନା, ତା'ନୁହେଁ, ଆମେ ପାଇଥାଉ ।''

ସେ ପ୍ରଶ୍ନ କଲେ, ''କ'ଣ ପାଅ, କୁହ ତ ?''

''ସ୍ଥୂଳ, ସୂକ୍ଷ୍ମ ଅଥବା ବାହ୍ୟ ଓ ଅନ୍ତର, ଏହି କଥାକୁ ନେଇ କହୁଛନ୍ତି ତ ?''

''ହଁ, ଗୋଟିଏ ହେଉଛି ସୃଷ୍ଟି-ବୃଦ୍ଧିର ପ୍ରବାହ, ଆଉ ଅନ୍ୟଟି ସଙ୍କୋଚ ଅଥବା ଅନ୍ତରମୁଖୀ ପ୍ରବାହ, ଯାହା ସୃଷ୍ଟି ବା ସମାଜକୁ ପୂର୍ଣ୍ଣତା ଦିଗକୁ ନେଇଯାଇଥାଏ । ଗୋଟିଏ ହେଲା କ୍ରିୟା, ଆଉ ଗୋଟିଏ ତାହାର ପ୍ରତିକ୍ରିୟା; ଗୋଟିଏ ଦିଗରେ ତାଙ୍କର ବାହ୍ୟ ସୃଷ୍ଟିରେ ଯେଉଁ ସବୁ ଶକ୍ତିମାନ ଜୀବର ମଧ୍ୟ ଦେଇ ଅନେକ ବଂଶ ସୃଷ୍ଟି କରାଇ ନିଅନ୍ତି, ସେମାନେ ହିଁ ଶାସ୍ତ୍ରମତରେ ବୃଷ ଜାତୀୟ ପୁରୁଷ । ଷଣ୍ଢ ଛଡ଼ା ଆଉ କ'ଣ ! ମାନବ ସମାଜରେ ସେମାନେ ହେଲେ ଷଣ୍ଢ । ଉଦ୍ଦାମ ସେମାନଙ୍କର ପ୍ରବୃତ୍ତି, ସୁସ୍ଥ ବଳବାନ ଶରୀର; ଧ୍ୟାନ ସେମାନଙ୍କର ଦୁଇଗୋଟି ଜିନିଷ ଉପରେ ଥାଏ, ନାନାବିଧ ଭୋଗ ଆଉ ମୈଥୁନ ଫଳରେ ବଂଶବୃଦ୍ଧି । ଯେକୌଣସି ରକମର ସ୍ତ୍ରୀଲୋକ ହୋଇଥାଉ, ଏମାନଙ୍କ ପାଖରେ ଏକବାର ଦାସୀତୁଲ୍ୟ ହୋଇପଡ଼ନ୍ତି । ଏପରି ଏମାନଙ୍କ ପ୍ରଭାବ ।''

''ତା'ହେଲେ କୁହନ୍ତୁ, ସେମାନେ ନିମ୍ନସ୍ତରର ଜୀବ ।''

"ନା ନା, ତାହା ଠିକ୍ ନୁହେଁ, – ନଅ-ଛଅ ପାସକରା ବିଜ୍ଞାନର ବୁଦ୍ଧି ପ୍ରୟୋଗ କରି ଏହିସବୁ ହିସାବ କଲେ ଚଳିବ ନାହିଁ, ଏହାର ଅନ୍ୟ ଦିଗ ଅଛି । ପ୍ରକୃତ କଥା, ଗୋ-ସମାଜରେ ଷଣ୍ଢର ଖାତିର୍, ମାନବ-ସମାଜ ମଧ୍ୟରେ ସେମାନେ ମଧ୍ୟ ତାହାହିଁ । ସେମାନେ ହିଁ ମାନବ-ସମାଜରେ ଶ୍ରେଷ୍ଠ ଶକ୍ତିମାନ ଥିବାରୁ ପ୍ରକୃତି ସେମାନଙ୍କର ଇଚ୍ଛାନୁସାରେ ସକଳ ସମ୍ପଦ ହିଁ ଯୋଗାଇ ଦେଇଥାନ୍ତି । ତାଙ୍କ ଦୃଷ୍ଟିରେ ଏମାନେ ଆଦରର ସନ୍ତାନ । ଏକ ଦୃଷ୍ଟାନ୍ତ ଦେଉଛି, ତୁମେ ବୁଝିପାରିବ । ଏହି ବଙ୍ଗଳାରେ ଏକସମୟରେ ବହୁ-ବିବାହ-ପ୍ରଥା ସମାଜରେ ପ୍ରଚଳିତ ଥିଲା । ତାହା ତାଙ୍କର ହିଁ ଏକ ବଂଶବୃଦ୍ଧିର ଖେଳ । ଏହି ସମୟରେ ଏ ଦେଶରେ ଏହିପରି ବହୁସଂଖ୍ୟକ ଷଣ୍ଢ ଜାତୀୟ ମନୁଷ୍ୟ ଜନ୍ମ ନେଇ ବହୁସଂଖ୍ୟାରେ ଏହି ବ୍ରାହ୍ମଣ କାୟସ୍ଥ ପ୍ରଭୃତି ବଂଶର ବୃଦ୍ଧି କରିପାରିଛନ୍ତି । ଏ ସମୟରେ ତାହା ଯେପରି ଦୋଷାବହ ମନେହେଉଛି, ସେତେବେଳେ ସେପରି ନ ଥିଲା, ବରଂ ଥିଲା ଗୌରବର କଥା । ତା'ପରେ ଏହା ହେଲା ବାହ୍ୟ ଦୃଷ୍ଟିରେ ବୃଷ । ପୁନଃଶ୍ଚ ସୂକ୍ଷ୍ମ କଥା ମଧ୍ୟ ଅଛି । ଏହି ବୃଷ-ଜାତୀୟ ପୁରୁଷ ହିଁ ଅନ୍ତର କ୍ଷେତ୍ରରେ ସେତିକି ହିଁ ବଡ଼ । ସେତେବେଳେ ସେମାନଙ୍କର ବଂଶବୃଦ୍ଧିର ଲକ୍ଷ୍ୟ ନ ଥାଏ, ଲକ୍ଷ୍ୟ ଥାଏ ସମାଜକୁ ସଂଘବଦ୍ଧ କରିବା ଦିଗରେ । ସମାଜର ଉନ୍ନତିକଳ୍ପେ ଲକ୍ଷ୍ୟ ରହେ । ସେ ବଡ଼ ବଡ଼ ଶକ୍ତିଶାଳୀ ଦଳ ଗଢ଼େ । ମୈଥୁନ ଫଳରେ ଯାହା ବଂଶବୃଦ୍ଧି ଲାଗି ସାହାଯ୍ୟ କରିଥାନ୍ତା, ସୂକ୍ଷ୍ମ ସ୍ତରରେ ତାହା ପ୍ରେମର ଆକର୍ଷଣରେ ବହୁ ବ୍ୟକ୍ତିଙ୍କୁ ତା'ର କର୍ମ ବା ଧର୍ମର ପ୍ରଭାବରେ ଏକତ୍ର କରିବା ହିଁ ହୋଇଥାଏ ବୃଷ ଜାତୀୟ ମନୁଷ୍ୟର ପ୍ରବୃତ୍ତି । ଏହିପରି ଭାବେ, ଦେଖୁନାହଁ, କିପରି ଜଗତର ଚାରିଆଡ଼େ ବୃଷ ଜାତୀୟ ମନୁଷ୍ୟର ଶ୍ରେଷ୍ଠତ୍ୱ ବଜାୟ ରହିଛି ! ଏହା ହିଁ ହେଲା ତନ୍ତ୍ରମତରେ ଗୋଟିଏ ଶ୍ରେଣୀର ମନୁଷ୍ୟର ପ୍ରକୃତି ।"

"ଆଚ୍ଛା, ଏଥର କୁହନ୍ତୁ–"

"ତାହା ହିଁ କହୁଛି–ଏଥର ବୁଝି ଦେଖ, ନାରୀ ପ୍ରକୃତି ମଧ୍ୟ ନାନା ରକମ ଅଛି । ଗୋଟିଏ ଶ୍ରେଣୀର ସ୍ତ୍ରୀଲୋକ ଅଛନ୍ତି, ଯାହାଙ୍କର ଲଜ୍ଜା-ସରମ ଖୁବ୍ କମ୍, ପୁରୁଷଙ୍କ ସହ ନିଃସଙ୍କୋଚ ଭାବ, ଦୃଢ଼ ଶରୀର, ନାରୀ-ସୁଲଭ ଦୁର୍ବଳତା ଆଦୌ ନ ଥାଏ । କୌଣସି ରକମ ସେମାନେ ହଠାତ୍ ବଶ ନୁହନ୍ତି, ଶାସନ ମାନନ୍ତି ନାହିଁ । ଉଦ୍ଦାମଭାବ, କୋପନ ସ୍ୱଭାବ ।"

"ହଁ ହଁ, ଆମେ ଯାହାକୁ ନିର୍ଲଜ୍ଜ ବେହଲ କହିଥାଉ–"

"ହଁ, ସେମାନେ ହିଁ ପ୍ରକୃତିର ପ୍ରିୟ ସନ୍ତାନ । ତୁମମାନଙ୍କର ଆଖି ଯେ ଅନ୍ଧ, ପ୍ରକୃତି ଜନନୀଙ୍କର ବା ଭଗବାନଙ୍କର ଉଦ୍ଦେଶ୍ୟ ତୁମେମାନେ ଯେ ବୁଝିପାର ନାହିଁ, ତାହାର ପ୍ରକୃଷ୍ଟ ପ୍ରମାଣ ହେଲା ଏହି ଯେ, ଯେଉଁମାନଙ୍କୁ ସେ କୌଣସି ବିଶେଷ ଉଦ୍ଦେଶ୍ୟ ନେଇ ସୃଷ୍ଟିକରନ୍ତି, ଯେଉଁମାନେ କି ତାଙ୍କର ବିଶେଷ ଯତ୍ନର ବସ୍ତୁ, ସେହିମାନଙ୍କୁ ତୁମେମାନେ କୁହ ଖରାପ । ତୁମେମାନେ ଯେପରି ନିଜେ ପଙ୍ଗୁ ହୋଇପଡ଼ିଛ, ସେହିପରି ପଙ୍ଗୁଙ୍କୁ ହିଁ ତୁମେ ଚାହ ।

ପ୍ରକୃତରେ ଯେଉଁ ଶକ୍ତି ପରବର୍ତ୍ତୀ ଜୀବନରେ ମହାକର୍ମ ଦ୍ୱାରା ପ୍ରସାରିତ ହୋଇ ସମାଜରେ ଅନେକ କିଛି କରିବେ, ସେହି ଶକ୍ତି ପ୍ରଥମ ବୟସରେ କାହିଁକି ଜଡ଼-ଭରତ ତୁଲ୍ୟ ନିସ୍ତେଜ ଶାନ୍ତ ହୋଇ ପଡ଼ିବେ, ଏ କଥାଟା କ'ଣ ତୁମମାନଙ୍କର ମନରେ ଆସେ ନାହିଁ ?''

''ଆମେ ଚାହୁଁ ନାରୀକୁ ନାରୀର ଗୁଣ ନେଇ ଶାନ୍ତ ଦେଖିବାକୁ—''

''ପୋଡ଼ା କପାଳ ତୁମମାନଙ୍କ ଚାହିଁବାର, ତୁମେମାନେ କେଉଁ ଅଧିକାରରେ ଚାହଁ ? ଚାହିଁବା ମାନେ କ'ଣ ବୁଝ ? ଶକ୍ତିହୀନ ନ ହେଲେ ଚାହିଁବାର କ'ଣ ଅଛି କାହାର ? ତୁମେମାନେ ଚାହିଁଲେ ତୁମମାନଙ୍କୁ ଦେବ କିଏ ? ଶକ୍ତିମାନ ଯିଏ, ସିଏ ଚାହେଁ ନାହିଁ, ସେ ଗଢ଼ି ଚାଲେ; ମନୋମତ ଗଢ଼ିତୋଳିବାରେ ନିଜର ଉଦ୍ଦେଶ୍ୟ ସାର୍ଥକ କରିଥାଏ । ପୁଣି ଏପରି ପାଗଳାମି କର ନାହିଁ, ମୋ ସାମ୍ନାରେ—''

''ଆମର ଧାରଣା ଏହି ଯେ ପୁରୁଷର ଭୋଗ୍ୟ ହେବା ଲାଗି ନାରୀର ସୃଷ୍ଟି ହୋଇଛି, ସୁତରାଂ ନାରୀକୁ ପୁରୁଷର ମନୋମତ ହେବା ପ୍ରୟୋଜନ କି ନୁହେଁ ?''

''ବାଘ ସିଂହ ମଧ୍ୟ ଚାହାଁନ୍ତି ଯେ ମନୁଷ୍ୟ ଆମର ଭୋଗ୍ୟବସ୍ତୁ, ସେମାନେ ଧୀରେ ଧୀରେ ଚୁପ୍‌ଚାପ୍ ଚାଲି ଆସନ୍ତୁ ଆମ ପାଖକୁ ଆମେ ନିର୍ବିବାଦରେ ଆମର ଭୋଗ-ଲାଳସା ପରିତୃପ୍ତ କରୁ । ବାଜେ କଥା ଉଠାଅ ନାହିଁ, ଏବେ ମୋତେ ଉଠିବାକୁ ପଡ଼ିବ, ସନ୍ଧ୍ୟା ହୋଇଆସିଲା ଯେ ।''

ମୁଁ କହିଲି, ''ମନରେ ଯାହା ଆସୁଛି, କହି ପକାଇବା ଭଲ, ଏହାହିଁ ଭାବି କହିଦେଲି—''

''ମନରେ ଯାହା ଆସିଲା, ତାକୁ କ'ଣ କହି ପକାଇବା ଦରକାର ? ମୂର୍ଖ ବ୍ୟକ୍ତି ଭାବେ ସିଏ ସମାଜରେ ଗଣାଯିବ । ମନକୁ ଏପର୍ଯ୍ୟନ୍ତ ତୁମେ ବୁଝ ନାହିଁ ବଛା । ମନ ପଛରେ ଏବେଯାଏ ଛୁଟିଚାଲିଛ—''

ମୁଁ ଲଜ୍ଜିତ ହେବାର ଦେଖି ସେ କହିଲେ, ''ପ୍ରକୃତରେ ଯେ ଭିନ୍ନ ଭିନ୍ନ ନାରୀ ପ୍ରକୃତି ଅଛି ? ଦେଖିଛ ତ ସେମାନଙ୍କର ପ୍ରତ୍ୟେକଙ୍କର ହିଁ ଏପରି ବିଶେଷ ବିଶେଷ ଗୁଣ ଅଛି ଯେ ସେ କ୍ଷେତ୍ରରେ ଯେଉଁ ଜୀବ ଜନ୍ମଗ୍ରହଣ କରିବେ, ସେମାନଙ୍କ ମଧ୍ୟରେ ଏହିସବୁ ବିଶେଷ ଗୁଣର ହିଁ ବିକାଶ ଘଟିବ ।''

''ତଦ୍ୱାରା ସ୍ରଷ୍ଟାର ଉଦ୍ଦେଶ୍ୟ ହିଁ ସଫଳ ହେବ । ତୁମେ ଆମେ ଯାହା ହିସାବ କରିବୁ, ତାହା ଏପରି ଅକିଞ୍ଚିତ୍‌କର ଯେ ସେକଥା ନ କହିବାହିଁ ଠିକ୍ ହେବ । ବୁଝୁଛ ?''

''ଆଚ୍ଛା ଧରିନିଅନ୍ତୁ, ଆମର ଯେଉଁ ଭାବରେ ବାପ-ମା କନ୍ୟା ବା ପାତ୍ର ନିର୍ବାଚନ କରି ବିବାହ କରାଇଥାନ୍ତି, ସେ କ୍ଷେତ୍ରରେ ଯେପରି ଅନେକ ସମୟରେ ଠିକ୍ ମେଳ ହୁଏ ନାହିଁ, ଯାହା ଆମକୁ ଦେଖିବାକୁ ମିଳିଥାଏ, ମାତ୍ର ଆପଣମାନଙ୍କର ତନ୍ତ୍ରମତରେ ତ ସ୍ୱାଧୀନ ଭାବରେ ମିଳନ ହୁଏ, ସେ କ୍ଷେତ୍ରରେ ଏହି ରକମର ଅମେଳ

ଯଦି ହୁଏ, ତା'ହେଲେ ଏହି ସ୍ୱାଧୀନ ଆଉ ପରାଧୀନ କ୍ଷେତ୍ରରେ ବିବାହ-ମିଳନର ପ୍ରଭେଦ ରହିଲା କେଉଁଠି ?''

''—ଯେଉଁ ନର-ନାରୀର ପ୍ରଥମ ମିଳନ ସ୍ଥାୟୀ ନୁହେଁ, ସେ କ୍ଷେତ୍ରରେ ବୁଝିବାକୁ ହେବ ଯେ ସେହି ଦୁଇଜଣଙ୍କର ଜୀବନରେ ଅପର ନର-ନାରୀର ସମ୍ବନ୍ଧ ଘଟିବ, ଯଦ୍ୱାରା ସେମାନଙ୍କ ଜୀବନର ଉଦ୍ଦେଶ୍ୟ ସଫଳ ହେବ । ତେବେ ଯେଉଁ ସ୍ୱାଧୀନ ଆଉ ଅଧୀନ ସମାଜରେ ବିବାହ ପ୍ରସଙ୍ଗ କଥା କହୁଛ, ପ୍ରକୃତରେ ଦୁଇ ସମାଜର ଯେଉଁ ମିଳନ, ସେଥିରେ ମଧ୍ୟ ତାଙ୍କ ଅଦୃଷ୍ଟର ହାତ ଅଛି । ଯେଉଁ କ୍ଷେତ୍ରରେ ନର-ନାରୀର ମିଳନ ଘଟେ, ସେହି କ୍ଷେତ୍ରରେହିଁ ତାଙ୍କର ହାତ ଥାଏ ।''

''—ଗୁପ୍ତ ମିଳନ ନାମରେ ଏକ ମିଳନ ତ ଦୁଇ ସମାଜରେ ରହିଛି—ତାହାର ବ୍ୟାଖ୍ୟା କ'ଣ ?''

''—ସେହି କଥା ତ କହିଛି, ପୁରୁଷାର୍ଥର ଦାବିରେ ପ୍ରାକୃତିକ ନିୟମ ବିରୁଦ୍ଧରେ ଯେଉଁ ମିଳନ, ତାହା ଭଲ ନୁହେଁ ।''

''—ସେଥିରେ ମଧ୍ୟ ଜୀବ ସୃଷ୍ଟି ହୋଇପାରେ ।''

''—ଯେତେବେଳେ ହିଁ କିଛି ସୃଷ୍ଟି ହୁଏ, ଆଉ ସେଥିରେ ଯଦି ଜନ୍ମ-ମୃତ୍ୟୁ ଥାଏ, ସେଠାରେ ତାଙ୍କର ହିଁ ହାତ ଅଛି ବୋଲି ବୁଝିବାକୁ ହେବ । ତେବେ ସ୍ୱାଧୀନ ବା ଅଧୀନ ସମାଜ ହିସାବରେ ବ୍ୟବହାରର ଅବସ୍ଥାକୁ ନେଇ ଫଳ ଭିନ୍ନ ହୁଏ ।''

■■

ପଞ୍ଚବିଂଶ ପରିଚ୍ଛେଦ

ଶୈବ ବିବାହ ଉପରେ ହିଁ ଆମର ଆଲୋଚନା ଚାଲିଥିଲା । ମୁଁ କହିଲି, ''ଏତେଟା ଉଦାର ଏହି ଶୈବ ବିବାହ, ଅଥଚ ଏ ସମାଜରେ ତାହା ଚାଲିପାରିଲା ନାହିଁ । କେବଳ ତା' ନୁହେଁ, ଆଜିକାଲି ଦିନରେ ଏ ଦେଶରେ ଖୁବ୍ କମ୍ ବ୍ୟକ୍ତି ହିଁ ଏହି ବିବାହ ବିଷୟରେ ଜାଣନ୍ତି । ଆମର ମତ—ଅଧିକ ସଂଖ୍ୟକ ବ୍ୟକ୍ତି ଜାଣନ୍ତି ଯେ ଶୈବ ବିବାହ ନାମରେ ଏକ ପଦ୍ଧତି ଏ ଦେଶରେ ରହିଛି । ରାଜା ରାମମୋହନ ରାୟଙ୍କ ଜୀବନ-ଗାଥା ଆଲୋଚନା ପରଠାରୁ ଏହି ବିଷୟ ଆମେ ଜାଣିପାରିଛୁ; ତାହାଠାରୁ ଅଧିକ ମୁଁ ଶୁଣିନାହିଁ କି ଜାଣିନାହିଁ ।''

ଭୈରବୀ କହିଲେ, ''ଜାଣିବେ କେମିତି, ବୈଦିକ ହିନ୍ଦୁ ଗୋଷ୍ଠୀ ଯେ ଏ ପଦ୍ଧତିକୁ ଗ୍ରହଣ କଲେ ନାହିଁ, ତଦ୍ଦ୍ୱାରା ସେମାନଙ୍କର ବ୍ରାହ୍ମଣସମାଜ ମଧ୍ୟରେ ଯେ ବର୍ଣ୍ଣସଙ୍କର ସୃଷ୍ଟି ହେବ । କିନ୍ତୁ ପ୍ରକୃତିର ନିୟମକୁ କେହି ବଦଳାଇ ପାରିବେ ନା ପାରିଛନ୍ତି—ସେହି ଯେଉଁ ହିନ୍ଦୁ ବ୍ରାହ୍ମଣଙ୍କର ଦ୍ୱାରା ଗଢ଼ା ସମାଜ ଆଜି ବର୍ଣ୍ଣସଙ୍କରମୟ ହୋଇ ପଡ଼ିଛି; ପ୍ରକାଶ୍ୟରେ, ପ୍ରଚ୍ଛନ୍ନରେ, କେତେ ରକମ ନା କେତେ କେତେ ସଙ୍କର ବର୍ଣ୍ଣର ଉତ୍ପତ୍ତି ହୋଇଛି ଓ ହେଉଛି, କିଏ ତା'ର ହିସାବ ରଖୁଛି !''

''ଏହା କ'ଣ କମ୍ ଅବଶୋଷର କଥା, ବିବାହ ଲାଗି ଏତେ ନିୟମର ଧରା-ବନ୍ଧା ସତ୍ତ୍ୱେ ହିଁ ଏତେ ବେଶୀ ବ୍ୟଭିଚାର ! ଥରେ ଥରେ ମନେ ହୁଏ, ଯେପରି ଏ ସମାଜରେ ସ୍ତ୍ରୀ-ସ୍ୱାଧୀନତା ଥିଲେ ତ ଆହୁରି ଅଧିକରୁ ଅଧିକ ଏହି ସବୁ ଘଟିଚାଲିଥାନ୍ତା ।''

''ଏବେ ମଧ୍ୟ ତୁମେ ନାରୀମାନଙ୍କୁ କ୍ରୀତଦାସୀ କରି ରଖିବାର ମୋହ ଛାଡ଼ିପାରିନାହିଁ, ଦେଖୁଛି । ଏକଥା ବୁଝିପାରୁ ନାହଁ ଯେ ସର୍ବନାଶ କେଉଁ ବାଟରେ ଆସି ତୁମ ପୌରୁଷକୁ ଧ୍ୱଂସ କରିଛି; ଏତେ କଥା ପରେ ମଧ୍ୟ ଜାତିର ଗୋଡ଼ାଣିଆ, ଆଉ ପୁରାତନ ବିବାହ-ପ୍ରଥା ଭଟ୍ଟାଚାର୍ଯ୍ୟମାନଙ୍କର ଆଧିପତ୍ୟକୁ ହିଁ ଜାବୁଡ଼ି ଧରିଛ !''

''ତାହା ଠିକ୍ ନୁହେଁ, ଯେଉଁ କଥାକୁ ଅଧିକ ସଂଖ୍ୟକ ପୁରାତନ-ତନ୍ତ୍ରର ବ୍ୟକ୍ତି ମନେ କରନ୍ତି, ସେମାନଙ୍କର ଯୁକ୍ତି ଦିଗରୁ କଥାଟା କହି ପକାଇଛି । ଆଉ ଆମପରି ଲୋକ ମଧ୍ୟରେ କିଛି କିଛି ପୂର୍ବ ସଂସ୍କାରର ବୀଜ ତ ନିଶ୍ଚୟ ରହିଯାଇଛି । ଥରେ ଥରେ ତାହା ଉଙ୍କି ମାରେ, ଆଉ କ'ଣ ! ଦେଖୁଛି, ଯିଏ ସମାଜ ସଂସ୍କାର ଚାହାନ୍ତି, ସେମାନେ ମଧ୍ୟ ସ୍ତ୍ରୀ-

ସ୍ୱାଧୀନତା ଏକବାର ଚାହାନ୍ତି ନାହିଁ— ଜଣେ-ଅଧେ ଚାହାନ୍ତି, ଅଧିକ ବ୍ୟକ୍ତି ସ୍ତ୍ରୀମାନଙ୍କୁ ବେଶୀ ଢିଲା ଦେବାକୁ ଚାହାନ୍ତି ନାହିଁ, କାରଣ—''

ସେ ମୋ' ମୁହଁରୁ କଥା କାଢ଼ି ନେଇ କହିଲେ, ''କାଳେ ଭ୍ରଷ୍ଟା ହୋଇ ଅନ୍ୟ ସାଙ୍ଗରେ ଯିବ, ଏହି କଥା ତ ? ସେହି ସବୁ ଭଣ୍ଡ ସଂସ୍କାରକାମୀମାନଙ୍କ କଥା ବାଦ୍ ଦିଅ, ଅବିଶ୍ୱାସ ଚକ୍ଷୁରେ ଯିଏ ନାରୀମାନଙ୍କୁ ଦେଖନ୍ତି, ଜାଣି ରଖ, ସେମାନଙ୍କର ସ୍ତ୍ରୀମାନେ ବେଶୀ ଅବିଶ୍ୱାସିନୀ ହୁଅନ୍ତି । ମୁଁ ତ ଜଣେ ନାରୀ, ମୋ'ଠାରୁ ତୁମେ ସ୍ତ୍ରୀମାନଙ୍କର ମନର ଖବର ବେଶୀ ରଖି ନାହଁ । ନାରୀମାନଙ୍କ ସମ୍ବନ୍ଧରେ ତୁମର ଧାରଣା ବେଶୀ ଭାବରେ କାଳ୍ପନିକ, ପୁରୁଷଙ୍କ ହାତରେ ପଡ଼ିଲା ମାତ୍ରେ, ବୟସରେ ଯେତେ ଛୋଟ ହୋଇଥାଉ ଆଉ ବିଦ୍ୟାବୁଦ୍ଧିରେ ତୁମଠାରୁ ଯେତେ ହେଁ କମ୍ ହୋଇଥାଉ, ଠିକ୍ ବୁଝିନେଇପାରେ ଯେ କେଉଁ ଧରଣର ପୁରୁଷ ସହ ତାକୁ ଘର ବସାଇବାକୁ ପଡ଼ିବ । ପ୍ରକୃତି ନାରୀମାନଙ୍କ ମଧ୍ୟରେ ଏହି ବୁଦ୍ଧିଟିକୁ ଖୁବ୍ ଅଧିକ ଭାବେ ଦେଇଛନ୍ତି । କାର୍ଯ୍ୟତଃ ଏହି କଥା ଠିକ୍ ଜାଣି ରଖ ଯେ ଯେଉଁ ସକଳ ଅଭାବ ତା'ର ସ୍ୱାମୀଠାରୁ ପୂରଣ ହୁଏ ନାହିଁ ବା ହେବାର ସମ୍ଭାବନା ନାହିଁ, ତାହା ସେ କୌଣସି ନା କୌଣସି ସୁଯୋଗର ବ୍ୟବହାର କରି ଅନ୍ୟଠାରୁ ଆଦାୟ କରି ନେଇ ନିଜର ଜୀବନକୁ ପୂର୍ଣ୍ଣ କରିନେବ । ପ୍ରକୃତି ହିଁ ତାକୁ ସେସବୁ ସୁଯୋଗ ଆଣି ପହଞ୍ଚାଇ ଦେଇଥାନ୍ତି । ଅସଲରେ ଚରିତ୍ର, ଯାହା ଅନ୍ତର-ପ୍ରକୃତି ନେଇ ଗଢ଼ିଉଠେ, ତା'କୁ ଶାସ୍ତ୍ର-ବାକ୍ୟରେ ବା ହିତୋପଦେଶ ଦ୍ୱାରା ଅଟକାଇ ରଖିବାର ଉପାୟ ନାହିଁ ।''

ମୁଁ ଅବାକ୍ ହୋଇ ଭାବୁଥିଲି । ସେ ଦେଖିଲେ ଏବଂ ବୁଝିଲେ— ପରେ କହିଲେ, ''ସ୍ତ୍ରୀ-ପରାୟଣ କାମୁକ, ଏକଦିଗରେ ହୁଏତ ବହୁ ବିଦ୍ୱାନ୍ ପଣ୍ଡିତ, ଯିଏ କି ନର-ନାରୀ ସମ୍ବନ୍ଧରେ ବ୍ୟବହାରମୂଳକ ଯେଉଁ ଶାସ୍ତ୍ର ପ୍ରଣୟନ କରିଛନ୍ତି, ନାରୀ-ପ୍ରକୃତି ସମ୍ବନ୍ଧରେ ଯିଏ ସମସ୍ତ ବ୍ୟାଖ୍ୟା କରିଛନ୍ତି, ତାଙ୍କର ସମସ୍ତ ବିଚାର ହିଁ କଳ୍ପନାକୁ ଆଧାର କରି ଚାଳିତ । ପ୍ରକୃତରେ ଅଧିକାଂଶଟା ହିଁ ତାଙ୍କର ମିଥ୍ୟା ବିଚାର । ନାରୀ ପ୍ରକୃତି ସହ ତାଙ୍କର ପ୍ରକୃତ ପରିଚୟ ଘଟିନାହିଁ । ଜଣେ ଦୁର୍ବଳ-ଚିତ୍ତ ପୁରୁଷ ନିଜ ଆଡୁ ନିଜକୁ ଯେପରି ଦେଖିଥାଏ, ନାରୀକୁ ଠିକ୍ ସେହି ଭାବରେ ଦେଖେ । ନାରୀ ମନର ଗୁହ୍ୟ-ତତ୍ତ୍ୱକୁ ତାହାର ଜାଣିବାର ସମ୍ଭାବନା ନଥାଏ । ଏକ ଦୃଷ୍ଟାନ୍ତ ଦିଏଁ,— ଦଳେ ପଣ୍ଡିତଙ୍କ ମତ ଏହି ଯେ ନାରୀମାନେ ପୁରୁଷଙ୍କଠାରୁ ଅନେକ ଅଧିକ ଭାବେ କାମ-ରିପୁର ବଶବର୍ତ୍ତୀ । ମାପି କରି ପୁଣି ସେମାନେ ଦେଖେଇଛନ୍ତି— କିଏ କହନ୍ତି ଚାରିଗୁଣ, କେହି ଛ' ଗୁଣ ଆଉ କେହି କହନ୍ତି ଆଠଗୁଣ । ଏହିପରି ଗୁଣନର ମହିମାକୁ ନେଇ ନାରୀର ଇନ୍ଦ୍ରିୟସୁଖ ସ୍ପୃହାର ପରିମାଣ ଦେଖାଇଛନ୍ତି । ପ୍ରକୃତି ନାରୀକୁ ଯେଉଁଭାବରେ ଗଢ଼ିଛନ୍ତି, ସେମାନେ ସେହି ସତ୍ୟର ପାଖ ଦେଇ ଯାଇନାହାନ୍ତି । ପ୍ରକୃତରେ ସେ ଯଦି ଏତେ ବେଶୀ ସନ୍ଦିଗ୍ଧଚିତ୍ତ ଓ କାମାନ୍ଧ ନ ହୋଇଥାନ୍ତେ, ତା'ହେଲେ ବୁଝି ପାରିଥାନ୍ତେ ଯେ ପୁରୁଷର ସ୍ପର୍ଶ ନ ଲାଗିଲେ, କେବଳ ସାମାନ୍ୟ ଭାବରେ ମଧ୍ୟ ନୁହେଁ, ଖୁବ୍ ବେଶୀ ଭାବରେ ନ ଲାଗିଲେ, ନାରୀର ଉତ୍ତେଜନା ତ ଦୂରର କଥା,

ଉଦ୍ଦୀପନା ମଧ୍ୟ ହୁଏ ନାହିଁ, ହୋଇପାରିବ ନାହିଁ । ଅପରର ଇନ୍ଦ୍ରିୟଜ ମୋହର ବ୍ୟାପାର ଦେଖିଲେ, ପୁରୁଷର ଯେପରି ଶରୀର ଓ ମନରେ ଇନ୍ଦ୍ରିୟଲିପ୍ସା ଜଳିଉଠେ, ନାରୀର ତାହାଠାରୁ ଅନେକ ପରିମାଣରେ କମ୍ ହୁଏ । ନାରୀର ମନ ଜଣକୁ ଗଭୀର ଭାବରେ ଭଲ ନ ପାଇଲେ ତା'ର ମନରେ ସଂସର୍ଗ-ସ୍ପୃହା ସ୍ଥାନ ପାଏ ନାହିଁ । ତାହାପରେ ଯେଉଁଠାରେ ନାରୀ ପ୍ରକୃତି ଭେଦରେ ନାନା ପ୍ରକାର ସ୍ୱଭାବର ହୋଇଥାଏ, ସେଠାରେ ଏକବାର ନାରୀ ଜାତି ମାତ୍ରେ ହିଁ ଏହିପରି କେବଳ ଏକ ପ୍ରକାର ସ୍ୱଭାବର ବୋଲି ପ୍ରଚାର କରିବା କେତେ ବଡ଼ ମୂର୍ଖତା, ଆଉ ଆମର ଏହିସବୁ ପଣ୍ଡିତମାନଙ୍କ ଭିତରେ ତାହା ଯେ ଅଧିକ ପରିମାଣରେ ଥାଏ, ତାହା ଆମେ ଖୁବ୍ ସ୍ପଷ୍ଟ ଭାବରେ ହିଁ ବୁଝିପାରୁ । ନାରୀ ଯାହାକୁ ଅବଲମ୍ବନ କରେ, ତା'କୁ ସୁଖୀ କରିବାକୁ ସେ ନିଜର ଦେହ ଦେଇଥାଏ । ଏହି ଭାବଟା ହିଁ ନାରୀ ମଧ୍ୟରେ ପ୍ରବଳ । ଜଣକର ସୁଖ ଲାଗି, ସମ୍ଭୋଗ ଲାଗି ନାରୀ ତା'ର ସର୍ବସ୍ୱ ଦେଇଦେଇ ହିଁ ସୁଖୀ । ଏହି ଭାବଟି ତା'ର ପ୍ରକୃତିଗତ । ସେଥିଲାଗି ହିଁ ପୁରୁଷ ତାକୁ ଯଥେଚ୍ଛାଚାର ବ୍ୟବହାର କରିବାର ସୁଯୋଗ ପାଏ, ଯାହା ଅନେକ ସମୟରେ ନାରୀର ବିରକ୍ତିର କାରଣ ହେଲେ ମଧ୍ୟ ଭଲପାଇବା ଖାତିରିରେ ଅବାଧରେ ସେ ଏସବୁ ସହ୍ୟ କରିନିଏ । ପୀଡ଼ନ ବା ଅତ୍ୟାଚାର କରିବା ପ୍ରବୃତ୍ତି ହିଁ ପୁରୁଷଙ୍କର ଅଧିକ । ଆଉ ତାହାକୁ ସହ୍ୟ କରିବାର କ୍ଷମତା ନାରୀର ଅନେକ ବେଶୀ । ପୁରୁଷଙ୍କ ନିକଟରେ କିନ୍ତୁ ତାହା ବିରଳ । ଏହା ସମସ୍ତ ନାରୀଜାତିର ପ୍ରକୃତିଗତ ଗୁଣ । କେତେଜଣ ପଣ୍ଡିତ ଶାସ୍ତ୍ରକାର ଏହାର ଖବର ରଖିଥାନ୍ତି ବା ରଖନ୍ତି ? ଅବଶ୍ୟ ଏଥିରେ ତାରତମ୍ୟ ଅଛି– କିନ୍ତୁ ସମଷ୍ଟିଭାବରେ ଯାହା ପ୍ରକୃତିଗତ ଗୁଣ, ତାହାକୁହିଁ ତ ଗ୍ରହଣ କରିବାକୁ ପଡ଼ିବ । ପ୍ରକୃତରେ ସଂଯମ ହିଁ ନାରୀର ଏକ ବୈଶିଷ୍ଟ୍ୟ । ତେବେ ସୁଯୋଗ ମିଳିଲେ ପୁରୁଷମାନେ ଯେତେ ଅଧିକ ବିପରୀତ ପଥଗାମୀ ହୁଅନ୍ତି, ନାରୀମାନଙ୍କ ମଧ୍ୟରେ ତଦ୍ରୂପ ହେବାଟା ମଧ୍ୟ ସମ୍ଭବ । ସେସବୁ କେବଳ ଅସାଧାରଣ କ୍ଷେତ୍ରରେ ଘଟେ, ସେ କଥାକୁ ବାଦ୍ ଦେବାକୁ ପଡ଼ିବ ।''

''–ଆଚ୍ଛା, ଏଇ ଯେଉଁ ନାରୀର ପ୍ରକୃତିଗତ ଗୁଣର କଥା କହିଲେ, ଏସବୁ କ'ଣ ଆମ ସମାଜରେ ନାରୀ କ୍ଷେତ୍ରରେ କଠିନ ନିୟମ ବିଧିବଦ୍ଧ ହେବା ଫଳରେ ହୋଇନାହିଁ ?''

''–ଯେତେବେଳେ ଏ ଦେଶରେ ନାରୀ କ୍ଷେତ୍ରରେ କଠିନ ନିୟମ ନଥିଲା ଅଥବା ନାରୀ କ୍ଷେତ୍ରରେ ଯେଉଁ ଦେଶରେ କଠିନ ନିୟମ ବିଧିବଦ୍ଧ ଭାବରେ ନାହିଁ, ମିଳାଇ ଦେଖିବ, ଏହି ସମସ୍ତ ନାରୀଜାତିର କ୍ଷେତ୍ରରେ ପ୍ରକୃତିଗତ ଗୁଣ ସମାନ କି ନୁହେଁ । ଯେଉଁଠାରେ ନାରୀର ସ୍ୱାଧୀନତା, ଯେଉଁଠାରେ ବାହ୍ୟ ଲୁଗାପଟା ବଦଳାଇବା ପରି ବାହ୍ୟ ପ୍ରକୃତିର କିଛିକିଛି ଅଦଳବଦଳ ହୁଏତ ହୋଇଥାଇପାରେ, କିନ୍ତୁ ଯେଉଁ ଗୁଣ ନେଇ ନାରୀ-ହିଁ-ନାରୀ, ସେ କ୍ଷେତ୍ରରେ ସବୁ ଠିକ୍ ଥାଏ, ପ୍ରକୃତି ଏହି ଭାବରେ ଏହି ନାରୀଜାତିକୁ ଗଢ଼ିଛନ୍ତି ।''

''–ଆଚ୍ଛା, ଏବେ କହନ୍ତୁ ଆମ ସମାଜରେ ଯେପରି ବିବାହର ଚଳଣି, ତନ୍ତ୍ରମତରେ ସାଧନା କରିବାକୁ ଗଲେ ସେହି ବିବାହିତା ସ୍ତ୍ରୀକୁ ନେଇ ସାଧନ କ'ଣ ହୋଇପାରିବ ନାହିଁ ?''

''—ଏବେ ଯଦି ବିବାହିତ କୌଣସି ବ୍ୟକ୍ତି ହଠାତ୍ ତାନ୍ତ୍ରିକ ସାଧନ ଗ୍ରହଣ କରେ, ତାକୁ ଦେଖିବାକୁ ହେବ, ସେହି ସ୍ତ୍ରୀ ଉପରେ ତାହାର ପୂର୍ଣ୍ଣ ଭଲପାଇବା ଅଛି ନା ନାହିଁ, ତା' ଉପରେ ଆସ୍ଥା ରଖାଯାଇ ପାରିବ କି ନାହିଁ । ସେହି ସ୍ତ୍ରୀକୁ ଯଦି ପ୍ରସ୍ତୁତ କରାଯାଇପାରେ ତେବେ ତାକୁ ହିଁ ନେଇ ସାଧନ କରିବାରେ ବାଧା କ'ଣ ? ପ୍ରକୃତରେ ମୂଳରୁ ଯିଏ ତାନ୍ତ୍ରିକ ସେମାନେ ତନ୍ତ୍ରମତରେ ସ୍ତ୍ରୀ ଗ୍ରହଣ କରିବେ । ଯିଏ ପୂର୍ଣ୍ଣ-ଯୌବନା, ମନୋମତ ଶକ୍ତିଧାରିଣୀ ଓ ଯାହା ସହ ତାଙ୍କର ଭଲପାଇବା ରହିଛି, ତାକୁ ନେଇ ସାଧନ ହୋଇପାରିବ । ମୋଟ୍ ଉପରେ ତନ୍ତ୍ରରେ ନର-ନାରୀର ସ୍ୱାଭାବିକ ମିଳନର ନିୟମ ହିଁ ଧରାଯାଇଛି । ହିନ୍ଦୁମାନଙ୍କର ଯେପରି ବିବାହ କାର୍ଯ୍ୟ ହୁଏ, ତାହା ତ ସ୍ୱାଭାବିକ ନୁହେଁ । ଯୌବନର ପୂର୍ବେ ଯେଉଁ ବିବାହ, ତାହାର ଦୋଷ ଅନେକ । କେବଳ ଏକ ଅମାନୁଷିକ ଉଦ୍ଦେଶ୍ୟର ବଶବର୍ତ୍ତୀ ହୋଇ ହିନ୍ଦୁମାନେ ସେମାନଙ୍କ ସମାଜରେ ଏହି ଭଳି ବିବାହକୁ ପ୍ରଶ୍ରୟ ଦେଇଛନ୍ତି । ସେପରି ବିବାହ ସିଦ୍ଧ ନୁହେଁ, ଅନ୍ତତଃ ଆମ ବିଚାରରେ ନୁହେଁ । ପ୍ରକୃତି ମଧ୍ୟ ସେହିପରି ଚାହେ ନାହିଁ, ଏବେ ଦେଖୁଛନା, କାହିଁକି ଓ କିପରି ତାହାର ବିଘ୍ନ ଘଟୁଛି ? ଅଟକାଇବାରେ ଶକ୍ତି ନାହିଁ କାହାର । ସେପରି ବିବାହ ବ୍ୟାପାରରେ ତୁମମାନଙ୍କର ହିନ୍ଦୁ ସମାଜର ହୀନତା ମନୁଷ୍ୟତ୍ୱର ସୀମାକୁ ବହୁକାଳରୁ ହିଁ ଛାଡ଼ି ଚାଲିଯାଇଛି । ଜଗତ-ଚକ୍ଷୁରେ କେତେ ହୀନ ଅସ୍ଥିରମତି ଜୀବ ସେମାନେ ! ଯେଉଁ ସମାଜ ବିବାହର ପବିତ୍ର ମିଳନ ବ୍ୟାପାରକୁ ନେଇ ଅର୍ଥର ସମ୍ବନ୍ଧ ରଖେ, ତାହା କ'ଣ ଏକ ସଭ୍ୟ ସମାଜ ? ଯେଉଁ ଦୁରାଚାରୀଗଣ ଏହାକୁ ପ୍ରଶ୍ରୟ ଦେଇଥାନ୍ତି, ସେମାନେ ଚୋର-ଡକାୟତଠାରୁ ବହୁ ଗୁଣରେ ନିନ୍ଦନୀୟ ନୁହନ୍ତି କି ? ସତ କୁହ ଦେଖି ? ଆମ ବଙ୍ଗଳାର ନାରୀଙ୍କ ସଙ୍ଗେ ଅନ୍ୟାନ୍ୟ ଦେଶର ନାରୀଙ୍କୁ ତୁଳନା କର, ଦେଖିବାକୁ ପାଇବ—ଲୁଗାପଟା, ଆଚାର-ବ୍ୟବହାର, ଏ ସମସ୍ତ ବାହ୍ୟ କ୍ଷେତ୍ରରେ କେତେ ପାର୍ଥକ୍ୟ—ତା'ଛଡ଼ା ସ୍ୱାସ୍ଥ୍ୟବାନ ସ୍ତ୍ରୀ-ଶରୀର ଏ ଦେଶରେ କେତେ କମ୍ । ଏ ଦେଶର ବାଟରେଘାଟରେ ଯେଉଁ ସ୍ତ୍ରୀଲୋକ ଦେଖାଯାଆନ୍ତି, ସେମାନଙ୍କର ରୂପ କଥା ଛାଡ଼ି ଦିଅ, କେବଳ ଶରୀରର ସ୍ୱାସ୍ଥ୍ୟ ଦିଗରୁ ସେମାନେ କେତେ ଦୁର୍ବଳ, ଏହା କ'ଣ ଏ ଦେଶର ପୁରୁଷମାନଙ୍କ ଆଖିରେ ପଡ଼େ ନାହିଁ ! ଉଚ୍ଚ ଜାତିରୁ ଦେଖାଦେଖି ଛୋଟ ଜାତିର ଲୋକେ ମଧ୍ୟ ଏଠାରେ ଶିଶୁ ଓ ବାଳିକା-ବିବାହ କରିଦେଇ ନିଜ ଜାତିର ଓ ସମାଜର ସର୍ବନାଶ କରୁଛନ୍ତି । ମନେ ପକାଅ ତ, ତିରିଶ-ପଇଁତିରିଶ ବର୍ଷ ବୟସ ଚଷାର ଏକ ସାତ-ଆଠ ବର୍ଷର ବୋହୂ । ଏହି ଜାତିର ଅସ୍ଥିର-ପାଗଳ-ମତିଗତି କଥା ଭାବି ପାରୁଛ, କେଉଁଠାରେ ଏପରି ବିଚାରଧାରା କ'ଣ ଅଛି ? ଛି' ଛି—କୁହ, ତୁମକୁ କହିବାକୁ ପଡ଼ିବ, ତୁମ ହିନ୍ଦୁ ସମାଜ ଲାଗି ଗୌରବ କରିବାର କିଛି ଅଛି, କୁହ !''

ଦେଖିଲି, ମାତା ଟିକିଏ ଉତ୍ତେଜିତ ହୋଇପଡ଼ିଛନ୍ତି । କହିଲି, ''ମା' ଜଗଦମ୍ବା କ'ଣ ସନ୍ତାନର ଏତେ ଦୁର୍ଗତି ଦେଖିବେ ? ଏହାର କ'ଣ ସେ କିଛି ଉପାୟ କରିବେ ନାହିଁ ?''

"—ସନ୍ତାନ ହୋଇଥିଲେ କରିଥାନ୍ତେ ବୋଧହୁଏ—କିନ୍ତୁ ଏମାନେ ସବୁ ଯେ ସୟତାନ । ସମାଜ ଉପରେ କର୍ତ୍ତୃତ୍ୱ ଜାହିର୍ କରିବାର ଶକ୍ତି ପାଇ ସୟତାନ ହୋଇପଡ଼ିଛନ୍ତି, ତାଙ୍କୁ ବା ତାଙ୍କର ସହଜ ନିୟମଗୁଡ଼ିକୁ ମାନୁଛନ୍ତି କେଉଁଠୁ ? ଏମାନେ ଯେ ସେହି ପାପର ଦାନବଙ୍କୁ ଅହଙ୍କାର ଦ୍ୱାରା ନିଜ ମଧ୍ୟରେ ପ୍ରାଣଶକ୍ତି ଦେଇ ସେମାନଙ୍କୁ ଜୀବନ୍ତ ସଂହାରର ମୂର୍ତ୍ତି କରି ଦେଇଛନ୍ତି, ଆଉ ପ୍ରତ୍ୟେକ ଧର୍ମ-ମନ୍ଦିରର ଦ୍ୱାରରେ ବସି ଯାତ୍ରୀମାନଙ୍କୁ ଶାସନ କରୁଛନ୍ତି । ପ୍ରକୃତିର ନିୟମକୁ କିପରି ଭାଙ୍ଗୁଛନ୍ତି ଅକଲ୍ୟାଣକୁ କିପରି ଭାବରେ ଡାକି ଆଣୁଛନ୍ତି ଦେଖି ପାରୁନାହିଁ ? ସେ ତାଙ୍କର ପ୍ରତ୍ୟେକ ହସ୍ତରେ କେତେ ଯେ ସମ୍ଭାଳି ନେଉଛନ୍ତି, ତାହା ଏହି ମୋହଗ୍ରସ୍ତ ସମାଜର ମନୁଷ୍ୟ ଚକ୍ଷୁରେ ପଡୁନାହିଁ । ତାଙ୍କ ନିୟମର ପୂର୍ଣ୍ଣ ବ୍ୟତିକ୍ରମ ଅନ୍ୟ କୌଣସି ସମାଜରେ ଘଟିପାରିବ ନାହିଁ ।"

"—ଏହା ତ ଆମ ହିନ୍ଦୁ-ସମାଜ ମଧ୍ୟରେ ଘଟିଚାଲିଛି, ତାହା ଦେଖିବାକୁ ପାଉ । ଏହି ସମାଜରେ ଶିଶୁ, ବାଳିକା, କିଶୋରୀ ବିବାହ ବହୁକାଳରୁ ଚଳିଆସୁଛି, କଠିନ ଅବରୋଧ-ପ୍ରଥା ଆଜିକାଲିର ନୁହେଁ, ଏସବୁ ବହୁ ଦିନରୁ ଚାଲିଛି ଏ ଦେଶରେ, ହିନ୍ଦୁରାଜ୍ୟର ପତନ ପରଠାରୁ ହିଁ ଧରିବାକୁ ହେବ ।"

—ଯେବେଠାରୁ ଏସବୁ ହୋଇଛି, ସେତେବେଳ ଠାରୁ ତନ୍ତ୍ର-ଧର୍ମର ସମାଜ ତା'ର ପାଖେପାଖେ ମଧ୍ୟ ଚାଲୁଥିଲା । ସମାଜର ସବୁ ସ୍ତରର ମନୁଷ୍ୟକୁ ପଙ୍ଗୁ କରି ନାହିଁ—ଗୋଟିଏ ଦିଗରେ ପଥ ଉନ୍ମୁକ୍ତ ଥିଲା । ଯେଉଁମାନେ ହିନ୍ଦୁର ମୂଳ-ସମାଜରେ କଠୋରତା ମଧ୍ୟରେ ତିଷ୍ଠି ରହିପାରିଲେ ନାହିଁ, ସେମାନେ ଶିବଙ୍କର ତନ୍ତ୍ର-ଧର୍ମକୁ ଆଶ୍ରୟ କରି ମୁକ୍ତ ଭାବେ ଜୀବନ କଟାଇ ପାରିଥାନ୍ତେ ।"

"କିନ୍ତୁ ଚୈତନ୍ୟଙ୍କ ସମୟରେ ଯେ ତାନ୍ତ୍ରିକମାନଙ୍କୁ ପାଷଣ୍ଡ ବୋଲି କୁହାଯାଉଥିଲା !"

"—ଧର୍ମରାଜ୍ୟରେ ସେତେବେଳେ ଯେ ସେ ନୂତନ ଆଲୋକ ଦେଖାଇଥିଲେ । ତନ୍ତ୍ର-ଧର୍ମ ପ୍ରଥମ ଅବସ୍ଥାରେ ଯେପରି ଉଦାର ଥିଲା, ବ୍ରାହ୍ମଣମାନଙ୍କ ହାତରେ ପଡ଼ି ଶେଷରେ ତାହା ସଂକୀର୍ଣ୍ଣ ହୋଇପଡ଼ିଥିଲା । ସେଥିଲାଗି ବ୍ୟଭିଚାର ପଶିଥିଲା ଶିବ ତନ୍ତ୍ରସାଧକର ମଧ୍ୟରେ । ସେହି ସମୟରେ ଏହି ଧର୍ମ ଅଧିକାଂଶ ଭାବେ ନିସ୍ତେଜ ହୋଇପଡ଼ିଥିଲା । ତା ଛଡ଼ା ଇଂରେଜମାନେ ଆମମାନଙ୍କୁ ଅର୍ଦ୍ଧସଭ୍ୟ, ବର୍ବର ଇତ୍ୟାଦି କହୁଥାନ୍ତି । ଗୋଟିଏ ଧର୍ମର ଗୋଡ଼ାଣିଆମାନେ ଅନ୍ୟ ଧର୍ମାବଲମ୍ବୀଙ୍କୁ ପାଷଣ୍ଡ ବା ବିଧର୍ମୀ କହିଥାଆନ୍ତି—ମୁସଲମାନ-ମାନେ ହିନ୍ଦୁମାନଙ୍କର ଅବିଶ୍ୱାସୀ । ପୌତ୍ତଳିକମାନେ କେତେ କ'ଣ କହନ୍ତି, ସତେ ଯେପରି ଭଗବତ-ବିଶ୍ୱାସ ସେମାନଙ୍କର ଏକଚାଟିଆ ସମ୍ପତ୍ତି ।"

"—କିନ୍ତୁ ଇଂରେଜ ଅମଳରେ ଯେ ତନ୍ତ୍ରଧର୍ମରେ ଭଙ୍ଗା ପଡ଼ିଗଲା, ଅର୍ଥାତ୍ କହିଲେ ହେବ, ସମାଜର ଶରୀର ମଧ୍ୟରେ ହଜମ ହୋଇଗଲା । ଏବେ ଏହି ହିନ୍ଦୁଧର୍ମର ପାଖାପାଖି ମୁକ୍ତ ସମାଜ ତ କାହିଁ ଦେଖାଯାଏ ନାହିଁ ?"

"—କାହିଁକି ଦେଖାଯିବ ନାହିଁ ? ତମେ କ'ଣ କହିବାକୁ ଚାହଁ ପ୍ରକୃତିର ସହଜ ମୁକ୍ତ ନିୟମର ଧାରା ଏ ଦେଶର ବା ସମାଜରେ ପୂରାପୂରି ଭାବେ ରଦ୍ଦ ହୋଇଯାଇଛି ? ପ୍ରଥମେ ଖ୍ରୀଷ୍ଟିଆନ-ସମାଜ ଆସିଲା, ତା'ପରେ ସେହି ଖ୍ରୀଷ୍ଟିଆନ-ସମାଜ ବଦ୍ଧ ହିନ୍ଦୁ ସମାଜ ନିକଟକୁ ଆସି ଦେହରେ ଦେହ ଠେସି ଠିଆହେଲା, ଯାହା ଫଳରେ ବ୍ରାହ୍ମ-ସମାଜର ଆବିର୍ଭାବ । ତାହା ନ ହେଲେ ଉଦାରପ୍ରାଣ ମନୁଷ୍ୟମାନେ ଏ ଦେଶରେ ବଞ୍ଚିବେ କିପରି ! ସେହି ଘୋର ପୁତିଗନ୍ଧମୟ ଗଳିତ ସମାଜର ଆବହାଓ୍ୟାରେ ସ୍ୱାସ୍ଥ୍ୟକାମୀ ମନୁଷ୍ୟମାନେ, ଯାହାର ଶକ୍ତି ଅଛି, ସେମାନେ କେବେ ରହିପାରିଥାନ୍ତେ ? ରାମମୋହନଙ୍କ ସମୟ ପର୍ଯ୍ୟନ୍ତ ତନ୍ତ୍ରର ପ୍ରଭାବ ଦେଶର ସଭ୍ୟ ସମାଜରେ ଥିଲା । ଏବେ ମଧ୍ୟ ଯେ ତାହା ନାହିଁ, ସେକଥା ନୁହେଁ । ସୁବୁଦ୍ଧି ହେଲେ, ଏହାର ସଂସ୍କାର କରିନେଇ ସମାଜଜୀବନକୁ ଏବେ ବଳଶାଳୀ କରାଯାଇ ପାରିବ ତ ?"

"କରିପାରିଲେ ତ ହେବ, କିନ୍ତୁ ହିନ୍ଦୁଙ୍କର ଏବେ ମଧ୍ୟ ବ୍ରାହ୍ମଣଙ୍କ ଉପରେ ବିଦ୍ୱେଷ ରହିଛି, ଯଦିଓ ଏବେ ଅନେକ ହିନ୍ଦୁ ସ୍ତ୍ରୀ-ଜାତିର ଉନ୍ନତିକଳ୍ପେ ଅନେକ କିଛି ଉଦାର ଭାବ ଆତ୍ମସାତ୍ କରି ପକାଇଛନ୍ତି । ଯାହା ହେଉ, ଆମେ ଅସଲ ତନ୍ତ୍ରର କଥାଠାରୁ ଅନେକ ଦୂରକୁ ଚାଲିଯାଉଛୁ । ଏବେ କହନ୍ତୁ, ବିବାହ କଥାକୁ ଛାଡ଼ି ଦେଇ, ତନ୍ତ୍ରରେ କିପରି ସ୍ତ୍ରୀକୁ ନେଇ ସାଧନ ଚାଲିପାରେ ?"

ସେ କହିଲେ, "ମୋର ଏବେ ଉଠିବା ସମୟ ହେଲା, ଏହି ଦେଖ ଖଣ୍ଡ ଭୈରବ ମଧ୍ୟ ଆସିଲେଣି ।'

ମୁଁ କହିଲି, "ହେଉ ହେଲା, ଆପଣ ପରା କାଲି ଚାଲିଯାଉଛନ୍ତି, ଆଜି ମୋତେ ଆଉ କିଛି କହିଯାଆନ୍ତୁ ।"

ଖଣ୍ଡ ଭୈରବ ଆସିବାରୁ ସେ ତାଙ୍କୁ ପ୍ରଶ୍ନ କଲେ, "ସିଏ ତୁମକୁ ପୁଣି କ'ଣ କହୁଥିଲା ?"

ସେ କହିଲେ, "ସିଏ କହୁଥିଲେ, ମୋ' ଉପରେ ମା' ଅନର୍ଥକ ରାଗ କରୁଛନ୍ତି, ମୋ'ର ମୂଳ ଉଦ୍ଦେଶ୍ୟ ହେଲା ସାଧନ, ଆଉ କିଛି ମତଲବ୍ ନେଇ ତ ମୁଁ ଏଠାକୁ ଆସିନାହିଁ—"

ବିରକ୍ତ ଭାବେ ମହେଶ୍ୱରୀ କହିଲେ, "ତା'ର ମୁଣ୍ଡ ଗଣ୍ଡି ସାଧନ ! ନିଆଁପାଉଁଶ ତା'ର ସାଧନାର ଉଦ୍ଦେଶ୍ୟ ! ସ୍ତ୍ରୀକୁ ଛାଡ଼ି ସାଧନ ହେବ କିପରି, ତାକୁ ପୁଣି ପରାଶ୍ରୟେ ଛାଡ଼ିଦେଇଆସି..."

"—ସେ କହେ ଯେ ଏଠାରୁ ଆଉ ଏକ ଭୈରବୀ ଯୋଗାଡ଼ କରି ନେଇ ସାଧନ କରିବ—"

କ୍ରୋଧରେ ଆରକ୍ତଚକ୍ଷୁ ହୋଇ ଭୈରବୀ କହିଲେ, ''ସେ ଛେଳିଟାକୁ କହି ଦେଇ ଆସ, ସେ ଯେପରି ନିଜକୁ ଭୈରବ ବୋଲି କହି କାହା ପାଖରେ ପରିଚୟ ନ ଦେଉ । ତା'ର ଯାହା ମତଲବ୍, ତାହା ଧର୍ମ ନୁହେଁ । ଏହାର ଫଳ ସ୍ୱରୂପ ତାକୁ ବହୁ ଦୁର୍ଗତି ଭୋଗିବାକୁ ପଡ଼ିବ । ସାଧନ ନାମରେ ସେ ଯେଉଁ ମହାପାତକ ସଞ୍ଚୟ କରୁଛି, ସେଥିପାଇଁ ଅନନ୍ତ ନରକରେ ସ୍ଥାନ ରହିଛି । ଯାଅ, ତାକୁ ଏହିସବୁ କଥା କହି ତା'ପରେ ତୁମେ ସେଠାକୁ ଚାଲିଯାଇ ଉଦ୍ୟୋଗ କରି ରଖ, ମୁଁ ଦଣ୍ଡ-ଦୁଇ ଦଣ୍ଡ ପରେ ଯାଉଛି ।''

ସେ ଚାଲିଗଲେ ।

ମୋ' ଆଡ଼କୁ ଚାହିଁ ଭୈରବୀ କହିଲେ, ''ଦେଖ, ଏ ଜାନୁଆର ମଣିଷ ହୋଇ ଏଠାକୁ ଆସି ମଧ୍ୟ ଠିକ୍ ସେହି ଜାନୁଆର ପରି ହିଁ ଚଳୁଛି । ତା'ର ଧାରଣା ହୋଇଯାଇଛି ଯେ ଯେତେବେଳେ ନାଇଁ ସେତେବେଳେ ଯଥେଚ୍ଛା ଶକ୍ତିକୁ ତ୍ୟାଗ କରାଯାଇ ପାରିବ । ଏହିମାନେ ହିଁ ତ ବ୍ୟଭିଚାରୀ—ଏମାନଙ୍କପରି ଲୋକଙ୍କ ପାଇଁ ତ ତନ୍ତ୍ରର ମହତ ଭାବ ସାଧାରଣଙ୍କ ନିକଟରେ ଏତେ ବେଶୀ ଘୃଣା ସୃଷ୍ଟିକରିଛି ।''

ମୁଁ କହିଲି, ''ଏ ଲୋକଟି ଯେ ସବୁ ଛାଡ଼ି ପଳେଇଆସିଛି, ତାହାର ମୂଳ କାରଣ କ'ଣ ? ଅବଶ୍ୟ ପିଲାପିଲି ହେଲେ ସେମାନଙ୍କୁ ଯୋଗ୍ୟ କରିବାର କ୍ଷମତା ନଥିବା ଦେଖିଲେ ଅନ୍ୟ କାହା ଉପରେ ବୋଝ ଲଦିଦେଇ ଚାଲିଆସିବା ସବୁ ସମାଜରେ ଗୋଟିଏ ଶ୍ରେଣୀର ଲୋକଙ୍କ ମଧ୍ୟରେ ରହିଛି—ଆମେ ତାହା ଦେଖିବାକୁ ପାଉ—କିନ୍ତୁ ଏହି ବ୍ୟକ୍ତିଟି ଅନ୍ୟ ପ୍ରକାର କଥା କହୁଛିକିନା, ସେଥିଲାଗି ମୁଁ ପଚାରୁଛି ।''

''ତୁମେ କ'ଣ ଦେଖିନାହଁ, ଏକ ଧରଣର ବ୍ୟକ୍ତି ଅଛନ୍ତି ଯିଏ ସଂସାରର କୌଣସି ଦାୟିତ୍ୱ ବା ବୋଝ କାନ୍ଧରେ ବୋହିପାରନ୍ତି ନାହିଁ, ଅଥଚ ନାନା ଫୁଲରୁ ମହୁ ପାନ କରି ଘୂରିବୁଲିବାର ପ୍ରବୃତ୍ତି ତାଙ୍କର ପ୍ରବଳ,—ଏମାନେ ସେହି ଧରଣର ଲୋକ । ସେମାନଙ୍କ ମୁଣ୍ଡକୁ ଏତିକି ଢୁକେ ନାହିଁ ଯେ, ଶକ୍ତି ଥାଉଥାଉ କର୍ତ୍ତବ୍ୟ ପାଳନ ନ କଲେ ତାହାର ପ୍ରତ୍ୟବାୟ ଅଛି, ଗୋଟିଏ ଦଣ୍ଡ ଅଛି, ଯାହାକୁ ଏଡ଼ାଇ ହେବ ନାହିଁ । ନାରୀଙ୍କୁ ନେଇ ଭୋଗ କରିପାରିବ, କିନ୍ତୁ ସନ୍ତାନ ହେଲେ ଲାଳନପାଳନ କରି ପାରିବ ନାହିଁ । ଧର୍ମ କହିଲେ, ସେଥିରେ ଯେତିକି ସୁଖ-ସୁବିଧା ଅଛି, ସେତକ ସେମାନେ ନେବେ, ଅସୁବିଧା ହେଲେ ସେହି ଧର୍ମ ସଙ୍ଗେ ସେମାନଙ୍କର ପଟିବ ନାହିଁ ।''

''—ଆଚ୍ଛା ତାନ୍ତ୍ରିକ ହେଲେ କ'ଣ ଅର୍ଥୋପାର୍ଜନର ବ୍ୟବସ୍ଥା ଅଛି ?''

''—ଟଙ୍କା ଉପାର୍ଜନ ଆଜିକାଲିକା ସମୟରେ ନ କଲେ ସନ୍ତାନ ପ୍ରତିପାଳନ, ଗ୍ରାସାଚ୍ଛାଦନ ଚଳିବ କିପରି ?''

''ତନ୍ତ୍ରମତର ସାଧନ କରିବାକୁ ଗଲେ କ'ଣ ଅର୍ଥୋପାର୍ଜନ ସମ୍ଭବ ? ଯଦି ହୁଏ ତାହା କ'ଣ ତା'ର ବୃତ୍ତି ହେବ କି ?''

"—ସବୁ ଧର୍ମ ଭିତରେ ଦୁଇଟି ଶ୍ରେଣୀ ଦେଖାଯାଏ । ପ୍ରଥମ ଶ୍ରେଣୀ, ଯେଉଁମାନେ ଧର୍ମକୁ ମୁଖ୍ୟ ବୋଲି ଗ୍ରହଣ କରିଛନ୍ତି—ଐକାନ୍ତିକତା ଯଦି ଥାଏ, ଆଉ ଯୌବନର ସ୍ୱାଭାବିକ ଭୋଗଲିପ୍ସାର ପ୍ରବଳ ଆକର୍ଷଣ ନ ଥାଏ, ତା'ହେଲେ ଅର୍ଥ ଉପାର୍ଜନର ପ୍ରଶ୍ନ ଉଠେ ନାହିଁ । ସେମାନେ ଯେଉଁ ଟିକକ ନିତାନ୍ତ ପ୍ରୟୋଜନୀୟ, ତାହା ସେମାନଙ୍କୁ ସହଜରେ ମିଳିଥାଏ— ଆଉ ଦ୍ୱିତୀୟ ଶ୍ରେଣୀର ବ୍ୟକ୍ତି ବା ସାଧକ, ଯାହାଙ୍କର ଧର୍ମ ମୁଖ୍ୟ ନୁହେଁ— ସେମାନଙ୍କର ଧର୍ମ ମଧ୍ୟ ଦରକାର, ଅର୍ଥ ମଧ୍ୟ ଦରକାର । ସେମାନେ ଶକ୍ତି ଆହରଣ କରି ସଂସାରୀ ହୋଇପଡ଼ନ୍ତି । ପିଲାପିଲି ସେମାନଙ୍କର ହୁଅନ୍ତି । ସେମାନଙ୍କର ଭରଣପୋଷଣ ଲାଗି କୌଣସି ଏକ ସତ୍‌ବୃତ୍ତିକୁ ଅବଲମ୍ବନ କରି ଗ୍ରାସାଚ୍ଛାଦନ ଚଳାଇନିଅନ୍ତି । ଅର୍ଥଟି ଭାଗ୍ୟର ଫଳ, ସମ୍ପୂର୍ଣ୍ଣ ପୁରୁଷାର୍ଥର ଫଳ ନୁହେଁ—ମୁଁ ତ ଅନେକ ତାନ୍ତ୍ରିକ ଦେଖିଛି, ଯେଉଁମାନେ ପିଲାପିଲି ନେଇ ଘର କରନ୍ତି, ମହାଧନବାନ, ବିସ୍ତର ଭାବେ ଲୋକଙ୍କୁ ଖାଇବାପିଇବା ଦେଉଛନ୍ତି, ପୁଣି ସାଧନ ମଧ୍ୟ ସେମାନଙ୍କର ବେଶ୍ ଭଲ ଚାଲିଥାଏ । ସବୁ ଧର୍ମ ମଧ୍ୟରେ ଏପରି ଅଛି ।"

ମୁଁ ପ୍ରଶ୍ନ କଲି, "ଏହି ଯେଉଁ ଲୋକଟି କଥା ଆଲୋଚିତ ହେଉଛି, ଯାହା ଉପରେ ଆପଣ ଏତେ ବିରକ୍ତ ହୋଇଛନ୍ତି, ତା'ର କ'ଣ କରିବା ଉଚିତ୍ ଥିଲା କ'ଣ କରିଥିଲେ..."

"—ହଁ ହଁ, ବୁଝିଲି ତୁମ କଥା—ସେ ଯଦି ଯଥାର୍ଥ ଧର୍ମକୁ ରଖିବାକୁ ଚାହେଁ, ତା'ହେଲେ ନିଜ ଶକ୍ତିକୁ ନେଇ ଦୁରବସ୍ଥାରେ ଥାଇ ତାହାର ସାଧନ କରିବା ଉଚିତ୍; କିନ୍ତୁ ସେ ତାକୁ ଏଡ଼ାଇବାକୁ ଚାହିଁଛି, ଝିଞ୍ଜଟ ବୋଲି ଭାବି ଛାଡ଼ିବାକୁ ଚାହିଁଛି, ସେହିସବୁ ଗୋଳମାଳ ନଥାନ୍ତା, ସବୁ ନିରାକରଣ ହୋଇପାରୁଥାନ୍ତା, କାରଣ ତା' ଦ୍ୱାରା ତାହାର ଶକ୍ତି, ତା'ର ସହାୟ ଥାଆନ୍ତା, ଦୁଇଜଣଙ୍କ ମନୋବଳ ଦ୍ୱାରା ଦୁରବସ୍ଥା କଟାଇବାକୁ ବେଶୀ ସମୟ ଲାଗି ନଥାନ୍ତା । ଏବେ ସେମାନଙ୍କୁ ଛାଡ଼ି ଆସି ସେ କ'ଣ କଲା ? ନିଜର ଶକ୍ତି, ଯାହାର ସହାୟ ଦ୍ୱାରା ତା'ର ଇଷ୍ଟଲାଭ ସହଜ ହୋଇଥାନ୍ତା, ତାହାର ସେ ଶତ୍ରୁ ହେଲା, ତଦ୍ୱାରା ସେ ନିଜର ସର୍ବନାଶ ପଥରେ ଆଗେଇଗଲା, ବିପଦକୁ ଡାକିଆଣିଲା, ଏକଥା ସେ ବୁଝିଲା ନାହିଁ ।"

ମୁଁ କହିଲି, "ସ୍ତ୍ରୀ ବା ଶକ୍ତି ସଙ୍ଗେ ମନୋମାଳିନ୍ୟ ହେଲେ ଯେ ଆପଣମାନଙ୍କ ଧର୍ମରେ ଶକ୍ତିତ୍ୟାଗର ବିଧି ଅଛି—"

"—ଜଣଙ୍କ ଦ୍ୱାରା ମନୋମାଳିନ୍ୟ ହେଲେ ତ ହୁଏ ନାହିଁ; ଦୁଇଜଣଙ୍କର ହେବା ଦରକାର, ତେବେ ସିନା ସେଥିରେ ଭଲ ହେବ । ନ ହେଲେ ଜଣେ ସ୍ୱାର୍ଥପର ହୋଇ ଜଣକୁ ତ୍ୟାଗ କରିବ, ଯାହାକୁ ତ୍ୟାଗ କରିବାକୁ ଚାହୁଁଛି, ସେ କିନ୍ତୁ ତାକୁ ଏବେ ମଧ୍ୟ ଅବଲମ୍ବନ କରି ରହିଛି, ଭଲପାଇବା ଦେଇ ବେଶ୍ ଦୃଢ଼ ଭାବରେ ଧରି ରଖିଛି, ତୁମେ ଛାଡ଼ିଦେଲେ କ'ଣ ସେ ଛାଡ଼ିବା ସାବ୍ୟସ୍ତ ହେବ ? ଜଗଦମ୍ବାଙ୍କ ଧାରାରେ ତ ସେପରି ଗୋଳମାଳ ନାହିଁ—ତାଙ୍କର ଯେ ସହଜ, ସରଳ, ସିଧା ହିସାବ ! ସେ ବେଟା ଅସଲ ଭଣ୍ଡ

ବଦମାସ । ମୁଁ ତାକୁ ଜାଣେ, ତା'ର ଶକ୍ତିକୁ ମଧ୍ୟ ଜାଣେ । ସେ କିନ୍ତୁ ଖୁବ୍ ଭଲ ସ୍ତ୍ରୀଲୋକ, ସେ ତାକୁ ଭଲପାଏ, ଏତେଦିନ ଧରି ପିଲାଙ୍କୁ ନେଇ କେତେ କଷ୍ଟ ପାଇ ଘରସଂସାର କରିଛି । ପେଟପୂରା ଖାଇବାକୁ ପାଇନାହିଁ, ପିନ୍ଧିବାକୁ ଖଣ୍ଡେ ଭଲ ଲୁଗା ମଧ୍ୟ କେବେ ପାଇନାହିଁ । ୟାର କିନ୍ତୁ ସବୁଦିନେ ମଦ ଦରକାର, ମାଂସ ଦରକାର, ଆଉ ସବୁ କ୍ୟେତେ କ'ଣ ଦରକାର । ଜଣେ ଜମିଦାରଙ୍କର ଗୁମାସ୍ତା କାମ କରୁଥିଲା, ଜଣେ ମହାଜନର ଦୋକାନରେ ହିସାବକିତାବ କରିଦେଉଥିଲା, ସେଥିଲାଗି ଦଶଟଙ୍କା ପାଉଥିଲା । ଏହି ରୋଗ ତା'ର କେବଳ ଆତ୍ମସୁଖସର୍ବସ୍ୱ । ସେ ନିଜ ଛଡ଼ା ଆଉ କାହାକୁ ଦେଖିବ ନାହିଁ, ତା'ର ଧର୍ମଲାଭ କିପରି ହୋଇପାରେ, ଥରେ ବୁଝି ଦେଖ ।''

''—ଏହିଥିରୁ ସନ୍ଦେହ ହୁଏ ଯେ, ପ୍ରକୃତି ମା', ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ମିଳନର ଯୋଗାଯୋଗ ସବୁ ସମୟରେ ଠିକ୍ ରୂପେ କରାଇ ନଥାନ୍ତି । ଏହିପରି ମିଳନର ବୈଷମ୍ୟ ମୁଁ ବହୁ କ୍ଷେତ୍ରରେ ଦେଖିଛି । ବେଶୀ କହି ଲାଭ କ'ଣ—ମୋ' ପିତାମାତାଙ୍କଠି ମଧ୍ୟ ଦେଖିଛି । ମା' ମୋ'ର ଶାନ୍ତ ଧୀର ପ୍ରକୃତିର, ମୁହଁରୁ କଥା ବାହାରେ ନାହିଁ, ଆଉ ବାବା ଏକବାର ଚଣ୍ଡ ଭୈରବ, ଦୁର୍ଦ୍ଦାନ୍ତ ପ୍ରକୃତିର ।''

''ଆମ ଆଖିକୁ ବିଷମ ଲାଗିପାରେ, କିନ୍ତୁ ତାଙ୍କର ବ୍ୟବସ୍ଥା ଠିକ୍ ଥାଏ । ଏହାର ତତ୍ତ୍ୱ ସବୁକୁ ଟିକିନିଖି କହିବାକୁ ହେଲେ ଖଣ୍ଡିଏ ମହାଭାରତ ହୋଇଯିବ—ତେବେ ମୋଟାମୋଟି ସଂକ୍ଷେପରେ ଏତିକି ବୁଝି ରଖ, ଏହିପରି ବିଷମ ମିଳନ ମଧ୍ୟରେ ଥାଇ ଅନେକ ସମୟରେ ପ୍ରକୃତି ତାଙ୍କର ମନୋମତ ଜୀବ ସୃଷ୍ଟି କରନ୍ତି । ଏହିପରି ଅବସ୍ଥା ସବୁ ଜାତି ମଧ୍ୟରେ ଥାଏ । ଜାତସର୍ବସ୍ୱ ହିନ୍ଦୁଙ୍କ ମଧ୍ୟରେ ଯେପରି ଅଛି, ପୁଣି ଏକଜାତ ମୁସଲମାନଙ୍କ ମଧ୍ୟରେ ବି ସେହିପରି ଅଛି, ପୁଣି ଖ୍ରୀଷ୍ଟିଆନଙ୍କ ମଧ୍ୟରେ ରହିଛି; ଯେଉଁଠାରେ ମାନବ ସମାଜ, ସେଠାରେ ଏକରକମ ମିଳନ ବୈଷମ୍ୟ ହିଁ ଦେଖିବାକୁ ପାଇବ, ତେବେ ତାହା ଏତେ ବେଶୀ ନୁହେଁ ।''

''—ଆଚ୍ଛା, ସ୍ତ୍ରୀ-ପୁରୁଷଙ୍କ ସକଳ ମିଳନ ମଧ୍ୟରେ ଯଦି ତାଙ୍କର ହାତ ଅଛି, ତା'ହେଲେ ଆମ ହିନ୍ଦୁଙ୍କର ବଦ୍ଧ ସମାଜ ହେଉ ଅବା ଆପଣଙ୍କର ତନ୍ତ୍ରମତର ମୁକ୍ତ-ସମାଜ ହେଉ, ଦୁହିଁଙ୍କର ଫଳ ତ ସମାନ ।''

''—ତାହା କେମିତି ହେବ ? ଯେଉଁମାନେ ତନ୍ତ୍ରମତର ବା ଅନ୍ୟ କୌଣସି ମୁକ୍ତ-ସମାଜର ବ୍ୟକ୍ତି ତାଙ୍କ ମଧ୍ୟରେ ଆତ୍ମାର ପ୍ରାଧାନ୍ୟ, ଆଉ ପଚା ହିନ୍ଦୁ-ସମାଜର ବ୍ୟକ୍ତିଙ୍କ ମଧ୍ୟରେ ଜାତିର ପ୍ରାଧାନ୍ୟ । ଗୋଟିଏରେ ଆତ୍ମାର ନିର୍ଦ୍ଦେଶ ହିଁ ହେଲା ଅବଲମ୍ବନ । ତା ଭିତରେ ଆଉ କିଛି ନାହିଁ । ଅନ୍ୟଟିରେ ଜାତି ହେଲା ବଡ଼, କିମ୍ବା ସେ ସମାଜରେ ବ୍ୟକ୍ତିର ପ୍ରାଧାନ୍ୟ ଅବଲମ୍ବନ—ଦୁଇଟି ସମାନ ହେଲା କିପରି ? ଅନ୍ୟାନ୍ୟ ସ୍ୱାଧୀନ-ସମାଜରେ ବ୍ୟକ୍ତିମାନେ ଆତ୍ମଧର୍ମୀ ହୋଇଥାନ୍ତି, ଆଉ ତୁମ ହିନ୍ଦୁ ସମାଜରେ ବ୍ୟକ୍ତିମାନେ ପଚା

ସଂସ୍କାରପୂର୍ଣ୍ଣ ଜାତି-ଧର୍ମକୁ ଜାବୁଡ଼ି ଧରି ଏବେ ମଧ୍ୟ ଉବୁଡୁବୁ ହେଉଛନ୍ତି, ଆଉ କହୁଛନ୍ତି ଆମକୁ ପରକାଳରେ ସ୍ୱର୍ଗପ୍ରାପ୍ତି ହେବ । ଯାହାଙ୍କର ଇହକାଳରେ ସ୍ୱର୍ଗ ନାହିଁ, ପରକାଳରେ ସେମାନଙ୍କର ସ୍ୱର୍ଗ କେଉଁଠି ? ଜାତି ବଡ଼ ନା ଆତ୍ମା ବଡ଼ ? କହୁନାହଁ, କେଉଁଥିରୁ ବିବେକ-ଚୈତନ୍ୟର ଉତ୍ତର ମିଳେ ?''

''—ତାହାହିଁ ଭାବୁଛି, କିପରି ଆମର ଏତେ ଅଧଃପତନ ହେଲା ? ପୂର୍ବେ ଯେଉଁମାନେ ଜାତିଗତ ପବିତ୍ରତା ରଖିବା ଲାଗି ଏପରି ସମାଜକୁ ବାନ୍ଧି ଦେଇଯାଇଥିଲେ, ସେମାନେ କ'ଣ ଏହାର ପରିଣାମ କଥା ଭାବି ନ ଥିଲେ ?''

''—ଏହାର ମୂଳରେ ସେତେବେଳେ ସ୍ରଷ୍ଟାଙ୍କର ଏକ ଅଭିପ୍ରାୟ ଥିଲା । ଯାହାଙ୍କର ଜାତିଗତ ପବିତ୍ରତାର ଧାରା ବଂଶାନୁକ୍ରମେ ବଜାୟ ରଖିବାର ଲକ୍ଷ୍ୟ ଥିଲା, ସେମାନେ ସଭ୍ୟତାର ଉଚ୍ଚସ୍ତରରେ ହିଁ ରହିଥିଲେ । ସହଜରେ ବୁଝାଯାଏ—ଶେଷରେ ତାଙ୍କ ମନରେ ଏକ ସନ୍ଦେହ ସ୍ଥାନ ପାଇଥିଲା ଯେ ଆମ ବଂଶଧରଙ୍କ ମଧ୍ୟରେ କାଳେ ଏତେ ପବିତ୍ରତା ହୁଏତ ରହିପାରିବ ନାହିଁ । ତଦ୍ଦ୍ୱାରା ଉଚ୍ଚଜାତିର ସାମାଜିକ ଓ ବ୍ୟକ୍ତିଗତ ବ୍ୟବହାରରେ ବା ବିଧିନିଷେଧରେ ଏତେ ବେଶୀ କଠୋର ବନ୍ଧନ । ସେତେବେଳର ଆଦର୍ଶକୁ ଧରି ପବିତ୍ରଭାବରେ ଧର୍ମ ଓ କର୍ମ ମଧ୍ୟଦେଇ ଶ୍ରେଷ୍ଠତା ରୂପେ ସେହିମାନେ ଜୀବନଯାପନ କରୁଥିଲେ, ଯେଉଁମାନଙ୍କର ଏହି ଅଭିମାନ ଥିଲା । ସେମାନେ ସେହି ମତକୁ ନେଇ ଜୀବନ କଟେଇ ଦେଇଛନ୍ତି । ଜୀବର ଏହି ଶ୍ରେଷ୍ଠତ୍ୱର ଅଭିମାନ ପରମେଶ୍ୱରଙ୍କ ଇଚ୍ଛାରେ ଶକ୍ତିମାନ ହୁଏ, ଯେତେ ସମୟ ପର୍ଯ୍ୟନ୍ତ ତାଙ୍କ ଭିତରେ ପବିତ୍ରତା ଥାଏ; ଏହି ଅଭିମାନ ସମଷ୍ଟି ମଧ୍ୟରେ ପ୍ରସାରିତ ହୋଇ ହିଁ ସେତେବେଳେର ଭାରତୀୟ ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ଜାତିଙ୍କୁ ମାନବ-ସମାଜରେ ଜ୍ଞାନରେ ଗୁଣରେ ଏତେ ବଡ଼ କରିଥିଲା । ଶ୍ରେଷ୍ଠତ୍ୱ ଅଭିମାନରେ ଦୀପ୍ତ ଜାତିର କେଉଁଠାରେ ଯେ ଏକ ଫାଙ୍କ ଥିଲା, ଯାହା ମଧ୍ୟ ଦେଇ ଅଧଃପତନ ଆସି ଜାତିଗତ ଗୌରବକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦେବ, ତାହା ସେ ସମୟରେ ଧରାପଡ଼ି ନଥିଲା ।''

''—ଏହା ଏକ ଅପୂର୍ବ ରହସ୍ୟ ପରି; ଗୋଟିଏ ଜାତି ଯେଉଁଠି ଉଚ୍ଚ ଆଦର୍ଶ ନେଇ ଗଢ଼ି ଉଠିଛି, ତାହାକୁ ନେଇ ତା'ର ଇଚ୍ଛା ବା ଶକ୍ତି କାର୍ଯ୍ୟ କରୁଛି, ପୁଣି ଧ୍ୱଂସର ବୀଜ ଯେ ସେହି ସଙ୍ଗେସଙ୍ଗେ କାର୍ଯ୍ୟ କରିଚାଲୁଛି, ସେ ଜାତି କାଳକ୍ରମେ ବିପରୀତ ଶକ୍ତି ଦିଗରେ ପରିବର୍ତ୍ତିତ ହୋଇ ଚାଲିଲା—ଏହା ମଧ୍ୟରେ ତା'ର ଇଚ୍ଛାଶକ୍ତି କାର୍ଯ୍ୟ କଲା, ଅସମ୍ଭବକୁ ସମ୍ଭବ କରିଦେଲା । ତାଙ୍କର ଏହି ଇଚ୍ଛାଶକ୍ତିର ଖେଳ ଚମତ୍କାର ବ୍ୟାପାର ।''

''—ତାହାହିଁ ତ ଚମତ୍କାର ଲାଗେ । ପ୍ରଥମେ ବଡ଼ ଧନ୍ଦାରେ ପଡ଼ିବାକୁ ହୁଏ, କିନ୍ତୁ ଏହା ମଧ୍ୟରେ କେତେ ଯେ କ'ଣ ଘଟଣା ଘଟିଯାଏ, ସେ ଦିଗକୁ ଲକ୍ଷ୍ୟ ନଥାଏ । ଯେଉଁ ଜାତିଟି ଗଢ଼ିଉଠିଲା, ଉନ୍ନତ ହେଲା, ତା'ର ସଭ୍ୟତାର ମହିମା, ପରଣତି ଦିଗ୍-ବିଦିଗ୍ ବିସ୍ତାର ଲାଭ କଲା, ବିଶିଷ୍ଟ ଜାତି ହିସାବରେ ସେମାନଙ୍କର କର୍ମ ଯେ ଏ ଜଗତ ଭିତରେ ସୀମିତ ରହିଗଲା । ସେମାନଙ୍କର ଜ୍ଞାନ, କର୍ମ, ମନର ବିକାଶ କେଉଁ କେଉଁ ଦିଗରେ

ପ୍ରସାରିତ ହୋଇଥିଲା, ସେମାନେ ସଭ୍ୟତା-ଅଭିମାନୀ ଜାତିଟିର ଉନ୍ନତିର ଛାପ, କେତେ ଆଡ଼େ ରଖିଯାଇଥିଲେ, ଏହି ସମସ୍ତ ଯେତେବେଳେ ଦେଖେ, ସେତେବେଳେ ବୁଝିପାରେ, ସେ ଜାତିର ସାର୍ଥକତା କେଉଁଠି ଅଥବା ସେମାନେ ଏହି ସକଳ କର୍ମ ମଧ୍ୟ ଦେଇ କିପରି ଭାବରେ ଜାତୀୟ ଜୀବନକୁ ସାର୍ଥକ କରି ଯାଇଛନ୍ତି । ତଦ୍ୱାରା ତାଙ୍କର ଅଭିପ୍ରାୟ ହିଁ ସିଦ୍ଧ ହୋଇଛି ।''

''—ତା'ହେଲେ ଜାତି ତ ଅଛି, ଆଉ ତାଙ୍କର ଇଚ୍ଛାରେ ଗଢ଼ାଯାଇଛି, ତାହାହେଲେ ଆମ ହିନ୍ଦୁଙ୍କର ଏବେକାର ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ଜାତି ମଧ୍ୟରେ ଏପରି ଦୋଷ କ'ଣ ରହିଲା ?''

''—ଏକଧର୍ମୀ ମାନବ ସମଷ୍ଟିଗତ ହେଲେ ଏବଂ ସମାଜଗତ ହେଲେ ଜାତି ହୁଏ । ତନ୍ମଧ୍ୟରେ ଉଚ୍ଚ ଜ୍ଞାନ, ଶିକ୍ଷା ବା ଉତ୍କର୍ଷପ୍ରାପ୍ତ ମସ୍ତିଷ୍କବାନ ମନୁଷ୍ୟର ବଂଶରୁ ଆରମ୍ଭ ହୋଇ ସାଧାରଣ ଭାବରେ ନାନା ସ୍ତର ମନୁଷ୍ୟର ବଂଶ ଥାଏ । ପୁଣି ସାଧାରଣ ମନୁଷ୍ୟଠାରୁ ଯିଏ ଛୋଟ, ଅର୍ଥାତ୍ ବୃତ୍ତିରେ ଛୋଟଛୋଟ କାମ କରନ୍ତି, ବିଦ୍ୟାବୁଦ୍ଧିରେ ନିକୃଷ୍ଟ ସ୍ତରର ମନୁଷ୍ୟ ମଧ୍ୟ ଥାଆନ୍ତି ; ସକଳ ସ୍ତରର ମନୁଷ୍ୟ ହିଁ ଗୋଟିଏ ଜାତି ମଧ୍ୟରେ ଥାଆନ୍ତି ତ ! କେବଳ ଥାଆନ୍ତି ନାହିଁ, ସେହି ଜାତି ମଧ୍ୟରେ ଏହି ଯେଉଁ ମହାନ, ସବୁଠାରୁ ଉଚ୍ଚସ୍ତରର ମନୁଷ୍ୟ, ତାହାପରେ ମଧ୍ୟସ୍ତରର ସାଧାରଣ ମନୁଷ୍ୟ, ତାହାପରେ ନିମ୍ନସ୍ତରର ମନୁଷ୍ୟ, ଏହିପରି ସକଳ ସ୍ତରର ମନୁଷ୍ୟ ସଙ୍ଗେ ଏକ ସଂଯୋଗ ସୂତ୍ର ଅଛି ବା ଥାଏ, ତଦ୍ୱାରା ଜାତିର ଶରୀରର ସକଳ ସ୍ଥାନରେ ଶକ୍ତିପ୍ରବାହ ଅପ୍ରତିହତ ଭାବେ ଚାଲିଥାଏ, ଆଉ ଜାତି ତ ସବୁସ୍ଥାନରେ ସେହି ଶକ୍ତି ଅନୁଭବ କରିଥାଏ, ଯେପରି ତାହା ଏକ ବିରାଟ ଶରୀର । ବଞ୍ଚିରହିଥିବା ସବୁ ସ୍ୱାଧୀନ ଜାତି ମଧ୍ୟରେ ଏହା ଅନୁଭୂତ ହୁଏ । ଗୋଟିଏ ଜାତିର ସକଳ ସ୍ତର ମନୁଷ୍ୟ ସହ ଅନ୍ୟ ସମସ୍ତ ସ୍ତରର ମନୁଷ୍ୟଙ୍କର ଯୋଗାଯୋଗ ଥାଏ—କିନ୍ତୁ ଏହି ପୋଡ଼ା ହିନ୍ଦୁ ସମାଜରେ ସେ କଥା ନାହିଁ, ଛୋଟବଡ଼ର ସମ୍ବନ୍ଧ ନାହିଁ । ଏଇ ଦେଖୁ ନାହଁ, ଯେଉଁମାନେ ପୂର୍ବେ ସିପାହୀ ଥିଲେ, ସୈନ୍ୟ ହୋଇ ଦେଶରକ୍ଷା କରୁଥିଲେ, ସେନା ପରିଚାଳନା କରୁଥିଲେ, ଏଥିରେ ଚଣ୍ଡାଳ ଡମ ନୀଚ ଶୂଦ୍ର କ୍ରୀତଦାସ ଅଛବ ନିମ୍ନସ୍ତରର ଯେଉଁମାନେ ଥିଲେ, ସେମାନଙ୍କ ସହ ବ୍ରାହ୍ମଣ, କାୟସ୍ଥ ବଡ଼ ଜାତିର ଆଦୌ ସମ୍ବନ୍ଧ ନ ଥିଲା, କେଉଁ ଏକ ତୁଚ୍ଛ ସୂତ୍ର ବା ଛୁଆଁଛୁଇଁ କଥାକୁ ନେଇ ସେମାନଙ୍କୁ ପତିତ ବୋଲି ଦୂରକୁ ଠେଲି ଦିଆଯାଇଥିଲା । ଅଘୋରୀ ବାବା କ'ଣ କହନ୍ତି ଜାଣ ?''

ମୁଁ କହିଲି, ''କ'ଣ କହନ୍ତୁନା—''

''—ଅଘୋରୀ କହନ୍ତି—ଏହାପରେ ଦେଖିବ ବହୁ ବିଦ୍ୱାନ ପଣ୍ଡିତ ଆଚାର୍ଯ୍ୟ ବ୍ରାହ୍ମଣ କାୟସ୍ଥମାନେ ଚଣ୍ଡାଳ, କ୍ରୀତଦାସୀଙ୍କର ପାଦଧୂଳି ନେବେ ।''

ଶୁଣିନେଇ ମୋ' ମୁହଁରୁ ହଠାତ୍ ବାହାରି ପଡ଼ିଲା, ''—ତା'ହେଲେ ଶ୍ରୀଗୌରାଙ୍ଗଦେବଙ୍କୁ ଆଉଥରେ ଆସିବାକୁ ପଡ଼ିବ, ତେବେ ଯାଇ ତାହା ନିଶ୍ଚୟ ସମ୍ଭବ ହେବ ।''

ଭୈରବୀ କହିଲେ, ''ନା, ତାହାଙ୍କର ଦରକାର ହେବ ନାହିଁ, ତାହାଛଡ଼ା ଚୈତନ୍ୟ ତ ରାଷ୍ଟ୍ରଶକ୍ତିର ପ୍ରାଣସଞ୍ଚାର କରିବାକୁ ଆସିଥିଲେ, ପ୍ରେମଭକ୍ତିର ମହିମାରେ ମନୁଷ୍ୟ ମଧ୍ୟରେ ଭେଦାଭେଦକୁ ଦୂରେଇ ଦେଇ ଯେ ଏକ ହୋଇପାରନ୍ତି, ତାହା ଦେଖାଇଦେବାକୁ ଆସିଥିଲେ । ତା ଛଡ଼ା ମହାପୁରୁଷମାନେ କେହି ଦୁଇଥର ଆସନ୍ତି ନାହିଁ । ପ୍ରକୃତି ରାଜ୍ୟରେ ପ୍ରତିଲୋମ ନିୟମର କଥା ଜାଣ ତ, ଯାହା ଲାଗି ଗୋଟିଏ ସ୍ତରର ମନୁଷ୍ୟକୁ ଛୋଟ ବା ହୀନ ବୋଲି ଆଉ ଏକ ସ୍ତରର ମନୁଷ୍ୟ ମନେ କରୁଛି—ଏହି ଅଭିନୟର ପାଲା ଓଲଟି ଯିବ ନାହିଁକି ? ଯେତେବେଳେ ତାହା ଘଟିବ, ସେତେବେଳେ ପୁଣି ବ୍ରାହ୍ମଣ ଶୂଦ୍ରର ଶ୍ରେଷ୍ଠତ୍ୱ ସ୍ୱୀକାର କରିବ । ଅଘୋରୀ ସେହି କଥାହିଁ କହିଥିଲେ, ସେ ଅନେକ କଥା ଜାଣି ପାରନ୍ତି ଯେ ।''

ପୁନରାୟ କହିଲେ, ''ଆମେ ଯାହାକୁ ଛୋଟ ଜାତି ବୋଲି କହୁ, ତାଙ୍କ ମଧ୍ୟରେ ବି କେତେକ ବ୍ୟକ୍ତି ବିଦ୍ୟାବୁଦ୍ଧି ଆଚାରରେ ଶ୍ରେଷ୍ଠ ହୋଇଉଠିଛନ୍ତି, ସମାଜ ବାହାରେ ସେମାନଙ୍କ ସହ ମିଳାମିଶାରେ ଦୋଷ ଲାଗେ ନାହିଁ—ଧୋବାପୁଅ ଅଫିସ୍‌ର ବଡ଼ବାବୁ ହେଲେ, ପୁଅର ଚାକିରି ପାଇଁ ବ୍ରାହ୍ମଣ ଯୋଡ଼ହସ୍ତରେ ତା' ପାଖରେ ଅନୁରୋଧ କରିପାରନ୍ତି, କିନ୍ତୁ ସକାଳେ ଉଠିଲେ ଧୋବାର ମୁହଁ ଦେଖିଲେ ତା'ର କୁଆଡ଼େ ସର୍ବନାଶ ହେବ । ଏଥିରୁ କ'ଣ ବୁଝାଯାଉନାହିଁ ଯେ ଆଚାର ଏବଂ ବିଦ୍ୟା ହିଁ ଏ କ୍ଷେତ୍ରରେ ଶ୍ରେଷ୍ଠ, ଏହି ଆଚାର ଓ ବିଦ୍ୟାର ଅଭାବ ହିଁ ସେମାନଙ୍କୁ କ'ଣ ବଡ଼ ଜାତି ନିକଟରେ ଛୋଟ କରି ରଖିଛି ? ସେମାନଙ୍କ ମଧ୍ୟରେ ବିଦ୍ୟାର ପ୍ରସାର ହେଲେ ହିଁ ସେମାନେ ବଡ଼ ହେବେ । କିନ୍ତୁ ଏ ଦେଶରେ ବଡ଼ ଜାତି ମଧ୍ୟରେ ଏହି ଭାବନା ଆସିନାହିଁ । ସେମାନଙ୍କର ଏଟା ହେଲା ଜଡ଼ବୁଦ୍ଧି, ଶାସ୍ତ୍ରର ଦୋହାଇ ଦେଇ ନଜିର ବାହାର କରୁଛନ୍ତି ଯେ ଡମ, ହାଡ଼ି ମୋଚି, ଧୋବା ଏମାନଙ୍କୁ ଭଗବାନ ଛୋଟ କରି ସୃଷ୍ଟି କରିଛନ୍ତି, ସେଥିପାଇଁ ସେମାନେ ଛୋଟ, ଆମେ କାହିଁକି ସେମାନଙ୍କ ସହ ମିଶିବୁ, ସେଥିରେ ଆମେ ଛୋଟ ହିଁ ହୋଇଯିବୁ । ଏହି ଯେଉଁ ବୁଦ୍ଧି, ଏହାର ମୂଳରେ ଏକ କର୍ମହୀନ, ନୀଚ ମନୋଭାବ, ଆଉ ଭଗବାନଙ୍କ ସମ୍ବନ୍ଧରେ କେତେ ବଡ଼ ମିଥ୍ୟା ଧାରଣା ରହିଛି, ଏହା କ'ଣ ବୁଝାଯାଉ ନାହିଁକି ?''

''—ଏବେ ଦେଖନ୍ତୁ, ଆମ ଦେଶରେ ଅନେକେ ହିଁ ଅସବର୍ଣ୍ଣ ବିବାହ କରିଛନ୍ତି, ହିନ୍ଦୁ ସମାଜ ତାକୁ ମାନି ନେଇପାରୁନାହିଁ କିମ୍ବା ତ୍ୟାଗ ମଧ୍ୟ କରିପାରୁନାହିଁ । ସମାଜକୁ ସଂସ୍କାର କରି ତାହାର ପ୍ରସାରତାକୁ ବଢ଼ାଇବା ଲାଗି ସଂଘବଦ୍ଧ ଚେଷ୍ଟା ମଧ୍ୟ ହେଉନାହିଁ । ଫଳରେ ଏକ ମହା ଅଶାନ୍ତି ଘୋଟିଛି ଚତୁର୍ଦ୍ଦିଗରେ ।''

''—ପ୍ରକୃତି ଦ୍ୱାରା ଯାହା ଭାଙ୍ଗିଚାଲିଛି, ମୋଟାବୁଦ୍ଧିର ମନୁଷ୍ୟ ସେହି ପ୍ରାଣଶକ୍ତିହୀନ ପୁରାତନ ରୀତିକୁ ହିଁ ଜୋର୍ କରି ଜାବୁଡ଼ିଧରି ନିଜର ଅବସ୍ଥାକୁ ଆହୁରି ହାସ୍ୟାସ୍ପଦ କରି

ଚାଲିଛନ୍ତି ପାଞ୍ଚଜଣଙ୍କ ନିକଟରେ । ଏସବୁ ଦେଖିଶୁଣି ମଧ୍ୟ ଯଦି ସେ ନବୁଝେ, ତେବେ ତାକୁ ଠୋକ୍କର ଖାଇବାକୁ ପଡ଼ିବ, ଉପାୟ କ'ଣ ? ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ଯଦି ପ୍ରକୃତ ଭଲପାଇବା ହୁଏ, ପ୍ରକୃତି ସେଠାରେ ଜାତି-ଧର୍ମ ଦେଖନ୍ତି ନାହିଁ । ସେ କେବଳ ଶୁଭ କଥା ଦେଖିଥାନ୍ତି । ଶୁଭ ବା କଲ୍ୟାଣ ଯଦି ତା' ମଧ୍ୟରେ ଥାଏ, ତେବେ ସେ ଦମ୍ପତିଙ୍କୁ ସେହି ମିଳନରେ ସାହାଯ୍ୟ କରିଥାନ୍ତି । ଭଲପାଇବାଟା ସତ୍ୟକାର ହେବା ପ୍ରୟୋଜନ । ଆଉ ମଧ୍ୟ ଏକ ରହସ୍ୟ ଏହା ମଧ୍ୟରେ ଆମେ ଦେଖିଛୁ, ପ୍ରେମରେ ସ୍ତ୍ରୀ-ପୁରୁଷ ପରସ୍ପର ଆବଦ୍ଧ ହୋଇ ଘରସଂସାର କରି, ସୃଷ୍ଟିକୁ ବୃଦ୍ଧି କଲେ, ସେଥିରେ ତାଙ୍କର କୌଣସି ଆପତ୍ତି ନଥାଏ, କିନ୍ତୁ ଜାତି ନାମରେ ଭଣ୍ଡାଇ ଯଦି ସମାଜକୁ ପ୍ରବଞ୍ଚନା କରିବାକୁ ଯାଅ, ତେବେ ତାକୁ ଧରି ସମାଜ ନିକଟରେ ମୁହଁକୁ ପୋଡ଼ାଇଦେବେ । ପ୍ରକୃତି-ଜନନୀ ସନ୍ତାନର ସବୁ ଅତ୍ୟାଚାର ସହ୍ୟ କରିପାରନ୍ତି, କେବଳ ଏହି ଭଣ୍ଡାମି ବ୍ୟତୀତ । ଭଣ୍ଡାମି ନାମରେ ଏହା ସତ୍ୟର ଅପଳାପ । ଯେଉଁଟା ଜାତିର ଫମ୍ପା ଅଭିମାନ, ତାହା ତ କେବଳ ପ୍ରକୃତରେ ହିଁ ମିଥ୍ୟା । ଅଭିମାନ କେବଳ ସେହିଠାରେ ହିଁ ସତ୍ୟ ହୁଏ, ଯେଉଁଠି ଜୀବନରେ ପବିତ୍ରତା ଥାଏ । ମୁଁ ସତ୍ ହେବି, ଶ୍ରେଷ୍ଠ ହେବି, ଏହି ଅଭିମାନକୁ ପ୍ରକୃତି କେବଳ ଯେ ସହ୍ୟ କରନ୍ତି, ତାହା ନୁହେଁ, ତାହାକୁ ପୂର୍ଣ୍ଣ କରିବାକୁ ସେ ଦୁଇହାତରେ ସହାୟତା କରିବେ । କିନ୍ତୁ ଯେଉଁଠାରେ ଅନ୍ତରରେ ଗରଳ ଭରିରଖି ବାହାରେ ଶ୍ରେଷ୍ଠତ୍ୱର ଚମକ୍ ଦେଖାଇ ଲୋକଙ୍କୁ ଠକାଇବାର ମତଲବ ଥାଏ, ସେଠାରେ ତାଙ୍କର ପ୍ରତିହିଂସା ହିଁ କାର୍ଯ୍ୟ କରିବ– ସମାଜଚକ୍ଷୁରେ ତାକୁ ଏପରି ହୀନ ଓ ହେୟ କରି ଦେବେ, ଯାହା ସେ କେଉଁକାଳେ ହିଁ କଳ୍ପନା କରି ନଥିବ । ଏପରି ଦୃଷ୍ଟାନ୍ତ ଚାରିଆଡ଼େ ଦେଖିବାକୁ ପାଇବ, କେବଳ ରୂପର ଖାତିର୍‌ରେ ଭୋଗଲାଳସା ଚରିତାର୍ଥ କରିବା ଲାଗି, ବିବାହ ବ୍ୟାପାରରେ ନୁହେଁ, ଗୃହ ବା ସମାଜର ସର୍ବବିଧ୍ ବ୍ୟାପାରରେ ତାଙ୍କର ଏହି ବିଚାର ଦେଖିବାକୁ ମିଳିବ । ବ୍ୟଷ୍ଟି ଭାବେ, ସମଷ୍ଟି ଭାବେ ସକଳ ଦିଗରୁ ଭଣ୍ଡାମି ବା ଆତ୍ମ-ପ୍ରବଞ୍ଚନା ଉପରେ ତାଙ୍କର ତୀବ୍ର ଦୃଷ୍ଟି ରହିଥାଏ ।''

''ଏବେଯାଏ ଆମେ ବୁଝିପାରୁନାହୁଁ ଯେ ଶିବ କେଉଁ ବସ୍ତୁ ଆମକୁ ଦେଇଯାଇଛନ୍ତି ।''

''–ପ୍ରକୃତ ତନ୍ତ୍ରଧର୍ମରେ–ବ୍ରାହ୍ମଣଙ୍କ ଦ୍ୱାରା ଏବେକାର ତନ୍ତ୍ର-ଶାସ୍ତ୍ରରେ ନୁହେଁ । ଶିବଙ୍କ ରାଜତ୍ୱରେ ଏହିପରି ଗୋଳମାଳିଆ ପଥ ହିଁ ସେ ମାରି ଦେଇଛନ୍ତି, ଶିବଙ୍କର ସାଙ୍ଗସାଥୀ କୌଣସି ବ୍ରାହ୍ମଣ କାୟସ୍ଥ ନୁହନ୍ତି; ପ୍ରେମର ରାଜତ୍ୱରେ ସେହି ଏକ, ବୈଷ୍ଣବ ଧର୍ମଠାରୁ ପ୍ରକୃତରେ ଏହା ପୃଥକ୍ ନୁହେଁ । ଜଣେ ଜାତି ହରାଇଲେ ଯେପରି ବୈଷ୍ଣବ ହୁଏ, ସେହିପରି ଜାତି ହରାଇ ଜଣେ ଯଥାର୍ଥରେ ତାନ୍ତ୍ରିକ ବା ଶୈବ ହୁଅନ୍ତି ।''

ମୁଁ କହିଲି, ''ସେହିପରି ଜାତି ହରାଇଲେ କ'ଣ ବ୍ରହ୍ମଜ୍ଞ ବା ଯଥାର୍ଥରେ ବ୍ରାହ୍ମଣ ହୁଅନ୍ତି ?''

ଭୈରବୀ କହିଲେ, ''ଏ କାଳର ଏହି ହିନ୍ଦୁଜାତିର ବ୍ରାହ୍ମଣ ସଙ୍ଗେ ଭଦ୍ର ଚଣ୍ଡାଳର ବା ପଞ୍ଚମକାରୀଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ? ଧର୍ମ କେଉଁଠି ? ତାହା କାହା ପାଖରେ ? ବ୍ରହ୍ମକୁ

ଜାଣିଲେ ଯେ ବ୍ରାହ୍ମଣ ହୁଏ, ସେହି ବ୍ରାହ୍ମଣ ସହ ହିନ୍ଦୁଜାତିର ବ୍ରାହ୍ମଣଙ୍କୁ ତୁଳନା କଲେ ପାପ ହେବ ।''

''—ମୋ'ର ପ୍ରଶ୍ନ ଥିଲା, କେଉଁ ଧରଣର ସ୍ତ୍ରୀ ହେଲେ ତାକୁ ନେଇ ତନ୍ତ୍ରର ସାଧନ ଚାଲି ପାରିବ ? ଏଯାଏ ତାହାର ଉତ୍ତର ପାଇଲି ନାହିଁ । ମାତ୍ର ଏବେ ମୁଁ ଏହି ସମସ୍ତ ତନ୍ତ୍ର କଥା ଶୁଣିବି ନାହିଁ । ଆଉ ଗୋଟିଏ କଥା ମୋତେ କହିବେ ?''

ସେ କହିଲେ, ''ଏବେ ଉଠିବା ବେଳ ହେଉଛି, କ'ଣ ପଚାରିବାର ଅଛି, ଶୀଘ୍ର କୁହ । ଗୁରୁତର ପ୍ରସଙ୍ଗ ହୁଏ ତ ବର୍ତ୍ତମାନ ଥାଉ ।''

ମୁଁ କହିଲି, ''ମୋ' ପକ୍ଷରେ ଗୁରୁତର ତ ନିଶ୍ଚୟ, ତେବେ ଆପଣଙ୍କ କ୍ଷେତ୍ରରେ ନ ହୋଇପାରେ । ମୋର କହିବାର କଥା ଯେ ଆମ ହିନ୍ଦୁ ସମାଜ କ'ଣ ଏହିପରି ଧ୍ୱଂସପଥରେ ଚାଲିବ, ଏ ସମାଜ କ'ଣ ଆଉ କେବେ ମଧ୍ୟ ଶକ୍ତିମାନ ଓ ଉନ୍ନତିଶୀଳ ହେବ ନାହିଁ ? ଆପଣ କ'ଣ ଭାବୁଛନ୍ତି ? ଆପଣମାନଙ୍କର ତ ଦୂରଦୃଷ୍ଟି ଅଛି ।''

''ଆତ୍ମପ୍ରବଞ୍ଚନା ଆଉ ଶଠତା ହିଁ ଯେ ଏବେ ସବୁସ୍ତରରେ ପ୍ରବଳ ହୋଇ ଉଠିଛି, ଅର୍ଥକୁ ଆତ୍ମାଠାରୁ, ଧର୍ମଠାରୁ ବଡ଼ କରି ଧରିଛନ୍ତି ପ୍ରତ୍ୟେକେ, ଆଉ ଧନୀ ଜାତିର ଗୋଡ଼ାଣିଆ ହୋଇ ଅଛନ୍ତି ସମାଜର ଶ୍ରେଷ୍ଠ ବ୍ୟକ୍ତିମାନେ । ଏବେ ମଧ୍ୟ ଛୋଟ ଜାତି ବୋଲି ଅବଜ୍ଞା କରି ଚଷାଭୂଷାଙ୍କର ରକ୍ତ ଶୋଷଣ କରି ନିଜେ ପୁଷ୍ଟ ହେଉଛନ୍ତି—ସର୍ବନାଶର ସକଳ ଲକ୍ଷଣ ହିଁ ତ ବର୍ତ୍ତମାନ, ଆଉ ଧ୍ୱଂସ ଲାଗି ବାକି କ'ଣ ଅଛି !''

''ସମସ୍ତେ ତ ଆଉ ସେପରି ନୁହନ୍ତି, ଅନେକେ ତ ଏବେ ଦେଶର ଏ ପରିସ୍ଥିତିକୁ ବୁଝିପାରିଛନ୍ତି ।''

''କେତେଜଣ ? ସେହି ଗୋଡ଼ାଣିଆ ସନାତନୀ ଭଟ୍ଟାଚାର୍ଜୀ ଦଳ ଆଉ ସେମାନଙ୍କର ଯଜମାନ ଯେତେ କିରାଣିକୁଳ, ଆଉ ଦେଶର ଭୋଗବିଳାସୀ ଗରିବଙ୍କ ଅର୍ଥଶୋଷଣକାରୀ ଜମିଦାରକୁଳ, ଯେଉଁମାନେ ଦାସତ୍ୱ ବ୍ୟତୀତ ଅନ୍ୟ ଉପାୟରେ ଉନ୍ନତିର କଳ୍ପନା ମଧ୍ୟ କରିପାରନ୍ତି ନାହିଁ । ସେମାନେ ଯେପର୍ଯ୍ୟନ୍ତ ଥିବେ, କିଛି ହୋଇପାରିବ ନାହିଁ । ଯେଉଁଠି ଗୁରୁ, ପୁରୋହିତ ଆସି ଆଶୀର୍ବାଦ କରନ୍ତି ତୁମର ଗୋଟିଏ ଚାକିରି ହେଉ, ସେଠି ଏ ସମାଜ ଶକ୍ତିଶାଳୀ କିପରି ?''

କଥା କହିଦେଇ ସେ ଟିକିଏ ଅନ୍ୟମନସ୍କ ହେଲାପରି ମନେହେଲା । ତା'ପରେ ମୋତେ କହିଲେ, ''ଦେଖ, ଏଇ ସେଦିନ, ଏଠାକୁ ଆସିବାର ଆଗଦିନ, କଲିକତାରେ ତ ଦିନଟିଏ ଥିଲି, କ'ଣ ଦେଖିଲି, ଜାଣିଛ ? ପଟଳଡାଙ୍ଗା କଲେଜ ଆଡ଼େ ଗୋଲଦୀଘିରେ ଯେତେସବୁ ଯୁବକ ବୁଲୁଥିଲେ... ଲମ୍ବା କୁଞ୍ଚ ଝୁଲୁଛି, କେହି କେହି ତାକୁ ପୁଣି ବାଁ ହାତରେ ମୁଠେଇ ଧରିଛନ୍ତି, କାହାର ପୁଣି ପକେଟରେ ପଶିଛି, ଡାହାଣ ହାତରେ ସିଗାରେଟ୍, ପତଳା କିମ୍ବା ଢିଲା ଜାମା, ସମସ୍ତଙ୍କର ପ୍ରାୟ ବେକ ସରୁ, ରୋଗା, ଗଳାରେ ହାଡ଼,

ଛାତିରେ ପଞ୍ଜରା କିଛି ଦେଖାଯାଉଛି, ମୁଣ୍ଡରେ ବାଳ ଲମ୍ବାଲମ୍ବା ପଛକୁ ପଡ଼ିଛି, କାହାର ବା ଟେକି ହୋଇ ରହିଛି ବା ଗୋଛାକଯାକ ଟେକା ହୋଇଛି, ନିଶ କଟାଯାଇଛି, କ୍ଷୀଣ ଶରୀର, ହାତ ଓ କପାଳରେ ଶିରା ବାହାରିଛି, ମଝିରେମଝିରେ ମୁଣ୍ଡ ହଲାଉଛନ୍ତି ଆଉ ବାଳଗୁଡ଼ାକ ଲମ୍ବା ଲମ୍ବା କରି ଯେପରି ପଛକୁ କୁଣ୍ଡାଯାଇଛି ସେମିତି ପଛରେ ପଡ଼ିଯାଉଛି, କେବଳ ସିନ୍ଥିରେ ସିନ୍ଦୂର ନାହିଁ—ନ ହେଲେ ଠିକ୍ ସ୍ତ୍ରୀଲୋକଙ୍କ ପରି ଚେହେରା । ସେମାନେ ସମସ୍ତେ ହାଓ୍ୟା ଖାଇବାକୁ ବୁଲୁଛନ୍ତି, ଯେପରି କ୍ଷୟରୋଗର ଆସାମୀ । ସେମାନେ ସମସ୍ତେ ତ ପୁଅ—ପରସ୍ପର ମଧ୍ୟରେ କ'ଣ ସବୁ ଅସଭ୍ୟ ସମ୍ଭାଷଣ ହସ-ପରିହାସ କରୁଛନ୍ତି, — କିଛିକ୍ଷଣ ଠିଆ ହୋଇ ଜାଣିଲି, ତାହା କାନରେ ଶୁଣିବା କଥା ନୁହେଁ, ସେମାନେ...''

''ଏବେ ଯେପରି ସାମାନ୍ୟ ପରିବର୍ତ୍ତନ ଘଟିଛି, ଭବିଷ୍ୟତରେ—''

ସେ ବାଧା ଦେଇ କହିଲେ, ''ଆହାହା—ବଚ୍ଚା, ଏ କଥା ବୁଝୁନାହଁ ଯେ ଏମାନେ ଭବିଷ୍ୟତ ବଂଶକୁ ଜନ୍ମ ଦେଉଛନ୍ତି ନା ଦେବେ ? ଏହି ଦୁର୍ବଳ, ଜଡ଼, ତରଳ ବୁଦ୍ଧି, ବିକୃତ ଶରୀର, ବାପ-ମା'ଙ୍କର ପିଲା କ'ଣ ଏମାନଙ୍କଠାରୁ ଭଲ ହେବେ ? କିପରି ହେବେ, କୁହ ଦେଖି ?''

''କିନ୍ତୁ ଏହା କ'ଣ ଦେଖାଯାଉନାହିଁ ଯେ ଏମାନଙ୍କ ମଧ୍ୟରୁ କେହି କେହି ସେମାନଙ୍କ ଅବସ୍ଥା କଥା ବୁଝୁଛନ୍ତି, ଏବଂ ଉନ୍ନତିର ଚେଷ୍ଟାରେ ଲାଗିଛନ୍ତି—ଶୋଚନୀୟ ଦୁରବସ୍ଥା ଲାଗି ଦୁଃଖବୋଧ କରୁଛନ୍ତି ! ସେମାନେ ତ ଉନ୍ନତ ଜୀବନ ହିଁ ଚାହାନ୍ତି—''

''—ହଁ, ଯିଏ ପ୍ରାଣେ ପ୍ରାଣେ ଅନୁଭବ କରନ୍ତି, ସେହିମାନଙ୍କର ବଂଶଧରଙ୍କ ଦ୍ୱାରା ହିଁ କଲ୍ୟାଣ ହେବ, କିନ୍ତୁ ସେମାନଙ୍କ ସଂଖ୍ୟା କେତେ କମ୍, ସାତକୋଟି ମଧ୍ୟରୁ ହିସାବ କର ଦେଖି ବଚ୍ଚା, ଏତେ କମ୍ ଯେ ଆଖିରେ ପଡ଼େ ନାହିଁ, ଗଣିଲେ ମଧ୍ୟ ଜଣାପଡ଼େ ନାହିଁ । ମନେ କର ସତ୍ ପ୍ରବୃତ୍ତି, ଶକ୍ତିମାନ ଶରୀର-ମନ, ଉନ୍ନତ ପଥରେ ପ୍ରବଳ ଗତିବିଶିଷ୍ଟ ପିଲାଙ୍କ ସଂଖ୍ୟା କିଛି ପରିମାଣରେ ବୃଦ୍ଧି ଘଟିବ, ତେବେ ଯାଇ ସମାଜ ଜାଗ୍ରତ ଭାବେ କ୍ରିୟାଶୀଳ ହେବ—କିଏ ଜାଣିଛି କେତେ ଦିନରେ ତାହା ହେବ ! ଯେତେବେଳେ ଏ ପିଲାଙ୍କର କ୍ଷୟମାଣ ଶରୀର ଦେଖେ, ସେମାନେ ଯେତେ ପାସ୍‌ଟାସ୍ କରନ୍ତୁନା ବାପ, ମୋ'ର ଭୟ ହୁଏ ଯେ ଭବିଷ୍ୟତରେ ସେମାନେ ଠିଆ ହୋଇପାରିବେ କିପରି ? ସେମାନଙ୍କର ବିବର୍ଣ୍ଣ ମୁହଁ ଓ ଆଖିର ଚେହେରା ଦେଖି ମନେହୁଏ ଯେ ଅପରିମିତ ଶକ୍ତି କ୍ଷୟ ହେଉଛି । ନ ହେଲେ ଏତେ ବିବର୍ଣ୍ଣ ହେବେ କାହିଁକି, ଏତେ ଅଳ୍ପ ବୟସରେ ଅଭିବୃଦ୍ଧି କମିଯାଉଛି କାହିଁକି ? ସେମାନଙ୍କର ବାପ-ମା, ବା ଶିକ୍ଷକମାନେ କ'ଣ ଏସବୁ ଦେଖନ୍ତି ନାହିଁ ! ଦେଶର ପିଲା ହେଲେ ଦେଶର ପ୍ରାଣ, ସେମାନଙ୍କର ଯଦି ଶରୀର, ମନ ଓ ପ୍ରକୃତି ଭଲରୂପେ ଗଢ଼ା ନହୁଏ, ତାହାହେଲେ କିପରି କାମ ଚଳିବ ? ଭଗବାନଙ୍କ ଅଭିପ୍ରାୟ ଯେ କ'ଣ । ଏହା ଯେପରି ଏକ ମେଘାଚ୍ଛନ୍ନ ଆକାଶଭଳି ଅବସ୍ଥା ।''

■■

ଷଷ୍ଠବିଂଶ ପରିଚ୍ଛେଦ

ମହେଶ୍ୱରୀ ମାତା ଆଜି ଚାଲିଗଲେ । ଏହି ଯେଉଁ କିଛିଦିନ ସେ ଏଠାରେ ଥିଲେ, ପ୍ରତ୍ୟହ ମୋ' ସହ ଦେଖା ହେଉ ବା ନହେଉ, ତାଙ୍କର ଅବସ୍ଥାନ ସମୟରେ ମୁଁ ଏକ ବିଶେଷ ଆନନ୍ଦ ଓ ଉଦ୍ଦୀପନା ଅନୁଭବ କରୁଥିଲି । ଆଜି ମନ ଖରାପ ନ ଥିଲା ସତ, ହେଲେ ତାଙ୍କର ଅନୁପସ୍ଥିତିରେ ହିଁ ତାଙ୍କ କଥା ମନେପଡୁଥିଲା । ଘର ଛାଡ଼ିଲେହେଁ ମାୟା-ମମତା ଛାଡ଼ି ହୁଏ ନାହିଁ । ସ୍ଥାନ ଉପରେ ମାୟା, ବ୍ୟକ୍ତିବିଶେଷଙ୍କ ଉପରେ ମାୟା ବା ମମତା, ଏ ସମସ୍ତ ମଣିଷର ପ୍ରକୃତି ସହ ବନ୍ଧା । ଖଣ୍ଡ ଭୈରବ ଆଜି ଯିବାବେଳେ କହିଲେ, ''ଆପଣଙ୍କ କଥା ଆମର ମନେରହିବ ।''

ଅଘୋରୀ ବାବାଙ୍କ ନିକଟକୁ ଆଜି ଯିବି ବୋଲି ଠିକ୍ କରିଥିଲି । ଦ୍ୱିପ୍ରହର ବେଳେ ଥରେ ଯାଇ ବୁଲିଆସିଲି । ତାଙ୍କୁ ଶ୍ମଶାନ ଆଡ଼େ ଦେଖିବାକୁ ପାଇଲି ନାହିଁ— ଘର ଆଡ଼କୁ ଗଲି, ସେଠାରେ ମଧ୍ୟ ନଥିଲେ । ଗଲେ କୁଆଡ଼େ ? ଏଆଡ଼େସେଆଡ଼େ ଦେଖିଲି— ନ ପାଇ ଶେଷରେ ଫେରିଆସୁଥିଲି । ଡମ ସ୍ତ୍ରୀମାନଙ୍କ ଦଳ ଜଙ୍ଗଲ ଆଡ଼କୁ ଅନ୍ୱେଷଣରେ ବାହାରିଛନ୍ତି, ସେମାନଙ୍କର ଗୀତର ସ୍ୱର ବହୁଦୂର ପର୍ଯ୍ୟନ୍ତ ଭାସିଆସୁଛି । କଳା ରଙ୍ଗ ହେଲେ କ'ଣ ହେବ, ସେମାନଙ୍କଠି ରୂପ ଅଛି, ଆକର୍ଷଣ ମଧ୍ୟ ରହିଛି । ସେମାନଙ୍କ ମୁଣ୍ଡରେ ବସ୍ତ୍ର ନ ଥାଏ, ନିଃସଂକୋଚ ଧୀର ଏବଂ ସ୍ୱଚ୍ଛନ୍ଦ ଗତି; ସେମାନଙ୍କୁ ଦେଖିଲେ ଭଲ ଲାଗେ । ଏଆଡ଼େସେଆଡ଼େ ସେମାନଙ୍କ ଦୃଷ୍ଟି, ଅଭୀଷ୍ଟ ବସ୍ତୁର ଅନ୍ୱେଷଣ ଲାଗି ଚଞ୍ଚଳ ନୟନ, ତା' ସଙ୍ଗେ ସଙ୍ଗେ ସେମାନଙ୍କର ସଙ୍ଗୀତର ଛନ୍ଦରେ କିଛି ବ୍ୟାଘାତ ଘଟି ନ ଥାଏ । ଏମାନେ ପ୍ରକୃତି କୋଳର ମଣିଷ, ତେଣୁ ସେମାନଙ୍କର ଆନନ୍ଦର ଅଭାବ ନଥାଏ, —ସଭ୍ୟଜଗତ ସହ ବିଚ୍ଛିନ୍ନ— ଉଚ୍ଚାଭିଳାଷର କୌଣସି ଧାର୍ ସେମାନେ ଧାରନ୍ତି ନାହିଁ । ସେଥିପାଇଁ ବୋଧହୁଏ ସେମାନଙ୍କ ମନରେ ଅବସନ୍ନତାର ଛାୟା ନଥାଏ । ଜଣେ-ଦୁଇଜଣ ଦିଗମ୍ବର ଶିଶୁ ମଧ୍ୟ ସେମାନଙ୍କ ଦଳରେ ଅଛନ୍ତି, ଆହୁରି ଅଛନ୍ତି କୌପୀନଧାରୀ ଦୁଇ-ତିନିଜଣ ଯୁବକ ଆଗେ ଆଗେ— ହାତରେ ଖୁବ୍ ଲମ୍ବା ବନ୍ଶୀ ପରି, ବୋଧହୁଏ ପକ୍ଷୀ ଧରିବାର ଅଠାକାଠି । ବୃକ୍ଷ-ପତ୍ର-ଶାଖା-ସମାଚ୍ଛାଦିତ ପକ୍ଷୀ-ନୀଡ଼ ଅନ୍ୱେଷଣରେ ବ୍ୟସ୍ତ ସେମାନଙ୍କ ନୟନ ଊର୍ଦ୍ଧ୍ୱଦିଗରେ ହିଁ ଘୂରି ଚାଲିଛି । ସ୍ତ୍ରୀଲୋକମାନେ କାଠ ଗୋଟାଇବାକୁ ଏବଂ ଗୋମୟ ସଂଗ୍ରହ କରିବାକୁ ଆସିଛନ୍ତି—ଦୁଇ ତିନିଜଣଙ୍କ ହାତରେ ଟୋକେଇ ଥିବାର ଦେଖୁଛି ।

ସେମାନେ ଗୀତ ଗାଇ ଗାଇ ବନାନ୍ତରାଳରେ ଲୁଚିଗଲା ପରେ ମୁଁ କିଛି ସମୟ ସେଠାରେ ରହି ପରେ ନିଜ ସ୍ଥାନକୁ ଫେରିଆସିଲି ।

ମନ ମୋ'ର ଆଜି କାହିଁକି ବଡ଼ ଅସ୍ଥିର ହେଉଛି । କାହାର ସଙ୍ଗ କାମନା କରୁଛି, କିନ୍ତୁ ଏପରି କେହି ଏଠାରେ ନାହାନ୍ତି, ଯାହା ନିକଟକୁ ଯାଇ ଅନ୍ତତଃ ଦୁଇ ଦଣ୍ଡଧରି ଆଳାପ କରିପାରିବି । ଯେଉଁମାନେ ଅଛନ୍ତି ଅନୁକୂଳାନନ୍ଦ ଆଦି, ସେମାନଙ୍କ ସଙ୍ଗେ କଥା କହିବାକୁ ବା ବସିବାକୁ ପ୍ରାଣ ଚାହେନା । କାରଣ ସେମାନଙ୍କ ଚିନ୍ତା, ଉଦ୍ଦେଶ୍ୟ ଓ ସାଧନ ମାର୍ଗ ପୃଥକ୍ । ମନହେଲା, ଥରେ ଖଣ୍ଡ ଭୈରବ ବୋଲି ଯେଉଁ ବ୍ୟକ୍ତିଙ୍କୁ ସେହି ଛୋଟ ସାଧନ-ମନ୍ଦିରରେ ଛାଡ଼ିଆସିଥିଲି, ତାଙ୍କ ପାଖକୁ ଟିକେ ଯାଏଁ । କିନ୍ତୁ ତାଙ୍କର ଯେଉଁସବୁ ଗୁଣର ପରିଚୟ କଥା ଶୁଣିଛି, ସେଥିରେ ତାଙ୍କ ସାଙ୍ଗରେ ମିଶି ଯେ କିଛି ଶାନ୍ତି ପାଇବି, ତାହା ମନେହେଲା ନାହିଁ । କ'ଣ କରିବି, କେଉଁଆଡ଼େ ବା ଯିବି, ତେଣେ ଶାଳବଣ ଭିତରେ ଟିକିଏ ବୁଲିଆସିବି ବୋଲି ଚିନ୍ତା କଲି—ଚାଲିଲି ସେଇ ଆଡ଼କୁ । ପ୍ରାୟ ପାଏ-ଦୁଇପା ବାଟ ଚାଲିଯାଇ ଜଙ୍ଗଲ ପାଖରେ ପହଞ୍ଚିଲି । ଦେଖିଲି, ଆମ ତ୍ରୈଲୋକ୍ୟ ଭଟ୍ଟାଚାର୍ଯ୍ୟ ଗୋଟିଏ ଗଇଁତି ଧରି ବଣ ପାଖରେ । ଭଟ୍ଟାଚାର୍ଯ୍ୟ ମହାଶୟ ଗୌରବର୍ଣ୍ଣ, ବେଶ୍ ସବଳ ଯୁବକ, କାଳୀମାତାଙ୍କର ନୂଆ ପୂଜାରୀ—କିଛିଦିନ ପୂର୍ବରୁ ତାଙ୍କ ସହ ସାମାନ୍ୟ କିଛି ଆଳାପ ହୋଇଥିଲା । ଏବେ ଗଇଁତି ହାତରେ ଏଆଡ଼େ କାହିଁକି ବୋଲି ପ୍ରଶ୍ନ କଲି । ସେ କହିଲେ, ''କିଛି ତାଳମୂଳୀ ସଂଗ୍ରହ କରିବା ଲାଗି ଆସିଛି । ଆପଣ ଏ ଆଡ଼େ ଯେ ?''

ମୁଁ କହିଲି, ''କିଛି ଉଦ୍ଦେଶ୍ୟ ନେଇ ନୁହେଁ, ଏମିତି ହିଁ ଆସିଛି । ଏଠାକୁ ଏତେଦିନରୁ ଆସିଲିଣି, ନିକଟରେ ଏପରି ସୁନ୍ଦର ଏକ ଶାଳର ଅରଣ୍ୟ । କେବେ ଦେଖିବାର ସୌଭାଗ୍ୟ ଘଟି ନାହିଁ । ଆଜି ସେଥିଲାଗି ଭାବିଲି, ଦେଖିଆସେ ।''

ସେ ଖୁସିହୋଇ କହିଲେ, ''ବେଶ୍, ଭଲ ହେଲା, ଚାଲନ୍ତୁ ଆଜି ଆମେ ଦୁହେଁ ବନଭ୍ରମଣ କରି ଯିବା । ଆପଣ ଗଛ-ବୁଦା ସବୁ ଚିହ୍ନନ୍ତି କି ?'' ମୁଁ କହିଲି, ''ଯେଉଁ ଦେଶର ଲୋକେ ଧାନଗଛରେ କଡ଼ିକାଠ ହୁଏ ବୋଲି ବିଶ୍ୱାସ କରନ୍ତି, ମୁଁ ସେହିଠାର ଲୋକ—ଜାଣନ୍ତି ତ !''

ସେ ହସିଦେଇ କହିଲେ, ''ଚାଲନ୍ତୁ, ମୁଁ ଯାହା କିଛି ଜାଣିଛି, ତାହା ଆପଣଙ୍କୁ ଦେଖାଇଦିଏ ।''

କି ଆନନ୍ଦ ପାଇଲି ଏହି ଶାଳବଣ ମଧ୍ୟରେ— ଚାରିଆଡ଼େ ଯେପରି ବିସ୍ତୃତ ହୋଇ ରହିଛି । ଶାଳଗଛଗୁଡ଼ିକ ଖୁବ୍ ବଡ଼ ହୋଇପାରି ନାହିଁ, କୋଡ଼ିଏ-ପଚିଶ-ତିରିଶ ଫୁଟ ହୋଇଗଲେ କାଟି ଚାଲାଣ କରାଯାଏ । ଏଠାରେ ଦେଖିଲି ପାଞ୍ଚ-ଛ' ଫୁଟ୍‌ରୁ ପ୍ରାୟ ତିରିଶ ଫୁଟ୍ ଉଚ୍ଚ ଗଛ । ଏପରି ସୁନ୍ଦର ପରିଚ୍ଛନ୍ନ ଜଙ୍ଗଲ ଏହା ପୂର୍ବରୁ ଦେଖିନାହିଁ । ଘଞ୍ଚ ହୋଇ

ଗଛର ଧାଡ଼ି, ପଛକୁ ପଛ ଲାଗି, ଲମ୍ବିଯାଇଛି ବହୁଦୂରଯାଏ—ଅନ୍ଧକାର ଭିତରେ ଯେପରି ତାହାର ଶେଷ । ଏହି ସକଳ ସରଳ-ସଳଖ ବୃକ୍ଷଶ୍ରେଣୀ ମଧ୍ୟରେ ଛୋଟ ଛୋଟ ବନୌଷଧି ବୁଦା । ତା' ଭିତରେ ତାଳମୂଳୀ, ଶତମୂଳୀ, ଦଶବାହୁ ଡଣ୍ଡୀ, ଅନନ୍ତମୂଳ ପ୍ରଭୃତି ଅନେକ ପ୍ରକାର ଗଛ ଭଟ୍ଟାଚାର୍ଯ୍ୟ ମୋତେ ଚିହ୍ନାଇଦେଲେ । ଶତମୂଳୀ ଗଛର ଉପରଟା ସାମାନ୍ୟ ଏକ ଲତା ପରି, ଯେପରି ମାଟି ଉପରେ ଛୋଟ ଏକ ଲତା ଗଛ ରହିଛି । ଗଇଁତି ଦ୍ୱାରା ଖୋଳୁ ଖୋଳୁ ମାଟିତଳୁ ବୃହତ୍ତର ଲମ୍ବା ମୂଳଗୁଚ୍ଛ ଦିଶିଲା । ଅନନ୍ତ ମୂଳ ମଧ୍ୟ ପ୍ରାୟ ଏହିପରି । ମାଟି ଉପରେ ସାମାନ୍ୟ ଲତାପତ୍ର ବାହାରିଛି, କିନ୍ତୁ ମାଟି ଭିତରେ ତା'ର ମୂଳ ଅନନ୍ତ ଭାବେ ପ୍ରସାରିତ ।

ତା'ପରେ ଭଟ୍ଟାଚାର୍ଯ୍ୟ ତାଳମୂଳୀ ଦେଖାଇଲେ । ପରିଷ୍କାର ଜମି ଉପରେ ସିଧା ପ୍ରାୟ ନଅଇଞ୍ଚ ଲମ୍ବା ସରୁ ତାଳପତ୍ରର ଅଙ୍କୁର ପରି ଏଠିସେଠି ଉଠିଛି । ତଳେ ଅନେକ ଖୋଳିଖୋଳି ତା'ର ମୂଳ ବାହାର କରାହେଲା । ଗୋଟିଏ ଶ୍ୱେତବର୍ଣ୍ଣର ସରୁ କନିଷ୍ଠାଙ୍ଗୁଳି ପରି ତାହାର ମୂଳ । ସେ କହିଲେ, ''ଖାଇ କରି ଦେଖନ୍ତୁ, କିପରି ସୁମିଷ୍ଟ ।'' ତାହା ମିଠା ସତ, ଅଳ୍ପ ତିକ୍ତ ଆଭାସ ମଧ୍ୟ ଥିବାର ଲାଗିଲା । ଏହିପରି ଶାଳବଣ ମଧ୍ୟରେ ଅନେକଗୁଡ଼ିଏ ଲତା-ଗୁଳ୍ମ ଦେଖିଲି, ଯାହା ପୂର୍ବେ କେବେ ହେଁ ଦେଖି ନ ଥିଲି । ଛୋଟ ଛୋଟ ପତ୍ର, ଶକ୍ତ କାଠ ପରି ଡାଳ, ଏକପ୍ରକାର ଲତାଗଛ ଦେଖାଇଦେଇ ସେ କହିଲେ, ''ଏହି ଦେଖନ୍ତୁ ବିଶଲ୍ୟକରଣୀ ।'' ମୁଁ କହିଲି, ''ତାହା ତ ଗନ୍ଧମାର୍ଦ୍ଦନ ପର୍ବତରେ ହୁଏ ।'' ସେ କହିଲେ, ''ତାହା ତ୍ରେତାଯୁଗର କଥା, ଏ ଯୁଗରେ ତ ଏ ସମସ୍ତ ଜଙ୍ଗଲରେ ହିଁ ମିଳେ ।''

ଶାଳବଣ ଭିତରେ ଏହି ବର୍ଷାକାଳରେ ମଧ୍ୟ ନାନା ଅନାବନା ଗଛ ନାହିଁ । ବିଶେଷତଃ ଏଠାରେ ଦେଖିଲି ପରିଷ୍କାରପରିଚ୍ଛନ୍ନତା । ଗଛମାନଙ୍କ ତଳେ ଯେପରି, ମନେହୁଏ, କେହି ପରିଷ୍କାର କରି ରଖିଛି । ଯେତେଦୂର ଯାଅ, ବୁଦା ଜଙ୍ଗଲ ହିଁ ନାହିଁ । ପଥ ରୁଦ୍ଧ କରି କିଛି ବୃକ୍ଷାଦି ଠିଆ ହୋଇନାହିଁ । ଆମେ ବଣ ଭିତରେ ବହୁଦୂର ଯାଏ ଯାଇଥିଲୁ । ବନର ଶୋଭା ଦେଖି ମନେମନେ ଠିକ୍ କଲି, ଥରେ ଏକୁଟିଆ ଆସି ମନଖୁସିରେ ଏହା ଭିତରେ ବୁଲିବି, ସମ୍ପୂର୍ଣ୍ଣ ଗୋଟିଏ ଦିନ ଉଦୟାନ୍ତ ଘୂରି-ବୁଲି କଟାଇବି । ଏବେ ଭଟ୍ଟାଚାର୍ଯ୍ୟ ତାଙ୍କର ପ୍ରୟୋଜନ ଅନୁଯାୟୀ ତାଳମୂଳୀ, ଆଉ କେତେ କ'ଣ ସବୁ ସଂଗ୍ରହ କରିନେଲେ । ଶେଷରେ ଆମେ ଫେରିଆସିଲୁ । ଏଠାର ବନପଥମାନ ଘୂରି-ଫେରି ବହୁଧା ବିଭକ୍ତ ହୋଇ ନାନା ଦିଗକୁ ଚାଲିଯାଇଛି । ସବୁ ଦିଗରୁ ଅରଣ୍ୟ ମଧ୍ୟକୁ ପ୍ରବେଶ କରିବା ସମ୍ଭବ । ସେ ପଟେ ବଣ କଡ଼ରେ ସାନ୍ତାଳମାନଙ୍କ ବସ୍ତି । କେତେଜଣ ଏକାଠି କାଠ ଗୋଛା କରି ମୁଣ୍ଡରେ ରଖି ଚାଲିଛନ୍ତି ।

ଏହି ବକ୍ରେଶ୍ୱରର ଚତୁର୍ଦ୍ଦିଗରେ ବିଶାଳ ମାଳଭୂମି । ବହୁଦୂରରେ ଗୋଟିଏ ପାହାଡ଼ର ନୀଳରେଖା ଦେଖାଯାଏ । ବିଶାଳ ପ୍ରାନ୍ତରର ଶୋଭା ଅପୂର୍ବ । ଦେଖିଦେଖି ଆମେ ରାସ୍ତାରେ

ଆସି ପହଞ୍ଚିଗଲୁ । ଦୂରରେ ଦେଖିଲି, ଅଘୋରୀବାବାଙ୍କ ପରି କେହି ଜଣେ, ପ୍ରାନ୍ତର ଛାଡ଼ି ରାସ୍ତାକୁ ଉଠିଲେ । ଭଟ୍ଟାଚାର୍ଯ୍ୟ ବାଟ କଟାଇଯିବାର ଦେଖି ମୁଁ ପ୍ରଶ୍ନ କଲି, ''ଏବେ ସେ ବାଟରେ କାହିଁକି ?'' ସେ ଆଡ଼ଚକ୍ଷୁରେ ଥରେ ଅଘୋରୀ ଆଡ଼କୁ ଦେଖାଇ କହିଲେ, ''ଦେଖୁଛନ୍ତି ନା ଅଯାତ୍ରା !'' ମୁଁ ପୁନରାୟ ପ୍ରଶ୍ନ କଲି, ''କିପରି ?'' ଭଟ୍ଟାଚାର୍ଯ୍ୟ କହିଲେ, ''ବେଟାର ଜାତିକୁଳର ଠିକ୍ ନାହିଁ, ଖାଦ୍ୟ ଅଖାଦ୍ୟର ବିଚାର ନାହିଁ । ରହିବାର ସ୍ଥାନ ଶ୍ମଶାନ, ଶାସ୍ତ୍ରଜ୍ଞାନ ନାହିଁ, ବେଟା ଅକାଟ୍ୟ ମୂର୍ଖ, ମାନ-ଅପମାନ ଜ୍ଞାନ ନାହିଁ—ଯାହାକୁ ତାହାକୁ ଯାଚ୍ଛା ତାହା କହିବସେ, ମହାଶୟ—କ'ଣ କହିବି, ଏହାକୁ ଦେଖିଲେ ହିଁ ମୋ'ର କିପରି ଏକ ଭୟ ହୁଏ ।'' ମୁଁ କହିଲି, ''ତାଙ୍କର ଯେଉଁ ଗୁଣଗୁଡ଼ିକର କଥା ଏବେ କହିଲେ, ତାକୁ ସଂସ୍କୃତ ଭାଷାରେ ଶିବଙ୍କର ସ୍ତୋତ୍ର ହେବ ଯେ—''

ଭଟ୍ଟାଚାର୍ଯ୍ୟ କହିଲେ, ''ହେଁ, ଶିବ ନା ଆଉ କ'ଣ, ଶିବଙ୍କ ସଙ୍ଗେ ତାଙ୍କର ତୁଳନା, ବେଟା ହାଡ଼ି, ମୋଚି, ମୁଡ୍‌ଫରକା ଅଧମ, ଜାତିର ଠିକଣା ନାହିଁ—ଏହି ଯେ, ବେଟା ଏହି ଦିଗକୁ ଆସୁଛି ଯେ ମହାଶୟ, ମୁଁ ତାହାହେଲେ ଆସେ ।'' ଦ୍ରୁତ ପଦକ୍ଷେପରେ ଭଟ୍ଟାଚାର୍ଯ୍ୟ ତାଙ୍କର ବନୌଷଧିର ପୁଟୁଳାଟା ନେଇ ଗାଁ ରାସ୍ତାରେ ପଶିଗଲେ, ଥରେ ମଧ ପଛକୁ ଚାହିଁଲେ ନାହିଁ । ମୁଁ ଫେରିଚାହିଁ ଦେଖେ ଯେ ଅଘୋରୀ ବାବା ମୋ' ପଛରେ ।

ସେତେବେଳେ ଖୋଜି ପାଇ ନଥିଲି । ଏବେ ମୋ ପଛରେ ତାଙ୍କୁ ଦେଖିଦେଇ ପ୍ରଫୁଲ୍ଲ ମନରେ ଯୋଡ଼ହସ୍ତରେ ପ୍ରଣାମ କରି ପ୍ରଶ୍ନ କଲି, ''ଏଆଡ଼େ କେଉଁଠିକୁ ଯାଇଥିଲେ, କେବେହେଲେ ଆପଣଙ୍କୁ ସେ ଦିଗରୁ ଆସିବା ଦେଖିନାହିଁ !'' ସେ କୌଣସି କଥା କହିଲେ ନାହିଁ, ଯେପରି କେହି କିଛି ତାଙ୍କୁ ପଚାରି ନାହିଁ । ମୁହଁକୁ ଚାହିଁ ଦେଖିଲି, ବଡ଼ ହିଁ ଗମ୍ଭୀର—ଏପରି କିଛି ଲକ୍ଷଣ ନାହିଁ, ଯେଉଁଥିରେ ଆଉ କିଛି ସାହସ କରି କହିପାରିବି । ଭାବିଲି, ରାସ୍ତାରେ ହୁଏତ କଥା କହିବେ ନାହିଁ । ମୁଁ ତାଙ୍କ ପଛରେ ଚାଲିବାକୁ ଲାଗିଲି । ବାଟରେ ସେ କିଛି କଥା କହିଲେ ନାହିଁ । ଧୀରେ ଧୀରେ ଚାଲିଚାଲି ଶେଷରେ ଯେତେବେଳେ ଶ୍ମଶାନ ମଝିରେ ଆସି ପହଞ୍ଚିଲେ, ସେତେବେଳେ ସନ୍ଧ୍ୟା ଘୋଟିଆସୁଛି ।

ଏଠାକୁ ଆସି, କେଉଁଆଡ଼କୁ ନ ଦେଖି ଗୋଟିଏ ଜାଗାରେ ସେ ବସିପଡ଼ିଲେ । ଟିକିଏ ଦୂରରେ ମୁଁ ମଧ ବସିଗଲି । ସେ ମୋତେ ଦେଖି କିଛି କହିଲେ ନାହିଁ । ଅନେକ ସମୟ ଚୁପ୍‌ଚାପ୍ ରହିଲେ, କିଛି କଥାବାର୍ତ୍ତା ନାହିଁ । ମୁଁ ସ୍ଥିର ଭାବରେ ବସିଛି— କଥା କହିବାର ପ୍ରବୃତ୍ତି ହେଉ ନାହିଁ । କ୍ରମେ ଏକବାର ସ୍ଥିର ଓ ନିଶ୍ଚଳ ହୋଇଗଲି । କିଛି ସମୟ ପରେ ସେ ଧୀରେ ଧୀରେ ପ୍ରଶ୍ନ କଲେ, ''କ'ଣ ଦେଖୁଛୁ ?'' ମୁଁ କହିଲି, ''ଏକ ପୁରୁଷ ମୂର୍ତ୍ତି ।'' ସେ କହିଲେ, ''ଶଳା, ଖାଲି ମୋ' କଥା ଭାବୁଛୁ, ଏବେ କହ ତ, ତାହା ତୋ' ଭିତରର ନା ବାହାରର ?''

ଏହି ଯେଉଁ ଭିତରେ ନା ବାହାରେ, ଏହି କଥା ଭିତରେ ଗୋଟିଏ ବ୍ୟାପାର ଅଛି, ଯାହାର ବିବରଣୀ ଟିକିଏ ଜାଣିବା ଭଲ । ଆମେ ଯାହାକିଛି ଦେଖୁ, ତାହା ବାହାରୁ ଦେଖୁ, ଅର୍ଥାତ୍ ମୁଁ ଏକ ସତ୍ତା ରୂପେ ଅନ୍ୟ ଏକ ସତ୍ତାକୁ ଦେଖୁଛି । ତା'ହେଲେ ଦୁଇଟି ପୃଥକ୍ ଅସ୍ତିତ୍ୱ ହେଲା ଗୋଟିଏ ଦ୍ରଷ୍ଟା ଓ ଅନ୍ୟଟି ଦୃଶ୍ୟ । ଏବେ ବୁଝିବାକୁ ପଡ଼ିବ, ମୁଁ କହିଲେ, ମୋ' ଅନ୍ତଃକରଣ ସହିତ (ମନ, ବୁଦ୍ଧି, ଚିତ୍ତ ଓ ଅହଂକୁ ନେଇ ଅନ୍ତଃକରଣ) ଏହାକୁ ନେଇ ମୋ'ର ଯାହା କିଛି ବୋଧ, – ଏହା ବ୍ୟତୀତ ଯାହା କିଛି ବାହାରେ ଦେଖାଯାଏ, ତା'କୁ ହିଁ ସେ 'ବାହାରର' କହିଛନ୍ତି, ଆଉ ଭିତରର କହିଲେ ଅନ୍ତଃକରଣ ଅଥବା ସୂକ୍ଷ୍ମରୂପେ 'ମୁଁତ୍ୱ' ବୋଲି ଆମର ଯେଉଁ ସତ୍ତାର ବୋଧ, ତାହା ମଧ୍ୟରେ ହିଁ; ଅର୍ଥାତ୍ ଦ୍ରଷ୍ଟାର ସଙ୍ଗେ ଦୃଶ୍ୟର ଏକୀଭୂତ ହେବା– ଏହାକୁହିଁ ସେ କହୁଛନ୍ତି 'ଭିତରର' । ମୁଁ କହିଲି, ''ବାହାରର ।'' ଶୁଣିନେଇ ସେ କହିଲେ, ''ତାହା କିଛି ନୁହେଁ, ତୁ ପଶି ଯା', ପଶି ଯା' ତା' ଭିତରେ ।'' ତା'ପରେ ସେ କହିଲେ, ''ତୋର 'ମୁଁ' ଟା କେଉଁଠି ?'' ମୁଁ କହିଲି, ଠିକ୍ ରୂପେ ବୁଝିପାରୁନାହିଁ । ସେ ଯେପରି କହିଲେ, ''ଥା' ତୁ ଏହିପରି ।''

ପ୍ରଥମେ ମୁଁ ଯେଉଁ ମୂର୍ତ୍ତି ଦେଖୁଥିଲି, ତନ୍ମୟତା ଗୁଣରେ ତାହାକୁ ଚିତ୍ତ ମଧ୍ୟରେ ହିଁ ଦେଖୁଛି, ଏହିରୂପକୁ ମନେକରୁଥିଲି । ତା' ପରେ ଯେତେବେଳେ କହିଲେ,– ''ଡୁବି ଯା' ତା' ଭିତରେ, ସେତେବେଳେ ମୁଁ ଦେଖୁଛି, ଏହି ବୋଧଟି କ୍ରମେ କ୍ରମେ ସେହି ମୂର୍ତ୍ତି ମଧ୍ୟରେ ଅନୁଭୂତ ହେବାକୁ ଲାଗିଲା । ପରେ ଯେତେବେଳେ କହିଲେ, 'ମୁଁ'ଟି କେଉଁଠି ?'' ସେତେବେଳେ ଧୀରେ ଧୀରେ 'ମୁଁ 'ବୋଧ ବା ଅନୁଭବଟି, ବିରାଟ ମୂର୍ତ୍ତିମନ୍ତ ହୋଇଯାଇଛି– 'ମୁଁ' ତାହାଙ୍କର ତନ୍ତ୍ରାଭିଳାଷୀ ନୁହେଁ । ଜ୍ଞାନେନ୍ଦ୍ରିୟମାନ ଯେପରି ଏକହୋଇଯାଇଛି । ମୁଁ ଯାହା ଦେଖୁଛି, ଯାହା ଶୁଣୁଛି, ତାହା ହିଁ ସ୍ପର୍ଶ କରୁଅଛି, ଯାହା ରସମୟ ଓ ଦିବ୍ୟ ଗନ୍ଧମୟ । ପ୍ରଥମେ ଗନ୍ଧ ଚାଲିଗଲା, ତା'ପରେ ରସବୋଧ ମଧ୍ୟ ଚାଲିଗଲା, ତା'ପରେ କ୍ରମେ କ୍ରମେ ରୂପ ମଧ୍ୟ ଚାଲିଗଲା, ମାତ୍ର ଅନ୍ଧକାର ବୋଧ ହେଲାନାହିଁ, ବହୁ ବିସ୍ତୃତ ସ୍ପର୍ଶ ବୋଧ ସହ 'ମୁଁ' ଅଛି, ଆଉ ଏକ ଅପୂର୍ବ ଧାରାରେ ଧ୍ୱନିତ ଶବ୍ଦର ସ୍ପର୍ଶ ମଧ୍ୟ ତାହା ସହିତ ଜୋଡ଼ିହୋଇ ରହିଛି । କେତେ ସମୟ ପରେ ଶବ୍ଦ ମଧ୍ୟ ଚାଲିଗଲା–କେବଳ ରହିଗଲା ସ୍ପର୍ଶମୟ 'ମୁଁ'– ତାହା ମଧ୍ୟ ଚାଲିଗଲା, ଏବେ କେବଳ 'ମୁଁ' ଏହି ବୋଧଟିକକ ରହିଗଲା, ତା'ପରେ ଆଉ କିଛି ଜ୍ଞାନ ରହିଲା ନାହିଁ ।

କିଛି ସମୟ ପରେ ଯେତେବେଳେ ସେହି ଶ୍ମଶାନକ୍ଷେତ୍ର ଅନ୍ଧକାରମୟ ହୋଇଯାଇଛି, ଏ ଭିତରେ ମୁଁ ଆଖି ଖୋଲି ଚାହିଁଲି । ଦେଖିଲି, ସେ ନାହାନ୍ତି,– କେହି ମଧ୍ୟ ନାହାନ୍ତି, କେବଳ ମୁଁ ଅଛି । କିଛି ସମୟ ଧରି ବସିରହିଲି । ଏଥର ଉଠିପଡ଼ିବି ଭାବୁଛି, ଦେଖିଲି ସେ ଆସୁଛନ୍ତି । ଆଉ ଉଠିଲି ନାହିଁ ।

ପାଖକୁ ଆସି ଅଘୋରୀ ପ୍ରଶ୍ନ କଲେ, ''କିରେ ଶଳା, ଏତେବେଳ ପର୍ଯ୍ୟନ୍ତ କ'ଣ କଲୁ ? ତୋର 'ମୁଁ'କୁ ଦେଖିଲୁ ?''

ମୁଁ କହିଲି, ''ହଁ, କିଛି ସେପରି ଦେଖିଲି ।''

''କ'ଣ ଦେଖିଲୁ ?'' ମୁଁ କହିଲି, ''କେବଳ 'ମୁଁ' ଅଛି, ଏହି ଟିକକ ବୋଧ ତ ଥିଲା । ଆଉ କିଛି ତ... ।'' ବାଧାଦେଇ ସେ କହିଲେ, ''ଦେହ, ନାମ, ରୂପ, ଏସବୁ ମନେ ଥିଲା ?''

''ନା, ଶେଷରେ ଏ ସମସ୍ତ ବୋଧ କିଛି ହିଁ ନ ଥିଲା ।'' ସେତେବେଳେ କହିଲେ, ''ଏହି ଟିକକ ହିଁ ତୋର 'ମୁଁ', ଏବେ ବୁଝିନେ ଏହି ଜଗତ-ପ୍ରପଞ୍ଚର ସଙ୍ଗେ ତୋ'ର ଅସଲ ସମ୍ବନ୍ଧଟା କ'ଣ ?''

ମୁଁ ପଚାରିଲି, ''ଦେହତ୍ୟାଗ ପରେ କ'ଣ ଏହି ଟିକକ ମାତ୍ର ଥାଏ ?'' ସେ କହିଲେ, ''ସମସ୍ତଙ୍କର କ'ଣ ଥାଏ ? ଯାହାର ସାଧନ ଅଛି, 'ମୁଁ' ସତ୍ତାର ତୀବ୍ର ଅନୁଭୂତି ଅଛି, ତାହାର ହିଁ ଥାଏ, ନ ହେଲେ ସାଧାରଣରେ ତାହା ମଧ୍ୟ ରହେ ନାହିଁ । ଏବେ ତୁ ବୁଝିପାରୁଛୁ ତ ରୂପଫୁପ, ଏସବୁ ବାହାରର ଦେଖା– କିଛି ଗୋଟାଏ ରୂପ ଦେଖିଲେ ହିଁ ଚାରିଟା ହାତ ବାହାରି ନ ଥାଏ ।''

ମୋ' ଭିତରେ ସେତେବେଳେ ଏକ ନିଶା ପରି ଭାବ ହିଁ ରହିଥିଲା, ବେଶୀ କଥା କହିବାକୁ ଇଚ୍ଛା ହେଉନଥିଲା । ମନେହେଲା ଆନନ୍ଦମୟ ଏକ ଅବସ୍ଥାରୁ ଫେରିଆସି ଯେପରି ଗୋଳମାଳରେ ପଡ଼ିଯାଇଛି ।

ସେ କହିଲେ, ''ତୁ ଭାବୁଛୁ କ'ଣ ? ଅନେକ ଗୋଳମାଳ ସୃଷ୍ଟିକରିବୁ, ପୁଣି ସେସବୁକୁ କାଟିଦେଇ ତୋତେ ଯିବାକୁ ପଡ଼ିବ । ସଂସାରରେ ତୋ'ର ଅନେକ ଦେଣା-ପାଉଣା ଅଛି । ହିସାବ-ନିକାଶ ନ ହେଲେ ତୁ ଯିବୁ କୁଆଡ଼େ ?''

ମୁଁ କହିଲି, ''କାହା ସଙ୍ଗେ ସମ୍ବନ୍ଧ ନ ରଖିଲେ ତ କଥା ସରିଲା, ମୁଁ ମୋ'ର ଅନୁଭୂତିକୁ ନେଇ ଏକୁଟିଆ ରହିବି ନାହିଁ କାହିଁକି ?''

''ତୋ'ର କ'ଣ ସେ ସାଧ୍ୟ ଅଛି ? ଏବେ ଏପରି କହୁଛୁ ସତ, ଏହାପରେ ତୁ ପ୍ରକୃତିବଶରେ ପଡ଼ି ନିଜେ ହିଁ କେତେ ସମ୍ବନ୍ଧ କରିବୁ । ଏହି ଅବସ୍ଥାରୁ ଅନ୍ତର ହେବା ସଙ୍ଗେ ସଙ୍ଗେ ସମସ୍ତେ ଚାପିଧରିବେ ସେତେବେଳେ ।''

ମୋ'ର ସେତେବେଳେ ମନେହେଲା, 'ମୁଁ' ଅଛି, ଏହି ଜ୍ଞାନଟିକୁ ସମ୍ବଳ କରି ଦେଇ ମଣିଷ କେତେ ଯେ କାଣ୍ଡ, କେତେ ବିପର୍ଯ୍ୟୟ ଘଟାଇଥାନ୍ତି–

ସେ କହିଲେ, ''ହାଁ, ଏହା ମଧ୍ୟରେ ତାହାହେଲେ ଆଉ ଗୋଟାଏ ହାତ ଦେଖା ଯାଉଛି ନା କ'ଣ,– ଯାହାର ଉଦ୍ଦେଶ୍ୟ ସଫଳ କରିବାକୁ ଆମର ଏହି ସବୁ କର୍ମକାଣ୍ଡ ଭିତର ଦେଇ ଚାଲିବାକୁ ହେଉଛି ?''

''ତାହା ଏବେ ବୁଝି ପାରୁଛି ସତ, କିନ୍ତୁ କର୍ମ କରିବା ସମୟରେ ଆଉ କାହାକୁ ଦେଖା ଯାଇ ନଥାଏ ତ !''

ସେ କହିଲେ, ''ଏହି ତ ହେଲା ରହସ୍ୟ,– ଏହିସବୁ ବୁଝିନେଇ ଯଦି ସବୁ କାମରେ ଚାଲାକ ହୋଇ ଆଗେଇଯାଇ ପାରୁ, ତେବେ ତ ଜାଣିବି ! ସାଧନା ଦୁଇ ରକମ, ଗୋଟିଏ ରକମ ହେଲା, ଶିବ ହିଁ ଯେ ଶକ୍ତିର ମଧ୍ୟ ଦେଇ ଜଗତର ସକଳ କର୍ମ ମୂଳରେ ଅଛନ୍ତି । ମୁଖର କଥା ନୁହେଁ– ଏହି ବୁଦ୍ଧିଟି ଯେମିତି ପକ୍କା ହୁଏ, ତାହାରି ପାଇଁ ହିଁ ସାଧନା, ଏଥିରେ ପାଞ୍ଚଜଣଙ୍କ ସହ ମଳିମିଶି ସୁଖରେ ସଂସାର-ଜୀବନ କଟାଇଦେଇହୁଏ । ଅନ୍ୟ ସାଧନଟି ହେଲା ନିଜର ମୁକ୍ତି ପାଇଁ, କର୍ମ ବା ସଂସାର ଠାରୁ ପୃଥକ୍, ଅର୍ଥାତ୍ ନିଜକୁ ଏକବାର ପୃଥକ୍ କରି ପକାଇବା । ତାହା ହୋଇପାରେ ନାହିଁ । ଲକ୍ଷ କୋଟି ମଧ୍ୟରେ ଗୋଟାଏ ହୁଏ କି ନାହିଁ । କାରଣ ମୂଳତଃ ସେଥିରେ ତ୍ରୁଟି ରହିଯାଏ ।''

''ଏଠାରେ ତ ଦେଖିବାକୁ ପାଏ, ଭଗବାନଙ୍କ ସହ ସମ୍ବନ୍ଧ ନ ରଖି ମଧ୍ୟ କେତେ କ'ଣ ସବୁକୁ ଆଧାରକରି ଏହି କର୍ମଜଗତରେ ସାଧନା କରୁଛନ୍ତି– ସେଥିରେ ମଧ୍ୟ କଲ୍ୟାଣ ହେଉଛି ।''

''କଥାକଥାକେ ଯିଏ ଭଗବାନଙ୍କ ଦୋହାଇ ଦେଇ କଥା କୁହେ, ଯେପରି ଭଗବାନଙ୍କ ସଙ୍ଗେ ତାହାର କେତେ ଜଣାଶୁଣା ପରିଚୟ ଅଛି, ସେମାନଙ୍କର ମୁଣ୍ଡ ଖରାପ ବୋଲି ଧରିନେବାକୁ ପଡ଼ିବ । ସେମାନଙ୍କ ସଙ୍ଗ ତ୍ୟାଗ କରିବା ହିଁ ଭଲ । ସେମାନଙ୍କୁ ଭଣ୍ଡ ହିଁ କୁହାଯାଏ । ଏଠାରେ କର୍ମକ୍ଷେତ୍ରରେ ଶକ୍ତି ଓ ବୁଦ୍ଧିକୁ ନେଇ କାରବାର । ଯାହାର ତାହା ଅଛି, ସେ ମନ ମଧ୍ୟରେ ଭଗବାନଙ୍କୁ ସ୍ମରଣ କରୁ ବା ନକରୁ, ସେଥିରେ କିଛି ଯାଏଆସେନା । ବରଂ ନିଜର ଶକ୍ତି ଓ ଜ୍ଞାନ ବୁଦ୍ଧି ସହ ସତ୍ ଉଦ୍ଦେଶ୍ୟମୂଳକ କର୍ମ କରିଯାଆନ୍ତି । ଯେଉଁମାନେ ଭଗବାନଙ୍କ କଥା ମନରେ ମଧ୍ୟ ଆଣି ନଥାନ୍ତି, ସେମାନେ ହିଁ ତାଙ୍କ ହିସାବରେ ଶ୍ରେଷ୍ଠ ବ୍ୟକ୍ତି– ଅନ୍ତରରେ ସେମାନେ ଆନନ୍ଦ ଲାଭ କରନ୍ତି, ସେମାନେ ହିଁ ତାଙ୍କର ପ୍ରିୟ ସନ୍ତାନ । ଯେଉଁମାନେ ଶକ୍ତିମାନ ବ୍ୟକ୍ତି ତାଙ୍କର ସ୍ପର୍ଶ ପାଇ ହିଁ ରହିଛନ୍ତି, ଆଉ ଶକ୍ତିହୀନ ଯେଉଁମାନେ କେବଳ ଭଗବାନ ଭଗବାନ କରୁଛନ୍ତି, ସେମାନେ ବାହ୍ୟ ଜଗତ ସମ୍ପର୍କରେ ତାଙ୍କ ସହ ସମ୍ବନ୍ଧ ଛିନ୍ନ କରିଦେଇଛନ୍ତି । ତାହାର ଫଳ ସ୍ୱରୂପ ସେମାନେ ଯେ ଅପଦାର୍ଥ, ତାହା ହିଁ ପ୍ରମାଣ କରୁଛନ୍ତି । କଥାଟା ସହଜରେ ବୁଝିପାରୁଛୁ ତ ? ଏଠାରେ ସବୁ କିଛି ହିଁ ଦିଆଯାଇଛି– ବୁଦ୍ଧି ଓ ଶକ୍ତି ସାହାଯ୍ୟରେ ଯାହା ତୁମର ପ୍ରୟୋଜନ, ତାହାକୁ ଉପାର୍ଜନ କରି ନେଇ ଜୀବନର

ଉଦ୍ଦେଶ୍ୟ ସଫଳ କରୁନାହିଁ କାହିଁକି ? ପ୍ରକୃତରେ ଯାହାର ଶକ୍ତିର ଅଭାବ ଯେଉଁମାନେ ଦୁର୍ବଳ ବ୍ୟକ୍ତି, ସେମାନେ ଶକ୍ତି ଲାଭ କରିବା ପାଇଁ ଭଗବାନଙ୍କର ଶରଣାପନ୍ନ ହୁଅନ୍ତି । ଆମ ଦେଶରେ ବହୁ କାଳରୁ ସାଧାରଣଙ୍କ ମଧ୍ୟରେ ଏହି ସଂସ୍କାର ଦୃଢ଼ ହୋଇ ରହିଛି ଯେ ଭଗବାନଙ୍କୁ ଡ଼ାକିଲେ ହିଁ ଶକ୍ତି ମିଳିଥାଏ, ଦୁଃଖଠାରୁ ମୁକ୍ତି ମିଳି ଥାଏ । କିନ୍ତୁ ତାଙ୍କୁ କିପରି ଡାକିବା ଦ୍ୱାରା ତାହା ଠିକ୍ କାର୍ଯ୍ୟକାରୀ ହେବ, ସେମାନଙ୍କର ସେ ବୁଦ୍ଧି ନଥାଏ । ହିଂସା-ବିଦ୍ୱେଷ ବଶରେ ଜଣକୁ ଅଭିଶାପମୁଣି ଦେବାଲାଗି ହିଁ ଭଗବାନଙ୍କୁ ଡ଼ାକୁଛନ୍ତି– ନିଜର ମଙ୍ଗଳ ଲାଗି ମଧ୍ୟ ଡାକୁଛନ୍ତି । ଏହିସବୁ କାରବାରରେ ଭଗବାନଙ୍କର ନାମନେବା ଆମ ଦେଶରେ । ସ୍ଥୂଳ ଭାବରେ, ସୂକ୍ଷ୍ମ ଭାବରେ, ସକଳ ଭାବରେ ହିଁ, ବସ୍ତୁ ସହ ଆଦୌ ପରିଚୟ ନାହିଁ, କେବଳ ନିଜ ସ୍ୱାର୍ଥରେ ଏହି ନାମର ବ୍ୟବହାର ଯେ କେତେ ଶକ୍ତିହୀନତାର ପରିଚୟ, କେତେ ଅଧର୍ମ, ଅନ୍ୟାୟ, ଏହାର ଯଦି ସେମାନେ ଟିକିଏ ସୂଚନା ପାଉଥାନ୍ତେ, ତେବେ ତ ଲଜ୍ଜାରେ ମରିଯାଉଥାନ୍ତେ । ସେମାନେ ସ୍ୱଚ୍ଛନ୍ଦ ଭାବରେ ସମାଜରେ ଚଳିଯାଉଛନ୍ତି । କାରଣ ସମାଜର ଅଧିକାଂଶ ବ୍ୟକ୍ତି ହିଁ ତଦ୍ରୁପ । ଏହାର ଫଳ କ'ଣ ଜାଣିଛୁ ? ଏହାର ପରିଣାମ କ'ଣ ? ''

''ମୋ ପକ୍ଷରେ କ'ଣ ତାହା ଜାଣିବା ସମ୍ଭବ ?''

''ଏହାର ପରିଣାମ ହେଲା ଏ ଦେଶରୁ ଭଗବାନଙ୍କ ନାମ ଲୋପପାଇବା ।''

■■

ସପ୍ତବିଂଶ ପରିଚ୍ଛେଦ

କିଛିଦିନ ଧରି ଅବିଶ୍ରାନ୍ତ ବର୍ଷାର ପ୍ରକୋପରେ ଥଣ୍ଡାଲାଗି ମୋ'ର ଦେହ ବଡ଼ ଖରାପ ହୋଇଯାଇଥିଲା । ପେଟ ଭିତରେ କିଛି ଯନ୍ତ୍ରଣା ଅନୁଭବ କରୁଥିଲି । ମଝିରେମଝିରେ ଯନ୍ତ୍ରଣା ମଧ୍ୟ ଅଧିକା ଜଣାପଡୁଥାଏ । ଅମାଶୟ ହୋଇଛି– ଏହା ମନରେ ଭାବି କଞ୍ଚା ବେଲକୁ ପୋଡ଼ି ଦେଇ କିମ୍ବା ସିଝାଇ ଗୁଡ଼ ମିଶାଇ ଖାଲିପେଟରେ ଖାଇବାକୁ କହିଥିଲେ ପୁଣ୍ଡରୀକ । ସେହିପରି କିଛି ଦିନ ପର୍ଯ୍ୟନ୍ତ ବ୍ୟବହାର କରୁଥିଲି । ଏଠାରେ ବେଲଗଛର ଅଭାବ ନାହିଁ । ଚାରିଆଡ଼େ ଗଛ, କଞ୍ଚା ବେଲ ମଧ୍ୟ ପ୍ରଚୁର । ଅପରାହ୍ଣରେ ଗୋଟିଏ ଶ୍ରୀଫଳ-ବେଲ ପାରି ନିକଟସ୍ଥ ଗୋଟିଏ କୁଣ୍ଡ ଭିତରେ ପାଣିରେ ବୁଡ଼ାଇ ରଖୁଥିଲି । ସେହି ଅତ୍ୟୁଷ୍ଣ ଜଳ ମଧ୍ୟରେ ସାରା ରାତ୍ର ଏହା ସିଝୁଥାଏ, ସକାଳେ ସମସ୍ତ କାର୍ଯ୍ୟ ଶେଷ କରି ବେଲଟିକୁ ନେଇ କାଳୀବାଡ଼ୀଠାରୁ କିଛି ଗୁଡ଼ ସଂଗ୍ରହ କରି ତାହାକୁ ଉପଭୋଗ କରୁଥିଲି ।

ବର୍ଷାକାଳରେ ସମସ୍ତ ଗ୍ରାମର ଭୂମି ଓଦା ହୋଇଯାଇଛି । ସବୁ ସମୟରେ ଥଣ୍ଡା ପବନର ହାଓ୍ୱା ଆଉ ମାଟିର ବାସ୍ନା ଏହି ପୀଠସ୍ଥଳୀର ସବୁଆଡ଼େ ସବୁବେଳେ ଅନୁଭୂତ ହେଉଥିଲା । ରାତ୍ରିକାଳରେ ଯେଉଁଠାରେ ଶୟନ କରେ, ତାହାର ଚାରିଆଡ଼ ଛାତରୁ ପାଣି ଗଳିପଡ଼େ, ବୃଷ୍ଟି ସମୟରେ ସ୍ଥାନଟି ଭାସିଯାଏ– ଦେହ ତଳେ ଥିବା କମ୍ବଳଟି ଓଦା ହୋଇଯାଏ । ଏହିସବୁ କାରଣରୁ ଶରୀର ଆଉ ରୋଗମୁକ୍ତ ହେଉ ନଥାଏ । ମଝିରେ-ମଝିରେ ଭାବେ ଏଠାରୁ ଚାଲିଯାଏଁ, ମାତ୍ର ଏଠାରୁ ଚାଲିଗଲେ ଅଘୋରୀଙ୍କୁ କେଉଁଠୁ ପାଇବି ? ତାଙ୍କ ସଂସର୍ଗ ଛାଡ଼ିବାକୁ ପ୍ରାଣ ଚାହେନା ! କାଲି ଭୋଳା ଡମ ସଙ୍ଗେ ଦେଖା ହୋଇଥିଲା । ସେ କହିଲା, ''ବାବା ତ ଏଠାରେ ଆଉ ରହିବେ ନାହିଁ ।'' ପ୍ରଶ୍ନ କଲି, ''କୁଆଡ଼େ ଯିବେ, ଜାଣିଛ ?'' ସେ କହିଲା, ''ଗୋଟାଏ କେଉଁଆଡ଼େ ଚାଲିଯିବେ ଗୋ, ତାଙ୍କର ପୁଣି ଯିବାର ଭାବନା ! କେଉଁ ଏକ ଶ୍ମଶାନରେ ଯାଇ ଉଠିବେ ଗୋ ।''

ଆଜି ସକାଳେ ସିଝାବେଲଟିକୁ ଧରି କାଳୀବାଡ଼ୀ ଗଲି, ଭୋଜନ ଶେଷ କରିଦେଇ ଶ୍ମଶାନକୁ ଅଘୋରୀ ବାବାଙ୍କ ପାଖକୁ ଯିବାର ଉଦ୍ଦେଶ୍ୟ ଥିଲା । ଦେଖିଲି, ମନ୍ଦିର ଭିତରେ ଆମର ସେହି ତ୍ରୈଲୋକ୍ୟ ଭଟ୍ଟାଚାର୍ଯ୍ୟ ପୂଜା ଯୋଗାଡ଼ରେ ଅଛନ୍ତି । ମୋତେ ଦେଖି ବାହାରକୁ ଚାଲିଆସିଲେ– କହିଲେ, ''ଦେଖା ମିଳିଲା, ଭଲ ହେଲା, ଆପଣଙ୍କ ପାଖକୁ ଯାଉଥିଲି । ପଶ୍ଚିମରୁ ଜଣେ ସାଧୁ ଆସିଛନ୍ତି, ବଙ୍ଗାଳୀ ସାଧୁ । ଆପଣଙ୍କ ସଙ୍ଗେ ପରିଚୟ

କରାଇଦେବି । ତାଙ୍କୁ କହିଛି ଟିକିଏ ପରେ ସେ ଏଠାକୁ ଆସିବେ ।'' ମୁଁ କହିଲି, ''ମହାଭାଗ୍ୟ ମୋର ତାଙ୍କ ସହ ସାକ୍ଷାତ ମିଳିବ । ତେବେ, ମୁଁ ଟିକିଏ ବୁଲିସାରି କିଛି ସମୟ ପରେ ଆସିବି, ବିଶେଷ ଦରକାର ଅଛି ।'' ଶୀଘ୍ର ଫେରିଆସିବାକୁ ଅନୁରୋଧ ଜଣାଇ ସେ ନିଜ କାମରେ ମନଦେଲେ । ମୁଁ ମଧ୍ୟ ବେଲ ଓ ଗୁଡ଼ କାମଟି ଶେଷ କରି ଉଠିପଡ଼ିଲି ।

ଶ୍ମଶାନକୁ ଯାଇ ଦେଖେ, ଆମର ଅଘୋରୀ ବାବା ଗୋଟିଏ ଗଛତଳେ ବେଶ୍ ପ୍ରଫୁଲ୍ଲ ମନରେ ବସି ଜଣେ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା କରୁଛନ୍ତି । ସେହି ବ୍ୟକ୍ତିଙ୍କୁ ଏଠାରେ ଥରେ ଦୁଇଥର ଦେଖିଛି ବୋଲି ମନେହେଲା । ସେ ବାବାଙ୍କର ଜଣେ ମଦ୍ୟ ସଙ୍ଗୀ । ଯେତେବେଳେ ବାବାଙ୍କୁ ଏଭଳି ଲୋକଙ୍କ ସହ ଦେଖାଯାଇଥାଏ, ବୁଝିବାକୁ ହେବ ଯେ ମଦ ବେପାର ଏହା ଭିତରେ ରହିଛି । ନ ହେଲେ ସାଧାରଣ କୌଣସି ସାଧୁ ପରି ଗୋଟିଏ ସ୍ଥାନରେ ଭକ୍ତ ବା ଶିଷ୍ୟ ପରିବେଷ୍ଟିତହୋଇ କୌଣସି ରକମ ସତ୍-ପ୍ରସଙ୍ଗ ଆଲୋଚନାରେ କାଳାତିପାତ କରିବାକୁ ତ କେବେ ଦେଖିନାହିଁ । ପୂର୍ବରୁ କହିଛି, ବାବା କାହାକୁ ଶିଷ୍ୟ କରନ୍ତି ନାହିଁ; ମନ୍ତ୍ର-ତନ୍ତ୍ରର କଥା ଦୂରେ ଥାଉ, କାହାକୁ ବି ପ୍ରଶ୍ରୟ ଦିଅନ୍ତି ନାହିଁ– କେହି ଆସିଗଲେ ତାକୁ ବିଦା ନ କରିବାଯାଏ ନିଶ୍ଚିତ ହୁଅନ୍ତି ନାହିଁ । ଯାହାଙ୍କୁ ପ୍ରଶ୍ରୟ ଦିଅନ୍ତି, ତାହା ମଦ ବା ତତ୍‌ସମ୍ବନ୍ଧୀୟ କାରଣ । ସେହି କାମ ଶେଷ ହୋଇଗଲାମାତ୍ରେ ତାଙ୍କୁ ବିଦାୟ ଦେଇଦିଅନ୍ତି । ସେତେବେଳେ ସେ ରହନ୍ତି ଏକୁଟିଆ, ତାହାର ଏହି ରହସ୍ୟ ଯେ ମଦ ସମ୍ବନ୍ଧରେ ଯିଏ ଅଘୋରୀ ନିକଟକୁ ଆସନ୍ତି, ତାଙ୍କର ଇଚ୍ଛା ହେଲେ ହିଁ ଆସନ୍ତି, ଇଚ୍ଛା ନ ଥିଲେ କୌଣସି କାରଣ ନେଇ ତାଙ୍କ ନିକଟକୁ କେହି ଆସିପାରନ୍ତି ନାହିଁ । କାରଣ ଉପହାର ନେଇ ଯିଏ ଆସନ୍ତୁ କିମ୍ବା ମିଳିତ ହେବାକୁ ଇଚ୍ଛା କରନ୍ତୁ, ପ୍ରଣାମ କରି ପଦଧୂଳି ମସ୍ତକରେ ଧାରଣ ବ୍ୟତୀତ ସେମାନେ ବାବାଙ୍କ ନିକଟକୁ ଆସିବାରେ ଆଉ କୌଣସି ପ୍ରାର୍ଥନାର କାରଣ ନଥାଏ । ମୋ'ର ମନେ ହୁଏ, ଏହି ଶ୍ରେଣୀର ବ୍ୟକ୍ତି, ମଦକୁ ନେଇ ବାବାଙ୍କୁ କୃତାର୍ଥ କରିବାକୁ ଆସନ୍ତି, ସେମାନଙ୍କର କରୁଣାନନ୍ଦ ଲାଭ ବ୍ୟତୀତ ଆଉ କୌଣସି ପ୍ରଶ୍ନ ନଥାଏ । ସେମାନଙ୍କ ଜୀବନର ଉଦ୍ଦେଶ୍ୟ ଯାହା କିଛି ହେଉ ନା କାହିଁକି ସମସ୍ତ ହିଁ ଆତ୍ମବିସ୍ମୃତି ଫଳରେ ଅତଳରେ ଡୁବିଯାଇ ମଦ୍ୟହିଁ ଜୀବନର ଏକମାତ୍ର କାମ୍ୟ ଓ ଇଷ୍ଟ ହୋଇ ଉଭା ହୋଇଥାଏ ।

ଏବେ ମୁଁ ସେଠାକୁ ଯାଇ ଠିଆହେବା ଦ୍ୱାରା ସେହି ବ୍ୟକ୍ତି ଉଠିପଡ଼ିଲେ । ସେତେବେଳେ ଅଘୋରୀ କହିଲେ, ''ଏବେ ପୁଣି କ'ଣ ମନେକରି ମୋ' ହାଡ଼ଜଳାଇବାକୁ ଆସିଲୁ ତୁ ?''

ମୁଁ ଟିକିଏ ସାହସ ପାଇ କହିଲି, ''ମୋ' କଥା ଛାଡ଼ିଦିଅନ୍ତୁ, ଆପଣଙ୍କ ସହ ଏମାନଙ୍କର ମଦ ଯୋଗାଇବା ଛଡ଼ା ଆଉ ଅନ୍ୟ ସମ୍ବନ୍ଧ କ'ଣ କିଛି ନାହିଁ ?''

ସେ ଯେପରି ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । ମୋ'ଠାରୁ ଏପରି ଏକ ପ୍ରଶ୍ନ ସେ ଆଶା କରି ନଥିଲେ । ମନ-ମିଞ୍ଜାସ ଏବେ ଖୁସ୍ ଥିଲା, ତେଣୁ ସେ ହସିଦେଇ କହିଲେ,

"ଏସବୁ କଥା ପୁଣି କ'ଣ କହୁଛୁ, ତୁ କହିଲୁ, ତୁ କ'ଣ କରିବାକୁ ଏଠାକୁ ଆସିଛୁ ? ଆଗେ ମୋତେ ସେକଥା କହିଲୁ ଦେଖି ?"

ମୁଁ କହିଲି, "ମୁଁ ଯାହା କରିବାକୁ ଆସିଛି, ତା' ତ ଆପଣଙ୍କର ଅଜଣା ନୁହେଁ । ଅନେକ କିଛି ଜାଣିବାକୁ ଅଛି ମୋର, ସେଥିଲାଗି ଆସିଛି । ଯାହା ଅନ୍ୟ କାହାଠାରୁ ପାଇନାହିଁ, ତାହା ଜାଣିବାକୁ ଆସିଛି ।"

ସେ କହିଲେ, "ତୋର ଗୋଟାଏ ମତଲବ୍ ଅଛି, ସ୍ୱାର୍ଥ ଅଛି, ଯାହାଲାଗି ତୁ ଆସୁ । ଏମାନଙ୍କର କିନ୍ତୁ କିଛି ସ୍ୱାର୍ଥ ନାହିଁ, ଟିକିଏ ମଦ ଖୁଆଇ ମୋତେ ଖୁସି କରିବାକୁ ଆସନ୍ତି । କିଛି ସ୍ୱାର୍ଥ ନେଇ ଏମାନେ ଆସନ୍ତି ନାହିଁ ତୋ' ପରି । ସେଥିପାଇଁ ତୋଠାରୁ ଏମାନଙ୍କୁ ମୁଁ ବେଶୀ ଭଲପାଏ ।"

ମୁଁ କହିଲି, "ଏମାନଙ୍କର ସେଥିରେ କ'ଣ କଲ୍ୟାଣ ହୁଏ—ଆପଣଙ୍କୁ ମଦ ପିଆଇ ଏମାନଙ୍କର କ'ଣ ଲାଭ ? ଏମାନଙ୍କର ନା ଅଛି ସାଧନ, ନା ଅଛି ଜୀବନରେ କିଛି ଏକ ବଡ଼ ଉଦ୍ଦେଶ୍ୟ ।"

"କାହା ଜୀବନରେ କ'ଣ ଉଦ୍ଦେଶ୍ୟ, ତାହା ତୁ କିପରି ବୁଝିବୁ ! ତୋ'ର ବୁଦ୍ଧି ତ କେବଳ ତୋ ମତଲବର ଗଣ୍ଡି ମଧ୍ୟରେ ବନ୍ଧା । ତା' ବାହାରେ ଯାହା କିଛି ଅଛି, ତାହାର ଭଲମନ୍ଦ ତୁ ବୁଝିବୁ କେମିତି ? ତୋ'ର ଧାରଣା, କେବଳ ତୁ ହିଁ ଉନ୍ନତି ପଥରେ ଯାଉଛୁ ଆଉ ଏମାନେ ସବୁ ଅଧଃପତନ ଆଡ଼କୁ ଯାଉଛନ୍ତି, ଏହା ହିଁ ତ ?"

"ଏମାନେ ନିଜେ ମଦ ପିଇ ବା ଆପଣଙ୍କୁ କିଛିଟା ପିଆଇ କ'ଣ ଉନ୍ନତି କରନ୍ତି, ତା' ତ ମୁଁ ବୁଝିପାରିଲି ନାହିଁ । ଆପଣ କ'ଣ କହୁଛନ୍ତି, ଏହାଦ୍ୱାରା ସେମାନଙ୍କର ଉନ୍ନତି ହେଉଛି ?"

ସେ ଟିକିଏ ଯେପରି ବିରକ୍ତିର ଭାବ ନେଇ କହିଲେ, "ତୋ'ର ଖାଲି ଉନ୍ନତି ଆଉ ଉନ୍ନତି; ଉନ୍ନତି କ'ଣ ସମସ୍ତଙ୍କର ଏକରକମର ହୁଏ ? ଏମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି, ଯେଉଁମାନେ ଏଠାକୁ କୌଣସି ଉନ୍ନତି-ଅବନତିର ଉଦ୍ଦେଶ୍ୟ ନେଇ ଆସନ୍ତି ନାହିଁ, କେବଳ କର୍ମକ୍ଷୟ କରିବାକୁ ଆସନ୍ତି । ଯାହାର ଯେପରି ଆତ୍ମାର କ୍ଷୁଧା ତା'ର ସେହି ରକମର କର୍ମ ଆଉ ଭୋଗ ଏଠାରେ ଚାଲିବ ତ ? ଏହିପରି କେତେଗୁଡ଼ିଏ ଜୀବ ଏ ସଂସାରରେ ଅଛନ୍ତି, ଯେଉଁମାନେ ତାଙ୍କର କର୍ମର ଉନ୍ନତି ଲାଗି ଆସନ୍ତି ନାହିଁ, କମାଇବା ଲାଗି ଆସନ୍ତି । ସେଥିଲାଗି ସେମାନେ ଏ ପ୍ରକାର କର୍ମ ନେଇ ଜୀବନର ସମୟ କାଟୁଛନ୍ତି, ଯଦ୍ୱାରା ସେଥିରୁ ଆଉ ନୂତନ କର୍ମ ସୃଷ୍ଟି ହୋଇପାରୁ ନାହିଁ । ଲୋକଙ୍କ ଆଖିକୁ, ଅନ୍ତତଃ ତୋ'ପରି ଲେଖାପଢ଼ା ଜାଣିଥିବା ବାବୁଲୋକଙ୍କ ଆଖିକୁ, ହୁଏତ ତାହା ଖରାପ ଜଣାପଡ଼ିବ, କିନ୍ତୁ ସେମାନଙ୍କ ବିଚାରରେ ସେମାନେ ଠିକ୍ । ଏ ଜୀବନ ଶେଷ ହୋଇଗଲେ ସେତେବେଳେ ନିଜର ଧାରା, ଆତ୍ମାର ନିର୍ଦ୍ଦିଷ୍ଟ ଗତି ଅତିକ୍ରମ ହୋଇଯିବ, କୌଣସି ଅସୁବିଧା ହେବ ନାହିଁ । ସବୁ ବ୍ୟକ୍ତିଙ୍କର କର୍ମର ବ୍ୟାପାର କ'ଣ, ତୁ ଜାଣିଛୁ ?"

ମୋ'ର ବୁଦ୍ଧି ଏତେ କ୍ଷୁଦ୍ର ଯେ ମୋ'ର ଅହଂ ମୋ' ଅଭିମାନ ନେଇ ନିଜକୁ ଏକେତ ଅନ୍ୟମାନଙ୍କ ତୁଳନାରେ କେତେ ଉଚ୍ଚ ବୋଲି ଭାବି, ଧରାପଡ଼ି ଯାଇ, ସଙ୍କୁଚିତ ହୋଇଉଠେ । ହାୟ ମୋ'ର ଜ୍ଞାନର କି ଅହମିକା ! ମୋ' ମନରେ ଗ୍ଲାନି ଆସିଛି, ତାହା ସେ ବୁଝିଗଲେ । ଅପାର କୃପା ତାଙ୍କର ମୋ' ପ୍ରତି—ସେଥିଲାଗି ମୋତେ ସେ ନିରୁତ୍ସାହିତ ହେବାକୁ ଦେଲେ ନାହିଁ । ପ୍ରସନ୍ନ ମୁଖରେ ଧୀରେ ଧୀରେ କହିଲେ, ''ଗୋଟିଏ କଥା ମନେ ରଖିବୁ, କେବେ ହେଁ ଭୁଲିବୁ ନାହିଁ— ତୁ କାହାର ଉନ୍ନତି ବା ଅଧଃପତନ ନେଇ ବିଚାର କରିବାକୁ ଯିବୁ ନାହିଁ, ·ଆଉ କେବେ ହେଁ ପ୍ରଚାର ମଧ୍ୟ କରିବୁ ନାହିଁ—ସେଥିରେ ତୋର କ୍ଷତି ହେବ, ନିଜର କିଛି ଲାଭ ହେବ ନାହିଁ । ଏଠାରେ ତୁ ଯାହା ଦେଖିବୁ, ଯାହା ଶୁଣିବୁ, ସେଥିରୁ ଗୋଟାଏ କିଛି ମନଗଢ଼ା ସହଜ ସିଦ୍ଧାନ୍ତ କରିନେଇ କାହା ନିକଟରେ କିଛି କହିବୁନାହିଁ, ଠକି ଯିବୁ । ଯେତେକ ଜୀବ ଦେଖୁଛୁ, ଯେଉଁମାନେ ଜୀବନର ଧାରା କିଛି ପାଇ ପାରିଛନ୍ତି, ସେ ସମସ୍ତଙ୍କ ମଧ୍ୟରେ ଗୋଟିଏ ଲେଖାଏଁ ପୃଥିବୀ ରହିଛି । ଜ୍ଞାନୀ, ମହତ ବ୍ୟକ୍ତି ଭାବି ତୁ ଯେଉଁମାନଙ୍କର କର୍ମର ପ୍ରକାଶ କିଛିଟା ଦେଖୁଛୁ, ସେମାନେ ଯେଉଁ ରକମର, ଆଉ ଅଜ୍ଞାନ ହୀନବୁଦ୍ଧି ମୂର୍ଖ କୁକ୍ରିୟାସକ୍ତ ଭାବି ଯାହାକୁ ଦେଖୁଛୁ, ସେମାନେ ମଧ୍ୟ ସେହି ପ୍ରକାରର; ସମସ୍ତଙ୍କର ଗୋଟିଏ ଲେଖାଏଁ ଭିନ୍ନ ରାସ୍ତା ଅଛି, ଯାହା ମଧ୍ୟ ଦେଇ ସେମାନେ ଖେଳା କରୁଛନ୍ତି, ନିଜ ନିଜକୁ ପ୍ରକାଶ କରୁଛନ୍ତି, ଆଉ ଜଗଦମ୍ବା, ଆଦ୍ୟା ପ୍ରକୃତି ଏପରି ଭାବେ ଏହି ସୃଷ୍ଟି ମଧ୍ୟରେ ସମସ୍ତଙ୍କୁ ଛାଡ଼ି ଦେଇଛନ୍ତି, ଯଦ୍ୱାରା କାହା ସଙ୍ଗେ କାହାର ଧକମ୍-ଧକ୍କା ହେଉନାହିଁ । ତୋ' ସଙ୍ଗେ ଯଦି କାହାର କେତେବେଳେ ମିଳନ ଘଟୁଛି, ବୁଝିବାକୁ ହେବ, ତାହା ଉଭୟଙ୍କର ହିଁ କର୍ମର ଏକତ୍ୱ ଯୋଗୁ ଘଟୁଛି । ସେଥିରୁ ସେତିକି ମାତ୍ର ଉଭୟ ଉଭୟଙ୍କୁ ବୁଝୁଛନ୍ତି, ତାକୁ ହିଁ ନେଇ ବିଚାର— ଏତିକି ମାତ୍ର ତୋ' ମଧ୍ୟରେ କେବଳ ଆଲୋଚନାର ବିଷୟ—କିନ୍ତୁ ତା' ବ୍ୟତୀତ ଉଭୟଙ୍କର ହିଁ କେତେଗୁଡ଼ିଏ ବିସ୍ତୃତ ଜୀବନର ଘଟଣା ରହିଛି— ତାହା ଦୁଇଜଣଙ୍କ ନିକଟରେ ଗୁପ୍ତ, ଅବ୍ୟକ୍ତ । ଏସବୁ କଥା ତୁ ବୁଝିଛୁ ? ଯେତେବେଳେ ତୁ ନିଜର ସବୁ ପଥକୁ ଦେଖିପାରୁ ନାହୁଁ, ସେତେବେଳେ ଅନ୍ୟର ସବୁକିଛି ବୁଝିପାରିବୁ କିପରି ? ମନୁଷ୍ୟର ଉନ୍ନତି-ଅବନତି ବୁଝିବା କ'ଣ ଏତେ ସହଜ ମନେ କରୁଛୁ ?''

ମୁଁ ନିର୍ବାକ୍ ହୋଇଗଲି । ଅନ୍ତର ଅନ୍ତର ମଧ୍ୟରେ ମୋ'ର କେତେ ଯେ ଅବସାଦ ହେଲା, ତାହା କ'ଣ କହିବି ! ଭବିଷ୍ୟତରେ କିପରି ଏ ସବୁଠାରୁ ରକ୍ଷା ପାଇବି, ଏହି ଭାବନାରେ ଥରେଥରେ ଅନ୍ତରଟା ଘଣ୍ଟାଚକଟା କରୁଥିଲା । ମୋତେ କିପରି ଭାବରେ ପ୍ରତାରଣା କରୁଛି, କିଛି ନ ଜାଣି ମଧ୍ୟ ସବୁ ଜାଣିଛିର ଭାବନା, ମୋତେ ଏତେ ହୀନ, ଅସମର୍ଥ ଓ ଶକ୍ତିହୀନ କରିଦିଏ ଯେ ସମୟସମୟରେ ଏହି କଥାଟିକୁ ହିଁ ଚିନ୍ତା କରିଚାଲେ । ପୁଣି ପରମୁହୂର୍ତ୍ତରେ ହିଁ ଏବେ ଯେଉଁ ଅଦ୍ଭୁତ ଜୀବନଚକ୍ରର କଥା କହିଲେ, ପୁଣି କି ଅପୂର୍ବ ରହସ୍ୟ ମଧ୍ୟରେ ଜଗଜ୍ଜନନୀଙ୍କର ସୃଷ୍ଟିର ପ୍ରବାହ ଚାଲୁ ରହିଛି ବୋଲି କହିଲେ । ହାୟ,

ଅଜ୍ଞାନ ଅନ୍ଧକାର ଦ୍ୱାରା ଆଚ୍ଛନ୍ନ ଆମେସବୁ ଜୀବନକୁ ବଳି ଦେଉଛ, କେଉଁ ଲୋଭରେ ? କମ୍ପିଟିସନ୍ ବା ପ୍ରତିଯୋଗିତା ହାଓ୍ୱାରେ ଆମେ କୁଆଡ଼େ ଯାଉଛୁ ? ପୁସ୍ତକଲବ୍ଧ ଜ୍ଞାନ କର୍ମକ୍ଷେତ୍ରରେ ଅର୍ଥଉପାର୍ଜନରେ ପ୍ରତିଯୋଗିତାର କ୍ଲିଷ୍ଟ ଜୀବନଟି ହିଁ ଯଦି ନିଃଶେଷିତ ହେଲା ସେଥିରେ !

ଆଜି ମୋ'ର କ'ଣ ହୋଇଛି ଜାଣେନା, ଏଠାକୁ ଆସି ଅବଧି ଏପରି ସବୁକଥା କହୁଛି, ଯାହା ଫଳରେ ଏକ ମହା ଅଶାନ୍ତି ହିଁ ସୃଷ୍ଟିକରିଚାଲିଛି । ଶେଷରେ ଅନୁଶୋଚନାରେ ପୋଡ଼ିମରିବାକୁ ହେଉଛି । ଏତେ କଥା ଶୁଣି ମଧ୍ୟ କିଛିକ୍ଷଣ ପରେ ପୁଣି ଆଉ ଏକ ପ୍ରଶ୍ନ କରିବସିଲି । ପ୍ରଥମେ ଅନ୍ତରର ସଙ୍କୋଚଟି ଦୂରକରିବା ଲାଗି ପଚାରିଲି, ''ଗୋଟିଏ କଥା କହିବେ ?''

ସେ କହିଲେ, ''ସେଥିଲାଗି ପୁଣି ଏତେ ଗୌରଚନ୍ଦ୍ରିକା କାହିଁକି ? କହନା—''

ମେଜାଜ୍‌ଟା ତାଙ୍କର ଆଜି ନିହାତି ଭଲ ଥିଲା ଦେଖି ସାହସକରି କହିପକାଇଲି,— ''ଆପଣ ମଦ ଖାଆନ୍ତି କାହିଁକି ?'' କଥାଟା କହିଦେଇ ମୁଁ ଅନ୍ତର ମଧ୍ୟରେ କମ୍ପି ଉଠିଲି । ଏତେ କଥା ହେଲା ପରେ ପୁଣି ଏପରି ଏକ ଅଶ୍ଳୀଳ କାଣ୍ଡ କରିବସିଲି ! ଛି ଛି, ସଙ୍କୋଚରେ ମୁଁ ଏତେ ଟିକିଏ ହୋଇଗଲି ।

ଯେଉଁ ମେଜାଜ ଦେଖି ଆଜି ଏତେଟା ସାହସ କରି ଏହି କଥାଟି କହିପକାଇଛି, ସେହି ପ୍ରଫୁଲ୍ଲ ଭାବଟି ତାଙ୍କର ଏହି ଗୋଟିଏ ମାତ୍ର କଥାରେ ପରିବର୍ତ୍ତିତ ହୋଇଗଲା । ମୁହଁରେ ତାଙ୍କର କ୍ରୋଧଭାବ ପ୍ରକଟ ହେଲା । ଯଥାର୍ଥରେ ଏହିଥର ହିଁ ମୁଁ ଭୟ ପାଇଗଲି । ଅପରାଧୀ ପରି ଥରେ ଅପରାଧ ସ୍ୱୀକାର କରିବାକୁ ଚେଷ୍ଟା କରି ଗଳାରୁ କିଛି ଶବ୍ଦ ବାହାରିଲା ନାହିଁ । ସେ କହିଲେ, ''ତୋ'ର କଅଣ ଯାଉଛିରେ ଶଳା ? ତୋ'ର ସେଥିରୁ କ'ଣ ମିଳିବ ? ମୁଁ ମଦଖାଇ କିଛି କାହାର ଅନିଷ୍ଟ କରିଛି ବୋଲି ତୁ ଦେଖିଛୁ କି, ଶୁଣିଛୁ କେଉଁଠୁ ? ମୋର ଯାହା ଖୁସି ମୁଁ ଖାଇବି—କହ ଶଳା, ତୁ କାହିଁକି ଏପରି କଥା କହିଲୁ ମୋତେ ? ଏବେ ଯେଉଁ କଥା କହି ତୋତେ ବୁଝାଇ ଦେଇଛି, ସେସବୁକୁ ନେଇ ତୁ ବିଚାର କରୁ କାହିଁକି ?

ଅନେକଟା ଜୋର୍ ଦେଇ କହି ପକାଇଲି, ''ଆପଣଙ୍କର ମହାନ୍ ଚରିତ୍ର ଭିତରେ ଏଇ ଟିକକ ମୋତେ ବଡ଼ ଅସଙ୍ଗତ ଜଣାପଡ଼େ—ତେଣୁ କହିପକେଇଛି ।''

''ମିଥ୍ୟାବାଦୀ, ଶଳା ଚୋର, ଏତିକି ମାତ୍ର ଅସଙ୍ଗତ ଦେଖି କହୁଛୁ ? ମନରେ ଭାବି ଦେଖ, ଆହୁରି କେତେ କେତେ ଅସଙ୍ଗତିର କଥା ତୁ ଜାଣିଛୁ, କେତେ ଲୋକ ତୋ' ପରି ମୋତେ ଭୂତସିଦ୍ଧ ପିଶାଚ କହନ୍ତି, କେତେ କ'ଣ କହନ୍ତି—ମୁଁ ଜାଣି ନାହିଁ !'' ଏହାପରେ ଚିତ୍କାର କରିଉଠିଲେ, ''ତୁ ଶଳା କୁକୁର, କୁକୁର ଜାତି ତୁ, ସୁବିଧା ଦେଲେ ମୁଣ୍ଡରେ ଉଠିବସିବୁ । ଚୁଚୁନ୍ଦ୍ରା କୋଉଠିକାର, ଏତେ ତୋ'ର ସ୍ପର୍ଦ୍ଧା ! ତୁ କ'ଣ ମୋ'ର ବିଚାରକର୍ତ୍ତା ?

ବାହାରିଯା ତୁ ଏଠୁ—ତୋ' ସାଙ୍ଗରେ ମୋର କିଛି କଥା ନାହିଁ, ବାହାରିଯା ଏଠୁ ତୁ—ଆଉ କେବେହେଲେ ଆସିବୁ ନାହିଁ— ବାହାର, ବାହାର କହୁଛି ଏଠୁ ।'' କହି ହାତ ଧରିନେଇ ବାହାରିଯିବାର ବାଟ ଦେଖାଇଦେଲେ ।

ମୁଁ ପ୍ରଥମେ ଭୟ ପାଇଯାଇଥିଲି । କିନ୍ତୁ ଶେଷରେ, ଜାଣେନା କାହିଁକି, ମୋ'ର ଭୟ ତ ରହିଲା ନାହିଁ, ବରଂ ମୁଁ ଏକରକମ ଅନାସକ୍ତ ହୋଇ ଉଠିଲି । ତାଙ୍କର ଶେଷ କଥା ଗୁଡ଼ିକରେ କୌଣସି ପ୍ରତିକ୍ରିୟା ମୋ' ମଧ୍ୟରେ ହେଲା ନାହିଁ । ମୁଁ ଉଠିଲି ନାହିଁ, ମୁଣ୍ଡଟେକି ବସିରହିଲି, ମନ ଭିତରେ ଏକ ଶୂନ୍ୟତା—ମୋ'ର ଯେପରି ସମସ୍ତ ବୋଧ ବା ଅନୁଭବ ଶକ୍ତି ନିସ୍ପନ୍ଦ ହୋଇଯାଇଛି । କିଛି ସମୟ ପରେ କ୍ରମେ କ୍ରମେ ମୁଁ ଯେତେବେଳେ ପ୍ରକୃତିସ୍ଥ ହେଲି, ସାହସ କରି ତାଙ୍କ ଆଡ଼କୁ ଚାହିଁଲି,—ଦେଖିଲି ଆଉ କୌଣସି ପ୍ରକାର ଚାଞ୍ଚଲ୍ୟର ଲେଶମାତ୍ର ତାଙ୍କ ମୁହଁରେ ପ୍ରକାଶିତ ହେଉ ନ ଥିଲା । ପ୍ରଶାନ୍ତ ମୁଖଟି ତାଙ୍କର ସହଜ ଭାବେ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ବୁଝିନେଲି, ସେ ଥଣ୍ଡା ପଡ଼ିଯାଇଛନ୍ତି । ଯେ ଯେ ଟିକିଏ ଆଗରୁ ଯେଉଁ ଚାଞ୍ଚଲ୍ୟ ଦେଖାଇଥିଲେ, ତାହା ପ୍ରକୃତରେ ସତ୍ୟ କି ନୁହେଁ, ଏହା ହିଁ ସେତେବେଳ ସମୟରେ ବିଚାରର ବିଷୟ ଥିଲା ମୋ' ଭିତରେ । ଏତିକିବେଳେ ସେହି ବ୍ୟକ୍ତି ମଦ ଧରି ଆସି ଉପସ୍ଥିତ ହେଲା । ଛଅଟି ବଡ଼ ବୋତଲ ଓ ଗୋଟିଏ ପାତ୍ର ସମ୍ମୁଖରେ ରଖି ସେ ପ୍ରଣାମ ଜଣାଇ ବସିଲା । ଯେତେବେଳେ ଦେଖିଲି ଯେ ଏବେ ତ ଏମାନଙ୍କର ମଦ ଚାଲିବ, ସେତେବେଳେ ପ୍ରଣାମ କରି ଧୀରେଧୀରେ ଉଠିପଡ଼ିଲି । ଯେତେବେଳେ ଚାଲିଆସିବା ଲାଗି ପାଦ ବଢ଼େଇଛି, ସେତେବେଳେ ଅଘୋରୀ ମୋ' ଆଡ଼କୁ ବୁଲିଯାଇ କହିଲେ, ''ଏ ଶଳା, କୁଆଡ଼େ ଯାଉଛୁ ? ବସ ଏଠି ।'' ତାଙ୍କର ଅଙ୍ଗୁଳି ସଙ୍କେତ ସଙ୍ଗେ 'ବସ୍' ଏହି ଶବ୍ଦଟିରେ ମୋ' ଶରୀରଟି ଯେପରି ଆପେଆପେ ବସିପଡ଼ିଲା ।

ତା'ପରେ ଦେଖିଲି, ସେହି ଲୋକ ଗୋଟିଏ ବୋତଲରୁ ଠିପି ଖୋଲି ହାତରେ ଦେଲା । ଅଘୋରୀ ବାବା ତାକୁ ମୁହଁପାଖକୁ ନେଇ, ଯେପରି ଭାବେ ଡିସ୍‌ପେପଟିକ୍ ରୋଗୀ ସୋଡ଼ା ଖାଆନ୍ତି, ସେହିପରି ବଡ଼ ବୋତଲର ସବୁତକ ନିଜର ଗଳାଧ କରିଦେଲେ । ଟିକିଏ ମୁଖର ବିକୃତି ନାହିଁ, କିଛି ନାହିଁ । ତା'ପରେ ସେହି ବ୍ୟକ୍ତି ଦ୍ୱିତୀୟ ବୋତଲଟିର ଠିପି ଖୋଲି, ହାତରେ ଦେବାରୁ ସେ ପାତ୍ରଟିକୁ ଆଣିବାକୁ ତାଙ୍କୁ ଇଙ୍ଗିତ କଲେ । ପାତ୍ର ପାଇସାରି ବାବା ସେଥିରେ ବୋତଲର ଅନ୍ଦାଜ ଏକଚତୁର୍ଥାଂଶ ମାଲ୍ ଢାଳିଦେଇ ବାକିତକ ମୁହଁରେ ଲଗାଇ ଉଦରସ୍ଥ କରିଦେଲେ । ଏଥର ସେହି ବ୍ୟକ୍ତି ପାତ୍ରଟିକୁ ତାଙ୍କର ପାଦ ନିକଟରେ ମାଟିରେ ରଖିଦେଇ ଭକ୍ତିର ସହ ପାନକରିବାକୁ ଲାଗିଲା । ତା'ପରେ ନିସ୍ତବ୍ଧ ଭାବର ରାଜତ୍ୱ ଚାଲିଲା । ସେହି ବ୍ୟକ୍ତି କିଛି ସମୟ ବସି ବୋତଲ ଦୁଇଟି ଓ ପାତ୍ରଟି ନେଇ ପ୍ରଣାମ କରି ଚାଲିଗଲା । ଏବେ ଆମେ ଦୁଇଜଣ ମାତ୍ର ଏଠାରେ ବସିରହିଲୁ ।

■■

ଅଷ୍ଟାବିଂଶ ପରିଚ୍ଛେଦ

ଅନେକ ସମୟ ପରେ ସେ କଥା କହିଲେ । ମୋ' ଆଡ଼କୁ ନ ଅନାଇ ଯେପରି ନିଜ ମନକୁ ମନ କଥାଟି କହିଲେ, ''ମଦ ଖାଇଲେ କ'ଣ ହୁଏ ?'' ମୁଁ କିଛି କହିଲି ନାହିଁ—କିଛି କଥା ମୁହଁରୁ ବାହାରିଲା ନାହିଁ । ତା'ପରେ ନିଜ ମନକୁମନ କହିବାକୁ ଲାଗିଲେ, ''ଅପରିମିତ ଖାଇ ଯଦି ଲୋକେ ମାତାଲ ହେବେ, ଅନ୍ୟାୟ କିଛି କରିବେ, ସେ କ'ଣ ହେବ ମଦର ଦୋଷ ? ଶରୀରର ସ୍ଫୂର୍ତ୍ତି, ମନରେ ଆନନ୍ଦ ଯେଉଁଥିରେ ହୁଏ, ତାହା କ'ଣ ଖରାପ ଜିନିଷ ? ମୁଁ ଖାଇବି, ମୋ' ଖୁସି ଲାଗି; ଯାହାର ଖୁସି ହେବ, ସେ ଖାଇବ, ସେଥିରେ ତୋର କ'ଣ ଗଲା ? ଯେଉଁ ବ୍ୟକ୍ତି ଏପରି ଜିନିଷର ଗୁଣକୁ ବୁଝି ନଥାଏ, କେବଳ ଦୋଷ ଦେଖୁଥାଏ, ସେ କି ମଣିଷ ! ସଂସାରକୁ ମନୁଷ୍ୟ ଆସେ କାହିଁକି ? —କାମକରିବାକୁ ଆସେ, ଭୋଗକରିବାକୁ ଆସେ । ଯିଏ ମଦ ଖାଇ ଆନନ୍ଦ ପାଏ, କର୍ମଶକ୍ତି ଲାଭ କରେ, ସେ କାହିଁକି ଖାଇବ ନାହିଁ ? ପାପ କେଉଁଥିରୁ ହୁଏ ? ନିଜର ସୁଖସୁବିଧା ଲାଗି ଯିଏ ଅନ୍ୟର ଅନିଷ୍ଟ କରେ, ଯାହା ଭିତରେ ହିଂସା, ବିଦ୍ୱେଷ, ଈର୍ଷାର ବିଷ ଭରି ରହିଛି, ସିଏ ମଦ ଖାଇଲେ ଯାହା କରିବ, ନ ଖାଇଲେ ମଧ୍ୟ ତାହା ହିଁ କରିବ । ସେଥିରେ ମଦର ଦୋଷ ରହିଲା କେଉଁଠି ? ମଦକୁ ଘୃଣାକରିବାର କ'ଣ ଅଧିକାର ଅଛି ତୋ'ର ? କେଉଁଟା କାହା ପାଇଁ ଭଲ, କେଉଁଟା ମନ୍ଦ, ତାହା କ'ଣ ତୁ ଜାଣିଛୁ ? ତୁ ସଭ୍ୟ, ବାକି ଯିଏ ମଦ ଖାଏ, ସିଏ ଅସଭ୍ୟ—ଏପରି ବୁଦ୍ଧି ତୋ'ର କେଉଁଠାରୁ ଆସିଲା ? ଏତେ ଅହଙ୍କାର ତୋ'ର ଲେଖାପଢ଼ାକୁ ନେଇ ! ଯାହାର ଯାହା ପ୍ରକୃତି, ମଦର ପ୍ରଭାବ କ'ଣ ତା' ଉପରେ ପଡ଼ିପାରେ ?''

କିଛି ସମୟ ପରେ ପୁଣି ଧୀରେଧୀରେ କହିଲେ, ''ତୋ'ର ସେହି ଶିକ୍ଷିତ ସଭ୍ୟ ସମାଜରେ ଯେଉଁ ସବୁ ପାପକର୍ମ ନିତ୍ୟାନିତ୍ୟ ଚାଲିଛି, ସେସବୁ କ'ଣ ମଦ ଖାଇ ହେଉଛି ? ତୋ'ର ସେହି ଲେଖାପଢ଼ା ଜାଣିଥିବା ଲୋକେ ବେଶୀ ପାପ କାର୍ଯ୍ୟ କରନ୍ତି ନା ନିରକ୍ଷର ଲୋକମାନେ, ଯିଏ କି ନିଶାଭାଙ୍ଗରେ ଅଭ୍ୟସ୍ତ, ସେମାନେ ବେଶୀ କରନ୍ତି—ଦେଖିପାରୁ ନାହୁଁ ନା କ'ଣ ? ତୋ' ସମାଜରେ ଧନବାନଙ୍କର ଅତ୍ୟାଚାର କେତେ ବେଶୀ, ଧନମତ୍ତ ହୋଇ କେତେ ଲୋକ ନିର୍ଦ୍ଧନଙ୍କ ଉପରେ ଅତ୍ୟଚାର କରନ୍ତି, ବଳବାନ ଦୁର୍ବଳ ଉପରେ ଅତ୍ୟାଚାର କରନ୍ତି, ସେଠି ମଦବୋତଲର ସ୍ଥାନ କେଉଁଠି ? ବିଷୟଲୋଭରେ ତୋ'ର ଶିକ୍ଷିତ ସମାଜରେ କେତେ ଲୋକ ବିଷ ଦେଇ ମନୁଷ୍ୟକୁ ହତ୍ୟା କରୁଛନ୍ତି—ଶିଶୁ ହତ୍ୟା,

ବାଳକ ହତ୍ୟା, ସ୍ତ୍ରୀ ହତ୍ୟା—କେତେ ରକମର ମହାପାତକ ସମାଜ ମଧ୍ୟରେ ହେଉଛି, ସେଠି ମଦର ଭୂମିକା କ'ଣ ? ଯେଉଁମାନେ ମଦ ଖାଆନ୍ତି ନାହିଁ, ସେମାନେ ବେଶୀ ନା ଯେଉଁମାନେ ମଦ ଖାଆନ୍ତି, ସେମାନେ ବେଶୀ ପାପରେ ଲିପ୍ତ, ହିସାବ କରି ଦେଖିଛୁ ତୁ ? ସାଧୁ ଚରିତ୍ର କ'ଣ ସେହିମାନେ, ଯିଏ ମଦମାଂସ ସ୍ପର୍ଶ କରନ୍ତି ନାହିଁ, ଅଥଚ ଇନ୍ଦ୍ରିୟସୁଖ ଲାଗି ସେମାନଙ୍କ ନିକଟରେ ସ୍ତ୍ରୀ, ପରସ୍ତ୍ରୀ, କୁମାରୀ, ବିଧବାଙ୍କର କିଛି ପ୍ରଭେଦ ନାହିଁ, ସବୁ ସମାନ—ସ୍ତ୍ରୀଲୋକସମ୍ପର୍କିତ ଏପରି କୌଣସି କୁତ୍ସିତ ପାପ ନାହିଁ, ଯାହା ଯାହା ସେମାନେ କରନ୍ତି ନାହିଁ, ସେଠି ମଦ ଥାଏ କେଉଁଠି ? ଜ୍ଞାନବୁଦ୍ଧିର ଅହଙ୍କାର ନେଇ ଏପରି ଉପକାରୀ ପଦାର୍ଥର ଉପରେ ଏପରି ଅବିଚାର ଯିଏ କରେ, ସେ କ'ଣ ଭଲ ଲୋକ ? କ'ଣ ଅଧିକାର ତୋ'ର, ମଦକୁ ଖରାପ ବୋଲି ପ୍ରଚାର କରିବାକୁ ? ଯିଏ ସାଧୁ ଚରିତ୍ରର ମନୁଷ୍ୟ, ସେ ମଦଖାଏ ନାହିଁ, ଏ କଥା ତୋତେ କିଏ କହିଲା ? ମଦ ଖାଇଲେ ଅସାଧୁ ହୁଅନ୍ତି, ଏଇଟା କେଉଁ ଆଡ଼ର କଥା ? ସାଧୁ ଅସାଧୁ ମାପିବାର ମାପକାଠି କ'ଣ ମଦ ? ଏସବୁ କିପରି ବୁଦ୍ଧି ? ସମାଜରେ ମନୁଷ୍ୟର ସ୍ୱଭାବ ପ୍ରକୃତିଟି ହିଁ ହେଲା ଅସଲ । କିପରି ମନୁଷ୍ୟ ଚରିତ୍ର ଉନ୍ନତ ହେବ, ଶକ୍ତିମାନ ହେବ, ସରଳ ଅକପଟ ହେବ, ସେଆଡ଼େ ଦୃଷ୍ଟି ଗଲା ନାହିଁ, ବୁଦ୍ଧି ବାହାରିଲା ତୋ'ର ମଦର ଦୋଷ ଦେଖିବାକୁ । ସମାଜରେ ଯେପରି ମଦ ହିଁ କେବଳ ମନୁଷ୍ୟର ପ୍ରକୃତି ସ୍ୱଭାବ ଗଠନ କରୁଛି, ମଦର ହିଁ ଯେତେ ସବୁ ଦୋଷ, ଏଁ !''

ଏତେବେଳଯାଏ ସେ ଏପରି ଶାନ୍ତ ସରଳଭାବେ କଥା ସବୁ କହିଗଲେ ଯେ ମୁଁ ପ୍ରତ୍ୟେକ କଥାକୁ ସ୍ଥିର ହୋଇ ମନୋଯୋଗ ଦେଇ ଶୁଣିଚାଲିଥିଲି । ଏହାପରେ ସେ ହଠାତ୍ ଥରେ ମୁହଁଟେକି, ବିସ୍ଫାରିତ ନୟନରେ ମୋ' ଆଡ଼କୁ ଚାହିଁଲେ । ବୋଧହୁଏ ମୁଁ ମନୋଯୋଗ ସହକାରେ ତାଙ୍କର କଥାସବୁ ଶୁଣୁଛି କି ନାହିଁ, ତାହାହିଁ ଯେପରି ଦେଖିବା ଲାଗି ସେ ଅନେଇଲେ । ମୁଁ ଏହି ସୁଯୋଗରେ ତାଙ୍କ ଚକ୍ଷୁରେ ଏକ ଅପରୂପ କଥା ଦେଖିବାକୁ ପାଇଲି, ଯାହା ଜୀବନରେ କେଭେ ଭୁଲିହେବ ନାହିଁ । କି ବିଶାଳାୟତ ଚକ୍ଷୁ ତାଙ୍କର ! ଏତେଦିନ ଧରି ତାଙ୍କ ସଙ୍ଗଲାଭ କରିଛି, ତାଙ୍କ ନୟନର ଏପରି ବିଶାଳ ଦୃଶ୍ୟ କେବେହେଲେ ଦେଖି ନାହିଁ । ଜବା ଫୁଲ ପରି, ସତରେ ଏତେ ଉଜ୍ଜ୍ୱଳ ଲାଲ, ତନ୍ମଧ୍ୟରେ ବଡ଼ ବଡ଼ ଦୁଇଟି କ୍ଷୀଣ ସ୍ୱଚ୍ଛ ନୀଳାଭ ତାରକା, ତା' ଭିତରେ ଯେପରି ଟୋପାଏ ଗାଢ଼ ନୀଳବର୍ଣ୍ଣର ମଣି ସ୍ପଷ୍ଟ ଦେଖାଯାଉଛି – ପୁଣି ତା ମଧ୍ୟରେ ହିଁ ଯେପରି ସ୍ୱଚ୍ଛ ତାରକାକୁ ଭେଦ କରି ଲାଲ୍ ପ୍ରବେଶ କରି ରହିଛି, ଆଉ ତା'ପରେ ସେହି ମଣିର ଠିକ୍ ଉପରେ ହିଁ ଅତୀବ ଉଜ୍ଜ୍ୱଳ ଦିବାକର ଜ୍ୟୋତିତୁଲ୍ୟ ସୂକ୍ଷ୍ମ ଏକ ବିନ୍ଦୁ ଦେଖାଯାଉଛି । ତଦ୍ଦ୍ୱାରା ସେହି ଚକ୍ଷୁ ମଧ୍ୟରେ ଏକ ଅମାନୁଷିକ ତେଜ ଉତ୍ପନ୍ନ କରି ରଖିଛି । ଏହା ଯଦିଓ ସ୍ୱଚ୍ଛ, ଏହା ଉପରେ ନିଜର ଦୃଷ୍ଟି ରଖାଯାଇପାରୁ ନାହିଁ । ସେହି ମୂର୍ତ୍ତିକୁ ଦେଖି ମୋ'ର ଚକ୍ଷୁ ମଧ୍ୟ ସ୍ଥିର ହୋଇଆସିଲା, ମୋତେ ଯେପରି ଅଭିଭୂତ କରି ପକାଇଲା—ଭୟରେ ନୁହେଁ । କାରଣ ସେଥିରେ କ୍ରୋଧ କି ହିଂସାଦି କୌଣସି ରକମର ଉଗ୍ରଭାବର ଛାୟାହିଁ ନଥିଲା, ଥିଲା କେବଳ ତାଙ୍କ ଶକ୍ତିର

ଅସୀମ ଆକର୍ଷଣ, ଦୃଷ୍ଟିପାତ ଦ୍ୱାରା ଜଣଙ୍କୁ ପୂର୍ଣ୍ଣଭାବେ ଆତ୍ମସାତ୍ କରିନେବାର ଧ୍ରୁବ ଶକ୍ତି । ଅପୂର୍ବ ଭାବୋଦ୍ଦୀପକ, ପୂର୍ଣ୍ଣ ଶକ୍ତିର ଆଲୋକ ଉଦ୍ଭାସିତ ସେହି ଦିବ୍ୟ ନୟନ ଦ୍ୱୟ । ତାହାର ରୂପ ଏପର୍ଯ୍ୟନ୍ତ ମୋର ସ୍ମୃତି ମଧ୍ୟରେ ସ୍ପଷ୍ଟ ଅଙ୍କା ରହିଛି । ମୋ' ଚକ୍ଷୁ ଉପରେ ତାଙ୍କର ସେହି ଜୀବନ୍ତ ବାଙ୍ମୟ କଟାକ୍ଷ ପଡ଼ିବା ମାତ୍ରେ ହିଁ ଅନ୍ତର ମଧ୍ୟରେ ଏକ ଆଘାତ ଅନୁଭବ କଲି । ଏହା ଥିଲା ଆକସ୍ମିକ, ବୋଧ ହେଲା ଯେପରି ଏକ ଅନୁଭବ– ରାଜ୍ୟର ସବୁକିଛି ଆନ୍ଦୋଳିତ କରି ପକାଇଲା, ଯାହା ଫଳରେ ମୋ'ର ସଂଜ୍ଞା ଲୋପ ପରି ଏକ ଅବସ୍ଥା ସୃଷ୍ଟି ହେଲା । କିନ୍ତୁ ତାହା ଘଟିବା ପୂର୍ବରୁ ତାଙ୍କର ପ୍ରଶାନ୍ତ ଗମ୍ଭୀର କଣ୍ଠସ୍ୱର ମୋତେ ସଜାଗ କରିଦେଲା । ଏତିକି କଥା ମୋ' କାନରେ ବାଜିଲା, ''ତୁ ଶୁଣିଛୁ, ଗୋଟାଏ ତେଜୀୟାନ ଘୋଟକ–''

ଚମକିପଡ଼ି ପଛକୁ ଅନେଇ ଦେଖିଲି, ସେ ମୃଦୁ ଭାବେ ହସିଦେଇ କହିଲେ, ''ଏଆଡ଼େ ନୁହେଁ, ସେଆଡ଼େ ନୁହେଁ–ମୋ ଆଡ଼େ; ଶୁଣ୍–ଗୋଟାଏ ତେଜସ୍ୱୀ ଘୋଟକ ମନୁଷ୍ୟର କେତେ ଉପକାର କରେ– ତାକୁ ବାଗେଇ ନେଇ କେତେ କାମ କରାଯାଇପାରେ, କ'ଣ, ନୁହେଁ ?''

ମୁଁ ସେତେବେଳେଯାଇ ବୁଝିଲି, କହିଲି, ''ବ୍ୟବହାର ଜାଣିଲେ, ସାହସ ଥିଲେ କରାଯାଏ ନାହିଁକି ? ଯିଏ ଜାଣିଥାଏ, ସେ ତାହା ତ କରି ପାରିଥାଏ–''

ସେ କହିଲେ, ''ତାହା ଠିକ୍ । ଏବେ ସେହି ଘୋଡ଼ାରେ ଚଢ଼ିଲେ ତୋତେ ସେ ଫୋପାଡ଼ି ଦେବ, କେତେ ରକମ ଦୁର୍ଘଟଣା ଘଟାଇ ଦେବ, ଯଦ୍ୱାରା ପ୍ରାଣ ନେଇ ଟଣାଟଣି ପଡ଼ି ଯିବ, ଏହି ଭୟରେ ତୁ ଆଉ ଘୋଡ଼ାରେ ଚଢ଼ିବୁ ନାହିଁ–ଏହା କିପରି କଥା ? ଘୋଡ଼ା ଦେଖି ଶହେହାତ ଦୂରକୁ ପଳାଇବୁ–ଏହା କିପରି ଶାସ୍ତ୍ର ? ତୋ'ର ଏହି ଦେଶକୁ ଛାଡ଼ି ଦେଲେ କେଉଁ ସଭ୍ୟ ଦେଶରେ ଏପରି ଶାସ୍ତ୍ର ଅଛି, ଦେଖିଛୁ ? ଏ କ'ଣ ଶକ୍ତିମାନ ଦେଶର ଶାସ୍ତ୍ର ? ପରିମିତ ମଦ ବ୍ୟବହାର ଦ୍ୱାରା ଯେ ଅଶେଷ ଉପକାର ହୋଇଥାଏ, ଏ କଥା କେଉଁ ସଭ୍ୟ ଦେଶର ବ୍ୟକ୍ତି ଜାଣେ ନାହିଁ କି ମାନେ ନାହିଁ ? ଏହି ଅଳସୁଆ ଅକର୍ମ୍ମଣ୍ୟ କାପୁରୁଷ ଦେଶରେ, ଯେଉଁଠାରେ ମନୁଷ୍ୟ ଦିନଟିଏ ଲାଗି ଖାଦ୍ୟର ଯୋଗାଡ଼ ଥିଲେ, ସେଦିନଟି ଆଉ ହାତଗୋଡ଼ ହଲାଏ ନାହିଁ, ସେ କେବଳ ଖାଇବ ଆଉ ଶୋଇଶୋଇ ଦିନ କାଟିବ । ଦିନରେ ନିଦ ଯିବା ଯେଉଁ ଦେଶର ପ୍ରତ୍ୟେକ ମନୁଷ୍ୟର ଧାତୁଗତ, ମଜୁରି କରିବାକୁ ହେଲେ କେବଳ କେଉଁ ପରି ଗାଲେଇଫାଙ୍କିଦିଆଯାଇପାରେ, ତାହାହିଁ ସେମାନଙ୍କର ମତଲବ୍ । ମଡ଼କ, ଦୁର୍ଭିକ୍ଷ, ବ୍ୟାଧି ଆଦି ଯେଉଁ ଦେଶରେ ସମାନ ଭାବେ ଲାଗିରହିଛି, ସେଠାରେ ଏହି ମଦ ଯେ ଏକ ମହାଶକ୍ତି, ମହାନ୍ ଔଷଧର କାମ କରିବ, ବୁଝିପାରୁନାହୁଁ ? ଅଫିମ, ଗଞ୍ଜେଇ, ଚରସ ଖାଇ ଜଡ଼ଭରତ ହୋଇ ରହିବ, ମରିବ, ସେଟା ଭଲ, କିନ୍ତୁ ମଦ ଛୁଇଁଲେ ପାପ, ଏକଥା ଶାସ୍ତ୍ରରେ ଲେଖାଅଛି ? ମଦ ଉପରେ କ'ଣ ଅଭିଶାପ ଅଛି, କ'ଣ କହୁଛୁ ?''

ମୁଁ ଅନିଚ୍ଛା ସତ୍ତ୍ୱେ କଥା କହିଲି, ''ଶାସ୍ତ୍ରକୁ ଏବେ ମାନୁଛି କିଏ ? ଏସବୁ ଯେ ଶାସ୍ତ୍ରର କଥା ଏବଂ ତାହା କେଉଁଦିନ ମନା ହୋଇଛି ବୋଲି ମୋର ମନେହୁଏନା, ଏବେକାର କଥା ତ ଛାଡ଼ିଦେବାକୁ ପଡ଼ିବ । ବ୍ରାହ୍ମଣଙ୍କର ମଦ ଅସ୍ପୃଶ୍ୟ, ଅବଶ୍ୟ 'ଔଷଧାର୍ଥେ' ବ୍ୟତୀତ, କିନ୍ତୁ ଆମ ପୂର୍ବପୁରୁଷ କଥା ଜାଣି ନାହିଁ, ଦେଖି ମଧ୍ୟ ନାହିଁ । ଆମ ସମୟରେ ଏପରି କେଉଁ ବ୍ରାହ୍ମଣ ସଂସାର ଦେଖିଛି ବୋଲି ମନେପଡ଼େ ନାହିଁ, ଯେଉଁଠି କେହି ନା କେହି ମଦରେ ଆସକ୍ତ ନଥାନ୍ତି । ପିଲାଦିନୁ ଦେଖିଛି, ବ୍ରାହ୍ମଣମାନେ ହିଁ ତ ଶାସ୍ତ୍ରବିଧି ବର୍ଜ୍ଜନ କରିବାରେ ଅଗ୍ରଣୀ ଥିଲେ, କିନ୍ତୁ ମୁହଁରେ ସ୍ୱୀକାର କରିବାରେ ନୁହେଁ । କଥାଟା ଏହି ଯେ, ଆମେ ଯା ଖୁସି କରିବୁ, କାହାର କିଛି କହିବାର ଆବଶ୍ୟକ ନାହିଁ, କହିଲେ ହିଁ ବାଡ଼ାବାଡି । ବାଲ୍ୟକାଳଠାରୁ 'ମଦ' ଶବ୍ଦଟି ଉପରେ ପ୍ରକାଶ୍ୟରେ ଘୃଣା କରିବା ଆମେ ଶିଖିଛୁ...ମଦ ନରକର ପଥ ପରିଷ୍କାର କରେ, ମଦ୍ୟପାନ ତୁଲ୍ୟ ପାତକ କିଛି ନାହିଁ, ସେହି ବସ୍ତୁଟି ଅତୀବ ଘୃଣ୍ୟ । କିନ୍ତୁ ଆଉ ସବୁ ନିଶା—ଭାଙ୍ଗ, ଗଞ୍ଜେଇ, ଅଫିମ, ଚରସ—ଏ ସମସ୍ତ ହିନ୍ଦୁଙ୍କର ଭଗବାନଙ୍କ ଦରବାରରେ ପାସ୍ ହୋଇଥିବା ନିଶା ପଦାର୍ଥ, ଏଥିରେ ପାତକ ନ ଥାଏ । ଏସବୁ କଥା ତ ଏବେ ସମସ୍ତଙ୍କୁ ହିଁ ଜଣା । ମୋ'ର ମନେହୁଏ, ଆମ ଦେଶରେ ଗୃହସ୍ଥ ଇତର-ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ମଦର ଚଳଣି ରହିଛି—ଏହାର ମୂଳରେ ତନ୍ତ୍ରଧର୍ମର ପ୍ରଭାବ ରହିଛି । ପୂର୍ବେ ଯେଉଁଠାରେ ପଞ୍ଚ-ମକାର ସଙ୍ଗେ ମଦ ସାଧନର ଅଙ୍ଗ ଥିଲା, ଏ କାଳରେ ସାଧନର ଅଙ୍ଗଟିକୁ ବାଦ୍ ଦେଇ ଆଉ ସବୁ କିଛି ରହିଯାଇଛି, କେବଳ ମୁଦ୍ରାର ଅର୍ଥଟି ବଦଳି ଯାଇଛି । ଏବେ ମନହେଉଛି, ଦୁର୍ଭିକ୍ଷ ବଜାରରେ ମାଂସ ଜୁଟୁ ନାହିଁ ବୋଲି ମୁଡ଼ିର ଭଜାଟା ହିଁ ମୁଦ୍ରା ନାମରେ ଚାଲିଛି । ଏତିକି ଯାହା ତଫାତ୍ ।''

ସେ ପ୍ରଶ୍ନ କଲେ, ''ତୁ କେବେହେଲେ ମଦ ଖାଇଛୁ, କହ ତ ?''

''ପ୍ରାୟ ସାତବର୍ଷ ପୂର୍ବେ ମୁଁ ଥରେ ଦୁଇଥର ଖାଇଥିଲି ।''

''କିପରି ଲାଗିଲା ତୋତେ, ତାକୁ ଖାଇ ?''

''କିପରି ଅବସ୍ଥା ମୋ' ଭିତରେ ହେବ, ସେଇଟା ଦେଖିବା ଲାଗି, ବୁଝିବା ଲାଗି ଖାଇଥିଲି । ଦେଖିଲି, ମୁଁ ଯାହା ତାହା ହିଁ ରହିଛି, କେବଳ ଶରୀର ମଧ୍ୟରେ କିଛି ସ୍ଫୁର୍ତ୍ତି ଆସୁଛି, ଏତିକି । ଯେଉଁଥିରେ ମନ ଲଗେଇ ଦିଆଯାଏ, ଖୁବ୍ ଆନନ୍ଦରେ ସେହି କାମ କରାଯାଇପାରେ । ମଦ ଖାଇ କୌଣସି ଅନ୍ୟାୟ ଅସଙ୍ଗତ କାମରେ ମୋ' ମନ ଯାଇନାହିଁ, ତାହା ଦେଖିଛି । କିନ୍ତୁ ଅନ୍ୟମାନଙ୍କ କ୍ଷେତ୍ରରେ ଅନ୍ୟ ରକମ ଦେଖିଛି । ମୋ'ର ଜଣେ ଆତ୍ମୀୟ ମଦରେ ଆସକ୍ତ ଥିଲେ, ତାଙ୍କୁ ଦେଖିଛି, ମଦ ଖାଇଦେଲେ ହିଁ ମାତାଲାମି ଆରମ୍ଭ ହୋଇଯାଏ—ଲୋକଙ୍କ ଉପରେ ଅତ୍ୟାଚାର କରିବା, ଲୋକଙ୍କୁ ଅପମାନିତ କରିବା ପ୍ରବୃତ୍ତି ଯେପରି ଭୟାନକ ଭାବେ ବଢ଼ିଯାଇଥାଏ, ସହଜ ଅବସ୍ଥାରେ ବେଶ୍ ଭଲ ଲୋକ, କିନ୍ତୁ ପେଟରେ ମଦ ପଡ଼ିଗଲେ ଯେପରି ଆଉ ପ୍ରକାରେ ମଣିଷ, ଯେପରି ଦାନବ ହୋଇପଡ଼ନ୍ତି ।

ପୁଣି ଅନ୍ୟ ଏକପ୍ରକାର ବ୍ୟକ୍ତି ଦେଖିଛି, ସ୍ୱଭାବତଃ ଭୟାନକ ରାଗୀ, ଉଗ୍ର ପ୍ରକୃତିର ଲୋକ—ବଦ୍‌ମେଜାଜୀ, ତାଙ୍କ ଜ୍ୱାଳାରେ ଘରେ କାହାର ଶାନ୍ତି ନ ଥାଏ, କିନ୍ତୁ ମଦ ଖାଇଲେ ଏକବାର ହିଁ ବିପରୀତ; ଏପରି ଶାନ୍ତ, ଧୀର, ଭଦ୍ର ବ୍ୟବହାର ତାଙ୍କର ଯେ ଦେଖିଲେ ଆମେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ । ଏହା କିପରି କଥା ବୁଝିବା କଠିନ ଥିଲା ।''

ସେ କହିଲେ, ''ଏବେ ହିଁ ତୋତେ କହିଥିଲି ଯେ, ମନୁଷ୍ୟର ସ୍ୱଭାବ-ପ୍ରକୃତି ଉପରେ ମଦ କିଛି କରିପାରିବ ନାହିଁ । ମନୁଷ୍ୟକୁ ସରଳ ଅକପଟ କରିବା ହିଁ ମଦର ଧର୍ମ । ମନୁଷ୍ୟର ଯାହା ପ୍ରକୃତି, ତାକୁ ମଦ ବାହାରକରି ପ୍ରକାଶ କରିଦେଇଥାଏ । ଏହି ଯେଉଁ ତୋ'ର ଆତ୍ମୀୟର କଥା କହିଲୁ, ସହଜ ଅବସ୍ଥାରେ ଭଲ ଲୋକ, ଆଉ ମଦ ଖାଇଲେ ହିଁ ହୋଇଯାଏ ଦାନବ, ସେ ଲୋକର ପ୍ରକୃତି ହିଁ ତାହା । ସହଜ ଅବସ୍ଥାରେ ପାରିପାର୍ଶ୍ୱିକ ଅବସ୍ଥା ଯୋଗୁ ତାଙ୍କର ଦାନବ ମୂର୍ତ୍ତି ଫୁଟିପାରେ ନାହିଁ, କିନ୍ତୁ ମଦ ଖାଇଲେ, ଯେତେବେଳେ ପ୍ରାଣ ସରଳ-ଅକପଟ ହୋଇଯାଏ, ନିଃସଙ୍କୋଚ ହୋଇଯାଏ, ସେତିକିବେଳେ ହିଁ ତାଙ୍କ ପ୍ରକୃତିର ପ୍ରକୃତ ପରିଚୟ ପ୍ରକାଶିତ ହୋଇପଡ଼େ ।''

ମୁଁ କହିଲି, ''କଥାଟା ଠିକ, ଆମେ ଜାଣିଛୁ ସେ ଅନ୍ତରରେ ବଡ଼ ହିଁ ଭୟଙ୍କର ଦାମ୍ଭିକ ମନୁଷ୍ୟ । ଆଚ୍ଛା ତା'ହେଲେ ଦ୍ୱିତୀୟ ବ୍ୟକ୍ତି ବ୍ୟାପାରରେ...''

''ଯାହାର ବାହାରର ଭାବ ଉଗ୍ର ପ୍ରକୃତିର, ମଦ ଖାଇଲେ ତାଙ୍କର ଶାନ୍ତ ଭାବ ଦେଖିଛୁ, ତାଙ୍କର ଅନ୍ତର ପ୍ରକୃତି ଭଲ, ସତ୍‌ଭାବ ହିଁ ତାଙ୍କର ଆଶ୍ରୟ, କେବଳ ଅଭାବ ଏବଂ ଅଶାନ୍ତି ଯୋଗୁ । ପୁଣି ଏପରି ମଧ୍ୟ ହୋଇପାରେ ଯେ ଲୋକମାନଙ୍କର ବ୍ୟବହାରରେ ହୁଏତ ସେ ଧୋକା ପାଇଛନ୍ତି—ଆଉ ପ୍ରିୟଜନଙ୍କର ଦୁର୍ବ୍ୟବହାର ହିଁ ତାଙ୍କ ମିଜାଜ୍‌କୁ ଶାନ୍ତ ରଖିପାରି ନାହିଁ, ସେ ଶାନ୍ତି ପାଆନ୍ତି ନାହିଁ । ମଦ ଗୁଣ ହିଁ ତାକୁ ଯେତେବେଳେ ଧୀର ସ୍ଥିର କରିଦିଏ, ସେତେବେଳେ ହିଁ ତାଙ୍କର ଅସଲ ପ୍ରକୃତିଟି ବିକାଶପ୍ରାପ୍ତ ହୁଏ ।''

''ଆପଣ ସାଧାରଣ ଭାବରେ ତ ମଦ ସମ୍ବନ୍ଧରେ ଅନେକ କଥା କହିଲେ, ଏବେ ତନ୍ତ୍ରରେ ଏହି ମଦର ବ୍ୟବହାର ସମ୍ବନ୍ଧରେ ଯୁକ୍ତିଟା କ'ଣ, ମଦ କାହିଁକି ତନ୍ତ୍ର ସାଧନ ମଧ୍ୟରେ ସ୍ଥାନ ପାଇଲା...''

ସେ ବାଧା ଦେଇ କହିଲେ, ''ସ୍ଥାନ ପାଇଲା କ'ଣରେ, ପ୍ରଧାନ ସ୍ଥାନ ବୋଲି କହ ! ତନ୍ତ୍ରଧର୍ମ କେବଳ କୌଣସି ଉଚ୍ଚଶିକ୍ଷିତ ସଭ୍ୟ ସମ୍ପ୍ରଦାୟଙ୍କ ପାଇଁ ନୁହେଁ, ଏହା ଯେ ଗରିବ-ଦୁଃଖୀ, ଉଚ୍ଚ-ନୀଚ, ସାଧାରଣ-ଅସାଧାରଣ ସମସ୍ତଙ୍କର ନିତ୍ୟ ବ୍ୟବହାରିକ ଧର୍ମ, ଯାହା କର୍ମଜୀବନଠାରୁ ମୋଟେ ହିଁ ପୃଥକ୍ ନୁହେଁ— ଏ କଥା ତୁ ତ ଜାଣିଛୁ । ଏବେ ଦେଶର ସର୍ବସାଧାରଣଙ୍କ ଆଡ଼େ ଚାହିଁ ଦେଖ୍, ଦେଖିବୁ, ସମସ୍ତେ ଚାହାନ୍ତି ଆନନ୍ଦ, ସ୍ଫୂର୍ତ୍ତି—ଧର୍ମ କୁହ, କର୍ମ କୁହ, ଯାହା କିଛି ପ୍ରେରଣା ଲୋକେ ଅନୁଭବ କରୁଛନ୍ତି, ସୁଖକୁ ଲକ୍ଷ୍ୟ କରି ହିଁ ତ କରୁଛନ୍ତି ? ଶରୀରରେ ସୁସ୍ଥତା, ଆଉ ତାହାରି ଯୋଗୁ ହିଁ ଏହା ଏକ ସହଜ ସ୍ଫୂର୍ତ୍ତି ।

ଏହାକୁ ହିଁ ବ୍ୟବହାର କରୁ ପ୍ରଥମେ, ଏ କଥା ନ ହେଲେ କିଛି ହୋଇପାରିବ ନାହିଁ । କିନ୍ତୁ ସାମାଜିକ ମନୁଷ୍ୟର ସ୍ୱଭାବ ଏପରି ଯେ ପ୍ରକୃତିର ସହଜ ନିୟମକୁ ବ୍ୟତିକ୍ରମ କରିବ ହିଁ କରିବ—ଅତିରିକ୍ତ ସୁଖ ଆଶାରେ ଉନ୍ମାଦ ହୋଇ ବାଲ୍ୟାବସ୍ଥାଠାରୁ ହିଁ ଶରୀରକୁ ବିଗାଡ଼ି ଦେବାରେ ସେ ଅଭ୍ୟସ୍ତ । ଶରୀରଯନ୍ତ୍ରର ପରିଣାମ କ'ଣ ହେବ, ଏହା ଭାବି କେହି କାମ କରିବାକୁ ଆଗାଏ ନାହିଁ । ଚାରିଆଡ଼େ ଦେଖିବାକୁ ପାଇବୁ, ବାଳକ ଅବସ୍ଥାରୁ ହିଁ ଶରୀରକୁ ସଂଯତ ଭାବରେ ଚଳାଇବାର, ଆଉ ଯୌବନ ଅବସ୍ଥାରେ କର୍ମ ଓ ଭୋଗ ଆଦିର ବ୍ୟାପାରରେ ସଂଯମର ଶିକ୍ଷା, ଯାହା ସଭ୍ୟତାର ଶ୍ରେଷ୍ଠ ଓ ପ୍ରଥମ ଲକ୍ଷ୍ୟ, ତାହା ଅନେକ କାଳରୁ ଦେଶରୁ ଅନ୍ତତଃ ସାଧାରଣଙ୍କ ମଧ୍ୟରୁ ଉଭାଇ ଯାଇଛି; ଏବଂ ତାହା ଫଳରେ ଜନସାଧାରଣଙ୍କର ଶରୀର ଭାଙ୍ଗିବାକୁ ଆରମ୍ଭ କରିଛି, ହିନ୍ଦୁ ସମାଜର ଶରୀର ମଧ୍ୟ ଭାଙ୍ଗିବାକୁ ଆରମ୍ଭ ହୋଇଛି । ବାଲ୍ୟକାଳଠାରୁ ଯଦି ଶରୀରକୁ ଭଲଭାବେ ଗଠନ କରି ନ ପାର, ଉଦ୍ଦାମ ଯୌବନ ସମୟରେ ଭୋଗ ଓ କର୍ମ ବେଳକୁ ସେହି ଶରୀର ଓ ମନର କିପରି ଗତି ହୁଏ, ତାହା ତ ବୁଝିପାରୁଥିବୁ । ଏହି ତନ୍ତ୍ରଧର୍ମ ପ୍ରଥମେ ହିଁ ମଦକୁ ନେଇଛି ଏହି କାରଣରୁ ଯେ, ଏଥିରେ ନଷ୍ଟସ୍ୱାସ୍ଥ୍ୟ ଉଦ୍ଧାର ହୁଏ; ପରିମିତ ବ୍ୟବହାର ଦ୍ୱାରା ଶରୀରକୁ ସୁସ୍ଥ, ସବଳ, ପରିଶ୍ରମୀ ଏବଂ କଠିନ କର୍ମକ୍ଷମ କରେ, ପ୍ରକୃତିକୁ ଅକପଟ କରି ମନକୁ ନିର୍ମଳ ଓ ସାହସୀ କରି ଗଢ଼ିତୋଳେ । ବିଶେଷତଃ ଚାଉଳ ବା ଭାତରୁ ବା ଫଳରସରୁ ଯେଉଁ ମଦ ତିଆରି ହୁଏ, ତାହାର ଗୁଣ ଅସାଧାରଣ । ଭୟାଳୁ ବଙ୍ଗାଳୀ ଶରୀରରେ ତାହାର ଉପକାରିତା ଅନେକ । ସେଥିରୁ ବୁଝିପାରୁଥିବୁ କାହିଁକି ମଦକୁ ପ୍ରଥମେ ଗ୍ରହଣ କରାଯାଇଛି, ସାଧନାର ପ୍ରଧାନ ଅଙ୍ଗ ବୋଲି ନିଆଯାଇଛି ।''

ମୁଁ କହିଲି, ''ସେଥିଲାଗି ତ ଏତେ ଜଡ଼ ବୁଦ୍ଧି ମାତାଲଙ୍କ ସୃଷ୍ଟି—ଧର୍ମ ନାମରେ !''

ସେ କହିଲେ, ''ତନ୍ତ୍ରଧର୍ମ ମଧ୍ୟରେ ମଦକୁ ନେଇ ଯେଉଁ ସାଧନ, ସେଥିରେ ସେପରି ବିଶୃଙ୍ଖଳ ବ୍ୟବହାରର ନିୟମ ନାହିଁ । ନିୟମ ହେଲା, ଛୋଟ ଚା' ଚାମଚରୁ ଏକଚାମଚ ହେଲା ଏକ ପାତ୍ରର ମାପ, ଅଧିକାରୀ ଭେଦରେ ମାପ କରାଯାଏ ତାହାର ତିନି, ପାଞ୍ଚ, ବା ସାତ ପାତ୍ର । ସାତ ପାତ୍ର ହେଲା ପୂର୍ଣ୍ଣ ମାତ୍ରା—ସେ କେତେ ଟିକିଏ ? ସେଥିରେ ଅନାଚାର ବା ଦୂଷଣୀୟ କିଛି ନାହିଁ । ସେତିକି ମାତ୍ରା କାହାକୁ ମାତାଲ ବା ଅଜ୍ଞାନ କରେ ନାହିଁ । ତେବେ କେହି ଯଦି ଲୋଭରେ ପଡ଼ି ନିୟମର ବ୍ୟତିକ୍ରମ କରେ, ସ୍ଫୂର୍ତ୍ତି ପାଇବା ଲାଗି ବେଶୀ ବା ଅପରିମିତ ବ୍ୟବହାର କରେ, ସେଟା କ'ଣ ସେହି ପଦାର୍ଥର ଦୋଷ ?''

''ଯଦି ତାହା ଏପରି ଏକ ଲୋଭର ବସ୍ତୁ ହୋଇଥାଏ...''

ସେ କହିଲେ, ''ଏହି ଯେଉଁ ଭାତ, — ପେଟକୁ ଠେସି ଦେଇ ବେଶୀ ପରିମାଣରେ ଖାଇ ଖାଇ କେତେ ଅନିଷ୍ଟ ହୋଇଛି ଓ ହେଉଛି, ବୋଧହୁଏ ଜନସାଧାରଣଙ୍କର ଏତେ ଅନିଷ୍ଟ ଅନ୍ୟ କେଉଁଥିରେ ହୁଏ ନାହିଁ—ସେଥିଲାଗି ତୁ କ'ଣ କରୁଛୁ ? ଦେଖିପାରୁଛୁନା,

ଏହି ଯେଉଁ ଅପରିମିତ ଅନ୍ନ ଆହାର, ଯାହା ଫଳରେ ଭୋଜନ ପରେ ଶରୀର ଏପରି ଅବସନ୍ନ ହୋଇପଡ଼େ ଯେ ତାକୁ ଶୋଇବାକୁ ପଡ଼େ । ସେଇଥିପାଇଁ ତ ବେଶ୍ ଦିବ୍ୟ ନିଦ୍ରାର ଉତ୍ପତ୍ତି ହୋଇଛି । ଦେଶରେ ଦଶସେର, ପନ୍ଦରସେର, ଅଧବସ୍ତା, ଏକବସ୍ତା, ଭୋଜନର ଉତ୍ପତ୍ତି—ତାହା କ'ଣ ଦେଶର ସୌଭାଗ୍ୟର ଲକ୍ଷଣ ? ''ହା ଘୋରେ ମନ୍ୱନ୍ତରା''— ଯେଉଁ ଦେଶରେ ଲାଗି ରହିଥାଏ, ସେହି ଦେଶରେ ହିଁ ଏପରି ଅଦ୍ଭୁତ ମନୁଷ୍ୟର ଉତ୍ପତ୍ତି ହୋଇଥାଏ । ସେମାନଙ୍କ ଦ୍ୱାରା କ'ଣ କିଛି କାମ ହୁଏ ନା କଲ୍ୟାଣ ହୁଏ ! ଏ ଦେଶରେ କେବଳ ଖାଇବା ଲାଗି ବେଶ୍ ଦଳେ ଲୋକ ବଞ୍ଚିରହିବାକୁ ଚାହାନ୍ତି, ଜାଣିଛୁ ତ ? ପେଟ ବଢ଼େଇଲେ ଯେ କେତେ ଶକ୍ତିର ଅପଚୟ ହୁଏ, ଯଦ୍ୱାରା ଶେଷରେ ଶକ୍ତିହୀନ ହେବାକୁ ପଡ଼େ, ସେକଥା କ'ଣ ଭୋଜନକାରୀ ଜାଣେ ? ଖାଇବା ଆଉ ଶୋଇବା ବ୍ୟତୀତ କୌଣସି ପରିଶ୍ରମ କାମରେ ସେ କ'ଣ ଲାଗେ ? ଧର୍ମ ସାଧନା ତାଙ୍କପାଇଁ ଯେ ନୁହେଁ, ଏ କଥା ତ ବୁଝିପାରୁଛୁ ?''

ମୁଁ ପଚାରିଲି, ''ଏହି ତନ୍ତ୍ରମତରେ ସାଧନ ବ୍ୟାପାରରେ ମଦ କ'ଣ ଶେଷ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ହେବ ?''

''ସେ କଥା କାହିଁକି—ଯାହାର ଶରୀର ସୁସ୍ଥ, ସବଳ, ପଶ୍ୱାଚାର ଆଉ ବୀରାଚାର ପରେ ତ ଆଉ ମଦର ପ୍ରୟୋଜନବୋଧ ରହିବ ନାହିଁ । ଦିବ୍ୟାଚାର ମଧ୍ୟରେ ଯାଇ ପହଞ୍ଚିଲେ ତା'ର ଅବସ୍ଥାର ଅନେକ ପରିବର୍ତ୍ତନ ହୋଇଯାଇଥାଏ ।''

''ସ୍ୱଭାବତଃ ଯାହାର ମନରେ ସ୍ଫୂର୍ତ୍ତି ଥାଏ, ଶରୀର ସବଳ ଏବଂ ସମ୍ପୂର୍ଣ୍ଣ ଥାଏ, ତାଙ୍କର ବୀରାଚାର ସମୟରେ ବା ମଦର ପ୍ରୟୋଜନ କାହିଁକି ?''

''ତୋତେ ତ କହିଛି, ମଦରେ ଯେଉଁସବୁ ଗୁଣ ଅଛି, ତା' ମଧ୍ୟରେ ବିଶେଷ ଗୁଣ ହେଲା ଯେ ତାହା ମନୁଷ୍ୟକୁ ନିଃସଙ୍କୋଚ କରିଦିଏ । ବୀରାଚାର ସାଧନାରେ ଏହିପରି ଅନେକ କାର୍ଯ୍ୟ ଅଛି, ଯେଉଁଥିରେ ଅମାନୁଷିକ ସାହସର ପ୍ରୟୋଜନ । ମନେକର, ଘୋର ଅମାବାସ୍ୟା ରାତ୍ରିରେ ଶବ-ସାଧନା ସମୟରେ ଯେତେବେଳେ ହୁଏତ ଉତ୍ତରସାଧକ କେହି ପାଖରେ ନଥିବେ, ସେତେବେଳେ ଏହି ମଦ ହିଁ ତାହାର ପ୍ରଧାନ ସହାୟ ହୋଇଥାଏ । ପୂର୍ବକାଳରେ ମହାଶକ୍ତି ଲାଭ ନିମିତ୍ତ ସାଧକ ଯେଉଁ ସମସ୍ତ କ୍ରିୟା-କର୍ମ କରିଥାଏ, ତାହା ଶୁଣିଲେ ତୁ ଚମକିଉଠିବୁ । ଏବେ ଅବଶ୍ୟ ଦେଶ ଭିତରେ ଆଉ ସେହି ଭାବ ନାହିଁ, ମତିଗତି ବଦଳି ଯାଇଛି । ବେଶୀ ଭାଗ ଲୋକଙ୍କର ଜୀବନଧାରାର ପରିବର୍ତ୍ତନ ହୋଇଯାଇଛି ।''

ଏକଥା ଶୁଣି ମୁଁ ବସି ଭାବୁଥିଲି । କିଛି କ୍ଷଣ ପରେ ସେ କହିଲେ, ''ଆଚ୍ଛା, ତୋ'ର ଶରୀର କାହିଁକି ଏପରି ଦେଖୁଛି ! ଜ୍ୟୋତିଃ ନାହିଁ, ଅସୁସ୍ଥ ପରି ମନେ ହେଉଛି...''

ମୁଁ ତାଙ୍କୁ ସେତେବେଳେ ଥଣ୍ଡା ଲାଗିଥିବା ଫଳରେ ଶରୀର ଅସୁସ୍ଥ ଥିବା କଥା କହିଲି ।

ଶୁଣି ସାରି ସେ କହିଲେ, ''ଏଇ ଦେଖ୍, ତୋ' ଲାଗି ବର୍ତ୍ତମାନ ଏହି ମଦ ଉପକାରୀ । ଯଦି ତୁ ଦୁଇ ଚାରି ଦିନ ଟିକିଏଟିକିଏ କରି ଖାଉ, ତା'ହେଲେ ଅନେକ ଉପକାର ହେବ, କିନ୍ତୁ ତୁ ଭିନ୍ନ ମାର୍ଗର ଲୋକ, ତୁ ତ ତାହା କରିବୁ ନାହିଁ, ତେଣୁ କହୁଛି, ଏଠାରୁ ଚାଲିଯା, ଏତେଦିନ ତ ରହିଲୁ, ଯାହାହେଉ କିଛି ତ ଦେଖାଶୁଣା ହେଲା, ଏବେ ଏଠାରୁ ଚାଲି ଯା ।''

ମୁଁ କହିଲି, ''ଆପଣଙ୍କ ପାଇଁ ହିଁ ଏଠାରେ ରହିବା କଥା । ଏହାଛଡ଼ା ଏ ଯାଏ ମଧ୍ୟ ମୁଁ ଯାହା ଚାହିଁଥିଲି, ତାହା ପାଇନାହିଁ—''

ସେ କହିଲେ, ''ତାହା ନିଜେ ସାଧନା ନ କଲେ ପାଇବୁ ହିଁ ନାହିଁ । ଏଥର ମୁଁ ମଧ୍ୟ ଚାଲିଯିବି ଯେ' । ଅନେକ ଦିନ ହୋଇଗଲାଣି ।''

ଆମର ଏହିସବୁ କଥା ଯେତେବେଳେ ଚାଲିଥିଲା, ସେତେବେଳେ ବୋଧେ ପାଗଳା ଅର୍ଥାତ୍ ବୈଦ୍ୟନାଥ ଆସି ଉପସ୍ଥିତ ହେଲେ । ବାବାଙ୍କୁ ପ୍ରଣାମ ଜଣାଇ ମୋ' ଆଡ଼କୁ ଅନେଇ କହିଲେ, ''ନନୀ (ଅନାଦି) ଭଟ୍ଟାଚାର୍ଯ୍ୟ ଆପଣଙ୍କୁ ଡାକୁଛନ୍ତି—କେହି ଜଣେ ସାଧୁବାବା ଆସିଛନ୍ତି, ଦେଖନ୍ତୁ ଯାଇ ।''

ବଙ୍ଗୀୟ ସାଧୁ (ବକ୍ରେଶ୍ୱର)

ମୋ'ର ଯିବାର ଇଚ୍ଛା ନଥିଲା, ଅଘୋରୀ ଉଠାଇ ଦେଲେ, ଏଣୁ ଚାଲିଆସିଲି । ମନେ ମନେ ତାଙ୍କ କଥାଗୁଡ଼ିକୁ ଭାବୁଥିଲି ଯେ ପେଟ ଠେଁସି ଭାତ ଖାଇ ଦେଶର ଲୋକଙ୍କର କି ଭୟାନକ ଅନିଷ୍ଟ ହେଉଛି । କେଉଁ ଭାବରେ ଦେଶବାସୀଙ୍କୁ ଏ କଥା ବୁଝାଇବାକୁ ପଡ଼ିବ, ପୁଣି କିଏ ବା ବୁଝାଇବ ?

ନବାଗତ ସନ୍ନ୍ୟାସୀ ବଙ୍ଗାଳୀ, ଅର୍ଦ୍ଧବୟସ୍କ, ଖର୍ବାକୃତି, ମସ୍ତିଷ୍କ ତାଙ୍କର ପ୍ରକାଣ୍ଡ ଏବଂ ମୁଣ୍ଡିତ, ରୋଗାଶରୀର । ଚେହେରାରେ ବ୍ୟକ୍ତିତ୍ୱର ଆଭାସ ନାହିଁ । ମୁଁ ଯେତେବେଳେ ଆସୁଛି, ପଛରେ ବୈଦ୍ୟନାଥ କହିବାର ଶୁଣିଲି— ସେ ଅନୁକୂଳାନନ୍ଦଜୀ ଏବଂ ଆଉ ମଧ୍ୟ ଜଣେ ଦୁଇଜଣଙ୍କୁ ଲକ୍ଷ୍ୟ କରି

କହୁଥିଲେ—''ଏହା କ'ଣ ସାଧୁସନ୍ନ୍ୟାସୀଙ୍କର ଲକ୍ଷଣ ! ଏତେ ଚିତ୍କାର, ଏତେ ଗୋଳମାଳ କାହିଁକି ? ଶାନ୍ତି ନଷ୍ଟ କରି କି ସୁଖ ମିଳେ, କୁହ ତ ? ତୁମେ ସାଧୁ-ସନ୍ନ୍ୟାସୀ ବୋଲି ପରିଚୟ ଦିଅ, ଆଉ କାମବେଳେ ଏପରି କାହିଁକି ? ସାଧୁଙ୍କ ଚେହେରା ଦେଖିଦେଲେ ହିଁ ଚିହ୍ନା ପଡ଼ିଯାଏ । ଏଠାରେ ତୁମମାନଙ୍କର ଦିନରାତି ଏହିପରି ହଟ୍ଟଗୋଳ ଚାଲିଥାଏ କାହିଁକି ? ସାଧନ-ଭଜନ ପୁଣି ହୁଏ କେତେବେଳେ ? ଇତ୍ୟାଦି... ।''

ସର୍ଦ୍ଦାରୀ ଭାବଟା ତାଙ୍କର ଯେପରି ସ୍ୱଭାବଗତ ! ତାଙ୍କ କଥା ଶୁଣିଦେଇ ଅନୁକୂଳାନନ୍ଦ ଚୁପ୍‌ଚାପ୍ ଚାଲିଗଲେ । ବାକୀ ଯେଉଁମାନେ ରହିଲେ, ସେମାନେ ମଧ୍ୟ ମୌନତା ଅବଲମ୍ବନ କଲେ । ଏବେ ସବୁ ଚୁପ୍‌ଚାପ୍ । ଆଉ ସେ ହଟ୍ଟଗୋଳ ନାହିଁ ।

ମୋତେ ଦେଖିଦେଇ ନବାଗତ ସମସ୍ତଙ୍କ ଆଡ଼େ ଅନାଇଦେଇ କହିଲେ, ''ଏଇ ଦେଖ, ଏହି ଏକ ଚେହେରାକୁ, ଦେଖିଦେଲେ ହିଁ ଆଉ ପରିଚୟର ପ୍ରୟୋଜନ ହୁଏ ନାହିଁ, ସ୍ଥିର ସୌମ୍ୟଭାବ, ମୁଖମଣ୍ଡଳରେ ପ୍ରସନ୍ନତା, ଗାମ୍ଭୀର୍ଯ୍ୟ ଏକସଙ୍ଗେ ଚାଲିଚଳନରେ ପ୍ରକଟିତ—''

ମୁଁ ନମସ୍କାର କରିବାରୁ ନନୀ ଠାକୁର ତାଙ୍କୁ କହିଲେ, ''ଏହାଙ୍କ କଥା ଆପଣଙ୍କୁ କହୁଥିଲି, ଆପଣଙ୍କ ସାଥିରେ କଥା କହିବା ଲାଗି ଏଇହିଁ ଜଣେ ଯୋଗ୍ୟ ବ୍ୟକ୍ତି ଏଠାରେ ଅଛନ୍ତି ।''

ଆମେ ସବୁ ଆଗେଇ ଯାଇ ସେହି ବିଶାଳ ବୃକ୍ଷତଳସ୍ଥ ବୃତ୍ତାକାର ବେଦୀରେ ଯାଇ ଉପବେଶନ କଲୁ । ସେ ଜଣେ ବାକ୍‌ପଟୁ ବ୍ୟକ୍ତି, ପ୍ରଥମେ ହିଁ ଆରମ୍ଭ କଲେ,

''ମୁଁ ବର୍ତ୍ତମାନ ସିମଳା (ଶୈଳ ନିବାସ) ବାଟ ଦେଇ ଆସୁଛି । ସେଠାରେ ପ୍ରାୟ ଦୁଇମାସ କାଳ ଥିଲି । ସେଠାରେ ଥିବା ସମସ୍ତ ବଡ଼ ବଡ଼ ଅଫିସରଙ୍କ ସଙ୍ଗେ ମୋର ଘନିଷ୍ଠ ପରିଚୟ ଅଛି । ଗତ ମାସରୁ ବାହାରିଛି, ବୁଲି ବୁଲି ପ୍ରୟାଗ, କାଶୀ, ପାଟନା, ଭାଗଲପୁର ଦେଇ ଆସିଲି । ଥରେ ବକ୍ରେଶ୍ୱରକୁ ଆସିବାର ଇଚ୍ଛା ଅନେକ ଦିନରୁ ଥିଲା, ଏଥର ଭାବିଲି ଦେଖିଯାଏଁ—ପୂର୍ବରୁ ଏ ଅଞ୍ଚଳକୁ କେବେ ଆସିନାହିଁ—କେବଳ ଏହି ଅଞ୍ଚଳଟା ହିଁ ବୁଲିବା ହୋଇନାହିଁ । ନ ହେଲେ ଆଉ କୌଣସି ପ୍ରସିଦ୍ଧ ସ୍ଥାନ ବୁଲିବାକୁ ବାକି ନାହିଁ । ଆପଣ କେବେଠାରୁ ଏଠାରେ ଅଛନ୍ତି ?''

ମୁଁ କହିଲି, ''ଏଇ ପ୍ରାୟ ଦେଢ଼ମାସ ହେଲା ଏଠାରେ ଅଛି ।''

ଶୁଣି ନେଇ ମୋ'ର ନିବାସ କେଉଁଠି, କେବେଠାରୁ ବାହାରିଛି, ମୋ'ର ଉଦ୍ଦେଶ୍ୟ କ'ଣ—ଏହିପରି ପ୍ରଶ୍ନ ପରେ ପ୍ରଶ୍ନ ପଚାରି ମୋତେ ବ୍ୟସ୍ତ କରି ପକାଇଲେ । ଶେଷରେ କହିଲେ, ''ଦେଖାନ୍ତୁ ତ ଆପଣଙ୍କ ହାତଟି ।'' ମୁଁ ହାତକୁ ବଢ଼େଇଦେଲି, ନ ଦେଖାଇ ଉପାୟ ନଥିଲା । କହିଲି, ''ଆପଣଙ୍କୁ ଏ ବିଦ୍ୟା ମଧ୍ୟ ଜଣା ଅଛି ନା କ'ଣ ?''

ସେ କହିଲେ, ''ଅଛି ନିଶ୍ଚୟ, କିଛି କିଛି ସବୁ ବିଷୟ ଜାଣିବାକୁ ପଡ଼େ ।''

ଅନେକ ସମୟ ଦେଖି, ନାନାପ୍ରକାର ଭଙ୍ଗୀରେ ହାତକୁ ଏପଟସେପଟ କରି କହିଲେ, ''ଆପଣଙ୍କୁ ପୁନର୍ମୂଷିକ ହେବାକୁ ପଡ଼ିବ ଯେ—ଏଇ ପ୍ରାୟ ଦର୍ଷଟିଏ ପରେ ।''

ମୁଁ କହିଲି, ''ମୁଁ ତ ଏକବାର ସଂସାର ତ୍ୟାଗ କରି ସନ୍ନ୍ୟାସ ନେଇ ନାହିଁ—''

''ତା ନ ହୋଇଥାଉ । ଏହି ସମୟଟା ଆପଣଙ୍କର ବୈରାଗ୍ୟ ଯୋଗ ଦେଖୁଛି, ଅନ୍ତରରେ ତ ସଂସାର ଭାବ ନାହିଁ । ଆପଣଙ୍କର ଦୁଇଟି ବିବାହ ? ପ୍ରଥମ ସ୍ତ୍ରୀ ମାରା ଯାଇଛନ୍ତି କି ନା, ଇତ୍ୟାଦି ଇତ୍ୟାଦି ।'' ସେ ସମସ୍ତ କହିଲା ପରେ ମୁଁ କହିଲି, ''ଆପଣ ହିମାଳୟ ଆଡ଼େ ତ ଅନେକ ବୁଲିଛନ୍ତି ?''

''ହଁ, ପ୍ରାୟ ହଜାରେଚାରି ମାଇଲ ବୁଲିଛି—ଏହି ପାଦରେ ଚାଲି ଚାଲି, ନିଃସଙ୍ଗ ହୋଇ, ଏକୁଟିଆ ଘୂରିଛି ।''

''ସେଠାରେ କୌଣସି ସିଦ୍ଧ ଯୋଗୀଙ୍କର ସଙ୍ଗ ମିଳିଥିଲା କି ?''

ସେ କହିଲେ, ''ହରିଦ୍ୱାରଠାରୁ ଆରମ୍ଭ କରି ଯେତେଦୂର ଯିବେ, ସେହି ଯୋଗୀ ମଠ । ପେଟଭୋକିଲା ସାଧୁମାନଙ୍କୁ ହିଁ ଦେଖିବାକୁ ପାଇବେ—ରୋଟି ଆଉ କମ୍ବଳ ଦରକାର—ଆଉ ବେଶ୍ କିଛି ପ୍ରତିଷ୍ଠାପନ୍ନ ହେଲେ, ବେଶୀ ଲୋକଙ୍କୁ ପଟେଇପାରିଲେ ସେମାନଙ୍କର ଗୋଟିଏ କରି ଆଶ୍ରମ ପ୍ରତିଷ୍ଠା ଉଦ୍ଦେଶ୍ୟ ବଳବତ୍ତର ଥିବାର ଦେଖିବାକୁ ପାଇବେ । ସାମାନ୍ୟ କିଛି ଭକ୍ତଙ୍କ ଖାତିରରେ, ଯେଉଁମାନେ ସାଧାରଣ ବା ଗରିବ ଗୃହସ୍ଥ ତାଙ୍କ ଲାଗି ହଳଦିଆ ପ୍ରସାଦ ବ୍ୟବସ୍ଥା ଥାଏ । ଏହି ହରଦ୍ୱାରର ଭୋଲାଗିରିଠାରୁ ଆରମ୍ଭ କରି ସେହି ଅଞ୍ଚଳର ଶେଷ ହନୁମାନ ଚଟିର ଉତ୍ତରରେ ନୀରାନନ୍ଦ ବାବା ପର୍ଯ୍ୟନ୍ତ ଏକାରକମ ସ୍ୱଭାବର ପ୍ରାୟ ଦେଖିବାକୁ ମିଳିବ ! ମୁହଁରେ ଗୀତାର ଶ୍ଳୋକ, ଦୁଇ ଚାରିଟା ବନ୍ଧାଗତର ଆବୃତ୍ତି ଛଡ଼ା ପେଟରେ ଘୁଷା ମାରିଲେ ଆଉ ଅଧିକ କିଛି ପାଇବେ ନାହିଁ ।''

ମୁଁ ପ୍ରଶ୍ନ କଲି, ''ସିଦ୍ଧ ଯୋଗୀଙ୍କ ଦର୍ଶନ ଭାଗ୍ୟର କଥା ତ ? ଆପଣଙ୍କର ଦେଖୁଛି, ସେ ଭାଗ୍ୟ ହୋଇ ନାହିଁ ।''

ସେ କହିଲେ, ''ସିଦ୍ଧ ଯୋଗୀ-ଫୋଗୀ କିଛି ନୁହେଁ, ସମସ୍ତେ ହିଁ ବାରବୁଲା ଦଳ । ଯୋଗସିଦ୍ଧ ହେଲେ ହା ଅନ୍ନ କହି ଘୂରି ବୁଲିବେ କାହିଁକି ? ଆଶ୍ରମ-ପ୍ରତିଷ୍ଠା ବା କରିବାକୁ ଯିବେ କାହିଁକି ?''

''ମନେ କରନ୍ତୁ, ସାଧନ ଲାଗି ଅନୁକୂଳ ସ୍ଥାନର ତ ପ୍ରୟୋଜନ, ରୌଦ୍ର ବୃଷ୍ଟିରୁ ଶରୀରକୁ ରକ୍ଷା କରିବା ଲାଗି...''

''ହଁ ହଁ, ସେକଥା ମୁଁ ବୁଝୁଛି, ସେକଥା ଯଦି କହୁଛନ୍ତି, ସେସବୁ କାମ ପାଇଁ ଉପର ହିମାଳୟ ମଧ୍ୟରେ ଶତ ଶତ ଗୁହା ଅଛି, ଯାହା ଭିତରେ ଯେତେ କାଳ ଇଚ୍ଛା ବାସ କରାଯାଇପାରେ । ଅସଲ କଥା' ତାହା ତ ସେମାନଙ୍କର ଉଦ୍ଦେଶ୍ୟ ନୁହେଁ, ସେମାନେ ଚାହାନ୍ତି ଗୃହୀଙ୍କର ପାଖାପାଖି ରହିବାକୁ, ଏପରି ଜାଗାରେ ରହିବେ, ଯେଉଁଠି ଗୃହୀ-

ମହକିଲ ଅନୁଚରମାନଙ୍କ ସହ ଅନ୍ତରଙ୍ଗତା ସବୁ ସମୟରେ ଠିକ୍ ଭାବେ ଚାଲିପାରିବ । ଏହାହିଁ ନା, ଆଉ କ'ଣ !''

ଏହାପରେ ମୁଁ ଆଉ କଥାକୁ ଆଗେଇଲି ନାହିଁ । ସେ ଆଡ଼େ ଅନେକ ସ୍ଥାନ ବୁଲିଥିଲି, ସୁତରାଂ ସବୁ ଜଣା ଥିଲା । ସେ ଆଡ଼ର ବଦ୍ରୀନାରାୟଣ ବା କେଦାରନାଥ ପଥରେ ଗଙ୍ଗୋତ୍ରୀ ବା ଯମୁନୋତ୍ତରୀ ଦିଗରେ ସିଦ୍ଧ ପୁରୁଷଙ୍କ ସ୍ଥାନ ଅଛି, ଭାଗ୍ୟରେ ଯୋଗାଯୋଗ ଥିଲେ ଦର୍ଶନପ୍ରାପ୍ତି ହୁଏ । ଯାହା ହେଉ, ଆମର ଏହି ସ୍ୱାମୀ, ଯେପରି ଜଣେ ସର୍ବଜ୍ଞ ଭାବର ବ୍ୟକ୍ତି, ସାଧୁ-ସନ୍ନ୍ୟାସୀଙ୍କ ସମ୍ବନ୍ଧରେ ସେମାନେ କେହି କିଛି ନୁହନ୍ତି—ତାଙ୍କର ଏହି ଭାବ ।

ତା'ପରେ ପ୍ରସଙ୍ଗର ପରିବର୍ତ୍ତନ ହେଲା । ସାଧୁ-ସନ୍ନ୍ୟାସୀ ପ୍ରସଙ୍ଗରୁ ସେ ନାମଜାଦା ସରକାରୀ କର୍ମଚାରୀଙ୍କ ଉପାଖ୍ୟାନକୁ ଓହ୍ଲାଇ ଆସିଲେ । ସେ ଏବେ ବଡ଼ଲାଟ୍, ଛୋଟ ଲାଟ୍, ହାଇକୋର୍ଟ ଜଜ୍, ସେକ୍ରେଟେରିଏଟ୍‌ର ବଡ଼ ବଡ଼ ଅଫିସରଙ୍କର ପରିଚୟ ଏବଂ ସେମାନଙ୍କ ସହ କେଉଁଠାରେ କିପରି ଭାବରେ ତାଙ୍କର ଆଳାପପରିଚୟ ଘଟିଥିଲା, ସେମାନଙ୍କ ମଧ୍ୟରୁ କାହାର କିପରି ବିଶେଷତ୍ୱ, ସେହି ସମସ୍ତ କଥା ବର୍ଣ୍ଣନା କରିବାକୁ ଲାଗିଲେ । କ୍ରମେ ବିଶ୍ୱବିଦ୍ୟାଳୟ ଏବଂ ବଡ଼ବଡ଼ କଲେଜର ଅଧ୍ୟାପକମାନଙ୍କ ଯାଏ ଆଗେଇଚାଲିଲେ, ଶେଷରେ ତାଙ୍କର ଅଙ୍କଶାସ୍ତ୍ରରେ ଅସାଧାରଣ ଅଧିକାର ଏବଂ ଜ୍ୟୋତିଷଚର୍ଚ୍ଚାର ଅଧିକାର କଥା ପ୍ରକାଶ କରିଚାଲିଲେ । ପ୍ରଥମରୁ ସେ ଏଠାରେ ବକ୍ତା ଏବଂ ପ୍ରଧାନ ବ୍ୟକ୍ତି; ଆମେମାନେ ସମସ୍ତେ ଶ୍ରୋତା । କେହି କେହି ମନ ଦେଇ ହାଁ କରି ତାଙ୍କର ଏହି ସମସ୍ତ ପ୍ରତିଷ୍ଠା ଏବଂ ଅଭିଜ୍ଞତାର ଗଳ୍ପ ଶୁଣୁଥିଲେ । ଉଠିଯିବାର ଇଚ୍ଛା ଥିଲେ ମଧ୍ୟ ଉଠିବାକୁ ସାହସ ନଥିଲା । ଆମର ବୈଦ୍ୟନାଥ ମଧ୍ୟ ଏହା ଭିତରେ ଥିଲେ । ଶେଷରେ ସେହି ମଣିଷଟି ଟିକିଏ ହାଇମାରି ଉଠି ଠିଆହେଲେ, ଏବଂ ଦୁଇବାହୁ ପ୍ରସାରିତ କରି ଆଳସ୍ୟ ତ୍ୟାଗ କଲାପରେ କହିଲେ, ''ଏ ସବୁ ଶୁଣି କ'ଣ ହେବ, ନା କାଳୀ ନା ରାମ, ସାଧୁଙ୍କର ଏସବୁ କଥା କାହିଁକି ? ଯାଆନ୍ତୁ ଯାଆନ୍ତୁ, ସ୍ନାନ କରନ୍ତୁ ଯାଇ । ଏବେ କାଳୀବାଡ଼ୀର ଘଣ୍ଟା ବାଜିବ ଗୋ । ପ୍ରସ୍ତୁତ ହୋଇଯାଆନ୍ତୁ ସମସ୍ତେ ।''

ଦୁଇଟି କାରଣରୁ ମନଟା ବଡ଼ ଖରାପ ହୋଇଗଲା । ପ୍ରଥମେ ଏହି ଯେ ବହୁବଚନର ଏହି ବଙ୍ଗାଳୀ ସାଧୁଟି ଆସି ସମ୍ବାଦପତ୍ର ପରି ରାଜ୍ୟର ଖବର ଆମ କାନପାଖରେ ପ୍ରଚାର କରିଦେଲେ । ଆମେ ଯେ ପୁଣି ସଂସାରୀ ହୋଇ ସେହି ସାଧାରଣ ଗୃହସ୍ଥଙ୍କ ପରି ଅଦୂର ଭବିଷ୍ୟତର ଘରକରଣା କରିବାକୁ ପଡ଼ିବ, ମୁକ୍ତ ଭାବରେ ଇଚ୍ଛାମତେ ଭ୍ରମଣ କରିପାରିବୁ ନାହିଁ, ବଦ୍ଧ ଭାବେ ସେହି ସଂକୀର୍ଣ୍ଣ ସ୍ଥାନରେ କାଳ କଟାଇବାକୁ ପଡ଼ିବ, ଏହି କଥା ଭାବି ମନଟା ବେଶୀ ଖରାପ ହୋଇଥିଲା । ଦ୍ୱିତୀୟ କାରଣ ଏହି ଯେ ଏଠାରୁ ଯିବାକୁ ହେବ, ଏଠାରେ ଯାହା ଦେଖିଲି, ଶୁଣିଲି, ବୁଝିଲି, ସେଥିରେ ମନର ସମସ୍ତ ଆକାଂକ୍ଷା ପୂର୍ଣ୍ଣ ହେଲା ନାହିଁ, ଅନେକଟା ଅଭାବ ରହିଗଲା । ଯିବାବେଳକୁ ଯେପରି ଅଶାନ୍ତି ନେଇ ଯାଉଛି ।

ବଙ୍ଗାଳୀ ସାଧୁଟି ଏଠାରେ ଗୋଟିଏ ଦିନ ଓ ଗୋଟିଏ ରାତ୍ରି ରହିଲେ, ତାଙ୍କର ଅସଲ କାମ ହେଲା ଏହି ମନ୍ଦିର ସମ୍ବନ୍ଧରେ ଯାହା କିଛି ବ୍ୟାପାରର ଅନ୍ୱେଷଣ କରିବା । ବର୍ଷରେ କେତେ ଆୟ, କେତେ ବ୍ୟୟ, କିଏ ଏ ସବୁର ବ୍ୟବସ୍ଥା କରେ, ଯାତ୍ରୀମାନଙ୍କଠାରୁ କେତେ ଆୟ ହୁଏ—ଏହି ସମସ୍ତ ଖବର ସଂଗ୍ରହ କରିପକାଇଲେ—କେବଳ ବୈଷୟିକ କଥା ବ୍ୟତୀତ ଆଉ କୌଣସି ପ୍ରସଙ୍ଗ ତାଙ୍କ ମୁହଁରୁ ଶୁଣି ନାହିଁ ।

ହୁଏତ ଆଉ ଦୁଇ ଚାରି ଦିନ ରହିଯାଇଥାନ୍ତି, କିନ୍ତୁ ଏହି ବ୍ୟକ୍ତିର ସଂସର୍ଗ ମୋ ମନକୁ ବିରକ୍ତ କରି ପକାଇଲା, ମୁଁ ଆଜି ଅପରାହ୍ଣରେ ଚାଲିଯିବାର ସଂକଳ୍ପ ନେଲି । ଶରୀର ଏଠାରେ ଖୁବ୍ ହିଁ ଖରାପ ହୋଇଛି, ସର୍ବାଙ୍ଗରେ ବେଦନା, ମୁଣ୍ଡ ଓଜନିଆ ହୋଇ ରହିଛି, ଏହିପରି ଅବସ୍ଥା । ଆଜିକୁ ଛ' ସାତ ଦିନ ହେବ ଏହି ଅବସ୍ଥା । ଏହିଠାରୁ ମୁଁ ଲାଭପୁରର ଫୁଲ୍ଲରା ପୀଠ ଏବଂ ପରେ ଅଟ୍ଟହାସ ହୋଇ ତାରାପୁର ଯିବାର ସଂକଳ୍ପ କଲି । ମନେହେଲା ଏହି ସାଧୁ ଯେପରି ମୋତେ ଏଠାରୁ ତଡ଼ିଦେବାକୁ ଆସିଥିଲେ ।

ଯିବା ବେଳେ କମ୍ବଳଟିକୁ ପିଠିରେ ବାନ୍ଧିଦେଲି, ହାତରେ ଜଳପାତ୍ର ବା କମଣ୍ଡଳୁ—ଥରେ ଶ୍ମଶାନ ଆଡ଼କୁ ଲକ୍ଷ୍ୟ କଲି, ଅଘୋରୀଙ୍କୁ ଦେଖିବାକୁ ପାଇଲି ନାହିଁ । ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ବାହାରିପଡ଼ିଲି । ସିଧା ରାସ୍ତାରେ ଦୁବରାଜପୁର ଷ୍ଟେସନ ଆଡ଼କୁ ଚାଲିଲି ।

ସ୍ତିମୀତ ସୂର୍ଯ୍ୟକିରଣରେ ଉଦ୍‌ଭାସିତ ଚତୁର୍ଦ୍ଦିଗରେ ବହୁଦୂର ପର୍ଯ୍ୟନ୍ତ ଅସମତଳ ଦିକ୍‌ଚକ୍ରବାକ ଦୃଷ୍ଟି ପଥାରୂଢ଼ ହେଉଛି । ରାସ୍ତାଟି ବଡ଼ ସୁନ୍ଦର । ଖୋଲା ପବନ ଓ ଆଲୋକ ମଧ୍ୟରେ ଷ୍ଟେସନରେ ପହଞ୍ଚିଲି । ବେଶୀ ସମୟ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ସନ୍ଧ୍ୟାର ଅନ୍ଧକାରରେ ଟ୍ରେନରେ ଉଠିଯାଇ ସାଁଇଥିୟାରେ ଉପସ୍ଥିତ ହେଲି । ଏଠାରେ ଏକ ତାନ୍ତ୍ରିକ ସାଧକଙ୍କର ସମାଧି ରହିଛି । ଷ୍ଟେସନର ପାଖାପାଖି ।

ସମାଧିଟି ପ୍ରାଚୀନ, ଚାରିଆଡ଼େ ଶୈବାଳ ଓ ବୁଦାଜାତୀୟ ଜଙ୍ଗଲ ଦ୍ୱାରା ପୂର୍ଣ୍ଣ ଗୋଟିଏ ପ୍ରକାଣ୍ଡ ବଟବୃକ୍ଷ ଅଛି, ତାହା ଅନେକ ଆଡ଼େ ବିସ୍ତାରିତ । ଦେଖିଲି, ଦୁଇ ତିନିଜଣ କୃଷ୍ଣକାୟ ବ୍ୟକ୍ତି ସମାଧି କଡ଼ରେ ବୃକ୍ଷ ତଳେ ବସି ଜଣେ ଅଶୀବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା ସହ କଥାବାର୍ତ୍ତା ହେଉଛନ୍ତି । ମୁଁ ଯାଇ ସେଠାରେ ପହଞ୍ଚି ପିଠିରୁ ବୋଝକୁ ତଳେ ରଖିଦେଇ ବସିପଡ଼ିଲି ।

ଜଣେ ପଚାରିଲେ, ''କେଉଁଠାରୁ ଆସିଛନ୍ତି ?'' ଉତ୍ତରଦେଇ ମୁଁ ପଚାରିଲି, ''ଏଠାରେ ଆଜି ରାତିଟା ପାଇଁ ଟିକିଏ ସ୍ଥାନ ମିଳି ପାରିବ କି ?''

ସେକଥାର ଉତ୍ତର ନ ଦେଇ ଜଣେ ପ୍ରଶ୍ନ କଲେ, ''କୁଆଡ଼େ ଯିବାର ଅଛି ?''

ମୁଁ କହିଲି, ''କାଲି ପ୍ରଭାତରେ ଲାଭପୁର ଯିବି ।''

ପାର୍ଶ୍ୱରେ ହିଁ ବୃଦ୍ଧାଙ୍କ କୁଟୀର, ତାଙ୍କ ଦୁଆର ପାଖରେ ମୋର ରହିବା ଜାଗା ମିଳିଲା । ବୃଦ୍ଧା ଜଣେ ଭୈରବୀ, ସେ ବହୁତ ସ୍ନେହ ପ୍ରକାଶ କଲେ । ମୋ'ର କିଏ କିଏ ଅଛନ୍ତି, କାହିଁକି ଏପରି ଭାବେ ଘୂରିବୁଲୁଛି ଆଦି ପଚାରି ବସିଲେ ।

ପ୍ରାତଃ ସମୟରେ ଉଠି ଯାତ୍ରାକରିବା ଲାଗି ପ୍ରସ୍ତୁତ ହେଲି । ଏହିଠାରୁ ଆମାଦ୍‌ପୁର ଲାଇନରେ ଲାଭପୁର ଯିବାକୁ ହୁଏ । ପ୍ରାୟ ଆଠଟା ବେଳକୁ ଲାଭପୁରରେ ପହଞ୍ଚିଲି । ଫୁଲ୍ଲରା ପୀଠଟି ଷ୍ଟେସନର ନିକଟରେ । ଦେବୀଙ୍କର ଛୋଟ ପୁରାତନ ମନ୍ଦିର, ସମ୍ମୁଖରେ ଖମ୍ବ ଥିବା ପ୍ରକାଣ୍ଡ ନାଟ୍ୟ ମନ୍ଦିର, ତାହାର ସମ୍ମୁଖର ଉପର ଆଡ଼େ ହିଁ ପକ୍କା ଛାତରେ ଆଚ୍ଛାଦିତ ଚାନ୍ଦିନୀ, ତା'ପରେ ସୋପାନମଣ୍ଡିତ ଏକ ସରୋବର । ତାହା ଉପର ଆଡ଼କୁ ତିନି ଦିଗକୁ ଶ୍ମଶାନ ଭୂମି । ଦକ୍ଷିଣ ପାର୍ଶ୍ୱରେ କେତେକ ଜଙ୍ଗଲ । ଶ୍ମଶାନରେ ସର୍ବତ୍ର ନର-କପାଳ ଇତସ୍ତତଃ ବିକ୍ଷିପ୍ତ, କଙ୍କାଳ ଓ ଶରୀରର ବିଭିନ୍ନ ଅଂଶର ଅସ୍ଥି ଚାରିଆଡ଼େ ଦେଖାଯାଏ । ଦିନତମାମ୍ ସ୍ଥାନଟି ଖୁବ୍ ମନୋରମ । ଶ୍ମଶାନ ପରେ ହିଁ ରେଳ ଲାଇନ୍ ।

ମୁଁ ଥରେ ଚାରିଆଡ଼କୁ ଦେଖିସାରି ମନ୍ଦିର ପଛରେ ଯେଉଁ କେତେଗୋଟି ଚାଳଘର ଅଛି, ସେଠାକୁ ଯାଇ ବୋଝଟିକୁ ଓହ୍ଲାଇଲି । ସେଠାର ପୂଜକ ଏବଂ ତାହାଙ୍କ ସଙ୍ଗେ ତିନିଜଣ ଭଦ୍ରବ୍ୟକ୍ତି ବସି କଥାବାର୍ତ୍ତାରେ ବ୍ୟସ୍ତ ଥିଲେ । ଏହି ସ୍ଥାନରେ ପୂଜକ ବାସ କରନ୍ତି ଏବଂ ତାହାର ଏକ ଅଂଶରେ ଭୋଗ ରନ୍ଧାଯାଏ । ତାହା ପଛରେ ନୀଚା ପାଚେରି ଘେରା କିଛିଟା ସ୍ଥାନ—ସେଠାରେ ଶିବାଙ୍କୁ ଭୋଗ ଦିଆଯାଏ । ପୋଷା ଶୃଗାଳ ଦୁଇ ତିନୋଟି ମଝିରେମଝିରେ ଦେଖାଦେଇ ଚାଲିଯାଉଥିଲେ । ବୋଧହୁଏ ଭୋଗ ଲାଗିବାରେ କେତେ ବିଳମ୍ବ ହେଉଛି, ସେମାନେ ସେକଥା ଅନୁସନ୍ଧାନ କରୁଥିଲେ ।

ପୀଠସ୍ଥ ଦେବୀମୂର୍ତ୍ତିଙ୍କ ସର୍ବାଙ୍ଗ ରକ୍ତବସ୍ତ୍ରରେ ଢଙ୍କା, କେବଳ ମୁକୁଟାବୃତ ମସ୍ତକ ଏବଂ ମୁଖଟି ହିଁ ଖୋଲା । ପ୍ରଥମ ଦୃଷ୍ଟିରେ ଏହା ହିଁ ସେପରି ମନେହୁଏ, କିନ୍ତୁ ନିକଟକୁ ଗଲେ କିଛି ହିଁ ପରିଷ୍କାର ଭାବେ ଦେଖାଯାଏ ନାହିଁ । ସିନ୍ଦୂର ଦ୍ୱାରା ପ୍ରଲେପ ପ୍ରସ୍ତରାଂଶର ସବୁଟାକୁ ଘୋଡ଼ାଇ ରଖିଛି । କିଛି ସମୟ ମନ୍ଦିର ବାରଣ୍ଡାରେ ବସିଯାଇ ପୂଜାର ଆୟୋଜନ ଦେଖୁଥିଲି । ସେଠା ଗ୍ରାମର ସ୍ତ୍ରୀଲୋକ ତିନି ଚାରି ଜଣ—ସେମାନଙ୍କ ମଧ୍ୟରେ ବର୍ଷୀୟସୀ ବିଧବା ମଧ୍ୟ ଥିଲେ । ମନେହୁଏ, ପ୍ରତ୍ୟହ ହିଁ ଏମାନେ ଏଠାକୁ ଆସିଥାଆନ୍ତି ।

ଦ୍ୱିପ୍ରହର ହୋଇଯିବା ପରେ ଭୋଗ ଲାଗେ । ଦେବୀଙ୍କ ଠାରେ ଭୋଗ ଲାଗି ସାରିଲେ ପ୍ରଥମେ ଶିବାଙ୍କୁ ଭୋଗ ଦିଆଯାଏ । ପ୍ରତିଦିନ ଭୋଗ ଆମିଷ ଓ ନିରାମିଷ ଉଭୟ ହିଁ ହୋଇଥାଏ । ପର୍ବ ଉପଲକ୍ଷ୍ୟେ ଏବଂ ଅମାବାସ୍ୟାରେ ଛାଗ ବଳି ଦିଆଯାଏ । ଯିଏ ଅଭ୍ୟାଗତ ଥାଆନ୍ତି, ସେମାନେ ପ୍ରସାଦ ପାଇଥାନ୍ତି ଏବଂ ପୂଜାରୀ ମହାଶୟଙ୍କ ନିର୍ବାଚିତ ଗ୍ରାମସ୍ଥ ପ୍ରତିବେଶୀଗଣ । ଏମାନେ ସମସ୍ତେ ହିଁ ତାନ୍ତ୍ରିକ ଅର୍ଥାତ୍ ତନ୍ତ୍ରମତାବଲମ୍ବୀ । ପଞ୍ଚ'ମ'କାରର ଅନୁଷ୍ଠାନ ଏଠାରେ ଅତି ସାଧାରଣ । ପ୍ରତ୍ୟହ ଯେଉଁ ପୂଜା ବା ଭୋଗର ବ୍ୟବସ୍ଥା ରହିଛି, ସେଥିରେ ପ୍ରାୟ ୨୦-୨୨ ଜଣ ବ୍ୟକ୍ତିଙ୍କୁ ପ୍ରସାଦ ମିଳିଥାଏ । ପ୍ରତି

ଅମାବାସ୍ୟା ଏବଂ ଅନ୍ୟାନ୍ୟ ବିଶିଷ୍ଟ ପର୍ବପର୍ବାଣିଦିନରେ ବିଶେଷ ପୂଜାର ବ୍ୟବସ୍ଥା ମଧ୍ୟ ଥାଏ । ତାହାଛଡ଼ା ବାହାରୁ ମାନତ ବା ମାନସିକ ଲାଗି ପୂଜା ପ୍ରାୟ ହିଁ ଥାଏ । ଭିନ୍ନ ଭିନ୍ନ ଗ୍ରାମରୁ ମଝିରେମଝିରେ ପୂଜା ଉପକରଣମାନ ସହ ଯାତ୍ରୀମାନେ ଉପସ୍ଥିତ ହୁଅନ୍ତି, ସାଙ୍ଗରେ ବଳି ଲାଗି ଛାଗ ମଧ୍ୟ ଆଣିଥାନ୍ତି । ସେହି ମହାପ୍ରସାଦର ଆକର୍ଷଣରେ ଗ୍ରାମସ୍ଥ ଦୁଇଚାରିଜଣ ଭକ୍ତଙ୍କର ବେଶୀ ଆୟ ହୁଏ ଏବଂ କାରଣାନନ୍ଦ ବା ମଦ୍ୟ ସହ ପ୍ରସାଦ ମିଳିଥାଏ ।

ନାଟମନ୍ଦିରଟି ଯେପରି ବଙ୍ଗପ୍ରଦେଶରେ ଅଧିକାଂଶ ସ୍ଥାନରେ ଅଛି, ସେହିପରି– ସ୍ତମ୍ଭଶ୍ରେଣୀ ଉପରେ ପକ୍କା ଛାତ, ଯାହା ଗ୍ରୀକ୍ ସ୍ଥାପତ୍ୟର ଅନ୍ତର୍ଗତ ଭୋରିକ୍ ଶ୍ରେଣୀର । ଏଥି ମଧ୍ୟରେ ବଡ଼ଲୋକ କାହାକୁ ହିଁ ଦେଖିଲି ନାହିଁ । ଆଭ୍ୟନ୍ତର ଅତ୍ୟନ୍ତ ଅପରିଷ୍କାର, ପାରା ଓ ବାଦୁଡ଼ି ଚେମେଣୀଙ୍କର ବହୁଳ ବସା ଯୋଗୁ ଯାହା ହେବା କଥା, ହୋଇଥାଏ, ଅଥଚ କେତେକାଂଶରେ ଜାଲିଦିଆ, ତା'ପରେ ହିଁ ଘାଟର ଚାନ୍ଦିନୀ । ଦୁଇ ଆଡ଼େ ଦୁଇଟି କରି ଚାରୋଟି ଖମ୍ବ ଉପରେ ପକ୍କା ଛାତ ତଳେ ଦୁଇ ଆଡ଼େ ପ୍ରଶସ୍ତ ମାର୍ବଲ ପଥରର ବେଶ୍ ଦୀର୍ଘ ବସିବାଲାଗି ସ୍ଥାନ, ଯେଉଁଥିରେ ଏକାଠି ପାଞ୍ଚଛଅଜଣ ବସିପାରିବେ । ତାହା ପରେ ହିଁ ସୋପାନଶ୍ରେଣୀ । ପାଣିଠାରୁ କେବଳ ତିନୋଟି ପାହାଚ ଉଠିଛି; ଜଳ ନିର୍ମଳ ଓ ସ୍ୱଚ୍ଛ, କାଚକେନ୍ଦୁ ପରି ।

ଏଠାକୁ ଆସି ଅନେକ ଶାରୀରିକ ସ୍ୱାଚ୍ଛନ୍ଦ୍ୟ ଅନୁଭବ କଲି । କିନ୍ତୁ ଏହି ସ୍ଥାନରେ ଲକ୍ଷ୍ମୀଛଡ଼ା ପରି କେଉଁଠାରେ ମଧ୍ୟ କିଛି ଭଲକଥା ଦେଖିଲି ନାହିଁ । ଜୀବନର ଚିହ୍ନବର୍ଣ୍ଣ ନାହିଁ । ସରୋବର ସଂଲଗ୍ନ ସ୍ଥାନଟିକୁ ଛାଡ଼ିଦେଲେ ସମସ୍ତ ଯେପରି ଶ୍ରୀହୀନ, ନିର୍ଜୀବ ।

ଏହି ଫୁଲ୍ଲରା ମହାପୀଠ ଏକ ଅତି ପ୍ରାଚୀନ ତାନ୍ତ୍ରିକ ଅଭିଚାରର କ୍ଷେତ୍ର । ଏକସମୟରେ ଏଠାରେ ବହୁ ଭିନ୍ନ ଧରଣର ସିଦ୍ଧ ତାନ୍ତ୍ରିକ ଆସନ ଜମାଇଥିଲେ । ତନ୍ତ୍ରମତକୁ ଆଧାର କରି ଅନେକ ସାଧନ ଏଠାରେ ହୋଇଯାଇଛି । ଏବେ କିନ୍ତୁ ଏହି ସରୋବର ତୀରସ୍ଥ ଶ୍ମଶାନ ବ୍ୟତୀତ ସେସବୁର କିଛି ଚିହ୍ନବର୍ଣ୍ଣ ନାହିଁ । ବକ୍ରେଶ୍ୱର ତୁଳନାରେ ଏଠାର ବିସ୍ତୃତି କମ୍ ତଥା ସଂକୀର୍ଣ୍ଣ । ବକ୍ରେଶ୍ୱରଠାରେ ଯେପରି ସାଧୁ-ସନ୍ନ୍ୟାସୀଙ୍କର ବହୁଳ ଭାବେ ଯାତାୟାତ ଅଛି, ଏଠାରେ ସେପରି ନାହିଁ, ଅଥଚ ଏହି ସ୍ଥାନଟି ରେଳଲାଇନ୍ ଧାରରେ, ଯିବାଆସିବା ଖୁବ୍ ସୁବିଧା । ଏଠାକୁ ଗୃହସ୍ଥ ବ୍ୟକ୍ତିଙ୍କ ଯିବାଆସିବା ବେଶୀ । ବକ୍ରେଶ୍ୱର ମନ୍ଦିର ମଧ୍ୟରେ ଯେପରି ଅନେକ ସ୍ଥାନ ରହିଛି, ଯେଉଁଠାରେ ବାହାରୁ ଆସିଥିବା ଅଳ୍ପବହୁତ ବ୍ୟକ୍ତି ରହିପାରିବେ ଏବଂ ରହିଥାନ୍ତି, ଏଠାରେ ସେପରି ସ୍ଥାନ ନାହିଁ । ଶ୍ମଶାନ କ୍ଷେତ୍ର ମଧ୍ୟ ସଂକୀର୍ଣ୍ଣ ।

ଏଠାରେ ମୁଁ ଯେବେ ରହିଥିଲି, କୌଣସି ସାଧୁ-ସନ୍ନ୍ୟାସୀ ଦେଖି ନାହିଁ, କୌଣସି ସାଧକଙ୍କୁ ମଧ୍ୟ ଦେଖିବାର ସୌଭାଗ୍ୟ ମିଳିନାହିଁ ।

ପ୍ରାୟ ଅଢ଼େଇପ୍ରହର ପରେ ପୂଜା ଓ ଭୋଗ ହୋଇଗଲା ଏବଂ ଶିବାଙ୍କୁ ଭୋଗ ଦେବା ଶେଷ ହେଲା ପରେ ଆମର ପ୍ରସାଦ ମିଳିବା ଲାଗି ସ୍ଥାନ କରାଗଲା । ପ୍ରାୟ ବାରତେରଜଣଙ୍କ ଲାଗି ପତ୍ର ଲାଗିଥିଲା । ବାଳକ, ଯୁବକ, ବୃଦ୍ଧ ପ୍ରାୟ ସମସ୍ତେ ଏଠାକାର ଲୋକ । ସେମାନଙ୍କ ମଧ୍ୟରୁ ମୁଁ ମାତ୍ର ଜଣେ ବାହାରର, ଆଉ କେଉଁଠିକାର ନାଏବ-ଗୁମାସ୍ତା ଜଣେ ଦୁଇଜଣ ଥିଲେ ।

ପ୍ରସାଦ ପାଇବା ପରେ ଇତସ୍ତତଃ ବୁଲି ଦିନଟିକୁ କଟାଇଦେଲି । ଅଟ୍ଟହାସ ଯିବା ବାଟର ଖବର ନେଲି । ଏଠାରୁ ଦୁଇତିନୋଟି ଷ୍ଟେସନ ପରେ ପଚଣ୍ଡୀ ଷ୍ଟେସନରୁ ଓହ୍ଲାଇ କୋଶ ଦୁଇ ଅନ୍ଦାଜ ଚାଲିକରି ଯିବାକୁ ପଡ଼ିବ । ଆଜି ରାତିଟି ଏଠାରେ କଟାଇ ପ୍ରାତଃ ସମୟରେ ଅଟ୍ଟହାସକୁ ଯାତ୍ରା କରିବାର ସଂକଳ୍ପ କଲି । ମୋ'ର ମନେ ହେଲା, ଏଠାରେ ଏପରି କିଛି ନାହିଁ, ଯେଉଁଥିଲାଗି କିଛିଦିନ ରହିବାର ଲୋଭ ହେବ ।

ଦଳେ ବାଳକଙ୍କୁ ଦେଖିଲି—ଆଖପାଖର ଗୃହସ୍ଥଘରର ପିଲା—ଯାତ୍ରୀ ଦେଖିଲେ ହିଁ ସେମାନେ ପଇସା ମାଗନ୍ତି ଏବଂ ପାଇଗଲେ ତାକୁ ପାନ ବିଡ଼ି ଖାଇ ଉଡ଼ାଇଦିଅନ୍ତି । ପଢ଼ାଶୁଣା କରନ୍ତି ନାହିଁ । କେହି କେହି ସ୍କୁଲ ବା ପାଠଶାଳା ଯାଆନ୍ତି ବୋଲି କହିଲେ, ମାତ୍ର ଦ୍ୱିପ୍ରହର ତମାମ ହୋ-ହଲ୍ଲା କରି ସେମାନେ କଟାଉଥିବାର ଦେଖିଲି ।

ସନ୍ଧ୍ୟା ପରେ ଆରତି ହୋଇଗଲା, ମୋ'ର ଆହାର ଆଦି ଲାଗି କୌଣସି ଉଦ୍‌ବେଗ ନଥିଲା, ଘାଟର ଚାନ୍ଦିନୀରେ କମ୍ବଳ ବିଛାଇଦେଇ ଶୋଇବା ଲାଗି ବ୍ୟବସ୍ଥା କଲି । ମଶା ଏତେ ଯେ ପାଦ ଘୋଡ଼େଇହେଲେ ମଧ୍ୟ ନିସ୍ତାର ମିଳିଲା ନାହିଁ । ଜାଣେ ନାହିଁ, ଚାଦର ଭିତରକୁ କେତେଟା ଢୁକି ଯାଇ ଦଂଶିବାକୁ ଲାଗିଲେ । ବହୁ ସମୟ ଛଟପଟ ହେବା ପରେ ଟିକିଏ ନିଦ ଆସିଲା । ଜାଣେ ନାହିଁ କେତେ ସମୟ ଧରି ଶୋଇଥିଲି । ହଠାତ୍ ଘୋର ଅନ୍ଧକାର ମଧ୍ୟରେ ଜଣେ ବ୍ୟକ୍ତିଙ୍କର ଉଚ୍ଚ ଆଓ୍ୱାଜରେ ନିଦ ଭାଙ୍ଗିଗଲା । ଚୁପ୍‌ରହି କିଛି ସମୟ କାନ ଡେରିଲି, ଜାଣିବାକୁ କଥାଟା କଣ । କିଛିକ୍ଷଣ ପରେ ଜାଣିଲି, ଜନୈକ ବ୍ୟକ୍ତିଙ୍କର କନ୍‌ଫେସନ୍ ଅର୍ଥାତ୍ ପାପ-ସ୍ୱୀକାର ବ୍ୟାପାର । ଉଠି ବସିପଡ଼ିଲି ।

ଲକ୍ଷ୍ୟ କଲି, ନାଟ୍ୟମନ୍ଦିର ବାହାରେ, ସିଧା ମନ୍ଦିର ଆଡ଼କୁ ମୁହଁ କରି ଜଣେ ଦୃଢ଼ ସ୍ଥୂଳକାୟ ବ୍ୟକ୍ତି ଦଣ୍ଡାୟମାନ । ବେଶ୍ ବୁଝାଯାଉଛି—ନାତି-ଦୀର୍ଘ ଖର୍ବ ଶରୀର, ଅଣ୍ଟା ପର୍ଯ୍ୟନ୍ତ ଲୁଗାପିନ୍ଧା । ଅତି ସ୍ପଷ୍ଟ ଶବ୍ଦରେ ଏବଂ ସହଜ ଭାଷାରେ ଆତ୍ମଦୋଷ ସ୍ଖଳନାର୍ଥେ ମା'ଙ୍କର ଚରଣରେ ଯାହା ନିବେଦନ କରୁଛନ୍ତି, ତାହା ଏହିପରି—

''ମା' ଜଗଦମ୍ବା ! ତୁମେ ତ ଅନ୍ତର୍ଯ୍ୟାମୀ ମା' । ସବୁ ଜାଣ, ମୁଁ ହିଂସାବଶରେ ଏହି କାମ କରିନାହିଁ, ପ୍ରାଣରେ ମାରିଦେବାକୁ ମୋ'ର ଇଚ୍ଛା ନଥିଲା, ଅନ୍ଧକାର ରାତ୍ରିରେ ଅଯାଗାରେ ଲାଗିଯାଇ ତାହାର ପ୍ରାଣ ଗଲା । ଯେଉଁ ଟଙ୍କା ଲାଗି ଏହି କାମ କରିଥିଲି, ସେସବୁ ଟଙ୍କା ତ ପାଇଲି ନାହିଁ, ସେଥିରେ ମୋର ଜାତି ଗଲା, ହେଲେ ପେଟ ପୂରିଲା

ନାହିଁ । ମାଇକିନିଆଟା ହାତଛଡ଼ା ହୋଇଗଲା, କିପରି ପାଞ୍ଚଜଣଙ୍କ ଭିତରୁ ସେ ଚାଲିଗଲା, ତାହା ମଧ୍ୟ ବୁଝିପାରିଲି ନାହିଁ, ମା' କାଳୀକେ, ତୁମେ ଜାଣ, ସ୍ତ୍ରୀ ଲୋକଟା ଉପରେ ମୋ'ର ଲୋଭ ହୋଇଥିଲା । ସେ ସ୍ୱୀକାର ମଧ୍ୟ ପାଇଥିଲା, ଏହି ଦାୟିତ୍ୱରୁ ତାକୁ ଉଦ୍ଧାର କରିଦେଲେ

ଅପରାଧୀର ପ୍ରାର୍ଥନା
ମା' ଜଗଦମ୍ବାଙ୍କୁ
(ଫୁଲ୍ଲରା ଦେବୀ ପୀଠ)

ସେ ମୋ' ପାଖରେ ରହିବ—କିନ୍ତୁ ମା' ! ତୁମେ ଠିକ୍ ଜାଣିଛ, ସେ କେମିତି ମରିଗଲା । ଆଜି ମୁଁ ଉପବାସ କରିଛି । ଅନ୍ନଜଳ ମୁହଁରେ ଦେଇନାହିଁ । କେବଳ ଟିକିଏ ତାଳ ରସ ଖାଇ ସାରା ଦିନ କାଟିଛି, ରାତିଟା ଉପାସରେ ମଧ୍ୟ କଟାଇଦେବି ।''

''ତା'ପରେ ସେହି ଗିରୀଶର ବୋହୂ ହାତରୁ ଗହଣା ଖୋଲି ନେବା କାମରେ ମୁଁ ଏକୁଟିଆ ନଥିଲି, ବରେନ୍ଦ୍ର ମଧ୍ୟ ଥିଲା । ସେ ତ କିଛି କରିନାହିଁ, ମୁଁ ଏକଲା ହିଁ ତ ସବୁ କରିଥିଲି, କାହିଁକି ତାକୁ ଭାଗ ଦେବି ମା' ! ତାକୁ ମୁଁ ଭାଗ ଦେଇନାହିଁ, ସେଥିପାଇଁ ସେ ଭୟ ଦେଖାଇଲା, ଏ କଥା ପ୍ରଚାର କରିଦେବ ବୋଲି । ସେଥିଲାଗି ମୁଁ ତାକୁ ଖୁନ୍ କରିବି ବୋଲି ଭୟ ଦେଖାଉଥିଲି, ତେଣୁ ସେ ପଳାଇ ଯାଇ ଘୂରୁଛି । ମା' ! ତୁମେ ମୋତେ ବରାବର ହିଁ ରକ୍ଷା କରି ଆସିଛ, ଏଥର ମଧ୍ୟ ରକ୍ଷା କରିଦିଅ । ମା' ମୁଁ ତୁମ ଦାସ, ତୁମ ପୂଜା ନ କରି ମୋର କୌଣସି ଦିନ ବାଦ୍ ଯାଇ ନାହିଁ, ଜଳ ଗ୍ରହଣ କରିନାହିଁ । ମୁଁ ତୁମର ସେହି ସନ୍ତାନ ମା', ଯାହାକୁ ତୁମେ ପିଲାଦିନରୁ ରକ୍ଷା କରି ଆସିଛ । ଦ୍ୱାରିକାର ମୋକଦ୍ଦମାରେ ସାକ୍ଷୀ ଦେଇ ତାର ଉପକାର କରିବାକୁ ଗଲି, ପଚିଶଟଙ୍କା ଲୋଭରେ; ତୁମେ ଜାଣିଛ ମା', ସେ ମୋତେ ଟଙ୍କା ଦେଲା ନାହିଁ, ମୋକଦମାରେ ସେ ହାରିଗଲା । ସେଥିଲାଗି କ'ଣ ମୁଁ ଦାୟୀ ? ମୋର ମଧ୍ୟ ଜେଲ୍ ହୋଇଥାନ୍ତା । ଏପରି ବିପଦରେ ସେ ମୋତେ ପକାଇଥିଲା, ସେଥିପାଇଁ ତ ମୁଁ ତାର ମାଲ୍ ନେଇଯାଇଛି । ସେ ଜାଣିପାରିଲେ ମଧ୍ୟ ତୁମ ଦୟାରୁ ମୋ'ର କିଛି କରିପାରି ନାହିଁ, କିନ୍ତୁ ଏବେ ମୋତେ ଅନ୍ୟ ଉପାୟରେ ଜବତ୍ କରିବା ଫିକରରେ ରହିଛି । ସେକଥା ତୁମେ ସବୁ ଜାଣ, ତୁମେ ମୋତେ ରକ୍ଷା କରିବ, ଏ ଭରସା ମୋ'ର ଅଛି । ଦେବୀ ଚଣ୍ଡିକେ ! ତୁମ ପାଖରେ ମୋ'ର କୌଣସି କାର୍ଯ୍ୟକୁ ଗୋପନ ରଖିନାହିଁ—କେବେ ମଧ୍ୟ ରଖିବି ନାହିଁ, ତୁମ ପାଖରେ ନିବେଦନ କରିଦେଲେ ମୋ'ର ପ୍ରାଣ ହାଲୁକା ହୋଇଯାଏ, ବଡ଼ ଶାନ୍ତି ପାଏ, ମା' ! ମୁଁ ଏବେ ଲକ୍ଷେ ଜପ କରିବି ମା, ଏହା ମନାସିଛି, ଏହି ଅମାବାସ୍ୟାଠାରୁ ଆରମ୍ଭ କରିବି ବୋଲି ମନେମନେ ସଙ୍କଳ୍ପ କରି ରଖିଛି । ଏବେ ତୋ'ର ଦୟା । ତୋ' ଛଡ଼ା ମୁଁ ତ ଆଉ କାହାକୁ ଜାଣି ନାହିଁ ।'' ଇତ୍ୟାଦି ସମସ୍ତ ପ୍ରାର୍ଥନାର ଭାଷା ।

ଏହିପରି ଅନେକ ସମୟ ଚାଲିଲା । ମୁଁ ଅବାକ୍ ହୋଇ ଶୁଣୁଥିଲି । ଏହିଭଳି ଅପରାଧ ସ୍ୱୀକାର କରିବା କଥା କେବେବି ଏ ଦେଶରେ ଶୁଣିନାହିଁ । ମୋ'ର ଧାରଣା ନଥିଲା ଏପରି ଭାବରେ ଜଣେ ପୀଠସ୍ଥାନରେ ଠିଆହୋଇ ନିଜ ଅକର୍ମର ଅପରାଧ ଅକପଟରେ ସ୍ୱୀକାର କରିପାରେ । ମୋ'ର ନିଦ ଉଭେଇଗଲା, ଲୋକଟା ଡକାୟତ ନା କ'ଣ ? ବସିବସି ଯାହା କିଛି ନିଜ କାନରେ ଏହି ମାତ୍ର ଶୁଣିଲି, ସେହିକଥା ହିଁ ଭାବିବାକୁ ଲାଗିଲି । ଏ ମଧ୍ୟରେ ଧୀରେଧୀରେ ଫାଳିକିଆ ଜହ୍ନ ଉଠିଛି, ଅଳ୍ପଅଳ୍ପ ଆଲୋକ ଦ୍ୱାରା କିଛିକିଛି ଦେଖାଯାଉଛି । ଏହି ଷଣ୍ଢମାର୍କା ଲୋକଟିକୁ ଏଠାରେ ସ୍ନାନ କରିବାର ଦେଖିଥିଲି ବୋଲି ମନେହେଲା । ଲୋକଟିର ମୋଡ଼ା ମୋଡ଼ା ନିଶ, ତା'ର ମୁହଁ, ବଡ଼ ବଡ଼ ରକ୍ତବର୍ଣ୍ଣ ଚକ୍ଷୁ, ସେଥିରେ ଜ୍ୱାଳା ଅଛି, ମାଧୁର୍ଯ୍ୟ ନାହିଁ—ଦାଢ଼ି ଖ୍ୟାର, ଚୁଳ ଛୋଟ ଛୋଟ କରି କଟା, ମଝିରେ ଏକ ସଙ୍କୀର୍ଣ୍ଣ ଶିଖା । ଚଉଡ଼ା କଳାଧଡ଼ିର ଶାଢ଼ିବସ୍ତ୍ର ଖଣ୍ଡେ ପିନ୍ଧା, ନାଭି ତଳକୁ କଷିକରି ଲୁଗାଭିଡ଼ା, ଗଳାରେ ରୁଦ୍ରାକ୍ଷର ମାଳା, କାନ୍ଧରେ ଖଣ୍ଡେ ଗାମୁଛା । ଏହି ମୂର୍ତ୍ତିକୁ ଆଜି ସ୍ନାନ ସମୟରେ ଦେଖିଥିଲି ବୋଲି ସ୍ପଷ୍ଟ ମନେପଡ଼ିଲା । ସେ ମୋତେ ମଧ୍ୟ ଲକ୍ଷ୍ୟ କରିଥିଲା ।

ମୂର୍ତ୍ତିଟି ତାନ୍ତ୍ରିକ ଭୈରବ ପରି ମନେହେଲେ ମଧ୍ୟ ଲାଲ୍ ଲୁଗା ପିନ୍ଧାହୋଇ ନାହିଁ, ସାଧାରଣ ଗୃହୀ ପରି ବୈଶିଷ୍ଟ୍ୟ ଶୂନ୍ୟ; ନିର୍ଭୟ ଏବଂ ନିଃସଙ୍କୋଚର ମୂର୍ତ୍ତି, ଏପରି ବ୍ୟକ୍ତି ସାଧାରଣତଃ ନଜରରେ ପଡ଼େ ନାହିଁ ।

ଲୋକଟି ଏତେବେଳ ପର୍ଯ୍ୟନ୍ତ ଆତ୍ମନିବେଦନ କରିସାରି ଯେପରି କ୍ଳାନ୍ତ ହୋଇ ବସିବା ଲାଗି ଚାନ୍ଦିନୀ ଆଡ଼କୁ ଆସିବାକୁ ଲାଗିଲା । ମୋ'ର ଟିକିଏ ଭୟ ହେଲା, ଯଦି ଟେର୍ ପାଏ ଯେ ମୁଁ ସବୁ ଶୁଣିଛି, ତା'ହେଲେ ସେ ମୋ' ପ୍ରତି କି ପ୍ରକାର ବ୍ୟବହାର କରିବ ! ଏବେ ଜହ୍ନ ଅଳ୍ପ ଉପରକୁ ଉଠିଛି, କିଛି ସେ ଆଲୁଅରେ ଫରଚ଼ା ଦେଖାଯାଉଛି, ମୋତେ ସେ ଦେଖିପାରିବ, ଏଣୁ ନିଃଶବ୍ଦରେ ପୁଣି ଶୋଇପଡ଼ିଲି । ସେ ଆସି ଦେଖିଲା, ଜଣେ କେହି ଶୋଇରହିଛି, ତେଣୁ ଅନ୍ୟ ପାଖରେ ବିସ୍ତୃତ ମାର୍ବଲ ପଥରର ଆସନରେ ବସି ପଡ଼ିଲା । ତା'ପରେ ବିଡ଼ିଟା ଲଗାଇ ଜୋରରେ ଦମ୍ ଟାଣିଲା ।

ମୁଁ ଅନେକ ସମୟ ଏପଟସେପଟ ହୋଇ ଶେଷରେ ଉଠିବସିଲି । କହିଲି; ''ଓଃ, ଭୟାନକ ମଶା ।'' ସେତେବେଳେ ଅମ୍ଳାନ ବଦନରେ ସେହି ବ୍ୟକ୍ତି ହାତ ବଢ଼ାଇଦେଇ କହିଲା, ''ବାବାଜୀ, ଗୋଟିଏ ବିଡ଼ି ନେବେ ନା କଣ ?'' ମୁଁ 'ନା' କହି ଉଠିଯାଇ ଚାଦରକୁ ଝାଡ଼ିନେଲି—ଖୁବ୍ ବେଶୀ ମଶାର ଉପଦ୍ରବ, ସ୍ୱାଭାବିକ ଘନିଷ୍ଠତାର ଭାବ ଦେଖାଇ, ଯେପରି କିଛି ହିଁ ହୋଇନାହିଁ, ସହଜ ଲୋକପରି ସେ ସେତେବେଳେ ବାବାଜୀଙ୍କର କେଉଁଠାରୁ ଆସିବା ହୋଇଛି, କେଉଁଆଡ଼େ ଯିବା ହେବ, ବାବାଜୀ କେଉଁ ସମ୍ପ୍ରଦାୟର, ଇତ୍ୟାଦି ପ୍ରଶ୍ନରେ ଆପ୍ୟାୟିତ କରି ଶେଷରେ କହିଲା, ''ଏଠାକୁ ଆସି ଆପଣଙ୍କୁ କିଛି ସୁଖ ଲାଗିବ ନାହିଁ—ସବୁ ଅନାଚାର ଆଉ ଅନାଚାର, ଆଉ ଏବେ ମନୁଷ୍ୟମାନଙ୍କର

ମା' ଜଗଦମ୍ବା ଉପରେ ସେଭଳି ଭକ୍ତି ନାହିଁ—ଏବେ ସମସ୍ତେ ହିଁ ନିଜେ ନିଜେ ମୁଖିଆ, ସ୍ୱାର୍ଥପର, ବୁଝିଲେ ନା ? ତେବେ ଆପଣ ତାରାପୀଠକୁ ଯାଇ ଖୁସୀ ହେବେ, ସେଠାରେ ଜାଗା ମଧ ଭଲ ପାଇବେ, ସେଠାରେ ଚର୍ଣ୍ଣୋତ୍ତି ମହାଶୟ ଅଛନ୍ତି, ଶ୍ମଶାନରେ ଆଜିକୁ ପାଞ୍ଚ ଛ' ବର୍ଷ ଧରି ରହିଛନ୍ତି, ବାରବର୍ଷ ହୋଇଗଲେ ସିଦ୍ଧିଲାଭ କଲାପରେ ସେ ସେଠାରୁ ବାହାରିବେ ।''

ମୁଁ ଆଉ ବେଶୀ କଥା ବଢ଼ାଇବାକୁ ଚାହୁଁ ନାହିଁ ଦେଖି ସେ କହିଲା, ''ଆପଣ ତା'ହେଲେ ଶୋଇପଡ଼ନ୍ତୁ । ମୁଁ ଚାଦର ଖଣ୍ଡକ ଝାଡ଼ିଦେଇ ପୁଣି ଶୋଇପଡ଼ିଲି । ସେ ସେତେବେଳେ ପୂର୍ବସ୍ଥାନକୁ ଯାଇ ଠିଆ ହେଲା ଏବଂ ହାତଯୋଡ଼ି ସ୍ତବ ପାଠ କରିବାକୁ ଲାଗିଲା—'ଦେବୀ ପ୍ରସ୍ମନାତ୍ତିହରେ ପ୍ରସୀଦ, ପ୍ରସୀଦ ମାତର୍ଜଗଦଖିଳସ୍ୟ' ଇତ୍ୟାଦି ପାଠ ସମ୍ପୂର୍ଣ୍ଣ ହେଲା ପରେ ପୁଣି ନିଜ ଭାଷାରେ ଆତ୍ମନିବେଦନ କରିବାରେ ଲାଗିଲା, ''ହେ ଆଦ୍ୟାଶକ୍ତି, ଭଗବତୀ, ମା ଜଗଦମ୍ବେ ! ମୋ'ର ଅଶେଷ ପାପ ତୁମେ କ୍ଷମା କରିଛ—ଏ ଜଗତରେ କୋଉ ବେଟାର ପାପ ନାହିଁ ? ଛାତିରେ ହାତ ରଖି କେହି କହିପାରିବ କି ଯେ ତା'ର ପାପ ନାହିଁ ? ସେମାନେ କ'ଣ ତୋ' ପାଖରେ ଏପରି ମନର ପାପ ସ୍ୱୀକାର କରିପାରିବେ ? ଯଦି ତା କରିପାରନ୍ତେ, କେତେ ଭଲ ହୁଅନ୍ତା ! ମା ଜନନୀ, ଜଗତ୍‌ପ୍ରସବିନୀ କାଳୀକେ ! ତୁମେ ତ ଭକ୍ତବତ୍ସଳା, ତୁମକୁ ଯିଏ ପ୍ରାଣଦେଇ ଡାକେ, ତୁମ ନିକଟରେ ନିଜର ଦୋଷ ସ୍ୱୀକାର କରେ, ତାକୁ ତୁମେ ଅଭୟ ଦେଇଥାଅ ମା !''

■■

ଉନତ୍ରିଂଶ ପରିଚ୍ଛେଦ

ପରଦିନ ସକାଳେ ଉଠି ନିତ୍ୟକର୍ମ ଶେଷ କଲି । ଅଟ୍ଟହାସକୁ ଯିବି । ମନ୍ଦିର ସେତେବେଳ ପର୍ଯ୍ୟନ୍ତ ଖୋଲା ହୋଇନଥାଏ । ପୁରୋହିତ ଦ୍ୱାର ଖୋଲିବାକୁ ଆସୁଥିଲେ । ଦ୍ୱାର ଖୋଲାହେବାରୁ ଆଉଥରେ ମୂର୍ତ୍ତିଙ୍କୁ ଦେଖିଲି । ରକ୍ତବସ୍ତ୍ରଆଚ୍ଛାଦିତ ଓ ସୁପ୍ତାକୃତି ଯେଉଁ ମୂର୍ତ୍ତି ସମ୍ମୁଖରେ ଦେଖିଲି, ତାହା ସେପରି କୌଣସି ବିଶିଷ୍ଟ ମୂର୍ତ୍ତି ନୁହେଁ । ତାହାର ଅଧିକାଂଶ ଭାଗ ପୁଷ୍ପ-ବିଲ୍ୱପତ୍ରାଦିରେ ଆଚ୍ଛନ୍ନ, ଯଦିଓ ସେଥିରେ ଏକ ମୂର୍ତ୍ତିର ଭାବ ଅଛି ଏବଂ ଭଲଭାବେ ଅଳଙ୍କାର-ପୁଷ୍ପମାଲ୍ୟାଦିରେ ବିଭୂଷିତ ମଧ୍ୟ । ପୁରୋହିତଙ୍କୁ ସେତେବେଳେ ମୁଁ ପଚାରିଲି, ''ଏହା କେଉଁ ସ୍ୱରୂପର ମୂର୍ତ୍ତି ?'' ସେ ଯାହା କହିଲେ, ତାହାର ମର୍ମାର୍ଥ ଏହିପରି— ବସ୍ତ୍ରଦ୍ୱାରା ଆବୃତ ଯେଉଁ ମୂର୍ତ୍ତି, ତାହା ବହୁକାଳ ଧରି ବାହାରେ ଦେଖାଇବାର ନିୟମ ନାହିଁ । ସ୍ନାନ ଓ ବେଶ ସମୟରେ ଦ୍ୱାର ବନ୍ଦକରି ଲୋକଚକ୍ଷୁର ଅନ୍ତରାଳରେ ବାହାରକରି ପୂଜା-ଅର୍ଚ୍ଚନା ପରେ ପୁନରାୟ ଘୋଡ଼ାଇଦେବାକୁ ପଡ଼େ । ପୁରୋହିତଙ୍କ ବ୍ୟତୀତ ଆଉ କେହି ସେ ମୂର୍ତ୍ତିକୁ ଦେଖିବାକୁ ପାଆନ୍ତି ନାହିଁ ।

ଶକ୍ତିପୀଠ
(ମା' ଜଗଦମ୍ବାଙ୍କ ଫୁଲ୍ଲରା)

ସେ ମୂର୍ତ୍ତିର ରୂପ କ'ଣ ? ପଚାରିବାରୁ ଉତ୍ତରରେ ସେ ସ୍ପଷ୍ଟ ରୂପେ କିଛି ହିଁ କହିପାରିଲେ ନାହିଁ । ଖୁଣ୍ଟିନାଣ୍ଟି କରି ପଚାରିବାରୁ ଜାଣିଲି ଯେ ତାହା ଏକ ଖୋଦିତ ପ୍ରସ୍ତର, ତା' ମଧ୍ୟରେ ମା'ଙ୍କର ଅସ୍ପଷ୍ଟ ମୂର୍ତ୍ତି ରହିଛି, ସିନ୍ଦୂର ଦ୍ୱାରା ସମ୍ପୂର୍ଣ୍ଣ ରଞ୍ଜିତ । ଏହି ମୂର୍ତ୍ତିଟି ଯେ କି ସ୍ୱରୂପର, ସେ ବିଷୟରେ ପୁରୋହିତଙ୍କର ମଧ୍ୟ ସ୍ପଷ୍ଟ ଧାରଣା ନଥିଲା । ପୂଜାର୍ଚ୍ଚନା ପୂର୍ବାପର ଯେଉଁ ଭାବରେ ଚାଲିଆସୁଛି, ସେ ସେହି ଭାବରେ କରିଚାଲିଛନ୍ତି । ତାଙ୍କ କଥା ଶୁଣି ମୋ'ର ମନେହେଲା, ଏହାର ଉଦ୍ଦେଶ୍ୟ ଯାହା ଥାଉ ନା କାହିଁକି, ଏବେ ଯେପରି ଲୋକଙ୍କ ମନରେ ଏକ ପ୍ରଚ୍ଛନ୍ନ ରହସ୍ୟ ଭାବ ସୃଷ୍ଟି କରିବା ହିଁ ଏସବୁର ଉଦ୍ଦେଶ୍ୟ । ଏଠାରେ ଯେପରି, ଅଟ୍ଟହାସରେ ମଧ୍ୟ ସେହିପରି ଏବଂ ତାରାପୀଠରେ ମଧ୍ୟ ସେହିଭଳି

ଦେଖିଥିଲି—ଅବିକଳ ଏକାରକମ ବ୍ୟାପାର ଚାଲୁଛି । ସେକଥା ଯଥା ସମୟରେ କହିବି । ଏବେ ଏତିକିମାତ୍ର ବୁଝିଲି, ଏଠାରେ ଲାଲ ଲୁଗାଆବୃତ ମୂର୍ତ୍ତିତଳେ ଯାହା ଅଛି, ଯାହାର ସ୍ନାନ ପୂଜା ଆଦି ଗୋପନରେ କରାଯାଏ, ତାହା ବହୁ ପ୍ରାଚୀନ ଭାସ୍କର୍ଯ୍ୟ-କଳାର ନଷ୍ଟ-ସୌନ୍ଦର୍ଯ୍ୟ, କ୍ଷୟପ୍ରାପ୍ତ ନିଦର୍ଶନ । ବହୁକାଳରୁ ଆକୃତି, ଅଙ୍ଗପ୍ରତ୍ୟଙ୍ଗର ଚିହ୍ନବିଲୁପ୍ତ ଏକ ସିନ୍ଦୂର-ରଞ୍ଜିତ ପ୍ରସ୍ତରମୂର୍ତ୍ତି । ଏହି ମୂର୍ତ୍ତି କେଉଁ ପୂର୍ବକାଳରୁ କାହା ଦ୍ୱାରା ସଂଗୃହୀତ ହୋଇଅଛି, ତାହାର କୌଣସି ବିବରଣୀ କାହାକୁ ଜଣାନାହିଁ । ସୁତରାଂ ତାହାର ଅନୁସନ୍ଧାନ ବିଡ଼ମ୍ବନା ମାତ୍ର । ପୁରୋହିତଙ୍କ ଧାରଣା ଯେ ସତୀଙ୍କ ଶରୀରର ଯେଉଁ ଅଂଶ ଏଠି ପଡ଼ିଥିଲା, ତାହାହିଁ ପଥର ହୋଇ ପଡ଼ିଛି ଏବଂ ତାହାର ପବିତ୍ରତା ରକ୍ଷା ଲାଗି ସିନ୍ଦୂର ଲେପିଦେଇ ଲୋକଚକ୍ଷୁର ଅଗୋଚରରେ ରଖାଯାଇଛି । ଲୋକେ ଦେଖିଲେ ଅମଙ୍ଗଳ ଘଟିବ । ଆମ କଲିକତାର ଦକ୍ଷିଣରେ କାଳୀଘାଟର ଯେଉଁ କାଳୀମୂର୍ତ୍ତି ରହିଛି, ସେଠାରେ ମଧ ଏହିପରି ବ୍ୟାପାର । ଲୋଳଜ୍ୱୀହା ଧାତୁମୟ ଯେଉଁ ବିଶାଳ ମସ୍ତକକୁ ସମସ୍ତେ ଦର୍ଶନ କରି ଧନ୍ୟ ମନେକରନ୍ତି, ତାହା ଅସଲ ମୂର୍ତ୍ତି ନୁହେଁ, ପ୍ରକୃତ ମୂର୍ତ୍ତି ପାଞ୍ଚଆଙ୍ଗୁଳିର ପ୍ରସ୍ତରମୟ ଆକୃତି—ଏହା ଏକ ଆଧାରରେ, ଉପରେ ଥିବା ବିଶାଳ ଧାତୁମୟ ଶରୀର ଅଭ୍ୟନ୍ତରରେ ବର୍ତ୍ତମାନ ସ୍ଥିତ । ପ୍ରାୟ ସବୁ ମହାପୀଠରେ ଏହିପରି ଏକ ହିଁ ରୂପର ବ୍ୟବସ୍ଥା । ବାହାରର ଖୋଳଟିକୁ ହିଁ ସମସ୍ତେ ଦେବୀ ଜ୍ଞାନକରି ପୂଜା କରିଥାଆନ୍ତି ।

ପ୍ରକୃତରେ ସତୀଙ୍କ ଶରୀରର ନାନା ଅଂଶ ନାନା ସ୍ଥାନରେ ପଡ଼ି ଯେଉଁ ୫୨ ଗୋଟି ପୀଠର ଉତ୍ପତ୍ତି ହୋଇଛି, ତାକୁ ମାଇଥୋଲଜି ବା ପୌରାଣିକ କହି ଉଡ଼େଇଦେବାର ପ୍ରବୃତ୍ତି ହୁଏ ନାହିଁ, ବରଂ ଏହା ସତ୍ୟ ଓ ସ୍ୱାଭାବିକ ବୋଲି ଧାରଣା କରାଯାଏ । ଦକ୍ଷଯଜ୍ଞର କଥା ଯେ ଐତିହାସିକ, ସେଥିରେ ମୁଁ ନିଃସନ୍ଦେହ, ଯଦିଓ ଏହାକୁ ପ୍ରମାଣ କରିବାକୁ ମୋ' ପାଖରେ ହିମାଳୟ-ପାଣ୍ଡିତ୍ୟ ନାହିଁ । ତେବେ ଯେଉଁସବୁ ସହଜ ଅନୁମାନ କରି ସତୀଙ୍କ ଶରୀରରୁ ବାଉନଟି ପୀଠର ଉତ୍ପତ୍ତି, ସେହି ଧାରଣା ମୋ'ର ବିଶ୍ୱାସରେ ପରିଣତ ହୋଇଛି । ତା'ର କେତେକ କଥା ପ୍ରକାଶକରିବାରେ ଦୋଷ ନାହିଁ ।

ପରବର୍ତ୍ତୀ କାଳରେ, ଅର୍ଥାତ୍ ବୀରଭୂମିର ପୀଠସ୍ଥଳୀମାନଙ୍କରେ ବୁଲିବାର ପ୍ରାୟ ବର୍ଷେ-ଦେଢ଼ବର୍ଷ ପରେ, ଯେତେବେଳେ ମୁଁ ତିବ୍‌ବତ୍, କୈଳାସ ଓ ମାନସରୋବର ଆଦି ତୀର୍ଥ ପର୍ଯ୍ୟଟନର ସୁଯୋଗ ପାଇଥିଲି, ସେତେବେଳେ ହିଁ ମୋ'ର ଏହି ଧାରଣା ବଦ୍ଧମୂଳ ହୋଇଥିଲା । ସେହି ସ୍ଥାନର କେତେକ ଧର୍ମ ସମ୍ବନ୍ଧୀୟ ଆଚରଣ ଓ ଲୋକାଚାରକୁ ପ୍ରତ୍ୟକ୍ଷ କରି, ମୋ'ର ବିଶେଷ ରୂପେ ଧାରଣା ହୋଇଥିଲା ଯେ ଆମ ଭାରତରେ, ବିଶେଷତଃ ବଙ୍ଗଳାରେ ଯେତେବେଳେ ଏହି ସମସ୍ତ ବ୍ୟବହାରର ମେଳ ଓ ଏତେ ଦେଶର ଘନିଷ୍ଠ ସମ୍ବନ୍ଧ ଦେଖୁଛି, ସେତେବେଳେ ସେ ସ୍ଥାନମାନଙ୍କରୁ ଏସବୁ ହୁଏତ ଏଠାକୁ ଆସିଛି । ଅବଶ୍ୟ ସେତେବେଳେ ଠିକ୍ ଧାରଣା କରି ପାରିନାହିଁ; ଏ ଦେଶରୁ ଏସବୁ ସେ ଦେଶକୁ ଯାଇଛି କିମ୍ବା ତାହାର ବିପରୀତ । ତା'ପରେ ତନ୍ତ୍ରଧର୍ମର ଉତ୍ପତ୍ତି ସ୍ଥାନ ସମ୍ବନ୍ଧରେ କେତେକ

ପଣ୍ଡିତଙ୍କର ମତ ସହ ଯେତେବେଳେ ମୋ'ର ପରିଚୟ ଘଟିଲା, ସେତେବେଳେ ହିଁ ସ୍ପଷ୍ଟ ରୂପେ ଏହି ଧାରଣା ବଦ୍ଧମୂଳ ହେଲା ଯେ ତିବ୍‌ବତରୁ ଯେତେସବୁ ତାନ୍ତ୍ରିକ ଅନୁଷ୍ଠାନ ଭାରତକୁ ତଥା ବଙ୍ଗଳାକୁ ଆସିଛି ।*

ଏବେ, ସତୀଙ୍କର ଦେହାଂଶରୁ ଭାରତରେ ଯେଉଁ ବାଉନଟି ପୀଠର ଉତ୍ପତ୍ତି ଏବଂ ଯେଉଁ କାରଣରୁ ଏହା ସତ୍ୟ ବୋଲି ମୋର ବିଶ୍ୱାସ ସେ କଥା ହିଁ କହୁଛି ।

ତିବ୍ବତରେ କୌଣସି ଅସାଧାରଣ ବ୍ୟକ୍ତିଙ୍କର ଦେହତ୍ୟାଗ ହେଲେ ସେହି ଶରୀରର ସତ୍କାର ନାନା ଭାବରେ ହୋଇଥାଏ । ତନ୍ମଧ୍ୟରୁ ଗୋଟିଏ ହେଲା, ମୃତ ଶରୀରର ପୂର୍ଣ୍ଣ ଅଂଶ ଅଥବା ଅଂଶ ବିଶେଷକୁ ନେଇ ତାହା ଉପରେ ସମାଧି ଅଥବା ସ୍ତୂପ ନିର୍ମାଣ କରିବା । କେଶ, ଅସ୍ଥି, ନଖ, ଦନ୍ତ ପ୍ରଭୃତି ମହାନ ବ୍ୟକ୍ତିର ମୃତ ଶରୀରର କୌଣସି ଅଂଶ ସେଠାରେ ପକାଇ ଦିଆଯାଏ ନାହିଁ । ଏପରିକି ଅସ୍ଥିଗୁଡ଼ିକୁ ମଧ୍ୟ ମାଳା କରି ଧାରଣ କରାଯାଏ ।

ଭାରତରେ ବୁଦ୍ଧଦେବଙ୍କର ଦେହତ୍ୟାଗ ପରେ ତାଙ୍କର ନଖ, କେଶ, ଦାନ୍ତ ନେଇ କେତେ କେତେ ସ୍ତୂପ ନିର୍ମାଣ କରାଯାଇଛି । ଅବଶ୍ୟ ସେ ସମସ୍ତ ସମ୍ଭବତଃ ତାଙ୍କର ଜୀବିତ ଅବସ୍ଥାରେ ହିଁ ସଂଗୃହୀତ, କିନ୍ତୁ ତିବ୍‌ବତରେ ଦେହତ୍ୟାଗ ପରେ ହିଁ ଏ ସମସ୍ତ ସଂଗୃହୀତ ହୋଇଥିବ । ଏହି ପ୍ରକାର କାର୍ଯ୍ୟ ଯେ ବୁଦ୍ଧଦେବଙ୍କର ଦେହତ୍ୟାଗ ପରେ ଭାରତରେ ଆଚରିତ ହୋଇଛି, ତାହା ସ୍ପଷ୍ଟ । ତାହା ପୂର୍ବରୁ ଏହାର ଅସ୍ତିତ୍ୱ ଭାରତରେ ନଥିଲା । ଏହି ପ୍ରଥା ଅତି ପ୍ରାଚୀନ କାଳରୁ ଭାରତ ଏବଂ ସଂଲଗ୍ନ କୌଣସି ସ୍ଥାନରେ ପ୍ରଚଳିତ ଥିଲା । ପରବର୍ତ୍ତୀ କାଳରେ ଭାରତକୁ ଆସିଛି ବୋଲି ମୁଁ ମନେକରୁଛି । ବୁଦ୍ଧଙ୍କ ଅପେକ୍ଷା ଶିବ ଅନେକ ପ୍ରାଚୀନ କାଳର, ଆଉ କୈଳାସ ହେଲା ତାଙ୍କର ଅତି ପ୍ରିୟ ସ୍ଥାନ, ଯାହା ତିବ୍‌ବତରେ ବୋଲି ଆମେ ଜାଣୁ । ସୁତରାଂ ଏ ପ୍ରଥା ତିବ୍‌ବତରୁ ଭାରତକୁ ଆସିଛି କହିଲେ ଭୁଲ୍ ହେବ ନାହିଁ । ବସ୍ତୁତଃ ସେହି କାଳରେ ସତୀଙ୍କ ଦେହତ୍ୟାଗ ପରେ, ସେହି ଶରୀର ବହୁଧା ଖଣ୍ଡିତ ହୋଇ ଭାରତରେ ସର୍ବତ୍ର ବିଛା ହୋଇଯାଇଛି—ଏହା ମୋତେ ଆଦୌ କାଳ୍ପନିକ ମନେ ହୁଏ ନାହିଁ । ପ୍ରଥମରେ ଶିବଙ୍କ ପ୍ରଚାରିତ ତନ୍ତ୍ରଧର୍ମର ପ୍ରତ୍ୟେକ କେନ୍ଦ୍ରରେ ହିଁ ତାହା କ୍ଷୁଦ୍ର ସ୍ତୂପାକାରରେ ରକ୍ଷା କରାଯାଇଅଛି । କ୍ରମେ ତାହା ଉପରେ ମନ୍ଦିର ତୋଳାଯାଇଛି, ପରବର୍ତ୍ତୀ କାଳରେ ତାହା ମଧ୍ୟରେ ମୂର୍ତ୍ତି ମଧ୍ୟ ପ୍ରତିଷ୍ଠିତ ହୋଇଛି । ଏହା ହିଁ ଭାରତର ମହାପୀଠର ଆଦ୍ୟ ଇତିହାସ ।

ପୁରାଣ କଥା ଏହି ଯେ ଦକ୍ଷଯଜ୍ଞରେ ସତୀ ଦେହତ୍ୟାଗ କଲାପରେ ଶିବ ସେହି ଦେବୀଙ୍କ ଶରୀରକୁ ସ୍କନ୍ଧରେ ବହନ କରି ଚାଲିଲେ । ତା'ପରେ, ଅନ୍ୟ ଏକ ମତରେ, ଶିବ ସତୀଙ୍କ ଶରୀରର କେଶ ଧାରଣକରି ଘୂରାଇବାକୁ ଲାଗିଲେ ଏବଂ ବିଷ୍ଣୁ ସୁଦର୍ଶନ

---

* ଯେଉଁମାନେ ଏ ସମ୍ବନ୍ଧରେ ବିଶେଷ ଭାବେ ଜାଣିବାକୁ ଚାହାନ୍ତି, ସେମାନେ Modern Review, Aug-34 ସଂଖ୍ୟାରେ ଅଧ୍ୟାପକ ନରେନ୍ଦ୍ର ନାରାୟଣ ଚୌଧୁରୀଙ୍କର Home of Tantricism ପ୍ରବନ୍ଧ ପଢ଼ିଲେ ଜାଣିପାରିବେ ।

ଚକ୍ର ଦ୍ୱାରା ଶରୀରକୁ ଖଣ୍ଡବିଖଣ୍ଡ କରିବାକୁ ଲାଗିଲେ । ଫଳସ୍ୱରୂପ ଯେଉଁଯେଉଁ ସ୍ଥାନରେ ଏହି ଶରୀରର ଯେଉଁଯେଉଁ ଅଂଶ ପଡ଼ିଲା, ସେହିସେହି ସ୍ଥାନରେ ମହାପୀଠର ଉତ୍ପତ୍ତି ହୋଇଛି । ଦ୍ୱିତୀୟ ମତ ଏହି ଯେ ସତୀଙ୍କ ପ୍ରେମରେ ଉନ୍ମାଦ ଶିବ ସତୀଙ୍କ ଶରୀରକୁ ସ୍କନ୍ଧରେ ବହନକରି ପର୍ଯ୍ୟଟନ କରିବାକୁ ଲାଗିଲେ, ସେତେବେଳେ ନାରଦ ଶିବଙ୍କର ଅଗୋଚରରେ ଚକ୍ର ଦ୍ୱାରା କୌଶଳରେ ସେହି ଶରୀରକୁ କାଟିବାକୁ ଲାଗିଲେ । ଏହିପରି ଯେଉଁଯେଉଁ ସ୍ଥାନରେ ମହାଶକ୍ତିରୂପିଣୀ ସତୀଙ୍କର ଦେହାଂଶ ପଡ଼ିଲା, ସେହିସେହି ସ୍ଥାନ ମହାପୀଠ ହୋଇଗଲା । ଶେଷରେ ଶିବ ଯେତେବେଳେ ଦେଖିଲେ ଯେ ସତୀଙ୍କ ଦେହ ତାଙ୍କ ସ୍କନ୍ଧରେ ନାହିଁ, ସେତେବେଳେ ସେ ପୁନରାୟ ଯୋଗରେ ବସିଗଲେ ।

ପ୍ରକୃତରେ ସତୀଙ୍କ ଦେହର ଅଂଶବିଶେଷରୁ ହିଁ ୫୧ ବା ୫୨ଟି ମହାପୀଠର ଉଦ୍ଭବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଅନ୍ତତଃ ଯେଉଁମାନେ ତନ୍ତ୍ରମତଧାରୀ, ସେମାନେ ଏ ବିଷୟରେ ନିଃସନ୍ଦେହ ।

ଏବେ ପୁରାଣ ସମ୍ବନ୍ଧରେ ଯେପରି ଗଭୀର ଗବେଷଣା ଓ ଆଲୋଚନା ଚାଲିଛି, ସେଥିରୁ ମନେହୁଏ ଯେ ଦକ୍ଷଯଜ୍ଞର ସଠିକ୍ ଇତିହାସ, ତାହାର କାଳ ଏବଂ ସ୍ଥାନାଦି ଯଥାର୍ଥରୂପେ ନିର୍ଣ୍ଣିତ ହୋଇପାରିବ । ତେବେ, ଏକଥା ସତ ଯେ ଗୋଟିଏ ଶ୍ରେଣୀର ପଣ୍ଡିତଙ୍କ ଏହିସବୁ ପୌରାଣିକ ବ୍ୟାପାର, ରୂପକ ବ୍ୟତୀତ ଆଉ କିଛି ନୁହେଁ, ଏହି ମନ୍ତବ୍ୟ ଶୁଣି କେହି ଯେପରି ନିଜ ଧାରଣାରୁ ବିଚ୍ୟୁତ ହେବେ ନାହିଁ ।

ମୁଁ ସକଳେ ହିଁ ଅଟ୍ଟହାସ ଯାତ୍ରା କଲି । ଠିକ୍ ମନେପଡୁନାହିଁ, ନିରୋଳ ଅଥବା ପ୍ରଚଣ୍ଡି ଷ୍ଟେସନରେ ଓହ୍ଲାଇଥିଲି । ଷ୍ଟେସନଠାରୁ ପ୍ରାୟ ଦେଢ଼କୋଶ ଚାଲିବାକୁ ପଡ଼ିଥିଲା । ପଡ଼ିଆ ଉପର ଦେଇ ରାସ୍ତା, ମଝିରେ ମଝିରେ ଘଞ୍ଚ ବୃକ୍ଷଲତାପୂର୍ଣ୍ଣ ଜନବହୁଳ ଗ୍ରାମ ମଧ୍ୟ ଥିଲା । ଏହିପରି ଦୁଇଟି ଗ୍ରାମ—ଛୋଟ ଖାଲ ବା ନଦୀକୁ ନୌକାରେ ପାରିହୋଇ ପ୍ରାୟ ଦଶଟା ବେଳକୁ ଅଟ୍ଟହାସ ମହାପୀଠର ମନୋରମ ବୃକ୍ଷଲତାପରିବେଷ୍ଟିତ ସ୍ଥାନରେ ଉପସ୍ଥିତ ହେଲି ।

ଏଠାରେ ଜଣେ ବୃଦ୍ଧ ଭୈରବ ଓ ଭୈରବୀ ଅଛନ୍ତି । ସେତେବେଳେ ଭୈରବ ପୂଜା କରୁଥିଲେ । ଛୋଟ ଏକ ପୁରାତନ ମନ୍ଦିର—ସମ୍ପ୍ରତି ମରାମତି ହୋଇଛି ! ନିକଟରେ ଜଙ୍ଗଲ । ଫଳଗଛ ମଧ୍ୟରେ ଆମ୍ବଗଛ ଦୁଇଟି, ଲେମ୍ବୁ ଓ କଦଳୀଗଛ କେତୋଟି ଦେଖିଲି । ପୀଠସ୍ଥାନ ନିକଟରେ ଛାତଦ୍ୱାରା ଆଚ୍ଛାଦିତ ଏକ ସ୍ଥାନ, ତାହା ନାଟମନ୍ଦିର ଧରଣର—ଅତିଥି ଅଭ୍ୟାଗତଙ୍କର ଆଶ୍ରୟସ୍ଥଳ । ମନ୍ଦିର ନିକଟରେ ଭୋଗରନ୍ଧନ ଗୃହର ପ୍ରାଙ୍ଗଣରେ ଗୋଟିଏ ବଟବୃକ୍ଷ । ସେଥିରୁ ଅନେକ ଗୁଡ଼ିଏ ଓହଳ ଲମ୍ବିଛି । ଉଚ୍ଚ ଶାଖାମାନଙ୍କରେ ଧାଡ଼ିଧାଡ଼ି ବାଦୁଡ଼ି ଝୁଲୁଥିଲେ । ସେହି ବୃକ୍ଷ ନିକଟରେ ଭୈରବୀଙ୍କ ବାସସ୍ଥାନ—ସମ୍ମୁଖରେ ଚାଳିଆ, ତା'ପରେ ଚାଳଘର । ଭୈରବ ଅନେକ ସମୟରେ ଚାଳିଆତଳେ ବସିଥାନ୍ତି—ତମାଖୁ ଖାଉଥାନ୍ତି ଏବଂ ଯେଉଁ ଦୁଇଚାରିଜଣ ଆସନ୍ତି, ସେମାନଙ୍କ ସଙ୍ଗେ କଥାବାର୍ତ୍ତା କରନ୍ତି ।

ବୃଦ୍ଧ ଭୈରବ (ଅଟ୍ଟହାସ)

ସଚରାଚର ଏଠାରେ ନିଶା ମଧ୍ୟରେ ଚରସ ଓ ଗଞ୍ଜେଇ ବେଶୀ ଭାଗ ଚଳେ ।

ଭୈରବ ମହାଶୟ ସରଳ, ଅକପଟ ବ୍ୟକ୍ତି । କଥାପ୍ରସଙ୍ଗରେ କହିଲେ ଯେ କ୍ରିୟାକର୍ମ ଯଦି କରିପାରିବି, ତେବେ ଯାଇ କାରଣ (ଅର୍ଥାତ୍ ମଦ) ବ୍ୟବହାର କରିବି, ନହେଲେ ବୃଥାରେ କାରଣ ସ୍ପର୍ଶ କରେ ନାହିଁ । ବୟସ ତାଙ୍କର ମନେହୁଏ ଅଢ଼ଷଠି, ଖର୍ବାକୃତି, ଦୃଢ଼ ଶରୀର, ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ । ମୁଣ୍ଡର ସମ୍ମୁଖ ଭାଗ ଚନ୍ଦା, କେଶଶୂନ୍ୟ ମୁଣ୍ଡ ପଛରେ ଶିଖା, ଦୁଇପାଖରେ ଓ ପଶ୍ଚାତରେ ବଡ଼ ବଡ଼ ପାକଲା ବାଳ, ପାକଲା ଦାଢ଼ି, ପାକଲା ନିଶ, ତା'ର ମଧ୍ୟଭାଗରେ ଅତିରିକ୍ତ ଧୂମପାନ ଫଳରେ ପୀତାଭ । ପିନ୍ଧା ବସ୍ତ୍ର ରକ୍ତାମ୍ବର, ଧୀର ଶାନ୍ତ ପ୍ରକୃତି, ମୃଦୁ ସ୍ୱରରେ କଥାବାର୍ତ୍ତା କରିବାରେ ସେ ଅଭ୍ୟସ୍ତ । ଗଳାରେ ମୋଟା ରୁଦ୍ରାକ୍ଷର ମାଳା । ବାହୁରେ ରୁଦ୍ରାକ୍ଷର ବାହୁବନ୍ଧ, ତା' ମଧ୍ୟରେ ତାବିଜ ।

ତାମ୍ରଶ୍ୟାମା ଭୈରବୀ ଠାକୁରାଣୀଙ୍କର ବୟସ ଭୈରବଙ୍କ ଠାରୁ ଛ'-ଆଠ ବର୍ଷ କମ୍ ହେବ । ମୋଟାମୋଟି ହୋଇ ଶରୀର, ଭଦ୍ରମହିଳା ଗୋଷ୍ଠୀର ପରି ସ୍ୱଭାବ । ହାତରେ ସୁନାର ବାଲା, ଶଙ୍ଖା, ଲୌହ ହାତକଡ଼ା, ବାଜୁରେ ବାଜୁବନ୍ଧ ଏବଂ ତା' ଉପରେ ଲାଗିରହିଛି ତିନୋଟି ତାବିଜ । ହାସ୍ୟମୁଖ, ସମ୍ମୁଖର ଦୁଇଟି ଦାନ୍ତ ନାହିଁ । ଲାଲ୍ ବସ୍ତ୍ର, ଧଡ଼ି ଗାଢ଼ ଲାଲ, ପୂର୍ବବଙ୍ଗ ପରି ଗୁଡ଼ାଇଦେଇ ଶାଢ଼ିପିନ୍ଧା । ଅତିଥି ଅଭ୍ୟାଗତଙ୍କ ପ୍ରତି ସ୍ନେହଭାବ, ତାଙ୍କ ଭିତରେ ସେବାଯତ୍ନର ପ୍ରବୃତ୍ତି ସ୍ପଷ୍ଟ । ସାକ୍ଷାତମାତ୍ରେ ହିଁ କହିଲେ, ''ଆସିଛ ଯଦି ବାବା, ଦୁଇଦିନ ରହିଯାଅ—ଆମେ ଏହି ଜଙ୍ଗଲରେ ଏକୁଟିଆ ରହୁଛୁ, ତୁମକୁ ପାଇ ବଡ଼ ଆହ୍ଲାଦ ଲାଗୁଛି, ମନେହୁଏ ଆଜି ଆମର କି ଭାଗ୍ୟ !''

ଭାଦ୍ରବ ମାସ । ତାଳ ପାଚିଛି । ଦେଖିଲି, ତାଳର ପେଣ୍ଡାରୁ ଶସ ବାହାରୁଥିବାରୁ ସେଥିରୁ ଚାରିଆଡ଼ ବାସ ମହକୁଛି । ଜାଣେନା କାହିଁକି, ପିଲାଦିନରୁ ପାଚଲାତାଳର ଗନ୍ଧ ସହ୍ୟ ହୁଏ ନାହିଁ । ନାକରେ ଲୁଗା ଦେଇଥିବାରୁ କହିଲେ, ''ଓ ମା', ତୁମେ କିପରି ପିଲା ଗୋ, ତାଳ ଭଲ ଲାଗେ ନାହିଁ, ତା'ହେଲେ କ'ଣ ହେବ, ତୁମେ ତାଳ ବରା କ'ଣ ଖାଇବ ନାହିଁ, ବାବା ?''

ମୁଁ କହିଲି, ''ବରା ହେଲେ ଭଲ ହେବ, କଞ୍ଚା ଗନ୍ଧ ବଡ଼ ଖରାପ ଲାଗେ ମୋତେ ।''

ସେ କହିଲେ, ''ଏବେ ତାଳର ସମୟ, ପରଷାନ୍ନ ସହ ତାଳବରା ତିଆରିକରି ଭୋଗ ଦେବାକୁ ହୁଏ ।''

ମୁଁ ଏଆଡ଼େସେଆଡ଼େ କିଛି ସମୟ ଘୂରିବୁଲିଲି, ତା'ପରେ ଭୈରବଙ୍କ ନିକଟକୁ ଯାଇ ଯେତେବେଳେ ବସିଲି, ସେ ପୂଜା ଶେଷକରି ଆସିଥିଲେ, ତମାଖୁ ଖାଇବା ଲାଗି ଯୋଗାଡ଼ କରୁଥିଲେ । ଯାଇ ବସିବାରୁ ପଚାରିଲେ, ''ତୁମ ସଂସାରରେ କିଏ କିଏ ଅଛନ୍ତି ?''

''ବାପ-ମା, ଭାଇ-ଭଉଣୀ, ପିତୃକୁଳ ଓ ମାତୃକୁଳର ସମସ୍ତେ ଅଛନ୍ତି ।''

''ହୁଁ,'' ତା'ପରେ ପଚାରିଲେ, ''ନିବାସ କେଉଁଠି, ଜନ୍ମସ୍ଥାନ ?''

''କଲିକତାରେ ।''

''ଗିରୀଶବାବୁଙ୍କୁ ଜାଣିଛ, ଥିଏଟରବାଲା ଗିରୀଶ ଘୋଷ ?''

''ହଁ, ତାଙ୍କ ସହ ଯଦିଓ ପରିଚୟ ନାହିଁ । ତେବେ ତାଙ୍କୁ ଅନେକ ଜାଣନ୍ତି, ସେ ଜଣେ ବିଖ୍ୟାତ ବ୍ୟକ୍ତି ।''

''ଭକ୍ତ ସେ । ପ୍ରତି ବର୍ଷ ଆସି ଏଠାରେ ଅନେକ ସାହାଯ୍ୟ କରନ୍ତି ।''

ମୁଁ ପଚାରିଲି, ''ସେ କ'ଣ ତନ୍ତ୍ରମତର ସାଧନା କିଛି କରିଛନ୍ତି ?''

''ସେ ଜଣେ ନିଷ୍ଠାବାନ ତାନ୍ତ୍ରିକ, ଗୃହୀଲୋକଙ୍କ ମଧ୍ୟରେ ତାଙ୍କପରି ସାଧକ ଖୁବ୍ କମ୍ ଅଛନ୍ତି । ସେ ଅନେକ ସାଧନା କରିଛନ୍ତି ।''

ମୁଁ କହିଲି, ''ମୁଁ ଜାଣିଛି, ସେ ପରମହଂସ ଦେବଙ୍କ ଭକ୍ତ । ସେ ଯେ ସାଧନ କ୍ରିୟାଦି କିଛି କରିଛନ୍ତି, ସେକଥା ଆମେ ଜାଣିନାହୁଁ ।''

''ତୁମେମାନେ ତାଙ୍କ ସାଧନ-ଭଜନ କଥା ଜାଣିବ କିପରି, ତନ୍ତ୍ରମତର ସାଧନ ତ ଗୁହ୍ୟ ବ୍ୟାପାର ! ଗୁପ୍ତଭାବରେ ତାଙ୍କର ଅନେକ ସାଧନ ଅଛି ।''

''ଆଜି ଆପଣଙ୍କ ମୁଖରୁ ତାଙ୍କ ସାଧନାର କଥା ଶୁଣି ଆଶ୍ଚର୍ଯ୍ୟ ହେଲି, ଆମେ କେବଳ ତାଙ୍କୁ ଦେଶର ଜଣେ ଶ୍ରେଷ୍ଠ କବି ଓ ନାଟ୍ୟକାର ବୋଲି ଜାଣିଥିଲୁ । ମାତ୍ର ସ୍ୱଭାବ ଚରିତ୍ର ଦିଗରୁ ତାଙ୍କୁ ମୁଁ ଶ୍ରଦ୍ଧାଚକ୍ଷୁରେ ଦେଖିପାରେ ନାହିଁ ।''

''ସେ ଭଣ୍ଡ ନୁହନ୍ତି, ତାଙ୍କର ଦାନ ବା ସାଧନଭଜନ ସମସ୍ତ ଗୁହ୍ୟ । ସେ ମା'ଙ୍କର ସାକ୍ଷାତ କୃପା ଲାଭ କରିଛନ୍ତି ।''

ତାଙ୍କର ଏହି 'କୃପା' ଶବ୍ଦଟି ଶୁଣି ମୋ' ମନରେ କିଛି ପ୍ରଶ୍ନ ଉଦ୍ରେକ ହେଲା, କାରଣ ଏହି 'କୃପା' ଶବ୍ଦର ଉଚ୍ଚାରଣରେ ତାଙ୍କର ଏକ ବିଶେଷତ୍ୱ ଥିଲା । ତେଣୁ ମୁଁ ତାଙ୍କୁ କହିଲି, ''ମୋର ଗୋଟିଏ କଥା ଆପଣଙ୍କୁ ପଚାରିବାକୁ ଲୋଭ ହେଉଛି, କହିବି କି ?''

ସେ କହିଲେ, ''ସେଇ ଯେ ମୁଁ କହିଲି, ମାଆଙ୍କର କୃପା ସେ ପାଇଛନ୍ତି, ସେଥିରୁ ତୁମେ ମନରେ ଭାବିଲ ଯେ ତାଙ୍କର ଏହି କୃପାଟି କିପରି ?''

ମୁଁ କହିଲି, ''ସତକଥା, ମୋ'ର ଠିକ୍ ତାହାହିଁ ମନରେ ଆସିଛି ?''

''କୃପା କହିଲେ ଯାହା ବୁଝାଯାଏ ତାହା କ'ଣ ତୁମେ ଜାଣ ନାହିଁ ?''

ମୁଁ, ''ସାଧାରଣତଃ କୃପା କହିଲେ ଆମେ ଦୟାକୁ ହିଁ ବୁଝୁ । କାମନାର ପୂର୍ତ୍ତି, କିଛି ଅସୁବିଧାରେ ପଡ଼ିଲେ ସେହି ଅସୁବିଧା ଦୂର, ଅର୍ଥ ଅଭାବରେ ଅର୍ଥପ୍ରାପ୍ତି, ରୋଗରୁ ଆରୋଗ୍ୟ, ବିପଦଭୟରୁ ଉଦ୍ଧାର, ଏହି ସମସ୍ତ ହିଁ କୃପା ବୋଲି ଜାଣିଛି ।''

ସେ ଏଥର ତମାଖୁକୁ ଠିକ୍ ଭାବେ ଧରାଇ ଲମ୍ବା ଗୋଟିଏ ଦମ୍ ଟାଣିଲେ, ତା'ପରେ କୁଣ୍ଡଳୀକୃତ ଧୂଆଁ ଛାଡ଼ିଦେଇ ସ୍ଥାନଟିକୁ ଝାପ୍‌ସା କରିଦେଲେ, ପରେ ଧୀରେଧୀରେ କହିଲେ, ''ତେବେ ତ ସବୁ ଜାଣିଛ ଦେଖୁଛି, ଆଉ କ'ଣ ଦରକାର ?''

ମୁଁ କହିଲି, ''ଏ ସବୁ ବାଦ୍ ଦିଅନ୍ତୁ, ଦୁଃଖ-ଦାରିଦ୍ର୍ୟ-ପୀଡ଼ିତ ମନୁଷ୍ୟ, ଯାହା ଭିତରେ ସ୍ୱାର୍ଥପରତା, ଆତ୍ମସୁଖସର୍ବସ୍ୱ ବୁଦ୍ଧି ବ୍ୟତୀତ ଆଉ କିଛି ହିଁ ନାହିଁ, ଅଭାବରେ ପଡ଼ିଲେ ନିଜ ଶକ୍ତିରେ ଅଭାବମୋଚନରେ ଯେଉଁମାନେ ଉଦ୍ୟମହୀନ, ତାଙ୍କର ବିଚାରବୁଦ୍ଧିରେ ଭଗବତ୍ କୃପା ଏହି ପ୍ରକାରର, ଯାହା ପିଲାବେଳୁ ଦେଖିଆସିଛି । ଏବେ ଅସଲ 'କୃପା' ବସ୍ତୁଟିର ସ୍ୱରୂପ କ'ଣ ? ଗିରୀଶବାବୁଙ୍କ କ୍ଷେତ୍ରରେ ଆପଣ କୃପା ଶବ୍ଦଟି କେଉଁ ଭାବରେ ବ୍ୟବହାର କରିଛନ୍ତି, ତାହା ଜାଣିବାକୁ ମୋ'ର ଇଚ୍ଛା ।''

''କୃପା ଯିଏ ପାଏ, ଆଉ ଯାହାଙ୍କର କୃପା ହୁଏ, ସେମାନେ ଠିକ୍ ବୁଝନ୍ତି, ଅନ୍ୟମାନଙ୍କ ପକ୍ଷରେ ବୁଝିବା ମୁସ୍କିଲ—ତାହାହିଁ କହୁଥିଲି—''

ମୁଁ କହିଲି, ''ଆପଣ ସରଳ ଭାବରେ କହୁନାହାନ୍ତି କାହିଁକି ।''

ଶୁଣିସାରି ସେ କହିଲେ, ''ଏହି ଦେଖ, ତୁମେ ଜିଜ୍ଞାସୁ ହୋଇଛ, ତୁମକୁ ସନ୍ତୁଷ୍ଟ କରିବାକୁ ହିଁ ହେବ, ନ ହେଲେ ଅନ୍ୟାୟ ହୁଏ, ଅଥଚ ବ୍ୟାପାରଟିକୁ ବୁଝାଇବା ମୋଟେ ହିଁ ସହଜ ନୁହେଁ; ଏବେ ମୁଁ କରେ କ'ଣ ! ଆଚ୍ଛା, ସ୍ୱାର୍ଥପ୍ରଣୋଦିତ ସ୍ଥୂଳ ବିଷୟର କାମନା ସବୁ ସ୍ଥୂଳବୁଦ୍ଧି ମନୁଷ୍ୟ ମଧ୍ୟରେ ଯେ ଥାଏ, ଏକଥା ତ ବୁଝି ପାରିଛ—''

ମୁଁ କହିଲି, ''ଭଗବତ୍ ସମ୍ପର୍କରେ ମଧ୍ୟ ଦେବା-ନେବା ବ୍ୟାପାର ଯେ ବେଶୀ ଭାଗ ହିନ୍ଦୁ-ସମାଜର ଲୋକଙ୍କ ମଧ୍ୟରେ ଚାଲିଛି, ଏ କଥାରେ ଆଉ କିଛି କାମ ନାହିଁ, ତାହା ତ ହୋଇ ଯାଇଛି—ଏବେର କଥା କହନ୍ତୁ ।''

''ସେଥିଯୋଗୁ ଏବେ କହୁଛି ଶୁଣ, ଆଚ୍ଛା, ଦେବା କଥା ଅଛି, ନେବା ବା ଚାହିବା କଥା ନାହିଁ, ଏପରି ଏକ ବ୍ୟାପାର କଥା ବୁଝିପାରୁଛ ?''

''ଅର୍ଥାତ୍ ଭକ୍ତିଦ୍ୱାରା ଆକୃଷ୍ଟ ହୋଇ ଉପାସନାଟି ଥାଏ, ଅଥଚ ତା' ପରିବର୍ତ୍ତେ କୌଣସି କାମନା ନାହିଁ, ଏହିକଥା କହୁଛନ୍ତି ତ ?''

''ହଁ, ସେହିକଥା କହୁଛି ! ଏ ପ୍ରକାର ଅନୁରାଗର ଭାବଟି ଯାହାର ଉଦୟ ହୋଇଛି, ତା'ର ଇଷ୍ଟଦିଗରେ ନିସ୍ୱାର୍ଥଭାବରେ ହିଁ ଲକ୍ଷ୍ୟ ଥାଏ—ତା'ର ସବୁ କାର୍ଯ୍ୟରେ, ସବୁ ଚିନ୍ତାରେ, ସକଳ ବ୍ୟବହାରରେ ହିଁ ଜଗଦମ୍ବା ଆଡ଼େ ସହଜ ଭାବରେ ଆକର୍ଷଣ ଥାଏ । ଅଭାବ-ଅଭିଯୋଗର ବ୍ୟାପାର ତାହାର ନିଜ ମନରେ ବା ସଂସାର କ୍ଷେତ୍ରରେ ଥିଲେ ମଧ୍ୟ ଇଷ୍ଟଙ୍କ ନିକଟରୁ ଅଭାବମୋଚନର କାମନା ତା' ମନକୁ ହିଁ ଆସେ ନାହିଁ ।''

ମୁଁ ପଚାରିଲି, ''ଅଭାବ ଅଛି, ପୁଣି ଅଭାବମୋଚନ ଲାଗି ଶକ୍ତିମାନ ଜଣେ ନିକଟରେ ହିଁ ଅଛନ୍ତି, ଅଥଚ ଅଭାବ ଦୂର କରିବାଲାଗି ତାଙ୍କୁ ପ୍ରାର୍ଥନା କରିବାକୁ ଇଚ୍ଛା ହୁଏ ନାହିଁ, ଏହା କ'ଣ ସ୍ୱାଭାବିକ ବୋଲି ବୋଧହୁଏ ?'' ଶୁଣିସାରି ସେ କହିଲେ, ''ତୁମର ଏହି ସ୍ୱାଭାବିକ କଥାଟିର ଭାବ କ'ଣ ଆପେକ୍ଷିକ ନୁହେଁ ? ସମସ୍ତଙ୍କ କ୍ଷେତ୍ରରେ କ'ଣ ବିଶେଷ ଏକ ବ୍ୟାପାର ବା ମନୋଭାବ ସ୍ୱାଭାବିକ ହୋଇପାରେ ? କ୍ଷେତ୍ର ପରିପ୍ରେକ୍ଷୀରେ ଭାବର ଅନେକ ତାରତମ୍ୟ କ'ଣ ହୋଇନଥାଏ ? ଯେପରି ମୋ' ପକ୍ଷରେ ତମାଖୁ ଖାଇବା, ଗଞ୍ଜେଇ ଖାଇବା ସ୍ୱାଭାବିକ, ତୁମ ପକ୍ଷରେ କ'ଣ ତାହା ସ୍ୱାଭାବିକ ହୋଇପାରେ ? ସେହିପରି ଜଣଙ୍କ ପକ୍ଷରେ ଇଷ୍ଟପୂଜା ବା ଉପାସନା ସଙ୍ଗେ ପ୍ରାର୍ଥନା, ଅଭାବମୋଚନ ଲାଗି କାମନା ଯେପରି ସ୍ୱାଭାବିକ ଆଉ ଜଣକ ନିକଟରେ ତାହା ଅସ୍ୱାଭାବିକ । ଏ କଥା ବୁଝିବାଟା କ'ଣ ଏତେ କଠିନ ?''

ମୁଁ କହିଲି, ''ବୁଝିବାକୁ କଠିନ ନୁହେଁ, ମାତ୍ର ପ୍ରାୟତଃ ଏପରି ଦେଖାଯାଏ ନାହିଁ—ଯାହାର ଏହି ଭାବ ରହେ, ସେ ମହାଭାଗ୍ୟବାନ ବୋଲି କହିବାକୁ ପଡ଼ିବ ।''

ସେ, ''ହଁ, ସେଥିରେ ଆଉ ସନ୍ଦେହ କ'ଣ ? ଏହା ସମସ୍ତଙ୍କ କଥା ନୁହେଁ, ଏହା ଜଣେ ବିଶିଷ୍ଟ ସାଧକର କଥା । ଏହିପରି ଯେଉଁ ଅନୁରାଗ ନେଇ, ସ୍ୱଭାବବଶତଃ ଇଷ୍ଟଙ୍କ ଉପରେ ଲକ୍ଷ୍ୟ ରଖି ସାଧକର ହୃଦୟରେ ପ୍ରତିକ୍ଷଣ ତାଙ୍କର ଅସ୍ତିତ୍ୱର ଅନୁଭବ ଚାଲିଥାଏ, ଏ ଦିଗରେ ସେହିପରି ତା'ର ଫଳସ୍ୱରୂପ ତାଙ୍କ ଇଷ୍ଟଙ୍କର ଲକ୍ଷ୍ୟ ମଧ୍ୟ ପ୍ରତିକ୍ଷଣ ତା' ପ୍ରତି ରହିଥାଏ, କ୍ରମେ ଏହା ସାଧକ ଉପଲବ୍ଧି କରିଥାଏ । —ଏକଥା ତ ବୁଝିପାରୁଛ ?''

ମୁଁ ପଚାରିଲି, ''ଆଚ୍ଛା, ଏହା ମଧ୍ୟରେ ରୂପର ବ୍ୟାପାର କିଛି ଅଛି କି ?''

''ଏହା ଯେତେବେଳେ ଶକ୍ତି ଉପାସନାର ବ୍ୟାପାର, ସେତେବେଳେ ରୂପ ତ ନିଶ୍ଚୟ ହିଁ ରହିବ । ରୂପ ବିନା ଶକ୍ତି ପ୍ରତ୍ୟକ୍ଷ ହେବ କିପରି ? ସେହି ରୂପର ମାହାତ୍ମ୍ୟ ପ୍ରତ୍ୟକ୍ଷ ଅନୁଭବର ବ୍ୟାପାର ଯେ ।''

''ସେ ରୂପ କ'ଣ ବରାବର ହିଁ ରହିଥାଏ ?''

"ତା କ'ଣ ରହିପାରେ ? ତୁମର ଏହି ଯେଉଁ ରୂପ, ତାହା କ'ଣ ସବୁ ସମୟରେ ରହିବ ? ଏ କ୍ଷେତ୍ରରେ କୌଣସି ବାହ୍ୟ ଦୃଶ୍ୟବସ୍ତୁ ଚିରସ୍ଥାୟୀ ଭାବେ ରୂପ ପାଏ ନାହିଁ । ସେତେବେଳେ ରୂପ ସେହି ସାଧକର ବାହ୍ୟ ବ୍ୟାପାର କି ନା ? ପରେ ସେହି ରୂପ ଆତ୍ମଶକ୍ତି ମଧ୍ୟକୁ ଚାଲିଯାଏ, ଯଦି ସାଧକର ସେ ଅବସ୍ଥାରେ କୌଣସି ବିକୃତି ନ ଆସେ । ଆନନ୍ଦର ଚାପରେ ଓ ପରିସ୍ଥିତିଦୃଷ୍ଟେ ସେତେବେଳେ ଅନେକ ପାଗଳ ହେବାର ସମ୍ଭାବନା ଥାଏ । ଖୁବ୍ ଶକ୍ତିମାନ ଆଧାର ନ ହେଲେ, ଶକ୍ତି ସାଧନାରେ ଯେଉଁ ସକଳ ଭାବ ସୃଷ୍ଟି ହୁଏ, ସେ ସମସ୍ତ କ'ଣ ସହଜରେ ହଜମକରି ହୁଏ, ନା ଭୋଗକରି ହୁଏ ?"

ମୁଁ ପଚାରିଲି, "ତାହାହେଲେ କୃପା କେଉଁ ବ୍ୟାପାରକୁ ନେଇ—କୁହନ୍ତୁ ତ ?"

"ଭକ୍ତ ବା ସାଧକର ଲକ୍ଷ୍ୟ ଇଷ୍ଟରୂପିଣୀ ଜଗଦମ୍ବା ଉପରେ ସ୍ଥିତ ରହିଲେ, ଏହି ଯେଉଁ ମାଆଙ୍କର ଲକ୍ଷ୍ୟ ତା' ଉପରେ ପଡ଼େ, ସେହି ଲକ୍ଷ୍ୟ ସାଧକପ୍ରାଣରେ ଅନିର୍ବଚନୀୟ ଆନନ୍ଦ ଓ ଶକ୍ତିର ଧାରା ପ୍ରବାହିତ କରେ, —ସାଧକ ସେତେବେଳେ ପ୍ରତ୍ୟକ୍ଷ ରୂପେ ଅନୁଭବ କରେ ତାଙ୍କର ମହିମା । ଏହି ଭାବଟିକୁ ଲକ୍ଷ୍ୟକରି ମର୍ମ୍ମୀମାନେ କହିଥାନ୍ତି, ଅମୁକଙ୍କ ଉପରେ ଭଗବତ୍ କୃପା ହୋଇଛି ବା ମାଆଙ୍କର କୃପା ହୋଇଛି ।"

"ତା'ହେଲେ ପ୍ରକୃତ ପକ୍ଷେ ସାଧକର ଇଷ୍ଟ ପ୍ରତି ଲକ୍ଷ୍ୟ ଫଳରେ ଇଷ୍ଟଙ୍କର ମଧ ଯେ ସାଧକ ଉପରେ ପ୍ରତିଲକ୍ଷ୍ୟ ହୁଏ, ତାକୁ କ'ଣ ଆପଣ କୃପା ବୋଲି କହୁଛନ୍ତି ?"

"ହଁ, ତାହାହିଁ ତ, ତେବେ ତୁମେ ବାବା ଏହି ସବୁକୁ କାଟି-ଖୁଣ୍ଟି କେବଳ ଲକ୍ଷ୍ୟ ଆଉ ପ୍ରତିଲକ୍ଷ୍ୟ କହିଲେ ତାହା ଠିକ୍ କେବଳ ପ୍ରତି-ଲକ୍ଷ୍ୟ ନୁହେଁ । ସେଇଥିଲାଗି ମୁଁ କହିଥିଲି ଯେ କୃପା କ'ଣ, ତାହା ବୁଝାଇବା ସହଜ ନୁହେଁ । ଯିଏ ପାଇଥାଏ, ସେ ପାଏ ଆଉ ଯାହାଠାରୁ ପାଇଥାଏ, ସେ ଯେପରି ଏହାକୁ ବୁଝିପାରେ, ସେପରି ଆଉ କେହି ବୁଝିପାରନ୍ତି ନାହିଁ, ଅନ୍ୟ ପକ୍ଷେ—"

ମୁଁ କହିଲି, "ମୋତେ ବୁଝିବାକୁ ପଡ଼ିବ ତ ?"

ସେ କିଛିଟା ବିରକ୍ତହୋଇ କହିଲେ, "ଏହା ହେଲା ତୁମର ଅଳ୍ପବିଦ୍ୟାର ଦୋଷ, କେବଳ ବୁଝିବି ଆଉ ବୁଝିବି ।" ପରେ ପୁଣି ଥରେ ଉଚ୍ଚ ସ୍ୱରରେ କହିଲେ, "ତୋ'ର ସାଧ ନାହିଁ ଯେ ତୁ ଆଧ୍ୟାତ୍ମିକ ବ୍ୟାପାରସବୁ ବୁଝିବୁ—ତୋ'ର ସେ ଶକ୍ତି ଅଛି କେଉଁଠି ? ତୁ ବେଟା ବୁଝିବୁ, ଯେଉଁଟାକୁ ତୋ'ର ମନଗଢ଼ା ଗୋଟାଏ କ'ଣ ବୋଲି ଧରିନେବୁ । ସେଥିରେ ତୋ'ର ଜ୍ଞାନ ହେବ କିପରି ? ନିଜେ କରିନେଇ ଦେଖନା ରେ ବାପୁ, କରିଦେଖିଲେ ସେତେବେଳେ ବୁଝିବୁ, ସେଥିରେ ତୋ'ର ତୃପ୍ତି ହେବ । ତା ନାହିଁ, କର୍ମ ନାହିଁ, କ୍ରିୟା କିଛି ନ କରି କର୍ମକୁ ସବୁ ବୁଝିନେବି, ତଦ୍ୱାରା ତୃପ୍ତି ମିଳିବ—ସେ କଥା ନୁହେଁ, କର୍ମ କିଛି ନାହିଁ, କ୍ରିୟା କିଛି ନ କରି କର୍ମ କଥା ସବୁ ବୁଝିବି..."

ମୁଁ ତାଙ୍କ କଥା ଶୁଣି ଅପ୍ରତିଭ ହେଲି । ସଙ୍କୁଚିତ ହୋଇ ଭାବିବାକୁ ଲାଗିଲି—ଆମ ଜାତୀୟ ଜୀବନରେ ଶିକ୍ଷାର ଧାରା ବଦଳିବା ଫଳରେ, ପୂର୍ବେ ଅତି ସହଜରେ ଯେଗୁଡ଼ିକ ଆମର ମନରେ ବିଶ୍ୱାସ ହେଉଥିଲା, ଏବେ ସେଗୁଡ଼ିକୁ ବୁଝିବାରେ ଅନେକ ତର୍କ-ବିତର୍କ ମନକୁ ଆସିଯାଏ । ଗୋଟିଏ ଦିଗରେ ଏହା ଯେତିକି ଭଲ, ଅନ୍ୟ ଦିଗରେ ପୁଣି ସେତିକି ହିଁ ଅଶାନ୍ତିର କାରଣ ହେଉଛି । ପ୍ରକାଶ୍ୟରେ କହିଲି, ''ଆପଣଙ୍କର ବିରକ୍ତି ଯୋଗୁ ହିଁ ଦୁଃଖ ପାଇଲି, ଆପଣ କିନ୍ତୁ ମନେକରିବେ ନାହିଁ ଯେ ଆପଣଙ୍କୁ ବିରକ୍ତ କରିବା ମୋ'ର ଉଦ୍ଦେଶ୍ୟ ଥିଲା ।''

ସେ ସେତେବେଳେ ପୂର୍ଣ୍ଣରୂପେ ଶାନ୍ତ ହୋଇଗଲେ, କହିଲେ, ''ଆରେ ବାପା, ତୁମେମାନେ ଏବେ ନୂତନ ଧରଣର ମଣିଷ । ଇଂରାଜୀ ଲେଖାପଢ଼ା ଶିଖି ଅନ୍ୟରକମ ହୋଇପଡ଼ିଛ—ଧର୍ମକର୍ମ ସାଧନ, ଭଜନର ବ୍ୟାପାର ସବୁ ତୁମମାନଙ୍କ ନିକଟରେ ଅପଦାର୍ଥ ଆଉ ପୁରୁଣା ହୋଇଯାଇଛି— ଏବେ ତୁମର ନିରାକାର ବ୍ରହ୍ମ ସାକ୍ଷାତକାର ଛଡ଼ା ଆଉ ସବୁ କିଛି ନୁହେଁ, ଏହି ଭାବଟା ଯେପରି ଦେଖୁଛି ।''

ମୁଁ କହିଲି, ''ତାହା କ'ଣ ଠିକ ? ଯଦି ସବୁ ଅପଦାର୍ଥ ବୋଲି ବୋଧ ହେବ ତେବେ ଆପଣଙ୍କୁ ପଚାରୁଛି କାହିଁକି ? ଏଥିରେ ଯଦି ଆପଣ ବିରକ୍ତ ହୁଅନ୍ତି, ତାହାହେଲେ ତ ଆଉ କିଛି ପଚାରିବା ସମ୍ଭବ ହେବ ନାହିଁ । ଆପଣମାନେ ପୁରାତନ ଯୁଗର, ଯାହା କିଛି ବା ଅଛି, ତାହା ଆପଣମାନଙ୍କ ପାଖରେ । ଯଦି ଆପଣମାନଙ୍କ ପାଖରୁ ନ ଜାଣିବି, ତେବେ କାହା ପାଖକୁ ଯିବି ?''

ସେ ଖୁସୀ ହେଲା ପରି ଲାଗିଲା, କହିଲେ, ''ତାହା କରିପାର, କରିବ ନାହିଁ କାହିଁକି ? ମୁଁ ତାହାହିଁ କହୁଛି ତ ବାବା—''

''ଆଚ୍ଛା ଆପଣ କହିଲେ ଯେ, ରୂପ ମଧ୍ୟରେ ତାଙ୍କୁ ଲକ୍ଷ୍ୟ କରିବାକୁ ହୁଏ । ଆଉ, ସାଧକର ଗଭୀର ଲକ୍ଷ୍ୟ ହେଲେ ସାଧକଙ୍କ ପ୍ରତି ହିଁ ତାଙ୍କର ଲକ୍ଷ୍ୟ ପଡ଼ିଥାଏ । ପୁଣି ସେହି ରୂପ ଅର୍ଥାତ୍ ଭଗବତ୍-ରୂପକୁ, ଯାହା ଭକ୍ତ ପ୍ରତ୍ୟକ୍ଷ କରେ, ତାହା ସେତେବେଳେ ବାହ୍ୟ । ସାଧକର ଅନ୍ତରରେ ସେହି ରୂପ ପ୍ରକାଶ ହୋଇଥାଏ ତ ! ତା'ହେଲେ ତାହା ବାହ୍ୟ ରୂପ ହେଲା କିପରି ?''

''ସାଧକର ଅହଂ ବା 'ମୁଁ' ଯେଉଁ ରୂପଟି ଦେଖେ, ସେ ରୂପ ବାହ୍ୟ ନୁହେଁ ତ ଆଉ କଣ ! 'ମୁଁ' ଦେଖୁଛି ଯାହା, ତାହା ତ 'ମୋ' ଠାରୁ ପୃଥକ୍ ବା ତାହା ଯଦି ହେଲା ତାହାହେଲେ ବାହ୍ୟ ବା ବାହାରର ବସ୍ତୁ ହେଲା କି ନାହିଁ, ବାବା ? ଯେତେ ସମୟ ଯାଏ ଏହି ଭାବରେ ସେ ଦେଖେ, ସେତେ ସମୟଯାଏ ଭଗବତ-ସ୍ପର୍ଶ ବା ତାଙ୍କ ସହ ସମ୍ବନ୍ଧ ସୁଦୂର ବ୍ୟାପାର ହୋଇଥାଏ । ତା'ପରେ ସାଧନ ଗଭୀର ହେଲେ ଆତ୍ମା ବା ଆତ୍ମସତ୍ତା ମଧ୍ୟରେ ତାହା ପ୍ରକାଶ ହୋଇ ଆତ୍ମସତ୍ତାକୁ ପ୍ରସାରିତ କରିଦିଏ । ସେତେବେଳେ ଆଉ ବାହ୍ୟ ରୂପର

ବୋଧ ରହେ ନାହିଁ । ସେତେବେଳେ ଦିବ୍ୟାଚାରର ପୂର୍ଣ୍ଣତାରେ ସାଧକର ସିଦ୍ଧି (ଅଷ୍ଟସିଦ୍ଧିରୁ ତାହା କୌଣସି ସିଦ୍ଧି ନୁହେଁ), ଜୀବ ସେତେବେଳେ ହୁଏ ଶିବ । ଜୀବସତ୍ତା ଶିବସତ୍ତାକୁ ସ୍ପର୍ଶ କଲେ, ସେତେବେଳେ ହିଁ ସର୍ବାର୍ଥ-ସିଦ୍ଧି । ତାନ୍ତ୍ରିକ ସାଧନର ସେହିଠାରେ ହିଁ ସିଦ୍ଧି— ଏହି ସିଦ୍ଧି ହିଁ କାମ୍ୟ ବା ଲକ୍ଷ୍ୟ । ନ ହେଲେ ଶକ୍ତିଲାଭ ଲାଗି ଅଷ୍ଟସିଦ୍ଧି ଅଣିମା, ଲଘିମା ଏ ସକଳ ସାଧକର କାମ୍ୟ ନୁହେଁ ?''

ମୁଁ କହିଲି, ''ରାମକୃଷ୍ଣ ପରମହଂସ ଦେବଙ୍କ କଥାରୁ ଏ ସମସ୍ତ ଜାଣିପାରିଛି । କିନ୍ତୁ ଆମେ ଜାଣୁ, ତନ୍ତ୍ରର ସାଧନ ଅର୍ଥ ଶକ୍ତିଲାଭ ଲାଗି ଅଷ୍ଟସିଦ୍ଧିର ଅନୁଷ୍ଠାନ ।''

ଭୈରବ କହିଲେ, ''ତାହା ଅଛି ନିଶ୍ଚୟ । ମାତ୍ର ଆମେ ଠକିଯାଇ ଶିଖୁଛୁ । ଅଷ୍ଟସିଦ୍ଧି ଦ୍ୱାରା କିମ୍ବା ଅଭିଚାରିକ କ୍ରିୟା-କର୍ମରେ କୌଣସି ଲାଭ ନାହିଁ । ପରମହଂସ ଦେବ ଯାହା କହିଛନ୍ତି, ତାହା ତ ଠିକ୍ । ସେ ଯେ ଜଣେ ମହାତାନ୍ତ୍ରିକ ଥିଲେ, ଜଣେ ସିଦ୍ଧ ପୁରୁଷ ଥିଲେ ।''

ଏହିପରି ସମୟରେ ଭୈରବୀ ଆସି ଖବରଦେଲେ, ସମସ୍ତ ପ୍ରସ୍ତୁତ ହୋଇଛି । ଶୁଣି ନେଇ ଭୈରବ ମନ୍ଦିର ଆଡ଼କୁ ଉଠି ଚାଲିଲେ । ସେ ଚକ୍ଷୁରୁ ଅନ୍ତରାଳ ହେବା ପରେ ଭୈରବୀ କହିଲେ, ''ବାବା, ତାଙ୍କ ସଙ୍ଗେ ତୁମେ କଥାବାର୍ତ୍ତା ଦ୍ୱାରା ବେଶୀ ଘନିଷ୍ଠତା କର ନାହିଁ—ସେ କାହାର ବେଶୀ କଥାବାର୍ତ୍ତାକୁ ଭଲପାଆନ୍ତି ନାହିଁ, ହଠାତ୍ ରାଗିଯାଆନ୍ତି, ପୁଣି ତତ୍‌କ୍ଷଣାତ ଶାନ୍ତ ହୋଇଯାଆନ୍ତି । ବୟସ ହୋଇଯାଇଛି କି ନା ?''

ମୁଁ ପଚାରିଲି, ''ସେ ଏଠାରେ କେବେଠାରୁ ଅଛନ୍ତି ?''

''ଆଜିକୁ ପ୍ରାୟ ତିରିଶ ବର୍ଷ ପର୍ଯ୍ୟନ୍ତ ମୁଁ ତାଙ୍କ ସହ ରହିଛି, ଏହାର ବହୁ ପୂର୍ବରୁ ସେ ଅଛନ୍ତି । ଏହି ରେଲ୍-ଟେଲ୍ ତ ଏବେ ହେଲା, ସେତେବେଳେ ଏଠାରେ ଭୟଙ୍କର ଜଙ୍ଗଲ ଥିଲା, ସେ ଆସି ସବୁ ପରିଷ୍କାର କରିଦେଇ ସବୁ ଠିକ୍‌ଠାକ୍ କରିନେଇ ନିଜର ଆସନ ପକାଇଲେ, ଅନେକ ବ୍ୟକ୍ତି ତାଙ୍କୁ ଶ୍ରଦ୍ଧା କରନ୍ତି, ଭକ୍ତି କରନ୍ତି ।''

''ତାଙ୍କର କ'ଣ କୌଣସି ଶିଷ୍ୟ-ସେବକ ଅଛନ୍ତି ?''

''ନା, ସେ କୌଣସି ଚେଲା କରି ନାହାନ୍ତି, ପୂର୍ବେ ଦୁଇଚାରିଜଣଙ୍କୁ ମନ୍ତ୍ର ଦେଇଛନ୍ତି ବୋଲି ଜାଣେ, ଏବେ କିନ୍ତୁ କାହାକୁ ଦେଉନାହାନ୍ତି—କହନ୍ତି, ସେଥିରେ କିଛି ହୁଏ ନାହିଁ, ଦିନାକେତେ ମନ୍ତ୍ର ସେଇ ନିୟମରେ ଚାଲେ, ତା ପରେ କେବଳ ମଦଖାଇବା ଆଉ ସ୍ଫୂର୍ତ୍ତି, ସାଧନାର କିଛି ସତ୍ତା ରହେ ନାହିଁ । ଧର୍ମ ନାମରେ ଅଧର୍ମର ବ୍ୟବହାରହିଁ ଚାଲିଥାଏ, ସେଥିଲାଗି ସେ ଆଉ କାହାକୁ ଏହି ବ୍ୟବସ୍ଥା ଦେଉନାହାନ୍ତି । ତନ୍ତ୍ରଧର୍ମ ଏହି ଭାବରେ ଲୋପପାଇଗଲା ।'' କହିସାରି ସେ ଚାଲିଗଲେ, ଭୋଗର ସମୟ ହୋଇଛି ବୋଲି— ଏଠାରେ ମଧ୍ୟ ଶିବା ଭୋଗ ହୁଏ ।

ଦେଖିଲି, ଏମାନେ ପୁରୁଣା ତନ୍ତ୍ରର ଲୋକ । ସେମାନଙ୍କର ଧାରଣା ଯେ ଜଗତ ଏବେ ଉତ୍ସନ୍ନ ପଥରେ ଚାଲିଛି, ତାହା ଉପରେ କଳିକାଳର ମାହାତ୍ମ୍ୟ ରହିଛି । ବୈଷ୍ଣବମାନେ

କିନ୍ତୁ କହନ୍ତି, କଳିଯୁଗ ଧନ୍ୟ । କାରଣ ଏ ଯୁଗରେ ସହଜରେ ଭଗବତ୍ କୃପା ଲାଭ କରାଯାଏ– କେବଳ ନାମ-ଭଜନରେ କଠିନ ସାଧନାର ଫଳଲାଭ ହୁଏ । ତନ୍ତ୍ରଧର୍ମ ଏବେ ଯେ ଶକ୍ତିହୀନ ହୋଇପଡ଼ିଛି, ତାହା ତ ବୈଷ୍ଣବଧର୍ମର ଅଭ୍ୟୁଦୟ ଫଳରେ ଅଥବା ଉଦାର ତନ୍ତ୍ରଧର୍ମର ବ୍ୟଭିଚାର ଫଳରେ । ଯେତେବେଳେ ଶାକ୍ତଧର୍ମ ଅନ୍ତଃସାରଶୂନ୍ୟ, ସେତିକିବେଳେ ବୈଷ୍ଣବଧର୍ମ ଜୀବନ୍ତ ହୋଇଛି, ଜନସମାଜରେ ଶ୍ରେଷ୍ଠ, ପ୍ରବଳ ଓ ଗୌରବମୟ ହୋଇଛି ଧର୍ମ । ଚୈତନ୍ୟଦେବଙ୍କ ପରେ ତନ୍ତ୍ରଧର୍ମ ଆଉ ଏ ଦେଶରେ ଜୀବନ୍ତ ନଥିଲା । ତାହା ହୀନ, ନିଷ୍ପ୍ରଭ ହୋଇ ରହିଥିଲା । ଏବେ ଆମେ ତାହାର କଙ୍କାଳଟି କେବଳ ଦେଖୁଛୁ । ଆଉ ଏହି ଯେଉଁ ଏବେକାଳର ଭୈରବ ସେ ଏହିପରି ପ୍ରାଚୀନ ତନ୍ତ୍ରମତର ମଣିଷ–କେବଳ ନିଷ୍ଠାପୂର୍ବକ ଧାରାଟିକୁ ବଜାୟ ରଖିପାରିଛନ୍ତି ।

ଦ୍ୱିପ୍ରହରରେ ଆହାରାଦି ପରେ ବିଶ୍ରାମ–ମୁଁ ଦେଖିଲି ତପୋବନ ଏକବାର ନିସ୍ତବ୍ଧ, ନିଝୁମ, ଜନମାନସର ଚିହ୍ନବର୍ଣ୍ଣ ନାହିଁ । ଇଆଡ଼େସିଆଡ଼େ ବୁଲିଲି, ଦେଖିଲି ସ୍ଥାନଟିର ଚତୁର୍ଦ୍ଦିଗରେ ହିଁ ପାଣି–ଯେପରି ଏକ ଦ୍ୱୀପ । ନୌକାଟିଏ ସର୍ବଦା ଫେରିଘାଟରେ ଲାଗି ରହିଛି, ପାରି କରିବାକୁ । ବର୍ଷାରେ ଖାଲଟି ଜଳପୂର୍ଣ୍ଣ, କୌଣସି ଦିଗରୁ ସ୍ଥଳପଥରେ ଏଠାକୁ ଆସିବା ସମ୍ଭବ ନୁହେଁ । ସେହି କାରଣରୁ ଏଠାକୁ ଖୁବ୍ କମ୍ ଲୋକ ଆସନ୍ତି । ରେଳ ଧାରଣା ନିକଟରେ ଯେଉଁସବୁ ତୀର୍ଥ ଅଛି, ସ୍ୱଭାବତଃ ସେଠାରେ ଯାତ୍ରୀଙ୍କର ହିଁ ଭିଡ଼ ଲାଗିଥାଏ–କିନ୍ତୁ ଏହିସବୁ ପୀଠସ୍ଥାନରେ ଖୁବ୍ ବେଶୀ ଲୋକଙ୍କର ସମାଗମ ନଥାଏ । କାଳୀପୂଜାରେ, ଶିବରାତ୍ରିରେ, ଦୁର୍ଗାଷ୍ଟମୀରେ ଲୋକଙ୍କର ଯାତାୟାତ ଥାଏ ।

ଅପରାହ୍ନରେ ଯେତେବେଳେ ଭୈରବ ନିଦ୍ରାରୁ ଉଠି ତମାଖୁ ନେଇ ବସିଲେ, ସେତେବେଳେ ଧୀରେଧୀରେ ଯାଇ ତାଙ୍କ ସମ୍ମୁଖରେ ବସିଲି । ସେ କହିଲେ, ''ବିଶ୍ରାମର ସୁବିଧା ହେଲାନାହିଁ ବୋଧହୁଏ ?'' ମୁଁ କହିଲି, ''ଏପରି ସୁନ୍ଦର ଜାଗାରେ ଯଦି ବିଶ୍ରାମର ସୁବିଧା ନ ହେବ ତ ଆଉ କେଉଁଠି ହେବ–ସ୍ଥାନଟି ଯେପରି ମୂର୍ତ୍ତିମାନ ବିଶ୍ରାମସ୍ଥଳ ।'' ଶୁଣିନେଇ ସେ କହିଲେ, ''ତୁମର ବୋଧହୁଏ ଦିନରେ ଶୋଇବା ଅଭ୍ୟାସ ନାହିଁ ?''

ମୁଁ କିଛି ସମୟ ଚୁପ୍ ରହିଲି, ତା'ପରେ କହିଲି, ''ଏଠାରେ ଏହି ମହାପୀଠରେ ସ୍ଥାପିତ ଯେଉଁ ମୂର୍ତ୍ତି, ତା' ଭିତରେ ପ୍ରକୃତ ମୂର୍ତ୍ତିଟି କିପରି, ସେହିକଥା ମୁଁ ଆପଣଙ୍କୁ ପଚାରୁଥିଲି ।''

ସେ କହିଲେ, ''ଦେବୀଙ୍କର ଅଧରୋଷ୍ଠ ଏଠାରେ ପଡ଼ିଥିଲା, ସେହି ଅଧରୋଷ୍ଠ ପଥର ହୋଇଯାଇଛି ।'' ସେତେବେଳେ ମୁଁ ପଚାରିଲି, ''ତାହା କେତେ ବଡ଼ ?'' ସେ ହାତ ଦେଖାଇ କହିଲେ–''ଏତେ ବଡ଼ !'' ପ୍ରାୟ ଦୁଇଫୁଟ ଲମ୍ବ ଓ ଦେଢ଼ଫୁଟ ଉଚ୍ଚ ଏକ ପାଷାଣ ମୂର୍ତ୍ତି ବୋଲି ଅନୁମାନ କଲି, ତାଙ୍କ ହାତର ସଙ୍କେତରୁ ।

ମୁଁ କହିଲି, ''ଫୁଲ୍ଲରା ପୀଠରେ କାଳି ମୁଁ ଥିଲି, ସେଠାରେ ମଧ୍ୟ ଦେଖିଲି ବାହାରେ ଏକ ମୂର୍ତ୍ତି, ଭିତରେ ଆଉ ଏକ ମୂର୍ତ୍ତି । ସେଠାର ପୁରୋହିତଙ୍କୁ ପଚାରିଥିଲି, ସେ ଭିତର



ସତୀ ଅଧରୋଷ୍ଠର ଶକ୍ତି ମହାପୀଠ (ଅଟ୍ଟହାସ)

ମୂର୍ତ୍ତିର କୌଣସି ନିର୍ଦ୍ଦିଷ୍ଟ ରୂପ ବିଷୟରେ କହିପାରିଲେ ନାହିଁ, ସେ କିନ୍ତୁ ଠିକ୍ ଜାଣନ୍ତି ସେ ମୂର୍ତ୍ତି କିପରି । ଯେତେ ଚେଷ୍ଟା କଲି କୌଣସି ଫଳ ହେଲା ନାହିଁ ।''

''ତୁମେ କ'ଣ ଜାଣିଛ, କେତେ ଯୁଗ ବିତିଯାଇଛି, କିଏ ତାହାର ଖବର ରଖୁଛି ! କେହିକେହି କହନ୍ତି, ସେଠାରେ ଦେବୀଙ୍କର ମୁଖର ହନୁ ପଡ଼ିଥିଲା—ଏବେ ତ ସେସବୁ ପାଷାଣ ହୋଇ ରହିଛି ।''

ମୁଁ ଅପରାହ୍ନରେ ତାଙ୍କ ସହ କଟାଇଲି । ଯେଉଁସବୁ କଥାବାର୍ତ୍ତା ହେଲା, ତନ୍ମଧ୍ୟରୁ ପ୍ରୟୋଜନୀୟ କଥା ଏତିକି, ମୁଁ ପଚାରିଲି, ''କାହିଁକି ଏବେ ତନ୍ତ୍ରଧର୍ମ ଲୁପ୍ତ ହୋଇଯାଉଛି ?''

ସେ କହିଲେ, ''ଦେଶତମାମ୍ ଆଚଣ୍ଡାଳ ତଳସ୍ତରଯାଏ ସାଧାରଣଙ୍କ ମଧ୍ୟରେ ଧର୍ମଶକ୍ତି ଜାଗ୍ରତ କରିବା ଲାଗି ତନ୍ତ୍ରଧର୍ମର ଉତ୍ପତ୍ତି । ଏହି ଉଦାର ଧର୍ମ ମଧ୍ୟରେ ଉଚ୍ଚ-ନୀଚ, ଧନୀ-ନିର୍ଧନ ଭେଦ ନାହିଁ—କାର୍ଯ୍ୟତଃ ଏକଧର୍ମୀ ହେଲେ ସକଳଙ୍କ ମଧ୍ୟରେ ଏକତା ଆସିବ, ସମସ୍ତେ ସମାନ ହୋଇ ଧର୍ମକ୍ଷେତ୍ରରେ ଏକ ମହାଜାତିରେ ପରିଣତ ହେବେ, ମହା ଶକ୍ତିଶାଳୀ ହୋଇ ଜଗତର ଆଦର୍ଶ ହୋଇ ରହିବେ, ଏହାହିଁ ଥିଲା ତନ୍ତ୍ରଧର୍ମର ମୂଳ ଉଦ୍ଦେଶ୍ୟ । କିନ୍ତୁ ଦେଶର ବ୍ରାହ୍ମଣମାନେ ଧର୍ମର ଏକତା, ଧର୍ମ ନାମରେ ସମାନ ଅଧିକାର, ଏସବୁ ଚାହୁ ନଥିଲେ । ସେମାନଙ୍କର ଉଦ୍ଦେଶ୍ୟ ଯେ ସେମାନଙ୍କ ଏକାଧିପତ୍ୟ କୌଣସି ରୂପରେ ଯେପରି ବାଧା ନପାଏ । ସେମାନଙ୍କର ନିଜ ନିଜ ମଧ୍ୟରେ ହିଁ ଜ୍ଞାନ, ବିଦ୍ୟା, ଧର୍ମାଙ୍ଗ ସାଧନ, କ୍ରିୟା-କର୍ମ, ଯାହା କିଛି ବିଧାନ ଏସବୁ ବନ୍ଧା ଥିବ, ସେମାନେ ହିଁ ରହିବେ ଉଚ୍ଚ, ଶ୍ରେଷ୍ଠ ଓ ଅନ୍ୟାନ୍ୟ ସବୁ ଜାତିର ବିଧାତା ହୋଇ । କାର୍ଯ୍ୟତଃ ଏହି ପରିସ୍ଥିତିରେ ତନ୍ତ୍ରଧର୍ମ ଏଠାରେ କିପରି ଚିରକାଳ ସ୍ଥାୟୀ ହୋଇ ରହିପାରିବ ?''

ମୁଁ କହିଲି, ''ତନ୍ତ୍ରଧର୍ମ ପରେ ଏହି ଯେଉଁ ବୈଷ୍ଣବ ଧର୍ମର ଅଭ୍ୟୁଦୟ ଆମ ବଙ୍ଗଳାରେ ହୋଇଥିଲା, ତା' ମଧ୍ୟରେ ତ ମହା ଉଦାର ଭାବ ରହିଛି, ଧର୍ମକ୍ଷେତ୍ରରେ ଯେ ସମସ୍ତେ ଏକ, ଉଚ୍ଚ-ନୀଚ ଭେଦ ଲୋପ କରିବାର ବ୍ୟବସ୍ଥା ରହିଛି–''

ସେ ବାଧାଦେଇ କହିଲେ, ''ସେସବୁ ଥିଲେ ମଧ୍ୟ ଆଭିଜାତ୍ୟର ବଡ଼-ମନୋଭାବ କିଛି ମାତ୍ର କମିଛି କି ବ୍ରାହ୍ମଣମାନଙ୍କର ? ବୈଷ୍ଣବ ହେଲେ ହେଁ ସଭାରେ ତ ବ୍ରାହ୍ମଣଙ୍କର ଖାତିର ପ୍ରଥମେ, ଜଗତର ସବୁପ୍ରକାର ମଣିଷମାନଙ୍କ ସହ ଚୈତନ୍ୟ ବା ନିତ୍ୟାନନ୍ଦଙ୍କ ପ୍ରେମର ସମ୍ବନ୍ଧ ସତ୍ତ୍ୱେ ଏଠାରେ ଏହି ଶାନ୍ତିପୁରର ଅଦ୍ୱୈତ ବଂଶର ଆଉ ଖଡ଼ଦହର ସେହି ନିତ୍ୟାନନ୍ଦ ବଂଶର ଦୁଲାଲଙ୍କର ପ୍ରଭୁପାଦ, ଗୋସ୍ୱାମୀ ଇତ୍ୟାଦି ଉପାଧି ଆଉ ଶ୍ରେଷ୍ଠତ୍ୱର ବଡ଼େଇ କ'ଣ କିଛିମାତ୍ର କମ୍ ରହିଛି ? ତା'ପରେ ପୁଣି ସେମାନଙ୍କ ମଧ୍ୟରେ ଫାଙ୍କା-ଫାଙ୍କି କେତେ ସବୁ, ବ୍ରାହ୍ମଣ ଗୁରୁବଂଶର ସମ୍ବନ୍ଧ ନେଇ ଏବେ ମଧ୍ୟ ବୈଷ୍ଣବ ସମାଜ ବ୍ରାହ୍ମଣଙ୍କ ସମ୍ମାନ ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି ଦେଖିବାକୁ ପାଉନ୍ଥ ନା ? ସେମାନେ ହିଁ ଭଗବତ୍-ନିର୍ଦ୍ଦିଷ୍ଟ ସମାଜର ଶାସନକର୍ତ୍ତା ବୋଲି ଏବେ ମଧ୍ୟ ତରିଯାଉଛନ୍ତି । ପ୍ରେମଧର୍ମ ମଧ୍ୟ ରହିବ, ପୁଣି ଜାତିର ଶ୍ରେଷ୍ଠତ୍ୱ ମଧ୍ୟ ରହିବ, ଏହା କେଉଁପରି ଧର୍ମ ହେଲା ? ଏହି ମାଟିର ଗୁଣ ବାବା, ଏ ମାଟିର ଗୁଣ, ଏଠାରେ ଖାଣ୍ଟି ମାଲ୍ ବେଶୀଦିନ ଚାଲେ ନାହିଁ– ଏହା ହେଉଛି ଭଣ୍ଡ ସ୍ଥାନ । ସ୍ଥାନମାହାତ୍ମ୍ୟ ଯୋଗୁ ମହାପୁରୁଷଙ୍କ ଆବିର୍ଭାବ କାଳଟି ହିଁ ଯାହା କିଛି ଚରମ ଉତ୍କର୍ଷର କାଳ, ତା'ପରେ ଯେତେଦିନ ତାହାର ପ୍ରଭାବ ଥାଏ, ଖୁବ୍ ବେଶୀରେ ଦୁଇପୁରୁଷଯାଏ–ଶେଷରେ ଯେଉଁ କଥାକୁ ସେହି କଥା ।''

ମୁଁ କହିଲି, ''ଏବେ ଦେଖନ୍ତୁ ଏକ ଆଶ୍ଚର୍ଯ୍ୟ ବ୍ୟାପାର, ଏହି ଇଂରେଜ ଅମଳରେ ସକଳ ଧର୍ମ ଯେ ପୁଣି ମୁଣ୍ଡଟେକିବାକୁ ଚେଷ୍ଟାକରୁଛି । ଏବେ ତ ସବୁବେଳେ ତାହା ଦେଖାଯାଉଛି ଯେ ପଣ୍ଡିତମାନେ, ସକଳ ଧର୍ମର ନିଷ୍ଠାବାନ ଭକ୍ତମାନେ ଯୁକ୍ତିତର୍କ ସାହାଯ୍ୟରେ ନିଜନିଜ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାର ଚେଷ୍ଟାରେ ଲାଗିଛନ୍ତି । ଯିଏ ଯେଉଁ ଧର୍ମ ମଧ୍ୟରେ ରହିଛନ୍ତି, ସେ ସେହି ଧର୍ମର ଗଭୀରତା ଆଉ ସାରବତ୍ତା କଥା ପ୍ରଚାର କରୁଛନ୍ତି । ମୋ'ର ମନେହୁଏ, ଏହା ଏକ ଅତୀବ ଶୁଭ ଲକ୍ଷଣ ।''

ସେ ପଚାରିଲେ, ''ତନ୍ତ୍ରଧର୍ମର କଥା କେହି ପ୍ରଚାର କରୁଛନ୍ତି ନା କ'ଣ ?''

ମୁଁ କହିଲି, ''ହଁ, ନିଶ୍ଚୟ । ମୁର୍ଶିଦାବାଦର ପଣ୍ଡିତ ଶଚୀଧର ତର୍କଚୂଡ଼ାମଣି ମହାଶୟଙ୍କର ଶକ୍ତି ସମ୍ବନ୍ଧରେ ଧାରାବାହିକ ଅନେକଗୁଡ଼ିଏ ବକ୍ତୃତା ଶୁଣିଛି । ତାଙ୍କର ଛାତ୍ର ରେବତୀମୋହନଙ୍କର ବ୍ୟାଖ୍ୟା ମଧ୍ୟ ଶୁଣିଛି । ତର୍କଚୂଡ଼ାମଣି ମହାଶୟ ତ ସିଦ୍ଧ ତାନ୍ତ୍ରିକ ଭାବରେ ବିଖ୍ୟାତ ।''

ସେ କହିଲେ, ''ବଙ୍ଗଳାର ତନ୍ତ୍ରଶାସ୍ତ୍ରରେ, ତାଙ୍କପରି ଏକଧାରରେ ସାଧକ ଆଉ ପଣ୍ଡିତ, ଆଉ କେହି ଦ୍ୱିତୀୟ ବ୍ୟକ୍ତି ନାହାନ୍ତି ।''

■■

ତ୍ରିଂଶ ପରିଚ୍ଛେଦ

ଭୈରବ କହିଲେ, ''ପୂର୍ବେ ମଧ୍ୟ ତୁମ କଲିକତାରେ ବଡ଼ବଡ଼ ତାନ୍ତ୍ରିକ ପ୍ରଚ୍ଛନ୍ନ ଭାବେ ଥିଲେ । ମଦନମୋହନ ତର୍କାଳଙ୍କାର ମହାଶୟଙ୍କ ନାମ ଶୁଣିଛ ? ତାଙ୍କର କେତେ ସଙ୍ଗୀତ ଅଛି, ତା' ମଧ୍ୟରୁ ଏହି ଗୀତଟି ଆମେ କେତେଦିନ ଆଗରୁ ଗାଉଥିଲୁ—

ଗୟା ଗଙ୍ଗା ପ୍ରଭାସାଦି କାଶୀ-କାଞ୍ଚି କେବା ଚାୟ,
କାଲୀ କାଲୀ ବୋଲେ ଆମାର ଅଜପା ଯଦି ଫୁରାୟ ॥

ତ୍ରିସନ୍ଧ୍ୟା ଯେ ବଲେ କାଲୀ ସନ୍ଧ୍ୟା ପୂଜା ସେ କି ଚାୟ,—
ସନ୍ଧ୍ୟା ତାର ସନ୍ଧାନେ ଫେରେ କଭୁ ସନ୍ଧି ନାହି ପାୟ ।

ଦାନବ୍ରତ ଯଜ୍ଞ ଆଦି ଆର କିଛୁ ନା ମନେ ଲୟ,—
ମଦନେର ଯାଗ ଯଜ୍ଞ ଐ ବ୍ରହ୍ମ-ମୟୀର ରାଙ୍ଗା ପାୟ ॥

କାଲୀ ନାମେର କତ ଗୁଣ କେବା ଜାନ୍‌ତେ ତାରେ ଚାୟ,
ଦେବାଦିଦେବ ମହାଦେବ ଯାର ପଞ୍ଚମୁଖେ ଗୁଣ ଗାୟ ॥''

ମୁଁ କହିଲି, ''ପରମହଂସ ଦେବ ମଧ୍ୟ ତ ଏହି ଗୀତଟିକୁ ଗାଉଥିଲେ ।''

ସେ କହିଲେ, ''ହଁ ହଁ, ସେତେବେଳର ବଡ଼ ବଡ଼ ପଣ୍ଡିତ— କାଲୀବର ପଣ୍ଡିତ, ଚନ୍ଦ୍ରକାନ୍ତ ପଣ୍ଡିତ, ତା'ପରେ ମହେଶ ନ୍ୟାୟରତ୍ନ—ଏମାନେ ମହାତାନ୍ତ୍ରିକ ଥିଲେ ।''

''ବଙ୍ଗଳାର ବଡ଼ବଡ଼ ପଣ୍ଡିତ ସେ ସମୟରେ ପ୍ରାୟ ଅଧିକାଂଶ ହିଁ ତନ୍ତ୍ରୋପାସକ ଥିଲେ ବୋଲି ଶୁଣିଛି, କେବଳ ବୈଷ୍ଣବ ପଣ୍ଡିତମାନେ...''

ସେ ବାଧାଦେଇ କହିଲେ, ''ନା ନା, ସେମାନେ ମଧ୍ୟ ପ୍ରଚ୍ଛନ୍ନ ତାନ୍ତ୍ରିକ,—ଗୋସାଇଁ ବଂଶ ଯେତେ ଅଛନ୍ତି, ଜାଣିବ ସମସ୍ତେ ଗୁପ୍ତଭାବେ ଶକ୍ତି ଉପାସକ । ଜାଣିଛ ନା 'ଅନ୍ତଃ ଶାକ୍ତଂ ବହିଶୈବଂ ସଭାୟାଂ ବୈଷ୍ଣବ ମତମ୍' । ଅଦ୍ୱୈତ ବଂଶ, ନିତ୍ୟାନନ୍ଦଙ୍କ ବଂଶ ଏମାନେ ସମସ୍ତେ ପ୍ରଚ୍ଛନ୍ନ ଭାବେ ଶକ୍ତି-ଉପାସକ—ଏମାନେ କେହି ତନ୍ତ୍ରଧର୍ମକୁ ତ୍ୟାଗକରି ବୈଷ୍ଣବ ହୋଇ ନାହାନ୍ତି ।''

''ତା'ହେଲେ ମହାପ୍ରଭୁ ଶ୍ରୀଚୈତନ୍ୟ—''

''ସେ ମଧ୍ୟ ମହାତାନ୍ତ୍ରିକ ଥିଲେ । ପୁରୀ ଗମ୍ଭୀରାରେ ରହି ସେ କ'ଣ କରୁଥିଲେ ଜାଣିଛ ? ସେକଥା ମଧ୍ୟ ସ୍ପଷ୍ଟ ଭାବରେ ଚୈତନ୍ୟ ଚିରତାମୃତରେ ଲେଖା ରହିଛି । ଦିନତମାମ୍ ଭକ୍ତମାନଙ୍କ ସହ ନାମ-ସଂକୀର୍ତ୍ତନ କରୁଥିଲେ, ଆଉ ରାତ୍ରରେ ଅନ୍ତରଙ୍ଗଙ୍କ ସହ ରସ ଆସ୍ୱାଦନ କରୁଥିଲେ । ଏହି ରସ, କେଉଁ ରସ, ଜାଣିଛ ? ଏ ସେହି (ମଦ୍ୟ) କାରଣ—ରସ, ସେ କଥା କ'ଣ କହିବାକୁ ପଡ଼ିବ ? ସେ ଯେ ମହାକୌଳିକ ଥିଲେ ।''

''କି ସର୍ବନାଶ । ଏ ପ୍ରକାରର ଚୈତନ୍ୟ ଚରିତ୍ର ତ କେବେହେଁ ଶୁଣି ନାହିଁ ।''

''କେମିତି ଶୁଣିବ ? ଏସବୁ ଯେ ଗୁହ୍ୟ ବ୍ୟାପାର । ବାହାର ଲୋକେ ଏ କଥା ଜାଣିବେ କିପରି ? ବୈଷ୍ଣବମାନେ ତ ତାଙ୍କୁ ନଣ୍ଡା କରିଦେଇ ସଜେଇରଖିଥିଲେ, ପ୍ରକୃତରେ କ'ଣ ସେ ନଣ୍ଡା ଥିଲେ ? ତାଙ୍କର କିନ୍ତୁ ବଡ଼ବଡ଼ ଜଟା ଥିଲା, ନାଚିବା ସମୟରେ ଟେକି ହୋଇଯାଉଥିଲା । ଏସବୁ ତ ପୋଥି ମଧ୍ୟରେ ନାହିଁ, କେହି ଜାଣନ୍ତି ନାହିଁ ।''

''ଆମେ ଯାହା ଜାଣୁ, ପୁରୀଠାରେ ମହାପ୍ରଭୁଙ୍କର ଦିବ୍ୟୋନ୍ମାଦ ଅବସ୍ଥାରେ କୃଷ୍ଣ ବ୍ୟତୀତ ଆଉ କିଛି ତାଙ୍କ ମନରେ ନଥାଏ । ରାତ୍ରିରେ ରାୟ ରାମାନନ୍ଦ ଆଉ ସ୍ୱରୂପ ଦାମୋଦରଙ୍କୁ ନେଇ ପଦ୍ୟାବଳୀ କୀର୍ତ୍ତନର ଆନନ୍ଦରେ ବିଭୋର ରହୁଥିଲେ ।''

''ଆଉ ମାଧବୀ ଦାସୀ କେଉଁଠି ରହୁଥିଲେ ? ଏହି ମାଧବୀଙ୍କୁ ହିଁ ସେ ଶକ୍ତି ରୂପେ ଗ୍ରହଣ କରି ନେଇଥିଲେ—ରାତ୍ରିବେଳା ସଙ୍ଗରେ ନେଇ ଚକ୍ରରେ ବସୁଥିଲେ । ଏସବୁ କଥା ଚପେଇ ରଖିଦେଇଛନ୍ତି ସେମାନେ—ଗୁହ୍ୟ ବ୍ୟାପାର କ'ଣ ପ୍ରକାଶ କରିବା କଥା ! ଏ ଧର୍ମ ତ ପ୍ରଚାରର ଧର୍ମ ନୁହେଁ, ଗୁହ୍ୟ ଭାବରେ ସାଧନର ଧର୍ମ । ସେଦିନ ଆଉ ଏବେ ନାହିଁ ।''

ଟିକିଏ ରହିଯାଇ ଭୈରବ କହିଲେ, ''ଏବେ କୌଳିକତା ନାହିଁ । ଏହି ସମୟରେ ଗୃହସ୍ଥାଶ୍ରମରେ ଥାଇ ତାନ୍ତ୍ରିକ ଦୀକ୍ଷା ନେଇ ବିବାହିତ ଜୀବନରେ ସସ୍ତ୍ରୀକ ଯେଉଁ ସାଧନା, ତଦ୍ୱାରା ତନ୍ତ୍ରକୁ ଯାହା ବଞ୍ଚାଇ ରଖାଯାଇଛି । ନ ହେଲେ ଘରସଂସାରଠାରୁ ବାହାରିଆସି ଭୈରବୀ ନେଇ ଯେଉଁ ସାଧନ, ସେ କାଳ ଆଉ ନାହିଁରେ ବାବା । ଆଉ ସେଥିଲାଗି ସିଦ୍ଧି ମଧ୍ୟ ନାହିଁ, ବ୍ୟଭିଚାର ବଢ଼ିଚାଲିଛି । ତେଣୁ ଆମେମାନେ ଆଉ ସେପରି ସାଧନାପାଇଁ ଉପଦେଶ ଦେଉନାହୁଁ । ଏବେ ଭ୍ରାନ୍ତ ଘରତ୍ୟାଗୀ କେହି ଆସିଲେ କହେ—ମା' କାଳୀଙ୍କ ମୂର୍ତ୍ତିକୁ ଧ୍ୟାନକର, ସେଇଥିରେ ସବୁ ହେବ ।''

ଅନେକସମୟ ଆଉ କିଛି କଥା କହିପାରିଲି ନାହିଁ । ଶ୍ରୀଚୈତନ୍ୟଙ୍କ ନିଷ୍କଳଙ୍କ ଦିବ୍ୟ ଭାବମୟ ଚରିତ୍ର ଉପରେ ଏହିସବୁ ବୃଦ୍ଧ ତାନ୍ତ୍ରିକମାନେ କିପରି ବିପରୀତ ଭାବ ଆରୋପ କରିଚାଲିଛନ୍ତି, ସେହିକଥା ହିଁ ଭାବୁଥିଲି । ସତରେ କ'ଣ ସେ ଜଣେ ତାନ୍ତ୍ରିକ ଥିଲେ ? ଶ୍ରୀଚୈତନ୍ୟଙ୍କ ସମ୍ବନ୍ଧରେ ତାନ୍ତ୍ରିକମାନଙ୍କର ଏହି ଯେଉଁ ଧାରଣା, ମୋର ମନେହୁଏ, ଏହା ମୂଳରେ ଏକ ରହସ୍ୟ ନିଶ୍ଚୟ ରହିଛି । ମହାମାନବଙ୍କୁ କୌଣସି ସମ୍ପ୍ରଦାୟ ତ୍ୟାଗ କରିପାରନ୍ତି

ନାହିଁ । ସେମାନେ ନିଜନିଜ ଧର୍ମରେ ଅନ୍ତର୍ଗତ ଦ୍ୱାରା ବିଶିଷ୍ଟ ଭାବରେ ଆରୋପ କରି ତାଙ୍କୁ ନିଜର କରିନେଇଥାନ୍ତି । ଭଗବାନଙ୍କ ଅସ୍ତିତ୍ୱକୁ, ବିଶ୍ୱାସହୀନ ନାସ୍ତିକ ବୁଦ୍ଧଙ୍କୁ ମଧ୍ୟ ହିନ୍ଦୁମାନେ ଅବତାର ରୂପେ ଗ୍ରହଣ କରିଛନ୍ତି, ଆଉ ଏଆଡ଼େ ବୈଷ୍ଣବମାନେ ମଧ୍ୟ ଶିବଙ୍କୁ ତ୍ୟାଗ କରିନାହାନ୍ତି । ସେମାନେ କହନ୍ତି, ଶିବଙ୍କର ଯେତେ ନାମ, ଏକମାତ୍ର ରୁଦ୍ର ନାମ ବ୍ୟତୀତ ଆଉ ସମସ୍ତ ବିଷ୍ଣୁଙ୍କର ନାମ, ବିଷ୍ଣୁ ଓ ଶିବ ଏକ । ଏଥିରେ ଭେଦଜ୍ଞାନ ରଖିଲେ ସାଧନ ପଣ୍ଡ ହୁଏ । ପୁଣି ତନ୍ତ୍ରମତର ପ୍ରସାରତା ମଧ୍ୟ କମ୍ ନୁହେଁ । ସେମାନେ ରାଧାଙ୍କୁ ଶ୍ରୀକୃଷ୍ଣଙ୍କର ଆଧାର-ଶକ୍ତି କହି ରାଧାକୃଷ୍ଣ ସମ୍ବନ୍ଧୀୟ ସମଗ୍ର ଘଟଣାକୁ ତନ୍ତ୍ର ମଧ୍ୟରେ ପୂରାଇ ଦେଇଛନ୍ତି । ରାଧାତନ୍ତ୍ର ଏକ ବିଶିଷ୍ଟ ତନ୍ତ୍ରର ପୋଥି । ତନ୍ତ୍ର-ଗ୍ରନ୍ଥସମୂହ ମଧ୍ୟରେ ରାଧାତନ୍ତ୍ରର ସ୍ଥାନ ନଗଣ୍ୟ ନୁହେଁ । ତନ୍ତ୍ରଶାସ୍ତ୍ର ମତରେ ରାଧା ଓ କୃଷ୍ଣଙ୍କର ଜୀବନ, କର୍ମ ସର୍ବାଂଶରେ ହିଁ ତନ୍ତ୍ରମୟ । ତନ୍ତ୍ରୋକ୍ତ ଶାକ୍ତ ଓ ବୈଷ୍ଣବ ଧର୍ମ ଭିତରେ ଥିବା ସାମଞ୍ଜସ୍ୟର ଫଳସ୍ୱରୂପ ବଙ୍ଗଳାର ଆଉଲ୍, ବାଉଲ, ସହଜିୟା ପ୍ରଭୃତି କେତେକ ଉପଧର୍ମର ମଧ୍ୟ ଉଦ୍ଭବ ହୋଇଛି । ଏକଥା ଏବେ ଅନେକଙ୍କୁ ଜଣାଅଛି । ଟିକିଏ ଅନୁସନ୍ଧାନ କଲେ ଦେଖାଯାଏ ଯେଉଁଯେଉଁଠାରେ ବୈଷ୍ଣବ ଧର୍ମ ଓ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ କଥା ଅଛି, ସେହିସେହି ସ୍ଥାନରେ ଏକ ତନ୍ତ୍ରମତର ବ୍ୟାଖ୍ୟା ତାହାର ପଶ୍ଚାତରେ ଅନୁସରଣ କରିଚାଲିଛି ।

ରୂପ, ସନାତନ ଓ ଶ୍ରୀଜୀବ ଗୋସ୍ୱାମୀଙ୍କର ଗ୍ରନ୍ଥମାଳା, ଚୈତନ୍ୟ-ଚରିତାମୃତ, ସ୍ୱରୂପ ଦାମୋଦରଙ୍କ କଡ଼ଚା, କୃଷ୍ଣକର୍ଣ୍ଣାମୃତ, ଭକ୍ତମାଳା ଗ୍ରନ୍ଥାଦି, ତା'ପରେ ବର୍ତ୍ତମାନ କାଳର ଶିଶିର କୁମାରଙ୍କ ଅମିୟନିମାଇଁଚରିତ ଗ୍ରନ୍ଥର ପ୍ରଚାର ଓ ଏଗୁଡ଼ିକର ପ୍ରଭାବ ଯଦି ଆମ ମଧ୍ୟରେ ନଥାନ୍ତା, ତା'ହେଲେ ଶ୍ରୀଚୈତନ୍ୟଙ୍କ ମଧ୍ୟରେ ତନ୍ତ୍ରଧର୍ମର ପ୍ରଭାବକୁ ବିଶ୍ୱାସ କରିବାରେ ବୋଧହୁଏ ବାଧା ନଥିଲା ।

ଯାହା ସତ୍ୟ, ଏବେ ତାହାର ଉଦ୍ଧାର ଅନିଶ୍ଚିତ । କେଉଁ ଗହନରେ ଜାଣେ ନାହିଁ, କିନ୍ତୁ ଯଥାର୍ଥରେ କହିବାକୁ ଗଲେ ମହାପ୍ରଭୁଙ୍କ ମଧ୍ୟରେ ତାନ୍ତ୍ରିକତା କଥା ହିଁ ଏ ସମୟରେ ବିଶ୍ୱାସ କରିବାକୁ କାହାର ପ୍ରାଣ ଚାହିଁବ ନାହିଁ । ତେବେ, ଯଦି କେବେ ଏପରି ଦିନ ଆସିବ ଯେ ଶ୍ରୀଚୈତନ୍ୟଙ୍କ ମଧ୍ୟରେ ତନ୍ତ୍ରଧର୍ମର ପ୍ରଭାବ ନିଶ୍ଚିତ ରୂପେ ପ୍ରମାଣିତ ହୋଇପାରିବ, ତା'ହେଲେ କ'ଣ ହେବ କେଜାଣି, କିନ୍ତୁ ବୈଷ୍ଣବ ଭକ୍ତମାନେ କ'ଣ ତାହା ବିଶ୍ୱାସ ଓ ଗ୍ରହଣ କରିପାରିବେ ? ଏବେ ଏହା ହିଁ ଚିନ୍ତା କରି ଚାଲିଥିଲି ।

ବର୍ତ୍ତମାନ ତନ୍ତ୍ରୋକ୍ତ ଧର୍ମ ଉପରେ କେବଳ ଅନାସ୍ଥା ନୁହେଁ, ଅଭିଚାରିକ କ୍ରିୟା ଆଦି ଓ ନୀତିବିରୁଦ୍ଧ ଆଚାର ତନ୍ତ୍ରଧର୍ମ ସାଧନର ଅଙ୍ଗ ବୋଲି ସାଧାରଣରେ, ବିଶେଷତଃ ବୈଷ୍ଣବ ସମ୍ପ୍ରଦାୟଙ୍କ ମଧ୍ୟରେ, ଏକ ବିଜାତୀୟ ଘୃଣା ସୃଷ୍ଟିକରିଛି, ଯାହାଦ୍ୱାରା ଏହାକୁ ଲୋକଙ୍କର କଲ୍ୟାଣକର ଧର୍ମ ବୋଲି ଆଉ ଧାରଣା କରିବାର ଉପାୟ ନାହିଁ । ମନେ ହୁଏ ଯେପରି ତନ୍ତ୍ରଧର୍ମ ଓ ବୈଷ୍ଣବ ଧର୍ମ ମଧ୍ୟରେ ଚିରବିରୋଧ ରହିଛି; ଏହି ଦୁଇ ଧର୍ମର ଗତି, ଆଦି, ମଧ୍ୟ ଓ ଅନ୍ତ ସମସ୍ତ ହିଁ ଯେପରି ବିଭିନ୍ନ ।

ଯାହା ହେଉ, ଏବେ ଏ ଦେଶରେ ଯେତେବେଳେ ତନ୍ତ୍ରଧର୍ମ ବର୍ତ୍ତମାନ ଅବସ୍ଥାରେ ରହିଛି ଓ ନିଶ୍ଚିହ୍ନ ହୋଇଯାଇନାହିଁ, ସେତେବେଳେ ମନେହୁଏ, କେବେ ହେଁ କୌଣସି ସମୟରେ ଏହାର ସ୍ୱରୂପ ପୂନର୍ବାର ମୂର୍ତ୍ତିମାନ ହୋଇ ସାଧାରଣରେ ଗୋଚରୀଭୂତ ହୋଇପାରିବ । ସେତେବେଳେ ସେହି ସତ୍ୟର ଆଲୋକରେ ଏହି ସକଳ ବିରୁଦ୍ଧ ସଂସ୍କାର ଦୂର ହୋଇଯିବ—ଏକଥା ମୋତେ ଅସମ୍ଭବ ବୋଲି ମନେ ହେଉନାହିଁ ।

ଏବେ ମୁଁ ଭୈରବ ମହାଶୟଙ୍କୁ ପଚାରିଲି, ''ଆପଣ ଯେଉଁ କାଳୀମୂର୍ତ୍ତିଙ୍କୁ ଧ୍ୟାନ କରିବା କଥା କହିଲେ, ଏହି କାଳୀ, ତାରା, ମହାବିଦ୍ୟାର ମୂର୍ତ୍ତି କଥା ଏ ଦେଶରେ କେତେଦିନରୁ ପ୍ରଚାରିତ ହୋଇଛି, ଆଉ ତାହା କାହା ଦ୍ୱାରା ଏଠାରେ ପ୍ରଚାରିତ ? ଯଦି ବିରକ୍ତ ନ ହୁଅନ୍ତି...''

ସେ ସଙ୍ଗେସଙ୍ଗେ କହିଲେ, ''ତୁମର ଏତେ ଖୋଜିବାର କାମ କାହିଁକି, ତୁମ ସଙ୍ଗେ ତା'ର ସମ୍ବନ୍ଧ ହିଁ ବା କ'ଣ ? ତୁମର ଯେତେସବୁ ବେହେଡ଼ା ଧରଣର କଥା ଦେଖିବାକୁ ପାଉଛି—ହେଁ ।''

ମୁଁ କହିଲି, ''ଦେଖନ୍ତୁ, ଆପଣମାନେ ପୁରୁଣା ଲୋକ, ଆପଣମାନଙ୍କ ପାଖରୁ ଆମେ ଯଦି ଏହିସବୁ କଥା ନ ଶୁଣିବୁ, ତେବେ ଆଉ କାହା ପାଖକୁ ଯିବୁ, କୁହନ୍ତୁ ? ଜାଣନ୍ତି ବା କିଏ ଏସବୁ କଥା ! ଆମେ...''

ଆଉ କିଛି କହିବାକୁ ହେଲା ନାହିଁ, ସେ ପୂର୍ଣ୍ଣରୂପେ ତରଳିଗଲେ ଏବଂ କହିଲେ, ''କ'ଣ ଜାଣିଛ ବାବା, ଅନେକ ଲୋକ ଆସନ୍ତି, ମାତ୍ର ଏ ସମସ୍ତ କଥା କେହି ପଚାରନ୍ତି ନାହିଁ, ସେଥିପାଇଁ କେମିତିକେମିତି ଲାଗେ । ପୁଣି ଆମେ ଜାଣୁ ବା କ'ଣ, ମା' ଜଗଦମ୍ବାଙ୍କ ଦୟାରୁ ଯାହା କିଛି ହୋଇଛି, ହେଉଛି, ହେବ—କେବଳ ଏତିକି ମାତ୍ର ଜାଣିଲେ ହେଲା ।''

''ତାହା ଆପଣଙ୍କ ପକ୍ଷରେ ସତ୍ୟ । ଆମକୁ ଏବେ ମଧ୍ୟ ଅନେକ କିଛି ଦେଖିବାକୁ ପଡ଼ିବ, ଶୁଣିବାକୁ ହେବ, କରିବାକୁ ହେବ, ନ ହେଲେ ଆମର ଗତି କ'ଣ ହେବ କୁହନ୍ତୁ ? ହେଲା, ଏବେ ଯେଉଁ କଥା ହେଉଥିଲା, କେହିକେହି କହନ୍ତି ଯେ ବୌଦ୍ଧଧର୍ମ ସଙ୍ଗେ ତନ୍ତ୍ରଧର୍ମ ଓ ମହାବିଦ୍ୟାର ମୂର୍ତ୍ତିପୂଜା ବଙ୍ଗଳାରୁ ଆସିଛି, ପୂର୍ବରୁ ଏସବୁ ନଥିଲା ।''

ସେ କହିଲେ, ''ଏତେ ସବୁ ଜାଣେନାହିଁ ବାବୁ, ଆମେ ମା' କାଳୀଙ୍କୁ ନେଇ ହିଁ ଯାହା କିଛି ସାଧନ-ଭଜନ କରିଆସିଛୁ, ସେହି ହିଁ ଆମର ସବୁ । ତେବେ ଶୁଣିଛି, ଆଗମବାଗୀଶ ହିଁ ଏ ଦେଶରେ ପ୍ରଥମ କାଳୀମୂର୍ତ୍ତିଙ୍କର ସାକ୍ଷାତ ପାଇଥିଲେ । ସେହି ହିଁ ଖୁବ୍ ସମ୍ଭବ ଦଶମହାବିଦ୍ୟାର ପୂଜା, ଉପାସନାଦି ପ୍ରବର୍ତ୍ତନ କରିଥିଲେ ।''

ମୁଁ ଧୀରେ ଧୀରେ ପୁଣି ପଚାରିଲି, ''ତା'ହେଲେ ଆଗମବାଗୀଶଙ୍କ ପୂର୍ବରୁ କ'ଣ ଏ ଦେଶର ତନ୍ତ୍ରମତରେ ଦଶମହାବିଦ୍ୟାର ପ୍ରଚାର ନଥିଲା ? ଆଉ ତନ୍ତ୍ରର ପ୍ରଚାର ମଧ୍ୟ କ'ଣ ନ ଥିଲା ?''

"ତନ୍ତ୍ରଧର୍ମ ମହାପ୍ରାଚୀନ, ବେଦ ପୂର୍ବରୁ ତନ୍ତ୍ର ଥିଲା । ଯେପରି ଶିବଙ୍କର ଉତ୍ପତ୍ତି କଥା କେହି ଜାଣନ୍ତି ନାହିଁ, ସେହିପରି ତନ୍ତ୍ରର ଉତ୍ପତ୍ତି କେଉଁଠାରୁ, ତାହା କେହି ଜାଣନ୍ତି ନାହିଁ, କେହି କହି ପାରନ୍ତି ନାହିଁ । ଚୀନ ଦେଶରେ ତନ୍ତ୍ର ଅଛି, କାଳୀ-ତାରା ଆଦିଙ୍କର ପୂଜାବିଧି-ବ୍ୟବସ୍ଥା ଅଛି । ବଶିଷ୍ଠଦେବ ଯେତେବେଳେ ଏଠାରେ ତନ୍ତ୍ରରେ ସିଦ୍ଧ ହୋଇଥିଲେ, ସେ ଶାନ୍ତି ପାଇ ନଥିଲେ । ସେତେବେଳେ ତାଙ୍କ ଇଷ୍ଟଙ୍କର ଆଦେଶ ହେଲା, ମହାଚୀନକୁ ଯାଇ ଚୀନାଚାର ସାଧନ କରିବାକୁ । ସେ ମହାଚୀନକୁ ଯାଇ ଚୀନାଚାର ସାଧନ କରିଥିଲେ । ତା' ପରେ କଠୋର ସାଧନା କରି ସେ ସିଦ୍ଧ ହୋଇଥିଲେ । ସେତେବେଳେ ହିଁ ଶାନ୍ତି ସେ ପାଇଥିଲେ । ତନ୍ତ୍ରରେ ଚୀନାଚାର ହିଁ ହେଲା ସର୍ବପେକ୍ଷା କଠିନ ଆଉ ସର୍ବଶ୍ରେଷ୍ଠ ସାଧନ । ସେଥିରେ ସିଦ୍ଧି ପ୍ରାପ୍ତ ହୋଇଗଲେ ଆଉ କିଛି କରିବା ପ୍ରୟୋଜନ ହୁଏ ନାହିଁ ।"

"ଏଠାରେ କ'ଣ ଚୀନାଚାରର ସାଧନ ହୁଏ ନାହିଁ ?"

"ଏଠାରେ ସେହି ସାଧନ କରିବ କିଏ ? ସେଥିଲାଗି ଉପଦେଶ, ନିର୍ଦ୍ଦେଶ ବା ଦେବ କିଏ ? ଉତ୍ତରସାଧକ କାହାନ୍ତି ? ଯାହାକୁ ଚୀନାଚାର ସାଧନ କରିବାକୁ ହେବ, ତାକୁ ନିଃସଙ୍ଗ ହୋଇ ମହାଚୀନ ଯିବାକୁ ହେବ । ସେହିଠାରେ ହିଁ ଉପଦେଷ୍ଟା ଅଛନ୍ତି, ସେଠାକୁ ଯାଇ ସମସ୍ତ ଯୋଗାଯୋଗ କରିପାରିଲେ ଯାଇ ହେବ ସିଦ୍ଧି । ସେହି ଜଣେ ବଶିଷ୍ଠଦେବଙ୍କ କଥା ଆମେ ଜାଣୁ, ଯିଏ ଅତି ବଡ଼ ସିଦ୍ଧ ହୋଇଥିଲେ । ନ ହେଲେ ତାଙ୍କ ବ୍ୟତୀତ ଆଉ କାହାକଥା ତ ଶୁଣିନାହିଁ । ତେବେ ଏ ଦେଶରେ ତନ୍ତ୍ରର ଯାହା କିଛି ପ୍ରଚାର, ତାହା ଆଗମବାଗୀଶଙ୍କ ଦ୍ୱାରା ହିଁ ହୋଇଥିଲା—ତନ୍ତ୍ରୋକ୍ତ ଯେଉଁ ଦେବୀ ମୂର୍ତ୍ତି, ତାହା ମଧ୍ୟ । ସେ ଏଠାରେ ସେହି ପୂଜାର ବ୍ୟବସ୍ଥା କରିଥିଲେ । କାଳୀପୂଜା ତ ସହଜ, କିନ୍ତୁ ତାରାର ପୂଜା ଖୁବ୍ ଭୟଙ୍କର, ଏଠାରେ ତାଙ୍କର ପୂଜା ହୁଏ ନାହିଁ । ମହାବୀର୍ଯ୍ୟବାନ ଉଚ୍ଚସ୍ତରର ସିଦ୍ଧଯୋଗୀ ନ ହେଲେ ତାରାଙ୍କର ପୂଜା ଆଉ କାହା ଦ୍ୱାରା ହେବା ସମ୍ଭବ ନୁହେଁ । ଗୃହସ୍ଥ ସାଧକର ଘରେ ତାରାର ପୂଜା ହୋଇପାରିବ ନାହିଁ, ଏହା ପୂର୍ଣ୍ଣରୂପେ ନିଷିଦ୍ଧ ।"

"—କେବଳ ତାରା କାହିଁକି, ବଗଳା, ଛିନ୍ନମସ୍ତା, ଧୂମାବତୀଙ୍କର ପୂଜା, ଭାବି ଦେଖନ୍ତୁ ତ, କି ଭୟଙ୍କର ଭାବର ମୂର୍ତ୍ତି, କି ଭୟାବହ କଳ୍ପନା !"

"—କଳ୍ପନା କାହିଁକି, ମହାଦେବଙ୍କୁ ମା' ହିଁ ଏହିସବୁ ମୂର୍ତ୍ତି ଦେଖାଇଥିଲେ । ତନ୍ତ୍ରରେ ଭିନ୍ନ ଭିନ୍ନ ସାଧନାରେ ଏହିସବୁ ମୂର୍ତ୍ତିର ଧ୍ୟାନ ଓ ପୂଜାର ବ୍ୟବସ୍ଥା ଅଛି । ତାହାଛଡ଼ା ଜ୍ୟୋତିଷ ଓ ଗ୍ରହାଚାର୍ଯ୍ୟମାନେ ଦୁଷ୍ଟ ଗ୍ରହ ବା ଗ୍ରହଦୋଷ କାଟିବା ଲାଗି କିମ୍ବା ଦୁର୍ଭାଗ୍ୟକୁ ପ୍ରଶମନ କରିବା ଲାଗି ଏହିସବୁ ଦେବୀଙ୍କର ପୂଜା କରିଥାନ୍ତି ।"

"ଅନେକ ହୁଏତ ଜାଣନ୍ତି ନାହିଁ ଯେ ତନ୍ତ୍ର ସହ ଜ୍ୟୋତିଷଙ୍କର ଘନିଷ୍ଠ ସମ୍ବନ୍ଧ ଅଛି । ଗ୍ରହାଚାର୍ଯ୍ୟମାନେ ଏ ଦେଶରେ ସମସ୍ତେ ତାନ୍ତ୍ରିକ । ତନ୍ତ୍ରର ଅଧିକାର ଆମ ବଙ୍ଗଳାରେ ବହୁଦୂରଯାଏ ପ୍ରସାରିତ ।"

ଏହାପରେ ମୁଁ ପଚାରିଲି, ''ବକ୍ରେଶ୍ୱରର ଅଘୋରୀଙ୍କୁ ଆପଣ ଜାଣନ୍ତି ?''

ଶୁଣିବାମାତ୍ରେ ସେ ଏକବାର ମୋ' ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ, ତା'ପରେ କହିଲେ, ''ତୁମେ ତାଙ୍କୁ ଜାଣ ? ତାଙ୍କ ନିକଟକୁ ଯାଇଥିଲ ନା କ'ଣ ?''

''—କିଛି ଦିନ ଲାଗି ବକ୍ରେଶ୍ୱରଠାରେ ଥିଲି । ସେତେବେଳେ ମଝିରେମଝିରେ ତାଙ୍କର ସଙ୍ଗ ଲାଭ କରିଛି ।''

''—ସଙ୍ଗ ପାଇଛ ! ମାରଧର ଖାଇ ନାହିଁ ?''

''— ମୋ' ଉପରେ ଏତେଟା ହୋଇନାହିଁ, ତେବେ ଗାଳିଗୁଲଜ, ଧମକାଧମକି ହୋଇଛି ।''

''— ତୁମକୁ ଦେଖୁଛି ଗୋଟାଏ ଭବଘୁରା, ମହା ବେପରୁଆ ଛୋକ୍‌ରା । ତା'ପରି ଏକ ଦୁଶମନ୍, ଗୋଟାଏ ମ୍ଲେଚ୍ଛ, ବ୍ୟଭିଚାରୀର ସଙ୍ଗଲାଭ କରିବାର ଖିଆଲ ହେଲା କେମିତି ତୁମର ? ସେ ଯେ ଗୋଟାଏ ପିଶାଚ, ରାକ୍ଷସ, ତା' ଭିତରେ କ'ଣ ଅଛି, କହ ତ ?''

ବୁଝିନେଲି, ଅଘୋରୀର ପ୍ରକୃତ ସ୍ୱରୂପ ଏହାଙ୍କୁ ଅଜଣା । ସେଠିକାର ସାଧାରଣ ଲୋକ ଯେପରି ତାଙ୍କୁ ବୁଝିଛନ୍ତି, ଏହି ଭୈରବୀ ବାବାଜୀଙ୍କର ଅଭିଜ୍ଞତା ମଧ୍ୟ ସେମାନଙ୍କ ଅନୁରୂପ । ଏହାଙ୍କର ଅପରାଧ କିଛି ନାହିଁ, ସେଠାକାର ଲୋକେ ତାଙ୍କୁ ଏତେ ନିକଟରେ ପାଇ ମଧ୍ୟ ଯେତେବେଳେ ପିଶାଚ ବା ରାକ୍ଷସ ବ୍ୟତୀତ ଅନ୍ୟକିଛି ଭାବିପାରନ୍ତି ନାହିଁ । ଉପରନ୍ତୁ ସେହି ସ୍ଥାନର ସାଧାରଣ ଲୋକଙ୍କର ଧାରଣା ଏହା ହିଁ ଥିଲା ଯେ ଅଘୋରୀର ଏ ସ୍ଥାନରେ ଅବସ୍ଥାନ ସେ ଗ୍ରାମର ଅଧିବାସୀମାନଙ୍କର ଅମଙ୍ଗଳର କାରଣ । ଭାଗ୍ୟକୁ ସେ ଶ୍ମଶାନବାସୀ, ନ ହେଲେ ଲୋକାଳୟରେ ତାଙ୍କର ସ୍ଥାନ ନ ଥାନ୍ତା ।

ଯାହାହେଉ, କହିଲି, ''ଅଘୋରୀ କହନ୍ତି, ତନ୍ତ୍ରଧର୍ମ ଅତି ପ୍ରାଚୀନ, ବ୍ରାହ୍ମଣଙ୍କର ଏ ଦେଶକୁ ଆସିବା ପୂର୍ବରୁ ହିଁ ଥିଲା । ବ୍ରାହ୍ମଣମାନେ ଆସି ଏହି ଧର୍ମ ଗ୍ରହଣକରି ସେମାନଙ୍କ ମନମୁତାବକ ତାକୁ ଗଢ଼ିନେଇଛନ୍ତି, ପୁଣି ସଂସ୍କୃତ ଭାଷାରେ ପୋଥି-ପତ୍ର ଲେଖି ନିଜ ସମ୍ପ୍ରଦାୟଙ୍କ ମଧ୍ୟରେ ପ୍ରବର୍ତ୍ତିତ କରିଛନ୍ତି ।''

ସେ କହିଲେ, ''ତୁମେ ମୋତେ ଅବାକ୍ କଲ ହେ— ସେ ବେଟା ଗଜମୂର୍ଖ, କ-ଅକ୍ଷର ବିବର୍ଜିତ, ଗୋ-ମାଂସ ଖାଦକ, ଦୁର୍ଦ୍ଦାନ୍ତ ମାତାଲ, ଡକାୟତି କରେ କି ନା, ତା'ର ବା କ'ଣ ଠିକଣା ? ଜାନୁଆର ବେଟାର ଭଦ୍ରଲୋକଙ୍କ ସଙ୍ଗେ କଥା କହିବାର କ୍ଷମତା ନାହିଁ—ବାପ କହିଲେ ଶଳା କହେ, ବ୍ରାହ୍ମଣଙ୍କୁ ମାନେନା, ଜ୍ଞାନୀଙ୍କୁ ମାନେନା, ମୁହଁରେ ଯାହାର ପଚାସଢ଼ା କଥା ଛଡ଼ା ଅନ୍ୟ କଥା ନାହିଁ, ସେ ବେଟା ପୁଣି ତନ୍ତ୍ର-ମନ୍ତ୍ରର କଥା କ'ଣ ଜାଣିବ !''

ସେ ବେଶ୍ କିଛି ଉତ୍ତେଜିତ ହୋଇପଡ଼ିଲେ । ମୁଁ ଅବାକ୍ ହୋଇ ତାଙ୍କର ମନୋଭାବକୁ ଦେଖୁଥିଲି । ଧୀରେଧୀରେ ସେ ବୁଝିପାରିଲେ, ନିଜ ମର୍ଯ୍ୟାଦାର ସୀମା ସେ ଅତିକ୍ରମ କରିଛନ୍ତି– କିଛି ସମୟ ସେ ନିସ୍ତବ୍ଧ ହୋଇ ରହିଗଲେ । କିଛି କଥାବାର୍ତ୍ତା ହେଲାନାହିଁ । ଅନେକକ୍ଷଣ ପରେ ଯେତେବେଳେ ସେ କଥା କହିଲେ, ସେତେବେଳେ ଯେପରିକି ଅଲଗା ମଣିଷ ।

ସେ କହିଲେ, ''ଅଘୋରୀକୁ ପୁଣି ଏ ସବୁ ଜଣା ଅଛି ନା କ'ଣ ? ତୁମେ କ'ଣ କହୁଛ ? ହୋଇପାରେ, କାହା ଭିତରେ କ'ଣ ଅଛି, ଜାଣିବା କେମିତି ! ଜଗଦମ୍ବାର ଖେଳ, ଆମେ ଶୁଣିଛୁ ସେ ନରମାଂସ ଖାଏ, ପଚାସଢ଼ା ଖାଏ, ଅତି ବଡ଼ ରକମର ପିଶାଚ, ସେଥିପାଇଁ ତାକୁ କେହି ଉତ୍ତ୍ୟକ୍ତ କରନ୍ତି ନାହିଁ ।''

''ମୋ' ଧାରଣା କିନ୍ତୁ ଅନ୍ୟ ରକମ । ତାଙ୍କର ଭୋଜନ ବ୍ୟାପାରରେ କୌଣସି ବାଛବିଚାର ନାହିଁ, ତାହା ମଧ୍ୟ ମୁଁ ଦେଖିଛି । ଏଥର ଆମର ଯେଉଁ ବାର୍ତ୍ତାଳାପ ହେଉଥିଲା, ହୁଏତ ପ୍ରଥମେ ଆଗମବାଗୀଶ ହିଁ ଏ ଦେଶରେ ବ୍ରାହ୍ମଣମାନଙ୍କ ମଧ୍ୟରେ ତନ୍ତ୍ରଧର୍ମ ପ୍ରବର୍ତ୍ତନ କରନ୍ତି । ତା' ପୂର୍ବେ କ'ଣ ତାହାହେଲେ ଏ ଦେଶରେ ଅବ୍ରାହ୍ମଣମାନଙ୍କ ମଧ୍ୟରେ ତନ୍ତ୍ରଧର୍ମର ଚଳନ ଥିଲା !''

ସେତେବେଳେ ଧାରଣା କରିଥିଲି, ହୁଏତ ଭାରତଠାରୁ ତିବ୍‌ବତ ଓ ସେଠାରୁ ଯାଇ ଚୀନରେ ତନ୍ତ୍ରଧର୍ମର ଗତିଧାରା ଚାଲିଥିଲା । କିନ୍ତୁ ଏବେ ମୁଁ ଭାବୁଛି ଅନ୍ୟରକମ ! ମହାଚୀନ ହୋଇ ତିବ୍‌ବତ, ତିବ୍‌ବତରୁ ବଙ୍ଗଳାକୁ ତନ୍ତ୍ରଧର୍ମର ଆଗମନ ଖୁବ୍ ହିଁ ସମ୍ଭବ ହୋଇଥିବ । ଅଥବା ସେହି ସମୟରେ ତିବ୍‌ବତରୁ ଚୀନ ରାଜ୍ୟର ସମସ୍ତଟିହିଁ କ'ଣ ଭାରତୀୟ ଆର୍ଯ୍ୟଗଣଙ୍କ ନିକଟରେ ମହାଚୀନ ନାମରେ ପରିଚିତ ଥିଲା ?

ତନ୍ତ୍ରର ସାଧନ ଦେଖିବାକୁ ଯାଇ ମୁଁ କେଉଁଠାରେ ଆସି ପହଞ୍ଚିଛି ! ଯେଉଁ ବିଷୟ ନେଇ କିଛି ହେଲେ ପ୍ରତ୍ୟକ୍ଷ ଜ୍ଞାନ ନାହିଁ, ସେ କ୍ଷେତ୍ରରେ ବେଶୀ ଚିନ୍ତା କଲେ କେବଳ କଳ୍ପନା ଆସିଯାଏ । ତନ୍ତ୍ରର ଉତ୍ପତ୍ତିର ସୂତ୍ର ଯେ ଆମକୁ କେଉଁଠାକୁ ନେଇଯିବ, ତାହାର କିଛି ଠିକଣା ନାହିଁ ।

ଭୈରବ ମହାଶୟ ମୋତେ ଚିନ୍ତାମଗ୍ନ ଦେଖି ପଚାରିଲେ, ''କ'ଣ ଭାବୁଛ ବାବା ?'' ତା'ପରେ ଜୋର୍ କରି କହିଲେ, ''ଭାବନା କଲେ ଭାବର ଉଦୟ ହୁଏ–ଯେପରି ଭାବ; ସେପରି ଲାଭ; ମୂଳରୁ ତାହା ପ୍ରତ୍ୟୟ ହୋଇଥାଏ । ଏତେ ଭାବନା କାହିଁକି ବାବା, ମା' ବୋଲି ଦୁଇଥର ଡାକିଦେଲେ ଅନେକ ସୁଖ ମିଳିବ । ତନ୍ତ୍ରଧର୍ମ କେଉଁଠାରୁ ଆସିଲା, କ'ଣ ବୃତ୍ତାନ୍ତ, ସାତ ସମୁଦ୍ର ତେର ନଦୀରୁ ନା କ'ଣ, ଏ ସମସ୍ତ ଭାବନାରେ ଲାଭ କ'ଣ ହେବ ?''

ସେଦିନ ରାତିରେ ଆଉ ବେଶୀ କିଛି କଥା ହେଲା ନାହିଁ । ସାମାନ୍ୟ କିଛି ଜଳଯୋଗ ପରେ ଦୁଆରରେ ଶୋଇପଡ଼ିଲି । ଭାବୁଥିଲି, ଅନଭିଜ୍ଞ ଗୃହୀ, ଯାହାର ଭୋଗାସକ୍ତ ମନ, ସେମାନଙ୍କ କଥା ଛାଡ଼ି ଦେଉଛି, ସେମାନେ କ୍ଷମାର ପାତ୍ର, କିନ୍ତୁ ଯେଉଁମାନେ ଏକ ଧର୍ମ-ସମ୍ପ୍ରଦାୟର ଅନ୍ତର୍ଭୁକ୍ତ, ସାଧକ ସହ ସାଧକର ପରିଚୟ ନାହିଁ, ଏତେ ନିକଟରେ ଥିଲେ ମଧ୍ୟ, ଜଣଙ୍କ ବିଷୟରେ ଅନ୍ୟ ଜଣେ ଏତେ ଘୃଣା ବିଦ୍ୱେଷ ପୋଷଣ କରନ୍ତି । କାହିଁକି ଏପରି ହୁଏ ? ଏହିସବୁ କଥା ଭାବୁଭାବୁ ନିଦ ଲାଗିଗଲା, କ୍ରମେ ଶୋଇଗଲି ।

ରାତ୍ରିକାଳରେ ଏକ ଅପୂର୍ବ ସ୍ୱପ୍ନ ଦେଖିଲି । ଯେପରି, ମୁଁ ଗୋଟିଏ ମୂର୍ତ୍ତି ଗଢ଼ିଛି । ଗଢ଼ିବା ଅର୍ଥ ଅଙ୍କନ–ବିଶାଳ ମୂର୍ତ୍ତି ହୋଇଛି, ଧର୍ମ ଦେବତା । ଦେଖିବାକୁ ଅନେକଟା ଶିବଙ୍କର ମୂର୍ତ୍ତି ପରି, ମାତ୍ର ଶିବ ନୁହେଁ । କଲ୍ୟାଣମୟ ମୂର୍ତ୍ତି, ଅଳଙ୍କାରଶୂନ୍ୟ– କେଉଁଠାରେ ଅଙ୍ଗରେ ଅଳଙ୍କାରର ଚିହ୍ନବର୍ଣ୍ଣ ନାହିଁ । ସମ୍ପୂର୍ଣ୍ଣ ସୁଗଠିତ ଅଙ୍ଗ ତାଙ୍କର, ପ୍ରଶାନ୍ତ ସସ୍ମିତ ବଦନ, ନିମ୍ନଦୃଷ୍ଟି, ମଥାରେ ଜଟା ବନ୍ଧା, ପ୍ରଶାନ୍ତ ଲଲାଟ, ତ୍ରିନୟନ । ଉଜ୍ଜ୍ୱଳ ନୀଳାଭ ଶୁକ୍ଳବର୍ଣ୍ଣ, ଜ୍ୟୋତିର୍ମୟ, ସମ୍ପୂର୍ଣ୍ଣ ହିଁ ନଗ୍ନ ଶରୀର । ଟିକିଏ ଦୂରରୁ ଠିଆହୋଇ ଯେପରି ବିଶେଷ ଭାବରେ ନିରୀକ୍ଷଣ କରି ଦେଖୁଥିଲି । କୌଣସି ଏକ ମୂର୍ତ୍ତି ସମ୍ପୂର୍ଣ୍ଣ ଚିତ୍ରିତ ହୋଇଥିଲେ ଟିକିଏ ଦୂରରେ ଠିଆହୋଇ, ଦର୍ଶକ ରୂପେ ଓ ଅନନ୍ୟମନରେ ନିରୀକ୍ଷଣ କରିବାରେ ଶିଳ୍ପୀର ଯେଉଁ ସୁଖ, ଭାଷାରେ ତାହା ବୁଝାଇବା ସହଜ ନୁହେଁ । ବଡ଼ ଆନନ୍ଦ ସହକାରେ ଦେଖୁଥିଲି । ମନେମନେ ଟିକିଏ ଖୁବ୍ ଆତ୍ମପ୍ରସାଦ ମଧ୍ୟ ଅନୁଭବ କରୁଥିଲି । ଏହି ଅପରୂପ ମୂର୍ତ୍ତିଟି ପୁରୁଷ ନୁହେଁ, ଅଥବା ପୁରୁଷ ହୋଇଥାଇପାରେ, କିମ୍ବା ସ୍ତ୍ରୀ ମଧ୍ୟ ହୋଇଥାଇପାରେ । ତା'ପରେ ଏ କ'ଣ ? ହଠାତ୍ ଦେଖିଲି, ଅଳଙ୍କାରଶୂନ୍ୟ ଜ୍ୟୋତିର୍ମୟ ଶରୀରର ସର୍ବାଙ୍ଗରେ ଯେପରି କଟା କଟା ଦାଗ । ଏ କ'ଣ ହେଲା, ମୁଁ ତ ଏପରି ରୂପ କରିନାହିଁ ! ନା, ତାହା କେବେହେଁ ନୁହେଁ । ସେତେବେଳେ ଆତଙ୍କିତ ହୋଇ ଥରେ ଏପାଖକୁ ଥରେ ସେପାଖକୁ ଚାହିଁ ଦେଖିଲି, ଏଠି କେହି ଅଛନ୍ତି କି ନାହିଁ । ଅଙ୍ଗପ୍ରତ୍ୟଙ୍ଗ, ସର୍ବାଙ୍ଗ ଶରୀର ରେଖାଦ୍ୱାରା ବିଭକ୍ତ । ଏହା କିପରି ଏକ ଅଭାବନୀୟ ବ୍ୟାପାର, ଦେଖିନେଇ ମୋ' ଅନ୍ତର ବିଷଣ୍ଣତାରେ ପୂର୍ଣ୍ଣ ହୋଇଗଲା ।

ହଠାତ୍ ଖିଲିଖିଲି ହସର ଶବ୍ଦରେ ଚମକିପଡ଼ି ବୁଲିଯାଇ ଦେଖେ, ଏଠାକାର ଭୈରବୀ । ଗୋଟିଏ କଣରେ ଠିଆହୋଇ ମୋ' ଉପରେ ତୀକ୍ଷ୍ଣ ଦୃଷ୍ଟିପାତ କରୁଛନ୍ତି । ବର୍ତ୍ତମାନ ତାଙ୍କ ରୂପଟି ଖୁବ୍ ଉଜ୍ଜ୍ୱଳ, ବୟସ ଯେପରି କମ୍, ଯୌବନ ଶ୍ରୀମଣ୍ଡିତ । ଦାନ୍ତ ପଡ଼ିନାହିଁ, ମୁକ୍ତା ପରି ଦନ୍ତପଂକ୍ତି–ମନୋହର ହସ ମଧ୍ୟରେ ତାହା ପ୍ରକାଶିତ ହେଉଛି । ପିନ୍ଧିଛନ୍ତି ଘୋର ରକ୍ତବର୍ଣ୍ଣ ବାରଣସୀ ଶାଢ଼ି, ତହିଁ ସଙ୍ଗେ ଚରଣଯୁଗଳ, ସୁନ୍ଦର ସୁଗଠିତ ବାହୁଯୁଗଳ ଏବଂ ମୁଖମଣ୍ଡଳ ଆହୁରି ଯେପରି ସ୍ନିଗ୍ଧ ଓ ଉଜ୍ଜ୍ୱଳ ଦେଖାଯାଉଛି । ଦୃଷ୍ଟିମାତ୍ରେ ହିଁ ମୋ'ର ଧାରଣା ହୋଇଗଲା, ଇଏ ନିଶ୍ଚୟ ହିଁ କୌଣସି ଦେବୀ, ମାନବୀରୂପରେ ମୋତେ ଦେଖାଦେବାକୁ ଆସିଛନ୍ତି । ମୁଁ ପ୍ରଣାମ କରି ସସମ୍ଭ୍ରମେ ପଚାରିଲି, "ଆପଣ ଏଠାରେ ?"

ସେ ପୁଣି ଖିଲିଖିଲି ହସ ଆରମ୍ଭ କରିଦେଲେ । ଏପରି ହସର ଶବ୍ଦ କେବେହେଲେ ଶୁଣି ନାହିଁ, ଯାହା ମୋ' ଅନ୍ତରରେ ଏକ ଆତଙ୍କ ଭାବ ଆଣିଦେଲା । ଭାବୁଥିଲି, ଏହା ଅମଙ୍ଗଳର ପୂର୍ବ ସୂଚନା ନା କ'ଣ ? ସେ ପ୍ରଶ୍ନର ଉତ୍ତରରେ କହିଲେ, ''ମୁଁ ତୁମର କାମ ଦେଖିବାକୁ ଆସିଥିଲି ।''

ତାଙ୍କୁ ପୁନରାୟ ପଚାରିଲି, ''ମୁଁ ତ ମୂର୍ତ୍ତିର ଶରୀରରେ ଏପରି ଦାଗ ଦେଇନାହିଁ; ଏବେ ଏପରି କାହିଁକି ହେଲା, ବୁଝିପାରୁନାହିଁ ।''

''ଧର୍ମଙ୍କର ମୂର୍ତ୍ତି ଗଢ଼ିଛ, ଅଥଚ ତାଙ୍କର ସର୍ବାଙ୍ଗରେ ଛୋଟଛୋଟ ରେଖା ଦେଇ ବିଚ୍ଛିନ୍ନ କରିନାହଁ କାହିଁକି ? ତାହା ନ କଲେ ଧର୍ମର ମୂର୍ତ୍ତି ସମ୍ପୂର୍ଣ୍ଣ ହେବ କିପରି ?''

ଉତ୍ତରରେ କହିଲି, ''ଗୋଟିଏ ମୂର୍ତ୍ତି ଯିଏ ଗଢ଼ିଥାଏ, ସେହି ସୁନ୍ଦର ସୃଷ୍ଟିର ଉପରେ ସେ କ'ଣ ଘନଘନ ଦାଗ କାଟି କ୍ଷତବିକ୍ଷତ କରିଦେଇପାରେ ?''

ସେ କହିଲେ, ''ତାହା ନ କରିପାରିଲେ ଦାଗମାନ ଆପେଆପେ ହୋଇଯିବ ।''

''କାହିଁକି ତା ହବ ।''

ସେ କହିଲେ, ''ତୁମେ ଧର୍ମର ଏକ ଅଖଣ୍ଡ ମୂର୍ତ୍ତି ଆଙ୍କିବାକୁ ଚାହିଁଥିଲ ତ ? କିନ୍ତୁ ପଶୁରାଜ୍ୟରେ କେଉଁଠି ଦେଖିଛ ଧର୍ମର ଅଖଣ୍ଡ ମୂର୍ତ୍ତି ? କୌଣସି ଦେଶରେ, କୌଣସି ସମୟରେ, ଧର୍ମର ଅଖଣ୍ଡ ମୂର୍ତ୍ତି ତ ନାହିଁ; ଏପରିକି ଗୋଟିଏ ହିଁ ଦେଶରେ ଏକ ହିଁ ମାନବସମାଜରେ, ଏକ ହିଁ ଧର୍ମ ମଧ୍ୟରେ କେତେ ଯେ ଭାଗଭାଗ ହୋଇଛି, ତାହା ଦେଖିବାକୁ ପାଉନାହଁ ?''

ମୁଁ କହିଲି, ''ଯେଉଁ ଭାବରେ ଧର୍ମ ବର୍ତ୍ତମାନ ଅଛି, ତାହା ତ ମୋର ଆଦର୍ଶ ନୁହେଁ, ମୁଁ ଯେପରି ଦେଖିବାକୁ ଚାହେ, ତାହାହିଁ ମୋର ଆଦର୍ଶ ।'' କିଛି କ୍ଷଣ ଲାଗି ତାଙ୍କର ପୁଣି ସେହି ଖିଲିଖିଲି ହସ । ତା'ପରେ ସେ କହିଲେ, ''ବଚ୍ଚା, ଧର୍ମ ତ ବାହାରର ଜିନିଷ; ଜାତି କୁହ, ସମାଜ କୁହ, ମନୋରାଜ୍ୟ କୁହ, ସେ ସମସ୍ତ ତ ବାହାରରୁ, ତା' ସହ ତୁମର ଆତ୍ମାର ସମ୍ବନ୍ଧ କ'ଣ ? ବାହାରର ଗୋଟାଏ ଭାବକୁ ଜାବୁଡ଼ି ଧରି କଳ୍ପନାରେ ତା'ର ପୂର୍ଣ୍ଣ ରୂପ ଦେବାକୁ ଯିବା, ଖଣ୍ଡଖଣ୍ଡ ଭାବକୁ ଏକ ଅଖଣ୍ଡ ଭାବ ମଧ୍ୟରେ ଧରିରଖି ଦେଖାଇବାକୁ ଯିବା କ'ଣ ବିଡ଼ମ୍ବନା ନୁହେଁ ? ଜଣେ ଯଦି ତାହା କରେ, ତାହା କଲେ ମଧ୍ୟ ତାହା କ'ଣ ସାବ୍ୟସ୍ତ ହୁଏ ?''

ପୁଣି ସେହି ଖିଲିଖିଲି ହସ । ହସର ଶବ୍ଦରେ ନିଦ ମୋ'ର ଭାଙ୍ଗିଗଲା ।

■■

ଏକତ୍ରିଂଶ ପରିଚ୍ଛେଦ

ପ୍ରଭାତର ଶୀତଳ ବାୟୁ ବୃଷ୍ଟିଧାରାକୁ ଉଡ଼ାଇ ଚାରିଆଡ଼େ ବିଞ୍ଚିଦେଉଛି—ସେହି ଥଣ୍ଡାରେ ହୃଦୟରେ ଏକ ଆଲୋଡ଼ନ ସୃଷ୍ଟିହୋଇ ହଠାତ୍ ଜାଗିଉଠିଲି । ଆଜି ହିଁ ତାରାପୀଠ ଉଦ୍ଦେଶ୍ୟରେ ବାହାରିବି ବୋଲି ଠିକ୍ କଲି । ସେତେବେଳେ ଶଯ୍ୟା ଛାଡ଼ି ଉଠିନାହିଁ, ଆଳସ୍ୟ ସମ୍ପୂର୍ଣ୍ଣ ରୂପେ ଶରୀରରୁ ଯାଇନାହିଁ, ଦେଖିଲି ଭୈରବୀ ଆସୁଛନ୍ତି, ସେ ଖୁବ୍ ସକାଳୁ ଉଠିଛନ୍ତି ବୋଲି ଅନୁମାନ କଲି ।

ମୋତେ ଜାଗ୍ରତ ଥିବାର ଦେଖି କହିଲେ, ''ମୁହଁ ଧୋଇ ଚା' ଖାଇବ ତ, ଚା' ଖାଇବା ଅଭ୍ୟାସ ଅଛି ତ ?'' ମୁଁ ଚା'ରେ ଅଭ୍ୟସ୍ତ ନୁହେଁ ଶୁଣି ସେ କହିଲେ, ''ସେ କ'ଣ, ସକାଳେ ଚା' ଖାଅ ନାହିଁ, କଲିକତାର ଲୋକ ହୋଇ ଏହା କିପରି କଥା ? ଆମକୁ ଦେଖ, ଜଙ୍ଗଲରେ ଥାଇ ରୋଜ୍ ସକାଳେ ଚା' ନ ହେଲେ ଚଳେ ନାହିଁ । ଚା' ନଖାଅ ପଛେ ଗରମ ଦୁଧ ଟିକିଏ ଖାଇବ ?'' ମୁଁ କହିଲି, ''ଏବେ ଚାଲିଯିବାକୁ ଭାବୁଛି ।'' ଶୁଣି ସେ ପ୍ରବଳ ଆପତ୍ତି ଜଣାଇ କହିଲେ, ''ଆଜି ତ ନୁହେଁ, ଯିବାକୁ ହେଲେ କାଲି କିମ୍ବା ପଅରଦିନ ଯାଅ, ଲକ୍ଷ୍ମୀ ବାବାଟି, ଆଜି ରୁହ ।''

ମହା ମୁସ୍କିଲ ହେଲା ଦେଖୁଛି—ଏହା ଏକପ୍ରକାର ନିବିଡ଼ ବନ୍ଧନ, ଏଠାରେ ଏପରି ହେବ ବୋଲି କିଏ ଜାଣିବ ! ଅନେକ ସାଧସାଧନା ମିନତି କରି ଉପରବେଳା ଯିବାର ବ୍ୟବସ୍ଥା କଲି । ସକାଳେ ଯେତେବେଳେ ଭୈରବଙ୍କ ପାଖରେ ତାଙ୍କର ଅବସର ବେଳେ ଯାଇ ବସିଲି, ସେ କହିଲେ, ''ତୁମେ ଏତେ ଚଞ୍ଚଳ କାହିଁକି ? ଯଦି ଏତେ ପରିଶ୍ରମ କରି ଗୋଟିଏ ଜାଗାକୁ ଦେଖିବାକୁ ଶୁଣିବାକୁ ଆସିଛ, ଭଲଭାବେ ସ୍ଥାନ ସହ ପରିଚୟ ହେଉଣୁନହେଉଣୁ ଯିବା ଲାଗି ଛଟପଟ କାହିଁକି ? ହେଁ...''

''ମୁଁ ବଡ଼ ଚଞ୍ଚଳ, ଏ କଥା ଠିକ୍—ତେବେ ଅସଲ କଥା ଏହି ଯେକୌଣସି ସ୍ଥାନକୁ ଗଲେ ପ୍ରଥମ ଦିନରୁ ତା'ର ଆବହାଓ୍ୱା ଯଦି ଭଲ ଲାଗିଲା, ତେବେ ରହିବାକୁ ଇଚ୍ଛା ହୁଏ—ନହେଲେ ନାହିଁ । ଏ ରୋଗର ଔଷଧ ପୁଣି କ'ଣ ?''

''କାହିଁକି ଜାଣ ? ତୁମର ସୁଖଟା ହିଁ ହେଲା ଅସଲ, ସୁଖର ପାରା ତୁମେ ସବୁ । ଯଦି ତୁମର ସୁଖସ୍ୱାଚ୍ଛନ୍ଦର ବ୍ୟବସ୍ଥା ଏଠାରେ ଥାଆନ୍ତା, ତା'ହେଲେ ଚଟ୍ କରି ଚାଲିଯିବାକୁ ଚାହିଁନଥାନ୍ତ ନିଶ୍ଚୟ ।''

"ସେକଥା କିଛିଟା ଅବଶ୍ୟ ସତ, କିନ୍ତୁ ଏଠାରେ କିପରି ଏକ ସନ୍ତସନ୍ତିଆ ଭାବ, ପୁଣି ମୋ' ଶରୀର ମଧ୍ୟ ଭଲ ନାହିଁ, ସେଥିଲାଗି ଆଉ ଏଠି ରହିବାକୁ ଇଚ୍ଛା ହେଉନାହିଁ । ତେବେ, ଏସବୁକୁ ଉପେକ୍ଷା କରାଯାଇପାରେ, ଯଦି ମନୁଷ୍ୟ ସଙ୍ଗେ ମନୁଷ୍ୟର ମନର ମେଳ ହୁଏ, ଆନନ୍ଦ ମିଳିପାରେ ।"

"ତୁମେ ତ ଘୂରିଘୂରି ବୁଲୁଛ, ତପସ୍ୟାର ଯେଉଁ ଅବସ୍ଥାକୁ ଆସିଛ, ସେଥିରେ ଏବେ ତୁମ ପକ୍ଷରେ ଶାନ୍ତି ପାଇବା ମୁସ୍କିଲ୍ ; ଏସବୁ ଛାଡ଼ି ଯେତେବେଳେ ଘରେ ଯାଇ ବସିବ, ସ୍ଥିର ହୋଇ ସଂସାରଧର୍ମରେ ମନୋନିବେଶ କରିବ, ସେତେବେଳେ ହିଁ ତୁମର ଅସଲ କାର୍ଯ୍ୟ ଆରମ୍ଭ ହେବ ।"

"ଆପଣ କ'ଣ ମନେ କରନ୍ତି, ଗୃହସ୍ଥ ହୋଇ ସଂସାର ନେଇ ମୋତେ ଜୀବନ କଟାଇବାକୁ ପଡ଼ିବ ? ବକ୍ରେଶ୍ୱରଠାରେ ମଧ୍ୟ ଜଣେ ଏହି କଥା କହିଥିଲେ । ସେତେବେଳେ ସେକଥା ମୋତେ ଭଲ ଲାଗିଲା ନାହିଁ ।"

"ବାବା, ତୁମେ ଏବେ ପୁଞ୍ଜିସଂଗ୍ରହରେ ବାହାରିଛ, କିଛିଦିନ ଏହି କର୍ମ କର, ଯେତେବେଳେ ବୁଝିବ, ସେତେବେଳେ ଠିକ୍ ନିଜ ସ୍ଥାନରେ ଯାଇ ବସିବ । ଏବେ ଏସବୁ ତ ତୁମର ପୁଞ୍ଜି ଗୋଟାଇବା କାମ ହେଉଛି କି ନା ? କ'ଣ ?"

"ମୋ'ର ମନେ ହୁଏ, ତପସ୍ୟାକୁ ବଢ଼ାବଢ଼ି କଲେ ଭୋଗର ସ୍ପୃହା ଠିକ୍ ଭାବେ ଚାଲେ ନାହିଁ । ସେଥିଲାଗି ବୋଧହୁଏ ସଂସାରକୁ ସେତେବେଳେ ବେଶୀ ଜୋର୍ କରି ଜାବୁଡ଼ି ଧରେଇ ଦେଇଥାଏ ।"

"କିଏ ଦିଏ ଧରେଇ ? ସେ ତ ତୁମେ ନିଜେ ! ତୁମେ ଯେଉଁ ସଂସାରରେ, ଯେଉଁ ଅବସ୍ଥା ମଧ୍ୟରେ ଜନ୍ମିଛ, ସେହିଠାରେ ହିଁ ତୁମର ପଥ ଠିକ୍ କରାହୋଇଛି । ସେ ଆଡ଼କୁ ତୁମର ଲକ୍ଷ୍ୟ ଅଛି କି ?"

"ତା' ମଧ୍ୟରେ ରହି ନିଜ ପଥ ନିର୍ବାଚନ କରିବାକୁ ଯାଇ ମହାବାଧା ଦେଖୁଛି ଚାରିଆଡ଼େ– ସେହି କ୍ଷେତ୍ରରୁ ବାହାରି ନ ଆସିଲେ ଉପାୟ ନାହିଁ ।"

ସେ, "ସେହି ବାଧାଟି ହିଁ ତୁମର ଅସଲ ପଥ ନିର୍ଦ୍ଦେଶ କରିଦେଉଛି, ସେକଥା ତ ବୁଝିପାରୁଛ ? ଯେଉଁଠି ବାଧା ବୋଲି ଅଟକୁଚି ସେହିଠାରେ ହିଁ ତ ଠିକ୍ ପଥର ନିର୍ଦ୍ଦେଶ । ସେତିକିବେଳେ ସେଇ ପଥରେ ଗଲେ ହିଁ ହେଲା ।"

ମୁଁ, "ତାହା ତ ଠିକ୍ ଘଟୁଛି, ପରକୁ ପର ଅବସ୍ଥା ମଧ୍ୟ ଦେଇ ତାହା ଦେଖି ଆସୁଛି ।"

ସେ, "ଯେତେବେଳେ କାମରେ ମନ ଲାଗେ ନାହିଁ, ସେତେବେଳେ ବାହାରର ଯାହା କିଛି ଗୋଳମାଳ ବଡ଼ହୋଇ ଦେଖାଯାଏ । କାମରେ ମନ ନଥିଲେ, ଉଃ ବଡ଼ ଗରମ,

ଭାରି ଗରମ ପଡୁଛି, ଅସହ୍ୟ—ଏହି ସ୍ଥାନ ଭଲ ନୁହେଁ, ଏଠାରେ ମାଛି, ଏଠାରେ ମଶା, ଏହି ସବୁ ହିଁ ସେତେବେଳେ ଲକ୍ଷ୍ୟ କରାହୁଏ । କାମରେ ମନ ଲାଗିଗଲେ ସେତେବେଳେ ଏ ସବୁ ଆଖିରେ ଆଦୌ ପଡ଼େ ନାହିଁ ।''

ମୁଁ ଭାବୁଥିବା ଦେଖି ସେ କହିଲେ, ''ତୁମର ତ ସ୍ତ୍ରୀ ଅଛନ୍ତି ? ତାଙ୍କ ସହ ସମ୍ବନ୍ଧ କିପରି ରଖିଛ ?''

କହିଲି, ''ଏବେ ଘୂରି ଘୂରି ବୁଲୁଛି, ଦେଖୁଛନ୍ତି ତ, ଏ ଅବସ୍ଥାରେ ଆଉ କେଉଁପରି ସମ୍ବନ୍ଧ ରଖାଯାଇପାରେ ?''

ସେ କହିଲେ, ''ତୁମେ ନିଜ ଆଡ଼କୁ ଏତେ ଆଖି ଲଗେଇ ରଖିଛ, ତାଦ୍ୱାରା ଅନ୍ୟ ଦିଗ ଆଡ଼କୁ ଏକବାରହିଁ ଅନ୍ଧ ହୋଇଛ ବୋଲି ତାହା ଆଦୌ ଦେଖିପାରୁନାହଁ । ସୁନାକୁ ପକାଇ ଦେଇ ଅଞ୍ଚଳରେ ଗଣ୍ଠି ପକାଇବା ପରି ।''

ମୁଁ କହିଲି, ''ନିଜର ବିଷୟକୁ ଯେତେବେଳେ ସମ୍ଭାଳି ପାରୁନାହିଁ, ସେତେବେଳେ ଅନ୍ୟ ବିଷୟଙ୍କୁ ସମ୍ଭାଳିବି କିପରି ?''

ସେ, ''କାହିଁକି ? ସେ କ'ଣ ତୁମର ବିରୁଦ୍ଧ ପଥର ବ୍ୟକ୍ତି, ସ୍ତ୍ରୀଙ୍କୁ ସଙ୍ଗରେ ନେଇ କାମ କରିପାରୁ ନାହଁ ? ସ୍ତ୍ରୀ ହୋଇଛନ୍ତି ଯେତେବେଳେ, ସେଥିଲାଗି କହୁଛି । ପ୍ରକୃତରେ ବୁଝୁଛି ତୁମର ଅର୍ଥ-ଉପାର୍ଜନରେ ଆଳସ୍ୟତା ।''

ମୁଁ କହିଲି, ''ଦେଖନ୍ତୁ, ଟଙ୍କା ଟଙ୍କା କହି ବୁଲିଲେ ସତସଙ୍ଗ ପାଇବି କେଉଁଠୁ, ପାଞ୍ଚଟା କଥା ତ ଜାଣିବାକୁ ଇଚ୍ଛା ହୁଏ ।''

ସେ, ''ହଁ ହଁ, ଜାଣିଛି ଜ୍ଞାନ ଉପାର୍ଜନରେ ଯାହାର ସ୍ପୃହା ଅଛି, ସ୍ତ୍ରୀ କ'ଣ ତାହାର ବାଧା ହୋଇପାରେ ? ବାହାରର ବାଧା କ'ଣ ଯଥାର୍ଥ ବାଧା ? ତୁମର ଏହି ବୁଦ୍ଧି ହେଲା ଶେଷରେ ?''

ମୁଁ, ''ଅବସ୍ଥା ଯେତେବେଳେ ଯେପରି ଭାବରେ ବ୍ୟକ୍ତିକୁ ନେଇ ଚାଲେ ସେତେବେଳେ ତାହାକୁ ସେହି ଭାବରେ ହିଁ ତ ଚାଲିବାକୁ ପଡ଼େ । ଏବେ ସ୍ତ୍ରୀଙ୍କୁ ନେଇ ମୋର କିଛି କରିବାର ଅବସ୍ଥା ନାହିଁ; ସଂସାରର ବର୍ତ୍ତମାନ ଅବସ୍ଥାରେ ଏବେ ସ୍ତ୍ରୀଙ୍କ ସଙ୍ଗ ଛାଡ଼ିବାଟା ଅବଶ୍ୟାମ୍ଭବୀ ।''

ସେ, ''କେତେଦିନ ହେଲା ତୁମର ବିବାହ ହୋଇଛି ?''

କହିଲି, ''ପ୍ରାୟ ବାର ତେର ବର୍ଷ ହେବ ।''

ସେ କହିଲେ, ''ଏହି ବାର ବର୍ଷ ଭିତରେ ତୁମେ ତାଙ୍କ ସଙ୍ଗେ କିପରି ସମ୍ପର୍କ ରଖିଥିଲ ?''

କହିଲି, ''ପ୍ରଥମ ଚାରି ପାଞ୍ଚ ବର୍ଷ ସେ ବାଳିକା ହିଁ ଥିଲେ, ବେଶୀ ସମୟ ତାଙ୍କ ବାପାଙ୍କ ଘରେ ରହୁଥିଲେ । ତାହାପରେ ଯେତେବେଳେ ସେ ଆମ ଘରକୁ ଆସନ୍ତି, ମୋର ଘର ଛାଡ଼ିବାର ଇଚ୍ଛା, ନାନାଦେଶ ପର୍ଯ୍ୟଟନ ଆଉ ସାଧୁସଙ୍ଗ ବଳବତ୍ତର ହୋଇପଡ଼ିଲା । ଏତଦ୍‌ବ୍ୟତୀତ ଇନ୍ଦ୍ରିୟ ସମ୍ପର୍କ ନ ରଖି ପବିତ୍ର ଭାବରେ ଜୀବନ ପଥରେ ଯିବା ସମ୍ଭବ କି ନୁହେଁ ଏହା ମଧ୍ୟ ପରୀକ୍ଷା କରିବାର ଉଦ୍ଦେଶ୍ୟ, ସେଥିଲାଗି ତାହାହିଁ ଜୀବନର ବିଶେଷ ଲକ୍ଷ୍ୟ ରହିଲା ।''

ସେ, ''ଏବେ ତାହା ହେଲେ ଏହି ଭାବରେ ଚାଲିଥାଉ, କ'ଣ କୁହ ? ତାହାପରେ ସଂସାରରେ ଗଭୀର ଭାବରେ ପ୍ରବେଶ କରିବ, କ'ଣ କହୁଛ ? ପୁଞ୍ଜି ବଢ଼େଇ ଚାଲିଥାଅ ଯେତେ ପାରୁଛ, ସେତେବେଳେ କାମ ଦେବ ।''

ମୁଁ କହିଲି, ''ସେ ତ ଭବିଷ୍ୟତର କଥା, ତେବେ ଯଦି ପାଞ୍ଚଜଣଙ୍କ ମତ ଘେନି ମୋତେ ସଂସାର କରିବାକୁ ହୁଏ, ତେବେ ତାକୁ ଏଡ଼ାଇବି କିପରି ? ତେବେ ମୋତେ ଶେଷରେ ଯଦି ଫସିଯିବାକୁ ପଡ଼େ, ସ୍ତ୍ରୀ ଓ ସନ୍ତାନସନ୍ତତି ନେଇ ଅର୍ଥ ଯୋଗାଡ଼ ଲାଗି ବ୍ୟତିବ୍ୟସ୍ତ ହେବାକୁ ପଡ଼େ, ତେବେ ବୁଝିବି ଯେ ମୋର ଅଧଃପତନ ଚରମରେ ପହଞ୍ଚିଛି ।''

ମନ ମଧ୍ୟରେ ଜମାଟ ଆନନ୍ଦର ଭାବ ଥିଲେ ପ୍ରବୀଣ ବ୍ୟକ୍ତି ଯେପରି ଭାବରେ ଚାପା ହସ ହସିଥାଏ ସେ ସେହିପରି ହସିବାକୁ ଲାଗିଲେ । ତାହାପରେ କହିଲେ, ''ଜୀବନରେ ଏକ ପରିବର୍ତ୍ତନ ଆସିଲେ ତାହାକୁ ଏପରି ହେୟ ମନେ କରିବ କାହିଁକି ? କେଉଁଟା ଯଥାର୍ଥ ହେୟ, କେଉଁଟା ଶ୍ରେୟ, ସେ କଥା କ'ଣ ତୁମେ ପ୍ରଥମରେ ଜାଣି ପାରିବ ? ମୁଁ ଯଦି ଦେଖେ ଯେ ତୁମେ ସଂସାରୀ ହୋଇଛ, ପିଲାପିଲି ହୋଇଛି, ତାହାହେଲେ ମୁଁ ବୁଝିବି ତୁମେ ଏଥର ଠିକ୍ ନିଜ ପଥରେ ଚାଲିଛ, ଯଥାର୍ଥ କଲ୍ୟାଣମୟ ପଥ ପାଇଛ । ମା ଜଗଦମ୍ବାର ନିର୍ଦ୍ଦିଷ୍ଟ, ଅତି ପ୍ରିୟ, ସରଳ, ପରମ ଆନନ୍ଦମୟ ସନାତନ ପଥ ।''

ମୁଁ ଆଶ୍ଚର୍ଯ୍ୟ ହେଲି, କହିଲି, ''ଏହି ଗତାନୁଗତିକ ପୁରାତନ, ଜରାଜୀର୍ଣ୍ଣ, ସଂସ୍କାର ଅଭାବରେ ଧ୍ୱଂସମୁଖ ପଚା ଆମର ଏହି ଶ୍ରୀହୀନ ସଂସାର-ଜୀବନକୁ ଆପଣ ଜଗଦମ୍ବାର ଅତି ପ୍ରିୟ, ପରମାନନ୍ଦମୟ ସରଳ ପଥ ବୋଲି କହୁଛନ୍ତି ?'' କହି ତାଙ୍କର ଚକ୍ଷୁଆଡ଼କୁ ଚାହିଁ ଦେଖିଲି ଯେପରି ଅନ୍ଧକାରରେ ବ୍ୟାଘ୍ରର ପୂର୍ଣ୍ଣ ବିସ୍ଫାରିତ ଚକ୍ଷୁ ତୁଲ୍ୟ ଜଳିଉଠିଛି, ତାହା ମଧ୍ୟରେ କି ଶକ୍ତିର ସ୍ଫୁରଣ ! ମୁଁ ଯେପରି ଏତେ ଟିକିଏ ହୋଇଗଲି । ଏହି ଗତକାଲିଠାରୁ ଦେଖୁଛି, ତାଙ୍କର ଚକ୍ଷୁରେ ଏପରି ଜ୍ୟୋତି ପୂର୍ବରୁ ଦେଖି ନଥିଲି । ସେହି ଜ୍ୟୋତି ମଧ୍ୟରେ ଯେପରି ଏକ ଅମାନୁଷୀ ସତ୍ତା ଉଙ୍କି ମାରୁଛି,

ଏହା କେଉଁ ମୂର୍ତ୍ତି ? ଯେପରି ଅନ୍ୟ ଏକ ମହାସତ୍ତା, ବିରାଟ ଭୈରବ ମୂର୍ତ୍ତି । ମୋର ବାକ୍ୟସ୍ଫୂର୍ତ୍ତି ହେଲା ନାହିଁ ।

ସେ ମୃଦୁ ମୃଦୁ ହସୁଥିଲେ,—ବୋଧହୁଏ ମୋର ବିସ୍ମୟ ମିଶ୍ରିତ ଭୟାକୁଳ ଭାବକୁ ଦେଖି କହିଲେ, ''ଯାହାର ସୃଷ୍ଟି, ସେହି ହିଁ ସହଜ ନିୟମର ମଧ ଦେଇ ସରଳ ରାଜପଥ କରି ରଖିଛନ୍ତି, ତୁମେ ସେହି ପଥକୁ ଏତେ ହେୟଜ୍ଞାନ କରୁଛ କେଉଁ ସାହସରେ ? କେହି ଏ ପର୍ଯ୍ୟନ୍ତ କ'ଣ ଆଉ କେଉଁ ପଥ ଆବିଷ୍କାର କରିପାରିଛି ? ଯେଉଁ ପ୍ରତିକ୍ରିୟା-ବଶରେ ଦୁଇଦିନ ଲାଗି ତୁମର ପରିବାରବର୍ଗଙ୍କଠାରୁ ଦୂରରେ ରହିବ, ପୁଣି ଦୁଇଗୁଣ ଆକର୍ଷଣରେ ସେହି ସମସ୍ତଙ୍କ ଭିତରକୁ ଯାଇ ତୁମକୁ କଡ଼ା-କ୍ରାନ୍ତି କରି ସମସ୍ତ ଋଣ ଯେ ପରିଶୋଧ କରିବାକୁ ପଡ଼ିବ । ହଁ—ଯଦି ମହତ୍ ଉଦ୍ଦେଶ୍ୟ ନେଇ, କାହାପ୍ରତି କର୍ତ୍ତବ୍ୟର ତ୍ରୁଟି ନକରି କିଛି କରିପାର ତେବେ କହିବି ତୁମେ ବୀର । ତାହା ନ କରି କାପୁରୁଷ ପରି ଏଇଟା ଆକର୍ଷଣ, ସେଇଟା ମାୟା, ସେଇଟା ଅନିଷ୍ଟକାରୀ ବାଧା, ସେଇଟା ଶତ୍ରୁ, ବିଘ୍ନ—ଏହି ସବୁ ଚିନ୍ତା କରି, ନିଜକୁ ପୃଥକ୍ କରି ଧର୍ମପଥର ଧ୍ୱଜା ଉଡ଼ାଇବାକୁ ଯିବ, ତାହାର ପରିଣାମ କ'ଣ ହେବ ଭାବି ଦେଖିଛ ?''

ମୁଁ କହିଲି, ''ଅବଶ୍ୟ ଚିରଜୀବନ ଲାଗି ସଂସାର ତ୍ୟାଗ କରି ସନ୍ନ୍ୟାସୀ ହେବାର ସଂକଳ୍ପ ନେଇ ଗୃହତ୍ୟାଗ କରିନାହିଁ । ମୋ କଥା କହୁନାହିଁ, କିନ୍ତୁ ଯେଉଁମାନେ ଅବତାରକଳ୍ପ ମହାପୁରୁଷ, କେବଳ ସେମାନେ କାହିଁକି—ଏହିପରି କେତେ କେତେ ମହାପ୍ରାଣ ସଂସାରତ୍ୟାଗୀ...''

ସେ, ''ହଁ ଗୋ, ସେମାନେ ସଂସାରକୁ ଭଲ ଭାବେ ଦେଖିଶୁଣି, ଭୋଗ କରି, ଭଗବତ୍ ଶକ୍ତିର ପ୍ରେରଣାରେ ଏକ ବିରାଟ କର୍ମକ୍ଷେତ୍ର ଗଢ଼ିବା ଲାଗି ତ୍ୟାଗ କରିଥିଲେ; କିନ୍ତୁ ସେମାନଙ୍କର କ'ଣ କୌଣସି ପ୍ରତ୍ୟବାୟ ଥିଲା ? ସେମାନେ ଏପରି କୌଣସି କାର୍ଯ୍ୟ ନ କରିଥିଲେ ଯଦ୍ଦ୍ୱାରା ସେମାନଙ୍କୁ ପ୍ରତ୍ୟବାୟଭାଗୀ ହେବାକୁ ପଡ଼ିଥିଲା । ସେମାନଙ୍କ କଥା ଭିନ୍ନ—''

ତାହାପରେ କହିଲେ, ''ହଁ, ଅବଶ୍ୟ କାହାର କାହାର କ୍ଷେତ୍ରରେ ଏହିପରି ହୋଇଥାଏ ସଂସାରଠାରୁ ଟିକିଏ ପୃଥକ୍ ରହି ପୁଞ୍ଜି ବଢ଼ାଇ ନେଇ ତାହାପରେ ଫେରିଆସି ପୁଣି ପକ୍କା ହୋଇ କର୍ମକ୍ଷେତ୍ରରେ ପ୍ରବେଶ କରିବା, ଏହା ଖୁବ୍ ଭଲ, କିନ୍ତୁ ସଂସାର ତ୍ୟାଗ, ସଂସାର ତ୍ୟାଗ କହି ଏହି ଯେଉଁ ଏକ ଜୁଆଡ଼ୀ ପରି କାଣ୍ଡ, ବାପ ମା, ସ୍ତ୍ରୀ ପିଲାପିଲି, ଘର ସଂସାର ଛାଡ଼ି ଆସି ପୁଣି ଏ ସଂସାର ପାତି ଟଙ୍କା-କଉଡ଼ି ବିଷୟ-ବାଡ଼ି ଆବୋରି ରହିବା ଏହା ଯେ ଗୋଟାଏ ମହା ଖରାପ କଥା ! ଆମେ ସେହି କଥାକୁ ବହୁତ ଖରାପ ଭାବୁ ।''

ମୁଁ କହିଲି, ''ଏବେ ମଧ୍ୟ ଆମ ଦେଶରେ ସାଧାରଣଙ୍କ ମନରେ ସଂସାରତ୍ୟାଗୀଙ୍କ ଉପରେ ଏକ ପ୍ରବଳ ଶ୍ରଦ୍ଧା ଥାଏ । ମୁଁ ଜାଣିଛି ଏପରି ଅନେକ ସଂସାରତ୍ୟାଗୀ ଗୁରୁ ଅଛନ୍ତି, ଯେଉଁମାନେ ଏକ ପ୍ରକାଣ୍ଡ ସଂସାର ପାତି ନାନାପ୍ରକାର ଅର୍ଥୋପାର୍ଜନ କରୁଛନ୍ତି—ଶିଷ୍ୟ, ଶିଷ୍ୟା, ସେବାକାଦି ନେଇ ଅନେକ ସଂସାରୀମାନଙ୍କୁ ପଥ ଦେଖାଉଛନ୍ତି—ଦଲାଲି, ମାମଲା, ମୋକଦ୍ଦମା, ଏହି ସମସ୍ତ ବୈଷୟିକ ବ୍ୟାପାରରେ ମଧ୍ୟ ଖୁବ୍ ବିସ୍ତୃତଭାବେ ସମ୍ପୃକ୍ତ ଏବଂ ଲିପ୍ତଥାନ୍ତି । ସେମାନଙ୍କ ମଧ୍ୟରୁ, ଅଥଚ ସଂସାରତ୍ୟାଗୀ ବୋଲି କହିବାର ସେମାନଙ୍କର ଗୌରବ ମଧ୍ୟ ଥାଏ ।''

ସେ କହିଲେ, ''ଏ ସମୟରେ ସବୁ ଏହି ରକମର କାରବାର ଚାଲିଛି ବାବା, ସମସ୍ତଙ୍କୁ ବ୍ୟବସାୟୀ ଚକ୍ଷୁ ନେଇ ଦେଖିବାକୁ ପଡୁଛି । ରାଜା ଯେତେବେଳେ ବ୍ୟବସାୟୀ ସେତେବେଳେ ଏତେଦିନ ଧରି ଦାସତ୍ୱ କରି ତାଙ୍କର କାରବାରୀ ମନୋଭାବକୁ କେତେ ହଜମ କରିଛି ଏ ଜାତିଟି ଆମର ! ଗୁରୁଗିରି କୁହ, ଶାନ୍ତି ସ୍ୱସ୍ତୟନ କବଚ ତନ୍ତ୍ରମନ୍ତ୍ର କୁହ, ଜ୍ୟୋତିଷଶାସ୍ତ୍ରୀ କୁହ, ଚିକିତ୍ସକ କୁହ, ଓକିଲ, ଧର୍ମ ଶିକ୍ଷକ, ଏହି ସମସ୍ତେ ଏବେ ଠିକ୍ ଠିକ୍ କାରବାରୀ ଢଙ୍ଗରେ ହିଁ ତ ସବୁଠି ଚଳାଇଛନ୍ତି । କାଳର ମାହାତ୍ମ୍ୟ ବାବା, କାଳର ମାହାତ୍ମ୍ୟରେ,-ଗୁରୁ, ଗୁରୁ,—ମା ଜଗଦମ୍ବା !''

କଥା ସରିଗଲା— କୌଣସି ରକମ ପ୍ରସାଦ ପାଇବା ସମୟଟି କଟାଇ, ସମସ୍ତ କାମ ଶେଷ ହେବାପରେ ଯେତେବେଳେ ଭୈରବୀ ମାତା ବିଶ୍ରାମ କରିବାକୁ ଗଲେ— ମୁଁ ସେହି ଅବସରରେ ଯାଇ ବିଦାୟ ନେଇ ଆସିଗଲି ।

ପଚଣ୍ଡୀ ଷ୍ଟେସନରେ ଆସି ପହଞ୍ଚିଲି ପ୍ରାୟ ସାଢ଼େ ତିନିଟାରେ— ସେତେବେଳେ ଗାଡ଼ି କିଛି ନାହିଁ, ସନ୍ଧ୍ୟାରେ ଗାଡ଼ି । ବସି ବସି ଅଟ୍ଟହାସର ସବୁ କଥା ହିଁ ଭାବୁଥିଲି । ଗାଡ଼ି ଗୋଟିଏ ବିପରୀତ ଦିଗରୁ ଆସି ଠିଆହେଲା ।

ଅଧାବୟସର ଗୌରବର୍ଣ୍ଣ ଭଦ୍ରଲୋକ, ଗୋଟିଏ ସୁନ୍ଦର ଶିଶୁକୋଳରେ, ଖଣ୍ଡେ ତଉଲିଆ କାନ୍ଧରେ, ପାଦରେ ଚଟି, ଆସି ଠିଆହେଲେ, ସେ ଜଣେ ସ୍ଥାନୀୟ ଲୋକ ବୋଲି ମନେ ହେଲା । ବୋଧହୁଏ କାହାକୁ ଗାଡ଼ିରେ ଚଢ଼ାଇ ଦେବାକୁ ଆସିଥିଲେ ।

ନିକଟକୁ ଆସି ମୋ ମୁହଁକୁ ଏପରି ଭାବରେ ଅନେଇବାକୁ ଲାଗିଲେ ଯେଉଁଥିଲାଗି ମୁଁ ଟିକିଏ ଅସ୍ୱସ୍ତି ଅନୁଭବ କଲି, ଉଠିଯିବି କି କ'ଣ ଭାବୁଥିଲି, ସେତେବେଳେ ସେ ପଚାରିଲେ, ''ବାବାଜୀଙ୍କର କେଉଁଠାରୁ ଆଗମନ ? ''

କହିଲି, ''ଅଟ୍ଟହାସଠାରୁ ଏହି ମାତ୍ର ଆସୁଛି ।''

''—କେଉଁଆଡ଼କୁ ଯିବା ହେବେ ?''

"—ତାରାପୁର ।"

"—ଆଜି ରହିଯାଆନ୍ତୁ ନା ଆମ ଗ୍ରାମରେ ?"

"—ହଠାତ୍ ମୋତେ କାହିଁକି ଆହ୍ୱାନ କରୁଛନ୍ତି ବୁଝିପାରିଲି ନାହିଁ ତ ?"

"—ସାଧୁସଙ୍ଗ ଲାଭ ବ୍ୟତୀତ ଆଉ କ'ଣ ଉଦ୍ଦେଶ୍ୟ ଭାବି କଳ୍ପନା କରୁଛନ୍ତି ନା' କ'ଣ ?"

ହସି ଦେଇ କହିଲି, "ମୁଁ ସେପରି ସାଧୁ ନୁହେଁ, ମୋ ସଙ୍ଗ ଦ୍ୱାରା ଆପଣଙ୍କର ଯେ କିଛି ଲାଭ ହେବ ନାହିଁ ଏହା ନିଶ୍ଚିତ ରୂପେ କହୁଛି ।"

ସେ କହିଲେ, "ସେ କଥା ଆମେ ଦେଖିବୁ । ଏବେ ତ ଚାଲନ୍ତୁ । ଉଠିପଡ଼ନ୍ତୁ ତ ଦେଖି ।"

ଅଗତ୍ୟା ଯିବାକୁ ହେଲା । ରାସ୍ତାରେ ଯାଉଯାଉ ପଚାରିଲି, "ଆପଣ କ'ଣ କରନ୍ତି ?" ସେ ଟିକିଏ ହସିଦେଇ କହିଲେ, "ଶୁଣିଲେ ହୁଏତ ଅସ୍ୱସ୍ତି ଅନୁଭବ କରିବେ ।"

ଜିଜ୍ଞାସା କଲି, "ପୁଲିସ ନା କ'ଣ ?"

"— ହଁ, ଠିକ୍ ଧରିଛନ୍ତି, ଏବେ ଆଉ ତ କିଛି ଭାବନା ନାହିଁ, ନିଃସଙ୍କୋଚରେ ଚାଲନ୍ତୁ ।"

ମୁଁ କହିଲି, "ମୋ ମୁହଁକୁ ଯେପରି ଭାବରେ ଅନାଉଥିଲେ ସେହିଥିରୁ ହିଁ ମୁଁ ଏହିପରି କିଛି ଅନୁମାନ କରିନେଇଥିଲି ।"

ଠିକ୍ କଥା — ଭୟର କୌଣସି ଘଟଣା ଘଟିନଥିଲା । ଅଧିକନ୍ତୁ ସ୍ୱାଚ୍ଛନ୍ଦରେ ରାତ୍ରିବାସର ବ୍ୟବସ୍ଥା ହୋଇଥିଲା । ତାଙ୍କ ଘରକୁ ନେଇଗଲେ, କେତେଜଣ ପ୍ରତିବେଶୀ ବନ୍ଧୁବାନ୍ଧବଙ୍କୁ ଆହ୍ୱାନ କରି ପ୍ରହରାଧିକକାଳ କୀର୍ତ୍ତନ ଗାନର ଆୟୋଜନ, ଯେପରି ଏକ ଉତ୍ସବପରି କରି ପକାଇଲେ । ନିରୋଳ ଗ୍ରାମର କେତେକ ଘରର ବ୍ୟକ୍ତିମାନେ ପଦ କୀର୍ତ୍ତନୀୟା, ସେମାନେ ହିଁ ଗ୍ରାମର ଗୌରବ । ମୋର ମହାଭାଗ୍ୟ ଯେ—ଏହି ଭାବରେ ରାତ୍ରିରେ ପଦକୀର୍ତ୍ତନ ଶୁଣିବାର ସୁଯୋଗ ଘଟିଥିଲା ।

ଭଦ୍ରଲୋକଙ୍କ କୋଳରେ ଶିଶୁକଥା କହିଛି—ବରାବର କୋଳରେ ରହିଥିଲା ଏହି ଶିଶୁ । ଏବେ ପଦକୀର୍ତ୍ତନର ପାଲା ସରିଗଲା ପରେ ଏହି ଶିଶୁଟିକୁ କୋଳରୁ ଓହ୍ଲାଇ କହିଲେ — "ଏଥର ଏହି ଶିଶୁର ଗାନ ଶୁଣିବେ ? ଆସ ତ ବାବା, ସେହି ଗାନଟି କର ତ ।" ଅଢ଼େଇ କି ତିନି ବର୍ଷ ବୟସହେବ ଶିଶୁଟିର । ବିସ୍ଫାରିତ ନୟନରେ ସେ ବାପାଙ୍କ ଆଡ଼କୁ

ଚାହିଁ କହିଲା– ତୁମେ ଆଗେ ଧର ! ସେ ଯେତେବେଳେ ଆରମ୍ଭ କଲେ, ପୁତ୍ରର କୋମଳ କଣ୍ଠସ୍ୱର ତାହାଙ୍କ ସ୍ୱର ସଙ୍ଗେ ମିଶି ଗାନ ଚାଲିଲା–

''ସୁଧାମାଖା ହରିନାମ, କେ ରେ ଆନିଲ ଜଗତେ–

ଓ ନାମ କୋଥାୟ ଛିଲ କେ ଆନିଲ ରେ–

ଗୌରନିତାଇ ପ୍ରେମେର ଡାକେ, ଐ ନାମେର ବନ୍ୟା ଏନେ

ସାରା ଜଗତ୍ ଭାସିୟେ ଦିଲ ଯେ''– ଇତ୍ୟାଦି ।

ଗାଇବା ଶେଷ ହେଲା ପରେ, ଶିଶୁ ଥରେ ହସିଦେଇ ଉଚ୍ଛ୍ୱସିତ ଆତ୍ମପ୍ରସାଦପୂର୍ଣ୍ଣ ମୁଖଟି ସମବେତ ପ୍ରଶଂସମାନ ଶ୍ରୋତାଙ୍କର ଦୃଷ୍ଟିକୁ ଏଡ଼ାଇ ବାପାଙ୍କ କୋଳରେ ଗୁଞ୍ଜିହେଲା ।

ଏହି ଭାବରେ ଜଣେ ପୁଲିସ କର୍ମଚାରୀ ମଧ୍ୟରେ ହରିଭକ୍ତିର ପରିଚୟ ପାଇ ନିରୋଳାଠାରେ ଏକ ସ୍ମରଣୀୟ ରାତ୍ରିଯାପନ କରି ପରଦିନ ପ୍ରାତଃରେ ତାରାପୀଠ ଆଡ଼େ ଯାତ୍ରା କଲି ।

(ଇତି ପ୍ରଥମଖଣ୍ଡ)

■■

ତନ୍ତ୍ରାଭିଳାଷୀର ସାଧୁସଙ୍ଗ

ଦ୍ୱିତୀୟ ଖଣ୍ଡ

ସିଦ୍ଧ-ଯୋଗୀ ବାବା ମୁକ୍ତିନାଥ

ହେ ଯୋଗୀବର—

ଚିହ୍ନି ନାହିଁ ମୁଁ,

ମୁଁ ନୁହେଁ, କେବଳ ଅନେକେ ତ ଚିହ୍ନନ୍ତି ନାହିଁ ।

ଯିଏ ବା ହେଉ ଯାହା, ସମାଜର ଭ୍ରାନ୍ତ ପଥହରା

ଦେଖିଅଛି ପ୍ରତ୍ୟକ୍ଷରେ

ମୁଁ ତୁମକୁହିଁ,

ଏ ମହାନଗର ମଧ୍ୟେ ଶ୍ରୀମାନୀ ବଜାରେ, ଦ୍ୱିତଳସ୍ଥ ଏକ କ୍ଷୁଦ୍ର ଗୃହେ

ଦୀର୍ଘ-ଶୀର୍ଣ୍ଣ-କଳା-ଦୀନ ସୌନ୍ଦର୍ଯ୍ୟ-ବିହୀନ-ମୂର୍ତ୍ତି ତବ,

ଚକ୍ଷୁରେ କୃଷ୍ଣ ପ୍ରଚ୍ଛ ସର୍ବକ୍ଷଣ, ଗୈରିକବସ୍ତ୍ରାବୃତ ଆପାଦମସ୍ତକ

ମୁକ୍ତ ହିଁ କେବଳ ତବ ପୃଷ୍ଠଦେଶ ଗ୍ରୀଷ୍ମଦିନେ, ଏକମାତ୍ର ଦକ୍ଷିଣସ୍ଥ

ବାତାୟନ ପଶ୍ଚାତରେ ରଖି,—

ଅପରୂପ ଛନ୍ଦେ ସ୍ୱୟଂ ବସି ହିଁ ଆସନେ, ଠିକ୍ ଏହି ଭାବେ

ଦେଖାଚାହାଁ,

ପରିଚୟ ତୁମର ମୋହର ।

ଥିଲ ତୁମେ ସିଦ୍ଧ-ଯନ୍ତ୍ରୀ, ଅଧିକନ୍ତୁ ଜଣେ ଦକ୍ଷ ବୀଣାର ବାଦକ, ଯାହା

ଜାଣନ୍ତିନି ସର୍ବେ ।

ସେହିଦିନ, ସେହି ମୁହୂର୍ତ୍ତରେ ଚିହ୍ନିଗଲେ ଆପଣାର ଜନେ, ନିଜ ଗୁଣେ

କୃପା କରି ଦେଲେ ଧରା,

ଯନ୍ତ୍ରବତ୍ କରିଦେଇ ମୋତେ

ଶକ୍ତି-ମନ୍ତ୍ରେ ବାନ୍ଧିଦେଲେ ତତ୍‌କ୍ଷଣାତ୍ ଅନ୍ତରର ସପ୍ତତାର,—

ଏହାପରେ ଦିନେଦିନେ, ଧୀରେଧୀରେ ବନ୍ଧନୁ ବାହାରି,

ଆଳାପରେ ସୂକ୍ଷ୍ମକାରୁକଳା

ଦେଖାଇଲେ ଦେହର ବୀଣାରେ ମୋ'ର କରି ହିଁ ଆଶ୍ରୟ
ଭୈରବ ରାଗର ପାଲା କଲେ ହିଁ ଆରମ୍ଭ,
ଗୁରୁରୂପେ ହୋଇ ପ୍ରତିଷ୍ଠିତ
ନିଜ ହସ୍ତେ ଉଦ୍‌ଘାଟିତ କରିଦେଲେ ସାଧନ ଦୁଆର,
ରୁଦ୍ଧ ଯାହା ଥିଲା ଏ ପର୍ଯ୍ୟନ୍ତ ।
ଦ୍ୱିତୀୟ ଜନ୍ମ ମୋ'ର ଘଟାଇଲେ ସେହିଦିନ ବିଚିତ୍ର ଆଲୋକେ
ଉଦ୍‌ଭାସିତ କରି ଦଶଦିଗ ।
ହେଲି ଆତ୍ମହରା, କରିଦେଲେ ମୁକ୍ତ ।
ସେହିଦିନୁ ପଥେ ମୋ'ର ହେଲା ଯାତ୍ରା, ଗୃହ କରି ତ୍ୟାଗ କେତେକ ବରଷ,
ତୀର୍ଥ ପର୍ଯ୍ୟଟନେ ପୁଣି ସାଧୁସଙ୍ଗେ କଟିଗଲା କିଛିଦିନ,
ଯାହା ଫଳେ ସାହିତ୍ୟରେ ଏ ନବ ଉଦ୍ୟମ;
ଏ ତୁମରି ଦାନ ।
ପଥେ ଆଣି ମୋତେ
ଦେଖାଇଥିଲ ହିଁ ତୁମେ ଅନନ୍ତ ଶକ୍ତିର ରାଜ୍ୟ
ବ୍ୟାପ୍ତ ଚତୁର୍ଦ୍ଦିଗେ;
ତହିଁ ମଧ୍ୟେ ମାତ୍ର ଏକ ବିନ୍ଦୁ ମୁହିଁ
କେତେ କେତେ ସ୍ୱାମୀ, ମହାରାଜ, କେତେ କେତେ ମତ
ଦେଖିଦେଖି ଯାଏ ଯହିଁ
ଦେଖେ ମୋ'ର ପଥ ନିର୍ଦ୍ଧାରିତ,
ଗତି ତା'ର ଇଷ୍ଟର ମନ୍ଦିରେ ।
ଇତିହାସ ତା'ର, ଏହି ଗ୍ରନ୍ଥ ଖଣ୍ଡି ।
ପୂଜା-ଅର୍ଘ୍ୟ ରୂପେ ଆଜି ତୁମଠାରେ ଉତ୍ସର୍ଗପ୍ରୟାସୀ
ହେ, ମୋକ୍ଷରାଜ୍ୟବାସୀ, କେତେ ଅକିଞ୍ଚନ ମୁହିଁ, ମନେମନେ ଜାଣ ଅନ୍ତର୍ଯ୍ୟାମୀ,
ତୁମଠାରୁ ପ୍ରାପ୍ତ ଧନ
ତୁମକୁହିଁ କରି ମୁଁ ଅର୍ପଣ
କୃତାର୍ଥ ହେବାକୁ ଚାହେ, ଗଙ୍ଗାଜଳେ ଯଥା ଗଙ୍ଗାପୂଜା ।

ଅଗ୍ର-ପଶ୍ଚାତର କେତେଗୋଟି କଥା

ଏହି ଗ୍ରନ୍ଥର ପ୍ରଥମ ଓ ତା'ପରେ ଦ୍ୱିତୀୟ ଭାଗ ପ୍ରକାଶର ଏକ ଇତିହାସ ବର୍ତ୍ତମାନ କୁହାଯାଉଛି, ଯାହା ପୂର୍ବରୁ ପ୍ରକାଶ କରିବାର ସୁଯୋଗ ମିଳିନଥିଲା । ଏବେ ସେ ସମ୍ପର୍କରେ ସବୁକଥା ଜଣାଇ ଦେଇ ଏହି ବିଜ୍ଞାପନକୁ ଶେଷ କରିବି । ଅବଶ୍ୟ ଏହା ସଂଶୋଧିତ ଆକାରରେ ପାଣ୍ଡୁଲିପିଟି ପ୍ରେସରେ ଦେବା ପୂର୍ବର ଘଟଣା ।

ପ୍ରାୟ ତିରିଶ ବର୍ଷ ପୂର୍ବର ଘଟଣା, ଯେତେବେଳେ ଭ୍ରମଣ ଓ ସାଧୁସଙ୍ଗ ହିଁ ଥିଲା ସେ ସମୟରେ ମୋ'ର ଜୀବନର ପ୍ରଧାନ ଅବଲମ୍ବନ, ସେତେବେଳେ ଅନେକ କିଛି ଲେଖି ଚାଲିଥିଲି; ବେଶୀଭାଗ ପେନ୍‌ସିଲ୍‌ରେ, କିଛି ଭାଗ କାଳି କଲମରେ । ଲିପିବଦ୍ଧ କରିବାର ବେଶୀ ଭାଗ ପେନସିଲରେ ଲେଖା ଚାଲୁଥିଲା । ଅନେକଗୁଡ଼ିଏ ପେନ୍‌ସିଲ୍-ସ୍କେଚ୍ ରେଖାଚିତ୍ର ମଧ୍ୟ କରିଚାଲୁଥିଲି । କାଗଜ ଥିଲା ସର୍ବାପେକ୍ଷା ଶସ୍ତା ବାଲିକାଗଜ; ସାଦା ଫୁଲସ୍କେପ ମଧ୍ୟ କିଛି ଥିଲା, ପୁଣି ନୀଳ ରଙ୍ଗର ଲାଇନଟଣା ଚିଠିଲେଖା କାଗଜରେ ମଧ୍ୟ ଲେଖା ଥିଲା ମୋର ବିବରଣୀମାନ । ମୋଟ୍ କଥା, ସେତେବେଳେ ହାତ ପାଖରେ ଯାହା କିଛି କାଗଜ ସହଜରେ ମିଳୁଥିଲା, ଦେଶ-ବିଦେଶରେ, ସେହିଥିରେ ହିଁ ଲେଖାକାମ ଚାଲିଥିଲା । ସେତେବେଳେ ସମସ୍ତ କିଛି ପେନସିଲ୍-ପୋଟ୍ରେଟ୍ ଓ ହାତଲେଖା ହଜାରେ ପୃଷ୍ଠାରୁ କମ୍ ନୁହେଁ, ଯାହା ଜମା ହୋଇ ପଡ଼ିରହିଥିଲା ।

ତା'ପରେ ଯାହା ହବାର କଥା, କାଳକ୍ରମେ ଭ୍ରମଣ ଓ ସାଧୁସଙ୍ଗ କାର୍ଯ୍ୟକ୍ରମର ତାପ ଥଣ୍ଡା ହୋଇଗଲା । ବସ୍ତୁତଃ ଏହି ବିଚିତ୍ର ବର୍ଣ୍ଣନା, ନାନାସ୍ଥାନର ପର୍ଯ୍ୟଟନ-ଘଟଣା, ବିଡ଼ାବନ୍ଧା ଅବସ୍ଥାରେ ପୁରାତନ ଗୃହରେ ପୁରୁଣା ପୁସ୍ତକଗୁଡ଼ିକ ସହ ଜୀର୍ଣ୍ଣ-କୀଟଦଷ୍ଟ ହୋଇ ଥାକ ଉପରେ ପଡ଼ିରହିଲା । ସେତେବେଳର ପରିସ୍ଥିତିରେ ସମୟକ୍ରମେ ଦୃଶ୍ୟାନ୍ତରକୁ ଚାଲିଗଲି ।

ସେତେବେଳେ ନୂତନ ଉଦ୍ୟମ—ଛବି ଆଙ୍କିବାର ବନ୍ୟା ଆରମ୍ଭ ହୋଇଥାଏ, ସଂସାରରେ ପ୍ରବେଶ ହୋଇଯାଇଥାଏ— ଉପାର୍ଜନର ପ୍ରୟୋଜନ ଓ ମୋ'ର ସୁଯୋଗ, ଶିଳ୍ପୀର ନବଜୀବନରେ ପ୍ରତିଷ୍ଠାର ଯୁଗ ଆରମ୍ଭ ହୋଇଯାଇଥାଏ ।

ପ୍ରାୟ ଦଶବର୍ଷ ପରେ, ପ୍ରଥମେ 'ହିମାଳୟପରେ କୈଳାସ ଓ ମାନସରୋବର' 'ପ୍ରବାସୀ' ପ୍ରତିଷ୍ଠାନର ଆଗ୍ରହରେ ପ୍ରକାଶିତ ହେଲା । ସେତେବେଳେ 'ତନ୍ତ୍ରାଭିଳାଷୀର

ସାଧୁସଙ୍ଗ' ବିଡ଼ାବନ୍ଧା ଅବସ୍ଥାରେ ପଡ଼ିରହିଛି । ତାହାର ଭବିଷ୍ୟତ ଅନିଶ୍ଚିତ, ଯଦିଓ ଏଥିରେ ପୂର୍ବର ଘଟଣାବଳୀ ଓ ତନ୍ତ୍ରର କଥା ଉପରେ କାହାର ହିଁ ଆସ୍ଥା ନଥାଏ । ଏହି ପରିସ୍ଥିତିରେ କୌଣସି ଉଚ୍ଚଶ୍ରେଣୀର ପତ୍ରିକାରେ ପ୍ରକାଶ ଅସମ୍ଭବ ଥିଲା । ଯାହାହେଉ ଭ୍ରମଣ ବୃତ୍ତାନ୍ତ ବିଷୟର ପରିଚୟ ପାଇ ବନ୍ଧୁମାନେ ବିଶେଷତଃ ସଚିତ୍ର ସାଧୁସଙ୍ଗ ଘଟଣା 'ଉତ୍ତରା' ପତ୍ରିକାରେ ପ୍ରକାଶ କରିବା ଲାଗି 'ଉତ୍ତରା'ର ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ଚକ୍ରବର୍ତ୍ତୀ ଅତ୍ୟନ୍ତ ଆଗ୍ରହ ପ୍ରକାଶ କଲେ । ତାଙ୍କର ଆହ୍ୱାନ ଓ ଉତ୍ସାହପୂର୍ଣ୍ଣ ବ୍ୟବହାର ଫଳରେ ଏହା 'ଉତ୍ତରା' ପତ୍ରିକାରେ ପ୍ରାୟ ସାଢ଼େତିନିବର୍ଷ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା ଏବଂ ପରେ, କାଳେ ଗ୍ରନ୍ଥଟି ବଡ଼ ହେବ, ସେଥିଲାଗି ହଠାତ୍ ବନ୍ଦ୍ କରିବାକୁ ହେଲା, ଯେହେତୁ ନାଟକ ବା ଉପନ୍ୟାସ ବ୍ୟତୀତ, ଅନ୍ୟ ଯେକୌଣସି ସାହିତ୍ୟ ବେଶୀ ବଡ଼ ଆକାରରେ ଥିଲେ ପ୍ରକାଶକମାନେ ଗ୍ରହଣ କରିବେ କି ନାହିଁ, ଏହାହିଁ ଥିଲା ଭୟ । ଅବଶ୍ୟ ଗ୍ରନ୍ଥରୂପେ ପ୍ରକାଶର ଯୋଗାଯୋଗ ବହୁ ପରେ ସମ୍ଭବହେଲା ।

ଗ୍ରନ୍ଥଟିର ପ୍ରକାଶ ଲାଗି କେହିକେହି ବନ୍ଧୁ ବିଶେଷ ଭାବେ ଚେଷ୍ଟା କରିଚାଲିଥିଲେ । ଘଟଣାକ୍ରମେ ଏହି ସମୟରେ ଦିନେ ବର୍ଷାଦିନର ପ୍ରଭାତରେ ବିଖ୍ୟାତ ମାସିକ ପତ୍ରିକାର ଜନୈକ ସତ୍ୱାଧିକାରୀ ଓ ବିଶିଷ୍ଟ ପ୍ରକାଶକ ମହାଶୟଙ୍କ ଘରେ ଯାଇ ଉପସ୍ଥିତ ହେଲି । ଏହି ମାସିକ ପତ୍ରିକାର ପ୍ରକାଶକ ମହାଶୟଙ୍କ ବାଲିଗଞ୍ଜସ୍ଥ ବାସସ୍ଥାନକୁ ମଝିରେମଝିରେ ମୋ' ଛବି ସମ୍ପର୍କରେ ଯାଉଥାଏ । ଯାଇ ଦେଖେ, କର୍ତ୍ତା ତକିଆରେ ଆରାମରେ ଅଧା ଆଉଜିପଡ଼ି, ଗୋଡ଼ ଲମ୍ବାଇ, ଖଟ ଉପରେ ଶାୟିତ ଏବଂ ତାଙ୍କ ସମ୍ମୁଖରେ ଲବ୍ଧପ୍ରତିଷ୍ଠ ପ୍ରବୀଣ ସାହିତ୍ୟିକ ସୁରେନ୍ ଗାଙ୍ଗୁଲୀ ମହାଶୟ । ସୁରେନ୍ ହେଲେ ଶରତବାବୁଙ୍କର ମାମୁ । ବସିରହି ସେ ଆଳାପରେ ରତ ଥିଲେ । ମୋ'ର ଉପସ୍ଥିତି ଦ୍ୱାରା ସୁରେନ୍‌ବାବୁ ଖୁସି ହେଲେ । ଅନେକ ଦିନ ପରେ ସାକ୍ଷାତ୍, ଚୌକିରୁ ଉଠିପଡ଼ି ମୋତେ କୋଳାକୋଳି କଲେ । ଆମେ ଦୁହେଁ ଆସନ ଗ୍ରହଣ କଲା ପରେ ଗାଙ୍ଗୁଲୀ ମହାଶୟ କୁଶଳ ସମାଚାର ବିଷୟରେ ପଚାରିବା ବେଳେ ହଠାତ୍ ଜିଜ୍ଞାସା କରିବସିଲେ,–''ଆପଣଙ୍କର ସାଧୁସଙ୍ଗର କ'ଣ ହେଲା, ଏଥର କ'ଣ ପ୍ରକାଶ କରିପାରିଲେ ନାହିଁ ? ଆମେସବୁ ଆଶା କରି ବସିଛୁ ଯେ ।''

ଏତିକିବେଳେ ଏହି ଅବସରରେ ଏକ ଅପ୍ରତ୍ୟାଶିତ ପ୍ରଶ୍ନରେ ମୁଁ ସହଜଭାବେ କହିପକାଇଲି, ''ଏଇ ତ, ପୁସ୍ତକ ପ୍ରକାଶନର କର୍ତ୍ତା, ସ୍ୱୟଂ ଅଛନ୍ତି ସମ୍ମୁଖରେ''– ଏହାପରେ ଟିକିଏ ପ୍ରାର୍ଥନାଛଳେ ବିନୀତ ଭଙ୍ଗୀରେ କହିଲି–''ଟିକିଏ କୃପା କରନ୍ତୁନା ଦୟାମୟ ! ପୁସ୍ତକ ପ୍ରକାଶ ଲାଗି କିଛି ଯୋଜନା କରିଦିଅନ୍ତୁନା !''

ପ୍ରକାଶକ ମହାଶୟ ଏବେ ଫେସିୟାଲ୍ ପାରାଲିସିସ ରୋଗ ଭୋଗୁଥିଲେ । ତାଙ୍କର ଅସୁସ୍ଥତା ଦୂର ହେବାରେ ଲାଗିଥିଲା । ସାମାନ୍ୟ ବକ୍ରତା ଭାବ କଥାବାର୍ତ୍ତା ସମୟରେ ମୁଖରେ ସ୍ପଷ୍ଟରୂପେ ଜଣାପଡ଼େ । ଯାହାହେଉ, ମୋ' କଥା ଶୁଣିବା ପରେ ତାଙ୍କର ଅଭ୍ୟସ୍ତ, ଅବିଚଳିତ, ସ୍ଥିର, ମୃଦୁ ଅଥଚ ଦୃଢ଼ କଣ୍ଠରେ ଚାପି ଚାପି କହିଲେ,– ''କ'ଣ ଜାଣନ୍ତି,

ତାହା ଯେତେବେଳେ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା, ସେତେବେଳେ କିଛି କିଛି ଦେଖିବା କଥା ମନେପଡୁଛି—ସେଗୁଡ଼ିକ ସବୁ ମାସିକ ପତ୍ରିକାରେ ପ୍ରକାଶ ହୋଇପାରେ; ତାହା ବୋଲି ସେ ସବୁ କ'ଣ ଗ୍ରନ୍ଥ ହୁଏ ?'' କହିସାରି ଟିକିଏ ରହିଯିବା ପରେ ଆମ ଦୁଇଜଣଙ୍କର ମୁହଁଙ୍କୁ ଦେଖିଲେ । ପରେ ଖିଡ଼ିକି ବାହାରକୁ ଚାହିଁ ବାଦଲଭରା ଆକାଶକୁ ଦେଖି ପୁଣି ଧୀରେ ଧୀରେ କହିଲେ,—''ଏଇ ଧରନ୍ତୁ ବୃଷ୍ଟି ବାଦଲ, ସାରାଦିନ ବାହାରକୁ ଯିବାର କ୍ଷମତା ନାହିଁ, ଇଚ୍ଛା ମଧ୍ୟ ନାହିଁ, ସେଥିଲାଗି ହାତପାଆନ୍ତା ଯାହା କିଛି ପାଉଛି, ତାକୁ ଦେଖୁଛି, ପଢୁଛି, ହାତପାଖରେ ଖଣ୍ଡେ ପାଞ୍ଜି ରହିଛି,''—କହୁକହୁ ପାଖରେ ଥିବା ଖଣ୍ଡେ ଲାଲ୍-ଚକଚକ ବନ୍ଧା ପାଞ୍ଜିକୁ ସେଠାରୁ ଧରିନେଲେ ଏବଂ ତାହାର ପୃଷ୍ଠା ଓଲଟାଇଓଲଟାଇ କହିବାକୁ ଲାଗିଲେ,—''ଏହି ପାଞ୍ଜିଟି ଭିତରେ ବହୁ ରକମର ବିଜ୍ଞାପନଗୁଡ଼ିକୁ ପଢୁଛି ଏବଂ ପଢ଼ି ଭଲ ଲାଗୁଛି— ମାତ୍ର ତାହା ବୋଲି କ'ଣ ଏଗୁଡ଼ିକୁ ଛାପି ଗ୍ରନ୍ଥ ପ୍ରକାଶ କରାଯିବ ?''

ଏହି ପ୍ରସଙ୍ଗପରେ ସେ ଥରେ ଏପାଖସେପାଖ ଦେଖିଲେ, ତା'ପରେ ଏକ ଦୀର୍ଘ ଆରାମ ନିଃଶ୍ୱାସ ନେବା ସଙ୍ଗେ ସଙ୍ଗେ 'ଆଃ' କହି କହି ପୂରା ଉଠିବସିଲେ, ଏବଂ ଅନ୍ୟ ଦିଗକୁ ଅନେଇଦେଇ ମୋ'ର ଏହି ପ୍ରସଙ୍ଗକୁ ସମାପ୍ତ କରିପକାଇଲେ । ବୁଝିନେଲି, ଏହା ତାଙ୍କର ବିଦାୟର ସଙ୍କେତ । ଏତେ ଅଳ୍ପ କଥାକୁହା ବ୍ୟକ୍ତି ଦେଖି ନାହିଁ । ଯାହାକୁ ସଂଯତବାକ୍ କୁହାଯାଇଥାଏ, ତାହା ଏହି ବ୍ୟକ୍ତିଙ୍କଠାରେ ଦେଖିଥିଲି ।

ଅବଶ୍ୟ ବିଧାତା-ବିଧାନ ଯୋଗୁ ଅଳ୍ପଦିନ ପରେ ଏହି ଗ୍ରନ୍ଥ ପ୍ରକାଶିତ ହେଲା, ଏବଂ ନାନାଦିଗରୁ ସମାଲୋଚନା ଫଳରେ ବନ୍ଧୁମାନେ ଦ୍ୱିତୀୟ ଭାଗ ପ୍ରକାଶ ଲାଗି ତାଗିଦା କରିବାକୁ ଆରମ୍ଭ କରିଦେଲେ । ଉତ୍ସାହ ସେତେବେଳେ ମୋ'ର ପ୍ରଚୁର, ଯେତେବେଳେ ଅଯତ୍ନରକ୍ଷିତ ଆବର୍ଜନା ଓ ବିଡ଼ାବନ୍ଧା ପୁରୁଣା ଦପ୍ତର ମଧ୍ୟରୁ ଏହି ଧରଣର ଖଣ୍ଡିଏ ଗ୍ରନ୍ଥ ଛପାଇବା ସମ୍ଭବ ହୋଇପାରିଛି । ସେତେବେଳେ ଭାବିଲି, ଦ୍ୱିତୀୟ ଭାଗଟି ମଧ୍ୟ ସହଜରେ ଛପା ହୋଇପାରିବ । ସୁତରାଂ 'ଉତ୍ତରା' ପ୍ରକାଶନରେ ଦ୍ୱିତୀୟ ଭାଗର ଛପାକାମ ଆରମ୍ଭ ହୋଇଗଲା । ତେବେ, ଏଇ ଯେଉଁ ତାରାପୀଠର ବାମାକଥାର ମଝିଆମଝିକୁ ଆସିବା ପରେ ହଠାତ୍ ପ୍ରଥମ ଭାଗଟିର ଛପା ଶେଷ ହୋଇଥିଲା, ତା'ର ବାକି ଅଂଶରୁ ଦ୍ୱିତୀୟ ଭାଗଟି ଆରମ୍ଭ କରିବାକୁ ପଡ଼ିଲା । କାରଣ ତାରପୀଠର ବାମାଙ୍କ କଥା ସେତେବେଳେ ଅନେକ କିଛି ବାକି ରହିଥିଲା । ଏହାମଧ୍ୟରେ ଆନନ୍ଦବଜାର, ଯୁଗାନ୍ତର, ହିନ୍ଦୁ, ହିନ୍ଦୁସ୍ଥାନ, କୃଷକ, ପଶ୍ଚିମବଙ୍ଗ ପତ୍ରିକା ପ୍ରଭୃତିର ପୂଜା ସଂଖ୍ୟାରେ ତନ୍ମଧ୍ୟରୁ ଅନେକଗୁଡ଼ିଏ ବିବରଣୀ ବିକ୍ଷିପ୍ତ ଭାବରେ ପ୍ରକାଶ ହୋଇଗଲା, ଏହି ବିଡ଼ାବନ୍ଧା ପାଣ୍ଡୁଲିପି ମଧ୍ୟରୁ । ଯେତେବେଳେ 'ଉତ୍ତରା'ରେ ଛପା ଶେଷ ହେଲା, ସେତେବେଳେ ସମସ୍ତ ଲେଖାକୁ ଏକତ୍ର କରି, ଅର୍ଥାତ୍ ପୂଜାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ସବୁକୁ ନେଇ, ଏହି ଦ୍ୱିତୀୟ ଭାଗର ଆୟତନ ପ୍ରଥମ ଭାଗ ଅନୁରୂପ ହୋଇପାରିବ, ଏହି ବିଶ୍ୱାସରେ ଦ୍ୱିତୀୟ ଭାଗକୁ ଗ୍ରନ୍ଥାକାରରେ ପ୍ରକାଶ

କରିବା ଲାଗି ତପସ୍ୟା ଆରମ୍ଭ କରିଦେଲି । ଭାଗ୍ୟକ୍ରମେ ଏବେ ପ୍ରଥମ ଭାଗର ପ୍ରଥମ ସଂସ୍କରଣଟି ନିଃଶେଷ ହେବାପରେ ଦ୍ୱିତୀୟ ସଂସ୍କରଣ ପ୍ରକାଶନର ବ୍ୟବସ୍ଥା ଲାଗି ଆଶୁ ପ୍ରୟୋଜନ ହେଲା ।

ଏଥର ଯେବେ ଦୁଇଖଣ୍ଡ ପ୍ରାୟ ଏକସଙ୍ଗେ ପ୍ରକାଶିତ ହେବାରେ ଚାଲିଲା, ସେତେବେଳେ ଶୃଙ୍ଖଳା ଓ ଘଟଣାବଳୀର ପରସ୍ପର ସମ୍ପର୍କ ରକ୍ଷାକରିବା ଲାଗି ଯଦି କିଛି ଅଦଳବଦଳ କରିବାକୁ ପଡ଼ିବ, ଏତେବେଳେ ହିଁ ତାହାର ଉପଯୁକ୍ତ ଅବସର ଥିଲା । ପ୍ରଥମ ଭାଗ ଶେଷାଂଶରେ ତାରାପୀଠସ୍ଥ ବାମାଙ୍କ ସହ ସାକ୍ଷାତ୍-ସଙ୍ଗ ଘଟଣାରୁ, କେତେକ ପ୍ରଥମ ଭାଗରେ ଏବଂ ବାକି ଅଂଶକୁ ନେଇ ଦ୍ୱିତୀୟ ଭାଗରେ, ମାସିକ ପତ୍ରିକାରେ ପ୍ରକାଶନ ଆରମ୍ଭ ହୋଇଯାଇଥିଲା । ବର୍ତ୍ତମାନ ଯେତେବେଳେ ଦୁଇଟି ଭାଗ ହିଁ ନୂଆଭାବରେ ଛପା ହେବ କିଛି ବିବରଣୀ ନ ରଖି ସମ୍ପୂର୍ଣ୍ଣ ତାରାପୀଠର ବିବରଣୀକୁ ଦ୍ୱିତୀୟ ଭାଗରେ ଆରମ୍ଭ କରିବା ଭଲ ହେବ ବୋଲି ଭାବିଲି । ତା'ପରେ ଦ୍ୱିତୀୟ ଭାଗ ଭିତରେ ଯେଉଁସବୁ ବିବରଣୀ ଅଛି, ତା' ମଧ୍ୟରୁ କେତେକାଂଶ ଏପରି ରହିଯାଇଛି, ଯାହା ପ୍ରଥମଭାଗର ପ୍ରଥମ ଅଂଶର ହିଁ ବିଷୟବସ୍ତୁ; ଏହି ପରିବର୍ତ୍ତନ ଦ୍ୱାରା ଗ୍ରନ୍ଥର କୌଣସି କ୍ଷତି ନ ହୋଇ ବରଂ ଗୁରୁତ୍ୱ ବୃଦ୍ଧି ପାଇପାରିଛି, ଏହା ମୋ'ର ବିଶ୍ୱାସ । ଏତଦ୍‌ବ୍ୟତୀତ ଦ୍ୱିତୀୟଭାଗର ପ୍ରାରମ୍ଭରେ ଏକ ନୂତନ ପ୍ରବନ୍ଧ ସନ୍ନିବିଷ୍ଟ ହୋଇଛି, ଯଦ୍ୱାରା ମନେହୁଏ, ଗ୍ରନ୍ଥର ଗୁରୁତ୍ୱ ବୃଦ୍ଧିପାଇଛି ।

୧୧, ରସା ରୋଡ଼, ସାଉଥ,
କଲିକତା-୩୩

ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟ

ତନ୍ତ୍ରମତରେ ସାଧନର ଉପଯୋଗିତା

ଏ ବିଷୟ ପ୍ରାୟ ସମସ୍ତଙ୍କୁ ଜଣା ଯେ ତନ୍ତ୍ରର ଆଦି-ଗୁରୁ ହେଲେ ଶିବ । ସେହି ସମ୍ବନ୍ଧକୁ ନେଇ ତନ୍ତ୍ରର ଉତ୍ପତ୍ତି, ଆଉ ଭାରତରେ ଦକ୍ଷଯଜ୍ଞର ସୂତ୍ରରେ ଶିବଙ୍କୁ ଆର୍ଯ୍ୟମଣ୍ଡଳରେ ପ୍ରଧାନ ଦେବତା ଭାବରେ ସ୍ୱୀକୃତି ଏବଂ ସର୍ବତ୍ର ତାଙ୍କର ପ୍ରଭାବ କଥା ଆମେସବୁ ପିଲାବେଳୁ ଶୁଣିଆସିଛୁ । ଏବେ ତାଙ୍କ ଦ୍ୱାରା ପ୍ରବର୍ତ୍ତିତ ଧର୍ମରେ ସାଧନାର କଥା ହିଁ ଆଲୋଚନା କରିବି ।

ଗୋଟିଏ କଥାରେ ତନ୍ତ୍ରଧର୍ମ କହିଲେ ବୁଝିବାକୁ ହେବ ଯେ ଏହା ଶିବଙ୍କ ଦ୍ୱାରା ପ୍ରବର୍ତ୍ତିତ ଶକ୍ତି-ଉପାସନା । ଯୋଗଯୁକ୍ତ ସାଧନା ସଙ୍ଗେ ହିଁ ତାହାର ଘନିଷ୍ଠ ସମ୍ବନ୍ଧ । ଏପରି ଏକ ଉଦାର ଧର୍ମ, ଯେଉଁଥିରେ ଆର୍ଯ୍ୟ-ଅନାର୍ଯ୍ୟ ନିର୍ବିଶେଷରେ ମାନବ-ସମୂହର ପ୍ରବେଶାଧିକାର ଥାଏ । ଏହି ତନ୍ତ୍ରଧର୍ମ ହିଁ ଯଥାର୍ଥରେ ସାର୍ବଜନୀନ ଧର୍ମ, ଯାହା ସବୁ ଦେଶରେ, ସମସ୍ତ ଅବସ୍ଥାରେ ମାନବ ସମାଜର ଉପଯୋଗୀ । ତେଣୁ ଗୋଟିଏ ସମୟରେ ଏହି ଧର୍ମ ସାରା ଭାରତରେ ପ୍ରସାର ଲାଭ କରିଥିଲା । ବୈଦିକ ବା ବ୍ରାହ୍ମଣ୍ୟଧର୍ମ ମଧ୍ୟରେ, ବାହାରୁ ଯେପରି ପ୍ରବେଶ ପଥ ଚତୁର୍ଦ୍ଦିଗରୁ ବନ୍ଦ ଥାଏ, ଚାରିଆଡୁ ଯେପରି ବିଧିନିଷେଧର କଡ଼ାକଡ଼ି ନିୟମ, ଏ ଧର୍ମ ଠିକ୍ ତାହାର ବିପରୀତ । ବୈଦିକ ଆର୍ଯ୍ୟଧର୍ମରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ବ୍ୟତୀତ ଅନ୍ୟ ଜାତିର ପ୍ରବେଶାଧିକାର ନଥାଏ । ଏପରି କି ଶୂଦ୍ର ଓ ମହିଳାମାନଙ୍କର ପ୍ରବେଶ ନିଷିଦ୍ଧ । ବେଦରେ ସେମାନଙ୍କର ଅଧିକାର ନଥିଲା; ଏବଂ ଏହି ସମୟରେ ବୈଦିକ ଧର୍ମର ପ୍ରତିବାଦ ସ୍ୱରୂପ ଓ ସାର୍ବଜନୀନ ବୋଲି ଶିବଙ୍କର ପ୍ରଚାରିତ ଧର୍ମ ଏ ଦେଶରେ ପ୍ରବେଶ କରିଥିଲା ।

ଶିବ କହନ୍ତି, ସୁସ୍ଥ ସବଳ, ନୀରୋଗ ଶରୀର, ଯୌବନର ଉଦ୍ୟମ ନେଇ ହିଁ ଧର୍ମର ସାଧନ ଆରମ୍ଭ । ଏ କଥା ବିଶେଷ ଭାବରେ ମନେରଖିବାକୁ ହେବ ଯେ ଯୌବନହିଁ ଧର୍ମର, ବିଶେଷତଃ ଅଧ୍ୟାତ୍ମ ଧର୍ମର, ସାଧନୋପଯୋଗୀ କାଳ; ସୁତରାଂ ତନ୍ତ୍ରଧର୍ମୋକ୍ତ ସାଧନାର ହିଁ ପ୍ରଶସ୍ତ କାଳ । ଶିବଙ୍କର ବିଚାରରେ ଜାତି କହିଲେ ସ୍ତ୍ରୀ ଓ ପୁରୁଷ– ମଣିଷଙ୍କ ମଧ୍ୟରେ କେବଳ ଏହି ଦୁଇ ଜାତି । ଏହାଛଡ଼ା ମାନବସମାଜର ବାହାରେ, ପଶୁଜାତି, ପକ୍ଷୀଜାତି, ପତଙ୍ଗଜାତି, କୀଟଜାତି, ଉଦ୍ଭିଦଜାତି ଏହିପରି ହିଁ ସୃଷ୍ଟି ମଧ୍ୟରେ ଜାତିର ବିଚାର । ପୁଣି ମାନବସମାଜରେ କର୍ମର ତାରତମ୍ୟ ହିସାବରେ ଯେଉଁ ଜାତିର କଥା, ତାହା ବୃତ୍ତିର ନାମ ଯୋଗୁହିଁ । ତା' ନ ହେଲେ ଉଚ୍ଚ-ନୀଚ, ଶ୍ରେଣୀବିଭାଗ, ଏ ସମସ୍ତ ମନୁଷ୍ୟର ଅଧିକାରର

କେବଳ ଏକ ଦମ୍ଭ । ଶିବଙ୍କ ଦୃଷ୍ଟିରେ ଜଣେ ଚମାର କିମ୍ବା ଜଣେ ବ୍ରାହ୍ମଣ ବା କ୍ଷତ୍ରିୟ ଏକ, ସେମାନଙ୍କୁ ଗୋଟିଏ ଆସନରେ ବସିବାକୁ ହେବ, ତାଙ୍କ ନିକଟକୁ ଗଲେ ।

ତା'ପରେ ଶିବଙ୍କ ବିଚାରରେ ଜୀବମାତ୍ରେ ହିଁ ମୋକ୍ଷର ଅଧିକାରୀ । ସ୍ତ୍ରୀ ଓ ପୁରୁଷ ଏହି ଦୁଇ ପୃଥକ୍ ଜାତି ହେଲେ ହେଁ ଉଭୟଙ୍କର ଅଧିକାର ସମାନ । ଏକାକୀ ସ୍ତ୍ରୀ ବା ଏକାକୀ ପୁରୁଷ ଅର୍ଦ୍ଧ ବା ଅସମ୍ପୂର୍ଣ୍ଣ ସତ୍ତା ମାତ୍ର । ଜଣେ ନାରୀ ଓ ଜଣେ ପୁରୁଷ ଉଭୟ ହିଁ ପ୍ରେମ ଦ୍ୱାରା ଆକୃଷ୍ଟ ହେଲେ ପ୍ରଣୟ ଉତ୍ପନ୍ନ ହୁଏ, ଏହି ଦୁଇଜଣ ସେତେବେଳେ ସୃଷ୍ଟି-ଶକ୍ତି ଦ୍ୱାରା ଏକ ହିଁ ସକ୍ଷମ ପୂର୍ଣ୍ଣସତ୍ତା । ଏ ଦୁହିଁଙ୍କର ଏକ ମିଳିତ ଜୀବନ ଏବଂ ଏହି ଜୀବନ ହିଁ ସାଧନର ଅଧିକାରୀ । ଏକାକୀ ସଂସାର-ସାଧନ ଅସ୍ୱାଭାବିକ । ଏହି ସଂସାରରେ ଏକାକୀ କର୍ମମୟ ଜୀବନ ପରିଚାଳନା କରିବା, ଆୟତ୍ତ କରିବା ଏବଂ ସମ୍ପନ୍ନ କରିବା କେବଳ ଗାର୍ହସ୍ଥର ନୁହେଁ, ସନ୍ନ୍ୟାସୀର ଧର୍ମ ।

ନାରୀ ଓ ନରର ମିଳିତ ଜୀବନ ହିଁ ସଂସାର, ଯାହାର ପ୍ରଥମ ପ୍ରବୃତ୍ତି ହେଲା ସୃଷ୍ଟି, ଅର୍ଥାତ୍ ପ୍ରଜା-ସୃଷ୍ଟି । ପୁଣି ତାହାର ପ୍ରଧାନ ଉପଯୋଗୀତା ହେଲା ଶକ୍ତିଲାଭ କରି ଉଚ୍ଚ ଉଚ୍ଚ ଶକ୍ତିର ବିକାଶ ଫଳ-ସ୍ୱରୂପ କର୍ମ ଓ ଭୋଗ, ପୁଣି ଉପଭୋଗ ଶେଷରେ ଆତ୍ମ-ଜ୍ଞାନର ପ୍ରସାର ଏବଂ ମୋକ୍ଷ-ମାର୍ଗରେ ଗତି । ଏହା ମନେରଖିବାକୁ ହେବ ଯେ ସବୁ କିଛି ହିଁ ପ୍ରକୃତିକୁ ନେଇ, ଅଥବା ଅବଲମ୍ବନ କରି ।

ତନ୍ତ୍ରମତରେ ସାଧନ ଆଉ ପଶୁଜୀବନରେ ଭୋଗ-ସରଳ ଓ ସହଜ—ପ୍ରାକୃତିକ ନିୟମାନୁଗ । ଜୀବର ଜୀବନରେ କର୍ମପ୍ରବୃତ୍ତି ଜଟିଳତା ସୃଷ୍ଟି କରିଥାଏ । କାରଣ ଏହି କର୍ମର ଫଳାଶ୍ରୟ ଦ୍ୱାରା, କ୍ରମେକ୍ରମେ ପ୍ରାକୃତିକ ନିୟମରେ ହିଁ ଗତିକରିଥାଏ, ନାନା ଜଟିଳ ପଥରେ ଏବଂ ଶେଷରେ ଊର୍ଦ୍ଧ୍ୱ ବା ଅଧୋଗାମୀ କରିଥାଏ ତାକୁ । ସେଥିଯୋଗୁଁ ଏହି ଧର୍ମରେ ମନୁଷ୍ୟ ସଂଯତ ଭାବେ ଭୋଗ ସହ ସାଧନଟିକୁ ନେଇ ହିଁ ଚଳେ, ଯାହା ଫଳରେ ହୁଏ ନିବୃତ୍ତି । ବାସ୍ତବ ଜ୍ଞାନର ଉନ୍ମେଷ ଆଉ ଯଥାର୍ଥ ସାଧନ ଫଳରେ ସେ ହୋଇଥାଏ ମୁକ୍ତିର ଅଧିକାରୀ । ମୁକ୍ତି ହେଲା ପୁନଃ ପୁନଃ ଦୁଃଖମୟ ଜନ୍ମ, ଜୀବନ, ଜରା, ମୃତ୍ୟୁ, ନାନା ଦୁଃଖମୟ କର୍ମଠାରୁ ନିବୃତ୍ତି । ନିବୃତ୍ତି ହିଁ ହେଲା ସାଧନ ଫଳରେ ନିଜର କ୍ଷୁଦ୍ର ସ୍ୱାର୍ଥମୟ ଅନୁଭବର ବିଲୋପ । ଜୀବର ସ୍ୱରୂପ ହେଲା ସଚ୍ଚିଦାନନ୍ଦମୟ ଶିବଃ । ଏହି ବୋଧର ପ୍ରତିଷ୍ଠା ହିଁ ହେଲା ସାଧନାର ଫଳ ।

ତା'ପରେ ସାଂଖ୍ୟମତରେ ଏହି ସୃଷ୍ଟି ମଧ୍ୟରେ ଯେପରି ପ୍ରକୃତି ହିଁ ଶ୍ରେଷ୍ଠ ଓ ପୁରୁଷ ନିଷ୍କ୍ରିୟ—ସେହିଭାବରେ ଶିବୋକ୍ତ ତନ୍ତ୍ରରେ ମଧ୍ୟ କୁହାଯାଇଛି ଯେ ସୃଷ୍ଟି, ସ୍ଥିତି, ଲୟର ଅଧିଷ୍ଠାତ୍ରୀ ଓ ଚତୁର୍ବର୍ଗ ଫଳଦାତ୍ରୀ ହେଉଛନ୍ତି ଏହି ଆଦ୍ୟାଶକ୍ତି ଭଗବତୀ ସ୍ୱୟଂ । ଆଉ କାହାର ସେ ଶକ୍ତି ନାହିଁ, ଯିଏ ଜୀବକୁ ମୁକ୍ତି ଦେଇପାରିବ । ଏହି ବୈଦିକ ପୁରୁଷର ଦେବତାଙ୍କ ଉପାସନା ପ୍ରକୃତି ବା ଶକ୍ତିର ଉପାସନା । କାରଣ ଜୀବର ଅର୍ଥାତ୍ ମନୁଷ୍ୟର ବିଚାରରେ ଏହି ଯେଉଁ ପୁରୁଷ ଆଉ ନାରୀ, ଏହି ଦୁଇଟି ପ୍ରକୃତି ବା ଶକ୍ତି ମଧ୍ୟ, ଯାହାଙ୍କୁ

ବ୍ରହ୍ମ, ଆତ୍ମା, ଭଗବାନ ବା ପୁରୁଷ ଓ ଯାହାଙ୍କୁ ଈଶ୍ୱର କୁହାଯାଏ । ଏହି ପାର୍ଥିବ ଜୀବ-ପୁରୁଷ, ସତ୍ତାରେ ଏକ ହେଲେ ମଧ୍ୟ, ବ୍ୟବହାରରେ ଆଦୌ ବସ୍ତୁ ହିଁ ନୁହେଁ । କାରଣ ଜୀବର ସେ ଅନୁଭୂତି ମଧ୍ୟ ନାହିଁ । ତେଣୁ ଏହି ପୁରୁଷ-ସଂଜ୍ଞା ଏକ ଖିଆଲ ଭାବ ସୃଷ୍ଟି କରିଛି । ବୈଦିକ ଦେବତା ସୂର୍ଯ୍ୟ, ଚନ୍ଦ୍ର, ଇନ୍ଦ୍ର, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଇତ୍ୟାଦିଙ୍କୁ ପୁରୁଷ କୁହାଯାଇଛି । ମାତ୍ର ଏମାନେ ପ୍ରକୃତରେ ମୂଳ ପ୍ରକୃତିର ଅନ୍ତର୍ଗତ ଗୋଟିଏଗୋଟିଏ ଭିନ୍ନ କ୍ଷେତ୍ରରେ କେନ୍ଦ୍ରସ୍ଥ ଶକ୍ତି ମାତ୍ର । ଏ ସମ୍ବନ୍ଧରେ ଯେଉଁମାନେ ଯେତେ କିଛି ଦ୍ୱନ୍ଦ କରନ୍ତୁ ନା କାହିଁକି, ପ୍ରକୃତରେ ପ୍ରକୃତିର ଏହି ବିଶାଳ ସୃଷ୍ଟିଅନ୍ତର୍ଗତ ମାନବଜୀବ ପକ୍ଷରେ ବ୍ରହ୍ମ ବା ପୁରୁଷ ଯେପରି ଧାରଣାତୀତ, ସେହିପରି ଆଦ୍ୟାଶକ୍ତି ବା ପ୍ରକୃତି ସୃଷ୍ଟିର ଅଧିଷ୍ଠାତ୍ରୀ ମହାମାୟା ବା ମହାଶକ୍ତି ମଧ୍ୟ ଜୀବର ଧାରଣାର ଅତୀତ ।

ଶିବ ହିଁ ବୁଝୁଥିଲେ ଯେ ବୈଦିକ ଦେବତାର ଉପାସନା ପ୍ରକୃତରେ ପ୍ରକୃତିର ବା ଶକ୍ତିର ହିଁ ଉପାସନା । ତେଣୁ ସେ ଏହି ପଥରେ ନ ଯାଇ ଏକବାର ମୂଳ-ପ୍ରକୃତି, ଯାହାଙ୍କୁ ଦେବତାମାନେ ଜଗଦମ୍ବା ବା ବିଶ୍ୱଜନନୀ ବୋଲି ସ୍ତବ କରିଥାନ୍ତି, ତାଙ୍କୁ ହିଁ ଜୀବର ଏକମାତ୍ର ଇଷ୍ଟ ଭାବେ ଗ୍ରହଣ କରି ତାଙ୍କ ଉପାସନା ଲାଗି ଜୀବଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି । ଆମମାନଙ୍କ ମଧ୍ୟରେ ଏହି ଯେଉଁ ନାରୀ ଆଉ ନରବୋଧ, ଏହା ଏପରି ଏକ ଅପମିଶ୍ରିତ ଜଟିଳ ଭାବ, ଯେ ଏହାଦ୍ୱାରା ଆମର ଅସଲ ପ୍ରକୃତି, ଯିଏ ଏହି ସୃଷ୍ଟିର ଆରମ୍ଭରୁ ଏହି ବିଶାଳ ବିଶ୍ୱଜଗତକୁ ପ୍ରସବ, ରକ୍ଷା ଓ ପରିବର୍ତ୍ତିତ କରିଛନ୍ତି, ତାହାଙ୍କୁ ଆଉ ସେହି ଏକମାତ୍ର ପୁରୁଷ, ଯିଏ ଏହି ପ୍ରକୃତିର ଅତୀତ ଅବ୍ୟୟ ଚେତନା ବା ପରମାତ୍ମା, ଉଭୟଙ୍କର ହିଁ ସ୍ୱରୂପ ନିର୍ଦ୍ଧାରଣରୁ ଚିରବଞ୍ଚିତ । ଶିବ କହନ୍ତି, ତୁମେ ପ୍ରକୃତି-ଜାତ ବୋଲି ତୁମ ପକ୍ଷରେ ପ୍ରକୃତିକୁ ଗ୍ରହଣ କରିବା ସହଜ, ସେଥିଲାଗି ପ୍ରକୃତିର ନିୟମାନୁଗ ହୋଇ ତୁମକୁ କ୍ରମବିକଶିତ ହେବାକୁ ପଡ଼ିବ । ଶେଷରେ ସେହି ମୂଳ ପ୍ରକୃତି ସହ ପରିଚୟ ଲାଭ କଲେ ହିଁ ତୁମର ମୁକ୍ତି ବା ପୁରୁଷ-ଅବସ୍ଥା-ପ୍ରାପ୍ତି ସମ୍ଭବ ହେବ ।

ତନ୍ତ୍ରଶାସ୍ତ୍ରରେ କ୍ରମ ବିକାଶ ଲାଗି ଅପୂର୍ବ ସମର୍ଥନ ଅଛି । ତନ୍ତ୍ରରେ ବିବର୍ତ୍ତନବାଦ କେବଳ ଯେ ବାଦାନୁବାଦ, ତାହା ନୁହେଁ, ଏହା ଏକ ଜୀବନ୍ତ ସତ୍ୟ । ଆମ ମଧ୍ୟରେ ଅର୍ଥାତ୍, ଏ ଦେଶରେ ଏହି ତିନିଶହ ତେତ୍ରିଶ ଜାତିର ମାନବସମାଜ ମଧ୍ୟରେ, ଯାହାକୁ ଆମେ ସର୍ବ-ନିମ୍ନ ସ୍ତର ବୋଲି ମନେ କରୁ– ଯଦିଓ ଆମ ବୁଦ୍ଧିର ମାପକାଠିଟି ବଡ଼ ମୋଟା ଆଉ ଆବଡ଼ାଖାବଡ଼ା, ତେବେ ମଧ୍ୟ ଆମେ ଏକଥା ବୁଝିପାରୁ ଯେ ବୁଦ୍ଧି ଯେଉଁମାନଙ୍କର ବିକଶିତ ହୋଇନାହିଁ, ସେମାନଙ୍କୁ ଆମେ ଛୋଟ ବା ନିମ୍ନସ୍ତରର ମନୁଷ୍ୟ କହୁ । ଯେଉଁମାନେ ନିଜ ଶରୀରକୁ କେବଳ ବ୍ୟବହାର କରି ଖାଆନ୍ତି, ଅର୍ଥାତ୍ ଶ୍ରମଜୀବୀ ଶ୍ରେଣୀର ବ୍ୟକ୍ତି, ଆମମାନଙ୍କ ମଧ୍ୟରେ ସର୍ବନିମ୍ନ ସ୍ତର; କିନ୍ତୁ ଯଥାର୍ଥରେ ଯେଉଁମାନେ ଶ୍ରମଜୀବୀ ଶ୍ରେଣୀର ସେମାନେ କ'ଣ ସର୍ବନିମ୍ନସ୍ତରର ? ସହରର ଶ୍ରମଜୀବୀମାନେ ଅପେକ୍ଷାକୃତ କମ୍ ବୁଦ୍ଧିମାନ୍ । ସେହି ଯେଉଁ ସୁଦୂର ପଲ୍ଲୀର କୃଷକଶ୍ରେଣୀ, ସେମାନଙ୍କୁ

ଜିଜ୍ଞାସା କଲେ ଜାଣିପାରିବେ ଯେ ସେମାନେ କେବେହେଲେ ନିଜକୁ ସର୍ବନିମ୍ନ ସ୍ତରର ବୋଲି ଭାବନ୍ତି ନାହିଁ – ସେମାନେ କହନ୍ତି ଶୂକର-ପାଳକ, ବାନ୍ଦୀ, ଝାଡୁଦାର, ଭଙ୍ଗୀ ଏହିମାନେ ହିଁ ସବୁଠାରୁ ନୀଚ । ମୁଁ ପ୍ରାଚୀନ କାଳର ସମାଜର ନିମ୍ନ ଶ୍ରେଣୀର କଥା ଗ୍ରହଣ କରିନାହିଁ । କାରଣ ଏହି ସମୟର ଦେଶ ଓ କାଳ ସଙ୍ଗେ ତାହା ଖାପ୍ ଖାଇପାରିବ ନାହିଁ । ଆମ ହିସାବରେ ଏବକା ସମାଜର ସର୍ବନିମ୍ନସ୍ତରର ଧାରଣା । କିନ୍ତୁ ଶିବ କହନ୍ତି ଯେ ଯାହାଙ୍କର ଦେହାତ୍ମ ବୁଦ୍ଧି, ସେମାନେ ହିଁ ସର୍ବନିମ୍ନ ସ୍ତରର ଜୀବ । ଅର୍ଥାତ୍ ଦେହଟି ହିଁ ଆମ ସତ୍ତା ବୋଲି ଯେଉଁମାନେ ଧାରଣା କହନ୍ତି, ସେମାନେ ହିଁ ସର୍ବନିମ୍ନ ଶ୍ରେଣୀର ଜୀବ । ତା'ର ଅନ୍ୟ ନାମ ପଶୁ ।

ତା'ପରେ ପରମା ପ୍ରକୃତି, ଏହି ଚରାଚର ବିଶ୍ୱରେ କେବଳ କାରଣ ବା ନିୟନ୍ତା ନୁହନ୍ତି, ସ୍ରଷ୍ଟା ଓ ରକ୍ଷକ ମଧ୍ୟ । ମନୁଷ୍ୟର ମନ ଓ ବୁଦ୍ଧି ଯେତେଦୂର ଯାଏ, ବାସ୍ତବକୁ ତ୍ୟାଗ କରି କଳ୍ପନାର ଗତି ତାହାର ଯେତେ ହେଁ ପ୍ରସାରିତ ହୋଇଥାଉ ନା କାହିଁକି, ପ୍ରକୃତିର ରାଜ୍ୟ ଛାଡ଼ି ତା'ର କେଉଁଆଡ଼େ ଯିବାର ଶକ୍ତି ନଥାଏ । ସେହି ପରମଗୁରୁ ଶିବ ବୁଝିଥିଲେ, ଆର୍ଯ୍ୟଙ୍କୁ ଦେବତାବାଦର ଶେଷ ପର୍ଯ୍ୟନ୍ତ ଘୂରାଇଫେରାଇ ସେହି ପ୍ରକୃତିର ଗମ୍ଭୀରା ମଧ୍ୟରେ ହିଁ ଆଣି ପହଞ୍ଚାଇବ । ସେଥିଲାଗି ସେ ଏକାଥରେ ସିଧା ପ୍ରକୃତିକୁ ଧରିବାକୁ ଯୋଗଶାସ୍ତ୍ର ଭିତର ଦେଇ ସହଜ କୌଶଳଟି ଦେଇଥିଲେ, ଯାହାର ଲକ୍ଷ୍ୟ ହେଲା ପ୍ରକୃତିର ରାଜ୍ୟ ଛାଡ଼ି ଚୈତନ୍ୟ-ରାଜ୍ୟରେ ଯିବାଲାଗି ପ୍ରବଣତାଲାଭ । କାରଣ ଆଦ୍ୟାଶକ୍ତି ବା ପ୍ରକୃତି ହାତରେ ଜୀବର ମୁକ୍ତିଲାଗି ଚାବିକାଠି ରହିଛି । ତନ୍ତ୍ରମତର ଶ୍ରେଷ୍ଠ ଓ ସ୍ପଷ୍ଟ ଅଭିବ୍ୟକ୍ତି ବିବେକାନନ୍ଦଙ୍କର ଗୋଟିଏ ଲିଖିତ ଧାଡ଼ିରେ ବ୍ୟକ୍ତ ହୋଇଛି, ଯାହାକୁ ଶୁଣିଲେ ବୈଷ୍ଣବମାନେ ହୁଏତ ଅଶାନ୍ତ ହୋଇଉଠିବେ । କିନ୍ତୁ ତତ୍ତ୍ୱତଃ ଏହି ଗୋଟିଏ ଧାଡ଼ି ଗୋଟିଏ ବିରାଟ ମହାଭାରତର ଭାବକୁ ପ୍ରକାଶ କରିଛି । ଆପଣମାନେ ସମସ୍ତେ ହୁଏତ ଜାଣନ୍ତି, ତାଙ୍କର କବିତା 'ନାଚୁକ୍ ତାହାତେ ଶ୍ୟାମା' । ସେଥିରେ ସେ କହିଛନ୍ତି, 'ସତ୍ୟ, ତୁମି ମୃତ୍ୟୁରୂପା କାଳୀ,–'ସୁଖ ବନମାଲୀ ତୋମାର ମାୟାର ଛାୟା ।' 'ସତ୍ୟ, ସତ୍ୟ, ସତ୍ୟ, ତ୍ରିବାର ସତ୍ୟ କରି କହୁଛି, ଏହା ଉପଲବ୍ଧ ସତ୍ୟ ।' ବୈଷ୍ଣବ ଧର୍ମ ମଧ୍ୟରେ ଭଗବାନଙ୍କର କଳ୍ପନା ଯେତେ ବି ପ୍ରସାରିତ ହୋଇଥାଉ, ମାନବ-ମନ-ବୁଦ୍ଧି ତା' ମଧ୍ୟରେ ଯେତେ ବେଶୀ ନିରାପଦ ଆଶ୍ରୟଲାଭ କରି ଜନମ-ଜୀବନ ସାର୍ଥକ ଓ ଧନ୍ୟ କରୁଥାଉ ନା କାହିଁକି, ଏହି ବିଶାଳ ଆଦ୍ୟାଶକ୍ତିର ଅବ୍ୟକ୍ତ ମୂଳ ଭାବଟିକୁ ଧରିବାର ଅଧିକାର ନ ହେଲେ କୃଷ୍ଣଙ୍କର ପୁରୁଷତତ୍ତ୍ୱ ଅଜ୍ଞାତ ହିଁ ରହିଯିବ । କାଳ୍ପନିକ କୃଷ୍ଣ, ପ୍ରକୃତି ହିଁ ଯେଉଁଠି ଅଟକି ଯାଏ । ସେଥିଲାଗି ଆଦ୍ୟାଶକ୍ତିଙ୍କୁ ନ ଧରିଲେ ସାଧନକର୍ମ କୌଣସି ଉପକାରରେ ଆସେ ନାହିଁ । ଆଉ ତାକୁ ନ ଧରିଲେ ଜଗତ-ରହସ୍ୟ, ଆତ୍ମ-ଚୈତନ୍ୟର ଉଦ୍‌ବୋଧନ ହିଁ ଫାଙ୍କା ରହିଯାଏ । ଏହି ଆବିଷ୍କାର ଯୋଗୁଁ ଶିବ ଜଗତଗୁରୁ ହୋଇଛନ୍ତି । ସାଂଖ୍ୟର ପ୍ରକୃତିତତ୍ତ୍ୱ ହିଁ ଶିବଙ୍କର । କପିଳ ଶୈବ ବା ଶିବଭକ୍ତ ଏବଂ ଶିବଙ୍କର ହିଁ ଉପାସକ ଥିଲେ ।

ସେଥିପାଇଁ ତନ୍ତ୍ର ମଧ୍ୟରେ ଶିବ ହିଁ ପ୍ରକୃତିର ଅନୁଗାମୀ ହୋଇ ସାଧନପଥରେ ଅଗ୍ରସର ହେବାକୁ ଉପଦେଶ ଦେଇଛନ୍ତି, ଯାହା ହେଉଛି ସାର୍ବଜନୀନ, ସହସ୍ର ପନ୍ଥାର । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଏହି ତିନିଗୋଟି ଆଦି-ସୃଷ୍ଟି, ସ୍ଥିତି ଓ ଲୟର ଦେବତାଙ୍କର ମଧ୍ୟରୁ କୌଣସି ଜଣକୁ ଧରିଲେ ମଧ୍ୟ ସେହି ପ୍ରକୃତିର ଅଂଶକୁ ହିଁ ଧରାହୁଏ—କାରଣ ମାନବ-ମନର ଧାରଣାରେ ଯେଉଁ ପୁରୁଷ-ପ୍ରକୃତି, ତାକୁ କେବଳ ଆଦ୍ୟ ପ୍ରକୃତି ହିଁ ବୁଝିବାକୁ ପଡ଼ିବ । ସାଂଖ୍ୟ ଓ ବେଦାନ୍ତ ଦର୍ଶନ ଶାସ୍ତ୍ର ମଧ୍ୟରେ ଚମତ୍କାର ଭାବରେ ବିଭାଗ କରିଦେଇ ଦେଖାଇ ଦିଆଯାଇଛି, କିପରି ସୃଷ୍ଟିରେ ପ୍ରକୃତି ମଧ୍ୟରେ ଏହି ପଞ୍ଚିକରଣ ବ୍ୟାପାରଟି ସମ୍ଭବ ହୋଇଥିଲା, ଯାହା ଫଳରେ ଏହି ବିଚିତ୍ର ଜୀବ-ଜଗତ ପ୍ରକାଶିତ ହୋଇ ସମ୍ଭବ ଓ ସାର୍ଥକ ହୋଇପାରିଛି ।

ତନ୍ତ୍ର-ସାଧନା, ସାରା ମାନବ-ସମାଜ ଅର୍ଥାତ୍ ସାରା ଜଗତର ଅଧିବାସୀ ମାନବ-ସମାଜକୁ ନେଇ । ଅତି ସ୍ଥୂଳବୁଦ୍ଧି ମାନବଠାରୁ ହିଁ ଏହାର ଆରମ୍ଭ । ଶିବ ବିଶ୍ୱକଲ୍ୟାଣ ଲାଗି ସର୍ବନିମ୍ନ ସ୍ତରର ମାନବଠାରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତରର ମାନବ ପର୍ଯ୍ୟନ୍ତ ତାଙ୍କର ପ୍ରବର୍ତ୍ତିତ ପଥକୁ ଆକର୍ଷିତ କରିଛନ୍ତି । ତନ୍ତ୍ରମତରେ ମାନବ ପ୍ରଥମେ ଥାଏ ପଶୁଧର୍ମୀ, ତା'ପରେ ହୋଇଥାଏ ବୀର ଏବଂ ଏହାପରେ ହୁଏ ଦେବତା । ଶିବ କହନ୍ତି, ତୁମକୁ କୌଣସି ଦେବତାଙ୍କୁ ପୃଥକ୍ ଭାବରେ ଉପାସନା କରିବାକୁ ହେବ ନାହିଁ—ତୁମର କ୍ରମୋନ୍ନତି ହିଁ ତୁମକୁ ଦେବତ୍ୱରେ ପ୍ରତିଷ୍ଠିତ କରିପାରିବ, ଯଦି ତୁମେ ପ୍ରକୃତିର ଅନୁଗାମୀ ହୋଇ ଆଗେଇଚାଲ । ମାନବ ଜନ୍ମର ସାର୍ଥକତା ହେଲା ପରମାତ୍ମା ତଥା ଶିବତ୍ୱରେ ପ୍ରତିଷ୍ଠିତ ହେବା । ଏହି କ୍ଷେତ୍ରରେ ଏତିକି ମନେରଖିଲେ ଠିକ୍ ହେବ— ବୈଦିକ ଧର୍ମରେ କୁହାଯାଇଛି ଯେ 'ଜନ୍ମନା ଜାୟତେ ଶୂଦ୍ର ସଂସ୍କାରେ ଦ୍ୱିଜ', ଏବଂ ଶେଷରେ 'ବ୍ରହ୍ମ ଜାନାତି ବ୍ରାହ୍ମଣଃ' । ସେଥଲାଗି ବେଦାନ୍ତରେ ଯାହା ପ୍ରତିପାଦ୍ୟ, ତାହା ହେଲା— 'ଜୀବ ବ୍ରହ୍ମୈବ ନା ପରଃ' । ତନ୍ତ୍ରରେ ମଧ୍ୟ ତାହାହିଁ— 'ଜୀବେ ଶିବଃ' ! ଏ ସମସ୍ତ ତତ୍ତ୍ୱତଃ ସତ୍ୟ ।

ଏହିପରି ଦେଖାଯିବ ଯେ ଶେଷପର୍ଯ୍ୟନ୍ତ ତତ୍ତ୍ୱ ଦୁଇଟି ଏକ; ଏବେ ବୈଦିକ ଧର୍ମରେ ଶିବଙ୍କର ପ୍ରଭାବ ଅଛି କି ନାହିଁ, ଏ ବିଷୟରେ ବିବାଦ ରହିଛି; ମାତ୍ର ଯେତେ ବଡ଼ ବଡ଼ ବୈଦାନ୍ତିକ, ସମସ୍ତେ ହିଁ ଶୈବ, ଯାହାଙ୍କ ମଧ୍ୟରେ ଶଙ୍କରାଚାର୍ଯ୍ୟଙ୍କ ନାମଟି ପ୍ରଥମେ ହିଁ ମନକୁ ଆସେ । କାରଣ ସେ ଇତିହାସପ୍ରସିଦ୍ଧ ବ୍ୟକ୍ତି ଆଉ ଯୁଗାବତାର ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ଏକନମ୍ବର ଶୈବ ଥିଲେ, ଏହାର ପ୍ରମାଣ ରହିଛି ।

ଯାହାହେଉ ତନ୍ତ୍ରରେ ଶିବ କହିଛନ୍ତି, ପ୍ରକୃତି ନିୟମାନୁଗ ହେଲେ ମୁକ୍ତହେବା ସମ୍ଭବ, ଯେଉଁ ମୁକ୍ତି ହିଁ ଜୀବର ଏକମାତ୍ର କାମ୍ୟ । ଏବେ ଦେଖାଯାଉ, ପ୍ରକୃତିର ନିମୟାନୁଗ ପନ୍ଥାଟି କ'ଣ ? ତାହା କେଉଁପରି ?

ଆମେ ସମସ୍ତେ ହିଁ ଜୀବ ।

ପୂର୍ବରୁ କୁହାଯାଇଛି ଯେ ତନ୍ତ୍ରଶାସ୍ତ୍ରରେ ଜୀବ ପ୍ରଥମ ଅବସ୍ଥାରେ ପଶୁ । ସୁତରାଂ ପଶୁଧର୍ମର ନିୟମରେ ହିଁ ତୁମକୁ ସାଧନାଦି ଆରମ୍ଭ କରିବାକୁ ପଡ଼ିବ । ମନୁଷ୍ୟ ପଶୁ ବୋଲି କଥାଟା ଶୁଣିନେଇ ଯେଉଁମାନେ ଦ୍ୱିଧାଗ୍ରସ୍ତ ହେବେ, ସେମାନେ ନିଜେ ନିଜର ବ୍ୟକ୍ତ ଏବଂ ଅବ୍ୟକ୍ତ ଗୋପନୀୟ ପ୍ରବୃତ୍ତି ଓ କର୍ମ ଏବଂ ଅତୀତ ଓ ବର୍ତ୍ତମାନ ମନୋଭାବଗୁଡ଼ିକର ଉପରେ ସଜାଗ ଦୃଷ୍ଟିପାତ କରନ୍ତୁ । ଏହି ସାଧନାର କଥା ଏହି ଯେ, ପଞ୍ଚ'ମ'କାର ନେଇ ସାଧନାକୁ ପ୍ରକୃତିର ନିୟମାନୁଗ ସାଧନା କୁହାଯାଇଛି । ପଶ୍ୱାଚାରର ଏହି ଯେଉଁ କେତେଗୋଟି ପ୍ରାଥମିକ ନିୟମ, ସେଥିରେ ନାରୀ ବ୍ୟତୀତ ସାଧନା ସମ୍ଭବ ହୁଏନାହିଁ ।

ପ୍ରଥମ ସ୍ତରର ଯେଉଁ ମାନବଶକ୍ତିକୁ ଆଶ୍ରୟ କରି ହିଁ ତା'କୁ ଅଗ୍ରସର ହେବାକୁ ପଡ଼ିବ; ଆଉ ତନ୍ତ୍ରରେ ଶକ୍ତି କହିଲେ ନାରୀକୁ ହିଁ ବୁଝିବାକୁ ହେବ । କାରଣ ଏହି ଯେଉଁ ପୁରୁଷ-ଜୀବ ସେ ଅର୍ଦ୍ଧ ମାତ୍ର; ନାରୀ ବା ଶକ୍ତି ହୁଏ ତା'ର ଆଶ୍ରୟ ସ୍ୱରୂପ, ଅପର ଅର୍ଦ୍ଧେକ । କେହି ପ୍ରସ୍ତୁତ ନ ହେଲେ, ସେ ଅର୍ଦ୍ଧଖଣ୍ଡ ହିଁ ହୋଇ ରହିଯିବ—ସୃଷ୍ଟିର ଅଧିକାରୀ ହୋଇପାରିବ ନାହିଁ । କର୍ମ-ଜଗତରେ ମଧ୍ୟ ଏହି ଅର୍ଦ୍ଧାବସ୍ଥାରେ କେହି କୌଣସି କର୍ମରେ ଯୁକ୍ତ ହୋଇପାରିବେ ନାହିଁ । ଜଣେ ନର ଆଉ ଜଣେ ନାରୀ, ଏହି ଦୁଇଜଣ ମନ-ପ୍ରାଣରେ ଐକ୍ୟବଦ୍ଧ ହେଲେ, ଅର୍ଥାତ୍ ପ୍ରେମରେ ମିଳିତ ହେଲେ ହିଁ ଦୁଇଜଣଙ୍କ ମନ ଓ ପ୍ରାଣରେ ଏକ ସମ୍ପୂର୍ଣ୍ଣ ସତ୍ତାର ଉପଲବ୍ଧି ଆସିବ, ଯଦ୍ୱାରା ଉଭୟଙ୍କର ଅସ୍ତିତ୍ୱ ହିଁ ସୃଷ୍ଟିଶକ୍ତିରେ ଉଦ୍‌ବୁଦ୍ଧ ହୋଇଉଠିବେ, ଯାହାକୁ ଇଂରାଜୀରେ କୁହାଯିବ—ଡାୟନାମିକ୍ ପାୱାର ବା ଗତିଶୀଳ ଶକ୍ତି । ସେହିମାନେ ହିଁ କହନ୍ତି, ସେ ଦୁହେଁ ଯେ କେବଳ କେତେକ ସ୍ଥୂଳ ସୃଷ୍ଟି କରିବାକୁ ସକ୍ଷମ ହେବେ ତାହା ନୁହେଁ, ଅବ୍ୟକ୍ତ ଏବଂ ମହତ୍ ପ୍ରକୃତିର ଉଦ୍ଦେଶ୍ୟ ସିଦ୍ଧିଲାଗି ଶକ୍ତିମାନ ହୋଇ ସେମାନେ ଜୀବ ଅର୍ଥାତ୍ ସେମାନଙ୍କର ମନ-ପ୍ରାଣ ଓ ଚୈତନ୍ୟମୟ ଜୀବ ସୃଷ୍ଟିକରିବାରେ ସମର୍ଥ ହେବେ ଏବଂ ତା'ର ଅଧିକାରୀ ହେବେ । ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ ଏହି ପାଞ୍ଚଗୋଟି ହେଲା ପଶ୍ୱାଚାରର ଉପକରଣ । ପୁଣି ଏକଥା କହିବାକୁ ବାଧ ହେଉଛି ଯେ ସ୍ପଷ୍ଟ ଭାଷାରେ ଏହି ସଭ୍ୟସମାଜର ମଧ୍ୟରେ ଧର୍ମ ସାଧନା ନାମରେ ଏହି କେତେଗୋଟି ଉପକରଣର ନାମ ଶୁଣିଦେଇ ଘୃଣାରେ ମୁଖ ବିକୃତ କଲେ ମହାଭୁଲ ହେବ । କାରଣ ପ୍ରାଚୀନ କାଳରେ ପଶ୍ୱାଚାରର ଅଧିକାରୀଗଣଙ୍କ ସାଧନର ଉଦ୍ଦେଶ୍ୟସିଦ୍ଧି ଲାଗି ଏହି ପରମ ଲୋଭନୀୟ ସ୍ଥୂଳ ଭୋଗର ଉପକରଣକୁ ଆଧାର କରି ଧର୍ମ ସାଧନର ଆରମ୍ଭ ନିମନ୍ତେ କେବଳ ଯେ ଉପଦେଶ ଥିଲା, ତା ନୁହେଁ, ଏବେ ମଧ୍ୟ ଏହାକୁ ନେଇ ସାଧନର ଉପଯୋଗିତା ବର୍ତ୍ତମାନ ସମାଜରେ ମଧ୍ୟ ପୂର୍ବପରି ଅକ୍ଷୟ ରହିଛି । ଆମର ବର୍ତ୍ତମାନର ଏହି ସମାଜ, ନାନା ସଭ୍ୟତାର ପ୍ରଭାବରେ ସର୍ବଦା ହିଁ ବହିର୍ମୁଖ । ଏହି ସମାଜରେ ଯଥାର୍ଥରେ ଯାହାକୁ ଦେବଚରିତ୍ରର ମାନବ ବୋଲି କହିବା, ସେମାନଙ୍କ ସଂଖ୍ୟା କେତେ ? ଏତଦ୍‌ବ୍ୟତୀତ ଯାହା ମଧ୍ୟରେ ମନୁଷ୍ୟତାର ପ୍ରବଳ ଭାବ କର୍ମବୁଦ୍ଧିର ଉନ୍ନତି ଦ୍ୱାରା

ବିସ୍ତାରଲାଭ ଘଟିଛି, ଜ୍ଞାନର ବିକାଶ ହୋଇଛି, ଏହିପରି ଗୁଣଧାରୀ ମନୁଷ୍ୟମାନଙ୍କୁ ଆମ ଦେଶ ବା ସମାଜରେ ସାଧାରଣ ଲକ୍ଷ୍ୟସ୍ଥଳରୁ ବାଦ୍ ଦେଲେ, ଯେଉଁ ବିରାଟ ସ୍ତରର ଅସ୍ତିତ୍ୱ ଏହି ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସମାଜରେ ରହିଛି, ସେମାନଙ୍କୁ ପଶ୍ୱାଚାରର ଅଧିକାରୀ ବୋଲି ମନେକଲେ କ'ଣ କିଛି ଭୁଲ୍ ହେବ କି ? ସେମାନେ ଯାହା ହୁଅନ୍ତୁ– ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ବା ଅଶିକ୍ଷିତ–ସେମାନଙ୍କ ମଧ୍ୟରେ ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନର ପ୍ରବଳ ଆସକ୍ତି ଥିବାରୁ ଜଣାଯାଏ ଯେ ସେମାନେ ପଶ୍ୱାଚାର ସାଧନର ଉପଯୁକ୍ତ ଆଧାର । ସେମାନେ ଏହି ସାଧନ ପଥରେ ଆସିଲେ କେବଳ ଉଚ୍ଛୃଙ୍ଖଳ ଭୋଗବୃତ୍ତି ନୁହେଁ, ସଙ୍ଗେସଙ୍ଗେ ସାଧନକର୍ମ ଦ୍ୱାରା ସେମାନଙ୍କ ଜୀବନ ନିୟନ୍ତ୍ରିତ ହେବ । ସେଥିଲାଗି ଏହାହିଁ ପ୍ରଥମ ସ୍ତର ଜୀବର ପ୍ରକୃତି ଦ୍ୱାରା ନିୟମାନୁଗ ସାଧନ ।

ଆମର ସମାଜ ମଧ୍ୟରେ ପଞ୍ଚ 'ମ'କାରରେ ଆସକ୍ତ ଜୀବର ଅସ୍ତିତ୍ୱ ପ୍ରମାଣ କରେ ଯେ ପ୍ରାକୃତିକ ନିୟମ ହିଁ ଏବକାଳରେ ମଧ୍ୟ ପଞ୍ଚ'ମ'କାର ସାଧନର ପ୍ରୟୋଜନ ତଥା ଉପଯୋଗିତା ରହିଛି । ତନ୍ତ୍ରମତରେ ଏହି ପ୍ରଥମ ସାଧନହିଁ ଦେଖାଇ ଦିଏ ଯେ ଏହାର ବିକୃତ ଅବସ୍ଥା ଅର୍ଥାତ୍ ଜଙ୍ଗଲ, ଶାଖା-ପ୍ରଶାଖା, ଜଙ୍ଗଲୀ ଘାସ ଆଦିକୁ ବାଦ୍ ଦେଲେ ଏହି ଧର୍ମ ଯେ କେତେ ଉଦାର, ତାହା ଏକ ମହୀଜାତିର ସର୍ବସ୍ତରର ଲୋକଙ୍କପାଇଁ କେତେ ଉପଯୋଗୀ ହୋଇଥାଏ । ପୁଣି ଯିଏ ଏହାର ପ୍ରବର୍ତ୍ତକ, ତାଙ୍କର କି ଅସାଧାରଣ ଦୂରଦୃଷ୍ଟି ଥାଏ ! ସମାଜର କେହି ଏହି କଲ୍ୟାଣମୟ ଧର୍ମର ଆଶ୍ରୟରୁ ବଞ୍ଚିତ ହେବେ ନାହିଁ । ଅଧିକନ୍ତୁ ସେ ଏପରି ଏକ ଉଦାର ଧର୍ମ ସୃଷ୍ଟି କରିଛନ୍ତି, ଯାହାର ପ୍ରଭାବ ଓ ଉପଯୋଗିତା ସବୁ ସମୟରେ ଅନୁଭୂତ ହେବ ।

ଯାହାଙ୍କର ମନ-ପ୍ରାଣରେ ଏହି ପଞ୍ଚ'ମ'କାର ଉପରେ ଆସକ୍ତି ଅର୍ଥାତ୍ ସ୍ଥୂଳ ଭୋଗର ପ୍ରବୃତ୍ତି ପ୍ରବଳ, ସେମାନଙ୍କର ମଧ୍ୟ ଆଉ ଗୋଟିଏ କଥା ଜାଣିବା ଉଚିତ । ତନ୍ତ୍ର କହେ, ଯେଉଁମାନେ ଭଣ୍ଡ ମାତାଲ ଅଥବା ଅପରିମିତ ମଦ୍ୟ, ମାଂସ ଓ ସ୍ତ୍ରୀ-ସେବୀ, ସେମାନଙ୍କ ଦ୍ୱାରା ତାନ୍ତ୍ରିକ ସାଧନାର ଉଦ୍ଦେଶ୍ୟ ସିଦ୍ଧ ହେବ ନାହିଁ । କାରଣ ଏହି ପଞ୍ଚ'ମ'କାରର ବ୍ୟବସ୍ଥା ଏପରି ହିଁ ଚମତ୍କାର ଭାବରେ ବିଧିପୂର୍ବକ ନିୟନ୍ତ୍ରିତ, ଯାହା ଭିତରେ ଉଚ୍ଛୃଙ୍ଖଳାର ଆଦୌ ସ୍ଥାନ ନାହିଁ । ପଞ୍ଚ'ମ'କାରର ସମତା ରଖିବାକୁ ହେଲେ ମାତ୍ରାଠାରୁ ବାହାରିଯିବା ଚଳିବ ନାହିଁ । ଏହି ତନ୍ତ୍ରରେ ଏପରି ମାତ୍ରା ନିୟନ୍ତ୍ରିତ କରାଯାଇଛି ଯେ ଏହାଦ୍ୱାରା ଏହି ସକଳ ବସ୍ତୁର ବ୍ୟବହାର ଫଳରେ ସାଧକ ମଧ୍ୟରେ ସ୍ୱାସ୍ଥ୍ୟପୂର୍ଣ୍ଣ ଏକ ସତ୍‌ବ୍ୟକ୍ତିତ୍ୱର ସ୍ଫୂର୍ତ୍ତି ସ୍ପଷ୍ଟ ହୋଇଉଠେ ଏବଂ ମନର ସମତା ବୃଦ୍ଧି ସଙ୍ଗେସଙ୍ଗେ ଧୀଶକ୍ତି ପ୍ରବଳ ହୁଏ । ଗୋଟିଏ କଥାରେ ଯାହାକୁ ଆମେ ପ୍ରବଳ ମନଶକ୍ତିସମ୍ପନ୍ନ କହୁ, ଏହି ସାଧନର ମାଧ୍ୟମରେ ସାଧକ ତାହାହିଁ ହୋଇଯାଇଥାଏ । କାରଣ ସଂଯମ ହିଁ ସକଳ ସାଧନାର ନିତ୍ୟ ନିୟମର ମୂଳ କଥା ।

ସାଧନାର ଉଚ୍ଛୃଙ୍ଖଳତାରେ ପ୍ରକୃତିର ନିୟମାନୁଗ ସାଧନ ହୁଏ ନାହିଁ—ଏହା ପୂର୍ବରୁ କୁହାଯାଇଛି । କାରଣ ତନ୍ତ୍ରମତରେ ପ୍ରକୃତିର ନିୟମ ମଧ୍ୟରେ ଉଚ୍ଛୃଙ୍ଖଳତା କେଉଁଠାରେ ନାହିଁ—ସମସ୍ତ ହିଁ ସୁନିୟନ୍ତ୍ରିତ । ତେବେ, ବିଶେଷତଃ ସେହି ବ୍ୟକ୍ତି ଉଚ୍ଛୃଙ୍ଖଳ ହେବ, ଯେତେବେଳେ ସେ ଧର୍ମସାଧନା ଦ୍ୱାରା ଜୀବନକୁ ନିୟନ୍ତ୍ରିତ କରିବାକୁ ଆରମ୍ଭ କରିଛି । ଆଉ ମଧ୍ୟ ଗୋଟିଏ କଥା ଅଛି । ଏବେର ସମାଜରେ, ବିଦେଶୀୟ ବା ବିଜାତୀୟ ଯେଉଁ ବିଚିତ୍ର ଶିକ୍ଷାପଦ୍ଧତି ଆମ ଅମଳରେ ଚାଲିଛି, ଯାହାର ପ୍ରଭାବ ଦ୍ୱାରା ଆମେମାନେ ଗୋଟିଏ ସମାଜରେ ଥାଇ ମଧ୍ୟ ବିଚ୍ଛିନ୍ନ, ତାହା କେବଳ ବିବାହ ଆଦି ସଂସ୍କାର ସମୟ ବ୍ୟତୀତ ଅନ୍ୟ ସମୟରେ ଆମର ମନେ ନଥାଏ । ଏକମାତ୍ର ଧନ ବା ଟଙ୍କାକୁ ଅବଲମ୍ବନ କରି ଆମେ ସାମାଜିକ ଭାବରେ ଅବଚେତନଠାରୁ ଅଚେତନସ୍ତର ପର୍ଯ୍ୟନ୍ତ ବିଚ୍ଛିନ୍ନ ହୋଇ ଚାଲିଛୁ; ଅର୍ଥକରୀ ବା ସେହିପରି କିଛି ଉପରେ ବିଶ୍ୱାସ କରି ପୁଣି ଯାହା କିଛି ମହତ୍, ଯାହା କିଛି ଜାତୀୟ ଧର୍ମର ବିକାଶ ଓ ଆତ୍ମଶକ୍ତି ବିସ୍ତାରର ପନ୍ଥା, ତା' ଉପରେ ଅବିଶ୍ୱାସ କରି ସନ୍ଦିଗ୍ଧଚିତ୍ତ ହେବାକୁ ଆମେ ଶିଖିଛୁ; ଏହି ଶିକ୍ଷାର କୌଣସି ହିଁ ଉପଯୋଗିତା ଏହି ତନ୍ତ୍ରଧର୍ମକୁ ନେଇ ଆଦୌ ନାହିଁ । ପରନ୍ତୁ ଅନ୍ୟ କେଉଁ ଧର୍ମରେ ମଧ୍ୟ ଅଛି କି ନାହିଁ, ତାହା ମଧ୍ୟ ସନ୍ଦେହଜନକ । ସୁତରାଂ ତନ୍ତ୍ରର ଯେଉଁ ତିନିଗୋଟି ସ୍ତର ମାନବସମାଜକୁ ନେଇ ସ୍ପଷ୍ଟରୂପେ ବିଭକ୍ତ ହୋଇଛି, ତାହା କେବଳ ଭାରତୀୟ ନୁହେଁ, ଏହା ମଧ୍ୟରେ ସାର୍ବଜନୀନ ଧର୍ମର ବୈଶିଷ୍ଟ୍ୟ ସକଳ ଅବସ୍ଥାରେ ବିଦ୍ୟମାନ । ପକ୍ଷାନ୍ତରେ ଉପଯୁକ୍ତ ଶ୍ରଦ୍ଧା ସହକାରେ ଯେଉଁମାନେ ତଥାକଥିତ ଭାରତୀୟ ବୈଦିକ ବ୍ରାହ୍ମଣ୍ୟଧର୍ମର ଆଚାର୍ଯ୍ୟ, ସେମାନଙ୍କ ଚରଣରେ କୋଟିକୋଟି ପ୍ରଣାମ କରି କରଯୋଡ଼ି ଏବଂ ଭୂମିରେ ନାକଘଷି ସେହିମାନଙ୍କ ଭାଷାରେ କହିପାରେ ଯେ ବ୍ରାହ୍ମଣ ହୋଇ ଏହି ଭାରତବର୍ଷରେ ଜନ୍ମ ନେଇ ନଥିଲେ, ଏହି ପବିତ୍ର ଧର୍ମ ଓ ବେଦରେ ଆଉ କାହାର ଅଧିକାର ନାହିଁ ବୋଲି ଯେଉଁମାନେ ଆମ ମନରେ ବାଲ୍ୟକାଳରୁ ଭରି ଦେବାକୁ ଚାହୁଁଛନ୍ତି, ସେମାନଙ୍କର ଏହି ବାଣୀ ମଧ୍ୟରେ କୌଣସି ସତ୍ୟତା ନାହିଁ । ଅଧିକନ୍ତୁ ତା' ସଙ୍ଗେ ସହାନୁଭୂତି ମଧ୍ୟ ଏହି ତନ୍ତ୍ର ଅଥବା ଶିବଙ୍କ ଧର୍ମ ଭିତରେ କେଉଁଠାରେ ନାହିଁ । ଯାହାହେଉ, ଏବେ ବୋଧହୁଏ ଆମର ଏହା ବୁଝିବା ଭୁଲ୍ ହେବନାହିଁ ଯେ ତନ୍ତ୍ରମତରେ ପ୍ରକୃତିର ନିୟମାନୁଗ ଯେଉଁ ସାଧନା, ତାହା ମଧ୍ୟରେ ଜଟିଳତା ଏପରି କିଛି ନାହିଁ, ଯଦ୍ୱାରା ଯେଉଁମାନେ ଏହି ସ୍ତରର ମନୁଷ୍ୟ ସେମାନଙ୍କ ଧାରଣାରେ ଏହି ପାଞ୍ଚଗୋଟି ଉପକରଣ ଭିତର ଦେଇ ସାଧନା ଅନ୍ୟାୟ ବା କଠିନ ମନେହେବ । ପ୍ରତ୍ୟେକଟି ପ୍ରକ୍ରିୟାରେ ନିୟମ ଥିବା ଯୋଗୁ ସେମାନଙ୍କର ଭୋଗ ମଧ୍ୟ ଦେଇ ସଂଯମ ମାର୍ଗରୁ ନେଇଯିବ ପରବର୍ତ୍ତୀ ସାଧନମାର୍ଗକୁ; ଅଥବା ତଦ୍ୱାରା ଦ୍ୱିତୀୟ ବା ମଧ୍ୟମ ସ୍ତରର ପଥଟିକୁ ଉଠିଯିବାକୁ ସହଜ ହେବ । ଏଠାରେ ମୁଁ ପ୍ରତ୍ୟେକ ଉପକରଣକୁ ଖୁଣ୍ଟିନାଣ୍ଟି ନିୟମ କିମ୍ବା ମନ୍ତ୍ରାଦି ସହାୟତାରେ କେଉଁଭାବେ ପାଞ୍ଚଗୋଟିର ବ୍ୟବହାର କରିବାକୁ

ପଡ଼େ, ସେସବୁ ତଥ୍ୟ ଦେଇପାରିବି ନାହିଁ । କାରଣ ଏହି ସଂକ୍ଷିପ୍ତ ସମୟ ମଧ୍ୟରେ ତାହା ସମ୍ଭବ ନୁହେଁ । ମୋଟାମୋଟି ସାଧାରଣଭାବେ ତନ୍ତ୍ରର ସାଧନା ସମ୍ବନ୍ଧରେ ପ୍ରଥମ ସ୍ତର ପରେ ଏବେ ଦ୍ୱିତୀୟ ସ୍ତରର କଥା ହିଁ ଆମ ଆଲୋଚନାର ବିଷୟ ।

ତନ୍ତ୍ର-ସିଦ୍ଧ ମହାପୁରୁଷମାନେ କହନ୍ତି, ଯୌବନ କାଳହିଁ ହେଲା ଧର୍ମସାଧନାର ଏକମାତ୍ର ପ୍ରଶସ୍ତ କାଳ ଏବଂ ତାହାର ଆରମ୍ଭ ଯୌବନର ଉନ୍ମେଷ ସମୟରୁ ହିଁ ହେବା ବାଞ୍ଛନୀୟ । ଏବେ ପଶ୍ୱାଚାର ସମ୍ବନ୍ଧରେ ଯାହା କୁହାଯାଇଛି, ତାହା ପାଞ୍ଚଛଅ ବର୍ଷଧରି ସାଧନାରେ ତା'ର କ୍ରମପରିଣତି କେଉଁ ଭାବରେ ଗତି ଲାଭ କରିପାରେ, ଦେଖାଯାଉ । ଏବେ ଏହିଠାରେ ପାଠକଗଣଙ୍କ ମଧ୍ୟରେ ଅନେକେ ଅଛନ୍ତି, ଯେଉଁମାନେ ହୁଏତ ମନେକରିଛନ୍ତି ଯେ ଆମେ ଯେତେବେଳେ ପଞ୍ଚ'ମ'କାରର ସାଧକ ନୋହୁଁ ଅଥବା ପ୍ରଥମ ସ୍ତରର ନୋହୁ, ତା' ଉପରର ବ୍ୟକ୍ତି ଅର୍ଥାତ୍ ସେମାନେ ମଦ୍ୟପାନ କରନ୍ତି ନାହିଁ, ମତ୍ସ୍ୟ-ମାଂସ ଖାଆନ୍ତି ନାହିଁ, ପୁଣି ବୟସ ଗୁଣରୁ ମୈଥୁନରେ ଅଥବା ପଞ୍ଚମ ଉପକରଣ ଉପରେ ମଧ୍ୟ ସ୍ପୃହା ନାହିଁ, ସେମାନଙ୍କୁ ମୁଁ ସ୍ପଷ୍ଟଭାବେ କହିବାକୁ ବାଧ୍ୟ ହେଉଛି ଯେ ଏକମାତ୍ର ହରିନାମ ଛଡ଼ା ସେମାନଙ୍କର ଆଉ କିଛି ଗତ୍ୟନ୍ତର ନାହିଁ, ସେମାନଙ୍କର ତନ୍ତ୍ର-ଧର୍ମରେ କୌଣସି ସ୍ଥାନ ନାହିଁ । କାରଣ ମୂଳରୁ ହିଁ କହୁଛି, ସୁସ୍ଥ ଶରୀର ଓ ସବଳ ମନ ହିଁ ହେଲା ଧର୍ମଜୀବନର ପ୍ରଧାନ ଅବଲମ୍ବନ । ଯେଉଁମାନେ ମନେକରନ୍ତି ଯେ ଧର୍ମ ବିଷୟଟା କେବଳ ବୃଦ୍ଧ ବୟସର ଏବଂ ସେମାନଙ୍କ ପକ୍ଷେ କୌଣସି ଧର୍ମସଂଘର ସଭ୍ୟ ହୋଇ ମାସିକ ବା ବାର୍ଷିକ ବା ଏକକାଳୀନ ଚାନ୍ଦା ଦେବା ଏବଂ ଶୁଭ ଇଚ୍ଛା ପୋଷଣ କରିବା ବ୍ୟତୀତ ଆଉ କୌଣସି କର୍ତ୍ତବ୍ୟ ନାହିଁ, ତେବେ ଏଥିରେ ନିରାଶ ହେବାର କିଛି ନାହିଁ । କାରଣ ହାତର-ପାଞ୍ଚ ଭଳି ଶ୍ରୀହରିର ନାମଟି ତ ସେମାନଙ୍କ ହାତରେ ହିଁ ଅଛି । ସେମାନେ ଅବଶିଷ୍ଟ ଜୀବନ ଇଚ୍ଛାମତେ ଭଗବାନଙ୍କ ଚିନ୍ତାରେ କଟାଇପାରନ୍ତି । ଯଦି ସେଥିରୁ କୌଣସି ବାଧା ମିଳେ, ତେବେ ନିଜ ଶ୍ରୀମୁଖକୁ ଚାହିଁ ଦେଖିଲେ ହିଁ ଜାଣିପାରିବେ । ଜୀବର ସକଳ ଅବସ୍ଥାରେ ଈଶ୍ୱର ଚିନ୍ତନର ପଥ ସବୁ କାଳରେ ହିଁ ମୁକ୍ତ ରହିଛି । ସେହି ହିସାବରେ ପରମା ପ୍ରକୃତି ବା ଜଗଦମ୍ବାର ବିଧାନ ଖୁବ୍ ଉଦାର । ଏହି କଥାକୁ ସମସ୍ତେ ସ୍ୱୀକାର କରିବେ । ବର୍ତ୍ତମାନ ଯାହା କହୁଥିଲି, ପ୍ରଥମ ସ୍ତରରେ ସାଧକ ପଞ୍ଚ'ମ'କାରକୁ ନେଇ, ଧରନ୍ତୁ ପ୍ରାୟ ପାଞ୍ଚବର୍ଷ ଧରି, ନିୟମିତ ସାଧନ କଲାପରେ ଦେଖାଗଲା ସେ ଏତେ ବେଶୀ ସୁଖୀ ନୁହନ୍ତି, ତେବେ ସ୍ୱଭାବ-ବଶରେ ହିଁ ତାଙ୍କ ମନରେ ଏହି କଥା ଆସିବ ଯେ ଏହା ତାଙ୍କ କାମ୍ୟ ନୁହେଁ । ଏହି ସତ୍ୟଟିକୁ ମନେରଖିଲେ ସକଳ ବ୍ୟାପାର ସହଜ ହୋଇଯିବ । ପ୍ରକୃତିର ଏପରି ବିଚିତ୍ର ନିୟମ ଯେ ନିତ୍ୟନିତ୍ୟ ଏକରକମ ଭୋଗ କସ୍ମିନ୍‌କାଳେ କାହାର ରୁଚିକର ହୁଏ ନାହିଁ । ବସ୍ତୁତଃ ପାଞ୍ଚବର୍ଷର ପରିମିତ ବ୍ୟବହାର ଫଳରେ ବିରାଗ ଆସିବା ସ୍ୱାଭାବିକ । ଏହାକୁ ନେଇ

ଜୀବନ କଟାଇବା କେବେ ହେଁ ତାଙ୍କର ଉଦ୍ଦେଶ୍ୟ ହୋଇପାରିବ ନାହିଁ । କାରଣ ଏଥିରେ ସ୍ଥାୟୀ ସୁଖ ବା ଆନନ୍ଦର ବା ଉଚ୍ଚତର ଶକ୍ତିଲାଭର ଯେଉଁ କାମନା ଜାଗିଥାଏ, ତାହା ମିଳି ନଥାଏ ଏବଂ କାର୍ଯ୍ୟତଃ ତାହାର ଅଧିକାରୀ ହେବା ସମ୍ଭବ ନୁହେଁ । ସେହି ସମୟରେ ଯେଉଁ ଅବସ୍ଥା ପାଇବାକୁ ସେ ଚାହେଁ, ତାହା ଏକ ମହାଶକ୍ତି ଲାଭର ଅବସ୍ଥା । ତାହାର କ୍ଷେତ୍ରଟି ଏବେ କିନ୍ତୁ କମ୍ ବା ବେଶୀ ପ୍ରସ୍ତୁତ ହୋଇଛି, ମଦ, ମାଂସ, ସ୍ତ୍ରୀ ସଂଭୋଗ ଦ୍ୱାରା ପାର୍ଥିବ ଭୋଗାକାଂକ୍ଷା ଓ ପ୍ରାପ୍ତିର ମଧ୍ୟ ଦେଇ ଏ ସମସ୍ତ ଆଉ ତାଙ୍କ ନିକଟରେ ବଡ଼ ବେଶୀ ଲୋଭର ବସ୍ତୁ ହୋଇ ନଥାଏ; ପଶ୍ୱାଚାର ଫଳ ସ୍ୱରୂପ ବର୍ତ୍ତମାନ ତାଙ୍କର ବୀରାଚାରର ଯୋଗ୍ୟତା ଆସି ଯାଇଥାଏ । ସେତେବେଳେ ସ୍ୱଭାବତଃ ସାଧକର ଆଗ୍ରହ ଜନ୍ମେ, ଶକ୍ତିମାନ ହେବା ଦିଗରେ, ଏହି ଜୀବନ-କାଳ ମଧ୍ୟରେ ଯେଉଁ ଶକ୍ତି ଦ୍ୱାରା ଉଚ୍ଚ ଉଚ୍ଚ କର୍ମ ଓ ଭୋଗ ସମ୍ଭବ ହୋଇପାରେ ।

ଆଚ୍ଛା, ଆମର ମୁକ୍ତିପଥରେ ପ୍ରଧାନ ବାଧାଗୁଡ଼ିକ କ'ଣ ? ଅର୍ଥାତ୍ କେଉଁକେଉଁ ଅବସ୍ଥା ଆମର ନିରବଚ୍ଛିନ୍ନ ଆନନ୍ଦର ଅନ୍ତରାୟ ହେଉଛି, ଯାହାଠାରୁ ମୁକ୍ତି ପାଇଲେ ଆମେ ସ୍ଥାୟୀ ଭାବରେ ସୁଖୀ ହୋଇପାରିବା ବୋଲି ଭାବିଥାଉ ? ଆମର ଜୀବନରେ ସୁଖ ମୂଳରେ ଯେଉଁଗୁଡ଼ିକ ବାଧା ବୋଲି ଜାଣୁ, ତନ୍ତ୍ରମତରେ ତାହାର ନାମ ହେଲା ପାଶ । ପାଶର ସଂଖ୍ୟା ଆଠ—କ୍ଷୁଧା, ତୃଷ୍ଣା, ଘୃଣା, ଭୟ, ଲଜ୍ଜା, ମାନ, ରାଗ ଓ ଦ୍ୱେଷ । ମତାନ୍ତରେ ହେଲା କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, କ୍ଷୁଧା ଓ ତୃଷ୍ଣା । ଶିବ କହନ୍ତି, ଏହି ଆଠଗୋଟି ପାଶ ହିଁ ତୁମକୁ ଆତ୍ମଚୈତନ୍ୟ-ବିମୁଖ କରି ରଖିଛି, ଯାହା ଫଳରେ ତୁମର ଯେ କେତେ ଶକ୍ତି, ତାହା ତୁମେ ଜାଣିପାରନାହିଁ । ଏହି ପାଶଗୁଡ଼ିକରୁ ମୁକ୍ତ ହେଲେ ଯାଇ ତୁମେ ହେବ ଶିବ । ସୁତରାଂ ଯେଉଁ ଆଚାର ପାଳନ ବା ସାଧନା ଦ୍ୱାରା ତୁମେ ପାଶ-ମୁକ୍ତ ହେବ, ତା'ର ନାମ ହିଁ ବୀରାଚାର ।

ବର୍ତ୍ତମାନ ଧରି ନିଆଯାଉ ଯେ ପଶ୍ୱାଚାରରୁ ସାଧକ ଏବେ ଶକ୍ତିଲାଭ ବା ଆତ୍ମଶକ୍ତି ସ୍ଫୁରଣ ପଥରେ ଅଗ୍ରସର ହୋଇଛନ୍ତି ବା ଆଗେଇବା ପରି ଅବସ୍ଥା ହୋଇଛି । ପୁଣି ଗୁରୁମୁଖରୁ ଉପଦେଶ ଦ୍ୱାରା ସେ ବୁଝିଛନ୍ତି ଯେ ଏହି ପାଶଗୁଡ଼ିକ ତାଙ୍କ ଯଥାର୍ଥ ଶକ୍ତିଲାଭରେ ଅନ୍ତରାୟ । ତାହା କାହିଁକି ଓ କେଉଁପରି ଅନ୍ତରାୟ, ସେହି ଖୁଣ୍ଟି-ନାଣ୍ଟି ବ୍ୟାପାର ପ୍ରୟୋଜନ ଏଠାରେ ନାହିଁ । କେବଳ ମୋଟାମୋଟି ଭାବରେ ଏଠାରେ ସାଧନାର ବ୍ୟାପାର ବ୍ୟକ୍ତ କରିବା ଦରକାର । ପ୍ରତ୍ୟେକ ପାଶରୁ ମୁକ୍ତି ଲାଗି ପୃଥକ୍ ପୃଥକ୍ ସାଧନା ଅଛି । ଦୁଇଟା-ଗୋଟାଏକୁ ନେଇ ଦେଖାଯାଉ ତନ୍ତ୍ରମତରେ ଯେଉଁ ପାଶମୁକ୍ତିର ସାଧନା, ତାହା କେଉଁପରି ହୋଇପାରେ ! ଭୟ ଏକ ପ୍ରକାଣ୍ଡ ପାଶ, ଯେଉଁ କଥା ବର୍ତ୍ତମାନ ଉପସ୍ଥିତ କାହାକୁ ବିଶେଷଭାବରେ ବୁଝାଇ ଦେବାକୁ ହେବ ନାହିଁ ଯେ ସେହି ବସ୍ତୁଟି ପୁଣି କ'ଣ ? କାରଣ ଶୈଶବକାଳଠାରୁ ପ୍ରତ୍ୟେକ ସଂସାରୀ ଏହି ଭୟର

କାରଣ ପଛରେ କେତେ ଶକ୍ତି ବା ଆୟୁ କ୍ଷୟ କରିଛି, ତାହାର ଇୟତ୍ତା ନାହିଁ । ଘୋର ଅମାନିଶାରେ ଶ୍ମଶାନରେ ଶବ ଉପରେ ଆସନପାତି ନାନା ପ୍ରକ୍ରିୟା ମଧ୍ୟ ଦେଇ ଯେଉଁ ସାଧନା ଅଛି, ଯେଉଁ ଅବସ୍ଥା ମଧ୍ୟଦେଇ ସାଧକକୁ ଆଗେଇ ଯିବାକୁ ପଡ଼େ, ତାହା ଶୁଣିଲେ ହୁଏତ ଆପଣମାନେ ଏଠାରେ ବସି ମଧ୍ୟ ଅସ୍ୱାଚ୍ଛନ୍ଦ୍ୟ ବୋଧ କରିବେ । ଏହି ସିଦ୍ଧି ପରେ କୌଣସି ସାଧକର ପାର୍ଥିବ ଅବସ୍ଥାରେ ଭୟ ରହିବା ସମ୍ଭବ କି ? ଏହି ପ୍ରକାର ଅନ୍ୟାନ୍ୟ ପାଶମୁକ୍ତିର ସାଧନା ମଧ୍ୟ ଅଛି ।

ଧରନ୍ତୁ, ଆଉ ଏକ ପାଶ ହେଲା ଘୃଣା । ଏହି ଘୃଣା କେବଳ ଆଜିକାଲି ଦିନରେ ନୁହେଁ, ସେ କାଳରେ ମଧ୍ୟ ମନୁଷ୍ୟକୁ ମୁକ୍ତପ୍ରାଣରେ ଆନନ୍ଦ ଅନୁଭବ କରିବାରୁ କେତେ ଯେ ବଞ୍ଚିତ କରିରଖିଛି, ସେ ବିଷୟରେ ଟିକିଏ ଅବହିତ ହେଲେ ଯାଇ ବୁଝିପାରିବେ । ଆମେ ଯେଉଁ ଅବସ୍ଥାର ବ୍ୟକ୍ତି, ସେହି ସମାଜରେ ଆଉ ଜଣଙ୍କ ଉପରେ ଘୃଣା ପୋଷଣ କରିବା କିମ୍ବା ତାଙ୍କୁ ହେୟ ଜ୍ଞାନକରିବା ଏବଂ ତାଙ୍କଠାରୁ ନାନାରକମ ଉପକାର ପାଇ ମଧ୍ୟ ତାଙ୍କ ନାମରେ ଘୃଣା ପ୍ରଚାର କରିବା, ଏହା କେଉଁ ପ୍ରକାର ବ୍ୟବହାର ? ଆମେ ସମାଜରେ ମିଳାମିଶାର ବାଟ ବନ୍ଦକରି, ଗୋଷ୍ଠୀ ମଧ୍ୟରେ କ୍ରମବିକାଶର ପ୍ରତିବନ୍ଧକତା ସୃଷ୍ଟି କରି ସମାଜ ନିକଟରେ ମହା ଅପରାଧୀ ହୋଇପଡ଼ିଛୁ, ଯାହାଫଳରେ ଏବେ ସମାଜ ଶକ୍ତିହୀନ ହୋଇପଡ଼ିଛି । ଏକଥା କିଏ ନ ଜାଣିଛି ? ଏହା ତ ଗଲା ମନୁଷ୍ୟ ମନୁଷ୍ୟକୁ ଘୃଣା କରିବାର କଥା; ଏପରି ବସ୍ତୁ ଆମ ଚତୁର୍ଦ୍ଦିଗରେ ବିଛାଇ ହୋଇରହିଛି— କେବଳ ମାତ୍ର ଘୃଣା ଯୋଗୁ ଆମେ ସେଗୁଡ଼ିକର ପୁଷ୍ଟିକର ପ୍ରଭାବ ଓ ଉପକାରିତାଠାରୁ ଚିରବଞ୍ଚିତ । ଏବେ ଟମାଟୋ, ଛଚିନ୍ଦ୍ରା, ପିଆଜ, ରସୁଣ ପ୍ରଭୃତି କେତେକେତେ ଶାକ-ସବ୍‌ଜିର ଉପକାରିତା ଆମେ ବୁଝିପାରୁଛୁ, କିନ୍ତୁ ଆମ ଘରେ ସ୍ତ୍ରୀ ଓ ମା'ଙ୍କ ନିକଟରେ ହୁଏତ ସେଗୁଡ଼ିକ ଘୃଣାର ବସ୍ତୁ । ସେହିପରି ଏହି ଘୃଣାଟି ଆମକୁ କେତେ ପ୍ରକାର ସଂକୀର୍ଣ୍ଣ କରି ରଖିଛି ! ଘୃଣାକୁ କେବଳ ଯେ ଜୟ କରିଛନ୍ତି, ତାହା ନୁହେଁ, ଏପରିକି ସର୍ବପାପମୁକ୍ତ ହୋଇ ଜଣେ କିପରି ଅବସ୍ଥାରେ ପହଞ୍ଚିପାରେ, ତାହା ଭାଗ୍ୟକ୍ରମେ ମୁଁ ସ୍ୱଚକ୍ଷୁରେ ଦେଖିଛି ଏବଂ ତାଙ୍କ ସହ ବାସ ମଧ୍ୟ କରିଛି । ଦୀର୍ଘକାଳଧରି ତାଙ୍କର ପୂର୍ବ ବ୍ୟବହାର ଲକ୍ଷ୍ୟ କରିଛି । ଏହି ଗ୍ରନ୍ଥର ପ୍ରଥମ ଭାଗରେ ତାହା ପାଇବେ ।

ଏହି ଭାବରେ ଅଷ୍ଟପାଶମୁକ୍ତ ହୋଇ ବୀର ହେବାକୁ ଗଲେ ଯେଉଁ କଠୋର ସାଧନାର ପ୍ରୟୋଜନ, ମନେ ହୁଏ, ତାହା ଆଉ କହିବାକୁ ପଡ଼ିବ ନାହିଁ । ସିଦ୍ଧିଲାଭ ପରେ ଯେ ଶକ୍ତିର ଅଧିକାରୀ ହୋଇଯାଏ, ତାହାକୁ ପ୍ରକାଶ କରିବାକୁ ଭାଷା ନାହିଁ । କିନ୍ତୁ ଏହି ସିଦ୍ଧିଲାଭ ପଥରେ ତାନ୍ତ୍ରିକ ସାଧନାରେ ଥାଏ ଯେତେ ସବୁ ବିପଦ; କାରଣ ସେହି ମହାଶକ୍ତିର ବିକାଶ ପରେ, ଆଧାର ଯଦି ହୀନ ଦୁର୍ବଳଚିତ୍ତ ହୁଏ, ତା' ହେଲେ ବିଭୂତିଲାଭ ଲାଗି ସେ ଅସ୍ଥିର ହୋଇଉଠେ । ସେହି ବିଭୂତି ହିଁ ହୋଇଥାଏ ତାହାର

କାଳ । ଯଦି ଉପଯୁକ୍ତ ଗୁରୁ ବା ଉତ୍ତରସାଧକର ସହାୟତା ନ ମିଳେ, ତା'ହେଲେ ହୁଏତ ତା'ର ଏତେବଡ଼ ଶୋଚନୀୟ ଅଧଃପତନ ହୋଇଥାଏ ଯେ ତାହା ଦେଖିଲେ ହୁଏତ ଆପଣମାନଙ୍କର ଲୋତକ ସମ୍ବରଣ ହୋଇପାରିବ ନାହିଁ । ଆଉ ତା'ର କେତେକ ତଦ୍ରୂପ ଦୃଷ୍ଟାନ୍ତ ବାମାକ୍ଷେପାର ପ୍ରସଙ୍ଗରେ ଏହି ଗ୍ରନ୍ଥରେ ମଧ୍ୟ ଅଛି । କିନ୍ତୁ ପ୍ରକୃତ କଥା ହେଲା, ଏହି ଅବସ୍ଥାଟି ପାର୍ ହୋଇଗଲେ ହିଁ ସେ ଦିବ୍ୟଭାବର ଅଧିକାରୀ ହୋଇଯାଏ । ଦିବ୍ୟାଚାରର କଥା ଏବେ କହୁଛି ।

ଏହି ଯେଉଁ ଶ୍ରେଷ୍ଠ ଆଚାର, ତା' ମଧ୍ୟରେ ନିୟମପୂର୍ବକ କୌଣସି କର୍ମାନୁଷ୍ଠାନ ନାହିଁ । ଆନୁଷ୍ଠାନିକ କର୍ମ ବାହାରେ ହିଁ ଦିବ୍ୟାଚାରର ସାଧନା । ସମ୍ପୂର୍ଣ୍ଣ ମାନସିକ ଓ ଚୈତନ୍ୟଘଟିତ ବ୍ୟାପାର, ଯାହାର ଫଳ ସ୍ୱରୂପ ସମାଧି ପ୍ରାପ୍ତ ହୁଏ । ଏହା କିନ୍ତୁ ଜଡ଼-ସମାଧି ନୁହେଁ । ଗୋଟିଏଗୋଟିଏ ତତ୍ତ୍ୱରେ ସମାହିତ ହେବାର ଶକ୍ତି ଆସେ । ଏହି ବିଶ୍ୱଜଗତରେ ଏପରି କୌଣସି ବସ୍ତୁ ନାହିଁ, ଯାହାକୁ ସେ ଜାଣିବାକୁ ଇଚ୍ଛାକଲେ ଜାଣି ପାରିବ ନାହିଁ ।

ଆପଣମାନେ ହୁଏତ ନାନାପ୍ରକାରର ଅଭିଚାରିକ କ୍ରିୟା କଥା ଶୁଣିଛନ୍ତି । ସେ ସମସ୍ତ ହିଁ ଯେ ତନ୍ତ୍ରର ଜଞ୍ଜାଳ, ବଣୁଆ ଘାସ ପରି, ସେ କଥା ପୂର୍ବରୁ କହିଛି । ଏହିସବୁ ଅଭିଚାର, ମନ୍ତ୍ରଶକ୍ତି ସିଦ୍ଧିର ପୂର୍ବୋକ୍ତ ତାନ୍ତ୍ରିକର ଅସଲ ସାଧନାର ଜଙ୍ଗଲ ଅବସ୍ଥା । ସ୍ୱୟଂ ଶିବ କେବେ ଏସବୁ ଉପଦେଶ ଦେଇନାହାନ୍ତି । ଯେଉଁ କଥାକୁ ଆମପରି ଲୋକ ବୁଝିପାରିବ, ଏହି ଯେଉଁ ଶକ୍ତିଚାଳନାରେ ଭୟଙ୍କର ଫଳ, ତାହା ଉଭୟ ପକ୍ଷଙ୍କୁ ହିଁ ଭୋଗ କରିବାକୁ ପଡ଼ିଥାଏ । ଏହି ସକଳ ବ୍ୟାପାରର କୁଫଳ କଥା ଆମେ ଯେତେବେଳେ ବୁଝିପାରୁ, ସେତେବେଳେ ଏତେ ବଡ଼ ଜଣେ ଧର୍ମପ୍ରବର୍ତ୍ତକ ଯେ ତାହା ବୁଝି ନଥିଲେ, ତାହା ମୋ'ର ମନେ ହୁଏ ନାହିଁ । ବୌଦ୍ଧ ତିବ୍‌ବତରେ ଯେଉଁସବୁ ଭୟଙ୍କର ଶକ୍ତି ପ୍ରଚଳନର ବ୍ୟାପାର ଅଛି ଏବଂ ପୂର୍ବେ ଯାହା ଅଧିକ ଥିଲା, ହୁଏତ ସେଠାକାର ଗୋଟିଏ ଶ୍ରେଣୀର କାପାଳିକ ସେସବୁକୁ ଏ ଦେଶକୁ ନେଇଆସନ୍ତି, ଯାହା ଫଳରେ ବଙ୍ଗଳାରେ କିଛି ଦିନ ଧରି ତନ୍ତ୍ରଧର୍ମର ସାଧକମାନଙ୍କ ମଧ୍ୟରେ ତା'ର ଅନୁଶୀଳନ ଓ ସିଦ୍ଧି ଚାଲିଥିଲା ।

ମନ୍ତ୍ର ନେଇ ଯେଉଁ ଶକ୍ତିସାଧନ, ଆଉ ତଦ୍ୱାରା ଯେଉଁ ସିଦ୍ଧି ମିଳିଥାଏ, ସେହି ସିଦ୍ଧିର ଫଳସ୍ୱରୂପ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇଥାଏ । ଶିବଙ୍କର ଯେଉଁ ତନ୍ତ୍ରଧର୍ମ, ତାହା ଆଦୌ ଅଭିଚାରର କ୍ରିୟାକୁ ସମର୍ଥନ କରେ ନାହିଁ, ବରଂ ତାହାର ବିପରୀତ—ଅନେକ ସ୍ଥଳରେ ସେ ସାବଧାନ କରିଦେଇଛନ୍ତି ।

ମନ୍ତ୍ର ଯେ କେବଳ ଶବ୍ଦ ମାତ୍ର ନୁହେଁ, ଏହା ଏବେ କାହାର ବିଶ୍ୱାସ ହେବା ଅସମ୍ଭବ । ତେବେ ଏହା ସତ୍ୟ, ବିଦଗ୍ଧଜନମାନଙ୍କର ସହଜରେ ବୋଧଗମ୍ୟ

ହୋଇପାରେ ଯେ ବ୍ୟକ୍ତିବିଶେଷ ଐକାନ୍ତିକ ଶକ୍ତିପ୍ରୟୋଗ ଦ୍ୱାରା ମନର ସଂଯମ ଫଳରେ ଏହି ଶବ୍ଦ-ମାତ୍ର ମନ୍ତ୍ରଟିକୁ ଜାଗ୍ରତ କରି ଅଭୀଷ୍ଟ ଫଳଲାଭ କରିପାରିବ । ଏହାର ନାମ ହିଁ ମନ୍ତ୍ର-ସିଦ୍ଧି । ମନ୍ତ୍ରଟି ଆତ୍ମଶକ୍ତିର ପ୍ରଭାବରେ ଜୀବନ୍ତ ହୋଇଉଠେ, ଅର୍ଥାତ୍ ଚୈତନ୍ୟ-ଶକ୍ତିମାନ ହୋଇ ସିଦ୍ଧିର ସହାୟକ ହୋଇଥାଏ ।

ଏହି ମନ୍ତ୍ର-ଶକ୍ତି ଆଗରେ ଡାକିନୀ, ଯୋଗିନୀ, ହାଁକିନୀ କାକିନୀ ପ୍ରଭୃତି ଶକ୍ତିର ମହାନ ବିକାଶ ଘଟିଥାଏ ଏବଂ ସିଦ୍ଧିଲାଭ ଫଳରେ ସାଧକଙ୍କ ସହ ଏହି ଜଗତର ବହୁବିଧ ଦୁର୍ଲଭ ବସ୍ତୁସମୂହକୁ ଯୋଗାଯୋଗ ପର୍ଯ୍ୟନ୍ତ ଘଟାଇଦେଇଥାନ୍ତି । ଯଥାର୍ଥ ଇଚ୍ଛାଶକ୍ତିର ପ୍ରସାର କେତେଦୂର ଗଭୀର ହୋଇପାରେ, ତାହା ଏହି ମନ୍ତ୍ରସିଦ୍ଧି ଅଧିକାରରୁ ହିଁ ଜଣାପଡ଼େ । କିନ୍ତୁ ଯେଉଁ ସମସ୍ତ ଶକ୍ତିର ସିଦ୍ଧି ଫଳରେ ଜଗତର କେତେ ଯେ କଲ୍ୟାଣ ହୋଇପାରନ୍ତା, ମନୁଷ୍ୟର ଦୁର୍ବଳ ହୀନଚିତ୍ତ ଯୋଗୁଁ ତା'ର ଗତି ବିପରୀତମୁଖୀ ହୋଇ ମହା ଅକଲ୍ୟାଣ ସାଧନର ପଥରେ ଭାରତରୁ ଲୋପ୍ ହୋଇଗଲା । ବୌଦ୍ଧଧର୍ମ ମଧ୍ୟରେ ହିଁ ମହାଶକ୍ତିର ସର୍ବଶ୍ରେଷ୍ଠ ବିକାଶ ହୋଇଥିଲା, ପୁଣି ଏହି ବୌଦ୍ଧଧର୍ମ କ୍ଷୟପ୍ରାପ୍ତ ହେବା ସଂଗେ ସଂଗେ ଜଗତରୁ ତାହା ଅନ୍ତର୍ହିତ ହୋଇଯାଇଛି । ଏବେ ତାହାର କ୍ଷୟ ଓ ଅପବ୍ୟୟ ହୋଇ କେଉଁଠାରେ କେହି ଶକ୍ତିଧର ସଂଯତାତ୍ମା ସିଦ୍ଧଯୋଗୀଙ୍କଠାରେ ରହିଥାଇପାରେ, କିନ୍ତୁ ତାହାକୁ ଆୟତ୍ତ କରି ସମବେତ ସମାଜର କଲ୍ୟାଣ କରିବାର ଏବେ ଆଉ ଆଶା ନାହିଁ ।

■■

ତନ୍ତ୍ରାଭିଳାଷୀର ସାଧୁସଙ୍ଗ

ଦ୍ୱିତୀୟ ଖଣ୍ଡ

ପ୍ରଥମ ପରିଚ୍ଛେଦ

ତାରାପୁର ଯିବାକୁ ହେଲେ ମଲ୍ଲାରପୁର ଷ୍ଟେସନ ବାଟେ ଯେତେ ବାଟ, ବୋଧହୁଏ ରାମପୁର ହାଟ ଷ୍ଟେସନଠାରୁ ତାରାପୁରକୁ ଆଉ ସାମାନ୍ୟ ଅଧିକ ବାଟ ଚାଲିବାକୁ ପଡ଼େ । ମୁଁ ଏଠାକୁ ମଲ୍ଲାରପୁର ବାଟେ ଆସିଥିଲି । ପଡ଼ିଆ ବାଟରେ, ଅନେକ ଦୂରରୁ ତାରା ମନ୍ଦିର ଦେଖାଯାଏ । ତାରାପୁର ଗ୍ରାମଟି ଧାନଜମିଠାରୁ ଅନେକଟା ଉଚ୍ଚ ଭୂମି ଉପରେ ଅବସ୍ଥିତ । ବର୍ଷାକାଳ, ବାଟସାରା କାଦୁଅ । ଗ୍ରାମଟି ବଡ଼ ଅପରିଷ୍କାର, ଗ୍ରାମମଧ୍ୟସ୍ଥ ରାସ୍ତାଟିର ଦୁର୍ଗନ୍ଧକୁ ଭୋଗ କରିବାକୁ ପଡ଼ିଥିଲା । ମନ୍ଦିରସଂଲଗ୍ନ ସ୍ଥାନ, କ୍ଷେପାବାବାଙ୍କ କୁଟୀର । ଶ୍ମଶାନ-କ୍ଷେତ୍ରଟି ବେଶ୍ ବିସ୍ତୃତ, ଦ୍ୱାରକା ନଦୀ ପର୍ଯ୍ୟନ୍ତ ପରିଷ୍କାର-ପରିଚ୍ଛନ୍ନ । ଶ୍ମଶାନରେ ଦେଖିଲି, ଛୋଟଛୋଟ ଜାମୁକୋଳି ପଡ଼ିରହିଛି । ଏଠାରେ ଏହିପରି ଜାମୁଗଛ ଅନେକ ।

ସିଧା ଯାଇ ଉଠିଲି ବାମାଙ୍କ କୁଟୀରରେ, ଅଥବା ଚାଳଘର ସମ୍ମୁଖସ୍ଥ ଚାଳିଆରେ । ବାମାଙ୍କ ଭଲ ନାମଟି ବାମଦେବ । ସେ କୁଟୀରର ବାହାରେ ବସିଥିଲେ । ସେତେବେଳେ ବୃଦ୍ଧ ଓ ଅଥର୍ବ ଅବସ୍ଥା ତାଙ୍କର, ବସିବସି ଯେପରି ଢୁଳାଉଥିଲେ ।

କେତେକ ବର୍ଷ ପୂର୍ବେ ଆମର ଜଣେ ବାନ୍ଧବ ଏଠାକୁ ଆସି ଏଠାରେ କ୍ଷେପାଙ୍କ ନିକଟକୁ ଯାଇଥିଲେ । ଫେରିଯାଇ ଆମକୁ ଯେଉଁସବୁ ଗଳ୍ପ କହୁଥିଲେ, ସେଥିରୁ କ୍ଷେପା ଜଣେ ପିଶାଚ-ସିଦ୍ଧ ବୋଲି ଜାଣିପାରିଥିଲୁ । ଅନ୍ୟ କେତେକ କଥା ମଧ୍ୟରୁ ସେହି ବନ୍ଧୁଙ୍କର ନିଜ ମୁଖରୁ ଶୁଣିବା କଥା ଏହିପରି– "'ତାଙ୍କ ନିକଟରେ ବସିଛି, ଦେଖିଲି ଶ୍ମଶାନରୁ ଏକ କଳାରଙ୍ଗର କୁକୁର ଖଣ୍ଡେ ମାଂସ ଟୁକୁରା ମୁହଁରେ ଧରି ଆସିଲା, ବାବା ସେ ମାଂସଟିକୁ ତା' ମୁହଁରୁ ବାହାର କରି କୁକୁରଟିକୁ ଖାଇବାକୁ ଦେଲେ, 'ଖା ବାବା, ଖା' କହି ।'' ମୋ'ର ଏହିସବୁ କଥା ମନେଥିଲା । ଭାବିଥିଲି, ସତେତ କ'ଣ ଏହି ମଣିଷଟି ଏପରି କାମ କରିଥିଲେ ? ଅବଶ୍ୟ ପାଶ-ମୁକ୍ତ ହେଲେ ମନୁଷ୍ୟର ମନରେ ଘୃଣାଭାବ ରହେନାହିଁ, କୌଣସି ଦ୍ରବ୍ୟ ଅଥବା କୌଣସି ବ୍ୟକ୍ତି ଅଥବା କୌଣସି ଅବସ୍ଥା ଉପରେ ଘୃଣାର ଭାବଟା ପୂର୍ଣ୍ଣରୂପେ ଲୋପ ପାଇଯିବା କଥା ଜାଣିଥିଲି । ସେଥିପାଇଁ ଆହୁରି ବିଶେଷ ଭାବରେ ଆଗ୍ରହ

ସହକାରେ ତାଙ୍କୁ ଦେଖୁଥିଲି; ଏହି ମୂର୍ତ୍ତି ମଧ୍ୟରେ ଯାହା ଅଛି, ବାହାରୁ କିଛି ଦେଖାଯାଏ କି ନାହିଁ ସେପରି ବୁଝାପଡ଼େ ନାହିଁ । ଯାହା ହେଉ, ସେ ହଠାତ୍ ମୋତେ ଚାହିଁ ଦେଖିନେଲେ । ଦେଖିଲି, ତାଙ୍କର କି ବିଶାଳାୟତ ଚକ୍ଷୁ ! ସେଥିରେ ଲାଲ୍ ଆଭା । ଅବାକ୍ ହୋଇ ଦେଖୁଥିଲି । ପ୍ରଥମେ ପ୍ରଣାମ କରି ନାହିଁ । ଜଣେ ଦୁଇଜଣ, ଯେଉଁମାନେ ସେଠାରେ ଥିଲେ, ତନ୍ମଧ୍ୟରୁ ଜଣେ କହିଲେ, ଇଏ କ୍ଷେପାବାବା ଯେ, ପ୍ରଣାମ କଲେ ନାହିଁ ! ମୁଁ ସେତେବେଳେ ଉଠିପଡ଼ି ପ୍ରଣାମ କଲି । ତାଙ୍କର ମୂର୍ତ୍ତିରେ ଏପରି ଏକ ଆକର୍ଷଣ ଅଛି, ଯେଉଁଥିଲାଗି ପ୍ରଣାମ କଥା ମନେପଡ଼ିଲା ନାହିଁ ।

ବାମାକ୍ଷେପା (ତାରପୁର ପୀଠ)

ସେ ଜିଜ୍ଞାସା କଲେ, ''କେଉଁଠାରୁ ଆସିଛ ବାବା !''

ମୁଁ ଅଟ୍ଟହାସ କଥା କହିଲି । ଶୁଣି ନେଇ ସେ କହିଲେ, ''ସେଠାରେ ଗୌରୀକାନ୍ତ ଭୈରବ ଅଛନ୍ତି ନା କ'ଣ ?'' ମୁଁ କହିଲି, ''ନାମ ଯେ ତାଙ୍କର ଜାଣେ ନାହିଁ ।'' ସେ ଆଉ କିଛି କହିଲେ ନାହିଁ ।

କିଛିକ୍ଷଣ ପରେ ସେ ଉଠିପଡ଼ି ଧୀରେଧୀରେ ଶ୍ମଶାନ ଆଡ଼କୁ ଚାଲିଗଲେ । ବାବାଙ୍କ ସହ ଜଣେ-ଦୁଇଜଣ ଭକ୍ତ ମଧ୍ୟ ଗଲେ; ମୁଁ ମଧ୍ୟ ଉଠିଯାଇ ସରୋବର ଓ ମନ୍ଦିରାଦି ସ୍ଥାନମାନଙ୍କୁ ଯାଇ ଦେଖିବାକୁ ଲାଗିଲି ।

ମନ୍ଦିରଟି ପୁରାତନ ବଙ୍ଗଳାର ବିଶିଷ୍ଟ ମନ୍ଦିର-ସ୍ଥାପତ୍ୟ । ସେଥିରେ ସୂକ୍ଷ୍ମ କାରୁକାର୍ଯ୍ୟର ପ୍ରାଚୁର୍ଯ୍ୟ ସେତେଟା ନାହିଁ । ପୋଡ଼ାଇଟାରେ ନାନାପ୍ରକାର ଗଠନ ଅଛି, ମନ୍ଦିରସଂଲଗ୍ନ ଭୋଗରନ୍ଧନ ସ୍ଥାନ, ବିଶାଳ ପ୍ରାଙ୍ଗଣ, ଚତୁର୍ଦ୍ଦିଗରେ ପ୍ରାଚୀର । ବକ୍ରେଶ୍ୱର କାଳୀବାଡ଼ିର ଯେଉଁ ପରି ସଂସ୍ଥାନ, ତାରାମନ୍ଦିର ତା' ଅପେକ୍ଷା ଅନେକ ପ୍ରାଚୀନ, ଉନ୍ନତ, ସୁରକ୍ଷିତ ଓ ସ୍ୱାସ୍ଥ୍ୟପୂର୍ଣ୍ଣ । ସ୍ଥାନଟିକୁ ଦେଖିଦେଇ ଆନନ୍ଦ ଅନୁଭବ କଲି । ଭାବିଲି, କିଛିଦିନ ଏଠାରେ ରହିଯିବି । ମନ୍ଦିର ପାର୍ଶ୍ୱରେ ଗୋଟିଏ ଘାଟ ଥିବା ରମ୍ୟ ସରୋବର ।

ଜଣେ ଶ୍ୟାମବର୍ଣ୍ଣର ବ୍ୟକ୍ତି, ମଧ୍ୟମ ଆକାର, ଦୀର୍ଘକେଶ, ଶ୍ମଶ୍ରୁ-ମଣ୍ଡିତ ମୁଖମଣ୍ଡଳ, ଉଜ୍ଜ୍ୱଳ ବଡ଼ ଚକ୍ଷୁ—ନାମଟି ତାଙ୍କର ନଗେନ ପଣ୍ଡା । ସେ ଘାଟର ଚଉତରାରେ ବସିଥିଲେ ।

ତାଙ୍କ ସହ ଆଳାପ ହେଲା । ଏଠାରେ ପଣ୍ଡାମାନଙ୍କର ପ୍ରଭାବ-ପ୍ରତିପତ୍ତି ବେଶୀ । ନଗେନ ପଣ୍ଡା ଏଠିକାର ଜଣେ ବିଶିଷ୍ଟ ବ୍ୟକ୍ତି । କହିବାକୁ ପଡ଼ିବ ନାହିଁ, ସେ ଜଣେ ଆଦିମ ତାନ୍ତ୍ରିକ । ଗଳାରେ ତାଙ୍କର ରୁଦ୍ରାକ୍ଷର ମାଳା, ହାତରେ କବଚ । ଚରସ ଆଉ ଗଞ୍ଜେଇ ହେଲା ସାରାଦିନର ଚାଲୁନିଶା । ମଦଟା ରାତିରେ ଚାଲେ । ସେ ଜଣେ ଯୁବକ, ବେଶ୍ ଗୋରା ରଙ୍ଗ, ଚକ୍ଷୁ ଦୁଇଟି କୋଟର ମଧ୍ୟରେ, ରୋଗା ଶରୀର, ବଡ଼ବଡ଼ ଚୁଳ, ଅଳ୍ପ ମୁଛ-ଦାଢ଼ି—ସେ ବାବାଙ୍କ କୁଟୀରରେ ରହି ସବୁ ସମୟରେ ସବୁ ବିଷୟରେ ତତ୍ତ୍ୱାବଧାନ କରନ୍ତି, ପରିଷ୍କାର-ପରିଚ୍ଛନ୍ନ ରଖନ୍ତି, ପୁଣି ଗଞ୍ଜେଇ ଦଳିମକଚି ତିଆରି କରି ଦେବା ଆଉ ଶେଷରେ ବାବାଙ୍କ ପ୍ରସାଦ ପାନ କରିବା ।

ସ୍ନାନାଦି ଶେଷ କରିନେଲି । ଶୁଣିଲି, ଦ୍ୱିପ୍ରହରରେ ମା'ଙ୍କ ମନ୍ଦିରରେ ପ୍ରସାଦ ପାଇବାର ବ୍ୟବସ୍ଥା । ଏବେ ଅନେକ ବିଳମ୍ବ ଥିବାର ଦେଖି ଶ୍ମଶାନ ଆଡ଼କୁ ବୁଲି ବାହାରିଲି । ବେଶ୍ ବିସ୍ତୃତ ଶ୍ମଶାନ । ସେ ସ୍ଥାନରେ ଜାମୁଗଛ ବହୁତ । ରାସ୍ତାଠାରୁ ନଦୀତୀରରେ ଅନେକ ଦୂର ପର୍ଯ୍ୟନ୍ତ ଲମ୍ବା ଶ୍ମଶାନଭୂମି । ଚତୁର୍ଦ୍ଦିଗରେ ନରକପାଳ ଓ ଅସ୍ଥି ଇତସ୍ତତଃ ବିକ୍ଷିପ୍ତ । ବାମାଙ୍କର ସାଧନସ୍ଥଳଟି ସେଠାରେ ବେଶ୍ ଚଉଡ଼ା କରି ଗଢ଼ିଦିଆଯାଇଛି ।

ସେଦିନଟି ଏହିପରି ଭାବରେ ଦେଖିଶୁଣି କଟାଇଦେଲି । ରାତ୍ରିକାଳରେ ବାବାଙ୍କର ଆଶ୍ରମ କୁଟୀର ଚାଳିର ଗୋଟିଏ ପାର୍ଶ୍ୱରେ ଶୟନ ସ୍ଥାନ ଠିକ୍ କରି ଶୋଇ ପଡ଼ିଲି । ମୁଁ ଗୋଟିଏ ପାଖରେ, ଆଉ ବାବାଙ୍କର ଘରର ସେହି ଅଧ୍ୟକ୍ଷ ଯୁବକଟି ଅନ୍ୟପାଖରେ ।

ସକାଳେ ବାବା ପୋଖରୀ ଘାଟରେ ବସିଥିଲେ । ସଙ୍ଗରେ କେହିକେହି ପଣ୍ଡା ମଧ୍ୟ ଥିଲେ । ଶରୀର କିଛି ଦିନ ଧରି ଖରାପ ଥିଲା, ଆଜି ସେ ସ୍ନାନ କରିବେ । ଗୋଟିଏ ଶିଶୁ ବାଳକକୁ ଯେପରି ସ୍ନାନ କରାଇ ଦିଆଯାଇଥାଏ, ସେହିପରି ବାବାଙ୍କୁ ସମସ୍ତେ ମିଶିଯାଇ ସ୍ନାନ କରାଇଦେଲେ । ଏହାପରେ ବାବା ଟିକିଏ ଧୂମପାନ କଲେ ।

ଆଜି ସାରା ଦିନ ବହୁ ଭକ୍ତ ବାହାରୁ ଆସିଥିଲେ । ଟିକିଏ ଶାନ୍ତିରେ କଥା କହିବାକୁ କିମ୍ବା ତାଙ୍କ ନିକଟରୁ କିଛି ଅସଲ କଥା ଶୁଣିବା ସମ୍ଭବ ହେଲା ନାହିଁ ।

ଅପରାହ୍ଣରେ କିଛିଟା ଫାଙ୍କା ହେଲା । ବାବା ସେତେବେଳେ ବିଶ୍ରାମ କରୁଥିଲେ, ମୁଁ ଯାଇ ପାଖରେ ବସିଲି । ନଗେନ୍ ପଣ୍ଡା ଓ ଆଉସବୁ କେହିକେହି ମଧ୍ୟ ସେଠାରେ ଥିଲେ ।

ଜଣେ ଆସି କହିଲେ, "ବାବା, ବାବୁ ଆସିଛନ୍ତି, ଆଉ ତାଙ୍କ ମେୟାଁ ମଧ୍ୟ ଛେଲାକେ ନେଇ ଆସିଛନ୍ତି ଆପଣଙ୍କ ସାକ୍ଷାତ୍ ଲାଗି । ମନ୍ଦିରର ଘରେ ଅଛନ୍ତି, ଏବେ ଏଠାକୁ ଆସିବେ । ମେୟାଁ ଅର୍ଥାତ୍ ସ୍ତ୍ରୀ ।"

ବାବା କିଛି ହିଁ କହିଲେ ନାହିଁ । ନା ରାମ୍, ନା ଗଙ୍ଗା ।

କିଛି କ୍ଷଣ ପରେ ଜଣେ ଭଦ୍ରଲୋକ, ସଙ୍ଗରେ ସ୍ତ୍ରୀ, କୋଳରେ ବର୍ଷକର ରୁଗ୍ଣ ଶିଶୁସନ୍ତାନ—ଆସି ବାବାଙ୍କୁ ପ୍ରଣାମ କରିସାରି ବସିଲେ ।

ବାବା କହିଲେ, ''ତୋ' ପିଲାକୁ ନେଇ ଆସିଛୁ ? କିନ୍ତୁ ଏପରି ନେଇଆସିଲେ ହେବ ନାହିଁ, ତୁ ମୋତେ ତାକୁ ଦେଇପାରିବୁ ?''

ଭଦ୍ରବ୍ୟକ୍ତି ବଡ଼ କାତର କଣ୍ଠରେ ତାଙ୍କ ଚରଣ ପ୍ରାନ୍ତରେ ମସ୍ତକ ସ୍ପର୍ଶକରି କହିଲେ, ''ଇଏ ଆପଣଙ୍କର ହିଁ ସନ୍ତାନ ବାବା, ମୋର ନୁହେଁ । ଯାହା ଆପଣଙ୍କ ଇଚ୍ଛା, ତାହାହିଁ ହେବ, ବାବା—''

''ଆଚ୍ଛା ଆଚ୍ଛା, ବେଶ୍ କଥା ତୁ କହିଲୁ—ଏବେ ଯାହା କହୁଛି, ତାହା ହିଁ କର ତ !

ପିଲାଟାର ଦେହରୁ ସବୁ ଲୁଗାପଟା ଖୋଲି ନେ'—ନେଇଯାଇ ଏହି ଶ୍ମଶାନର ଉପର ମାଟିରେ ପିଲାକୁ ପକେଇ ଦେଇ ଆ', ଯା ।''

ଶୁଣିଦେଇ ପିଲାର ମା' ଆତ୍ମସମ୍ବରଣ କରିପାରିଲେ ନାହିଁ, କାନ୍ଦି ପକେଇଲେ, କିନ୍ତୁ ସ୍ୱାମୀଙ୍କର ପ୍ରାଣରେ ଜୋର୍ ଥିଲା, ସେ କହିଲେ, ''ତୁମର କାନ୍ଦ କାହିଁକି ? ଯାହାଙ୍କ ପିଲା, ସେ ଯେଉଁଠି ରଖିବାକୁ କହିବେ, ସେହିଠାରେ ରଖିବାକୁ ପଡ଼ିବ । ଚାଲ, ଉଠ—''

ସ୍ନେହ-କାତରା ଜନନୀ ମୃଦୁସ୍ୱରରେ ସ୍ୱାମୀଙ୍କୁ କହିଲେ, ''ସେଠାରେ ଶିଆଳ, କୁକୁର ଘୂରି ବୁଲୁଛନ୍ତି ଯେ—କିପରି ସେଠାରେ...''

ସ୍ୱାମୀ କୌଣସି କଥାରେ କାନ ନ ଦେଇ, ''ଚାଲ, ଚାଲ, ଉଠ'' କହିଦେଇ ସନ୍ତାନକୁ କୋଳରେ ନେଇ ଚାଲିଲେ । ଜନନୀ ମଧ୍ୟ ଉଠୁଥିଲେ, ବାବା ତାଙ୍କୁ କହିଲେ, ''ମା', ସେଠାକୁ ତୁ ଯିବୁ କାହିଁକି ? ତୁ ଏଠି ବସି ରହ, ବାବୁ ଆସନ୍ତୁ, ଆସିଲେ ଯିବୁ ।''

ସେ ବସି ଅବଗୁଣ୍ଠନ ଭିତରେ ଆଖିରୁ ଲୁହ ଗଡ଼ାଇବାକୁ ଲାଗିଲେ । ଅଳ୍ପକ୍ଷଣ ପରେ ତାଙ୍କର ସ୍ୱାମୀ ଫେରିଲେ । ସେତେବେଳେ ବାବା କହିଲେ, ''ଯାଅ, ଏଠାରୁ ଚାଲିଯାଅ, ଯାଇ ମନ୍ଦିରରେ ବସ ।'' ସେମାନେ ପୁଣି ବାବାଙ୍କୁ ପ୍ରଣାମ କରି ଚାଲିଗଲେ । ବାବା ସେତେବେଳେ ତାଙ୍କର ଜଣେ ଲୋକକୁ କହିଲେ, ''ଦେଖ ତ ବାବା, କେଲୋଟା (କୁକୁର) କେଉଁଠି ?''

ଉଠିଯାଇ ସେହି ବ୍ୟକ୍ତି ବାହାରେ ଠିଆହୋଇ ବଡ଼ ପାଟିରେ 'କେଲୋ' 'କେଲୋ' କହି ଡାକ ପକାଇଲେ । ଅଳ୍ପ ସମୟ ପରେ ସେ ଫେରିଆସିଲେ—ସାଙ୍ଗରେ ଗୋଟିଏ କଳା କୁକୁର ।

କୁକୁରଟି ଭୟାନକ କଳା, ଦେଶୀ ଗାଉଁଲି-କୁକୁର, ଦେଖିବାକୁ ଖୁବ୍ ବଡ଼, ଚକ୍ଷୁ ଦୁଇଟା ଯେପରି ଜଳୁଛି । ସେ ଆସି ବାବାଙ୍କ ପାଖରେ ଆଗଗୋଡ଼ ଦୁଇଟିକୁ ଲମ୍ବାଇ ଦେଇ ତା' ଉପରେ ମୁଣ୍ଡଟିକୁ ରଖିଦେଲା । ବାବା ତା ଦେହରେ ହାତ ବୁଲାଇ ଟିକିଏ ଆଦର କରିଦେଲେ । ତା'ପରେ ଯେପରି ଭାବେ ଆପଣାର ଅନୁଗତ ଲୋକଙ୍କୁ ଆଦେଶ କରିଥାନ୍ତି, ସେହି ଭାବରେ କହିଲେ, ''ଯା' କାଲୋ, ତୁ ଯାଇ ଶ୍ମଶାନରେ ପିଲାଟାକୁ ଦେଖ୍ ଯା ।'' ଶୁଣିବାମାତ୍ରେ କୁକୁରଟି ଉଠିପଡ଼ି ଶ୍ମଶାନ ଆଡ଼କୁ ଚାଲିଗଲା । ବାବା ଚୁପ୍ ହୋଇ ବସି ରହିଲେ । ଯେଉଁ ତିନିଚାରିଜଣ ବ୍ୟକ୍ତି ସେଠାରେ ଥିଲେ ସେମାନେ ଯେପରି ଅବାକ୍ ହୋଇ ବସିରହିଲେ, କାହା ମୁହଁରେ କଥା ନାହିଁ ।

ମୋ'ର କାହିଁକି ମନେହେଲା, ଦେଖି ଆସେ, ଶିଶୁଟି କେମିତି ଶ୍ମଶାନରେ ପଡ଼ିରହିଛି । କିନ୍ତୁ କୌତୂହଳ ଥିଲେ ହେଁ ବିସ୍ମୟ ଓ ଆତଙ୍କ ମିଶିଯାଇ ଏପରି ଭାବରେ ମୋତେ ଅଭିଭୂତ କରିଦେଲା ଯେ ମୁଁ ଉଠିପାରିଲି ନାହିଁ ।

ଦ୍ୱି-ପ୍ରହର ପରେ ପ୍ରସାଦ ପାଇବା ସମୟରେ ସମବେତ ହେଲାବେଳେ ଦେଖିଲି, ସେହି ଭଦ୍ରବ୍ୟକ୍ତି ମଧ୍ୟ ଆମ ସହ ପ୍ରସାଦ ପାଇବାକୁ ବସିଥିଲେ । ତାଙ୍କ ମୁଖରେ ଏକ ବିଷାଦର ଛାୟା ।

ଆମେ ଦୁହେଁ ପ୍ରାୟ ପାଖାପାଖି ବସିଥିଲୁ, କିଛି କଥାବାର୍ତ୍ତା ମଧ୍ୟ ହୋଇଥିଲୁ । ପରିଚୟରୁ ଜାଣିଲି, କଲିକତାରେ ସେ ଥାଆନ୍ତି, ରେଳ ବିଭାଗ ଅଫିସ୍‌ରେ କାମ କରନ୍ତି, ନିଜ ଘର ଜିରେଟ୍ ବଲାଗଡ଼ । ସନ୍ତାନ କେହି ବଞ୍ଚନ୍ତି ନାହିଁ । ଚାରିଗୋଟି ସନ୍ତାନ ଶୈଶବରୁ ମରିଛନ୍ତି, ସେଥିଲାଗି ବାବାଙ୍କ ପାଖକୁ ଆଣିଥିଲେ । ସେ ସ୍ତ୍ରୀ-ପୁରୁଷ ଦୁହେଁ ବାବାଙ୍କର ଶିଷ୍ୟ, ସାତବର୍ଷଧରି । ବାବା ପିଲାଟିକୁ ନେଇ ଉପରବେଳା ଆସିବାକୁ କହିଥିଲେ—

ପ୍ରାୟ ଦେଢ଼ଟାରେ ପ୍ରସାଦ ପାଇବା ପରେ ଯେତେବେଳେ ମୁଁ ବାବାଙ୍କ କୁଟୀରରେ ଆସି ବସିଲି, ସେତେବେଳେ ବାବା ନିଜ ଶଯ୍ୟାରେ ଶୋଇରହିଥିଲେ, ଘୁମାଉନଥିଲେ । ପାଖରେ ଜଣେ ବସି ପଙ୍ଖା କରୁଥିଲେ । ନିରୁଦ୍‌ବିଗ୍ନ ଚିତ୍ତନେଇ ସେ ଶୋଇରହିଛନ୍ତି । ମଝିରେ ମଝିରେ ପଦେ-ଦି'ପଦ ଅସ୍ପଷ୍ଟ କଥା ମୋ' କାନରେ ପଡୁଥିଲା । ତାଙ୍କର ଆବାଜ୍ ସେହିପରି, ଅବଶ୍ୟ ବୟସ ହୋଇଥିବାରୁ, ତା'ପରେ ପୁଣି ଦାନ୍ତର ବେଶୀ ଭାଗ ନଥିବାରୁ— ବୋଧହୁଏ ସେଥିଲାଗି କଥାକହିଲା ବେଳେ ଗଳାର ସ୍ୱର ଏପରି ଅସ୍ପଷ୍ଟ ଶୁଭୁଥିଲା ।

ଯିଏ ପଙ୍ଖା କରୁଥିଲେ, ସେ ନିକଟରେ ଥିଲେ, ମୁଁ ଥିଲି କିଛିଟା ଦୂରରେ । ବାହାର ଆଡ଼କୁ ସେହି କଳାକୁକୁର ଛଡ଼ା ଆଉ ଚାରୋଟି କୁକୁର ବାବାଙ୍କର ଘରଦରଜା ନିକଟରେ ଶୋଇରହିଥିଲେ । ଗୋଟିଏ ଧଳା, ଗୋଟିଏ ଲାଲ୍, ଗୋଟିଏ ହଳଦୀ ରଙ୍ଗର, ଆଉ ଅନ୍ୟଟି

ଖଇରିଆ ରଙ୍ଗର । ବୋଧହୁଏ ତା' ଭିତରୁ ଧଳାଟି ଗର୍ଭବତୀ । ସେ ମଝିରେ ମଝିରେ ବାବାଙ୍କ ନିକଟକୁ ଯାଉଥିଲା । ବାବା ସେତେବେଳେ ତା' ଦେହରେ ହାତବୁଲାଇ

କୁକୁରଙ୍କ ସହ ବାମାକ୍ଷେପା (ତାରପୁର ପୀଠ)

ଦେଉଥିଲେ । ଦେଖିଲି, କୁକୁରମାନଙ୍କ ଉପରେ ବାବାଙ୍କର ଅସୀମ ସ୍ନେହ । ସେଗୁଡ଼ିକର ନାମ—କେଲୋ, ଭୁଲୋ, ଶ୍ୱେତ, ଫୁଲି, ଲାଲି ଏହିପରି ।

ନଗଦ ବେଳା ତିନିଟା ହେବ, ବାବା ଉଠିଲେ— ଗଞ୍ଜେଇ ସେବା ଚାଲିଲା, ବାବା ମୋ' ଆଡ଼କୁ ଦେଖାଇ କହିଲେ, ''ତାଙ୍କୁ ଦିଅ ।''

ନଗେନ୍ଦ୍ର ପଣ୍ଡା କହିଲେ, ''ସେ ଏ ସବୁ ଖାଆନ୍ତି ନାହିଁ ।''

ବାବା ସେତେବେଳେ ମୋ' ଆଡ଼କୁ ଚାହିଁ ପଚାରିଲେ, ''ଆପଣ କ'ଣ ବ୍ରହ୍ମଚାରୀ !''

ମୁଁ ହସିଦେଲି, କହିଲି, ''ନା ନା, ମୁଁ ଗୃହୀ । ଆପଣଙ୍କୁ ଦର୍ଶନ କରିବାକୁ ହିଁ ଏଠାକୁ ଆସିଛି ।''

ଶୁଣିସାରି ବାବା କହିଲେ, ''ତୁମର କିଛି ଅସୁଖ ଅଛି ନା କ'ଣ ?''

ମୁଁ କହିଲି, ''ନା, ମୋ' ଶରୀରରେ କିଛି ଅସୁଖ ନାହିଁ । ତେବେ ଭବବ୍ୟାଧି ଯଦି କହିବେ, ତା' ଅଛି ।''

''ଶରୀରରେ ରୋଗଫୋଗ କିଛି ନାହିଁ, ତେବେ ମୋ' ପାଖକୁ କ'ଣ କରିବାକୁ ଆସିଛ ?''

''ରୋଗ କି ବ୍ୟାଧି ନଥିଲେ କ'ଣ ଆପଣଙ୍କ ପାଖକୁ ଆସିବା କଥା ନୁହେଁ ?''

''କାହିଁକି, କଠିନ ରୋଗ ନହେଲେ ତ କେହି ମୋ' ପାଖକୁ ଆସନ୍ତି ନାହିଁ । ଏଇ ଦେଖୁନାହଁ, ଗୋଟାଏ ମଲା ପୁଅ ନେଇ ଆସିଲେ, କ'ଣନା ବଞ୍ଚେଇ ଦିଅ ! ମୁଁ କ'ଣ କରିବି ! ତାରା ମା' ଯାହା କରିବେ, ତାହାହିଁ ହେବ । ମୁଁ କଣ ଡାକ୍ତର ?''

ସେତେବେଳେ ଦେଖିଲି, ବାବାଙ୍କର ଭାବଟି ବେଶ୍ ପ୍ରଫୁଲ୍ଲ ।

କଥାବାର୍ତ୍ତା ଚାଲିଛି, ଏହିପରି ସମୟରେ ସିଳ୍କ ଜାମା-ଚାଦରପରିହିତ ଜନୈକ ମୋଟାସୋଟା ଧନବାନ ଭଦ୍ରଲୋକ ଆସି ବାବାଙ୍କୁ ପ୍ରଣାମ କଲେ ।

ବାବା ତାଙ୍କ ମୁହଁକୁ ଅନେଇଦେଇ କହିଲେ, ''କିଏ, ଅମର୍ତ୍ତ ?''

'ହଁ ବାବା' କହି ସେ ପୁଣି ପ୍ରଣାମ କଲେ ।

''ମେୟଁଟି ମାରା ଯାଇଛି ବୋଧହୁଏ ?''

ସେ କହିଲେ, ''କ'ଣ ଆଉ କହିବି ବାବା, ମା'ର ଇଚ୍ଛା !'' ତା'ପରେ ରୋଗର ସମସ୍ତ ଇତିହାସର ବିବୃତି ଦେଇଚାଲିଲେ । ସେକଥାରେ ଆମର କିଛି ପ୍ରୟୋଜନ ନଥିଲା ।

ବାବା ଖୁବ୍ ସରଳ ଲୋକ । ଏତେ ବୟସ ହେଲେ ମଧ୍ୟ ଗମ୍ଭୀର ବ୍ୟକ୍ତି ବୋଲି ଜାଣିବା ସମ୍ଭବ ନୁହେଁ । ଆମ ପକ୍ଷରେ ତାଙ୍କର ଭାଷା ବୁଝିବା କଷ୍ଟ । କାରଣ ବାବା ତ ଏକେ ପଲ୍ଲୀ ଗ୍ରାମର ବ୍ୟକ୍ତି, ତା' ଛଡ଼ା ତାଙ୍କର କଥା ସଂକ୍ଷିପ୍ତ,– ମାତ୍ର ଏହାକୁ ବୁଝିନେଇପାରୁ, ବୁଝେଇବାକୁ ପଡ଼ିଲେ ଅଧିକା ଲମ୍ବା ହୋଇଯାଏ । ସେଥିଲାଗି ମଝିରେ ମଝିରେ ବାବାଙ୍କର ଉକ୍ତିକୁ ଯଥାସମ୍ଭବ ଠିକ୍ ରୂପେ କହିବାର ଚେଷ୍ଟା ହିଁ କରିଛି ।

ବାବା ଖୁବ୍ ରସିକ । ତାଙ୍କର ପ୍ରତ୍ୟେକ କଥାରେ ପ୍ରାୟ ରସିକତା । କଥାଟିଏ କହିସାରି ଏପରି ଭାବରେ ମୁହଁକୁ ଅନେଇରହିବେ ଯେ ସେଥିରୁ ବକ୍ତବ୍ୟର ସହଜ ରହସ୍ୟଟି ଅନୁଭୂତ ହେବ । ତେବେ ସେ ଖୁବ୍ ଗମ୍ଭୀର । ନିଜକୁ ଯେପରି ଧରାଦେବାକୁ ଚାହାନ୍ତି ନାହିଁ । ତଥାପି ସେହି ଗାମ୍ଭୀର୍ଯ୍ୟ ମଧ୍ୟ ରହସ୍ୟମଖା । ଏହିପରି ସେ କଥା କହିଥାନ୍ତି । ଆଜି ସକାଳଠାରୁ ପ୍ରାତକୃତ୍ୟ ଶେଷକରିଦେଇ ତାଙ୍କଠାରୁ କିଛି ଶୁଣିବି ବୋଲି ପାଖରେ ଯାଇ ବସିଛି । ଜଣେ ସବୁବେଳେ ତାଙ୍କ ପାଖରେ ଥାଆନ୍ତି । ଉଠିବା-ବସିବାରେ ସାହାଯ୍ୟ କରୁଥାନ୍ତି । ତାଙ୍କର ବିଶେଷ କିଛି ବ୍ୟାଧି ଅଛି ବୋଲି ମନେ ହୁଏ ନାହିଁ; ମାତ୍ର ଯେପରି ଅଥର୍ବ ହୋଇ ପଡ଼ିଛନ୍ତି । ସବୁ ସମୟରେ କଥାବାର୍ତ୍ତା ଚାଲିଛି, ମଝିରେମଝିରେ ସେ ଅତି କରୁଣ, ହୃଦୟଭେଦୀ

ସ୍ୱରରେ ମା' କିମ୍ବା ତାରା-ତାରା ବୋଲି ଡାକୁଛନ୍ତି । ଚକ୍ଷୁରେ ଯେପରି ଜଳଭରା, ରକ୍ତବର୍ଣ୍ଣ, ସେଥିରେ ଅଛି ଜ୍ୟୋତି । ଯେତେବେଳେ ମୋ' ଆଡ଼କୁ ଚାହିଁଲେ, ମନେହେଲା, ମୋତେ ଯେପରି ପୂରା ଗ୍ରାସ କରିପକାଇବେ । ତାଙ୍କ ଚାହାଁଣି ଦେଖି ଟିକିଏ ଭୟ ହୁଏ, କିନ୍ତୁ କଥା ଶୁଣିଲେ ସାହସ ଲାଗେ ।

ମୋ' ଆଡ଼କୁ ଚାହିଁ ରସିକତା କରି କହିଲେ, ''ବାବା, ଖୁବ୍ ଛୋଟବେଳୁ ଘର ଛାଡ଼ିଛ, ସ୍ତ୍ରୀ ମନମୁତାବକ ହେଲା ନାହିଁ ବୋଧହୁଏ ?''

ମୁଁ ଚୁପ୍ ରହିବି ବୋଲି ସ୍ଥିର କରିଥିଲି, କିନ୍ତୁ ଜବାବ ଦେବାକୁ ପଡ଼ିଲା । କହିଲି, ''ମୁଁ ତ ଘର ତ୍ୟାଗ କରିନାହିଁ ।''

''ଓଃ ହେଲା, ବୈରାଗୀର ଢାଞ୍ଚା ନେଇ ତ ବୁଲାବୁଲି ହେଉଛି !'' କିଛି କହିଲି ନାହିଁ ଜାଣି ନେଇ ସେ ନିଜେ କହିବାକୁ ଲାଗିଲେ, ''ଯେପରି—ଭଲ କରି ଝାଡ଼ିଝୁଡ଼ି ହୋଇ ପୂରାଦମ୍‌ରେ ଯୌବନଟା ଭୋଗକରିସାରିବା ପରେ, ଘରୁ ଆସିଥିଲେ ଭଲ ହୋଇଥାନ୍ତା ବାବା, ବୁଝୁଛ ନା ! ଦୁଇ-ଚାରୋଟି ଫଳ ମଧ୍ୟ ହୁଏତ ହୋଇଥାନ୍ତା, ଜୀବନର ରସକୁ ଭଲ କରି ଭୋଗ କରିନେଲେ ଯୋଗଟା ଭଲ ଭାବରେ ହୋଇଥାଏ—ତାହାହିଁ କହୁଛି ।''

ଏହି ସମୟରେ କଲିକତାର ବାବୁ ଜଣକ ତାଙ୍କର ସେହି ରୁଗ୍‌ଣ ସନ୍ତାନଟିକୁ କୋଳରେ ଧରି ପ୍ରଫୁଲ୍ଲ ମନରେ ଆସି ବାବାଙ୍କୁ ପ୍ରଣାମ କଲେ । ପଛରେ ତାଙ୍କର ସ୍ତ୍ରୀ ଆସି ପ୍ରଣାମ କରି ବସିଲେ । ବାବାଙ୍କର ସହଚର ଓ ସେବକ ମଧ୍ୟ ସେହି ସମୟରେ ଗଞ୍ଜେଇ କଳିକାଟିକୁ ଆଣି ବାବାଙ୍କ ହାତରେ ଧରାଇଦେଲେ । ବାବା ପ୍ରଫୁଲ୍ଲଚିତ୍ତରେ କହିଲେ, ''କ'ଣ, ତୋର ପୁଅ ତ ବଞ୍ଚିଗଲା ?''

ସେହି ଭଦ୍ରବ୍ୟକ୍ତି ଜଣକ ପୁନରାୟ ପ୍ରଣାମ କରି ଭକ୍ତି ଗଦଗଦ ସ୍ୱରରେ କହିଲେ, ''ବାବା, ଇଏ ତ ଆପଣଙ୍କର, ମୋ' ପୁଅ ବୋଲି କାହିଁକି କହୁଛନ୍ତି ?''

ବାବା କହିଲେ, ''ମା' ହିଁ ବଞ୍ଚାଇଛନ୍ତି— ମୋର କ'ଣ ସାଧ ? ସେକଥା କହ ନାହିଁ । ତେବେ ତୋତେ ତ ତାକୁ ମଣିଷ କରିବାକୁ ପଡ଼ିବ । ମୁଁ ତ ତାକୁ ଯୋଗ୍ୟ କରିପାରିବି ନାହିଁ । ଯା—ଘରକୁ ଯା, ଯାଇ ତାରା ମା'ଙ୍କ ନାମରେ ତାଙ୍କୁ ଡାକିବୁ ।'' ସେ ବ୍ୟକ୍ତି ସେତେବେଳେ ପକେଟରୁ କିଛି ପଦାର୍ଥ ଅତିଶୀଘ୍ର ବାହାର କରି କ'ଣ ଭାବି ପୁଣି ରଖି ଦେଲେ, ପରେ କହିଲେ, ''ଆରବେଳା ଯିବୁ ଆମେ, ଏ ବେଳା ଏଠାରେ ପ୍ରସାଦ ଖାଇବୁ । ତେବେ ବାବାଙ୍କୁ ତ କିଛି ସମୟ ଦେଖିବାକୁ ପାଇବୁ । ବାବାଙ୍କ ସଙ୍ଗେ ଆମର...''

ବାବା ବାଧାଦେଇ କହିଲେ, ''ସବୁ ଶଳା ଚୋର ଏଠାରେ—ଟଙ୍କା-ପଇସା ଦେବୁ ନାହିଁ । କେଉଁଠି ରଖିବି ! ତା' ନ କରି କିଛି ମାଲ୍ ଦେଇ ଯା ।'' ମାଲ୍ ଅର୍ଥ ନିଶା ପଦାର୍ଥ ।

ବାବା ଏଥର ଗଞ୍ଜା କଳି ନେଇ ଚିଲମ୍‌ରେ ଟାଣିଲେ, କିପରି ଏକ ଶବ୍ଦ ହେଲା । ଏପରି କେବେ ଶୁଣିନାହିଁ । ସେହି ପ୍ରସାଦକୁ ଗ୍ରହଣ କରି ସେବକ ପଛରେ ବସିଗଲା ।

ସେହି ଭଦ୍ରବ୍ୟକ୍ତିଙ୍କୁ ଦେଖାଇଦେଇ ବାବା ସେତେବେଳେ ମୋ' ଆଡ଼କୁ ଚାହିଁ କହିଲେ, ''ଏଇ ଦେଖ, କିପରି ଗୃହସ୍ଥ ସଂସାରୀ, ସାଧନ ମଧ୍ୟ ଅଛି । ମା'ର କୃପାରେ ପୁଣି ସଂସାରୀ, କାର୍ଯ୍ୟକର୍ମ ମଧ୍ୟ ଚାଲିଛି । ଛଡ଼ାଛଡ଼ି ନାହିଁ, ସଂସାରକୁ ଭୟ ନାହିଁ । ଏପରି ନ ହେଲେ ମା'ର କୃପା ମିଳିବ କାହିଁକି ? ବାବାଜୀଙ୍କର ତ ମୂଳରୁ ଗଲ୍‌ତି ।''

ମୁଁ କହିଲି, ''ଖୋଲିକରି କହନ୍ତୁ,ତା'ହଲେ ବୁଝିପାରିବି ।''

''ଏଇ ତ ମୂଳରୁ ହିଁ ଭୟ, ଘରେ ରହିବି ନା ବାହାରକୁ ଯିବି ! ଶେଷରେ ଭାବୁଛୁ, ଧନ୍ଦାରେ ପଡ଼ିବାକୁ ହେବ ନାହିଁ ତ ? ମା'ଙ୍କୁ ତ ଜାଣନାହିଁ ବାବା,– ସେ କିପରି ମେୟାଁ, ଯେତେବେଳେ ଦେଖିବ ସେତିକିବେଳେ ବୁଝିବ, ଘୋରପାକ ଖାଇବାକୁ ହେବ ।''

''ଯଦି କୁହେ, ମା' ହିଁ ତ ସବୁ କରୁଛନ୍ତି ।''

ବାବା ସେତେବେଳେ ସେହି ଭଦ୍ରଲୋକଙ୍କ ଆଡ଼କୁ ଚାହିଁ ମୋତେ ଦେଖାଇଦେଇ କହିଲେ, ''ଦେଖ ତ ଥଟ୍ଟା ! ଯଦି ମା' ହିଁ ସବୁ କରୁଛନ୍ତି ବୋଲି ଜାଣିଛୁ, ତେବେ ଏତେ ହିସାବ କରି ସବୁ କାମ କରୁଛୁ କାହିଁକି ? ମା'ଙ୍କୁ ଧରି ଗୋଟିଏ ଜାଗାରେ ଯାଇ ବସି ରହୁଯାଉନାହୁଁ ?''

ମୋ'ର ଏ ସମୟରେ ତର୍କବିତର୍କ କରିବା ଅଭିପ୍ରାୟ ନୁହେଁ, ଉଦ୍ଦେଶ୍ୟ ବରଂ ସାଧୁସଙ୍ଗ କରିବା– ତାର ଫଳ ସ୍ୱରୂପ ଯଦି କିଛି ମିଳିପାରେ । ବାମାକ୍ଷେପାଙ୍କ ଶରୀର ଖରାପ । ମନେହୁଏ, ଏହାଙ୍କର ହୁଏତ ବର୍ଷଟିଏ ମଧ୍ୟରେ ଦେହତ୍ୟାଗ ହେବା ସମ୍ଭବ । ସେତେବେଳେ ମୁଁ କଲିକତାରେ ଥିବି । ଯାହା ହେଉ, ଏବେ ଆଉ କିଛି କହିଲି ନାହିଁ ।

ମୋ'ର ଧାରଣା ହୋଇଥିଲା, ଅନ୍ୟ ସବୁ ସାଧୁ ଯେପରି ଲୋକସଙ୍ଗଠାରୁ ଦୂରରେ ରହନ୍ତି, କିନ୍ତୁ ଜାଣିବାକୁ ବା ବୁଝିବାକୁ ଚାହିଁଲେ ବିଶେଷ ଭାବେ ଧରିବାକୁ ପଡ଼େ, ଏ ବାବାଙ୍କର ସେସବୁ ନାହିଁ । କାରଣ ବାବାଙ୍କର ସର୍ବଦା ଶିଶୁ ପରି ସ୍ୱଭାବ, ବିଚାର-ବୁଦ୍ଧିପୂର୍ବକ କିଛି କହନ୍ତି ବା କରନ୍ତି, ତାହା ମନେ ହେଲା ନାହିଁ । ଯେତେବେଳେ ସେ କାହା ସଙ୍ଗେ କଥା କହନ୍ତି, ସେକଥା ଭିତରେ କିଛି ବିଶେଷ ଉଦ୍ଦେଶ୍ୟ ଅଛି ବୋଲି ବୁଝାଯାଏ ନାହିଁ ; ଆଉ ତାଙ୍କର ଭାଷା ଏପରି ଯେ ସହଜରେ ତାହା ହୃଦୟଙ୍ଗମ ହୁଏ ନାହିଁ–ତାହା ପୂର୍ବରୁ କହିଛି । ଯେଉଁମାନେ ସଦାସର୍ବଦା ତାଙ୍କ ପାଖରେ ଥାଆନ୍ତି, ସେମାନଙ୍କ ବ୍ୟତୀତ ଅନ୍ୟସ୍ଥାନର ଲୋକ ଚଟ୍ କରି ତାଙ୍କକଥାକୁ ଧରିପାରିବ ନାହିଁ ।

ଭାବିଲି, ଏଠାର ଜଣେ କାହାକୁ ନ ଧରିଲେ ତାଙ୍କ ସଙ୍ଗେ କଥା କହିବାର ସୁବିଧା ହେବନାହିଁ । ନଗେନ ପଣ୍ଡା ବୋଲି ଜଣଙ୍କ କଥା ଆଗରୁ କହିଛି–ବାବାଙ୍କର ସଙ୍ଗଲାଭ ଆଶାରେ ଯାଉଛି ଏବଂ ମୋ' ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଝାଇଦେଇ ଏଠାରେ କିଛି ସାହାଯ୍ୟ ଲାଗି କାଲି ଅନୁରୋଧ କରିଥିଲି । ମୋ'ର ମନେହେଲା, ତାଙ୍କ ପରିଚିତ ବ୍ୟକ୍ତି ଓ ଭକ୍ତ-ବିଶେଷଙ୍କ ବ୍ୟତୀତ ବାବା କାହାକୁହିଁ ସେପରି ପ୍ରଶ୍ରୟ ଦେବେନାହିଁ । କିନ୍ତୁ ନଗେନ ପଣ୍ଡା

କହିଲେ ଯେ ତାହା ଠିକ୍ କଥା ନୁହେଁ, ବାବାଙ୍କର ସ୍ୱଭାବ ହିଁ ଏହିପରି । ତାଙ୍କୁ ଜୋର୍ କରି ନ ଧରିପାରିଲେ, ନୂତନ ବ୍ୟକ୍ତି ହେଉ ବା ପରିଚିତ ହେଉ, କେହି ସହଜରେ ତାଙ୍କର କୃପା ବା ସ୍ନେହ ପାଇପାରନ୍ତି ନାହିଁ । ତା'ପରେ ଯେଉଁ ବ୍ୟକ୍ତି ଯେଉଁ ସ୍ୱଭାବର, ଯେଉଁ ଦଳର ଅର୍ଥାତ୍ ସମ୍ପ୍ରଦାୟର ଲୋକ, ସେ ତାହା ବୁଝିପାରନ୍ତି ଏବଂ ସେହି ଭାବ ନେଇ ତା'ସଙ୍ଗେ ବ୍ୟବହାର ମଧ୍ୟ କରିଥାଆନ୍ତି । ନଗେନ କହିଲେ, ଯଦି ମୁଁ ତମାଖୁ ବା ଗଞ୍ଜା ପ୍ରଭୃତି ଖାଇପାରୁଥାନ୍ତି, ତା'ହେଲେ ସୁବିଧା ହୋଇଥାନ୍ତା । ଅର୍ଥାତ୍ ସେଠାରେ ଚଟ୍ କରି ସ୍ଥାନ ପାଇଥାନ୍ତି, ବାବାଙ୍କର ଅନୁଗ୍ରହ ହୋଇଥାନ୍ତା । କିନ୍ତୁ ପରେ, ବୁଝି ପାରିଥିଲି ଯେ ଏହା ଠିକ୍ ନୁହେଁ ।

ଯାହା ହେଉ, ଏବେ ନଗେନ୍ ପଣ୍ଡା ମୋ' ସମ୍ବନ୍ଧରେ ବାବାଙ୍କୁ କହିଲେ, ''ବାବା, ଇଏ ଆପଣଙ୍କ ପାଖରୁ କିଛି ଶୁଣିବାକୁ ଚାହାନ୍ତି, ସେଥିପାଇଁ ଆସିଛନ୍ତି ।'' ଶୁଣିସାରି ବାବା କହିଲେ, ''ଓଃ କଥା ଶୁଣିବାକୁ ଆସିଛି ? ଏଇଠି ତ କଥା ଚାଲିଛି, ଶୁଣିଯାଅ—କିଛି ଦକ୍ଷିଣା ଆଣିଛ ?'' ବାବା ରସିକ ଲୋକ । ଦକ୍ଷିଣା, ଅର୍ଥାତ୍ ତାହା ଗଞ୍ଜା ବୋଲି ମୁଁ ବୁଝିପାରିନାହିଁ, ନଗେନ୍ ବୁଝାଇ ଦେଲେ, ''ସେ ଏସବୁକୁ ପସନ୍ଦ କରନ୍ତି ନାହିଁ । ତା ଛଡ଼ା, ସେ ପିଲାଲୋକ, ତା'ଠାରେ ଏ ସବୁ କିଛି ନାହିଁ । ସେ ବେଦାଚାରୀ ।''

ବାବା କହିଲେ, ''ତେବେ କାଳୀ କହ କି ତାରା କହ ବାବା, ମା'ର ନାମ ହିଁ ସାର । ଆଉ କ'ଣ କରିପାରିବି, କହ ? ଆମେ ମଦ, ଭାଙ୍ଗ ଖାଉ, ଆଉ ମା'ର ଚରଣ ତଳେ ପଡ଼ିଥାଉ, ମା' ଯାହା କରନ୍ତି । ଆଉ କିଛି କଥାବାର୍ତ୍ତା ତ ଜାଣିନାହିଁ ।'' ଏହା କହି ଏପରି ଅପୂର୍ବଭାବରେ ''ତାରା ମା'' ବୋଲି କହିଲେ ଯେ ତାହା ଶୁଣି ମୋ'ର ହୃଦୟ ଏକପ୍ରକାର ବିଗଳିତ ହୋଇଗଲା । ଯେପରି ଶିଶୁ ମା'କୁ ଡାକେ, ସେହିପରି ତାଙ୍କ ମଧ୍ୟରେ ଏକ ଜୀବନ୍ତ ଓ ବ୍ୟାକୁଳ ଅନୁଭୂତି ।

ତା' ପରେ ବାବା ମୋତେ ଲକ୍ଷ୍ୟ କରିନେଇ କହିଲେ, ''ହାଁ ବାବା, ତୁମ ଗୁଣ ବିଷୟରେ କିଛି ଜାଣିଲି ନାହିଁ ।''

ମୁଁ କହିଲି, ''ଆପଣଙ୍କ ନିକଟକୁ ଆସିଛି, ମୋତେ ଦୟା କରନ୍ତୁ । ମୋର ଏପରି କିଛି ଗୁଣ ନାହିଁ, ଯାହା ବିଷୟରେ କହି ଆପଣଙ୍କୁ ଖୁସି କରିପାରିବି ।''

ସେ କହିଲେ, ''ହେଲା, ମୁହଁରେ ଯେଉଁ ଗୁଣର କଥା ଲେଖା ଅଛି, ମୁଁ ଦେଖି ପାରୁଛି ବାବା, ଲୁଚାଇଲେ କ'ଣ ହେବ !''

ସସ୍ତ୍ରୀକ ଭଦ୍ରଲୋକଜଣକ ଶିଶୁକୁ କୋଳରେ ଧରି ଏହି ସମୟରେ ଆସି ବାବାଙ୍କୁ ପ୍ରଣାମକରି ମନ୍ଦିର ଆଡ଼େ ଚାଲିଗଲେ ।

ଏହି ସମୟରେ ଖୁବ୍ ହୃଷ୍ଟପୁଷ୍ଟ, ଶ୍ୟାମ ଶରୀର, ଝଙ୍କାଝଙ୍କା ବାଳ, ବଡ଼ବଡ଼ ଚକ୍ଷୁ, ଉଜ୍ଜ୍ୱଳ କପାଳରେ ସିନ୍ଦୂର ଟୋପା, ଲାଲ ବସ୍ତ୍ରାବୃତ, ବୟସ ଅନ୍ଦାଜ ଚାଳିଶ ହେବ, ଏହିପରି

ବ୍ରହ୍ମଚାରୀ ତାରା (ତାରାପୀଠ)

ଜଣେ ବ୍ୟକ୍ତି ଆସି ବାବାଙ୍କୁ ପ୍ରଣାମ କରିସାରି ବସିଲେ । ବାବା ନବାଗତ ବ୍ୟକ୍ତିଙ୍କୁ ଦେଖିଦେଇ ଯେପରି ଗମ୍ଭୀର ହୋଇପଡ଼ିଲେ, ''କହିଲେ ସାହିରେ ଥିଲୁ—ଏବେ ଆସିଲୁ, ନା ?

ସେ ବ୍ୟକ୍ତି କହିଲେ, ''ମଜୁମଦାର ମହାଶୟ ହଁ ଆସିଛନ୍ତି, ଦ୍ୱିପ୍ରହରରେ ଆପଣଙ୍କ ନିକଟକୁ ଆସିବେ ବୋଲି କହି ଗାଁ ଭିତରକୁ ଗଲେ । କାଲି ସାରା ରାତି କାମ ଚାଲିଥିଲା— ଦେଖୁଛି, ତାଙ୍କର ମନର ଅବସ୍ଥା ଭଲ ନାହିଁ ।''

ବାବା କହିଲେ, ''ତେବେ ସେ ମରିବ ଯେ ! କ୍ରିୟା-କର୍ମ ନ କରି କେବଳ ମଦଖାଇ ଫୂର୍ତ୍ତି କରିବ ବୋଲି କ'ଣ ମା'ଙ୍କ ଦୟା ହେବ ! ତା'ର କଥାରେ ଆଉ କିଛି କାମ ନାହିଁ, ମା' ବୁଝିବେ ଯେ । ତୁ ଟିକେ ମା' ନାମ ଜପକର— ତାହାହିଁ ଠିକ୍ ହେବ ।''

ସେତେବେଳେ ସେହି ବ୍ୟକ୍ତି ବେଶ୍ ସତେଜ ଗଳାରେ ରାଜା ରାମକୃଷ୍ଣଙ୍କର ଗୋଟିଏ ଗୀତ ବୋଲିଲେ—

'ଦୀନ-ତାରିଣୀ, ଦୂରିତବାରିଣୀ, ସତ୍ତ୍ୱରଜତମ ତ୍ରିଗୁଣଧାରିଣୀ,

ସୃଜନ-ପାଳନ-ନିଧନ-କାରିଣୀ, ସଗୁଣା ନିର୍ଗୁଣା ସର୍ବାସ୍ୱରୂପିଣୀ ।'

ସେ ଗୀତଟି ଏତେ ହିଁ ମଧୁର ଯେ ଶୁଣିଶୁଣି ବାବାଙ୍କ ଆଖିରୁ ଆନନ୍ଦଧାରା ବହିବାକୁ ଲାଗିଲା । ଗୀତର ଶେଷ ଲାଇନ୍‌ଟି ମଧ୍ୟ ମନେଅଛି—

'ବୈଶେଷିକ-ବେଦାନ୍ତ ନାହି ପେୟେ ଅନ୍ତ,
ଅନନ୍ତ ତୋମାୟ ଚିନିତେ ପାରେନି ।'

ତା'ପରେ ବାବା କହିଲେ, ''ସେଇଟା ଗାଇଲୁ ତ ।''

ନଗେନ ପଣ୍ଡା କହିଲେ, ''କବେ ସମାଧି ହବେ ଶ୍ୟାମା-ଚରଣେ-ସେଇଟା ?'' ସେତେବେଳେ ସେ ତାକୁ ଧରିନେଇ ଗାଇଲେ—

'କବେ ସମାଧି ହବେ ଶ୍ୟାମା— ଚରଣେ
ଅହଂ ତତ୍ତ୍ୱ ଦୂରେ ଯାବେ ବିଷୟ-ବାସନା ସନେ ।
ଉପେକ୍ଷିୟା ମହତତ୍ତ୍ୱ, ଛାଡ଼ି ଚତୁର୍ବିଂଶ ତତ୍ତ୍ୱ,
ସର୍ବତତ୍ତ୍ୱାତୀତ ତତ୍ତ୍ୱ ଦେଖି ଆପନେ ଆପନେ ।'

ଗୀତଟି ଶେଷ ହେଲା ପରେ ଗଞ୍ଜେଇ ଚାଲିଲା, ବାବା ପ୍ରସାଦ କରିଦେଲେ । ବାବା ଦୋହଲୁଛନ୍ତି, ଚକ୍ଷୁରେ ଲୁହଧାରା, ପୁଣି ଚିଲମ ସେବା—ଶେଷରେ କାଶିକାଶି ଚିଲମଟା ଭକ୍ତ ହାତରେ ଦେଲେ ।

ନଗେନ୍ ପଣ୍ଡା ମଧ୍ୟ ପ୍ରସାଦ ପାଇଲା ପରେ ଉଠିଗଲେ । ସେତେବେଳେ ବାବାଙ୍କୁ ଅନାଇ ଜଣେ କହିଲେ, ''ଆପଣଙ୍କ ସଙ୍ଗେ ମୋ'ର କଥା ଅଛି, ବାବା ।'' ବାବା କହିଲେ, ''କହ କ'ଣ ?'' କିନ୍ତୁ ସେ ମୋତେ ଅନେଇ ଦେଖିଲା, ଭାବନା ଏହି ଯେ ମୋ' ସମ୍ମୁଖରେ, ଅର୍ଥାତ୍ ମୁଁ ସେଠାରେ ଥିଲେ, କିଛି କହିବାରେ ତାଙ୍କର ଆପତ୍ତି ଅଛି । ଏହା ଜାଣି ମୁଁ ସେତିକିବେଳେ ନଦୀକୂଳର ଶ୍ମଶାନଭୂମିକୁ ଆସି ଗୋଟିଏ ଜାମୁଗଛ ତଳେ ବସିଲି । ଭାବୁଥିଲି, ଏଠାକୁ କ'ଣ କରିବାକୁ ଆସିଲି, କାହିଁକି ବା ଆସିଲି ? ବାବାଙ୍କ ପାଖରେ ସାଙ୍ଗୋପାଙ୍ଗ ଏପରିଭାବରେ ତାଙ୍କୁ ଘେରିରଖିଛନ୍ତି ଯେ ଏକାନ୍ତରେ ଟିକିଏ ପ୍ରାଣ ଖୋଲା କଥା କହିବା ସମ୍ଭବ ହେଉନାହିଁ । ମନଟା ଖରାପ ହୋଇଗଲା । ଏଠାରେ ଆଉ ରହିବି କି ନାହିଁ ଭାବୁଛି, ଏତିକିବେଳେ ଜଣେ ବ୍ୟକ୍ତି ଆସି କହିଲେ, ''ବାବା ଆପଣଙ୍କୁ ଡାକୁଛନ୍ତି, ଆସନ୍ତୁ ।''

■■

ଦ୍ୱିତୀୟ ପରିଚ୍ଛେଦ

ଅନ୍ତର ଭିତରେ ଏକ ବିସ୍ମୟମିଶ୍ରିତ ଆନନ୍ଦ ଉପସ୍ଥିତ ହେଲା– ମନେକଲି, ହୁଏତ ବାବାଙ୍କର ଦୟା ହୋଇଛି । ଯାଇ ପ୍ରଣାମ କରି ବସୁନବସୁଣୁ ସେ କହିଲେ, ''ବାବା, ମନରେ ଦୁଃଖ ପାଇଲ, ସେଥିଲାଗି ଡାକିଲି । ସେଥିରେ ପୁଣି ସେ ଶଳା ମୋତେ ଯେ ଚୋରି କଥା କହୁଛି ! ଯାହା ହୋଇଯାଇଛି, ସେ କଥାରେ ଆଉ କାମ କ'ଣ ? ଯାହା ହୋଇସାରିଛି, ସେକଥାରେ ଆବଶ୍ୟକ କ'ଣ ? ତୁ ଗୀତ ଗାଉ ନା କ'ଣ ? ଛିଚରଣ, ତୁ କ'ଣ କହୁଛୁ ?''*

ଏହି ଛିଚରଣ ହିଁ ଗୋପନୀୟ କଥା କହିବାକୁ ମୋତେ ଉଠାଇ ଦେଇଥିଲେ । ସେ ବ୍ୟକ୍ତି ସମ୍ମତି ଜଣାଇଲେ ଓ କହିଲେ, ''ହଁ, ସେଠା କଲିକତାର ଗାନ୍ ଗୋଟିଏ ହେଉନା ।''

ମୁଁ ତ ଅବାକ୍, କିନ୍ତୁ ଶେଷରେ ଅବ୍ୟାହତି ପାଇଲି, ଗୋଟିଏ ବ୍ରହ୍ମ ସଙ୍ଗୀତ ଗାନ କରି । ବାବା କହିଲେ, ''ତୋ'ର ସ୍ୱରଟା ସତରେ କୋମଳ ।''

ଏହି ଛିଚରଣଙ୍କୁ ଦେଖିଲି । ସେହି ସମୟରୁ ମୋତେ ସେ ଟିକିଏ ସ୍ନେହ ଚକ୍ଷୁରେ ଦେଖିବାକୁ ଲାଗିଲେ । ବାବାଙ୍କ ସଭାରେ ଗଞ୍ଜେଇ ପ୍ରସାଦ ପାଇ ଛିଚରଣ ଉଠିଲେ– ତାଙ୍କ ସଙ୍ଗେ ଆଉ ଦୁଇ-ତିନି ଜଣ ମଧ୍ୟ ଉଠିପଡ଼ିଲେ । ଲୋକ କମିଗଲେ ମୋ'ର ହିଁ ସୁବିଧା । ଦୁଇଜଣଙ୍କୁ ଛାଡ଼ି ଯେତେବେଳେ ଆଉସବୁ ଚାଲିଗଲେ, ମୁଁ ସେତେବେଳେ ବାବାଙ୍କ ପାଖକୁ ଲାଗିଯାଇ ପାଦରେ ହାତ ଦେଲି । ଦେବାମାତ୍ରେ ବାବା ଚମକିଉଠିଲେ, କହିଲେ, ''ଆରେ ଶଳା ପାଦରେ ହାତ ଦେବାକୁ ହେବ ନାହିଁ, ତୁ କ'ଣ କହିବୁ, କହୁନାହୁଁ ? ପାଦରେ ହାତ ଦେଇ ମୋ' ମନକୁ ଭୁଲାଇବାକୁ ଆସିଛୁ, ଖୋସାମତିଆ !''

''ଆପଣ ତ ମୋ' ମନ କଥା ବୁଝିଛନ୍ତି, ଆପଣ ମୋତେ ଦୟା କରନ୍ତୁ ।'' ''ତୁ ତ ଏବେ ଦୁଇ-ଚାରିଦିନ ଏଠାରେ ରହିବୁ । ଟିକିଏ ଥଣ୍ଡା ହୋଇ ଯା' ନା, ତେବେ ସବୁ ହୋଇଯିବ । ତୋ' ମନଟା ଭଲ ସତରେ ।''

''ଆପଣ ମୋତେ ଥଣ୍ଡା କରିଦିଅନ୍ତୁ । ମୁଁ ବଡ଼ ହିଁ ଚଞ୍ଚଳ ।''

---

* ତାହାଙ୍କ ନାମଟି ମନେ ନାହିଁ, ହୁଏତ ଶ୍ରୀଚରଣ ଗୋବିନ୍ଦ କିମ୍ବା ସେହିପରି କିଛି ହେବ । ଆଉ ଚୋରି କଥା ଏହି ଯେ, ବାବାଙ୍କର କିଛି ଟଙ୍କା କିଛିଦିନ ପୂର୍ବେ ଚୋରି ହୋଇଥାଏ– ସେକଥା ଯଥାସମୟରେ କୁହାଯିବ ।

''ମୁଁ କରିଦେଲେ ହବ କ'ଣ, ତୁ କ'ଣ ମୋ' କଥା ମାନିବୁ । ତୋ'ର ପ୍ରାଣ ଏବେ ଘୂରିବୁଲିବାକୁ ଚାହୁଁଛି । ତୋତେ ବହୁତ ଘୂରିବାକୁ ପଡ଼ିବ । ବେଶ୍ ତ, ଘୂରନ୍ନା ଦିନାକେତେ । ଦେଖିଯାଆ ମାଆର କାଣ୍ଡକାରାଖାନାଟା ।'' ଟିକିଏ ଅଟକିଯାଇ ମୃଦୁ କଣ୍ଠରେ କହିଲେ, ''ଥଣ୍ଡା ହେବାକୁ ଚାହୁଁଛୁ ତ ? ମୁଁ ଯାହା କହୁଛି, ତା' ଶୁଣ—ମୁଁ କହୁଛି, ଘରକୁ ଯା । ଥଣ୍ଡା ହେବା ଲାଗି ଆଉ ଜାଗା କୋଉଠି ! କେଉଁଠି ଆଉ ଥଣ୍ଡାହେବାକୁ ପଡ଼ିବ ନାହିଁ । ତୋ'ର ବାପା-ମା' ଅଛନ୍ତି ?''

'ହଁ, ବାବା, ମା', ଠାକୁରମା, ଦିଦିମା...''

''ଆଉ କହିବାକୁ ହେବ ନାହିଁ— ହୋଇଛି । ଘରେ ଯାଇ ବାପମା'ଙ୍କର ଚରଣପୂଜା କର୍ । ସେହିଥିରୁ ସବୁ ପାଇବୁ, ସବୁ ହେବ । ଶୁଣିନେଇ ମୋ'ର ମନେହେଲା ଯେ ମୋତେ ଭଗେଇବା ଲାଗି ସେ ଏପରି କଥା କହୁଛନ୍ତି ।''

ମୁଁ ସେତେବେଳେ କହିଲି, ''ଦେଖନ୍ତୁ, ଅନ୍ତରର କଥା ଆଜି ଆପଣଙ୍କୁ କହୁଛି । ସବୁବେଳେ ସତ କଥା କହିବ, କେବେ ହେଲେ ବି ମିଥ୍ୟା କହିବ ନାହିଁ, କାହାର ମଧ୍ୟ କିଛି ଚୋରିକରିବ ନାହିଁ, ପ୍ରବଞ୍ଚନା କରିବ ନାହିଁ, ପିତାମାତାଙ୍କର ସେବା କରିବ, ସେମାନଙ୍କର ଆଜ୍ଞା ପାଳନ କରିବ ଅଥବା ସେମାନଙ୍କୁ ଭଗବାନ ପରି ଗଣନା କରି ମନପ୍ରାଣରେ ଅନୁଗତ ଥାଇ ତାଙ୍କୁ ସନ୍ତୁଷ୍ଟ ରଖିବ ଇତ୍ୟାଦି ଭଲ ଭଲ କଥା ପିଲାବେଳୁ ଶୁଣିଆସିଛି, ଆଉ ନୀତିପୁସ୍ତକରେ ପଢ଼ିଆସିଛି । କିନ୍ତୁ ପ୍ରାଣ ମୋ'ର ଚାହେନାହିଁ, ସେମାନଙ୍କୁ ଦେବତା ଜ୍ଞାନକରି ସେବା କରିବାକୁ । ଭଗବାନଙ୍କୁ ଦେଖିବାକୁ ପାଉନାହିଁ, କଳ୍ପନା ଦ୍ୱାରା ତହିଁରୁ ହୁଏତ ବେଶ୍ ଏକ ଆକର୍ଷଣ ଅନୁଭବ କରେ— କିନ୍ତୁ ବାପାମାଙ୍କୁ ଚକ୍ଷୁ ସାମ୍ନାରେ ନାନାଭାବରେ ସହଜଭାବରେ ପାଏ ବୋଲି ହୁଏତ ଭଗବାନଙ୍କ ପରି ଭାବିବା କୌଣସି ସମୟରେ ହୋଇପାରିଲା ନାହିଁ । କିପରି ଯେ ଏକ ଦୁର୍ବଳତା ଆସିଯାଏ, ମନେମନେ ଠିକ୍ କଲେ ମଧ୍ୟ କାମବେଳକୁ ପାରେ ନାହିଁ !''

''କାହିଁକି ରେ ?''

''ଭଗବାନଙ୍କ ଭାବ ଆଣି ବାପମା'ଙ୍କଠାରେ ଯେ ଭକ୍ତିକରିବା ମୋତେ ଆସେନାହିଁ । ମୁଁ ତାଙ୍କର ସତ୍-ପୁତ୍ର ହୋଇପାରିଲି ନାହିଁ; ମୋତେ ମୋ' ଘର ଭଲ ଲାଗେ ନାହିଁ, ସେମାନଙ୍କ ସଙ୍ଗ ଭଲ ଲାଗେ ନାହିଁ ।''

''ଆଚ୍ଛା, ଦେଖ୍ ମୋ' ଆଡ଼କୁ, ଯିଏ ଯେପରି ପିଲା, ତାଙ୍କୁ ବାପମା ଓ ଭଗବାନ ମଧ୍ୟ ସେହିରକମ ଦେଇଥାନ୍ତି । ତୁ ଅବାଧ ହୋଇଛୁ, ତେଣୁ ସେମାନେ ବି ସେହିରକମ ହୋଇଛନ୍ତି । ତୁ ଯଦି ଭଲ ମଣିଷ ହୋଇଥାନ୍ତୁ, ସେମାନେ ମଧ୍ୟ ଭଲ ହୋଇଥାନ୍ତେ । ଅସଲ କଥା, ତୁ ତ ଭଗବାନଙ୍କୁ ଚାହୁନା, ତୁ ଏଠିକିସେଠିକି ଯିବୁ ଆଉ ବୁଲିବୁ, ଏଇ ତୋ'ର

ଇଚ୍ଛା । ସେକଥା କରୁ କାହିଁକି ? ବାପାମାଙ୍କୁ ଯଦି ଭକ୍ତିକରିବୁ, ତେବେ ସେମାନଙ୍କ ଦୋଷ ଦେଖି ସେମାନଙ୍କୁ ଏପରି ହେଳାକରିବୁ କାହିଁକି ?''

''ଆପଣଙ୍କ କଥା ଏବେ କିନ୍ତୁ ଭଲ ମନେହେଉଛି । ମାତ୍ର ସେମାନଙ୍କୁ ଭଗବାନ ବୋଲି ତ ଭାବିପାରେ ନାହିଁ, ଏହାହିଁ ଦୁଃଖ ।''

''ମନରେ ଜାଣିବୁ, ବୁଢ଼ା ବାପା-ମାଙ୍କୁ ଯିଏ ଖାଇବାକୁ ଦିଏ ନାହିଁ, ସେବା କରେ ନାହିଁ, ସେ ଶଳା କେଉଁଦିନ ମଧ୍ୟ ଭଗବାନଙ୍କୁ ପାଇବ ନାହିଁ ।''

''ବାବା ମୋ' ପାଖରୁ ଖାଇବା-ପିନ୍ଧିବା ଚାହାନ୍ତି ନାହିଁ । ସେଥିଲାଗି ଭାବନା ନାହିଁ, କିନ୍ତୁ ସେମାନେ ତ ପ୍ରକୃତରେ ମୋତେ ଆଡ଼େଇଦେଇ ରହିବାକୁ ଚାହାନ୍ତି । ଏବେ ମୁଁ ମଣିଷ ହୋଇଛି, ନିଜେ ଚଳିଯାଇ ଖାଇବି, ତାଙ୍କ ପାଖକୁ ଆସିବି ନାହିଁ, କୌଣସି କଥା ଜଣାଇବି ନାହିଁ, ଏହା ସେମାନେ ଚାହାନ୍ତି । ତେବେ ମୁଁ ଉପାର୍ଜନ କରି ଯଦି ତାଙ୍କ ହାତରେ ଆଣିଦେଇପାରିବି, ଆଉ ତାଙ୍କଠାରୁ କିଛି ଆଶା କରିବି ନାହିଁ, ତା'ହେଲେ ସେମାନେ ଖୁସୀ ହେବେ ।''

''ମୋ' କଥା ତୁ ତ ଗ୍ରହଣ କରୁନାହୁଁ । ମୁଁ କହୁଛି, ତୁ ସେମାନଙ୍କର ସେବା କରିବୁ, ସେମାନଙ୍କୁ ପ୍ରସନ୍ନ ରଖିବୁ । ସେଥିରେହିଁ ତୋ'ର କାମ ହେବ ।''

''ମୋ' ସେବା ତ ସେମାନେ ଚାହାନ୍ତି ନାହିଁ !''

''ତୁ ବଡ଼ ଜିଦ୍‌ଖୋର । ସେମାନେ ଚାହିଁବେ କାହିଁକି ? ତୁ ନିଜେ କରିବୁ ।''

''ଦେଖନ୍ତୁ, ସତ କହିଲେ, ମୋ'ର ଏପରି ପ୍ରବଳ ଭକ୍ତି ନାହିଁ ଯେ, ସେ ଦରକାର ନ କଲେ ମଧ୍ୟ, ମୋ' ମନର ଜୋର୍‌ରେ ସେମାନଙ୍କୁ ସନ୍ତୁଷ୍ଟ କରି ନିଜ ଜନ୍ମକୁ ସାର୍ଥକ କରିବି । ମୋ'ର ମନେହୁଏ, ଏବେ ସେମାନଙ୍କ ନିକଟରୁ ପୃଥକ୍ ରହିଲେ ହିଁ ଭଲ ହେବ । ଦୂରରୁ ଯେତିକି ଭକ୍ତି-ଶ୍ରଦ୍ଧା ମନରେ ରଖିପାରିବି, ପାଖରେ ଥିଲେ, ନାନାପ୍ରକାର ବ୍ୟବହାର ଦେଖି ତାହା କରିବା ସମ୍ଭବ ହେବ ନାହିଁ । ଫଳସ୍ୱରୂପ ସେଥିରେ କିଛି ଲାଭ ନାହିଁ ଜାଣି ମୁଁ ବାହାରେ ଦୂରେଇଦୂରେଇ ରହିଛି ।''

''ଦେଖ୍, ତୋ'ର ଯେତେବେଳେ ବିବାହ ହୋଇଛି, ସେତେବେଳେ ତୋର ଏପରି ଚିନ୍ତାଧାରା ସେମାନଙ୍କୁ ଭଲ ଲାଗୁନାହିଁ । ତୁ ଘରକୁ ଚାଲି ଯା, ମା'ର ଚରଣ ଧରି ପଡ଼ିଯିବୁ ଯା– ସେହି ହେବ ତୋ'ର ବର୍ତ୍ତମାନର କାମ । ଟଙ୍କା ଆଣିବୁ, ବାପାଙ୍କ ହାତରେ ଦେବୁ, ସଂସାର ଧର୍ମ କରିବୁ, ସେଇଟା ଭଲ ।''

ବାବା ଏହିସବୁ କଥା କହିବାକୁ ଲାଗିଲେ । ଯେତେବେଳେ ବୁଝିଲେ ଯେ ତାଙ୍କ କଥା ମୋ' କାନରେ ପଶୁନାହିଁ, ସେତେବେଳେ କହିଲେ, ''ଏଇ ଦେଖ୍, କେମିତି ମଣିଷର ବୁଦ୍ଧି–ଆମେ ମୂର୍ଖ, ଜାଣିଛୁ କି ନାହିଁ, କଲେଜରେ ପଢ଼ି ପଣ୍ଡିତ ହୋଇନାହୁଁ, ଶାସ୍ତ୍ର ପଢ଼ିନାହୁଁ,

କିଛି ଜାଣି ନାହୁଁ– କହ ତ, ବାପା-ମା ବଞ୍ଚି ଥାଉଥାଉ ଘର ଛାଡ଼ି ବୈରାଗୀ ହୋଇ ବାହାରିଯିବାର ବ୍ୟବସ୍ଥା କେଉଁଠି, କେଉଁଶାସ୍ତ୍ରରେ ଅଛି ? ତୁ ଏପରି ଜିଦ୍‌ଖୋର ହୋଇଛୁ ଯେ ଘରର ଠାକୁରଙ୍କୁ ଛାଡ଼ିଦେଇ ଗାଁ ଗାଁ ଘୂରି ମରୁଛୁ– ତୋତେ କ'ଣ ଲାଜ ନାହିଁ ?''

''ଦେଖନ୍ତୁ, ସତରେ ମୁଁ ଯେ ହତଭାଗା, ସେଥିରେ କୌଣସି ସନ୍ଦେହ ନାହିଁ, ନ ହେଲେ ବାପା-ମା'ଙ୍କୁ ଭଗବାନ ଭାବି ଭକ୍ତି ନ କରିପାରି ଏଣେତେଣେ ଘୂରିବୁଲୁଛି କାହିଁକି, ସମୟସମୟରେ ଯଦିଓ ବୁଝିପାରେ ଯେ ହୁଏତ ମୁଁ ଠିକ୍ କାମ କରୁନାହିଁ ? କିନ୍ତୁ ବାପାଙ୍କୁ ଭଗବାନ ରୂପେ ଭକ୍ତି ଯଦି ନ ଆସେ, ତେବେ କ'ଣ କରିବି, ବୁଝାଇ କୁହନ୍ତୁ ମୋତେ !''

''କାହିଁକି ହେଉନାହିଁ ତୋ'ର, କହିଲୁ ଦେଖି ? ମୁଁ ତ ପିଲାବେଳୁ, ବାବା ଯାହା କହୁଥିଲେ, ତାକୁ ଶିରୋଧାର୍ଯ୍ୟ କରିଛି । ବାପା କହିବେ-ଚାଲ୍ ଗୀତର ପାଲା ଚାଲିଛି, ଗାଇବୁ ଯା', ମୁଁ ସଙ୍ଗେ ସଙ୍ଗେ ଯାଇଛି । ବାପା କହିବେ, ସେ କାମ କର୍‌ନାହିଁ, ସେତେବେଳେ ସେ କାମକୁ ଗୁରୁଜ୍ଞାନ କରିଛି । (ଗୁରୁଜ୍ଞାନ ଅର୍ଥାତ୍ ଅନିଷ୍ଟ ଜ୍ଞାନ କରି ପରିତ୍ୟାଗ କରିବା) ତୁ କାହିଁକି ତାହା କରିପାରୁନାହୁଁ ?''

ମୁଁ କହିଲି, ''ଆପଣଙ୍କ ପରି ଯଦି ମୋର ବୁଦ୍ଧି ଥାଆନ୍ତା, ତା'ହେଲେ ମୋ'ର ଏପରି ଅବସ୍ଥା କାହିଁକି ହୋଇଥାନ୍ତା– ଆମେ ବେଶୀ ବୁଦ୍ଧିମାନ କି ନା ! ବାପାଙ୍କଠାରେ ଅନେକ ଦୋଷ ଦେଖିବାକୁ ପାଉ । କାମ, କ୍ରୋଧ, ହିଂସା, ଦ୍ୱେଷ– ଏ ସମସ୍ତ ଦୋଷ ସବୁଦିନେ ଦେଖିଲେ ଆଉ ଭକ୍ତି ଆସେ ନାହିଁ ।''

''ଆରେ ତୁ ଶଳା ବାପାଙ୍କର ଖୁବ୍ ଠେଙ୍ଗାମାଡ଼ ଖାଇଛୁ ବୋଧହୁଏ ? ମୁଁ କ'ଣ ଠେଙ୍ଗା ପାହାର ଖାଇନାହିଁ ବୋଲି ତୁ ମନେ କରୁଛୁ ? ମୁଁ ମଧ୍ୟ ବହୁତ ଖାଇଛି, ମା' ହାତରୁ ଠେଙ୍ଗା ପାହାର ଖାଇଛି । ସେଥିରେ ହେଲା କ'ଣ ! ଦୋଷ କରିଛି, ମାରିବେ ନାହିଁ, କ'ଣ ଛାଡ଼ିଦେବେ ?''

''ଭଗବାନଙ୍କର କ'ଣ ଏପରି କାମ କ୍ରୋଧ ସବୁ ଅଛି, ସେ କ'ଣ ତାଙ୍କର ସନ୍ତାନକୁ ଏପରିଭାବରେ ଦଣ୍ଡ ଦିଅନ୍ତି ?''

''ଆରେ ଏ କଥା କାହିଁକି ବୁଝୁନାହୁଁ, ଖଣ୍ଡେ ବଙ୍କାତେଢ଼ା ଲୁହାକୁ ସିଧା କରିବାକୁ ହେଲେ ପିଟିବାକୁ ପଡ଼େ, ସିଧା ଥିଲେ ତ କଥା ନଥିଲା । ତୁ ତେଢ଼ାବଙ୍କା ଥିଲୁ, ତେଣୁ ଠେଙ୍ଗାପାହାର ଖାଇଛୁ । ଯାହାକୁ ଭଗବାନ କହୁଛୁ, ସେ ଏହି ମା' ତାରା, ଇଏ କ'ଣ ମାରନ୍ତି ନାହିଁ ବାବା ? ସେ ମଧ୍ୟ ମାରନ୍ତି ସମୟସମୟରେ–ଯେତେବେଳେ ଦେଖନ୍ତି ଯେ ନ ଠେଙ୍ଗାଇଲେ ପିଲାଟା ସିଧା ହେଉ ନାହିଁ, ସେତେବେଳେ ଦେଇଥାନ୍ତି ଖୁବ୍ ଜୋର୍‌ରେ ବସାଇ ।''

''ଆପଣଙ୍କର କଥା ଶୁଣି ଏବେ ବୁଝିପାରୁଛି ଘଟଣାଟି, କିନ୍ତୁ ସେତେବେଳେ ସେ ସବୁ ଭାବିପାରିନାହିଁ, ସେମାନଙ୍କର ଦୋଷ ବୋଲି ଜ୍ଞାନ କରିଛି ।''

''ମୁଁ ଏତେସବୁ କଥା କହିବି କାହିଁକି, ତୁ ନିଜେ ବୁଝିନେ, ନା ତୋ'ର ବୁଝିବାର ଇଚ୍ଛା ଥିଲେ ସେ ବୁଝାଇ ଦେବେ ଯାଇଁ । ତୋ'ର ଭଗବାନ ଆଉ କେଉଁଠି ଅଛନ୍ତି, ଯାହାଙ୍କ ଯୋଗୁ ଏ ଶରୀର ସୃଷ୍ଟି, ସେହି ତୋ'ର ଭଗବାନ । ଯେଉଁ ମା' ଗର୍ଭରେ ଧରିଥିଲେ, ସେ ଏହି ମା, ସେଥିପାଇଁ କହୁଛି ଘରକୁ ଚାଲିଯା– ଚାଲି ଯାଇ ଦେଖି ଯା, କିପରି ତୋ'ର ସବୁ ଠିକ୍ ହେବରେ ।''

''ସେ ଚାହାନ୍ତି, ଆମେ ଚାକିରି କରି ଉପାର୍ଜନ କରୁଁ– ତା'ହେଲେ ସେ ଖୁସି ହୁଅନ୍ତେ । କିନ୍ତୁ ମୋତେ ଯେ ଚାକିରି କରିବାକୁ ଭଲ ଲାଗେ ନାହିଁ ।''

''ଏହା ତ ଗାଁ କୁଣ୍ଡରେ ମରଣ ! କାହିଁକି ତୁ ଚାକିରି କରୁନାହୁଁ, ସେଥିରେ ଦୋଷ କ'ଣ ?''

''ଚାକିରି କରିବାକୁ ମୋର ଆଦୌ ଇଚ୍ଛା ହୁଏ ନାହିଁ, କ'ଣ କରିବି କୁହନ୍ତୁ ନା ?''

''ବାପା-ମା'ଙ୍କ ସହ ସନ୍ତାନର ସମ୍ବନ୍ଧ କଣ, ସେମାନଙ୍କ ଦ୍ୱାରା ପିଲାର କେତେ ଭଲ ହୋଇପାରେ, ସେପରି ଧାରଣା ଏବେକାଳର ସନ୍ତାନଙ୍କର ତ ନାହିଁ, ତା' ସଙ୍ଗେ ସଙ୍ଗେ ବାପା-ମାଙ୍କର ମଧ୍ୟ ନାହିଁ ।'' ଏ କଥା କହିଦେଇ ବାବା ଟିକିଏ ନିରୀକ୍ଷଣ କରି ମୋ' ଆଡ଼କୁ ଚାହିଁଲେ ।

ମୋ'ର ମନେହେଲା, ସେ ଦେଖୁଛନ୍ତି ମୁଁ ତାଙ୍କ କଥାକୁ କିପରି ଭାବରେ ଗ୍ରହଣ କରୁଛି । ମୁଁ ଜିଜ୍ଞାସା କଲି, ''କାହିଁକି ଏପରି ହେଲା କୁହନ୍ତୁ ତ, ଆପଣଙ୍କ ମୁହଁରୁ ଶୁଣିଲେ ଯଦି କିଛିଟା ବୁଝିପାରେ...''

ସେ ସେତେବେଳେ କହିଲେ, ''ତୁ ଘରକୁ ଯାଇ ସେମାନଙ୍କର ଅନୁଗତ ହୋଇ ଭକ୍ତି କରି ଦେଖିବୁ ଯା–ତାହାହେଲେ ସବୁ ବୁଝିପାରିବୁ ।''

ମୁଁ କହିଲି, ''ଜୋର୍ କରି କ'ଣ ଭକ୍ତି କରାଯାଏକି ? ମୋ'ର ପ୍ରାଣ ଯା ଚାହେ, ତାହା ନ ପାଇଲେ ସେମାନଙ୍କୁ କିପରି ଭାବରେ ଭକ୍ତି କରିବି ? ମନେହୁଏ, ବାଲ୍ୟକାଳଠାରୁ ମୋ' ବାବାଙ୍କୁ ଯମ ପରି ଭୟକରି ଶିଖିଛି । ତାଙ୍କୁ ଦେଖିଦେଲେ ହିଁ ମୋ' ମନରେ ଭୟ ଆସେ, ତାଙ୍କ ପାଖରେ ସ୍ୱଚ୍ଛନ୍ଦରେ କଥା କହିପାରେ ନାହିଁ । ସେ ମଧ୍ୟ ଆମ ମଧ୍ୟରୁ କାହାକୁ ନିଜ ପାଖକୁ ନେଇ ଦୁଇଦଣ୍ଡ ବସିବାକୁ ଦିଅନ୍ତି ନାହିଁ । ବଡ଼ ହେଲାପରେ କାମ ଲାଗି ଯେତିକି ଡାକିବା କଥା, ତାଙ୍କ ନିଜ ଦରକାର ଅନୁସାରେ କେବଳ ସେତିକି ଡାକିଥାନ୍ତି । କଥା ଶେଷ ହୋଇଗଲେ ଆମ ସହ ଆଉ ଯେପରି କୌଣସି ସମ୍ବନ୍ଧ ନଥାଏ ତାଙ୍କର ।''

ସେ ସବୁ ଶୁଣି କହିଲେ, ''ଦେଖି ମୁଁ ମୂର୍ଖ ମଣିଷ, ବଡ଼ ବଡ଼ କଥା କିଛି ଜାଣେ ନାହିଁ, ସିଧା କଥା କହୁଛି–ଶୁଣ୍ । ତୋ' ଭିତରେ ଯେଉଁସବୁ ଭଲ ଭାବ, ଜ୍ଞାନ, ଭକ୍ତିର ଏହି ଯେଉଁ ଧାରଣାମାନ ଜନ୍ମିଛି, ତାହା ତୁ କିପରି ପାଇଲୁ, ମୋତେ କହିଲୁ ଦେଖି ?''

''ମୋର ମନେହୁଏ, ମୁଁ ଯେଉଁ ଭାବ, ସଂସ୍କାର ନେଇ ଜନ୍ମ ନେଇଛି, ସେହି ସବୁ ଏଠାରେ ନାନା ଅବସ୍ଥା ମଧ ଦେଇ ଫୁଟିଉଠିଛି ।''

ବାଧା ଦେଇ ସେ କହିଲେ, ''ଆରେ ଜିଦ୍‌ଖୋର ଦୁଶମନ୍ କେଉଁଠିକାର ! ଯିଏ ତୋତେ ସୃଷ୍ଟି କରିଛି, ସେ ଯଦି ତାହାର ଗୁଣାଗୁଣ ନ ଦେଇ ସୃଷ୍ଟି କରିଥାନ୍ତା, ତା' ହେଲେ ତୁ କେଉଠୁ ଏସବୁ ପାଇଥାନ୍ତୁ, ମୋତେ କହିଲୁ ? ତୋ' ଭିତରେ ଯେଉଁ ଗୁଣସବୁ ଅଛି ବୋଲି ତୁ ଗର୍ବ କରୁଛୁ, ସେସବୁ ତୋ'ର ଜନ୍ମଦାତାର ଦାନ– ନହେଲେ ତୁ କେଉଁଠୁ ପାଇଥାନ୍ତୁ ! ଯାଃ...''

''ତେବେ ମୋ'ର ମନୋମତ ଭାବରେ ସେ ଜିନିଷମାନ ମୁଁ ତାଙ୍କ ଭିତରେ ଦେଖିବାକୁ ପାଉନାହିଁ କାହିଁକି ?''

''ତାଙ୍କ ଭିତରେ ନିଶ୍ଚୟ ସେସବୁ ଅଛି, ତୁ ବୁଝିପାରୁନାହୁଁ । ତେବେ ତାହାର ପ୍ରକାଶ ହେବାର ଧରଣ ଅଲଗା ରକମ, ଏଇ ଯେପରି ଦେଖ୍ ତୋ ଭିତରେ ଭଗବାନଙ୍କପ୍ରତି ସହଜ ଭାବେ ଭକ୍ତିଭାବ ଅଛି, ପୁଣି ସନ୍ଦେହ ମଧ ଅଛି । ସେଥିପାଇଁ ତୁ ଜ୍ଞାନ ଦିଗଟିକୁ ଭଲ ମନେକରୁଛୁ, ଆଉ ସେଥିଲାଗି ପାଞ୍ଚ ଜାଗାରୁ ତାହା ଆଦାୟ କରିବାକୁ ଘୂରିବୁଲୁଛୁ । ତୋତେ ଦେଖିଲେ ସ୍ପଷ୍ଟ ବୁଝାଯାଏ, ତୋ'ର ଜନ୍ମଦାତାଙ୍କର ମଧ ଭଗବାନଙ୍କଠାରେ ସହଜ ଭାବେ ଭକ୍ତି ରହିଛି–ପୁଣି ବିଚାର କରିବାକୁ ଗଲେ ସନ୍ଦେହ ଅବିଶ୍ୱାସ ମଧ ଅଛି, ତେବେ ସେଥିଲାଗି ସେ କିଛି ମାଗି ନାହାନ୍ତି, ଅଧିକ ଘଣ୍ଟାଘଣ୍ଟି କରି ନାହାନ୍ତି, ଯାହା ଯୋଗୁ ତାଙ୍କ ଭିତରେ ତୋ' ମନମୁତାବକ ଭାବମାନ ଦେଖିବାକୁ ପାଇନାହୁଁ । ଆଉ ତୋ'ର ଏହି ଯେଉଁ ଭୟ କଥା କହୁଛୁ, ସେହି ଭୟ ତୋତେ ପୀଡ଼ାଦେବାଯୋଗୁ ହେଉ ବା ରାଗୀ ସ୍ୱଭାବ ଯୋଗୁ ହେଉ, ତାହା ତ ତାଙ୍କ ଭକ୍ତିର ଆଉ ଏକ ଭାବ । ଭୟଦେଖାଇ ତୋ'ର ସମ୍ବନ୍ଧଟିକୁ ଜୋର୍ କରି ରଖିଦେଇଛନ୍ତି । ଟିକିଏ ବୁଦ୍ଧିର ସହ ଏହି ବାପାଙ୍କୁ ଧରିପାରିଲେ ତୋ'ର ସବୁ କିଛି ହୋଇଯିବ । ତଦ୍ୱାରା ତାଙ୍କର କଲ୍ୟାଣ ହେବ ଏବଂ ତୋତେ ସୃଷ୍ଟି କରିବା ମଧ ସାର୍ଥକ ହେବ ।''

''ବେଶ୍ ଭଲ ଭାବରେ ମୁଁ ଜାଣେ ଯେ ସେ ମୋତେ ତାଙ୍କ ନିକଟରେ ବେଶୀ ପାଖେଇ ରଖିବାକୁ ଚାହାନ୍ତି ନାହିଁ । ସେ ଆମକୁ ଦୂରରେ ରଖିବାକୁ ଚାହାନ୍ତି ।''

ଏକଥା ଶୁଣି ସେ କହିଲେ, ''ସେ କଥାର ମଧ ଉଦ୍ଦେଶ୍ୟ ଅଛି ।''

''କ'ଣ ତାଙ୍କର ମନର ଭାବ, ଦୟା କରି କହନ୍ତୁ ତ, ଶୁଣେ ।''

''ମୂଳରୁ ସେ ଯେଉଁସବୁ ବ୍ୟବହାର କରିଛନ୍ତି, ସେସବୁକୁ ତୁ ଅନ୍ୟାୟ, ଅତ୍ୟାଚାର ବୋଲି ଭାବିଛୁ, ସେକଥା ସେ ଜାଣନ୍ତି । ତାଙ୍କର ମନେହେଉଛି, ତୁ ସେଗୁଡ଼ିକୁ ତାଙ୍କର ଅପରାଧ ବୋଲି ଧରିନେଇଛୁ, ମନରୁ ଭୁଲିପାରୁନାହୁଁ, ସେହି କାରଣରୁ ହିଁ ତ ସେ ଆଉ ତୋତେ ପାଖକୁ ନେବାକୁ ଚାହାନ୍ତି ନାହିଁ । ପୁଣି ଏ ଦିଗରୁ ଦେଖିବାକୁ ଗଲେ, ତୁ ତାଙ୍କର

ମନମୁତାବକ ହୋଇପାରିଲୁ ନାହିଁ, ସେ କେମିତି ତୋତେ ପାଖରେ ପୂରାଇଥାନ୍ତେ ? ତୋ' ଦୃଷ୍ଟିରୁ ତୁ ତାଙ୍କୁ ଯେପରି ବିଚାର କରୁଛୁ, ସେହିପରି ତାଙ୍କୁ ତାଙ୍କ ଦୃଷ୍ଟିରୁ ତ ତୋତେ ବିଚାର କରିବାକୁ ପଡ଼ିବ । ସେ ଯଦି ତୋତେ ଗ୍ରହଣ ନ କରନ୍ତି, ତୁ ମନରେ କିଛି ଖଟ୍‌କା ରଖିବୁ ନାହିଁ । ସେ ହେଲେ ପିତା, ତୋତେ ଜନ୍ମଦେଇଛନ୍ତି ତ, ତାଙ୍କ ପାଇଁ ମନରେ କିଛି ଖଟ୍‌କା ରଖିନା–''

''ଗୋଟାଏ ଭୟ ମୂଳରୁ ରହିଛି ସତ, କିନ୍ତୁ ସେଥିଲାଗି ମୁଁ ବରଂ ନିଜକୁ ତାଙ୍କ ନିକଟରେ ଅପରାଧୀ ମନେକରୁଛି । କାରଣ ମୁଁ ଯେ ଠିକ୍ ତାଙ୍କର ମନ ମୁତାବକ ହୋଇପାରିନାହିଁ, ତାହା ମୁଁ ବେଶ୍ ଭଲଭାବେ ବୁଝିପାରୁଛି । ଦୁଃଖ ମଧ୍ୟ ମୋ' ମନରେ ବରାବର ରହିଛି, ବାବାଙ୍କ ସଙ୍ଗରେ ମୋ'ର ଏକ ପ୍ରେମର ସମ୍ବନ୍ଧ ଗଢ଼ି ଉଠିପାରିଲା ନାହିଁ ବୋଲି, ଯାହା ଅନେକଙ୍କର ରହିଛି । ଯେଉଁଠି କାହାର ସଂସାର ଭିତରେ ବାପ ଓ ପୁଅର ଭଲପାଇବା, ପ୍ରେମର ସମ୍ବନ୍ଧ ଦେଖେ, ମୋ'ପ୍ରାଣ ହୁହୁ କରି ଉଠେ ଯେ ମୋ ଜୀବନରେ ସେ ସୁକୃତି ମିଳିଲା ନାହିଁ । ତେବେ ମୁଁ ଏ କଥା ଜାଣେ ଯେ ମୁଁ ଭଲ ବୋଲି ସେ ମନେମନେ ଜାଣନ୍ତି, କିନ୍ତୁ ମୁହଁରେ ତାହା ପ୍ରକାଶ କରନ୍ତି ନାହିଁ ।''

''ଦେଖ୍, ଦେହର ଅନ୍ତ ହେଲେ ସମ୍ବନ୍ଧର ଅନ୍ତ ହୁଏନାହିଁ । ତୁ ଯେତେ ଭଲ, ଯେତେ ବଡ଼ ହେବୁ, ସେ ତୋ'ର ବାପ ହୋଇ ରହିଥିବେ । ଶେଷଯାଏ ଦୁଇଜଣଙ୍କର ପ୍ରେମ ସମ୍ବନ୍ଧ ନ ରହିଲେ ଚଳିବ ନାହିଁ । ତୁ ଠିକ୍ ଜାଣିପାରିବୁ, ସେ ତୋତେ ଭଲପାଆନ୍ତି, ସେ ତୋତେ ଭୁଲିପାରିବେ ନାହିଁ । ଏଠାରୁ ଯେତେ ଦୂରରେ ସେ ଥାଆନ୍ତୁ, ସେହି ପରଲୋକରେ ମଧ୍ୟ ନୁହେଁ, ଆଉ ତାହା ରହିବ ନାହିଁ, ସବୁ ସହଜ ହୋଇଯିବ । ଆଚ୍ଛା, ଜନ୍ମଦାତାର କଥା ତ ସରିଲା, ଏବେ ମା'ଙ୍କ କଥା କହିଲୁ ଦେଖ୍ । ତୁ ମା'ଙ୍କୁ ତ ପୂଜା କରି ପାରିଥାନ୍ତୁ ? ମା'ଙ୍କୁ ସନ୍ତୁଷ୍ଟ କଲେ ହିଁ ଜଗଦମ୍ବାଙ୍କୁ ପାଇବୁ ।''

''ଦେଖନ୍ତୁ, ମା' ମୋ'ର ଖୁବ୍ ଧାର୍ମିକ ଆଉ ଭଲମଣିଷ, କିନ୍ତୁ ଆମ ସଂସାରରେ ଯେତେ କିଛି ଅଶାନ୍ତି, ତା'ର ବେଶୀ ଭାଗ, ଯିଏ ସଂସାରର କର୍ତ୍ତା ବା କର୍ତ୍ତ୍ରୀ, ସେମାନଙ୍କର ଉଦାର ଭାବର ଅଭାବରେ କିମ୍ବା ସଂକୀର୍ଣ୍ଣତାର ଫଳସ୍ୱରୂପ ଭୋଗ ହୋଇଥାଏ । ଆମେ ଯଦି ସ୍ତ୍ରୀଲୋକଙ୍କର ଏହି ସକଳ ଦୁର୍ବଳତାକୁ ଉପେକ୍ଷା କରିପାରୁ, ତା'ହେଲେ ଭଲ, ନ ହେଲେ ଆମ୍ଭେମାନେ ମଧ୍ୟ ସେଥିରେ ଲିପ୍ତ ହୋଇଯାଉ, ଆହୁରି ଦୁଃଖର ଆଧିକ୍ୟ ଘଟିଥାଏ । ସେଥିପାଇଁ ମୋ'ର ଧାରଣା ହୋଇଛି ଯେ ସଂସାର ଭିତରୁ ବାହାରି ନ ଆସିଲେ, ସମ୍ବନ୍ଧଚ୍ଛେଦ ନ କଲେ କୌଣସି ପ୍ରକାର ଆତ୍ମକଲ୍ୟାଣ ହେବ ନାହିଁ । ଘରେ ଆମର ସବୁଦିନେ ଅଶାନ୍ତି । ସେଥିଲାଗି ମୋ'ର ଘରେ ରହିବା ସମ୍ଭବ ହେଲା ନାହିଁ । ଏଣୁ ଜନନୀଙ୍କ ସେବା ମୋ' ଭାଗ୍ୟରେ ଘଟିଲା ନାହିଁ–ମା'ଙ୍କ ଠାରେ ମୋ'ର ଯେଉଁ ଭକ୍ତି, ତାହା କେବଳ ମନେମନେ ହିଁ ରହିଯାଏ ।''

''ସେକଥା ନୁହେଁ, ଅନ୍ୟ କେଉଁଆଡ଼େ ମନ ନ ଦେଇ ଏହି ମା'ଙ୍କୁ ହିଁ ଜଗଜ୍ଜନନୀ ଧାରଣା କରି ତାଙ୍କ ଚରଣରେ ଆତ୍ମସମର୍ପଣ କରିପାରିଲେ, ତୋ'ର ଆଉ ଅନ୍ୟ କିଛି ପ୍ରୟୋଜନ ହେବ ନାହିଁ ।''

''ସେ ସକଳ ତତ୍ତ୍ୱକୁ ମୁଁ ଜାଣିବାକୁ ଚାହେ– ତା' ତ ମା'ଠାରୁ ପାଇ ନାହିଁ, ସେ ଲେଖାପଢ଼ା ବା ଜ୍ଞାନ-ବିଦ୍ୟାର ଧାର୍ ଧାରିନାହାନ୍ତି, ବାବା ମଧ୍ୟ କେବେ ତାଙ୍କୁ ଶିକ୍ଷା କିଛି ହିଁ ଦେଇ ନାହାନ୍ତି । ଫଳ ସ୍ୱରୂପ ମୋତେ ସେଥିଲାଗି ବାହାରକୁ ଆସିବାକୁ ପଡ଼ିଛି ।''

''ଯଦି ମନପ୍ରାଣ ଦେଇ ଏହି ମା'ଙ୍କୁ ଇଷ୍ଟ ବୋଲି ଧରିନେଉପାରୁ । ତେବେ ଏହାଙ୍କ ଠାରୁ ତୁ ଯାହାଯାହା ଚାହିବୁ, ସେ ସମସ୍ତ ତୋ' ମଧ୍ୟରେ ସ୍ୱୟଂ ଫୁଟିଉଠିବରେ । କ'ଣ, ତୋ'ର ସେସବୁ ତ ହେବ ନାହିଁ, ନିଜ ମା'ଙ୍କୁ ଇଷ୍ଟଦେବତା ଭାବେ ଗ୍ରହଣ କରିବା, ଏହା କ'ଣ ସହଜ କଥା, ଏ ସବୁର ହୁଏ କ'ଣ ? ସେଥିଲାଗି ତ ଏତେ ଘୋରପାକ୍ ଭୋଗିବାକୁ ହୋଇଥାଏ । ଘରେ ଅଛନ୍ତି ଭଗବାନ୍, ତୁ ତା'ଙ୍କୁ ଚାହିବୁ ନାହିଁ, ତୋ' ମନକୁ ଯାହା ଆସେ, ତୁ କାହିଁକି ସେକଥା କରୁ ? ହଁ ଦେଖ୍ ବାପା-ମା'ଙ୍କର ମେଳ ନ ରହିଲେ ସନ୍ତାନର ମେଳ ରହିବ କିପରି ? ବାପାଙ୍କର ଏକରକମ ଢାଞ୍ଚା (ପ୍ରକୃତି), ପୁଣି ମା'ଙ୍କର ଯଦି ଆଉ ଏକ ରକମ, ତାହାର ଫଳ ହିଁ ହେବ ସେହିପରି ।''

''ସତ କଥା– ମୋ'ର ମା'-ବାବାଙ୍କ କଥା ମୁଁ ଜାଣିଛି । କହିପାରୁଛି, ବାବା ମୋ'ର ଭୟଙ୍କର ବଳବାନ, ଉଦ୍ଧତ ପ୍ରକୃତି, ଭୋଗୀ, ଆଉ ମା' ମୋର ନିରୀହା, ତ୍ୟାଗୀ, ଶାନ୍ତଶିଷ୍ଟ, ନିରକ୍ଷର, ଶ୍ରଦ୍ଧାଚାରୀ, ପୂଜା-ତପସ୍ୟାପରାୟଣା, ଭୀରୁ ସ୍ୱଭାବ ।''

''ଏ ପ୍ରକାରର ପନ୍ଦରଗଣ୍ଡା ଏଠାରେ, ସେଥିଲାଗି ତାଙ୍କର ସେହି ସ୍ୱଭାବର ପୁଅ-ଝିଅ ଜନ୍ମ ହେବେ । ହଁ ଦେଖ୍, ତାରା ମା' ଏହି ସ୍ୱଭାବର ସ୍ତ୍ରୀମାନଙ୍କ ସହ ସେହି ସ୍ୱଭାବର ଦସ୍ୟୁ ପୁରୁଷମାନଙ୍କର ମେଳ କରାନ୍ତି, ଯଦ୍ୱାରା ମନଲାଖି ମଣିଷ ପ୍ରସ୍ତୁତ ହେବେ । ଆମେମାନେ ତାଙ୍କର ଲୀଳାଖେଳା କ'ଣ ବୁଝିବୁ ! ସେ କେଉଁ ଭାବେ କିପରି ମଣିଷ ତିଆରିକରନ୍ତି, କେଉଁ କାମରେ ଲଗାନ୍ତି, ତା' କ'ଣ ଆମେ ଜାଣୁ ?'' ମା', ମା', ତାରା– କହି ବାବା ଅନ୍ତର୍ମୁଖୀ ହୋଇଗଲେ ।

ଏହି ସମୟରେ ବାବାଙ୍କର ପରିଚାରକ ବ୍ୟତୀତ ଅନ୍ୟ ସମସ୍ତେ ଉଠିପଡ଼ିଲେ । ମୁଁ ଆହୁରି ତାଙ୍କ ପାଖକୁ ଘୁଞ୍ଚିଆସି ବସିପଡ଼ିଲି । ବାବା ସ୍ଥିର ନିଷ୍ପନ୍ଦ ।

କେତେ ସମୟ ପରେ ମୋ' ଆଡ଼କୁ ଚାହିଁନେଇ କହୁଛନ୍ତି, ''ତୋ'ର ଭଲ ହେବ, ଏଇଟା ତୋ'ର ଉନ୍ନତତର ଜନ୍ମ, ମା' ତୋତେ ଭଲ ପଥରେ ନେଇଯିବେ । ତୁ ବାବା, ତୋ'ର ମା'-ବାବାଙ୍କ ମାଧ୍ୟମରେ ଆଗେଇବୁରେ । ବାପ ତୋ'ର ଭୈରବଟିଏ ସତ ।''

''ତାହା ତ ମୁଁ ଜାଣିନାହିଁ, ସେ ତ ମନ୍ତ୍ରତନ୍ତ୍ର କିଛି ହିଁ ନେଇନାହାନ୍ତି– ସେ କହନ୍ତି, ଯାହାଙ୍କ ପ୍ରତି ଭକ୍ତି ଆସିବ, ଗୁରୁ ବୋଲି ମାନିବାକୁ ଇଚ୍ଛା ହବ, ତାଙ୍କର ଦେଖା ପାଇଲେ

ସେ ମନ୍ତ୍ର ଗ୍ରହଣ କରିବେ । ମୋ'ର ମନେହୁଏ, ତାଙ୍କର ମନ୍ତ୍ରଦୀକ୍ଷା ଉପରେ ବିଶେଷ ଆସ୍ଥା ନାହିଁ । ବିଶେଷତଃ କୁଳଗୁରୁଙ୍କ ଉପରେ ତାଙ୍କର ଆଦୌ ଶ୍ରଦ୍ଧା ନାହିଁ । ଆଉ ମୋର ମଧ୍ୟ ଠିକ୍ ସେହି ଭାବ ରହିଛି । ବାବା କହନ୍ତି, ଭଗବାନ ମଙ୍ଗଳକାରୀ, ମନେମନେ ଡ଼ାକିଲେ ହିଁ ହେଲା ।''

''ମଦ, ଭାଙ୍ଗ ଖାଆନ୍ତି ନା କଣ ?''

''ହଁ, ସେ ସବୁରେ ଯୌବନ କାଳରେ ଖୁବ୍ ବେଶୀ ଅଭ୍ୟାସ ଥିଲା, ଏବେ ଅନ୍ୟଭାବରେ ।''

ବାଧା ଦେଇ ସେ କହିଲେ, ''କେଉଁ ଠାକୁରଙ୍କଠାରେ ତାଙ୍କର ଆଗ୍ରହ, ତୁ ଜାଣିଛୁ ?''

''ତାହା ଠିକ୍ ଜାଣେ ନାହିଁ, ତେବେ ତାଙ୍କ ମୁଖରୁ ରାମାୟଣ, ମହାଭାରତର ଗଳ୍ପ କେବେକେବେ ଶୁଣିଛି– ରାମ, କୃଷ୍ଣ, ଆଉ ଶିବ, ଏହି ତିନିଙ୍କର କଥା ସେ ପ୍ରାୟ ବେଶୀ କହିଥାନ୍ତି । ଯେତେବେଳେ ଯାହାଙ୍କ କଥା କହିଥାନ୍ତି, ମୋ'ର ମନେହୁଏ, ହୁଏତ ସେହି ତାଙ୍କର ଇଷ୍ଟ, ମାତ୍ର କର୍ମରେ ସେ ଅନାଚାରୀ ।''

''ହାଁ ହାଁ, ତୁ ଶଳା ତାଙ୍କର ପୁଣି ଆଚାର କଥା କହୁଛୁ ! ଶକ୍ତ ମଣିଷ ଆଚାର ମାନିବ କାହିଁକି ? ତେବେ ଗୁରୁ ନ ହେଲେ ତ କୁଣ୍ଡଳିନୀ ଜାଗ୍ରତ ହେବନାହିଁ ।''

ଏହି କୁଣ୍ଡଳିନୀର ବ୍ୟାପାର ମୋତେ ଜାଣିବାକୁ ପଡ଼ିବ, ବର୍ତ୍ତମାନ ବୋଧହୁଏ ସୁଯୋଗ ଉପସ୍ଥିତ ।

■■

ତୃତୀୟ ପରିଚ୍ଛେଦ

ପରଦିନ ଟିକିଏ ସୁବିଧା ଅବସ୍ଥା ଦେଖି କ୍ଷେପାବାବାଙ୍କ ପାଖରେ ଯାଇ ବସିଲି, ସେତେବେଳେ ସେଠାରେ ଆଉ ଦୁଇତିନି ଜଣ ଉପସ୍ଥିତ ଥିଲେ । ବାବା ରସିକ ଲୋକ, ଟିକିଏ ରସିକତା ନ କରି କଥା କୁହନ୍ତି ନାହିଁ । କହିଲେ, ''ଚିଲ ଯେତେବେଳେ ଓହ୍ଲାଇ ପଡ଼ିଛି କୁଟାଟା ନ ନେଇ ଉଠିବ ନାହିଁ ।'' ଚିଲମଟଣା ଚାଲିଛି– ସେକଥା ନ କହିଲେ ଚଳିବ । ଏବେ କାହାକୁ ଲକ୍ଷ୍ୟ କରି ଏ କଥାଟା କହିଲେ, ମୁଁ ବୁଝିଗଲି, କିନ୍ତୁ ଆଉ କେହି ଏହାର ମର୍ମ କ'ଣ ଗ୍ରହଣ କରିନପାରି ଥରେ ମୋ' ଆଡ଼କୁ ଚାହିଁଦେଇ ଥରେ ବାବାଙ୍କ ଆଡ଼କୁ ଚାହିଁଚାହିଁ କେତେ କ'ଣ ଭାବିବାକୁ ଲାଗିଲେ, କେଜାଣି !

ନଗେନ ପଣ୍ଡା ଥିଲା ଚାଲାକ ଲୋକ, ବୁଝିନେଇ ମୋତେ ଲକ୍ଷ୍ୟ କରି– ଖୁସୀ ହୋଇ କହିଲା ''କ'ଣ, ''ଏଥର ବାବାଙ୍କୁ ପାଇପାରିଛନ୍ତି, ଦେଖୁଛି !''

''ବାବା ଯେ ସଦାଶିବ, ତା' କ'ଣ ଜାଣ ନାହିଁ !''

ଏଥର ବାବା ଟିକିଏ ଚେଷ୍ଟା କରି ଉଠିବାକୁ ଇଚ୍ଛା କଲେ । ସେତେବେଳେ ତାଙ୍କର ସେବକ ଆସି ଧରିନେଇ ତାଙ୍କୁ ସାହାଯ୍ୟ କଲେ ଏବଂ ଚାଳିର ବାହାରକୁ ନେଇଗଲେ, ଦୁଇ-ତିନୋଟି କୁକୁର ମଧ୍ୟ ଚାଲିଲେ ।

ଗ୍ରାମର ଦୁଇତିନିଜଣ ଲୋକ ଆସିଥିଲେ, ଯିବା ରାସ୍ତାରେ ବାବାଙ୍କୁ ଦେଖିନେଇ ପ୍ରଣାମ କରି ହାତଯୋଡ଼ି ଠିଆହୋଇରହିଲେ । ବାବା ଜିଜ୍ଞାସା କଲେ, ''ତୁମକୁ କିଏ ପଠାଇଛି ?'' ତାଙ୍କ ମଧ୍ୟରୁ ଜଣେ କହିଲା, ''ଆମେ ଗବପତ୍ର ନେବାକୁ ଆସିଛୁ, ଏଣ୍ଡିପୋକ ଲାଗି । ହେଇ ସେ ଗାଡ଼ିରେ ଚାଲାଣ କରୁଛୁ, ଭାବିଲୁ ବାବାଙ୍କୁ ଦେଖି ଆସିବା ଥରେ ।''

ଏମାନେ ଏଣ୍ଡିପୋକର ଚାଷ କରନ୍ତି, ଭିନ୍ନ ଭିନ୍ନ ଗ୍ରାମରେ ଥାଆନ୍ତି, ମଝିରେମଝିରେ ଏଣ୍ଡିପୋକ ଲାଗି ଗବପତ୍ର ଯୋଗାଡ଼ କରିବାକୁ ଦୂରକୁ ଆସିବାକୁ ପଡ଼େ । ଥରକେ ଅନେକ ଦିନଲାଗି, ପୋକ ପାଇଁ ଖୋରାକ ଯୋଗାଡ଼ କରି ଶଗଡ଼ଗାଡ଼ିରେ ବୋଝେଇ କରି ନେଇଯାଆନ୍ତି । ଫେରିଲା ବେଳେ ବାବାଙ୍କୁ ଥରେ ପ୍ରଣାମ କରିଯାଆନ୍ତି । ବାବା ଏମାନଙ୍କୁ ଭଲପାଆନ୍ତି, ସ୍ନେହ କରନ୍ତି, ଆଉ ଅନ୍ତରରସହ ଆଶୀର୍ବାଦ ମଧ୍ୟ କରନ୍ତି । ଗଞ୍ଜେଇ ଆସର ଲାଗି ସାଧ୍ୟମତେ ସେବାଲାଗି ସେମାନେ କିଛି ଦେଇଯାଆନ୍ତି । କାରଣ ବାବାଙ୍କର

ଆଶୀର୍ବାଦର ଫଳ ସେମାନେ ପ୍ରତ୍ୟକ୍ଷ ଦେଖିବାକୁ ପାଆନ୍ତି । ସେମାନେ କହନ୍ତି, 'ବାବା ଜୀବନ୍ତ ଦେବତା ।'

ବାବା ସେତେବେଳେ ସେମାନଙ୍କୁ କହିଲେ, ''ଦେଇ ଯା କିଛି, ଗଞ୍ଜେଇ ଲାଗି ।'' ଶୁଣିବାମାତ୍ରେ ତାଙ୍କ ଭିତରୁ ଜଣେ କୁଞ୍ଚରୁ ଗଣ୍ଠିଖୋଲି କିଛି ପଇସା, ଦୋପଇସି, ଆଉ ଗୋଟିଏ ଦୋଅଣି ମିଶାଇ ଚାରି-ଛଅ ଅଣା ବାବାଙ୍କର ପାଦ ପାଖରେ ରଖିଦେଇ ପ୍ରଣାମ କଲା । ବାବା ପ୍ରସନ୍ନ ହୋଇ କହିଲେ, ''ଯା, ସବୁ ଏଣ୍ଡିପୋକ ଚାଷକରି ପାରିବୁ, ଦେଖିବୁ ।''

ଏଠାରେ ଯେଉଁମାନେ ବସିଥିଲେ– ନଗେନ ପଣ୍ଡା ଆଉ ଦୁଇ ଜଣ–ସେମାନେ ପ୍ରସାଦ ପାଇ ଉଠିଗଲେ । ମୁଁ ଅପେକ୍ଷାରେ ରହିଲି । ଏହି ମଧ୍ୟରେ ମୋ' ପାଖରେ କେଲୋ, ଭୁଲୋ, ଲାଲୀ ପ୍ରଭୃତି ଦୁଇତିନୋଟି ବାବାଙ୍କର ପ୍ରିୟ ଭକ୍ତ, ପଚାମଡ଼ା ଖାଇ ଆସି ନାନା ଭଙ୍ଗୀରେ ବସିଶୋଇ ବିଶ୍ରାମ ନେଉଛନ୍ତି । ସେସବୁ ଖାଦ୍ୟ ସେମାନେ ଖାଇଥିବାରୁ ଜଠରରେ ଯାଇ ବିଷମ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି– ପାଖରେ ରହି ନାନାପ୍ରକାର ଶବ୍ଦ ଚେଁ-ଚେଁ, ଗଁ-ଗଁ ଶୁଣାଯାଉଛି, ଆଉ ଦେଖୁଛି, ସେମାନେ ସ୍ଥିର ରହିପାରୁନାହାନ୍ତି, ମଝିରେମଝିରେ ଖୁବ୍ ଛଟପଟ ହେଉଛନ୍ତି । ବେଶ୍ ବୁଝାଯାଉଛି ଯେ ସେମାନେ ଅସ୍ୱସ୍ତି ଅନୁଭବ କରୁଛନ୍ତି ।

କିଛି ସମୟ ପରେ ବାବା ଆସିଲେ– ମୁଁ ଏଥର କୁଣ୍ଡଳିନୀ ତତ୍ତ୍ୱ ଶୁଣିବାକୁ ଟିକିଏ ପାଖକୁ ଘୁଞ୍ଚିଆସିଲି, କଥାଟା କିପରି ଉଠାଇବି, ଭାବିବାକୁ ଲାଗିଲି ।

ବାବା ବସୁବସୁ ମା' ମା' କହି ଦୁଇଥର ଡାକିଲେ– ସେହି ଶବ୍ଦ ଶୁଣି ମୋ' ଅନ୍ତର ଭିତରେ ଯେପରି କିଛି ସୃଷ୍ଟି ହେଲା । ସଙ୍ଗେସଙ୍ଗେ ମନରୁ ସବୁ ସଂକୋଚ ଦୂର ହୋଇଗଲା । ଧୀରେଧୀରେ ମୁଁ ଆରମ୍ଭ କଲି, ''ଆପଣ ଯେଉଁ କୁଳକୁଣ୍ଡଳିନୀ ଜାଗ୍ରତ କରିବା କଥା କାଲି କହୁଥିଲେ...''

ମୋ' ଆଡ଼କୁ ଚାହିଁ କିଛି କ୍ଷଣପରେ କହିଲେ, ''ମା' ଯେ ଘୁମାଇ ପଡ଼ିଛନ୍ତି ଏହି ମୂଳାଧରରେ, ତାଙ୍କୁ କ'ଣ ଉଠେଇବାକୁ ହେବ ନାହିଁ ? ସେ ନ ଉଠିଲେ, କିଏ ମୁକ୍ତି ଦେବ– କାହାର ସାଧ୍ୟ ?''

''ଆପଣ ମୋତେ ଟିକିଏ ଅନୁଗ୍ରହ କରନ୍ତୁ । ଖୋଲି ନ କହିଲେ ମୁଁ କିପରି ବୁଝିବି, କୁହନ୍ତୁ !''

''କାହିଁକି ମୁଁ ତୋତେ ସେ ଗୁହ୍ୟ କଥା କହିବାକୁ ଯିବି, ତୁ କ'ଣ ଦୀକ୍ଷା ନେବୁ ନା ତନ୍ତ୍ରମତେ ସାଧନ କରିବୁ ଯେ ଜାଣିବାକୁ ଚାହୁଁଛୁ ?''

''ଏ ସମସ୍ତ ଗୁହ୍ୟତତ୍ତ୍ୱ ମୋ'ର ଜାଣିବାକୁ ଖୁବ୍ ଇଚ୍ଛା, କିନ୍ତୁ ଆପଣ ଯଦି ମୋତେ ଅପାତ୍ର ମନେ କରି ନ କହନ୍ତି, ତେବେ କ'ଣ କରିପାରିବି ! ଆପଣଙ୍କଠାରୁ ଜାଣିବି, ଏହି

ଭରସାରେ ଏତେ ଦୂରରୁ ଆସିଛି । ଯଦି ମୋତେ ବୁଝାଇ ଦେବେ, ସେଥିରେ କ୍ଷତି କ'ଣ ହେବ, ତା' ମୁଁ ବୁଝିପାରୁନାହିଁ ।''

''ସାଧନ-ଭଜନ ଯିଏ କରିବ ନାହିଁ, କେବଳ ଏଣେତେଣେ ବୁଲିବ, ଆଉ ପାଞ୍ଚଜଣଙ୍କଠାରୁ ପାଞ୍ଚଟା କଥା ଶୁଣିବ, ତାକୁ ଏସବୁ କଥା କହିଲେ କେବଳ ତାହା ନଷ୍ଟ ହେବ ଯେ—''

''ଆପଣ କହିବାକୁ ଚାହାନ୍ତି କୁଳକୁଣ୍ଡଳିନୀ କେବଳ ତାନ୍ତ୍ରିକମାନଙ୍କର ହିଁ ଶକ୍ତି, ଯେଉଁମାନେ ଅନ୍ୟ ଧର୍ମ-ସମ୍ପ୍ରଦାୟର ସାଧକ, ସେମାନଙ୍କର କୁଳକୁଣ୍ଡଳିନୀ ଶକ୍ତି ନାହିଁ, ନା ତାନ୍ତ୍ରିକ ମତରେ ସାଧନ ନ କଲେ ସେମାନଙ୍କର ସେ ଶକ୍ତି ଜାଗ୍ରତ କେବେହେଁ ହେବ ନାହିଁ ?''

''ଦେଖ୍ ତୁ ଚାଲାକ୍ ନିଶ୍ଚୟ-ଖୁବ୍ ବୁଦ୍ଧିର କଥା କହୁଛୁ । କୁଣ୍ଡଳନୀ ସମସ୍ତଙ୍କଠାରେ ଅଛି, ସମସ୍ତଙ୍କର ହି ଜାଗ୍ରତ ହେବ, ତେବେ ସାଧନା କଲେ, ଆଉ ସମୟ ଥିଲେ । କୁଣ୍ଡଳିନୀ ଜାଗ୍ରତ ନ ହେଲେ କାହାର କିଛି ହେବ ନାହିଁ । ଗୋଟିଏ ସ୍ଥାନରେ, ଧୀର ହୋଇ ସାଧନା କଲେ ତାହା ଜାଗ୍ରତ ହେବ । ପୁଣି ସାଧନା ନ କଲେ ତାହା ଫେରିଯିବ ।

''ତାହାହିଁ ତ ମୋ'ର ଜାଣିବା ପାଇଁ ଇଚ୍ଛା । କିପରି ସେ କାର୍ଯ୍ୟକ୍ରମର ବ୍ୟାପାର, ଏସବୁ ଆପଣଙ୍କଠାରୁ ଜାଣିବାକୁ ଆସିଛି । ଶୁଣିଲେ ଉପକାର ଛଡ଼ା ତ ଅପକାର ହେବ ନାହିଁ ।''

''ତେବେ କିଛି ଗଞ୍ଜେଇ ନେଇ ଆ' । ସେମିତି ଶୁଣିବୁନା କ'ଣ ?''

''ମୋ ପାଖରେ କିଛି ପଇସା ଅଛି, ଗଞ୍ଜେଇ ତ ନାହିଁ ।'' କହି ଚାରିଅଣା ବାହାର କରି ସେବକ ହାତରେ ଦେଲି । ସେତେବେଳେ ସେ କହିଲେ, ''ମୋ' ପାଖରୁ ସରିଆସିଛି ।'' ସେ ଯେମିତି ଏକଥା କହିଲେ, ମୁଁ ତାଙ୍କ ମୁହଁକୁ ଅନେଇଲି । ଆଖି ତାଙ୍କର କରୁଣାଭରା ଓ ଏଭଳି ଏକ ଜ୍ୟୋତିଦ୍ୱାରା ଉଜ୍ଜ୍ୱଳ, ଯାହା ପାର୍ଥିବ ନୁହେଁ, ଯେପରି ଅନନ୍ତ ରହସ୍ୟର ଆଧାର ! ସେହିପରି ମୋତେ ବୋଧ ହେଲା, ପୁଣି ତାହା ଦେଖି ମୋ' ହୃଦୟ ମଧ୍ୟରେ କିପରି ହୋଇଗଲା, ମୁଁ ଯେପରି କ'ଣ ହୋଇଗଲି ! —ସାହସ ବା ଶକ୍ତି ଯେପରି ସବୁ ଲୋପ ପାଇଗଲା ।

ପାଖକୁ ଯିବାରୁ ସେ ସସ୍ନେହରେ ମୋ' ପିଠିରେ ହାତମାରିଦେଇ କହିଲେ, ''ଚାଦର ଖୋଲ୍, ଲୁଗାର ଖୋସଣି ଖୋଲି ନେ' ।'' ସେସବୁ କଲାପରେ ସେ ହାତକୁ ଏକବାର ତଳକୁ ନେଇ ଯେଉଁଠି ମେରୁଦଣ୍ଡର ଶେଷ, ସେଉଠାକୁ ଆଣିଲେ, ''ଦେଖି ମୁଁ କହିଯାଉଛି, ତୁ ଦେଖି ନେ'—ତା'ହେଲେ ସବୁ ବୁଝିପାରିବୁ ।''

ତାଙ୍କର ସ୍ପର୍ଶ ଦ୍ୱାରା ମୋ' ଶରୀରରେ ରୋମାଞ୍ଚ ସୃଷ୍ଟି ହୋଇ ହୃଦୟରେ ଏକ ଅନିର୍ବଚନୀୟ ଆଲୋଡ଼ନ ଆରମ୍ଭ ହୋଇଗଲା । ଦୃଷ୍ଟି ମୋ'ର ସହଜରେ ଅନ୍ତର୍ମୁଖୀ ହୋଇଗଲା, ମୁଁ ସ୍ଥିର ହୋଇ ରହିଗଲି ।

ମେରୁଦଣ୍ଡର ଶେଷରେ ଯେଉଁଠାରେ ଗଣ୍ଠି ଶେଷହୋଇଛି, ସେହି ଅସ୍ଥିଉପରେ ଆଙ୍ଗୁଳିଟିଏ ସ୍ପର୍ଶ କରି ସେ କହିଲେ, ''ଆରେ, ତୋ'ର ଯେ ସେ କାମଟି ଶେଷ ହୋଇଯାଇଛି, ତେବେ କ'ଣ ଶଳା, ତୁ ମୋ' ସାଙ୍ଗରେ ଚାଲାକି କରୁଛୁନା କ'ଣ ?'' ଶୁଣି ନେଇ ଟିକିଏ ଭୟର ଭାବ ଆସିଲା, ତା' ପରେ ଆନନ୍ଦ ଲାଗିଲା । ମୁଁ କହିଲି, ''ଆପଣ କ'ଣ କହୁଛନ୍ତି, ସତ କହୁଛି, ମୁଁ କିଛି ହିଁ ଜାଣେ ନାହିଁ, ବିଶ୍ୱାସ କରନ୍ତୁ ।''

''ଦେଖ୍, ତୁ ଜାଣିଥା କି ନ ଜାଣିଥା, ହୁଏତ ଜାଣି ନପାରିଥାଉ, ଏଠି ମୁଁ ଦେଖୁଛି ଯେ ତୋ'ର ପରିପକ୍ୱତା ଆସିଯାଇଛି । ହେଇ, ଏଠି କୁଣ୍ଡଳନୀଶକ୍ତି ସାଢ଼େତିନିଗୋଟି ଗଣ୍ଠିରେ ସମସ୍ତଙ୍କର ଥାଏ । ମା'ଙ୍କର ଯେ ସଂସାର ଗଣ୍ଠି ଏହିଠାରେ । ତାଙ୍କର ପ୍ରଥମ ଗଣ୍ଠିରେ ଏହି ମାୟା-ମମତା, ଅହଂକାର, ଏପରିକି ଯେତେ ସବୁ ଭୋଗ ଓ ସ୍ୱାର୍ଥ ତାହାସବୁ ଏହି ସ୍ଥାନରେ । ଖୁବ୍ ବଡ଼ ରକମର ଗଣ୍ଠି, ଯାହା ଶକ୍ତ ଭାବରେ ବନ୍ଧାଥାଏ, ଯାହାର ଏହି ଗଣ୍ଠିରୁ ଖୋଲିହୋଇଯାଏ, ଏହି ଛୋଟ ସଂସାର-ବନ୍ଧନରେ ତା'କୁ ସୁଖ ମିଳେ ନାହିଁ । ସେଠାରୁ ମୁକ୍ତ ହେବାଲାଗି ଯେତେବେଳେ ଛଟ୍‌ପଟ୍ ହୁଏ, ସେତେବେଳେ ଗୁରୁ ବା ସତ୍‌ପୁରୁଷର ଆଶ୍ରୟ ପାଇଲେ ଏହି ପାଶଟି ଖୋଲିଯାଏ । ଏହିଠାରୁ ପାଶ ଖୋଲିଗଲେ, ତା'ର ପ୍ରଥମ ଲକ୍ଷଣ ସ୍ୱରୂପ ଦେଖାଯାଏ ଯେ ତା'ର ଭଗବାନଙ୍କ ପ୍ରତି ଭକ୍ତିଭାବ ଉଦ୍ରେକ ହୁଏ—ଏହି ଛୋଟ ସଂସାରରୁ ମା' ଜଗଦମ୍ବାଙ୍କର ବିଶାଳ ସଂସାରରେ ପ୍ରବେଶ କରିବା ଲାଗି ପ୍ରବୃତ୍ତି ଜାଗିଉଠେ । ପୁଣି ପାଗଳ ପରି ତା'ର ପ୍ରକୃତି ସେହି ଦିଗକୁ ଧାବିତ ହୋଇଥାଏ । ସଂସାରର କୌଣସି ଛୋଟକାଟ ଜିନିଷ ପ୍ରତି ତା'ର କିଛି ମାତ୍ର ଆଗ୍ରହ ବା ଆସକ୍ତି ନଥାଏ । ଏପରିକି ମା'ପିଲା, ଇନ୍ଦ୍ରିୟସୁଖ ପର୍ଯ୍ୟନ୍ତ ତୁଚ୍ଛ ହୋଇଯାଏ । ସେତିକିବେଳେ ବୁଝିବାକୁ ହେବ ଯେ କୁଣ୍ଡଳିନୀର ପାଶରୁ ମୁକ୍ତ ହେବା ସହଜ ହୋଇଛି । ସହଜ ହୋଇଯିବା ପରେ ତା'ର ମୁଖକୁ ଊର୍ଦ୍ଧ୍ୱଦିଗକୁ ଫେରାଇ ସେ ଦେଖେ; ସେତେବେଳେ ସେ ଊର୍ଦ୍ଧ୍ୱଦିଗକୁ ଯିବାକୁ ଲାଗିଯାଏ ।''

''ଏହି ଯେଉଁ ମେରୁଦଣ୍ଡର ସବୁଠାରୁ ନିମ୍ନଭାଗ—ଗୋଟିକର ନାମ ମୂଳାଧାର ଚକ୍ର—ଏହିଠାରେ ହିଁ ଗଣ୍ଠି, ଏହି ଗଣ୍ଠି ଖୋଲିବାଲାଗି ବଡ଼ କଷ୍ଟ । ଏହା ଖୋଲିଗଲେ କୁଣ୍ଡଳିନୀ ଆଉ କୁଣ୍ଡଳି ପରି ହୋଇ ରହିପାରେ ନାହିଁ, ସିଧା ଉପର ଦିଗକୁ ଯାଇଥାଏ । ମା', ମା'—ତାରା—''

ବାବା କିଛିକ୍ଷଣ ପରେ ପଚାରିଲେ, ''ତୋ'ର ଗୁରୁସଙ୍ଗ କେତେଦିନଯାଏ ହୋଇଛି ରେ ?'' ମୁଁ କହିଲି, ''ପ୍ରାୟ ଛଅବର୍ଷ ଧରି ହେବ ।'' ଶୁଣିସାରି ସେ ପୁଣି ପଚାରିଲେ, ''କେଉଁ ଅବସ୍ଥାରେ ହୋଇଥିଲା, ଖୋଲିକରି କହ ମୋତେ ।''

ମୁଁ ସବୁକଥା କହିଚାଲିଲି : ଭଗବାନ ରାମକୃଷ୍ଣ କଥା ହିଁ ପ୍ରଥମ—ସେହି ହିଁ ଜୀବନରେ ସର୍ବପ୍ରଥମ ଆକର୍ଷଣ, ପ୍ରଥମ ଗୁରୁ—ତାଙ୍କୁ ସ୍ୱପ୍ନରେ ଦେଖିବା, ତାଙ୍କ କଥା ଶୁଣିବା; ଏହାପରେ ଘରେ ଆଉ କିଛି ଭଲ ନ ଲାଗିବା ଏବଂ ଜୀବନ୍ତ ଗୁରୁ କେଉଁଠି ପାଇବି, ସେଇକଥା ଚିନ୍ତା କରି ନାନା ସ୍ଥାନରେ ସାଧୁଦର୍ଶନ ଓ ଶେଷରେ କଲିକତାରେ ସ୍ୱାମୀ ପରମାନନ୍ଦଙ୍କ ସହ ସାକ୍ଷାତ, ତାଙ୍କର ଆକର୍ଷଣ, ତା'ପରେ କ୍ରମେ କ୍ରମେ ଦୀକ୍ଷା ଗ୍ରହଣ ଇତ୍ୟାଦି ।* ସବୁ ଶୁଣିସାରି ସେ କହିଲେ, ''ସେହି ସମୟରେ ତୋ'ର ଯାହା ହୋଇଛି ତା' ଫଳରେ ଏବେ ତ ଊର୍ଦ୍ଧ୍ୱଗତି ହିଁ ଦେଖୁଛି—ଦେଖି, ସାଧନ ଯେପରି ଛାଡ଼ିବୁ ନାହିଁ ବାବା, ତା' କଲେ ପୁଣି ଘୁମାଇପଡ଼ିବ ।''

ମୁଁ ପଚାରିଲି, ''ଆଚ୍ଛା, ଆପଣମାନେ କହନ୍ତି ଯେ ତାନ୍ତ୍ରିକ-ସାଧନ ପ୍ରକରଣର ମଧ୍ୟ ଦେଇ ନ ଗଲେ କୁଣ୍ଡଳିନୀ-ଶକ୍ତି କୁଆଡ଼େ ଜାଗ୍ରତ ହୁଏ ନାହିଁ, ଏ କଥା କ'ଣ ସତ୍ୟ ? ଅନ୍ୟ କୌଣସି ଧର୍ମ ସାଧନରେ କ'ଣ ତା' ହୋଇପାରିବ ନାହିଁ ?''

''ଏ କଥା ତୋତେ କିଏ କହିଛି ? ଯେତେସବୁ ଅପୋଗଣ୍ଡଙ୍କର କଥା ! ତୋତେ ଯଦି ଭୋକ ଲାଗେ, ସେତେବେଳେ ଭାତ ଖାଇଲେ ତୋ'ର ଯେପରି ପେଟ ପୂରିଯିବ, ଡାଲି-ରୁଟି ଖାଇଲେ କ'ଣ ପେଟ ପୂରିବ ନାହିଁ ? ଅସଲ କଥା ହେଲା, ଯାହାକୁ ଯାହା ଜୁଟିଯାଏ, ସେ ତାକୁ ହିଁ ଖାଇ ପେଟକୁ ଥଣ୍ଡା କରେ ତ । ଏଠାରେ କେତେ ପ୍ରକାରର ଲୋକ, କେତେ ରକମର ଖାଦ୍ୟ, ଯିଏ କହେ ଭାତ ଛଡ଼ା ଆଉ କେଉଁଥିରେ ପେଟ ପୂରିବ ନାହିଁ, ସେ ନିଶ୍ଚୟ ହିଁ ଗାଉଁଲି ଲୋକ—ଭାତ ଛଡ଼ା ଆଉ କିଛି ଖାଇବା ବିଷୟରେ ତା'ର ଧାରଣା ନାହିଁ । ତାରା ମା' ତ ଏହି ସବୁ ସୃଷ୍ଟି କରିଛନ୍ତି—ଯେତେ ଧର୍ମ, ସବୁ ତ ତାଙ୍କର ହିଁ ସୃଷ୍ଟି । ଯେଉଁ ଦେଶରେ ଯେଉଁପରି ଖାଇବା ଚଳେ, ସେ ସେଇଆ ଖାଇବ ତ, ଧର୍ମ ମଧ୍ୟ ସେହିରକମ ।''

ମୁଁ କହିଲି, ''ରାମକୃଷ୍ଣଦେବ ମଧ୍ୟ ଠିକ୍ ଏହି କଥା କହନ୍ତି, ଏପରି ସହଜ ସତ୍ୟ ସମ୍ମୁଖରେ ଥିବାରୁ ଆମର ଏ ଦେଶରେ ଧର୍ମସାଧନା ଲାଗି ଏତେ ଲାଠି ମରାମରି ଦେଖାଯାଇଥାଏ ।''

ସେ କହିଲେ, ''ଗୋଟିଏ ରାଜାର ରାଜତ୍ୱ ବେଳେ ତାଙ୍କର ମନ୍ତ୍ରୀ ଥାଆନ୍ତି, ଲାଠିଧାରୀ ସିପାହୀ ଥାଆନ୍ତି, ସେନାପତି ଥାଆନ୍ତି, ଗୁମାସ୍ତା, ଚାକରବାକର, ସଂସାରର ଯାହା କିଛି ସବୁ ରହିଥାଏ । ପୁଣି ଗୁରୁ-ପୁରୋହିତ, ଠାକୁର-ବ୍ରାହ୍ମଣ ଥାଆନ୍ତି, ଯାହାର ଯେଉଁ ଦାୟିତ୍ୱ ଯାହାର ଯାହା ପ୍ରକୃତି-ବୁଦ୍ଧି, ସେ ସେହିପରି କରିଥାନ୍ତି । ଯେଉଁମାନେ ଲାଠିଧାରୀ, ସେମାନେ ଲାଠିବାଜ କରିବା କଥା ଭଲଭାବେ ଜାଣନ୍ତି, ତା'ର ଧର୍ମ ନେଇ ହେଉ ବା ଘରର ମା-ପିଲା, ପଡ଼ାର ପଡ଼ୋଶୀଙ୍କୁ ନେଇ ହେଉ—ସେହି ହେଲା ତାଙ୍କର ବୁଦ୍ଧି ।''

---

* ପ୍ରଥମ ଭାଗରେ ତନ୍ତ୍ରାଭିଳାଷୀ ସାଧୁସଙ୍ଗରେ ଏହାର ପ୍ରଥମ ବିଷୟ ଲିପିବଦ୍ଧ ।

ମନେହେଲା, ଠିକ୍ ଯେପରି ମୁଁ ରାମକୃଷ୍ଣଙ୍କଠାରୁ କଥା ଶୁଣୁଛି । କହିଲି, ''ଏବେ ତା'ପରର କଥା କୁହନ୍ତୁ ।''

ସେ କହିଲେ, ''କୁଣ୍ଡଳିନୀ ଜାଗେ ତା'ର ଅର୍ଥ ମନୁଷ୍ୟ ଭିତରେ ଯେତେସବୁ ହୀନଭାବ ଅଛି, ସେସବୁକୁ ତ୍ୟାଗକରି ମନ ଉଚ୍ଚ ଦିଗକୁ ଲକ୍ଷ୍ୟକରେ । କର ଯୋଗ-ଯାଗ, କର ବିଦ୍ୟା, କର ଧର୍ମ, କର ଭଗବାନ—କର ବଡ଼ବଡ଼ କର୍ମ, ଯଦ୍ୱାରା ଅନେକ ମନୁଷ୍ୟଙ୍କର ଭଲ ହେବ—ଏଇ ସବୁ ଦିଗରେ ପ୍ରବୃତ୍ତି ହୋଇଥାଏ । ଜୀବ ମଧ୍ୟରେ କୁଣ୍ଡଳିନୀ ଜାଗିଉଠିବାର ପ୍ରଥମ ଲକ୍ଷଣ ହେଲା ଯେ ସେ ତାହା ଯେଉଁ ଅବସ୍ଥାରେ ଅଛି, ସେହି ଅବସ୍ଥାକୁ ହୀନ, କଷ୍ଟକର, ଘୃଣାର କଥା ବୋଲି ମନେକରିଥାଏ । ସେ ଏପରି ଅବସ୍ଥାରେ ଆଉ ରହିବାକୁ ଚାହି ନଥାଏ, ରହିପାରେ ନାହିଁ ମଧ୍ୟ; ଭୀଷଣ ଛଟପଟ ହୁଏ, ସେଇ ପରିସ୍ଥିତିରୁ ବାହାରି ଆସିବା ଲାଗି ।''

''ତା'ପରେ ?''

''ତା'ପରେ ଏହି ଯେଉଁ ମେରୁଦଣ୍ଡ, ଏହା ଭିତର ଦେଇ ପଥ ସିଧା ମସ୍ତିଷ୍କ ଭିତରର ବ୍ରହ୍ମରନ୍ଧ୍ର ପର୍ଯ୍ୟନ୍ତ । କିନ୍ତୁ ସେହି ପଥରେ ଏହି ଶକ୍ତି କ'ଣ ନାଡ଼ୀ ମଧ୍ୟ ଦେଇ ସିଧା ସିଧା ଊର୍ଦ୍ଧ୍ୱକୁ ଚାଲିଯିବ ? ସେପରି ଯିବ ନାହିଁ । ଗଣ୍ଠି ଖୋଲିଯିବା ପରେ ମଧ୍ୟ ଆଉ ଏକ ଚକ୍ର ଅଛି, ଅଧିଷ୍ଠାନ ଚକ୍ର କହନ୍ତି ତାକୁ—ସେହିଠାରେ ହିଁ ଅଟକିଯାଏ ।''

ବାବା ସେହି ସ୍ଥାନଟିକୁ ଛୁଇଁ ଦେଖାଇଦେଲେ । କହିଲେ, ''ଏଠାରେ ଅଟକିଗଲେ ସାଧନ ଦ୍ୱାରା ସେଠାରୁ ପାର୍ କରି ନେବା ଆବଶ୍ୟକ । ଯାହାର ଯେଉଁଟା ପଥ, ସେହି ବାଟ ଦେଇ ଆଗେଇ ଯିବାର ଚେଷ୍ଟା କରାଯାଏ କି ନା ? ବିନା ଚେଷ୍ଟାରେ କ'ଣ ଫଳ ପ୍ରାପ୍ତି ହୁଏ ? ଯେଉଁମାନେ ଯୋଗ-ଧ୍ୟାନ ନେଇ ଅଭ୍ୟସ୍ତ, ସେମାନେ ଏହି କ୍ଷେତ୍ରରେ ଟିକିଏ କଠିନ ତପସ୍ୟା କରିଥାନ୍ତି । ତାନ୍ତ୍ରିକମାନଙ୍କର କେତେଗୁଡ଼ିଏ ପ୍ରକ୍ରିୟା ରହିଛି । ଗୁରୁ ତାହା ଦେଖାଇ ଦିଅନ୍ତି, ତାକୁ ଅନୁସରଣ କଲେ ସେ ଚକ୍ରରୁ ପାର୍ ହୋଇଥାଏ । ଏହି ଦେଖ, ଏଇଠି ମୂଳାଧାର, ଆଉ ଠିକ୍ ଉପରେ ଏହି ସ୍ୱାଧିଷ୍ଠାନ ଚକ୍ର ।''

ମୁଁ ଅନୁଭବ କରିବାକୁ ଲାଗିଲି, ପୁଣି ଶରୀର ମଧ୍ୟରେ ଏକ ଅପୂର୍ବ ଭାବର ସ୍ପନ୍ଦନ ।

''ଯେଉଁମାନେ ତନ୍ତ୍ରମତରେ ସାଧନ କରନ୍ତି ନାହିଁ ?''

''ସେମାନଙ୍କ କଥା ସେମାନେ ଜାଣିବେ । ସେମାନଙ୍କର ଯେଉଁ ଲକ୍ଷ୍ୟ ସେହି ଲକ୍ଷ୍ୟ, ଆଡ଼କୁ ଆଗେଇଯିବାର ଯେଉଁ ଚେଷ୍ଟା, ତାହାହିଁ ତ ସାଧନ । ସବୁ ଧର୍ମରେ ଏହି କ୍ରମ ଅଛି । ଗୋଟିଏ ପରେ ଗୋଟିଏ ପାର ହୋଇଯିବାକୁ ପଡ଼େ—ତା' ନହେଲେ ଏକବାର ହରବର ହୋଇଯିବାର କ'ଣ ସାଧ ଅଛି ? କ୍ରମେ କ୍ରମେ ଧାପେଧାପେ ଯିବାକୁ ହେବ ।''

''ତା'ପରେ ?''

''ତା'ପରେ ମଣିପୁର ଚକ୍ର ନାମରେ ଆଉ ଏକ ଗଣ୍ଠି ଅଛି । ନାଭିର ବିପରୀତ ଦିଗରେ ଯେଉଁଠି ମେରୁଦଣ୍ଡ, ଏଇ ଦେଖ୍ ଏଇଠି''–କହି, ସେଠାରେ ସ୍ପର୍ଶକରି ଦେଖାଇଲେ । ଏହାକୁ ପାର୍ କଲେଯାଇ କାମଟି ସହଜ ହୋଇଯାଏ । ତା' ମଧ୍ୟରେ ନୂତନ ନୂତନ ଶକ୍ତି ଜାଗିଉଠେ, ଆଉ ସେତେବେଳେ ମନର ଆନନ୍ଦରେ ସାଧକ ନିଜ ପଥରେ ଆଗେଇ ଚାଲିଥାଏ । ଯାହା କିଛି ସ୍ଥୂଳ ତୁଚ୍ଛ ଭୋଗର ବାଧା ଥାଏ ଏହି ମଣିପୁର ପର୍ଯ୍ୟନ୍ତ । ଏହି ମଣିପୁର ଚକ୍ର ପର୍ଯ୍ୟନ୍ତ ମନୁଷ୍ୟର ଯାହା ଛୋଟଛୋଟ ଭୋଗ ଆଉ କାମନାର ଭାବର ପ୍ରଭାବ ପ୍ରବଳ ଥାଏ, କିନ୍ତୁ ଯାହାର ଲକ୍ଷ୍ୟ ଉଚ୍ଚତର ଓ ମନରେ ଦୃଢ଼ତା ଥାଏ, ତାକୁ ଆଉ ସେ ଦିଗକୁ ଆକର୍ଷିତ କରି ରଖିପାରେ ନାହିଁ । ତଥାପି ଏତେ ସହଜରେ ମଧ୍ୟ ଏହାକୁ ପାର୍ କରିଯିବାର ଶକ୍ତି ନଥାଏ । ଯେଉଁମାନେ ଅସାଧାରଣ ମନୁଷ୍ୟ, ଖୁବ୍ ଶକ୍ତିମାନ, ସେମାନେ ଏହାକୁ ପାର୍ ହୋଇଯାଇ ପାରନ୍ତି । ଯାହାର ମନର ଜୋର୍ କମ୍ ଥାଏ, ସେ ଏହି ତିନିଗୋଟି ଚକ୍ର ମଧ୍ୟରେ ପଡ଼ିରହେ– ମୋଟ୍ ଉପରେ ଲକ୍ଷ୍ୟ ଯାହାର ସ୍ଥିର ନୁହେଁ, ମନ ଯାହାର ଉନ୍ନତ ହୋଇନାହିଁ, ତା' ପକ୍ଷରେ ଏହି ଚକ୍ର ଛାଡ଼ି ଉଠିବା କଷ୍ଟକର । ଏହାର ଉପରକୁ ନ ଉଠିଲେ କେହି ମଣିଷରେ ଗଣ୍ୟ ହୋଇପାରେ ନାହିଁ । ତନ୍ତ୍ରମତରେ ଏହା ଉପରକୁ ଉଠିଲେ ସେ ବୀର ସାଧକ ହୋଇଥାଏ । ନ ହେଲେ ପଶୁରେ ଗଣ୍ୟ ହୁଏ । ଯେତେ କିଛି ପଶୁଭାବ ଗ୍ରହଣ କରି ସାଧାରଣ ମଣିଷ ଏହି ତିନୋଟି ଚକ୍ର ମଧ୍ୟରେ ଆବଦ୍ଧ ରହିଯାଏ ।''

''ଏହି ତିନିଗୋଟି ହେଲା କଠିନ, ପରମହଂସଦେବଙ୍କର କଥାରେ ସେକଥା ଅଛି । ସେ କହିଛନ୍ତି ଯେ ଗୁହ୍ୟ, ଲିଙ୍ଗ, ନାଭି ଓ ସାଧାରଣ ମନୁଷ୍ୟର ମନ, ଏହି ତିନିଗୋଟି ଚକ୍ର ଭିତରେ ଘୂରାଫେରା କରେ । ଆପଣଙ୍କ କଥା ସଙ୍ଗେ ତାଙ୍କ କଥାର ମେଳ...''

ସେ କହିଲେ, ''ହଁ ହଁ, ସେ ମା'ଙ୍କୁ ପାଇଛନ୍ତି, ସିଦ୍ଧପୁରୁଷ, ସେ ଏସବୁ କଥା ଜାଣନ୍ତି । ଯିଏ ଜାଣିଥାଏ ସେ ନ କହିବ କିପରି !''

''ସେକଥା ମୁଁ କହୁନାହିଁ, ଆପଣ ମେରୁଦଣ୍ଡ ଆଡ଼େ ଏହି ସ୍ଥାନଗୁଡ଼ିକ ଦେଖାଇଦେଲେ, ଆଉ ସେ କହିଛନ୍ତି ଲିଙ୍ଗ, ଗୁହ୍ୟ, ନାଭି–ସେହି କଥା ହିଁ କହୁଛି ।''

''କୁଣ୍ଡଳିନୀ ଶକ୍ତିର ଯାତାୟାତ ପଥ ହେଲା ମେରୁଦଣ୍ଡ ଭିତର ଦେଇ–ସେ ହୁଏତ ସାଧାରଣ ଲୋକଙ୍କ ପାଖରେ ଲିଙ୍ଗ, ଗୁହ୍ୟ, ନାଭି ବୋଲି କହିଛନ୍ତି । ଅସଲରେ ଗୁହ୍ୟ ବା ଲିଙ୍ଗ ବା ନାଭି ଦେଇ ନାଡ଼ୀର ପଥ ନଥାଏ । କିପରି ଜାଣିଛୁ ? ଏଇ ଦେଖ୍ ଏଠି । ତୁ ସହଜ ଲୋକ ନୁହେଁ, ଶଳା, ଚାଲାକି କରି ସବୁ ଜାଣିନେଉଛି'' ଏହାକହି ସେ ସ୍ପର୍ଶ କଲେ । ମୁଁ ଅପୂର୍ବ ସୁଖମୟ ଅନୁଭୂତି ସହ ପରକୁ ପର ଗଣ୍ଠିଗୁଡ଼ିକୁ ଅତିକ୍ରମ କରିବାରେ ଲାଗିଲି ।

ଏଥର ବାବା ସଦୟ ହୋଇ କୁଣ୍ଡଳିନୀ ତତ୍ତ୍ୱ ଦେଖାଇଦେଲେ । ଆଉ ଏବେ ପ୍ରଶ୍ନୋତ୍ତର ପଦ୍ଧତିର ପ୍ରୟୋଜନ ନାହିଁ ଜାଣି ଏହାକୁ ସରଳ ଭାବେ କହୁଛି । ଆମ ମେରୁଦଣ୍ଡ ମଝିରେ ମୂଳରୁ ଶେଷ ପର୍ଯ୍ୟନ୍ତ ଏକ ଅତି ସୂକ୍ଷ୍ମପଥ ଅଛି । ସେହି ପଥ ହିଁ ପ୍ରାଣର ପଥ ବା ନାଡ଼ୀ,

ଆମର ପ୍ରାଣଶକ୍ତି ଏହି ପଥରେ ନିରନ୍ତର ଊର୍ଦ୍ଧ୍ୱ-ଅଧଃ ଯାତାୟତ କରନ୍ତି । ସୂକ୍ଷ୍ମ ଏହାର ଅସ୍ତିତ୍ୱ ।

ଏହା ପ୍ରାଣବାୟୁ ନୁହେଁ ବା ବାୟୁ ସହ ତାହାର କୌଣସି ସମ୍ବନ୍ଧ ନାହିଁ । ଏହିରୂପେ ମେରୁ ପଥରେ ସାଧାରଣତଃ ପ୍ରାଣର ଯାତାୟତ । ଏହାର ଅର୍ଥ ହେଲା, ଥରେ ଉପରୁ ତଳକୁ ମୂଳାଧାର, ପୁଣି ନିମ୍ନସ୍ଥ ମୂଳାଧାରରୁ ଶତ ଊର୍ଦ୍ଧ୍ୱରେ ସହସ୍ରାଧାରରେ ଯାତାୟତ ଚାଲିଥାଏ, ନିରବଚ୍ଛିନ୍ନ ଭାବରେ । ଚକ୍ଷୁ ପଲକ ପଡ଼ିବାକୁ ଯେତିକି ସମୟ, ତାକୁ ଯଦି ଆମେ ହିସାବ କରିପାରୁ, ତେବେ ସେହି ସମୟ ମଧ୍ୟରେ ଆମର ସୁସ୍ଥ ଶରୀରରେ ପ୍ରାଣର ଯେ କେତେଥର ଊର୍ଦ୍ଧ୍ୱ-ଅଧଃ ଗତାୟତ ହୁଏ, ତା'ର ଧାରଣା କରିବା ସମ୍ଭବ ନୁହେଁ । ଏହି ରୂପେ କ୍ରିୟାରତ ପ୍ରାଣଶକ୍ତିକୁ ଧରି ଯୋଗମାର୍ଗରେ ପ୍ରବେଶ କରିବାକୁ ପଡ଼ିବ । ତନ୍ତ୍ରରେ ଏହି ପ୍ରାଣଶକ୍ତିକୁ ମା' ଆଉ ଊର୍ଦ୍ଧ୍ୱ-ଅଧଃ ଗତିକ୍ରିୟାକୁ ନୃତ୍ୟ କୁହାଯାଇଛି, ଅର୍ଥାତ୍ ମା' ନୃତ୍ୟ କରୁଛନ୍ତି, କ୍ଷଣେମାତ୍ର ବିଶ୍ରାମ ନାହିଁ । ବିଜ୍ଞାନର ଭାଷାରେ, ଏହାକୁ ପ୍ରାଣର ସ୍ପନ୍ଦନ କୁହାଯାଏ ।

ଏଥର ଏହି କ୍ରମରେ ପ୍ରାଣଶକ୍ତିକୁ ଧରି ଅଗ୍ରସର ହେଲେ ସର୍ବନିମ୍ନରେ ମୂଳାଧାର, ଯେଉଁଠାରେ ମେରୁଦଣ୍ଡର ଶେଷପ୍ରାନ୍ତ, ଠିକ୍ ତା' ଉପରେ ଅତି ସୂକ୍ଷ୍ମ ଏକ ଛିଦ୍ରପଥ ଥିବାର ଦେଖାଯାଏ । ତାକୁ ହିଁ ଯୋଗଶାସ୍ତ୍ରରେ ମୂଳାଧାର ଚକ୍ର କୁହାଯାଏ । ନିରନ୍ତର ସ୍ପନ୍ଦିତ ପ୍ରାଣଶକ୍ତି ସେହି ପଥରେ ବାହାରି ଗୁହ୍ୟଦେଶରେ କାର୍ଯ୍ୟ କରେ । ଏହିପରି ମୂଳାଧାରର କିଛି ଉପରେ ଲିଙ୍ଗମୂଳରେ ମେରୁପଥ ମଧ୍ୟରେ ଆଉ ଏକ ଦ୍ୱାର ବା ଅତି ସୂକ୍ଷ୍ମପଥ—ପ୍ରାଣଶକ୍ତି ସେହି ପଥରେ ନିଃସୃତ ହୋଇ ଏହି ଅଂଶରେ କ୍ରିୟା କରନ୍ତି, ତାହାର ତାନ୍ତ୍ରିକ ନାମ ସ୍ୱାଧିଷ୍ଠାନ ଚକ୍ର । ନାଭିର ଠିକ୍ ସିଧା ପଛରେ ମେରୁଦଣ୍ଡ ମଝିରେ ସେହିପରି ଆଉ ଏକ ସୂକ୍ଷ୍ମ ପଥ—ତାକୁ ମଣିପୁର-ଚକ୍ର କୁହାଯାଏ । ତା' ଉପରେ ହୃତ୍‌ପିଣ୍ଡର ସମସୂତ୍ରରେ ମେରୁପଥରେ ଅନ୍ୟ ଏକ ସୂକ୍ଷ୍ମ ଦ୍ୱାର ଅଛି । ଏହା ଭିତରେ ଏହି ସ୍ଥାନରେ, ଅର୍ଥାତ୍ ଫୁସଫୁସ୍ ଓ ହୃଦୟରେ କ୍ରିୟା କରିଥାନ୍ତି । ଏହାର ତାନ୍ତ୍ରିକ ନାମ ଅନାହତ ଚକ୍ର, ଯେହେତୁ ଆମର ଦୁକ୍‌ଦୁକି ବା ହୃଦ୍‌ପିଣ୍ଡର କ୍ରିୟା ଶବ୍ଦମୟ ମୃତ୍ୟୁ ଅଥବା ନିର୍ବିକଳ୍ପ ସମାଧି ବ୍ୟତୀତ କେବେହେଲେ ସେ ଶବ୍ଦ ଧ୍ୱନି ବନ୍ଦ ହୁଏନାହିଁ । ପୁଣି ତା' ଉପରେ କଣ୍ଠଦେଶର ସମସୂତ୍ରରେ ଯେଉଁ ସୂକ୍ଷ୍ମ ପଥ ପ୍ରାଣଶକ୍ତି—ତାହା ସେହି ପଥରେ ନିର୍ଗତ ହୋଇ କଣ୍ଠରେ କ୍ରିୟା କରିଥାନ୍ତି ଯାହାକୁ ବିଶୁଦ୍ଧାକ୍ଷ୍ୟ ଚକ୍ର କୁହାଯାଏ । ତା' ଉପରେ ଥିବା ଶେଷ ଚକ୍ର, ଯେଉଁଠାରେ ମେରୁଦଣ୍ଡର ଆରମ୍ଭ । ଚଳିତ ଭାଷାରେ ସେହି ସ୍ଥାନ ଭ୍ରୂ-ଦ୍ୱୟର ମଧ୍ୟସ୍ଥଳରେ ଥିବା କଥା ନିର୍ଦ୍ଦେଶ କରାହୁଏ । ଅର୍ଥାତ୍ ଯେଉଁଠି ମେରୁଦଣ୍ଡର ଆରମ୍ଭ ସେହି ସ୍ଥାନଟି ଅତୀବ ସୂକ୍ଷ୍ମ ଭାବରେ ସୃଷ୍ଟି । ଏହି ସ୍ଥାନରୁ ପ୍ରାଣକ୍ରିୟାର ଆରମ୍ଭ । ତାହାର ନାମ ଆଜ୍ଞା ବା ପ୍ରଜ୍ଞାଚକ୍ର । ଏହା ଉପରେ ଆଉ କୌଣସି ଚକ୍ର ବା କର୍ମକେନ୍ଦ୍ର ନାହିଁ । ଉପରେ ଅନନ୍ତ ବ୍ୟୋମ, ଦେବାତିରିକ୍ତ ଅଖଣ୍ଡ ଚୈତନ୍ୟ ସତ୍ତା—ସେହି ପରମାତ୍ମାଙ୍କ ରାଜ୍ୟ, ଯାହାକୁ ସହସ୍ରାର କୁହାଯାଇଅଛି । ମେରୁ ମଧ୍ୟଗତ ସୂକ୍ଷ୍ମତମ ପ୍ରାଣପଥର କର୍ମ-କେନ୍ଦ୍ର ରୂପେ ଯେଉଁ ଛଅଟି ଚକ୍ର, ତାକୁ ଭେଦକଲେ

ଆତ୍ମା-ପରମାତ୍ମାରେ ଅର୍ଥାତ୍ ଅଖଣ୍ଡ ସଚ୍ଚିଦାନନ୍ଦ ଚକ୍ରରେ ମିଳିତ ହୋଇଥାନ୍ତି—ସୁତରାଂ ସୃଷ୍ଟିର ଅପର ପାରିକୁ ଚାଲିଯାଆନ୍ତି ।

ଏବେ ଏହି ଯେଉଁ ମେରୁଦଣ୍ଡର ଆରମ୍ଭ ସ୍ଥାନରେ ପ୍ରଥମ ଚକ୍ର, ଯାହାକୁ ପ୍ରଜ୍ଞାଚକ୍ର କୁହାଯାଏ, ସେହି ସ୍ଥାନରୁ ପ୍ରାଣଶକ୍ତିର କ୍ରିୟା । ଏହା ଶେଷ ପ୍ରାନ୍ତରେ ମୂଳାଧାର ପର୍ଯ୍ୟନ୍ତ ପ୍ରସାରିତ ହୋଇ ଅବିରାମ ସ୍ପନ୍ଦିତ ହୋଇଚାଲିଛି । ଏହି ପ୍ରଜ୍ଞା-ଚକ୍ର ହିଁ ପ୍ରାଣର ଆରମ୍ଭ ଏବଂ ଲୟର ସ୍ଥାନ । ଏହି ସ୍ଥାନ ନାଡ଼ୀଚକ୍ର ମଧ୍ୟରେ ପ୍ରଧାନ, ମହାନ୍ ଓ ସର୍ବାପେକ୍ଷା ଉଜ୍ଜ୍ୱଳ ଶ୍ରେଷ୍ଠ ସ୍ଥାନ, ଯେହେତୁ ଧାରଣା, ଧ୍ୟାନ, ତତ୍ତ୍ୱନିର୍ଣ୍ଣୟ, ଉଚ୍ଚରୁ ଉଚ୍ଚତମ ଅନୁଭୂତି, ପ୍ରକାଶ ଓ ଆବିଷ୍କାର । ମୋଟ୍ କଥା ମନୁଷ୍ୟ ଜୀବନର ମନ, ଜ୍ଞାନ, ବୁଦ୍ଧି, ବିବେକ, ପ୍ରେରଣା ପ୍ରଭୃତି ଶ୍ରେଷ୍ଠ ଅମୂଲ୍ୟ ସମ୍ପଦ, ତାହା କିଛି ଏହିଠାରେ ହିଁ ଲାଭ ହୁଏ । ଏହି କ୍ଷେତ୍ରରେ ଉନ୍ନତ ଜୀବର ତୃତୀୟ ନୟନ ପ୍ରକାଶିତ ହୁଏ ।

ବର୍ତ୍ତମାନ ଗୁରୁକୃପାରୁ ବୁଝାଯାଉଛି ଯେ ଯାହା ପ୍ରାଣର ସ୍ୱାଭାବିକ ରୂପ, ତାହା ସୂକ୍ଷ୍ମ ଉର୍ଦ୍ଧ୍ୱ-ଅଧଃ ସ୍ପନ୍ଦନମୟ ଆଉ ଆଶୀର୍ଷ ମୂଳଧାରାବଧି ସ୍ପନ୍ଦନର ଅବକାଶ ଦ୍ୱାରା ମେରୁପଥରେ ସଂଯୁକ୍ତ ଦେହଯନ୍ତ୍ରର ଛଅଟି କେନ୍ଦ୍ରଠାରୁ ଅବିରାମ ନିଃସୃତ ପ୍ରାଣଶକ୍ତି । ଏହା ଏହି ସ୍ଥୂଳ ଶରୀରର ସର୍ବାଂଶକୁ କ୍ରିୟାଶୀଳ କରି ରଖିଅଛି । ଅଧିକନ୍ତୁ ଦେଖୁଛି ଯେ ପ୍ରାଣର ଦ୍ୱିବିଧ କ୍ରିୟା । ଗୋଟିଏ ହେଲା—ସ୍ଥୂଳ ଦେହାଦି ଚାଳନା, ଅପରଟି ଚିନ୍ତା ଅନୁଭୂତି ପ୍ରଭୃତି ମନ-ବୁଦ୍ଧିର କ୍ରିୟା—ଏହି ପ୍ରାଣ ଦୁଇଟି ଭାବରେ ହିଁ ଅବିରାମ କ୍ରିୟାଶୀଳ । ଛଅଟି କେନ୍ଦ୍ର ପଥରେ ପ୍ରବାହିତ ହୋଇ ଯେପରି ଦେହର ପ୍ରତ୍ୟେକ ଅଂଶର କ୍ରିୟାକୁ ସମ୍ପନ୍ନ କରୁଅଛି, ସେହିପରି ପ୍ରାଣ ପୁଣି ପ୍ରଜ୍ଞାଚକ୍ରରେ ସ୍ଥିର ରହି ଅନ୍ତଃକରଣର ଯାବତୀୟ କ୍ରିୟା ମଧ୍ୟ ସମ୍ପନ୍ନ କରୁଅଛି—ଏହି ସକଳ କାର୍ଯ୍ୟ ଯୁଗପତ୍ ଚାଲୁରହିଛି—ବିରାମ ବା ବିଚ୍ଛେଦ ନାହିଁ । ଏହିଠାରେ ହିଁ କୁଳକୁଣ୍ଡଳିନୀର ସୂକ୍ଷ୍ମ ତତ୍ତ୍ୱଟିର ଅନୁଭୂତି ଓ ବିଚାରର ସମୟ ବର୍ତ୍ତମାନ ।

ବିବର୍ତ୍ତନବାଦକୁ ମନୁଷ୍ୟ-ଜୀବନ ମଧ୍ୟରେ ଆଣି ଧରିବାକୁ ପଡ଼ିବ । ଏହି ବିଶାଳ ଜଗତର ସୃଷ୍ଟି ମଧ୍ୟରେ ପ୍ରାଣୀ-ଜଗତର ସର୍ବଶ୍ରେଷ୍ଠ ପରିଣତି ହେଲା ମନୁଷ୍ୟ । କାରଣ ଦେଖାଯାଏ ଯେ ମନୁଷ୍ୟ ହିଁ ସକଳ ଇତର ଜୀବଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରୁଛି । ଏହି ମାନବ-ବଂଶ, ନାନା ଭାବରେ ବୈଚିତ୍ର୍ୟ ନେଇ ଜଗତର ସର୍ବାଂଶରେ ଶ୍ରେଷ୍ଠ ଶକ୍ତି ଓ ସମ୍ପଦର ଅଧିକାରୀ ହୋଇଅଛି—ତନ୍ତ୍ରଶାସ୍ତ୍ରରେ ଏହି ମାନବର ପରିଣତି ଅନୁସାରେ ଏହାକୁ ତିନିଗୋଟି ସ୍ତରରେ ବିଭକ୍ତ କରାହୋଇଛି । ତାହା ପୂର୍ଣ୍ଣ ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ । ପ୍ରଥମେ ମନୁଷ୍ୟ ପଶୁ, ତା' ପରେ ମନୁଷ୍ୟ ବୀର, ତା'ପରେ ଦିବ୍ୟ ଅର୍ଥାତ୍ ଦେବତ୍ୱରେ ପ୍ରତିଷ୍ଠିତ ହୁଏ । ପଶୁଠାରୁ ମାନବ ଶରୀରରେ ବିବର୍ତ୍ତନ କାଳରେ ଏହି ଜୀବର ଉନ୍ନତ ପ୍ରାଣଶକ୍ତିର କେତେକାଂଶ ଆତ୍ମାରୂପେ ପରିଣତି ପ୍ରାପ୍ତ ହୁଏ, ଯାହା କ୍ରମୋନ୍ନତି ଫଳରେ (ଅର୍ଥାତ୍ ଜନ୍ମ-ଜନ୍ମାନ୍ତର ଭୋଗ-କର୍ମ-ଜ୍ଞାନାଦି ଫଳରେ) ଜୀବାତ୍ମା ରୂପେ ପ୍ରତିଭାତ ହୋଇ ଶେଷରେ ପରମାତ୍ମାରେ ଲୟପ୍ରାପ୍ତ ହୁଏ । ପଶୁଭାବରେ ମନୁଷ୍ୟର ପ୍ରଥମ ଅବସ୍ଥାରେ ଜୀବ-ପ୍ରାଣର ଉତ୍ତମ ଅଂଶ ହୋଇଥିବା ଆତ୍ମା ସେତେବେଳେ ସୁପ୍ତ ଭାବରେ ଅର୍ଥାତ୍

ଅବିକଶିତ ଅବସ୍ଥାରେ ମୂଳଧାରରେ ବର୍ତ୍ତମାନ ଥାଏ । ମୂଳାଧାର କହିଲେ ମେରୁଦଣ୍ଡର ମଧ୍ୟସ୍ଥ ସୂକ୍ଷ୍ମ ନାଡ଼ୀ ବା ପ୍ରାଣପଥର ଶେଷପ୍ରାନ୍ତରେ ଅବସ୍ଥିତ ପ୍ରଧାନ କେନ୍ଦ୍ର ବା ଚକ୍ରକୁ ବୁଝାଏ । ପ୍ରାଣର ମଧ୍ୟସ୍ଥଳରେ ଏହି ସ୍ଥାନଠାରୁ ପ୍ରଥମେ ଜୀବାତ୍ମାର ମାନବ ଜୀବନର କର୍ମ ଆରମ୍ଭ ହୋଇଥାଏ ଏବଂ ଏହି କେନ୍ଦ୍ରକୁ ମୂଳ କରି ଜୀବାତ୍ମାର ସର୍ବବିଧ ଗତି ନିର୍ଦ୍ଧାରିତ ହୁଏ ବୋଲି ଓ ପ୍ରାଣଶକ୍ତି ରୂପେ ଆତ୍ମାର ଆଧାର ରୂପରେ ଏଠାରେ ଅବସ୍ଥିତ ଥାଏ ବୋଲି ଏହି କେନ୍ଦ୍ର ବା ଚକ୍ରକୁ ତନ୍ତ୍ରଶାସ୍ତ୍ରରେ ମୂଳାଧାର କୁହାଯାଇଥାଏ ।

ଯେପରି କାଳର ମଧ୍ୟ ଦେଇ ଜୀବ ପଶୁରୁ ମାନବ ହୁଏ, ସେହିପରି କାଳର ମଧ୍ୟ ଦେଇ ଏହି ଆଧାରଭୂତ ପ୍ରାଣଶକ୍ତିର ମୂଳ ଯେଉଁ ଆତ୍ମା, ତାହା ମନୁଷ୍ୟତ୍ୱରେ ବିକଶିତ ହେବାର ପ୍ରତୀକ୍ଷାରେ ରହିଥାଏ—ଯେପରି ଗର୍ଭସ୍ଥ ଶିଶୁ ମାଆର ଉଦରରେ ବଢ଼ିଚାଲିଥାଏ, ଠିକ୍ ସେହିପରି । ସେତେବେଳେ ଆତ୍ମାର ଅବିକଶିତ ଅର୍ଥାତ୍ ଠିକ୍ ଗର୍ଭସ୍ଥ ଶିଶୁପରି ଅବସ୍ଥା । ସେଥିଲାଗି ତନ୍ତ୍ରରେ ଏହି ଭାବକୁ ଲକ୍ଷ୍ୟ କରି ସୁପ୍ତ ଅବସ୍ଥା କୁହାଯାଇଅଛି । ତନ୍ତ୍ରଶାସ୍ତ୍ର କହିଥାଏ ଯେ ସ୍ଥୂଳ ଭାବାପନ୍ନ ପଶୁ ପ୍ରକୃତିର ପ୍ରଥମ ସ୍ତରସ୍ଥ ମନୁଷ୍ୟର ଏହି ସୂକ୍ଷ୍ମ ଆତ୍ମା ପ୍ରାଣଶକ୍ତିକୁ ଅବଲମ୍ବନ କରି ସାଢ଼େତିନିଘେରା ଦେଇ କୁଣ୍ଡଳାକାରରେ ସର୍ପତୁଲ୍ୟ ମୂଳଧାରରେ ଅତି ସୂକ୍ଷ୍ମ ଭାବେ ବର୍ତ୍ତମାନ ଅବସ୍ଥାରେ ରହିଥାନ୍ତି । ଏହି ଭାବରେ ଭୋଗ ଓ କର୍ମ ଦ୍ୱାରା ଜନ୍ମ-ଜନ୍ମାନ୍ତରରେ ଜ୍ଞାନ ବା ଚୈତନ୍ୟଶକ୍ତିର ସହାୟତାରେ ଯେତେବେଳେ ତାହାର ସମ୍ୟକ୍ ପୁଷ୍ଟି ହୁଏ, ସେତେବେଳେ ସେହି ଆତ୍ମା ବିକଶିତ ହୁଅନ୍ତି । ଏହାଦ୍ୱାରା ବୁଝାଯାଇଥାଏ ଯେ ଜୀବାତ୍ମା ସ୍ୱରୂପରେ ପ୍ରତିଭାତ ହୋଇ କ୍ରମବିକାଶ ଅବସ୍ଥାରେ ବହୁ ଭାବରେ ଶକ୍ତି ସଞ୍ଚୟ କରିଥାନ୍ତି । ପରେ ଉପଯୁକ୍ତରୂପେ ଶକ୍ତିମାନ ହେଲେ, ପୂର୍ଣ୍ଣ ବିକାଶର ଅବସ୍ଥା ପ୍ରାପ୍ତ ହୁଅନ୍ତି ଏବଂ କାଳ ମଧ୍ୟରେ ଶକ୍ତିରେ ଦକ୍ଷ ହୋଇ ଶେଷରେ କାଳାତୀତ ହୋଇଯାଆନ୍ତି । ପ୍ରକୃତି ହିଁ ଏହି ଶକ୍ତି ଯୋଗାଇ ତା'ର ବିକାଶରେ ସହାୟତା କରିଥାଆନ୍ତି । ସେଥିଲାଗି ଏକ ସମ୍ପର୍କ ଶକ୍ତିଭାବରେ ପ୍ରକୃତି ହେଉଛନ୍ତି ଆତ୍ମାର ଜନନୀ— ପୂର୍ବ ବିକାଶର ଅବସ୍ଥାରେ ସେ ହୋଇଥାନ୍ତି ପ୍ରିୟତମା । କୁଳକୁଣ୍ଡଳିନୀ ଜାଗରଣର ଏହାହିଁ ସାରକଥା । ମନୁଷ୍ୟର ଦେହରେ ଆତ୍ମା-ବୁଦ୍ଧି ସେହି ପର୍ଯ୍ୟନ୍ତ ଥାଏ, ଯେ ପର୍ଯ୍ୟନ୍ତ କୁଣ୍ଡଳିନୀଶକ୍ତି ଜାଗରିତ ହୋଇ ନଥାନ୍ତି । ଏହି କଥା ମଧ୍ୟ ଜାଣି ରଖିବା ଉତ୍ତମ ।

ଯାହା କିଛି ଶିବଶକ୍ତିର ରହସ୍ୟରୂପକ ଆକାର ହୋଇ ଏହା ମଧ୍ୟରେ ଅଛି ଓ ଯାହା ସହଜ-ସତ୍ୟକୁ ଜଟିଳ କରି ରଖିଅଛି, ସେଥିରେ ଆମର ପ୍ରୟୋଜନ ଅଛି କି ନାହିଁ, ସୁଧୀବର୍ଗ ତାହାକୁ ଅନୁଧ୍ୟାନ କରି ଦେଖିବେ ।

କ୍ଷେପାବାବା କହିଲେ, ''ତୁ ଏବେ ଯା, ଏସବୁ ଆଗେ ହଜମ କରିବ ଯା ।''

''ଷଡ଼ଚକ୍ର ମଧ୍ୟରେ ଆଉସବୁ ବ୍ୟାପାର କଥା ବାକି ରହିଛି, ବାବା...''

''ତୁ ବର୍ତ୍ତମାନ ଉଠି ଯା'ତ, କାଲି ପୁଣି ଆସିବୁ ଯା, ଦକ୍ଷିଣା ଦରକାର—ନେଇ ଆସିବୁ ଦକ୍ଷିଣା । ନ ହେଲେ ଏମିତି ଖାଲିରେ ଖାଲିରେ କିଛି ହେବ ନାହିଁ—ଜାଣିଲୁ ?''

■■

ଚତୁର୍ଥ ପରିଚ୍ଛେଦ

ଦୁଇଦିନ ଧରି କ୍ଷେପାବାବାଙ୍କ ପାଖରେ ପ୍ରଶ୍ରୟ ପାଇଲି ନାହିଁ । ବହୁ ପ୍ରକାର ଲୋକ ତାଙ୍କୁ ଘେରିରହିଲେ—ଆଉ ସେ ସମାଜରେ ଯେଉଁ ସବୁ କଥାବାର୍ତ୍ତା ଚାଲେ, ପରସ୍ପର ମଧ୍ୟରେ ଯେଉଁ ସମ୍ଭାଷଣ ଚାଲେ, ସେ ଅବସ୍ଥାରେ ସାଧୁସଙ୍ଗ ଆଶା କ୍ଷୀଣ ହୋଇଯାଏ । ବାବାଙ୍କର କୌଣସି ଆଡ଼େ ଲକ୍ଷ୍ୟ ହିଁ ନାହିଁ—ନିଜ ମନକୁ ନେଇ, ନିଜ ଭାବକୁ ନେଇ ସମାହିତ ଥାଆନ୍ତି—କେବଳ ମଝିରେମଝିରେ ମା', ମା' ବୋଲି ଡାକୁଥାନ୍ତି, ଆଉ ଯେତେସବୁ ଗ୍ରାମ୍ୟ କଥାର ପ୍ରଭାବକୁ ଝାଡ଼ି ଫୋପାଡୁଥାନ୍ତି ।

ବାବାଙ୍କର କିଛି ଟଙ୍କା ଥିଲା । କିଛି ଦିନ ପୂର୍ବର କଥା—ଏହି ଟଙ୍କାର ପରିମାଣ କେତେ, ତାହା ନିର୍ଣ୍ଣୟ କରିପାରି ନାହିଁ । ତେବେ, ସେଠାର କେହି କେହି ଲୋକଙ୍କ ମୁଖରୁ ଶୁଣିଥିଲି ତିନିଚାରି ହଜାର ଟଙ୍କା ହେବ—ଟଙ୍କାର କଥା, ଯିଏ ତାଙ୍କ ବିଶେଷ ବିଶ୍ୱାସଭାଜନ—ଅମୁକ ପଣ୍ଡା, ତାଙ୍କ ବ୍ୟତୀତ ସମ୍ଭବତଃ ଆଉ କେହି ଜାଣନ୍ତି ନାହିଁ । କାରଣ ସେହି ବ୍ୟକ୍ତି ସେତେବେଳେ ବାବାଙ୍କର ଅତ୍ୟନ୍ତ ଘନିଷ୍ଠ ଭକ୍ତ ବା ସେବକ ଥିଲେ । ସେହି ଟଙ୍କାକୁ ବାବା ତାଙ୍କ ଆଶ୍ରମରେ ଗୋଟିଏ ଜାଗାରେ ପୋତିଦେଇ ରଖିଥିଲେ । ସେହି ସ୍ଥାନ କଥା ବାବାଙ୍କ ବ୍ୟତୀତ ଆଉ କାହାର ଜାଣିବାର ସମ୍ଭାବନା ନଥିଲା । ମାତ୍ର ସେହି ଧୂର୍ତ୍ତ ସେବକ ପଣ୍ଡାଜଣକ କୌଣସି ପ୍ରକାର ତାହା ଜାଣିପାରିଲା । ଟଙ୍କା ତ ଲୋଭର ବସ୍ତୁ, ବିଶେଷତଃ ସଂସାରୀ ସାଧକ ପକ୍ଷରେ; ଏହାର ଲୋଭ ସମ୍ବରଣ କରିବା ଖୁବ୍ ହିଁ ଶକ୍ତ । ବିଚାରା ଏହାର ଆକର୍ଷଣ ଏଡ଼ାଇ ପାରିଲା ନାହିଁ । ପଣ୍ଡା ଠାକୁର ଖୁବ୍ ସାହସୀ ବୋଲି ଧରିବାକୁ ପଡ଼ିବ, ଯେହେତୁ ତା'ର ଏହି କାମଟି ଏକବାର ହିଁ ସେଠିକା ଲୋକଙ୍କ କଳ୍ପନାର ଅତୀତ ଥିଲା ।

ଦିନେ ସକାଳ ସମୟରେ କ୍ଷେପାବାବା ଭୀଷଣଭାବେ ରାଗିଉଠିଲେ—ସମସ୍ତଙ୍କୁ ପଚାରିବାକୁ ଲାଗିଲେ, ମୋ' ଟଙ୍କା ଗଲା କୁଆଡ଼େ ! ସେଦିନ ଦେଖାଗଲା ଯେ ସେହି ଅମୂକ ପଣ୍ଡା ଅନୁପସ୍ଥିତ । ବାବା ଠିକ୍ ବୁଝିପାରିଲେ, ଏ କାମ ତା'ର—ଅନ୍ୟ କାହାର ଏତେ ସାହସ ହେବ ନାହିଁ । ଯେତେବେଳେ ଅମୁକ ପଣ୍ଡା ସହ ଦେଖା ହେଲା, ବାବା ତାଙ୍କୁ ବେଶ୍ ଶାନ୍ତ ଭାବରେ, ପିଠିକୁ ହାତରେ ଆଉଁସିଆଉଁସି ଜିଜ୍ଞାସା କଲେ, ''ଟଙ୍କାଟା ବାହାର କରି ଦେ, ତୋ'ର ଭଲ ହେବ ।'' କିନ୍ତୁ ସେହି 'ଭଲ ହେବ' କଥାଟା ସମସ୍ତଙ୍କ ଧାତୁରେ ଚଳେ ନାହିଁ, ବିଶେଷତଃ ତା'ଭଳି ପକ୍କା ସଂସାରୀ ଲୋକଠାରୁ । ବସ୍ତୁତଃ ସେହି

ବ୍ୟକ୍ତି, ବାବାଙ୍କର ଟଙ୍କା ଚାଲିଯାଇଛି ଶୁଣିଦେଇ ଏମିତି ହେଲା, ଯେପରି ପୂରାପୂରି ଆକାଶ ତା' ଉପରେ ଖସିପଡ଼ିଲା ପରି । ସେତେବେଳେ ବାବା ତାଙ୍କୁ ଟିକିଏ ଜବତ୍ କରିବାକୁ ଇଚ୍ଛାକଲେ—ଥାନା ପୁଲିସକୁ ତେଣୁ ଜଣାଇଲେ । ଶେଷରେ ଅଦାଲତକୁ କେଶ୍ ଗଲା । ତା'ପରେ ଯେତେବେଳେ ତାଙ୍କର କାହାକୁ ସନ୍ଦେହ ହେଉଛି ବୋଲି ପଚାରାଗଲା, ବିଚାରପତିଙ୍କ ସମ୍ମୁଖରେ ବାବା ନିଃସଙ୍କୋଚ ହୋଇ ସେହି ଅମୁକ ଲୋକରନାମ କହି ଜଣାଇଲେ ଯେ ତା' ଛଡ଼ା ଆଉ କେହି ଏ କାମ କରି ପାରିବ ନାହିଁ, କାରଣ କେବଳ ସେଇ ହିଁ ଜାଣିଥିଲା, ଆଉ ଏ କଥା କେହି ଜାଣନ୍ତି ନାହିଁ ।

ଏହାପରେ ଯେତେବେଳେ ସେହି ବ୍ୟକ୍ତି ଜାଣିଲା ଯେ ଆଉ ତା'ର ରକ୍ଷା ନାହିଁ, ସେତେବେଳେ, ଯାହା ହେବା କଥା, ବାବାଙ୍କ ପାଦତଳେ ପଡ଼ିଯାଇ କନ୍ଦାକଟା କଲା । ବାବା ମଧ୍ୟ ତରଳିଗଲେ, କହିଲେ, ''ଆଗେ ମାନୁ ନଥିଲୁ କାହିଁକି ?'' ବାବା ଶେଷରେ ଏହି ଦଣ୍ଡବ୍ୟବସ୍ଥା କଲେ ଯେ ତାଙ୍କ ଆଶ୍ରମକୁ ସେ ଯେପରି ଆଉ ନ ଆସେ । ଦିନାକେତେ ଦଣ୍ଡ ପାଇବା ପରେ ସମସ୍ତେ ଦେଖିବାକୁ ପାଇଲେ ଯେ ତା'ର ଶ୍ୱାସ ରୋଗ ହୋଇଛି—ଆଉ ସେ ବାବାଙ୍କ ଆଶ୍ରମର ଆଖପାଖରେ ଘୂରିବୁଲୁଛି । ମାତ୍ର ପୁଣି ଘନିଷ୍ଠତା କରିବା ଲାଗି ଚେଷ୍ଟା କଲେ ମଧ୍ୟ ସେପରି କୌଣସି ସୁଯୋଗ ପାଇଲା ନାହିଁ—ରୋଗ ମଧ୍ୟ ଭଲ ହେଲା ନାହିଁ ।

ମୁଁ ଯେତେବେଳେ ଯାଏ, ତାକୁ ପ୍ରତ୍ୟହ ହିଁ ବାବାଙ୍କ ଦରବାରରେ ହାଜିର ହେବାର ଦେଖିଥାଏ । ବେଶ୍ ଘନିଷ୍ଠ ଭାବରେ ବାବାଙ୍କ ସହ କଥା କହିବାର ମଧ୍ୟ ଦେଖିଥାଏ, ତେବେ ତା' ପ୍ରତି ବାବାଙ୍କର ସେପରି ସ୍ନେହ ପ୍ରକାଶ କରିବାର ଦେଖିନାହିଁ ।

ସେହିଦିନଠାରୁ ବାବା କାହା ନିକଟରୁ କୌଣସି ରକମ ଅର୍ଥ ଗ୍ରହଣ କରନ୍ତି ନାହିଁ । କହନ୍ତି, ''ଏହି ଅର୍ଥ ଯେ ଅନର୍ଥ—ଦେଖୁ ନାହଁ ନା ?''

ଯେଉଁ ବ୍ୟକ୍ତିଠାରୁ ଏ ବିଷୟରେ ଶୁଣିଲି, ସେ କହିଲା, ''ମୁଁ ଦିନେ ବାବାଙ୍କୁ ଜିଜ୍ଞାସା କରିଥିଲି, ଆପଣ ସାଧୁ ଲୋକ, ମା'ଙ୍କ କୃପାରୁ କୌଣସି କଥାର ଅଭାବ ନାହିଁ—ଆପଣ କାହିଁକି ଟଙ୍କା ସଂଗ୍ରହ କରୁଥିଲେ ?'' ଉତ୍ତରରେ ବାବା କହିଲେ, ''ଏ ସବୁ ସେହି ବେଟୀ ମାଆର ଯୋଜନା ବୋଲି ଜାଣିନାହୁଁ ? ଟଙ୍କାଟା ନିଜେ ହିଁ ଆସିଗଲା—ଭାବିଲି, ଏବେ ରଖେ ଯଦି କାହାର କୌଣସି କାମରେ ଲାଗିବ, ସେତେବେଳେ ଦିଆଯିବ । ଯାହା ହେଲା ଭଲ, ଯାହା କାମରେ ଲାଗିଲା, ସେ ଲୋକଟାକୁ ଚିହ୍ନାଗଲା । ମା'ଙ୍କର ଟଙ୍କା, ସେ ତା'ର ବ୍ୟବସ୍ଥା କରିଦେଲେ ।''

ଏବେ ଯେଉଁ କଥା କହୁଥିଲି—

ଦୁଇଦିନ କଟାଇବା ପରେ ବାବା ତୃତୀୟ ଦିନ ସଦୟ ହେଲେ, ମୁଁ ଅତି ପାଖରେ ଯାଇ ବସିଲି । ଆଜି ଏପରି ମୁଁ ତାଙ୍କୁ ନେଇ ଧରି ବସିଗଲି,—''ଆପଣ ଖୋଲି କରି

କୁହନ୍ତୁନା, ସମସ୍ତଙ୍କର କୁଣ୍ଡଳିନୀଶକ୍ତି ଜାଗିଥାଏ କି ନାହିଁ; ବିନା ସାଧନରେ ଜାଗିଥାଏ କି ଏଥିଲାଗି ବିଶେଷ ସାଧନର ପ୍ରୟୋଜନ ହୁଏ ?''

ବାବା କହିଲେ,''ଯେଉଁମାନେ ତାନ୍ତ୍ରିକ, ଏହି ଧର୍ମକୁ ଆଶ୍ରୟ କରିଥାନ୍ତି, ଦୀକ୍ଷା ଗ୍ରହଣ କରିଛନ୍ତି, ସେମାନଙ୍କ ପ୍ରଥମ ସାଧନାଟି ହେଲା କୁଣ୍ଡଳିନୀଶକ୍ତିକୁ ଜାଗ୍ରତ କରିବା । ସର୍ବପ୍ରଥମେ ଆଉ ସର୍ବଶେଷରେ ମଧ୍ୟ ।''

''ଯେଉଁମାନେ ଅନ୍ୟ ଧର୍ମର ବ୍ୟକ୍ତି...''

''ସେମାନଙ୍କ ଧର୍ମ ମଧ୍ୟରେ ହିଁ କୁଣ୍ଡଳିନୀ ଜାଗ୍ରତ କରିବା ଲାଗି ସାଧନ ଅଛି, ହୁଏତ ତାହାର ପ୍ରକାର ସାମାନ୍ୟ ପୃଥକ୍, କିନ୍ତୁ ସମସ୍ତ ସାଧନାର ମୂଳକଥା ହେଲା ଏହି କୁଣ୍ଡଳିନୀ, ତାହା ନ ଜାଗିଲେ କିଛି ହେବ ନାହିଁ ।''

ଅସଲ କଥା ଏହି ଯେ ତନ୍ତ୍ର-ଶାସ୍ତ୍ରରେ ଯେଉଁ ଶକ୍ତି ସାଧାରଣ ମନୁଷ୍ୟକୁ ତୁଚ୍ଛ ଗତାନୁଗତିକ ଭାବର କ୍ଷୁଦ୍ର ଜୀବନ ବିରୁଦ୍ଧରେ ପ୍ରେରଣା ଯୋଗାଇଦେଇ ଉଚ୍ଚତର ଜୀବନ ପଥରେ ପରିଚାଳିତ କରେ, ତାହାହିଁ କୁଣ୍ଡଳିନୀଶକ୍ତି । ସେହି ଶକ୍ତି ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସ୍ତ୍ରୀ-ପୁରୁଷ ନିର୍ବିଚାରରେ ପ୍ରଥମେ ସୁପ୍ତ ଅବସ୍ଥାରେ ଥାଏ, ପରେ ଦେଶ-କାଳ- ପାତ୍ର ମଧ୍ୟ ଦେଇ ବିକଶିତ ହୁଏ । କ୍ଷେପାବାବା କହନ୍ତି ଯେ ପୁରୁଷ ନିକଟରେ ନାରୀ ଓ ଯୌବନ, ଏହି ଦୁଇଟି ସଙ୍ଗେ ଏହି ଶକ୍ତି ଜାଗରଣର ପ୍ରଧାନ ସମ୍ବନ୍ଧ । ଏଥିଲାଗି ତନ୍ତ୍ରୋକ୍ତ ବାମମାର୍ଗର ସାଧନାରେ ଏହି ଦୁଇଟି ହିଁ ପ୍ରଧାନ । ଅନେକେ କହନ୍ତି, ଏହି ବାମାକ୍ଷେପା ଦକ୍ଷିଣମାର୍ଗର ସାଧକ । ଏକଥା ସତ ହୋଇପାରେ, କିନ୍ତୁ ପ୍ରଥମରୁ ବହୁକାଳ ସେ ବାମାଚାରୀ ଅର୍ଥାତ୍ ଭୈରବୀ ନେଇ ସାଧନ କରିଛନ୍ତି, ଏକଥା ଏଠାରେ ଅନେକଙ୍କ ମୁହଁରୁ ଶୁଣିଛି । ନଗେନ ପଣ୍ଡା ବାବାଙ୍କ ସଙ୍ଗେ ଘନିଷ୍ଠ ରୂପେ ଅନେକ କାଳ କଟାଇଛନ୍ତି—ତାଙ୍କଠାରୁ ଯାହା ଶୁଣିଛି, ତାହା ଯଥା ସମୟରେ କହିବି ।

ସାଧାରଣତଃ ତନ୍ତ୍ର ମଧ୍ୟରେ ସାଧନାର ଦୁଇଟି ପଥ—ବାମମାର୍ଗ ଓ ଦକ୍ଷିଣମାର୍ଗ । ଏହି ସାଧନ, ଦୈନନ୍ଦିନ ଜୀବନରେ ସାଧନ ପ୍ରଣାଳୀ ସଙ୍ଗେ ସହଜ ନିୟମରେ ହିଁ ବନ୍ଧା । ଏ ଦେଶରେ ଯେତେବେଳେ ତନ୍ତ୍ରଧର୍ମ ପ୍ରବଳ ଥିଲା, ସେତେବେଳେ ସହଜ ପ୍ରଣାଳୀରେ ଏସବୁର ସାଧନ କେତେକାଂଶରେ ସମ୍ଭବ ହେଉଥିଲା, ଏବେ କିନ୍ତୁ ତାହା ସମ୍ଭବ ନୁହେଁ । ଏବେର ସମାଜରେ ସାଧାରଣ ମନୁଷ୍ୟ ପକ୍ଷରେ ତାହା ଏକପ୍ରକାର ଅସମ୍ଭବ ବୋଲି କହିଲେ ଭୁଲ୍ ହେବ ନାହିଁ । ଏବେ ଯେଉଁ ଭାବରେ ଶିକ୍ଷାଦୀକ୍ଷା ଚାଲିଛି, ତା'ଦ୍ୱାରା ସାଧାରଣ ଦେଶବାସୀଙ୍କର ସେହି ଭାବରେ ବାମମାର୍ଗ ସାଧନରେ ହିଁ ବିଘ୍ନ ଉପସ୍ଥିତ ହେବ । କାରଣ ଅସଲ ତନ୍ତ୍ରରେ ସ୍ତ୍ରୀ-ପୁରୁଷର ଯେଉଁ ସମ୍ବନ୍ଧ, ତାହା ହିନ୍ଦୁ ବିଧି-ନିୟମର ବହିର୍ଭୂତ । ସେହି କାରଣରୁ ହିନ୍ଦୁ-ପ୍ରଧାନ ଭାରତରେ ତନ୍ତ୍ରଧର୍ମ ସହ ହିନ୍ଦୁଧର୍ମର ଏକରକମ୍ ପାଖାପାଖି ଭାବ ରହୁଥିଲା, ପୂର୍ଣ୍ଣ ସ୍ୱାଧୀନ ଭାବରେ ତନ୍ତ୍ରଧର୍ମର ବିକାଶ ଘଟି ନଥିଲା । ସେ କାଳରେ ଯାହା

କିଛି ତନ୍ତ୍ରୋକ୍ତ ଧର୍ମର ବିକାଶ ଘଟିଥିଲା, ତାହା ହିନ୍ଦୁ ସମାଜ ବାହାରେ ହିଁ ଘଟିଥିଲା । ଯାହାହେଉ ଅସଲ କଥା ଏହି ଯେ ବାମାଙ୍କର କଥା ଶୁଣିସାରି କୁଣ୍ଡଳିନୀଶକ୍ତିର ଜାଗରଣ ବ୍ୟାପାରରେ ଏବେ ମୋ'ର ଧାରଣାରେ ଯାହା କିଛି ସ୍ପଷ୍ଟ ହେଲା, ତାହା ଏହି : ଯେତେବେଳେ କାହାର ଜୀବନ ଅନ୍ୟ କେଉଁଥିରେ ଗତାନୁଗତିକ ଭାବରେ ଆବଦ୍ଧ ରହିବାକୁ ଚାହେଁ ନାହିଁ, ଅର୍ଥାତ୍ ଆହାର, ନିଦ୍ରା, ମୈଥୁନାଦି ଓ ସ୍ଥୂଳ ସ୍ୱାର୍ଥପର ଭୋଗ ମଧ୍ୟରେ ତୃପ୍ତି ମିଳେନାହିଁ, ସେତେବେଳେ ତା'ର କୁଣ୍ଡଳିନୀଶକ୍ତି ଜାଗ୍ରତ ହୁଏ । ଏହି ଜାଗରଣର ଲକ୍ଷ୍ୟ ହେଲା ଗତାନୁଗତିକତା ବିରୁଦ୍ଧରେ ମନଭିତରେ ପ୍ରବଳ ଆଲୋଡ଼ନ—ଏକଥା ପୂର୍ବରୁ ଜଣା ଅଛି । ଏବେ ସକଳ ଜାତିର, ସକଳ ଶ୍ରେଣୀର ମନୁଷ୍ୟମାନଙ୍କ ଅନ୍ତରକ୍ଷେତ୍ରରେ ଏହି ଘଟଣାଟି ଘଟିଥାଏ—ଏହା ମଧ୍ୟ ଜଣାପଡ଼ିଲା । ଏହି ନିୟମରେ ହିଁ ମନୁଷ୍ୟ ପଶୁଭାବର ପ୍ରଭାବକୁ ଛାଡ଼ିଦେଇ ମନୋବୁଦ୍ଧିପ୍ରଧାନ ହୋଇ କ୍ରମେ ଉଚ୍ଚରୁ ଉଚ୍ଚତର ଭାବାନାରୂପ କର୍ମରେ ଅଗ୍ରସର ହୁଏ । ଏହିରୂପେ ସେ ଗୁରୁସ୍ୱରୂପ ହୋଇ ଉପସ୍ଥିତ ହୁଅନ୍ତି ଏବଂ ବହୁ ଲୋକଙ୍କର ଶ୍ରଦ୍ଧା ଆକର୍ଷଣ କରିଥାନ୍ତି । ତାହାହିଁ ଜଗଦମ୍ବାଙ୍କର ସନାତନ ନିୟମ—ଏହି ନିୟମ ଭିତର ଦେଇ ପାର୍ଥିବ ସକଳ ଜୀବଙ୍କର ଗତି ନିର୍ଦ୍ଦିଷ୍ଟ ଥାଏ । ତନ୍ତ୍ରରେ କୁଣ୍ଡଳିନୀ ଜାଗରଣ ବୈଜ୍ଞାନିକ ସତ୍ୟ । ସବୁ ସମୟରେ ସବୁ ଦେଶରେ ମାନବସମାଜର ଅନ୍ତର-କ୍ଷେତ୍ରରେ ଓ କ୍ରିୟାଶୀଳ ବ୍ୟଷ୍ଟିକ୍ଷେତ୍ରରେ ଯେପରି ଏହାର ବ୍ୟତିକ୍ରମ ହୁଏ ନାହିଁ, ସେହିପରି ସମଷ୍ଟିକ୍ଷେତ୍ରରେ ମଧ୍ୟ । ତେବେ ସମଷ୍ଟିର କଥା ନିଶ୍ଚିତରେ ଅନେକ ଦୂରର କଥା ।

ବ୍ୟଷ୍ଟି ଓ ସମଷ୍ଟି, ଏହି ଦୁଇଟି ବ୍ୟାପାରକୁ ସହଜ କରିବା ଉଦ୍ଦେଶ୍ୟ ରଖି ମୁଁ ବାବାଙ୍କୁ ଲଗାଇଛି—ମାତ୍ର ବାବା ସେକଥା ଦୁଇଟିକୁ ବ୍ୟବହାର କରନ୍ତି ନାହିଁ । ସେ ଭାବକୁ ନେଇ କହୁଥିଲେ, ଜଣେ ମନୁଷ୍ୟର ଯେପରି କୁଣ୍ଡଳିନୀଶକ୍ତି ଜାଗିଥାଏ, ମାନବଗୋଷ୍ଠୀ ଭିତରେ ମଧ୍ୟ ସେହିପରି ଜାଗ୍ରତ ହୋଇଥାଏ । ସେତିକିବେଳେ ହିଁ ସତ୍ୟଯୁଗ ଆସେ । ଏହି ବ୍ୟାପାରକୁ ମୁଁ ପରିଷ୍କାର ଭାବେ କହୁଛି—ବାବାଙ୍କ କଥାକୁ ସାଧାରଣ ଲୋକେ କେଉଁ ଭାବରେ ଗ୍ରହଣ କରନ୍ତି, ମୁଁ ତାହା ଜାଣେ ନାହିଁ । କାରଣ ସାଧାରଣ ଲୋକେ ତାଙ୍କ ମୁହଁରୁ ଶୁଣିନେଇ ଯେ ସଙ୍ଗେସଙ୍ଗେ ବୁଝିପାରିବେ ବା ଧରିପାରିବେ, ତା' ମଧ୍ୟ ମନେହୁଏ ନାହିଁ । ପ୍ରଥମେ ତାଙ୍କ କଥା ଗ୍ରାମ୍ୟ ଭାଷାରେ ସହଜ-ସରଳ ପ୍ରକାଶ ବୋଲି ମନେହୁଏ ସତ, କିନ୍ତୁ ସେମିତି କେବଳ ଶୁଣିନେଲେ ସାଧାରଣ ଭାବରେ କେହି ବୋଧହୁଏ ତା' ଭିତରେ ପ୍ରବେଶ କରିପାରିବେ ନାହିଁ । ଆଉ ଏହାଛଡ଼ା, ତାଙ୍କ କଥାର ଆକ୍ଷରିକ ଅନୁସରଣ ମଧ୍ୟ ଖୁବ୍ ସହଜ ବ୍ୟାପାର ନୁହେଁ, ବିଶେଷତଃ ସେ ଯେତେବେଳେ କୌଣସି ବିଶେଷ ତତ୍ତ୍ୱ ସମ୍ବନ୍ଧରେ କଥା କୁହନ୍ତି, ଯାହା ସେ ପ୍ରାୟତଃ କରନ୍ତି ନାହିଁ । ସେହି ଭାବରେ ମୁଁ (ଜଣେ ସୌଭାଗ୍ୟବାନ ବୋଲି ସନ୍ଦେହ ନାହିଁ) ତାଙ୍କ ମୁହଁରୁ କଥା ବାହାରକରିଥିଲି । କଦାଚିତ୍ କେହି ଏପରି ଯୋଗାଯୋଗ ଘଟାଇବାରେ ସମର୍ଥ ହୋଇଥିବେ କି ନାହିଁ ସନ୍ଦେହ । ଏକଥା ସେ ନିଜେ ହିଁ ବହୁବାର ପ୍ରକାଶ କରିଛନ୍ତି । ଯାହା ହେଉ ଏବେ ସମଷ୍ଟି କଥାଟା ଏହି ଯେ—

ମନୁଷ୍ୟର ପ୍ରକୃତି ବିଭିନ୍ନ—ପ୍ରତ୍ୟେକ ଲୋକ ପୃଥକ୍ ବ୍ୟକ୍ତିତ୍ୱ ନେଇ ସମାଜରେ ଥାଆନ୍ତି । ପ୍ରତ୍ୟେକଙ୍କର ଅଲଗା ଶରୀର, ନାଡ଼ୀ (ସୂକ୍ଷ୍ମ ଶକ୍ତି ଓ ପ୍ରାଣର ଯାତାୟାତ ପଥକୁ ତନ୍ତ୍ରରେ ନାଡ଼ୀ କୁହାଯାଏ), ପ୍ରାଣଶକ୍ତି, ବୁଦ୍ଧି, ମନ, ଆତ୍ମା, ଏହିସବୁକୁ ନେଇ ହିଁ ଜଣେ ମନୁଷ୍ୟ ପଦବାଚ୍ୟ । ସେହିପରି ଏହି ପୃଥିବୀକୁ ଘେରି ଗୋଟିଏ ଶରୀର ମଧ୍ୟ ରହିଛି, ଆଉ ସେହି ବିଶାଳ ଶରୀରରେ ମଧ୍ୟ ଏହିପରି ନାଡ଼ୀ, ପ୍ରାଣ, ମନ, ବୁଦ୍ଧି, ଆତ୍ମା ଅଛି । ଆମେ ଜଗତର କୋଟି କୋଟି ଜୀବ ତାହା ମଧ୍ୟରେ ହିଁ ରହିଛୁ । ସାଧାରଣ ମନୁଷ୍ୟ, ଯିଏ ପଶୁତ୍ୱ ଗୁଣ ନେଇଛି, ସେ ଏ ବିଷୟରେ କିଛି ଜାଣେ ନାହିଁ । ଯିଏ ମନୁଷ୍ୟ ବା ବୀର ହୋଇଛି, ସେ ଆଭାସ ମାତ୍ର ପାଇଥାଏ, ଆଉ ଯିଏ ଦିବ୍ୟଭାବରେ ଆଗେଇଛି, ସେ ଜାଣିପାରେ, ଆଉ ଯିଏ ପୂର୍ଣ୍ଣରୂପେ ପାଶମୁକ୍ତ ହୋଇଛି, ସେହି ହିଁ ପ୍ରତ୍ୟକ୍ଷ କରିପାରେ । ଗୋଟିଏ ସମୟରେ ମା'ଙ୍କର ଇଚ୍ଛାରେ ଏଠାକାର ମନୁଷ୍ୟଗୋଷ୍ଠୀ ମଧ୍ୟରେ କୁଣ୍ଡଳିନୀ ଯେତେବେଳେ ଜାଗିଉଠନ୍ତି, ସେତେବେଳେ ହିଁ ସତ୍ୟଯୁଗର ପାଳି ପଡ଼େ ।

ଅର୍ଥାତ୍ ସେହି ସମୟରେ ଏପରି ହୋଇଥାଏ ଯେ ମାନବସମାଜରେ ତୁଚ୍ଛ— ସ୍ଥୂଳ ଭୋଗାଦିର ପ୍ରଭାବ ବଦଳରେ ଏକ ବିରାଟ ଚୈତନ୍ୟର ପ୍ରବାହ ସୃଷ୍ଟି ହୁଏ । ସେତିକିବେଳେ ତାକୁ ସତ୍ୟଯୁଗର ଆର୍ବିଭାବ କୁହାଯାଇଥାଏ । ଯେଉଁ ଯୁଗରେ ମାନବ ସମାଜ ଆତ୍ମ-ତତ୍ତ୍ୱରେ ଅଥବା ଧର୍ମର ଚରମ ଅନୁଭୂତି ଦ୍ୱାରା ମୁଖ୍ୟ ରୂପେ ଅଧିଷ୍ଠିତ ଥାଏ, ତାହାହିଁ ସତ୍ୟଯୁଗ । ଯେଉଁ ଯୁଗରେ ଧର୍ମ, କର୍ମ, ତପଃ, ଆଚାର ସମସ୍ତ ସେହି ଅଖଣ୍ଡ ସଚ୍ଚିଦାନନ୍ଦମୁଖୀ ହୋଇ ଗତିମାନ, ସେହି ଯୁଗହିଁ ସତ୍ୟଯୁଗ !

ଏବେ କଥା ହେଲା, ଜଣଙ୍କ ମଧ୍ୟରେ କେଉଁ ଭାବରେ, କେଉଁ ଅବସ୍ଥାରେ କୁଣ୍ଡଳିନୀ ଜାଗିଉଠେ, ଏକଥା ନେଇ ଆଜି ଅନେକ କଥା ବାବା କହିଲେ । ମୁଁ ତାହା ବିଶଦ ଭାବରେ କହୁଛି । ଉତ୍ତରରେ ସେ ପ୍ରଥମେ ସାଧାରଣ ଭାବରେ କହିଥିଲେ ଯେ ବିଶେଷରୂପେ ଅଧିକାରୀ ନ ହେଲେ କାହାରି କୁଣ୍ଡଳିନୀଶକ୍ତିର ଜାଗରଣ ହୋଇନଥାଏ, ମୂଳାଧାରରେ ବା ଶୁପ୍ତ ଅବସ୍ଥାରେ ହିଁ ରହିଥାଏ । ତା'ପରେ କଥାପ୍ରସଙ୍ଗରେ ବିଶେଷ ଆଲୋଚନା ବେଳେ କହିଲେ, ସମସ୍ତଙ୍କର ଜୀବନରେ ଥରେ ଏହି ଶକ୍ତି ଜାଗିଉଠେ, କିନ୍ତୁ ପୁଣି ଘୁମାଇ ପଡ଼େ । ସେତେବେଳେ କେଉଁ କେଉଁ ଅବସ୍ଥାରେ ସାଧାରଣ ମନୁଷ୍ୟ ମଧ୍ୟରେ ଏ ଶକ୍ତି କିପରି ଜାଗେ, ତାହାହିଁ ଥିଲା ପ୍ରଶ୍ନ । ଏ ବିଷୟରେ ଏହା ମଧ୍ୟ ଜାଣି ରଖିବା ଉଚିତ୍ ହେବ ଯେ ତଥା କଥିତ ବିଦ୍ୱାନ ଆଉ ମୂର୍ଖର ଭେଦ ନାହିଁ, ଅର୍ଥାତ୍ ଅର୍ଥକରୀ ବିଦ୍ୟାର ଏଠାରେ ସ୍ଥାନ ନାହିଁ ।

ସେ କହନ୍ତି—ମନୁଷ୍ୟର ଯେତେବେଳେ ଯୌବନ ଆସେ, ସହଜ ଭାବରେ ସେତେବେଳେ ସଙ୍ଗୀ ବା ସଙ୍ଗିନୀ ଲାଗି ପ୍ରାଣ ଛଟପଟ କରେ । ତା'ପରେ ଯେତେବେଳେ ସେମାନଙ୍କର ମିଳନ ହୁଏ, ସେତେବେଳେ ସେମାନଙ୍କର ପ୍ରାଣରେ ଭଲପାଇବା ସହଜ ଭାବରେ ବିକଶିତ ହୋଇଥାଏ । ଯାହାର ନାମ ପ୍ରେମ, ପ୍ରଣୟ, ସେତେବେଳେ ସେମାନଙ୍କ

ଜୀବନରେ ଯେଉଁ ଆନନ୍ଦ, ତାହାକୁ କଳନା କରାଯାଇ ନପାରେ—ଠିକ୍ ସେତିକିବେଳେ କୁଣ୍ଡଳିନୀ ଜାଗିଉଠେ । ଏହା ହେଲା ସ୍ୱାଭାବିକ ଭାବରେ ଜାଗରଣର କଥା—ତା'ପରେ ବିଧାମାରି ପଣସ ପଚାଇଲା ପରି କେହିକେହି ପୁଣି ଅଳ୍ପ ବୟସରୁ, ଅର୍ଥାତ୍ ଯୌବନର ଆରମ୍ଭ ପୂର୍ବରୁ, ଇନ୍ଦ୍ରିୟସୁଖର ଆସ୍ୱାଦନ ପାଇବା ଲାଗି ଲାଳାୟିତ ହୋଇଥାନ୍ତି । ତା'ପରେ ଯୌବନ ସମୟ ଆସିଲେ ନାନା ଉପାୟରେ କାମଲାଳସା ମେଣ୍ଟାଇବା ଲାଗି ଚେଷ୍ଟା କରନ୍ତି—ଯେଉଁ କ୍ଷେତ୍ରରେ ଏପରି ଦେଖାଯାଇଥାଏ, ସେଠି ସ୍ୱାଭାବିକ ନିୟମରେ ସେମାନଙ୍କର କୁଣ୍ଡଳିନୀ ଜାଗରଣ ଘଟି ନଥାଏ । ସେମାନଙ୍କର ଚଞ୍ଚଳ ଚିତ୍ତ ଇନ୍ଦ୍ରିୟସୁଖ ବ୍ୟତୀତ ଆଉ କୌଣସିଥିରେ ଲକ୍ଷ୍ୟ ନଥାଏ ବୋଲି ସେମାନଙ୍କର ଅଧୋଗତି ସ୍ୱାଭାବିକ ହୋଇପଡ଼େ । ଯୌବନର ବିକାଶ ସହ ଜାତୀୟ-ସଂସ୍କାର ଅନୁଯାୟୀ ସାମାଜିକ ପ୍ରଥାନୁସାରେ ବିବାହ ମାଧ୍ୟମରେ ଯେଉଁ ଦମ୍ପତ୍ତିଙ୍କର ମିଳନ ଘଟିଥାଏ, ସେମାନଙ୍କ ଜୀବନକାଳ ମଧ୍ୟରେ ଯେଉଁ ଆନନ୍ଦ, ଯେଉଁ ସାର୍ଥକତା ବା ଯେଉଁ ବସ୍ତୁ ଲାଭ ହୁଏ, ତାହା ଏହି ଲମ୍ପଟମାନଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ । ସେମାନଙ୍କର ହୁଏ କ'ଣନା, ବେଶୀ ଦିନ ଇନ୍ଦ୍ରିୟସୁଖକୁ ହିଁ ପ୍ରବଳ ଭାବରେ ଧରିରଖିଥାନ୍ତି, ଯଦ୍ୱାରା ସାମାଜିକ ନ୍ୟାୟ ଧର୍ମକୁ ଅମାନ୍ୟ କରି କେବଳ ଏହି ପଶୁତ୍ୱ ସୁଖର ଆସ୍ୱାଦନ କରିକରି ପ୍ରତିକ୍ରିୟାର ଆବର୍ତ୍ତରେ ପଡ଼ିଯାଆନ୍ତି—ସେସବୁ ଲୋକଙ୍କର ଯୌବନର ଶେଷ ଆଡ଼କୁ ଯେତେବେଳେ ବୈରାଗ୍ୟ ଆସେ, କୁଣ୍ଡଳିନୀ ଜାଗିଉଠେ ।

ମୁଁ କହିଲି, ''ଯିଏ ଉଚ୍ଛୃଙ୍ଖଳ ପ୍ରକୃତିର, ଯେଉଁ ବିଧାମାରି ପଣସ ପଚାଇଲା କଥା ଆପଣ କହୁଥିଲେ, ସେମାନଙ୍କର ସେହି ଅବସ୍ଥାରେ ଅନାଚାର ଫଳରେ କୁଣ୍ଡଳିନୀଶକ୍ତି କେଉଁପରି ବିରୂପ ଅବସ୍ଥାରେ ଥାଆନ୍ତି ?''

ମୋ'ର ଏହି ଜଟିଳ ପ୍ରଶ୍ନଟି ଶୁଣି ସେ ବିଗିଡ଼ି ଗଲେ, କହିଲେ—''ସେଥିରେ ତୋ'ର କ'ଣ କାମରେ ଶଳା, ସେସବୁ ବାଜେ କଥା କହୁଛୁ କାହିଁକି ? ସେଥିରେ ତୋ'ର ଲାଭ କ'ଣ ?''

ମୁଁ ସେତେବେଳେ ମିନତି କରି କହିଲି, ''ଦେଖନ୍ତୁ, ଆମେ ମୂଳରୁ ସମସ୍ତେ ସାଧୁ ପ୍ରକୃତିର ମନୁଷ୍ୟ ନୋହୁଁ, ଯୌବନ ପୂର୍ବରୁ ସ୍ୱଭାବ ବିରୁଦ୍ଧରେ ଯାଇ କିଛି କିଛି ଅନ୍ୟାୟ ଯେ କରିନାହୁଁ, ତାହା ସାହସ କରି କହିପାରୁନା । ଆଉ ଏହି ଦିନମାନଙ୍କରେ ଯେ ପ୍ରକୃତିର ନିୟମରେ ଆମର ଯୌବନରେ ପୂର୍ଣ୍ଣ ବିକାଶ ହୋଇ ପ୍ରେମାନନ୍ଦରେ ଜୀବନ-ସଙ୍ଗିନୀ ସଙ୍ଗରେ ମିଳନର ଯୋଗାଯୋଗ ଯେ ଘଟିଥାଏ, ତା' ନୁହେଁ—ସେଥିପାଇଁ ହିଁ ଜାଣିବାକୁ ଇଚ୍ଛା କରୁଛି—''

ସେ ପଚାରିଲେ, ''ସତ କରି କହିଲୁ, ତୋ'ର କେତେ ବୟସରୁ ରସବୋଧ ହୋଇଥିଲା ?''

ମୁଁ କହିଲି, ''ମନେହୁଏ ନ'-ଦଶ ବର୍ଷ ବୟସରୁ ଦେଖିଶୁଣି ନାରୀ-ରୂପର ପ୍ରଭାବ କିଛିଟା ଅନୁଭବ କରିଛି ।''

ସେ ମୋତେ ପଚାରିଲେ, ''ତା' ଆଗରୁ ?''

''ତା' ଆଗରୁ ମା' ମାଉସୀମା, ଦିଦିମା, ଠାକୁରମା'ଙ୍କ ମୁଖରୁ, ରୂପକଥାର ଗଳ୍ପରୁ ନାନା ପ୍ରକାର ବର୍ଣ୍ଣନାରେ ନାୟକ-ନାୟିକାମାନଙ୍କର ମିଳନ-ବିରହର କଥା ଶୁଣି ବେଶ୍ କିଛି ଆକର୍ଷଣ ଅନୁଭବ କରୁଥିବାର ମନେହେଉଛି । କୌଣସି କୌଣସି ରୂପବତୀ, ଦୀପ୍ତିମୟୀ, କିଶୋରୀର ରୂପ ଓ ସେମାନଙ୍କର ଲାବଣ୍ୟ ମନକୁ ଆକର୍ଷଣ କରୁଥାଏ ଏବଂ ତଦ୍ଦ୍ୱାରା ମନଭିତରେ ଏକ ଅସ୍ପଷ୍ଟ ବେଦନା ଅନୁଭବ କରୁଥିଲି—ଏସବୁ କଥା ଏବେ ମନେଅଛି ।''

''ଆଚ୍ଛା ତା' ଆଗରୁ, ଅତି ଅଳ୍ପ ବୟସର କଥା ମନେ ଅଛି, କହି ପାରିବୁ ?''

''ବୋଧହୁଏ ଯେତେବେଳେ ମୋତେ ଦୁଇ ବର୍ଷ ବୟସ, ସେତେବେଳେ ମୋ' ଶରୀର ଉପରେ ଭୟାନକ ଏକ ଆଘାତ ଲାଗିଲା—ସେହି ସମୟରୁ ମୋର ସବୁ କଥାହିଁ ମନେ ଅଛି ।''

''ଦେଖ୍, ଶୈଶବରୁ ଯେଉଁ ପୁଅଝିଅଙ୍କ ଭିତରେ ଏହି ରସାନୁଭୂତି ଉଜ୍ଜୀବିତ ହୋଇଥାଏ, ତା'ର ବେଶୀ କାରଣ ହେଲା— ଝିଅର ଦେହର ଗନ୍ଧ, କୋଳରେ ନେଇ ସ୍ନେହବଶରେ ଚିପାଚିପି କରି ଗେଲକରିବା, ଚୁମାଦେବା, ଛାତିରେ ଧରିବା, ନାନାପ୍ରକାର କୁତୁକୁତୁ ଆଦି କରିବା । ପୁଅପିଲାଙ୍କୁ ନେଇ ଯେତେ କିଛି ଅସଂଯତ ଆଦର, ଆତ୍ମୀୟା ଝିଅଙ୍କ ଦ୍ୱାରା ଘଟିଥାଏ । ଆମ ବଙ୍ଗଳାର ପ୍ରତ୍ୟେକ ଘରେ, ବିଶେଷତଃ ଅଶିକ୍ଷିତ ମୂର୍ଖ ସ୍ତ୍ରୀଲୋକଙ୍କ ଭିତରେ, ଶିଶୁପୁତ୍ରକୁ ନେଇ ଏହିପରି ଅନେକ ରକମର ଘଣ୍ଟାଘଣ୍ଟି କାମ ହୋଇଥାଏ—ଯଦ୍ୱାରା ଅତି ଅଳ୍ପ ବୟସରୁ ହିଁ ବେଶ୍ ସ୍ପଷ୍ଟ ଭାବରେ ଏହି ରସାନୁଭୂତି ଜାଗି ଉଠେ, ଆଉ ସଂସ୍କାରକୁ ପ୍ରଭାବିତ କରିଥାଏ । ଏସବୁ ପ୍ରାୟ ପ୍ରତ୍ୟେକ ଘରେ ହୋଇଥାଏ, ଏହାହିଁ ମୂଳକଥା । ଛୁଆଁଛୁଇଁ ସ୍ପର୍ଶାଦି ବ୍ୟବହାର ଯେ ଏହିସବୁ ରସ ବ୍ୟାପାରରେ କେତେ ଶକ୍ତିମାନ, ତା'ର ହିସାବ ନାହିଁ । ଶିଶୁମାନେ ଯେହେତୁ ଅସହାୟ, ସେମାନଙ୍କର ତ ସହଜରେ ଘଟିଥାଏ, ବାଳକ-ଯୁବା-ବୃଦ୍ଧ ଲୋକମାନଙ୍କ ଶରୀରରେ ମଧ ତା'ର ପ୍ରଭାବ କମ୍ ନୁହେଁ । ଆଚ୍ଛା, ଏବେ କହ, ସଙ୍ଗୀତ, ଗାନ ଓ ବାଜଣାର ପ୍ରଭାବ ତୋ' ଉପରେ କିପରି ଥିଲା ? ତୋତେ ସଙ୍ଗୀତ ଭଲ ଲାଗୁଥିଲା ?''

ମୁଁ କହିଲି, ''ଶିଶୁକାଳରୁ ଏହା ଖୁବ୍ ଭଲ ଲାଗୁଥିଲା, ଏତେ ଭଲ ଲାଗୁଥିଲା ଯେ ପିଲାଦିନେ ପଢ଼ାଶୁଣା ଛାଡ଼ିଦେଇ ଯାତ୍ରା ଶୁଣିବାକୁ ଭଲ ଲାଗୁଥିଲା । ଥରେ ମାତ୍ର ଯାତ୍ରା କଥା ଶୁଣିଲେ ଦୁଇତିନି ଦିନ ପଢ଼ାଶୁଣାରେ ମନ ଲାଗୁ ନଥିଲା ।''

"ସଙ୍ଗୀତ ମୋତେ ମଧ୍ୟ ଖୁବ୍ ଭଲ ଲାଗୁଥିଲା—ଅତି ପିଲା ବୟସରୁ ମଧ୍ୟ । ମୁଁ ମଧ୍ୟ ଭଲ ଗୀତ ବୋଲିପାରୁଥିଲି । ସଙ୍ଗୀତ ହିଁ ତ ରସଦାୟୀ—ସବୁ ରସରୁ ଏକ ରସ ହେଲା, ଏହି ଆଦିରସ । ତାହାହିଁ ମୂଳ ଜାଣିବୁ ।"

"ମୁଁ ଯାହା ପ୍ରଶ୍ନ କରିଛି, ଏବେ ପ୍ରସନ୍ନ ହୋଇ କହନ୍ତୁ ।"

ସେ ଯେପରି ଅବାକ୍ ହୋଇଯାଇ କହିଲେ, "କେଉଁ ପ୍ରଶ୍ନ ?"

"ଏହି ଯେଉଁ ଉଚ୍ଛୃଙ୍ଖଳ ଯୌବନର..."

ସେତେବେଳେ ସେ ମନେପକେଇ କହିଲେ, "ହଁ ହଁ, ସେମାନଙ୍କ ମଧ୍ୟରେ କୁଣ୍ଡଳିନୀ ଶକ୍ତି ଯେଉଁପରି ଅବାଗିଆ ହୋଇ ଜାଗିଉଠିଥାଏ, ସେଥିରେ ତାଙ୍କର ମୁଣ୍ଡ ଯେ ଖରାପ କରିଦିଏ—"

"ତା' କିପରି, ଖୋଲିକରି କହନ୍ତୁ । ନ ହେଲେ ବୁଝିବି କିପରି ?"

"ବୁଝିପାରୁନାହୁଁ ? —ସେମାନଙ୍କର ଲକ୍ଷ୍ୟ ଥାଏ, କେବଳ ହିଁ ଶରୀରର ସୁଖ-ସମ୍ଭୋଗ । ସେଥିରେ ହେବ ଆଉ କ'ଣ ? କେବଳ ସେହି ସୁଖର ଇଚ୍ଛା ହିଁ ବୃଦ୍ଧି ପାଏ । କୌଣସି ସ୍ତ୍ରୀଲୋକଙ୍କୁ ସେମାନେ ଭଲପାଇ ପାରନ୍ତି ନାହିଁ; ସ୍ତ୍ରୀଲୋକ ଦେଖିଲେ କେବଳ ଏହି ସମ୍ଭୋଗ କଥା ମନକୁ ଆସେ—ତା' ବ୍ୟତୀତ ଆଉ କିଛି କଥା ସେମାନଙ୍କ ମନକୁ ଆସେନାହିଁ । ମା'ଙ୍କର ସହଜ ନିୟମ ଆଡ଼କୁ ଲକ୍ଷ୍ୟ କରିପାରନ୍ତି ନାହିଁ, ମନ ଯେଉଁଆଡ଼କୁ ଟାଣେ, ସେହି ଦିଗକୁ ଯିବାକୁ ପଡ଼େ ସେମାନଙ୍କୁ । ସେତେବେଳେ ଏହିପରି ଯାଉ ଯାଉ ଇନ୍ଦ୍ରିୟସୁଖ ଅନେକଟା ଭୋଗ ହୋଇଯାଏ । ସେତେବେଳେ ଅନ୍ତର ମଧ୍ୟରେ କୁଣ୍ଡଳିନୀ ଗ୍ରନ୍ଥି ଖୋଲିବାକୁ ଲାଗେ । ସେମାନଙ୍କ ମନରେ ଏକ ଅବସାଦ ମଧ୍ୟ ଆସିଯାଏ—ତେଜକ୍ଷୟ ହେଲା ପରେ ।"

"ତା'ହେଲେ ସେହି ଭାବରେ ଉଚ୍ଛୃଙ୍ଖଳ ଯୌବନରେ ଶକ୍ତିକ୍ଷୟ ହେଲେ କ'ଣ କୁଣ୍ଡଳିନୀ ଜାଗ୍ରତ ହୋଇଥାଏ ?"

"ତାହା ଜାଗିବ ନାହିଁ ? ତୁ ଯଦି ଗଉଁ କରି, ଲାଳସା ରଖି ଗୋଟିଏ ଦିଗକୁ ଅନ୍ଧ ପରି ଛୁଟିଚାଲିବୁ, ତେବେ କ'ଣ ଧକ୍କା ଖାଇବୁ ନାହିଁ ? ପଥ ନ ଦେଖି ଦୌଡ଼ିଲେ ପଡ଼ିବାକୁ ହେବ ଯେ । ସେତେବେଳେଯାଇ ଚେତନା ଆସିବ । ଯେ କେହି ଭୁଲ୍ କରି, ଗାଉଁଲି ପାରା ପରି, ଆଖିରେ ଦେଖେ ନାହିଁ, କାନରେ ଶୁଣେ ନାହିଁ, ପୁଣି ଦୌଡ଼ି ଚାଲେ, ଫଳରେ ତାକୁ କେଉଁଠି ହେଲେ ଧକ୍କା ଖାଇବାକୁ ପଡ଼ିବ—ସେତେବେଳେଯାଇ ଚୈତନ୍ୟ ଉଦୟ ହେବ । ସେହି ଶକ୍ତି ଆଉ ସେତେବେଳେ ଘୁମେଇ ରହିପାରିବ ନାହିଁ, ଜାଗିଉଠିବ । ମା'ଙ୍କ ରାଜତ୍ୱରେ ସେପରି ହେବା କଥା ନୁହେଁ !"

"ଯୌବନର ସ୍ୱାଭାବିକ ଅଗ୍ରଗତିରେ ବୟସ ସହ, ସ୍ତ୍ରୀ ପୁରୁଷର ମିଳନରେ ଓ ବିବାହିତ ଜୀବନରେ, କୁଣ୍ଡଳିନୀ ତ ଜାଗୁଥିବ ?"

"ହଁ, ଯଦି ଦୁହିଁଙ୍କର ମଧ୍ୟରେ ଭଲପାଇବା ଜନ୍ମେ, ତେବେ ହିଁ ତାହା ହେବ; ନ ହେଲେ କେବଳ ଇନ୍ଦ୍ରିୟ-ସୁଖର ଲକ୍ଷ୍ୟଟା ହିଁ ବଳବାନ୍ ହୋଇଗଲେ ଶକ୍ତିର ଜାଗରଣ ହେବ ନାହିଁ । ସେଠାରେ ଦେଖିବୁ, ଯେତେବେଳେ ଜଣେ ଆଉ ଜଣକ କଥା ନ ଭାବି ରହିପାରେ ନାହିଁ ଓ ଦୁଇଜଣଙ୍କ ମଧ୍ୟରେ ଗଭୀର ଆକର୍ଷଣ ରହିଛି, ସେହିଠାରେ ହିଁ ଶକ୍ତି ଜାଗ୍ରତ ହେବା କଥା ବୁଝିବାକୁ ହେବ ।"

"ତା'ହେଲେ ଜଣକ ମଧ୍ୟରେ ପ୍ରେମର ବିକାଶ ହେଲେ ମଧ୍ୟ ଘଟିଥାଏ ?"

"ହଁ, ତାହା କ'ଣ ଜାଗିବ ନାହିଁ, ପ୍ରେମ କ'ଣ ସହଜ କଥା ନା କ'ଣ ! ସମସ୍ତଙ୍କର ବିବାହରେ କ'ଣ ପ୍ରେମ ଉଦ୍ରେକ ହୁଏ ? ମା'ଙ୍କର କେବଳ ଅନୁଗ୍ରହ ଥିଲେ, ସେହି କେବଳ ପ୍ରେମର ଅଧିକାରୀ ହୁଏ ।"

ପୁଣି ମୁଁ ପ୍ରଶ୍ନ କଲି, "ଆଚ୍ଛା, ଆଉ କେଉଁ କେଉଁ ଅବସ୍ଥାରେ କୁଣ୍ଡଳିନୀ ଶକ୍ତି ଜାଗି ଉଠେ କୁହନ୍ତୁ ତ ? ଆପଣଙ୍କ କଥା ଶୁଣି ଆଶା ହେଉଛି, ସେପରି ହେଲେ ସମସ୍ତଙ୍କର କେବେ ନା କେବେ କୁଣ୍ଡଳିନୀର ଜାଗରଣ ହେବ ।"

"ଦେଖ୍, ଗୁରୁଲାଭ ହେଲେ ହିଁ ଶକ୍ତି ଜାଗିଉଠେ । ସେହିପରି ଗୁରୁ ହେଲେ ଚେଲାର ଶକ୍ତିକୁ ଜାଗ୍ରତ କରିଦେବେରେ ।"

"କିଏ ଯଦି ଗୁରୁ ନ ମାନେ ?"

ସେ ବିଗିଡ଼ିଗଲେ, କହିଲେ, "ଗୁରୁକୃପା ବ୍ୟତୀତ କିଛି ସମ୍ଭବ ହୁଏ ନା କ'ଣ ! ଯେତେବେଳେ ଯାହା ହେବ, ଗୁରୁଙ୍କ କୃପା ଛଡ଼ା କିପରି ହେବ ?" କହିସାରି ଗୁରୁ ଉଦ୍ଦେଶ୍ୟରେ ଯୁକ୍ତହସ୍ତରେ ପ୍ରଣାମ କରି କହିଲେ, "ଶଳା ଗୁରୁକୃପାକୁ ମାନିବୁ ନାହିଁ– ଖୀରସ୍ତାନ ହେଇଛୁ !"

ଅନେକ କଷ୍ଟ କରି ଶେଷକୁ ବୁଝାଇ ଦେବାପରେ ମୁଁ କହିଲି ଯେ ଗୁରୁଙ୍କ କୃପା ପ୍ରାଣପଣ କରି ମାନିଥାଏ । ଏବେ ଅନ୍ୟ କଥା ପଚାରି ବସିଲି ।

ସେ କହିଲେ, "ହଁ, ଦେଖ୍–ଯଦି କାହାର କଠିନ ବିପଦ-ଆପଦ ଆସେ, କି କଠିନ ରୋଗ ହୁଏ, ଯେପରି ମରଣକାଳ ଉପସ୍ଥିତ ହେଲା ବୋଲି ମନେ ହେବ, ସେ ଅବସ୍ଥାରେ ମଧ୍ୟ ତାହାର କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୋଇଉଠେ । ପୁଣି ଅତିରିକ୍ତ ଦୁଃଖ-ଦାରିଦ୍ର୍ୟ-ଘଟିତ ମନକଷ୍ଟରେ ପଡ଼ିଲେ ଏହି ଶକ୍ତି ଆସେ । ଆଉ ବଢ଼ାବଢ଼ି କରନା–ବୁଝିଗଲୁ ?"

"ତା'ହେଲେ ଏହାହିଁ ଜଣାଗଲା ଯେ କୁଣ୍ଡଳିନୀ-ଶକ୍ତି କାହାର କେଉଁ ଭାବରେ ଜାଗିଉଠିବ, ତା'ର କିଛି ଠିକଣା ନାହିଁ । ମୋଟାମୋଟି ଭାବରେ ଯେଉଁ କେତେକ ପରିସ୍ଥିତିରେ ଜାଗେ, ତାହା ଏହି...

(୧) ସ୍ୱାଭାବିକ ଯୌବନ କାଳରେ ସ୍ତ୍ରୀ-ପୁରୁଷଙ୍କ ପ୍ରଣୟରେ । ମଣିଷମାନଙ୍କଠାରେ ସ୍ୱାଭାବିକ ଭାବରେ ଏହି ଶକ୍ତି ଜାଗ୍ରତ ହୋଥାଏ ।

(୨) ଅସ୍ୱାଭାବିକ ଭାବେ ଯୌବନ କାଳରେ ବ୍ୟଭିଚାର, ଉଚ୍ଛୃଙ୍ଖଳ ଭୋଗର ପ୍ରତିକ୍ରିୟା ଫଳରେ ଏ ଶକ୍ତି ମଧ୍ୟ ଜାଗିଥାଏ ।

(୩) ଯେଉଁଥିରେ ପ୍ରାଣର ଭୟ ଥାଏ, ସେହିପରି କୌଣସି ବିପଦରେ ପଡ଼ିଲେ ମଧ୍ୟ ଏ ଶକ୍ତି ଜାଗିଥାଏ ।

(୪) କଠିନ ରୋଗ ମଧ୍ୟରେ ମଧ୍ୟ ଏ ଶକ୍ତି ଜାଗିଉଠେ ।

(୫) ଦୁଃଖ-ଦାରିଦ୍ର୍ୟ-ଘଟିତ ଗଭୀର ମନଦୁଃଖରେ ଯେକୌଣସି କାରଣରୁ ହେଉ ଅସହନୀୟ ଦୁଃଖର ଫଳରେ କୁଣ୍ଡଳିନୀ ଶକ୍ତି ମନୁଷ୍ୟଙ୍କ ମଧ୍ୟରେ ଜାଗି ଉଠିଥାଏ ।''

ଏହାପରେ ମୁଁ ପଚାରିଲି, ''ଆଚ୍ଛା, କଠିନ ଦୁଃଖ ବା ଗଭୀର ମନୋବେଦନା ଫଳରେ ଯଦି ଶକ୍ତି ଜାଗିଉଠିପାରୁଛି, ତା'ହେଲେ ବେଶୀ କିଛି ସୁଖ ସମୟରେ ତା' ମଧ୍ୟ ସମ୍ଭବ ହୋଇପାରେ ?''

ସେ ପୂରାପୂରି ତାଙ୍କର ଉଜ୍ଜ୍ୱଳ ଦୃଷ୍ଟିକୁ ମୋ' ଆଡ଼କୁ ଫେରାଇ କହିଲେ, ''ହଁ, ତାହା ମଧ୍ୟ ଘଟିପାରେ । କେଉଁ ସମୟରେ କାହାର ଜୀବନରେ ହୁଏତ ଏପରି କିଛି ଘଟିଥାଏ, ଯଦ୍ୱାରା ତା' ଆନନ୍ଦର ସୀମା ରହେ ନାହିଁ—ଏପରି ସୁଖ ଯେ ସଂସାରର ଆଉ କୌଣସି ସୁଖକୁ ସୁଖ ବୋଲି ମନେହୁଏ ନାହିଁ, ସେତେବେଳେ ମଧ୍ୟ ଏହି ଶକ୍ତି ଜାଗି ଉଠିଥାଏ । ସୁଖର ହେଉ ବା ଦୁଃଖର ହେଉ, ଯଦି ମାନବଜୀବନରେ ବା ପ୍ରାଣରେ ଜୋରରେ ଆଘାତ ଲାଗେ, ସେଥିରେ ମଧ୍ୟ ଜାଗିଉଠେ ।''

''ତା'ହେଲେ ମନୁଷ୍ୟର ଅତି ସୁଖ ବେଳେ କ'ଣ ଏ ଶକ୍ତି ଜାଗରିତ ହୁଏ ?''

■■

ପଞ୍ଚମ ପରିଚ୍ଛେଦ

ଟିକିଏ ରହିଯାଇ କ୍ଷେପାବାବା କିଛିକ୍ଷଣ ପରେ କହିଲେ, ''ଯେଉଁ ପରିସ୍ଥିତିରେ ଶକ୍ତି ଜାଗିଉଠୁନା କାହିଁକି ପୁନର୍ବାର ଘୁମେଇପଡ଼ିବାର ସମ୍ଭାବନା ଥାଏ । ଯେତେବେଳେ ଜାଗିଉଠିଲା, ସେତେବେଳେ କିଛି କାଳଧରି ଖୁବ୍ ଉଚ୍ଚ ଅବସ୍ଥା ରହିଲା । ତା'ପରେ ପୁଣି ଧୀରେଧୀରେ ଅହଙ୍କାର ଜାଗିଉଠିଲା, ମନରେ ଭାବିନେଲି, ମୋ'ର ଏକ ଉଚ୍ଚ ଅବସ୍ଥା ଆସିଛି, କାହିଁ ଏପରି ଅବସ୍ଥା ତ କାହାର ଆଉ ଦେଖିବାକୁ ମିଳୁନାହିଁ, ଏହି ଭାବ ଥିଲେ ପୁଣି କ୍ରମେକ୍ରମେ ଶକ୍ତି ଅପସରିବାକୁ ଆରମ୍ଭ କରେ—ଶେଷରେ ପୁଣି ଏହି ଶକ୍ତି ଘୁମେଇପଡ଼ିଲେ, ଏପରି ମଧ୍ୟ ଘଟିଥାଏ ।''

''ତା'ହେଲେ ଉପାୟ କ'ଣ ?''

''ଉପାୟ ! ପଶ୍ଚାତରେ ଗୁରୁଙ୍କର ଶକ୍ତି ନ ରହିଲେ ଏପରି ତ ହେବହିଁ ହେବ । ଗୁରୁଶକ୍ତି ପଛରେ ନ ରହିଲେ କାହାର ସହଜରେ ଉଠିବାର ଶକ୍ତି ନାହିଁ ସେ କ୍ଷେତ୍ରରେ । ଏହା ମା'ଙ୍କର କଠୋର ନିୟମ । ତେବେ ଲୋକଙ୍କ ଚକ୍ଷୁରେ ଗୁରୁଶକ୍ତି ପ୍ରତ୍ୟକ୍ଷ ହେଉ ବା ନହେଉ, ଉତ୍ତମ ମନୁଷ୍ୟ ପ୍ରତି ଗୁରୁଙ୍କ ଦୃଷ୍ଟି ସଦାସର୍ବଦା ରହିଥାଏ—ସେ ପୁଣି ତାକୁ ଉଠାଇବାରେ ସାହାଯ୍ୟ କରିଥାନ୍ତି । କିପରି ତାହା ହୋଇଥାଏ, ଜାଣିଛୁ ? ଯେତେବେଳେ ପତନ ହୁଏ । ତା'ର ସେହି ଅବସ୍ଥା ପ୍ରାପ୍ତ ହେବା ଲାଗି ପ୍ରାଣଟା ଛଟପଟ ହୁଏ—ସେତେବେଳେ ସେ ପୁଣି ଟିକିଏ କଷ୍ଟ କରି ସେହି ଅବସ୍ଥାରେ ପହଞ୍ଚିବା ଲାଗି ବ୍ୟାକୁଳ ହୁଏ, ଶେଷରେ ଅବଶ୍ୟ ତାହା ମିଳିଥାଏ । ତାହା ଏପରି ସୁଖଦାୟକ ଯେ ଥରେ ସେହି ସୁଖର ଆସ୍ୱାଦନ ମିଳିଗଲେ, ଆଉ କିଛି ଭଲ ଲାଗେ ନାହିଁ । ଯାହାଠାରେ ସେହି ଶକ୍ତିର ଜାଗରଣ ଘଟିଛି, ସେହିହିଁ କେବଳ ବୁଝିପାରିବ । ଅନ୍ୟମାନେ ସେସବୁ କ'ଣ ବୁଝିବେ ?''

କେତେକ୍ଷଣ ପରେ ପୁଣି ସେ କହିଲେ, ''ଯାହା ମନୁଷ୍ୟକୁ ଭବିଷ୍ୟତରେ ବହୁ ଉଚ୍ଚସ୍ତରକୁ ନେଇଯାଇଥାଏ, ଛୋଟ ପିଲା ଅବସ୍ଥାରେ ମଧ୍ୟ ସେହି ରସର ଆଭାସ ଦେଖାଯାଇଥାଏ । ସେହି ସଂସ୍କାର ହିଁ ମାନବସମାଜରେ ଆଦିକାଳରୁ ଚାଲିଆସିଛି । କାହାର ଖୁବ୍ ଅଳ୍ପ ବୟସରୁ ହିଁ ଇନ୍ଦ୍ରିୟ ତଥା ମନ ଭିତରେ ପ୍ରକାଶ ପାଇଥାଏ, ତେବେ ତାହା ଲୁଚି ରହିବା କଥା ବୋଲି ଢଙ୍କା ରଖାଯାଇଥାଏ । ପୁଣି ସେ ଦିଗକୁ ଯେତେବେଳେ ରସବୋଧର ଜାଗରଣ ହୋଇଥାଏ, ପୁଅ-ଝିଅଙ୍କ ମଧ୍ୟରେ କୌଣସି ସଂଯୋଗର ସୁଯୋଗ ମିଳିଲେ ବି

ତାହା ଜାଗିଉଠେ । ପୁଣି ସେହି ସୁଯୋଗ ଓ ସଂଯୋଗର ଅଭାବରେ ନିଜେ ନିଜେ ହିଁ ଢାଙ୍କିହୋଇଯାଏ, ପୁଅ-ଝିଅଙ୍କ ମଧ୍ୟରେ । ପ୍ରକୃତି ନିଜେ ହିଁ ଏହି ରସଘଟିତ ବ୍ୟାପାରକୁ ଗୁପ୍ତ ରଖିଛି । ଯାହାର ପ୍ରକାଶ ଘଟେ, ତା'ର ନିଜ କାର୍ଯ୍ୟଯୋଗୁ ହୋଇଥାଏ । ସାଧାରଣତଃ ଅନ୍ୟମାନଙ୍କ ପାଖରେ ତାହା ଗୁପ୍ତ ରହିଥାଏ । କେତେକ ପୁଅ ବା ଝିଅଙ୍କଠାରେ ସେହି ସଂସ୍କାର ଖୁବ୍ ତୀବ୍ର ଭାବରେ ଦେଖାଯାଇଥାଏ, ସେମାନଙ୍କର ତୀକ୍ଷ୍ଣ ଅନୁଭବ ଶକ୍ତିଥାଏ ବୋଲି । ସେମାନଙ୍କ ଭିତରେ ଶକ୍ତିର ପ୍ରଭାବ ବେଶୀ ଥାଏ । ଫଳରେ ହିଁ ଏହିସବୁ ବ୍ୟାପାର ମଧ୍ୟରେ ସାଧାରଣଙ୍କ ତୁଳନାରେ କିଛି ସମୟ ଆଗରୁ ତାହା ପ୍ରକାଶ ପାଇଥାଏ ।''

ମୁଁ ପଚାରିଲି, ''ଯେଉଁମାନଙ୍କର ତୀକ୍ଷ୍ଣ ଅନୁଭବ ଶକ୍ତି କଥା କହୁଛନ୍ତି, ସେଥିଲାଗି କ'ଣ ସେମାନଙ୍କର ରସବୋଧ ଖୁବ୍ କମ୍ ବୟସରୁ ହିଁ ଦେଖାଯାଇଥାଏ ?''

''ସେହି ଆଦିରସର ଅନୁଭୂତି ସୂକ୍ଷ୍ମ ଭାବରେ ସଂସ୍କାରଗତ ହୋଇ ସକଳ ଶିଶୁଙ୍କ ମନ ଭିତରେ ଥାଏ । ସୂକ୍ଷ୍ମ ଭାବରେ ଥିବା କଥା ବୁଝୁଛୁ ତ ? ତାହା ହୋଇଥାଏ—ଯେପରି ଭାବରେ ଚୈତନ୍ୟଶକ୍ତିର ଯେତେ ଅଧିକ ବିକାଶ ହୋଇଚାଲିଥାଏ, ଇନ୍ଦ୍ରିୟ ମଧ୍ୟ ଦେଇ ନାନାବିଧ ଭୋଗ ଆସ୍ୱାଦନର ଶକ୍ତି ସେହିଭାବରେ ବଢ଼ିଚାଲିଥାଏ । ଯେଉଁ ଶିଶୁର ସମସ୍ତ ଇନ୍ଦ୍ରିୟ ସୁସ୍ଥ, ସବଳ, ତା' ମଧ୍ୟଦେଇ ଧୀରେ ଧୀରେ ଜାଗିଉଠେ— ଯେତେବେଳେ ସୁଯୋଗ ମିଳେ ବା ଯୋଗାଯୋଗ ଘଟେ । ତେବେ, ଯାହାର ଦୁର୍ବଳ ବା ଅସୁସ୍ଥ ଶରୀର, ତା' ତୁଳନାରେ ସୁସ୍ଥ ପିଲାଙ୍କ କ୍ଷେତ୍ରରେ ପୂର୍ବରୁ ଶକ୍ତି ପ୍ରକାଶ ପାଏ । ସବୁ ବାପ-ମା'ମାନେ ତାହା ଜାଣିପାରନ୍ତି, ଅନ୍ୟ ସମସ୍ତେ ଜାଣିବା ପୂର୍ବରୁ, ଯଦି ସେମାନେ ଏହାକୁ ଲକ୍ଷ୍ୟ ରଖନ୍ତି— ବାପ-ମା'ଙ୍କଠାରୁ ହିଁ ତ ସନ୍ତାନ ତାହା ପାଇଥାଏ ନା !''

''ଆଚ୍ଛା, ସେତିକିବେଳୁ ଶିକ୍ଷା ଦ୍ୱାରା ଏହିସବୁ ଶିଶୁଙ୍କ ଭିତରୁ ଏହି ସମସ୍ତ ଭାବ ଦୂର କରାଯାଇ ପାରିବ କି ନାହିଁ ?''

''ମର୍ ଶଳା, ଶିକ୍ଷା ଦେଇ ନିଆଁକୁ ଚପାଇବୁ କିପରି ? ସେ କ୍ଷେତ୍ରରେ ଯେଉଁଟା ବ୍ୟବହାର କରି ନିଆଁକୁ ଢାଙ୍କିବୁ, ତାହାବି ତ ପୋଡ଼ିଯିବ । ତୁ କ'ଣ କହୁଛୁ ରେ ବୋକା, ଆଦିରସ, ଯାହା ସୃଷ୍ଟିର ମୂଳ ଶକ୍ତି, ତାକୁ ଶିକ୍ଷା ଦେଇ ଓଲଟାଇଦେବୁ ! ଏହା କ'ଣ କିଛି ବୁଝିବା ବା ଜାଣିବା କଥାନା କ'ଣ, ବାହାରୁ କିଛି ଗୋଟାଏ ନେଇ ତା'ଠାରୁ ପୃଥକ୍ କରି ରଖିପାରିବୁ ! ଏହା ଯେ ଇନ୍ଦ୍ରିୟର ଜୀବନ୍ତ ଅନୁଭବ, ଏହାକୁ ଅନ୍ୟ କେଉଁଥିରେ ଘୋଡ଼ାଇ ଦିଆଯାଇ ପାରିବ ନାହିଁ । ସବୁ କିଛି ଶିକ୍ଷା ଦିଆଯାଇପାରେ, ମାତ୍ର ଏକଥା କାହାକୁ ଶିଖାଇବାକୁ ପଡ଼େ ନାହିଁ ।''

''ଏହି ଶକ୍ତିହିଁ ସବୁ ଶକ୍ତିର ମୂଳ, ସେଥିଲାଗି ଏହାକୁ ମୂଳାଧାର ଶକ୍ତି କୁହାଯାଇଥାଏ । ପୁଣି ଏ ଶକ୍ତି ଯେତେ ପ୍ରବଳ ହୁଏ, ତା'ର ଅନୁଭବ ଶକ୍ତି ମଧ୍ୟ ତଦ୍ରୂପ ତୀବ୍ର ହୁଏ, ଧୀ ବା ଧାରଣା ଶକ୍ତି ପ୍ରଖର ହୋଇଥାଏ, ଯାହାର ପରିଚୟ ଅଳ୍ପ ବୟସରେ ହିଁ ମିଳିଥାଏ ।

ପଣ୍ଡିତମାନଙ୍କର ଯେଉଁ କ୍ଷୁରଧାର ପରି ତୀକ୍ଷ୍ଣ ବୁଦ୍ଧି, ତୀକ୍ଷ୍ଣ ବିଶ୍ଳେଷଣ ଶକ୍ତି, ଗଭୀର ତତ୍ତ୍ୱ ବିଚାର, ସିଦ୍ଧାନ୍ତ—ସମସ୍ତ ହିଁ ଏହି ମୂଳୀଭୂତ ଆଧାର ଶକ୍ତିର ଫଳ । ଯେଉଁ ଶିଶୁ ଭବିଷ୍ୟତରେ ମହା ବିଦ୍ୱାନ୍ ବା ଜ୍ଞାନୀ ବା କର୍ମୀ ହେବ, ତା'ର ମୂଳରୁ ହିଁ, ଏପରିକି ବାଳକ ଅବସ୍ଥାର ପୂର୍ବରୁ, ଆଦିରସର ସଂସ୍କାର ଖୁବ୍ ପ୍ରବଳ ଦେଖାଯାଏ । ମାତ୍ର ପ୍ରକୃତିର ନିୟମ ଏପରି ଯେ ଶୈଶବ ସମୟରୁ ସବୁ ପୁଅ-ଝିଅଙ୍କ ମନରେ ଏହା ବିଶେଷ ଗୋପନୀୟ ବିଷୟ ବୋଲି ଏକ ସଂସ୍କାର ରହିଥାଏ—ତାହାହିଁ ଶେଷରେ ଏ ବ୍ୟାପାରରେ ସଂଯମରେ ସହାୟତା କରେ ।''

''ଏହି ଅବସ୍ଥାରେ ସେମାନଙ୍କର ସଂଯମ ବୋଲି ସେପରି କିଛି ଫୁଟିଉଠେ କି ?''

''ଯୋଗାଯୋଗର ଅଭାବ ଆଉ ସଂଯମ ଗୋଟିଏ କଥା ନ ହେଲେ ମଧ୍ୟ ବାହ୍ୟ ଦୃଷ୍ଟିରେ ତାହା ଏକ । ଯାହାଦ୍ୱାରା କିଛି ମହତ କାର୍ଯ୍ୟ ହେବାର ଥାଏ, ତା'ର ରସବୋଧ ଜାଗିଥିଲେ ମଧ୍ୟ ପ୍ରକୃତି-ଜନନୀ ଏହି ପରିସ୍ଥିତିରେ କାର୍ଯ୍ୟ ସମୟରେ ଯୋଗାଯୋଗର ଅଭାବ ଘଟାଇଦିଅନ୍ତି, ଯଦ୍ୱାରା ଶେଷରେ ତାହା ସଂଯମରେ ପରିଣତ ହୋଇଯାଇ ତା'ର ପ୍ରତିଭାକୁ ନାନା ଦିଗରେ ବିକଶିତ କରାଇଥାଏ ।''

''ଯୋଗାଯୋଗର ଘଟଣାରେ ମଧ୍ୟ ତାଙ୍କର ହାତ ଥାଏ ନା କ'ଣ ? ତାହା ମୋତେ ଆଶ୍ଚର୍ଯ୍ୟ ଲାଗୁଛି ।''

''ଦେଖୁ ନାହିଁ, ଏହି ଅବସ୍ଥାରେ ସଂଯମ ପରି ଯଦି କିଛି ନ ଥାନ୍ତା, ତା'ହେଲେ ମାନବ ସମାଜରେ ପୁଅମାନେ ଅତି ଅଳ୍ପ ବୟସରୁ, ବାଳକ ବୋଲି ଗଣ୍ୟ ହେବା ପୂର୍ବରୁ ଲୋକଲୋଚନ ସମ୍ମୁଖରେ ଯୌନ କାରବାର ଆରମ୍ଭ କରିଦେଉଥାନ୍ତେ, ଲାଜ-ଲଜ୍ଜା କି କୌଣସି ପ୍ରକାର ସଙ୍କୋଚ ତିଳେମାତ୍ର ନଥାନ୍ତା । ଗୋଟିଏ ଶିଶୁ ଯେତେବେଳେ ଆଉ ଜଣଙ୍କ ସଙ୍ଗେ ଏହି ରସଭୋଗ କରୁଛି, ସେହି ସମୟରେ ଯଦି କେହି ବୟସ୍କ ସେଠାରେ ଉପସ୍ଥିତ ହୋଇଯାଏ, ତେବେ ସେମାନେ ସେଥିରୁ ବିରତ ହୁଅନ୍ତି—ତାଙ୍କର ସଂସ୍କାର ଯୋଗୁ ନିଜ ତରଫରୁ ସଙ୍କୋଚ ଲାଗିଥାଏ—ପରକାଳରେ ବୟସବେଳେ ତାହା ସଂଯମର ସ୍ପଷ୍ଟ କାରଣ ହୋଇଥାଏ । ଏହିପରି ଏକ ସଙ୍କୋଚ ଯଦି ଶୈଶବରୁ ନ ଥାନ୍ତା, ତା'ହେଲେ ମାନବସମାଜ ଛାଗଳସମାଜରେ ପରିଣତ ହୋଇଯାଇଥାନ୍ତା । ଆଉ ଏ କଥା ଠିକ୍ ଜାଣିଥା, କି ଶିଶୁ, କି ବାଳକ-ବାଳିକା, କି ଯୁବକ-ଯୁବତୀ, ଯେତେ ଗୋପନରେ ସେମାନଙ୍କର ଆଦିରସ ଘଟିଥାଉନା କାହିଁକି, ଅବୈଧ ପ୍ରେମ ଘଟଣାକୁ ଗୋପନ ରଖିବାକୁ ଯେତେ ଯତ୍ନ କରୁଥାନ୍ତୁନା କାହିଁକି, ପ୍ରକୃତି ସାହାଯ୍ୟ ନ କଲେ ତା' ଗୋପନ ରହି ପାରିବନାହିଁ । ପ୍ରକୃତି ଠିକ୍ ଜାଣିଥାନ୍ତି, କାହାର କେଉଁ କାମକୁ ଗୋପନ ରଖିବାକୁ ହେବ । ତାଙ୍କର ଅଭିପ୍ରାୟ ଅନୁଯାୟୀ ସବୁ ଘଟଣା ଗୋପନ ରହେ ବା ଲୋକଚକ୍ଷୁରେ ପ୍ରକାଶ ପାଇଥାଏ । ନିଜର ସୃଷ୍ଟିରକ୍ଷା ଲାଗି ହିଁ ସେ କୌଣସି ଘଟଣା ପ୍ରକାଶ କରନ୍ତି ବା ଗୋପନ ରଖନ୍ତି । ସମାଜ ଭିତରେ କ'ଣ ଏପରି ଦେଖିବାକୁ ମିଳିନଥାଏ ଯେ ଗୋଟିଏ ଘଟଣା ବହୁଦିନ ଧରି ଗୋପନ

ରହି ପରେ ପ୍ରକାଶ ପାଏ—ସଂଶ୍ଳିଷ୍ଟ ବ୍ୟକ୍ତି ତାହା ଜାଣିବାକୁ ପାଏ ନାହିଁ—ଯେତେବେଳେ ପ୍ରକାଶ କରିବାକୁ ପଡ଼େ, ସେତେବେଳେ ହିଁ ପ୍ରକୃତିର ଇଚ୍ଛାରେ, ତାହା ପ୍ରକାଶିତ ହୋଇଥାଏ । ସେତେବେଳେ କର୍ତ୍ତାମାନେ ତାହାର ଫଳ ଭୋଗକରନ୍ତି । ସବୁ ଘଟଣା ପ୍ରାୟ ଏହିପରି ହୋଇଥାଏ । ତାହା କେବଳ ଯେ ଇନ୍ଦ୍ରିୟ ବ୍ୟାପାରଘଟିତ କ୍ଷେତ୍ରରେ ନୁହେଁ । ସେତିକି ଦିନ ପର୍ଯ୍ୟନ୍ତ ଗୋପନ ଥାଏ, ଯେତେଦିନ ତାଙ୍କର ଅଭିପ୍ରାୟ ଥାଏ ।''

''ଏହା ତ ବଡ଼ ଅଦ୍ଭୁତ ଜଣାପଡୁଛି । ପ୍ରକୃତିର ହାତ ଥାଏ, ଏହିସବୁ ତୁଚ୍ଛ ବ୍ୟାପାରକୁ ନେଇ !''

''ତୁଚ୍ଛ କିମ୍ବା ଉଚ୍ଚ, ଏସବୁ କଥା ନୁହେଁ—ଆମେ ଏଠାରେ ରହିଛୁ କିପରି ? ଠିକ୍ ଯେପରି ମା' କୋଳରେ ଶିଶୁ ରହିଥାଏ । ଶିଶୁ ଯେତେବେଳେ ମା' କୋଳରେ ଥାଏ, ମା' ଦୃଷ୍ଟିରେ ଶିଶୁର ସେ ସବୁକିଛି ଦେଖୁଛି, ଜାଣୁଛି । ଶିଶୁ ବରଂ ମା'ର ଅନେକ କିଛି ଦେଖିପାରେ ନାହିଁ । ଆମର ଯେତେ କିଛି ବିଦ୍ୟା-ବୁଦ୍ଧି-ଚାତୁରି ଥାଉ ନା କାହିଁକି, ତାଙ୍କ ଦୃଷ୍ଟିର ଅନ୍ତରାଳରେ ରଖିବା ଲାଗି ଆମର ସାମର୍ଥ୍ୟ ନାହିଁ ।''

''ଆଚ୍ଛା, ସେ ଦୃଷ୍ଟି ଥାଏ କେଉଁଠି ? ସେ ଏ ସମସ୍ତ ଦେଖିପାରନ୍ତି କେମିତି ?''

''ଭାବି ଦେଖ୍ ତ, କେଉଁପରି ସେ ଆମର ସବୁ କାମ ଦେଖିପାରନ୍ତି ?''

''ଘଟଣାଟି ଅବଶ୍ୟ ଖୁବ୍ କଠିନ, ତେବେ ମୋର ଯାହା ମନେହୁଏ, ତାହା ପ୍ରକାଶ କରିବାକୁ ଭରସା ହେଉନାହିଁ ।''

ସେ ଅନୁରୋଧ କରିବାକୁ ଲାଗିଲେ, ''କହ ନା', ନ ହେଲା ବା, ଭୁଲ୍ ହେବ, ସେଥିରେ କ୍ଷତି କ'ଣ ! ମୁଁ ତ ଶେଷରେ ତୋତେ କହିଦେଇପାରିବି ।''

ମୁଁ କହିଲି, ''ମୋର ମନେହୁଏ, ଆମ ଭିତର ଦେଇ ଆମ ଚକ୍ଷୁଦ୍ୱାରା ଆମର ସବୁ କିଛି ହିଁ ସେ ଦେଖିଥାନ୍ତି ।''

''ତାହା କିପରି ? ଖୋଲି କରି କହ ନା ।''

''ଧରି ନିଅନ୍ତୁ, ଆମେ ଯାହା କିଛି କରିଥାଉନା କାହିଁକି, ଭଲ ବା ମନ୍ଦ କର୍ମ, ସେ ସମସ୍ତ ଆମେ କରିପାରୁ ବୋଲି ତ କରିଥାଉ, ଆମର ସମସ୍ତ କର୍ମ ଆମକୁ ଭଲ ଭାବରେ ଜଣା ଥାଏ । ପୁଣି ସିଏ ତ ଅନ୍ତର୍ଯାମୀ, ଆମର ସମସ୍ତ ବ୍ୟାପାରହିଁ ସେ ଅନ୍ତର୍ଯାମୀରୂପେ ଅନ୍ତର ମଧ୍ୟରେ ଥାଇ ଅତି ସ୍ପଷ୍ଟ ଜାଣିପାରନ୍ତି । ଯାହା ଆମେ ଜାଣିଥାଉ, ସେସବୁ ମଧ୍ୟ ସେ ଜାଣିପାରନ୍ତି ।''

''ହଁ, ଏହା ତୁ ଠିକ୍ ହିଁ କହୁଛୁ—ତୁ ଶଳା ସବୁ ଜାଣିଛୁ, ମୂର୍ଖ ସାଜି ଛଳନା କରିବାକୁ ଏଠାକୁ ଆସିଛୁ—କହିଲୁ, ଠିକ୍ କି ନୁହେଁ ?''

''ଆଚ୍ଛା, ଏ କଥାଟି ଖୁବ୍ ଆଶ୍ଚର୍ଯ୍ୟ ମନେହୁଏ ନାହିଁ ଯେ, ସେ ଏତେ ନିକଟରେ ଆମର ଅନ୍ତର ମଧ୍ୟରେ ଅଛନ୍ତି, ଅଥଚ ଆମେ ତାଙ୍କ ଏଠାକାର ନିବାସ କଥାଟା କଳ୍ପନାରେ ମଧ୍ୟ ଆଣିପାରୁନାହୁଁ । କୌଣସି ଗୋପନ କାର୍ଯ୍ୟ, ଯାହାକୁ ଏକ ସଂସ୍କାର ବଶରେ କରୁଛୁ ବୋଲି ମନେ କରିଥାଉ ଓ ଭାବିନେଇଥାଉ ଯେ ସମସ୍ତଙ୍କ ଚକ୍ଷୁ ଆଢୁଆଳରେ ଚତୁରତାର ସହ ଆମେ କାମଟି କଲୁ ।''

''ପଶୁଜନ୍ମ ପାର୍ କଲେଯାଇ ଏହିସବୁ ଜ୍ଞାନ ଉଦୟ ହୁଏ । (ତନ୍ତ୍ରରେ ମନୁଷ୍ୟଙ୍କର ଯେଉଁ ତିନିଗୋଟି ଅବସ୍ଥା କଥା ଅଛି, ଯଥା—ମନୁଷ୍ୟ ପ୍ରଥମେ ପଶୁ, ତା'ପରେ ବୀର ବା ମନୁଷ୍ୟ ଆଉ ଶେଷରେ ଦିବ୍ୟଶକ୍ତିର ବିକାଶରେ ଦେବତା—ସେହି ହିସାବରେ ଏହି ପଶୁ ଅବସ୍ଥା କଥା କୁହାଯାଇଛି ।) କୁଣ୍ଡଳିନୀ ଜାଗ୍ରତ ନ ହେଲେ ତ ସେ ଦିଗକୁ ଯିବାର ଅନ୍ୟ ପଥ ନାହିଁ । ପଶୁଜନ୍ମ ଆଉ ବୀର ବା ମାନବ ଜନ୍ମ, ଏହି ଦୁଇ ଜନ୍ମକୁ ହିଁ ଦୀର୍ଘକାଳ ମଧ୍ୟଦେଇ ଯିବାକୁ ପଡ଼ିଥାଏ । ସବୁ କିଛି ଏହି କାଳ ମଧ୍ୟ ଦେଇ ହେବ । ଯେଉଁ ସୃଷ୍ଟିର ଏତେ ପ୍ରକାର ଭୋଗ, ଏତେ ଶକ୍ତିର ଖେଳ, ତାକୁ ଭୋଗକରିବାକୁ ହେଲେ, ସେସବୁ ଜାଣିବା ପ୍ରୟୋଜନ—ତାହା କ'ଣ ଦିନେ ଦୁଇଦିନର ବ୍ୟାପାର !''

''ଥାଉ ସେସବୁ କଥା । ଏବେ କହନ୍ତୁ, ଆମ ପରି ମନୁଷ୍ୟ, ଯାହାଙ୍କର ଏସବୁ ଜାଣିବାକୁ ଶୁଣିବାକୁ ଇଚ୍ଛା ହୁଏ, ସତ୍‌ପଥରେ ଯିବା ଲାଗି ପ୍ରବୃତ୍ତି ହୁଏ, କୁଣ୍ଡଳିନୀଶକ୍ତି ଜାଗିଉଠିଲେ ବି ଏତେ ବାଧା ଆସେ କାହିଁକି ? ସତ୍‌ଉଦ୍ଦେଶ୍ୟ ଥାଇ ମଧ୍ୟ ସହଜବାଟ ମିଳିପାରେନା କାହିଁକି ? ଅବଶ୍ୟ ମୁଁ ଏକଥା ଅହଙ୍କାର ବଶରେ କହୁନାହିଁ ।''

''ନା ନା, ଅହଙ୍କାର ହବ କାହିଁକି, ଯଥାର୍ଥ କଥା ତ କହୁଛୁ ! ହଁ ଦେଖି, ତୁ ଯେଉଁ ସତ୍ ଉଦ୍ଦେଶ୍ୟର କଥା କହୁଛୁ ଏବେ ତାକୁ କେତେଦୂର ତୁ ଜାବୁଡ଼ି ଧରିଥିବୁ, ସେ କଥା ତୋତେ ଜଣାନାହିଁ । ମନରେ ଭାବୁଛୁ ତୁ ସତ୍‌ରାସ୍ତାରେ ଚାଲିଛୁ, କିନ୍ତୁ କାର୍ଯ୍ୟତଃ ଦେଖାଗଲା ଯେକୌଣସି ସୁଯୋଗ ଯଦି ମିଳିଗଲା, ତେବେ ଅସତ୍‌ଭାବରେ ହିଁ ଫସିଗଲୁ—ଏପରି ତ ହୋଇଥାଏ ।''

''ହଁ, ତାହା ଘଟିପାରେ । ଆମେ ଏହି ସତ୍‌ଭାବରେ ଥାଇ ମଧ୍ୟ ସେହି ସତ୍ୟରେ କିଛି ତ୍ରୁଟି ଅଛି ବୋଲି ଆମେ ମଧ୍ୟ ଦେଖିପାରୁ, ଯଦି ଆମ ମନ ସରଳ ଥାଏ; କିନ୍ତୁ ଆମେ ଇଚ୍ଛା କଲେ ମଧ୍ୟ ଆମ ରାସ୍ତାରେ ଥିବା ଜଟିଳତାକୁ ଘୁଞ୍ଚାଇ ପାରୁନା ।''

''ଗୋଟାକ ସହିତ ଆଉ ଗୋଟାଏକୁ ଯୋଡ଼ିରଖିଛି ଏଠାକାର ସମସ୍ତ ବ୍ୟାପାର ଯେ—କେଉଁ ଗୋଟାକ ମଧ୍ୟ ପୂରା ପୃଥକ୍ ନୁହେଁ, ତେଣୁ ବସ୍ତୁତଃ ସମସ୍ତ ବ୍ୟାପାର ଜଟିଳ ହୋଇଯାଇଛି, ଚଟ୍‌କରି କାମ ହେବ କେମିତି ! ସେପରି ଯଦି କିଛି ଜୋର୍ ଥାଏ, ତେବେ ଯାଇ ଜଟାଗୁଡ଼ିକୁ କାଟି ଛିଣ୍ଡାଇଦେଇ ପୃଥକ୍ କରାଯାଇପାରେ । ତେବେ କୁଣ୍ଡଳିନୀ ଜାଗିବା ସଙ୍ଗେ ସଙ୍ଗେ ଏପରି ଏକ ଶକ୍ତି ମିଳିଥାଏ ଯେ ସବୁଆଡୁ ନିଜର ଉଦ୍ଦେଶ୍ୟଟିକୁ ଠିକ୍ ଭାବରେ

ପୃଥକ୍ କରି ଦିଆଯାଇପାରେ, ଯଦ୍ୱାରା ତାହା ଭଲ ହୋଇଥାଏ । ତା'ପରେ ପଶୁଭାବଧାରୀ ସବୁ ପୁରୁଷଙ୍କର ହିଁ ସ୍ତ୍ରୀଙ୍କର ଅସଲ ପରିଚୟ ପାଇବାକୁ ବିଳମ୍ବ ହୁଏ ଅଧିକ । ସେଥିରେ ଅନେକ ସମୟ ବିତିଯାଇଥାଏ । ତା'ପରେ ପୁଣି ଅଛି ଧନ-ମାନ-ଅର୍ଥର କଥା– ସ୍ତ୍ରୀ ଆଉ ଅର୍ଥ, ଏହି ଦୁଇଟି ନିଆଁକୁ ନେଇ ଖେଳିବାର ପାଲା । କେବଳ ସହବାସର ସୁଖକୁ ଲକ୍ଷ୍ୟ କରି ସ୍ତ୍ରୀଲୋକଙ୍କୁ ଦେଖିଲେ ହିଁ କାମନାରେ ଜଳିବାକୁ ପଡ଼ିବ ।''

''ରାମକୃଷ୍ଣଦେବ ମଧ୍ୟ ଠିକ୍ ଏହିକଥା କହିଛନ୍ତି । ସେ ସାଧୁମାନଙ୍କୁ ଏ ଦୁଇଟି ତ୍ୟାଗ କରିବାକୁ ପରାମର୍ଶ ଦେଇଛନ୍ତି । କିନ୍ତୁ ଦେଖିବେ, ପୁରୁଷଙ୍କର ବିପଦଟା ଏ ବ୍ୟାପାରରେ ଖୁବ୍ ଅଧିକ; ସ୍ତ୍ରୀମାନଙ୍କର କିନ୍ତୁ ଏସବୁ ନଥାଏ । ସେମାନଙ୍କଠାରେ ସଂଯମ ଭାବ ଓ ଲାଳସା ଅବଶ୍ୟ ଭଗବାନଙ୍କ ଇଚ୍ଛାରେ । ଏହି ଦୁଇଟି ଏତେ କମ୍ ଯେ, ସେମାନଙ୍କର ପତନର ସମ୍ଭାବନା ଖୁବ୍ କମ୍ । ମୂଳରୁ ହିଁ ସେମାନେ ସେସବୁକୁ ତ୍ୟାଗ କରିପାରନ୍ତି ।''

''ନା, ସେକଥା ଠିକ୍ ନୁହେଁ । ସେମାନେ ସହଜରେ ତ୍ୟାଗ କରିପାରନ୍ତି ନାହିଁ, ତେବେ ସବୁକିଛିକୁ ଧୈର୍ଯ୍ୟର ସହ ସହ୍ୟ କରିପାରନ୍ତି; ମାତ୍ର ପୁରୁଷଙ୍କ ସାଙ୍ଗରେ ପଡ଼ିଲେ ସେମାନେ ଭଲପାଇବା ଲାଗି ସବୁକିଛି ହିଁ ତ୍ୟାଗ କରିପାରନ୍ତି । ଏତେଦିନର ଧୈର୍ଯ୍ୟ, ଏତେଦିନର ତ୍ୟାଗ, ପଦେ କଥାରେ ଛାଡ଼ିଦିଅନ୍ତି– ଯଦି ପୁରୁଷଙ୍କୁ ତାଙ୍କ ଅନୁଗତ ବୋଲି ଦେଖିବାକୁ ପାଆନ୍ତି । ଅସଲ କଥା, ସରଳ ମନ ଥିବାରୁ ସେମାନଙ୍କ ଭୋଗର ଚିନ୍ତା ମଧ୍ୟ ଅଧିକ । ମହାନ ପ୍ରକୃତିର ସ୍ତ୍ରୀଲୋକମାନେ ଏତେ ବେଶୀ ସହ୍ୟ କରିବାର ଶକ୍ତି ଯଦି ନ ଦେଖାଉଥାନ୍ତେ, ତା'ହେଲେ ଏ ସଂସାର ଛାରଖାର ହୋଇଯାଇଥାନ୍ତା ।''

''ଯିଏ ପଶୁଭାବଧାରୀ ମନୁଷ୍ୟ, ସେମାନଙ୍କ କଥାରେ ଆମର କାମ ନାହିଁ । ଭାଗ୍ୟକ୍ରମେ ଯଥାସମୟରେ ଏହି ଯେଉଁ କୁଣ୍ଡଳିନୀଶକ୍ତି ଜାଗିଉଠିଥାଏ, ସେହି ସମୟରୁ ହିଁ ମନୁଷ୍ୟତ୍ୱର କାର୍ଯ୍ୟ ଆରମ୍ଭ ହୋଇଥାଏ । ତଥାପି ତା' ମଧ୍ୟ ପୁଣି ଘୁମେଇ ପଡ଼ିଥାଏ ବୋଲି କହୁଛନ୍ତି ଯେ ! ଏ ତ ଭୟର କଥା ନା ?''

''ହଁ, ଯୌବନ ସମୟରେ ଏହି ଯେଉଁ ସ୍ୱାଭାବିକ ଭାବରେ କୁଣ୍ଡଳିନୀଶକ୍ତି ଜାଗିଉଠିବା କଥା, ସେଥିରେ ଯଦି ସତର୍କ ନ ରହିବ, ତେବେ ପୁନର୍ବାର ସୁପ୍ତ ହୋଇ-ପଡ଼ିବାର ସମ୍ଭାବନା ଥାଏ । ମାତ୍ର ତା'ପରେ ଯେତେବେଳେ ପୁନର୍ବାର ଜାଗିଉଠେ, ତଦ୍ୱାରା ମହତ୍ ଫଳ ମିଳିଥାଏ ।''

''ଯଦି ଜାଗ୍ରତ ହେଲା, ପୁନର୍ବାର ସୁପ୍ତ ହେବାର ସମ୍ଭାବନା କାହିଁକି ?''

''ପ୍ରଥମ ଜାଗରଣ କ୍ଷେତ୍ରରେ ଭଲ ଭାବରେ ଘୁମାଇବା ତ୍ୟାଗ କରିନଥାଏ । ଭାବି ଦେଖି, ଯେଉଁସବୁ ପ୍ରବୃତ୍ତି ଏତେକାଳ ଧରି ଜଣଙ୍କର ଧାତୁରେ ସ୍ଥାୟୀ ହୋଇ ବସିଯାଇଛି, ତାହା କ'ଣ ଏତେ ସହଜରେ ପୂର୍ଣ୍ଣ ରୂପେ ବଦଳି ଯାଇପାରେ ? ଯାଉଯାଉ କେତେଦିନ ଚାଲିଯାଏ; ସେଥିଲାଗି ପୁଣି ଘୁମେଇପଡ଼ିଲେ ମଧ୍ୟ ପୂର୍ବ ପରି ଆଉ ଘୁମାଇ ପାରେ ନାହିଁ,

ପୁନର୍ବାର ଜାଗିଉଠିବା ଲାଗି ମୁକ୍ତି ଚାହେଁ । ଭାବି ଦେଖ, ପଶୁ ଭାବରେ ଇନ୍ଦ୍ରିୟସୁଖ ଲାଗି ଲାଳସା, ସ୍ୱାର୍ଥପରତା, ଅନ୍ୟର ସୁଖ-ଦୁଃଖକୁ ତୁଚ୍ଛ କରି ନିଜର ସୁଖ-ଦୁଃଖକୁ ବଡ଼ କରି ଦେଖିବା କ'ଣ ଥରକରେ ଚାଲିଯାଏ ? ପ୍ରଥମେ ଯୌବନ ସମୟରେ କାମଜ-ସମ୍ବନ୍ଧ ନେଇ ନାରୀ-ସମ୍ଭୋଗ । ଏହାର ଆକର୍ଷଣ ଏପରି ପ୍ରବଳ ରହିଥାଏ ଯେ ତାହା ଥିବା ପର୍ଯ୍ୟନ୍ତ କିଛି ଭଲ କାମ ବା ଉଚ୍ଚ ଭୂମିକୁ ଗତିକରିବା ସମ୍ଭବ ହୋଇନଥାଏ—ସେଥିପାଇଁ ଦ୍ୱିତୀୟଥର ଲାଗି ଯେତେବେଳେ ଶକ୍ତି ଜାଗିଉଠେ, ଏହି ନାରୀ ସମ୍ବନ୍ଧର ଭାବ ଉପରେ ମଧ୍ୟ ଏକ ବିତୃଷ୍ଣା-ଘୃଣାର ଭାବ ଚାଲିଆସେ ।''

''ଘୃଣା ରହିବା ତ ଭଲ କଥା ନୁହେଁ; ଘୃଣା, ଲଜ୍ଜା ଏସବୁ ତ ଗୋଟିଏ ଗୋଟିଏ ଫାଶ, ଯଦି କୌଣସି ଜିନିଷ ଉପରେ ଘୃଣା ଥାଏ, ତା'ହେଲେ ତ ସେହି ଫାଶରେ ଆବଦ୍ଧ ରହିବାହିଁ ସମ୍ଭବ ? ନୁହେଁ କି ?''

''ଅବଶ୍ୟ ପ୍ରଥମ କ୍ଷେତ୍ରରେ ତା' ଘଟିଥାଏ ସତ, ତେବେ ତାହା ପ୍ରତିକ୍ରିୟା ଫଳରେ ହିଁ ଘଟିଥାଏ । କିନ୍ତୁ ଏହାପରେ ନିଜର ପ୍ରକୃତିକୁ ନେଇ ତାକୁ ମନେଇଦେବାକୁ ହୋଇଥାଏ । ସ୍ତ୍ରୀ-ପୁରୁଷଙ୍କ ଅସଲ ସମ୍ବନ୍ଧର ଜ୍ଞାନ ହେବା ସଙ୍ଗେସଙ୍ଗେ ସେହି ଘୃଣାର ଭାବଟା ଉଭେଇଯାଏ—ତାହା ହେଲା କୁଣ୍ଡଳିନୀ ଜାଗରଣର ମୁଖ୍ୟ ଫଳ ।''

''ତା'ହେଲେ କୁଣ୍ଡଳିନୀଶକ୍ତି ଜାଗରଣର ମୁଖ୍ୟଫଳ କ'ଣ ଏହି ନର-ନାରୀଙ୍କର ଯଥାର୍ଥ ସମ୍ବନ୍ଧ ଜ୍ଞାନ ?''

''ମନେକର, ଯେତେବେଳେ ମନୁଷ୍ୟ ବଡ଼ ହୋଇ ନିଜ ଶକ୍ତିରେ ମହତ ଭାବ ସକଳ ପ୍ରକାଶ ଘଟିବାକୁ ଲାଗେ,—ଯେପରି ଋଷିକଳ୍ପ ମନୁଷ୍ୟମାନେ, ପ୍ରକୃତରେ ସେମାନଙ୍କର ସ୍ତ୍ରୀମାନଙ୍କୁ ତ୍ୟାଗ କରିବାକୁ ଆଉ ପ୍ରୟୋଜନ ହୁଏ ନାହିଁ—ସେମାନଙ୍କର ଏପରି ହିଁ ଏକ ସହଜ ଭାବେ ସ୍ତ୍ରୀ-ପୁରୁଷ ସମ୍ବନ୍ଧ ଜ୍ଞାନ ପକ୍କା ହୋଇଯାଏ ଯଦ୍ୱାରା ରକ୍ତ-ମାଂସର ଦେହଗତ ସମ୍ବନ୍ଧଟା ଏକବାର ତୁଚ୍ଛ ହୋଇପଡ଼େ । କେବଳ ଯୌନ-ସମ୍ବନ୍ଧ ଜ୍ଞାନ ମାତ୍ର ନୁହେଁ, ଜୀବନର ସକଳ ଭୋଗ୍ୟବସ୍ତୁର ସଙ୍ଗେ ସମ୍ବନ୍ଧଟି ମଧ୍ୟ ବଦଳି ଯାଇଥାଏ । ଏହି ଜ୍ଞାନ ହିଁ ହେଲା ଏହି ଶକ୍ତି ଜାଗରଣର ମୁଖ୍ୟ ଫଳ । ପ୍ରଥମ ସ୍ତରରେ ଯେଉଁ ସମସ୍ତ ଭୋଗ ଆକର୍ଷଣର ବସ୍ତୁ ଥାଏ—ପରେ ତାହା ଚୈତନ୍ୟର ଆଲୋକଦ୍ୱାରା ସେହି ସକଳର ରୂପ ବା ପ୍ରଭାବ ଓଲଟି ଯାଏ ଅଥଚ କୌଣସି ବସ୍ତୁର ବିଲୁପ୍ତ ହୁଏ ନାହିଁ । ଦ୍ୱିତୀୟ ସ୍ତରର ଜାଗରଣରେ ଏହି ସମସ୍ତ ଉଚ୍ଚ ଭାବର ପ୍ରତିଷ୍ଠା ହୁଏ—ସେ ସ୍ତରରୁ ପତନ ହୁଏ ନାହିଁ । ସେତେବେଳେ ହିଁ ଏଠାର ସକଳ ବସ୍ତୁ ସଙ୍ଗେ ସମସ୍ତ ସମ୍ବନ୍ଧ ସାର୍ଥକ ହୁଏ, ତତ୍ତ୍ୱଜ୍ଞାନର ଉନ୍ମେଷ ହୁଏ, ସକଳ ଭୋଗର, ସକଳ ବସ୍ତୁର ସ୍ୱରୂପ ପ୍ରକଟିତ ହୁଏ ।''

''ଏହି ଜଗତରେ ଭୋଗ ଆଉ କର୍ମ ଓ ଶେଷରେ ଜ୍ଞାନ—ଏହି ତ ଏଠାକାର ସାଧାରଣ କଥା, ଅବଶ୍ୟ ଶ୍ରେଷ୍ଠ ଆଉ ନିକୃଷ୍ଟର ଭେଦରେ ଅଧିକାର ସମ୍ବନ୍ଧରେ ଜାଣିବାର କଥା ଅଛି ।''

"ହଁ, ସାଧାରଣ ଭାବରେ ଭୋଗ, କର୍ମ ଆଉ ଜ୍ଞାନ ଏହି ତିନୋଟି ହିଁ ଅସଲ କଥା । ଭୋଗ ମଧ୍ୟରେ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧକୁ ନେଇ ଯେଉଁ ଭୋଗ, ତାହା ମଧ୍ୟରେ ମୈଥୁନରେ ଏହି ସମସ୍ତ କିଛି ଏକ ସଙ୍ଗରେ ତୃପ୍ତ ହୁଏ ବୋଲି ଯୌବନରେ ସେଗୁଡ଼ିକର ଆକର୍ଷଣ ହିଁ ସମସ୍ତଙ୍କର ସବୁଠାରୁ ବେଶୀ । ତାହାପରେ ହେଲା ଅର୍ଥ ବା ଐଶ୍ୱର୍ଯ୍ୟ ଭୋଗ, ତାହାପରେ ଶେଷରେ ହେଲା ଜ୍ଞାନ ଏବଂ ଲୋକକଲ୍ୟାଣ ସମ୍ପର୍କିତ ଯେତେ କର୍ମ ସବୁ ଅଛି– ଗୁରୁଭାବରେ ତାହାର ଶେଷ ଫଳ ହେଲା ଜନ ଓ ସମାଜଠାରୁ ଶ୍ରଦ୍ଧାର ଆକାଂକ୍ଷା– ଗୁରୁପଦରେ ପ୍ରତିଷ୍ଠା ହିଁ ହେଲା ବର୍ତ୍ତମାନ ଶେଷ ଭୋଗ ବା କର୍ମ ।"

"ମୋଟାମୋଟି ଉପରେ ଭୋଗ ଏହି ତିନୋଟି ହେଲେ ମଧ୍ୟ ମୋର ମନରେ ଭାବୁଛି ଗୋଟିଏ ଚତୁର୍ଥ ମଧ୍ୟ ଅଛି ।"

"ସେଟା କ'ଣ ?"

"ଆତ୍ମଜ୍ଞାନ ବା କିଛି ବିଶେଷ ତତ୍ତ୍ୱାନୁସନ୍ଧାନର ଲାଗି ତପସ୍ୟା ବା କର୍ମ ।"

"ଆତ୍ମଜ୍ଞାନ ଲାଗି ଐକାନ୍ତିକ ଯତ୍ନ ହେଲା ଏହି ଜୀବନର ମୂଳ ଉଦ୍ଦେଶ୍ୟ–ତାହାର ଫଳାଫଳ ଶେଷରେ ଏହି ଗୁରୁଭାବ ମଧ୍ୟରେ ଯାଇ ପଡ଼ିଲା, ପୃଥକ୍ ହେଲା କିପରି ?"

"କାହିଁକି ? ଏ ଜଗତ ସୃଷ୍ଟିର କୌଶଳ ପଦାର୍ଥ-ବିଜ୍ଞାନ ବ୍ୟାପାରରେ ସୃଷ୍ଟିମଧ୍ୟରେ କେତେ କେତେ ମୂଳ ଉପାଦାନ ସମ୍ବନ୍ଧରେ ଅନୁସନ୍ଧାନ ଓ ଦେଶର ଅନେକ ପଣ୍ଡିତ, ମହାତ୍ମା ଏହି ସକଳ ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନର ତପସ୍ୟାରେ ଜୀବନପାତ କରୁଛନ୍ତି, କେତେ କେତେ ଆବିଷ୍କାର କରୁଛନ୍ତି, ତଦ୍ୱାରା–"

"ସେମାନେ ଲୋକସମାଜର ଉପକାର ଉଦ୍ଦେଶ୍ୟ ନେଇ ଏହି ସମସ୍ତ କରୁଛନ୍ତି ନା କ'ଣ ?"

"ତାହା ହୋଇପାରେ–ତଥାପି ମୂଳତଃ ସେହିସବୁ କାମ ପ୍ରେରଣାମୂଳକ–ପୁଣି ନିଃସ୍ୱାର୍ଥ ଭାବ ନେଇ ମନେହୁଏ ।"

"ତାହା ହୋଇଥିବ । କିନ୍ତୁ ପ୍ରଥମତଃ ତାହା ମଧ୍ୟରେ ହିଁ ତାଙ୍କର ଆନନ୍ଦ ପୂର୍ଣ୍ଣମାତ୍ରାରେ ଥାଏ–କାର୍ଯ୍ୟତଃ ତାହା ଉଚ୍ଚସ୍ତରର ଭୋଗ ମଧ୍ୟରେ ହିଁ ବୋଲି ଧରାଯିବ । ତାହାପରେ ତାହାର ତପୋଲବ୍ଧଜ୍ଞାନ, ଯାହାକୁ ସେ ରଖିଯିବାକୁ ଚାହେଁ, ତାହା ମଧ୍ୟ ଏହି ଗୁରୁପଦର ପର୍ଯ୍ୟାୟଭୁକ୍ତ ବୋଲି ଧରାଯିବ । ଏହି ମୂଳ ତିନିଗୋଟିଠାରୁ ପୃଥକ୍ ଆଉ ଏକ ବୋଲି କିପରି କୁହାଯାଇପାରିବ ?"

"ସେ କଥା ଠିକ୍ ନ ହେଉ, ଏହି ସମସ୍ତ ହିଁ ତ ଉଚ୍ଚ ଉଚ୍ଚ ଭାବର ଅବସ୍ଥା ବୋଲି କହିବାକୁ ପଡ଼ିବ ।"

"ତା' ତ ହେବ ହିଁ, ଏସବୁକୁ ତ ପୃଥିବୀର ଶ୍ରେଷ୍ଠ ଭୋଗ ମଧ୍ୟରେ ଧରାଯିବ । ସେଥିରେ ଦେଖିବାକୁ ପାଇବୁ–ଏହି ସମସ୍ତ ଉଚ୍ଚ ଭୋଗ ମଧ୍ୟରେ ସେମାନଙ୍କର ଉଚ୍ଚ

ଅବସ୍ଥାରେ ନାରୀ, ଧନ ବା ଅର୍ଥର ସମ୍ବନ୍ଧ ଥିଲେ ହେଁ ତାହା ସହିତ କୌଣସି ମଳିନ ଭାବର ସମ୍ବନ୍ଧ ହିଁ ନଥାଏ । ଏ କଥାଟି ବୁଝିପାରିଲେ ଲାଭ ହୁଏ ।''

''ତାହା ସତ, ଯେଉଁମାନେ ଏ ସମସ୍ତ ଉଚ୍ଚ ସ୍ତରର ମନୁଷ୍ୟ, ସେମାନେ ପାଖରେ ସ୍ତ୍ରୀ ମଧ୍ୟ ରଖିଛନ୍ତି, ଅର୍ଥ ମଧ୍ୟ ରଖିଛନ୍ତି, କିଛି ହିଁ ତ୍ୟାଗ କରିନାହାନ୍ତି । ଏଥିରୁ ମୋ'ର ଯାହା ମନେହୁଏ, ଆମ ଭାରତରେ ମନୁଷ୍ୟର ଧାତୁରେ 'ତ୍ୟାଗତ୍ୟାଗ' ବୋଲି କହି ଯେପରି ଏକ ବାୟୁରୋଗର ପ୍ରଭାବ ରହିଛି ।''

''ଏବେ ଦେଖୁନାହୁଁନା, କିପରି, ସ୍ତ୍ରୀଲୋକଙ୍କ କଥା କହ କି ଧନ ବା ଅର୍ଥ କଥା କହ, ଏଗୁଡ଼ିକ ସହ ଯଥାର୍ଥ ପରିଚୟ ହୋଇଗଲାପରେ ସେସବୁ ତା' ଜୀବନରେ ସାଧନର ସହାୟ ହୋଇଯାଏ । ସେ କ୍ଷେତ୍ରରେ ସ୍ତ୍ରୀ-ପୁରୁଷର ସ୍ୱରୂପ ଜ୍ଞାନ ହେଲାମାତ୍ରକେ ଏମାନଙ୍କ ସଙ୍ଗରେ ଯଥାର୍ଥ ସମ୍ବନ୍ଧ ଜ୍ଞାନ ହୋଇଯାଇଥାଏ । ସେତିକିବେଳେ ହିଁ ଜୀବନ ସାର୍ଥକ ହୁଏ । ଆଉ ତାହା ହିଁ ଜାଣିବା ଲାଗି ତ ସ୍ତ୍ରୀ-ପୁରୁଷର ଏତେ ବେଶୀ ଘଣ୍ଟାଘଣ୍ଟି—ପଶୁଭାବର ଯାହା କିଛି ଘଟେ, ସେସବୁ ତ ଏହି ଦେହକୁ ନେଇ । ଯାହାର ଦେହର ଜ୍ଞାନ ଅଧିକ, ସେ ହିଁ ତ ପଶୁ, ପୁଣି ଭୋଗ-ବିଳାସର ଜଙ୍ଗଲ ଭିତରେ ଦଳ ବାନ୍ଧି ପଶୁଗୁଡ଼ାକ ଚରିବୁଲୁଛନ୍ତି, ଏ କଥା ତ ବୁଝିପାରୁଛୁ ?''

''ସେ କଥାକୁ ତ ମୁଁ ଭଲ ଭାବରେ ବୁଝିପାରିଛି, କିନ୍ତୁ ଆମର ଏହି ଅଗାଧ ପଶୁତ୍ୱଠାରୁ ମୁକ୍ତି ପାଇବାର ସହଜ ଉପାୟ କ'ଣ, ଆପଣ କହିଦିଅନ୍ତୁ ।''

''ଆହା, ଏତେସବୁ ଶୁଣି, ଏତେ କଥା ବୁଝିସାରି ମଧ୍ୟ ବୋକାଙ୍କପରି କଥା କହୁଛୁ କାହିଁକି ! ଅନାୟାସରେ ପଶୁତ୍ୱ ଦୂରୀକରଣ ଲାଗି ଏଠାରେ ବହୁ ସରଳ ପଥ ରହିଛି—ଶକ୍ତି ବୃଦ୍ଧି ହେଲେ ହେଁ ପଶୁତ୍ୱ ଦୂରୀଭୂତ ହୋଇଥାଏ, ଶକ୍ତିକୁ ଦୃଢ଼ ଭାବରେ ଆଶ୍ରୟ କରି ରଖିଲେ ଶାକ୍ତ ହୋଇଯାଆନ୍ତି । କେବଳ ଏ ଦେଶର ମନୁଷ୍ୟ କଥା ନୁହେଁ, ସାରା ପୃଥିବୀର ମାନବସମାଜ ଶାକ୍ତ ହେବା ବ୍ୟତୀତ ପଶୁତ୍ୱ ଦୂର କରିବାର ଆଉ ଅନ୍ୟ କୌଣସି ଉପାୟ ନାହିଁ । ଦେବୀସୂକ୍ତରେ ଜାଣିଛୁ, ଦେବୀ କ'ଣ କହିଛନ୍ତି ?''

''ସେକଥା ଆଉ ଜାଣିବା ଦରକାର ନାହିଁ । ବର୍ତ୍ତମାନ ଏକ ଶୁଭ ସମ୍ବାଦ ଆପଣଙ୍କୁ ଦିଏ, ଶୁଣି ଖୁସୀ ହେବେ ଯେ ପୃଥିବୀର ସମଗ୍ର ଦେଶରେ ସକଳ ମନୁଷ୍ୟ ହିଁ ଶାକ୍ତ ହୋଇଯାଇଛନ୍ତି । ସହଜ ଭାବରେ ହିଁ ସେମାନେ ଅନେକକାଳ ପୂର୍ବରୁ ଶକ୍ତିକୁ ଆଶ୍ରୟ କରି ଜଗଦମ୍ବାଙ୍କର ଶ୍ରେଷ୍ଠ ସନ୍ତାନ ଭାବରେ ପରିଚୟ ଦେଉଛନ୍ତି—କେବଳ ଭାରତବର୍ଷରେ ହିନ୍ଦୁ ବୋଲି ଯାହାଙ୍କୁ ବୁଝାଏ, ସେମାନଙ୍କୁ ଛାଡ଼ି । ଦେଶର ଏହିମାନେ ପ୍ରତିଜ୍ଞା କରିଛନ୍ତି, ଯେକୌଣସି ଉପାୟରେ ହେଉ, ଶକ୍ତିକୁ ସକଳ ହିନ୍ଦୁ ଅଧିବାସୀଙ୍କ ଭିତରୁ ତଡ଼ିଦେଇ ଜଡ଼-ଅବସ୍ଥା ଆଣିବାକୁ ହେବ । ତାହା ନ ହେଲେ, ଅନ୍ତଃସାରଶୂନ୍ୟ ହୋଇ ଶୀଘ୍ର ପରଲୋକରେ ପହଞ୍ଚିଯାଇ ବୈକୁଣ୍ଠ ଅଧିକାର କରାଯାଇପାରିବ ନାହିଁ—ଏମାନେ କହୁଛନ୍ତି ଯେ ଶାକ୍ତ ହୋଇ କୌଣସି ଲାଭ ନାହିଁ—କେବଳ ବ୍ୟକ୍ତିଗତ ସ୍ୱାର୍ଥ ଟିକକ ହେଲା ସେମାନଙ୍କର ଭାବନାର ମୁଖ୍ୟ ବିଷୟ ।''

ଶୁଣିସାରି କ୍ଷେପାବାବା ଅନେକକ୍ଷଣ ମୋ' ଆଡ଼କୁ ଅନେଇ କ'ଣ ଭାବିଲେ କେଜାଣି, ତା'ପରେ ଧୀରେ ଧୀରେ କହିଲେ, ''ସେମାନେ ନ ହେଲେ ଶୀଘ୍ର ଶୀଘ୍ର ଯାଇ ଭୂତନାଥଙ୍କ ଦଳରେ ଯୋଗଦେଇ ତାଙ୍କ ଦଳ ବଢ଼ାଇଦେଲେ, କିନ୍ତୁ ସେମାନେ ଯେଉଁମାନଙ୍କୁ ସୃଷ୍ଟି କରିଗଲେ, ସେହି ବଂଶଧରମାନଙ୍କ ଲାଗି କ'ଣ କରିଗଲେ ?''

''ସେମାନଙ୍କ ଲାଗି ଜଗତର ଶ୍ରେଷ୍ଠ ଶାକ୍ତମାନଙ୍କର ଚିରକାଳ ଅବିଶ୍ରାନ୍ତ ଭାବେ ପଦସେବା ଓ ପାଦପୂଜା କରି ସେମାନେ ଯେପରି ଧନ୍ୟ ହୋଇପାରନ୍ତି ତିଷ୍ଠି ରହିବାର ସେହି ପନ୍ଥାର ଉପାୟ କରିଯାଇଛନ୍ତି, ଆଉ ଶେଷରେ ବାପ-ଅଜାଙ୍କର ପକ୍କା ମାର୍କାମରା ରାସ୍ତା ତ ପଡ଼ିରହିଛି—ପୁଣି ବାବା ଭୂତନାଥ ମଧ୍ୟ ଅଛନ୍ତି । ଛାଡ଼ନ୍ତୁ ସେକଥା...ଏବେ ମୋ'ର ଶେଷ କଥା ଯାହା କିଛି ଅଛି, ଦୟାକରି ଯଦି ଶେଷ କରି ଦିଅନ୍ତେ,... ତାହା ଏହି ଯେ ତାନ୍ତ୍ରିକମାନଙ୍କର ଯେପରିଭାବରେ କୁଣ୍ଡଳିନୀର ଜାଗରଣ ହୋଇଥାଏ, ଅ-ତାନ୍ତ୍ରିକମାନଙ୍କର କ'ଣ ଠିକ୍ ସେହି ରକମ ହୋଇଥାଏ ?''

''ତାନ୍ତ୍ରିକମାନଙ୍କର କୁଣ୍ଡଳିନୀ-ଶକ୍ତି ଜାଗ୍ରତ କରିବା, ଆଉ ସେହି ଶକ୍ତିଙ୍କୁ ପ୍ରତ୍ୟେକ ଚକ୍ରର ଭିତରଦେଇ ବଞ୍ଚେଇରଖିବା—ସେ ସମସ୍ତ ଭିନ୍ନ ସାଧନ, ସେଥିରେ ମଜା ଥାଏ । ସାଧାରଣ ମନୁଷ୍ୟ ସେସବୁ ମଜା ପାଇପାରେ ନାହିଁ । ମନେକର, ଅନେକ କାଳରୁ ଯେଉଁମାନେ ସାଧକ, ସେମାନେ ପ୍ରତ୍ୟେକ ଚକ୍ରରେ ପଦ୍ମର କଥା କହିଛନ୍ତି—ପ୍ରତ୍ୟେକ ପଦ୍ମ ମଧ୍ୟରେ ପୃଥକ୍ ପୃଥକ୍ ଦଳର କଳ୍ପନା ରହିଛି—ପ୍ରତ୍ୟେକ ଚକ୍ରର ଅଧିଷ୍ଠାତ୍ରୀ ଦେବଦେବୀ ଅଛନ୍ତି, ବୀଜମନ୍ତ୍ର ଅଛି—ଯେପରି ଧୀରେ ଧୀରେ ଗୋଟିକ ପରେ ଗୋଟିଏ ପଦ୍ମ ଉନ୍ମୁକ୍ତ ହୁଏ, ସେହିପରି କୁଣ୍ଡଳିନୀ-ଶକ୍ତିର ନାନା ଭାବରେ ବିକାଶର ଅନୁଭବ କରାଯାଇଥାଏ । ଏ ସାଧନାସବୁ ଭିନ୍ନ—ଏହି ସାଧନାର ଏକ ମହତ୍ ଉପକାର ଏହି ଯେ ତଦ୍ଦ୍ୱାରା ଶକ୍ତି ଉପରେ ନିଜର ଆୟତ୍ତ ବିସ୍ତାର କରାଯାଇଥାଏ । ସେତେବେଳେ ଅନୁଭବ କରାଯାଏ ଏହି ଶକ୍ତି କେଉଁ ଚକ୍ରରେ କେଉଁ ଭାବରେ କ୍ରିୟା କରୁଛି—ତା'ର ପ୍ରଭାବ ଫଳରେ କ'ଣ ହେଉଛି ! ତଦ୍ଦ୍ୱାରା ଧୀ-ଶକ୍ତି ତୀକ୍ଷ୍ଣ ହୁଏ, ଅନ୍ୟାନ୍ୟ ଶକ୍ତିର ମଧ୍ୟ ବିକାଶ ହୁଏ । ଏହି ପଦ୍ଧତି ଅତି ପ୍ରାଚୀନ ବୈଜ୍ଞାନିକ ଭିତ୍ତିରେ ସ୍ଥାପିତ । ଏହା ସଙ୍ଗେ ସଙ୍ଗେ, ଅର୍ଥାତ୍ କୁଣ୍ଡଳିନୀ-ଶକ୍ତି ପ୍ରତ୍ୟେକ ଚକ୍ର ମଧ୍ୟରେ ଥିବା ଫଳରେ ଯେଉଁଯେଉଁ ପ୍ରଭାବ ଓ ଭାବ ଘଟିଥାଏ, ଯେଉଁଯେଉଁ ସ୍ଫୁରଣ ହୋଇଥାଏ, ସେ ସମସ୍ତ ଅନୁଭବର ସଙ୍ଗେସଙ୍ଗେ ଯେଉଁ ଆନନ୍ଦର ସ୍ଫୁରଣ ହୁଏ, ତା'ର ତୁଳନା ନାହିଁ । ଯେଉଁମାନେ ତାନ୍ତ୍ରିକ, ସେମାନେ ଶାସ୍ତ୍ରାନୁସାରେ ଯଥାର୍ଥ ରୂପେ ସାଧନ କରନ୍ତି । ସେମାନେ ତନ୍ମଧ୍ୟରୁ ଯେଉଁ ବିଶେଷଲାଭ ପାଆନ୍ତି, ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତି ତାହା ପାଇପାରେ ନାହିଁ । ପ୍ରତ୍ୟେକ ସମ୍ପ୍ରଦାୟଙ୍କର ଏହି ଧରଣର କିଛି କିଛି ସୁବିଧା ରହିଛି, ଯାହା ଅନ୍ୟ ସମ୍ପ୍ରଦାୟର ନାହିଁ । ଏହା ଜଣା କଥା । ତାନ୍ତ୍ରିକମାନଙ୍କ କ୍ଷେତ୍ରରେ କୁଣ୍ଡଳିନୀଶକ୍ତି ନାମରେ ଯାହା କୁହାଯାଇଛି, ତାହା ଅନ୍ୟ ଧର୍ମ ମଧ୍ୟରେ ଆତ୍ମ-ଶକ୍ତି ରୂପେ ପ୍ରକାଶିତ ହୋଇଛି । ପ୍ରଥମ ସ୍ତରରେ ଅବସ୍ଥା ବିଶ୍ଳେଷଣ କରି ହିଁ ତାକୁ କୁଣ୍ଡଳିନୀ

ନାମରେ ନାମିତ କରାଯାଇଛି—ଏହି ଶକ୍ତିର ଜାଗରଣ ପରେ ଆତ୍ମାରେ ହିଁ ଏହାର ଚରମ ପରିଣତି, ଅର୍ଥାତ୍ ଏହାର ସମାପ୍ତି, ଅର୍ଥାତ୍ ଆତ୍ମା ସହ ଏକ ହୋଇ ମିଳିତ ହୋଇଯିବା ।''

''ଆପଣଙ୍କ ବକ୍ତବ୍ୟରୁ ଏ ସମ୍ପର୍କରେ ଅସଲ କଥାଟି ଯାହା ବୁଝାଗଲା, ତାହା ଏହି ଯେ ଅଧ୍ୟାତ୍ମ ଜୀବଚୈତନ୍ୟକୁ ହିଁ ତାନ୍ତ୍ରିକମାନେ କୁଣ୍ଡଳିନୀ ଶକ୍ତିରୂପେ ଧାରଣା କରିଛନ୍ତି । ସେମାନେ ତାହାରି ଜାଗରଣ ଆରମ୍ଭରୁ ଚରମ ପରିଣତି ପର୍ଯ୍ୟନ୍ତ ଏକ ଅପୂର୍ବ ଅଧ୍ୟାତ୍ମ-ସାଧନ ପଥ ସୃଷ୍ଟି କରିନେଇଛନ୍ତି, ଯାହାର ସତ୍ତା ଅନ୍ୟ ଧର୍ମ ସମ୍ପ୍ରଦାୟର କେହି ପାଆନ୍ତି ନାହିଁ । ତନ୍ତ୍ରରେ ଏହାହିଁ ପରମ ଗୌରବମୟ ସର୍ବାର୍ଥ ସିଦ୍ଧିର ପଥ । ଜଗତରେ ଯେତେ ଧର୍ମ-ସାଧନାର ପଥ ଅଛି, ସେଗୁଡ଼ିକ ମଧ୍ୟରେ ଏହି ପଥ ସ୍ୱ-ମହିମାରେ ଉଜ୍ଜ୍ୱଳ, ଅନନ୍ୟସାଧାରଣ । ଏହି ଗୋଟିଏ ପଥ, ଯାହା ସଭ୍ୟ ସମାଜରେ ଅଧିକାଂଶଙ୍କ ନିକଟରେ ଅଗୋଚର । କ'ଣ ଏୟା ନୁହେଁ କି ? ଏବେ କୁହନ୍ତୁ, ଜୀବାତ୍ମା ସଙ୍ଗେ କୁଣ୍ଡଳିନୀର ଅସଲ ସମ୍ବନ୍ଧଟି କ'ଣ ?''

''ବର୍ତ୍ତମାନ ଜୀବ ହିଁ କହିବା, ଜୀବାତ୍ମା ନୁହେଁ । ଜୀବ ସହ ତା'ର ସମ୍ବନ୍ଧ । ପ୍ରଥମ ଅବସ୍ଥାରେ ତା'କୁ ତାଙ୍କର ଅଂଶ କୁହାଯାଏ ଏବଂ ତାଙ୍କର ପ୍ରକୃତି ମଧ୍ୟ କୁହାଯାଏ । ମନୁଷ୍ୟ ତା'ର ଯୌବନରେ ଯେପରି ପ୍ରେମର ଆଧାର-ସ୍ୱରୂପ ଜୀବନସଙ୍ଗିନୀକୁ ପାଇ ପୂର୍ଣ୍ଣତା ପ୍ରାପ୍ତ ହୁଏ ଓ ଆନନ୍ଦମୟ ଅବସ୍ଥା ଲାଭକରେ, ସେହିପରି ଏମାନଙ୍କର ସମ୍ବନ୍ଧ । ତା'ପରେ ଶେଷ ଅବସ୍ଥାରେ ଜୀବାତ୍ମା ଯେପରି ପରମାତ୍ମାର ଆଶ୍ରୟ ଲାଭକରି ସମ୍ପୂର୍ଣ୍ଣ ହୋଇଥାଏ, ସେହିପରି କୁଣ୍ଡଳିନୀ ମଧ୍ୟ ଜୀବ ସହ ମିଳିତ ହୋଇଯାଇ ଉଭୟେ ହିଁ ସମ୍ପୂର୍ଣ୍ଣ ହୋଇଥାନ୍ତି । ଯେପର୍ଯ୍ୟନ୍ତ ତାହା ନ ହୋଇଥାଏ, ସେପର୍ଯ୍ୟନ୍ତ ଦୁଇଟିଯାକ ହିଁ ଅପୂର୍ଣ୍ଣ ରହିଥାନ୍ତି । ତା'ପରେ, ଏକଥା ବୁଝିବାକୁ ହେବ ଯେ ପ୍ରଥମ ସ୍ତରରେ ସ୍ଥୂଳ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁ ଜୀବ, ତାହା ଶକ୍ତିରୂପେ ହିଁ ଅଧିଷ୍ଠାନ କରିଥାନ୍ତି । ତା'ପରେ ନାନାଭାବରେ ଭୋଗର ଆବର୍ତ୍ତନ ମଧ୍ୟଦେଇ ଯେଉଁ ଅବସ୍ଥାବିଶେଷରେ କୁଣ୍ଡଳିନୀ-ଶକ୍ତି ଜାଗରିତା ହୁଅନ୍ତି, ସେତେବେଳେ ଦୁହେଁ ଦୁହିଁଙ୍କୁ ପାଇବା ଲାଗି ବ୍ୟାକୁଳ ହୋଇଉଠନ୍ତି । କାଳର ମଧ୍ୟ ଦେଇ ଏହି ଶକ୍ତିର ବିକାଶ ଘଟେ—ବିକାଶ ପୂର୍ବରୁ ଜୀବ ନିଜକୁ ହିଁ ଶକ୍ତି ବୋଲି ଭାବିପାରେ । କାରଣ ସେତେବେଳେ ଶରୀର-ଇନ୍ଦ୍ରିୟାଦି ସହିତ ତା'ର ସମ୍ବନ୍ଧ ଘନିଷ୍ଠ ଭାବେ ଥାଏ—ସେତେବେଳେ ତା'ର ଅସ୍ତିତ୍ୱର ସମସ୍ତ ହିଁ ସ୍ଥୂଳ । କ୍ରମେ କ୍ରମେ ଇନ୍ଦ୍ରିୟ-ଗ୍ରାମ ସହ ମନ ଆଦି ପୁଷ୍ଟି ଲାଭ କଲାପରେ କୁଣ୍ଡଳିନୀଶକ୍ତିର ଉଦ୍ଭବ ହୋଇଥାଏ । ଏହାହିଁ ହେଲା ଚୈତନ୍ୟଶକ୍ତି । ସାଧାରଣତଃ ଏହାକୁ ହିଁ ଲୁପ୍ତ ଚୈତନ୍ୟର ଜାଗ୍ରତ ଅବସ୍ଥା କୁହାଯାଏ । ପ୍ରଥମ ଅବସ୍ଥାରେ ଏହା ଘୁମାଇ ରହିଥାଏ—ଅର୍ଥାତ୍ ତାଙ୍କର କ୍ରିୟା ଦୃଷ୍ଟିଗୋଚର ହୁଏ ନାହିଁ—ଏହି ଜାଗରଣ ଦ୍ୱାରା ତାଙ୍କର କ୍ରିୟା ପରିଲକ୍ଷିତ ହୁଏ । ଅସଲ କଥା—ଜୀବର ଚୈତନ୍ୟଶକ୍ତି ହିଁ ହେଲା କୁଣ୍ଡଳିନୀ—ତାହା ଜାଗିଉଠି ତାଙ୍କର ଗତି ଚାଲେ ବିକାଶ ପଥରେ, ଅର୍ଥାତ ପ୍ରାଣକେନ୍ଦ୍ର ଦିଗକୁ । ସେହି କେନ୍ଦ୍ର ହେଲା ପ୍ରଜ୍ଞାଚକ୍ର, ଯାହା ପ୍ରାଣ, ମନ, ବୁଦ୍ଧି, ଆତ୍ମା, ସମସ୍ତଙ୍କର ହିଁ

କେନ୍ଦ୍ର, ଏହାକୁ କହନ୍ତି ଅଧିଷ୍ଠାନ-ସ୍ଥାନ– ମନୁଷ୍ୟର ସବୁ କିଛି ଧାରଣାର ସ୍ଥାନଟି ହେଉଛି ଏହିଠାରେ । ପୂର୍ଣ୍ଣ ଯୌବନର ପ୍ରଭାବରେ ଯେପରି ନାରୀ ତା'ର ସ୍ୱାଭାବିକ ପ୍ରାଣର ଆକର୍ଷଣରେ ଭର୍ତ୍ତା ସହ ଯୋଗାଯୋଗକୁ ଅପେକ୍ଷା କରେ ଏବଂ ମିଳନର ସମୟ ଯେତେ ନିକଟତର ହେଉଥାଏ, ତା'ର ଆକୁଳତା ସେତେ ହିଁ ତୀବ୍ର ହେଉଥାଏ–ତା'ପରେ ହୋଇଥାଏ ଯୋଗାଯୋଗ ବା ମିଳନ । ଗୋଟିଏ ସତ୍ତାରେ ପରିଣତ ହୋଇ ଜୀବର ହୁଏ ପୁନର୍ଜନ୍ମ, ଚୈତନ୍ୟ-ଶକ୍ତିର ଯୋଗ ଦ୍ୱାରା ସେତେବେଳେ ତା'ର ଉପାଧି ହୋଇଥାଏ ଜୀବାତ୍ମା । ସେତେବେଳେ ପରମାତ୍ମାର ପୂର୍ଣ୍ଣତା ଓ ଅନନ୍ତଭାବ ବ୍ୟତୀତ ଜୀବାତ୍ମା ମଧ୍ୟରେ ଆଉ ସମସ୍ତ ଭାବ ବା ଐଶ୍ୱର୍ଯ୍ୟ ପ୍ରସ୍ଫୁଟିତ ହୁଏ । ଅବଶ୍ୟ ଏହି ପ୍ରସ୍ଫୁଟନ ବ୍ୟାପାରରେ କେତେ ଜନ୍ମ-ଜନ୍ମାନ୍ତର ଚାଲେ, କିଏ ତା'ର ହିସାବ ରଖୁଛି ! ସେ ଦିଗରେ ଜୀବର ସ୍ଥୂଳ-ଇନ୍ଦ୍ରିୟଜ ଭୋଗଲାଳସାକୁ ଦୂରକରିବାକୁ କେତେ ଜନ୍ମ କଟିଯାଏ, ତା'ର କିଛି ଠିକ୍ ନାହିଁ । ପରେ ଜୀବାତ୍ମା ପରମାତ୍ମାର ସଙ୍ଗ ପାଇ ସର୍ବଜ୍ଞ ହୋଇଥାନ୍ତି, ସମ୍ପୂର୍ଣ୍ଣ ହୁଅନ୍ତି, ଶୁଦ୍ଧ, ବୁଦ୍ଧ, ମୁକ୍ତ ହୋଇ ଶିବତ୍ୱରେ ପ୍ରତିଷ୍ଠିତ ହୁଅନ୍ତି–ଏହି ହେଲା ଜୀବାତ୍ମାର ଇତିହାସ; ଆଉ ରାଧା-ତନ୍ତ୍ରର ସାର କଥା ।''

ମୁଁ ସ୍ତମ୍ଭିତ–ନିର୍ବାକ ବିସ୍ମୟ ଓ ଅବାକ୍ ହୋଇ କିଛିକ୍ଷଣ ରହିଗଲି ।

ବାବା କହିଲେ, ''ଯାଃ, ଏବେ ଆଉ ମୋତେ ଜଳାନା ତ, ଚାଲିଯା ।''

''ତାହା ତ ହେଲା, ଏବେ ମଧ୍ୟ ଗୋଟିଏ କଥାର ମୀମାଂସା ହୋଇନାହିଁ ଯେ !''

''ପୁଣି କ'ଣ ? ଏହାପରେ ଆଉ କ'ଣ କଥା ହେବରେ ଶଳା, ତୁ କହୁଛୁ କ'ଣ ?''

''ଏହା ପର କଥା ନୁହେଁ, ଆଗର କଥା । ନରନାରୀଙ୍କର ଅସଲ ସମ୍ବନ୍ଧଟି କ'ଣ ? କେଉଁପରି ଆମେ ଏହି ମୋହ ଘଟିତ ସମ୍ପର୍କଠାରୁ ଉଦ୍ଧାର ପାଇବୁ ?''

''ତାହା ତ ନିଜେ ଘାଣ୍ଟିଘାଣ୍ଟି ହେବ, ସେକଥା କାହାକୁ କହିବାକୁ ପଡ଼ିବ ନାହିଁ । ତୋ'ର ତ ବିବାହ ହୋଇଛି, ସନ୍ତାନ ହୋଇଛି, ତୁ ତ ସବୁ ଜାଣୁ–କିପରି ଜନ୍ମଦେବାକୁ ପଡ଼ିବ, ସେକଥା କ'ଣ କେହି ତୋତେ ଶିଖାଇ ଦେଇଛି ନା କ'ଣ ?''

''ସେ ତ ଏକ ମୋହଘଟିତ ବ୍ୟାପାର–ଅସଲ ସମ୍ବନ୍ଧଟା ତା'ହେଲେ କଣ ? ଜାଣିବାକୁ କ'ଣ ଇଚ୍ଛା ହୁଏ ନାହିଁ ?''

''ତାହା ତ ଶେଷ କଥା–ଏବେ ସେକଥା କାହିଁକି ? ସମୟ ହେଲେ ମଣିଷ ତାହାକୁ ନିଜେ ବୁଝିପାରେ ।''

''ଦେଖନ୍ତୁ, ଆପଣଙ୍କ ସଙ୍ଗଲାଭ କରି ମୋତେ ବହୁଭାବରେ ଲାଭ ମିଳିଛି । ଆମେ ଯେଉଁସବୁ ତତ୍ତ୍ୱ ଜାଣିନାହୁଁ, ତାହାକୁ ଆପଣଙ୍କ ନିକଟରୁ ଶୁଣିସାରି ମୋ'ର ବହୁ ଉପକାର ହୋଇଛି । କୁଣ୍ଡଳିନୀର କଥା ଶୁଣି ଭରସା ମିଳିଲା ଯେ ପ୍ରକୃତିର ନିୟମ ଭିତରେ ନିଜ

ଦ୍ୱାରା ସେ ଶକ୍ତି ଜାଗ୍ରତ ହୁଏ—ଏଭଳି କଥା ପୂର୍ବରୁ କେଉଁଠାରୁ ଶୁଣିନାହିଁ ଯେ ତାନ୍ତ୍ରିକ ନ ହେଲେ ମଧ୍ୟ ସେ ଶକ୍ତି ଜାଗି ଉଠିଥାଏ ।''

''ଏସବୁ ହିଁ ଗୁହ୍ୟ କଥା, ଏହି ରହସ୍ୟକୁ ପ୍ରକାଶ କରାଯାଏ ନାହିଁ । ସବୁ କ'ଣ କହିବା କଥା କିରେ ! ଆଚ୍ଛା, ତୁ ଏବେ ଚେଷ୍ଟା କରନା, ତୋ' ସହ ନାରୀର ଅସଲ ସମ୍ବନ୍ଧଟି କ'ଣ । ମୁଁ ବରଂ ଟିକିଏ ସୂଚନା ଦେଇ ତୋତେ ସାହାଯ୍ୟ କରୁଛି ।''

ସେ ପୁଣି କହିଲେ, ''ଭାବି ଦେଖ୍, ଏହି ନାରୀମାନେ କିପରି ସୃଷ୍ଟି ରକ୍ଷା କରୁଛନ୍ତି—ସେମାନଙ୍କୁ ପ୍ରଥମେ ତୁ କେଉଁଠାରୁ ପାଇଲୁ ? ପ୍ରଥମରୁ ଦେଖିବୁ ସେ ତୋର ମା' ହୋଇ ତୋତେ ଗର୍ଭରେ ଧାରଣ କଲେ, ତା'ପରେ ଏହି ଜଗତରେ ତୋତେ ଉପଯୁକ୍ତ କ୍ଷେତ୍ରରେ ପ୍ରସବ କଲେ, ବଢ଼େଇ ଚାଲିଲେ—ହୃଦୟରୁ ରକ୍ତ ଦେଇ ତୋତେ ମଣିଷ କଲେ—ତୁ ବଢ଼ିଚାଲିଲୁ—ବଡ଼ ହେଲୁ । ଯେପରି ଯେପରି ତୋ'ର ଭାବର ଉଦ୍ରେକ ହେଲା, ସେହିପରି ଭାବରେ ଶକ୍ତି ପାଇଲୁ, ସାମର୍ଥ୍ୟ ପାଇଲୁ, ଶୌର୍ଯ୍ୟ-ବୀର୍ଯ୍ୟ ପାଇଲୁ, କ୍ରମେ ଯୁବକ ହୋଇ କଳ୍ପନାର ଇନ୍ଦ୍ରଜାଲ ବୁଣିବାରେ ଲାଗିଗଲୁ । ଆଉ ଏକୁଟିଆ ଯେତେବେଳେ ରହିବା ସମ୍ଭବ ହେଲା ନାହିଁ, ଏତେସବୁ ଥାଇ ଏତେ ବଡ଼ ହୋଇ ଏକାଏକା କ'ଣ କେହି ରହିପାରେ, ସେତେବେଳେ ବୋହୂ ହୋଇ ଆସିଲା ତୋ'ର ସ୍ତ୍ରୀ, ଜୀବନର ସାଧ ପୂର୍ଣ୍ଣ କରିବାକୁ । ସଂସାରର ରହସ୍ୟମୟ ନୂତନ ନୂତନ ସୃଷ୍ଟିର ଦିଗକୁ ଦୃଷ୍ଟି ତୋ'ର ପଡ଼ିଲା, ଭୋଗର ନିଶା ଲାଗିଗଲା, ଏକବାର ମସଗୁଲ । ନିଶାର ଆବେଶରେ କେତେ ସୃଷ୍ଟି କରି ପକାଇଲୁ, ତା' ସହ ଏକତ୍ର ହୋଇ ଜଗତର କେତେ କ'ଣ ଦେଖିଲୁ, କେତେ କଥା ଜାଣିଲୁ—ଯଦି ସଙ୍ଗେ ସଙ୍ଗେ ଦିବ୍ୟ-ଭାବର ଅନୁସନ୍ଧାନ ପାଇଗଲୁ ତେବେତ ଭଲ, ସମସ୍ତ ସମ୍ବନ୍ଧ ସାର୍ଥକ ହୋଇଗଲା । ନିଜ ସହ ସମସ୍ତଙ୍କର ସ୍ୱରୂପ ଦେଖିବାକୁ ପାଇଲୁ—ଆଉ ତାହା ଯଦି ନହେଲା ତେବେ ମନୁଷ୍ୟ ହୋଇ ମଧ୍ୟ ଅଟକି ଗଲୁ, ପୁରାତନ ଭୋଗର ଅଭ୍ୟାସକୁ ବଜାୟ ରଖିଲୁ, ଆଉ ସେ କାର୍ଯ୍ୟ ତୋତେ ଶାନ୍ତ ରଖିଲା । କୌଣସି ଦୁଃଖର ତାପ ତୋତେ ନ ଲାଗିବ ବୋଲି ସର୍ବଦା ତୋ'ର ସେବାରେ ସ୍ତ୍ରୀ ଲାଗିରହିଲା । ତୋ'ର ଯେତେ କିଛି ପାପ, ତାପ, ଅସୁଖ, ଅଶାନ୍ତି—ଆଉ ଅନ୍ୟ ଦିଗରେ ତୋ'ର ସୁଖ, ସମ୍ପଦ, ଦୁଃଖ, ଉଚ୍ଚ-ନୀଚ ଯେତେ ଭାବ, ତୋ'ର ଆଦର-ଅନାଦର, ମାନ-ଅପମାନର ପ୍ରବେଗକୁ ଧୈର୍ଯ୍ୟର ସହ ସମ୍ଭାଳିନେଇ ଜୀବନ-ସଙ୍ଗିନୀ ହୋଇ ଜୀବନକାଳ କଟାଇଲା । ତୋ' ସୃଷ୍ଟିର ଜୀବମାନେ ବଡ଼ ହୋଇ ତୋ' ସଂସାରକୁ ସଫଳ କଲେ—ତୁ ହେଲୁ କର୍ତ୍ତା, ସେ ତୋ' ପଛରେ, ତୋ'ର ସବୁକିଛିର ବୋଝ ନେଇ ସଜାଗ ହୋଇ ରହିଲା । ତା'ପରେ କାଳ ପୂର୍ଣ୍ଣ ହେଲେ, ଯଦି ତୁ ତାଙ୍କ ଆଗରୁ ଠେଲି ଦେଇ ଚାଲିଗଲୁ, ତେବେ ତୁ ଫାଙ୍କିଦେଲୁ; ଆଉ ଯଦି ସେ ତୋ' ଆଗରୁ ଚାଲିଗଲେ ତେବେ ତୋତେ ହିଁ ସବୁ ବୁଝିବାଲାଗି ଦାୟିତ୍ୱଦେଇ ଚାଲିଗଲେ ସେ ତୋ'ର କ'ଣ ଥିଲେ, ତାହା ଉପଲବ୍ଧି କରିବାକୁ । ତାହା ନ ହେଲେ ତୋ'ର ଜଗତକୁ ଆସିବା, ଏତେ ବଡ଼ ହେବା, ଏତେ କାଣ୍ଡ କରିବାର କୌଣସି ସମ୍ଭାବନା ଥିଲା କି ?

"ଏବେ ବୁଝି ଦେଖିନେ, କାହିଁକି ତାଙ୍କ ସଙ୍ଗେ ତୋ'ର କିପରି ସମ୍ବନ୍ଧ ବା କେଉଁଠି ସମ୍ବନ୍ଧ ।"

ମୁଁ ଅନେକକ୍ଷଣଧରି ଯେପରି ସ୍ତମ୍ଭିତ ହୋଇ ରହିଗଲି । ବାବା ସ୍ପଷ୍ଟଭାବେ କିଛି କହିଲେ ନାହିଁ ସତ, କିନ୍ତୁ ଯେଉଁ ବସ୍ତୁର ଆଭାସ ଦେଲେ, ତାହା ତ ସରଳ ବ୍ୟାପାର ମନେହେଲା ନାହିଁ । ଏକ ଅସ୍ପଷ୍ଟ ବିଶାଳ ନଗ୍ନ ସତ୍ୟ ଯେପରି ମୂର୍ତ୍ତିମନ୍ତ ହୋଇ ଅନ୍ତଃକରଣର ସବୁକିଛିକୁ ଜଡ଼ାଇଧରି ଉଙ୍କିମାରୁଛି—ଏ କଣ ?

ଇତିମଧ୍ୟରେ ବାବାଙ୍କର ସେବକ ଚିଲମ ପ୍ରସ୍ତୁତ କରି ତାଙ୍କ ହାତରେ ଧରାଇଦେଲେ ଏବଂ ଦୂରରେ ପଛପଟେ ଅପେକ୍ଷା କରିବାକୁ ଲାଗିଲେ ।

ମୁଁ ଭାବୁଥିଲି—ଗୋଟିଏ ଜୀବନର ଚକ୍ର ଯେପରି ଶେଷ ହୋଇଗଲା—ବାସ୍, ତା'ପରେ ଆଉ କୌଣସି ସମ୍ବନ୍ଧ ନାହିଁ । ଏହାପରେ ପୁଣି ମନେହେଲା, ଠିକ୍ ଯେପରି ବିରାଟ ପଥର ପଥିକ ସହ ଦେଖାହେଲା ପରି ମଝିରେ କିଛି ବାଟ ଏକସଙ୍ଗରେ ଯାଇ ଶେଷରେ ଆଉ ଯେପରି ସମ୍ବନ୍ଧ ରହିଲାନାହିଁ ! ତା' ହେଲେ ଦାର୍ଶନିକମାନେ ଯେପରି କହିଥାନ୍ତି, ଏ କଥାଟା କିନ୍ତୁ ଅତ୍ୟନ୍ତ ସ୍ଥୂଳ ଥିଲା ।

ଇତିମଧ୍ୟରେ ବାବା କେତେବେଳେ ଚିଲମ-ଗଞ୍ଜେଇ କାମ ଶେଷ କରିସାରିଛନ୍ତି, ସେକଥା ମୋର ଲକ୍ଷ୍ୟ ନଥିଲା । ହଠାତ୍ ଶୁଣିବାକୁ ପାଇଲି, କହୁଛନ୍ତି, "ନା ନା, ଗୋଟିଏ ଜନ୍ମରେ ହିଁ ସବୁ ଶେଷ ହେବ କାହିଁକି,ପ୍ରକୃତରେ ଦୁଇଜଣଙ୍କର ଶେଷ ଏକସଙ୍ଗରେ ହେବ ଯେ !"

ଶୁଣିଦେଇ ମୁଁ ପଚାରିଲି, "ସେଟା କେବେ, ଜନ୍ମାନ୍ତରରେ ନା କ'ଣ ?"

ସେ କହିଲେ, "ଜନ୍ମାନ୍ତର ? ଏହା ତ ଦିନ-ରାତିର ବ୍ୟାପାର । ତାହାଦ୍ୱାରା ଯଦି ତୋ'ର କିଛି ଲାଭ ହୋଇଥାଏ, ତୋ' ଦ୍ୱାରା ହିଁ ତାହାର କିଛି ଭଲ ତ ହୋଇଛି ନିଶ୍ଚୟ ? ତୁ ତାକୁ ଯେପରି ଚାହୁଁ, ସେ ମଧ୍ୟ ତୋତେ ସେହିପରି ଚାହେଁ । ତୁ ଯେପରି ତାକୁ ଛାଡ଼ିବାକୁ ଚାହୁଁ ନାହୁଁ, ସେ ମଧ୍ୟ ତୋତେ ଛାଡ଼ିବାକୁ ଚାହେଁ ନାହିଁ । ଦୁହେଁ ଦୁହିଁଙ୍କର କାମ ଗୋଛାଇ ନେଇଥାଅ ଯେ ! ଏହି ଶରୀରରେ ଛଡ଼ାଛଡ଼ି ଘଟିଲା, କିନ୍ତୁ ବାକି ସବୁ ଯେ ରହିଗଲା, ଯେପର୍ଯ୍ୟନ୍ତ ଶେଷ କାର୍ଯ୍ୟଟିର ସମାପ୍ତି ନହୁଏ ।"

"ଜୀବନସଙ୍ଗିନୀ କ'ଣ ଜନ୍ମଜନ୍ମାନ୍ତରରେ ମଧ୍ୟ ଅନୁଧାବନ କରନ୍ତି କି ?"

"କ'ଣ ତୋ'ର ଭୟ ହେଉଛି କି ? ଯଥାର୍ଥରେ ତୁ ଯଦି ତାକୁ ଚାହୁଁ, ସତରେ ଯଦି ତୋ'ର ତା' ପ୍ରତି ଆକର୍ଷଣ ଥାଏ, ତେବେ ତୋ' ପଛରେ ସେ ଧାଇଁବ । ଯଦି ତା ନଥାଏ, ତେବେ କିଏ ତୋ'ର ଅନୁଧାବନ କରିବ ? କାହାର ଏତେ ମୁଣ୍ଡବ୍ୟଥା, କହ ତ ?"

■■

ଷଷ୍ଠ ପରିଚ୍ଛେଦ

ତାରାପୀଠରେ ବାବାଙ୍କ ସଙ୍ଗ ଆଉ କିଛି ଦିନ ଲାଗି, ବୋଧହୁଏ ଦଶବାର ଦିନ ପାଇଁ ରହିପାରିଥିଲି । ସେହି ସମୟ ଭିତରେ ଯେଉଁ କେତେଦିନ ପାଇଁ କେତେକ ଘଟଣା ମୋ' ଭିତରେ ଗଭୀର ରେଖାପାତ କରିପାରିଥିଲା, ସେହି କଥାଗୁଡ଼ିକ ପ୍ରକାଶ କରି କ୍ଷେପାବାବାଙ୍କର ପ୍ରସଙ୍ଗକୁ ଶେଷ କରିବି ।

ଦିନେ ସକାଳେ ଦେଖୁଛି, ତାଙ୍କର ଚେଲାଙ୍କ ମଧ୍ୟରୁ ତିନି-ଚାରିଜଣ ଭକ୍ତଙ୍କ ସଙ୍ଗେ କ୍ଷେପାବାବା ମଧ୍ୟ ଅଛନ୍ତି । ବାବା ପୂରାପୂରି ଚୁପଚାପ ହୋଇ ବସିରହିଛନ୍ତି, ମନେ ହେଉଥିଲା, ତାଙ୍କ ମନ ଯେପରି ଭଲ ନାହିଁ ! ତାଙ୍କ ମୁଖରେ କିପରି ଏକ ବିଷଣ୍ଣ ଭାବ । ଶରୀର ବଙ୍କେଇଯାଇଛି, ସିଧାହୋଇ ବସିପାରୁ ନାହାନ୍ତି, ତା'ପରେ ପୁଣି ଅସୁସ୍ଥ ଶରୀର । କୁକୁରମାନେ ସେମାନଙ୍କ କାମରେ ଠିକ୍ ଭାବରେ ଲାଗିଛନ୍ତି– ଲାଲି, ଶେତ୍ବପୁଲି, କାଲୋ, ଭୁଲୋ, ଏମାନେ ସବୁ ବାବାଙ୍କର ସାଙ୍ଗୋପାଙ୍ଗ । ଏମାନଙ୍କ ସମ୍ବନ୍ଧରେ ବାବାଙ୍କର ଯେଉଁ ଭାବ, ତାହା ଅସାଧାରଣ ଥିଲା । ଏଇଥିଲାଗି ଅସାଧାରଣ କହୁଛି ଯେ ଆମେ ବା ଆମମାନଙ୍କ ଭିତରେ ଗୋଟିଏ ଶ୍ରେଣୀର ମନୁଷ୍ୟ କୁକୁର ପୋଷିଥାଉ ଅନେକ କିଛି ସଉକ ଖାତିରିରେ, ତାହା ପୁଣି ସେହି ୟୁରୋପୀୟ ସଭ୍ୟତାର ହିଁ ଅନୁକରଣରେ । ଆଉ ଏକଦଳ ଘରୁ ଚୋର-ଡାକୁଙ୍କୁ ତଡ଼ିବା ଲାଗି କୁକୁର ପୋଷୁଥିଲେ । ପୁଣି ଆଉ ଏକ ଶ୍ରେଣୀର ଗୃହସ୍ଥ କୁକୁର ପୋଷନ୍ତି, ପାରା ପୋଷନ୍ତି, ବିଲେଇ ପୋଷନ୍ତି, ସେମାନଙ୍କର ଜୀବପ୍ରତି ଦୟା ଅଛି ବୋଲି । ତେବେ ଶେଷ ଶ୍ରେଣୀର ଗୃହସ୍ଥଙ୍କ ପରି ଜୀବେଦୟା ଭାବଟି ଖୁବ୍ କମ୍ ଲୋକଙ୍କର ଥାଏ । କିନ୍ତୁ କ୍ଷେପାବାବା ତାଙ୍କର ଏହି କୁକୁରମାନଙ୍କୁ ଯେଉଁ ଭାବରେ ଦେଖିଥାନ୍ତି, ତାକୁ ଠିକ୍ ରୂପେ ବିଚାର କଲେ, ତାହା କେବଳ ଅପତ୍ୟସ୍ନେହ ବ୍ୟତୀତ ଅନ୍ୟ କିଛି ବୋଲି ମନେହୁଏ ନାହିଁ । ପିତା ଯେପରି ନିଜର ପୁଅ ଓ ଝିଅଙ୍କୁ ଦେଖିଥାନ୍ତି, କାଲୋ, ଭୁଲୋ, ଶ୍ୱେତପୁଲି ଆଦିଙ୍କୁ ସେ ଠିକ୍ ସେହିପରି ଦେଖିଥାନ୍ତି–ଏ କଥା କହିଲେ କିଛି ମାତ୍ର ଅତ୍ୟୁକ୍ତି ହେବ ନାହିଁ । ଏହି କୁକୁରମାନଙ୍କ ମଧ୍ୟରେ ଶେତ୍ବପୁଲି ସେତେବେଳେ ଥାଏ ଗର୍ଭବତୀ । ଆଜି ସକାଳେ ତାକୁ ଦେଖିଦେଇ ବାବା ତା'ର ପିଠିରେ ହାତବୁଲାଇ ଆଉଁସି ଦେଉଥାନ୍ତି । ମୁଁ ଆଦୌ ଆଶ୍ଚର୍ଯ୍ୟ ନହୋଇ ଚୁପ୍ କରି ଦେଖୁଥିଲି । ହାତ ବୁଲଉବୁଲଉ ବାବା ଜଣଙ୍କ ଆଡ଼କୁ ବୁଲିପଡ଼ି–ମନେ ହେଲା, ସେ ନଗେନ୍ ପଣ୍ଡା ହେବ–ପଚାରିଲେ, ''ଆଉ

କେତେଦିନ ଅଛି, କହିଲ ଦେଖି, ଏହାର ଛୁଆ ହେବାକୁ ?'' ସେ କହିଲେ, ''ଏବେ ଶୀଘ୍ର ହିଁ ହେବ ମନେହୁଏ ।'' ବାବା କହିଲେ, ''ଏଥର ପ୍ରଥମ ଗର୍ଭକିନା, ସେଥିଲାଗି ଭୟ–ତାହା କିପରି ହେବ କହ ତ ?''

ସେ କହିଲେ, ''କୌଣସି ଚିନ୍ତା ନାହିଁ ବାବା, ମା'ଙ୍କର ଦୟାରେ ସବୁ ଠିକ୍ ହୋଇଯିବ ।''

ଜନୈକ ପ୍ରୌଢ଼ ଭଦ୍ରଲୋକ, ମନେହୁଏ ଦୂରରୁ ଆସିଥିବା ଜଣେ ଭକ୍ତ, କହିଲେ– ''ଏମାନେ ଠିକ୍ ଯେପରି ସମସ୍ତେ ଆପଣଙ୍କ ସନ୍ତାନ–ଏପରି କଥା ଆଉ କେଉଁଠାରେ ଦେଖିନାହିଁ ।''

ବାବା ସେହି ବ୍ୟକ୍ତିଙ୍କ ମୁହଁକୁ ଅନେଇରହିଲେ, ତା'ପରେ ଟିକିଏ ହସିଦେଇ କହିଲେ, ''ମୋ'ର ସନ୍ତାନ ? ଏମାନେ ତାରା ମା'ଙ୍କର ସନ୍ତାନ । ଏଠାରେ ଯେଉଁମାନେ ଅଛନ୍ତି, ସମସ୍ତେ ତାରା ମା'ଙ୍କର । ଏମାନେ କେହି ଛୋଟ ଜୀବ ନୁହନ୍ତି । କିଏ ଏମାନଙ୍କୁ ଏଠାରୁ କେଉଁଆଡ଼କୁ କ'ଣ ନେଇଯାଇ ପାରିବ ? ପାରିବ ନାହିଁ, କେବେ ହେଁ ପାରିବ ନାହିଁ । ଏମାନେ ସମସ୍ତେ ମା'ଙ୍କର ଆଶ୍ରିତ ।''

ଏହି କୁକୁର ସମ୍ବନ୍ଧରେ କଥା ଏହି ପର୍ଯ୍ୟନ୍ତ ଚାଲିଥିଲା, ମୁଁ ଉଠିପଡ଼ିଲି–ଦେଖିଲି, ମୋ' ସଙ୍ଗେ ଏବେ ଆଉ କଥାବାର୍ତ୍ତା ହୋଇପାରିବ ନାହିଁ–ଏମାନେ ଏଠାରୁ କେହି ଉଠିବେ ନାହିଁ । ଗଞ୍ଜେଇ ଦଳିବା-ମକଚିବା ଚାଲିଛି, ଏସବୁ ଶେଷ ହେବାକୁ ବହୁ ବିଳମ୍ବ ହେବ– ଅନ୍ୟ ସମୟରେ ଥରେ ଆସିବାକୁ ଚେଷ୍ଟା କରିବି । ଦିନେଦୁଇଦିନ ଭିତରେ ଏଠାରୁ ଚାଲିଯିବାର ଇଚ୍ଛା ଅଛି, ସେକଥା ପୂର୍ବରୁ କହିଛି ।

ଦ୍ୱିପ୍ରହର ବିଶ୍ରାମ ପରେ ଉପରବେଳା ଯାଇ ଦେଖେ, ସେ ଏକୁଟିଆ ତକିଆରେ ଢିରା ଦେଇ ବସିଛନ୍ତି–ଆଉ କେହି ନାହାନ୍ତି । ଉତ୍ତମ ସୁଯୋଗ ମନେ କରି ସେଠାରେ ବସିଯିବା ସଙ୍ଗେ ସଙ୍ଗେ ସେ କହିଲେ, ''ମୁଁ ତ ତୋ' କଥା ଭାବୁଥିଲି–କ'ଣ ଖବର, କହ ତ ?''

ମୁଁ କହିଲି, ''ଆପଣ ଯେ ଏହି କୁକୁରମାନେ ମାଆର ଆଶ୍ରିତ ସନ୍ତାନ ବୋଲି କହିଲେ, ତାହା କିପରି ସମ୍ଭବ ବୋଲି ଜିଜ୍ଞାସା କରୁଛି ।''

''ସେମାନେ ତ ମାଆଙ୍କର ଆଶ୍ରିତ ନିଶ୍ଚୟ । ସେମାନେ ସବୁ ମାଆଙ୍କ ଭକ୍ତ, ଜନ୍ମ-ଜନ୍ମାନ୍ତରର କର୍ମକ୍ଷୟ କରିବାକୁ ଏଠାରେ ରହିଛନ୍ତି, ସେମାନେ ସବୁ ସାଧୁଲୋକ ।''

''ସାଧୁ ଲୋକ ? – ସାଧୁଲୋକ କହିଲେ ମୁଁ କ'ଣ ବୁଝିବି, ଦୟା କରି ସେକଥା କହନ୍ତୁ ।''

''ଦେଖି, ତୁ ବହୁତ ତର୍କ କରୁଛୁ, ମୁଁ ତ କହିଲି, ତଥାପି ବୁଝିବାକୁ ନାରାଜ ? ସେମାନେ କେତେ ତପସ୍ୟା କରିଛନ୍ତି, କେତେ ସାଧନ କରିଛନ୍ତି, ତେବେ ସିନା ଏଠାରେ ମାଆଙ୍କ-

ଧାମରେ ଆସି ରହିପାରିଛନ୍ତି ? ତୁ ରହିଲୁ, ଦେଖିବି, କେତେଦିନ ଏଠାରେ ରହିପାରିବୁ ? ତାହା ହବ ନାହିଁ ବାବା, ମା' ତୋତେ ରଖେଇଦେବେ ନାହିଁ, ତୋତେ ଯିବାକୁ ପଡ଼ିବ ।''

''ମୁଁ ତ ଯିବି ଯିବି କହି ଏଠାରେ ଦିନକଟଉଛି—ମନ ତ ଯିବାକୁ ପ୍ରସ୍ତୁତ, ବୁଦ୍ଧି କେବଳ ଆଉ କିଛି ଲାଭକରିବା ଆଶାରେ ଧୈର୍ଯ୍ୟ ଦେଇ ବିଳମ୍ବ ଘଟାଇ ଚାଲିଛି ।''

ସେଦିନ ଆଉ କୌଣସି କଥାବାର୍ତ୍ତା ହେଲା ନାହିଁ—ଦଳେ ଯାତ୍ରୀ ପ୍ରାୟ ୧୨-୧୫ ଜଣ ସ୍ତ୍ରୀ-ପୁରୁଷ ପିଲାଛୁଆ ନେଇ, ସିଉଡ଼ିଠାରୁ ଆସି, ହାଜର ହେଲେ ଏହି ଆଶ୍ରମରେ । ମୁଁ ଉଠିପଡ଼ିଲି ।

ବୀରଭୂମ ଛାଡ଼ି ଯିବାଲାଗି ସ୍ଥିର କରିଛି—ଏଥର କାମାକ୍ଷା କାମରୂପ ଆଡ଼କୁ ମନର ଆକର୍ଷଣ । କିନ୍ତୁ ବାମାବାବାଙ୍କ ପାଖରୁ ଯେପରି ଆଉ କିଛି ଜାଣିବା କଥା ଅଛି, ଏହି ଆଶା ରଖି ଏବେ ମଧ୍ୟ ଯାଇପାରୁ ନାହିଁ । ମନେହୁଏ, ଏପରି ମଣିଷ ଚାଲିଗଲେ ଆଉ କିଛି ହେବା ସମ୍ଭବ ନୁହେଁ ।

ଅନେକେ ଜାଣନ୍ତି ନାହିଁ ଯେ ବାମାହିଁ ବୀରଭୂମିକୁ ଗତ ଚାଳିଶ ବର୍ଷଯାଏ ସାଧନ-କେନ୍ଦ୍ର ରୂପେ ଉଜ୍ଜୀବିତ କରି ରଖିଛନ୍ତି । ଏହି ଜାଗରଣର ଏକ ଇତିହାସ ଅଛି । ବୀରଭୂମି ଏପରି ଏକ ସ୍ଥାନ, ଯେଉଁଠାରେ ତନ୍ତ୍ରଧର୍ମର ଅଭ୍ୟୁଦୟ କାଳଠାରୁ କେହିନା କେହି ମହାତ୍ମା ବା ତନ୍ତ୍ରମତର ସିଦ୍ଧଯୋଗୀ କୌଣସିନା କୌଣସି ସିଦ୍ଧସ୍ଥାନକୁ ଆଶ୍ରୟ କରି ତାଙ୍କର ସାଧନଲବ୍ଧ ଶକ୍ତିକୁ ପ୍ରସାରିତ କରି ଏବଂ ଏହି ଭୂମିର ଲୋକସମାଜର କଲ୍ୟାଣ ଲାଗି ଉତ୍ସର୍ଗ କରିଆସିଛନ୍ତି, ଯାହା ପରବର୍ତ୍ତୀ ସାଧକଗଣଙ୍କ ପକ୍ଷରେ ସିଦ୍ଧିଲାଭର ପଥ ସୁଗମ କରିପାରିଛି । ଏହି ବୀରଭୂମ କେବେହେଲେ ଦୀର୍ଘକାଳ ସାଧକ-ସିଦ୍ଧ-କୌଳ-ଶୂନ୍ୟ ନ ଥିଲା । ଯେଉଁ ଯେଉଁମାନେ କେତେକାଳ ଧରି ଏହି ବୀରାଚାର କ୍ଷେତ୍ରରେ କୌଣସି-ନା-କୌଣସି ସିଦ୍ଧପୀଠର ସିଦ୍ଧାସନକୁ ଆଶ୍ରୟ କରି ସିଦ୍ଧିଲାଭ ପରେ ବହୁଦିନ ପର୍ଯ୍ୟନ୍ତ ତନ୍ତ୍ର-ମାହାତ୍ମ୍ୟକୁ ସଜୀବ ରଖିପାରିଥିଲେ, ପରେ ପରେ ସେମାନଙ୍କ ନାମ ଦିନେ କଥାପ୍ରସଙ୍ଗରେ କ୍ଷେପାବାବା କହିଦେଇଥିଲେ । ସେତେବେଳେ ନଗେନ୍ ପଣ୍ଡା ଉପସ୍ଥିତ ଥିଲେ । ପୂର୍ବରୁ କହିଛି, ଏହି ନଗେନଙ୍କର ଅଧାମ୍ ରାଜ୍ୟରେ ବେଶୀ କିଛି ପ୍ରବେଶାଧିକାର ହୋଇନାହିଁ । କାରଣ ତାଙ୍କର ପାର୍ଥିବ କାମିନୀ-କାଞ୍ଚନ ନେଇ ଏକ ପ୍ରବଳ ଆକର୍ଷଣ ରହିଥିଲା । ତଥାପି ବାବା ତାଙ୍କୁ ପୃଥକ୍ ବ୍ୟକ୍ତି ଭାବରେ ଗ୍ରହଣ କରନ୍ତି । ସେ କହନ୍ତି, ହେଉ ପଛେ ଅଳ୍ପଶିକ୍ଷିତ, ଲୋକଟାର ବୁଦ୍ଧି ଅଛି, ଚାଲାକ ନିଶ୍ଚୟ—ଏତେ ବୁଦ୍ଧି କାହାର ହିଁ ନାହିଁ । ବାବା ସେଦିନ ପୂର୍ବ ସିଦ୍ଧପୀଠର ସିଦ୍ଧକୌଳଗଣଙ୍କର ନାମ କହିଲେ । ଆମେ ସବୁ ଆଗ୍ରହ ସହକାରେ ଶୁଣୁଥିଲୁ । ଯେତେବେଳେ ସେ ଚୁପ୍ ରହିଲେ, ସେତେବେଳେ ନଗେନ୍ ପ୍ରଶ୍ନ କଲେ, ''ବାବା, ଆପଣଙ୍କ ପରେ ଆଉ କିଏ ଏ କ୍ଷେତ୍ରର ମାହାତ୍ମ୍ୟ ବଜାୟ ରଖିପାରିବ ? ଏବେ ଏଠାରେ ସେପରି କାହାକୁ ତ ଦେଖିପାରୁନାହିଁ । ବୋଧହୁଏ ସମାପ୍ତ ହୋଇଯିବ ତନ୍ତ୍ରର ସିଦ୍ଧି ।''

ଏତିକି ଶୁଣିନେଇ ସେ ବାଧାଦେଇ କହିଲେ,—''ମା'ଙ୍କର ଇଚ୍ଛା...ସେ ପୁଣି କାହାକୁ ନିର୍ବାଚିତ କରିବେ, କେଜାଣି; କାହିଁକି ଏ କଥା ? ଆମର ତାରା (ଅର୍ଥାତ୍ ତାରାନାଥ, ବାବାଙ୍କର ଶିଷ୍ୟ)— ସେ ହେବ ନାହିଁ କାହିଁକି ? ଆଉ ଜଣେ କାହିଁକି ?''*

ଶୁଣିନେଇ ନଗେନ୍ କେଜାଣି କ'ଣ କହିବାକୁ ଯାଉଥିଲେ, କିନ୍ତୁ ତାଙ୍କୁ କହିବାକୁ ପଡ଼ିଲା ନାହିଁ । ବାବା ସ୍ୱୟଂ ଯେପରି ବୁଝିପାରି କହିଲେ, ''ତା'ର ଗୋଟିଏ ଦୋଷ ଅଛି ନିଶ୍ଚୟ—ସେ ବଡ଼ ବଦରାଗୀ ମଣିଷ—ତାହା ରହିଲେ ସିଦ୍ଧି ପ୍ରାପ୍ତ ହୁଏ ନାହିଁ ।''

ନଗେନ୍ କହିପକାଇଲେ, ''ବଡ଼ ଅହଂକାରୀ, ଦାମ୍ଭିକ ମଧ୍ୟ ।'' ଏହା ଶୁଣିନେଇ ବାବା ଖୁସୀ ହେଲେ ନାହିଁ । କହିଲେ, ''ତାରା ମା'ଙ୍କର ଇଚ୍ଛା ହୁଏତ—ଏସବୁ ଦୋଷ ଚାଲିଯିବାକୁ କେତେ ବା ସମୟ ! ସେ ତ୍ରୁଟି ରହିବ ନାହିଁ; ଏବେଠାରୁ ତାଙ୍କର ନଜର ପଡ଼ିଛି, ଦେଖୁନାହୁଁ ?''

ଏଇଯାଏ କଥା । ମାତ୍ର ନଗେନ୍‌ଙ୍କର ଯେପରି ଈର୍ଷାର ଭାବ ଥିଲା ତାଙ୍କ ଉପରେ । ତାରାନାଥ ବାବାଙ୍କୁ ଖୁବ୍ ବଶ କରିପାରିଛନ୍ତି, ଏକଥା ମଧ୍ୟ ନଗେନଙ୍କ ମୁହଁରୁ ଶୁଣିଥିଲି । ପ୍ରକୃତରେ ତାରା ଜଣେ ସ୍ୱାଧୀନଚେତା ବ୍ୟକ୍ତି । ଏଠାରେ ତାଙ୍କ ମତ ଶକ୍ତିଶାଳୀ । ଆଉ କେହି ନଥିବାରୁ ବାବା ତାଙ୍କୁ ବେଶୀ ଭଲପାଆନ୍ତି । ଏ ବିଷୟରେ ତାରା ହୁଏତ ଟିକିଏ ଅଧିକ ମାତ୍ରାରେ ସଚେତନ ଥିଲେ । ଥରେମାତ୍ର ତାଙ୍କୁ ବାବାଙ୍କ ନିକଟରେ ଦେଖିଥିଲି । ତାଙ୍କ ଶକ୍ତିର ଦମ୍ଭ ସେତେବେଳେ ତାଙ୍କର ବ୍ୟବହାରରୁ ପ୍ରକାଶିତ ହେଉଥିଲା ।

ଯାହା ହେଉ, ସେଦିନର କଥା ଏହିପର୍ଯ୍ୟନ୍ତ । ଏହାର ପରଦିନ ପ୍ରଭାତରେ ବାବାଙ୍କର ଆଡ୍ଡାରେ କଡ଼ା ତମାଖୁ ସେବନ ଚାଲିଥିଲା—ବାବାଙ୍କର ଆସନ ନିକଟରେ ଯେପରି ଦେହକୁ ଘଷିହୋଇ ଧଳା କୁକୁରଟି ଶୋଇରହିଥିଲା । ସେ ଏବେ ବାବାଙ୍କ ପାଖଛଡ଼ା ହେଉ ନାହିଁ । କେବଳ ଗର୍ଭବତୀ ନୁହେଁ, ବୋଧ ହେଲା ଆସନ୍ନପ୍ରସବା । ବାବା କହିଲେ, ''ଶ୍ୱେତଫୁଲିଟା କିପରି ଟିକିଏ ଦୁର୍ବଳ ମନେହେଉଛିନା ରେ ?''

ନଗେନ୍ ସେଠାରେ ଥିଲେ—ରହସ୍ୟ କରି କହିଲେ, ''ଏବେ ଏକ ଏନ୍ତୁଡ଼ିଶାଳ, ଆଉ ଜଣେ ଧାଈ ଦରକାର ହେବ, ବାବା !''

ବାବା, ଯିଏ ବାଳକ ପରି ସରଳ, କହିଲେ, ''ତାହା ହିଁ ସତ ରେ, ତୁ ଟିକିଏ କେଉଁଠି ତଲାସ କରନା ବାବା, ଗାଁରେ ତୋ'ର ଜଣାଶୁଣା କିଏସବୁ ଅଛନ୍ତି ?'' ନଗେନ କହିଲେ, ''ଭାବୁଛନ୍ତି କାହିଁକି ଆପଣ—ମା' ତାରା ସବୁ ଠିକ୍ କରିଦେବେ ।'' ବାବା ପରମ

---

* ଏ ସମ୍ବନ୍ଧରେ ବାବାଙ୍କର ମନ୍ତବ୍ୟ ଭିତ୍ତିଶୂନ୍ୟ ପ୍ରମାଣିତ ହୋଇନାହିଁ । ତାଙ୍କର ଅନ୍ତର୍ଦୃଷ୍ଟି ତାହାଙ୍କୁ ଦେଖାଇଦେଲା ଯେ ତାରାନାଥ ସିଦ୍ଧ ହୋଇ ତନ୍ତ୍ରସାଧନାର ଧାରା ବଜାୟ ରଖିବେ । ତେବେ ଉତ୍ତରକାଳରେ ତାଙ୍କୁ ଆସନ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଶେଷରେ ତାରାଙ୍କର ଆସନ ଥିଲା ବରହମ୍‌ପୁରର ଗଙ୍ଗାତୀରରେ ।

ଆହ୍ଲାଦିତ ହୋଇଯାଇ କହିଲେ, ''ତାହା ନିଶ୍ଚୟ ଠିକ୍ । ତଥାପି କାହିଁକି କିପରି ଭୟ ଲାଗୁଛିରେ—ବଞ୍ଚିବ ତ ? କେତେଟା ପିଲା ହେବ ? ମୁଁ ତ ଦେଖିନାହିଁ, ତୁ ଜାଣିଛୁ ?''

ନଗନେ କହିଲେ, ''ତେବେ ଦୁଇଟାରୁ ଚାରିଟା ପର୍ଯ୍ୟନ୍ତ ହୁଏ ବାବା ।''

ମୋତେ ଆଦୌ ଏ କଥା ଭଲ ଲାଗିଲା ନାହିଁ । ଉଠିଯିବିନା କ'ଣ ଭାବୁଛି, ବାବାଙ୍କ ନଜର କ୍ଷୀଣ ହେଲେ ମଧ୍ୟ, ସେହି ବଡ଼ ବଡ଼ ଚକ୍ଷୁ ଦୁଇଟି ଅତି କରୁଣ ଦୃଷ୍ଟିରେ ମୋ' ମୁହଁ ଉପରେ ସ୍ଥିର ରହିଲା ଏବଂ ମୋ' ମନର ଭାବଟିକୁ ସେ ତତ୍‌କ୍ଷଣାତ୍ ଜାଣି ପକାଇଲେ, ''ବାବା, ଏବେ ଯିବାର ସମୟ । ଜ୍ଞାନର ବୁଜୁଳି-ବୋଝକୁ ନେଇ ଚାଲିଯିବାର ଚେଷ୍ଟାରେ ଅଛୁ ବୋଧହୁଏ ! କୁକୁର କଥାରେ ତୋର କିଛି ଜ୍ଞାନ ନାହିଁ, ସେଥିଲାଗି ଉଠିବୁ କି ନାହିଁ, ଭାବୁଛୁ ନିଶ୍ଚୟ !—ହେଁ ? ନା କ'ଣ, କହ ତ ଠିକ୍ କରି !''

ବାଧ୍ୟ ହୋଇ ଏହା ସତ କଥା ବୋଲି କହିଲି । ତା'ପରେ ବାବା କିଛିଟା ସଳଖ ହୋଇ ବସିଲେ । କହିଲେ, ''ଏଇ ତ ତୋ'ର ବୁଦ୍ଧି— ସେଥିପାଇଁ କହୁଛି ! କୁକୁର କ'ଣ ମଣିଷ ନୁହେଁ, ମା' ଜଗଦମ୍ବାର ସୃଷ୍ଟି ନିଶ୍ଚୟ ?''

ମୁଁ ହସିଦେଇ କହିଲି, ''କୁକୁର ମଣିଷ ?''

ବାବା କହିଲେ, ''ମଣିଷ ନୁହେଁ ? ଏହି ସମୟରେ ଭୋଲା କେଉଁଆଡୁ ଆସି ବାବାଙ୍କ ପାଖରେ ଲାଞ୍ଜହଲାଇ ବସିଗଲା ଏବଂ ଅତି ସହଜ ଭାବରେ, ବେଶ୍ ବୁଦ୍ଧିମାନ ପରି ବାବାଙ୍କ ମୁହଁ ଆଡ଼କୁ ଏପରି ଭାବରେ ଅନାଇଲା, ମନେହେଲା, ଯେପରି ଆମ କଥା ଶୁଣିବାକୁ ଆସିଯାଇଛି, ସେ ଯେପରି ଆମ ଭିତରୁ ଜଣେ । ମୁଁ ଅନ୍ତଃକରଣରେ ଯେପରି ସତରେ କିଛି ଅନୁଭବ କଲି, ଅଦ୍ଭୁତ ଅନୁଭୂତି ! ବାବା କହିଲେ, ''କଲିକତାର ବାବୁ ତ, ଏସବୁ କଥା ତୁମମାନଙ୍କ କଲେଜ ପୋଥିରେ ଲେଖା ନାହିଁ ଯେ ।''

ଏହାପରେ କେଲୋ ମଧ୍ୟ ଆସିଲା—ସେ ମଧ୍ୟ ସେମିତି ଲାଞ୍ଜ ଉପରେ ବସିଯାଇ ଏଆଡ଼େସେଆଡ଼େ ଅନାଇବାକୁ ଲାଗିଲା । ଅନ୍ୟ ସମୟରେ ଦେଖିଛି, ତା' ଆଖି ଦୁଇଟି ଅତି ଭୟାନକ, ଯେପରି ଜଳୁଥାଏ—କିନ୍ତୁ ଏବେ ଦେଖୁଛି, ଅତି କରୁଣ ଚାହାଣି ମଝିରେ ମଝିରେ ମୁଣ୍ଡ ନୁଆଁଇ କୁଁ କୁଁ ଶବ୍ଦ କରୁଛି । ମୋ'ର ଭୟ ଥିଲା ଏଇ କୁକୁରକୁ । ତା'ର ଭୟଙ୍କର ମୂର୍ତ୍ତି ବେଳେବେଳେ ଏଠାରେ ଅନେକ ଯାତ୍ରୀଙ୍କର ଭୟର କାରଣ ଥିଲା, ଯଦିଓ ସେ କେବେହେଁ କାହାର ଅନିଷ୍ଟ କରିନାହିଁ । ବାବା କହନ୍ତି, ''ଛଦ୍ମବେଶରେ କାଲୋଟି ଚଣ୍ଡଭୈରବ ।'' ତାକୁ ଅଧିକାଂଶ ସମୟରେ ମା'ଙ୍କର ମନ୍ଦିର ଦ୍ୱାରରେ ଶୋଇଥିବାର ଦେଖାଯାଏ । ଆଉ ଏକ ବିଶେଷ ବ୍ୟାପାର ଲକ୍ଷ୍ୟ କରିଛି—ବାବାଙ୍କ ନିକଟରେ ସବୁଗୁଡ଼ିକ ଏକସଙ୍ଗେ ଜୁଟିଯାଆନ୍ତି—କିନ୍ତୁ ଅନ୍ୟ କେଉଁଠାରେ, ବାବାଙ୍କର ଆଶ୍ରମ ବାହାରକୁ ଆସିଲେ ହିଁ କାଲୋ ସଙ୍ଗଛଡ଼ା ହୋଇଥାଏ । ସେ ଥିଲା ନିର୍ବିବାଦୀ—କେବେ କାହାକୁ ଆକ୍ରମଣ କରେ ନାହିଁ । ଅନେକ ସମୟରେ ଭୋଜନ ଶେଷରେ ଯଦି କେହି ପତ୍ରରେ ଭାତ ନେଇ

ଘାଟଧାରରେ ପକାଇଦେଲା, କାଲୋ ସେଠାକୁ ଚାଲିଯାଉଥିଲା । ଏ ସମୟରେ ଯଦି ଭୁଲୋ ବା ଅନ୍ୟ କେଉଁ କୁକୁର ଦଉଡ଼ିଆସି ପତ୍ର ପାଖରେ ପହଞ୍ଚି ଯାଉଥିଲା, ତେବେ ଭୁଲୋକୁ ଦେଖିବାମାତ୍ରେ ହିଁ କାଲୋ ମୁହଁ ତଳକୁକରି ଚାଲିଆସୁଥିଲା—ଏହା ସତ୍ତ୍ୱେ ଭୁଲୋ ଗଁ ଗଁ କରିବାକୁ ଲାଗେ । କଳାରଙ୍ଗ ବୋଲି ମନେହୁଏ, କାଲୋ ଭିତରେ କିଛିଟା ହୀନମନ୍ୟତା ଥିଲା । ସେ ଯେପରି ଦଳଛଡ଼ା ଏକ ପୃଥକ୍ ପ୍ରାଣୀ—ତାହା ସମସ୍ତେ ଲକ୍ଷ୍ୟ କରିଥାନ୍ତି । ତଥାପି ସମସ୍ତେ ତାକୁ ଭୟକରନ୍ତି ଓ ତା'ର ଭୟାନକ କଳା ରୂପଟି ମଧ୍ୟ ଭୟ ଉଦ୍ରେକ କରିଥାଏ ।

ଏହି ଭାବନେଇ କାଲୋ ଆଡ଼େ ଚାହିଁ ବାବା ପୁଣି ସେହି ପୂର୍ବ କଥାକୁ କହିଲେ, ଏଗୁଡ଼ିକ କ'ଣ ମଣିଷ ନୁହନ୍ତି ?

ସେତେବେଳେ ନଗେନ୍ ପଣ୍ଡା କହିଲେ, ''ବାବା, ଆପଣଙ୍କ କଥାର ମର୍ମ୍ମ ଏମାନେ ଧରି ପାରୁନାହାନ୍ତି—ଟିକିଏ ଖୋଲି କହିବାକୁ ପଡ଼ିବ ।''

ବାବା କହିଲେ, ''ଏଥିରେ ପୁଣି ଖୋଲାଖୋଲି କ'ଣ ଅଛି । ଯେପରି ତୁମେ ଆମେ ମଣିଷ, ସେହିପରି କେଲୋ ଭୁଲୋ ମଧ୍ୟ ମଣିଷ, ଏଥିରେ ପୁଣି ଲୁଚାଇବାର କ'ଣ ଅଛି ?''

ଶୁଣିସାରି ମୁଁ କହିଲି, ''ଆମେ ଏଠାରେ ଯେତେଜଣ ଅଛୁ, ସମସ୍ତେ ତ ଏମାନକୁ କୁକୁର ବୋଲି ହିଁ ଦେଖୁଛୁ ।''

କୁକୁର-କାଲୋ
(ତାରପୀଠ)

ବାବା ହାତଯୋଡ଼ି ନମସ୍କାର କରି କହିଲେ, ''ମୋ'ର କାହିଁକି ହେବେ, ସେମାନେ ମା'ଙ୍କର ଭକ୍ତ—ମା' ହିଁ ତ ସେମାନଙ୍କୁ ଏଇ ରୂପ ଦେଇଛନ୍ତି । ନୁହେଁ ?'' ମୁଁ ଜିଜ୍ଞାସୁଭାବେ ତାଙ୍କ ଆଡ଼କୁ ଚାହିଁବାରୁ ସେ ଟିକିଏ ଅଟକିଯାଇ ପୁଣି କହିଲେ, ''ଧରିନିଅ, ତୁମେ ଶକ୍ତିମନ୍ତ୍ରରେ ଦୀକ୍ଷାନେଇ ଭୈରବ ହୋଇଛ, ସାଧନ-ଭଜନ କରୁଛ । କ୍ରମେ କ୍ରମେ ତୁମେ ବେଶ୍ ଆଗେଇ ଯିବାକୁ ଲାଗିଲ, ଶକ୍ତିପ୍ରାପ୍ତ ହୋଇ ତୀବ୍ରଭାବେ ସାଧନା ଚାଲିଲା । କ୍ରମେ ତୁମର ଶକ୍ତି ପରେ ଶକ୍ତି ପ୍ରାପ୍ତ ହେବାଲାଗି ଲୋଭ ଜାଗି ଉଠିଲା—ବୀର ସାଧନାରେ ଲାଗିଗଲ, କ୍ରମେ ଶକ୍ତି ଲାଭ ମଧ୍ୟ ହେଲା—ଯେପରି ଚାହିଁଥିଲ, ମା'ଙ୍କ କୃପାରୁ । ତା'ପରେ କଞ୍ଚା ତାନ୍ତ୍ରିକ ସାଧକଙ୍କର ଯେପରି ହୋଇଥାଏ, ତାହା ହିଁ ହେଲା ତୁମର—ଇଷ୍ଟଙ୍କ ଦିଗରୁ ଦୃଷ୍ଟି ଗଲା ଶକ୍ତିଚାଳନା ଆଡ଼େ—ଭୋଗର ନିଶା ସାଧକର ଏତେ ବଡ଼ ଶତ୍ରୁ ଆଉ କେହି

ନୁହେଁ ଯେ ବାବା । ପାଖରେ ଗୁରୁ ନାହାନ୍ତି ଯେ ସାବଧାନ କରିଦେବେ । ସେତେବେଳେ ହାତଗୋଡ଼ ଭୋଗରେ ଲାଗିରହିଲା, ସଙ୍ଗେ ସଙ୍ଗେ ପ୍ରବୃତ୍ତି ବଶରେ (ଏଠାରେ ସେ ଯେଉଁ ଭାଷା ବ୍ୟବହାର କରିଥିଲେ, ତାକୁ ଲେଖିଲେ ସାଧାରଣଙ୍କ ଆଖିଆଗରେ ଧରିହେବ ନାହିଁ) । ଏହିପରି ସବୁ ଜଘନ୍ୟ, କୁତ୍ସିତ ଭୋଗରେ ଲିପ୍ତ ରହିଲ, କାଣ୍ଡଜ୍ଞାନଶୂନ୍ୟ ହୋଇପଡ଼ିଲ, ଯାହା ମନୁଷ୍ୟର ନିୟମ ବହିର୍ଭୂତ—ଶେଷରେ ଡୁବିବ । ମା'ଙ୍କ ସୃଷ୍ଟିର ନିୟମ ଭାଙ୍ଗିଲ, ତୁମେ ଏପରି କାମ କଲ, ଯଦ୍ୱାରା ତୁମକୁ ମନୁଷ୍ୟ ପର୍ଯ୍ୟାୟଭୁକ୍ତ କରାଯିବ ନାହିଁ । ସେତେବେଳେ ମା' ତୁମକୁ ଦଣ୍ଡ ଦେବେ ନାହିଁ ? ସେହି କଥା ତ— (କେଲୋ ଆଡ଼କୁ ଦେଖାଇ) ସେହି ଅବସ୍ଥା ବର୍ତ୍ତମାନ ଏହି କେଲୋର । କୁକୁର ହୋଇ—ମା'ଙ୍କର ଦୁଆରେ ପଡ଼ିରହିଛି । ପ୍ରତ୍ୟେକ ସନ୍ଧ୍ୟାଆରତି ପରେ ଶ୍ମଶାନକୁ ଯାଇ ଆକାଶ ଆଡ଼କୁ ନାକଟେକି କାନ୍ଦିଥାଏ—ଶୁଣି ନାହୁଁ ?

ଏତେ ସବୁ ଲକ୍ଷ୍ୟ କରି ନାହିଁ ବୋଲି କହିବାରୁ ସେ କହିଲେ, ''ଆଜି ଶୁଣୁନାହୁଁ, ରାତ୍ରିର ଆରତି କରି ସାରି ଭୋଗ ଶୀତଳ ହୋଇଗଲା ପରେ, ଏଠାରେ ବସି ଟିକିଏ କାନଡେରି ଶୁଣିଲେ ହିଁ ତା'ର କାନ୍ଦଣା ଶୁଣି ପାରିବୁ । ଏମାନେ ସମସ୍ତେ ଶୁଣିଛନ୍ତି ଅନେକ ଦିନରୁ । ନୁହେଁ କି ନଗେନ୍ ବାବା ?''

ନଗେନ କହିଲେ, ''ଆମେତ ସବୁଦିନେ ଶୁଣୁ । ସେ ଶୁଣି ନଥିବାରୁ ଏହା ତାଙ୍କୁ ନୂଆ ଲାଗୁଥିବ, ନୁହେଁ କି ?''

ତାଙ୍କ କଥା ଶୁଣି ମୋ' ମନରେ ଆଉ ତିଳେ ମାତ୍ର ସନ୍ଦେହ ରହିଲା ନାହିଁ । ତେବେ ସେହିଦିନ ରାତ୍ରିରେ ମୁଁ ତାହା ଶୁଣିପାରିଥିଲି । କି ଅଦ୍ଭୁତ ବ୍ୟାପାର ! ମୋ'ର ଧାରଣା ଥିଲା ଯେ ମଣିଷ ହୋଇ, କ୍ରମବିକାଶ ଫଳରେ, ଉନ୍ନତ ପର୍ଯ୍ୟାୟରେ ପହଞ୍ଚିବା ପରେ ତା'ର ଆଉ ପଶୁଯୋନିରେ ପ୍ରବେଶ ଅର୍ଥାତ୍ ବିଲୋମଗତି ସମ୍ଭବ ନୁହେଁ । ସୁଖଭୋଗ ବା ଉତ୍କଟ ଦୁଃଖ ଭୋଗ, ଯାହା କର୍ମାନ୍ତିକର ଫଳ ଭୋଗ ହୋଇଥାଏ, ତା' କେବଳ ମନୁଷ୍ୟ ଜନ୍ମରେ ହିଁ ହେବ ।

ମୋ'ର ମନ କଥାଟା ବାବା ବୁଝିପାରି କହିଲେ, ''ଆରେ ବାବା, ଗୋଲୋକଧାମ ଖେଳ ନୁହେଁ । ଛଅ ଚିତ୍ତ ନେଇ ନର୍କକୁ ଗମନ—ସାତ ଚିତ୍ତରେ ରସାତଳ ଗମନ ? ଏହି ତ ରସାତଳ, ନର୍କର କଥା, ତା'ପରେ କେବେ ପୁଣି ଏହାର ଭୋଗ କଟିବ, କିଏ ଜାଣେ !''

ପଚାରିଲି, ''ଆଚ୍ଛା, ତା'ର କ'ଣ ପୂର୍ବଜନ୍ମ କଥା ସ୍ପଷ୍ଟଭାବେ ସ୍ମୃତିରେ ଅଛି ?'' ବାବା କହିଲେ, ''ଯେତିକି ରହିଲେ ତା'ର ସେହି ପାତକ ଲାଗି ମନ ପୋଡୁଥିବ, ସେତିକି ମାତ୍ର ତା'ର ଅଛି, ଆଉ କ'ଣ ଦରକାର ? ସମୟ ସମୟରେ ଏଠାକାର ସବୁ ଘଟଣା ଶୁଣି ତା' ଆଖିରୁ ଲୁହ ଗଡ଼ିବାର ଦେଖିଛି, କିଛି କିଛିଟା ବୁଝୁଥିବ ତ ? —ନା କ'ଣ ନଗେନ୍ ବାବା ?''

ନଗେନ୍ ବାବା ଟିକିଏ କୂଟନୀତି କରି କହିଲେ, ''ବାବା, ଆପଣ ଯେପରି ଏସବୁ ଦେଖି ସ୍ପଷ୍ଟଭାବେ ଜାଣିପାରନ୍ତି, ଆମେ ତ ତାହା ଦେଖିପାରୁନା, ଆପଣଙ୍କ କଥାକୁ ବିଶ୍ୱାସ କରୁ– ସେଇଥିରୁ ମନେହୁଏ, ଯେପରି ବୁଝିଛୁ । ସେ ଦୃଷ୍ଟି ତ ଆମର ନାହିଁ, ଆଶୀର୍ବାଦ କରନ୍ତୁ ବାବା, ଶେଷ ପର୍ଯ୍ୟନ୍ତ ଆପଣଙ୍କ ନିକଟରେ ଆମମାନଙ୍କର ଭକ୍ତି ଯେପରି ଅଟଳ ରହେ ।'' କହିସାରି ବାବାଙ୍କର ପାଦଧୂଳି ନେବାକୁ ଗଲେ–ବାବା, ପାଦ ଘୁଞ୍ଚାଇନେଇ କହିଲେ,–''ଶଳା, ମା' ଚରଣକୁ ଯାଇପାରିଲା ନାହିଁ–ମୋ'ର ଏହି ଭଙ୍ଗା ହାଣ୍ଡି ଉପରେ ଭକ୍ତି ଦେଖାଇବାକୁ ଆସିଲା ! ତୁ ଶଳା ଚୋର କେଉଁଠିକାର ।''

ନଗେନଙ୍କର ମୁହଁଟି କ୍ଷଣକ ଲାଗି ଯେପରି ଟିକିଏ ବିମର୍ଷ ହୋଇଉଠିଲା । କିନ୍ତୁ ଏତେ ଲୋକଙ୍କ ସାମ୍ନାରେ ଅପ୍ରତିଭ ହେବାର ପାତ୍ର ନୁହେଁ ସେ । ସପ୍ରତିଭ ହୋଇ ତତ୍‌କ୍ଷଣାତ୍ ପୁଣି କହିଲେ, ''ବାବା, ଆପଣଙ୍କୁ ଧରିଲେ ହିଁ ସିନା ମା'ଙ୍କ ସହ ଆମର ସମ୍ପର୍କ । ଏ ହାଣ୍ଡି ଭଙ୍ଗା ହେଉ କି ଫୁଟା ହେଉ, ଏଇଥିରେ ଆମେ ଆମର ଖାଇବାଜିନିଷ ରାନ୍ଧି ନେବୁ ।''

ଶୁଣିସାରି ବାବା ପ୍ରସନ୍ନ ହେଲେ, କହିଲେ, ''ନଗେନ୍ ବାବାକୁ ପାରି ହେବ ନାହିଁ– କ'ଣ ବାବା, ଟିକିଏ ତମାଖୁ ଚାଲୁ, ନା କ'ଣ !''

ଭୋଗବିକୃତିର କି ଭୟଙ୍କର ପରିଣାମ ! ଏତେଟା ସାଧନା ପରେ ମଧ୍ୟ ଏ ଅବସ୍ଥା ? ଅନାଚାର ପରିଣାମ ଫଳରେ ପ୍ରାକୃତିକ ନିୟମରେ ହିଁ ମନୁଷ୍ୟ ପଶୁଯୋନିରେ ଜନ୍ମ ଗ୍ରହଣ କରେ–ମୋ' ଅନ୍ତରରେ ଏହି ପ୍ରସଙ୍ଗ ନେଇ ହିଁ ପ୍ରବଳ ଆଲୋଡ଼ନ ଚାଲିଥିଲା । ଏହି ମହାତ୍ମାଙ୍କ କଥାଗୁଡ଼ିକ ଶୁଣି ମୋ' ଭିତରେ ଏକ ପ୍ରତ୍ୟକ୍ଷ ଅନୁଭୂତି ଜାଗିଉଠୁଥିଲା । ଏବେ ତାହା ଆଘାତ ଲାଗିବା ପରି ପୀଡ଼ାଦାୟକ ହୋଇ ହୁଏତ ବାହାରିବ । ମୋ'ର ମୁହଁରେ କିଛି ଭାବନା ଫୁଟିଉଠିଥିଲା । ବାବା ତହିଁରୁ ମଧ୍ୟ ବୁଝି ଯାଇଥିବେ, ମୋ' ଅନ୍ତରରେ ଏକ ପ୍ରବଳ ଝଡ଼ ବୋହିଚାଲିଛି ବୋଲି । ଏବେ ସେ ସସ୍ନେହରେ କହିଲେ, ''ଦେଖିବାକୁ ପଡ଼େ ବାବା ! ଏହି ମାନବ ଜନ୍ମ, କେତେ ଦୁର୍ଲଭ–ଏଠାରେ ମନୁଷ୍ୟ ହୋଇ ଯଦି ମା' ମହାମାୟାକୁ ନ ଚିହ୍ନିଲୁ, ଯଦି କିଛିଟା ଉପର ଭୂମିକୁ ଉଠି ନ ପାରିଲୁ, ତେବେ ହେଲା ଆଉ କ'ଣ ?''

ଏହି ସତ୍ୟ ବଚନ ପ୍ରତ୍ୟକ୍ଷ ରୂପେ ଶକ୍ତିଶାଳୀ । ଭଗବତ୍‌ବାଣୀ ତୁଲ୍ୟ ତାଙ୍କ ମୁଖନିଃସୃତ ବାଣୀ ସେଠାରେ ଥିବା ସମସ୍ତଙ୍କୁ ଅଭିଭୂତ କରିଦେଲା । ସେ ପୁଣି କହିଲେ, ''ସ୍ତ୍ରୀ, ଧନ, ପ୍ରଭୁତ୍ୱ ଅଧିକାରର ମୋହ–ଏହା ପଛରେ କ'ଣ ସମସ୍ତେ ଦୌଡ଼ିନାହାନ୍ତି ?'' କ'ଣ ? କହୁ ନାହୁଁ ବାବା ? ଏହା ପଛରେ ଦୌଡ଼ାଦୌଡ଼ି କରି ଯଦି ପରମାୟୁ ଟିକକ ଶେଷ ହୋଇଯାଏ ତ ଆଉ କ'ଣ ଲାଭ ହେଲା, ମନୁଷ୍ୟ ଜନ୍ମ ନେଇ–ବୁଝିକରି ଦେଖିନା, ବାବା ।'' କହିଦେଇ ସମସ୍ତଙ୍କ ଆଡ଼କୁ ଥରେ ଥରେ ତୀକ୍ଷ୍ଣ ଦୃଷ୍ଟିପାତ କଲେ ।

ଏହା ସତ୍ୟ ! ହାୟ, ଆମେ କି ଅକର୍ମ ପଛରେ ନ ଧାଉଁ, କେଉଁ ଭାବରେ ଜୀବନର ଦିନସବୁ କଟାଇ ଚାଲିଛୁ । ଆମ ଭିତରେ ସମସ୍ତେ ତ ନିଜ ନିଜର ଦୁର୍ବଳତା ବିଷୟରେ

ଥରେ ଥରେ ସଚେତନ ହୋଇଉଠନ୍ତି, ବିଶେଷତଃ କେଉଁ କର୍ମଫଳକୁ ପ୍ରତ୍ୟକ୍ଷ ଦେଖିଲେ କୌଣସି ବିଶ୍ୱାସଯୋଗ୍ୟ ପୁରୁଷଙ୍କ ବାଣୀ ଶୁଣିଲେ ବା ତାଙ୍କର ସତ୍ୟ ଅଭିଜ୍ଞତାର ଆଲୋକ ଦେଖିଲେ । ସେତେବେଳେ କିଛି ସମୟପାଇଁ ହୁଏତ ସଚେତନ ହୋଇଉଠିଲୁ; କିନ୍ତୁ ବିଶ୍ୱାସ କ'ଣ ଆମର ଏହି ଭୋଗମୁଖୀ ମନବୁଦ୍ଧିଯୁକ୍ତ 'ମୁଁତ୍ୱ' ଜ୍ଞାନ ଦ୍ୱାରା ? ଭୋଗ ପଛରେ ଦଉଡ଼ିବା ଫଳରେ ପରିଣାମ କ'ଣ ହୋଇପାରେ—ଏ ଜ୍ଞାନ କେତେ ସମୟଯାଏ ଆମେ ରକ୍ଷା କରିପାରିବୁ, ଯଦି କୌଣସି ଭୋଗର ଅନୁକୂଳ ଅବସ୍ଥାର ଯୋଗାଯୋଗ ଘଟିଥାଏ ? ଏହି ସାମୟିକ ଜ୍ଞାନକୁ ଡୁବେଇ ଦେବାକୁ କେତେ ସମୟ ଲାଗିବ ! ଇଚ୍ଛାମତେ ଶକ୍ତିଲାଭର ଆକାଂକ୍ଷା ଅନ୍ତରରେ ସବୁ ସମୟରେ ବର୍ତ୍ତମାନ, ଏହା ସାଙ୍ଗକୁ ଭୋଗ ପ୍ରବୃତ୍ତିର ଯୋଗାଯୋଗ, ଚାନ୍ଦରେ କଳଙ୍କ ପରି—ଏହା ହିଁ ଧରିନେଲି । ସୁଧାମୟ ତନ୍ମୟତାରେ, ମନ-ବୁଦ୍ଧି ଶୁଦ୍ଧଭାବରେ ଯେତେବେଳେ ଉଚ୍ଚ-ସ୍ତରରେ ରହିଥାଏ, ଅହଂବୁଦ୍ଧି ଅଧ୍ୟାତ୍ମ-ଚୈତନ୍ୟମୁଖୀ ହୋଇ ବେଶ୍ କିଛି ସମୟଧରି ରହିଲା । ଏହାପରେ କର୍ମାନ୍ତରେ ଯେତେବେଳେ ଯିବାକୁ ପଡ଼ିଲା, ସେତେବେଳେ ଏହାର ଲେଶମାତ୍ର ରହିଥାଏ—କର୍ମ ଚାଲିଥାଏ ତା' ସଙ୍ଗେ ସଙ୍ଗେ ଆତ୍ମପ୍ରସାଦ ମଧ୍ୟ ରହିଥାଏ । ଏହି ଅବସ୍ଥାରେ, ଯେଉଁ ରିପୁର ପ୍ରଭାବରେ ଆମେ ଦୁର୍ବଳ ଥାଉ, ଯାହାଠାରୁ ପରିତ୍ରାଣ ପାଇବା ଲାଗି ସମୟ ସମୟରେ କାୟମନୋବାକ୍ୟରେ ଛଟପଟ ହୋଇଛୁ, ଶରୀର-ମନରେ କଠୋରତା ପର୍ଯ୍ୟନ୍ତ କେତେ ନା କେତେ କରିଛୁ— ଭାବର ଘରୁ ଚୋରି ନ କରି ମଧ୍ୟ ତାହା କରିଛୁ । ସଂସାରକର୍ମ ସମ୍ପର୍କରେ ପୁଣି ଏପରି ଏକ ଯୋଗାଯୋଗ ଭିତରେ ପଡ଼ିଲୁ, ଯାହା ଫଳରେ, କର୍ମରେ ନ କଲେ ମଧ୍ୟ ମନଭିତରେ ବେଶ୍ କିଛି ଆଲୋଚନା ସୃଷ୍ଟି କରେଇଦେଇ ଚାଲେ । ଆମେ କେତେ ତଳକୁ ଚାଲିଯାଉ, ତା'ର କିଛି ଠିକ୍ ନାହିଁ । ଅନୁଶୋଚନାରେ କାତର ହେଲେ ମଧ୍ୟ ପରିତ୍ରାଣ ନାହିଁ । ଦଫା-ଦଫା କରି ଅତର୍କିତରେ ଠିକ୍ ଆକ୍ରମଣ କରିବ ହିଁ କରିବ । ଭୋଗ-ପ୍ରବୃତ୍ତି ଯେପରି ଅତର୍କିତରେ ଆକ୍ରମଣ କରିବା ଲାଗି ଗୁପ୍ତରେ ବସି ରହିଛି ! ପ୍ରତ୍ୟକ୍ଷରେ ଦେଖିଛି, ଯିଏ ଯେଉଁ ବିଷୟରେ ଦୁର୍ବଳ, ଅର୍ଥାତ୍ ଜୀବନର କୌଣସି ସମୟରେ ଇନ୍ଦ୍ରିୟ-ପ୍ରବୃତ୍ତି-ପ୍ରବଳ ମନକୁ ପ୍ରଶ୍ରୟ ଦେଇଥାଏ । ତାହାରି ଦ୍ୱାରା ହିଁ ପ୍ରବୃତ୍ତିମୂଳକ ସକଳ ଅକର୍ମ ସମ୍ଭବ ହୋଇଥାଏ । ଗୁରୁଶକ୍ତିର ପୂର୍ଣ୍ଣ ଆଶ୍ରୟ ବ୍ୟତିରେକେ ତା'ର ପରିତ୍ରାଣ ହୁଏ ନାହିଁ ।

ବାବା ମୋ' ଆଡ଼କୁ ଚାହିଁ, ସତେ ଯେପରି ସ୍ୱଚ୍ଛ ଦର୍ପଣ ପରି ମୋ' ଅନ୍ତର୍ମନର ଛବି ଦେଖିପାରୁଛନ୍ତି, ସେହିପରି ଭାବରେ କରୁଣାର୍ଦ୍ର ହୋଇ କହିଲେ, ''ଭୟ ନାହିଁ ବାବା, ତୁମର କିଛି ଭୟ ନାହିଁ । ମା' ଯେ ତୁମମାନଙ୍କୁ ସବୁ ସମୟରେ ଦେଖୁଛନ୍ତି, ତୁମେମାନେ ଯେ ମା'ଙ୍କର ଶରଣାଗତ ।''

ସତରେସତରେ ଏହି କଥାସବୁ ଶୁଣି ସଙ୍ଗେସଙ୍ଗେ ପ୍ରାଣରେ ବଳ, ସାହସ ଓ ଆତ୍ମବିଶ୍ୱାସ ପ୍ରଜ୍ୱଳିତ ହୋଇଉଠିଲା, ମହତଙ୍କର କୃପା ଅନୁଭୂତ ହେଲା । ତାଙ୍କ ଚରଣରେ କରସ୍ପର୍ଶ କରି ହାତକୁ ନେଇ ମଥାରେ ରଖିଲି ।

ତା'ପରେ ଆଜି ଉଠିପଡ଼ିବାର ଚିନ୍ତା କରୁକରୁ, ଦେଖିଲି, ଜଣ ଜଣ କରି ନଗେନ୍ ପଣ୍ଡା ଆଦି ଯେଉଁ ଦୁଇତିନିଜଣ ଥିଲେ, ସମସ୍ତେ ଉଠିପଡ଼ିଲେ । ତାହା ଦେଖିଲା ପରେ ମୁଁ ଆଉ ଉଠିଲି ନାହିଁ । କେବଳ ବାବାଙ୍କର ସେବାକାରୀ ପିଲାଟି ଥିଲା । ପରେ ବାବାଙ୍କ ଆଦେଶ ପାଇ ସେ ଘର ଭିତରକୁ କ'ଣ ଗୋଟାଏ କାମରେ ଚାଲିଗଲା । ମୁଁ ସେତେବେଳେ ପାଖକୁ ଘୁଞ୍ଚିଆସି ବାବାଙ୍କର ପାଦକୁ ହାତରେ ଧରିନେଇ କହିଲି, ''ଶୁଣିଛି, ଆପଣ କୁମାର ବୟସରୁ ବ୍ରହ୍ମଚାରୀ, କାମଜୟୀ, ଊର୍ଦ୍ଧ୍ୱରେତା, ଆପଣ ମୋତେ ଆଶୀର୍ବାଦ କରନ୍ତୁ, ମୁଁ ଏହି ଇନ୍ଦ୍ରିୟର ପ୍ରଭାବଠାରୁ ଯେପରି ମୁକ୍ତି ପାଏ । ସେହି ପ୍ରବୃତ୍ତି ମୋ' ମଧ୍ୟରେ ଉତ୍କଟ ରୂପେ ରହିଛି । ତେଣୁ ମୋର ଭୟ ବହୁତ ବେଶୀ ।''

ଏ କଥା ଶୁଣିନେଇ, ବାବାଙ୍କ ପାଦ ସ୍ପର୍ଶ କରିଥିବା ମୋ'ର ହାତଦୁଇଟିକୁ ସେ ନିଜ ହାତରେ ଧରିନେଲେ—ଏକ ଅଦ୍ଭୁତ ବିସ୍ମୟ ଭାବ ତାଙ୍କର ସେହି ଦୁଇଟି ବିଶାଳ ନୟନରେ ଫୁଟିଉଠିଲା—ସେହି ଭାବରେ ମୋ' ଆଡ଼କୁ ଅନେଇ କହିଲେ, ''ମୁଁ କୁମାର-ବ୍ରହ୍ମଚାରୀ ? କାହାଠାରୁ ଶୁଣିଛ ବାବା ? ନଗେନବାବା କହିଛି ନା କ'ଣ ?''

''ନା, ତାହା ନୁହେଁ, ଏଠାର କେହି ଜଣେ କହିଛନ୍ତି ।''

ବାବା କହିଲେ, ''ସେ ଏଠାକୁ ଏବେ ନୂଆ ଆସିଥିବ ବୋଧହୁଏ— ନ ଜାଣି ତୁମକୁ ଭୁଲ୍ କହିଛି ବାବା । ଆମେ ତାନ୍ତ୍ରିକ—ଏକସମୟରେ ଭୈରବୀ-ଚକ୍ରରେ ନିୟମମତେ ତ କ୍ରିୟା କରିଛୁ ? —ପଞ୍ଚ ମ'କାରରୁ କୌଣସିଟା ହିଁ ବାକି ରଖିନାହିଁ, ବାବା । ତେବେ କେବେ ହେଁ ପାଗଳ ହୋଇ ଇନ୍ଦ୍ରିୟସୁଖରେ ପୂର୍ଣ୍ଣରୂପେ ଡୁବି ଯାଇନାହିଁ । ବାବା, ଏହି ଟିକକ ସତରେ ମା'ଙ୍କ କୃପାରେ, କ୍ରିୟା ମଧ୍ୟରେ ସମସ୍ତ ଶେଷ କରିଛି, ତାକୁ ଏଇ ମଦ କୁହ ବା ଭୈରବୀ ସ୍ତ୍ରୀ କୁହ । ଗୁରୁ ମୋ' ନିକଟରେ ଥିଲେ, ତାଙ୍କ ନିକଟରେ ଠିକ୍ ହିଁ ବନ୍ଧା ଥିଲି । ତେଣୁ ପାର ହେବା ସମ୍ଭବ ହୋଇପାରିଛି ।''

ବାବା କହିଲେ, ''ବାଲ୍ୟକାଳରୁ ମା'ଙ୍କୁ ଧରି ବାଟ ଚାଲିଛି, ମା'କୁ ଧରିରଖିଥିଲେ ଆଉ ଭୟ ନାହିଁ । ତନ୍ତ୍ର ନିୟମକୁ ନେଇ ଏହି ମା' ହିଁ ସକଳ ସାଧନ କରାଇଦେଇଛନ୍ତି । ଗୁରୁରୂପରେ ପାଖେ ପାଖେ ଥାଇ ଶେଷ ପର୍ଯ୍ୟନ୍ତ ସାଧନ ଶେଷ ହେଲା ପରେ ସେତେବେଳେ ହିଁ ମୋତେ ଛାଡ଼ିଛନ୍ତି, ଆଉ ସେହି ସମୟଠାରୁ ହିଁ ମା'ଙ୍କ କୋଳରେ ବସିରହିଛି ପରା । କିନ୍ତୁ ତା' ଖୁବ୍ କଠିନ ବ୍ୟାପାର । ଯିଏ ଥରେ ଏହି ସ୍ୱାଦ ପାଇଛି, ତା'ର ଅନ୍ୟ ଗତି ନାହିଁ । ବାଘର ଛୁଆ ଥରେ ରକ୍ତର ସ୍ୱାଦ ପାଇଲେ ଆଉ ରକ୍ଷା ନାହିଁ । ସେଥିଲାଗି ମୂଳରୁ ବାଟ ବନ୍ଦ୍ କରିବାକୁ ପଡ଼େ ଯେ ବାବା, ତା' କ'ଣ ସମସ୍ତଙ୍କ ଦ୍ୱାରା ହୁଏ ? ମା' ମୋତେ ନେଇ ସୃଷ୍ଟି କରାଇବେ ନାହିଁ । କାରଣ ତାଙ୍କର ଅନ୍ୟକାମରେ ମୋ'ର ଦରକାର ପଡ଼ିଲା ପରା । ହଁ ଦେଖ,'' କହି ମୋତେ ଠେଲିଦେଇ କହିଲେ, ''ମନ ତୁମର ଯେତେ ସାଧନ ମଧ୍ୟରେ ପ୍ରବେଶ କରିବ, ସେତେ ବେଶୀ ସେସବୁ ତୁଚ୍ଛ ଲାଗିବ । ତୁମର ତ ଏ ତନ୍ତ୍ରର ସାଧନ ନାହିଁ, ଶକ୍ତି-ଚଳାଚଳର ବ୍ୟାପାର ନାହିଁ, ଏଣୁ ତୁମର ଏସବୁର ଭୟ ନାହିଁ ବାବା ।''

ଟିକିଏ ଅଟକିଯାଇ ସେ କହିଲେ, ''ହଁ ଦେଖ, ଜଣେ ସ୍ତ୍ରୀ, କେବଳ ନିଜର ସେହି ସ୍ତ୍ରୀକୁ ଭୋଗ କଲେ ହିଁ ତ ଜ୍ଞାନ ହୋଇଗଲା, ସୁଖଟି ଏହିପରି । ସେ ସୁଖ ଦୁଇ ପ୍ରକାରର ହୁଏ ନାହିଁ । ଗୋଟିଏ ସ୍ତ୍ରୀ ସହ ସମ୍ଭୋଗ ଦ୍ୱାରା ହିଁ ତାହାର ଦଫା ଶେଷ କରିଦେବାକୁ ପଡ଼େ । ଯିଏ ବୁଦ୍ଧିମାନ, ଯିଏ ଗୁରୁଶକ୍ତିଙ୍କର ଆଶ୍ରୟ ପାଇଛି, ଯିଏ ବୁଝିପାରିଛି ରୂପ ମୋହରେ ସ୍ତ୍ରୀମାନଙ୍କୁ ନେଇ ଘାଣ୍ଟିହେବା—ସେ ଟା ନର୍କ ଘାଣ୍ଟିବା—ନିବୃତ୍ତିମାର୍ଗର ମଣିଷଙ୍କୁ ମା' ଏ କଥା ଠିକ୍ ବୁଝାଇ ଦିଅନ୍ତି—ଏହି ଭାବର ବୁଦ୍ଧି ଦ୍ୱାରା ହିଁ ସଂଯମର ଶକ୍ତି ଆସେ । ଏହାହିଁ ସାର କଥା—ଏଇଟା ଜାଣି ରଖ, ବାବା ।''

ଆଉ ଟିକିଏ ରହିଯାଇ ସେ ପୁଣି କହିଲେ,—'ହଁ, ଦେଖ ବାବା, ଗୋଟିଏ ଗୂଢ଼ ରହସ୍ୟ ରହିଛି ଏହା ଭିତରେ । ପୁରୁଷର ଅଭିମାନ ଯାହାର ପ୍ରବଳ, ଅର୍ଥାତ୍ ଯିଏ ଷଣ୍ଢ ଜାତୀୟ, ସେହିମାନଙ୍କ ଦ୍ୱାରା ମା' ସୃଷ୍ଟି ଚଳାଇନିଅନ୍ତି— ଏହି ସୃଷ୍ଟି ଲାଗି ସେମାନଙ୍କର କାମାଗ୍ନି ଅଧିକ । ଗାଁରେ ଦେଖୁ ନାହୁଁ, ଗାଈଗୋରୁ ଯେତେ ହେଲେ ଗୋଟାଏ-ଦୁଇଟା ଷଣ୍ଢ ଯଥେଷ୍ଟ, ତାଙ୍କଦ୍ୱାରା କେତେ ଗୋରୁ ସୃଷ୍ଟି ହୋଇଯାଏ ।''

''ବୁଝିଗଲି !''

''ତେବେ ସୃଷ୍ଟିର ବୀଜ ଭିତରେ ରହି ସଂଯମ ଏକ ମିଥ୍ୟା କଥା—ତାହା କେବେହେଲେ ସମ୍ଭବ ନୁହେଁ ।''

ଆଜି ଏତିକିରେ ହିଁ ଶେଷ ହେଲା ।

■■

ସପ୍ତମ ପରିଚ୍ଛେଦ

କ୍ଷେପାବାବାଙ୍କଠାରୁ ହିଁ ଶୁଣିଛି–

ତାରାପୀଠ ସହ ରାଜା ରାମକୃଷ୍ଣଙ୍କର ସମ୍ବନ୍ଧ ଥିଲା ଖୁବ୍ ଘନିଷ୍ଠ । ଏଠାରେ ରହି ସେ ସାଧନ କରିଥିଲେ । ତାଙ୍କର ଏଠାକୁ ପ୍ରଥମ ହୋଇ ଆସିବା କଥା ଏହିପରି ଭାବରେ ଶୁଣାଯାଇଥାଏ–ଗୋଟିଏ ସମୟରେ ସେ ଯେତେବେଳେ ଉଚ୍ଛୃଙ୍ଖଳ ହେଲେ, ସେତେବେଳେ ରାଣୀ ତାଙ୍କୁ ସଂଯତ ହୋଇ ଚାଲିବାକୁ କହିଲେ । ଅର୍ଥବ୍ୟୟ କରିବାରେ ସେ ବିଚାରଶୂନ୍ୟ ଥିଲେ । କେତେଜଣ ବେକାର, କର୍ମହୀନ ଆଳସୁଆ ଲୋକ ଧର୍ମକୁ ଆଧାର କରି ତାଙ୍କ ନିକଟକୁ ଆସୁଥିଲେ ଏବଂ ସେମାନଙ୍କୁ ସୁଯୋଗ ମିଳୁଥିଲା–ଏଥିଲାଗି ରାଣୀ ଟିକିଏ ତାଙ୍କ ପ୍ରତି କଠୋର ଥିଲେ । ଏଥିରେ ଅଭିମାନ କରି, 'ଆଉ କେବେହେଲେ ତୁମର ଏଠାକୁ ଫେରିବି ନାହିଁ, କହି, ସେ ଏଇ ପୀଠକୁ ଚାଲିଆସିଲେ । ରାଣୀ କିଛି କହିଲେ ନାହିଁ, କିମ୍ବା ବାରଣ ମଧ୍ୟ କଲେ ନାହିଁ । ତଦ୍ୱାରା ତାଙ୍କର ଅଭିମାନ ଦୁର୍ଜ୍ଜୟ ହୋଇଉଠିଲା ।

ଏଠାକୁ ଆସିବା ପରେ ଏକ ଅମାବାସ୍ୟାର ରାତ୍ରିରେ ସେ ଏହି ତାରା ମନ୍ଦିର ଭିତରେ ଆସନପାତି ସାରାରାତି ସାଧନାରେ କଟାଇବାର ସଙ୍କଳ୍ପ କଲେ । ମନ୍ଦିରରେ ଭୋଗାଦି ଶେଷ ହୋଇ ସମସ୍ତେ ଚାଲିଯିବା ପରେ, ଏକାନ୍ତରେ ଦ୍ୱିପ୍ରହରର ସନ୍ଧିକ୍ଷଣରେ ଆସନରେ ଉପବେଶନ କରି କର୍ମ ଆରମ୍ଭ କରିଦେଲେ । କ୍ରମେ କ୍ରମେ, ଆସନରେ ସେ ତନ୍ମୟ ଅବସ୍ଥାରେ, ଜପରେ ଅଭିନିବିଷ୍ଟ ଚିତ୍ତରେ ଥାଇ, ଦେଖିଲେ–ମନ୍ଦିର ଦ୍ୱାର ଉନ୍ମୁକ୍ତ, ତନ୍ମଧ୍ୟରେ ଜ୍ୟୋତିର୍ମୟୀ ଦେବୀଙ୍କ ମୂର୍ତ୍ତି । କିନ୍ତୁ ସେ ଯେତେବେଳେ ଦେବୀଙ୍କ ମୁଖମଣ୍ଡଳକୁ ଲକ୍ଷ୍ୟ କଲେ, ଦେଖିଲେ ଯେ ଦେବୀଙ୍କ ଆସ୍ଥାନରେ ରାଣୀ ଚତୁର୍ଭୁଜା ରୂପେ ବିରାଜିତା । ସେ ବିସ୍ମୟ-ଅଭିଭୂତ ଚିତ୍ତରେ ବାରମ୍ବାର ଦେଖିବାକୁ ଲାଗିଲେ, ତାଙ୍କର ଶରୀର ରୋମାଞ୍ଚିତ ହେବାକୁ ଲାଗିଲା । ପ୍ରଥମେ ସେ ଏହି ଦୃଶ୍ୟକୁ ନିଜର ଭ୍ରମ ବୋଲି ଭାବିଲେ, ମାତ୍ର ବାରମ୍ବାର ରାଣୀଙ୍କ ଚତୁର୍ଭୁଜା ମୂର୍ତ୍ତି ଦେଖିବାକୁ ଲାଗିଲେ । ଶେଷରେ ସେ ନିଶ୍ଚିତ ମନରେ ସାଷ୍ଟାଙ୍ଗ ପ୍ରଣାମ କଲେ । ଏହାପରେ ଆଉ ସେ ମୂର୍ତ୍ତି ଦେଖିବାକୁ ପାଇଲେ ନାହିଁ । ସେତେବେଳେ ଦୈବବାଣୀ ଶୁଣିଲେ, ''ନାଟୋକୁ ଫେରିଯାଅ, ଦେବୀଙ୍କୁ ତୁଷ୍ଟ କର, ତାଙ୍କୁ ତୁଷ୍ଟ କଲେ ତୁମର ସର୍ବାର୍ଥସିଦ୍ଧି ହେବ । ଏହି ପୀଠର ଦେବୀ, ରାଣୀ ସ୍ୱୟଂ ।'' ରାଜା ପରଦିନ ନାଟୋକୁ ଫେରିଗଲେ ।

ରାଣୀ ପରେ ତାଙ୍କୁ ବୀରାଚାର ସାଧନରୁ ନିବୃତ୍ତ କରିଥିଲେ । ସେଥିଲାଗି ଶୁଣାଯାଏ ରାଜା ସାଧନାର ଅର୍ଦ୍ଧପଥରେ ସାଧନାର କ୍ରମକୁ ପରିବର୍ତ୍ତନ କରନ୍ତି । ରାଜାଙ୍କ ପ୍ରତି ରାଣୀଙ୍କର ଭଲପାଇବା ଓ ସ୍ନେହ ଯେତେ ଥିଲା, ଶାସନ ମଧ୍ୟ ଥିଲା ସେତିକି ।

କ୍ଷେପାବାବାଙ୍କଠାରୁ ଏସବୁ ବୃତ୍ତାନ୍ତ ଶୁଣିଥିଲି । ଶରୀର ଭଲ ଥିଲେ ସେ ମଝିରେ ମଝିରେ ମହା ଆନନ୍ଦରେ ସିଦ୍ଧ ଓ ସାଧକଗଣଙ୍କର ପୁରାତନ ବୃତ୍ତାନ୍ତ କହିବାକୁ ଭଲ ପାଉଥିଲେ । ରାଣୀଙ୍କ ପ୍ରତି କ୍ଷେପାଙ୍କର ଅସୀମ ଶ୍ରଦ୍ଧା ଥିଲା । ସେ ତାଙ୍କୁ ଆଦ୍ୟାଶକ୍ତିଙ୍କର ଅଂଶବିଶେଷ ବୋଲି ଧାରଣା କରୁଥିଲେ । ତାଙ୍କଠାରୁ ରାଣୀଙ୍କ ବିଷୟରେ ଏହି କାହାଣୀ ଅନେକେ ଶୁଣିଥିଲେ । ଶେଷ ଜୀବନରେ ରାଣୀ କାଶୀରେ ବାସ କଲେ । ସେ ଏକାନ୍ତରେ ନିଜ ଭାବରେ ମଗ୍ନ ଓ ନିଃସଙ୍ଗ ହିଁ ରହୁଥିଲେ । ଶେଷରେ ସେ ନିଜ ଅଙ୍ଗରେ କୌଣସି ପ୍ରକାର ବନ୍ଧନ ରଖିବାକୁ ଚାହୁଁ ନଥିଲେ, ବସ୍ତ୍ର ପର୍ଯ୍ୟନ୍ତ ତ୍ୟାଗ କରିଦେଉଥିଲେ, ସେଥିଲାଗି ତାଙ୍କୁ ସାକ୍ଷାତ କରିବା ବା ତାଙ୍କ ନିକଟରେ ରହିବାର ଅଧିକାର କାହାର ନଥିଲା । ଜଣେ ଦାସୀ କେବଳ ତାଙ୍କ ନିକଟରେ ରହିବା ସମ୍ଭବ ଥିଲା । ଶିଶୁ-ବାଳିକା ପରି ତାଙ୍କର ସ୍ୱଭାବ ହୋଇଯାଇଥିଲା । ସେ ପର-ଆପଣା ବିଚାରରହିତ ଓ ଦାନ ଦେବାରେ ମୁକ୍ତହସ୍ତ ଥିଲେ । ରାତ୍ରି ଥାଇ ଶୀତ ସମୟରେ ଖଣ୍ଡେ କମ୍ବଳ ନେଇ ଗଙ୍ଗାରେ ବହୁକ୍ଷଣଯାଏ ସ୍ନାନ କରିବାରେ ତାଙ୍କୁ ଖୁବ୍ ଆନନ୍ଦ ମିଳୁଥାଏ । ସହଜରେ ସେଠାରୁ ଉଠିବାକୁ ଚାହାନ୍ତି ନାହିଁ । ପୂର୍ବଆକାଶରେ ଅରୁଣୋଦୟର ଆଭାସ ପାଇଲେ ନଦୀରୁ ଉଠନ୍ତି ଓ କମ୍ବଳଟିକୁ ଦେହରେ ଘୋଡ଼ାଇ ଧାଇଁ ଧାଇଁ ବିଶ୍ୱନାଥ ମନ୍ଦିର ରାସ୍ତାରେ ଯାଆନ୍ତି । ସଙ୍ଗରେ ଦୋଳାବାହକ ପ୍ରଭୃତି ଥାଆନ୍ତି, କିନ୍ତୁ କ୍ୱଚିତ୍ ତାହାର ବ୍ୟବହାର କରନ୍ତି । ବିଶ୍ୱେଶ୍ୱରଙ୍କ ପ୍ରାଙ୍ଗଣରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଦ୍ୱାରପାଳ ଦ୍ୱାର ବନ୍ଦ୍ କରିଦିଅନ୍ତି । ଯେତେ ସମୟ ପର୍ଯ୍ୟନ୍ତ ରାଣୀ ଭିତରେ ରହନ୍ତି, ଦ୍ୱାର ଖୋଲାହେବାର ଆଦେଶ ନଥାଏ । ସୂର୍ଯ୍ୟୋଦୟର ବହୁ ପୂର୍ବରୁ ସେ ନିଜ ମହଲକୁ ଫେରି ଆସିଥାନ୍ତି, ସେଥିଲାଗି ଦୀର୍ଘକାଳ କାଶୀରେ ଥିଲେ ମଧ୍ୟ କେହି ତାଙ୍କର ଦର୍ଶନ ପାଆନ୍ତି ନାହିଁ । ସେହି ସ୍ଥାନର ସମସ୍ତେ ତାଙ୍କୁ ଦେବୀ ସ୍ୱରୂପା ବୋଲି ବିଶ୍ୱାସ କରନ୍ତି । ଦାନ ତାଙ୍କର ନିତ୍ୟ ନୈମିତ୍ତିକ, ଦୁଇ ପ୍ରକାରର ହିଁ ଥିଲା ।

ଯେତେବେଳେ ବ୍ରାହ୍ମଣ ବା ଦାଣ୍ଡୀ ଭୋଜନ ବ୍ୟବସ୍ଥା ହୋଇଥାଏ, ସେ ପ୍ରଥମରୁ ଶେଷଯାଏ ନିଭୃତରେ ନିଃସଙ୍ଗ ଭାବରେ ବସିବସି ସବୁ କିଛି ଲକ୍ଷ୍ୟ କରୁଥାନ୍ତି—କୌଣସି ସ୍ଥାନରେ କିଛି ବ୍ୟତିକ୍ରମ ବା ତ୍ରୁଟି ହେବାର ସାଧ ନଥାଏ । ତ୍ରୁଟି ହେଲେ କଠୋର ବ୍ୟବସ୍ଥା ଥିଲା । ସେଥିଲାଗି ତାଙ୍କର ସମସ୍ତ ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଥାଏ । ତାଙ୍କ ପ୍ରତି ଭଲପାଇବା ଏବଂ ଭକ୍ତିଭାବ ନିଜ ଦେଶର ସମସ୍ତଙ୍କର ତ ଥିଲା, ଅଧିକନ୍ତୁ ବିଦେଶୀମାନଙ୍କର ମଧ୍ୟ ଥିଲା ।

ତାଙ୍କ ଦେହତ୍ୟାଗର ସମ୍ବାଦ ପାଇ କାଶୀର ସମସ୍ତେ ମାତୃହୀନ ହେଲେ ବୋଲି ଶୋକପାଳନ କରିଥିଲେ ।

ବାବାଙ୍କଠାରୁ ଅତୀତର ବହୁ କଥା, ସାଧକ, ସିଦ୍ଧ ଓ ଏହି ଅଞ୍ଚଳରେ ଯେଉଁମାନେ ଐତିହାସିକ ମହାନ କର୍ମରେ ପ୍ରାତଃସ୍ମରଣୀୟ ହୋଇପାରିଛନ୍ତି, ସେହିସବୁ ବ୍ୟକ୍ତିବର୍ଗଙ୍କର ଏତେ କଥା ରହିଛି ଯେ ସେସବୁ ସଂଗ୍ରହ କରିପାରିଲେ ଉତ୍କୃଷ୍ଟ ଏକ ବୃହତ୍ ଗ୍ରନ୍ଥ ହୋଇପାରିବ—କିଏ ଏସବୁକୁ ନେଇ ମୁଣ୍ଡ ଘୂରାଇବ ? ଅନେକ ଲୋକ ତ ଆସନ୍ତି, ଅନେକେ ଏଠାରେ ରହିଯାଆନ୍ତି । କିନ୍ତୁ ବେଶୀ ଭାଗ ଲୋକଙ୍କର ଏହି ଗଞ୍ଜେଇ ସେବା ପର୍ଯ୍ୟନ୍ତ ଗତି । ସେହି ପ୍ରସାଦ ପାଇଗଲେ ଚାଲିଯାଆନ୍ତି, ଧର୍ମ ସମ୍ବନ୍ଧରେ କୌଣସି ଆଲୋଚନା କରିବାକୁ ଚାହାନ୍ତି ନାହିଁ ଏମାନେ । ବାବା ମଧ୍ୟ ଏମାନଙ୍କ ସହ ବେଶ୍ କଟାଇଥାନ୍ତି ଦିନଗୁଡ଼ିକ— କୌଣସି ବିରକ୍ତି ନଥାଏ ।

କ୍ଷେପାଙ୍କଠାରୁ ଏ ଭିତରେ ଦିନେ 'କାଠିୟା ବାବା' କଥା ମଧ୍ୟ ଶୁଣିଥିଲି । 'କାଠିୟା ବାବା' ନାମଟା କିପରି ସେ ପାଇଥିଲେ, ସେକଥା ଶୁଣି ତିତିକ୍ଷାର ଅଭ୍ୟାସ ଯେ ସେକାଳରେ କେତେ କଠିନ, ତାହା ବୁଝାଯାଇଥାଏ । ଗୋଟିଏ କାଠର ବେଡ଼ି, ବାବା ହାତର ବୁଢ଼ାଆଙ୍ଗୁଳୀ ଓ ତର୍ଜନୀକୁ ନେଇ ଗୋଲ ଆକାର କରି ଦେଖାଇଥାନ୍ତି, ତାହା କେତେ ମୋଟା ବୋଲି—ପ୍ରାୟ ଦୁଇଇଞ୍ଚ ହେବ ତାହାର ମୋଟେଇ, ପ୍ରାୟ ଛ'ଇଞ୍ଚ ହେବ ତା'ର ଗୋଲେଇ—ତାଙ୍କର ଅଣ୍ଟାକୁ ବେଢ଼ି ସବୁବେଳେ ଥାଏ, ସେଥିରେ କୌପୀନ ବନ୍ଧା ହୋଇଥାଏ ଦୁଇ ଆଡ଼େ—ପଛରେ ଓ ଆଗରେ । ଏହି କାଠ ବେଡ଼ି ତାଙ୍କର ଆଜୀବନ ସାଥି ଥିଲା । ସେହି କାଠର ବେଡ଼ିଟି ତାଙ୍କୁ 'କାଠିୟା ବାବା'ରେ ନାମିତ କରିଥିଲା— ଗୁରୁ ତାଙ୍କୁ 'କାଠିଆ' ନାମରେ ଡାକନ୍ତି । ଗୁରୁ ତାଙ୍କର ତିତିକ୍ଷା ଅଭ୍ୟାସର ପ୍ରଥମ ବ୍ୟବସ୍ଥା ଏହି ରୂପରେ ହିଁ କରିଥିଲେ । ତଦ୍ୱାରା ଆଳସ୍ୟ ନେଇ ଶୋଇବାଲାଗି ବ୍ୟବସ୍ଥା ନଥିଲା । ହୁଏତ ଆସନରେ ବସିଥାଅ, ନତୁବା ଠିଆହୋଇ ରହ,—ଶୟନର ସମ୍ଭାବନାକୁ ଲୋପ କରିବାକୁ ଏହା ଏକ ଅଦ୍ଭୁତ ଉପାୟ । ଯଦି ଆଳସ୍ୟ ଆସିଯାଏ, ତା'ହେଲେ ଆସନରେ ବସିଯାଇ ତାହା ସମ୍ପନ୍ନ କରିବାକୁ ପଡ଼ିବ । ପଦେ କଥାରେ କହିବାକୁ ଗଲେ, ସାଧନ ଜୀବନରେ ପ୍ରବେଶ କରି ଶୟନ-ନିଦ୍ରାଭ୍ୟାସ ଚିରଜୀବନ ଲାଗି ତ୍ୟାଗ କରିବାକୁ ହେଲା । ସଂଯମର ପ୍ରଥମ ପଦକ୍ଷେପ ଏହିପରି ।

ଗୁରୁ ଥିଲେ ସିଦ୍ଧଯୋଗୀ—ତାଙ୍କର ସିଦ୍ଧିଯୋଗ ମାର୍ଗରେ । ସୁତରାଂ 'କାଠିୟାବାବା' ପ୍ରଥମରୁ ହିଁ ଯୋଗମାର୍ଗରେ ଦୀକ୍ଷା ଲାଭ କରିଥିଲେ । ବାହ୍ୟ ବ୍ୟବହାରରେ ଗୁରୁଙ୍କର ମିଜାଜ୍ ଥିଲା ଅତ୍ୟନ୍ତ କଠୋର । ସେ ପ୍ରଥମରୁ ହିଁ ବାଳକ ଶିଷ୍ୟଟିକୁ ବଡ଼ କଠିନ ଭାବେ ତାଡ଼ନା କରିଥାନ୍ତି । 'କାଠିୟା' କହି ଡାକିଲେ କାଠିୟା ବୁଝି ନିଅନ୍ତି, କେଉଁ କାରଣରୁ ତାଙ୍କୁ ଡକା ହେଇଛି । ସେ କହନ୍ତି—ଗୁରୁର ପ୍ରତ୍ୟେକ ଆଦେଶକୁ ସେ ଅକ୍ଷରେଅକ୍ଷରେ ପାଳନ କରିଥାନ୍ତି; ମନେମନେ ଏହି ସଙ୍କଳ୍ପ ସେତେବେଳେ ପ୍ରବଳ ଭାବେ ଥିଲା ଯେ କେଉଁ କାମରେ ଖୁଣ୍ଟା ରଖିବି ନାହିଁ, ଏପରି କରିବି, ଯଦ୍ୱାରା ସେ ନିଶ୍ଚିତ ଭାବେ ସୁଖୀ ହେବେ । କିନ୍ତୁ ତାଙ୍କର ଏପରି ଭାଗ୍ୟ ଯେ କିଛି-ନା-କିଛି ଦୋଷ ବାହାରୁଥାଏ । ପ୍ରଥମ

ଛ'ବର୍ଷ ଗୁରୁଙ୍କୁ କୌଣସିରୂପେ ମନୋମତ କିଛି କରିପାରିଲେ ନାହିଁ । ବୋଧ ହେଉଥିଲା, ମନେ ମନେ ସେ କାମର ନିଷ୍ଠା ଓ ଅଧିକାର ଦେଖି ବାସ୍ତବିକ ଖୁସି ଥିଲେ—କିନ୍ତୁ କେବେହେଲେ ତାଙ୍କ ପ୍ରତି ବ୍ୟବହାରରେ ତାଙ୍କର ରୁକ୍ଷତା ପରିତ୍ୟାଗ କରୁନଥିଲେ ।

ଏହିପରି ଛ'ବର୍ଷ ପରେ, କାଠିୟା ଯେତେବେଳେ ଅଠର ବର୍ଷର କିଶୋର, ଗୁରୁ ସେହିଦିନରୁ ତାଙ୍କର ସକଳ କର୍ମ, ଯାହାକୁ ଏତେଦିନ ଯାଏ ଦେଇନଥିଲେ, ସେସବୁ ତାଙ୍କୁ କରିବାକୁ ଦେଲେ । ତାଙ୍କ ନିଜର ନିତ୍ୟ ଯୋଗାଭ୍ୟାସ କର୍ମ ଲାଗି ଯେଉଁ ସମୟଟି ନିର୍ଦ୍ଧାରିତ ଥିଲା, ଯଦ୍ୱାରା ତାଙ୍କର କିଛି ବ୍ୟାଘାତ ନ ଘଟେ, ସେହି ଭାବରେ ବଞ୍ଚାଇରଖି ଗୁରୁଙ୍କର ସକଳ କର୍ମ ହିଁ କରିବାକୁ ହେଉଥିଲା । କିନ୍ତୁ ଗୁରୁ କେବେକେବେ ଏପରି ସବୁ ଆଦେଶ ଦେଇବସନ୍ତି, ଯଦ୍ୱାରା ଯୋଗାଭ୍ୟାସରେ ବ୍ୟାଘାତ ଅବଶ୍ୟମ୍ଭାବୀ ହୋଇପଡ଼େ । ସେ ବୁଝିଲେ ମଧ୍ୟ କିଛି ପ୍ରତିବାଦ କରନ୍ତି ନାହିଁ । କ୍ରମେ ସେ କଠୋର ଭାବରେ ତାଡ଼ନା ଆରମ୍ଭ କରିଥାନ୍ତି—ସାଧନ କ୍ଷେତ୍ରରେ ଶିଷ୍ୟର ସେତେବେଳେ ଉଚ୍ଚସ୍ତରର ଅବସ୍ଥା, ସେତେବେଳେ କାଠିୟା ନିର୍ବିକାର ଚିତ୍ତରେ, ନିଜ କର୍ମର କ୍ଷତି କରି ମଧ୍ୟ ଗୁରୁଙ୍କ ଅଭିପ୍ରେତ ପ୍ରତ୍ୟେକ କର୍ମ କରିଚାଲିଥାନ୍ତି । ଶେଷରେ ଦିନେ ଏପରି ଘଟିଲା ଯେ ଏକ ସାମାନ୍ୟ ଅପରାଧକୁ ଉପଲକ୍ଷ୍ୟ କରି ଗୁରୁ ତାଙ୍କର ପ୍ରକାଣ୍ଡ ଚିମୁଟା ଧରି କାଠିୟାକୁ ପ୍ରହାର କରିବାକୁ ଆରମ୍ଭ କରିଦେଲେ । ଏହା ପୂର୍ବରୁ ଏପରି ନିର୍ଦ୍ଦୟ ପ୍ରହାର କେବେହେଁ କରି ନଥିଲେ । କାଠିୟା ତାଙ୍କର ସହ୍ୟ କରିବାର ସ୍ୱାଭାବିକ ଶକ୍ତିର ସୀମାରେ ପହଞ୍ଚି ଦେଖିଲେ ଯେ ସେ ଆଉ ସହ୍ୟ କରିବାରେ ଅକ୍ଷମ ହୋଇପଡ଼ିଛନ୍ତି । ତାଙ୍କ ଶରୀରରୁ ସ୍ଥାନେ ସ୍ଥାନେ ରକ୍ତ ଝରୁଥାଏ । ସେତେବେଳେ ଗୁରୁଙ୍କ ଚରଣରେ ହଠାତ୍ ପଡ଼ିଯାଇ କହିଲେ, ''ପ୍ରଭୁ ! ଆଜି ଆଉ ମୁଁ ସହ୍ୟ କରିପାରୁ ନାହିଁ, ପୁଣି ଏ ଦେହ ତ ଆପଣଙ୍କର, ଆପଣ ମୋତେ ଏକବାର ହତ୍ୟା କରି ନିଶ୍ଚିନ୍ତ ହୁଅନ୍ତୁ ।''

ଗୁରୁ ସେତେବେଳେ ଚିମୁଟା ଦୂରକୁ ଫିଙ୍ଗିଦେଲେ । ତା'ପରେ ଦୁଇବାହୁ ପ୍ରସାରିତ କରି ସବଳେ କାଠିୟାକୁ ତୋଳିନେଇ ନିଜ ବକ୍ଷରେ ଜାବୁଡ଼ି ଧରିଲେ । ତାଙ୍କ ସ୍ପର୍ଶରେ ସମସ୍ତ ଶରୀର ରୋମାଞ୍ଚିତ ଓ ପରକ୍ଷଣରେ ସ୍ନିଗ୍ଧ ଶୀତଳ ହୋଇଗଲା । ସେ ଗୁରୁଙ୍କ ମୁହଁ ଆଡ଼କୁ ଅନେଇ ଦେଖିଲେ, ତହିଁରୁ ଅବିରାମ ଭାବେ କରୁଣା ଝରୁଛି—ଆଜି ଗୁରୁଙ୍କର ଆଉ ଏକ ରୂପ ଦେଖିଲେ, ଯାହା ପୂର୍ବେ ସେ କେବେହେଁ ଦେଖି ନଥିଲେ । ସେତେବେଳେ ସେହି ପ୍ରଶସ୍ତ ବକ୍ଷ ମଧ୍ୟରେ କାଠିୟା ନିରାପଦରେ ମସ୍ତିଷ୍କ ରଖି କ୍ଷଣକ ମଧ୍ୟରେ ଚକ୍ଷୁ ମୁଦ୍ରିତ କରି ରହିଗଲେ ।

ତା'ପରେ ଗୁରୁ ଶିଷ୍ୟକୁ ନେଇ ବସିଲେ—ବତ୍ସ, ଆଜି ତୁମର ସିଦ୍ଧିର ଦିନ, ମୁଁ ଜାଣିଲି, ତୁମେ କାମନାକୁ ଜୟ କରି ପାରିବ—ତେବେ କାମନାଜୟୀ ହେଲେ ମଧ୍ୟ କ୍ରୋଧ ଆଉ ଅବଶିଷ୍ଟ ପ୍ରବଳ ରିପୁ, ସେସବୁକୁ ତୁମ ପକ୍ଷରେ ଜୟ କରିବା ସମ୍ଭବ କି ନୁହେଁ, ଏଥିଲାଗି କିଛି ସନ୍ଦେହ ଥିଲା । ପ୍ରଧାନତଃ ମୁକ୍ତିର ହନ୍ତା ଏହି ଦୁଇଟି । ଗୋଟିଏ ରିପୁର

ଏହି ଦୁଇ ଦିଗ–କାମନା ପ୍ରତିହତ ହେଲେ ମଧ୍ୟ କ୍ରୋଧର ଉତ୍ପତ୍ତି ଅବଶ୍ୟମ୍ଭାବୀ । ତୁମକୁ ଅନେକ କିଛି କରିବାକୁ ହେବ । ଈଶ୍ୱରଙ୍କ ମହିମା ତୁମ ଭିତର ଦେଇ ପ୍ରଚାରିତ ହେବ ବୋଲି ତୁମର ସିଦ୍ଧି ମୁହୂର୍ତ୍ତଟି ଏତେ କଠୋର ହୋଇଛି । ଲକ୍ଷ ଲକ୍ଷ ସାଧକଙ୍କ ମଧ୍ୟରେ କଦାଚିତ୍ ତୁମ ପରି ଆଧାର ଆଉ ମିଳିବ ନାହିଁ–ଆସ, ଆଜି ସକଳ ଭେଦ ଘୁଞ୍ଚାଇ ଆମେ ଏକ ରୂପେ ମିଳିତ ହେବା । କ୍ଷେପାବାବା ଏସବୁ ଉପରେ ତାଙ୍କର ମତ ଦେଇ କହିଥିଲେ, ''ଯେପରି ଶୁଣିଛି, ଠିକ୍ ସେହି ଭାଷା ଦେଇ କହିବାକୁ ମୁଁ ଅକ୍ଷମ । ତା' ଛଡ଼ା ଅନେକଙ୍କର ଏହା ବୁଝିବାକୁ ଅସୁବିଧା ହେବ ବୋଲି ମୋ' ମତ ଓ ଭାଷା ଦେଇ କହିଲି ।'' କାଠିୟା ବାବାଙ୍କ ସହ ବାମାର ଅଖଣ୍ଡ ବନ୍ଧୁତ୍ୱ ବା ଏକତ୍ୱ ଥିଲା । ଉଭୟେ ଭିନ୍ନ ଭିନ୍ନ ପଥରେ ସିଦ୍ଧି ଲାଭ କରିଥିଲେ । କିନ୍ତୁ ସିଦ୍ଧି ପରେ ଆଉ ସିଦ୍ଧମାନଙ୍କ ମଧ୍ୟରେ ଉପଲବ୍ଧିଗତ ଭେଦ୍ ରହେ ନାହିଁ । ସେ ଦୁହିଁଙ୍କର ମଧ୍ୟ ନଥିଲା । କ୍ଷେପାଙ୍କ ମୁହଁରୁ ଯେଉଁମାନେ ଏସବୁ କଥା ଶୁଣିଛନ୍ତି ସେମାନେ ଯେଉଁ ପ୍ରକୃତିର ହୁଅନ୍ତୁ ନା କାହିଁକି, ସେମାନେ ଶୁଣିନେଇ ମୁଗ୍ଧ ହେଉଥିଲେ । ମନୁଷ୍ୟର କଥା ମନୁଷ୍ୟ ମୁଖରୁ ଶୁଣିବାକୁ ଏପରି ମିଠା ଲାଗେ, ଜଣେ ସାଧାରଣ ମୁହଁରୁ ସେପରି ଲାଗିବ ନାହିଁ । ସାଧୁ ନ ହେଲେ ସାଧୁକୁ ଠିକ୍ ଜାଣି ହେବ ନାହିଁ । କ୍ଷେପା କହିଲେ, କ୍ରୋଧ ପରି ଏତେ ବଡ଼ ଶତ୍ରୁ ସାଧୁଙ୍କର ଆଉ କିଛି ନାହିଁ । ଗୃହସ୍ଥକୁ ନେଇ ହିଁ ସାଧୁଙ୍କୁ ଜୀବନକୁ ବଞ୍ଚାଇବାକୁ ପଡ଼ିଥାଏ, ଗୃହସ୍ଥଙ୍କ ଦ୍ୱାରରୁ ମୁଷ୍ଟି ଅନ୍ନ ଲାଗି ତାଙ୍କୁ ଠିଆ ହୋଇ ରହିବାକୁ ପଡ଼େ । ଯେଉଁମାନେ ଗୃହସ୍ଥ, ସେମାନେ ନାନା ଭାବରେ ନାନା କାର୍ଯ୍ୟରେ ବ୍ୟସ୍ତ । ହୁଏତ ସାଧୁଙ୍କୁ ଭିକ୍ଷାଦାନ ଲାଗି ତାଙ୍କର ବିଳମ୍ବ ହେଲା, ଅଥବା କିଛି ତ୍ରୁଟୀ ରହିଲା, ଏହିପରି ଅନେକ ଅସୁବିଧା ଥାଇପାରେ–ଏଥିଲାଗି ସାଧୁ ଯଦି କ୍ଷମାଶୀଳ ଅଥବା ଉପେକ୍ଷାପ୍ରବଣ ନ ହୋଇ କ୍ରୋଧ-ପରବଶ ହୁଅନ୍ତି, ତା'ହେଲେ ଗୃହସ୍ଥର ସର୍ବନାଶ ଅବଶ୍ୟମ୍ଭାବୀ । ସେଥିଲାଗି କେବଳ କାମନାକୁ ଜୟ କଲେ ହେବ ନାହିଁ । କାରଣ କାମନା-ଜୟୀ ହେଲେ ହେଁ, ଅନ୍ତରରେ କ୍ରୋଧ ସୁପ୍ତ ଭାବରେ ପ୍ରତୀକ୍ଷା କରିଥାଏ, ସୂତ୍ର ପାଇଲେ ହିଁ ତାହା ପ୍ରବଳ ହୋଇ ସାଧକଙ୍କର ସର୍ବନାଶ କରିଥାଏ । ସେଥିଲାଗି ସାଧୁମାନଙ୍କ ଜୀବନରେ ଏହି ଦୁଇଟିକୁ ହିଁ ଦମନ କରିବା ପ୍ରୟୋଜନ ।

କ୍ଷେପା କ୍ରୋଧର ଅନ୍ୟ ଫଳ ବିଷୟରେ କହିଥିଲେ, ଯାହା ଯୋଗୀ ଭିନ୍ନ ଅନ୍ୟ କେହି ବୁଝିବେ ନାହିଁ । କାମନାଜୟୀ ବ୍ୟକ୍ତି ସ୍ୱଭାବରୁ ହିଁ ଊର୍ଦ୍ଧ୍ୱରେତା ହୋଇଥାନ୍ତି । ଏହି ରେତଃ ଊର୍ଦ୍ଧ୍ୱମୁଖୀ ହେଲେ ମଧ୍ୟ, ଯଦି କୌଣସି କାରଣରୁ କ୍ରୋଧ ଉତ୍ପନ୍ନ ହୋଇଥାଏ, ତେବେ ସଙ୍ଗେସଙ୍ଗେ ପୁଣି ରେତଃ ନିମ୍ନମୁଖୀ ହେବା ଅବଶ୍ୟମ୍ଭାବୀ । କ୍ରୋଧ ସମୟରେ, ଶାରୀରିକ ପ୍ରଚେଷ୍ଟାବର୍ଜିତ ହେଲେ ମଧ୍ୟ, ଏପରିକି ମୁହଁରେ କିଛି ନ କହିଲେ ମଧ୍ୟ, ଭିତରେ ଭିତରେ ଦ୍ରୁତ ସଞ୍ଚରଣରତ ପ୍ରାଣବାୟୁର ଦ୍ରୁତ ସ୍ପନ୍ଦନ ଫଳରେ ସ୍ୱଭାବତ ସ୍ଖଳନ ହୋଇଥାଏ, ଯଦିଓ ଇନ୍ଦ୍ରିୟପଥରେ ସେତେବେଳେ ବାହାରିଯିବାର ସୁଯୋଗ ମିଳେ ନାହିଁ । ଏହି ସକଳ ଅସ୍ୱାଭାବିକ କ୍ରିୟା ଭିତରେଭିତରେ ସମ୍ପନ୍ନ ହୋଇଥାଏ । ଯାହାର ଖିଟ୍‌ଖିଟ୍ ସ୍ୱଭାବ ବା

ଯିଏ କ୍ଷୀଣକୋପୀ, ସେ ଅତ୍ୟଧିକ ଧାତୁକ୍ଷୟ ବା ଇନ୍ଦ୍ରିୟ ଚାଳନା ଫଳରେ ଏପରି ହୋଇଥାଏ—ଅନ୍ୟ କୌଣସି କାରଣରୁ ଜଣଙ୍କର ସ୍ୱଭାବ ଏପରି ହେବା ସମ୍ଭବ ନୁହେଁ । ଯେଉଁମାନେ ଊର୍ଦ୍ଧ୍ୱରେତା, ସେମାନଙ୍କର ପ୍ରଥମ ଓ ପ୍ରଧାନ ଲକ୍ଷଣ, ସେମାନଙ୍କର ବୁଦ୍ଧି ସ୍ଥିର ଓ କାରଣମୁଖୀ ହେବ । କ୍ଷେପା କାରଣମୁଖୀ ବୁଦ୍ଧିର ଚମତ୍କାର ବାଖ୍ୟା କରିଥିଲେ,— ''ଧର, ତୁ କେଉଁ ରାସ୍ତା ଦେଇ ଯାଉଛୁ, ଜଣେ ତୋ' ପାଖକୁ ଆସି ତୋତେ ଠେଲିଦେଇ ଏପରି ଭାବେ ପକେଇଦେଲା ଯେ ତୋ'ର ହାଡ଼ ଉପରେ ମାଡ଼ ହେଲା । ଏ ପରିସ୍ଥିତିରେ ସାଧାରଣ ଲୋକ ହୁଏତ ତାକୁ ଓଲଟା ମାରିବାକୁ ବସିଲା, କିଛି ଶୁଣିବା ଆଗରୁ ତା'ର ରକ୍ତ ମୁଣ୍ଡକୁ ଉଠିଗଲା, କ୍ରୋଧରେ ଜଳିଉଠିଲା, ତାକୁ ସାଂଘାତିକ ଭାବରେ ମାରିବାକୁ ବସିଲା । ଯାହାର ଧାତୁ ତରଳ, ତା'ର ଏ ଧରଣର ପ୍ରତିହିଂସାର ଭାବ କୌଣସି-ନା-କୌଣସି ସୂତ୍ରରେ ଜଳି ଉଠିବ । କିନ୍ତୁ ଯେଉଁମାନେ ଧୀମାନ୍, ସୁସ୍ଥ, ଊର୍ଦ୍ଧ୍ୱରେତା, ତାଙ୍କର ବୁଦ୍ଧି ଏପରି ହୋଇପାରିବ ନାହିଁ । ସେ ମାଡ଼ଖାଇ ଓଲଟି ମାରିବାକୁ ଯାଏନାହିଁ— ତା'ର ବୁଦ୍ଧିରେ ସେ ଚିନ୍ତାକରିବ ଯେ କାହିଁକି ଓ କେଉଁ କାରଣରୁ ସେ ଏପରି କାମ କଲା । ସେହି କାରଣଟିକୁ ସେ ସଙ୍ଗେସଙ୍ଗେ ବୁଝିନେଇ, ଯଦି ସହଜ କିଛି ପ୍ରତିବିଧାନ ଥାଏ, ତାହାହିଁ କରିବ । ତା' ଭିତରେ ହିଂସାର ଭାବ ମୁଣ୍ଡ ଟେକି ପାରିବ ନାହିଁ । ଏହାର ନାମ କାରଣମୁଖୀ ବୁଦ୍ଧି ।''

■■

ଅଷ୍ଟମ ପରିଚ୍ଛେଦ

ଆଜି ଚାଲିଯିବି । ତାରାପୀଠ ଉପରେ ଆକର୍ଷଣ ବେଶ୍ ଅନୁଭବ କରୁଛି । ଏଠାରୁ ଯିବାକୁ ମନ ଚାହୁଁ ନାହିଁ । ଅବଶ୍ୟ ଏଠାକାର ମୂଳ ଆକର୍ଷଣ ଏହି ବାମଦେବ । ଏବେ ମନଭିତରେ କ୍ଷେପାବାବାଙ୍କର ଆକର୍ଷଣ ଅନୁଭବ କରିକରି ମା'ଙ୍କ ମନ୍ଦିରରୁ ଯାଇ ବାବାଙ୍କ ଆଶ୍ରମରେ ଉପସ୍ଥିତ ହେଲି ଏବଂ ପ୍ରଣାମ କରି କହିଲି, ''ଆଜି ମୁଁ ତ ଯିବାକୁ ଠିକ୍ କରିଛି, ତେଣୁ ଆପଣଙ୍କଠାରୁ ବିଦାୟ ନେବାକୁ ଆସିଛି ।''

''ସେହି ମା'ଙ୍କ ପାଖରୁ ବିଦାୟ ନେଇ ଆସ୍‌ରେ !''

କହିଲି, ''ତାହା ହୋଇସାରିଛି । ଏବେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ଏହି କଠିନ କାମ-ପ୍ରଭାବ ହାତରୁ ପରିତ୍ରାଣ ପାଇପାରେ ।''

ତାଙ୍କ ମିଜାଜ୍ ପ୍ରଫୁଲ୍ଲ ଥିଲା । କହିଲେ, ''ହସମାଡୁଛି ବାବା, ତୁମ କଥା ଶୁଣି । ତାହା ଚାଲିଗଲେ ଆଉ ରହିଲା କ'ଣ ? ତୁମ ଶକ୍ତିର ଅସଲ ଜିନିଷଟି ତ ଏହି ଟିକକ । ତା'କୁ ଇନ୍ଦ୍ରିୟସୁଖରେ ବ୍ୟବହାର କରିଥିଲ, ଏଣୁ ବୋକା ବନିଛ, ଠକିଯାଇଛ । ମୂଳାଧାର ତୁମର ଏ ଶକ୍ତିକୁ ଏହି ଯନ୍ତ୍ର ମାଧ୍ୟମରେ ବ୍ୟବହାର କରିବେ କାହିଁକି ? ଏକେ ତ ଯୌବନକାଳ, ତା'ପରେ ପୁଣି ଉଦ୍ଦାମ ମତିଗତି, ଥରେ ବାହାରିଯିବାର ବାଟ ପାଇଲେ କାଳର ପ୍ରଭାବରେ ଦୌଡ଼ିଚାଲିବ । ଦଉଡ଼ା ଟାଣ କରିଥାଅ ତୁମେ, ପୃଥକ୍ କରିଦିଅ ତୁମେ,– ମନର ଟାଣ ଥିଲେ ତାହା ସମ୍ଭବ ହୋଇପାରିବ ବାବା ।''

ଟିକିଏ କ'ଣ ଭାବି ତା'ପରେ କହିଲେ, ''ହଁ ଦେଖ, ଆଦିମକାଳରୁ ଏହି ଭାବରେ ଚାଲିଛିକିନା, ସେଥିଲାଗି ଏବେ ଯେପରି ମଣିଷ ସେଥିରେ ବନ୍ଧା ପଡ଼ିଯାଇଛି ବୋଲି ମନେ ହୁଏ । ଏଥିରୁ ଯେପରି ପରିତ୍ରାଣ ନାହିଁ ! ପୁଣି ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯିଏ ଏହି ଶକ୍ତିକୁ ଚୈତନ୍ୟ ଦିଗକୁ ପରିଚାଳିତ କରି କେତେ ଉଚ୍ଚ ଗତି ପ୍ରାପ୍ତ ହୋଇଛନ୍ତି । ଶ୍ରେଷ୍ଠ ପ୍ରତିଭା ବିକାଶର ମୂଳ ହେଲା, ଏହି ଶକ୍ତି । ଏହା କ୍ରମେ ତୁମକୁ ଶକ୍ତିର କେନ୍ଦ୍ର ଆଡ଼କୁ ଟାଣି ନେଇଯିବ, ମା' ଜଗଦମ୍ବାଙ୍କର କୋଳରେ ନେଇ ପହଞ୍ଚାଇଦେବ । ସେତେବେଳେ ଆଉ କିଛି ପାଇବା ଲାଗି ବାକି ରହିବ ନାହିଁ, ବାବା । ଭୋଗ, ଉପଭୋଗସବୁ ଶେଷ

ହୋଇଯାଉ, ଏଥିଲାଗି କାହା ପାଖକୁ ତୁମକୁ ଯିବାକୁ ପଡ଼ିବ ନାହିଁ—ମା' ତାରା ନିଜେ ହିଁ, ତୁମର ଏହା ପରେ ପରେ ଯାହା କିଛି କରିବାର ଅଛି, ସେକଥା ସବୁ ଜଣାଇଦେବେ । ଘରେ ବସିରହି ସବୁ ପାଇବ ।''

ମୁଁ କହିଲି, ''ଯଦି ସତରେ ହିଁ ଏହି ଭାବନାଟିକୁ ଆୟତ୍ତ କରି ଧରି ରଖିପାରିଥାନ୍ତି, ତା'ହେଲେ ଆଉ ଭାବନା କ'ଣ ଥାଆନ୍ତା ? ଆମେ ଏପରି ସମାଜ ମଧ୍ୟରେ ବାସ କରୁ, ଯେଉଁଠାରେ ତାହା ଏହି ଭାବରେ ଦେଖିବା, ବୁଝିବା ଆଉ କରିବାର ପ୍ରବୃତ୍ତିଟା ହିଁ ଅସ୍ଥିମଜ୍ଜାଗତ ହୋଇ ରହିଛି । ଇନ୍ଦ୍ରିୟସୁଖର ଧାରଣା ପାଲଟାଇ ପୂର୍ଣ୍ଣ ରୂପେ ଏହି ଭାବକୁ ଓଲଟାଇ ଦେବାର ଏବଂ ଉଚ୍ଚସ୍ତରରେ କର୍ମ ଓ ଚିନ୍ତାଶକ୍ତି ପରିଚାଳନା କରିବାର ଯେଉଁ ପ୍ରବୃତ୍ତି, ଶିକ୍ଷା ଦ୍ୱାରା ହିଁ ତା'ର ପ୍ରବର୍ତ୍ତନ ସମ୍ଭବ ହେବ । ମାତ୍ର ସେ ଶିକ୍ଷା ତ ନାହିଁ, ସେହି ଭାବର ଶିକ୍ଷା ଏ ସମୟରେ ଦେଶବାସୀଙ୍କ ସ୍ୱପ୍ନରେ ମଧ୍ୟ ଅଗୋଚର, ନୁହେଁ କି ?''

ବାବା ଉଠିବସି କହିଲେ, ''କାହିଁକି ବାବା, ତୁମର କଲିକତାର ମଧ୍ୟସ୍ଥଳରେ ତ ତାହାର ବ୍ୟବସ୍ଥା ରହିଛି ?''

''କେଉଁଠାରେ ? ମୁଁ ତ ଜାଣି ନାହିଁ ?''

''ଜାଣିବ କେମିତି, ଗାଁର ଯୋଗୀକୁ ଭିକ ମିଳେ ନାହିଁ । ତୁମେମାନେ ଦେଶ ବିଦେଶ ଘୂରି ଲମ୍ବା-ଚଉଡ଼ା ସାଧୁ ଦେଖିନେଲେ ଭକ୍ତି କର, ଆଉ ତାଙ୍କ ନିକଟରୁ ଗୀତା ପ୍ରବଚନ ଶୁଣିବାକୁ ଭଲ ପାଅ । ଘରେ ଯେଉଁ ଠାକୁର ଅଛନ୍ତି, ତାଙ୍କଠାରୁ ସବୁ ମିଳିପାରେ, କେଉଁଠିକି ଯିବାକୁ ପଡ଼େ ନାହିଁ—ସେଠାକୁ ତୁମେ କାହିଁକି ଯିବ, ବାବା ! ସେ ଆଡ଼କୁ ନଜର ହିଁ ତୁମର ପଡ଼ିବ ନାହିଁ !''

''କାହା କଥା କହୁଛନ୍ତି ?''

''କାହିଁକି ବାବା, ସେହି ରାମକୃଷ୍ଣ ପରମହଂସଙ୍କର ନାମ ଶୁଣି ନାହଁ ?'' ପରେ ଶ୍ରଦ୍ଧାଭରେ ସେ ହାତଯୋଡ଼ି କପାଳରେ ରଖି କହିଲେ, ''ତୁମ ଗାଁର ଯୋଗୀ ଯେ,ତାଙ୍କ ନିକଟକୁ ତୁମେ ଯିବ କାହିଁକି !''

ଶୁଣିସାରି ମୁଁ ସ୍ତମ୍ଭିତ ହୋଇଗଲି । ସେ ମୋ'ର ଏହି ଭାବ ଲକ୍ଷ୍ୟକରି ପୁନରାୟ କହିଲେ, ''ଏବେ ଶେଷରେ ସେ ଛୋଟ ଛୋଟ ପିଲାମାନଙ୍କୁ ନେଇ ପାଖରେ ରଖି କିପରି କାମିନୀ-ସଂସର୍ଗ, ସାଂସାରିକ ଭୋଗ ଦିଗରୁ ମନକୁ ଦୂରେଇ ନେଇ ଈଶ୍ୱରାଭିମୁଖୀ କରିବାକୁ ପଡ଼େ, ମନକୁ ଶୁଦ୍ଧ ପବିତ୍ର କରି ଭଗବାନଙ୍କ ଚିନ୍ତାରେ ଓ ତାଙ୍କର କାର୍ଯ୍ୟରେ ନିୟୋଜିତ କରାଯାଇପାରେ, ସେହି ଦିଗରେ ସେ ସେମାନଙ୍କୁ ପ୍ରସ୍ତୁତ କରି ଚାଲି ନାହାନ୍ତି ?

ତାହାହିଁ ସେଠାରେ, ଦକ୍ଷିଣେଶ୍ୱର ମା'ଙ୍କ ନିକଟରେ ତାଙ୍କ ହାତରେ ଗଢ଼ା ପିଲାଙ୍କର ଦଳ । ଏବେ ସେମାନେ କେତେ ବଡ଼ ବଡ଼ ହୋଇଗଲେଣି । ବେଲୁରଠାରେ ମଠ ଦେଇଛନ୍ତି, କ'ଣ ଶୁଣି ନାହଁ ? ବିବେକାନନ୍ଦ ରାମକୃଷ୍ଣ ମିଶନ୍ ଆରମ୍ଭ କରି ଦେଶର କେତେ ସେବା କରୁଛନ୍ତି, ତୁମେ କ'ଣ ସେହି ବାବାଙ୍କ ଦେଶରେ ରହି ନାହଁ ?''

ଭାବି ଦେଖିଲି, କ୍ଷେପା ଏହି ରାମକୃଷ୍ଣଙ୍କୁ ନେଇ ମୋ' ଅନ୍ତର ଭିତରେ ଆଜି ଏକ ନୂତନ ଆଲୋକପାତ କଲେ । ମୁଁ ଏପରି କେବେ ବି ଭାବି ଦେଖିନାହିଁ—ପରମହଂସ-ଦେବଙ୍କ କ୍ରିୟାକ୍ରମ ଶେଷବେଳକୁ କେଉଁ ବାଟରେ ଯାଇଥିଲା ? ଅଥଚ ଶ୍ରୀମା କଥିତ ରାମକୃଷ୍ଣ କଥାମୃତ କେତେଥର ପଢ଼ିଛି—ତାଙ୍କର ଏହି ଅମୃତମୟ ବାଣୀ ଅନ୍ତରରେ ଅନୁଭବ କରିଛି । ଭକ୍ତ ରାମଚନ୍ଦ୍ରଙ୍କ ରାମକୃଷ୍ଣଚରିତ ପଢ଼ି ଅନ୍ତରରେ ଅଧ୍ୟାତ୍ମ ପ୍ରେରଣା ଅନୁଭବ କରିଛି—ଏପରିକି ବେଲୁରମଠରେ ମୁଁ ଅପରିଚିତ ନୁହେଁ । ମନରେ ଏହି ଧାରଣା ହୋଇଥିଲା ଯେ ତାଙ୍କ ବିଷୟରେ ଯାହା କିଛି ଜାଣିବା କଥା, ତାହା ଜାଣିସାରିଛି, ଆଉ ଅଧିକ ଜାଣିବାର କିଛି ନାହିଁ । ଠିକ୍ କଥା ତ ! ସେ ଶୁଦ୍ଧପୂତ ବାଳକମାନଙ୍କୁ ନେଇ ଶେଷକାଳରେ ରହୁଥିଲେ, ସେମାନଙ୍କୁ ନେଇ ସେ ଅପାର୍ଥିବ ଆନନ୍ଦ ପାଉଥିଲେ, କେତେ ଗଭୀର ଭଲପାଇବା ଦେଇ ସେମାନଙ୍କୁ ବାନ୍ଧି ରଖିଥିଲେ । ତା'ର ପରିଚୟ ମଧ୍ୟ ପାଇଥିଲି । ସେମାନଙ୍କୁ ନେଇ ତ ସେ ଏକ ପବିତ୍ର ସଂଘ ସୃଷ୍ଟି କରିଯାଇଛନ୍ତି—ତା'ଦ୍ୱାରା ଏକ ବିରାଟ କର୍ମକ୍ଷେତ୍ର ଗଢ଼ିଉଠିଛି, 'ରାମକୃଷ୍ଣ ମିଶନ' । ମୁଁ ତ ଯଥାର୍ଥରେ ଆକାଶରୁ ପଡ଼ି ନାହିଁ । ରାଖାଲ୍ ମହାରାଜ, ବାବୁରାମ ମହାରାଜ, ହରି ମହାରାଜ, ଏମାନଙ୍କ ସହ ମୋର ପରିଚୟ ଅଛି । ସମୟସମୟରେ ମୁଁ ଯେ କେତେ ଆନନ୍ଦ ପାଇଛି ଠାକୁର ଓ ସ୍ୱାମୀଜୀଙ୍କର ତିଥି-ପୂଜା ଉପଲକ୍ଷ୍ୟେ, ବେଲୁରରେ ରାତ୍ରିବାସ କରି । କିନ୍ତୁ ଏହି ସବୁକିଛି ଠାକୁରଙ୍କର ଶିକ୍ଷାର ଫଳ, ଜୀବର ସେବା-ନାରାୟଣ ଜ୍ଞାନରେ—ଏକଥା କିଏ ନ ଜାଣିଛି ? ଅଥଚ ଠାକୁରଙ୍କର ଶେଷ ଜୀବନ ସଙ୍ଗେ ପରିଚୟ ଅଭାବରୁ, ଏହି ସଂଘର ସବୁକିଛି ତାଙ୍କରି ଶିକ୍ଷାର ଯେ ଫଳ, ଏହାକୁ ଲକ୍ଷ୍ୟ କରିନାହିଁ । ସଂଘ ସହ ଘନିଷ୍ଠ ପରିଚୟ ଅଭାବରୁ ହିଁ ଏଭଳି ହୋଇଛି ବୋଲି ବୁଝିଲି ।

ଶେଷରେ ସେ କହିଲେ, ''ବାବା, ବାଟ ତ ପଡ଼ିଛି, ଯାଉଛି କିଏ ? କେବଳ ତର୍କ ଆଉ ତର୍କ, ଆଉ କେହି କିଛି ଶିଖାଇ ଦିଏ ନା ଜଣାଇ ଦିଏ, ଏହିପରି ଅଭିଯୋଗ ଅଛି; ଏହାହିଁ କରୁକରୁ ସମୟ ଚାଲିଯାଇଥାଏ, ବାବା—ଶିଖିବା ଆଉ କେତେବେଳେ ? କ୍ଷେପାଙ୍କର ପ୍ରକୃତିରେ ଉଦାରତା ଦେଖି ବିସ୍ମିତ ହେଲି । ଏ ପର୍ଯ୍ୟନ୍ତ ଜଣେ ସାଧୁ ଅନ୍ୟ ସାଧୁ କଥାରେ ଶ୍ରଦ୍ଧାନ୍ୱିତ ହେବା ଦେଖି ନାହିଁ, ଯଦିଓ କ୍ଷେପାଙ୍କ ନିକଟରେ ସମସ୍ତ ସରଳ ସତ୍ୟ-ଈର୍ଷା-ଦ୍ୱେଷଶୂନ୍ୟ ମୁକ୍ତ ଆତ୍ମା, ଗୁଣଗ୍ରାହୀ ପ୍ରକୃତି । ଅଥଚ ସେ ଶ୍ରୀରାମକୃଷ୍ଣଙ୍କ

ନିକଟକୁ କେବେହେଁ ଯାଇନାହାନ୍ତି । ଏହିଠାରେ ବସି ସବୁକିଛି ହିଁ ଜାଣୁଛନ୍ତି । ଅବଶ୍ୟ ମୁକ୍ତ-ଆତ୍ମା ପୁରୁଷ ସେ । ଯାହା କିଛି ସେ ମୁକ୍ତଭାବରେ ଦେଖିଛନ୍ତି, ତାହାହିଁ ଜାଣିଛନ୍ତି ।

ଏବେ ତାରାପୀଠରୁ ବିଦାୟ ନେଇ ନଳହାଟି ଆଡ଼କୁ ଯାତ୍ରା କଲି । ବାଟରେ ରାମପୁର ହାଟ । ରାତିରେ ସେଠାରେ ପହଞ୍ଚିଲି । ବାଟସାରା ବାମାଙ୍କର କଥା ଭାବି ଭାବି ଆସିଲି । ତାଙ୍କ ପରି ସିଦ୍ଧ ତାନ୍ତ୍ରିକ ବ୍ୟକ୍ତି ଆଉ କେହି ହେବେ ନାହିଁ । ଯେତେ ସମୟ ପର୍ଯ୍ୟନ୍ତ ସେ ଜୀବିତ ଅଛନ୍ତି, ଖୁବ୍ କମ୍ ଲୋକ ତାଙ୍କର ସନ୍ଧାନ ପାଇବେ । ତା'ପରେ ଯେତେବେଳେ ଦେହତ୍ୟାଗ କରନ୍ତି, ସେତେବେଳେ ତାଙ୍କର ସ୍ମୃତିରକ୍ଷାର ପ୍ରବୃତ୍ତି ବଳବତ୍ତର ହୋଇ, ସେହି ଦିଗରେ କାର୍ଯ୍ୟ ଆରମ୍ଭ ହୁଏ । ବାମାଙ୍କର ସାଧନା କ୍ଷେତ୍ର ଏବେ ମଧ୍ୟ ରହିଛି, କିନ୍ତୁ ସେଠାରେ କେହି ଉପଯୁକ୍ତ ସାଧୁ ବ୍ୟକ୍ତି ଆସ୍ଥାନଜମାଇବା କଥା ଶୁଣି ନାହିଁ । ତାଙ୍କର ଶିଷ୍ୟ ତାରା– ସେ ମଧ୍ୟ କ୍ଷେପା ନାମରେ ପ୍ରସିଦ୍ଧ । କ୍ଷେପା ପଦବୀଧାରୀ ଗୋଟିଏ ଶ୍ରେଣୀର ତନ୍ତ୍ର-ସାଧକ ସମ୍ପ୍ରଦାୟ, ସେମାନଙ୍କ ଦଳର ସମସ୍ତେ କ୍ଷେପା ନାମଧାରୀ । ଏହି ତାରା କ୍ଷେପାଙ୍କ ସହ ମୋ'ର ଥରେମାତ୍ର ସାକ୍ଷାତ ହୋଇଥିଲା । ସେତେବେଳେ ତାଙ୍କର ଯୋଗ-ବିଭୂତିଙ୍କ କଥା ଶିଷ୍ୟ ସମେତ ଅନେକ ବ୍ୟକ୍ତିଙ୍କ ଠାରୁ ଶୁଣିଥିଲି; କିନ୍ତୁ ମୋ' ନିଜର ଧାରଣାରେ ସିଏ ତାଙ୍କ ଅନୁରୂପ ନୁହନ୍ତି ବୋଲି ତାଙ୍କ ପ୍ରସଙ୍ଗ ଆଉ ଉଲ୍ଲେଖ କଲି ନାହିଁ ।

■■

ନବମ ପରିଚ୍ଛେଦ

ରାମପୁର ହାଟରୁ ନଳହାଟି ଗଲି । ସେଠାରେ କହନ୍ତି, ଏହି ମହାପୀଠରେ ଦୁର୍ଗାଙ୍କର (ସତୀଙ୍କର) ବେକର ନଳି ପଡ଼ିଥିଲା, ସେଥିଲାଗି ଦେବୀ ହେଲେ ନଳାଟେଶ୍ୱରୀ । ମନ୍ଦିର, ନାଟ-ମନ୍ଦିର ଓ ତତ୍‌ସଂଲଗ୍ନ ଯାତ୍ରୀ ନିବାସ ସବୁ ଦିଗରୁ ବୈଶିଷ୍ଟ୍ୟବର୍ଜିତ, ପୁରାତନ, ସଂସ୍କାରହୀନ ଓ ଅପରିଷ୍କାର ।

ଉପର ଘରେ ଜନୈକ ନବୀନ ଜଟାଧାରୀ ସନ୍ନ୍ୟାସୀ ବସି ପୋଥି ଦେଖୁଥିଲେ, ଗୋଟିଏ ଜୀର୍ଣ୍ଣ ବାଘଛାଲ ଉପରେ—ପାଖରେ କିଛି ପୋଥି ଲାଲ୍ କପଡ଼ାରେ ବନ୍ଧା । ମୁଁ ନମସ୍କାର କରିବା ବେଳେ ପ୍ରତିନମସ୍କାର ଜଣାଇ ମୋ ଆଡ଼କୁ ମୁହଁଟେକି ଦେଖିଲେ । କେତେ ମିନିଟ ପର୍ଯ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟିରେ ଦେଖି, ଦୀର୍ଘ ନିଶ୍ୱାସଟି ଛାଡ଼ି କହିଲେ, 'ହୁଁ ଉଁଉଁ ମ୍'— ଟାଣିହୋଇ ଦୀର୍ଘ ହୁଁ ଶବ୍ଦ ପରେ, ମୁଣ୍ଡ ତଳକୁ କରି, ପୁନରାୟ ପୋଥିରେ ମନୋନିବେଶ କଲେ । ମୁଁ କାନ୍ଧରୁ କମ୍ବଳଟିକୁ ଓହ୍ଲାଇଦେଇ ଦୀର୍ଘ ତକିଆ ଉପରେ ରଖିଦେଲି, ବସିଲି ନାହିଁ । କମଣ୍ଡଳୁଟିକୁ ରଖିଦେଇ ବାହାରକୁ ଚାଲିଗଲି, ମାତ୍ର ଏହି ଜଟାଜୁଟ ସମାଯୁକ୍ତ ହୁଂମ୍ ଶବ୍ଦରେ ଦୀର୍ଘ ନିଃଶ୍ୱାସତ୍ୟାଗୀଙ୍କ କଥାହିଁ ମନେମନେ ଆଲୋଚନା କରୁଥିଲି । ସେ ଏହି ଶକ୍ତିର ବିଜ୍ଞାପନଟି ପ୍ରକାଶ ନ କରିଥିଲେ ହୁଏତ ପାଖରେ ବସି କିଛି କଥାବାର୍ତ୍ତା କରିଥାନ୍ତି । ସେ ହୁଏତ ଭାବୁଥିବେ, ପିଲାଲୋକ ମୁଁ, ସହଜରେ ତାଙ୍କ ପ୍ରତି ଆକୃଷ୍ଟ ହେବି—ସେଥିଲାଗି ଦୃଷ୍ଟିମାତ୍ରକେ ନିଜ ଶକ୍ତିମତ୍ତାର ବିଜ୍ଞାପନଟି ଏହିଭାବରେ ଦେଖାଇଲେ ।

ବାହାରର ଚତୁର୍ଦ୍ଦିଗକୁ ଦେଖିଦେଇ ମୋ'ର ମନ ମାନିଲା ନାହିଁ, ଭିତର ଆଡ଼କୁ ଟାଣିହେବାକୁ ଲାଗିଲା । ହୋଇଥାନ୍ତୁ ନା ସେ ଭଣ୍ଡ, ମୋ'ର ଯାଏଆସେ କ'ଣ, ମୁଁ ତ ତାଙ୍କଠାରୁ କିଛି ଆଦାୟ କରିପାରିବି, ଅଭିମାନ ଛାଡ଼ି ନିକଟରେ ଯାଇ ବସିଲେ କ୍ଷତି କ'ଣ ? ଫେରିଆସି ପୁଣି ଭିତରକୁ ଆସିଲି । ଏଥର ସେ ନିଜେ ପ୍ରଥମେ କଥା କହିଲେ, ''ବାବାଙ୍କର ତାରାପୀଠରୁ ଆସିବା ହୋଇଛି ବୋଧହୁଏ ?''

ବିସ୍ମୟ ଭାବକୁ ଗୋପନ ରଖି ସପ୍ରତିଭ ଭାବ ଦେଖାଇ କହିଲି, ''ଆଜ୍ଞା ହଁ ।'' ତା'ପରେ ତାଙ୍କୁ ପଚାରିଲି, ''ଆପଣ କ'ଣ ବୈଦ୍ୟନାଥଧାମରୁ ଆସିଛନ୍ତି ?''

''ନା, କାମରୂପରୁ ଆଜିକୁ ଚାରିପାଞ୍ଚଦିନ ହେବ ଆସିଛି ।'' ଦେଖିଲି, ମୋ' ଅନୁମାନ ବ୍ୟର୍ଥ ହୋଇଗଲା । ଏଥର ନିଜକୁ ନ୍ୟୂନ ମନେ କରିବାକୁ ପଡ଼ିଲା । ମନରେ ପୁଣି ଆଉ ଗୋଟିଏ କଥା ଉଠିଲା ଯେ, ଇଏ ସାଧାରଣ ଭୈରବ ଶ୍ରେଣୀର ଶାକ୍ତ ନୁହନ୍ତି । ତା'ହେଲେ ମଧ୍ୟ ତାରାପୀଠର ବାମାଙ୍କ ପରି ନୁହନ୍ତି ।

''ମନେହୁଏ ବାବାଜୀଙ୍କର କ'ଣ କାମରୂପ ଯିବାର ଇଚ୍ଛା ?'' ସେ ପଚାରିଲେ ।

ଏଥର ଅକପଟ ଭାବରେ ସତକଥାଟି ସ୍ୱୀକାର କଲି ।

ଶୁଣି କହିଲେ, ''ଉମାପତି ବାବାଙ୍କ ପାଖକୁ ଯିବେ—ସେ ଏଠାରେ କିଛିଦିନ ରହିବେ ।''

କହିଲି, ''ନିଶ୍ଚୟ ଯିବି ।''

''ସେ କାମାକ୍ଷା ଉପରକ୍ଷେତ୍ର ଭୁବନେଶ୍ୱରୀଠାରେ ହିଁ ରହନ୍ତି ।'' ତା'ପରେ କିଛିକ୍ଷଣ ନିସ୍ତବ୍ଧ ରହିଯାଇ ପଚାରିଲେ, ''ବାବାଙ୍କର ଗୁରୁସ୍ଥାନ କେଉଁଠାରେ ?''

କହିଲି, ''ଶିଙ୍ଗେର ମଠ, ସ୍ୱାମୀ ପରମାନନ୍ଦ ମୋ'ର ଇଷ୍ଟ ।''

''ଜାଣେ, କଲିକତା ରାମରାଜାତଲାର ଶଙ୍କର ମଠର ସ୍ୱାମୀ ତ ?''

''ଆପଣ ତ ସବୁ ଜାଣିଛନ୍ତି, ଦେଖୁଛି,'' କହିଦେଇ ଘନିଷ୍ଠ ଭାବ ନେଇ ବସିଲି ।

''ଆପଣଙ୍କର ପ୍ରଥମ କିମ୍ବା ଅସଲ ଗୁରୁ ତ ସିଏ ନୁହନ୍ତି, ସେ ଆପଣଙ୍କର ଉପଗୁରୁ—ନୁହେଁ କି ?''

''ଆପଣ ଯଥାର୍ଥ ହିଁ କହିଛନ୍ତି, କିନ୍ତୁ ଯେତେବେଳେ ସେ ଜୀବିତ ଅଛନ୍ତି, ସେତେବେଳେ ଅସଲ ଗୁରୁ ହିଁ କୁହାଯାଉଛି ତ ?''

''ତା'ହେଲେ ମଧ୍ୟ ସେ ଆପଣଙ୍କ ଅସଲ ବା ଯଥାର୍ଥ ଗୁରୁ ହୋଇ ନ ପାରନ୍ତି ।''

''ଆପଣ ଏପରି କଥା କାହିଁକି କହୁଛନ୍ତି, ବୁଝିପାରିଲି ନାହିଁ ।''

''କାରଣ ଯାହାଙ୍କର ବିତୈଷଣା, ଲୋକୈଷଣା ପ୍ରଭୃତିରେ ପ୍ରକୃତରେ ଦୁର୍ବଳତା ଅଛି, ଆପଣ ଜାଣିଶୁଣି ତାଙ୍କୁ ଗୁରୁସ୍ଥାନ ଦେଇ ପାରନ୍ତି ନା କ'ଣ ?''

ବାବାରେ, ଇଏତ ଦେଖୁଛି ଜଣେ ସାଂଘାତିକ ସ୍ପଷ୍ଟବାଦୀ ବ୍ୟକ୍ତି ! କହିଲି, ''ଆପଣ କ'ଣ ତାଙ୍କର ସେପରି କିଛି ପରିଚୟ ପାଇଛନ୍ତି ?''

''ଆପଣ ନିଜ ସିଦ୍ଧାନ୍ତଟିକୁ ଗୋପନ ରଖୁଛନ୍ତି କାହିଁକି ? ଆପଣ କ'ଣ ଜାଣି ନାହାନ୍ତି ? ତେବେ ଯେହେତୁ ଶେଷ କାଳରେ ପାଇଛନ୍ତି, ଆଗରୁ ପାଇଥିଲେ କିଛି ହେଲେ ସମ୍ବନ୍ଧ ଘଟି ନ ଥାନ୍ତା—କହନ୍ତୁ, ସତ କି ନା ?''

''ସତ୍ୟ, ସତ୍ୟ, ସତ୍ୟ—ଆପଣଙ୍କର ପ୍ରତ୍ୟେକ କଥା ହିଁ ସତ୍ୟ, ତାଙ୍କ କଥା ଆଉ ଆଲୋଚନାକରି କୌଣସି ଲାଭ ନାହିଁ ।''

'ନା' କହି ଦେଇ ସେ ଚୁପ ରହିଲେ । ମୋ' ମନରେ ସେତେବେଳେ ଆଉ ଗୋଟିଏ କଥା ଉଠିଲା—ଏହିସବୁ କଥା ସେ କ'ଣ ତାଙ୍କର ଯୋଗସିଦ୍ଧି ଫଳରେ କହୁଛନ୍ତି ?

''ନା ନା, ସହଜ ବ୍ୟବହାରିକ ସତ୍ୟଗୁଡ଼ିକ ଜାଣିବା ବା ପ୍ରକାଶ କରିବା ଲାଗି କୌଣସି ସିଦ୍ଧିର ପ୍ରୟୋଜନ ନାହିଁ, ତେବେ ସ୍ଥିର ଓ ସହଜ ବୁଦ୍ଧିର ପ୍ରୟୋଜନ ଅଛି, ଏହା ନିଶ୍ଚିତ ସତ୍ୟ ।''

''ମୋ'ର ପ୍ରଥମ ବା ପ୍ରଧାନ ଗୁରୁଙ୍କ ସମ୍ବନ୍ଧରେ ଆପଣ କିଛି କହିବେ ?''

''ଆପଣ ଯେତେବେଳେ ପଚାରିଲେ କହି ପାରିବି । କିନ୍ତୁ କିପରି ଏସବୁ ଜାଣିଲି, ଏକଥା ଯଦି ପଚାରନ୍ତି, ତେବେ ମୁଁ କହିବି ଯେ ସେ ମୋ'ର ହିଁ ଇଷ୍ଟ– ତାଙ୍କୁ ଆଶ୍ରୟ କରି ମୋ'ର ପ୍ରଥମ ଜ୍ଞାନର ଉନ୍ମେଷ—ମୋ'ର ସବୁ କିଛି ହିଁ ସେ—ଏବେ ମଧ୍ୟ ଅଛନ୍ତି, ଚିରକାଳ ପାଇଁ ମଧ୍ୟ ରହିବେ, ଯେତେଦିନଯାଏ ମୋ'ର ଅସ୍ତିତ୍ୱ ଥିବ । ଆଉ ମଧ୍ୟ ଜାଣେ, ସେ କେବଳ ଆପଣଙ୍କର ବା ମୋ'ର ନୁହନ୍ତି—ସେ ଜଗତ୍‌ଗୁରୁ । ତାଙ୍କ ସ୍ଥାନ ସମସ୍ତଙ୍କର ଉପରେ । ଆମର ତାଙ୍କ ସହ ଅଚ୍ଛେଦ୍ୟ ସମ୍ବନ୍ଧ ।''

''ମୋ'ର ମନେ ହେଲା, ଏହିସବୁ ପୋଥିପତ୍ର ସବୁ କ'ଣ ଓ କାହିଁକି ?''

ତା'ର ଉତ୍ତରରେ କହିଲେ,—''ସେ ତ ବାରଣ କରି ନାହାନ୍ତି ? ନିଜ ସାଧନ ସଙ୍ଗେ ସେସବୁ କିଛିକିଛି ମିଳାଇ ଦେଖିବାକୁ ହୁଏ । ସେଥିରେ ଭଲ ହୁଏ—ନିଜର ସାଧନା ଉପରେ, ନିଜର ନିର୍ବାଚିତ ପଥ ଉପରେ ବିଶ୍ୱାସ ବଢ଼ିଥାଏ ।''

ଏଥର ମୋ'ର ଯଥାର୍ଥ ହିଁ ମିଳନ ଘଟିଲା—ବୁଝିଗଲି ସେ ମଧ୍ୟ ଶ୍ରୀରାମକୃଷ୍ଣଙ୍କର ଭକ୍ତ ।

ସେତେବେଳେ ପଚାରିଲି, ''ଜଟାଜୁଟ ରଖିଛନ୍ତି କାହିଁକି ?'' ସେ କହିଲେ, ''ପ୍ରଥମେ ବ୍ରହ୍ମଚର୍ଯ୍ୟ, ତା'ପରେ ସନ୍ନ୍ୟାସ । ବ୍ରହ୍ମଚାରୀ ଅବସ୍ଥାରେ ରୁଦ୍ରାକ୍ଷ ଓ ଜଟାଜୁଟ ଧାରଣର ବିଧି ଅଛି, ତଦ୍ୱାରା ଶକ୍ତି ସଞ୍ଚିତ ହୋଇଥାଏ । ତଦ୍ୱାରା ଆମ ଶକ୍ତିର ଅପବ୍ୟବହାରର ସମ୍ଭାବନା ନାହିଁ । ଏଥର ପର୍ଯ୍ୟଟନ ଶେଷ କରି ମଠକୁ (ବେଲୁଡ଼) ଫେରିଯିବି, ଶିଖାସୂତ୍ର ତ୍ୟାଗ କରି ସନ୍ନ୍ୟାସ ନେବି । ରାଖାଲ ମହାରାଜ ଏଇ ଆଦେଶ ଦେଇଛନ୍ତି ।''

''ମୋ'ର ମଧ୍ୟ ମଠକୁ ଯାତାୟାତ ଅଛି । ସେହି ସୂତ୍ରରୁ ଶୁଣିଛି, ରାଖାଲ ମହାରାଜ ଅନେକ କିଛି କଠୋର ତପସ୍ୟା କରିଛନ୍ତି ।''

ସେ କହିଲେ, ''ଯେଉଁମାନେ ଠାକୁରଙ୍କର ସନ୍ତାନ, ସେମାନଙ୍କ ଭିତରେ ପ୍ରତ୍ୟେକେ ହିଁ କଠୋର ସାଧନା କରିଛନ୍ତି । କିନ୍ତୁ ତାଙ୍କର ସାଧନ କଥା ଏତେ ବେଶୀ ପ୍ରଚ୍ଛନ୍ନ ଅଛି ଯେ ବେଶୀଭାଗ ଲୋକ ତାହା ଜାଣନ୍ତି ନାହିଁ ।''

''ସତ କଥା, କଥାମୃତ ଓ ତାଙ୍କ ସମ୍ବନ୍ଧରେ ଅନ୍ୟାନ୍ୟ ପୁସ୍ତକ ପଢ଼ି ମନେହୁଏ, ନରେନ୍ଦ୍ର, ରାଖାଲ, ବାବୁରାମ ପ୍ରଭୃତି, ଯେଉଁମାନେ ଠାକୁରଙ୍କର ପ୍ରିୟ ସନ୍ତାନ ସେମାନେ

ସମସ୍ତେ ଯେପରି ତାଙ୍କର ମଧ୍ୟ ଆଦରର ବ୍ୟକ୍ତି ହୋଇଛନ୍ତି । କିନ୍ତୁ ଏମାନେ ପ୍ରତ୍ୟେକେ ହିଁ ଅତ୍ୟନ୍ତ କଠୋର ଭାବରେ ସାଧନ କରିଛନ୍ତି । ସାଧନାକୁ ପ୍ରଚ୍ଛନ୍ନ ରଖିବାରେ ହିଁ ଏମାନଙ୍କର ବୈଶିଷ୍ଟ୍ୟ ।''

''ଠାକୁରଙ୍କର ମଧୁର ବ୍ୟବହାର ଆଉ ମଧୁର କଥାରେ ଆମେ ଏତେ ମୁଗ୍ଧ ଯେ ତା' ମଧ୍ୟରେ କେତେ କଠୋରତା ଥିଲା, ସେ ଦିଗକୁ ଲକ୍ଷ୍ୟ କରିପାରିନାହୁଁ ।''

ଏ ଭିତରେ ଆମେ ଆମର ମନକଥା କିଛି କହି ପକାଇଲୁ ।

ଠାକୁରଙ୍କ ସମ୍ବନ୍ଧରେ ଆମର ଏକ ବିଶେଷ ଅନୁଭୂତି ହୋଇଥିଲା । ତା' ମଧ୍ୟ କଥା ପ୍ରସଙ୍ଗରେ ତାହାଙ୍କୁ କହିଲି, ''ଠାକୁରଙ୍କର ଶିକ୍ଷାପ୍ରଣାଳୀ ଥିଲା ଅପୂର୍ବ–ପୃଥିବୀ ଇତିହାସରେ ହୁଏତ ଏହା ନୂତନ । ଏଯାବତ୍ କାଳ ଯାହା ପଢ଼ିଶୁଣି ବା ଦେଖି ଆସିଛି, ଜଗତର ସବୁ ଦେଶର ଆଚାର୍ଯ୍ୟଗଣ ସେମାନଙ୍କର ଉପଲବ୍ଧ ସତ୍ୟକୁ ସହଜ ଭାଷାରେ ବ୍ୟକ୍ତ କରିଛନ୍ତି, ଶିଷ୍ୟବର୍ଗଙ୍କୁ ମଧ୍ୟ ସଦୁପଦେଶ ଦେଇଛନ୍ତି । ଶିଷ୍ୟବର୍ଗ ମଧ୍ୟ ଗୁରୁ ବା ଆଚାର୍ଯ୍ୟଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେଇଛନ୍ତି ଏବଂ ସର୍ବଦା ଆଜ୍ଞାବହ ସେବକ ଭାବରେ ଗୁରୁଙ୍କ ସଙ୍ଗରେ ସମ୍ଭ୍ରମ ସହକାରେ ଗଭୀର ସମ୍ବନ୍ଧ ରକ୍ଷା କରିଛନ୍ତି, ମାତ୍ର ଠାକୁରଙ୍କ ବ୍ୟବହାରରେ ତାଙ୍କର ଅନୁଗତଜନଙ୍କ ପ୍ରତି ପ୍ରୀତି ଅତୁଳନୀୟ । ଏତେ ଭଲପାଇବା, ଏପରି ଭାବରେ ଭକ୍ତ-ପ୍ରୀତି ଶ୍ରୀଚୈତନ୍ୟଙ୍କ ପରେ ଆଉ କାହାରିଠାରେ ଦେଖାଯାଇ ନାହିଁ ।''

ବ୍ରହ୍ମଚାରୀଙ୍କ ନାମ ଭରତ–ଶୁଣିସାରି ସେ କହିଲେ, ''ଆପଣଙ୍କର ପ୍ରଥମ କଥାଟି ବାସ୍ତବିକ ସତ୍ୟ ଓ ଅତୁଳନୀୟ । ତାଙ୍କର ଶିକ୍ଷା ପ୍ରଣାଳୀ ଆଶ୍ଚର୍ଯ୍ୟ ରୂପେ ବୈଚିତ୍ର୍ୟପୂର୍ଣ୍ଣ; ଏପରି ଅଦ୍ଭୁତ ଶିକ୍ଷାଦାନ ପ୍ରଣାଳୀ ଆଉ କେଉଁଠାରେ ଦେଖାଯାଇ ନାହିଁ । ଯାହାକୁ ସିଏ ପରୀକ୍ଷା କରି ଥରେ ମାତ୍ର ଆଶ୍ରୟ ଅଥବା ଆତ୍ମସମର୍ପଣର ସୁଯୋଗ ଦେଉଥିଲେ, ସେ ଚିରକାଳ ଲାଗି ଶ୍ରୀରାମକୃଷ୍ଣଙ୍କର ହୋଇଯାଉଥିଲେ । ପ୍ରତ୍ୟେକେ ପୃଥକ୍ ପୃଥକ୍ ପ୍ରକୃତିର ମନୁଷ୍ୟ । କାହାକୁ କେଉଁପରି ଚଳିବାକୁ ହେବ, ତାହା ପରର କଥା, କିନ୍ତୁ କାହାର ଆତ୍ମଭାବକୁ ନଷ୍ଟ ନ କରି ତା'ର ନିଜ ସଂସ୍କାର ଭିତର ଦେଇ ଆପଣା ପଥରେ ଚାଳିତ କରିବା ଏ ଯୁଗର ଏକ ପରମାଶ୍ଚର୍ଯ୍ୟ ତତ୍ତ୍ୱ– ଏହି କଥାକୁ ଧାରଣା କରିବାକୁ ମଧ୍ୟ ବହୁଦିନ ଲାଗିଯିବ ।''

ମୁଁ କହିଲି, ''ବର୍ତ୍ତମାନ ପଦାର୍ଥ ବିଜ୍ଞାନ ବା ବସ୍ତୁବିଜ୍ଞାନର ଯୁଗ ହେଲେ ମଧ୍ୟ ଯେଉଁ କଲ୍ୟାଣମୟ ପନ୍ଥା ସେ ଆବିଷ୍କାର କରିଯାଇଛନ୍ତି, ତା' ସବୁ ଯୁଗରେ ସ୍ମରଣୀୟ ତତ୍ତ୍ୱ ବୋଲି ଉଜ୍ଜ୍ୱଳ ହୋଇ ରହିଥିବ–ଆମ ପଥରେ ଆଲୋକ ଦେବ, ତାଙ୍କ ଜୀବନର ପ୍ରତ୍ୟେକଟି ବ୍ୟବହାର–ଦକ୍ଷିଣେଶ୍ୱରରେ, ଶ୍ୟାମପୁକୁରରେ, ଶେଷରେ କାଶୀପୁର ବଗିଚାରେ ଦେହତ୍ୟାଗ ପର୍ଯ୍ୟନ୍ତ ।''

ସେ କହିଲେ, ''ରାଖାଲ୍ ମହାରାଜ କହନ୍ତି, ସେହି ପ୍ରଳୟ କ୍ଷୟକାରୀ ବ୍ୟାଧିର ଯନ୍ତ୍ରଣା ଭିତରେ, ଏପରିକି ତାଙ୍କର ଦେହତ୍ୟାଗର ପୂର୍ବ ମୁହୂର୍ତ୍ତରେ ମଧ୍ୟ, ତାଙ୍କର ପ୍ରକୃତିଗତ ପରମାନନ୍ଦମୟ ଭାବର ବ୍ୟତିକ୍ରମ ଦେଖିନାହୁଁ ଆମେ ।''

''ପ୍ରତ୍ୟେକ ଭକ୍ତ, ଗୃହୀ ହୁଅନ୍ତୁ ଅବା ସନ୍ନ୍ୟାସୀ ହିଁ ହୁଅନ୍ତୁ, ସମସ୍ତେ ମନେକରନ୍ତି ଯେ ସର୍ବାପେକ୍ଷା ସେ ହିଁ ତାଙ୍କୁ ବେଶୀ ସ୍ନେହ କରନ୍ତି । ତାଙ୍କୁ ମହାପୁରୁଷ ଜ୍ଞାନ କରି କେହିକେହି ତାଙ୍କ ପାଖକୁ ଯିବାକୁ ସଙ୍କୋଚ କରିଛନ୍ତି, ମାତ୍ର ସେ କାହାକୁ କାହାକୁ ମଧ୍ୟ କେତେ ସହଜ ଭାବରେ ଆପଣାର କରିନେଇଛନ୍ତି । ତଦ୍ୱାରା ତା'ର ଜୀବନ ସାର୍ଥକ ହୋଇପାରିଛି—ବହୁ ବ୍ୟକ୍ତି ଏହିପରି ତାଙ୍କ ନିଜର ହୋଇପାରିଛନ୍ତି ।''

''ଏପରି ଅଭିମାନଶୂନ୍ୟ ଭାବ ଆଉ ପାଶମୁକ୍ତିର ଏପରି ଜୀବନ୍ତ ଦୃଷ୍ଟାନ୍ତ ବିରଳ—ଏହିସବୁ କାରଣରୁ ହିଁ ତାଙ୍କୁ ମାନବ କୁହାଯାଏ ନାହିଁ । ଅବତାର ବୋଲି ନିର୍ଣ୍ଣୟ କରିଥିଲେ ଅଗ୍ରଗଣ୍ୟ ସମସ୍ତ ଭକ୍ତବୃନ୍ଦ । ଅବତାର କହିଲେ ଆମର ଯେଉଁ ଭାବ ମନକୁ ଆସେ, ତାହା ନିଛକ କଳ୍ପନା । ସେହି କାରଣରୁ ତାହା ମିଥ୍ୟା—ସେଥିଲାଗି ତାଙ୍କୁ ଆମର ଇଷ୍ଟ, ତା'ଠାରୁ ଆଉ ବଡ଼ କ'ଣ କୁହାଯାଇ ପାରିବ ! ଆମର ଯିଏ ଇଷ୍ଟ ସେ କେତେ ନିକଟରେ କେତେ ଆତ୍ମୀୟ ! ଫଳରେ ସମ୍ବନ୍ଧଟି ସହଜ ହୋଇପଡ଼େ । କିନ୍ତୁ ଭଗବାନ ବା ଅବତାର କହିଲେ ସେ ଯେପରି ବହୁ ଦୂରରେ ! ଅଲଂଘ୍ୟ ବ୍ୟବଧାନ ସୃଷ୍ଟି କରି ତାଙ୍କୁ ଆମମାନଙ୍କଠାରୁ ପୃଥକ୍ ରଖା ହୁଏ । ତା' ମୁଁ ଆଦୌ ଚାହେ ନାହିଁ—ମୋ'ର ଏହି ଭାବ । ଆପଣଙ୍କର କ'ଣ ଭାବନ୍ତି, କୁହନ୍ତୁ ତ ?''

''ଆପଣ ଯେପରି ସରଳ ଭାବରେ ଓ ସହଜରେ ତାଙ୍କ ସଙ୍ଗରେ ଆପଣଙ୍କର ସମ୍ବନ୍ଧ କଥାଟି କହିଲେ, ମୁଁ କିନ୍ତୁ ସେତେଟା ସରଳ ହୋଇପାରିନାହିଁ । ମୋ'ର ମନେହୁଏ, ଯେତେବେଳେ ଠାକୁର ହେଲେ ଆମ ଗୁରୁମହାରାଜାଙ୍କର ଇଷ୍ଟ, ସେତେବେଳେ ମୋ ପକ୍ଷେ ତ ତାଙ୍କର କଥା, ତାଙ୍କ ଜୀବନର ଏତେ ବିଶ୍ଳେଷଣ, ଆଲୋଚନାର ଯେପରି ଅଧିକାର ହିଁ ନାହିଁ । ତାଙ୍କର କଥାକୁ ଆମେ ଧାରଣା ହିଁ କରିପାରୁ ନାହିଁ । ବେଦାନ୍ତର ସୂକ୍ଷ୍ମ ତତ୍ତ୍ୱସବୁ ଏତେ ସହଜ କଥା ହେଲେ ମଧ୍ୟ ଆମ ପକ୍ଷରେ ବହୁ କଠିନ । ତାଙ୍କର ନିଜ ଜୀବନ ହିଁ ଥିଲା ବେଦାନ୍ତ ତତ୍ତ୍ୱମୟ—ଆମମାନଙ୍କ ପକ୍ଷରେ କେତେ କଠିନ ସେକଥା ଧାରଣା କରିବା !''

ପରମହଂସଦେବଙ୍କ ସମ୍ବନ୍ଧରେ କଥାବସ୍ତୁ ଆମର ସାରାଦିନ ଆଉ ସାରା ରାତି ପ୍ରାୟ ଦ୍ୱିପ୍ରହର ପର୍ଯ୍ୟନ୍ତ ଚାଲିଲା । କିନ୍ତୁ ତା' ମଧ୍ୟରେ କୌଣସି କଥା ଏପରି ହେଲା ନାହିଁ, ଯଦ୍ୱାରା ତାଙ୍କର ଯଥାର୍ଥ ସ୍ଥାନ ନିର୍ଦ୍ଦିଷ୍ଟ ହୋଇପାରେ । ଅବଶ୍ୟ ଆମେ ଉଭୟେ ହିଁ ତାଙ୍କର ଗୁଣମୁଗ୍ଧ ଭକ୍ତ, ଏକଥା କହିଲେ ଭୁଲ୍ ହେବ ନାହିଁ, ମାତ୍ର ଉଭୟଙ୍କ ମଧ୍ୟରେ ଅନୁଭୂତିର ତାରତମ୍ୟ ଅଛି । ବ୍ରହ୍ମଚାରୀ ଭରତ ରାଖାଲ୍ ମହାରାଜଙ୍କୁ ଅବଲମ୍ବନ କରିଛନ୍ତି, ଠାକୁରଙ୍କୁ ଠିକ୍ ଠାକୁରଙ୍କ ପରି ତାଙ୍କ ସ୍ଥାନରେ ରଖିଛନ୍ତି, ତାଙ୍କର ଚରିତ୍ର ବା ପ୍ରକୃତି ସମ୍ବନ୍ଧରେ କୌଣସି ବିଚାର ନାହିଁ—ଠାକୁର ଯେତେବେଳେ, ସେ ନିଶ୍ଚୟ ହିଁ ଠାକୁର । ତାଙ୍କର ଚରିତ୍ର-କଥା

ଆଲୋଚନା କରିବାର ଯୋଗ୍ୟ ଆମେ ନୋହୁଁ । ଆମମାନଙ୍କ ସଙ୍ଗରେ ତାଙ୍କର ସମ୍ବନ୍ଧ ଏକମାତ୍ର ଭକ୍ତିର—ବିଚାରର ନୁହେଁ । ମୋ'ର କିନ୍ତୁ ଭିନ୍ନ ଭାବ । ରାଖାଲ, ବାବୁରାମ୍, ଶଶି, ତାରକ, ଶରତ, ମାଷ୍ଟର ମହାଶୟ, ମହିନଦା, ରାମଲାଲ୍‌ଦା, ଏପରିକି ଲାଟୁ ମହାରାଜ ପର୍ଯ୍ୟନ୍ତ ଏମାନେ ସମସ୍ତେ ମୋ'ର ଗଭୀର ଶ୍ରଦ୍ଧାର ଅଧିକାରୀ, ସମସ୍ତେ ମୋତେ ସ୍ନେହ କରନ୍ତି, ଏକସମୟରେ ସମସ୍ତଙ୍କ ସହ ସମ୍ବନ୍ଧ ମଧ୍ୟ ଘନିଷ୍ଠରୁ ଘନିଷ୍ଠତର ହୋଇଥିଲା ଏବଂ କିଛିବର୍ଷ ପୂର୍ବ ପର୍ଯ୍ୟନ୍ତ ମଧ୍ୟ ଥିଲା (ଯଥାସମୟରେ ସେସବୁ କଥା କହିବି), କିନ୍ତୁ ଠାକୁରଙ୍କ ଚରିତ୍ର ସମ୍ବନ୍ଧୀୟ ଆଲୋଚନା କମ୍ ନଥିଲା । ମୋ'ର ମୂଳ ଉଦ୍ଦେଶ୍ୟ, ଏହି ଠାକୁରଙ୍କ ସମ୍ବନ୍ଧରେ ସବୁକିଛି ଜାଣିବା ଲାଗି ହିଁ ମଠକୁ ଯାଉଥିଲି ଏବଂ ଏମାନଙ୍କ ସହ ପରିଚିତ ହୋଇଥିଲି । ସେତେବେଳର ବାୟୁମଣ୍ଡଳ—ବେଲୁଡ଼ ବା ଦକ୍ଷିଣେଶ୍ୱରକୁ ଯେଉଁମାନେ ଯିବାଆସିବା କରୁଥିଲେ, ସେମାନେ ସମସ୍ତେ ହୁଏତ ଅନୁଭବ କରିଛନ୍ତି; ଏସବୁ ସ୍ଥାନରେ ଠାକୁରଙ୍କ ପ୍ରଭାବରେ ତୃପ୍ତି ମିଳୁଥିଲା । ଅନ୍ତତଃ ମୁଁ ଏହାକୁ ପ୍ରତ୍ୟକ୍ଷରୂପେ ଅନୁଭବ କରିଥାଏ । ଜନ୍ମଉତ୍ସବ ବା ତିଥିପୂଜାର କଥା ସ୍ୱତନ୍ତ୍ର—ସେତେବେଳେ ଆନନ୍ଦଉତ୍ସବ ସଂକ୍ରାନ୍ତ ଏକ ବିରାଟ ଆନନ୍ଦ-ସ୍ରୋତ ପ୍ରବାହିତ ହେଉଥାଏ—ତଦ୍ଦ୍ୱାରା ବିକ୍ଷେପର ସମ୍ଭାବନା ଥିଲା । କିନ୍ତୁ ସ୍ଥାନଟି ନିର୍ଜନ ହେଲେ, ଅଥବା ବେଲୁଡ୍ ମଠରେ ଦୈନନ୍ଦିନ ବ୍ୟବହାର ଲାଗି ଯେଉଁମାନେ ରାଖାଲ୍ ମହାରାଜ ପ୍ରଭୃତିଙ୍କଠାରୁ ଠାକୁରଙ୍କ କଥା ଶୁଣିଛନ୍ତି, ସେମାନେ ହିଁ ଜାଣନ୍ତି, ସେ କିପରି । ଜିଜ୍ଞାସାର ଉତ୍ତରରେ ଏକରକମ—ପୁଣି ଯେତେବେଳେ ନିଜେ ହିଁ ଠାକୁରଙ୍କ ସମ୍ବନ୍ଧରେ କୌଣସି କଥା ଉତ୍ଥାପନ କରିଥାନ୍ତି, ସେତେବେଳେ ଅନ୍ୟରକମ—ଯେପରି ପ୍ରତ୍ୟକ୍ଷ ଭାବରେ ଠାକୁରଙ୍କ ସଙ୍ଗଲାଭ ହୋଇଥାଏ । ଶ୍ରୀମା କଥିତ କଥାମୃତ ବ୍ୟତୀତ, ଲୀଳାପ୍ରସଙ୍ଗ, ଯାହା ଶରତ ମହାରାଜଙ୍କ ଅକ୍ଷୟ କୀର୍ତ୍ତି ଓ ରାମଚନ୍ଦ୍ରଙ୍କର ରାମକୃଷ୍ଣ ଚରିତ୍ର ପ୍ରଭୃତି ପାଠକରି ତାଙ୍କ ସମ୍ବନ୍ଧରେ ଅନେକ କିଛି ଜାଣିବାର ପ୍ରବଳ ତୃଷ୍ଣା ଜାଗିଥାଏ । ସେହି କାରଣରୁ ମଠରେ ବା ଦକ୍ଷିଣେଶ୍ୱରରେ ରାମଲାଲଦାଦାଙ୍କର ଶରଣାଗତ ହୋଇଥାଏ । ସେହି ବାଲ୍ୟକାଳ ବା କୈଶୋର ସମୟରୁ ଠାକୁରଙ୍କ କଥା ପାଠକରି ଓ ଆଲୋଚନା କରି (ଆଜିର ଆୟୁପ୍ରାନ୍ତରେ ପହଞ୍ଚି) ଯେତେ ବୁଝିବାକୁ ଚେଷ୍ଟା କରିଛି, ସେତେ ହିଁ ଦେଖିଛି ଯେ ଧୀରେ ଧୀରେ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇ ଗଭୀରରୁ ଗଭୀରତର ତତ୍ତ୍ୱରେ ତାଙ୍କର ଅସ୍ତିତ୍ୱ ଉନ୍ମୋଚିତ ହୋଇ ଯେପରି ସର୍ବତ୍ର ହିଁ ପରିବ୍ୟାପ୍ତ ହେବାକୁ ଯାଉଛି । ସମୟ ସମୟରେ ମନେ ହୋଇଛି, ସେ ଚିରଦୁର୍ଜ୍ଞେୟ, ତାଙ୍କର ଅନ୍ତ ଜାଣିବା କଷ୍ଟକର ।

ଯାହା ହେଉ, ନଳହାଟିରେ ବ୍ରହ୍ମଚାରୀଙ୍କ ସଙ୍ଗେ ମୋ'ର ସବୁ ସମୟ କଟିଗଲା, ଆଉ କିଛି ଦେଖାଶୁଣା ହୋଇପାରିଲା ନାହିଁ, ଭଲ ଲାଗିଲା ନାହିଁ—ପରେ ଉଭୟେ ହିଁ ଏକସଙ୍ଗେ ଆଜିମଗଞ୍ଜ ଆସିଲୁ—ସେ କଲିକତା ଆଡ଼େ ଗଲେ, ମୁଁ ଆଜିମଗଞ୍ଜର ଜଣେ ନୂଆବନ୍ଧୁ ଫତେ ସିଂ କୁଟୀରର ଆଶ୍ରୟନେଇ ଦୁଇଦିନ କଟାଇ, ଜିୟାଗଞ୍ଜ ଆସି କାମରୂପ ଯାତ୍ରା କଲି ଏବଂ ତୃତୀୟ ଦିନ ଆମିନଗାଓଁ ଆସି ବ୍ରହ୍ମପୁତ୍ର ପାର୍ ହେଲି ।

■■

ଦଶମ ପରିଚ୍ଛେଦ

ଆମିନଗାଁଓ ଷ୍ଟେସନ ପର୍ଯ୍ୟନ୍ତ ରେଳରେ ଆସି ବ୍ରହ୍ମପୁତ୍ର ପାରି ହେଲି । ପାଣ୍ଡୁ ଷ୍ଟେସନରେ ଗୋଟିଏ ଗାଡ଼ି ଅଟକିଲା, ଆସାମ ଯିବାଲାଗି । ଟ୍ରେନର ପ୍ରଥମ ରହଣି କାମରୂପ ଷ୍ଟେସନ । ପ୍ରାଚୀନ କାମରୂପର ମହିମା କଥା ଓ ସେଠାକାର ତନ୍ତ୍ରମନ୍ତ୍ର ଯାଦୁବିଦ୍ୟାର କଥା ତ ଆମ ବଙ୍ଗଳାର ବୋଧହୁଏ ସମସ୍ତଙ୍କ କାନରେ ପଡ଼ିଛି । ଏହା ବ୍ୟତୀତ ମୋ'ର ବିଶ୍ୱାସ, ଆମର ଏହି ଦେଶବାସୀଙ୍କ ପାଖରେ କାମାକ୍ଷା-ଦେବୀଙ୍କର ପ୍ରଭାବ ସେ କାଳରେ ଅନେକ ଅଧିକ ଥିଲା । ବର୍ତ୍ତମାନ ଅବସ୍ଥାରେ ଜନସାଧାରଣଙ୍କ ନିକଟରେ ଏବେ କାମାକ୍ଷା-ମାହାତ୍ମ୍ୟ ବା କାମରୂପ ସମ୍ବନ୍ଧୀୟ ଜନପ୍ରବାଦର ପ୍ରଭାବ ଯେତେ ନିଷ୍ପ୍ରଭ ମନେ ହେଉଥାଉ ନା କାହିଁକି, ମୋ ପରି ଜଣେ କଳ୍ପନାପ୍ରବଣ ଶିଳ୍ପୀର ମନ ଭିତରେ ସେତେବେଳେ ଏହାର ପ୍ରଭାବ ବେଶ୍ ଭଲ ଭାବରେ ପଡ଼ିଥିଲା । କିନ୍ତୁ ଯେତେବେଳେ ମୁଁ ପ୍ରତ୍ୟକ୍ଷ ଅଭିଜ୍ଞତା ଅର୍ଜନର ଲକ୍ଷ୍ୟ ନେଇ ଯାଉଛି, ସେତେବେଳେ ଏହିପରି ପ୍ରଭାବ ପଡ଼ିଥିଲେ ମଧ୍ୟ ଏବଂ ଏହା ସତ୍ତ୍ୱେ ମଣିଷ ମନର ଅପୂର୍ବ ବୈଚିତ୍ର୍ୟ ହେତୁ ଏପରି ଏକ ସ୍ୱାଧୀନ ଦୃଷ୍ଟିଭଙ୍ଗୀର ଉନ୍ମେଷ ହୋଇଥିଲା, ଯାହା ସମ୍ପୂର୍ଣ୍ଣ ଏହି କାଳର ହିଁ ପ୍ରଭାବ । ସେତେବେଳେ ତା' ପ୍ରବଳ ଭାବରେ ମୋ' ଭିତରେ କାର୍ଯ୍ୟ କରିଥିଲା ତଥା ଅବସ୍ଥା ବିଶେଷରେ ମୋତେ ରକ୍ଷା ମଧ୍ୟ କରିଥିଲା । ଯାହାହେଉ, ଏବେ ମୁଁ ପାଣ୍ଡୁ ଷ୍ଟେସନରେ ପହଞ୍ଚିଯାଇ ଟ୍ରେନର ଏକ ତୃତୀୟ ଶ୍ରେଣୀ କମ୍ପାର୍ଟମେଣ୍ଟରେ ଉଠିଲି, ଯଦିଓ ମୋ' ପରି ଜଣେ ବ୍ୟକ୍ତି ପଦବ୍ରଜରେ ଯିବା ଉଚିତ୍ ଥିଲା । କିନ୍ତୁ ତାରାପୀଠ ଛାଡ଼ିଲା ପରେ ଶରୀର ଭଲ ନ ଥିଲା । ଯେପରି ମୁଣ୍ଡ ଉପରେ ସଦାସର୍ବଦା କିଛି ଓଜନ ଅନୁଭବ କରୁଥିଲି । ସେଥିଲାଗି ଟ୍ରେନରେ ଯିବାଟା ଉଚିତ୍ ମନେ କଲି ।

ଯେଉଁ କମ୍ପାର୍ଟମେଣ୍ଟରେ ପଶିଲି, ସେଥିରେ ଚାରିଗୋଟି ବେଞ୍ଚ । କାନ୍ଥରେ ଲେଖା ଅଛି ୨୪ ଜଣ ବସିବା ଲାଗି । ସେ ସମୟରେ ୮/୧୦ ଜଣ ବ୍ୟକ୍ତି ବା ଯାତ୍ରୀ ବସିଥିଲେ । ପ୍ରକୃତିବଶରେ ଚାଞ୍ଚଲ୍ୟ ଦୃଷ୍ଟିରୁ ବସିଯାଇ ଥରେ ଭଲକରି ସବୁଆଡ଼କୁ ଲକ୍ଷ୍ୟ କରିନେଲି, ଏଇଥିପାଇଁ ଯେ କେଉଁପରି ଲୋକ ସାଙ୍ଗରେ ଅଛନ୍ତି ।

ଦେଖିଲି ସାମ୍ନାର ଗୋଟିଏ ବେଞ୍ଚରେ ଅପରୂପ ଏକ ମୂର୍ତ୍ତି—ତାଙ୍କର ଦୁଇ ପାଖରେ ବୋକଚା ଇତ୍ୟାଦି । ମଝିରେ ଏହି ବୈଶିଷ୍ଟ୍ୟପୂର୍ଣ୍ଣ ବ୍ୟକ୍ତି ନିଜ ମହିମାରେ ଉପସ୍ଥିତ ସମସ୍ତଙ୍କର ଆକର୍ଷଣର ବସ୍ତୁ ହୋଇପଡ଼ିଛନ୍ତି । ପୁଣି ଦେଖିଲି, ସମସ୍ତଙ୍କର ଲକ୍ଷ୍ୟ ତାଙ୍କ ଆଡ଼କୁ ଥିଲା ନିଶ୍ଚୟ, ଉପରନ୍ତୁ ସେମାନଙ୍କ ମଧ୍ୟରେ ତାଙ୍କ ସମ୍ବନ୍ଧରେ ଯାହା କିଛି କଥାବାର୍ତ୍ତା,

କେବଳ ମୃଦୁସ୍ୱରରେ ହେଉଥିଲା । ସେମାନଙ୍କର ଲକ୍ଷ୍ୟବସ୍ତୁଟି ମୋ' ଲାଗି ମଧ୍ୟ କମ୍ ଆକର୍ଷଣୀୟ ନଥିଲା । କିନ୍ତୁ ମୁଗ୍ଧ ହେବାର ଭାର ଅନ୍ୟ ସବୁ ସହଯାତ୍ରୀଙ୍କ ଉପରେ ଛାଡ଼ିଦେଇ, ଏବେ ତାଙ୍କ କଥା ଟିକିଏ ବିଶେଷ ଭାବରେ କହିଦେବାକୁ ଚାହେଁ ।

ମଧ୍ୟମ ଧରଣର ଲମ୍ବା, ଉଜ୍ଜ୍ୱଳ ଶ୍ୟାମଳବର୍ଣ୍ଣ ଲୋକଟି ମୋଟାସୋଟା ନୁହେଁ, ଅତ୍ୟନ୍ତ ସୁସ୍ଥ ଓ ବେଶ୍ ବଳବାନ । ବଡ଼ ବଡ଼ ଚୂଳ ସହ ମୁଣ୍ଡରେ ଜଟାର ବୋଝ, ଘନ ଭ୍ରୂଯୁଗଳର ନିମ୍ନରେ ଉଜ୍ଜ୍ୱଳ ଦୁଇଟି ରକ୍ତାଭ ଚକ୍ଷୁ, ଆଉ କପାଳରେ ଦୀର୍ଘ ତ୍ରିପୁଣ୍ଡ୍ରିକ ବିଭୂତି ଉପରେ ତୈଳାକ୍ତ ସିନ୍ଦୂରର ବେଶ୍ ବଡ଼ ଉଜ୍ଜ୍ୱଳ ଏକ ଟିପା । ସ୍ଥୂଳ ଅଧରୋଷ୍ଠ, ସେଥିରେ ଅଳ୍ପ ମାନୁଥିବା ନିଶ ଓ ଦାଢ଼ି—ଏହାହିଁ ତାଙ୍କ ରୂପର ପ୍ରଧାନ ସମ୍ବଳ । ଲାଲ୍ ବସ୍ତ୍ରପରିହିତ, ଏଥିସହ ଉତ୍ତରୀୟ ବା ବହିର୍ବାସ, ଗଳାରେ ବଡ଼ ବଡ଼ ରୁଦ୍ରାକ୍ଷର ମାଳା, ଏହାଛଡ଼ା ପ୍ରବାଳସଂଯୁକ୍ତ ଛୋଟ ଛୋଟ ରୁଦ୍ରାକ୍ଷର ମାଳା ମଧ୍ୟ ଅଛି । ଦୁଇ ହାତ ଉପରେ ରକ୍ତସଂଯୁକ୍ତ ବଡ଼ ବଡ଼ ରୁଦ୍ରାକ୍ଷର ବାହୁବନ୍ଧ । ସବୁ ଜିନିଷକୁ ଏକତ୍ର କରି ଆମ ଆଖିଆଗରେ ଏହି ଯେଉଁ ମୂର୍ତ୍ତି, ତାଙ୍କୁ ଲକ୍ଷ୍ୟ ନ କରି ରହିହୁଏ ନାହିଁ । ଅନ୍ୟ ଏକ କାରଣରୁ ତାଙ୍କୁ ଉପେକ୍ଷା କରିବା ଅସମ୍ଭବ । ତାହା ହେଲା ତାଙ୍କର ବସିବାର ଭଙ୍ଗୀ । ବେଞ୍ଚ୍ ଉପରେ ଆମେ ସାଧାରଣତଃ ଗୋଡ଼ ଝୁଲାଇ ବସିଥାଉ, କିନ୍ତୁ ତାଙ୍କର ବସିବା ଢଙ୍ଗ ସେପରି ନୁହେଁ । ମେରୁଦଣ୍ଡ ସାଙ୍ଗରେ ମସ୍ତିଷ୍କ ଓ ଉପର ଶରୀରକୁ ସିଧା, କାଠପରି, ଶକ୍ତକରି ରଖିବା—ଏହାକୁ ହିଁ ଜଳନ୍ଧର ମୁଦ୍ରା କୁହାଯାଏ । ଦୁଇହାତକୁ ଛନ୍ଦାଛନ୍ଦି କରି ଛାତିରେ ରଖାହୋଇଛି, ଦେବାଲରେ ପିଠିକୁ ଠେସିଦେଇଥାନ୍ତି ସତ, କିନ୍ତୁ ପାଦ ଦୁଇଟିକୁ ସିଧା ମେଜ ଉପରେ ଏପରି ରଖାଯାଇଛି, ଯେପରି କେବେହେଲେ ହଲ୍‌ଚଲ୍ ହେବ ନାହିଁ । ଏତଦ୍‌ବ୍ୟତୀତ ତାଙ୍କର ନିମ୍ନଦୃଷ୍ଟି, ଠିକ୍ ଯେପରି ତାହା କିଛି ଦୂରସ୍ଥ କେଉଁ ଏକ ବିନ୍ଦୁରେ ଆବଦ୍ଧ—ବୟସ ତାଙ୍କର ୩୫ରୁ ୪୦ ବର୍ଷ ମଧ୍ୟରେ । ତାଙ୍କର ସେହି ଦୃଷ୍ଟିରେ ଆଉ ଏକ ବୈଶିଷ୍ଟ୍ୟ ଦେଖିଲି— ଚକ୍ଷୁଦ୍ୱୟ ମୁଖକୁ ବେଶ୍ ମାନୁଛି ନିଶ୍ଚୟ, କିନ୍ତୁ ଚକ୍ଷୁର ତାରା ଦୁଇଟି ଆକାରରେ ସାମାନ୍ୟ କ୍ଷୁଦ୍ର ହୋଇଥିବାରୁ ଚକ୍ଷୁଦ୍ୱୟର ରକ୍ତାଭ ଶ୍ୱେତକ୍ଷେତ୍ରଟି ବେଶ୍ କିଛି ବଡ଼ ଦେଖାଯାଉଥାଏ । ମନେହୁଏ, ତାଙ୍କର ସହଜ ଦୃଷ୍ଟି ହୁଏତ ମଧୁର ଭାବର ହିଁ ହେବ; କିନ୍ତୁ ଏବେ ତାହା ଆଦୌ ସହଜ ନଥିଲା । ରକ୍ତବର୍ଣ୍ଣ ଚକ୍ଷୁ, ତନ୍ମଧ୍ୟରେ ପ୍ରଖର ଏକ ନିମ୍ନଦୃଷ୍ଟି—ଯେପରି ତାହା ସାଧାରଣଙ୍କ ମନରେ କିଛି ଭୟଭାବ ସଞ୍ଚାର କରିଦିଏ । ପୁନଃଶ୍ଚ ମନେହୁଏ, ପ୍ରତ୍ୟେକଙ୍କୁ ହିଁ ସେଇ ଦିଗକୁ ଆକର୍ଷଣ କରିବାପାଇଁ ଏକ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ତାଙ୍କ ମନରେ ରହିଥିଲା । ଅନ୍ତତଃ ମୁଁ ମନେମନେ ସେତେବେଳେ ଏହିପରି ଭାବୁଥିଲି । ତାଙ୍କ ସମ୍ମୁଖସ୍ଥ ଯାତ୍ରୀମାନେ, ଯେଉଁମାନେ ପୂର୍ବରୁ ସେଠାରେ ବସିଥିଲେ, ମୁଗ୍ଧ ହୋଇ ମୃଦୁସ୍ୱରରେ ନିଜନିଜ ମଧ୍ୟରେ ତାଙ୍କର ମାହାତ୍ମ୍ୟ ଉପରେ ଆଲୋଚନା ଆରମ୍ଭ କରି ଦେଇଥିଲେ । ଏହା ମୁଁ ଅନୁମାନ ନ କରି ମଧ୍ୟ କହିପାରେ ।

ରେଳଯାତ୍ରୀ ଭୈରବ (କାମରୂପ ଯାତ୍ରାରେ)

ଦେଖୁଦେଖୁ ଦୁଇଚାରିଜଣ କରି ଯାତ୍ରୀ ଆସିଗଲେ, ଏବଂ କ୍ରମେ ଅନ୍ୟ ସବୁ ବେଞ୍ଚର ସବୁ ସ୍ଥାନ ହିଁ ପୂର୍ଣ୍ଣ ହୋଇଗଲା—ଦେଖାଗଲା, କେବଳମାତ୍ର ସେହି ଭୈରବ ମୂର୍ତ୍ତି ବସିଥିବା ବେଞ୍ଚଟି ସେତେବେଳେ ଅନେକଟା ଖାଲି ଥିଲା, ସେ ଓ ତାଙ୍କ ବୋକଚାକୁ ଛାଡ଼ି । ଏହି ଅବସରରେ ସଫା ଗୋରା ବର୍ଣ୍ଣର, ହାଫପ୍ୟାଣ୍ଟ ଓ ଖାକି ହାଫ୍ ସାର୍ଟପିନ୍ଧା, ଦାଢ଼ି-ମୁଛ ଖିଅର ହୋଇଥିବା ପ୍ରାୟ ୨୪-୨୫ ବର୍ଷର ଯୁବକ ହାତରେ ଆଟାଚିକେସ୍ ଧରି ପଛରେ କୁଲି ମୁଣ୍ଡଉପରେ ଥିବା ପେଟରାବନ୍ଧା ବେଡ଼ିଙ୍ଗ ଆଣି ପଶିଲେ । ହଠାତ୍ ଏକଦୃଷ୍ଟିରେ ବଗିର ସମସ୍ତ ଅବସ୍ଥା ଦେଖିନେଇ ସେହି ଭୈରବ ମୂର୍ତ୍ତିଙ୍କ ନିକଟକୁ ଆସି, ତାଙ୍କ ନିଜର ମାଲପତ୍ରକୁ ଉପରେ ରଖିଦେଇ କୁଲିକୁ ବିଦା କଲେ । ତା'ପରେ ଥରେ ଅନୁସନ୍ଧିତ୍ସୁ ଦୃଷ୍ଟିରେ ସବୁଆଡ଼କୁ ଦେଖିନେଲେ । ଏ ଭିତରେ ଆଉ ଦୁଇଜଣ ଆସି ଦ୍ୱାର ବନ୍ଦକରି ଠିଆହୋଇ ଦେଖୁଛନ୍ତି, ବସିବାକୁ ସାହସ କରୁନାହାନ୍ତି । ଏଠାରେ ସେହି ଯୁବକଙ୍କର ସେହି ସ୍ଥାନରେ ଦୃଷ୍ଟି ମଧ୍ୟ ପଡ଼ିଥିଲା, ଯଦିଓ ତାଙ୍କର ବସିବାର ଜାଗା ଯଥେଷ୍ଟ ଥିଲା । କିନ୍ତୁ ସେ ନ ବସି ଜଟାଧାରୀ ଭୈରବ ଆଡ଼କୁ ଅନେଇଦେଇ କହିଲେ,—''ଆପଣଙ୍କ ମାଲପତ୍ରଗୁଡ଼ିକ ବେଞ୍ଚ୍ ତଳେ କିମ୍ବା ବଙ୍କ୍‌ରେ ରଖିଲେ ଦୁଇ-ଚାରିଜଣ ବସିପାରିବେ, ଏଗୁଡ଼ିକ ଟିକିଏ କାଢ଼ି ଦିଅନ୍ତୁନା !''

ନା ରାମ ନା ଗଙ୍ଗା, କିଛି ଉତ୍ତର ନାହିଁ । ଏପରିକି ଏତେସବୁ କଥା ଯେ ତାଙ୍କୁ କୁହାଯାଉଛି ଅଥବା କଥାସବୁ ତାଙ୍କର କର୍ଣ୍ଣଗୋଚର ହୋଇଛି, ବାହ୍ୟଭାବରେ ତା'ର କୌଣସି ଲକ୍ଷଣ ସେହି ଅଚଳାୟତନ ମଧ୍ୟରେ ପହଞ୍ଚିପାରିଲା ନାହିଁ । ତାଙ୍କର କୌଣସି ଅଙ୍ଗ ମଧ୍ୟ ହଲିଲା ନାହିଁ, ଠିକ୍ ଏକ ପ୍ରସ୍ତରମୂର୍ତ୍ତି ପରି ସ୍ଥିର । ଯୋଗୀ ନିଶ୍ଚୟ । ସେତେବେଳେ ସେହି ଯୁବକ ଆଉ କୌଣସି ଉତ୍ତରକୁ ଅପେକ୍ଷା ନ କରି 'ତେବେ ମୁଁ ନିଜେ ହଟେଇ ଦେଉଛି, କିଛି ମନେକରିବେ ନାହିଁ'—କହିଦେଇ ଭୈରବଙ୍କ ମାଲପତ୍ର ମଧ୍ୟରୁ କିଛି ଉପରେ, ଆଉ ବାକି ତଳେ ରଖିଦେଲେ ଏବଂ ଯେଉଁମାନେ ଠିଆହୋଇ ରହିଥିଲେ, ତାଙ୍କ ଆଡ଼କୁ ଅନେଇ କହିଲେ, ''ଆସନ୍ତୁନା ବସିଯିବା ।'' ଖୁସି ମନରେ ସେମାନେ ଆସି ବସିଲେ, ଯୁବକ ମଧ୍ୟ ବସିଲେ । ସେତେବେଳେ ଦେଖାଗଲା ତେବେ ମଧ୍ୟ ଭୈରବଙ୍କ ପାଖରେ

ଆଉ ଦୁଇତିନିଜଣ ବସିବା ଲାଗି ସ୍ଥାନ ଖାଲି ରହିଛି । କେତେ ସମୟ ପରେ ଗାଡ଼ି ଛାଡ଼ିବ— ଭୈରବ ଅଥବା ଏହି ଯୋଗୀବରଙ୍କ ଏକାସନରେ ଏକଇ ଭଙ୍ଗୀରେ ଦୃଢ଼ ଭାବେ ଉପବେଶନର ଦୃଶ୍ୟ ଦେଖି ମୋ' ମନ ଭିତରେ ଅନେକ ଅଦ୍ଭୁତ ଭାବର ଆଲୋଡ଼ନ ଘଟିଚାଲିଲା । ଏବେ ପୁଣି ଏକ ବିଚିତ୍ର ବ୍ୟାପାର ଦେଖିଲି । ମୋ' ପାର୍ଶ୍ୱବର୍ତ୍ତୀ ସେହି ପ୍ରଥମାଗତ ଯାତ୍ରୀଗଣ, ଯେଉଁମାନେ ମୁଗ୍ଧହୋଇ ଏହି ଭୈରବଙ୍କ ଉପରେ ଆଲୋଚନାରେ ରତ ଥିଲେ, କିଛିଟା ଭୟ ପାଇଛନ୍ତି । ସେମାନଙ୍କ ମୁହଁ ବିରସ ଓ ଚକ୍ଷୁରେ ଆତଙ୍କର ଚିହ୍ନ । ଏହି ଦୃଶ୍ୟ ନବାଗତ ନିର୍ଭୀକ ଏହି ଯୁବକଙ୍କ ଦୃଷ୍ଟିରୁ ବାଦ୍ ଗଲା ନାହିଁ । ଅଧିକନ୍ତୁ ଦେଖିଲି, ସେ ସେମାନଙ୍କ ଭାବକୁ ଲକ୍ଷ୍ୟ କଲେ ଏବଂ ସେମାନଙ୍କ ମଧ୍ୟରେ ଆଲୋଚନାକୁ ମନୋଯୋଗ ଦେଇ ଶୁଣିବାକୁ ଲାଗିଲେ । ସେମାନଙ୍କର ଯେ କାହିଁକି ଭୟ ହେଉଛି, ସେକଥା ସେ ଠିକ୍ ଧରିପାରିଲେ ନାହିଁ, ଅଥଚ ଅନ୍ତରରେ ସେ ଯେ କିପରି ଏକ ଅସ୍ୱସ୍ତି ଅନୁଭବ କରୁଛନ୍ତି, ତାହା ସେତେବେଳେ ଜଣାପଡ଼ିଲା, ଯେତେବେଳେ ସେ ଭୈରବଙ୍କ ଆଡ଼କୁ ଅନାଇ ଦେଇ ଅତି ମଧୁର, ନମ୍ର ଓ ବିନୀତ କଣ୍ଠରେ ପଚାରିଲେ—''ମୁଁ କ'ଣ ଆପଣଙ୍କର କିଛି ଅନିଷ୍ଟ କରିଛି, ଏଠାରେ ବସିବାରେ ଆପଣଙ୍କର କିଛି ଅସୁବିଧା ହୋଇଛି କି ?''

ପୂର୍ବପରି ଦୃଢ଼ାଭାବେ ଉପବେଶନ ଓ ତତୋଽଧିକ ଦୃଢ଼ ତୀକ୍ଷ୍ଣ ନିମ୍ନଦୃଷ୍ଟି ହିଁ ଥିଲା ତାଙ୍କର ଉତ୍ତର । ଯୁବକ ଜଣକ ଏ ପରିସ୍ଥିତିକୁ ନେଇ କ'ଣ ଭାବିଲେ, ତାହା ସେ ଜାଣିଥିବେ । ଜିଜ୍ଞାସାର କୌଣସି ଉତ୍ତର ନ ପାଇ ସେ ତାଙ୍କ ବାକ୍ସ ଭିତରୁ ଖଣ୍ଡିଏ ଇଂରାଜୀ ପୁସ୍ତକ ବାହାର କଲେ । ଆଉ ଏ ଦିଗରେ ଦଳେ, ଯୋଗୀଙ୍କର ଜିନିଷ ପତ୍ର ଅନ୍ୟ ଜଣଙ୍କ ଦ୍ୱାରା ଏପଟସେପଟ କରିବା ଦ୍ୱାରା, ତାଙ୍କର କ୍ରୋଧ ଯୋଗୁ କ'ଣ ସର୍ବନାଶ ହେବ ବା ଅସ୍ୱାଭାବିକ ଅଥବା ଅମଙ୍ଗଳକର କିଛି ଘଟିଯିବ, ପ୍ରତିକ୍ଷଣ ଏହିପରି ଆଶଙ୍କା କରିବାକୁ ଲାଗିଲେ । ତା' ସେମାନଙ୍କର ଆଖି ଓ ମୁହଁର ଭାବରୁ ବେଶ୍ ଜଣାପଡୁଥାଏ ।

ସେପରି କିଛି ଯେ ଅସ୍ୱାଭାବିକ ଘଟିଥିଲା, ତାହା ନୁହେଁ, ମାତ୍ର ସେହି କମ୍ପାର୍ଟମେଣ୍ଟର ବାତାବରଣରେ ବିଷମ ଭାବର ଏକ ପରିସ୍ଥିତି ସୃଷ୍ଟି ହୋଇଛି— ମୋ'ର ମନରେ ଏହି ଭାବ ଆସିଲା । ତା'ପରେ ଏଥର ଟ୍ରେନ ଛାଡ଼ିବା ଘଣ୍ଟା ପାଞ୍ଚମିନିଟ ପୂର୍ବରୁ ବାଜିବା ସଙ୍ଗେସଙ୍ଗେ ଜଣେ ପୁରୁଷ ଜଣେ ସ୍ତ୍ରୀଙ୍କ ସହ ଜିନିଷପତ୍ର କୁଲି ମୁଣ୍ଡରେ ବୁହାଇ ଆମ କମ୍ପାର୍ଟମେଣ୍ଟରେ ତରବର ହୋଇ ପ୍ରବେଶ କଲେ । କହିଛି ଯେ ପ୍ରାୟ ସବୁ ସ୍ଥାନ ଭର୍ତ୍ତି ହୋଇଯାଇଥିଲା—କେବଳ ଭୈରବଙ୍କ ବାଁ ପାଖରେ ଦୁଇତିନିଜଣଙ୍କ ଲାଗି ସ୍ଥାନ ଖାଲି ଥିଲା । ସେମାନେ ସଙ୍କୋଚ ଭାବରେ ଠିଆହୋଇ ଦେଖୁଥିଲେ—ଆଗେଇଆସିବାକୁ ସାହସ କରୁନଥିବା ଦେଖି ସେହି ଯୁବକ ଜଣକ ସେମାନଙ୍କୁ ଡାକିଲେ—'ଆପଣମାନେ ଆସନ୍ତୁନା, ଏଠି ଖାଲି ଜାଗା ତ ଅଛି' । କହିସାରି ସେହି ସ୍ଥାନକୁ ଦେଖାଇ ଦେଲେ । ସେମାନେ ମଧ୍ୟ ପ୍ରସନ୍ନହୋଇ ସେହି ଜାଗାରେ ବସିଲେ । ପ୍ରଥମେ ଭଦ୍ରବ୍ୟକ୍ତି ଜଣକ ଆସି ବସିବା ପରେପରେ ମହିଳା ଜଣକ ତାଙ୍କ ପାଖରେ ବସିଲେ । ଏ ପର୍ଯ୍ୟନ୍ତ ସହଜଭାବରେ ଏସବୁ ଘଟିଗଲା ।

ସେହି ଜଟାଜୁଟଧାରୀ ସାଧୁ ଭୈରବଙ୍କର ମଧ୍ୟ କୌଣସି ଭାବାନ୍ତର ଦେଖାଗଲା ନାହିଁ । ଯାତ୍ରୀମାନଙ୍କର ଏହି ଯେଉଁ ଉଠାବସା, ସବୁ ସ୍ଥାନ ପୂର୍ଣ୍ଣ ହେବା, ଇତ୍ୟାଦି ବ୍ୟାପାର ତାଙ୍କର ଗୋଚର ହୋଇଥିଲେ ମଧ୍ୟ କୌଣସି ବାହ୍ୟ ଲକ୍ଷଣ ପ୍ରକାଶ ପାଇଲା ନାହିଁ । ତାଙ୍କ ପାଖରେ ଜଣେ ଭଦ୍ରବ୍ୟକ୍ତି; ଅବଶ୍ୟ ଦେହରେ ଦେହ ନ ଲାଗି ଯଥେଷ୍ଟ ଫାଙ୍କା ଥିଲା, ଏବଂ ତାଙ୍କ ନିକଟରେ ଜଣେ ମହିଳା ବସିଥିଲେ । ଏସବୁ ପ୍ରତି ତାଙ୍କର ଲକ୍ଷ୍ୟ ହିଁ ନଥାଏ । ମହିଳାଙ୍କ ବୟସ କମ୍–ବୋଧହୁଏ ଅଠର କିମ୍ବା କୋଡ଼ିଏ ବର୍ଷ ହେବ । ସୁନ୍ଦରୀ, ଗୌରବର୍ଣ୍ଣ । କିନ୍ତୁ ହିନ୍ଦୁ ଘରର ବିବାହିତା ଯେପରି ମୁଣ୍ଡରେ ଲୁଗା ଅଥବା ସୀମନ୍ତରେ ସିନ୍ଦୂର ଦେଇଥାନ୍ତି, ସେସବୁ ତାଙ୍କର ନ ଥିଲା । ଅବଶ୍ୟ ନାରୀର ମର୍ଯ୍ୟାଦାରେ କୌଣସି ତ୍ରୁଟି ନ ଥିଲା । ପୁରୁଷ ବ୍ୟକ୍ତିଙ୍କର ଚେହେରା ଖୁବ୍ ହିଁ କଠୋର, ପରିଧାନ ଉପରେ ଶିଲ୍କ କୋଟ୍, ବକ୍ଷରେ ଝୁଲୁଥାଏ ସୁନାଚେନ୍–ମୁଛ ଅଛି, ହେଲେ ଦାଢ଼ି ନ ଥାଏ, ଦୃଷ୍ଟି ତୀକ୍ଷ୍ଣ, ପୃଥୁଳ ଶରୀର, ବୟସ ପ୍ରାୟ ଚାଳିଶ ବର୍ଷ ହେବ । ଉଭୟଙ୍କ ମଧ୍ୟରେ ଯେ ସମ୍ବନ୍ଧ କ'ଣ ହୋଇଥାଇପାରେ, ଏ ପ୍ରଶ୍ନ ଉଙ୍କି ମାରିବା ସଙ୍ଗେସଙ୍ଗେ ଦେଖିଲି, ମହିଳା ଜଣକ ନିଜ ସ୍ଥାନରୁ ସ୍ଥିର ଓ ଅବାକ୍ ବିସ୍ମୟ ସହକାରେ ଏକଦୃଷ୍ଟିରେ ସେହି କଠୋର ଭୈରବଙ୍କ ମୂର୍ତ୍ତି ଆଡ଼କୁ ଅନେଇ ରହିଛନ୍ତି । ଏହି ସମୟରେ ଗାଡ଼ି ଛାଡ଼ିବାର ଘଣ୍ଟି ବାଜିବା ସଙ୍ଗେସଙ୍ଗେ ଗାଡ଼ିଇଞ୍ଜିନର ହୁଇସିଲ୍ ବାଜିଲା । ଗାଡ଼ିଟି ଟିକିଏ ଦୋହଲିବାକୁ ଆରମ୍ଭ କରୁଛି, ଠିକ୍ ଏହି ସମୟରେ ମହିଳା ଜଣକ ନିଜ ହାତକୁ ଧୀରେ ଛାତିଉପରେ ରଖିଲେ–ସେତେବେଳେ ମଧ୍ୟ ଭୈରବଙ୍କ ଉପରେ ତାଙ୍କର ଦୃଷ୍ଟି ନିବଦ୍ଧ । ତା'ପରେ 'ଉଃ, ବାବା ଗୋ' କହି ପୂରାପୂରି ଆଗକୁ ଝୁଙ୍କିପଡ଼ିଲେ । ସେତେବେଳେ ଗାଡ଼ି ଖୁବ୍ ଦ୍ରୁତ ଗତିରେ ଚାଲୁଥାଏ ।

କ'ଣ ହେଲା, କ'ଣ ହେଲା କହି ତାଙ୍କର ସାଥୀପୁରୁଷ ବ୍ୟକ୍ତିଟି ସେତେବେଳେ ବ୍ୟସ୍ତହୋଇ ତାଙ୍କୁ ଟେକିନେଇ, ଗୋଟିଏ ହାତରେ ମୁଣ୍ଡଟିକୁ ପଛରୁ ଧରି ଅନ୍ୟ ହାତରେ ତାଙ୍କୁ ଅଧାଶୋଇବା ଅବସ୍ଥାରେ ନିଜ କୋଳରେ ଧରିରଖିଲେ ଏବଂ ତାଙ୍କ ମୁଣ୍ଡରେ ହାତ ବୁଲାଇବାକୁ ଲାଗିଲେ । କାହିଁକି ଏପରି ହେଲା, ଏଥିଲାଗି ଗାଡ଼ି ଭିତରେଏକ ଚାଞ୍ଚଲ୍ୟ ଖେଳିଗଲା ଏବଂ ନାନାରକମ ମନ୍ତବ୍ୟ ସହ ନାନା ଭାବରେ ଗୋଳମାଳ କିଛିକ୍ଷଣପାଇଁ ଲାଗିରହିଲା । ଭୈରବ କିନ୍ତୁ ସେହି ପରିସ୍ଥିତିରେ ଯୋଗଯୁକ୍ତ ଅବସ୍ଥାରେ ଦୃଢ଼ ରହିଥିଲେ– ତାଙ୍କର ସେହି ଅବସ୍ଥାର କୌଣସି ବ୍ୟତିକ୍ରମ ଘଟିଲା ନାହିଁ ।

ମୋ' ପାଖରେ ବସିଥିଲେ ପୂର୍ବବଙ୍ଗର ଜନୈକ କୃଷକ ଦମ୍ପତି । ପୁରୁଷ ଜଣକ ପ୍ରୌଢ଼, ନାରୀ ଜଣକ ତାହା ନୁହନ୍ତି, ତାଙ୍କର ବୟସ କମ୍ ହେବ । ଯେଉଁ ଭାଷାରେ ଉଭୟେ କଥା ହେଉଥିଲେ, ବାବା ବାବା, ଆଉ ପାରିହେଉ ନାହିଁ–ଥରେ ଉଠାଅନା ତାକୁ, ଗାଡ଼ି କେତେବେଳେ ଛାଡ଼ିବ ?'' ସେହିଥିରୁ ଅନୁମାନ କଲି, ସେମାନେ ବରିଶାଲର । ସେମାନେ ଯେ ଅବସ୍ଥାପନ୍ନ, ତାହା ସେମାନଙ୍କର ପୋଷାକ ଦେଖିଲେ ବୁଝାଯାଏ । କ୍ରେପ୍ ଶାଢ଼ି ଓ ଭିକ୍ଟୋରିଆ ଅମଲର ଜ୍ୟାକେଟ୍ ପିନ୍ଧିଥିବା ଦେଖି ସମସ୍ତେ ଜାଣିପାରିବେ ତାଙ୍କର କିଛିଟା

ବି ପୁରାତନ କାଳର ନୁହେଁ । ସେମାନେ କାମାକ୍ଷା ଦେବୀଙ୍କ ଦର୍ଶନକୁ ଯାଉଛନ୍ତି । ପାଣ୍ଡୁ ଷ୍ଟେସନଠାରୁ ଜଣେ ପଣ୍ଡାଙ୍କୁ ସେମାନେ ପାଇଥିଲେ ଏବଂ ପଣ୍ଡାଜଣଙ୍କ ସେମାନଙ୍କୁ ଖୁବ୍ କରାୟତ୍ତ କରିଥିଲେ । ପଣ୍ଡାଟି ପାଖରେ ବସିଥିଲେ । ଉଭୟେ ଅର୍ଥାତ୍ ପଣ୍ଡା ଓ ପୁରୁଷ ବ୍ୟକ୍ତି ଜଣକ ଘନଘନ ବିଡ଼ି ଲଗେଇ ଉତ୍କଟ ଗନ୍ଧରେ ଛୋଟ ସ୍ଥାନଟିକୁ ତିକ୍ତ କରି ଦେଇଥିଲେ । କର୍ତ୍ତାଙ୍କ ସହ ପଣ୍ଡାଠାକୁର କାମାକ୍ଷାର ମାହାତ୍ମ୍ୟ ଏବଂ ସେ ସ୍ଥାନର ଯାହା କିଛି କଥା ଓ କେତେଦିନଯାଏ ରହି କ'ଣ କ'ଣ କରିବାକୁ ପଡ଼ିବ, ସେହିସବୁ ଆଲୋଚନା କରୁଥିଲେ । ଅନ୍ୟ ଆଡ଼େ କିଛି ଲକ୍ଷ୍ୟ କରି ନ ଥିଲେ । ଏତିକିବେଳେ ପତ୍ନୀ ଜଣକ କର୍ତ୍ତାଙ୍କୁ ଠେଲିଦେଇ ସେ ଦିଗକୁ ଲକ୍ଷ୍ୟକରିବାକୁ ଇଙ୍ଗିତ କଲେ,—''ଦେଖ ଦେଖ, ମେୟଟି ବୁଝି ମାରାଯାୟ, ଏ ଭୈରବ ବୁଝି ମେରେ ଦିଲ'' (ଦେଖ ଦେଖ ସ୍ତ୍ରୀଲୋକଟି ବୋଧହୁଏ ମରିଗଲେ, ଏହି ଭୈରବ ବୋଧହୁଏ ମାରିଦେଲେ ।)

''ହୁଁ ମେରେଦିବ ବଲ୍‌ଲେଇ ମେରେ ଦେୟାନ ଯାୟନା କି ? ଓର ନିଶ୍ଚୟ ମୂର୍ଚ୍ଛନାରୋଗ ଆଛେ ।'' (—ହୁଁ, ମାରିଦେବେ କହିଲେ କ'ଣ ମାରି ଦିଆଯାଏ ନା କ'ଣ ? ତାଙ୍କର ନିଶ୍ଚୟ ମୂର୍ଚ୍ଛାରୋଗ ଅଛି)—ଏହି ଭାବେ ନିଜ ଭିତରେ କଥାବାର୍ତ୍ତା କରି ସେମାନଙ୍କର ଦୃଷ୍ଟି ଯେତେବେଳେ ଏଆଡ଼େ ପଡ଼ିଲା, ସେତେବେଳେ ଗୃହିଣୀ ଅର୍ଥାତ୍ ସେ କୃଷକ ଗୃହିଣୀ କହିଲେ, ''କାମାକ୍ଷା ଯାଉ ନଯାଉଣୁ ବାଟରୁ ମାରଣ ଆରମ୍ଭ ହେଲାଣି, କାହିଁକି ମରିବାକୁ ତୁମେ ମୋତେ ଏପରି ତୀର୍ଥସ୍ଥାନକୁ ନେଇ ଆସିଲ ? ଆମି ଯାମୁନା (ମୁଁ ଯିବି ନାହିଁ) ଗାଡ଼ି ଷ୍ଟେସନରେ ପହଞ୍ଚିଲେ ଆମେ ଫେରିଯିବା ।'' କର୍ତ୍ତା ଖୁବ୍ ଅଡୁଆରେ ପଡିଲେ । ପଣ୍ଡାଙ୍କ ଆଡ଼କୁ ଚାହିଁ କହିଲେ, ''ଏ ପୁଣି କି କଥା ? ହେ ଠାକୁର ବାବା, ଏତେଦୂର ଆସି କ'ଣ ଫେରିଯିବାକୁ ପଡ଼ିବ ? ମା' ଜଗଦମ୍ବା କ'ଣ କାହାର ଖରାପ କରନ୍ତି ?''

ଗୃହିଣୀ କହିଲେ, ''ମା' କରିବେ କ'ଣ ? ଏହି ସବୁ ଭୈରବଗୋଷ୍ଠୀ, ସେମାନେ ହିଁ ତ ମନୁଷ୍ୟଙ୍କର ସର୍ବନାଶ କରନ୍ତି । ଏହି ସ୍ତ୍ରୀଲୋକଟି କ'ଣ ଆଉ ବଞ୍ଚିବ ? (ଜିଗାଓ ଓନାରେ) ଉଠାଅ ତାକୁ ।''

କାହାକୁ କିଛି ପଚାରିବାକୁ ହେଲା ନାହିଁ, ଠାକୁରବାବା ନିଜେ ହିଁ କହିଲେ, ''ଏପରି ଅସମ୍ଭବ କଥା କାହିଁକି କରୁଛ ବାବାମାନେ ? ମାରଣ, ଉଚ୍ଚାଟନ ଆଉ କମ୍ପାନୀଙ୍କ ରାଜ୍ୟରେ ହେବାର ସମ୍ଭବ ନୁହେଁ । ସେଦିନ ଏବେ ଆଉ ଆସିବ ନାହିଁ । କାହାର ସାଧ କାହାକୁ ମାରିବ—ତେବେ ମା'...'' ଏତିକି କହି ଚକ୍ଷୁ ବନ୍ଦକରି ମୁଣ୍ଡରେ ହାତଯୋଡ଼ି ପ୍ରଣାମପୂର୍ବକ ମନେମନେ ଯେପରି ମାଆଙ୍କ ମୂର୍ତ୍ତି ଦେଖିନେଇ ପୁଣି କହିଲେ, ''ଚିନ୍ତା ନାହିଁ, ମା' ଆପଣମାନଙ୍କ ଉପରେ ସଦୟ ଅଛନ୍ତି, ଚାଲନ୍ତୁ, ଏଇ ତ ଆସିଗଲା ।''

■■

ଏକାଦଶ ପରିଚ୍ଛେଦ

ମହିଳା ଜଣକର ଚେତନା ନାହିଁ, ତା'ପରେ ପୁଣି ଦେଖୁଦେଖୁ ତାଙ୍କର ମୁହଁ ଏପରି ବିବର୍ଣ୍ଣ ହେବାର ଦେଖିଦେଇ ଅନେକଙ୍କୁ ଭୟ ଲାଗିଲା, ହୁଏତ ଯେପରି ଦେହରେ ପ୍ରାଣ ନାହିଁ । କିନ୍ତୁ ଅଳ୍ପକ୍ଷଣ ଭିତରେ ମୁହଁରୁ କିପରି ଏକ ଯନ୍ତ୍ରଣାର ଆଭାସ ଫୁଟିଉଠିଲା, ଦେଖି ଜଣାଗଲା ଯେ ପ୍ରାଣତ୍ୟାଗ ହୋଇନାହିଁ—ତାଙ୍କର ଜୀବନ ଅଛି । ଗାଡ଼ି ହୁ-ହୁ ଶବ୍ଦକରି ପୂରା ବେଗରେ ଚାଲୁଥିଲା ।

ଜଣକର ଢାଳରେ ପାଣି ଥିଲା । ସେହି ବ୍ୟକ୍ତିଟି ବ୍ୟସ୍ତ ହୋଇ ଆଖି ଓ ମୁହଁରେ ପାଣି ଛାଟି ଦେଲେ ଓ 'ଦେଖେ' କହି ଆଗେଇ ଦେଲେ ଜଳଭରା ଢାଳଟିକୁ । ତା'ପରେ ଶୁଶ୍ରୁଷା କରିବାକୁ ଲାଗିଲେ । ଅବଶ୍ୟ ଏ ଭିତରେ ଯୋଗାରୂଢ଼ ଅବସ୍ଥାରେ ସେହି ଭୈରବ ତାଙ୍କ ନିଜ ଆସନରେ ସ୍ଥିର ଅଚଳ, ଅଟଳ ଭାବରେ ଅନମନୀୟ ଭାବରେ ନିରାସକ୍ତ ହୋଇ ସେହି କକ୍ଷରେ ସମସ୍ତଙ୍କ ଆଖି ଆଗରେ ଏକ ଅଦ୍ଭୁତ ବସ୍ତୁ ହୋଇ ବସିରହିଲେ । ସେହି ଦୁସ୍ଥା ନାରୀଙ୍କ ସହ ଥିବା ବାବୁଙ୍କୁ ଜଣେ ପଚାରିଲେ, ''ଆପଣମାନେ କୁଆଡ଼େ ଯିବେ ?'' ବାବୁ ଜଣକ କହିଲେ, ''ଗୌହାଟି ଆଜି ଯିବା, କାଲି ଶିଲଂ ଯିବା ଆମେ ।'' ଏତିକିବେଳେ ପ୍ରଥମାଗତ ସେହି ସୁଟ୍-ପିନ୍ଧା ଯୁବକ ଜିଜ୍ଞାସା କଲେ, ''ଏହିପରି ମୂର୍ଚ୍ଛା ଏହାଙ୍କର ମଝିରେମଝିରେ ହୁଏ ନା କ'ଣ ?'' ବାବୁଟି କହିଲେ, ''ମହାଶୟ, ଏପରି କେବେହେଲେ ହୋଇନାହିଁ । ମୁଁ କିଛି ହେଲେ ବୁଝିପାରୁନାହିଁ । ମୁଁ ତ ଏହାଙ୍କର ଅସୁଖ-ବିସୁଖ କେବେ ବି ଦେଖିନାହିଁ । ତେବେ ଏହାଙ୍କର ରୋବଷ୍ଟ ହେଲଥ୍ ହୃଷ୍ଟପୁଷ୍ଟ ସ୍ୱାସ୍ଥ୍ୟ—ଅବଶ୍ୟ କେଉଁ ଦିନ ଏପରି ଦେଖିନାହିଁ ।''

ପାଣ୍ଡୁ ଷ୍ଟେସନଠାରୁ କାମରୂପ କାମାକ୍ଷା ମାତ୍ର ଦୁଇମାଇଲ । ଟ୍ରେନ ପହଞ୍ଚିବା ପୂର୍ବରୁ, ଯାହାଙ୍କର ଏଠାରେ ଓହ୍ଲାଇବା କଥା, ସେମାନେ ପ୍ରସ୍ତୁତ ହେବାରେ ଲାଗିଲେ । ଏତିକିବେଳେ ମୋ' ବେଞ୍ଚରେ ଥିବା ଜନୈକ ବ୍ୟକ୍ତିଙ୍କର ଯେଉଁ ମନ୍ତବ୍ୟ କାନରେ ପଡ଼ିଲା, ତାହା ଏହିପରି—ଭୈରବଙ୍କର କୋପ ପଡ଼ିଛି, ମୁଁ ଆଗରୁ ଜାଣିଥିଲି କିଛି ଗୋଟାଏ ଘଟିବ, ଏହିପରି କିଛି ଗୋଟାଏ ଦୁର୍ଘଟଣାର ଆଶଙ୍କା ମୋ' ଭିତରେ ଆଗରୁ ହେଉଥିଲା ।

ଦ୍ୱିତୀୟ ବ୍ୟକ୍ତି କହିଲେ, ''ମନେହେଉଛି ସେ ସ୍ତ୍ରୀଲୋକଟିକୁ ମାରି ପକାଇବେ । ଏବେ ହେଲେ ତାଙ୍କର ହାତପାଦ ଧରି ସନ୍ତୁଷ୍ଟ କଲେ ବୋଧହୁଏ ବଞ୍ଚିପାରେ ।'' ତୃତୀୟ

ବ୍ୟକ୍ତି କହିଲେ, ''ଆଉ ସମୟ କାହିଁ ? ଏଇ ତ କାମାକ୍ଷା ଆସିଗଲା । ଆଉ ମିନିଟିଏ ମାତ୍ର ଅଛି ।''

ଏହିସବୁ ବାର୍ତ୍ତାଳାପ କେବଳ ମୁଁ ନୁହେଁ, ସେହି ସୁଟ୍‌ପିନ୍ଧା ଯୁବକ ଭଦ୍ରଲୋକ ମଧ୍ୟ ଶୁଣୁଥିଲେ—ସେ ମୁହଁଟେକି ସବିସ୍ମୟ ବକ୍ତାମାନଙ୍କ ଆଡ଼କୁ ଚାହିଁ ପଚାରିଲେ, ''ଏହି ବିଚ୍‌ରାଟିର ଅପରାଧ କ'ଣ, ଶୁଣେ ? ତାଙ୍କର ଯାହା କିଛି ଜିନିଷପତ୍ର ସବୁ ମୁଁ ନିଜେ ଘୁଞ୍ଚାଇଦେଇଛି, ସେମାନଙ୍କୁ ବସିବା ଲାଗି ଡାକିଛି, ସେଥିଲାଗି ତ ମୁଁ ନିଜେ...ମୋ' ଉପରେ ତାଙ୍କର କୋପ ହେବା କଥା, ଯଦି କୋପ ହେବାର କୌଣସି ଯଥାର୍ଥ କାରଣ ହୋଇଥାଏ ।''

ସ୍ତ୍ରୀଟିର ଅପରାଧ ଯେ କ'ଣ, ଅଥବା ଯଥାର୍ଥରେ କିଛି ଅଛି କି ନାହିଁ, ଏ କଥା ତାଙ୍କର ବିଚାରର ବିଷୟ ନୁହେଁ—ତାଙ୍କର ଅସଲ କଥାଟି ହେଲା, ହୁଏତ ଏହି ଜଟାଧାରୀ ଶିବଙ୍କ ଅବତାର ନିଜକୁ ଦୈବଶକ୍ତିସମ୍ପନ୍ନ ବୋଲି ମନେକରନ୍ତି, ଏସବୁ ଘୁଞ୍ଚାଇଦେଇ, ପୁଣି ତାଙ୍କ ପାଖରେ ବସି ରେଳଗାଡ଼ିରେ ଭ୍ରମଣ—ଏସବୁ କର୍ମ କ'ଣ ଗୁରୁତର ଅନ୍ୟାୟ ! ଏମାନେ କ'ଣ ନ କରିପାରନ୍ତି ? ଜଣକୁ ମନ୍ତ୍ରଦ୍ୱାରା ପ୍ରାଣରେ ମାରିବା ତ ଏମାନଙ୍କ ପକ୍ଷରେ କିଛି ଶକ୍ତ ନୁହେଁ, ବରଂ ଅତି ସହଜ । ସାଧାରଣ ଲୋକଙ୍କ ପକ୍ଷରେ ଏମାନଙ୍କ ପାଖରୁ ଦୂରରେ ରହିବା ଭଲ । ଏହିସବୁ ସିଦ୍ଧାନ୍ତ ସରଳପ୍ରାଣ ସୁକୁମାର ଯୁବକ ମୁଣ୍ଡରେ ପଶିବ ନାହିଁ; ସେ କିଛି ଉତ୍ତର ନ ପାଇ ଶୁଖିଲା ମୁହଁ କରି ନିଜ ଜାଗାରେ ବସି ସବୁ ଦେଖିବା ଓ ଶୁଣିବାକୁ ଲାଗିଲେ । ଏଣେ ଟ୍ରେନ ସେତେବେଳେ ଆସି ଧୀରେ ଧୀରେ ପ୍ଲାଟଫର୍ମରେ ଠିଆ ହେଲା । ସେତେବେଳେ ଓହ୍ଲାଇବା ପାଲା ଲାଗିଗଲା । ସେତେବେଳେ ମଧ୍ୟ ସ୍ତ୍ରୀଲୋକଟି ପୂର୍ବପରି ଅଚେତନ ଅବସ୍ଥାରେ ରହିଥିଲେ ।

ମୁଁ ଠିଆହୋଇ ଦେଖୁଥିଲି । ଗାଡ଼ି ଏଠାରେ କିଛି ଅଧିକ ସମୟ ଠିଆହୁଏ । କାରଣ ବହୁ ଯାତ୍ରୀ ଏଠାରେ ଓହ୍ଲାଇଥାନ୍ତି ଓ ଚଢ଼ିଥାନ୍ତି । ଟ୍ରେନଟି ରହିବାରୁ ଭୈରବ ଉଠି ଧୀରେ ଧୀରେ ନିଜର ଜିନିଷପତ୍ର ବେଞ୍ଚତଳୁ ଓ ବର୍ଥ ଉପରୁ ଆଣି ପୁଟୁଳି, ଆଦି ଦୁଇହାତରେ ଦୃଢ଼ ଭାବରେ ଧରି ଅଚେତ ବାଳିକା ନିକଟରେ ଠିଆହେଲେ ଏବଂ ଦୁଆର ଆଡ଼କୁ ଆଗେଇବା ପୂର୍ବରୁ ଥରେ ତୀବ୍ର ଦୃଷ୍ଟିରେ ପାର୍ଶ୍ୱସ୍ଥ ସେହି ବିବ୍ରତ ଭଦ୍ରଲୋକଙ୍କୁ ଅନେଇ କହିଲେ,—''ମୁଁ ଉପରେ କାମାକ୍ଷା ଦେବୀଙ୍କ ମନ୍ଦିର ଅତିଥିଶାଳାରେ ରହୁଛି । ଯଦି ପ୍ରୟୋଜନ ହୁଏ, ଖବର ଦେବେ ।'' ଏହି କେତୋଟି କଥା ଏକନିଃଶ୍ୱାସରେ କହିଦେଇ ଭୈରବ ଲମ୍ୱା ଲମ୍ୱା ପାଦପକେଇ ଚାଲିଗଲେ ।

ତାଙ୍କ କଥା ଯେପରି ବିଜୁଳି ପରି କାମ କଲା । ଯାହାକୁ ଏ କଥା କୁହାଗଲା, ସେହି ବ୍ୟକ୍ତି ଯେପରି ସମ୍ମୋହିତ ହୋଇ ତତ୍‌କ୍ଷଣାତ୍ ଶୀଘ୍ର ଉଠିବାକୁ ଚେଷ୍ଟା କଲେ, କିନ୍ତୁ ପ୍ରଥମାଗତ ସେହି ଯୁବକ ବାଧା ଦେଇ କହିଲେ, ''ଏତେ ଶୀଘ୍ର ଉଠୁଛନ୍ତି କାହିଁକି ? କ'ଣ ହୋଇଛି ଆପଣଙ୍କର ? ତାଙ୍କୁ ଏ ଜାଗାରେ ଏକୁଟିଆ ଛାଡ଼ିଦେଇ ଯିବା କ'ଣ ଉଚିତ୍ ?''

ଏହା ଶୁଣି ବ୍ୟକ୍ତିଜଣକ ଚମକି ଉଠି ନିଶ୍ଚେଷ୍ଟ ଭାବେ ବସିପଡ଼ିଲେ । ଏହାପରେ କହିଲେ, ''କିନ୍ତୁ ସିଏ ଯେ ଯିବାକୁ କହିଲେ ?''

ଏତିକି ମାତ୍ର ଦେଖି ଓ ଶୁଣିସାରି ମୁଁ ଓହ୍ଲେଇ ପଡ଼ିଲି । ମୋତେ ତ ଏଇଠି ଓହ୍ଲାଇବାକୁ ହେବ ।

ମନ ଭିତରେ ଏକ ଉଦ୍‌ବେଗ ରହିଲା । ଷ୍ଟେସନରୁ ବାହାରିଆସି ଉପରେ ଥିବା କାମାକ୍ଷା ମନ୍ଦିରକୁ ଲକ୍ଷ୍ୟ କରି ଯେତେବେଳେ ସିଡ଼ିଚଢ଼ି ଉଠିବାକୁ ଲାଗିଲି, ସେତେବେଳଯାଏ ମନ ସ୍ଥିର ହେଲା ନାହିଁ । ମନ୍ଦିରର ପାଦଦେଶ ପର୍ଯ୍ୟନ୍ତ ଉଠୁଛି, ଦୂରରୁ ପାହାଡ଼ ଉପରେ ଯେଉଁ ନଡ଼ିଆ ବୃକ୍ଷରାଜି ଦେଖାଯାଏ, ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ, କିପରି ପର୍ବତ ଶିଖରଦେଶରେ ନଡ଼ିଆଗଛ ଉଠିଲା, ଏହା କିପରି ଏକ ବୈଚିତ୍ର୍ୟ ପରି ମନେହୁଏ, ଆଉ କେଉଁଠାରେ ଏପରି ନଥାଏ—ଏକଥା ଚିନ୍ତା କରିବା ସଙ୍ଗେ ସଙ୍ଗେ ଗାଡ଼ିରେ ସେହି ଭୟଙ୍କର ଅଦ୍ଭୁତ ରହସ୍ୟମୟୀ ରୋଗୀ କଥା ଭାବୁଛି—ଏହି ଭାବରେ ଅବସନ୍ନ ଶରୀର ନେଇ ପ୍ରାୟ ସନ୍ଧ୍ୟାବେଳକୁ ମନ୍ଦିରର ଦକ୍ଷିଣ ତୋରଣ ନିକଟରେ ପହଞ୍ଚିଲି । ସେହି ପାର୍ଶ୍ୱରେ ନଡ଼ିଆ ବିକ୍ରି ହେଉଥିବାର ଦେଖିଲି । ଏହା ଦେଖି ମୋ'ର ଶୋଷ ଲାଗିବାରେ କିଛି ବିଚିତ୍ରତା ନଥିଲା, କିନ୍ତୁ ପଇସା ନଥିଲା । କିଛି ସମୟ ବିଶ୍ରାମ ନେଲାପରେ ଉଠିପଡ଼ି ଦେବୀଙ୍କ ଦର୍ଶନ ଲାଗି ତୋରଣ ପାର୍‌ହୋଇ ଭିତରେ ପ୍ରବେଶ କଲି । ମନ୍ଦିରର ଚତୁର୍ଦ୍ଦିଗରେ ହିଁ ପ୍ରଦକ୍ଷିଣ ପଥ । ସେହି ପଥର ଗୋଟିଏ ସ୍ଥାନରେ ଅନ୍ଧକାର ମଧ୍ୟରେ ଧାଡ଼ି ଧାଡ଼ି କ୍ଷୁଦ୍ର କ୍ଷୁଦ୍ର କକ୍ଷଶ୍ରେଣୀ ରହିଛି । ସେଥିମଧ୍ୟରୁ ଗୋଟିଏ ଦୁଇଟି ଟିକିଏ ବ୍ୟବହାରୋପଯୋଗୀ, ଟିକିଏ ପରିଷ୍କାର । ସେଥିରେ ଜଣେ ଦୁଇଜଣ ଅତ୍ୟନ୍ତ ଶ୍ରୀହୀନ ବୁଭୁକ୍ଷୁ ସାଧୁମୂର୍ତ୍ତି ଆସନପାତି ବସିଛନ୍ତି, ତା' ମଧ୍ୟ ଦେଖିଲି—ପୁଣି ଦେଖିଲି, ଆଉ ବୁଝିଲି, ସେମାନଙ୍କର ଅନ୍ତରରେ ଶାନ୍ତି ନାହିଁ—ସେମାନଙ୍କ ଅବସ୍ଥାକୁ ଦେଖି ମୋ' ଅଶାନ୍ତ ପ୍ରାଣରେ ଶାନ୍ତି ଆସିବ କିପରି !

ସନ୍ଧ୍ୟା ସମୟରେ ଦର୍ଶନାର୍ଥୀ ଯାତ୍ରୀମାନଙ୍କ ସଂଖ୍ୟା ନିତାନ୍ତ ହିଁ କମ୍ । ସୁତରାଂ ଦୀପାଲୋକରେ ଉଜ୍ଜ୍ୱଳ ଗୁହାଭ୍ୟନ୍ତରରେ ପ୍ରବେଶ କରି ଏବଂ ଧାତୁ-ଆବରଣରେ ଆବୃତ ଏକ ପ୍ରସ୍ତରଖଣ୍ଡକୁ ଦେବୀ ଜ୍ଞାନରେ ପ୍ରଣାମପୂର୍ବକ ବାହାରକୁ ଆସିଲି । ଏପରି ଆବୃତ ଥିବାର ଯାହା ଦେଖିଲି, ସେହି କଥା ହିଁ ମନଭିତରେ କ୍ରିୟା କରିବାକୁ ଲାଗିଲା । ପଣ୍ଡା କହିଲେ, ଅମ୍ବୁବାଚୀ ସମୟରେ ମା'ଙ୍କର ରଜସ୍ରାବ ହୁଏ । ମା'ଙ୍କର ତ ମୂର୍ତ୍ତି ନାହିଁ, ସେଥିରେ ପୁଣି ସ୍ରାବ ! ଏହି କଥାଟିରେ ଅନ୍ତରକ୍ଷେତ୍ର ବିଜ୍ଞାନମୁଖୀ ହୋଇ ଏହି ତତ୍ତ୍ୱରେ ହିଁ ଆବଦ୍ଧ ରହିଲା—ଅନ୍ୟ ସବୁ କଥା ଭୁଲିଗଲି, କିନ୍ତୁ ମୀମାଂସାର କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲି ନାହିଁ । ହାୟ ଆମର ଅଧୀତ ବିଦ୍ୟା !

ଯେଉଁ କଥାଟି ମୋ' ମନ ଭିତରେ ଉନ୍ମୋଚିତ ହେଲା, ତାହା ଏହି ଯେ ଦେବୀ ଚିରଜାଗ୍ରତା, ସୃଷ୍ଟି-ସ୍ଥିତି-ନିଧନକାରିଣୀ, ଅନନ୍ତ ଶକ୍ତିରୂପିଣୀ—ତାଙ୍କର ଅସାଧ୍ୟ କିଛି ନାହିଁ, ସର୍ବଘଟରେ ଶକ୍ତି ରୂପରେ, ଜ୍ଞାନ ରୂପରେ ବିଦ୍ୟମାନ, ବ୍ୟକ୍ତ-ଅବ୍ୟକ୍ତ ମୂଳ ପ୍ରକୃତିର

ସେହି ଦେବୀ ଯେ ଜାଗ୍ରତ, ତା'ର ପ୍ରମାଣ କ'ଣ ଅମ୍ବୁବାଚୀ ସମୟରେ ରଜଃସ୍ରାବ ଏବଂ ଏହି ତତ୍ତ୍ୱକୁ ପ୍ରଚାର କରିବା ପଣ୍ଡାମାନଙ୍କର ଏକ ଅକ୍ଷୟକୀର୍ତ୍ତି ! ଏ କଥା ଯାହାର ବିଶ୍ୱାସ ହୁଏ, ତାହା ନିଶ୍ଚୟ ଉତ୍ତମ, ଅଥବା ଯେଉଁମାନେ ଶୁଣିବାମାତ୍ରେ ବିଶ୍ୱାସ କରିନେଇ ନିଶ୍ଚିନ୍ତ



କାମରୂପ କାମାକ୍ଷା ମନ୍ଦିର

ଓ କୃତାର୍ଥ, ସେମାନଙ୍କ କଥା ଧରା ନ ଯାଉ, ମାତ୍ର ଯେଉଁ ହତଭାଗ୍ୟମାନେ ମନ-ପ୍ରାଣରେ ବିଶ୍ୱାସ ନ କରି, ବିଶ୍ୱାସ କରିଛି ବୋଲି ଭାବ ଦେଖାନ୍ତି, ସେହିମାନଙ୍କ କଥା କହୁଛି । ସେ ଆଉ କେହି ନୁହେଁ, ମୋ'ର ଆଶ୍ରୟଦାତା ବିପିନ ପଣ୍ଡା । ତାଙ୍କ ଆଶ୍ରମରେ ମୋ'ର ସେଦିନର ରାତ୍ରଭୋଜନ ଓ ରାତ୍ରିଯାପନ ସମ୍ଭବ ହୋଇଥିଲା । ନିତାନ୍ତ ସରଳପ୍ରାଣର ବ୍ୟକ୍ତି, ମନରେ କିଛି ଆବିଳତା ନାହିଁ, ଅକପଟ ସାଧୁ ଗୃହସ୍ଥ ବ୍ୟକ୍ତି ସେ । ଏଇଥିପାଇଁ ସାଧୁ କହୁଛି ଯେ କେବଳ କଥାରେ ନୁହେଁ, ତାଙ୍କର ପ୍ରକୃତି ମଧ୍ୟରେ, ତାଙ୍କର ଉଦ୍ଦେଶ୍ୟମୂଳକ କର୍ମରେ ମଧ୍ୟ ସେ ସାଧୁପୁରୁଷ । ଯେତେଦିନ ପର୍ଯ୍ୟନ୍ତ କାମାକ୍ଷାରେ ଥିଲି, ତାଙ୍କର ଏହି

ଭାବର ପରିଚୟ ସବୁବେଳେ ହିଁ ପାଇପାରିଛି । ପ୍ରଥମ ପ୍ରମାଣ ହେଲା, ମୋ'ଠାରୁ କୌଣସି ଲାଭର ଆଶା ସେ କରିନାହାନ୍ତି, ଅଥଚ ଅନିର୍ଦ୍ଦିଷ୍ଟକାଳ ମୋତେ ପ୍ରତିଦିନ ମଧ୍ୟାହ୍ନରେ ଅନ୍ନଦାନ ଦେଇ ବଞ୍ଚାଇରଖିବା । ପୁଣି ଦେଖେ, ତାଙ୍କର ଯାତ୍ରୀସଂଖ୍ୟା କିଛି କମ୍ ନୁହେଁ; କିନ୍ତୁ ସେମାନଙ୍କଠାରୁ ଯାହା ମିଳିଥାଏ, ମନେହୁଏ ସଂସାର ଯାତ୍ରାନିର୍ବାହ ବ୍ୟତୀତ ଅଧିକ କିଛି ଉଦ୍‌ବୃତ୍ତ ହୁଏ ନାହିଁ । ପ୍ରତ୍ୟେକ ଯାତ୍ରୀଦଳଙ୍କୁ ଖାଇବାକୁ ଦେଇ ଦୁଇ ତିନିଦିନ ନିଜ ଘରେ ସ୍ଥାନଦେଇ ଯେଉଁ ଅର୍ଥପ୍ରାପ୍ତ ହୁଏ, ତାହା ନିଃଶେଷ ହୋଇଯାଏ । ସେଥିରେ ମଧ୍ୟ ଆନନ୍ଦ ।

କାମାକ୍ଷା ଏକ ପ୍ରାଚୀନ ତୀର୍ଥ, ତା'ର ଇତିହାସ ବା ମହାପୀଠର ଯେଉଁ କଥା, ତାହା କାହାକୁ ଅଜଣା ? ତେବେ ସେ କଥାଗୁଡ଼ିକର ପୁନରାବୃତ୍ତି ପ୍ରୟୋଜନ ନାହିଁ—ଅତୀତ କଥା ନ କହି ବର୍ତ୍ତମାନ ସମୟରେ ମୋ' ସହ ଯେଉଁରୂପେ ଏହି ପୀଠସ୍ଥାନର ପରିଚୟ ଘଟିଥିଲା, ସେହି ବିଷୟକୁ ଅବତାରଣା କରିବି । ପ୍ରଥମ କଥା ହେଲା, କୁମାରୀ ବିଦାୟ । ଏହି ତୀର୍ଥରେ କୁମାରୀମାନଙ୍କର ଖୁବ୍ ବେଶୀ ହିଁ ପ୍ରଭାବ । ସେମାନେ ସବୁ କିଛି କରିପାରନ୍ତି । କଲିକତାର କାଳୀଘାଟରେ ପ୍ରାୟ ପାଞ୍ଚବର୍ଷ ପୂର୍ବେ ଠିକ୍ ଏହିପରି ଥିଲା ।

ଆଠବର୍ଷର ଗୌରୀଠାରୁ ଷୋଡ଼ଶୀ ଅଥବା ଅଷ୍ଟାଦଶୀଯାଏ କୁମାରୀ ପଇସା ଲାଗି ମୋତେ ଯେଉଁ ଭାବରେ ଆକ୍ରମଣ କଲେ, ତାହା ଏକ ବିଚିତ୍ର ଅଭିଜ୍ଞତା । ଯିଏ ଏପରି ପରିସ୍ଥିତିରେ ପଡ଼ିଛି, ସେହି କେବଳ ଜାଣେ । ଆଗରେ ଓ ପଛରେ ଲୁଗା ଧରି ଦଳେ, ଦୁଇ ଆଡ଼େ ଦୁଇ ହାତ ଧରାଧରି ହୋଇ ଆଉ ଦୁଇଦଳ ଏପରି ଚାରିଆଡୁ ଆକ୍ରମଣ କରିବସିଲେ । 'ତ୍ରାହି ମଧୁସୂଦନ' କହି ଚିତ୍କାର କରିବସିଲି—ଠିକ୍ ସେହି ଦୁର୍ଯୋଗ ସମୟରେ ହିଁ ପଣ୍ଡା ବିପିନ ଠାକୁର ଦଳେ ଯଜମାନଙ୍କ ଆଗେଆଗେ ମନ୍ଦିର ଭିତରୁ ବାହାରକୁ ଆସି ହିଁ ମୋ ଦୁର୍ଗତି ଦେଖିନେଲେ ଏବଂ ଝଡ଼ବେଗରେ କୁମାରୀଦଳଙ୍କୁ ଲକ୍ଷ୍ୟକରି ''ଆରେ ତୁମେ ସବୁ କ'ଣ କରୁଛ, ସାଧୁ ଦେଖି ଚିହ୍ନି ପାରୁନାହଁ, ତାଙ୍କ ପାଖରେ କ'ଣ ପଇସା ଥାଏ ? ଯା, ଘରକୁ ଯାଅ'' କହିଦେଇ ଗୋଟିଏ ଫୁତ୍‌କାରରେ ସେମାନଙ୍କୁ ଭଗେଇଦେଲେ । ମୁଁ ସକୃତଜ୍ଞ ନୟନରେ ତାଙ୍କୁ ଅନେଇରହିଲି । ସେତେବେଳେ ମୋତେ ଛାଡ଼ି ନ ଦେଇ, ମୋ' ନିକଟକୁ ଆସି, ସେ ଯେପରି ଭାବରେ ମୋତେ ପ୍ରଶ୍ନ କଲେ ଏବଂ ମୋ'ର ସବୁ କଥା ଶୁଣିଲେ, ସେଥିରେ ଚମତ୍କୃତ ହେଲି । କେବଳ ସେହି ରାତିକ ଲାଗି ନୁହେଁ, ଯେତେଦିନ ସେଠାରେ ରହିଲି, ସେତେଦିନ ତାଙ୍କ ପରିବାରରେ ମୋ'ର ଆହାରର ବ୍ୟବସ୍ଥା କରିଦେଲେ । ଏହି ଭାବରେ ତାଙ୍କ ସହ ମୋର ସହୃଦୟତା ଘନୀଭୂତ ହେବାର ଯୋଗାଯୋଗ ଘଟିଲା ।

ସେତେବେଳେ ସେ ମୋତେ କହିଲେ, ''ଶିବସାଗରଠାରୁ ମୋ'ର ଗୋଟିଏ ଘର ଯଜମାନ ଆସୁଛନ୍ତି, ଆପଣ ଏଠାରେ ଟିକିଏ ରହନ୍ତୁ, ଏହାପରେ ସାଙ୍ଗ ହୋଇ ଘରକୁ ଯିବା ।'' କହିଦେଇ ସେ ମନ୍ଦିରକୁ ଚାଲିଗଲେ ଏବଂ ତତ୍‌କ୍ଷଣାତ ଯଜମାନ ଦଳକୁ ସାଙ୍ଗରେ

ଧରି ଆସିଲେ । ଆଗରେ ଜଣେ ଗୌରାଙ୍ଗୀ କିଶୋରୀ, ତାଙ୍କ ପଛରେ ରୋଗା ଶରୀର, ଲମ୍ବା, ସାର୍ଟପିନ୍ଧା ଜଣେ ଯୁବକ, ତାଙ୍କ ପଛରେ ଓ ପରେ ଜଣେ ବୃଦ୍ଧ-ପ୍ରାୟ ଦୀର୍ଘ ଶରୀରଧାରୀ କର୍ତ୍ତା, ତାଙ୍କ ନିକଟରେ ପ୍ରୌଢ଼ା ଗୌରାଙ୍ଗୀ ଗୃହିଣୀ ଓ ସମସ୍ତଙ୍କ ପଛରେ ପଣ୍ଡାଠାକୁର—ବିପିନଚନ୍ଦ୍ର ହାତରେ ପ୍ରସାଦ ନିର୍ମାଲ୍ୟ ନେଇ ଆସୁଥିଲେ । ସମସ୍ତଙ୍କ ମସ୍ତକରେ ସିନ୍ଦୂର ଟିପା, ଗଳାରେ ଜବାକୁସୁମର ମାଳା ।

ଯଜମାନଙ୍କ ସଙ୍ଗରେ କଥା କହିକହି ପଣ୍ଡାଠାକୁର ବସାରେ ପହଞ୍ଚି ମୋତେ ବାହାରେ ଥିବା ଏକ ଛୋଟ ଘରେ ବସାଇଦେଇ ଯଜମାନ ଦଳକୁ ନେଇ ଭିତରେ ପ୍ରବେଶ କଲେ । ପଟା ଖଟିଆଟିଏ ପଡ଼ିଥିଲା—ତା' ଉପରେ ବସି ଚିନ୍ତାରେ ବୁଡ଼ିରହିଲି । ସେହି ଟ୍ରେନ୍‌ର ଘଟଣାଗୁଡ଼ିକଠାରୁ ସବୁକଥା ମନେ ପଡ଼ିବାକୁ ଲାଗିଲା ।

''—ବାବା ଆପଣଙ୍କୁ ଭିତରକୁ ଡାକୁଛନ୍ତି, ବଡୁୟା ମହାଶୟ ଆଳାପ କରିବେ ।'' ପ୍ରାୟ ବାରବର୍ଷର ପିଲାଟିଏ ମୋତେ ଆସି ଯେତେବେଳେ ଡାକିଲା, ସେତେବେଳେ ମୋ'ର ଚମକ ଭାଙ୍ଗିଲା । ସଙ୍ଗେ ସଙ୍ଗେ ଉଠିପଡ଼ି ବଡୁୟା ମହାଶୟଙ୍କ ନିକଟରେ ଭିତରଘରେ ଯାଇ ଉପସ୍ଥିତ ହେଲି । ସେ ଭଦ୍ରତାପୂର୍ବକ ଉଠିପଡ଼ି, ପ୍ରବୀଣ ବ୍ୟକ୍ତିଙ୍କୁ ସାଦର ସମ୍ଭାଷଣ କଲାପରି, ମୋତେ ଅଭିବାଦନ ଜଣାଇଲେ । ନମସ୍କାର ପରେ ଉଭୟେ ବସିଯିବା ପରେ ସେ ମୋ' ସମ୍ବନ୍ଧରେ ସମସ୍ତ ପ୍ରଶ୍ନ କରିବାକୁ ଆରମ୍ଭ କରିଦେଲେ । ପ୍ରଶ୍ନଗୁଡ଼ିକ ସତ୍ୟ ସମ୍ବନ୍ଧରେ ଅନୁସନ୍ଧିତ୍ସାମୂଳକ—ଏପରି କଠିନ ଯେ ଉତ୍ତର ଦେବା ମୁସ୍କିଲ ଥିଲା । ବିବାହ କରିଛି କି ନାହିଁ, ଏବଂ ସ୍ତ୍ରୀଙ୍କୁ ଛାଡ଼ି ଆସିଛି କାହିଁକି ? ସନ୍ତାନସନ୍ତତି ହୋଇଛନ୍ତି କି ନାହିଁ ? ପିତାମାତା, ଠାକୁରମା, ପିଉସୀ, ଖୁଡ଼ୀ, ଦେଠେଇ ଆଦିଙ୍କ ଜମାଟବନ୍ଧା ସଂସାର ଛାଡ଼ି ଆସିବା ମୋ'ର ଧର୍ମାନୁମୋଦିତ ହୋଇନାହିଁ ଇତ୍ୟାଦି । ମୁଁ ଯେତେ ଭାବରେ ହେଉନା କାହିଁକି, ତାଙ୍କୁ ବୁଝାଇବାକୁ ଚେଷ୍ଟା କଲି ଯେ ମୁଁ ସଂସାରଶ୍ରମ ତ୍ୟାଗ କରିନାହିଁ । ସେ ସବୁ କଥାକୁ କାନ ନଦେବାର ଦେଖି ମୁଁ ଆଉ ପାଟି ନ ଖୋଲି ବସିରହିଲି । ଆଉ କିଛି ନ ହେଉ ପଛେ, ମୁଁ ଲକ୍ଷ୍ୟ କଲି ଯେ ସେ ଜଣେ ଅତ୍ୟନ୍ତ ମାୟାଜଡ଼ିତ ସଂସାରୀ । ସେ ନିଜର ପରିଚୟ ମଧ ଦେଲେ । ତିନିଗୋଟି ଚା' ବଗିଚାର ମାଲିକ । ସଂସାର ତ୍ୟାଗ କରି ଏହି କାମାକ୍ଷାଦେବୀଙ୍କ ଆଶ୍ରମରେ ବାସ କରିବାକୁ ଆସିଛନ୍ତି—ଏହିଠାରେ ହିଁ ଦେହତ୍ୟାଗ କରିବେ, ଆମ ବଙ୍ଗଳାର ଲୋକେ ଦେହତ୍ୟାଗ କରିବାର ସଂକଳ୍ପ ନେଇ କାଶୀ, ପ୍ରୟାଗ, ବୃନ୍ଦାବନ ଆଦି ତୀର୍ଥଧାମରେ ଯେପରି ବାସ କରିଥାନ୍ତି । ତେବେ ସାଙ୍ଗରେ ଗୋଟିଏ ନାତୁଣୀ, ଓ ପୁତୁରା ଶ୍ରୀମାନ ଜନକଲାଲ ଆଉ ପତିବ୍ରତା ସ୍ତ୍ରୀ—ସେ ସରଳ ଭାବରେ ବିଚାର କରିଛନ୍ତି, ଯେପରି ସେ କିଛି ଭୁଲ କରୁନାହାନ୍ତି, ସେହି ଭାବ ନେଇ ମୋତେ କହିଲେ, ''ସ୍ତ୍ରୀ ମୋ'ର ଯେଣୁ ପତିବ୍ରତା, ସେଥିଲାଗି ତାଙ୍କୁ କୌଣସି ଭାବରେ, କେଉଁ ଅବସ୍ଥାରେ ମଧ ଛାଡ଼ିଆସି ହେବ ନାହିଁ ।''

ଯାହାହେଉ ରାତିଲାଗି ଏକ ଆଶ୍ରୟ ମୋତେ ମିଳିଗଲା, ଆଜିପାଇଁ ଏହାହିଁ ଶେଷ କଥା ।

କାମରୂପ ପର୍ବତର ସର୍ବୋଚ୍ଚ ଶିଖର—ନାମ ଭୁବନେଶ୍ୱରୀ । କାମାକ୍ଷାଦେବୀ ମନ୍ଦିରଠାରୁ ପ୍ରାୟ ଦେଢ଼ପାଆ ବାଟ ଚଢ଼ାଣି ଉଠିଯାଇ ଭୁବନେଶ୍ୱରୀ ଶୃଙ୍ଗରେ ପହଞ୍ଚିବାକୁ ପଡ଼େ । ପୀଠ ସ୍ଥାନଟି ପ୍ରାଚୀନ, ଶୃଙ୍ଗ ଉପରେ ଅନତି-ପ୍ରଶସ୍ତ କ୍ଷେତ୍ରରେ ମନ୍ଦିରଟି ଅବସ୍ଥିତ ଥିବା ଦେଖିଲି । ମନ୍ଦିର ବେଢ଼ା ପକ୍କା, ଊର୍ଦ୍ଧ୍ୱରେ କୌଣସି ବୈଶିଷ୍ଟ୍ୟପୂର୍ଣ୍ଣ ଚୂଡ଼ା ବା ଛାତ ନାହିଁ, କୌଣସି ରକମ ଏକ ଚତୁଷ୍କୋଣ ଖିଲାଣ ଉପରେ କିଛିଟା ଆଚ୍ଛାଦନ ମାତ୍ର । ନାଟ ମନ୍ଦିର କାନ୍ଥ ପକ୍କା ସତ, କିନ୍ତୁ ଟିଣ-ଛପରରେ ଢଙ୍କା, ତେବେ ସମ୍ମୁଖରେ କିଛିଟା ଫାଙ୍କା । ଏଠାରେ ସର୍ବତ୍ର ପ୍ରାୟ ଏହି ଟିଣର ବ୍ୟବହାର । ମନ୍ଦିରଧାରରେ ଖଣ୍ଡିଏ ପଥର ଉପରେ ପୁରାତନ କ୍ଷୟିଷ୍ଣୁ ପ୍ରସ୍ତରଖୋଦିତ ଏକ ମୂର୍ତ୍ତି । ସେ ମୂର୍ତ୍ତିର କୌଣସି ପରିଚୟ ନାହିଁ ।

ନାଟମନ୍ଦିରର ଗୋଟିଏ ଧାରରେ ଜଣେ ବିହାରୀ ଯୁବ ସାଧୁଙ୍କ ଆଡ୍ଡା ଲାଗିଛି । ଦେଖିନେଇ ମୁଁ ବିନା ବାକ୍ୟବ୍ୟୟରେ ଅନ୍ୟ ଦିଗରେ ପ୍ରାୟ ସାମ୍ନାସାମ୍ନି ମୋ'ର ଆସନ ବିଛାଇଦେଲି । ମଝିରେ ମନ୍ଦିରର ଗର୍ଭଗୃହରେ ପ୍ରବେଶ ପଥ—ବେଶ୍ ପ୍ରଶସ୍ତ କିଛି ସ୍ଥାନ ଥିଲା । ସେ ବିଚାରା ମୋତେ ପାଇ ଯେପରି କୃତାର୍ଥ ହୋଇଗଲେ । ଛାପରା ଜିଲ୍ଲାରେ ତାଙ୍କ ଘର, ଗୃହତ୍ୟାଗୀ ହୋଇ ଦଶ-ବାରବର୍ଷ ଧରି ଗୁରୁଙ୍କ ନିକଟରେ ଥିଲେ । ଏବେ ଗୁରୁ କହିଛନ୍ତି, 'ତୁ ଯା, ଅପ୍ନା ଦେଖିଲେ । ଘୁମ୍‌ଘୁମ୍‌କେ ସମଝିଲେ ।' ତେଣୁ ଏବେ ପର୍ଯ୍ୟଟନର ପାଲା ଚାଲିଛି—ଉତ୍ତର ଭାରତର ବଡ଼ ବଡ଼ ତୀର୍ଥ ଶେଷ କରି ଏବେ ବଙ୍ଗଳାରେ ପ୍ରବେଶ ଏବଂ କାଳୀ ମାୟୀଜୀ ଦର୍ଶନ କରି କାମାକ୍ଷାକୁ ଶୁଭାଗମନ ହୋଇଛି । ଏହି ବର୍ଷାକାଳର ଚାରିମାସ ଏଠାରେ ରହିବା ଲାଗି ସଂକଳ୍ପ । ବାବାଜୀ ନାଥସମ୍ପ୍ରଦାୟର ସାଧୁ, ନାମଟି ତାଙ୍କର ଧୀରନାଥ ।

ତାଙ୍କଠାରୁ ଉମାପତି ସିଦ୍ଧ ଭୈରବଙ୍କ ପ୍ରସଙ୍ଗ ଜାଣିଲି । ଶୁଣିଲି, ସେ ଏହି ଭୁବନେଶ୍ୱରୀର ତଳେ ଥାଆନ୍ତି— ତାଙ୍କ ସ୍ଥାନଟି ସୁନ୍ଦର, ସେ ଆଡ଼କୁ କେହି ଯାଆନ୍ତି ନାହିଁ; ଶାନ୍ତିପୂର୍ଣ୍ଣ ସେ ସ୍ଥାନଟି । ଶୁଣିଲି, ସେ ସନ୍ଧ୍ୟାରେ ଏହି ଭୁବନେଶ୍ୱରୀ ମନ୍ଦିରଠାରେ ଚକ୍ର କରନ୍ତି । ଏବେ ବଶିଷ୍ଠାଶ୍ରମକୁ ଯାଇଛନ୍ତି; କିଛିଦିନ ପରେ ଆସିବେ ।

ଯାହାହେଉ, ଏବେ ଆସନଟି ବିଛାଇଦେଇ କମ୍ବଳ ଓ କମଣ୍ଡଳୁଟିକୁ ରଖି ନାଟମନ୍ଦିର ହୋଇ ଚାରିଆଡ଼େ ବୁଲି ଦେଖିଆସିବାକୁ ବାହାରିଗଲି ।

■■

ଦ୍ୱାଦଶ ପରିଚ୍ଛେଦ

ଶୀର୍ଷଦେଶରେ ଦେବୀଙ୍କ ମନ୍ଦିର ଶେଷ ଅବସ୍ଥିତ । ସୁତରାଂ ମନ୍ଦିରର ଚତୁର୍ଦ୍ଦିଗରେ ଆଉ କିଛି ପ୍ରଶସ୍ତ ସମତଳ ଭୂମି ନାହିଁ । ସବୁଆଡ଼େ ଢାଲୁ ପ୍ରସ୍ତରଖଣ୍ଡ-ସମାକୂଳ ଭୂମି ତଳକୁ ଗଡ଼ି ଯାଇଛି । ମନ୍ଦିରର ଠିକ୍ ପଛକୁ ଯିବାକୁ ପଡ଼ିଲେ ପାର୍ଶ୍ୱରେ ସରୁ ଅପ୍ରଶସ୍ତ ରାସ୍ତା ଅଛି । ସେହି ଅସମତଳ ସରୁ ଗଳି ରାସ୍ତାରେ ଆସି ମନ୍ଦିର ପଛରେ ଯାଇ ଠିଆହେଲି । ସମ୍ମୁଖରେ ଅନନ୍ତ ବିସ୍ତୃତ ଆକାଶ—ନିମ୍ନରେ ଯେପରି ମୁକ୍ତ ପାତାଳକ୍ଷେତ୍ରରେ ନଦ-ନଦୀ ଓ ଖର୍ବାକୃତି ପର୍ବତ ମିଳିତ ହୋଇ ଏକାକାର ହୋଇଯାଇଛନ୍ତି । ଭୁବନେଶ୍ୱରୀ ପରେ ଯେଉଁ ସବୁ ଦୃଶ୍ୟ ଆଜି ଦେଖିଲି, ଏ ଜୀବନରେ ତାହା ଭୁଲିବାର ନୁହେଁ । ପଥର ଖଣ୍ଡ ଉପରେ ବସିଯାଇ ସଙ୍ଗେସଙ୍ଗେ ମଗ୍ନ ହୋଇଗଲି, ସେହି ରୂପମୟ ପ୍ରକୃତିର ଦୃଶ୍ୟ ଭିତରେ ।

ଦୂରସ୍ଥ ଗୋଟିଏ ଦିଗରେ ଖାସିୟା, ଜୟନ୍ତିଆ, ଗାରୋ ଗିରସମୂହ ଲମ୍ବିଯାଇଛି । ଚତୁର୍ଦ୍ଦିଗର ପର୍ବତମାଳା ଅତୀବ ମନୋରମ—ଗାଢ଼ ଶ୍ୟାମଳମୂର୍ତ୍ତି । ଅନ୍ୟ ଦିଗରେ ଶିଲଂ ଆଡ଼କୁ ରାସ୍ତା । ବୃକ୍ଷମାନଙ୍କ ଅନ୍ତରାଳ ଦେଇ ଗାଡ଼ିର ଯାତାୟାତ ଗୋଟିଏ ଗୋଟିଏ ବିନ୍ଦୁ ପରି ଦୂରରୁ ଦେଖାଯାଉଛି । ଉର୍ଦ୍ଧ୍ୱସ୍ଥ ଦିଗରେ ପାହାଡ଼ଶ୍ରେଣୀ । ସମ୍ମୁଖରେ ଗୁଆହାଟି, ନିମ୍ନରେ ଏହି ଯେଉଁ ବିଶାଳକାୟ ବ୍ରହ୍ମପୁତ୍ର ନଦୀ, ଅଳ୍ପ ଚଉଡ଼ା ତାହା ଏକ ପାଖରେ ରଙ୍ଗିନ ଲୁଗା, ଆଉ ତା' ମଝିରେ ଯେପରି ଏକ ବାନ୍ଧନୀଘେରା ଉମାନନ୍ଦ ଶୈଳ । ଚତୁର୍ଦ୍ଦିଗରେ ସବୁଜ ରଙ୍ଗର ଘନ ଆବରଣ ମନୋମୁଗ୍ଧକର—ଏହି ସବୁଜ ମଧ୍ୟରେ ଗୋଟାଏ ମାଦକତା ଥାଏ । କାମରୂପର ଠିକ୍ ତଳେ ପର୍ବତର ପାଦଦେଶରେ ଘନ ଜଙ୍ଗଲ ଦୃଶ୍ୟମାନ । ସେହିଠାରୁ ବ୍ରହ୍ମପୁତ୍ରରେ ଚାଲିଥାଏ ଷ୍ଟୀମର, ଯେପରି ଏକ ନାରିକେଳୀ କୂଳର ଶୁଷ୍କ ପ୍ରାଚୀନ ସ୍ମୃତି । କି ଉଦାର ମୁକ୍ତକ୍ଷେତ୍ର ମୋ' ସମ୍ମୁଖରେ ! ବହୁଦୂରରେ ଶେଷାନ୍ତରେ ଗାଢ଼ ନୀଳାଭ ଧୂସରବର୍ଣ୍ଣର ପର୍ବତଶ୍ରେଣୀ—ଏହି ସମସ୍ତ ଦୃଶ୍ୟ ଦେଖିଦେଖି ମୋହ ଲାଗିଯାଏ । ନାମ, ଧାମ, ଗ୍ରାମ, ଗୋତ୍ର କିଛି ମନେ ରହେନାହିଁ, ଅଳ୍ପକ୍ଷଣ ଲାଗି ନିଜର ଅସ୍ତିତ୍ୱ ହରାଇବାକୁ ପଡ଼ିଥାଏ । କୁଆଡ଼େ ଗଲା ଏଣେତେଣେ ଘୂରିବୁଲିବାର ସଙ୍କଳ୍ପ ! ଦ୍ୱିପ୍ରହରଯାଏ କୁଆଡ଼େ ଯିବାର ପ୍ରବୃତ୍ତି ହିଁ ହେଲା ନାହିଁ । ଏସବୁ ଆଗରେ ଆଉ କିଛି ବଡ଼ ନୁହେଁ, ଚାହିଁବା-ପାଇବା ସବୁ ନିଃଶେଷ ହୋଇ ଉଭେଇଗଲା । କାମରୂପର ଏହି ଭୁବନେଶ୍ୱରୀ ଶୃଙ୍ଗ ଶିଖରକୁ ଆସି ଯିଏ ଏହି ସ୍ଥାନରେ ଥରେ ଆଖିମେଲି ଚାରିଦିଗର ଏହି ଦୃଶ୍ୟାବଳୀ ଦେଖିଛି, ଜୀବନରେ ସେ ତାହା ଭୁଲିପାରିବ ନାହିଁ । ଦ୍ୱିପ୍ରହରରେ ନବୀନ ଛାପ୍ରା-ଜିଲ୍ଲା-ନିବାସୀ

ସେହି ସାଧୁଜଣକ ପଛରୁ ଚିତ୍କାର କରି ମୋତେ ଡାକିଲେ । ତାଙ୍କ ଆଡ଼କୁ ମୁହଁବୁଲେଇ ଦେଖିଲି, ହାତ ଆଙ୍ଗୁଳି କେତୋଟି ଏକାଠି କରି ନିଜ ମୁହଁ ଆଡ଼କୁ ନେଇ ଭୋଜନ ଲାଗି ଇଙ୍ଗିତ ଜଣାଇ ପଚାରିଲେ—'କ୍ୟା ଭୋଜନ୍ କୀ ପ୍ରବନ୍ଧ ନହି ବା ?' ମୁଁ ସେତେବେଳେ ସେ ସ୍ଥାନ ତ୍ୟାଗ କଲି ।

ତଳକୁ ଆସି ପଣ୍ଡା ଠାକୁରଙ୍କ ଘରେ ଉପସ୍ଥିତ ହେଲି । ଦଶ ବାର ବର୍ଷର ଜଣେ ଟୋପା ଗୋରୀ ଝିଅ, ନାମ ଯାହା ହୋଇଥାଉ ତାଙ୍କୁ ଗୌରୀ ହିଁ ଡାକିବି, ଆସି କହିଲା—ବାବା, ଆପଣଙ୍କର ଖାଇବା କଥା କହି ଯାଇଛନ୍ତି, ଆପଣ ବସନ୍ତୁ । ଅଳ୍ପକ୍ଷଣ ମଧ୍ୟରେ ଘର ଭିତରକୁ ନେଇଗଲା । ସମ୍ମୁଖରେ ହିଁ ଅନ୍ନ-ବ୍ୟଞ୍ଜନ ପ୍ରସ୍ତୁତ—ଅବିଳମ୍ବେ ମୁଁ ବସି ପଡ଼ିଲି । ଏହି ଗୌରୀ କନ୍ୟାଟି ମୋତେ ପ୍ରତ୍ୟହ ଏହି ଭାବରେ ଖାଇବାକୁ ଦେଉଥିଲା, ସେହି ହିଁ ମୋର ଅନ୍ନଦାତ୍ରୀ—ଯେତେଦିନଯାଏ ସେଠାରେ ରହିଥିଲି, ଦିନଟିଏ ମଧ୍ୟ ତା'ର ବ୍ୟତିକ୍ରମ ହୋଇନାହିଁ ।

ସେଦିନ ଅପରାହ୍ଣରେ ଭୁବନେଶ୍ୱରୀ ମନ୍ଦିରର ପଶ୍ଚାତରେ ସେହି ପ୍ରସ୍ତରଖଣ୍ଡ ଉପରେ ଉପବେଶନ କରି ପୁଣି ସେହି ସନ୍ଧ୍ୟାଦୃଶ୍ୟ ଉପଭୋଗ କରୁଛି, ମନଭିତରେ ଅଶେଷ ଚିନ୍ତାପ୍ରବାହ ଯେପରି ନିଃଶବ୍ଦରେ ଭାସି ଚାଲିଛି । ଯେତେଦିନ ରହିଥିଲି ଏହି ସ୍ଥାନଟି ଥିଲା ମୋ'ର ଆସନ—ସର୍ବ ଦୁଃଖ-ଚିନ୍ତାହର ଓ ସର୍ବାନନ୍ଦକର ସେ ଆସନ । ପ୍ରତିଦିନ ଯାଇ ସେଠାରେ ବସିରହେ । ଏବେ ହଠାତ୍ ପଛରେ କଥାବାର୍ତ୍ତାର ଶବ୍ଦ ଶୁଣି ମୁହଁ ଫେରାଇ ଦେଖେ, ବିପିନ ଠାକୁରଙ୍କର ସେହି ଶିବସାଗରର ଯଜମାନ ଜଣକ—ବଡୁୟା ମହାଶୟ, ଆଉ ତାଙ୍କ ସହ ସେହି କିଶୋରୀ ନାତୁଣୀ, ପଛରେ ଭଣଜା ଜନକଲାଲ ବୁଲିବାକୁ ବାହାରିପଡ଼ିଛନ୍ତି । ମୋ ନିକଟକୁ ଆସି ସମ୍ଭାଷଣ କଲେ—''କ'ଣ ବାବା, ଏଇଠି ଏବେ ରହିବେ ନା କଣ ?'' ମୁଁ କହିଲି, ''ନାଟମନ୍ଦିରରେ ହିଁ ଆଶ୍ରୟ ନେଇଛି ।'' ''ବେଶ୍ କଥା,''—କହି ସେ ମହିଳାଙ୍କ ଆଡ଼କୁ ଚାହିଁଦେଇ କହିଲେ, ''ଦେଖୁଛ ଦିଦି, କି ସୁନ୍ଦର ସ୍ଥାନ ?'' ମୁଁ ସେମାନଙ୍କୁ ଦେଖିସାରି ଉଠିବା ଲାଗି ଉଦ୍ୟୋଗ କରୁଥିବାର ଲକ୍ଷ୍ୟ କରି ବ୍ୟକ୍ତିଜଣକ କହିଲେ, ''ଚାଲ ଦିଦି, ଆମର କାର୍ଯ୍ୟର ସମୟ ହୋଇଗଲା— ଏବେ ଯିବାକୁ ହେବ ।'' ତା'ପରେ ''ଆଚ୍ଛା'' କହିଦେଇ ମୋ' ଆଡ଼କୁ ଲକ୍ଷ୍ୟ କଲେ ଏବଂ କପାଳରେ ହାତ ରଖି ନମସ୍କାର କରି ଚାଲିଗଲେ ।

ବୁଡୁୟା ମହାଶୟ— ପରିବାର ସହ (କାମରୂପ)

ଏଠାରେ ଭୁବନେଶ୍ୱରୀ ମନ୍ଦିରର ପୂଜାରୀ, ତା'ର ନାମ ଦିଗମ୍ବର, ଡାକନାମ ଦିଗୁ ଠାକୁର । ତାହା ସଙ୍ଗେ ମୋ'ର ଆଜି ଆଳାପ ହୋଇଥିଲା । ତା'କୁ ଏଠାକାର ଗେଜେଟ୍ କହିବାକୁ ପଡ଼ିବ—ତୁମେ ତାକୁ କିଛି ପ୍ରଶ୍ନ କର ବା ନକର, ସେ ଉପଯାଚକ ଭାବରେ ନିଜ ତରଫରୁ ଏଠାକାର ଯାହା କିଛି ସମ୍ବାଦ, ତୁମକୁ ଜଣାଇଦେବ । ତା' କଥା ପରେ କହିବି । ସନ୍ଧ୍ୟାରେ ସବୁଆଡ଼େ ଅନ୍ଧକାର ମାଡ଼ିଗଲା । ଦୂରସ୍ଥ ପର୍ବତ, ନିମ୍ନସ୍ଥ ନଦୀ, ନିକଟସ୍ଥ ବନାନୀ କ୍ରମେ ଝାପ୍‌ସା ହୋଇଯାଇ ଏକ ଅଖଣ୍ଡ କୃଷ୍ଣଧୂସର ବର୍ଣ୍ଣରେ ରୂପାନ୍ତରିତ ହୋଇଗଲା । ତା' ଭିତରେ ଫୁଟିଉଠିଲା ସମ୍ମୁଖସ୍ଥ ଗୁଆହାଟୀର ଖଣ୍ଡ ଖଣ୍ଡ ଦୀପମାଳା । ଘନ କୁହୁଡ଼ି ଭିତରେ ମଝିରେମଝିରେ ଅଳ୍ପ ବ୍ୟବଧାନରେ ଆଲୋକର ବିନ୍ଦୁ ପାହାଡ଼ସାରା ବିଞ୍ଚି ହୋଇ ରହିଥିଲା ।

ଅନ୍ଧକାରରେ ବଗିଚାରେ ଯେପରି ଆଲୋକ ସବୁ ଧାଡ଼ି ଧାଡ଼ି ହୋଇ ଫୁଲପରି ଫୁଟିଉଠିଛି । ଚାରିଦିଗ ନିସ୍ତବ୍ଧ, କେଉଁଠାରେ କିଛି ଶବ୍ଦ ଶୁଣାଯାଉ ନଥିଲା । ବେଶୀ ସମୟ ଆଉ ଏଠାରେ ରହିବା ଠିକ୍ ନୁହେଁ । ମୋ'ର ବନ୍ଧୁ ବୀରନାଥଙ୍କ ମୁହଁରୁ ଶୁଣିଥିଲି, ଏ ଜାଗାରେ ସାପର ଭୟ ଥାଏ, ଏହି କଥା ଭାବୁଭାବୁ ନାଟମନ୍ଦିରକୁ ଗଲି ଏବଂ ନିଜ ଆସନରେ ବସିପଡ଼ିଲି । ଗର୍ଭଗୃହ ଆଡ଼କୁ ଅନେଇ ଦେଖିଲି, ବଡୁୟା ମହାଶୟ ଏ ଭିତରେ ଖଣ୍ଡେ ଲାଲ ଚୋଲି ପିନ୍ଧି ଓ କାନ୍ଧରେ ଉତ୍ତରୀୟ ପକେଇ ଭୁବନେଶ୍ୱରୀ ମନ୍ଦିର ସମ୍ମୁଖରେ ଠିଆହୋଇଛନ୍ତି, ପୁଣି ପାଖରେ ଆଉ ଏକ ଆସନରେ ପୂଜା ଉପକରଣ ସଜାହୋଇ ରହିଛି, ତା' ଭିତରେ ଏକ କଳା ବୋତଲ ମଧ୍ୟ ଅଛି । ବଡୁୟାଙ୍କ ସ୍ତ୍ରୀ ଖଣ୍ଡେ କସ୍ତାପାଡ଼ର ଗରଦ ଶାଢ଼ିପିନ୍ଧି ବାମ ପାଖରେ ଆସନରେ ଉପବିଷ୍ଟ, ନାତୁଣୀଟି ସେମାନଙ୍କ ପାଖରେ ବସିରହିଛି । ଭଣଜା ମାମୁଙ୍କର ଦକ୍ଷିଣ ପାଖରେ ଠିଆହୋଇଛି ।

ମୋତେ ଦେଖିନେଇ ବଡୁୟା ମହାଶୟ କହିଲେ—''ବାବା କ'ଣ ଆମ ଚକ୍ରକୁ ଆସିବେ ନା କ'ଣ ?'' ମୁଁ କହିଲି—''ଚକ୍ରରେ ବସିବାର ଯୋଗ୍ୟତା ମୋ'ର ନାହିଁ, ଏହାଛଡ଼ା ମୋ'ର ସାଧନା-ପଥ ପୃଥକ୍ ।'' ଶୁଣିନେଇ ସେ ଯେପରି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କହିଲେ, ''ମୋ'ର ଧାରଣା ଥିଲା ଯେ ତୁମେ ମଧ୍ୟ ଜଣେ ତାନ୍ତ୍ରିକ, ଆଉ ଦୀକ୍ଷିତ ତାନ୍ତ୍ରିକ ।''

ଏହାପରେ ଘରର କବାଟ ବନ୍ଦ୍ ହୋଇଗଲା । ଯେଉଁଠାରେ ମୁଁ ଥାଏ, ସେହି ନାଟମନ୍ଦିର ନିକଟସ୍ଥ ପଶ୍ଚିମ ପାଖରୁ ଅଳ୍ପ ଟିକିଏ ତଳକୁ ଗଲେ ଟିଣ-ଛପରର ବଡ଼ ଘରଟିଏ ଦେଖାଯାଏ । ଚାରିଆଡ଼େ ବାରଣ୍ଡା । ଏହି ଆଶ୍ରମ କଥା ମୁଁ ପରେ ଶୁଣିଥିଲି—ସେହି ଘରଟି ଭୁବନେଶ୍ୱରୀ ଯାତ୍ରୀମାନଙ୍କ ଲାଗି ନିର୍ମିତ ହୋଇଥିଲା । ଏବେ ଦେଖୁଛି, ବଡୁୟା ମହାଶୟ ସପରିବାର ଏହି ଆଶ୍ରମଟିକୁ ଦଖଲ କରିଛନ୍ତି । ବିପନ ପଣ୍ଡାଙ୍କୁ ହାତକରି ଏହା ସମ୍ଭବ ହୋଇପାରିଛି । ଅବଶ୍ୟ ଏହି ସମୟରେ ସେପରି ଯାତ୍ରୀଙ୍କର ଆଗମନ ନାହିଁ, ସେଥିଲାଗି ଏଠାରେ ବସବାସ ହିଁ ନାହିଁ । ରାତ୍ରି ସମୟରେ କେହି ରହନ୍ତି ନାହିଁ, କେହି କିଛି ଖବର

ରଖନ୍ତି ନାହିଁ । ଏଣୁ ସାଧାରଣତଃ କେହି କିଛି ଆପତ୍ତି କରନ୍ତି ନାହିଁ । ସାଧାରଣତଃ ଯାତ୍ରୀମାନେ ଏହି କାମାକ୍ଷାଦେବୀଙ୍କୁ ଦର୍ଶନ କରିସାରି ତଳକୁ ଚାଲିଯାଇଥାନ୍ତି—କେହି ଏତେ ଉପରକୁ ଉଠିବାକୁ ଚାହାନ୍ତି ନାହିଁ, ରାତ୍ରିଯାପନ ତ ଦୂରର କଥା ।

କ୍ରମେକ୍ରମେ ବଡୁୟା ମହାଶୟଙ୍କ ସହ ଟିକିଏ ଘନିଷ୍ଠତା ହୋଇସାରିଥିଲା, ତାହା କେବଳ ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ଆକର୍ଷଣ ଯୋଗୁ ଘଟିଥିଲା, ଯାହାକୁ ମୁଁ ଦୂରେଇ ପାରି ନ ଥିଲି । ଦିନରେ ପଣ୍ଡାଙ୍କର ଘରେ ଖାଉଥିଲି । ରାତିରେ ଉପବାସ କଥା ଜାଣିପାରି ସେ ମଝିରେମଝିରେ ଅନୁରୋଧ କରି କେଉଁଦିନ କିଛି ହାଲୁଆ, କେଉଁଦିନ ଫଳମୂଳ ଖୁଆଉଥିଲେ ଏବଂ କହୁଥିଲେ, ରାତିରେ ନିରନ୍ନ ଉପବାସ ତୁମ ପରି ଯୁବକଙ୍କ ପକ୍ଷେ ମାରାତ୍ମକ ।

ବଡୁୟା ମହାଶୟଙ୍କର ଶରୀର ଦେଖି ମନେହୁଏ, ତାଙ୍କର କୌଣସି ବ୍ୟାଧି ଅଛି । ଅବଶ୍ୟ ଠିକ୍ ଭାବେ କହିବା କଠିନ, କିନ୍ତୁ ମନେ ହେଉଥିଲା, ତାଙ୍କର ଶ୍ୱାସ ଅଛି; ତା'ର ଲକ୍ଷଣ, ସମୟସମୟରେ କାଶ ସହ ସାଇଁସାଇଁ ଶବ୍ଦରୁ ଜାଣିପାରୁଥାଏ ।

ଏହିପରି କିଛିଦିନ କଟିଗଲା । ପ୍ରତ୍ୟହ ଦିଗୁ ଠାକୁରଠାରୁ ଖବର ନେଉଥାଏ ଯେ ଭୈରବ ଉମାପତି ବଶିଷ୍ଠାଶ୍ରମରୁ ଫେରି ନାହାନ୍ତି । ଏ ଭିତରେ ଯାଇ କୌଳବାବାଙ୍କ ଆଶ୍ରମଟିକୁ ଦେଖିଆସିଛି । ଏହା ବେଶୀ ଦୂର ନୁହେଁ, ଭୁବନେଶ୍ୱରୀ ମନ୍ଦିର ନିକଟରେ—ଉପରୁ ତଳକୁ ଆସିବା ସମୟରେ ପ୍ରାୟ ମଝିରାସ୍ତାରେ ତେବେ, ଅଳ୍ପ ବୁଲିଯାଇ ପଛଆଡ଼କୁ ଯିବାକୁ ପଡ଼େ । ତାଙ୍କ ଆଶ୍ରମଠାରୁ ବ୍ରହ୍ମପୁତ୍ର ଓ ଗୁଆହାଟିର ଦୃଶ୍ୟ ଖୁବ୍ ସୁନ୍ଦର ଦେଖାଯାଏ । ବୋଧହୁଏ ମୁଁ ଏଠାକୁ ଆସିବାର ଦୁଇସପ୍ତାହ ପରେ ତାଙ୍କର ସାକ୍ଷାତ ମିଳିଥିଲା ।

ଏ ମଧ୍ୟରେ ଆଉ ଏକ ନାଟକୀୟ ବ୍ୟାପାର ଘଟିଗଲା ।

ଏଇ କେତେଦିନ ଧରି ଦେଖୁଛି, ବଡୁୟା ମହାଶୟଙ୍କର ଜ୍ୱାଇଁ ପ୍ରଭୃତିଙ୍କ ନିକଟସମ୍ପର୍କୀୟ କେହିକେହି ତାଙ୍କ ନିକଟକୁ ଯିବାଆସିବା କରୁଛନ୍ତି । ସେମାନେ ପ୍ରତଦିନ ସକାଳେ-ସନ୍ଧ୍ୟାରେ ଆଖପାଖର କୌଣସି ସ୍ଥାନକୁ ବୁଲିବା ଲାଗି ବାହାରି ଯାଉଥିଲେ, ତାହା ମଧ୍ୟ ଦେଖୁଥିଲି । ସାଙ୍ଗରେ ନାତୁଣୀଟି ମଧ୍ୟ ଭଣଜା ସହିତ ରହୁଥିଲା । ଭଣଜା ଜନକଲାଲ ତାଙ୍କର ଆଶ୍ରିତ ଓ ଅନୁଗତ । ତାକୁ ଭରସା କରି ବଡୁୟା ମହାଶୟ କାମାକ୍ଷାରେ ବାସ କରିପାରୁଛନ୍ତି, ଏ କଥା ମଝିରେମଝିରେ ସେ କହିଥାନ୍ତି । ହାଟ-ବଜାରରୁ ଯାହା କିଛି ପ୍ରୟୋଜନୀୟ ପଦାର୍ଥ, ଜନକଲାଲ ସଂଗ୍ରହ ହିଁ କରିଥାଏ ଏବଂ ବାହାରକୁ ଗଲେ ସାଙ୍ଗରେ ରହିଥାଏ । ତା'ର ଲେଖାପଢ଼ା ବେଶୀ କିଛି ହୋଇପାରି ନାହିଁ । ଭବିଷ୍ୟତ ଲାଗି ମାମୁ ହିଁ ତା'ର ନିର୍ଭର ।

ସେ ଦିନସାରା ପ୍ରାୟ ବର୍ଷା ଲାଗିରହିଥାଏ । ମଝିରେମଝିରେ ଟିକିଏ ବନ୍ଦ୍ ହେଲେ ବି ପ୍ରାୟ ଦିନସାରା ଲାଗି ରହିଥିଲା । ଆଜି ମୁଁ ଉପରବେଳା ମଧ୍ୟ ବାହାରି ପାରି ନାହିଁ,

ନିଜ ଆସନରେ ହିଁ ରହିଛି—ସମସ୍ତ ଅଞ୍ଚଳ ପାଣିରେ ଓଦା—ମୋ' ଶଯ୍ୟା ତଳେ ଚଟେଇଟିଏ, ତା' ଉପରେ କମ୍ବଳ, ତାହା ଯେପରି ଭିଜିଯାଇଛି । ବଡୁୟା ମହାଶୟ ସନ୍ଧ୍ୟାପରେ ନିୟମାନୁସାରେ, ଯେପରି ଅମାବାସ୍ୟା ରାତିରେ ଚକ୍ର କରି ଉପାସନା କରିଥାନ୍ତି, ସେହିପରି ଅନୁଷ୍ଠାନ କରିବାକୁ ଯାଉଥିବାର ଦେଖିଲି । ଶନିବାର, ମଙ୍ଗଳବାର ଓ ଅମାବାସ୍ୟାର ରାତ୍ରିମାନଙ୍କରେ ପାରିବାରିକ ଚକ୍ରରେ ଉପାସନା କରନ୍ତି, ନ ହେଲେ ଅନ୍ୟଦିନ ସନ୍ଧ୍ୟା ପରେ ନିଜ ଗୃହରେ ହିଁ ସପରିବାର ସାଧନ-କର୍ମ କରିଥାଆନ୍ତି । ସସ୍ତ୍ରୀକ ଧର୍ମମାଚରେତ୍—ଏହା ଥିଲା ତାଙ୍କର ମୂଳ କଥା ।

ମୋ'ର ବନ୍ଧୁ ଧୀରନାଥ କେଉଁଠାରୁ ଗୋଟିଏ କିରାସିନି ଲ୍ୟାମ୍ପ ଯୋଗାଡ଼ କରିଥିଲେ । ତଳଆଡୁ କୌଣସି ଗୃହସ୍ଥ ନିକଟରୁ କିଛିଟା ତେଲ ମଧ୍ୟ ସଂଗ୍ରହ କରି ସେ ପ୍ରତ୍ୟହ ଶୟନ କରିବାର ପୂର୍ବକ୍ଷଣ ପର୍ଯ୍ୟନ୍ତ ତାହା ଜଳାଇରଖିଥାନ୍ତି । ତଦ୍ୱାରା ମୋ'ର ମଧ୍ୟ କାମ ହୋଇଯାଏ । ସେଥିଲାଗି ତାଙ୍କ ନିକଟରେ ମୁଁ କୃତଜ୍ଞ ଥିଲି । ମୋ' ପାଖରେ ପେନ୍‌ସିଲ୍ ଓ ଖାତା ବରାବର ହିଁ ଥାଏ; ଦିନରେ ଆଙ୍କେ ଓ ରାତିରେ ଲେଖେ, ସେହି ଆଲୋକର ସାହାଯ୍ୟ ନେଇ । କର୍ତ୍ତାଙ୍କ ବନ୍ଦୋବସ୍ତ ଦ୍ୱାରା ନାଟମନ୍ଦିରରେ ଗୋଟିଏ ଆଲୁଅ ରହିଛି; କିନ୍ତୁ ତାହା ଗୋଟିଏ ଲଣ୍ଠନ ମାତ୍ର । ସନ୍ଧ୍ୟା ଆରତି ପରେ ଦିଗୁଠାକୁରଙ୍କ ଅନ୍ତର୍ଦ୍ଧାନ ସଙ୍ଗେ ସଙ୍ଗେ ଆଲୁଅ ଚାଲିଯାଏ । ତାହା ତାଙ୍କ ଘରର ଆଲୁଅ ହୋଇଯାଇଛି ।

ଛାପ୍ରା ଜିଲ୍ଲାର ସାଧୁ ବନ୍ଧୁ ଜଣକ ବଡ଼ ସଙ୍ଗୀତପ୍ରିୟ । ଯେ ପର୍ଯ୍ୟନ୍ତ ସେ ଗାଢ଼ ନିଦରେ ଅଭିଭୂତ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ସଙ୍ଗୀତ ଚାଲିଥାଏ । ଗୋଟିଏ ଗୋଟିଏ ଗୀତ ତାଙ୍କର ଖୁବ୍ ଭଲ, ମୈଥିଳୀ ଭଜନ—ଖୁବ୍ ମଧୁର । ସେହି ରାତିରେ ବର୍ଷା କମିଯାଇଥିଲା । ସେଥିଲାଗି ସକାଳୁସକାଳୁ ତାଙ୍କ ଭଜନ ଶୁଣୁଶୁଣୁ ଶୋଇପଡ଼ିଥିଲି । ନିଶ୍ଚିନ୍ତ ମନରେ ଗାଢ଼ ନିଦ୍ରାରେ ଯେତେବେଳେ ସୁପ୍ତ, ଗଭୀର ରାତ୍ରିରେ ନାଟ-ମନ୍ଦିର ଦରଜାରେ ଧକ୍କା—ଟିଣ-ଦରଜାରେ ଧକ୍କା, ସୁତରାଂ ଶବ୍ଦଟା ବଡ଼ ଶ୍ରୁତିମଧୁର ନୁହେଁ । ନିଦ ଭାଙ୍ଗିଗଲା—ତା' ସଙ୍ଗେ ଛାତିଟା ଧଡ୍‌ପଡ୍ ହେବାରେ ଲାଗିଲା— ଏକ ଦୁଃସ୍ୱପ୍ନ ପରି । ସଙ୍ଗେ ସଙ୍ଗେ ଧୀରନାଥଜୀ ଉଠିପଡ଼ି ଦରଜା ଖୋଲିଦେଇଛନ୍ତି—ସମ୍ମୁଖରେ ଗୋଟିଏ ହାରିକେନ୍ ଲଣ୍ଠନ ଧରି ବଡୁୟା ମହାଶୟଙ୍କ ନାତୁଣୀ, ତା' ପଛରେ ଛତା ଧରି ଜନକଲାଲ୍ । ଭିତରକୁ ଆସି ସେ କହିଲା—ଟିକିଏ ଆସନ୍ତୁ, ମାମୁଙ୍କର ଅବସ୍ଥା ଭଲ ନାହିଁ, ସିଏ ଆପଣଙ୍କୁ ଡାକୁଛନ୍ତି । ଶୁଣି ନେଇ ଉଠୁଉଠୁ କହିଲି—ତଳେ କେହି ଡାକ୍ତର ନାହାନ୍ତି କି ? ସେ କହିଲା, ଏବେ ଆପଣଙ୍କୁ ହିଁ ଡାକୁଛନ୍ତି, ଆପଣ ଟିକିଏ ସାଙ୍ଗେ ସାଙ୍ଗେ ଆସନ୍ତୁ । ମୁଁ ବିସ୍ମୟ ଉଦ୍‌ବେଗ ଓ ଆକସ୍ମିକ ଭୟରେ ନିର୍ବାକ୍ ହୋଇ ଦ୍ରୁତଗତିରେ ସେମାନଙ୍କ ସଙ୍ଗେ ଚାଲିଲି । ଝିଅଟି ଆଗରେ ଆଲୁଅ ନେଇ ଚାଲିଛି ।

ଚାରି ପାଞ୍ଚୋଟି ତକିଆ ଉପରକୁ ଉପରକୁ ଗଦେଇ ତା' ଉପରେ ମୁହଁ ଗୁଞ୍ଜି ଧଇଁ ଚାଲିଛି—ବୃଦ୍ଧା ପଙ୍ଖାଧରି ପଙ୍ଖା କରୁଛନ୍ତି ଏବଂ ବୋଧହୁଏ କାନ୍ଦୁଛନ୍ତି । ଆଗରେ ଜନକଲାଲ ।

''କାହିଁ, ସେହି କଲିକତାର ପିଲାଟି କାହାନ୍ତି ?''

''ଏହି ଯେ ଆସିଛନ୍ତି ।'' କହିଦେଇ ମୋତେ ଦେଖାଇଦେଲେ । ମୁଁ ଯିବା ସଙ୍ଗେସଙ୍ଗେ ବଡୁୟା ମହାଶୟ ଧୀରେଧୀରେ ମୁଣ୍ଡ ଉଠାଇ ହାତରେ ଇସାରା କରି ମୋତେ ତାଙ୍କ ପାଖକୁ ଆସିବାକୁ କହିଲେ । ତାଙ୍କ ନିକଟକୁ ଗଲି । ଶ୍ୱାସକଷ୍ଟ ସତ୍ତ୍ୱେ ଭଙ୍ଗା ଆଓ୍ୱାଜରେ ସେ କହିଲେ, ''ଏଠି କାଗଜ, କଲମ, ଦୁଆତ ସବୁ ଅଛି । ନିଅ ବାବା, ଯାହା କହୁଛି, ଲେଖିବା ଆରମ୍ଭ କର । ଟିକିଏ ଶୀଘ୍ର କରିବାକୁ ହେବ, ମୋ'ର ସମୟ ବୋଧହୁଏ ଆଉ ବେଶୀ ନାହିଁ ।'' ଟିକିଏ ଅଟକି ଯାଇ ପୁଣି କହିଲେ, ''ମୁଁ ମୋ' ଭାଷାରେ ଯାହା କହୁଛି, ତାକୁ ତୁମେ ଇଂରାଜୀରେ ଲେଖିବ ।'' ସେ ଚୁପ୍ ରହିଲେ । ମୁଁ କିଛି ନ କହି ତାଙ୍କ କଥାକୁ ଲେଖିବାକୁ ପ୍ରସ୍ତୁତ ହେଲି । ବିସ୍ମୟ ଓ ଯୁଗପତ ଭୟ ମୋତେ ସ୍ତମ୍ଭିତ କରିଦେଇଥିଲା ।

ବ୍ୟାପାରଟି ଯାହା ଶୁଣିଲି ଓ ଲେଖିଲି, ତାହା ଏଇ—ସେ ସଜ୍ଞାନରେ ଏହି ଉଇଲ୍ କରୁଛନ୍ତି, ଶିବ-ସାଗର-ନିବାସୀ ଭୈରବଚନ୍ଦ୍ର ବଡୁୟା, ବୟସ ଚୌଷଠି ବର୍ଷ—ତାହାଙ୍କର ସ୍ତ୍ରୀ ଓ ଦୁଇ କନ୍ୟା, କୌଣସି ପୁତ୍ର ନାହାନ୍ତି, ଗୋଟିଏ ଭାଇର ପୁଅ, ଜଣେ ଭଣଜା ଓ ଜଣେ ନାତୁଣୀ ସୁଧାମୁଖୀ ବ୍ୟତୀତ ଆଉ କେହି ନାହାନ୍ତି । ତାଙ୍କ ମୃତ୍ୟୁ ପରେ ଏମାନଙ୍କ ମଧ୍ୟରେ ତାଙ୍କର ସବୁ ସମ୍ପତ୍ତି ଭାଗ କରି ଦେବାର ଇଚ୍ଛା । ସମ୍ପତ୍ତିର ତାଲିକା ଏହିପରି—(୧) ଦିବ୍ରୁଗଡ଼ର ଦୁଇଟି ଚା' ବଗିଚା, (୨) ଶିବସାଗରରେ ପ୍ରକାଣ୍ଡ ବାସସ୍ଥାନ, (୩) ଦୁଇଟି ଫଳ ଓ ଶାଗ-ସବଜି ବଗିଚା, (୪) ଗୁଆହାଟିରେ ଦୁଇଟି ଘର—ସାରା ବର୍ଷ ଭଡ଼ା ଲାଗିଥାଏ, (୫) ନିଲଫାମାରୀରେ ଗୋଟିଏ ବଡ଼ ବଙ୍ଗଳା, ଯାହାକୁ ରୋଲାଣ୍ଡ ସେପାର ନାମଧେୟ ସାହେବଙ୍କୁ ଭଡ଼ା ଦିଆଯାଇଛି, ଆଉ (୬) ଇମ୍ପରିଆଲ୍ ବ୍ୟାଙ୍କରେ ଅଠର ହଜାର ଟଙ୍କା, ପାଞ୍ଚବର୍ଷ ଲାଗି ସ୍ଥାୟୀ ଜମାଭାବେ ରଖାଯାଇଛି ଓ (୭) ଆଉ ଅନ୍ଦାଜ ସାଢ଼େ ଛଅହଜାର ଚଳନ୍ତି ସମ୍ପତ୍ତି ଅମାନତରେ ରଖାଯାଇଛି । ଏହି ସମସ୍ତ ସମ୍ପତ୍ତି ତାଙ୍କର ନିଜସ୍ୱ ଉପାର୍ଜ୍ଜନ । କେବଳ ଶିବସାଗରର ଦୁଇଟି ଫଳବଗିଚା ଆଉ ଆବାସ ଘର ପୈତୃକ ସମ୍ପତ୍ତି ହିସାବରେ ପାଇଥିଲେ । ସମ୍ପତ୍ତି ସବୁ ତାଙ୍କର ଜୀବିତ ଆତ୍ମୀୟମାନଙ୍କ ମଧ୍ୟରେ ଭାଗ କରି ଦେବାକୁ ସେ ଚାହାନ୍ତି; ଯଥା ଦୁଇଜଣ ଝିଅ କିରଣମୟୀ ଓ ଚିନ୍ମୟୀଙ୍କୁ ଦିବ୍ରୁଗଡ଼ର ଦୁଇଟି ଚା' ବଗିଚାକୁ, ଭାଇପୁଅ ଅଜିତ ବଡୁୟାକୁ ଶିବସାଗରର ଆବାସ ଘର ଓ ତତ୍‌ସଂଲଗ୍ନ ବଗିଚା, ମିଲ୍‌ଫାମାରୀର ବଙ୍ଗଳାଟି ନାତୁଣୀ ସୁଧାକୁ ବିବାହରେ ଯୌତୁକ ସ୍ୱରୂପ ସକଳ ଅଧିକାର ସହ ଦାନକରୁଛନ୍ତି । ଗୁଆହାଟିର ଖଣ୍ଡିଏ ଘର ଆଉ ଚଳନ୍ତି ଅମାନତର ସବୁ ଟଙ୍କା ଭଣଜା ଜନକଲାଲକୁ ଦେଉଛନ୍ତି । ବାକି ସମସ୍ତ କିଛି ସ୍ତ୍ରୀ ଶ୍ରୀମତୀ ହେମଲତାଙ୍କୁ ଦାନ-ବିକ୍ରୟର ଅଧିକାର ଅର୍ଥାତ୍ ସକଳ ଅଧିକାରୀ ସମେତ ଦେବେ । ବାକି ବଡ଼କ୍ୱାଇଁ ଶ୍ରୀଯୁକ୍ତ—ସେ ଏକ୍‌ଜିକ୍ୟୁଟର୍ ବା ସମ୍ପତ୍ତିର ତତ୍ତ୍ୱାବଧାରକ ଇତ୍ୟାଦି ଇତ୍ୟାଦି । ଧୀରେ ଧୀରେ ଏଇ ପର୍ଯ୍ୟନ୍ତ କହିଦେଇ ସେ ଯେପରି କିଛି ସୁସ୍ଥ ଜଣାପଡ଼ିଲେ । ତା'ପରେ ମୋ' ଆଡ଼କୁ ଅନେଇ କିଛି ସମୟ ଚାହିଁ ରହିଲେ, ଯେପରି କ'ଣ କହିବେ । ଏହିପରି

କିଛି ସମୟ ଅତିବାହିତ ହେଲାପରେ, ମୁଁ ପଚାରିଲି–''କ'ଣ, ଆଉ କିଛି କହିବେ ?'' ଧୀରେ ଧୀରେ କହିଲେ, ''ହଁ, କହିବି ବାବା, ତୁମକୁ କହିବି । କିନ୍ତୁ ତୁମେ କ'ଣ ମୋ' କଥା ରଖିବ ?'' ମୋତେ ଏହା ଚିନ୍ତାରେ ପକାଇଦେଲା–ଏହା କେଉଁ ଫିସାଦ ! ସେ ନିରସ୍ତ୍ର ହେଲେ ନାହିଁ, କହି ଚାଲିଲେ,–''ତୁମ ପରି ମୋ'ର ଗୋଟିଏ ପୁଅ ଥିଲା, ବାଇଶ ବର୍ଷ ବୟସରେ ସେ ମୋତେ ପାଗଳ କରି ଚାଲିଗଲା, ସେଥିଲାଗି...'' କହି ଚୁପ୍ ହୋଇଗଲେ । ତା'ପରେ ପୁଣି 'ଆରମ୍ଭ କଲେ, ''ତୁମକୁ ଦେଖି ମୋ'ର ଖୁବ୍ ମମତା ହୋଇଛି । ମୋ'ର ସେହି ମମତାର ଦାବିରେ ମୁଁ ତୁମଠାରୁ ଏକ ସ୍ୱୀକୃତି ଚାହୁଁଛି, କୁହ ବାବା, ରଖିବ ମୋ' କଥା ?''

ମୁଁ କହିବି କ'ଣ, ଶୁଣିନେଇ ମୋ'ର ଛାତିର ଦୁକ୍‌ଦୁକି ଯେପରି ବନ୍ଦ୍ ହେବାକୁ ଉପକ୍ରମ କଲା । ଏ କି ଭୟଙ୍କର ଚିନ୍ତା ! ବିଦାୟ ବେଳରେ ବୃଦ୍ଧବ୍ୟକ୍ତି ଜଣକ ମୋତେ ନେଇ କରିବେ କ'ଣ ? ମୋତେ ନିରୁତ୍ତର ଦେଖି ସେ ଶେଷରେ କହିଲେ, ''ଖଣ୍ଡେ ଛୋଟ ଘର ମୋ'ର ଗୁଆହାଟିରେ ଅଛି–ତା' ସହିତ ପ୍ରାୟ ଦଶବିଘା ଜମି ମୁଁ ତୁମକୁ ଦେବାକୁ ଚାହୁଁଛି, ତୁମେ ତାକୁ ଗ୍ରହଣ କର; ତା'ହେଲେ ମୁଁ ଶାନ୍ତିରେ ନିଶ୍ୱାସ ନେବି । କୁହ ବାବା...'' –କହୁ କହୁ କ୍ଳାନ୍ତ ହୋଇପଡ଼ି ତକିଆରେ ମୁଣ୍ଡ ରଖିଲେ ଏବଂ କିଛି ସମୟ ଚୁପ୍ ହୋଇ ରହିଲେ । ଏହି ସମୟରେ ତାଙ୍କର ଜ୍ୱାଇଁ ଗୁଆହାଟିଠାରୁ ଡାକ୍ତରଙ୍କୁ ଆଣି ସେଠାରେ ପହଞ୍ଚିଗଲେ ।

ମୋତେ ଏହିଭାବରେ ସାମ୍ନାରେ କାଳି କଲମ, ଲେଖା କାଗଜ ସହ ଦେଖି ଜ୍ୱାଇଁ ହୁଏତ ବ୍ୟାପାର କ'ଣ ଅନୁମାନ କରିନେଲେ । ସେତେବେଳେ ମୁଁ କହିଲି, ''ତା' ହେଲେ ଆସୁଛି ।'' ଜ୍ୱାଇଁ ମୋ ମୁହଁରୁ କଥା ଛଡ଼ାଇ ନେଇ କହିଲେ, ''ହଁ ହଁ, ଆପଣ ଯାଆନ୍ତୁ, ଆମେ ସବୁ ଅଛୁ–ଦେଖିବୁ । ଆମେ ରହିଲେ ତାଙ୍କର ଆଦୌ କିଛି କଷ୍ଟ ହେବ ନାହିଁ, ଯାଆନ୍ତୁ ଆପଣ ।''

ମୁଁ ଉଠିଯାଇ ଯେତେବେଳେ ଦ୍ୱାରଯାଏ ଯାଇଛି, ଦେଖିଲି ବାହାରେ ଅନ୍ଧକାର । ଭିତରେ ଜ୍ୱାଇଁ ଆସି ସବୁ କିଛି କାମ ହାତକୁ ନେଇଛନ୍ତି–ସେ କହିବାର ଶୁଣିଲି, ''ଆମ୍ରା ଥାକିତେ ଅପର କେଉ ଐସ୍ୟା କାଜ ବାଗାୟା ଲବେନ, ଏ ଅଥୟମ୍ଭବ ।''

ଭୋର୍ ହୋଇଯାଇଛି, ମୁଁ ଅନ୍ଧକାର ଥିବା ନାଟମନ୍ଦିରରେ ପହଞ୍ଚିଲି । ପରଦିନ ଶୁଣିଲି, ବାବା ଆଦି ସମସ୍ତଙ୍କୁ ନେଇ ଜ୍ୱାଇଁ ଗୁଆହାଟି ଚାଲିଯାଇଛନ୍ତି । ଶ୍ୱଶୁରଙ୍କୁ କାମାକ୍ଷାରେ ଏପରି ଅବସ୍ଥାରେ ରହିବାକୁ ଦେବେ ନାହିଁ । ମୁଁ ମଧ୍ୟ ନିବୃତ୍ତି ପାଇଗଲି । ଏହାର ଦୁଇ ତିନିଦିନ ପରେ କୌଳବାବା ଉମାପତି ବଶିଷ୍ଠାଶ୍ରମଠାରୁ ଆସି ଏଠାରେ ପହଞ୍ଚିଗଲେ । କିନ୍ତୁ ତାଙ୍କ ଦର୍ଶନ ମିଳିବାରେ ମୋ'ର କିଛି ବିଳମ୍ବ ହୋଇଗଲା ।

■■

ତ୍ରୟୋଦଶ ପରିଚ୍ଛେଦ

ବଡୁୟା ମହାଶୟଙ୍କର ଅବସ୍ଥା କ'ଣ ହେଲା, ଶେଷ ପର୍ଯ୍ୟନ୍ତ ସେକଥା ଜାଣିପାରିଲି ନାହିଁ । ସେଥିଲାଗି ମୋ'ର କୌଣସି ଆକ୍ଷେପ ନଥିଲା । କେବଳ ଜାଣିବା ଲାଗି ଏକ କୌତୂହଳ ଥିଲା ଯାହା ।

ସାଧାରଣତଃ ସନ୍ଧ୍ୟାପରେ ନାଟମନ୍ଦିରରେ ପ୍ରବେଶ କରି ନିଜ ଆସନରେ ହିଁ ରହିଯାଏ । ଦିଗୁ ଠାକୁର ମନ୍ଦିରର ପୂଜାପାଠ, ଆରତି ଶେଷ କରି ଚାଲି ନ ଯିବାଯାଏ ଶାନ୍ତିରେ କିଛି କରିବା ସମ୍ଭବ ହୁଏ ନାହିଁ । ତେଣୁ ପ୍ରଥମ ରାତ୍ରିଟି ବିହାରୀ ବନ୍ଧୁଙ୍କ ସଙ୍ଗେ ନାନା ଭାବରେ କଟାଇଦେଇଥିଲି । ଯେଉଁ ରାତିରେ ବାହାରୁ କୌଣସି ସାଧକ, ଅର୍ଥାତ୍ କାମାକ୍ଷାରୁ ତନ୍ତ୍ର-ମନ୍ତ୍ରର କୌଣସି ଚକ୍ର ଅନୁଷ୍ଠାନ ଅଥବା ଅନ୍ୟବିଧି କ୍ରିୟାକର୍ମର ବ୍ୟାପାର କରିବାକୁ କେହି ଆସିଥାନ୍ତି, ସେହି ରାତିଟି ଆମର ବଡ଼ ଅଶାନ୍ତିରେ କଟାଇବାକୁ ପଡ଼େ । ଯେପର୍ଯ୍ୟନ୍ତ ସେମାନେ ବିଦା ନ ହୁଅନ୍ତି, ସେପର୍ଯ୍ୟନ୍ତ ଶାନ୍ତି ବ୍ୟାହତ ହୋଇଥାଏ ।

ଆଜି ଏକ ବିଚିତ୍ର ବ୍ୟାପାର ଘଟିଲା । ପ୍ରାତଃକାଳରେ ଯେତେବେଳେ ଦିଗୁ ଠାକୁରଙ୍କ ସହ ମୋ'ର ସାକ୍ଷାତ ହେଲା, ଖବର ପାଇଲି ବଶିଷ୍ଠାଶ୍ରମଠାରୁ କୌଳବାବା ଫେରିଛନ୍ତି । ତାଙ୍କ ସହ ଆଉ ଜଣେ ନୂଆ ଭୈରବ ଆସିଛନ୍ତି । ଯେଉଁ ବ୍ୟକ୍ତି ଆସିଛନ୍ତି, ସିଏ କିନ୍ତୁ ତାଙ୍କ ଆଶ୍ରମରେ ରହନ୍ତି ନାହିଁ । କାମାକ୍ଷା ମନ୍ଦିରପାଖରେ ଯେଉଁ ଅତିଥିଶାଳା ଅଛି, ସେ ତାକୁ ସେଠାରେ ରଖାଇଛନ୍ତି । ମୁଁ ପଚାରିଲି, ''ସାଙ୍ଗରେ ଆସିଛନ୍ତି, ହେଲେ ଆଶ୍ରମକୁ ଆଣିନାହାନ୍ତି କାହିଁକି ?'' ସେ ସେଠୁ କହିଲେ, ''ବାବା ଆଶ୍ରମରେ ଯାହାକୁତାହାକୁ ରହିବାକୁ ଦିଅନ୍ତି ନାହିଁ । କାରଣ, ବାବାଙ୍କ ସଙ୍ଗେ ଜଣେ ଭୈରବୀ ମା' ଅଛନ୍ତିନା, ସେଥିଲାଗି କେହି ନୂଆ ଲୋକ ଆସିଲେ, ଏଠାରେ ରହିପାରେ ନାହିଁ ।'' ମୁଁ ଆଜି ହିଁ ତାଙ୍କ ସହ ସାକ୍ଷାତ କରିବାକୁ ଯିବା କଥା ଶୁଣି ସେ କହିଲେ, ''ଆପଣ ମଧ ଯିବେ, କିନ୍ତୁ ଆଜି ଟିକିଏ ଗହଳି ଅଛିକିନା ?''

ଆଜି ସାରାଦିନ କାମାକ୍ଷା ମନ୍ଦିରର ଆଖପାଖରେ କଟାଇଦେଲି, କାଳେ ଉମାପତିଙ୍କ ସହ ଯୋଗାଯୋଗ ହୋଇପାରେ । କିନ୍ତୁ ତାହା ହୋଇପାରିଲା ନାହିଁ । ଆମ ଦୁହିଁଙ୍କର ଅର୍ଥାତ୍ ଧୀରନାଥର ଓ ମୋ'ର ସାକ୍ଷାତ ସନ୍ଧ୍ୟା ପରେ ହୁଏ । କାରଣ ଏହି ସମୟରେ ହିଁ ଆମେ ଦୁହେଁ ନିଜନିଜର ଆସନରେ ବସି ନିତ୍ୟକର୍ମର ସାଧନା କରିଥାଉ । ମୋ'

ଆସନଠାରୁ ଗର୍ଭ-ଗୃହର ଯନ୍ତ୍ର, ଯେଉଁଠାରେ ବହୁ ପ୍ରାଚୀନ କାଳରୁ ସ୍ଥାପିତ ସିନ୍ଦୂର-ରଞ୍ଜିତ ପାଷାଣ-ପ୍ରତୀକ, ସେହି ଭୁବନେଶ୍ୱରୀ ପ୍ରତିମାର ଊର୍ଦ୍ଧ୍ୱାଂଶ ଦେଖାଯାଇଥାଏ । ଯେଉଁମାନେ ଏଠାକୁ ପୂଜା କରିବାକୁ ଆସନ୍ତି, ବସନ୍ତି, ସେମାନଙ୍କର କିଛି ଅଂଶ ମଧ ଦେଖାଯାଏ ।

ସେହିଠାରେ ସନ୍ଧ୍ୟା ପରେ ମୁଁ ନିଜ ସ୍ଥାନଟିର ଆସନରେ ବସି ଭିତର ଆଡ଼କୁ ଚାହିଁ ଦେଖୁଥିଲି । ପ୍ରଥମରୁ ଯେପରି ଅନ୍ଧକାର ଦ୍ୱାରା ଢଙ୍କା କୌଣସି ଏକ ରକ୍ତବର୍ଣ୍ଣ ପଦାର୍ଥ ଆଖିରେ ପଡ଼ିଲା—ତା'ର ଆକୃତି ପୁଣି ସୁନିର୍ଦ୍ଦିଷ୍ଟ ନୁହେଁ, ଯେପରି ଏକ କ୍ଷୁଦ୍ର ସ୍ତୂପ । ଦେଖୁ ଦେଖୁ କ୍ରମେ ଚକ୍ଷୁ କିଛିଟା ଅଭ୍ୟସ୍ତ ହୋଇ ଆସିଲା ପରେ ଦେଖିପାରିଲି, ଏକ ପ୍ରସ୍ତର ମୂର୍ତ୍ତି, ଯାହାର ସର୍ବାଙ୍ଗରେ ସିନ୍ଦୂରପ୍ରଲେପ । ପୂର୍ବେ ଏପରି ନଥିଲା । ପୂର୍ବର ସିନ୍ଦୂରପ୍ରଲେପ ଆଜି ମଧ ପଡ଼ିଛି । ସମ୍ମୁଖର ପୂଜା ଆସନରେ ସେତେବେଳେ କାହାକୁ ହିଁ ଦେଖାଯାଉ ନଥିଲା—କିନ୍ତୁ ସେହି ସିନ୍ଦୂର ରଞ୍ଜିତ ମୂର୍ତ୍ତିର ବାମପାର୍ଶ୍ୱରେ ଦୀର୍ଘ ଶରୀର ଜଟାଜୁଟସମାଯୁକ୍ତ ଏକ ମୂର୍ତ୍ତି ଆସନରେ ବସି ନିଃଶବ୍ଦରେ କିଛି କରୁଥିଲେ । ଏହି ରୂପଟି ମୋତେ ପ୍ରବଳ ଭାବରେ ଆକର୍ଷଣ କରିବାକୁ ଲାଗିଲା । ଅନ୍ୟ କେଉଁଆଡ଼େ ମୋ' ଦୃଷ୍ଟି ଫେରାଇପାରିଲି ନାହିଁ । ବିସ୍ମୟାବିଷ୍ଟ ଚିତ୍ତରେ ମନ୍ତ୍ରମୁଗ୍ଧବତ୍ ବସିଯାଇ ତାଙ୍କର କାର୍ଯ୍ୟକଳାପ ଦେଖିବାକୁ ଲାଗିଲି ।

ବୀରନାଥ ମଧ ମୋ' ସମ୍ମୁଖସ୍ଥ ଆସନରେ ଥିଲେ—ସେ ମୋ' ଆଡ଼କୁ ପଛ କରି ବସିଥିଲେ—ଦେବାଳ ଆଡ଼େ ଥିଲା ତାଙ୍କ ମୁହଁ । ସେ କହିଲେ, ''ଆଜ୍ ତ ମିଲ ଗହେଲ ହୋ ! ତୁମାରା ବୋ କୋଲ ବାବା ? (ଆଜି ତ ମିଳିଗଲେ ହୋ ! ତୁମର ସେହି କୌଳବାବା ?)'' କହିସାରି ମୋ' ଆଡ଼କୁ ଅନେଇ ଗର୍ଭଗୃହ ଦେଖାଇଦେଲେ । ଏଇ ଭିତରର ଜଟାଧାରୀ ହିଁ ତା'ହେଲେ କ'ଣ ଭୈରବ ଉମାପତି ? କି ଆଶ୍ଚର୍ଯ୍ୟ, ଆଜି ସାରାଦିନ ତଳେ କଟାଇଦେଲି, ତାଙ୍କର ଦର୍ଶନ ଲାଗି—କେହି ତାଙ୍କର ପତ୍ତା ଦେଇପାରି ନଥିଲେ । ଆନନ୍ଦରେ ମୋ' ପ୍ରାଣ ଦୀପ୍ତ ହୋଇଉଠିଲା—ଆଜି ଏହିଠାରେ ନିଜ ଆସନରେ ବସି, ତାଙ୍କ ଦର୍ଶନ ପାଇଲି । ତେବେ, ଯେତେ ସମୟଧରି ଯେ କ୍ରିୟାକ୍ରମରେ ବ୍ୟସ୍ତ ଅଛନ୍ତି, ସେତେବେଳେ ସମ୍ମୁଖକୁ ଯାଇ ଉପସ୍ଥିତ ହେବା ଅନ୍ୟାୟ ହେବ । ସେହି କାରଣରୁ ବର୍ତ୍ତମାନ ଉଠିଲି ନାହିଁ । ଏହାପରେ ଯାହା ଘଟିଲା, ତାହା କହୁଛି ।

କ୍ରମେ ଏକସ୍ୱରରେ, ଏକତାନ ଏକସ୍ୱର ଓ ଛନ୍ଦରେ କିଛି ମନ୍ତ୍ର ଉଚ୍ଚାରଣର ଧ୍ୱନି । ମଧ୍ୟେ ମଧ୍ୟେ ତା'ର କିଛିଟା ପ୍ରଭେଦ ରହିଛି—ତାହା କାନରେ ପଡ଼ିଲା—କିଛି ସମୟ ଲାଗି ନିସ୍ତବ୍ଧତା । ପରେ ଅନୁରୂପ୍ ସ୍ୱରରେ ମନ୍ତ୍ର ଉଚ୍ଚାରଣ ଶୁଣୁଶୁଣୁ ମୋ' ଭିତରେ ଏକ ଗଭୀର ତନ୍ମୟତା ଆସିଲା, ଦେଶକାଳପାତ୍ର ସମସ୍ତ କିଛି ଯେପରି ଏକାକାର ହୋଇଗଲା, ଏକ ସମାହିତ ସୁଧାମୟଭାବ ମୋତେ ସେଥିରେ ଡୁବେଇଦେଲା ।

ବାହାରର କଠଉଶବ୍ଦରେ ବାଧାପାଇ ମୋ' ମନ ସେଆଡ଼କୁ ଫେରିଆସିଲା ଓ ମୁଁ ଦେଖିଲି, ଜଣେ ବ୍ୟକ୍ତି କଠଉପାଦରେ ସଶବ୍ଦରେ ଆସି ନାଟ ମନ୍ଦିରରେ ପ୍ରବେଶ କଲେ । ହାତରେ ତାଙ୍କର ଅନେକ କିଛି ଉପକରଣ—ପୁଷ୍ପ, ବିଲ୍ୱପତ୍ରାଦି କେବଳ ନୁହେଁ, ଗୋଟିଏ

କାଷ୍ଠ ଥାଳିରେ ଉପର୍ଯ୍ୟୁପରି ରଖାଯାଇଥିବା ନାନାପ୍ରକାର ଦ୍ରବ୍ୟ, ଯାହାକୁ ମୁଁ ଭଲଭାବେ ଦେଖି ବୁଝିପାରିଲି ନାହିଁ । ମୋ' ସମ୍ମୁଖ ଦେଇ ଚାଲିଯାଇ ସେ ମନ୍ଦିର ଭିତରେ ପ୍ରବେଶ କଲେ । ତା'ପରେ ଅତି ଧୀରେ-ନିଃଶବ୍ଦ ପଦଚାରଣ କରି ମୁହଁଟେକି ଆଉ ଜଣେ ମୂର୍ତ୍ତି ଆସି ଉପସ୍ଥିତ ହେଲେ । ତାଙ୍କ ହାତରେ ଗୋଟିଏ ହାରିକେନ୍ ଲଣ୍ଠନ । ସେତେବେଳେ ସନ୍ଧ୍ୟାଯାଇ ରାତ୍ରି । ସେହି ମୂର୍ତ୍ତି ହାତରେ ଆଲୁଅ ଧରି ମନ୍ଦିରରେ ପ୍ରବେଶ କଲେ । ସେ ବୋଧହୁଏ ନାରୀ-ଭୈରବୀ ହେବେ; ତାହା ହିଁ ମନେହେଉଥିଲା । କାରଣ ତାଙ୍କର ରକ୍ତବର୍ଣ୍ଣର ବସ୍ତ୍ର ନୁହେଁ, ଧଡ଼ିଥିବା ଲାଲ କସ୍ତା ସାଦା ଶାଢ଼ୀ, ଯୁବତୀ ବା ପ୍ରୌଢ଼ବୟସ୍କା ମଧ୍ୟ ହୋଇପାରନ୍ତି । କ'ଣ ହେବେ, ତାହା ସ୍ଥିର କରିପାରିଲି ନାହିଁ । ସାଧାରଣ ନାରୀଙ୍କ ତୁଳନାରେ ତାଙ୍କର ଶରୀର ଦୀର୍ଘ, କିନ୍ତୁ ସ୍ଥୂଳ ନୁହେଁ । ସହଜ, ଧୀର ପ୍ରତିମାତୁଲ୍ୟ ତାଙ୍କର ଗାମ୍ଭୀର୍ଯ୍ୟଭରା ରୂପ—କପାଳରେ ବଡ଼ ସିନ୍ଦୂର ଟୋପା, ଚକ୍ଷୁ ଦ୍ୱୟ ଉଜ୍ଜ୍ୱଳ, ନିମ୍ନଦୃଷ୍ଟି—ସେ ମନ୍ଦିର ଅଭ୍ୟନ୍ତରରେ ପ୍ରବେଶ କଲେ । ଏହାର ଅଳ୍ପ ସମୟ ପରେ ହିଁ ପୁଣି ଯିଏ ଆସିଲେ, ତାଙ୍କୁ ଦେଖି ବିସ୍ମୟର ସୀମା ରହିଲା ନାହିଁ । ଇଏ ହେଉଛନ୍ତି, ମୁଁ ଟ୍ରେନରେ ଦେଖିଥିବା ସେହି ଯୋଗୀ ଭୈରବ, କାମାକ୍ଷା ଆସିଲାବେଳେ ପାଣ୍ଡୁଠାରୁ ଆମେ ଏକାଗାଡ଼ିରେ ଆସୁଥିଲୁ । ଏବେ ଦେଖୁଛି, ସେ ଏଠାରେ ଉମାପତିଙ୍କ ନିକଟରେ ଆସି ଜୁଟିଛନ୍ତି । ମୋ'ର ପ୍ରବଳ କୌତୂହଳ ହେଲା—ମୋ ମନ ଭିତରେ ଏହି କଥାଟି ଆନ୍ଦୋଳିତ ହେବାକୁ ଲାଗିଲା ଯେ ଭିତରେ ଥିବା ଉମାପତି ଭୈରବଙ୍କ ସହ ଏହାଙ୍କର ସମ୍ବନ୍ଧ କ'ଣ ?

ଭିତରେ ଘନ ଧୂପଝୁଣାର ଧୂଆଁ ଉତ୍କଟ ଅବସ୍ଥା ସୃଷ୍ଟିକରିଛି । ବୁଝିଲି, ଏବେ ଭିତରେ ବୋଧହୁଏ ଚକ୍ରାନୁଷ୍ଠାନ ଚାଲିବ । ଆମ ସହ କୌଣସି ସମ୍ବନ୍ଧ ହିଁ ରହିବ ନାହିଁ । ଏହା ବ୍ୟତୀତ, ଏବେ ହିଁ ଦରଜା ବନ୍ଦ୍ ହୋଇଯିବ । ତେଣୁ ଆଜି କୌଣସିମତେ ଦେଖାହେବାର ସମ୍ଭାବନା ନାହିଁ—ସୁତରାଂ ନିଃଶବ୍ଦରେ ଆମେ ନିଜ ନିଜ କ୍ରିୟାରେ ମନୋନିବେଶ କଲୁ । ତା'ପରେ ଶଯ୍ୟାଗ୍ରହଣ ଓ ଏକ ଘୁମନ୍ତ ସୁଷୁପ୍ତିରେ ରାତ୍ରିଯାପନ ପରେ ସକାଳ ହେଲାପରେ ଉଠିପଡ଼ିଲି ।

ପ୍ରାତଃକୃତ୍ୟ ପରେ ଆଜି ମୁହୂର୍ତ୍ତଟିଏ ବିଳମ୍ବ ନ କରି ଉମାପତିଙ୍କ ଆଶ୍ରମ ଆଡ଼େ ଚାଲିଲି । ଆଗରୁ ଆଶ୍ରମ ଦେଖିନେଇଥିଲି; ମୁଁ ଆଜି ଆଉ ନିରାଶ ହେଲି ନାହିଁ । ଦେଖିଲି ଏକ ଭୈରବ ଯୁବକ ଆଶ୍ରମଦୁଆରେ ବିଛଣା ପକାଉଥିଲା । ମନେହେଲା, ସେହିଠାରେ ହିଁ ଦେଖାହେବ—ଏହା ଭାବି ନିକଟରେ ଠିଆହୋଇ ରହିଲି । ସେ ମୋତେ କୌଣସି କଥା କହିଲେ ନାହିଁ ଦେଖି ପଚାରିଲି, ''ଉମାପତି ବାବା କ'ଣ ଏବେ ବାହାରକୁ ଆସିବେ ?''

''ହଁ, ଏବେ ଆସିବେ,'' କହି ଭିତରକୁ ଚାଲିଗଲେ ଏବଂ ଗୋଟିଏ ତୋଶକ ଓ ବ୍ୟାଘ୍ରଚର୍ମ ଆଣି ସଯତ୍ନରେ ପାରିଦେଲେ, ତା'ପରେ ଏକ ରକ୍ତବର୍ଣ୍ଣ ବସ୍ତ୍ରର ତକିଆ ରଖାଗଲା । ସେହି ବିଛାଯାଇଥିବା ବିଛଣାର ଶେଷ ଆଡ଼କୁ ମୁଁ ବସିଗଲି । ଅଳ୍ପକ୍ଷଣ ପରେ ଉମାପତି ବାବା ଆସିଲେ ।

ଉମାପତି (କାମରୂପ)

ସତ୍ୟାକାର ଯେପରି ମହାଦେବ । ତାଙ୍କର ଦେହ ରକ୍ତବର୍ଣ୍ଣ, ପକ୍ୱ ଦାଢ଼ି । ନିଶ ମଧ ଅନେକ କିଛି ପାଚିଯାଇଛି, କିନ୍ତୁ ମୁଣ୍ଡବାଳ ବା ଜଟା ଓ ଭ୍ରୂଦ୍ୱୟ ଘୋରତର କୃଷ୍ଣବର୍ଣ୍ଣ । ଅଣ୍ଟାରେ କେବଳ ଖଣ୍ଡେ ଲାଲ୍ କୌପିନ ମାତ୍ର ବନ୍ଧା, ସମ୍ମୁଖରେ ଝୁଲିରହିଛି । ଠିକ୍ ଦିଗମ୍ବର; ସହାସ୍ୟବଦନ । ଦେଖିନେଇ ପ୍ରଣାମ ଜଣାଇ ଠିଆହେଲି । ସେ ମୋତେ ବସିବାକୁ କହିଲେ ଏବଂ ଧୀରେ ଧୀରେ ମୋ ସହ ପରିଚୟ ଆରମ୍ଭ କରିଦେଲେ । କି ମଧୁର କଣ୍ଠସ୍ୱର ! ପୂର୍ବରୁ ଏପରି କଣ୍ଠସ୍ୱର ଶୁଣିନାହିଁ । ଏହି ପରିଚୟ–କଥା ଭିତରେ କିଛି ବିଶେଷ କଥା ନ ଥିଲା । କାହିଁକି ଆସିଛି, ଜୀବନର ଉଦ୍ଦେଶ୍ୟ କ'ଣ ଆଦି ଅନ୍ୟ କିଛି ନୁହେଁ । ମୋଟ୍ ଉପରେ, ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ପର୍ଯ୍ୟନ୍ତ ଥିଲି । ମୁଁ କ'ଣ କରୁଛି, କେବେ କେଉଁଆଡ଼େ ଘୂରିଛି, ଏତିକି ମାତ୍ର କଥା ହେଲା । ତେବେ ତାଙ୍କର ସ୍ନେହ ମିଳିଲା ଏବଂ ଯେତେବେଳେ ଇଚ୍ଛା ସେତେବେଳେ ଆସିବାର ଅନୁମତି ମିଳିଗଲା । ଏହାପରେ ନିଜ ଆସ୍ଥାନକୁ ଫେରିଆସିଲି । ମନ୍ଦିରକୁ ସେତେବେଳେ ଦିଗୁ ଠାକୁର ଆସିଛନ୍ତି । ଗତ ରାତ୍ରି କଥା ତାଙ୍କୁ ଜଣାଇଲି । ସେ ଏହି ଭୈରବୀଙ୍କ କଥା ଯାହା କହିଲା, ତାହା ଏହି ଯେ ଉମାପତିର ସେ ଶିଷ୍ୟା–ମଝିରେ ନଥିଲେ, ଆଜକୁ ଦୁଇତିନି ମାସ ପରେ ଏଠାକୁ ପୁଣି ଫେରିଆସିଛନ୍ତି ଏବଂ ଆଶ୍ରମରେ ରହିଛନ୍ତି । ଆଶ୍ରମର ସବୁ କିଛି ନିତ୍ୟନୈମିତ୍ତିକ ଅନୁଷ୍ଠାନର ଭାର୍ ତାଙ୍କ ଉପରେ ନ୍ୟସ୍ତ । ସେ ଉଚ୍ଚସ୍ତରର ଭୈରବୀ ଓ ଉତ୍ତରସାଧିକା ହୋଇ ଅନେକଙ୍କର ସାଧନା ଓ ସିଦ୍ଧିରେ ସାହାଯ୍ୟ କରିଅଛନ୍ତି; ତାଙ୍କୁ ଆଧାର କରି ଅନେକେ କୁଆଡ଼େ ସିଦ୍ଧି ଲାଭ କରିଛନ୍ତି । ତେବେ ଏଠାରେ ସେ କାହା ସଙ୍ଗରେ ମିଳାମିଶା କରନ୍ତି ନାହିଁ, ଏପରିକି ବାକ୍ୟାଳାପ ପର୍ଯ୍ୟନ୍ତ ମଧ ନୁହେଁ । ଦିଗୁ କହିଲେ ଯେ ଆମମାନଙ୍କ ସଙ୍ଗରେ ସବୁଦିନେ ଦେଖାଚାହାଁ, ପୂଜା ସମ୍ପର୍କରେ ଭୁବନେଶ୍ୱରୀ ମନ୍ଦିରରେ ଘନଘନ ଯାତାୟାତ– ପୂଜାର୍ଚ୍ଚନା ସମ୍ବନ୍ଧରେ ଏତେ ଘନିଷ୍ଠ ଯୋଗାଯୋଗ ସତ୍ତ୍ୱେ ଏକାଥରେ ତାଙ୍କ ମୁହଁରୁ ଦଶୋଟି କଥା ଶୁଣିନାହୁଁ । ସେ ଯୋଗିନୀ-ତନ୍ତ୍ରର ସାଧିକା । ମୁଁ ପୂର୍ବରୁ ଶୁଣିଥିଲି ଯେ ଯେଉଁମାନେ ଡାକିନୀ ବା ଯୋଗିନୀ ତନ୍ତ୍ରମତରେ ସାଧନ କରନ୍ତି, ସେମାନଙ୍କର ପ୍ରଥମ ଓ ପ୍ରଧାନ ତପସ୍ୟା ବାକ୍ ସିଦ୍ଧିର–ସେଥିରେ ସିଦ୍ଧ ହେଲେ ଅଗ୍ରସର ହୋଇ ଦ୍ୱିତୀୟ ସ୍ତରରେ ପଦକ୍ଷେପ ସମ୍ଭବ ହୁଏ ।

ଯାହା ହେଉ, ଦିଗୁ ଠାକୁରଙ୍କ ଠାରୁ ଏହାଠାରୁ ଅଧିକ କିଛି ଜାଣିପାରିଲି ନାହିଁ । ଖୋଲାସିଧା ସ୍ୱଭାବର ଭଲ ଲୋକଟିଏ । ନିତ୍ୟାନ୍ତ ହିଁ ସରଳ । କୌଣସି ବିଷୟରେ ତାଙ୍କର

କୌତୂହଳ ନଥାଏ, କିଛି ଜାଣିବା ବା ଜ୍ଞାନ ଲାଭ କରିବାର ଆଗ୍ରହ ମଧ୍ୟ ନଥାଏ । ତାଙ୍କର ସ୍ୱଭାବ ଏହି ଯେ କ'ଣ ମିଳିବ ଏତେ ସବୁ କଥାରେ ? ସାଧୁସନ୍ଥ ଲୋକଙ୍କ ବିଷୟରେ କୌତୂହଳୀ ହେବା ଠିକ୍ ନୁହେଁ, ନତୁବା ପଛରେ କେବେ ତାଙ୍କର କୋପଦୃଷ୍ଟିରେ ପଡ଼ିବାକୁ ହେବ, ଏବଂ ଇଚ୍ଛାକଲେ ସେମାନେ ମାରଣ ଉଚ୍ଚାଟନ ପ୍ରଭୃତି ବହୁତ କିଛି କରିଦେଇ ପାରିବେ । ଏହିସବୁ ସ୍ଥାନରେ ସାଧାରଣଙ୍କ ମତରେ ଏ ପ୍ରକାର ଭୈରବ ବା ସିଦ୍ଧ ତାନ୍ତ୍ରିକମାନଙ୍କର ଉପରେ ଏକ ଭୟଭାବ ରହିଛି । ପ୍ରାୟ ସମସ୍ତଙ୍କଠାରେ ମୁଁ ଏହା ଦେଖିଥାଏ ।

କୋଲକାତା ଅଞ୍ଚଳରୁ ତୀର୍ଥ କରି ଯେଉଁମାନେ କାମରୂପ ଯାତାୟାତ କରନ୍ତି, ଦିନତମାମ ସେମାନଙ୍କର ଯାହା କିଛି କାମ ଶେଷ ହେଲେ—ବଡ଼ ଜୋରରେ ରାତ୍ରିରେ ସେମାନେ ଦେବୀଙ୍କର ମନ୍ଦିରଠାରେ ଆରତି ଦେଖି ସାରି ଯେ ଯାହାର ନିଜ ନିଜ ଆଶ୍ରମକୁ ଫେରିଯାଇ ଆହାରାଦି ପରେ ଶୋଇ ପଡ଼ନ୍ତି, ଆଉ କେଉଁଆଡ଼େ ବାହାରନ୍ତି ନାହିଁ । ସେମାନଙ୍କୁ ଅନେକ ପ୍ରାକୃତିକ ଦୃଶ୍ୟ ଦେଖିବାରୁ ବଞ୍ଚିତ ହେବାକୁ ପଡ଼ିଥାଏ । ଏହି ଭୁବନେଶ୍ୱରୀ ଶୃଙ୍ଗଠାରୁ ରାତ୍ରିକାଳରେ ଅସଂଖ୍ୟ ଆଲୋକମାଳା ଚାରିଆଡ଼େ ଘନ-ବିକ୍ଷିପ୍ତ ହୋଇ ବିଚ୍ଛୁରିତ ହୋଇଥାଏ—ଧାଡ଼ି ଧାଡ଼ି ଶ୍ରେଣୀବଦ୍ଧ ଦୀପମାଳା-ଅଳଙ୍କୃତ ଗୁଆହାଟିର ଶୋଭା ବର୍ଣ୍ଣନାତୀତ । ଥରେ ଯାଇ ଦେଖିଦେଲେ ଆଉ ଉଠିବାକୁ ଇଚ୍ଛା ହୁଏ ନାହିଁ । ରାତ୍ରି କାଳରେ ସମ୍ମୁଖସ୍ଥ ଗୁଆହାଟି ନଗରର ଆଲୋକମାଳା, ଆଉ ଦିନବେଳେ ଏହି ସ୍ଥାନରୁ ବ୍ରହ୍ମପୁତ୍ରର ଦୃଶ୍ୟ, ତା'ପରେ ଦୂରସ୍ଥ ଚତୁର୍ଦ୍ଦିଗରେ ଘନ-ଶ୍ୟାମଳ ପର୍ବତଶ୍ରେଣୀ, ଗାରୋ, ଖାସିୟା, ଜୟନ୍ତିୟା ପର୍ବତର ସ୍ତର, ତା' ଉପରେ ଶିରଦେଶରେ ମେଘମାଳା ଧରି ଯେପରି ଦିଗନ୍ତ ପର୍ଯ୍ୟନ୍ତ ଲମ୍ବିଯାଇଛି । ଏହି ଭୁବନେଶ୍ୱରୀ ମନ୍ଦିର ପଶ୍ଚାତରେ ଖଣ୍ଡେ ପଥର ଉପରେ ବସି ଦିନସାରା ଏହିସବୁ ଦୃଶ୍ୟ ଦେଖିଦେଖି ସମୟ କଟି ଯାଇଥାଏ, ଏକଥା ପୂର୍ବରୁ କହିଛି । ନିମ୍ନରେ ବ୍ରହ୍ମପୁତ୍ରର ବିଶାଳ ସ୍ରୋତ, ତା' ଉପରେ ବଡ଼ ବଡ଼ ଫ୍ଲାଟ ପାସେଞ୍ଜର ଷ୍ଟୀମର ଚାଲୁଥାଏ । ସେଗୁଡ଼ିକର ଗତି ଜାଣିବାର ଉପାୟ ନାହିଁ । ଅନେକ ସମୟ ଧରି ଦେଖୁ ଦେଖୁ ସେଗୁଡ଼ିକର ଗତି ଜଣାପଡ଼େ । କେତେ ନିମ୍ନରେ ପ୍ରାୟ ହଜାରେ ଫୁଟ ହେବ ଏହି ନଦୀଗର୍ଭ—ବଡ଼ ବଡ଼ ପାଟ, ଚା ପ୍ରଭୃତିରେ ବୋଝାଇହୋଇଥିବା ଷ୍ଟୀମର, ଏପରିକି ବଡ଼ବଡ଼ ଷ୍ଟୀମର ଯେପରି ଖୁବ୍ ଛୋଟଛୋଟ ଦିଆସିଲି ପରି ଗୋଟିଏ ବାକ୍ସ ବା ଘନ ରେଖା ପରି ସେଠାରୁ ଦେଖାଯାଇଥାଏ । ନୌକାଗୁଡ଼ିକ ତ ଅନେକ ସମୟରେ ଆଖିକୁ ଦେଖାଯାଏ ନାହିଁ । ସେଠାରୁ ଉମାନନ୍ଦ ପାହାଡ଼ ଓ ତା' ଉପରର ମନ୍ଦିର ଚମତ୍କାର ଦେଖାଯାଏ । ମୁଁ ପରେ ଉମାନନ୍ଦ ଯାଇଥିଲି । ଏଠାରୁ ଭୁବନେଶ୍ୱରୀ ଶୃଙ୍ଗରୁ ଦେଖିଲେ ମନେ ହୁଏ, ଯେପରି ଚାରିଆଡ଼େ ଘନ ଜଙ୍ଗଲ ଦ୍ୱାରା ଆବୃତ କେତେକ ଜମି ନଦୀର ମଧ୍ୟସ୍ଥଳରେ ଚଡ଼ା ଉପରେ ଲମ୍ବିଯାଇଛି । ତୀର୍ଥ ହିସାବରେ ଉମାନନ୍ଦ ଶୈଳର ଖୁବ୍ ମାହାତ୍ମ୍ୟ ।

■■

ଚତୁର୍ଦ୍ଦଶ ପରିଚ୍ଛେଦ

ବର୍ତ୍ତମାନ କାମାକ୍ଷାର ବିପିନ ଠାକୁର ପଣ୍ଡାଙ୍କ ଘରେ ଯେତେବେଳେ ସ୍ନାନାଦି ଶେଷ କରି ଆହାର କରିବାକୁ ଗଲି, ଦେଖିଲି, କାଲି ସନ୍ଧ୍ୟାରେ ଯେଉଁ ଭୈରବୀଙ୍କୁ ଭୁବନେଶ୍ୱରୀରେ ଦେଖିଥିଲି, ଆଜି ସେ ପଣ୍ଡାଙ୍କର କନ୍ୟା ଗୌରୀ ସଙ୍ଗେ ଘର ଭିତରେ ତକ୍ତା ଉପରେ ବସି କଥା କହୁଛନ୍ତି । ଗୌରୀ ଝିଅଟି ଅତି ଶାନ୍ତ-ସ୍ୱଭାବର । ମୁଁ ଖାଇବାକୁ ବସିଲେ ସେ ଘରର ବାହାରଦ୍ୱାର ନିକଟସ୍ଥ ଆଡୁଆଳରେ ଠିଆହୋଇ ମଝିରେମଝିରେ ଉଙ୍କିମାରି ଦେଖିନିଏ, ମୋତେ ଆଉ କିଛି ଦେବାକୁ ହେବ କି ନାହିଁ । ଏକେ ତ' ଅନ୍ନ ବେଶୀ ପରିମାଣରେ ଦିଆଯାଇଥାଏ—ତାହା ମୋ' ପରି ଦୁଇଜଣଙ୍କ ପାଇଁ ବି ବେଶୀ—କାର୍ଯ୍ୟତଃ ମୋର ଆଉ କିଛି ଦରକାର ପଡ଼େ ନାହିଁ । ପ୍ରଥମ ଦିନର ଆହାର ଦେଖିନେଇ ପରଦିନଠାରୁ ପ୍ରାୟ ପରିମିତ ଅନ୍ନ ଆସିଥାଏ । ତେବେ ମଧ୍ୟ ଶେଷରେ ସେ ଜିଜ୍ଞାସା କରେ, ମୋ' ପେଟ ପୂରିଲା କି ନାହିଁ । ତା'ର ଧାରଣା ଯେ କଲିକତାର ଲୋକେ ଖୁବ୍ କମ୍ ଖାଆନ୍ତି ।

ଯାହା ହେଉ, ମୁଁ ବର୍ତ୍ତମାନ ଆସି ଦେଖିଲି ମୋର ଖାଇବା ବଢ଼ା ହୋଇ ରଖାଯାଇଛି—ଜଳ ବାଟିଟି ଯେଉଁପରି ବାମ ଦିଗରେ ରହିଥାଏ ସେହିପରି ରହିଛି; ପଦ୍ମପତ୍ର ଖଣ୍ଡେ ପକା ଯାଇଛି, କଞ୍ଚାଲଙ୍କା ଗୋଟିଏ ଓ ଲୁଣ ରଖାଯାଇଛି ପତ୍ରର ଗୋଟିଏ କଣରେ । ମୁଁ ପହଞ୍ଚିବାରୁ ଦୁଇଜଣ ବାହାରକୁ ଗଲେ । ଏଣୁ ମୁଁ ତକ୍ତା ଉପରେ ବସି ଅନ୍ନ ଅପେକ୍ଷାରେ ରହିଲି । ଭୈରବୀଙ୍କ ହାତରେ ଖଣ୍ଡେ ଚିଠି ଥିଲା, ଯେପରି ଏହି ପତ୍ର ଲାଗି ସେମାନଙ୍କ ଭିତରେ ଆଲୋଚନା ହେଉଥିଲା । ଅଳ୍ପ ସମୟ ପରେ ଦେଖିଲି, ପୁଣି ଦୁଇଜଣ ଆସି ଦ୍ୱାରଦେଶରେ ଠିଆହେଲେ ।

ଗୌରୀ (କାମାକ୍ଷା)

ଗୌରୀ ଟିକିଏ ଆଗେଇ ଆସି କହିଲେ, ''ଇଏ ଆପଣଙ୍କୁ କିଛି କହିବେ ।'' ପଚାରିଲି, ''କଣ କହିବେ ?'' ଭୈରବୀ ଟିକିଏ ଆଗେଇ ଆସିଲେ ଏବଂ ହାତର ଚିଠି ଖଣ୍ଡକ ତକ୍ତା ଉପରେ ରଖିଲେ, ଯେପରି ସହଜରେ ମୁଁ ନେଇପାରିବି ଓ କହିଲେ, ''ଏହାକୁ ପଢ଼ି ଦେଖନ୍ତୁ ।''

ଖାମ୍ ଭିତରେ ଚିଠିଟିଏ ଥିଲା, ବାହାର କରି ପଢ଼ିଲି–

''କାମେଗ୍ରାମ, କାଁଟାଲିପାଡ଼ା, ପୋ: ଅ: (ହୁଗଲି)

ଏଲୋକେଶୀ–ମୁଁ ଅନେକ ସନ୍ଧାନ କରି ଶେଷରେ ଜାଣିବାକୁ ପାଇଲି ଯେ ତୁମେ କାମାକ୍ଷାକୁ ଯାଇଛ ଓ ସେହି ବୁଢ଼ା ଭୈରବର ଦାସୀ ହୋଇଛ । ଆଜିକୁ ପ୍ରାୟ ବର୍ଷକ ପରେ ତୁମର ଖବର ପାଇଲି । କିନ୍ତୁ ମୁଁ ଯେ ସେଠାକୁ ଯାଇ ପହଞ୍ଚିପାରିବି, ସେ ସାମର୍ଥ୍ୟ ମୋ'ର ନାହିଁ, ଗତ ଦୁଇବର୍ଷ ଧରି ମେଲେରିଆ ଭୋଗି ମରୁଛି, ତା'ପରେ ହାତରେ ପୁଣି ପଇସାଟିଏ ନାହିଁ । ପଥ୍ୟ କିଛି ପାଉନାହିଁ । ମୁଁ ଏବେ ମରିବାକୁ ଚାହୁଁନାହିଁ, ଏବେ ମଧ୍ୟ ବଞ୍ଚିରହିବି, ଆଉ ତୁମେ ଯେପରି ଶାସ୍ତି ପାଇବ, ତାହା ଦେଖିବି । ତୁମର ଦୁର୍ଗତି ନ ଦେଖି ମୁଁ କୌଣସି ରକମ ମରିପାରିବି ନାହିଁ । ମନେକରିବ ନାହିଁ ଯେ ମୁଁ ଅକ୍ଷମ ବୋଲି ତୁମ ପାଖକୁ ଯାଇ ପାରୁନାହିଁ କିମ୍ବା ପାରିବିନାହିଁ–ମୁଁ ଏବେ ଦୈବର ସାହାଯ୍ୟ ନେଉଛି–ଏହିଥର ତୁମର ସର୍ବନାଶ କରିବି, ତୁମେ ମୋ' ହାତରୁ କେବେହେଲେ ରକ୍ଷା ପାଇବ ନାହିଁ । ଏବେ ବି କହୁଛି, ତୁମେ ମୋ' ପାଖକୁ ଫେରିଆସ, ତା'ହେଲେ ତୁମକୁ ଏବେ ମଧ୍ୟ କ୍ଷମା କରିପାରିବି । ଜାଣେନା, ତୁମର ଏହି ଭଲବୁଦ୍ଧି ହେବ କି ନାହିଁ । ଉପର ଠିକଣାରେ ପତ୍ର ଦେବ ଏବଂ ତୁମର ଅଭିପ୍ରାୟ ଜଣାଇବ । ଆଉ ଯଦି ପନ୍ଦର କୋଡ଼ିଏ ଟଙ୍କା ପଠାଇ ପାରିବ, ତେବେ ମୋ'ର ଔଷଧପତ୍ର ଚାଲିବ । ଏଠାରେ କିଛି ଧାର୍ ହୋଇଯାଇଛି, ସେମାନେ ବଡ଼ ଦହଗଞ୍ଜ କରୁଛନ୍ତି । ତୁମେ ଯେପରି ହେଉ ଟଙ୍କା ନିଶ୍ଚୟ ପଠାଇବ । ଇତି–ଶ୍ରୀଅଘୋରନାଥ ବ୍ରହ୍ମଚାରୀ ।''

ପ୍ରଶ୍ନ କରିବାକୁ ଅନେକ କଥା ଥିଲେ ହେଁ ଏହି ଅଦ୍ଭୁତ ପତ୍ର ସମ୍ବନ୍ଧରେ ମୋର ବିଶେଷ କିଛି କୌତୂହଳ ଉଦ୍ରେକ ହେଲା ନାହିଁ । କାରଣ ଏହି ଧରଣର ଭୈରବ ଓ ଭୈରବୀଙ୍କ ଜୀବନର ଅନେକ କଥା ମୁଁ ଜାଣିଥିଲି । କେତେ କଥା ଶୁଣିଥିଲି, ଚାକ୍ଷୁଷ ଦେଖିବା ତ ଅନେକ । ଏମାନଙ୍କ ଉପରେ ଅସାଧାରଣ ଘୃଣା ଥିଲା ମୋ'ର । ମୋ'ର ମନେହେଲା, ଦୁଇଜଣ ହିଁ ସମାନ ଭାବରେ ପାପିଷ୍ଠ–ସମାଜର ଜଞ୍ଜାଳ । ତେବେ ଏହାଙ୍କର ଶକ୍ତି ସମ୍ବନ୍ଧରେ ଦିଗୁ ଠାକୁରଙ୍କ ମୁହଁରୁ ଯାହା ଶୁଣିଥିଲି, ସେଥିରେ ଏକ ବିଶେଷ କୌତୂହଳ ହୋଇଥିଲା । ଏବେ ଏହି ପତ୍ର ପଢ଼ି, ମନରେ ଏପରି ଏକ ଗ୍ଲାନି ଆସି ଉପସ୍ଥିତ ହେଲା ଯେ କିଛି କହିବାକୁ ପ୍ରବୃତ୍ତି ରହିଲା ନାହିଁ । ଯାହାହେଉ, ପତ୍ରଟିକୁ ଯେଉଁଠାରୁ ଆଣିଥିଲି, ସେହିଠାରେ ହିଁ ରଖିଦେଇ କହିଲି, ''ମୁଁ କ'ଣ କରିପାରେ ?''

ଭୈରବୀ ଜଣକ ଏଲୋକେଶୀ ନାମରେ ପରିଚିତ ।

ସେ ପତ୍ରଟିକୁ ଉଠାଇନେଲେ, ତା'ପରେ କହିଲେ, ''ଆପଣ ଯଦି ମୋ ତରଫରୁ ଖଣ୍ଡେ ପତ୍ର ଲେଖିଦିଅନ୍ତେ, ତା' ହେଲେ ମୋ'ର ବିଶେଷ ଉପକାର ହୁଅନ୍ତା ।''

ପ୍ରଶ୍ନ କଲି,—''ଆପଣଙ୍କର ଏଠାରେ ଅନେକେ ପରିଚିତ, ଆଉ କାହାଦ୍ୱାରା ଲେଖାଇ ପାରନ୍ତେ, ଆଉ ନିଜେ ହିଁ ତ ଲେଖି ପାରନ୍ତେ ?'' ଶୁଣିସାରି ସେ କହିଲେ, ''କାହାକୁ କୌଣସି ପ୍ରକାର ପତ୍ର ଲେଖିବାକୁ ମୋତେ ନିଷେଧ କରାଯାଇଛି ।'' ମୁଁ କହିଲି, ''ପତ୍ରଟିକୁ ଯଦି ବ୍ୟବହାର କରିପାରୁଛନ୍ତି, ତେବେ କେବଳ ଲେଖିବା ଲାଗି ନିଷେଧଟି କ'ଣ ଭଣ୍ଡାମି ନୁହେଁ ? ଏପରି କାମ ମୋତେ ଭଲ ଲାଗେ ନାହିଁ ।'' ମୋ' କଥା ଶୁଣି ତାଙ୍କ ମୁହଁରେ ଯେଉଁ ଭାବ ପ୍ରକଟିତ ହେଲା, ତାହା ଦେଖି ମୋ' ଅନ୍ତରରେ ଅନୁଶୋଚନାର ସୀମା ରହିଲା ନାହିଁ । ଏତେ କଠୋର ବାକ୍ୟ ମୋ' ମୁହଁରୁ କିପରି ବାହାରିଲା, ଚିନ୍ତାକରି ଲଜ୍ଜାରେ ମରିଗଲି । ଏତେ ତୁଚ୍ଛ ଭାବରେ ଯାହାଙ୍କୁ ଏ କଥା କହିଲି, ଯଦି ଘୁଣାକ୍ଷରେ ସେହି ନାରୀର ପ୍ରକୃତ ପରିଚୟ ଜାଣିଥାନ୍ତି, ତା'ହେଲେ କଠୋର ପ୍ରାୟଶ୍ଚିତ୍ତ କରିଥାନ୍ତି । ବିଧାତାଙ୍କ ବିଧାନରେ ଏହିପରି ବ୍ୟାପାରଟି ଘଟିଗଲା । ଶେଷରେ ବୁଝିଲି ଯେ ମୁଁ ବିଧାତାଙ୍କ ହାତରେ ଯନ୍ତ୍ରବତ୍ କାର୍ଯ୍ୟ କରିଥିଲି । ଆଜି ମୋ'ର ସାରା ଦିନର ଶାନ୍ତି ବ୍ୟାହତ ହେଲା । ଅନ୍ତଃକରଣ ମୋର ଅତ୍ୟନ୍ତ ଦୁର୍ବଳ—ସହଜରେ କିଛି ହିଁ ଝାଡ଼ି ଫୋପାଡ଼ିଦେଇପାରେ ନାହିଁ ।

ତାଙ୍କର ସହଜ ପ୍ରଫୁଲ୍ଲ ମୁହଁ ଉପରେ ବିଷାଦର କାଳିମା ସେପର୍ଯ୍ୟନ୍ତ ଲାଖିରହିଥିଲା—ତାଙ୍କ ଉପରେ ଏପ୍ରକାର ଏକ ସପ୍ରତିଭ ଭାବକୁ ଚେଷ୍ଟାକରି ଟାଣିଆଣିବାଲାଗି ତଳକୁ ମୁହଁ କରି କହିଲେ, ''ଆଚ୍ଛା, ତା'ହେଲେ ଥାଉ, ମୁଁ ଅନ୍ୟ କାହାଦ୍ୱାରା ଏହାର ଉତ୍ତର ଲେଖାଇ ନେବାକୁ ଚେଷ୍ଟା କରିବି ।'' କହିସାରି ସେ ବାହାରକୁ ଚାଲିଗଲେ । ଗୌରୀ ମୁହଁକୁ ଏବେ ଦେଖିଲି । ପୂର୍ବରୁ ତା'ର ପ୍ରସନ୍ନ ମୁହଁ ଦେଖିଛି—ବର୍ତ୍ତମାନ ଦେଖିଲି, ତା' ମୁହଁ ଉପରେ ଏକ ଚାପା ଘୃଣା, ବିଦ୍ୱେଷ ଓ ଉପେକ୍ଷା— ତାଙ୍କର ଏହି ତିନୋଟି ଭାବ ଉପରେ ଢଙ୍କା କର୍ତ୍ତବ୍ୟବୋଧର ଏକ ସୂକ୍ଷ୍ମ ଆବରଣ । ଦେଖିଲି, ମୋ'ର ଆଜିର ଏହି ବ୍ୟବହାର ଦ୍ୱାରା ଦୁହେଁ ହିଁ ଆହତ ହୋଇଛନ୍ତି । ଏହାପରେ ସେ ଅନ୍ନ ନେଇ ଆସିଲା ।

ଯେତେବେଳେ ଖାଉଥିଲି, ଗୌରୀ ଆଉ ଠିଆ ହେଲା ନାହିଁ; କିନ୍ତୁ ତା' ସହିତ କିଛି କଥା କହିବାକୁ ଇଚ୍ଛା ହେଲା । କିଛି ସମୟ ଅପେକ୍ଷା କରି ରହିଲି—ଭୋଜନ ଶେଷହେବା ସଙ୍ଗେ ସଙ୍ଗେ ଚାଲିଗଲି ନାହିଁ । ମୁଁ ଚାଲିଯାଇଛି ଭାବି ସେ ଯେତେବେଳେ ଆସିଲା, ସେତେବେଳେ ତାକୁ କହିଲି, ''ମୋର ଟିକିଏ ଅନ୍ୟାୟ ହୋଇଛି ।'' ଶୁଣିନେଇ ସେ ଉପେକ୍ଷାଭାବ ନେଇ କହିଲା, ''କ'ଣ କହୁଛନ୍ତି ?'' ମୁଁ କହିଲି, ''ଏଠାରେ ଅନେକ ଲୋକ ଥାଉଥାଉ ମୋ' ଦ୍ୱାରା ଲେଖାଇବାର ଉଦ୍ଦେଶ୍ୟ ବୁଝି ନ ପାରି ହୁଏତ ଟିକିଏ କଠୋର ହୋଇ...'' ସେ କହିଲା, ''ଏଠାରେ ଅନେକ ଲୋକଙ୍କ ସହ ତାଙ୍କର ପରିଚୟ ଅଛି, ଏକଥା କିଏ ଆପଣଙ୍କୁ କହିଲା ?''

କହିଲି, ''ସେ ଯେତେବେଳେ ଏଠି ଏତେଦିନ ରହିଛନ୍ତି...''

ବାଧାଦେଇ ଗୌରୀ ଜୋର କରି କହିଲା,—''ପ୍ରାୟ ଅଢ଼େଇମାସ ହେବ ଆସିଛନ୍ତି—କିନ୍ତୁ ତାଙ୍କ ଭିତରେ କ'ଣ ଅଛି, ତାହା ଆପଣ ଜାଣନ୍ତି କି ? କାହା ସଙ୍ଗେ ମିଳାମିଶା ଚୁଲିକୁ ଯାଉ, କଥାବାର୍ତ୍ତା ମଧ୍ୟ କରନ୍ତି ନାହିଁ । ମୁହଁ ତଳକୁ କରି ଚାଲିଥାନ୍ତି, ଦେଖିନାହାନ୍ତି ? କେବଳ ମାତ୍ର ଆମ ଘରକୁ ତାଙ୍କର ଯିବାଆସିବା ଅଛି—ସେ ଆଉ କୁଆଡ଼େ ତ ଯାଆନ୍ତି ନାହିଁ ।''

ସତ କଥା, ଗୌରୀର ଆଜି ଏକ ଅନ୍ୟ ମୂର୍ତ୍ତି ଦେଖିଲି । ଯାହା ହେଉ, ଏ କଥାଟି ମଧ୍ୟ ସତ । ଯେତିକି ସମୟ ତାଙ୍କୁ ଦେଖିଛି, ମୁଣ୍ଡ ଟେକି ଚାଲିବା କେବେ ଦେଖିନାହିଁ ।

ଆମେ ଯେତେବେଳେ କୌଣସି ଶକ୍ତିଶାଳୀ ନରନାରୀଙ୍କ କଥା ଶୁଣିଥାଉ, ସେତେବେଳେ ଅନୁମାନକୁ ଆଶ୍ରୟ କରି ପ୍ରାୟତଃ ସେମାନଙ୍କ ବିଷୟରେ ନିଜ ମନୋମତ ଧାରଣା କରିନେଉ; ତଦ୍ୱାରା ଅସଲ ସ୍ୱରୂପ ଯେ କେତେ ବିକୃତ ଜଣାପଡ଼ିଥାଏ, ତାହା ଆମର କଳ୍ପନାକୁ ହିଁ ଆସି ନଥାଏ । ଦିଗୁ ଠାକୁରଙ୍କ ମୁହଁରୁ ଯେତେବେଳେ ଶୁଣିଥିଲି ଯେ ଏହି ଭୈରବୀ ଜଣକ ସାଧାରଣ ନୁହଁନ୍ତି, ମହାଶକ୍ତିଶାଳିନୀ ଜଣେ ଉତ୍ତର-ସାଧିକା, ସେତେବେଳେ ନିଜ କଳ୍ପନା ଦ୍ୱାରା ଯାହା ଗଢ଼ିନେଇଥିଲି, ଆଜି ତାଙ୍କର ଏ ପତ୍ର ପଢ଼ି, କାହିଁକି କେଜାଣି ସବୁ କିପରି ଓଲଟପାଲଟ ହୋଇଗଲା । ତା'ପରେ ପୁଣି ଭାବୁଛି ଯେ ତୁଚ୍ଛ ମୋ'ର ଲୋକଚରିତ୍ର ଜ୍ଞାନ ! ଏତେଦିନର ଅଭିଜ୍ଞତା ସତ୍ତ୍ୱେ ମୋ' ଭିତରେ ଏହି ସଂଯମ ରହିନାହିଁ, ଯାହା ଫଳରେ ଜଣକୁ ସାମଗ୍ରିକଭାବେ, ମୋ'ର କଳ୍ପିତ ଭାବଉପରେ ନିର୍ଭର କରି, ତା'ର ପ୍ରକୃତି ବା ସ୍ୱଭାବ ଭିତରଦେଇ ସହଜ ଭାବରେ ସତ୍ୟାସତ୍ୟ ଦେଖିପାରିବି । ନିଜ ଅଭିଜ୍ଞତାର ଅହଙ୍କାର ହିଁ ମୋତେ ଏପରି ଅନ୍ଧ ଓ ଧୈର୍ଯ୍ୟହୀନ କରିଦେଇଛି । ଏହି ତ୍ରୁଟି ମୋ' ମନଭିତରେ ଆଉ ଆବଦ୍ଧ ହୋଇ ରହିପାରିଲା ନାହିଁ ।

ମୁଁ ଗୌରୀକୁ ପଚାରିଲି, ''ଏହି ଅଘୋରନାଥ ବ୍ରହ୍ମଚାରୀଙ୍କୁ ମୁଁ ଯଦି ଏଲୋକେଶୀ ଭୈରବୀଙ୍କ କଥାରେ ପତ୍ର ଲେଖିଦିଏ, କିଛି ଭଲ ଫଳ ହେବ ବୋଲି ଭାବୁଛ ?''

ଗୌରୀ କହିଲା, ''ଭଲ ମନ୍ଦ ଜାଣେ ନାହିଁ । ତେବେ, ଏଲୋକେଶୀର ଠିକଣା ସେ ଯେତେବେଳେ ପାଇଛନ୍ତି, ସେତେବେଳେ କେବଳ ପତ୍ର ଲେଖିବେ, ଅଭିଶାପ ଓ ଗାଳି-ଗୁଲଜ ଦେବେ, ଆଉ ଟଙ୍କା ଚାହିଁବେ । ସେଥିଲାଗି ଆପଣଙ୍କ ଦ୍ୱାରା ଏପରି ଭାବରେ ସେହି ପତ୍ରର ଉତ୍ତର ଦେବାକୁ ଚାହିଁଥିଲେ, ଯଦ୍ୱାରା ସେ ଆଉ ଏପରି ଝଞ୍ଝଟ ନ କରନ୍ତି ।''

ଶୁଣିସାରି କହିଲି, ''ଆଚ୍ଛା ତୁମେ ତାଙ୍କୁ କୁହ, ମୁଁ ପତ୍ର ଲେଖିଦେବି ।''

ଗୌରୀ କହିଲା, ''ସେ ଆଉ କାହାଦ୍ୱାରା ଚିଠି ଲେଖାଇବେ ନାହିଁ, ସେ ଚାଲି ଗଲେଣି ଉପରକୁ—ଭୁବନେଶ୍ୱରୀ ଆଡ଼େ—ତାଙ୍କର ଗୁରୁ ଉମାପତି ବାବା ଭୈରବଙ୍କ ନିକଟରେ ସବୁ କଥା କହିବାକୁ । ସେ ଯାହା କହିବେ, ସେ ତାହାହିଁ କରିବେ ।''

ଏହା କହି ମୁଁ ଚାଲିଆସୁଥିଲି,—''ଏହି କାମ ଆଗେ କରି ଦେଇଦେଲେ ତ ଠିକ୍ ହୋଇଥାନ୍ତା ?''

ଗୌରୀ କହିଲା, ''ସେ ଏ ସବୁ ଅଶାନ୍ତିକର ବ୍ୟାପାର ଗୁରୁଙ୍କୁ କହିବାକୁ ଚାହୁଁ ନଥିଲେ, ବରଂ ଯେପରି କହିବାକୁ ନ ପଡ଼ିବ, ସେହି ଚେଷ୍ଟା ତ ସେ କରୁଥିଲେ, କିନ୍ତୁ ଆପଣ ଯେତେବେଳେ କହିଲେ ଯେ 'ଏହା ସବୁ ଭଣ୍ଡାମି', ସେତେବେଳେ ସେ ସେଠାକୁ ଚାଲିଗଲେ ।''

ଆଜି ସକାଳେ ମୁଁ ଉମାପତି ଭୈରବଙ୍କ ନିକଟକୁ ଯାଇଥିଲି । ବିଶେଷ କିଛି କଥା ହୋଇପାରିନାହିଁ ସତ, ତେବେ ପରିଚୟ ହୋଇପାରିଛି । ବଡ଼ ସ୍ନେହ ସହକାରେ ସେ ମୋତେ ଗ୍ରହଣ କରିଥିଲେ । କହିଛି, ମୋ' ସ୍ଥାନ ହିଁ ତାଙ୍କ ନିକଟରେ, ଅଳ୍ପ ସମୟପରେ ଏହା ଜାଣିଲି । 'ଯେତେବେଳେ ଖୁସି ଆସିବେ' ବୋଲି ହୁକୁମ ଯେତେବେଳେ ଦେଇଛନ୍ତି, ସେତେବେଳେ ମୁଁ କୌଳବାବାଙ୍କ ପାଖକୁ ଯାଇ ଉପସ୍ଥିତ ହେଲି ।

ଯାଇ ଦେଖିଲି, ଉମାପତି ଯଥାର୍ଥ ହିଁ ଶିବଙ୍କ ପରି ପ୍ରସନ୍ନ ବଦନରେ ନିଜ ଆସନରେ ବସିଅଛନ୍ତି । ଦୁଇପାଖରେ ଜଟାଜୂଟ ଓ ମସ୍ତିଷ୍କର ପଶ୍ଚାତ ମୁକୁଳା, ହାତରେ ପଙ୍ଖାଟିଏ । ଏଲୋକେଶୀ ମଧ୍ୟ ସେଠାରେ ଅଛନ୍ତି । ସେ ପଙ୍ଖା ମାଗୁଛନ୍ତି, ମାତ୍ର ବାବା ନିଜେ ଘୂରାଉଛନ୍ତି, ତାଙ୍କୁ ଦେଉନାହାନ୍ତି । ସେଠାରେ ଦିଗୁଠାକୁର ମଧ୍ୟ ଥିଲେ । ମୁଁ ପ୍ରଣାମ କରି ବସିଲି । ମୋତେ ଆର୍ଶୀବାଦ କଲେ, ମନେମନେ । ମୁଖରେ କହିଲେ,—''ଏଇ ଆମର ନୂତନ କୁଟୁମ୍ବ ।'' ଭୈରବ ଏଲୋକେଶୀଙ୍କୁ କହିଲେ, ''ତୁମେ ଏହାଙ୍କ ଦ୍ୱାରା ପତ୍ର ଲେଖାଇ ନେବାକୁ ଚାହିଁଥିଲ ?''

ସେ କହିଲେ, ''ହଁ, ବାବା ।''

ବୁଝିପାରିଲି, ଏହା ମଧ୍ୟରେ ସେ ସବୁକଥା ବାବାଙ୍କୁ କହିଛନ୍ତି ।

ଭୈରବ ସେତେବେଳେ ମୋ' ଆଡ଼କୁ ବୁଲିପଡ଼ି କହିଲେ, ''ଏହାଙ୍କୁ ଭଲ କଥାଟି କହିଛ ତୁମେ । ଏଡ଼ାଇବାର ସାଧ ନାହିଁ ।''

ଏଲୋକେଶୀ ଉମାପତି ବାବାଙ୍କର ପାଦଉପରେ ମଥାରଖି ପଡ଼ିରହିଥିଲେ । ଏଥର ତାଙ୍କୁ ଲକ୍ଷ୍ୟ କରି କହିଲେ, ''ଅନେକ କିଛି ତ' ଦେଖିଲି, ହେଲେ ତୁମ ପରି ଉତ୍ତର-ସାଧିକାର ଶକ୍ତି ପାଇ ମଧ୍ୟ ଯିଏ କିଛି କରିପାରିଲା ନାହିଁ, ତା'ର ଦୁର୍ଗତି ଅବଶ୍ୟମ୍ଭାବୀ ।''

ଏଲୋକେଶୀ ମୁଣ୍ଡ ତଳକୁ କରି କହିଲେ, ''ଦଣ୍ଡ ତ ପାଉଛନ୍ତି, ଆଜିକୁ ଦୁଇବର୍ଷ ଧରି ରୋଗ ଭୋଗୁଛନ୍ତି, ଶରୀର ତ କ୍ଷୟ ହୋଇ ଆସୁଛି, ଅନ୍ୟ କେହି ସାଧାରଣ ମଣିଷ ହେଇଥିଲେ କେବେହେଲେ ଏତେ କଷ୍ଟ ସହ୍ୟ କରିପାରନ୍ତା ନାହିଁ ।''

ଦିଗୁଠାକୁର ପ୍ରଣାମ ଜଣାଇ ଉଠିପଡ଼ିଲେ । ରହିଲୁ ଆମେ ତିନିଜଣ । ଏଥର ଉମାପତି ଏଲୋକେଶୀଙ୍କୁ କହିଲେ, ''ତୁମର ଏହି ଅଘୋର ବ୍ରହ୍ମଚାରୀ ହିଁ ଦୂରର ଶତ୍ରୁ, କିନ୍ତୁ ନିକଟରେ

ଯିଏ ପ୍ରବଳ ଶତ୍ରୁ, ତାକୁ ଲକ୍ଷ୍ୟ କରିଛ କି ?'' ଏକ ବିଜାତୀୟ କ୍ରୋଧ ଏଲୋକେଶୀଙ୍କ ମୁହଁରେ ପ୍ରକଟିତ ହେଲା, ଚୁପ୍ ହୋଇ ନଖ ଦ୍ୱାରା ତକିଆ ଉପରେ ଖୁଣ୍ଟିବାକୁ ଲାଗିଲେ— ଦେଖୁଦେଖୁ ଜଣାପଡ଼ିଲା, ତାଙ୍କ ଆଖିରୁ ଟପ୍‌ଟପ୍ କରି ଦୁଇଟୋପା ଲୁହ ତକିଆ ଉପରେ ପଡ଼ିଲା । ଗୁରୁ କହିଲେ, ''ଏ କି ଆଶ୍ଚର୍ଯ୍ୟ, କାନ୍ଦୁଛ ?'' ଏଲୋକେଶୀ ସେହିପରି ନତମସ୍ତକରେ କହିଲେ, ''ଆପଣ କ'ଣ ମୋ କାନ୍ଦିବା ଦେଖିଦେଲେ ?'' ଏହାପରେ ଯାହା ଦେଖିଲି, ସେଥିରେ ସ୍ତମ୍ଭିତ ହେଲି...ସେ ଆଖିରେ ଏକ ଜ୍ୱାଳା, ଯେତେବେଳେ ମୁହଁ ଟେକି ନେଇ କହିଲେ, ''ସ୍ତ୍ରୀଲୋକଙ୍କର ଶରୀରକୁ ନେଇ ଶିଆଳ-କୁକୁର ପରି ଓଟରା-ଓଟରି କରିବା କ'ଣ ଏଇସବୁ ପଶୁମାନଙ୍କର ତନ୍ତ୍ର-ମନ୍ତ୍ରର ସାଧନା ?'' ତା'ପରେ, ଅନୁଯୋଗ କଣ୍ଠରେ ସତେଜରେ କହିଲେ, ''ଆପଣ କାହିଁକି ଏହାଙ୍କୁ ପ୍ରଶ୍ରୟ ଦେଲେ ?'' ଦେଖିଲି, ଅନ୍ତରାଗ୍ନି ଯେପରି ବାଷ୍ପ ମଧ୍ୟଦେଇ ଜଳ ହୋଇ ବାହାରି ପଡୁଥିଲା ।

ଉମାପତି ଓ ଭୈରବୀ ଏଲୋକେଶୀ
(ତାରାପୁର)

ଉମାପତି କହିଲେ, ''ଏହିସବୁ ପରୀକ୍ଷାର ଅବସ୍ଥାକୁ ଯିଏ ପାର ହୋଇଯାଇପାରେ ନାହିଁ, ସେ ପଶ୍ୱାଚାର ଛାଡ଼ିବ କିଭଳି ? ଏହି ଶିକ୍ଷା ଦେବା ଲାଗି ତାକୁ ତଡ଼ି ଦେଇ ନାହିଁ । ତା'ଛଡ଼ା ସିଏ ଯେତେବେଳେ ଏଠାକୁ ଆସିଛି, ଜାଣିବ ଯେ ମା'ଙ୍କର କିଛି ଉଦ୍ଦେଶ୍ୟ ରହିଛି ଏବଂ ତାହା ମୁଁ ପରିଷ୍କାର ଭାବେ ଦେଖିପାରିଛି । ସେଥିପାଇଁ ତାକୁ ପ୍ରଶ୍ରୟ ଦେଇଛି । ତୁମେ ତ ଜାଣିଛ, ତୁମ ଉପରେ ତା'ର କୌଣସି ପ୍ରଭାବ କାମ ଦେବ ନାହିଁ—ତୁମ ଲାଗି ନୁହେଁ, ଅବଳା ସରଳା ବାହାରର କୌଣସି ନାରୀ ଉପରେ ଯଥେଚ୍ଛା ଶକ୍ତି ପ୍ରୟୋଗ କରି ତା' ଭିତରେ ଅଶାନ୍ତିର ଗ୍ଲାନି ସୃଷ୍ଟିକରିବାର ଉଦ୍ୟମକୁ କ'ଣ ସହ୍ୟ କରାଯାଇପାରେ ! ପ୍ରତିକାର ଲାଗି ତାକୁ ଟିକିଏ ସୁଯୋଗ ଦେଇଛି । ସେ ଦିଗକୁ ତା'ର ଆଖି ଖୋଲିଦେବା ଲାଗି ହିଁ ଅପେକ୍ଷା କରୁଛି, ମା' । ତାନ୍ତ୍ରିକ ମତ ଦ୍ୱାରା ସାଧନ ନାଁରେ, କଞ୍ଚା ବୟସର ସ୍ତ୍ରୀଲୋକଙ୍କ ପଛରେ ତାକୁ ଆଉ ଦୌଡ଼ିବାକୁ ପଡ଼ିବ ନାହିଁ । ଶୁଣିଲି, ଏ ମଧ୍ୟରେ ପଣ୍ଡାର ଜଣେ ଝିଅକୁ ସେ ଅଭିଚାର କରିଥିଲା, ଝିଅଟିନା କ'ଣ ପାଗଳୀ ପରି ହୋଇଯାଇଛି—ଆଜି ହିଁ ମୁଁ ଦିଗୁଠାରୁ ଶୁଣିଲି । ପୁଣି ଶୁଣିଲି, ରେଲ୍‌ରେ ମଧ୍ୟ ଜଣେ ଭଦ୍ରଲୋକଙ୍କର ଝିଅକୁ ପ୍ରାଣରେ ମାରି ଦେବାର ଯୋଜନା କରିଥିଲା ।'' ଏତିକି କହିଲା ପରେ ଉମାପତି ମୋ' ଆଡ଼କୁ ଅନାଇଲେ ।

ସେହି ରେଳଗାଡ଼ିରେ ଦେଖାହୋଇଥିବା ଭୈରବ ଆସି ଏତିକିବେଳେ ଦ୍ୱାରମୁହଁରେ ଦେଖାଦେଲେ । ଭୈରବଙ୍କ ଆଡ଼କୁ ଚାହିଁଦେଇ ଉମାପତି କହିଲେ,–''ଆସ, ତୁମ କଥା ହିଁ ପଡ଼ିଥିଲା ଏବେ ।'' ଭୈରବ ଆସି ପ୍ରଣାମ କରି ଉପବେଶନ କଲେ । ସଙ୍ଗେ ସଙ୍ଗେ ଏଲୋକେଶୀ ଉଠିପଡ଼ି ବାହାରକୁ ଚାଲିଗଲେ । ସେତେବେଳେ ଉମାପତି ମୋ' ଆଡ଼କୁ ମୁହଁ ଫେରାଇ କହିଲେ, ''ତୁମେ ବର୍ତ୍ତମାନ ଟିକିଏ ବାହାରେ ସିନେରୀ (ଦୃଶ୍ୟ) ଦେଖିବ ଯାଅ, ବାବା ।'' ଆଜି ସକାଳେ ଆମର ପରିଚୟ ବେଳେ ଏହି ସ୍ଥାନର ଦିବ୍ୟଦୃଶ୍ୟର ବର୍ଣ୍ଣନାପ୍ରସଙ୍ଗରେ ମୁଁ ଜଣେ ଚିତ୍ରକର-ଶିଳ୍ପୀ ବୋଲି ସେ ଜାଣିପାରିଥିଲେ ।

■■

ପଞ୍ଚଦଶ ପରିଚ୍ଛେଦ

ଦେବୀଙ୍କ ମନ୍ଦିରପଛରେ, ସେହି ନିର୍ଜନ ସ୍ଥାନରେ, ଯେଉଁଠି ବସି ନିତିଦିନ ମୁଁ ବ୍ରହ୍ମପୁତ୍ରର ଦୃଶ୍ୟ ଉପଭୋଗ କରିଥାଏ, ସେଠି ଯାଇ ଦେଖିଲି, ଏଲୋକେଶୀ ବିଷଣ୍ଣ ମୁଖରେ ବସିଅଛନ୍ତି । କଥା କହିବାର ଲୋଭ ସମ୍ବରଣ କରିପାରିଲି ନାହିଁ, କୌତୂହଳ ମଧ ଥିଲା, ତେଣୁ କିଛି ଦୂରରେ ଠିଆ ହେଲି । ତାଙ୍କ ଭିତରେ ଟିକିଏ ସଙ୍କୋଚଭାବ ଥିଲା— ଯେତେବେଳେ ସହଜ ହୋଇଗଲା, ସେତେବେଳେ କଥା ଆରମ୍ଭ କଲି—''ଆପଣ ଅନେକ ଦେଶ ଘୂରିଛନ୍ତି ବୋଧହୁଏ ?''

ଏହି କଥାଟା ପ୍ରଥମେ ମୁହଁରୁ ବାହାରିପଡ଼ିଲା ।

ଭୈରବୀ କହିଲେ, ''ଏହି ବଙ୍ଗଳା ଭିତରେ କେତେକ ସ୍ଥାନକୁ ଯାଇଛି ମାତ୍ର—ଏହା ବ୍ୟତୀତ ଆଉ ବଡ଼ ଜାଗା କେଉଁଠିକି ଯାଇନାହିଁ ।''

ଶୁଣିନେଇ ମୁଁ କହିଲି, ''ଆପଣ ତ ଅନେକ ପ୍ରକାର ସାଧୁଙ୍କୁ ଦେଖିଛନ୍ତି, ଏହି ଯେଉଁ ଭୈରବ, ସେ କିପରି ଲୋକ, କୁହନ୍ତୁ ନା ?''

''ଏବେ ତ ବାବାଙ୍କ ଠାରୁ ଶୁଣିଲେ, ପଶୁଭାବସଂପନ୍ନ ବୋଲି । ଧର୍ମ ରାଜ୍ୟରେ ସିଂହ, ବ୍ୟାଘ୍ର, ଭଲ୍ଲୁକ, ସର୍ପ, କୁମ୍ଭୀର, ଶିଆଳ, ଛାଗଳ ଆଦି ଜଙ୍ଗଲରେ ଥିବା ପରି ନାନାରକମ ପଶୁ ଏଠାରେ ଅଛନ୍ତି ତ ?''

ମୋ'ର କୌତୂହଳ ଅତ୍ୟନ୍ତ ପ୍ରବଳ, ଏପରିକି ଅଦମ୍ୟ ହୋଇଉଠିଲା । ଜିଜ୍ଞାସା କଲି, ''ଅଘୋରନାଥ ବ୍ରହ୍ମଚାରୀଙ୍କ ସମ୍ବନ୍ଧରେ କିଛି ଜାଣିବାକୁ କୌତୂହଳ ହେଉଛି—ସେ କିପରି ବ୍ୟକ୍ତି ?'' ଶୁଣି ନେଇ ଏଲୋକେଶୀ ଯେପରି ଚମକିଉଠିଲେ, କିନ୍ତୁ ଅଳ୍ପକ୍ଷଣ ପରେ ସ୍ଥିର ଭାବରେ କହିଲେ, ''ପତ୍ର ମାଧ୍ୟମରେ କ'ଣ ତାଙ୍କ ପାଗଳାମିଭାବର ପରିଚୟ ପାଇନାହାନ୍ତି ?'' ତା'ପରେ ଧୀରେଧୀରେ ଉଠି ଠିଆହେଲେ, ମନେହେଲା, ଯେପରି ସେଠାରୁ ଚାଲିଯିବେ ସେ । ଏହା ଦେଖି ମନରେ ଦୁଃଖ ହେଲା ଯେ ମୋ' କଥାରେ ପୁଣି ତାଙ୍କ ଭିତରେ ଗୋଟିଏ ଅଶାନ୍ତି ସୃଷ୍ଟି ହେଲା । ମୋ'ର ଏପରି ଭାବରେ କୌତୂହଳ ପ୍ରକାଶ କରିବାଟା ଉଚିତ୍ ହେଲା ନାହିଁ ।

ମୋ ଆଡ଼କୁ ଚାହିଁ ଏଲୋକେଶୀ ପୁଣି ବସିପଡ଼ି କହିଲେ, ''କିଛି ମନେକରିବେ ନାହିଁ, ମୁଁ ଅତ୍ୟନ୍ତ ସଂକ୍ଷେପରେ କହିଦେଉଛି । ଯେଉଁ ଅଘୋରନାଥଙ୍କର ପତ୍ର ଆପଣ

ଦେଖିଛନ୍ତି, ଏକସମୟରେ ସେ ଜଣେ କଠୋର ବୀରାଚାରୀ ଭୈରବ ଥିଲେ, ସେହି ସମୟରେ ତାଙ୍କର ମୋ ସହ ପରିଚୟ ହୁଏ, ଏହି ବାବା (ଉମାପତି) ହିଁ ମୋ'ର ଗୁରୁ । ସେ ଯେତେବେଳେ ଚନ୍ଦ୍ରନାଥରେ ଥିଲେ, ଅଘୋରନାଥ ସେଠାକୁ ଆସୁଥିଲେ । ସେହିଠାରୁ ମୋର ତାଙ୍କ ସହ ସମ୍ବନ୍ଧ ହୁଏ । କେଉଁ ସୂତ୍ରରୁ ତାଙ୍କ ମୁଣ୍ଡରେ ଡାକିନୀସିଦ୍ଧିର କଥା ପଶିଲା– ବୀରାଚାର ସଙ୍ଗେ ସେ ଡାକିନୀସିଦ୍ଧିର ଚେଷ୍ଟା କରୁଥିଲେ ତାହା ପୁଣି ଗୁରୁଦେବଙ୍କ ଅଗୋଚରରେ । ଗୋପନରେ ମୋତେ ତାଙ୍କର ଉତ୍ତରସାଧିକା ହେବା ଲାଗି ଏପରି ପ୍ରବଳ ଭାବରେ ସାଧ-ସାଧନା ଆରମ୍ଭ କଲେ ଯେ ମୁଁ ଗୁରୁଙ୍କ ପରାମର୍ଶ ନ ନେଇ ତାଙ୍କ ଇଚ୍ଛାର ପ୍ରଭାବରେ ହିଁ ସମ୍ମତି ଜଣାଇ ଏକସମୟରେ ଗୋପନରେ ତାଙ୍କ ସଙ୍ଗେ ସେଠାରୁ ଚାଲି ଆସିଲି । ଅଘୋରନାଥ ଆସାମର ପରଶୁରାମ-କୁଣ୍ଡ ନିକଟରେ ଗୋଟିଏ ସ୍ଥାନ ସାଧନ ଓ ସିଦ୍ଧି ନିମନ୍ତେ ଠିକ୍ କରିଥିଲେ । ସେଠାକୁ ଯାଇ ଅଳ୍ପ ଦିନ ମଧ୍ୟରେ ତା'ର ଆୟୋଜନ ସମ୍ପୂର୍ଣ୍ଣ କରିସାରି କର୍ମ ଆରମ୍ଭ କଲେ । ମୁଁ ଏହିସବୁ କାର୍ଯ୍ୟରେ ପଟୁ ଥିଲି, ଆଉ ଅଘୋରନାଥ ସେତେବେଳ ପର୍ଯ୍ୟନ୍ତ ହିଁ ଥିଲେ ନିଷ୍କଳଙ୍କ, ତେଜସ୍ୱୀ, ବୀରାଚାରର ଉପଯୁକ୍ତ ସାଧକ । କିନ୍ତୁ ବୀରାଚାର ସିଦ୍ଧି ପୂର୍ବରୁ ଯେ ସେ ଏହି କର୍ମରେ ଲାଗିଗଲେ, ସେଇଟା ହିଁ ତାଙ୍କର ଭୁଲ ହେଲା । କାରଣ ବୀରାଚାରରେ ସିଦ୍ଧି ନ ଥିଲେ ଡାକିନୀସିଦ୍ଧି ପଥରେ ଯିବାରେ କାହାର ସାଧ ନୁହେଁ । କିନ୍ତୁ ତାଙ୍କର ଧାରଣା ହୋଇଥିଲା ଯେ ସେହି ସିଦ୍ଧି ନିଶ୍ଚିତ ରୂପେ ହେବ । ମୋ' ଦିଗରୁ କୌଣସି ତ୍ରୁଟି ନ ଥିଲା–ମୁଁ ତାଙ୍କୁ ପ୍ରଥମରୁ ହିଁ ସାବଧାନ କରାଇଥିଲି ଯେ ବୀରାଚାର-ସିଦ୍ଧ ନ ହୋଇ ସେସବୁ କରିବା ଠିକ୍ ନୁହେଁ । କିନ୍ତୁ ଅଘୋରନାଥ ଚଟ୍ଟଗ୍ରାମଠାରେ ଗୁରୁ ତିଲୋପାଙ୍କ କଥା ଶୁଣିଥିଲେ, ଯିଏ ବୀରାଚାର ସାଧନ ନ କରି ମଧ୍ୟ ଡାକିନୀସିଦ୍ଧ ହୋଇଥିଲେ । କିନ୍ତୁ ତିଲୋପାଙ୍କ ତିର୍‌ବତୀ ଗୁରୁ ଯେ ତାଙ୍କ ପଛରେ ଥିଲେ, ଆଉ ତିଲୋପା ଯେ ଆକୁମାର ବ୍ରହ୍ମଚାରୀ, ଏକଥା ଅଘୋରନାଥ ମନରେ ଗ୍ରାହ୍ୟ କଲେ ନାହିଁ । ଯାହାହେଉ, ତାଙ୍କର ସାଧନ ଆରମ୍ଭ ହେଲା ।''

''ମାତ୍ର ତିନୋଟି ଦିନ ସେ ଆସନରେ ସ୍ଥିର ରହିପାରିଥିଲେ । ତା' ପରଠାରୁ ତାଙ୍କର ପତନ ଘଟିଲା । ପ୍ରଥମେ ସେ ବହୁ ବିଭୀଷିକା ଦେଖିବାକୁ ଲାଗିଲେ । ସେହି ସମୟରେ ଉତ୍ତର-ସାଧିକାର ଯାହା କରଣୀୟ, ସେସବୁ ମୁଁ ଠିକ୍ ରୂପେ କଲି–ତା'ର ଫଳସ୍ୱରୂପ ସେହି ଅବସ୍ଥା ଅତିକ୍ରମ କରିବା ସଙ୍ଗେସଙ୍ଗେ ହିଁ ମନ୍ତ୍ରର ଅସଂଲଗ୍ନ ଉଚ୍ଚାରଣ ଫଳରେ ଓ ନିଜ ଶକ୍ତିର ଅହଙ୍କାର ଦ୍ୱାରା ତାଂଙ୍କ ଭିତରେ ପ୍ରବଳ ପ୍ରତିକ୍ରିୟା ଆରମ୍ଭ ହୋଇଗଲା । ତାହାହିଁ ତାଙ୍କର ପତନର କାରଣ ହେଲା । ପ୍ରବଳ ଉତ୍ତେଜନା ବଶରେ ଇନ୍ଦ୍ରିୟପରତନ୍ତ୍ର ହୋଇ ମୋ'ର ସିଦ୍ଧିପଥରେ ମଧ୍ୟ ଯେଉଁ ବିଘ୍ନ ଘଟାଇଲେ, ତଦ୍ୱାରା ଏ ଜୀବନରେ ମୋ'ର ଆଉ କୌଣସି ସିଦ୍ଧିର ଆଶା ଅଛି କି ନାହିଁ, ତାହା ମୁଁ ଜାଣେ ନାହିଁ । ସେ ନିଜର ସର୍ବନାଶ ସହ ବୋଧହୁଏ ମୋ'ର ସାଧନ ଓ ସିଦ୍ଧିର ଜୀବନକୁ ମଧ୍ୟ ନଷ୍ଟ କରିଦେବା ପରି ଅବସ୍ଥା ସୃଷ୍ଟି କରିଦେଇଥିଲେ । ଏହାପରେ ପତିତ ଅବସ୍ଥାରେ ଅଧାପାଗଳ ପରି ସେଠାରୁ

ଚାଲିଆସିଲେ । କ୍ରମେ ମୋ' ଉପରେ ତାଙ୍କର ବିଦ୍ୱେଷ, ଶତ୍ରୁତା, ହିଂସାବୃତ୍ତି ଏପରି ପ୍ରବଳ ହୋଇଉଠିଲା ଯେ ଯାହାକୁ ଆଗରେ ଦେଖୁଥିଲେ, ତାକୁ ଡାକିଆଣି ଦେଖାଇଦେଇ ଚିତ୍କାର କରି କହିବାକୁ ଲାଗିଲେ—ଏହି ରାକ୍ଷସୀ ପିଶାଚୀ ସର୍ବନାଶୀ ହିଁ ମୋ'ର ସର୍ବନାଶ କରିଛି । ମଝିରେ ମଝିରେ ମୋତେ ପ୍ରହାର କରିବାକୁ ଲାଗିଲେ, ଅବଶ୍ୟ ପରେ ପରେ ପୁଣି କନ୍ଦାକଟା କରି କ୍ଷମା ମାଗୁଥିଲେ । ଏ ପରିସ୍ଥିତିରେ ମୋ' ପକ୍ଷେ ସେଠାରେ ରହିବା ଅସମ୍ଭବ ହେଲା । ତା'ଛଡ଼ା ଏତେ ସବୁ ସହ୍ୟ କରି ମଧ୍ୟ ମୁଁ ତାଙ୍କର କୌଣସି କଲ୍ୟାଣ କରିପାରିବି ନାହିଁ ବୋଲି ଯେତେବେଳେ ମୋ'ର ଦୃଢ଼ ପ୍ରତ୍ୟୟ ହେଲା, ମୁଁ ସେତେବେଳେ ତାଙ୍କୁ ତ୍ୟାଗକରି ପଳେଇ ଆସିଲି । ଅନେକ ଦିନ, ଅନେକ କଷ୍ଟ ସହ୍ୟ କଲା ପରେ ମାତ୍ର ଏହି କିଛି ମାସ ହେଲା ଏଠାକୁ ଆସିଛି—ସେହିଦିନଠାରୁ ଏଠାରେ ହିଁ ରହିଛି । ଏବେ ବାବା ଆଶା ଦେଇଛନ୍ତି ଯେ ତାଙ୍କର ପ୍ରବର୍ତ୍ତିତ ନିୟମରେ ରହିପାରିଲେ, ମୁଁ ପୁଣି ସିଦ୍ଧିର ଜୀବନ ପ୍ରାପ୍ତ ହେବାର ନିଶ୍ଚିତ ସମ୍ଭାବନା ପ୍ରାୟ ପୂର୍ଣ୍ଣ ଭାବରେ ହିଁ ଅଛି । ତେବେ ମନରେ କୌଣସି ସିଦ୍ଧିର ଆକାଂକ୍ଷା ମୋ'ର ଆଉ ନାହିଁ । ତେଣେ ଅଘୋରନାଥଙ୍କର ଆଉ କଲ୍ୟାଣର ସମ୍ଭାବନା ନାହିଁ; ବାବା କହନ୍ତି, ତାଙ୍କର ଦମ୍ଭ ଓ ଅହଙ୍କାର ଯେତେ ଅଧିକ, ଲୋଭ ମଧ୍ୟ ତତୋଽଧିକ । ଏପରି ଲୋକ କେବେହେଲେ କେଉଁ ଦିନ ସିଦ୍ଧିଲାଭ କରିପାରିବ ନାହିଁ । ଡାକିନୀସିଦ୍ଧି ଅତୀବ ଭୟାନକ, ବର୍ତ୍ତମାନ ଏସବୁ ଚେଷ୍ଟା କରିବା ନିଷେଧ; କାରଣ ସେ ଦିଗରେ ସାଧନା ଲାଗି ସିଦ୍ଧ ଗୁରୁ ମିଳନ୍ତି ନାହିଁ । ଗୁରୁ ନିଜେ ଉତ୍ତର-ସାଧକ ନ ହେଲେ ସେଥିରେ ସିଦ୍ଧିଲାଭ ଅସମ୍ଭବ । ଗୁରୁ କହନ୍ତି ଯେ ଏପରି ସିଦ୍ଧି କାଳରେ ଲୁପ୍ତପ୍ରାୟ । ଏହି ହେଲା ମୋ' କଥା ।''

ଏଲୋକେଶୀ ଧୀରେ ଧୀରେ ଉଠି ଚାଲିଗଲେ ।

ମୁଁ କିଛି ସମୟ ବସି ରହିଲି । ଭାବିଲି, ଏବେ ହୁଏତ ଭୈରବ ଚାଲିଯାଇଛନ୍ତି । ବର୍ତ୍ତମାନ ବାବାଙ୍କୁ ପ୍ରଣାମ ଜଣାଇ ନିଜ ଆସ୍ଥାନକୁ ଯିବି । ବାବାଙ୍କ ଘରର ଦରଜା ପାଖକୁ ଯେତେବେଳେ ଯାଉଛି, ଭୈରବଙ୍କ ଆଓ୍ୱାଜ ଶୁଣିବାକୁ ପାଇଲି । ଏପର୍ଯ୍ୟନ୍ତ ସେ ଯାଇନାହାନ୍ତି କିମ୍ବା କଥା ଶେଷ ହୋଇନାହିଁ । ବାହାରେ ଠିଆହୋଇ ସେମାନଙ୍କ କଥା ଶୁଣିବାକୁ ଇଚ୍ଛା ହେଲା । ଶୁଣିଲି, ଭୈରବ ବିରକ୍ତ ହୋଇ କହୁଛନ୍ତି, ''ଆପଣ ମୋ'ର ପତନର ହିଁ କଳ୍ପନା କରୁଛନ୍ତି, ମୋ'ର ପତନ କାହିଁକି ହେବ ? ମୋ' ମନୋମତ ଜଣେ ଭୈରବୀର ଶକ୍ତିଲାଭ ହେଲେ ହିଁ ତ ତାକୁ ନେଇ ମୁଁ ଗୋଟିଏ ଜାଗାରେ ବସିଯିବି, ସେତେବେଳେ ବୀରାଚାରର ସିଦ୍ଧି ପାଇବାକୁ ମୋତେ ବନ୍ଦ କରିବ କିଏ ?''

ଉମାପତି, ''ପତନ କରିବ ତୁମ ପ୍ରକୃତି, ତୁମର ଭୋଗପ୍ରବୃତ୍ତି, ଆଉ କିଏ ତୁମର ପତନ କରିବ ? ଯେଉଁ ସାଧକ ବୀରାଚାରୀ ହେବ, ସେ କ'ଣ ଏହିପରି ପଶୁଭାବର ଗଣ୍ଡି ଭିତରୁ ସୁଶ୍ରୀ ଯୁବତୀ ଦେଖିଲେ ହିଁ ତାକୁ ଟାଣିନେଇ ଯେଉଁଠି ନାଇଁ ସେଇଠି ଶକ୍ତି ପ୍ରୟୋଗ କରିବ ?''

ତତ୍‌କ୍ଷଣାତ୍ ଭୈରବ କହିଲେ, ''କାହିଁକି ? କେଉଁଠାରେ ମୁଁ ଯେଉଁଠିସେଇଠି ତାହା କରିଛି ?''

ଉମାପତି କହିଲେ, ''କାହିଁକି, ମୁଁ ଶୁଣିଛି, ସେଦିନ ଏଠାକୁ ଆସିବା ସମୟରେ ରେଳରେ ବସି ବସି ଜଣେ ଭଦ୍ରଘରର ମହିଳାଙ୍କୁ ମରଣ-ଦଶାରେ ପକାଇଥିଲ ଶକ୍ତି-ପ୍ରୟୋଗ କରି ?'' ପ୍ରତିବାଦରେ ଭୈରବ କହିଲେ, ''ସେ ସ୍ତ୍ରୀଲୋକଟି ଦୁର୍ବଳ ଥିଲା—ସେଥିଲାଗି ସେ ଅଚେତନ ହୋଇ ପଡ଼ିଲା । ସେଥିରେ ମୋ'ର ଦୋଷଟା ରହିଲା କେଉଁଠି ?''

ଉମାପତି, ''କାହିଁକିନା ତୁମେ ଭିନ୍ନ ପ୍ରକୃତିର, ଭିନ୍ନ ସମ୍ପ୍ରଦାୟର ନାରୀ ଉପରେ ଶକ୍ତି ପ୍ରୟୋଗ କରିବାକୁ ଗଲ । ଏହା କରିବାକୁ ଯିବା ପୂର୍ବରୁ କାହିଁକି ଭାବି ଦେଖିଲ ନାହିଁ ଯେ ସେ କୁମାରୀ ନା ବିବାହିତା, ସଙ୍ଗରେ ଯେତେବେଳେ ତାର ଅଭିଭାବକ ଥିଲେ ?'' ଭୈରବ କହିଲେ, ''ତା'ଠାରେ ବିବାହିତାର କୌଣସି ଲକ୍ଷଣ ଦେଖି ନଥିଲି, କପାଳରେ ବା ସିଛିରେ ସିନ୍ଦୂର ବିନ୍ଦୁଟିଏ ମଧ୍ୟ ନଥିଲା ।''

ଶୁଣିନେଇ ଉମାପତି ବାବା କହିଲେ, ''ଯେତେବେଳେ ସେ ଅଚେତନ ହେଲା, ସେତେବେଳେ ବୁଝିପାରିଥିବ ଯେ ବ୍ୟାପରଟି ପ୍ରକୃତିବିରୁଦ୍ଧ ହୋଇଯାଇଛି—ସେତେବେଳେ କ'ଣ ସମ୍ଭାଳି ପାରିଲ ନାହିଁ ?'' ଉତ୍ତର ନଥିଲା । ଉମାପତି ପୁଣି କହିଲେ, ''କହୁନା, ଯେତେବେଳେ ତୁମେ ବୁଝିଲ ଯେ ତା'ର ପ୍ରକୃତି ସଙ୍ଗେ ତୁମର ବିରୁଦ୍ଧ ସମ୍ପର୍କ, ସେ ତୁମର ଶକ୍ତିକୁ ପ୍ରତିହତ କରିବାକୁ ଯାଇ ଏକ ସାମୟିକ ଦୁର୍ବଳତା ଯୋଗୁ ଅଚେତନ ହୋଇଥିଲା, ଯେତେବେଳେ ତୁମେ ତାକୁ ଆକୃଷ୍ଟ କରିବାକୁ ପାରିଲ ନାହିଁ, ସେତେବେଳେ ତା'ର ଚୈତନ୍ୟ ସମ୍ପାଦନ ନ କରି, ତା' ସ୍ୱାମୀକୁ ତୁମ ପାଖକୁ ଆସିବା ଲାଗି ଠିକଣା ଦେଇ ଚାଲିଆସିଲ କାହିଁକି ? ତୁମର କ'ଣ ଆଉ ଥରେ ଶକ୍ତି ପ୍ରୟୋଗ କରିବାର ମତଲବ ନୁହେଁ କି ?''

ଆଶ୍ଚର୍ଯ୍ୟ ! ସେ କିପରି ଏତେ ଖୁଣ୍ଟିନାଣ୍ଟି ଜାଣିବାକୁ ପାଇଲେ ? ନିଶ୍ଚୟ କୌଣସି ପ୍ରତ୍ୟକ୍ଷଦ୍ରଷ୍ଟା ଠାରୁ ଶୁଣିଛନ୍ତି । ଭୈରବର ମୁହଁରେ କଥା ନାହିଁ—ରେଳରେ ଯେପରି କାନ୍ଧ ସିଧା କରି ଦୃଷ୍ଟି ତଳକୁ କରି ବସିବା ଦେଖିଥିଲି, ଠିକ୍ ସେହିପରି ବସିରହିଲେ ।

ଉମାପତି ପୁଣି କହିଲେ, ''ତା'ପରେ ଏଠାକୁ ଆସି କୈଳାସ ପଣ୍ଡାର ଝିଅକୁ...''

ବାଧାଦେଇ ଭୈରବ କହିଲେ, ''ସିଏ ତ କୁମାରୀ ହିଁ ଥିଲା ।'' ବାବା ଉମାପତି କହିଲେ, ''ତା'ହେଲେ ବି, ତୁମ ପରି ଏପରି ଜଣେ ପଶୁ, ଏହି ମହାପୀଠର ମା'ଙ୍କର ଗୃହସ୍ଥ-ସେବକର କୁମାରୀ ଝିଅକୁ ଭୈରବୀ କରିବାର ଆଶା କଲେ କ'ଣ ହେବ ? ତା'ର ପ୍ରତିବାଦ ଓ ଉପେକ୍ଷା ସତ୍ତ୍ୱେ ତା'କୁ ସ୍ପର୍ଶ କରିବାକୁ ଗଲ କେଉଁ ଅଧିକାରରେ ? ଏହା ତୁମର ମତିଚ୍ଛନ୍ନ ବୋଲି କହିବି ନା କ'ଣ କହିବି ? ଏବେ ତୁମେ ଏଲୋକେଶୀକୁ ଧରିବା ଚେଷ୍ଟାରେ ଏଠାକୁ ଯିବାଆସିବା ଆରମ୍ଭ କରିଛ । ତା'ର ଅସଲ ରୂପଟି ଦେଖିନାହଁ ।

ତେଣୁ ସାବଧାନ କରି ଦେଉଛି—ତା' ପାଖକୁ ଯାଅନାହିଁ । ଜଣେ ମରିବାକୁ ବସିଲାଣି, ତୁମେ ମଧ ମରିବ ? ତୁମେ ତାକୁ ଚିହ୍ନି ନାହଁ, ମୁଁ ଚିହ୍ନିଛି । ତେଣୁ ଏତିକି କହି ସାବଧାନ କରିଦେଉଛି ।''

ଏହାପରେ ସବୁ ଚୁପ୍‌ଚାପ୍—ଘରେ ଯେପରି କେହି ନଥିବା ପରି ପରିବେଶ । କେତେ ସମୟ ପରେ ଉମାପତି କହିଲେ, ''ଏତେ ସବୁ ଜାଣି, ଏତେ କଥା ଶୁଣି ମଧ ତୁମର ଚେତନା ଉଦୟ ହେଲା ନାହିଁ ? କେଉଁ ବାଟରେ ତୁମର ସ୍ୱଭାବଗତ ମନର ଏହିସବୁ ତୁଚ୍ଛ ଦୁଷ୍ପ୍ରବୃତ୍ତିରୁ ମୁକ୍ତ ହୋଇ, ଶକ୍ତି-ସାଧନରେ ଯଥାର୍ଥ ଉନ୍ନତ ହୋଇପାରିବ, ତନ୍ତ୍ରଧର୍ମର ଉଦ୍ଦେଶ୍ୟ ସଫଳ କରିପାରିବ, ସେହି ଅନୁସନ୍ଧିତ୍ସା ଆସିଲା ନାହିଁ ! କିପରି ତୁମର ଭଲ ହେବ ? ଆଶ୍ଚର୍ଯ୍ୟ !''

ଥରେ ମୁହଁ ତୋଳି ସେ କହିଲେ, ''ଆପଣ ବିଶ୍ୱାସ କରିବେ ?'' ଉମାପତି ଭ୍ରୂକୁଞ୍ଚିତ କରି କହିଲେ, ''ଅବିଶ୍ୱାସ ଆସିବ କାହିଁକି, ତୁମ କଥା ସତ୍ୟ ହୋଇଥିଲେ ?''

ମୁଁ ଏତେବେଳଯାଏ ଏହି କଥା ଚିନ୍ତା କରୁଥିଲି । ସତରେ, ବଡ଼ କରୁଣ ସ୍ୱରରେ ସେ କହିଲେ, ''ମୋର ଯେଉଁଟା ଭୁଲ ତାହା ଆପଣ ମୋ' ଆଖିରେ ଆଙ୍ଗୁଠି ଗେଞ୍ଜି ଦେଇ ଦେଖାଇ ଦେଇଛନ୍ତି, ଆପଣ ମୋ'ର ଗୁରୁ । ଏହାପରେ ଯଦି ମୁଁ ସଂଶୋଧନ ବାଟରେ ନ ଯାଏ, ତାହାହେଲେ ମୋ'ର ସର୍ବନାଶରେ ବିଳମ୍ବ ହେବ ନାହିଁ । ଆଜିଠାରୁ ମୁଁ ଆପଣଙ୍କର ଅନୁଗତ ହେଲି । ଆପଣ ମୋତେ ଉପଦେଶ ଦିଅନ୍ତୁ, କିପରି ମୁଁ ସାଧନ ପଥରେ ଯାଇପାରିବି ?''

ବର୍ତ୍ତମାନ ଦେଖିଲି, ତାଙ୍କ ମୁଖର ଭାବ ପରିବର୍ତ୍ତିତ, କିନ୍ତୁ ସେଥିରେ ଦୃଢ଼ତାର ଭାବ ତିଳେମାତ୍ର ନାହିଁ । ''ଦେଖ'', ବାବା କହିଲେ, ''ଭୈରବକୁ ଧରି ଗୋଟାଏ କ'ଣ ମନ୍ତ୍ର ନେଇ କିଛିଦିନ ଜପତପ କରି ନିଜକୁ ଖୁବ୍ ଶକ୍ତିମାନ ମନେକରୁଥିଲ । ଶକ୍ତି ଗ୍ରହଣ କରିବା ଉଦ୍ଦେଶ୍ୟ ନେଇ ସୁଶ୍ରୀ ବା ଯୁବତୀ ନାରୀ ପଛେ ପଛେ ଘୂରିବୁଲି ତାକୁ ଅଧିକାର କରିବାର ଚେଷ୍ଟା ଯେ ତୁମକୁ ଅଧଃପତନ ଦିଗକୁ ନେଇ ଚାଲିଛି, ତାହା ତୁମେ ବୁଝିପାରୁନାହଁ । ଏହି ଭାବରେ କ'ଣ ଶକ୍ତି ସଂଗ୍ରହ କରାଯାଇପାରେ ? ଯାହାଠାରୁ ଦୀକ୍ଷା ନେଇଛ, ସେ କ'ଣ ତୁମକୁ କିଛି ନିର୍ଦ୍ଦେଶ ଦେଇନାହାନ୍ତି ?'' କିଛିକ୍ଷଣ ଚିନ୍ତା କରି ଭୈରବ କହିଲେ, ''ସେ ତ ଏହି ରକମ ହିଁ କହିଥିଲେ, ବୁଲୁବୁଲୁ ତୁମେ ତୁମର ଶକ୍ତି ଖୋଜି ପାଇବ, ତାଙ୍କୁ ହିଁ ଉତ୍ତର-ସାଧିକା କରିନେଇ ସାଧନ କରିବ ।''

ଉମାପତି କହିଲେ, ''ନା ନା, ତାହା ନିୟମ ନୁହେଁ—ବଜାରର ଶକ୍ତି ନେଇ କାମ ହେବ ନାହିଁ, ଜୀବନଟା ମାଟି ହୋଇଯିବ । ନିଶ୍ଚୟ ତୁମେ କେଉଁ ଭଦ୍ରଘରର ପୁଅ । ତୁମକୁ ଯଦି ଏ ପଥରେ ଆସିବାକୁ ମନ ଥିଲା, ତୁମର ଉଚିତ୍ ହୋଇଥାନ୍ତା ସ୍ୱ-ସମ୍ପ୍ରଦାୟରେ ବିବାହ କରି ଭଲପାଇ ତାକୁ ଆଦରରେ ବାନ୍ଧିରଖି ଶିକ୍ଷାଦେଇ ଯଦି ଶକ୍ତିରେ ପରିଣତ

କରି ଦେଇଥାନ୍ତ, ଏସବୁ ପାତକ ମଧ୍ୟରେ ପଡ଼ିବାକୁ ହୋଇ ନଥାନ୍ତା । ଏହି ଉପାୟଟି ହିଁ ସହଜ, ନିରାପଦ । ତଦ୍ୱାରା ସାଧନର କଥାସବୁ ସୁବିଧା ହୋଇଥାନ୍ତା । ତାହାହିଁ ତନ୍ତ୍ରର ଉପଦେଶ । ସାଧାରଣଙ୍କ ନିକଟରେ ତୁମପରି ଲୋକର ପାତକର ସୀମା ନାହିଁ । ତନ୍ତ୍ରଧର୍ମର ନାମ ତୁମେ ହିଁ ଡୁବାଇଛ । ବଜାରର ଭୈରବୀ ଧରି କ'ଣ ଶକ୍ତି-ସାଧନ ହେବ ? ବଜାର ଭୈରବୀ ତ ବେଶ୍ୟାତୁଲ୍ୟ, କେତେ ପଶୁଙ୍କ ଦ୍ୱାରା ପରିତ୍ୟକ୍ତା ହୋଇ ଆଉ ଗୋଟିଏ ପଶୁକୁ ଖୋଜିବୁଲୁଥାଏ । ତୁମର ଏହି ଉନ୍ମାଦଗାମୀ ମନ ହିଁ ତୁମକୁ ବୁଡ଼ାଇବ, ଦେଖୁଛି ।''

ଭୈରବ କହିଲେ, ''ମୁଁ ଏବେ ସବୁ ବୁଝି ପାରୁଛି, ଏବେ ମୋତେ କ୍ଷମା କରନ୍ତୁ ।''

ଉମାପତି କହିଲେ, ''ଯଦି ସତରେ ସୁପଥରେ ଯିବାକୁ ଚାହଁ, ତାହା ହେଲେ ଘରକୁ ଫେରିଯାଅ, ଯାଇ ବିବାହ କର । ତା'ପରେ ଦୁଇଜଣ ଏକସଙ୍ଗରେ ମୋ' ପାଖକୁ ଆସ, ସେତେବେଳେ ତୁମ ଦୁହିଁଙ୍କୁ ଉପାୟ କହିଦେବି । ରାଜି ଅଛ ?

''ନିଶ୍ଚୟ । ତା'ହେଲେ ମୋତେ ଗୃହୀ ହେବାକୁ କହୁଛନ୍ତି ?''

ବାବା କହିଲେ, ''ତାହାହିଁ ତ କହୁଛି ।''

ଭୈରବ କହିଲେ, ''ତାହା ହେଲେ ପୁଅଝିଅ ହେବେ, ସେମାନଙ୍କ ପଛରେ ତ ଦିନ ବିତିଯିବ, ଚେଷ୍ଟା କରି ଅର୍ଥ ଉପାର୍ଜନ କରିବାକୁ ହେବ ।''

''କାହିଁକି ଜାଣ ? ଏହିଠାରେ ହିଁ ତୁମର ସଂଯମର ପରୀକ୍ଷା ହୋଇଯିବ । ବ୍ରହ୍ମଚର୍ଯ୍ୟ ପାଳନ କରିବ, ସନ୍ତାନ କାହିଁକି ହେବ ? ପ୍ରଥମେ ଇନ୍ଦ୍ରିୟ ସଂଯମ । ତୁମର ପ୍ରବୃତ୍ତିକୁ ସଂଯମ କରିବ, ତାକୁ ଶକ୍ତିମନ୍ତ୍ର ଜପ, ଧ୍ୟାନରେ ଲଗାଇବ । ଯାହା ଉତ୍ତମ ହେବ, ତାହା ସଂଯମ ଦିଗରେ ପ୍ରୟୋଗ କରିବ । ତଦ୍ୱାରା ଶକ୍ତି ଅଧିକରୁ ଅଧିକ ବଢ଼ିବ, ଏହିପରି ଜୀବନକୁ ଚଳାଇ ନେବାକୁ ପଡ଼ିବ । କେଉଁ ଭାବରେ ଉଦ୍ଦାମ ପ୍ରବୃତ୍ତିର ସ୍ରୋତରେ ଭାସି ନ ଯାଇ ସଂଯତ ଉପାୟରେ ସାଧନପଥରେ ଅଗ୍ରସର ହେବାକୁ ପଡ଼ିବ ।'' ତାହା ସେ ଅତି ମୃଦୁସ୍ୱରରେ କହିବାକୁ ଲାଗିଲେ, ଏବେ ଆଉ ଗଳାର ଆୱାଜ ଶୁଣାଗଲା ନାହିଁ ।

ମୁଁ ଫେରିଯାଇ ପୁଣି ନିଜ ଆସନରେ ବସି ପରେ ଆସିବି ବୋଲି ଚାଲିଆସିଲି । ଏହିକଥା ଚିନ୍ତାକରି ମନରେ ଏତେ ଆନନ୍ଦ ହୋଇଥିଲା ଯେ ବାବା ଏହି ମୂଢ଼ଚିତ୍ତ ଲୋକଟିକୁ ବଦଳାଇବାକୁ ଲାଗିଲେ । ଫେରିଆସି ପୁଣି ସେଠାରେ ବସିଗଲି– ଶ୍ରଦ୍ଧା ନ ଜଣାଇ, ପ୍ରଣାମ ନ କରି ଫେରିବି ନାହିଁ ବୋଲି ଚିନ୍ତା କରି ।

ଆଶ୍ଚର୍ଯ୍ୟ, ଉମାପତି ବାବାଙ୍କ ଶକ୍ତିକଥା ଭାବୁଭାବୁ ଯେପରି ନିଜର ସ୍ୱାର୍ଥ କଥାରେ ଆସି ପହଞ୍ଚିଲି । ତା'ପରେ, ଭୈରବଙ୍କ କାମ ଏ ଭିତରେ ହୁଏତ ଶେଷ ହୋଇଯାଇଥିବ ଭାବି, ଏହାପରେ କ'ଣ ହେଲା, ଜାଣିବାକୁ ଏକ କୌତୂହଳ ଯେ ନଥିଲା, ଏପରି ନୁହେଁ । ଧୀରେ ଧୀରେ ସେ ଦିଗକୁ ଚାଲିଲି । କିଛି ପାଦ ଆଗେଇବା ପରେ ଦେଖେ ଯେ ସେହି

ଦୁଇ ମୂର୍ତ୍ତି ପାଦରେ ଚାଲି ଚାଲି ଆଶ୍ରମର ବାହାରେ ପହଞ୍ଚି ଗୋଟିଏ ଗଛ ନିକଟରେ ଠିଆହୋଇ କଥାବାର୍ତ୍ତା ହେଉଛନ୍ତି ।

ଟିକିଏ ଅଟକି ଗଲି । ଶୁଣିଲି ଉମାପତି କହୁଛନ୍ତି, ''ତୁମର ଭାଗ୍ୟ ଭଲ, ଯେହେତୁ ତୁମେ ତାଙ୍କ ସହ ପ୍ରଥମରୁ କଥା କହିବାକୁ ଯାଇ ନାହଁ, ମୋ' ନିକଟକୁ ଆସିଥିଲ । ବର୍ତ୍ତମାନ ନିଜର କଲ୍ୟାଣ ଚାହ ତ, ଯାହା କହିଲି ତାହା କର । ଆଉ ଦିନଟିଏ ମଧ୍ୟ ଏଠାରେ ରୁହ ନାହିଁ । ଏହା ଦେବୀ କାମାକ୍ଷାଙ୍କ ନିଜର ପ୍ରଭାବାଧୀନ ପ୍ରିୟ ସ୍ଥାନ—ଏଠାରେ ତୁମ ପରି ଛାଗଳଜାତୀୟ ପଶୁଙ୍କର ସ୍ଥାନ ନାହିଁ । ଛାଗଳ ସହ ତନ୍ତ୍ରୋକ୍ତ ଦେବୀ ଉପାସନାର ସମ୍ବନ୍ଧଟା କ'ଣ, ଜାଣ ତ ?'' ଉତ୍ତର ଦେଇ ସେ କହିଲେ—''କିଏ ନ ଜାଣେ ଏ କଥା ?'' ଉମାପତି କହିଲେ, ''ଜାଣିଛ ଯଦି, ଏସବୁ କୁକର୍ମରେ ଲିପ୍ତଥିଲ କାହିଁକି ? ଏହି କାମାକ୍ଷାରେ ଛାଗଳ ଆସିଲେ ହିଁ ମା'ଙ୍କ ଠାରେ ବଳି ପଡ଼ିଥାଏ—ଏହା କେତେ ବିରାଟ ପୀଠସ୍ଥାନ, ତାହା କ'ଣ ତୁମକୁ ଜଣା ନାହିଁ ? ଏହା ବୀରଙ୍କ ପୀଠ, ବୀର ହୋଇସାରି ଆସ, ଦିବ୍ୟ ଅଧିକାରୀ ହୋଇପାରିବ ।''

ଏହା ଶୁଣିଲା ପରେ ପ୍ରଣାମ କରି ପଦଧୂଳି ନେଇ ସେ ଚାଲିଗଲେ । ଦେଖିଲି, ଆଉ ସେ ଯେପରି ପୂର୍ବର ମଣିଷ ନୁହନ୍ତି ।

× × × × ×

ପରଦିନ ପ୍ରାତଃକୃତ୍ୟ ଶେଷ କରିସାରି ମୁଁ ସେହି ଶିଳାସନରେ ବସିଲି । କେଉଁ ଗୁଣ ଯୋଗୁ ଜାଣେ ନାହିଁ, ଏହି ଶିଳାସନରେ ମୋ'ର ଧ୍ୟାନ ଖୁବ୍ ଭଲ ହୁଏ । ସର୍ବ ଦୁଃଖହର ଏହି ଆସନଟି । ମୋର ଆଖି ଖୋଲି ମଧ୍ୟ ମୁଁ ଧ୍ୟାନରେ ଡୁବିଯାଏ । ଅନ୍ୟ ସ୍ଥାନରେ ଆସନ ପାତି ବସିବା ପରେ ଚିତ୍ତ ସ୍ଥିର ହେବାକୁ ଅନେକ ସମୟ ଲାଗିଯାଏ—ତେବେଯାଇ ଜପ ଆରମ୍ଭ କରିବାକୁ ପଡ଼େ । ତେବେ କେବେ କେବେ ଧ୍ୟାନ ହୋଇପାରେ, କେଉଁ କେଉଁ ଦିନ ବା ହୋଇପାରେ ନାହିଁ । କିନ୍ତୁ ଏହି ଶିଳାସନରେ ବସିଲେ ଧ୍ୟାନ ସହଜ ଭାବରେ ଆସି ମୋତେ ଆନନ୍ଦରେ ଭସାଇଦିଏ, କୌଣସି ଚେଷ୍ଟାର ଅପେକ୍ଷା ରଖି ନଥାଏ । ଏହି ଧ୍ୟାନର ଅବସ୍ଥା ପରମ ଲୋଭନୀୟ । ବିଶେଷତଃ ମୋ'ର ବର୍ତ୍ତମାନ ଚଞ୍ଚଳମତି ଅବସ୍ଥା ଏବଂ ସମୟସମୟରେ ବିକ୍ଷିପ୍ତ ଅବସ୍ଥାରେ ଏହି ଧ୍ୟାନ ମୋତେ ଜାଗ୍ରତ ରଖିପାରିଛି । ଏଠାରେ ପ୍ରାୟ ଦୁଇଘଣ୍ଟା କଟାଇ ମୁଁ ଧୀରେ ଧୀରେ ଉଠିପଡ଼ି ଉମାପତି ଆଶ୍ରମରେ ଉପସ୍ଥିତ ହେଲି ।

ଏଠାରେ ଆଉ କିଛି ଧ୍ୟାନ ବିଷୟ ମଧ୍ୟ କହୁଛି । ଧ୍ୟାନାବସ୍ଥାର ଶେଷ ଅବସ୍ଥାରେ ଆସନ ତ୍ୟାଗ କରାଯାଏ । ସେତେବେଳେ ସ୍ପଷ୍ଟ ଧ୍ୟାନାବସ୍ଥା ନ ଥାଏ, ମାତ୍ର ଧ୍ୟାନର ଶେଷ ସ୍ପର୍ଶ ରହିଥାଏ, ଯେପରି ଏକ ନିଶାସକ୍ତ ଅବସ୍ଥା । ଅନ୍ତର କ୍ଷେତ୍ର ଆନନ୍ଦରେ ଭରପୂର—ଆଉ ସ୍ଥୂଳ ଅହଙ୍କାର, ତୁଷାରପ୍ରଭାବରେ ନିର୍ଜୀବ ସର୍ପ ତୁଲ୍ୟ ଏପରି ହିଁ ନିସ୍ତେଜ ଅବସ୍ଥାରେ ଥାଏ ଯେ ସେତେବେଳେ ଏହି ଦୃଶ୍ୟ-ଜଗତର ରୂପ, ଯେତେ ସବୁ ବର୍ଣ୍ଣ ଓ ଆକାରର

ସମାବେଶ ଏହି ଚକ୍ଷୁଦ୍ୱୟ ଗ୍ରହଣ କରିଥାଏ, ସେହି ସୌନ୍ଦର୍ଯ୍ୟର ରସ ଅନ୍ତରରେ ଏକ ଅପୂର୍ବ ସତ୍ତାର ଆଭାସ ଓତଃପ୍ରୋତ ଅନୁଭୂତି ମଧ୍ୟରେ ଧରାଦେଇଥାଏ । ଏହି ଶାନ୍ତ, ସୁଖକର ଅବସ୍ଥାଟି ଅପୂର୍ବ । ମନର ସଂକଳ୍ପ-ବିକଳ୍ପ ମଧ୍ୟ ମଝିରେମଝିରେ ରହିଥାଏ, କିନ୍ତୁ ତାହା ଦ୍ୱନ୍ଦମୟ ନୁହେଁ—ଆମର ପ୍ରତ୍ୟକ୍ଷ ଅନୁଭୂତିର ବାହାରେ ଓ ମଝିରେ ଏକ ସ୍ୱଚ୍ଛ କ୍ଷୀଣ ଆବରଣର ଅନ୍ତରାଳରେ ଘଟୁଅଛି । ଏହି ଭାବରେ ମନର କାର୍ଯ୍ୟକୁ ମଝିରେମଝିରେ ମୁଁ ଲକ୍ଷ୍ୟ କରିଛି ସତ, କିନ୍ତୁ ସେଥିରେ ଆମ ବୁଦ୍ଧିର ସହଯୋଗିତା ନଥାଏ, ବୁଦ୍ଧି ସେତେବେଳେ ତତ୍‌ଗତ । ପ୍ରାଣ ଚୈତନ୍ୟ ହିଁ ମିଳିତ ହୋଇଥାଏ । ବୁଦ୍ଧି ବା ବୋଧ ସ୍ୱଭାବତଃ ଆତ୍ମଚୈତନ୍ୟରୁହିଁ ଉତ୍ପତ୍ତି ହୋଇଥାଏ । ସୁତରାଂ ଏହାର ପ୍ରବଣତା ଏହି ମୁଖରେ, ଏହି ଦିଗରେ ତାହାର ସହଜ ଗତି, ଯାହା ଫଳରେ ତତ୍ତ୍ୱଜ୍ଞାନ ଓ ଆନନ୍ଦମୟ ଅବସ୍ଥା ଆମର ବୋଧ ମଧ୍ୟରେ ହିଁ ଆସିଥାଏ ।

ଜଡ଼ ପ୍ରତି ଅତ୍ୟନ୍ତ ଆସକ୍ତିରେ ବଶ ସାଧାରଣ ମଣିଷ, ମନର ଧର୍ମକୁ ସାର ବୋଲି ଭାବି ଜଗତରେ ବାସ କରୁଅଛି । କ୍ଷୁଦ୍ର ସ୍ୱାର୍ଥକୁ ବଡ଼ କରି ଦେଖୁଥାଏ । ସେଇଥିପାଇଁ ତ ସମାଜର ଏହି ବିକ୍ଷିପ୍ତ ଦଶା । ପରମ ସୁଖରୁ ବଞ୍ଚିତ ହୋଇ ସେ ସ୍ଥୂଳ ସର୍ବସ୍ୱକୁ ଗ୍ରହଣ କରି ଧନ ପଛରେ ସୁଖକୁ ଖୋଜୁଛି । ସହଜରେ ଏହି ଜଡ଼ର ରହସ୍ୟ ଧରାପଡ଼େ ଏହି ଅବସ୍ଥାରେ । ଏହି ଧ୍ୟାନର ସାହାଯ୍ୟ ନେଇ ସକଳ ତତ୍ତ୍ୱ ହିଁ ଆବିଷ୍କାର କରିପାରେ, ସମସ୍ତ ପାର୍ଥିବ ଅପାର୍ଥିବକୁ ।

ଯାହା ହେଉ, ଏହି ଅବସ୍ଥାରେ ଯେତେବେଳେ ବାବା ଉମାପତିଙ୍କ ଆଶ୍ରମରେ ଉପସ୍ଥିତ ହେଲି, ଭୈରବୀ ସେତେବେଳେ ଘର ଭିତରେ କୌଣସି କାମରେ ଲାଗିଥିଲେ—ବାରଣ୍ଡାରୁ ଦେଖିଦେଇ ଠିଆ ହୋଇ ରହିଲି । ସେ ମୋତେ ଦେଖି ନାହାନ୍ତି । ହୁଏତ ଘର ଭିତରକୁ ପଶିଥାନ୍ତି, ଯଦି ଆଶ୍ରମର ସ୍ୱାମୀକୁ ଆସନରେ ଉପବେଶନ କରିବାର ଦେଖିଥାନ୍ତି । ଏଲୋକେଶୀଙ୍କ ନାମ ଧରି କେହି ଭିତରୁ ଡାକିବାରୁ ଭୈରବୀ ଚାଲିଗଲେ । ମୁଁ ଦ୍ୱାର ନିକଟରେ ଠିଆ ହୋଇଛି, ବର୍ତ୍ତମାନ ଘର ଭିତରକୁ ଯିବି କି ନାହିଁ ଭାବୁଛି, ଦେଖିଲି ଭୈରବୀ ପୁଣି ଥରେ ଦୁଆର ବାହାରକୁ ଆସି କହିଲେ, ''ବାବା ଠିକ୍ କହିଛନ୍ତି, ଶିଳ୍ପୀ ଆସିଛନ୍ତି, ତାଙ୍କୁ ବସାଅ । ଭିତରକୁ ଯାଇ ବସନ୍ତୁ, ସେ ଟିକିଏ କାମରେ ବ୍ୟସ୍ତ ଅଛନ୍ତି, ଶେଷ ହେଲାମାତ୍ରେ ଆସିବେ ।'' ସେ ମୋତେ ଭିତରେ ବସାଇଦେଇ ପୁଣି ଚାଲିଗଲେ ନିଜ କାମରେ । ସେ ଭିତରେ ଥାଇ ମଧ୍ୟ ମୋର ଆଗମନ କଥା ଜାଣିପାରିଛନ୍ତି ।

ପ୍ରଥମେ ଗୋଟିଏ କୋଣରେ ପୋତା ହୋଇଥିବା ଏକ ତ୍ରିଶୂଳ ଉପରେ ଆଖିପଡ଼ିଲା । ଉମାପତି ବାବାଙ୍କ ଆସନ ଏହି ତ୍ରିଶୂଳ ନିକଟରେ । ବେଶ୍ ଏକ ପୂରା ଗଦି ଉପରେ ପ୍ରକାଣ୍ଡ ଏକ ବାଘଛାଲ ବିଛାଯାଇଛି । ସେହି ଆସନ ପାଖରେ ବଡ଼ ଚୌକିଟିଏ, ତା' ଉପରେ ରକ୍ତବର୍ଣ୍ଣର ବସ୍ତ୍ର ଆଚ୍ଛାଦିତ । ଅନ୍ୟ ଦିଗରେ କେତେକ ପୋଥି ଲାଲ୍‌କନା ଗୁଡ଼ାଯାଇ ଓ ଲାଲ୍‌ଡୋର ଦେଇ ବନ୍ଧା । ଅନ୍ୟ ଦିଗରେ ଜବାକୁସୁମ, ରକ୍ତଚନ୍ଦନ ଓ ସିନ୍ଦୂର ଦ୍ୱାରା

ଲେପାଯାଇଥିବା ଏକ ନରକପାଳ । ଗୋଟିଏ ଆଡ଼େ ପୋଥି ଏବଂ ଅନ୍ୟ ଆଡ଼େ ଏହି ନରକପାଳ, ଏହି ଦୁଇଟି ମଧ୍ୟରେ କ୍ଷୁଦ୍ର ଏକ କପାଳପାତ୍ର, ତାହା ନିକଟରେ ଗୋଟିଏ କୃଷ୍ଣବର୍ଣ୍ଣର ଯନ୍ତ୍ର ରଖାଯାଇଛି । ଘରଟି ପରିଷ୍କାରପରିଚ୍ଛନ୍ନ । ମଝିରେ ତକିଆ ପଡ଼ିଛି ଆମ ସାଧାରଣଙ୍କ ଲାଗି । ବୁଝିପାରିଲି ଯେ ବାବାଙ୍କର କର୍ମ ସ୍ଥାନଟି ଭିତରେ—ସେହିଠାରେ ହିଁ ତାଙ୍କର ଯଥାର୍ଥ ଆସନ ।

ଖୁବ୍ ଆନନ୍ଦ ମନରେ ବସି ରହିଛି, ଆଉ କେହି ନାହାନ୍ତି । ଏହି ସମୟରେ ପୁଣି ମୋ'ର ତ୍ରିଶୂଳ ଉପରେ ଦୃଷ୍ଟି ପଡ଼ିଲା । ଏପରି ତ୍ରିଶୂଳ ପୂର୍ବେ କେବେହେଲେ ଦେଖି ନଥିଲି । ଛୋଟ ବଡ଼ ନାନା ଆକାରର ତ୍ରିଶୂଳ ବାଲ୍ୟକାଳରୁ ଦେଖିଆସିଛି, ସେଥିଲାଗି ନୁହେଁ—ଏହି ଶୈବ ଅସ୍ତ୍ରଟିର ଆକର୍ଷଣ ଅନ୍ୟଦୃଷ୍ଟିରୁ—ଏହା ଅତି ପ୍ରାଚୀନ ତିଶୂଳ, ମନେ ହେଉନାହିଁ ଯେ ଏହା ଏକାଳରେ ପ୍ରସ୍ତୁତ କିମ୍ବା ଏଠାକାର କୌଣସି ଦେଶୀୟ କମାରଶାଳରେ ଏହା ତିଆରି ହୋଇଛି—ଏହିପରି ଏହାର ଗଠନପରିପାଟୀ, ଯାହା ପ୍ରକୃତରେ ଅପରୂପ ଓ ବୈଚିତ୍ରପୂର୍ଣ୍ଣ । ଦଣ୍ଡ ଓ ତଦୁପରେ ତିନିଗୋଟି ଶୂଳ, ଯାହାର ସଂଯୋଗସ୍ଥଳ ସୁଦୃଢ଼ ଏବଂ କୌଶଳ ଦ୍ୱାରା ସନ୍ନିବିଷ୍ଟ, ସାଧାରଣତଃ ଯାହା ଏପରି ଭାବରେ ହୋଇନଥାଏ । ମନେହୁଏ, ଦଣ୍ଡ ଓ ଶୂଳତ୍ରକୁ ପ୍ରୟୋଜନ ଅନୁସାରେ ପୃଥକ୍ କରାଯାଇପାରେ । ପ୍ରାଚୀନ କାଳରେ କୌଣସି ଅସ୍ତ୍ର ଏପରି ବିଚ୍ଛିନ୍ନ ଅଥବା ବିଭାଜ୍ୟ ଆକାରରେ ଦେଖାଯାଇ ନଥାଏ । ପ୍ରାଚୀନ ଭାରତୀୟ ଅସ୍ତ୍ରଶିଳ୍ପର ଏହା ଏକ ଉତ୍କୃଷ୍ଟ ନିଦର୍ଶନ । ଦଣ୍ଡଟି ଷଡ଼ଭୁଜା, ଅର୍ଥାତ୍ ଗୋଲାକାର ବା ଚତୁଷ୍କୋଣ ନୁହେଁ—ଛଅକୋଣୀ । ମଧ୍ୟସ୍ଥଳର ମୁଷ୍ଟିସ୍ଥଳ ମଧ୍ୟ ବିଚିତ୍ର ଭାବରେ ନିର୍ମିତ । ପ୍ରାୟ ପାଞ୍ଚଫୁଟ ଦୀର୍ଘ ଦଣ୍ଡଟି ତାହା ଉପରେ ଶୂଳତ୍ରୟର ମଧ୍ୟମ ଶୂଳ ପ୍ରାୟ ଏକଫୁଟ ହେବ । ତିନିଗୋଟି ଫଳା ମଧ୍ୟ ତୀର ପରି ତୀକ୍ଷ୍ଣାଗ୍ର । ଏହା ଲକ୍ଷ୍ୟ ଭେଦ କରି କ୍ଷେତ୍ରକୁ ଛିନ୍ନଭିନ୍ନ ନ କରି ସହଜରେ ବାହାରିବା ସମ୍ଭବ ନୁହେଁ । ଏହାକୁ ଅତି ଯତ୍ନରେ ରଖାଯାଇଥାଏ ଏବଂ ମନେହୁଏ, ପ୍ରତିଦିନ ପରିଷ୍କୃତ ହେବାପରି ଉଜ୍ଜ୍ୱଳ, ଆଦ୍ୟନ୍ତ ଚକ୍‌ମକ୍ କରୁଥାଏ । କେବଳ ଉପରିଭାଗର କେତେକାଂଶ ସିନ୍ଦୂରମଣ୍ଡିତ । ଏହା ବିଶୁଦ୍ଧ ଲୌହରେ ପ୍ରସ୍ତୁତ, ଯାହା ପ୍ରାଚୀନ ଭାରତୀୟ ଧାତୁଶିଳ୍ପର ବୈଶିଷ୍ଟ୍ୟ । ଏହା ନ କହିଲେ ମଧ୍ୟ ଚଳିବ । ମନେ ହୁଏ, ଏହା ଏକ ଦିବ୍ୟାସ୍ତ୍ର । ନିକଟରୁ ଭଲକରି ଦେଖିବାକୁ ଇଚ୍ଛା ହେଲା, ଉଠି ପଡ଼ିଲି । ପାଖକୁ ଯାଇ ଦେଖେ ଯେ ଏହା ମାଟିରେ ପୋତାଯାଇ ନାହିଁ । ମଝିରେ ଉପଯୁକ୍ତ ଆୟତରେ ଏକ ଗର୍ତ୍ତରୁ ଶୂଳଟିର ପ୍ରାୟ ଏକଚତୁର୍ଥାଂଶ ତା' ମଧ୍ୟରେ ପୋତା ଯାଇଛି । ସେଥିଲାଗି ତାହା ଦୃଢ଼ ଭାବେ ସିଧା ରହିଛି । ଏଯାବତ୍ ଯେତେ ତ୍ରିଶୂଳ ମୁଁ ଦେଖିଛି, ତାହା ହୁଏତ ଆଶ୍ରମ ମଝିରେ ପୋତା ହୋଇଥାଏ, ନୋହିଲେ କାନ୍ଥରେ ଆଉଜା ହୋଇଥାଏ—ମାତ୍ର ଏଠାକାର ବ୍ୟବସ୍ଥା ପୃଥକ୍ । ପ୍ରୟୋଜନାନୁସାରେ ସହଜରେ ଗ୍ରହଣ କରାଯାଇପାରେ । ସୁତରାଂ କେବଳ ଯେ ପ୍ରତୀକ-ମାତ୍ର ହୋଇ ଅଥବା ଏକ ସଜାଇବା ବସ୍ତୁ ଭାବରେ ଲୋକଙ୍କୁ ଦେଖାଇବା ଲାଗି ଭୈରବ-ଭୈରବୀଙ୍କ ସ୍ଥାନରେ ଯେପରି ରଖାଯାଇଥାଏ, ଏ ତ୍ରିଶୂଳଟି ତାହା ନୁହେଁ । ଅବଶ୍ୟ

ପୂଜାବିଧି ସବୁସ୍ଥାନରେ ଥାଏ । ଆୟୁଧ ପୂଜା ଭାରତୀୟ ସଂସ୍କୃତି । ଆଜିକାଲି ବିଶେଷ ସମ୍ପ୍ରଦାୟ ବ୍ୟତୀତ ବଙ୍ଗଳାରେ ସାଧାରଣ ଭାବରେ ଏହା ଅପ୍ରଚଳିତ ହୋଇସାରିଛି । ଦକ୍ଷିଣ ଭାରତରେ ତାହା ଏ ପର୍ଯ୍ୟନ୍ତ ପ୍ରଚଳିତ ଅଛି । ମୁଗ୍ଧ ହୋଇ ଦେଖୁଥିଲି, ଆଉ କେତେ କ'ଣ ଭାବୁଥିଲି । ଯାତ୍ରା-ଥିଏଟରରେ ଶିବଙ୍କର ବା ଦୁର୍ଗାଙ୍କ ହସ୍ତରେ ତ୍ରିଶୂଳ ଦେଖିଛି—ମାତ୍ର ଏ କାଳରେ ଏହାର ଯଥାର୍ଥ ବ୍ୟବହାର ଆମେ କେଉଁଠି ଦେଖି ନଥାଉ । ଏହାକୁ କେବଳ ସଜାଇ ରଖିବା ଲାଗି ଅଥବା ଧ୍ୱଂସକାରୀ ଶକ୍ତିର ପ୍ରତୀକ ହିସାବରେ ବର୍ତ୍ତମାନର ଚଳଣିରେ ବ୍ୟବହାର କରାଯାଏ । ଏହା ଭିତରେ ଏଲୋକେଶୀ କେତେବେଳେ ଆସି ନିଃଶବ୍ଦରେ ଠିଆ ହୋଇଥିଲେ, ଦେଖି ନ ଥିଲି ।

''ଦେଖନ୍ତୁ, ମାତ୍ର ସ୍ପର୍ଶ ଯେପରି ନ କରନ୍ତି,'' କହିଦେଇ ସେ ଟିକିଏ ନିକଟକୁ ଆସିଲେ ଏବଂ ପଚାରିଲେ, ''ଏତେ ସମୟ କ'ଣ ଦେଖୁଛନ୍ତି ?'' ମନକୁ ଆସିଲା ଯାହା, ତାହା କହିଲି । ତାଙ୍କର ପ୍ରଶ୍ନ :

''ପୂର୍ବେ ଏପରି ତ୍ରିଶୂଳ କ'ଣ କେଉଁଠି ଦେଖିଥିଲେ କି ?''

''ଦେଖିନାହିଁ ବୋଲି ତ ଏତେ ପାଖରୁ ଦେଖୁଛି ।''

ଶୁଣିନେଇ ଭୈରବୀ କହିଲେ, ''ବାବା ଏବେ ଆସିବେ—ତାଙ୍କୁ ପଚାରିବେ ଏହି ତ୍ରିଶୂଳର କଥା । ତା'ହେଲେ ଅନେକ ବିଷୟ ଜାଣି ପାରିବେ ।'' ଉମାପତି ଆସି ଉପସ୍ଥିତ ହେଲେ । ତାଙ୍କ ହାତରେ କିଛି ପଦାର୍ଥ ଥିବାର ଦେଖିଲି । ସେ ତାକୁ ପାଖରେ ଥିବା ଚୌକି ଉପରେ ରଖିଦେଇ ଆସନରେ ବସିଲେ । ମୋ' ଆଡ଼କୁ ଚାହିଁ କହିଲେ,—''କିପରି ତ୍ରିଶୂଳ ?'' ''ଅପୂର୍ବ,''—କହିଦେଇ ମୁଁ ଉଠିପଡ଼ି ପ୍ରଣାମ କଲି । ପ୍ରତିନମସ୍କାର କରି ସେ ବୋଧହୁଏ ପ୍ରସନ୍ନ ହୋଇ ମନେମନେ ଆର୍ଶୀବାଦ କଲେ । କାରଣ ଦେଖିଲି, ଅଳ୍ପ ସମୟ ଧରି ସେ ଧ୍ୟାନସ୍ତିମିତ ନେତ୍ରରେ ମୋ' ହାତକୁ ଧରିରଖିଲେ । ଏହାପରେ ତାଙ୍କ ଇଙ୍ଗିତରେ ମୁଁ ବସିଗଲି । ଏଲୋକେଶୀ ଭିତରକୁ ଚାଲିଗଲେ । ମୋ' କଥା ଆରମ୍ଭ କରିବାକୁ ଇଚ୍ଛା କରୁଥିଲି; କିନ୍ତୁ ଅନ୍ତରରୁ ପ୍ରେରଣା ପାଇଲି ନାହିଁ । ସିଦ୍ଧ ମହାଯୋଗୀଙ୍କର ଏପରି ବ୍ୟକ୍ତିତ୍ୱ ଯେ ଏଠାକୁ ଆସି ପ୍ରଥମରୁ କାହା ପକ୍ଷରେ ଇଚ୍ଛାମତେ କଥା ଆରମ୍ଭ କରିବା ସହଜସାଧ୍ୟ ନଥିଲା । ଆଉ ପୂର୍ବ ଅଭିଜ୍ଞତାକୁ ଆଧାର କରି ଏହା ହିଁ ଜାଣିପାରିଥିଲି ଯେ ଯଥାର୍ଥ ପିପାସୁଙ୍କୁ ତାଙ୍କ କଥା କହିବାର ଅଧିକାର ବା ଅବସର ସେମାନେ ଦେଇଥାନ୍ତି ଏବଂ ଯେତେବେଳେ ଦିଅନ୍ତି, ସେ ନିଜେ ହିଁ କଥା ଆରମ୍ଭ କରି ପରିସ୍ଥିତିକୁ ସହଜ କରି ଦିଅନ୍ତି । ସେତିକିବେଳେ ହିଁ ବାର୍ତ୍ତାଳାପ କରିବାକୁ ପଡ଼େ ।

ଏଲୋକେଶୀ ମାତା ଗୋଟିଏ ପତ୍ରରେ କିଛି ଜଳଖିଆ ଓ ଶ୍ୱେତ-ପଥର ଗିଲାସରେ ପୀତବର୍ଣ୍ଣ ପାନୀୟ ଆଣି ପାଖ ଚୌକି ଉପରେ ରଖିଦେଇ ମୋ' ଆଡ଼କୁ ଅନେଇ ଜିଜ୍ଞାସା କଲେ, ''ଆପଣଙ୍କ ଲାଗି କିଛି ଆଣିବି କି ?''

ବ୍ୟସ୍ତ ହୋଇ ମୁଁ କହିଲି, ''ମୁଁ ସକାଳେ କିଛି ଖାଏ ନାହିଁ, ଏପରି ସମୟରେ କିଛି ଖାଇବି ନାହିଁ।'' କୌଳବାବା ଉମାପତି ସହାସ୍ୟରେ କହିଲେ, ''ତାଙ୍କର ଆମମାନଙ୍କ ସହ ଘନିଷ୍ଠ ପରିଚୟ ନ ହେବାଯାଏ ଏଠାରେ କିଛି ଖାଇବେ ନାହିଁ।'' ଶୁଣିନେଇ ମୁଁ ଖୁବ୍ ଅପ୍ରତିଭ ହୋଇଗଲି । ଗୋପନ ମନର ଏକ ସତ୍ୟକୁ ସେ ଏପରି କହିପାରନ୍ତି ! କିନ୍ତୁ ମୋତେ ସେ ପୁଣି ଏହି କଥା କହି ସନ୍ତୁଷ୍ଟ କଲେ,–''କ'ଣ ଜାଣିଛ, ସ୍ତ୍ରୀଲୋକ କିନା, ତୁମ ସାମନାରେ ବସି ମୁଁ ଖାଇବି, ଆଉ ଅତିଥି ହୋଇ ତୁମେ ବସି ଦେଖୁଥିବ, ସେଇଥିପାଇଁ ସେ ଏପରି କହିଲେ । ଅଥଚ ସେ ଜାଣିଥିଲେ ଯେ ତୁମେ ଖାଇବ ନାହିଁ, ସେଥିଲାଗି ସେ କିଛି ନ ଆଣି ପ୍ରଥମେ ପଚାରିଲେ । ତଦ୍ୱାରା ଦାୟରୁ ମୁକ୍ତି, ଭଦ୍ରତାରୁ ମଧ୍ୟ ରକ୍ଷା । ଏହି କଥା ନା କ'ଣ ?''

ଏ ସମ୍ବନ୍ଧରେ ଆଉ କିଛି କଥା ନ କହି କଥାକହି ପକାଇଲି,–''ଏହି ତ୍ରିଶୂଳ କଥା ଯଦି କୁହନ୍ତେ...'' ସେ ଖାଉଖାଉ କହିଲେ, ''ରୁହ, ଏ କାମଟା ଶେଷ କରିସାରେ । ଦୁଇଟି କାମ ଏକସଙ୍ଗେ କରିବା ସୁବିଧା ନୁହେଁ।''

ଏହା ମଧ୍ୟରେ ଯେଉଁ ସଂଯମ ରହିଥିଲା, ଆମ ପକ୍ଷେ ତାହାହିଁ ଆଦର୍ଶ; କିନ୍ତୁ ଆମର ଆଚାରବ୍ୟବହାରରେ କୌଣସି ଆଦର୍ଶର ସତ୍ତା ଇ ନାହିଁ ।

■■

ଷୋଡ଼ଶ ପରିଚ୍ଛେଦ

ସେ ଜଳଯୋଗ ଶେଷ କରିବା ପରେ ସେହି ପୀତ ଓ ଲୋହିତ ପାନୀୟ ଗ୍ରହଣ କଲେ । ବାମ ନାକକୁ ଚାପିରଖି ସହଜରେ ଚକ୍ଷୁଦୁଇଟିକୁ ବନ୍ଦ୍ କରି, ତାକୁ ପାନ କରି ପକାଇଲେ । ଏହାପରେ ପରିଷ୍କାର ଜଳ ଦ୍ୱାରା ମୁଖ ଆଚମନ କରି ସ୍ଥିର ହୋଇ ବସିଲେ, ତା'ପରେ କହିଲେ, ''ଏବେ ତମାଖୁ ସେବନ ସଙ୍ଗେ ସଙ୍ଗେ କଥାବାର୍ତ୍ତା ଚାଲିବ—କ'ଣ କହୁଛ ?'' ମୋତେ କିଛି କହିବାକୁ ପଡ଼ିଲା ନାହିଁ । ସେ ନିଜେ ଆରମ୍ଭ କଲେ, ''ଏହା ଏକ ସୂକ୍ଷ୍ମ ଆହାର, ବାୟୁ ପଥରେ ବିଘ୍ନ ଉତ୍ପାଦନ କରେ ନାହିଁ, ତେଣୁ ତମାଖୁ ଖାଉ ଖାଉ କଥାବାର୍ତ୍ତା ହୋଇଥାଏ ।'' ତମାଖୁ ଆସିଲା, ହୁକାରେ ଲମ୍ବା କାଠର ନଳୀରେ ଗୋଟିଏ ରୁପାର ମୁଖନଳ ଲାଗିଥାଏ । ହୁକାରୁ ତମାଖୁଟଣା ଚାଲିଲା—କଥା ମଧ ଆରମ୍ଭ ହେଲା । ସେ ତ୍ରିଶୂଳ ଆଡ଼କୁ ଲକ୍ଷ୍ୟ କରି ଜିଜ୍ଞାସା କଲେ,—''ତ୍ରିଶୂଳଟି କାହାର, ଜାଣିଛ ?'' ମୁଁ କହିଲି, ''ଆପଣଙ୍କ ଆଶ୍ରମରେ, ଆପଣଙ୍କ ଆସନ ନିକଟରେ ଅଛି ଯେତେବେଳେ, ତାହା ଅନ୍ୟ କାହାର ବୋଲି ମନେ କରାଯିବ କି ?'' ସେ କହିଲେ, ''ତା'ହେଲେ ଜାଣି ରଖ, ଏକମାତ୍ର ଏଲୋକେଶୀ ମା' ହିଁ ଏହାର ଅଧିକାରିଣୀ, ଯିଏ ଏ ସମ୍ବନ୍ଧରେ ମୋତେ ପଚାରିବା ଲାଗି ତୁମକୁ କହିଛନ୍ତି । ଏପର୍ଯ୍ୟନ୍ତ ଏହି ମହିଳାଙ୍କର ତ୍ରିଶୂଳଟକୁ ସେ ନିଜେ ଯଥାଯୋଗ୍ୟ ବ୍ୟବହାର କରିଛନ୍ତି । ଅସାଧାରଣ ଦକ୍ଷତା ତାଙ୍କର ଏହି ଅସ୍ତ୍ରଟିକୁ ବ୍ୟବହାର କରିବାରେ ।'' କହିସାରିଲା ପରେ ଟିକିଏ ରହିଯାଇ ସେ ତମାଖୁ ଖାଇବାକୁ ଲାଗିଲେ— ମୋ'ର ମନେ ହେଲା, ତ୍ରିଶୂଳଚାଳନା କରିବାରେ ଦକ୍ଷତାର ପ୍ରୟୋଜନ କାହିଁକି ? ଅସଲ କଥା ଖେଞ୍ଚାମାରିବା ବ୍ୟାପାର ନୁହେଁ ତ ?—କିଛି କହିଲି ନାହିଁ । ଏହାପରେ ସେ ପଚାରି ବସିଲେ, ''ଆଚ୍ଛା, ଏଲୋକେଶୀକୁ ଦେଖି, ସେ କେଉଁ ରକମ ଘରର ଅଥବା କେଉଁ ପ୍ରକୃତିର ମହିଳା ବୋଲି ତୁମେ ଭାବୁଛ, କହିଲ ?''

ଅର୍ଥାତ୍ କିପରି ଘରର ସ୍ତ୍ରୀ କହିବା ଦ୍ୱାରା ହୁଏତ ବଂଶର କଥା ମୋ'ଠାରୁ ଜାଣିବାକୁ ଚାହୁଁଛନ୍ତି । ମୁଁ କିନ୍ତୁ ସେ ଦିଗରୁ କିଛି ହିଁ ଅନୁମାନ କରିବାକୁ ଚେଷ୍ଟା କରିନାହିଁ । ତେବେ, ମୋ' ନିକଟରେ ତାଙ୍କର ବ୍ୟକ୍ତିତ୍ୱ ହିଁ ପ୍ରଧାନ ଆକର୍ଷଣ; ଏହା ବ୍ୟତୀତ ସ୍ୱାସ୍ଥ୍ୟ ଓ ଶ୍ରୀ ଏକାଧାରରେ ଥିବାରୁ, ଆଉ ତାହା ତାଙ୍କର ସାଧନ-ଜୀବନର ସ୍ୱାଭାବିକ ଗାମ୍ଭୀର୍ଯ୍ୟ ସଙ୍ଗେ ମିଶିଯାଇ ସେ ଯେପରି ଦୈବଶକ୍ତିସମ୍ପନ୍ନ ପରି ମନେହୁଅନ୍ତି । ସମ୍ପ୍ରତି ତାଙ୍କୁ ଯେଉଁ ଦୁଇତିନିଥର ଦେଖିଛି, ସେଥିରେ ତାଙ୍କ ଅନ୍ତର ମଧରେ ଏକ ଦ୍ୱନ୍ଦ୍ୱମୟ ଅବସ୍ଥା ହିଁ ମୋ'

ଆଖିରେ ପଡ଼ିଛି । ଅବଶ୍ୟ ଏଥିଲାଗି ତାଙ୍କର ସାମୟିକ କିଛି କାରଣ ମଧ୍ୟ ହୁଏତ ଥିଲା । ମାତ୍ର ଆଜି ଆସି ଏଠାରେ ତାଙ୍କର ଯେଉଁ ମୂର୍ତ୍ତି ଦେଖିଲି, ତାହା ଏପରି ସରଳ ଓ ନିଃସଙ୍କୋଚ ଯେ ତାହା ସହ ତାଙ୍କର ପୂର୍ବ ମୂର୍ତ୍ତିର କୌଣସି ସମ୍ବନ୍ଧ ନାହିଁ । ଯେପରି ସେ ଅନ୍ୟ ଏକ ବ୍ୟକ୍ତିତ୍ୱ ।

ଉମାପତି କହିଲେ, ''ତାଙ୍କର ପୂର୍ବର କଥା ଟିକିଏ ଶୁଣ—ପୂର୍ବବଙ୍ଗର ଏକ ନମଃଶୂଦ୍ର ପରିବାରର ଝିଅ; ସେମାନଙ୍କର ଅବସ୍ଥା ଭଲ, ତାଙ୍କ ପିତା ଜଣେ ଶିକ୍ଷିତ ଓ ବିଲାତି ଭାବାପନ୍ନ ବ୍ୟକ୍ତି, ଧର୍ମକର୍ମରେ ଆସ୍ଥାହୀନ, ତାଙ୍କର ବଡ଼ ସରକାରୀ ଚାକିରି । ତାଙ୍କୁ ମଧ୍ୟ ବିଦ୍ୟା-ଶିକ୍ଷା କିଛି ଦେଇଥିଲେ; କିନ୍ତୁ ସେ ଏତେ ବେଶୀ ଚଞ୍ଚଳ ଆଉ ସ୍ୱାଧୀନ ପ୍ରକୃତିର ଯେ ଏ ଦେଶର ନାରୀମାନଙ୍କ ପକ୍ଷେ ଅତ୍ୟନ୍ତ ଅସ୍ୱାଭାବିକ ମନେହୁଏ, ଯେପରି ଧରିନିଅ ନିର୍ଭୀକ ଚାଲିଚଳନ, ବୟସ୍କ ପୁରୁଷଙ୍କ ନିକଟରେ ନିଃସଙ୍କୋଚ ବ୍ୟବହାର, ଗ୍ରାମରେ ତାଙ୍କ ବାପାଙ୍କ ବୟସର କାହାର କିଛି ଦୋଷ ଦେଖିଲେ ସ୍ପଷ୍ଟ ଭାଷାରେ ତାଙ୍କ ମୁହଁ ଉପରେ କହିଦେବା ଏହାଙ୍କର ସ୍ୱଭାବ । ସମବୟସ୍କ ପୁଅମାନଙ୍କୁ ଆଦୌ ପରୱା ବା ଗ୍ରାହ୍ୟ କରନ୍ତି ନାହିଁ; ବରଂ କିଛି ଅନ୍ୟାୟ ଦେଖିଲେ କାନ ଧରି ଗାଲରେ ଥାପଡ଼ ମାରିବାରେ ମଧ୍ୟ ତାଙ୍କର ସଙ୍କୋଚ ନଥାଏ । ଏହିପରି ଭାବରେ ତାଙ୍କର ପ୍ରକୃତି ନେଇ ଏକସମୟରେ ସେ ସ୍ପଷ୍ଟ ଭାବରେ ତାଙ୍କ ବାପ-ମା'ଙ୍କୁ ଜଣାଇ ଦେଲେ ଯେ ସେ ବିବାହ ତ କରିବେ ନାହିଁ, ତା'ଛଡ଼ା ସେମାନଙ୍କ ସଂସାର ଭିତରେ କାହା ସହ ସେ ରହିବେ ନାହିଁ । ସେତେବେଳେ ହିଁ ତାଙ୍କର ବାପା-ମା ଭୟପାଇଗଲେ । ଷୋଳବର୍ଷ ବୟସର ଏହି ଟାଣୁଆ-କଠୋର ଝିଅ କେଉଁଦିନ କ'ଣ କରି ବସିବ—ଏହାହିଁ ଥିଲା ସେମାନଙ୍କର ଚିନ୍ତାର ବିଷୟ । ସେମାନଙ୍କର ଏକମାତ୍ର ଶ୍ରଦ୍ଧା ବୋଲି ଯାହା କିଛି ମୋ' ଉପରେ ଥିଲା, ସେଥିରେ ସେମାନେ ମୋ'ର ଶରଣାପନ୍ନ ହେଲେ । ଯେତେବେଳେ ମୁଁ ତାଙ୍କ ଗ୍ରାମକୁ ଯାଇଥାଏ, ବିନା ଆହ୍ୱାନରେ ମୋ' ପାଖକୁ ସେ ଯିବାଆସିବା କରୁଥିଲେ । କୌଣସି କଥାବାର୍ତ୍ତା ହେଉ ନଥିଲା । ପ୍ରଥମରୁ ହିଁ ତାଙ୍କର ଧାରଣା ଥିଲା ଯେ ତନ୍ତ୍ରଧର୍ମ ସାଧନ ଦ୍ୱାରା ମହାଶକ୍ତି ଲାଭ କରାଯାଇଥାଏ—ଜାଣେନା, କେଉଁ ସଂସ୍କାରରୁ ତାଙ୍କର ଏହି ମନୋଭାବଟି ଆସିଥିଲା । ସେଥିଲାଗି ସେ ମୋ ପାଖରୁ ଦୀକ୍ଷା ଗ୍ରହଣ କରିବେ ବୋଲି ଜିଦ୍ କଲେ । ଦୀକ୍ଷା ନେବା ପରେ ହିଁ ସେ ଟିକିଏ ଶାନ୍ତ ହେଲେ । ସେହିଦିନଠାରୁ ପ୍ରାୟ ଚାରିବର୍ଷ ଧରି ସେ ମୋ' ସହ ଅଛନ୍ତି—ମୁଁ ଯେଉଁଯେଉଁଠାରେ ରହେ, ସେହିଠାରେ ସେ ରହନ୍ତି, ନିଜର ସାଧନ ନେଇ । ଭୟ ତାଙ୍କର ଆଦୌ ନାହିଁ । ମୋ'ର ଏ ବାଷଠି ବର୍ଷର ଜୀବନରେ ଏପରି ଏକ ନିର୍ଭୀକ ନାରୀପ୍ରକୃତି ମୁଁ ଦେଖିନାହିଁ । ବସ୍ତୁତଃ ମୋ' ନିଜ ଆଡୁ ଏପରି ଏକ ଅପୂର୍ବ ଜୀବନର ପରିଣତି, ଆଉ କିଛି ବିଶେଷ ପ୍ରକୃତିର ଗୁହ୍ୟ ବ୍ୟାପାର ଅଛି, ଯାହା ପରୀକ୍ଷା ଲାଗି ହିଁ ତାଙ୍କୁ ମୁଁ ନିଜର କରିନେବାକୁ ଚାହିଁଛି । ତାଙ୍କର ଯେଉଁ ଭାବଟି ମୋ' ନିକଟରେ ସବୁଠାରୁ ବଡ଼ ବୋଲି ଧାରଣା ହେଉଛି, ତାହା ହେଲା ତାଙ୍କର ଜାତିବୋଧହୀନ ପ୍ରକୃତି, ଯାହା ତନ୍ତ୍ରଧର୍ମର ସାରକଥା । ବନ୍ଧୁବାନ୍ଧବ,

ପରିଚିତ, ତାଙ୍କ ପରିବାର ମଧ୍ୟରେ କେହି ଏ ପର୍ଯ୍ୟନ୍ତ ତାଙ୍କୁ ବୁଝାଇ ତାଙ୍କ ମନରେ ବିଶ୍ୱାସ ଆଣିପାରିଲେ ନାହିଁ ଯେ ସେମାନେ ଜାତିରେ ଛୋଟ, ବ୍ରାହ୍ମଣ-କ୍ଷତ୍ରିୟ ଜାତିର ଲୋକମାନେ ବଡ଼ । ବ୍ରାହ୍ମଣଙ୍କ ମୁହଁ ଉପରେ ସେ ଏପରି କଥା କହୁଛନ୍ତି ଯେ ଯାହାର ଠିକ୍ ଉତ୍ତର ସେମାନେ ଦେଇପାରୁ ନାହାନ୍ତି । ଯାହା ହେଉ, ତାଙ୍କ ପରି ଏକ ଜୀବନ ମଧ୍ୟରେ ତନ୍ତ୍ରର ସାଧନା ଯେ ଏକ ବିଶେଷ ଶୁଭଫଳ ଦେବ, ତା'ର ପରିଚୟ ମଧ୍ୟ ମୁଁ ପାଇଛି । ତୁମେ ବୋଧହୁଏ ମନେ କରୁଛ ଯେ ମୁଁ ତାଙ୍କୁ ମୋ'ର ମନୋମତ କରି ଗଢ଼ିବାକୁ ଚେଷ୍ଟା କରୁଛି ।''

''ହୁଏତ ସେକଥା କରିଥାନ୍ତି, ଯଦି ଅନ୍ୟ କେହି ହୋଇଥାନ୍ତା—କିନ୍ତୁ ଆପଣ ଏବେ କହିଲେ ଯେ ତାଙ୍କର ସ୍ୱାଭାବିକ ଜୀବନର ପରିଣତି ଲକ୍ଷ୍ୟ କରିବା ଲାଗି ହିଁ ତାଙ୍କୁ ଆପଣଙ୍କ ଆଶ୍ରୟକୁ ନେଇଛନ୍ତି ।''

ମୋ' କଥା ଶୁଣି ସେ କହିଲେ, ''ବିଶ୍ୱ ପ୍ରକୃତିର କର୍ମରହସ୍ୟ ମୁଁ ଅନେକ କ୍ଷେତ୍ରରେ ସହଜରେ ଧରିପାରିଛି, ତାଙ୍କ କାର୍ଯ୍ୟର ଫଳାଫଳକୁ ଦେଖି । ବୀଜମନ୍ତ୍ରଟିଏ ଦେବା ଆଉ ଜପ-ପ୍ରଣାଳୀ ବୁଝାଇଦେବା ବ୍ୟତୀତ କେବେହେଲେ ମୁଁ ତାଙ୍କୁ କୌଣସି କର୍ମନିର୍ଦ୍ଦେଶ ଦେଇନାହିଁ । ସେ କାହାର ନିର୍ଦ୍ଦେଶକୁ ଅପେକ୍ଷା କରନ୍ତି ନାହିଁ । ତାଙ୍କର ପ୍ରକୃତି କିପରି ଭାବରେ ପରିଚାଳିତ କରୁଛି ତାଙ୍କ ଜୀବନର ଗୋଟିଏ-ଦୁଇଟି ଘଟଣା କଥା ଶୁଣିଲେ ହିଁ ବୁଝିପାରିବ ।'' କହିଦେଇ ସେ କିଛି ସମୟପାଇଁ ତମାଖୁ ସେବନରେ ମନୋଯୋଗୀ ହେଲେ ।

ତମାଖୁ ଯେଉଁମାନେ ଖାଆନ୍ତି, ହୁକା ବା ନଳ ଛାଡ଼ିବା ଆଗରୁ ସେମାନଙ୍କର ସୁଖଟଣା ନାମରେ ଏକ ଆରାମଦାୟକ ଟଣା ଥାଏ, ଏଥର ସେ ତାହାହିଁ କଲେ—ମୁଦ୍ରିତ ନେତ୍ରରେ ବେଶ୍ ଦୀର୍ଘକାଳ ଧରି ଗୋଟିଏ ଟଣା କରିଦେଇ ନଳଟିକୁ ଘୁଞ୍ଚାଇ ରଖିଦେଲେ । ତା'ପରେ କହିଲେ, ''ଏଥର କହୁଛି, ଶୁଣ—

ପ୍ରାୟ ବର୍ଷଟିଏ କଟିଯିବା ପରେ, ସେତେବେଳ ପର୍ଯ୍ୟନ୍ତ ଏଲୋକେଶୀର ସମ୍ପୂର୍ଣ୍ଣ ସ୍ଥିରଭାବ ଆସିନଥାଏ । ତେବେ, ନିଜର ସାଧନ ପଥ ସେ ଠିକ୍ କରି ନେଇଥାନ୍ତି, ଏହି ସମୟରେ ମୋର ଗୁରୁଦେବ ହଠାତ୍ ଆସି ଉପସ୍ଥିତ ହେଲେ ବରିଶାଲ ଆଶ୍ରମରେ । ଚଟ୍ଟଗ୍ରାମର ତିଲୋପାର ଶିଷ୍ୟ ପରମ୍ପରା ମହାକୌଶଳସର୍ବେଶ୍ୱର, ଯିଏ କୈଳାସରେ ସିଦ୍ଧାସନ ପ୍ରତିଷ୍ଠା କରିଥିଲେ, ଦୀର୍ଘକାଳ ପରେ ସିଦ୍ଧି ଲାଭ କରି ଚଟ୍ଟଲକୁ ଫେରିଆସିଥାନ୍ତି । ତାଙ୍କର ଅନେକ ପ୍ରକାର ଯୋଗବିଭୂତି କଥା ଲୋକଙ୍କ ମୁଖରୁ ଶୁଣି ମୁଁ ତାଙ୍କ ପାଖକୁ ଯାଇଥାଏ । ସେ କହିଲେ: 'ସେ ସବୁକୁ ବିଶ୍ୱାସ କର ନାହିଁ, ତାହା ଭିତରେ କିଛି ନାହିଁ, କାହାର ଯଥାର୍ଥ ଶକ୍ତିର ପରିଚୟ ଭେଳିକିବାଜିରେ ନୁହେଁ । ମୋତେ ଦୀକ୍ଷାଦେଇ ଛଅ ମାସ ଧରି ତାଙ୍କ ସାଙ୍ଗେ ସାଙ୍ଗେ ରଖିଥିଲେ । ତା'ପରେ କହିଦେଲେ ଯେ, ଆଉ ଦରକାର ନାହିଁ, ଏଥର ନିଜେ ନିଜର ପଥ ସ୍ଥିର କରିନେବ । ତେବେ ସମୟ ହେଲେ ସାକ୍ଷାତ ହେବ—ଖୋଜିବାକୁ ହେବ ନାହିଁ, ମୁଁ ନିଜେ ଯିବି ତୁମ ପାଖକୁ ।' ଏହାପରେ ଦୀର୍ଘ ତିରିଶ ବର୍ଷ କି

ତାହାଠାରୁ ବେଶୀ ହେବ, ତାଙ୍କ ସହ ଦେଖା-ସାକ୍ଷାତ ହୋଇନାହିଁ, ଅଥଚ ପ୍ରତ୍ୟେକ ଦିନ ମୋ'ର ମନେହେଉଥିଲା ଯେପରି ସେ ମୋ' ସାଙ୍ଗରେ ଅଛନ୍ତି, କୌଣସି ଦିନ ହିଁ ତାଙ୍କୁ ପାସୋରି ଯାଇନାହିଁ । ଏଥର ସେ ଆସିଲେ ଏକ ଅଦ୍ଭୁତ ଭାବରେ । ମୋ' ସହ ତାଙ୍କର ଏହି ଦ୍ୱିତୀୟ ସାକ୍ଷାତ । ସେତେବେଳେ ତାଙ୍କର ସିଦ୍ଧିର ଉଚ୍ଚ ଅବସ୍ଥା, ଯେପରି ପରମହଂସ ଭାବ, ବାଳକର ସ୍ୱଭାବ, ଯେଉଁ ସମୟଟିକକ ସେ ମୋ' ନିକଟରେ ରହିଲେ । ବାହାରକୁ ଗଲେ କୌପୁନୀ, ନ ହେଲେ ସଦାସର୍ବଦା ଉଲଗ୍ନ ରହୁଥିଲେ । ତେବେ ସଙ୍ଗରେ ସେତେବେଳେ ତ୍ରିଶୂଳଟି ଥାଏ । ଦିନେ, ଭୋର୍ ସମୟ—ଆଶ୍ରମରେ, ଆସନରେ ମୁଁ ଥିଲି ନିଜ କ୍ରିୟାକ୍ରମ ନେଇ । ଗୋଟିଏ ହାତରେ ତାଙ୍କର ତ୍ରିଶୂଳ, ପ୍ରଥମେ ସେ ଆସି ସମ୍ମୁଖରେ ଠିଆହେଲେ, ଯେପରି ମୋ'ର ଇଷ୍ଟ । ତା'ପରେ ହୁଡ୍‌ହୁଡ୍ କରି ମୋ' ହାତଟିକୁ ଧରି ସଜୋରେ ଟାଣିଆଣିଲେ ଘରର ବାହାର ଫାଙ୍କା ଜାଗାକୁ ଏବଂ ମୁହଁ ଆଡ଼କୁ ଚାହିଁଲେ । ତାଙ୍କ ସ୍ପର୍ଶମାତ୍ରେ ହିଁ ମୁଁ ତାଙ୍କୁ ପ୍ରକୃତରେ ଚିହ୍ନିଲି । କୌଣସି ଭାଷା ନାହିଁ; ପୁଣି ମୋତେ ଜାବୁଡ଼ି ଧରି ଘର ମଧ୍ୟକୁ ଆସିଗଲେ—ସେଠାରେ ଏଲୋକେଶୀ ଥିଲେ । ତାଙ୍କୁ ଦେଖିବାରୁ ଏଲୋକେଶୀ ଯେପରି ବିସ୍ମୟରେ ସ୍ତବ୍ଧ ହୋଇ ଉଠିଲେ । ସେ (ଏଲୋକେଶୀ) କେବେହେଲେ କାହାକୁ ଦେଖାକରି ନଥାନ୍ତି, ଆଉ ସେତେବେଳେ ମଧ୍ୟ ତାଙ୍କ ଭିତରେ ଏକ ଉଦ୍ଧତ ଭାବ ଥିଲା । ସେଥିଲାଗି କେବେହେଲେ ମୁଁ ତାଙ୍କର ସେବା ଚାହିଁ ନାହିଁ, ନେଇ ନାହିଁ, ନେଇ ମଧ୍ୟ ପାରିନାହିଁ । କାରଣ ସେ ଦିଗରେ ତାଙ୍କର ପ୍ରବୃତ୍ତିର ମଧ୍ୟ ଅଭାବ ଥିଲା । ଏଥର ତାଙ୍କ ପ୍ରକୃତିର ପରିବର୍ତ୍ତନ ଲକ୍ଷ୍ୟ କରାଗଲା—ସେ ନିଜେହିଁ ଗୁରୁସେବାରେ ଲାଗିଗଲେ, ସେ ମଧ୍ୟ ତାଙ୍କର ସେବା ଗ୍ରହଣ କଲେ । ଅଥଚ ଗୁରୁ ସମ୍ବନ୍ଧରେ କୌଣସି କଥା ମୋତେ ତ ନୁହେଁ, ତାଙ୍କୁ ମଧ୍ୟ ଜିଜ୍ଞାସା କରିନାହାନ୍ତି । ତେବେ ତାଙ୍କ ବ୍ୟବହାରରେ ଗୁରୁ ପ୍ରସନ୍ନ ହୋଇଛନ୍ତି, ତାହାର ପ୍ରଣାମ ପାଇବାରେ ବିଳମ୍ବ ହେଲା ନାହିଁ । ସେ ତିନିଦିନ ମାତ୍ର ଥିଲେ । ଶେଷରେ ଯିବା ସମୟରେ ତ୍ରିଶୂଳଟିକୁ ଦେଇଯାଇ କହିଗଲେ, 'ଏହି ତ୍ରିଶୂଳ ଏବେ ତୋର; (ଏଲୋକେଶୀର) ଅନେକ ଶତ୍ରୁ ତୋ'ର ହେବେ ନିଜ ବାଟରେ ଚାଲିଲା ବେଳେ । ଏହି ତ୍ରିଶୂଳ ହିଁ ତୋତେ ରକ୍ଷା କରିବ ତୋ' ସିଦ୍ଧିପଥରେ, ସକଳ ଆପଦ-ବିପଦ ବେଳେ ଏହାକୁ ସାଙ୍ଗରେ ରଖିବୁ । ପୁଣି ମୁଁ ତୋତେ ସେହିପରି ଉପଯୁକ୍ତ ଜାଣି ଏହାକୁ ଦେଲି । ତୁ ଯାହାକୁ ଉପଯୁକ୍ତ ମନେ କରିବୁ, ତାକୁହିଁ ଦେଇଯିବୁ ।' ହଠାତ୍ ଯେତେବେଳେ ସେ ଚାଲିଗଲେ, ଆମର ସବୁ କିଛି ପରିବର୍ତ୍ତନ କରିଦେଇଗଲେ ।

''ସେ ଚାଲିଯିବା ପରେ, ମୁଁ ଭାବିଦେଖିଛି, ହଠାତ୍ ତାଙ୍କର ଏପରି ଭାବରେ ଆସିବାର କାରଣ କ'ଣ ହୋଇପାରେ । ତାଙ୍କପରି ମହାପୁରୁଷ, ଯିଏ ଭଗବତୀ ଶକ୍ତିର ପ୍ରତ୍ୟକ୍ଷ ମୂର୍ତ୍ତି, ତାଙ୍କର କୌଣସି କାର୍ଯ୍ୟ କେବେହେଲେ ବୃଥା ହୁଏ ନାହିଁ । ସମୟ ସମୟରେ ଅନ୍ୟାନ୍ୟ କାରଣ ମଧ୍ୟରୁ ମୋ'ର ମନେହୁଏ, ଗୁରୁ ହୁଏତ ଏଲୋକେଶୀଙ୍କୁ କୃପା କରିବାକୁ ଆସିଥିଲେ । କାରଣ ତା'ପରଠାରୁ ତାଙ୍କର ପରିବର୍ତ୍ତନ; ତାଙ୍କ ସାଧନର ଦ୍ରୁତ ଉନ୍ନତି ଆମ

ସମସ୍ତଙ୍କ ନଜରରେ ପଡ଼ିଲା । ତାଙ୍କର ଉଜ୍ଜଳ ଶ୍ରୀ, ସର୍ବଦା ସ୍ୱାସ୍ଥବତୀ ହିଁ—ତା'ବ୍ୟତୀତ ତାଙ୍କ ଭିତରେ ସାଧନଲବ୍ଧ ଶକ୍ତିର ଆବେଗ ମିଳିଯାଇ ଯେପରି ଅଗ୍ନିଶିଖା ତୁଲ୍ୟ ସେହି ଦୀପ୍ତି ସାଧାରଣଙ୍କ ମଧ୍ୟରେ ଏକ ପ୍ରବଳ ଆକର୍ଷଣ ସୃଷ୍ଟି କରିଥିଲା । ସେହି ସମୟରେ ମୁଁ ଉଦ୍‌ବିଗ୍ନ ହୋଇ ଉଠିଥିଲି ତାଙ୍କ ଲାଗି । ବୁଦ୍ଧିମତୀ ଏଲୋକେଶୀ ମଧ୍ୟ ଏ କଥା ବୁଝିଥିଲେ । ତାଙ୍କ ପ୍ରକୃତି ମଧ୍ୟ ସେତେବେଳେ ଅନେକ ଶାନ୍ତ ହୋଇଯାଇଛି—ସେ ନିଜେ ହିଁ ସେହି ସମୟରୁ ଦିନତମାମ୍ ଆଶ୍ରମର ବାହାରକୁ ଯିବା ବନ୍ଦ କରିଦେଲେ—କେବଳ ଥରେ ମାତ୍ର ପ୍ରତ୍ୟୁଷରୁ ନଦୀକୁ ଯାଆନ୍ତି ସ୍ନାନ କରିବାକୁ, ଆଉ ଗଭୀର ରାତ୍ରି ସମୟରେ ସେ ଏକୁଟିଆ ନଦୀତୀରର ଶ୍ମଶାନକୁ ଯାଆନ୍ତି । ସେତେବେଳେ ପାଶମୁକ୍ତିର ସାଧନ କରୁଥିଲେ ସେ ।''

''ସେହି ବରିଶାଲ୍ ଅଞ୍ଚଳରେ ମୁସଲମାନଙ୍କର ଏକ ବଡ଼ ଦଳ ଅଛି । ସେମାନେ ହିନ୍ଦୁଘରର ସ୍ତ୍ରୀମାନଙ୍କୁ ଧରି ନେଇଯାଆନ୍ତି, ପାଶବିକ ଅତ୍ୟାଚାର କରନ୍ତି—ବାଧା ଦେଲେ ଖୁଣ—ଜଖମ ମଧ୍ୟ କରିଦିଅନ୍ତି । ଏହା ବ୍ୟତୀତ ହିନ୍ଦୁଙ୍କର ଧନସମ୍ପତ୍ତି, ଗହଣାଗାଣ୍ଠି ଲୁଟ୍ କରନ୍ତି— ଚୋରି-ଡକାୟତି ଲାଗି ମଧ୍ୟ ପ୍ରସିଦ୍ଧ ସେମାନେ । ନମଃଶୂଦ୍ରଙ୍କ ଉପରେ ସେମାନଙ୍କର ବିଶେଷ ନଜର—ସେମାନଙ୍କର ସ୍ତ୍ରୀଲୋକ ସୁଶ୍ରୀ, ବଳିଷ୍ଠ ଓ ସ୍ୱାସ୍ଥବତୀ ହୋଇଥାନ୍ତି ବୋଲି ହେଉ ବା ଯେଉଁ କାରଣରୁ ବି ହେଉ, ହିନ୍ଦୁଙ୍କର ସ୍ତ୍ରୀମାନଙ୍କୁ ଧରିନେବା ଯେପରି ସେମାନଙ୍କର ବଂଶଗତ ପେଷା ହୋଇଯାଇଥିଲା । ଏହି ସମୟରେ, ଅଳ୍ପ ଦିନର ବ୍ୟବଧାନରେ ଦୁଇତିନିଜଣ ସ୍ତ୍ରୀଲୋକଙ୍କୁ, ରାତ୍ରିରେ ଦଳବଳ ଆସି ସେମାନଙ୍କ ଘରୁ ଧରି ନେଇ ଯାଆନ୍ତି । ସେହି ଖବର ଆମେ ପାଇଲୁ । ଜଣେ ମହିଳା ଆଠ ଦଶ ଜଣଙ୍କର ଅତ୍ୟାଚାରରେ ମରିଯାଏ—ଆଉ ଦୁଇଜଣଙ୍କୁ ଗ୍ରାମ ଭିତରେ ପ୍ରତିବେଶୀଙ୍କ ଘରେ ଲୁଚାଇ ରଖିଥାନ୍ତି । ଏହାର କୌଣସି ପ୍ରତିକାର ହେଲା ନାହିଁ, ଏଣୁ ଏମାନଙ୍କର ସାହସ ଖୁବ୍ ବଢ଼ିଯାଇଥିଲା ।''

''ଦୁର୍ଭାଗ୍ୟକ୍ରମେ କେତେଜଣ ମୁସଲମାନଙ୍କର ନଜର ପଡ଼ିଲା ଏଲୋକେଶୀ ଉପରେ—କିଛିଦିନ ଧରି ତାଙ୍କ ପଛରେ ଲାଗିପଡ଼ିଲେ ସେମାନେ । ଭୋର୍ ସମୟରେ ନଦୀକୁ ତାଙ୍କର ସ୍ନାନକରିବାକୁ ଯିବା ଆଉ ଅମାବାସ୍ୟା, ଶନି ଓ ମଙ୍ଗଳବାରର ଗଭୀର ରାତ୍ରିବେଳେ ଶ୍ମଶାନ ଯିବା, ଏହି ସବୁର ସନ୍ଧାନ ସେମାନେ ରଖିଲେ । ଅମାବାସ୍ୟାର ଗଭୀର ରାତ୍ରିରେ, ସିଏ ଯେତେବେଳେ ଶ୍ମଶାନକୁ ଯିବେ, ତାଙ୍କୁ ବାଟରେ ଆକ୍ରମଣ କରିବାର ମତଲବ ରଖିଥିଲେ, ଆଉ ସେହି ରାତ୍ରିରେ ସେମାନେ ଥିଲେ ତିନିଜଣ । ସେମାନେ ଏକ କୌଶଳ କରିଥାନ୍ତି—ଯେତେବେଳେ ହିନ୍ଦୁଘରୁ ସ୍ତ୍ରୀମାନଙ୍କୁ ଧରିବାକୁ ଆସନ୍ତି, ଏକାସଙ୍ଗରେ ସମସ୍ତେ ଏକାଥରକେ ଆସି ନଥାନ୍ତି, କେତେଜଣ ଚୌକିଆ ହୋଇ ବାଟ ମଝିରେ ରହନ୍ତି, ଆଉ ଦୁଇଜଣ ଆଗରୁ ସମୟ ଠିକ୍ କରି ଯାଇ ଘରର ଆଖପାଖରେ ଗୁପ୍ତଭାବରେ ପଇଁତରା ମାରୁଥାନ୍ତି । ରାତିରେ ବିଛଣାରେ ଶୋଇବାକୁ ଯିବା ଆଗରୁ ବାହାରକୁ ଥରେ ଯାଇ ସ୍ତ୍ରୀଲୋକମାନେ ପୋଖରୀଘାଟକୁ ସାଧାରଣତଃ ଆସିଥାନ୍ତି, ସେହି ସମୟରେ ସେମାନଙ୍କୁ

ଧରିନେବାର ବ୍ୟବସ୍ଥା ହୁଏ । ଏହାଛଡ଼ା ହିନ୍ଦୁ ମହିଳାମାନଙ୍କର ଦୁର୍ବଳତା ସେମାନଙ୍କୁ ଭଲରୂପେ ଜଣା । ମୁସଲମାନ ଛୁଇଁଦେଲେ ସେମାନଙ୍କର ଧର୍ମ ନଷ୍ଟ ହୋଇଗଲା ବୋଲି ମନେକରନ୍ତି ସେମାନେ ଆଉ ନିଜକୁ ବଞ୍ଚାଇବା ଲାଗି ଚେଷ୍ଟା ମଧ କରି ନଥାନ୍ତି । ଭୟରେ ଅଧାମରା ହୋଇଯାଆନ୍ତି, ସେଥିରେ ମୁସଲମାନଙ୍କର କାମ ଖୁବ୍ ସହଜ ହୋଇଯାଏ । ହଠାତ୍ ଜଣେ ଆସି ଆଚମ୍ବିତ ଭାବରେ ଜାବୁଡ଼ି ଧରେ, ସଙ୍ଗେ ସଙ୍ଗେ ଆଉ ଜଣେ ଆସି ମୁହଁରେ କନା ଗେଞ୍ଜିଦେଇ ବାନ୍ଧିପକାଏ, ତା'ପରେ ଦୁଇଜଣ ତାକୁ ନେଇ ଦ୍ରୁତ ଗତିରେ ପଳାନ୍ତି । ଯଦି ବାଟରେ କିଛି ବାଧାପାଆନ୍ତି ତେବେ ଚୌକିଆ ପରି ଜଗି ରହିଥିବା ଲୋକ ତାହାର ମୁକାବିଲା କରନ୍ତି । ସେମାନେ ସ୍ତ୍ରୀଲୋକଟିକୁ ନେଇ ଅନେକ ଦୂରକୁ ଚାଲିଯାଇଥାନ୍ତି । ସେ ଯାହାହେଉ, ସେଦିନ ଅମାବାସ୍ୟା ରାତିରେ ନିର୍ଭୀକ ଏଲୋକେଶୀ, ଯେଉଁ ବାଟରେ ଯିବା କଥା ସେହି ବାଟେ ଯାଉଥିଲେ—ସେମାନଙ୍କ ମଧ୍ୟରୁ ଯେଉଁ ଦୁଇଜଣ ବଳବାନ ତାଙ୍କୁ ଧରିବାକୁ ଆସିଥିଲେ, ଆଉଜଣେ କିଛି ଦୂରରେ ଥିଲା, ସେମାନେ ଏଲୋକେଶୀର ହାତରେ ଥିବା ତ୍ରିଶୂଳଟି କେତେ ବଡ଼ ଶକ୍ତି, ତାହା ଜାଣିବାର ସମ୍ଭାବନା ନଥିଲା । ହୁଏତ ସେମାନେ ପୂର୍ବରୁ ଭୈରବୀ ହାତରେ ତ୍ରିଶୂଳ ଦେଖିଛନ୍ତି, କିନ୍ତୁ ତାଙ୍କର ସେ ସବୁ ରାମଦା, ଭୁଜାଲି ଆଦି ଅସ୍ତ୍ର ତୁଳନାରେ ତ ଖେଳଘର ଜିନିଷ ପରି ଭାବିନେଲେ । ସେମାନଙ୍କର ନିକଟରେ ସେ ତ୍ରିଶୂଳ ତୁଚ୍ଛ । ସୁତରାଂ ଯେପରି ବିନା ପ୍ରତିବାଦରେ ଗୃହସ୍ଥର ବୋହୂ-ଝିଅଙ୍କୁ ଟେକି ନେଇଯାଆନ୍ତି ସେହିପରି ଧରିନେଇ ଯାଇପାରିବେ । ସେ ବିଷୟରେ ନିଃସଂଶୟ ଥିଲେ ସେମାନେ । କିନ୍ତୁ ଫଳ ହେଲା କ'ଣ ? ତାଙ୍କ ଅଙ୍ଗ ସ୍ପର୍ଶ କରିବା ପୂର୍ବରୁ ଜଣକର ନାକ ଓ କପାଳ ମଝିରେ ଏଲୋକେଶୀ ଏପରି ଏକ ଆଘାତ କଲେ ଯେ ମଝି ଶୂଳଟି ପୂରାପୂରି ମୁଣ୍ଡ ଭିତରେ ପଶିଗଲା । ଦ୍ୱିତୀୟ ଜଣକୁ ବାମ ଦିଗର କାନ୍ଧ ଆଉ ଛାତି ମଝିରେ ତ୍ରିଶୂଳ ଖେଞ୍ଚାରେ କାବୁ କରିଦେଲେ, ସେଥିରେ ସେମାନେ ଜୀବନ ତମାମ ସୁସ୍ଥ ହୋଇପାରି ନଥିଲେ । ତୃତୀୟ ବ୍ୟକ୍ତି ଏ ପରିସ୍ଥିତି ଦେଖି ପଳାଇଲେ, ଆଉ ସେହି ରାତ୍ରରେ ଯାଇ ପୁଲିସକୁ ଖବର ଦେଲେ । କାହାକୁ କିଛି ନ କହି ଏଲୋକେଶୀ ସିଧା ଶ୍ମଶାନକୁ ଯାଇ ନିଜ କାର୍ଯ୍ୟରେ ମନ ଦେଲେ, ତା'ପରେ ଯେପରି ଆସନ୍ତି ସେହିପରି ଭୋର୍‌ବେଳା ଆଶ୍ରମକୁ ଆସିଲେ । ଆମେ ସେତେବେଳଯାଏ କିଛି ଜାଣି ନଥିଲୁ ।''

''ପରଦିନ ସକାଳେ ଦାରୋଗା ମିଆଁସାହେବ ଦଳବଳ ନେଇ ଆଶ୍ରମକୁ ଆସି ମହା ତୁମ୍ବିତୋଫାନ ଆରମ୍ଭ କରିଦେଲେ—ଇଏ ଖୁଣ୍ କରି ପଳେଇ ଆସିଛି । ସେତେବେଳେ ଦେଖାଗଲା ଯେ ଏଲୋକେଶୀ, ଏହି ତ୍ରିଶୂଳଟି ହାତରେଧରି ବାହାରିଆସିଲେ । ସେ ରାସ୍ତାକୁ ଚାଲିଯାଇ ସେଠାରେ ଠିଆହୋଇ କହିଲେ, ଏଆଡ଼େ ଆସ, ଆଶ୍ରମ ବାହାରକୁ ଆସି କଥା କୁହ । ସେ ଯେତେବେଳେ ବାହାରିଆସିଲେ, କହିଲେ, 'ସାବଧାନ, ମୋତେ ସ୍ପର୍ଶ କରିବାର ଚେଷ୍ଟା କରନାହିଁ; ମୁଁ ନିଜେ ହିଁ ଯାଉଛି,' କହିଦେଇ ଆଗେଇ ଗଲେ, ତାଙ୍କ ପଛେପଛେ ଦାରୋଗା ଆଦି ଚାଲିଲେ, ହାତ ବାନ୍ଧିଲେ ନାହିଁ ।''

"ହାଜତରେ ସେ ଦୁଇତିନିଦିନ ଥିଲେ, କାହା ସଙ୍ଗେ କିଛି କଥା କହିଲେ ନାହିଁ, ଦାରୋଗାଙ୍କର କୌଣସି କଥାରେ ଉତ୍ତର ଦେଲେ ନାହିଁ । ଏହି ତିନିଦିନ ତିନିରାତି ଟୋପାଏ ମଧ ଜଳ ସ୍ପର୍ଶ କଲେ ନାହିଁ, ଉପବାସୀ ଥିଲେ । ତାଙ୍କର ଅବସ୍ଥା ଦେଖି ଜିଲ୍ଲା ମାଜିଷ୍ଟ୍ରେଟ୍ ଉଦ୍‌ବିଗ୍ନ ହୋଇପଡ଼ିଲେ । ଅନେକ ଭଦ୍ରଲୋକଙ୍କ ବ୍ୟତୀତ ପ୍ରବୀଣ ଓକିଲମାନେ ତାଙ୍କ ସପକ୍ଷରେ ଓକିଲାତି କରିବାକୁ ଚାହିଁଲେ । ସେ କହିଲେ, 'ମୋ କଥା ମୁଁ କହିବି, ମଝିରେ ଓକିଲ କାହିଁକି ?'' ତାଙ୍କର ବିଚାର ଚାଲିଲା; ତାହା ଏକ ଅପୂର୍ବ ବ୍ୟାପାର ।''

''ପୂର୍ବରୁ ପୁଲିସ ଦାରୋଗାର ବିବରଣ ସଜାଇ ବକ୍ତବ୍ୟଟି ଶୁଣିବା ପରେ, ଯେତେବେଳେ ଜିଲ୍ଲା ଜଜ୍ ତାଙ୍କୁ ଜେରାର ଉତ୍ତର ଦେବାକୁ ଅନୁମତି ଦେଲେ, ସେ ସମସ୍ତ ଘଟଣାକୁ ଏପରି ସୁନ୍ଦର ଓ ଅଳ୍ପ ବାକ୍ୟରେ ସତ୍ୟ ଘଟଣାର ବିବରଣୀ ଦେଇଚାଲିଲେ ଯେ ତାହା ଶୁଣି ଅଦାଲତରେ ଥିବା ବ୍ୟକ୍ତିମାନେ ସ୍ତମ୍ଭିତ ହୋଇଗଲେ । ଦୌରାଜଜ୍ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଲେ । ପୁଣି ଏ କଥା ସ୍ପଷ୍ଟ ରୂପେ କହିଲେ, ''ଏହି ମହିଳାଟିର ଆଦର୍ଶ ଅନ୍ୟାନ୍ୟ ହିନ୍ଦୁଘରର ନାରୀମାନେ ଯଦି ଅନୁସରଣ କରନ୍ତେ ତା'ହେଲେ ଏହି ଜିଲ୍ଲାରେ ଏ ପ୍ରକାର ନାରୀହରଣର ଅପରାଧମୂଳକ ଘଟଣା ଅନେକ କମ୍ ହୋଇଯାଆନ୍ତା ।''

''ଏହି ଘଟଣାଟି ପରେ ସେ ଘରଘର ବୁଲି ହିନ୍ଦୁପଲ୍ଲୀ ମହିଳାମାନଙ୍କ ସହ ଖୁବ୍ ଘନିଷ୍ଠ ଭାବରେ ମିଳାମିଶା ଆରମ୍ଭ କଲେ ଏବଂ କିପରି ଭାବରେ ତ୍ରିଶୂଳ ବ୍ୟବହାର କରିବାକୁ ହୁଏ, ତାହା ଶିଖାଇଲେ । ଏତଦ୍‌ବ୍ୟତୀତ ସେ ସେମାନଙ୍କୁ ଉପଦେଶ ଦେଲେ ଯେ ତୁମମାନଙ୍କର ପତି-ଦେବତାଙ୍କର ଯଦି ସାହସ ନଥାଏ, ତୁମମାନଙ୍କୁ ରକ୍ଷା କରିବାର ଯଦି ବଳ ନଥାଏ, ତା'ହେଲେ ସେମାନଙ୍କ ସଙ୍ଗେ ସମ୍ପର୍କ ତ୍ୟାଗ କର, ମନେକର ଯେ ତୁମେମାନେ ବିଧବା । ସେମାନଙ୍କୁ ନେଇ ଘର କଲେ ତୁମମାନଙ୍କର ଇହକାଳ ପରକାଳ ନଷ୍ଟ ହୋଇଯିବ । ଏକବାର ଯେପରି ଅଗ୍ନିଶର୍ମା; ଏପରି ଦେଖି ମୁଁ ତାଙ୍କୁ ଆମର ଚନ୍ଦ୍ରନାଥ ଆଶ୍ରମକୁ ନେଇ ଆସିଲି । କାରଣ ତାଙ୍କ ଉପରେ ଦଳେ ମୁସଲମାନ ପ୍ରତିଶୋଧ ନେବାଲାଗି ଷଡ଼ଯନ୍ତ୍ର ଆରମ୍ଭ କରିଥିଲେ ।''

ଅଘୋରନାଥ ଭୈରବ

''ଏଠାରେ ଥିବା ସମୟରେ ଅଘୋରନାଥ ସହ ତାଙ୍କର ସାକ୍ଷାତ ଓ ଜଣାଶୁଣା ହୁଏ । କ୍ରମେ କ୍ରମେ ଦେଖିଲି, ସେ ଯେପରି ତା'ର ଗୁଣମୁଗ୍ଧ ହୋଇପଡ଼ିଲେ । ଅଘୋରନାଥଙ୍କ ତୀକ୍ଷ୍ଣ ବିଚାରବୁଦ୍ଧି, ବୀରାଚାର ସାଧନର ପ୍ରବଳ ନିଷ୍ଠା ଦେଖି ସେ ତାଙ୍କର ଉତ୍ତରସାଧିକା ହେବାକୁ ସମ୍ମତି ଜଣାଇଲେ । କିନ୍ତୁ ଅଘୋରନାଥଙ୍କର ମୁଣ୍ଡରେ କେଉଁଠାରୁ ନାୟିକା-ସିଦ୍ଧିର ପ୍ରବୃତ୍ତି ଢୁକିଲା ଯେ ଏଥିରେ ତାଙ୍କର କ୍ଷତି ଘଟିଲା । ସେମାନେ ମୋ'

ସଙ୍ଗେ କୌଣସି ପରାମର୍ଶ ନ କରି ହିଁ ଗୋପନରେ ଏଠାରୁ ଚାଲିଗଲେ । ତା' ପରର ସମସ୍ତ ଘଟଣା ତୁମେ ଏଲୋକେଶୀଠାରୁ ଶୁଣିଛ ।''

''ସେହି ଡାକିନୀ-ସିଦ୍ଧିରେ ପତନର ବ୍ୟାପାର ନେଇ ସେ ଦୁଇଜଣ ଆତ୍ମଶକ୍ତିର ଅତିରିକ୍ତ ଦମ୍ଭ ଅହଙ୍କାର ଲାଗି ଯେଉଁ ଭାବରେ ଆଘାତ ପାଇଲେ, ତଦ୍ଦ୍ୱାରା ହିଁ ଏଲୋକେଶୀର ଚୈତନ୍ୟ ଉଦୟ ହେଲା । ମାତ୍ର ଅଘୋରନାଥର ମୁଣ୍ଡ ଖରାପ ହୋଇଯାଇଛି । ସମ୍ଭାଳି ପାରୁନାହିଁ । ମୋଟାମୋଟି ଏହା ହିଁ ହେଉଛି ତ୍ରିଶୂଳ ସମ୍ବନ୍ଧରେ ଯାହା କିଛି କଥା ।'' ଏତିକି କହି ବାବା ଚୁପ୍ ରହିଲେ ।

ଅବଶ୍ୟ ଏଲୋକେଶୀ ଭିତରେ ଯାହା ଶକ୍ତି ଅଛି, ଆଜି ଯଦି ସେ ସୁଯୋଗ ପାଆନ୍ତା, ତା'ହେଲେ ତା' ଯୋଗୁ ସାରା ବଙ୍ଗଳାର ନାରୀ-ସମାଜ ଉନ୍ନତ ହୋଇପାରନ୍ତା । ଥରେ ତାଙ୍କ ସଙ୍ଗରେ କଥା କହି ତାଙ୍କର ଅଭିପ୍ରାୟ ସମ୍ବନ୍ଧରେ କିଛି ଜାଣିବାକୁ ଲୋଭ ହେଉଛି । କିନ୍ତୁ ଆଜି ସମୟ ହୋଇଯାଇଛି । ଉମାପତି ବାବାଙ୍କର ଯଦି ଆପତ୍ତି ଥାଏ, ସେଥିଲାଗି ଆଉ କିଛି ନ କହି ଯେତେବେଳେ ଉଠିଲି, ସେତେବେଳେ ଉମାପତି ନିଜେ ହିଁ କହିଲେ— ''ତୁମର ଯେତେବେଳେ ଇଚ୍ଛା ହେବ, ଆଉ ଏଲୋକେଶୀଙ୍କ ଠାରୁ ଯଦି କୌଣସି ବିଷୟ ଜାଣିବାକୁ ଚାହୁଁଥିବ, ତେବେ ନିଃସଙ୍କୋଚରେ ଆଳାପଆଲୋଚନା କରିପାରିବ । ତୁମମାନଙ୍କର କଥା ଅଲଗା, ତୁମକୁ ମୁଁ ବିଶ୍ୱାସ କରେ ।'' ତେବେ ଏକାଳର ଯାହା ଧର୍ମ ଯଦି ସେ ଦିଗରେ ସଜାଗ ରହି, ଆଉ ତୁଚ୍ଛ ପ୍ରବୃତ୍ତି ଲୋଭ ଦ୍ୱାରା ପଡ଼ିଯିବାର ଭୟ ରହେ ନାହିଁ । ଶେଷରେ କିଛି ଚିନ୍ତା କରି କହିଲେ, ''ସ୍ତ୍ରୀ ଲୋକଙ୍କର ଶରୀର ବ୍ୟତୀତ ସେମାନଙ୍କ ମଧ୍ୟରେ କେଡ଼େ ଉଚ୍ଚସ୍ତରର ଭାବ, ପ୍ରକୃତିଦତ୍ତ ବୈଶିଷ୍ଟ୍ୟ ରହିଛି, ଏ ଦିଗରେ ଟିକିଏ ମଥା ଘୂରାଇବାର ପ୍ରବୃତ୍ତି ଖୁବ୍ କମ୍ ଲୋକଙ୍କର ହିଁ ହୋଇଥାଏ ।'' ଜାଣିବାର ପ୍ରବୃତ୍ତି— ଏଠାକୁ ଆସି କେବଳ ଜ୍ଞାନଟି ହିଁ ସବୁଠାରୁ ବଡ଼ କଥା ।

ପ୍ରଣାମାନ୍ତର ସେଠାରୁ ଚାଲିଆସିଲି ।

■■

ସପ୍ତଦଶ ପରିଚ୍ଛେଦ

ପରଦିନ ସୁଯୋଗନେଇ ପୁଣି ଯାଇ ଉପସ୍ଥିତ ହେଲି । ମୋତେ ଯେତେବେଳେ ବାବାଙ୍କଠାରୁ ଏତେ ଅଧିକାର ମିଳିଛି, ସେହି ଅଧିକାର ନେଇ ଲୋଭ ସମ୍ବରଣକରିବା ମୋ' ପକ୍ଷେ ଏକ ଦାୟ ହୋଇପଡ଼ିଲା ।

ମୋ'ର କେତେକ ବିଷୟରେ ସାମାନ୍ୟ ସଂଶୟ ଥିବାରୁ, ଖୋଲାଖୋଲି ପଚାରିବାକୁ ସେ ଅଭୟ ଦେଇଥିବାରୁ ସାହସ ସଂଚୟ କରିଥିଲି । ଶୁଣିସାରି ତୀକ୍ଷ୍ଣ ଦୃଷ୍ଟିରେ ମୋ' ଆଡ଼କୁ ଚାହିଁ ଦେଖିଲେ ଓ କହିଲେ, ''ଏଲୋକେଶୀର କଥା ତ ? କ'ଣ ପଚାରିବ, ପଚାରୁ ନାହିଁ ?''

ବିପିନପଣ୍ଡାଙ୍କ ଘରେ ଅଘୋରନାଥଙ୍କ ପତ୍ର ବ୍ୟାପାରରେ ମୁଁ ତାଙ୍କର ଯେଉଁ ମନୋଭାବ ଦେଖିଥିଲି ଓ ସେତେବେଳେ ତାଙ୍କ ଭିତରେ ଯେଉଁ ଦୁର୍ବଳ ମନୋଭାବ ଥିଲା ଏବଂ ଏହା ପରେ ତାଙ୍କର ଏହି ଯେଉଁ ତ୍ରିଶୂଳଧାରିଣୀ ପରିଚୟ ପାଇଲି, ସେହି ଦୁଇ ମନୋଭାବର ଠିକ୍ ମେଳ ହିଁ ନ ଥିଲା । ଆଜି ପୁଣି ଯେଉଁ ମୂର୍ତ୍ତି ଦେଖିଲି, ସେଥିରେ ତାଙ୍କର ଆଉ ଏକରକମ ଭାବ—ତାଙ୍କଠାରେ ଏସବୁର ଅଦ୍ଭୁତ ବୈଚିତ୍ର୍ୟ ଦେଖିଲି; ତାଙ୍କର ପ୍ରକୃତିର ରହସ୍ୟ କଳନା କରିପାରିଲି ନାହିଁ,''— ଏହି କଥାଟି ତାଙ୍କୁ କହିଲି ।

ଉମାପତି କହିଲେ, ''ମୁଁ ମଧ୍ୟ ତାଙ୍କର ସେହି ପ୍ରଥମ ତେଜସ୍ୱିନୀ ମୂର୍ତ୍ତିର ପରିବର୍ତ୍ତନ ଦେଖିଥିଲି, ଯେତେବେଳେ ସେ ଅଘୋରନାଥ ଠାରୁ ସମ୍ପର୍କ ଛିଡ଼ାଇଦେଇ ଫେରିଆସିଲେ । ତାଙ୍କ ପ୍ରକୃତି ସମ୍ବନ୍ଧରେ ମୋ'ର ଘନିଷ୍ଠ ପରିଚୟ ସେତିକିବେଳେ ହିଁ ଘଟିଥିଲା । ତାଙ୍କ ଭିତରେ ନାରୀ-ପ୍ରକୃତିର ଏକ ପରିଣତି ଏହି ଅଘୋରନାଥ ସଙ୍ଗଗୁଣରୁ ହିଁ ଘଟିଥିଲା । ହୁଏତ ତାଙ୍କୁ ହିଁ ଠିକ୍ ତାଙ୍କର ଉପଯୁକ୍ତ ସଙ୍ଗୀ ବୋଲି ଧାରଣା କରି ନାରୀ-ଜୀବନର ଉଦୀପ୍ତ ଆଶା-ଆକାଂକ୍ଷା ପୂର୍ଣ୍ଣ ସଫଳତା ଲାଗି ବୋଧହୁଏ ପ୍ରଶ୍ରୟ ଦେଇଥିବେ ମନ ଭିତରେ ।''

ଏତିକି କହି ସେ ଯେତେବେଳେ ଚୁପ୍ ରହି ମୋ' ଆଡ଼କୁ ଦେଖିଲେ, ସେତେବେଳେ ପଚାରିଲି, ''ଦୁର୍ବଳତାର ପ୍ରଶ୍ରୟ ବୋଲି କହିଲେ କାହିଁକି ? ଉପଯୁକ୍ତ ବୟସରେ ଯୌବନ-ଧର୍ମର ଗୁଣକୁ ନେଇ ହିଁ ନର-ନାରୀଙ୍କର ସ୍ୱାଭାବିକ ଆକର୍ଷଣ ଓ ମିଳନ ଘଟିଥାଏ, ଏହା ହିଁ ପ୍ରକୃତିର ନିୟମ, ନୁହେଁ କି ?''

ଉମାପତି କହିଲେ, ''ସାଧାରଣତଃ ତାହା ହିଁ ସତ୍ୟ, କିନ୍ତୁ ତାହା ଯେ ତାଙ୍କଠାରେ ଏକ ବ୍ୟତିକ୍ରମ ନିଶ୍ଚୟ । ତାହାହିଁ ଏହି ପ୍ରକୃତିର ବୈଚିତ୍ର୍ୟ ବୋଲି ବୁଝିବାକୁ ହେବ । ତେଣୁ ସ୍ୱଳ୍ପକାଳ ଲାଗି ତାଙ୍କର ଏହି ଭାବାନ୍ତର, ନାରୀସୁଲଭ କୋମଳ ବୃତ୍ତିର ବିକାଶଫଳରେ ପୁରୁଷ ସଙ୍ଗସ୍ପୃହାର ଆଡ଼କୁ ମନର ଯେଉଁ ଗତି, ତାହା ସ୍ୱାଭାବିକ ହେଲେ ମଧ୍ୟ, ତାଙ୍କ ପକ୍ଷରେ ତାହା ଦୁର୍ବଳତାର ପ୍ରଶ୍ରୟ ବୋଲି କହୁଛି । ସାଧାରଣ ନାରୀ ପରି କୌଣସି ପୁରୁଷର ଆଶ୍ରୟ ନେଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ବା ମାତୃତ୍ୱର ଆକର୍ଷଣରେ ଗର୍ଭରେ ସନ୍ତାନଧାରଣ କରି ଏପରିକି ଦୁଃଖ-ଦାରିଦ୍ର୍ୟ ସ୍ୱୀକାର କରି ମଧ୍ୟ, ସାଂସାରିକ ଜୀବନକୁ ସାର୍ଥକ କରିବା ଲାଗି ହିଁ ତ ସେ ଜନ୍ମ ନେଇନାହାନ୍ତି । ଏତଦ୍‌ବ୍ୟତୀତ ତାଙ୍କର ସାମୟିକ ପତନର ଯେଉଁଟା ଦ୍ୱିତୀୟ କାରଣ, ତାହାହେଲା, ଅଘୋରନାଥ ତାଙ୍କୁ ଏପରି ଏକ ମହାଶକ୍ତିର ଲୋଭ ଦେଖାଇଥିଲେ ଯେ ଏଥିରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥାଇ, ମୋ' ଅଗୋଚରରେ, ସେ ତାଙ୍କ ସଙ୍ଗରେ ଯିବାକୁ ତିଳେମାତ୍ର ସଙ୍କୋଚ କଲେ ନାହିଁ । ଅଘୋରନାଥ ତାଙ୍କୁ ବୁଝାଇ ଦେଇଥିଲେ ଯେ ତା' ସାହାଯ୍ୟରେ ଯଦି ସିଦ୍ଧିଲାଭ ହୁଏ, ତେବେ ଏପରି ଏକ ଐଶ୍ୱରିକ ଶକ୍ତି ପ୍ରାପ୍ତ ହେବ, ଯାହା ଫଳରେ ଅସାଧ୍ୟସାଧନ ସମ୍ଭବ ହୋଇପାରିବ ଏବଂ ଜନସମାଜ ମଧ୍ୟରେ ଯାହା କିଛି ବିଧି ଅଛି, ତାକୁ ଇଚ୍ଛାନୁସାରେ ପରିବର୍ତ୍ତିତ କରାଯାଇପାରିବ—ଯାହା କିଛି କରିବାକୁ ଇଚ୍ଛା କରିବ, ତାହା ସଫଳ ହେବ, ସାଧାରଣ ମନୁଷ୍ୟ ପକ୍ଷରେ ସେ ଶକ୍ତିକୁ କଳ୍ପନା କରିପାରିବା ସମ୍ଭବ ନୁହେଁ । ଏହି ଶକ୍ତିଲାଭର ଲାଳସାରେ ହିଁ ସେ ଏତେ ଦୂର ଆଗେଇଥିଲେ । ତା' (ଅଘୋରନାଥ) ପରି କଳ୍ପନାଚାଳିତ ଲୋକ ପକ୍ଷରେ କେବେହେଲେ ଯାହା ସମ୍ଭବ ହୋଇପାରେ ନାହିଁ, ସେ ସେହିପରି ଏକ ଅସମ୍ଭବ ପଛରେ ଧାଇଁଥିଲା । ସେକଥା ଏଲୋକେଶୀ ବୁଝିପାରି ନଥିଲେ । କିପରି ବୁଝିବେ, କୁହ ତ ! ତାଙ୍କର ସାଧନ କେତେ ସ୍ୱଳ୍ପ ! କାର୍ଯ୍ୟତଃ ସେ ଅଘୋରନାଥଙ୍କ ସବୁ କଥାକୁ ସରଳ ଭାବରେ ବିଶ୍ୱାସ କରିଥିଲେ । ଫଳସ୍ୱରୂପ ମନ ବା ପ୍ରକୃତି ଅନୁସାରେ ଦୁଇଜଣଙ୍କର ଦୁଇ ରକମର ପରିଣତି ଘଟିଲା । ସେ ତ ଧ୍ୱଂସ ପଥରେ ଗଲା, ଆଉ ଇଏ କଠିନ ଆଘାତ ପାଇ ଅଭିଜ୍ଞତା ନେଇ ଫେରିଆସିଲେ ମୋ ପାଖକୁ । ତଥାପି ବର୍ତ୍ତମାନ ମଧ୍ୟ ତା' ପ୍ରତି ଏକ ଅନୁକମ୍ପାର ଭାବ ତାଙ୍କ ଭିତରେ ରହିଛି । ଅଘୋରନାଥର ଏକ ଅଧଃପତନ ସେ କଳ୍ପନା ହିଁ କରିନଥିଲେ । ମୋ'ର ଏବେ ମନେହୁଏ, ସେ ବର୍ତ୍ତମାନ ମଧ୍ୟ ତାହା ଚାହାନ୍ତି ନାହିଁ ।''

''ଆଚ୍ଛା, ଗତାନୁଗତିକ ସାଧାରଣ ନାରୀ ପ୍ରକୃତି ଠାରୁ ପୃଥକ ଭାବାପନ୍ନ ଓ ମହାତେଜସ୍ୱିନୀ ହେଲେ ମଧ୍ୟ ଉପଯୁକ୍ତ ପୁରୁଷକୁ ସ୍ୱାମୀ ରୂପେ ଲାଭ କଲେ ଯେ ସେ ତାଙ୍କ ସଙ୍ଗେ ମିଳିତ ହୋଇ ସଂସାର କର୍ମ କରିବେ, ନା ସେପରି କିଛି ବାଧା ରହିଛି ?''

ସେ କହିଲେ, ''ତାଙ୍କ ଭିତରେ ସ୍ନେହ, ଭଲପାଇବା, ପ୍ରେମ, ଏସବୁ ନାହିଁ, ଅଛି କେବଳ ଇଷ୍ଟବୋଧର ଏକ ଆକର୍ଷଣ । ଅଘୋରନାଥଙ୍କ ଉପରେ ସେହି ଆକର୍ଷଣ ହିଁ

ତାଙ୍କର ଥିଲା, ପ୍ରେମ ନୁହେଁ; ତାଙ୍କ ଶରୀରକୁ ନେଇ କିଏ ଭୋଗ କରିବ, ସେ ସଂସ୍କାର ତାଙ୍କର ନାହିଁ । ଅଘୋରନାଥର ପତ୍ର ପଢ଼ି ବୋଧହୁଏ ଦେଖିଛ ଯେ ତା'ର ଏକ ଭୟାନକ ଆକ୍ରୋଶ, ଯେପରି ପ୍ରତିହିଂସାର ଭାବ ଅଛି ତାଙ୍କ ଉପରେ । ଉନ୍ମାଦଗ୍ରସ୍ତ ପରି ଏଲୋକେଶୀଙ୍କର ସର୍ବନାଶ ଲାଗି ପ୍ରବଳ ଆକାଙ୍କ୍ଷା କାହିଁକି, ଜାଣିଛ ?''

କହିଲି, ''ମୋ'ର ମନେ ହେଉଛି, ଉଦ୍ଦେଶ୍ୟ ବିଫଳ ହେବାରୁ ନୈରାଶ୍ୟ ଫଳରେ ମନର ଏହିପରି ପ୍ରତିକ୍ରିୟା ହୋଇଥାଏ ।ଏହାକୁ ବୁଦ୍ଧିର ବିକୃତି ବୋଲି ଧରାଯାଇପାରେ ।''

''ନା, ନା, ଠିକ୍ ତାହା ନୁହେଁ । ପତନ ହେଲା ତା'ର, ନିଜ ଭିତରେ ତା'ର ଇନ୍ଦ୍ରିୟ ମୋହ ପ୍ରବଳ ଓ ଦୁର୍ବାର ଥିଲା ବୋଲି । ତାଙ୍କ ଉପରେ ତା'ର ଆକର୍ଷଣ ଥିଲା ଗଭୀର, ଅଥଚ ତାହା ଏହି ବିଶିଷ୍ଟ ସିଦ୍ଧିର ପ୍ରବଳ ଅନ୍ତରାୟ—ସେହି କାରଣରୁ ପତନ ପରେ ତାଙ୍କ ଦ୍ୱାରା ଓ ତାଙ୍କୁ ମାଧ୍ୟମ କରି ତା'ର ସେହି ଦୁରନ୍ତ ଇନ୍ଦ୍ରିୟଭୋଗଟା ତୃପ୍ତ ହେବାକୁ ଇଚ୍ଛା ହେଲା । ତାହା ତୃପ୍ତ ହୋଇଥିଲେ ଅଘୋରନାଥ ହୁଏତ ବଞ୍ଚିଯାଇଥାନ୍ତା । କିନ୍ତୁ ତାକୁ ସେ କେବେହେଲେ ଅଙ୍ଗ ସ୍ପର୍ଶ କରିବାକୁ ଦେଇନାହାନ୍ତି, ସେଥିଲାଗି ତାହାର ଏହି ପାଗଳାମି । ସେ ବଳପ୍ରୟୋଗ ପାଇଁ ଚେଷ୍ଟା କରିଥିଲା, କିନ୍ତୁ ଏଲୋକେଶୀଙ୍କ ନିକଟରେ ସର୍ବଦା ତ୍ରିଶୂଳ ଥିବାରୁ ତା'ର ଉଦ୍ଦେଶ୍ୟ ସିଦ୍ଧି ହୋଇପାରିଲା ନାହିଁ—ଅଥଚ ତା' ପ୍ରତି ଏହାଙ୍କର ଅନୁକମ୍ପା ଏତେଦୂର ଥିଲା ଯେ ସେ ସ୍ୱାଭାବିକ ଅବସ୍ଥାକୁ ଫେରିଆସିବେ ମନେକର ତାକୁ ତ୍ୟାଗ ନ କରି ଓ କିଛି ଅତ୍ୟାଚାର ସହ୍ୟ କରି ମଧ୍ୟ ତା' ସଙ୍ଗେ ବେଶ୍ କିଛି ଦିନ ଥିଲେ । ଫଳ ହେଲା ବିପରୀତ । ବାହାରେ କାଳେ କେହି ଘୃଣା କରିବ, ଏସବୁ ସେ ଚିନ୍ତା ଭିତରକୁ ଆଣି ନଥିଲେ । ମୋ' ସହ ତାଙ୍କର ଗୁରୁ ସଙ୍ଗ ଲାଭ ଯେତେବେଳେ ହୋଇଥିଲା, ଯିବାବେଳେ ସେ ମୋତେ କହିଥିଲେ, ତୁମେ ନିଶ୍ଚିନ୍ତ ଥାଅ, ସେ କେବେହେଁ କୌଣସି ପୁରୁଷର ସ୍ପର୍ଶ ସହ୍ୟ କରିପାରିବେ ନାହିଁ ।''

''ମୋ'ର ମନେ ହେଉଛି, ତାଙ୍କର ସୂକ୍ଷ୍ମ ଶରୀର ଯନ୍ତ୍ରରେ ହୁଏତ କିଛି ସ୍ନାୟୁଜନିତ କୌଣସି ତ୍ରୁଟୀ ରହିଛି''

''ନା, ତା' ନୁହେଁ, ନିଖୁଣ ଶରୀର ତାଙ୍କର, ସେଥିରେ ପ୍ରାକ୍ ସଂସ୍କାର ଅତ୍ୟନ୍ତ ପ୍ରବଳ । ତେବେ ତାହା ଯେପରି ଭାବରେ ବୃଦ୍ଧିପାଇଛି, ତାହା ହିଁ ବିପରୀତ ପଦବାଚ୍ୟ ହୋଇପାରେ । ବର୍ତ୍ତମାନ ହିନ୍ଦୁ ସମାଜ ଉପରେ ତାଙ୍କର ଯେ ପ୍ରବଳ ବିତୃଷ୍ଣା, ସମାଜ ବିଧାନକୁ ଅତ୍ୟନ୍ତ ଘୃଣ୍ୟ ମନେକରିବା—ସେ ବାଳିକା ଅବସ୍ଥାରେ ଏ ପ୍ରକାର ସମାଜରୁ ଅନେକଥର ଶୁଣିଛନ୍ତି । ଥରେ କଳାପାହାଡ଼ ପ୍ରସଙ୍ଗ ନେଇ ସେ କହିଥିଲେ, ଆଉଥରେ ଜଣେ କଳାପାହାଡ଼ର ପ୍ରୟୋଜନ—ହିନ୍ଦୁମାନଙ୍କର ସମାଜ ଭାଙ୍ଗି ଦେଇ ମୁସଲମାନଙ୍କ ପରି ଗୋଟିଏ ଜାତିର ସମାଜ ଗଢ଼ି ଏ ଜାତିର ଗର୍ବ-ବଢ଼େଇ ଲୋପ ନ କଲେ, ବ୍ରାହ୍ମଣମାନଙ୍କର ଆଧିପତ୍ୟ ନ ଗଲେ, ଆଉ ଭଦ୍ର ଅବସ୍ଥା ଓ ବ୍ୟବସ୍ଥା ହୋଇପାରିବ ନାହିଁ ।''

"ତନ୍ତ୍ର-ମନ୍ତ୍ରର ଶକ୍ତି-ସାଧନା କ୍ଷେତ୍ରରେ ସେହି ସିଦ୍ଧିଲାଗି ସେ ଏବେ ମଧ୍ୟ ଯେଉଁ ସାଧନା କରୁଛନ୍ତି, ସେଥିରେ କ'ଣ ସିଦ୍ଧି ଲାଭ କରିପାରିବେ ?"

"ପ୍ରକୃତରେ ତନ୍ତ୍ରଧର୍ମ ମୂଳରେ ଯୁକ୍ତ ହୋଇ ନର-ନାରୀଙ୍କର ଯେଉଁ ସାଧନ ଓ ଯାହାଦ୍ୱାରା ଉପାସନା ବା ସାଧନାର ସାର୍ଥକତା—ତାଙ୍କ ଦ୍ୱାରା ତାହା ହୋଇପାରିବ ନାହିଁ । ପ୍ରାଣ ସହ ପ୍ରାଣର ସହଜ ପ୍ରେମଧର୍ମର ସମ୍ପର୍କ ନେଇ ଯେଉଁ ମୂଳ-ପୁରୁଷ ସହ ଯୁକ୍ତ ହେବା କଥା, ସେ ଦିଗ ଆଡ଼କୁ ତାଙ୍କର ପଥ ନୁହେଁ । ତାଙ୍କର ପଥ ହେଲା କୌଣସି ଏକ ବିଶେଷ ସିଦ୍ଧି ପାଇଁ । ଏହା ବଡ଼ କଠିନ । ତେବେ, ସେ ଯଦି ଆଉ କୌଣସି ବାଧା ସୃଷ୍ଟି କରି ନ ବସନ୍ତି, ତେବେ ତାଙ୍କୁ ଆଉ ଦୁଃଖ ଭୋଗିବାକୁ ପଡ଼ିବ ନାହିଁ । ଶେଷରେ ଉତ୍ତରସାଧକ ହୋଇ ମୋତେ ହିଁ ତାଙ୍କୁ ସାହାଯ୍ୟ କରିବାକୁ ପଡ଼ିବ । ଏହାପରେ ଆଉ କାହାର ସାହାଯ୍ୟ ପ୍ରୟୋଜନ ହେବ ନାହିଁ ।"

ମୁଁ କହିଲି, "ଅଦ୍ଭୁତ ଏକ ନାରୀଙ୍କ ପ୍ରକୃତି ! ଏପରି ପ୍ରକୃତିର ବ୍ୟକ୍ତି ପୂର୍ବେ ମୁଁ କେଉଁଠାରେ ଦେଖିନାହିଁ ।"

ମୋ' କଥା ଶୁଣି ସେ କହିଲେ, "ଆମ ସମାଜରେ ଗୋଟିଏ ଧରଣର ପୁରୁଷ ଅଛନ୍ତି, ଯାହାଙ୍କର ପୋଟେନ୍ସି ବା କାର୍ଯ୍ୟକାରିତା ଶକ୍ତି ଯଥେଷ୍ଟ ଥିଲେ ମଧ୍ୟ ସେମାନଙ୍କର ନାରୀ ପ୍ରତି ବିଦ୍ୱେଷ ଖୁବ୍ ପ୍ରବଳ । ନାରୀମାନଙ୍କ କ୍ଷେତ୍ରରେ ମଧ୍ୟ ସେହି ରକମ ଥାଇପାରେ ।"

ମୁଁ କହିଲି, "ନିଶ୍ଚୟ ଥାଇପାରେ, କିନ୍ତୁ ପୁରୁଷର ପ୍ରଜନନ-ଶକ୍ତି ରହିଥିଲେ କ'ଣ ନାରୀସଙ୍ଗ ଲାଗି ପ୍ରବଳ ବିତୃଷ୍ଣା ଥାଇପାରେ ?"

ସେ ତିଳେ ମାତ୍ର ଚିନ୍ତା ନ କରି କହିଲେ, "କୌଣସି ବିଶେଷ ସଂସ୍କାରର ପ୍ରାବଲ୍ୟ ଯୋଗୁ ଧାତୁସ୍ଖଳନର ନାଡ଼ି-ପଥ ବନ୍ଦ୍ ଥାଇପାରେ । ପୁନଶ୍ଚ ଏପରି ହିଁ ହୋଇଥାଏ ଯେ ଆମ ଯୋଗାମାର୍ଗର ବା ଅଧ୍ୟାତ୍ମସିଦ୍ଧି ଲାଗି ସାବଧାନତା ପଥରେ ସିଦ୍ଧିର ସହାୟକ ହେବା ଲାଗି ଊର୍ଦ୍ଧ୍ୱରେତା ହୋଇ ସାଧକର ପ୍ରସ୍ତୁତି । ଏସବୁ ଥାଏ, ଜାଣିଛ ତ ?"

"ଆମ ଭାରତର ଧର୍ମମାର୍ଗରେ ସଂଯମର କେତେ ଶକ୍ତି, ଜାଣିଛ ତ ? ଶରୀରରୁ ଆରମ୍ଭ କରି ସୂକ୍ଷ୍ମତମ ମନର ସ୍ତର ପର୍ଯ୍ୟନ୍ତ ସଂଯତ କରିବାର ବ୍ୟବସ୍ଥା ଅଛି—ଯୋଗମାର୍ଗରେ ଯାହାକୁ ଊର୍ଦ୍ଧ୍ୱରେତା ବୋଲି କୁହାଯାଏ । ଶୁଣିଛ ତ ? ସେହି ସକଳ କ୍ରିୟା ସାଧ-ପ୍ରୟାସ, ବାଳକ ଅବସ୍ଥାରୁ ହିଁ ଆରମ୍ଭ । କେଉଁ କେଉଁ କ୍ଷେତ୍ରରେ ଦେଖାଯାଇଥାଏ ଯେ ଜଣଜଣଙ୍କ କ୍ଷେତ୍ରରେ ଏହା ସମ୍ଭବ ହୋଇଥାଏ । ଏହାକୁ ପ୍ରକୃତି ନିୟମର ବ୍ୟତିକ୍ରମ କୁହ ବା ଆଉ କିଛି କୁହ, ଏହିପରି କାହା କାହା କ୍ଷେତ୍ରରେ ହୋଇଥାଏ ତ ? ପରମହଂସଦେବଙ୍କର ପ୍ରିୟତମ ଶିଷ୍ୟ ନରେନ୍ଦ୍ରନାଥଙ୍କ କଥା ଜାଣିଛ ତ ? ଆଚ୍ଛା, ଭାରତ କଥା ଏବେ ଥାଉ, ଅନ୍ୟ ସବୁ ଦେଶରେ ଯେଉଁମାନେ ଭିନ୍ନ ସମାଜର ବ୍ୟକ୍ତି, ସେମାନଙ୍କ

ଭିତରେ ହୁଏତ ଏ ସ୍ୱଭାବର ପୁରୁଷ ଥାଇପାରନ୍ତି, ଯେଉଁମାନଙ୍କର ଇନ୍ଦ୍ରିୟ ବା ଯୌନସମ୍ବନ୍ଧୀୟ ବୋଧ, ବା ଇନ୍ଦ୍ରିୟ ଭୋଗର ସ୍ପୃହା ଅତ୍ୟନ୍ତ କମ୍ । ଏପରିକି ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଥାଇ ମଧ୍ୟ ସେମାନେ ପ୍ରଜନନ ସମ୍ବନ୍ଧରେ ସଜାଗ ନୁହନ୍ତି । ଅସଲ କଥା, ସେମାନଙ୍କ କ୍ଷେତ୍ରରେ ଅନ୍ୟ କୌଣସି ବିପରୀତ ବିଷୟରେ ତୀବ୍ର ଅଭ୍ୟାସ ଫଳରେ ଏହା ସମ୍ଭବ ।''

ମୁଁ କହିଲି, –''ମୋ'ର ଧାରଣା, ପ୍ରତ୍ୟେକ ସମାଜରେ ହିଁ ଏହି ଧରଣର ପୁରୁଷ ଜନ୍ମ ନେଇଥାନ୍ତି ସତ, କିନ୍ତୁ ତାହା ସାଧାରଣ ନିୟମର ଏକ ବ୍ୟତିକ୍ରମ ନୁହେଁ କି ? ସେମାନେ ମହତ୍ କର୍ମୀ ହେଲେ ମଧ୍ୟ ସଂସାର ବା ପ୍ରଜାବୃଦ୍ଧି ଦିଗରେ ଏକାନ୍ତ ବିମୁଖ ।''

ଶୁଣିବାମାତ୍ରେ ସେ କହିଲେ, ''ତାହା ନିଶ୍ଚିତ କଥା । ପ୍ରକୃତିର ନିୟମରେ ସବୁ ଦେଶରେ ଏହି ଧରଣର ପୁରୁଷ ଅଛନ୍ତି । ଏଇତ ବ୍ରିଟିଶ ଜେନେରାଲ ଲର୍ଡ କିଚେନାରଙ୍କ କଥା, ଯିଏ ଆମ ଭାରତର ପ୍ରଧାନ ସେନାପତି ଥିଲେ, ନାରୀ ସମ୍ପର୍କରେ ତାଙ୍କର ପ୍ରବଳ ବିତୃଷ୍ଣା କଥା ସଭ୍ୟଜଗତରେ କିଏ ନ ଜାଣିଛି ?''

ମୁଁ ଆଶ୍ଚର୍ଯ୍ୟ ହେଲି, ''ଆପଣ କିପରି ଜାଣିଲେ ?'' ସ୍ୱତଃ କଥାଟି ମୋ' ମୁହଁରୁ ବାହାରିଗଲା ।

''କାହିଁକି ?''–ସେ କହିଲେ,–''ଆମେ କ'ଣ ପୃଥିବୀର ଲୋକ ନୋହୁଁ, କୌଣସି ଖବର ରଖୁନା ବୋଲି ମନେକରୁଛ ?''

''ଆମେ ଭାବୁ, ଆପଣମାନେ ଦିନରାତି ନିଜନିଜର ସାଧନା ବା ସିଦ୍ଧି ନେଇ ଲିପ୍ତ ଥାଆନ୍ତି; ଜଗତର ଅନ୍ୟ କୌଣସି ବିଷୟ ଦିଗକୁ, କ'ଣ ହେଉଛି ନ ହେଉଛି, ଅନ୍ୟାନ୍ୟ ସମାଜର ଲୋକଙ୍କର ପ୍ରକୃତି-ବୈଚିତ୍ର୍ୟ, ଏହିସବୁ ଖବର ପୁଣି ରଖନ୍ତି କିପରି, ତା'ର ଇୟତ୍ତା ନିଜେ ମୁଁ ପାଏ ନାହିଁ !''

ମୃଦୁ ହସି ସେ କହିଲେ, ''ନିଜ ସତ୍ତା ବା ବୁଦ୍ଧିକୁ କେନ୍ଦ୍ର କରି ମାନବ ପ୍ରକୃତି ସମ୍ବନ୍ଧରେ ଏକ ସହଜ ସତ୍ୟ କେହି ଯଦି ଧାରଣା କରିପାରେ, ଯେପରି ଧରିନିଅ, ମୁଁ ଜଣେ ମଣିଷ, ମୋ' ପ୍ରକୃତି, ମୋ' ଅର୍ନ୍ତନିହିତ ଶକ୍ତି ଓ ସେହି ଶକ୍ତି ବିକାଶର ତାରତମ୍ୟ, ନିଜ ପରିବେଶ ମଧ୍ୟରେ ତାହାର କ୍ରିୟା, ଅବସ୍ଥାନ୍ତରରେ ତା'ର ବ୍ୟବହାର ବା ଯୋଗାଯୋଗର ବୈଚିତ୍ର୍ୟ ବିଷୟରେ ଯଦି ଧାରଣା କରିନିଆଯାଇପାରେ, ତା'ହେଲେ ଜଗତର ମାନବ ପ୍ରକୃତି ସଙ୍ଗେ ତୁମର ଯୋଗାଯୋଗ ସିଦ୍ଧ ହୋଇଗଲା । ମାନବ-ପ୍ରକୃତି, ବ୍ୟବହାର ବୈଚିତ୍ର୍ୟ ଓ ମନୁଷ୍ୟର ଅନୁରାଗ-ବିରାଗ ସମ୍ବନ୍ଧରେ ଆମର କିଛି ହିଁ ଅଜଣା ରହିବ ନାହିଁ ।''

''ସେକଥା ବେଶ୍ ବୁଝି ପାରୁଛି,'' ମୁଁ କହିଲି, ''କିନ୍ତୁ ଲର୍ଡ କିଚେନାରଙ୍କ କଥା ଜାଣିଲେ କିପରି ?''

ସେ ହସିଦେଇ କହିଲେ, ''ବିଧାତାର ଯେଉଁ ଯୋଗାଯୋଗ ଦ୍ୱାରା ତୁମେ ଯେପରି ଭାବରେ ଏଠାକୁ ଆସିଛ, ଠିକ୍ ସେହିପରି ଅନେକ ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ରାଜନୀତିଜ୍ଞ, ଶିଳ୍ପୀ, ଓକିଲ, ବାରିଷ୍ଟର, ଆଇ.ସି.ଏସ୍ ଅଫିସର ଆସି ଏଠାରେ ପାଦଧୂଳି ପକାଇଥାନ୍ତି, ମା'ର ସତ୍‌ସଙ୍ଗକୁ ଭଲପାଆନ୍ତି, ଆଉ ସେହି ଉପଲକ୍ଷ୍ୟ ନେଇ ମୋତେ ସଙ୍ଗସୁଖ ଦେଇଯାଆନ୍ତି, ଦେଖାସାକ୍ଷାତ କରି ଯାଇଥାନ୍ତି । ସମପର୍ଯ୍ୟାୟର ଦଳେ ଏକତ୍ର ହେଲେ ସେମାନଙ୍କ ମଧ୍ୟରେ ନାନା ବିଷୟ ଉପରେ ଆଲୋଚନା ହୋଇଥାଏ ତ ? ସେମାନେ ଯେବେ ସମୟ ପାଆନ୍ତି, ନାନା ଦେଶର ନାନା ପ୍ରକାର ଅଭିଜ୍ଞତା ଉପରେ ଆଲୋଚନା କରିଥାନ୍ତି; ଯାହାର ଯେଉଁ ଅଭିଜ୍ଞତା, ସେସବୁ ଶୁଣି ମୁଁ ମଧ୍ୟ ଏଠାରେ ବସି ଅନେକ କିଛି ଜାଣିଯାଏ—ତା' ଭିତରେ ଜଗଦମ୍ବାର କେତେ ପ୍ରକାରର କେତେ ଲୀଳା ଆସ୍ୱାଦ କରିଥାଏ । କିପରି ଯୋଗାଯୋଗ ଦେଖ ତ, କେଉଁଠିକା କଥାର ଖବର ଆସି କେଉଁଠି ପହଞ୍ଚେ !''

ଜଣେ ଭବ୍ୟ ବ୍ୟକ୍ତି ଆସି ପ୍ରଣାମ କଲେ । ଆର୍ଶୀବାଦ କରି ତାଙ୍କୁ ଉମାପତି କହିଲେ, ''ଆସ ଆସ, ଆହା, ବଡୁୟା ମହାଶୟ, ତୁମକୁ କାହିଁକି ମୁଁ ଏତେ ଶୁଖିଲା ଦେଖୁଛି ବାବା ?''

ଧୀରେ ଧୀରେ ବଡୁୟା ତାଙ୍କର କଞ୍ଚାପାକଲା କେଶପୂର୍ଣ୍ଣ ମଥାଟିକୁ କୁଣ୍ଡାଇକୁଣ୍ଡାଇ ଟିକିଏ ସଙ୍କୋଚ ସହ କହିଲେ, ''ଥରେ ହେଲେ ଆପଣଙ୍କୁ ଯିବାକୁ ପଡ଼ିବ ।''

ତୁମକୁ ଶୁଖିଲା ଦେଖୁଛି କାହିଁକି ? ତାହାର ଉତ୍ତର ହେଲା, ଆପଣଙ୍କୁ ଯିବାକୁ ହେବ । ଏହାପରେ ଯେଉଁ କଥା ଉମାପତି କହିଲେ, ତାହା ଆହୁରି ଚମତ୍କାର,—''କଲିକତାରୁ ଜଗଦୀଶବାବୁ ଏଠାକୁ ବୁଲିବାକୁ ଆସୁଛନ୍ତି, ଶୁଣିଛ ? ଗିରୀଶବାବୁ ଏଠାରେ ଆସି ରହିଛନ୍ତି କିଛିଦିନ ହେଲା ।''

ଶୁଣିନେଇ ବଡୁୟା ମହାଶୟ କହିଲେ, ''ମୁଁ ତ ଜାଣିନାହିଁ, ଆପଣଙ୍କୁ ନ ନେଇ ମୁଁ ଫେରିବି ନାହିଁ ବୋଲି ଆସିଛି । କହିଦେଇ ବଡ଼ବାବୁ ଆପଣଙ୍କ ଆସିବା ବାଟକୁ ଅନେଇ ବସିଛନ୍ତି ।''

ତାଙ୍କ କଥା ଶୁଣି ବାବା ଉମାପତି କିଛି ସମୟ ସ୍ଥିର ହୋଇ ନିଜ ଆସନରେ ବସି ରହିଲେ, ମୁହୂର୍ତ୍ତକ ଲାଗି ଚକ୍ଷୁ ମୁଦ୍ରିତ ଦକ୍ଷିଣକରକୁ ପ୍ରସାରିତ କରି ଜାନୁ ଉପରେ ରଖିଲେ; ତା'ପରେ ବଡୁୟା ମହାଶୟଙ୍କ ମୁହଁକୁ ବିସ୍ଫାରିତ ଚକ୍ଷୁରେ ଲକ୍ଷ୍ୟ କରି କହିଲେ,—''ଆଚ୍ଛା ଚାଲ, ମୁଁ ଯିବି, ଏଲୋକେଶୀ ଏହିଠାରେ ରହିବେ । ସାଙ୍ଗରେ ଆଉ କିଏ ଯିବେ ?'' କହିଦେଇ ମୋ' ଆଡ଼କୁ ଅନାଇଲେ । ସେଥିରୁ ମୁଁ ଅନୁମାନ କଲି, ଯଦି ମୋତେ ସାଙ୍ଗରେ ନିଅନ୍ତି, ତା'ହେଲେ ମୋର ଗୁଆହାଟୀ ଦେଖା ହୋଇଯିବ । ଏହା ବ୍ୟତୀତ ସେବା ଲାଗି ତ ଜଣକର ପ୍ରୟୋଜନ !

ସେ ମୋ' ଆଡ଼କୁ ଚାହିଁ, ଦୃଷ୍ଟି ନ ଫେରାଇ, କହିଲେ, ''ନା ନା, ମୁଁ କେବଳ ଏକଲା ଯିବି ନାହିଁ, ଭାଇ ? ତୁମେ ଯିବ ଯଦି, ଚାଲୁ ନାହିଁ, ଗୁଆହାଟୀ ଦେଖିବାକୁ ଚାହୁଁଥିଲ, ଦେଖିନେବ, ଉମାନନ୍ଦଙ୍କୁ ଦେଖିବ—ଏସବୁ ବ୍ୟତୀତ ଗୋଟିଏ ହିନ୍ଦୁ ସଂସାର ମଧ୍ୟ ଦେଖିବ ।'' ଯନ୍ତ୍ରବତ୍ ମୁଁ ତତ୍କ୍ଷଣାତ୍ ରାଜି ହୋଇଗଲି । ଏହି ଭାବରେ ସେଦିନ ମୋ'ର ଗୁଆହାଟି ଯିବାର ଯୋଗାଯୋଗ ଘଟିଲା । ବଡୁୟା ମହାଶୟ ଗୁଆହାଟୀ ବରଦୋଳାଇ ଓକିଲଙ୍କର ବିଶ୍ୱାସୀ କର୍ମଚାରୀ ।

ଗୁଆହାଟୀର ଓକିଲ ଭଦ୍ରବ୍ୟକ୍ତି ହେଉଛନ୍ତି ଶ୍ରୀ ଜାନକୀନାଥ ବରଦଳାଇ— ଜଣେ ଭକ୍ତିପ୍ରାଣ ବ୍ୟକ୍ତି ବୋଲି ସମସ୍ତେ ଜାଣନ୍ତି—ଗୁରୁ-ସାକ୍ଷାତକାର ହେଲେ ଆଉ ସେଦିନ କୌଣସି କ୍ରିୟାକର୍ମ କରନ୍ତି ନାହିଁ । ଗୁରୁସେବା ହିଁ ତା'ଙ୍କର ତପସ୍ୟା । ଏହି ଅଦାଲତ, ଗୁରୁ ତନ୍ମଧ୍ୟରୁ ଅତି ସାମାନ୍ୟ କିଛି ଅଂଶ କିଛି ପାତ୍ରରୁ ଗ୍ରହଣକରି ଅବଶିଷ୍ଟ ପାତ୍ର ଗୁଡ଼ିକୁ କେବଳ ସ୍ପର୍ଶ କରି ଆଚମନ ପରେ ଜଳଯୋଗ ଶେଷକଲେ । ତା'ପରେ ପ୍ରସାଦ ସେବନର ପାଳା । ସେହି ପ୍ରସାଦରୁ କାହାକୁ ହେଲେ ବଞ୍ଚିତ କରାଗଲା ନାହିଁ ।

ଏଥର ସ୍ୱାମୀ-ସ୍ତ୍ରୀ ଦୁଇଜଣ ଗୁରୁଙ୍କୁ ଏକାନ୍ତରେ, ଗୋଟିଏ ଘରଭିତରକୁ ନେଇଗଲେ । ମୁଁ ବାହାରର ଗୋଟିଏ ଘରକୁ ଯାଇ ବସିରହିଲି । ସେଠାରେ ଗୁରୁ—ଆବାହନ ବ୍ୟାପାର ଯାହା କିଛି ଦେଖିଲି, ପୂର୍ବରୁ ସେପରି ଆଦୌ ଦେଖି ନ ଥିଲି । ଯାହା କିଛି ଦେଖିଥିଲି, ଆମ ଘରକୁ ଅନେକ ଥର ଭାଟପଡ଼ାର ଗୁରୁଙ୍କ ଆଗମନ । ମଝିରେମଝିରେ ମାସେ ଦୁଇମାସରେ ଯିବାଆସିବା ହୋଇଥାଏ ଅନେକ ଶିଷ୍ୟଙ୍କ ଗହଣରେ । ପାଦ ଧୋଇବା ଲାଗି ଜଳ ଦେଲେ, ସେ ନିଜେ ହିଁ ପାଦ ଧୋଇଥାନ୍ତି । ତା'ପରେ 'ଗାମୁଛା କେଉଁଠି, ଆରେ ଗୋଟାଏ ଗାମୁଛା ଦେଇ ଯା' କହିଥାନ୍ତି । ଗାମୁଛା ଆସିଲେ ଗୁରୁ ନିଜେ ପାଦ ପୋଛିଦେଇ ଠିଆହେଲେ ଜଣେ କେହି ପିଢ଼ା ପକାଇଦେଲେ, ସେ ବସିଥାଆନ୍ତି । ପ୍ରବୀଣମାନେ ଟଙ୍କା ହାତରେ ଧରି ଆସି ପ୍ରଣାମ ଆରମ୍ଭ କରିଦିଅନ୍ତି, ଇତିମଧ୍ୟରେ ଅନ୍ୟ ଶିଷ୍ୟମାନେ ଟଙ୍କା ଯୋଗାଡ଼ କରନ୍ତି । କାହା ପାଖରେ ଥାଏ ତ କାହା ପାଖରେ

ଓକିଲବାବୁ ବରଦଳାଇ ଗୃହିଣୀଙ୍କ ଗୁରୁ-ପାଦସେବା (ଗୁଆହାଟି)

ନଥାଏ, କେହିକେହି ଧାର୍-କରଜ ମଧ୍ୟ କରିଥାନ୍ତି । ଶେଷବେଳକୁ, ଘରଟିକୁ ନିଲାମ କଲାପରି, ସଂସାରକୁ ଦେବାଳିଆ କରିବା ସଦୃଶ, ଘରେ କାହାପାଖରୁ ଅଣ୍ଟାଳିଲେ ଆଠଅଣା ମଧ୍ୟ ପାଇବା ମୁସ୍କିଲ ହୋଇପଡ଼େ । ଗୁରୁଙ୍କର ଜଳଖିଆପାଇଁ ଆସିଲା ଦୁଇଅଣା ବା ବଡ଼ଜୋରରେ ଚାରିଅଣାର ମିଠା । ଦଳେ ପୁଅ-ଝିଅ ହାଁ କରି ଚାହିଁଛନ୍ତି, ଗୁରୁ ମୁଣ୍ଡନୋଇଁ ଜଳଖିଆ କରୁଥାନ୍ତି । ଆମମାନଙ୍କୁ କେହି କହୁନାହାନ୍ତି, ଗୁରୁଠାକୁରଙ୍କୁ ପ୍ରଣାମ କରିବାଲାଗି । ଏସବୁ ଦୃଶ୍ୟ ଦେଖିଛି । ଭାବୁଥିଲି, କିପରି ଅଦ୍ଭୁତ ଆମର ସମାଜ ! କେଉଁଦିନ ଏହି ଅଚଳ ସାମାଜିକ ଅବସ୍ଥାର ଶେଷ ହେବ ଭଗବାନ ହିଁ ଜାଣନ୍ତି ।

ଏଠାରେ ଆଉ ଏକ ଦୃଶ୍ୟ ଦେଖିଲି ।

ବରଦଳାଇ ଓକିଲଙ୍କ ଘରକୁ ତାଙ୍କର ଗୁରୁ ଆସିଛନ୍ତି ବୋଲି ଗୁଆହାଟୀସାରା ରାଷ୍ଟ୍ର ହୋଇଗଲା—ଦ୍ୱିପ୍ରହର, ଉପରବେଳା, ସନ୍ଧ୍ୟାରେ ତାଙ୍କ ବାହାରଘର ପ୍ରାଙ୍ଗଣରେ ଭରପୂର— ଦରଜା-ଖିଡ଼ିକିଭରା ଲୋକ । ମୁଁ ଆଉ ସମସ୍ତଙ୍କ କଥା କହିବି ନାହିଁ, କେବଳ ଜଣକ କଥା କହୁଛି । ଉପରବେଳା ଅନେକ ପ୍ରୌଢ଼, ବୃଦ୍ଧ ସାମ୍ନାରେ ବେଢ଼ିଯାଇଛନ୍ତି, ଆଉ ପ୍ରାୟ ଅଧେ ସ୍ଥାନୀୟ ଲୋକ ପୌଢ଼, ବୃଦ୍ଧା, ଯୁବତୀ ଏକତ୍ର ବସିଛନ୍ତି । ଭିତର-ଦରଜା, ଭିତର-ବାରଣ୍ଡା ପର୍ଯ୍ୟନ୍ତ ସେମାନଙ୍କର ଅଭିଯାନ । ବୟସ୍କ ପୌଢ଼ ଓ ବୃଦ୍ଧ ଗୃହୀମାନେ କେତେରକମର ପ୍ରଶ୍ନ କରୁଛନ୍ତି । ଉମାପତି ବାବା ଅନ୍ତର ମଧ୍ୟରେ କିଛି ଏକ ପୀଡ଼ା ଯେପରି ଅନୁଭବ କରୁଥିଲେ, ବିଶେଷତଃ ଜଣେ ବ୍ୟକ୍ତିଙ୍କର କଥାଶୁଣି ସାରି । ସିଏ ଜଣେ ବ୍ୟବସାୟୀ, ବେଶ୍ ଯୁବକ ଚେହେରା, ମୁହଁରେ ତାଙ୍କର ଖୁବ୍ ଦମ୍ଭ, କଥାରେ ଖୁବ୍ ଜୋର୍ । ତାଙ୍କ କଥାଟି ଏହି : 'ଆମେ ସେସବୁ ମାନୁନା କି ବୁଝୁନା, ବସିବସି ଜପ କରିବା, ଗୀତା-ଚଣ୍ଡୀପାଠ କରିବା ଓ ଧର୍ମଚର୍ଚ୍ଚା ବିଷୟରେ ସମସ୍ତେ ସହଜ ଉପଦେଶ ଦେଇପାରିବେ, ଏଥିପାଇଁ ଆପଣଙ୍କ ନିକଟକୁ ଆସିବୁ କାହିଁକି ? କିନ୍ତୁ ପ୍ରତ୍ୟକ୍ଷ ଶକ୍ତିର କ୍ରିୟା ଯଦି ଦେଖାଇପାରିବେ, ତେବେ ହିଁ ବୁଝିବି, ନ ହେଲେ ବାଜେ କଥାରେ ମୁଁ ଭୁଲିବା ଲୋକ ନୁହେଁ ।' ବାବା ହସିଉଠିଲେ । ସେ ଏହା ଦେଖି ବିଗିଡ଼ି ଗଲା । ସେତେବେଳେ ବାବା କହିଲେ, ''କେଉଁ ରକମର ଶକ୍ତି-କ୍ରିୟା, କୁହନ୍ତୁ ତ ?''

''ତିଲୋପା-ଟିଲୋପା ଯେପରି ମୃତ ଲୋକକୁ ବଞ୍ଚାଇଦେଉଥିଲେ, କେତେକେତେ ଅସାଧାରଣ କାମ କରୁଥିଲେ, ସେହିପରି ସବୁ,''— କହିସାରି ସେ ଯେ ସମସ୍ତଙ୍କୁ ଚାଲେଞ୍ଜ କରୁଥିବାର ଏଭାବ ନେଇ, ତାଙ୍କ ସାମ୍ନା ଓ ପାଖରେ ଯେଉଁମାନେ ବସିଥିଲେ, ସେମାନଙ୍କୁ ଟିକିଏ ଅନେଇଲେ ।

ବାବା କହିଲେ, ''ସେସବୁ କ'ଣ ଆମେ ପାରିବୁ ? ଏହିସବୁ ସିଦ୍ଧି ଲାଗି ମହାଶକ୍ତିର ସାଧନ ପ୍ରୟୋଜନ । ଆମେ ତାହା କରିନାହୁଁ ବା କରିବାକୁ ଚାହିନାହୁଁ ।''

''ହୁଁ, ତେବେ କି ତାନ୍ତ୍ରିକ ସାଧନା ଆପଣଙ୍କର !'' ତା'ଙ୍କର କଥାଶୁଣି କେତେଜଣ ''ନିର୍ଲଜ କୁଆଡ଼ିକାର, ଉଠି ଯା' ଏଠାରୁ, ମୂର୍ଖ'' ବୋଲି ସମ୍ଭାଷଣ କଲେ । କେହିକେହି ''ଟଙ୍କାର ଗରମରେ ମହେଶର ମୁଣ୍ଡ ପାଗଳ ହୋଇଯାଇଛି''—ଇତ୍ୟାଦି କହି ଗୋଳମାଳ କରିବାରୁ ଦେଖିଲି, ସେ ଚୋର ପରି ହଡ଼୍‌ବଡ଼୍ ହୋଇ ଉଠି ବାହାରିଗଲେ । ତାଙ୍କର ସେହି ତେଜ ଆଉ କିଛିମାତ୍ର ଦେଖାଗଲା ନାହିଁ । ଏତିକିବେଳେ ମହକିଲ, ଆଇନ ଆଦି ନେଇ ତାଙ୍କର ଯେଉଁ ଦୈନନ୍ଦିନ କାର୍ଯ୍ୟ ସେଥିରେ ବ୍ୟତିକ୍ରମ ହୋଇଯାଏ । ସକାଳୁ ସମସ୍ତ ସମୟ ଯୋଡ଼ହସ୍ତରେ ଗୁରୁଙ୍କ ସମ୍ମୁଖରେ ଠିଆହୋଇ ରହି ଆଜ୍ଞାପାଳନହିଁ ତାଙ୍କର ସର୍ବକ୍ଷଣର କର୍ମ ହୁଏ । ସେହି କାରଣରୁ ଗୁରୁଙ୍କର ତାଙ୍କ ଗୃହରେ ଦୀର୍ଘକାଳ ରହିବା ସମ୍ଭବ ହୁଏ ନାହିଁ । ବଡୁୟା ମହାଶୟଙ୍କୁ ଗଲାବେଳେ ବାଟରେ ପଚାରିଲି, ''ଓକିଲ ବାବୁ କଚେରୀକୁ ଯିବେ ନାହିଁ ବୋଧହୁଏ ସେଇ କେତେଦିନ ?''

''ନା, କଚେରୀ ତ ନୁହେଁ, ବରଂ ଘରେ ମୋକଦମା ମାମଲା ସମ୍ବନ୍ଧରେ କଥା କହିବାକୁ ବି ମହକିଲ ମାନଙ୍କୁ ବାରଣ କରନ୍ତି; କେହି ଗଲେ ସାକ୍ଷାତ କରନ୍ତି ନାହିଁ । ସେମାନେ ମଧ ଜାଣନ୍ତି ଯେ ଗୁରୁ ଆସିଲେ ତାଙ୍କୁ ଆଉ କେହି ପାଇବେ ନାହିଁ—ଚାଲନ୍ତୁନା—ଗଲେ ସବୁ କିଛି ଦେଖିପାରିବେ ।''

ବିଂଶ ଶତାବ୍ଦୀରେ ମଧ ଏହିପରି ସବୁ ସମ୍ଭବ !

ବର୍ତ୍ତମାନ ଏହି ପ୍ରସଙ୍ଗ ଏଇଠି ଶେଷକରିବାକୁ ପଡୁଛି ।

■■

ଅଷ୍ଟାଦଶ ପରିଚ୍ଛେଦ

ଗୁରୁସେବା, ଯାହା ଦେଖିଲି, ଜୀବନରେ ତାହା ଏକ ବିଚିତ୍ର ଅଭିଜ୍ଞତା । ଜାନକୀନାଥ ବରଦଳାଇ ମହାଶୟ ଓକିଲ; ତାଙ୍କ ସ୍ତ୍ରୀ ଜଣେ ନିଖୁଣ ଆର୍ଯ୍ୟ ମହିଳା; ଦୁଇଜଣ ଆସି ଯେତେବେଳେ ଠିଆ ହେଲେ, ଅପୂର୍ବ ମିଳନ, ଦେଖିଲେ ଆନନ୍ଦ ଲାଗେ । କଥା ନ କହିଲେ ଅଥବା ବେଶଭୂଷାର ଧରଣକୁ ଲକ୍ଷ୍ୟ ନ କଲେ ମଧ୍ୟ ତାଙ୍କୁ ପଞ୍ଜାବ ବା ରାଜପୁତନାର ଅଧିବାସିନୀ ବୋଲି ସହଜରେ ଧରିନେଇହେବ । ସ୍ୱାମୀ-ସ୍ତ୍ରୀ ଦୁଇଜଣ ମିଶି ପ୍ରଥମେ ଗୁରୁଚରଣ ବନ୍ଦନା କଲେ, ତା'ପରେ ସ୍ୱାମୀ ଓ ସହଧର୍ମିଣୀ, ଗୁରୁଙ୍କୁ ସାମନା ଚୌକିରେ ବସାଇଲେ । ଦୁଇଜଣ ହିଁ ଗରୁଡ଼ାସନରେ ବସିଯାଇ, ସ୍ତ୍ରୀ କଳସରୁ ଜଳ ଢାଳିଚାଲିଲେ ଏବଂ ସ୍ୱାମୀ ପରିପାଟୀରୂପେ ଚରଣଦ୍ୱୟ ଧୋଇଦେଲେ । ଏହାପରେ ସ୍ୱାମୀ ଜଳ ଢାଳିଲେ, ଆଉ ସ୍ତ୍ରୀ କରାଙ୍ଗୁଳୀ ଚାଳନାକରି ପାଦର ପ୍ରତ୍ୟେକ ଆଙ୍ଗୁଳି ଓ ପାଦତଳପା ଯତ୍ନ ସହକାରେ ଧୋଇଦେଲେ । ଏହାପରେ ଯାହା ଘଟିଲା, ଜୀବନରେ ଏହା ପ୍ରଥମଥର ଦେଖିଲି । ସହଧର୍ମିଣୀ ତାଙ୍କର ଆଲୁଲାୟିତ କେଶଗୁଚ୍ଛ ବାହାର କରି ଚରଣଦ୍ୱୟ ପରିପାଟି କରି ପୋଛିଚାଲିଲେ । ନିତ୍ୟାନ୍ତ ନିୟମରକ୍ଷା ପରି କୌଣସି କ୍ରିୟା ହେଲାନାହିଁ । ଆନ୍ତରିକ ଭକ୍ତି ଥିଲେ, ପ୍ରତିଟି କର୍ମରେ ଯତ୍ନର ଯେଉଁ ପ୍ରତ୍ୟକ୍ଷ ରୂପ ଓ ଆନ୍ତରିକ ଭକ୍ତିର ପ୍ରକାଶ, ଆଜି ତାହା ସ୍ୱଚକ୍ଷୁରେ ଦେଖୁଥିଲି । ଯାହା ଆଜି ଆସାମରେ ଦେଖିଲି, ଆର୍ଯ୍ୟ ସଭ୍ୟତାର ଅନ୍ତର୍ଗତ ଧର୍ମ-ଗୌରବରେ ଗର୍ବିତ ଦାମ୍ଭିକ ବଙ୍ଗଳାରେ ସେପରି କେଉଁଠି ଦେଖିନାହିଁ ।

ପାଦଧୋଇସାରି କେଶଦ୍ୱାରା ପୋଛିଲା ପରେ ଗୁରୁଙ୍କୁ ଘରଭିତରକୁ ନେଇ ପିଢ଼ାଉପରେ ଠିଆକରାଗଲା, ତା'ପରେ ହେଲା ବରଣ । ସେହି ବରଣ, ବିବାହ ରାତ୍ରିରେ ବରକୁ ସ୍ତ୍ରୀ-ଆଚାର ସମୟରେ ଯେପରି ବରଣ କରାଯାଏ, ଠିକ୍ ସେହିପରି । ନୂତନ ପାଟବସ୍ତ୍ରର ଉତ୍ତରୀୟ, ନୂତନ ପାଦୁକା, ଛତ୍ର, ସବୁକିଛି ପାଦପାଖରେ ଉତ୍ସର୍ଗ କରାଯିବା ପରେ ଗୁରୁଙ୍କର ଉପବେଶନ । ପ୍ରକାଣ୍ଡ ରଜତପାତ୍ରରେ ପରିପୂର୍ଣ୍ଣ ଫଳମୂଳ ଆଦି ଓ ଅପେକ୍ଷାକୃତ ଛୋଟ ରୁପାର ତାଟିଆମାନଙ୍କରେ ମଧୁର ପାନୀୟ ଓ ଅନ୍ୟ ବହୁପ୍ରକାର ପାନୀୟ ସାଙ୍ଗକୁ ସ୍ତୁପାକାରରେ ବହୁପ୍ରକାର ଉତ୍କୃଷ୍ଟ ମିଷ୍ଟାନ୍ନର ଆୟୋଜନ ଥିଲା । କେତେଜଣ ଯୁବକ ଆସି ଦ୍ୱାର ନିକଟରେ ଠିଆହେଲେ । ମନେହେଲା, ସେମାନେ କଲେଜ ଛାତ୍ର ଯେପରି । ଉମାପତି ତାଙ୍କ ଭିତରୁ ଜଣକୁ ଦେଖାଇଦେଇ, ''ଏଇ ଯେ ଆମ ଜ୍ୟୋତିଷ୍ଚନ୍ଦ୍ର, ଆସ ଆସ ବାବାମାନେ'' କହି ଅତ୍ୟନ୍ତ ଖୁସି ହୋଇ ସେମାନଙ୍କୁ ନିକଟକୁ ଆହ୍ୱାନ

କଲେ ଏବଂ ଯତ୍ନ ପୂର୍ବକ ବସାଇଲେ । ସେମାନେ ମଧ୍ୟ ମହାଆନନ୍ଦରେ ପ୍ରଣାମ କରି ତାଙ୍କ ନିକଟରେ ବସିବାମାତ୍ରେ ବାବା ଜଣକ ପିଠିରେ ହାତ ବୁଲାଇଲେ । ମୋ' ଆଡ଼କୁ ଦୃଷ୍ଟିପାତ କରି ବାବା କହିଲେ, ''ଏମାନେ ସମସ୍ତେ କଲେଜ ଛାତ୍ର; ବଡ଼ ଭଲ ପିଲା । ଦେଖୁଛ, ମୋତେ କେତେ ଭଲ ପାଆନ୍ତି, ମୁଁ ଆସିଛି ବୋଲି ଶୁଣି ଏଠାକୁ ଆସିଛନ୍ତି, ନା କ'ଣ କାଳୀକିଙ୍କର ! ତୁମର ସାଇନ୍ସ ଚାଲିଛି କିପରି ? କୁହ, ମୋତେ ଶୁଣାଅ, କିପରି ସବୁ ହେଉଛି ତୁମର କାର୍ଯ୍ୟକ୍ରମ ? ଦେଶର ହାଲଚାଲ୍ ସବୁ କୁହ, ତୁମ ପାଖରୁ ଅନେକ କଥା ଶୁଣିବି ।''

ଛାତ୍ରମାନଙ୍କ ଆଗମନ ଯୋଗୁ ଆଉ ଏକ ଦଳ ବ୍ୟକ୍ତିଙ୍କ ମନକୁ ରୁଚିଲା ନାହିଁ; ଅବଶ୍ୟ ସେମାନେ କେନ୍ଦ୍ରଠାରୁ ବହୁଦୂରରେ ଥିଲେ । ''ଚାଲ, ଆମର ଆଜି କିଛି କଥା ହୋଇପାରିବ ନାହିଁ—ପିଲାମାନେ ରହିବେ ଏବେ, ଆମର କିଛି କାମ ଅଛି'' କହିଦେଇ ଦୂରରୁ ପ୍ରଣାମ କରି ସେମାନେ ଉଠିପଡ଼ିଲେ । ବାବାଙ୍କର ସେ ଆଡ଼କୁ ଦୃଷ୍ଟି ପଡ଼ିଲା । ସେ କିଛି କହିଲେ ନାହିଁ, କେବଳ ପ୍ରତିନମସ୍କାରଟି କଲେ ।

କାଳୀକିଙ୍କର ପିଲାଟି ଭାରି ସୁନ୍ଦର—କେବଳ ସୁପୁରୁଷ ନୁହେଁ, ସୁଗଠିତ ଶରୀର ଶ୍ୟାମବର୍ଣ୍ଣ ସତ, କିନ୍ତୁ ଏପରି ନମ୍ର ପ୍ରକୃତି ଦେଖିଲେ ହିଁ ଭଲପାଇବାକୁ ଇଚ୍ଛା ହୁଏ । ଏବେ ସେ ଧୀରେ ଧୀରେ କହିଲା, ''ଏଠାରେ ଯେଉଁପରି ଆମର ବିଜ୍ଞାନଚର୍ଚ୍ଚା ହେବା ଉଚିତ, ସେପରି ହେଉନାହିଁ, ଯଦିଓ ପଢ଼ାଶୁଣା ପ୍ରାୟ ଏକରକମ ଚାଲିଛି । ଏବେ ମଧ୍ୟ ଆମେ ଭୟାନକ ବ୍ୟାକଓ୍ୟାର୍ଡ୍ (ପଛୁଆ) । ଦେଖନ୍ତୁନା, ଯେଉଁ ପରିମାଣରେ ପିଲାମାନଙ୍କର ସାଇନ୍ସ (ବିଜ୍ଞାନ)ରେ ଆଗେଇବା ଦରକାର, ତାହା ହେଉନାହିଁ ଆଉ ଇଞ୍ଜିନିୟରିଂ ପାଠ ବ୍ୟୟସାଧ୍ୟ ବ୍ୟାପାର । ଯେନତେନପ୍ରକାରେ, ବି.ଏ. ପାସ୍‌ଟା, ତା'ପରେ ଚାକିରୀ ପାଇଁ ଚେଷ୍ଟା । ମୋଟ୍ କଥା, ଏହି ଷ୍ଟାଣ୍ଡାର୍ଡ ଏବେ ରହିଛି ଭଦ୍ରଘରର ପିଲାମାନଙ୍କର । ଏମାନେ ବଙ୍ଗଳାର ପିଲାଙ୍କ ତୁଳନାରେ ପଶ୍ଚାତ୍ ଗତିରେ ଠିକ୍ ଆଗଉଛନ୍ତି ।

ଉମାପତି ବାବା ସିଧାହୋଇ ବସିଲେ, ତା'ପରେ ଯେପରି ଟିକିଏ ଭାବିନେଇ କହିଲେ, ''କ'ଣ କହିବି ? ମୁଁ ଯାହା କହିବି, ତାହା ତୁମମାନଙ୍କର ମନୋପୂତ ହେବ ନାହିଁ । ଏବେ ତୁମମାନଙ୍କର ଲକ୍ଷ୍ୟ ହିଁ ଅଛି ସାୟେନ୍ସ ଆଉ ଡିସ୍‌କଭରି (ବିଜ୍ଞାନ ଓ ଆବିଷ୍କାର) ଉପରେ, ଆଉ ଇଣ୍ଡଷ୍ଟ୍ରିୟାଲାଇଜେସନ, ମେଟେରିଆଲ ପ୍ରସ୍‌ପରିଟି (ଶିଳ୍ପାୟନ, ଭୌତିକ ସାଫଲ୍ୟ) ଅଛି ସେମାନଙ୍କର ଆଦର୍ଶରେ । ଯେପରି ଏହାଛଡ଼ା ଆମର ଆଉ କୌଣସି ଉପାୟ ନାହିଁ ।''

ଜ୍ୟୋତିଷଚନ୍ଦ୍ର କହିଲେ, ''ଏ ସମୟର ଜଗତରେ ବଞ୍ଚିବାକୁ ହେଲେ ତା' ଛଡ଼ା ଆଉ ଅଛି ବା କ'ଣ ? ପୁଣି ଆମର ଆଉ ଅଛି କ'ଣ, ଯାହାକୁ ନେଇ ଆଜି ମୁଣ୍ଡଟେକି ଠିଆ ହୋଇପାରିବୁ ?''

''ମୁଁ ଆଉ ତୁମମାନଙ୍କୁ କ'ଣ କହିବି କୁହ, ତୁମେମାନେ ଯାହା ବୁଝିଛ, ଯେଉଁଭାବେ ଦେଖୁଛ, ବର୍ତ୍ତମାନ ଜଗତରେ ମାନବସମାଜର ଗତି, ଭାବିଚିନ୍ତି ଯେଉଁଟା ଭଲ ବୋଲି ମନେକରୁଛ, ସେହି କଥାହିଁ ତ କରିବ ?''

''ନା, ନା, ଆମେମାନେ ଏତେ ବେଶି ଭାବିଚିନ୍ତି, ଉଦ୍ଦେଶ୍ୟ ଚିନ୍ତା କରି କୌଣସି କାମ କରୁନାହୁଁ । ଗଡ୍ଡାଳିକା ପ୍ରବାହରେ ଭାସିଚାଲିଛୁ କହିଲେ ଠିକ୍ ହେବ । ତା' ଛଡ଼ା କ'ଣ ବା ଭାବିବୁ କହନ୍ତୁ, ଭାବିବାର ଅଛି କ'ଣ ?''

''ଅଛି ଅଛି, ନାହିଁ କ'ଣ, ଧରୁନାହଁ କାହିଁକି, ୟୁରୋପ ଆମେରିକାର ପ୍ରଗତି ପଦାର୍ଥ ବିଜ୍ଞାନ ଚର୍ଚ୍ଚା—ସେମାନଙ୍କର ଆବିଷ୍କାର ମଧ୍ୟରେ କି ପଦାର୍ଥ ଅଛି, ତୁମମାନଙ୍କର ଜାତିଗତ ସଂସ୍କୃତିର ଆଲୋକରେ ବିଚାର-ବିଶ୍ଳେଷଣ କରି ଦେଖିଛ କି ? ଭଲ ହେଉ ମନ୍ଦ ହେଉ, ଭାବିଦେଇ କିମ୍ବା ବିଚାରକରି ଦେଖନା ଥରେ, ଦୋଷଟା କେଉଁଠି ?''

''ଦୋଷ କିଛି ହିଁ ନାହିଁ,'' କାଳୀକିଙ୍କର କହିଲା, ''ଦେଖିବାକୁ ଗଲେ, ଆମେ ଉତ୍ସାହ ପାଉନା, ଅବସାଦ ଆସେ । ଭାରତୀୟ ଜାତିଗତ ସଂସ୍କୃତିର ଯେଉଁ ଧାରଣା ନେଇ ଯାହାକିଛି ମୂଳରୁ ଶୁଣିଆସିଛୁ—ଆମେ ହେଲୁ ଗୋଲାମ ଜାତି, ଭୀରୁ ବେଙ୍ଗ, ବର୍ତ୍ତମାନ ଜଗତରେ ଉଚ୍ଚ ଉଚ୍ଚ ସାମାଜିକ ଆଦର୍ଶ, ସାୟାନ୍ସ ଡିସ୍‌କଭରି (ବିଜ୍ଞାନର ଆବିଷ୍କାର), ଇଣ୍ଡଷ୍ଟ୍ରି (ଶିଳ୍ପ), କଲ୍‌ଚର (ସଂସ୍କୃତି), ଆର୍ଟ (କଳା), ଇମାନ୍‌ସିପେଶାନ (ମୁକ୍ତି)ର ବିଷୟ କିଛି ଜାଣୁନା, ସେ କାଳର କେତେଗୁଡ଼ିଏ ଅଚଳ ପୂରାତନ ମହାଭାରତର କଥା ଯାହା କିଛି ଅଛି, ସେସବୁ କେବଳ ଯାତ୍ରାଦଳର ହିଁ ପୋଷାକ, ତା' ବ୍ୟତୀତ ଆମର କିଛି ନାହିଁ, ଅଥବା ଯାହା ମାଧ୍ୟମରେ ଆମର ଜାତିଗତ ସଂସ୍କୃତି ବୋଲି କିଛି ଥିଲା— ତାକୁ ବୁଝିପାରୁ ।''

ଥରେ କରୁଣ ଆଖିରେ ଯୁବକ ଆଡ଼କୁ ଉମାପତି ବାବା ଚାହିଁଦେଇ କହିଲେ, ''ତୁମେ ଯେ ଆଜି ଏକଥା କହିବ, ସେଥିରେ ମୋ'ର ଆଶ୍ଚର୍ଯ୍ୟ ହେବାର କିଛି ନାହିଁ—କାରଣ ବିଜାତୀୟ ଶକ୍ତିର ଚାପରେ, ଏ ଅଧୀନତାର ଚାପରେ ତୁମମାନଙ୍କ ଶିକ୍ଷାର ମୂଳଟା ଏପରି ଧୂଳିସାତ୍ ହୋଇଯାଇଛି ଯେ ଜାତୀୟ ସଂସ୍କୃତି, ଚିନ୍ତାଧାରା, ଶିକ୍ଷାର ମୂଳ ଉପାଦାନକୁ ଛାଡ଼ି ପୂରାପୂରି ବିଜାତୀୟ ପଦ୍ଧତିରେ ଶିକ୍ଷାରମ୍ଭ କରିବାର ଶୋଚନୀୟ ପରିଣାମ ଏହାହିଁ । ତୁମମାନଙ୍କ ଶିକ୍ଷାର ଆଦର୍ଶ ଠିକ୍ ନ ହେଲେ ମଧ୍ୟ ତୁମେମାନେ ଯେ କେତେ ସଂସ୍କୃତିବାନ୍, ଯାହା କେତେ ଉଚ୍ଚସ୍ତରର ସଭ୍ୟତାର ଫଳ, ତା'ର ପ୍ରମାଣ ଦେଖ...ପରାଧୀନତା ସତ୍ତ୍ୱେ ତୁମମାନଙ୍କର ଜାତୀୟଶିକ୍ଷାର ଆଦର୍ଶରେ ଗଢ଼ିଉଠିବାର ସୁବିଧା-ସୁଯୋଗ ନ ଥିଲେ ମଧ୍ୟ ଭିନ୍ନ ଜାତୀୟ ସମାଜର ଆଦର୍ଶ ଓ ସଂସ୍କୃତିକୁ ନେଇ ତୁମେମାନେ ଯେ ଏତେ ଅଳ୍ପ ସମୟ ଭିତରେ ଆଜି ସେହି ସମାଜ ସାଥୀରେ ଶିକ୍ଷା-ଦୀକ୍ଷାର ପ୍ରତି କର୍ମରେ ପ୍ରତିଯୋଗିତାରେ ସମ୍ମୁଖିନ ହେବାର ସାହସ କରିପାରୁଛ ଓ ସଫଳ ହୋଇପାରୁଛ, ଏହା କ'ଣ ତୁମମାନଙ୍କର ମହାନ ସଂସ୍କୃତି ବା ଶକ୍ତିଶାଳୀ ଜାତୀୟ ଆଦର୍ଶର ପ୍ରତ୍ୟକ୍ଷ ପ୍ରମାଣ ନୁହେଁ ? ମୁଁ କେବଳ ଛାତ୍ରଜୀବନରେ ଶିକ୍ଷାଦୀକ୍ଷାର କଥା କହୁନାହିଁ, ଆଜି ଜଗତରେ ଯିଏ ଶ୍ରେଷ୍ଠ ଜାତୀୟତାର

ଦମ୍ଭରେ ଏ ଦେଶର ସଭ୍ୟ ସମାଜକୁ ଏତେଦିନ ଧରି ହେୟ ଜ୍ଞାନ କରିଆସିଛନ୍ତି, ଦେଢ଼ଶହ ବର୍ଷ ଧରି ନିଷ୍ପେଷିତ କରି, ଏପରିକି ଆଜି ସୁଦ୍ଧା ତୁମମାନଙ୍କୁ କୋଣରେ ଠେଲିଲେ ମଧ୍ୟ ପାଶ୍ଚାତ୍ୟ ପଦ୍ଧତିରେ ରାଷ୍ଟ୍ର ପରିଚାଳନା ଓ ସବୁ ବିଭାଗରେ ଏବଂ ରାଜନୈତିକ ଚିନ୍ତାଧାରା ଦ୍ୱାରା ତୁମେମାନେ କେତେ ଉନ୍ନତ, କେତେ ଅନ୍ତର୍ଦୃଷ୍ଟିସମ୍ପନ୍ନ, ଏପରିକି ଜ୍ଞାନ-ବୁଦ୍ଧିରେ ସେମାନଙ୍କ ସହ ସମପର୍ଯ୍ୟାୟଭୁକ୍ତ, ଏକଥା ଆଜି ଜଗତ-ସମ୍ମୁଖରେ ନିଶ୍ଚିତ ଭାବରେ ପ୍ରମାଣିତ । ଏହି ପ୍ରତିଭା କେବଳ ଶିକ୍ଷାର ଗୁଣରେ ବିକଶିତ ହୁଏନାହିଁ, ତୁମମାନଙ୍କ ପଶ୍ଚାତରେ ସଭ୍ୟତାର କେତେ ଗଭୀର ପୃଷ୍ଠଭୂମି ରହିଛି, ଏକଥା କ'ଣ ଆଉ ଅଧିକ କହିବା ଦରକାର ପଡ଼ିବ ? ତୁମେମାନେ କେଉଁ ସଭ୍ୟତା-ଶକ୍ତିର ଉତ୍ତରାଧିକାରୀ, ତାହା ତୁମକୁ ଜାଣିବାକୁ ଦିଆଯାଇନାହିଁ । ସଂସ୍କୃତିର ଜନନୀ ସଂସ୍କୃତ ଭାଷାଭାଷୀ ଯେଉଁ ଜାତି, ତା'ର ସନ୍ତାନ ତୁମେମାନେ, ତୁମମାନଙ୍କର କ'ଣ ଅଛି ଆଉ କ'ଣ ନାହିଁ, ତାହା ଜାଣିବାକୁ ବେଶୀ ସମୟ ଲାଗିବ ନାହିଁ, ଯଦି ଥରେ ମାତ୍ର ସେ ଦିଗକୁ ଲକ୍ଷ୍ୟ କରିପାର । ମୋଟ୍ ଉପରେ ତୁମେମାନେ ଯେ କେତେ ଶକ୍ତିମାନ ସେକଥା ବୁଝିପାରିବାର ଭାର୍ ଆଜି ତୁମମାନଙ୍କ ଉପରେ, ନୁହେଁ କି ?''

କାଳୀକିଙ୍କର ହାତବଢ଼ାଇ ବାବା ଉମାପତିଙ୍କର ପଦଧୂଳି ନେଇ ମଥାରେ ଲଗାଇଲେ । କିପରି ଏକ ନର୍ମଳ ଆନନ୍ଦର ଆଭା ଫୁଟିଉଠିଲା ସବୁ ଛାତ୍ରମାନଙ୍କ ମୁହଁରେ, ଯାହାର ପ୍ରଭାବ ଘରସାରା ସମସ୍ତେ ଉପଲବ୍ଧି କଲେ । ଘରର ଅନ୍ୟମାନେ ମଧ୍ୟ ଅମନଯୋଗୀ ନଥିଲେ । ପୌଢ଼ ଓ ବୃଦ୍ଧଙ୍କର ଦଳ, ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ, ସମସ୍ତେ ଏକ ଆନନ୍ଦର ଆସ୍ୱାଦ ପାଇଲେ, ତାଙ୍କ କଥାରେ । କାଳୀକିଙ୍କର ବିନୟ ଗଦ୍‌ଗଦ୍ କଣ୍ଠରେ କହିଲା, ''ଯେଉଁ ଭାବରେ କଥାଗୁଡ଼ିକ ଆଜି ଆମମାନଙ୍କୁ ଆପଣ କହିଲେ, ଏପରି ସତ୍ୟ, ଏତେ ସହଜ ଭାଷାରେ ଏହାପୂର୍ବରୁ କେହି ଆମକୁ ଶୁଣାଇନଥିଲେ । ପ୍ରଫେସରମାନେ ଏହି ଧାରଣା ଆମ ମୁଣ୍ଡରେ ଭରିଦେଇଥିଲେ ଯେ ଏହି ବିଶ୍ୱଜୟୀ ପାଶ୍ଚାତ୍ୟ ଜାତି ହିଁ ଏ ଯୁଗର ଦେବତା ଓ ସେ କାଳର ଯାହା କିଛି ହିନ୍ଦୁ ସଭ୍ୟତାର ଗୌରବ, ଏ କାଳରେ ତାହା ଅଚଳ ।''

ଏହା ଶୁଣି ବାବା ଉମାପତି କହିଲେ, ''ଯେଉଁ ଦେଶର ଯେପରି ସଂସ୍କୃତି, ତାକୁ ନେଇ ସେ ଦେଶର ବ୍ୟକ୍ତି ଗର୍ବ କରିଥାନ୍ତି । ତାକୁ ନେଇ ଆମର ଏତେଟା ଗୌରବର ଡିଣ୍ଡିମ ବଜାଇ ନିଜର ସବୁ କିଛି ଅନ୍ତଃସାରଶୂନ୍ୟ ମନେକରିବାର ପ୍ରୟୋଜନ ନାହିଁ । ହୁଏତ ଏପରି ସମୟ ଆସିବ, ଯେତେବେଳେ ସେମାନଙ୍କ କ୍ଷେତ୍ରରେ ଭାରତର ସନ୍ତାନଗଣ ମଧ୍ୟ ପ୍ରତିଯୋଗିତାରେ ବିଜୟୀ ହୋଇପାରିବେ । କିନ୍ତୁ ଏହି ପ୍ରତିଯୋଗିତାମୂଳକ ଶିକ୍ଷାଟା ହିଁ ଭାରତର ସଂସ୍କୃତିର ନୀତିବିରୁଦ୍ଧ—କିଏ ବଡ଼ ହୋଇପାରେ ଏହି ପ୍ରତିଯୋଗିତାର ଫଳ ନେଇ ଜଣଙ୍କର ବା ଏକ ସମାଜର ମନୁଷ୍ୟତ୍ୱର ମହତ୍ତ୍ୱକୁ ବିଚାର କରାଯାଏ ନାହିଁ; ଜାତୀୟ ସଭ୍ୟତାର ସବୁ ବିଭାଗ ତ ଘୋଡ଼ାଦୌଡ଼ର କ୍ଷେତ୍ର ନୁହେଁ ।''

''ଆମ ସାଇନ୍ସ (ବିଜ୍ଞାନ)ର ପ୍ରଫେସରମାନେ ବେଶୀ ବେଶୀ ଭାରତର ପ୍ରାଚୀନ ସଂସ୍କୃତିକୁ ନେଇ ବ୍ୟଙ୍ଗ କରନ୍ତି, ବିଶେଷ ଉପାଦାନ ନେଇ ସେ କାଳର ଭାରତର ସ୍ୟାଭେଜ୍ (ଅମାର୍ଜିତ ବ୍ୟକ୍ତି) ଡିଗ୍ରିଧାରୀମାନେ ନୂତନ ତଥ୍ୟ କିଛି ହିଁ ଆବିଷ୍କାର କରିପାରି ନାହାନ୍ତି,'' କହିଦେଇ କାଳୀକିଙ୍କର ଟିକିଏ ହସିଦେଲେ ।

''ଆରେ ବାବା, ସୃଷ୍ଟିର ମୌଳିକ ଉପାଦାନକୁ ନେଇ ଆମ ପୂର୍ବପୁରୁଷମାନେ ମଧ୍ୟ କମ୍ ମୁଣ୍ଡ ଘୁରାଇ ନାହାନ୍ତି । ସ୍ଥୂଳ ସୃଷ୍ଟିର ଉପାଦାନ ଜଡ଼ର ପ୍ରସାରକୁ ସେମାନେ ଶରୀରକୁ ଛାଡ଼ି ଦେଇ ମନ ପର୍ଯ୍ୟନ୍ତ ଯାଇଛନ୍ତି, ତା'ପରେ ଚୈତନ୍ୟ, ଯାହାର ଚରମ ହେଲା ବେଦାନ୍ତର ଅଖଣ୍ଡ ସଚ୍ଚିଦାନନ୍ଦ, ଏକମେବାଦ୍ୱିତୀୟମ୍ । ଥାଉ ସେ କଥା, ସେମାନେ ତ ଏବେ ମଧ୍ୟ ଜଡ଼କୁ ନେଇ ଘଣ୍ଟାଚକଟା କରିଚାଲିଛନ୍ତି । ତୁମମାନଙ୍କର ସାଇନ୍ସକୁ ଆଧାର କରି ସେମାନେ କହନ୍ତି– ପ୍ରକୃତି ଜଡ଼-ଅନ୍ଧ, ସେମାନେ ସେଥିଲାଗି ଜଡ଼ମୁଖୀ–ଚୈତନ୍ୟ ପ୍ରତି ଅନ୍ଧହୋଇ ଆଗେଇଛନ୍ତି, ଗତିର ବେଗ ବଢ଼ାଇ ପ୍ରତିଯୋଗିତା ଆଡ଼େ । ମୂଳ କଥାଟିକୁ ତୁମେ ଭାବି ଦେଖିଲେ ସହଜରେ ବୁଝିପାରିବ, ଜଡ଼କୁ ନେଇ ଘଣ୍ଟାଚକଟା କଲେ, ତାହା ସ୍ଥୂଳ ହେଉ ବା ସୂକ୍ଷ୍ମ ହେଉ, ତୁମ ବୁଦ୍ଧିକୁ ଜଡ଼ୀଭୂତ କରିବ ହିଁ କରିବ । ପ୍ରକୃତିର ନିୟମ, ସଂସର୍ଗଜ ଗୁଣ କଥା ଜାଣିଛ ତ ? ସେଥିରୁ ଉଦ୍ଧାର ପାଇବାର ଉପାୟ ନାହିଁ । ଜଡ଼ତାକୁ ଧରି ରଖିଲେ ମନର ଊର୍ଦ୍ଧ୍ୱଗତି ହୋଇପାରିବ ନାହିଁ । ପଦାର୍ଥକୁ ନେଇ ଘାଣ୍ଟୁଥାଅ ତୁମେମାନେ, ଏକଥା ତୁମେ ସହଜରେ ବୁଝିପାରୁଥିବ ଯେ ଭାରୀ ପଦାର୍ଥ ହେଲା ମାଧ୍ୟାକର୍ଷଣର ବଡ଼ ଆସାମୀ । ହାଲୁକା ହେଲେ ତା'ର ଗତି ବିପରୀତ, ଊର୍ଦ୍ଧ୍ୱମୁଖୀ । ଜଡ଼ ପଦାର୍ଥକୁ ନେଇ ଆଲୋଚନା ବା ଅନୁଶୀଳନର ଫଳ ତୁମର ମନକୁ ନିମ୍ନ ଦିଗକୁ ନେଇଯିବ । କାରଣ ତାହା ଜଡ଼ର ହିଁ ଧର୍ମ । ମୋ'ର କହିବାର କଥା ହେଲା, ତୁମର ବୁଦ୍ଧି କାହିଁକି ଚୈତନ୍ୟମୁଖୀ ହେଉନାହିଁ, ତାହାହିଁ ତୁମର ମନୋବୃତ୍ତିର ସହଜ ପରିଣତି ଜାତୀୟ ସଭ୍ୟତାର ଅନୁକୂଳ କାହିଁକି ହୁଅନ୍ତା ନାହିଁ, ତଦ୍ଦ୍ୱାରା ତୁମର ଅନେକ ଉନ୍ନତି ମଧ୍ୟ ସମ୍ଭବ ହୁଅନ୍ତା । ତୁମେ ସେମାନଙ୍କ ପଛରେ ଗୋଡ଼ାଇବ କାହିଁକି ? ପଦାର୍ଥ ବିଜ୍ଞାନର ଅନୁଶୀଳନରେ କ'ଣ ସାରବସ୍ତୁ ଲାଭ ହେବ ? ତୁମର ଧନ, ମାନ, ସୁଖ, ସ୍ୱଚ୍ଛନ୍ଦ୍ୟ, ଘରବାରି, ସମ୍ପତ୍ତି ଭୋଗ ଆଉ ବିଳାସର ଚରମୋତ୍କର୍ଷ ହିଁ ଏବେ ନ ହେଲା । ତତଃ କିମ୍ ?''

''ମାଧ୍ୟାକର୍ଷଣର ଅର୍ଥ ହେଲା ପୃଥିବୀ ଆଡ଼େ ସ୍ଥୂଳବସ୍ତୁର ଆକର୍ଷଣ; ମନ କିନ୍ତୁ ସୂକ୍ଷ୍ମ ବସ୍ତୁ । ସୂକ୍ଷ୍ମାତିସୂକ୍ଷ୍ମ ପଦାର୍ଥର ତତ୍ତ୍ୱ ନେଇ ଗଭୀର ଚିନ୍ତା ବା ଅନୁଶୀଳନ କଲେ ମନ ମଧ୍ୟ ଜଡ଼ୀଭୂତ କାହିଁକି ହେବ, ଏ କଥାଟି ବୁଝିପାରିଲି ନାହିଁ,''–ଏହି କଥାଗୁଡ଼ିକ ଯେପରି ଏକ ନିଶ୍ୱାସରେ କହିଦେଇ କାଳୀକିଙ୍କର ବାବାଙ୍କ ମୁଖ ଆଡ଼େ ଚାହିଁଲା ।

ସେତେବେଳେ ଉମାପତି କହିଲେ, ''ଚିନ୍ତାଟି ବଡ଼ ଜିନିଷ, କିନ୍ତୁ ଚିନ୍ତାର ବିଷୟ ଯେ ଜଡ଼ । ସେହି ଜଡ଼ର ଗୁଣ ମନକୁ ପ୍ରଭାବିତ କରିବ ନାହିଁ ? ବୁଝି ଦେଖନା, ସ୍ଥୂଳ

ଭାରୀ ଓଜନଦାର ଜିନିଷର ଅନିବାର୍ଯ୍ୟ ଗତି ନିମ୍ନ ଦିଗକୁ ପ୍ରାକୃତିକ ନିୟମରେ ହିଁ ତାହା ଘଟିଥାଏ । ସୂକ୍ଷ୍ମ ହେଲେ ମଧ୍ୟ ସୂକ୍ଷ୍ମଭାବରେ ଜଡ଼ିତ ଥିବା ପଦାର୍ଥକୁ ନେଇ ଆଲୋଚନା ବା ଅଭ୍ୟାସ ଫଳରେ ସୂକ୍ଷ୍ମ ଭାବରେ ମଧ୍ୟ ମନର ଭାର ବଢ଼ିବାଦ୍ୱାରା ଅଧୋଗତି ଅନିବାର୍ଯ୍ୟ ନୁହେଁ କି ? ଜଡ଼ର ଧ୍ୟାନ ଦ୍ୱାରା ମନରେ ମଧ୍ୟ ଜଡ଼ତା ଆସିବ, ଏହା ପ୍ରକୃତିର ନିୟମ ।''

କାଳୀକିଙ୍କର କହିଲା, ''ମନ ଭାରୀ ହେବା ଫଳରେ ଅଧୋଗତିଟା କିପରି ତାହା ଠିକ୍ ଧରିପାରୁନାହିଁ । ମନର ଭାରଟା କ'ଣ ?''

''ମନର ଭାର ହେଲା ବସ୍ତୁ ସହ ମନକୁ ସଂଶ୍ଳିଷ୍ଟ କରିବା, ପୁଣି ସ୍ଥୂଳ ଅଭିବ୍ୟକ୍ତି ହେଲା ଅଧିକାରର ସ୍ପୃହା । ସ୍ୱାର୍ଥପରତା, ଲୋଭ, ବସ୍ତୁ ଅଧିକାରର ଆକାଂକ୍ଷା କ'ଣ ସବୁ ସମସ୍ୟା ମୂଳରେ ନାହିଁ ? ତା'ପରେ ଅଧିକାର ଫଳରେ ଦମ୍ଭ, କୃତିତ୍ୱର ଅହଂକାର, ଗର୍ବବୋଧ, ଏସବୁ ମଧ୍ୟ ମନର ଭାର ବା ଜଡ଼ତା । ତାହା ମନକୁ ତଳକୁ ନେଇଯାଏ ଜଡ଼ ପଦାର୍ଥ ଦିଗକୁ । ବୁଝିଛ ?''

ଶୁଣିସାରି କାଳୀକିଙ୍କର କହିଲା, ''ଗୋଟିଏ ଗୋଟିଏ ଡିସ୍‌କଭରୀ (ଆବିଷ୍କାର)ରେ ଜଗତର କେତେ କେତେ ଉପକାର ହୋଇଥାଏ—ସାୟେଣ୍ଟିଷ୍ଟ (ବୈଜ୍ଞାନିକ)ମାନେ ହିଁ ସେହି ଆବିଷ୍କାର ଲାଗି ଓ ତା' ଫଳରେ ସେମାନଙ୍କୁ ଜାତିର ଗୌରବ ଭାବେ ଗଣ୍ୟ କରାହୁଏ— ତାହା କିଛି କମ୍ କଥା ନୁହେଁ ।''

''ଏହି ବୁଦ୍ଧିଟି ହିଁ ତୁମର ପର-ସଭ୍ୟତା ଆଶ୍ରୟର ଅବଶ୍ୟମ୍ଭାବୀ ଫଳ । ଆଚ୍ଛା, ବିଚାର କରି ଦେଖୁନାହଁ କାହିଁକି ଗୋଟିଏ ପଦାର୍ଥ-ତତ୍ତ୍ୱ ନେଇ ଆବିଷ୍କାରର ବ୍ୟାପାରଟା କ'ଣ ? ଧରିନିଅ, କୌଣସି ବିଶେଷ ପଦାର୍ଥକୁ ନେଇ ଅଭିନିବେଶ ସହକାରେ ଘଣ୍ଟାଚକଟା କରୁକରୁ—''

କାଳୀକିଙ୍କର କହିଲା,—''ଘଣ୍ଟାଚକଟା କେଉଁପରି ?''

ଉମାପତି କହିଲେ, ''ଅନୁଶୀଳନ ବା ଅନୁସନ୍ଧାନ ବା ରିସର୍ଚ୍ଚ (ଗବେଷଣା) ଯାହା କୁହ ତୁମେମାନେ, ସ୍ୱାଧୀନ ଦେଶର କେଉଁ ବୈଜ୍ଞାନିକ ଧୀମାନ ପ୍ରକୃତିର ଅଧିକାର ନେଇ ଏକ ଶକ୍ତିଶାଳୀ ପଦାର୍ଥ ତତ୍ତ୍ୱ ବା ପରିଚୟ ପାଇ ଗଲେଣି, ଯାହା ପୂର୍ବେ କାହାକୁ ଜଣା ନଥିଲା । ଅଧିକନ୍ତୁ ପରୀକ୍ଷା ପରେ, ପରୀକ୍ଷା ସାହାଯ୍ୟରେ —ସଫଳ ହୋଇ ଏହି ତତ୍ତ୍ୱକୁ ଯଥାସମୟରେ ସମାଜରେ ପ୍ରକାଶ କଲେ; ଏଇଟା ହିଁ ହେଲା ତାଙ୍କ ଆବିଷ୍କାର, ନୁହେଁ କି ? ଗଭୀର ଧ୍ୟାନ ଦ୍ୱାରା ଅନୁଶୀଳନ ଫଳ ସ୍ୱରୂପ ଏହି ସମ୍ପଦଟି ସେ ଲାଭ କରିଛନ୍ତି; ସୁତରାଂ ତାଙ୍କର ମୁଖ୍ୟ ଫଳ ହେଲା ଆନନ୍ଦ, ଯେଉଁଥିରୁ ଲାଭ ମିଳିଲା ପ୍ରଚୁର । ଏତଦ୍‌ବ୍ୟତୀତ ତାଙ୍କର ମଧ୍ୟ ପ୍ରତିଷ୍ଠା ଲାଗି ଲୋଭ ଥାଏ, ଏହା ତାଙ୍କର ପରଧନ-ଲୋଭ-ସଦୃଶ କଥା । ଏହି ଫଳପ୍ରାପ୍ତିର ଲୋଭ ଯେତେବେଳ ପର୍ଯ୍ୟନ୍ତ ନ ଘଟିଛି ସେତେବେଳ ପର୍ଯ୍ୟନ୍ତ ତାଙ୍କର ଶାନ୍ତି ନ ଥାଏ । ତାଙ୍କ ଦ୍ୱାରା ଆବିଷ୍କୃତ ତତ୍ତ୍ୱକୁ ନେଇ

ବ୍ୟବସାୟ କ୍ଷେତ୍ରରେ ଏକଚାଟିଆ ଫାଇଦା ମିଳିବାର ଅଧିକାରଟି ଆରମ୍ଭ ହୋଇଯାଏ । ସଙ୍ଗେ ସଙ୍ଗେ କେତେଗୁଡ଼ିଏ ଜଟିଳ ଯନ୍ତ୍ରାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଏ । ଏହାପରେ ବ୍ୟାପକ ରୂପେ ଆରମ୍ଭ ହୋଇଯାଏ କର୍ମ ଏବଂ ଧର୍ମ-ଉପାର୍ଜନ ଲାଗି ପ୍ରସାର । ସମାଜ ମଧ୍ୟରେ ଗୋଟିଏ ଶ୍ରେଣୀ ଭିତରେ ଏକ ଚଞ୍ଚଳ କର୍ମକ୍ଷେତ୍ର ଗଢ଼ିଉଠିଲା—ସେଥିରୁ ଦେଖାଗଲା, ଜଡ଼ ବା ପଦାର୍ଥବିଜ୍ଞାନ କ୍ଷେତ୍ରରେ ଆବିଷ୍କାରକ ପ୍ରଥମେ ପାଇଲେ ଏକ ଗୂଢ଼ ପଦାର୍ଥ-ତତ୍ତ୍ୱ, ଦ୍ୱିତୀୟ ଫଳ ହେଲା ଆନନ୍ଦ, ତୃତୀୟରେ ଧନ, ଚତୁର୍ଥ ଦଫାରେ ପାଇଲେ ପ୍ରସିଦ୍ଧି ବା ଧନ୍ୟଧନ୍ୟ ରବ ଏବଂ ସେଇଥିରେ ହିଁ ତାଙ୍କର ଜୀବନ ସାର୍ଥକ ହୋଇଗଲା । ଏହାର ଫଳସ୍ୱରୂପ ସମାଜରେ ହେଲା କ'ଣ ? ଗୋଟିଏ ସ୍ତରରେ ସୁଖ-ସମୃଦ୍ଧିର କାରଣ ରୂପେ ପ୍ରସାର ଲାଭ କଲା ଏକ ବିରାଟ ବ୍ୟବସାୟ, ଆଉ ପୃଥିବୀର ଅନ୍ୟାନ୍ୟ ସ୍ୱାଧୀନ ଜାତି ସଙ୍ଗେ ଏକ ବିରାଟ ପ୍ରତିଯୋଗିତା । ଗୋଟିଏ ସ୍ୱାଧୀନ ଜାତି ଅପର ଅନ୍ୟ ଏକ ସ୍ୱାଧୀନ ଜାତିର ଏକ ବିଶେଷ କ୍ଷେତ୍ରରେ ମନୋପଲି (ଏକାଧିପତ୍ୟ)କୁ ସହ୍ୟ କରିପାରେ ନାହିଁ । ଏହା ଫଳରେ ଅଳ୍ପ ସମୟ ପରେ ଘୋରତର ଯୁଦ୍ଧ—ପୃଥିବୀର ଛୋଟ-ବଡ଼ କୌଣସି ଜାତି ତା'ର ଫଳଭୋଗରୁ ରକ୍ଷା ପାଇପାରେ ନାହିଁ; ଏବଂ ତା'ର ଫଳ ଅମୃତ ନୁହେଁ ନିଶ୍ଚୟ ! ତା'ହେଲେ ପ୍ରତ୍ୟେକ ସାଇଣ୍ଟିଫିକ ଡିସ୍‌କଭରୀ (ବୈଜ୍ଞାନିକ ଆବିଷ୍କାର)ର ଫଳ ବିଶ୍ଳେଷଣ କଲେ ଆମେ କ'ଣ ଦେଖିବା ? ଭାବି ଦେଖିବାକୁ ତୁମକୁ କହୁଛି ।''

''ଲୋକସଂଖ୍ୟା ବଢ଼ି ଚାଲିଛି । ଇଣ୍ଡଷ୍ଟ୍ରିୟାଲାଇଜେସନ (ଶିଳ୍ପାୟନ) ନ କଲେ ଜାତିର ବଞ୍ଚିବାର ଉପାୟ କ'ଣ ?'' କାଳୀକିଙ୍କର କହିଲେ, ''ଖାଇପିଇ ବଞ୍ଚିବାକୁ ପଡ଼ିବ ତ ?''

''ଗୋଟିଏ ଜାତି ଅଧିକ ଖାଇପିଇ ବଞ୍ଚିବା ଅର୍ଥ ଅପର ଜାତି ଲାଗି ସମରସଜ୍ଜା ଓ ମରଣପଥରେ ଯାତ୍ରା ନୁହେଁ କି ?''

ଅନେକକ୍ଷଣ ପର୍ଯ୍ୟନ୍ତ ସଭା ନିସ୍ତବ୍ଧ, କାହାରି ମୁହଁରେ କଥା ନାହିଁ । କାଳୀକିଙ୍କର ଭାବିବାକୁ ଲାଗିଲା । କିଛିକ୍ଷଣ ଗଲାପରେ ଉମାପତି ବାବା କହିଲେ, ''କ'ଣ ବାବା, ଓ୍ୟାର୍ଲଡ୍ ମାର୍କେଟ କ୍ୟାପଚର (ବିଶ୍ୱ ବଜାର କରଗତ) କରିବାଲାଗି ଘୋଡ଼ାଦୌଡ଼ର କଥା ଭାବୁଛ ?''

''ସତ କହୁଛନ୍ତି । ଆଚ୍ଛା, ଆପଣ କହନ୍ତୁ ତ, ଯାହାର ଯେତିକି ଅଛି, ତାକୁ ହିଁ ନେଇ ସେ ସୁସ୍ଥ ରହି ପାରିବ ନାହିଁ କାହିଁକି ?''

''ଏହି ଯେଉଁ ସାଇନ୍ସ ଆଉ ତା'ର ଡିସ୍‌କାଭାରୀ, ଯାହା ଫଳ ସ୍ୱରୂପ ମନୋଧର୍ମ ନିକଟରେ ଆତ୍ମସମର୍ପଣ । ଏହା ଫଳରେ ପଶୁବଳ ପ୍ରୟୋଗ ଦ୍ୱାରା ଜାତୀୟ ସ୍ୱାତନ୍ତ୍ରତାର ପ୍ରତିଷ୍ଠା—ଡିମୋକ୍ରାସି (ଗଣତନ୍ତ୍ର)ର ଅଜସ୍ର ଦୃଷ୍ଟାନ୍ତ, ଯାହା ଆଜି ଚତୁର୍ଦ୍ଦିଗରେ ପରିବ୍ୟାପ୍ତ । ପଦାର୍ଥବିଜ୍ଞାନ ଜଗତରେ ଇୟୁରୋପ-ଆମେରିକା ମଧ୍ୟରେ ଶାନ୍ତି ସ୍ଥାପନର କି ଅପୂର୍ବ କୌଶଳ ! ତୁମକୁ ହତ୍ୟା କରି, ଭୟ ଦେଖାଇ, ଏପରିକି ଧ୍ୱଂସ ସାଧନ କରି ହିଁ ବୁଝାଇ

ଦେବାକୁ ପଡ଼େ ଯେ ଆମର ଶ୍ରେଷ୍ଠ ଆବିଷ୍କାରକୁ ସ୍ୱୀକାର କରିବା ବ୍ୟତୀତ ତୁମର ବଞ୍ଚିବାର ଅନ୍ୟ ପନ୍ଥା ନାହିଁ । ଏହାକୁ କ'ଣ ଦେଶର ଅଗ୍ରଗତି କହିବ ?''

''ତା'ହେଲେ ଆମେ କରିବୁ କ'ଣ, କେଉଁ ରାସ୍ତାରେ ଯିବୁ, ଏହି ପ୍ରଶ୍ନଟି ଆସେ ।''

''ମୁଁ ତ ସେହିକଥା କହୁଥିଲି, ପଞ୍ଚଷଠିତଳ ପ୍ରାସାଦ, ଇଲେକ୍ଟ୍ରିକ୍ ରେଳ, ଘଣ୍ଟାକୁ ପାଞ୍ଚଶହ ମାଇଲ ଗତିବେଗରେ ଏରୋପ୍ଲେନ୍, ବୋଟ୍, ଟର୍‌ପେଡୋ, ଅଳ୍ପ ସମୟ ମଧ୍ୟରେ ଶତସହସ୍ର ପ୍ରାଣୀ ହତ୍ୟାକରିବାର ସହଜ ଉପାୟ, ସାଇନ୍ସ, ଆବିଷ୍କାର ଆଦିର ପ୍ରତିଯୋଗିତା । ଏସବୁ ସେହିମାନେ କରନ୍ତୁ, କିନ୍ତୁ ତୁମେମାନେ ସେହି ସ୍ରୋତରେ ନ ଡେଇଁଲେ, ଏହି ପଦାର୍ଥ ବିଜ୍ଞାନ ଦିଗକୁ ନ ଗଲେ ବା କ୍ଷତି କ'ଣ ? ତୁମେମାନେ ସମସ୍ତେ ନ ହେଲେ ବି କେହି କେହି ଉପଯୁକ୍ତ ଅଧିକାରୀ ଏବେ ବୁଝିନେଇ ଚୈତନ୍ୟ କ୍ଷେତ୍ରକୁ ଚାଲିଆସ, ତାହା ହେବ ତୁମମାନଙ୍କର ସ୍ୱକ୍ଷେତ୍ର—ଜଡ଼ାତିରିକ୍ତ ଚେତନା, ପ୍ରାଣ, ଏହି ବାଟରେ ଚିନ୍ତା କରିପାର, ତାହାକୁ ନେଇ ଯେଉଁ ସମସ୍ତ ଆବିଷ୍କାର ହେବ, ସେଥିରେ ପଦାର୍ଥ ବିଜ୍ଞାନର ପାଶବିକତାର ସ୍ଥାନ ରହିବ ନାହିଁ, ଜଗତରେ କେବେହେଲେ କାହାର କୌଣସି ଅକଲ୍ୟାଣର ସମ୍ଭାବନା ରହିବ ନାହିଁ । ବରଂ ସେହି ଅମୃତର ଫଳ ଦ୍ୱାରା ଜଗତବାସୀ ଧନ୍ୟ ହେବେ । ଛାଡ଼ିଦିଅ ପଦାର୍ଥବିଜ୍ଞାନ ଆବିଷ୍କାରର ମୋହ, ଚୈତନ୍ୟରାଜ୍ୟକୁ ଆସ, ଧନ୍ୟ କରିଦିଅ ଭାରତର ହିନ୍ଦୁ-ସଂସ୍କୃତି—ଏହାଠାରୁ ଆଉ ବଡ଼ ଉପଦେଶ ମୋ'ର ଦେବାର ନାହିଁ ।''

■■

ଉନ୍ନବିଂଶ ପରିଚ୍ଛେଦ

କାଳୀକିଙ୍କର କହିଲା, ''ତାହାହିଁ ଠିକ୍, ଏହିପରି ଭାବେ ହିଁ ହେବା ଉଚିତ୍, କିନ୍ତୁ ସୁଖୀ ହେବାର ବାଟ ମଧ୍ୟ ରଖିବାକୁ ହେବ ?''

ଉମାପତି କହିଲେ, ''ଏହି ସୁଖୀ ହେବାର ଅସଲ ସ୍ୱରୂପଟି ବିଶ୍ଳେଷଣ କରି ଦେଖିବ ତ ! କ'ଣ ଦେଖିବ ? ଜଡ଼ପଦାର୍ଥ ନେଇ ବାଡ଼ିଆବାଡ଼ି, ତା'ରି ମହିମାରୁ ଯନ୍ତ୍ର-ସୃଷ୍ଟିର ଧାରା ଓ ବ୍ୟବସାୟର ପ୍ରାଧାନ୍ୟ । ସେହି ଅପୂର୍ବ ଫଳ ସ୍ୱରୂପ ସମାଜର ଐଶ୍ୱର୍ଯ୍ୟ ବଢ଼ାଇଦେଲେ ମଧ୍ୟ ସେହି ସମାଜ ମନୁଷ୍ୟ-ବୁଦ୍ଧିକୁ ବହୁଭାବେ ଜଡ଼ମୁଖୀ କରିବାରେ ସାହାଯ୍ୟ କରୁଛି । ଏକେ ତ ଗୋଟିଏ ଦିଗରେ ଜଡ଼ର ପ୍ରଭାବରେ ଓ ଅପର ଦିଗରେ ଜଡ଼ର ଆକର୍ଷଣରେ ମଣିଷର ବୁଦ୍ଧି ସ୍ଥୂଳକ୍ଷେତ୍ରରେ ଅହରହ ବିପଥଗାମୀ ହେଉଛି, ଶକ୍ତି ଓ ସ୍ୱସ୍ତିର ନିକଟରୁ ଦୂରେଇଯାଇ ଚାଲିଛି ଅଭାବ ପରେ ଅଭାବ ସୃଷ୍ଟିକରି, ଅଭାବ ବୋଧଟା ଯେପରି ଚିରସ୍ଥାୟୀ ଧର୍ମ ପରି ଦୃଢ଼ କରି ପକାଇଛି । ତା' ଫଳରେ ଅସ୍ଥିର, ବ୍ୟାକୁଳ, ଅଜ୍ଞାନ ଜନ-ସମାଜ ଧନ ପଛରେ ଉନ୍ମାଦ ଗତିରେ ଛୁଟିଚାଲିଛି, ସ୍ଥିର ପଥରେ କଣ୍ଟା ବିଛାଇ । ଏହି ଆବିଷ୍କାର ଫଳରେ ପ୍ରତିଯୋଗିତାର ଘୋଡ଼ାଦୌଡ଼ ଆରମ୍ଭ ହୋଇଯାଇଛି । ଜଡ଼ଶକ୍ତିର ଉପାସନା ଆଜି ମାନବ ସମାଜକୁ କେଉଁଆଡ଼େ ନେଇ ଚାଲିଛି, ବିଂଶ ଶତାବ୍ଦୀର ଇୟୁରୋପ-ଆମେରିକାର ସଭ୍ୟ ମନୁଷ୍ୟ-ସମାଜରେ ସେହି କଥା ଚିନ୍ତାକରି ଦେଖିବା ପରି ଧୈର୍ଯ୍ୟ ଅଛି କାହାର କ'ଣ ? କିଏ କହିବ କେଉଁଠି ଏହାର ଶେଷ ପରିଣତ ?''

ଅନେକ ସମୟ ଧରି ନିସ୍ତବ୍ଧତା ବିରାଜମାନ କରିବାକୁ ଲାଗିଲା, ଏହି ସଭାରେ, ଅର୍ଥାତ୍ ଯାହାକୁ ପିନ-ଡ୍ରପ୍ ସାଇଲେନ୍ସ (ନିଃଶବ୍ଦତା) କୁହାଯାଇଥାଏ, ଠିକ୍ ସେହିପରି । ସମସ୍ତଙ୍କୁ ଅନ୍ତର୍ମୁଖୀ କରିତୋଳିଲା ବାବାଙ୍କର ଅପୂର୍ବ ବାଖ୍ୟା । କିଛିକ୍ଷଣ ପରେ ଉମାପତି ପ୍ରସନ୍ନ ମୁଖରେ ଆରମ୍ଭ କଲେ, ''କଣ ଭାବୁଛ, କୁହ ତ ?''

ସେତିକିବେଳେ କାଳୀକିଙ୍କର କହିଲେ, ''ଏହି କଥା ହିଁ ଭାବୁଥିଲି ଯେ ପାଶ୍ଚାତ୍ୟର ଲୋକେ କ'ଣ ଯଥାର୍ଥ ଶକ୍ତିମାନ ନୁହନ୍ତି ? ସେମାନଙ୍କର ସାଇନ୍ସ, ସେମାନଙ୍କର ବୁଦ୍ଧି, ଏକାଳର ଜଗତରେ...''

ସେ ବାଧାଦେଇ କହିଲେ, ''ତୁମମାନଙ୍କର ଅଭ୍ୟାସଗତ ଲକ୍ଷ୍ୟ ହିଁ ହୋଇଯାଇଛି ସେମାନଙ୍କର ସେହି ମେଟେରିଆଲ ସାଇନ୍ସ (ବସ୍ତୁବାଦୀ ବିଜ୍ଞାନ) ଆଉ ଡିସକଭରି ଗୌରବ

ଦିଗକୁ—ଏହି ଦୁଇଟିକୁ ନେଇ ତୁମେ ମୁଗ୍ଧ ହୋଇଯାଇଛ । ତୁମେମାନେ ଧରିନେଇଛ, ଯେପରି ଏହି ପୃଥିବୀରେ ଜନ୍ମନେଇ ଏହା ହିଁ ପଞ୍ଚମ ପୁରୁଷାର୍ଥ ।''

କାଳୀକିଙ୍କର କହିଲା, ''ଆଚ୍ଛା, ପଞ୍ଚମ ପୁରୁଷାର୍ଥଟି କ'ଣ ? ଶୁଣିଆସିଛି ଅନେକଥର, କିନ୍ତୁ ଜାଣେ ନା ଜିନିଷଟି କେଉଁ ବସ୍ତୁ ?''

ବାବା କହିଲେ, ''ଧର୍ମ, ଅର୍ଥ, କାମ, ମୋକ୍ଷ, ଏହି ଚାରିଗୋଟି ହେଲା ପୁରୁଷାର୍ଥ ଅର୍ଥାତ୍ ନବଜନ୍ମ ନେଇ ଏହି ସଂସାରରେ ପ୍ରଚେଷ୍ଟା ଦ୍ୱାରା ହିଁ ସବୁକିଛି ଲଭ୍ୟ ଏବଂ ସେହିଥିରେ ହିଁ ମନୁଷ୍ୟ ଜୀବନ ହୋଇଥାଏ ସାର୍ଥକ । ଆଉ ଈଶ୍ୱରଲାଭ ଏହି ଚାରିଟି ପୁରୁଷାର୍ଥର ବାହାରର କଥା । ସେଥିଲାଗି ବୈଷ୍ଣବ ଶାସ୍ତ୍ର ତାକୁ ପଞ୍ଚମ ପୁରୁଷାର୍ଥ କହିଛି ।''

କାଳୀ କହିଲା, ''କେତେ ସୁନ୍ଦର ଆମର ଶାସ୍ତ୍ରର ବିଚାର-ପ୍ରଣାଳୀ ! ଅଥଚ ଆମେ ଏସବୁ ବିଷୟରେ ଚିରକାଳ ଅନ୍ଧକାରରେହିଁ ରହିଯାଇଛୁ ।''

ବାବା କହିଲେ, ''ସମୟ ଅଛି, ଇଚ୍ଛା କଲେ ସବୁ ଜାଣିପାରିବ; ଏବେ ଯାହା କହୁଥିଲି, ଭାରତବାସୀ ହିନ୍ଦୁ ତୁମେମାନେ, ଆଜି ତୁମମାନଙ୍କ ଘଟରେ ଏହି ବୁଦ୍ଧି ନାହିଁ ଯେ ଜଡ଼ ପଦାର୍ଥ ସଙ୍ଗେ ସମ୍ବନ୍ଧ ଘନିଷ୍ଠ ହେଲେ ମନୁଷ୍ୟର ବୁଦ୍ଧି ମଧ୍ୟ ଜଡ଼ୀଭୂତ ହୋଇଯାଏ, ଜଡ଼ଧର୍ମୀ ହୋଇଯାଏ, ଉଚ୍ଚଗତି କେବେ ହେଁ ଲାଭ ହୁଏ ନାହିଁ, ହେବା ଅସମ୍ଭବ । ଯେଉଁ ବୈଜ୍ଞାନିକ ପନ୍ଥାରେ ଭାରତର ଆବିଷ୍କାର ଚାଲିଥିଲା, ତଦ୍ୱାରା ଜଡ଼ ଓ ଚୈତନ୍ୟ ଉଭୟ ପୃଥକ ସତ୍ତା—ଗୁଣ ଓ ଧର୍ମ ସମ୍ପୂର୍ଣ୍ଣ ପୃଥକ ଓ ବିପରୀତ ଫଳପ୍ରସବକାରୀ ଭାବରେ ପ୍ରମାଣିତ ହୋଇଥିଲା; ପୁଣି ଏହି ବୁଦ୍ଧି ହିଁ ଏ ଦେଶର ଶ୍ରେଷ୍ଠ ସମାଜର ମଜ୍ଜାଗତ ଥିଲା । ତୁମମାନଙ୍କର ବୁଦ୍ଧି ଜଡ଼ବିଜ୍ଞାନ ଦିଗକୁ ନଯାଇ କାହିଁକି ଚୈତନ୍ୟମୁଖୀ ହେବ ନାହିଁ ? ତାହାହିଁ ତୁମମାନଙ୍କର ସତ୍ତାର ଅନୁକୂଳ, ତଦ୍ୱାରା ହିଁ ତୁମମାନଙ୍କର ସାଫଲ୍ୟ ଅବଶ୍ୟମ୍ଭାବୀ । ମୁଁ ପୁନଃପୁନଃ ଏହି କାମନା ହିଁ କରୁଛି । ଧନ-ସମ୍ପଦ ବୃଦ୍ଧି, ଭୋଗ, ସୁଖ, ଏ ସମସ୍ତ ହୋଇପାରେ, ସଂସାରରେ ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ମଧ୍ୟ କରିପାରେ, ଏହା ସ୍ୱୀକାର କରୁଛି; କିନ୍ତୁ ତାହା କ'ଣ ସବୁଠାରୁ ବଡ଼ କଥା ? ଏତଦ୍‌ବ୍ୟତୀତ ଦମ୍ଭ ପର୍ଯ୍ୟାୟରେ ପଡ଼ିଛି ସେମାନଙ୍କର ଏହି ସାଇନ୍ସ ଓ ଡିସ୍‌କଭରି । ଏହା ଫଳରେ ମଣିଷ ସମାଜରୁ ଅଶାନ୍ତି କ'ଣ ଦୂର ହୋଇପାରିଛି—ମଣିଷ ମଣିଷ ଭିତରେ ଆତ୍ମୀୟତାବୋଧ କ'ଣ ଜାଗ୍ରତ ହୋଇପାରିଛି ? ସମାଜରେ ଯଥାର୍ଥ ଶାନ୍ତି ପ୍ରତିଷ୍ଠା ଆଉ ବର୍ବରତାର ଉଚ୍ଛେଦ କ'ଣ ହୋଇପାରିଛି ? ମୋତେ ବୁଝାଇ ଦିଅନା ?''

କାଳୀକିଙ୍କର କହିଲା, ''ତା'ହେଲେ ଆପଣ କ'ଣ ଏହାହିଁ କହୁଛନ୍ତି ଯେ ଆମେମାନେ ଜଗତର ଏହି ଅଗ୍ରଗତିର ସହ ସମାନ ତାଳରେ ନ ଆଗେଇ ପଛରେ ପଡ଼ିଥିବୁ ?''

ଉମାପତି, ''ଜଗତର ଅଗ୍ରଗତି କାହାକୁ କହୁଛ ? ଏହି ଯେଉଁ ୬୫ ତାଲା ଘର, ଇଲେକ୍‌ଟ୍ରିକ୍ ରେଳଗାଡ଼ି, ଏରୋପ୍ଲେନ, ଟର୍‌ପେଡୋ, ଇଉବୋଟ୍, ଜଳ-ସ୍ଥଳ-

ଅନ୍ତରୀକ୍ଷରେ ଉଦ୍ଦାମ ଦୌଡ଼ର ପାଲା, ଏହିସବୁ ନା ? ମୁଁ କହେ, ସେସବୁ ସେମାନେ କରନ୍ତୁ । ସାଇନ୍ସ ଆଉ ଡିସ୍‌କାଭରି କହିଲେ ରାଶିରାଶି କଳକବ୍‌ଜାର ସୃଷ୍ଟି ତ ? ଧାତୁର ବ୍ୟବହାର ଆଉ ଲାର୍ଜସ୍କେଲ ନରହତ୍ୟାର ମହାଯନ୍ତ୍ରମାନ ସୃଷ୍ଟିହେବା କାମ—ତାହା ସେମାନେ କରନ୍ତୁନା । ତୁମେମାନେ କାରବାର କରିବା ଲାଗି ସମାଜର କଲ୍ୟାଣ ନିମିତ୍ତ ଯେତିକି ମାତ୍ର ପ୍ରୟୋଜନ, ସେତିକି ମାତ୍ର ବ୍ୟବହାର କରୁନାହଁ କାହିଁକି, କମ୍ପିଟିସନ (ପ୍ରତିଯୋଗିତା)ରେ ମାତିଯାଇ ଲାଭ କ'ଣ ? ବାଡ଼ିଆବାଡ଼ି, ଜାତୀୟ ସ୍ୱାର୍ଥରେ ନରହତ୍ୟାର ଷଡ଼ଯନ୍ତ୍ର—ଏସବୁ କାରବାର ସେମାନଙ୍କର ଚାଲିଥାଉ; ତୁମେମାନେ ତୁମ ଚିନ୍ତାକୁ ଅନ୍ୟ ଦିଗରେ ନିୟୋଜିତ କର, ଯେଉଁ ଦିଗକୁ ସେମାନଙ୍କର ଜଡ଼ବୁଦ୍ଧି ପହଞ୍ଚି ପାରିନାହିଁ—ସେହି ଦିଗକୁ ଆଗେଇ ଯାଅ । ଭାରତର ଯେଉଁ ନିଜସ୍ୱ ଆବିଷ୍କାର, ସେଥିରେ ମସ୍ତିଷ୍କ ଚାଳନା କର ।''

କାଳୀକିଙ୍କର ତଥାପି କହିଲା, ''ଖାଇପିଇ ଜୀବନ ଦ୍ୱନ୍ଦ୍ୱରେ ବଞ୍ଚିବାକୁ ହେବ ତ ? ପ୍ରତିଯୋଗିତାରେ ନ ଆଗେଇଲେ କୌଣସି ବିଷୟରେ ଉନ୍ନତି ଘଟିପାରେ ନାହିଁ । ସେହି ପ୍ରତିଯୋଗିତା ଯୋଗୁ ହିଁ ଜଗତର ଏତେ ଉନ୍ନତି । ସୁତରାଂ ଆମେମାନଙ୍କୁ ମଧ୍ୟ ତା' ମଧ୍ୟରେ ନିଜକୁ ଲଗାଇଦେବାକୁ ପଡ଼ିବ । ଜଗତସାରା ରାଷ୍ଟ୍ରବ୍ୟବସ୍ଥା ଏପରି କରିପକାଇଛି ଯେ ଏଥିରୁ ପୃଥକ ରହିବାର କୌଣସି କ୍ଷମତା ନାହିଁ । ଇଣ୍ଟରନ୍ୟାଶନାଲ ସିଚୁୟେଶନ (ଆନ୍ତର୍ରାଷ୍ଟ୍ରୀୟ ଅବସ୍ଥା) ଏପରି ଯେ ଆପଣ ତାହା ଠିକ୍ ବୁଝିପାରିବେ ନାହିଁ ।''

''ଶୋ'ଟା (ଆଡ଼ମ୍ବର) ନାହିଁ ।'' ସେ କହିଲେ, ''ଏହିଠାରେ ହିଁ ତ ମାଂସଠାରୁ ଶାକ-ସବଜୀ ଡାଲି-ଭାତ ବୁଦ୍ଧିର ତଫାତ୍ । ମୁଁ କ'ଣ କହୁଛି, ସେମାନଙ୍କର ଅନୁସରଣ ବା ଅନୁକରଣ, ସାଇନ୍ସ, କେମେଷ୍ଟ୍ରି (ରସାୟନ ବିଦ୍ୟା) ନେଇ ଜୀବନ ଦ୍ୱନ୍ଦ୍ୱରେ ପ୍ରତିଯୋଗିତାର ପ୍ରସାର, ଜାତୀୟ ଉନ୍ନତି ନାମରେ ଏହିସବୁକୁ ନେଇ ଏକ ଜାତି ବା ଦେଶର ବୃହତ୍ତର ଅଂଶରେ ହିଁ ଥାଉନା କାହିଁକି, ସେମାନେ ଇଣ୍ଡଷ୍ଟ୍ରିୟାଲାଇଜେସନ୍ (ଶିଳ୍ପାୟନ) କରୁଥାନ୍ତୁନା ଦେଶକୁ ? ଆମ ସମାଜରେ ଯେଉଁମାନେ ଶ୍ରେଷ୍ଠ ମସ୍ତିଷ୍କ ନେଇ ସର୍ବଶ୍ରେଷ୍ଠ ଶିକ୍ଷାର୍ଥୀ ଓ ଜ୍ଞାନପିପାସୁ ସେମାନେ ଜୀବଚୈତନ୍ୟ ନେଇ ଜଡ଼ାତିରିକ୍ତ ଚୈତନ୍ୟସତ୍ତା ପଛରେ ମୁଣ୍ଡ ଘୁରାନ୍ତୁ ନାହିଁ, ସେମାନଙ୍କର ସକଳ କିଛି ଶକ୍ତି ଧ୍ୟାନ-ଧାରଣାରେ ନିୟୋଗ କରୁଥାନ୍ତୁ । ସେହି ଶ୍ରେଷ୍ଠ ଯଥାର୍ଥ ଜ୍ଞାନୀ ଓ ପରାବିଦ୍ୟାର୍ଥୀର ଦଳ ଚାଲନ୍ତୁନା ଅନନ୍ତ ଚୈତନ୍ୟର ଶକ୍ତିର ଭଣ୍ଡାରକୁ ଏକ୍ସପ୍ଲୋର (ଅନ୍ୱେଷଣ) କରିବାକୁ ! ତୁମେମାନେ ସମସ୍ତେ ମିଶି ତଥାକଥିତ ବୈଜ୍ଞାନିକ ଆବିଷ୍କାର ନାମରେ ସେମାନଙ୍କର ଜଡ଼ ଶକ୍ତି, ଗତି ଓ ଯନ୍ତ୍ରତାନ୍ତ୍ରିକ ଜଟିଳ ଉନ୍ନତି ପଛରେ ମାର୍ଚ୍ଚ କରିବ କାହିଁକି ? ତାହା କୌଣସି ପ୍ରକାରେ ତୁମମାନଙ୍କର ଜାତି-ଧର୍ମ କ୍ଷେତ୍ରରେ କଲ୍ୟାଣକର ହୋଇ ନ ପାରେ—ସେଥିଲାଗି କହେ, ନିଜ ବାଟରେ ଚାଲ, ତଦ୍ୱାରାହିଁ ତୁମମାନଙ୍କର ଯଥାର୍ଥ କଲ୍ୟାଣ ହେବ, ପୁଣି ଜଗତର ହେବ ଅଶେଷ କଲ୍ୟାଣ । ଆମେ ସ୍ପଷ୍ଟଭାବରେ ଦେଖିପାରୁଛୁ ଯେ

ଭାରତର ହିନ୍ଦୁ ସଂସ୍କୃତିକୁ ଏକମାତ୍ର ପରମା ପ୍ରକୃତି-ସୃଷ୍ଟି-ସ୍ଥିତି-ପ୍ରଳୟକାରିଣୀ ଜଗଦମ୍ବା ଏତେ ଘାତ-ପ୍ରତିଘାତ ମଧ୍ୟ ଦେଇ ଜୀବିତ ରଖିପାରିଛନ୍ତି, ଜଗତର ମହାଦୁର୍ଦ୍ଦିନରେ । ଏହାକୁ ସକଳ ପୀଡ଼ିତ ପଥହରା ସମାଜର ଏକମାତ୍ର ଶାନ୍ତିର ଉପାୟ କୁହାଯିବ । ଭାରତର ଏହି ମହାଜାତି ହିଁ ଜଗତ-ସମାଜର ଏହି ଚରମ ସତ୍ୟ ପ୍ରକାଶ କରିବେ—ଏହା ହିଁ ତାଙ୍କର ଅବଶେଷ ବିଧାନ । ଏହି ଅଧ୍ୟାତ୍ମ-ବିଜ୍ଞାନ ହିଁ ଜଗତର କଲ୍ୟାଣ ଆଣିପାରିବ । ତାଙ୍କ କାର୍ଯ୍ୟରେ ତ୍ରୁଟୀ ହୁଏ ନାହିଁ, କେବଳ ଭୁଲ୍ ହୁଏ ଆମ କାମରେ । ଜାଣି ରଖ, ଜଗତର ସମସ୍ୟା ସମାଧାନର କାର୍ଯ୍ୟ ବର୍ତ୍ତମାନ ହିନ୍ଦୁ ଜାତି ଉପରେ ହିଁ ରହିଛି ।''

ଏକଥା ଶୁଣି କାଳୀକିଙ୍କର ହସିହସି କହିଲା, ''ତା'ହେଲେ ଆମେମାନେ ସନ୍ୟାସ ନେଇ, ସବୁ ଛାଡ଼ିଛୁଡ଼ି ଦେଇ, ବଣକୁ ଯାଇ ଆଶ୍ରୟ ନେବାକୁ କହୁଛନ୍ତି ?''

ସେ କହିଲେ, ''ନା ନା, କିଛି ଛାଡ଼ିବାକୁ ହେବ ନାହିଁ ତୁମମାନଙ୍କୁ, ମଡ଼ର୍ଣ୍ଣ (ଆଧୁନିକ) ସବୁ କିଛି—ଲାଇଟ୍, ଫ୍ୟାନ୍, ସିଗାର, ବାଥ୍‌ରୁମ୍, ଲାଇବ୍ରେରୀ, ଚେଆର-ଟେବୁଲ ସୋଫା, ଯାହା କିଛି ଦରକାର, ତାହା ସବୁ ନେଇ ସହରର କୋଳାହଳ ଠାରୁ କେବଳ ଟିକିଏ ଦୂରକୁ ଯାଇ କାମ କରିବ । ନିର୍ଜ୍ଜନତାର ମୂଲ୍ୟ ହିଁ ସବୁଠାରୁ ବେଶୀ ସର୍ବବିଧ ଚିନ୍ତା ଓ ଧ୍ୟାନର ବ୍ୟାପାର ନୁହେଁ କି ? ସେଇଟା ତୁମମାନଙ୍କର ପାଶ୍ଚାତ୍ୟ ସାଇନ୍ସ ଗୁରୁମାନେ ମଧ୍ୟ ସ୍ୱୀକାର କରିଥାଆନ୍ତି । ଏହାଦ୍ୱାରା ଅପମାନ ବୋଧ ହେବ କାହିଁକି ?''

''ଆପଣଙ୍କ କଥାରୁ ଏହି କଥା କ'ଣ ବୁଝାପଡ଼େ ନାହିଁ ଯେ ଆମେମାନେ ଯେପରି ସବୁ କିଛି ଶିକ୍ଷାରେ ସେମାନଙ୍କର ଅନୁକରଣ କରିବାକୁ ଚାହୁଁଛୁ ? ତାହା କ'ଣ ଠିକ ?''

ସେ, ''ତାହାହିଁ ତ ଚାଲିଆସିଛି—ପ୍ରଥମରୁ, ଯେଉଁଦିନଠାରୁ, ତୁମମାନଙ୍କର ଜାତୀୟ ଶିକ୍ଷା ବଦଳରେ ସରକାରୀ ଫର୍ମୁଲାରେ ସ୍କୁଲ-କଲେଜରେ ଶିକ୍ଷା ଆରମ୍ଭ କରାଯାଇଛି । ସେମାନେ ଯେଉଁ ଭାବରେ ଯେଉଁ ଦିଗକୁ ନେଇ ଯାଉଛନ୍ତି, ତୁମେମାନେ ମଧ୍ୟ ମାଟେରିଆଲ୍ ପ୍ରସ୍ପରିଟି (ଭୌତିକ ସମୃଦ୍ଧି) ଲାଗି ଠିକ୍ ଠିକ୍ ସେମାନଙ୍କର ଚିହ୍ନିତ ପଥରେ ତ ଚାଲିଛ ଆଉ ସେଥିରେ ହିଁ ଇହଜୀବନ ସାର୍ଥକ କରିବାକୁ ବଦ୍ଧପରିକର ହୋଇଛ ! ନୁହେଁ କି ?''

ଶୁଣିସାରି ଯୁବକ ଚୁପ୍ ରହିଲେ ।

ଉମାପତି ବାବା ପୁନରାୟ କହିଲେ, ''ଏବେ ସମସ୍ତେ ମିଶି ଭାବି ଦେଖ, ଏହିଭାବେ ସାଇନ୍ସ ଆଉ ଡିସକାଭରିରେ ଡୁବିରହିଲେ କ'ଣ ଫଳ ? ଯେଉଁ ମନୋବୃତ୍ତି ନେଇ ସେମାନଙ୍କର ଶକ୍ତିରେ ସମ୍ପ୍ରସ୍ତେ ବଡ଼ ହେବାର ଚେଷ୍ଟାରେ—ମାରାତ୍ମକ ଅସ୍ତ୍ରବଳ, ସୈନ୍ୟବଳ, ଜଳରେ ସ୍ଥଳରେ ଅନ୍ତରୀକ୍ଷରେ ଅପ୍ରତିଦ୍ୱନ୍ଦ୍ୱୀ ହେବା ଲାଗି ଉଠିପଡ଼ି ଲାଗିଯାଇଛନ୍ତି, ଆଉ ନିଜ ସମାଜରେ ଯେପରି ପର ସମାଜରେ ମଧ୍ୟ ସେହିପରି ଶାନ୍ତି

ନଷ୍ଟ କରିବାକୁ ବସିଛନ୍ତି, ତୁମମାନଙ୍କୁ ମଧ୍ୟ ଏହିସବୁ କରିବାକୁ ପଡ଼ିବ, ଯେତେବେଳେ ସେମାନଙ୍କ ଶିକ୍ଷାର ଫାନ୍ଦରେ ପାଦ ଦେଇଛ ? ନା, ତୁମମାନଙ୍କ ବେଳରେ ଅନ୍ୟ ଫଳ କ'ଣ ସମ୍ଭବ ହେବ ? ସେଥିଲାଗି ତ କହୁଛି, ତୁମମାନଙ୍କର ଯାହା ସଙ୍ଗରେ ନାଡ଼ିର ସମ୍ପର୍କ, ତାକୁ ନେଇ ମାର୍ଚ୍ଚ କର ତୁମେମାନେ ।''

ସଭା କିନ୍ତୁ ଭାଙ୍ଗିଗଲା ଏହି କଥା ପରେ—କାରଣ ବାବାଙ୍କୁ ଏଥର ଭିତରକୁ ଯିବାଲାଗି ଅନୁରୋଧ କରାଗଲା, ବରଦଳେଇଙ୍କର ଗୋରାତକତକ ପାଞ୍ଚଛଅ ବର୍ଷ ବୟସର ସୁନ୍ଦର କନ୍ୟାଟି ଆସି ପ୍ରଣାମ କରି କହିଲା,—''ଏଥର ଚାଲନ୍ତୁ ଭିତରକୁ ଆପଣଙ୍କୁ ଦିଦିମା ଆସିବାକୁ କହିଲେ, ଜଳଖିଆ ତିଆରୀ ହୋଇଛି ଯେ ।'' ଶୁଣିନେଇ ହସିହସି ସେ ଉଠିଲେ, କିନ୍ତୁ କାଳୀକିଙ୍କରକୁ କହିଲେ, ''ମୋ' ପାଖକୁ ଭୂବନେଶ୍ୱରୀକୁ ଥରେ ଆସ—କଅଣ ଯିବ ତ' ?'' ସେ ରାଜି ହେଲା । ତା'ପରେ ପ୍ରଣାମର ଧୂମ୍ ଲାଗିଗଲା ।

ସେଠାରେ ତା' ପରଦିନ ଉମାନନ୍ଦକୁ ଯାଇ ଦେଖିଲି । ତେବେ ଉମାନନ୍ଦ ଶୈଳଠାରେ ଯେଉଁସବୁ ବ୍ୟାପାର ଦେଖିଲି, ସେଥିରେ କାମାକ୍ଷାଠାରେ ଦେଖିଲାପରି, କୌଣସି ବୈଚିତ୍ର୍ୟ ନଥିଲା । ସାଧାରଣ ଯାତ୍ରୀମାନେ ଯେପରି ଦେଖିଥାନ୍ତି, ସେହିପରି ସବୁ ଦେଖିଲି । ଉପରନ୍ତୁ ନୈସର୍ଗିକ ଦୃଶ୍ୟ ହିଁ ମୋତେ ସମ୍ମୋହିତ କରିପାରିଥିଲା । ଉମାନନ୍ଦର ବୈଶିଷ୍ଟ୍ୟ ଏହି ଜଙ୍ଗଲମୟ ଦ୍ୱୀପଟି । ମନେହୁଏ ଏହି ଜଙ୍ଗଲ ଭିତରେ ଏପରି ଅନେକ କିଛି ଅଛି, ଯାହା ତୀର୍ଥଯାତ୍ରୀମାନେ ଦିନତମାମ ଦେଖିପାରନ୍ତି ନାହିଁ । ଗୁଆହାଟିର ଉପରୁ ଉମାନନ୍ଦକୁ ଦେଖିଲା ପରେ ମୋ' ଆଖିକୁ ତାହା ଅଧିକ ରହସ୍ୟମୟ ଲାଗିଲା । ଯେତେଦିନ ବରଦଳେଇଙ୍କ ଘରେ ରହିଥିଲି, କୌଣସି ସମୟରେ ମଧ୍ୟ ଉମାପତି ବାବାଙ୍କର ବିଶ୍ରାମ ନଥିଲା । କିନ୍ତୁ ମୁଁ ବୁଲା ବୁଲି କରି ଦେଖିଥିଲି ଅନେକ କିଛି ।

ଯାହା ହେଉ, ଆମେ ତୃତୀୟ ଦିନ ସନ୍ଧ୍ୟାରେ ପୁନରାୟ କାମାକ୍ଷାର ଭୂବନେଶ୍ୱରୀକୁ ଫେରିଆସିଲୁ । ଉମାପତି ବାବା ତାଙ୍କର ଆଶ୍ରମକୁ ଚାଲିଗଲେ, ମୁଁ ନାଟମନ୍ଦିରର ଚାଳିରେ ମୋ'ର ପୂର୍ବ ଆସ୍ଥାନକୁ ଫେରିଆସିଲି । କଥା ରହିଲା, ତା' ପରଦିନ ପ୍ରାତଃକାଳରେ ବାବାଙ୍କ ଆଶ୍ରମକୁ ଯିବି ।

ବିହାରୀନାଥଜୀଙ୍କ ସହ ସାକ୍ଷାତ ହେବାମାତ୍ରେ ଏହି ତିନିଦିନର ଗୁଆହାଟିବାସର ସବୁ ଖବର ଜାଣିବାକୁ ସେ ବାଧ୍ୟ କଲେ । ସବୁ କିଛି କହିବାକୁ ପଡିଲା, ବିଶେଷତଃ ଖିଆପିଆ କଥାଟା—ତାଙ୍କ ଭାଷାରେ ଯାହାକୁ 'ଭିଚ୍ଛା' କହନ୍ତି, ତାହା କିପରି ହୋଇଥିଲା, ଦୁଇବେଳା ନା ବେଳାଏ, ଏହି ଖବରଟା ହିଁ ଯେପରି ତାଙ୍କର ସର୍ବାପେକ୍ଷା ଅଧିକ ଜାଣିବା ଦରକାର ଥିଲା । କାର୍ଯ୍ୟତଃ ଜିଜ୍ଞାସାର ଉତ୍ତରରେ ବେଶୀ ଭାଗ ହିଁ ସେହି କଥା

କହିବାକୁ ପଡ଼ିଲା । ଉମାନନ୍ଦ ସମ୍ବନ୍ଧରେ କିଛି କଥା ଉତ୍ଥାପନ କରିବାରୁ, 'ଓ ସବ୍ ହାମ୍ ଜାନତା ହାୟ' (ମୁଁ ସେସବୁ କଥା ଜାଣେ) କହି କଥାଟାକୁ ଉଡ଼େଇ ଦେଲେ ।

କମ୍ବଳ ଉପରେ ଶୋଇରହି ଭାବୁଥିଲି, ଯେଉଁ ସଂସାରଟି ସମ୍ପ୍ରତି ଦେଖିଆସିଥିଲି, ତାହା ମୋ' ଜୀବନରେ ବିଚିତ୍ର ଅଭିଜ୍ଞତା ହୋଇରହିଲା । ଏପରି ଗୃହସ୍ଥ କେତେ ଜଣ ଥାଆନ୍ତି ! ସୁନ୍ଦର ଶ୍ରୀ-ଭରା ଏହି ସଂସାରରେ, ସବୁ କିଛି ଯେପରି ମାଧୁର୍ଯ୍ୟଭରା ହୋଇ ଉଛୁଳିପଡୁଛି । କି ଅପୂର୍ବ ଶାନ୍ତିମୟ ଏହି ସଂସାରଟି ! ଏହି କଥାହିଁ ଜଣେ ସଂସାରତ୍ୟାଗୀ ମନରେ ଆଘାତ ଦିଏ । ବିଶେଷତଃ ବାବାଙ୍କର ଆଗମନରେ ପ୍ରତିବେଶୀଙ୍କ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦପରିପୂର୍ଣ୍ଣ ହୋଇ ଯେପରି ସର୍ବାର୍ଥସିଦ୍ଧି ଲାଭ କରୁଥିଲେ । କୋଲକାତାରେ ଆମର ଘରେ ଯେଉଁ ଗୁରୁଙ୍କୁ ଭକ୍ତି କରିବା ଦେଖିଛି, ତା'ପରେ ଏହି ଦୃଶ୍ୟ, ଅନ୍ତରରେ ଯେଉଁ ଭୀଷଣ ପ୍ରତିକ୍ରିୟା ଉତ୍ପନ୍ନ କରିବ, ସେଥିରେ ବିଚିତ୍ରତା କିଛି ନଥିଲା । କୋଲ୍‌କାତାର ଦରିଦ୍ର ସଂସାରରେ ସାଧାରଣ ଗୃହସ୍ଥ ଯେଉଁପରି ଗୁରୁଙ୍କ ସହ ସମ୍ବନ୍ଧ ରଖିଥାନ୍ତି, ତାହା ଦେଖି ଓ ଆଜିକାଲିର ଧର୍ମସଂସ୍କାର ଦେଖି, ବିଶେଷତଃ ଆମ ପରି ଯେଉଁମାନେ ବିକୃତ ଭାବାପନ୍ନ ସଂସାରୀ, ସେମାନଙ୍କ କ୍ଷେତ୍ରରେ ଏହି ପ୍ରଥା ଉଠିଯିବାଟା ହିଁ ଉତ୍ତମ ମନେ ହେଲା ।

■■

ବିଂଶ ପରିଚ୍ଛେଦ

ପରିଦିନ ପ୍ରଭାତରେ ପ୍ରାତଃକୃତ୍ୟ ସମାପ୍ତ କରି ଉମାପତିବାବାଙ୍କ ଆଶ୍ରମକୁ ଛୁଟିଲି । ଏକ ପ୍ରବଳ ଆକର୍ଷଣ ଅନୁଭବ କରୁଥିଲି । ଦରଜା ନିକଟରେ ଥିଲେ ଏଲୋକେଶୀ ମାତା । ଶୁଣିଲି, କାହାର ଗୋଟିଏ କାମ ଲାଗି ଦୋଷଦେଖାଇ ସେ ଖୁବ୍ ଜୋରରେ ଶାସନ କରୁଥିଲେ । ମନେମନେ ସ୍ମରଣ ଓ ମୁଖରେ ନାରାୟଣ କହି ମୁଁ ଯାଇ ଠିଆ ହୋଇଥିଲି । ମୋତେ ଦେଖିବା ମାତ୍ରେ ହିଁ ଯେପରି ଭୈରବୀଙ୍କ ମୁହଁରେ ଟିକିଏ ବିରକ୍ତିଭାବ ପ୍ରକାଶିତ ହେଲା । ତେବେ ତତ୍‌କ୍ଷଣାତ ତାହାକୁ ସମ୍ବରଣ କରି ଜିଜ୍ଞାସା କଲେ, ''ଗୁଆହାଟିରେ କ'ଣ କାମ କଲେ ?'' ପ୍ରଶ୍ନରୁ ବୁଝିନେଲି, ତାଙ୍କ ମିଜାସ୍ ଭଲ ନାହିଁ । ଅବଶ୍ୟ ମୁଁ ତା'ପରେ କହିଲି, କୌଣସି କାମ ତ କରିବାକୁ ଯାଇ ନଥିଲି, କେବଳ ବାବାଙ୍କ ସଙ୍ଗେ ଯାଇଥିଲି, କିଛି ଦେଖିବାକୁ ଓ ଶୁଣିବାକୁ ।

ଯାହାକୁ ସେ ଧମକ ଦେଉଥିଲେ, ତା'ର ନାମ ଗିରିଧାରୀ । ସେ ବ୍ୟକ୍ତି ମହା ବଳବାନ୍, ଅର୍ଦ୍ଧବୟସ୍କ, ଯାହାକୁ କୁହାଯାଇଥାଏ ନିତାନ୍ତ ହିଁ ଭଲଲୋକ । ଆଶ୍ରମର ଭୃତ୍ୟ, ସୁତରାଂ ଲାଲ୍ ଲୁଗା ପିନ୍ଧୁଥିଲା । ଯେପରି ସେ ଜଣେ ଭୈରବ । ଏଠାରେ ତା'ର କାମ ହେଲା ଆଶ୍ରମର କାଠ କାଟିବା, ପାଣି ଆଣିବା ଇତ୍ୟାଦି । ଏବେ ତା' ଆଡ଼କୁ ଫେରିଚାହିଁ ଭୈରବୀ କହିଲେ, ''ହାଁ କରି ଠିଆହୋଇ ଦେଖୁଛୁ କ'ଣ ? ଚାଲି ଯା ତୁ ଏଠାରୁ ।'' ଶୁଣିନେଇ ଧୀରେ ଧୀରେ ସେ କହିକହି ଚାଲିଗଲା, ''ଯିବାକୁ କହିଲେ ତ ଯିବି, ନ କହିଲେ ଆଗ ଚାଲିଯିବି କିପରି !'' ତା'ର କଥା ମନୋମତ ହେଲା ନାହିଁ ସତ, ମିଜାସଟା ଟିକିଏ ଗରମ ହୋଇଗଲା । ସେହି ପରିସ୍ଥିତିରେ ମୋ' ଉପରେ ହିଁ ତାଙ୍କର ପ୍ରଭାବ ପଡ଼ିବା ସ୍ୱାଭାବିକ, ତାହାହିଁ ହେଲା । ମୋତେ ପ୍ରଶ୍ନ ହେଲା, ''ଅକର୍ମା ଯେତେସବୁ, ଦେଶୀ-ଗ୍ରାମର ମୁର୍ଖ ମର୍ଦମାନଙ୍କୁ ନେଇ କ'ଣ କରାଯାଇପାରେ, କୁହନ୍ତୁ ତ ? ଜାଣନ୍ତି ତ ଗ୍ରାମର କୋଢ଼ିଆ ଯିଏ, ବୈରାଗୀ ହୋଇ ବୁଲୁଥାଏ ସିଏ—ଆପଣଙ୍କୁ ହିଁ କହୁଛି, ଏ ଦେଶ ସେ ଦେଶ ଘୂରିବୁଲି କରୁଛନ୍ତି ବା କ'ଣ ?'' ତା'ପରେ ସ୍ୱରକୁ ନରମ କରି କହିଲେ, ''ଆପଣଙ୍କୁ ମୁର୍ଖ କହୁଛି ଭାବି ରାଗି ଯିବେ ନାହିଁ—ହୁଏତ ଆପଣ ମୁର୍ଖ ନୁହନ୍ତି; କିନ୍ତୁ...''

ବାଧା ଦେଇ ମୁଁ କହିଲି, ''ଯେଉଁ ଅର୍ଥରେ ଅକର୍ମା ମୁର୍ଖଙ୍କ ଦଳରେ ମୋତେ ଟାଣି ନେଉଛନ୍ତି, ତାହା ନିଶ୍ଚୟ ସତ୍ୟ—ଏଥିରେ ଆପଣଙ୍କର ନିଶ୍ଚୟ ହିଁ ଭୁଲ୍ ହୋଇନାହିଁ ।

କାରଣ ମୁଁ ମନକୁ-ମନ ଜାଣେ ଯେ ଦେଶର ଯଥାର୍ଥ କୌଣସି କାର୍ଯ୍ୟରେ ମୁଁ ଆସିପାରି ନାହିଁ, ଅନ୍ତତଃ ଏ ପର୍ଯ୍ୟନ୍ତ ତ ନୁହେଁ, କିନ୍ତୁ କ'ଣ କରିବି କୁହନ୍ତୁ ତ, ମୋ' ମନ କୌଣସିଥିରେ ଘରେ ଅବା କୌଣସି ଗୋଟିଏ ସ୍ଥାନରେ ଦୀର୍ଘକାଳ ସ୍ଥିର ରହି ବସିରହିପାରେ ନାହିଁ।'' ଅକପଟ ଏହି ସତ୍ୟ କଥାଟିର ପ୍ରଭାବରେ ଏଲୋକେଶୀ ତତ୍‌କ୍ଷଣାତ୍ ଥଣ୍ଡା ପଡ଼ିଗଲେ। ପ୍ରସନ୍ନ ବଦନରେ କହିଲେ,—''ମୁଁ ତ ଆପଣଙ୍କର ଉପଦେଷ୍ଟା ହୋଇପାରିବି ନାହିଁ—କ'ଣ କରିବେ, ତାହା ଆପଣ ନିଜେ ହିଁ ଜାଣନ୍ତି। ତେବେ ଆପଣ ଯେଉଁପରି ଘୂରିବୁଲୁଛନ୍ତି, ମୋ'ର ମନେହୁଏ, ଆପଣଙ୍କ ପରି ବ୍ୟକ୍ତି ବିବାହିତ ଥାଇ ଗୃହସ୍ଥ ଜୀବନ ଭିତର ଦେଇ କୌଣସି କାର୍ଯ୍ୟରେ ଲାଗିଯିବା ଭଲ। କହିବାକୁ ଗଲେ ଦେଶର କାମ ନିଶ୍ଚୟ ମହତ କର୍ମ—ଯାହାକୁ ବଡ଼ କର୍ମ କୁହାଯାଏ, ତାହା କିନ୍ତୁ ଆପଣଙ୍କ ଦ୍ୱାରା ହୋଇପାରିବ ନାହିଁ।'' ତା'ପରେ କିଛିକ୍ଷଣ ଭାବିନେଇ କହିଲେ, ''ଆପଣ ତ ପୁଣି ଛବି ଆଙ୍କନ୍ତି, ବେଶ୍ ଶିଖିଛନ୍ତି ଏହି ଗୋଟିଏ କାମ। ତା'ଦ୍ୱାରା ତ ରୋଜଗାର କରିପାରନ୍ତେ, ପିଲାପିଲିଙ୍କୁ ପୋଷନ୍ତେ, ଆଉ ସୁଖ-ଦୁଃଖରେ ଘରକରଣା କରୁଥାନ୍ତେ। ବେଶ୍, ମାନବ ଜୀବନର ଉଦ୍ଦେଶ୍ୟ ସିଦ୍ଧ ହୋଇଯାଆନ୍ତା, ନୁହେଁ କି ?''

ମୁଁ କିଛି କହିବିକହିବି ହୋଇ ମୁହଁ ଖୋଲିଲା ବେଳକୁ ତୀକ୍ଷ୍ଣ ଦୃଷ୍ଟି ରଖି ଏଲୋକେଶୀ କହିଲେ, ''ଥାଉ ଆଉ, ଦରକାର ନାହିଁ। ମୋ'କଥାଟା ଅତ୍ୟନ୍ତ ଅନ୍ୟାୟ ହୋଇଛି, ଆପଣ ଆଘାତ ପାଇଛନ୍ତି, ବାବା ମୋତେ ବାରଣ କରିଥିଲେ—''

''କ'ଣ ବାରଣ କରିଥିଲେ ?'' ପଚାରିଲି,

ଏଲୋକେଶୀ କହିଲେ, ''ମୋ' ସ୍ୱଭାବ ଏହିପରି। ଆଘାତ ନ କରି କାହାକୁ କଥା କହିପାରେ ନାହିଁ। ବିଶେଷତଃ ଏ ଦେଶର ମର୍ଦ୍ଦଙ୍କ ଉପରେ ମୋ'ର ଏକ ବିଜାତୀୟ ଘୃଣା ଅଛି। ଉଦ୍ଦେଶହୀନ ବଙ୍ଗାଳୀ ପୁଅମାନଙ୍କୁ ଦେଖିଲେ ହିଁ ମୋର ଗାତ୍ର ଦାହ ହୋଇଥାଏ। ବାବା ସେକଥା ଭଲ ଭାବରେ ଜାଣନ୍ତି, ସେଥିଲାଗି ମୋତେ ସଂଯତ ହୋଇ କଥା କହିବାକୁ ସତର୍କ କରିଦେଇଥିଲେ, ସମସ୍ତେ ଘୃଣାର ପାତ୍ର ନୁହନ୍ତି, ବିଶେଷତଃ ସତ୍ ପୁରୁଷ, ସତ୍ ଉଦ୍ଦେଶ୍ୟ ନେଇ ଯିଏ କାମ କରିଯାଏ, ଅଥବା ଏଠାକୁ ଯିଏ ଆସନ୍ତି, ସେମାନଙ୍କ ଉପରେ କେବେହେଲେ ଯେପରି ଶ୍ଳେଷ-ବ୍ୟଙ୍ଗ ନ କରେ। ଆପଣଙ୍କର ଯିବାଆସିବା ଆରମ୍ଭ ହେଲା ପରେ ହିଁ ଯେତେବେଳେ ଘନିଷ୍ଠ ଭାବେ ଯାତାୟତ ଲାଗିରହିଲା, ବାବାଙ୍କର ସ୍ନେହ ଆପଣଙ୍କ ଉପରେ ପଡ଼ିଲା, ସେତେବେଳେ ସେ ମୋତେ ବିଶେଷ ସଂଯତ ହେବାକୁ କହିଦେଇଥିଲେ। ଏକଥା ଜାଣି ରଖନ୍ତୁ, ସେଇଥିପାଇଁ ଏଥର ମୋତେ ଗୁଆହାଟିକୁ ସାଙ୍ଗରେ ନେଇଗଲେ ନାହିଁ, କେବଳ ଏହି କାରଣରୁ ଯେ ସେଠାକୁ ପାଞ୍ଚଲୋକ ଆସିବେ, କାହାକୁ ବାକ୍ୟବାଣରେ ଯଦି କିଛି ଅସଙ୍ଗତ କଥା କହିପକାଇବି, ବର୍ତ୍ତମାନ ଯେପରି ଆପଣଙ୍କୁ କହିପକାଇଲି।''

ମୁଁ କହିଲି, ''ଆଘାତ ହୁଏତ କିଛି ଲାଗିଛି । ନିଜର ଦୋଷତ୍ରୁଟୀ କଥା ଜଣଙ୍କ ମୁହଁରୁ ସ୍ପଷ୍ଟ ଖୋଲାଖୋଲି ଶୁଣିଲେ ସାଧାରଣତଃ ଆତ୍ମାଭିମାନରେ ଟିକିଏ ଏପରି ସମସ୍ତଙ୍କୁ ତ' ଲାଗିବ—ସେହି ହିସାବରେ ଆଘାତ, ନ ହେଲେ ମିଥ୍ୟା ତ ଆପଣ ଟିକିଏ ହେଲେ କହି ନାହାନ୍ତି । ତଦ୍ୱାରା ଆପଣଙ୍କ ଉପରେ ମୋ' ଶ୍ରଦ୍ଧା ତିଳେମାତ୍ର ମ୍ଳାନ ହୋଇନାହିଁ ।''

''ମୋ' ଉପରେ ପୁଣି କାହାର ଶ୍ରଦ୍ଧା ତିଳେମାତ୍ର ଅଛି ନା କ'ଣ ? ଚଣ୍ଡାଳ କନ୍ୟା, ନିଚ ଜାତି ପରା...''

ମୁଁ କହିଲି, ''ଏ ଆକ୍ଷେପ ଆପଣଙ୍କର କାହିଁକି ହେବ ? ପୁଣି ଜାତି ପ୍ରଥା ମାନିଲେ ମଧ୍ୟ ମୁଁ ଆପଣଙ୍କୁ ଯେତେବେଳେ ଶ୍ରଦ୍ଧା କରିବସିଛି, ସେତେବେଳେ ମୋତେ ଏସବୁ କଥା କାହିଁକି କହୁଛନ୍ତି ? ମୁଁ ତ ଆପଣଙ୍କୁ ଚଣ୍ଡାଳ ବୋଲି ହେୟ ଭାବରେ ବା ହୀନ ଚକ୍ଷୁରେ ଦେଖି ନାହିଁ— ତାହା ତ ଆପଣ ଭଲ ଭାବେ ଜାଣନ୍ତି ।''

ଶୁଣିଦେଇ ଏଲୋକେଶୀ କହିଲେ, ''ବାବାଙ୍କ ମୁହଁରୁ ଶୁଣିଛି, ଜ୍ଞାନମାର୍ଗର ବ୍ୟକ୍ତି ଆପଣ— ଖୋଲାଖୋଲି ଭାବର କଥାକୁ ଆପଣ ପସନ୍ଦ କରନ୍ତି । ସେଥିଲାଗି ଭଲପାଆନ୍ତି, ଆଉ ସେହି ଉଦ୍ଦେଶ୍ୟ ନେଇ ଆସିଛନ୍ତି, ସେଥିରେ ଯଦି ଟିକିଏ ଖୋଲାଖୋଲି କିଛି କହେ, କିଛି ମନେକରିବେ ନାହିଁ ତ ?''

କଥାଟା ଶୁଣି ମୋ' ମନରେ ଏକ ଅଜ୍ଞାତ ଭୟ ଉଦ୍ରେକ ହେଲା । ପୁଣି କିଛି ଆଘାତ କେଉଁଆଡୁ ଆସିବ—ଏହି ନାରୀଟି ଭିତରେ ସଙ୍କୋଚ ବୋଲି କିଛି ଭାବ ଆଦୌ ନାହିଁ । ପୂର୍ବରୁ ତାହା ଜାଣିଥିଲି, ଏବେ ପୁଣି ଭଲ ଭାବେ ଜାଣିନେଲି, ଅଥଚ ଦେଖିଲି ଏ କ୍ଷେତ୍ରରେ ଚେଷ୍ଟା କରି ହିଁ କଥାକୁ ଆଉ ଅନ୍ୟ ଆଡ଼କୁ ବୁଲାଇଦେବା ଚଳିବ ନାହିଁ । ଏଣୁ କହିଲି, ''କୁହନ୍ତୁ ।''

ଆପଣ ଶ୍ରଦ୍ଧା କରିଛନ୍ତି କହିଲେ, ସେଥିଲାଗି ପଚାରୁଛି, ''ଶ୍ରଦ୍ଧା କେଉଁଥି ଲାଗି ? ମୋ' ଦେହ ସମ୍ବନ୍ଧରେ ନୁହେଁ ତ ?''

ଇଏ ଯେ ଏକବାର ବଜ୍ରପାତ ! ଶୁଣିନେଇ ମୁଁ ଅବାକ୍, ସ୍ତମ୍ଭିତ ହୋଇଗଲି । କିନ୍ତୁ ତତ୍‌କ୍ଷଣାତ୍ ମୋ' ମନକୁ ଆସିଲା, କହିବି ଯେ ଆପଣ ବୋଧହୁଏ ଜାଣନ୍ତି ନାହିଁ, ମୁଁ ବିବାହିତ, ଘରେ ମୋ'ର ସ୍ତ୍ରୀ ଅଛନ୍ତି ରୂପଯୌବନରେ ସେ ଆପଣଙ୍କ ତୁଳନାରେ କିଛି କମ୍ ନୁହନ୍ତି, ତାଙ୍କ ପ୍ରତି ପ୍ରୀତି ଓ ଭଲପାଇବା ମୋ'ର କମ୍ ନୁହେଁ । ଆଉ ମୁଁ ଗୃହତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରି ଘୁରିବୁଲୁନାହିଁ—ମୋ' ଗ୍ରାର୍ହ୍ୟସ୍ଥ ଧର୍ମରେ ମନୁଷ୍ୟତ୍ୱର ପଥ ମଧ୍ୟ ଖୋଲା ଅଛି, ଇତ୍ୟାଦି । କିନ୍ତୁ ସେକଥା କହିଲି ନାହିଁ । ଚୁପ୍ ହୋଇ ରହିଲି ।

କିଛି କହିବାକୁ ଯାଇ ନ କହିବାରୁ ଏଲୋକେଶୀ କହିଲେ, ''ଏ କ୍ଷେତ୍ରରେ ଏହା ସହଜ, ଆଉ ସ୍ୱାଭାବିକ—ସେଥିଲାଗି ଆପଣଙ୍କୁ ପଚାରୁଛି । ଆପଣଙ୍କ ବୟସ ତ ବେଶୀ ନୁହେଁ, ଆପଣଙ୍କ ପକ୍ଷରେ ତ୍ରୁଟୀ କରିବା ଭୟାନକ ଅନ୍ୟାୟ, ଅବା ଏହା ଅସ୍ୱାଭାବିକ

ନୁହେଁ, ଅଘଟଣ ମଧ୍ୟ ନୁହେଁ, କିମ୍ବା ବିଚିତ୍ର ମଧ୍ୟ ନୁହେଁ– ଏ କଥାକୁ ତ ସ୍ୱୀକାର କରନ୍ତି ?'' ଏହାର ମଧ୍ୟ କିଛି ପ୍ରତିବାଦ କଲିନାହିଁ ଦେଖି ଏଲୋକେଶୀ ପୁଣି କହିଲେ,–''୪୫, ୪୮, ୫୨, ୫୫ ବର୍ଷର ମାନ୍ୟଗଣ ଧାର୍ମିକ ପ୍ରୌଢ଼ ଗୃହୀ ଲୋକମାନଙ୍କର ମୋ ଦେହ ପ୍ରତି ଯଦି ଅତିରିକ୍ତ ଶ୍ରଦ୍ଧାର ଆକର୍ଷଣ ରହିଥାଏ, ଅଥଚ ଏଆଡ଼େ ଯଦି ସେମାନେ ମୋତେ ମା' କହି ସମ୍ବୋଧନ କରନ୍ତି, ସେମାନଙ୍କୁ କ'ଣ କହିବେ ?''

ମୁଁ କହିଲି, ''ମୋ'ର ଧାରଣା, ଇନ୍ଦ୍ରିୟ ରାଜ୍ୟରେ ମଣିଷ ଆଉ ପଶୁ ଭିତରେ କେବଳ ଗୋଟିଏ ପ୍ରଭେଦ ଅଛି–ତାହା ହେଲା ସଂଯମ ।''

ଶୁଣିନେଇ ଏଲୋକେଶୀ ତତ୍‌କ୍ଷଣାତ୍ ଉତ୍ତର ଦେଲେ, ''ଏତେବଡ଼ ଏକ ଜାତିର ସବୁ ସ୍ତରରେ ତାହା ଆମେ ଆଶା କରିପାରୁ ନାହୁଁ ।''

ମୁଁ କହିଲି, ''ଭୈରବୀ ନାରୀଙ୍କୁ ମା' ବୋଲି ଡାକିବା, ପୁଣି ଅନ୍ୟ କ୍ଷେତ୍ରରେ ଓ ବ୍ୟବହାରରେ ରମଣୀ ସମ୍ବନ୍ଧ, ଏହି ଅଦ୍ଭୁତ ବ୍ୟବହାର ତ ଆପଣଙ୍କ ତନ୍ତ୍ରଧର୍ମର ପ୍ରଚଳିତ ନୀତି, ମୁଁ ଏହା ଅନେକ କ୍ଷେତ୍ରରେ ଦେଖିଛି ।''

ଶୁଣିଦେଇ ଏଲୋକେଶୀ କହିଲେ, ''ତା'ହେଲେ ଆପଣଙ୍କର ଜାଣିରଖିବା ଉଚିତ୍, ମୋ' ସଙ୍ଗେ ସେ କ୍ଷେତ୍ରରେ କୌଣସି ସମ୍ବନ୍ଧ ହିଁ ନ ଥାଏ ।''

କହିଲି, ''ତାହା ଜାଣେ, ଆଉ ସେଥିଲାଗି ଆପଣଙ୍କୁ ଏକଥା କହିବାକୁ ସାହସ କରିଛି । ଦେଖନ୍ତୁ, ବାହାରର ପ୍ରଭାବ ଆମେ ଏଡ଼ାଇ ପାରୁ ନା, ଆପଣଙ୍କ ଗୁଣ ସହ ରୂପକୁ ଅଲଗାଭାବେ ଚିନ୍ତା କରିପାରୁ ନା, ଆପଣଙ୍କ ଗୁଣ ଠାରୁ ରୂପକୁ ଅଲଗା କରି ଦେଖାଇବା ମଧ୍ୟ ସ୍ୱାଭାବିକ ନୁହେଁ–କାରଣ ତା'ର ମଧ୍ୟ ଏକ ପ୍ରଭାବ ରହିଛି ତ' ? ଗୁଣଗ୍ରାହୀ କୌଣସି ମଣିଷର ଦୃଷ୍ଟିରେ ଜଣକର ରୂପ ତା'ର ଗୁଣକୁ ଉଜ୍ଜ୍ୱଳ କରି ଦେଖାଇଥାଏ– ଏହା ମଧ୍ୟ ଦେଖିଚି ଯେ ଗୁଣବାନ ବ୍ୟକ୍ତିଙ୍କ ଗୁଣର ପ୍ରଭାବରେ ତାଙ୍କର କୁଶ୍ରୀଟା ମଧ୍ୟ ଅନେକ ସମୟରେ ସୁଶ୍ରୀ ହୋଇ ପ୍ରତିଭାତ ହୋଇଥାଏ । ଅସଲ କଥା, ଆମମାନଙ୍କର ଦେଖିବାଶୁଣିବା, ବ୍ୟବହାର, ସବୁକାର୍ଯ୍ୟରେ ଅନେକ ଭାବରେ ମନର ପକ୍ଷପାତ ଅଥବା କଳ୍ପନା ରହିଥାଏ–ସାଧାରଣ ମଣିଷଙ୍କର ପ୍ରକୃତି ହିଁ ଏହିପରି, ଏକଥା ଆପଣ ମଧ୍ୟ ସ୍ୱୀକାର କରନ୍ତି କି ?''

''ହଁ, ସ୍ୱୀକାର କରେ । ଆଚ୍ଛା କୁହନ୍ତୁ ତ ଏଥର, ଆପଣ ମୋ' ଠାରୁ କ'ଣ ଜାଣିବାକୁ ଚାହାନ୍ତି ?''

ମୁଁ କହିଲି, ''ଯାହା ସତ୍ୟ, ତାହା ହିଁ ଜାଣିବାକୁ ଚାହେ । ତା' ପୂର୍ବରୁ ଆଜି ଏବେ ପୁଣି ଏକ ପ୍ରଶ୍ନ ଉଠୁଛି, ତାହା ପ୍ରଥମେ ପଚାରୁଛି– କୁହନ୍ତୁ ତ, ଆପଣ ଆମ ଦେଶର ପୁରୁଷମାନଙ୍କୁ ଏତେ ଘୃଣା କରନ୍ତି କାହିଁକି ?''

"ପ୍ରଥମରୁ ଏପରି ନ ଥିଲା, ଆମ ଗ୍ରାମରେ ମୁସଲମାନମାନେ ହିନ୍ଦୁଘରର ସ୍ତ୍ରୀ ମାନଙ୍କୁ ଜୋର କରି ଧରିନେଇ ଯେଉଁ ଭାବରେ ଅତ୍ୟାଚାର କରନ୍ତି, ତାହା ଆପଣଙ୍କର କୋଲକାତାର ଯେଉଁମାନେ ସମାଜପତି, ସେମାନେ ଗ୍ରାମର ଏହିସବୁ ଅତ୍ୟାଚାର କଥା ଖବର କାଗଜରୁ ପଢ଼ନ୍ତି, ଅନେକେ ମଧ ପଢ଼ନ୍ତି ନାହିଁ ଏକଥା ମୁଁ ଜାଣିଛି, ଏସବୁ କଥା ସେମାନେ ଜାଣିବାକୁ ଚାହାନ୍ତି ନାହିଁ । ବସ୍ତୁତଃ ଆପଣମାନଙ୍କର କୌଣସି ଧାରଣା ମଧ ନାହିଁ ଯେ ଆମ ପୂର୍ବବଙ୍ଗରେ ଯେଉଁମାନଙ୍କର ସଂଖ୍ୟା ଅଧିକ, ହିନ୍ଦୁ ସମାଜର ମହିଳାମାନଙ୍କ ଉପରେ, ସେମାନଙ୍କ ସମାଜର କି ଅଭୂତ ଅତ୍ୟାଚାର ! ଏଯାବତ୍ ହିନ୍ଦୁମାନେ ତା'ର କୌଣସି ପ୍ରତିକାର କରିବାକୁ ସମବେତ ହୋଇ ଚେଷ୍ଟା କରିନାହାନ୍ତି । ଆଉ ମୋର ସର୍ବାଙ୍ଗ ଜଳିଯାଏ, କାପୁରୁଷମାନେ ଏଥିଲାଗି ଅଦାଲତରେ ନାଲିଶ ମୋକଦମା କରିବାର ଦେଖି । ସେଥିରେ କେହି କେହି ଫସିଯାଆନ୍ତି, କେହି ଆସାମୀ ମାସେ ଦୁଇମାସ ଜେଲ୍ ଖଟିଥାଏ— ତା'ପରେ ଫେରିଆସି ପୁଣି ସେହି ଧର୍ମ-କର୍ମରେ ମନ ଦିଏ । ଆଉ ଯେଉଁ ପୋଡ଼ାକପାଳୀଙ୍କୁ ପୂରା ଘରୁ ନେଇଗଲେ, ତାକୁ ଆଉ ଘରେ ସ୍ଥାନ ମିଳେ ନାହିଁ—ତାକୁ ହୁଏତ ବାଧ ହୋଇ ମୁସଲମାନ ଘରକୁ ଯିବାକୁ ପଡ଼େ, ନ ହେଲେ ବେଶ୍ୟାବୃତ୍ତି କରିବାକୁ ପଡ଼ିଥାଏ । ବ୍ରାହ୍ମଣ ସମାଜପତିମାନେ ଏ ବିଧାନକୁ କିପରି ବରଦାସ୍ତ କରିପାରନ୍ତି ! ପୃଥିବୀର କୌଣସି ସଭ୍ୟ ଦେଶରେ ଏପରି ବିଧାନ କ'ଣ ଅଛି, କହି ପାରିବେ ?"

ମୁଁ କିଛି କହିଲି ନାହିଁ । ଜାଣିନେଲି, ଏହି ସକଳ ମର୍ମସ୍ଥଳ-ବିକ୍ଷୁବ୍ଧ ଅନୁଭୂତିର ଖରସ୍ରୋତ ପ୍ରବଳ ଧାରାରେ ପ୍ରବାହିତ ହେଉଛି । ମୋତେ ନିରୁତ୍ତର ଦେଖି ସେ ପୁଣି କହିଲେ, "ମୁଁ ପୁଲିସ୍ ବା ସରକାରୀ ଅଦାଲତର ରକ୍ଷାକବଚ-ପ୍ରତିକାର ଚାହେ ନାହିଁ, ବୁଝି ପାରୁଥିବେ । ସତରେ ଘୃଣା କରେ ମୁଁ, ଏ ଦେଶର ପୁରୁଷମାନଙ୍କୁ । ଅତି ବେଶୀ କାପୁରୁଷ ନ ହେଲେ ଅନ୍ୟର ମୁହଁକୁ ଅନେଇ ରହିବାର ପ୍ରବୃତ୍ତି ହେବ କାହିଁକି ? ଆଚ୍ଛା, କହିପାରିବେ, ଏମାନେ ବିବାହ କରନ୍ତି କାହିଁକି ? କେଉଁ ଲଜ୍ଜାରେ ସ୍ତ୍ରୀ ଗ୍ରହଣ କରିଥାନ୍ତି, ଯଦି ତାହାକୁ ରକ୍ଷା କରି ନ ପାରିବେ ?" ମୁଁ ନିରୁତ୍ତର । ସେ କହିଚାଲିଲେ, "ନାରୀକୁ ଅପମାନରୁ ବଞ୍ଚାଇବାକୁ ଯାଇ ମରିଯାଆନ୍ତି ନାହିଁ କାହିଁକି ଏମାନେ !"

ଦେଖିଲି, ସେ କ୍ରମେ ଉତ୍ତେଜିତ ହୋଇଉଠିଛନ୍ତି । ମୁଁ ଶାନ୍ତ ଭାବରେ କହିଲି, "ମୁଁ ଯେତେବେଳେ ଏହିପରି ଦୁଇଟି ସମାଜର ଅପରାଧ ସମ୍ପର୍କରେ କୌଣସି ବିଷୟରେ ମୂଳରୁ ଅନୁସନ୍ଧାନ କରେ..."

ବାଧା ଦେଇ ସେ କହିଲେ, "ହଁ ହଁ, ଆପଣଙ୍କ କଥା ବୁଝୁଛି ଆପଣଙ୍କ ଭିତରେ ସଭ୍ୟ ଜାତିର ସଂସ୍କୃତିର ଗାରିମା ଟିକିଏ ଅଛି ତ, ତେଣୁ ଏତେ ବେଶୀ ଉଦାର ଭାବ ପୋଷଣ କରି ପାରିଛନ୍ତି । ପଶୁ ସମାଜ ଆଉ ମନୁଷ୍ୟ ସମାଜକୁ ଯେଉଁଠାରେ ଏକସଙ୍ଗରେ ବାସ କରିବାକୁ ହୁଏ, ସେଠାରେ ସେପରି ମନୋଭାବ କେବେହେଲେ କାମରେ ଲାଗିପାରେ ନାହିଁ ।"

ମୁଁ କହିଲି, ''ସେଇଟା ହିଁ ତ ମୁଁ ବୁଝିବାକୁ ଚାହିଁଛି ଆପଣଙ୍କ ଠାରୁ । ଆପଣଙ୍କୁ ତ ଭଲ ରୂପେ ଜଣା ଏବଂ ଆପଣ କହିଦେଇ ପାରିବେ ଏହାର ପ୍ରତିବିଧାନ କଥା ।''

ଉତ୍ତେଜନା ତାଙ୍କର ଆଉ କମ୍ ହେଲା ନାହିଁ, ବରଂ ଗୋଟାଏ ଡିଗ୍ରୀ ବଢ଼ିଗଲା– କହିଲେ, ''ପଶୁଙ୍କର ରୋଗରେ ମଣିଷଙ୍କ ରୋଗର ଔଷଧ ଦେଲେ ଚଳିବ ନାହିଁ, ତାଙ୍କ ଲାଗି ତାଙ୍କର ଧାତୁ ଗ୍ରାହ୍ୟ ହେଲା ପରି ଔଷଧ ହେବା ହିଁ ପ୍ରୟୋଜନ ।''

''ଆପଣଙ୍କର ସେହି ପ୍ରେସ୍‌କ୍ରିପ୍‌ସନ୍‌ଟା କ'ଣ, ତାହା ଶୁଣିବାକୁ ଧୈର୍ଯ୍ୟ ଧରି ଅଛି ଯେ...''

''ଟୁଥ୍ ଫର ଏ ଟୁଥ୍, ନେଲ୍ ଫର୍ ଏ ନେଲ୍–ବାଇବେଲର କଥା ଜାଣି ନାହାନ୍ତି ।'' ଏଲୋକେଶୀ ମିଶନାରୀଙ୍କର ସ୍କୁଲରେ କିଛିଦିନ ଧରି ପଢ଼ିଥିଲେ ତ' ।

ମୁଁ କହିଲି, ''ଯେଉଁମାନେ ବାଇବେଲ୍ ତତ୍ତ୍ୱଦର୍ଶୀ ଶ୍ରେଣୀର, ସେମାନେ କ'ଣ କହନ୍ତି, ତାହା ମଧ୍ୟ ଆପଣ ଜାଣନ୍ତି । ସେଥିରେ ରୋଗର ବିଷ ବା ଅଗ୍ନି ନିର୍ବାପିତ ହୋଇପାରେ ନାହିଁ, ଜଳାଇ ରଖିବାରେ ସାହାଯ୍ୟ କରେ, ଫଳରେ ସମାଜ ଅଧଃପତନ ଆଡ଼କୁ ଚାଲିଯାଏ । ଏକଥା ଆପଣ କେବେହେଁ କ'ଣ ଅନୁଭବ କରିନାହାନ୍ତି ?''

ମୋ'ର କଥା ଶେଷହେବାମାତ୍ରେ ଭୈରବୀ ମୁହଁଫେରାଇ ବିପରୀତ ଦିଗକୁ ଦେଖିଲେ । ଅଶ୍ରଦ୍ଧା ଭାବ ଛଡ଼ା ତାଙ୍କର ଏପରି ବ୍ୟବହାରର ଆଉ କୌଣସି ଅର୍ଥ ହେବ ନାହିଁ । ତତ୍‌କ୍ଷଣାତ୍ କ'ଣ ଭାବିନେଇ ପୁଣି ମୋ' ଆଡ଼କୁ ତୀବ୍ର ଦୃଷ୍ଟିରେ ଅନାଇ ତିରସ୍କାର ସ୍ୱରରେ କହିଲେ, ''କରେ କରେ– ମୁଁ ନିଶ୍ଚୟ ହିଁ କରିଥାଏ । ଜାଣିରଖନ୍ତୁ ଆପଣ, ଅନ୍ତତଃ ଥରେ ମାତ୍ର ମୁଁ ଚାହେଁ ଏ ଦେଶର ହିନ୍ଦୁ ସମାଜ ଏତେଟା ଅଧଃପତନକୁ ଚାଲିଆସୁ । ଚାହେଁନା ଏତେ ଉଚ୍ଚ ଆଦର୍ଶର ବଡ଼େଇ, ଏଇସବୁ ନରପଶୁ ଲୋକଙ୍କ ସହ ବ୍ୟବହାର ବେଳେ । ସଙ୍ଘବଦ୍ଧ ହୋଇ ଦେଖାଇ ଦିଅନ୍ତୁ ସେହି ରୋଗର ଔଷଧ, ଯାହା ସେମାନଙ୍କ ହାତରେ ରହିଛି ଏବଂ ତାକୁ କିପରି ପ୍ରୟୋଗ କରିବାକୁ ହେବ, ସେମାନେ ଜାଣିଛନ୍ତି । କିନ୍ତୁ ମୁଁ ଏ କଥା ଜାଣେ ଯେ ତାହା ପ୍ରୟୋଗ କରିବାକୁ ଦେବେନାହିଁ ଆପଣମାନେ, କେବଳ ଦୁଇଟି କାରଣରୁ–ଆପଣମାନେ ହିଁ ସେଥିରେ ବାଦ ସାଧିଆସିଛନ୍ତି ବରାବର ।

ମୁଁ ଅବାକ୍ ହୋଇ କହିଲି, ''ଆମେମାନେ ହିଁ ଯେ ବାଦସାଧିବୁ, କେଉଁ ଦୁଇଟି କାରଣରୁ, ତା' ଜାଣିବାକୁ ଆଗ୍ରହ ପ୍ରକାଶ ନ କରି ରହିପାରୁ ନାହିଁ ।''

ଏଲୋକେଶୀ କହିଲେ, ''ସ୍ୱୀକାର କରିପାରିବେ, ଯଦି କୁହେ ଧର୍ମ ନାମରେ ପ୍ରବଳ ହିଂସାପରାୟଣତା, ନାରୀଧର୍ଷଣ, ହିନ୍ଦୁଙ୍କର ଧନ-ସମ୍ପତ୍ତି ଲୁଣ୍ଠନ, ପୈଶାଚିକ ବର୍ବରତା ନିକଟରେ ହିନ୍ଦୁ ସମାଜର ପରାଜୟ, ଆଉ ସେହି ଗ୍ଲାନିହିଁ ହିନ୍ଦୁଙ୍କ ମନରେ ଏକ ବିଜାତୀୟ ଘୃଣାଭାବ ସୃଷ୍ଟି କରି ସେମାନଙ୍କୁ ଅସ୍ପୃଶ୍ୟ ଠାରୁ ଅସ୍ପୃଶ୍ୟ କରି ରଖିଛନ୍ତି ହିନ୍ଦୁ ସମାଜରେ–

କୁହନ୍ତୁନା, ସେମାନଙ୍କ ଉପରେ ହିନ୍ଦୁଙ୍କର ଯେଉଁ ଘୃଣାଭାବ, ତା'ର କ'ଣ କିଛି ତୁଳନା ଅଛି ?'' ମୁଁ ନିରୁତ୍ତର ରହିଲି ।

''ପ୍ରମାଣ ଚାହାନ୍ତି ?'' ପୁଣି ସେ ନିଜେ କହିବାକୁ ଲାଗିଲେ, ''ସହଜ ପ୍ରମାଣ ଦେଉଛି, ଘର ଜଳାଇବା, ଧନ ଲୁଣ୍ଠନ, ହିନ୍ଦୁ ନାରୀଙ୍କୁ ଧର୍ଷଣ କରିବାରେ ତ ସେମାନଙ୍କର ଧର୍ମର ବଢ଼େଇ କରାହୁଏ—ଏକଥା ତ ଜାଣିଥିବେ । ଆଚ୍ଛା, ହିନ୍ଦୁଙ୍କ ତରଫରୁ ମୁସଲମାନଙ୍କୁ ହତ୍ୟା, ମୁସଲମାନଙ୍କ ଘରେ ଅଗ୍ନିସଂଯୋଗ, ଲୁଣ୍ଠନ ଏସବୁ କଥା ହୁଏତ ଅନେକ ଶୁଣିଥିବେ; କିନ୍ତୁ କୌଣସି ହିନ୍ଦୁ ଭଦ୍ର-ସମାଜର କଥା ଛାଡ଼ି ଦେଉଛି, ନିମ୍ନସ୍ତରର ହିନ୍ଦୁ କେହି କେବେ କୌଣସି ମୁସଲମାନର ସ୍ତ୍ରୀମାନଙ୍କୁ ଧରି ପଶୁବୃତ୍ତି ଚରିତାର୍ଥ କରିବାର ପରାକାଷ୍ଠା ଦେଖାଇଛି, ଏପରି ଦୃଷ୍ଟାନ୍ତ ଦେଖେଇ ପାରିବେ କି ? ସେମାନଙ୍କର ଏତେ ଘୃଣା ଯେ ନାରୀ ପର୍ଯ୍ୟନ୍ତ ନିମ୍ନତମ ହିନ୍ଦୁ ପାଖରେ ମଧ୍ୟ ଅସ୍ପୃଶ୍ୟ ହୋଇ ରହିଛନ୍ତି । ବୋଧହୁଏ ଗୋଟିଏ ସମାଜର ଉଚ୍ଚ ବର୍ଗ ଠାରୁ ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ଘନିଷ୍ଠ ପ୍ରତିବେଶୀର ଆଉ ଏକ ସମାଜ ଉପରେ ଏତେ ବେଶୀ ପ୍ରବଳ ଘୃଣାର ଦୃଷ୍ଟାନ୍ତ ପୃଥିବୀରେ ଆଉ କେଉଁଠି ନାହିଁ । ଅବଶ୍ୟ ଏମାନଙ୍କ ଭିତରୁ ଯେଉଁମାନେ ଭାରତର ବାହାରେ ସ୍ୱାଧୀନ ଦେଶରେ—ଇଉରୋପ୍, ଆମେରିକା ଭ୍ରମଣର ସୁଯୋଗ ପାଇଛନ୍ତି ସେମାନଙ୍କ କଥା ଅଲଗା । ଜାତିର ଗୋଡ଼ାଣିଆ କଥା ହୁଏତ ସେମାନଙ୍କର ନ ଥିବ ।''

ମୁଁ କହିଲି, ''ତା'ହେଲେ ଆମ ପଡ଼ାର ଦୁଲାଲ୍ ମିଆଁ, ଯୁଧିଷ୍ଠିର ମିଆଁ—ସେମାନଙ୍କର ପୁଅମାନେ କାର୍ତ୍ତିକ, ମାନିକ୍ ଏହିସବୁ ଛୋଟ ଛୋଟ ମିଆଁମାନେ ମଧ୍ୟ ଆମ ଘରର ପିଲାପିଲିଙ୍କ ସଙ୍ଗେ ହାଟ-ବଜାରରେ ଘନିଷ୍ଠ ଭାବରେ ମିଳାମିଶା କରନ୍ତି, ସେକଥା ଦେଖିବାକୁ ପାଇଥାଏ—''

''ସେମାନେ, ଯେପରି ହେଉ, ମୁସଲମାନ ହୋଇ ପରେ ହିନ୍ଦୁ ସମାଜର ମୋହ ରଖିଛନ୍ତି, କିନ୍ତୁ କାମର ମୋହ କାଟି ପାରି ନାହାନ୍ତି । ଏହା ହିଁ ବୁଝିବାକୁ ପଡ଼ିବ । ସେ କଥା ଥାଉ, ଏବେ କହନ୍ତୁ ତ ଦେଖି, ଏତେ ବେଶୀ ଘୃଣା ଅସ୍ପୃଶ୍ୟତା ଫଳରେ ହିନ୍ଦୁଙ୍କର କ'ଣ ଲାଭ ହୋଇଛି ? ଲାଭଟା ଏତେଦିନ ଧରି ଏକତ୍ର ବାସକରିବା ପରେ ମଧ୍ୟ ସେହିପରି—ଅସ୍ୱାଭାବିକ ଜାତି-ବିଦ୍ୱେଷର ଭିତ୍ତି ନେଇ ପୁନଃ ପୁନଃ ଆକ୍ରମଣ, ଉଭୟ ପକ୍ଷର ଭେଦବୁଦ୍ଧି ଦୃଢ଼ କରି ତୃତୀୟ ପକ୍ଷର ଉଦ୍ଦେଶ୍ୟ ସିଦ୍ଧ କରିଛି ରାଜନୀତି କ୍ଷେତ୍ରରେ—ନୁହେଁ କି ?''

ଉତ୍ତରରେ ମୋ'ର କିଛି କହିବାର ନଥିଲା, କେବଳ କହିଲି, ''ପ୍ରଥମ କାରଣଟି ତ ଶୁଣିଲି, ଏବେ ଦ୍ୱିତୀୟ କାରଣଟା କ'ଣ, କହନ୍ତୁ ତ ?''

ଏଥର ଏଲୋକେଶୀ ଭୈରବୀ ଆସନ ପରିବର୍ତ୍ତନ କଲେ,ଗରୁଡ଼ାସନ ଉପବେଶନ କରି ବାମ ହସ୍ତ ଉପରେ ଊର୍ଦ୍ଧ୍ୱସ୍ଥ ଶରୀରର ଭାର ରଖିଦେଇ, ଏକାସନରେ ଅନେକକ୍ଷଣ ଯାଏ ବସିବା ପରେ, କ୍ଳାନ୍ତ ହୋଇ ଯେପରି ସ୍ତ୍ରୀଲୋକମାନେ ବସନ୍ତି, ସେହିପରି ବସି

ସାରି କହିଲେ, ''ଆପଣଙ୍କର ହିନ୍ଦୁସମାଜ ସଭ୍ୟତାର ଜାତୀୟ ପବିତ୍ରତାରେ ପ୍ରବଳ ବିଶ୍ୱାସୀ, ପୁଣି ଆତ୍ମଧର୍ମରେ ଶ୍ରେଷ୍ଠ ଦାର୍ଶନିକତାର ଗାରିମା ଓ ସେହି କାରଣରୁ ଏକ ଜାତିଗତ ପବିତ୍ରତାର ଦମ୍ଭ ତାଙ୍କର ଏତେ ବେଶୀ ଯେ ଜଗତ ଚକ୍ଷୁରେ ତାହା ହୃଦୟହୀନତାର ପରିଚୟ ହେଲେ ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ ନାହିଁ । ମୁସଲମାନଦ୍ୱାରା ଧର୍ଷିତା କେଉଁ ମହିଳା ସମ୍ପୂର୍ଣ୍ଣ ନିରପରାଧିନୀ, ମନେମନେ ଯେତେ ନିର୍ମଳ ହୋଇଥାନ୍ତୁ ନା କାହିଁକି, ସମାଜରେ ତା'ର ଆଉ ସ୍ଥାନ ନାହିଁ । ତା'ର ସ୍ୱାମୀ ଇଚ୍ଛାକଲେ ମଧ୍ୟ ତାକୁ ଘରକୁ ଫେରାଇ ଆଣିପାରେ ନାହିଁ । ଏକ ପ୍ରାଚୀନ ଜାତିର ଏପରି ସାମାଜିକ ଓ ପାରିବାରିକ ପବିତ୍ରତା ରକ୍ଷାକରିବାର ଗାରିମା—ବିଶ୍ୱଜଗତର ସବୁ ସମାଜରେ ଅର୍ଥହୀନ—ଦୁର୍ବିସହ ହେଲେ ମଧ୍ୟ ହିନ୍ଦୁସମାଜରେ ଏହା ଏବେ ମଧ୍ୟ ଅବାଧରେ ଚାଲୁଛି । ଏକ ଅନ୍ତଃସାରଶୂନ୍ୟ ଦାମ୍ଭିକ ସମାଜ ଆଉ କେଉଁଠାରେ ଦେଖିଛନ୍ତି ?''

ମୁଁ କହିଲି, ''ଦମ୍ଭ !''

ଏଲୋକେଶୀ ଦୃଢ଼ ସ୍ୱରରେ କହିଲେ, ''ହଁ ହଁ, ଦମ୍ଭ ହିଁ ତ' । ବାହ୍ୟ ଭାବଟା ଯେପରି ପବିତ୍ରତା ରକ୍ଷା, କିନ୍ତୁ ମୂଳରୁ ହିଁ ପ୍ରାଚୀନ ଜାତୀୟ ସଂସ୍କୃତିର ଦମ୍ଭ ନୁହେଁ ତ ଆଉ କ'ଣ ? ଅସଲ କଥା, ତାହା ଶକ୍ତିହୀନତାର ନିଷ୍ଫଳ ଆକ୍ରୋଶ ମାତ୍ର—ପ୍ରାଚୀନ ଜାତୀୟ ଗାରିମାର କେବଳ ସ୍ମୃତି ମାତ୍ର । ଅପର ପକ୍ଷେ ପଶୁଦଳର ପ୍ରତିରୋଧ କରିବାରେ ତାହା ଚରମ ଦୁର୍ବଳତାର ନାମାନ୍ତର, ନୈତିକ ଅଧଃପତନର ଗ୍ଲାନି ବ୍ୟତୀତ ଆଉ କିଛି ନୁହେଁ । ତା'ର ଭାବ ଓ ଭାଷା ଏହି ଯେ ଆମର ହିନ୍ଦୁସମାଜ ଏତେ ଉଚ୍ଚ ଆଉ ମୁସଲମାନ୍‌ମାନେ ଏତେ ବେଶୀ ପାପୀ, ଏତେ ହୀନ ଓ ଆମ ନିକଟରେ ଏତେ ଘୃଣ୍ୟ ଯେ ଆମର ଧର୍ଷିତା ସ୍ତ୍ରୀ-ଲୋକ ନିର୍ଦ୍ଦୋଷ, ନିରପରାଧିନୀ ହେଲେ ମଧ୍ୟ ତାକୁ ଉଦ୍ଧାର ଓ ଗ୍ରହଣ କରିବାକୁ ମଧ୍ୟ ପ୍ରୟୋଜନ ମନେକରୁନା, ସମାଜରେ ସ୍ଥାନ ଦେଉ ନା—ଏପରିକି କେହି ଯଦି ତାକୁ ଉଦ୍ଧାରକରି ସ୍ଥାନ ଦେଇଥାଏ, ତାକୁ ମଧ୍ୟ ଆମ ସମାଜ ବାହାର କରିଦେଇ ପବିତ୍ରତା ରକ୍ଷାକରେ । ସେଥିଯୋଗୁ ଯଦି ସେମାନେ ମୁସଲମାନ ହୋଇଯାଉଥାନ୍ତି, ହୋଇଯାଆନ୍ତୁ ହଜାର ହଜାର ସଂଖ୍ୟାରେ ଆଗରୁ ହୋଇଯାଇଛନ୍ତି, ଆଉ ଏବେ ମଧ୍ୟ ହୋଇଯାଉଛନ୍ତି । ଏହି ଘଟଣାକୁ ପବିତ୍ର ହିନ୍ଦୁସମାଜ ଗ୍ରାହ୍ୟ କରେନାହିଁ । ପ୍ରତିବିଧାନର କଥା ତ ଉପକ୍ଷେଣୀୟ, ଅର୍ଥାତ୍ ଭବିଷ୍ୟତରେ ଏପରି ଘଟଣା ଏ ସମାଜର ନାରୀମାନଙ୍କ ଉପରେ ଯେପରି ନ ହୁଏ, ସେ ବିଷୟରେ ଆଲୋଚନା କରିବାକୁ ଘୃଣାକରେ; ଏହିସବୁ କାର୍ଯ୍ୟ କେବଳ ଦେଶର ଶାନ୍ତିରକ୍ଷକମାନଙ୍କର । ସେମାନେ ନିଜନିଜର କର୍ତ୍ତବ୍ୟ କରନ୍ତୁ ବା ନ କରନ୍ତୁ, ଉଚ୍ଛନ ହୋଇ ଯାଆନ୍ତୁ, ସେଥିରେ ଆମର କ'ଣ ଯାଏଆସେ ! ଏଇ ତ ବ୍ରାହ୍ମଣ ସମାଜର ମନୋଭାବ । ଏବେ କହନ୍ତୁ, ଜଗତର କୌଣସି ମାନବସମାଜ ଏହି ମୂଢ଼ତାକୁ ବରଦାସ୍ତ କରିପାରିବ ? ନିରପରାଧୀ ମନୁଷ୍ୟଠାରୁ ସାମାଜିକ ଧର୍ମ କ'ଣ ଏତେ ବଡ଼ ?''

ମୁଁ ଏବେ କହିବି କ'ଣ ? ଏକଥା ତ ମୋର ନିଜ ମନର କଥା, ତେବେବି କହିଲି, ''ଆଚ୍ଛା ଦାନ୍ତ ବଦଳରେ ଦାନ୍ତ ଭାଙ୍ଗିବା କଥାଟା ଏବେ ଛାଡ଼ିଦିଅନ୍ତୁ–''

ଏଲୋକେଶୀ ସେକଥା ମୋତେ କହିବାକୁ ଦେବେ ନାହିଁ ବାଧାଦେଇ କହିଲେ, ''ନା ନା, ସେକଥା ଛଡ଼ାଯାଇ ପାରିବ ନାହିଁ, ଏହା ହିଁ ଔଷଧ–ଘୃଣାରେ ଅସ୍ପୃଶ୍ୟ ମନେକରି ଦୂରେଇ ରଖିବା ଠାରୁ ଏହା ଢେର ଭଲ ।''

ଏଥର ମୁଁ ଜୋର୍ ଦେଇ କହିଲି, ''ଶୁଣନ୍ତୁ ମୋ କଥାଟା । ଜଣଙ୍କର ଦାନ୍ତ ବଦଳରେ କେବଳ ଅନ୍ୟର ଦାନ୍ତ ଭାଙ୍ଗିଦେଲେ ତ ହେବ ନାହିଁ, ସଙ୍ଗେସଙ୍ଗେ ଏହି ଦାନ୍ତ ଭଙ୍ଗାଭଙ୍ଗି କାମଟା ଯେ ହେୟ ଅଧପତନର ପଥ ଓ ସମାଜ ତାକୁ ପ୍ରଶ୍ରୟ ଦେବା କୌଣସି କଥା ନୁହେଁ–ଏହି ବୁଦ୍ଧିକୁ ଜାଗ୍ରତ କରିବାର ବ୍ୟବସ୍ଥା ମଧ୍ୟ ତ କରିବାକୁ ହେବ । ତା' ନହେଲେ କ'ଣ ଉପକାର ହେବ ସମାଜର ? ଚିରକାଳ ଦୁଇଟି ସମାଜରେ ପ୍ରତିବେଶୀମାନଙ୍କ ମଧ୍ୟରେ ଏହି ଦାନ୍ତ ଭଙ୍ଗାଭଙ୍ଗି ବ୍ୟାପାର କ'ଣ ଚଳିପାରିବ–ଆପଣ କ'ଣ ଏହା ଚାହାନ୍ତି କି ? ପୁଣି ଏହି କଥାଟିକୁ ମୁଁ କହୁଛି ।''

''ମୋତେ କ'ଣ ଭାବୁଛନ୍ତି ? ମୁଁ କ'ଣ କିଛି ବୁଝୁନାହିଁ ?''

''ଆପଣ ଯେ ବୁଝୁନାହାନ୍ତି, ସେକଥା ତ ନୁହେଁ, ତେବେ ନାରୀଜାତିର ଅପମାନ ଆଉ ନିଜ ସମାଜରେ ପୁରୁଷଙ୍କର ଅକ୍ଷମତା କଥା ଭାବିଲେ ହିଁ କିଛିଟା ଆପଣଙ୍କୁ ପାଗଳ, କ୍ଷିପ୍ତ କରି ପକାଉଛି–ସେଥିଲାଗି ତ ଏହି ପ୍ରତିଶୋଧ କଥା ଉପରେ ଏତେ ଜୋର୍ ଦେଇ କହୁଛନ୍ତି । କିନ୍ତୁ ତାହା ମଧ୍ୟ ଠିକ୍ ଯେ ଦେଶର ସମସ୍ତ ମୁସଲମାନମାନେ ହିଁ ଏଥିଲାଗି ଦାୟୀ ନୁହନ୍ତି । ଏହି କାମ କରନ୍ତି ଦଳେ ଲୋକ– ସେମାନେ ନିମ୍ନସ୍ତରର–''

ପୁଣି ରୁଷ୍ଟ ହୋଇ ଏଲୋକେଶୀ କହିଲେ, ''ଏହିସବୁ ପୁରୁଣା ଛିଦ୍ର କଥା ରଖିଦିଅନ୍ତୁ, ଶୁଣିଲେ ମୋ' ଦେହ ଜଳିଯାଏ । ସେମାନଙ୍କର ସମାଜରେ ଯଦି ସମର୍ଥନ ନାହିଁ, ପ୍ରଶୟ ନାହିଁ, ତେବେ ଏ କାମ ଚାଲୁଛି କିପରି ? ଏହା କ'ଣ ବନ୍ଦ ହୋଇଛି ସେତେଦିନରୁ ? ସେହି ସମାଜର ମୁଲ୍ଲାମାନେ କ'ଣ ଦସ୍ତୁର ମତେ ଶିକ୍ଷା ଦେଉନାହାନ୍ତି ସେମାନଙ୍କୁ ଯେ ହିନ୍ଦୁମାନଙ୍କର ସର୍ବନାଶ କରିପାରିଲେ ହିଁ ଧର୍ମରେ ସେମାନଙ୍କ ସ୍ଥାନ ଖୁବ୍ ଉଚ୍ଚରେ–ସ୍ୱର୍ଗକୁ ଯିବେ ସେମାନେ ? ସତେ ଯେପରି ହିନ୍ଦୁ ଗୋଡ଼ାଣିଆ ବ୍ରାହ୍ମଣ ସମାଜର ଜାତିଗତ ପବିତ୍ରତାର ଦମ୍ଭ ! ସେମାନଙ୍କୁ ସମାଜରେ ସମର୍ଥନ ନ ମିଳୁଥିଲେ କ'ଣ ଜଣେ ହେଲେ ସ୍ତ୍ରୀକୁ ତ୍ୟାଗ କରାଯାଇପାରେ ? ମୁସଲମାନ ଧରିଛି, ଛୁଇଁଛି–ସେଥିରେ ତାହାର ଜାତି କ'ଣ ଚାଲିଗଲା ? ଆପଣଙ୍କର ମୂଢ଼ ବ୍ରାହ୍ମଣ ସମାଜ କ'ଣ ଶିଖାଇ ନାହିଁ ଯେ କେଉଁ ନାରୀକୁ ତା'ର ଇଚ୍ଛା ବିରୁଦ୍ଧରେ ମୁସଲମାନ ଧରିପକାଇଲେ ଜାତି ଚାଲିଯାଏ, ଆଉ ସେ ହିନ୍ଦୁ ସମାଜରେ ରହିପାରିବ ନାହିଁ ? ଏ ସମାଜ କ'ଣ ଏତେ ପବିତ୍ର ।''

ମୁଁ କହିଲି, ''ସେମାନଙ୍କ ସମାଜରେ ହିନ୍ଦୁଙ୍କ ଉପରେ ଶ୍ରଦ୍ଧା-ପ୍ରୀତି ରଖିବା ଦେଖି କେବେ ହେଁ ବିରୋଧ କରନ୍ତି ନାହିଁ, ଏପରି ଦୃଷ୍ଟାନ୍ତ ମଧ୍ୟ ଦେଖାଯାଇଥାଏ—ମୁଁ ସେଥିଲାଗି କହିବାକୁ ଚାହୁଥିଲି...''

ଏଲୋକେଶୀ ଟିକିଏ ବ୍ୟଙ୍ଗ ଭାବରେ କଥାର ସ୍ୱରକୁ ଅନୁକରଣ କରି କହିଲେ, ''ହିନ୍ଦୁମାନଙ୍କ ମଧ୍ୟରେ ସାମ୍ୟବାଦୀ ଆଧୁନିକ ଶିକ୍ଷିତ ବ୍ରାହ୍ମଣ ପଣ୍ଡିତମାନେ ମୁସଲମାନଙ୍କ ପ୍ରତି ତିଳେମାତ୍ର ଘୃଣା ଭାବ ପୋଷଣ କରନ୍ତି ନାହିଁ, କିନ୍ତୁ ତାହା କରି ମଧ୍ୟ ହିନ୍ଦୁମାନଙ୍କ ଘରୁ ସ୍ତ୍ରୀ ଧରିନେବାରେ କୌଣସି ବ୍ୟତିକ୍ରମ ହୋଇନାହିଁ ଏଯାବତ୍ । ଆଉ ଧର୍ଷିତା ମହିଳାମାନେ ସେମାନଙ୍କ ସ୍ୱାମୀଗୃହରେ ଅଥବା ସମାଜରେ ସ୍ଥାନ ମଧ୍ୟ ପାଇନାହାନ୍ତି ତ' !''

ମୁଁ ମଧ୍ୟ ସେହି କଥା ହିଁ ଜାଣିଥାଏ । ମୁଁ ନିରୁତ୍ତର ରହିଲି । କିନ୍ତୁ ସେ ପୁନରାୟ କହିଲେ, ''ଏବେ କ'ଣ ବୁଝିଲେ ?''

ମୁଁ ଚିନ୍ତିତ ହୋଇପଡ଼ିଲି, ସତେ ଯେମିତି କିଛି ବୁଝିନାହିଁ, ସେହିଭଳି କହିଲି, ''ମୁଁ ଆପଣଙ୍କର ମତଲବଟିକୁ ହୁଏତ ଧରିପାରିଛି, କିନ୍ତୁ ଆପଣଙ୍କର ଅସଲ ଉଦ୍ଦେଶ୍ୟଟିକୁ ଜାଣିପାରି ନାହିଁ । ଗୋଟିଏ ଦିଗରୁ 'ଟୁଥ୍ ଫର୍ ଟୁଥ୍, ନେଲ୍ ଫର୍ ନେଲ୍' କହୁଛନ୍ତି, ଅନ୍ୟ ଦିଗରୁ ହିନ୍ଦୁ ସମାଜର ବିଜାତୀୟ ଘୃଣା, ଜାତୀୟ ସଂସ୍କୃତିର ଦମ୍ଭଘଟିତ ଉପେକ୍ଷା ଫଳରେ ଯେପରି ଚାଲିଛି, ତାହା ମଧ୍ୟ କହୁଛନ୍ତି, ସେଥିରୁ କ'ଣ ବୁଝିବି କହନ୍ତୁ ?''

''ଏହା ହିଁ ବୁଝିବେ ଯେ ମୁଁ ଗୋଟିଏ ପକ୍ଷରେ ବ୍ରାହ୍ମଣ ସମାଜର ବିଜାତୀୟ ଏହି ଘୃଣା, ଅପର ପକ୍ଷରେ ମୁସଲମାନଙ୍କର ଦଳପତି ଓ ମୁଲ୍ଲାଙ୍କ ଦ୍ୱାରା ପ୍ରଚାରିତ ଏହି ବିଦ୍ୱେଷର ଦୁଇ ବିଷର ବିଷକୁ କ୍ଷୟ କରିବାକୁ ସେମାନଙ୍କ ସମାଜ ଉପରେ ଝାମ୍ପି ପଡ଼ିବାକୁ ଚାହୁଛି—ପ୍ରାଣ, ମନ, ଧର୍ମଭୟକୁ ତ୍ୟାଗ କରି । ଏବେ ବୁଝୁଛନ୍ତି ତ ? ନିଜକୁ କିଛିଟା ସାମାଜିକ ଦାୟିତ୍ୱ ନେବାକୁ ପଡ଼ିବ—ଦେଶର ଯୁବକଗଣ ତାହା ପାରିବେ, ତେବେଯାଇଁ ଏ କଳଙ୍କରୁ ଜାତିର ମୁକ୍ତି ହେବ ।''

କହିଲି, ''ଆଉ ଟିକିଏ ସହଜ କରି ଯଦି କହନ୍ତେ...''

ଉତ୍ତେଜିତ ହୋଇ ଏଲୋକେଶୀ କହିଲେ, ''ଆପଣ ଜଣେ ମହାଭଣ୍ଡ, ନହେଲେ ଜଣେ ଅକାଟ୍ୟ ମୂର୍ଖ ଦେଖୁଛି । ଆହୁରି ସହଜ ଭାବେ କହିବାକୁ ହେବ ? ତା'ହେଲେ ଶୁଣନ୍ତୁ— ପବିତ୍ର ସଂସ୍କୃତିର ଦମ୍ଭନେଇ ଜଣକୁ ଘୃଣାରେ ଅସ୍ପୃଶ୍ୟ କରି ଦୂରକୁ ହଟେଇଦେଇ ରଖିବେ, ଆଉ ସେ ଜୀବିତ ମଣିଷ ହୋଇ ସେହି ଅବଜ୍ଞାକୁ ମାନିନେବ ! ପ୍ରକୃତି ରାଜ୍ୟରେ ତାହା ସମ୍ଭବ ନୁହେଁ । ଯାହାକୁ ତୁମେ ଛୁଇଁବାକୁ ଚାହିଁବ ନାହିଁ ସିଏ ତୁମ ଉପରେ ଆସି ପଡ଼ିବ—ଦେହକୁ ଦେହ ଘଷିହୋଇ ଚାଲିବାକୁ ଚାହିଁବ, ଏହା ହିଁ ପ୍ରକୃତିର ନିୟମ ? ବିଭେଦଟି ମନୁଷ୍ୟସୃଷ୍ଟ—ମିଳନଟି ହିଁ ପ୍ରକୃତିର ଅନିବାର୍ଯ୍ୟ ବିଧି ।''

ସେ ଟିକିଏ ରହିଯାଇ ପୁଣି କହିଲେ, ''ଏ ଯୁଗରେ ଘୃଣା ଆଉ ବିଦ୍ୱେଷକୁ ପାଖାପାଖି ରଖି, କୌଣସି ଦେଶର ଗ୍ରାମରେ ଘରକରି ରହିବା ସମ୍ଭବ ନୁହେଁ । ଜାତିଗତ ପିଓରିଟି (ପବିତ୍ରତା) ଥିବ, ମାତ୍ର ତାହା ନିଜନିଜ ସମାଜ ମଧ୍ୟରେ, କଲ୍‌ଚର (ସଭ୍ୟତା)ର କ୍ଷେତ୍ର ହେବ ପ୍ରୀତିର ଭିତ୍ତିରେ, ଗୋଟିଏ ସମାଜର ସଂସ୍କୃତି ଅନ୍ୟ ଏକ ସମାଜ ଗ୍ରହଣ କରିବ, ଯଦି ସେଥିରେ ଗ୍ରହଣଯୋଗ୍ୟ ଓ କଲ୍ୟାଣକର ବ୍ୟବସ୍ଥା କିଛି ରହିଥାଏ । ଶେଷରେ ସବୁ କିଛି ଜଗତମୟ ବିସ୍ତାର ଲାଭ କରିବ, ଏହାହିଁ ଜଗଦମ୍ବାଙ୍କର ମୂଳନୀତି ବା ସୃଷ୍ଟିରକ୍ଷାପଦ୍ଧତି ।''

''ତା'ହେଲେ ପ୍ରକୃତ କଥାଟି ହେଲା କ'ଣ !'' ସରଳ ଭାବରେ ମୁଁ ଜିଜ୍ଞାସା କଲି ।

ସେ କରତଳେ ଦୁଇଟି ଆଙ୍ଗୁଳି ଆଘାତ କରି କହିଲେ, ''ଗୋଟିଏ ପକ୍ଷରେ ତୀବ୍ର ଘୃଣାପୋଷଣର ପରିଣାମ ଆତ୍ମସଙ୍କୋଚ, ତସ୍ୟ ଫଳ ଶକ୍ତିହୀନତା, ଅତଃପର ଭୟାବହ ଅବସାଦ ଓ ଶେଷରେ ଅସ୍ତିତ୍ୱ-ଲୋପ; ଅପର କ୍ଷେତ୍ରରେ ଘୋରତର ବିଦ୍ୱେଷପୋଷଣର ପରିଣାମ ହିଂସାପ୍ରବୃତ୍ତି, ଅତଃପର ବୁଦ୍ଧିନାଶ, ଯାହାର ଶେଷ ପରିଣତି ଅନିବାର୍ଯ୍ୟ ଧ୍ୱଂସ । ସୁତରାଂ ଏହି ଦୁଇ ବ୍ୟାଧିର ବିଷ ଯେତେଶୀଘ୍ର ମନୁଷ୍ୟ ସମାଜରୁ ଲୋପ ପାଇଯିବ, ସେତେ ଶୀଘ୍ର ସମାଜର ବ୍ୟକ୍ତିବିଶେଷ ବୁଦ୍ଧି ପ୍ରୟୋଗ ଦ୍ୱାରା ନିଜେ ତାହାର ବ୍ୟବସ୍ଥା କରିନେବେ । ଆପଣଙ୍କର ବୁଝିବା ଆଉ ପ୍ରୟୋଜନ ନାହିଁ—ମୁଣ୍ଡ ଖରାପ କରି ପାଗଳ କରିଦେବାର ଯୋଗାଡ଼ରେ ଅଛନ୍ତି ନା କ'ଣ ?''

''କିନ୍ତୁ ଗୋଟିଏ କଥା ଏ ପର୍ଯ୍ୟନ୍ତ ପରିଷ୍କାର ହେଲା ନାହିଁ । ତାହା ଏହି ଯେ ସେମାନଙ୍କର ସମାଜ ଉପରେ ଆମେସବୁ ଝାମ୍ପିପଡ଼ିବା କଥା କହୁଥିଲେ—''

''ହଁ ହଁ, ତା' ମନ୍ଦଠାରୁ ନିଶ୍ଚୟ ଭଲ— ଘୃଣାପୋଷଣଠାରୁ ଅନେକ ଭଲ, ତଦ୍ୱାରା ଦୁଇଟି ସମାଜ ସାମ୍ନାସାମ୍ନି ଠିଆହେବେ, ପ୍ରତ୍ୟକ୍ଷ ଭାବେ ଲାଗିଯିବେ, ସେଥିରେ ଚୂଡ଼ାନ୍ତ ନିଷ୍ପତ୍ତି ସମ୍ଭବ ହୋଇପାରିବ । ତା' ନହେଲେ ଜଣେ ଘୃଣାରେ ମୁହଁ ବୁଲାଇଦେବ, ଆଉ ଅପରଜଣକ ହିଂସା-ବିଦ୍ୱେଷର ବଶ ହୋଇ ଚୂଡ଼ାନ୍ତ ଧ୍ୱଂସସାଧନ କରୁଛି ବୋଲି ଭାବି ପଶ୍ଚାତ୍‌ରୁ ଆସି ଆଘାତ କରିବ—ଏ ଯୁଗରେ ଏସବୁ ଚାଲିବାକୁ ଦିଆ ନ ଯାଉ ।''

■■

ଏକବିଂଶ ପରିଚ୍ଛେଦ

ଦିଗୁଠାକୁର ଆଜି ସକାଳେ ଆସି ମୋତେ ଅନ୍ୟ ଜଣେ ସାଧୁଙ୍କର ପରିଚୟ ଦେଲେ । ସେ ତଳେ ରହନ୍ତି । ଜିଜ୍ଞାସା କଲି, ''ସେ କ'ଣ ତାନ୍ତ୍ରିକ ?'' ଦିଗୁଠାକୁର କହିଲେ, ''ତାହା ଜାଣିନାହିଁ, ତେବେ ତାଙ୍କର ଲୁଗା ଲାଲ୍ ନୁହେଁ, ସାଦା । ଗଳାରେ ରୁଦ୍ରାକ୍ଷ, ତୁଳସୀ ଓ ସ୍ଫଟିକର ମାଳା ।'' ଏହା ଆହୁରି ବେଶୀ ଆଶ୍ଚର୍ଯ୍ୟ କଲା ମୋତେ, ଏହା କହି ଯେ ସେ ମୋ' ସହିତ ଦେଖା **କରିବାକୁ ଚାହୁଁଛନ୍ତି,** କାରଣ ଆଗରୁ ବିପିନ ପଣ୍ଡା ପାଖରୁ ମୋ' କଥା ଶୁଣିଥିଲେ । **ସେ କହିଲେ,** ''ଅନେକ ତୀର୍ଥ ଭ୍ରମଣ କରିଛନ୍ତି, କାମାକ୍ଷାରେ ଛ'ମାସ, ପୁଣି ବୃନ୍ଦାବନରେ ଛ'ମାସ, ଏହିପରି ବହୁକାଳ କଟେଇଛନ୍ତି ।'' ତାଙ୍କର ଏଠାର ରହଣୀସ୍ଥଳ **କଥା** ଠିକ୍ ଭାବରେ ବୁଝିନେଲି । ନିମ୍ନସ୍ଥ ବ୍ରହ୍ମପୁତ୍ର ଦେଇ ଉଠିବା ବାଟରେ ଏକ **କୁଟୀରରେ ରହନ୍ତି** କେବଳ ନିଜେ, ଶିଷ୍ୟ ସେବକ ଖୁବ୍ କମ୍, ନ ଥିବାପରି କୁହାଯିବ । ସାଧକ **ସ୍ତରର, ବେଶ୍ ସଉକିଆ** ଲୋକ—ବୋଧହୁଏ ସିଦ୍ଧି ଆଜି ସୁଦ୍ଧା ପ୍ରାପ୍ତ ହୋଇ ନାହାନ୍ତି । ଦିଗୁ **ଠାକୁରଙ୍କୁ** ପଚାରିଲି, ''କିପରି ଜାଣିଲ ଯେ ସେ ଏ ପର୍ଯ୍ୟନ୍ତ ସିଦ୍ଧି ଲାଭ କରିନାହାନ୍ତି ?'' ତାହା ଶୁଣି ସେ କହିଲେ, ''ମୁଁ ଅନ୍ଦାଜ୍ କରି କହୁଛି, ଭୁଲ୍ ହୋଇପାରେ— ସେ କାହାକୁ ସୂଚନା କିଛି ଦିଅନ୍ତି ନାହିଁ ତ, ସେଥିଲାଗି ଠିକ୍ ଭାବେ ତାଙ୍କୁ ବୁଝିହୁଏ ନାହିଁ । ତାଙ୍କ ପାଖକୁ ଗଲେ ଆପଣ ଦେଖିଶୁଣି ହୁଏତ ତାଙ୍କ ବିଷୟରେ ସବୁ ଜାଣିପାରିବେ ।''

ଏହି ସାଧୁଙ୍କ ବିଷୟରେ କଳ୍ପନାଜଳ୍ପନା କରୁକରୁ ସାରାଦିନଟି ବେଶ୍ କୌତୂହଳ ନେଇ କଟାଇଲି । ଶେଷରେ ଉପରବେଳା ଚାଲିଲି ସାଧୁଙ୍କ ଦର୍ଶନ ପାଇଁ ।

ବୈଷ୍ଣବ ସାଧୁ ଅଖିଳବନ୍ଧୁ
(କାମରୂପ)

ମଧ୍ୟବୟସ୍କ । ମଥାରେ ଚିକ୍‌ଚିକ୍ କରୁଛି, ବେଶ୍ ଉଜ୍ଜ୍ୱଳ କଳା କୁଞ୍ଚକୁଞ୍ଚିଆ ଚୂଳରାଶି, ସିଧା ସିଛି, କ୍ରିମ୍ କଲର୍‌ର ସିଳ୍କ ଚଦରରେ ଆବୃତ ଶରୀର, ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ମୂର୍ତ୍ତି, ଘନ ଭ୍ରୂ-ଯୁଗଳ ତଳେ ଜଳଜଳ କରୁଛି କିଛିଟା ଭସାଭସା ଚକ୍ଷୁ— ଦାଢ଼ି-ନିଶ କଟା ମନେହେଲା, ଯେପରି ଏକ ବୈଷ୍ଣବ ମୂର୍ତ୍ତି । ହସ୍ତ ଦ୍ୱୟ ବକ୍ଷସ୍ଥଳରେ ଆବଦ୍ଧ, କୁଟୀର ସମ୍ମୁଖରେ ସେ ପଦଚାରଣରତ । ମୋତେ ଦେଖିବା ସଙ୍ଗେସଙ୍ଗେ

ଉତ୍ସାହିତ ହୋଇ, ''ଆସନ୍ତୁ ଆପଣଙ୍କ ସହ କଥାବାର୍ତ୍ତା ହେବାଲାଗି ଚାହୁଁଥିଲି,'' କହି ସଙ୍ଗେସଙ୍ଗେ ଖଣ୍ଡେ କମ୍ବଳବିଛା ଆସନ ଦେଖାଇଦେଲେ । ଆଉ ଖଣ୍ଡେ ଆସନ ବିଛା ହୋଇଥିଲା—ମୁଁ ବସିଲା ପରେ ସେ ସେହି ଆସନରେ ବସିପଡ଼ିଲେ । ତାଙ୍କର ସରଳ ଭଦ୍ର ବ୍ୟବହାର ମୋତେ ପ୍ରଥମରୁ ହିଁ ଆକୃଷ୍ଟ କଲା । ମନେହେଲା, ଯେପରି ସେ ମୋ' ପାଇଁ ଅପେକ୍ଷାରତ ଥିଲେ ।

ମୁଁ ଟିକିଏ ସଂଶୟାକୁଳ ମନରେ ପଚାରିଦେଲି, ''ମୋ' ସହ ବାର୍ତ୍ତାଳାପ ଲାଗି ଆପଣ ଚାହିଥିଲେ ? ଆଜିକୁ ପ୍ରାୟ ଏକମାସ ହେବ ମୁଁ ଏଠାରେ ଅଛି—ଆପଣଙ୍କ ବିଷୟରେ ତ କିଛି ଶୁଣି ନାହିଁ !''

ସେ କହିଲେ, ''ଆରେ ବସନ୍ତୁ ବସନ୍ତୁ, ତମାଖୁ-ଟମାଖୁର କିଛି ଅଭ୍ୟାସ ଅଛି କି ? ରଙ୍ଗ, ଅର୍ଥାତ୍ ନିଶା ? କଥାରେ ତାଙ୍କର କିଛି ପୂର୍ବବଙ୍ଗ ଭାଷାର ଟାଣ ।''

ମୁଁ କହିଲି, ''ନା, ନା, ତମାଖୁ-ଚୁରୁଟ ଦରକାର ନାହିଁ, ଏଯାଏ ମୁଁ ସେଥିରୁ ବଞ୍ଚିତ—ଆପଣ ଖାଆନ୍ତୁନା, ଯଦି ଅଭ୍ୟାସ ଥାଏ । ତଦ୍ୱାରା ମୋର ଶାନ୍ତିରେ କୌଣସି ବ୍ୟାଘାତ ଘଟିବ ନାହିଁ ।''

ସେ କହିଲେ, ''ମୋ'ର ମଧ୍ୟ ସେସବୁ ଅଭ୍ୟାସ ନାହିଁ । ତେବେ ଆଜିକାଲି ବିଶେଷତଃ ତନ୍ତ୍ରକ୍ଷେତ୍ରରେ ଏଗୁଡ଼ିକ ଅଭ୍ୟର୍ଥନାର ଅଙ୍ଗକିନା, ସେଥିଲାଗି—ଥାଉ, ଆପଣଙ୍କର ଗୃହସ୍ଥାଶ୍ରମ କୋଲକାତାରେ ତ ? ଏହିପରି କିଛି ଶୁଣିଥିଲି ବିପିନ ଠାକୁରଙ୍କ ପାଖରୁ ।''

କୋଲ୍‌କାତା ଘରର ଠିକଣା କହିଲି । ସଙ୍ଗେସଙ୍ଗେ ଆଶ୍ଚର୍ଯ୍ୟ ହୋଇ ଦେଖିଲି—ପକେଟରୁ କଳା ମଲାଟର ଖଣ୍ଡେ ପୁରୁଣା ନୋଟ-ବୁକ୍ ବାହାର କରି ଲେଖିପକାଇଲେ, କହିଲେ—କ'ଣ ଜାଣନ୍ତି, କେତେବେଳେ କାହା ଦ୍ୱାରା କ'ଣ କାମର ପ୍ରୟୋଜନ ହେବ ତାହା ଜଣା ନଥାଏ, ହୁଏତ ଆପଣଙ୍କ ଦ୍ୱାରା କୌଣସି ବିଶେଷ କାର୍ଯ୍ୟ ହୋଇପାରେ, କ'ଣ କହୁଛନ୍ତି ?''

ସେ ବିଶେଷ ଭାବରେ ଜଣେ ଘୋରତର ବିଷୟୀ ବୋଲି ମନେହେଲା । ଏପରି କଥାରେ ସମର୍ଥନ ଦେବାକୁ ପ୍ରବଳ ସଙ୍କୋଚ ଅନୁଭବ କଲି । ତାଙ୍କର ମନୋମତ ଉତ୍ତରଟି ବାହାରିପାରିଲା ନାହିଁ,— ଏପରିକି ମୋ' ମୁହଁରୁ କୌଣସି ଉତ୍ତର ଆସିଲା ନାହିଁ । କେବଳମାତ୍ର ଚାହିଁରହିଲି ତାଙ୍କ ମୁହଁ ଆଡ଼କୁ । କିନ୍ତୁ ତାଙ୍କର ସଙ୍କୋଚର କୌଣସି ଭାବ ନଥିଲା, ସେ ଛାଡ଼ିବା ପାତ୍ର ନୁହନ୍ତି । ଏହା କହି ମୋତେ ଉତ୍ତର ଦେବାକୁ ବାଧ୍ୟ କଲେ, ''ମୋ କଥାଟା କ'ଣ ଏପରି ଅସଙ୍ଗତ ଲାଗୁଛି—କେତେବେଳେ କାହା ଦ୍ୱାରା କ'ଣ କାମ ହୋଇଥାଏ କିଏ କହିପାରିବ—ଏ କଥା କ'ଣ ଅସ୍ୱୀକାର କରିବେ ? ଅଥବା ଏହା ଭିତରେ କ'ଣ କିଛି ମିଥ୍ୟା ଅଛି ନା କ'ଣ ?''

ଉପାଦେୟତା ଉପରେ ଉତ୍ତରଦେଇ କହିଲି, ''କଥାଟି ଯଥାର୍ଥ–ମିଥ୍ୟା ନୁହେଁ ।'' ''ତାହା ହିଁ କହନ୍ତୁ । ହେଲେ ଆମେ ସାଧୁ-ସନ୍ନ୍ୟାସୀ ମଣିଷ, ଗୃହସ୍ଥ ନ ଥିଲେ ତ ଆମର ଚଳେ ନାହିଁ–ତେଣୁ ଆମର ଅଭାବ ଅଭିଯୋଗ ତ ସେମାନଙ୍କୁ ହିଁ ଦେଖାଶୁଣା କରିବାକୁ ହେବ । କଲିକତାର ଉପେନ ସାହୁ ମହାଶୟଙ୍କୁ ଚିହ୍ନନ୍ତି ? ମସ୍ତ ବଡ଼ ଲୋକ, ଶ୍ୟାମବଜାରରେ ତାଙ୍କର ଖୁବ୍ ବଡ଼ କାରବାର, ଲୋକଙ୍କର ଭଲମନ୍ଦ ଦିଗକୁ ଖୁବ୍ ଲକ୍ଷ୍ୟ ତାଙ୍କର; ଆଉ ଧର୍ମଭାବ ମଧ୍ୟ ସେହିପରି, ଜ୍ଞାନ ଅସାଧାରଣ–ଅତି ବିଚକ୍ଷଣ ବ୍ୟକ୍ତି ।''

ମୁଁ କହିଲି, ''ଏବେ ଯଦି ଅସଲ କଥା ମୋତେ ଶୁଣାଇ କୃତାର୍ଥ କରିପାରନ୍ତେ...''

ଶୁଣିବା ମାତ୍ରେ ହିଁ ସେ ପୁଣି ଆରମ୍ଭ କଲେ, ''ହଁ ସେହିକଥା କହୁଛି । ଆପଣଙ୍କ ପିତା ଅଛନ୍ତି, ଶୁଣିଛି–ସେ ହାଇକୋର୍ଟର ଓକିଲ କି ବାରିଷ୍ଟର ନା କ'ଣ ପରା ସିଏ ?''

ମୁଁ କହିଲି, ''ନା, ତାହା ନୁହେଁ–ସେ ଜଣେ କିରାଣି ମାତ୍ର ।''

ମୋ' କଥା ଶୁଣି ସେ ଟିକିଏ ଦୃଢ଼ ସ୍ୱରରେ କହିଲେ,–''ହାଇକୋର୍ଟର କ୍ଲର୍କ ଯେଉଁମାନେ, ମଫସଲର ଜଣେ ବଡ଼ ଅଫିସର ଲୋକଙ୍କ ପରି କ୍ଷମତା ତାଙ୍କର; କିଏ ନ ଜାଣେ ଏ କଥା !''

ଦେଖିଲି ଆଜିର ସୁନ୍ଦର ଅପରାହ୍ନଟି ମାଟି ହୋଇଗଲା । ଆଳାପର ପ୍ରଥମରୁ ହିଁ ଏକ ଅପ୍ରୀତିକର ଛାପ ପଡ଼ିଲା ମନରେ । ଏବେ କିପରି ଭାବରେ ଏହାଙ୍କ ଠାରୁ ଅବ୍ୟାହତି ମିଳିବ ? ନିର୍ବାକ ରହିଲି । ଜାଣେ ନା, ହୁଏତ ମନର ଅଗୋଚରରେ 'ହାୟ ଭଗବାନ'– ଆକ୍ଷେପ ପରି ବାହାରିଲା ମୁହଁରୁ ।

''ଆପଣ ଭଗବାନଙ୍କୁ ମାନନ୍ତି ? ମୋ'ର ଧାରଣା ଥିଲା, ଆପଣମାନେ ଜ୍ଞାନମାର୍ଗର ଲୋକ–ଲେଖାପଢ଼ା ଶିଖିଛନ୍ତି...''

ପୁଣି ଯେ କାହିଁକି ଦୁର୍ଗତି ହେଲା, ତର୍କ କରିବାକୁ ଲାଗିଗଲି–ଉପାୟ ନ ଥିଲା । ମନେହେଲା, ଏହାଙ୍କ କଥା ମାନିନେଲେ ଅନ୍ୟାୟ ହେବ । ତେଣୁ ମୁଁ କହି ପକାଇଲି, ''ଆପଣ ମାନନ୍ତି ନାହିଁ–ତେବେ ଆପଣ ପୁଣି କିପରି ସାଧୁ ! କେଉଁ ଉଦ୍ଦେଶ୍ୟରେ, କ'ଣ ପାଇଁ ଭଜନ-ସାଧନ କରନ୍ତି, କେବେ ବୃନ୍ଦାବନ ତ କେବେ କାମାକ୍ଷାକୁ ଆଶ୍ରୟ କରି ?''

ସେ ଦୃଢ଼ ଉପେକ୍ଷାର ଭାବ ଦେଖାଇ ଓ ବକ୍ର ହାସ୍ୟ କରି କହିଲେ,–''ଯେଉଁ ବସ୍ତୁର ସ୍ଥିତି ନାହିଁ, ଯାହାକୁ ମାନିନେବା ଲାଗି ଏତେଗୁଡ଼ିଏ ମିଥ୍ୟାର ଅବତାରଣା କରିବାକୁ ହୁଏ, ଯେଉଁ ବସ୍ତୁର ଅସ୍ତିତ୍ୱରେ ସନ୍ଦେହ, ଏ ପର୍ଯ୍ୟନ୍ତ ମଧ୍ୟ ପ୍ରମାଣ ହେଲା ନାହିଁ ଯାହାର ଅସ୍ତିତ୍ୱ, ନିର୍ବିବାଦରେ ତାକୁ ମାନିବା ଅର୍ଥ ମିଥ୍ୟାକୁ ପ୍ରଶ୍ରୟ ଦେବା ନୁହେଁ କି ? କାମାକ୍ଷା ଓ ବୃନ୍ଦାବନରେ ରହିବା କଥା କହୁଛନ୍ତି ? ଏହି ଦୁଇ ଯାଗାରେ ମୋ'ର ମନ ଓ ଶରୀର ଭଲ ରହେ ।''

''ଆପଣ ଶଙ୍କରାଚାର୍ଯ୍ୟଙ୍କ କଥା ଜାଣିବା ଉଚିତ୍ ଭାବୁଛି । ସେ ଏତେବଡ଼ ବୈଦାନ୍ତିକ—ସେ ମଧ୍ୟ ଭଗବାନ, ବିଷ୍ଣୁ, ଶିବଙ୍କୁ ମାନୁଥିଲେ—ନାରୟଣଙ୍କୁ ମଧ୍ୟ । ଦେବଦେବୀ ସମସ୍ତଙ୍କୁ ମାନୁଥିଲେ, ଆପଣ କିନ୍ତୁ ମାନୁନାହାନ୍ତି । ଆପଣ ଧନ୍ୟ !''

ଶୁଣିସାରି ସେ କହିଲେ, ''ପରିହାସ କରୁଛନ୍ତି ଦେଖୁଛି, ଆପଣ କଲିକତାର ବାବୁ କିନା !''

ମୁଁ କହିଲି, ''ସମସ୍ତେ ସବୁ କାମ ଲାଗି ଉପଯୁକ୍ତ ନୁହନ୍ତି, ଜାଣନ୍ତି ତ ? ତର୍କ ସମ୍ବନ୍ଧରେ ମୋର ଧାରଣା ନାହିଁ, ଆଉ ଆପଣଙ୍କୁ ପରାସ୍ତ କରିବାର କଥା ବୋଲି କହି ଲଜ୍ଜା ଦେବେ ନାହିଁ । ତା ଛଡ଼ା ମୁଁ ଜଣେ ଜିଜ୍ଞାସୁ ମାତ୍ର । ଯେଉଁ କଥାଟି କହି ପକାଇଛି ତାହା ମୋର ଦୁର୍ବଳତା ଯୋଗୁ, ଏହା ମନେକରି ଲଜ୍ଜିତ ହେଉଛି । ଏବେ ମୋତେ ଅବ୍ୟାହତି ଦେବାକୁ ହେବ । କହିଦେଇ ଉଠି ଠିଆହେଲି ।''

ଅତି ଅଦ୍ଭୁତ ସାଧୁ, ଦେଖୁଛି ଏ ଏକ ଟାଇପ୍‌ର—ଏପରି ଜଣଙ୍କର ପାଲରେ ଆଗେ କେବେ ହେଁ ପଡ଼ିନାହିଁ । ସେ ଖପ୍ କରି ମୋ'ର ଡାହାଣ ହାତଟି ଧରିନେଇ,—'ବସନ୍ତୁ,' କହି ପୁଣି ବସାଇଦେଲେ । ଯେଉଁ କାରଣରୁ ହେଉନା କାହିଁକି ଏହା ପରେ ଜୋର୍ କରି ଚାଲିଯିବାଟା ମୋ' ପକ୍ଷେ ଅଭଦ୍ରତା ହେବ । ଭାବିଲି, ଶେଷରେ କ'ଣ ହେବ, ଦେଖାଯାଉ । କାହିଁକିନା, ସବୁ କାମର ସବୁକଥା ହିଁ ଯେ ମନୋମତ ବା ପ୍ରୀତିପଦ ହେବ, ଏପରି କ'ଣ କଥା ଅଛି ? ଯାହା ହେଉ, ଏଥର ସେ ପୁଣି ଆରମ୍ଭ କରିଦେଲେ ।

''ଆଚ୍ଛା କୁହନ୍ତୁ ତ, ଫୁଲ ଚନ୍ଦନ, ବିଲ୍ୱପତ୍ର, ତୁଳସୀ ଦେଇ ବିଗ୍ରହ ମୂର୍ତ୍ତି, ଶାଳଗ୍ରାମ ପୂଜା କରିବା—ତା'ପରେ ଖାଦ୍ୟଦ୍ରବ୍ୟ ଦେଇ ଶୀତଳ କରିବା, ଶେଷରେ ନିଜେ ହିଁ ପ୍ରସାଦ ଖାଇବାର ନାମ କରି ସେସବୁ ସେବନ କରିବା—ଭଗବାନଙ୍କ ନାମରେ ଏହି ଭାବରେ ଉପାସନା କଲେ ଆପଣଙ୍କ ଜ୍ଞାନର ଉନ୍ମେଷ କେବେହେଲେ ହୋଇପାରେ ? ଅଥଚ ଯେଉଁମାନେ ଏହି ଭାବେ ଉପାସନା କରୁଛନ୍ତି, ସେମାନେ ସଂସାରରେ ଥାଇ ଯେତେ ପ୍ରକାରର ସ୍ୱାର୍ଥପରତା, ହିଂସା, ବିଦ୍ୱେଷ, ପରଶ୍ରୀକାତରତା ଭଳି ନୀଚ କାର୍ଯ୍ୟରେ ଦିବାରାତ୍ର ନିଯୁକ୍ତ ଥାଇ ଏଣେ ପ୍ରତ୍ୟେକ ଆଚାର-ବ୍ୟବହାରରେ ଭଗବାନଙ୍କ ବ୍ୟତୀତ ଅନ୍ୟ କଥା ନାହିଁ ତାଙ୍କ ମୁଖରେ—ଏହି ସବୁ ଭଣ୍ଡ ଆଚରଣକୁ ଆପଣ ସମର୍ଥନ କରନ୍ତି ?''

ମୁଁ କହିଲି, ''ଏହି ସକଳ କର୍ମ ଯଦି ଆନ୍ତରିକ ବିଶ୍ୱାସ ସହକାରେ ସମ୍ପନ୍ନ ହୁଏ, ତା'ହେଲେ ସେସବୁ ବିରୁଦ୍ଧରେ ଆପଣଙ୍କର କ'ଣ କହିବାର ଅଛି ?''

ସେ କହିଲେ, ''ବେଶ୍ କଥା କହୁଛନ୍ତି, ତା'ପରେ ?''

''ତା'ପରେ ?'' ମୁଁ କହିଲି, ''ଯେଉଁମାନେ କହନ୍ତି ଶିବୋହମ୍-ମୁହିଁ ବ୍ରହ୍ମ, ମୁଁ ଆତ୍ମା, ମୁଁ ଅଦ୍ୱିତୀୟ, ଅଥଚ ସେମାନେ ଯଦି ସର୍ବକ୍ଷଣ ଆତ୍ମସୁଖଭୋଗ ଲାଗି ଅର୍ଥ ପଛରେ

ଦିବାରାତ୍ରି ବ୍ୟୟ କରିଥାନ୍ତି—ଯାହାର ସ୍ୱାର୍ଥ-ବୁଦ୍ଧି ଓ ବିଷୟ-କାମନା କେବଳ ପ୍ରବଳ, ସେମାନଙ୍କୁ କ'ଣ ଆପଣ ସହ୍ୟ କରିପାରିବେ ?''

ସେ କହିଲେ, ''ଆମେ ଆମର ବ୍ୟବହାର ଯାହା କିଛି କରୁନା କାହିଁକି, ବ୍ରହ୍ମତତ୍ତ୍ୱ ବା ଅଦ୍ୱୈତତତ୍ତ୍ୱ ଯେ ସର୍ବଶ୍ରେଷ୍ଠ ଅଥବା ଚରମତତ୍ତ୍ୱ, ସେ ବିଷୟରେ କ'ଣ କିଛି ସନ୍ଦେହ ଅଛି ? ଆଦର୍ଶ ହିଁ ଯେ କେବଳ ଆଦର୍ଶ ।''

''ଭଗବତ୍ ଭକ୍ତ ବା ଈଶ୍ୱରବାଦୀମାନେ ହିଁ ତ ଏ କଥାଟି କହିପାରନ୍ତେ ।''

ସେ ଯେପରି ଟିକିଏ ବିରକ୍ତିପୂର୍ଣ୍ଣ ତାଚ୍ଛଲ୍ୟ ସହ କହିଲେ, ''କ'ଣ କହୁଛନ୍ତି ଆପଣ ? ମାନବ ରୂପରେ ଈଶ୍ୱର-କଳ୍ପନା, ଆଉ ତତ୍ତ୍ୱଜ୍ଞାନର ଚରମ ଅଦ୍ୱୈତ ତତ୍ତ୍ୱ, ଏକ ହିଁ କଥା—ଏକଥା ଆପଣ କହୁଛନ୍ତି, ଏହା ସ୍ୱୀକାର କରନ୍ତି ?''

ମୁଁ କହିଲି, ''ଏହା ତ ଶେଷ କଥା, ଅଦ୍ୱୈତ ଜ୍ଞାନର ଚରମ ତତ୍ତ୍ୱ । ଆପଣ ତା'ହେଲେ ଭାବି ଦେଖନ୍ତୁ—କଥାଟି ଶ୍ରେଷ୍ଠ-ନିକୃଷ୍ଟ, ଉଚ୍ଚ-ନୀଚ ବା ଛୋଟ-ବଡ଼ ନେଇ ହିଁ ତର୍କରେ ଆସି ପହଞ୍ଚିଗଲା । କିନ୍ତୁ ତାହାର ମୀମାଂସା ମଧ ତ ଚୈତନ୍ୟଦେବ ତାଙ୍କ ଧର୍ମରେ ନିଜ ମୁଖ-ନିସୃତ ବାଣୀରେ କହିଦେଇ ଯାଇଛନ୍ତି; ସେ କ'ଣ କହି ନାହାନ୍ତି ଯେ, ଅଦ୍ୱୟଜ୍ଞାନ ତତ୍ତ୍ୱ ହିଁ ତ' ବ୍ରଜର ବ୍ରଜେନ୍ଦ୍ରସୁନ୍ଦର; ଅସଲ ତତ୍ତ୍ୱ ହିଁ ତ ରୂପକ ମଧରେ ଆବୃତ, ସାଧକ ନିଜ ସାଧନାରେ ନିଜ ଅଧିକାର ହିସାବରେ ଉପଲବ୍ଧ କରିପାରିବେ—ଏଥିରେ ତର୍କର ଅଥବା ନିଜ ମତ ପ୍ରତିଷ୍ଠା କରିବାର ଅବସର କେଉଁଠି ?''

''ଆପଣଙ୍କର ଦେଖୁଛି ନାରଦୀୟ ଭକ୍ତି ।''

ମୁଁ କହିଲି, ''ଯଥାର୍ଥରେ ସେ ବସ୍ତୁ ପାଇଲେ ମୁଁ ଜୀବନକୁ ସାର୍ଥକ ମନେକରନ୍ତି ।''

''ଅସଲ କଥା କ'ଣ ଜାଣନ୍ତି ? ଏହି ଭାବବାଦୀମାନେ ହିଁ ଧର୍ମର ସର୍ବନାଶ କରିଛନ୍ତି । ଏହିସବୁକୁ ନେଇ ଅଶିକ୍ଷିତ ମୁର୍ଖ, ଚଷା-ଭୂଷାମାନଙ୍କ କ୍ଷେତ୍ରରେ ଚଳିବ, ଭଦ୍ର-ଶିକ୍ଷିତ ସମାଜରେ ଏସବୁ ଏବେ ଅଚଳ । ହରି ସଂକୀର୍ତ୍ତନ ଭିତର ଦେଇ ଈଶ୍ୱରଲାଭ ହୁଏ, ଏକଥାରେ ଶିକ୍ଷିତ ଲୋକେ କହିବେ, ଏଁ ! ସେ କେମିତି ଈଶ୍ୱର ?''

''ସର୍ବାଧିକ ସଭ୍ୟତାର ମୁଖାଢଙ୍କା ପାଶବିକ ବା ମାନସିକ ଦୁର୍ବଳତାର ମୂର୍ତ୍ତିମାନ ପ୍ରତୀକ ହୋଇ ସେମାନେ ଶିବୋହମ୍ କହନ୍ତି । ଏହା କ'ଣ ଅତ୍ୟନ୍ତ ଅଦ୍ଭୁତ ନୁହେଁ ?''

ଶୁଣିନେଇ ସେ ଉପେକ୍ଷା କଲାପରି ଅନ୍ୟ ଦିଗକୁ ମୁହଁ ବୁଲାଇନେଲେ ।

''ମୋ'ର ଆଉ କିଛି କହିବାର ନାହିଁ, ଏବେ ମୋତେ ବିଦାୟ ଦିଅନ୍ତୁ, ନିଶ୍ଚିନ୍ତ ହୋଇ ଚାଲିଯାଏଁ ।'' କହିସାରି ପୁଣି ମୁଁ ଉଠିଲି ।

''ତାହା ହେବ ନାହିଁ; ମୁଁ ଆପଣଙ୍କୁ ଆଜି ପାଇଛି, ହୁଏତ ପ୍ରୀତି ଦ୍ୱାରା ବାନ୍ଧି ରଖିବି, ନ ହେଲେ ପୁରାପୁରି ଅଶ୍ରଦ୍ଧାର ଆସ୍ପଦ ହୋଇଯିବି । ଏବେ କହନ୍ତୁ, ଆପଣଙ୍କର ଧର୍ମ ସମ୍ବନ୍ଧରେ ଅସଲ ବକ୍ତବ୍ୟଟି କ'ଣ ?''

ମୁଁ କହିଲି, ''ଆପଣଙ୍କ ନାଁ ଶୁଣି ଜାଣିବାକୁ ଆସିଥିଲି ଆପଣଙ୍କ ପାଖକୁ ?''

ସେ କହିଲେ, ''ମୋ'ର ଏତେଦିନର ଗଭୀର ଧର୍ମ ସାଧନା, ଅଭିଜ୍ଞତା ହିଁ ଯେତେବେଳେ ଆପଣ ନାକଚ କରିଦେଲେ, ସେତେବେଳେ କ'ଣ ଆପଣ ସହଜରେ ଧରାଦେବେ ? ବୋଧହୁଏ ଈଶ୍ୱର ଅବତାର, ନାରଦୀୟ ଭକ୍ତି ଉପରେ ଆପଣଙ୍କର ବିଶ୍ୱାସ ? ହଠାତ୍ ଉପରେପଡ଼ି ପଚାରିଲି, କିଛି ମନେକରିବେ ନାହିଁ ଯେପରି ।''

''ଆପଣଙ୍କର ଆତ୍ମଶକ୍ତି ସହଜରେ ଆପଣଙ୍କୁ ଅଦ୍ୱୈତ-ତତ୍ତ୍ୱରେ ଗଭୀର ଭାବରେ ସମାହିତ କରିଛି । ମୋର ଦୁର୍ବଳ ଅସ୍ତିତ୍ୱରେ ତାହା ସମ୍ଭବ ହୋଇପାରିବ ନାହିଁ; ଶ୍ରୀଗୌରାଙ୍ଗ, ରାମକୃଷ୍ଣ ପ୍ରଭୃତି ଅବତାରକଳ୍ପ ପୁରୁଷଙ୍କର ଜୀବନ ଓ ଧର୍ମାଚରଣ ମୂଳରୁ ମୋତେ ପ୍ରଭାବିତ କରିଛି । ଏକଥା କହିବାରେ ମୋର କୌଣସି ସଙ୍କୋଚ ନାହିଁ, ଏହା କେବଳ ପ୍ରକୃତିଗତ ଦୁର୍ବଳତା ।''

''ଦେଶର ଏତେ ବିରାଟ ସର୍ବନାଶ ବୁଦ୍ଧଦେବଙ୍କ ପରେ ଆଉ କାହାଦ୍ୱାରା ସମ୍ଭବ ହୋଇନାହିଁ, ତାଙ୍କର ପ୍ରଚାରିତ ଧର୍ମବୋଧ, ସର୍ବଧର୍ମ ସମନ୍ୱୟର ବାର୍ତ୍ତା ସମସ୍ତ ପ୍ରଦେଶ ମଧ୍ୟରେ ଦୁର୍ବଳତା ସୃଷ୍ଟିକରିଛି । ହୁଏତ ଶେଷ ଅବସ୍ଥାରେ ଅଳ୍ପ କିଛି ଧର୍ମର ମୋହ କଟାଇବାରେ ସହାୟତା କରିଥିଲା' ଇଂରେଜ ରାଜତ୍ୱ ସମୟରେ ଇଉରୋପୀୟ ସଭ୍ୟତାର ଶକ୍ତି । କିନ୍ତୁ ରାମକୃଷ୍ଣ ଆସି ସେହି ପଥଟିକୁ ପୂର୍ଣ୍ଣ ରୂପେ ରଦ୍ଧ କରି ନିଶ୍ଚିନ୍ତ କରିଦେଲେ ।''

''ଆଚ୍ଛା, ଏହାପରେ ଧର୍ମ ନାମରେ ସମାଜ ନୀତିର ଚର୍ଚ୍ଚାଟା ବନ୍ଦ୍ କରିଦେଲେ ହେବ ନାହିଁ ! ଏହି ଭାବରେ ଏହି ପ୍ରାଚୀନ କାମରୂପରେ ଆପଣଙ୍କ ପରି ଜଣେ ବୈଦାନ୍ତିକ ମଡର୍ଣ୍ଣ ସନ୍ନ୍ୟାସୀଙ୍କ ପାଲରେ ପଡ଼ିବାକୁ ହେବ, ଏ କଳ୍ପନା ପୂର୍ବରୁ କରିନାହିଁ ।''

ଶୁଣିନେଇ ସେ ଯେପରି କିଛିଟା ଗୌରବ ଅନୁଭବ କଲେ । ଟିକିଏ ହସିଦେଇ କହିଲେ—''ଏଠାରେ ସାଧୁ, ଧର୍ମପ୍ରାଣ କାହାକୁ ପାଇଛନ୍ତି ? କାହାକୁ ପାଇବେ ନାହିଁ । ଏଠାରେ ଯାହା ପାଇବେ ତାହା ହେଲା ସେ କାଳର ପଚା ତାନ୍ତ୍ରିକ, ନର୍ଦ୍ଦମା-ଘାଣ୍ଟୁଥିବା ସାଧୁ । ଗତାନୁଗତିକତା ବ୍ୟତୀତ ଆଉ କିଛି ନାହିଁ ଏଠାରେ । ସାଧୁ ଏଠାରେ କାହାକୁ କହିବେ !''

ତତ୍କ୍ଷଣାତ କହିଲି, ''କାହିଁକି, ଆପଣଙ୍କୁ ?''

''ରହସ୍ୟ କରୁଛନ୍ତି, ଦେଖୁଛି ।''

ଏଥର ତାଙ୍କର ଏପରି ଭାବରେ ମନ୍ତବ୍ୟ ଶୁଣି ବ୍ୟଥିତ ହେଲି । ତଥାପି ମୁଁ ଉମାପତି ବାବାଙ୍କ କଥା ଉଲ୍ଲେଖ କରି କହିଲି, ''ତାଙ୍କୁ କ'ଣ ଆପଣ ସାଧୁ ଭାବନ୍ତି ନାହିଁ ?''

''ଓହୋ, ଯାହାଙ୍କ ସହ ଏହି ଏଲୋକେଶୀ ରହିଛି ତ ? ବୃଦ୍ଧ ବୟସରେ ନାରୀଟିକୁ ବେଶ୍ ହାତ କରିଛନ୍ତି । କିପରି ମନେହୁଏ, ଏହି ଦୁଇଜଣଙ୍କର ସମ୍ପର୍କ ?''

''ସେକଥା ଆପଣଙ୍କ ଠାରୁ ତ ଆମର ଜାଣିବାର କଥା, ମୁଁ ତ ଏଠାକୁ ନୂଆ କରି ଆସିଛି, କେମିତି ବା ଜାଣିବି ?''

ସେ କହିଲେ, ''ମିଷ୍ଟ୍ରିରିୟସ୍ (ରହସ୍ୟମୟ) ! ସାଧାରଣ ଲୋକଙ୍କ ସହ ତାଙ୍କର ବ୍ୟବହାର ଭଲ । ମଝିରେମଝିରେ ସେ ଏଲୋକେଶୀଙ୍କୁ ନେଇ ଏଠାରୁ ଚାଲିଯିବାର ଦେଖାଯାଇଥାଏ, ସେ ସମୟର କଥା ବିଶେଷ ଭାବରେ–''

ମୁଁ ଉଠିପଡ଼ିଲି, ''ଆଉ ବସିରହି ପାରିବି ନାହିଁ । ଏବେ ମୁଁ ଆସିପାରେ ?''

ସେ କହିଲେ, ''ଦେଖନ୍ତୁ, ମୁଁ ଏଠାକୁ ନୂଆ ହୋଇ ଆସିନାହିଁ । ଉମାପତି କୌଳ ଯେତେଦିନରୁ ଏଠାରେ ଅଛନ୍ତି, ମୁଁ ଠିକ୍ ସେହି ସମୟଠାରୁ ନ ହେଲେ ମଧ୍ୟ, ପାଖାପାଖି ସମୟରୁ ଏଠାରେ ରହିଛି । ଆପଣଙ୍କ ଅପେକ୍ଷା ତାଙ୍କ ବିଷୟରେ ମୁଁ ବେଶୀ ଜାଣିଛି, ଏ କଥା ସ୍ୱୀକାର କରିବେ ତ ?''

ମୋ'ର ଏହି ଧାରଣା ହେଲା ଯେ ନିଜର ଦମ୍ଭ ଅହଙ୍କାର ଦ୍ୱାରା ଏକ ରଙ୍ଗୀନ ମନ ନେଇ ଏ ବାବାଜୀ ପ୍ରଥମରୁ ହିଁ ସଯତ୍ନରେ ଉମାପତି ବାବାଙ୍କୁ ପୃଥକ ଭାବେ ନିଜ ଚିନ୍ତାରେ ରଖିସାରିଛନ୍ତି, ଯଦ୍ୱାରା ଉଭୟଙ୍କ ମଧ୍ୟରେ ଠିକ୍ ରୂପେ ସମ୍ପର୍କ ହୋଇପାରି ନାହିଁ । କାର୍ଯ୍ୟତଃ ଯଥାର୍ଥ ପରିଚୟ ଏବେ ଘଟିଥାନ୍ତା କେଉଁ ସୂତ୍ରରେ ? ଗୋଟିଏ ତୀର୍ଥସ୍ଥାନରେ ରହି ଫଳ କ'ଣ ? ମୋ'ର ନିଶ୍ଚିତ ଭାବେ ବିଶ୍ୱାସ ହେଲା ଯେ ନିଜର ଜ୍ଞାନ ବୁଦ୍ଧିର ଦମ୍ଭହିଁ ଏହି ପରିସ୍ଥିତିରେ ତାଙ୍କୁ ବଞ୍ଚିତ କରି ରଖିଥିଲା, ଏପରି ଉମାପତିଙ୍କ ପରି ଜଣେ ମହାସାଧୁଙ୍କ ସଂଯୋଗ ବିନା । ଗୃହୀବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ତ୍ରୁଟୀ ମାର୍ଜନୀୟ, ମାତ୍ର ଜଣେ ସାଧୁଙ୍କର ଏ ଭଳି ତ୍ରୁଟୀ !

ମୁଁ କହିଲି, ''ସେଥିରେ ମୋ'ର କିଛି ବିଶେଷ ଲାଭ ବା କ୍ଷତି ନାହିଁ । ଆପଣଙ୍କ ପାଦ ଧରି ବିନତୀ କରୁଛି ଯେ ମୋ ପ୍ରତି କୃପା କରି ନେଗେଟିଭ୍ (ନାସ୍ତିବାଚକ) ଭାବନାକୁ ତ୍ୟାଗ କରି, ଆପଣଙ୍କ ଠାରୁ ମୁଁ ଯେପରି କିଛି ଶୁଣି ଲିପିବଦ୍ଧ କରିପାରିବି, ସେହିଭଳି କଥା କିଛି କହନ୍ତୁ, ଏହି ଦୋହାଇ ଆପଣଙ୍କୁ ।''

ମୋ କଥା ଶୁଣି, ଏଥର ସେ ସ୍ଥିରହୋଇ ବିସିଲେ, ତା'ପରେ କହିଲେ,–''ଦେଖନ୍ତୁ, ଧର୍ମ ପରି ଏକ ଜଟିଳ ବିଷୟ ଆଉ ଅନ୍ୟ ପରି କଥା ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବୁଦ୍ଧିରେ ଧର୍ମ ବିଷୟକୁ ବୁଝିପାରିଥାନ୍ତି । ହୁଏତ ଆପଣଙ୍କ ମତ ସଙ୍ଗେ କେଉଁ କେଉଁ କ୍ଷେତ୍ରରେ ମୋ'ର ମତ ମିଳୁଛି । ସେହି କ୍ଷେତ୍ରରେ ଆମେ ଏକମତ, କିନ୍ତୁ ସକଳ କ୍ଷେତ୍ରରେ ଆମେ ଏକମତ ହୋଇପାରିବୁ ନାହିଁ । ଯିଏ କହିବ ଧର୍ମ ବସ୍ତୁଟି ସମ୍ପ୍ରଦାୟଗତ, ତାକୁ ଭୂଗୋଳ ପଢ଼ାଇବା ଉଚିତ ଏବଂ ସଂସାରରେ ଯେତେ ମାନଚିତ୍ର ଅଛି, ତାକୁ ଦେଖାଇବାକୁ ପଡ଼ିବ ।''

''ମାନଚିତ୍ର ଦେଖାଇବାଟା ଉଚିତ୍ କାହିଁକି ?'' ମୁଁ ପଚାରିଲି ।

''ଏକଥା କ'ଣ ବୁଝିପାରିଲେ ନାହିଁ ନା ? ସେମାନଙ୍କର ଭଗବାନ ବା ଦଣ୍ଡମୁଣ୍ଡର କର୍ତ୍ତା—ଅନନ୍ତ ଶକ୍ତିମାନ ଜ୍ୟୋତିର୍ମୟ ଈଶ୍ୱର ବୋଲି ମୂଳରୁ ଜଣେ ଆଦର୍ଶ ଭାବି ପ୍ରଥମରୁ କହୁଥିବେ—ସେହିପରି ଏକ ମୂର୍ତ୍ତିମାନ ଦେବତା ଅଛନ୍ତି ତ ? ମୂର୍ତ୍ତିଠାରୁ ଦେଶର ମାନଚିତ୍ର ଅଧିକ ପ୍ରତ୍ୟକ୍ଷ ସତ୍ୟ । ଏଇଥିପାଇଁ ଯେତେ ଯେତେ ଦେଶମାନଙ୍କରେ ଯେତେ ଯେତେ ମନୁଷ୍ୟ ସମାଜ, ସେତିକି ସେତିକି ସଂଖ୍ୟାରେ ଭଗବାନଙ୍କ କଳ୍ପନା କରାଯାଇଛି । ଏଣୁ ବିପୁଳ ପୃଥିବୀକୁ ଦେଖି ଭୁଲ୍ ସଂଶୋଧନ କରାଯାଇପାରିବ । ନିଜ ଦେଶର ନରନାରୀ ଯେପରି, ବାହାରର ସମାଜରେ ମଧ ସେହିପରି । ଏହି ବିପୁଳ ଧାରଣା ଠିକ୍ ହେଲାପରେ, ସେମାନଙ୍କର ଚୈତନ୍ୟ ଉଦୟ ହେବ ।''

ମୁଁ ସଙ୍କଳ୍ପ କଲି ଯେତେ ସମୟ ଏଠାରେ ରହିବି, ଆଉ କିଛି କହିବି ନାହିଁ । ମୋ'ର ଗାମ୍ଭୀର୍ଯ୍ୟକୁ ଲକ୍ଷ୍ୟକରି ସେ କହିଲେ, ''ଆପଣ ଭାବୁଛନ୍ତି ଯେ ଆପଦରେ ପଡ଼ିଛନ୍ତି, ନୁହେଁ କି ?

ସେକଥା ଶୁଣି ପ୍ରତିଜ୍ଞା ରକ୍ଷା କରି ହେଲା ନାହିଁ— କହିଲି, ''ସତ କଥା କହିଲେ ।''

ସେ କହିଲେ, ''ଆସନ୍ତୁ ଏଥର ସ୍ୱରୂପ କଥା କୁହାଯାଉ, କ'ଣ କହୁଛନ୍ତି ? ଆପଣ ତ ନିଶ୍ଚୟ ବୁଝିପାରୁଥିବେ, ମୋ'ର ବୈଦାନ୍ତିକତାଟି ପ୍ରକୃତରେ ଭାଣ୍ଡାମି ?

''ତାହା ଠିକ୍ ନ ହେଲେ ମଧ ତା' ଭିତରେ ଆପଣଙ୍କର ଅନ୍ୟାନ୍ୟ ଧର୍ମପ୍ରତି ବିଦ୍ୱେଷ ବୁଦ୍ଧିର ପରିଚୟଟି ରହିଛି ।''

ଚମତ୍କାର ଭାବରେ ହସିଦେଇ ସେ କହିଲେ, ''ଯଦି କୁହେ ମୁଁ ବୈଷ୍ଣବ ?''

ତା'ହେଲେ ମୁଁ କହିବି, ''ଆପଣ ପରିହାସ କରୁଛନ୍ତି ।''

ଅନ୍ୟ କୌଣସି କଥା ନ କହି ସେ ଘର ଭିତରକୁ ଗଲେ । ଅଳ୍ପକ୍ଷଣ ମଧରେ ଗୋଟିଏ ନୂତନ ସଯତ୍ନରକ୍ଷିତ, ଚକ୍‌ମକ୍ ହାରମୋନିୟମ ଆଣି ନିଜ ଆସନ ସମ୍ମୁଖରେ ରଖିଲେ । ତା'ପରେ ସ୍ଥିରାସନରେ ବସିପଡ଼ି ଚକ୍ଷୁ ମୁଦ୍ରିତ କରି ରହିଲେ ଏବଂ ପରେ ପରେ କିନ୍ନରକଣ୍ଠରେ ଗାନ ଆରମ୍ଭ କଲେ । ଏପରି ଏକ ସୁନ୍ଦର ବୈଷ୍ଣବ ମୂର୍ତ୍ତି ତାଙ୍କ ମଧରେ ଫୁଟି ଉଠିଲା, ଯାହାକୁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ଅନେକଟା କଲିକତାର ଗୌଡ଼ୀୟ ବୈଷ୍ଣବ ସମାଜରେ ବୋଧହୁଏ ସର୍ବଜନ ପରିଚିତ ସେହି ଶଚୀ ନନ୍ଦନ ପରି ହିଁ ଦେଖାଗଲେ ସେ । କୋଲ୍‌କାତାର ଗୌଡ଼ୀୟ ବୈଷ୍ଣବସଭାର ଅଧିବେଶନମାନଙ୍କରେ ପ୍ରାୟ ସେମାନଙ୍କର ଗୀତ ଶୁଣିଥାଏ ଏବଂ ବହୁ ସମୟ ଶୁଣି ମୁଗ୍ଧ ହୋଇଥାଏ । କୋଲ୍‌କାତାର ଗୌଡ଼ୀୟ ବୈଷ୍ଣବ ସମାଜର ଉତ୍ସବ ବା ଭାଗବତ୍ ପାଠର ଆସରରେ ଶଚୀନନ୍ଦନଙ୍କର ମୁଖରୁ ଯିଏ କୀର୍ତ୍ତନ ଶୁଣି ନ ଥାନ୍ତି, ସେ ଏକ ଅପୂର୍ବ ସୁଯୋଗରୁ ବଞ୍ଚିତ ହୋଇଥାନ୍ତି । ଯାହା ହେଉ, ସେ ଏବେ ଗାଇଲେ—

'ଗୋରା କରୁଣାସିନ୍ଧୁ ଅବତାର,
ନିଜ ନାମେ ଗାଁଥିୟା ନାମ ଚିନ୍ତାମଣି,
'ଭକ୍ତଜନେ ବିଲାଇଲ ହାର ।'

ଏହି ସଙ୍ଗୀତଟି ମୋତେ ମୁଗ୍ଧ କରି ରଖିଲା । ଶୈଶବରୁ ସଙ୍ଗୀତର ଆକର୍ଷଣ ମୋ'ଠାରେ ସହଜ ଏବଂ ସମସ୍ତ କାଳ ଲାଗି ବର୍ତ୍ତମାନ; ଏହା ବ୍ୟତୀତ ସଙ୍ଗୀତ ହେଲା ମୋ'ର ସାଧନାର ଅଙ୍ଗ । ଏଠାରେ ମଧ ବେଶୀ ସମୟ ଏକୁଟିଆ ଥିଲେ ଗୀତଗାଇ ସମୟ କଟିଯାଏ, ଆଉ ଆନନ୍ଦରେ ଓ ଅବଲୀଳାକ୍ରମେ ହିଁ ମୋର ଦିନଗୁଡ଼ିକ ସେହି ସଙ୍ଗୀତରେ କଟିଚାଲେ ।

ସଙ୍ଗୀତଟି ଗାଇଲା ପରେ ମୋ ଆଡ଼କୁ ଚାହିଁ ସେ ଆଉ କିଛି ନ କହି ପୁଣି ଆଉ ଏକ ପଦ ଆରମ୍ଭ କଲେ—

'ଏମନ୍ ସୁଧାମାଖା ହରିନାମ ନିମାଇ କୋଥା ଥେକେ ଏନେଛେ,
ଓ ନାମ ଏକ୍‌ବାର୍ ଶୂନେ ଆମାର ହୃଦୟବୀଣା ଅମନି ବେଜେ ଉଠେଛେ ।
ଆମି କତବାର ତୋ ଶୁନେଛି ଓ ନାମ ।'
(ହରିବୋଲ, ହରିବୋଲ) କଖନୋ ତୋ ଆମର ଏମନ୍ ହୟନି ପରାଣ,—
ଏଖନ୍ କି ଜାନି କି ଏକ ଦିବ୍ୟ ଆଲୋକେ କୋଥାୟ ଭାସିୟେ ନିୟେ ଚଲେଛେ ।'

ଏହି ସଙ୍ଗୀତ କାଶୀର ଦଣ୍ଡୀସ୍ୱାମୀ ପ୍ରକାଶାନନ୍ଦଙ୍କର । ଶ୍ରୀଚୈତନଙ୍କ ନିକଟରେ ଆତ୍ମସମର୍ପଣ ପରେ ତାଙ୍କର ସେତେବେଳର ଭାବ ନେଇ ଏହା ରଚିତ । ଶୁଣିଲେ ରୋମାଞ୍ଚିତ ହୋଇଥାଏ ଶରୀର—ଆନନ୍ଦାଶ୍ରୁରେ କଥାକହିବା ସମ୍ଭବ ହୁଏ ନାହିଁ ।

■■

ଦ୍ୱାବିଂଶ ପରିଚ୍ଛେଦ

ଦୁଇଟି ସଙ୍ଗୀତ ଶେଷ ହେବା ପରେ ବାଦ୍ୟ ଯନ୍ତ୍ରଟି ରଖିଦେଇ ପଚାରିଲେ, ''କିପରି ଲାଗିଲା ? ଏଥର ବିଶ୍ୱାସ କଲେ ତ ?''

ମୁଁ କହିଲି, ''ଏକ ଅଦ୍ଭୁତ ନାସ୍ତିକର ଅଭିନୟ କଲେ କାହିଁକି ପ୍ରଥମରୁ ?''

''ଆମର ନିଜ ଧର୍ମର ଗୁହ୍ୟ କଥା ଯାକୁତାକୁ କାହିଁକି କହିବାକୁ ଯିବି ? ଏହାଛଡ଼ା ବେଶ୍ ଆଗରୁ ବିପରୀତ ଆଲୋଚନା ମଧ୍ୟ ଦେଇ ନିଜକୁ ସଂସ୍କାର କରାଇ ନେବା ଠିକ୍ ନୁହେଁ କି ? ଆଉ ମୋ'ର ମଧ୍ୟ ଗୋଟିଏ ଉଦ୍ଦେଶ୍ୟ ଥିଲା...'' ସେ କହିଲେ ।

ମୁଁ କହିଲି, ''ବୋଧହୁଏ ଭଗବାନଙ୍କର ଅସ୍ତିତ୍ୱ ନେଇ ସନ୍ଦେହ ଯାହାର ଅଛି, ତା' ସହ ପ୍ରାଣ ଖୋଲି ସବୁ କଥା କହିବା ଚଳେ ନାହିଁ । ସେଥିଲାଗି ମୋତେ ଟିକିଏ ପରୀକ୍ଷା କରାଗଲା, ନୁହେଁ କି ?''

ସେ କହିଲେ, ''ଠିକ୍ କହିଛନ୍ତି, ମୂଳରୁ ଏକଥା ଜାଣିବା ଦରକାର ଯେ ନିଶ୍ଚିତ ରୂପେ ବା ନିସଂଶୟରେ ଯାହାଙ୍କ ଚିତ୍ତରେ ଭଗବାନଙ୍କର ଅସ୍ତିତ୍ୱ ପ୍ରମାଣିତ, ତାଙ୍କ ସାଙ୍ଗରେ ସିନା ଏହି ସମସ୍ତ ଆଲୋଚନା କରାଯାଇପାରେ !''

ମୁଁ କହିଲି, ''ବେଶ୍ କଥା, ଭଗବତ୍ ବିଶ୍ୱାସୀ ହେବାକୁ ପଡ଼ିବ—ଏହା ହିଁ ତ ଆପଣଙ୍କର ଉଦ୍ଦେଶ୍ୟ ? ସେକଥା ଏବେ ବୁଝିଲି । ଏଥର ଅନୁଗ୍ରହ କରି କୁହନ୍ତୁ, ଜୀବ ଓ ଭଗବାନଙ୍କର ଅସଲ ସମ୍ବନ୍ଧର କଥା । ଯେତେବେଳେ ଆମେ ଦୁହେଁ ଭକ୍ତିମାର୍ଗର କଥା କହୁଛୁ, ପୁଣି ଯେତେବେଳେ ଶ୍ରୀଚୈତନ୍ୟଦେବ ଆମ ଉଭୟଙ୍କର ଆଦର୍ଶ ସେତେବେଳେ ଆଉ ଗୋପନ ରଖିବାର କିଛି କାରଣ ନାହିଁ, ଏହି ଆଶା କରିପାରେ ।''

''ସବୁ କଥା ତ ସେ ପରିଷ୍କାର ଭାବରେ ହିଁ କହିଛନ୍ତି, ଜୀବ ସହ ଭଗବାନଙ୍କର ନିତ୍ୟ ସମ୍ବନ୍ଧ—'ଜୀବ ନିତ୍ୟ କୃଷ୍ଣଦାସ ଇହା ଭୁଲିଗେଲ' । ଜୀବ ଆଉ ଈଶ୍ୱରଙ୍କର ନିତ୍ୟ ସମ୍ବନ୍ଧ ବେଦାନ୍ତରେ ମଧ୍ୟ ସେହି ଏକା କଥା ।''

ମୁଁ କହିଲି, ''ଏପରି ନିତ୍ୟ ଆନନ୍ଦମୟ ସମ୍ବନ୍ଧକୁ ଜୀବ ଭୁଲି ଗଲା କିପରି ? କେଉଁ ଭାବରେ କିଏ ତାକୁ ଭୁଲାଇ ରଖିଛି ? ଏହା ହିଁ ମୋ ମନରେ ସବୁଠାରୁ ବଡ଼ ପ୍ରଶ୍ନ । ମୋତେ ବୁଝାଇ ଦିଅନ୍ତୁ, ଏହି ନିତ୍ୟ ସମ୍ବନ୍ଧର ବିକୃତି ହେଲା କିପରି ଯେ ଜୀବ ତାଙ୍କୁ ଅସ୍ୱୀକାର ପର୍ଯ୍ୟନ୍ତ କରିବସିଲା ?''

''ଏହିଠାରେ ହିଁ ମାୟାବାଦର ବ୍ୟାପାର—ମାୟାରେ ପଡ଼ି ଜୀବ ଈଶ୍ୱରବିମୁଖ ହୋଇଗଲା ।''

''କଥା ତ ଏଇଠି, ମାୟା ପୁଣି କିଏ ? ସେ କେଉଁଠି ଥିଲା, କେଉଁଠାରୁ ଆସିଲା, କାହିଁକି ଆସିଲା ?''

''ମାୟା ତା'ର ପ୍ରକୃତି, ତା'ଠାରେ ହିଁ ଥିଲା । କିପରି ଓ କାହିଁକି ଆସିଲା, ଏଥିରେ ହଜାର ଥର ମୁଣ୍ଡ ପୁରାଇଲେ ବି ଜୀବ ତାହା ଜାଣିପାରିବ ନାହିଁ । କାହିଁକି ? ବର୍ତ୍ତମାନ ଅବସ୍ଥାରେ ଜୀବର ମନ ସ୍ଥୂଳ ଭୋଗମୁଖୀ, ଯାହାକୁ ପଦାର୍ଥ-ତାନ୍ତ୍ରିକ କୁହନ୍ତି । ଜ୍ଞାନର ବିକାଶରେ ବୁଦ୍ଧି ଯେତେବେଳେ କାରଣମୁଖୀ ହେବ, ସେତେବେଳେ ହିଁ ଆତ୍ମାନୁଭୂତିର ସୁଯୋଗ ଆସିବ । ଏହି ସବୁ ସାଧାରଣ ବିକୃତ ଅହଂ ବୁଦ୍ଧି ଦ୍ୱାରା ଧରିବାକୁ ଛୁଇଁବାକୁ କାହାର ଶକ୍ତି ନ ଥାଏ । ଏ କଥାକୁ ତ ବୁଝିପାରୁଛନ୍ତି ? ଇଚ୍ଛା କରି ବୋକା ସାଜିବେ ନାହିଁ ଯେପରି ।''

''ତା' ବୁଝିପାରୁଛି, କିନ୍ତୁ ଆମର ମନ ବୁଦ୍ଧି ତ ନିରସ୍ତ୍ର ହେବାକୁ ଚାହେଁ ନାହିଁ ! ଏହା ନିଜ ସ୍ୱଭାବର ନିୟମରେ ହିଁ ଘଟିଥାଏ ତ ? ଆମର ଅସ୍ତିତ୍ୱ ତ ତାକୁ ଛାଡ଼ି ରହି ନ ଥାଏ !''

''ସତ କଥା । ତା'ହେଲେ ଏ କଥା ମଧ୍ୟ ବୁଝିବାକୁ ହେବ ଯେ, ଯାହାର ବୁଦ୍ଧିର ସୂକ୍ଷ୍ମତତ୍ତ୍ୱ ସକଳ ଧାରଣାର ଅଧିକାରୀ ହୋଇଛି, ତା'ଙ୍କର ହିଁ ଏହି ତତ୍ତ୍ୱ ଜାଣିବାର କୌତୁହଳ ଅଦମ୍ୟ ହୋଇଥାଏ । ତେବେ ଏତିକି ସାବଧାନ ହେବାକୁ ପଡ଼ିବ, ଯେପରି ମସ୍ତିଷ୍କ ଦେଇ ଏହିସବୁ ତତ୍ତ୍ୱ ବୁଝିବାକୁ ଚେଷ୍ଟା କରିବେ ନାହିଁ, ତାହା କଲେ ହିଁ ସର୍ବନାଶ ହୋଇଯିବ ।''

''କାହିଁକି, ଖୋଲିକରି କହନ୍ତୁ ତ !''

''ଅତ୍ୟନ୍ତ ଘନିଷ୍ଠ ସହାୟ ଲାଗି ଦୁଇଟି ବସ୍ତୁ ଅଛି, ଯାହା ଆମର ସଂସାର-ଜୀବନର ପ୍ରତ୍ୟେକ କର୍ମରେ ପ୍ରଗତି ଆଣି ଦେଇଥାଏ । ସେହି ଦୁଇଟିରୁ ମନ ଗୋଟିଏ, ଆଉ ଅନ୍ୟଟି ବୁଦ୍ଧି । ମୂଳ କଥା—ଗୋଟିଏ ହେଲା ମସ୍ତିଷ୍କ, ଆଉ ଅନ୍ୟଟି ହେଲା ହୃଦୟ । ଯାହା କିଛି ବାସ୍ତବ ସମ୍ବନ୍ଧମୂଳକ ବ୍ୟବହାର, ତାହା ସ୍ଥୂଳ, ସୂକ୍ଷ୍ମ—ସବୁ କିଛି ହିଁ ମସ୍ତିଷ୍କ ବା ମନଧର୍ମର ଅନ୍ତର୍ଗତ । ସେଥିଲାଗି ଦର୍ଶନ ଶାସ୍ତ୍ରରେ ମନକୁ ଜଡ଼ ବା ବସ୍ତୁତାନ୍ତ୍ରିକ କୁହାଯାଇଛି । କାରଣ ଜଡ଼କୁ ଛାଡ଼ି ଚୈତନ୍ୟର ଅଧିକାର ଦ୍ୱାରା ମନର ଗତି ନ ଥାଏ, ସେହି ରାଜ୍ୟରେ ବୁଦ୍ଧି ବା ହୃଦୟର ଗତି । ହୃଦୟ କହିଲେ ଶରୀର ବ୍ୟବଚ୍ଛେଦ ବିଦ୍ୟାରେ ଆନାଟୋମିକାଲ୍ ହାର୍ଟ ବା ହୃତପିଣ୍ଡଟି ଯାହା, ତାହା ସେଇଆ ନୁହେଁ, ବନ୍ଧୁ । ପାର୍ଥିବ ସ୍ଥୂଳ, ସୂକ୍ଷ୍ମ ମନ ଏବଂ ଅପାର୍ଥିବ ଭାବାନୁଭୂତିର କେନ୍ଦ୍ର ହେଲା ହୃଦୟ; ଜୀବର ଏହି ହୃଦୟହିଁ ତାଙ୍କର (ଅର୍ଥାତ୍ ଈଶ୍ୱରଙ୍କର) ଲୀଳାର ଆସନ ।''

''ତା'ହେଲେ ଧର୍ମ ସମ୍ବନ୍ଧରେ ଯାହା କିଛି, ତା' ସଙ୍ଗେ ମନର ସମ୍ବନ୍ଧ ହିଁ ନାହିଁ ?''

''ତାହା ହିଁ ତ; ନିଶ୍ଚୟ ହିଁ ନ ଥାଏ । ତତ୍ତ୍ୱ-ତଃ ଧର୍ମହୃଦୟ ବା ଚୈତନ୍ୟରାଜ୍ୟ ଅଧିକାରର କଥା, ତାହା ଦ୍ୱାରା ହିଁ ତ ହୃଦୟକମଳ ମଧ୍ୟରେ 'ନିର୍ବିଶେଷମ ନିରୀହମ୍' କୁହାଯାଇଛି । ମନେ କରନ୍ତୁ ଏହି ଦୁଇଟି ମୋକ୍ଷର ମନ୍ତ୍ର ଆମ ଜନ୍ମଲାଭ ସମୟରୁ ହିଁ ଆମେ ପାଇଥାଉ, ତାହାକୁ ଆଧାର କରି ଆମେମାନେ ଏହି ସଂସାରରେ ବେପାର କରିଥାଉ । ବାସ୍ତବ ଭୋଗର ପ୍ରଭାବ ତ ମଣିଷର ମନରୁ ସହଜରେ ଦୂର ହୋଇପାରେ ନାହିଁ, ବରଂ ପ୍ରତ୍ୟେକ ଜୀବ ଭିତରେ ଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇ ରହିଛି । ମନପ୍ରଧାନ ମଣିଷ ମନର ଦାସତ୍ୱ କେତେ ଜନ୍ମଧରି କରିଚାଲେ, ତା'ର ହିସାବ କରୁଛି କିଏ ? ପ୍ରକୃତି ରାଜ୍ୟରେ ବିଷୟକୁ ଘଣ୍ଟାଘଣ୍ଟି କରି କରି ମନର ପ୍ରଭାବ କ୍ଷୀଣ, ବିଷୟଭୋଗରେ ବିରାଗ ଆସିବା ପରେ ବୁଦ୍ଧି ବା ଚୈତନ୍ୟ ରାଜ୍ୟରେ ଗତି ମିଳିପାରେ, ଉଚ୍ଚ ତତ୍ତ୍ୱସମୂହ ହୃଦୟ କ୍ଷେତ୍ରରେ ଅନୁଭୂତ ହୋଇଥାଏ । ତା'ର ଚରମ ପରିଣତି ଆତ୍ମ-ତତ୍ତ୍ୱରେ, ଆଉ ସେତେବେଳେ ଜନ୍ମ-ମରଣ ଭୀତି ଭ୍ରଂଶି ସତ୍ ଚିତ୍ ସ୍ୱରୂପମ୍ ସକଳ ଭୂବନ-ବୀଜମ୍ ବ୍ରହ୍ମଚୈତନ୍ୟମୀଢ଼େ । ସେତେବେଳେ ପ୍ରତ୍ୟକ୍ଷରେ ଏହି ମାନବଜନ୍ମ ସଫଳ ହୁଏ । ଏହି କଥା ନା ଆଉ କ'ଣ ? ବୁଝିଲେଟି ?''

''ତା'ହେଲେ ଏବେ ଯାହାର ବୁଦ୍ଧି ଚୈତନ୍ୟମୁଖୀ ହୋଇପାରିଛି, ତାଙ୍କ କ୍ଷେତ୍ରରେ ଈଶ୍ୱରପ୍ରାପ୍ତିର ପଥ ସମ୍ବନ୍ଧରେ ଚୈତନ୍ୟଦେବଙ୍କର ସ୍ଥିର ନିର୍ଦ୍ଦେଶ କ'ଣ, କହନ୍ତୁ ।''

''ଯଦି ଚୈତନ୍ୟଦେବଙ୍କର ନିର୍ଦ୍ଦେଶ ଜାଣିବାକୁ ଚାହାନ୍ତି, ତା'ହେଲେ ଆପଣଙ୍କର ଏହି ସଂଜ୍ଞା (ସର୍ବମୟ ଈଶ୍ୱରନିର୍ଦ୍ଦେଶକ ଶବ୍ଦଟିକୁ) ଟିକିଏ ବଦଳାଇବାକୁ ପଡ଼ିବ । ଭଗବାନ ବା ପରମେଶ୍ୱର ନ କହି ସେ ସ୍ଥାନରେ କୃଷ୍ଣ କହିବାକୁ ହେବ ତାଙ୍କୁ ।''

''ଦେଖନ୍ତୁ, ଏଠାରେ ଟିକିଏ ସନ୍ଦେହ ସୃଷ୍ଟି ହେଲା, ଯଦି କେହି ଭଗବାନ, ପରମେଶ୍ୱର ବା ରାମ, ଶିବ କହେ...''

ବାଧା ଦେଇ ସେ କହିଲେ, ''ଆପଣତ ଗୁରୁ ନାନକ, ରାମାନୁଜ, ଶଙ୍କରାଚାର୍ଯ୍ୟଙ୍କ ମତ ବା ତୁଳସୀଦାସଙ୍କ ମତ ଜାଣିବାକୁ ଚାହିଁନାହାନ୍ତି—ଚାହିଁଛନ୍ତି ଚୈତନ୍ୟଦେବଙ୍କର ମତ ଜାଣିବାକୁ । ବସ୍ତୁତଃ ତାଙ୍କର ଆଦର୍ଶ ସଜ୍ଞା ହେଲା କୃଷ୍ଣ । ତାଙ୍କ ଦ୍ୱାରା ପ୍ରଚାରିତ ଏହି କଥାଟିର ନିର୍ଦ୍ଦେଶକୁ ତାଙ୍କର ମନୋମତ ନାମଟିକୁ ହିଁ ନିଶ୍ଚିତ କରିବାକୁ ହେବ ତ ? ସେ ଏହି କୃଷ୍ଣଙ୍କୁ ହିଁ ତାଙ୍କର ପରମାଶ୍ରୟ ବୋଲି ନିର୍ଦ୍ଦେଶ କରିଛନ୍ତି, ପୁଣି ଏକମାତ୍ର ସରଳ ପ୍ରେମର ଉଦ୍ଭବ ହେଲେ ହିଁ ତାଙ୍କୁ ଆଶ୍ରୟ କରାଯାଇପାରେ, ଅନ୍ୟ କୌଣସି ସୂତ୍ର ନାହିଁ ତତ୍ତ୍ୱଟିକୁ ଆବୋରିନେବାର—ଏହି ସତ୍ୟକୁ ପ୍ରକାଶ କରି ସେ ଆମମାନଙ୍କୁ ଧନ୍ୟ କରିପାରିଛନ୍ତି । ତାଙ୍କର ଧର୍ମତତ୍ତ୍ୱକୁ ଏହି ଭାବରେ ହିଁ କହିବାକୁ ପଡ଼ିବ ।''

''ତା'ହେଲେ ଦୟାକରି ଆଉ ଟିକିଏ କହନ୍ତୁ—ଏହି ସରଳପ୍ରେମ କିପରି ଭାବରେ ଉଦ୍ରେକ ହେବ, ଯଦ୍ୱାରା କୃଷ୍ଣତତ୍ତ୍ୱପ୍ରାପ୍ତି ବା ଫଳପ୍ରାପ୍ତି ଘଟିବ ?''

ଶୁଣିଦେଇ ସେ ହସିବା ଆରମ୍ଭ କରିଦେଲେ । ସେ ହସ ଆଉ ବନ୍ଦ୍ ହେଲା ନାହିଁ—ଆଖିରେ ଜଳ ଆସିଗଲା, ସେହି ହସ ଯୋଗୁ ମୁଁ ଅବାକ୍ ହୋଇ ଚାହିଁରହିଲି । ଟିକିଏ ସ୍ଥିର ହେଲା ପରେ ପଚାରିଲି, ''ଏତେ ହସ କାହିଁକି ?''

ସେ କହିଲେ, ''ସେ ବସ୍ତୁ ଜୀବନର ସାଧ୍ୟାତୀତ—ମୁଣ୍ଡରୁ ଝାଳ ବାହାର କରି ଯୋଗ-ଜପ-ତପ, ଯେତେ ପ୍ରକାର ଯୌଗିକ କ୍ରିୟା-କୌଶଳ ମଣିଷକୁ ଜଣା ଥାଏ, ତାହା ସବୁ ପ୍ରୟୋଗ କଲେ ମଧ୍ୟ ସମ୍ଭବ ନୁହେଁ । ତେଣୁ କୃଷ୍ଣକୃପାଲାଭ ସରଳ ପ୍ରେମ ଦ୍ୱାରାହିଁ କେବଳ ସାଧ୍ୟ, ଏହି କଥାହିଁ କହୁଥିଲି । ଆଉ ହସ ଲାଗିଲା ଏହାହିଁ ଭାବି ଯେ—ଯିଏ ମନେକରେ ଯେ ବୁଦ୍ଧି ବଳରେ ବା କଠୋର ତପସ୍ୟା ଦ୍ୱାରା ସେ ମିଳିଯିବେ, ତା' ପାଇଁ ଦରଜା ଦୃଢ଼ ଭାବରେ ବନ୍ଦ୍ ଥାଏ ।''

''ପ୍ରେମ କ'ଣ ବୁଝିପାରୁଛି, ମାତ୍ର ସହଜ-ସରଳ ପ୍ରେମ କହୁଛନ୍ତି କାହିଁକି ?''

''ଯାହା ସ୍ୱତଃ ହିଁ ଉତ୍ପନ୍ନ ହୋଇଥାଏ, ତାହାହିଁ ସହଜ-ସରଳ । ଚେଷ୍ଟା କରି ତାହା ପ୍ରାପ୍ତ କରାଯାଏ ନାହିଁ—ଏହା ତାହା ହିଁ...''

''ଅର୍ଥାତ୍ ନିଜ ଆଡୁ ଯାହାର ଏପରି ଘଟିଲା ଓ ତାକୁ କୃଷ୍ଣକୃପା ପ୍ରାପ୍ତ ହେଲା । ଯାହାର ସେହି ପ୍ରେମ ନ ଥାଏ, ସେ ବଞ୍ଚିତ ହେବ—ଏହାହିଁ ବିଧାନ ?''

''ହଁ, ନିଶ୍ଚୟହିଁ । ସେଥିଲାଗି ତ ଏହି କାରଣରୁ ହିଁ ବସ୍ତୁଟିକୁ ଦୁର୍ଲଭ କୁହାଯାଇଛି । ସାଧାରଣ ମଣିଷ ପକ୍ଷେ ଏହା ସାଧ୍ୟାୟତ ନୁହେଁ ।''

''ତେବେ କ'ଣ ଏହି ବସ୍ତୁଟି ଗୋସାଁଇ-ବାବାଜୀମାନଙ୍କର ଏକଚାଟିଆ ସମ୍ପତ୍ତି ହୋଇ ରହିବ, ଯେଉଁମାନେ ଚୈତନ୍ୟଦେବଙ୍କର କୃପା ପାଇଛନ୍ତି, ସାଙ୍ଗସାଥୀ ବୋଲି ପ୍ରଚାରିତ, ସେହିମାନଙ୍କ ବଂଶଧରଙ୍କ ମଧ୍ୟରେ ?''

''ସେମାନଙ୍କର କାହାର ଯଦି ଏହି ପ୍ରେମ ଉଦୟ ହୋଇଥାଏ, ତା'ହେଲେ ନିଶ୍ଚୟ ହିଁ ସେମାନେ ଲାଭ କରିପାରିବେ, ନତୁବା ନୁହେଁ ।''

''କିନ୍ତୁ ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ମନ୍ତ୍ରଦୀକ୍ଷାର ବ୍ୟାପାର ଥାଏ ବୋଲି ତ ଦେଖିଛି, ଗୋସାଁଇ-ଗୁରୁମାନେ ଦୀକ୍ଷା ଦେଇଥାଆନ୍ତି, ଗୁରୁଙ୍କ ପ୍ରାପ୍ୟ ଆଦାୟ କରନ୍ତି, ତାହା ମଧ୍ୟ ଦେଖିଛି ଓ ଶୁଣିଛି—ତାନ୍ତ୍ରିକ ଗୁରୁଙ୍କ ପରି ସେମାନଙ୍କର ବ୍ୟବହାରକ୍ରମ ।''

''ସେମାନଙ୍କୁ ଏହି ସାଧାରଣ ବ୍ୟବସାୟୀ ଗୁରୁ ପର୍ଯ୍ୟାୟରେ ଚଖି ବିଚାର କରିବେ । ତେବେ ବଂଶ ମଧ୍ୟରୁ କେହି ଜଣେ ଭଗବାନଙ୍କର କୃପାଲାଭ କରିବାର ଫଳ ଦ୍ୱାରା ତାଙ୍କର ବଂଶ ଧନ୍ୟ ହୋଇଥାଏ । ସେହି ବଂଶରେ ସତ୍ୟତାର ପ୍ରଭାବ ଅଥବା ଉଚ୍ଚ ଧର୍ମ-ସଂସ୍କୃତିର

ଛାପ ରହିଥାଏ । ଏହା ପ୍ରାୟ ସର୍ବତ୍ର ହିଁ ଅଛି ମଣିଷ ସମାଜରେ । ଗୋଟିଏ ଦରିଦ୍ରବଂଶ ମଧ୍ୟରୁ କୌଣସି କୃତୀ, ଧନବାନ ଜନ୍ମ ନେଲେ ଅଥବା କୌଣସି ଗୃହସ୍ଥର ସଂସାରରେ ଅସାଧାରଣ ବ୍ୟକ୍ତି ଜନ୍ମ ନେଲେ, ବଂଶ ଉଜ୍ଜ୍ୱଳ ହୁଏ, ଆଉ ତାଙ୍କର ବଂଶଧରମାନେ ସେହି ନାମକୁ ଭଙ୍ଗାଇ ଖାଇଥାନ୍ତି, ଏହା ଏଠାରେ ସର୍ବତ୍ର ସାମାଜିକ ବିଧି । ନୁହେଁ କି ? ତାହା ଯଦି ହୋଇଥାଏ ତା'ହେଲେ, ଯେଉଁ ବଂଶରେ ଜଣେ ଭଗବତ-ଭକ୍ତ ବା ତତ୍ତ୍ୱଦର୍ଶୀ ଜନ୍ମ ନେବ, ତାଙ୍କର ବଂଶଧରଗଣ କ'ଣ ଉନ୍ନତ ହେବେ ନାହିଁ ? ସମାଜର ଦଳେ ଲୋକଙ୍କର ଆଖିରେ ଭାବନା ସେହି ପ୍ରକାରର । ଆଉ ସେହି ସମାଜରେ ହିଁ ତାକୁ ପ୍ରସିଦ୍ଧି ମିଳିବ କି ନାହିଁ ? ସେଥିରେ ହିଁ ତାହାର ସୁଖ ମିଳିଥାଏ ଯେ । ତା'ପରେ ଏହିଠାରେ ହିଁ ଏକ ଗୁହ୍ୟ କଥା ଅଛି । ସେକଥା କହିବି କି ନାହିଁ ଆପଣଙ୍କୁ ?'' ତାଙ୍କର ପ୍ରଶ୍ନ ।

''ଏବେ ତ କହୁଥିଲେ—ପ୍ରେମ ହିଁ କେବଳ, ସହଜ ପ୍ରେମର ଅଧିକାର ହେଲା କୃଷ୍ଣପ୍ରେମ ଲାଭ ବ୍ୟାପାରରେ ? ତେବେ ପୁଣି ଗୁହ୍ୟ କଥା କ'ଣ ?''

''ସେ ବିଷୟରେ ଅବଶ୍ୟ କୌଣସି ସନ୍ଦେହ ନାହିଁ । ତେବେ ମନ୍ତ୍ରଶକ୍ତି ବଳରେ ଗୋଟିଏ କଥା ଅଛି, ତାହା ଜଣା ଅଛି କି ? ନ ଥାଏ ତ କହୁଛି ଶୁଣନ୍ତୁ । ପୂର୍ବାପର ଗୁରୁ-ପରମ୍ପରାରେ ମନ୍ତ୍ର ଚୈତନ୍ୟ, ଅର୍ଥାତ୍ ମନ୍ତ୍ରକୁ ଆତ୍ମଶକ୍ତିରେ ଚୈତନ୍ୟମୟ କରିବାର ପ୍ରଥା ଭାରତରେ ଧର୍ମମାର୍ଗର ଏକ ପରମ ଆବିଷ୍କାର ।''

''ତା'ହେଲେ ଆମର ଉପାୟ ?''

''ସେହି କଥା କୁହନ୍ତୁ—ବାଟକୁ ଆସନ୍ତୁ । ଏହି କଥାଟି ହିଁ ଯଥାର୍ଥ ରିୟାଲିଷ୍ଟିକ୍ ବସ୍ତୁତାନ୍ତ୍ରିକ ।'' ସେ କହିଲେ, ''ବେଶ, ଏବେ ଏହା ନିଶ୍ଚୟ ଅନୁଭବ କରୁଛନ୍ତି ଯେ କୃଷ୍ଣତତ୍ତ୍ୱ ଏବଂ ତାହା ସହ ଅବିଚ୍ଛେଦ୍ୟ ଭାବରେ ଜଡ଼ିତ ରାଧାତତ୍ତ୍ୱ, ଅର୍ଥାତ୍ ରାଧାଙ୍କ ସହ ତାଙ୍କର ସମ୍ବନ୍ଧ—ଏହି ତତ୍ତ୍ୱଟିକୁ ଧାରଣା କରିବା ବା ଅନୁଭୂତି ଜୀବର ସାଧ ନୁହେଁ ଅର୍ଥାତ୍ ଅହଂସର୍ବସ୍ୱ ଜୀବର ପ୍ରଚେଷ୍ଟା ଦ୍ୱାରା ମଧ୍ୟ ସମ୍ଭବ ନୁହେଁ । ତା'ହଲେ ଆମର ହବ କ'ଣ ? ଏବେ ଟିକିଏ ଭାବି ଦେଖନ୍ତୁ । ମୁଁ କହିଲେ କାହାକୁ ବୁଝାଏ ? ଏହି ଯେଉଁ ମୁଁ, ସେ ପୁଣି କିଏ ?''

''ନିଶ୍ଚୟ ହିଁ ସେ ଜୀବ, ତେବେ ହୁଏତ କିଛି ଉନ୍ନତ ।''

''କେଉଁ ହିସାବରେ, କେତେଦୂର ଉନ୍ନତ ? ଏହି ହିସାବରେ ଯେ, ହୁଏତ ତାହାର ମୁମୂକ୍ଷୁତା ଆସିଛି । ସଂସାରର ସୁଖ-ଦୁଃଖ ଆଉ ଭଲ ଲାଗେ ନାହିଁ । ବୈରାଗ୍ୟ ଭାବ ଆସିଛି ତା'ର । ଅର୍ଥାତ୍ କେଉଁ ଭାବରେ ଏହି ଗତାନୁଗତିକ ସ୍ୱାର୍ଥପର କାମାନ୍ଧ ଜୀବନଧାରା ଠାରୁ ତାକୁ କିପରି ମୁକ୍ତି ମିଳିବ, ଏହି ଇଚ୍ଛା ପ୍ରବଳତର ହୋଇଛି । ଏ କଥା ଯେବେ ବିଚାର କରୁ, ତେବେ ତାହା ତା'ର ପାଇଁ ହିଁ ସଖୀଭାବରେ ସାଧନ, ଅଥବା ସଖୀଅନୁଗାମୀ ହେବା । କାରଣ ପ୍ରଥମ ଅବସ୍ଥାରେ ରାଧାଙ୍କ ନିକଟରେ ତୁମେ ପହଞ୍ଚି ପାର ନାହିଁ, ଆଉ

ରାଧାର ସମ୍ପର୍କ ନ ପାଇଲେ ରାଧାନାଥଙ୍କର ସନ୍ଧାନ ମିଳିପାରେ ନା । କାରଣ ତୁମେ ଜୀବ, ଅର୍ଥାତ୍ ଯେତେବେଳଯାଏ ତୁମର ଜୀବଭାବ ଆଉ ଜୀବଧର୍ମ ଆବର୍ତ୍ତମାନ, ସେତେବେଳଯାଏ ରାଧାଭାବ ବା ରାଧାତତ୍ତ୍ୱ ବସ୍ତୁତଃ ତୁମର ଅଗୋଚର, ସୁତରାଂ ଦୁର୍ଜ୍ଞେୟ । ପୁଣି ରାଧା ହେଲେ କୃଷ୍ଣମୟ, ଭାଷା ବା ଶବ୍ଦଗତ ଅର୍ଥ ଦେଇ ଅଥବା ମସ୍ତିଷ୍କ ସାହାଯ୍ୟରେ ତତ୍ତ୍ୱବୋଧ ଯେପରି ଅସମ୍ଭବ, ଦୁର୍ଜ୍ଞେୟ ଜଟିଳ ହୋଇଥାଏ, ସେହିପରି ଯେତେବେଳଯାଏ ତୁମ ମଧ୍ୟରେ ଜୀବଭାବ ଅର୍ଥାତ୍ କାମିନୀ-କାଞ୍ଚନ ମୋହ ଆବର୍ତ୍ତମାନ ଅଛି, ରାଧାତତ୍ତ୍ୱ ତୁମର ବୋଧ-ଆୟତ୍ତର ବାହାରେ । ଜୋର କରି ବୁଝିବାକୁ ଗଲେ, ନରନାରୀ ସମ୍ଭୋଗ ଭାବରେ ଆରୋପ । ଏହାପରେ ଅନ୍ୟ କି କଥା, ଏପରିକି ବୈଷ୍ଣବ ସାଧକ ସାଧାରଣଙ୍କ ପକ୍ଷେ ମଧ୍ୟ ଏହି ରାଧାତତ୍ତ୍ୱ ତୁଲ୍ୟ ବିପଦ ବା ବିଭ୍ରାନ୍ତିକର ବ୍ୟାପାର ଓ ଅଧଃ-ପତନର ପଥ ଆଉ କିଛି ନାହିଁ । ଆଉ ସେହି କାରଣରୁ ସହଜିୟା ଧର୍ମର ଆଜି ଏତେ ଦୂର ଅଧପତନ । ରାଧା କେବେହେଁ ଏକ ନାରୀ ନୁହନ୍ତି, ଅଥବା କୃଷ୍ଣ ତୁମ ପରି ଏକ ପୁରୁଷ ନୁହନ୍ତି । ରାଧାକୃଷ୍ଣତତ୍ତ୍ୱ ସାଧାରଣ ସ୍ତ୍ରୀ-ପୁରୁଷଘଟିତ ବ୍ୟାପାରରେ ପରିଣତ କରିବାର ବିପଦ ସାଧାରଣ ନୁହେଁ । ଚିନ୍ତାଶୀଳତା ଥିଲେ ମଧ୍ୟ ସାଧନ ରାଜ୍ୟରେ ନିମ୍ନସ୍ତରର ମାନବ ସେଥିପାଇଁ ଏହି ମହାନ୍ ତତ୍ତ୍ୱାନୁଭୂତି କ୍ଷେତ୍ରରେ ଆଜି ବଞ୍ଚିତହୋଇଛି ।''

''ତା'ହେଲେ ଏହି ପ୍ରଶ୍ନ ଆସେ, ରାଧା କି ବସ୍ତୁ, ରାଧା କିଏ ? କୃଷ୍ଣ ବ୍ୟତୀତ ଅନ୍ୟ ଅବଲମ୍ବନ ଯାହାର ନାହିଁ, କୃଷ୍ଣ ବ୍ୟତୀତ ତାଙ୍କର ଅନ୍ୟ ବୋଧ ନାହିଁ । ସେଥିଲାଗି ରାଧା ପରମତତ୍ତ୍ୱ କୃଷ୍ଣଙ୍କର ପ୍ରକୃତି । ଆଧାର-ତତ୍ତ୍ୱ ହିଁ ରାଧା, ରାଧାଙ୍କଠାରେ କୃଷ୍ଣଙ୍କର ବିହାର ବା ଅଧିଷ୍ଠାନ କଥା ଭାଷାରେ କହିବାକୁ ଗଲେ, ରାଧା ହେଉଛନ୍ତି ଏକ ଆଧାର । ତନ୍ମଧ୍ୟରେ କୃଷ୍ଣ ବ୍ୟତୀତ ଅନ୍ୟ କାହାର ସ୍ଥାନ ନାହିଁ । କୃଷ୍ଣ ଦ୍ୱାରା ହିଁ ପୂର୍ଣ୍ଣ ରାଧା, ଏକମାତ୍ର ରାଧା ଦ୍ୱାରା ହିଁ ସେ ଘନୀଭୂତ । ଏହାପରେ ଅଧିକାରୀର କଥା, ଯାହାର କାରଣମୁଖୀ ବୁଦ୍ଧି ହୋଇଛି—ଯିଏ ସତ୍ତ୍ୱଗୁଣାଶ୍ରୟୀ ବୈରାଗ୍ୟବାନ ପୁରୁଷର ତୁଚ୍ଛ ଭୋଗ୍ୟବସ୍ତୁର ଅସାରତା ଯାହାର ହୃଦୟଙ୍ଗମ ହୋଇଛି, ଏହି ସୀମାବଦ୍ଧ ପଦାର୍ଥ-ତାନ୍ତ୍ରିକ କର୍ମଜଗତରୁ କିପରି ପ୍ରଭାବମୁକ୍ତ ହେବାକୁ ପଡ଼େ ଓ ଯାହାର ଏହି ଭାବର ମୁମୁକ୍ଷୁତ୍ୱ ଆସିଥାଏ, ସେହି ହିଁ ଅଧିକାରୀ ।''

''ଜୀବକୁ ପ୍ରଥମେ ମାନବ ଭାବରେ ସମାଜ ଆସିବା କଥା ଜାଣନ୍ତି ତ ? ପ୍ରଥମ ସ୍ତରରେ ସେ ଥାଏ ପ୍ରାୟ ପଶୁ । ମନୁଷ୍ୟ ସମାଜରେ, ନାନାସ୍ତରର ସଂସ୍କୃତି ମଧ୍ୟ ଦେଇ, ଘାତ-ପ୍ରତିଘାତ, ଜନ୍ମ-ମୃତ୍ୟୁ, ନାନା କର୍ମଫଳ ଭୋଗ ହେବା ପଥରେ କ୍ରମେକ୍ରମେ ସହଜ ବା ସରଳ ହୋଇଥାଏ । ବହୁ ଜନ୍ମ ପରେ ସେ ସ୍ଥିତଧୀସମ୍ପନ୍ନ ହୋଇ ସମାଜର କଲ୍ୟାଣ ଚିନ୍ତାର ଉପଯୁକ୍ତ ହୋଇଥାଏ ।''

ମୁଁ କହିଲି, ''ଆପଣଙ୍କର ପ୍ରକୃତ ବକ୍ତବ୍ୟ ହେଲା, ଜୀବ ପ୍ରଥମାବସ୍ଥାରେ ବୁଦ୍ଧି ଦିଗରୁ ହୋଇଥାଏ ସ୍ଥୂଳବୁଦ୍ଧିସମ୍ପନ୍ନ, ଏହା ହିଁ ନା ?''

ସେ କହିଲେ, ''କେବଳ ବୁଦ୍ଧି ନୁହେଁ, ମନରେ ମଧ୍ୟ ସେ କିଛି କମ୍ ପଶୁ ନଥାଏ । ଆପଣଙ୍କ ସମାଜର ଚତୁର୍ଦ୍ଦିଗରେ ହିଁ ଏହି ସ୍ତରର ଅଜସ୍ର ମନୁଷ୍ୟ ଦେଖିବାକୁ ପାଉନାହାନ୍ତି କି ? ସେମାନଙ୍କର ହିଂସ୍ର ବ୍ୟବହାର, ଦୁର୍ଦ୍ଦମନୀୟ ପଶୁବୃତ୍ତିର ଦୌରାତ୍ମ୍ୟ ଦ୍ୱାରା ସମୟ ସମୟରେ ଶାନ୍ତି-ସ୍ୱସ୍ତିରେ ସମାଜରେ ଜୀବନଯାପନ କରିବା ତ ପ୍ରାୟ ଅସମ୍ଭବ ହୋଇପଡ଼ିଥାଏ ? ଅଥଚ ଚେହେରାରେ ବା ପୋଷାକପରିଚ୍ଛଦରେ ସେମାନେ ଠିକ୍ ମନୁଷ୍ୟ ନୁହଁନ୍ତି କି ? ଏବେ ସାଧାରଣତଃ ଜୀବ କୃଷ୍ଣବିମୁଖ ଅର୍ଥାତ୍ ତା'ର ଜୀବବୁଦ୍ଧି କାରଣମୁଖୀ ହୁଏ ନାହିଁ । କାରଣମୁଖୀ କହିଲେ, ପ୍ରଥମେ ତା'ର କେବଳ ନିଜର ଭୋଗ-ସୁଖ ଦ୍ୱାରା କେନ୍ଦ୍ରସ୍ଥ ଥାଏ ସ୍ଥୂଳ ସ୍ୱାର୍ଥପର ବୁଦ୍ଧି । ତାହାପରେ କ୍ରମେ ମନୁଷ୍ୟସମାଜଗତ ସୂକ୍ଷ୍ମ-ବୁଦ୍ଧି, ତା'ପରେ ଏହି ଯେଉଁ ବିଶାଳ ସୃଷ୍ଟି, ଦୃଶ୍ୟ-ଅଦୃଶ୍ୟ ପଦାର୍ଥ ସହ ମାନବର ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ, ଅଶାନ୍ତିକର ଉତ୍ପତ୍ତି ବା କାରଣ ଦିଗରେ ଯେତେବେଳେ ତା'ର ବୁଦ୍ଧି ପ୍ରସାରିତ ହୁଏ, ସେତେବେଳେ ହିଁ ତା'କୁ କାରଣମୁଖୀ ବୁଦ୍ଧି କୁହାଯାଏ, ଯେଉଁ ବୁଦ୍ଧି କାରଣରୂପେ ଏକ ସ୍ରଷ୍ଟାଙ୍କୁ ଆଶ୍ରୟ କରି ସାରା ମନୁଷ୍ୟସମାଜରେ ପ୍ରସାରିତ ହୋଇଥାଏ । ତାହାକୁ ହିଁ ବୈଷ୍ଣବ ଶାସ୍ତ୍ରରେ ଧର୍ମବୁଦ୍ଧି ବା କୃଷ୍ଣେ-ରତି କୁହାଯାଇଥାଏ । ତା'ହେଲେ ପ୍ରଥମରେ ସେ କୃଷ୍ଣବିମୁଖ, ତା'ପରେ କ୍ରମେ ଜନ୍ମ-ଜନ୍ମାନ୍ତରରେ ତା'ର ଧର୍ମବୁଦ୍ଧି ବା କୃଷ୍ଣେ-ରତି ଜାଗି ଉଠିଥାଏ । ସେହି କଥା ହିଁ ଶାସ୍ତ୍ରରେ ରହିଛି । ସେହି ଧର୍ମର ଚରମ ବିକାଶ ପ୍ରେମଧର୍ମରେ । ସେ ଅବସ୍ଥାର ଯେଉଁ ଅନୁଭୂତି ବା ଚରମ ତତ୍ତ୍ୱ ସାକ୍ଷାତକାର, ତାହା ହେଲା ରାଧାତତ୍ତ୍ୱରେ । ଏହା ହିଁ ସାରକଥା ।''

ମୁଁ କହିଲି, ''ଆପଣ ରାଧାଙ୍କ ବିଷୟ ଟିକିଏ ବିସ୍ତୃତ କରି କହନ୍ତୁ ।''

''ରାଧା କୃଷ୍ଣଙ୍କର ପ୍ରିୟତମା ପରମାପ୍ରକୃତି । ତାଙ୍କର ହୃଦୟ ଆଧାରରେ ହିଁ କୃଷ୍ଣ ଅଧିଷ୍ଠିତ । ତାହାର ହିଁ ରୂପକ ହେଲା ବାସକସଜ୍ଜା, ବିରହପୀଡ଼ିତ ଅବସ୍ଥାରେ ଆତ୍ୟନ୍ତିକ ଆକର୍ଷଣ, ଯଦ୍ୱାରା କୃଷ୍ଣ ମିଳିତ ନ ହୋଇ ରହିପାରନ୍ତି ନାହିଁ । ରାଧାଙ୍କ ଆକର୍ଷଣ କୃଷ୍ଣଙ୍କୁ କରେ ଆକର୍ଷିତ, ଯେଉଁ ଆକର୍ଷଣ ଦ୍ୱାରା କୃଷ୍ଣଯୁକ୍ତ ନ ହୋଇ ରହିପାରନ୍ତି ନାହିଁ—ଅଚ୍ଛେଦ୍ୟ ଭାଗବତୀ ନିୟମ ଦ୍ୱାରା ଆଧେୟକୁ ଆଧାରର ଏହି ଆକର୍ଷଣ ଆଣି ଉପସ୍ଥିତ କରାଇଥାଏ । ମୂଳ ସ୍ତରରେ କିନ୍ତୁ ଆଧେୟ କେବେ ହେଁ ଆଧାରଶୂନ୍ୟ ହୋଇନଥାନ୍ତି; ମାୟାବଶରେ କେବେକେବେ ଆଧାରର ଧାରଣା ହୋଇଥାଏ ଯେ ଆଧେୟ କୃଷ୍ଣ ବୋଧହୁଏ ନିଜ ଆସନରେ ନାହାନ୍ତି । ପୁନଶ୍ଚ ସେହି ବିରହ ଅବସ୍ଥା, ଅର୍ଥାତ୍ କେଉଁଠାରେ ହିଁ ହୋଇଚାଲେ ଅନୁସନ୍ଧାନ, ଫଳରେ ପୁନଃମିଳନ । ଏହି ଭାବେ ସେମାନଙ୍କର ଆମ୍ଳୀଳା ଲାଗିଥାଏ । ଏହି ଯେଉଁ ଏକସମୟର ମିଳନ, ପରକ୍ଷଣରେ ତାହା ବିରହ । ଜୀବ କିପରି ଧାରଣା କରିପାରିବ ସେ ମିଳନରେ ହୋଇଥାଏ କ'ଣ ? ବିରହ-ବ୍ୟାକୁଳତା ହିଁ ବା କ'ଣ ? ପ୍ରକୃତରେ ବିଚ୍ଛେଦ ହିଁ ସୂଚାଇ ଦେଇପାରେ, ସେ ମିଳନ କିପରି ବସ୍ତୁ । ମିଳନତତ୍ତ୍ୱ ନିର୍ବାକ ତନ୍ମୟତାର ଉପଲବ୍ଧି ମାତ୍ର ହୋଇଥାଏ । ତାହା ହେଲା ଅନୁଭୂତିର ପରାକାଷ୍ଠା । ଜୀବ,

ରାଧା, କୃଷ୍ଣ ଏହି ତିନିଗୋଟି ବସ୍ତୁବୋଧ ମଧ୍ୟରେ ଯଦି ଧରାଯାଏ, ତା'ହେଲେ କ'ଣ ବୁଝାଯିବ ? ପୃଥିବୀର ମନୁଷ୍ୟ, ଶକ୍ତି ବା ପ୍ରକୃତି ଆଉ ଈଶ୍ୱର, ଏହି ତ୍ରିତତ୍ତ୍ୱ ମୂଳରେ ଅଚ୍ଛେଦ୍ୟ ସମ୍ବନ୍ଧ ଦ୍ୱାରା ଆବଦ୍ଧ—ସ୍ଥୂଳ ଭାଷାରେ ଏତିକି ମାତ୍ର କୁହାଯାଇପାରେ । ମାନବ ଅରୂପ ବୋଲି ଚିନ୍ତାକରିପାରେ ନାହିଁ, ଚାହେନା ମଧ୍ୟ ରୂପକୁ ତ୍ୟାଗକରିବାକୁ । ସେଥିଯୋଗୁ ତା'ର ରୂପ-କଳ୍ପନା ।''

''ଅରୂପର ରାଜ୍ୟ କ'ଣ କଳ୍ପନା ମଧ୍ୟରେ ଅନୁଭବ କରିପାରିବେ ? ଜ୍ୟୋତି ହିଁ-ମଧ୍ୟ ରୂପ-ଜ୍ୟୋତିର ଆକାର ଓ ବିସ୍ତାର ମଧ୍ୟ ଅଛି ତ ? ସେହି ଜ୍ୟୋତି ଯଦି ନିରବଚ୍ଛିନ୍ନ ଭାବରେ ହୋଇଥାଏ, ତା'ହେଲେ ଆକାର ବା ରୂପ, କାହାକୁ ଆଶ୍ରୟ କରି ରହିପାରିବ ?''

''ପ୍ରଥମେ ପ୍ରଥମେ ଆଖି ବନ୍ଦକରି ଯେଉଁ ଜ୍ୟୋତି ଦେଖାଯାଇଥାଏ, ତାହା ଦିନ-ତମାମ୍ ସୂର୍ଯ୍ୟଙ୍କ **ଆଲୋକର ପ୍ରତିକ୍ରିୟା** । ସୂର୍ଯ୍ୟାଲୋକର ଯେଉଁ ସ୍ମୃତି ଆମ ମଧ୍ୟରେ ଚିତ୍ରିତ ହୋଇଥାଏ, **ଅନ୍ଧକାର ମଧ୍ୟରେ** ତାହା ନାନା ବର୍ଣ୍ଣରେ ନାନା ଆକାରରେ ଫୁଟି-ଉଠିଥାଏ । **ଏହିସବୁ ପ୍ରକୃତ ବର୍ଣ୍ଣାନୁଭୂତିର** କ୍ରିୟା-ପ୍ରତିକ୍ରିୟା କଟିଗଲା ପରେ, ସେହି ସମୟରେ, **ଇଷ୍ଟଙ୍କଠାରେ ତନ୍ମୟ**ତାରୁ ଯେଉଁ ଜ୍ୟୋତିଦର୍ଶନ ହୋଇଥାଏ, ତାହା ହିଁ ଯୋଗୀ**ଜନଙ୍କର ବ୍ରହ୍ମଜ୍ୟୋତି** ।''

''**ଆଉ ବୈଷ୍ଣବମା**ନଙ୍କର ? ସେହି ଗୋଲକ, ଯେଉଁ କ୍ଷେତ୍ରରେ ହରି ଗୋଲକବିହାରୀ । **ଏହିଭା**ବରେ ସେଠାରେ ଜ୍ୟୋତିର୍ମୟ ରୂପ । ରୂପପିପାସୀମାନେ ସେହିଠାରେ ହିଁ ଦେଖନ୍ତି ସେ ରୂପ । ଅବଶ୍ୟ ଶେଷରେ ସେସବୁ କିଛି ଆଉ ରହିପାରେ ନାହିଁ— ଚୈତନ୍ୟ ମଧ୍ୟରେ ସମସ୍ତ କିଛି ବିଲୟ ହୋଇଯାଏ । ପ୍ରବର୍ତ୍ତକ ଅବସ୍ଥାରେ ଐକାନ୍ତିକ ସାଧନା ଫଳରେ, ସାଧନାରେ ମଗ୍ନରହି, ଅନେକ କିଛି ଦର୍ଶନ ଲାଭର ମଧ୍ୟ ସମ୍ଭବ ହୋଇଥାଏ । ସେହି ଦର୍ଶନକୁ ଭାଷାରେ ବର୍ଣ୍ଣନା କରିବାକୁ ହେଲେ ମିଥ୍ୟାର ଆଶ୍ରୟ ନିଆଯିବ, ଭୁଲ୍ ହୋଇଯିବ । କାରଣ ପ୍ରତିପାଦ୍ୟ ଶବ୍ଦର ଅଭାବ, ପୁଣି ଭକ୍ତିଶାସ୍ତ୍ରରେ ସାଧକ, ଭକ୍ତ ବା ଯୋଗୀମାନଙ୍କ ମଧ୍ୟରେ ଯେଉଁସବୁ ଶବ୍ଦ ପ୍ରଚଳିତ ଅଛି, ତାକୁ ନେଇ ସାଧାରଣ ସାହିତ୍ୟିକ ଅଥବା ବହିରଙ୍ଗ, କାହାକୁ ମଧ୍ୟ ବୁଝାଇଦେଇ ସେହି ଭାବରେ ପ୍ରଭାବିତ କରାଯାଇ ପାରେ ନାହିଁ ।''

''ଏହା ସତ୍ୟ । ପରମହଂସ ଦେବ ମଧ୍ୟ ନରେନ୍ଦ୍ର, ରାଖାଲ, ରାମଚନ୍ଦ୍ର, ବାବୁରାମ ପ୍ରଭୃତି ପ୍ରିୟତମ ଭକ୍ତମାନଙ୍କଠାରେ ତାହା ପ୍ରକାଶ କରିପାରିନାହାନ୍ତି । ସମସ୍ତେ ବସିରହି ତାଙ୍କର ସମାଧି ଅବସ୍ଥା ଦେଖୁଛନ୍ତି, ମାତ୍ର ସିଏ ଯେ କ'ଣ ଦେଖୁଛନ୍ତି, କ'ଣ ଅନୁଭବ କରୁଛନ୍ତି, ତାହା ଚେଷ୍ଟା କରି ମଧ୍ୟ ପ୍ରକାଶ କରିପାରି ନାହାନ୍ତି । ଶ୍ରୀ ଚୈତନ୍ୟଦେବଙ୍କର ମଧ୍ୟ ସେହି ଭାବ ଘଟୁଥିଲା ।''

''ରାୟ ରାମାନନ୍ଦ, ସ୍ୱରୂପ ଦାମୋଦର, ଶିଖି ମାଇତି, ମାଧବୀ ପ୍ରଭୃତିଙ୍କୁ ସଙ୍ଗରେ ନେଇ ଗମ୍ଭୀରାରେ ରାତ୍ରି କାଳରେ, ସେ ଯେତେବେଳେ ରାଧାଭାବରେ କୃଷ୍ଣ, ପୁଣି କୃଷ୍ଣଭାବରେ ରାଧା ରସ ଆସ୍ୱାଦନ କରୁଥିଲେ, ସେ ବିଷୟଟି ଲୋକସମାଜର ବ୍ୟାପାର ନୁହେଁ । ସାଧାରଣତଃ ଜଣେ ବୈରାଗୀ, ଯେତେ ବୁଦ୍ଧିମାନ, ଯେତେ ବିଷୟବିମୁଖ ସତ୍‌ଭାବର ମନୁଷ୍ୟ ହୁଅନ୍ତୁ ନା କାହିଁକି, ଜଗତସାରା ବାହ୍ୟ ସାଧନା ମଧ୍ୟରେ ଯେତେ ଅଗ୍ରସର ହୋଇଥାନ୍ତୁ ନା କାହିଁକି, ମହାପ୍ରଭୁଙ୍କର ଗମ୍ଭୀରାଲୀଳା ମଧ୍ୟରେ ଏପରି କିଛି ତତ୍ତ୍ୱ ଓ ଅନୁଭୂତି କଥା ରହିଛି, ଯାହା ସର୍ବସାଧାରଣଙ୍କ ନିକଟରେ ବା ଭକ୍ତଶ୍ରେଣୀର ସାଧକମାନଙ୍କ ନିକଟରେ ପ୍ରଚାର କରିବାର ବିଷୟ ନୁହେଁ । ପ୍ରଥମତଃ ଅନଧିକାରୀଗଣ କୌଣସି ରୂପେ ସେହି ସମସ୍ତ ତତ୍-ସ୍ୱରୂପକୁ ପ୍ରକାଶ କରିପାରିବେ ନାହିଁ । ତା'ର ଅନୁଶୀଳନ ନ ହେଲେ, ନିଜକୁ ସେହିପରି ପ୍ରସ୍ତୁତ ନ କରିପାରିଲେ, ସେଥିଲାଗି ଚିନ୍ତା ବା ତର୍କବିତର୍କ କରିବା ବୃଥା । ପିଉରିଟାନିକ୍ ସ୍ପିରିଟ୍ (ପବିତ୍ରତାବାଦୀ) ନେଇ, ସବୁକିଛି ଅନୁଭୂତିକୁ ଗୋପନ ନ ରଖିବାର ଯେଉଁ ଚିନ୍ତାଧାରା, ସବୁ କିଛି ପ୍ରଚାର କରିବାର ୟୁରୋପୀୟ ନୀତି, ଅନଧିକାରୀ-ଅଧିକାରୀ ଭେଦବିବର୍ଜିତ ହୋଇ ସମସ୍ତ କିଛି ପ୍ରକାଶିତବ୍ୟ—ଏହା ଭାରତୀୟ ଈଶ୍ୱରବାଦ, ଧର୍ମତତ୍ତ୍ୱ, ଅଧ୍ୟାତ୍ମ ବିଜ୍ଞାନ ବା ରସତତ୍ତ୍ୱର ବିଷୟ ନୁହେଁ । ଯେପରି ଧରିନିଅନ୍ତୁ, ବେଦାନ୍ତର ପ୍ରତିପାଦ୍ୟ ବିଷୟ ସାଂଖ୍ୟ ଦର୍ଶନର ଭିତ୍ତି ଠାରୁ ଆରମ୍ଭ କରି କ୍ରମେକ୍ରମେ ଅଦ୍ୱୈତ-ତତ୍ତ୍ୱ ବିବରଣକୁ, ସାଧାରଣ ଭାଷା ଦେଇ ଯାହା କିଛି ସମ୍ଭବ, ପ୍ରକାଶ କରାଗଲା । ଯେଉଁମାନେ ଅଧିକାରୀ ବିଚାରକ୍ଷମ ପଣ୍ଡିତ, ଉପଯୁକ୍ତ ଉଚ୍ଚ ତତ୍ତ୍ୱସକଳର ସୂକ୍ଷ୍ମାନୁସୂକ୍ଷ୍ମ ବିଚାର-ବିଶ୍ଳେଷଣ-ନିପୁଣ, ନିର୍ମଳଚିତ୍ତ, ସେମାନଙ୍କୁ ବୁଝାଇଲେ, ସେମାନେ ହିଁ ଯାହାକିଛି ସମ୍ଭବ, ବୁଝିପାରିଲେ । ତା'ପରେ ଅଦ୍ୱୟ ବ୍ରହ୍ମବସ୍ତୁ ବା ପରମାତ୍ମା ସ୍ୱରୂପର ପ୍ରସଙ୍ଗ ଯେତେବେଳେ ଆସିଲା, ସେତେବେଳେ କେଉଁ ଭାଷାରେ ତାଙ୍କୁ ବୁଝାଇବେ ? ସେତେବେଳେ ନିରବ ରହିବାକୁ ହିଁ ପଡ଼ିବ । ଯାହାଙ୍କୁ ବୁଝିବାକୁ ପଡ଼ିବ, ତାଙ୍କୁ ସେହି ସେହି ଭାବରେ ଅନୁପ୍ରାଣିତ ହୋଇ, ସେହି ଭାବରେ ବ୍ୟାକୁଳ ହୋଇ, ମଗ୍ନ ରହିବାକୁ ପଡ଼ିବ । ତେବେଯାଇ ଜଣାପଡ଼ିବ, ଏହି ସତ୍ୟ ପରମ ଅବ୍ୟକ୍ତ, ମାନୁଷୀ ଭାଷାରେ କେବେ ହେଁ ତାକୁ ପ୍ରକାଶ କରାଯାଇ ପାରିବ ନାହିଁ । ଯିଏ ଏଥିରେ ଅବଗାହନ କରିବେ, ସେ ହିଁ କେବଳ ପାଇପାରିବେ ।

■■

ତ୍ରୟୋବିଂଶ ପରିଚ୍ଛେଦ

ମୁଁ ପଚାରିଲି, ''ତା'ହେଲେ ଧର୍ମତତ୍ତ୍ୱ, ଜନ୍ମ-ମରଣଶୀଳ ମାନବର ଯାହା ସର୍ବଶ୍ରେଷ୍ଠ ଅଧିକାର, ସେ ବିଷୟରେ ଯେତେହେଁ ଆଲୋଚନା କରାଯାଉ, ଯେତେଦୂର ମନୁଷ୍ୟର ଜ୍ଞାନାନୁଭୂତିର କଥା ଚାଲୁଥାଉ, ତହିଁରୁ ଏହି କଥା ହିଁ କ'ଣ ପ୍ରମାଣିତ ହୁଏ ନାହିଁ ଯେ ପ୍ରକୃତ କ୍ଷେତ୍ରରେ ଅଧ୍ୟାତ୍ମ-ତତ୍ତ୍ୱ ବା ଈଶ୍ୱର ଉପଲବ୍ଧି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର ?''

''ଏଥିରେ ସଂଶୟ ଅଛି କେଉଁଠି ? ଆତ୍ମା ବା ଈଶ୍ୱରତତ୍ତ୍ୱ ଉପଲବ୍ଧି—ଏହି ଅସଂଖ୍ୟ ଜୀବ-ସମାଜରେ ଦଳବଦ୍ଧ ହୋଇ ହେବ କିପରି, ଯେତେବେଳେ ବର୍ତ୍ତମାନ କାଳରେ, ଜଗତର ସକଳ ମାନବସମାଜ ସ୍ୱାର୍ଥ, ଭୋଗ ଆଉ ସାମ୍ୟହୀନ ଧନମଦରେ ଅଚୈତନ୍ୟ ? ଅବଶ୍ୟ ମାତ୍ରାଭେଦ ରହିଛି । ଏପରି ନିର୍ମଳ ଚରିତ୍ର, ନିର୍ମଳ ମନ, ବୁଦ୍ଧି, ଭୋଗରତି ଓ ସ୍ୱାର୍ଥପରତାଶୂନ୍ୟ ମହାପ୍ରାଣ ମଣିଷ ଅଛନ୍ତି କେଉଁଠି ? ସେଥିଲାଗି ହିଁ କୌଣସି ସମାଜରେ, କୌଣସି କାଳରେ ଜଣେ କେହି ଯଥାର୍ଥ ସତ୍ୟସନ୍ଧିତ୍ସୁ, ଆପ୍ତପୁରୁଷ ଜନ୍ମଗ୍ରହଣ କଲେ ଏବଂ ତାଙ୍କର ଜୀବିତାବସ୍ଥାରେ ହିଁ କିଛି ଓ ତା'ପରେ ତାଙ୍କର ତିରୋଧାନ ପରେ ବହୁଳାଂଶରେ ମାନବସମାଜରେ ଏହାପରେ କିଛିକ୍ଷଣ ପ୍ରତିଧ୍ୱନି ଶୁଣାଯାଏ— ହାୟ-ହାୟ, ଜଣେ ଦିବ୍ୟଭାବର ମାନବ ଜନ୍ମ ନେଇଥିଲେ ଆମ ଭିତରେ—ଆମେ ଏପରି ସ୍ଥୂଳବୁଦ୍ଧି ଯେ ତାଙ୍କୁ ଚିହ୍ନି ପାରିନାହୁଁ । ସେତେବେଳେ ହାୟହାୟ ପଡ଼ିଯାଏ, ଏହାପରେ ଅନୁସନ୍ଧାନ ଚାଲିଥାଏ ଯେ ସେ ଆମ ଲାଗି କ'ଣ ଦେଇଗଲେ ଓ କେଉଁ ତତ୍ତ୍ୱ ଆବିଷ୍କାର କରି ନିଜ ଜୀବନରେ ଆଚରଣ ଓ ବ୍ୟବହାର ଦ୍ୱାରା ପ୍ରକାଶ ବା ପ୍ରଚାର କରି ଅପରିଶୋଧନୀୟ ଋଣ ଦ୍ୱାରା ଆମକୁ ଋଣୀ କରିଯାଇଛନ୍ତି ! ମାନବସମାଜର ଗତି ମଧ୍ୟ କେତେକାଂଶରେ ଚିନ୍ତାଶୀଳତା ପଥରେ ତାଙ୍କର କ୍ରିୟା-କର୍ମ ଓ ଉପଦେଶ ବିଶ୍ଳେଷଣ କରିବାରେ ମୁଖରିତ ହୋଇଉଠିଥାଏ । କିନ୍ତୁ ଦେଖାଯାଏ ଯେ ଏହି ମହାପୁରୁଷଙ୍କର ଆବିଷ୍କୃତ ତତ୍ତ୍ୱ ତାଙ୍କର ଭକ୍ତ ବା ଶିଷ୍ୟର ଗୋଟିଏ ଗୋଷ୍ଠୀ ମଧ୍ୟରେ ଗୃହୀତ ହେଲେ ହେଁ ସେମାନଙ୍କ ମଧ୍ୟରେ ହିଁ ବିଚାର ଓ ଅନୁଭୂତିର ତାରତମ୍ୟ ଅଗାଧ ହୋଇଉଠେ; ଶେଷ ପର୍ଯ୍ୟନ୍ତ ସେମାନେ ହିଁ ପ୍ରକାଶ ବା ପ୍ରଚାର କରନ୍ତି ଯେ ଆମେ ମଧ୍ୟ ସମ୍ୟକ ଧାରଣା କରି ପାରିନାହୁଁ ତାଙ୍କ ଉପଲବ୍ଧିର ସତ୍ୟଟିକୁ । ତେବେ ଆମେ ତାଙ୍କର କୃପା ପାଇଛୁ, ସ୍ନେହ ପାଇଛୁ, ଭଲ ପାଇବା ମିଳିଛି, କେହି କେହି ତାଙ୍କର ବ୍ୟବହାର୍ଯ୍ୟ ପଦାର୍ଥ ପାଇଛନ୍ତି ଇତ୍ୟାଦି ଇତ୍ୟାଦି । ସୃଷ୍ଟିର କ୍ରମ ଦେଖିଲେ ହିଁ ସେତେବେଳେ

ବୁଝାଯାଇଥାଏ ଯେ ପ୍ରତ୍ୟେକ ମନୁଷ୍ୟ ଭିନ୍ନ–ପ୍ରତ୍ୟେକଙ୍କର ମନ, ବୁଦ୍ଧି, ବ୍ୟବହାର, ଆକୃତି, ପ୍ରକୃତି ଆଦି ପର୍ଯ୍ୟନ୍ତ । ଏଣୁ ସବୁ କାମ ଦଳବଦ୍ଧ ରହି କରାଯାଇପାରେ– ଚୋରି, ଡକାୟତି, ଘରେ ନିଆଁଲଗାଇବା, ନାରୀ ଧର୍ଷଣ, ହତ୍ୟାକାଣ୍ଡ, ସ୍ୱାର୍ଥ ନେଇ ଯାହା କିଛି– ପୁଣି ରାଜ୍ୟଜୟ, ରାଜ୍ୟ ପ୍ରତିଷ୍ଠା, ସଭା-ସମିତି, ବ୍ୟାଙ୍କ, ବିଦ୍ୟାଳୟ ପ୍ରତିଷ୍ଠା, ଯାହା କିଛି ସ୍ଥୂଳ ବା ସୂକ୍ଷ୍ମ, ଯାହା ପ୍ରୟୋଜନ- ବୋଧଠାରୁ ଉଦ୍ଭୂତ, ଏହି ସବୁ କାର୍ଯ୍ୟ କେବଳ ଦଳବାନ୍ଧି କରାଯାଇପାରେ । ସ୍ୱାର୍ଥ ସମ୍ପର୍କୀୟ ସବୁ କିଛି ହିଁ ଏକ ନୀତିର ଅଧିକାର ପର୍ଯ୍ୟନ୍ତ ସମ୍ପ୍ରଦାୟଗତ ହୋଇପାରେ; କିନ୍ତୁ ଯେଉଁଠାରେ ନରନାରୀ ସମ୍ପର୍କର ପ୍ରୀତି ବା ପ୍ରେମର ଜନ୍ମ, ତାହା ଦଳବଦ୍ଧ ବା ସମ୍ପ୍ରଦାୟଗତ ନୁହେଁ । ସେଠାରେ ବ୍ୟାପାର ବ୍ୟକ୍ତିଗତ, ପୁଣି ଅଧ୍ୟାତ୍ମ ଧର୍ମ ମଧ୍ୟ ଠିକ୍ ସେହିପରି । ସୃଷ୍ଟି ଐକାନ୍ତିକ ପ୍ରେମର ଫଳ–ସୃଷ୍ଟିର ମୂଳ ପ୍ରେମ– କାମ ହେଲା ପ୍ରେମର ବିକୃତି ମାତ୍ର ।''

''ସତକଥା, ଏହା ପ୍ରେମର ବ୍ୟାପାର, ମଣିଷ ଯୌବନରେ ଯେଉଁ ବସ୍ତୁକୁ ପ୍ରଥମେ ଉପଲବ୍ଧି କରେ, ସେହି ପ୍ରେମ କାମଜ ହେଲେ ମଧ୍ୟ ତା' ଭିତରେ କିଛିଟା ତ୍ୟାଗ ଥାଏ–''

ବାଧାଦେଇ ସେ କହିଲେ, ''ଏହାର ମୂଳ କିନ୍ତୁ ଅଧ୍ୟାତ୍ମ । ସୁସ୍ଥ ଯୌବନ କାଳରେ ପୁରୁଷର ଯେତେବେଳେ ଇନ୍ଦ୍ରିୟବୋଧ ଶକ୍ତିଶାଳୀ ଓ ସ୍ୱାସ୍ଥ୍ୟପୂର୍ଣ୍ଣ, ମନ ଓ ବୁଦ୍ଧିର ସକଳ କ୍ରୀୟା ସ୍ଫୂର୍ତ୍ତିଜନକ ହୋଇଥାଏ, ସେତେବେଳେ ହିଁ ନିଜ ସତ୍ତା ଉପରେ ପ୍ରବଳ ଆସ୍ଥା ଯୋଗୁ ଜୀବନର ସାର୍ଥକତା ଅନୁଭୂତ ହୋଇଥାଏ–ଅପ୍ରତିହତ ସାଫଲ୍ୟର ଆଶା, ବୀର୍ଯ୍ୟ ଆଉ ମାଧୁର୍ଯ୍ୟ ଚିତ୍ତରେ ତା'ର ସ୍ୱର୍ଗୀୟ ଆସ୍ୱାଦ । କିନ୍ତୁ ସାଧାରଣ ମଣିଷ ପକ୍ଷରେ ପ୍ରକୃତିର ଗତିରେ ତା'ର ଜୀବନଧାରା ଯେ ବନ୍ଧା ! ତା'ର ଅଧିକାର ଅନୁସାରେ ଭୋଗ ପ୍ରବୃତ୍ତିର ଆକର୍ଷଣ ଫଳରେ ନାରୀସଙ୍ଗିନୀ ପ୍ରତି ଯେଉଁ ପ୍ରବଳ ଆକାଂକ୍ଷା, ତା'ର ଫଳ ସ୍ୱରୂପ ପ୍ରାୟ ମିଳନର ଯୋଗାଯୋଗ ଘଟିଥାଏ । ଯାହାର ସ୍ଥୂଳ-ବୁଦ୍ଧି ସେ ସୃଷ୍ଟିର ବୃଦ୍ଧି ଦିଗରେ ଚାଲିଥାଏ, କାହାର ବା ସ୍ୱାର୍ଥଜଡ଼ିତ କର୍ମକ୍ଷେତ୍ର ପ୍ରସାରିତ ହୋଇଥାଏ; ହୁଏତ କର୍ମ ଉପଲକ୍ଷେ ମନଠାରୁ ଅନେକ କିଛି ଆବର୍ତ୍ତ ସୃଷ୍ଟି କରିଚାଲେ, ତା'ପରେ ଯାହାର ଉଚ୍ଚତର ଜନ୍ମ, ଅଭିଜ୍ଞତାର ଅଧିକାରରେ ମନର ସୀମା ଛାଡ଼ି ବୁଦ୍ଧି ଓ ହୃଦୟର ପ୍ରସାରତା ଲାଭ କରିଥାଏ । ଏହି ଯୌବନର ସୂତ୍ରକୁ ଆବୋରି ନେଇ ତା'ର ଅଧ୍ୟାତ୍ମ-ଚୈତନ୍ୟର ସ୍ଫୁରଣ ହୋଇଯିବା ଫଳରେ ତା'ର ଶକ୍ତି ପ୍ରକୃତିର ନିୟମକୁ ଆଧାର କରି ତାକୁ ଜ୍ଞାନ ବା ମୁକ୍ତିପଥରେ ନେଇଯାଇ ଚାଲେ– ଯାହାର ଶେଷ ପରିଣତି ହୁଏ ତତ୍ତ୍ୱଜ୍ଞାନ ଦ୍ୱାରା ବା ଇଷ୍ଟ ପ୍ରାପ୍ତି ଦ୍ୱାରା ।

''ଜଗତରେ ଏ ପର୍ଯ୍ୟନ୍ତ ଏହି ତତ୍ତ୍ୱଟି ପ୍ରକାଶିତ ହୋଇନାହିଁ । ଏହି ତତ୍ତ୍ୱର ଆଲୋକ ଧର୍ମଜଗତରେ ଏକରକମ ପ୍ରକାଶିତ ହେବ ନିଶ୍ଚୟ । ସେଥିପାଇଁ ବୋଧହୁଏ ଏହିସବୁ ଅପାର୍ଥିବ ସମ୍ପଦ ଲୁପ୍ତ ହୋଇପାରିନାହିଁ– ଏବେ ମଧ୍ୟ ଭାରତରେ ଭଣ୍ଡାରଭରା ହୋଇ ରହିଛି । ଅଧ୍ୟାତ୍ମ ବିଦ୍ୟା ବା ବିଜ୍ଞାନ ଗୁରୁମୁଖୀ । ଅର୍ଥାତ୍ ଯେଉଁମାନେ ମନ୍ତ୍ରସିଦ୍ଧ ମହାପୁରୁଷ ବା ଗୁରୁ ସେମାନେ, ନିଜର ଇଷ୍ଟଲାଭ ପରେ ଉପଯୁକ୍ତ ଅଧିକାରୀ ପାଇଲେ ତାଙ୍କୁ ଏହି

ସିଦ୍ଧମନ୍ତ୍ର ଦେଇଯାଇଥାଆନ୍ତି, ଯାହା ଫଳରେ ଅଧିକାରୀ-ସାଧକ ପକ୍ଷରେ ମଧ୍ୟ ସେହି ତତ୍ତ୍ୱଲାଭ ସମ୍ଭବ ହୋଇଥାଏ । ଏହି ଧାରା ଆବହମାନ କାଳରୁ ଚାଲିଆସିଛି । ଶ୍ରୀଚୈତନ୍ୟଙ୍କ ଜୀବନରେ ମଧ୍ୟ ଏହାର ପ୍ରମାଣ ରହିଛି । ଯେତେବେଳେ ସେ ଈଶ୍ୱରମୁଖୀ ଗୋସାଇଁମାନଙ୍କ ନିକଟରୁ ଏହି ସିଦ୍ଧମନ୍ତ୍ର ପାଇଲେ, ଏହି ସିଦ୍ଧମନ୍ତ୍ର ତାଙ୍କ କ୍ଷେତ୍ରରେ କେଉଁ ଭାବର କ୍ରିୟା ଉତ୍ପନ୍ନ କରିଥିଲା, ତାହା ତାଙ୍କର ଜୀବନ-ଇତିହାସ ପୃଷ୍ଠାରେ ଉଲ୍ଲେଖ ହୋଇଛି... ସେହି ଦାମ୍ଭିକ ନିମାଇ ପଣ୍ଡିତଙ୍କର କିପରି ଅଦ୍ଭୁତ ଅବସ୍ଥାନ୍ତର ଘଟିଲା, ପ୍ରେମର ଉନ୍ମାଦନାରେ ତାଙ୍କର ଗ୍ରାର୍ହସ୍ଥ୍ୟଜୀବନକୁ ଓଲଟପାଲଟ କରିଦେଇ ତାଙ୍କୁ ଜାତିକୁଳର ମୋହ କଟାଇ ରାସ୍ତାକୁ ଟାଣିଆଣିଲା । ଏହାପରେ ତାଙ୍କ ଜୀବନକାଳ ମଧ୍ୟରେ କେତେ ଶତ-ସହସ୍ର ବ୍ୟକ୍ତି ବା ଅଧିକାରୀ ଭକ୍ତ ତାଙ୍କଠାରୁ ପାଇଛନ୍ତି ଏହି ମନ୍ତ୍ର । ଏହି ଜଗତରେ ଶ୍ରୀଚୈତନ୍ୟଙ୍କର ଶକ୍ତି-ସଞ୍ଚାର-ତତ୍ତ୍ୱ କେତେ ବିରାଟ ଏକ ବିସ୍ମୟ, ତାହା ଭବିଷ୍ୟତକାଳର ବିଜ୍ଞାନ ଜଗତରେ ଆଲୋଚନା ପାଇଁ ଉନ୍ମୁକ୍ତ ରହିପାରିଲା । ଏବେ ସେକଥା ଥାଉ, ସେହି ମନ୍ତ୍ରଶକ୍ତିକୁ ତାଙ୍କ ନିକଟରୁ ସାଙ୍ଗସାଥୀମାନଙ୍କ ମଧ୍ୟରେ—ତାହାପରେ ତାଙ୍କର ଉପଯୁକ୍ତ ଶିଷ୍ୟଗଣ ପରମ୍ପରା ରୂପେ ଲାଭ କରିଛନ୍ତି । ଏବେ କେବଳ ଏହି କଥାଟିକୁ କହିବାକୁ ଚାହେ ଯେ ଏହି ସିଦ୍ଧମନ୍ତ୍ରକୁ ଯେଉଁ ଯେଉଁମାନେ ପାଇଥିଲେ, ସେମାନଙ୍କ ମଧ୍ୟରେ ସେହି ସେହି ଭାବର ବିକାଶ, ସେହି ସେହି ତତ୍ତ୍ୱର ଉପଲବ୍ଧି ନିଶ୍ଚିତରୂପେ ହୋଇଥିଲା । ସେ ବିଷୟ ନେଇ ଆଉ ସଂଶୟ କେଉଁଠି ! ଏସବୁ ପ୍ରକୃତିର ସହଜ ନିୟମରେ ହିଁ ଘଟିଯାଇଛି । ପ୍ରକୃତିର ଯେଉଁ ନିୟମରେ ସୃଷ୍ଟିର ସକଳ କର୍ମ ଚାଲିଥାଏ ଜୀବର ଈଶ୍ୱରାନୁରକ୍ତି ମଧ୍ୟ ପ୍ରକୃତିର ସେହି ସହଜ ନିୟମରେ ହିଁ ଘଟିଥାଏ ।''

''ଆମେମାନେ ଶ୍ରୀଗୌରାଙ୍ଗଙ୍କୁ ଅବତାର ପୁରୁଷ କହୁ ବା ସ୍ୱୟଂ ଭଗବାନ, ଯାହା ବି କହୁନା କାହିଁକି, ଆମର ଏହି ମାନବସମାଜରେ ସାଧାରଣ ପ୍ରକୃତିର ଯେଉଁ ନିୟମରେ ମାନବ-ଚୈତନ୍ୟ ମଧ୍ୟରେ ଧର୍ମର ବିବର୍ତ୍ତନ ଘଟିଥାଏ, ସେମାନଙ୍କ ଭିତରେ ମଧ୍ୟ କୌଣସି ବ୍ୟତିକ୍ରମ ଦେଖିବାକୁ ମିଳେ ନାହିଁ । ଯେଉଁମାନେ ଅବତାର-କଳ୍ପ ସିଦ୍ଧ ମହାପୁରୁଷ ବା ପରମହଂସ ସେ ସମସ୍ତଙ୍କର ଜୀବନକୁ ଲକ୍ଷ୍ୟ କଲେ ଦେଖିବେ, ଲୋକସମାଜର ଗୋଚରରେ ହେଉ ବା ଅଗୋଚରରେ ହେଉ, ସେମାନଙ୍କର ସାଧନକ୍ରମ ଠିକ୍ ହିଁ ଚାଲିଥାଏ—ଚିରଦିନର ଛକ-ବନ୍ଧା ପ୍ରକୃତିର ନିୟମାନୁଗ ହୋଇ ହିଁ ପ୍ରତ୍ୟେକଙ୍କୁ ଚାଲିବାକୁ ହୋଇଥାଏ ।

''ଅଧ୍ୟାତ୍ମବିଜ୍ଞାନ ବା ପରମାର୍ଥତତ୍ତ୍ୱ ଗୁରୁମୁଖୀ,—ସୁତରାଂ ଦେହଧାରୀ ମାତ୍ରେ ହିଁ ଏହି ନିୟମକୁ ଆଧାର କରି ହିଁ ଅଗ୍ରସର ହୁଅନ୍ତି ଏବଂ ସେମାନଙ୍କର ଅଗ୍ରଗତି ହୋଇଥାଏ । ତେଣୁ ଆମେ ଏହା ସର୍ବତ୍ର ଦେଖିବାକୁ ପାଉ ଯେ ଅନ୍ତର ମଧ୍ୟରେ କୌଣସି ଜୀବର ଗତାନୁଗତିକ ଏହି ମିଥ୍ୟାପୂର୍ଣ୍ଣ ସଂସାରପ୍ରତି ଅରୁଚି; ଏବଂ ସତ୍ୟଲାଭ ପାଇଁ ଏକ ବ୍ୟାକୁଳତା ଆସିଲେ ହିଁ କୌଣସି ତତ୍ତ୍ୱଜ୍ଞ ବା ଆପ୍ତପୁରୁଷଙ୍କ ସହ ତାଙ୍କର ଯୋଗାଯୋଗ ଘଟିଥାଏ ।

ତା' ଫଳରେ, ତା'ର ସତ୍ୟ ନିର୍ଣ୍ଣୟ ପଥର ଗତି ନିର୍ଦ୍ଧାରିତ ହୋଇଥାଏ, ଚିତ୍ତ ସ୍ଥିର ହୁଏ ଏବଂ ସିଦ୍ଧିଲାଭର ପଥ ସୁଗମ କରିଦିଏ ।''

ମୁଁ କହିଲି, ''ଏହି ତଥ୍ୟକୁ ମୁଁ ପୂର୍ବେ କେତେଜଣ ମହାତ୍ମାଙ୍କ ନିକଟରୁ ପାଇଛି, ପୁଣି ଏ ସମ୍ବନ୍ଧରେ ମୋ'ର କିଛି ସନ୍ଦେହ ନାହିଁ । ଏବେ ମୋତେ ଏତିକି ବୁଝାଇ ଦିଅନ୍ତୁ, ସକଳ ମନ୍ତ୍ର ହିଁ କ'ଣ ଗୋଟିଏ ବସ୍ତୁକୁ ନିର୍ଦ୍ଦେଶ କରେ ?''

ସେ କହିଲେ, ''ତାହା କିପରି ହେବ ? ପ୍ରଥମ ସ୍ୱରବର୍ଣ୍ଣ 'ଅ'କାରଠାରୁ ବ୍ୟଞ୍ଜନ ବର୍ଣ୍ଣର 'ହ'କାର ଯାଏ ବର୍ଣ୍ଣମାଳା ସମସ୍ତ ହିଁ ମନ୍ତ୍ର, ପୁସ୍ତକରେ ଛପା ହୋଇ ରହିଛି । ଆପଣ ତନ୍ମଧ୍ୟରୁ ଇଚ୍ଛାମତେ ଯାହାକୁ ବି ନେଇ ସାଧନ କରି ଦେଖନ୍ତୁନା, ପ୍ରତ୍ୟେକଟି କେଉଁ ବସ୍ତୁକୁ ନିର୍ଦ୍ଦେଶ କରିଥାଏ ?''

ଶୁଣିସାରି ମୁଁ କହିଲି, ''କଥାଟା ହୁଏତ ମୁଁ ଠିକ୍ ଭାବେ ଆପଣଙ୍କୁ କହିପାରି ନାହିଁ । ମୁଁ ଏଇଟା ହିଁ ଜାଣିବାକୁ ଚାହିଁଥିଲି—ସକଳ ବୀଜମନ୍ତ୍ରର ପ୍ରତିପାଦ୍ୟ ବସ୍ତୁ କ'ଣ ଗୋଟିଏ ?''

''ତାହା କିପରି ହେବ ? ମୂଳକଥାଟିକୁ ଏଠାରେ ଭୁଲିଗଲେ ଚଳିବ ନାହିଁ । ଏହି କଥାକୁ ଧରିନେବାକୁ ପଡ଼ିବ ଯେ ମଣିଷ ଯେପରି ଭିନ୍ନ ଭିନ୍ନ, ବୀଜ ମଧ୍ୟ ସେହିପରି ଭିନ୍ନ ଭିନ୍ନ । ପୁଣି ଏକଥା ମଧ୍ୟ ଜାଣିରଖିବା ଉଚିତ୍ ଯେ ବୀଜ ହେଲା ଶକ୍ତି, ବୀଜ କେବେ ହେଁ ଈଶ୍ୱର ବା ଭଗବାନ ବା ବ୍ରହ୍ମବସ୍ତୁ ନୁହେଁ । ସାଧକର ପ୍ରକୃତିକୁ ନେଇ ବୀଜର କ୍ରିୟା । ଯେପରି କ୍ଷେତ୍ର, ସେହିପରି ବୀଜର କ୍ରିୟା ଏବଂ ଯେପରି କ୍ଷେତ୍ର, ତାହାକୁ ନେଇ ବୀଜର କର୍ମ । ବୀଜର ଶକ୍ତି କହିଲେ ଏଠାରେ ଏହା ହିଁ ଜାଣିବାକୁ ହେବ ଯେ ଚୈତନ୍ୟ-ସିଦ୍ଧ ବୀଜ ଅର୍ଥାତ୍ ଯେଉଁ ବୀଜମନ୍ତ୍ରକୁ ଲାଭ କରି ସାଧକ ନିଜର ଶକ୍ତି ଦ୍ୱାରା ଚୈତନ୍ୟ ସଞ୍ଚାରିତ କରିଥାନ୍ତି, ସେଥିରୁ ସେ ବୀଜ ଶକ୍ତିଶାଳୀ ଓ ଜାଗ୍ରତ ହୋଇ ଅଭୀଷ୍ଟ ଫଳ ଦେଇପାରେ— ପ୍ରକାଣ୍ଡ ଅଶ୍ୱତ୍ଥ ତରୁଟି ଯେପରି ବୀଜ ମଧ୍ୟରେ ସଙ୍କୁଚିତ ଥାଏ । ଏହା ହିଁ ଏକ ସ୍ଥୂଳ ପଦାର୍ଥ ପର୍ଯ୍ୟାୟର, କେବଳ ଏକ ଦୃଷ୍ଟାନ୍ତ ମାତ୍ର; ଯେଉଁ ଶକ୍ତି ଦ୍ୱାରା ଜଣେ ଅଧିକାରୀ ବା ସାଧକର ଇଷ୍ଟଲାଭ ଘଟିପାରେ, ଜାଗ୍ରତ ବୀଜମନ୍ତ୍ର ମଧ୍ୟରେ ସେହି ମହାଶକ୍ତି ନିହିତ ଥାଏ । ଉପଯୁକ୍ତ କ୍ଷେତ୍ର ପାଇଲେ ହିଁ ଆମେ ତାହାର କ୍ରିୟା ପ୍ରତ୍ୟକ୍ଷ କରିଥାଉ । ବୀଜମନ୍ତ୍ରର ସାଧନ ଫଳ ସ୍ୱରୂପ ସାଧକ ତାଙ୍କ ଇଷ୍ଟମନ୍ଦିର ଦ୍ୱାର ନିକଟରେ ପହଞ୍ଚି ଯାଇଥାନ୍ତି—ସେହି ଦ୍ୱାର ପର୍ଯ୍ୟନ୍ତ ହିଁ ବୀଜମନ୍ତ୍ରର ଗତି । ଏହାପରେ ସାଧକର ଇଷ୍ଟଲାଭ, ତତ୍ତ୍ୱଲାଭ ବା ସତ୍ୟଲାଭ— ତାହାକୁ ଯାହା ନାମକରଣ କରନ୍ତୁନା କାହିଁକି, ଦ୍ୱାର ଭେଦକରି ମନ୍ଦିରରେ ପ୍ରବେଶ ଏବଂ ଇଷ୍ଟଙ୍କ ସହ ମିଳନ— ତାହା ସାଧକର ନିଜର ବ୍ୟକ୍ତିଗତ କଥା, ଆମ ପକ୍ଷରେ ତାହା ପୂରାପୂରି ଅବାନ୍ତର । ଆମେ ବାହାରେ ଥାଇ ଆମର ବର୍ତ୍ତମାନର କ୍ଷୁଦ୍ର, ଭୋଗାୟତନ ଶରୀର, ମନ, ସ୍ୱାସ୍ଥ୍ୟ ଓ ବୁଦ୍ଧିକୁ ନେଇ କୌଣସି ରକମ ସେହି ପରାବସ୍ଥାର ଅନ୍ତ କରି ପାରିବୁ ନାହିଁ ।''

ଏତେ କଥା ଶୁଣି ଟିକିଏ ଅନୁରୋଧ ଭାବ ନେଇ ପଚାରିବସିଲି, ''ଆମେ କାହିଁକି ସେକଥା ବୁଝିପାରିବୁ ନାହିଁ ?''

ସେ ବିସ୍ମୟ-ବିସ୍ଫାରିତ ଆଖିରେ ମୋ' ଆଡ଼କୁ ଥରେ ଦୃଷ୍ଟିପାତ କଲେ, କିଛି ସମୟ ଚୁପ କରି ରହିଲେ, କିଛି ସମୟ ଲାଗି କିଛି କଥା ମଧ୍ୟ କହିଲେ ନାହିଁ, ଠିକ୍ ଯେପରି ମୋତେ ଏତିକି ମାତ୍ର ବୁଝିବାର ଅବକାଶ ଦେଲେ ଯେ ମୁଁ କେତେ ବେଶୀ ଅସଂଯତବାକ୍ ଏବଂ କିପରି ଏକ ଅସଂଯତ ପ୍ରଶ୍ନ ପଚାରି ବସିଛି ! ଯେତେବେଳେ ତାଙ୍କର ଏହି ଇଙ୍ଗିତର ଅସଲ ମର୍ମକୁ ଉପଲବ୍ଧ କଲି, ଠିକ୍ ସେତିକିବେଳେ ସେ ପ୍ରସନ୍ନ ମନରେ କହିଲେ—ଏହାକୁ କ'ଣ ଆଦୌ ବୁଝିପାରି ନାହାନ୍ତି ଯେ—ମହାଭାଗ୍ୟବାନ ଯିଏ, ଶକ୍ତିଶାଳୀ ଯାହାର ଆଧାର, ଈଶ୍ୱର-ତତ୍ତ୍ୱଟିକୁ ଯିଏ ହୃଦୟରେ ଧାରଣ କରି ଚାଲିଥାନ୍ତି, ସେହି ସାଧକ—ତାଙ୍କର ଶରୀର, ତାଙ୍କର ମନ, ତାଙ୍କର ସତ୍ତାରେ ସେତେବେଳର ଚୈତନ୍ୟମୟ ଅବସ୍ଥା, ତାଙ୍କର ହୃଦୟ-ମନ, ସାଧନଭୂମିରେ କ୍ରମେ କ୍ରମେ ଏକ ଉଚ୍ଚ ସ୍ତରରେ ଆରୂଢ଼ ଅବସ୍ଥା ନେଇ ଈଷ୍ଟମନ୍ଦିର ଦ୍ୱାରାଦେଶ ପର୍ଯ୍ୟନ୍ତ ପହଞ୍ଚିଛନ୍ତି, ଆପଣ କିମ୍ବା ମୁଁ କ'ଣ ସେହି ଅବସ୍ଥାକୁ କଳ୍ପନା କରି ପାରିବୁ ? ତାହା ଯେତେବେଳେ ଆମମାନଙ୍କ ପକ୍ଷେ ସମ୍ଭବ ନୁହେଁ...''

ବାଧା ଦେଇ ମୁଁ କହିଲି, ''ଆଉ କହନ୍ତୁ ନାହିଁ, ମୁଁ ଅନୁତପ୍ତ ।''

''ନା, ନା, ସେକଥା ନୁହେଁ—ଅନୁତାପ କଥା କାହିଁକି ଏଠାରେ ଉଠୁଛି ? ଅସଲରେ ଅଧ୍ୟାତ୍ମବିଦ୍ୟାର କେତେଗୁଡ଼ିଏ ପ୍ରାଥମିକ ତତ୍ତ୍ୱକଥା ବଡ଼ ସହଜରେ ହିଁ ଶୁଣି ପାରିଛନ୍ତି ତ ସେଇଥିଲାଗି—ତାହାର ଶେଷ କଥାଟା ଜାଣିଲା ପରେ କୌତୁହଳ ନିଶ୍ଚୟ ଅଦମ୍ୟ ହୋଇ ପଡ଼ିଥିଲା । ସେଥିଲାଗି କଥାଟି ମୁହଁରେ ଅଟକି ପାରିଲା ନାହିଁ, ଫଟ୍ କରି ବ୍ୟକ୍ତ କରିପାରିଲେ ? ଯଦି କେବେ ସେହି ସୌଭାଗ୍ୟ ଘଟେ, ସିଦ୍ଧମନ୍ତ୍ର ପାଇ ସ୍ତରେ ସ୍ତରେ ଏହି ଭୂମିରେ ଉଠିଯାଇ ପାରିବେ, ସେତେବେଳେ ହିଁ ଠିକ୍ ଠିକ୍ ବୁଝିପାରିବେ ଅବସ୍ଥାକୁ—ସତରେ ତାହା ଅନିର୍ବଚନୀୟ । ଏଥିଲାଗି ମହାପ୍ରଭୁ ଇଷ୍ଟ-ଗୋଷ୍ଠୀର କଥା ସମପର୍ଯ୍ୟାୟର ସାଧକ ବା ଭକ୍ତଗଣଙ୍କର ମଧ୍ୟରେ ରଖିବା ଲାଗି ଉପଦେଶ ଦେଇଛନ୍ତି । ନ ହେଲେ ଭାବ ନଷ୍ଟ ହୋଇଥାଏ, ବୁଝିଲେ ତ ?''

ମୁଁ ସଙ୍କୋଚ ସହ କହିଲି, ''ତାନ୍ତ୍ରିକ ମାନଙ୍କର ସାଧନ କିଛି କିଛି ଦେଖିଛି, ସେଥିଲାଗି ମୋ' ଅନ୍ତରରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭକ୍ତମାନଙ୍କର (ତାଙ୍କ ଗମ୍ଭୀରାର ଅନ୍ତରଙ୍ଗ ସ୍ୱରୂପ ରାମାନନ୍ଦ ବା ଶିଖି ମାଇତି, ଏମାନଙ୍କର କଥା କିନ୍ତୁ ନୁହେଁ) ରୂପ ସନାତନ, ଶ୍ରୀଜୀବ, ପ୍ରବୋଧାନନ୍ଦ, ଲୋକନାଥ, ଭୂଗର୍ଭ, ରଘୁନାଥ ପ୍ରଭୃତି, ଯେଉଁମାନେ ତାଙ୍କର ଯଥାର୍ଥ କୃପାପାତ୍ର ଓ ବୈଷ୍ଣବରୂପେ ଉଦ୍‌ବୁଦ୍ଧ ଓ ବୃନ୍ଦାବନର ମହନ୍ତ ବୋଲି ପରିଚିତ, ତାଙ୍କର ସାଧନ ପ୍ରଣାଳୀ କେଉଁ ଭାବର, ତାହା ଜାଣିବାକୁ ଏକ ପ୍ରବଳ ଆନ୍ତରିକ କାମନା

ବହୁ ଦିନରୁ ରହିଛି—ଆଜି ଆପଣଙ୍କୁ ପାଇ ଯେପରି ବାଧାବିହୀନ ସହଜ ଆକାଂକ୍ଷା ପ୍ରବଳ ହୋଇ ଉଠୁଛି । ଫଳରେ ମୁଁ ଏତେ ନିଃସଙ୍କୋଚ ହୋଇପଡ଼ିଛି, ସେ କଥା ଆପଣ ହିଁ ନିଶ୍ଚୟ ଜାଣୁଥିବେ ?''

ମୋ' କଥା ଶୁଣି ସରଳ ମୃଦୁ ହାସ୍ୟ ଦ୍ୱାରା ମୋ'ର ମନର ସକଳ ସଙ୍କୋଚ ଓ ସେହି ସମୟର ସକଳ ଗ୍ଲାନି ଦୂରେଇଦେଇ ସେ କହିଲେ, ''ଯେତେବେଳେ ଆପଣ ନିଶ୍ଚିତ ରୂପେ ବୁଝିଛନ୍ତି ବୋଲି ମୋତେ ବୁଝାଇ ଦେଲେ, ସେତେବେଳେ ପୁଣି ଅନିଶ୍ଚିତତାର ସମ୍ଭାବନା କାହିଁ ?''

''ଗୌଡ଼ୀୟ ବୈଷ୍ଣବପ୍ରଧାନ ଆମ ମହାପ୍ରଭୁଙ୍କ ସଖାଗଣ, ଯେଉଁସବୁ ମହାତ୍ମାଙ୍କ ନାମ କହିଲେ, ସେମାନେ ପ୍ରତ୍ୟେକେ ହିଁ ଭୁବନପାବନ, ମହାଶକ୍ତିର ଆଧାର, ସେହିମାନେ ହିଁ ତ ବୈଷ୍ଣବ ଧର୍ମର ପ୍ରବର୍ତ୍ତକ । ସେମାନଙ୍କର ବୈରାଗ୍ୟ, ତ୍ୟାଗ, ତିତିକ୍ଷା ଓ ସଂଯମ—ଗୋଟିଏ କଥାରେ ସେମାନଙ୍କର ସାଧନଜୀବନ ଅସାଧାରଣ, ଅଭିନବ-ପୂର୍ବାପର ପ୍ରଚଳିତ ସକଳ ଧର୍ମ ସମ୍ପ୍ରଦାୟର ବୈଶିଷ୍ଟ୍ୟ ଏବଂ ସାଧନପ୍ରଣାଳୀ ସହ ସମ୍ପର୍କଶୂନ୍ୟ—ସେମାନଙ୍କର ଇଷ୍ଟରତି, ସେମାନଙ୍କର ଦୈନନ୍ଦିନ ସାଧନାବସ୍ଥାର ଜୀବନଯାପନ ପ୍ରଣାଳୀ ଏପରି ହିଁ ବୈଚିତ୍ର୍ୟପୂର୍ଣ୍ଣ ରହସ୍ୟମୟ—ତତ୍ପରେ ସିଦ୍ଧିର ପରବର୍ତ୍ତୀ କାଳରେ ମନୋହର ପ୍ରଚାର-ପଦ୍ଧତି ଆଲୋଚନା କଲେ ମନ ପବିତ୍ର ହୋଇଯାଏ । ସେ ସମସ୍ତଙ୍କର ଜୀବନ କାହାଣୀ ସଂଗୃହୀତ ହୋଇପାରିଲେ ଆଉ ଏକ ମହାଭାରତ ତୁଲ୍ୟ ଆଶ୍ଚର୍ଯ୍ୟ ଗଭୀର ତଥ୍ୟପୂର୍ଣ୍ଣ ଗ୍ରନ୍ଥ ରଚିତ ହୋଇପାରିବ । ଆଧୁନିକ ଧର୍ମରାଜ୍ୟରେ ସେମାନଙ୍କର ସାଧନତତ୍ତ୍ୱ ସମ୍ବନ୍ଧରେ ସମସ୍ତ କିଛି ହିଁ ମହାଶକ୍ତିର ଉତ୍ସ । ବୈଷ୍ଣବ ଧର୍ମତତ୍ତ୍ୱ ଶ୍ରୀମଦ୍‌ଭାଗବତର ଆଲୋକରେ ହିଁ ଉଦ୍ଭାସିତ, ଏକଥା ଏହିକାଳର ପଣ୍ଡିତବର୍ଗ ମାତ୍ରେ ହିଁ ସମସ୍ତେ ଜାଣନ୍ତି । ମାତ୍ର ଏହା ସତ୍ତ୍ୱେ ମଧ୍ୟ ଶ୍ରୀରୂପ, ଶ୍ରୀସନାତନ ଓ ଶ୍ରୀଜୀବ ପ୍ରଭୃତି ଗୋସ୍ୱାମୀଗଣଙ୍କର ଗ୍ରନ୍ଥ ମଧ୍ୟରେ ଏପରି ହିଁ ଅସାଧାରଣ ପ୍ରତିଭାର ପରିଚୟ ମିଳିଥାଏ ଯେ, ତାହା ନ ହୋଇଥିଲେ ଭାଗବତର ତାତ୍ପର୍ଯ୍ୟ ଗ୍ରହଣ କରିବା ସହଜ ହୋଇପାରି ନଥାନ୍ତା । ତା'ପରେ ଶ୍ରୀଚୈତନ୍ୟଙ୍କର ରାଧା-କୃଷ୍ଣ ପ୍ରେମର ଗୂହ୍ୟ ତତ୍ତ୍ୱ ମଧ୍ୟ, ମନେ ହୁଏ, ଗୌଡ଼ୀୟ ବୈଷ୍ଣବଧର୍ମର ପରବର୍ତ୍ତୀ ସାଧକ-ସମାଜଠାରେ ଅଗୋଚର ହିଁ ରହିଯାଇଥାନ୍ତା । ତଥାପି ଶ୍ରୀମଦ୍‌ଭାଗବତକୁ ଆଧାର କରିଥିଲେ ହେଁ, ଶ୍ରୀଚୈତନ୍ୟଦେବଙ୍କ ପ୍ରେମଧର୍ମ ସମ୍ବନ୍ଧୀୟ ବୈଷ୍ଣବ ଆଚାର୍ଯ୍ୟମାନଙ୍କର ଗ୍ରନ୍ଥ, ଯେଉଁମାନେ ସାଧାରଣ ଶିକ୍ଷିତ ଓ ପ୍ରେମଭକ୍ତି ବା ହୃଦୟର ଉତ୍କର୍ଷହୀନ ବର୍ତ୍ତମାନ ସମୟର ବିଦ୍ୟାଭିମାନୀ ପଣ୍ଡିତଗଣଙ୍କର ଲାଗି କେବଳ ନୁହେଁ ବିଶେଷ ରୂପେ ଅନୁସନ୍ଧିତ୍ସୁ ଓ ତତ୍ତ୍ୱ ପିପାସୁ ଉଚ୍ଚ ହୃଦୟବାନ୍ ନ ହୋଇଥିଲେ କିପରି ସେହି ଦୁର୍ଲଭ ତତ୍ତ୍ୱସବୁ ଜଣଙ୍କ ନିକଟରେ ବୋଧଗମ୍ୟ ହୋଇପାରିବ ?''

ମୁଁ ମୁଗ୍ଧ ହୋଇ ଶୁଣିଚାଲିଥିଲି, ଆମ ଦେଶର ହିନ୍ଦୁ ସମାଜ ମଧ୍ୟରେ ଏତେ ବିରାଟ ଏକ ଧର୍ମବିପ୍ଳବ ଘଟିଗଲା—ମାତ୍ର ଛଅ ଶହ ବର୍ଷ ଭିତରେ, ମନେ ହୁଏ, ଯାହା କିଛି ଘଟି

ଯାଇଛି, ଏବେ ମଧ୍ୟ ଆମର ଶିକ୍ଷିତ ସମାଜର ଦୃଷ୍ଟି ଏହି ମହାନ ସାହିତ୍ୟ ସମ୍ପଦ ଉପରେ ଟିକିଏ ବି ପଡ଼ିପାରି ନାହିଁ ।

ସେ ବୋଧହୁଏ ମୋ' ମନକଥା ବୁଝିପାରି କହିଲେ, ''ଗୋଟିଏ କଥା ଜାଣିରଖନ୍ତୁ, ଏପରି ଏକ ଦିନ ଶୀଘ୍ର ଆସିବ, ଯେତେବେଳେ ଦେଶର ଶିକ୍ଷିତ ସମ୍ପ୍ରଦାୟ ଦେଶର ପ୍ରଚଳିତ ଧର୍ମ ଓ ତାହାର ସାଧନପ୍ରଣାଳୀ, ପ୍ରାଚୀନ କାଳର ଏବଂ ସେତେବେଳଠାରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ, ଏହି ପରିଣତିର ଐତିହାସିକ ତଥ୍ୟସମୂହକୁ ବିଜ୍ଞାନ ସମ୍ମତ ଉପାୟରେ ଅନୁସନ୍ଧାନ କରିବାରେ ତତ୍ପର ହେବେ । ଏହା ଫଳରେ ସାରା ଜଗତର ଧର୍ମ-ବିଜ୍ଞାନର କ୍ଷେତ୍ର ସତ୍ୟର ଆଲୋକରେ ଉଦ୍ଭାସିତ ହେବ । ଏହାର ପ୍ରମାଣ ଆମେ ଏବେ ମଧ୍ୟ ପାଇଛୁ—ଆପଣ ଏହା ଲକ୍ଷ୍ୟ କରିଛନ୍ତି କି ନାହିଁ ଜାଣେ ନା, ବର୍ତ୍ତମାନ ଶିକ୍ଷିତ ସାଧାରଣଙ୍କ ମଧ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ, ଉଭୟ କ୍ଷେତ୍ରରେ, ଏ ଦେଶର ବିଶେଷତଃ ତନ୍ତ୍ର ଓ ବୈଷ୍ଣବ ଧର୍ମ ସମ୍ବନ୍ଧରେ ଏକ ଅନୁସନ୍ଧିତ୍ସା ଅସାଧାରଣ ରୂପେ ପ୍ରକାଶ ପାଉଛି । ଏ ଦେଶର ଯେଉଁମାନେ ଶିକ୍ଷିତ, ସେମାନଙ୍କ ମଧ୍ୟରେ ଏହା ହିଁ ମୂଳ ପ୍ରଶ୍ନ ଯେ ଆମର କ'ଣ ସବୁ ଥିଲା ଦୁଇ ଶହ ବର୍ଷ ଧରି, ଏହି ପାଶ୍ଚାତ୍ୟ ସଭ୍ୟତାର ସଂସ୍ପର୍ଶରେ ଆସି, ପ୍ରାଣ ତୃପ୍ତିକର କିଛି ଆସ୍ୱାଦନ ନ ପାଇ । ଏତଦ୍‌ବ୍ୟତୀତ ବର୍ତ୍ତମାନ ସଭ୍ୟତା ନାମରେ ମହା-ପାଶବିକ ପ୍ରଜାଧ୍ୱଂସର ଆକାରପ୍ରକାର ଦେଖି ଏକ ଗଭୀର ନୈରାଶ୍ୟ ଫଳରୁ ଉଦ୍ଭୂତ ଏହି ଅନୁସନ୍ଧିତ୍ସା, ଯଦ୍ୱାରା ଦୃଢ଼ଭାବେ ଧାରଣା ଜନ୍ମିଛି, ବର୍ତ୍ତମାନ ଦେଶର ଅବସ୍ଥାକୁ ଦେଖି । ପାଶ୍ଚାତ୍ୟର ମନିଷୀଗଣ ସେମାନଙ୍କ ନିଜ ଦେଶର ସଭ୍ୟତାର ରୂପ ଦେଖି ନିରାଶ ହୁଅନ୍ତି—କେଉଁଠି ଶାନ୍ତି କେଉଁଠି ପ୍ରୀତି ବୋଲି ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରୁଛନ୍ତି ! କେଉଁଠାରେ ସେହି ସତ୍ୟାଲୋକ, ଯେଉଁ ଆଲୋକ ଏହି ସଭ୍ୟତାର ଘୋର ଅନ୍ଧକାର ମଧ୍ୟରୁ ମନୁଷ୍ୟ ସମାଜକୁ ପଥ ଦେଖାଇ ନେଇ ଯାଇପାରିବ ! ଏହି ତଥ୍ୟହିଁ ଏ ସମୟର ସକଳ ସମାଜର ପ୍ରଜାବର୍ଗଙ୍କର,—କିପରି ଭାବରେ ଏହି ଧ୍ୱଂସାତ୍ମକ ରାଜନୀତି, ସମାଜନୀତି ତଥା ଆତ୍ମରକ୍ଷା ନାମରେ ପରପୀଡ଼ନ ନୀତି ଠାରୁ ରକ୍ଷା କରାଯାଇ ପାରିବ, ଏହା ହିଁ ହେଉଛି ସମସ୍ତ ସମାଜର ଆକାଂକ୍ଷା ଓ ଅଭୀଷ୍ଟ ବସ୍ତୁ ।''

■■

ଚତୁର୍ବିଂଶ ପରିଚ୍ଛେଦ

ମୁଁ କହିଲି, ''ଗୋଟିଏ କଥାରେ ଜୀବ ଓ ଈଶ୍ୱର, ଭକ୍ତ ଓ ଭଗବାନ ଅଥବା ମନୁଷ୍ୟ ସଙ୍ଗେ ବିଶ୍ୱସ୍ରଷ୍ଟାର ଯାହା କିଛି ଗଭୀର ସମ୍ବନ୍ଧ ଥାଇପାରେ, ତାହା ଭାଗବତ ଧର୍ମର ପ୍ରତିଷ୍ଠାତା ବୈଷ୍ଣବ ଧର୍ମ ମଧ୍ୟରେ ହିଁ ଦୃଷ୍ଟାନ୍ତ ରହିଛି । ଶ୍ରୀଚୈତନ୍ୟ ତାହାର ହିଁ ପରାକାଷ୍ଠା ଦେଖାଇଛନ୍ତି ମଧୁର ଅଥବା କାନ୍ତଭାବ ମଧ୍ୟରେ । ପୁଣି ତା'ର ଚରମ ଅଭିବ୍ୟକ୍ତି ହେଲା ରାଧାଭାବରେ— କ'ଣ, ଏହି ତ ଶ୍ରୀଚୈତନ୍ୟଙ୍କର ଆବିର୍ଭାବର ମୂଳତତ୍ତ୍ୱ ?''

ମୋ' କଥା ଶୁଣି ସେ କିଛି ହିଁ କହିଲେ ନାହିଁ । ତାଙ୍କର ଏହି ଭାବ ଦେଖି ମୁଁ ସାମାନ୍ୟ ସଙ୍କୁଚିତ ହୋଇପଡ଼ିଲି, ଯେପରି ଦମ୍ଭ ପ୍ରକାଶ ପାଇବା ପରି ମନେହେଲା । ସେତେବେଳେ ସଂଶୋଧନର ଉଦ୍ଦେଶ୍ୟ ନେଇ କହିଲି—''ଅତୀବ ଗୁହ୍ୟ ଏହି ପରମ ତତ୍ତ୍ୱ ଗଭୀରତମ ବସ୍ତୁକୁ ସାଧାରଣ ମନୁଷ୍ୟ ପକ୍ଷରେ ଲକ୍ଷ୍ୟ କରିବା ସମ୍ଭବ ନୁହେଁ—ଶକ୍ତି ନ ଥିଲେ ବି ମୋଟାମୋଟି କଥାଟା ଜାଣିରଖିବା ଉଚିତ୍, ଏହାହିଁ ଭାବି କହିଥିଲି ।''

ଏଥର ଅଖିଳବନ୍ଧୁ କହିଲେ, ''ମହାଭାରତର ଯୁଦ୍ଧ, ଏହାପରେ ବୌଦ୍ଧ-ଭାରତର ଇତିହାସ, ଏହା ସଙ୍ଗେସଙ୍ଗେ ତନ୍ତ୍ର ଧର୍ମରେ ପ୍ରଭାବିତ ଭାରତ, ତା'ପରେ ତା'ର ବ୍ୟଭିଚାର ସମୟରେ ଶଙ୍କର, ରାମାନୁଜ, ମାଧବାଚାର୍ଯ୍ୟ ଆଦିଙ୍କର ଆବିର୍ଭାବ ଘଟି ଭାରତର ନାନା ଶାସ୍ତ୍ରର ନାନା ବାଖ୍ୟା ଦ୍ୱାରା ସମାଜକୁ ଶାନ୍ତ ରଖିବା—ଏହାପରେ କେତେ କେତେ ଐତିହାସିକ ରାଜାଧିରାଜଙ୍କର ଅଧିକାର, ଏହି ଦୀର୍ଘକାଳ ଧରି ଭାରତଭୂମିର ସକଳ ସମାଜ ମଧ୍ୟରେ କେତେ ପ୍ରକାର ଓଲଟପାଲଟ ହୋଇଗଲା,—ବୈଷ୍ଣବ ଧର୍ମ ବଞ୍ଚିରହିଥିଲା, ଉତ୍ତର ଭାରତର ରାମାୟତ୍ ସାଧୁ ଓ ସେହି ଗୌଡ଼ୀୟ ବିଷ୍ଣୁ ଉପାସକ କ୍ଷୁଦ୍ର କ୍ଷୁଦ୍ର କେତେକ ଧର୍ମ ସମ୍ପ୍ରଦାୟଙ୍କ ମଧ୍ୟରେ । କିନ୍ତୁ ମହାଭାରତର କେଶବ ଅଥବା ଭାଗବତର ଶ୍ରୀକୃଷ୍ଣ ଅଥବା ଶ୍ରୀମଦ୍‌ଭଗବତ୍ ଗୀତାର ଉପଦେଷ୍ଟା ପାର୍ଥ-ସାରଥିଙ୍କ କଥା ଦୀର୍ଘକାଳ ଧରି ଭାରତର ହିନ୍ଦୁମାନେ ପ୍ରାୟ ଭୁଲି ଯାଇଥିଲେ—କେବଳ ସେତେବେଳେ ସ୍ମୃତି ମଧ୍ୟରେ ମଥୁରାର କେଶବଜୀ, ଦ୍ୱାରକାର ଦ୍ୱାରକାନାଥ ବିଟ୍ଠଲ୍ ଆଉ ଓଡ଼ିଶାର ଜଗନ୍ନାଥଙ୍କ ମନ୍ଦିର—ଏହା ଭିତରେ ହିଁ ତାଙ୍କର ଅସ୍ତିତ୍ୱଟି କୌଣସି ରକମ ବଜାୟ ରହିଥିଲା । ସୁତରାଂ ବ୍ରଜ ବା ବୃନ୍ଦାବନ ଆଉ ବ୍ରଜେଶ୍ୱରଙ୍କୁ ମନ ମଧ୍ୟରେ ରଖାଯାଇ ପାରିନାହିଁ; ସାଧାରଣ ଅସାଧାରଣ ଭାରତର ନାନା ଧର୍ମମାର୍ଗର ମଣିଷ, ଏପରିକି ମଧୁର କୃଷ୍ଣନାମଟି ମଧ୍ୟ ବିସ୍ମୃତ ହୋଇଥିଲେ । ମନ୍ଦିରସ୍ଥ ବିଗ୍ରହର ପୂଜାପାଠ ଆଦି ମଧ୍ୟ ଗତାନୁଗତିକ ଭାବରେ ଚାଲୁରହିଥିଲା, ମାତ୍ର

ତନ୍ମଧ୍ୟରେ ପ୍ରାଣ ନ ଥିଲା । ତା'ପରେ ବୌଦ୍ଧ-ଭାରତର ଶିଳ୍ପ-ଗୌରବମୟ ଯୁଗର ଶେଷଦିଗରେ ଉତ୍ତରାଖଣ୍ଡ ଉପରେ ସେହି ଯେଉଁ ବର୍ବରତା, ବିଜାତୀୟ ବର୍ବର ଦସ୍ୟୁଦଳର ଚରମ ଅତ୍ୟାଚାରରେ ହିନ୍ଦୁ ମନ୍ଦିର ଲୁଣ୍ଠନ, ଧ୍ୱଂସର ଉନ୍ମାଦନା, ବିଶେଷତଃ ଶିଳ୍ପ-ମହିମାରେ ମହିମାନ୍ୱିତ ଉଜ୍ଜ୍ୱଳ ମଥୁରାର କେଶବ-ମନ୍ଦିରକୁ ତୃତୀୟଥର ଲାଗି ଧ୍ୱଂସସାଧନ କଲା ପରେ ଆଉ ନିର୍ମାଣ ହୋଇପାରିଲା ନାହିଁ, ବୃନ୍ଦାବନ ମଧ ଯେପରି ଅଜଗର ବନ ପର୍ଯ୍ୟାୟଭୁକ୍ତ ହୋଇ ରହିଥିଲା । ମଥୁରାର ଯେଉଁ ରତ୍ନମଣ୍ଡିତ କେଶବ ମନ୍ଦିର ଏବେ ଆଉ ତା'ର ସେପରି କୌଣସି ଚିହ୍ନ ବର୍ଣ୍ଣ ହିଁ ନାହିଁ । ଅସଲ କଥା, ବୈଷ୍ଣବ ସମ୍ପ୍ରଦାୟଟି ହିଁ ଅତ୍ୟନ୍ତ ସଙ୍କୁଚିତ, ଆଉ ଏହି ପ୍ରେମର ଠାକୁର କେତେକ କ୍ଷୁଦ୍ର ସମ୍ପ୍ରଦାୟ ମଧ୍ୟରେ, ବିଶେଷତଃ ଐକାନ୍ତିକ ଭାବ ଓ ଭକ୍ତି ପ୍ରବଣ ପୁରୀ ସମ୍ପ୍ରଦାୟର ବୈଷ୍ଣବମାନଙ୍କ ମଧ୍ୟରେ, ସାମାନ୍ୟ ରୂପେ ଦୁକ୍‌ଦୁକ୍ କରୁଥିଲା । ଏହିପରି ଅବସ୍ଥାରେ ଶ୍ରୀଗୌରାଙ୍ଗ ଆବିର୍ଭୂତ ହେଲେ । ଯଥାସମୟରେ ଏହି ପୁରୀ ସମ୍ପ୍ରଦାୟ ମଧ୍ୟରେ ରହି ସିଦ୍ଧମନ୍ତ୍ର ନେଲେ । ତା'ପରେ ଏହି କୃଷ୍ଣ ନାମରେ ଏପରି ଚୁମ୍ବକଶକ୍ତି ପ୍ରୟୋଗ କଲେ ଯେ ଏହା ଫଳରେ ବୈଷ୍ଣବ ସମାଜ ମଧ୍ୟରେ ପ୍ରାଣର କ୍ରିୟା କ୍ଷିପ୍ରତର ଧାରାରେ ପ୍ରବାହିତ ହେବାକୁ ଲାଗିଲା; ନାମ ସଙ୍ଗେ ସଙ୍ଗେ ସାକ୍ଷାତ ଆଧ୍ୟାତ୍ମଶକ୍ତିର ପରଶଦ୍ୱାରା ସଜୀବିତ ହୋଇଉଠିଲା ଦେଶର ବୈଷ୍ଣବ-ସମାଜ; ଚବିଶବର୍ଷର ସେହି ଯୁବା ମୂର୍ତ୍ତି, ଆସି ସମସ୍ତଙ୍କ ସମ୍ମୁଖରେ ଉପସ୍ଥିତ ହେଲେ, ସାରା ଭାରତର ମୂହ୍ୟମାନ ଧର୍ମସମାଜ ତାଙ୍କୁ ପ୍ରତ୍ୟକ୍ଷ କଲେ । ସେତେବେଳେ ସେ କଲେ କ'ଣ ? ସମସ୍ତଙ୍କ ଦୃଷ୍ଟିରେ ଆକର୍ଷଣ କଲେ ଏହି ପ୍ରେମର ଠାକୁର— ଜୀବର ପରମଗତି ପରମାଶ୍ରୟ, ଦ୍ୱିଭୂଜ ମୁରଲୀଧର ଶ୍ରୀକୃଷ୍ଣଙ୍କର ଜ୍ୟୋତିର୍ମୟ ରୂପର ପାଦପଦ୍ମକୁ ଆଶ୍ରୟ କରିବାଲାଗି ସମସ୍ତଙ୍କୁ ଫେରାଇ ଆଣିଲେ । ସ୍ୱତଃସ୍ଫୂର୍ତ୍ତ ହୋଇଉଠିଲା ଭାରତର ଜନଗଣଙ୍କ ହୃଦୟରେ ଶ୍ରୀକୃଷ୍ଣଙ୍କର ଉଜ୍ଜ୍ୱଳ ମୂର୍ତ୍ତି । ତାଙ୍କର ସେହି ଯେଉଁ ପ୍ରଭାବ, ଦ୍ୱିଭୂଜ ମୁରଲୀଧରଙ୍କର ରୂପ ଆଉ କୃଷ୍ଣ ନାମଟିର ପ୍ରଭାବ ଏ ପର୍ଯ୍ୟନ୍ତ ଯେ କୌଣସି ମାତ୍ରାରେ କମି ନାହିଁ, ତାହାର ପ୍ରମାଣ କେବଳ ବୈଷ୍ଣବ ସମ୍ପ୍ରଦାୟ ମଧ୍ୟରେ ନୁହେଁ, ଆଜି ପର୍ଯ୍ୟନ୍ତ ଭାରତର ସର୍ବତ୍ର ହିଁ କ୍ଷୁଦ୍ର ବୃହତ୍ ପ୍ରତ୍ୟେକ ସମାଜର ଦୃଷ୍ଟି ସମ୍ମୁଖରେ ଶିଳ୍ପ, କାବ୍ୟସାହିତ୍ୟ ଓ ସଙ୍ଗୀତରେ, ହିନ୍ଦୁ ଜାତିର ସଂସ୍କୃତିର ସକଳ କ୍ଷେତ୍ରକୁ ପୂର୍ଣ୍ଣ କରି ସେ ପ୍ରଧାନ ପୁରୁଷ ରୂପେ ପ୍ରତିଭାତ ହୋଇଛନ୍ତି ।

''ଏ ଗଲା ଗୋଟିଏ ଦିଗ...''

''ତା'ପରେ ଆଉ ଏକ ଦିଗ—ବୃନ୍ଦାବନ ଆବିଷ୍କାର, ତାହା ଯେ କେତେ କଠିନ କାର୍ଯ୍ୟ, ତା'ର ଇତିହାସ ଉଦ୍‌ଘାଟନ ଏ କାଳରେ କ'ଣ ସମ୍ଭବ ? କେବଳ ଏତିକି ମାତ୍ର ଆମେ ଧାରଣା କରିପାରିଥାଉ ଯେ ଏହି କାର୍ଯ୍ୟ କଥା ମୂଳରୁ ହିଁ ତାଙ୍କ ମନରେ ଥିଲା । ସେ କାର୍ଯ୍ୟ କ'ଣ ଏତେ ସହଜ ? ସେତେବେଳେ ସେ ଥିଲେ ଗ୍ରାର୍ହସ୍ଥ୍ୟ ଆଶ୍ରମରେ—ପ୍ରେମର ପ୍ରଥମ ଜୁଆର, ନବଦ୍ୱୀପର ଶ୍ରୀବାସର ଅଗଣାରେ, ପ୍ରେମର ଆଲୋକ ପ୍ରଜ୍ୱଳିତ କରି

ନିତ୍ୟ ନିତ୍ୟ ବୈକୁଣ୍ଠର ଭାବ ନେଇ ନାଟ୍ୟଲୀଳା ଚାଲିଥାଏ । ଏଥର ରାସ୍ତାକୁ ବାହାରି ପଡ଼ିବେ କନ୍ଥା-କମ୍ବଳ-କମଣ୍ଡଳୁ ଧରି, ଏହି ପ୍ରେମର ଦେବତାଙ୍କୁ ସମସ୍ତଙ୍କ ଗୋଚରରେ ପ୍ରକାଶ କରିବାକୁ, ପ୍ରେମଧର୍ମହୀନ ବ୍ୟଭିଚାରପ୍ରବଣ ଦେଶର ସମାଜ ଆଗରେ— ଅନ୍ତରାଳରେ ତା'ର ଆୟୋଜନ ଚାଲିଥାଏ । ସେତେବେଳେ ସର୍ବପ୍ରଥମେ ଲୋକନାଥ ଏବଂ ଭୂଗର୍ଭକୁ ପାଇଲେ ପୁଣି ସଙ୍ଗେ ସଙ୍ଗେ ତାଙ୍କର ନିଃସଙ୍କୋଚ, ଭବିଷ୍ୟତ ବୈଷ୍ଣବ ମହାଜନଙ୍କର ଆଶ୍ରୟଦାନ,— ଧ୍ୟାନ ଓ ସମାଧିର ସ୍ଥାନ ବ୍ରଜଭୂମି ଆବିଷ୍କାର ଲାଗି ପଠାଇଲେ । ଶକ୍ତି ସଞ୍ଚାର କରି ସେମାନଙ୍କୁ ଦୃଢ଼ ଅନନ୍ୟକର୍ମା ତଥା ଉପଯୁକ୍ତ କରି ପଠାଇଲେ । ସେମାନେ ଚାଲିଗଲେ—ଯେପରି ଚୁମ୍ବକ ଶକ୍ତି ଲୌହକୁ ଆକର୍ଷଣ କରିନେଲା । ସେମାନଙ୍କର ବୃନ୍ଦାବନରେ ଉପସ୍ଥିତି ଏବଂ ଆମରଣ ପ୍ରେମମାର୍ଗ ସାଧନର ଇତିହାସ ସାଧାରଣଙ୍କ ମଧ୍ୟରେ ଅଜ୍ଞାତ ଥିଲା । ତା'ପରେ ଶ୍ରୀଚୈତନ୍ୟ ମହାପ୍ରଭୁ ସଂସାର ତ୍ୟାଗ କରି ନୀଳାଚଳରେ କାଟିଲେ କିଛି କାଳ; ପରେ ପ୍ରଦକ୍ଷିଣ କଲେ ଦାକ୍ଷିଣାତ୍ୟ । ଦୁଇବର୍ଷ ଧରି ସାରା ଭାରତର ଦାକ୍ଷିଣାତ୍ୟରୁ ପଶ୍ଚିମାଞ୍ଚଳ ଭ୍ରମଣ,— ନାମ ଯାହାର ଥିଲା 'ଯଜାନୋ' । ତୀର୍ଥ ଭ୍ରମଣରେ ନାମ କରି ସର୍ବ ତୀର୍ଥ ମଧ୍ୟରେ ଶକ୍ତିର ସଞ୍ଚାର ଦ୍ୱାରା ପ୍ରେମଧର୍ମ-ସୁଧାରେ ଭାରତ ଭୂମି ଓ ମାନବସମାଜକୁ ସଞ୍ଜୀବିତ କରିବା ସହ ନିଜକୁ ମଗ୍ନ କରିଚାଲିଲେ ଦୁଇ ବର୍ଷ ପର୍ଯ୍ୟନ୍ତ, କୌଣସି ବାଦର ନାଁ ନ ଦେଇ । ସେହି ଶକ୍ତିସଞ୍ଚୟର ଇତିହାସ ଏ ସମୟର କେତେଜଣଙ୍କୁ ଜଣା ? ତା'ପରେ ସେ ପୁଣି ଫେରି ଆସିଲେ ନୀଳାଚଳକୁ ।''

''ଦୁଇବର୍ଷ ପରେ ଯଥା ସମୟରେ ସ୍ୱୟଂ ବୃନ୍ଦାବନକୁ ଯାତ୍ରାକଲେ, ବାରାଣସୀ ଉତ୍ତର-ପଶ୍ଚିମ ଅଞ୍ଚଳ ବାଟ ଦେଇ । ବୃନ୍ଦାବନରେ ପହଞ୍ଚି ଯାହା କରିବା କଥା, ତାହା ଶେଷ କଲେ । କେଉଁ ଆକର୍ଷଣରୁ ବୃନ୍ଦାବନକୁ ଫେରିଗଲେ, ତାହା ତାଙ୍କୁ ହିଁ ଜଣା । ଆମେମାନେ କେବଳ ଏତିକି ମାତ୍ର ଜାଣୁ ଯେ ବାଟରେ ଶ୍ରୀରୂପ, ଶ୍ରୀସନାତନ, ପ୍ରବୋଧାନନ୍ଦ ପ୍ରଭୃତିଙ୍କୁ ପଠାଇଲେ ବୃନ୍ଦାବନକୁ, ସେମାନଙ୍କଠାରେ ଅଖଣ୍ଡ ସଚ୍ଚିଦାନନ୍ଦଙ୍କ ଛାପା ମାରି । ଏହାପରେ ଧୀରେ ଧୀରେ ରଘୁନାଥ, ଶ୍ରୀଜୀବ, ଗୋପାଳ ଭଟ୍ଟ ଆଦି ଭୁବନପାବନ ମହାପୁରୁଷ ଗଣଙ୍କର ଆଗମନ, ବୃନ୍ଦାବନରେ ନିଜ ନିଜର ସ୍ଥାନ ନିର୍ବାଚନ ଓ ଗଭୀର ଧ୍ୟାନରେ ଡୁବିଯିବାର ପାଲା । ସେମାନଙ୍କର ସାଧନ ଓ ସିଦ୍ଧିର ଜୀବନ ଜଗତର ଧର୍ମ ଇତିହାସ ମଧ୍ୟରେ ଅଭିନବ ଓ ପରମ ବିସ୍ମୟର ଘଟଣା ହୋଇପାରିଛି । ଶ୍ରୀଚୈତନ୍ୟଙ୍କର ତିରୋଧାନ ସଙ୍ଗେ ସଙ୍ଗେ ହିଁ ବୃନ୍ଦାବନର ସବୁ କିଛି ହିଁ ଯେମିତି ଜାଗିଉଠିଲା । ଦେଖୁଦେଖୁ ଲୁପ୍ତ ବୃନ୍ଦାବନ ସାରା ଭାରତର ପ୍ରଧାନ ଆକର୍ଷଣର ସ୍ଥାନ ହୋଇଗଲା । ଗୌଡ଼ୀୟ ବୈଷ୍ଣବ ଧର୍ମର ବ୍ୟବହାରିକ ସ୍ମୃତିଶାସ୍ତ୍ର, ମହାକାବ୍ୟ ଓ ଦାର୍ଶନିକ ଅମୂଲ୍ୟ ତତ୍ତ୍ୱ-ଗ୍ରନ୍ଥ-ସକଳ, ସମ୍ପୂର୍ଣ୍ଣ ବୈଷ୍ଣବ ସାହିତ୍ୟ ପ୍ରଣୟନ କରାଗଲା ଏହି ଶ୍ରୀବୃନ୍ଦାବନର ପୂଣ୍ୟଭୂମିରେ—ଶେଷରେ ଗୌଡ଼ୀୟ ସମ୍ପତ୍ତି ଗୌଡ଼ରେ ଆସି ପହଞ୍ଚିଗଲା, ଅତି ରହସ୍ୟଜନକ ଓ ଅଦ୍ଭୁତ ନାଟକୀୟ ପରିସ୍ଥିତି ଭିତରେ । ଏହାପରେ ବଙ୍ଗଦେଶରେ

ସେତେବେଳେ ଆରମ୍ଭ ହୋଇଗଲା, ମହାକୀର୍ତ୍ତନ ମଧ୍ୟ ଦେଇ ଅମୃତ ପରିବେଶ ସୃଷ୍ଟି । ବଙ୍ଗଳାର ସୌଭାଗ୍ୟର ସୀମା କେଉଁଠି—କେବଳ ବଙ୍ଗଳା କାହିଁକି, ସମସ୍ତ ଉତ୍ତର ଭାରତ ଭୂମିରେ ଶିଳ୍ପ, ସାହିତ୍ୟ ଓ ସଙ୍ଗୀତର ପ୍ରସାର ଘଟିଲା, ଦେଶର ହୃଦୟ ଓ ମନରେ ଏକ ଶକ୍ତିମୟ ପ୍ରେମଶକ୍ତିର ଉତ୍ସ ବହିଚାଲିଲା । ସେକଥା ଥାଉ । ଏବେ ଏତିକି ମାତ୍ର ଦୃଷ୍ଟି ଗୋଚର ହେବ ଯେ ତାଙ୍କର ଏହି ଅଠଚାଳିଶ ବର୍ଷ ଜୀବନ କାଳରେ ମୂଳତଃ ଆମେ କ'ଣ ପାଇଥିଲୁ—ଧର୍ମର ଗୁହ୍ୟତମ ଆକର୍ଷଣ ବ୍ୟତୀତ ଯେଉଁ ଅଂଶଟି ଥାଏ, ତାହା କ'ଣ ସମସ୍ତେ ଜାଣି ପାରିବେ ? ବୃନ୍ଦାବନର ଆବିଷ୍କାର, ପୁଣି ସେହି ତୀର୍ଥରେ ଭୁବନପାବନ ମହାପୁରୁଷଗଣଙ୍କ ଯେଉଁ ଆବିର୍ଭାବ ଓ ସେମାନଙ୍କ ଦାନ, ସମସ୍ତ ହିଁ ଶ୍ରୀଚୈତନ୍ୟଦେବଙ୍କ ନିଜସ୍ୱ ଦାନ । ପ୍ରାଚୀନ ବା ଆଧୁନିକ ଇତିହାସରେ ତାହାର ତୁଳନା ହିଁ ନାହିଁ । ସୁତରାଂ ଦୃଷ୍ଟାନ୍ତ ଦ୍ୱାରା ବୁଝିବାକୁ ଚେଷ୍ଟା ନ କରି କେବଳ ଟିକିଏ ଗଭୀର ଭାବେ ଚିନ୍ତାକରି ଦେଖିବା ଲାଗି କହିବି ।''

× × × × ×

ଏହା ହିଁ ଆଶ୍ଚର୍ଯ୍ୟ ବ୍ୟାପାର, କାମାକ୍ଷାର ମହାତାନ୍ତ୍ରିକମାନଙ୍କର ଅଭିଚାର ଓ ବୀରାଚାରର ଆଡ୍ଡାରେ ଲିପ୍ତ ଥାଇ ମୁଁ ଏପରି ଭାବରେ ଜଣେ ବୈଷ୍ଣବଙ୍କ ସଙ୍ଗସୁଖର ଆକର୍ଷଣରେ ଆତ୍ମସମର୍ପଣ କରିବସିଲି ଯେ ମୋ'ର ବାବା ଉମାପତିଙ୍କ ଆଶ୍ରମକୁ ଯିବା କେତେଦିନ ଧରି ବନ୍ଦ୍ ରହିଲା । ଆଜି ସକାଳେ, ଅର୍ଥାତ୍ ଭୋଜନ— ସମୟରେ, ତଳେ ଥିବା କାମାକ୍ଷା ମନ୍ଦିରକୁ ଟପି ପଣ୍ଡାଙ୍କ ଘରକୁ ଯାଉଛି, ମନ୍ଦିର ସମ୍ମୁଖରେ ଉମାପତି ବାବାଙ୍କ ସହ ସାକ୍ଷାତ । ସେ ଆନନ୍ଦ ସହକାରେ ମୋତେ ଆଲିଙ୍ଗନ କଲେ । ପଛରେ ଥିଲେ ଏଲୋକେଶୀ ମାତା । ମୁଁ ଯେ କିଛିଦିନ ଧରି ଯାଇପାରି ନାହିଁ, ଏ ସମ୍ବନ୍ଧରେ ବାବା କିଛି ବି ପଚାରିଲେ ନାହିଁ; କିନ୍ତୁ ଏଲୋକେଶୀ ଛାଡ଼ିଲେ ନାହିଁ, କହିଲେ— ''ଏବେ ଖୁବ୍ ଭଲ ମନୋମତ ସାଧୁ ହିଁ ପାଇଛନ୍ତି—ବୁଝିନେଲି ଦିଗୁ ଠାକୁର ସବୁ କିଛି ଫାନ୍ଦ କରିଦେଇଛନ୍ତି ।''

ମୁଁ ହସିଦେଇ କହିଲି, ''ଜାଣି ପାରିଛନ୍ତି ତ !''

ବାବା ତାଙ୍କୁ ପଚାରିଲେ, ''ସେ କାହାପାଖକୁ ଯାଇଥିଲେ, ତୁମେ ଜାଣିଲ କିପରି ?''

''ଜାଣେ । ସେ ଆଜିକାଲି ଅଖିଳବନ୍ଧୁ ପାଖକୁ ଯିବା ଆସିବା କରୁଛନ୍ତି ।'' ବାବା କହିଲେ, ''ବୈଦାନ୍ତିକ ସାଧୁ—ମୋ' ସହ ମାତ୍ର ଥରେ ଦେଖା ହୋଇଥିଲା । ବେଶ୍ ସରଳ ଲୋକ । ତାଙ୍କର ବୃନ୍ଦାବନରେ ଗୋଟିଏ ଆଶ୍ରମ ଅଛି ନା ?''

କହିଲି, ''ହଁ, ମୁଁ ମଧ୍ୟ ଶୁଣିଛି ।''

ବାବା କହିଲେ, ''ତୁମ ଶରୀର ପ୍ରତି ଟିକିଏ ନଜର ରଖ ବାବା, ଯେପରି ଟିକେ ଦୁର୍ବଳ ଦେଖାଯାଉଛ ।''

ମୁଁ କହିଲି, ''ଠିକ୍ କଥା, ମୁଣ୍ଡ, ଦେହହାତ ଭାରିଭାରି ଲାଗୁଛି; ଯେପରି ଜ୍ୱରର ଭାବ ସକାଳ ଆଡ଼କୁ ଜଣାପଡୁଛି ।''

ସେ ଆଉ କିଛି ନ କହି ମନ୍ଦିର ଭିତରକୁ ଚାଲିଲେ । ଭିତରକୁ ପ୍ରବେଶ ପୂର୍ବରୁ ପୁଣି କହିଲେ, ''ସାବଧାନ ।''

ଏଲୋକେଶୀ କହିଲେ, ''ସେକଥା ତାଙ୍କ କୋଷ୍ଠୀରେ ଲେଖା ନାହିଁ ।'' କହିଦେଇ ବାବାଙ୍କ ସଙ୍ଗେ ଭିତରକୁ ଗଲେ । ମୁଁ ଟିକିଏ ଚିନ୍ତିତ ହେଲି, ସତରେ ଦେହ ମୋ'ର ଭଲ ନାହିଁ । ଏଠାରେ ପୁଣି ଅସୁସ୍ଥ ହେବି ନା କ'ଣ ?

ଯଥାସମୟରେ ପଣ୍ଡାଙ୍କ ଘରକୁ ଯାଇ ଯଥାସ୍ଥାନରେ ବସିରହିଲି । ଗୌରୀ ଥାଳୀରେ ଅନ୍ନ ନେଇ ଆସିଲା । ଭୋଜନ କରୁ କରୁ ଗୌରୀକୁ ପଚାରିଲି, ''ମୁଁ କ'ଣ ଖରାପ ଦେଖାଯାଉଛି ?''

ସେ କହିଲା, ''ହଁ, ଆପଣ ରୋଗା ହୋଇଯାଇଛନ୍ତି, କଳା ଦେଖାଯାଉଛନ୍ତି, ଏଇ କେତେଦିନ ହେଲା ଦେଖୁଛି । ଭଲ କଥା, ଖଣ୍ଡେ ଚିଠି ଆପଣଙ୍କର ଆସିଛି,'' କହିଦେଇ ସେ ଭିତରକୁ ଚାଲିଗଲା ଓ ଖଣ୍ଡେ ଖାମ୍ ଆଣି ଦେଲା । ଦେଖିଲି, ତାହା ବନ୍ଧୁ ମଦନମୋହନଙ୍କ ମୋ' ପାଖକୁ ଲେଖା ଚିଠି ।

ତରବରରେ ଖାଇବା ଶେଷ କରି ଉଠିପଡ଼ିଲି । ଚିଠିଟି ଖୋଲିଦେଇ ଦେଖିଲି, ସେ ବାବା ମୁକ୍ତିନାଥଙ୍କର କଥା ଲେଖିଛନ୍ତି । ସେ ମୋତେ କଲିକତା ଫେରିଯିବାକୁ ଆଦେଶ କରିଛନ୍ତି । ଆଉ ଯେଉଁସବୁ କଥା ଲେଖା ଅଛି, ତାହା କେବଳ ବନ୍ଧୁତ୍ୱର ଅନୁରୋଧ— ଘରକୁ ଆସି ସହ ଧର୍ମିଣୀଙ୍କୁ ନେଇ ସଂସାର ଧର୍ମ କର, ତେବେ ସମସ୍ତେ ଖୁସି ହେବେ ।

ଉପର ଆଡ଼କୁ ଗଲି— ଦେଖିଲି, ଦିଗୁ ଠାକୁର ଆଜି ଖୁବ୍ ବ୍ୟସ୍ତ । ସେତେବେଳେ ଘଡ଼ିରେ ଗୋଟାଏ ବାଜି ସାରିଛି, ସେ କାଠ ଟ୍ରେ-ରେ ପୂର୍ଣ୍ଣ କରି ନାନାପ୍ରକାର ଉପକରଣ ଗର୍ଭଗୃହକୁ ନେଇଯିବାରେ ଲାଗିଛି, ଦୁଇ ତିନିଜଣ ଉଚ୍ଚ ଓଟମୁହାଁ ଭୈରବମୂର୍ତ୍ତି ମୋ' ଆସନ ଉପରେ ବସିଯାଇ ମହା ଆନନ୍ଦରେ ନାନା କଥା ନେଇ ବ୍ୟସ୍ତ ଥିବା ଦେଖି ମନଟା ଖରାପ ହୋଇଗଲା । ଦିଗୁ ଠାକୁର ମୋ' ମନୋଭାବ ବୁଝିପାରି ମୋତେ 'ଶୁଣନ୍ତୁ' କହି ମନ୍ଦିର ପଛକୁ ଡାକିନେଇଗଲେ । ସେ ଟିକିଏ ସଙ୍କୋଚ ସହ କହିଲେ, ''ଦେଖନ୍ତୁ ବାବା, ଆଜି ଏଠାରେ ଅଭିଚାର କ୍ରିୟା ହେବ, ଆପଣଙ୍କୁ ପୂର୍ବରୁ ଜଣାଇ ରଖିଲି । ଅବଶ୍ୟ ରାତ୍ରିରେ ଆପଣଙ୍କ ଆସନରେ ଶୋଇବେ, ଆଉ ଭିତରେ କ୍ରିୟା-କର୍ମ ଯାହା କିଛି ଚାଲିଥିବ...''

ମୁଁ ପଚାରିଲି, ''ଅଭିଚାର କ୍ରିୟା କେଉଁଥି ପାଇଁ ?''

ଦିଗୁ କହିଲେ, ''ମୁଁ ତ ସବୁ କଥା ଠିକ୍ ଜାଣିନାହିଁ, ତେବେ ଶୁଣିଛି ଯେ ତଳେ ଜଣେ କେହି କଠିନ ରୋଗରେ ପଡ଼ିଛନ୍ତି । ସେଥିଲାଗି କ୍ରିୟା ଚାଲିବ, ତାଙ୍କ ପୁଅ ସବୁ ଖର୍ଚ୍ଚପତ୍ର କରୁଛନ୍ତି ।''

ମୁଁ କହିଲି, ''ରୋଗରୁ ଆରୋଗ୍ୟ ଲାଗି ଅଭିଚାର କ୍ରିୟା ! ଏକଥା କେବେ ଶୁଣି ନାହିଁ ।''

ଦିଗୁ ଠାକୁର ଏଥର ଯେପରି ଏକ ସନ୍ଦେହର ଭାବ ନେଇ କହିଲେ, ''ଶୁଣିଛି, ସେହି ବୃଦ୍ଧ ମରିଗଲା ପରେ, ଯିଏ ଅନେକ ଟଙ୍କାର ମାଲିକ ହେବ, ଏହି କ୍ରିୟା-କର୍ମ କରୁଛନ୍ତି ସେହି, ତାଙ୍କରି ସୁପୁତ୍ର । ଏକଥା ସେଠାରେ କେହି ଜାଣନ୍ତି ନାହିଁ । ସେଠାରେ କୁହାଯାଇଛି ଯେ ସ୍ୱାସ୍ଥ୍ୟୟନ-ଶାନ୍ତି ବ୍ୟବସ୍ଥା କରାଯାଉଛି ।

ବୃଦ୍ଧ ପିତାଙ୍କୁ ଆପଦ-ଜ୍ଞାନରେ ଲୋକାନ୍ତରିତ କରିବାର ବ୍ୟବସ୍ଥା ଶକ୍ତିଶାଳୀ ପୁତ୍ରଙ୍କ ପକ୍ଷରେ ସ୍ୱାଭାବିକ । ବୋଧହୁଏ ଏକଥା ସବୁ ଦେଶରେ ରହିଛି । ଆମ ଦେଶର ଇତିହାସ ପୃଷ୍ଠାରେ ବିମ୍ବିସାରଙ୍କ ପୁତ୍ର ଅଜାତଶତ୍ରୁଙ୍କ ଅମଳରୁ ଚାଲିଆସିଛି । କିନ୍ତୁ ସେକଥା ତ ରାଜାରାଜୁଡ଼ା ବ୍ୟାପାର । ଧନବାନ ଘରର ଗୃହସ୍ଥଙ୍କ ମଧ୍ୟରେ ଯେ ଏଆଡ଼େ ଏପରି ଚଳେ, ତାହା ଦେଖି ମନେହେଲା, ଆଉ ବେଶୀ ଦିନ ଏପରି ଚୋରାରେ-ଗୁପ୍ତରେ ପିତୃହତ୍ୟା ଲାଗି କାର୍ଯ୍ୟକଳାପ ଚାଲିପାରିବ ନାହିଁ । ନାଜୀ ଅଥବା କମ୍ୟୁନିଷ୍ଟମାନେ ଆସିଗଲେ, ବୋଧହୁଏ, ଏହା ମଧ୍ୟରେ କାପୁରୁଷ ପୁତ୍ରମାନେ ଅନ୍ତରାଳରେ ଯାହା ସମ୍ଭବ, କରିନେବେ ସମାଜର ବଡ଼ମାନଙ୍କ ଆଖିରେ ଧୂଳି ଦେଇ । ମୋତେ କିନ୍ତୁ ଏପରି ଅସ୍ୱସ୍ତି ଲାଗିଲା ଯେ ଏକବାର ବାବା ଉମାପତିଙ୍କ ଆଶ୍ରମ ଆଡ଼କୁ ଚାଲିଲି, ତାଙ୍କୁ ସବୁ କଥା ଜଣାଇ ଦେବାକୁ । ଯାଇ ଦେଖିଲି, ସେ ମନ୍ଦିରରୁ ଏଯାଏ ବାହାରି ନାହାନ୍ତି । ତେଣୁ ମୁଁ ଅଖିଳବନ୍ଧୁଙ୍କ ନିକଟକୁ ଗଲି, ଆଉ ଯାହା କିଛି ଶୁଣିଥିଲି, ତାଙ୍କ ପାଖରେ ଜଣାଇଦେଇ ମନକୁ ଟିକିଏ ହାଲୁକା କରି ପକାଇଲି ।

ସେ କହିଲେ ''କ'ଣ କହୁଛନ୍ତି ? ଏସବୁ କଥାରେ ଆପଣ ଏତେ ଚିନ୍ତିତ କାହିଁକି ? ମନରେ କ'ଣ ଏକଥା ବିଶ୍ୱାସ କରୁଛନ୍ତି ଯେ ଏହି ଅଭିଚାର ଫଳପ୍ରସୂ ହେବ ? ସେ ସବୁ କ୍ରିୟା କର୍ମ କ'ଣ ଫଳପ୍ରସୂ ହୋଇଥାଏ ?''

''ମୋ'ର ବିଶ୍ୱାସ ହେଉଛି, ଜାଣେନା କାହିଁକି, ଏକ ସହଜ ବିଶ୍ୱାସ ମୋ ମନରେ ପ୍ରଥମରୁ ରହିଯାଇଛି ।''

ଶୁଣିନେଇ ସେ ହସିହସି କହିଲେ, ''ଏଥି ସଙ୍ଗେସଙ୍ଗେ ଏ ସହଜ ବିଶ୍ୱାସଟି ରଖନ୍ତୁ ଯେ ଏହି ମେଦିନୀ, ଏହି ଜୀବ-ସମାଜ-ସୃଷ୍ଟିଟା ଶୟତାନ ବା ଦୈତ୍ୟ ଦାନବଙ୍କର ନୁହେଁ, ଏହା ଭଗବାନଙ୍କର ଜଗତ । ତାଙ୍କ ଅଭିପ୍ରାୟ ବିରୁଦ୍ଧରେ କାହାର କାହାକୁ ହତ୍ୟା କରିବା ସମ୍ଭବ ନୁହେଁ । ଆଦ୍ୟାଶକ୍ତି ଭଗବତୀଙ୍କର ସଜାଗ ଦୃଷ୍ଟି ଥାଏ ଜନ୍ମ, ମୃତ୍ୟୁ ଓ ମିଳନର କ୍ରିୟା ଗୁଡ଼ିକ ଉପରେ—ସେଥିରେ ଆଉ କାହାର କର୍ତ୍ତୃତ୍ୱ ନାହିଁ ।''

ମନରେ ଆଶା ହେଲା, ହୁଏତ ବ୍ୟର୍ଥ ହେବ ଅଭିଚାରବର୍ଗଙ୍କ କାର୍ଯ୍ୟ ଏହି ଭୁବନେଶ୍ୱରୀଙ୍କ ମନ୍ଦିରରେ । ମୋତେ ଚିନ୍ତିତ ଦେଖି ସେ ପୁଣି କହିଲେ, ''ଏମାନଙ୍କର

ଅର୍ଥାତ୍ ଏଠିକାର ଏଇ ଧରଣର ତାନ୍ତ୍ରିକମାନଙ୍କର ଅଧଃପତନ ଚରମ ସୀମାରେ ଆସି ପହଞ୍ଚିଛି । କେତେଦୂର ଅଜ୍ଞାନ ସେମାନେ, ତାହା ହିଁ ଚିନ୍ତା କରେ; ଯିଏ ଜଗଦମ୍ବାଙ୍କୁ ଅଦ୍ୱିତୀୟ ସୃଷ୍ଟି-ସ୍ଥିତି-ନିଧନକାରିଣୀ ବୋଲି ଜାଣିଥାନ୍ତି, ସେମାନେ ତାଙ୍କୁ ହିଁ ପୂଜା ଦ୍ୱାରା ପ୍ରସନ୍ନ କରି ନିଜ ସ୍ୱାର୍ଥ ଲାଗି ଆଉ ଜଣଙ୍କର ପ୍ରାଣକୁ ଦମନ କରିବାକୁ ଅନୁରୋଧ କରୁଛନ୍ତି ! ଘୁଷ୍ ଦେଇ ସ୍ୱାର୍ଥସିଦ୍ଧିର ବୁଦ୍ଧି; ଏ କଥାକୁ ଟିକିଏ ହେଲେ ତାଙ୍କର ମନେ ହେଲା ନାହିଁ ଯେ ସେହି ବୃଦ୍ଧ ବ୍ୟକ୍ତି ଜଣକ ଏହି ମା'ଙ୍କର ରକ୍ଷିତ– ସକଳ ଜୀବଙ୍କୁ ରକ୍ଷା କରିବାର ଦାୟିତ୍ୱ ତାଙ୍କର ହିଁ ।''

କେତେଦିନ ଧରି ବାବା ଉମାପତିଙ୍କ ଆଶ୍ରମକୁ ଆଉ ଯାଇପାରି ନାହିଁ, ଅଖିଳବନ୍ଧୁଙ୍କ ସଂସର୍ଗରେ ମାତି ରହିଥିଲି । ବୃଷ୍ଟି, ବାଦଲ ତ ସବୁବେଳେ ଲାଗିରହିଥାଏ । କାମରୂପଠାରେ ଭୂବନେଶ୍ୱରୀ ହିଁ ଏକ ଉଚ୍ଚତମ ପର୍ବତ ଶୃଙ୍ଗ । ଏବେ ବର୍ଷାଜଳ ଦ୍ୱାରା ଆଦ୍ର ଓ ନରମ ହୋଇ ନାଟ ମନ୍ଦିର ମଧ୍ୟସ୍ଥଳ ପର୍ଯ୍ୟନ୍ତ ସନ୍ତସନ୍ତିଆ ହୋଇଯାଇଛି । ମୋ' ଦେହ ଭାରୀ ବୋଧ ହୋଇ ମୁଣ୍ଡଟା ଓଜନିଆ ହୋଇପଡ଼ିଛି–ଆଜିକୁ ଦୁଇ-ତିନିଦିନ ଧରି ତାହା ଅନୁଭବ କରୁଛି । ଆଜି ସକାଳେ ମୁଣ୍ଡ ଭାରୀ, ନାକ ବନ୍ଦ୍, ଜରଜର ଲାଗୁଛି, ତତ୍‌ସହିତ ହାତ, ପାଦ ଓ ଗଣ୍ଠିମାନଙ୍କରେ ବେଦନା । ମନେହେଲା, ଆଜି ସାରାଦିନଟି କିଛି ନ ଖାଇ ଉପବାସ ରହିଗଲେ ସୁସ୍ଥ ହୋଇପାରିବି ।

ମୋ'ର ବିହାରୀ ବାନ୍ଧବ, ସକାଳୁ ଉଠି 'ରାମ ରାମ' କହୁ କହୁ ମୋ' ସମ୍ମୁଖକୁ ଆସି ''ଖବରଦାରଜୀ'' କହି ଠିଆ ହୋଇଗଲେ । ତା'ପରେ ବିଶେଷ ଭାବରେ ମୋ' ମୁହଁକୁ ନିରୀକ୍ଷଣ କରି ଟିକିଏ ଚିନ୍ତିତ ମନରେ କହିଲେ, ''ଆଁଖ୍ ତୋ ବହୁତ ଲାଲ୍ ହୁୟା, ତବିୟତ୍ କୁଛ ସୁସ୍ଥ ମାଲୁମ ହୋତା କି ନହିଁ (ଆଖିତ ବହୁତ ଲାଲ୍ ଦିଶୁଛି । ଦେହ ସୁସ୍ଥ କି ନୁହେଁ) ?''

ପ୍ରଶ୍ନଟିର ଭାବଟି ସହାନୁଭୂତି ପୂର୍ଣ୍ଣ । କହିଲି, ''ଜ୍ୱର ଏକଟୁ ହଇଆଛେ, ମାଥାୟ ବେଦନା (ଜ୍ୱର ଅଳ୍ପ ଅଛି, ମୁଣ୍ଡରେ ବେଦନା)''

ସେ କହିଲେ, ''ବହୋତ୍ ବରଷା, ଆଜ୍ ବାହାର ମତ୍ ଯାଓ, ଭୋଜନକା ପ୍ରବନ୍ଧ ହାମ୍ କରେଗା (ଖୁବ୍ ବର୍ଷା, ଆଜି ବାହାରକୁ ଯାଅନାହିଁ । ଭୋଜନ ବ୍ୟବସ୍ଥା ମୁଁ କରିବ) ।''

ମୁଁ ଉପବାସ ରହିବା କଥା କହିବାରୁ ସେ କହିଲେ, ''ନହିଁଜୀ, ପାହାଡ଼ ଦେଶ୍ ମେ ଉପବାସ ଆଚ୍ଛା ନହି, ଖାନାହି ଚାହିୟେ–ସବ୍ ବିଲକୁଲ୍ ଠିକ୍ ହୋ ଜାୟଗା, ଆପ୍ ଚୁପ୍‌ଚାପ ସୋତେ ରହିୟେ, (ନାହିଁ ଆଜ୍ଞା, ପାହାଡ଼ ରାଜ୍ୟରେ ଉପବାସ ଠିକ୍ ନୁହେଁ, ଖାଇବା ଦରକାର– ସବୁ ଠିକ୍ ହୋଇଯିବ, ଆପଣ ଚୁପ୍‌ଚାପ୍ ଶୋଇରହନ୍ତୁ)'' କହିଦେଇ ସେ ଗଞ୍ଜେଇ ଦଳିବାକୁ ବସିଗଲେ । ତା'ପରେ ଦଳାଦଳି ହୋଇଗଲା ପରେ ବେଶ୍ ଚିନ୍ତିତ ମନରେ ଟାଣିବାକୁ ଲାଗିଗଲେ । ମୁଁ ବସିରହି ଏହା ଦେଖୁଥିଲି ।

ଧୀରନାଥ (ବିହାରୀ ସାଧୁ ତାରାପୀଠ)

ଠିକ୍ ଦଶଟା ବେଳକୁ ଜ୍ୱର ଘୋଟିଆସିଲା । ପ୍ରବଳ ଶୀତବୋଧ ହେବାରୁ ପଡ଼ିଥିବା କମ୍ବଳକୁ ଘୋଡ଼େଇହୋଇ ଶୋଇଗଲି । ସେତେବେଳେ ଧୀରନାଥ ବାବା କହିଲେ, ''ଆରେ ଆପ୍‌କୋ ଭି ପକଡ଼ ଲିୟା, ଅବ୍ ଦେଖୋ । ଗେୟା ବରଷ ହାମ୍ ପାଞ୍ଚ ମାହିନା ଶୋ ଗିୟା ଥା (ଆରେ ଆପଣଙ୍କୁ ବି ଧରିପକାଇଲା, ଏବେ ଦେଖ । ଗଲାବର୍ଷ ମୁଁ ପାଞ୍ଚ ମାସ ଧରି ଶୋଇଯାଇଥିଲି) ।'' ଏଣୁ ମୁଁ ମଧ୍ୟ ସାରାଦିନ ଶୋଇରହିଲି, ଜ୍ୱର ପ୍ରବଳ ହେଲା— ଆଚ୍ଛନ୍ନ ଭାବରେ କଟାଇଲି । ଜ୍ୱର ବେଳେ ଆଚ୍ଛନ୍ନ ଥିବା ଭିତରେ ଯେପରି ସମାଧିର ସୁଖ ପାଉଥାଏ । ସନ୍ଧ୍ୟା ଆରମ୍ଭ ସଙ୍ଗେ ସଙ୍ଗେ କଂସା-ଘଣ୍ଟର ଶବ୍ଦ କାନରେ ପଡ଼ିବାରୁ ଚେଇଁ ଉଠିଲି । ଦେଖିଲି, ବାବା ଉମାପତି ମୋ' ମୁଣ୍ଡ ପାଖରେ ବସିରହିଛନ୍ତି । ବୋଧହୁଏ, ଇତିମଧ୍ୟରେ ପ୍ରବଳ ବୃଷ୍ଟି ହୋଇଯାଇଛି, କାରଣ ମୋ' ପାଦ ପାଖରେ କମ୍ବଳ ଭିଜିଯାଇଛି । ବେଶ୍ ଥଣ୍ଡା । ବାବା ମୋ' ମୁଣ୍ଡରେ ହାତ ରଖି କହିଲେ, ''ଆଜି ରାତିଟା କୌଣସି ରକମ କଟାଇ ଦିଅ, କାଲି ସକାଳେ ଜ୍ୱର ଅଳ୍ପ କମିଗଲେ ମୋ' ପାଖକୁ ନେଇଯିବି । କ'ଣ କହୁଛ ବାବା ? ଏବେ ଜ୍ୱର ଯେପରି ଖୁବ୍ ବେଶୀ ହିଁ ମନେ ହେଉଛି ।''

ଏହି ସମୟରେ ଦିଗୁ ଠାକୁର ମନ୍ଦିରରୁ ନିର୍ମାଲ୍ୟ ଆଣି ବାହାରିଲେ ଏବଂ ମୋ' ମୁଣ୍ଡରେ ଛୁଆଁଇଦେଇ ସେଠାରେ ଥିବା ସମସ୍ତଙ୍କ କପାଳରେ ସ୍ପର୍ଶ କରାଇ ଦେହକୁ ବଙ୍କାଇ ଠିଆ ହେଲେ । ତା'ପରେ ମହାବିଜ୍ଞ ବ୍ୟକ୍ତି ପରି ମତ ଦେଇ କହିଲେ—''ଏହା କଳାଜ୍ୱର ନା କ'ଣ, ସେହିକଥା ଭାବୁଛି ।''

ଉମାପତି ବାବା ତାକୁ ଧମକ ଦେଇ କହିଲେ, ''ତୁମର ଭାବିବାର ଦରକାର କ'ଣ, ନିଜ କାମ ଶେଷ କର ଯାଇ ।'' ମୋ' ଆଡ଼କୁ ବୁଲିପଡ଼ି କହିଲେ— ''ଏଠାରେ ରହିବା ଠିକ୍ ହେବ ନାହିଁ; ସକାଳେ ସେଠାକୁ ନେଇଯିବି, କ'ଣ କହୁଛ ?''

ମୁଁ କହିଲି,—''ଏହିଠାରେ ହିଁ ରହିବି, ନଡ଼ାଚଡ଼ା କରିବି କାହିଁକି ?''

''ନା ନା, ସେଟା ଠିକ୍ ହେବ ନାହିଁ—ବର୍ଷାପାଣି ଛାଟ ମାରେ, ଫୁଟା ଟିଣରୁ ପାଣି ପଡ଼େ, ଅସୁଖ ଅବସ୍ଥାରେ ଏଠାରେ ରହିବା ମୋଟେ ହିଁ ଭଲ ନୁହେଁ ।''

ଜ୍ୱର ପ୍ରଭାବରୁ ଜିଦ୍ ଧରି କହିଲି, ''ନା, ନା, ଆପଣଙ୍କ ଆଶ୍ରମର ଆରାମ ମୋର ଦରକାର ନାହିଁ, ଏହିଠାରେ ରହିବି ।''

ସେ ଯେପରି ବୁଝିପାରିଲେ ମୋ'ର ଏହି ଦୁର୍ବଳ ମସ୍ତିଷ୍କର କଥା । ତେଣୁ ତତ୍‌କ୍ଷଣାତ କହିଲେ, ''ତୁମେ ଏଇଠି ରୁହ, କୁଆଡ଼େ ଯିବାକୁ ହେବ ନାହିଁ ।'' କହିଦେଇ ମୋ' କପାଳରେ ହାତ ରଖି ଦୁଇପଟ ଶିରକୁ ଚାପି ଧରିଲେ । ମୋତେ ଏତେ ଆରାମ ବୋଧ ହେଲା ଯେ ଆଖି ବନ୍ଦ କରି ରହିଲି– ଏକ ତନ୍ଦ୍ରା ଅବସ୍ଥାରେ ଯେପରି ଏହିସବୁ କଥା ଶୁଣୁଶୁଣୁ ଶୋଇପଡ଼ିଲି–ଆଜି ରାତିରେ ଏଠାରେ ମୋ'ର କିଛି କ୍ରିୟା-କର୍ମ ଥିଲା, ଆଜି ଅମାବାସ୍ୟା କିନା ।

ଗଭୀର ରାତି–ଚାରିଆଡ଼େ ନିସ୍ତବ୍ଧ–ବାହାରେ ଅନ୍ଧକାର, କିନ୍ତୁ ଗର୍ଭ ଗୃହ ମଧ୍ୟରେ ଆଲୁଅ ଜଳୁଛି–ଝୁଣା-ଧୂପରେ ଭରପୁର, ଭୁବନେଶ୍ୱରୀ ମନ୍ଦିର ମଧ୍ୟରେ ନାନା ପ୍ରକାର ଶବ୍ଦ ଶୁଣୁଶୁଣୁ ଜାଗିଉଠିଲି, କିନ୍ତୁ ଆଖି ଖୋଲି ବେଶୀ ସମୟ ଚାହିଁରହିପାରିଲି ନାହିଁ । ଅନେକ ବ୍ୟକ୍ତି ଏକତ୍ରିତ ହୋଇ ଧୀର ଗମ୍ଭୀର ଉଦ୍ଦାତ୍ତ ସ୍ୱରରେ ପୃଥକ ପୃଥକ ମନ୍ତ୍ର ପାଠ କଲେ ଯେପରି ଶୁଣାଯାଏ, ସେହି ରୂପେ ନାନା ମନ୍ତ୍ରର ସ୍ୱର କାନରେ ଆସି ପଡ଼ିବାକୁ ଲାଗିଲା । ପ୍ରତ୍ୟେକଙ୍କ ସ୍ୱର ବା ସୂର ପୃଥକ ହେଲେହେଁ ସମସ୍ତ ସ୍ୱର ଏକତ୍ର ହୋଇ ଏକ ଅପୂର୍ବ ଧ୍ୱନି ଉତ୍ପନ୍ନ କରୁଥିଲା । ଯେତେବେଳେ ଆଖିକୁ ଥରେ ଥରେ ଖୋଲୁଥିଲି, ସେତେବେଳେ ଏହି ସ୍ୱରର ଅପରୂପ ସ୍ୱୟଂ-ଉଜ୍ଜ୍ୱଳ ବର୍ଣ୍ଣଭାକୁ ଲକ୍ଷ୍ୟ କରୁଥିଲି ।

ସ୍ୱରର ଏକ ବର୍ଣ୍ଣ ଓ ସଂମ୍ମିଶ୍ରିତ ରୂପ ଥାଏ ବୋଲି ଶୁଣିଥିଲି–ଏବେ ତାହାହିଁ ଦେଖିବାକୁ ପାଇଲି, ଗୋଲାକାର, ଡିମ୍ବାକୃତି, ତ୍ରିକୋଣ, ଚତୁଷ୍କୋଣ, ଷଡ଼କୋଣ–ନାନା ଆକାରରେ ବର୍ଣ୍ଣ-ଛନ୍ଦର ମିଳିତ ସ୍ୱରଧ୍ୱନି ତରଙ୍ଗାକାରରେ ଶ୍ରେଣୀବଦ୍ଧ ଅବିଚ୍ଛିନ୍ନ, ଏକ ବିଚିତ୍ର ଛନ୍ଦରେ ବାୟୁମଣ୍ଡଳରେ ଭାସି ଭାସି ଶୂନ୍ୟ ପଥ ଦିଗକୁ ଚାଲିବାକୁ ଲାଗିଲା । ନାନା ବର୍ଣ୍ଣର ଉଦ୍ଭାସିତ ସ୍ୱରର ସ୍ରୋତ ଚାଲିଥାଏ– ବିଚିତ୍ର ଛନ୍ଦରେ ଊର୍ଦ୍ଧ୍ୱ ଦିଗକୁ ଏହାର ଗତି । ଅତି ନିର୍ମଳ ଏହି ଶବ୍ଦମୟ ବର୍ଣ୍ଣସ୍ରୋତକୁ ଦେଖିବା ମାତ୍ରେ ହିଁ ମୋ' ପ୍ରାଣରେ ଏହି ସ୍ୱରର ପ୍ରତିଧ୍ୱନି ବାଜି ଉଠି ମୋତେ ଆନନ୍ଦସାଗରରେ ଭସାଇ କେଉଁ ଏକ ପୂଣ୍ୟଭୂମି ଆଡ଼କୁ ନେଇଚାଲୁଥିଲା । ନାନା ବର୍ଣ୍ଣର, ତନ୍ମଧ୍ୟରେ ଗୋଲାପୀ, ନୀଳ, ହାଲୁକା ଓ ଗାଢ଼ ସବୁଜ, ପୀତ, ପିଙ୍ଗଳ ପୁଣି କେଉଁ କେଉଁ ଅଂଶରେ ଶବ୍ଦମୟ ଗୋଲକ ଘୋର ଲାଲ, କେତେ ରଙ୍ଗର ମିଶ୍ରଣ, ତାହା କେଉଁଭାବେ ବା ବର୍ଣ୍ଣନା କରିବି ! କ୍ରମେକ୍ରମେ ତାହାର ଆକାରର ପରିବର୍ତ୍ତନ ଓ ବର୍ଣ୍ଣାଭାର ପରିବର୍ତ୍ତନ–ଏପରି ଆଶ୍ଚର୍ଯ୍ୟଜନକ ଅବସ୍ଥା ଜୀବନରେ କେବେହେଁ ଦେଖି ନଥିଲି । ଏହାପରେ ଶେଷରେ ଏକ ଭୟଙ୍କର ହୁଙ୍କାର ଶବ୍ଦ ସଙ୍ଗେ ସେହି ଏକ ହିଁ ମନ୍ତ୍ର ବିଦ୍ୟୁତ ତୁଲ୍ୟ ଉଚ୍ଚାରିତ ହେଲା–ଏକ ସର୍ବଗ୍ରାସୀ ଆଲୋକ ତରଙ୍ଗ ଆସି ପୂର୍ବ ଉଚ୍ଚାରିତ ଆଲୋକାକୃତି ଶବ୍ଦସମଷ୍ଟିକୁ ଏକ ଝଟ୍‌କାରେ ଊର୍ଦ୍ଧ୍ୱ ଦିଗକୁ ଉଡ଼ାଇ ନେଇଗଲା । ମୋ'ର ଆଉ ସଂଜ୍ଞା ରହିଲା ନାହିଁ । ନାନା ମନ୍ତ୍ରର ସୁରତରଙ୍ଗ ସହ ଏହି ଉଜ୍ଜ୍ୱଳ ଶବ୍ଦ ଧାରା ଦେଖି ଓ ଶୁଣିଶୁଣି ଯେପରି ଏକ ନିଶାର ଆବେଶରେ ପୁନଶ୍ଚ ତନ୍ଦ୍ରାଚ୍ଛନ୍ନ ହୋଇପଡ଼ିଲି । ଅବସ୍ଥା ଯେପରି ମୋ'ର ନିତ୍ୟାନନ୍ଦମୟ, ଆଉ ବାବା ଉମାପତିଙ୍କୁ ସ୍ୱୟଂ ଶିବ ତୁଲ୍ୟ ବୋଲି ଧାରଣା ହେବାକୁ ଲାଗିଲା ।

ସକାଳେ ଉଠି ବସିଲି, ଟିକିଏ ବାହାରକୁ ଯିବି– ଆନନ୍ଦର ପରଶ ସେତେବଳଯାଏ ଯେପରି ବେଶ୍ ଅନୁଭବ କରୁଥିଲି । ଜ୍ୱର ସେତେବେଳେ ମଧ୍ୟ ଥାଏ–ଭାବୁଛି ହେଲେ କ'ଣ ସବୁ ଭାବୁଛି ଜାଣେ ନାହିଁ, ମୋ' ଭିତରେ କେତେ କ'ଣ ଭାବ ଉଦ୍ରେକ ହୋଇ ମିଳେଇ ଯାଉଥାଏ । ଦିଗୁ ଠାକୁର ଆସି କହିଲେ, ''ହେଇ ତ, ଆପଣଙ୍କୁ ପୁଣି ଜ୍ୱର ହେଲା, ଏଠାକାର ଏହି ଜର ଖୁବ୍ ଖରାପ ।'' କହିଦେଇ ସେ ମନ୍ଦିର ଭିତରକୁ ନିଜ କାମରେ ଚାଲିଗଲେ । ଏହାପରେ ମୋର ସଙ୍ଗୀ ବିହାରୀ ସାଧୁ ନିଦରୁ ଉଠି ବସିପଡ଼ିଲେ ଏବଂ ରାମ-ନାମ କରୁକରୁ ହାଇମାରିବାକୁ ଲାଗିଲେ । ମନ୍ଦିର ସମ୍ମୁଖସ୍ଥ ବାଁ ଦିଗରେ କିଛି ଦୂରରେ ଗୋଟିଏ ବାବଲା ଗଛ–ତା' ତଳେ ବସିଯାଇ ମୁଁ ନିତି ମୁହଁ ଧୋଇଥାଏ । ଆଗ ଦିନ ମାନଙ୍କ ପରି ସେଠାରେ ବସିପଡ଼ି ମୁହଁଟା ଧୋଇନେଲି ।

ଆକାଶରେ ମେଘ । ଆଜି ଆଉ ସୂର୍ଯ୍ୟୋଦୟ ଦେଖା ଯିବ ନାହିଁ, ବାହାରକୁ ଯିବି କି ନଯିବି, ଭାବୁଛି–ସେହି ଆନନ୍ଦର ନିଶା ସେଯାଏ ଘାରି ରଖିଛି । ଭାବୁଛି–ରାତ୍ରିରେ ମନ୍ଦିର ମଧ୍ୟରେ କେଉଁମାନଙ୍କର ମନ୍ତ୍ର-ଶବ୍ଦ ଶୁଣୁଥିଲି, ଛବି ପରି ଶବ୍ଦର ଏକ ରୂପ, ଅପୂର୍ବ ଆକାର, ବର୍ଣ୍ଣମୟ ଉର୍ଦ୍ଧ୍ୱଗତିକୁ ଦେଖୁଥିଲି, କଳ୍ପନାରେ ତାକୁ ପୁଣି ଦେଖିବାକୁ ଚକ୍ଷୁ ବନ୍ଦ୍ କରି ରହିଲି । ଜ୍ୱରର ପ୍ରଭାବରେ ଏହିପରି କାଳ୍ପନିକ କେତେ କ'ଣ ଦୃଶ୍ୟ ଦେଖୁଥିଲି, ଚଞ୍ଚଳ ଖିଆଲୀ ମନର ବ୍ୟାପାର କି ନା–ହେଲେ ମନଗଢ଼ା ଅନେକ କିଛି ମଧ୍ୟ ଦେଖାଗଲା ।

ଆଖି ଖୋଲି ଦେଖିଲି, ପ୍ରତିମା ତୁଲ୍ୟ ସ୍ଥିର ସେହି ଚଣ୍ଡାଳକନ୍ୟା ଏଲୋକେଶୀ ଭୈରବୀ, ଡାହାଣ ହାତରେ କ'ଣ ଗୋଟିଏ ଧରି, ଠିକ୍ ମୋ' ସାମନାରେ ଚାରି ପାଞ୍ଚ ହାତ ଦୂରରେ ଠିଆହେଲେ । ମୋ'ର ଆଖି ଖୋଲିବା ଦେଖି ସେ କହିଲେ, ''ବାବା ଏହି ଚରଣାମୃତ ପଠାଇ ଦେଇଛନ୍ତି, ଖାଇ ନିଅନ୍ତୁ, ଅସୁଖ ଚାଲିଯିବ ।''

ଜାଣେନା, କାଲି ଯେତେବେଳେ ଜ୍ୱର ଅବସ୍ଥାରେ ଉମାପତିଙ୍କୁ ଦେଖିଲି, ତାଙ୍କ କଥା ଶୁଣିଲି, ଉତ୍ତରରେ ଯେଉଁ ଏକ ଅସ୍ୱାଭାବିକ ଜିଦ୍ ଭାବକୁ ପ୍ରକାଶ କରିଥିଲି, ସେଥିଲାଗି ପରେ ମୁଁ କମ୍ ଅନୁତପ୍ତ ହୋଇନାହିଁ ଏବଂ କମ୍ ଆଶ୍ଚର୍ଯ୍ୟ ମଧ୍ୟ ହୋଇନାହିଁ । ଏତେ ଶ୍ରଦ୍ଧା ମୋ'ର ଗଲା କୁଆଡ଼େ ? କାହିଁକି ମୋ' ମନରେ ଶ୍ରଦ୍ଧା ବଦଳରେ ପ୍ରତିବାଦର ଭାବ ଉଦ୍ରେକ ହେଲା । ଏହିକଥା ଭାବିବାକୁ ଚେଷ୍ଟା କରୁଥିଲି ? ହେଲେ, ମନ ସ୍ଥିର ନ ଥିଲା, ଏହା ଭାବି ପାରିଲି ନାହିଁ । ଏବେ ପୁଣି ସେହି ଜିଦ୍, ପ୍ରତିବାଦ କରିବା ତୁଲ୍ୟ ଆସି ପହଞ୍ଚିଲା । ଭୈରବୀର କଥା ଶୁଣି କହିଲି, ''ସେସବୁ କଥାରେ ମୋ'ର କିଛି ପ୍ରୟୋଜନ ନାହିଁ; ଜ୍ୱର ଆପେଆପେ ହିଁ ଭଲ ହୋଇଯିବ ।''

ଶୁଣିନେଇ ଭୈରବୀ ମୋ' ଆଡ଼କୁ ଏକ ତୀବ୍ର ଦୃଷ୍ଟି ହାଣିଦେଇ କହିଲେ, ''ନା, ନା, ସେ ଜ୍ୱର ଆପେଆପେ ଭଲ ହେବ ନାହିଁ– ଦୀର୍ଘକାଳ ପର୍ଯ୍ୟନ୍ତ ଭୋଗିବାକୁ ପଡ଼ିବ,

ଦିନକୁ ଦିନ ଶରୀର କ୍ଷୟ କରି ନିସ୍ତେଜ କରି ପକାଇବ ଆପଣଙ୍କୁ—ଏଠାକାର ଜ୍ୱର ସହଜ ନୁହେଁ, କ'ଣ ଜାଣନ୍ତି ଆପଣ ?'' କହିଦେଇ ନିକଟକୁ ଆସି ମୋ' କପାଳରେ ହାତ ମାରି ଅଳ୍ପ ଜୋର୍ କରି ବେକ ସମେତ ମୁଣ୍ଡକୁ ପଛକୁ ବଙ୍କାଇନେଇ କହିଲେ, ''ପାଟି ଆଁ କରନ୍ତୁ ଦେଖି ।'' ନିର୍ବିକାରରେ ସୁବୋଧ ବାଳକ ପରି ପାଟି ଆଁ କଲି— ଚରଣାମୃତ ଢାଳି ଦେବାରୁ ଗଳାଧଃକରଣ କରିନେଲି । ସେହି ପ୍ରସାଦ ଉଗ୍ର କାରଣବାରି (ମଦ ପାଣି) ଯଥାର୍ଥରେ ହିଁ ସୁରା—ଜଳ ନୁହେଁ । ଯେମିତି ତାକୁ ପାନ କରି ଦେଲି, ବିନା ବାକ୍ୟବ୍ୟୟରେ ଏଲୋକେଶୀ ବିଦାୟ ନେଇଗଲେ, ଠିକ୍ ଯେପରି ଏହି ମାତ୍ର ତାଙ୍କର କର୍ତ୍ତବ୍ୟ ଥିଲା । ଔଷଧ ଖାଇଲା ପରେ ମୋ' ଦେହଟା ଝିମ୍‌ଝିମ୍ କରିବାକୁ ଲାଗିଲା ଓ ଅଳ୍ପକ୍ଷଣ ପରେ ଠିକ୍ ହୋଇଗଲା । କିଛିଟା ସ୍ୱାଚ୍ଛନ୍ଦ୍ୟ ବୋଧ ହେଲା । ମନରେ ଟିକିଏ ବଳ ଆସିଲା । ଭାବିନେଲି, ହୁଏତ ଏଥର ଜ୍ୱରଟା ଛାଡ଼ିଯିବ । ମନରେ ପୁଣି ତାଙ୍କ ପ୍ରତି ଶିବ ଭାବ ଆସିଲା । ମୋ' ଉପରେ ଉମାପତି ବାବାଙ୍କ କୃପା ହୋଇଛି ଭାବିନେଇ ଶାନ୍ତ ହେଲି । ଏହାପରେ କଳ୍ପନାରେ କେତେ ଯେ କ'ଣ ଭାବିଲି ଓ ଦେଖିବାକୁ ଲାଗିଲି, ସେକଥାରେ ଆଉ ଲାଭ ନାହିଁ । ଜ୍ୱର କିନ୍ତୁ ଛାଡ଼ିଲା ନାହିଁ, ଅବିଳମ୍ବରେ ଆହୁରି ପ୍ରବଳ ହୋଇଗଲା; ମୁଣ୍ଡ ଘୂରେଇବାକୁ ଲାଗିଲା । ତେବେ ମଧ୍ୟ ଶୋଇଲି ନାହିଁ; ମନେମନେ ସେହି ଜିଦ୍ ଆହୁରି ବଢ଼ିବାକୁ ଲାଗିଲା— କେବେହେଲେ ଶୋଇବି ନାହିଁ । ମନରେ ଅବିରାମ କ୍ରିୟା ଚାଲିବାକୁ ଲାଗିଲା—ସଙ୍କଳ୍ପ ଓ ବିକଳ୍ପ ।

ଅଦ୍ଭୁତ ବ୍ୟାପାର ! ଏହି ଯେଉଁ ଏଲୋକେଶୀ, ସେ କେଉଁ ଅଧିକାର ନେଇ ମୋ' ସଙ୍ଗେ ଏ ପ୍ରକାର ବ୍ୟବହାର କଲେ ! ମୁଁ ଯେ ବାଳକ—ଅସୁଖ ସମୟରେ ଔଷଧ ଖାଇବି ନାହିଁ ବୋଲି ପ୍ରତିବାଦ ସତ୍ତ୍ୱେ ମଧ୍ୟ, ମୋ' ମା' ଯେପରି ନିଃସଙ୍କୋଚ ଭାବେ କାନ୍ଧ ଧରି ଖୁଆଇଦେଇ ନିଶ୍ଚିନ୍ତ ହୋଇ ନିଜ କାମରେ ଚାଲିଯାଆନ୍ତି, ସିଏ ସେହିଭଳି ମୋତେ ଖୁଆଇ ଦେଇ ଚାଲିଗଲେ । ଭାବିନେଇ ଅବାକ୍ ବିସ୍ମୟରେ କିଛି ସମୟ ଯେପରି ସ୍ତମ୍ଭିତ ହୋଇ ରହିଗଲି । ତା'ପରେ କେତେ କ'ଣ ଭାବିବାକୁ ଲାଗିଲି । କିପରି ଏକ ଅପୂର୍ବ ପରିଚିତ କ୍ଷେତ୍ରରେ ଯେପରି ଏକ ଅପୂର୍ବ ଅନୁଭୂତି ମୋ' ହୃଦୟରେ କ୍ରିୟା କରିବାକୁ ଲାଗିଲା— ମଝିରେମଝିରେ ଯେପରି ସେଥିଲାଗି ବିହ୍ୱଳ ହୋଇପଡ଼ିଲି । ଏହି ଭାବରେ କ୍ରମେ ଯେତେବେଳେ ମୋ'ର କ୍ଳାନ୍ତି ଓ ସେଥିଲାଗି ଶୋଇ ରହିବାର ପ୍ରବୃତ୍ତି ହେଲା, ଆଉ ବସିରହି ପାରିଲି ନାହିଁ, ଶୋଇପଡ଼ିଲି—ପୁଣି ନିଦ୍ରା ଆସିଗଲା ।

ଉମାପତି ବାବାଙ୍କ ସଙ୍ଗେ ଏ ପର୍ଯ୍ୟନ୍ତ ମୋ'ର ସବୁ କଥା ହୋଇପାରି ନାହିଁ । ତାଙ୍କଠାରୁ ମୋ'ର ଅନେକ କଥା ଜାଣିବାର ଅଛି । ଏହି କେତେକ କଥା ମନେମନେ ପରିଷ୍କାର ଭାବେ ଭାବୁଭାବୁ ଚେଇଁଉଠିଲି—ବାହାରକୁ ଅନେଇ ଦେଖେ ଯେ ଆକାଶ ସେହିଭଳି ମେଘାଚ୍ଛନ୍ନ । ଉଠିବସିଲି, ମୁଣ୍ଡ ଭାରି । ଏବେ ବୋଧହୁଏ ଦ୍ୱିପ୍ରହର ଉତ୍ତୀର୍ଣ୍ଣ ହୋଇ ସାରିଥିବ ।

ମୋ' ବିହାରୀ ସାଙ୍ଗ ଅଛନ୍ତି ସମ୍ମୁଖରେ । ଶୁଣିଲି, ଆଜି ସେ ତାଙ୍କ ଆସନ ତ୍ୟାଗ କରି ନାହାନ୍ତି । ପଚାରି ବସିଲି, ''ଭୋଜନ ବାନାୟା ନେହି (ଖାଇବା ତିଆରି କରିନାହଁ) ?'' ସେ କହିଲେ ଯେ ଆଜି ଭୋଜନ ଲାଗି ଉମାପତିବାବାଙ୍କ ଘରେ ନିମନ୍ତ୍ରଣ ।

ଖବର ପାଇ ମହା ଆନନ୍ଦରେ ସେ ତାଙ୍କ ଚିଲମ ନେଇ ବସିଗଲେ । ମୁଁ ତାହା ଦେଖିବା ସହ ଉପଭୋଗ କରିବାକୁ ଲାଗିଲି । ଗଞ୍ଜେଇ ଧୂଆଁ ଘରସାରା ଘୂରିବୁଲିଲା । ବୁଝି ପାରିଲି ଯେ ଏହାଙ୍କୁ ମୋ'ର ଦେଖାଶୁଣା କରିବା ଲାଗି ଏଠାରେ ରଖାଇ ବାବା ଏହାଙ୍କର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ମଧ୍ୟ ନିଜ ଆଶ୍ରମରେ କରାଇଛନ୍ତି । ମୋ' ପ୍ରତି କେତେ ଅନୁଗ୍ରହ ତାଙ୍କର ! କୃତଜ୍ଞତାରେ ଅନ୍ତର ଭରିଗଲା ।

ଏଥର ଦେଖିଲି ସ୍ୱୟଂ ଉମାପତି, ପ୍ରସନ୍ନ ବଦନରେ ମୋତେ ଲକ୍ଷ୍ୟ କରି କରି ସଶବ୍ଦେ ଯେପରି ଦ୍ରୁତ ଗତିରେ ଆସି ନାଟମନ୍ଦିରରେ ପ୍ରବେଶ କଲେ । ପଛରେ ଏଲୋକେଶୀ, ବାବାଙ୍କର ବାଘଛାଲ ଆସନଖଣ୍ଡ ଗୁଡ଼ାଇ ବାଁ ହାତରେ ଧରିନେଇଛନ୍ତି, ଅନ୍ୟ ହାତରେ ବଡ଼ ଚାଙ୍ଗୁଡ଼ୀରେ ତାଙ୍କର ପୂଜା ଉପକରଣ ।

ଉମାପତି ବାବା ଆସନଟି ଏଠାରେ ପକାଇ ଦେଇ 'ବାକି ସବୁ ଭିତରେ ରଖିଦିଅ' କହିଦେଇ ମୋ' ପାଖରେ ବସିବାଲାଗି ଠିଆହୋଇ ରହିଲେ ଓ ପ୍ରସନ୍ନ ବଦନରେ ମୋ' ଆଡ଼କୁ ଚାହିଁରହିଲେ । ପରେ ଆସନ ଉପରେ ବସିଯାଇ କହିଲେ, ''ତୁମ ଚକ୍ଷୁ ଦୁଇଟି ବେଶ୍ କିଛି ଲାଲ୍ ଦେଖାଯାଉଛି, କାହିଁକି କୁହତ ?'' ମୁଁ କିଛି କହିଲି ନାହିଁ । କାରଣ ମୁଁ ଜାଣି ନ ଥିଲି । ତେଣୁ ସେ ନିଜେ ହିଁ ପୁଣି କହିଲେ, ''ଜ୍ୱର ସଙ୍ଗେ ସଙ୍ଗେ ଉର୍ଦ୍ଧ୍ୱଗତି ଅଛି, ଦେଖୁଛି—ବାୟୁର ଉର୍ଦ୍ଧ୍ୱଗତି, ସେଥିଲାଗି ଏପରି ହୋଇଛି, ଚିନ୍ତାର ଚାପଟା କିଛି ବେଶୀ ଜଣାପଡୁଛି, ବାବା ?''

ମୁଁ କହିଲି, ''ହୁଏତ ତାହାହିଁ ହେବ ।''

ସେ କହିଲେ, ''ହୁଁ, ଶରୀରର ରକ୍ତ ମୁଣ୍ଡକୁ ଉଠିଯାଇ ଜମାକରିଛ ଦେଖୁଛି । ତୁମକୁ ନେଇ ଭୋଗିବାକୁ ହେବ ନା କଣ ?'' ପୁଣି ସେ ପଚାରିଲେ, ''ତୁମର ଏତେ ଚିନ୍ତା କେଉଁଥିପାଇଁ ?''

ମୁଁ କିଛି କହିବା ପୂର୍ବରୁ ଏଲୋକେଶୀ କହିଲେ, ''ପଛ କଥାର ଟାଣ, ଦେଶରେ ସ୍ତ୍ରୀ ରହିଛନ୍ତି, ବାବା, ମା', ଭାଇ, ଭଉଣୀ, ଠାକୁର ମା, ଦିଦି ମା ଯେଉଁମାନେ ଅଛନ୍ତି, ବର୍ତ୍ତମାନ ଏପରି ଅସୁସ୍ଥ ଅବସ୍ଥାରେ ସେମାନଙ୍କ ଲାଗି କିଛିଟା ଭାବନା ଥିବ ନିଶ୍ଚୟ ।''

ଏହି କଥାଗୁଡ଼ାକ ଶୁଣିନେଇ ମୋ'ର ସର୍ବାଙ୍ଗ ଯେପରି ଜଳିଉଠିଲା—ବିଜାତୀୟ ଘୃଣା, କିପରି ଏକ ପ୍ରବଳ ବିତୃଷ୍ଣା ଆସି ସାରା ଅନ୍ତରକୁ ଯେପରି ତିକ୍ତ କରିଦେଲା । କହିଲି, ''ଏହା ତୁମର ଅନଧିକାର ଚର୍ଚ୍ଚା, ବାଚାଳତା ମାତ୍ର । ଆଜକୁ ପ୍ରାୟ ମାସେ କିମ୍ବା

ବେଶୀ ଦିନ ଧରି ଏଠାରେ ଅଛି ନିଶ୍ଚୟ—କିନ୍ତୁ ଆତ୍ମୀୟ କୁଟୁମ୍ବ ବା ପରିବାର କଥା ନେଇ ମୋ'ର କେଉଁଦିନ ବି ମନରେ ଚିନ୍ତା ଆସି ନାହିଁ ।''

ମୋ' କଥା ଶୁଣି ଉମାପତି ବାବା ଏଲୋକେଶୀ ଆଡ଼କୁ ଚାହିଁଲେ । ସେହି ଦୃଷ୍ଟି ଭିତରେ ଏକ ବିସ୍ମୟ ଭାବ ଥିଲା—ଆଉ ମଧ୍ୟ କିଛି ଥିଲା, ଯାହାକୁ ମୁଁ ବୁଝି ପାରିଲି ନାହିଁ ।

ଏଲୋକେଶୀ ହୁଏତ ବୁଝିପାରିଲେ । ସେଥିରେ କିନ୍ତୁ ଏଲୋକେଶୀ ଅପ୍ରତିଭ ହେଲେ ନାହିଁ, ଯେପରି ଟିକିଏ ଉତ୍ସାହିତ ହୋଇ କହିଲେ, ''ଆପଣଙ୍କ ପାଖରେ କ'ଣ ସେମାନେ ସବୁକଥା କହିବାକୁ ସାହସ କରିବେ ? ମୋ'ର କାହିଁକି ତାହା ମନେ ହୁଏ ନାହିଁ ।'' କହୁ କହୁ ନାଟମନ୍ଦିରରୁ ବାହାରିଯାଇ ଏପରି ଭାବେ ପାହୁଣ୍ଡ ପକାଇ ଦ୍ୱାରଦେଶ ପାର୍ ହୋଇ ଚାଲିଗଲେ, ଯେପରି କିଛି ଦରକାରୀ କଥା ମନେପଡ଼ିଗଲା । ଦୁଇ ଚାରି ପାହୁଣ୍ଡ ଯିବା ପରେ ପୁଣି ସେହିଠାରୁ ବୁଲିପଡ଼ି କହିଲେ, ''ଆପଣଙ୍କ ପ୍ରତି ସେମାନଙ୍କର ପ୍ରକୃତରେ ଶ୍ରଦ୍ଧାର ଅଭାବ—ସେଥିଲାଗି ତ ଅନ୍ତର କଥା ଜଣାଇ ପାରୁ ନାହାନ୍ତି— ଫଳରେ ଭିତରେ ଭିତରେ ଆପଣ ଏତେ ଉତ୍ତାପ ଭୋଗ କରୁଛନ୍ତି ।''

କି ସର୍ବନାଶ ! ଉପରେ ପଡ଼ି ଅନର୍ଥକ ମୋ' ସମ୍ବନ୍ଧରେ ଏଲୋକେଶୀର ଇଏ କି ପ୍ରକାର ମନ୍ତବ୍ୟ ! ଉମାପତି ବାବାଙ୍କର ସାମାନ୍ୟ ପ୍ରଶ୍ନର ଉତ୍ତରରେ ମୋତେ କିଛି କହିବାକୁ ଅବକାଶ ନ ଦେଇ ଏତେଟା ଅପମାନ ସୂଚକ କଥା କହିବାକୁ ତାଙ୍କର କ'ଣ ଅଧିକାର ଅଛି ? ତାଙ୍କ ସହ ପରିଚୟ ମଧ୍ୟରେ ପ୍ରାଥମିକ ସଙ୍କୋଚ ବୋଧହୁଏ ଏ ପର୍ଯ୍ୟନ୍ତ ଭଲରୂପେ କଟି ନାହିଁ, ଅଥଚ ତା' ସତ୍ତ୍ୱେ ଏତେ ତୀବ୍ର ଆଘାତ ! ସତରେ ଦୁର୍ମୁଖ—ସଂସ୍କୃତି ଶୂନ୍ୟ ଛୋଟଲୋକକିନା ! ପୁଣି ମନେହେଲା—ଆଗରୁ ପ୍ରକୃତ ପରିଚୟ ପାଇନଥିଲି, ଏବେ ତାଙ୍କର ପ୍ରତ୍ୟକ୍ଷ ପରିଚୟ ପାଇଗଲି । କିନ୍ତୁ ଉମାପତିବାବାଙ୍କ ମନରେ ଅଥବା ଆକାର ପ୍ରକାରରେ ସେପରି କୌଣସି ବିଲକ୍ଷଣ ଦେଖିଲି ନାହିଁ । ପୂର୍ବପରି ତାଙ୍କର ପ୍ରସନ୍ନ ବଦନ ।

ଏହି ଜ୍ୱର ଭୋଗିବା ଭିତରେ ଦୁଇଥର ସେହି ଦୁଇଜଣଙ୍କ ସହ ଦେଖା ହେଲା । ଦୁଇଥରଯାକ ଯେଉଁ କାରଣରୁ ହେଉ ନା କାହିଁକି, ମନ ଭିତରେ ଏକ ବିରୁଦ୍ଧ ଭାବର ପ୍ରବଳ ଆଲୋଡ଼ନ ଅନୁଭବ କଲି । ବୁଝିନେଲି, ଯେତେବେଳେ ଯାଏ ଏହାର କାରଣ ଜଣାପଡ଼ିବ ନାହିଁ, ସେତେବେଳଯାଏ ତାହା ମୁଣ୍ଡକୁ ଆଚ୍ଛନ୍ନ କରି ରଖିବ । ଉମାପତି କହିଲେ, ''ତୁମ ଭାବନା ଭିନ୍ନ ଅଟେ ବାବା, ଉଚ୍ଛ୍ୱାସପ୍ରବଳ ମନ ତୁମର, ଏଲୋକେଶୀ କଥାରେ ଆଘାତ ପାଇଛ, ଦେଖୁଛି । କିନ୍ତୁ ସେ ତୁମକୁ ଆଘାତ କରିବ, ଏହା ଯେ କେଡ଼େ ଅସମ୍ଭବ, ମୋ' ବ୍ୟତୀତ ବେଶୀ କେହି ଜାଣିନାହାନ୍ତି; ତୁମେ ସୁସ୍ଥ ହେଲେ ନିଜେ ହିଁ ସେକଥା ବୁଝିପାରିବ । ଏବେ ମୁଁ କହୁଛି, ଆଜି ଯେପରି ଆକାଶରେ ଘୋର ଘନଘଟା ଦେଖୁଛି, ବୃଷ୍ଟି-ବାଦଲ ଦେଖି ଦେଖି ମନେହୁଏ ଖୁବ୍ ବେଶୀ ବୃଷ୍ଟିର ସମ୍ଭାବନା ଅଛି—ସେଥିଲାଗି ଆମର ସେଠାକୁ ବର୍ତ୍ତମାନ ଗଲେ ଭଲ ହୁଅନ୍ତା ନାହିଁ ? ଏଠାରେ ବଡ଼ ହିଁ କଷ୍ଟ—ଅସୁବିଧା ମଧ୍ୟ କମ୍ ନୁହେଁ—

ବାଧା ଦେଇ ମୁଁ ଯେପରି ବିଶେଷ ସଂଯତ କଣ୍ଠରେ କହିଲି, ''ଏହି ଯେଉଁ ବିହାରୀ ସାଧୁ ଦେଖୁଛନ୍ତି, ସେ ଏକସମୟରେ ଏହି ଭାବରେ ଏଠାରେ ଅନେକ ଦିନ ଧରି ଜ୍ୱର ଭୋଗିଛନ୍ତି—ମୁଁ କ'ଣ ପାରିବି ନାହିଁ ?''

''ଗୋଟିଏ ଜିଦ୍ ଧରି ରହିଛ ଦେଖୁଛି, ସେଥିଲାଗି ତୁମେ ବୁଝିପାରୁନାହଁ । ସେମାନଙ୍କ ଶରୀର, ସେମାନଙ୍କ ଧାତୁ, ସେମାନଙ୍କର ତିତିକ୍ଷା ତୁମଠାରେ ନାହିଁ, ଥିବା କଥା ମଧ୍ୟ ନୁହେଁ—ସେମାନଙ୍କ ସଙ୍ଗେ ତୁମର କେତେ ତଫାତ୍ । ଏହା ବ୍ୟତୀତ ଏ ବାବାଜୀ ହିଁ ତ ମୋତେ ବେଶୀ ବେଶୀ ଅନୁରୋଧ କରିଛନ୍ତି, ତୁମକୁ ଏଠାରୁ ଆମର ସେଠାକୁ ନେଇ ଯିବାକୁ ।''

ଇଏତ ଅଦ୍ଭୁତ କଥା, ମୋର ନିତ୍ୟ ସଙ୍ଗୀ, ଏକାସାଙ୍ଗରେ ଏତେଦିନ କଟାଇଛୁ, ସେ ମୋତେ ଆଜି ଏଠାରୁ ପଠାଇଦେବାକୁ ଚାହୁଁଛନ୍ତି, ଉମାପତି ବାବାଙ୍କ ଆଶ୍ରମକୁ ? ତେବେ କ'ଣ ମୋ'ର ବେଶୀ କିଛି ହୋଇଛି ବୋଲି ସେ ବୁଝିପାରିଛନ୍ତି ? କହିଲି, ''କାହିଁକି, ମୋତେ ସେ ତ କିଛି କହିନାହାନ୍ତି !''

ଉମାପତି କହିଲେ, ''ଥଣ୍ଡା ଲଗାଇବା ଭଲ ନୁହେଁ, ପୁଣି ଏ ଅଞ୍ଚଳର ଜ୍ୱରକୁ ସମସ୍ତେ ଚିହ୍ନିଛନ୍ତି— ଆଦୌ ସହଜ ନୁହେଁ । ରୋଗଟା ଭଲ ନୁହେଁ, ସେଥିଲାଗି କହେ—ନହେଲେ ମୋ'ର କ'ଣ ଉଦ୍ଦେଶ୍ୟ ଥାଇପାରେ, ଆମ ଆଶ୍ରମକୁ ତୁମକୁ ନେଇଯାଇ ସେବା ଶୁଶ୍ରୁଷା କରିବାକୁ !''

ପ୍ରକୃତରେ ଏକ ଦୃଶ୍ୟପଟ ଆଖିସାମ୍ନାରେ ଖୋଲିଗଲା । ମୋ'ର ଯାହା ଅସଲ ଭୂଲ୍ ପ୍ରତ୍ୟକ୍ଷ ହୋଇଗଲା, ଏଲୋକେଶୀଙ୍କର ଏପରି ମନ୍ତବ୍ୟର କାରଣ ମଧ୍ୟ ବୁଝିଗଲି । ଆମପରି ଗୃହୀ ଲୋକଙ୍କର କାମନା ହେଲା ମଙ୍ଗାଗତ, ଶରୀର ଟିକିଏ ଅସୁସ୍ଥ ହେଲା କି ନ ହେଲା, ଯେପରି ସେବାଗ୍ରହଣର ଲାଳସା; ଆହା ଚୁ-ଚୁ ଆଦି ଦରଦଭରା ଦୁଇ ପଦ କଥା, ସହାନୁଭୂତିମୂଳକ ଅଭିନୟ ପ୍ରତି ସହଜ ଆକର୍ଷଣ । ବିଦେଶରେ ପ୍ରବଳ ଜ୍ୱର ଯନ୍ତ୍ରଣା—ମୋ'ର ତ ଆତ୍ମୀୟସ୍ୱଜନଙ୍କ କଥା ମନକୁ ଆସିବା ହିଁ ସ୍ୱାଭାବିକ, ଏହି କଳ୍ପନାରେ ଏଲୋକେଶୀ ଗୋଟାଏ ଚୋଟ ମାରିଛନ୍ତି । ପୁଣି ବୁଝିନେଲି, ତାଙ୍କର ଗଭୀର ଅନ୍ତର୍ଦୃଷ୍ଟିର ଅଭାବ ଅଛି । କିନ୍ତୁ ବାବା ଉମାପତିଙ୍କର ତାହା ନାହିଁ । ଏଣୁ ସେ ସାଧାରଣ ଭାବରେ ଏହି ରୋଗର ପ୍ରଭାବ କାଳଟି ସହଜରେ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ହିଁ ଚେଷ୍ଟା କରୁଥିଲେ, ମୋତେ ନିଜ ଜାଗାରେ ରଖିଦେବା ପାଇଁ ।

ଏହି ଜ୍ୱର ଯୋଗୁ ପ୍ରଥମରୁ ହିଁ ମନଭିତରେ କିଛି ଅପୂର୍ବ ଅନୁଭୂତି ମୋ' ଚିତ୍ତକୁ ଆବିଷ୍ଟ କରି ରଖିଥିଲା । ତୁଚ୍ଛ ଆତ୍ମୀୟସ୍ୱଜନଙ୍କ କଥା ମନରେ ସ୍ଥାନ ପାଇନାହିଁ, କାରଣ ସେମାନଙ୍କ ପ୍ରତି ମୋ'ର କୌଣସି ପ୍ରକାର ଆକର୍ଷଣ ସେତେବେଳେ ନ ଥିଲା । ବୋଧହୁଏ ଏହା ଅନ୍ତର୍ଯାମୀ ଉମାପତି ବାବା ବୁଝିଥିଲେ । ଏକଥା ସେ ଯେତେବେଳେ ବୁଝିଛନ୍ତି,

ସେତେବେଳେ ମୁଁ କୃତାର୍ଥ—ଏହାହିଁ ମନେକରି ସେତେବେଳ ପାଇଁ ସ୍ଥିର ରହିଲି । କେବଳ କହିଲି, ''ମୋତେ ଏହିଠାରେ ରହିବାକୁ ଦିଅନ୍ତୁ— ଯାହା ହେବ, ଏହିଠାରେ ହିଁ ହେଉ ।''

ଶୁଣି ସାରି ବାବା ଉମାପତି କହିଲେ, ''ତାହା ଯଦି ହୁଏ, ତେବେ ପୁଣି କହୁଛି, ଏଠାରେ ଜ୍ୱର ହେଲେ ଦିନେ-ଦୁଇଦିନରେ ଛାଡ଼ିଯାଏ ନାହିଁ, ଦୀର୍ଘକାଳ ଭୋଗିବାକୁ ପଡ଼େ, ସେକଥା ତୁମେ କ'ଣ ଜାଣିଛ ?''

ମୁଁ କହିଲି, ''ତାହା ଯେତେଦିନ ଭୋଗିବାକୁ ଥିବ, ମୋତେ ଭୋଗିବାକୁ ପଡ଼ିବ ।''

''ତା'ହେଲେ ସେଇଆ ହେଉ, ତୁମେ ଏହିଠାରେ ରୁହ ।'' କହିଦେଇ ଉମାପତି ଉଠିପଡ଼ିଲେ ଏବଂ ନିଜର ବ୍ୟାଘ୍ରଚର୍ମାସନ ଖଣ୍ଡିକ ଗୋଛାଇନେଇ ଭୁବନେଶ୍ୱରୀ ମନ୍ଦିରର ଗର୍ଭଗୃହରେ ପ୍ରବେଶ କଲେ ।''

ସ୍ୱଭାବତଃ ମୁଁ ଏକ ଜିଦିଆ ନୁହେଁ, କିନ୍ତୁ କାହିଁକି ଯେ ମୁଁ ଗଉଁ କରି ଏ କାମ କଲି, ତାହା ନିଜେ ହିଁ ବୁଝିପାରିଲି ନାହିଁ । ଉମାପତି ଭିତରେ ପ୍ରବେଶ କରିସାରି ଦ୍ୱାର ବନ୍ଦ୍ କରି ଦେଲେ, ମୁଁ ଆଖି ବୁଜିଦେଇ ପଡ଼ିରହିଲି । ହଠାତ୍ ସେହି ଟ୍ରେନରେ ଦେଖିଥିବା ଭୈରବ ମୂର୍ତ୍ତିଟିକୁ ଦେଖିବାକୁ ଲାଗିଲି । ଏପରି ପୁଣି କାହିଁକି ହେଲା ମୋ'ର ? ବିକାର ଘୋରରେ ଦେଖୁଛି ସେହି ଦମ୍ଭପୂର୍ଣ୍ଣ ମୂର୍ତ୍ତି, ସେହି ଜଳନ୍ଧରବଦ୍ଧ ମୁଦ୍ରାରେ ବସିଛନ୍ତି, କିନ୍ତୁ ସେଠାରେ ଆଉ କେହି ନାହାନ୍ତି । ତା'ର କିଛିକ୍ଷଣ ପରେ, ମନେ ନାହିଁ, ଗୋଟାଏ ଗର୍ଜନ, ତା'ପରେ ଆଉ କିଛି ମନେ ନାହିଁ । ଏହାର ଅଳ୍ପକ୍ଷଣ ପରେ ହିଁ ଏଲୋକେଶୀ ଆସି ଉପସ୍ଥିତ ହେଲେ ଏବଂ ଦ୍ୱାର ରୁଦ୍ଧ ଥିବା ଦେଖି ପାଖରେ ଗୋଟିଏ ସ୍ଥାନରେ ବସିପଡ଼ିଲେ । ମୁଁ ଆଉ ତାଙ୍କ ଆଡ଼କୁ ନ ଅନାଇ ନିଜ ଭାବନା ନେଇ ରହିଲି । ଜ୍ୱର ମୋ'ର ଏବେ ମଧ୍ୟ ପ୍ରବଳ ଥିଲା, ମନେ ହୁଏ ୧୦୪°ରୁ ବେଶୀ ହେବ— ଦୁଇପଟ ମୁଣ୍ଡର ଶିରାଗୁଚ୍ଛ ବେଶ୍ ଜୋର୍‌ରେ ଧକ୍‌ଧକ୍ କରୁଥିଲା । ମୁଣ୍ଡ ଭାରି ତ ରହିଥିଲା, ହଠାତ୍ ଭୈରବୀ ଭଳ ମଣିଷ ପରି ଚାଲିଆସି ମୋ' ପାଖରେ ବସିପଡ଼ିଲେ ଏବଂ ମୋ'ର ଉତ୍ତପ୍ତ କପାଳ ଉପରେ ହାତ ରଖି ଶିରା ଗୁଡ଼ିକ ଉପରେ ବେଶ୍ ଜୋର୍‌ରେ ଦୁଇ ଆଙ୍ଗୁଳୀ ଟିପ ଦେଇ କହିଲେ, ''ଆପଣଙ୍କର ଏହି ଯେଉଁ ଜିଦ୍—ତାକୁ ରୋଗର କାରଣ ବୋଲି ଧରିବାକୁ ହେବ, ଏହାର ପ୍ରଧାନ ଲକ୍ଷଣ ହେଲା ଶିରା ଧକ୍‌ଧକ୍ କରିବା ଆଉ ମୁଣ୍ଡ ଭାରି ହୋଇ କପ୍‌କପ୍ କରିବା, ବୁଝୁଛନ୍ତି ?''

ମୁଁ କିଛି କହିଲି ନାହିଁ; ତେବେ, ଏତିକି ଅନୁଭବ କଲି, ତାଙ୍କ ଉପରେ ମୋର ତିଳେମାତ୍ର ଆକ୍ରୋଶ ନାହିଁ । କାରଣଟିକୁ ସଙ୍ଗେସଙ୍ଗେ ବୁଝିନେଲି—ମୀମାଂସା ହୋଇଗଲା, ନାରୀ-ସ୍ନେହ-କାମୀ ଯୁବକର ମନ ତ ? କିନ୍ତୁ ଏହାପରେ ଏଲୋକେଶୀ ପୁଣି ଯେଉଁ କଥା କହିଲେ, ତଦ୍ୱାରା ପୁଣି ମୋ'ର ଅନ୍ତର ତିକ୍ତ ହୋଇପଡ଼ିଲା । ସେ କହିଲେ, ''ଆପଣ ଏଠାରେ ପଡ଼ିରହିବେ, ଆଉ ଏତେ ତଳୁ ଆଶ୍ରମରୁ ଆପଣଙ୍କ ପଥ୍ୟ ତିଆରିକରି ନେଇ ଆସିବାକୁ ହେବ—କେବେ କେବେ, କିପରି ଅଛନ୍ତି, ତା'ର ତତ୍ତ୍ୱ ମଧ୍ୟ ନେବାକୁ ପଡ଼ିବ,

ଏସବୁ ଏତେ କିଏ କରିବ ? ବାବା ମୋତେ ସବୁ କରିବାକୁ ନିର୍ଦ୍ଦେଶ ଦେବେ, କାରଣ ଆଶ୍ରମରେ ଆଉ କେହି ଏପରି କାମ କରିବା ଲୋକ ନାହାନ୍ତି । କାର୍ଯ୍ୟତଃ ଏପରି ଅବସ୍ଥାରେ ଯଦି ଆମ ଆଶ୍ରମକୁ ନ ଯିବାକୁ ଗଉଁ କରିବେ, ତା'ହେଲେ ଆପଣ ଆମର ଏକ ବିପଦ ହୋଇ ରହିବେ—ଏହା ଯେପରି ମନେ ଥାଏ ।''

ପ୍ରଥମ ଅବସ୍ଥାରେ ତାଙ୍କର ଯେଉଁ ଟିକକ ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିପାରିଥିଲା, ତାଙ୍କର ଏହିସବୁ ବାକ୍ୟ ଦ୍ୱାରା ତାହା ପୂରାପୂରି ନଷ୍ଟ ହୋଇଗଲା । ମୁଁ ତାଙ୍କ ହାତଟିକୁ ଘୁଞ୍ଚାଇ ଦେଇ କହିଲି, ''ଆପଣଙ୍କ ଆଶ୍ରମର କୌଣସି ପଥ୍ୟ ହିଁ ମୋ'ର ପ୍ରୟୋଜନ ହେବ ନାହିଁ, ଜାଣି ରଖନ୍ତୁ । ମୁଁ ଯେତେଦିନ ଏଠାରେ ରୋଗ ଭୋଗିବି, ଆପଣମାନଙ୍କ ଭିତରୁ କାହାକୁ ହିଁ ମୋତେ ଆସି ଦେଖିଯିବାକୁ ପଡ଼ିବ ନାହିଁ— ଆପଣ ଏ ଦିଗରେ ସମୟ ନଷ୍ଟ କରିବାର କୌଣସି ପ୍ରୟୋଜନ ନାହିଁ । ଯଦି ସେପରି କିଛି ଜାଣିପାରିବି, ତେବେ ଏଠାରୁ ବରଂ ମୁଁ ଚାଲିଯିବି ।

ଆଶ୍ଚର୍ଯ୍ୟ, କାହିଁକି ଯେ ମୋ'ର ପ୍ରକୃତି ବିରୁଦ୍ଧ ଗୋଟାଏ ଜିଦ୍ ବଢ଼ିଯାଇ ଏହି ସମୟରେ ମୋତେ ଏତେ ବେଶୀ ବିପନ୍ନ କଲା, ତାହା ମୁଁ ବୁଝିପାରିଲି ନାହିଁ । ମୁଁ ଆଶ୍ରମକୁ ମଧ୍ୟ ଗଲି ନାହିଁ । ବିହାରୀ ସାଧୁର ସାହାଯ୍ୟ ନେଇ ଖଣ୍ଡେ ପୋଷ୍ଟକାର୍ଡ଼ ମଗାଇ, ସେହି ଦିନଟି କଟାଇବା ପରେ, ପରଦିନ ସକାଳେ ମୋ'ର ଜଣେ ଆତ୍ମୀୟଙ୍କୁ ପତ୍ର ଦେଲି, ଶୀଘ୍ର ଟେଲିଗ୍ରାମ୍ ମନିଅର୍ଡ଼ର ଯୋଗେ କିଛି ଟଙ୍କା ପଠାଇଦେବାକୁ । ଠିକ୍‌କଲି—ଏଠାରେ ରହିବି ନାହିଁ, ଦେଶକୁ ଯିବି, ଭାବିଲି ଚାରି ଛଅ ଦିନ ମଧ୍ୟରେ ଟଙ୍କା ଆସିଯିବ—ଏଇ କେତେଦିନ ରୋଗଭୋଗି ଦିନଗୁଡ଼ିକ କଟାଇଦେବି ।

ସେହିଦିନ ଉପରବେଳା ଦିଗୁ ଠାକୁର ମୋ' ଲାଗି ଗୋଟିଏ ପାତ୍ରରେ ଦୁଧ-ବାର୍ଲି ନେଇ ଆସିଲେ, ପଚାରିବାରୁ ଉତ୍ତରରେ, ''ବାବା ପଠାଇଛନ୍ତି'' ବୋଲି କହିଲେ ।

ଏହା ଶୁଣି ମୁଁ କହିଲି, ''ଏସବୁ କାହିଁକି ? ମୁଁ ତ ଉପବାସ ରହିବି ବୋଲି ସଙ୍କଳ୍ପ କରିଛି ।''

ସେ କହିଲେ, ''ବାବା କହିଛନ୍ତି, ଏହି ଜ୍ୱରରେ ଉପବାସ ଭଲ ନୁହେଁ, କିଛି ଖାଇବାକୁ ହୁଏ ।'' ସହଜେ ଭାବିଲି, ବୀତଶ୍ରଦ୍ଧ ଏଲୋକେଶୀ ତାକୁ ପ୍ରସ୍ତୁତ କରିଥିବ, ନ ଖାଇବା ଠିକ୍ ହେବ ।

ମୋତେ ଚିନ୍ତିତ ଦେଖି ଦିଗୁ କହିଲେ, ''ଏହାକୁ ମୁଁ ତିଆରିକରି ଆଣିଛି । ବାବା କହିଲେ, ଏଲୋକେଶୀ ପ୍ରସ୍ତୁତ କରିବା ଦରକାର ନାହିଁ, ଏହାକୁ ତୁମେ ତିଆରିକରି ନେଇଯାଅ ।'' ବାବାଙ୍କ କଥା ଚିନ୍ତାକରି ସ୍ତମ୍ଭିତ ହେଲି । ଯାହା ହେଉ, ଖାଇନେଲି ଏବଂ ମନେମନେ ଯାହା ଜାଣିଲି, ତାହା ଏଠାରେ କହିବା ଦରକାର ନାହିଁ । ଉମାପତି ବାବାଙ୍କର ମାହାତ୍ମ୍ୟକୁ ଉପଲବ୍ଧି କରି ଆଖିକୁ ଲୁହ ଆସିଗଲା । ଦିଗୁ ଠାକୁର ତାହା ଲକ୍ଷ୍ୟ କରୁଥିଲେ ।

ଉପର ବେଳାଟି କଟିଗଲା । ସନ୍ଧ୍ୟା ପରେ ଜ୍ୱର ପ୍ରବଳ ଭାବରେ ବଢ଼ିଗଲା । ରାତିସାରା ଜ୍ୱର ଭୋଗ କଲି—ଭୋଗ ନ କରି ଉପଭୋଗ କଲି କହିଲେ ଠିକ୍ ହେବ । କାରଣ ତାହା ରୋଗଯନ୍ତ୍ରଣା ଭୋଗ ହିଁ କେବଳ ନୁହେଁ, ତାହା ମଧ୍ୟରେ ମନକୁ ନେଇ ଚକ୍ଷୁ-କର୍ଣ୍ଣାଦିର ଇନ୍ଦ୍ରିୟ-ସୁଖକର ଉପଭୋଗ ମଧ୍ୟ ଥିଲା ଯଥେଷ୍ଟ ପରିମାଣରେ । ପ୍ରଥମେ ଦେଖିଲି, ତାରାପୁର ମଧ୍ୟସ୍ଥ ମନ୍ଦିରଟି— ଚାଲି ଯାଉଯାଉ ପଡ଼ିଆରେ ଯେପରି ଦେଖିଥିଲି, ଠିକ୍ ସେହି ଦୃଶ୍ୟ ଆଖି ଆଗରେ ଭାସିଉଠିଲା ଅନେକକ୍ଷଣ ଯାଏ—ହଠାତ୍ ପରିବର୍ତ୍ତନ ହେଲା ନାହିଁ । ଜ୍ୱର ହେବାର ଆଜିକୁ ତିନିଦିନ ହୋଇଗଲା । ପ୍ରଥମଦିନ ରାତିରେ କିଛି ଆଚ୍ଛନ୍ନଭାବ, ପରେ ପରେ ମୁଣ୍ଡରେ ଯନ୍ତ୍ରଣା ବଢ଼ି ବଢ଼ି ଚାଲିଲା, ଅନେକବେଳ ପର୍ଯ୍ୟନ୍ତ ଅସ୍ଥିରତା ସହ କେତେ କ'ଣ ଦୃଶ୍ୟ ଦେଖିଲି, ତା'ପରେ ଶେଷ ଆଡ଼କୁ ବୋଧହୁଏ ଶୋଇପଡ଼ିଲି । ଦେଖିଲି, ମଝିରେମଝିରେ ଯେତେବେଳେ ପ୍ରବଳ ଜ୍ୱର ରହିଥାଏ, ସେତେବେଳେ ଏହା ସଙ୍ଗେ କିଛି ସୁଖକର ଅନୁଭୂତି ମୋ' ମନକୁ ପୂର୍ଣ୍ଣ କରି ରଖେ । ଯେପରି ମୁଁ ପ୍ରିୟତମ ଇଷ୍ଟଙ୍କର ସ୍ପର୍ଶ ପାଇଥାଏ । ପୁଣି ଯେପରି ମୁକ୍ତିର ଅନୁଭୂତିଜନିତ ଆନନ୍ଦ ମୋତେ ବିମୋହିତ କରିପକାଏ । ଜ୍ୱର କମ୍ ଥିଲେ ସେହି ଅନୁଭୂତି ହୁଏ ନାହିଁ । ଆଜି ମଧ୍ୟ ମନ୍ଦିର ଭିତରେ କେତେକଥା ଦେଖିଲି, ଶୁଣିଲି । ସେକଥାରେ କୌଣସି ଲାଭ ନାହିଁ ।

ଏହାର ପରଦିନ ଦ୍ୱିପ୍ରହର ପର୍ଯ୍ୟନ୍ତ ଆଉ ଉଠିପାରି ନାହିଁ । ଯେତେବେଳେ ଚେତନା ଫେରିଲା, ଅନେଇ ଦେଖିଲି, ଉମାପତି ବାବା ସ୍ଥିର ଦୃଷ୍ଟିରେ ମୋ' ଆଡ଼କୁ ଚାହିଁ ରହିଛନ୍ତି । ବାବା କହିଲେ, ''ତୁମକୁ ଯେପରି ଭଲ ହେବାକୁ ପଡ଼ିବ—ଉଠିବାକୁ ପଡ଼ିବ—ଏବେ ମୋ' କଥା ଶୁଣି କାମ କଲେ ତୁମର ମଙ୍ଗଳ ହେବ । ଯାହା କହିବି, ତାହା ଶୁଣିବ ତ ? ଏବେ ଦେଖୁଛି, ଜ୍ୱରଟା ଖୁବ୍ ବଢ଼ି ଯାଇଛି ।''

କହିଲି, ''ମୁଁ ସ୍ୱପ୍ନ ଦେଖୁଥିଲି— ଏହିପରି ଅନେକ କିଛି ଦେଖୁଛି, ଏହି କେତେଦିନ ହେଲା ଜ୍ୱରରେ—ତେଣୁ...''

ସେ ଯେପରି ଧମକେଇବା ସ୍ୱରରେ କହିଲେ, ''ଏବେ କିଛି ଶୁଣାଯିବ ନାହିଁ— ଚୁପଚାପ୍ ପଡ଼ିଥାଅନା ବାବା ।''

ଆଉ ତର୍କ କରିବାକୁ ପ୍ରବୃତ୍ତି ହେଲା ନାହିଁ; କହିଲି, ''ଆଚ୍ଛା, ମୁଁ ସେହିପରି ରହିବି; ତେବେ, ଦେହତ୍ୟାଗ ପରେ ଜୀବ ଯାଏ କୁଆଡ଼େ, ଜନ୍ମ ନିଏ କିପରି, ଏହି କଥାଟି ମୋତେ ଯଦି ଶୁଣାଇ ଦେବେ, ତା' ହେଲେ ଠିକ୍ ସୁନା ପିଲାପରି ପଡ଼ିରହିବି—ଆପଣ ତ ପ୍ରତିଶ୍ରୁତି ଏଥିଲାଗି ଦେଇଛନ୍ତି ।''

ମନରେ ଏପରି ଭାବ ଉଦ୍ରେକ ହୋଇଛି, ଯେପରି ଉମାପତି ବାବା ଓ ମୁଁ ସ୍ନେହ ବନ୍ଧନରେ ଏକ ହିଁ ପର୍ଯ୍ୟାୟଭୁକ୍ତ ହୋଇପଡ଼ିଛୁ— ଜ୍ଞାନ, ବୁଦ୍ଧି, ବିଦ୍ୟା ଅଥବା ସାଧନାର କ୍ରମରେ ଲଘୁ-ଗୁରୁର କୌଣସି ଯେପରି ପାର୍ଥକ୍ୟ ନାହିଁ । ମୋ' କଥା ଶୁଣି ସେ କହିଲେ, ''ଶୁଣୁ ଶୁଣୁ ଯଦି ତୁମର ଅଚୈତନ୍ୟ ଅବସ୍ଥା ଆସେ ?''

କହିଲି, ''ତା'ହେଲେ ସେତେବେଳେ ବନ୍ଦ୍ କରିଦେବେ । ଯେବେ ଜାଗି ଉଠିବି, ସେତେବେଳେ ପୁଣି ଶୁଣିବି ।''

ଉମାପତି କହିଲେ, ''ଏବେ ମୋ' କଥାଟା ଆଗେ ତୁମେ ଶୁଣ; ତା'ପରେ ତୁମ କଥା ଶୁଣିବା ପାଳି ମୋ'ର, କ'ଣ କହୁଛ ?''

ମହା ଉତ୍ସାହ ସହ ତତ୍କ୍ଷଣାତ କହିଲି,—''ଆଚ୍ଛା, କ'ଣ ଶୁଣିବାକୁ ପଡ଼ିବ, ମୁଁ ଏବେ ଶୁଣିବି— କହନ୍ତୁ ।'' କହିଦେଇ ମୁଁ ପ୍ରସ୍ତୁତ ରହିଲି ।

ସେ ଧୀରେ ଧୀରେ ମୋ' ନିକଟକୁ ଆସିଲେ ଏବଂ ଡାହାଣ ହାତଟି ବଢ଼ାଇଦେଇ କହିଲେ, ''ଟିକିଏ ଆଖିବନ୍ଦ୍ କରି ରୁହ ତ ବାବା !'' ଏହା କହି ମୋ'ର ଭ୍ରୁଦ୍ୱୟ ମଧ୍ୟରେ ତାଙ୍କ ତର୍ଜନୀର ଚାପ ଦେଲେ, ଆଉ ମୁଁ ପୁଣି ସେତେବେଳେ ଶୋଇପଡ଼ିଲି ।

ଏଥର କିନ୍ତୁ ନିଦରୁ ଉଠି ଦେଖେ—ଏକ ଅଦ୍ଭୁତ ପରିବର୍ତ୍ତିତ ଦୃଶ୍ୟ । ଏବେ କେଉଁଠି ମୁଁ ? ବାବାଙ୍କର ସେହି ଆଶ୍ରମର ଘରେ, ବେଶ୍ ଏକ ନରମ ଶଯ୍ୟାରେ ଶାୟିତ—ଆଃ କି ଆରାମ୍ ! ମୋ ସମ୍ମୁଖସ୍ଥ ସାମାନ୍ୟ ଦୂରରେ ବାବା ଏବଂ ତାଙ୍କ ପାଦରେ ମୁଣ୍ଡ ରଖିଛନ୍ତି ଏଲୋକେଶୀ ମାତା । ସେ ମୋ' ମୁହଁ ଦେଖିବେ ନାହିଁ ବୋଲି ତାଙ୍କ ମୁଖ ଅନ୍ୟ ଦିଗକୁ । ବାବା ତାଙ୍କ ମସ୍ତିଷ୍କରେ ହାତ ରଖି ମୋ' ଆଡ଼କୁ ଅନେଇଛନ୍ତି । ଏବେ ମୋତେ ଉଠିବାର ଦେଖି କହିଲେ, ''ଯେତେବେଳେ ଆସିଥିଲ, ସେତେବେଳେ ଜ୍ୱର ଅନେକ କମ୍ ଥିଲା । ଏବେ ଯେପରି ଟିକିଏ ବେଶୀ ଜ୍ୱର ଥିବାପରି ଲାଗୁଛି ନା ?''

ମୋ' ଅନ୍ତରରେ ଥିଲା କିନ୍ତୁ ଏକ ଅବାଧ ଶାନ୍ତି ।

ତାଙ୍କର ପ୍ରସନ୍ନ ମୁଖକୁ ଚାହିଁ ଦେଖିଲି, ଯେପରି ଏକ ଗଭୀର ରହସ୍ୟର ସାଗର, ନିସ୍ତରଙ୍ଗ ପ୍ରଶାନ୍ତ ଆଉ ଗଭୀର— କହିଲି, ''ବେଶ କାଣ୍ଡ କରିଛନ୍ତି, ଯାହାହେଉ । ମୋ' ପରି ଅବାଧକୁ କିପରି ସାଧ କରିବାକୁ ହୋଇଥାଏ...'' ଆଉ କିଛି କହିବାକୁ ଇଚ୍ଛା ହେଲା ନାହିଁ । ନିଜର ଅନୁଭୂତି ମଧ୍ୟରେ ହିଁ ବୁଡ଼ି ରହିବାକୁ ଚାହିଁଲି ।

ଯେତେବେଳେ ନିଦ ଭାଙ୍ଗିଲା, ସେତେବେଳେ ପୁଣି ଦେଖିଲି, ''ବାବାଙ୍କ ଆଶ୍ରମରେ ତାଙ୍କ ବାଘଛାଲର ଆସନ ପକାହୋଇଛି ସେହି ବସିବା ଘରେ । ସୁକୋମଳ ଶଯ୍ୟାରେ ମୁଁ ଶୋଇରହିଛି, ପାଖରେ ବସିଛନ୍ତି ନିଜ ଆସନରେ ଉମାପତି ବାବା । ଚାରିଆଡ଼େ ସ୍ୱର୍ଗର ତୃପ୍ତି—ମହା ପୂଣ୍ୟଫଳ ଯୋଗୁ ମୁଁ ଆସି ଏଠାରେ ପହଞ୍ଚିଛି । ବାୟୁମଣ୍ଡଳରେ ଧୂପ-ଝୁଣା ମିଶ୍ରିତ ପୁଷ୍ପ ଓ ଚନ୍ଦନର ସୁବାସ ଆଃ, କି ଆନନ୍ଦ ! କହିଲି, ''କ'ଣ କହନ୍ତୁ ତ, ଦେହତ୍ୟାଗ ପରେ ଜନ୍ମର କଥାଟା ।''

ସେ ଅଳ୍ପ ହସିଦେଇ ମୋତେ କହିଲେ—''ଦେହତ୍ୟାଗ ପରେ ଜୀବ ଜନ୍ମେ କିପରି, ଏହା ଜାଣିଲେ ତୁମର କ'ଣ ଲାଭ ହେବ ? ସେକଥା ମୋତେ ପ୍ରଥମେ ତୁମକୁ ବୁଝାଇଦେବାକୁ ପଡ଼ିବ ।''

"ମୁଁ ଲାଭ-କ୍ଷତିର କଥା ଭାବି ତ ଏକଥା ପଚାରୁ ନାହିଁ; ବିଶେଷ ଏକ କୌତୁହଳ କେବଳ—ଅନେକ ଦିନରୁ ଏହା ଜାଣିବାର ଇଚ୍ଛା ରହିଛି ମୋ' ଭିତରେ ।"

ସେ କହିଲେ, "କି ଆଶ୍ଚର୍ଯ୍ୟ ! ଅସଲ କଥା ହେଲା, ତୁମ ନିଜର ଗତି କ'ଣ ହେବ, ତାହା ଜାଣିବା ହିଁ କ'ଣ ତୁମର ମୂଳ ଉଦ୍ଦେଶ୍ୟ ?"

ମୁଁ, "ଶୁଣିଥିଲି, ଆକାଶରୁ ବୃଷ୍ଟିର ଧାରା ଝରିପଡ଼ିଥାଏ ଶସ୍ୟ ଉପରେ, ଶସ୍ୟରୁ ମଣିଷର ବୀର୍ଯ୍ୟ ହୋଇ, ନରନାରୀଙ୍କର ମିଳନ ଫଳରେ ଜନ୍ମ ସମ୍ଭବ ହୁଏ । ଶୁଣିଥିଲି ଯେତେବେଳେ ଏକଥା, ଅବିଶ୍ୱାସ କରିନାହିଁ । ଏବେ ଆପଣଙ୍କ ମୁଖରୁ ଥରେ..."

ବାଧାଦେଇ ସେ କହିଲେ, "ଯଦି ବହୁ ପୂର୍ବରୁ ସମସ୍ତ ଜୀବ ହିଁ ଏହିପରି ଜନ୍ମ ନିଅନ୍ତି, ତା'ହେଲେ ମୁଁ କହିବି, ଗୋଟିଏ ଶ୍ରେଣୀର ଜୀବ ଏହି ଧାରାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ, ଯେଉଁମାନେ ଦେହତ୍ୟାଗ କରିଥାନ୍ତି, ସେମାନେ ସମସ୍ତେ ଯେ ପୁଣି ଏହିପରି ଜନ୍ମନିଅନ୍ତି, ତାହା ଠିକ୍ ନୁହେଁ । ଏପରି ବ୍ୟାପାର ଅଧିକାଂଶ କ୍ଷେତ୍ରରେ ଅଛି, ଯଦ୍ୱାରା ଏହିଭାବରେ ଜନ୍ମନେବା ସମ୍ଭବ ନୁହେଁ । ଧରିନିଅ, ଯାହାର ଉନ୍ନତ ଜନ୍ମ, ଆତ୍ମାର ପ୍ରକୃତ ଆବରଣ ଅନେକ ପରିମାଣରେ ଖସିପଡ଼ିଛି, ଯେଉଁମାନେ ବ୍ୟାପକ କର୍ମ କ୍ଷେତ୍ରରେ କର୍ମ କରି ଅଧ୍ୟାତ୍ମ-ଚୈତନ୍ୟର ଅଧିକାରୀ, ଯାହାଙ୍କର ଦୃଷ୍ଟି ବା ଲକ୍ଷ୍ୟ ଆଉ ନିଜର ପିତାମାତା, ଭାଇ, ସ୍ତ୍ରୀ, ପୁତ୍ର, କନ୍ୟାର କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନଥାଏ, ଏଠାର ବିସ୍ତୃତ ସମାଜକୁ ନେଇ ଯାହାଙ୍କର ଆତ୍ମଶକ୍ତି କାର୍ଯ୍ୟ କରୁଥାଏ, ସେମାନେ କ'ଣ ଏହି ରୂପେ ଜନ୍ମଗ୍ରହଣ କରିବାକୁ ଯିବେ ? ମହାମାୟା ପ୍ରକୃତିର ନିୟମ ଦ୍ୱାରା ତାଙ୍କର ପୂନର୍ଜନ୍ମର ବିଧାନ ଅନ୍ୟ ପ୍ରକାରର ।"

"ଚଉରାଶୀଲକ୍ଷ ଥର ଭ୍ରମଣ କରି ଯେଉଁ ଜନ୍ମ କଥା, ତାହା କ'ଣ ସତ୍ୟ ?"

ଶୁଣିବା ମାତ୍ରେ ସେ କହିଲେ, "ଜୀବ ସୃଷ୍ଟି ଯେଉଁ କ୍ରମରେ ଆରମ୍ଭ ହୋଇଛି, ସେହି ଆଦିକାଳରୁ ମନୁଷ୍ୟ ଜନ୍ମକାଳ ପର୍ଯ୍ୟନ୍ତ କ୍ରମବିକାଶର ଏହି ଚଉରାଶୀ ନିୟମ ହିସାବରେ ଚାଲି ଆସିଛି; ତାହା ବୋଲି ବର୍ତ୍ତମାନ ମନୁଷ୍ୟର ପୁନର୍ଜନ୍ମରେ ଆଉ ପୁଣି ଚୌରାଶୀ କାହିଁକି ?"

"ଶୁଣିଛି, ମାନବ-ଜୀବ ଅପକର୍ମ ଫଳରେ ପଶୁଯୋନିରେ ମଧ୍ୟ ଜନ୍ମ ନେଇଥାଏ ।"

ସେ କହିଲେ, "ତାହା କୌଣସି ପ୍ରାକୃତ ନିୟମ ଭଙ୍ଗର ବିଶେଷ ଏକ ଗୁରୁତର ପାତକ ଫଳରେ, ଦଣ୍ଡ ହିସାବରେ, ହୋଇପାରେ । ମଣିଷ ହୋଇ ସେ କେତେକେତେ ଭୟଙ୍କର କର୍ମ ବିପାକ ସୃଷ୍ଟି କରେ, ଯାହା ଫଳରେ ବିଲୋମ ଗତି ମଧ୍ୟ ସମ୍ଭବ ହୋଇଥାଏ । ତାହା ବୋଲି ସମସ୍ତଙ୍କ କ୍ଷେତ୍ରରେ ତାହା ହେବାକୁ ଯିବ କାହିଁକି ? ଅସଲରେ ଏହି ଟିକକ ଜାଣିରଖିଥାଅ ଯେ କର୍ମ ହିଁ ତୁମର ଗତିକୁ ନିୟନ୍ତ୍ରିତ କରିବ । ତାଙ୍କର ନିୟମ ଏପରି ବିଚିତ୍ର ଯେ ଏଥିଲାଗି ପୃଥକ ବିଚାରାଳୟ ପ୍ରୟୋଜନ ହୁଏ ନାହିଁ, ବିଚାରକ ଦରକାର ନାହିଁ,

ତୁମର ମନ ବୁଦ୍ଧି, ଚିତ୍ତ, ଅହଙ୍କାର, ସ୍ମୃତି ଆଉ ବିବେକ—ଏମାନେ ହିଁ ବିଚାର କରନ୍ତି—ତୁମକୁ କର୍ମାନୁସାରେ ଗତିପଥରେ ନେଇଚାଲନ୍ତି ।''

''ତା'ହେଲେ ଗୋଟିଏ ନିୟମରେ ହିଁ ସବୁ ମଣିଷଙ୍କର ପୂନର୍ଜନ୍ମ ହୋଇନଥାଏ ?''

''ଅବଶ୍ୟ ନୁହେଁ । ଯେପରି ସବୁ ମଣିଷ ସମାନ ନୁହନ୍ତି, ଏକ ଗୋଷ୍ଠୀର ନୁହନ୍ତି, ଏକ ଜାତିର ନୁହନ୍ତି, ଏକ ମତିର ନୁହନ୍ତି, ସେହିପରି ଗତି ମଧ ସମାନ ନୁହେଁ ।''

''ଆଚ୍ଛା, ଖ୍ରୀଷ୍ଟିଆନଙ୍କର ପାର୍‌ଗେଟାରୀ ବା ମୁସଲମାନଙ୍କର...''

ସେ ବାଧା ଦେଇ କହିଲେ, ''ଏସବୁ ହେଲା, ଯମାଳୟର ନାମାନ୍ତର ମାତ୍ର, ଅର୍ଥାତ୍ ଯମଘରର ବ୍ୟାପାର । ସେମାନଙ୍କର ସମାଜରେ ଲୋକ ସମଷ୍ଟିବୁଦ୍ଧି ଦ୍ୱାରା ଗ୍ରହଣ କରିପାରେ, ପାପର ଫଳାଫଳ ଦେଖି ସତ୍‌ଭାବରେ ଆସ୍ଥାଶୀଳ ହୋଇପାରେ, ଏହିପରି ଭାବରେ ବଢ଼େଇକରି କହିଥାନ୍ତି । ମୋଟ୍ ଉପରେ ସେମାନଙ୍କର କର୍ମପ୍ରବୃତ୍ତି ହିଁ ସେମାନଙ୍କୁ ପରଲୋକକୁ ନେଇଯାଇଥାଏ । କ୍ରମବିକାଶ ଦ୍ୱାରା କିଛିଟା ଉଚ୍ଚସ୍ତରକୁ ଉଠିଯିବା ପରେ ହିଁ ପ୍ରକୃତିର ପୁନଃର୍ଜନ୍ମ ନିୟମରେ ଅଥବା ଜନ୍ମାନ୍ତରର କଥାକୁ ବିଶ୍ୱାସ କରାଯାଇଥାଏ; ଏହିସବୁ କଥାକୁନେଇ ତୁମର ମୁଣ୍ଡ ଘୂରାଇବା ଏବେଠାରୁ କାହିଁକି, ବିଶେଷତଃ ଏହି ପ୍ରବଳ ଜ୍ୱର ଅବସ୍ଥାରେ ? ମୁଁ ତୁମକୁ ଏଇଥିପାଇଁ ଏ ସବୁର ଆଲୋଚନା କରିବାକୁ ନିଷେଧ କରୁଛି ।''

''ଆଚ୍ଛା, ଭଲ ହୋଇଗଲେ ବୁଝାଇଦେବେ ତ ?''

ମୋ'ର ଏ କଥାର ଉତ୍ତର କିଛି ନ ଦେଇ ସେ ଅନ୍ୟ କଥା ଆରମ୍ଭ କରିଦେଲେ, ''ତୁମେ ତ ଜପ କର ?'' ମୁଁ ସ୍ୱୀକାର କଲି । ସେତେବେଳେ ପୁଣି କହିଲେ, ''ଜପର ପ୍ରତିପାଦ୍ୟ କୌଣସି ମୂର୍ତ୍ତି ଅଛି ତ ?'' କହିଲି, ''ଅଛି ।'' ପୁଣି ସେ କହିଲେ, ''ଏହି ମୂର୍ତ୍ତିକୁ ତୁମେ ବର୍ତ୍ତମାନଠାରୁ ସବୁ ସମୟରେ ଆଖିସାମ୍ନାରେ ରଖ; ପାରିବ କି ନାହିଁ, ଏ ପ୍ରଶ୍ନ ପଚାରିବି ନାହିଁ—ଯେତେ ସମୟ ପର୍ଯ୍ୟନ୍ତ ଚେତନା ଥିବ, ସେତେ ସମୟ ପର୍ଯ୍ୟନ୍ତ କରିଯାଅ, ତେବେ ଜପ ସହ ପ୍ରାଣାୟମ କର ନାହିଁ, ଏବେ ସେ ସମୟ ଠିକ୍ ନୁହେଁ । ଆଉ କାହାକୁ କୌଣସି କଥା ପ୍ରଶ୍ନ କର ନାହିଁ ।''

ମୁଁ ଛଟପଟ ହେଉଥିଲି, ପଚାରିଲି, ''ଯଦି ପ୍ରଶ୍ନ ମନକୁ ଆସେ ?''

ସେ କହିଲେ, ''ଏହି ଅବସ୍ଥାରେ ତାକୁ ବିକ୍ଷେପ ମନେକରି ଉପେକ୍ଷା କରିବ । ମନକୁ ପୃଥକ୍ କରି ଅନେକ ଦୃଢ଼ ସଙ୍କଳ୍ପ ବା ବୁଦ୍ଧିଶକ୍ତି ପ୍ରୟୋଗ କରି ତାକୁ ଆୟତ କରିବାକୁ ହେବ । ତା'ହେଲେ ଫଳ ଭଲ ହେବ; କୌଣସି ଅପବ୍ୟୟକୁ ପ୍ରଶ୍ରୟ ଦେବାକୁ ହେବ ନାହିଁ, ବୁଝିଲ ?''

ମୁଁ କହିଲି,—''ଆପଣଙ୍କର ଆଶ୍ରମକୁ ମୋତେ ନେଇଆସି କଠିନ ନିୟମରେ ବାନ୍ଧୁଛନ୍ତି ?''

ଶୁଣିବାମାତ୍ରେ ହିଁ ସେ କହିଲେ, ''ଏହି ଅବସ୍ଥାରେ ତୁମେ ବଡ଼ ଚଞ୍ଚଳ ହୋଇପଡ଼ିଛ, ସେଥିଲାଗି ଟିକିଏ କଟକଣା କଲି ।'' ତା'ପରେ ଏଲୋକେଶୀର ଆଡ଼କୁ ଚାହିଁ କହିଲେ, ''ତୁମର ତ ଅସ୍ୱାଭାବିକ ଅବସ୍ଥା, ତୁମଠାରୁ ଅଧିକ ଚଞ୍ଚଳ ପ୍ରକୃତିର ଜଣକୁ ମୁଁ କଟକଣାରେ ରଖିଛି, ଆଉ ତଦ୍ଦ୍ୱାରା ତା'ର ଭଲ ହୋଇଛି । ଏକଥା ସେ ମନ-ପ୍ରାଣଦେଇ ବିଶ୍ୱାସ କରେ ।''

ମୁଁ ଆଉ କିଛି ଚିନ୍ତା କଲି ନାହିଁ, ମୁଣ୍ଡ ଭିତରଟା ଧକ୍‌ଧକ୍ କରୁଥିଲା । ଟିକିଏ ସ୍ଥିର ହୋଇ ଇଷ୍ଟଙ୍କୁ ଲକ୍ଷ୍ୟ କରି ସ୍ଥିର ରହିବାକୁ ଚେଷ୍ଟା କଲି । ଶୁଣିଲି—ଏଲୋକେଶୀ ବାବାଙ୍କୁ କହିଲେ,—''ଏଠାକୁ ଆସି ଜ୍ୱରଟା କ'ଣ ବଢ଼ିଗଲା କି ?'' ଉତ୍ତର ଶୁଣିବାକୁ ଯାଉ ଯାଉ ଅଳ୍ପକ୍ଷଣ ଭିତରେ ଚୈତନ୍ୟ ହରାଇଲି ।

ଘର ଭିତରୁ ଘଣ୍ଟା ଶବ୍ଦରେ ମୋ'ର ଚେତନା ଫେରିଲା । ଝୁଣାଧୂଆଁର ସୁବାସରେ ଘର ଭର୍ତ୍ତି ରହିଛି । ଘରକୋଣରେ ମିଟ୍‌ମିଟ୍ କରି ପ୍ରଦୀପଟିଏ ଜଳୁଛି । ଓଃ କି ଉତ୍ତାପ ! ଶରୀରରେ ଖୁବ୍ ଜ୍ୱାଳା, ଦେହତମାମ୍ ପୋଡ଼ାଜାଳା, ନିଶ୍ୱାସରୁ ଅଗ୍ନିତୁଲ୍ୟ ଉତ୍ତାପ, ମୁହଁଠାରୁ ଗଳା ଭିତର ଜିଭ ପର୍ଯ୍ୟନ୍ତ ଶୁଖିଯାଇଛି । ଟିକିଏ ପାଣି ଦରକାର ହେଲା, କିନ୍ତୁ ପାଣିର ଚାହିଦା କଥା କାହାକୁ କହିଥିବା ମନେହେଲା ନାହିଁ । ଏଲୋକେଶୀ ଘରକୋଣରେ ଦୀପର ଆଲୋକ ନିକଟରେ ବସିଥିଲେ । ଉଠିପଡ଼ି ଦେଖିଲି, ମୋ' ବିଛଣା ନିକଟରେ ରଖାହୋଇଥିବା ଚକ୍‌ଚକ୍ ଗୋଟଏ ଘଡ଼ିରେ ଜଳ—ସେ ଗୋଟିଏ ଗିଲାସରେ ଢାଳିକରି ଦେଲେ । ଉଠିପଡ଼ି ପାଣି ପିଇଲି, ପୁଣି ଯେତେବେଳେ ଶୋଇବାକୁ ଯାଉଛି ସେ କହିଲେ, ''ଉଠି ଯେତେବେଳେ ପାଣି ପିଇଲେଣି, ଏବେ ଟିକିଏ ବସିରହନ୍ତୁନା ମିନିଟିଏ-ଦୁଇ ମିନିଟ୍, ତା'ପରେ ଶୋଇବେ ।'' ତାହା ହିଁ କଲି । ତା'ପରେ ମୁଁ କେତେବେଳେ ଯେ ଶୋଇପଡ଼ିଲି, ମନେ ନାହିଁ ।

ରାତ୍ରିର ଅନ୍ଧକାର ସେ ପର୍ଯ୍ୟନ୍ତ ରହିଥାଏ, କେବଳ ମାତ୍ର ପୂର୍ବଦିଗରେ ଉଷାର ଜ୍ୟୋତି ଦେଖାଯାଉଥାଏ । ଆକାଶର ବଡ଼ବଡ଼ ତାରକାରାଜି ଏବେ ମଧ୍ୟ ଚକ୍‌ମକ୍ କରୁଛି । ବାହାରର କୌଣସି ଏକ ଉନ୍ମୁକ୍ତ ବିଶାଳ ପ୍ରାନ୍ତରରେ ମୁଁ ଖୋଲାଭାବରେ ବାୟୁସେବନ କରିବାକୁ ବାହାରିଛି, ଘର ଭିତରେ ଜ୍ୱରର ଜ୍ୱାଳାରେ ଛଟପଟ୍ ହେଉଥିବା ଯୋଗୁ । ପ୍ରତ୍ୟୁଷର ଶୀତଳ ପବନର ସବୁକିଛି ହିଁ ନିଶ୍ୱାସ-ପ୍ରଶ୍ୱାସ ଦ୍ୱାରା ଟାଣିହେଇ ଶରୀର ଭିତରକୁ ଯେପରି ପୂର୍ଣ୍ଣ କରି ଚାଲିଛି ।

କ୍ରମେକ୍ରମେ ପୂର୍ବଦିଗ ବେଶ୍ ଉନ୍ମେଷ ହୋଇଉଠିଲା । ଘୂରି ବୁଲୁବୁଲୁ ମୁଁ ଗୋଟିଏ ସ୍ଥାନରେ ଆସି ପଡ଼ିରହିଲି—ଗ୍ରାମସଂଲଗ୍ନ ବିସ୍ତୃତ ପ୍ରାନ୍ତର ମଧ୍ୟସ୍ଥ ଗାଢ଼ ସବୁଜ ଘାସ ଦ୍ୱାରା ଆବୃତ୍ତ ସ୍ଥାନଟିଏ । ଦେଖୁଛି, ଦିକ୍‌ଚକ୍ରବାଳ ଯେପରି ସେତେବେଳ ପର୍ଯ୍ୟନ୍ତ ଘନ ନୀଳାଭ ଘୁମାଚ୍ଛନ୍ନ ଏକ ଗାଢ଼ ରେଖା ଦ୍ୱାରା ପୂର୍ବଦିଗକୁ ପୂର୍ଣ୍ଣରୂପେ ପରିବ୍ୟାପ୍ତ କରି ରହିଛି । ଏହାର ଅନେକ ଊର୍ଦ୍ଧ୍ୱରେ, ଅରଣୋଦୟ ପୂର୍ବରୁ, ଯେଉଁ ବର୍ଣ୍ଣବିଭା ଦୃଷ୍ଟିମାତ୍ରେ ହିଁ ପ୍ରାଣରେ

ନବଜୀବନର ଆନନ୍ଦ ଜାଗ୍ରତ କରିଥାଏ, ତାହାହିଁ ଉଦ୍‌ଭାସିତ ହେଲା—ଦେଖୁଦେଖୁ କୋମଳ, ଲଘୁ, ସିନ୍ଦୂର ବର୍ଣ୍ଣର ସାମାନ୍ୟ ପ୍ରଲେପ ଆକାଶରେ ପ୍ରତିଭାତ ହୋଇ କ୍ଷଣକେ ତାହା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବାକୁ ଲାଗିଲା । ତା'ପରେ ପୀତବର୍ଣ୍ଣର ମିଶ୍ରଣରେ କ୍ରମେକ୍ରମେ ଊର୍ଦ୍ଧ୍ୱକୁ ପ୍ରସାରିତ ହେବାକୁ ଲାଗିଲା । ତାହା କ୍ରମେକ୍ରମେ ମସ୍ତିଷ୍କ ଊର୍ଦ୍ଧ୍ୱରେ ନୀଳାକାଶ ସଙ୍ଗେ ବିଲୀନ ହୋଇଗଲା । ଅବାକ୍ ହୋଇ ମୁଁ ଦେଖିଚାଲିଥାଏ, କେତେ ଅଳ୍ପକ୍ଷଣ ମଧ୍ୟରେ ତାହା ଉଜ୍ଜ୍ୱଳତର ହୋଇ ତରଳ ହେମ-ସିନ୍ଦୁର-ଆଭାରେ ସାରା ପୂର୍ବଦିଗକୁ ଉଦ୍ଭାସିତ କରିତୋଳିଲା; ସଙ୍ଗେସଙ୍ଗେ ପ୍ରଭାତର ସ୍ନିଗ୍ଧ ବାୟୁ ଲାଗି ପ୍ରଥମରେ ଅଙ୍ଗ ପୁଲକିତ ହେଲା ଏବଂ ପରେ ଏକ ଶିହରଣ ସୃଷ୍ଟିକରି ପ୍ରାଣ ସେତେବେଳେ ଯାହା ଚାହୁଥିଲା, ତାହା ସମସ୍ତ ଶରୀରକୁ ଘେରିରଖିଲା । ଆଃ, ମୁଁ ଯେପରି ସମ୍ପୂର୍ଣ୍ଣ ସୁସ୍ଥବୋଧ କଲି, ସେହି ଶୀତଳ-ସମୀରଣ-ସ୍ନିଗ୍ଧ ଅରୁଣୋଦୟର ସ୍ପର୍ଶରେ ।

କ୍ରମେକ୍ରମେ ଦେଖିଲି, ଯେପରି ମୋ' ସମ୍ମୁଖରେ ଘନ ସବୁଜ ତୃଣମୟ ଗାଲିଚା ପରି ହରିତ୍‌କ୍ଷେତ୍ରର ପ୍ରସାର । ଏହା ଉପରେ ଅସଂଖ୍ୟ ଭଦ୍ର ମୂର୍ତ୍ତି ଉପବିଷ୍ଟ, ଜନସମୁଦ୍ର କହିଲେ ହିଁ ହେବ । ସମସ୍ତେ ଉଜ୍ଜ୍ୱଳ ସଭ୍ୟ-ବେଶଭୂଷାରେ ସଜ୍ଜିତ, ସେମାନଙ୍କ ମଧ୍ୟରେ ଅଛନ୍ତି ସମ୍ଭ୍ରାନ୍ତ ବ୍ୟକ୍ତିବର୍ଗ । ତେବେ, ପ୍ରଥମ ଧାଡ଼ିରେ ଶ୍ରେଣୀବଦ୍ଧ ହିନ୍ଦୁ ସମାଜର ଉଚ୍ଚସ୍ତରର ବ୍ରାହ୍ମଣ-ପଣ୍ଡିତମଣ୍ଡଳୀ, ପ୍ରସନ୍ନ-ଗମ୍ଭୀର ମୂର୍ତ୍ତି—ସେମାନଙ୍କୁ ଦେଖି ମନେହୁଏ, କୌଣସି ବିଶେଷ ଗୁରୁତର ବିଷୟ ନେଇ ସେମାନେ ଅଭିନିବିଷ୍ଟ, ସେମାନଙ୍କ ପଛରେ ବହୁ ସ୍ତରର ସଭ୍ୟ, ଜଣଙ୍କ ପରେ ଜଣେ କରି, ଶ୍ରେଣୀବଦ୍ଧ ହୋଇ ବସିଛନ୍ତି । ଭଦ୍ର ସାଧାରଣ, ଅସଂଖ୍ୟ ଜନସାଧାରଣ; ଆଉ ମଧ୍ୟ ଲକ୍ଷ୍ୟ କଲି ଯେପରି ସମସ୍ତଙ୍କ ଦୃଷ୍ଟି ସମ୍ମୁଖସ୍ଥ ଉଚ୍ଚ ବୃକ୍ଷମୂଳେ ଦଣ୍ଡାୟମାନ ଏକ ମୂର୍ତ୍ତି ଉପରେ ନିବଦ୍ଧ— ଅପୂର୍ବ ଧୀର ସ୍ଥିର ଏକ ନାରୀମୂର୍ତ୍ତି । ସେହି ଦ୍ୱିଧାବିଭକ୍ତ ମୂଳ ଶାଖାର ମଧ୍ୟସ୍ଥଳରେ ଦଣ୍ଡାୟମାନ ମୂର୍ତ୍ତିଟି ବସ୍ତୁତଃ ସେମାନଙ୍କ ସମ୍ମୁଖରେ; କିନ୍ତୁ ମୁଁ ପଶ୍ଚାତ୍ ଦିଗରୁ ଦେଖୁଥିବାରୁ ମୂର୍ତ୍ତିର ମୁଖଦର୍ଶନ ସମ୍ଭବ ନଥିଲା । ମସ୍ତିଷ୍କରେ ଜୁଡ଼ାବନ୍ଧା ଜଟା, ପରିଧାନ ରକ୍ତଗୈରିକ ବସ୍ତ୍ର, ତାଙ୍କର ଦକ୍ଷିଣ ବାହୁ ପ୍ରସାରିତ ଏବଂ ଦୀର୍ଘ, ଊର୍ଦ୍ଧ୍ୱପ୍ରାନ୍ତ ସିନ୍ଦୁର-ରଞ୍ଜିତ ଅପରୂପ ଉଜ୍ଜ୍ୱଳ ତ୍ରିଶୂଳ ମୁଷ୍ଟିବଦ୍ଧ । ନିସ୍ତବ୍ଧ ଉପବିଷ୍ଟ ଜନସମୂହ ମଧ୍ୟରେ କେବଳ ସେହି ହିଁ ଦଣ୍ଡାୟମାନ ଏବଂ ସମସ୍ତଙ୍କର ଆକର୍ଷଣର ବସ୍ତୁ । କାରଣ ସମସ୍ତଙ୍କର ଲକ୍ଷ୍ୟ ତାଙ୍କ ଆଡ଼କୁ ସ୍ଥିର ଏବଂ ଏକାଗ୍ରଚିତ୍ତ, ପ୍ରତୀକ୍ଷା ଦ୍ୱାରା ପ୍ରତି ମୁହୂର୍ତ୍ତ ନିୟୋଜିତ । କିଛିଟା ବିସ୍ମୟ, କିଛିଟା ଭୟରେ ଭାବୁଛି, ଏଠାରେ ଏହି ସମୟରେ ଏହି ଯୋଗାଯୋଗ, ବ୍ୟପାରଟା କ'ଣ ହୋଇପାରେ ?

''ମୋତେ ଆଜି ଯେଉଁ କଥା ଆପଣମାନଙ୍କୁ କହିବାକୁ ପଡ଼ିବ, ତାହା କେବଳ ମୋ' ମନର କଥା ନୁହେଁ,— ତାହା ଆପଣମାନଙ୍କର ଦେଶବ୍ୟାପୀ ଦୁର୍ଗତି, ଆପଣଙ୍କର ଭଣ୍ଡ, ଅଭିଶପ୍ତ ଜୀବନର ମିଥ୍ୟାଶ୍ରୟୀ ସଂଘବଦ୍ଧ ଅପକର୍ମର ପ୍ରତିକାର,—ସେକଥା ଶୁଣିବାକୁ ମୋତେ ଆହ୍ୱାନ କରୁଛନ୍ତି, ଆଉ ମୋ'ର ବକ୍ତବ୍ୟ ସମ୍ବନ୍ଧରେ ଅବହିତଚିତ୍ତ ହେବାର ପ୍ରତିଶ୍ରୁତି

ଦେଉଛନ୍ତି, ସେଥିଲାଗି ଇଷ୍ଟଙ୍କ ନିର୍ଦ୍ଦେଶରେ ଏହି ସମୟରେ ଆଜି ଏଠାରେ ଉପସ୍ଥିତ ହୋଇଛି ।''

ସେ ଯେ ଏଲୋକେଶୀ ମାତା—କି ସୁନ୍ଦର, କି ସ୍ପଷ୍ଟ ତାଙ୍କର କଥା କହିବାର ଭଙ୍ଗୀ, ଦୃଢ଼ ଗମ୍ଭୀର ! ଅଥଚ କୋମଳ ସଂଯତ କଣ୍ଠସ୍ୱର ଏହା ତାଙ୍କର ପ୍ରକୃତିଗତ । ତାଙ୍କ ଭିତରେ ଏପରି ଏକ ଶକ୍ତିର କ୍ରିୟା ବର୍ତ୍ତମାନ ଯେ ତାହାକୁ କେହି ମଧ ଉପେକ୍ଷା କରିବାର ସାଧ ନାହିଁ ।

ଆଶ୍ଚର୍ଯ୍ୟ ଏହି କ୍ଷଣ, ଆଶ୍ଚର୍ଯ୍ୟ ଏହି ଜନସମାବେଶ, ଆଉ ପରମାଶ୍ଚର୍ଯ୍ୟ ଏହି ବକ୍ତା ଜଣକ । ଶୁଣିବାକୁ ମୁଁ ନିକଟକୁ ଗଲି, କିନ୍ତୁ ବାଧାଟିଏ ଅଛି—ଏକ ତୃଣପୂର୍ଣ୍ଣ ସ୍ତୁପ ମୋ' ସମ୍ମୁଖରେ । ତା' ଉପରେ ନାନା ଦ୍ରବ୍ୟ ସଜ୍ଜିତ । ଜାଣେ ନାହିଁ, ଏହା କ'ଣ ଏବଂ ଏହି କାର୍ଯ୍ୟସହ ବା ସେ ସବୁର ସମ୍ପର୍କ କ'ଣ । କାର୍ଯ୍ୟତଃ ସେହି ସ୍ତୁପ ନିକଟରେ କୋମଳ ବନବିସ୍ତୃତ ଦୁର୍ବାଦଳ ଉପରେ ବସିପଡ଼ିଲି—ଶୁଣିବାକୁ ଲାଗିଲି— ଗମ୍ଭୀର, ଦୃଢ଼ ଓ କୋମଳ କଣ୍ଠରେ ଏଲୋକେଶୀ କହିବାକୁ ଲାଗିଲେ,

ଏଲୋକେଶୀ ଭୈରବୀ ମାତା
(ଉମାପତି ବାବାଙ୍କ ଆଶ୍ରିତା)

''ଆପଣମାନଙ୍କର ସନିର୍ବନ୍ଧ ଅନୁରୋଧ ଏଡ଼ାଇ ନ ପାରି ଆଜି, ମୋ'ର ସ୍ୱାଧୀନ ମନ୍ତବ୍ୟ, ବଙ୍ଗୀୟ ହିନ୍ଦୁ ସମାଜ ରକ୍ଷାର ଉପାୟ ସମ୍ବନ୍ଧରେ ମୋ'ର ସିଦ୍ଧାନ୍ତ ଏବଂ ଅଭିମତ ଜଣାଇବାକୁ ଏହି ସଭାରେ ଯେତେବେଳେ ଉପସ୍ଥିତ, ସ୍ୱୀକାର କରୁଛି ଯେ ସେତେବେଳେ ମୁଁ ନିଜେ ହିଁ କମ୍ ଆଶ୍ଚର୍ଯ୍ୟ ହୋଇନାହିଁ । ଏକେ ତ ଜାତିରେ ଚଣ୍ଡାଳ କନ୍ୟା, ତା'ପରେ ପୁଣି ବ୍ରାହ୍ମଣ-ପ୍ରଭାବିତ ମୂଳ ହିନ୍ଦୁ ସମାଜ ଉପରେ ବାଳିକା ଅବସ୍ଥା ଠାରୁ ଗଭୀର ଘୃଣା ହିଁ ପୋଷଣ କରି ଆସିଛି— ଆପଣମାନେ ପ୍ରବୀଣ, ବିଦ୍ୱାନ, ପଣ୍ଡିତ ଏକଥା ଜାଣିଥିଲେ ମଧ ମୋ' ବକ୍ତବ୍ୟ ଶୁଣିବା ଲାଗି, କେବଳ ଶୁଣିବା ନୁହେଁ, ମୁଁ ଯାହା କହିବି, ସମାଜ ରକ୍ଷାର ଉପାୟ ବୋଲି ଯେଉଁସବୁ ନିୟମ ଓ ପ୍ରସ୍ତାବ ଉତ୍ଥାପନ କରିବି, ତାହା ଅକପଟରେ ଦ୍ୱିଧାଶୂନ୍ୟ ଅନ୍ତରରେ ଆପଣମାନେ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବେ । ଏହି ପ୍ରତିଶ୍ରୁତି କିପରି ଦେଇପାରିଲେ, ଯଦ୍ୱାରା ଆଜି ମୋତେ ଏଠାରେ ଉପସ୍ଥିତ ହେବା ସମ୍ଭବ ହେଲା ? ଏହା କିଛି କମ୍ ଆଶ୍ଚର୍ଯ୍ୟ କଥା ନୁହେଁ । ସତରେ କ'ଣ ଆପଣମାନେ ଗତାନୁଗତିକତାର ପ୍ରଭାବରୁ ମୁକ୍ତ ହୋଇପାରିଛନ୍ତି ?

ତାହା ଯଦି ହୋଇଥାନ୍ତି, ମୁଁ ପରୀକ୍ଷା କରିନିଏ, ଯଦ୍ୱାରା ଆପଣମାନଙ୍କର ଆନ୍ତରିକତାକୁ ଜାଣି ନେଇପାରିବି ।''

''ପ୍ରଥମେ ମୁଁ ଏହି କଥା କହିବି ଯେ ସମବେତ ବିଦ୍ୱାନ, ଆମ ହିନ୍ଦୁ ସମାଜର ଦାମ୍ଭିକ ଶିରୋମଣି ପଣ୍ଡିତ ମହୋଦୟଗଣଙ୍କ ସମ୍ମୁଖରେ ଯଦି ଏପରି କିଛି କହିପକାଏ, ଯାହାକୁ ସେମାନେ ଅପମାନ-ସୂଚକ ମନେକରିବେ, ତେବେ ତା' ସତ୍ତ୍ୱେ ସେଥିରେ ମୋ'ର ଅଧିକାର ଅଛି ବୋଲି ଆପଣମାନଙ୍କ ସମ୍ମୁଖରେ କହିବି । ଏକଥା ସେମାନେ ମନେରଖିବା ଉଚିତ୍ । ଆଉ ସେଥିଲାଗି ସଭ୍ୟ ସମାଜର ଧାରା ଅନୁଯାୟୀ ମୌଖିକ କ୍ଷମା ପ୍ରାର୍ଥନାଟା ଅସଙ୍ଗତ ଏବଂ ଭଣ୍ଡାମୀ ହେବ ବୋଲି ମୁଁ ମନେକରୁଛି । ଆଜି ସେମାନଙ୍କ ସମ୍ମୁଖରେ ସେମାନଙ୍କର ମୂଢ଼-ଚିତ୍ତ ଓ ହୃଦୟହୀନତା ଯୋଗୁ ସମାଜର ସଂଘଶକ୍ତି କ୍ଷୀଣ ଓ ହୀନତାର ଫଳ ସ୍ୱରୂପ ସହାୟ ଥାଇ ମଧ୍ୟ ଅସହାୟ । ସେମାନଙ୍କ ଘରମାନଙ୍କରେ ଯେଉଁ ହତଭାଗିନୀ ସ୍ତ୍ରୀ, କନ୍ୟା, ଭଉଣୀମାନେ ଓ ପ୍ରତିବେଶୀ ଧର୍ମାଧର୍ମ-ଜ୍ଞାନଶୂନ୍ୟ ଦୁର୍ବୃତ୍ତ ପଶୁଦଳଙ୍କ ହାତରେ ନିଗୃହୀତ, ଦଳବଦ୍ଧ ଭାବେ ଚରମ ପୀଡ଼ନର ଲକ୍ଷ୍ୟବସ୍ତୁ ହୋଇପଡ଼ିଛନ୍ତି, ମୁଁ ସେହି ଅଭିଶପ୍ତ ସମାଜର ନାରୀଙ୍କ ମଧ୍ୟରୁ ଜଣେ—ସେଥିଲାଗି ମୋ'ର ଏହି ଅଧିକାର, ଏଣୁ ପୂର୍ବରୁ ଏହି କଥାଟି କହି ରଖେ । ଏହି ବିଚିତ୍ର ଦେଶରେ, ପ୍ରତିବେଶୀଙ୍କ ମଧ୍ୟରୁ ଗୋଟିଏ ଦଳର ଧର୍ମ ହିଁ ହେଲା ଅପର ସମାଜର ନାରୀମାନଙ୍କୁ ଧର୍ଷଣ । ଏହାକୁ ସେମାନେ ସେମାନଙ୍କ ପକ୍ଷରେ ଗୌରବର କାର୍ଯ୍ୟ ବୋଲି ମନେକରିଥାନ୍ତି । ସେମାନେ ଦଳବଦ୍ଧ ହୋଇ ହିନ୍ଦୁ ନାରୀମାନଙ୍କ ଉପରେ ପୁରୁଷାନୁକ୍ରମେ ପୂଣ୍ୟକର୍ମ ହିସାବରେ ଏହି ଅତ୍ୟାଚାର କରି ଚାଲିଛନ୍ତି—ଆଜି ସୁଦ୍ଧା ତାହାର କୌଣସି ପ୍ରତିକାର ହେଲା ନାହିଁ । ବର୍ତ୍ତମାନ ରାଜନୈତିକ ପରିସ୍ଥିତି ଯୋଗୁ ହିଁ ହୁଏତ କିଛିଦିନ ହେଲା ବନ୍ଦ ଅଛି, ମାତ୍ର ପୁଣି କୌଣସି ସୂତ୍ରରେ ଆରମ୍ଭ ହୋଇଯିବ, ତା'ର କିଛି ଠିକ୍‌ଠିକଣା ନାହିଁ । ଆଜି ମୁଁ ଏ ସମ୍ବନ୍ଧରେ ଖୋଲାଖୋଲି ଆଲୋଚନା କରିବାକୁ ଚାହୁଁଛି, କାହିଁକିନା ଆଜି ହିନ୍ଦୁ ସମାଜର ଏହି ଦୁର୍ଗତି, ଏହି ଅଭିଶପ୍ତ ଜୀବନ—ତା'ର ଅଭ୍ୟୁଦୟର ସବୁ ପଥ ହିଁ ରୁଦ୍ଧ; ଏହା ଅଦ୍ଭୁତ ନୁହେଁ କି ? ହିନ୍ଦୁଙ୍କର ଏହି ସଂଘଶକ୍ତି ହୀନତାର ମୂଳ କେଉଁଠି ? ଉଚ୍ଚଶ୍ରେଣୀର ହିନ୍ଦୁ ସେମାନଙ୍କର ଧର୍ମ ଆଚରଣରେ ଯେଉଁମାନଙ୍କୁ ନିମ୍ନଶ୍ରେଣୀର ବୋଲି ଏତେଦିନ ଧରି ଅବହେଳା କରି ଆସିଛନ୍ତି, ଏବେ ମଧ୍ୟ ସେମାନଙ୍କୁ କୋଳକୁ ନେଇଆସିବା ତ ଦୂରର କଥା, ସେମାନଙ୍କର ଗୁଣଗତ ଐକ୍ୟ ଓ ମନୁଷ୍ୟତ୍ୱର ପ୍ରେରଣା ଦ୍ୱାରା ପ୍ରୀତିବଶରେ କ'ଣ ପାଖକୁ ଆଣି ପାରିଛନ୍ତି ? ତା'ପରେ ଆଜି ଦେଶସାରା ନାରୀର ଅଭିଶାପ, ଦୀର୍ଘଶ୍ୱାସର ନିଆଁ ସମାଜର ସବୁ ଶ୍ରେଣୀର ପୁରୁଷ ଜାତିର ସକଳ କଲ୍ୟାଣକୁ ପୋଡ଼ି ପାଉଁଶ କରିଦେଉଛି କି ନାହିଁ ? ମୁଁ ଏହି ବଙ୍ଗଳାର କଥା କହୁଛି—ଅନ୍ୟ କୌଣସି ପ୍ରଦେଶ କଥାରେ ମୋ'ର ପ୍ରୟୋଜନ ନାହିଁ, ବିଶେଷତଃ ପୂର୍ବବଙ୍ଗ*ରେ ନାରୀଧର୍ଷଣ ସମଗ୍ର ଭାରତୀୟ ନାରୀସମାଜର ଧୈର୍ଯ୍ୟର ସୀମାକୁ ପାର୍ ହୋଇଯାଇଛି,

---

* ତତ୍କାଳୀନ ପୂର୍ବବଙ୍ଗ ବା ଆଜିର ବାଂଲାଦେଶ ସେତେବେଳେ ଭାରତବର୍ଷରେ ଅନ୍ତର୍ଭୁକ୍ତ ଥିଲା ।

କିନ୍ତୁ ବଙ୍ଗଳାର ହିନ୍ଦୁ ପୁରୁଷ-ଜାତିର ଧୈର୍ଯ୍ୟ ବିଚଳିତ ହୋଇଛି ବୋଲି ସେପରି କିଛି ପ୍ରମାଣ ମିଳିଛି କି ? ସେଥିଲାଗି ଆଜି ଏହି ଅପରାଧ ଅବାଧରେ ଆଗେଇପାରିଛି । ତା'ପରେ ଆମ ଦେଶର ପୁରୁଷମାନଙ୍କର ରାଜଶକ୍ତି ସହାୟତାରେ ଏହାର ପ୍ରତିକାର ଆଶା କରିବା କଥା ଆଉ ଅଧିକ କ'ଣ କହିବାକୁ ହେବ ? ମୂଢ଼ଚିତ୍ତ ହିନ୍ଦୁ ବଙ୍ଗାଳୀ ! ଏ ମୋହ ତୁମର କେବେ ଘୁଞ୍ଚିବ ? ଏହା ଯେ ସମାଜର ସଂଯମଶକ୍ତିର ଅଧିକାର କଥା— ଏହି ସତ୍ୟକୁ କିପରି ଚପେଇଦେବେ ? ଆପଣମାନେ ଘୁମାଇବେ, ଆଉ ରାଜଶକ୍ତି ଆସି ସମାଜର ଶତ୍ରୁମାନଙ୍କ ହାତରୁ ରକ୍ଷାକରିବ, ଏ କଥା କ'ଣ କେହି ଜଣେ ସୁସ୍ଥ ମନରେ ମଧ୍ୟ ଚିନ୍ତା କରିପାରେ !''

''ଆମର ହିନ୍ଦୁ ସମାଜରେ ନାରୀର ଏତେ ବେଶୀ ଗୁଣବର୍ଣ୍ଣନା, ଏତେଟା ସେବାପରାୟଣତା, ଧର୍ମବୋଧ, ଆଦର୍ଶ, ଆତ୍ମୋତ୍ସର୍ଗ ସତ୍ତ୍ୱେ ସ୍ୱାମୀମାନେ ଯେ ସେମାନଙ୍କୁ ରକ୍ଷା କରିପାରନ୍ତି ନାହିଁ, ସେଥିଲାଗି ତ ଏତେ ଲାଞ୍ଛନା ସେମାନଙ୍କର ! ସ୍ତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ସ୍ୱାମୀ ମୃତ୍ୟୁବରଣ କରିଛି, ଏପରି କିଛି ଗୋଟାଏ ଖବର ଶୁଣିଲେ ହିଁ ପ୍ରାଣରେ ଆଶ୍ୱାସନା ମିଳିଥାଏ । ମାତ୍ର ସେମାନଙ୍କର ରକ୍ଷାକର୍ତ୍ତା ଯେ ଏତେ ବେଶୀ ନିବୀର୍ଯ୍ୟ କାପୁରୁଷ ବୋଲି ନା ଏକପଲ୍ଲୀଭୁକ୍ତ ପ୍ରତିବେଶୀ—ନରପଶୁମାନଙ୍କର ଏତେ ବେଶୀ ସାହସ ବଢ଼ି ଚାଲିଛି ? ମୋର ବର୍ତ୍ତମାନ ପ୍ରଶ୍ନ—ଯିଏ ସ୍ତ୍ରୀକୁ ରକ୍ଷାକରିବାରେ ଅକ୍ଷମ, ସେମାନେ କେଉଁ ଲଜ୍ଜାରେ ସ୍ତ୍ରୀ ଗ୍ରହଣ କରନ୍ତି ? ଏତେବେଶୀ ବିଦ୍ୟାବୁଦ୍ଧିହୀନ ଯେଉଁ ମନ୍ତ୍ର ପାଠ କରି ସ୍ତ୍ରୀର ପାଣିଗ୍ରହଣ କରିଥାନ୍ତି, ତା'ର ଅର୍ଥ କ'ଣ ସେମାନେ ବୁଝନ୍ତି ନାହିଁ ?''

''ତା'ପରେ ମଧ୍ୟ ଏହି ପ୍ରଶ୍ନ ଆସେ, ନାରୀପ୍ରକୃତିର ଯେଉଁ ମହତ୍ତ୍ୱ, ପବିତ୍ରତା, ଓ ଦୈବ ଐଶ୍ୱର୍ଯ୍ୟ ଆମର ପ୍ରାଚୀନ କାଳରେ ପୁରୁଷମାନେ ଦେଖିଥିଲେ, ଯାହା ଫଳରେ ସେମାନେ ସମାଜରେ ମହାଶକ୍ତିଶାଳୀ ହୋଇ ନିଜନିଜର ଗାର୍ହସ୍ଥ୍ୟଜୀବନକୁ ସଫଳ କରିଯାଇଛନ୍ତି, ସେମାନଙ୍କର ବଂଶଧରମାନେ ଏଇ କେଇ ପୁରୁଷ ମଧ୍ୟରେ ସେହି ଦୃଷ୍ଟିକୁ ହରାଇଲେ କେଉଁଠି ? ସେହି ଦାମ୍ପତ୍ୟ ଜୀବନର ପବିତ୍ର ଶକ୍ତି ଏବେ ଗଲା କୁଆଡ଼େ ? ନାରୀର ପବିତ୍ର ସ୍ୱଭାବ ଯୁକ୍ତ ଯେଉଁ ପ୍ରକୃତି, ଇଚ୍ଛା ବିରୁଦ୍ଧରେ ତାକୁ ସ୍ପର୍ଶ କରିବା ବା ଧର୍ଷଣ କରିବା ଦ୍ୱାରା ତା'ର ପବିତ୍ରତା ନଷ୍ଟ ହୁଏ ନାହିଁ, ଏହି ସହଜ ବୁଦ୍ଧି ପୃଥିବୀର ସକଳ ସଭ୍ୟ ସମାଜରେ ବା ଜାତିର ଧର୍ମନୀତିରେ ଅଛି । କେବଳ ଏହି ଅଶେଷ ବୈଚିତ୍ର୍ୟପୂର୍ଣ୍ଣ ଏ କାଳର ହିନ୍ଦୁ ବଙ୍ଗାଳୀ ସମାଜ ହିଁ ସେଥିରୁ ବଞ୍ଚିତ । ମୋ'ର ଏହିକଥା ବିଶ୍ୱାସ ହୁଏ ନାହିଁ ଯେ ଯେଉଁମାନଙ୍କର ନିଜ ଘରର ନାରୀମାନଙ୍କୁ ରକ୍ଷାକରିବାର ଶକ୍ତି ନଥାଏ, ସେମାନେ ଭାରତର ସ୍ୱାଧୀନତା ପଥରେ କିପରି ଶକ୍ତି ଯୋଗାଇ ପାରିବେ ? ସେମାନେ ଦେଶର ଦୁର୍ଗତି କିପରି ଦୂର କରିପାରିବେ, କେଉଁ ଶକ୍ତି ବଳରେ ? ଏହାହିଁ ସେମାନଙ୍କୁ ପ୍ରଶ୍ନ କରୁଛି,— ଏହାର ଉତ୍ତର ଦେବାକୁ ପଡ଼ିବ ।''

ଏଲୋକେଶୀଙ୍କର ଏହି ମର୍ମଭେଦୀ ବାକ୍ୟ ସଭା ମଧ୍ୟରେ ପୂର୍ଣ୍ଣ ଭାବରେ ଗଭୀର ନିସ୍ତବ୍ଧତା ଖେଳାଇ ଦେଲା—କାହାର ମୁଖରୁ ବାକ୍ୟସ୍ଫୁରଣ ହେଲା ନାହିଁ, କିଛି ସମୟ ପର୍ଯ୍ୟନ୍ତ । ସେ ପୁଣି କହିବାକୁ ଆରମ୍ଭ କଲେ, ''ମୁଁ ବର୍ତ୍ତମାନ ଯେଉଁଟା ଅସଲ କଥା, ତାହା ସ୍ପଷ୍ଟ କରିଦେଉଛି— ଆପଣମାନେ ପଣ୍ଡିତ ବ୍ୟକ୍ତି, ଶାସ୍ତ୍ରବିଶ୍ୱାସୀ—ଏବେ 'ଗତସ୍ୟ ଶୋଚନା- ନାସ୍ତି' ଏହି ମହାବାକ୍ୟ ଅନୁସରଣ କରି ଶାନ୍ତ ଭାବରେ ଅବହିତ ହେବେ, ପୁଣି ତାହା ଆପଣମାନଙ୍କ ବଂଶଧରଙ୍କର, ଦେଶର ସମାଜର, ଏପରିକି ପ୍ରତ୍ୟେକ ପରିବାରର କଲ୍ୟାଣଲାଗି ନିୟୋଜିତ କରନ୍ତୁ— ଏହି ନବ ସଂସ୍କୃତ ସମାଜଠାରୁ ଏହି ଆଶା ମୁଁ କରିପାରିବି କି ? ଆଜି ଆପଣମାନଙ୍କର ସାହାଯ୍ୟ ଓ ଉତ୍ସାହ ପାଇଲେ ଏମାନେ ହିଁ ଏହି ମହାନ କର୍ମରେ ଆତ୍ମନିୟୋଗ କରିପାରିବେ, ଏହି ସତ୍ୟ ନିଶ୍ଚିତ ଭାବରେ ଅବଧାରଣ କରି ଆପଣମାନେ ସେମାନଙ୍କୁ ସହାୟତା କରିବେ । ଆଉ ଏକ ସହଜ କଥା ହେଲା—କିଛି ବିଶେଷ ଶକ୍ତିକ୍ଷୟ କରି ନିଶ୍ଚୟ ହିଁ ସହାୟତା କରିବାକୁ ହେବ ନାହିଁ ସେମାନଙ୍କୁ । କେବଳ ଏତିକି କରିବେ ଯେ ସେମାନଙ୍କ ନିଜନିଜର ଉଦ୍ଦିଷ୍ଟ ପଥରେ ଯିବାକୁ ଚାହିଲେ ବାଧା ସୃଷ୍ଟି କରିବେ ନାହିଁ, ଯଦିଓ ତାଙ୍କର ସେହି କାର୍ଯ୍ୟ ଆପଣମାନଙ୍କର ଉଦ୍ଦେଶ୍ୟ ସଙ୍ଗେ, ମତ ସଙ୍ଗେ ନ ମିଳିପାରେ । ନବ-ଜାଗ୍ରତ ଯୁବଶକ୍ତି ଏବେ ଏକ ମହାକଲ୍ୟାଣକର ଉଦ୍ଦେଶ୍ୟରେ ଅଗ୍ରଗତି ଚାହିବେ— ଆପଣମାନେ ପୂରାତନ ଅସତ୍ ଅଥବା ବୃଥା ଓ ଅଚଳ ସଂସ୍କାରମାନଙ୍କୁ ତ୍ୟାଗକରି ସେମାନଙ୍କ ସଙ୍ଗେ ଏକତ୍ର ହୋଇଯାଆନ୍ତୁ—ନ ପାରିଲେ ଅନ୍ତତଃ ସେମାନଙ୍କ ପଥକୁ ବାଧାଶୂନ୍ୟ କରିଦିଅନ୍ତୁ । ଆଜି ପ୍ରଥମେ ମୋ'ର ଏହି ମାତ୍ର ପ୍ରାର୍ଥନା ।''

''ବର୍ତ୍ତମାନ ଆରମ୍ଭରୁ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ପ୍ରସ୍ତାବ ରୂପେ ଆପଣଙ୍କ ନିକଟରେ ଉପସ୍ଥାପନ କରୁଛି । ବୟସ ମୋ'ର ଅଳ୍ପ ହେଲେ ମଧ୍ୟ ଯଥାର୍ଥ ଅଭିଜ୍ଞତା ଦୃଷ୍ଟିରୁ ଦେଖିଛି, ବୁଝିଛି ଏବଂ ଦୃଢ଼ ବିଶ୍ୱାସ ରଖିଛି ଯେ ଦଳେ ଯେତେ ହେଁ ସୋସିଆଲିଜିମ୍ (ସାମ୍ୟବାଦ), କମିଉନିଜମ୍ (ସମାଜବାଦ) ପ୍ରଭୃତିକୁ ରୁଷିଆଠାରୁ ଅନୁକରଣ ଦ୍ୱାରା ଅସ୍ଥିର ଉପଦ୍ରବ ହିଁ ଆରମ୍ଭ କରନ୍ତୁ ନା କାହିଁକି, ଦେଶର ବିଶାଳ ହିନ୍ଦୁ ଜନସମଷ୍ଟି ଏବେ ମଧ୍ୟ ବର୍ଣ୍ଣାଶ୍ରମ ଧର୍ମ ଓ ହିନ୍ଦୁଙ୍କର ସ୍ମୃତିଶାସ୍ତ୍ର-ଅନ୍ତର୍ଗତ ସଂସ୍କାରବୈଶିଷ୍ଟ୍ୟ ତ୍ୟାଗ କରିପାରିବେ ନାହିଁ । ଏହାହିଁ ପ୍ରାଚୀନ ସନାତନ ଧର୍ମର ଜାତିଗତ ସଂସ୍କୃତି । ଏହାର ମୂଳ ଜାତୀୟ ଜୀବନରେ ଅତି ଗଭୀର ଭାବରେ ସଞ୍ଚାରିତ ହୋଇଅଛି ଏବଂ ତାହା ରହିବ ଦୀର୍ଘ କାଳ ଧରି । ତେଣୁ ଏହି ସଂସ୍କାର ମଧ୍ୟଦେଇ ସଂସ୍କୃତ କରିବାକୁ ପଡ଼ିବ ହିନ୍ଦୁ ସମାଜକୁ । ଏବେ ବିଶେଷ ଭାବରେ ଏହା ମୂଳରେ ଯେଉଁ ଗୁଣ-କର୍ମ ବିଭାଗ ରହିଛି, ସେହି ଗୁଣ-କର୍ମକୁ ନେଇ ବ୍ରାହ୍ମଣ-କ୍ଷତ୍ରିୟ, ବୈଶ୍ୟ-ଶୂଦ୍ର ଏହି ଚାରି ବର୍ଣ୍ଣକୁ ବର୍ତ୍ତମାନ ଯୁଗୋପଯୋଗୀ କରି ଆଠଗୋଟି ବର୍ଣ୍ଣର ସମାଜରେ ଭାଗ କରିବାକୁ ପଡ଼ିବ । ପୂର୍ବରୁ ଥିବା ଚାରିଗୋଟି ବର୍ଣ୍ଣ ମଧ୍ୟରୁ ତିନୋଟିର, ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଶବ୍ଦଗୁଡ଼ିକ ସହ ଏହାର ଗୁଣ

ଗୁଡ଼ିକର ପ୍ରଭାବ ଆଜିଯାଏ ଏତେ ଗଭୀର ଭାବେ ବାନ୍ଧି ହୋଇପଡ଼ିଛି ଏହି ଜାତିର ମୂଳ କ୍ଷେତ୍ରରେ—ଏହି ତିନୋଟିକୁ ଏବେ ରଖି ତାହା ସହ ଆଉ ପାଞ୍ଚଗୋଟି ବର୍ଣ୍ଣର ଯୋଗହେଉ—ତଦ୍ୱାରା ଏହି ଆଠଗୋଟି ଗୁଣ-କର୍ମ ଦ୍ୱାରା ବିଭକ୍ତ ଏକ ପୂର୍ଣ୍ଣ ସାର୍ବଜନୀନ ସଂଘବଦ୍ଧ ଉଦାର ହିନ୍ଦୁ ସମାଜ ପ୍ରତିଷ୍ଠିତ ହେବ ।

ସେହି ଆଠଗୋଟି ବର୍ଣ୍ଣ ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ବୈଦ୍ୟ, ଶିଳ୍ପୀ, ନୈତିକ, ବିଜ୍ଞାନୀ ଓ କର୍ମୀ ଏହି ଆଠଗୋଟି ବୃତ୍ତି-ଗୁଣଗତ କର୍ମଦ୍ୱାରା ବିଭକ୍ତ ହୋଇପାରିବ ଏହି ଭାରତୀୟ ହିନ୍ଦୁଜାତି । ପୁଣି ପ୍ରଥମ ଠାରୁ ହିଁ ହୁଏତ ଭାରତୀୟ ନ ହୋଇଥାଉ, ଏବେ ବଙ୍ଗୀୟ ହିନ୍ଦୁ-ସମାଜ ନାମରେ ଚାଲିଥାଉ । ମୋ'ର ଏହି ବିଶ୍ୱାସ ରହିଛି ଯେ ଆଜି ଏହି ସଂସ୍କାରର ଯଥାର୍ଥ ଉପକାରିତା ଏବଂ ବ୍ୟବହାର ବଙ୍ଗଳାରେ ପ୍ରତିଷ୍ଠିତ ହେବା ଦ୍ୱାରା ଆସନ୍ତା କାଲି ସମସ୍ତ ଭାରତବର୍ଷ ନିଜ ନିଜ ପ୍ରଦେଶର ଉପଯୋଗିତାନୁସାରେ ଏହି ସଂସ୍କୃତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ—କାରଣ ସେମାନଙ୍କୁ ମଧ୍ୟ ଏହାକୁ ନେଇ ବଞ୍ଚିବାକୁ ପଡ଼ିବ । ମୁଁ ଓ ମୋର ଗୁରୁ ଏହି ପଥଟିକୁ ଧ୍ରୁବ ପଥ ବୋଲି ସିଦ୍ଧାନ୍ତ ନେଇଛୁ । ଏହା ହିଁ ସର୍ବଶ୍ରେଷ୍ଠ ସହଜ ଓ ନିରାପଦ ସଂସ୍କାରର ପଥ । ନବ୍ୟ ହିନ୍ଦୁମାନେ ହେବେ ପୂର୍ବ ସମାଜ-ଗତ କୁସଂସ୍କାରମୁକ୍ତ, ନାନା ସମ୍ଭାବନା ଦ୍ୱାରା ଅନୁପ୍ରାଣିତ ବିଶାଳ ବିଶ୍ୱଜାତି ରୂପକ ସମୁଦ୍ର ଦିଗକୁ ଗତିଶୀଳ । ନିଃସଙ୍କୋଚ, ବୈଚିତ୍ର୍ୟପୂର୍ଣ୍ଣ, ସବଳ, ଦୃଢ଼ ସାମାଜିକ ଐକ୍ୟ ଦ୍ୱାରା ପ୍ରତିଷ୍ଠିତ, ନବୀନ ଏକ ନିର୍ଭୀକ ହିନ୍ଦୁ ସମାଜ; ତନ୍ମଧ୍ୟରେ ଥିବ ଗୁଣ ଓ କର୍ମ ଦ୍ୱାରା ବିଭକ୍ତ ସମାଜର ଅପୂର୍ବ ପରିଚୟ,—ବୃତ୍ତିଗତ ଶ୍ରେଷ୍ଠ ନିକୃଷ୍ଟ ବୋଧହୀନ ଓ ଦ୍ୱିଧାହୀନ ଅଗ୍ରଗତି । ଆମର ଏହି ନୂତନ ଗଠିତ ହିନ୍ଦୁ ସମାଜରେ କେହି ଶୂଦ୍ର ନୁହନ୍ତି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ବୈଦ୍ୟ, ଶିଳ୍ପୀ, ନୈତିକ, ବିଜ୍ଞାନୀ ଓ କର୍ମୀ ଏହି ଆଠଗୋଟି ବା ଅଷ୍ଟବୃତ୍ତି ଦ୍ୱାରା ତାହା ପୂର୍ଣ୍ଣ ଏକ ଆଦର୍ଶ ସମାଜ ପରି ହେବ ।

(୧) ବ୍ରାହ୍ମଣ ହେବେ ସେହିମାନେ, ବୃତ୍ତିଦ୍ୱାରା ଯେଉଁମାନେ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନାଦିରେ ଜୀବନ ଉତ୍ସର୍ଗ କରିବେ । ତାହାହିଁ ହେବ ସେମାନଙ୍କର ଉପଜୀବିକା, ଦଶବିଧ ସଂସ୍କାର ଦ୍ୱାରା ଦକ୍ଷ ଅଧୀତବିଦ୍ୟା ଓ ନିସ୍ୱାର୍ଥ-ନିରପେକ୍ଷ ବିଚାରପରାୟଣତା । ସମାଜର ସକଳ ଶ୍ରେଣୀର କଲ୍ୟାଣକାମୀ ସକଳ ଶ୍ରେଣୀ ପାଇଁ ପୁରୋହିତ,— ସେମାନେ ଏହି ଅଷ୍ଟବୃତ୍ତିଭୁକ୍ତ ସକଳ ସଂସାରର ହିଁ ଜାତିକର୍ମ, ଅନ୍ନପ୍ରାଶନ, ଉପନୟନ, ବିବାହ, ଶ୍ରାଦ୍ଧ ପ୍ରଭୃତି ସ୍ମୃତି-ଶାସ୍ତ୍ରାନୁମୋଦିତ ସକଳ ସଂସ୍କାର କର୍ମ ସମ୍ପାଦନ କରନ୍ତୁ । ଏହା ବ୍ରାହ୍ମଣଙ୍କ ବଂଶଗତ ନୁହେଁ, ବୃତ୍ତିଗତ ହେବ ।

(୨) କ୍ଷତ୍ରିୟ ସେହିମାନେ ରହିବେ, ଯେଉଁମାନେ ବାହୁବଳରେ ନିଜ ଦେଶକୁ ଓ ସମାଜକୁ ରକ୍ଷା କରିବା ଲାଗି ରଣନୀତି ଓ ଯୁଦ୍ଧବ୍ୟବସାୟୀ ହେବେ । ପୌର ଶାନ୍ତି-ଶୃଙ୍ଖଳା ରକ୍ଷା କାର୍ଯ୍ୟରେ ଏହି ସୈନ୍ୟ ବିଭାଗ ଅର୍ଥାତ୍ ବହିଃଶତ୍ରୁଠାରୁ ଆରମ୍ଭକରି ଦେଶରକ୍ଷା କାର୍ଯ୍ୟରେ ଆତ୍ମନିୟୋଗ କରିବେ । ସେମାନେ ଜାତି ଓ ସମାଜକୁ ରକ୍ଷା କରିବେ । ଦେଶର

ବାଳକଗଣଙ୍କୁ ଭବିଷ୍ୟତ ଦେଶରକ୍ଷକ ଭାବରେ ପ୍ରସ୍ତୁତ କରିବେ । ସେମାନେ ହିଁ ଉତ୍କୃଷ୍ଟ ପଦ୍ଧତିରେ ଶିକ୍ଷିତ କରିବେ ଉପଯୁକ୍ତ ପୁଅ ଓ ଝିଅ ମାନଙ୍କୁ ।

(୩) ବୈଶ୍ୟ—ବଣିକ-ବ୍ୟବସାୟୀ; ସମାଜରୁ ଉତ୍ପନ୍ନ ଧନ-ଧାନ୍ୟ, ବସ୍ତ୍ରାଦି, ଯାବତୀୟ ଖାଦ୍ୟଶସ୍ୟାଦି ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ, ନାନା ସ୍ଥାନକୁ ପ୍ରେରଣ, ପ୍ରୟୋଜନାନୁସାରେ ମନ୍ତ୍ରଣା ସଭାର ନିର୍ଦ୍ଦେଶ ଦ୍ୱାରା ଉତ୍ପନ୍ନ ଦ୍ରବ୍ୟ ନିୟନ୍ତ୍ରଣ କରି ଦେଶ କଲ୍ୟାଣରେ ଆତ୍ମନିୟୋଗ କରିବେ ।

(୪) ବୈଦ୍ୟ—ଚିକିତ୍ସା-ବ୍ୟବସାୟୀ, ରାସାୟନିକ, ନାନା ରୋଗ ତଥା ଔଷଧ ନିର୍ବାଚନ, ଦେଶର ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ଗବେଷଣା ଆଦି କରିବେ ।

(୫) ନୈତିକ—ସମାଜର ନୈତିକ ବ୍ୟବସ୍ଥା, ଅପରାଧର ବିଚାର, ଆଇନ ପ୍ରଭୃତି ସମ୍ପର୍କୀତ ଦେଶର ନୈତିକ ଜୀବନକୁ ସବଳ କରି ତୋଳିବେ ।

(୬) ବିଜ୍ଞାନୀ—ପଦାର୍ଥ ବିଜ୍ଞାନ, ଜ୍ୟୋତିଷଶାସ୍ତ୍ର, ନାନା ବୈଜ୍ଞାନିକ ତତ୍ତ୍ୱାନୁସନ୍ଧାନ, ଶିକ୍ଷାଦାନ କରିବେ ଏବଂ ଉପଦେଷ୍ଟା ବିଭାଗରେ ଉପଯୁକ୍ତ ଶିକ୍ଷକ ପ୍ରସ୍ତୁତ କରି ଦେଶ ମଧ୍ୟରେ ବିଜ୍ଞାନର ଉନ୍ନତି-ଦାୟିତ୍ୱ ଗ୍ରହଣ କରିବେ ।

(୭) ଶିଳ୍ପୀ—କଳାବିତ୍, ସାହିତ୍ୟ, ସଙ୍ଗୀତ, କାବ୍ୟ ଏବଂ ଯେତେ ପ୍ରକାରର କର୍ମ ଶିଳ୍ପ-ଅଧିକାରଭୁକ୍ତ, ସେହି ସବୁରେ ନିବିଷ୍ଟ ରହିବେ ।

(୮) କର୍ମୀ—ଉକ୍ତ ସପ୍ତବର୍ଣ୍ଣର ବୃତ୍ତି ଅତିରିକ୍ତ ଯାହା କିଛି କର୍ମଜୀବୀ— ଅର୍ଥ ଉପାର୍ଜ୍ଜନର ସତ୍‌ବୃତ୍ତିର ଯାହା କିଛି ଅବଶିଷ୍ଟ ରହେ, ତାକୁ ଅବଲମ୍ବନ କରି ସମାଜର ପୁଷ୍ଟିସାଧନ ହିଁ ଏହି କର୍ମୀମାନଙ୍କର ଅଧିକାର । ଅର୍ଥାତ୍ ସକଳ ବିଭାଗରେ ହିସାବରକ୍ଷକ ପ୍ରଭୃତି ଯେତେ ପ୍ରକାରର ପ୍ରୟୋଜନୀୟ କର୍ମ, ସେଥିରେ ହିଁ ନିଯୁକ୍ତ ହେବେ ।

ଏହି ଆଠଗୋଟି ବୃତ୍ତିରେ ଅର୍ଥାତ୍ ଅବଲମ୍ବନ ଅଥବା ଜୀବିକା ଉପାର୍ଜ୍ଜନର ବୃତ୍ତିରେ, ଅନ୍ୟ କଥାରେ ବର୍ଣ୍ଣ ଦ୍ୱାରା ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଥାଉ । ଏହାପରେ ପ୍ରଧାନ କଥା ହେଲା ଯେ ବର୍ଣ୍ଣ ବା ବୃତ୍ତି ବଂଶଗତ ନୁହେଁ, ହେବ ବ୍ୟକ୍ତିଗତ । କୌଣସି ବୃତ୍ତି ଛୋଟ ନୁହେଁ, ତୁଳନାରେ ଶ୍ରେଷ୍ଠ ବା ନିକୃଷ୍ଟର ସ୍ଥାନ ନାହିଁ । ଗୋଟିକର ଅଭାବରେ ଅପରାପର ବୃତ୍ତି ଅଚଳ, କଥାମାଳାରେ ଥିବା ଉଦର ଓ ଅବୟବ ଗଳ୍ପର ଦୃଷ୍ଟାନ୍ତ ଯଥେଷ୍ଟ । ଦେଶ ପରିଚାଳନାର ଏହି ଅଷ୍ଟବିଭାଗରେ ଆଠଟି ମନ୍ତ୍ରୀଙ୍କର କର୍ତ୍ତୃତ୍ୱ ରହିବ । ଦେଶର ପ୍ରତ୍ୟେକ ହିଁ ବିଦ୍ୟାକ୍ଷେତ୍ରରେ ନିଜନିଜ ବିଭାଗର ଅଗ୍ରଗତି ଅର୍ଜନ କରିବେ । ସକଳ ବର୍ଣ୍ଣ ମଧ୍ୟରେ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ହେବା ଉଚିତ୍ । ତାହା ସମ୍ପୂର୍ଣ୍ଣ ହେବା ପରେ ଯାଇ ବୃତ୍ତିଗତ ଶିକ୍ଷାରମ୍ଭ କରିବାକୁ ହେବ ।

କୌଣସି ବର୍ଣ୍ଣ ବା ବୃତ୍ତି ବଂଶଗତ ନୁହେଁ । ପ୍ରାକୃତିକ ନିୟମ ମଧ୍ୟ ତାହା ନୁହେଁ । ହୋଇପାରେନା । ଏକ ପ୍ରାକୃତ ଦୃଷ୍ଟାନ୍ତ ଦେଲେ ପରିଷ୍କାର ବୁଝିହେବ—ଯେପରି କୌଣସି

ଜଣେ ବ୍ରାହ୍ମଣ ଜାତକର ଅବସ୍ଥା, ସ୍ୱଭାବ, ପ୍ରବୃତ୍ତି ଭାଗ୍ୟର ଓ କର୍ମକ୍ଷେତ୍ରର ବା ଭୋଗର ଯେଉଁ ସକଳ ଯୋଗାଯୋଗ ରହିଛି, ସେହି ବ୍ୟକ୍ତିର ପୁତ୍ରଠାରେ କ'ଣ ସେହି ସବୁ ପ୍ରବୃତ୍ତି ଓ ବୈଚିତ୍ର୍ୟପୂର୍ଣ୍ଣ ଯୋଗାଯୋଗ ଘଟିବ ? ଏହା ଯେପରି ସମ୍ଭବ ନୁହେଁ ବା ହୋଇ ନଥାଏ, ସେହିପରି ବ୍ରାହ୍ମଣର ପୁତ୍ର ବ୍ରାହ୍ମଣ ବା କ୍ଷତ୍ରିୟର ପୁତ୍ର କ୍ଷତ୍ରିୟ, ବୈଶ୍ୟର ପୁତ୍ର ବୈଶ୍ୟ ହେବ, ଏପରି କୌଣସି କଥା ନାହିଁ । ପ୍ରକୃତିର ନିୟମ ମଧ ତାହା ନୁହେଁ । ବୃତ୍ତି ଗୋଟିଏ ସମୟରେ ବଂଶଗତ ଥିଲା– ବ୍ରାହ୍ମଣର ପୁତ୍ର ବ୍ରାହ୍ମଣ, କ୍ଷତ୍ରିୟର ପୁତ୍ର କ୍ଷତ୍ରିୟ ବୋଲି ସମାଜରେ ଗଣ୍ୟ ହେଉଥିଲା । ସମାଜ ଗଠନ ସେତେବେଳେ ଅନ୍ୟରକମ ଥିଲା, ପ୍ରତ୍ୟେକ ବର୍ଣ୍ଣର ନିଜ ନିଜ ବୃତ୍ତିର ଉପରେ ପ୍ରବଳ ନିଷ୍ଠା ଥିଲା, ସେଥିଲାଗି ସମାଜ ଶକ୍ତିଶାଳୀ ଥିଲା । ସେ କାଳର ଅବସ୍ଥା ବର୍ତ୍ତମାନ ନାହିଁ–ବ୍ରାହ୍ମଣର ଉପଜୀବିକାରେ ଏ କାଳରେ କୌଣସି ବ୍ରାହ୍ମଣ ସନ୍ତାନ ପୈତୃକ ବୃତ୍ତିଗତ କର୍ମରେ ନିଷ୍ଠାଶୀଳ ନୁହେଁ । ସମାଜ ଶକ୍ତିର ଉତ୍ସ–ନିଜ ଉପରେ ଆସ୍ଥା, ପୁଣି ନିଜ ବୃତ୍ତି ଉପରେ ତାହାର ଆସ୍ଥା । କାର୍ଯ୍ୟତଃ ସହଜଭାବେ ବୁଝିଲେ ଧରାଯାଏ ଯେ ବୃତ୍ତି ଆଉ ଧର୍ମ ବ୍ୟକ୍ତିଗତ, ଏହାହିଁ ପ୍ରାକୃତିକ ନିୟମ । ଅଭିଜ୍ଞତାରୁ ଏହା ମଧ ଦେଖାଯାଇଛି ଯେ ଗୋଟିଏ କୌଣସି ବୃତ୍ତି-ବିଶେଷ ଉପରେ ନିଷ୍ଠା ବଂଶଗତ ବା ଚିରନ୍ତନ ହୋଇପାରେ ନାହିଁ । ସୃଷ୍ଟିଧରଙ୍କର ସୃଷ୍ଟିକୁ ଏହିପରି ଏକ ଘରିଆ କରି ରଖିବାର ଉଦ୍ଦେଶ୍ୟ ନୁହେଁ । ବିଶ୍ୱସ୍ରଷ୍ଟାଙ୍କ ଉଦ୍ଦେଶ୍ୟ, ଜଣକ ସହ ଅନ୍ୟ ଜଣକର ପ୍ରାଣର ସମ୍ପର୍କ । ତାହା ଯଦି ନ ହେଉଥାନ୍ତା, ତା'ହେଲେ କେବଳ ଏବେ ନୁହେଁ, ପ୍ରାଚୀନ କାଳରୁ ବ୍ରାହ୍ମଣ ପୁତ୍ର ଅନ୍ୟ ବୃତ୍ତି ଅବଲମ୍ବନ କରିବ କାହିଁକି ? ବ୍ରାହ୍ମଣର ଯଦି ପାଞ୍ଚଟି ପିଲା ଥାଆନ୍ତି, ଦେଖାଯାଏ ଯେ ଏହି ପାଞ୍ଚଟି କେବେ ହେଁ ଗୋଟିଏ ବୃତ୍ତିର ଅବଲମ୍ବୀ ନୁହନ୍ତି । ନ ହେବାଟା ହିଁ ସ୍ୱାଭାବିକ, ଏକଥାଟି ଯେପରି ମନେରହେ । ବ୍ରାହ୍ମଣର ପୁଅ କ୍ଷତ୍ରିୟ ବୃତ୍ତି, ବୈଶ୍ୟ ବୃତ୍ତି, ବୈଦ୍ୟର ବୃତ୍ତି ନେଇଛି, ଏପରିକି ମଜୁରୀ-ବୃତ୍ତି ନେବାକୁ ବାଧ ହୋଇଛି–କୌଣସି ବିଶେଷ ବୃତ୍ତିସୁଲଭ ବିଦ୍ୟା ବା ଗୁଣର ଅଭାବରୁ । ଆମର ଏଠାକାର ସମାଜକୁ ଦେଖିଲେ ଏହା ସହଜରେ ଦେଖାଯାଉଛି । ତା'ହେଲେ ବର୍ଣ୍ଣ ବା ବୃତ୍ତିକୁ ହିଁ ବ୍ୟକ୍ତିଗତ ସ୍ୱାଧୀନ ଅସ୍ତିତ୍ୱର ମୂଳ କଥା ବୋଲି ଧରି ସମାଜ ଗଢ଼ିପାରିଲେ ତାହାହିଁ ପ୍ରକୃତ ନିୟମ ମଧରେ ସୃଷ୍ଟିର ପରିପୋଷକ ହୋଇପାରିବ ।

ଏହାଦ୍ୱାରା ବଂଶର ମହିମା ହ୍ରାସ ପାଏ ନାହିଁ । ସବୁ ବଡ଼ ବଡ଼ ବଂଶର ବଂଶଧରମାନେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ବୃତ୍ତିଧାରୀ ବୋଲି ଦେଖାଯାଇଥାଏ । ତଦ୍ୱାରା ବଂଶଗାରିମା ଉଜ୍ଜ୍ୱଳ ହୋଇଥାଏ । ଗୋଟିଏ ସଂସାରରେ ଏକଅନ୍ନରେ ସଂସାର ବାନ୍ଧିବାଟା ଭିନ୍ନ କଥା, ତା' ସଙ୍ଗେ ବୃତ୍ତିର ବା ବର୍ଣ୍ଣର କିଛି କଥା ନାହିଁ । ସମାଜ ବାନ୍ଧିବାର ମୂଳକଥା ସମାଜର ପ୍ରତ୍ୟେକ ପରିବାର ନିଜ ନିଜ ସଂସ୍କୃତି ଓ ସମାଜଉପଯୋଗୀ ଗୁଣଗତ ବୈଶିଷ୍ଟ୍ୟ ବିଷୟରେ ସଚେତନ ରହିବା । ଏକତ୍ୱ ଅନୁଭୂତି ହିଁ ସମାଜର ସର୍ବଶ୍ରେଷ୍ଠ

ଶକ୍ତି— ତା' ସଙ୍ଗେ ବର୍ଣ୍ଣ ବା ବୃତ୍ତିଗତ କୌଣସି ଦ୍ୱନ୍ଦ୍ୱ ନାହିଁ । ସାରା ଜଗତର ସ୍ୱାଧୀନ ସମାଜକୁ ଦେଖିଲେ ଏହା ସତ୍ୟ ବୋଲି ଅନୁଭୂତ ହେବ ।

ମୋତେ ଏତେ କଥା କହିବାକୁ ଦରକାର ହୁଅନ୍ତା ନାହିଁ, ଯଦି ବୃତ୍ତି ତ୍ୟାଗକରି ମଧ୍ୟ ବ୍ରାହ୍ମଣ ବା କ୍ଷତ୍ରିୟମାନେ ନିଜ ବଂଶଗତ ଶ୍ରେଷ୍ଠତାର ଦାବୀ ଓ ଅନ୍ୟ ବୃତ୍ତିକୁ ଇତର ନାମିତ କରି ଧର୍ମ ନାମରେ ଏକ ବିଷମ ଶ୍ରେଷ୍ଠତ୍ୟର ଜଟା ବାନ୍ଧି ନ ଥାନ୍ତେ । ଏହି ବ୍ୟବହାରିକ ଧର୍ମର ଜଟା ଖୋଲିଦେବାକୁ ପଡ଼ିବ, ଆଉ ତା'ର ଏକମାତ୍ର ସତ୍ୟ ଉପାୟ ହେଲା ଅଧ୍ୟାତ୍ମଧର୍ମ ବ୍ୟକ୍ତିଗତ— ଏହି ନିୟମକୁ ସ୍ୱୀକାର କରିବା ଦ୍ୱାରା । ସେଥିରେ ସମସ୍ତଙ୍କର ଅଧିକାର ଅଛି । ଧର୍ମରେ ଆମେ ହିନ୍ଦୁ— ଏହି ପର୍ଯ୍ୟନ୍ତ ଜାତିକୁ ନେଇ କଥା । ତା'ପରେ ଆସିବ ବୃତ୍ତିର କଥା । କୌଣସି ବୃତ୍ତିକୁ ନିକୃଷ୍ଟ କୁହାଯାଇ ପାରିବ ନାହିଁ । କାରଣ ସକଳ ବୃତ୍ତି ହିଁ ମାନବ ସମାଜର ପୁଷ୍ଟି ଲାଗି । ହିନ୍ଦୁ ଜାତି ଯଦି ଶ୍ରେଷ୍ଠ ହୁଏ, ତା'ହେଲେ ଏଇଥିପାଇଁ ହେବ ଯେ, ସେମାନେ ସମସ୍ତଙ୍କ ମଧ୍ୟରେ ଗୋଟିଏ ଆତ୍ମା ଦେଖିବାକୁ ପାଇବେ, ଯାହା ଏକ ଅଖଣ୍ଡ ସଚ୍ଚିଦାନନ୍ଦ ପରମାତ୍ମାର ହିଁ ଅଂଶବିଶେଷ । ତା'ପରେ ନିଜନିଜ ବୃତ୍ତିରେ ନିଷ୍ଠା, ଯାହା ଫଳରେ ସବୁ ଦିଗରୁ ଉନ୍ନତମୁଖୀ ହୋଇପାରିବ ଏକ ସମାଜ । ବ୍ୟବହାରିକ- ଭାବରେ ପ୍ରବୃତ୍ତି ମଧ୍ୟ ଧର୍ମ ନାମରେ ଅଭିହିତ ହୋଇଥାଏ; କିନ୍ତୁ ଅସଲରେ ଅଧ୍ୟାତ୍ମ ପ୍ରେରଣା ହିଁ ହିନ୍ଦୁ ଜାତିର ଧର୍ମ ଏବଂ ତାହାର ଯଥାର୍ଥ ସଂଜ୍ଞା । ତାହାକୁ କେବେହେଲେ ସମ୍ପ୍ରଦାୟଗତ କରାଯାଇ ପାରେନା । କାରଣ ଅଧିକାରର ତାରତମ୍ୟ ଚିରଦିନ ଲାଗି ରହିବ । ସୁତରାଂ ଆଚାର ଓ ଧର୍ମକୁ ବ୍ୟକ୍ତିଗତ ସିଦ୍ଧାନ୍ତ ଧରି ନେଇ ଦୃଢ଼ ଭିତ୍ତି ଦ୍ୱାରା ସମାଜ-ଶୃଙ୍ଖଳା ସ୍ଥାପନ କରିବାକୁ ହେବ । ଅଧ୍ୟାତ୍ମ ଧର୍ମ, ଯାହାର ନାମ ଆତ୍ମଚୈତନ୍ୟର ବିକାଶ, ତାହା ଜୀବର ଉନ୍ନତ ଅବସ୍ଥାରେ ସମ୍ପନ୍ନ ହୋଇଥାଏ । ତାହା କେବେହେଲେ ଦଳ ବାନ୍ଧି କରାହୁଏ ନାହିଁ; କାରଣ ସେପରି ହେବାର ସମ୍ଭାବନା ନାହିଁ ।

ବର୍ତ୍ତମାନ ଏହି ଯେଉଁ ଆଠଗୋଟି ବର୍ଣ୍ଣ ବା ବୃତ୍ତି ମୂଳକ ସଂଜ୍ଞାକୁ ନେଇ ସମ୍ପୂର୍ଣ୍ଣ ଭାବରେ ହିନ୍ଦୁ ଜାତିକୁ ପୁନର୍ଗଠନ କରାଯାଉଛି, ପରେ ଯଦି ସେଥିରେ ଦେଖାଯାଏ ଯେ ସମାଜ ମଧ୍ୟରେ କୌଣସି ନୂତନ କର୍ମବୃତ୍ତିର ଆବିର୍ଭାବ ଘଟିଛି, ଯଦ୍ୱାରା କୌଣସି ତାରତମ୍ୟ ସୃଷ୍ଟି ହୋଇଛି, ତେବେ ସେତେବେଳେ ସମାଜର ପ୍ରଧାନମାନେ ଏକତ୍ର ହୋଇ ଏହାର ବୃତ୍ତି ନିର୍ଦ୍ଦେଶକ ଭାବେ ଉପଯୁକ୍ତ ନାମକରଣ କରି ତାକୁ ସମାଜର ଅଙ୍ଗଭୁକ୍ତ କରିଦେବେ । ଅର୍ଥାତ୍ ହିନ୍ଦୁ ସମାଜ ପ୍ରାଥମିକ ଅବସ୍ଥାରେ, ଯେଉଁ ଚାରିଟି ବର୍ଣ୍ଣ ନେଇ ଆରମ୍ଭ ହୋଇଥିଲା, ଦେଶକାଳ ପ୍ରଭାବରେ ସେହି ଚାରିଟିରୁ ଅନେକଗୁଡ଼ିଏ ବର୍ଣ୍ଣର ସୃଷ୍ଟି । ତଦ୍ୱାରା ସମାଜର ବାହୁ ବହୁଦୂର ପ୍ରସାରିତ ହୋଇଛି ଏବଂ ସେହି ସୂତ୍ରରେ ହିଁ ଆମେ ବର୍ତ୍ତମାନ ଅଷ୍ଟବର୍ଣ୍ଣରେ ସମ୍ପୂର୍ଣ୍ଣ ହିନ୍ଦୁ ସମାଜକୁ ନେଇ ନୂତନ ଯାତ୍ରା ଆରମ୍ଭ କରିଛୁ ।

ଭବିଷ୍ୟତରେ ସେହି ପ୍ରକାର ନବତମ ବୃତ୍ତିର ପରିଚୟ ପାଇଲେ ତାକୁ ଯତ୍ନ ସହକାରେ ସମାଜଭୁକ୍ତ କରି ସମାଜ-ଶକ୍ତିକୁ ବୃଦ୍ଧି କରିବାକୁ ପଡ଼ିବ । ମୋ'ର ମନେହୁଏ, ବର୍ତ୍ତମାନ ଆମର ଏହି ଆଠଟି ମଧ୍ୟରେ ସମାଜସ୍ଥ ସକଳ ବୃତ୍ତିର ସ୍ଥାନ ସଙ୍କୁଳନ ହେବ ।

ଧର୍ମ ସମ୍ବନ୍ଧରେ ମଧ୍ୟ ପୂର୍ବେ ପ୍ରସଙ୍ଗକ୍ରମେ କୁହାଯାଇଛି । ଏବେ ମଧ୍ୟ ତାହା ସ୍ପଷ୍ଟ ଭାବରେ କହିଦେବାକୁ ଚାହେ ଯେ ପୃଥିବୀରେ ଧର୍ମ-ସମ୍ପ୍ରଦାୟଗତ ଜାତି ଅଛି, ପୁନଃଶ୍ଚ ଦେଶର ନାମରେ ଜାତି ମଧ୍ୟ ଅଛି । ଦେଶ ଓ ସମାଜ ନେଇ ଯେଉଁ ଜାତିର ନିର୍ଦ୍ଦେଶ ଅଛି, ତାହା ହିଁ ସମୀଚୀନ ମନେହୁଏ,—ଧର୍ମ ସମ୍ପ୍ରଦାୟଗତ ଯେଉଁ ଜାତିର ନିର୍ଦ୍ଦେଶ ଅଛି, ତା' ମଧ୍ୟରେ ହିଂସା, ହତ୍ୟା ଓ ଷଡ଼ଯନ୍ତ୍ର ପ୍ରଧାନ ବୋଲି ହିଁ ସେମାନେ ଏଥିଲାଗି ଜଗତ-ପ୍ରସିଦ୍ଧ—ଏ କଥା ଆପଣମାନେ ଜାଣନ୍ତି । କାରଣ ତା' ମଧ୍ୟରେ ଯେଉଁ ଧର୍ମ, ତାହା ଜୀବନର ଉପଲବ୍ଧ ବା ପ୍ରମାଣିତ ସତ୍ୟ ନୁହେଁ, ସମ୍ପ୍ରଦାୟଗତ ବ୍ୟବହାରିକ ପ୍ରବୃତ୍ତିମୂଳକ ଆଚାର ମାତ୍ର । ଭାରତର ମଧ୍ୟରେ ହିଁ ଧର୍ମକୁ ନେଇ ହୁଏତ ହିଂସା ପ୍ରତିହିଂସାମୂଳକ କର୍ମ ଘଟିସାରିଛି— ସାଧାରଣତଃ ଏହିସବୁ ସମାଜର ଧର୍ମବସ୍ତୁ ସହ ଯଥାର୍ଥ ପରିଚୟ ଘଟି ନାହିଁ ବୋଲି ହିଁ ଏହିସବୁ ଅଘଟଣ ସମ୍ଭବ ହୋଇଛି । ଧର୍ମ ସହ ଯଥାର୍ଥ ପରିଚୟ କୌଣସି ସମାଜର ସର୍ବସ୍ତର ମଧ୍ୟରେ ଅନୁଭୂତ ସତ୍ୟ ରୂପେ ପ୍ରତିଷ୍ଠିତ ହୋଇପାରେ ନାହିଁ; ଏହି ସତ୍ୟ ବର୍ତ୍ତମାନ ସମଗ୍ର ଜଗତରେ, ସକଳ ସଭ୍ୟ ସମାଜରେ, ସହଜ ଭାବରେ ପ୍ରମାଣିତ । ସେଥିଯୋଗୁ ଏବେ ଆଉ କୌଣସି ସଭ୍ୟ ଜାତିକୁ ଧର୍ମ ସମ୍ପ୍ରଦାୟ ଭିତ୍ତିରେ ସଭ୍ୟଜାତି ହିସାବରେ ଗଣ୍ୟ କରାଯାଇ ପାରେ ନାହିଁ । କୌଣସି ବର୍ବର ଯୁଗର ଇତିହାସ ଯେପରି ବର୍ତ୍ତମାନ ଏହି ବିଂଶ ଶତାବ୍ଦିର ମଧ୍ୟଭାଗରେ ଅଚଳ, ଯେହେତୁ ଏ ଯୁଗରେ ଲୋକାଚାରକୁ ଆଉ ଧର୍ମ ସଂଜ୍ଞାରେ ଅଭିହିତ କରାଯାଇ ପାରିବ ନାହିଁ— ସଭ୍ୟତାର ଆଲୋକରେ ଧର୍ମର ସଂଜ୍ଞା ଓ ବିଶ୍ଳେଷଣ ଅନେକ ଉଜ୍ଜ୍ୱଳ ଓ ଅନେକ ଉନ୍ନତ ହୋଇଛି । ଯଥାର୍ଥ ଧର୍ମ ଯେଉଁ ବସ୍ତୁ ତା'ର ସ୍ଥାନ ବ୍ୟବହାରିକ ଭାବେ ନିର୍ଦ୍ଦେଶ କରାଯାଇ ପାରିବ ନାହିଁ । ସେଥିଲାଗି ତାକୁ ବ୍ୟକ୍ତିଗତ ଉପଲବ୍ଧିର ବିଷୟୀଭୂତ ବୋଲି ସିଦ୍ଧାନ୍ତ କରିନେବା ଠିକ୍ ହେବ । ତା'ହେଲେ ହିଁ ଧର୍ମକୁ ନେଇ ଦ୍ୱନ୍ଦ୍ୱର ଅବସାନ ହେବ । ଧର୍ମତତ୍ତ୍ୱଜ୍ଞ ବ୍ୟକ୍ତି କେବେହେଲେ ସଂଘର୍ଷ ମଧ୍ୟରେ ଯାଇପାରେ ନାହିଁ, ସେହିପରି ଆମେମାନେ ମଧ୍ୟ ସାମାଜିକ ଭାବରେ ଜାତିରେ ହିନ୍ଦୁ ରହିବୁ, ଧର୍ମକୁ ସମ୍ପ୍ରଦାୟବଦ୍ଧ କରି ଭଣ୍ଡ ମନୋଭାବର ପରିଚୟ ଦେବୁନାହିଁ— ଜଗତସାରା ପ୍ରତିବେଶୀମାନଙ୍କ ନିକଟରେ । ସମାଜରେ ମଧ୍ୟ ସଦର ଓ ଅନ୍ଦର ରହିଛି, ଧର୍ମ ଅତ୍ୟନ୍ତ କୋମଳ ପ୍ରେମମୟ ସତ୍ତା । ତା'ର ସ୍ଥାନ ସଦରରେ ନୁହେଁ, ସମାଜ-ଭିତରେ ଅତି ନିଭୃତ ପ୍ରଦେଶରେ ତାହାର ସ୍ଥାନ; ଏଣୁ ସେଥିଲାଗି ଅତି ପ୍ରିୟଜନ ବା ଆତ୍ମୀୟଙ୍କ ବ୍ୟତୀତ ପ୍ରତିବେଶୀମାନଙ୍କର ସେଠାରେ ପ୍ରବେଶର ଅଧିକାର ନଥାଏ । ପ୍ରୀତିବଦ୍ଧ ନ ହେଲେ କେହି ତା'ର ନିର୍ଦ୍ଦେଶ ପାଏ ନାହିଁ ।

କାରଣ ଧର୍ମର ମୂଳ ହେଲା ପ୍ରେମ– କେହିକେହି ବା ଜ୍ଞାନକୁ ହିଁ ମୂଳ ମନେ କରିଥାନ୍ତି । ବସ୍ତୁତଃ ଜ୍ଞାନ ହେଉ ବା ପ୍ରେମ ହିଁ ହେଉ, ଏ ଦୁଇଟିର ଅଧିକାରୀଙ୍କ ଦ୍ୱାରା କେବେ ବି ସମାଜ ପ୍ରତି ଅକଲ୍ୟାଣର ସମ୍ଭାବନା ନାହିଁ । ଈର୍ଷା, ହିଂସା, ଦମ୍ଭ ପ୍ରଭୃତିର ସ୍ଥାନ ନଥାଏ ଧର୍ମ ଭିତରେ । କାର୍ଯ୍ୟତଃ ଧର୍ମର ଦ୍ୱାହି ଦେଇ, ଦମ୍ଭ କରି ଧର୍ମାଶ୍ରିତ ବୋଲି ଜାତିର ପରିଚୟ ଦେବାର ମୂଢ଼ତା ଯେପରି ଦେଶର ଜଣେ ହେଲେ ନାଗରିକର ନ ଆସିପାରେ । ଅନ୍ତତଃ ଧର୍ମ ସଙ୍ଗେ ହିନ୍ଦୁ ଜାତିର ଅସ୍ତିତ୍ୱର କଥା ଆଲୋଚନା ବା ଜାଗତିକ ପ୍ରତିବେଶୀବର୍ଗଙ୍କ ସମ୍ମୁଖରେ ସଗର୍ବରେ ଘୋଷଣା ଦଣ୍ଡନୀୟ ଅପରାଧ ବୋଲି ଗଣାଯିବା ଉଚିତ୍ ହେବ । ଆମେ ଭାରତବାସୀ, ହିନ୍ଦୁ ସମାଜ–ଏହି ଟିକକ ଆମର ସ୍ୱାଧୀନ ରାଜନୈତିକ ଓ ଅର୍ଥନୈତିକ ପରିଚୟ । ଯଥାର୍ଥ ହିଁ ଧର୍ମ ରହିବ ଆମର ହୃଦୟ କନ୍ଦରରେ, ନିଭୃତ ଆଲୋଚନା-ଅଭ୍ୟାସ ଓ ସାଧନାର ସମ୍ପତ୍ତି ହୋଇ । ରାଜନୀତି ବା ସମ୍ପ୍ରଦାୟଗତ ଭାବରେ ତା' ଶ୍ରେଷ୍ଠତ୍ୱ ନେଇ ଦାମ୍ଭିକତାର ପରିଚୟ ରହିବ ନାହିଁ ।''

■■

ପଞ୍ଚବିଂଶ ପରିଚ୍ଛେଦ

ଚଣ୍ଡାଳ କନ୍ୟାଙ୍କ କଥା ଶୁଣି ସମାଜର ଶ୍ରେଷ୍ଠ ବ୍ୟକ୍ତିବର୍ଗ ବିସ୍ମୟରେ ସ୍ତମ୍ଭିଭୂତ ହେଲେ— ମନରେ ଅଶେଷ ବିସ୍ମୟଭାବ ଥିଲା । କେତେ ସମୟ ପର୍ଯ୍ୟନ୍ତ ସଭା ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଗଲା, ଯେପରି ସମସ୍ତେ ଗମ୍ଭୀର ଚିନ୍ତାମଗ୍ନ । ବକ୍ତା ମଧ୍ୟ ଯେଉଁପରି ଠିଆ ହୋଇଥିଲେ, ସେହିପରି ଠିଆହୋଇ ରହି ଯେପରି ସମବେତ ଜନସମଷ୍ଟିର ମନୋଭାବ ଲକ୍ଷ୍ୟ କରୁଥିଲେ । ସମ୍ମୁଖରେ ଯେଉଁମାନେ ଥିଲେ, ସେମାନେ ତାଙ୍କୁ ନିରୀକ୍ଷଣ କରୁଥିଲେ—ମୁଁ ପଛଆଡୁ କେବଳ ତାଙ୍କର ସ୍ଥିର, ଦୃଢ଼, ରଜୁ ଶରୀର-ରେଖାକୁ ଦେଖୁଥିଲି । ଏକ ଦୀର୍ଘଶ୍ୱାସ ତ୍ୟାଗ କରି ଏଥର ସେ ପୁଣି କହିବାକୁ ଆରମ୍ଭ କଲେ :

''ଆଜି ଆଉ ବେଶୀ ସମୟ ଆପଣମାନଙ୍କୁ ଅଟକାଇ ରଖିବି ନାହିଁ; ଅବଶିଷ୍ଟ ଯେଉଁ କେତୋଟି ବିଷୟ ଅଛି, ସେସବୁ ସଂକ୍ଷେପରେ କହିବା ପୂର୍ବରୁ ଗୋଟିଏ ଗୁରୁତର ବିଷୟ ଆପଣମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହେ । ଏହି ଜୀର୍ଣ୍ଣ ଅସୁସ୍ଥ, ଗତିହୀନ ସମାଜକୁ ନବଶକ୍ତିରେ ଉଦ୍‌ବୁଦ୍ଧ କରି ପ୍ରାଣପ୍ରାଚୁର୍ଯ୍ୟ ଦେବାକୁ ହେଲେ, ଯାହା ପ୍ରଧାନ ଅବଲମ୍ବନୀୟ, ତାହା ପୂର୍ବରୁ କହିଛି । ସେହି ସକଳ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ହେଲେ ଯେଉଁ ପ୍ରକାର ଅନୁଷ୍ଠାନ ପ୍ରୟୋଜନ, ଆପଣମାନେ ସମବେତ ଭାବେ ଆଲୋଚନା ଦ୍ୱାରା ତାହା ସ୍ଥିର କରିନେବେ; ଯେହେତୁ ସବୁ ବିଷୟରେ, ଖୁଣ୍ଟିନାଣ୍ଟି-ନିୟମ ବା ନୀତି, ଯାହା ଦେଶର ବର୍ତ୍ତମାନ ସମାଜରେ ବିଭିନ୍ନ ବିଷୟରେ ବିଭିନ୍ନ ବିଭାଗରେ ପ୍ରଯୁକ୍ତ ହେବ, ତା'ର ନିର୍ଦ୍ଧାରଣ ଓ ନିର୍ଦ୍ଦେଶ କେବଳ ମୋ' ଦ୍ୱାରା କେବେହେଁ ସମ୍ଭବ ନୁହେଁ । ସୁତରାଂ ସେସବୁ ଦାୟିତ୍ୱ ଆପଣମାନଙ୍କର ସଦ୍‌ଭାବ ଓ ସୁବୁଦ୍ଧି ଉପରେ ଛାଡ଼ିଦେଇ ବର୍ତ୍ତମାନ ଆଶୁ କର୍ତ୍ତବ୍ୟ ସମ୍ବନ୍ଧରେ, ଅର୍ଥାତ୍ ମୋ' ମତରେ ବର୍ତ୍ତମାନ ଯେଉଁ ସବୁର ନିତାନ୍ତ ପ୍ରୟୋଜନ, ସେହିସବୁ କଥା କହୁଛି । ଆପଣମାନେ ଅବହିତ ହୁଅନ୍ତୁ ।

ସାମାଜିକ ବ୍ୟବହାର ଦ୍ୱାରା ପ୍ରତିବେଶୀ ପ୍ରତି କର୍ତ୍ତବ୍ୟର କଥା ଗୁରୁତର; ଏହାର ରାଜନୈତିକ ଉଦ୍ଦେଶ୍ୟ ଯାହା ଥାଉନା କାହିଁକି, ମୁଁ କେବଳ ସହଜ ସାମାଜିକ ପ୍ରୟୋଜନ କଥା କହିବି । ଆମ ନିଜ ସମାଜର କଲ୍ୟାଣ ନିମନ୍ତେ ସମବେତ ଗଣଶକ୍ତି ପ୍ରୟୋଗ କରି, ଶିକ୍ଷା ଓ ସଦିଚ୍ଛାରେ ଉଦ୍‌ବୁଦ୍ଧ ହୋଇ ଅଶିକ୍ଷିତ ପ୍ରତିବେଶୀ ସମାଜରେ ହିଂସା ଓ ପଶୁବୃତ୍ତିର ପ୍ରଭାବ, ଧର୍ମ ନାମରେ ଅନ୍ୟ ସମାଜ ଉପରେ ଯଥେଚ୍ଛାଚାର ପ୍ରବୃତ୍ତିର

ଧାରଣାକୁ ଲୋପ କରିବାକୁ ପଡ଼ିବ । ଅବଶ୍ୟମ୍ଭାବୀ ପ୍ରାକୃତିକ ନିୟମରେ ଯେଉଁମାନେ ଆମର ଅତି ନିକଟରେ ଅଛନ୍ତି, ସେମାନଙ୍କୁ ଉପେକ୍ଷା ବା ଅସ୍ୱୀକାର କରିବା ଏକ ମୂଢ଼ତା । ଆଉ ଅନ୍ତରରେ ଘୃଣା ପୋଷଣ କରି ଅଥବା ମନ ମଧ୍ୟରେ ଦଗ୍ଧ ଯନ୍ତ୍ରଣା ଥାଇ ମୌଖିକ ସଦିଚ୍ଛାର ପ୍ରଲେପ ଲଗାଇବା ହେଲା ତତୋଽଧିକ ମୂଢ଼ତା । ସେଥିଲାଗି ମୁହଁର କଥାରେ ବା ବକ୍ତୃତାରେ ଏହି ସମ୍ପ୍ରଦାୟର ଯେଉଁମାନେ ହିଂସ୍ରଭାବାପନ୍ନ, ସେମାନଙ୍କୁ ଭାଇ କହି ନମ୍ର ସମ୍ବୋଧନ କରିବା ଏକ ଆତ୍ମ-ପ୍ରବଞ୍ଚନା । ତାହାକୁ ଭାଣ୍ଡାମି ଛଡ଼ା ଆଉ କିଛି କୁହାଯିବ ନାହିଁ । ଏହି ଭାବ ନେଇ 'ଭାଇ' ସମ୍ବୋଧନ ସର୍ବଥା ପରିତ୍ୟଜ୍ୟ । କାରଣ ମୌଖିକ ଭାତୃ ସମ୍ବୋଧନ ଦ୍ୱାରା ସେମାନଙ୍କର ଅନ୍ତରର ମୂଢ଼ତା, ହିଂସା ପ୍ରବୃତ୍ତି ବା ଔଦ୍ଧତ୍ୟ, କିଛିମାତ୍ର କମ୍ ହେବନାହିଁ, ବରଂ ତୁମମାନଙ୍କର ନମ୍ରତାକୁ ସେମାନେ ଦୁର୍ବଳତା, କାପୁରୁଷତା ବୋଲି ଭାବି ତୁମମାନଙ୍କ ପ୍ରତି ଅତ୍ୟାଚାର କରିଚାଲିବେ । କାରଣ ପଶୁ ବୃତ୍ତିର ଧର୍ମ ହିଁ ହେଲା ଦାନ୍ତ, ନଖ, କର୍ମେନ୍ଦ୍ରିୟର ବ୍ୟବହାର । ଏତଦ୍‌ବ୍ୟତୀତ ସେମାନେ ଆଉ କିଛି ଜାଣନ୍ତି ନାହିଁ । କାରଣ ତାହାହିଁ ସେମାନଙ୍କର ଧର୍ମ । ଭବିଷ୍ୟତରେ ଯେତେବେଳେ ପରସ୍ପର ମଧ୍ୟରେ ସତସତିକା ପ୍ରୀତିର ଭାବ ପ୍ରତିଷ୍ଠିତ ହେବ, ଏବଂ ତାହା ସହଜ ଓ ସତ୍ୟର ବ୍ୟବହାର ଦ୍ୱାରା ହେବ, ସେତେବେଳେ ହିଁ ଏହି 'ଭାଇ' 'ବନ୍ଧୁ' ସମ୍ବୋଧନ ସାର୍ଥକ ହେବ, ତା' ପୂର୍ବରୁ ନୁହେଁ । ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ମନେକରନ୍ତି ଯେ ମନଭିତରେ ଯାହା କିଛି ଥାଉ ନା କାହିଁକି, ମୁହଁରେ ଭାଇ-ଭାଇ ସମ୍ବୋଧନ ପ୍ରକାଶ କରିବା ଭଲ । କାରଣ ଏହି ଶବ୍ଦଟି ସେମାନଙ୍କର ଓ ଆମର ଉଭୟ ପକ୍ଷଙ୍କୁ ଭଲ ଲାଗିବ ଏବଂ ତଦ୍ୱାରା ବିରୋଧର ସମ୍ଭାବନା କମିବ । ଏହା ଶୁଣିବାକୁ ଯେତେ କର୍ଣ୍ଣମଧୁର ହେଉନା କାହିଁକି, ବାସ୍ତବ କ୍ଷେତ୍ରରେ ସମ୍ଭବ ନୁହେଁ । ସତ୍ୟ ଉପରେ ମିଥ୍ୟାର ପ୍ରଲେପ କେବେ ହେଁ ସ୍ଥାୟୀ ହୋଇପାରେନା । ମଣିଷର ମନ ଏତେ ସହଜ ବା ସରଳ ବସ୍ତୁ ନୁହେଁ—ତା' ପଛରେ ବୁଦ୍ଧିର ତୀକ୍ଷ୍ଣ କ୍ରିୟା ଥାଏ । ସାମାଜିକ ଏକତାହୀନତା, ଦୁର୍ବଳ ସ୍ୱଭାବ ଓ ବ୍ୟକ୍ତିସ୍ୱାତନ୍ତ୍ର ଫଳରେ, ନରନାରୀ ନିର୍ବିଚାରରେ ହିନ୍ଦୁ ଯେ ନୃଶଂସ ଭାବରେ ଅତ୍ୟାଚାରିତ ହୋଇ ଆସିଛନ୍ତି, ସେମାନେ କାଳକ୍ରମେ ତାହା ଭୁଲିଯାଇ ସହଜ ପ୍ରତିବେଶୀ ଭ୍ରାତୃତ୍ୱଭାବ ହୁଏତ ସୃଷ୍ଟି କରିବାରେ ସହାୟକ ହୋଇପାରନ୍ତେ । କିନ୍ତୁ ଟିକିଏ ବିଚାର କଲେ ଏହା ସ୍ପଷ୍ଟ ଦେଖାଯାଇଥାଏ ଯେ ସେମାନଙ୍କର ଏହି ହିଂସ୍ର କର୍ମଧାରା ଓ ହିନ୍ଦୁ ପ୍ରତିବେଶୀଙ୍କ ଉପରେ ସେମାନଙ୍କ ଆକ୍ରମଣର ଧାରା ଠିକ୍ ପୂର୍ବ ପରି ବର୍ତ୍ତମାନ ମଧ୍ୟ ଚାଲୁରହିଛି । ସେମାନଙ୍କର ପ୍ରକୃତିଗତ ହିଂସାରୀତିର କିଛି ହେଲେ ପରିବର୍ତ୍ତନ ହୋଇନାହିଁ । ଏ ବିଷୟରେ ସେମାନଙ୍କର ଅଧ୍ୟବସାୟ ଅନନ୍ୟ ସାଧାରଣ ଏବଂ ଏହାଦ୍ୱାରା ସେମାନଙ୍କ ସମାଜରେ, ସବୁସ୍ତରରେ ନ ହେଲେ ମଧ୍ୟ, ବେଶ୍ କିଛି ଅଧିକ ସଂଖ୍ୟକଙ୍କର ଅନୁମୋଦନ, ପ୍ରରୋଚନା ଓ ନିର୍ଦ୍ଦେଶ ଥାଏ । ଅଶିକ୍ଷା, ଦାରିଦ୍ର୍ୟ, ମୂଢ଼ତା ଆଦି ସତ୍ୟ ଓ କଳ୍ପନାପ୍ରସୂତ କାରଣ ଗୁଡ଼ିକ ଯାହା ହେଉନା କାହିଁକି, ହିନ୍ଦୁମାନେ ଆନ୍ତରିକତା ସହକାରେ ମାର୍ଜନା କରିବା ଦ୍ୱାରା ସହଜ ନ ହୋଇପାରିଲେ ପ୍ରୀତିଭାବ

ଆସିପାରିବ ନାହିଁ । ମାର୍ଜନା ଅର୍ଥ କ୍ଷମା ନୁହେଁ । ବିରୋଧ ଯୋଗୁ ହିନ୍ଦୁମାନଙ୍କ ମନରେ ଯେଉଁ ମଳିନତା ଆସିଛି, (ଘୃଣା, ଈର୍ଷା, ଦ୍ୱେଷ ଆଦି) ସେହି ମଳିନତା ସମ୍ପର୍କରେ ସମାର୍ଜନା କଥା ହିଁ କହୁଛି । ଏହାପରେ ହିନ୍ଦୁସମାଜର ପୁରୁଷମାନେ ଯଦିବା ସେମାନଙ୍କର ଦୁର୍ବ୍ୟବହାରକୁ କାଳକ୍ରମେ ଉପେକ୍ଷାର ଦୃଷ୍ଟିରେ ଦେଖନ୍ତି ଏବଂ ନାନା ଭାବରେ କର୍ମ ସମ୍ପର୍କିତ ଆଦାନ ପ୍ରଦାନ ଫଳରେ ଭୁଲିଯାଇପାରନ୍ତି, କିନ୍ତୁ ନାରୀ କ୍ଷେତ୍ରରେ, ଅନ୍ତଃପୁରର ନାରୀମାନଙ୍କର ସେମାନଙ୍କ ପ୍ରତି ଯେଉଁ ଘୃଣା, ତାହା କିପରି ଦୂର ହେବ ? ଅନ୍ତରରେ ଘୃଣାଭାବ ପୋଷଣ କରି ଶରୀରରେ ବିଷ ପୋଷଣକଲାପରି ଯେଉଁ ଅସ୍ୱାସ୍ଥକର ଅବସ୍ଥା, ତାହା ପରିଣାମସ୍ୱରୂପ କ୍ଷତ ଉତ୍ପନ୍ନ କରିଚାଲେ । ଫଳରେ ଘୋର ସ୍ୱାସ୍ଥ୍ୟହାନିର ମଧ୍ୟ ସମ୍ଭାବନା ରହିଥାଏ । ଏହି ସତ୍ୟକୁ ଆମ ନାରୀସମାଜ ଭିତରେ ପ୍ରକାଶ କରି ନିରାକରଣର ବ୍ୟବସ୍ଥା କରିବାକୁ ପଡ଼ିବ । ଏହିପରି ଭାବରେ ଦୁଷ୍ଟ ପ୍ରତିବେଶୀ ସମ୍ପର୍କରେ ଆମର ସାମାଜିକ କର୍ମ କିଛି ବଢ଼ିଯିବ । କିନ୍ତୁ ଏଥିଲାଗି ଉପାୟ ନାହିଁ । ଉପେକ୍ଷା ଓ ଅସ୍ୱୀକାରରେ ମଧ୍ୟ କିଛି ଶୁଭଫଳ ମିଳିବ ନାହିଁ । ଏ କଥାକୁ ଆପଣମାନେ ମନେରଖିବା ଉଚିତ୍, ଏହା ଆମ ଏକ ଶରୀରର କ୍ଷତ—ଏହାର ଆରୋଗ୍ୟ ବ୍ୟବସ୍ଥା କରିବାକୁ ପଡ଼ିବ ।

ଏବେ ଦ୍ୱିତୀୟ କଥାଟି କହୁଛି—ବର୍ତ୍ତମାନ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧି ପାଇଁ ପ୍ରଧାନତଃ ହିନ୍ଦୁବିଦ୍ୱେଷସମ୍ଭୂତ ବ୍ରିଟିଶ ଷଡ଼ଯନ୍ତ୍ର ଫଳରେ ହିଁ କେତେଗୁଡ଼ିଏ ଶବ୍ଦ ସୃଷ୍ଟି ହୋଇଥିଲା । ପୁଣି ଦେଶର ଅପରିଣାମଦର୍ଶୀ ନେତାମାନେ ତାହାକୁ ମାନିନେଇ ବ୍ୟବହାର କରୁଥିଲେ, ଯେପରି କାଷ୍ଟ୍ (ଜାତି), ହିନ୍ଦୁ ସିଡିଉଲ୍‌ଡ୍‌କାଷ୍ଟ (ଅନୁସୂଚିତ ଜାତି), ତଫସୀଲଭୁକ୍ତ ଡିପ୍ରେସ୍‌ଡ୍ କ୍ଲାସ (ଦଳିତ ଜାତି), ହରିଜନ ଆଦି—ଏଗୁଡ଼ିକ ବର୍ତ୍ତମାନ ଚିରଦିନ ଲାଗି ଭାରତର ହିନ୍ଦୁସମାଜରୁ ଲୋପ୍ କରିବାକୁ ହେବ । ଏହା ସଙ୍ଗେ ସଙ୍ଗେ ଆମୋଦ ପ୍ରମୋଦ କ୍ଷେତ୍ରରେ ଥିଏଟର ସିନେମା ପ୍ରଭୃତି ବିଶେଷ ବିଭାଗର ଅଭିନେତ୍ରୀବର୍ଗଙ୍କ ପ୍ରତି ବିକୃତ, ଅସଙ୍ଗତ ଓ ଅସଂଯତ ଭକ୍ତିର ଆତିଶଯ୍ୟ ଦ୍ୱାରା ନଟୀଗଣଙ୍କ ନାମ ଶେଷରେ ଦେବୀ ଶବ୍ଦର ଯଥେଚ୍ଛା ବ୍ୟବହାର ଚାଲିଛି । ଏହି ବ୍ୟଭିଚାର ଆମ ସମାଜରେ ଆଦର୍ଶ-ବିକୃତିର ହିଁ ଫଳ । ମୁଁ କେବଳ ବାରବିଳାସିନୀମାନଙ୍କୁ ବା ସମ୍ଭ୍ରାନ୍ତ ଅଥବା ସାଧାରଣ ପ୍ରତିଷ୍ଠାପନ୍ନ ଅଭିନେତ୍ରୀମାନଙ୍କର ନାମ ସହ ଦେବୀ ଶବ୍ଦ ପ୍ରୟୋଗର ନିବାରଣ କରିବାକୁ ଚାହେନାହିଁ, ମୁଁ ନବୀନ ହିନ୍ଦୁଜାତିର ସାଧାରଣ ଗୃହସ୍ଥ ନାରୀମାନଙ୍କର ନାମ ଶେଷରେ 'ଦେବୀ' ଶବ୍ଦ ନିଷିଦ୍ଧ କରିବାକୁ ଚାହୁଁଛି । କଳାବିତ୍ ନର-ନାରୀଙ୍କର ଗୌରବ ହେଉଛି ସେମାନଙ୍କର ସାଧନା ଓ ସିଦ୍ଧି । ତା' ମଧ୍ୟରେ ଦେବୀ ବା ଦେବତ୍ୱ ଆରୋପ ମୁଗ୍ଧ ଭାବାବେଗ ପ୍ରସୂତ ବିକ୍ଷିପ୍ତ ଚିତ୍ତର ଏକ ଦମ୍ଭ ମାତ୍ର । ଅସାଧାରଣ ଚରିତ୍ର ଓ କର୍ମଶକ୍ତିର ବିକାଶରେ କୌଣସି ନାରୀ ମଧ୍ୟରେ ଯଥାର୍ଥ ଦେବୀତ୍ୱ ଯଦି ପ୍ରକାଶ ପାଏ, ତଦ୍ୱାରା ସର୍ବ ସାଧାରଣ ତା'ଠାରେ ଦେବତ୍ୱ ପ୍ରତିଷ୍ଠିତ କରି ନିଜ ଅନ୍ତର ପୂର୍ଣ୍ଣ କରନ୍ତୁ । ଏହି ପବିତ୍ର 'ଦେବୀ' ଶବ୍ଦର ଯେଉଁମାନେ ଯଥେଚ୍ଛା ପ୍ରୟୋଗ କରିବାକୁ ଚାହାନ୍ତି, ସେମାନଙ୍କର ଆରୋଗ୍ୟ ଲାଗି କେବଳ ଚିକିତ୍ସା

ଶାସ୍ତ୍ରର ଅଧିକାର ବ୍ୟାପାର ହେଉ । ବର୍ତ୍ତମାନର ଆବହାଓ୍ୱାରେ ଆମ ଦେଶରେ ଅନୁକରଣ-ସଞ୍ଜୀବିତ ନାଟକ ଅଥବା ଚିତ୍ରାଭିନୟ ଇତ୍ୟାଦି କଳାକ୍ଷେତ୍ରରେ ପାଶ୍ଚାତ୍ୟର ଆଦର୍ଶ ପ୍ରବଳ ପ୍ରଭାବ ପକାଇଛି । ବର୍ତ୍ତମାନ ଯେଉଁମାନେ ଶ୍ରେଷ୍ଠ ବା ଲବ୍ଧପ୍ରତିଷ୍ଠ, ସେମାନଙ୍କର ନାମ ସଙ୍ଗେ ଷ୍ଟାର୍, ଅନୁବାଦ କରି ତାରକା, ବଳେବଳେ ଗୌରବ ପ୍ରଚାରର ରୀତି ପକ୍କା କରିପାରିଲେ ହିଁ ତ ସହଜରେ ପ୍ରତିଷ୍ଠା ସମ୍ଭବ ହୋଇପାରେ । ସେଥିରେ ଯଦି ବା ମନ ପୁରିଲା ନାହିଁ ବା ମାନିଲା ନାହିଁ, ତା'ହେଲେ ତା'ଠାରୁ ଉଚ୍ଚସ୍ତରର ଶବ୍ଦ ଆବିଷ୍କାର କରିବେ, ଯେପରିକି ନୀହାରିକା ଆଦି । ଏବଂ ନଟୀ ବା ଅଭିନେତ୍ରୀବର୍ଗର ପରିଚୟାର୍ଥେ 'ଦେବୀ' ଶବ୍ଦ ନିଷିଦ୍ଧ କରିଦେଇ ଏପରି ମିଥ୍ୟା ପ୍ରୟୋଗକୁ ବନ୍ଦ୍ କରିବାକୁ ହେବ । ଏହାର ବ୍ୟବହାର ଆମର ବାକ୍ୟ-ସଂଯମକୁ ସାହାଯ୍ୟ କରିବ ।

ପ୍ରଥମରେ—ବର୍ତ୍ତମାନ ମୁଖର୍ଜୀ, ଚାଟର୍ଜୀ, ଗାଙ୍ଗୁଲୀ, ଏମାନେ ଥିଲେ ଉପାଧ୍ୟାୟ ଶ୍ରେଣୀର ବ୍ରାହ୍ମଣ; ପ୍ରଥମାବସ୍ଥାରେ ସେମାନେ ଯେଉଁ ଯେଉଁ ଗ୍ରାମରେ ବସବାସ ଆରମ୍ଭ କରନ୍ତି, ସେହି ସେହି ଗ୍ରାମର ନାମ ସହ ସେମାନଙ୍କର ଶ୍ରେଣୀଗତ ନାମ ଯୁକ୍ତ ହୋଇ ବର୍ତ୍ତମାନ ମଧ୍ୟ ଏହିସବୁ ନାମ ଚାଲାଣ ହୋଇ ଆସିଛି । ବ୍ରାହ୍ମଣ, କାୟସ୍ଥ, ବୈଦ୍ୟ ପ୍ରଭୃତି ସକଳ ଶ୍ରେଣୀ ମଧ୍ୟରେ ଏହି ପ୍ରକାର ଉପାଧି ବ୍ୟବହାରର ଆଉ ପ୍ରୟୋଜନ ରହିବା ଉଚିତ୍ ନୁହେଁ । କାରଣ ଏହି ଉପାଧି ସହ ଉଚ୍ଚ-ନୀଚର ସଂସ୍କାର ବଦ୍ଧମୂଳ ହୋଇ ରହିଛି । ସେଥିଲାଗି ଗଣତାନ୍ତ୍ରିକ ସମାଜର ଉପଯୋଗୀ ବୃତ୍ତି ଅବଲମ୍ବନ କରି ହିଁ ଉପାଧି ନିର୍ଦ୍ଦିଷ୍ଟ ହେବା ପ୍ରୟୋଜନ । ଯେତେବେଳେ ଏହି ଅଷ୍ଟବର୍ଗର ବ୍ୟକ୍ତି ଇଚ୍ଛାମାତ୍ରେ ହିଁ ହିନ୍ଦୁର ଦଶବିଧ ସଂସ୍କାରର ଅଧିକାରୀ ହେବେ ଏବଂ ଉଚ୍ଚ-ନୀଚ ଭେଦର ମୂଳ ବଂଶଗତ ଜାତି ବା ବର୍ଣ୍ଣ ରହିବ ନାହିଁ ଏବଂ ବିବାହ ଆଦି ଏହି ଅଷ୍ଟବର୍ଗ ମଧ୍ୟରେ ଅବାଧରେ ଚାଲିପାରିବ, ସେତେବେଳେ ଏହି ପୁରୁଣା ବର୍ଣ୍ଣ-ନିର୍ଦ୍ଦେଶକ ଚାଟର୍ଜୀ, ଦତ୍ତରାୟ, ଏ ସବୁକୁ ଉଠାଇ ଦେଇ ନବ ବର୍ଣ୍ଣର ଅର୍ଥାତ୍ ନାମ ଆଗରେ କିମ୍ବା ଶେଷରେ ଏହି ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ବୈଦ୍ୟ, ଶିଳ୍ପୀ, ନୀତିବାଦୀ, ବିଜ୍ଞାନୀ, କର୍ମୀ ଏସବୁ ଲାଗି ବ୍ୟବହାରର ଯୋଜନା କରାଯାଇ ପାରିବ— ତାହା ଖରାପ ଶୁଣାଯିବ ନାହିଁ । ବର୍ତ୍ତମାନ ଯେପରି ସବୁ ଉଦ୍ଭଟ ପଦବୀ ଅଛି, ତାହା ତୁଳନାରେ ଏହିସବୁ ସମାଜର ବର୍ଣ୍ଣ-ନିର୍ଦ୍ଦେଶକାରୀ ପଦବୀ ସୁନ୍ଦର । ତା'ପରେ ରାୟବାହାଦୁର, ଖାଁ ବାହାଦୁର, ଖାଁ ସାହେବ, ମଜୁମଦାର, ଜୋୟାରଦାର, ଚୋଂଦାର ପ୍ରଭୃତି ଯେତେ ଉଦ୍ଭଟ ଲାଙ୍ଗୁଡଗୁଡ଼ାକ ଲୋପ କରି ସହଜ-ସରଳ ମନୁଷ୍ୟ ପରି ନାମକୁ ମଧ୍ୟ ସହଜ ମନୁଷ୍ୟତ୍ୱର ଛାଞ୍ଚରେ ଢାଳିବାକୁ ହେବ । ଏ ସମାଜରେ ଜଣଙ୍କର ନାମଟା ହିଁ ହେବ ମୁଖ୍ୟ, ଅସଲ—ତା'ପରେ ବୃତ୍ତି ବା ବର୍ଣ୍ଣ-ନିର୍ଦ୍ଦେଶକ ନାମ ।

ଦ୍ୱିତୀୟରେ—ବ୍ରାହ୍ମଣଙ୍କର କିମ୍ବା ଯେକୌଣସି ବର୍ଣ୍ଣର ଯଦି ଆଠଗୋଟି ପୁତ୍ର ଥାଆନ୍ତି, ଏହି ଆଠଟି ପୁତ୍ର ଆଜି ଆଠଗୋଟି ବୃତ୍ତିକୁ ଆଧାର କରି ପଦବୀ ଗ୍ରହଣ କରିବେ । ଯେତେଦିନ ବୃତ୍ତି ନିର୍ଦ୍ଦିଷ୍ଟ ନ ହେବ, ସେତେଦିନ ନାମ ଆଗରେ କେବଳ କୁମାର ଥିବ,

ସେମାନେ ପିତାର ବର୍ଣ୍ଣଗତ ଉପାଧି ବା ପଦବୀରେ ପରିଚିତ ହେବେ ନାହିଁ । ନାରୀ ପକ୍ଷରେ ମଧ୍ୟ ସୁନ୍ଦର ବ୍ୟବସ୍ଥା ହୋଇପାରିବ—କୁମାରୀ ଅବସ୍ଥାରେ କୁମାରୀହିଁ ବ୍ୟବହୃତ ହେବ; ତା'ପରେ ବିବାହିତ ହେଲେ ସେ ସ୍ୱାମୀର ପଦବୀ ହିଁ ଗ୍ରହଣ କରିବେ । ନାରୀମାତ୍ରେ ହିଁ ବିବାହିତା ହେବେ ଅଥବା ବୃତ୍ତିଶୂନ୍ୟା ହୋଇ ସ୍ୱାମୀର ବୃତ୍ତି ବା ଉପାର୍ଜ୍ଜନର ଅଂଶଭାଗିନୀ ରହିବେ, ଏସବୁ ମଧ୍ୟ ହୁଏତ ହୋଇ ନପାରେ । ପରେ ସେ ଯେଉଁ ବୃତ୍ତିକୁ ଆଧାର କରି ଉପାର୍ଜ୍ଜନ କରିବ, ସେହି କ୍ଷେତ୍ରରେ ବୃତ୍ତି-ସଙ୍କଳ୍ପିତ ବର୍ଣ୍ଣ ଦ୍ୱାରା ପରିଚିତା ହୋଇପାରିବ, ଯଦି ସେ ତାହା ଇଚ୍ଛା କରେ । ସେହି ସକଳ ବିଷୟରେ ପରିଚୟ ସମ୍ପର୍କରେ ନିଜ ବୃତ୍ତି ହିଁ କାର୍ଯ୍ୟକାରୀ ହେବ । ଏଥିରେ ବାଦ-ପ୍ରତିବାଦର କାରଣ କିଛି ରହିବା ଉଚିତ୍ ନୁହେଁ ।

ତୃତୀୟରେ—ପୂର୍ବରୁ କୁହାଯାଇଛି, ବର୍ତ୍ତମାନର ଏହି ନବୀନ ହିନ୍ଦୁଜାତିର ଅଷ୍ଟବର୍ଣ୍ଣ ମଧ୍ୟରେ ଉଚ୍ଚ-ନିମ୍ନ ଶ୍ରେଣୀଭେଦ ରହିବ ନାହିଁ । ଜଣେ ବ୍ରାହ୍ମଣ ପୁରୋହିତ ଠାରୁ ଆରମ୍ଭ କରି ସକଳ ବୃତ୍ତି-ଅବଲମ୍ବୀ ବର୍ଣ୍ଣ ମଧ୍ୟରୁ ହିନ୍ଦୁଙ୍କର ଦଶବିଧ ସଂସ୍କାର କ୍ରିୟାଶୀଳ ରହିବ । ପୁଣି ସେମାନଙ୍କର ଇଚ୍ଛାନୁସାରେ ତାହା ଗୃହୀତ ହେବ । ଅବଶ୍ୟ ଏହି କ୍ଷେତ୍ରରେ ଭାରତୀୟ ହିନ୍ଦୁଜାତିର ସମସ୍ତେ ଦଶବିଧ ସଂସ୍କାରରେ ଆସ୍ଥାଶୀଳ— ଏହି ସତ୍ୟ ମାନିନେଇ ପ୍ରସ୍ତାବ ଦିଆଯାଉଛି । ଜାତି ସଂସ୍କାରର ପ୍ରଥମରେ ଏହି ଅନ୍ନପ୍ରାଶନ ହିଁ ଧରାଯିବ, ତା'ପରେ ଉପନୟନ, ବିବାହ, କୁଶଣ୍ଡିକା ଓ ଶ୍ରାଦ୍ଧ ଏହି କେତୋଟି ହିଁ ବର୍ତ୍ତମାନ ଅବସ୍ଥାରେ ପାଳନ କରାଯିବ—ବାକି ମଝିରେ ଯେଉଁ କେତୋଟି ଅଛି, ବର୍ତ୍ତମାନ ସମାଜରେ ଏହାର କୌଣସି ପ୍ରୟୋଜନ ନାହିଁ, ଏଣୁ ସ୍ୱତଃ ଅଦୃଶ୍ୟ ହୋଇଯାଇଛି— ଆଜିକାଲି ଯେପରି ୮/୯ ବର୍ଷରେ ବିବାହ କର୍ମ ଉଠିଯାଇଛି । ବସ୍ତୁତଃ ବିବାହପର ଓ ସନ୍ତାନ ପ୍ରସବକାଳ ମଧ୍ୟରେ ସେଗୁଡ଼ିକୁ ସଂସ୍କାର ବୋଲି ଆଉ ଧରାଯାଉ ନାହିଁ ବା ସେଗୁଡ଼ିକର ପ୍ରୟୋଜନ କଥା ଲୋକଙ୍କ ମନରେ ଖୁବ୍ ବେଶୀ ଆଗ୍ରହ ସୃଷ୍ଟି କରୁନାହିଁ । ଅବଶ୍ୟ ତହିଁରେ ପଞ୍ଚଗବ୍ୟ ସେବନର ଯେଉଁ ବିଧାନ ଅଛି, ତାହା ହୁଏତ ସମସ୍ତଙ୍କର ରୁଚିସମ୍ମତ ହେବ ନାହିଁ । ସେମାନେ ତାକୁ ବାଦ୍ ଦେବେ । ତଥାପି ତା' ଭିତରେ କେତେଗୁଡ଼ିଏ ପାରିବାରିକ ବା ସାମାଜିକ ବିଜ୍ଞାନସମ୍ମତ କ୍ରିୟାକର୍ମ ଅଛି, ଯାହାର ବୈଜ୍ଞାନିକ ତଥ୍ୟ ଅନେକେଙ୍କୁ ଅଜଣା ବୋଲି ତା'ର ବ୍ୟବହାର ଅନାବଶ୍ୟକ ମନେହୁଏ । ଏକସମୟରେ ଯେତେବେଳେ ସର୍ବବାଦିସମ୍ମତ ବୈଜ୍ଞାନିକ ତଥ୍ୟମାନ ଜାତିର ବୁଦ୍ଧିଗତ ହେବ, ସେତେବେଳେ ଏହିସବୁ ବ୍ୟବହାରର ପୁନଃପ୍ରତିଷ୍ଠା ସମ୍ଭବ ହେବ । ହିନ୍ଦୁମାନଙ୍କର ଜାତୀୟ ସଂସ୍କାରର ଯାହା କିଛି ଅବସ୍ଥା ଅଛି ସେସବୁ ହିଁ କୁସଂସ୍କାର, ଏହି ଧାରଣା ଏ କାଳରେ ମୂଢ଼ତାର ନାମାନ୍ତର ମାତ୍ର । ଆମେ ଉପଯୁକ୍ତ କଲ୍ୟାଣକର ପରିବର୍ତ୍ତନର ହିଁ ପକ୍ଷପାତୀ । ପାଶ୍ଚାତ୍ୟ ପ୍ରଭାବ ଫଳରେ କେତେକ ସହଜ ପ୍ରଥାକୁ ଲୋପ କରି ଆମର ସାମାଜିକ ଜୀବନରେ ସଂଯମର ଯେ ହାନୀ ଘଟିଛି, ସେ ବିଷୟରେ ସନ୍ଦେହ ନାହିଁ । କିନ୍ତୁ ତଦ୍ୱାରା ଆଉ ଜାତିକୁ ଫେରାଇ ଆଣିବା ସମ୍ଭବ ନୁହେଁ; ଏଠାରେ ପାଶ୍ଚାତ୍ୟ ସମାଜର ପ୍ରଭାବ ବିଂଶ ଶତାବ୍ଦୀର ପ୍ରଥମରୁ ହିଁ ଚାକ୍ଷୁଶ କରଯାଉଛି; ବର୍ତ୍ତମାନ ସେହିସବୁ ସଂସ୍କାର

ସମାଜର ପୁରୁଷମାନଙ୍କ ମନ ଭିତରେ ନାହିଁ । କେଉଁଠି କେଉଁଠି ନାରୀମାନଙ୍କ ମଧ୍ୟରେ ହୁଏତ ଥାଇପାରେ । ଯାହାଙ୍କର ବା ଅଛି, ସେମାନେ ଯେତେଦିନ ଧରି ରଖିପାରିବେ, ତାହା କରନ୍ତୁ, ସେଥିରେ କୌଣସି ଆପତ୍ତିର କାରଣ ନାହିଁ । ମୋ' ନିଜର ମତ ହେଉଛି, ଏହି ଯେଉଁ ସଂଯମ, ତାହା ଅନ୍ତର ଭିତରେ ଥିବା ଭଲ । ବାହାରର କୌଣସି ଆଚାର ବା ଅନୁଷ୍ଠାନକୁ ଧରି ସଂଯମକୁ ମନେଇନେବା ଅସମ୍ଭବ ଏବଂ ପ୍ରକୃତିର ନିୟମ ବିରୁଦ୍ଧ । ଜାତିର ସଂଯମ ପୃଥିବୀର ସବୁ ଦେଶରେ ଦେଖାଯାଇଥାଏ—ସଂସାରର ମଣିଷ ଭିତରେ ବୁଦ୍ଧି ଓ ମନ ସହ ବନ୍ଧା । ଏହାର ଅନ୍ୟ କୌଣସି ବାଖ୍ୟା ନାହିଁ ।

ବର୍ତ୍ତମାନ ଏହି ନୂତନ ହିନ୍ଦୁଜାତିର ଯେଉଁ କେତୋଟି ସଂସ୍କାର ପାଳନୀୟ, ତା' ମଧ୍ୟରୁ ପ୍ରତ୍ୟେକ ସଂସ୍କାର କର୍ମରେ ସଂସ୍କୃତ-ମନ୍ତ୍ର ପ୍ରଥମେ ଉଚ୍ଚାରଣ କରିବା ସଙ୍ଗେ ସଙ୍ଗେ ବଙ୍ଗଳା ଭାଷାରେ ସହଜ ସରଳ ଅନୁବାଦ ଦ୍ୱାରା ଆବୃତ୍ତି ଲାଗି ଦୃଢ଼ ନିୟମ ପ୍ରତିଷ୍ଠିତ କରିବାକୁ ହେବ । ଏବେଠାରୁ ପ୍ରତ୍ୟେକ ଶୁଭ କାର୍ଯ୍ୟରେ—ଉପନୟନ, ବିବାହ, କୁଶଣ୍ଡିକା, ଓ ଶ୍ରାଦ୍ଧ ଆଦିର କ୍ରିୟା-କର୍ମବେଳେ— ବିଶେଷତଃ ବିବାହର ସମ୍ପ୍ରଦାନ ଓ କୁଶଣ୍ଡିକା ପାଣିଗ୍ରହଣାଦି ସଂସ୍କାର କ୍ରିୟାରେ ପ୍ରତ୍ୟେକ ସଂସ୍କୃତ ମନ୍ତ୍ରର ନିର୍ଭୁଲ ବଙ୍ଗଳାନୁବାଦ ଦ୍ୱାରା ଉଚ୍ଚାରିତ ହେବା ଉଚିତ୍ । ପାତ୍ର-ପାତ୍ରୀ ଓ ପୁରୋହିତ, ପ୍ରତ୍ୟେକେ ହିଁ ସେହି ସକଳ ମନ୍ତ୍ରାନୁବାଦ ମନଯୋଗପୂର୍ବକ ଆବୃତ୍ତି କରିବେ । ଯେଉଁମାନେ ସଂସ୍କାରକୁ ବିଶ୍ୱାସ କରନ୍ତି, ସେମାନେ ପ୍ରକୃତ ଅର୍ଥବୋଧ କାରିବା ହିଁ ଥିଲା ପ୍ରାଚୀନ ସ୍ମୃତି-ଶାସ୍ତ୍ରକାରମାନଙ୍କର ଉଦ୍ଦେଶ୍ୟ । ଏହି ଅନୁବାଦ କାର୍ଯ୍ୟ-କାଳରେ ସେଗୁଡ଼ିକର ପରିଚୟ ମିଳିପାରିବ ଯେ ଆମ ଜାତିର ପୂର୍ବପୁରୁଷଗଣ କେଡ଼େ ମହାନ୍ ଥିଲେ । ବର୍ତ୍ତମାନର ଶିକ୍ଷା, ପାଶ୍ଚାତ୍ୟ ପ୍ରଭାବ ଓ ଚାପରେ ଜାତୀୟ ସଂସ୍କୃତିର ଉଦ୍ଦେଶ୍ୟହାନି ଘଟିଛି ବୋଲି ହିଁ ଜାତି ଆଜି ଏପରି ଅନ୍ତଃସାରଶୂନ୍ୟ ହୋଇ କେବଳ ଉତ୍ସବ ଦିଗକୁ ବେଶୀ ଝୁଙ୍କିପଡ଼ିଛି, ପ୍ରକୃତ ଉତ୍ସବର ମୂଳ ସଂସ୍କାର ଉଦ୍ଦେଶ୍ୟକୁ ଉପେକ୍ଷା କରି । ଆମର ଜାତୀୟ, ସାମାଜିକ ଅଥବା ପାରିବାରିକ କଲ୍ୟାଣର ମୂଳ ହେଲା ଏହି ସଂସ୍କାର; ଏହାକୁ ମନେରଖି ପ୍ରତ୍ୟେକ ମନ୍ତ୍ରର ସହଜ ସରଳ ବଙ୍ଗାନୁବାଦ ପ୍ରଚାରିତ ହେବ । ଏହାକୁ ଉପେକ୍ଷା କଲେ ଚଳିବ ନାହିଁ । ମୁଁ ବିଶେଷ ଭାବରେ ବିବାହ-ସଂସ୍କାର ଉପରେ ଜୋର୍ ଦେଉଛି । ସେଥିରୁ ଆପଣମାନେ ମୋ' ଉଦ୍ଦେଶ୍ୟ ବୁଝିପାରୁଥିବେ । ଦେଶରେ ସୁସ୍ଥ ଉପାର୍ଜନଶୀଳ ଯୁବାମାନେ ବିବାହ କରନ୍ତି, ମାତ୍ର ଜାଣନ୍ତି ନାହିଁ ଯେ ସମ୍ପ୍ରଦାନ ଓ କୁଶଣ୍ଡିକା ଦ୍ୱାରା କେଉଁ ପ୍ରତିଜ୍ଞାର ଅନୁଷ୍ଠାନ ହୋଇଥାଏ, ନିରୀହ ବାଳିକାର ଜୀବନଦାୟିତ୍ୱ ଓ ପାଣିଗ୍ରହଣ କରିବା ପୂର୍ବରୁ । ନିଜ ମାତୃଭାଷାରେ ଏହା ଉଚ୍ଚାରିତ ହେଲେ ସେମାନେ ସେମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ସଜାଗ ହୋଇପାରିବେ, ଯଦ୍ୱାରା ଆତ୍ମବିଶ୍ୱାସ ଓ ଆତ୍ମଶକ୍ତି ବୃଦ୍ଧିହେବ । ଏହାର ଫଳ ଯେ କଲ୍ୟାଣକର ହେବ, ଏ ବିଷୟରେ ଯାହାଙ୍କର ସଂଶୟ ଅଛି, ସେମାନେ ଏହି ସଭା ଶେଷରେ ବାହାରେ ରହନ୍ତୁ । ଉପନୟନ ସଂସ୍କାରଟିକୁ ଯେପରି ଆପଣମାନେ ଉପେକ୍ଷା ନ କରନ୍ତି । ସତ କଥା ଯେ ସଭ୍ୟ ଜାତିର ଜଣେ ଭାବୀ-ନାଗରିକର

ଜୀବନରେ ଏକ ଉଚ୍ଚ ସଂସ୍କୃତିର ଆରମ୍ଭ, ଏକଥା ବୋଧହୁଏ ପୃଥିବୀର କୌଣସି ସଭ୍ୟ ସମାଜରେ ନାହିଁ । ଏକ ଜାତୀୟ ସମାଜର ଗୋଟିଏ ପରିବାର ଭିତରେ ଏକ ନବୀନ ବ୍ୟକ୍ତିର ଜୀବନସୂର୍ଯ୍ୟକୁ ଦେବସ୍ଥାନରେ ରଖି ଏହି ସମ୍ବନ୍ଧୀୟ ଆରୋପ ଯେ କେତେ ମହତ ଶକ୍ତି ସୃଷ୍ଟି କରିପାରେ, ଅବିଶ୍ୱାସୀ ବ୍ୟକ୍ତିମାନେ ଥରେହେଲେ ପରୀକ୍ଷା କରି ଦେଖନ୍ତୁ । ଯେଉଁମାନେ ହିନ୍ଦୁ ସଂସ୍କାରର ସର୍ବଦା ଉଚ୍ଛେଦ କରିବାକୁ ଆଗ୍ରହୀ, ସେମାନେ ଆଦୌ ଧୀମାନ ନୁହନ୍ତି; ସେମାନଙ୍କର ମୂଳରୁ ଯେଉଁ ତ୍ରୁଟୀ ରହିଛି, ତାହା ବିଶ୍ଳେଷଣ ଯୋଗ୍ୟ ନୁହେଁ । ଯେହେତୁ ତାହା ବିଷମ, ସେଥିରୁ ବିରତ ରହିଲି । ଜଣେ ଶ୍ରେଷ୍ଠ ନାଗରିକ ଗଠନ ପରିପ୍ରେକ୍ଷୀରେ ଏହି ସଂସ୍କାରଟି ଯେ କେତେ ବଡ଼ ପ୍ରବେଶିକାର କ୍ଷେତ୍ର, ତାହା ସମ୍ପୂର୍ଣ୍ଣ ଭାବରେ ବୁଝିବାକୁ ହେଲେ ଅନ୍ୟ ଏକ ବିଶାଳ ସଭାର ଆୟୋଜନ ଓ ପ୍ରୟୋଜନ ହେବ ।

ଜଣକର ଜୀବନରେ ବିବାହ ଯେପରି ଏକ ପ୍ରଧାନ ପ୍ରୟୋଜନ, ଜାତୀୟ ସାମାଜିକ ଓ ସର୍ବବିଧ କଲ୍ୟାଣମୟ ଜୀବନରେ ଉପନୟନ ସଂସ୍କାର ମଧ୍ୟ ସେହିପରି ଦୃଢ଼ ପ୍ରୟୋଜନ । ଜାତିର ସବୁସ୍ତରରେ ହିଁ ଏହା ସ୍ମରଣୀୟ, କରଣୀୟ ଓ ଚିନ୍ତନୀୟ ବିଷୟ ହୋଇଥାଏ । ସମୟ ନେଇ ଏହାର ଫଳ ଅନୁଭୂତ ହୁଏ ।

ଅନ୍ୟ ଏକ ବିଷୟରେ ଆମକୁ ମନୋଯୋଗୀ ହେବାକୁ ପଡ଼ିବ : ଏହି ଯେଉଁ ଶିକ୍ଷିତ ବ୍ରାହ୍ମଣ ଅର୍ଥାତ୍ ପୁରୋହିତ ଶ୍ରେଣୀ, ସେମାନଙ୍କର ଉପଜୀବିକା ଏହି ଦଶବିଧ ସଂସ୍କାର କର୍ମ ତଥା ଏଥିଲାଗି ଅଧ୍ୟାପନା । ତଦ୍ୱାରା ହିଁ ସେମାନଙ୍କୁ ସଂସାରର ସର୍ବାର୍ଥସିଦ୍ଧି କରିବାକୁ ହିଁ ତ ହେବ । ସେଥିଲାଗି ବର୍ତ୍ତମାନ ଯେଉଁ ଭାବରେ ଦରିଦ୍ର ରୂପେ ପୂଜାଦି କର୍ମରେ ଦକ୍ଷିଣାଦିର ବ୍ୟବସ୍ଥା ପ୍ରଚଳିତ ଅଛି, ଶିକ୍ଷିତ ସମାଜରେ ତାହା କିନ୍ତୁ ଅଚଳ । ଆଜିକାଲିର ବ୍ୟବସ୍ଥାକୁ ଯଦି ଲକ୍ଷ୍ୟ କରାଯାଏ, ସହଜରେ ଏକଥା ଦୃଷ୍ଟିରେ ପଡ଼ିବ ଯେ ହିନ୍ଦୁଜାତି ବର୍ତ୍ତମାନ କେତେ ଅଧଃପତିତ ଓ ହୀନ ମନୋଭାବାପନ୍ନ ହୋଇପଡ଼ିଛି, ବିଶେଷତଃ ଧର୍ମ ନାମରେ କଲ୍ୟାଣକର ସାମାଜିକ ଏବଂ ପାରିବାରିକ ଆଚାର-ଅନୁଷ୍ଠାନରେ । ବିବାହ ବ୍ୟାପାରରେ ଘଟକ ଅଥବା ଦଲାଲମାନେ କେତେ ଉପାୟରେ କେତେ ବେଶୀ ରୋଜଗାର କରନ୍ତି, ମାତ୍ର ବିବାହ-ସମ୍ପନ୍ନକାରୀ ସଦାଚାର-ସମ୍ପନ୍ନ ପୁରୋହିତଙ୍କ ପାଉଣାଟା, ସନ୍ୟାସୀ ସମ୍ପ୍ରଦାୟର ଯଥେଷ୍ଟ ଲାଭ ପରି, ଏତେ ସଂକୀର୍ଣ୍ଣ ଯେ ଏହାକୁ ବିଚାର କରିବା କଠିନ ହୋଇପଡ଼େ । କାରଣ ଏହି ସାମାନ୍ୟ ପ୍ରାପ୍ୟରେ ସେମାନେ କିପରି ସଂସାର ପାଳନ ବୃତ୍ତିକୁ ଆଶ୍ରୟ କରିପାରିଛନ୍ତି ? ଏତଦ୍‌ବ୍ୟତୀତ ଏହା ମଧ୍ୟ ଲକ୍ଷ୍ୟ କରିବାକୁ ହେବ ଯେ କର୍ମାନୁଷ୍ଠାନକାରୀ ପରିବାରବର୍ଗଙ୍କର ସଂକୀର୍ଣ୍ଣ ହୀନ ମନୋଭାବ, ଜାକ୍‌ଜମକର ଉତ୍ସବ, ପ୍ରତିମାଦି ବାହ୍ୟ ଅନୁଷ୍ଠାନରେ ସାଜସଜ୍ଜା ଓ ଧୂମଧାମ୍‌ରେ ମୋଟା ଅଙ୍କ ଖର୍ଚ୍ଚ ହୁଏ । ସେସବୁର ତୁଳନାରେ ପୂଜାରୀ ବା ପୁରୋହିତଙ୍କ ବିଦାକି ଟିକିଏ ଭଦ୍ର ଭାବରେ ହେବା ଉଚିତ୍ । ତାହା ବର୍ତ୍ତମାନ ଭିକାରି ବିଦାକି ତୁଳନାରେ ଖୁବ୍ ବେଶୀ ନୁହେଁ । ଗୋଟିଏ ଜାତିର ସାମାଜିକ ବିବେକ ଓ ଚରିତ୍ରରେ ଏହା ଯେ କିପରି ପରିଚୟ, ତାହାକୁ ଶିକ୍ଷିତ

ସାଧାରଣ ସ୍ଥିର ମସ୍ତିଷ୍କରେ ପର-ଆପଣା ନ୍ୟାୟରେ ବିଚାର କରିବାକୁ ଅନୁରୋଧ କରୁଛି । ଏହାକୁ ଉପେକ୍ଷା କରାଯାଇ ନ ପାରେ । ମନେରଖିବେ, ଆମର ବାଲ୍ୟକାଳଠାରୁ ବ୍ରାହ୍ମଣଙ୍କର ଶ୍ରେଷ୍ଠତ୍ୱ ଓ ଜାତିଗତ ଗୌରବର ଦମ୍ଭ ଅସହ୍ୟ ଘୃଣାର ବିଷୟ ଥିଲା ଏବଂ ଏ ପର୍ଯ୍ୟନ୍ତ ମଧ୍ୟ ରହିଛି । କିନ୍ତୁ ଆମର ବୟୋବୃଦ୍ଧି ସଙ୍ଗେସଙ୍ଗେ ହିଁ ଏକ ଅଦ୍ଭୁତ ସତ୍ୟ ଏହି ସୂତ୍ରରେ ମୋ' ଭିତରେ ପ୍ରକାଶ ପାଇଥିଲା । ଏହା ହେଲା, ଯେଉଁ ସମସ୍ତ ବ୍ରାହ୍ମଣଙ୍କର ଯଥାର୍ଥ ଶିକ୍ଷା ଓ ଜ୍ଞାନ ଏବଂ ଶାସ୍ତ୍ରବିଚାର ସେମାନଙ୍କୁ ଯଥାର୍ଥରେ ହିଁ ଉଚ୍ଚସ୍ତରରେ ରଖି ଆମ ସମାଜ ଗୌରବବୋଧ କରିଛି, ମୁଁ ଘନିଷ୍ଠ ଭାବରେ ସେମାନଙ୍କର ସଂସ୍ପର୍ଶରେ ଆସିଛି । ସେମାନେ କେହି ଦାମ୍ଭିକ ନୁହନ୍ତି, ପରନ୍ତୁ ନିଜ ଗୁଣଗାରିମା ବିଷୟରେ ସଜାଗ ନୁହନ୍ତି । ସେଥିଯୋଗୁ ମୋ'ର ଏହି ଧାରଣା ବଦ୍ଧମୂଳ ହୋଇଛି ଯେ ଯେଉଁମାନେ ଶିକ୍ଷା ଓ ସଂସ୍କୃତିହୀନ, ସେମାନଙ୍କର ଆଉ କିଛି ଗୌରବ ନାହିଁ ଜାଣି ସେମାନେ ଉଚ୍ଚ ଜାତିର ବୋଲି ଦମ୍ଭ ପ୍ରକାଶ କରିବାକୁ ଚାହାନ୍ତି । ଆମର ମଧ୍ୟ ଶିକ୍ଷାର ଅଭାବ ଯୋଗୁ ଆମ ମନଭିତରେ ବିଦ୍ୱେଷ ଭାବ ଆସିଥାଏ । ଜାତିଗତ ପାର୍ଥକ୍ୟର ଦୃଷ୍ଟି ଭଙ୍ଗୀ ଥିବାରୁ ନିଜକୁ ଛୋଟ ଭାବୁ ବୋଲି କେବେହେଲେ ଏହି ଜାତି ବା ଶ୍ରେଣୀଗତ ବିଦ୍ୱେଷ ହାତରୁ ପରିତ୍ରାଣ ମିଳେନାହିଁ । ଏବେ ମଧ୍ୟ ବ୍ରାହ୍ମଣ କ୍ଷତ୍ରିୟାଦି ସଂସ୍କୃତି ଦ୍ୱାରା ଉଜ୍ଜ୍ୱଳ, ଏ ଦେଶର ସବୁ କିଛି । ଅନ୍ଧ-ବିଦ୍ୱେଷପୂର୍ଣ୍ଣ ଅନ୍ତଃସାରଶୂନ୍ୟ ମନ ଆମର ବ୍ରାହ୍ମଣାଦିର ଶ୍ରେଷ୍ଠତ୍ୱକୁ ଲକ୍ଷ୍ୟ ନ କରିବାଲାଗି ପ୍ରରୋଚିତ କରେ । ଫଳରେ ଆମ ନିଜର ଶ୍ରେଷ୍ଠତ୍ୱରୁ ଆମକୁ ବଞ୍ଚିତ ହେବାକୁ ପଡ଼େ । ଆଦର୍ଶଭ୍ରଷ୍ଟ ହେଲେ ହିଁ ସେତେବେଳେ ପରଜାତୀୟ ହିଂସ୍ର ଆଦର୍ଶ ଗ୍ରହଣରେ ପ୍ରବୃତ୍ତ କରାଏ— ଇଚ୍ଛା ହୁଏ, ନିଜ ସମାଜର ଶ୍ରେଷ୍ଠ ଓ ପ୍ରତିଷ୍ଠାପନ୍ନ ଉଚ୍ଚତାକୁ ସମୂଳେ ବିନାଶ କରି ଆମେ ହିଁ ଏକମାତ୍ର ଉଚ୍ଚ ଓ ଶ୍ରେଷ୍ଠ ହୋଇଥାଉ, ଏ ଦେଶରେ । ଆମ ସମ୍ମୁଖରେ ଆଜି ପାଶ୍ଚାତ୍ୟର ନାନା ଆଦର୍ଶ ଜୀବନ୍ତଭାବେ ହିଁ ନୃତ୍ୟଶୀଳ । ଆମେମାନେ ମୂଢ଼ଚିତ୍ତ, ଆମ ସମାଜ-ଜୀବନରେ ଠିକ୍ କେଉଁଟା କଲ୍ୟାଣକର, ଯାହା ଶାନ୍ତି ଓ ସ୍ୱାଚ୍ଛନ୍ଦ୍ୟ ଆଣିପାରେ, କେବଳ ତାହାହିଁ ଗ୍ରହଣ କରିବା ବିଷୟରେ ଆମେ ବୁଦ୍ଧିହୀନ । ରକ୍ତଚଞ୍ଚଳକାରୀ ଆଦର୍ଶର ମତ ହିଁ ଯେପରି ଆମର ପ୍ରୟୋଜନ, ଯେହେତୁ ପ୍ରମତ୍ତ ମନର ଯୁକ୍ତି ଏହାହିଁ ଯେ ଥଣ୍ଡା ରକ୍ତ ଆମକୁ ମରଣ ପଥକୁ ନେଇ ଯିବାକୁ ଚାହେ, ତେଣୁ ଆମେ ଆଦର୍ଶକୁ ଗରମଭାବେ ଧରି ରଖିବାକୁ ଚାହୁ । କିନ୍ତୁ ଆମେ ବୁଝୁନା ଯେ ପ୍ରକୃତିର ବିଧାନରେ, ଆମର ଏହି ଭୟଙ୍କର ଗ୍ରୀଷ୍ମ ପ୍ରଧାନ ଦେଶରେ ବାହାରର ଏହି ଭୀଷଣ ତପ୍ତ ଆବାହାଓ୍ୱାରେ ଏପରି ଉତ୍ତପ୍ତ ଆଦର୍ଶ ସ୍ୱାଭାବିକ ନୁହେଁ ।

ବର୍ତ୍ତମାନ ମୋ'ର ସର୍ବଶେଷ କଥା ହେଲା—ମନ, ପ୍ରାଣ ଓ ଅନ୍ତରାତ୍ମା ଯେତେ ବେଶୀ ଚେତନଶକ୍ତିର ଅଧିକାରୀ, ମୁଁ ମୋ'ର ସର୍ବଶକ୍ତି ପ୍ରୟୋଗ କରି ହିଁ ଆପଣମାନଙ୍କ ସମ୍ମୁଖରେ ଶେଷ ଅନୁରୋଧ ଓ ନିବେଦନଟି ଉପସ୍ଥାପିତ କରୁଛି— ଅଧଃପତିତ ଏହି ସମାଜର ପୂରାତନ ଅହମିକାର ଜଡ଼ତା ଉଚ୍ଚ-ନୀଚ ଶ୍ରେଣୀଭେଦର ଦମ୍ଭକୁ ଲୋପ କରି ଏହି ଜାତିକୁ

ବଞ୍ଚାଇବାକୁ—ବଞ୍ଚାଇବା ଭଳି ବଞ୍ଚାଇବାକୁ, ଐକ୍ୟବଦ୍ଧ ହୋଇ ଉଚ୍ଚସ୍ତରର ଶକ୍ତିଶାଳୀ ଓ ପ୍ରକୃତରେ ଏକ ମହତ ଜାତିରେ ପରିଣତ କରିବାରେ ସହାୟତା କରନ୍ତୁ । ଆପଣମାନଙ୍କ ଦ୍ୱାରା ଏହାର ପ୍ରବର୍ତ୍ତନ ସାରା ଭାରତକୁ ଉଦ୍‌ବୁଦ୍ଧ କରିବ । ସୁତରାଂ ପରୋକ୍ଷରେ ଆପଣମାନଙ୍କ ସହାୟତାରେ ଓ ଆପଣମାନଙ୍କ ଦ୍ୱାରା ସନ୍ତାନମାନେ ହିଁ ସାରା ଭାରତର ଅଗ୍ରଗତି ଓ ଗୌରବର ଭାଗୀଦାର ହେବେ । ବ୍ରାହ୍ମଣ ଓ ଅବ୍ରାହ୍ମଣର ଏହି ବିଶାଳ-ଶରୀର ହିନ୍ଦୁସମାଜ କ୍ଷେତ୍ରରେ ବର୍ତ୍ତମାନ ପ୍ରମାଣିତ ହୋଇଯାଇଛି ଯେ ଏମାନଙ୍କ ଭିତରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ । ସୁଯୋଗ ଓ ଅନୁକୂଳ ପରିସ୍ଥିତି ମିଳିଲେ ଗୋଟିଏ ସାଂତାଳ ସନ୍ତାନ ମଧ୍ୟ ଶିକ୍ଷିତ ହୋଇ ଦେଶର କଲ୍ୟାଣ ଲାଗି ଆତ୍ମୋତ୍ସର୍ଗ କରିପାରେ ଏବଂ ସାଫଲ୍ୟଲାଭ କରିପାରେ, ମଣିଷ ହୋଇ ସର୍ବସ୍ତରର ଶିକ୍ଷାରେ ଶିକ୍ଷିତ ଓ ମହତ୍ ମଧ୍ୟ ହୋଇପାରେ । ଏପରିକି ନେତୃସ୍ଥାନ ମଧ୍ୟ ଅଧିକାର କରି ଏହି ବିଶ୍ୱସ୍ରଷ୍ଟାଙ୍କ ମନୁଷ୍ୟସୃଷ୍ଟିର ଉଦ୍ଦେଶ୍ୟ ଓ ସାର୍ଥକତାର ଶୁଭ ପରିଚୟ ମଧ୍ୟ ଦେଇପାରେ । ଏହି ଅବସ୍ଥା ହିଁ ହିନ୍ଦୁସମାଜର ଚରମ ମୁକ୍ତିର ଅବସ୍ଥା । ଆପଣମାନଙ୍କୁ ରାଣ, ଆଉ ଏହି ଗଳିତ ଶବ୍ଦର ଦେହ ମଧ୍ୟରେ ଥିବା ମିଥ୍ୟା ବର୍ଣ୍ଣଗାରିମା ଦ୍ୱାରା ଏହି ବିଶାଳ ସମାଜର ସର୍ବନାଶ କରନ୍ତୁ ନାହିଁ । ଆର୍ଯ୍ୟ ଭାରତର ଗୌରବର ମାନ ଓ ଶକ୍ତି ପ୍ରସାର କାଳରେ ସମାଜର ଏହି କୁତ୍ସିତ ମୂର୍ତ୍ତି ନଥିଲା— ମୋ' ଆଶା କେବଳ ନୁହେଁ, ବିଶ୍ୱସ୍ରଷ୍ଟାଙ୍କର ମଧ୍ୟ ଇଚ୍ଛା ଯେ ଶେଷକାଳରେ ଏହି ଅବସ୍ଥାର ମୂର୍ତ୍ତି ରହିବ ନାହିଁ । ସେଥିଲାଗି ମୁଁ ଆଜି ଆପଣମାନଙ୍କ ସମ୍ମୁଖରେ ଆସି ଠିଆହୋଇଛି, ଏହି ସମାଜର ଆଗାମୀ ପ୍ରତିଷ୍ଠା ଓ ଜୟର ସଙ୍କେତ ନେଇ । ପରଲୋକ ଯାତ୍ରାର ପୂର୍ବାହ୍ନରେ ଆଉ କିଛି ନ କରନ୍ତୁ ପଛେ, ଆପଣମାନଙ୍କର ବଂଶଧରଙ୍କ ପଥକୁ, ଉଦାର ସାମାଜିକ ମୁକ୍ତିର ପଥକୁ ମୁକ୍ତ କରିଦେଇ ଯାଆନ୍ତୁ— କାୟମନୋବାକ୍ୟରେ ସେମାନଙ୍କର ଅଗ୍ରଗତିକୁ ବାଧାମୁକ୍ତ କରିଦେଇ ଦେଶର ସାମାଜିକ ଇତିହାସରେ ଆପଣମାନେ ନିଜ ନିଜର ସ୍ଥାନ ପ୍ରତିଷ୍ଠିତ କରିଦିଅନ୍ତୁ । ସାର୍ଥକ ହେଉ ଆପଣମାନଙ୍କର ଜନ୍ମ ଓ ଜୀବନ । ଏହି ବିଷୟରେ ଶ୍ରୀରାମକୃଷ୍ଣଙ୍କ ଜୀବନଚରିତ୍ର ଓ ବାଣୀ ସ୍ମରଣ କରିବା କର୍ତ୍ତବ୍ୟ । ସେ ଊନବିଂଶ ଶତାବ୍ଦୀର ଶେଷଭାଗରେ ଜଣଙ୍କର ପ୍ରଶ୍ନର ଉତ୍ତର ଦେଇ କହିଥିଲେ—ଏହି ଜାତିଭେଦ ଶରୀରର ଘା' ଉପରେ ବକଳା ପରି (ସେ ସମୟରେ), ଅତି ଶୀଘ୍ର ତାକୁ ଟାଣି ଛିଣ୍ଡାଇଦେଲେ ରକ୍ତପାତ ହେବ, ଘା' ଶୁଖିଗଲେ ବକଳା ଆପେ ଖସିପଡ଼ିବ । ମୋ'ର ବିଶ୍ୱାସ, ଏତେଦିନ ପରେ ସେହି ସମୟ ଉପସ୍ଥିତ; ଆଉ ତା'ର କାରଣ ଓ ଯଥାର୍ଥ ସ୍ଥିତି ଏହି ଅର୍ଦ୍ଧଶତାବ୍ଦୀରୁ ବେଶୀ ହୋଇ ଯାଇଛି, ଏହି କାଳର ଇତିହାସ ହିଁ ସାକ୍ଷ୍ୟ ଦେଉଛି ଯେ ବର୍ତ୍ତମାନ ଏହା ବ୍ୟାଧିର ଶେଷ ସମୟ—ତାହା ହିଁ ଅନୁଭବ କରି ଆପଣମାନେ ଆଗେଇଆସନ୍ତୁ । ପ୍ରକୃତି ବର୍ତ୍ତମାନ ଅନୁକୂଳ । ସଂସ୍କାର ଲାଗି ବଦ୍ଧପରିକର ହୁଅନ୍ତୁ, ନଚେତ୍ ମରଣଆଡ଼କୁ ଆଗେଇ ଚାଲନ୍ତୁ । ମୋ'ର ବିଶ୍ୱାସ ଉଚ୍ଚ-ନୀଚ ଦୃଷ୍ଟିଭଙ୍ଗିଦ୍ୱାରା ଜାତିଭେଦ ଯେ କେତେଦୂର ମିଥ୍ୟା ତାଙ୍କ (ଶ୍ରୀ ରାମକୃଷ୍ଣଙ୍କ) ପରି ଆଉ କେହି ସେ ସମୟରେ ଅନୁଭବ କରି ନଥିଲେ ।

ଏବେ ସନ୍ନ୍ୟାସୀମାନଙ୍କ ବିଷୟରେ କିଛି କହେ । ଯେଉଁମାନେ ସନ୍ନ୍ୟାସୀ ବା ଗୃହସ୍ଥାଶ୍ରମତ୍ୟାଗୀ ବୈରାଗୀ, ସେମାନେ ଏହି ଅଷ୍ଟବର୍ଗ ବାହାରର ମଣିଷ । ସେମାନଙ୍କ ପରିଚୟ ସେମାନଙ୍କର ଆଶ୍ରମ ବା ଗୁରୁସମ୍ପର୍କିତ । ସମାଜର ଶ୍ରଦ୍ଧାଶୀଳ ବ୍ୟକ୍ତି, ନିଜନିଜର ଇଚ୍ଛା ଅନୁଯାୟୀ ସେମାନଙ୍କର ଭରଣପୋଷଣରେ ଅଥବା ସମାଜକଲ୍ୟାଣ କାର୍ଯ୍ୟରେ ସହାୟତା କରିବେ; ସେଥିରେ ବାଧବାଧକତା ନାହିଁ । ଶାସନ-କର୍ତ୍ତୃପକ୍ଷଙ୍କ ଅପରାଧ-ମୂଳକ ସାଧାରଣ ନ୍ୟାୟ-ନୀତିସମ୍ପର୍କୀୟ ନିୟମ-ଶୃଙ୍ଖଳା ସମାଜ ବା ଦେଶରକ୍ଷାର ଆଇନ ବ୍ୟତୀତ ଅନ୍ୟ କୌଣସି ସାମାଜିକ ଆଇନ ସେମାନଙ୍କର କର୍ମପଥରେ ଯେପରି ବାଧା ସୃଷ୍ଟି ନ କରିପାରେ, ସେ ବିଷୟରେ ସମାଜପତିମାନେ ସଜାଗ ରହିବେ । ଏହି ଯେଉଁ ସାମାଜିକ ଧର୍ମ ଓ ସମାଜକୁ ନବ ଆଦର୍ଶରେ ଗଢ଼ିତୋଳିବା ଲାଗି ପ୍ରସ୍ତାବ ଦେଇଗଲି, ଏହାର ମୌଳିକ ଚିନ୍ତା ଓ ବିଚାରପଦ୍ଧତିର ସବୁ କିଛି ଶୈବଧର୍ମର ଅଧିକାର ବିଷୟ । ବର୍ତ୍ତମାନ ଯେ ଶୈବଧର୍ମ ଆମ ସମାଜରେ ବଞ୍ଚିରହିବ, ସେ ବିଷୟରେ ମୁଁ ନିଃସନ୍ଦେହ । କାରଣ ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ।''

ଏହାପରେ ସମଗ୍ର ସଭାସ୍ଥଳୀ ନିରବ ।

ଏଲୋକେଶୀ ହଠାତ୍ ମୋ' ଆଡ଼କୁ ଫେରି ଚାହିଁଲେ । ମୋତେ ସେଠାରେ ଦେଖି ମୁଖରେ ତାଙ୍କର ଏକ ପ୍ରସନ୍ନ ବିସ୍ମୟର ଭାବ । ତା'ପରେ ଦେଖିଲି, ପ୍ରଥମେ କପାଳରେ, ତା'ପରେ ମୋ' ମୁଣ୍ଡରେ ତାଙ୍କର ଦକ୍ଷିଣ ହାତ ପାପୁଲି ରଖିଲେ, କହିଲେ— ''ହଁ, ଏଥର ଜ୍ୱର ଛାଡ଼ିଗଲା ।'' ଅମୃତ ମଧୁର ଏହି ବାକ୍ୟ କର୍ଣ୍ଣରେ ପ୍ରବେଶ ମାତ୍ରେ ମୋ'ର ତନ୍ଦ୍ରାଭାବ ଛାଡ଼ିଗଲା; ଆଶ୍ରମର ସେହି ଘରେ ସେହି ଶଯ୍ୟାରେ ଶୋଇଛି; ଉମାପତି ବାବା ମୋ' ସାମ୍ନାରେ ହିଁ ଠିଆହୋଇ ରହିଥିଲେ । ଦେଖିଲି, ଏଲୋକେଶୀ ମାତା ମୋ' ମୁଣ୍ଡର ଶିରଉପରେ ତାଙ୍କର ହାତ ରଖିଛନ୍ତି । ମୋତେ ଜାଗ୍ରତ ଥିବାର ଦେଖି ସେ କହିଲେ, ''ଏତେଦିନ ପରେ ଜ୍ୱରଟା ଛାଡ଼ିଲା ।'' ବାବା ହସିହସି ମୋ' ହାତରେ ଖଣ୍ଡେ ପୋଷ୍ଟକାର୍ଡ଼ ଦେଲେ । ପଢ଼ିଦେଇ ଦେଖେ, ଟଙ୍କା ପଠାଯାଇଛି, ସେହି ଖବର, ପୁଣି ଘରକୁ ଫେରିଯିବାକୁ ଜବର ତାଗିଦା । ଜ୍ୱର ମୋ'ର ସତରେ ଛାଡ଼ିଯାଇଥିଲା, ତା'ପରେ କିଛିକ୍ଷଣ ଶୋଇ ପଡ଼ିଥିଲି, ଝାଳରେ ସର୍ବାଙ୍ଗ ସିକ୍ତ । ନିରୋଗ ହୋଇଯାଇଛି ଭାବିନେଇ ଅନ୍ତରରେ ଆନନ୍ଦ ଓ ଉତ୍ସାହ । ସେତେବେଳେ ମୁଁ ଉଠି ବସିଲି ।

ସେହିଦିନ ଦ୍ୱିପ୍ରହରରେ ଟଙ୍କା ପାଇଗଲି ଏବଂ ସେହିଦିନ ଅପରାହ୍ଣରେ ଫେରିଯିବାକୁ ଚେଷ୍ଟା କଲି, କିନ୍ତୁ ଉମାପତି ବାବା ଓ ଏଲୋକେଶୀ ବାଧାଦେଲେ । ଏଲୋକେଶୀ କହିଲେ, ''ମୁଁ ଜାଣିଛି, ଆପଣଙ୍କୁ ଘରର ଆକର୍ଷଣ ଲାଗିଛି । ଆପଣଙ୍କର ସାଧୁ ସାଜିବା କଥା କାହିଁକି !''

ପୁଣି ଆରମ୍ଭ ହେଲା ଖେଞ୍ଚିବା । କିନ୍ତୁ ତାଙ୍କୁ ଯେଉଁଭାବେ ଏହି ହିନ୍ଦୁସମାଜ ସଂସ୍କାର ବିଷୟରେ ବକ୍ତୃତା କରୁଥିବା ଶୁଣୁଥିଲି, ବୋଧହୁଏ ତା'ର କୌଣସି କଥା ମୋ' ସ୍ମୃତିରୁ ଯାଇନାହିଁ । ଆନୁପୂର୍ବିକ ସକଳକଥା ଉଭୟଙ୍କ ନିକଟରେ ବର୍ଣ୍ଣନା କଲି । ଶୁଣି ସାରି ଉମାପତି ବାବା ଟିକିଏ ହସିଦେଲେ ଓ କହିଲେ, ''ସତରେ ସେ (ଏଲୋକେଶୀ) ଠିକ୍ ଭାବିଛନ୍ତି । ଯେଉଁମାନେ ଦେଶର କଲ୍ୟାଣକାରୀ ବଡ଼ ବଡ଼ ଚିନ୍ତାଶୀଳ ବ୍ୟକ୍ତି ସେମାନେ ଏହି ଜାତିର ଉଦ୍ଧାର କଥା, ଯେତେ ଭାବିଛନ୍ତି, ମୋ'ର ଧାରଣା, ସେ ତାଙ୍କଠାରୁ କିଛି କମ୍ ତ ଭାବନ୍ତି ନାହିଁ, ବରଂ ଅନେକ ବେଶୀ ହିଁ ଭାବୁଛନ୍ତି । ଏତିକି ଟିକିଏ ତ ତାଙ୍କର ମୁଣ୍ଡର ଗଠନ, କିପରି ଯେ ଏତେ ଗଭୀର ସମାଜସଂସ୍କାର କଥା ସେ ଯେପରି ଭାବରେ ଚିନ୍ତା କରୁଛନ୍ତି, ସେପରି ମୁଁ ଭାବିପାରିବି ନାହିଁ । ତାଙ୍କର ଶେଷ କଥାଟା ବୋଧହୁଏ ତୁମେ ଶୁଣିନାହିଁ !''

ପଚାରିଲି, ''ସେ କଥାଟା କ'ଣ ?''

ସେ ଏଲୋକେଶୀ ମାତାଙ୍କ ମୁଖକୁ ଥରେ ଚାହିଁଦେଇ କହିଲେ, ''ସେ କହନ୍ତି, ତାଙ୍କର ଏହି ମତକୁ ମାନିବାକୁ ହେବ, ଦିନେ ହେଲେ । ଏହା ବ୍ୟତୀତ ହିନ୍ଦୁଙ୍କର ବଞ୍ଚିବାର ଦ୍ୱିତୀୟ ରାସ୍ତା ନାହିଁ; ହିନ୍ଦୁଙ୍କର ନାମ ହୁଏତ ଭାରତରୁ ମୂଳପୋଛ ହୋଇଯିବ, ନତୁବା ଶକ୍ତିଶାଳୀ ହେବ-ତାଙ୍କ ପ୍ଲାନରେ ସମାଜ ଓ ରାଷ୍ଟ୍ରର ସଂସ୍କାର କରିପାରିଲେ । ହୁଏତ ଲୋକେ ପାଗଳ କହିବେ । ସେଥିଲାଗି ସେ ଏକଥା କାହା ନିକଟରେ ଏପର୍ଯ୍ୟନ୍ତ କହିନାହାନ୍ତି । ମୋ' ନିକଟରେ ତାଙ୍କର କିଛିହିଁ ଗୋପନ ନ ଥାଏ । ସେସବୁ ବେଶ୍ ଭଲ କରି ଦମ୍ଭର ସହ ଗୋଛାଇ ଲେଖିରଖିଛନ୍ତି, ମୋ' ଆସନ ନିକଟରେ ଥିବା ଛୋଟ ସିନ୍ଦୁକ ଭିତରେ ।''

ମୁଁ ସେଦିନ ସେହି ଲେଖାଟି ପଢ଼ି କଟାଇଦେଲି ସମୟ । ପରଦିନ ନିଜ ଘର ଉଦ୍ଦେଶ୍ୟରେ ଯାତ୍ରା କଲି ।

■■

ଷଷ୍ଠବିଂଶ ପରିଚ୍ଛେଦ

ଯାତ୍ରା ପଥରେ ବିପତ୍ତି

ଯୁବକ ହେମନ୍ତ ମିତ୍ର ବିଟ୍ରିଶ୍ ଇଣ୍ଡିୟାନ୍ ଆସୋସିଏସନରେ କର୍ମରତ । ନୂତନ ପରିଣୟ କରି ଦୁଇବର୍ଷ ଖୁବ୍ ଆନନ୍ଦରେ ସସ୍ତ୍ରୀକ କଲିକତାରେ କଟାଇଲା ପରେ ତାଙ୍କୁ ଡିସ୍‌ପେପ୍‌ସିୟା (ଅଜୀର୍ଣ୍ଣତା) ରୋଗ ଆକ୍ରମଣ କଲା । ସ୍ୱାମୀ ପରମାନନ୍ଦ ତାଙ୍କୁ ଭଲ ପାଉଥିଲେ । ଦିନେ ସ୍ୱାମୀଜୀଙ୍କ ନିକଟକୁ ଯାଇଥିଲି—ହିମାଳୟ ଭ୍ରମଣରେ ଯାତ୍ରା କରି ଯମୁନୋତ୍ତରୀ, ଗଙ୍ଗୋତ୍ତରୀ ଆଦି ସ୍ଥାନ ଦେଖିବାର ଇଚ୍ଛା । ତେଣୁ ଯାତ୍ରା ପୂର୍ବରୁ ଶ୍ରୀଗୁରୁଙ୍କ ଚରଣରେ ପ୍ରଣାମ ଜଣାଇ ତାଙ୍କର ଆର୍ଶୀବାଦ ପ୍ରାପ୍ତି ପରେ ଯିବା ଉଦ୍ଦେଶ୍ୟରେ ତାଙ୍କୁ ସାକ୍ଷାତ କଲି । ସେ ମୋ' ଠାରୁ ସବୁ ଶୁଣିସାରି ହେମନ୍ତଙ୍କ କଥା ଉଠାଇଲେ, କହିଲେ—ସେ ଦୁଇମାସ ଛୁଟିରେ ଅଛି, ତାକୁ ସାଙ୍ଗରେ ନେଇଯାଅ—କିଛିଦିନ ଅନ୍ତତଃ ସଂସାରଠାରୁ ଦୂରରେ ରହିଲେ ତା' ପକ୍ଷରେ ଭଲ ହିଁ ହେବ । ଏକ ହିଁ ଗୁରୁଙ୍କର ଶିଷ୍ୟ ଯେହେତୁ ସେହି ସମ୍ପର୍କରେ ସେ ହେଲେ ଗୁରୁଭାଇ—ଏଣୁ ତାଙ୍କୁ ସାଙ୍ଗରେ ନେବାକୁ ପଡ଼ିଲା ।

କଲିକତାରୁ ମସୋରୀ ଆସି ହେମନ୍ତ ହିମାଳୟ ଦେଖି ମୁଗ୍ଧ ହୋଇଗଲା । ଭାବିଥିଲି, ତାକୁ ମସୋରୀରେ ରଖିଦେଇ ଏକୁଟିଆ ଯମୁନୋତ୍ତରୀ ଯିବି । ମୋ' ଯିବା କଥା ଶୁଣିଦେଇ କହିଲା, "ମୁଁ ବି ଯିବି, ଦାଦା !" କହିଦେଇ ନାଚିଉଠିଲା ସେ ତା'ର କଠିନ ଚଢ଼ାଇ-ଉଠାଣ କଥା ଶୁଣି ମଧ୍ୟ ସେ କ୍ଷାନ୍ତ ହେଲା ନାହିଁ । ତେଣୁ ତାକୁ ସାଙ୍ଗରେ ନେବାକୁ ପଡ଼ିଲା । ସେ ପାହାଡ଼ ଉଠିବା ଲାଗି ବୁଟ୍ ମଧ୍ୟ କିଣିଲା—କିନ୍ତୁ ମୁଁ ଖାଲିପାଦରେ ଭଲ ଚାଲିପାରେ ।

ଗୋଟିଏ ଦିନରେ ଯାହା କିଛି ସଂଗ୍ରହ କରିବା କଥା, ତାହା ଶେଷ କରି କୁଲିଙ୍କ ପିଠିରେ ବୋଝ ଦେଇ, ପରଦିନ ପ୍ରତ୍ୟୁଷରେ ଆମେ ଦୁହେଁ ମସୋରୀରୁ ଧରାସୁର ପଥରେ ଯାତ୍ରା ଆରମ୍ଭ କରିଦେଲୁ । ମସୋରୀ ଅତିକ୍ରମ କଲେ ହିଁ ଗଡ଼ୋୱାଲ ରାଜ୍ୟ ଆରମ୍ଭ ହୁଏ । ହିମାଳୟର ପ୍ରଧାନ ପ୍ରଧାନ ତୀର୍ଥସ୍ଥାନ ଏହି ଗଡ଼ୋୱାଲ୍ ରାଜ୍ୟର ଅଧିକାରରେ ।

ମସୋରୀ ପାର୍ ହୋଇ ଆମେ ଗଡ଼ୋଓ୍ୟାଲ୍ ରାଜ୍ୟରେ ପ୍ରବେଶ କଲୁ । ତେହିରୀ ଗଡ଼ୋଓ୍ୟାଲ୍ ଅତି ପ୍ରାଚୀନ ହିନ୍ଦୁରାଜ୍ୟ । ପୂର୍ବେ ଏସବୁ ତେହିରୀ ରାଜ୍ୟ ଥିଲା—ସମ୍ଭବତଃ ୧୮୪୦ ସାଲ ଠାରୁ ଗଙ୍ଗା ବା ଅଳକାନନ୍ଦାର ଦକ୍ଷିଣାଂଶ ହିମାଳୟର ପାଦଦେଶ ପର୍ଯ୍ୟନ୍ତ ପାର୍ବତ୍ୟ ଭୂଭାଗ ବ୍ରିଟିଶ୍ ସରକାରଙ୍କ ଶାସନରେ ଅନ୍ତର୍ଭୁକ୍ତ ଏବଂ ବିଟ୍ରିଶ୍ ଗଡ଼ୋଓ୍ୟାଲ୍

ନାମରେ ହିଁ ନିର୍ଦ୍ଦିଷ୍ଟ । ତେହିରୀ ରାଜ୍ୟ ଏବେ ଫେଡେରେଟେଡ୍ ଇଣ୍ଡିୟାନ୍ ସ୍ଟେଟ୍ସ୍‌ର ଅନ୍ତର୍ଭୁକ୍ତ–ସୁତରାଂ ସେଠାରେ ରାଜଦରବାରର କିଛିଟା ସ୍ୱାଧୀନତା ଥାଏ । ରାଜନୈତିକ ବ୍ୟବସ୍ଥା ବ୍ୟତୀତ ଆଉ ସବୁ ବିଭାଗ ମଧ୍ୟ ତା'ର କର୍ତ୍ତୃତ୍ୱାଧୀନ । ସୁତରାଂ ଏହି ତୀର୍ଥଯାତ୍ରା ମଧ୍ୟରେ ଯେଉଁସବୁ ସ୍ଥାନ ପଡ଼େ–କେଦାର ଓ ବଦ୍ରିନାରାୟଣର ମନ୍ଦିର ଖୋଲିବା ଓ ଯଥା ସମୟରେ ବନ୍ଦ୍ କରିବା, ଏହି ସମସ୍ତ ଅନୁଷ୍ଠାନ ତେହରୀ ଦରବାରର ବ୍ୟବସ୍ଥାନୁସାରେ ହିଁ ସମ୍ପନ୍ନ ହୋଇଥାଏ । ରାସ୍ତାଘାଟ ସବୁ ଦରବାରର ଖର୍ଚ୍ଚରେ ପ୍ରସ୍ତୁତ ଓ ମରାମତି ହୋଇଥାଏ ।

ମସୋରୀଠାରୁ ଯେଉଁ ପଥ ଧରାସୁର ପର୍ଯ୍ୟନ୍ତ ଯାଇଛି, ତାହା ପ୍ରାୟ ୪୦ ମାଇଲ୍ । ବାଟରେ ପ୍ରଥମ ୨୦ ମାଇଲ ପ୍ରାୟ ସମତଳ ରାସ୍ତା, ଅତି ଚମତ୍କାର, ଅକ୍ଳେଶରେ ଯାଇ ହୁଏ । କଠିନ ଉଠାଣି ନାହିଁ, ମାତ୍ର ଉଠିବାରେ ବହୁ ଦୀର୍ଘ ପଥ ଓ ବେଳେବେଳେ ଟିକିଏ କଷ୍ଟଦାୟକ । ଏସବୁ ସ୍ଥାନ ଦେଇ ଓହ୍ଲାଇବାକୁ ହୁଏ, ଯେଉଁଠାରେ ଗୋଟିଏ ପାର୍ଶ୍ୱରେ ଗଭୀର ଖାଲ ଏବଂ ଅପର ପାର୍ଶ୍ୱରେ କ୍ରମୋନ୍ନତ ଜଙ୍ଗଲ, ମଝିରେ ଥିବା ସରୁ ବାଟଟି ପୁଣି ନାନା ଆକାରପ୍ରକାରର ପ୍ରସ୍ତରଖଣ୍ଡସମାକୁଳ– ଖାଲିପାଦରେ ଚାଲିଲେ ଆଘାତ ପାଇବାକୁ ପଡ଼ିଥାଏ । ଖଣ୍ଡେ ଖଣ୍ଡେ ପଥର ଏପରି ତୀକ୍ଷ୍ଣଧାରୁଆ ଯେ କେତେବେଳେ କେଉଁ ପାଦକୁ ତାହା ଫୁଟାଇ ଦେବ ! ଖଣ୍ଡେ ଏହିପରି ଧାରୁଆ ପଥର କୋଣ ପାଦତଳକୁ ଫୁଟେଇଦେଇ କିଛିଦିନ କଷ୍ଟ ଦେଇଥିଲା । ମସୋରୀ ଠାରୁ ସୁୟୋଖାଲି ନାମରେ ୬ ମାଇଲ ମୁଣ୍ଡରେ ଗୋଟିଏ ପଡ଼ା ଗାଁ । ଏହା ଭିତରେ ମଝିରେମଝିରେ ଦୁଇ ତିନୋଟି କ୍ଷୁଦ୍ର ଗ୍ରାମ ଆମେ ପାର୍ ହୋଇଯାଇଥିଲୁ । ସେହି ଗ୍ରାମଗୁଡ଼ିକ, ଯେଉଁମାନେ ଚାଷବାସ କରୁଥାନ୍ତି, ସେହିମାନଙ୍କର । ଧାନ ଓ ଗହମର ଖେତ ସବୁଆଡ଼େ ଦେଖିଦେଖି ଆସିଥିଲୁ । ସୁୟୋଖାଲି ପର୍ଯ୍ୟନ୍ତ ପ୍ରାୟ ସୋଜା ରାସ୍ତା । ଏହା ପରଠାରୁ ଓହ୍ଲାଇଲୁ; ସେହି ଓହ୍ଲାଇବା ରାସ୍ତାର କେତେକାଂଶ କଠିନ ପ୍ରସ୍ତରଖଣ୍ଡ ସମାକୀର୍ଣ୍ଣ । ଛୋଟବଡ଼ ପଥରର ନାନା ଆକାରପ୍ରକାରର ଖଣ୍ଡମାନ ବିସ୍ତୃତ । ସେତେବେଳେ ରାସ୍ତାଟି ଏହି ରକମର ଥିଲା; ବର୍ତ୍ତମାନ କିନ୍ତୁ ଭଲ ହୋଇଯାଇଛି ।

ଶେଷରେ ପ୍ରାୟ ଦ୍ୱିପ୍ରହର ସମୟରେ ଏକ ପାର୍ବତ୍ୟ ନଦୀର ଉପତ୍ୟକାରେ ଦାତୁରୀ ଗ୍ରାମରେ ପହଞ୍ଚିଲୁ । ସ୍ନାନାହାର ଓ ବିଶ୍ରାମରେ ପ୍ରାୟ ଦୁଇ ଘଣ୍ଟା କଟାଇ ପୁଣି ଯାତ୍ରାରମ୍ଭ– ପ୍ରାୟ ୬ ମାଇଲ ଚାଲିପାରିଲୁ । ଏଥର ଅଧିକ ଚାଲିବାର ସଂକଳ୍ପ ରଖିଥିଲୁ । ହେମନ୍ତ ଖୁବ୍ ଚାଲୁଛି । ତାକୁ ଭାରି ଆନନ୍ଦ ଲାଗୁଛି, ଉଚ୍ଛ୍ୱାସପୂର୍ଣ୍ଣ କଥାରେ ହିମାଳୟର ସୌନ୍ଦର୍ଯ୍ୟ ବର୍ଣ୍ଣନାର ଫୁଆରା ଛୁଟାଇ ଚାଲିଛି । ଉପରବେଳା ଦୁଇଟା ସମୟରେ ସାମାନ୍ୟ ବିଶ୍ରାମ ପରେ ଆମେ ପୁଣି ସେଠାରୁ ବାହାରିପଡ଼ିଲୁ । ସିଧା ରାସ୍ତା– କିଛି କଷ୍ଟ ମଧ୍ୟ ହେଉନାହିଁ । ହେମନ୍ତ ଖୁବ୍ ଖୁସି । ସେ ଏ ଭିତରେ କହିବାକୁ ଆରମ୍ଭ କରିଛି– ''ଓଃ, ଏଇପରି ତ ବାଟ, ଏପରି ରାସ୍ତାରେ ଆସିବାକୁ ଲୋକେ ଭୟ ପାଆନ୍ତି କାହିଁକି ? ମୁଁ ସାରା ହିମାଳୟ ଘୂରିବି ଆପଣଙ୍କ ସହ ।''

ମୁଁ କହିଲି, ମସୋରୀ ଉଠାଣି କଥାଟା ଭୁଲିଗଲ ନା କ'ଣ ? ସେ କହିଲା—କାହିଁ ଆଜି ସାରାଦିନ କୌଣସିଠାରେ ସେପରି ରାସ୍ତା ଦେଖିଲି ନାହିଁ ତ । ବୋଧହୁଏ ପ୍ରଥମରୁ ହିଁ ଥିଲା, ତା'ପରେ ସବୁ ଏହିପରି ହୋଇଥିବ—ଦେଖିବେ ଦାଦା ପ୍ରାୟ ଏହିପରି ଥିବ ।''

''ଭଲ କଥା, ଦେଖାଯାଉ । ଆମ ଆଗରେ ଆଉତ ଅନେକ ବାଟ ପଡ଼ିଛି ।'' ପାଞ୍ଚ ମାଇଲ, ସାଢ଼େପାଞ୍ଚ ମାଇଲ ଆସିବା ପରେ ମୋଲ୍‌ଧାର ଗ୍ରାମରେ ଯାଇ ପହଞ୍ଚିଲୁ । 'ମୂଳଧାରା'ରୁ ବୋଧହୁଏ ମୋଲ୍‌ଧାର ନାମଟି, କିନ୍ତୁ କେଉଁ ଧାରାଟି ବଡ଼, ତାହା ଦେଖି ନାହିଁ । ତେବେ ଶେଷ ଆଡ଼କୁ ଗୋଟିଏ ଛୋଟ ଝରଣା । କିନ୍ତୁ ସେଥିରୁ ପାଣି ପିଇବାର ସୁବିଧା ଆଦୌ ନାହିଁ । ପାହାଡ଼ର ଶିଉଳିଢଙ୍କା ଦେହ ଦେଇ ପାଣି ଝରୁଛି । ସେହି ଧାରାକୁ ପାର୍ ହୋଇ ଚଢ଼ିବା ଆରମ୍ଭ ହେଲା । ଏଥର ହେମନ୍ତଙ୍କ ମୁହଁଟି ଶୁଖିଗଲା—ତଥାପି ଏହି ଉଠାଣିଟି ସିଧା ନୁହେଁ । ଏହିପରି ତିନି ମାଇଲ ଉଠାଣି ଉଠିଲାବେଳେ ସେ ଯେପରି ମଝିରେମଝିରେ ବସିପଡୁଥିଲା, ସେଥିଲାଗି ମୋ'ର ଟିକିଏ ଭୟ ହେଲା । ସେ ପଛରେ ସେପରି ଉଠାଣିକୁ ପାର୍ କରି ଉଠିପାରିବ କି ନାହିଁ ସନ୍ଦେହ । ମସୋରୀରେ ଯାହା ଚଲା ହୋଇଛି ଆଜି ଏହି ତିନିମାଇଲ ଚଢ଼ିବା ପରେ ସବୁ ରାସ୍ତା ସହଜ ଓ ସୁଖଦାୟକ । ଶେଷବେଳକୁ ତା' ପକ୍ଷରେ ଉଠାଣି ରାସ୍ତାଟି କଷ୍ଟକର ହୋଇପଡ଼ିଲା, ଏହା ମୁଁ ଜାଣିପାରିଲି । ଉତ୍ସାହର ମାତ୍ରା ବେଶୀଥିବାରୁ ସେ ଅଧିକ ଉଜବାଚ କଲାନାହିଁ । ପ୍ରାୟ ତିନିମାଇଲ ଉଠାଣି ଉଠି ପର୍ବତର ଅନ୍ୟଦିଗରେ ଉଠିବା ପରେ ଘୋରିପା ନାମକ ଗ୍ରାମ । ଆଜି ଏହିଠାରେ ଆମର ହେବ ରାତ୍ରିଯାପନ । ପ୍ରାୟ କୋଡ଼ିଏମାଇଲ ପାର୍‌କରି ଶ୍ରମକ୍ଳାନ୍ତ ଶରୀରରେ ଆମେ ଯେତେବେଳେ ଗ୍ରାମର ଦୋକାନରେ ଆଶ୍ରୟ ନେଲୁ, ସେତେବେଳ ପର୍ଯ୍ୟନ୍ତ ଆମର କୁଲି ମହାରାଜ ଏଠାରେ ପହଞ୍ଚି ନଥିଲା ।

ଗ୍ରାମର ମୋଦି ବଣିଆ ଆମର ବହୁତ ସତ୍କାର କଲା । ତା'ର ସ୍ତ୍ରୀ ଓ ଗୋଟିଏ କନ୍ୟା । ସେମାନେ ରୁଟି ସେକିଲେ ଆଉ ତରକାରି ତିଆରି କରି ଅଳ୍ପ ଆଚାର ଦେଇ ଆମକୁ ଭୋଜନରେ ଆପ୍ୟାୟିତ କଲେ । ହେମନ୍ତ ଖୁବ୍ ପ୍ରଶଂସା କରି ଖାଇଲା । ତା'ପରେ ଆମେ ବିଛଣା ପକାଇ ନିଜନିଜ ସ୍ଥାନରେ ଶୋଇପଡ଼ିଲୁ ।

ସକାଳେ ଉଠିଲା ବେଳେ ବେଶ୍ ଶୀତ ଲାଗିଲା । ହେମନ୍ତ କହିଲା, ''ଆଚ୍ଛା ଦାଦା ! ଗରମ ଦିନରେ ହିମାଳୟରେ ଯେତେବେଳେ ଏତେଟା ଶୀତ ଲାଗୁଛି, ମାର୍ଗଶିର-ପୌଷ ମାସର ଶୀତ ସମୟରେ ଏଠାରେ କିପରି ଲାଗୁଥିବ ଓ କେମିତିକା ଶୀତ ହେଉଥିବ ?''

ମୁଁ କହିଲି, ''ତୁଷାରପାତ କଥା ଶୁଣି ନାହୁଁ ? ସେତେବେଳେ ତ ଏସବୁ ସ୍ଥାନ ପ୍ରାୟ ବରଫରେ ଢଙ୍କା ଥାଏ, ଫାଲ୍‌ଗୁନ ମାସ ହେଲେ ବରଫ ତରଳି ଯାଏ । ସେତେବେଳେ ହିଁ ଆମର ଭ୍ରମଣର ପାଳା ।''

ଏଥର ଆଗରାସ୍ତାରେ ଚଢ଼ା-ଉତରା ନଥିଲା । ସୁନ୍ଦର ପଥ, ମଝିରେମଝିରେ ଜଙ୍ଗଲ ଭିତର ଦେଇ, କେତେବେଳେ ବା ପାହାଡ଼ର ଉପର ଦେଇ, ଅଙ୍କାବଙ୍କା ପଥ, ସୁନ୍ଦର

ଦୃଶ୍ୟ । ଗୋଟିଏ ଦିଗର ଦୃଶ୍ୟ ଦେଖୁ ଦେଖୁ ଆମେ ଆସି ଗୋଟିଏ ଝରଣା ପାଖରେ ପହଞ୍ଚିଗଲୁ । ହେମନ୍ତ ମୋ' ସାଙ୍ଗରେ ପାଦ ମିଳାଇ ଆଗେଇ ଚାଲିଥିଲା ।

କିଛିଟା କ୍ଳାନ୍ତିକୁ ଅପନୋଦନ ଲାଗି ଝରଣା ପାଖରେ ଆମେ ଠିଆହେଲୁ । ତା' ପାଖରେ ଥିଲା ଏକ ପକ୍କା ଦଣ୍ଡା । ସେହି ରାସ୍ତାରେ ତରବର ହୋଇ ଜଣେ ପାହାଡ଼ୀ ଝିଅ ଓହ୍ଲାଇଆସିଲା, ପିଠିରେ ଝୁଡ଼ି ବନ୍ଧା ହୋଇଥାଏ, ତାକୁ ପଚାରିଲି, ''ଏ ଜାଗାଟିର ନାମ କ'ଣ ?'' ସେ କହିଲା, ''ଚାପ୍ରା ।'' ଆମେ କୁଆଡ଼େ ଯିବୁ ବୋଲି ସେ ପଚାରିଲା । ଶୁଣି ସାରିଲା ପରେ ସେ କହିଲା, ''ଖାଲ୍ ତିୟାରହା ମେଁ ହାମାରା ବାବାକା ଦୁକନ ହୈ, ଉହାଁ ଯାୟକେ ରହନା, ହାମାରା ବାବା ଅଛି ଆଦ୍‌ମି ।''

ସେତେବେଳେ ହେମନ୍ତ ପଚାରିଲା, ''ତୁମ ଏଖାନେ କାହେ, ବାବାକା ପାସ୍‌ସେ ଏତନା ଦୂରମେ ରହତା ହାୟ ?''

ସେ ଟିକିଏ ହସିଦେଇ ଉପରଆଡ଼କୁ ଦେଖାଇଦେଇ କହିଲା, ''ହମାରା ଶୁଶୁରାଲ ।'' ମହିଳାଟି ଭାରି ସରଳ । କଳା କନାର ଘାଘରା, କପଡ଼ାରେ ହାତକଟା କାଁଚୁଲୀ; ପାଦରେ ଜୋତା ନାହିଁ, ମୁଣ୍ଡରେ ଖଣ୍ଡେ କପଡ଼ା ଚାରିଚଉତା ହୋଇ ଆବୃତ—ଏହାହିଁ ସେମାନଙ୍କର ଆବ୍‌ରୁ । ମହିଳା ଜଣକ ଆମକୁ ପଚାରିଲେ—''ତୁମମାନଙ୍କର ଦେଶ କେଉଁଠି ?'' କଲିକତା ବୋଲି କହିବାରୁ ସେ ପଚାରିଲା, ''ତାହା କେଉଁଆଡ଼େ ? ଉତ୍ତରରେ ନା ଦକ୍ଷିଣରେ ?'' ପୂର୍ବ-ଦକ୍ଷିଣ କୋଣରେ ଶୁଣିନେଇ ଥରେ ସେହି ଦିଗକୁ ଅନେଇ ଦେଖିଲା । ଯାହାହେଉ, ଯେତେବେଳେ ଆମେ ଆଗେଇଲୁ, ସେ କିଛି ସମୟ ଠିଆହୋଇ ରହି ଆମକୁ ଦେଖିବାକୁ ଲାଗିଲା । ମନେ ହେଲା ଯେପରି ସେ ନୂଆକରି ଶାଶୁଘରକୁ ଆସିଛି । ତା' ବାବାର ଦୋକାନରେ ଯେପରି ଆମେ ରହୁ, ସେଥିପାଇଁ ତା'ର ଅନୁରୋଧ କଥା ନେଇ ହେମନ୍ତ କହିଲା, ''ଦେଖୁଛନ୍ତି ଦାଦା ! ବଣର ନାରୀ, କିପରି ବାପ ଲାଗି କିଛିଟା କ୍ୟାନଭାସ୍ କଲା ? ଏମାନଙ୍କୁ କାରବାରଟା ବେଶ୍ ଜଣା ।''

ଏହି ନାରୀଟି ବିଷୟରେ କଥାବାର୍ତ୍ତା କରୁ କରୁ ଆମେ ଚାରିମାଇଲ୍ ପାର୍ ହୋଇଗଲୁ । ଅବଶ୍ୟ ତାହାରି କଥା କହିବାକୁ ହେମନ୍ତକୁମାର ଆଗ୍ରହୀ ଥିଲା, ସେ କଥା ନ କହିଲେ ଚଳିବ । ଏହି ଚାରିମାଇଲ ଧରି ତା'ର କେତେ ପ୍ରବଳ ଉତ୍ସାହ ! ଆଜି ତା'ର ଉତ୍ସାହର ମୂଳ ଉତ୍ସ ଏହି ବଣର ମହିଳାଟି । ଆମେ ଘୋରିପାଠାରୁ ଚାରିମାଇଲ ସିଧା ରାସ୍ତାରେ ଆଧିୟାରୀଠାରେ ପହଞ୍ଚି କିଛି ଜଳଯୋଗ କରିନେଲୁ ।

ତିନିଚାରି ଘର କୃଷିଜୀବୀଙ୍କୁ ନେଇ ଏହି ପଡ଼ାଟି । ଆମେ ସେଠାରେ ଖୁବ୍ ଅଳ୍ପ-କ୍ଷଣ ମଧ୍ୟରେ ଜଳଯୋଗ ସାରି ସିଧା ରାସ୍ତାରେ ଆଗେଇବା ଆରମ୍ଭ କରିଦେଲୁ । ଏବେ ମୋ'ର ଆଉ ଏକ ଅଶାନ୍ତି ଦେଖା ଦେଲା ।

ହେମନ୍ତ ବଡ଼ କଥାକୁହା—ତା' କଥାର ଫୁଆରା ଛୁଟିଲେ ସହଜରେ ଆଉ ବନ୍ଦ୍ ହେବାକୁ ଚାହେ ନାହିଁ । ଭାବିଚିନ୍ତି ସ୍ଥିର କଲି, ତାକୁ ଆଗେଇଦେଇ ମୁଁ ପଛେପଛେ ଯିବି । କିନ୍ତୁ ଏଯାବତ୍‌କାଳ ମସୋରୀ ଛାଡ଼ି ସେ କେବେହେଲେ ଆଗରେ ଯିବ ନାହିଁ, ପଛରେ ମଧ୍ୟ ଯିବ ନାହିଁ, କେବଳ ସାଙ୍ଗରେ ଅବିରାମ କଥା କହି କହିଯିବ । କାଲି ଏତେ ଖରାପ ଲାଗୁ ନଥିଲା, ଆଜି କିନ୍ତୁ ଅଶାନ୍ତି ପର୍ଯ୍ୟାୟରେ ଯାଇ ପହଞ୍ଚିଲି । ଯଦି ମୁଁ ଆଗକୁ ଯାଏ, ତା'ହେଲେ ସେ ଠିକ୍ ପ୍ରତିଯୋଗିତା କରି ଦ୍ରୁତ ପଦରେ ମୋ' ପାଖରେ ପହଞ୍ଚି କଥା ଆରମ୍ଭ କରିଦେବ । ସବୁ କଥାର ସାରକଥା ଯେ ତା'ର ଶରୀର ଖୁବ୍ ଭଲ ଅଛି । ଏହି ଦୁଇଦିନ ଧରି ତା' ମୁହଁରୁ ସେହି ଗୋଟିଏ କଥା ଅନ୍ତତଃପକ୍ଷେ କୋଡ଼ିଏଥର ଶୁଣିଲିଣି । ଯାହାହେଉ, ତାକୁ ଜଣାଇ ଦେବାକୁ ପଡ଼ିବ ଯେ ମୁଁ ଟିକିଏ ତୁମ ପଛରେ ଯିବାକୁ ଚାହେ । ଅନେକ ଭାବି ଚିନ୍ତି ତାକୁ କହିଲି, ''ଭାଇ ହେମନ୍ତ, ତୁମେ ଟିକିଏ ଆଗରେ ଯାଅ, ମୋତେ ଟିକିଏ ପଛରେ ଚାଲିବାକୁ ଦିଅ ।''

ଶୁଣିନେଇ ସେ ଅବାକ୍ ବିସ୍ମୟରେ ପଚାରିଲା, ''କାହିଁକି ଦାଦା ? ମୋ'ର କ'ଣ କିଛି ଅପରାଧ ହୋଇଛି ?''

ବଡ଼ ମୁସ୍କିଲରେ ପଡ଼ିଲି, ଏପରି ଲୋକ ସହ କିପରି ଭାବରେ ବ୍ୟବହାର କରିବି ? ଭାବି ଦେଖିଲି, ଅସଲ କଥାଟାକୁ କିପରି କହିବି ? ଶେଷରେ ସତକଥାକୁ ଯଥାସମ୍ଭବ ମନୋହର କରି କହିବାକୁ ଚେଷ୍ଟାକରି ଟିକିଏ ଘନିଷ୍ଠତା ସହ ତାହାଙ୍କ କାନ୍ଧରେ ହାତଟି ରଖିଦେଇ ପୁଣି କହିଲି,—''ଦେଖ ହେମନ୍ତ, ବାଟରେ ଚାଲୁ ଚାଲୁ ମୋର ଜପ ଚାଲିଥାଏ । ତୁମେ ଯଦି ମୋତେ ସାହାଯ୍ୟ କରିବ, ତା'ହେଲେ ଆଉ କୌଣସି ଅସୁବିଧା ହେବ ନାହିଁ ।''

ଶୁଣିନେଇ ସେ କ'ଣ ଭାବିଲା ଭଗବାନ ଜାଣନ୍ତି, କିନ୍ତୁ ଯେପରି କିଛିଟା କୌତୁହଳ ମିଶ୍ରିତ ହତାଶ ଭାବରେ କହିଲା—''ହେଁ, ତାହା ନା କ'ଣ, ଚାଲୁଚାଲୁ ଜପ ? ଆସନରେ ବସିଯାଇ ତ ଜପ କରିବାକୁ ହୁଏ; କାହିଁକି, ସ୍ୱାମୀଜୀ ତ ଆମକୁ ସେସବୁ କିଛି ହିଁ କହି ନାହାନ୍ତି ?''

କହିଲି, ''ତୁମେସବୁ କଲିକତାର ଲୋକ, କଲିକତାରେ ବାଟ ଚାଲୁ ଚାଲୁ ତ ଜପ କାମ ହେବାର ନୁହେଁ— ସେଥିଲାଗି ସେ କହି ନାହାନ୍ତି । ଶୁଣିସାରି ସେ ମହାନ ଚିନ୍ତାରେ ପଡ଼ିଗଲା ।'' ମୁଁ ଏହା ଦେଖି ପୁଣି କହିଲି,—''ତା' ଛଡ଼ା ତୁମେ କର୍ମୀ, ଗୃହୀଲୋକନା, ତୁମମାନଙ୍କର ଏସବୁ ଦରକାର ହିଁ ନାହିଁ ।''

ଏକଥା ଶୁଣି ସେ ଟିକିଏ ଅବାକ୍ ହୋଇ ବିଷର୍ଣ୍ଣ ମନରେ କହିଲା, ''ତା'ହେଲେ ମୋତେ କ'ଣ କରିବାକୁ ହେବ ?''

''କିଛି ନାହିଁ, କେବଳ ଟିକିଏ ଆଗପଛ ହୋଇ ଚାଲିଲେ ହେଲା—ତା'ପରେ ପଡ଼ାରେ ପହଞ୍ଚିଗଲେ ସେତେବେଳେ କଥାର ଫୁଆରା ଛୁଟାଇବା ।''

ସେ ଯେ ଦୁଃଖିତ ହେଲେ, ତା' ମୁହଁକୁ ଦେଖି ସ୍ପଷ୍ଟ ବୁଝାଗଲା । ମୁଁ ତା' ସନ୍ତୋଷଲାଗି ଈଷତ୍ ଘନିଷ୍ଠ କଣ୍ଠରେ କହିଲି, ''ମୋତେ ଦାଦା ଡାକୁଛ, ତୁମ କଲ୍ୟାଣଲାଗି ଯଦି କିଛି ଗୋଟାଏ ଅନୁରୋଧ କରେ, ତୁମେ କ'ଣ ତାହା ଶୁଣିବ ନାହିଁ ?''

ବର୍ତ୍ତମାନ ତା'ର ଭାବାନ୍ତର ଲକ୍ଷ୍ୟ କଲି । ସେ 'ନିଶ୍ଚୟ ନିଶ୍ଚୟ' କହି ମୋ'ର ଆହୁରି ପାଖକୁ ଲାଗି ଚାଲିବାକୁ ଲାଗିଲା । ମୁଁ ସେତେବେଳେ କହିଲି, ''ତୁମକୁ ଟିକିଏ ବାକ୍‌ସଂଯମ ଅଭ୍ୟାସ କରିବାକୁ ହେବ । ଏହି କଥାବାର୍ତ୍ତାରେ ଆମର କେତେ ଶକ୍ତି କ୍ଷୟ ହୁଏ, ତାହା ଜାଣିଛ ?''

ସେ କହିଲା, ''ସ୍ୱାମୀଜୀ ମଧ୍ୟ ଏହି କଥା କହିଥିଲେ ଥରେ । ସେତେବେଳେ ଏତେ କଥା ବୁଝିପାରି ନଥିଲି । ଏବେ ବୁଝୁଛି, ଆପଣ ଠିକ୍ କହୁଛନ୍ତି । ଆଚ୍ଛା ଦାଦା, ଆପଣ ଏବେ ଆଗେ ଆଗେ ଚାଲନ୍ତୁ ।''

ମୁଁ କହିଲି, ''ତା' ହେବ ନାହିଁ, ତୁମେ ଆଗେ ଆଗେ ଚାଲିବ; ତଦ୍ଦ୍ୱାରା ମୋତେ ଶାନ୍ତି ମିଳିବ ।'' ସେ ରାଜୀ ହେଲା, ଏବେ ବେଶ୍ ଶାନ୍ତିରେ ଚାଲିବାକୁ ଲାଗିଲି ସତ, କିନ୍ତୁ ଗୋଟିଏ କଥା ମନରେ ଧନ୍ଦି ହେଲି ଯେ ନିଃସଙ୍ଗ ଅବସ୍ଥାରେ ହେମନ୍ତର ଚାଲିବାକୁ ହୁଏତ ଟିକିଏ ଦୁଃଖ ହେଉଛି । କାରଣ ମନୁଷ୍ୟ ପ୍ରକୃତି ନିଃସଙ୍ଗ ରହିପାରେ ନାହିଁ—ତା'ର ଚିନ୍ତା ହିଁ ତାହାର ସଙ୍ଗୀ ହେବ; ତେବେ ତା'ର ଚିନ୍ତା କେଉଁବାଟେ ତାକୁ କେଉଁଆଡ଼େ ନେଇ ଚାଲିବ, ଏହାହିଁ ମୋ'ର ସଂଶୟ ଥିଲା ।

ଏହିପରି ଚାଲୁଚାଲୁ ଆମେ ପ୍ରାୟ ସାଢ଼େଦଶଟାରେ ତିୟାର-ହା ପହଞ୍ଚିଲୁ ।

ଏତେ ବାଟ ସହଜ ସୁନ୍ଦର ଏହି ପଥରେ ଚାଲୁଚାଲୁ ଯେପରି କାହାର କାହା ଉପରେ ଧ୍ୟାନ ଚାଲିଥାଏ । ଏପରି ସବୁ ଦୃଶ୍ୟ ରାସ୍ତାସାରା ଦେଖାଯାଉଥିଲା, ପଥଶ୍ରମ ଆଦୌ ବାଧୁନଥିଲା । ଏଥର ସମ୍ମୁଖରେ ରହିଲା ପ୍ରାୟ ଚାରିମାଇଲ ଉଠାଣି । ହେମନ୍ତ ତାହା ଜାଣେ ନାହିଁ । ଯାହାହେଉ, ଏଥର ପାଞ୍ଚମାଇଲ ଆସି ତିୟାର-ହା ଠାରେ ପହଞ୍ଚିଗଲୁ ।

ଏହି ସ୍ଥାନରେ ଗୋଟିଏ ଛୋଟ ପାର୍ବତ୍ୟ ସ୍ରୋତ ଉପରେ ସେତୁଟିଏ । ଏହାକୁ ପାର୍ ହେଲାପରେ ଉଠାଣି ଆରମ୍ଭ ହୋଇଗଲା । କିପରି ଘଞ୍ଚ ବୃକ୍ଷର ଶ୍ରେଣୀ ଚାରିଆଡ଼େ ରହିଥିଲା—ଛୋଟ ଗୋଟିଏ ଜଙ୍ଗଲ । ଗୋଟିଏ ବଡ଼ ଗଛର ଗଣ୍ଡି ଥିଲା ଅବଶ୍ୟ ନଦୀଠାରୁ କିଛି ଦୂର ହେଲେ ମଧ୍ୟ ଏହା ଏକ ପୂଜାସ୍ଥଳୀ, ବୃକ୍ଷମୂଳରେ ଅନେକ ଶିଳା-ସିନ୍ଦୁର-ଚର୍ଚ୍ଚିତ ପ୍ରସ୍ତରଖଣ୍ଡ । ତାହା ନିକଟରେ ଏକ ଶୁଷ୍କ ବୃକ୍ଷଶାଖାରେ ନାନାବର୍ଣ୍ଣର ଅସଂଖ୍ୟ କନାର ଟୁକୁରା ଗଣ୍ଠିପକାଇ ବନ୍ଧାହୋଇଥିଲା । ଏତଦ୍‌ବ୍ୟତୀତ ଛୋଟଛୋଟ ପଥରଖଣ୍ଡ ସୂତାରେ ବନ୍ଧାହୋଇ ଝୁଲୁଥିଲା । ସେହି ସ୍ଥାନରେ ପହଞ୍ଚିଲୁ । ନଅମାଇଲ ସିଧା ରାସ୍ତାରେ ଚାଲିବାର ଆନନ୍ଦ ଥିଲା, ଏଥର କିନ୍ତୁ ତାହାର ବ୍ୟତିକ୍ରମ । ଏଠାରେ ମଧ୍ୟାହ୍ନକାଳର ବିଶ୍ରାମ ଲାଗି ହେମନ୍ତ ଅନୁରୋଧ କରି କହିଲା, ''ଦାଦା, ଏହିଠାରେ ଦ୍ୱିପ୍ରହରର ଡେରା ପକାଇବା

ନାହିଁ ?'' ମୁଁ ଟିକିଏ ଚିନ୍ତାକରି କହିଲି, ''ଦେଖ ଭାଇ, ଆଉ ଅଳ୍ପ ଚାଲିଲେ ହିଁ ଶେଷ । ଏ ରାସ୍ତାରେ ଆଉ ଗୋଟିଏମାତ୍ର ଉଠାଣି ଅଛି—ଆସନା, ସେତିକି ଶେଷ କରିଦେଇ ନିଶ୍ଚିତ ଭାବେ ସ୍ନାନ-ପାନାହାର ପରେ ବିଶ୍ରାମ ନେବା । ତା'ପରେ ବାକି ରାସ୍ତାକୁ ଅପରାହ୍ନ ବେଳେ ଶେଷ କରିଦେବା, କ'ଣ କହୁଛ ?''

ସେ ଆଉ କ'ଣ କହିବ ! ସରଳ ମନରେ ମୋ' ଅଭିପ୍ରାୟ ବୁଝିନେଇ ରାଜି ହୋଇଗଲା । ସୁତରାଂ ଅଳ୍ପ ସମୟ ବସିପଡ଼ି ନଦୀରୁ ଦୁଇ ଚାରି ଆଞ୍ଜୁଳା ପାଣି ପିଇ ଆମେ କ୍ରମୋଚ୍ଚ ପଥରେ ଉଠିବାକୁ ଆରମ୍ଭ କଲୁ । ମୋ'ର ଯେ ଏଠାରେ ବିଶେଷ ଅନ୍ୟାୟ ହୋଇଗଲା, ସେତେବେଳେ ବୁଝିନଥିଲି । ତଥାପି ମୋ'ର ଅପରାଧ ସେପରି କିଛି ବେଶୀ ନଥିଲା । କାରଣ ଏହି ତିୟାରହା ଉଠାଣି ପାରିହେଲେ ତଳେ, ଅର୍ଥାତ୍ ନଈକୂଳରେ ପହଞ୍ଚିବା ପର୍ଯ୍ୟନ୍ତ ଲୋକାଳୟ ବା ବିଶ୍ରାମସ୍ଥାନ ନାହିଁ । ତେବେ ସଙ୍ଗରେ କିଛି ଖାଦ୍ୟସାମଗ୍ରୀ (ରେସନ୍) ରହିଥିଲେ ଏହି ପାକୁଡ଼ (ଗଣ୍ଡି) ତଳେ ବସି ରନ୍ଧାରନ୍ଧି କରି ଖିଆପିଆ କରାଯାଇଥାନ୍ତା ।

ହେମନ୍ତକୁ ନେଇ ଟିକିଏ ମୁସ୍କିଲରେ ପଡ଼ିଲି । ଯାହା ଭୟ କରୁଥିଲି, ତାହା ଘଟିଗଲା । ସେ ନିୟମିତ ଭାବେ ଆଗରେ ଚାଲୁଥିଲା, ଦେଢ଼ମାଇଲ ପର୍ଯ୍ୟନ୍ତ ଯାଇ ସେ ବାରମ୍ବାର ଦୀର୍ଘ କାଳ ଧରି ବସିବାକୁ ଲାଗିଲା । ସେତେବେଳେ ଆଉ ତାକୁ ଆଗରେ ଯିବାକୁ ନ ଦେଇ ସାଙ୍ଗରେ ଧରିଲି । ମୋତେ ମଧ୍ୟ ଏହି ଉଠାଣି ଖୁବ୍ ବାଧୁଥିଲା । ଉଠାଣି ରାସ୍ତା ପ୍ରାୟ ଚାରିମାଇଲ ହେବ । ପ୍ରଥମରୁ ଉଠାଣି ତିଖ ନୁହେଁ; ତା'ପର ଦୁଇମାଇଲ ପରେ ମଝିରେମଝିରେ ଟିକିଏ ଅଧିକ ତିଖ ଚଢ଼ିବା ଲାଗି ପର୍ବତ । ତା'ପରେ ସ୍ଥାନେସ୍ଥାନେ ରାସ୍ତା କିଛି ନାହିଁ—କିଛିଟା ଘୁରାଘୂରି କରି ଉଠି ଟିକିଏ ଦୂରରେ ପୁଣି ରାସ୍ତା ଦେଖାଗଲା । ଏହି ଭାବରେ ଯେତେବେଳେ ଆମେ ବାରଅଣା ଅଂଶ ଆସିସାରିଲୁ, ସେତେବେଳେ ହେମନ୍ତ ଏକରକମ ନିର୍ଜୀବ ନିସ୍ତେଜ ହୋଇପଡ଼ିଲେ । ମୁହଁ ଶୁଖିଗଲା । ଗୋଟିଏ ଉଚ୍ଚା ପଥର ଉପରେ ସମତଳ ସ୍ଥାନ ଦେଖି ସେ ବସିଯାଇ କହିଲା, ''ଦାଦା ! ଆଉ ମୁଁ ଯାଇପାରୁ ନାହିଁ ।'' କହିଦେଇ ସେ ଶୋଇପଡ଼ିଲା । ସେତେବେଳେ ବାଜିଥାଏ ଗୋଟାଏ ।

ମୁଁ ତା' ନିକଟରେ ବସିଯାଇ ମୁଣ୍ଡ ଓ ଛାତିରେ ହାତ ବୁଲାଇବାକୁ ଲାଗିଲି । କହିଲି, ''ଭାଇ, ମୋ'ର ବଡ଼ ଅନ୍ୟାୟ ହୋଇଯାଇଛି, ତୁମ କଥା ଶୁଣିଥିଲେ ଭଲ ହୋଇଥାନ୍ତା । ଏହି ସମୟରେ ତଳେ ରହିଥିଲେ ଚଳିଥାନ୍ତା ।''

ହେମନ୍ତ କହିଲା, ''ଆମ ପାଖରେ କିଛି ରେସନ୍ ନ ଥିଲା ।'' ମୁଁ ସେକଥା ଜାଣିଥିଲି—କୁଲିମାନେ ପାଖରେ ନ ଥିଲେ । ସେମାନେ ରାତିରେ ସାରାଦିନର ଖୋରାକ ପ୍ରସ୍ତୁତ କରି ଅର୍ଦ୍ଧେକ ସେତେବେଳେ ଖାଇଦେଇ ବାକି ଅର୍ଦ୍ଧେକ ପରଦିନ ଲାଗି ରଖିଦେଇଥାନ୍ତି—ସୁତରାଂ ଆମଲାଗି କେଉଁଠାରୁ ରେସନ୍ ପାଇଥାନ୍ତୁ ? ଆଉ ଏକ ସଙ୍କଟ, ଏ ରାସ୍ତାରେ ପାଣି ମିଳେ ନାହିଁ । ରାସ୍ତାସାରା କେଉଁଠାରେ ଗୋଟିଏ ହେଲେ କ୍ଷୀଣ ଜଳଧାରା ପର୍ଯ୍ୟନ୍ତ ଦେଖା

ଯାଉ ନଥିଲା । ସୁତରାଂ ହେମନ୍ତର ବେଶୀ କଷ୍ଟ ଏହି ପାଣି ଅଭାବ ଯୋଗୁ । ଆମ୍ଗ୍ଲାନିକୁ ଭିତରେ ଚାପିରଖି ପାଣି ସନ୍ଧାନରେ ଏଆଡ଼େସେଆଡ଼େ ଖୋଜି ଦେଖୁଥିଲି, କିନ୍ତୁ କେଉଁଠି ପାଣି ମିଳିଲା ନାହିଁ । ହେମନ୍ତ ଧୀରସ୍ଥିର ଭାବେ ପଡ଼ିଥାଏ—ପାଣି ହିଁ ତା' ଔଷଧ । ପାଣି ନଥିବା ଜାଣି ସେ କହିଲା, ''ଦାଦା ଅନେକଟା ଭଲ ଲାଗୁଛି । ଆଃ, ଟିକିଏ ପାଣି ପାଇଥିଲେ ଏବେ ଉଠି ଚାଲିବା ଆରମ୍ଭ କରିଥାନ୍ତି ।''

ତିୟାରହା ଖାଲ ଅର୍ଥାତ୍ ଏହି ପର୍ବତର ଶୀର୍ଷଦେଶ ଆଉ ବେଶୀ ଦୂର ନଥିଲା । ମନେମନେ ଅନୁମାନ କଲି, ପ୍ରାୟ ତିନିମାଇଲ ଆସିଯାଇଛୁ, ପ୍ରାୟ ଏକମାଇଲ ବା କିଛି କମ୍ ରାସ୍ତା ବାକି ଅଛି । କିନ୍ତୁ ହେମନ୍ତ ଯେଉଁ କଥାଟା ବର୍ତ୍ତମାନ କହିଲା, ଏହା ମୋତେ କିଛିଟା ସାନ୍ତ୍ୱନା ଦେଲା, ଯେହେତୁ ତା'ର ଏହି ଅସୁସ୍ଥତା ଲାଗି ମୁଁ ଯେ ମର୍ମେ ମର୍ମେ କିଛିଟା ଅନୁତପ୍ତ, ତାହା ସେ ବୁଝିଥିଲା । ଉପାୟ ବା କ'ଣ ? ପ୍ରାୟ ଅଧଘଣ୍ଟା କାଳ କଟିଗଲା ପରେ 'ମୁଁ ଖୁବ୍ ଭଲ ଅଛି' କହି ସେ ଉଠି ବସିଲା । ସତରେ ସେତେବେଳେ ସେ ଅନେକଟା ସୁସ୍ଥ ଦେଖାଯାଉଥିଲା । ମୁଁ କହିଲି, ''ଏବେ କିଛି ସମୟ ବିଶ୍ରାମ କର, ତା'ପରେ ଯାହା ହେବ ।'' ସେ ପ୍ରତିବାଦ କରିବାକୁ ଯାଉଥିଲା, ଏହି ସମୟରେ ଆମର କୁଲି-ବାହକ ଆସିଗଲେ— ଆସିଯାଇ ବୋଝକୁ ପଥର ଉପରେ ରଖିଦେଇ ହାତ ଓ ମୁଣ୍ଡରୁ ଚର୍ମ ଦଉଡ଼ି ଖୋଲି ଏକପ୍ରକାର ସୁଶିର ମାରି ନିଃଶ୍ୱାସ ନେବାକୁ ଲାଗିଲେ ।

ହେମନ୍ତ ଲାଗି କିଛି ପାଣି ସଂଗ୍ରହ କରିବାକୁ କହିବାରୁ ଜଣେ କୁଲି କହିଲା ଯେ ଏଠାରେ କେଉଁଠି ପାଣି ମିଳିବ ନାହିଁ, ଉପରକୁ ନ ଉଠିଲେ ପାଣି ପାଇବା ନାହିଁ । ଯେପରି ହେଉ, ଖାଲ ଉପରକୁ ଉଠିବାକୁ ପଡ଼ିବ । ଶୁଣିବା ମାତ୍ରେ ହେମନ୍ତ ଠିଆହୋଇ ଲାଠି ଧରି କହିଲା, ''କୁଛୁ ପରୋୟା ନେଇ ଦାଦା, ଆଇ ଆମ୍ ଅଲ୍‌ରାଇଟ୍, ଚଲୁନ୍ ।'' କହି, ଧୀର ଦୃଢ଼ ପଦକ୍ଷେପରେ ଅଗ୍ରସର ହେଲା । ମୁଁ ମଧ ଚିନ୍ତିତ ହୋଇ ତା' ପଛରେ ଚାଲିବାକୁ ଆରମ୍ଭ କଲି । ସତରେ ସେ ମୋତେ ରକ୍ଷା କରିଦେଲା ।

ଯେତେବେଳେ ଆମେ ଖାଲର ଉପରକୁ ଉଠିଛୁ, ସେତେବେଳେ ସମୟ ଅଢ଼େଇଟା । ତା'ପରେ କିଛି ଉପର ଆଡ଼କୁ ଗଲାପରେ ଗାଁ ଦେଖାଗଲା । ମୁଁ କହିଲି,—''ଆଜି ଆଉ ଆମେ ଧରାସୁ ଯିବା ନାହିଁ, କୌଣସି ରକମ ଏହିଠାରେ ରହିଯିବୁ, ତୁମର ପୂର୍ଣ୍ଣ ବିଶ୍ରାମ ଦରକାର ।''

ହେମନ୍ତ କହିଲା, ''ସେକଥା ପରେ । ଏବେ ଆସନ୍ତୁ, ଖାଇବା ବ୍ୟବସ୍ଥା କରିବା ।''

ଭଗବାନ ଦାସ ନାମକ ବଣିଆର ଅତିଥି ହେଲୁ । ସର୍ବମୋଟ ଏକଟଙ୍କା ଖର୍ଚ୍ଚ ହେଲା, ତାଙ୍କ ଗୃହିଣୀଙ୍କ ଅନୁଗ୍ରହରୁ ଆଳୁସିଝା, ଭାତ, ପର୍ଯ୍ୟାପ୍ତ ଘିଅପକା ହରଡ଼ ଓ ମଶୁରମିଶା ଡାଲି ଆଉ ଶେଷରେ ଦହି । ଘଣ୍ଟାଏ ବିଶ୍ରାମ ପରେ ହେମନ୍ତ ନାଚିଉଠି କହିଲା, ''ଆଜି ହିଁ ଧରାସୁ ଯିବି ।''

ମୁଁ ରାଜି ନଥିଲି । କିନ୍ତୁ କୁଲି କହିଲା, ''ଆଜି ଯିବା ଭଲ, ଚାଲନ୍ତୁନା । ମୋଟେ ସାତମାଇଲ ରାସ୍ତା ଆଉ ଗଡ଼ାଣି– ସାମ୍ନାର ପାହାଡ଼ ତଳେ ହିଁ ଧରାସୁ ।''

ହେମନ୍ତ କୌଣସି କଥାକୁ କାନ ନ ଦେଇ, ଅଗ୍ରସର ହୋଇ କିଛି ରାସ୍ତା ପାର୍ ହୋଇ 'ଆସନ୍ତୁ ଦାଦା' କହି ଚିଲେଇଲା । ଏଣୁ ମୋତେ ମଧ୍ୟ ଆଗେଇବାକୁ ପଡ଼ିଲା । ଅତି ଆରାମରେ ଆମେ ଏହି ସାତମାଇଲ ରାସ୍ତା ଚାଲି, ପ୍ରାୟ ସନ୍ଧ୍ୟା ସମୟରେ, ଧରାସୁରେ ପହଞ୍ଚିଗଲୁ । ଆମ କୁଲି ତା'ର ମୂଲ ନେଇ ସେତେବେଳେ ବିଦାୟ ନେଲେ, ଅବଶ୍ୟ ସେମାନେ ସେହି ରାତିଟା ସେଠାରେ କଟାଇଲେ ।

ଧରାସୁକୁ ଆସି ଏଠାରୁ ଯେଉଁ ପାର୍ବତ୍ୟ ଦୃଶ୍ୟ ଦେଖିଲୁ, ତାହା ଜୀବନରେ ଭୁଲିବା କଥା ନୁହେଁ । ହିମାଳୟ ପର୍ବତ କଥା ପିଲାବେଳୁ କାନରେ ପଡ଼ିଛି । ମନେଅଛି, ଚାନ୍ଦିନୀ ରାତିରେ ଗରମ ଦିନରେ ଛାତ ଉପରେ ମା' ଆମ ଭାଇଭଉଣୀମାନଙ୍କୁ ଶୁଆଇ ଦେବାଲାଗି ଚେଷ୍ଟା କଲାବେଳେ ସାନ ପିଲାମାନେ ଶୋଇ ପଡ଼ିଲା ପରେ ମୁଁ କେବଳ ଚେଇଁରହି ବିସ୍ମୟାକୁଳ ଆଖିରେ ଜହ୍ନ ଉପର ଦେଇ ଦ୍ରୁତ ବେଗରେ ମେଘର ଦୌଡ଼ ଦେଖୁଥାଏ, ଅସଂଖ୍ୟ ପତଳା ମେଘଦଳ ଜହ୍ନର ଉପର ଦେଇ କେଉଁଆଡ଼େ ଚାଲିଯାଉଥାଏ । ମା' ମଧ୍ୟ ତାକୁ ଲକ୍ଷ୍ୟ କରୁଥିଲେ । ଯେତେବେଳେ ମୁଁ ପଚାରେ, ''ହଁ ମା, ମେଘସବୁ କୁଆଡ଼େ ଛୁଟୁଛନ୍ତି ?'' ମା' ସେତେବେଳେ କହନ୍ତି, ''ସେଗୁଡ଼ିକ ହିମାଳୟ ପାହାଡ଼କୁ ଶାଳପତ୍ର ଖାଇବାକୁ ଯାଉଛନ୍ତି, ପୁଣି ଚାଲିଆସିବେ ଯେତେବେଳେ ଓଲଟା ହାଓ୍ୱା ବହିବ ।''

ସେତେବେଳୁ ଏହି ହିମାଳୟ ସଙ୍ଗରେ ମେଘର ସମ୍ବନ୍ଧ ମୋ' ମନରେ ଗଭୀର ରେଖାପାତ କରିଥିଲା । ଏହାପରେ କେତେଥର କେତେ ଭାବରେ ହିମାଳୟ କଥା ଶୁଣିଛି–କେତେ ଲେଖା ପୁସ୍ତକରୁ ଓ ମାସିକ ପତ୍ରିକାରୁ ମଧ୍ୟ ପଢ଼ିଛି । ସେସବୁକୁ ଏକାଠି କରି ହିମାଳୟର ଯେ କି ରୂପ ଏବଂ ଏହି ହିମାଳୟ ଯେ କେତେ ମହାନ, କି ଅଦ୍ଭୁତ ଦୃଶ୍ୟବୈଚିତ୍ର୍ୟ ସ୍ତରେ ସ୍ତରେ ଏହି ବିଶାଳ ପର୍ବତମାଳାର ପ୍ରତ୍ୟେକ ଅଙ୍ଗ ଅଳଙ୍କୃତ କରି ରହିଛି, ତାହା ଯେପରି ଜଣେ ଶିଳ୍ପୀର ଚକ୍ଷୁରେ ଧରା ଦେଇଥାଏ, ସେପରି ସାଧାରଣତଃ ତୀର୍ଥଯାତ୍ରୀମାନଙ୍କ ଦୃଷ୍ଟିରେ ପଡ଼େ ନାହିଁ । କ୍ରମେ କ୍ରମେ ହିମାଳୟର ରୂପ ମୋ' ଦୃଷ୍ଟିରେ ଗମ୍ଭୀରରୁ ଗମ୍ଭୀରତର ମୂର୍ତ୍ତିରେ ପ୍ରତ୍ୟକ୍ଷ ହେବାକୁ ଲାଗିଲା । ସେକଥା ପରବର୍ତ୍ତୀ କାଳରେ କହିବି । ବର୍ତ୍ତମାନ ଏହି ଧରାସୁର କଥା କିଛି କହୁଛି ।

ଏହି ଧରାସୁ ଏକ ପାର୍ବତ୍ୟ ଗ୍ରାମ, ଏଠାରେ ମୁଦି ଦୋକାନ ତ ଅଛି, ପୁଣି ମନୋହାରି ଦୋକାନୀ ମଧ୍ୟ ଅଛନ୍ତି । କେତୋଟି ଦରଜୀ ଦୋକାନ ମଧ୍ୟ ରହିଛି । ଏତଦ୍‌ବ୍ୟତୀତ ସରକାରୀ ବା ଦରବାରୀ କଲେକ୍‌ଟରଙ୍କ ଅଫିସ୍ ଆଦି ଅଛି । ମସୋରୀ ଠାରୁ ଅନେକ ସାହେବ-ସୁବା ପର୍ଯ୍ୟଟକ ଓ ଶିକାରୀ ଦଳ ମଧ୍ୟ ଏଠାକୁ ଯାତାୟତ

କରନ୍ତି । ଏଠାରେ ଅସଲ ଶିକାର ହେଲା ଗୋ-ହରିଣ—ଏଠାରେ ତାକୁ 'ଗୋଡ଼ର' କହନ୍ତି । ଆଉ ବନ୍ୟ କୁକ୍କୁଟ ଆଦି ମଧ୍ୟ ଛୋଟ ଛୋଟ ଶିକାର ପର୍ଯ୍ୟଟକମାନଙ୍କୁ ଆହାର ଓ ଆନନ୍ଦ ଯୋଗାଇଥାଏ । ଏଠାରେ ବ୍ରାହ୍ମଣ, ଛତ୍ରି ଓ ବଣିୟା ଏହି ତିନିଗୋଟି ଜାତିଙ୍କର ଆବାସ ସ୍ଥଳ । ଏମାନେ ସମସ୍ତେ ଚାଷବାସ କରନ୍ତି । ପ୍ରଚୁର ଫସଲ ମିଳିଥାଏ । ଏଆଡ଼େ ଆଖିରୋଟ୍, ଆପେଲ, ଲିଚୁ ପ୍ରଭୃତି ଫଳଗଛ ଚାରିଆଡ଼େ ଦେଖାଯାଇଥାଏ । ବଜାର ପାଖରେ ଥିବା ଗୋଟିଏ ଧର୍ମଶାଳାରେ ଆମେ ଆଶ୍ରୟ ନେଇଥିଲୁ—ଧର୍ମଶାଳା କହିଲେ ଗୋଟିଏ ଅନ୍ଧକାର ଗୃହରେ ଗୋଟିଏ ମାତ୍ର ଦ୍ୱାର, ଆଉ ଦ୍ୱାର ଆଗରେ ଗୋଟିଏ ଚାଳିଆ, ଯେଉଁଠାରେ ରନ୍ଧାବଢ଼ା କରାଯାଇଥାଏ । ମୁଦୀ ହିଁ ତାହାର ମାଲିକ । ଏସବୁ ତାହାର ସମ୍ପତ୍ତି । ମୁଦୀର ପୁତ୍ର ସବୁକିଛି ବ୍ୟବସ୍ଥା କରିଦେଲା । ରାତିର ଭୋଜନ ତାଙ୍କ ଘରୁ ପ୍ରସ୍ତୁତ ହୋଇ ଆସିଲା— କେବଳ ଦିନବେଳା ଆମେ ଭାତ, ଡାଲି, ଆଳୁ ତରକାରି ରାନ୍ଧିଲୁ । ଏହିପରି ଗୋଟିଏ ଦିନ ଓ ଦୁଇରାତ୍ରି ଆମେ ଧରାସୁ ଗ୍ରାମରେ କଟାଇଲୁ । ଆମେ ଯାହାକୁ ଗ୍ରାମ କହୁଛୁ, ପାହାଡ଼ର ଲୋକେ ତାକୁ ସହର କହନ୍ତି । ଲୋକସଂଖ୍ୟା ଅନୁମାନ କରିପାରି ନାହିଁ, ତେବେ ଏହି ଗ୍ରାମ ବା ସହରରେ ପ୍ରାୟ ଶହେ କିମ୍ବା କିଛି ବେଶୀ ଲୋକଙ୍କର ଘର । ବଜାର ଭିତରେ ପାଖାପାଖି ହୋଇ କେତୋଟି ଦ୍ୱିତଳ ଘର ଅଛି— ତଳେ ପ୍ରାୟ ଦରଜୀ, ନ ହେଲେ ମୁଦୀ ବା ମସଲା ଦୋକାନ । ବଡ଼ ରାସ୍ତାକୁ ଛାଡ଼ିଲେ ଫାଙ୍କଫାଙ୍କ ହୋଇ ବସତି । ଯେଉଁଠି ଗଳିକନ୍ଦି, ସେଠି ଦେଖିଛି ଭଣଭଣ ମାଛି ଆଉ ସ୍ତୂପାକାରର ଆବର୍ଜନା । ନିମ୍ନରେ ଗଙ୍ଗା ଓ ଅନ୍ୟ ଏକ କ୍ଷୁଦ୍ର ନଦୀର ସଙ୍ଗମ । ନଦୀର ସଙ୍ଗମ ଯୋଗୁ ଧରାସୁର ଯାହା କିଛି ମାହାତ୍ମ୍ୟ । ମସୋରୀ ଛାଡ଼ି ଏଠାରେ କିଛିଟା ପ୍ରାଣର ଚାଞ୍ଚଲ୍ୟ ଦେଖିଲି । ଏହି ଦୁଇଦିନର ଭ୍ରମଣ ଭିତରେ ଆଉ ଯେଉଁଯେଉଁ ସ୍ଥାନରେ ଆଶ୍ରୟ ପାଇଥିଲି, ସବୁ ସ୍ଥାନଗୁଡ଼ିକ ହିଁ ନୀରବ-ନିଝୁମ୍—ଜନମାନବର ସଂଖ୍ୟା ନିତାନ୍ତ ଅଳ୍ପ । ହେମନ୍ତ ଏଠାକୁ ଆସି ଆନନ୍ଦରେ ମାତିଉଠିଲା । ସ୍ତ୍ରୀଙ୍କୁ ପତ୍ର ଓ ଅନ୍ୟ କାହା କାହାକୁ ମଧ୍ୟ ପତ୍ର ଲେଖିଲା ।

ପରଦିନ ଲାଗି ଆମକୁ ଦୁଇଜଣ କୁଲି ପ୍ରୟୋଜନ ହେଲା । ହରିଧନ ବେଶ୍ ମୋଟାସୋଟା ଦୁଇଜଣ କୁଲୀ ଆଣି ହାଜର କଲା— ସେମାନେ ସବୁ ସମୟରେ ସାଙ୍ଗରେ ଯିବେ ନାହିଁ । ଯମୁନୋତ୍ତରୀକୁ ଆମେ ପ୍ରଥମେ ଯିବୁ । କାରଣ ତାହାହିଁ ସୁବିଧା ହେବ । କୁଲୀ ଦୁଇଜଣ ବରାବର ଶେଷ ପର୍ଯ୍ୟନ୍ତ ଯିବାକୁ ଚାହାନ୍ତି ନାହିଁ । ଏଠାରୁ ପ୍ରଥମ ପଡ଼ା ବରମ୍‌ଖେଲ । ପର୍ଯ୍ୟନ୍ତ ବୋଝ ନେଇ ପହଞ୍ଚାଇ ଦେବେ— ମଜୁରି ଟଙ୍କାଏ ଚାରିଅଣା । ସେମାନେ କହିଲେ ଯେ ଯମୁନୋତ୍ତରୀ ପର୍ଯ୍ୟନ୍ତ ପଚାଶଟଙ୍କା ନେବେ । ହେମନ୍ତ କହନ୍ତି, କୁଲି ଦରକାର ନାହିଁ । ଶେଷରେ ଅନେକ ମୂଲଚାଲ କସରତ କଲାପରେ ଗୋଟିଏ ମତଲବ ହରିଧନ ମୁଣ୍ଡକୁ ଜୁଟିଲା, ସେମାନେ ରୋଜ୍ ଟଙ୍କାଏ ଚାରିଅଣା ହିସାବରେ ପାଇବେ, ଆଉ ଚାରିଅଣା ଖୋରାକୀ, ଯେତେ ଦିନ ହେଉନା

କାହିଁକି । ସେମାନେ ରାଜି ହୋଇଗଲେ, ଆମେ ରକ୍ଷାପାଇଲୁ । ଏହାପରେ ଆଉ ମାଲ୍ ନେଇ କୁଲିର ଅଭାବ ଆମର ସାରା ଯାତ୍ରାକାଳରେ ହୋଇନାହିଁ । ସେହି ରାତିଟି ଆମେ ଆରାମରେ କଟାଇଦେଇ ସକାଳେ ବରମ୍‌ଖେଲା ଯାତ୍ରା କଲୁ । ଧରାସୁରରୁ ଯମୁନୋତ୍ତରୀ ଯିବାକୁ ଏଇଟି ପ୍ରଥମ ପଡ଼ା । ସେହି ହରିଦ୍ୱାରରେ ଗଙ୍ଗାକୁ ଛାଡ଼ି ଆସିଥିଲୁ, ଏତେଦିନ ପରେ ଏହି ଧରାସୁଠାକୁ ଆସି ଏବେ ଗଙ୍ଗା ଦର୍ଶନ । ଏଠାରେ ତା'ର ନାମ ଭାଗୀରଥୀ ।

ବରମ୍‌ଖେଲାର ଆଶ୍ରୟ ସ୍ଥାନଟି ଗୋଟିଏ ବଣିଆ ଦୋକାନୀର । ପଥରର ଘର; ବେଶ୍ ପରିଷ୍କାର-ପରିଚ୍ଛନ୍ନ—ଟିକିଏ ହେଲେ ଧୂଳିମଇଳା ଆବର୍ଜନା କେଉଁଠାରେ ନାହିଁ । ଆଉ ସେହି ଲମ୍ବା ଦୁଆରର ଗୋଟିଏ ପାଖରେ ମୃଗ-ଚର୍ମରେ ଆସନରେ ଜଣେ ସାଧୁ ମୂର୍ତ୍ତି ଆସୀନ । ତାଙ୍କୁ ଦେଖିଲେ ହିଁ ମନେହୁଏ, ଗୃହୀ ବ୍ୟକ୍ତିଙ୍କର ଶ୍ରଦ୍ଧା ଆକର୍ଷଣ ଲାଗି ଯାହା କିଛି ପ୍ରୟୋଜନ ତାଙ୍କ ପାଖରେ ସବୁ ରହିଛି । ମୁଣ୍ଡରେ ଜଟାଭାର, ଗଳାରେ ରୁଦ୍ରାକ୍ଷ, ତୁଳସୀ, ପ୍ରବାଳ ନାନାବିଧ ପ୍ରସ୍ତର ମାଳା ବିଭୂଷିତ । ଦାଢ଼ି-ମୁଛ ଥାଇ ଗମ୍ଭୀର ମୁହଁଟି ଆକର୍ଷଣୀୟ । ଗୋଛାଏ ଭ୍ରୂ, ତା' ତଳେ ତୀକ୍ଷ୍ଣ ଲୋକଚରିତ୍ର ଅନୁସନ୍ଧାନୀ କ୍ଷୁଦ୍ରାୟତନ ଚକ୍ଷୁ । ହେମନ୍ତ ତାଙ୍କୁ ଦେଖିବାମାତ୍ରେ ପୂରାପୂରି ଭୂମିରେ ମୁଣ୍ଡଲଗାଇ ପଦଧୂଳି ଗ୍ରହଣ କଲା । ତା'ର ଭକ୍ତି ଦେଖି ମୁଁ ଶଙ୍କିତ ହୋଇଉଠିଲି । ଏହି ଯାତ୍ରାରେ ଆମର ପ୍ରଥମ ସାଧୁ ଦର୍ଶନ ।

ଅବଶ୍ୟ ଏଠାରେ କିଛି ଦକ୍ଷିଣା ଦେଇ ଆମର ଭୋଜନ ଜଣେ ବ୍ରାହ୍ମଣ କୁମାରଙ୍କ ଦ୍ୱାରା ବେଶ୍ ପରିପାଟୀରେ ଶେଷ କରାଗଲା । ହେମନ୍ତ ପ୍ରାୟ ସର୍ବଦା ସାଧୁଙ୍କ ନିକଟରେ ବସିରହିଲା, ପୁଣି ଅନ୍ୟ କିଛି ନ ଶୁଣି କଥା ଉପରେ କଥା କହିଚାଲିଲା । ଶେଷରେ ଥରେ ମୋତେ ଡାକି କହିଲା,—''ଦାଦା, ଥରେ ଏଠାକୁ ଆସନ୍ତୁନା, ଏହାଙ୍କ ସଙ୍ଗେ ଟିକିଏ ଆଳାପ- ପରିଚୟ କରନ୍ତୁନା ।'' ମୁଁ ପୂର୍ବରୁ ସେଠାକୁ ଯାଇଥାନ୍ତି, ମାତ୍ର ହେମନ୍ତ ପାଇଁ ଗଲିନାହିଁ । ଏବେ ଯାଇ ନମସ୍କାରକରି ସାଧୁଙ୍କ ନିକଟରେ ବସିଲି ।

ହେମନ୍ତ କହିଲା, ''ଦାଦା, ଜାଣନ୍ତି, ଏ ଜଣେ ଶକ୍ତିଶାଳୀ ଯୋଗୀ । ସେ ଅନେକ କିଛି କରିପାରିବେ—ମୋତେ ସବୁ ଠିକ୍ ଠିକ୍ କହିଦେଇଛନ୍ତି ।''

''ସବୁ ଠିକ୍ କହୁଛନ୍ତି ?'' ପଚାରିଦେଇ ମୁଁ ହେମନ୍ତଙ୍କ ମୁହଁକୁ ଲକ୍ଷ୍ୟ କଲି—ତା' ଚକ୍ଷୁଦୁଇଟି ଲାଲ୍ ହୋଇଛି, ଯେପରି ନିଶାପାନରେ ହୋଇଥାଏ ।

ସେ କହିଲେ, ''ମୋ'ର ଯେ ଗୋଟାଏ ଦୁର୍ବଳତା ଅଛି, ତାହା ସେ ଆଗେ ହିଁ ଧରି ପାରିଥିଲେ । ସେଥିପାଇଁ ମୁଁ ତାଙ୍କଠାରୁ ଔଷଧ ଚାହିଁଲି । ସେ ସଙ୍ଗେ ସଙ୍ଗେ ଗୋଟିଏ ଔଷଧ ଦେଲେ, ମୁଁ ଖାଇଲି, ସେଥିଲାଗି ହୁଏତ ଆଖି ଲାଲ୍ ହୋଇଥାଇପାରେ । ଯେପରି ନିଶା ଖାଇଲା ପରି ମନେ ହେଉଛି—ସିଦ୍ଧିଫିଧି ଖାଇଲେ ଯେପରି ଲାଗେ ।''

ମୁଁ ସେତେବେଳେ ସାଧୁଜୀଙ୍କୁ ପଚାରିଲି, ''ଆପ୍‌ନେ ଇନ୍‌କୋ କ୍ୟା ଖିଲାୟା ?''

ସେ କହିଲେ, ''ସବ୍ ଠିକ୍ ହୋ ଯାଏଗା, ଭିତରକା ଗରମ ସବ୍ ନିକଲ୍ ଯାଏଗା । କୁଛ ଫିକର ମତ୍ କରୋ ।''

ହେମନ୍ତଙ୍କୁ କହିଲି, ''ତୁମେ ମୋତେ କିଛି ପଚାରିବା ଦରକାର ବୋଲି ଯେତେବେଳେ ମନେକରିନାହଁ, ସେତେବେଳେ ମୁଁ କିଛି ଜାଣିପାରି ନାହିଁ । ତୁମର ଏଥିରେ ଯେ କ'ଣ ହବ, ତାହା ମୁଁ ବୁଝିପାରୁ ନାହିଁ । ତୁମକୁ ବର୍ତ୍ତମାନ କିପରି ଲାଗୁଛି ?''

''ବେଶ ଏକ ନିଶା ଖାଇଲା ପରି ଲାଗୁଛି, ଆଉ କିଛି ନୁହେଁ । ମୁଁ ଏଠି ଟିକିଏ ଶୋଇଯାଏ ଦାଦା, କ'ଣ କହୁଛନ୍ତି ?'' କହିଦେଇ ଉତ୍ତରକୁ ଅପେକ୍ଷା ନ କରି ସାଧୁଙ୍କ ପାଖରେ ଶୋଇପଡ଼ିଲା ।

ମୃଦୁ ହସି ସାଧୁ କହିଲେ, ''କୁଛ ପରୋୟା ନହିଁ, କୁଛ ଦୁଧ୍– ଗରମ ଦୁଧ୍ ପିଲାୟ୍ ଦୋ ।''

ମହା ମୁଶ୍‌କିଲ୍, ଏବେ ଗରମ ଦୁଧ କେଉଁଠାରୁ ପାଇବି ! ବଣିଆ ଭାଇଙ୍କୁ ଅନୁରୋଧ କରି ଯେତେବେଳେ ଦୁଧ ବ୍ୟବସ୍ଥା କରି ଆଣିଲି, ଦେଖେ ହେମନ୍ତର ଆଉ ଶୋର୍‌ଶବ୍ଦ ନାହିଁ । ଅଚୈତନ୍ୟ ଅବସ୍ଥା ଦେଖି ସାଧୁଜୀ ପୁଣି କହିଲେ, ''କୁଛ ଫିଖର୍ ନହିଁ, ଓ ଥୋଡ଼ା ଦେର୍ ମେ ଠିକ୍ ହୋ ଯାୟଗା, ଆର୍ ଉସ୍‌କୋ ଐସାହି ରହନେ ଦିଜିୟେ; ଘଣ୍ଟେ ଦୋ ଘଣ୍ଟେ ମେ ପିଛେ ସବ୍ ଠିକ୍ ହୋ ଯାୟଗା ।''

ସେତିକିବେଳେ ବଣିଆ, ବଣିକପତ୍ନୀ ପ୍ରଭୃତି ଘରର ସମସ୍ତେ ଆସି ଚାରିପଟେ ଘେରି ଠିଆହେଲେ । ମୁଁ ସାଧୁଙ୍କୁ ଲକ୍ଷ୍ୟ କରି କହିଲି, ''ଇ ଆପନେ କ୍ୟା କିୟା ? ୟଦି ଉସକୋ କୁଛ ହୋୟ ତୋ ଆପକୋ ହାମ ନହି ଛୋଡ଼େଗା ।''

ସାଧୁ ବିରକ୍ତି ସହକାରେ କହିଲେ, ''ଆରେ ତୁ କ୍ୟା କରେଗା ମୁଝ୍‌କୋ ! ଫାଁସୀମେ ଲଟକାଓଗେ କ୍ୟା, ନା ଶିର ଲେଓଗେ–ଔର୍ କୁଛ୍ କରୋଗେ–ଇୟେ ଅଂଗ୍ରେଜୀ ମୁଲୁକ ନହିଁ !''

ତା'ପରେ ଯାହା ଘଟିଲା, ତାହା ଅତି ଅଭାବନୀୟ, ତତୋଽଧିକ ଆଶ୍ଚର୍ଯ୍ୟ ବ୍ୟାପାର, ହେମନ୍ତର କ୍ରମେ କ୍ରମେ ଶ୍ୱାସପ୍ରଶ୍ୱାସ ମଧ ବନ୍ଦ୍ ହୋଇଗଲା, ମୁଁ ଭୟ ପାଇଯାଇ କହିଲି, ''ଅବ କ୍ୟା କରୋଗେ ?'' ଦେଖୁଦେଖୁ ହାତ-ପାଦ ଲାଠି, ଏକବାର ସିଧା ଓ କଠିନ ହୋଇଗଲା । ମୃତ୍ୟୁର ଚିହ୍ନ ପ୍ରକଟ ହେବାର ଦେଖି ମୁଁ ସ୍ଥିର ରହି ପାରିଲିନାହିଁ, ଚିତ୍କାର କରି 'ହେମନ୍ତ, ହେମନ୍ତ' ଡାକିଲି ଏବଂ ତା' ମୁଣ୍ଡକୁ ହଲାଇବାକୁ ଲାଗିଲି । ଲୋକ ଘେରିଗଲେ, ବଣିଆ ଓ ତାଙ୍କ ବାଡୀର ସମସ୍ତେ କୋଳାହଳ କରିଉଠିଲେ, ''ଏ ସାଧୁଜୀ ! ଆପନେ କ୍ୟା କିୟା ?'' ଏହିପରି ସବୁ କହିବାକୁ ଲାଗିଲେ । ଆମ କୁଲି ଦୁଇଜଣ ମୁହଁ ଶୁଖାଇ ହାତ ଯୋଡ଼ି ସାଧୁଜୀଙ୍କ ଆଡ଼କୁ ଅନେଇ 'ରାମ୍, ରାମ୍' କହିଚାଲିଲେ ।

ସାଧୁଜୀ ସବୁ ଦେଖି ମଧ୍ୟ ଯେପରି କିଛି ହିଁ ଦେଖିପାରୁ ନଥିବା ପରି ବସିରହିଲେ । ମୋ'ର ଛାତି ଫାଟି ଗଲାଭଳି ଲାଗିଲା– ଏଇଆ କରିବାକୁ କ'ଣ ମୋ' ସଙ୍ଗେ ତୁମେ ଆସିଥିଲ ହେମନ୍ତ ! ମନରେ ଏହି କଥା ତୋଡ୍‌ପାଡ୍ ହେବାକୁ ଲାଗିଲା; ମୋ' ଆଖିରୁ ଲୁହ ଝରିବାକୁ ଲାଗିଲା । କ'ଣ କରିବି, ଏଠାରେ ତ ମୁଁ ଅସହାୟ ! ଶେଷରେ ସାଧୁଙ୍କୁ ଲକ୍ଷ୍ୟ କରି କହିଲି, ''ତୁମ୍ ହି ଇସକୋ ମାର୍‌ଡାଲା ଶୟତାନ । ସାଧୁ ବନକେ ଆକର ଗୃହସ୍ଥ କୋ ଇସ୍‌ତରହ ଜାନସେ ମାର୍ ଦେତେ । ତୋମକୋ ପୁଲିସେ ଦେଙ୍ଗେ–ଫାସିମେ ଲଟକାୟାଗା ।'' ସେ କିଛି ହିଁ ଗ୍ରାହ୍ୟ କଲେ ନାହିଁ, ଯେପରି ଥିଲେ ସେହିପରି ବସିରହିଲେ । ବଣିଆ ସେତେବେଳେ ମୋତେ କହିଲେ, ''ତାଙ୍କ ମୁହଁରେ ଟିକିଏ ପାଣି ଦେଇ ଥରେ ଦେଖିଲେ ହୁଅନ୍ତା ନାହିଁ ?''

ମୁଁ ସେତେବେଳେ ତତ୍ପର ହୋଇଯାଇଥାଏ ଯେପରି– ତାହାହିଁ କରିବାକୁ ଗଲି । ତାହା ଦେଖି ସେହି ପାଷାଣ୍ଡ ସାଧୁ କହିଲେ, ''କିସକୋ ପିଲାତେ ହୋ, ବୋ ତୋ ମୁର୍‌ଦା ବନ ଗିୟା ।''

କି ସର୍ବନାଶ । ସେ ନିଜେ ଏବେ ସ୍ୱୀକାର କରୁଛନ୍ତି ଯେ ହେମନ୍ତ ମରିଯାଇଛନ୍ତି ? ମୁଁ କ'ଣ କରିବି ? ଏହି ଅବସ୍ଥାରେ କହିଲି, ''ତୋମ୍ ଉସକୋ କ୍ୟା ଜହର ଖିଲାୟା ?''

ସେ କହିଲେ, ''ଆଚ୍ଛା ସମଝ୍‌କେ ତୋ ଏକ ଆଚ୍ଛା ଜଡ଼ି ଦିୟା ଥା, କୌନ ଜାନେ ଓ୍ୱୋ ବରଦାସ୍ତ କରନେ ନାହି ଶିକେଗା ! କ୍ୟା କରା ଯାୟଗା ?''

ସତରେ କ'ଣ ହେମନ୍ତ ଏହିଭାବରେ ଅକାଳରେ ଏ ରାକ୍ଷସ ହାତରେ ମାରାପଡ଼ିଲା ? କିପରି ଯାଇ ସ୍ୱାମୀଜୀଙ୍କ ଆଗରେ ମୁହଁ ଦେଖାଇବି ? ଆଜିକୁ ଦୁଇବର୍ଷ ହେଲା ବିବାହ କରିଛି–ତା' ସ୍ତ୍ରୀକୁ ଏ ଖବର କିପରି ପଠାଇବି ? ଏହିସବୁ କଥା ଭାବୁଭାବୁ ପାଗଳ ପରି ଛୁଟିଯାଇ ସାଧୁଜୀଙ୍କ ପାଦ ଜାବୁଡ଼ି ପଡ଼ିଗଲି, ''ଆପ ବାଁଚାଇୟେ ବାବା'' କହିଦେଇ ତାଙ୍କ ପାଦରେ ଜୋର୍‌ରେ ମୁଣ୍ଡ ବାଡ଼େଇବାକୁ ଲାଗିଲି ।

ସେ ମୋତେ ତାଙ୍କର ସବଳ ହାତରେ ଟେକିଧରିଲେ ଏବଂ ''ଇହାଁ ବୈଠ ଯା'' କହି ପାଖରେ ବସାଇଦେଲେ । ମୁଁ ସ୍ତମ୍ଭିତ ହୋଇଯାଇଥାଏ । ଯେମିତି ନିଶ୍ଚିନ୍ତ ହୋଇ ବସି ରହିଲି, କ୍ରମେ ମୋ'ର ଦୃଷ୍ଟିଶକ୍ତି ଯେପରି କ୍ଷୀଣ ହେବାକୁ ଲାଗିଲା, ମୁଣ୍ଡ ଭିତରେ ତୁଷାର-ଶୀତଳ ଧାରା ଝରିବାକୁ ଲାଗିଲା–ଜ୍ଞାନ ଆଉ ମୋ'ର ରହିଲା ନାହିଁ ।

× × × × ×

ଯେତେବେଳେ ସମ୍ବିତ ଫେରିଲା, ''ଦାଦା, ଦାଦା, ଅନାନ୍ତୁ ମୋ' ଆଡ଼କୁ ଥରେ''– ଏ କାହାର କଥା ! ଏ ଯେ ହେମନ୍ତ । ଆଖି ଖୋଲି ଦେଖେ, ହେମନ୍ତ ହାତରେ ପାଣି ଧରି

ମୋ' ମୁହଁ ଓ ଆଖିରେ ଛାଟୁଛନ୍ତି—ବ୍ୟାକୁଳ ଚାହାଣୀରେ ମୋ' ଆଡ଼କୁ ଅନାଉଛନ୍ତି । ମୁଁ ଆଖି ଖୋଲିଲାବେଳେ ତା' ମୁଖରେ ଆନନ୍ଦର ଆଭାସ ଦେଖିଲି । ସେତେବେଳେ ସେ ସାହାଯ୍ୟ କରିବାରୁ ମୁଁ ଉଠିବସିଲି ।

ସାଧୁଜୀ ଗମ୍ଭୀର ଦୃଷ୍ଟିରେ ମୋ' ଆଡ଼କୁ ଚାହିଁଥିଲେ, ମୃଦୁ ହସି ପଚାରିଲେ, ''ଅବ୍ କୁଛ ଆଚ୍ଛା ମାଲୁମ୍ ହୋତା ?''

ଏହି ଯେଉଁ ଘଟଣାଟି ଘଟିଗଲା, ତା'ପରେ ହେମନ୍ତ ଦେଶକୁ ଫେରିଗଲା । ମୁଁ ନିଶ୍ଚିତ ହୋଇ ବାକି ସବୁ ସ୍ଥାନ ଭ୍ରମଣ କରି ଦୀର୍ଘକାଳ ପରେ ଫେରି ଶୁଣିଲି ଯେ, ହେମନ୍ତ ବରମ୍‌ଖେଲାରୁ ଘରକୁ ଫେରି କଲିକତାକୁ ଆସିଲା । ମାତ୍ର ତୃତୀୟ ମାସ ଶେଷରେ ତା'ର ଦେହାନ୍ତ ହୋଇଗଲା ।

■■

ସପ୍ତବିଂଶ ପରିଚ୍ଛେଦ

ଉତ୍ତରସାଧିକା

ଆଜି ଦିନରେ ଅନ୍ଧାର, ରାତିରେ ଆଲୁଅ ।

ଉତ୍ତର ସାଧିକା

ପ୍ରାୟ ସାରା ଦିନଟି ମେଘ ଉପରେ ଜମାଟ-ମେଘର ସ୍ତର ହିମାଳୟର ଆକାଶକୁ ଏପରି ଭାବରେ ଘୋଡ଼ାଇରଖିଥିଲା, ଯେପରି ମହାପ୍ଲାବନ ଆସିଯିବ । ମଝିରେମଝିରେ ବିଜୁଳୀର ଚମକ, ଆଉ ମେଘର ଗର୍ଜନ ପରେ ଗର୍ଜନ ଲାଗିରହିଛି—ଗ୍ରାମବାସୀଙ୍କ ପ୍ରାଣରେ ଆତଙ୍କ ସଞ୍ଚାର କରିବାରେ ତ୍ରୁଟି କରୁନାହିଁ । ଏତେ ଗର୍ଜନ ପରେ ଯାହା ହେବା କଥା—ହେଲେ, ବର୍ଷାର ନାଁ ଗନ୍ଧ ନାହିଁ । ଅବଶେଷରେ ଅପରାହ୍ନ ଆଡ଼କୁ ଦେଖାଗଲା ଯେ ପଶ୍ଚିମ ଦିଗରୁ ପ୍ରବଳ ଭାବରେ ମେଘର ଜମାଟ ଭାଙ୍ଗିବାକୁ ଆରମ୍ଭ କରିଦେଲା । ସତକୁ ସତ ପବନ-ଦେବତା ଆସି ଅଳ୍ପକ୍ଷଣ ମଧ୍ୟରେ ଆକାଶରୁ ଏହି ଘୋର ଘନଘଟାକୁ ଯାଦୁ ମନ୍ତ୍ରରେ ଯେପରି ଉଡ଼ାଇନେଲେ ।

ଦେଖୁଦେଖୁ ମେଘର ଗତି କ୍ଷୀଣ ହୋଇଗଲା, ପ୍ରଥମେରେ କ୍ରମଶଃ ପଶ୍ଚିମ ଦିଗରେ ହାଲୁକା ପୀତ ଲୋହିତ, ପରେପରେ ନୀଳାଭ ଓ ତା' ସଙ୍ଗେ ସଙ୍ଗେ ସାରା ନଭମଣ୍ଡଳ ବିଭିନ୍ନ ରଙ୍ଗରେ ରଙ୍ଗିନ୍ ହୋଇଉଠିଲା । ଏହାପରେ ସ୍ପଷ୍ଟ ହୋଇ ଫୁଟିଉଠିଲା ଗୋଲାପ ଓ ବାଇଗଣୀ ମେଘକୋଳରେ ଫିକା ନୀଳ, ହଳଦୀ, ସିନ୍ଦୁର ବର୍ଣ୍ଣ ଓ ତା' ତଳେ ଧୂସର ରଙ୍ଗର ଖେଳ । ପଶ୍ଚିମ ଆକାଶର ପଟ୍ଟଭୂମିକୁ ଆଲୋକିତ କରି ଉଜ୍ଜ୍ୱଳ ସିନ୍ଦୁର ମଖା ଅସ୍ତଗାମୀ ମାର୍ତ୍ତଣ୍ଡ ମୂର୍ତ୍ତି ସାରାଦିନ ପରେ ହଠାତ୍ ଦ୍ରୁତଗତିରେ ଓହ୍ଲାଇଆସିଲେ ଏବଂ ଥରେମାତ୍ର ନୟନବିମୋହନ ମୂର୍ତ୍ତିରେ ଦେଖାଦେଇ ନିମ୍ନସ୍ଥ ନୀଳାଭ ଧୂସର ପର୍ବତମାଳାରେ ଅଦୃଶ୍ୟ ହେଲେ । ସାରାଦିନ ଆଲୋକବଞ୍ଚିତ କରି, ବିଦାୟ ନେଲାବେଳେ, ରାତି ଆସୁଛି ବୋଲି ସେମାନଙ୍କ ନିକଟରୁ ଯେପରି ସଲଜ୍ଜ ହାସ୍ୟମୁଖରେ ରବି ବିଦାୟ ନେଇଗଲେ । ଏଥର ଏ ଦିଗରେ ବର୍ଣ୍ଣମାଳାର ଉତ୍ସବ କ୍ରମେ କ୍ରମେ ମ୍ଳାନ ହୋଇଗଲା ।

ଏହାପରେ ପାର୍ବତ୍ୟ ନଦୀର ବାଙ୍କ ମୁହଁରେ ସେପାରିର ପୂର୍ବାକାଶରେ ଗୋଧୂଳି ଲଗ୍ନରେ, ପୂର୍ଣ୍ଣଚନ୍ଦ୍ରର ଉଦୟ, ଦିନର ଦୁଃଖ ଦୂରକରିବାକୁ ଜନବିରଳ ଗ୍ରାମ୍ୟ ମନ୍ଦିରରୁ ଯେପରି ଶଙ୍ଖଧ୍ୱନି ଶୁଣାଗଲା, ଗଛର ଶାଖାରେ ପକ୍ଷୀମାନଙ୍କର କଳରବ ମଧ୍ୟ କ୍ରମେ କ୍ଷୀଣ ହୋଇଆସିଲା । ତା'ପରେ ଧୀରେ ଧୀରେ ସନ୍ଧ୍ୟା ପ୍ରକୃତି ଉପରେ ମାୟାର ଏକ ସ୍ୱଚ୍ଛ ଆବରଣ ପଡ଼ିଗଲା, ସୁଧାକରକୁ କେନ୍ଦ୍ର କରି । ମୋ' ଅନ୍ତର ମଧ୍ୟରେ ହିଁ ଏହି ପରିବର୍ତ୍ତନ ଅପରୂପ ହୋଇଉଠିଲା, ସେଥିଲାଗି ଆଜି ଏଠାରେ ରହିବାର ସାର୍ଥକତା ଲାଭକଲି ।

ଚଲାବାଟରେ ଯାତ୍ରା ଆରମ୍ଭ ହେଲା ଗଙ୍ଗୋତ୍ତରୀ ଉଦ୍ଦେଶ୍ୟରେ । କାଲି ସନ୍ଧ୍ୟାରେ ଯେତେବେଳେ ଏଠାରେ ପହଞ୍ଚିଲି, ଏ ସ୍ଥାନର ମନୋହର ଦୃଶ୍ୟ ମୋତେ ଏପରି ଭାବେ ଆକୃଷ୍ଟ କଲା ଯେ ମନେ ହେଲା, ଏଠାରେ ଦିନେ-ଦୁଇଦିନ ରହିଗଲେ କିପରି ହୁଅନ୍ତା ! ହୁଏତ ଏପରି ଦୃଶ୍ୟ କେବେ ଦେଖିବାକୁ ମିଳିବ ନାହିଁ । ଗ୍ରାମଟି କ୍ଷୁଦ୍ର, ଏ ଦିଗରେ ତିହିରି, ଶ୍ରୀନଗର ପ୍ରଭୃତି ଯେଉଁସବୁ ପାର୍ବତ୍ୟ ନଗର ଏହା ସଙ୍ଗେ ଅଛି, ତା'ର ତୁଳନା ହିଁ ହୋଇପାରେ ନାହିଁ । ନାକୋରି ଏକ ଛୋଟ ଗାଁ ବା ପଡ଼ା, ଦୂରରେ ଛାଡ଼ି ଛାଡ଼ି ଆଠ-ଦଶଟି କୁଟୀର । ଆଉ ଚଟି କହିଲେ ଦୁଇ ତିନୋଟି ଘର ଦେଖିବାକୁ ମିଳିଥାଏ ଅଦୂର ସମ୍ମୁଖରେ– ରାସ୍ତାରୁ କେଉଁଟି ଟିକିଏ ଉଚ୍ଚରେ, କେଉଁଟା ବା ଟିକିଏ ନୀଚରେ । ଗଙ୍ଗାର ଧାରେ ଧାରେ ହିଁ ରାସ୍ତା, ଆଉ ସ୍ରୋତଟି ଖୁବ୍ ତଳେ ।

ରାସ୍ତାଧାରରେ ଟିକିଏ ଉଚ୍ଚ ଭୂମି ଉପରେ ଗୋଟିଏ ବେଶ୍ ପ୍ରଶସ୍ତ ଗୃହ ପ୍ରସ୍ତୁତି ଅଭିମୁଖେ । ତିନିଆଡ଼େ ଦେବାଲ ଆଉ ଉପରେ ଦୁଇଆଡ଼କୁ ଢାଲୁ ଛାତ, ପ୍ରାୟ ଶେଷ ହୋଇଯାଇଛି, କିନ୍ତୁ ଚାରିଆଡ଼େ କାଠକୁଟା, ପଥରସବୁ ଏପରି ଭାବରେ ସ୍ତୂପାକାରରେ ପଡ଼ିଛି ଯେ ତା' ପାଖକୁ ଯିବାକୁ କାହାରି ଇଚ୍ଛା ହୁଏ ନାହିଁ– ମନେହୁଏ, ଯେପରି ଏକ ଘରର ଧ୍ୱଂସାବଶେଷ । ଆଖପାଖର ଜଙ୍ଗଲ ଏଯାଏ ପରିଷ୍କାର କରା ହୋଇନାହିଁ । କାଲି ସନ୍ଧ୍ୟା ପୂର୍ବରୁ ଯେତେବେଳେ ଏଠାକୁ ଆସେ, ସେତେବେଳେ ଏ ଗୃହଟିର ପରିଚୟ ପାଇନଥିଲି । ଆଜି ଶୁଣିଲି, ଏଠାକାର ଜଣେ ମହାଜନଙ୍କ ପୁଣ୍ୟର ସାକ୍ଷୀସ୍ୱରୂପ ଧର୍ମଶାଳା ପ୍ରସ୍ତୁତ ହୋଇଛି; ଗୋଟିଏ ପାଖରେ ଯାତ୍ରୀମାନେ ରହିବେ, ଅନ୍ୟ ଦିଗରେ ଦୋକାନ । ମୁଁ କିନ୍ତୁ କାଲି ରାତିରେ ଏହି ଅସମ୍ପୂର୍ଣ୍ଣ ଘରଭିତରେ ହିଁ ରାତି କଟାଇଥିଲି । ଗୋଟିଏ ଶିଶୁର ଉତ୍ପାତ ବ୍ୟତୀତ ଭୟ କିଛି ନଥିଲା । ଏହି ସବୁ ସମତଳ ଭୂମିର ଗଛ ଘେର ମଧ୍ୟରେ ହିଁ ଶିଶୁଟି ଝୁମ୍ପୁଡ଼ି ଆଦିରେ ଜନ୍ମ ହୋଇଥାଏ, ଏ କଥା ଭଲ ଭାବେ ଜଣା ଥିଲା । ଯାହା ହେଉ, ଖାଇବାକୁ କିଛି ସାଙ୍ଗରେ ଥିଲା; ଗଙ୍ଗାତୀରରେ ଜଳଯୋଗ ଶେଷ କରି ଏହି ନବନିର୍ମିତ ଗୃହଭିତରେ ଆଶ୍ରୟ ନେଇଥିଲି; ଗାଁ ଭିତରକୁ ଯିବା ଇଚ୍ଛା ନ ଥିଲା– ଚଟିରେ ମଧ୍ୟ ରହିଲି ନାହିଁ ।

ସକାଳେ ନିଦ ଭାଙ୍ଗିଲା ପରେ ଆକାଶର ରୂପସୌରଭ ଦେଖି ପାଦ ଆଉ ଆଗେଇବାକୁ ଚାହିଲା ନାହିଁ । ବାସ୍ତବରେ ବିଧାତାଙ୍କ ବିଧାନ ଯୋଗୁ ଆଜି ଏଠାରେ ଅଟକି ରହିଗଲି । ଆଜି ପୁଣି କେତେ ଦିନ ପରେ ଗଙ୍ଗା ଦର୍ଶନ ମିଳିଲା । ଉଚ୍ଚ ରାସ୍ତାରୁ ଅର୍ଦ୍ଧଚନ୍ଦ୍ରାକାର ସ୍ରୋତଟି ଆଖିରେ ପଡ଼ିବାମାତ୍ରେ ଦେହରେ ପୁଲକ ସୃଷ୍ଟି ହେଲା । ଏଠାରେ ଗଙ୍ଗା ଖୁବ୍ ପ୍ରଶସ୍ତ ନୁହେଁ, ତେବେ ଏତେ ଉଚ୍ଚରୁ ତା'ର ସ୍ରୋତ ନିମ୍ନକୁ ପଡ଼ିଛି ଯେ ଏହା ଗଭୀର ଗର୍ତ୍ତ ସୃଷ୍ଟି କରି ସ୍ରୋତସ୍ୱତୀ ହୋଇଯାଇଛି । କିନ୍ତୁ ଏହାର ଗର୍ଜନ ଏପରି ଅପୂର୍ବ ଯେ ଶୁଣିନେଲେ ମନଭିତରେ ଆନନ୍ଦ, ଭୟ ତଥା ବିସ୍ମୟ ମିଶିଯାଇ ଏକ ମିଶ୍ରିତ ଭାବ ସୃଷ୍ଟିକରେ । ଉପରେ ଥାଇ ମଧ୍ୟ ନିମ୍ନର ଏହି ଶବ୍ଦ ଏତେ ଗମ୍ଭୀର ଯେ ସ୍ପଷ୍ଟରୂପେ ମୋ' କର୍ଣ୍ଣଗହ୍ୱରରେ ଶବ୍ଦାୟିତ ହେଉଥାଏ । ଏକ ତୀବ୍ର ଶବ୍ଦ ଅବିରାମ ଚାଲିଥାଏ; ଠିକ୍ ଏକରକମର ସୁର-ତାଳ ମିଶ୍ରିତ ହୋଇ ଯେଉଁ ଶବ୍ଦ-ତରଙ୍ଗ, ମୋ' ପୂର୍ବରୁ କେତେ କେତେ ବ୍ୟକ୍ତି ଶୁଣିଛନ୍ତି, ତା'ର ଇୟତ୍ତା ନାହିଁ । ସେହି ଗୋଟିଏ ପ୍ରକାର ହିଁ ସମସ୍ତେ ଶୁଣିଥାନ୍ତି । ବିରାମଶୂନ୍ୟ, ଅନଳସ, କ୍ଷିପ୍ର, ଯେପରି ପ୍ରବାହିନୀର ଶବ୍ଦମୟୀ ମୂର୍ତ୍ତି । ଅଚିନ୍ତିତପୂର୍ବ ଏହି ସ୍ୱରଟି, ଯେଉଁ ଭାବରେ ମୁଁ ଶୁଣୁଛି, କେତେ ଯୁଗଯୁଗାନ୍ତର ଧରି ହୁଏତ ଆହୁରି ଅନେକ ଶୁଣିଥିବେ । ଏହି ସ୍ୱର ଯେପରି ଅନାହତ ଧ୍ୱନିର ଆଭାସ, କାଳ ମଧ୍ୟ ଦେଇ ପ୍ରକୃତିର ପରମ ଗୁହ୍ୟଲୀଳା ଯେପରି ଦୁର୍ଜ୍ଞେୟ ଏକ ଆଭାସ ଦେଇ ଦେଇ ଦିନରାତି ଅକ୍ଲାନ୍ତଗତିରେ ଚାଲିଥିବ—ହୁଏତ ସୃଷ୍ଟିର ଶେଷଦିନ ପର୍ଯ୍ୟନ୍ତ । ଯିଏ ଶୁଣିବ, ସେ ଧ୍ୟାନସ୍ଥ ହୋଇଯିବ । ପ୍ରକୃତି-ଜନନୀର ନିର୍ଜ୍ଜନ, ପାର୍ବତ୍ୟ ବନାକୀର୍ଣ୍ଣ ଭୂଭାଗ ମଧ୍ୟ ଦେଇ ଚାଲିଛି ଏହି ସ୍ୱଚ୍ଛତରଳ ବିଦ୍ୟୁତ-ପ୍ରବାହ, କେଉଁ ଏକ ପରମ ଗୁହ୍ୟବାର୍ତ୍ତା ବହନ କରି । ଯେଉଁ ଭାଗ୍ୟବାନ ଏହା ଶୁଣିବ, ସେଇ ହିଁ ମୁଗ୍ଧପ୍ରାଣରେ ଅନୁଭବ କରିବ ଏହି ବୈଚିତ୍ର୍ୟମୟ ପ୍ରବାହର ବାର୍ତ୍ତା, ଧନ୍ୟ ହେବ ତା'ର ଅସ୍ତିତ୍ୱ, ସାର୍ଥକ ହେବ ତା'ର ପର୍ଯ୍ୟଟନ, ଅନ୍ତରକ୍ଷେତ୍ର ସ୍ନିଗ୍ଧ ଓ ଶାନ୍ତ ହେବ ତା'ର ପଥଶ୍ରମ । ସେ ହୋଇଯିବ ଅମର । ଏହାର ଆକର୍ଷଣରେ ସୁଦୂର ସମତଳ ପ୍ରଦେଶରୁ ମୁଁ ଆସିଛି । ଆଜି ଏଠାରେ ରହିଗଲି ଏହାରି ଆକର୍ଷଣରେ ।

ଦିନଟି ଏହିପରି କଟାଇଦେଲି । ଇତସ୍ତତ ଘୂରିବୁଲିଲି ଅନ୍ଧକାରରେ, ଆକାଶତଳର ବିଚିତ୍ର ଦୃଶ୍ୟ ମଧ୍ୟଦେଇ । ରାସ୍ତାଧାରରେ ବେଶ୍ ବଡ଼ ଗୋଟିଏ ବଟବୃକ୍ଷ, ତା' ମୂଳରେ ଛୋଟବଡ଼ ସିନ୍ଦୁର ମଖା ଉପଳଖଣ୍ଡମାନ— ନିକଟରେ ଏକ ଉଚ୍ଚ ସ୍ଥାନ । ପଥର ଉପରେ ପଥର, ଛିଦ୍ର-ଫାଟରେ ତୃଣଜାତୀୟ ଗୁଳ୍ମ; ମଝିରେ ପ୍ରକୃତି ଦ୍ୱାରା ସୃଷ୍ଟ ବେଶ୍ ପ୍ରଶସ୍ତ ଏକ ଆସନତୁଲ୍ୟ ସ୍ଥାନ । ଏହିଠାରେ ମୁଁ କମ୍ବଳ ଖଣ୍ଡିକ ବିଛାଇଦେଇ ଦିନତମାମ ଆସନ ପାତିଥିଲି । ଅବଶ୍ୟ ବୃଷ୍ଟି ହେଲେ ମୋତେ ଉଠିବାକୁ ପଡ଼ିଥାନ୍ତା, ମାତ୍ର ତାହା ହୋଇନାହିଁ । ବର୍ତ୍ତମାନ ସନ୍ଧ୍ୟା, ରାତି କଟାଇବାକୁ ପୁଣି ଧର୍ମଶାଳାର ବରଣ୍ଡାକୁ ଯିବାକୁ ହେବ ।

ଅଳ୍ପବିସ୍ତର ଥଣ୍ଡା ଟିକିଏ ଥିଲା, ମାତ୍ର ପ୍ରବଳ ଥିଲା ପବନ । ପରିଷ୍କାର ଆକାଶରେ ଚନ୍ଦ୍ରକିରଣରେ କିଛିକ୍ଷଣ ବାହାରେ କଟାଇଦେଇ ସ୍ଥିର ହୋଇ ଏଠାରେ ବସିଥିଲି । ପୂର୍ବରୁ

କହିଛି, ପ୍ରାଣରେ ଆନନ୍ଦ, ଭୟ, ବିସ୍ମୟ ମିଶ୍ରିତ ଏକ ଅପୂର୍ବ ଭାବର ସମାବେଶ ହୋଇଥିଲା ।

ସେହି ସ୍ଥାନରୁ ଗଙ୍ଗାର ଧାରା ଈଷତ୍ ଉତ୍ତର-ପୂର୍ବ ଦିଗକୁ ବକ୍ର ହୋଇଯାଇଛି– ସେହି ଦିଗକୁ ଅନେକ ଦୂର ପର୍ବତଶୀର୍ଷ ଦେଖାଯାଇଥାଏ । ଜ୍ୟୋତ୍ସ୍ନାଲୋକରେ ତା'ର ଊର୍ଦ୍ଧ୍ୱରେ ଶୁଭ୍ର ମେଘଲୋକର ଆଭାସ, ତା'ର ନିମ୍ନରେ କୁହୁଡ଼ିର ଆବରଣ ଯେପରି ମାୟାମୟ ସ୍ୱପ୍ନରାଜ୍ୟ ସୃଷ୍ଟିକରିଛି; ଅନ୍ତରର ଆଭାସ ପାଇ ମୁଁ ଯେମିତି ମୋ'ର ଅମରତ୍ୱ ଅନ୍ୱେଷଣରେ ଥିଲି । କଳ୍ପନା କି ବାସ୍ତବ ଜାଣେ ନାହିଁ, ଆଉ ଯେପରି ମଣିଷ ନାମରୂପଧାରୀ ମରଲୋକର ଅଭାବଗ୍ରସ୍ତ କ୍ଷୁଦ୍ର ଜୀବ ବୋଲି ମୋ'ର ସ୍ମରଣ ନଥାଏ; ମୁଁ ପୂର୍ଣ୍ଣ, ମହିମାମୟ ଅଖଣ୍ଡ ସତ୍ତାଟିଏ ଯେପରି ! କିଛି ଅନୁଭବର ନିଶା, ଗଭୀର ଏକ ଆବେଶ, ଯାହାକୁ ବାକ୍ୟରେ ପ୍ରକାଶ କରିବା ସମ୍ଭବ ନୁହେଁ, ସେଇଥିରେ ମଗ୍ନ ରହିଥିଲି, କେତେକ୍ଷଣଯାଏ ସେ ଜ୍ଞାନ ମୋ'ର ନ ଥିଲା । ହଠାତ୍ ଯେପରି ମାଟିର ମଣିଷର ଅନୁଭବ ଫେରିଆସିଲା, ଦର୍ଶନ ବା ଶ୍ରବଣ ରାଜ୍ୟରେ । ସମ୍ମୁଖରେ ଏକ ଭୈରବୀ ମୂର୍ତ୍ତି, ଯାହା ଏ ରାସ୍ତାରେ ପ୍ରାୟ ଦେଖାଯାଇ ନଥାନ୍ତି । କାରଣ ଶକ୍ତି ବା ତାନ୍ତ୍ରିକ ସାଧକମାନେ ବେଶୀ ଏ ତୀର୍ଥକୁ ଯିବାଆସିବା କରନ୍ତି ନାହିଁ । ହଠାତ୍ ଏହି ଅପରୂପ ମୂର୍ତ୍ତି ! କିନ୍ତୁ କିଛି ପଚାରିବା ପୂର୍ବରୁ ମନେହେଲା, ମୋ' ସମ୍ମୁଖରେ ବ୍ୟସ୍ତ ଭାବରେ ହାତ ହଲାଇ କିଛି ପଚାରୁଛନ୍ତି । ବୁଝିପାରିଲି ନାହିଁ, କେଉଁ ଭାଷାରେ ସେ କହିଲେ–ତାହା ନା ହିନ୍ଦୀ ବା ପଞ୍ଜାବୀ, ନା ମରାଠୀ–ସେ ଏପରି ଏକ ସ୍ୱର, ଯାହା ଆଗରୁ କେବେହେଲେ ଶୁଣି ନ ଥିଲି ।

ଆଜି ଅପରାହ୍ଣରେ ଦେଖୁଥିଲି ଏଠାରେ ଦୁଇତିନି ଜଣ ଯାତ୍ରୀଙ୍କୁ । ସେମାନେ ମଧ୍ୟ କାଲି ଉତ୍ତରକାଶୀ ରାସ୍ତାରେ ଯିବେ । ମୁଁ ମଧ୍ୟ ସେମାନଙ୍କ ସହ ଯିବି ବୋଲି ସ୍ଥିର କରିଥିଲି । ସେମାନେ ଗାଁ ଭିତରେ ରହିବା ଲାଗି ବ୍ୟବସ୍ଥା କରିଛନ୍ତି । ମୁଁ ଟିକିଏ ଏକାନ୍ତରେ ରହିବାକୁ ଚାହେ, ତେଣୁ ସେ ଆଡ଼କୁ ଯାଇନାହିଁ । ଏ ରାସ୍ତାରେ ଅଧିକ ଯାତ୍ରୀ ଆସି ନଥାନ୍ତି, ବିଶେଷତଃ ଏହି ସମୟରେ– ଏ କଥା ମୁଁ ଜାଣିଥିଲି । ଏବେ ଏହି ଭୈରବୀଙ୍କ କଥା ନ ବୁଝିପାରି, ଯେଉଁଠାକୁ ଅନ୍ୟ ଯାତ୍ରୀ ଦୁଇଜଣ ଯାଇଛନ୍ତି, ସେ ଦିଗକୁ ଦେଖାଇଦେଇ କହିଲି, ''ଉଧର ଯାଇୟେ, ପଡ଼ାଓ ହ୍ୟାୟ (ସେଅଡ଼େ ଯାଆନ୍ତୁ, ପଡ଼ା ଅଛି) ।'' ସେ ଚାଲିଗଲେ ସତ, କିନ୍ତୁ ମୋ' ଆଡ଼କୁ ଏପରି ଏକ ଭୟଙ୍କର ଦୃଷ୍ଟି ହାଣି ଚାଲିଗଲେ ଯେ ସେଥିରେ ଛାତିଟା ଧକ୍‌ଧକ୍ କରି କମ୍ପିଉଠିଲା । ମୋ'ର ଧ୍ୟାନଭଗ୍ନ ହେଲା, କିପରି ଏକ ଅସ୍ୱସ୍ତି ଅନୁଭବକଲି ଏବଂ ଟିକିଏ ଦୂରକୁ ଚାଲିଗଲି । ଭୈରବୀଙ୍କ ବୟସ ପ୍ରାୟ ୩୨/ ୩୪ ହେବ, କିନ୍ତୁ ସ୍ୱରରେ କୋମଳତା ନାହିଁ । ବେଶ୍ ଉଜ୍ଜ୍ୱଳ ନ ହେଲେ ମଧ୍ୟ ଗୌରବର୍ଣ୍ଣ ନିଶ୍ଚୟ, କିନ୍ତୁ ପଥଶ୍ରମ ଯୋଗୁ କିଞ୍ଚିତ ରକ୍ତାଭା ଗୋଟିଏ ହାତରେ ତ୍ରିଶୂଳ, ଅନ୍ୟ ହାତରେ କ୍ଷୁଦ୍ର ଏକ ପୁଟୁଳି ।

ମନେହୁଏ, ଅଧଘଣ୍ଟା ମଧ୍ୟରେ ପୁଣି ଫେରିଆସିଲି ପୂର୍ବ ସ୍ଥାନକୁ, ଯେଉଁଠି ବସିଥିଲି । ଦୁଃଖର କଥା, ମନ କିନ୍ତୁ ମୋ'ର ଶାନ୍ତ ହେଲା ନାହିଁ । କିଛି ସମୟ ସ୍ଥିରହୋଇ ବସିରହିଲି । ସେତିକି ବେଳେ ଜ୍ୟୋତ୍ସ୍ନାରେ ଦିଗମଣ୍ଡଳ ଉଦ୍ଭାସିତ ହୋଇଉଠିଛି ।

ଅନେଇ ଦେଖିଲି, ଗୋଟିଏ ପାଖରେ ଠିଆ ହୋଇଛନ୍ତି ସେହି ଭୈରବୀ ସେହିପରି ଗୋଟିଏ ହାତରେ ତ୍ରିଶୂଳ ଓ ଅନ୍ୟ ହାତରେ ଛୋଟ ବୋକ୍‌ଚାଟି । ପଥର ମୂର୍ତ୍ତି ପରି ସେ ଅଚଳ-ସ୍ଥିର । ଯନ୍ତ୍ରବତ୍ ଉଠି ଠିଆହେଲି । ଭୟ ଓ ବିସ୍ମୟରେ ମୋ'ର ଛାତି ପୁଣି ଧଡ୍‌ଧଡ୍ ହେବାକୁ ଲାଗିଲା । ଏଥର ଭୈରବୀ ପରିଷ୍କାର ବଙ୍ଗଳାରେ ମୋତେ ପଚାରିଲେ, ''ତୁମେ ବଙ୍ଗାଳୀ ?'' ପ୍ରଥମ ସମ୍ଭାଷଣରେ 'ତୁମି', ତା' ଉପରେ ପୁଣି କଥାରେ ଟିକିଏ ପୂର୍ବବଙ୍ଗର ଉଚ୍ଚାରଣ ଥିଲା– ଏଥିରୁ ମୋ'ର ଧାରଣା ହେଲା, ହୁଏତ ଏହି ଭୈରବୀ ଜଣେ ମୁର୍ଖ, ଏହାଙ୍କର ବିଦ୍ୟାସହ ସମ୍ପର୍କ ନାହିଁ । ମୁଁ ତାଙ୍କ କଥାର ଉତ୍ତର ଦେଲି, ଗୋଟିଏ କଥାରେ ଓ ଭଦ୍ର ଭାବରେ– ତା'ପରେ ଦେଖିଲି, ଏବେ ତାଙ୍କର ସେ ରୁଦ୍ର ଭାବ ନାହିଁ, ଯେପରି ଶାନ୍ତମୂର୍ତ୍ତି, ପରମ ବନ୍ଧୁ ତୁଲ୍ୟ କଥାବାର୍ତ୍ତା ।

''ତୁମେ ବୋଧହୁଏ ଗଙ୍ଗୋତ୍ତରୀ ଯିବ ? ମୁଁ ମଧ୍ୟ ଯିବି । ଭଲ ହେଲା, ତୁମ ସଙ୍ଗ ପାଇ– ଏକାସାଙ୍ଗରେ ଯିବା । ଆଜି ମୁଁ ତୁମ ସଙ୍ଗେ ରହିବି–ସେଠାରେ ଯାଇ ସେମାନଙ୍କ ସହ ମୁଁ ରହିପାରିବି ନାହିଁ, ସେମାନେ ଗନ୍ଧିଆ ଲୋକ ।''

''କି ସର୍ବନାଶ ! ମୋ' ସଙ୍ଗେ ରହିବେ–ମୋ' ପ୍ରତି ଏହା କେଉଁପରି ଅନୁଗ୍ରହ !

ମନେ ମନେ ଅବଶ୍ୟ କିପରି ଫନ୍ଦି କରି ଦୂରେଇ ଦେବା ଲାଗି ତାଙ୍କୁ କହିଲି, ''ମୁଁ ତ ଚଟିରେ ରହିବି ନାହିଁ, ଏହି ଯେଉଁ ଗୋଟାଏ ପୋଡ଼ାଘର ଏଠାରେ ଦେଖୁଛନ୍ତି, ମୁଁ ସେହିଠାରେ ରହିବି । ଏଠାରେ ଜାଗା ଅଛି ସତ, ତେବେ ବଡ଼ ଗନ୍ଧିଆ–ଚାରିଆଡ଼େ ଜନ୍ତୁ-ଜାନୁଆରଙ୍କ ମଇଳା ।''

ଏତେ ସହଜରେ ସେ ଛାଡ଼ିବା ପାତ୍ରୀ ନ ଥିଲେ । ତତ୍‌କ୍ଷଣାତ୍ କହିଲେ, ''ତାହା ହୋଇଥାଉ, ଟିକିଏ ସଫା କରିନେଲେ ଚଳିବ । ଆହା, ଯେତେବେଳେ ଦେଶର ଲୋକଟିଏ ମିଳିଗଲା, ସେତେବେଳେ ଆଉ କାହିଁକି କୁଆଡ଼େ ଯିବି ?'' କହିଦେଇ ତ୍ରିଶୂଳଟି ଗୋଟିଏ ପଥର ଉପରେ ରଖିଦେଇ ବୋଝଟିକୁ ଖୋଲି ବସିଲେ । ତା' ଭିତରୁ ଖଣ୍ଡେ ଲାଲ୍ ରଙ୍ଗର ଦାଗ ଥିବା ତଉଲିଆ ବାହାର କରି କହିଲେ–''ଏସବୁକୁ ଦେଖୁଥାଅ, ଏଠି ରଖିଲି, ମୁଁ ଟିକିଏ ଗଙ୍ଗାରୁ ଫେରୁଛି ।'' କହି ନିଶ୍ଚିନ୍ତ ମନରେ ଚାଲିଗଲେ ଗଙ୍ଗା ଆଡ଼କୁ ।

ମନର ଅବସ୍ଥା ଏ ପରିସ୍ଥିତିରେ ଏପରି ହେଲା ଯେ କମ୍ବଳ ଖଣ୍ଡକ ଓ ପାତ୍ରଟି ନେଇ ଏବେ କେମିତି ଚାଲିଯାଏ ! କିନ୍ତୁ ଯିବି କୁଆଡ଼େ ? ଉତ୍ତର କାଶୀ ପଥରେ ଏହି ରାତିରେ କ'ଣ ଚାଲିପାରିବି ? ବଣଜଙ୍ଗଲ ବାଟରେ ଭୟର କାରଣ ମଧ୍ୟ ଅଛି, ବିଶେଷତଃ ସାପ ଆଉ ବିଛାର ଭୟଟା ସବୁଠାରୁ ବେଶୀ ।

ମନେମନେ ଅନେକକ୍ଷଣ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ, ସଙ୍କଳ୍ପ-ବିକଳ୍ପର ପ୍ରବାହ ଚାଲିଲା—ଶେଷରେ ଏକ ଚମତ୍କାର ମୀମାଂସାରେ ପହଞ୍ଚିଲି । ମୁଁ କାହିଁକି କଳ୍ପନା କରି ଭୟ ଓ ଅଶାନ୍ତି ସୃଷ୍ଟି କରୁଛି, ନିଜ ମଧ୍ୟରେ ଶାନ୍ତିକୁ ବ୍ୟାଘାତ କରୁଛି ? କାହାର ଭୟ ? ସଙ୍କୋଚର ନା ଆଉ କାହାର ? ତାଙ୍କ ଠାରୁ ମୋ'ର କୌଣସି ଆଶଙ୍କା ହିଁ ନାହିଁ—ବରଂ ଏହି ଦୂର ବନ୍ଧୁହୀନ ପ୍ରବାସରେ ଏହି ନାରୀ ହିଁ ମୋତେ ଆଶ୍ରୟ କରିଛି, ବନ୍ଧୁ ଭାବରେ ବିଶ୍ୱାସ କରି ଏକବାର ନିଜର ଭାବି ନିର୍ଭର କରୁଛି । ଏହା ମୋ'ର କେଡ଼େ ବଡ଼ ଗୌରବ, ମୋ' ଅସ୍ତିତ୍ୱର ଏତେଟା ଗୁରୁତ୍ୱ ଯିଏ ବଢ଼ାଇ ଦେଇଛି, ମୋ'ର ମଧ୍ୟ ତାଙ୍କ ପାଖରେ କୃତଜ୍ଞ ହେବା କଥା ।

ଯାହା ହେଉ, ଗଙ୍ଗାରୁ ଫେରିଆସି ସେ ଚଞ୍ଚଳଚଞ୍ଚଳ ନିଜେ ମୋଦି ଦୋକାନକୁ ଗଲେ । ନିଜ ହାତରେ କିଛି କିଛି ଜିନିଷ ଆଣି ମୋତେ କହିଲେ, ''ଚାଲ ତ ଭାଇ, ଦେଖିବା କେଉଁଠାରେ ରହିବାକୁ ପଡ଼ିବ ।'' ସବୁ କିଛି ନିଜ ହାତରେ ଧରି ସେହି ଅସମ୍ପୂର୍ଣ୍ଣ ଧର୍ମଶାଳାର ବାରଣ୍ଡାରେ ଆସି ଉପସ୍ଥିତ ହେଲେ । ଜିନିଷ ପତ୍ର ରଖିଦେଇ ତାଙ୍କ ପୁଟୁଳିରୁ ଗୋଟିଏ ବତୀ ଓ ଦିଆସିଲି ବାହାର କଲେ । ଆଲୁଅ ଜଳାଇ ଦେଇ ଚାରିଆଡ଼ ଦେଖି କହିଲେ,— ''କାହିଁକି ମ, ଏଠାରେ ଗନ୍ଧିଆ ତ କିଛି ନାହିଁ—ବେଶ୍ ରହିହେବ । ମୋତେ ହଟେଇ ଦେବାକୁ ବୋଧହୁଏ ମିଛ କହିଥିଲ ?''

ମୋ'ର କିଛି ଉତ୍ତର ନଥିଲା ।

ଏହି ଅଳ୍ପ ସମୟ ଭିତରେ ସେ ଦୋକାନୀଠାରୁ କାଠକୁଟା ଓ ପ୍ରୟୋଜନୀୟ ଜିନିଷପତ୍ର ସଂଗ୍ରହ କରି ଆଣିଲେ ଏବଂ ଦୁଇଜଣଙ୍କ ପାଇଁ ଘୃତସିଦ୍ଧ ରୁଟି, ଡାଲି ଓ ଆଳୁ ତରକାରୀ ରାନ୍ଧି ଦେବାର ଦେଖି ମୁଁ ଅବାକ୍ ହୋଇଗଲି । ମୋତେ ସେ ଯେପରି ସମ୍ମୋହିତ କରି ପକାଇଲେ, ମୋତେ ପରିପାଟି ଭାବେ ଭୋଜନ କରାଇଦେଇ ନିଜର ଭାଗ ନେଇ ରଖିଦେଲେ—ଏବେ ସେ ଖାଇବେ ନାହିଁ । ତା'ପରେ ସ୍ଥାନଟିକୁ ପରିଷ୍କାର କରିଦେଇ ପଚାରି ବସିଲେ, ''ପେଟ ପୁରିଛି ?''

ମୁଁ କହିଲି, ''ଆପଣ ନ ଆସିଥିଲେ ମୋ'ର ଖାଇବା ହୋଇନଥାନ୍ତା ।''

''କାହିଁକି ?''

''ପଇସା ନଥିଲା, ତା'ଛଡ଼ା ଦିନେଅଧେ ଉପବାସ ରହିବାର ଅଭ୍ୟାସ ଅଛି ।''

ଶୁଣିନେଇ ସେ ଯେପରି ବିସ୍ମୟାଭୂତ ହୋଇଗଲେ । କହିଲେ, ''ନିଃସମ୍ବଳେ ଏତେ ଦୂର ତୀର୍ଥ କରିବାକୁ ଆସିଛ, କାହିଁକି କୁହ ତ ? ବ୍ୟାପାରଟା କ'ଣ ? ତୁମ ଘରେ କିଏ ଅଛନ୍ତି ?'' ସେତେବେଳେ ପରିଚୟର ଆଦି-ଅନ୍ତ ପାଲା ଚାଲିଲା । ସବୁକିଛି ଶୁଣିସାରି ଭୈରବୀ କହିଲେ, ''ତୁମ ସଙ୍ଗେ ମୋ'ର ଯୋଗାଯୋଗ ଜଗଦମ୍ବାଙ୍କର ଇଚ୍ଛାରେ ସମ୍ଭବ ହୋଇଛି, ତୁମେ ବିଶ୍ୱାସ କରୁଛ ତ ?''

ମୁଁ କହିଲି, ''ଅନ୍ତତଃ ଭୋଜନ ବ୍ୟାପାରରେ ବିଶ୍ୱାସ କରୁଛି ।''

''ତୁମେ ସ୍ୱାର୍ଥପର, ସଂକୀର୍ଣ୍ଣ ମନର ମଣିଷକିନା । ସ୍ୱାର୍ଥ ବିନା କିଛି ମାନ ନାହିଁ । ବିନା ସ୍ୱାର୍ଥରେ କିଛି ଶୁଣ ନାହିଁ—ସ୍ୱାର୍ଥ ଛଡ଼ା କାହା ସଙ୍ଗେ ବ୍ୟବହାର ମଧ କର ନାହିଁ ।''

''ହୁଏତ ଆପଣଙ୍କ କଥାଟା ହିଁ ଠିକ୍, କିନ୍ତୁ ମୁଁ ଜୀବନରେ ଅନେକ ନିସ୍ୱାର୍ଥ ଲୋକଙ୍କର ସଙ୍ଗ ଲାଭ କରିଛି ।''

''ନା, ନା, ସେମାନେ କେବେ ହେଲେ ନିଃସ୍ୱାର୍ଥ ନୁହନ୍ତି—ବଡ଼ ବଡ଼ ସ୍ୱାର୍ଥକୁ ନେଇ ସେମାନେ କାରବାର କରନ୍ତି—ବାହାରକୁ ତାହା ନିଃସ୍ୱାର୍ଥ ବୋଲି ଜଣାଯାଏ । ଥାଉ ସେ କଥା, ବର୍ତ୍ତମାନ ଗୋଟିଏ କାମ କରିବ, ମୋ'ର ଗୋଟିଏ କଥା ରଖିବ ?''

''ଆପଣଙ୍କର ସ୍ନେହ, ଆପଣଙ୍କ ଉପକାର ଭୁଲିପାରିବି ନାହିଁ । କହନ୍ତୁ, କ'ଣ କରିବାକୁ ହେବ ଆପଣଙ୍କ ଲାଗି ?''

''ଗଙ୍ଗୋତ୍ରୀ ହୋଇ ବଦ୍ରୀ-କେଦାରନାଥ ବୁଲାଇଦେଇ ମୋତେ ଦେଶରେ ପହଞ୍ଚାଇ ଦେବାକୁ ପଡ଼ିବ । ସବୁ ଖର୍ଚ୍ଚ ମୋ'ର, ତୁମେ କେବଳ ମୋର ସହାୟ ହୋଇ ରହିବ—ପାରିବ ?''

''ଏହା ତ ଖୁବ୍ ଭଲ କଥା, ମୋ'ର ମଧ ସେହି ସବୁ ସ୍ଥାନ ଯିବାଲାଗି ଆନ୍ତରିକ ଇଚ୍ଛା ରହିଛି । ତେବେ ଜାଣେନା, ଶେଷ ପର୍ଯ୍ୟନ୍ତ କିପରି ଘଟିବ ?''

''ଆପଣ କ'ଣ ତାନ୍ତ୍ରିକ ?''

''ହଁ, ନିଶ୍ଚୟ ! ତୁମର କେଉଁ ଭାବ—ତୁମେ କେଉଁ ସମ୍ପ୍ରଦାୟର ?''

''ମୁଁ କୌଣସି ସମ୍ପ୍ରଦାୟର ନୁହେଁ, କେବଳ ନିଜ ଲାଗି ଏକ ସାଧନର ପଥ ଠିକ୍ କରି ନେଇଛି, ଏତିକି ମାତ୍ର । ତେବେ ତନ୍ତ୍ର ସମ୍ବନ୍ଧରେ ମୋର କିଛି ଜାଣିବାର ଇଚ୍ଛା ରହିଛି, ଆପଣଙ୍କ ପାଖରୁ ହୁଏତ ତାହା ଜାଣିପାରିବି ।''

''ସେହି କଥା କୁହ, ତୁମର ଅସଲ ଉଦ୍ଦେଶ୍ୟ କ'ଣ ? ଯାହା ମୁଁ ଜାଣେ, ତାହା କହିବି'', ଏହା କହିଦେଇ ଏପରି ସିଧା ହୋଇ ନିଜେ ବସିଗଲେ ଯେ ମନେହେଲା, ଯେପରି ସେ ସମାଧିସ୍ଥ ହେବେ । ଅନ୍ୟ ସମୟ ହୋଇଥିଲେ, ଏପରି ଅବସ୍ଥା ଦେଖି ମୋତେ ହସ ଲାଗିଥାନ୍ତା ।

ଯାହା ହେଉ, ଏବେ ମୁଁ ପଚାରିଲି, ''ତନ୍ତ୍ର ମତରେ ସାଧନ କଲେ ଭଗବାନ ମିଳିପାରିବେ କି ନାହିଁ ?''

''ଏହି ଯେଉଁ କଥା— ଭଗବାନପ୍ରାପ୍ତି ତାହା ବଡ଼ ଜଟିଳ । କାରଣ ସେହି ବସ୍ତୁ ସମ୍ବନ୍ଧରେ ନାନା ବ୍ୟକ୍ତିଙ୍କର ନାନା ମତ ଓ ଧାରଣା । ତା'ପରେ ହେଲା ପାଇବା କଥା— ତାହା ମଧ ଆହୁରି ଜଟିଳ । କାରଣ ଟଙ୍କା ମିଳିବା, ବିଷୟ ମିଳିବା, କୌଣସି ବସ୍ତୁ ପାଇବା

ଯେଭଳି, ତାହା ସେପରି ଭାବରେ ଲବ୍ଧ ନୁହେଁ । ତା'ପରେ ଭଗବାନକୁ ପାଇବା,– ଯେକୌଣସି ଧର୍ମ ଭିତର ଦେଇ ତାହା ହୋଇପାରେ, ପୁଣି କୌଣସି ଧର୍ମ ମଧ୍ୟରେ ନଥିଲେ ମଧ୍ୟ ସମ୍ଭବ ହୋଇପାରେ । ସବୁଠାରୁ ଆହୁରି ଜଟିଳ କଥା, ଯାହାକୁ ତୁମେ ଭଗବାନ ବୋଲି ଲକ୍ଷ୍ୟ ରଖି କହୁଛ, ତାହା ପାଇବା ପଦାର୍ଥ ନୁହେଁ । କ'ଣ ଏଥିରେ ସନ୍ତୁଷ୍ଟ ତ ?''

''ତେବେ ତନ୍ତ୍ର ସାଧନର ପ୍ରତ୍ୟକ୍ଷ ଫଳ କ'ଣ ? ଯେଉଁମାନେ ତାନ୍ତ୍ରିକ ବା ସିଦ୍ଧ କୌଳ ସେମାନେ କ'ଣ ଲାଭ କରନ୍ତି ?''

''ଯେଉଁମାନେ ଯେଉଁ ଉଦ୍ଦେଶ୍ୟ ନେଇ ସାଧନ କରନ୍ତି, ସେମାନେ ତାହା ପ୍ରାପ୍ତ ହୁଅନ୍ତି । କିନ୍ତୁ ଅସଲରେ ତନ୍ତ୍ରଧର୍ମରେ ଯେଉଁ ବୀରାଚାର, ତା'ର ମୂଳ ଉଦ୍ଦେଶ୍ୟ ପାଶମୁକ୍ତ ହେବା । କାରଣ ପାଶବଦ୍ଧ ଅବସ୍ଥାଟି ହିଁ ଯାହା କିଛି ଦୁଃଖଦାୟକ, ପାଶମୁକ୍ତ ହେଲେ ହିଁ ଜୀବ ନିଜ ଶକ୍ତି ଅର୍ଥାତ୍ ଆତ୍ମଶକ୍ତି ଦ୍ୱାରା ଉଦ୍‌ବୁଦ୍ଧ ହୁଏ । ତଦ୍ୱାରା ଯଦି ସେହି ଶକ୍ତିକୁ ସେ ନିଜର ଭୋଗ ଉଦ୍ଦେଶ୍ୟରେ ବ୍ୟବହାର କରେ, ତା'ର ଫଳ ମହା ବିପାକ, ପୁଣି ସେହି ଶକ୍ତି ଯଦି ଜୀବଜଗତର କଲ୍ୟାଣରେ ପ୍ରୟୋଗ କରାଯାଏ, ତେବେ ତଦ୍ୱାରା ମହତ ଫଳ ଲାଭ ହୋଇଥାଏ–ଦେବତ୍ୱ ଲାଭ ହୁଏ । ଏହାହିଁ ତ କଥା ।''

ଏଇ ପର୍ଯ୍ୟନ୍ତ ବେଶ୍ ଶାନ୍ତଭାବରେ ସ୍ଥିର ଯୁକ୍ତିପୂର୍ଣ୍ଣ କଥା ହେଲା । ତା'ପରେ ଯେତେବେଳେ ମୁଁ କହିଲି, ''ଆଚ୍ଛା ଭଗବାନଙ୍କ ପ୍ରାପ୍ତି ବ୍ୟାପାରରେ ଆପଣ ଯାହା କହିଲେ, ତାହା ତ ମୋତେ ଯେପରି ଖିଆଲ ପରି ବୋଧ ହେଲା ? ଜୀବ କ'ଣ ଭଗବାନଙ୍କୁ ପ୍ରାପ୍ତ ହୋଇପାରେ ନାହିଁ ?''

''ତୁମକୁ ଯାହା କହିଛି, ବୁଦ୍ଧିମାନ ହୋଇଥିଲେ ତୁମେ ଆଉ ପ୍ରଶ୍ନ କରିନଥାନ୍ତ । ତୁମେ ଦର୍ଶନଶାସ୍ତ୍ର ପଢ଼ିଛ, ଆଚ୍ଛା କୁହ ତ ଯେତେଗୁଡ଼ିଏ ଶାସ୍ତ୍ର ଅଛି, ସେସବୁର ମତ କ'ଣ ସମାନ ? ଭଗବାନଙ୍କ କଥା ଛାଡ଼, ଏବେ ତୁମର ଶକ୍ତିଲାଭ ପାଇଁ ଯେଉଁ ସାଧନା ଦରକାର, ତାହା କ'ଣ ତୁମେ କରିଛ ? ତୁମେ ଉଠିପଡ଼ି ଲାଗିଯାଅ, ଭାଗବତୀ ଶକ୍ତି ତୁମକୁ ସହାୟ ହୋଇ ସିଦ୍ଧି ଆଣିଦେବେ– ଏହିକଥା ମୁଁ ଶପଥ କରି କହିପାରେ । ଏ ସମ୍ବନ୍ଧରେ ମୋ'ର ପ୍ରତ୍ୟକ୍ଷ ଜ୍ଞାନ ଅଛି । ଆଗେ ଶକ୍ତିମାନ ହୁଅ, ତୁମ ଭିତରେ କେତେ ଶକ୍ତି ତାହା ଜାଣ, ତାହାର ସତ୍ ବ୍ୟବହାର କର, ସେତେବେଳେ ଯାଇ ଭଗବାନଙ୍କ ସହ ସମ୍ବନ୍ଧ କ'ଣ, ତାହା ବୁଝିପାରିବ । ଆଗେ ଶକ୍ତିମାନ ହୁଅ, ବୁଝିଛ ତ, ଆଗେ ଶକ୍ତି– ବୁଝିଲ ? ବାଜେ ତର୍କ କରନାହିଁ ।''

ଦେଖିଲି, ସେ ଉତ୍ତେଜିତ ହୋଇ କଥାବାର୍ତ୍ତା କଲେ । ଟିକିଏ ଭୟ ପାଇଲି । ପ୍ରଥମେ ଯେଉଁପରି ମୁହଁ ଓ ଆଖିର ଚାହାଣୀ ଦେଖି ଭୟ ପାଇଥିଲି, ଏବେ ସେହିପରି ମୁହଁ-ଆଖି । ଚୁପ ହୋଇ ରହିଗଲି । ସେ କିନ୍ତୁ ପୁଣି ଉତ୍ତେଜିତ ହୋଇ କହିଲେ, ''ଯେତେ ସବୁ ଚେଙ୍ଗଡ଼ା

ଛୋକରା, ଇସ୍କୁଲ କଲେଜରୁ ଦୁଇପତ୍ର ଇଂରାଜୀ ପଢ଼ି କେବଳ ତର୍କ, ତର୍କକରିବା ହିଁ ଶିଖିଛନ୍ତି । ଭଗବାନଙ୍କୁ ନେଇ ତର୍କ, ପ୍ରକୃତି ଓ ଶକ୍ତି ନେଇ ତର୍କ କରିବା ଶିଖିଛନ୍ତି । ଜାନୁଆର୍ ବଚ୍ଚା ସବୁ ଜାନୁଆର୍ । ବାପା ଯାହାଙ୍କର ଶକ୍ତିହୀନ, ମେଧାହୀନ, ବୀର୍ଯ୍ୟହୀନ, ସେମାନଙ୍କର ଏପରି ପୁଅ ହେବ ନାହିଁ ତ ଆଉ କାହାର ହେବ ? କୁଞ୍ଚ ହଲାଇ, ସିଗ୍ରେଟ ଖାଇ, ସାହେବଙ୍କ ଦୁଆରେ ଲାଠି ଖାଇ, ଘରେ ଯକ୍ଷ୍ମା ରୋଗୀ ମା'-ପୁଅ-ଝିଅ ଉପରେ ରାଗ ଶୁଝେଇବେ, ତା'ପରେ ଛାତିର ରକ୍ତ ମୁହଁରୁ ବାହାରି ମରିବେ । ଦୂର୍ ହ, ଦୂର୍ ହ, ଦୂର୍ ହ, ଖବରଦାର୍, ତୁମେ ମୋ' ସଙ୍ଗେ ତର୍କ କର ନାହିଁ ।''

ମୁଁ ପୁରାପୁରି ସ୍ତମ୍ଭିତ ହୋଇଗଲି । ଏହା କିପରି ବ୍ୟାପାର, ଉନ୍ମାଦ ନା ନା କ'ଣ ? ମନରେ ଏହି କଥା ଭାବୁଛି, ବିଦ୍ୟୁତ୍ ବେଗରେ ଉଠିପଡ଼ି ଭୈରବୀ ଚିତ୍କାର କରି ଘରସାରା ଫଟାଇଦେବାର ଯୋଗାଡ଼ କରିଦେଲେ, ''କ'ଣ ? ମୁଁ ଉନ୍ମାଦ ? ମୋ'ର ଶକ୍ତି କ'ଣ, ଜାଣିଛ ? ସର୍ବନାଶ ହେବ ବଙ୍ଗାଳୀଙ୍କର । ତୁମେ ବଙ୍ଗାଳୀର ପିଲା, ମୁଁ ବଙ୍ଗାଳୀର ଝିଅ, ଭଗବତୀଙ୍କର ଅଭିଶାପ ଫଳରେ ବଙ୍ଗାଳୀ ଘରେ ଜନ୍ମ ନେଇଛି । ଦେଖ, ଅନ୍ୟ କେହି ହୋଇଥିଲେ ମୁଁ କଥାବାର୍ତ୍ତା ବନ୍ଦ କରିଦେଇଥାନ୍ତି । ତୁମ ମୁହଁକୁ ଚାହିଁ, ତୁମେ ଜଣେ ମଣିଷ ବୋଲି ମନେ ହୋଇଥିଲା, ଏଣୁ ତୁମ ସଙ୍ଗେ କଥା ହେଉଛି । ଖବରଦାର୍, ତର୍କ କରନାହିଁ ମୋ' ସାଙ୍ଗରେ । ମୁଁ ତୁମର ସର୍ବନାଶ କରିପାରିବି, ତାହା ଜାଣିଛ ? ପୁଣି ତୁମର ଭଲ ମଧ୍ୟ ମୁଁ କରିପାରେ, ଠିକ୍ ମଣିଷ କରିଦେଇ ପାରେ—ଦେଖିବ ତୁମେ ?''

ଭୟରେ ମୋ' ମୁହଁରୁ ବାକ୍ୟ ବାହାରିଲାନାହିଁ । କେବଳ ସ୍ଥିର ଦୃଷ୍ଟିରେ ଭୂମିକୁ ଅନେଇ ମନେମନେ 'ତ୍ରାହି ମଧୁସୂଦନ' ଡାକିବାକୁ ଲାଗିଲି । ଏପରି ସୁନ୍ଦର ନାରୀର ପୁଣି ଏପରି ରୂପ, ଯେପରି ପୈଶାଚିକ ଉନ୍ମାଦନାରେ ବିଭୀଷଣା ହୋଇଯାଇଛନ୍ତି ! ତାଙ୍କ କଥାର ଉତ୍ତର ବା କ'ଣ ଅଛି ? ଏହାଙ୍କ ସମ୍ମୁଖରୁ ଚାଲିଯିବି କି କ'ଣ, ଏହି ଚିନ୍ତା କରୁଥିଲି ।

ଭୈରବୀ ଆସି ଧପ୍ କରି ମୋ'ର ଦକ୍ଷିଣ ହାତର କଚଟୀ ଦୃଢ଼ମୁଷ୍ଟିରେ ଧରିନେଇ, କହିଲେ, ''ପଳେଇବ କୁଆଡ଼େ ? ତୁମର ସାଧ ଅଛି, ମୋ' ଇଚ୍ଛା ବିରୁଦ୍ଧରେ ପଳାଇବ ? ତୁମ ପରି ଜଣକୁ ମୁଁ ପୋକ ପରି ମନେକରେ, ଜାଣ ! ତୁମେ କି ମଣିଷ ? ଘରେ ସ୍ତ୍ରୀ-ପିଲାଙ୍କୁ ରଖି ଢଙ୍ଗକରି ଧର୍ମ କରିବାକୁ ବାହାରିଛ—ମୁର୍ଖ କେଉଁଠିକାର । ବେଦାନ୍ତ ପଢ଼ିଛ, ଅଦ୍ୱୟ ବ୍ରହ୍ମତତ୍ତ୍ୱରେ ସମାହିତ ହେବ—ପାଉଁଶ ହେବ—ତୁମ ମୁହଁରେ ପାଉଁଶ ! ଭୋଗ ହେଲା ନାହିଁ, ଶକ୍ତି ନାହିଁ, ଭୋଗ କରିବାର ଉଦ୍ୟମ ନାହିଁ, ଭୋଗ୍ୟବସ୍ତୁ ଉପାର୍ଜନ କରିବାର ସାହସ ନାହିଁ । ବାପ-ମା ବାହା ଦେଇଛନ୍ତି, ଗୋଟିଏ ଝିଅକୁ ଗଳାରେ ଝୁଲାଇ ଦେଇଛନ୍ତି, ସେଥିରେ ଭୋଗର ନିୟମରକ୍ଷା ଚାଲିଛି—ସେଥିରୁ ଯେ କଟା ଛାଗଳ ଜନ୍ମିଥାଏ, ଜନ୍ମୁଥାଉ । ହେଁ, ମୁର୍ଖ କେଉଁଠିକାର ! ଭୋଗ ହେଲେ, ତେବେଯାଇ ହେବ ଯୋଗ, ଜଣା ଅଛି ତ ?''

ହୃଦୟ ଭିତରେ ଭୟ ଓ ଆତ୍ମଗ୍ଲାନି ଗଭୀର ପୀଡ଼ା ଦେଇଚାଲିଲା, ସେଥିରେ ଯେପରି ମୋ'ର ଚୈତନ୍ୟ ଲୋପହେବାର ଉପକ୍ରମ । ମୁଁ ଯେପରି ଧୀରେ ଧୀରେ ନିଶାସକ୍ତ ପରି

ଅନ୍ଧକାର-ରାଜ୍ୟକୁ ଓହ୍ଲାଇଯାଇଛି । ଭୈରବୀ ମୋ'ର ସଙ୍କଟମୟ ଅବସ୍ଥା ଅନୁଭବ କରିପାରିଲେ କି ନା ଜାଣେନା, କିନ୍ତୁ ସେ ଜୋର୍‌ରେ ଗୋଟାଏ ଝିଙ୍କା ମାରି କହିଲେ, ''ତୁ ଯୋଗ ନେଇ ଘଣ୍ଟାଘଣ୍ଟି କରୁଛୁ କେଉଁ ସାହସରେ ? ଭୋଗରୁ ତୋ'ର ବିରାଗ ଆସିଛି କି ? କହ ସତ କରି ମୋ' ଆଗରେ—ନିଜ ଭିତରକୁ ଅନେଇ କହ ତୁ ।''

ମୁଁ ଯେଉଁଭାବେ ଥିଲି, ଠିକ୍ ସେହିଭାବେ ତଳକୁ ମୁଣ୍ଡପୋତି ରହିଲି । ମୋ' ମୁହଁରୁ କେବଳ '' ଶବ୍ଦଟି ବାହାରିପଡ଼ିଲା । ଜାଣେନା, ତାହା ତାଙ୍କ କାନରେ ପହଞ୍ଚିଲା କି ନାହିଁ ।

ଲେଖକ ସହ ଭୈରବୀ

ଏହାପରେ ସେ ଯେଉଁ ଭାବରେ, ଯେଉଁ ଭାଷାରେ, ଯେଉଁ ରୂପରେ ବିଚିତ୍ର ଭଙ୍ଗୀରେ ତାଙ୍କର ଅନ୍ତରର ବ୍ୟାକୁଳ ଚିର-ଉଦ୍ଦାମ ଆକାଂକ୍ଷା ବ୍ୟକ୍ତ କଲେ, ତାହା ପ୍ରକାଶ କରିବାକୁ ଯେତେଟା ସଙ୍କୋଚ, ଲେଖିବାକୁ ତା' ଅପେକ୍ଷା ବହୁଗୁଣ ଅପ୍ରବୃତ୍ତିହିଁ ଅନୁଭବ କରୁଛି । କଥାମାନ ଶୁଣିବାମାତ୍ରେ ହିଁ ମୋ'ର ପ୍ରାଣର ବୋଧଶକ୍ତି ସଙ୍ଗେ ସଙ୍ଗେ ରହିତ ହେବାର ଉପକ୍ରମ । ଏହି ଭୈରବୀଙ୍କର ପ୍ରକୃତି କି ଅଦ୍ଭୁତ ! ତାଙ୍କର ଏହି ରୂପ ଭାବ-ବିଲକ୍ଷଣର ଯଥାର୍ଥ ସ୍ୱରୂପଟା କ'ଣ ଓ କିପରି ସ୍ୱଭାବର ଫଳ, ତାହା କିଛି ମାତ୍ର ବୁଝି ନ ପାରିଲେ ମଧ୍ୟ ମୁଁ ସମ୍ମୋହିତ ହେଲା ପରି ତାଙ୍କର ପାଦରେ ମୁଣ୍ଡ ଲଗାଇ କହିଲି, ''ଆପଣ ମୋ'ର ମା', ମୋତେ ରକ୍ଷା କରନ୍ତୁ । ମୁଁ ଯଥାର୍ଥରେ ଅତି ମୂର୍ଖ, ଦୁର୍ବଳଚିତ୍ତ, ମନୁଷ୍ୟ ନାମକୁ ଅଯୋଗ୍ୟ, ଆଉ ମୋ'ର'',...କଣ୍ଠ ଏପରି ଭାବରେ ରୁଦ୍ଧ ହେଲା ଯେ ଆଉ ମୁହଁରୁ କଥା ବାହାରିଲା ନାହିଁ ।

ଏଥର ବୋଧହୁଏ ଭୈରବୀ ଶାନ୍ତ ହେଲେ ।

ମୋ' ହାତକୁ ଛାଡ଼ି ଦେଲେ । ତା'ପରେ ଦାଢ଼ିରେ ହାତ ବୁଲାଇ ମୁହଁକୁ ମୋ'ର ତୋଳି ଧରି, ମା' ଯେପରି ସ୍ନେହବିଗଳିତ ଆଖିରେ ଅସହାୟ ଶିଶୁକୁ ନିରୀକ୍ଷଣ କରେ, ସେମିତି ଭୈରବୀ ମୋ' ମୁହଁକୁ ଚାହିଁ ରହିଲେ—ବତୀର ଆଲୁଅ ତାଙ୍କ ମୁହଁରେ ପଡୁଥିଲା, ଅପରୂପ ସ୍ନେହ-ଲାବଣ୍ୟରେ ଉଦ୍ଭାସିତ ତାଙ୍କର ମୁଖ । କ୍ରମେ ତାଙ୍କ ଚକ୍ଷୁରୁ ଅଶ୍ରୁଧାରା

ବହିବାକୁ ଲାଗିଲା– ମୋ' ଗାଲ ଉପରେ ଟପ୍‌ଟପ୍ କରି ପଡ଼ି ଛାତି ଆଡ଼କୁ ବହିଚାଲିଲା ସେହି ତପ୍ତ ଅଶ୍ରୁ । ତା'ର ପ୍ରଭାବରେ ମୋ' ଅନ୍ତରର ସବୁକିଛି ଗ୍ଲାନି ଧୋଇଯାଇ ଯେପରି ସ୍ୱଚ୍ଛ ନିର୍ମଳ ହୋଇଗଲା । ଭୈରବୀଙ୍କ ଓଷ୍ଠ କମ୍ପମାନ, ଯେପରି କିଛି ପ୍ରକାଶ କରିବାକୁ ଉନ୍ମୁଖ । ଭାବର ବେଗ ପ୍ରଶମିତ ହେଲା ପରେ ଉନ୍ମାଦିନୀ ପରି ଧୀରେଧୀରେ କହିଲେ, ''ତୁ ମୋତେ କ'ଣ ବୋଲି ଭାବୁଛୁ, କହ ତ ? ରାକ୍ଷସୀ ନା ପିଶାଚୀ ନା ଅନ୍ୟ କିଛି ? କହ, କହ, ମୁଁ ପାଗଳ ? ହେଁ ! କହ, ଯାହା କିଛି ତୁ କହି ଯା ।''

ମୁଁ ଧୀରେ ଧୀରେ ନିଜକୁ ମୁକ୍ତି କରି କହିଲି, ''ମୁଁ ତ କହି ନାହିଁ କିଛି ।''

ଶୁଣିଲାମାତ୍ରେ ସେହି ଉନ୍ମାଦଭାବ ପୁଣି ପ୍ରକଟ ହେବାର ଲକ୍ଷଣ ଦେଖିଲି ତାଙ୍କ ମୁଖମଣ୍ଡଳରେ । ଛାଡ଼ିଦେଇଥିବା ହାତକୁ ପୁଣି ଧରିନେଇ କହିଲେ, ''ତୁ କ'ଣ ମଣିଷ ହେବୁ ନାହିଁ ? ପୁରୁଷ ପରି ପୁରୁଷ ହେବୁ ନାହିଁ ? ତୋ' ଧାତୁରେ କ'ଣ ତେଜ, ଶକ୍ତି, ଏସବୁ ଆସିବ ନାହିଁ ? ମୁଁ କେତେଦିନ ଧରି ଜଣେ ମନର ମଣିଷ ଖୋଜୁଛି, ଯାହା ପାଦରେ ନିଶ୍ଚିତ ହୋଇ ନିଜକୁ ଅର୍ପଣ କରି ଦେଇପାରିବି–ତୋତେ ଦେଖି ମନେହେଲା, ଯାହାହେଉ ଏତେଦିନ ପରେ ଜଣକୁ ପାଇଛି । ଛି ଛି, ଏହି କ'ଣ ପୁରୁଷ ପରି ବ୍ୟବହାର ! ଏତେଟା ନରମ, ଏକବାର କାଦୁଅ । ତୁ କ'ଣ ଜଣେ ପୁରୁଷ ! ଦୂର୍ ହ, ଦୂର୍ ହ, ଦୂର୍ ହ । ମାଇମୁହାଁ ପୁଅପିଲାକୁ ମୁଁ ଦି ଆଖିରେ ଦେଖିପାରେ ନାହିଁ । ତୁ କ'ଣ କରିବୁ, କିପରି ସଂସାର ଚଳେଇବୁ, କହିଲୁ ? କ'ଣ ତୋର ବୃତ୍ତି ?''

ଛବି ଆଙ୍କିବା କଥା ଶୁଣିନେଇ ଏକବାର ଯେପରି ପାଣି ପରି ତରଳିଗଲେ । ପ୍ରଫୁଲ୍ଲ ମୁଖରେ କହିଲେ, ''ହାଁ, ଛବି ଆଙ୍କୁଛୁ ? ସେଥିରେ ପଇସା ମିଳେ ? କିପରି ଛବି ସବୁ ଆଙ୍କୁ ?''

''ମନୁଷ୍ୟ ମୂର୍ତ୍ତି, ଦେବଦେବୀ ମୂର୍ତ୍ତି–ସବୁ ପ୍ରକାରର କରିବାକୁ ପଡ଼େ ।''

''ହାଁ ! ଧ୍ୟାନମୂର୍ତ୍ତି ଆଙ୍କୁଛୁ ? ଠିକ୍ ରୂପେ ଆଙ୍କି ପାରୁଛୁ ? ମୋ' ଲାଗି ଏକ ଛିନ୍ନମସ୍ତାର ଛବି ଆଙ୍କିଦେବୁ ? ତାହା କେହି ଆଙ୍କି ପାରୁନାହାନ୍ତି ।''

''ସେ ଛବି ତ ବଜାରରେ ବିକ୍ରି ହୁଏ–ଛଅଣା ଆଠଅଣା ହେଲେ ହିଁ ଖଣ୍ଡେ ଛପା ହୋଇଥିବା ଛବି ମିଳିଯାଏ ।''

ଶୁଣିଦେଇ ହସିବାକୁ ଆରମ୍ଭ କରିଦେଲେ– ସେ ହସ ଯେପରି ବନ୍ଦ୍ ହେବାକୁ ଚାହେଁନା ।

''ହାଁ ! ବଜାରରେ ଛପା ଛିନ୍ନମସ୍ତା ! ହାଁ, ଛଅଣା ଆଠଅଣାରେ ମିଳିଥାଏ, ହାଁ, କ'ଣ କହିଲୁରେ ପାଗଳ ? ମୁଁ ଭାବୁଛି, ଆଉରି କେତେ କ'ଣ କହିବୁ ତୁ । ତୁ ଅବାକ୍ କଲୁ ମୋତେ ରେ ।''

ମୁଁ କହିଲି, ''ଶୁଣିଛି, ବଡ଼ ଭୟଙ୍କର ମୂର୍ତ୍ତି କି ନା ଛିନ୍ନମସ୍ତାଙ୍କର !''

ମୋ' ମୁହଁରୁ ଏକଥା ଶୁଣିବା ମାତ୍ରେ ପୁନଶ୍ଚ ମୋ' ଆଡ଼କୁ ସେହି ବିକଟ ଚକ୍ଷୁ ଫେରାଇ ମୋତେ ସନ୍ତ୍ରସ୍ତ କରିଦେଇ ଧମକାଇଲେ, ''ଆରେ ବୋକା, ଯେଉଁମାନେ ତୋ' ପରି ମାଇଆ ମଣିଷ ଓ ଅଧମ ମରଦ, ସେମାନଙ୍କ ପକ୍ଷରେ ଭୟଙ୍କର ହେବ ହିଁ ଛିନ୍ନମସ୍ତାର ମୂର୍ତ୍ତି । ରକ୍ତ ଦେଖିଲେ ଯାହାର ପ୍ରାଣ ଦେହଛଡ଼ା ହୋଇଯାଏ, ସେ କ'ଣ ଏହି ମୂର୍ତ୍ତିର ମାଧୁର୍ଯ୍ୟ ଦେଖିପାରେ ? ପାପ ଆଉ ପୁଣ୍ୟ, ସ୍ୱର୍ଗ ଆଉ ନର୍କ କଳ୍ପନା କରୁକରୁ ଯାହାର ଦିନଗତ ପାପକ୍ଷୟ ହୁଏ—ଲକ୍ଷ୍ମୀ ସରସ୍ୱତୀ ବୀଣାହସ୍ତେ, କୃଷ୍ଣ ଠାକୁର ବେଣୁହସ୍ତେ ଏହି ସବୁ ମୂର୍ତ୍ତି ହିଁ ତୁମମାନଙ୍କୁ ଭଲ ଲାଗେ । ଦୂର୍ ହ, ଦୂର୍ ହ ହତଭାଗା, ଯାହା ନିକଟରେ ଗୋଟିଏ ନାରୀ ଭୟର ବ୍ୟାପାର, ମହାଶକ୍ତିର ମୂର୍ତ୍ତି ଦେଖି ତା'ର ଭୟ ହେବ ନାହିଁ ତ ଆଉ କାହାକୁ ଭୟ ହେବ ?''

ତା'ପରେ ମୋ' ଗଳାରେ ହାତ ଦେଇ ଠେଲି ଦେଉଦେଉ କହିଲେ,—''ଯା, ଯା, ଗଳାରେ ଦଉଡ଼ି ଦେଇ କଳସ ବାନ୍ଧି ଏଇ ଗଙ୍ଗାରେ ବୁଡ଼ିମରିବୁ ଯା' । ଆଉ ମରିବା ବେଳେ ଜଗଦମ୍ବାଙ୍କ ନିକଟରେ ଏହାହିଁ କହି ପ୍ରାର୍ଥନା କରିବୁ, ହେ ମା' ଜଗଦମ୍ବା, ପରଜନ୍ମରେ ଯେପରି ଶକ୍ତିମାନ ହୋଇ ଜନ୍ମ ନିଏ, ଆଉ ଯଦି ନିହାତି ଶକ୍ତିଲାଭ ଲାଗି ଅଯୋଗ୍ୟ ହୁଏ, ତା'ହେଲେ ଏତିକି କର ହେ ମା', ଶକ୍ତି ଯେ କି ବସ୍ତୁ, ତାହା ଯେପରି ବୁଝିପାରେ ଆଉ ଯେପରି ଏପରି ମାଇଚିଆମୁହାଁ ହୋଇ କୌଣସି ବଙ୍ଗାଳୀ ଘରେ ସଧବା ସ୍ତ୍ରୀର ପୁଅହୋଇ ଜନ୍ମ ନ ନିଏ । ଦୂର୍ ହୋଇ ଯା ।''

ଏତିକି କହି ମୋତେ ଠେଲିଦେଇ ଓହ୍ଲାଇଦେଲେ । ମୁଁ ଓହ୍ଲାଇପଡ଼ି କିଛି ଦୂର ଗଲି । ସେତେବେଳେ ମୋ' ମନର ଅବସ୍ଥା ବର୍ଣ୍ଣନାତୀତ, ମୁଁ ଯାଉଥିଲି ଗଙ୍ଗା ଦିଗକୁ—ହଠାତ୍ ଖିଲ୍‌ଖିଲ୍ ହସରେ ପଛକୁ ଫେରି ଦେଖେ ଯେ ଭୈରବୀ ସେଠାରେ ନାହାନ୍ତି— ଏବେ ପୁଣି ସମ୍ମୁଖରେ ସେହି ଖିଲ୍‌ଖିଲ୍ ହସ—କିନ୍ତୁ କାହାକୁ ଦେଖିବାକୁ ନ ପାଇ ଠିଆ ହେଲି । ସମ୍ମୁଖକୁ ଚାହିଁ ଦେଖେ ପାଞ୍ଚ ଛ' ହାତ ଦୂରରେ କିଏ ଜଣେ ଗଙ୍ଗାର ପାଣି ଆଡ଼କୁ ଓହ୍ଲାଉଛି ।

ମୁଁ ଦ୍ରୁତଭାବରେ ଅନୁସରଣ କଲି । ତାଙ୍କର ଗତି ମୋ' ଅପେକ୍ଷା ଅଧିକ ଦ୍ରୁତ । ଜ୍ୟୋତ୍ସ୍ନାଲୋକରେ ଦେଖିବାକୁ ପାଉଛି, ଯେପରି ଭୈରବୀଙ୍କ ପରି—ମୁଁ ଦୌଡ଼ିଯାଇ ଧରିବାକୁ ଚେଷ୍ଟା କଲି— ଭୈରବୀ କିନ୍ତୁ ସହଜ ଭାବରେ ଚାଲିଥାନ୍ତି ।

''ଠିଆ ହୁଅନ୍ତୁ, ଟିକିଏ ଠିଆ ହୁଅନ୍ତୁ—ଗୋଟାଏ କଥା ଅଛି !''

ମୂର୍ତ୍ତିଟି କର୍ଣ୍ଣପାତ କଲେନାହିଁ । ମୁଁ ଯେତେବେଳେ ଦଶବାର ହାତ ନିକଟରେ, ସେତେବେଳେ ଧୀରେ ଧୀରେ ଯେପରି ହିମ ଶୀତଳ ଜଳରେ ଅବଗାହନ କଲେ, ତା'ପରେ କ୍ରମେ କ୍ରମେ ସର୍ବାଙ୍ଗଶରୀର ବୁଡ଼ାଇଦେଇ ଥରେମାତ୍ର ମୋ' ଆଡ଼କୁ ଦେଖିଦେଇ ଡୁବିଲେ— ତାଙ୍କୁ ଆଉ ପାଣିରୁ ଉଠିବା ଦେଖିଲି ନାହିଁ ।

ସେହି ଚିନ୍ତାରେ ସାରାରାତି ମୁଁ ଗଙ୍ଗାକୂଳରେ ହିଁ କଟାଇଦେଲି ।

ଅଷ୍ଟାବିଂଶ ପରିଚ୍ଛେଦ

ଆୟେଙ୍ଗାର ବାବା

ବୃନ୍ଦାବନରେ ଜଣେ ମହାପୁରୁଷ ଥିଲେ, ପ୍ରାୟ ୩୫ ବର୍ଷ ପୂର୍ବେ—ଜଗଦୀଶ ବାବା ବୋଲି ସେଠାରେ ସମସ୍ତେ ତାଙ୍କୁ ଜାଣିଥାନ୍ତି । କିନ୍ତୁ ଯାହା ହୋଇଥାଉ, ଦଳେ ଲୋକ ତାଙ୍କୁ ଆଦୌ ସାଧୁ ବୋଲି ଭାବନ୍ତି ନାହିଁ । ଏପରିକି ତାଙ୍କୁ ସେମାନେ ଭଣ୍ଡ ବୋଲି ଉପହାସ କରିଥାନ୍ତି—ଶୁଣିଛି ପରମହଂସ ରାମକୃଷ୍ଣଦେବଙ୍କୁ ମଧ୍ୟ ଆମ ଦେଶର କେତେକ ବ୍ୟକ୍ତି ସେହିପରି ଭାବିଥିଲେ ଯେତେବେଳେ ସେ ଜୀବିତ ଥିଲେ, ଏପରିକି ଦେହାନ୍ତ ପରେ ମଧ୍ୟ ।

ପାର୍ଥ ସହାୟ ଆୟେଙ୍ଗାର ବାବା କେଶବାନନ୍ଦ ବ୍ରହ୍ମଚାରୀ ଆଦିଙ୍କ ସହ (ବୃନ୍ଦାବନ)

ସେହି ସମୟରେ ମୁଁ କେଶବାନନ୍ଦ ବ୍ରହ୍ମଚାରୀଙ୍କର ରାଧାବାଗ୍ ଆଶ୍ରମରେ ଥାଏ । ଦିନେ ଅଦ୍ଭୁତ ଲୋକଟିଏ ଆସିଲେ । ତାଙ୍କର ଭାବ ଅନେକଟା ପାଗଳ ପରି । ଭିତରେ କୌପୀନ, ତା' ସାଙ୍ଗକୁ ସର୍ବାଙ୍ଗରେ ସେହି ଶ୍ରାବଣ ମାସର ଗରମରେ ଗୋଟିଏ ମୋଟା

କମ୍ବଳ ଘୋଡ଼ାଇଛନ୍ତି– ଆଉ ଦେହରେ କେଉଁଠି କିଛି ନାହିଁ । କେବେ କେବେ ବା ତାକୁ ଅଣ୍ଟାରୁ ଟେକିଦେଇ କାନ୍ଧରେ ପକାଇଦିଅନ୍ତି–କୌଣସି ଚିନ୍ତା ନାହିଁ, ପରବା ନାହିଁ ।

ଆସି ବସିଲେ, କେଶବାନନ୍ଦଜୀ ଯେଉଁଠାରେ ସାଙ୍ଗସୁଖ ନେଇ ବସିଥିଲେ, ଦିନେ ଅପରାହ୍ନରେ । ୫-୬ ବର୍ଷର ଏକ ଶିଶୁ ବ୍ରହ୍ମଚାରୀ, ନାମ ସତ୍ୟାନନ୍ଦ–ତାକୁ ନେଇ ସେଠାରେ ଚାଲିଥିଲା ଅଭିନୟ । କେଶବାନନ୍ଦ ସମସ୍ତଙ୍କ ଉପସ୍ଥିତିରେ ପିଲାଟିକୁ ପ୍ରଶ୍ନ କଲେ– ''ସତ୍ୟାନନ୍ଦ, ତୁମ ଘର କେଉଁଠାରେ ?''

ସତ୍ୟାନନ୍ଦ ଚକ୍ଷୁ ଦ୍ୱୟକୁ କେଶବାନନ୍ଦଙ୍କର ପାଦ ଆଡ଼କୁ ନଇଁ ଦେଇ କହିଲା, ''ଏହି ଗୁରୁଦେବଙ୍କ ଚରଣରେ ।''

ତା' କଥା ଶୁଣି ଆମେ ପ୍ରଚୁର ଆନନ୍ଦ ଉପଭୋଗ କରୁଥିଲୁ– ଏହି ସମୟରେ ଏଇ ମୂର୍ତ୍ତିଟି ଝଡ଼ ବେଗରେ ଆସି ଉପସ୍ଥିତ ହେଲେ । ନମସ୍କାର, ଶିଷ୍ଟାଚାର ନାସ୍ତି– ବସିପଡ଼ି ଗୋଟିଏ ଆଡ଼କୁ ଅନେଇ ରହିଲେ । କେଶବାନନ୍ଦଜୀ କହିଲେ–''ସ୍ୱାମୀଜୀ, ଇୟେ ଧାମ୍ ମେ କବ୍ ଆୟା ?''

ସେ କହିଲେ–''ଉସ୍‌ସେ ତୁମାରା କ୍ୟା ମତଲବ ? ଅବ୍ ତୋ କୁଛ ଖାନେ କୋ ମଙ୍ଗାଓ ।''

ଶୁଣିସାରି କେଶବାନନ୍ଦଜୀ କିଛି ଖାଇବାର ଆଣିବାକୁ କହିଦେଲେ ନିତ୍ୟାନନ୍ଦଙ୍କୁ ।

ସେଠାରେ ଯେଉଁ ଭାବରେ ସବୁ କଥାମାନ ଚାଲିଥିଲା–ସମସ୍ତେ ଚୁପ୍‌ଚାପ୍ ବସି ତାଙ୍କ ମୁହଁ ଆଡ଼କୁ ଅନାଇଲେ, ଅବସ୍ଥାଟି ଦେଖି ଆଗନ୍ତୁକ ଲୋକଟି କହିଲେ,–''ଲେଓ, ତୋମଲୋକ ବାତ୍ କରୋ, ସବ୍ ଚୁପ୍ କାହେ ?''

ସେତେବେଳେ କେଶବାନନ୍ଦଜୀ କହିଲେ, ''ଆପ୍ ତୋ କୁଛ ଶୁନାଇୟେ, କୁଛ୍‌ଭି ପରମାର୍ଥ କି ବାତ୍...''

ସେ ବ୍ୟକ୍ତି ରାଗିଉଠିଲେ, ଚିତ୍କାର କରି କହିଲେ,–''ଇୟେ ଚୋଠା ଲୋକକେ ସାଥ ପରମାର୍ଥ କି ବାତ୍ ! କୋନ୍ ମାଙ୍ଗ୍‌ତେ ତୁମାରା ପରମାର୍ଥ–ଟେବୁୟା ଔର କସବୀକୀ ପିଛେ ଫସ୍ ରହା ଯୋ ସବ୍, ପୟସା ପୟସା କର୍‌କେ ମର୍‌ତେ, ପୟସାଓୟାଲାକୋ ପାୟେର ଚାଟନେଓୟାଲା ଲୋକ୍‌କେ ପରମାର୍ଥ କି ବାତ୍ କ୍ୟା ଶୁନାଉ ? ଶୁନେଭି କୋନ, ଓର ଚାହେଭି କୌନ–ସବ୍ ଝୁଟା ଚୋର୍–ବାସ୍ ବାସ୍ ଚୁପ ରହୋଜୀ ।''

କେଶବାନନ୍ଦଜୀ ଟିକିଏ ହସିଦେଇ କହିଲେ, ''ସ୍ୱାମୀଜୀ, ଦୁନିୟାକୋ ସବହି ଏକ କିସିମ କୋ ତୋ ନହି ରହତା–''

ଶୁଣି ନେଇ ସେ କ୍ରୋଧରେ ନିଆଁ ହୋଇଗଲେ, ପୁଣି କହିଲେ, ''ସବ୍ ସବ୍–ସବ୍ ଶାଲା ଚୋଠା, ଯେତନା ଆଶ୍ରମୀ, ଲୋଟା-କମ୍ବଲବାଲେ ବିଲକୁଲ ଝୁଠା–ପୟସାକୋ ଲିୟେ ସବକୁଛ୍ କରତେ, ଫିର ବାତ୍ ମାତ୍ କରୋ, ବୈଠା ରହୋ ଜି ମଜେମେ ।''

ଏହି ସମୟରେ ଖାଇବାର ନେଇଆସି ତାଙ୍କ ଆଗରେ ଦିଆଗଲା । ସେ ସେଥିରୁ ଗୋଟିଏ ଲଡ୍ଡୁ ଉଠାଇନେଇ ଖାଇବାକୁ ଆରମ୍ଭ କଲେ ।

ଲୋକଟିର ତେଜସ୍ୱିତା ଦେଖି ମୋ' ପ୍ରାଣରେ କିପରି ଏକ ଶ୍ରଦ୍ଧା, ଏକ ଆକର୍ଷଣ ଅନୁଭବ କଲି । ମନେହେଲା, ଏହି ବ୍ୟକ୍ତିଜଣକ ଆଦୌ ସାଧାରଣ ନୁହନ୍ତି । ସେଇ ଯେଉଁ ଥରେ ମିଠାଟିଏ ନେଇ ଖାଇଦେଲା ପରେ ଆକାଶ ଆଡ଼େ ଚାହିଁ ରହିଲେ ସେତେବେଳେ ସମସ୍ତେ ଚୁପଚାପ, କାହାର ସାଧ ନାହିଁ ଯେ କେହି କଥା ପଦେ କହିବ । ମୁଁ କେବଳ ତାଙ୍କ ମୁହଁ ଆଡ଼କୁ ଚାହିଁରହିଲି । କେଶବାନନ୍ଦଜୀ ନିର୍ବାକ । ସତ କହିଲେ, ଲୋକଟାର ବ୍ୟକ୍ତିତ୍ୱ ଏପରି ପ୍ରବଳ ଯେ ସେହି ସ୍ଥାନରେ ଆମେ ସମସ୍ତେ ଯେପରି ସ୍ତମ୍ଭିତ ହୋଇ ରହିଗଲୁ ।

କିଛି ସମୟ ପରେ ସେ ଖାଇବା ଜିନିଷରୁ ଆଉ ଗୋଟିଏ ହାତରେ ନେଇ ଖାଇବାକୁ ଆରମ୍ଭ କରିଦେଲେ, ଦୃଷ୍ଟି ତାଙ୍କର ଠିକ୍ ସେହି ଆକାଶ ଆଡ଼େ ଲାଖିରହିଛି । ଖାଇବା ଶେଷ କରି ଲୋଟାରୁ ପାଣି ପିଇଲେ, ଆଉ ହାତ ପୋଛିଲେ, ତାଙ୍କ ବାଁ କାନ୍ଧରେ ପଡ଼ିଥିବା କମ୍ବଳରେ । ତା'ପରେ ଉଠି ଠିଆହେଲେ—ପାଦେ ପାଦେ କରି ଚାଲି ଅଗଣାର ବଗିଚାରେ ଢୁକିଲେ ।

ସେତେବେଳେ ତାଙ୍କ ଅଗୋଚରରେ, ଯିଏ ଯେଉଁଠି ଥିଲେ, ଏବେ କଥା ବାହାରିଲା ସେମାନଙ୍କ ମୁହଁରୁ । କେଶବାନନ୍ଦଜୀ କହିଲେ, ''ଗଞ୍ଜେଇ ଖାଇଖାଇ ପାଗଳ ହୋଇଯାଇଛନ୍ତି ସେ । ମଝିରେମଝିରେ କେବେ କେମିତି ଆସି ପହଞ୍ଚିଯାଆନ୍ତି । ଦକ୍ଷିଣର ଲୋକ—ଏଠାରେ ଜଣେ ବିକାନୀରର ମହାଜନ ଘରେ ଥାଆନ୍ତି ।''

ଆଉ ଜଣେ କହିଲେ, ''ମନେହୁଏ, ଯେପରି ଗୁପ୍ତଚର, ସରକାରୀ କାମରେ ଏହିପରି ସବୁଆଡ଼େ ଘୁରିବୁଲନ୍ତି ସେ ।''

ଅନ୍ୟ ଜଣେ କହିଲେ, ''ପାଗଳ ହିଁ ସତ, ଆପଣ ଯାହା କହିଲେ । ତା' ନ ହେଲେ ଏପରି ଅସଭ୍ୟ ଭଳି ଯାଛା ତା କହନ୍ତେ ?''

ଯାହାହେଉ ସେହି ବ୍ୟକ୍ତି କିଛିକ୍ଷଣ ଏଆଡ଼େସେଆଡ଼େ ଘୁରିବୁଲି ଆସି ପୁଣି ସେଠାରେ ବସିଗଲେ । ଯେତେବେଳେ ଆସି ବସିଲେ, ସେତେବେଳେ ମନେହେଲା, ସେ କେବେହେଲେ ଦୀର୍ଘକାଳ ଏଠାରେ ବସିରହି ପାରିବେ ନାହିଁ । ଯେତେବେଳେ ସେ ଏଠାରୁ ଉଠିବେ, ମୁଁ ମଧ୍ୟ ତାଙ୍କ ପିଛା ଧରିବି—ଏହାହିଁ ଭାବି ମୁଁ ଯେପରି ଏଥର ଉଠିବି, ସେଇ କଥା ଚିନ୍ତାକରି ଧୀରେଧୀରେ ଖସିଆସିଲି— ତା'ପରେ ଆସ୍ତେ ଆସ୍ତେ ଉଠି ଧୀରେ ଧୀରେ ଗୋଟିଏ ଖୁମ୍ଭ ନିକଟରେ ଠିଆହୋଇ ଅପେକ୍ଷା କରି ରହିଲି, ସେ ଉଠିବାକ୍ଷଣି ମୁଁ ଏହି ଆସରରୁ ନିଷ୍କ୍ରାନ୍ତ ହୋଇଯିବି । ସେହି ଆସରରେ କୌଣସି କାମର କଥା କିଛି ହେଉ ନଥିଲା—କେଶବାନନ୍ଦଜୀଙ୍କର ଜଣେ ଶିଷ୍ୟଙ୍କ ଅସୁସ୍ଥତା କଥା ପଡ଼ିଥିଲା । ସେ ଦେଖୁଥିଲେ, ଆଉ ଚିକିତ୍ସା କରୁଥିଲେ ମଧ୍ୟ—ଯାଇଥିଲେ ତା' ନିକଟକୁ ନିରାଶ ହୋଇ ଫେରିଆସିଛନ୍ତି ।

ତା'ର ବଞ୍ଚିବାର କୌଣସି ଆଶା ଆଉ ନାହିଁ । ସେହି କଥା ଆଲୋଚନା ହେଉଥିଲା—ଏହି ସମୟରେ ସେ ବଗିଚାରୁ ଦ୍ୱିତୀୟ ଥର ଫେରିଆସି ସବୁ ଓଲଟ ପାଲଟ କରିଦେଲେ ।

ଯାହା ହେଉ, ଏଥର ଆସି ବସିଲେ ସତ, କିନ୍ତୁ କିଛି କଥା ହେଲେ ନାହିଁ—କେବଳ ସେ ଆକାଶ ଆଡ଼େ ଅନେଇରହିଲେ । କେଶବାନନ୍ଦଜୀ ତାଙ୍କୁ ପୁଣି ପଚାରିଲେ, ''ସ୍ୱାମୀଜୀ, ଅବ୍ କିଧର୍ ଜାନା ?''

ସେ କହିଲେ, ''କାହେ ? ଇହାଁ କୁଛୁ ତକଲିଫ୍ ହୈ ତୁମରା, ହମାରା ରହନେ ସେ ? ତୁମ୍ ବାତ୍ କରୋନା, ଅପନେ ବାତ୍ !''

କେଶବାନନ୍ଦଜୀ କହିଲେ, ''ନହିଁଜୀ, ହାମାରା ତୋ କୋଇ ବାତ୍ ଏୟସା ନହିଁ ଯୋ ଆପକା ସାମନେମେ ହୋ ନହିଁ ପର୍‌ତା ।''

''ଆଚ୍ଛା, ଆଚ୍ଛା, ଅବ୍ ହାମ ଯାୟେଗା—ଦୋ ଆନା ତୋ ଦେଓ ।'' ଶୁଣିବାମାତ୍ରେ ହିଁ ନିତ୍ୟାନନ୍ଦ ଉଠିଲେ, ପରେ ତାକୁ ଇଶାରା କରିବାରୁ ସେ ଆଣିଦେଲେ, ତତ୍‌କ୍ଷଣାତ୍ ଚାଲିଆସି ମୁଁ ଏକେବାର ଫାଟକ ଧାରକୁ ଆସିଲି, ଯେମିତି ତାଙ୍କ ପିଛା ଧରିପାରେ ।

ହମ୍, ହମ୍ କରି ବ୍ୟକ୍ତି ଜଣକ ଆସିଲେ, ସଦର ଦରଜା ପାର ହୋଇ ରାସ୍ତାରେ ଠିଆହୋଇ ମୋତେ ଅନେଇ ଦେଖିଲେ— ତା'ପରେ ଆଶ୍ଚର୍ଯ୍ୟ, ପରିଷ୍କାର ଇଂରାଜୀରେ କହିଲେ, ''ମନେହେଉଛି, ତୁମେ ବଙ୍ଗାଳୀ ! କଲିକତାରୁ ଏଆଡ଼େ ଆସିଛ, ନୁହେଁ କି ?'' ମୋ' ଉତ୍ତରରେ ଯେପରି ଖୁସିହୋଇ କହିଲେ—''ଆସ, ମୋ' ସଙ୍ଗେ ।''

ମୁଁ ତାହାହିଁ ଚାହିଁଥିଲି । ତାଙ୍କ ସାଙ୍ଗରେ ଯାଉଯାଉ ଏପରି ଏକ ଆନନ୍ଦ, ଏପରି ମୁକ୍ତ ଭାବର ଆସ୍ୱାଦନ ପାଇଲି, ଯାହା କେବେ ଆଗରୁ ଏଠି ପାଇନଥିଲି । ବ୍ୟକ୍ତି ଜଣକ ଅତି ଦ୍ରୁତ ଗତିରେ ଚାଲନ୍ତି— ମୋ' ପିତାଙ୍କ ବୟସର, ପ୍ରାୟ ପଚାଶ ହେବ, ମୁଣ୍ଡର ମଝିଟି ଚନ୍ଦା । ମୁଣ୍ଡର ଦୁଇପଟେ ଓ ପଛରେ, କଞ୍ଚା-ପାକଲା ଛୋଟ ଛୋଟ ଚୁଳ, ସପ୍ତାହ ପର୍ଯ୍ୟନ୍ତ ଦାଢ଼ି-ମୁଛ ନ କାଟିଲେ ଯେପରି ଦେଖାଯାଏ, ସେମିତି ବଢ଼ିଯାଇଛି । ଆଖି ଅତି ଭୟାନକ ଉଜ୍ଜ୍ୱଳ ଓ ତୀକ୍ଷ୍ଣ । ତାଙ୍କ ଚାହାଣୀ ସାଧାରଣଙ୍କ ପକ୍ଷେ ଅସହ୍ୟ । କିପରି ଜାଣିପାରିଲେ ଯେ ମୁଁ ଇଂରାଜୀ ଜାଣେ, ସେକଥା ବୁଝିପାରିଲି ନାହିଁ । ତେବେ, ସେ ସେହି ଭାଷାରେ କହିଲେ । ପରେପରେ କ୍ରମେ ମୋ' କାନ୍ଧରେ ହାତ ରଖି ଚାଲିବାକୁ ଲାଗିଲେ, ପୁଣି ନିଜ ମନକୁମନ ଇଂରାଜୀରେ ବକି ବକି ଚାଲିଲେ । ସେ ତରତର ହୋଇ କହିବା ଯୋଗୁ ହେଉ ବା ମୋ'ର ଅନଧିଗତ ବିଷୟ ଲାଗି ହେଉ, ମୁଁ ତାଙ୍କ କଥାରୁ କିଛି ହେଲେ ବୁଝିପାରିଲି ନାହିଁ— କେବଳ ଭାଷାଟି ଇଂରାଜୀ, ଏତିକି ମାତ୍ର ବୁଝିଲି । ଏଠାରେ ଏକଥା କହି ରଖେ, ସେ ଯେଉଁ ତାଳରେ ଚାଲୁଥିଲେ, ଯେତେବେଳଯାଏ ସେ ମୋ' କାନ୍ଧରେ ହାତ ପକାଇଥିଲେ, ସେତେବେଳ ପର୍ଯ୍ୟନ୍ତ ମୁଁ କୌଣସି ପ୍ରକାରେ ତାଙ୍କ ସଙ୍ଗେ ତାଳ ଦେଇ ଚାଲି ପାରୁନଥିଲି । ସେ ତାହା ଜାଣିପାରି ମୋ' ସଙ୍ଗରେ ଯେପରି ଏକପ୍ରକାର ଘନିଷ୍ଠ ଭାବ ଦେଖାଇ ନିକଟକୁ

ଆସିଲେ, ତା'ପରେ ଆସ୍ତେ ଆସ୍ତେ ବାଁ ହାତଟି ମୋ' କାନ୍ଧରେ ରଖିଲେ । ଏବେ ଆମେ ଦୁହେଁ ସମାନ ପଦକ୍ଷେପରେ ଚାଲିବାକୁ ଲାଗିଲୁ । ଏହାପରେ ମୋ'ର ଆଉ ଶକ୍ତିର ଅଭାବ ହୋଇନି ।

ପ୍ରଥମେ ଆମେ ଆଶ୍ରମକୂଳରୁ ବାହାରି ଯମୁନାକୁ ଆସିଲୁ । ତା'ପରେ ପୁଣି ଚାଲିଚାଲି ଗୋଟିଏ ରାସ୍ତାଦେଇ ସହର ମଧ୍ୟକୁ ଯାଇ ଅନ୍ୟ ଏକ ରାସ୍ତାରେ ଗୋପୀନାଥ ମନ୍ଦିର ଆଡ଼କୁ ଆସିବାକୁ ଲାଗିଲୁ । ମୋତେ ସେ ପଚାରିଲେ, ''ତୁମେ ଗଞ୍ଜେଇ ଖାଅ ?

ମୁଁ କହିଲି—''ନା ।''

ସାମ୍ନାରେ ଗଞ୍ଜେଇ ଦୋକାନ— ସେ ଠିଆହେଲେ ଓ ମୋତେ ସେହି ଦୁଇଅଣାଟି ଦେଇ କହିଲେ, ''ଗଞ୍ଜେଇ କିଣି ଆଣ ।'' ମୁଁ ନେଇଆସିଲି । ସେ କହିଲେ, ''ରଖ ତୁମ ପାଖରେ ।'' ପୁଣି ଆମେ ଚାଲିବାକୁ ଲାଗିଲୁ ।

ଗୋଟିଏ ଛୋଟ ଝୁମ୍ପୁଡ଼ି ନିକଟକୁ ଆସି ଡାକିଲେ, ''ଶାନ୍ତାଜୀ ।'' ଭିତରୁ ଜଣେ ବ୍ୟକ୍ତି ବାହାରିଆସିଲେ । ପିଲା ଲୋକ । ଏତେ ଅଳ୍ପ ବୟସର ସାଧୁ କାହାକୁ ଦେଖିଛି ବୋଲି ମନେପଡ଼େ ନାହିଁ— ତାଙ୍କ ବୟସ ପନ୍ଦର କିମ୍ବା ଷୋଳବର୍ଷରୁ ବେଶୀ ହେବ ନାହିଁ । ତାଙ୍କୁ ପଚାରିଲେ—''ମାଲ ହୈ ।''

ସେ କହିଲେ, ''ଜରୁର୍ ।'' ମୋତେ ସେ ଇଙ୍ଗିତ କଲେ ଓ ମୁଁ ତାଙ୍କ ହାତରେ ମାଲ୍‌ଟା ଦେଇ ନିଶ୍ଚିନ୍ତ ହେଲି । ତା'ପରେ ଦୁଇଜଣ ବସିଲୁ— ସେହି ନବୀନ ସାଧୁଜଣକ ମାଲ୍ ପ୍ରସ୍ତୁତ କରିବାକୁ ଲାଗିଗଲେ ।

ମୁଁ ଏଥର ପ୍ରଶ୍ନ କଲି, ''ଆଚ୍ଛା, କ'ଣ କହି ତୁମକୁ ଡାକିବି ?''

ସେ କହିଲେ, ''ମୋ' ନାଁ ପାର୍ଥ ସହାୟ ଆୟେଙ୍ଗାର । ମାଡ୍ରାସ ପାଖରେ ମୋ'ର ଘର ।'' ଅବଶ୍ୟ ଇଂରାଜୀରେ ଆମର କଥାବାର୍ତ୍ତା ହେଲା— କାରଣ ମୁଁ ଦେଖିଲି ତାଙ୍କ ପକ୍ଷେ ଇଂରାଜୀରେ କଥା କହିବା ମାତୃଭାଷା ପରି ସହଜ ।

ତାଙ୍କୁ ପୁଣି ମୁଁ ପଚାରିଲି,—''ଆଚ୍ଛା ତୁମେ ସାଧୁମାନଙ୍କ ଉପରେ ଏତେ ବିରକ୍ତ କାହିଁକି ? ସେମାନେ ଯେ ସଂସାର ତ୍ୟାଗକରି ସବୁ ଛାଡ଼ି ଭଗବାନଙ୍କୁ ଡାକୁଛନ୍ତି ।''

ବାଧା ଦେଇ ସେ ''ଥାମୋ ଥାମୋ'' କହି ମୋତେ ବନ୍ଦ୍ ଚୁପ୍ କରିଦେଲେ । ତା'ପରେ କହିଲେ, ''ତୁମେ ପିଲାଲୋକ, କିଛି ଜାଣ ନାହିଁ, ଏମାନେ କିଛି ହିଁ ତ୍ୟାଗ କରିନାହାନ୍ତି, ଆଉ ଭଗବାନଙ୍କୁ ମଧ୍ୟ ଡାକନ୍ତି ନାହିଁ । ଭଗବାନତ ଦୂରର କଥା, ଏମାନେ ନିଜର ପରିଚୟ ମଧ୍ୟ ଜାଣନ୍ତି ନାହିଁ—ଏମାନେ ଗୃହସ୍ଥମାନଙ୍କୁ ଏକ୍ସପ୍ଲୟେଟ୍ କରି ବେକ ଭାଙ୍ଗି କେବଳ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିଆସୁଛନ୍ତି । କିଛି ଭଲ ନୁହେଁ ସେମାନଙ୍କ ବ୍ୟାପାର—''

ମୋ'ର ସେତେବେଳେ ତର୍କ କରିବା ପ୍ରବୃତ୍ତି ପ୍ରବଳ ହୋଇଉଠିଲା– କହି ପକାଇଲି, ''ସମସ୍ତେ କ'ଣ ଏକବାର ଖରାପ, ଏହା କିପରି କଥା ? ପ୍ରକୃତି ରାଜ୍ୟରେ ଏପରି ବୈଷମ୍ୟ...''

ଏଥର ମଧ୍ୟ ମୋତେ ବାଧାଦେଇ ଜୋର୍ କରି ସେ କହିଲେ–''ଏହି 'ଭଗବାନ' ଶବ୍ଦଟି ଯେତେସବୁ ଗଣ୍ଡଗୋଳର ମୂଳ । ଯେଉଁ ବସ୍ତୁ ସହ ମଣିଷର କୌଣସି ସମ୍ବନ୍ଧ ନାହିଁ, ତା' ଲାଗି କ'ଣ ତପସ୍ୟା କରିବାର କିଛି ମାନେ ହୁଏ ? ଯେତେସବୁ ଅପଗଣ୍ଡ ଭୂତ-ପ୍ରେତର କାଣ୍ଡ !''

କି ସର୍ବନାଶ, ଏ ଲୋକ କହୁଛି କ'ଣ ! ଭଗବାନଙ୍କ ସଙ୍ଗେ ମଣିଷର ସମ୍ବନ୍ଧ ନାହିଁ ? ସବୁ ଯେପରି ସେଣ୍ଟିମେଣ୍ଟ୍–ଭାବପ୍ରବଣତା । ଜିଜ୍ଞାସା କଲି,–''ମନୁଷ୍ୟ କ'ଣ ଭଗବାନଙ୍କୁ ଜାଣିପାରେ ନାହିଁ ?''

ପୁଣି ସେହିପରି ଚିତ୍କାର କରି ସେ କହିଲେ, ''ନା, ନା, ନା । ମଣିଷ ଭଗବାନଙ୍କୁ ଭାବି ହିଁ ପାରେ ନାହିଁ–ସେହି ବସ୍ତୁକୁ ମନୁଷ୍ୟର ଜାଣିବା ଅସମ୍ଭବ, No man can know God. If God is known by man, then it is a magnified man–don't talk about God, speak something else.''

ମୁଁ କହିଲି, ''ଭଗବତ୍-ବିଶ୍ୱାସ ଯଦି ନ ରହେ, ତା'ହେଲେ ତ ସର୍ବନାଶ ।''

ସେ ସଙ୍ଗେସଙ୍ଗେ କହିଲେ, ''ମାନବସମାଜ ଉଚ୍ଛନ୍ନ ହୋଇଯିବ, ଏହି କଥାତ ? ତାହା ହୋଇଯାଉ, ହେବାକୁ ଦିଅ । ମନୁଷ୍ୟର ଯେଉଁ ଅବସ୍ଥା ହୋଇଛି, ତାହା କ'ଣ ଉଚ୍ଛନ୍ନ ହେବାଠାରୁ କିଛି କମ ? ଏପରି ମିଥ୍ୟା ପ୍ରବଞ୍ଚନା, ଭଣ୍ଡାମି, ଧର୍ମନାମରେ ବ୍ୟଭିଚାର, ଚୋରୀ, ଡକାୟତି, ଖୁନ୍, ପରସ୍ୱ ଅପହରଣ ଠାରୁ କେଉଁ ଅଂଶରେ ଭଲ ? ଭଣ୍ଡଜୀବନଙ୍କୁ କୌଣସି ଦିଗରୁ ସମର୍ଥନ କରାଯାଇପାରେ ନା ।''

ମୁଁ କହିଲି–''ମିଷ୍ଟର ଆୟେଙ୍ଗାର, ତୁମ କଥାକୁ ମୁଁ ସମର୍ଥନ କରିପାରୁ ନହିଁ । ତୁମେ ସାଧୁ ହୋଇ ମଧ୍ୟ ଜଣେ ହେଲେ ଯଥାର୍ଥ ସାଧୁଙ୍କୁ ଦେଖିନାହଁ, ଏ କଥା ମୁଁ ବିଶ୍ୱାସ କରିପାରୁ ନାହିଁ ।''

''ହଁ, ଜଣକୁ ଦେଖିଛି, ଏହିଠାରେ ସେ ଅଛନ୍ତି–ସେହି ଜଣକୁ ହିଁ ଠିକ୍ ତ୍ୟାଗୀ ସାଧୁ ବୋଲି ମୁଁ କହିପାରେ, ଅସଲ ସାଧୁ ସିଏ ।''

ସେତେବେଳେ ମୁଁ କିପରି ବିହ୍ୱଳ ହୋଇଗଲି । ଏହି ଭୟଙ୍କର ବ୍ୟକ୍ତିଟି, ଯିଏ ଜଣେ ମାତ୍ର ସାଧୁଙ୍କୁ ଦେଖିଛନ୍ତି, ପୁଣି ସେ ସାଧୁ ଏହିଠାରେ ହିଁ ଅଛନ୍ତି, ଶୁଣିନେଇ ଇଚ୍ଛା ହେଲା, ଯେପରି ବର୍ତ୍ତମାନ ଛୁଟିଯାଆନ୍ତି ତାଙ୍କ ପାଖକୁ । କହିଲି, ''କିଏ ସେହି ମହାଶୟ, ତୁମେ କୁହ, ମୁଁ ତାଙ୍କୁ ସାକ୍ଷାତ କରିବି ।''

''ଏହି ଯମୁନାକୂଳରେ'' କହି ସେ ଯମୁନାଆଡ଼କୁ ଦେଖାଇ ଦେଲେ– ତା'ପରେ କହିଲେ– ''ତାଙ୍କର ନାଁ ଜଗଦୀଶ ବାବା, ତୁମେ ତାଙ୍କୁ କେବେହେଲେ ଦେଖି ନାହଁ ।''

ମୁଁ କହିଲି, ''ନା, ଦେଖିନାହିଁ ବୋଲି ସିନା ଏତେ ଆଗ୍ରହ ତାଙ୍କ ନିକଟକୁ ଯିବାଲାଗି ।''

ସେ କହିଲେ, ''ତାଙ୍କର ମୁଖ୍ୟ ବୈଶିଷ୍ଟ୍ୟ ହେଲା ଯେ ସେ ଅତି ପ୍ରଚ୍ଛନ୍ନ ଭାବରେ ରହନ୍ତି, ଇଚ୍ଛା କଲେ ମଧ୍ୟ ତାଙ୍କର ସାକ୍ଷାତ ମିଳିପାରେ ନାହିଁ ।''

ଏହି ସମୟରେ କେତୋଟି କଳିରୁ ପ୍ରସ୍ତୁତ ଗଞ୍ଜେଇ ଚିଲମରେ ଚଢ଼ାଯାଇ ତାଙ୍କ ହାତରେ ଆଣି ପହଞ୍ଚାଇ ଦିଆଗଲା ।

ସେ ସିଧା ହୋଇ ବସିଯାଇ ଓ ଆଉ କେଉଁଆଡ଼କୁ ଦୃଷ୍ଟି ନ ଦେଇ ଗଞ୍ଜେଇଟଣାରେ ମନ ଦେଲେ । ପ୍ରଥମ ଗୋଟିଏ ଦୁଇଟି ଦମ୍ ଟାଣି, ଏପରି ଜୋର୍‌ରେ ଶେଷ ଦମ୍‌ଟା ଟାଣିଦେଲେ ଯେ ଚିଲମ ମୁଣ୍ଡରେ ଦପ୍‌ଦପ୍ କରି ନିଆଁ ଜଳିଉଠିଲା । ଧୂଆଁ ନ ଛାଡ଼ି କୁମ୍ଭକ ଅବସ୍ଥାରେ ଚିଲମଟା ଚେଲାଙ୍କ ହାତକୁ ବଢ଼ାଇଦେଲେ । ଏହାର କିଛିକ୍ଷଣ ପରେ ଅଳ୍ପ ଅଳ୍ପ କରି ଧୁଆଁ ଛାଡ଼ିବାକୁ ପଡ଼ିଲା–ଖୁବ୍ ପତଳା ଧୁଆଁ ।

ଚେଲା ମଧ୍ୟ ସେହି ପ୍ରସାଦ ପାଇ ପୁଣି ଗୁରୁଙ୍କ ହାତରେ ଚିଲମ ଧରାଇ ଦେଲେ । ଗୁରୁ ପୁନଶ୍ଚ ସେହିପରି ଦମ ଟାଣିବା, ଧୁଆଁ ଗିଳିବା, ପୁଣି କୁମ୍ଭକ; ପୁଣି ଚେଲା ହାତରେ ପ୍ରସାଦ ଦେବା–ଏହିପରି ତିନିଥର ଚାଲିଲା; ଶେଷରେ ପାଉଁଶକୁ ମାଟିରେ ଢାଳି ଚିଲମଟା ଝୁଲା ଭିତରେ ରଖାହେଲା– ଚେଲା ହାତଯୋଡ଼ି ବସିରହିଲେ ଗୁରୁଙ୍କ ସମ୍ମୁଖରେ ।

ମୁଁ ସେତେବେଳେ କହିଲି, ''ଏବେ ଚାଲନ୍ତୁ ଯିବା ସେହି ଜଗଦୀଶ ବାବାଙ୍କ ନିକଟକୁ ।''

ସେ କହିଲେ, ''ନା, ଏ ସନ୍ଧ୍ୟାବେଳେ କ'ଣ ତାଙ୍କର ସାକ୍ଷାତ ମିଳିବ ! କାଲି ଯିବା । ଆଜି ଚାଲ, ଆଉ ଗୋଟିଏ ଜାଗାକୁ ଯିବା ।''

ଭାବିଲି, ହୁଏତ କୌଣସି ସାଧୁ ସନ୍ଥଙ୍କ ନିକଟକୁ ଯିବେ । ରାଜି ହୋଇ ଉଠିପଡ଼ିଲି । ଆୟେଙ୍ଗାର ବାବାଜୀ ମଧ୍ୟ ଉଠିଲେ, କହିଲେ, ''ତୁମକୁ ଦେଖୁଛି, ଅତ୍ୟନ୍ତ ସାଧୁ ଭକ୍ତ । ୨୫/୨୬ ବର୍ଷର ୟଙ୍ଗମ୍ୟାନ୍ । ବୃଥାରେ ଏହିସବୁ ବାଜେ ଅକର୍ମା ବିପଥଗାମୀଙ୍କ ଉପରେ ତୁମର ଏତେ ଆକର୍ଷଣ କାହିଁକି ? ଜୀବନରେ ଅନେକ କିଛି ଉନ୍ନତିକର କର୍ମ କରିବାକୁ ଅଛି– ଏବେଠାରୁ ଏ ଦିଗରେ ଗଲେ ତୁମର ଭବିଷ୍ୟତଟା କ'ଣ ହେବ, ତାହା ମୁଁ ଦେଖୁଛି– ତୁମେ କୁତ୍ସିତ ଅକର୍ମା ହୋଇପଡ଼ିବ, ଏହି ଶ୍ରେଣୀର ଲୋକ ଯେପରି ଅଳସୁଆ, ଅକର୍ମଣ୍ୟ ହୋଇଥାନ୍ତି, ଗୃହସ୍ଥଙ୍କର ବେକ ମୋଡ଼ି ଖାଇଥାନ୍ତି, ଆଉ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ଦେଖିଥାନ୍ତି । ସେମାନଙ୍କ ନିକଟରୁ ଗୃହସ୍ଥମାନେ କିଛି ପାଆନ୍ତି ନାହିଁ–ପ୍ରାୟତଃ ଖାଲି ଧୋକା, ଭଗବାନଙ୍କ ନାମ ନେଇ ଧୋକା, ବୁଝିଲ ? ହାଁ–''

ଦେଖିଲି, ଏପରି ଜଣେ କଠିନ, ଶକ୍ତିଶାଳୀ ଲୋକ ସହ ମୋ'ର ତର୍କକରିବା ଅସମ୍ଭବ, ଚୁପ ହୋଇ ରହିଲି । ବୋଧହୁଏ ମୋ'ର ମନୋଭାବକୁ ଜାଣିପାରି ପିଠିରେ ଧୀରେ ଧୀରେ ହାତ ଥାପୁଡ଼େଇ ଥାପୁଡ଼େଇ କହିଲେ,–''ଦେଖ, ମୋ'ର ବୟସ ଯେତେବେଳେ ତୁମରି ପରି ଥିଲା, ମୁଁ ତୁମପରି ସ୍ତରେ ବୁଦ୍ଧିମାନ ଇନ୍‌ଟେଲିଜେଣ୍ଟ ନଥିଲି । ମୋ'ର ମୂଳରୁ ସ୍ୱଭାବ-ଚରିତ୍ର ଖରାପ ଥିଲା, ବୋକା ପରି ସୁଖ ପଛରେ ଘୂରିବୁଲୁଥିଲି । ବୋଧହୁଏ ମାତ୍ର ୧୦-୧୨ ବର୍ଷ ପୂର୍ବରୁ ମୋ'ର ପରିବର୍ତ୍ତନ ଆସିଛି–ଏବେ ସାଧୁ ଦେଖିବାକୁ, ବୁଝିବାକୁ କ୍ଷମତା ମୋ'ର ହୋଇଛି ।''

ମୁଁ ତଥାପି କିଛି କଥା ନ କହିବାର ଦେଖି ସେ କହିବାକୁ ଲାଗିଲେ, ''ଚାଲ, ଆଉ ଏକ ଯାଗାକୁ ମୁଁ ତୁମକୁ ନେଇଯିବି ।'' ଚାଲୁ ଚାଲୁ ମୋ' କାନ୍ଧରେ ହାତରଖି ଜଲ୍‌ଦି ଜଲ୍‌ଦି ଚାଲିବାକୁ ଲାଗିଲେ ଏବଂ କହିଲାଗିଲେ, ''କ'ଣ ତୁମେ ଶୁଣୁଛ !''

କହିଲି–''ହଁ, ନିଶ୍ଚୟ ।''

''ଦେଖ, ତୁମେ ଆଶ୍ଚର୍ଯ୍ୟ ଶକ୍ତି କିଛି ଦେଖିବାକୁ ଚାହୁଛ, ଯେପରି ଶକ୍ତିଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନିହେବ ?''

ମୁଁ ପରମହଂସଦେବଙ୍କ କଥାଟି କହିଲି, ''ଯିଏ ଶକ୍ତି ଦେଖାଇ ଘୂରିବୁଲେ, ସେ ଭଗବାନଙ୍କ ସାକ୍ଷାତ ପାଏ ନାହିଁ ।''

ସେ କହିଲେ, ''ପୁଣି ଭଗବାନଙ୍କ ସାକ୍ଷାତର କଥା ! କହିଥିଲିନା ତୁମକୁ, ଭଗବାନଙ୍କ ସଙ୍ଗେ ମନୁଷ୍ୟର ସମ୍ବନ୍ଧ ହୋଇ ନପାରେ । ଏହା କେବଳ ଜଣ ଜଣଙ୍କର ମନର ବିକାର । ତୁମେ କଳ୍ପନା କରି ଗୋଟାଏ କିଛି ବିରାଟ ବସ୍ତୁ କଥା ଭାବୁଥାଅ, ଐକାନ୍ତିକ ଚେଷ୍ଟା ଥିଲେ ତୁମର ମଧ୍ୟ ଭଗବାନ ବୋଲି ଏପରି କିଛିର ଦର୍ଶନ ହେବ, ସେ ତୁମ ସହ କଥା ହେବେ, ଏପରିକି ତୁମର ଅପରିସ୍ଫୁଟ ଶକ୍ତି ମଧ୍ୟ ପରିସ୍ଫୁଟ ହୋଇ ତୁମକୁ ଲୋକଚକ୍ଷୁରେ ଶକ୍ତିମାନ କରି ଦେବ । ତୁମେ ଯାହା ଇଚ୍ଛା କରିବ, ତାହା ଭୋଗ କରିପାରିବ– ଯାହା ଚାହିବ, ତାହା ପାଇବ । ଏପରିକି ତୁମେ ମଧ୍ୟ ଲୋକଚକ୍ଷୁରେ ଭଗବାନ ରୂପେ ସମ୍ମାନିତ ହୋଇପାରିବ ।''

ମୁଁ ତାଙ୍କ କଥା ଶୁଣି ଅବାକ୍ ହେଲି । କ'ଣ କହୁଛନ୍ତି ସେ ! ଏଯାଏ ଏହାଙ୍କୁ କଳନା କରିପାରିନି, କେବଳ ଧୋକା, ଏକ ବିସ୍ମୟ–ଏପରିକି ଅବାକ୍ ହୋଇଯାଏ ତାଙ୍କ କଥା ଶୁଣି– ତାଙ୍କ ବିଷୟରେ ନିର୍ଦ୍ଦିଷ୍ଟ କିଛି ଧାରଣା କରିପାରିନି–ଏ କିପରି ବ୍ୟକ୍ତି !

ଯାଉଯାଉ ଏକ ପ୍ରକାଣ୍ଡ ଘର ନିକଟରେ ପହଞ୍ଚିଗଲୁ । ଖୁବ୍ ଉଚ୍ଚା ଯାଗାରେ ଉପରେ ଦୋତାଲା ପଥର ଘର । ମୋତେ କହିଲେ, ''ଏଠାରେ ଯିଏ ରହନ୍ତି, ସେହି ହିଁ ମୋର ଆଶ୍ରୟଦାତା ।''

ମୁଁ ପଚାରିଲି, ''କ'ଣ ଭକ୍ତ ? ନା ଆଉ କ'ଣ ?''

ସେ କହିଲେ,—''ଏମାନେ ଚାହାନ୍ତି ମୋ' ସେବା କରିବାକୁ, ମୋ'ଠାରୁ ତତ୍ତ୍ୱ ସମ୍ବନ୍ଧରେ ଜାଣିବାକୁ । ଏପରିକି ଏମାନଙ୍କ ଦେଶ ହେଲା ରାଜପୁତନା, ସେଠାକୁ ମୋତେ ନେଇଯିବାକୁ ଚାହୁଁଛନ୍ତି ।''

ମୁଁ କହିଲି, ''ତା'ହେଲେ ତୁମେ ମଧ ଜଣେ ସାଧୁ ହୋଇଗଲ, ଏହିପରି ସବୁ ଗୃହସ୍ଥଙ୍କୁ ଏକ୍ସପ୍ଲୟେଟ୍ କରୁଛ, ନୁହେଁ କି ?''

ସେ କହିଲେ, ''ନା ନା ମୁଁ ଚାହେଁନା ଏମାନଙ୍କୁ, ମାତ୍ର ଏମାନେ ମୋତେ ଦରକାର କରନ୍ତି । ମୁଁ ଏସବୁ ଗ୍ରାହ୍ୟ କରେ ନାହିଁ ।''

ବିକାନୀରର ଏକ ମହାଜନ ଘର । ସ୍ତ୍ରୀ—କନ୍ୟା ଆଦିଙ୍କୁ ନେଇ ଏଠାରେ ବାସ କରନ୍ତି— ପୁଅ ନାହିଁ । ବାହାରେ ଥିଲା ଜଣେ ଚାକରବାକର ଲୋକ, ପାଟିକରି ତାଙ୍କୁ ଡ଼ାକି କହିଲେ, ''ହେ, ହମକୋ ଲେ ଚଲୋ ।''

ସେ ଥରେ ମୋ' ଆଡ଼େ ଓ ଥରେ ତାଙ୍କ ଆଡ଼େ ଚାହିଁ କହିଲା, ''ଶେଟ୍ ଅବି ଘରମେ ନେହି ଜି ।''

ଏହି ସମୟରେ ଜଣେ ପରମାସୁନ୍ଦରୀ ଷୋଡ଼ଶୀ ଉପରୁ, ତରତର ହୋଇ, ଓହ୍ଲାଇ ଆସିଲେ, ଯୋଡ଼ହସ୍ତେ ନମସ୍କାର କରି କହିଲେ,—''ଆଇଏ ବାବାଜୀ, ଚଲୋ ଉପର ଚଲୋ ।'' କହିଦେଇ ଆଗେଆଗେ ଚାଲିବାକୁ ଲାଗିଲେ ।

ଆମେ ଉପରକୁ ଯାଇ ଏକ ପ୍ରକାଣ୍ଡ ଘର ସାମ୍ନାରେ ଠିଆ ହେଲୁ । ସେହି ଘରେ ଯେଉଁସବୁ ଜିନିଷ ବାହାରୁ ଦେଖାଯାଉଛି, ଘରଟି ଯେତେ ବଡ଼ ମନେହୁଏ, ତା'ଠାରୁ ଢେର ବେଶୀ ବଡ଼, ଆଉ ସେହି ଘରେ ଯେତେସବୁ ପଦାର୍ଥ ଭରିରହିଛି, ସବୁହିଁ ତାଙ୍କ ସଂସାରର । କ'ଣ ଯେ ନାହିଁ କହିହେବ ନାହିଁ । ମଧ୍ୟସ୍ଥଳରେ ତିନି ଆଡ଼େ ତିନିଗୋଟି ଧୋବ ଫରଫର ବିଛଣା ବିଛାଯାଇଛି, ଗୋଟିଏ ପାଖରେ ଚମତ୍କାର କାରୁକାର୍ଯ୍ୟପୂର୍ଣ୍ଣ୍ୟ ବିଛଣା । ଉପରେ ସବୁଥିରେ ରଙ୍ଗୀନ ଚାଦର ଢଙ୍କାଯାଇଛି । ଆଉ ଗୋଟିଏ ପାଖରେ ଚକ୍‌ମକ୍ ବାସନକୁସନ ଥାକଥାକ ହୋଇ ସଜ୍ଜିତ । ନାନା ଆସବାବ ପତ୍ର, ବେଶୀ ଭାଗ କାଠ ଉପରେ ବଟାଳିରେ ନିର୍ମିତ କାରୁକାର୍ଯ୍ୟ । ଯେପରି ସୂକ୍ଷ୍ମ, ସେହିପରି ପରିପାଟୀପୂର୍ଣ୍ଣ ସେଗୁଡ଼ିକର ରଚନାଶୈଳୀ ।

ଆମେ ଯାଉଯାଉ ଲୋଟାଏ ପାଣି ଆଣି ସେହି ଝିଅଟି ମୋ' ସଙ୍ଗୀର ପାଦ ଧୋଇଦେଲେ ନିଜ ହାତରେ । ମୋତେ ମଧ ସାଧୁବୋଲି ଭାବି ନିଃସଙ୍କୋଚରେ ଆସିଲେ ପାଦ ଧୋଇଦେବାକୁ । ମୁଁ ଏତେଟା ନିଃସଙ୍କୋଚ ହୋଇପାରିଲି ନାହିଁ, କହିଲି— ''ହାମ୍ ସାଧୁ ନହି ।''

ନିଜେ ପାଦ ଧୋଇନେଇ ଘର ଭିତରକୁ ପ୍ରବେଶ କଲି । ଇତିମଧ୍ୟରେ ଦେଖିଲି, ସେହି ଆୟେଙ୍ଗାର ବାବା ଏକ୍‌ବାର ସେହି ଖଟିଆରେ ଯାଇ ପାଦଲମ୍ବେଇ ଶୋଇଗଲେ, ଯେପରି ଖୁବ୍ କ୍ଲାନ୍ତ ।

ଏଥର ଆସିଲେ ଗୃହସ୍ୱାମିନୀ–ସୁନା ଅଳଙ୍କାରରେ ହାତ, ଗଳା, ଛାତି ଓ ମଥା ପୂର୍ଣ୍ଣ । ପାଦର ପ୍ରତ୍ୟେକ ଆଙ୍ଗୁଳିରେ ଅଙ୍ଗୁଠି । ପ୍ରାୟ ପ୍ରୌଢ଼ବୟସ୍କା । ଆସି ପ୍ରଣାମ କରି ଠିଆହେବା ସଙ୍ଗେସଙ୍ଗେ ସାଧୁଜୀ ପାଦ ବଢ଼ାଇଦେଲେ, ଆଉ ସେ ନିଃସଙ୍କୋଚରେ ବସିଗଲେ ପାଦତଳେ ଖଟିଆ ଉପରେ, ପାଦ ଚିପି ଦେବାକୁ । ଚମତ୍କାର । ଏହାପରେ ଝିଅଟି ଦୁଇଟି ଥାଳୀରେ ଖାଇବାର ଆଣି ରଖିଦେଲେ ଆସନ ନିକଟରେ ।

ସାଧୁ କହିଲେ, ''ଏହା ମୋ'ର ଖୁବ୍ ଆରାମ ଜାଗା । ଏହି ବୃନ୍ଦାବନକୁ ଆସି ମୁଁ ଏହାଙ୍କ ପାଖରେ ରହିଛି– ମୋତେ ଏମାନେ ଅନ୍ୟ କେଉଁଠାରେ ରହିବାକୁ ଦିଅନ୍ତି ନାହିଁ ।''

ଏହାପରେ ଝିଅଟିକୁ କହିଦେଲେ, ''ମୁଁ ଖାଇବି ନାହିଁ, ଖାଇବାଟି ଉଠାଇ ନେଇ ଯାଅ । ସେ ଖାଇବେ ଯଦି ଖାଆନ୍ତୁ ।'' ମୁଁ କହିଲି, ''ମୁଁ ବର୍ତ୍ତମାନ ଖାଇବି ନାହିଁ, କାରଣ ବର୍ତ୍ତମାନ ଠିକ୍ ଖାଇବାବେଳ ନୁହେଁ ।''

କିନ୍ତୁ ଝିଅଟି ଯୋଡ଼ହସ୍ତେ ଏପରି ମିନତିପୂର୍ଣ୍ଣ କରୁଣ ସ୍ୱରରେ ଅନୁରୋଧ ଜଣାଇଲେ ତାଙ୍କ ନିଜ ଭାଷାରେ, ଅବଶ୍ୟ ତାହା ଠିକ୍ ହିନ୍ଦୀ ନୁହେଁ, କିନ୍ତୁ ମର୍ମ ଯାହା ବୁଝାଗଲା, ଯେପରି ସେ କହୁଛନ୍ତି–କାହିଁକି ତୁମେ ଖାଇବ ନାହିଁ । ଆମର କ'ଣ କିଛି ଅପରାଧ ହୋଇଛି ? ନିଶ୍ଚୟ ହିଁ କିଛି ତ୍ରୁଟି ହୋଇଥିବ, ସେଥିଲାଗି ତୁମେ ଖାଉନାହିଁ ? ଘରକୁ ସାଧୁ ଆସି ଅଭୁକ୍ତ ଫେରିଗଲେ ସର୍ବନାଶ ହେବ– ଇତ୍ୟାଦି ଇତ୍ୟାଦି । ମୋ'ର ତାଙ୍କୁ ବୁଝାଇବାକୁ ଭାଷା ନଥିଲା । ଶେଷରେ ଏହାହିଁ ହେଲା ଯେ ମୋତେ କୌଣସି ରକମ କିଛି ଖାଇବାକୁ ହେଲା, ମନାକରିହେଲା ନାହିଁ– ସେମାନଙ୍କର ସରଳ ଯୁକ୍ତି ଓ ମିନତିର ପ୍ରଭାବ କମ୍ ନୁହେଁ ।

କ୍ରମେକ୍ରମେ ସନ୍ଧ୍ୟା ହୋଇଗଲା, ଘରେ ଆଲୁଅ ଲଗାଗଲା, ଆୟେଙ୍ଗାର ବାବା ସେତେବେଳ ଯାଏ ଶୋଇରହିଥିଲେ, ଉଠିବାର ନା' ନାହିଁ । ମୋ'ର କିନ୍ତୁ ଆଉ ଧୈର୍ଯ୍ୟ ନ ଥାଏ, ବସିରହି ଦେଖୁଛି, ଆଉ ମନଭିତରେ ବିରକ୍ତ ହୋଇଉଠୁଛି । ଝିଅଟି ଆୟେଙ୍ଗାର ବାବାଙ୍କର ମୁଣ୍ଡପାଖରେ ବସିଯାଇ ତାଙ୍କ ଚନ୍ଦାମୁଣ୍ଡରେ ହାତ ବୁଲାଉଛନ୍ତି । ଏପରି ଆରାମ ଛାଡ଼ି ତାଙ୍କର ଉଠିବାର କୌଣସି ଆଗ୍ରହ ଦେଖାଯାଉ ନାହିଁ । ମୁଁ କ'ଣ କରିବି, ମନେମନେ ଭାବୁଛି, ଜଗଦୀଶ ବାବାଙ୍କ ନିକଟକୁ ଗଲେ ହୁଅନ୍ତା; ଏଠାକୁ କି ନିଆଁପାଉଁଶ ଦେଖିବାକୁ ଆସିଲି ! ବିକାନୀରର ନାରୀସ୍ୱରୂପ ? ମନରେ ଏହିସବୁ କଥା ଭାବୁଛି, ଏତିକିବେଳେ ଆୟେଙ୍ଗାର ବାବା ଥରେ କାଶିଦେଇ ଉଠିଲେ, ଭିତରେ ଶ୍ଳେଷ୍ମା ଥିଲେ ଯେପରି କାଶ ହୁଏ, ସେହିପରି ।

ଫେରି ଦେଖେ ବାବାଜୀ ଉଠିବସି ପ୍ରଦୀପ ଆଡ଼େ ଚାହିଁରହିଛନ୍ତି । ଏ କ'ଣ ଦେଖୁଛି ! ଏହା ତ' ପାର୍ଥସହାୟ ଆୟେଙ୍ଗାରଙ୍କ ମୂର୍ତ୍ତି ନୁହେଁ ! ଏ ଯେ ଅପୂର୍ବ କମନୀୟ ଯୁବାପୁରୁଷ, ଅତି ଉଜ୍ଜ୍ୱଳ ଗୌରବର୍ଣ୍ଣ ସ୍ୱସ୍ତିକାସନେ ଆସୀନ, ହାତ ଉପର ଆଡ଼େ କବଚ, ନିମ୍ନରେ

କଙ୍କଣ, ରେଶମର ଉଜ୍ଜ୍ୱଳ ସୁନେଲି ପାଟବସ୍ତ୍ରପରିହିତ, ବାମ ସ୍କନ୍ଧେ ଉତ୍ତରୀୟଲମ୍ବିତ, ଅପୂର୍ବ ଗୌରାଙ୍ଗ ରୂପ—କେବେହେଁ ଜୀବନରେ ଏପରି ତ ଦେଖିନାହିଁ !

ମା' ଓ ଝିଅ ଯୋଡ଼ହସ୍ତେ ସମ୍ମୁଖରେ ଦଣ୍ଡାୟମାନ, ଅପଲକ ନେତ୍ରରେ ଚାହିଁରହିଛନ୍ତି ଏହି ମୂର୍ତ୍ତି ଆଡ଼େ । ବିସ୍ମୟ ପରେ ବିସ୍ମୟ—ସେହି ମୂର୍ତ୍ତି ଏପରି ସ୍ଥିର-ନିଶ୍ଚଳ ଯେ ମନେହୁଏ, ଯେପରି ପ୍ରସ୍ତରର ! ଏହା କ'ଣ ମୋ ଚକ୍ଷୁଭ୍ରମ, ଘରଭିତରେ ବସି ଦେଖୁଛି ମରୀଚିକା ? ଏହି ବୃନ୍ଦାବନକୁ ଆସି ଏହିଥର ହିଁ ଏହି ପାର୍ଥସହାୟ ସହ ସାକ୍ଷାତ, ଏଯାଏ ଏକ ଭାବରେ ଦେଖିଆସିଛି, ଅର୍ଦ୍ଧପାଗଳ, ପୌଢ଼ ବଦ୍‌ମିଜାଜୀ ଜଣେ ବ୍ୟକ୍ତି, ତେବେ ତାଙ୍କ ବାହାରକୁ ଦେଖି ବୀତଶ୍ରଦ୍ଧ ହେଲେ ମଧ ସଙ୍ଗ ତ୍ୟାଗ କରିନାହିଁ— ଏବେ ଦେଖୁଛି ଆଉ ଏକ ଭାବ । ରୂପର ପରିବର୍ତ୍ତନ । ଏ କେଉଁ ବିଭୂତି ? ସିଦ୍ଧ ଯୋଗୀମାନଙ୍କ ଦ୍ୱାରାହିଁ କେବଳ ଏହା ସମ୍ଭବ—ଶୁଣିଛି ଅଣିମାଲଘିମାଦି ସିଦ୍ଧିପ୍ରାପ୍ତ ହୋଇଥିଲେ ଏପରି ହେବା ଖୁବ୍ ସମ୍ଭବ, ଏହିସବୁ କଥା ମନଭିତରେ ଘଣ୍ଟାଚକଟା କରୁଛି, ହଠାତ୍ ମୋ' ଆଡ଼କୁ ଦୃଷ୍ଟିପାତ କରି ଏହି ମୂର୍ତ୍ତି ଅଳ୍ପ ପ୍ରସନ୍ନ ହାସ୍ୟମୁଖରେ ମୁଣ୍ଡକୁ ଟିକିଏ ତଳକୁ ନୁଆଇଁନେଇ, ଇଙ୍ଗିତ କଲେ, ଏ ଆଡ଼କୁ ଆସ ।

ମୁଁ ତାଙ୍କ ପାଖକୁ ଉଠିଗଲି, ଖଟ କରରେ ଠିଆହେଲି । ସେ ତାଙ୍କର ଦୀର୍ଘ ହସ୍ତଟିକୁ ବଢ଼ାଇ ମୋତେ କୁଣ୍ଢାଇ ପକାଇ ଯେପରି ସହଜରେ ତାଙ୍କର ଛାତି ଉପରକୁ ନେଇଆସିଲେ, ମୋ' ଶରୀର ସେତେବେଳେ ଥରହର ହୋଇ କମ୍ପିବାକୁ ଲାଗିଲା, ତା'ପରେ ମୁଁ ପୂର୍ଣ୍ଣରୂପେ ଜ୍ଞାନ-ଚୈତନ୍ୟ ହରାଇଦେଲି, କିଛି ବୋଧ ରହିଲା ନାହିଁ ମୋ'ର ।

ଯେତେବେଳେ ସମ୍ବିତ୍ ଫେରିପାଇଲି, ଦେଖିଲି ସମ୍ମୁଖରେ ଏକ ପୌଢ଼ ସାଧୁ ମୂର୍ତ୍ତି, ବେଶ୍ ଉଜ୍ଜ୍ୱଳ ବର୍ଣ୍ଣ, କପାଳରେ ଚନ୍ଦନର ଚିତା, କୌପୀନପିନ୍ଧା, ଦକ୍ଷିଣ ଦିଗରେ ଗୋଟିଏ ମାଟିର ପ୍ରଦୀପ ଜଳୁଛି । ମୁଁ ବସିରହିଛି । ମୋ' ପାଖରେ ଠିଆହୋଇଛନ୍ତି ପାର୍ଥସହାୟ ବାବାଜୀ । ଜ୍ଞାନଲୋପ ସଙ୍ଗେସଙ୍ଗେ, ମନେକରିବାକୁ ଚେଷ୍ଟା କଲି, ଏ ମୂର୍ତ୍ତିଙ୍କୁ କେଉଁଠାରେ ଦେଖିଛି ଯେପରି ! ସଙ୍ଗେସଙ୍ଗେ ପାର୍ଥସହାୟ ମୋ' କାନେକାନେ କହିଲେ, ''ଏଇ ଜଗଦୀଶ ବାବା । ଚାଲ, ତାଙ୍କୁ ପ୍ରଣାମ କରି ଏବେ ଆମେ ଯିବା । କାଲି ପୁଣି ତୁମେ ଆସିବ—ଆଉ ମୋ' ସାଙ୍ଗରେ ଆସିବା ଦରକାର ହେବ ନାହିଁ ।''

ମୁଁ ପ୍ରଣାମ କରି ଉଠିଲି । ତାଙ୍କ କୁଟୀରରୁ ବାହାରି, ଗୋଟିଏ କୁଞ୍ଜବନ ଓ ଦୂରଦୂରାନ୍ତରେ ବଡ଼ବଡ଼ ଗଛ ପାରିହୋଇ, ଯମୁନା ଧାରରେ ଆସି ପହଞ୍ଚିଲୁ । ଆୟେଙ୍ଗାର ବାବା ମୋ' କାନ୍ଧରେ ହାତରଖି ଚାଲିଲେ । କେଶୀଘାଟ ପାଖକୁ ଆସି କହିଲେ—ଚାଲ, ଆମେ ଏଥର ଯିବା, ଯେଉଁଠାରୁ ବାହାରିଥିଲୁ, ସେହି ଜାଗାକୁ । କହୁକହୁ ସେ ମୋତେ କୁଣ୍ଢାଇଧରିଲେ, ପୁଣି ମୁଁ କିପରି ଏକ ବିହ୍ୱଳତା ଅନୁଭବ କଲି, ସଙ୍ଗେସଙ୍ଗେ ଜ୍ଞାନଲୋପ, ଆଉ କିଛି ଦେଖିବାଶୁଣିବା ସ୍ଥିତିରେ ନଥାଇ ବାହାରକୁ ଚାଲିଗଲି । ତା'ପରେ ଯେତେବେଳେ

ପୁନରାୟ ଚୈତନ୍ୟଲାଭ କଲି, ଦେଖିଲି ଯେ ମୁଁ ସେହି ବିକାନୀର କୋଠୀରେ ପ୍ରକାଣ୍ଡ ଘରର ମଝିରେ ବସିରହିଛି, ଆଉ ଆୟେଙ୍ଗାର ବାବାଜୀ ଖଟରେ ଶୋଇ, ପାଦ ଆଡ଼େ ମା' ଓ ମୁଣ୍ଡଆଡ଼େ ଝିଅର ସେବା ପାଉଛନ୍ତି । ପୁଣି ତାଙ୍କର କାଶର ଶବ୍ଦରେ ଭଲରକମ ଚୈତନ୍ୟ ପାଇ ଚାହିଁ ଦେଖେ ଯେ ସେ ମୋ' ଆଡ଼କୁ ଜଳଜଳ କରି ଅନାଇ ଦେଖୁଛନ୍ତି— ଟିକିଏ କିପରି ଅଦ୍ଭୁତ ପରିହାସର ହସ ତାଙ୍କମୁହଁରେ ପ୍ରକାଶ ପାଉଛି ।

ସେ ମୋତେ, ଉଠି ଠିଆହେବାକୁ, କହିଲେ, ''ଏବେଯାଅ, କାଲି ସକାଳେ ଜଗଦୀଶ ବାବାଙ୍କ ନିକଟକୁ ଯିବ । ରାସ୍ତାଟା କେଶୀଘାଟ ଉପରଦେଇ ସିଧା, ଠିକ୍ ଯମୁନାର ଧାରେ ଧାରେ—ହାଁ, ମନେରହିବ ତ ?''

ମୁଁ ପ୍ରଣାମ କରି କହିଲି, ''ହଁ, ନିଶ୍ଚୟ ମନେରହିବ ।''

ମୃଦୁ ହସି ପାର୍ଥସହାୟ କହିଲେ, ''ଏଥର ମୋ' ଉପରେ ଭକ୍ତି ହୋଇଛି, ନା ।''

■■

ଉନତ୍ରିଂଶ ପରିଚ୍ଛେଦ

ଯୋଗ ବିଭୂତି

ଯାଉଥିଲି ଗେଁଉଲା—କଲ୍ୟାଣୀରୁ ଯମୁନୋତ୍ତରୀ ରାସ୍ତାରେ । ରାସ୍ତାରେ କୌଣସି କଷ୍ଟ ହିଁ ନ ଥିଲା—ସହଜ ରାସ୍ତା, ଅଧିକ ଉଠାଣିଗଡ଼ାଣି ନାହିଁ, ଦୃଶ୍ୟ ମଧ୍ୟ ମନୋରମ, ଅଧିକନ୍ତୁ ଏହାପରେ ମହାଭାଗ୍ୟ,—ଏମାନେ ବଡ଼ ଯତ୍ନ ଓ ଖାତିର କରନ୍ତି, ଦେବତା ପରି ଶ୍ରଦ୍ଧାଭକ୍ତି କରନ୍ତି ତୀର୍ଥଯାତ୍ରୀମାନଙ୍କୁ, ଅଥଚ ନିଜର ଦୁଃଖ ଓ ଦାରିଦ୍ର୍ୟ, ତାହାର ପରିଣାମ ଯେ କେତେ ଅଧିକ, ତାହା ଏହି ଅଞ୍ଚଳର ଭ୍ରମଣକାରୀମାନେ ନିଶ୍ଚୟ ହିଁ ଜାଣିଥିବେ । ଦେଖିଛି, ଯଦି କେହି ତୀର୍ଥଯାତ୍ରୀ ଆସି ଠିଆହୋଇଯାଆନ୍ତି, ନିଜ ମୁଖର ଗ୍ରାସ ମଧ୍ୟ ତାଙ୍କ ଲାଗି ଉତ୍ସର୍ଗ କରିଦେବାରେ କୌଣସି ସଙ୍କୋଚ ନ ଥାଏ ଏମାନଙ୍କର । ଯାହା ହେଉ ଯୋଗାଯୋଗ ଖୁବ୍ ଭଲ ଥିଲା । ଏହି ଗେଁଉଲା ପଥରେ ଜଣେ ଗାଡ଼ିବାଲା-ମାଲଗୁଜାରବାଲା ସଙ୍ଗେ ଏକତ୍ର ଯାଉଥିଲି—ରାସ୍ତାର ଏହି ବନ୍ଧୁଟି ବଡ଼ ଆତ୍ମୀୟ ଓ ଆଦରର ବ୍ୟକ୍ତି ।

ପୌଢ଼ ଲୋକଟି ବଣିଆ—ସାଧୁସନ୍ନ୍ୟାସୀଙ୍କ ଉପରେ ତାଙ୍କର ଭକ୍ତି ଯଥାର୍ଥ । କଥା କହୁକହୁ ପ୍ରାୟ ସାତମାଇଲ୍ ରାସ୍ତା ପାର୍ କରି, ଉପର ବେଳା ପ୍ରାୟ ୩ଟା ସମୟରେ, ଆମେ ଗେଁଉଲାରେ ପହଞ୍ଚିଗଲୁ । ଏହା ତାଙ୍କର ନିଜ ଜାଗା । କହିଲେ, ଏଠାରେ ତାଙ୍କର ଏକ ବଡ଼ ଘର ଅଛି, କାରବାର ମଧ୍ୟ ଅଛି । ମୁଁ କିଛିଦିନ ଯଦି ଏଠାରେ ରହିଯାଏ, ତା'ହେଲେ ସେ ଖୁବ୍ ସୁଖୀ ହେବେ । ଘରେ ତାଙ୍କର ସ୍ତ୍ରୀ ଆଉ ଦାସୀଟିଏ, ଆଉ କେହି ନାହାନ୍ତି । ଦେଖିଲି, ସତରେ ନଦୀକୂଳରେ ଉଚ୍ଚା ସ୍ଥାନରେ ତାଙ୍କର ପାହାଡ଼ୀ ବାସଗୃହ—ଦୃଶ୍ୟଟି ଏପରି ଚମତ୍କାର ଯେ ସେଠାରେ ରହଣୀ ଲୋଭନୀୟ ନିଶ୍ଚୟ । ଏକେତ ଆମେ ଆରାମପିୟାସୀ, ଆମେ କେଉଁଠାରେ ଟିକିଏ ସୁଖସ୍ୱାଚ୍ଛନ୍ଦ୍ୟ ପାଇଗଲେ ସହଜରେ ଛାଡୁନା—ତା' ଉପରେ ପୁଣି ଏହି କଠୋର ପର୍ଯ୍ୟଟନ ଜୀବନ । ଏଠାରେ କିନ୍ତୁ ଆରାମ କରିବାରେ କଟିଲା ମୋ'ର ଆଜି ଏହି ପ୍ରଥମ ରାତି ।

କଠିନ ପରିଶ୍ରମ ପରେ, ରାତ୍ରିରେ ପରିପାଟି ଭୋଜନର ବ୍ୟବସ୍ଥା କରିଥିଲେ ତାଙ୍କର ସ୍ତ୍ରୀ । ବଡ଼ ଚମତ୍କାର ଆଳୁ ତରକାରୀ, ଶାଗଭଜା, ଆମ୍ବଆଚାର, ଆଉ ପରଟା—ଏହି ସବୁ ଖୁଆଇ ମୋତେ ପୂର୍ଣ୍ଣ ପରିତୃପ୍ତି ଦେଇଥିଲେ । ଶେଷରେ ପ୍ରାୟ ସେରେ ପର୍ଯ୍ୟନ୍ତ ବହଳିଆ ଦୁଧ ଆଣି ହାଜର— ପିଇବାକୁ ହେଲା । ଯେତେବେଳେ ଶରୀର ଆଳସ୍ୟ ଓ

କ୍ଳାନ୍ତିରେ ଅବସନ୍ନ, ସେତେବେଳେ ଶୋଇବାକୁ ହେଲା । ଗୋଟିଏ ବଡ଼ ଘର, ତା' ନିକଟରେ ଗୋଟିଏ ଛୋଟ ଘର—ସେହି ଘରେ ଗୋଟିଏ ଭଲ ଫିତାବନ୍ଧା ଖଟରେ ସୁକୋମଳ ଶଯ୍ୟା, କେବଳ ଶୋଇବାକୁ ଯେତିକି ଡେରି । ବେଶ୍ ମନେ ଅଛି, ଯେପରି ଏକବାର ଗଭୀର ନିଦ୍ରାକୋଳକୁ ଡେଇଁପଡ଼ିଥିଲି ।

ହଠାତ୍ ନିଦ ଭାଙ୍ଗିଗଲା, କାହାର ଅତି କୋମଳ ସନ୍ତର୍ପଣ କରସ୍ପର୍ଶରେ । 'କିଏ—କିଏ ?' ଶୀଘ୍ର ଉଠିପଡ଼ିଲି । ମୋ'ର ପାଦକୁ କୋଳରେ ନେଇ ସେବାରତ ବଣିକ ସ୍ତ୍ରୀ । ଧୀର କଣ୍ଠରେ ସେ କହିଲେ, ''ସେବା କର୍‌ନେ ଆୟା ମହାରାଜ, ଆପକୀ ସେବିକା ସମଝିୟେ । ଇୟେ ହାମାରି ଧରମ ହୈ ।''

କୁଣ୍ଠିତ ହୋଇ କହିଲି, ''ମାତାଜୀ, ହାମ୍ ତୋ ସନ୍ୟାସୀ ନହି, ହାମ୍‌ଭି ଆପକୀ ମାଫିକ୍ ଗୃହସ୍ଥ ଆଦ୍‌ମୀ । ଆପକୀ ଐସୀ ସେବା ଲେନା ହମାରା ଧରମ ନହି ।''

କୌଣସିରୂପେ ତାଙ୍କୁ ବୁଝାଇସୁଝାଇ, ଘରକୁ ଫେରାଇଦେଇ, ଦରଜାରେ ଛିଟିକିଣୀ ଲଗାଇବାକୁ ଯାଉଛି, ତାଙ୍କ ସ୍ୱାମୀ ଆସି ପହଞ୍ଚିଲେ । ତାଙ୍କ ସଙ୍ଗେ ଏହାପରେ ଯେଉଁ କଥା ହେଲା, ତାହା ସଂକ୍ଷେପରେ କହି ଏହିସବୁ ପାଲା ଶେଷ କରି ଦେବାକୁ ପଡୁଛି ।

ଏମାନଙ୍କ ମଧ୍ୟରେ ପ୍ରଥା ଅଛି ଯେ ଯେଉଁଦିନ କେଉଁ ନିଃସନ୍ତାନ ନାରୀ ଋତୁସ୍ନାନ କରିଥାନ୍ତି, ସେଦିନ ରାତିରେ ଯଦି କୌଣସି ସାଧୁସନ୍ନ୍ୟାସୀ ଆସିଥାନ୍ତି, ତେବେ ଋତୁରକ୍ଷା ସେ ହିଁ କରିବେ । ଏମାନଙ୍କର ବିଶ୍ୱାସ ଯେ ଏହି ସଂସର୍ଗ ଫଳରେ ଯେଉଁ ସନ୍ତାନ ପ୍ରସବ ହେବ, ସେ ଜଣେ ମହାପୁରୁଷ ଅଥବା ଅସାଧାରଣ ବ୍ୟକ୍ତି ହେବ । ଶୁଣିଥିଲି, ପଞ୍ଜାବରେ କେଉଁଠି କେଉଁଠି ଏହି ପ୍ରଥାଟି ସେତେବେଳେ ମଧ୍ୟ ପ୍ରଚଳିତ ଥିଲା । କିନ୍ତୁ ଏଆଡ଼େ ଏହିସବୁ ଲୋକଙ୍କ ଭିତରେ ଏପରି ସଂସ୍କାର ଅଛି ଦେଖି କମ୍ ଆଶ୍ଚର୍ଯ୍ୟ ହେଲି ନାହିଁ । ଯାହା ହେଉ, ଏଡି ଗୃହସ୍ୱାମୀଙ୍କୁ ବୁଝାଇ ଦେଇପାରିଥିଲି ଯେ ଯେଉଁ ସାଧୁର ପବିତ୍ର ସ୍ପର୍ଶ ଦ୍ୱାରା ତାଙ୍କ ସ୍ତ୍ରୀ ଧନ୍ୟା ହୋଇପାରିଥାନ୍ତେ, ସେହି ସାଧୁବ୍ୟକ୍ତି ମୁଁ ନୁହେଁ । ମୁଁ ତ ପୁଣି ବଙ୍ଗାଳୀ, ଭ୍ରଷ୍ଟାଚାରୀ, ତା'ପରେ ପୁଣି ଅଗ୍ରେଂଜୀ ଲେଖାପଢ଼ା ଶିଖି ସରକାରୀ ଗୋଲାମୀ କରି ବଂଶାନୁକ୍ରମେ ପତିତ ହୋଇଛି, ତାହା ଉପରେ ପୁଣି ବିବାହିତ ଗୃହୀ— ଗୃହତ୍ୟାଗୀ ସାଧୁ ଆଦୌ ନୁହେଁ, କେବଳ ଭ୍ରମଣ କରିବା ମୋ'ର ଉଦ୍ଦେଶ୍ୟ— ତୀର୍ଥକର୍ମର ଧାର୍ ଧାରେ ନାହିଁ, ମୋ' ପରି ଜଣକର ଏପରି କର୍ମ ଅତି ଗର୍ହିତ ।

ଏହି ଭାବରେ ସେଦିନ ରାତ୍ରିର ଏକ ଅଚିନ୍ତନୀୟ ନାଟକର ଅଭିନୟକୁ ଶେଷ କରି ପରଦିନ ସକାଳେ ଲକ୍ଷ୍ୟସ୍ଥଳକୁ ଆଗେଇଲି ।

ଜାଣେନା, କାହିଁକି କେଜାଣି, ଗତ ରାତିର ବ୍ୟାପାରଟି ମନ ମଧ୍ୟରେ ଏକ ପ୍ରବଳ ଝଡ଼ ସୃଷ୍ଟି କଲା—ତାହାର ପ୍ରଭାବ ଆଜି ମଧ୍ୟ ବହୁକ୍ଷଣଯାଏ ଥିଲା । କିପରି ଧର୍ମପ୍ରାଣ ମଣିଷ ଏମାନେ, କେଉଁଭାବେ ଏବଂ କେଉଁ ସୂତ୍ରରେ ଏପରି ଭାବେ ଅଦ୍ଭୁତ ସନ୍ତାନ

ଉତ୍ପାଦନର ରୀତି ଏମାନଙ୍କର ସମାଜରେ ସ୍ଥାନ ପାଇଛି—ଅବଧି ଏହି ବ୍ୟବସ୍ଥା ଚାଲୁ ରହିଛି । ଏବେ ଚାଲୁଚାଲୁ ଏହାର ନିମିତ୍ତ ଓ ଉତ୍ପାଦନ—ଦୁଇଟି କାରଣ, ଯାହା ମୋ' ମନକୁ ଆସୁଥିଲା, ତାହା ନେଇ ଏବେ ଆଉ ବେଶୀ ଓଲଟ ପାଲଟ କରିବାର ପ୍ରୟୋଜନ ନାହିଁ । ପରେ କୌଣସି ସମୟରେ ଅନ୍ୟକ୍ଷେତ୍ରରେ ତାହାର ଆଲୋଚନା କରାଯିବ ଭାବି ଯାତ୍ରାପଥରେ ମନୋନିବେଶ କଲି । ତେବେ, ସାଧାରଣଭାବେ ଏହାର ସୂତ୍ର ସେହି ମହାଭାରତ ଅମଳର କ୍ଷେତ୍ରଜ ପୁତ୍ର ଦେଇ, ସ୍ୱାମୀର ଅକ୍ଷମତା ହେତୁ, ଔରସ-ପୁତ୍ରର କାର୍ଯ୍ୟ ନିଷ୍ପର୍ଣ୍ଣ କରିବାର ବିଧାନ । ହୁଏତ ଏହି ସଂସ୍କାର ଭିତରେ ତାହା ଥାଇପାରେ ଏବଂ ଏହାହିଁ ଏହାର ମୂଳରେ ଅଛି ବୋଲି ମୋ'ର ବିଶ୍ୱାସ ।

ଏଥର ଏଠାକାର ଅର୍ଥାତ୍ ଗେଁଉଲାର ଏହି ଗୋଟିଏ ରାତ୍ରିର ସ୍ମୃତିକୁ ନେଇ ବାହାରିପଡ଼ିଲି । କିଛିଟା ସହଜ ରାସ୍ତା, ସେତେବେଳେ ଗେଁଉଲାର ସୀମା ସରିନାହିଁ, ଯାଉ ଯାଉ ଦୁଇଜଣ ଭଦ୍ରବ୍ୟକ୍ତିଙ୍କ ଦୁଇପୁତ୍ର, ଯେଉଁମାନେ ମସୋରୀରେ ପଢ଼ନ୍ତି, ରାସ୍ତାରେ ସେମାନଙ୍କ ସହ ସାକ୍ଷାତ ହୋଇଗଲା । ମୋ' ବେଶଭୂଷାର ବୈଚିତ୍ର ଦ୍ୱାରା ଆକୃଷ୍ଟ ହୋଇ ସେମାନେ ହିଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରିଦେଲେ ! ମୁଁ କେଉଁଠିକାର ଲୋକ, କ'ଣ କରେ, ଉଦ୍ଦେଶ୍ୟ କ'ଣ—ଏହି ଅଞ୍ଚଳକୁ କାହିଁକି ଶୁଭାଗମନ କରିଛି ଇତ୍ୟାଦି ପ୍ରଶ୍ନମାନ ପଚାରି ଚାଲିଲେ । ମୁଁ ବଙ୍ଗାଳୀ ବୋଲି ଜାଣିଲା ପରେ ମୋତେ ସେମାନଙ୍କ ଘରକୁ ଯିବାକୁ ଓ ଆତିଥ୍ୟ ଗ୍ରହଣ କରିବାକୁ ସେମାନେ ଜିଦ୍ କଲେ । ବାଧ୍ୟ ହୋଇ ସେମାନଙ୍କ ସଙ୍ଗେ କିଛି ସମୟ କଥାବାର୍ତ୍ତାରେ କଟାଇଦେଇ, ଯିବା ବାଟରେ ମୋ'ର ବିଳମ୍ବ ହୋଇଗଲେ ବିଶେଷ କ୍ଷତି ହେବ ଓ ଆଜି ମୋତେ ଗାଂନାନୀ ପହଞ୍ଚିବା ନିତ୍ୟାନ୍ତ ପ୍ରୟୋଜନ ବୋଲି ବୁଝାଇଦେଲା ପରେ ସେମାନଙ୍କଠାରୁ ମୁକ୍ତି ମିଳିଲା । ସେମାନେ ବିଶେଷ ଆଗ୍ରହର ସହ ସ୍ୱଦେଶୀ ମୁଭ୍‌ମେଣ୍ଟର ଇତିହାସ, ପୂର୍ବାପର ଏବଂ ବଙ୍ଗଳା ଦେଶରେ ଏ କାଳରେ କିପରି ଚାଲିଛି, ସେଇସବୁ ବିଷୟରେ ପ୍ରଶ୍ନ କରିଥିଲେ । ଯେହେତୁ ମୁଁ ବଙ୍ଗାଳୀ ଓ ଭାରତର ପ୍ରଦେଶମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରଦେଶର ଜଣେ ବ୍ୟକ୍ତି, ଏଣୁ ଯଥାର୍ଥରେ ସେମାନଙ୍କୁ ଶୁଣାଇବାରେ ମୁଁ ଯୋଗ୍ୟବ୍ୟକ୍ତି । ଏମାନଙ୍କର ଧାରଣା ଯେ ବଙ୍ଗଳାର ଜଣେ ଜଣେ ସୁରେନ୍, ବାଁଡୁଜ୍ୟେ, ବିପିନ ପାଲ—ସମସ୍ତେ ହିଁ ବିରାଟ କର୍ମବୀର । ଯାହାହେଉ, ଶେଷ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଅନେକ ଆନନ୍ଦ, ଆଶା, ଆଉ ଦେଶ ସ୍ୱାଧୀନ କରିବା ଶକ୍ତିର ଉତ୍ତେଜନା ଉଜ୍ଜୀବିତ କରି ବାଟ ଧରିଲି । ସେଦିନଟି ଶିଲକିଆରୀ ନାମକ ପଡ଼ାରେ କଟାଇଦେଇ ପରଦିନ ପୁଣି ଯାତ୍ରାରମ୍ଭ ।

ଏହାପରେ ଏଠାରୁ ଯେଉଁ ରାସ୍ତାରେ ଗଲି, ସେହି ରାସ୍ତାରେ ୫ ମାଇଲ ପର୍ଯ୍ୟନ୍ତ ବେଶୀ ଚଢ଼ାଉତରା ନଥିଲା । ଯେତେବେଳେ ଉପତ୍ୟକାଭୂମିର ଉପର ଦେଇ ଗୋଟିଏ ଛୋଟ ସେତୁ ପାରି ହୋଇ ଆସିଛି, ସେତେବେଳେ ଚଢ଼ାଣି ଆରମ୍ଭ ହୋଇଗଲା । ଅଢ଼େଇମାଇଲ୍ ପୁଣି ଆରୋହଣ । ଯାହାକୁ ହାଡ଼ଭଙ୍ଗା ଆରୋହଣ କୁହାଯାଇଥାଏ,

ସେହିପରି ଏହି ଆରୋହଣ । ଏହା ଶେଷ ହେଲା ପରେ ପ୍ରାୟ ତୃତୀୟ ପ୍ରହରରେ ଗୋଟିଏ ସ୍ଥାନରେ ଆସି ପହଞ୍ଚିଲି । ସେଠାରୁ ଗାଂନାନୀର ପଡ଼ାଟି ଆହୁରି ୪ ମାଇଲ ଦୂରହେବ ।

କେଜାଣି, ଆଜି ପ୍ରଥମରୁ ହିଁ ନିଜ ମନରେ ଚାଲିଆସିଛି କିପରି ଏକ ଅସହାୟ ଭାବ । ସାରା ରାସ୍ତାରେ ଜଣେହେଲେ କାହାକୁ ଦେଖିଲି ନାହିଁ । କିଛିଟା ଜଙ୍ଗଲ ମଧ୍ୟ ଥିଲା– ଡରଡର ମନରେ ଅତିକ୍ରମ କରିଛି । ଏପରି ନିର୍ଜନ ପଥ ବୋଲି ମୂଳରୁ ଯେପରି ରହସ୍ୟମୟ ଥିଲା । ଯମୁନାର କୁଳୁକୁଳୁ ସ୍ୱର, ଗୋଟିଏ ଦୁଇଟି ପକ୍ଷୀର କାକଳି ଯେପରି ଏକ ସ୍ୱରରେ ବନ୍ଧା–ତାହାକୁ ହିଁ ଶୁଣିଶୁଣି ଚାଲିଛି । ପାଖରେ କିଛିହେଲେ ଖାଇବାର ନାହିଁ, ଦୁଇଚାରି ଆଞ୍ଜୁଳା ଝରଣାର ପାଣି ବ୍ୟତୀତ ଆଉ କିଛି ଜୁଟି ନ ଥିଲା– ତା'ପରେ ବିଶାଳ ଉଠାଣି– ଭୋକରେ ମୁଣ୍ଡ ଝିମ୍‌ଝିମ୍ କରୁଥିଲା । ଗୋଟିଏ ସ୍ଥାନରେ ଠିଆ ହୋଇ ଦମ୍ ନେଉଛି, ଚାରିଆଡ଼କୁ ଚାହିଁ ଦେଖିଲି । ବିଜନ ସ୍ଥାନରେ ଏକ ମାହାତ୍ମ୍ୟ ଅଛି, ତାହା ମୁଁ ବିଶେଷରୂପେ ଅନୁଭବ କରୁଥିଲି ପ୍ରଥମରୁ । କିନ୍ତୁ ଭୋକର ଜ୍ୱାଳା ଖୁବ୍ ବେଶୀ–ଏହାର ଅଭିଜ୍ଞତା ଯାହାର ଥିବ, ସେ ଜାଣିବ ।

ପାଖରେ ଛୋଟ ଗଛଟିଏ, ସେହି ଗଛ ଉପରଦେଇ ଦୃଷ୍ଟି ଚାଲିଲା ଅବାଧରେ– ସମ୍ମୁଖରେ ପ୍ରାୟ ୫୦।୬୦ ହାତ ଦୂରରେ ଏକ ଝରଣା ଦେଖାଗଲା, ଏହି ଝରଣା ନିକଟକୁ ଯିବାକୁ ହେବ । ସେଠାକୁ ଟିକିଏ ଆଗେଇ ଯାଇ ଦି'ଚାରି ଆଞ୍ଜୁଳା ପାଣିପିଇ ପୁଣି ଆଗେଇବାକୁ ହେବ, ଏଇଆ ଭାବି ପାଦ ବଢ଼ାଇବା ସଙ୍ଗେସଙ୍ଗେ ନଜର ପଡ଼ିଲା, ସମ୍ମୁଖର ଗୋଟିଏ ଛୋଟ ଗଛ ଉପରେ । ସାଢ଼େତିନି ହାତ ଉଚ୍ଚ ହେବ ଗଛଟି କିନ୍ତୁ ତା'ର ଆକୃତି ଯେପରି ଅଦ୍ଭୁତ, ସେହିପରି ଅଦ୍ଭୁତ ତା' ପତ୍ରର ଡାଳ, ବାହୁଙ୍ଗା ସବୁକିଛି । ଏପରି ଗଛ ପୂର୍ବରୁ ମୁଁ କେବେ ଦେଖିନାହିଁ । ତା'ର ପତ୍ର, ଗଠନ ବଡ଼ ବିଚିତ୍ର, ଅନେକଟା ସାରୁପତ୍ର ପରି, କିନ୍ତୁ ତା'ର ରଙ୍ଗ ବିଚିତ୍ର, ଆଦୌ ସବୁଜ ନୁହେଁ । ଦୂରରୁ ଦେଖିଲେ ଯେପରି ପାଉଁଶ ରଙ୍ଗର, ପାଖରେ ଦେଖିଲେ ହାଲୁକା ନୀଳ, ଆଉ ସବୁଜର ଆଭା, ତଳଟା ହାଲୁକା ବାଇଗଣୀ– ପତ୍ରର ଉପର ଭେଲ୍‌ଭେଟ୍ ପରି ନରମ, ଡାଳ ବାହୁଙ୍ଗାର ରଙ୍ଗ ଖୁବ୍ ଉଜ୍ଜ୍ୱଳ ରୂପାଲୀ ରଙ୍ଗର, ଆଉ କେଉଁଠି ଶିଉଳି, ଗଣ୍ଠିରେଗଣ୍ଠିରେ ଭରା ସବୁ ଡାଳ ଓ ବାହୁଙ୍ଗା, ପୁଣି ସେହି ଗଣ୍ଠିରୁ ନୂଆ ଡାଳ ବାହାରିଛି । ଝଙ୍କାଳିଆ ଗଛ– ବୋଧହୁଏ ସାତ ଆଠ ହାତ ଜାଗା ଘେରିରହିଛି । ଗଣ୍ଠି ପ୍ରାୟ ଦେଖାଯାଉନାହିଁ । ଗୁଳ୍ମାଦି ଲତାଦ୍ୱାରା ଆବୃତ ।

ଯେଉଁମାନେ ହିମାଳୟରେ ବୁଲିଛନ୍ତି, ସେମାନେ ଅନେକ ରକମ ଗଛ ଦେଖିଛନ୍ତି, ବିଶେଷତଃ ଯେଉଁମାନେ ଏ ଦିଗରେ ଚକ୍ଷୁଷ୍ମାନ ଗଛଲତାକୁ ବେଶୀ ଭଲପାଆନ୍ତି, ସେମାନେ ନିଶ୍ଚୟ ମୁଗ୍ଧ ହୋଇ ଯିବେ ନାନାପ୍ରକାର ଗଛଲତା ଦେଖି– ଏହି ଗିରିରାଜଙ୍କ କୋଳରେ ଭଲ ଦେଖାଯାଏ ଏହି ତରୁଲତା, ଗୁଳ୍ମ ଅଥବା ଅସଂଖ୍ୟ ପ୍ରକାର ବନୌଷଧି ଓ ବନସ୍ପତି ବୃକ୍ଷାଦି । ପ୍ରାୟ ହିଁ ଗୋଟିଏ ଗୋଟିଏ ବିଶେଷ ଜାତିର ବଡ଼ ବଡ଼ ଗଛ ଥାଏ– ସେଗୁଡ଼ିକର କାମ ମଧ୍ୟ ବିଚିତ୍ର । ବାଞ୍ଜ, ଯାହାର ବିଲାତି ଭଦ୍ରନାମ ଓକ୍–ଦେବଦାରୁ, କେଲୁ, ପାଇନ୍

ଆଦି,—କିନ୍ତୁ ଛୋଟ ଛୋଟ ଜାତିର ଗଛ ଯେ ବିଭିନ୍ନ ପ୍ରକାରର, ସେଗୁଡ଼ିକର ନାମ ମଧ୍ୟ ସାଧାରଣରେ ଯେପରି ଅଜଣା, ସଂଖ୍ୟା ମଧ୍ୟ ତତୋଽଧିକ । ବିଶେଷତଃ ଯେଉଁ ଗଛକୁ ମୁଁ ଏତେ ସମୟ ଧରି ଦେଖୁଥିଲି, ଆଉ କେଉଁଠି ସେପରି ଗଛ ଦେଖିନାହିଁ । ଏହା କେଉଁ ଗଛ, ତାହା ଜାଣିବା ଲାଗି କେହି ପାଖରେ ନ ଥିଲେ ପଚାରିବାକୁ ।

ଦୀର୍ଘକାୟ ବ୍ୟକ୍ତି
ଘଞ୍ଚ ବୃକ୍ଷ ମଧ୍ୟରେ ଆସୀନ

ଏପରି ପରିଶ୍ରମ, କ୍ଳାନ୍ତି, କ୍ଷୁଧାର ଯନ୍ତ୍ରଣାସବୁ ଏହି ପରିସ୍ଥିତିରେ ଯେପରି ନିମିଷକରେ କେଉଁଆଡ଼େ ମିଳେଇ ଗଲା । ଯେତେବେଳେ ମୋ'ର ଦୃଷ୍ଟି ଏହି ଗଛ ଉପରେ ନିବଦ୍ଧ ଥିଲା, ସେତେବେଳେ ମୋତେ ଚମତ୍କୃତ କରି, ଏପରିକି ହଠାତ୍ ସ୍ତମ୍ଭିଭୂତ କରି, ବାହାରିପଡ଼ିଲେ ଜଣେ ଦୀର୍ଘକାୟ ବ୍ୟକ୍ତି, ଏହି ଗଛ ଗହଳ ଭିତରୁ— ଉଲଗ୍ନ, କେବଳ ତାଙ୍କ କାନ୍ଧ ଉପରେ ଖଣ୍ଡେ କ'ଣ ଓହଳିଛି—ନ ହେଲେ ତାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କହିବା ସଙ୍ଗତ ହେବ । ଏପରିକି ଖଣ୍ଡେ କୌପୀନ ପର୍ଯ୍ୟନ୍ତ ନାହିଁ ତାଙ୍କ ଦେହରେ ।

ଗଛଟିର ଅଦ୍ଭୁତ ଆକୃତିପ୍ରକୃତି କଥାତ ପୂର୍ବରୁ କହିଛି । ବର୍ତ୍ତମାନ ଏହି ଯେଉଁ ମାନବ ମଣିଷ ମୋ' ସମ୍ମୁଖରେ ଆବିର୍ଭୂତ ହୋଇ ମୋତେ ଚମତ୍କୃତ କରିଥିଲେ, ତାଙ୍କର ରୂପ ଓ ପ୍ରକୃତି ସମଭାବେ ଅଦ୍ଭୁତ । ଯେଉଁ ଭାବରେ ଭିତରେ ବସିଥିଲେ, ଉଠିପଡ଼ି ବାହାରକୁ ହଠାତ୍ ଆସିଲେ— ଏହି ଭାବେ ଆବିର୍ଭାବ ତାଙ୍କର । ଏକବାର ମୋ' ସମ୍ମୁଖରେ, ସତରେ ଏପରି ବୈଚିତ୍ରପୂର୍ଣ୍ଣ ଭାବରେ ଜଣଙ୍କର ଆବିର୍ଭାବ ମୋ' ସାମ୍ନାରେ ଓ ତାହା ପୁଣି ଏପରି ହିଁ ଅକସ୍ମାତ ଯେ ତା'ର ବର୍ଣ୍ଣନା ଅସମ୍ଭବ ।

ଶରୀର ତାଙ୍କର ଦୀର୍ଘ— ମନେହୁଏ, ଛ'ଫୁଟରୁ କିଛି ବେଶୀ, ପାତଳା ରୋଗା ଶରୀର । ମୁହଁଟି ଛୋଟ—ଏଣୁ ଶରୀର ଖୁବ୍ ଲମ୍ବା ଦେଖାଯାଏ । ମାତ୍ର ତାଙ୍କ ମୁଣ୍ଡରେ ଘନ ବହଳିଆ ଜଟ ଏତେ ବେଶୀ ଯେ ମନେହୁଏ, ମୁଣ୍ଡରେ ଏତେ ଓଜନ ବହନ କରି କେମିତି ଘୁରୁଛନ୍ତି ଏହି ରୋଗା ଲୋକଟି । ଜଟାର ରଙ୍ଗ ତମ୍ବାଳିଆ, ଦେହ ରଙ୍ଗ ସହ ଯେପରି ସହଜରେ ମେଳ ଖାଉଛି । ଚାରିଆଡ଼େ ଛାଡ଼ିଥିବା ଜଟା ମଝିରେ ତାଙ୍କର ଛୋଟ ମୁହଁଟିକୁ ଦେଖିଲେ ମନେହୁଏ, ଯେପରି ଅନ୍ଧକାର ଆକାଶର ଊର୍ଦ୍ଧ୍ୱ ପ୍ରାନ୍ତରେ ଏକ ମଳିନ ଚନ୍ଦ୍ରୋଦୟ, ଅଳ୍ପ ଅଳ୍ପ ମୁଛଦାଢ଼ି । ତାହା ତାଙ୍କର ଅଳ୍ପ ବୟସ ଲାଗି ନୁହେଁ, ସ୍ୱାଭାବିକ ଭାବେ ଏହି ଦୁଇ ସ୍ଥାନରେ କମ୍ ବଢ଼ିଛି । ମୁହଁରେ ବୈଶିଷ୍ଟ୍ୟପୂର୍ଣ୍ଣ ତାଙ୍କର ଦୁଇଟି ଚକ୍ଷୁ । ଚଞ୍ଚଳ ଓ ପୁଲକହୀନ ତାଙ୍କର ଦୃଷ୍ଟି—ଦୀର୍ଘ ସମୟ ଧରି ତାଙ୍କର ଆଖିପତା ହଲୁ ନାହିଁ ବା ପତା ପଡୁନାହିଁ । ଥରେ ମାତ୍ର ଶୀଘ୍ର ମୋ' ଆଖିରେ କଟାକ୍ଷପାତ କରି, ସେହି ମୂର୍ତ୍ତି

ମୋ'ର ଠିକ୍ ସାମ୍ନାରେ ଆସି ଠିଆହେଲେ, ଆଉ ତାଙ୍କର ଦୃଷ୍ଟିର ତଡ଼ିତ୍ ଶକ୍ତି ମୋ' ଭିତରେ ଯେଉଁ ପ୍ରତିକ୍ରିୟା ଉତ୍ପନ୍ନ କଲା, ତାହା ଭାଷାରେ ପ୍ରକାଶ କରିବା ଦୁରୂହ । ତେବେ ତା'ର ଟିକିଏ ଆଭାସ ମାତ୍ର ଦିଆଯାଇପାରେ, ଯେପରି ଏକ ଅନ୍ଧକାର ପଥରେ ଯାଉଯାଉ ହଠାତ୍ ବିଦ୍ୟୁତ୍ ଚମକ ଫଳରେ, ଅନେକ ଦୃଶ୍ୟ ଏକସଙ୍ଗେ ଦୃଷ୍ଟିଗୋଚର ହୋଇଥାଏ ଓ ତା'ପରେ ଅଳ୍ପକ୍ଷଣ ପାଇଁ ଘୋର ଅନ୍ଧକାର ହୋଇଯାଏ, ମୋ'ର ଅବସ୍ଥା ସେହିପରି ହୋଇଥିଲା—ଥରକ ଲାଗି ହଠାତ୍ ମୋ'ର ସବୁ ଅନୁଭୂତି ଏକ ହୋଇ ଅନେକଗୁଡ଼ିଏ ଅପାର୍ଥିବ ସତ୍ୟର ଆଲୋକ ଦ୍ୱାରା ହୃଦୟ ଆଲୋକିତ ହୋଇଉଠିଲା, ତା'ପରେ ପୁଣି ପୂର୍ବାବସ୍ଥା । ସେତେବେଳେ ସେହି ପୁରୁଷ ମୂର୍ତ୍ତିକୁ ସମ୍ମୁଖରେ ଦଣ୍ଡାୟମାନ ଥିବାର ଦେଖି ମୁଁ 'ନମୋନାରାୟଣାୟ' ଉଚ୍ଚାରଣ କରି ନମସ୍କାର ଓ ସମ୍ଭାଷଣ କଲି । କାରଣ ସାଧୁ-ସନ୍ନ୍ୟାସୀ ମାନଙ୍କୁ ଏହି ଭାବରେ ସମ୍ଭାଷଣ କରିବାହିଁ ସନାତନ ଆର୍ଯ୍ୟରୀତି, ତାହା ମୋତେ ପିଲାବେଳୁ ଜଣା ଥିଲା । ଏହା ଯେପରି ଯନ୍ତ୍ରବତ୍ କରିଦେଲି, ନା ଚିନ୍ତା କରି, ନା ବୁଝିସାରି, ନା ଚେଷ୍ଟା କରି, ନା ଇଚ୍ଛା କରି । ଏହି ସମ୍ଭ୍ରମ ବୋଧ ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ବ୍ୟତୀତ ଆଉ କିଛି ନୁହେଁ । ତେବେ ମୁଁ ଏକଥା ନିଶ୍ଚିତ ରୂପେ ବୁଝିଥିଲି ଯେ ତାଙ୍କ ଉପରେ ସେତେବେଳେ କୌଣସି ଶ୍ରଦ୍ଧାର ବିଶେଷଭାବ ନଥିଲା ଅଥବା ଘୃଣା ବା ତୁଚ୍ଛଭାବ ମଧ୍ୟ ନଥିଲା । ଯେପରି ଏକ ଅନିର୍ବଚନୀୟ ଆବେଗଶୂନ୍ୟ ଭାବ, ଯାହାକୁ ଠିକ୍ କୁହାଯାଇପାରିବ ନାହିଁ, କୌଣସି ଶକ୍ତିମାନର ପ୍ରଭାବରେ ହୋଇଥାଏ ।

ସେ ବ୍ୟକ୍ତି ମୋ' ସହିତ ସେତେବେଳେ କିଛିଟା କଥାବାର୍ତ୍ତା କଲେ । କ'ଣ ଯେ ସେ କହିଲେ, ସେତେବେଳେ ବୁଝି ନ ଥିଲି । ତାଙ୍କର ଭାରି ଗମ୍ଭୀର ସ୍ୱର ବା ଧ୍ୱନି ମୋ' କର୍ଣ୍ଣକୁହରରେ ପ୍ରବେଶ କରି ଅନ୍ତର ମଧ୍ୟରେ ଏକ ଆଲୋଡ଼ନ ଆରମ୍ଭ କରିଥିଲା । ସେହି ଧ୍ୱନି ଉପଭୋଗର ହିଁ ବିଷୟ ବା ବସ୍ତୁ । ପରେ ଯେତେବେଳେ ତାଙ୍କ କଥାର ଅର୍ଥବୋଧ ହେଲା, ସେତେବେଳେ ବୁଝିଲି ଯେ ମୋତେ ସେ ଜିଜ୍ଞାସା କରୁଛନ୍ତି,—''ତୁ ଯୁମୁନୋତ୍ତରୀ କୀ ଆସାମୀ ?'' ମୁଁ କହିଲି,—''ଜୀ ହାଁ, ମହାରାଜ ।'' ଯୋଗୀ ବା ସନ୍ନ୍ୟାସୀମାନଙ୍କୁ ମହାରାଜ ସମ୍ବୋଧନ ସନାତନ ଭାରତୀୟ ପ୍ରଥା ।

ଉତ୍ତର ଶୁଣି ଧୀରେଧୀରେ ରାସ୍ତା ଆଡ଼କୁ ଫେରିଯାଇ ଚାଲୁଚାଲୁ କହିଲେ, ''ମେରେ ସାଥ୍ ତୋ' ଚଲ୍, ହମ୍ଭି ଉଧର ଯାଏଗା ।''

ସୁତରାଂ ବର୍ତ୍ତମାନ ଆଉ କିଛି କହିବାର ଦରକାର ନଥିଲା, ମୁଁ ଯନ୍ତ୍ରଚାଳିତ ପରି ତାଙ୍କ ପଛେ ପଛେ ଅନୁସରଣ କଲି, ଚଳନ୍ତା କଣ୍ଢେଇ ପରି । ସେ ଯେପରି ମୋତେ ପାଶବଦ୍ଧ କରି ନେଇଚାଲିଛନ୍ତି । କିନ୍ତୁ, କ୍ଷୁଧାବୋଧ ! ସେ ସାଙ୍ଗରେ ଚାଲିଛନ୍ତି, ଆଉ ମଝିରେ ମଝିରେ ଚେତନାକୁ ଆଘାତ କରି ଯେପରି ଜଣାଇଦେଉଛନ୍ତି... ମୁଁ ନିତାନ୍ତ ହିଁ ପାଖରେ ଅଛି ।

ଚାଲିଥାଏ କୌତୁହଳ ନେଇ, ସମ୍ମୁଖରେ ଯେଉଁ ମୂର୍ତ୍ତି ସଚଳ, ତାଙ୍କ ଶରୀରର ପଶ୍ଚାତ୍‌ଭାଗ ମୁଁ ଦେଖୁଛି ଏବଂ କେତେ ଯେ କ'ଣ ଚିନ୍ତା କରୁଛି, ତାହା ମୁଁ ନିଜେ ଜାଣେନା । ତେବେ କ୍ରମେ କ୍ରମେ ଗୋଟିଏ କଥା କେବଳ ଚିତ୍ତ ମଧ୍ୟରେ ଘୁରିବୁଲୁଥିଲା—ଭଗବାନଙ୍କର ନବରୂପ କଥା । ଛଳନା କରି ବା ମୋ' ମନ ବୁଝିବା ଲାଗି ଏପରି ଆସିଲେ ନା କ'ଣ ? ଭଗବାନଙ୍କର ଛଳନା—କେଉଁ କେଉଁ ସାଧକ ପାଖକୁ ଆସନ୍ତି ତାଙ୍କୁ ପରୀକ୍ଷା କରିବା ପାଇଁ, ଏହିସବୁ କଥା ପିଲାଦିନରୁ ଶୁଣି ଶୁଣି ନିଜର ସଂସ୍କାର ଘଟିଥିଲା ।

ଆଶ୍ଚର୍ଯ୍ୟ କଥା, ଏହିସବୁ ଚିନ୍ତାକୁ ମନେମନେ ଯେତେବେଳେ ଘଣ୍ଟାଘଣ୍ଟି କରୁଛି, ସେହି ଅଗ୍ରଗାମୀ ମୂର୍ତ୍ତି ଚାଲୁଚାଲୁ, ଅକସ୍ମାତ ମୋ' ଆଡ଼କୁ ଫେରିପଡ଼ି, ଟିକିଏ ମୁରୁକି ହସି ପୁଣି ମୁହଁ ବୁଲାଇନେଲେ, ସେତେବେଳେ ମୋ'ର ମନେହେଲା, ଯଦି ସେ ଭଗବାନ ନୁହନ୍ତି, ତା'ହେଲେ ନିଶ୍ଚୟହିଁ ଜଣେ ଶକ୍ତିମାନ ଯୋଗୀ—ଅନ୍ତର୍ଯ୍ୟାମୀ ତ ନିଶ୍ଚୟ, ବିଶେଷତଃ ଏହି ଧରଣର ଶରୀର ଯୋଗୀଙ୍କର ହିଁ ହୋଇପାରେ ।

ଯେତେବେଳେ ଝରଣା ନିକଟରେ ପହଞ୍ଚୁଛି, ସେତେବେଳେ ସେହି ମୂର୍ତ୍ତି ଏକବାର ରାସ୍ତାରୁ ଘୁଞ୍ଚିଯାଇ ପାଣିର ଖୁବ୍ ନିକଟରେ, ଖଣ୍ଡେ ପଥର ଉପରେ, ଗୋଟିଏ ପାଦ ଦେଇ ଠିଆହେଲେ; ପଛକୁ ଥରେ ମଧ୍ୟ ବୁଲିପଡ଼ି ଦେଖିଲେ ନାହିଁ ଯେ ମୁଁ ତାଙ୍କ ପଛରେ ଅଛି କି ନାହିଁ । ଏହିପରି ଠିଆ ହୋଇ ସେ ଘନଘନ ତାଳି ମାରି, ଗୀତରେ ଯେପରି ତାଳ ଦିଅନ୍ତି, ସେହିପରି ତାଳ ଦେଇ ଦେଇ ଖୁବ୍ ଉଚ୍ଚସ୍ୱରରେ ଡାକିଲାଗିଲେ—ଗାଁଉନୀ, ଗାଁଉନୀ, ଗାଁଉନୀ । ଉଚ୍ଚାରଣଟି ତାଙ୍କର ଠିକ୍ ଗାଁଉନୀ, ଗାଁଉନୀ, ଗାଁଉନୀ—ଏହିପରି । ବୋଧହୁଏ ଦୁଇତିନି ମିନିଟ ପରେ ଜଣେ ଅପରୂପ ଲାବଣ୍ୟବତୀ ନାରୀ—'କେଁଓ ଯୋଗୀ' କହି ଧୀରେ ଧୀରେ ଝରଣାର ଧାର ଦେଇ, ସିଧା ଚାଲିଆସି, ଠିଆହେଲେ ତାଙ୍କ ପାଖରେ ।

ଗାଁଉନୀ ରମଣୀ

ସତରେ ଏକ ଅପରୂପ ଲାବଣ୍ୟବତୀ ସେହି ମୂର୍ତ୍ତି । ପରିଧାନ ତାଙ୍କର ପାହାଡ଼ୀ ଆର୍ଯ୍ୟ ବ୍ରାହ୍ମଣ ମହିଳାଙ୍କ ପରି, ନୀଳରଙ୍ଗର

ଘାଘରା ଉପରେ କାଞ୍ଚୁଲୀ, ତା' ଉପରେ ପୁଣି ସାଦା ଓଢ଼ଣୀ, ଯାହା ମୁଣ୍ଡକୁ ଆବୃତ କରିନାହିଁ । ଥରେ ମାତ୍ର ତାଙ୍କର ମୁହଁକୁ ଚାହିଁ ପାରିଥିଲି, ମାତ୍ର ତାଙ୍କ ପାଦର ଉପର ଦିଗକୁ ମୋ' ଦୃଷ୍ଟିକୁ ଆଉ ଉଠାଇ ପାରିନାହିଁ । କିନ୍ତୁ ଆଖି ଝଲସାଇ ଦେଲାଭଳି ତାଙ୍କ ମୁହଁ ବିଷୟରେ ନ କହି ତାଙ୍କ ପାଦଦୁଇଟିରେ ଯାହା ଦେଖିଲି, ତାହାହିଁ କହୁଛି । ତେବେ, ବେଶୀ କହିବି ନାହିଁ—ସଂକ୍ଷେପରେ କହିବି । କାରଣ ତାଙ୍କର ଆବିର୍ଭାବ ଓ ସ୍ଥିତି, ଉଭୟ ଖୁବ୍ ସଂକ୍ଷିପ୍ତ କାଳ ଲାଗି ଘଟିଥିଲା ।

ନାରୀମାନଙ୍କର ପାଦ ଆମେ ଅନେକ ଦେଖିଛୁ, ବର୍ତ୍ତମାନ ଅବଶ୍ୟ ଚପଲର ଅଭ୍ୟାସ ଯୋଗୁ ଆମେ ପ୍ରକୃତରେ ସେମାନଙ୍କର ପାଦର ଆକୃତି ବା ରୂପ ଖୁବ୍ କମ୍ ଦେଖିବାକୁ ପାଉ—କାହାର ମୁଖଟି ବେଶ୍ ସୁକୁମାର ଶ୍ରୀମଣ୍ଡିତ, କିନ୍ତୁ ତାଙ୍କ ପାଦଆଡ଼କୁ ଚାହିଁଲେ ଆଉ ଦେଖିବାକୁ ଇଚ୍ଛା ହୁଏ ନାହିଁ । ପାଦର ଯେ ଏପରି ରୂପ ବା ସୌନ୍ଦର୍ଯ୍ୟ ଅଛି, ଆଉ ସେହି ବୋଧ ଆମର ଭାରତୀୟ ଲୋକମାନଙ୍କ ମନରେ ଯେପରି ପ୍ରବଳ, ସେପରି ବୋଧହୁଏ ଜଗତରେ ଆଉ କେଉଁଠି ନାହିଁ । ଶିଳ୍ପକ୍ଷେତ୍ରରେ ମଧ୍ୟ ସେହିପରି ବଦ୍ଧମୂଳ ହୋଇଯାଇଛି ଏହିପରି ଏକ ବୋଧ । ଆମେ ଶିଳ୍ପୀମାନେ ସବୁକ୍ଷେତ୍ରରେ ହିଁ ସୌନ୍ଦର୍ଯ୍ୟର ପରିସ୍ଫୁଟନକୁ ଲକ୍ଷ୍ୟ କରିଥାଉ । ସେହି ହିସାବରେ ମୁଖମଣ୍ଡଳକୁ ଶ୍ରେଷ୍ଠ କୁହାଯାଇଛି—ସେହି ତୁଳନାରେ ଚରଣର ସ୍ଥାନ ମଧ୍ୟ କମ୍ ନୁହେଁ । ଯେକୌଣସି ମହତ୍ ବ୍ୟକ୍ତିତ୍ୱ ଅଥବା ଦେବତ୍ୱର ଅଧିକାରରେ ସମ୍ଭାଷଣ, ବରଣ ବା ବନ୍ଦନା, ଏହି ଚରଣଠାରୁ ହିଁ ଆରମ୍ଭ କରିଥାଉ । 'ଚରଣ' ଶବ୍ଦ ସହ ଏପରି ହିଁ ଏକ ରୂପ ବା ପବିତ୍ର ସୌନ୍ଦର୍ଯ୍ୟବୋଧର ସହଜ ଅନୁଭୂତି ସଂସ୍କାରଗତ ହୋଇଯାଇଛି, ଆମ ମନ ଭିତରେ । ଯେଉଁମାନେ ବୁଦ୍ଧିମାନ, ସହଜରେ ବୁଝିପାରିବେ, ଚରଣର ରୂପ-ଆକର୍ଷଣଟି ଆମ ହିନ୍ଦୁମାନଙ୍କ ମନରେ କେତେ ବେଶୀ ପ୍ରଭାବ ପକାଇଥାଏ ।

ବର୍ତ୍ତମାନ ଏହି ଗାଁଉନୀର ସୁଗଠିତ ପାଦଦ୍ୱୟ ଯେ ସୁନ୍ଦର, ଏହା ନିଜ ଆଖିରେ ଦେଖିଲି । ତାହା ଏପରି ହିଁ ସୁନ୍ଦର, ତା'ର ରେଖାୟତନ ଭଙ୍ଗୀ ଏପରି ହିଁ ଅନୁପମ ଯେ ସେଥିରୁ ଆଖି ଫେରାଇହେଲା ନାହିଁ । ପାଖର ବଡ଼ ଆଙ୍ଗୁଳିଟିରେ ସୁନା ମୁଦି, ତା' ମଝିରେ ରତ୍ନଖଚିତ ଚୁମ୍‌କୀ କାରୁକାର୍ଯ୍ୟ, ପୁଣି ତା'ର ଠିକ୍ ଉପରେ ସବୁ ଆଙ୍ଗୁଳିରେ ସେହିପରି ସୁନାର ମୁଦି, ସେହିପରି କାରୁକାର୍ଯ୍ୟ, ଆୟତନକ୍ରମେ ଚମତ୍କାର ଭଙ୍ଗୀରେ ପରିହିତ । ଅନ୍ୟ କେହି ନାରୀକୁ ଏସବୁ କିପରି ମାନିଥାନ୍ତା, ଜାଣେ ନାହିଁ; କିନ୍ତୁ ମୋ' ଦୃଷ୍ଟିରେ ଦୈବସମ୍ପଦ, ଅଲୌକିକ, ରୂପଲାବଣ୍ୟ ବ୍ୟତୀତ ଅନୁପମ ଶ୍ରୀଯୁକ୍ତ ଚରଣଯୁଗଳ ହିଁ ଯେପରି ବିଧାତାଙ୍କ ଅପୂର୍ବ ସୃଷ୍ଟି । ଏହି ନାରୀଙ୍କର ଯେଉଁ ଯେଉଁ ସ୍ଥାନରେ ଯେଉଁ ଯେଉଁ ଅଙ୍ଗର ଅଳଙ୍କାର ପରିଧାନ ଦ୍ୱାରା ଶୋଭାବର୍ଦ୍ଧନ କରୁଥିଲା, ସେଗୁଡ଼ିକ ଯଥାସ୍ଥାନରେ ପିନ୍ଧା ହୋଇ ନଥିଲେ ମଧ୍ୟ ଅଶୋଭନ ହୋଇ ନଥାନ୍ତା । ମଥାରେ କେଶଗୁଚ୍ଛକୁ ଚକିତ ହୋଇ ଦେଖୁଥିଲି— ଖଇରିଆ ରଙ୍ଗ ସହ ସୁବର୍ଣ୍ଣ ଓ ଲାଲ୍ ରଙ୍ଗର ମିଶ୍ରଣ—ଏହା ଛଡ଼ା ଜୁଡ଼ା

ବାମ ପାଖରେ ବନ୍ଧା । ସେହି ଜୁଡ଼ାର ଚତୁର୍ଦ୍ଦିଗରେ ନାନା ରତ୍ନଖଚିତ ଅଳଙ୍କାରର ଶୋଭା, ମୁକୁଟ ତୁଲ୍ୟ ଉଜ୍ଜ୍ୱଳ ରତ୍ନମଣ୍ଡିତ ଓ ସଜ୍ଜିତ । ତାହା ଯାହାର ହେଲେ ଦୃଷ୍ଟିକୁ ମୁଗ୍ଧ-ଚକିତ କରିବ ।

ତାଙ୍କ ଚାଲି ମଧ ଅଲୌକିକ, ବାୟୁରେ ଭାସିଚାଲିବା ପରି । ଏପରି ହାଲୁକା ଶରୀର ଯେ ମନେହୁଏ, ପୃଥିବୀର ସ୍ପର୍ଶ ସେଥିରେ ଲାଗିପାରିବ ନାହିଁ । ସେ ଠିଆହେବା ମାତ୍ରେ ଯୋଗୀ କହିଲେ, ''ହାମଲୋକ୍ ଉପର ଯାତେଁ, ଅବ୍ ଇହାଁ କୁଛ୍ ଖିଲାୟ ପିଲାୟ ତୋ ଦେ ।''

ନାରୀ-ପ୍ରତିମା ଯେପରି ସ୍ମିତ ବଦନରେ ସଙ୍ଗୀତର ମାଧୁରୀ ବିଞ୍ଚିଦେଇ କହିଲେ, 'ଆଚ୍ଛା' । ତା'ପରେ ଦକ୍ଷିଣ ହସ୍ତର ତର୍ଜନୀ ଦ୍ୱାରା ନିର୍ଦ୍ଦେଶ ଦେଇ ଝରଣାଧାର ନିକଟସ୍ଥ ସ୍ଥାନଟିକୁ ଦେଖାଇବା ସହ କହିଲେ, 'ବୈଠ ଯା ।' ତା'ପରେ ଧୀରେ ଧୀରେ ନୃତ୍ୟର ଛନ୍ଦରେ ସମୁଖସ୍ଥ ବୁଦାଆଡ଼କୁ ଚାଲିଗଲେ, ଆଉ ତାଙ୍କୁ ଦେଖିହେଲା ନାହିଁ ।

ମୋ'ର ସଙ୍ଗୀ ମୋତେ ସେତେବେଳେ ସଙ୍କେତ ଦେଇ ପଶ୍ଚାତବର୍ତ୍ତୀ ହୋଇ ଅଗ୍ରସର ହେବାକୁ ଆଦେଶ ଦେଲେ, ଦେବୀଙ୍କର ସେହି ନିର୍ଦ୍ଦେଶିତ ସ୍ଥାନ ଆଡ଼କୁ; ଆମେ ସେଠାକୁ ଗଲୁ ଓ ତାଙ୍କ ନିକଟରେ ମୁଁ ବସିପଡ଼ିଲି । ସଙ୍ଗେ ସଙ୍ଗେ ସେହି ଲାବଣ୍ୟବତୀ ଆବିର୍ଭୁତ ହେଲେ ଏବଂ ହାତରେ ଦୁଇଟି ପତ୍ରରେ ଖାଦ୍ୟ ଆଣି ଆମ ଦୁହିଁଙ୍କ ସମ୍ମୁଖରେ, ଅପରୂପ ଭଙ୍ଗିମାସହ, ରଖିଦେଇ କହିଲେ, ''ଖା' ଲେ ବାଚା, ଖା' ଲେ ।'' ଏହା କହି ପୁଣି ସେ ବୁଦା ଆଡୁଆଳକୁ ଚାଲିଗଲେ । ଚମତ୍କାର ଯୋଗାଯୋଗ, ଯେପରି ଏସବୁ ବ୍ୟାପାର ସ୍ୱାଭାବିକ, ଏପରି ହିଁ ହୁଏତ ହୋଇଥାଏ ।

ସେଠାରେ କୌଣସି କୁଟୀର ନଥିଲା, କୌଣସି ବସବାସ ନଥିଲା—ଏହା ମୁଁ ଭଲଭାବରେ ଉପଲବ୍ଧି କଲି । ଏହି ଘନ ବୁଦା ହିଁ ନେପଥ୍ୟ । କେବଳ ଟିକିଏ ଆଡୁଆଳରେ, ଲୋକଚକ୍ଷୁର ଅଗୋଚରରେ, ଯାତାୟାତ ଲାଗି ଏହି ବୁଦାରାସ୍ତାଟି ବ୍ୟବହାର ହେଉଥିଲା ବୋଧହୁଏ । ସେସବୁ କଥାରେ କୌଣସି ଆବଶ୍ୟକତା ନାହିଁ; ତେବେ, ବର୍ତ୍ତମାନ ଖାଇବା ପତ୍ରରେ କ'ଣ ଖାଦ୍ୟ ମିଳିଲା, ତାହାହିଁ କହୁଛି ।

ସବୁଠାରୁ ବଡ଼ ଏକ ସବୁଜ ପଦ୍ମପତ୍ର, ଏପରି ପଦ୍ମପତ୍ର ଏ ଅଞ୍ଚଳରେ ପ୍ରାୟ କେଉଁଠାରେ କେବେହେଁ ଦେଖାଯାଏ ନାହିଁ, ପୂର୍ବରୁ କିମ୍ବା ପରେ । ଏହି ପତ୍ରରେ ଥିଲା ଦୁଇଟି ଫଳ, ଖୁବ୍ ମିଷ୍ଟ ଫଳ— ଯେତେବେଳେ ଖାଇଲି, ମନେହେଲା, ଯେପରି ତାହା ଅମୃତର ହିଁ ସ୍ୱାଦ । ଆଉ ଗୋଲ୍ ଗୋଲ୍ ପୁରା ବଡ଼ ରୁଟି ପରି ଚାରିଖଣ୍ଡ—ସେଥିରେ ଗବ୍ୟଘୃତ ଲଗାହୋଇଛି—ସେଯାଏ ଥିଲା ଗରମ । ଏହା ମୋ' ପତ୍ରରେ ଥିଲା । ଆମର ଉଲଗ୍ନ ସଙ୍ଗୀଙ୍କ ପତ୍ରରେ କେବଳ ଦୁଇଟି ଫଳ ମାତ୍ର, ଆଉ କିଛିଟା ଗୋଲାକାର ଭଳି ଖାଦ୍ୟ । ଅବଶ୍ୟ ପଥଶ୍ରମରେ ମୋ'ର ଏତେଟା କ୍ଳାନ୍ତି ନ ଥିଲା, କିନ୍ତୁ କ୍ଷୁଧା ଯୋଗୁ

ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲି । ଏହି ସାମାନ୍ୟ ଭକ୍ଷଦ୍ରବ୍ୟକୁ ସଙ୍ଗେ ସଙ୍ଗେ ଗର୍ଭସ୍ଥ କରିଦେଲି । ପ୍ରଥମେ ଫଳ ଦୁଇଟିକୁ ଖାଇଲା ପରେ ଅନ୍ୟ ଯେଉଁ ଖାଦ୍ୟ ଖାଇଲି, ତା'ର ଗୁରୁତ୍ୱ ଅଳ୍ପ ସମୟ ମଧ୍ୟରେ ଜାଣିପାରିଲି । ଶରୀରରେ ଶକ୍ତି ଓ ସ୍ଫୁର୍ତ୍ତି ଅନୁଭବ କରିବାକୁ ବେଶୀ ସମୟ ଲାଗିଲା ନାହିଁ । ତା'ପରେ ପ୍ରଫୁଲ୍ଲତା ସହ ଏକ ମତ୍ତଭାବ ତଥା ସଚେତନତା ପ୍ରାପ୍ତି ଫଳରେ ଯାହା ହୋଇଥାଏ, ତାହାହିଁ ସଙ୍ଘଟିତ ହେଲା ମୋ' ଭିତରେ । ଆଉଥରେ ଗାଁଉନୀ ଦେବୀମୂର୍ତ୍ତିଙ୍କର ସାକ୍ଷାତ ପାଇବି ବୋଲି ବୁଦା ଆଡ଼କୁ ଚାହିଁ ଦେଖିଲି । ମୋତେ ଏପରି ଦେଖି ଭୋଜନରତ ମୋ'ର ଉଲଗ୍ନ ସଙ୍ଗୀ ପ୍ରଫୁଲ ମୁଖରେ ମୋତେ ଅନେଇଦେଇ ଈଷତ୍ ଭ୍ରୂକୁଟି ସଞ୍ଚାଳନ କଲେ । ବୁଝିନେଲି ଯେ ଆଉ ତାଙ୍କ ସହିତ ଦେଖା ହେବ ନାହିଁ ।

ଏହାପରେ ମୁଁ ଉଠିଯାଇ ଝରଣାଧାରଠାରୁ ତିନିଆଞ୍ଜୁଳା ପାଣି ପିଇନେଇ ଯିବାକୁ ପ୍ରସ୍ତୁତ ହୋଇ ଠିଆହେଲି, ଯୋଗୀବରଙ୍କ ନିକଟରେ । ମୋ'ର ସଙ୍ଗୀ ସେତେବେଳ ପର୍ଯ୍ୟନ୍ତ ଖାଉଥିଲେ । ଏତେ ଧୀରେ ଧୀରେ ସେ ଖାଇଚାଲିଥିଲେ ଯେ ମନେହେଲା ତାଙ୍କର କ୍ଷୁଧା ନଥିଲା, କିମ୍ବା ତାଙ୍କର ଖାଇବା ପରେ ମଧ୍ୟ ତାଙ୍କର ଯେପରି କାମ ନଥିଲା । ଯାହାହେଉ, ଏବେ ତାଙ୍କ ଖାଇବା ଶେଷ ହେବାମାତ୍ରେ ସେ, କିଛି ନ କହି, ଉଠି ଠିଆହେଲେ ଏବଂ ମୋ' ଆଡ଼କୁ ଅନେଇ ଆଗେଇବାକୁ ପାଦ ବଢ଼େଇଲେ । ଏବେ ଆମେ ଚାଲିଲୁ ପଡ଼ା ଆଡ଼କୁ—ତାହାଏହି ସ୍ଥାନରୁ ପ୍ରାୟ ୪ରୁ ୫ ମାଇଲ ଭିତରେ ।

ବଡ଼ ଆରାମରେ ଏବେ ବାଟ ଚାଲିଲି, ଏତେ ଆରାମରେ ଯେ ଏହି ରାସ୍ତାରେ ଚାଲିବାରେ ଆଜି ପ୍ରଥମେ ହିଁ ଉପଭୋଗ କରିକରି ଚାଲିଥିଲି । ପାଖେ ପାଖେ ଦେବଦାରୁ ଗଛ, ଖୁବ୍ ବିରାଟ ବିରାଟ, ସେଗୁଡ଼ିକଠାରୁ ଅଳ୍ପ ପାର୍ଥକ୍ୟରେ ତଳ ଆଡ଼େ ଶସ୍ୟକ୍ଷେତ୍ର ବିସ୍ତାରିତ । ଆଗରେ ଚାଲିଛନ୍ତି ସଙ୍ଗୀ ନଗ୍ନ-ଯୋଗୀ, ଦୁଇତିନି ହାତ ମାତ୍ର ପଛରେ ଚାଲିଛି ମୁଁ । ମୋ' ମନ ମଧ୍ୟରେ ଦୁଇଟି ଚିନ୍ତା ବଡ଼ ପ୍ରବଳ ଭାବରେ ଚାଲିଥିଲା । ପ୍ରଥମେ ସେହି ଗାଁଉନୀ ରୂପର ବିଷମ ଆକର୍ଷଣ—ତା'ପରେ ତାଙ୍କର ଅତିଥିସତ୍କାର, ପୁଣି ତାଙ୍କ ସହ ଏହି ଯୋଗୀଙ୍କର ସମ୍ବନ୍ଧ । ମୋ'ର ସେତେବେଳେ ପୂର୍ଣ୍ଣ ଯୌବନ ଅବସ୍ଥା, ତଦୁପରେ ଶିଳ୍ପୀର ମନ, ସେଥିଲାଗି ଯାହା ହେବା କଥା ।

ଯଦିଓ ପଥଚଲା ଉତ୍ସାହପ୍ରଦ, ତଥାପି ଆମେ ଧୀରେଧୀରେ ଚାଲୁଥିଲୁ । ଦ୍ରୁତ ଭାବରେ ଚାଲିବା ସମ୍ଭବ ନଥିଲା । କାର୍ଯ୍ୟତଃ ଧୀର ପଦକ୍ଷେପରେ ଚାଲିବାକୁ ଯେପରି ବାଧ୍ୟ, ଚିନ୍ତାତରଙ୍ଗର ଉତ୍ଥାନପତନ ମଧ୍ୟ ସେହିପରି ବାଧ୍ୟ । ମନ ଭିତରେ ଯେତେବେଳେ ଏହି ଚିନ୍ତାରାଜି ଉଦ୍‌ବେଳିତ ହେଉଥିଲା, ମୋ' ଅଗ୍ରବର୍ତ୍ତୀ ଯୋଗୀ ଟିକିଏ ଦୂରକୁ ଦେଖାଇଦେଇ କହିଲେ, ''ଓ୍ୱହ ପଡ଼ାଓ ଦେଖୋ ।''

ମୁଁ ଏବେ କହିଲି, ''ଜୀ ହାଁ ।''

ଏଥର ଯୋଗୀ ପଚାରିଲେ, ''ତୁ କ୍ୟା ଶୋଚତେ ? ଫିର୍ ତୁ କ୍ୟା ମାଙ୍ଗ୍‌ତା ?'' ଏପରି ଭାବରେ କହିଲେ, ଯେପରି ମୋ'ର ଆଉ କିଛି ମାଗିବାର ନାହିଁ– ଯାହା କିଛି ପାଇବା କଥା, ସବୁ ଯେପରି ମିଳିସାରିଛି ।

କହିଲି, ''ଏକ୍ ବାତ୍ ସମଜମେ ନହି ଆତି ।''

ଶୁଣିନେଇ ସେ କହିଲେ, ''କ୍ୟା ବାତ୍ ?''

''ୱହ 'ଗାଁଉନୀ ଗାଁଉନୀ' ବୋଲାନା, ଓର୍ ଖାନା ପିନା ମିଲ୍‌ନା, ଯବ ଉଁହା କୋଇ ଆଦମୀ ଭି ନହି, ଘର କୋଠରୀ ଭି ନହି, କୋଇ ଚୋପଡ଼ି ଭି ନହି, ଓ୍ୟୋ କୈସେ ହୁଆ ?''

ଏକଥା ଶୁଣି ସେ ଅନେକକ୍ଷଣ ଚୁପରହିଲେ–କିଛି ଉତ୍ତର ନ ଦେଇ ସେ କହିଲେ, ''ଔର କ୍ୟା ସଓୟାଲ୍ ତୁମ୍‌ହାରା, ବୋଲୋ ?''

ମୋ' କଥାକୁ ଏବେ ବଙ୍ଗଳାରେ ଅର୍ଥାତ୍ ମୋ' ନିଜ ଭାଷାରେ କହୁଛି । ମୁଁ କହିଲି, ''ଆପଣଙ୍କୁ ମୁଁ ଯୋଗୀ ବୋଲି ମନେମନେ ଜାଣିଛି–ଏପରିକି ମୋ'ର ମନେହୁଏ, ଆପଣ ସିଦ୍ଧଯୋଗୀ । ମୋ'ର ଯୋଗ ସମ୍ବନ୍ଧରେ କିଛି ହିଁ ଜ୍ଞାନ ନାହିଁ, ମୋ' ଦ୍ୱାରା କ'ଣ ଯୋଗସାଧନା ହୋଇପାରିବ, ଅନୁଗ୍ରହ କରି ମୋତେ କ'ଣ ଆପଣଙ୍କ ଶିଷ୍ୟ କରିବେ ?''

ସେ ପଚାରିଲେ, ''ତୁମର ବିବାହ ହୋଇଛି କି ?'' ଉତ୍ତର ଦେଇ ସ୍ୱୀକାର କଲି, ବିବାହ ହୋଇଛି । ''ସେତେବେଳେ ସେ ଘୃଣାବ୍ୟଞ୍ଜକ ଦୃଷ୍ଟି ହାଣି ମୋତେ ଏପରି ଭାବରେ ଅନେଇ ଗୋଟିଏ କଥା କହିଲେ, ଯାହାକୁ ଏଠାରେ ଲେଖି ପ୍ରକାଶକରିବା ସମ୍ଭବ ନୁହେଁ । ଗୋଟେ କଥା ହେଲା, ଦୁଇଦିନ ପରେ ସ୍ତ୍ରୀଙ୍କୁ ଧରି ଯାହାକୁ ଘରସଂସାର କରିବାକୁ ହେବ, ତା'ର ଆଉ ଏ ଯୋଗବିଦ୍ୟା ଦରକାର କ'ଣ ?

କଥାବାର୍ତ୍ତା କରୁକରୁ ଆମେ ଯମୁନାରେ ଆସି ପହଞ୍ଚିଲୁ । ପୁରା ସମୟ ଉତ୍ତୀର୍ଣ୍ଣ ହୋଇଗଲା ।

ସନ୍ଧ୍ୟାର ଅନ୍ଧକାର ଘୋଟିଆସିଲା, ଶୁକ୍ଳପକ୍ଷ ଚନ୍ଦ୍ରମା ଆକାଶରେ ବିରାଜମାନ କରିଥିଲା । ଯୋଗୀ ଗୋଟିଏ ପଥରଉପରେ ବସିଥିଲେ, ମୁଁ ତାଙ୍କ ସମ୍ମୁଖରେ । ଦୂରରେ ଦୋକାନ ଓ ଧର୍ମଶାଳା ଆଦି ଦୃଶ୍ୟମାନ ।

ହଠାତ୍ ମୋ' ମୁହଁରୁ ବାହାରିପଡ଼ିଲା, ''ଆପଣଙ୍କର କିଛି ଯୋଗର ବିଭୂତି ଦେଖିବାକୁ ମୋ'ର ଇଚ୍ଛା ହୁଏ ।'' କଥାଟା କହିଦେଇ, ନିଜେ ଯେପରି ଚାବୁକ୍ ମାଡ଼ ପାଇଲି; ଏ ଆଡ଼େ ଏକଥା ଶୁଣି ସେ ମୋ' ଆଡ଼କୁ ଏପରି ତୀକ୍ଷ୍ଣ ଦୃଷ୍ଟିରେ ଦେଖିଲେ ଯେ ମୋ' ଶରୀରର ସମସ୍ତ ସନ୍ଧି, ଏପରିକି ମର୍ମସ୍ଥଳ, ହୃଦୟ ପର୍ଯ୍ୟନ୍ତ ଆଲୋଡ଼ନ ସୃଷ୍ଟି

ହେଲା । ଏହାପରେ ଭୟ ଉଦ୍ରେକ ହେଲା । ମୁଁ ଭୟରେ ନିର୍ବାକ, ନିମ୍ନଦୃଷ୍ଟି, ନୀରବ ହୋଇ ବସିରହିଲି, ସେତେବେଳେ ଛାତି ଧଡ୍‌ପଡ୍ କରୁଥିଲା ।

ସେ କହିଲେ, ''ଆରେ ଅନ୍ଧା ! ତୁ କ୍ୟା ଦେଖା ? ଭୂକେ ମରତେ ବଖ୍‌ତ୍, ଗାଁଉନୀ ମିଲି ନହିଁ ? ବହ ଖିଲାୟା-ପିଲାୟା ନହି ? ଅବ୍ ଥଣ୍ଡା ହୋକେ ଯୋଗ ବିଭୂତି ମାଙ୍ଗ୍‌ତା ! ତୁ ଅନ୍ଧା, ବାଙ୍ଗାଲୀ ଲୌଣ୍ଡେ !''

ପରକ୍ଷଣରେ ଯୋଗୀଙ୍କର ଆଉ ସାକ୍ଷାତ ମିଳିଲା ନାହିଁ, ଅଥଚ ସେଠାରୁ ତାଙ୍କୁ ଉଠିଯିବା ଦେଖିନାହିଁ । ମୋ' ପ୍ରାଣ ଯେପରି ଶୂନ୍ୟ ହୋଇଗଲା—ସେହି ଘଟଣାର ବେଦନା ମୋ' ସ୍ମୃତିରେ ଆଜି ପର୍ଯ୍ୟନ୍ତ ଉଦ୍‌ଜୀବିତ ରହିଛି ।

■■

ତ୍ରିଂଶ ପରିଚ୍ଛେଦ

ଧର୍ମ-ବୈଚିତ୍ର୍ୟ

କାର୍ତ୍ତିକ ମାସ, ସେତେବେଳେ ଶୀତର ପ୍ରଥମ ମଧୁର ସ୍ପର୍ଶ । ପ୍ରଫୁଲ୍ଲ ମନ, ସୁସ୍ଥ ଶରୀର, ପୁଣି ମନରେ ଉଦ୍ଦାମ ଆଶା ନେଇ ହିଁ ପଶ୍ଚିମାଞ୍ଚଳର ତୀର୍ଥମାନଙ୍କରେ ଭ୍ରମଣ କରୁଛି । ଏବେ ବୃନ୍ଦାବନ ଯାଉଛି– ମଥୁରାରେ ଦିନେ ଦୁଇଦିନ ରହିବି, କେଶବମନ୍ଦିର ପରିସରରେ,ଯେଉଁ ପୂଣ୍ୟକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିଲେ, କଂସ ରାଜ୍ୟର ଯେଉଁ କାରାଗାରରେ ଦ୍ୱାପର ଯୁଗରେ ଭୂମିଷ୍ଠ ହୋଇଥିଲେ, ସେହି ଚିହ୍ନିତ ସ୍ଥାନ ଯେଉଁଠାରେ ଆବିଷ୍କୃତ ହୋଇଛି । ଏସବୁ ଦେଖିଲା ପରେ ବୃନ୍ଦାବନ ଯିବି । ଏକୁଟିଆ ଲୋକ, ଆଶ୍ରୟର କୌଣସି ହଙ୍ଗାମା ନାହିଁ– ଗୋଟିଏ ଧର୍ମଶାଳାରେ ଉଠିପଡ଼ିଲି । ଯମୁନାରେ ସ୍ନାନ ସାରି, ବିଶ୍ରାମଘାଟର ଦେବମନ୍ଦିରରେ ପ୍ରସାଦ ପାଇ, ବାହାରିପଡ଼ିଲି କେଶବ ମନ୍ଦିର ଦେଖିବାକୁ ।

ସୁପ୍ରାଚୀନ ଏହି ମନ୍ଦିର ଏବଂ କଂସ କାରାଗାରର ସ୍ଥାନମାନଙ୍କୁ ନେଇ ବାହାରେ ଏତେ ହଇଚଇ ହେଉଛି, ଅଥଚ ସେଠାକାର ସ୍ଥାନୀୟ ଅଧିବାସୀମାନଙ୍କ ଭିତରେ କାହାର କୌଣସି ଧାରଣା ନାହିଁ ଏ ସମ୍ବନ୍ଧରେ । ଏହା ଛଡ଼ା ସେଠାରେ ମୁସଲମାନ ବସ୍ତି, ଏକ୍କା, ଟାଙ୍ଗା ପ୍ରଭୃତି ରଖିବା ସ୍ଥାନ; ପୁଣି ଗରୀବ ଶ୍ରମଜୀବୀମାନଙ୍କର ଯାତାୟାତ–ଚଉରା ପରି ସ୍ଥାନଟିଏ, ଏହାର ଚାରିଦିଗରେ ଛୋଟ ଛୋଟ ଦୋକାନ ।

ମନ୍ଦିରଟି କେବେଠାରୁ ଧ୍ୱଂସ ହୋଇଯାଇଛି । ବର୍ତ୍ତମାନ ଏକ ଗୁଆଲାର ଖାଟାଲ-ସଂଲଗ୍ନ କିଛିଟା ଉଚ୍ଚଭୂମି । ତାହାକୁ ନେଇହିଁ ବଡ଼ ଧରଣର ଏକ କୀର୍ତ୍ତି–ଶ୍ରୀକୃଷ୍ଣଙ୍କ ନାମରେ ପ୍ରତିଷ୍ଠାର ଚିନ୍ତା, ତା'ର ହିଁ ଆୟୋଜନର ଗୁଜବ ଚାଲିଛି । ଯାହା ଦେଖିଲି, ତାହା କଳ୍ପନାର ପୂରା ବିପରୀତ–ତୃପ୍ତି ମିଳିଲା ନାହିଁ, ବରଂ ଏ ସ୍ଥାନରେ ମୋ' ଆସିବା ଏକବାର ହିଁ ବୃଥା ହୋଇଛି ଭାବି କ୍ଳାନ୍ତି ଅନୁଭବ କଲି । କମ୍ ନୁହେଁ, ଦୁଇଟାରୁ ପାଞ୍ଚଟା ପର୍ଯ୍ୟନ୍ତ, ଘୂରିଘୂରି ପ୍ରାୟ ତିନୋଟି ଘଣ୍ଟା ବୃଥାରେ କଟାଇଲି । ଶେଷରେ କିପରି ଏକ ନୈରାଶ୍ୟଜନିତ ଅବସାଦ ଅନୁଭବ କରି ଯମୁନାପୁଲିନର ରାସ୍ତାରେ ପାଦବଢ଼ାଇଲି ।

ହାତ, ପାଦ, ନାକ, କାନ, ମୁହଁ, ଆଖିରେ ରାସ୍ତାର ଯେତେ ଧୂଳି, ଯମୁନାରେ ଧୋଇ ସ୍ନିଗ୍ଧ ହେଲି ଏବଂ ଯମୁନାର ବିଶ୍ରାମଘାଟରେ ସ୍ଥିର ଭାବରେ ବସିରହିଲି । ଏହାପରେ

ସନ୍ଧ୍ୟା ଆରତି ଉପଭୋଗ କଲି । ଏହି ଆରତି ପୂର୍ବେ ଦେଖିଥିଲି, ମାତ୍ର ଆଜି ଏକ ନୂତନତ୍ୱର ସନ୍ଧାନ ଯେପରି ମିଳିଲା । ସାତ୍ତ୍ୱିକ ଉପାସନା ସଙ୍ଗେ ଅପୂର୍ବ ଶିଳ୍ପ ରଚନାର ସମାବେଶ— ଏପରି ବ୍ୟବସ୍ଥା ଭାରତର ଅନ୍ୟ କୌଣସି ତୀର୍ଥସ୍ଥାନରେ ନାହିଁ । ହରିଦ୍ୱାର ବ୍ରହ୍ମକୁଣ୍ଡ ଘାଟରେ ମଧ୍ୟ ଆରତି ବ୍ୟବସ୍ଥା ଅଛି । ହିମାଳୟର ପାଦଦେଶରେ ଗଙ୍ଗାର ବିରାଟ ଉପତ୍ୟକା ଉପରେ ସେହି ଆରତିର ଅନୁଷ୍ଠାନ ଅତ୍ୟନ୍ତ କ୍ଷୀଣ । ପ୍ରକୃତରେ ବିଶାଳତା ମଧ୍ୟରେ ସେହି ଗମ୍ଭୀର ଜଳକଲ୍ଲୋଳ ଯେପରି ସହଜରେ ମିଳେଇଯାଏ, ଆରତିର ଦୀପଗୁଡ଼ିକ ସେପରି ମିଳେଇପାରେ ନାହିଁ—କ୍ଷୁଦ୍ର, ଅବାନ୍ତର ହୋଇଯାଇଥାଏ । କିନ୍ତୁ ଏଠାରେ ବିଶ୍ରାମଘାଟର ଆରତି ଶେଷରେ ଯମୁନାକୁ ତା'ର ଅଙ୍ଗ ସହ ମିଳେଇ ଦେଇ ଯେପରି ଏକହିଁ କରିଦେଇଥାଏ । ଆରତି ପରେ ହିଁ ତା'ର ରେଶ ଅନେକକ୍ଷଣଯାଏ ରହିଥାଏ । ବସିବସି ଏକ ଅପୂର୍ବ ତନ୍ମୟତା ଅନୁଭବ କରୁଥିଲି ।

କିଛି ଭିଡ଼ ଜମିଥିଲା । କ୍ରମେ ତାହା କ୍ଷୀଣ ହେବାରେ ଲାଗିଲା । ଘଣ୍ଟର ତାଳମାନ ଆଉ କିଛି ନ ଥିଲା, ଯାହାର ଯାହା ଯେତେବେଳେ ଖୁସି ତାଳବେତାଳରେ ଧ୍ୱନିଠିଚାଲିଲା ଠଂ ଠଂ, ଠଂ ଠଂ । ଅନେକ ନରନାରୀ ଆସିଲେ, ପୁଣି ଫେରିଗଲେ । କେତେକ ପୌଢ଼ ଘାଟର ପାହାଚରେ ସନ୍ଧ୍ୟା-ବନ୍ଦନାରେ ବସିଯାଇ, କିଛିକ୍ଷଣ ପରେ ଆଚମନ କରି ଚାଲିଗଲେ । କେତେକ ଦେଶୀ-ବିଦେଶୀ, ମଧୁରହାସିନୀ, କେତେଜଣ ମଥୁରାବାସିନୀ ଆନନ୍ଦର ରେଶକୁ ବିଛାଇଦେଇ ଚାଲିଗଲେ । ଦେଖିଲି— ପ୍ରାୟ ଗୋଟିଏ ପ୍ରହର ବିତିଯିବା ପରେ ଧର୍ମଶାଳାକୁ ଯିବାକୁ ଇଚ୍ଛା କରି ଉଠିପଡ଼ିଲି ।

ଘାଟ ନିକଟରେ ରାସ୍ତା ଉପରେ ଠିଆହୋଇଥିଲେ ଜନୈକ ମୁସଲ୍‌ମାନ—ସାଧାରଣ ନୁହନ୍ତି, ଭଦ୍ର ଏବଂ କିଛିଟା ଆଧୁନିକ ବୋଲି ମନେହେଲା । କଞ୍ଚା-ପାକଲା ସୁସଂଯତ ଦାଢ଼ି-ମୁଛ ପଶ୍ଚିମା ମୁସଲମାନଙ୍କ ପରି, ରୌଦ୍ରଦଗ୍ଧ ଲାଲ୍ ମୁହଁ, ସେଥିରେ ଛୋଟ ଚକ୍ଷୁଦ୍ୱୟରେ ତୀକ୍ଷ୍ଣ ଦୃଷ୍ଟି । ମନେହେଲା, ଯେପରି କିଛି ହରାଇଦେଇଛନ୍ତି, ତାହାର ଅନୁସନ୍ଧାନରେ ତତ୍ପର— ଏହି ଭାବଟି ସ୍ପଷ୍ଟ । ମୋ' ଆଡ଼କୁ ମଧ୍ୟ ତାଙ୍କର ଲକ୍ଷ୍ୟ ଥିବାର ଦେଖିଲି । ଦୁଇଜଣ ସାମ୍‌ନାସାମ୍‌ନି ହେବା ସଙ୍ଗେସଙ୍ଗେ ମୋତେ ଅନିସନ୍ଧିତ୍ସୁ ଅଥବା କୌତୁହଳୀ କରିତୋଳିଲା । ଧୀରେ ଧୀରେ ଆସି ତାଙ୍କ ସମ୍ମୁଖରେ ଠିଆହୋଇଗଲି । ପ୍ରୌଢ଼ ହେଲେ ହେଁ ଚେହେରାରେ ଏକ ଭବ୍ୟତା ଥିଲା । ପାନ-ଦୋକ୍ତାର ରସରେ ଓଠ ପ୍ରାୟ କଳା ପଡ଼ିଯାଇଛି । ପୁନଶ୍ଚ ସେହି ତୀକ୍ଷ୍ଣ ଦୃଷ୍ଟି—ମୋ' ଶିରଠାରୁ ତଳିପା ପର୍ଯ୍ୟନ୍ତ ନିରୀକ୍ଷଣ କରିଦେଇ, ନିଜର ମୁଠାକୁ ମୁହଁ ପାଖକୁ ଆଣି କିଛି ସମୟଯାଏ କାଶିଲେ—ଯେପରି ଧଇଁ କାଶରେ ହୋଇଥାଏ । ତା'ପରେ ମୋ' ଆଡ଼କୁ ଚାହିଁଦେଇ ଏପରି ଠିଆହୋଇ ରହିଗଲେ, ଯେପରି ମୋତେ ହିଁ ପ୍ରଥମେ କଥା କହିବାକୁ ପଡ଼ିବ—ଗରଜଟା ଯେପରି ମୋ'ର ! ମୁଁ ସେତେବେଳେ ହିନ୍ଦୀରେ ପ୍ରଶ୍ନ କଲି, ''ଆପ୍ ଇହାଁ କାଇକୋ ଶୋଚତା ହୋଗା, ମୁଝକୋ ଐସା ମାଲୁମ ହୋତା !''

'ଜୀ ହାଁ'—କେବଳ ଏତିକି କହିଦେଇ ଚୁପ୍ ହୋଇଗଲେ । କିଛି ସମୟ ପରେ ସେ ପଚାରିଲେ, 'ଆପଣ କ'ଣ ବଙ୍ଗାଳୀ ?'

ଏହି 'ବଙ୍ଗାଳୀ' ଶବ୍ଦଟି ଏପରି କଟୁ, ବିଦ୍ୱେଷଭାବପୂର୍ଣ୍ଣ ଯେ ଶୁଣିଲାମାତ୍ରେ ହିଁ ଯେପରି କିଛି ଅସ୍ୱସ୍ତି ଅନୁଭବ କଲି । ଏହା ସତ୍ତ୍ୱେ ଉତ୍ତର ଦେଲି, 'ଜୀ ହାଁ' । ଏହିଠାରୁ ମୋ' କଥା ଆଉ ହିନ୍ଦୀରେ ନ କହି ନିଜ ଭାଷାରେ କହିବି, କଥା ଅନେକ, ପୁଣି ଆମ ସମସ୍ତଙ୍କ ପକ୍ଷରେ ଏ ଅଞ୍ଚଳର ଉର୍ଦ୍ଦୁ-ହିନ୍ଦୀ ସେପରି ରୁଚିକର ନୁହେଁ ।

ସେ କହିଲେ, ''ବୋଧହୁଏ ମଥୁରା-ବୃନ୍ଦାବନ ତୀର୍ଥକୁ ଆସିଛନ୍ତି ?'' ଉତ୍ତର ଦେଲି । ସେ ପୁଣି କହିଲେ, 'କଲିକତାର ଲୋକ ?' ସ୍ୱୀକାର କଲି । ମନରେ ସନ୍ଦେହ ଟିକିଏ ହେଲା, ପୁଲିସ ନୁହେଁ ତ ? ଏହା ପୂର୍ବରୁ ସେହିପରି ଅଭିଜ୍ଞତା ମୋ'ର ଯଥେଷ୍ଟ ଥିଲା— ବଙ୍ଗ-ସନ୍ତାନଙ୍କର ବିଦେଶରେ ମଧ୍ୟ ରକ୍ଷା ନାହିଁ !

ସେ ଆଉ କିଛି ନ କହି ଥରେ ଚାରିଆଡ଼କୁ ଚାହିଁନେଇ, ତା'ପରେ କିଛିଟା ଚେଷ୍ଟା କରି ସାମାନ୍ୟ ବିନୟ ଭାବରେ ନରମ ଗଳାରେ କହିଲେ,—''ସାଧୁଜୀ, ବଡ଼ ଫାଟକ ନିକଟରେ ହିଁ ମୋର ଗରିବଖାନା । କିଛି କହିବାକୁ ଅଛି । ଅନୁଗ୍ରହ କରି ଟିକିଏ ଯିବେ କି ?''

ଗରିବଖାନା ! ବିନୟ ବଚନ । ଶୁଣିଦେଇ ମନେହେଲା, ହୁଏତ ଦୌଲତଖାନା ହିଁ ହୋଇଥାଇପାରେ ।

ନିକଟରେ ବଡ଼ ଫାଟକ । ସୁତରାଂ ଅଳ୍ପ ସମୟ ଭିତରେ ତାଙ୍କର ଦୌଲତଖାନାରେ ପହଞ୍ଚିଯାଇ ଯେଉଁ ଦୃଶ୍ୟ ଦେଖିଲି, ଆଉ ଅଗ୍ରସର ହେବାକୁ ଉତ୍ସାହ ରହିଲା ନାହିଁ । ମଣିଷର ଚେହେରା ଓ ବେଶଭୂଷା ସଙ୍ଗେ ଆବାସସ୍ଥାନର ସମ୍ପର୍କ ଯେ କେତେ ବିପରୀତ ହୋଇପାରେ, ଆଉ ସେହି ବୈଶମ୍ୟ ଯେ କେତେ ତୀବ୍ର, ତାହା ନ ଦେଖିଲେ ବିଶ୍ୱାସ ହେବନାହିଁ, ହେବା କଥା ମଧ୍ୟ ନୁହେଁ । ସେକଥା ଥାଉ, ବର୍ତ୍ତମାନ ମୋ' ମନରେ ଏକ ବିପ୍ଳବ ସୃଷ୍ଟି ହେଲା । କହିଲି—ଯମୁନାକୂଳକୁ ଚାଲନ୍ତୁ । ସେଇଠି ଗୁମୁଟିରେ ବସି କଥାବାର୍ତ୍ତା କରିପାରିବି । ସେ ମନକଥା ବୁଝିପାରିଲେ ଏବଂ ତତ୍‌କ୍ଷଣାତ୍ ରାଜି ହୋଇଗଲେ । ସୁତରାଂ ପୁଣି ଆମେ ଯମୁନାକୂଳକୁ ଆସି ଗୋଟିଏ ଆଚ୍ଛାଦିତ ଚଉତରାରେ ବସିଲୁ । ପାଖରେ ରେଳପୋଲଟି ଥିଲା— ଗାଡ଼ି ପାର୍ ହୋଇଗଲା । ଭଦ୍ରବ୍ୟକ୍ତି ସେହି ଦିଗକୁ ଚାହିଁରହିଲେ । ମୋ' ଚିତ୍ତ ଏବେ ଅସ୍ଥିର ହୋଇଉଠିଲା । କହିଲି, ''ଏବେ ଯାହା କହିବାର କଥା, କୁହନ୍ତୁ ।''

''ହଁ କହୁଛି ସାଧୁଜୀ—ମୋ'ର ଗୋଟିଏ ପୁଅ—ଗୋଟିଏ ମାତ୍ର ସେ । ଆଜିକୁ ଦଶବାରଦିନ ହେବ ସେ ନିରୁଦ୍ଦେଶ—''

ଶୁଣିନେଇ ଉତ୍ତର ଦେଲି, ''ମୁଁ ସେଥିଲାଗି କ'ଣ କରିପାରିବି ?'' ସେ ଅତି କାତରସ୍ୱରରେ କହିଲେ, ''ଶୁଣନ୍ତୁ, ଆପଣ ସବୁ କଥା ଶୁଣିବାପରେ ଯାହା ଇଚ୍ଛା, ମୋତେ କହିବେ ।'' ସେ ତାଙ୍କର କାହାଣୀ କହିବାରେ ଲାଗିଲେ ।

''ମୋ' ପୁଅ କଥା ବଡ଼ ଅଦ୍ଭୁତ । ତା'ର ସ୍ୱଭାବ ଥିଲା ଖୁବ୍ ଅଦ୍ଭୁତ ପ୍ରକାରର । ଆମେ ମୁସଲମାନ—ଆପଣ ଜାଣିପାରିବେ ନାହିଁ, ଆମେ ବାଦଶାହାଙ୍କ ଜାତି, ସୁଲତାନ ଅମଳରୁ ଦିଲ୍ଲୀରେ ଆମର ପ୍ରଭାବ-ପ୍ରତିପତ୍ତି ହୁକୁମତ୍ ପ୍ରାୟ ସାରା ହିନ୍ଦୁସ୍ଥାନରେ ଚାଲୁଥିଲା । ଜାଫରାଇନ ଲାଟ୍ ଆମକୁ ଜାଗିରୀ ଦେଇ ଆଗ୍ରାରେ ରଖାଇଥିଲେ—ଆଖବର୍‌ରେ ଏହି ସବୁ କଥା ଛପା ଲିପିରେ ଲେଖା ଅଛି ।''

ମୋତେ ଏସବୁ କଥା ଅସହ୍ୟ ଲାଗିଲା । ଏହିସବୁ କଥାରୁ ରକ୍ଷାପାଇବା ଲାଗି ବ୍ୟାକୁଳ ହୋଇ ପ୍ରାର୍ଥନା ସୂଚକ କଣ୍ଠରେ କହିଲି, ''ଦୋହାଇ ଶାହାଜାଦା ସାହେବ, ଏବେ ଆପଣ ପୁଅର କଥା...''

''ହଁ, ହଁ, ସେହି କଥା କହୁଛି, କିନ୍ତୁ କ'ଣ କହିବି ଠାକୁରଜୀ, ଖାନ୍‌ଦାନ୍‌ର କଥାଟା ନ ଜାଣିଲେ, କେତେ ବଡ଼ ଘରର ପୁଅ ହୋଇ ସେ କିପରି ମୁର୍ଖ ପରି କାମ କରିଛି, ତାହା କିପରି ବୁଝିପାରିବେ ? ତେଣୁ ମୂଳରୁ କଥାଟା...''

ମୁଁ ହାତଯୋଡ଼ି କହିଲି, ''ଏବେ ଯଦି ଅସଲ କଥା ଆରମ୍ଭ କରନ୍ତି, ତେବେ...''

ସେ ପୁଣି ଆରମ୍ଭ କଲେ, ''ହଁ, ତାହାହିଁ କହୁଥିଲି । ଏହି ଯେଉଁ ଆମର ଧର୍ମ—ସାରା ଦୁନିଆଁରେ ଗୋଟିଏ ସମୟରେ ଏହି ଇସଲାମ ଧର୍ମକୁ ହିଁ ଗ୍ରହଣ କରିବାକୁ ହେବ—ନହେଲେ କେହି କେଉଁଠାରୁ ଉଦ୍ଧାର ପାଇବେ ନାହିଁ । ଆମେ ସେହି ମୁସଲ୍‌ମାନ— ହିନ୍ଦୁ ଆମ ଦୃଷ୍ଟିରେ କାଫେର୍—ପ୍ରତ୍ୟେକ ହିନ୍ଦୁ, ସେ ଯେତେବଡ଼ ହୋଇଥାନ୍ତୁ ନା କାହିଁକି, ଆମେ ସେମାନଙ୍କୁ କେବଳ କାଫେର ବୋଲି ଜାଣୁ । ଆମର ମୋଲ୍ଲାମାନେ ସେମାନଙ୍କର ଛାୟା ମଧ ସ୍ପର୍ଶ କରନ୍ତି ନାହିଁ । ଆମର ଏହି ଖୋଦାଙ୍କର ଅନୁଗ୍ରହପୂର୍ଣ୍ଣ ଧର୍ମର ମହିମା କଥା କାଫେରମାନେ ଯଦି ବୁଝିପାରି କେବେ ଏହି ଧର୍ମ ଗ୍ରହଣ କରନ୍ତି, ତା'ହେଲେ ସେମାନଙ୍କୁ ଆମେ, ଆପଣା ଲୋକ ଭାବେ ଗ୍ରହଣ କରିନେଉ । ତଥାପି ଏହିସବୁ କାଫେରମାନଙ୍କ ସହ ଆମର ବନ୍ଧୁତ୍ୱ ଚଳେ ନାହିଁ—''

ଅସହ୍ୟ ! କି ଯନ୍ତ୍ରଣାରେ ପଡ଼ିଲି ! କିନ୍ତୁ କିଛି ଉପାୟ ନଥିଲା, ଶୁଣିବାକୁ ହିଁ ପଡ଼ିବ । ଏବେ ତାଙ୍କ ଧର୍ମ ମହିମା ଭାଷଣରେ ଫସିଚାଲିଲି । ଫଳତଃ ଏହି ସ୍ରୋତରେ ପଡ଼ି ମୋ' ଭିତରେ କୌଣସି କୌତୁହଳ ମଧ ରହିଲା ନାହିଁ—ତାଙ୍କ ପୁଅ ବିଷୟରେ ପୁଣି ଅଦ୍ଭୁତ ଗଳ୍ପ ଶୁଣିବି ! କିଛି ସମୟ ଶୁଣିଲା ପରେ ଅସହ୍ୟ ହେଲା । କହିଲି, ''ଆଚ୍ଛା ଆପ୍ ବୈଠିୟେ, ଅବ୍ ହମ୍ ଘର ଯାୟଗା''—କହିଦେଇ ଉଠିପଡ଼ିଲି ଏବଂ ଥରେ ହାତ ଟେକିଦେଇ ସଲାମର ଭାବ ଦେଖାଇଲି ।

ସେ ବ୍ୟକ୍ତି ଅବାକ୍ ହୋଇ, ମୁଁ ଯେପରି କିଛି ବେହେଡ଼ା କାମ କରିଛି, ସେହିପରି ଭାବ ନେଇ, ଚାହିଁରହିଲେ, ତା'ପରେ କହିଲେ, ''ବୈଠିୟେ, ବର୍ତ୍ତମାନ କେବଳ ପିଲା କଥାହିଁ କହୁଛି ।''

ବାଧ ହୋଇ ବସିବାକୁ ପଡ଼ିଲା, ସେ ସେତେବେଳେ ଆରମ୍ଭ କଲେ, ''କ'ଣ ଜାଣନ୍ତି, ଆମର ଉଦାର ଧର୍ମ ସଙ୍ଗରେ ହିନ୍ଦୁଙ୍କର ପ୍ରତିମା-ପୂଜା ଧର୍ମର ତୁଳନା ହିଁ ହୋଇପାରେନା । କୋରାନ୍ ସରିଫରେ ଆମର ବିଶ୍ୱାସ । ସେଥିରେ କୁହାଯାଇଛି ଯେ ହିନ୍ଦୁମାନେ କେବେହେଲେ ସ୍ୱର୍ଗକୁ ଯାଇପାରିବେ ନାହିଁ, ସେମାନଙ୍କୁ ଜାହାନ୍ନମକୁ ଯିବାକୁ ପଡ଼ିବ । ସେଥିଲାଗି ଯେଉଁମାନେ ଆମ ଘରୁଆ ଘରର ପିଲା, ସେମାନେ ବାଲ୍ୟକାଳରୁ ଯେପରି ଧର୍ମରେ ମତି ଠିକ୍ ରଖିପାରିବେ, ତାହା ଶିକ୍ଷାଦେବାକୁ ପଡ଼ିଥାଏ ।'' ଦେଖିଲି, ଭିତରେ ଏକ ପ୍ରବଳ ରୋଗ ତା'କୁ ପୀଡ଼ା ଦେଉଛି, ନ କହିଲେ ନିଷ୍କୃତି ନାହିଁ ।

ମୁଁ ବ୍ୟଗ୍ରଭାବେ କହିଲି, ''ଏଥର କହନ୍ତୁ ଆପଣଙ୍କ ପୁଅ କଥା ।''

ହଁ, ତେଣୁ କହୁଛି, ମୋ' ପୁଅଟିର ନାଁ ଦାଦାର୍ ରହମାନ୍, ଯିଏ ମୋକ୍ତିଆର୍ ଲେଖାପଢ଼ା କରିଥାନ୍ତା, ଦୁଇ-ତିନିଖଣ୍ଡ ଇଂରାଜୀ ବହି ମଧ୍ୟ ପଢ଼ିଥିଲା, ତା'ର ସ୍ୱଭାବ ଶାନ୍ତ, ସମସ୍ତେ ତାକୁ ଭଲପାଉଥିଲେ, ଟିକିଏ ଲାଜକୁଳା ଥିଲା, ସେପରି କଥାବାର୍ତ୍ତା କରୁନଥିଲା । ଆମେ ତାକୁ କଡ଼ା ଶାସନରେ ରଖିଥିଲୁ । ଆମ ଖାନ୍‌ଦାନର ନିୟମହିଁ ତାହା । ଆମର ବିଶ୍ୱାସ ଥିଲା ଯେ ସେ ଜଣେ ଖାଣ୍ଟି ମୁସଲମାନ ହେବ । ଏବେ ତା'ର ବୟସ ପ୍ରାୟ ୧୬ ବର୍ଷ ହେବ । ଦିନେ ସେ ତା' ମା' ପାଖରେ ଏକ ବେହେଡ଼ା ପ୍ରଶ୍ନ କରିବସିଲା । ସେ କ'ଣ କହିଲା ଜାଣନ୍ତି ?'' କହିଦେଇ ଆଁ କରି ସେ ମୋ' ଆଡ଼କୁ ଅବାକ୍ ହୋଇ ଅନେଇଲେ, ମୁଁ ମଧ୍ୟ ଅବାକ୍ ହୋଇ ପଡ଼ିଛି କି ନାହିଁ ଦେଖିବାକୁ ।

ମୁଁ କହିଲି, ''କିପରି ଜାଣିବି ? ମୁଁ ତ ସେତେବେଳେ ସେହି ସ୍ଥାନରେ ନ ଥିଲି ।''

''ସିଏ କ'ଣ କହିଲା ଜାଣିଲେ ? କହିଲା, ଆମ୍ମା, ତୁମେ ହିନ୍ଦୁମାନଙ୍କୁ କାଫେର କାହିଁକି କୁହ ? ତୁମକୁ ଆଜି କହିବାକୁ ପଡ଼ିବ । ଆମ୍ମା ତ ସ୍ତ୍ରୀଲୋକ, ସେ କିଛି କହିପାରିଲେ ନାହିଁ । ରାତ୍ରିରେ ମୋତେ କହିଲେ ଯେ ପୁଅ ଏକଥା ପଚାରିଛି । ଶୁଣିନେଇ ମୋ'ର ଦେହ ଜଳିଉଠିଲା, ଏକବାର ତା' କାନ ଧରି ଘିଡ଼୍‌ଘିଡ଼୍ କରି ଟାଣିନେଇ ଉପରକୁ ଯାଇ ସଟାସଟ୍ ବେତରେ ପିଟିବାକୁ ଲାଗିଲି ଓ କହିଲି, ଯିଏ ଏହି ପବିତ୍ର ଇସ୍‌ଲାମ ଧର୍ମକୁ ବିଶ୍ୱାସ ନ କରି ପ୍ରତିମା ପୂଜା କରେ, ତା'କୁ କାଫେର କୁହାଯାଏ, ଏକଥା କୋରାନରେ ଅଛି । ତୁ ଆଉ କେବେ ଏ ପ୍ରଶ୍ନ କରିବୁ ? ହିନ୍ଦୁଙ୍କ ନାମ ନେବୁ ? ସିଏ ପଦେ କଥା କହିଲା ନାହିଁ, ମୋ' କଥାର କୌଣସି ଉତ୍ତର ମଧ୍ୟ ଦେଲାନାହିଁ । ମୋତେ ଧଇଁ ଧରିନେଲା,'' କହିଦେଇ ତାଙ୍କର ଦମା ଉଠିଲା । ତା'ପରେ କହିଲେ, ''ଆମେ ଖୋଦା ତାଲ୍ଲାର ପୟଦା ଜୀବ, ଆମ ପିଲାଙ୍କ ମୁହଁରେ ପୁଣି ଏପରି କଥା !''

''ଥାଉ ସେକଥା, ବର୍ତ୍ତମାନ ପିଲାଟି ସେହିଦିନ ଠାରୁ ଆଉ କାହାକୁ କୌଣସି କଥା ପଚାରୁ ନାହିଁ— କିପରି ଏକ ଗମ୍ଭୀର ଭାବ । କାହା ସଙ୍ଗେ କଥା ନ କହି ଚୁପଚାପ୍ ହୋଇ ଦିନ କାଟିବାକୁ ଲାଗିଲା । ମୁଁ ମନେକଲି, ଏପରି କଡ଼ା ଶାସନରେ ତା'ର ଜ୍ଞାନ ଉଦୟ ହୋଇଛି ।''

''କାସେମ୍ ବୋଲି ମୋ'ର ଜଣେ ଭାଇ-ପୁଅ, ସେ ତା' ସାଙ୍ଗରେ ପଢୁଥାଏ । କାସେମ୍ ଏ ବୟସରେ ପାଞ୍ଚଥର ନମାଜ ପଢ଼େ । ଆମେ କିନ୍ତୁ ତାହା କରିପାରୁନା । ସେ ଖୁବ୍ ଉଚ୍ଚଦରର ମୁସଲ୍‌ମାନ । ପରେ ସେ ଜଣେ ନାମଜାଦା ମଣିଷ ହେବ, ସେକଥା ଆମେ ସମସ୍ତେ ବିଶ୍ୱାସ କରୁଥାଉ । ଏହି ଘଟଣାର କିଛି ଦିନ ପରେ କାସେମ୍ ଚୁପ୍ ଚୁପ୍ ଆସି ସନ୍ଧ୍ୟା ନମାଜ ପରେ ମୋତେ କହିଲା... ଚାଚାଜୀ, ଦାଦା ପୂରା କାଫେର୍ ହୋଇଯାଇଛି । ହିନ୍ଦୁଙ୍କର ମନ୍ଦିରରେ ଯେଉଁ ଦେବତା ଅଛି, ତା' ଆଡ଼କୁ ଚାହିଁରହେ, ଦରଜା ପାଖରେ ଠିଆହୋଇ ଚୁପ୍‌ଚାପ୍ ଦେଖେ, ପୁଣି ବକ୍‌ବକ୍ କରି କ'ଣ କହୁଥାଏ, କିଏ ଜାଣେ କ'ଣ ସବୁ ! ପୁଣି କାନ୍ଦେ । ତା' ଆଖିରେ ଲୁହ ଦେଖାଯାଏ । ମୁଁ ଦେଖିଛି ।''

ମୁସଲ୍‌ମାନପ୍ରବର ଟିକିଏ ଦମ୍ ନେଇ ପୁଣି କହିବାକୁ ଲାଗିଲେ, ''କାସେମ୍ ମୁହଁରୁ ଏ କଥା ଶୁଣିଦେଇ ମୁଁ ତାକୁ ସାଙ୍ଗେ ସାଙ୍ଗେ ନେଇଗଲି ଦର୍‌ଗା ସରିଫକୁ– ସେଠାରେ ଆମର ମୋଲ୍ଲା, ହାକିମ ସବୁ ଥାଆନ୍ତି । ସେମାନେ କାସେମ୍‌କୁ ଖୁଣ୍ଟିନାଣ୍ଟି ସବୁକଥା ପଚାରିଲେ । ନିଜ ଆଖିରେ ସେ ଯାହାସବୁ ଦେଖିଥିଲା, ସବୁକଥା କାସେମ୍ କହିଲା ଯେ 'ପଥରଦିନ ଏକସଙ୍ଗେ ମକ୍ତବଠାରୁ ବାହାରି ଯେତେବେଳେ ଘରକୁ ଆସୁଥିଲୁ, ସେ ମୋତେ କହିଲା, ତୁ ଘରକୁ ଯା', ମୁଁ ଟିକିଏ ପରେ ଯିବି । ମୁଁ ଜାଣିଛି ରାସ୍ତାରେ ଏହି ଯେଉଁ କାଫେର୍ ହିନ୍ଦୁଙ୍କର ଦେଓ ମନ୍ଦିର ଅଛି, ସେ ଠିକ୍ ସେହିଠାକୁ ଯିବା ଲାଗି ମୋତେ ପଠାଇଦେଉଛି । ମୁଁ ତାକୁ କହିଲି, ତୋତେ ମୁଁ ସେଠାକୁ ଯିବାକୁ ଦେବି ନାହିଁ, ତୁ ସେଠାକୁ ଗଲେ କାଫେର ହୋଇଯିବୁ । ଏକଥା ଶୁଣି ସେ କହିଲା–ଭାଇୟା, ତୁ ଏହି ମନ୍ଦିରର ଦେବତା କିଷନ୍‌ଜୀ ଆଉ ତା'ର ବିବୀକୁ ଦେଖିଛୁ ?' ମୁଁ କହିଲି ସେସବୁ କ'ଣ ଆମର ଦେଖିବା କଥା କିରେ ? ଆମେ ହେଲୁ ବିଶ୍ୱାସୀ ପବିତ୍ର ମୁସଲ୍‌ମାନ । ମୋ' କଥାକୁ କାନ ଦେଲା ନାହିଁ, କେତେ ଯେ କ'ଣ ସବୁ କହିବାକୁ ଲାଗିଲା ! ଶେଷରେ କହିଲା, ଖୋଦାହିଁ ସବୁ ପରଦା ସୃଷ୍ଟି କରିଛନ୍ତି, ତେବେ ଆମେ କାହିଁକି ତାଙ୍କ ସୃଷ୍ଟିର ଯାହା ଭଲ ଲାଗିବ, ତାକୁ ଦେଖିବୁ ନାହିଁ ? ଏଥିରେ ତ କାହାର କିଛି ଲୋକସାନ ହେଉନାହିଁ, ଆମକୁ ଯଦି ଭଲ ଲାଗୁଛି, ଦେଖିଲେ ଦୋଷ କ'ଣ ଅଛି ? ତା'ର ଏକଥା ଶୁଣି ମୋତେ ରାଗଲାଗିଲା, ମୁଁ କହିଲି, ତୁ ତ ନିଶ୍ଚୟ ହିଁ କାଫେର୍ ହୋଇଯାଇଛୁ । ଆମର ଆଲ୍ଲା ତୋ' ଉପରେ ତା'ହେଲେ ଗୋସ୍ୱା ହେବେ, ତୋତେ ନିଶ୍ଚୟ ଏହି କାଫେର ମାନଙ୍କ ସାଙ୍ଗରେ ଜାହାନ୍ନମକୁ ପଠାଇଦେବେ ।' ସେ ମୋ' କଥାରେ କିଛି ରାଗିଲା ନାହିଁ, କେବଳ ଏହି କଥାଟି କହିଲା, ଖୋଦା ତ ସବୁ କିଛି ଦେଖୁଛନ୍ତି, ମୁଁ ଯେତେବେଳେ କିଛି ଅନ୍ୟାୟ କରିନାହିଁ, ତେବେ ସେ କାହିଁକି ମୋ' ଉପରେ ରାଗ କରିବେ ? ହଁ, ସେ ପୁଣି ଏକଥା ମଧ୍ୟ କହିଲା ଯେ ଆମ ପରି ଦୁର୍ବଳ ଛୋଟଲୋକଙ୍କ ଭଳି ଆଲ୍ଲାଙ୍କର କ'ଣ ରାଗ-ହିଂସା ଅଛି ? ମୋହବ୍ବତ୍ ନ ହେଲେ କ'ଣ ଆଲ୍ଲା ମିଳିପାରିବେ ? ଯେଉଁଠାରେ ମୋହବ୍ବତ, ସେଠାରେ ଦୋଷଗୁଣ ଏ ସମସ୍ତ କେବେହେଁ ରହିପାରିବ ?

''ହାପିଜି ନିବିଷ୍ଟ ଚିତ୍ତରେ ସବୁକଥା ଶୁଣି କହିଲେ, ''ନିଶ୍ଚୟ ହିଁ କାଫେର ପଣ୍ଡାଙ୍କର କେହି ଛୋକ୍‌ରା ତା' ପଛରେ ଲାଗି ତାକୁ ଏହିସବୁ କାଫେରି ଶିଖାଉଛି ।

''କାସେମ୍ କହିଲା, ପଣ୍ଡାଙ୍କର ପିଲାଙ୍କ ସଙ୍ଗେ ତାକୁ କେବେ କେହି ଦେଖିନାହାନ୍ତି । ତା' ଛଡ଼ା, ଆମେ ତ କେବେହେଲେ ସେମାନଙ୍କ ପିଲାଙ୍କ ସାଙ୍ଗରେ ମିଶୁନା କି ସେମାନେ ଆମ ସଙ୍ଗେ ମିଶନ୍ତିନି ।

ଏସବୁ କଥା ଶୁଣି ହାପିଜି ମୋଲ୍ଲା ପିଂରୁକ୍‌ସା ସଙ୍ଗେ ପରାମର୍ଶ କରିବାକୁ ଗଲେ, ଆମେ ଘରକୁ ଫେରିଆସିଲୁ । ଆସି ଦେଖୁ ଦାଦା ଘରେ ଏକୁଟିଆ ବସି ରହିଛି । ତା' ମୁହଁକୁ ଦେଖିଲେ ଜଣାପଡ଼େନା ଯେ, ତା' ଭିତରେ କୌଣସି ପାପ ବା ଅନ୍ୟାୟ ଅଛି । ସେ ଏପରି ଶୟତାନ ଯେ ନିଜ ମନର ମତଲବ୍ ବେଶ୍ ପ୍ରଚ୍ଛନ୍ନ ରଖିପାରେ । କିଏ ତା'ର ପରାମର୍ଶଦାତା, କେଉଁ କାଫେର ବାଚା ତାକୁ ଏହିସବୁ ହଦିସ୍ ଦେଇଛି, ଏସବୁ କଥା ତା' ମୁହଁରୁ ବାହାର କରିବା ଲାଗି ତାକୁ ସେଦିନ ରାତିରେ ଯେଉଁ ପ୍ରହାର କରିଥିଲି, ସେଥିରେ ସେ ଅଜ୍ଞାନ ହୋଇଗଲା; ହେଲେ, କିଛି କହିଲା ନାହିଁ ।''

ଏହି ପର୍ଯ୍ୟନ୍ତ ଶୁଣି ମୋ'ର କିପରି ଏକ ଗ୍ଲାନିର ଭାବ ଆସିଲା । ଏମାନଙ୍କର ଅଜ୍ଞାନତା, ବୁଦ୍ଧିହୀନତା କେତେ ଅଧୋଗାମୀ, ଏମାନେ କିପରି ଭାବରେ ଏକ ସତ୍ୟ ବସ୍ତୁକୁ ସେହି ଅବସ୍ଥାରେ ଚାପିଦେଇ ମିଥ୍ୟାର ଇମାରତ ଠିଆ କରିଦିଅନ୍ତି, ତାହା ଚିନ୍ତାକରି ମୋ' ମନ ଶ୍ରଦ୍ଧାହୀନ, ତିକ୍ତ ଓ ବିରକ୍ତ ହୋଇଉଠିଲା । ପିଲାଟିର କଥା ପରେ ହେବ, କାରଣ ତା'ର ଦୈବାନୁଗ୍ରହଜନିତ ପ୍ରେମଧର୍ମଟି ତା'ର ପିତାଙ୍କର ବା ସମାଜର ଅଜ୍ଞାତ । ସହଜ ଭାବରେ ତାହା ଯେପରି ଦେଖାଯାଏ, ତାହା ଏ ଲୋକର ଆଖିକୁ ଅଗୋଚର । ଯାହା ସତ୍ୟ ନୁହେଁ, ତାହାହିଁ ଦେଖିବେ, ନିଜ ନିଜର ଈର୍ଷାଦ୍ୱେଷପ୍ରସୂତ କଳ୍ପନାର ଚକ୍ଷୁରେ । ମୁଁ ବୁଝିନେଲି, ଏମାନଙ୍କର ସନ୍ଦେହଟି ଏହି ଯେକୌଣସି ପଣ୍ଡା ବା ପଣ୍ଡାପୁଅ ବୋଧହୁଏ ତାଙ୍କ ଧର୍ମବିଶ୍ୱାସୀ ମୁସଲ୍‌ମାନ ପୁଅକୁ ସରଳ ଜାଣି ହିନ୍ଦୁ କରିବାକୁ ଚେଷ୍ଟା କରୁଛି । ଗୋଟିଏ କଥା ଏଠାରେ ନ କହି ରହିପାରୁନାହିଁ, ଯଦିଓ ବୁଝିଲି, ଏହା ମୋ'ର ବୃଥାଶ୍ରମ ମାତ୍ର ।''

ଆଚ୍ଛା ମିଆଁସାହେବ, ''ଆପଣଙ୍କ ବୟସ ତ ପଚାଶ ପାର୍ ହୋଇଯାଇଛି—''

''୫୫ ହୋଇଯାଇଛି ଏହି ରମଜାନରେ ।''

''ବେଶ୍, ଜଣେ ହିନ୍ଦୁ ମୁସଲମାନଙ୍କୁ ହିନ୍ଦୁ କରିବାଲାଗି କେବେ ଚେଷ୍ଟା କରିବା କଥା ଆପଣ ଜାଣିଛନ୍ତି ? ଏପରି ଦେଖିଛନ୍ତି କି ?''

ସିଏ ମୁଣ୍ଡ ହଲାଇ କହିଲେ, ''ପୂର୍ବେ ସେପରି କିଛି ଦେଖିନାହିଁ, କିନ୍ତୁ ଏବେ ପରା ଶୁଦ୍ଧି ଆରମ୍ଭ ହୋଇ ଯାଇଛି ।''

''ତାହା ତ ଖାଣ୍ଟି ମୁସଲ୍‌ମାନଙ୍କ ପାଇଁ ନୁହେଁ— ଯିଏ ପୂର୍ବେ ହିନ୍ଦୁ ଥିଲେ, କୌଣସି କାରଣରୁ ଜାତିରୁ ବାହାର ଓ ସମାଜରୁ ବାହାର ହୋଇଯାଇଛନ୍ତି ବା ମୁସଲ୍‌ମାନ

ହୋଇଯାଇଛନ୍ତି, ସେମାନଙ୍କ ଲାଗି ସିନା ଶୁଦ୍ଧିର ବ୍ୟବସ୍ଥା ? ସେମାନଙ୍କ ଭିତରୁ ଯଦି କେହି ଫେରିଆସିବାକୁ ଚାହେ...''

''ତାହା ସତ– ଏପରି କଥା ଚତୁରତା ସହକାରେ ବାହାର ଲୋକଙ୍କୁ ଜଣାଇବାକୁ ହୁଏ, କିନ୍ତୁ ଭିତରେ ଭିତରେ ତାଙ୍କର ମତଲବ କ'ଣ, କିଏ ଜାଣେ ? ତେବେ ଏକଥା ଠିକ୍, ଖାଣ୍ଟି ମୁସଲ୍‌ମାନଙ୍କୁ କେବେହେଲେ ପାରିବେ ନାହିଁ । ବର୍ତ୍ତମାନ ଛୋଟ ଛୋଟ ପୁଅମାନଙ୍କୁ ଯେଉଁମାନଙ୍କର ହାଲ୍କା ମନ, ସେମାନଙ୍କଠାରେ ଚେଷ୍ଟା କରି ଦେଖୁଛନ୍ତି ହୁଏତ–''

ଏପରି କଥା ପରେ ଆଉ କିଛି କୁହାଯାଇ ପାରିବ ନାହିଁ– ତଥାପି କହିଲି, ''ମିଆଁ ସାହେବ, ଆପଣ କ'ଣ ଶୁଣିନାହାନ୍ତି ଯେ ଧର୍ମାନ୍ତର ଗ୍ରହଣକୁ ହିନ୍ଦୁମାନେ ବିଶ୍ୱାସ କରନ୍ତି ନାହିଁ ? ହିନ୍ଦୁମାନଙ୍କର ଧାରଣା ଯେ ହିନ୍ଦୁ ହୋଇ ଜନ୍ମଗ୍ରହଣ ନ କଲେ ସେ ହିନ୍ଦୁ ହୋଇପାରେ ନାହିଁ ।''

ମିଆଁ ସାହେବ କହିଲେ–''ହଁ, ସେକଥା ଶୁଣିଛି ନିଶ୍ଚୟ, କିନ୍ତୁ...''

'କିନ୍ତୁ' ଯୋଗୁ ହିଁ ସର୍ବନାଶ ଘଟିଛି । ଯାହାହେଉ, ଦେଖିଲି ଏଥର କିପରି ଟିକିଏ ନରମ ପଡ଼ିଛନ୍ତି । ଏଥର କରୁଣ ନେତ୍ରରେ କହିଲେ, ''ଏହାପରର ଶେଷ କଥାଟି ଶୁଣନ୍ତୁ । ଯେଉଁଦିନ ସେ ନିରୁଦ୍ଦେଶ ହୁଏ, ତା'ର ଦିନେ ଦୁଇଦିନ ପୂର୍ବରୁ ସେ କିପରି ଏକ ଅଦ୍ଭୁତ ସ୍ଥିତିରେ ରହୁଥାଏ । ତା'ର ମା' ମୋତେ କହିଲେ, ତୁମେ ପିଲାଟାକୁ ଦେଖୁନାହଁ ? ମୋ'ର ମନେ ହେଉଛି, ତା' ଉପରେ କୌଣସି ଦେବତା ଭୂତ ଲାଗିଛି–ନ ହେଲେ ତା'ର ଆଖି ସବୁବେଳେ ଲାଲ୍ ହୋଇଛି କାହିଁକି ? ଆଉ ସେଥିରେ ପାଣି ଭରିରହିଛି । କାହା ସଙ୍ଗେ କିଛି କଥା କହିବାକୁ ଗଲେ ଟପ୍‌ଟପ୍ କରି ତା' ଆଖିରୁ ଲୁହ ଝରିପଡୁଛି । କେହି ପାଖକୁ ଗଲେ ସେ ସ୍ଥାନ ଛାଡ଼ି ଦୂରକୁ ଚାଲିଯାଉଛି, ଏକୁଟିଆ ରହିବାକୁ ଚାହୁଁଛି । ତା'ର ଏ ଅବସ୍ଥା ଦେଖି ଭୟ ଲାଗୁଛି ।''

''ତା'ର ମା' କଥା ଶୁଣି ମୁଁ ସେହି ରାତିରେ ଆଲୁଅ ନେଇ ତା'ର ବିଛଣା ପାଖକୁ ଯାଇ ଦେଖେ ଯେ ସେ ସେଠାରେ ନାହିଁ । କୁଆଡ଼େ ଗଲା ? କାସେମ୍ ଓ ସେ ଗୋଟିଏ ଜାଗାରେ ରହନ୍ତି । ଦେଖିଲି– କାସେମ ଶୋଇରହିଥିଲା । ତାକୁ ଡାକି ପଚାରିବାରୁ ସେ ଟିକିଏ ଯେପରି ମନେପକାଇ କହିଲା, 'ମୁଁ ତ କିଛି ଜାଣି ନାହିଁ, କେତେବେଳେ ଉଠି ଚାଲିଯାଇଛି । ଏହିପରି ସେ ସବୁଦିନେ କରେ,' ଖୋଜି ଖୋଜି ଦେଖେ ଯେ ଗୋଟିଏ କୂଅଧାରରେ, ଅନ୍ଧାରରେ ଚୁପ କରି ବସିଛି । ଧରି ଆଣି ବେଦମ ପ୍ରହାର କଲି । ମାଡ଼ରେ କିପରି ଭୂତକୁ ଭଗେଇବାକୁ ପଡ଼େ, ସେକଥା ଆମେସବୁ ଖୁବ୍ ଭଲଭାବରେ ଜାଣୁ । କିନ୍ତୁ ଏପରି ବିଷମ ପ୍ରହାରରେ ମଧ୍ୟ ତା'ର କିଛି ହେଲା ନାହିଁ, ସେ ଶୟତାନଟା ଶୟତାନ ହିଁ ରହିଗଲା । ଆଶ୍ଚର୍ଯ୍ୟ, ଏତେ ମାଡ଼ ଖାଇ ମଧ୍ୟ ସେ ଟିକିଏ ହେଲେ ରାଗରେ କିଛି କହିନାହିଁ କେବେ । ତା'ପରେ ଯେଉଁଦିନ ମୋ' ସ୍ତ୍ରୀ କଥାରେ ମୌଲାଲୀରୁ ଜଣେ ମୁଣିକୁ

ନେଇଆସିଲି, ସେତେବେଳକୁ ସେ ପଳାଇଛି । ଯିବା ଆଗରୁ କାସେମ୍‌କୁ କହିଯାଇଛି, ମୋ' ଆଶା ଛାଡ଼ିଦିଅ, ଲାଡ଼ୁଲୀ ମୋତେ ଡାକୁଛି, ମୁଁ ପୂରାପୂରି କାଫେର ହୋଇଯାଇଛି ।''

''ସେହି ସମୟରୁ ହିଁ ସେ ନିରୁଦ୍ଦେଶ, ମୁଁ କିନ୍ତୁ ତା' ଆଶା ଛାଡ଼ି ନାହିଁ– ଆଜିକୁ ପ୍ରାୟ ଦୁଇ ହପ୍ତା ହୋଇଗଲା, ରୋଜ୍ ଥରେ ଲେଖାଏ ଏହିସବୁ ଜାଗାରେ ଖୋଜିବୁଲୁଛି । ଆମ ଘରର ଗୋଟାଏ ପିଲା କାଫେର ହୋଇଯିବ, ଏ କଥା କ'ଣ ସହ୍ୟ କରାଯାଇ ପାରିବ ?''

ମୁଁ ପଚାରିଲି, ''ତେବେ ଆପଣ ମୋତେ କ'ଣ କରିବାକୁ କହୁଛନ୍ତି ?''

ମିଆଁ କହିଲେ, ''ମୋ'ର ଏହି ଗୋଟିଏ ବୋଲି ପୁଅ, ମୁଁ ତାକୁ ବର୍ତ୍ତମାନ ଫେରି ପାଇବାକୁ ଚାହେଁ । ଆପଣ ଯେତେବେଳେ ଘାଟରେ ବସିଥିଲେ, ସେତେବେଳୁ ମୁଁ ଆପଣଙ୍କୁ ଦେଖୁଛି । ଯେତେବେଳେ ଉଠିଆସିଲେ, ମୋ'ର ମନେହେଲା, ଆପଣଙ୍କ ଦ୍ୱାରାହିଁ ତା'ର ସନ୍ଧାନ ହୁଏତ ମିଳିପାରିବ ।''

ମୁଁ କହିଲି, ''ଆପଣଙ୍କ ପୁଅ ତ ସ୍ୱଇଚ୍ଛାରେ କାଫେର ହୋଇଯାଇଛି । ଏତେ ଉତ୍ପୀଡ଼ନ ସତ୍ତ୍ୱେ ଯେତେବେଳେ ସେ ଆଉ ଘରେ ରହିବାକୁ ଚାହୁଁନାହିଁ, ତା'ର ସନ୍ଧାନ ପାଇଲେ ମଧ୍ୟ ତାକୁ କ'ଣ ଘରକୁ ନେଇଯାଇପାରିବେ ?''

ଉତ୍ତରରେ ସେ କହିଲେ, ''ସିଏ ପିଲାଲୋକ, ନ ବୁଝି ଗୋଟାଏ କାମ କରିପକାଇଛି । ତା'ର ଭୁଲ୍‌ଟା ତାକୁ ବୁଝାଇଦେବି । ଆମ ଦରଗାରେ ବଡ଼ ବଡ଼ ସାଧୁମହାତ୍ମା ଅଛନ୍ତି, ସେମାନଙ୍କ ପାଖକୁ ନେଇଯିବି– ସେମାନଙ୍କ ଶକ୍ତିର ପ୍ରଭାବରେ ତା'ର ମତିଗତି ବଦଳି ଯାଇପାରିବ, ଏହା ମୋ'ର ବିଶ୍ୱାସ ।''

କହିଲି, ''ଆଚ୍ଛା, ଯଦି କେତେବେଳେ କେଉଁଠାରେ ସନ୍ଧାନ ପାଇବି, ତେବେ ଆପଣଙ୍କୁ ଜଣାଇବାକୁ ଚେଷ୍ଟା କରିବି ।'' ସେ ତାଙ୍କର ଠିକଣା ଦେଲେ, ତାଙ୍କ ନାମରେ ସେଠାକୁ ଖତ୍ ଦେଲେ ଠିକ୍ ପାଇପାରିବେ, ଏହି ପର୍ଯ୍ୟନ୍ତ ଆମର ବାର୍ତ୍ତାଳାପ । ପରଦିନ ମୁଁ ମଥୁରା ଛାଡ଼ିଲି ।

ବୃନ୍ଦାବନ ମୋ'ର ପରିଚିତ ଏବଂ ଅତି ପ୍ରିୟ ସ୍ଥାନ । ଅନେକବାର ଏହି ସ୍ଥାନକୁ ଯାତାୟାତ କରିଛି । କେବଳ ମାତ୍ର ସେତିକି ନୁହେଁ, ଏଠାରେ ସାଧନ ଜୀବନରେ ଯେଉଁ ରତ୍ନଲାଭ କରିଛି, ତାହା ଚିରଜୀବନ ଧରି ସମ୍ବଳ ହୋଇ ରହିଛି–ଆଜି ସୁଦ୍ଧା ।

ରାଧାବାଗର ବ୍ରହ୍ମଚାରୀ ଆଶ୍ରମ ହିଁ ମୋର ଆସ୍ଥାନ ଏବଂ ଏହିଠାରେହିଁ କେଶବାନନ୍ଦ ଆଶ୍ରମରେ ମୋର ଦୀର୍ଘକାଳ କଟିଛି । ସେହିଠାରେ ପହଞ୍ଚିଲି । ପରଦିନ ମେଘଢଙ୍କା ଉପରବେଳା ଟିକିଏ ବୁଲିବା ଲାଗି ଯମୁନାକୂଳକୁ ଯାଇଥିଲି । ଏଠାରେ ବନଚାରୀ ସାଧୁମାନଙ୍କର ଆଶ୍ରମ । ସେଇଠି ଘୂରିବୁଲୁଥିଲି । ଆରପାଖରେ ଯମୁନାର ବିସ୍ତୃତି,

ବହୁଦୂରବ୍ୟାପୀ ତଟଭୂମି– ମଝିରେମଝିରେ ଗୋଟିଏ ଦୁଇଟି ବୃକ୍ଷ । ତା'ପରେ ସୁଦୂର ବୃକ୍ଷରାଜିର ଗାଢ଼ ନୀଳାଭ ରେଖା ଦିଗ୍‌ବଳୟରେ ଯେପରି ମିଳିତ ହୋଇଛି ।

ସେଠାରେ ବସି ରହିଥିଲି । ସେଠାରୁ ଅଳ୍ପ କିଛି ଦୂରରେ ଅପୂର୍ବ ତିନୋଟି ଶିଶୁବୃକ୍ଷ ଦୃଶ୍ୟମାନ । ଚମତ୍କୃତ, ପରିଷ୍କୃତ, ତୃଣହୀନ ଭୂମି ଉପରେ ତିନୋଟି ଦୀର୍ଘ ବୃକ୍ଷର ମୂଳ ଏପରି ସମାନ୍ତରାଳ ଭାବରେ ଅବସ୍ଥିତ ଯେ ତାହା ଏକ ସୁଢଳ ତ୍ରିକୋଣ କ୍ଷେତ୍ର ସୃଷ୍ଟିକରିଛି । ପ୍ରକୃତିସୃଷ୍ଟ ଏପରି କ୍ଷେତ୍ରଟିଏ ପ୍ରାୟ ଦେଖାଯାଏ ନାହିଁ, ଯେପରି ଏଠାରେ ଏକ ଯୋଗୀର ଆସ୍ଥାନ, ଏହା ଶୂନ୍ୟ ନୁହେଁ । ଦେଖିଲି, ଏହି ତ୍ରିକୋଣ କ୍ଷେତ୍ର ମଧ୍ୟରେ କୌପୀନୀଧାରୀ ପୁରୁଷ ମୂର୍ତ୍ତି ଅପରୂପ ଭଙ୍ଗିରେ ଉପବେଶନ କରିଛନ୍ତି । ସେହି ବସିବା ଠାଣି ଏପରି ଚିତ୍ତାକର୍ଷକ ଯେ ମୋ' ଦୃଷ୍ଟି ସେ ଦିଗକୁ ଆକର୍ଷିତ ହେଲା ଏବଂ ପ୍ରଥମେ ସେ ଜଣେ ବୈଷ୍ଣବ ଓ ଯୋଗୀ ବୋଲି ମନେହେଲା । ଉପବେଶନଭଙ୍ଗୀ ଯୋଗୀତୁଲ୍ୟ ।

କୌପୀନଧାରୀ ସାଧୁ

ବାଲ୍ୟକାଳରୁ ମୋ' ପ୍ରକୃତି ଚଞ୍ଚଳ ଥିବାରୁ କୌଣସି ସାଧୁମୂର୍ତ୍ତି ମୋର ଅତ୍ୟନ୍ତ ଆକର୍ଷଣର ବସ୍ତୁ । ବିଶେଷତଃ ଶାନ୍ତ ଧୀର ପ୍ରକୃତିର ସାଧୁ ଦେଖିଲେ ପରିଚୟ ଲାଗି ପ୍ରାଣ ଯେପରି ଚଞ୍ଚଳ ହୋଇଉଠେ । ମନେହୁଏ ଯେପରି ସେମାନେ ମୋ'ର ଜନ୍ମଜନ୍ମାନ୍ତରରେ ଆପଣାର ଲୋକ । କାର୍ଯ୍ୟତଃ ଏ କ୍ଷେତ୍ରରେ ଆଉ ସ୍ଥିର ନ ରହିପାରି ଉଠିପଡ଼ିଲି ଏବଂ ନିମିଷକରେ ଯଥାସ୍ଥାନରେ ଉପସ୍ଥିତ ହେଲି । ଦେଖିଲି, ଅପରୂପ ଏକ ବାଳକ । ସ୍ୱାସ୍ଥ୍ୟବାନ ପୂର୍ଣ୍ଣାବୟବ ଶରୀର, ଉଜ୍ଜ୍ୱଳ ଗୌରବର୍ଣ୍ଣ, କୌପୀନ ପରିହିତ । ଯେପରି ବ୍ୟାସପୁତ୍ର ପରମହଂସ ଶୁକଦେବଙ୍କୁ ହିଁ ସଶରୀରେ ଦେଖୁଛି ! ରୂପକୁ ଦେଖି ନିର୍ବାକ୍ ଓ ପଲକହୀନ ହୋଇ ରହିଗଲି । ମୋ' ପରି ଶିଳ୍ପୀ ଉପରେ ବିଷମ ପ୍ରଭାବ–ଏହା ଜଣାଶୁଣା କଥା । ଅବଶ୍ୟ ରୂପଟି ବାହ୍ୟ ହେଲେ ମଧ୍ୟ ଏ କ୍ଷେତ୍ରରେ ଅନ୍ତରର ସମ୍ପଦ ସେହି ରୂପକୁ ଐଶ୍ୱରିକ ଓ ଲାବଣ୍ୟମଣ୍ଡିତ କରିତୋଳିଛି, ଯାହା ଜ୍ୟୋତିରହିଁ ନାମାନ୍ତର । ଯଥାର୍ଥ ଏହି ରୂପ ହିଁ ଶିଳ୍ପୀର କାମ୍ୟ ।

ସେତେବେଳେ ସାମାନ୍ୟ ଶୀତକାଳ, କିନ୍ତୁ ତାଙ୍କ ଶରୀରରେ କୌଣସି ବସ୍ତ୍ର ହିଁ ନାହିଁ, ହୁଏତ ପ୍ରୟୋଜନ ନାହିଁ । କିନ୍ତୁ ମୋ' ସ୍ଥୂଳ ଶରୀରଗତ ବୁଦ୍ଧିର ଶୀତବୋଧକୁ ନିଜ ଉପରେ

ଆରୋପ କରି ମୋ' ଶରୀରରେ ଥିବା ଗରମ ବସ୍ତ୍ରଟିକୁ ତାଙ୍କ ଅଙ୍ଗରେ ଘୋଡ଼ାଇଦେଲି । ସେ କିଛି କହିଲେ ନାହିଁ । ତାଙ୍କର ଅପଲକ ଦୃଷ୍ଟି ଯମୁନା ଉପରେ ସ୍ଥିର । ଭାବିଲି, ବନଚାରୀ ବୈରାଗୀମାନଙ୍କର କେହି ବାଳକ-ଭକ୍ତ ନିଶ୍ଚୟ ହୋଇଥିବେ । ସାଧୁ-ସମ୍ପ୍ରଦାୟମାନଙ୍କ ଭିତରେ ବାଳକ ବ୍ରହ୍ମଚାରୀ ଅନେକ ଦେଖିଛି । କିନ୍ତୁ ଏପରି ଆଖି ଖୁବ୍ କମ୍ ଦେଖାଯାଇଥାଏ—ପଦ୍ମପଳାଶ ଆଖି କଥା ହୁଏତ ଅନେକେ ଶୁଣିଥିବେ— ସେହି ଆଖି ଅରୁଣବର୍ଣ୍ଣ, ତନ୍ମଧ୍ୟରେ ଢଳଢଳ ଜଳ, ଯେପରି ଏବେ ଝରିପଡ଼ିବ— ଏପରି ଏକ କିଶୋରସାଧୁମୂର୍ତ୍ତି ଜୀବନରେ ପ୍ରଥମ ଦେଖିଲି ।

ମଥୁରାରୁ ଆସି ଏଯାଏ ସେହି ଖାଣ୍ଟି ମୁସଲ୍‌ମାନ ଭଦ୍ର ଲୋକଟିର ପୁଅ ଦାଦାର୍ ରହମାନର କଥା ଭାବୁଥିଲି । ତା' ଅନ୍ତରରେ ପ୍ରେମଧର୍ମର ସ୍ମରଣ କଥା, ତା' ପ୍ରତି ଏତେ ଅତ୍ୟାଚାର, ତାହା ସହ୍ୟ କରି ମଧ୍ୟ ଅକ୍ରୋଧ ସ୍ଥିରବୁଦ୍ଧି ବାଳକର ଗୃହତ୍ୟାଗ, ତା'ପରେ ଅନ୍ତର୍ଦ୍ଧାନ—ଏସବୁ କଥା ଘଣ୍ଟାଚକଟା କରୁଥିଲି । ସେତିକିବେଳେ ସମ୍ମୁଖରେ ମୂର୍ତ୍ତି ଦେଖିଲା ପରେ ମନଭିତରେ ସେହିସବୁ କଥା ମିଳାଇଗଲା । ମୋ'ର ଚିତ୍ତ ଏହି ମୂର୍ତ୍ତିଠାରେ ଆତ୍ମସମର୍ପଣ କରିବସିଲା; ପ୍ରଶ୍ନ କରିବି କି ନାହିଁ, ଏ କଥା ଚିନ୍ତା କରିବାର ପ୍ରବୃତ୍ତି ହେଲାନାହିଁ । ବସି ରହି ତାଙ୍କୁ ଦେଖିବାକୁ ଲାଗିଲି ।

ଘାଘରା ନୀଳବର୍ଣ୍ଣର କାଞ୍ଚୁଲି ପରିହିତା ଜଣେ ବ୍ରଜବାସିନୀ, ଓଢ଼ଣା ଦେଇ ଗୋଟିଏ ଥାଳିରେ କିଛି ଖାଦ୍ୟଉପରେ ଲୁଗା ଘୋଡ଼ାଇ, ଅନ୍ୟ ହାତରେ ଏକ ଚକଚକ ମଜା ହୋଇଥିବା ଘଡ଼ିରେ ପାନୀୟ ଆଣି ଉପସ୍ଥିତ ହେଲେ । ଅତି କମନୀୟ ତାଙ୍କର ମୁହଁ— ଅପୂର୍ବ ଲୀଳାୟିତ ଭଙ୍ଗୀରେ ଠିଆହୋଇ ଧୀରେଧୀରେ ହାତରେ ଥିବା ଖାଦ୍ୟ ପଦାର୍ଥ ଏହି କିଶୋରଙ୍କ ସମ୍ମୁଖରେ ରଖିଦେଲେ—କହିଲେ, ''ଦୁଲାଲ୍ ମୋ'ର, ଏବେ ଟିକିଏ ଖାଇନିଅ ତ, ମୁଁ ଏବେ ତୁମକୁ ଖୁଆଇଦେଇ ଘରକୁ ଫେରିବି— ସେଠି କାମ ସରିବା ପରେ, ପୁଣି ଆସି ତୁମକୁ ନେଇଯିବି ସେଠିକୁ ।

ସେହି ଅଞ୍ଚଳରେ ଯେଉଁ ଭାଷାରେ କଥାବାର୍ତ୍ତା ଚାଲେ, ମଧୁର ବ୍ରଜବୋଲି ଭାଷା ହୋଇଥିବାରୁ, ତାଙ୍କ ମୁହଁ ଆଡ଼କୁ ସସ୍ନେହ ନୟନରେ ଚାହିଁରହିଲି । ମୁଁ ଯେ ଜଣେ ଅପରିଚିତ ଏଠାରେ ଅଛି, ସେଆଡ଼େ ତାଙ୍କର ଲକ୍ଷ୍ୟ ନଥିଲା, ସତେ ଯେପରି ତାଙ୍କ ସମ୍ମୁଖରେ ଏହି କିଶୋର ବ୍ୟତୀତ ଆଉ କେହି ନାହାନ୍ତି । ତାଙ୍କ କଥା କେତେ ସୁମିଷ୍ଟ, ଭାଷା ସହ କଣ୍ଠସ୍ୱର ମିଳି ଯେପରି ସଙ୍ଗୀତ ସୃଷ୍ଟିକଲା । ସେ ଭାଷା ସହ ମୁଁ ଅପରିଚିତ— ତେଣୁ ନିଜ ଭାଷାରେ କହିବି ।

ସାଧୁଙ୍କର କୌଣସି ଭାବାନ୍ତର ନାହିଁ । ଠିକ୍ ଯେପରି ଅପଲକ ନେତ୍ରରେ ଯମୁନା ଆଡ଼କୁ ଚାହିଁରହିଥିଲେ, ସେହିପରି ବସିରହିଲେ । ତାହା ଦେଖି ବ୍ୟାକୁଳ ଭାବରେ ଏହି ବ୍ରଜାଙ୍ଗନା 'ମେରେ ଲାଲ' କହି ତାଙ୍କର ଚିବୁକ ସ୍ପର୍ଶ କଲେ । ସେତେବେଳେ ଏହି ଧ୍ୟାନସ୍ଥ କିଶୋର ଯେପରି ଚମକିଉଠିଲେ, ମାତ୍ର ଦୃଷ୍ଟି ତାଙ୍କର ଅପଲକ, ଥରେ ତାଙ୍କର ମୁହଁ

ଆଡ଼କୁ ଅନେଇ 'ଚମ୍ପା ହାମକୋ ଲେ ଚଲୋ, ଲେ ଚଲୋ' କହି ଉଠିବାକୁ ଚାହିଁଲେ, ମା'ପରି ସ୍ନେହରେ ହାତରେ ଜାବୁଡ଼ିଧରି ଏହି ବ୍ରଜନାରୀ ସେହିପରି ମଧୁର ଭାଷାରେ ତାଙ୍କୁ କହିବାକୁ ଲାଗିଲେ, ''ଅବହି ନହି ମେରେ ଲାଲ'; ଏବେ ଟିକିଏ ଖାଇନିଅ—ତା'ପରେ ସନ୍ଧ୍ୟାରେ ଆସି ମୁଁ ନେଇଯିବି ।'' କହିଦେଇ ଖାଇବାଥାଳିରୁ ଗୁଣ୍ଡାଏ ଆଣି ତାଙ୍କ ମୁହଁରେ ଗୁଞ୍ଜି ଦେଲେ । ଗୁଣ୍ଡାଏ ଦି'ଗୁଣ୍ଡା ମାତ୍ର ଖିଆ ହେଲା । ବହୁ ଚେଷ୍ଟା କରି ମଧ୍ୟ ଖୁଆଇପାରିଲେ ନାହିଁ । ଶେଷରେ ଘଡ଼ିରୁ ଅଳ୍ପ କ୍ଷୀର ପାନ କରି ପୁଣି ସେହି କିଶୋର ସମାହିତ ଚିତ୍ତରେ ଯମୁନାକୂଳର ବନାନୀ ଉପରେ ଦୃଷ୍ଟି ନିବଦ୍ଧକଲେ । ବର୍ତ୍ତମାନ ମୋ' ଆଡ଼କୁ ଚାହିଁ ସେହି ବ୍ରଜବାଳା ମିନତିପୂର୍ଣ୍ଣ କରୁଣ ଦୃଷ୍ଟିରେ କହିଲେ, ''ବାପ, ତୁମେ ଯଦି ଏଠାରେ କିଛିକ୍ଷଣ ରହିବ, ତେବେ ତୁମର କ'ଣ କିଛି କ୍ଷତି ହେବ ?''

ମୋ' ଠାରୁ ଉତ୍ତର ପାଇ ସେ ଖୁସୀ ହେଲେ ନିଶ୍ଚୟ, କିନ୍ତୁ ଏହି ବାଳକ ଆଡ଼କୁ ଚାହିଁ ଅଶ୍ରୁପୂର୍ଣ୍ଣ ନୟନରେ କହିଲେ, ''କାଲି ମୋ' ଲାଡ଼ଲୀ କହିଦେଇଥିଲେ ଯେ ତା'ର ସବୁବେଳେ ଧେୟାନ୍ ଚାଲିଛି, ତା'ର ହୁଁସ ନାହିଁ, ତାକୁ ନ ଖୁଆଇଲେ ଶରୀର ଠିକ୍ ରହିବ ନାହିଁ । ଦଶବାର ଦିନ ହେଲା ଖୋରାକ ନାହିଁ, ସାମାନ୍ୟ ଟିକିଏ ଦୁଧ—ଏହାକୁ ଖାଇ ଦେହ କ'ଣ ରହିବ ?'' ତା'ପରେ ଚକିତ ହରିଣୀ ପରି ଫେରି ଏହି କିଶୋର ଆଡ଼କୁ ଅନେଇ କହିଲେ, ''କ'ଣ କରିବି ମୁଁ ଏବେ ? ରହ, ତା'ହେଲେ ମୋ'ର ଗୋପାଳ, ମୁଁ ଘରକୁ ଯାଏଁ, କାମଲାଗି ଘର ମୋତେ ଡାକୁଛି, ସେଠାରୁ ଫେରି ସନ୍ଧ୍ୟାବେଳେ ତୁମକୁ ନେଇଯିବି । କ'ଣ କହୁଛ ?''

କିଶୋର ନିର୍ବାକ, ସମାହିତ ଚିତ୍ତରେ ନିସ୍ପନ୍ଦହୋଇ ନିଜ ଆସନରେ ବସିରହିଲେ । ବ୍ରଜବାସିନୀଙ୍କର ଅନ୍ତର୍ଦ୍ଧାନଟି ଏକ ଅଦ୍ଭୁତ ବ୍ୟାପାର ବୋଲି ମନେହେଲା । ଯେତେବେଳେ ମୁଁ ଏହି ଧ୍ୟାନମଗ୍ନ ଯୋଗୀମୂର୍ତ୍ତିଙ୍କ ଆଡ଼କୁ ଦେଖୁଥିଲି, ବୁଲିପଡ଼ି ତାଙ୍କର ଗୋଟିଏ ହାତରେ ସେହି ଘଡ଼ିଟି ଓ ଅନ୍ୟ ହାତରେ ଖାଦ୍ୟଥାଳି ଧରି ପଛକୁ ଫେରିବାଟା ବି ଦେଖିପାରିଲି । ସେ ତାଙ୍କର ସାମ୍ନା ରାସ୍ତାରେ ଅଗ୍ରସର ହେଉହେଉ ଯେପରି ଅନ୍ତର୍ଦ୍ଧାନ ହୋଇଗଲେ । ଅଥଚ ମୋ' ଦୃଷ୍ଟିପଥରେ କୌଣସି ବୃକ୍ଷ ବା କୌଣସି ବାଧା ନଥିଲା, ଏହା ସ୍ପଷ୍ଟ ମନେ ଅଛି ।

ସେହି ରମଣୀଙ୍କର ଆସିବା ଓ ଚାଲିଯିବା ଏବଂ ଅଳ୍ପକ୍ଷଣ ଏଠି ରହିବା, ସେଥିରେ ଯାହା ଦେଖିଲି, ସେଥିରୁ ଏତିକି ଜାଣିଲି, ଏକ ମହାଆନନ୍ଦମୟ ଅପାର୍ଥିବ ନାଟକର ଖେଳ ଚାଲିଛି, ଏହି ବୃନ୍ଦାବନର ଯମୁନାକୂଳରେ, ଉପବିଷ୍ଟ କିଶୋର ବୈରାଗୀକୁ ନେଇ ।

ଜ୍ଞାନ-ବୁଦ୍ଧିଯୁକ୍ତ ମନୁଷ୍ୟ ଆମେ, ଭକ୍ତି-ଧର୍ମ,ପ୍ରେମ-ଧର୍ମ ଆଦି ସକଳ କଥା ସାଧୁମାନଙ୍କ ମୁହଁରୁ ଶୁଣିଥାଉ, କେବେ କେବେ ଅଭିମାନରେ ମନେହୁଏ, ଯେପରି ସେଗୁଡ଼ିକର ତାତ୍ପର୍ଯ୍ୟ ଆମେ ବୁଝୁଛୁ । କିନ୍ତୁ ଭଗବାନ ହିଁ ଜାଣନ୍ତି, ବୁଝିବା ପରି ସାର୍ଥକ ବୁଦ୍ଧି ଆମର ଅଛି କି ନାହିଁ । ଏବେ ଏହିସବୁ ଦେଖି କହୁଛି ଯେ ଏଠାକାର ସବୁ କଥା

ରାଧାଗୋବିନ୍ଦ ଭକ୍ତ ବାଳକ
ଦାଦାର ରହମାନ୍

ଅଦ୍ଭୁତ । ଏଥର ସେହି ମଥୁରାରେ ପହଞ୍ଚିବା ଦିନଠାରୁ ସବୁକିଛି ଅଦ୍ଭୁତ, ଅପୂର୍ବ ଓ ଅପ୍ରତ୍ୟାଶିତ ବ୍ୟାପାର ହିଁ ଦେଖିଚାଲିଛି । ଏ ବ୍ୟାପାରଟିର ଏପରି ଆକର୍ଷଣ ମୋତେ ଯେପରି ସ୍ତମ୍ଭିତ କରିଦେଲା ।

ଏପଟେ ସନ୍ଧ୍ୟା ହୁଏ । ଯମୁନାକୂଳରେ ବେଶ୍ ପବନ ବହୁଛି । ଅଥଚ ଯୋଗୀଙ୍କୁ ଦେଖିଲେ ମନେ ହେଉନାହିଁ ଯେ ବାହାରର ଆକାଶ ଓ ପବନ ତାଙ୍କ ଇନ୍ଦ୍ରିୟଗୋଚରରେ କିଛି ହେଲେ କାର୍ଯ୍ୟ କରୁଛି । ଏବେ ମୁଁ କଥା କହିବାକୁ ଇଚ୍ଛା କଲି । ପଚାରିଲେ କ'ଣ କିଛି ଫଳ ହେବ ନାହିଁ ? ପ୍ରଥମେ ହରି-ହରି-ହରି-ହରି ଶବ୍ଦ ତାଙ୍କ କର୍ଣ୍ଣଗହ୍ୱରରେ ପ୍ରବେଶ କରାଇବାକୁ ଇଚ୍ଛା କରି ଉଚ୍ଚାରଣ କରିଚାଲିଲି । ଏହି ଶବ୍ଦ କର୍ଣ୍ଣରେ ପ୍ରବେଶ ମାତ୍ରେ ମନୋବାଞ୍ଛା ପୂର୍ଣ୍ଣ କରିବାକୁ ଯେତେବେଳେ ସେ ମୋ' ଆଡ଼କୁ ଚାହିଁଲେ,ସେତେବେଳେ ମୁଁ କହିଲି, ''ବାବାଜୀ, ତୁମର କ'ଣ କଷ୍ଟ ହେଉଛି ?'' ଏ ପ୍ରଶ୍ନ ଅବଶ୍ୟ ତାଙ୍କୁ ହିନ୍ଦିରେ ପଚାରିଲି ।

ଧୀରେ ଧୀରେ ସେ ଏଥର କହିଲେ, ''କଷ୍ଟ ମୋ'ର ନାହିଁ ତ, ମୁଁ ଯେ ଏବେ ବୃନ୍ଦାବନରେ, ଯେତେବେଳେ ମଥୁରାରେ ନିଜ ପରିଜନଙ୍କ ନିକଟରେ ଥିଲି, ବାପ-ଭାଇ-ମା', ମୋ' କଥା ନ ବୁଝିପାରି, ସମସ୍ତେ ମୋତେ ମାରିଛନ୍ତି, ସେମାନଙ୍କ ମନ ମୁତାବକ ମୁଁ ହୋଇପାରିଲି ନାହିଁ ବୋଲି—ଆଃ, ବର୍ତ୍ତମାନ ସେ କଥାରେ ଆଉ ପ୍ରୟୋଜନ ନାହିଁ ।'' ଟିକିଏ ରହିଯାଇ ପୁଣି ସେ କହିଲେ, ''ସେମାନେ ଜାଣନ୍ତି ନାହିଁ ଧର୍ମ (ଇମାନ୍) କି (ଚିଜ୍) ବସ୍ତୁ, କାଳେ ପଛରେ ଧର୍ମ ନଷ୍ଟ ହୋଇଯିବ, କାଫେର ହୋଇଯିବି, ତାହାହିଁ ଥିଲା ସେମାନଙ୍କର ଭୟ । ସେଥିଲାଗି ତ ଲାଡ଼ଲୀ, ସେଥିପାଇଁ ତ କାହାନାଇୟା''—ଏତକି ମାତ୍ର କହିଛନ୍ତି, ଆଖିରୁ ଝରଝର ହୋଇ ଲୁହ ଗଡ଼ିବାକୁ ଲାଗିଲା । ଟିକିଏ ଅଟକିଯାଇ ପୁଣି କହିବାକୁ ଲାଗିଲେ, ''କେତେ ଦୟା, ଗୋବିନ୍ଦଜୀ—ଶ୍ରୀ ରାଧିକା—ରାଧ, ରା—ଆଃ ।'' ବାସ୍—ମୁହଁରୁ ଆଉ କଥା ସ୍ଫୁରିଲା ନାହିଁ । ଦେଖିଲି, ସଜ୍ଞାଶୂନ୍ୟ ହେଲେ ଯେପରି ହୁଅନ୍ତି, ପ୍ରାୟ ସେହିପରି ଅବସ୍ଥା, ଚକ୍ଷୁ କିନ୍ତୁ ଅପଲକ । ଦେଖିଦେଇ ଭୟ ହୁଏ, କିପରି ଏକ ଅସ୍ୱାଭାବିକ ଆଖି । ଦେଖୁଥିଲି—ଅଳ୍ପକ୍ଷଣ ପରେ ହିଁ କହିଲେ, ''ବନ୍ଧୁ, ରାଧାକୁଣ୍ଡ କେଉଁଠି, ତୁମେ ଜାଣିଛ ?'' କହିଦେଇ ମୋ' ଆଡ଼କୁ ବ୍ୟାକୁଳ ଭାବେ ଅନେଇଲେ ?

କହିଲି, ''ଜାଣିଛି ।''

ଶୁଣିନେଇ ମହାଉତ୍ସାହରେ କହିଲେ—''ତା'ହେଲେ ମୋତେ ନେଇଯିବ ସେଠାକୁ ?'' ପୁଣି କ'ଣ ଭାବିଲେ କେଜାଣି, କହିଲେ, ''ନା, ନା, ସେଠାକୁ ତ ତୁମେ ଯାଇପାରିବ ନାହିଁ । ବ୍ରଜରାଣୀଙ୍କ ଦୟା ନ ହେଲେ କାହାର ସେଠିକୁ ଯିବାର ସାଧ୍ୟ ନାହିଁ । ମୋତେ

ଚମ୍ପା ସଖୀ ହିଁ ନେଇଯିବେ—ତାଙ୍କର ଆସିବା ଡେରି ଅଛିକିନା !'' ରହି ରହି ମୋତେ ଧୀରେ ଧୀରେ ମୃଦୁସ୍ୱରରେ କହିଲେ ।

''ରାଧାକୁଣ୍ଡ କଥା ଟିକିଏ କହିବ କି ? ଶୁଣିଲେ ଆନନ୍ଦ ଲାଗେ ।'' ମୋ' ମୁହଁରୁ ଏ କଥା ଶୁଣିବା ମାତ୍ରେ ହିଁ ତାଙ୍କର ମୁଖମଣ୍ଡଳରେ ଗାଢ଼ ଆନନ୍ଦର ପୁଲକ ସହ ଅନିର୍ବଚନୀୟ ଏକ ଶିହରଣର ଭାବ ଖେଳିଗଲା । ତାଙ୍କ ମୁହଁରେ ଯେଉଁ ଜ୍ୟୋତି ଫୁଟିଉଠିଲା, ତାହା ବର୍ଣ୍ଣନାତୀତ ।

''କହିବି କ'ଣ, ସେଠାରେ ତ ପ୍ରେମର ଆକାଶ (ଆସ୍‌ମାନ୍ ମୋହବତ୍ ସେ ଭରାହୁଆ) ପ୍ରେମର ସମୀରଣ, ସେକଥା କ'ଣ କୁହାଯାଇପାରେ ସାଧୁଜୀ ! ସେଠାରେ ସଖୀ-ସଖା ସମସ୍ତେ ଚଳପ୍ରଚଳ କରୁଛନ୍ତି, ଯେପରି ନୃତ୍ୟଛନ୍ଦରେ । କଥା, ଗୀତ, ସେମାନଙ୍କର ପ୍ରତ୍ୟେକ ସୁର୍ ଆପଣଙ୍କୁ ଭୂଲାଇଦେବ ।'' ତା'ପରେ ସେ ପାଗଳ ପରିକା ଅଳ୍ପକ୍ଷଣ ପର୍ଯ୍ୟନ୍ତ ରହିଲେ । ଆଃ ହାଃ !

କିଛିକ୍ଷଣଯାଏ ସ୍ଥିର ସମାହିତରହି ତା'ପରେ ପୁଣି କହିଲେ—''ସେଠାରେ କିପରି ଉଜ୍ଜ୍ୱଳ ଆଲୋକ ! ସନ୍ଥଜୀ ସେମାନଙ୍କର ମୂର୍ତ୍ତିସବୁ ଦେଖିବେ ଯଦି ସେସବୁ ପ୍ରତିମା ସ୍ୱର୍ଗୀୟ; ସେମାନଙ୍କର ସୁନ୍ଦର ପାଦରେ ଗୁଞ୍ଜରୀ ପଞ୍ଚମ ସଙ୍ଗୀତର ଧ୍ୱନି (ଆଓୟାଜ), ସତେ ଯେପରି ବାଦ୍ୟଯନ୍ତ୍ରର ଝଙ୍କାର, ଆଃ, ଆମ କୃଷ୍ଣଜୀ, ମୋ'ର... ମୋ'ର ଜୀବନ ସଫଳ ।'' ଏତିକି ମାତ୍ର କହିଦେଇ ନିରବ । ମୁଁ କହିବାକୁ ଚାହୁଁଥିଲି, କିନ୍ତୁ ସେହି ସମୟରେ ମୃଦୁସ୍ୱରରେ ସେହିପରି କଣ୍ଠରେ ପୁଣି କହିଲେ, ''ବଂଶୀପୀଠରେ ବସି ତାଙ୍କର ବଂଶୀର ସ୍ୱର ଶୁଣିଛି । ସେ ତାନ...ଜୀବନ୍ତ ସୁର ତୁମ ହୃଦୟ ଭିତରେ ଯେପରି ବାଜିଉଠିବ । ମୁଁ ଯିବି— ମୁଁ ସେଠାକୁ ଯିବି, ଆଉ ଫେରିବି ନାହିଁ, ନା ।'' ଧାରଧାର ଲୁହ ବହିବାକୁ ଲାଗିଲା—ଏହାପରେ ସେ ନିର୍ବାକ ହୋଇଗଲେ ।

ତାଙ୍କ ସଂସର୍ଗରେ ଆସି ଆନନ୍ଦାତିଶଯ୍ୟରେ ମୋ'ର ଯେପରି ଚୈତନ୍ୟ ଲୋପ ହେବା ପରି ଅବସ୍ଥା ହେଲା । କିନ୍ତୁ ଦୀର୍ଘକାଳ ସେହି ଅବସ୍ଥା ରହିଲା ନାହିଁ । ତା'ପରେ ଏହିସବୁ ପ୍ରତ୍ୟକ୍ଷଦର୍ଶୀ ଉକ୍ତି, ତାଙ୍କର ସବୁକିଛି ଜୀବନ୍ତ ସତ୍ୟର ପ୍ରଭାବବିଶିଷ୍ଟ, ଏପରି କିଏ ପ୍ରାଣହୀନ ପଶୁ ଅଛି, ଯିଏ ଏହିସବୁ ଶୁଣିବାର ସମ୍ଭାବନା ଥାଇ ଓ ଏହି ସ୍ଥାନକୁ ଯାଇ ଏସବୁ ପ୍ରତ୍ୟକ୍ଷ କରି ତୀବ୍ର ଲାଳସା ହେବ ନାହିଁ ? ମନରେ ଉତ୍ତରର ଲୋଭଟି ମୋ'ର ଖୁବ୍ ବଢ଼ିବାକୁ ଲାଗିଲା । ମୁଁ ତାଙ୍କ କର୍ଣ୍ଣଗୋଚର ହେବା ଲାଗି ସେହିପରି ପୁଣି 'ହରି-ହରି' କରିକରି ଚାଲିଲି— ଦେଖିଲି, ତାଙ୍କ ଅବସ୍ଥା ବହିର୍ମୁଖୀ ହୋଇଛି । କହି ପକାଇଲି, ''ବାବାଜୀ, ତୁମ ପରି ମହାଭାଗ୍ୟ ସମସ୍ତଙ୍କର ହେବ ନାହିଁ । ମୋତେ ଟିକିଏ ଦୟା କରିବ, ମୋତେ କିଛି ଦେଖାଇବ ?''

ସେ ମୋ' କଥା ଶୁଣି କହିଲେ, ''ଆଃ, ମୋ'ର ବନ୍ଧୁ (ଦୋସ୍ତ), ମୋ'ର ସାଧ କାହିଁ ! ଏହି ଚମ୍ପା ସଖୀ ତୁମକୁ ସେ ସ୍ଥାନକୁ ନେଇଯାଇପାରିବେ । ସେ ମୋ'ର ଗୁରୁ, ସେ ମୋ'ର ଚକ୍ଷୁ –ସେ ନ ନେଇ ଗଲେ ମୁଁ ନିଜେ କୌଣସି ମତେ ଯାଇପାରିବି ନାହିଁ ।''

ଏହି ସମୟରେ ଦୂରରୁ ଚମ୍ପାଙ୍କର ମୂର୍ତ୍ତି ଦେଖାଗଲା । ଦେଖିବାମାତ୍ରେ ସେହି କିଶୋର ''ଏଥର ଯିବି, ଦେଖା ମିଳିବ, ଶ୍ୟାମସୁନ୍ଦର, ରାଧିକାରାଣୀ'' କହୁକହୁ ତାଙ୍କର ଚକ୍ଷୁ ସ୍ଥିର ହୋଇଗଲା– ମୁହଁରେ ଆଉ କଥା ନଥିଲା । ହଠାତ୍ କିପରି ଏ ଭାବାନ୍ତର ?

ଚମ୍ପା ଯେତେବେଳେ ଆସିଲେ, ତାଙ୍କର ରୂପ ଦେଖି ସ୍ତମ୍ଭିତ ହେଲି–ଇଏ କ'ଣ ସେହି ବ୍ରଜନାରୀ ନୁହେଁ, ଯିଏ ମୋତେ ଏଠାରେ ରହିବାଲାଗି କହିଥିଲେ ? ବେଶଭୂଷା ମଧ୍ୟ ପୂର୍ବପରି ନୁହେଁ, ତାହା ଏକ ଅପୂର୍ବ ବେଶ–ପୂର୍ବେ ଏଠାରେ କାହାକୁ ବି ଏପରି ବସ୍ତ୍ରାଭୂଷଣରେ ଦେଖି ନାହିଁ । ପତଳା ଆଭରଣ, ଏପରି ହାଲୁକା ଯେ ସତେ ଯେପରି ଉଡୁଛି ! ତାଙ୍କର ଅପୂର୍ବ ଗତିଛନ୍ଦ ମନୋରମ ସୌନ୍ଦର୍ଯ୍ୟ ସୃଷ୍ଟିକରୁଥାଏ ।

ବାଳକକୁ ସ୍ପର୍ଶ କରିବା ମାତ୍ରେ ହିଁ ସେ ଉଠି ଠିଆହେଲେ । ନିର୍ବାକ୍ ଚମ୍ପା ସମ୍ମୁଖରେ, ତାଙ୍କର ପଶ୍ଚାତରେ ଏହି ବୈରାଗୀ କିଶୋର–ଧୀରେ ଧୀରେ ମୋ' ସମ୍ମୁଖରେ ହିଁ ଅନ୍ତର୍ଦ୍ଧାନ ହୋଇଗଲେ । କିପରି ଏକ ଆଚ୍ଛନ୍ନ ଭାବ ନେଇ ଅନେକକ୍ଷଣ ସ୍ତମ୍ଭୀଭୂତ ହୋଇ ସେହିଠାରେ ହିଁ ବସିରହିଲି । ମୁହଁରୁ ବାକ୍ୟ ସ୍ଫୁରିଲା ନାହିଁ ।

ପରଦିନ ଅପରାହ୍ଣରେ ପୂର୍ବ ସ୍ଥାନକୁ ପୁନଶ୍ଚ ଆସିଲି । ସେଠାରେ ଯମୁନାକୂଳରେ ତିନିଗୋଟି ବୃକ୍ଷ ମଧ୍ୟରେ, ସେହି ତ୍ରିକୋଣ କ୍ଷେତ୍ର, ସେହି କିଶୋର ବୈରାଗୀର ଆସନ । ଆଜି କିନ୍ତୁ ସେ ଆସନ ଶୂନ୍ୟ– ସେଠାରେ କେହି ନାହାନ୍ତି ।

ତାଙ୍କ ବାବାଙ୍କୁ ଖବର ଦେବାରେ କୌଣସି ସାର୍ଥକତା ଆଉ ଥିଲା କି ?

■■

ଏକତ୍ରିଂଶ ପରିଚ୍ଛେଦ

ଲେଟୋ ବାବା

ମସୋରୀ ଯାଉଥିଲି ।

ବାଟରେ ଝରିପାଣି, ଉତ୍ତରରେ ପରାଛେତ ନାମକ ସ୍ଥାନ କଥା ଶୁଣିଲି । ସେଠାରୁ ଦୁଇତିନି ମାଇଲ୍ ଉତ୍ତରରେ ଗୋଟିଏ ସ୍ଥାନରୁ ଖବର ପାଇଲି ଯେ ଏପରି ଏକ ଅଦ୍ଭୁତ ସାଧୁ ଅଛନ୍ତି, ଯିଏ କେବଳ ଶୋଇବା ଅବସ୍ଥାରେ ରହିଥାନ୍ତି, କିଛି ଖାଆନ୍ତି ନାହିଁ । ତୀର୍ଥ କରିବାକୁ କେତେଲୋକ ସେଠାକୁ ଯାଆନ୍ତି । ମୁଁ ଚିନ୍ତା କଲି,

ଲୋଟାବାବା

ସେହି ସାଧୁଙ୍କ ଦର୍ଶନ କରିଆସେ । ପୁଣି ମୋ'ର ମସୋରୀର କର୍ମସ୍ଥଳୀରେ ୨୫ ତାରିଖରେ ଉପସ୍ଥିତ ହେବା କଥା, ଆଜି ୨୦ ତାରିଖ; ଯଥେଷ୍ଟ ସମୟ ଥିଲା । ଏଣୁ ଯିବାକୁ ସ୍ଥିର କଲି ।

ଏହି ଝରିପାଣି ହୋଇ, ପୁଣି ସେଠାରୁ ପରାଛେତ । ତାହା ଯେ ଖୁବ୍ ଦୂର, ତାହା ନୁହେଁ । ତେବେ ମୋ' କ୍ଷେତ୍ରରେ ଯେପରି ପ୍ରଥମେ ଯେଉଁ ସଙ୍କଟମୟ ଓ ପରେ ବିସ୍ମୟକର ପରିସ୍ଥିତି ଘଟିଥିଲା, ସେହି କଥାଟି ଏବେ କହିବି ।

ଯେଉଁମାନେ ମସୋରୀ ଯାଇଛନ୍ତି, ସେମାନେ ଭଲରକମ ଜାଣନ୍ତି ଯେ ଡେରାଡୁନ ହୋଇ ମସୋରୀ ଯିବାକୁ ହେଲେ ଉଠାଣି ତଳେ ବଡ଼ ରାସ୍ତା ମୁହଁରେ ଥିବା ଗୋଟିଏ ଫାଟକ

ବାଟେ ଗାଡ଼ିସବୁ ତଳକୁ ବାହାରି ଆସିଲେ, ସେଇ ଫାଟକ ଦେଇ ମସୋରୀ-ଯାତ୍ରୀମାନଙ୍କୁ ଯିବାକୁ ଦିଆଯାଇଥାଏ । ସେହିଠାରୁ ହିଁ ଡାହାଣ ଦିଗରେ ରାସ୍ତା । ପ୍ରଥମେ କେତେକ ରାସ୍ତା ଉତ୍ତର-ପଶ୍ଚିମ କୋଣ ଆଡ଼କୁ, ତା'ପରେ କେତେକ ରାସ୍ତା ଉତ୍ତର ଦିଗକୁ ଦୁଇ ମାଇଲ ପର୍ଯ୍ୟନ୍ତ ଗଲେ ହିଁ ଝରିପାଣିରେ ପହଞ୍ଚିହେବ । ପୁଣି ସେଠାରୁ ଉତ୍ତର-ପୂର୍ବ କୋଣ ଆଡ଼ ରାସ୍ତାରେ ଦୁଇ ମାଇଲଯାଏ ଗଲେ ପରାଛେତ; ସେଠାରୁ ପୁଣି କିଛି ଉତ୍ତରକୁ ଗଲେ ସାଧୁଙ୍କ ଆସ୍ଥାନ, ଯେଉଁଠିକୁ ମୁଁ ଯାଇଥିଲି—ଚାଲଛିଣ୍ଡା ବନ୍ଧ ଦେଇ ଯିବାକୁ ପଡ଼େ । ପ୍ରଥମେ ମନେକରିଥିଲି, ମସୋରୀ ଯିବା ରାସ୍ତା ଯେତେବେଳେ ଏତେ ଭଲ, ଝରିପାଣି ଅଥବା ପରାଛେତ ରାସ୍ତା ମଧ୍ୟ ସେହିପରି ହୋଇଥିବ । କିନ୍ତୁ ହାୟ ଅଦୃଷ୍ଟ, କଳ୍ପନା ଓ ବାସ୍ତବତାରେ ଯେଉଁ ପାର୍ଥକ୍ୟ, ସେତେବେଳେ ତାହା ଭଲ ଭାବରେ ବୁଝି ନଥିଲି !

ମସୋରୀ ଯିବାକୁ ଫାଟକର ଡାହାଣ ଦିଗକୁ ଏହି ଯେଉଁ ରାସ୍ତା, କେତେଗୋଟି ବଙ୍ଗଳା ସେଠାରେ ଅଛି, ତନ୍ମଧ୍ୟରୁ ଗୋଟିଏ ଘରେ ଜଣେ ପୌଢ଼ା, ଯାହାଙ୍କର ନାମ ଭୁଲିଯାଇଛି । ଇୟୁରୋପୀୟ ମହିଳା ଭାରତୀୟ ପୋଷାକରେ ସର୍ବଦା ହିଁ ସଜ୍ଜିତ ହୋଇଥାନ୍ତି । ସେ ମୋତେ ଶୋଷବେଳେ ପାଣି, ବାଟ ଲାଗି ଆହାର, ପୁଣି କିଛି ସମୟ ଲାଗି ବିଶ୍ରାମ ନେବାକୁ ଟିକିଏ ରହଣି ସ୍ଥାନର ବ୍ୟବସ୍ଥା କରିଦେଇଥିଲେ ।. ମୋ'ର ଜିନିଷପତ୍ର ତାଙ୍କ ଆଶ୍ରମରେ ରହୁଥିଲା, ଠିକ୍ ୧୧ଟା ବେଳେ ମୁଁ ଚାଲିବାକୁ ଆରମ୍ଭ କଲି । ଯେଉଁ ବନ୍ଧୁ- ଜଣକ ମୋ'ର ଯିବା ରାସ୍ତାର ନିର୍ଦ୍ଦେଶ ଦେଇଥିଲେ, ସେ ମସୋରୀର ଏକ ବିଲାତୀ ଔଷଧ ଦୋକାନରେ କାର୍ଯ୍ୟ କରନ୍ତି; ସେ ଏପରି ଭାବରେ ମୋତେ ରାସ୍ତା କଥା କହିଥିଲେ ଯେ ସେଥିରେ କୌଣସିରୂପେ ଜଟିଳତା ଥାଇପାରେ ବୋଲି ମୁଁ କଳ୍ପନା କରି ପାରିନଥିଲି ।

ମୂଳରୁ ରାସ୍ତାଟି କିଛିଟା ଅଙ୍କାବଙ୍କା, ତା'ପରେ ଆରମ୍ଭ ହେଲା ଉଠାଣି । ମସୋରୀ ପାହାଡ଼ ଯେତେ ଉଚ୍ଚରେ, ଏ ସ୍ଥାନଟି ଠିକ୍ ସେତିକି ଉଚ୍ଚତାରେ ନଥିଲା, କିଛି ନିମ୍ନ ସ୍ତରରେ ଥିଲା । କାରଣ ମସୋରୀ ଉଠିବାକୁ ଯେତେ ବେଶୀ ଉଠାଣି ଭାଙ୍ଗି ଯିବାକୁ ପଡ଼େ, ଏ ରାସ୍ତାରେ ପ୍ରାୟ ଅଧାରାସ୍ତା ସେହି ପ୍ରକାରର । ଝରିପାଣି କଥା କିଛି କହିବି ନାହିଁ । କାରଣ ମସୋରୀ ପରି ଝରିପାଣି ମଧ୍ୟ ଏକ ପାହାଡ଼-ସ୍ୱାସ୍ଥ୍ୟନିବାସ—ହେଲେ, ସେଠାରେ ଖୁବ୍ ବିରଳ-ବସତି । ବେଶୀ ଲୋକ ସେଠାରେ ନ ଥାନ୍ତି, ଯେତେ ବେଶୀ ମସୋରୀରେ ରହନ୍ତି । ଅନେକେ ଝରିପାଣି କଥା ଜାଣନ୍ତି । କେବଳ ଗୋଟିଏ ଝରଣା ବ୍ୟତୀତ ସେଠାରେ ଆଉ କିଛି ବିଶେଷ ଆକର୍ଷଣ ନାହିଁ ।

ଯାହାହେଉ, ସେହି ଦିନଟି ଝରିପାଣିରେ କଟାଇଦେଇ ପରଦିନ ଯାତ୍ରା ଆରମ୍ଭ କଲି । ସେହି ସମୟରେ ବ୍ରିଟିଶ ଅଫିସର୍ କେତେଜଣ ସେଠାରେ ଥିଲେ—ଅବଶ୍ୟ ସେମାନେ ଶିକାର ଉଦ୍ଦେଶ୍ୟରେ ଆସିଥିଲେ ।

ପ୍ରାୟ ଅଧମାଇଲ ଅବତରଣ ପଥ ପରେ ଏକ ଉପତ୍ୟକା ମଧ୍ୟ ଦେଇ କିଛି ବାଟ ଯିବାପରେ ପୁଣି ଚଢ଼ାଇରେ ଉଠାଣି ରାସ୍ତା ଆରମ୍ଭ ହୋଇଗଲା—ସେଠାରେ ପୁଣି ଜଙ୍ଗଲ ବି ରହିଛି । ଜଙ୍ଗଲରେ ଅନେକ ରକମର ଗଛ—ବେଶ୍ ବଡ଼ ବଡ଼ ଗଛ । ସେପରି ଗଛ କେବଳ ଏହିଠାରେ ହିଁ ପରିଲକ୍ଷିତ ହେଲା । ହିମାଳୟର ସେସବୁ ଅଞ୍ଚଳରେ ବୁଲିଥିଲେ ମଧ୍ୟ ସେପରି ଗଛ ଦେଖିନାହିଁ; ଏପରି ଗଛ ବଙ୍ଗଳାରେ ମଧ୍ୟ ନାହିଁ, ଏପରିକି ଉତ୍ତର-ପଶ୍ଚିମ ଅଞ୍ଚଳରେ ମଧ୍ୟ କେଉଁଠି ଦେଖିନାହିଁ ।

ଯାହା ହେଉ, ନାନା ପ୍ରକାର ଅପୂର୍ବ ବୃକ୍ଷଲତାପୂର୍ଣ୍ଣ ଜଙ୍ଗଲକୁ ଗୋଟିଏ ପାଖରେ ରଖି ଆଗେଇ ଚାଲିଛି—ଚାଲୁଚାଲୁ ମୋ'ର ଯେପରି ହୋଇଥାଏ, ଅର୍ଥାତ୍ ଚିନ୍ତାର ସ୍ରୋତରେ ଶରୀରକୁ ଭସାଇ ଦେଇ ଚାଲିଛି, ହଠାତ୍ ଗତିରୋଧ ହେଲା ଏକ ବିରାଟ ଶବ୍ଦରେ । ତାହା କେଉଁ ଦିଗରୁ ଆସିଲା, ଜାଣିପାରିଲି ନାହିଁ । ଅଟକିଯାଇ କିଛି ସମୟ ଇତସ୍ତତ ଦେଖୁ ଦେଖୁ ପୁଣି ସେହି ଶବ୍ଦ ! ଏହି ଶବ୍ଦ ମନୁଷ୍ୟର ନୁହେଁ—ଅନୁମାନ କଲି, ମୋ' ଡାହାଣ ପଟୁ ସେ ଶବ୍ଦ । ତେଣୁ ଫେରିପଡ଼ି କିଛି ଦୂର ଜଙ୍ଗଲ ଭିତରକୁ ଯାଇ ଦେଖେ, ଅଙ୍କାବଙ୍କା ହୋଇ ଏକ ସରୁରାସ୍ତା ତଳ ଆଡ଼କୁ ଯାଇଛି । ଅନେକ ଦୂର ଯାଏ ରାସ୍ତାଟି ଦେଖାଯାଉଛି । ମୁଁ ଆଉ ଅଧିକ ଭିତରକୁ ଯିବି କି ନାହିଁ ଭାବୁଛି, ପୁଣି ସେହି କରୁଣ ସ୍ୱର । ବେଶୀ ଦୂରରେ ନୁହେଁ, ବୋଧହୁଏ ଅଳ୍ପ କିଛି ଦୂରରେ ହେବ । ଏକ ବନଜ ବୃକ୍ଷମୂଳରେ ଗୋଟିଏ ଚତୁଷ୍ପଦ ପ୍ରାଣୀର ମୃତ୍ୟୁ-ଯାତନାର କାତର ସ୍ୱର ।

ହଠାତ୍ ପାଖକୁ ଯାଇ ଦେଖିଲି, ଏକ ନୀଳଗାଈ । ବେଶ୍ ବଡ଼ । ତା'ର ଛାତି ତଳକୁ ଗୁଳିବିଦ୍ଧ, ରକ୍ତର ଧାର ବହିଚାଲିଛି । ମୁଁ ନିକଟକୁ ଯିବାରୁ ସେ ଧଡ଼ପଡ଼ ହୋଇ ଉଠିବାକୁ ଚେଷ୍ଟା କଲା,ମାତ୍ର ଆଉ ଉଠିପାରିଲା ନାହିଁ—ଆଗଖୁରା ଦୁଇଟିକୁ ସିଧା କରି ଏପରି କରୁଣ ଭାବରେ ଚାହିଁଲା ଯେ ସେ କରୁଣ ଦୃଶ୍ୟ ସହ୍ୟ କରିପାରିଲି ନାହିଁ । ତା' ଆଖିରୁ ଲୁହ ଗଡ଼ି ଚାଲିଛି । କେହି ଶିକାରୀ ତାକୁ ଗୁଳିମାରିଛି—କେଉଁଦିଗରୁ କେଜାଣି, ଜଣାପଡୁ ନାହିଁ । ବୋଧହୁଏ ଗୁଳି ଖାଇ ବହୁଦୂର ଧାଇଁଆସି ଆଉ ଯାଇ ନ ପାରି ଏଠାରେ ପଡ଼ିଯାଇଛି । ମୁଁ ଜାଣେ, ହରିଣ ମୁଣ୍ଡରେ ବା ତାଳୁରେ ଗୁଳି ନ ଖାଇଲେ କେବେହେଲେ ପାଖରେ ପଡ଼ିଯାଏ ନାହିଁ । ଗୋଟିଏ ଗୁଳି ବାଜିଛି, ତାହାପୁଣି ଛାତି ତଳକୁ—ତେଣୁ ଜାଣିଲି ଯେ ବହୁଦୂରରୁ ଦୌଡ଼ିଆସି ଏଠି ପଡ଼ିଗଲା । ଯିଏ ହତ୍ୟାକାରୀ ସେ ପୁଣି କେଉଁଠି ? ରକ୍ତଚିହ୍ନକୁ ଅନୁସରଣ କରି ବୋଧହୁଏ ସେ ଆସୁଥିବ ।

ମୋ'ର ସେତେବେଳେ ଯେଉଁ ଅବସ୍ଥା, ସେଥିରେ ବହୁ ଦୂର ଯିବାକୁ ହେବ । ସେକଥା ମୋତେ ସଚେତନ କରାଉଛି । ଏଣେ ଏହି ପଶୁଟିକୁ ଛାଡ଼ିଦେଇ ଯିବାକୁ ପାଦ ଆଗଉ ନାହିଁ । ମୁଁ ତା'ର କ'ଣ ବା କରିପାରିବି, କିଛି ବୁଝିପାରିଲି ନାହିଁ । ଏପଟସେପଟ ଅନେଇ ଦେଖୁଛି, କେଉଁଠି ଝରଣାଟିଏ ଅଛି କି ନାହିଁ । ଟିକିଏ ପାଣି ଯଦି ତା' ମୁହଁରେ

ଦେଇପାରେ ! କିନ୍ତୁ କେଉଁଠି ପାଣି ଦେଖିପାରିଲି ନାହିଁ । କ'ଣ କରିବି ବୋଲି କିଛି ସମୟ ଚିନ୍ତା କଲି । ଏ ଅବସ୍ଥାରେ ଆଉ କିଛି କରିପାରିବାର ଆଶା ନଥିଲା ।

''ମୁଁ ଆଉ ତୋ'ର କ'ଣ କରିପାରିବି ବନ୍ଧୁ । ତୋ'ର କାଳ ଶେଷ ହେଉଛି, ତୁ ଯିବୁ, ମୋ'ର କାଳ ପୂରିଲେ ମୁଁ ମଧ୍ୟ ଯିବି । ତେବେ, ଦୁଃଖ ଏତିକି ରହିଗଲା ଯେ ତୋ'ର ଦେହାନ୍ତ ମୋତେ ଏଇ ଅବସ୍ଥାରେ ଦେଖିବାକୁ ପଡ଼ିଲା ।''

ଫେରିଆସି ରାସ୍ତା ଧରିଲି । ବନପଥରେ ଏପଟ ସେପଟ ହୋଇ ଚାଲିଚି, ଦେଖି ଦେଖି ଚାଲୁଥିଲି । ପ୍ରାୟ ମାଇଲିଏ ପର୍ଯ୍ୟନ୍ତ ଚାଲିଆସି ପୁଣି ଏକ ଉଠାଣି ପାଇଲି । ବେଳ ଗଡ଼ିଯାଉଛି, ତରବରରେ ଉଠାଣି ଉଠିବାକୁ ଲାଗିଲି । ଆଗରୁ ବର୍ଣ୍ଣନା କରି କହିଛି, ଏହି ଉଠାଣି ଉଠିବା ପରେ ଆରପାଖରେ କିଛିଟା ଅବତରଣ ରାସ୍ତା । ତା' ପରେ ଏକ ବଡ଼ ଝରଣା । ସେହି ଝରଣାକୂଳରେ ଗୋଟିଏ ଗୁହା—ସେହିଟା ହିଁ ଲେଟୋ ବାବାଙ୍କ ଆଶ୍ରମ ।

ଯେତେ ଦ୍ରୁତ ଗତିରେ ଉଠିବାକୁ ଚେଷ୍ଟା କରୁଛି, ଛାତି ଉପରେ ସେତିକି ଚାପ ପଡୁଛି । କେହି ଯଦି ପାହାଡ଼ରେ ଶୀଘ୍ର ଶୀଘ୍ର ଉଠାଣି ଉଠିବାରେ ଅଭ୍ୟସ୍ତ ନୁହେଁ, ତେବେ ବିଳମ୍ବ ତ ହେବ ହିଁ ହେବ, ସେଥିରେ ହାଲିଆ ହୋଇପଡ଼ିବ ।

ଯାହାହେଉ, ବର୍ତ୍ତମାନ ଟିକିଏ ବିଶ୍ରାମ ନେବାକୁ ପଡ଼ିବ । ଏହାପରେ ଧୀରେ ଧୀରେ ପାହାଡ଼କୁ ଅତିକ୍ରମ କରିବା ପରେ ଅନେକ ଦୂରଯାଏ ଓହ୍ଲାଇବା ରାସ୍ତା । କିଛିଟା ଅଳ୍ପ ନିଚା ଓ ଅଳ୍ପ ଉଚ୍ଚା ରାସ୍ତା ଦେଖାଗଲା । ତାହାକୁ ଠିକ୍ ଉଠାଣି କୁହାଯିବ ନାହିଁ କି ଗଡ଼ାଣିଆ ମଧ୍ୟ କୁହାଯିବ ନାହିଁ । ଏହିପରି ଏକ ରାସ୍ତାରେ କିଛିଦୂର ଆସି ଗୋଟିଏ ବରଗଛ ଦେଖିଲି । ତା' ମୂଳରେ ୨/୩ଟି ବଡ଼ ବଡ଼ ଗୋଲ୍ ପଥରଖଣ୍ଡରେ ସିନ୍ଦୂରବୋଳା । ଏହି ଗଛଟି ଅତି ବଡ଼ ନୁହେଁ । ଏପରି ଉଚ୍ଚ ସ୍ଥାନରେ ବଡ଼ ଗଛ ହୋଇ ନଥାଏ । ମଧ୍ୟମ ଆକାରର ଗଛ, ମାତ୍ର ଖୁବ୍ ପୁରାତନ । ତା'ର ଖଣ୍ଡେ ଡାଳ ପଥର ଉପରେ ଆସି ଓହଳିଛି । ସେହି ଡାଳରେ କିଛି ରଙ୍ଗୀନ କନା ଖଣ୍ଡେ ଖଣ୍ଡେ ବନ୍ଧା ହୋଇଛି । ଅଳ୍ପ ଦୂରରେ ନିମ୍ନ ଅଞ୍ଚଳରେ ଏକ ଝରଣା । ଝରଣାରୁ ଆକଣ୍ଠ ପାନ କରି ତୃଷା ନିବାରଣ କଲି । ଏହାପରେ ବରଗଛ ମୂଳକୁ ଫେରିଆସି ବସିଯିବା ପରେ ନାନା କଥା ଭାବିଚାଲିଲି । ଏହି ସମୟରେ ଛାଗଳଙ୍କ ଡାକ—ତା'ପରେ ରାସ୍ତାର ବାଙ୍କ ବୁଲି ଜଣେ ପାହାଡ଼ୀ ପୁରୁଷ ଆଉ ଯୁବତୀ ଆସୁଥିବାର ଦେଖିଲି । ସେମାନଙ୍କ ପଛକୁ ଲାଗି କପାଳରେ ଚିତା, ରୁଦ୍ରାକ୍ଷର ମାଳା ଓ ଉପବୀତଶୋଭିତ, ମୁଣ୍ଡରେ କପଡ଼ାର ପାଗବନ୍ଧା, ଅଣ୍ଟାରେ ଚାଦରବନ୍ଧା, ପାଦରେ ବିବର୍ଣ୍ଣ କାନଭାସର ପୁରୁଣା ଫଟା ଜୋତାରୁ ପାଦର ଗୋଟିଏ ଆଙ୍ଗୁଳି ବାହାରିଥିବା ଜନୈକ ବ୍ରାହ୍ମଣ ଆସୁଥିଲେ । ସେମାନଙ୍କ ପଛରେ ଆଉ ୪/୫ ଜଣ ଆସୁଥିବାର ଦେଖାଗଲା ।

ପ୍ରଥମେ ଯିଏ ଆସୁଛି, ତା'ର ମଥାରେ ଏକ ବାଜରାଜାତୀୟ ଟୋକେଇ ଭିତରେ ଅନେକ ଜିନିଷପତ୍ର ଅଛି–ତାହା ବେଶ୍ ଭାରୀ । ପିଠିରେ ବୋଝ ନ ନେଇ ମୁଣ୍ଡରେ ଯେପରି ନେଉଛି, ବୁଝିପାରିଲି ନାହିଁ । ହିମାଳୟରେ ଏପରି ବହନ କରିବା ଅସ୍ୱାଭାବିକ । ଯୁବତୀଟିର ମଥାରେ ଓଢ଼ଣା ଆଉ କପାଳରେ ସିନ୍ଦୁରଟୋପା, ଛାଗଳଟିକୁ ସିଏ ଟାଣିଟାଣି ଆଣୁଛି । ବ୍ରାହ୍ମଣ ଅଳ୍ପ ଦୂରରେ । ଦେଖୁ ଦେଖୁ ସେମାନେ ଆସିଲେ ସେହି ବରଗଛ ଛାଇକୁ । ମୋ' ଆଡ଼କୁ ଚାହିଁ, ଆଗରେ ଥିବା ବ୍ୟକ୍ତିଜଣକ ବୋଝକୁ ଓହ୍ଲାଇବାକୁ ସାହାଯ୍ୟ ଲାଗି ଯେପରି ଇଙ୍ଗିତ କଲେ । ଅନ୍ତତଃ ତାହାହିଁ ବୁଝିନେଇ ଉଠିପଡ଼ି ତାଙ୍କୁ ବୋଝ ଓହ୍ଲାଇବାରେ ସାହାଯ୍ୟ କଲି । ଓହ୍ଲାଇବା ପରେ ଦେଖିଲି, ସେଥିରେ ପ୍ରକାଣ୍ଡ ଏକ କଟୁରି ରଖାହୋଇଛି । ବୁଝିନେଲି, ଏଠାରେ ଜଗଦମ୍ବାଙ୍କ ପୂଜାରେ ବଳି ପଡ଼ିବ । ମୁଁ ବାକ୍ୟବ୍ୟୟ ନ କରି ଉଠି ପଡ଼ିଲି ।

ମୋତେ ଚାଲିଯାଉଥିବାର ଦେଖି ବ୍ରାହ୍ମଣ ବ୍ୟକ୍ତି–ସେ ହୁଏତ ପୁରୋହିତ ହେବେ– ହାତ ଦେଖାଇ କହିଲେ,–''ବୈଠୋ, ବୈଠୋ'' । ଆଉ ସବୁ କ'ଣ କହିଲେ, ବୁଝିପାରିଲି ନାହିଁ । ମୁଁ କିନ୍ତୁ ସେ କଥାରେ ଉତ୍ସାହିତ ନ ହୋଇ ଏକବାର ଚାଲିବାକୁ ଆରମ୍ଭ କରିଦେଲି । ଆଗରୁ ଏକ ହତ୍ୟା ଦେଖିନେଇ ମନ ଭଲ ନଥିଲା । ଏହାପରେ ପୁଣି ଆଉ ଏକ ହତ୍ୟା ଆୟୋଜନ, ଯାହାକୁ ଦେଖିବାର ମନୋବୃତ୍ତି ମୋର ଆଦୌ ନଥିଲା; ଏଠାରେ ଆଉ ବିଶ୍ରାମ ନେବାର ପ୍ରୟୋଜନ ମଧ୍ୟ ନଥିଲା । ହାୟ ଜଗଦମ୍ବା, ଏହି ହିମାଳୟସ୍ଥ ସମାଜ ମଧ୍ୟ ଏହାର କୌଣସି ପରିବର୍ତ୍ତନ ଆଣିପାରି ନାହାନ୍ତି !

ଯେତେବେଳେ ପର୍ବତର ଶୀର୍ଷଦେଶରେ ପହଞ୍ଚିଲି, ସେତେବେଳେ ସମୟ ତୃତୀୟ ପ୍ରହର– ସେଠାରେ ମଧ୍ୟ ବସିଯାଇ କିଛି ସମୟ ବିଶ୍ରାମ ନେଲି । ବସିରହି ଉଚ୍ଚ ଶିଖର ସମ୍ମୁଖକୁ ଅନେଇ ଦେଖେ, ନୀଳ ଆକାଶର କୋଳରେ ତୁଷାର ଶିଖରମାନ ଦେଖାଯାଉଛି । ଆଃ, କି ଚମତ୍କାର ମନୋମୁଗ୍ଧକର ଦୃଶ୍ୟ, ଯେପରି ଅତି ନିକଟରେ ସ୍ପଷ୍ଟରୂପେ ଜଣାପଡୁଛି । ପରିଷ୍କାର ଆକାଶସାରା ନୀଳ ଆଭାର ପଶ୍ଚାତରେ ଯେପରି ଶୁଭ୍ରକାନ୍ତ, ଜଟାଜୁଟ ସମାହିତ ହର-ପାର୍ବତୀ ମୂର୍ତ୍ତି । ତୁଷାର ସ୍ତୂପର ଗୋଟିଏଗୋଟିଏ ଅଂଶ ଯେପରି ପଛକୁ ପଛ ମିଶିଯାଇ ଏକ ପ୍ରଶସ୍ତ ଚିତ୍ରପଟ ସୃଷ୍ଟି କରୁଛି–ନୀଳ ଆକାଶ ତା'ର ବ୍ୟାକ୍‌ଗ୍ରାଉଣ୍ଡ ବା ପଟଭୂମି । ଏହି ମନୋରମ ଦୃଶ୍ୟ ଦେଖୁଦେଖୁ ଭୁଲିଗଲି, ମୁଁ କେଉଁଆଡ଼େ ଯାଉଛି । ମନେପଡ଼ିଯିବାରୁ ଦୃଷ୍ଟି ଫେରାଇଲି ।

ବର୍ତ୍ତମାନ ନିମ୍ନଦିଗରେ ଯେତେଦୂର ଦେଖାଯାଇପାରୁଛି, ତାହାହିଁ ଦେଖୁଛି । ଅନେକ ଦୂରରେ ଯେପରି ଏକ ଝରଣା ପରି ମନେ ହେଉଥାଏ । ଏହି ଯେ ମୋ'ର ଗନ୍ତବ୍ୟ ପଥ, ତାହା କ'ଣ ଦେଖାଯାଉ ନାହିଁ ! କ୍ଳାନ୍ତି ଅପସରି ଯାଇଛି, ଅଳ୍ପ ସମୟ ମଧ୍ୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ହେବ । ଆଜି ରାତିରେ ସେଠାରେ ମୋତେ ନିଶ୍ଚୟ ଆଶ୍ରୟ

ମିଳିବ । ତା'ପରେ କାଲି ଭୋର୍‌ରୁ ଉଠିପଡ଼ି ଆଗେଇ ଚାଲିବି; ସନ୍ଧ୍ୟା ସମୟରେ ନିଶ୍ଚୟ ହିଁ ଝରିପାଣିରେ ପହଞ୍ଚିବି । ରାତ୍ରିଯାପନ କରି କାଲି ସକାଳେ ପଦଯାତ୍ରା କରି ମସୋରୀରେ ଦୁଇଟା ବେଳକୁ ପହଞ୍ଚିଯିବି । ଏହିପରି ଯାତ୍ରାର କର୍ମତାଲିକା ପ୍ରସ୍ତୁତ କରିଦେଲି । ହୃଦୟରେ ଶକ୍ତି ସଞ୍ଚାର ହେଲା ।

ଅନେକ ନିମ୍ନରେ ଉପତ୍ୟକା ଦେଖାଯାଉଛି, ହେଲେ ତା'ର ସ୍ରୋତ ଠିକ୍ ରୂପେ ଦେଖାଯାଉ ନାହିଁ ସତ, କିନ୍ତୁ ତାହାକୁ ଅନୁମାନ କରିବାରେ ବୋଧହୁଏ ଭୁଲ୍ ହୋଇନାହିଁ । ଉପତ୍ୟକା ଭୂମିଠାରୁ ମୋ'ର ଗନ୍ତବ୍ୟ ସ୍ଥାନ ପ୍ରାୟ ୨୦୦ ଫୁଟ ଉଚ୍ଚ ହେବ । ମୁଁ ଯେଉଁଠି ବର୍ତ୍ତମାନ ବସିରହିଛି, ସେଠାରୁ ପ୍ରାୟ ୧୫୦ ଫୁଟ ତଳେ । ଚତୁର୍ଦ୍ଦିଗରେ ଦେବଦାରୁ—କି ଚମତ୍କାର ଦୃଶ୍ୟ ! ଉପଭୋଗ କରିବାର ଆକର୍ଷଣ ସ୍ୱତଃ ହିଁ ଆସିଯାଏ । ସେଠାରୁ ଉଠିଯିବାକୁ ଇଚ୍ଛା ହୁଏ ନାହିଁ ।

ଯେଉଁମାନେ ପାହାଡ଼ ଦେଶରେ ଭ୍ରମଣ କରନ୍ତି, ସେମାନଙ୍କ ଶରୀରର କ୍ଳାନ୍ତି, ଦୁର୍ବଳତା, ଉଠାଣି ଉଠିବା ଲାଗି କଠିନ ବେଦନା, ଏସବୁ କଷ୍ଟକୁ ଦୃଶ୍ୟରାଜିର ଉପଭୋଗର ପ୍ରେରଣା ଦ୍ୱାରା ଲାଘବ କରିଦିଏ । ନହେଲେ ହିମାଳୟ ଭ୍ରମଣର କୌଣସି ସାର୍ଥକତା ନଥାନ୍ତା । ଝରିପାଣିର ଦୃଶ୍ୟ ମଧ୍ୟ ଉପଭୋଗ କରିଛି । କିନ୍ତୁ ଏହାର ତୁଳନାରେ—କହିବା ବାହୁଲ୍ୟ—ଏହି ସ୍ଥାନକୁ ଛୋଟ କରି ଅନ୍ୟକୁ ବଡ଼ କରିବାର ଇଚ୍ଛା ନୁହେଁ, ପୁଣି ହିମାଳୟ ମଧ୍ୟରେ ତୁଳନାତ୍ମକ ବିଚାରରେ କେଉଁଟା ଅଳ୍ପ ବା କେଉଁଟା ବେଶୀ ସୁନ୍ଦର, ତାହା କହିବା ମଧ୍ୟ ଶୋଭନୀୟ ନୁହେଁ । କାରଣ ଏଠାରେ ସବୁକିଛି ସୁନ୍ଦର, ଯାହାକୁ ଯେତେବେଳେ ଯାହା ଭଲ ଲାଗିବ । ତେବେ, ଗୋଟିଏ କଥା କହିବାକୁ ହେବ ଯେ ଯେଉଁ ଦୃଶ୍ୟ ସେଠାରେ ବିସ୍ତୃତିଲାଭ କରି ବିଶାଳତାରେ ପରିଣତ ହୋଇ ଅନନ୍ତ ଦିଗରେ ଗତିକୁ ପ୍ରସାରିତ ହୋଇପାରିଛି ବୋଲି ମନେହୁଏ, ତା'କୁ ଶ୍ରେଷ୍ଠ ସ୍ଥାନ ଦେବାକୁ ପଡ଼େ—କେବଳ ଭାଷାରେ ନୁହେଁ, ଅନ୍ତରର ଅନୁଭୂତି ଭିତରେ ମଧ୍ୟ । ସେଥିପାଇଁ ଏଠାରେ ବସିରହି କେବଳ ଉପରିଭାଗରେ ଥିବା ସେହି ଦୃଶ୍ୟକୁ ଉପଭୋଗ କରୁଥିଲି । ଏହି ଶେଷ ଶରତରେ ନୀଳ ଆକାଶରେ ଟୁକୁରାଏ ମଧ୍ୟ କଳାମେଘ ନାହିଁ । ଛୋଟ ଛୋଟ ଧଳା ପତାଳା ତୁଳାଖଣ୍ଡ ପରି ଖଣ୍ଡେ ଦୁଇଖଣ୍ଡ ମେଘ ଭାସିଭାସି ଶୀର୍ଷଦେଶରେ ଯାଇ ଲାଗିଲା ଏବଂ କିଛିଟା ତୁଷାର ଦେହରେ ମିଳାଇଗଲା । ତା'ପରେ ସେହି ଖଣ୍ଡ ଖଣ୍ଡ ଶ୍ୱେତ ଲଘୁ ମେଘମାଳା ଭାସିଭାସି ଆହୁରି ନିମ୍ନ ଗତିରେ ଆସି ଯେପରି ଏକ ସ୍ଥୂଳ ରେଖାରେ ପରିଣତ ହୋଇଗଲା । ଗଛପତ୍ରର ସବୁଜିମା ଭିତର ଦେଇ ସେହି କ୍ଷୀଣ ଧବଳ ବର୍ଣ୍ଣାଭାସ ସତରେ ହିଁ ନୟନାଭିରାମ—ସେହି ନୀଳଧୂସର ବର୍ଣ୍ଣାଭା ଅତ୍ୟନ୍ତ ମନୋରମ । ସେହି ସ୍ଥାନକୁ ଛାଡ଼ି ଯିବାକୁ ଇଚ୍ଛା ହେଉ ନଥାଏ ।

କ୍ରମେ କ୍ରମେ ବେଳ ଗଡ଼ିଯିବାକୁ ଲାଗିଲା । ଆଉ ଏବେ ବସିରହି ଦୃଶ୍ୟ ଉପଭୋଗ କରିବା ସମ୍ଭବ ନୁହେଁ । ମୋ'ର ଧାରଣା ହେଲା ଯେ ଗନ୍ତବ୍ୟ ସ୍ଥାନ

ଯେତେବେଳେ ଏଠାରୁ ଦେଖାଯାଉଛି, ଅଳ୍ପ ସମୟ ମଧ୍ୟରେ ସେଠାରେ ପହଞ୍ଚି ହେବ । ଏଥିଲାଗି ଦୃଶ୍ୟ ଉପଭୋଗରେ ଟିକିଏ ଅଧିକ ସମୟ କଟାଇଥିଲି । ଏବେ ଉଠିପଡ଼ି ଶୀଘ୍ର ଶୀଘ୍ର ଓହ୍ଲାଇବାକୁ ଲାଗିଲି । କାରଣ ଆଉ ଉଠାଣି ନଥିଲା ।

ଉପରେ ବସିଯାଇ ଯେଉଁଠାରୁ ଝରଣା ଦେଖୁଥିଲି, ମୋ'ର ଗନ୍ତବ୍ୟ ରାସ୍ତା ସେହି ଆଡ଼କୁ ଯିବା ପରି ମନେହେଲା ନାହିଁ । ଯେଉଁଠାରୁ ଝରଣା ଓ ଗୁହାକୁ ଲକ୍ଷ୍ୟ କରୁଥିଲି, ଏବେ ବହୁଦୂର ଓହ୍ଲେଇବା ପରେ, ମନେହେଲା, ଯେପରି ତାହା ଆହୁରି ଉଚ୍ଚରେ । ତେବେ କ'ଣ ଅନ୍ୟ କେଉଁଠି ବାଟ ଅଛି, ଯେଉଁ ବାଟ ଦେଇ ଗୁହାରେ ପହଞ୍ଚିହେବ !

ପୁଣି ଫେରିଲି । କିଛି ଦୂର ଉଠିଯାଇ ଏଆଡ଼େସେଆଡ଼େ ଦେଖୁଦେଖୁ ସରୁ ଏକ ବନପଥ ଥିବାର ମନେ ହେଲା, ଯାହା ଗୁହା ଆଡ଼କୁ ଯାଇଥାଇପାରେ । ଭଗବାନଙ୍କୁ ସ୍ମରଣ କରି ଦୃଢ଼ବିଶ୍ୱାସ ନେଇ ଏହି ଗଳି ରାସ୍ତା ଧରି ଆଗେଇଲି ଦ୍ରୁତ ବେଗରେ । ସନ୍ଧ୍ୟା ଆସନ୍ନପ୍ରାୟ । ଯେତେ ଦ୍ରୁତ ଗତିରେ ଚାଲିବା ସମ୍ଭବ, ଚାଲିଲି ରୁଦ୍ଧଶ୍ୱାସ ହେଇ । ଭରସା ରହିଛି ଯେ ଏଥର ଠିକ୍ ଗୁହା ପାଇଯିବି । ଭାଗ୍ୟକୁ ରାସ୍ତାଟିରେ ଉଠାଣି ନ ଥିଲା ।

ଯେତେବେଳେ ଧଇଁ ସଇଁ ହୋଇ ବନାଞ୍ଚଳ ଛାଡ଼ି କିଛି ବଙ୍କା ସ୍ଥାନରେ ଆସି ପହଞ୍ଚିଲି, ସେତେବେଳେ ଦେଖିଲି, ଆଗରେ ଝରଣା ଦେଖାଯାଉଛି । ତା' ନିକଟରେ ଏକ ଉଚ୍ଚ ସ୍ଥାନରେ ଗୁହା ଥିବାର ମନେହେଲା । ଏବେ ମଧ୍ୟ ସନ୍ଧ୍ୟା ଅତୀତ ହୋଇନାହିଁ, ଆଉ କମ୍ ସମୟ ରହିଛି । ଏହାକୁ ଆଲୋକ ଚାଲିଯିବା କହିବା ଠିକ୍ ହେବ । ଝରଣା ନିକଟକୁ ଆସି ଅଳ୍ପକ୍ଷଣ ବସିପଡ଼ିଲି । ଆଉ ଯେପରି ପାରୁ ନାହିଁ ! ସ୍ନାୟବିକ ଉତ୍ତେଜନାରେ ଟିକିଏ ଦୁର୍ବଳ ଲାଗିଲା—ମନେହେଲା, ଗୁହା ରାସ୍ତାଟି ପାଇବି କି ନାହିଁ କେଜାଣି ! ଏତେ ବାଟ ଯେତେବେଳେ ଆସିଲିଣି, ନିଶ୍ଚୟ ପାଇଯିବି ।

ବୋଧହୁଏ ପାଞ୍ଚମିନିଟ ପର୍ଯ୍ୟନ୍ତ ବିଶ୍ରାମ ନେଲି—ତାହା ମଧ୍ୟ ଅଧିକ ବୋଲି ମନେ ହେଲା । ଏବେ ଝରଣା ପାଖର ରସ୍ତାରେ ଉଠିବାକୁ ଲାଗିଲି । ଠିକ୍ ସେହିଠାରେ ହିଁ ଗୁହା । ଏହାହିଁ ଅନୁମାନ କରି ଧଡ଼ାଧଡ଼ ପାଦ ପକାଇ ଉଠୁ ଉଠୁ ଅନ୍ଧକାର ଥିବା ଗୁହା ମୁଖକୁ ଦେଖିବାକୁ ପାଇଲି । ଆଃ, ଆଉ ଭୟ ନାହିଁ, ପାଇଗଲି, ଏବେ ସାର୍ଥକ ହେଲା ସାରାଦିନର ପରିଶ୍ରମ । ଗୁହାର କିଛିଟା ନିମ୍ନଭାଗର ସମ୍ମୁଖକୁ ଆସି ଗୋଟିଏ ପଥର ଉପରେ ବସିଗଲି । ସେଠାରୁ ଆଉ ଅଳ୍ପ ମାତ୍ର ଉଠିଲେ ହିଁ ଏକାଥରେ ଗୁହା ମଧ୍ୟକୁ ପ୍ରବେଶ କରାଯାଇପାରିବ ।

ଗୁହାଟି ଅନ୍ଧକାର, ମୋ' ପରି ଜଣେ ପୁରା ଠିଆହୋଇ ଭିତରକୁ ପ୍ରବେଶ କରିପାରିବ ସତ, କିନ୍ତୁ ତା' ପରେ ଆଉ ଏକ ଛୋଟ ଗୁହା, ଯାହାର ଉଚ୍ଚତା ଦୁଇହାତରୁ ଅଧିକ ହେବ ନାହିଁ । ସେଠାରେ ଗାଢ଼ ଅନ୍ଧକାର, ଏପରିକି ସାମ୍ନାରେ ଠିଆ ହେଲେ ମଧ୍ୟ ଭିତରର କିଛି ଦେଖାଯାଏ ନାହିଁ । ଯେଉଁଠାରେ ମୁଁ ବସିଛି, ସେଠାରୁ କିଛି ହିଁ ଦେଖାଯାଉ ନାହିଁ ।

ଯେତେବେଳଯାଏ ଚାଲୁଥିଲି, ସେତେବେଳେ କ୍ଳାନ୍ତି ଥିଲା । ଏବେ ଆଉ କୌଣସି ଗ୍ଲାନି ଶରୀରରେ ନାହିଁ । ସାଧୁଙ୍କ ଦର୍ଶନ ଆଶାରେ ଯେପରି ସବୁ କିଛି ଆୟାସଲବ୍ଧ ଆନନ୍ଦରେ ପରିଣତ ହୋଇଗଲା । ଉଠିପଡ଼ି ଠିକ୍ ଗୁହାମୁହଁକୁ ଆସି ଦେଖିଲି, ତାହା ଅତ୍ୟନ୍ତ ଅପରିଷ୍କାର । ଯେଉଁଠି ମଣିଷ ରହନ୍ତି, ସେଠାରେ ଏତେ ଆବର୍ଜନା ରହିପାରିବ କିପରି ! ଶୁଖିଲା ଡାଳପତ୍ରରେ ଭରିରହିଛି, ଏହାବ୍ୟତୀତ ଗୁହା ଭିତରେ କିଛି ଦେଖାଯାଉ ନାହିଁ । ଭୂତ-ପିଶାଚ ପରି ଗୋଟାଏ ଦୁଇଟା ଯେପରି ଗୁହା ମଧ୍ୟକୁ ଯାତାୟତ କରୁଛନ୍ତି । ଏ ଆଡ଼େ ମଧ୍ୟ ଅନ୍ଧକାର ବଢ଼ି ଚାଲିଛି । ତେବେ କ'ଣ ଏଠାରେ କେହି ନାହାନ୍ତି ନା କ'ଣ ! ଯାହା କପାଳରେ ଥିବ, ଭାବିନେଇ 'ବାବାଜୀ' କହି ଚିତ୍କାର କଲି । ଉତ୍ତର ମିଳିଲା ନାହିଁ । କୌଣସି ଶବ୍ଦ ବା ସୂଚନା ନପାଇ ମୋ' ଭିତରେ ସେତେବେଳେ ଯେପରି ଭୟ ଆସିଗଲା । ତେବେ କ'ଣ କେହି ନାହାନ୍ତିନା ଏଠାରେ ! ଗୋଟିଏ ପାହାଚ ଉଠି ପାଦ ବଢ଼ାଇଲି, ଶୁଖିଲା ପତ୍ର ଉପରେ ପାଦର ଚାପ ପଡ଼ି ଯେଉଁ ଖଡ୍‌ଖଡ୍ ଶବ୍ଦ ହେଲା, ନିଜେ ସେଥିରେ ଚମକିଉଠିଲି, ଆଉ ଟିକିଏ ଆଗକୁ ଅଗ୍ରସର ହୋଇ ମୁହଁ ବଢ଼ାଇ ଗୁହା ଭିତରକୁ ଦେଖିବାକୁ ଚେଷ୍ଟା କଲି । ଭିତରେ ଘୋର ଅନ୍ଧକାର– ଏ କ'ଣ ? କାହାର ଯେପରି ଦୁଇଟି ଚକ୍ଷୁ ପ୍ରଜ୍ୱଳିତ । ମୋତେ ଗୁହାମୁଖ ପାଖରେ ଦେଖି, ଖସ୍ ଖସ୍ ଶବ୍ଦ କରୁକରୁ ସେହି ଦୁଇଟି କ୍ଷୁଦ୍ର ବିନ୍ଦୁ ଘୁଞ୍ଚିଯାଉଥିବା ଜଣାପଡ଼ିଲା । ଜଙ୍ଗଲ ମଧ୍ୟରେ ଏହି ଗୁହାରେ ବାଘ ଥିବାଟା ଅସମ୍ଭବ ନୁହେଁ । ହେ ଭଗବାନ ! ସାଧୁ ଦର୍ଶନରେ ଆସି ଶେଷରେ କ'ଣ ଏହି ଗତି ହେଲା !

ମୁଁ ଗୁହାମୁହଁରୁ ଟିକିଏ ଘୁଞ୍ଚିଯିବା ସଙ୍ଗେସଙ୍ଗେ ତରବର ହୋଇ ତୀର ବେଗରେ ସେ ଭିତରୁ ବାହାରି ପଳାଇଲା–ସେ କିନ୍ତୁ ବାଘ ନୁହେଁ, ଶୃଗାଳ ଜାତୀୟ ଜୀବ । ଭୟଟା ମୋ'ର କଟିଗଲା । ବୁଝିନେଲି, ଏଠାରେ ମନୁଷ୍ୟ ରହନ୍ତି ନାହିଁ ।

ଏବେ କ'ଣ କରିବି, ରାତିଟା ଏହିଠାରେ ତ କଟାଇବାକୁ ପଡ଼ିବ, ଏହିପରି ଭାବିଚାଲିଛି–ଏହି ଶୁଖିଲା ପତ୍ର ଉପରେ ଜାମାକୁ ବିଛାଇ କୌଣସି ରକମ ରାତିଟା କଟାଇଦେଇ କାଲି ସକାଳେ ଭୋରରୁ ବାହାରି ପଡ଼ିବି । ଏହା ଭାବି ଗୁହାର ବାହାର ଆଡ଼କୁ ଆସି ଠିଆହେଲି ।

ସେହି ଗୁହାଠାରୁ କିଛି ଦୂର ନିମ୍ନରେ ପ୍ରବାହିତ ଝରଣା କଥା କହୁଥିଲି–ବେଶୀ ଦୂର ନୁହେଁ । ମୋତେ ଜଣାଗଲା, ଯେପରି ସେଠାରେ ମନୁଷ୍ୟ କଣ୍ଠର ଶବ୍ଦ... ଯେପରି ଦୁଇଜଣ କଥାବାର୍ତ୍ତା ହେଉଛନ୍ତି । ଆଲୋକ ଆହୁରି କ୍ଷୀଣ ହୋଇଚାଲିଛି । ତେବେ ପୁରାପୂରି ଅନ୍ଧକାର ହୋଇନଥିଲା । ଏଣୁ ଓହ୍ଲାଇବାକୁ ଲାଗିଲି । ଯେତେ ତଳକୁ ଯାଉଛି ସେମାନଙ୍କ କଥାବାର୍ତ୍ତା ସେତେ ସ୍ପଷ୍ଟତର ହେଉଛି । କିଛି ଦୂର ଆସିଲା ପରେ ଦୂରରୁ ଦେଖିଲି, ଜଣେ ଅନ୍ୟ ଜଣଙ୍କ ପିଠିରେ ଗୋଟିଏ ବୋଝ ଯେପରି ଲଦିଦେଉଛି । ଉଚ୍ଚ ସ୍ୱରରେ 'ଐଜୀ' କହି ମୋ' ହାତକୁ ଟେକି ସେମାନଙ୍କୁ ଅପେକ୍ଷା କରିବାକୁ ସଙ୍କେତ

ଦେଲି । ଯେଉଁ ବ୍ୟକ୍ତିଜଣକ ବୋଝ ଉଠାଇଦେଉଥିଲା, ସେ ବୁଲିପଡ଼ି ଅନେଇଲା । ସେ ଭୟ ପାଇଛି ବୁଝିପାରି ଉଚ୍ଚ ସ୍ୱରରେ କହିଲି, ''ଇହାଁ ଏକ ସାଧୁବାବା କୋ ଦରଶନ୍ କରନେ ଆୟାଥା, ମିଲା ନହିଁ ।'' ମୋ' କଥା ଶୁଣିନେଇ ସେ ସ୍ଥିରହୋଇ ଠିଆହେଲା ଏବଂ ଅନ୍ୟ ଜଣଙ୍କ ପିଠିରୁ ବୋଝଟିକୁ ଓହ୍ଲାଇ ରଖିଦେଲା । ସେତିକିବେଳେ ମୁଁ ଯାଇ ସେମାନଙ୍କ ପାଖରେ ହାଜର ହେଲି । ମୋତେ ଦେଖି ସେମାନଙ୍କର ଭୟ ଦୂର ହେଲା । ଏମାନେ ପାହାଡ଼ୀ ଶ୍ରମଜୀବୀ, ସ୍ତ୍ରୀ-ପୁରୁଷ ଜଙ୍ଗଲରୁ କାଠକୁଟା ସଂଗ୍ରହ କରି ଫେରୁଛନ୍ତି—ପାଣି ନେବା ଲାଗି ଝରଣା ଆଡ଼େ ଆସିଛନ୍ତି । କଥା ସେମାନଙ୍କର ବୁଝିବା ମୁସ୍କିଲ । ମୋ'ଠାରୁ ସବୁ ଶୁଣି ସେ ଯାହା କହିଲା, ତାହାର ମମାର୍ଥ ଏହି ଯେ ଏଠାରେ କେହି ସାଧୁ ରହନ୍ତି ନାହିଁ । ଏହି ପାହାଡ଼ର ଅନ୍ୟ ପଟେ ଜଣେ ସାଧୁ ଅଛନ୍ତି, କିନ୍ତୁ ଆଜି ରାତିରେ ସେଠାକୁ ଯିବା ସମ୍ଭବ ନୁହେଁ । ଆଜି ରାତିରେ ସେମାନଙ୍କ ଆଶ୍ରୟରେ ରହି କାଲି ସକାଳେ ସେଠାକୁ ଯାଇପାରିବି ଏବଂ ସେ ସବୁ ସ୍ଥାନ ଦେଖାଇଦେବେ । ଏବେ ସେମାନଙ୍କ ନିକଟରେ ଆଶ୍ରୟ ନେବା ବ୍ୟତୀତ ଆଉ କୌଣସି ବିକଳ୍ପ ନାହିଁ ବୋଲି ଚିନ୍ତା କରି ସେମାନଙ୍କ ସାଙ୍ଗରେ ଯିବାକୁ ରାଜିହୋଇଗଲି ।

ଅନେକ ଉଠାପକା ହୋଇ ଟିକିଏ ଦୂରରେ ପାହାଡ଼ କୋଳରେ ତିନୋଟି ଘର ଥିବାର ଦେଖିଲି—ଗୋଟିଏ ଘର ଭିତରକୁ ସେମାନେ ଗଲେ । ବାହାରେ ଗୋଟିଏ ପଥର ଉପରେ ଯାଇ ବସିଲି । ମୋ' ପାଖରେ ପଇସାପତ୍ର ଥିଲା । ଭୟ ଲାଗିଲା, ରାତିରେ ମୋତେ ଅସହାୟ ଅବସ୍ଥାରେ ମାରି ଯଦି ଲୁଟ୍ କରନ୍ତି ! ପାହାଡ଼ର ଲୋକେ ସାଧାରଣତଃ ଏପରି କେବେ କରନ୍ତି ନାହିଁ । ସେମାନେ ସରଳ, ଏପରିକି ମିଛ କଥା କହନ୍ତି ନାହିଁ ବୋଲି ଜାଣିଛି । ତେବେ, ଯେତେବେଳେ ଏଠାକୁ ଚାଲିଆସି ସାରିଲିଣି ଉପାୟ ଆଉ କ'ଣ ଅଛି !

ସେମାନେ ଗୋଟିଏ ପତ୍ରରେ ମୋତେ କିଛି ଛତୁଆ ଦେଲେ—ସେଥିରେ ଖାଇବା ଲାଗି ଦୁଇଟି କଦଳୀ ଓ କିଛି ଗୁଡ଼ ମଧ୍ୟ । ଗୋଟିଏ ଦଉଡ଼ି ଛିଣ୍ଡି ଝୁଲୁଥିବା ଚାରପାଇ ଦେଲେ ଶୋଇବା ଲାଗି । ମୁଁ ଭଗବାନଙ୍କ ନାମ ନେଇ ଖାଇସାରି ସେହି ଖଟିଆରେ ଶୋଇଗଲି । ସକାଳ ହେବା ସଙ୍ଗେ ସଙ୍ଗେ ହାତମୁହଁ ଧୋଇନେଇ, ମୋ' ଆଶ୍ରୟଦାତାଙ୍କ ସଙ୍ଗେ ସାଧୁଙ୍କ ସାକ୍ଷାତ ଉଦ୍ଦେଶ୍ୟରେ ଯାତ୍ରା କଲି ।

ରାସ୍ତାରେ କିଛି ବିଶେଷତ୍ୱ ନଥିଲା । ଶେଷରେ ଗୁହା ସମ୍ମୁଖରେ ଉପସ୍ଥିତ ହୋଇ ଦେଖିଲି, ଯେଉଁଠାରେ ଲେଟାବାବା ଆଶ୍ରୟ ନେଇଛନ୍ତି । ତାଙ୍କର ସଂସ୍ଥିତି, ଆଖପାଖର ଦୃଶ୍ୟ, ସବୁ ଦିଗ ଏପରି ଚିତ୍ତାକର୍ଷକ ଯେ ତା'ର ତୁଳନା ନାହିଁ । ଯେଉଁମାନେ ଆମର ହିନ୍ଦୁତୀର୍ଥସ୍ଥାନସବୁ ଚିହ୍ନିତ କରିଥିଲେ, ସେ ସମୟରେ ସେମାନଙ୍କର ସୌନ୍ଦର୍ଯ୍ୟଜ୍ଞାନ, ପ୍ରକୃତି ସହ ମଣିଷମନର ସମ୍ବନ୍ଧ, ସ୍ଥାନବିଶେଷର ଉପଯୋଗିତା ଜ୍ଞାନ ଓ ରହସ୍ୟମୟ ଅନ୍ତର୍ଦୃଷ୍ଟି

କେତେ ପ୍ରଖର ଥିଲା, ସେକଥା ଚିନ୍ତା କଲେ ବିସ୍ମିତ ହେବାକୁ ପଡ଼େ । ଏ କାଳରେ ଆମେ ଯେତେ ଉନ୍ନତ, ଯେତେ ପ୍ରଗତିଶୀଳ, ସବୁଜ ମନୋଭାବାପନ୍ନ ଏବଂ ବୈଜ୍ଞାନିକ ଶକ୍ତିର ଶରଣାଗତ ହୋଇଥାଉନା କାହିଁକି ସେମାନଙ୍କର ଗଭୀର ଅନ୍ତର୍ଦୃଷ୍ଟି କିମ୍ବା ଶାନ୍ତିମୟ ଜୀବନକୁ ପୂର୍ଣ୍ଣଭାବରେ ଉପଭୋଗର ପ୍ରବଣତାକୁ ଲକ୍ଷ୍ୟ କଲେ ଆମେମାନେ ଯେ ଖୁବ୍ ବେଶୀ ଉନ୍ନତ ବା ଅଗ୍ରସର ହୋଇପାରିଛୁ, ତାହା ମନେହୁଏ ନାହିଁ ।

ଯାହାହେଉ, ଏହି ଗୁହାଟିର ଚାରିଦିଗ ଲତା ଓ କ୍ଷୁଦ୍ର କ୍ଷୁଦ୍ର ବିଚିତ୍ର ପୁଷ୍ପଲତା ଓ ବୃକ୍ଷ ଦ୍ୱାରା ଅଳଂକୃତ । ଗୁହା ଭିତରେ ଆଉ ଏକ ଛୋଟ ଗୁହା, ଯାହା ଭିତରେ ଲେଟାବାବା ଶୟନ କରିଛନ୍ତି । ଯେତେବେଳେ ତାଙ୍କ ନିକଟକୁ ଗଲି, ସେତେବେଳେ ସେ ଏକ ଦୀର୍ଘ ବ୍ୟାଘ୍ର ଚର୍ମ ଉପରେ ଅଣେଇହୋଇ ଉପାଧାନ ବଦଳରେ ହାତରେ ମଥାରଖି ଶୋଇଛନ୍ତି । ଦୀର୍ଘ ଜଟାଜୂଟ, ଶୀର୍ଣ୍ଣ ମୁଖମଣ୍ଡଳ, ଉଜ୍ଜ୍ୱଳ ଶ୍ୟାମବର୍ଣ୍ଣ ଶରୀର, ଚକ୍ଷୁଦ୍ୱୟ ରକ୍ତବର୍ଣ୍ଣ । ପାଦତଳେ ଜଣେ ପାହାଡୀ ଶ୍ରମଜୀବୀ ଆସୀନ । ମୁଁ ପ୍ରଥମରୁ ଗୁହାକୁ ଯାଉଯାଉ ସେ ମୋ' ଆଡ଼କୁ ଲକ୍ଷ୍ୟକରି କହିଲେ, ''ବୈଠୋ, ବୈଠୋ'' ଏବଂ ତାଙ୍କ ପାଖକୁ ଯାଇ ବସିବା ଲାଗି ଇଙ୍ଗିତ କଲେ । ମୁଁ ପ୍ରଣାମ କରି ବସିଗଲି । ପ୍ରଥମେ କହିଲେ, ''କଲକତାବାଲା ବାବୁ ?'' ମୁଁ କହିଲି,'' ଜୀ ହାଁ, ମହାରାଜ ।'' ସେ କହିଲେ, ''କାଲ ବହୁତ୍ ତକଲିଫ୍ ଉଠାୟା ସନ୍ଧ୍ୟା ତକ୍ ।'' ମୁଁ କହିଲି, ''ହାଁ ମହାରାଜ ।'' ସେ କହିଲେ, ''ମୁସୌରୀ ଆୟା କାମ୍‌ମେ, ଓ୍ୱୋ କାମ ଏକ ମହିନେମେ ଖତମ ହୋୟେଗା ।''

ଏବେ କହିରଖେ, ଛ'ମାସ ଲାଗି ମୁଁ ଏଗ୍ରିମେଣ୍ଟ କରିଦେଇ ଆସିଥିଲି । କିନ୍ତୁ ପରେ ଏପରି ପରିସ୍ଥିତି ହେଲା ଯେ ମସୋରୀରେ ଗୋଟିଏ ମାସ ପୂରା ରହିପାରିଲି ନାହିଁ । ଲେଟାବାବାଙ୍କ କଥାକୁ ସେତେବେଳେ ବିଶ୍ୱାସ କରି ନଥିଲି । ମୋ'ର ଧାରଣା ଥିଲା ଯେ ଭବିଷ୍ୟତ କଥା କହିବା ବଡ଼ କଠିନ । କିନ୍ତୁ ମୁଁ କଲିକତାରେ ଥାଏ ଓ ମସୋରୀକୁ କାମରେ ଆସିଛି, ଏକଥା ତାଙ୍କଠୁଁ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।

ବାବାଜୀ ମୋ' ମୁହଁକୁ କିଛିକ୍ଷଣ ଅନେଇରହିଲେ । ମୁଁ କିନ୍ତୁ ତାଙ୍କ ମୁହଁ ଆଡ଼କୁ ଚାହିଁ ପାରିଲି ନାହିଁ । ତଳକୁ ଅନେଇରହିଲି । ''ତୁମହାରା ପିତା ଗୁଜର ଗୟା, ଆଜ୍ ଚାରୋ ବରଷ ହୋଗା କି ନହିଁ ?'' ଏହା ସତ ବୋଲି ସ୍ୱୀକାର କଲି । ଶୁଣିସାରି ସେ କହିଲେ, ''ତବ୍‌ସେ ତୋ ଧୀରେ ଧୀରେ ଦୁର୍ଭାଗ ଆ ଗୟା ଅପ୍‌ନା ଜୀବନମେ ।'' ସତ– ମୁଣ୍ଡ ହଲାଇ ସମ୍ମତି ଜଣାଇଲି । ଶୁଣିଦେଇ ସେ କହିଲେ, ''ଇସିସେ ଭି ଜବର ପିଛେ ଆ ରହା ।'' ସର୍ବନାଶ, ଆହୁରି ପୁଣି ଦୁଃଖ ଆସିବ ! ନିଜ ଦୁଃଖଲାଗି ଭୟ ନାହିଁ, ମାତ୍ର ହତଭାଗ୍ୟ ପୋଷ୍ୟବର୍ଗ, ସନ୍ତାନ, ସେମାନଙ୍କ ଲାଗି ତ ବିପଦ । କହିଲି, ''ଦୋହାଇ

ବାବା, ଏହାର କିଛି ପ୍ରତିକାରର ବ୍ୟବସ୍ଥା କୁହନ୍ତୁ ।'' କର ଲେଉଟାଇ ସେ କିଛି ସମୟ ଉପରକୁ ଚାହିଁରହିଲେ, ଠିକ୍ ଯେପରି ସେହିସ୍ଥାନରୁ ସେ ସବୁକଥା ଜାଣୁଛନ୍ତି । କହିଲେ, ''ଡର୍‌ତେ ହୋ ? ତନିସେ ଦୁଃଖ ମେ ଜୀବନ ଶୁଷ୍କ ହୋ ଯାତେ, ଖବର ନହିଁ ତୁମ୍‌ହାରା ?''

କେବେ ଏପରି ପ୍ରତିକାରର ମିଠା କଥା ଶୁଣି ନାହିଁ । ପ୍ରାଣ ଭିତରଟା ଯେପରି ଶୀତଳ ହୋଇଗଲା । କିଛି ସମୟ ପରେ ସେ କହିଲେ, ''ଓ ଆତେ ଯାନେକା ୱାସ୍ତେ, ଚଲାଯାଏଗା, ଫିର୍ ତୋ ଆଛା ହୈ କୋଇ କୋ ମଦତ୍ ମତ୍ ଲେଓ– କୋଇ କୋ ମତ୍ ବୋଲା କରୋ– ତବ ଦୁଃଖ୍ ଜଲ୍‌ଦି ଉତର ଯାଏଗା । ଅବ୍ ବୋଲ୍ ତୁ, ସାଧୁ ଦର୍ଶନ କୋ ଆୟା, ଫିର କ୍ୟା ଲେ ଆୟା ?''

ମୋ' ଝୁଲିରେ ଆଖ୍‌ରୋଟ୍, ଆଉ କିଛି ଖଜୁର୍ ଓ ଆରାରୋଟ୍ ଥିଲା । ସେଗୁଡ଼ିକ ତାଙ୍କ ପାଖରେ ରଖିବା ମାତ୍ରେ ସେ ଗୋଟିଏ ମାତ୍ର ଆଖ୍‌ରୋଟ୍ ଗ୍ରହଣ କରି ମୁହଁରେ ନେଲେ । ତା'ପରେ ବାକିଟା ମୋ' ଥଳିରେ ପୁରାଇ ଦେବାକୁ କହିଲେ ।

ତା'ପରେ କିଛି ସମୟ କଥାବାର୍ତ୍ତା ହେଲୁ । ଦେଖିଲି, ଯେଉଁ ଲୋକ ତାଙ୍କ ପାଦ ପାଖରେ ବସିଥିଲା, ତାକୁ କିଛି କହିଲେ । ସେ ଉଠିଗଲା ଏବଂ ବୋଧହୁଏ ୫ ମିନିଟ୍ ମଧ୍ୟରେ ଗୋଟିଏ ବଡ଼ ପତ୍ରରେ ଖାଦ୍ୟ ଉପରେ ଖଣ୍ଡେ ପତ୍ର ଘୋଡ଼ାଇ, ମୋ' ସାମ୍‌ନାରେ ଆଣି ରଖିଦେଲା । ବାବାଜୀ ସେତେବେଳେ କହିଲେ, ''ଅବ୍ କୁଛ ତୋ ଖାଲୋ ବଚ୍ଚା ।''

ଉପରପତ୍ର ଟେକିନେଇ ଦେଖିଲି, ବହୁତ ପରିମାଣରେ ଅଟାର ଗରମ ହାଲୁଆ ଆଉ ୨ଟି ପୁରା ମୋଟା ଅଟାର ମାଲ୍‌ପୁଆ । ଭଗବାନ ଜାଣନ୍ତି, କେଉଁଠାରୁ ଏହିସବୁ ଆସିଗଲା । ମୋ'ର ଆକଣ୍ଠ ଭୋଜନ ପରେ ମଧ୍ୟ ଅନେକ ବଞ୍ଚିଗଲା । ତାକୁ ବାବାଙ୍କର ସେହି ଲୋକଟି ନେଇଗଲା । ଯେତେବେଳଯାଏ ପାଖରେ ଥିଲି, କେବେହେଁ କେଉଁଥି ସକାଶେ ବିସ୍ମିତ ହୋଇନାହିଁ । ବିସ୍ମୟ, ଭୟ, ଭକ୍ତି ସବୁ ମୁଣ୍ଡ ଉପରେ ଭାଙ୍ଗିପଡ଼ିଲା, ଯେତେବେଳେ ବାବା ମୋତେ ଦୂରକୁ ତଡ଼ିଦେଲେ ।

ମୋ' ଭୋଜନ ପରେ ବାବା କହିଲେ, ''ଥୋଡ଼ା ଲେଟ୍ ଯା ।'' ମୋତେ ସତରେ ଆଳସ୍ୟ ବୋଧ ହେଲା । ଟିକିଏ ଶୋଇପଡ଼ିଲି, ବାହାର ଗୁହାରେ । ଅଳ୍ପ ସମୟ ମଧ୍ୟରେ ଉଠିପଡ଼ିଲି । ସେତେବେଳେ ବାବା କହିଲେ,''ଅବ୍ ତୋ ଯାନେ କା ବଖ୍‌ତ୍''– ଏ ପୁଣି କି କଥା ? କହିବାକୁ ଯେଉଁ ବିଶେଷ କଥା ଥିଲା, କେତେ କଥା ପଚାରିବାର ଥିଲା, କିନ୍ତୁ କିଛି ହେଲା ନାହିଁ । ମୁଁ ପ୍ରଣାମ କରି ଉଠୁଛି, ସେ ପଚାରିଲେ–''ଅବ୍ କିଧର ଯାଓଗେ ?'' କହିଲି–'ଝରିପାଣି ।' ସେ ହାତ ହଲାଇ କହିଲେ, ''ନେହି ନେହି, ତୁମ୍ ମସୌରୀ ଯାଓଗେ ।'' କହିଦେଇ ତାଙ୍କ ସେବକଟିକୁ କହିଲେ, ''ଉନକୋ ଲ୍ୟାଗୁର

ଫୌଞ୍ଚାଓ ।'' ପୁଣି ପ୍ରଣାମ କଲି । କେତେ କଥା ମନରେ ଥିଲା, ନୈରାଶ୍ୟରେ ମୋ' ଆଖିରେ ଲୁହ ଆସିଗଲା । ସେ ବୋଧହୁଏ ଦେଖିପାରିଥିବେ—କହିଲେ, ''ତୁହାରା ବଡ଼ା ଭାଗ୍— ମିଲ ତୋ ଗୟା ତେରା ମାରଗ୍— ଫିର କ୍ୟା ସୋଚ୍‌ତେ ?'' ସେତେବେଳେ ମୁଁ ଜଣେ ଗୃହୀ— ସନ୍ତାନସନ୍ତତି ହୋଇଛନ୍ତି ।

ସର୍ବାପେକ୍ଷା ଆଶ୍ଚର୍ଯ୍ୟ ବ୍ୟାପାର ଏହି ଯେ ଗୁହାରୁ ବାହାରିବା ପରେ ସେ ବ୍ୟକ୍ତି ମୋତେ ଗୋଟିଏ ରାସ୍ତାରେ ନେଲା । କିଛିବାଟ ସେ ଆସିଲା ମୋ' ସାଙ୍ଗରେ, ତା'ପରେ କହିଲା, ''ଭୟ ନେହିଁ, ସିଧା ଚଲା ଯାଓ, ପୌଞ୍ଚ ଯାୟଗା ।''

ବୋଧହୁଏ ମାତ୍ର ଗୋଟିଏ ଘଣ୍ଟା, ଖୁବ୍ ବେଶୀରେ ଦେଢ଼ ଘଣ୍ଟା ଚାଲିଛି । ସନ୍ଧ୍ୟାର ଘଣ୍ଟାଏ ପୂର୍ବରୁ, ମୁଁ ଦେଖିଲି, ସତକୁ ସତ ମୁଁ ଲ୍ୟାଗୁର ପ୍ରାନ୍ତରେ ଆସି ପହଞ୍ଚିଯାଇଛି ।

ଜୀବନରେ ଏତେବଡ଼ ବିସ୍ମୟର କେବେ ସମ୍ମୁଖୀନ ହୋଇନାହିଁ ।

■■

ଦ୍ୱାତ୍ରିଂଶ ପରିଚ୍ଛେଦ

ସିଦ୍ଧଜୀ

ପାହାଡ଼ଗାତ୍ରରେ କଳା କଳା ପରି ଦାଗ । ଦୂରରୁ ଦେଖାଯାଏ, ଯେପରି ବସୁଧାରା ଖୁବ୍ ଉଚ୍ଚରୁ ନିମ୍ନକୁ ଝରିପଡ଼ିଛି । ଦେଖୁଦେଖୁ ବେଶ୍ କଳା କଳା ଚଉଡ଼ା ଧାରାମାନ ସିଧା ନିମ୍ନକୁ ଆସି ଏକେବାର ନିମ୍ନସ୍ଥ ପ୍ରସ୍ତର ସ୍ତୂପ ଉପରେ ପଡୁଛି । ମୋ' ସାଥୀରେ ଥିଲେ ଜଣେ ଅଳ୍ପବୟସ୍କ ସାଧୁ । ମନେହୁଏ, ଦକ୍ଷିଣ ଦେଶର ବ୍ୟକ୍ତି । ଅନେକ ଆଡ଼େ ଭ୍ରମଣ କରିଛନ୍ତି ଏହି ଉତ୍ତରାଖଣ୍ଡରେ । ତାଙ୍କ ସଙ୍ଗେ କେଦାର ଯାତ୍ରାବେଳେ ଏକ ଚଟୀରେ ଦେଖା । ତାଙ୍କୁ କିଛି ପଚାରିବା ପୂର୍ବରୁ ସେ କହିଲେ—

''ଇୟେ, ବୋ ଦେଖୋ ଶିଲାଜିତ''

ଗୋଟାଏ ଗନ୍ଧ ମଧ୍ୟ ରହିଛି—କପିମୂତ୍ରବତ୍ ଗନ୍ଧ, ଆୟୁର୍ବେଦ ଶାସ୍ତ୍ରରେ ତାହା ରହିଛି । ଅପ୍ରିୟ ଗନ୍ଧଟି କିନ୍ତୁ ଟିକିଏ ମଧ୍ୟ ଗ୍ରହଣ କରିବା ସମ୍ଭବ ନୁହେଁ । ପଥର ସହ ଧୂଳି, କଙ୍କରରେ ଏପରି ମିଶିଯାଇଛି ଯେ ତା' ଭିତର କିଛି ସାର ପଦାର୍ଥ ଯେ ରହିଛି, ତାହା କିଏ ଜାଣିପାରିବ ?

ଆଉ ଟିକିଏ ଆଗକୁ ଯିବାକୁ ପଡ଼ିବ, ତେବେ ଯାଇ ମିଳିବ ବିଶ୍ରାମର ସ୍ଥାନ । ଯାଉଯାଉ ଏକ ଛୋଟ ଝରଣା । ଦେଖାଗଲା, ଝରଝର ହୋଇ ଅଳ୍ପଅଳ୍ପ ପାଣି ପଡୁଛି— ଉର୍ଦ୍ଧ୍ୱଭାଗ ଗଛପତ୍ରଭରା, ଆଉ ନିମ୍ନରେ ପାଣିରେ ଛୋଟ ଛୋଟ ଗୁଳ୍ମ ଜଙ୍ଗଲ ।

ଦ୍ରୁତ ଗତିରେ ଚାଲିଛୁ ଆମେ ଦୁହେଁ । କେତେଜଣ ଶ୍ରମଜୀବୀଙ୍କ ବାମ ହାତରେ ଘିଅ ଭାଣ୍ଡ, ଡାହାଣ ହାତରେ ଲାଠି, ଯାହାର ଶେଷ ମୁଣ୍ଡରେ ଗୋଟିଏ ବୋଝ ଝୁଲୁଛି । ସେମାନେ ସେମାନଙ୍କ ଗ୍ରାମରୁ ଆସୁଥିଲେ । 'ଅଗସ୍ତ୍ୟମୁନିଙ୍କ ଆଶ୍ରମ କେତେ ଦୂର ?' ପଚାରିବାରୁ ଉତ୍ତରରେ କହିଲେ—''ଦୁସ୍‌ରେ ଚଢ଼ାଇ ।'' ଅର୍ଥାତ୍ ଆଉ ଏକ ଉଠାଣିକୁ ପାର୍ ହେବା ପରେ । ସନ୍ଧ୍ୟା ପୂର୍ବରୁ ଯାଇ ଆମେ ସେଠାରେ ପହଞ୍ଚିଯାଇ ପାରିବା, ଏହି ସଙ୍କଳ୍ପ ନେଇ ଦ୍ରୁତ ପଦଚାଳନା କଲୁ ।

ମୋ'ର ସାଥୀ ସାଧୁଜଣକ ପଛରେ ରହିଗଲେ । ସମ୍ମୁଖରେ ଦେଖୁଛି ବାଙ୍କମୁଣ୍ଡରେ ଏକ ବିରାଟ ଝରଣା । ସେହି ଝରଣାର ନିମ୍ନରେ, ଜଳଧାରାର ଗତିଭଙ୍ଗ ହୋଇ ଯେପରି

ଏକ କୁଜ୍‌ଝଟିକା ସୃଷ୍ଟିକରୁଛି । ଆହୁରି କିଛି ଦୂର ଆଗେଇଯାଇ ଭଲ ଭାବରେ ନିକଟରୁ ଦେଖିବାଲାଗି ସମ୍ମୁଖକୁ ଅନେକ ବାଟ ଗଲି । ଖୁବ୍ ପାଖରେ ନୁହେଁ, ଯିବାକୁ ହେଲେ ଅନେକ ଦୂର ଯିବାକୁ ପଡ଼ିବ ତା' ହେଲେ, ସୁବିଧାରେ ସେହି ଦୃଶ୍ୟକୁ ଦେଖିହେବ । ରାସ୍ତାରୁ ଓହ୍ଲାଇଲି, ତଳକୁ ଆସି ପୁଣି ଉଠିବାକୁ ପଡ଼ିବ । ରାସ୍ତା ପଡ଼ିଛି—ଭୁଲିଯିବାର ଭୟ ନାହିଁ ଏଠି । ଅନେକ ଭରସା ରହିଛି । ତେଣୁ ଏତେ ଦ୍ରୁତ ଭାବରେ ଚାଲିପାରୁଥିଲି । ଆଉ ଟିକିଏ ଆଉ ଟିକିଏ ଭାବି ରାସ୍ତା ଛାଡ଼ି ଅନେକ ତଳକୁ ଚାଲିଗଲି । ପଛକୁ ଅନେଇ ଦେଖୁଛି, କେତେ ଅଡୁଆ ବାଟରେ ଚାଲିଆସିଲିଣି । ସମ୍ମୁଖର ମୁକ୍ତ ଜଳପ୍ରପାତ ମୋହରେ ଆକୃଷ୍ଟ ହୋଇ ଚାଲିଥିଲି । ଏଥର ପଛକୁ ଅନେଇ ପୁଣି ଦେଖୁଛି ଯେ ସଙ୍ଗୀ ସାଧୁଜଣକ ଆସି ରାସ୍ତାରେ ଠିଆହୋଇଛନ୍ତି—ଦୂରରୁ ସେ ଛୋଟ ଦେଖା ଯାଉଛନ୍ତି । ମୋତେ ଦେଖିପାରୁଛନ୍ତି କି ନାହିଁ ଜାଣିହେଉ ନାହିଁ—ବୋଧହୁଏ ସେ ଝରଣା ଆଡ଼କୁ ଅନେଇ ଠିଆହୋଇ ରହିଛନ୍ତି ।

ଏବେ ଜାଣିଲି ଯେ ସ୍ୱର୍ଗୀୟ ଦୃଶ୍ୟକୁ ଉପଭୋଗ କରିବା ଲାଗି ମୁଁ ଆଗେଇ ଚାଲିଛି । ଠିକ୍ ଭାବରେ ଗୋଟିଏ ଜାଗାରେ ଠିଆହୋଇ ରହି ବା ବସିପଡ଼ି କିଛିକ୍ଷଣ ଲାଗି ଭଲ ଭାବେ ଦେଖିବାକୁ ଚିନ୍ତାକରି ଆଗେଇ ଚାଲିଛି । ମନେନାହିଁ ଯେ ଆଜି ସନ୍ଧ୍ୟା ପୂର୍ବରୁ ଅଗସ୍ତ୍ୟମୁନିଙ୍କ ଶୃଙ୍ଗକୁ ଉଠିବାକୁ ପଡ଼ିବ । ଏବେ ମୁଁ ଯେଉଁ ଭାବେ ତଳକୁ ଯାଉଛି, ଭବିଷ୍ୟତ ରାସ୍ତାର ଉଠାଣି ଅଧିକ ହୋଇଚାଲିଛି, ଏକଥା ଏକବାର ମନେ ହିଁ ନାହିଁ । ଆନନ୍ଦରେ ବିହ୍ୱଳ ହୋଇ ଯେପରି ନିଶାରେ ମରୀଚିକା ପଛରେ ଆଗକୁଆଗକୁ ଚାଲିଛି, ଏଇ ତ, ଆଉ କିଛି ବାଟ ଚଢ଼ାଉତରା କରିକରି ହଠାତ୍ ଦେଖେ ଯେ ସେହି ଝରଣାର ମନୋରମ ଦୃଶ୍ୟ ଆଉ ଦେଖାଯାଉ ନାହିଁ । ଏଥର କିଛି ବାଟ ବୁଲିଯାଇ ଆଉ କିଛି ଦୂର ଉଠିଗଲେ ହିଁ ଦେଖିପାରିବି, ଏହାହିଁ ମନେକରି ଆଗକୁ ଚାଲିଲି ।

ଏକ ପ୍ରକାଣ୍ଡ ଗହ୍ୱର, ତା' ବାହାରେ ୩-୪ଟି ବଡ଼ ପଥର ରଖି, ଯେପରି ଚୂଲା ତିଆରି କରାଯାଇଥାଏ, ସେହିପରି ଦୁଇତିନୋଟି ଚୂଲା । ଆଉ ପୋଡ଼ାକୋଇଲା, ପାଉଁଶ ଇତସ୍ତତଃ ବିକ୍ଷିପ୍ତ—ପୋଡ଼ା କାଠ ଦୁଇଚାରିଖଣ୍ଡ ପଡ଼ିରହିଛି ଏଠିସେଠି । ସେଠାରେ ମଣିଷ କେହି ଥିବାପରି ଲକ୍ଷଣ ଜଣାପଡୁଛି । ଗୁହା ଭିତରଟି ଅନ୍ଧକାର । କିଛିଟା ଦୂରରୁ ଦେଖୁଛି, ଯେପରି କାଳି-ଅନ୍ଧାର ଘୋଟିରହିଛି । ଗୁହାର ପ୍ରବେଶ ପଥ ପ୍ରାୟ ତିନି ହାତ ଉଚ୍ଚ । ଏବେ ମୁଁ ପୁଣି ଆସିଗଲି କୁଆଡ଼େ ! ଝରଣାର ଚିହ୍ନବର୍ଣ୍ଣ ହିଁ ନାହିଁ ।

ଟିକିଏ ଉଠିଗଲେ ଗୁହା ଭିତରକୁ ଯାଇହେବ, କିନ୍ତୁ ଗୁହା ମଧ୍ୟକୁ ଯିବି କାହିଁକି ? ତା' ଭିତରେ ଯେ କେହି ନାହାନ୍ତି, ତାହା ସହଜରେ ଜଣାପଡୁଛି । ଯଦି କିଛି ହିଂସ୍ରଜନ୍ତୁ ଥିବେ ? ଏଥିରୁ ମିଳିବ କ'ଣ, ବରଂ ନିଜର ନିର୍ଦ୍ଦିଷ୍ଟ ରାସ୍ତାରେ ଯିବା ଠିକ୍ ହେବ, ଏହା ଭାବି ରାସ୍ତା ଆଡ଼କୁ ଯାଉଥିଲି । କିନ୍ତୁ ମୋ'ର ଦୋଳାୟମାନ ଉଦ୍‌ଭ୍ରାନ୍ତ ମନ ଆକର୍ଷିତ ହେଉଛି । ଏହି ଗୁହା ମଧ୍ୟରେ ଜଣାନାହିଁ କେଉଁ ରତ୍ନ ହୁଏତ ରହିଥାଇପାରେ—ଉଦ୍ଦେଶ୍ୟ ସେଠାକୁ ଯିବା ଲାଗି । ପୁଣି ଗୁହା ଆଡ଼କୁ ଚାଲିବାକୁ ଲାଗିଲା ମୋ'ର ଅକ୍ଲାନ୍ତ ପାଦ ।

ଗୁହାର ଠିକ୍ ସମ୍ମୁଖକୁ ଯାଇ ଏପରି କିଛି ଦେଖିଲି, ଯାହା ଫଳରେ ଭାବିଲି, ଏଠାକୁ ଆସି ଭୁଲ୍ କରିନାହିଁ । ପରିଷ୍କାର-ପରିଚ୍ଛନ୍ନ ଏହି ଗୁହାର ଦ୍ୱାର ଯେପରି ମନୁଷ୍ୟର ହାତର ଯତ୍ନ ଫଳରେ ଧୂଳିଶୂନ୍ୟ, ଆଉ ଠିକ୍ ପ୍ରବେଶ ପଥର ଉପରେ ହିଁ ଗୋଟିଏ ଖଡ୍ଗ ଝୁଲାହୋଇଛି, ଯାହା ପ୍ରଥମେ ଦେଖା ଯାଉନଥିଲା । ଏହି ବସ୍ତୁଟି ଉପରେ ଦୃଷ୍ଟି ପଡ଼ିବା ସଙ୍ଗେସଙ୍ଗେ ଏଠାରେ କେହି ମଣିଷ ବାସକରନ୍ତି ବୋଲି ଯେତେବେଳେ ଜଣାପଡ଼ିଲା, ସାମାନ୍ୟ ଭୟ ମଧ ହେଲା—ଏ ପବିତ୍ର ସ୍ଥାନରେ ଖଡ୍ଗଟି ପୁଣି କାହିଁକି ?

ଗୁହା ମଧରେ ପୁତ୍ର ସହ କନକା
ବାହାରେ ସ୍ୱାମୀ ସିଦ୍ଧଜୀ (ଦେବାନନ୍ଦ)

ଏହି ଖଡ୍ଗକୁ ଦେଖି ମନେହେଲା, ଯେପରି ସେହି ଗୁହା ମଧରେ ପ୍ରବେଶ ନିଷେଧ । ଯେପରି ଏକ ପ୍ରତିବାଦ, ଗୁହାର ଯିଏ ଅଧିକାରୀ ତାଙ୍କର ନିର୍ଦ୍ଦେଶ—ବାହାରର କୌଣସି ଆଗନ୍ତୁକ ପ୍ରତି, ଏଣୁ ବାହାରେ ଠିଆହୋଇ ଚିନ୍ତିତ ମନରେ ଭିତରକୁ ଅନାଇରହିଲି । ଏହି ଅବସ୍ଥାରେ ଫେରିଯିବା ପୂର୍ବରୁ, ଏଠାରେ କିଏ ରହୁଛନ୍ତି, ତାହା ନ ଜାଣି ଫେରିବାକୁ ଇଚ୍ଛା ହେଲାନାହିଁ । ତେଣୁ ଥରେ ପରିମିତ ଚିତ୍କାର କଲେ କ୍ଷତି କଣ ?

"କିଏ ଅଛ ଗୁହା ଭିତରେ ?"

ରାସ୍ତାରୁ ଧୀରେ ଧୀରେ ଏଠାକୁ ଉଠୁଛନ୍ତି ଜଣେ କେହି ବ୍ୟକ୍ତି—ମଥାରେ ଦୀର୍ଘ କେଶଗୁଚ୍ଛ, ଉଲଗ୍ନ ନୁହନ୍ତି, କଟିଦେଶରେ ଖଣ୍ଡେ କୌପୀନ, ଜାନୁର ଊର୍ଦ୍ଧ୍ୱ ପର୍ଯ୍ୟନ୍ତ । ଗୌରବର୍ଣ୍ଣ ସୁକୁମାର ମୁଖାକୃତି, ମୁଛଦାଢ଼ି ସ୍ୱଚ୍ଛ, ଦକ୍ଷିଣ ହସ୍ତରେ ଭାରୀ ଜଳପୂର୍ଣ୍ଣ ପାତ୍ର—କମଣ୍ଡଳୁ ନୁହେଁ, ଢାଳଟିଏ । ମୋତେ ଦେଖିଦେଇ ପ୍ରସନ୍ନ କୃତାର୍ଥ ହେଲାପରି ଭାବ ଦେଖାଇ କହିଲେ, "ଆଇୟେ, ଠେରିୟେ"—କହିଦେଇ ସେହି ଯୁବା ସାମ୍ନାର ଚଉତରାରେ ଜଳଭାର ଓହ୍ଲାଇ ରଖିଲେ । ମୋତେ ଖୁସି ଲାଗିଲା ଜଣେ ନୂତନ ବ୍ୟକ୍ତିଙ୍କୁ ଦେଖି । ପରକ୍ଷଣରେ ଟିକିଏ ଦୁଃଖ ହେଲା ଏହା ଭାବି ଯେ ଏଠାକୁ ଚାଲିଆସି ହୁଏତ ସଙ୍ଗୀଛଡ଼ା ହେଲି । ଯାହାହେଉ, ସାଧୁଜଣକ ମୋତେ ପଚାରିଦେଇ ଜାଣିନେଲେ ଯେ ମୁଁ କେଉଁଠାରୁ ଆସିଛି ଆଉ କେଉଁଆଡ଼େ ଯିବି ।

ଗିରିଗୁହା ଅଧିବାସୀ ଏହି ଯେଉଁ ସାଧୁ, ତାଙ୍କର ବୟସ ୨୫ରୁ ୩୦ ବର୍ଷ ମଧରେ ହେବ, ତାଙ୍କର ଦୁଇଟି ଭ୍ରୂରେ ଭ୍ରୂଲତାର କେଶ ଏତେ କମ୍ ଯେ ଆଦୌ କେଶ ନାହିଁ କହିଲେ ଠିକ୍ ହେବ, ସେଥିରେ ବଡ଼ ବଡ଼ ଆଖି ଭୟଙ୍କର ଦେଖାଯାଉଛି—ସେହି ପତା

ଦୁଇଟିରେ ଲୋମ ନାହିଁ । ହିନ୍ଦୀ କଥା ତାଙ୍କର ଠିକ୍ ଏଠିକାର ଦେଶୀୟ ଲୋକଙ୍କ ପରି । ମୋତେ ବସିବାକୁ କହିଦେଇ ମୁଣ୍ଡ ତଳକୁ କରି ସେ ଗୁହା ଭିତରେ ପ୍ରବେଶ କଲେ ଏବଂ ଅଳ୍ପକ୍ଷଣପରେ ବାହାରି ଆସିଲେ, ବଡ଼ ଲୋଟାଟିଏ ହାତରେ ଧରି ।

ମୁଁ ଟିକିଏ ସଙ୍କୋଚ କରି ତାଙ୍କୁ ହିନ୍ଦୀରେ ପଚାରିଲି, ''ଆପଣ କ'ଣ ଏହି ସାମ୍ନା ଝରଣାରୁ ପାଣି ଆଣିଲେ ?''

ସେ ହସିଦେଇ କହିଲେ, ''ନହି ନହି, ଉୟୋ ତୋ ବହୋତ ଦୂର, ଇହାଁସେ ଥୋଡ଼ା ନୀଚେ ଓର ଧାରା ହୈ, ଜଲ୍ ଉହାଁ ସେ ଲାୟା ।''

ମୋ'ର ପ୍ରଥମରୁ ଅନୁମାନମୂଳକ ମନୋଭାବ । ସେହି କଥାଟି ଶୁଣି ଏହି ସାଧୁଙ୍କ ସମ୍ବନ୍ଧରେ ଧାରଣା ସେପରି ପ୍ରୀତିକର ହୋଇନଥିଲା । ଏହି ଯେଉଁ ଭ୍ରୂହୀନ ତାଙ୍କର ଚକ୍ଷୁ, ବୋଧହୁଏ ତାହାହିଁ ପ୍ରକୃତରେ ଏକ ବିରୁଦ୍ଧ ଭାବ ହୋଇ ମୋ' ମନ ଭିତରେ ରହିଗଲା । ସେହି ଭାବ ମୋ'ର ବଦ୍ଧମୂଳ ହେଲା, ଯେତେବେଳେ ଜଣେ ନାରୀଙ୍କୁ ଦେଖିଲି—କୋଳରେ ତାଙ୍କର ପାଞ୍ଚ-ଛଅ ମାସର ଏକ ସ୍ୱାସ୍ଥ୍ୟବାନ ଶିଶୁ—ସେ ହଠାତ୍ ସେହି ଗୁହାର ଦକ୍ଷିଣ ଦିଗରୁ ଆସି ଉପସ୍ଥିତ ହେଲେ ଏବଂ ମୋତେ ଦେଖିନେଇ ଠିଆହୋଇ ରହିଲେ, ଯେପରି 'ର୍ୟାଫେଲେର ସିସ୍‌ଟାଇନ୍ ମ୍ୟାଡୋନା;' ସେହି ନାରୀ ଯୁବତୀ, ଅପରୂପ ସୁନ୍ଦରୀ ନୁହନ୍ତି ନିଶ୍ଚୟ, କିନ୍ତୁ ଉଜ୍ଜ୍ୱଳ ତାମ୍ରାଭ ଶ୍ୟାମାମୂର୍ତ୍ତି, ଯାହାକୁ ଗୌରବର୍ଣ୍ଣ ମଧ୍ୟ କୁହାଯିବ—ମୁଖଶ୍ରୀ ଅତି ସୁନ୍ଦର; ଅବିନ୍ୟସ୍ତ ଘନ କେଶରେ ଦୀର୍ଘ ବେଣୀ, ଘାଗରାପରିହିତ ବକ୍ଷରେ ଓଢ଼ଣୀ, ମଥାରେ କପଡ଼ା ନାହିଁ, ଯେପରି ଅଭ୍ୟସ୍ତ ଗୃହସ୍ଥଳୀର କର୍ମରତ ନବୀନା ଗୃହିଣୀ; ଶିଶୁଟି ମାଆକୋଳରେ ଚଞ୍ଚଳ ଭାବରେ ହାତ ପାଦ ହଲାଉ ଥିଲା । ଖୁବ୍ ହୃଷ୍ଟପୁଷ୍ଟ ଗୌରବର୍ଣ୍ଣ ଶିଶୁର ନୀଳବର୍ଣ୍ଣ ଚକ୍ଷୁ ଏବଂ ପିଙ୍ଗଳବର୍ଣ୍ଣ ଚୂଳ, କିନ୍ତୁ ଶ୍ରୀହୀନ ମୁଖ—ସାଧୁଙ୍କ ଅନୁରୂପ ।

ଅଳ୍ପକ୍ଷଣ ମଧ୍ୟରେ ଏହି ଯେଉଁ ବ୍ୟାପାର ଘଟିଗଲା, ତଦ୍ୱାରା ମୋ' ଭିତରେ କିଂକର୍ତ୍ତବ୍ୟବିମୂଢ଼ ଭାବହିଁ ପ୍ରକାଶ ପାଇଲା । ଏହି ପରିସ୍ଥିତିରେ ମୋ'ର କ'ଣ କରିବା ଉଚିତ୍ ହେବ, ଏହାହିଁ ମନରେ ଆନ୍ଦୋଳିତ ହେଉଥିଲା, କିନ୍ତୁ ହଠାତ୍ କୌଣସି ମୀମାଂସାରେ ପହଞ୍ଚିପାରିଲି ନାହିଁ । ନାରୀଟି କିନ୍ତୁ ତାଙ୍କର ସଙ୍କୋଚ ଭାବକୁ ଅତି ଶିଘ୍ର ଚମତ୍କାର ଭାବେ ସମ୍ଭାଳିନେଇ ମୋତେ ଯେପରି ନିସଂକୋଚ କରିଦେଲେ । ସେ ଆଗେଇଆସି ମୋ' ସମ୍ମୁଖରେ ବେଶ୍ ସପ୍ରତିଭ ଭାବେ କହିଲେ, ''ଆପ୍ କା ବାଙ୍ଗାଲୀ ଶରୀର ?''

'ଜୀ ହାଁ', କହିଦେଇ ମୁଁ ତାଙ୍କ କଥାର ଉତ୍ତର ଦେଲି । ମନେମନେ ତାଙ୍କର ଅସାଧାରଣ ଆତ୍ମସଂଯମର ପ୍ରଶଂସା ନ କରି ରହିପାରିଲି ନାହିଁ । କୋଳର ପିଲା, ଆଉ ମାଆର ମୁହଁକୁ ଦେଖୁଥିଲି —ଯେପରି ମନର ଅଜ୍ଞାତସାରରେ ମାଆର ଦକ୍ଷିଣ ଭ୍ରୂ ଉପରେ ଏକ କଟା ଦାଗ—ତାହା ହୁଏତ ସମ୍ପ୍ରତିହିଁ ଆରୋଗ୍ୟ ହୋଇଛି । ମୋ'ର ସେ ଆଡ଼କୁ ଦେଖୁଥିବା କଥା ହୁଏତ ସେ ଲକ୍ଷ୍ୟ କରୁଥିବେ—ମନେହୁଏ, ସେହି ଦିଗରୁ ମୋ'ର ଦୃଷ୍ଟି

ଫେରାଇବା ଉଦ୍ଦେଶ୍ୟରେ । ସେ ସାଧୁଙ୍କର ଉଦ୍ଦେଶ୍ୟରେ କହିଲେ, ''ସିଦ୍ଧଜୀ ! ଆପ୍‌କା ଦେଶକୀ ମୂର୍ତ୍ତି ହୈ କି ନହିଁ ?''

''କ୍ୟା ମାଲୁମ୍, ମୈନେ ଅଭିତକ୍ କୁଛ ତୋ ପୁଛା ନହୀ, ଅବ୍‌ହି ତୁରନ୍ତ ମିଲା ନା !''

ମୋତେ ସେତେବେଳଯାଏ ଠିଆ ହେଇଥିବା ଦେଖି ସେହି ନାରୀଟି କହିଲେ, ''ବୈଠିୟେ ସନ୍ଥଜୀ !'' ତା'ପରେ ସିଦ୍ଧଜୀଙ୍କୁ କହିଲେ, ''ଏକ ଆସନ୍ ତୋ ଦେଓ'', କହି ସେହି ଚଉତରା ଆଡ଼େ ଟିକିଏ ଆଗେଇଆସି ଠିଆହୋଇ, ପ୍ରଫୁଲ୍ଲ ମୁଖରେ, ପିଲାଲୋକ ପରି ସହଜ ଭାବରେ ମୋ' ଆଡ଼କୁ ଚାହିଁରହିଲେ । ଦେଖୁଥିଲେ, ଯେପରି ବଙ୍ଗାଳୀ ସାଧୁ ଇୟେ ଆଉ ଜଣେ।

ସିଦ୍ଧଜୀ ଦୁଇଖଣ୍ଡ ମୃଗଚର୍ମ ବାହାର କରୁଥିଲେ—ଖଣ୍ଡେ ମୋ' ଲାଗି ପକେଇଦେଇ ଅନ୍ୟ ଖଣ୍ଡକ ଟିକିଏ ଦୂରରେ ପକାଇଦେଲେ । ଦେଖୁ ଦେଖୁ ତାଙ୍କର ମୁହଁ ଖୁବ୍ ଗମ୍ଭୀର, ଯାହାକୁ ଆମେ ଅପ୍ରସନ୍ନ ଗୋମଡ଼ା ମୁହଁ କହିଥାଉ, ସେହିପରି ହୋଇଗଲା । ମୁଁ ବସିଲି ସତ, ଆଉ କିଛିଟା ସଙ୍କୋଚଭାବ କଟିଥିଲେ ମଧ୍ୟ ଏହି ଗୋମଡ଼ା ମୁହଁଟି ଲାଗି ଟିକିଏ ବିବ୍ରତ ବୋଧ କଲି । ତା'ପରେ ଯେତେବେଳେ ମୋତେ ଚାଲିଯିବା ଉଦ୍ଦେଶ୍ୟରେ ସିଦ୍ଧଜୀ, ହିନ୍ଦୀ ନୁହେଁ ଏବେ ବଙ୍ଗଳାରେ କହିଲେ, ''ଏଠାରୁ ସକାଳୁ ସକାଳୁ ନ ଉଠିଲେ ସନ୍ଧ୍ୟା ପୂର୍ବରୁ ଅଗସ୍ତ୍ୟ ମୁନି ଆଶ୍ରମରେ ପହଞ୍ଚି ପାରିବେ ନାହିଁ,'' ସେତେବେଳେ ଏକପ୍ରକାର ଆଘାତ ପାଇଲି । ମୋ'ର ଯିବା ନିତ୍ୟାନ୍ତ ଦରକାର ଓ ଏଠାରେ ରାତ୍ରିଯାପନ ଅସମ୍ଭବ, ଏକଥା ମନକୁ ଆସିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଚାପହୋଇ ରହିଥିଲା । ଆଉ ହିନ୍ଦୀରେ ନ କହି ବଙ୍ଗଳାରେ ନିଜ ଭାଷାରେ କହୁଛି । ମହିଳାଜଣକ କିନ୍ତୁ ଏକବାର ନିଃସଙ୍କୋଚରେ ସିଦ୍ଧଜୀଙ୍କ ପାଖକୁ ଯାଇ ପଚାରିଲେ, ''ତୁମେ କ'ଣ ଏହାଙ୍କୁ ଚାଲିଯିବା କଥା କହୁଛ ?''

''ହଁ, ଟିକିଏ ବେଳ ଥାଉଥାଉ ନ ବାହାରିଲେ...''

''କାହିଁକି ବେଳ ଥାଉଥାଉ ସେ ଯିବେ ? ଆଜି ଆମର ଏଠାରେ ରହିବେ ନାହିଁ ?''

''ନା, ସେ ରହିବେ ନାହିଁ—ମୁଁ ଜାଣିଛି ।''

''ରହିବାକୁ ଅନୁରୋଧ କରିଥିଲ ?''

''ନା, ଯେତେବେଳେ ଜାଣିଛି ଯେ ସେ ରହିବେ ନାହିଁ, ବୃଥାରେ କାହିଁକି ଅନୁରୋଧ କରିବି ?''

''ନା, ତୁମେ ତାଙ୍କୁ ରହିବାକୁ କୁହ, ଆମର କହିବା ଉଚିତ୍—ଆମେ ଅନେକ ଦିନରୁ ଏକୁଟିଆ ଅଛୁ, ଆଜି ଯଦି ଭଗବାନଙ୍କ ଇଚ୍ଛାରେ ଜଣେ ଆସିଛନ୍ତି...'', ମହିଳାଜଣକ ବେଶ୍ ଅନୁରୋଧଭରା ସ୍ୱରରେ କହିଲେ, ''ତାଙ୍କୁ ତଡ଼ିଦେବାର ଚେଷ୍ଟା କାହିଁକି ?''

ସିଦ୍ଧଜୀ ହୁଏତ ଆଶା କରିନଥିଲେ ଯେ ମହିଳାଜଣକ ମୋ'ର ଏଠାରେ ରହିଯିବା ଲାଗି ଏଭଳି ଆଗ୍ରହ ପ୍ରକାଶ କରିବେ । ବାଧ୍ୟହୋଇ ମୋ' ପାଖକୁ ଆସି ପରିଷ୍କାର ବଙ୍ଗଳାରେ ପଚାରିଲେ, ''କ'ଣ ଆମର ଏଠାରେ ରହିବେ ତ ?''

ମୁଁ ସେତେବେଳେ ସବୁ କଥା କହିଲି, ''ବେଣୀନାଗ ବାଟରେ ଯାଉ ଯାଉ ଏହି ସୁଦୃଶ୍ୟ ପ୍ରପାତଟି ଦେଖି ହିଁ ଏଆଡ଼େ ଆସି ପହଞ୍ଚିଗଲି । ଧାରଣା ଥିଲା ଯେ ପ୍ରପାତଟି ଅତି ନିକଟରେ । କିନ୍ତୁ କ୍ରମେ କ୍ରମେ ଏତେ ବାଟ ଚାଲି ଆସି ଦେଖିଛି, ତାହା ଆହୁରି ଅନେକ ଦୂରରେ । ଏହାପରେ ଆପଣଙ୍କର ଗୁହାଟି ଆଖିରେ ପଡ଼ିଲା, ତେଣୁ ଏଠିକି ଆସିଗଲି । ଏବେ ବିଦାୟ ଦିଅନ୍ତୁ ଚାଲିଯାଏ । ଏବେ ନ ଗଲେ ସନ୍ଧ୍ୟାସୁଦ୍ଧା ଅଗସ୍ତ୍ୟମୁନି ଠାରେ କ'ଣ ପହଞ୍ଚି ପାରିବି ?''

''ଯଦି ସେଠାରେ କୌଣସି ବିଶେଷ କାର୍ଯ୍ୟ ନ ଥାଏ, ତେବେ ଆଜି ଆମ ଆଶ୍ରମରେ ଅତିଥି ହେଲେ କ୍ଷତିଟା କ'ଣ ?''

''ଦେଖନ୍ତୁ, ଇଚ୍ଛା ମୋ'ର ଖୁବ୍ ଥିଲା, ଏଠାରେ ମୁଁ ଏ ପର୍ଯ୍ୟନ୍ତ କିଛି ଦେଖିପାରିନାହିଁ । ଏହାଛଡ଼ା ଏଇ ସୁନ୍ଦର ଜଳପ୍ରପାତ ନ ଦେଖିଲେ ମୁଁ ଯିବିନାହିଁ । ଯଦି ଏଠାରେ ସୁବିଧା ନ ହୁଏ, ତା'ହେଲେ ଯେଉଁଠି ନାଇଁ ସେଇଠି ରହିଯିବାର ଅଭ୍ୟାସ ଅଛି ତ, ଆଜି ରାତିଟା କେଉଁଠି କଟାଇନେଇ ସବୁ ଦେଖାଦେଖି କରି ଚାଲିଯିବି ।''

ସେତେବେଳେ ସେହି ସ୍ତ୍ରୀ ଲୋକଟି, ବୋଧହୁଏ ସବୁକିଛି ଶୁଣି, କିଛି ଅନୁମାନ କରି ମୋତେ କହିଲେ, ''ଆଜ୍ ଇହାଁଠାର୍ ଯାନା, ସାଧୁଜୀ । କୁଛୁ ତକ୍‌ଲିଫ୍ ନା ସମଝୋ, ହରଜା ନ ହୋ ତୋ ରହ ଯାଇୟେ; ହାମଲୋକ ଅକେଲା ।'' ସେତେବେଳେ ମୁଁ ତାଙ୍କୁ ପୁଣି ବୁଝାଇଦେଲି, ''ଏଠାରେ ରହିବାରେ ମୋ'ର ଆପତ୍ତି ନାହିଁ । ଏହି ଝରଣା ଦେଖିବାକୁ ଆସିଛି, ଏଠାରେ ରହିଗଲେ ମୋ'ର କିଛି ଅସୁବିଧା ହେବନାହିଁ । ଯଦି କିଛି ଅସୁବିଧା ହେବ, ଆପଣମାନଙ୍କର ହେବ ।''

ଯାହାହେଉ, ମୋ'ର ସମ୍ମତି ପାଇ ସେ ଖୁସି ହେଲେ । ମୁଁ ମଧ୍ୟ କାନ୍ଧରୁ କମ୍ବଳଟିକୁ ଓହ୍ଲେଇ ତଳେ ରଖିଲି– ଲୋଟା ଓ ଲାଠିକୁ ତ ଆଗରୁ ରଖିସାରିଥିଲି; କହିଲି–ମୁଁ ଟିକିଏ ବୁଲିଯାଇ ଦେଖିଆସେ-''ଏହି ଝରଣାଟା ଏଠାରୁ କେତେ ବାଟ ?''

ସ୍ତ୍ରୀଲୋକଟି ହିନ୍ଦୀରେ କହିଲେ, ''ଏହି କାଲୀଝୋରା ? ନା, ସେଠାକୁ ଆଜି ଯାଇହେବ ନାହିଁ । ପାଖରେ ନୁହେଁ । ସେଠାରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯିବ । ଆପଣ ବରଂ ପାଖରେ ଥିବା ପୀଠକୁ ଯାଆନ୍ତୁ । ତେବେ, ବେଶୀ ଡେରିକରିବେ ନାହିଁ । ସନ୍ଧ୍ୟାର ଅନ୍ଧାର ପୂର୍ବରୁ ଫେରିଆସିବା ଭଲ–ଏଠାରେ ଭୟର କାରଣ ଅଛି ।''

ପରେ ଜାଣିଲି–ବାଘ ଓ ସାପର ଏଠାରେ ଭୟ । ଆଉ ଏକ ଭୟ ହେଲା, ଦିନ ହେଉ ବା ରାତି ହେଉ, ବିଛାର ଭୟ । ସେପରି ବିଛାର ଚେହେରା ବିଷୟରେ ଆମ ଆଡ଼େ

କାହାର ଧାରଣା ନାହିଁ, ମିଶାମିଶି କଳା ଚକ୍‌ଚକ୍ ରଙ୍ଗ, ତିନିଇଞ୍ଚ ଲମ୍ବା, ପଛର ନାହୁଡ଼ ଉପରକୁ ଗୁଡ଼ାଇରଖିଲେ ଛୋଟ ଦେଖାଯାଏ । ନାଗସାପ ପରି ତା'ର ବିଷ ପ୍ରାଣଘାତୀ— ସେଇ ତୀବ୍ର ବିଷର ପ୍ରତିକାର ନାହିଁ । ଶୁଣିଛି, କେହି କେହି ପ୍ରତିଷେଧକ ଜଡ଼ିବୁଟି ଜାଣିଥିବା ଲୋକ ମିଳିବା ଭାଗ୍ୟର କଥା । ନାରୀଟି ମୁଖରୁ ଏହିସବୁ କଥା ଶୁଣିଲି । ସିଦ୍ଧଜୀ କିଛି ସମୟ କାର୍ଯ୍ୟରେ ବ୍ୟସ୍ତ ରହିଲେ । ମହିଳା ଜଣକ ଏହିସବୁ କଥା କହି ସାବଧାନ କରିଦେଲାପରେ ଚାଲିଗଲେ ।

ମା' ଶିଶୁଟିକୁ କୋଳରେ ନେଇ ବସିଯାଇ, ଏପରି ଭାବରେ ଅପରିଚିତ ଲୋକ ସଙ୍ଗେ, ସମ୍ଭ୍ରମ ସହକାରେ ଆନ୍ତରିକତାପୂର୍ଣ୍ଣ କଥାବାର୍ତ୍ତା କଲେ, ଯାହା ପୂର୍ବେ କେଉଁଠାରେ ପ୍ରତ୍ୟକ୍ଷ କରିନାହିଁ । ବଙ୍ଗାଳୀଙ୍କ ଉପରେ ତାଙ୍କର ସହଜ ଶ୍ରଦ୍ଧା, ଯେପରି ତାଙ୍କର ନିଜ ଜାତିର ଲୋକ ।

ଏଠାରୁ ବାହାରି ଅନୁମାନ କରି ଝରଣା ଆଡ଼କୁ ଆଗେଇଲି । କିଛି ବାଟ ଉଠିଲା ପରେ ପୁଣି ସେହି ମୁକ୍ତ ଜଳପ୍ରପାତଟି ସାମ୍ନାରେ ଦେଖାଗଲା । ଆଃ, କି ଆନନ୍ଦ ଲାଗିଲା ତାକୁ ଦେଖିଲା ପରେ ! ଗୋଟିଏ ଶିଳା ଉପରେ ବସିଗଲି । ଇଚ୍ଛା ହେଲା, ଗୋଟିଏ କୁଡ଼ିଆ ବାନ୍ଧି ସାରାଜୀବନ ଏଠାରେ କଟାଇଦିଅନ୍ତି । ସିଦ୍ଧଜୀ ଯେ କାହିଁକି ଏପରି ଦୃଶ୍ୟକୁ ଛାଡ଼ି ଦେଇ ଏକ ଆଢୁଆଳରେ ଘର କଲେ ! ବୋଧହୁଏ ପାହାଡ଼ଗାତ୍ରରେ ପ୍ରକୃତିର ଏହି ଗୁହାଟି ପାଇଗଲେ । ନ ହେଲେ ଅନ୍ୟ କ'ଣ କାରଣ ଥାଇପାରେ ?

କିଛିଟା ନିମ୍ନରେ ଏହାର ସ୍ରୋତ ବହିଚାଲିଛି— ଶବ୍ଦ ଶୁଭୁଛି । ସେହି ଶବ୍ଦ ମଧ୍ୟରେ ମୋହିନୀ ଶକ୍ତି ଅଛି, ଶୁଣୁଶୁଣୁ ତନ୍ମୟତା ଆସିଯାଏ । ତା'ର ଗତିବେଗ ଏପରି ପ୍ରଖର ଯେ କିଛିକ୍ଷଣ ଅନେଇରହିଲେ ମନେହୁଏ, ଯେପରି ତା' ସହ ମୋତେ ନେଇଚାଲିଛି ।

ଛବି ଆଙ୍କିବା ଲାଗି କିଛି ସରଞ୍ଜାମ ଏବେ ମୋ ପାଖରେ ନ ଥିଲା । ସେଥିଲାଗି ଦୁଃଖ ନାହିଁ । ସତ କହିଲେ, ଏପରି ଦୃଶ୍ୟକୁ ଅଙ୍କନ ମାଧ୍ୟମରେ ବାନ୍ଧିରଖିବାର ଇଚ୍ଛା, ଏକ ଛଳନା ମାତ୍ର । ଏହାପରେ ଶେଷ ଅବଧି ପ୍ରକୃତିର ଏହି ମହାନ ସୃଷ୍ଟି, ସମ୍ପୂର୍ଣ୍ଣ ରୂପରେଖା ଓ ବର୍ଣ୍ଣବିଳାସର କଥା ଦୂରେ ଥାଉ, ତାହା ଏହାର ଶହେ ଭାଗରୁ ଗୋଟିଏ ଭାଗ ହେବ କି ନାହିଁ ସନ୍ଦେହ । ସରଞ୍ଜାମ ନେଇ ଯଦି ଏହି ଦୃଶ୍ୟର ପ୍ରତିଛବି ପ୍ରସ୍ତୁତି ମୋ'ର ସକଳ ଉଦ୍ୟମ, ଉତ୍ସାହ ନିୟୋଜିତ କରିଥାନ୍ତି, ତା'ହେଲେ, ମୁଁ ନିଶ୍ଚିତ କହିପାରେ ଯେ, ଏହି ମହାନ ଦୃଶ୍ୟକୁ ଏପରି ଗଭୀର ଭାବରେ ଉପଭୋଗ କରିପାରି ନ ଥାନ୍ତି ।

ଦୂରରେ ଓ ନିକଟରେ ଏହିପରି ଅନେକ କିଛି ନୟନବିମୋହନ ଦୃଶ୍ୟ ଦେଖୁଦେଖୁ ଉଠିବା କଥା ଆଉ ମନେନଥାଏ । ମାତ୍ର ସାମ୍ନା ଆକାଶରେ ସନ୍ଧ୍ୟା ନଇଁଆସିଲା, ଏବେ ଉଠିବାକୁ ହେବ । ଆଜି ଏକ ନୂଆ ଘରେ ଅତିଥି ମୁଁ । ସେହି ମହିଳାଙ୍କ କଥା ମନେପଡ଼ିଲା ଏବେ । କାହିଁକି କେଜାଣି, ସିଦ୍ଧଜୀଙ୍କ ସହ ତାଙ୍କର ସମ୍ବନ୍ଧ କଥାଟା ଭାବିନେଇ ମନଟା

ଖରାପ ହୋଇଗଲା । ଆଜି ନିଶ୍ଚୟ ଏମାନଙ୍କର କିଛି ଅଧିକ ପରିଚୟ ମିଳିପାରିବ– ଆଶା ଅଛି, କିଛି ଜାଣି ହେବ ।

ମୋ'ର ସେଠାରେ ରହିବାର ଇଚ୍ଛା ନଥିଲା । କେବଳ ଏକ କୌତୁହଳ ହିଁ କାମ କଲା– ସାଧୁ ହୋଇ ବାହାରିପଡ଼ି ପୁଣି ଗୈରିକ ବସ୍ତ୍ର ପିନ୍ଧି ସଂସାର କରିବା ଯେ ବ୍ୟଭିଚାର, ବିଷଦୃଶ ବ୍ୟାପାର, ଏସବୁ ଜାଣି ମଧ୍ୟ ମୋ'ର ଏଠାରେ ରହିବା ସମ୍ଭବ ହେଲା କାହିଁକି ? ଏହି ନାରୀର ପ୍ରଭାବ ଯେ ଏଥିରେ ରହିଛି, ସେଥିରେ ସନ୍ଦେହ ମାତ୍ର ନାହିଁ । ତେବେ ସେହି ସବୁକିଛି କାରଣଟା ଯେ ତାହା ନୁହେଁ ।

ମୋ'ର ଜଣେ ଅବଧୂତଙ୍କ ସହିତ କିଛିଦିନ ସଙ୍ଗଲାଭ ହୋଇଥିଲା । ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ସେ କହୁଥିଲେ–

'ଇମ୍‌ଲି ଖାୟକେ ଲାଗାୟ ଧ୍ୟାନ, ଗୃହୀ ହୋ:ୟକେ ବାତାୟ ଜ୍ଞେୟାନ୍ ।

ଯୋଗୀ ହୋୟକେ ଠୋକେ ଭଗ୍, ଇୟେ ସବ୍ ଆଦମୀ କଲିକା ଠଗ୍ ।'

ଏହା କେବଳ ଏବର କଥା ନୁହେଁ, ପ୍ରାଚୀନ କାଳରୁ ଏହି ପ୍ରକାର ବ୍ୟାପାର ସାଧୁ-ସନ୍ଥ ସମ୍ପ୍ରଦାୟଙ୍କ ମଧ୍ୟରେ ଚାଲିଛି–କେତେ କେତେ ଉପଜାତିର ସୃଷ୍ଟି ହୋଇଛି, ତା'ର କଳନା ନାହିଁ । ଏସବୁ ଥିବାରୁ ଗୃହସ୍ଥସମାଜରେ ଅନେକ ସାଧୁ, ବ୍ରହ୍ମଚାରୀ, ଗିରି, ପୁରୀ ଇତ୍ୟାଦି ପଦବୀର ଉଦ୍‌ଭବ ହୋଇଛି । ଅନେକଙ୍କର ପଥଭ୍ରଷ୍ଟ ଅବସ୍ଥା, ପୁଣି ଜାରଜ ସନ୍ତାନଙ୍କୁ ଶିଷ୍ୟ ବୋଲି ପ୍ରଚାର କରିବା– ଏସବୁ ପ୍ରଥମରୁ ହିଁ ଦେଖାଯାଇଛି । ପରେ ଯେତେବେଳେ ସମାଜ ସଙ୍ଗେ ମିଶିଯାଏ, ସେତେବେଳେ ମୋଟେ ହିଁ ବିଷଦୃଶ ଲାଗେ ନାହିଁ, ମାତ୍ର ପ୍ରଥମ ଅବସ୍ଥାରେ ? ସମାଜର ବାହାରେ ଥାଇ ଯେପରି ଏକ ବିଧିବହିର୍ଭୂତ କାର୍ଯ୍ୟ କରି ମଧ୍ୟ ପ୍ରକୃତି ଏମାନଙ୍କୁ ସମାଜ ସଙ୍ଗରେ ମିଶାଇ ଦେଲେ । ଅଦ୍‌ଭୁତ ଆମର ଏହି ସମାଜର ଇତିହାସ ଓ ତା'ର ତତ୍ତ୍ୱ ।

ସନ୍ଧ୍ୟାର ଟିକିଏ ପୂର୍ବରୁ ଉଠିବାକୁ ପଡ଼ିଲା । ସେହି ଆଶ୍ରମରେ ପହଞ୍ଚିଲି । ଆସି ମହିଳାଙ୍କୁ ହିଁ ଦେଖିଲି ଚଉରାରେ–କୋଳରେ ପିଲାଟି ଶୋଇଛି । ପାଖରେ ଗୋଟିଏ ଆସନ ଉପରେ ବିଛଣା ପାରି, ମୁଣ୍ଡତଳେ ଗୋଟିଏ କପଡ଼ାକୁ ଭାଙ୍ଗକରି, ଶିଶୁର ତକିଆ ପରି କରାହୋଇଛି । ମୋତେ ଦେଖିଦେଇ ''ଆଇୟେ ଆଇୟେ'' ସମ୍ଭାଷଣ କରି ସେ ପିଲାଟିକୁ ଶଯ୍ୟାରେ ଶୁଆଇଦେଇ ଉଠିପଡ଼ିଲେ । ଉଠିଲାବେଳେ ଦେଖିଲି, ତାଙ୍କର ଆଖିରେ ଲୁହ– କାନ୍ଦୁଥିଲେ ବୋଧହୁଏ । ସେତେବେଳେ ସିଦ୍ଧବାବା ସେଠାରେ ନ ଥିଲେ ।

ଯେଉଁଆଡୁ ବାବାଜୀଙ୍କର ଆବିର୍ଭାବ ହେବ, ନାରୀଜଣକ ଗଲେ ସେହି ଦିଗକୁ । ମୁଁ ଉଠିପଡ଼ି ତାଙ୍କୁ କହିଲି, ''ଦେଖନ୍ତୁ, ମୁଁ ଠିକ୍ ବୁଝିପାରୁଛି, ମୁଁ ଆଜି ଆପଣଙ୍କ ଶାନ୍ତିଭଙ୍ଗ କରିଛି । ଯଦି ଏବେ ଉପାୟ ଥାଏ, ମୁଁ ଏଠାରୁ ଚାଲିଯିବାକୁ ଏବେ ମଧ୍ୟ ପ୍ରସ୍ତୁତ ।''

ବାବାଜୀଙ୍କ ମୁହଁରେ ଶ୍ଳେଷପୂର୍ଣ୍ଣ ହସ– "ଯିବାଟା ଆପଣଙ୍କ ଉଚିତ୍ ଥିଲା ପୂର୍ବରୁ, କିନ୍ତୁ ରୂପବତୀ ଯୁବତୀର ମୋହରେ ହିଁ ଯେତେବେଳେ ଯାଇପାରି ନାହାନ୍ତି, ଏବେ ଏସବୁ କଥାର ମୂଲ୍ୟ କ'ଣ ?"

"ଆଃ ! କାନମୋଡ଼ି ଦେଇ ସଜୋରେ ଯେପରି ଧଡ଼୍ କରି ଗାଲରେ ଥାପଡ଼୍ ବସାଇଦେଲେ ତାଙ୍କ ବାକ୍ୟ ବାଣରେ ଯେ ମୋ' ମୁଣ୍ଡ ଘୁରିଗଲା । ଟିକିଏ ସମ୍ଭାଳିନେଇ କହିଲି, "ଦେଖନ୍ତୁ, ଆପଣ ବଙ୍ଗାଳୀ ବୋଲି ଆଜି କହୁଛି, ଅନ୍ୟ କେହି ହୋଇଥିଲେ କହି ନଥାନ୍ତି । ମୋ' ପରି ଜଣେ ବଙ୍ଗସନ୍ତାନକୁ ଏହି ଅବସ୍ଥାରେ ଏଠାରେ ଦେଖିବି ବୋଲି କେବେ ଆଶା କରି ନଥିଲି । ଯେତିକି ଗଭୀର ବିସ୍ମୟ, ସେତେଟା ହିଁ ମର୍ମାନ୍ତିକ ବେଦନା ଯେ ମୁଁ ଭୋଗକରୁଛି, ତାହା ବୋଧହୁଏ ଆପଣ ଅନୁମାନ ମଧ୍ୟ କରିପାରିନାହାନ୍ତି । ଗୈରିକ ବସ୍ତ୍ର ପରିଧାନ କରି ନାରୀସଙ୍ଗ–ପୁଣି ନାମ ସିଦ୍ଧଜୀ !"

ବାଧାଦେଇ ସେ କହିଲେ, "ନା ନା, ସିଦ୍ଧଜୀ ମୋ'ର ନାମ ନୁହେଁ । ସାଧୁ-ସନ୍ନ୍ୟାସୀ ସମାଜରୁ କେହି ନୂତନ ଲୋକ ଆସିଲେ, ତାଙ୍କ ନାମ ଜଣା ନ ଥିଲେ ତାଙ୍କୁ ସିଦ୍ଧଜୀ, ମହାତ୍ମାଜୀ, ବାବାଜୀ, ସନ୍ଥଜୀ ଇତ୍ୟାଦି ନାମରେ ଡକାଯାଇଥାଏ । ଏହି ନାରୀ କନକା ବି ସେହି ହିସାବରେ ମୋତେ ଉଦ୍ଦେଶ୍ୟ କରି ଡାକିବା ନେଇ 'ସିଦ୍ଧଜୀ' କହେ । ମୋ' ନାମ ଦେବାନନ୍ଦ । ଆଜି ଯେତେବେଳେ ବିଧାତାଙ୍କ ନିର୍ବନ୍ଧରେ ଆପଣଙ୍କର ଏଠାରେ ରହିବାର ଯୋଗାଯୋଗ ହୋଇଛି, ପୁଣି ଆପଣ ଆମର ଯେହେତୁ ସ୍ୱଦେଶ ସ୍ୱଜାତି, ସେତେବେଳେ ମୋ'ର ଜୀବନ କାହାଣୀ ସଂକ୍ଷେପରେ ଆପଣଙ୍କୁ ଶୁଣାଇଦେବାକୁ ଚାହୁଁଛି; ଶୁଣିନେଇ ବିଚାର କରି ଆପଣ ଦେଖିବେ, ମୋ' ଅବସ୍ଥାରେ ପଡ଼ିଲେ ଯେ କେହି..."

ଅସହ୍ୟ ହେଲା । ଏହା ଶୁଣି କହିଲି, "ଆଚ୍ଛା, ଥାଉ ଏବେ ଏକଥା ।"

ସମ୍ମୁଖରୁ ଦେଖାଗଲା, କନକା ଗୋଟିଏ ଲଣ୍ଠନ ଆଣି ରଖିଲେ । ତା'ପରେ କହିଲେ, "ଏଠାରେ ଆମେ ଏଇ ସମୟରେ ଖାଇନେଉ । ଆପଣମାନେ ବସନ୍ତୁ, ମୁଁ ଖାଇବାଟା ନେଇଆସେ ।"

ଖୁବ୍ ଭୋକ ଓ ଶୋଷ ଲାଗୁଥିଲା । ମାତ୍ର ଏ ପରିସ୍ଥିତିରେ ଖାଇବାକୁ ଇଚ୍ଛା ନ ଥିଲା, ବିଶେଷତଃ ପାଖାପାଖି ଦେବାନନ୍ଦଙ୍କ ସାଙ୍ଗରେ । କିନ୍ତୁ ଆହାର ମୋତେ କରିବାକୁ ହିଁ ପଡ଼ିଲା । ନୀରବରେ ଆମେ ତାହା ଉପଭୋଗ କଲୁ–ଗରମ ରୁଟି, ସୁପକ୍ୱ ଓ ଉତ୍ତମ ରୂପେ ଘୃତସିଦ୍ଧ ତରକାରୀ–ମସଲାଦିଆ ତେଲପକା । ଶେଷରେ ଦୁଧ ।

ଯେତେବେଳେ ଭୋଜନ ପର୍ବ ଶେଷ ହେଲା, ସେତେବେଳେ କନକା ନିଃସଙ୍କୋଚରେ ଆସି ବସିଲେ ଆମ ସାଙ୍ଗରେ, ଆଉ ତତୋଽଧିକ ନିଃସଙ୍କୋଚରେ ମୋ'ର ପରିଚୟ, ଜୀବନକଥା ଜାଣିବାକୁ ଚାହିଁଲେ । ସେ ସ୍ପଷ୍ଟ ଭାବରେ ଜାଣିବାକୁ ଚାହାନ୍ତି, କାହିଁକି ମୁଁ ବାହାରିଛି, ଆଉ କ'ଣ ପାଇଛି । ଅତି ତୀକ୍ଷ୍ଣବୁଦ୍ଧିସମ୍ପନ୍ନା ଶିକ୍ଷିତା ମହିଳା–

ଅସାଧାରଣ। ତାଙ୍କର ସବୁ କିଛି ଜାଣିବାକୁ ଆଗ୍ରହ। ଯେତେବେଳେ ମୋ'ର ସବୁ କଥା ତାଙ୍କୁ ଶୁଣାଇଲି ସେତେବେଳେ ଅନୁଭବ କଲି ଯେ ତାଙ୍କ ସହ ମୋ' ସମ୍ବନ୍ଧ ଅନେକଟା ସହଜ ହୋଇ ଆସିଛି। ମୁଁ କହିଲି– "ଏଥର ଆପଣମାନଙ୍କର କଥା ଶୁଣିବାକୁ ହେବ– କୁହନ୍ତୁ।"

"ମୋ' କଥା ?" କନକା କହିଲେ, "ଖୁବ୍ ବେଶୀ ନୁହେଁ, ଯାହା କିଛି ବିଶେଷ ଘଟଣା, ସେକଥା ଟିକକ କହୁଛି, ଶୁଣିଲେ ବୁଝିପାରିବେ। ମୋ' ବାବା ଥିଲେ କାଶୀରେ, ଅନେକ ଦିନ ରୋଗ ଭୋଗି ଅନେକ କଷ୍ଟ ପାଇ ମରିଗଲେ। ଉଚ୍ଚ ଶିକ୍ଷିତ ଓକିଲ– ଏକମାତ୍ର କନ୍ୟା ମୁଁ। ମୋତେ ଯେତେବେଳେ ୯ ବର୍ଷ ବୟସ, ମୋ' ମା' ମରିଯାଆନ୍ତି, ତା'ପରେ ବାବା ମୋର ସନ୍ନ୍ୟାସୀ-ବୈରାଗୀ ପରି ହୋଇପଡ଼ିଲେ– ଅବଶ ଏକବାର ଘର ଛାଡ଼ି ଚାଲିଯାଆନ୍ତି ନାହିଁ କେଉଁଆଡ଼େ–ତେବେ, କାମଦାମ ଛାଡ଼ିଦେଇ ଘରେ ବସିବସି ଶାସ୍ତ୍ରଚର୍ଚ୍ଚା, ଜପଧ୍ୟାନ କରୁଥାନ୍ତି। ଭଜନ-ସାଧନର ଉପଦେଶ ମଧ୍ୟ ନେଉଥାନ୍ତି। ମୋ'ର ବାରବର୍ଷ ବୟସବେଳେ ସେ ମୋତେ ବିବାହ ଦିଅନ୍ତି, ତାଙ୍କର କେଉଁ ବନ୍ଧୁ-ଓକିଲଙ୍କ ପୁଅ ସହିତ। ତା'ପରେ ମୋ' ସ୍ୱାମୀ ବିସୂଚିକାରେ ମରିଯାଆନ୍ତି, ବିବାହର ଏକବର୍ଷ ତିନିମାସ ପରେ। ସେହିଦିନଠାରୁ ବାବା ମୋତେ ତାଙ୍କର ସମସ୍ତ କାର୍ଯ୍ୟରେ ହିଁ ସାଥୀ କରି ରଖିଲେ। ପ୍ରଥମେ ତାଙ୍କର ଇଚ୍ଛା ଥିଲା, ମୋତେ ପୁଣି ବିବାହ ଦେବେ। ବାବାଙ୍କର ଦଳେ ବନ୍ଧୁ ଏହି ବିବାହ ଦେବାର ସପକ୍ଷରେ ଥିଲେ। ଆଉ ସନାତନପନ୍ଥୀ ଅନ୍ୟ ଏକ ବଡ଼ ଦଳ ଥିଲେ ବିବାହ ଦେବାର ବିପକ୍ଷରେ, କିନ୍ତୁ ବାବାଙ୍କର ଜିଦ୍ ଥିଲା ଯେ ସେ ନିଶ୍ଚୟ ମୋତେ ବିବାହ କରିଦେବେ। ତାଙ୍କର ଜଣେ ଧନୀ ପ୍ରତିବେଶୀ ନିଜ ପୁଅକୁ ବିଲାତ ପଠାଇଥିଲେ, ପୁଅଟି ପରେ ବାରିଷ୍ଟର ହୋଇ ଏଲାହାବାଦ ହାଇକୋର୍ଟ ବାର୍‌ରେ ପ୍ରାକ୍‌ଟିସ୍ କରୁଥିଲେ। ତାଙ୍କ ସହ ବିବାହ ହୋଇଥାନ୍ତା, ଦୁଇଟି କାରଣରୁ ସେହି ପ୍ରସ୍ତାବ ଭାଙ୍ଗିଗଲା, ସବୁକଥା ପକ୍କା ହେଲାପରେ। ପ୍ରଥମ କଥା, ସେ ବାରିଷ୍ଟର ସାହେବ ଏକ ମୋଟା ଅର୍ଥ ଚାହିବସିଲେ ବାବାଙ୍କ ପାଖରୁ–କାରଣ ସେହି ଟଙ୍କାର ଦାବି ଥିଲା ବାବାଙ୍କର ବିଧବା ଝିଅଟିକୁ ବିବାହ କରିବା ଲାଗି। ଆଉ ଦ୍ୱିତୀୟ କାରଣ, ସେ ଦୁଷ୍ଚରିତ୍ର ବୋଲି ଖବର ମିଳିଲା। ସେଠାରେ ଥିବା ଜଣେ ବନ୍ଧୁସ୍ଥାନୀୟ ବ୍ୟକ୍ତିଙ୍କ ଝିଅକୁ ନେଇ ଏକ କଦର୍ଯ୍ୟ କାଣ୍ଡ ଘଟାଇଦେଇ ସେ କିଛିଦିନ ଆତ୍ମଗୋପନ କରିଥିଲେ, ତା'ପରେ କୁଆଡ଼େ ସେହି କାରବାର ଅଦାଲତଯାଏ ଯାଇଥିଲା। ତାଙ୍କର ଆଉ ଗୋଟିଏ ଦୁର୍ଗୁଣ ଜଣାପଡ଼ିଲା ଯେ ସେ ଜୁଆଡ଼ୀଙ୍କ ଭକ୍ତ। ଏହା ପୂର୍ବରୁ ଜୁଆରେ ନିଜ ବାପାଙ୍କର ଅନେକ ଅର୍ଥ ଶ୍ରାଦ୍ଧ କରିଛନ୍ତି। ଏବେ ମଧ୍ୟ ତାଙ୍କର ଅନେକ ଋଣ। ଏହିସବୁ ଶୁଣି ବାବା ମତ ପରିବର୍ତ୍ତନ କଲେ। ସେ ସମାଜ ଉପରେ ବୀତଶ୍ରଦ୍ଧ ହୋଇ, ଶେଷରେ ମୋତେ ସାଙ୍ଗରେ ନେଇ ହିମାଳୟ ଚାଲିଗଲେ। ମସୋରୀରେ ଆମେ ପ୍ରାୟ ଚାରିବର୍ଷଯାଏ ରହିଥିଲୁ। ସେହିଠାରେ ହିଁ ମୋ'ର ଅଧ୍ୟୟନ ଆରମ୍ଭ ହେଲା। ମୁଁ ମଧ୍ୟ ସଙ୍କଳ୍ପ କଲି, ତତ୍ତ୍ୱ-ଜ୍ଞାନ ଆଲୋଚନାରେ ଜୀବନ ବିତାଇବି।

"ସାଂଖ୍ୟ, ପାତଞ୍ଜଳୀ, ବେଦାନ୍ତ– ଏହି ତିନିଗୋଟି ଦର୍ଶନଶାସ୍ତ୍ରକୁ ମୁଁ ପାଞ୍ଚ ବର୍ଷ ଧରି ଏକାନ୍ତ ଅଧ୍ୟବସାୟ ସହ ପଢ଼ିଥିଲି। ପଢ଼ା ଦିଗରେ ଖୁବ୍ ନିଷ୍ଠା ଥିଲା। ଶବ୍ଦ-ଅର୍ଥବୋଧ ମୋ'ର ମୋଟା ମୋଟି ଭଲ ହିଁ ଥିଲା। କିନ୍ତୁ ଯେଉଁ ସାଧନା ଦ୍ୱାରା ସିଦ୍ଧି ପଥରେ ଯିବା କଥା, ସେଆଡ଼େ ଯିବାଲାଗି ସେତେବେଳେ ମୋ'ର ଯତ୍ନ ନ ଥିଲା। ବାବାଙ୍କର ଧାରଣା ଥିଲା, ଟିକିଏ ଅଧିକ ବୟସରେ, ଅନ୍ତତଃ ୨୫ ଠାରୁ ୩୦ ବର୍ଷ ନ ହେଲେ, ମସ୍ତିଷ୍କ ସମ୍ପୂର୍ଣ୍ଣ ପୁଷ୍ଟ ନ ହେଲେ, ସାଧନା ବା ସିଦ୍ଧି କେବେହେଲେ ସମ୍ଭବ ନୁହେଁ। ଅସମୟରେ ଓ ଅତି କଞ୍ଚା ବୟସରେ ସାଧନ କେବେହେଲେ ଶୁଭ ନୁହେଁ। ତେଣୁ ସେତେବେଳେ ଅଧ୍ୟୟନ ହିଁ ଥିଲା କେବଳ ମୋ'ର ତପସ୍ୟା। ତିନିବର୍ଷ ପରେ ଆମେ ପୁଣି କାଶୀକୁ ଫେରିଆସିଲୁ।"

"ବାବା ଆମର ସହରରେ ଥିବା ଘରକୁ ଛାଡ଼ିଦେଇ ଆସି ତୀରରେ, ସହରଠାରୁ ଅନେକ ଦୂରରେ, ଗୋଟିଏ ଛୋଟ ବଗିଚା ମଧ୍ୟରେ ମୋତେ ନେଇ ରହୁଥିଲେ। ଯେତେବେଳେ ମୋର ପ୍ରାୟ ବୟସ ୧୮ ବର୍ଷ, ସେତେବେଳେ ଏକ ଅଦ୍ଭୁତ ଯୋଗାଯୋଗରେ ଏହି ସିଦ୍ଧଜୀ ଅତିଥି ହୋଇ ଆସି ଉପସ୍ଥିତ ହେଲେ ଆମ ଆଶ୍ରମରେ। ଏହାଙ୍କର ଜୀବନଗାଥା ଶୁଣି ବାବାଙ୍କର କିପରି ଏକ ସ୍ନେହମମତା ହୋଇଯାଇଥିଲା ଏହାଙ୍କ ଉପରେ। ତାଙ୍କୁ ବାବା ଛାଡ଼ିଲେ ନାହିଁ। ଅବଶ୍ୟ ସେହି ସମୟରେ ବାବା ପୀଡ଼ିତ ହୋଇପଡ଼ିଲେ– ବାତ ଯୋଗୁ ପଙ୍ଗୁ ହୋଇଗଲେ। ଏହାଙ୍କ ଦ୍ୱାରା ସେତେବେଳେ ତାଙ୍କର ଅନେକ ସେବାଦି କାର୍ଯ୍ୟ ହୋଇଥିଲା। ତେଣୁ ଏହାଙ୍କୁ ସେ ଈଶ୍ୱରପ୍ରେରିତ ବୋଲି ଭାବୁଥିଲେ। ଏହାଛଡ଼ା ମୋ'ର ଅଧ୍ୟାପନାର ଭାର ଏହାଙ୍କ ଉପରେ ନ୍ୟସ୍ତ କରିଥିଲେ। ତାଙ୍କ ସମ୍ମୁଖରେ ପାଠର ବାଖ୍ୟା ଚାଲୁଥିଲା। ଏହାଙ୍କ ବାଖ୍ୟାନ ବାବାଙ୍କୁ ଖୁବ୍ ଭଲ ଲାଗୁଥିଲା। ଉପଦେଶ କରିବାର ଭଙ୍ଗୀ ଥିଲା ଚମତ୍କାର–ବାବା ମଧ୍ୟ ଖୁବ୍ ପସନ୍ଦ କରୁଥିଲେ। ବାବାଙ୍କ ଶରୀର ଉତ୍ତରୋତ୍ତର ଖରାପ ହେବାକୁ ଲାଗିଲା। ଆମେ ଦୁଇଜଣ ତାଙ୍କର ସେବା କରୁଥିଲୁ–ସେ ଏହାଙ୍କୁ କହୁଥିଲେ, "ଏହି ଅବସ୍ଥାରେ ଘର ଛାଡ଼ିବାଟା ଠିକ୍ ହୋଇନାହିଁ ତୁମର।" ସେ ଯେତେବେଳେ ବୁଝିନେଲେ ଯେ ଆମେ ଦୁଇଜଣ କ୍ରମେ କ୍ରମେ ପରସ୍ପର ପ୍ରତି ଅନୁରକ୍ତ ହୋଇପଡ଼ିଛୁ। ସେ କହୁଥିଲେ, "ସଂସାରଭୋଗ ପ୍ରବୃତ୍ତିଟି ସୂକ୍ଷ୍ମ, ସ୍ୱାଭାବିକ ପ୍ରକୃତିର ନିୟମରେହିଁ ଏହା ସମ୍ଭବ। ତାହା ସୂକ୍ଷ୍ମରୂପେ ଯୁବା ସାଧୁଙ୍କର ମନ ଭିତରେ ଥାଏ, ଫଳସ୍ୱରୂପ ସେମାନଙ୍କୁ ଏପରି ଅବସ୍ଥାକୁ ଆସିବାକୁ ହୋଇଥାଏ। ସଂସାର ଭୋଗ କରିସାରି ତାଙ୍କର ସାଧନ ମାର୍ଗରେ ଯିବା ଉଚିତ୍ ଥିଲା। ତୁମେମାନେ ମନରେ କୌଣସି ପାପ ରଖ ନାହିଁ, ଏହି ଆକର୍ଷଣ ତୁମମାନଙ୍କ ପକ୍ଷରେ ସ୍ୱାଭାବିକ। ମୁଁ ଚାହେ, ତୁମେ ଦୁହେଁ ବିବାହିତ ହୋଇ ଗ୍ରାର୍ହସ୍ଥ୍ୟ ଜୀବନଯାପନ କର, ଆଉ ତା' ସଙ୍ଗେ ସଙ୍ଗେ ଜ୍ଞାନ ଓ ଧର୍ମ ଉପାର୍ଜନ କରି ମାନବ ଜନ୍ମ ସଫଳ କର।"

କ୍ରମେ ବାବା ଦୁର୍ବଳ ହୋଇପଡ଼ିଲେ। ଦିନେ ତାଙ୍କର ଅବସ୍ଥା ଖୁବ୍ ଖରାପ ହୋଇପଡ଼ିଲା। ଆମ ଦୁହିଁଙ୍କୁ ଦୁଇ ପାଖରେ ରଖି ଦୁହିଁଙ୍କର ଦୁଇ ହାତ ଏକ କରିଦେଇ

କହିଲେ, "ମୁଁ ଚାଲିଲି, ମୋ'ର ଆଶୀର୍ବାଦ ରହିଲା ତୁମ ଦୁହିଁଙ୍କ ଉପରେ। ତୁମେ ଦୁହେଁ ସୁଖୀ ହୋଇ ତୁମର ଗ୍ରାର୍ହସ୍ଥ୍ୟ ଓ ଅଧ୍ୟାତ୍ମ ଜୀବନ ସଫଳ କର। ସମାଜରେ ସବୁ ରକମର ଜୀବନ ହିଁ ଦେଖିବାକୁ ମିଳେ। କେଉଁଟା ହିଁ ତ୍ୟାଗ କରିବାର ନୁହେଁ, ପ୍ରକୃତିଜନନୀ ସମସ୍ତଙ୍କୁ ନିଜ କୋଳରେ ସ୍ଥାନ ଦେଇଛନ୍ତି। ଯଦି ତୁମେ ଦୁହେଁ କୁସଂସ୍କାରମୁକ୍ତ ହୋଇ ଜୀବନକୁ ଉନ୍ନତ କରିପାର, ତା'ହେଲେ ମୋ'ର ସେହି ଉଦ୍ଦେଶ୍ୟ ସାର୍ଥକ ହେବ; ତୁମ ଦୁହିଁଙ୍କୁ ଏକ କରିଦେଇ। ତୁମ୍ଭମାନଙ୍କ ଉପରେ ନିର୍ଭର କରେ, ତୁମେ ଦୁହେଁ ବିବାହିତ ହୋଇ ଜୀବନ ଆରମ୍ଭ କରିବ ବା ବିବାହ-ସଂସ୍କାରକୁ ବାଦ୍ ଦେଇ ଚଳିବ। ତେବେ, ମୋ'ର ମନେହୁଏ, ଆମର ପ୍ରବୃତ୍ତି ଯେତେବେଳ ପର୍ଯ୍ୟନ୍ତ ଅଛି, ସେତେବେଳ ପର୍ଯ୍ୟନ୍ତ ସଂସାର ତ୍ୟାଗ କରିବା ଉଚିତ୍ ନୁହେଁ। ମୋ'ର ଆଉ କିଛି କହିବାର ନାହିଁ," ଏହି କଥା କହି ବାବା ସେହିଦିନ ଦେହ ତ୍ୟାଗ କରନ୍ତି। ସେ ଏକସମୟରେ ଅନେକ ଉପାର୍ଜ୍ଜନ କରିଥିଲେ। ମା' ଚାଲିଯିବା ପରେ କାମଦାମ ଛାଡ଼ିଦେଇ ଘରେ ବସି ମଧ୍ୟ, ଅନେକ ଦିନ ପର୍ଯ୍ୟନ୍ତ କିଛି କିଛି ଉପାର୍ଜ୍ଜନ କରିପାରିଥାନ୍ତେ, ଯେଉଁ କାମ ସହଜରେ ହାତପାଆନ୍ତାରେ ମିଳିପାରିଥାନ୍ତା।"

"ହିମାଳୟ ଆମ ଦୁଇଜଣଙ୍କୁ ଭଲ ଲାଗିଥିଲା। ଆମେ ସେଥିଲାଗି ସେଠାକାର ସବୁ କିଛି ବ୍ୟବସ୍ଥା କରି ହିମାଳୟରେ ହିଁ ରହିଲୁ। ନାନା ସ୍ଥାନରେ ଘୁରିବୁଲିଛୁ। କେଦାରବଦରୀ, ନନ୍ଦକୋଟ, ଗଙ୍ଗୋତ୍ତରୀ, ଯମୁନୋତ୍ତରୀ ଓ ଏ ଅଞ୍ଚଳରେ ଥିବା ପ୍ରାୟ ସବୁ ତୀର୍ଥ ଭ୍ରମଣ କରି ଗତ ବର୍ଷ ଠାରୁ ଏହିଠାରେ ହିଁ ଆମେ ଆସି ରହିଛୁ। ଆମର ସନ୍ତାନଟି ଏହିଠାରେ ହିଁ ଜନ୍ମ ହେଇଛି।"

ଏତିକି କହି କନକା ନିରବ ହୋଇଗଲେ। ଦେବାନନ୍ଦ ବେଶ୍ ସ୍ଥିର ହୋଇ ହିଁ ସବୁ କିଛି ଶୁଣୁଥିଲେ, ବର୍ତ୍ତମାନ ଟିକିଏ ଚଞ୍ଚଳ ହୋଇ କନକାର ମୁହଁ ଆଡ଼କୁ ଚାହିଁଲେ, ତା'ପରେ ମୋତେ କହିଲେ, "ମୋ'ର ଆଉ କିଛି କହିବାକୁ ରହିଲା କି ?"

ମୁଁ କହିଲି, "ଆପଣଙ୍କର ପୂର୍ଣ୍ଣ ପରିଚୟ, ଏବେ ତାହା ମୋ'ର ଆଉ ଜାଣିବାର ଇଚ୍ଛା ନାହିଁ।"

× × × × × × ×

ଠିକ୍ ସାତବର୍ଷ ପରେ, ମୁଁ ସେତେବେଳେ ବରୋଦା ଯାଉଛି, ମଥୁରା ଷ୍ଟେସନରେ ବେଳ ତିନିଟାରେ ଓହ୍ଲାଇଛି, ରାତ୍ରି ୧୦ଟାରେ ବମ୍ବେ ମେଲ୍ ଧରିବାକୁ ଥିଲା, ସମୟ ଅନେକ ଥିଲା, ଫେରି ଓୟେଟିଙ୍ଗ ରୁମରେ ଦେଖିଲି, ସୁଟ୍-ପରିହିତ ଜଣେ ମଧ୍ୟବୟସ୍କ ଗୌରବର୍ଣ୍ଣ ଭଦ୍ରଲୋକ, ସଙ୍ଗରେ ତାଙ୍କର ସ୍ତ୍ରୀ, ଦୁଇଟି ପୁଅ—ଜଣକୁ ଦୁଇବର୍ଷ ପ୍ରାୟ, ଅନ୍ୟ ଜଣକର ବୟସ ପ୍ରାୟ ୭-୮ ବର୍ଷ। ପୁଅ ଦୁଇଜଣ ଗୌରବର୍ଣ୍ଣ, ସୁନ୍ଦର ସ୍ୱାସ୍ଥ୍ୟପୂର୍ଣ୍ଣ ଶରୀର। ଭଦ୍ରଲୋକଙ୍କର ମୁହଁକୁ ଦେଖି କିପରି ଛାତିଭିତରେ ଚମକ୍ ସୃଷ୍ଟି ହେଲା। ସଙ୍ଗେ ସଙ୍ଗେ

ସମ୍ମୁଖକୁ ଯାଉଯାଉ ସ୍ମୃତିର ଆଲୋକ ମନରେ ଜଳିଉଠିଲା । ସେହିକ୍ଷଣି ପଚାରିଲି, 'ସିଦ୍ଧଜୀ ନା କ'ଣ ?'

ଭଦ୍ରଲୋକ ଯେପରି ଚମକିପଡ଼ିଲେ । ତାଙ୍କ ସ୍ତ୍ରୀ ମୋ' କଥା ଶୁଣିପାରିଲେ, ମୋ' ଆଡ଼କୁ ଅନେଇ ହସିଦେଇ କହିଲେ, 'କାଲୀଝୋରା କି ପାଶ୍ ଗୁମ୍ଫା କୀ ପରିଚୟ–ଏକ୍ ସାଁଝ–ହେ କି ନହିଁ ?"

"ଜୀ ହାଁ, କନକା ଦେବୀ–ଧନ୍ୟବାଦ ଆପ୍‌କୀ ଇୟାଦ୍, ନମସ୍କାର ।"

ସେତେବେଳେ ଦେବାନନ୍ଦଜୀ ଭ୍ରୂକୁଞ୍ଚିତ କରି କହିଲେ, "ଓଃ ଏତେ ଅଳ୍ପ ସମୟର ପରିଚୟ ଆପଣଙ୍କ ମନେଅଛି ?" ଏହାପରେ ଅନେକ କଥାବାର୍ତ୍ତା । ଶୁଣିଲି, ବମ୍ବେ ଯାଉଛନ୍ତି, ପ୍ୟାସେଜ୍ ବୁକ୍ କରାହୋଇଛି–ସେମାନେ ୟୁରୋପ ଓ ଆମେରିକା ଭ୍ରମଣରେ ଚାଲିଛନ୍ତି । ଗୋଟିଏ ଗାଡ଼ିରେ ଆମେ ଯାତ୍ରା କଲୁ, ତେବେ ପୃଥକ ଶ୍ରେଣୀରେ । ଦେବାନନ୍ଦ କହିଲେ, "ଏଟା ଖୁବ୍ ଆଶ୍ଚର୍ଯ୍ୟ !"

ମୁଁ ପଚାରିଲି, "କ'ଣଟା ଆଶ୍ଚର୍ଯ୍ୟ ? ଏଠାରେ ସାକ୍ଷାତ ହେବାଟା, ନା ଅବସ୍ଥାର ପରିବର୍ତ୍ତନଟା ?"

ଦେବାନନ୍ଦ କହିଲେ, "ଉଭୟ ହିଁ ।"

■■